୧ ଜିସୁ ତା ବାରଜାଣ୍ ଚେଲାରିଂ ବଲ୍ ହିଜି ୱିସ୍ତି ପାଚେ ହେ ବାହା ପିସ୍ସି ଲାଗାଂନି ଗାଡ଼୍କାଂ ହାଲ୍ଜି ସୁଣାୟ୍ କିଦେଙ୍ଗ୍
ଲାଗାତାନ୍ ।
୨ ଇବେଣ୍ଡାଂ ଜହନ୍ କ୍ରିସ୍ଟତି କାମାୟ୍ନି ବିସ୍ରେ ଜଇଲ୍ତ ୱେନ୍ଜି ଜାର୍ ଚେଲାହିରିଂ କ୍ରିସ୍ଟ ଲାଗାଂ ପକ୍ତାନ୍,
୩ ହେୱାର୍ ହାଲ୍ଜି ଜିସୁଙ୍ଗ୍ ୱେନ୍ବାତାର୍, “ଇନେର୍ ୱାନାକା ମାନାଡ୍, ହେୱାନ୍ କି ଏନ୍, ଆକାୟ୍ଚି ଆପେଂ ଆଲ୍ଗା
ନିକାନିଂ କାଜିଂ ମାନାପ୍ ?”
୪ ଜିସୁ ହେୱାରିଂ ଉତର୍ ହିତାନ୍, “ଏପେଙ୍ଗ୍ ହାଲ୍ଜି, ଇନା ଇନାକା ୱେଚାଦେର୍ଣ୍ଡା ଆରି ହୁଡ଼୍ନାଦେରା, ହେ ଜହନ୍ତିଂ
ୱେଚାଟ୍ ।
୫ କାଣାର୍ କାଣ୍କୁ ହୁଡ଼୍ନାର୍, ମେଟାର୍ ତାଂନାର୍, ଗାଜା ରଗ୍ୟାର୍ ସକଟ୍ ଆନାର୍,* ବଇରାର୍ ୱେନାର୍, ହାତାକାର୍
ନିଙ୍ଗ୍ନାର୍, ଆରେ ହିଲ୍ୱାକାର୍ ତାକେ ନେକ୍ରିକାବୁର୍ ସୁଣାୟ୍ କିୟାଆନାଡ୍;
୬ ଆରେ, ଆରେ ଇମ୍ଣି ମାନାୟ୍ ନାତାକେଣ୍ଡାଂ ବାଦା ପାୟା ଆଉନ୍, ହେୱାନ୍ ଦନ୍ୟ ।”
୭ ହେୱାର୍ ତାଙ୍ଗ୍ଜି ହାନିହିଂ ଜିସୁ ଜହନ୍ ବିସ୍ରେ ମାନାୟାରିଂ ଇଞ୍ଜେଙ୍ଗ୍ ଲାଗାତାନ୍, ହୁଡ଼୍ଦେଂ ଇଞ୍ଜି ଏଚେକାଡ଼୍ଦ ବାଟାତ
ହାଲ୍ଜି ମାଚାଦେର୍ ? ଇନାକା ହୁଡ଼୍ଦେଂ ହାଲ୍ଜି ମାଚାଦେର୍ ? ଇନାକା ଦୁକାତିଙ୍ଗ୍ ଜଲାଆନି ନାଡ଼ା ?
୮ ହେଦାଂ ଆୱିତିସ୍ ଏପେଙ୍ଗ୍ ଇନାକା ହୁଡ଼୍ଦେଂ ହସି ହାଲ୍ଜି ମାଚାଦେର୍ ? ଇନାକା ଦାମ୍ନି ହେନ୍ଦ୍ରା ଉସ୍ପିତି ର ମାନାୟ୍ତିଂ
? ହୁଡ଼ାଟ୍, ଇନେର୍ ଦାର୍ଜାହେନ୍ଦ୍ରା ଉସ୍ପିସ୍ ମାନାର୍, ହେୱାର୍ ରାଜା ଇଞ୍ଜ ମାନ୍ଗାନାର୍ ।
୯ ହେଦାଂ ଆୱିତିସ୍ ଇନାକିଦେଂ ହସି ହାଲ୍ଜି ମାଚାଦେର୍ ? ଇନାକା ରୱାନ୍ ବେଣ୍ବାକ୍ଣାୟ୍କିନାକାନିଂ ହୁଡ଼୍ଦେଂ ?
ଆନ୍ ମିଙ୍ଗେଙ୍ଗ୍ ହାଡ୍ପା ଇଞ୍ଜ୍ନାଙ୍ଗା, ବେଣ୍ବାକ୍ଣାୟ୍କିନାକାନ୍ତାଂ ଆଦିକ୍ ଗାଜା ମାନାୟ୍ତିଂ ହୁଡ଼୍ତାଦେର୍ଣ୍ଡା ।

✡ **୧୦:୩୩** ୨ ତିମତି ୨:୧୨. ✡ **୧୦:୩୮** ମାତିଉ ୧୬:୨୪; ମାର୍କ ୮:୩୪; ଲୁକ ୯:୨୩. ✡ **୧୦:୩୯** ମାତିଉ ୧୬:୨୫; ମାର୍କ ୮:୩୫; ଲୁକ ୯:୨୪; ୧୭:୩୩; ଜହନ୍ ୧୨:୨୫. ✡ **୧୦:୪୦** ଲୁକ ୧୦:୧୬; ଜହନ୍ ୧୩:୨୦; ମାର୍କ ୯:୩୭; ଲୁକ ୯:୪୮. * **୧୧:୫** ଉଜ୍ କିତାନ୍

୧୦ ଇନାବିସ୍ରେ ଇଦାଂ ଲେକା ମାନାତ୍, ହୁଡ଼ାଟ୍ ଆପେଂ ଦୁତ୍ତିଂ ମି ତାକେ ପକ୍ତା ନାପା, ହେୱାନ୍ ମି କାଜିଂ ମେହାଜି
ରଚ୍ଚି ହିଦ୍ନାନ୍ ଇୱାନ୍ ହେ ମାନାୟ୍ ।
୧୧ ଆନ୍ ମିଙ୍ଗେଙ୍ଗ୍ ହାତ୍ପା ଇଞ୍ଜ୍ନାଙ୍ଗା, ପୁର୍ବେତାଂ ନଙ୍ଗ୍ ପାତେକ୍ ଇ ପୁତର୍ନି ଏଚେ ଜାଣ୍ ଚଞ୍ଜାଚ୍ନା, ଜହନ୍ ତାଙ୍ଗ୍
ଗାଜାକାନ୍ ଇନେର୍ ହିଲୁର୍ । ମାତର୍ ସାର୍ଗେ ରାଜିତ ଇନେନ୍ ୱିଜାର୍ତାଂ ହିରୁକାନ୍, ହେୱାନ୍ ବାପ୍ତିସିମ୍ ଜହନ୍ତାଂ
ଗାଜାକାନ୍ ।
୧୨ ଆରେ, ବାପ୍ତିସିମ୍ ଜହନ୍ ସମୁତାଂ ନଙ୍ଗ୍ ପାତେକ୍ ସାର୍ଗେ ରାଜି ସାକ୍ତିତାଂ କାଟ୍ରା ଆନାରା; ଆରେ, ସାକ୍ତିତାଂ
କାଟ୍ରାନାକାର୍; ବାଡ୍କାସ୍ତାଂ ହେଦାଂ ଆଦିକ୍ କିନାରା ।
୧୩ ଇନାକିଦେଂକି ୱିଜାର୍ ବେଣ୍ବାକ୍ଣାୟ୍କିନାକାର୍ ଆରି ବିଦିନି ସାସ୍ତର୍ ଜହନ୍ ୱାନି ଦିନ୍ ପାତେକ୍ ମସାତି ବିଦି
ବେଣ୍ବାକ୍ଣାୟ୍କିନାକାନ୍ ବିସ୍ରେ ଇଞ୍ଜି ମାଚାନ୍ ।
୧୪ ✡ଆରେ, ଏପେଙ୍ଗ୍ ଏଚେକାଡ୍ଦ ଇଡ୍ଦେଂ ମାନ୍ କିନାଦେର୍, ଲାଗିଂ ଇ ଜହନ୍ ଆନାନା, ହେୱାନ୍ ଏଲିୟ ।
୧୫ ଇନେରିଂ କିଡୁଲିଂ ମାନିକ୍, ହେୱାନ୍ ୱେନେନ୍ !
୧୬ "ମାତର୍ ଆନ୍ ଇନେର୍ ଲାହାଙ୍ଗ୍ ନଙ୍ଗ୍ନି ମାନାୟାରିଂ ତୁଲାୟ୍ କିନାଙ୍ଗ୍ ? ଇମ୍ଣି କାଡ୍ଦେର୍ ଆଟ୍ ପାଦାତ କୁଚ୍ଚି
ବିନେନିକାରିଂ କୁକ୍ଚି ଇନାର୍,
୧୭ ଆପେଂ ମି ତାକେ ହୁରୁଡ଼ି ତୁବ୍ତାପ୍, ଏପେଙ୍ଗ୍ ଏନ୍ଦ୍ୱାତାଦେର୍; ଆପେଂ ଦୁକ୍କିତାପ୍, ଏପେଙ୍ଗ୍ ନେଞ୍ଜେଡାକିତ ଇଡ଼ିୟା
ଆୱାତାଦେର୍, ନଙ୍ଗ୍ନି ନାର୍ ହେୱାର୍ ଲାକେ ।
୧୮ ଇନାକିଦେଂକି ଜହନ୍ ୱାଜି ତିନ୍ୱାତାନ୍ କି ଉଣ୍ୱାତାନ୍, ଆରେ ଲକୁ ଇନାରା, ହେୱାନ୍ ପୁଦା ଆସ୍ତାଡ୍ନା ।
୧୯ ମାନାୟ୍ ମାଜି ୱାଜି ତିନାଉଣା କିନାନ୍, ଲକୁ ୱିଜାର୍ ଇନାର୍, ହୁଡ଼ାଟ୍, ଇୱାନ୍ ରକାନ୍ ବାଡ୍ୱା ଆରି ମାଡ୍ଲି,
ସିସ୍ତୁଏନ୍ନାକାର୍ ଆରେ ପାପିର୍ ହାଙ୍ଗ୍ଦାକାନ୍; ମତର୍ ଇସ୍ୱର୍ ଗିଆନି ଜାର୍ କାମାୟ୍ ତାଙ୍ଗ୍ ସମାନ୍ ଇଞ୍ଜି ପାର୍ମାଣ୍ ଆତାଡ୍
।"

## ପାତର୍ କିୱାତାର୍ ଗାଡ୍ଦାକାର୍
### (ଲୁକ ୧୦:୧୩-୧୫)

୨୦ ଏଚେକାଡ୍ଦ ଇମ୍ଣି ଇମ୍ଣି ଗାଡ୍ଦ ତା ଆଦିକାର୍ ସାକ୍ତିନି କାମାୟ୍ କିୟାଆଜି ମାଚାଡ୍, ହେୱାନ୍ ହେ ଗାଡ୍ତିଙ୍ଗ୍
ହେୱାନ୍ ନିନ୍ଦା କିଦେଙ୍ଗ୍ ଲାଗାତାନ୍, ଇନାକିଦେଂକି ହେୱାର୍ ମାନ୍ବାଦ୍ଲାୟ୍ କିୱାଦାଂ ମାଚାର୍ ।
୨୧ "ଏ ଡାଣ୍ଡ୍ନି କରାଜିନ୍, ଏ ଡାଣ୍ଡ୍ନି ବେତ୍ସାଇଦା, ଇନାକିଦେଂକି ମି ବିଡ୍ରେ ଇମ୍ଣି ଇମ୍ଣି ସାକ୍ତିନି କାମାୟ୍
କିୟାତାଡ୍ନା, ହେଦାଂ ୱିଜୁ ଇନାୱାଡ଼ାଂ ସର ଆରି ସିଦନ୍ ତାକେ କିଆତାଡ୍ମା, ଲାଗିଂ ହେୱାର୍ ବେସିଦିନ୍ ପୁର୍ବେତାଂ ବାସ୍ତା
ଉସ୍ପିସ୍ ନିସ୍ତାକେ କୁଚ୍ଚି ମାନ୍ବାଦ୍ଲାୟ୍ କିତାର୍ମା ।
୨୨ ଆତିସ୍ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା, ଇସ୍ୱତର୍ ବିଚାର୍ ନାଜିଂ ମି ବାଟା ସର ଆରି ସିଦନ୍ନି ମାନାୟାରିଂ ଆଦିକ୍
ଦୟା ଚଚ୍ଚାନାଡ୍ ।
୨୩ ଆରେ, ଆଡ଼େ କପର୍ନାହୁମ୍, ନିକାଦେର୍ ଏପେଙ୍ଗ୍ ଜାର୍ତିଂ ସାର୍ଗେ ପାତେକ୍ ଲାମା ଆଦେଂ ଆଡ୍ନାୟ୍ ? କୱାଣ୍
ପାତାଲ୍ନି ଆଦାହାନାକା ଆନାଡ୍, ଇନାକିଦେଂକି ନି ବିଡ୍ରେ ଇମ୍ଣି ଇମ୍ଣି ସାକ୍ତିନି କାମାୟ୍ କିୟାତାଡ୍ନା, ହେଦାଂ ୱିଜୁ
ଏଚେକାଡ୍ଦ ସଦମ୍ ତାକେ କିଆତାଡ୍ମା, ଲାଗିଂ ହେଦାଂ ନେଞ୍ଜେଙ୍ଗ୍ ପାତେକ୍ ମାନ୍ଗାତାଡ୍ମା ।
୨୪ ✡ଆନ୍ ମିଙ୍ଗେଙ୍ଗ୍ ହାତ୍ପା ଇଞ୍ଜ୍ନାଙ୍ଗା, ଇସ୍ୱର୍ ବିଚାର୍ କିନାନ୍ ନିଙ୍ଗ୍ ତାଙ୍ଗ୍ ନି ଦସ୍ ବାଟା ସଦମ୍ ଦେସ୍ନି ଦସ୍ ବେସି
ଆନାଡ୍ ।"

## ନା ତାକେ ୱାଜି ଜମାଟ୍
### (ଲୁକ ୧୦:୨୧-୨୨)

୨୫ ହେୱାଡ଼ାଂ ଜିସୁ ପାର୍ଥାନା କିଜି ଇଚାନ୍, ଏ ଆବା, ସାର୍ଗେ ଆରି ପୁତର୍ତ ମାପ୍ରୁ, ଏପେଙ୍ଗ୍ ଗିଆନି ଆରି ବୁଦିୟା
ମାନାୟାର୍ ତାଙ୍ଗ୍ ଇ ୱିଜୁ ବିସ୍ରେ ଡ଼କୁଚି ଇଡ଼ଜି ହିମ୍ଣାଙ୍ଗ୍ତାକେ ୱେଚ୍ଚାୟ୍ନା, ଇଦାଂ କାଜିଂ ନି ଜୁୱାର୍ କିଦ୍ନାଙ୍ଗା;
୨୬ ଆଁ ଆବା, ଇନାକିଦେଂକି ଇଦାଂ ନି କାଣ୍କୁତାଂ ଏଚେକ୍ସାରି ଆତାଡ୍ନା ।
୨୭ ✡ନା ଆବା ନାଙ୍ଗେଙ୍ଗ୍ ୱିଜୁ ବିସ୍ରେ ନାବେ ସର୍ପି ଆତାଡ୍ନା । ଆବାଂ ପିସ୍ତି ମାଜି ଆରେ ଇନେର୍ ପୁନୁର୍ ଆରି ମାଜି ପିସ୍ତି
ଆବା ଆରେ ଇନେର୍ ପୁନୁର୍ । ମାଜି ଇମ୍ଣାକାର୍ ତାକେ ଆବାଂ ହପ୍ନାନ୍, କେବଲ୍ ହେୱାର୍ ଆବାଂ ପୁଞ୍ଜେଙ୍ଗ୍ ଆଡ୍ନାର୍
।
୨୮ "ଏ ୱାହ୍ନାକାଦେର୍ ଆରି ବଜ୍ପିଣ୍ଡ୍ତି ମାନାୟ୍ ନା ତାକେ ୱାତୁ, ଆନ୍ ମିଙ୍ଗ୍ ଜମ୍ଦେଂ ହିଦ୍ନାଂ ।
୨୯ ନା ଜୁୱାଣ୍ଡ୍ ଜାର୍ ଜାର୍ ଜପି ପିଣ୍ଡ୍ଜି, ଆରେ, ନା ତାକେ ହିକ୍ୟା କିୟାଟ୍, ଇନାକିଦେଂକି, ଆନ୍ ହୁଦାର୍ ଆରି ଦାମର୍,
ଆରେ ଏପେଙ୍ଗ୍ ଜାର୍ ଜାର୍ ୱାସ୍ପିତ ଜମ୍ନାଦେର୍;

✡ **୧୧:୧୪** ମାତିଉ ୧୭:୧୦-୧୩; ମାର୍କ ୯:୧୧-୧୩. ✡ **୧୧:୨୪** ମାତିଉ ୧୦:୧୫; ଲୁକ ୧୦:୧୨. ✡ **୧୧:୨୭** ଜହନ୍ ୩:୩୫; ଜହନ୍ ୧:୧୮; ୧୦:୧୫.

୩୦ ଆନ୍ ମି ଜପି ଇମ୍‌ଣି ଜୁୱାଣ୍ଡ୍ ଇଚ୍‌ନାଂ, ହେଦାଂ ପିଣ୍ଡେଦେଂ ଆଡ଼୍‌ୱା । ଆରେ ମିଙ୍ଗ୍ ଇମ୍‌ଣି ବଜ୍ ହିଦ୍‌ନାଂ, ହେଦାଂ ବେସି
ଉସାସ୍ ।"

# ୧୨

## ଜମ୍‌ନିବାର୍ ବିସ୍ରେ ପର୍‌ସନ୍

*(ମାର୍କ ୨:୨୩-୨୮; ଲୁକ ୬:୧-୫)*

୧ ହେୱାଡ଼ାଂ ଜିସୁ ଜମ୍‌ନିବାର୍ ନାଜିଂ ତାସ୍ ଜମିତିଂ ହିଜି ତାଗ୍‌ଜି ହାଲ୍‌ଜି ମାଚାନ୍, ଆରେ ତା ଚେଲାହିର୍ ନାସ୍‌କି ଆଜି
ତାସ୍‌ନି ଜିକି ନାଡ଼୍‌ଚି ଚିଞ୍ଜେଙ୍ଗ୍ ଲାଗାତାର୍ ।
୨ ମାତର୍ ପାରୁସିର୍ ହେଦାଂ ହୁଡ଼୍‌ଜି ଜିସୁଙ୍ଗ୍ ଇଚାର୍, "ହୁଡ଼ାଟ୍, ଜମ୍‌ନିବାର୍ ନାଜିଂ ଇନାକା କିନି ବିଦି ଆକାୟ୍, ହେଦାଂ ନି
ଚେଲାର୍ କିନାରା ।"
୩ ମତର୍ ହେୱାନ୍ ହେୱାରିଂ ଇଚାନ୍, "ଦାଉଦ୍ ଆରି ତା ହାଙ୍ଗ୍‌ଦାକାର୍ ନାସ୍‌କି ଆନିହିଙ୍ଗ୍ ହେୱାନ୍ ଇନାକା କିଜି ମାଚାନ୍,
ହେଦାଂକି ଏପେଙ୍ଗ୍ ପଡ଼ି କିୱାତାଦେର୍ଣ୍ଣା ?
୪ ହେୱାନ୍ ଇନେସ୍ କିଜି ଇସ୍ୱର୍ ଇଞ୍ଜ ହଣ୍‌ଜି, ଇମ୍‌ଣି ଦର୍ସନି ରୁଟି କେବଲ୍ ମାପୁହେବାକିନାକାର୍ ତିନି ବିଦି ମାଚାତ୍,
ମାତାର୍ ତା ଆରି ସାଙ୍ଗହିର୍ ତିକାନା ବିଦି ହିଲ୍‌ୱାତାତ୍, ହେଦାଂ ହେୱାର୍ ଚିଞ୍ଜି ମାଚାର୍ ।
୫ ମାତର୍ ଜମ୍‌ନିବାର୍ ନାଜିଂ ମାପୁହେବାକିନାକାର୍ ମନ୍ଦିର୍ ବିତ୍ରେ ଜମ୍‌ନିବାର୍‌ତିଂ ବିଟାଡ୍ କିୱିତିସ୍ ପା ହେୱାର୍ ଦସ୍
ଆଉର୍, ବିଦିତାଂ ଏପେଙ୍ଗ୍ ଇନାକା ଇଦାଂ ପଡ଼ି କିୱାତାଦେର୍ଣ୍ଣା ?
୬ ମତର୍ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ମନ୍ଦିର୍ ତାଙ୍ଗ୍ ଗାଜା ବିସ୍ରେ ଇବେ ମାନାତ୍ ।
୭ ✡ସାସ୍ତ୍ର୍ ଇନାତ୍ ଆନ୍ ପୁନାଙ୍ଗ୍ ପୁଜା ମାନ୍ କିୱାଦାଂ ଦୟା ମାନ୍ କିନାଙ୍ଗ୍, ଇ କାତାନି ଅରତ୍ ଜଦି ସତ୍ ବୁଜାନାଦେର୍
ଦସିଲଗାରିଂ ଏପେଙ୍ଗ୍ ଦସ୍ କିୱାତାଦେର୍‌ମା ।
୮ ଇନାକିଦେଂକି ମାନାୟ୍ ମାଜି ଜମ୍‌ନିବାର୍ ନାଜିଂ ପା ମାପୁ ଆନାନ୍ ।"

## ୱାଚ୍‌ଚି କେଇ ହାର୍ ଆତାତ୍

*(ମାର୍କ ୩:୧-୬; ଲୁକ ୬:୬-୧୧)*

୯ ଜିସୁ ହେ ବାହାତାଂ ହାଲ୍‌ଜି ହେୱାର୍ କୁଟୁମ୍ ଇଞ୍ଜ ହଣ୍‌ଗାତାନ୍ ।
୧୦ ଆରେ ହୁଡ଼ାଟ୍, ହେବେ ରୱାନ୍ ଲକ୍ ମାଚାନ୍, ତା ର କେଇ ୱାଜ୍‌ଜି ମାଚାତ୍ । ଆରେ, ହେୱାର୍ "ତା ବେରଣ୍‌ତାଂ
ଦାବା କିନି ହେଦାଂ କାଜିଂ ଜିସୁଙ୍ଗ୍ ୱେନ୍‌ବାତାର୍, ଜମ୍‌ନିବାର୍ ନାଜିଂ ଉଜ୍ କିନାକା ଇନାକା ବିଦି ମାନାତ୍ ?"
୧୧ ✡ମାତର୍ ଜିସୁ ହେୱାରିଂ ଇଚାନ୍, ଜଦି "ଇନେର୍‌ତି ରଞ୍ଜାଙ୍ଗ୍ ମେଣ୍ଡା ମାନାତ୍ ଆରି ହେଦାଂ ଜମ୍‌ନିବାର୍ ନାଜିଂ
କୁଇତାକେ ଆତର୍ସ୍ ଇନାକା ହେଦେଲିଂ ଜେ ତାଙ୍ଗେଙ୍ଗ୍ ଆସ୍ତି ନିକୁନ୍, ଏଲେଙ୍ଗ୍ ମାନାୟ୍ ମି ବିତ୍ରେ ଇନେନ୍ ମାନାନ୍ ?
୧୨ ଲାଗିଂ, ମେଣ୍ଡା ତାଙ୍ଗ୍ ମାନାୟ୍ ଆରେ ଏଚେକ୍ ଆଦେକ୍ ଗାଜା । ବିଦି ଲାକେ ଜମ୍‌ନିବାର୍ ନାଜିଂ ହାର୍ କିନାକା ବିଦି
ମାନାତ୍ ।"
୧୩ ହେୱାଡ଼ାଂ ହେୱାନ୍ ହେ ମାନାୟ୍‌ତିଂ ଇଚାନ୍, ନି କେଇ ଲାମାୟ୍ କିଦା । ହେବେ ହେୱାନ୍ କେଇ ଲାମାୟ୍ କିତାନ୍,
"ଆରେ ହେଦାଂ ଅଲ୍‌ଗା କେଇ ଲାକେ ଆରେ ହାରା ଆତାତ୍ ।"
୧୪ ମାତର୍ ପାରୁସିର୍ ବାର୍ତ ହାଲ୍‌ଜି ହେୱାନିଂ ବୁଡାୟ୍ କିନି କାଜିଂ ତା ବେରଣ୍‌ତାଂ ମାନ୍‌ପାଚି କିତାର୍ ।

## ଇସ୍ୱତର୍ ବାଚିକିତି ହେବାକାର୍‌ୟା ଜିସୁ

୧୫ ଜିସୁ ହେଦାଂ ପୁଞ୍ଜି ହେବେତାଂ ହେ ବାହା ପିସ୍ତି ହସି ହାଚାନ୍, ହେନି ତା ପାଚେ ପାଚେ ହାଚାର୍, ଆରେ ହେୱାନ୍ ୱିଜାର୍
ରଗ୍ୟାରିଂ ଉଜ୍ କିତାନ୍ ।
୧୬ ଆରେ, ତାଙ୍ଗେଙ୍ଗ୍ ୱେର୍‌ୱି କାଜିଂ ହେୱାନ୍ ହେ ବାନ୍ୟା ପୁଦାକାଂ ବେସି ଡାଟ୍ କିଜି ବଲ୍ ହିତାନ୍,
୧୭ ଇନେସ୍‌କି ଜିସାୟ୍ ବେଣ୍‌ବାକ୍‌ଣାୟ୍ କାଜିଂ ଏକାତାର୍ ପୁରା ଆନାତ୍,

୧୮ "ହୁଡ଼ାଟ୍, ମା ଆଡ଼ିଏନ୍, ଇନେରିଂକି ଆପେଙ୍ଗ୍ ବାଚି କିତାପ୍‌ନ୍ନା; ମା ୱାରିନି ମାଜି ଇନେର୍ ତାକେ କି ଆପେଂ ଜିବୁନ୍‌ନି
ବେସି ୱାରି
ଆସେଙ୍ଗ୍ ତା ଜପି ନା ଜିବୁନ୍ ଜୁଦ୍‌ନାତ୍,
ଆରେ ହେୱାନ୍ ପାତର୍କିୱି ଜିହୁଦିର୍ ଲାଗାଂ ନ୍ୟାୟ୍ ବିଚାର୍ କିଜି ସୁଣାୟ୍ କିନାନ୍ ।
୧୯ ହେୱାନ୍ କୁଲର୍ କିଉନ୍ କି ଗାଜା କାଟ୍ ସୁଣାୟ୍ କିଉନ୍,
କି ହାକ୍‌ଡ଼ିତ ହେୱାନ୍ତି କାଟ୍ ଇନେର୍ ୱେନୁର୍
୨୦ ନାଦାର୍ କାଟାକାରିଂ କାଜିଂ ହେୱାନ୍ ହୁଦାର୍ ବେବାର୍ କିନାନ୍ ନାଡ଼ା
ଆରି ସାଇଜ ହିଲ୍‌ୱାକାରିଂ ଉପ୍‌କାର୍ କିନାନ୍ ।

✡ **୧୨:୭** ମାତିଉ ୯:୧୩. ✡ **୧୨:୧୧** ଲୁକ ୧୪:୫.

ନ୍ୟାୟ୍ ବିଚାର୍ ଆୱି ପାତେକ୍ ହେୱାନ୍ କି ସଦୁମ୍ ନୁଲ୍‌କଦାନି ବଇଟାତିଂ ପାଗୁନ୍ ।
୨୧ ଆରେ ତା ତର୍‌ଦ ପାତର୍ କିୱି ଜିହୁଦିର୍ ଆହା କିତାର୍ ।”

## ଜିସୁ ଆରି ବାଲ୍‌ଜିବୁଲ୍

*(ମାର୍କ ୩:୨୦-୩୦; ଲୁକ ୧୧:୧୪-୨୩)*

୨୨ ହେୱାଡ଼ାଂ ରୱାନ୍ ପୁଦା ଆହ୍‌ୟାତି କାଣାଂ ଆରି କନ୍ଦାଲଗାଂ ତା ତାକେ ତାହିୱାତାର୍, ଆରେ ଜିସୁ ତାଙ୍ଗେଙ୍ଗ୍ ଉଜ୍
କିତାନ୍; ହେବେ ହେ କନ୍ଦା ବେଣ୍ ଇଞ୍ଜେଙ୍ଗ୍ ଆଡ଼୍‌ତାନ୍ ଆରି ହୁଡ଼୍‌ଦେଂ ଆଡ଼୍‌ତାନ୍ ।
୨୩ ଆରେ, ମାନାୟାର୍ କାବା ଆଜି ଇଞ୍ଜେଙ୍ଗ୍ ଲାଗାତାର୍, “ଇୱାନ୍ ଇନାକା ଦାଉଦ୍ ମାଜି ଆକାୟ୍ ?”
୨୪ ✡ମତର୍ ପାରୁସିର୍ ହେଦାଂ ୱେନ୍‌ଞ୍ଜି ଇଚାର୍, “ଇ ମୁଣିକା ଗାଜାପୁଦା ବାଲ୍‌ଜିବୁଲ୍ ଉପ୍‌କାର୍‌ତାଂ ପୁଦାଂ ପିହିକିଉନା
।”
୨୫ ମାତର୍ ଜିସୁ ହେୱାର୍ ମାନ୍ତି ଏଡ଼୍ ପୁଞ୍ଜି ହେୱାରିଂ ଇଚାନ୍, “ଇମ୍‌ଣି ରାଜି ରିବାଗ୍ ଆଜି ଜାର୍ ବେରୁତାଂ ନିଙ୍ଗ୍‌ନାଡ଼୍,
ହେଦାଂ ଦୁଡ଼ି ଆଜି ହାନାଡ଼୍; ଆରେ, ଇମ୍‌ଣି ଗାଡ଼୍ କି ଇଲ୍ ରିବାଗ୍ ଆଜି ଜାର୍ ବେରୁତାଂ ନିଙ୍ଗ୍‌ନାଡ଼୍ ହେଦାଂ ତିର୍ ଆଜି
ମାଞ୍ଜେଙ୍ଗ୍ ଆଡୁଡ଼୍ ।
୨୬ ଆରେ, ସୟ୍‌ତାନ୍ ଜଦି ସୟ୍‌ତାନ୍‌ତିଂ ପିହିକିତିସ୍, ତା ଆତିସ୍ ହେଦାଂ ରିବାଗ୍ ଆଜି ଜାର୍ ବିରୁଦ୍‌ତାଂ ନିଙ୍ଗ୍‌ତାତେ;
ଲାଗିଂ ତା ରାଜି ଇନେସ୍ ତିର୍ ଆଜି ମାନାଡ଼୍ ?
୨୭ ଆନ୍ ଏଚେକାଡ଼୍‌ଦ ବାଲ୍‌ଜିବୁଲ୍ ଉପ୍‌କାର୍‌ତାଂ ପୁଦାକାଂ ପିହିକିନାଙ୍ଗ୍, ଲାଗିଂ ମି ମାଜିର୍ ଇନେର୍ ଉପ୍‌କାର୍‌ତାଂ
ହେୱାକାଂ ପିହିକିନାର୍ । ଲାଗିଂ ହେୱାର୍ ନେ ମିଙ୍ଗେଙ୍ଗ୍ ବିଚାର୍‌କାର୍‌ୟାର୍ ଆଡ୍‌ନାର୍ !
୨୮ ମାତର୍ ଆନ୍ ଜଦି ଇସ୍ୱର୍ ୱାସ୍କି ସାଇଜତାଂ ପୁଦାକାଂ ପିହିକିନାଙ୍ଗ୍, ଇଦାଂ କାଜିଂ ପାର୍ମାଣ୍ ଆନାଡ଼୍ ସାର୍ଗେ ରାଜି ମି
କାଜିଂ ଏକା ୱାତାତେ ।”
୨୯ “କି ଇନେର୍ ପର୍ତୁମ୍ ସାକ୍ତି ଲଗାଂ ଗାଚ୍‌ୱିତିସ୍ ଇନେସ୍ କିଜି ତାଞ୍ଜ ହଣ୍‌ଗିସ୍ ତା ଦାନ୍ ସବୁ ଚର୍ କିଦେଙ୍ଗ୍ ଆଡ୍‌ନାନ୍ ?
ତାଙ୍ଗେଙ୍ଗ୍ ଆଗେ ଗାଚ୍‌ଚିସ୍ ହିନା ତା ଇଲ୍ ଚର୍ କିଦେଙ୍ଗ୍ ଆଡ୍‌ନାନ୍ ।”
୩୦ ✡“ଇନେନ୍ ନା ପାକ୍ୟା ଆକାୟ୍, ହେୱାନ୍ ନା ବେରିୟା, ଆରେ ଇନେନ୍ ନାଲାହାଂ ରୁଣ୍ଡାୟ୍ କିଉନ୍, ହେୱାନ୍ ଜେଡ଼େ
କେତେ କିନାନ୍ ।
୩୧ ଆତିସ୍‌ପା, ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା ମାନାୟାର୍ ୱିଜୁ ପାପ୍ ଆରି ନିନ୍ଦା କାତା କେମା କିୟା ଆନାଡ଼୍,* ମାତର୍ ୱାସ୍କି
ବେରୁ ନିନ୍ଦା କେମା କିୟା ଆଉଡ଼୍ ।
୩୨ ଆରେ, ଇନେର୍ ଆୟେଡ଼୍ ମାନାୟ୍ ମାଜି ବେରୁତାଂ କାତା ଇନାନ୍, ତାଙ୍ଗେଙ୍ଗ୍ କେମା ହିୟା ଆନାଡ଼୍, ମାତର୍ ଇନେର୍
ଆୟେଡ଼୍ ପୁଇପୁୟା ଜିବୁନ୍ ବେରୁତାଂ କାତା ଇନାନ୍, ଇ ଜୁଗ୍‌ତ କି ପାଚେନି ଜୁଗ୍‌ତ ତାଙ୍ଗେଙ୍ଗ୍ କେମା ହିୟା ଆଉଡ଼୍ ।”

## ମାର୍ ଆରି ତା ପାଡ଼୍

*(ଲୁକ ୬:୪୩-୪୫)*

୩୩ “ହାଦର୍ ପାଡ଼୍ ଆହ୍‌ନି କାଜିଂ ମାର୍ ବାଡ଼୍‌କାସ୍ ଆନାକା ମାନାଡ଼୍ । ମିଦାଙ୍ଗ୍ ବାନ୍ୟା ମାର୍ ମାଚିସ୍ ହେବେତାଂ ଏପେଙ୍ଗ୍
ବାନ୍ୟା ପାଡ଼୍ ପାୟା ଆନାଦେର୍ । ଇନାକିଦେଂକି ପାଡ଼୍ କାଜିଂ ମାର୍‌ତିଂ ପୁନ୍ୟା ଆନାଡ଼୍ ।
୩୪ ✡ଆଡ଼େ କାଲାଟିରାଚ୍‌ନି ଲାଡ୍ରା, ଏପେଙ୍ଗ୍ ବାନ୍ୟା ଆଜି ଇନେସ୍ ବାତର୍ ହାର୍‌ଦି କାତା ଇଞ୍ଜେଙ୍ଗ୍ ଆଡ୍‌ନାଦେର୍ ?
ଇନାକିଦେଂକି ମାନ୍‌ନି ବାତର୍‌ତାଂ ୱେଇଦି କାତା ଇନାନ୍ ।
୩୫ ହାଦର୍ ଲଗୁ ହାର୍‌ଦି ୱାସ୍କିତାଂ ହାଦର୍ ଆଡ଼୍‌ମାଡ଼୍ ହପ୍‌ନାନ୍ । ଆରେ ବାନ୍ୟା ଲଗୁ ବାନ୍ୟା ୱାସ୍କିତାଂ ବାନ୍ୟା ଆଡ଼୍‌ମାଡ଼୍
ହପ୍‌ନାନ୍ ।”
୩୬ “ମାତର୍ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ମାନାୟାର୍ ଇନେସ୍ ବାତର୍ ପଲ୍ୟା କାତା ଇନାର୍, ବିଚାର୍ଣ୍ଣା-ନାଜିଂ ହେୱାର୍
ହେବେନି ଉତର୍ ହିନାର୍;
୩୭ ମି କାତା କାଜିଂ ଏପେଙ୍ଗ୍ ବିଚାର୍ କିୟା ଆଜି ଦସିଆକାଇ ଦସି ଇଞ୍ଜି ପାର୍ମାଣ୍ ଆନାଡ଼୍ ।”

## ଜୁନୁସ୍‌ତି ଚିନ୍

*(ମାର୍କ ୮:୧୧-୧୨; ଲୁକ ୧୧:୨୯-୩୨)*

୩୮ ✡ହେ ପାଦ୍‌ନା ସାସ୍ତ୍ରିର୍ ଆରି ପାରୁସିର୍ ବିତ୍ରେ କେଡ଼୍ ଜାଣ୍ ତାଙ୍ଗେଙ୍ଗ୍ ଉତର୍ ହିତାର୍, “ଏ ଗୁରୁ, ଆପେଂ ନିତାକେନ୍‌ଣ୍ଡାଙ୍ଗ୍
ର ଚିନ୍ ହୁଡ଼୍‌ଦେଂ ମାନ୍‌କିନାପା ।”
୩୯ ଜିସୁ ହେୱାରିଂ ଉତର୍ ହିତାନ୍, “କେତେକ୍ ଦାରି ଆରି ଇସ୍ୱର୍‌ତିଂ ପାତର୍ କିୱାକାନ୍ ଡେକ୍‌ନାର୍, ମତର୍
ବେଣ୍‌ବାକ୍‌ଣାୟ୍‌କିନାକାନ୍ ଜୁନସ୍ ଚିନ୍ ପିସ୍‌ସି ଅଲ୍‌ଗା ଇନା ଚିନ୍ ହେୱାରିଂ ହିୟା ଆଉଡ଼୍ ।

---

✡ **୧୨:୨୪** ମାତିଉ ୯:୩୪; ୧୦:୨୫. ✡ **୧୨:୩୦** ମାର୍କ ୯:୪୦. * **୧୨:୩୧** ଇସ୍ୱର୍‌ତି ବିରୁଦ୍‌ତ ବାନ୍ୟା କାତା ଇଚାର୍ ✡ **୧୨:୩୪** ମାତିଉ ୩:୭; ୨୩:୩୩; ଲୁକ ୩:୭; ମାତିଉ ୧୫:୧୮; ଲୁକ ୬:୪୫. ✡ **୧୨:୩୮** ମାତିଉ ୧୬:୧; ମାର୍କ ୮:୧୧; ଲୁକ ୧୧:୧୬.

୪୦ ଜୁନସ୍ ଇନେସ୍ ତିନ୍ ଦିନ୍ ଆରି ତିନ୍ ରାତି ଗାଜା ମିନ୍ ପଟ ବିତ୍ରେ ମାଚାନ୍, ମାନାୟ୍ ମାଜି ହେ ଲାକେ ତିନ୍ ଦିନ୍ ଆରି
ତିନ୍ ରାତି ମେଦ୍‌ନି ପୁତର୍ନି ଗରବ୍ ବିତ୍ରେ ମାନ୍‌ଗାନାନ୍ ।
୪୧ ବିଚାର୍ଣ୍ଣାତ ଦିନ୍ତ ନିନିବିନି ମାନାୟାର୍ ମି ବିରୁଦ୍‌ତ ଦାବା କିଦେଙ୍ଗ୍ ନିଲ୍‌ନାର୍, ଇନାକିଦେଂକି ହେୱାର୍ ଜୁନସ୍‌ତି ସୁଣାୟ୍
କିନାକା ୱେନ୍‌ଞ୍ଜି ହେୱାର୍ ପାପ୍ ହାଜିଡ଼ାଂ ମାନ୍‌ବାଦ୍‌ଲାୟ୍ କିତାର୍ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଜୁନସ୍ ତାଙ୍ଗ୍ ଗାଜାକାନ୍
ରୱାନ୍ ଇବେ ମାନାନ୍ ।
୪୨ ଆରେ, ଜେନ୍‌ବାଗାଙ୍ଗ୍ ଦେସ୍‌ନି ରାଣି ବିଚାର୍ଣ୍ଣାତ ଇ ନଙ୍ଗ୍‌ନି ଆଣ୍ତ୍ରାଙ୍ଗ୍ ଲାହାଙ୍ଗ୍ ନିଙ୍ଗ୍‌ଜି ଇୱାରିଂ ଦସି କିନାତ୍,
ଇନାକିଦେଂକି ହେଦେଲ୍ ସଲମନ୍‌ତି ବୁଦିନି କାତା ୱେଞ୍ଜେଙ୍ଗ୍ ପୁତର୍ନି ବାଟାତାଂ ୱାଜି ମାଚାତ୍, ଆରେ ହୁଡ଼ା, ସଲମନ୍‌ତାଂ
ଗାଜା ବିସ୍ରେ ଇ ବାହାତ ମାନାତ୍ ।”

### ବାନ୍ୟା ୱାସ୍କିନି ସାକ୍ତି ମାନାତ୍
(ଲୁକ ୧୧:୨୪-୨୬)

୪୩ “ବାନ୍ୟା ଜିବୁନିଂ ରକାନ୍ ମାନାୟ୍‌ତିଂ ହସି ହାଚି ପାଚେ ଏଜୁଂ ହିଲ୍‌ୱି ବାହା ସବୁ ବୁଲା ଆଜି ଜମ୍‌ଦେଂ ଡେକ୍‌ନାତ୍ ଆରି
ହେଦାଂ ଗାଟା ଆଉତ୍ ।
୪୪ ହେବେ ହେଦାଂ ଇନାତ୍, ଆନ୍ ଇମ୍‌ଣି ଇଞ୍ଜାଙ୍ଗ୍ ହସି ୱାତାଂନା, ଆନ୍ ହେ ଇଞ୍ଜ ମାସ୍‌ଦି ହାନାଙ୍ଗ୍; ଆରେ, ହେଦାଂ ୱାଜି
ହେ ବାହା ୱାରାକା, ଆରି ନିର୍ମଲ୍ ହୁଡ଼୍‌ତାତ୍ ।
୪୫ ହେପାଦ୍‌ନା ହେଦାଂ ହାଲ୍‌ଜି ଜାର୍‌ତାଂ ଆଦିକ୍ ବାନ୍ୟା ଆରେ ସାତ୍‌ଗଟା ପୁଦାଂ ରଚେ ତାସି ୱାନାତ୍, ଆରେ, ହେୱାଙ୍ଗ୍
ହଣ୍‌ଜି ହେବେ ବାହାକିନିକ୍, ଆରେ ହେ ଲକ୍‌ତି ପର୍ତୁମ୍ ଦସା ତାଙ୍ଗ୍ ହାରିହାରା ଦସା ଆଦେକ୍ ବାନ୍ୟା ଆନାନ୍ । ଇ ବାନ୍ୟା
ଆଣ୍ତ୍ରେନ୍ ଇ ଜୁଗ୍‌ନି ମାନାୟାର୍ ହାର୍ ଗିଟା ଆନାତ୍ ।”

### ଜିସୁତି ତେହି ଆରି ଟଣ୍ତ୍ରାହିର୍
(ମାର୍କ ୩:୩୧-୩୫; ଲୁକ ୮:୧୯-୨୧)

୪୬ ଜିସୁ ମାନାୟାର୍ ଲାହାଙ୍ଗ୍ କାତା ଆନିୱେଡ଼ାଂ, ତାଞ୍ଜି ଆୟା ଆରି ଟଣ୍ତ୍ରାହିର୍ ବାର୍‌ତ ନିଲ୍‌ଚି ତା ଲାହାଙ୍ଗ୍ ବେଣ୍ କିଦେଙ୍ଗ୍
ଇଚା କିଜି ମାଚାର୍ ।
୪୭ ହେବେ ରକାନ୍ ତାଙ୍ଗେଙ୍ଗ୍ ଇଚାନ୍, “ହୁଡ଼ା, ମିଞ୍ଜି ଆୟା ଆରି ଟଣ୍ତ୍ରାର୍ ବାର୍ତ ନିଲ୍‌ଚି ନି ଲାହାଙ୍ଗ୍ ବେଣ୍ କିଦେଙ୍ଗ୍ ମାନ୍
କିନାରା ।”†
୪୮ ମାତର୍ ଜେ ତାଙ୍ଗେଙ୍ଗ୍ ଇ କାତା ଇଚାନ୍, ତାଙ୍ଗେଙ୍ଗ୍ ଜିସୁ ଉତର୍ ହିତାନ୍, “ମାଞ୍ଜି ଆୟା ଇନ୍ଦେଲ୍ ? ଆରେ, ନା ଟଣ୍ତ୍ରାର୍
ଇନେର୍ ?”
୪୯ ଆରେ, ଜିସୁ ତା ଚେଲାହିର୍ ନିପ କେଇ ଚଚ୍‌ଚି ଇଚାନ୍, “ହୁଡ଼ା, ମାଞ୍ଜି ଆୟା ଆରି ମାଞ୍ଜି ଟଣ୍ତ୍ରାର୍,
୫୦ ଇନେର୍‌କି ସାର୍ଗେନି ଆବାତି ଇଚା କିନାନ୍, ହେୱାନ୍ ନା ଟଣ୍ତ୍ରାର୍, ତଣ୍‌ଦେକ୍ ଆରି ଆୟା ।”

## ୧୩

### ବିୟାନ୍ ୱିଡ଼୍‌ନି ଉତର୍‌ମୁଡ଼୍ କାତା
(ମାର୍କ ୪:୧-୯; ଲୁକ ୮:୪-୮)

୧ ହେ ନାଜିଂ ଜିସୁ ଇଞ୍ଜାଙ୍ଗ୍ ହସି ହାଲ୍‌ଜି ହାମ୍‌ଦୁର୍ ଗୁଟିତ ହେବେ ହିକ୍ୟା ହିଦେଂ କୁଚ୍‌ଚାନ୍ ।
୨ ✡ହେବେ ତା କଚଣ୍‌ତ ବେସି ମାନାୟ୍ ରୁଣ୍ତ୍ରା ଆତିଲେ ହେୱାନ୍ ହାଲ୍‌ଜି ର ଡଙ୍ଗାତ କୁଚ୍‌ଚାନ୍, ଆରେ ମାନାୟାର୍ ଗୁଟିତ
ମାଚାର୍ ତା କାତା ୱେନ୍‌ଞ୍ଜି ମାଚାର୍ ।
୩ ଆରେ, ଜିସୁ ଉତର୍‌ମୁଡ଼୍ ହୁକେ ହେୱାରିଂ ବେସି କାତା ଇଚାନ୍, ହୁଡ଼ାଟ୍,
“ରକାନ୍ ୱିଡ଼୍‌ନାକାନ୍ ୱିଦ୍‌ଦେଂ ହତ୍‌ତାନ୍ ।
୪ ହେୱାନ୍ ୱିଡୁ ୱିଡୁ କେତେକ୍ ବିୟାନ୍ ହାଜି କଚଣ୍‌ତ ଆର୍‌ତାତ୍, ଆରେ ପଟିଂ ୱାଜି ହେୱାକାଂ ତିନ୍‌ଞ୍ଜି ହାଚିକ୍ ।
୫ ଆରେ କେତେକ୍ ଅଲପ୍ ଚିକ୍‌ଲା ମାନି ଚେଚ୍‌ରା ବୁଇଁତ ଆର୍‌ତାତ୍ ଆରି ବାଜେକ୍ ଚିକ୍‌ଲା ହିଲ୍‌ୱିତିଲେ ଚାଣ୍ତ୍ରେକ୍
ନେସ୍‌ତାତ୍,
୬ ମାତର୍ ୱେଡ଼ା ହତ୍‌ତିଲେ, କାଡ଼୍‌ତାତ୍ ଆରେ ଚିରା ହିଲ୍‌ୱିତିଲେ ୱାଜ୍‌ଜି ହାଚାତ୍ ।
୭ ଆରେ କେତେକ୍ ୱାଡ଼ି ମାର୍‌କୁକାଂ ପା ଆର୍‌ତାତ୍, ଆରେ ୱାଡ଼ିଙ୍ଗ୍‌ବୁଟାଙ୍ଗ୍ ପାନ୍‌ଚି ହେୱାଙ୍ଗ୍ ଚାପି କିତିକ୍ ।
୮ ମତର୍ ବିନେ କେତେକ୍ ହାଦର୍ ମେଦ୍‌ନିତ ଆର୍‌ତାତ୍ ଆରି ପାଡ଼୍ ଆସ୍ତାତ୍, କେତେକ୍ ପାଞ୍ଚ୍‌କଡ଼ି ଗାଡ଼୍‌ହା, ଆଦିକ୍
କେତେକ୍ ତିନ୍‌କଡ଼ି ଗାଡ଼୍‌ହା, ଆଦିକ୍ ଆରେ କେତେକ୍ ରିକଡ଼ିଦସ୍ ଗାଡ଼୍‌ହା ଆଦିକ୍ ।”
୯ ଜିସୁ ଇଚାନ୍ “ଇନେରିଂ କିଡୁଲିଂ ମାନିକ୍, ହେୱାନ୍ ୱେନେନ୍ ।”

---

† **୧୨:୪୭** କେତେକ୍ ପତିତ ୪୭ ପଦ୍ ହିଲୁତ୍ ✡ **୧୩:୨** ଲୁକ ୫:୧-୩.

### ଉତର୍‌ମୁଡ୍‌ ଉଦେସ୍
(ମାର୍କ ୪:୧୦-୧୨; ଲୁକ ୮:୯-୧୦)

୧୦ ଇଦାଂ ପାଚେ ଚେଲାର୍ ତା କଚଣ୍ ୱାଜି ଡ଼ୱେନ୍‌ବାତାର୍, “ଏନ୍ ଇନାକିଦେଂ ହେୱାରିଂ ଉତର୍‌ମୁଡ୍‌ ହୁକେ କାତା ଇନାୟା
?”
୧୧ ଜିସୁ ଉତର୍ ହିତାନ୍, “ଇନାକିଦେଂକି ସାର୍ଗେ ରାଜି ବିତ୍ରେନି ବେରଣ୍ ସବୁ ପୁନି କାଜିଂ ମିଙ୍ଗେଙ୍ଗ୍ ସାକ୍ତି ହିଦ୍‌ୟା
ଆତାତ୍‌ନ୍ନା, ମାତର୍ ହେୱାରିଂ ହିୟାୱାତାତ୍‌ନା ।
୧୨ ✡ଲାଗିଂ ଇନେର୍‌ତି ବେସି ମାନାତ୍, ତାଙ୍ଗେଙ୍ଗ୍ ହିୟାନାତ୍, ଆରେ ତାଦାଙ୍ଗ୍ ବାଜେକ୍ ଆନାତ୍; ମାତର୍ ଇନେରିଂ
ହିଲୁତ୍, ତାତାକେ ଇନାକା ମାନାତ୍, ହେଦାଂ ନେ ତା ତାକେଣ୍ଡ୍ରାଂ ଅୟାନାତ୍ ।
୧୩ ହେୱାରିଂ ଆନ୍ ଉତର୍‌ମୁଡ୍‌ ଲାହାଙ୍ଗ୍ ଇନାଙ୍ଗା, ହେୱାର୍ ହୁଡ଼୍‌ଜି ହୁଡ଼୍‌ଜି ହୁଡ଼୍‌ଦେଂ ଆଡୁର୍ ଆରି ୱେନୁ ୱେନୁ ୱେଞ୍ଜେଙ୍ଗ୍
ଆଡୁର୍ କି ବୁଜାଆଦେଂ ଆଡୁର୍ ।
୧୪ ଆରେ, ଜିସାୟ୍‌ତି ଇ ବେଣ୍‌ବାକ୍‌ଣାୟ୍‌କିନାକା ହେୱାର୍ ବିସ୍ରେ ପୁରା ଆନାତା,
ଏପେଙ୍ଗ୍ ୱେନୁ ୱେନୁ ୱେନାଦେର୍, ମାତର୍ ଇନେସ୍ ବାନି ବୁଜାଉଦେର୍,
ଆରେ ହୁଡ଼୍‌ଜି ହୁଡ଼୍‌ଜି ହୁଡ଼୍‌ନାଦେର୍, ମାତର୍ ଇନେସ୍ ବୁଜାଉଦେର୍;
୧୫ ଇନାକିଦେଂକି ଇ ମାନାୟାର୍‌ତି ଜିବୁନ୍ ବୱାଡ଼୍‌ ଆତାତ୍,
ହେୱାର୍ କିତୁଲ୍‌ତ କସ୍ଟତାଂ ୱେଚାର୍ ଆରି ଜାର୍ ଜାର୍ କାଣ୍‌କୁ ଜୁଚ୍‌ଚାର୍,
ଇନେସ୍ ହେୱାର୍ କାଣ୍‌ଙ୍ଗାତାଂ ହୁଡ଼୍‌ର୍
ହେଦାଂ ଆୱିତିସ୍ ହେୱାର୍ କିତୁଲ୍‌ତ ୱେଞ୍ଜେଙ୍ଗ୍ ଆଡ଼୍‌ତାର୍‌ମା,
ଆରେ ମାନ୍ତ ବୁଜାଆଦେଂ ଆଡୁର୍, ଆରେ ମାସ୍‌ଦି ୱାଉର୍,
ଆରେ ଆପେଂ ହେୱାରିଂ ଉଜ୍ କିଦେଙ୍ଗ୍ କପ୍ ।”
୧୬ ✡“ମାତର୍ ଦନ୍ୟ ମି କାଣ୍‌କୁ, ଲାଗିଂ ହେଦାଂ ହୁଡ଼୍‌ନାତ୍; ଦନ୍ୟ ମି କିତୁଲିଂ, ଲାଗିଂ ହେଦାଂ ୱେନାନ୍ ।
୧୭ ଇନାକିଦେଂକି ଆନ୍ ମିଙ୍ଗେଙ୍ଗ୍ ହାତ୍‌ପା ଇଞ୍ଜ୍‌ନାଙ୍ଗା, ଏପେଙ୍ଗ୍ ଇନା ଇନାକା ହୁଡ଼୍‌ନାଦେର୍, ହେ ୱିଜୁ ବେସି
ବେଣ୍‌ବାକ୍‌ଣାୟ୍ ଆରି ଦାର୍ମି ମାନାୟାର୍ ହୁଡ଼୍‌ଦେଂ ମାନ୍ କିତାର୍, ମାତର୍ ହୁଡ଼୍‌ୱାତାର୍; ଆରେ, ଏପେଙ୍ଗ୍ ଇନା ଇନାକା
ୱେଚାଦେର୍ଣ୍ଡା, ହେ ସବୁ ହେୱାର୍ ୱେଞ୍ଜେଙ୍ଗ୍ ମାନ୍ କିତାର୍, ମାତର୍ ୱେଞ୍ଜେଙ୍ଗ୍ ଆଡ଼୍‌ୱାତାର୍ ।”

### ୱିତ୍‌ନାକାନ୍ତି ବିସ୍ରେ ଉତର୍‌ମୁଡ୍‌
(ମାର୍କ ୪:୧୩-୨୦; ଲୁକ ୮:୧୧-୧୫)

୧୮ “ଲାଗିଂ ୱେନାଟ୍, ବିୟାନ୍ ୱିତ୍‌ନାକାନ୍ ଉତର୍‌ମୁଡ୍‌ନି ଅରତ୍ ଇନାନ୍ନା । ବୁଜାଆଦେଂ ସେସ୍ଟା କିୟାଟ୍ ।
୧୯ ଇନେର୍‌କି ରାଜିନି ବଚନ୍ ୱେନ୍‌ଞ୍ଜି ବୁଜା ଆଉର୍, ସୟ୍‌ତାନ୍ ୱାଜି ଡ଼ା ମାନ୍‌ତ ଇନାକା ୱିତ୍‌ୟାଜି ମାଚାତ୍, ହେଦାଂ
ଉନ୍‌ଦି ଅନାତ୍, ହେୱାନ୍ ରୱାନ୍ ୱିତ୍‌ତି ହାଜି ଗୁଟିତ ଆର୍ଜି ମାନି ବିୟାନ୍ ଲାକେ ।
୨୦ ଇନେର୍ ଇସ୍ୱର୍ତି ବଚନ୍ ଆଏତ୍ ବେରଣ୍ ୱେଚ୍‌ଚି ଦାପ୍ରେ ୱାର୍‌ୟା ଆଜି ହେଦାଂ ମାନି କିତାର୍, ହେୱାର୍ କାଲ୍‌କୁକୁଡ଼ି
ବୁଇଁତ ଆର୍ଜି ମାନି ବିୟାନ୍ ଲାକେ,
୨୧ ହେୱାର୍‌ତି ଚିରାଂ ଦେହା ହାଲ୍‌ୱାଦାଂ ମାଚିଲେ ହେୱାର୍ ହେଦେଲିଂ ବେସି ସମୁ ଆସ୍ତି ଇଡ଼୍‌ଦେଂ ଆଡୁର୍ । ଇ କାବୁର୍
କାଜିଂ ଏଚେକାଡ଼୍‌ଦ କସ୍ଟ କି ନିନ୍ଦା ୱାତିସ୍ ହେୱାର୍ ଦାପ୍ରେ ହେଦେଲିଂ ପିହ୍‌ନାର୍ ।
୨୨ ଇନେନ୍ ଇସ୍ୱର୍ତି ବେରଣ୍ ୱେନାନ୍, ଆରେ ସଁସାର୍‌ନି ଚିନ୍ତା ଆରି ଦାନ୍‌ନି ବାୟା ବେଣ୍‌ତିଙ୍ଗ୍ ଚାପି କିନାତ୍, ଆରେ
ହେୱାନ୍ ପାଡ଼୍‌ ଆହେନ୍, ହେ ରୱାନ୍ ୱିତ୍‌ୟାତି ୱାଡ଼ି ମାର୍‌କୁ ତାରେନ୍ ଲାକେ ।
୨୩ ମାତର୍ ଇନେର୍ ବଚନ୍ ୱେନ୍‌ଞ୍ଜି ବୁଜାଆନାନ୍, ହାର୍ଦି ଜମିତ ଆର୍ଜି ମାଚି ବିୟାନ୍ ଲାକେ ହେୱାର୍ ହାର୍ଦି ପାଡ଼୍‌
ଆହ୍‌ନାତ୍, ଇନେନ୍ ପାଞ୍ଚ୍‌କଡ଼ି ଗାଡ଼୍‌ହା ଆଦିକ୍, ଇନେନ୍ ତିନ୍‌କଡ଼ି ଗାଡ଼୍‌ହା ଆଦିକ୍, ଇନେନ୍ ରିକଡ଼ିଦସ୍ ଗାଡ଼୍‌ହା ଆଦିକ୍
ପାୟାନାନ୍, ହେୱାନ୍ ୱିତ୍‌ୟାତି ହାର୍ଦି ମେଦ୍‌ନି ଲାକେ ।”

### କାତ୍ରା ଉତର୍‌ମୁଡ୍‌

୨୪ “ଜିସୁ ହେୱାରିଂ ଆରେ ର ଉତର୍‌ମୁଡ୍‌ ହିଜି ଇଚାନ୍, ସାର୍ଗେ ରାଜି ଜାର୍ ଜମିତ ହାର୍ଦି ବିୟାନ୍ ୱିଦ୍‌ଦିମାଚି ର ମୁଣିକା
ଲାକେ;
୨୫ ମତର୍ ଲକୁ ହୁଚ୍‌କାଣ୍‌କୁ ହନିହିଙ୍ଗ୍ ତା ସାତ୍ରୁ ୱାଜି ଡ଼ହେ ଗଁମ୍ ବିୟାନ୍ ବିତ୍ରେ କାତ୍ରା ୱିଦ୍‌ଦି ତାଙ୍ଗ୍‌ଜି ହାଚାନ୍ ।
୨୬ ଏଚେକାଡ଼୍‌ଦ ଆକିଂ ହସି ପାଡ଼୍‌ ଆସ୍ତେଙ୍ଗ୍ ଲାଗାତାତ୍, ହେ ପାଦ୍‌ନା କାତ୍ରା ପା ଚଞ୍ଜିୟାଆତାତ୍ ।
୨୭ ହେବେ ଇଞ୍ଜିମୁଣିକାଂ ହଲ୍ୟାହିର୍ ତା କଚଣ୍ ୱାଜି ଇଚାର୍, ହାଉକାର୍, ଏନ୍ ଇନାକା ଜାର୍ ଜମିତାକେ ହାର୍ଦି ବିୟାନ୍
ୱିତ୍‌ୱାଦାଂ ମାଚାୟ୍ ? ଲାଗିଂ କାତ୍ରାଂ ଇମେଣ୍ଡ୍ରାଂ ଆତାତ୍ ?

---
✡ **୧୩:୧୨** ମାତିଉ ୨୫:୨୯; ମାର୍କ ୪:୨୫; ଲୁକ ୮:୧୮; ୧୯:୨୬. ✡ **୧୩:୧୬** ଲୁକ ୧୦:୨୩,୨୪.

୨୮ ହେୱାନ୍ ହେୱାରିଂ ଇଚାନ୍, ରକାନ୍ ସାତ୍ରୁ ଇଦାଂ କିତାନ୍ନ୍ନା । ଆରେ, ହଲ୍ୟାହିର୍ ତାଙ୍ଗେଙ୍ଗ୍ ଇଚାର୍, ଲାଗିଂ ଆପେଂ
ହାଲ୍‌ଜି ହେ ୱିଜୁ ଜେଲ୍‌ଜି ରବେ କିନାପ୍, ଇଦାଂ ଇନାକା ନିମାନ୍ ?
୨୯ ମାତର୍ ହେୱାନ୍ ଇଚାନ୍, ଆକାୟ୍, କାତେ ଏପେଙ୍ଗ୍ କାତ୍ରା ରୁଣ୍ଡାୟ୍ କିଉ କିଉ ହେ ୱିଜୁ ରଚେ ଗଁମ୍ ଜେଲ୍‌ଜି
ତୁହିହିନାଦେର୍ ।
୩୦ ତାସ୍ ତ୍ରେସ୍‌ୱି ପାତେକ୍ ରିଣ୍ଡାକାଂ ରଚେ ଗାଜାଆଦେଂ ପିହାଟ୍, ଆରେ କାତ୍ରା ତ୍ରେସ୍‌ନିହିଙ୍ଗ୍ ଆନ୍ ତ୍ରେସ୍‌ନା କାରିଂ
ଇନାଙ୍ଗ୍, କାଚାୟ୍‌କିଦେଂ ହିଗ୍‌ଦ କାତ୍ରା ରବେ କିଜି ମୁଟା ଗାଚାଟ୍, ମାତର୍ ଗଁମ୍ ନା ଟୁଣ୍ଡିତ ରୁଣ୍ଡାୟ୍ କିଜି ଇଟାଟ୍ ।”

## ଜିସୁ ହାର୍‌ହୁ ମାଞ୍ଜିନି ଉତର୍‌ମୁଡ୍

*(ମାର୍କ ୪:୩୦-୩୨; ଲୁକ ୧୩:୧୮-୧୯)*

୩୧ ଜିସୁ ହେୱାରିଂ ଆରେ ର ଉତର୍‌ମୁଡ୍ ହିଜି ଇଚାନ୍, “ସାର୍ଗେ ରାଜି ଇ ଲାକେ ର ହାର୍‌ହୁ ମାଞ୍ଜି ଲାକେ, ଇନାକା ଅଜି
ର ମାନାୟ୍ ଜାର୍ ଜମିତ ୱିଡ୍‌ତାନ୍ ।
୩୨ ହେଦାଂ ତ ୱିଜୁ ବିୟାନ୍ ତାଙ୍ଗ୍ ହିରୁ, ମତର୍ ହେଦାଂ ଗାଜାଆତିସ୍ ସବୁ କୁଚାତାଂ ଗାଜା ଆଜି ଇ ଲାକେ ମାର୍ ଆନାଡ୍
ଜେ, ବାଦାଡ୍‌ନି ପଟିଂ ୱାଜି ତା କେନ୍ଦାତ ବାହା କିନିକ୍ ।”

## ହଇନି ଉତର୍‌ମୁଡ୍

*(ଲୁକ ୧୩:୨୦-୨୧)*

୩୩ ଜିସୁ ହେୱାରିଂ ଆରେ ର ଉତର୍‌ମୁଡ୍ ଇଚାନ୍, “ସାର୍ଗେ ରାଜି ହଇନି ଲାକେ; ରଞ୍ଜେଲ୍ କଗ୍‌ଲେ ହେଦାଂ ଅଜି
ଆଦାବାସ୍ତା ମଇଦା ବିତ୍ରେ ଡାବାୟ୍ କିଜି ଇଟ୍‌ଟାଡ୍, ଆରେ ହାରିହାରା ୱିଜୁ ହଇତାଡ୍ ।”

## ଉତର୍‌ମୁଡ୍ ଉପ୍‌କାର୍‌ତାଂ ହିକ୍ୟା

*(ମାର୍କ ୪:୩୩-୩୪)*

୩୪ ଇ ୱିଜୁ କାତା ଜିସୁ ଉତର୍‌ମୁଡ୍ କାଜିଂ ମାନାୟାରିଂ ଇଚାନ୍, ଆରେ ଉତର୍‌ମୁଡ୍ ପିସ୍ତି ହେୱାନ୍ ହେୱାରିଂ ଇନାକା
ଇନ୍‌ୱାଦାଂ ମାଚାନ୍,
୩୫ ଇନେସ୍‌କି ବେଣ୍‌ବାକ୍‌ଣାୟ୍ କିନାକାର୍ କାଜିଂ ଇ ବେରଣ୍ ପୁରା ଆନାଡ୍, “ଆପେଂ ଜାର୍ ୱେଇ କିଜି ଉତର୍‌ମୁଡ୍ ହୁକେ
କାତା ଇନାକା, ପୁତର୍ଁ ଉବ୍‌ଜାଣ୍ ବୁଡାଆତି ଡ଼କ୍କୁତି ବିସ୍ରେ ସବୁ ଇନାସ୍ ।”

## ଜିସୁ କାତ୍ରାନି ଉତର୍ ମୁଡ୍‌ନି ଅରଡ୍ ବୁଜାୟ୍ କିତାନ୍

୩୬ ପାଚେ ହେୱାନ୍ ମାନାୟାରିଂ ପିସ୍ତି ଇଞ୍ଜ ହଣ୍‌ଗାତାନ୍, ଆରେ ତା ଚେଲାହିର୍ ତା ଲାଗେ ୱାଜି ଇଚାର୍, “ଜମିନି କାତ୍ରାନି
ଉତର୍‌ମୁଡ୍ ମାଙ୍ଗେଙ୍ଗ୍ ହାର୍ କିଜି ବୁଜାୟ୍‌କିଦା ।”
୩୭ ଜିସୁ ଉତର୍ ହିତାନ୍, “ହାଦର୍ଁ ବିୟାନ୍ ଇନେନ୍ ୱିଡ୍‌ନାନ୍, ହେୱାନ୍ ମାନାୟ୍ ମାଜି;
୩୮ ଜମି ପୁତର୍ଁ; ହାଦର୍ଁ ବିୟାନ୍ ରାଜିନି ହିମ୍‌ଣାଂ, କାତ୍ରା ସୟ୍‌ତାନ୍ ଜିବୁନ୍ ହିମ୍‌ଣାଂ;
୩୯ ଇମ୍‌ଣି ସାତ୍ରୁ ହେଦାଂ ୱିଡ୍‌ତାନ୍, ହେୱାନ୍ ସୟ୍‌ତାନ୍; ତାସ୍ ତ୍ରେସ୍‌ନି ୱେଡ଼ାଙ୍ଗ୍ ଜୁଗ୍‌ସେସ୍, ଆରେ ତ୍ରେସ୍‌ନାକାର୍ ୱିଜାର୍
ସାର୍ଗେ ଦୁଡ୍‌ତର୍ ।
୪୦ ତା ଆତିସ୍, କାତ୍ରା ଇନେସ୍‌କି ରବେ କିଜି ନାଣିତ କାଡିକିୟାଆନାଡ୍, ଜୁଗ୍‌ସେସ୍ ୱେଡ଼ାଲିଂ ହେ ଲାକେ ଗିଟା ଆନାଡ୍
।
୪୧ ମାନାୟ୍ ମାଜି ଜାର୍ ଦୁଡ୍‌ତରିଂ ପକ୍ତାନାନ୍, ଆରେ ହେୱାର୍ ତା ରାଜିତାଂ ସବୁ ବାଦାନିକା ବିସ୍ରେ ଆରି ବାନ୍ୟାରିଂ
ରୁଣ୍ଡାୟ୍ କିନାନ୍,
୪୨ ଆରେ ହେୱାରିଂ ନାଣି ହଲିତ ତୁହିହିନାର୍, ହେବେ ଆଡ଼୍‌ବାନାର୍ ଆରି ଟାଡାଙ୍ଗ୍ କଡ଼୍‌ମଡ଼୍ ଆନାଡ୍ ।
୪୩ ହେୱାଡ଼ାଂ ଦାମର୍ଁ ହେୱାର୍‌ତି ଲାତ୍ରାହି ସାର୍ଗେନି ଆବା ରାଜିତ ୱେଡ଼ା ଲାକେ ଡ଼ିନ୍‌ଞ୍ଜି ଚଞ୍ଜ୍ୟା ଆନାର୍ । ଇନେରିଂ
କିଡୁଲ୍ ମାନାଡ୍, ହେୱାନ୍ ୱେନେନ୍ ।”

## ମୁନ୍‌ଚି ଦାନ୍‌ନି ଉତର୍‌ମୁଡ୍

୪୪ “ସାର୍ଗେ ରାଜି ଜମିତ ଡ଼କ୍କୁତି ଦାନ୍ ଲାକେ । ର ମାନାୟ୍ ହେଦାଂ ହୁଡ୍‌ଜି ଡ଼କ୍କୁଚି ଇଡ୍‌ତାନ୍ ଆରି ୱାରିତାଂ ହାଲ୍‌ଜି
ଜାର୍‌ତି ସବୁ ପ୍ରସି ହେ ଜମିତିଂ କଡ୍‌ତାନ୍ ।”

## ମୁକ୍ତାନି ଉତର୍‌ମୁଡ୍

୪୫ “ଆରେ, ସାର୍ଗେ ରାଜି ହାଦର୍ଁ ହାଦର୍ଁ ମୁକ୍ତା ଡେକ୍‌ଚି ମାନି ର ବେପ୍ରିୟା ଲାକେ ।
୪୬ ର ବେସି ଦାମ୍‌ନି ମୁକ୍ତା ହୁଡ୍‌ଜି ହେୱାନ୍ ହାଲ୍‌ଜି ଜାର୍‌ତି ସବୁ ପ୍ରସି ହେ ମୁକ୍ତାତିଙ୍ଗ୍ କଡ୍‌ତାନ୍ ।”

## ମିନ୍‌କୁ ଆହ୍‌ନି ଜାଲ୍‌ନି ଉତର୍‌ମୁଡ୍

୪୭ “ସାର୍ଗେ ରାଜି ର ମିନ୍‌କୁ ଆହ୍‌ନି ଜାଲ୍ ଲାକେ । କେଉଟାର୍ ହାମ୍‌ଦୁର୍‌ତ ଜାଲ୍ ଇଡ଼୍‌ଜି ବାରବିନି ମିନ୍‌କୁ ଆହ୍‌ନାର୍ ।
୪୮ ଜାଲ୍ ବତର୍ଁ ଆତିସ୍ ଗୁଟିତ ଜେଲ୍‌ଜି ତାସି ହାଦର୍ଁ ହାଦର୍ଁ ମିନ୍‌କୁ ସବୁ ଆଜି ଟ଼ପାତ ଇଟ୍‌ନାର୍ ଆରି ବାନ୍ୟା ମିନ୍‌କୁ
ତୁହି ହିନାର୍ ।
୪୯ ଜୁଗ୍‌ସେସ୍ ସମୁତ ଇ ଲାକେ ଗିଟା ଆନାଡ୍ । ସାର୍ଗେନି ଦୁତ୍‌ତର୍ ଦାମର୍ଁର୍ ତାକେଣ୍ଡାଂ ପାପିୟାରିଂ ଆଲ୍‌ଗା କିଜି
୫୦ ହେୱାରିଂ ଆହ୍‌ନି ନାଣିତ ତୁହି ହିନାର୍ । ଆରେ ହେୱାରିଂ ନାଣି ହଲିତ ତୁଇହିନାର୍; ହେବେ ଆଡ଼୍‌ୱାନାର୍ ଆରି
ଟାଡାଙ୍ଗ୍ କାଟ୍‌ନାର୍ ।”

## ପ୍ଟାନାକା ଆରି ପୁନି ହିକ୍ୟା

୫୧ ଜିସୁ ଚେଲାରିଂ ୱେନ୍‌ବାତାନ୍, “ଇ ସବୁ ବିସ୍ରେ ବୁଜାଆଦେଂ ଆଡ଼୍‌ନାଦେରା ?”
ହେୱାର୍ ଉତର୍ ହିତାର୍, “ଆଁ ମାପ୍ରୁ ।”
୫୨ ଜିସୁ ଗୁରୁରିଂ ଇଚାନ୍, “ଇନେସ୍ ରୱାନ୍ ଇଲ୍ ମୁଣିକା ଜାର୍ କଟିତାଂ ଆତି ନେଚେକ୍ ପୁନାକା ଆରି ପ୍ଟାନାକା ଆଡ଼୍‌ମାଡ୍
ହପ୍‌ନାନ୍, ସାର୍ଗେ ରାଜିତ ଚେଲା ଆଜି ମ଼ାଚି ରକାର୍ ରକାର୍ ସାସ୍ତ୍ର୍ ତା ଲାକେ ।”

## ଜିସୁ ନାଜରିତ୍‌ତ ପେଜ୍‌ୟାତାନ୍

*(ମାର୍କ ୬:୧-୬; ଲୁକ ୪:୧୬-୩୦)*

୫୩ ଜିସୁ ଇ ସବୁ ଉତର୍‌ମୁଡ଼୍ ୱିସ୍ତି ପାଚେ ହେ ବାହା ପିସ୍‌ସି ହାଚାନ୍ ।
୫୪ ଆରେ, ହେୱାନ୍ ଜାର୍‌ତି ଆବା ଲାଡ୍ରା ଗାଡ଼୍‌ଦ ୱାଜି ମ଼ାନାୟାରିଂ ହେୱାର୍‌ତି କୁଟୁମ୍ ଇଞ୍ଜ ଇ ଲାକେ ହିକ୍ୟା ହିତାନ୍
ଜେ, ହେୱାର୍ ଚାନ୍ୟା ଆଜି ଇ଼ଚାର୍, “ଇ ମାନାୟ୍‌ତିଂ ଇ ଲାକେ ବୁଦି ଆରି ସାକ୍ତିନି କାମାୟ୍ ଇମେତାଂ ଆତାଡ୍ ?”
୫୫ ଇୱାନ୍ କି ହେ ବାଡାୟ୍ ମେହି ଆକାୟ୍ ? ଇୱାନ୍ତି ତେହି ତର୍ ମରିୟମ୍ ଆକାୟ୍ ? ଆରେ ଇୱାନ୍ ଟଣ୍ଡାହିର୍‌ତି ତର୍
ଇନାକା ଜାକୁବ୍, ଜସେପ୍, ସିମନ୍ ଆରି ଜିହୁଦା ଆକାୟ୍ ?
୫୬ ଆରେ, ଇୱାନ୍ତି ତଣ୍‌ଦେହିକ୍ ଇନାକା ୱିଜେକ୍ ମାଲାହାଂ ହିଲୁକ୍ ? ଲାଗିଂ “ହେୱାନ୍ ଇ ବୁଦି ସବୁ ସାକ୍ତି ଇମେଣ୍ଡାଂ
ଗାଟାତାନ୍ ?”
୫୭ ଆରେ, ହେୱାର୍ ତା ତାକେଣ୍ଡାଂ ବାଦା ପାୟା ଆତାର୍ ।
ମାତର୍ ଜିସୁ ହେୱାରିଂ ଇଚାନ୍, “ବେଣ୍‌ବାକ୍‌ଣାୟ୍ କିନାକାନ୍ ଜାର୍ ଆବା ଲାଡ୍ରା ଗାଡ଼୍, ଇଲ୍ ଆରି ଜାର୍ କୁଟୁମ୍ ପିସ୍ତି
ଅଲ୍‌ଗା ଇମେତାକେ ହିନସ୍ତା କିୟାଉନ୍ ।”
୫୮ ଆରେ, ହେୱାନ୍ ହେୱାର୍‌ତି ପାତର୍ଁ କିୱାକା କାଜିଂ ହେବେ ବେସି ସାକ୍ତିନି କାମାୟ୍ କିୱାତାନ୍ ।

# ୧୪

## ବାପ୍ତିସିମ୍ ହିନି ଜହନ୍ତି ହାକି

*(ମାର୍କ ୬:୧୪-୨୯; ଲୁକ ୯:୭-୯)*

୧ ହେ ସମୁତ ଗାଲିଲିନି ରାଜା ହେରଦ୍ ଜିସୁତି ବିସ୍ରେନି କାତା ୱେଚାନ୍, ତା ହଲ୍ୟାହିରିଂ ଇଚାନ୍,
୨ “ଇୱାନ୍ ବାପ୍ତିସିମ୍‌ହିନି ଜହନ୍, ହେୱାନ୍ ହାତି ତାକେଣ୍ଡାଂ ପା ନିଙ୍ଗ୍‌ତାନ୍‌ନା, ହେଦାଂ କାଜିଂ ଇ ୱିଜୁ ସାକ୍ତି ତା ତାକେଣ୍ଡାଂ
କାମାୟ୍ କିନାତା ।”
୩ ✡ହେରଦ୍ ଜାର୍ ଟଣ୍ଡାହି ପିଲିପ୍ ୱାଣି ହେରଦିୟା କାଜିଂ ଜହନ୍‌ତିଂ ଆସ୍ତି ଆରି ଗାଚ୍‌ଚି ବନ୍ଦିହାଡ଼ାତ ପ୍ରଦ୍‌ଦି ମାଚାର୍ ।
୪ ଇନାକିଦେଂକି ଜହନ୍ ହେରଦିୟାଙ୍ଗ୍ ଇଞ୍ଜି ମାଚାନ୍, “ଇଦେଲିଂ ରାକିକିନାକା ନି ବିଦି ହିଲୁଡ୍ ।”
୫ ଆରେ, ହେୱାନ୍ ଜହନ୍‌ତିଂ ଅସ୍ତେଙ୍ଗ୍ ମାନ୍ କିତାନ୍ ହିନା, ମାନାୟାର୍‌ତିଂ ପାଣ୍ଡ୍ରା ଆତାର୍, ଇନାକିଦେଂକି ହେୱାର୍
ତାଙ୍ଗେଙ୍ଗ୍ ବେଣ୍‌ବାକ୍‌ଣାୟ୍‌କିନାକାନ୍ ଇଞ୍ଜି ମାନିକିଜି ମ଼ାଚାର୍ ।
୬ ମାତର୍ ହେରଦ୍‌ତି ଜଲମ୍ ଦିନ୍ ଏକାୱାତିଲେ, ହେରଦିୟା ଗାହ୍‌ଡ଼ି ମାନାୟାର୍ ମୁମ୍‌ଦ ଏନ୍‌ଦି ହେରଦ୍‌ତିଂ ୱାରି କି
କିତାଡ୍ ।
୭ ହେବେ “ହେରଦ୍ ପାର୍ମାଣ୍ କିଜି ର଼ାଣ୍ କିତାନ୍ ଜେ, ହେଦେଲ୍ ଇନାକାପା ଏନ୍ତାନାଡ୍, ହେୱାନ୍ ହେଦେଲିଂ ହେଦାଂ
ହିନାନ୍ ।”
୮ ଆରେ, ହେଦେଲ୍ ତା ତେହି ହିକ୍ୟାତ ଆଜର୍ଁ ଇଚାଡ୍, “ବାପ୍ତିସିମ୍ ହିନି ଜହନ୍‌ତି କାପ୍‌ଡ଼ା ଇ ଦାପ୍ରେ ଇବେ ର ତାଡ଼ିୟାତ
ନାଙ୍ଗ୍ ହିଦା ।”
୯ ଇବେ ରାଜା ଦୁକ୍ ଆତିସ୍ ପା ଜାର୍ ପାର୍ମାଣ୍ ଆରି ଜାର୍ ଲାହାଙ୍ଗ୍ ବଜିତ କୁଚ୍‌ଚି ମାନି ମାନାୟାର୍ କାଜିଂ ହେଦାଂ ହିଦେଂ
ବଲ୍ ହିତାନ୍,
୧୦ ଆରେ ମାନାୟ୍ ପକ୍‌ଚି ଜେଲ୍‌ତ ଜହନ୍‌ତି କାପ୍‌ଡ଼ା କାତି କିୟ୍‌କିତାନ୍,
୧୧ ଆରେ ତା କାପ୍‌ଡ଼ା ର ତାଡ଼ିୟାତ ତାସି ହେ ଗାଡ଼୍‌ଚେଂ ହିତାର୍, ପାଚେ ହେଦେଲ୍ ତା ତେହି ତାକେ ହେଦାଂ ଅତାଡ୍ ।

✡ **୧୪:୩** ଲୁକ ୩:୧୯,୨୦.

୧୨ ହେବେ ଜହନ୍ ଚେଲାହିର୍ ୱାଜି ମାଡ଼ା ଅଜି ତାଙ୍ଗେଙ୍ଗ୍ ମୁଚ୍‌ଚାର୍ ଆରି ହାଲ୍‌ଜି ଜିସୁଙ୍ଗ୍ ୱେଚ୍‌ଚାର୍ ।

### ଜିସୁ ପାଞ୍ଚ୍ ହାଜାର୍ ମାନାୟ୍‌ତିଂ ଚିଞ୍ଜେଙ୍ଗ୍ ହିତାନ୍

*(ମାର୍କ ୬:୩୦-୪୪; ଲୁକ ୯:୧୦-୧୭; ଜହନ୍ ୬:୧-୧୪)*

୧୩ ଜହନ୍ କାବୁର୍ ୱେଚି ଦାପ୍ରେ ଜିସୁ ବିନେ ଆଜି ଡଙ୍ଗାତ ଦୁମ୍‌ଜି ର ଚିମ୍‌ରା ବାହାତ ହାଚାନ୍ । ଜିସୁ ହେବେ ହାନାକା
ପୁଞ୍ଜି ଲାଗେନି ଗାଡ଼୍‌ନିକାର୍‌ତାଂ ହେନି ମାନାୟ୍ ଗୁଟି ଗୁଟି ତାଙ୍ଗ୍‌ଜି ଜିସୁତି ପାଚେ ପାଚେ ହାଚାର୍;
୧୪ ଆରେ, ଜିସୁ ହେୱାନ୍ ଡଙ୍ଗାତାଂ ହସି ବେସି ହେନି ମାନାୟାରିଂ ହୁଡ଼୍‌ଜି ହେୱାର୍ କାଜିଂ କାର୍ମାତିଂ ତାଙ୍ଗ୍ ମାନ୍ତ ରାସ୍
ଇଚାତ୍ । ଆରି ହେୱାର୍ ରଗିରିଂ ଉଜ୍ କିତାନ୍ ।
୧୫ ୱେଡ଼ା ହାଚିଲେ ଚେଲାହିର୍ ତା କଚଣ୍‌ତ ୱାଜି ଇଚାର୍, ଇ ବାହାତ ଚିମ୍‌ରା, ଆରେ ୱେଡ଼ା ତ ହାଚାଡେ, "ଲାଗିଂ
ମାନାୟାର୍ ଇନେସ୍ ନାସ୍‌କୁକାଂ ହାଲ୍‌ଜି ଜାର୍ ଜାର୍ କାଜିଂ କାଦି କଡ଼୍‌ନାର୍, ହେଦାଂ କାଜିଂ ହେୱାରିଂ ହେଲ ହିୟାଟ୍ ।"
୧୬ ମାତର୍ ଜିସୁ ହେୱାରିଂ ଇଚାନ୍, "ହେୱାର୍ ହାନି ଲଡ଼ା ଆକାୟ୍, ଏପେଙ୍ଗ୍ ହେୱାରିଂ ଚିଡ୍‌ପାଟ୍ ।"
୧୭ ଚେଲାର୍ ହେୱାନିଙ୍ଗ୍ ଇଚାର୍, "ମା ଇବେ କେବଲ୍ ପାଞ୍ଚ୍‌ଗଟା ରୁଟି ଆରି ରିଣ୍ଡାଂ ମିନ୍‌କୁ ମାନିକ୍ ।"
୧୮ ଜିସୁ ଇଚାନ୍, "ହେୱାଙ୍ଗ୍ ଇବେ ନା କଚଣ୍ ତାଡୁ ।"
୧୯ ଆରେ, ହେୱାନ୍ ମାନାୟାରିଂ କାଡ୍ରା ଜପି କୁଚ୍‌ନି କାଜିଂ ବଲ୍ ହିତାନ୍, ଆରେ ଜିସୁ ହେ ପାଞ୍ଚ୍‌ଗଟା ରୁଟି ଆରି ରିଣ୍ଡାଂ
ମିନ୍‌କୁ ଅଜି ସାର୍ଗେ ନିପ ଜପି ହୁଡ଼୍‌ଜି ଆସିର୍ବାଦ୍ କିତାନ୍ ଆରି ରୁଟିଂ ଡ୍ରିକ୍‌ଚି ଚେଲାରିଂ ହିତାନ୍, ଆରେ ଚେଲାହିର୍ ମାନାୟାରିଂ
ହିତାର୍ ।
୨୦ ଆରେ, ୱିଜାକାର୍ ତିନ୍‌ଞ୍ଜି ପାଞ୍ଚାର୍ ଆରି ଡ୍ରିକ୍‌ତି ରୁଟିତାଂ ଏଚେକ୍ ହାର୍‌ତାଡ୍, ହେଦାଂ ଚେଲାର୍ ନିକ୍‌ଚି ବାର ଟପା
ବାର୍ତ କିତାର୍ ।
୨୧ ତିନି ମାନାୟାର୍, କଗ୍‌ଲେକାଂ ଆରି ହିମ୍‌ଣାକାଂ ପିସ୍ତି, ଆନ୍‌ମାନ୍‌ତାଂ ପାଞ୍ଚ୍ ହାଜାର୍ ଆଣ୍ଡ୍ରାହିମ୍‌ଣାଂ ମାଚାର୍ ।

### ଜିସୁ ଏଜୁଂ ଜପି ତାଂତାନ୍

*(ମାର୍କ ୬:୪୫-୫୨; ଜହନ୍ ୬:୧୫-୨୧)*

୨୨ ହେ ଦାପ୍ରେ ଜିସୁ ଚେଲାରିଂ ଡଙ୍ଗାତ ଦୁମ୍‌ଜି ତା ମାଡ଼ି ଆନ୍‌ଟି ପାଡ଼୍‌କା ଆଗେ ହାନ୍‌ଞ୍ଜେଙ୍ଗ୍ ଇଚାନ୍, ଆରେ ହେୱାନ୍
ଇବେଣ୍ଡାଂ ମାନାୟାରିଂ ୱିଜାରିଂ ହେଲ ହିତାନ୍ ।
୨୩ ମାନାୟାରିଂ ହେଲ ହିଡି ପାଚେ ଜିସୁ ପାର୍ଥାନା କିନି କାଜିଂ ହସି ହାଲ୍‌ଜି ମାଡ଼ି ଜପି ହାଚାନ୍, ଆରେ ମିକା ଆଡିଲେ
ହେୱାନ୍ ହେବେ ରକାନ୍ ମାଚାନ୍ ।
୨୪ ମାତର୍ ଡଙ୍ଗା ହେ ପାଦ୍‌ନା ଗୁଟିତାଂ ବେସି ଦେହା ମାଚାଡ୍ ଆରି ଲଡ଼ି ଦୁକା କାଜିଂ ହେଦାଂ ଡୁଙ୍ଗ୍‌ଜି ମାଚାଡ୍ ।
୨୫ ମାତର୍ କୁଜୁ କେପା ହେୱାନ୍ ହାମ୍‌ଦୁର୍ ଜପି ତାଙ୍ଗ୍‌ଜି ଚେଲାର୍ ତାକେ ୱାତାନ୍,
୨୬ ଆରେ ଚେଲାହିର୍ ତାଙ୍ଗେଙ୍ଗ୍ ହାମ୍‌ଦୁର୍ ଜପି ତାଂନାକା ହୁଡ଼୍‌ଜି ପାଣ୍ଡ୍ରା ଆଜି ଇଚାର୍, "ଇଦାଂ ତ ବାନ୍ୟା ପୁଦା" ଆରେ
ହେୱାର୍ ପାଣ୍ଡ୍ରଡ୍ରିଂ କିକିରାଡିଂ କିତାର୍ ।
୨୭ ମାତର୍ ଜିସୁ ହେ ଦାପ୍ରେ ହେୱାର୍ ଲାହାଙ୍ଗ୍ ବେଣ୍ କିଜି ଇଚାନ୍, ସାସ୍ ଆହାଟ୍, "ଇୱାଙ୍ଗ୍ ତ ଆନ୍, ପାଣ୍ଡ୍ରା ଆମାଟ୍ ।"
୨୮ ହେବେ ପିତର୍ ଉତର୍ ହିତାନ୍, "ଏ ମାପୁ, ଇନାୱାଡ଼ାଂ ଏନ୍, ଲାଗିଂ ଏଜୁଂ ଜପି ନି ତାକେ ହାନି କାଜିଂ ନାଙ୍ଗ୍ ବଲ୍ ହିଦା
।"
୨୯ ଜିସୁ ଇଚାନ୍, "ୱା" ହେବେ ପିତର୍ ଡଙ୍ଗାତାଂ ଜୁଜି ଏଜୁଂ ଜପି ତାଙ୍ଗ୍‌ଜି ଜିସୁ ତାକେ ହାଚାନ୍ ।
୩୦ ମତର୍ ହେୱାନ୍ ଦୁକା ହୁଡ଼୍‌ଜି ପାଣ୍ଡ୍ରା ଆତାନ୍, ଆରେ ମୁଞ୍ଜ୍‌ନିହିଂ କିକିରାଡିଂ କିଜି ଇଚାନ୍ "ଏ ମାପୁ, ନାଙ୍ଗେଙ୍ଗ୍ ରାକ୍ୟା
କିଦା ।"
୩୧ ଜିସୁ ହେ ଦାପ୍ରେ କେଇ ଲାମାୟ୍ କିଜି ତାଙ୍ଗେଙ୍ଗ୍ ଆସ୍ତି ଇଚାନ୍, "ଏ ଅଲପ୍ ପାର୍ତ କିନାକାୟ୍, ଇନାକିଦେଂ ପାର୍ତ
କିଉୟା ?"
୩୨ ଆରେ, ହେୱାର୍ ହେୱାର୍ ଲାଗାଂ ହାଲ୍‌ଜି ଡଙ୍ଗାତ ଦୁମ୍‌ତାନ୍, ଆରେ ଦୁକା ତିର୍ ଆତାଡ୍ ।
୩୩ ହେବେ ଡଙ୍ଗାତ ମାନି ଚେଲାର୍ ଜିସୁଙ୍ଗ୍ ପାର୍ଥାନା କିଜି ଇଚାର୍, "ଏନ୍ ହାଡ୍‌ପା ଇସ୍ୱର୍ ମେହିତି ।"

### ଗିନେଟାୟର୍ତ ଜିସୁ ରଗିରିଂ ଉଜ୍ କିତାନ୍

*(ମାର୍କ ୬:୫୩-୫୬)*

୩୪ ହେୱାର୍ ନାସି ଗିନ୍ନେସର୍ ନାସ୍‌ତ ଏକାତାର୍ ।
୩୫ ଆରେ, ହେ ବାହାନି ମାନାୟାର୍ ତାଙ୍ଗ୍ ଚିନ୍ କିତାର୍ ହେବେନି ଚାରିବେଣ୍‌ତାଂ ୱିଜୁ ନିପ କାବୁର୍ ପକ୍ତାର୍ ଆରି
ମାନାୟାର୍ ସବୁ ରଗିରିଂ ତା ଲାଗାଂ ତାଇୱାତାର୍;
୩୬ ଆରେ, ହେୱାର୍ ଇନେସ୍‌କି ଜିସୁ ହେନ୍ଦ୍ରାନି ଚେଲିଂ ଡୁନାର୍, ଇଦାଂ ଜିସୁଙ୍ଗ୍ ଗୱାରି କିଦେଙ୍ଗ୍ ଲାଗାତାର୍, ଆରେ
ଏଚେକ୍ ଜାଣ୍ ତାଙ୍ଗେଙ୍ଗ୍ ଡୁତାର୍, ୱିଜାର୍ ଉଜ୍ ଆତାର୍ ।

# ୧୫

## ପୁର୍ବେ ନିକାରତି ହିକ୍ୟା

(ମାର୍କ ୭:୧-୧୩)

୧ ଦିନେକ୍ କେତେ ଜାଣ୍ ପାରୁସିର୍ ଆରି ଦରମ୍ ଗୁରୁର୍ ଜିରୁସାଲମ୍‌ତାଂ ୱାଜି ଜିସୁଙ୍ଗ୍ ୱେନ୍‌ବାତାର୍,
୨ "ମା ଆଗେ ପ୍ରାଚିନାର୍ ରିତି ନିତି ହିଜି ହାଚାର୍ଣ୍ଣା, ମି ଚେଲାର୍ ଇନେକିଦେଂ ହେ ୱିଜୁ ଉଡ଼ା ଆନାରା ? ତିନି ଆଗେ
ହେୱାର୍ ରିତିତ ଇନେକିଦେଂ ହାର୍ କିଜି କେଇ ନୁଜୁରା ।"
୩ ଜିସୁ ହେୱାରିଂ ଉତର୍ ହିତାନ୍, "ଏପେଙ୍ଗ୍ ପା ମି ରିତି ନିତି କାଜିଂ ଇନେକିଦେଂ ଇସ୍ୱର୍‌ତି ବଲ୍ ଉଡ଼ା ଆନାଦେରା ?
୪ ଇସ୍ୱର୍‌ତି ବଲ୍ କିତାନ୍ନା, ଆବାଂ ଆୟାଙ୍ଗ୍ ୱାରି କିୟାଟ୍ । ଆରେ ଇନେର୍ ତା ଆବା କି ଆୟାଂ ସାଇପ୍ ହିନାନ୍, ହେୱାନ୍
ହାକି ଡାଣ୍ଡ୍ ପାୟା ଆନାନ୍ ।"
୫ "ମାତର୍ ଏପେଙ୍ଗ୍ ଇନାଦେରା ହିକ୍ୟା ହିନାଦେରା ଜେ ରୱାନ୍ ମାନାୟ୍ ଇମ୍‌ଣି ଅରତ୍ ଲାହାଙ୍ଗ୍ ଜାର୍ ଆବାଂ କି ଆୟାଙ୍ଗ୍
ସାଇଜ କିଦେଙ୍ଗ୍ ଆଡ଼୍‌ତାନ୍‌ମା ହେଦାଂ ଇସ୍ୱର୍‌ତିଂ ଦାନ୍ କିତାନ୍ନା ଇଞ୍ଜି ୱେଚ୍‌ଚାର୍,
୬ ହେୱାନ୍ ଆରେ ତା ଆବା ଆୟାଂ* ହାତେନେ ଜତନ୍ କିଉନ୍ । ଇ ଲାକେ ଏପେଙ୍ଗ୍ ମିଦାଂ ବଲ୍‌ମନ୍ଦ୍ ରିତିନିତି କାଜିଂ
ଇସ୍ୱର୍‌ତି ବଚନ୍ ବେକାର୍ କିନାଦେରା ।
୭ ଆଡ଼େ କାପ୍‌ଟିୟାର୍, ଜିସାୟ୍ ମି ବିସ୍ରେ ସମାନ୍ ବାବ୍ରେ ବେରଣ୍ ୱେଚ୍‌ଚାତାନ୍‌ନା !"
୮ "ଇସ୍ୱର୍ ଇଞ୍ଜ୍‌ନାନା, ଇ ଜାତି ମୁମ୍‌ଦ ମାଙ୍ଗେଙ୍ଗ୍ ୱାରି କିଦ୍‌ନାର୍,
ମାତର୍ ହେୱାର୍ ମାନ୍ ମା ତାଙ୍ଗ୍ ଦେହା ମାନାତ୍ ।
୯ ନାଙ୍ଗ୍ ହେୱାର୍ ପାର୍ଥାନା କିଦେଙ୍ଗ୍ ପଲ୍ୟା,
ଇନାକିଦେଂକି ହେୱାର୍ ମାନାୟାର୍‌ତି ବିଦିଙ୍ଗ୍ ଦରମ୍ ବେରଣ୍ ଇଞ୍ଜି ହିକ୍ୟା ହିନାନ୍ ପଲ୍ୟା ମା ପାର୍ଥାନା କିନାର୍ ।"

(ମାର୍କ ୭:୧୪-୨୩)

୧୦ ତା ପାଚେ ଜିସୁ ମାନାୟ୍‌ତିଂ କଚଣ୍ଡ କୁକ୍‌ଚି ଇଚାନ୍, "ମାନ୍ ହିଜି ୱେନାଟ୍ ଆରି ବୁଜାଆଦେଂ ସେସ୍ଟ କିୟାଟ୍;
୧୧ ମାନାୟ୍ ତାଙ୍ଗ୍ ୱେୟ୍ ବିଟ୍ରେ ହାନାତ୍, ହେଦାଂ ତାଙ୍ଗ୍ ବିଟାଡ଼୍ କିଉତ୍; ମାତର୍ ଇନାକା ବିଟ୍ରେତାଂ ଇନାକା ବାର୍ତ ୱାନାତ୍,
ହେଦାଂ ତାଙ୍ଗେଙ୍ଗ୍ ବିଟାଡ଼୍ କିନାତ୍ ।"
୧୨ ଚେଲାର୍ ଜିସୁ ଲାଗେ ୱାଜି ଇଚାର୍, "ନି କାତା ୱେନ୍‌ଞ୍ଜି ପାରୁସିର୍ ରିସା ଆତାର୍ଣ୍ଣା, ଇଦାଂ ଇନାକା ଏନ୍ ପୁନୁୟା ?"
୧୩ ଜିସୁ ଉତର୍ ହିତାନ୍, "ଇମ୍‌ଣି ମାର୍‌କୁ ନା ସାର୍ଗେନି ଆବା ରୁଜ୍‌ୱାତାନ୍ନା, ହେ ୱିଜୁ ଉଟ୍‌କା ଆଜି ହାନାତ୍ ।
୧୪ ☆ହେୱାର୍ ବିସ୍ରେ ତାନ୍ଦ୍ରା ଆମାଟ୍ । ହେୱାର୍ କାଣା ବିନ୍ କାଣାରିଂ ହାଜି ଚ଼ଚ୍‌ନାକାର୍ । ର କାଣା ଆରେ ର କାଣାଂ ହାଜି
ଚଚ୍‌ଚିସ୍ ରିୟାର୍ ପା ଗୁଇଦ ଆର୍ଣ୍ଣାର୍ ।"
୧୫ ହେବେଣ୍ଡାଂ ପିତର୍ ତାଙ୍ଗ୍ ଉତର୍ ହିତାନ୍, "ଉତର୍‌ମୁଡ଼୍ ମାଙ୍ଗେଙ୍ଗ୍ ବୁଜାୟ୍‌କିଦା ।"
୧୬ ଜିସୁ ଇଚାନ୍, ଏପେଙ୍ଗ୍ ପା ଇନାକା "ଇ ପାତେକ୍ ବୁଜାଆଉଦେରା ?
୧୭ ଇନାକା ୱେଇଦ ହଣାତ୍, ହେଦାଂ ପଟତ ହାଲ୍‌ଜି ବାର୍ତବାହାତ ହାନାତ୍, ଇଦାଂ ଇନାକା ବୁଜା ଆଉଦେରା ?
୧୮ ☆ମାତର୍ ୱେଇଦାଂ ଇନାକା ସବୁ ହନାତ୍, ହେଦାଂ ୱାସ୍ନିତାଂ ହନାତ୍ ଆରି ହେଦାଂ ନେ ମାନାୟ୍‌ତିଂ ବିଟାଡ଼୍ କିନାତ୍ ।
୧୯ ଇନାକିଦେଂକି ମାନ୍‌ତାଂ କାରାପ୍ ବିସ୍ରେ, ବେକାର୍ ଚିନ୍ତା ମାନାୟ୍ ଟୁଣାକା, ଦାରି, ମ୍ଡାନାକା, ମିଚ୍ ସାକି, ଆରି ନିନ୍ଦା
କିନାକା ହନାତ୍ ।
୨୦ ଇଦାଂ ୱିଜୁ କାମାୟ୍ ମାନାୟ୍‌ତିଂ ବିଟାଡ଼୍ କିନାତ୍, ମାତର୍ ହେୱାର୍ କିନି କାଜିଂ ମାତର୍ ରିତିନିତି ଲାକେ କେଇ
ନୁସ୍‌ୱାଦାଂ ଚିଚିସ୍ ମାନାୟାରିଂ ବିଟାଡ଼୍ କିଉତ୍ ।"

## ର କଗ୍‌ଲେ ପାତର୍ କିନାକା

(ମାର୍କ ୭:୨୪-୩୦)

୨୧ ଜିସୁ ହେ ବାହା ପିସ୍ତି ସର ଆରି ସିଦନ୍ ନିପ ଲାଗେ ଗାଡ଼୍‌ଦ ହାଚାନ୍ ।
୨୨ ଆରେ ହୁଡ଼ା, ହେ ହାନ୍ଦିତାଂ ରଞ୍ଜେଲ୍ କିଣାନିୟ କଗ୍‌ଲେ ଗାଜା କାଟ୍‌ତାଂ ଇଞ୍ଜେଙ୍ଗ୍ ଲାଗାତାତ୍, "ଏ ମାପ୍ରୁ ଦାଉଦ୍‌ତି
ହିମ୍‌ଣା ନାଙ୍ଗ୍ ଦୟା କିଦା । ମାଞ୍ଜି ଗାଡ଼୍‌ଚେଂ ପୁଦା ଆସ୍ତାତାନ୍ନା ଆରି ହେଦେଲ୍ ବେସି କସ୍ଟ ଆନାତା ।"
୨୩ ମାତର୍ ଜିସୁ ତାଙ୍ଗେଙ୍ଗ୍ ପାଦେକ୍ ପା ଉତର୍ ହିୱାତାନ୍ । ଆରି ତା ଚେଲାହିର୍ ୱାଜି ତାଙ୍ଗ୍ ଗୱାରି କିଜି ଇଞ୍ଜେଙ୍ଗ୍
ଲାଗାତାର୍, "ଇଦେଲିଂ ହାଜି ଲ୍ୱାଡ଼୍ ହିୟା, ଇନାକିଦେଂକି ଇଦେଲ୍ ମା ପାଚେ ପାଚେ ଆଲା ଆନାତା ।"
୨୪ ଜିସୁ ଉତର୍ ହିତାନ୍, "ଜାଙ୍ଗ୍‌ତି ମେଣ୍ଡା ଲାକେ ହାଜିବ୍‌ଣାତି ଇସ୍ରାଏଲ୍‌ନି ଲକ୍ ତାକେ ଆନ୍ ୱାତାଙ୍ଗ୍‌ନା ।"
୨୫ ମାତର୍ କଗ୍‌ଲେ ୱାଜି ଜିସୁଙ୍ଗ୍ ଜୱାର୍ କିଜି ଇଞ୍ଜେଙ୍ଗ୍ ଲାଗାତାତ୍, "ମାପ୍ରୁ, ନାଙ୍ଗେଙ୍ଗ୍ ଦୟା କିଦା ।"

* **୧୫:୬** କେତେକ୍ ପତିତ ଜାର୍ ଆବା ନେଲେ ଆୟା ମାନାତ୍ । ☆ **୧୫:୧୪** ଲୁକ ୬:୩୯. ☆ **୧୫:୧୮** ମାତିଉ ୧୨:୩୪.

୨୬ ଜିସୁ ଇଚାନ୍, “ହିମ୍ଣାଙ୍ଗତି ଆରାଣ୍ ଅଜି ନିକୁଡ଼ିଙ୍ଗ୍ କଟଣ୍ତ ତୁହିନାକା ହାର୍ ଆକାୟ୍ ।”
୨୭ ମାତର୍ ହେଦେଲ୍ ଇଚାତ୍, “ଆଁ, ମାପ୍ରୁ, ମାତର୍ ନିକୁଡ଼ିଙ୍ଗ୍ ତ ଜାର୍ ଜାର୍ ମାପ୍ରୁତି ପାଟା ତାରେନ୍ ଆର୍‌ତି ସୁକ୍ଡ଼ି ତିନିକ୍ ।”
୨୮ ଜିସୁ ତା କାତାନି ଉତର୍ ହିଜି ଇଚାନ୍, “ଏ କଇ, ନିନ୍ଦାଂ ଗାଜା ପାର୍ତ, ନି ଇଚା ହୁକେ ନିଂ ଗିଟାଏତ୍ ।” ହେ ସମୁତ ହେଦେଲ୍‌ତି ଗାଡ଼୍‌ଚେ ଉଜ୍ ଆତାତ୍ ।

## ଜିସୁ ହେନି ମାନାୟାରିଂ ଉଜ୍ କିତାନ୍

୨୯ ଜିସୁ ହେବେତାଂ ହସି ଗାଲିଲି ଗୁଟି ଗୁଟି ହାଲ୍‌ଜି ର ମାଡ଼ି, ଜପି କୁଚାନ୍ ।
୩୦ ଆରେ, ବେସିହେନି ମାନାୟ୍ ଟୁଟା, କାଣା, ଚଟା, ଗୁଲା, ଆରି ବେସି ବେମାର୍ ମାନାୟାରିଂ ତାସି ଜିସୁ ପାନା ତାରେନ୍
ଇଡ୍‌ତାର୍ ଆରେ ଜିସୁ ୱିଜାରିଂ ଉଜ୍ କିତାନ୍ ।
୩୧ ଇ ଲାକେ କନ୍ଦା ବେଣ୍ କିତାନ୍, ଚଟାର୍ ଉଜ୍ ଆତାର୍, ଚଟାର୍ ତାଙ୍ଗତାର୍, କାଣାର୍ ହୁଡ଼୍‌ନାରା, ଇଦାଂ ହୁଡ୍‌ତାର୍, ଆରି
ଇସ୍ରାଏଲ୍‌ନି ଇସ୍ୱର୍ତ ପାର୍ତାନା କିତାର୍ ।

## ଜିସୁ ଚାରି ହାଜାର୍ ମାନାୟାରିଂ ଚିଚ୍‌ପାତାନ୍

*(ମାର୍କ ୮:୧-୧୦)*

୩୨ ଜିସୁ ଚେଲାହିର୍ ହିର୍‌ବିସ୍ ଇଚାନ୍, “ଇ ମାନାୟାର୍ କାଜିଂ ନାଙ୍ଗ୍ ଦୁକ୍ ହତ୍‌ନାତା, ଇନାକିଦେଂକି ଇୱାର୍ ନା ଲାହାଙ୍ଗ୍
ତିନ୍ ଦିନ୍ ଆତାତେ ଆରି ନଙ୍ଗ୍ ହେୱାର୍ କଟଣ୍ତ ଇନାକା ତିନାକା ହିଲୁଡ଼୍ । ହେୱାର୍ ତିନ୍‌ୱାଦାଂ ଇବେତାଂ ପକ୍‌ତେଂ, ଇ
କାତା ଆନ୍ ମାନ୍‌କିଉଙ୍ଗ୍; ଇନାକିଦେଂକି ହାନିହିଂ ହାସ୍‌ଦ ହେୱାର୍ ନାସ୍କି ବାଉଡ଼ା ଆସି ଗୁର୍‌ନାର୍ ।”
୩୩ ଚେଲାହିର୍ ତାଙ୍ଗ୍ ୱେନ୍‌ବାତାର୍, “ଏଚେକ୍ ମାନାୟାରିଂ ଚିଚ୍‌ପେଦେଂ ଆସେଙ୍ଗ୍ ଚିମ୍‌ରା ବାହାତ ଇମେଣ୍ଡ୍ରାଂ ଏଚେକ୍
ରୁଟିଂ ଗାଟାନାସ୍ ।”
୩୪ ଜିସୁ ହେୱାରିଂ ୱେନ୍‌ବାତାନ୍, ମି ତାକେ ଏଚଙ୍ଗ୍ ରୁଟିଂ ମାନିକ୍ ? ହେୱାର୍ ଇଚାର୍, “ସାତ୍‌ଗଟା, ଆରେ, ଅଲପ୍
କେତ୍‌ଗଟା ହିରୁ ମିନ୍‌କୁ ।”
୩୫ ଜିସୁ ମାନାୟାରିଂ ମେଦ୍‌ନିତ ଜପି କୁଚ୍‌ଚେଂ ୱେଚ୍‌ଚାନ୍ ।
୩୬ ଆରେ ଜିସୁ ହେ ସାତ୍‌ଗଟା ରୁଟିଂ ଆରି ମିନ୍‌କୁ ଅଜି ଦନ୍ୟବାଦ୍ ହିଜି ହେ ସବୁ ଚେଲାହିରିଂ ହିତାନ୍, ହେୱାର୍
ମାନାୟାରିଂ ହିତାର୍ ।
୩୭ ଆରେ, ୱିଜାର୍ ତିନ୍‌ଞ୍ଜି ପଟ ପାନ୍‌ଚାର୍ ଆରି ଡ୍ରିକ୍‌ତି ରୁଟିଂ ଏଚେକ୍ ହାର୍‌ତାତ୍, ହେଦାଂ ହେୱାର୍ ପେସ୍‌ଦି ସାତ୍ ଟପା
ବାର୍ତ କିତାର୍ ।
୩୮ କଗ୍‌ଲେ ଆରି ହିମ୍ଣାକାଂ ପିସ୍ତି ଚାରି ହାଜାର୍ ଆଣ୍ଡ୍ରାହିମ୍ଣାଂ ମାଚାର୍ ।
୩୯ ଇଦାଂ ପାଚେ ଜିସୁ ମାନାୟାରିଂ ହେଲ ହିଜି ଡଙ୍ଗାତ ଦୁମ୍‌ଜି ମୁଗ୍‌ଦାନ୍ ନିପ ହାଚାନ୍ ।

# ୧୬

## କାବାନି କାମାୟ୍ ଚଚ୍‌ନି କାଜିଂ ଦାବା

*(ମାର୍କ ୮:୧୧-୧୩; ଲୁକ ୧୨:୫୪-୫୬)*

୧ ☆ଦିନେକ୍ କେତେଜାଣ୍ ପାରୁସି ଆରି ସାଦୁକିର୍ ଜିସୁ ତାକେ ୱାଜି ତାଙ୍ଗେଙ୍ଗ୍ ପରିକ୍ୟା କିଦେଂ ୱେନ୍‌ବାତାର୍ ହେୱାରିଂ
ଆକାସ୍‌ତାଂ ର ଚିନ୍ ଚଚ୍‌ନି କାଜିଂ ତାଙ୍ଗେଙ୍ଗ୍ ଗୱାରି କିତାର୍ ।
୨ ମାତର୍ ଜିସୁ ହେୱାରିଂ ଉତର୍ ହିତାନ୍, “ମ୍ଡିକାହାରେସ୍ ଏପେଙ୍ଗ୍ ଇଞ୍ଜିମାନାଦେର୍, ହାର୍ ପାଗ୍ ଆନାତ୍, ଇନାକିଦେଂକି
ଆକାସ୍ ଗେରୁ ମାନ୍‌ଗାନାତ୍ ।
୩ ଆରେ, ଉଚ୍‌ଲା ହାକାଡ଼େ ଇଞ୍ଜିମାନାଦେର୍, ନେଞ୍ଜେଙ୍ଗ୍ ଦୁକାବାର୍ହା ୱାନାତ୍, ଇନାକିଦେଂକି ଆକାସ୍ ଗେରୁ ଆରି
ବାଦାଡ଼୍ ଆତାଡ୍‌ନ୍ନା । ଏପେଙ୍ଗ୍ ବାଦାଡ଼୍‌ତାଂ ଇଚ୍‌କାଡ଼୍ ଆନାକା ଆୱାକା ବୁଜାନାଦେରା, ମାତର୍ କାଡ଼୍‌ନି ଇଚ୍‌କାଡ଼୍ ସବୁ
ବୁଜାଉଦେରା ?*
୪ ☆ଉଡ୍‌ପାଚ୍ୟା ଆରି ଦାରୁଲାର୍ ଲାଡ୍ରା ଚିନ୍ ଡେକ୍‌ନାର୍, ମତର୍ ଜୁନସ୍‌ତି ଚିନ୍ ପିସ୍ତି ବିନେନି ଇନାକା ପା ଚିନା ହେୱାରିଂ
ହିୟାଉଡ୍ ।
ଆରେ ଜିସୁ ହେୱାରିଂ ପିସ୍ତି ହାଚାନ୍ ।”

## ପାରୁସି ଆରି ସାଦୁକିର୍ତ ହିକ୍ୟା

*(ମାର୍କ ୮:୧୪-୨୧)*

୫ ଚେଲାର୍ ହାମ୍‌ଦୁର୍ ଆଣ୍ଟିପାଡ଼୍‌କା ହାନିୱାଡ଼ାଲିଂ ରୁଟି ଅଦେଂ ବାଣା ଆତାର୍ ।

☆ **୧୬:୧** ମାତିଉ ୧୨:୩୮; ଲୁକ ୧୧:୧୬. * **୧୬:୩** କେତେକ୍ ପତିତ ୨-୩ ପାଦ୍‌ତ ଜିସୁ ହିଲୁଡ଼୍ । ☆ **୧୬:୪** ମାତିଉ ୧୨:୩୯; ଲୁକ ୧୧:୨୯.

୬ ✡ଜିସୁ ହେୱାରିଂ ଇଚାନ୍, “ଜାଗ୍ରତ୍ ଆଡୁ, ପାରୁସି ଆରି ସାଦୁକିତର୍ ହଇନିତାଂ ଜାଗ୍ରତ୍ ଆଜି ମାନାଟ୍ ।”
୭ ହେବେ ହେୱାର୍ ନିଜେ ନିଜେ ବେଣ୍‌କିବା ଆଜି ଇଞ୍ଜେଙ୍ଗ୍ ଲାଗାତାର୍, “ଆପେଂ ରୁଟି ତାୟିୱାୱାତାପ୍‌ନା ଇଞ୍ଜି ହେୱାନ୍
ଇ କାତା ଇଞ୍ଜ୍‌ନାନା ।”
୮ ମାତର୍ ଜିସୁ ହେଦାଂ ପୁଞ୍ଜି ଇଚାନ୍, ଏ ଅଲପ୍ ପାତର୍ କିନାକାଦେର୍, “ମି କଚଣ୍ ରୁଟିଂ ହିଲୁକ୍ ଇଞ୍ଜି ଇନେକିଦେଂ
ରକାନ୍ ଆରେ ରକାନ୍ ବେଣ୍ କିନାଦେରା ?
୯ ✡ଏପେଙ୍ଗ୍ ଇନାକା ନଙ୍ଗ୍ ପାତେକ୍ ବୁଜା ଆଉଦେରା ? ପାଞ୍ଚ୍ ହାଜାର୍ ମାନାୟାରିଂ ପାଞ୍ଚ୍‌ଗଟା ରୁଟିଂ, ଆରି ଏଚେ ଟପା
ନିକ୍‌ତାଦେର୍ ?
୧୦ ✡ଆରେ ଚାରି ହାଜାର୍ ମାନାୟାର୍ କାଜିଂ ସାତ୍‌ଗଟା ରୁଟିଂ କାତା ମାନେ ଆକାୟ୍ ? ହେ ପାଦ୍‌ନା ଏଚେଗଟା ଟପାଙ୍ଗ୍
ବାତର୍ କିଜି ମାଚାଦେର୍ ?
୧୧ ଆନ୍ ରୁଟିଂ ବିସ୍ରେ ଇନ୍‌ୱାଦାଂ ମାନ୍‌ଚାଙ୍ଗ୍, ଏପେଙ୍ଗ୍ ଇନେସ୍ ବୁଜା ଆଉଦେରା ? ଆନ୍ ଇଞ୍ଜ୍‌ନାଙ୍ଗା, ପାରୁସି ଆରି
ସାଦୁକିର୍ ହୟ୍‌ନାକା କାଜିଂ ଜାଗ୍ରତ୍ ମାନାଟ୍ ।”
୧୨ ହେ ପାଦ୍‌ନା ଚେଲାହିର୍ ବୁଜାତାର୍ ଜେ ଜିସୁ ରୁଟିନି ହଇନି କାତା ଇନ୍‌ୱାଦାଂ ମାଚାନ୍, ମାତର୍ ପାରୁସି ଆରି
ସାଦୁକିତର୍ ହିକ୍ୟା କାଜିଂ ଜାଗ୍ରତ୍ କିଜି ହିଜି ମାଚାନ୍ ।

## ଜିସୁ କ୍ରିସ୍ଟ ମସିୟା ଆତାନ୍ନା

*(ମାର୍କ ୮:୨୭-୩୦; ଲୁକ ୯:୧୮-୨୧)*

୧୩ ଜିସୁ କାଇସରିୟା ପିଲିପି ଗାଡ଼୍‌ଲାଗାଂ ନିପ ୱାଜି ଜାର୍ ଚେଲାରିଂ ୱେନ୍‌ବେଦେଂ ଲାଗାତାନ୍, “ମାନାୟ୍ ମାଜି ଇନେର୍
ଇଞ୍ଜି ମାନାୟାର୍ ଇନାକା ଇଞ୍ଜ୍‌ନାର୍ ?”
୧୪ ✡ଇବେତାଂ ହେୱାର୍ ଇଚାର୍, “ଇନେର୍ ଇନେର୍ ଇନାର୍, ବାପ୍ତିସିମ୍ ଜହନ୍, ଇନେର୍ ଇନେର୍ ଇନାର୍ ଏଲିୟ, ଆରେ
ଇନେର୍ ଇନେର୍ ଜିରିମିୟ ଆରେ ବେଣ୍‌ବାକ୍‌ଣାୟ୍ କିନାକାର୍ ବିତ୍ରେ ରକାନ୍ ।”
୧୫ ଜିସୁ ୱେନ୍‌ବାତାନ୍, “ଆନ୍ ଇନେର୍ ଇ ବିସ୍ରେ ଏପେଙ୍ଗ୍ ଇନାକା ଇନାଦେରା ?”
୧୬ ✡ସିମନ୍ ପିତର୍ ଉତର୍ ହିତାନ୍, “ଏନ୍ କ୍ରିସ୍ଟ ମସିୟା, ଜିବୁନ୍ତି ଇସ୍ୱତର୍ ମାଜି ।”
୧୭ ଜିସୁ ଇଚାନ୍, “ଦନ୍ୟ ଏନ୍ ଜୁନସ୍‌ତି ମାଜି, ସିମନ୍ !” ଇ ହାଡ୍‌ପା ଏନ୍ ଇମ୍‌ଣି ମାନାୟ୍‌ତାଂ ଗାଟାଆୱାତାୟ୍‌ନା । “ନା
ସାର୍ଗେନି ଆବା ଜାର୍ ଇଦାଂ ମି ତାକେ ଇଚାନ୍ନା ।”
୧୮ “ଆରେ, ଆନ୍ ପା ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଏନ୍ ପିତର୍, ଆରେ ଇ କାଲ୍ ଜପି ଆନ୍ ଜାର୍ ମଣ୍ଡ୍‌ଲି ରଚ୍‌ନାଙ୍ଗ୍, ଆରେ
ପାତାଲ୍‌ନି ସାକ୍ତି ହେୱାନିଂ ଆରାୟ୍ କିଉତ୍ ।”
୧୯ ✡“ଆନ୍ ମିଙ୍ଗେଙ୍ଗ୍ ସାର୍ଗେ ରାଜିନି କୁଚିକାଡିଙ୍ଗ୍ ହିଦ୍‌ନାଂ । ଆରେ ଏପେଙ୍ଗ୍ ପୁତର୍ତ ଇନାକା ବନ୍ଦ୍ କିନାଦେର୍,
ସାର୍ଗେତପା ହେଦାଂ ବନ୍ଦ୍ ମାନ୍‌ଗାନାତ୍ । ଆରି ପୁତର୍ତାକେ ଇନାକାପା ଜେନାଦେର୍, ସାର୍ଗେତ ପା ଜେନାଦେର୍ ।”
୨୦ ଜିସୁଙ୍ଗ୍ କ୍ରିସ୍ଟ ମସିୟା ଇଞ୍ଜି ଇନେର୍ ଆଗେ ୱେଟ୍‌ମାଟ୍ ଇଞ୍ଜି ଜିସୁ ଚେଲାହିରିଂ ବଲ୍ ହିତାନ୍ ।

## ଜିସୁ ନିଜେ ହାନି ଆରି ନିଙ୍ଗ୍‌ନି ବିସ୍ରେ ସୁଣାୟ୍ କିତାନ୍

*(ମାର୍କ ୮:୩୧–୯:୧; ଲୁକ ୯:୨୨-୨୭)*

୨୧ ହେ ସମୁତ ଜିସୁ କ୍ରିସ୍ଟ ଚେଲାହିରିଂ ହାର୍ କିଜି ଇଞ୍ଜେଙ୍ଗ୍ ଲାଗାତାନ୍, “ଆନ୍ ଜିରୁସାଲମ୍‌ତ ହାଲ୍‌ଜି ପ୍ରାଚିନ୍ ମୁଡ଼୍
ମାପ୍ରୁହେବାକିନାକାନ୍, ଦରମ୍ ଗୁରୁ ଦରମ୍ ନେତାର୍ କାଜିଂ ଚୁପ୍‌ୟାଆଜି ବେସି କସ୍ଟ ବଗି କିନାଙ୍ଗ୍ । ହାରିହାରା ହାନାଙ୍ଗ୍,
ମାତର୍ ତିନ୍‌ଦିନ୍‌ତାଂ ନିଙ୍ଗ୍‌ନାକା ମାନାତ୍ ।”
୨୨ ହେବେତାଂ ପିତର୍ ତାଙ୍ଗେଙ୍ଗ୍ ର ବାହାତ ଅଜି ହାଲ୍‌ଜି ଉଲ୍‌ଟା ପାଲ୍‌ଟା କିଜି ଗଡ଼୍‌କିଦେଂ ଲାଗାତାନ୍, “ଏ ମାପ୍ରୁ,
ଇସ୍ୱର୍ ନିଙ୍ଗେଙ୍ଗ୍ ଦୟା କିଦେନ୍, ଇଦାଂ ନି କାଜିଂ ଇନାୱାଡ଼ାଂ ପା ଗିଟାଆମେତ୍ ।”
୨୩ ମାତର୍ ଜିସୁ ମାସ୍‌ଦି ପିତର୍‌ତିଂ ଇଚାନ୍, “ନା ଲାଗେତାଂ ଦେହା ଆ, ସୟ୍‌ତାନ୍, ଏନ୍ ନା ବାଦା ଲାକେ, ଇନାକିଦେଂକି
ଏନ୍ ଇସ୍ୱର୍ ବିସ୍ରେ ବାବି କିୱାଦାଂ ମାନାୟ୍ ବିସ୍ରେ ବାବିକିନାୟା ।”
୨୪ ✡ତା ପାଚେ ଜିସୁ ଚେଲାରିଂ ଇଚାନ୍, “ଜେ ଇନେର୍ ନା ଲାହାଙ୍ଗ୍ ୱାନାନ୍, ହେୱାନ୍ ମାନ୍‌ବାଦ୍‌ଲାୟ୍ କିଜି ଜାର୍ କ୍ରୁସ୍
ଆସ୍ତି ନା ପାଚେ ପାଚେ ୱାନାକା ମାନାତ୍ ।
୨୫ ✡ଇନାକିଦେଂକି ଇନେର୍‌କି ଜାର୍‌ତିଂ ଜିବୁନ୍ ରାକ୍ୟା କିଦେଙ୍ଗ୍ ଇଚା କିନାନ୍, ହେୱେନ୍ ହେଦାଂ ଆରାୟ୍ କିନାନ୍;
ମାତର୍ ଇନେର୍‌କି ନା କାଜିଂ ଜାର୍ ଜିବୁନ୍ ଆରାୟ୍ କିନାନ୍, ହେୱେନ୍ ହେଦାଂ ପାୟାଆନାନ୍ ।

---

✡ **୧୬:୬** ଲୁକ ୧୨:୧. ✡ **୧୬:୯** ମାତିଉ ୧୪:୧୭-୨୧. ✡ **୧୬:୧୦** ମାତିଉ ୧୫:୩୪-୩୮. ✡ **୧୬:୧୪** ମାତିଉ ୧୪:୧,୨; ମାର୍କ ୬:୧୪,୧୫; ଲୁକ ୯:୭,୮. ✡ **୧୬:୧୬** ଜହନ୍ ୬:୬୮,୬୯. ✡ **୧୬:୧୯** ମାତିଉ ୧୮:୧୮; ଜହନ୍ ୨୦:୨୩. ✡ **୧୬:୨୪** ମାତିଉ ୧୦:୩୮; ଲୁକ ୧୪:୨୭. ✡ **୧୬:୨୫** ମାତିଉ ୧୦:୩୯; ଲୁକ ୧୭:୩୩; ଜହନ୍ ୧୨:୨୫.

[୨୬] ଆରେ, ମାନାୟ୍ ଏଚେକାଡ଼ଦ ୱିଜୁ ପୁତର୍ତିଂ ଲାବ୍ କିଜି ଜାର୍ ଜିବୁନ୍ ଆରାୟ୍ କିନାନ୍, ଲାଗିଂ ତାଦି ଇନା ଲାବ୍
ଆନାତ୍ ? ମତର୍ ମାନାୟ୍ ଜାର୍ ଜିବୁନ୍ ବାଦୁଲ୍ ଇନାକା ହିନାୟ୍ ?
[୨୭] ☆ଆରି, ମାନାୟ୍ ମାଜି ଜାର୍ ଆବାତି ପାଣ୍ଦାଙ୍ଗ୍ ଜାର୍ ଦୁତ୍ର୍ ଲାହାଙ୍ଗ୍ ଆରେ ରଗ ଜୁଦ୍ନାନ୍ ଆରି ହେ ପାଦ୍ନା
ହେୱେନ୍ ୱିଜାର୍ ମାନାୟାରିଂ ହେ କାମାୟ୍ ହୁଡ଼ଜି ପାଡ଼ିହିଦ୍ନାନ୍ ।
[୨୮] ଆନ୍ ମିଙ୍ଗେଙ୍ଗ୍ ହାଡ଼ପା ଇଞ୍ଜ୍ନାଙ୍ଗା ମାନାୟ୍ ମାଜିଡ଼ି ଜାର୍ ରାଜିତ ଜୁଦେଂ ହୁଡ଼ୱି ପାତେକ୍ ଇବେ ନିଲ୍ଚିମାନି
ମାନାୟାର୍ ବିଟ୍ରେଡାଂ କେତେକ୍ ଇନେସ୍ ବାନି ହାକିଡାଣ୍ଡ୍ ପାୟା ଆଉନ୍ ।”

# ୧୭

## ଜିସୁଡି ପାଗ୍ମାସ୍ବାନାକା

*(ମାର୍କ ୯:୨-୧୩; ଲୁକ ୯:୨୮-୩୬)*

[୧] ଜିସୁ ଇ ଚଅ ଦିନ୍ ପାଚେ ପିତର୍ ଆରି ଜାକୁବ୍, ଜହନ୍ ଟଣ୍ଡରିୟାରିଂ ଅଜିର ପାନ୍ତି ମାଡ଼ିଜପି ହାଚାର୍ । ହେବେ
ବିନେନିକାର୍ ଇନେର୍ ହିଲ୍ୱାତାର୍ ।
[୨] ଚେଲାହିର୍ ହୁଡ଼ ହୁଡ଼ ଜିସୁଡି ର ଡ୍ରିପ୍କୁ ପାଗ୍ମାସ୍ବାତାନ୍ । ହେୱାନ୍ ୱେଇ ୱେଡ଼ାଲାକେ ଅଜଡ଼ ଆତାତ୍ ଆରେ
ହେୱାନ୍ତି ହେନ୍ଦ୍ରା ଅଜଡ଼ ଲାକେ ଡ଼ିଙ୍ଗାତ୍ ।
[୩] ମସା ଆରି ଏଲିୟ ଜିସୁ ଲାହାଙ୍ଗ୍ କାତାର୍ବାତା ଆନାକା ଚେଲାର୍ ହୁଡ଼ତାର୍ ।
[୪] ହେବେ ପିତର୍ ଜିସୁଙ୍ଗ୍ ଇଚାନ୍, “ଏ ମାପ୍ରୁ, ଆସେଙ୍ଗ୍ ଜେ ଇ ବାହାତ ମାନାସ, ଇଦାଂ ହାର୍ଦାକା; ନି ଇଚା ଆତିସ୍ ଆନ୍
ଇବେ ତିନିଗଟା ପୁଟ୍କୁ ରଚ୍ନାଙ୍ଗ୍ ନି କାଜିଂ ରଞ୍ଜାଙ୍ଗ୍, ମସା କାଜିଂ ରଞ୍ଜାଙ୍ଗ୍ ଆରି ଏଲିୟ କାଜିଂ ରଞ୍ଜାଙ୍ଗ୍ ।”
[୫] ହେୱାନ୍ ଇ କାତା ଇନୁ ଇନୁ, ହୁଡ଼ାଟ୍, ଇଚୁକ୍ ବାଦାଡ଼ ହେୱାରିଂ ଡାବାୟ୍ କିତାଡ଼୍, ଆରି ହୁଡ଼ାଟ୍, ଇ ସବଦ୍ ଆତାତ୍,
“ଇ ମା ୱାରିନି ମାଜି ଇୱାନ୍ ତାକେ ମା ଅପ୍ରବଲ୍ ୱାରି, ଇୱାନ୍ତି ବଚନ୍ ମାନ୍ତ ଇଟାଟ୍ ।”
[୬] ଇଦାଂ ୱେନ୍ଞ୍ଜି ଚେଲାହିର୍ ମୁମ୍ ତାରେନ୍ କିତାର୍ ଆରି ବେସି ପାଣ୍ଡ୍ରା ଆତାର୍ ।
[୭] ଜିସୁ ହେୱାର୍ ଲାଗେ ୱାଜି ହେୱାରିଂ ଡୁବିସ୍ ଇଚାନ୍, “ନିଙ୍ଗା, ପାଣ୍ଡ୍ରା ଆମାଟ୍ ।”
[୮] ଲାଗିଂ ହେୱାର୍ ଜପି ହୁଡ଼ଜି ଜିସୁଙ୍ଗ୍ ପିସ୍ତି ହେବେ ଆରେ ଇନେରିଂ ହୁଡ଼ୱାତାର୍ ।
[୯] ହେୱାର୍ ମାଡ଼ିଡାଂ ଜୁଜି ୱାନିହିଂ ଜିସୁ ହେୱାରିଂ ବଲ୍ ହିଜି ଇଚାନ୍, “ମାନାୟ୍ ମାଜି ହାକିଡାଂ ନିଙ୍ଗ୍ନି ପାତେକ୍, ଇନାକା
ହୁଡ଼ତାଦେର୍ଣ୍ଡା ହେଦାଂ ନିଙ୍ଗ୍ୱି ପାତେକ୍ ଇନେରିଂ ପା ୱେଚ୍ମାଟ୍ ।”
[୧୦] ଚେଲାହିର୍ ଜିସୁଙ୍ଗ୍ ୱେନ୍ବାତାର୍, “ଏଲିୟ ପର୍ତୁମ୍ ୱାନାନ୍ ଇଞ୍ଜି ମା ଦରମ୍ ଗୁରୁର୍ ଇନେକିଦେଂ ଇଞ୍ଜାର୍ଣ୍ଡା ?”
[୧୧] ଜିସୁ ଉତର୍ ହିତାନ୍, “ଆଁ, ହାଡ଼ପା ଏଲିୟ ପର୍ତୁମ୍ ୱାଜି ସବୁ ବିସ୍ରେ ଜାଲ୍ଦି କିନାନ୍;
[୧୨] ☆ମାତର୍ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା, ଏଲିୟ ୱାତାନେ ମତର୍ ତାଙ୍ଗେଙ୍ଗ୍ ଚିନ୍କିୱାଦାଂ ମାନାୟାର୍ ତା କାଜିଂ ଇନାକା
ଇଚା, ହେଦାଂ କିତାନ୍ନା । ମାନାୟ୍ ମାଜି କାଜିଂ ପା ହେୱାର୍ ହେ ଲାକେ କାରାପ୍ ଚିନ୍ତା କିତାର୍ ।”
[୧୩] ହେୱେଡ଼ାଂ ଚେଲାର୍ ବୁଜାତାର୍ ଜେ, ଜିସୁ ବାପ୍ତିସିମ୍ ହିନି ଜହନ୍ତି ବିସ୍ରେ ଇନାନ୍ନା ।

## ଜିସୁ ପୁଦାଆହ୍ୟାତି କାଡ଼ଦେଂ ଉଜ୍ କିତାନ୍

*(ମାର୍କ ୯:୧୪-୨୯; ଲୁକ ୯:୩୭-୪୩)*

[୧୪] ପାଚେ ଚେଲାର୍ ମାନାୟାର୍ ଲାଗେ ୱାଜି, ରକାନ୍ ମାନାୟ୍ ଜିସୁ ଲାଗେ ୱାଜି ମେଣ୍ଡାଂ କୁନ୍ଦିକିଜି ଇଚାନ୍,
[୧୫] “ଏ ମାପ୍ରୁ, ନା ମାଜି ଦୟା କିୟା, ଇନାକିଦେଂକି ହେୱାନ୍ ଆପ୍ରାଂତ ବେସି କସ୍ଟ ପାୟାନାନା, ହେୱାନ୍ ରଗତିଂ ରଗ
ନାଣିତ ଆରି ରଗତିଂ ରଗ ଏଜୁକାଂ ଆର୍ଣ୍ଡାନା ।
[୧୬] ଆନ୍ ନି ଚେଲାରିଂ କଚଣ୍ତ ହେୱାନିଂ ତାଜି ମାଚାଙ୍ଗ୍, ମତର୍ ହେୱାର୍ ହେୱାନିଂ ଉଜ୍ କିଦେଙ୍ଗ୍ ହେୱାର୍ ଆଡ଼ୱାତାର୍
।”
[୧୭] ଜିସୁ ଉତର୍ ହିତାନ୍, “ଆଡ଼େ ପାତର୍ କିୱାକାର୍ ଆରି ଉଚ୍କା ଆନି ମାନାୟ୍, ଏଚେକ୍ କାଡ଼ ଆନ୍ ମି ଲାହାଙ୍ଗ୍
ମାନ୍ଗାନାଂ ? ଏଚେକ୍ କାଡ଼ ମି ଚିନ୍ତା ହୁଡ଼ଦାନାଙ୍ଗ୍ ? ତାଙ୍ଗେଙ୍ଗ୍ ନାତାକେ ତାଇୱାଡୁ ।”
[୧୮] କାଡ଼ଦେ ବିଟ୍ରେ ବୁଡ଼ ମାଚାଡ଼୍, ଜିସୁ ବୁଡ଼ତିଙ୍ଗ୍ ଦାକା କିତିଲେ ବୁଡ଼ କାଡ଼ଦେତାଂ ହସି ହାଚାଡ଼୍ ଆରି କାଡ଼ଦେ ହେ
ଦାପ୍ରେ ଉଜ୍ ଆତାନ୍ ।
[୧୯] ଇଦାଂ ପାଚେ ଚେଲାର୍ ଡ଼ଗୁଜି ଜିସୁଙ୍ଗ୍ ଲାଗେ ୱାଜି ଇଚାର୍, ଆପେଙ୍ଗ୍ “ଇନେକିଦେଂ ତାଙ୍ଗେଙ୍ଗ୍ ପିହିକିଦେଂ
ଆଡ଼ୱାତାପ୍ ?”

☆ **୧୬:୨୭** ମାତିଉ ୨୫:୩୧; ରମିୟ ୨:୬. ☆ **୧୭:୧୨** ମାତିଉ ୧୧:୧୪.

୨୦ ଜିସୁ ହେୱାରିଂ ଇଚାନ୍, “ଏପେଙ୍ଗ୍ ଅଲପ୍ ପାତର୍ଁ କାଜିଂ, ଇନାକିଦେଂକି ଆନ୍ ମିଙ୍ଗ୍ ହାଡ଼୍‌ପା ଇଞ୍ଜ୍‌ନାଙ୍ଗା, ଜଦି ର
ହାଡ଼୍‌ହୁ ମାଞ୍ଜି ଲାକେ ମି ପାତର୍ଁ କିନାକା ମାନ୍‌ଗାନାଡ଼୍, ତା ଆଡିସ୍ ଇ ମାଡ଼ିତିଂ ଇବେଡାଂ ହେବେ ଗୁଚା ଇଞ୍ଜି ଇଚିସ୍ ହେଦାଂ
ଗୁଚାଆନାଡ଼୍, ପାତର୍ଁ ହୁକେ ଇନାକା ଆବ୍‌ଡ଼ ଆାକାୟ୍ ।”*
୨୧ ମାତର୍ “ପାର୍ତାନା ଆରି ଉପାସ୍ ପିସ୍ତି ବିନ୍ ଇନାକାପା ଉପାୟ୍ ଇ ବାନି ବୁଡ଼୍ ହସି ହାଲୁଡ଼୍ ।”

### ଜିସୁ ଜାର୍ ହାକି ବିସ୍ରେ ଆରେ ରଗ ୱେଚ୍‌ଚାନ୍

*(ମାର୍କ ୯:୩୦-୩୨; ଲୁକ ୯:୪୩-୪୫)*

୨୨ ଚେଲାହିର୍ ୱିଜାର୍ ଗାଲିଲିତ ରୁଣ୍ଡାଆତି ପାଚେ ଜିସୁ ହେୱାରିଂ ଇଚାନ୍, “ମାନାୟ୍ ମାଜି ମାନାୟାର୍ କେଇଦ
ଆହ୍‌ୟାଦେଂ ହାନାନା,
୨୩ ହେ ମାନାୟାର୍ ମାନାୟ୍ ମାଜି ଟୁଣାର୍, ମାତର୍ ତିନି ଦିନ୍ ପାଚେ ହେୱେନ୍ ଆରେ ନିଙ୍ଗ୍‌ନାନ୍,” ହେବେ ଚେଲାର୍
ବେସି ଦୁକ୍ ଆତାର୍ ।

### ଜିସୁ ମନ୍ଦିର୍‌ତ ସିସ୍ତ ହିତାନ୍

୨୪ ଜିସୁ ଆରି ତା ଚେଲାହିର୍ କପର୍ନାହୁମ୍ ୱାତି ପାଚେ ଦେଉଡ଼୍‌ନି ସିସ୍ତଏନ୍‌ନାକାର୍ ପିତର୍‌ତିଂ ୱେନ୍‌ବାତାର୍, “ମି ଗୁରୁ
ଦେଉଡ଼୍‌ନି ସିସ୍ତ ହିନାନ୍ କି ?”
୨୫ ହେୱେନ୍ ଇଚାନ୍ “ଆଁ ହିନାନ୍ ।”
ଆରେ ହେୱେନ୍ ଇଞ୍ଜ ୱାତିପାଚେ ଜିସୁ ଆଗେ ତାଙ୍ଗ୍ ଇଚାନ୍, “ସିମନ୍ ନି ବଲ୍ ଇନାକା ? ପୁତର୍ଁନି ରାଜାର୍ ଇନେର୍
କଚଣ୍‌ତାଂ ସିସ୍ତ କି ରାଜା ପାଦ୍ ଅନାର୍ ? ହେୱାର୍ ପାର୍‌ଜାତାଂ କି ବିଦେସ୍‌ନିକାର୍‌ତାଂ ?”
୨୬ ପିତର୍ “ବିଦେସ୍‌ନିକାର୍‌ତାଂ ଇଞ୍ଜି ଇଚିଲେ,” ଜିସୁ ତାଙ୍ଗ୍ ଇଚାନ୍, “ଲାଗିଂ ତ ହିମ୍‌ଣାଂ ମୁକ୍‌ଡ଼ା ଆତାର୍ଣ୍ଡା ?
୨୭ ମାତର୍ ଆସେଙ୍ଗ୍ ଇନେସ୍ ହେୱାର୍‌ତି ବାଦାନି କାରଣ୍ ଆମେଡ଼୍, ଇଦାଂ କାଜିଂ ହାମ୍‌ଦୁର୍‌ତ ହାଲ୍‌ଜି ବାଣ୍‌ହି ଇଜାଟ୍
ଆରେ ପର୍ତୁମ୍ ଇମ୍‌ଣି ମିନ୍ କାପ୍‌ନାଡ଼୍, ହେଦେଲିଂ ଅଜି ତା ୱେଇ ଏସ୍‌ତିସ୍ ର ରୁପା ଡାବୁଙ୍ଗ୍ ଗାଟାଆନାଦେର୍; ହେଦାଂ ଅଜି
ନା କାଜିଂ ଆରି ମି କାଜିଂ ହେୱାରିଂ ହିୟାଟ୍ ।”

## ୧୮

### ସାର୍ଗେ ରାଜିତ ୱିଜାର୍‌ତାଂ ଗାଜାକାନ୍ ଇନେର୍ ?

*(ମାର୍କ ୯:୩୩-୩୭; ଲୁକ ୯:୪୬-୪୮)*

୧ ✡ହେ ପାଦ୍‌ନା ଚେଲାହିର୍ ଜିସୁ କଚଣ୍ ୱାଜି ୱେନ୍‌ବାତାର୍, ତେବେ “ସାର୍ଗେ ରାଜିତ ଇନେର୍ ଗାଜା ?”
୨ ଜିସୁ ର ହିରୁ ହିମ୍‌ଣାଂ ଲାଗେ କୁକ୍‌ଚି ହେୱାର୍ ବିତ୍ରେ ନିଲି କିଜି ଇଚାନ୍,
୩ “ଆନ୍ ମିଙ୍ଗେଙ୍ଗ୍ ହାଡ଼୍‌ପା ଇଞ୍ଜ୍‌ନାଙ୍ଗା, ଏପେଙ୍ଗ୍ ବାଦ୍‌ଲାୱିତିସ୍ ହିରୁ ହିମ୍‌ଣା ଲାକେ ଆୱିତିସ୍ ଇନେସ୍ କିତିସ୍‌ପା ସାର୍ଗେ
ରାଜିତ ହଣ୍ଡେଙ୍ଗ୍ ଆଡୁଦେର୍ ।
୪ ଲାଗିଂ, ଇନେର୍‌କି ଇ ହିରୁ ହିମ୍‌ଣା ଲାକେ ଜାର୍‌ତିଂ ହାଦ୍‌ଦାମର୍ଁ କିନାନ୍, ହେୱେନ୍ ସାର୍ଗେ ରାଜିତ ଗାଜାକାନ୍ ।
୫ ଆରେ, ଇନେର୍ ନା ତର୍‌ଦାଂ ଇ ଲାକେ ର ହିରୁ ହିମ୍‌ଣାଂ ମାନ୍‌କିନାନ୍, ହେୱେନ୍ ନାଙ୍ଗେଙ୍ଗ୍ ମାନ୍‌କିଦ୍‌ନାନ୍ ।”

### ପାତର୍ଁତ ବାଦା ଗିଟାୟ୍‌କିନାକା

*(ମାର୍କ ୯:୪୨-୪୮; ଲୁକ ୧୭:୧-୨)*

୬ ମାତର୍ ଇନେର୍‌କି “ନା ତାକେ ପାତର୍ଁ କିନାକାର୍ ଇ ହିରୁହିମ୍‌ଣାଙ୍ଗ୍ ବିତ୍ରେ ରକାନ୍ତି ବାଦା ଇନାକିଦେଂକି ଆନାଡ଼୍,
ହେଦାଂ ଗାଡେଲ୍‌ତ ର ଗାଜା ଜାତାକାଲ୍ ଗାଟ୍‌ଚି ତାଙ୍ଗେଙ୍ଗ୍ ହାମ୍‌ଦୁର୍‌ତ ତୁସି ହିନାକା ହାର୍ ଆନାଡ଼୍ ।
୭ ମାନାୟାର୍‌ତି ପାତର୍ଁତ ବାଦା ଗିଟାୟ୍‌କିଦେଂ ଇଞ୍ଜି, ବେସି ବିସ୍ରେ ମାନାଡ଼୍ । ହେଦାଂ କାଜିଂ ଇ ପୁତର୍ଁତ ଅବସ୍ତା ଏଚେକ୍
ବଇଁକାର୍ ସବୁ ଦିନ୍ ଇ ଲାକେ ବାଦା ୱାନାଡ଼୍, ମାତର୍ ଇନେନ୍ ବାଦା ଗିଟାୟ୍‌କିନାନ୍, ତା ୱିଜେ କେତେକ୍ ହାର୍‌ଦାକା !”
୮ “ଜଦି ମି କେଇ କି ପାନା କାଜିଂ ଏପେଙ୍ଗ୍ ପାତର୍ଁ ବାଦା କିନାଦେର୍, ଲାଗିଂ ତାଙ୍ଗ୍ କାଦ୍‌ଦି ତୁସିହିୟାଟ୍ । ରି କେଇ
ଆରି ରି ପାନା ମାନ୍‌ଞ୍ଜି ୱିଜ୍‌ୱିନାଣିତ ତୁସ୍‌ୟାନି ପାତେକ୍ ରକେଇ ଆରେ ର ପାନା ବିନେ ଆଜି ୱିଜ୍‌ୱି ଜିବୁନ୍‌ତ ହଣାକା ମି
ପାକ୍ୟାତ ହାର୍ ।
୯ ଆରେ ମି କାଣ୍‌ଙ୍ଗା ଜଦି ନି ବାଦା ଆନାଡ଼୍, ଲାଗିଂ ତାଙ୍ଗ୍ ଉନ୍‌ଦି ତୁଇ ହିୟାଟ୍; ରିଣ୍ଡାଂ କାଣ୍‌କୁ ଅଜି ନାଣି ବିତ୍ରେ ନରକ୍
ତାକେ କାଡ଼୍‌ନି ବାଟା ଇଚିସ୍ ର କାଣ୍‌ଙ୍ଗା ଅଜି ଜିବୁନ୍‌ତ ହଣାକା ମି ପାକ୍ୟାତ ହାର୍ ।”

---

* **୧୭:୨୦** କେତେକ୍ ପଡିତ୨୧ପାଦ୍‌ତିଂ ମେହାୟ୍ କିତାର୍ଣ୍ଡା; ମାତର୍ ଉପାସ୍ ଆରି ପାର୍ତାନା ପିସ୍ତି ଆରେ ଇନାକାତ ଇବାନି ବୁଡ଼୍ ପିହିକିଦେଂ ଆଡୁର୍ । (ମାତିଉ ୯:୨୯) ✡ **୧୮:୧** ଲୁକ ୨୨:୨୪.

### ଜାଙ୍ଗ୍‌ତି ମେଣ୍ଡାତି ଉତର୍‌ମୁଡ଼୍
### (ଲୁକ ୧୫:୩-୭)

୧୦ ଜାଗ୍ରତ୍, ଇ ହିରୁକାର୍ ବିତ୍ରେ ରକାନିଂ ନେ ଇଣ୍ କିମାଟ୍, ଇନାକିଦେଂକି ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା ସାର୍ଗେତ
ହେୱାର୍‌ତି ଦୁତ୍‌ତର୍ ସବୁ ଦିନ୍ ନା ସାଗ୍ରେନି ଆବା ଲାଗାଂ ମାନାର୍ ।*
୧୧ ଇନାକିଦେଂକି ଇନାକା ଜାଙ୍ଗ୍‌ତାଡ୍‌ନା, ହେଦାଂ ରାକ୍ୟା କିଦେଙ୍ଗ୍ ଇଞ୍ଜି ମାନାୟ୍ ମାଜି ୱାତାନ୍‌ନା ।
୧୨ "ଏପେଙ୍ଗ୍ ଇନାକା ଏତୁ କିନାଦେରା ? ଇମ୍‌ଣି ଲକ୍‌ତି ଜଦି ପାଞ୍ଜ୍‌କଡ଼ି ମେଣ୍ଡାଂ ମାଚିସ୍, ଆରେ ହେୱାଙ୍ଗ୍ ବିତ୍ରେ ରଞ୍ଜାଙ୍ଗ୍
ଜାଙ୍ଗ୍‌ତିସ୍, ଲାଗିଂ ଇନାକା ନବେନଗଟାକାଂ ମାଡ଼ିତ ପିସ୍‌ସି ହେୱାନ୍ ହାଲ୍‌ଜି ହେ ବାଣାତି ମେଣ୍ଡାତିଂ ଡେକ୍‌କୁନ୍ ?
୧୩ ଆରେ ହେୱେନ୍ ମେଣ୍ଡା ଗାଟାଆନାନ୍ ତା ଆଡିସ୍ ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା, ନବେନଗଟା ବାଣା ଆୱାଦାଂ
ମାଚିକ୍, ହେୱାଙ୍ଗ୍ ବିତ୍ରେ ଇ ରଞ୍ଜାଙ୍ଗ୍ କାଜିଂ ହେୱେନ୍ ଆଦିକ୍ ୱାରି କିନାନ୍ ।
୧୪ ହେ ଲାକେ ଇ ହିରୁକାରିଂ ବିତ୍ରେ ଜେ ରଞ୍ଜାଙ୍ଗ୍ କାରାପ୍ ଆନାଡ୍, ଇଦାଂ ଏପେଙ୍ଗ୍ ସାର୍ଗେନି ଆବାତି ମାନ୍ ଆକାୟ୍ ।"

### ମି ବିରୁଦ୍‌ଦ ଇନେର୍ ଦସ୍ କିଦ୍‌ନାନ୍

୧୫ ✡ଲାଗିଂ "ନି ଟଣ୍ଡେନ୍‌ନି ବିରୁଦ୍‌ଦ ପାପ୍ କିନାନ୍, ଲାଗିଂ ହାଲ୍‌ଜି କେବଲ୍ ମି ରିୟାରିଂ ବିତ୍ରେ ହେୱାନିଂ ତା ଦସ୍ ଚଚାଟ୍;
ଜଦି ହେୱାନ୍ ମି କାତା ୱେନାନ୍, ଲାଗିଂ ଏପେଙ୍ଗ୍ ଜାର୍ ଟଣ୍ଡେନିଂ ପାୟା ଆତାୟ୍ ।
୧୬ ମାତର୍ ଜଦି ହେୱାନ୍ ୱେନୁର୍, ରକାନ୍ କି ରିୟାରିଂ ଅଜି ହାଲାଟ୍ । ଇନେସ୍ ରିୟାର୍ କି ତିନ୍‌ଜାଣ୍ ସାକିରିଙ୍ଗ୍ ମୁମ୍‌ଦ
ୱିଜୁ ଦାବା କାତା ତିର୍ କିୟାନାଡ୍ ।"
୧୭ ଜଦି ହେୱାନ୍ ହେୱାର୍ କାତା ମାନିକିଉନ୍, ଲାଗିଂ ମଣ୍ଡଲିତିଂ ଇନାଟ୍, ଆରେ ଜଦି ହେୱାନ୍ ମଣ୍ଡଲି କାତା ପା
ମାନିକିୱିତିସ୍, ଲାଗିଂ ହେୱାନ୍ ମି କାଣ୍‌ଗାତ ପାର୍ତିକିୱି ଜିହୁଦିର୍ ଆରି ସିସ୍ତ୍ରଏନ୍‌ନାକାର୍ ଲାକେ ଆଏନ୍ ।

### ମୁନା କିନାକା ଆରେ ବଲ୍ ହିନାକା

୧୮ ✡ଆନ୍ "ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା, ଏପେଙ୍ଗ୍ ପୁର୍ତିତ ଇନାକାପା ବନ୍ଦ୍ କିନାଦେର୍, ସାର୍ଗେତ ହେୱିଜୁ ବନ୍ଦ୍
ମାନ୍‌ଗାନାଡ୍, ଆରି ପୁର୍ତିତ ଇନାକା ୱିଜୁ ଜେନାଦେର୍, ସାର୍ଗେତ ହେୱିଜୁ ଜେନାଦେର୍ ।"
୧୯ ଆରି, ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା, ପୁର୍ତିତ ମି ବିତ୍ରେପା ରିୟାର୍ ଇନେସ୍ ବାର୍ତି ବିସ୍ରେ ର ମାନ୍‌ତାଂ ଆଜି
ଇନାକା ଏନ୍‌ନାଦେର୍, ହେଦାଂ ନା ସାର୍ଗେନି ଆବାତି ଇଚା ହେୱାର୍ କାଜିଂ ଗିଟା ଆନାଡ୍ ।
୨୦ "ଇନାକିଦେଂକି ଇମ୍‌ଣି ବାହାତ ରିୟାର୍ କି ତିନ୍ ଜାଣ୍ ନା ତର୍‌ଦାଂ ରୁଣ୍ଡା ଆନାର୍, ହେ ବାହାତ ଆନ୍ ହେୱାର୍ ବିତ୍ରେ
ମାନ୍‌ଗାନାଂ ।"

### କେମା ହିୱାଦାଂ ମାନି ଚାକ୍ରିୟା କାତା

୨୧ ✡ହେ ପାଦ୍‌ନା ପିତର୍ ଜିସୁ କଚଣ୍ ୱାଜି ୱେନ୍‌ବାତାନ୍, "ଏ ମାପ୍ରୁ, ଏଚେକ୍ ହଟ୍ ନା ଟଣ୍ଡେନ୍ ନା ବିରୁଡ୍‌ତାଂ ପାପ୍ କିତିସ୍
ଆନ୍ ଏଚେକାଡ଼୍‌ଦ କେମା କିନାଙ୍ଗ୍ ? ଇନାକା ସାଡ୍ ହଟ୍ ?"
୨୨ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ନିଙ୍ଗେଙ୍ଗ୍ କେବଲ୍ ସାଡ୍ ହଟ୍ ପାଡେକ୍ ଇଞ୍ଜୁଙ୍ଗା, ମତର୍ ସତୁରି ଗୁଣ୍ ସାଡ୍ ହଟ୍ ପାଡେକ୍ ।
୨୩ ଇଚିସ୍ ସାର୍ଗେ ରାଜି ଜାର୍ ଆଡ଼ିୟାର୍ ଲାହାଙ୍ଗ୍ ଇସାବ୍ କିଦେଙ୍ଗ୍ ଇଚାକିନି ରୱାନ୍ ରାଜା ଲାକେ ।
୨୪ ହେୱେନ୍ ଇସାବ୍ ଆରମ୍ କିତିଲେ, ଲାକେ ଟାକାଂ ରୁଣ୍ କିଜି ମାଚି ର ହେବାକାରି ରାଜା ଲାଗାଂ ତାହିୱାତାର୍ ।
୨୫ ମାତର୍ ତା ହୁଜାଆଦେଂ ଇନାକା ହିଲ୍‌ୱିତିଲେ ତା ମାପ୍ରୁ ତାଙ୍ଗ୍ ଆରି ତା ଡକ୍ରିଙ୍ଗ୍, ହିମ୍‌ଣାୱାକ୍‌ଡ଼ା ଆରି ୱିଜୁ ପ୍ରସି କର୍ଚ
ଅଦେଂ ରାଜା ବଲ୍ ହିତାନ୍ ।
୨୬ ଲାଗିଂ ହେ ହଲ୍ୟା ତାଙ୍ଗେଙ୍ଗ୍ ପାନା ତାରେନ୍ ଜୁୱାର୍ କିଜି ଇଞ୍ଜେଙ୍ଗ୍ ଲାଗାତାନ୍, ଏନ୍ ନା ବିସ୍ରେ ବାଡ଼୍‌କାସ୍‌ଆ, ଆନ୍
ନିଗେଙ୍ଗ୍ ୱିଜୁ ହୁଜା ଆଜି ହିଦ୍‌ନାଂ ।"
୨୭ ହେବେତାଂ ହେ ହଲ୍ୟାତିଂ ମାପ୍ରୁ କାର୍ମା ଆଜି ତାଙ୍ଗେଙ୍ଗ୍ ପିସ୍ତି ହିତାନ୍ ଆରି ରାଜା ରୁଣ୍ କେମା କିତାନ୍ ।
୨୮ ମାତର୍ "ହେ ହଲ୍ୟା ହସି ହାଲ୍‌ଜି ତାବେଣ୍ଡାଂ ପଚାସ୍ ଟାକା ରୁଣ୍ କିଜି ମାନି ର ହାଙ୍ଗ୍‌ଦାକାନ୍ ଚଞ୍ଜ୍ୟା ଆଜି ହେୱାନିଂ
ଆଜି ତା ଗାଡେଲ୍ ମ୍ହିଞ୍ଜି ଇଞ୍ଜେଙ୍ଗ୍ ଲାଗାତାନ୍, ଏନ୍ ଇନାକା ଆସ୍ତାୟ୍‌ନା ହୁଜାଆଦା ।"
୨୯ ଲାଗିଂ "ତା ହାଙ୍ଗ୍‌ଦାକାନ୍ କାଲ୍ ତାରେନ୍ ଆଜି ହେୱାନିଂ ଗୱାରି କିଜି ଇଞ୍ଜେଙ୍ଗ୍ ଲାଗାତାନ୍, ଏନ୍ ନା ବିସ୍ରେ
ବାଡ଼୍‌କାସ୍‌ଆ, ଆନ୍ ନିଙ୍ଗେଙ୍ଗ୍ ହୁଜା ଆଜି ହିଦ୍‌ନାଂ ।"
୩୦ "ମତର୍ ହେୱେନ୍ ରାଜି ଆୱାତାନ୍, ମାତର୍ ହାଲ୍‌ଜି ରୁଣ୍ ହୁଜାଆୱି ପାଡେକ୍ ତାଙ୍ଗ୍ ଜଇଲ୍‌ତ ପ୍ରଡ୍‌ତାର୍ ।
୩୧ ଲାଗିଂ ତା ହାଙ୍ଗ୍‌ଦାକାର୍ ଇ ଗଟ୍‌ନା ହୁଡ଼୍‌ଜି ବେସି ଦୁକ୍ ଆତାର୍ ଆରି ହାଲ୍‌ଜି ହେୱାର୍ ମାପ୍ରୁ ଲାଗାଂ ୱିଜୁ ଗଟ୍‌ଣାଗିଟା
ଆଜି ମାଚାଡ୍ ୱେଚ୍‌ଚାର୍ ।"

---

* **୧୮:୧୦** ୧୮:୧୦ କେଡେକ୍ ପଡିତ ୧୧ପାଦ୍‌ତିଂ ମେହାୟ୍ କିନାର୍, ଇନେକିଦେଂକି ଇନାକା ଜାଙ୍ଗ୍‌ତାଡ୍‌ନ୍ନା, ହେଦାଂ ଦାସ୍ତି ରାକ୍ୟା କିଦେଂ ମାନାୟ୍ ମାଜି ୱାତାନ୍ନା (ଲୁକ ୧୯:୧୦) ✡ **୧୮:୧୫** ଲୁକ ୧୭:୩. ✡ **୧୮:୧୮** ମାତିଉ ୧୬:୧୯; ଜହନ୍ ୨୦:୨୩. ✡ **୧୮:୨୧** ଲୁକ ୧୭:୩,୪.

୩୨ ହେବେତାଂ ତା ମାପ୍ରୁ ତାଙ୍ଗ୍ ଲାଗେ କୁକି କିଜି ଇଚାନ୍, “ଏଡ଼େ ଉତ୍‌ପାତ୍ୟା ହଲ୍ୟା, ଏନ୍ ନାଙ୍ଗେଙ୍ଗ୍ ଗୱାରି କିତ୍‌ତିଲେ ଆନ୍ ନି ହେ ୱିଜୁ ରୁଣ୍ କେମା କିତାଙ୍ଗ୍;
୩୩ ଆନ୍ ଇନେସ୍ ଲାକେ ନିଙ୍ଗେଙ୍ଗ୍ ଦୟା କିତ୍‌ତାଙ୍ଗ୍, ହେ ଲାକେ ପା ଜାର୍ ହାଙ୍ଗ୍‌ଦାକାର୍ ଦୟା କିନାକା କି ନି କାମାୟ୍ ହିଲ୍‌ୱାତାତ୍ ?”
୩୪ ଆରେ, ତା “ମାପ୍ରୁ ରିସା ଆଜି ୱିଜୁ ରୁଣ୍ ହୁଜାଆୱି ତାଙ୍ଗ୍ ପାଟେକ୍ ବାଦା ହିନି ମାନାୟାର୍ କେଇଦ ସର୍‌ପି କିତାର୍ ।”
୩୫ ଜିସୁ ଇନାକା ୱିସ୍ତି “ହେୱାରିଂ ଇଚାନ୍ ଜଦି ୱାସ୍କିତାଂ ଜାର୍ ଜାର୍ ଟଣ୍ଡାରିଂ କେମା କିୱିତିସ୍, ତାଆତିସ୍ ନା ସାର୍ଗେନି ଆବା ପା ମି କାଜିଂ ହେ ଲାକେ କିଦ୍‌ନାନ୍ ।”

# ୧୯

## ହେଲ ନାଟ୍‌ନି ବିସ୍ରେ ଜିସୁତି ହିକ୍ୟା

*(ମାର୍କ ୧୦:୧-୧୨)*

୧ ଜିସୁ ଇ ୱିଜୁ କାତା ଇଞ୍ଜି ୱିସ୍ତି ପାଚେ ଗାଲିଲି ପିସ୍ତି ଜର୍ଦନ୍ ନାଗୁଡ଼୍ ଆନ୍‌ଟି ପାଡ଼୍‌କା ମାନି ଜିହୁଦା ନିପ ହାଚାନ୍ ।
୨ ବେସିହେନି ମାନାୟାର୍ ତାଙ୍ଗେଙ୍ଗ୍ ଦାସ୍ତାର୍ ଆରି ହେୱାନ୍ ହେନି ରଗ୍ୟାରିଂ ଉଜ୍ କିତାନ୍ ।
୩ କେଟେଜାଣ୍ ପାରୁସିର୍ ତା ଲାଗାଂ ୱାଜି ତାଙ୍ଗ୍ ଡ଼କ୍ରାତ ପ୍ରଦ୍‌ଦେଂ ପାଚି କିତାର୍ । ହେୱାର୍ ତାଙ୍ଗ୍ ୱେନ୍‌ବାତାର୍, “ମା ଦର୍ମନି ମସାତି ବିଦି ଇସାବ୍‌ରେ ରକାନ୍ ଜେ ଇନା ବିସ୍ରେ ତା, କଗ୍‌ଲେଂ ହେଲ ହିଦେଂ ଆଡ଼୍‌ନାନ୍ କି ?”
୪ ହେୱେନ୍ ଉତର୍ ହିତାନ୍, ଏପେଙ୍ଗ୍ ଇନାକା ପଡ଼ି କିୱାତାଦେର୍ଣ୍ଣା ଜେ ଉବ୍‌ଜାଣ୍ କିନାକାନ୍ ଆରମ୍‌ତାଂ ହେୱାରିଂ ଆଣ୍ଡ୍ରେନ୍ ଆରି କଗ୍‌ଲେ କିଜି ଉବ୍‌ଜାଣ୍ କିତାନ୍,
୫ ଆରେ ଇଚାନ୍, “ଇଦାଂ କାଜିଂ ମାନାୟ୍ ଆବାଆୟାକାଂ ପିସ୍ତି ଜାର୍ କଗ୍‌ଲେ ତାକେ ମେହା ଆନାନ୍, ଆରେ ହେୱାର୍ ଦୁଲ୍‌ମାତାର୍ ଏକ୍ ଆନାର୍ ?
୬ ଲାଗିଂ ହେୱାର୍ ଆରେ ରିକାର୍ ଆକାୟ୍, ମାତର୍ ଏକ୍ ଆନାର୍ । ଲାଗିଂ, ଇସ୍ୱର୍ ଇନାକା ମେହାୟ୍ କିତ୍‌ତାନ୍‌ନା, ମାନାୟାର୍ ହେଦାଂ ଏଡ଼ାୟ୍ କିମେନ୍ ।”
୭ ହେୱାର୍ ହେୱାନିଂ “ୱେନ୍‌ବାତାର୍, ଲାଗିଂ ମସା ଇନେକିଦେଂ ହେଲ ଆକି ହିଜି କଗ୍‌ଲେଙ୍ଗ୍ ହେଲ ହିନି କାଜିଂ ବଲ୍ ହିତାନ୍ ?”
୮ ଜିସୁ ଉତର୍ ହିତାନ୍, “ମି ମାନ୍ ଆଟ୍‌ୱା କାଜିଂ ମସା ହେ ଲାକେ କିଜି ମାଚାନ୍ । ମାତର୍ ଆଗେ ଉବ୍‌ଜାଣ୍ ୱେଡ଼ାଲିଂ ଏଲେଙ୍ଗ୍ ବିଦି ହିଲ୍‌ୱାତାତ୍ ।”
୯ ✡“ମତର୍ ଆନ୍ ମିଙ୍ଗ୍ ଇଞ୍ଜ୍‌ନାଙ୍ଗା, ଇନେର୍‌କି ଜାର୍ ଡକ୍ରିଂ ଦାରି ଦସ୍‌ତ ପିସ୍ତି ବିନ୍ ବିସ୍ରେତାଂ ପିହ୍‌ନିଆକି ହିଜି ବିନ୍ କଗ୍‌ଲେଂ ବିବା କିତିସ୍, ହେୱାନ୍ ଦାରି ଆନାନ୍ ।”
୧୦ ଚେଲାର୍ ହେୱାନିଂ ଇଚାର୍, “କଗ୍‌ଲେ ହୁକେ ମାନାୟ୍‌ତିଂ ଜଦି ଇ ମାସ୍ତରୁ ମେହାବିଡ଼ା, ଲାଗିଂ ବିବା କିୱାକା ହାର୍ ।”
୧୧ ଜିସୁ ଉତର୍ ହିତାନ୍, “ଇ ହିକ୍ୟା ୱିଜାକାର୍ କାଜିଂ ସମାନ୍ ଆକାୟ୍ । ଇସ୍ୱର୍ ତାଙ୍ଗ୍ ଇମ୍‌ଣାକାରିଂ ଇଦାଂ ହିୟାତାତ୍‌ନ୍ନା, କେବଲ୍ ହେୱାର୍ ନେ ଇଦାଂ ଇଡ଼୍‌ଦେଂ ଆଡ଼୍‌ନାର୍ ।
୧୨ ଇନାକିଦେଂକି ଇନେର୍ ଇନେର୍ ଆୟା ଗରବ୍‌ତାଂ ବେଜୁ ଆଜି ଜଲମ୍ ଆତାର୍ଣ୍ଣା, ଆରେ ଇନେର୍ ଇନେର୍ ମାନାୟ୍‌ତାଂ ବେଜୁ କିୟାତାର୍ଣ୍ଣା, ଆରି ଆରେ ଇନେର୍ ଇନେର୍ ସାର୍ଗେ ରାଜି କାଜିଂ ଜାର୍ ଜାର୍‌ତିଂ ବେଜୁ କିତାର୍ଣ୍ଣା । ଇମ୍‌ଣାକାର୍ ଇଡ଼୍‌ଦେଂ ଆଡ଼୍‌ନାର୍, ହେୱାନ୍ ଇଟେନ୍ ।”

## ଜିସୁ ହାରୁ ହିମ୍‌ଣାକାଂ ଆସିର୍ବାଦ୍ କିତାନ୍

*(ମାର୍କ ୧୦:୧୩-୧୬; ଲୁକ ୧୮:୧୫-୧୭)*

୧୩ ହିମ୍‌ଣାଂ ଜପି କେଇ ଇଡ଼୍‌ଜି ପାର୍ତାନା କିଦେଙ୍ଗ୍ କାଜିଂ କେଟେକ୍ ଲକୁ ହେୱାରିଂ ଜିସୁ ଲାଗେ ତାହିୱାତାର୍ । ହେ ଲକୁରିଂ ଚେଲାର୍ ଦାକା ହିତାର୍ ।
୧୪ ମାତର୍ ଜିସୁ ଇଚାନ୍, “ହିମ୍‌ଣାକାଂ ନା ଲାଗେ ୱାଦେଙ୍ଗ୍ ହିଆଟ୍ । ହେୱାରିଂ ବାଦା ହିମାଟ୍ । ଇନାକିଦେଂକି ସାର୍ଗେ ରାଜି ଇମ୍‌ଣାକାର୍ ଇୱାର୍ ଲାକେ ହେୱାର୍‌ତି ।”
୧୫ ଆରେ ହେୱାର୍ ଜପି କେଇ ଇଡ଼୍‌ଜି ଆସିର୍ବାଦ୍ କିତି ପାଚେ ଜିସୁ ହେବେତାଂ ହାଚାନ୍ ।

## ରକାନ୍ ମାଜାନ୍ ଦାଙ୍ଗ୍‌ଣେନ୍

*(ମାର୍କ ୧୦:୧୭-୩୧; ଲୁକ ୧୮:୧୮-୩୦)*

୧୬ ଦିନେକ୍ ରକାନ୍ ମାଜାନ୍ ଦାଙ୍ଗ୍‌ଣେନ୍ ଜିସୁ ଲାଗେ ୱାଜି ୱେନ୍‌ବାତାନ୍, “ଗୁରୁ ! ୱିଜ୍‌ୱି ଜିବୁନ୍ ପାୟାଦେଂ କାଜିଂ ଆନ୍ ଇମ୍‌ଣି ହାର୍‌ଦି କାମାୟ୍ କିନାଙ୍ଗ୍ ?”

✡ **୧୯:୯** ମାଟିଉ ୫:୩୨; ୧ କରନ୍ତିୟ ୭:୧୦,୧୧.

୧୭ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, “ହାଦର୍ କାମାୟ୍ ବିସ୍ରେ ନାଙ୍ଗ୍ ଇନେକିଦେଂ ୱେନ୍‌ବା ଆଦ୍‌ନାଦେରା ? କେବଲ୍ ଇସ୍ୱର୍ ନେ ହାର୍‌ଦାକାନ୍ । ହେୱାନ୍ତି ବଲ୍ ୱିଜୁ ମାନି କିତିସ୍, ୱିଜ୍‌ୱି ଜିବୁନ୍ ଲାବ୍ କିଦେଙ୍ଗ୍ ଆଡ୍‌ନାସ୍ ।”

୧୮ ହେୱାନ୍ ୱେନ୍‌ବାତାନ୍, “ଇମ୍‌ଣି ୱିଜୁ ବଲ୍ ?”

ଜିସୁ ଇଚାନ୍, “ନାର୍ ଅହ୍‌ମାଟ୍, ଦାରି କିମାଟ୍ । ଚରି କିମାଟ୍, ଇନେର୍ ବିରୁଦ୍‌ତ ମିଚ୍ ଦାବା କିମାଟ୍ ।

୧୯ ଆବାଂ ଆୟାଙ୍ଗ୍ ୱାରି କିୟାଟ୍ ଆରି ମି ପାଡ୍‌ହାନିକାରିଂ ଜାର୍ ଲାକେ ଜିଉ ନୱାଟ୍ ।”

୨୦ ହେ ଦାଙ୍ଗ୍‌ଣେନ୍ ତାଙ୍ଗେଙ୍ଗ୍ ଇଚାନ୍, “ଇ ସବୁ ବଲ୍ ଆନ୍ ମାନି କିତାଂନ୍ନା । ନାଦାଂ ଆରେ ଇନାକା କିନି ଲଡ଼ା ?”

୨୧ ସୁଣାୟ୍ କିଜି ଜିସୁ ହେୱାନିଂ ଉତର୍ ହିତାନ୍, “ଜଦି ଏନ୍ ହାର୍ ଆଦେଂ ମାନ୍‌କିନାୟ୍, ହାଲା, ନିନ୍ଦାଂ ସବୁ ଦନ୍ ପ୍ରସି ହେ ଟାକାଙ୍ଗ୍ ଅକର୍ତାରିଂ ଦାନ୍ କିୟା । ତା ଆତିସ୍ ଏନ୍ ସାର୍ଗେତ ଦନ୍ ଲାବ୍ କିନାୟ୍ । ଇ ୱିଜୁ କିତିପାଚେ ନା ପାଚେ ପାଚେ ୱା ।”

୨୨ ମାତର୍ ଇ କାତା ୱେନ୍‌ଞ୍ଜି ଦାଙ୍ଗ୍‌ଣେନ୍ ଦୁକ୍ ଆଜି ହାଚାନ୍, ଇନାକିଦେଂକି ହେୱାନ୍ ବେସି ମାଜାନ୍ ମାଚାନ୍ ।

୨୩ ଜିସୁ ଚେଲାରିଂ ଇଚାନ୍, “ଆନ୍ ମିଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା, ମାଜାନିଂ ସାର୍ଗେ ରାଜିତ ହଣାକା ବେସି କସ୍ଟ ।

୨୪ ଆରେ ଆନ୍ ମିଙ୍ଗ୍ ଇଞ୍ଜ୍‌ନାଙ୍ଗା, ଇସ୍ୱର୍ତ ରାଜିତ ମାଜାନ୍ ଲକୁ ହଣି ବାଟା ଇଚିସ୍ ହୁଜାନି କାଣାତିଂ ଉଟ୍ ହଣାକା ଆଡ୍‌ୱା ।”

୨୫ ଚେଲାର୍ ଇଦାଂ ୱେନ୍‌ଞ୍ଜି କାବା ଆଜି ଇଚାର୍, “ତେବେ ଇନେର୍ ମୁକ୍ତି ଆଦେଂ ଆଡ୍‌ନାର୍ ?”

୨୬ ଜିସୁ ହେୱାରିଂ ସିଦା ହୁଡ୍‌ଜି ଇଚାନ୍, ଇଦାଂ “ମାନାୟ୍‌ତିଂ ପାକ୍ୟାତ ଆଡ୍‌ୱାକା, ମାତର୍ ଇସ୍ୱର୍ତ ପାକ୍ୟାତ ୱିଜୁ ଆଡ୍‌ୱା ।”

୨୭ ଇଦାଂ ୱେନ୍‌ଞ୍ଜି ପିତର୍ ଇଚାନ୍, “ହୁଡ଼ା, ଆପେଂ ୱିଜୁ ପିସ୍ତି ନି ପାଚେ ପାଚେ ୱାତାପ୍‌ନା । ଆପେଙ୍ଗ୍ ଇନାକା ଗାଟାନାପ୍ ।”

୨୮ ଜିସୁ ହେୱାରିଂ ଇଚାନ୍, “ଆନ୍ ମିଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା, ପୁନି ଜୁଗ୍‌ତ ଏଚେକାଡ଼୍‌ଦ ମାନାୟ୍ ମାଜି ଜାର୍ ଜାଜ୍‌ମାଲ୍‌ନି ଗାଦିତ କୁଚ୍‌ଚାନ୍, ହେ ଏଚେକାଡ଼୍‌ଦ, ନା ପାଚେ ୱାତାଦେର୍ ଜେ ଏପେଙ୍ଗ୍, ଏପେଙ୍ଗ୍ ପା ବାର ଚେଲାର୍ ଗାଦିତ କୁଚ୍‌ଚି ଇସ୍ରାଏଲ୍‌ନି ବାର କୁଟୁମ୍ ଜପି ରାଜ୍ କିନାଦେର୍ ।

୨୯ ଆରି ଇନେର୍‌କି ନା ତର୍ କାଜିଂ ଇଲ୍, କି ଟଣ୍ଡେନ୍ କି ତଣ୍‌ଦେଲ୍, କି ଆବା କି ଆୟା, ହିମ୍‌ଣା ୱାକ୍‌ଡ଼ା କି ତାରେନ୍ ପିହିନାନ୍, ହେୱାନ୍ ସହେ ଗୁଣ୍ ଆଦିକ୍ ପାୟାନାନ୍; ଆରି ୱିଜ୍‌ୱି ଜିବୁନ୍ ଆଦିକାର୍ ଆନାନ୍ ।”

୩୦ ✡“ମାତର୍ ପର୍ତୁମ୍‌ତ ମାନି ଆଦେକ୍ ଲକୁ ପାଚେ ଆର୍ନାର୍ ଆରି ପାଚେ ମାନି ହେନି ଲକୁ ପର୍ତୁମ୍ ଆନାର୍ ।”

# ୨୦

## ଅଙ୍ଗୁର୍ ବାଡ଼୍‌ନି କୁଲିୟା

୧ “ସାର୍ଗେ ରାଜି ଇନେସ୍, ଇଦାଂ ଆରେ ର ଉତର୍‌ମୁଡ୍ ୱେନାଟ୍ । ର ମାନାୟ୍ ଦିନେକ୍ ନାଣାଙ୍ଗେ ତା ଅଙ୍ଗୁର୍ ବାଡ଼୍‌ଦ କାମାୟ୍ କିଦେଙ୍ଗ୍ କୁଲିୟାରିଂ ତେକ୍‌ତେଂ ହତାନ୍ ।

୨ ଆରେ ହେୱାନ୍ କୁଲିୟାର୍ ହୁକେ ଦିନେକ୍‌ତିଂ ର ଦିନ୍‌ନି ରୁଣ୍ ନାଟ୍‌ଚି ହେୱାରିଂ ଜାର୍ ଅଙ୍ଗୁର୍ ବାଡ଼୍‌ଦ ପକ୍‌ତାନ୍ ।

୩ ତା ପାଚେ ଦିନ୍ ନଅ ଗଣ୍ଟା ୱେଡ଼ାଲିଂ ବାଜାର୍‌ତ ହାଲ୍‌ଜି ହୁଡ୍‌ତାନ୍, ର କୁଦା ଲକୁ ପଲ୍ୟା ଆଜି ନିଲ୍‌ତାର୍ଣ୍ଣା ।”

୪ ହେୱାରିଂ ହେୱାନ୍ ଇଚାନ୍, ଏପେଙ୍ଗ୍ ପା ନା ଅଙ୍ଗୁର୍ ବାଡ଼୍‌ଦ ହାଲ୍‌ଜି କାମାୟ୍ କିୟାଟ୍, ମିଙ୍ଗ୍ ସମାନ୍ କୁଲି ହିଦ୍‌ନାଂ ।

୫ ହେୱାର୍ ହାଲ୍‌ଜି କାମାୟ୍‌ତ ଲାଗାତାର୍ । ଦିନ୍ ବାର୍ଟା ଆରି ତିନ୍‌ଟା ୱେଡ଼ାଲିଂ ସମାନ୍ ହେ ଲାକେ ଆରେ କେତେକ୍ କୁଲିୟାରିଂ ତାହିୱାଜି କାମାୟ୍‌ତ ଲାଗାୟ୍ କିତାନ୍ ।

୬ ମିଡ୍‌କାହାରେସ୍ ପାଞ୍ଚ୍‌ଟା ୱେଡ଼ାଲିଂ ଆରେ ରଗ ବାଜାର୍‌ତ ହାଲ୍‌ଜି ହୁଡ୍‌ତାନ୍, ଆରେ କେତେକ୍ ଜାଣ୍ ନିଲ୍‌ତାର୍ଣ୍ଣା । ହେୱାରିଂ ୱେନ୍‌ବାତାନ୍, “ୱେଡ଼ାବୁଡି କାମାୟ୍ କିୱାଦାଂ ଇନେକିଦେଂ ପଲ୍ୟା ସମୁ ନସ୍ଟ କିନାଦେରା ?”

୭ ହେୱାର୍ ଉତର୍ ହିତାର୍, ଇନେର୍ ତ ମାଂ କାମାୟ୍‌ତ କିୟ୍‌କିଦ୍‌ୱାତାର୍ଣ୍ଣା । ହେୱାନ୍ ହେୱାରିଂ ଇଚାନ୍, ଆୟେଡ୍, ବାଟିଙ୍ଗ୍ ଏପେଙ୍ଗ୍ ୱିଜାକାଦେର୍ ନା ଅଙ୍ଗୁର୍ ବାଡ଼୍‌ଦ ହାଲ୍‌ଜି କାମାୟ୍ କିୟାଟ୍ ।

୮ “ହେ ଦିନ୍ ମିଡ୍‌କାହାରେସ୍ ଅଙ୍ଗୁର୍ ବାଡ଼୍‌ନି ହାଉକାର୍ ଗୁମୁସ୍ତାଙ୍ଗ୍ ଇଚାନ୍, କୁଲିୟାରିଂ କୁକା । ଇମ୍‌ଣାକାର୍ ୱିଜାର୍‌ତାଂ ପାଚେ କାମାୟ୍ ହାଙ୍ଗ୍‌ତାର୍ଣ୍ଣା, ଆଗେ ହେୱାରିଂ ହାଜ୍‌ରି ହିଆ ।

୯ ହେବେଣ୍ଡାଂ ଇମ୍‌ଣାକାର୍ ପାଞ୍ଚ୍‌ଟା ୱେଡ଼ାଲିଂ କୁଲି କିଜି ମାଚାର୍, ହେୱାର୍ ୱାଜି ରଞ୍ଜାଙ୍ଗ୍ ରଞ୍ଜାଙ୍ଗ୍ ରୁପା ଟାକାଂ ଗାଟାତାର୍ ।”

୧୦ ଆରେ, ପର୍ତୁମ୍ ୱାଜି କିଜିମାଚି କୁଲିୟାର୍ ୱାଜି ଆଦିକ୍ ଗାଟାନାପ୍ ଇଞ୍ଜି ବାବିକିତାର୍, “ମତର୍ ହେୱାର୍ ପା ରଞ୍ଜାଙ୍ଗ୍ ରଞ୍ଜାଙ୍ଗ୍ ରୁପା ଟାକାଂ ଗାଟାତାର୍ ।

୧୧ ହେୱାର୍ ହେୱାଙ୍ଗ୍ ଅଜି ହାଉକାର୍ ବିରୁଦ୍‌ତ ମାନ୍‌ଦୁକ୍ କିଜି ଇଚାର୍,

✡ **୧୯:୩୦** ମାତିଉ ୨୦:୧୬; ଲୁକ ୧୩:୩୦.

୧୨ ମୁଁକାହାରେସ୍ ପାଞ୍ଚ୍‌ଟାତ କାମାୟ୍ ହାଙ୍ଗଜି ମାନି କୁଲିୟାର୍ ମତର୍ ରଗଣ୍ଟା କାମାୟ୍ କିତାର୍ଣ୍ଣା । ଆସେଙ୍ଗ୍ ଇ କାରାତ
ୱେଡ଼ାବୁଡି କିତାପ୍, ଇ ହାଜ୍‌ରି ହିନି ୱେଡ଼ାଂ ହେୱାରିଂ ମାହ୍ଚୁଦାଂ ସମାନ୍ କିଡ଼ତାନ୍ ।”
୧୩ ହାଉକାର୍ ହେୱାର୍ ବିତ୍ରେ ରକାନିଂ ଉତର୍ ହିଜି ଇଚାନ୍, “ଟଣ୍ଡେନ୍ ! ଆନ୍ ନିଂ ଅନ୍ୟାୟ୍ କିଦ୍‌ୱାତାଂନା; ଏନ୍ ଇନାକା
ନା ହୁଦାଂ ର ଟାକାଂ କାଜିଂ ରାଜି ଆୱାଦାଂ ମାଚାୟ୍ ?
୧୪ ନିନ୍ଦାଂ ଇମ୍‌ଣାକା, ହେଦାଂ ଅଜି ହ୍ଲାଲା, ମାତର୍ ଇ ହାରିହାରା ଲକାଂ ପାନି ଲାକେ ହିଦେଂ କାଜିଂ ନା ମାନ୍ ।
୧୫ ନା ଜାର୍ ଦନ୍ ଇନେସ୍ ହାର୍ ହେ ଏଲେଙ୍ଗ୍ କର୍ଚ କିଦେଙ୍ଗ୍ ଇନାକା ନା ଆଦିକାର୍ ହିଲୁତ୍ ? କି ଆନ୍ ଅଲପ୍ ଉଦାର୍
ଆତିଲେ ଏପେଙ୍ଗ୍ ୱିଜାଦେର୍ ନାଙ୍ଗ୍ ଆକର୍ ଆଦ୍‌ନାଦେର୍ ?”
୧୬ “ହେ ଲାକେ ପାଚେ ମାନି ମାନାୟ୍ ପର୍ତୁମ୍ ଆନାର୍ ଆରି ପର୍ତୁମ୍ ମାନି ମାନାୟ୍ ପାଚେ ଆନାର୍ ।”

## ଜିସୁ ତା ହାକି ବିସ୍ରେ ତିନି ହଟ୍ କାଜିଂ ୱେଚ୍‌ଚାନ୍

*(ମାର୍କ ୧୦:୩୨-୩୪; ଲୁକ ୧୮:୩୧-୩୪)*

୧୭ ଜିସୁ ଜିରୁସାଲମ୍‌ତ ହାନି ହାସ୍‌ଦ ବାର ଚେଲାରିଂ ର ଲାଗେ କୁକ୍‌ଚି ଅଜି ବିନେ କିଜି ହେୱାରିଂ ଇଚାନ୍,
୧୮ “ହୁଡ଼ାଟ୍ ଆସେଙ୍ଗ୍ ଜିରୁସାଲମ୍‌ତ ହାନାସା । ହେବେ ମାନାୟ୍ ମାଜି ମୁଡ଼୍ ମାପୁହେବାକିନାକାନ୍ ଆରି ଦରମ୍ ଗୁରୁର୍
କେଇଦ ହେଲାୟ୍ ଆନାନ୍ ହେୱାର୍ ହେୱାନିଂ ହାକି ଡାଣ୍ଡ ହିନାର୍ ।
୧୯ ତା ପାଚେ ପାର୍ତିକିୱି ଜିହୁଦିର୍ କେଇଦ ପିସ୍ତି ହିନାର୍ । ପାର୍ତିକିୱି ଜିହୁଦି ତାଙ୍ଗ୍ ଗ୍ଣାଇନାର୍, କରଡା ଇଡ଼୍‌ନାର୍
ଆରି କ୍ରୁସ୍‌ତ ଦୁପ୍‌ନାର୍ । ମାତର୍ ତିନି ଦିନ୍ ପାଚେ ହେୱାନ୍ ଆରେ ନିଙ୍ଗ୍‌ନାନ୍ ।”

## ର ଆୟାତି ଗୱାରି

*(ମାର୍କ ୧୦:୩୫-୪୫)*

୨୦ ଇ ୱେଡ଼ାଲିଂ ଜେବ୍‌ଦିତି ଡକ୍ରୁହି ତା ରି ମେହିର୍ ହୁକେ ଜିସୁ ତାକେ ୱାଜି । ଜିସୁଙ୍ଗ୍ ଜୱାର୍ କିଜି ତାଙ୍ଗ୍ ଅଲପ୍ ଏନ୍ତାଡ୍
।
୨୧ ଜିସୁ ହେଦେଲିଂ ୱେନ୍‌ବାତାନ୍, “ଇନାକା ମାନ୍ କିନାୟା ?” ହେଦେଲ୍ ଇଚାଡ୍, “ଏନ୍ ଏଚେକାଡ଼୍‌ଦ ମି ରାଜିତ ରାଜା
ଆନାୟ୍, ନା ଇ ରି ହିମ୍‌ଣାକାଂ ନି ବୁଜ୍‌ଣି ଆରି ଡେବ୍ରି ପାଡ଼୍‌କା କୁଚିକିନାୟ୍ ଇଞ୍ଜି ବଲ୍ ହିଦା ।”
୨୨ ଜିସୁ ଜେବ୍‌ଦି ରିୟାର୍ ମାଜିର୍‌ିଂ ଉତର୍ ହିତାନ୍, “ଏପେଙ୍ଗ୍ ଇନାକା ଏନ୍‌ନାଦେରା, ହେଦାଂ ପୁନୁଦେରା । ଆନ୍ ଦୁକ୍
ବଗ୍‌ନି ବାହାତ ଉଣ୍ଡେଙ୍ଗ୍ ହାନାଙ୍ଗା ? ହେବେ କି ଏପେଙ୍ଗ୍ ଉଣ୍ଡେଙ୍ଗ୍ ଆଡ଼୍‌ନାଦେର୍ ?”
ହେୱାର୍ ତାଙ୍ଗ୍ ଇଚାର୍, “ଆଡ଼୍‌ନାପ୍ ।”
୨୩ ଜିସୁ ହେୱାରିଂ ଇଚାନ୍, “ଏପେଙ୍ଗ୍ ନା ଦୁକ୍ ବଗ୍‌ନି ବାହାତ ଉଣାକା ସତ୍, ମାତର୍ ନା ତିନାବାଗାଙ୍ଗ୍ ଆରି ଡେବ୍ରି
ବାଗାଙ୍ଗ୍ କୁଚ୍‌ଚେଂ ହିନାକା ନା ଆଦିକାର୍ ବିସ୍ରେ ଆକାୟ୍, ଇଚିସ୍ ଇମ୍‌ଣାକାର୍ କାଜିଂ ନା ଆବା କାଜିଂ ବାହା ଜାଲ୍‌ଦି କିୟା
ଆତାଡ଼୍‌ନ୍ନା, ହେୱାର୍ କୁଚ୍‌ନାର୍ ।”
୨୪ ବିନ୍ ଦାସ୍ ଜାଣ୍ ଇଦାଂ ୱେନ୍‌ଜି ହେ ଟଣ୍ଡରିୟାର୍ ଜପି ରିସା ଆତାର୍ ।
୨୫ ✡ମାତର୍ ଜିସୁ ଚେଲାରିଂ ଲାଗେ କୁକ୍‌ଚି ଇଚାନ୍, “ପାର୍ତିକିୱି ଜିହୁଦିର୍ ସାସନ୍ କାରିୟାର୍ ହେୱାର୍ ଜପି ରାଜ୍‌କିନାର୍
ଆରି ଗାଜା ମୁଣିକାର୍ ହେୱାର୍ ଜପି ୱିଜୁ ରାଜ୍‌କିନାର୍, ଇଦାଂ ଏପେଙ୍ଗ୍ ପୁନାଟ୍ ।”
୨୬ ✡“ମି ବିତ୍ରେ ହେ ଲାକେ ଆକାୟ୍, ମାତର୍ ମି ବିତ୍ରେ ଜେ ଇନେର୍ ଗାଜା ଆଦେଂ ମାନ୍ କିନାନ୍, ହେୱେନ୍ ମି ହେବା
କିନାକାନ୍ ଆୟେନ୍,
୨୭ ଆରେ ଇନେର୍‌କି ମୁଡ଼୍ ଆଦେଂ ଇଚା କିନାନ୍, ହେୱେନ୍ ମି ହଲ୍ୟା ଆୟେନ୍,
୨୮ ଇନେସ୍ ମାନାୟ୍ ମାଜି ହେବା ପାୟା ଆଦେଂ ୱାୱାତାନ୍‌ନା, ମତର୍ ହେବା କିଦେଙ୍ଗ୍ ଆରି ହେନି କାଜିଂ ମୁକ୍‌ଡ଼ାୟ୍
କିନି ମୁଲ୍‌ଲାକେ ଜିବୁନ୍ ହିଦେଂ ୱାତାନ୍‌ନା ।”

## ଜିସୁ ରିୟାର୍ କାଣାରିଂ ଉଜ୍ କିତାନ୍

*(ମାର୍କ ୧୦:୪୬-୫୨; ଲୁକ ୧୮:୩୫-୪୩)*

୨୯ ହେୱାର୍ ଜିରିହ ବସ୍ତିତ ହସି ହାନି ୱେଡ଼ାଲିଂ ବେସିହେନି ମାନାୟାର୍ ତା ପାଚେ ପାଚେ ହାଚାର୍ ।
୩୦ ଆରେ ହୁଡ଼ାଟ୍, ହାଜି କଚଣ୍ ରିୟାର୍ କାଣାର୍ ଜିସୁ ହେ ହାଜି ହାନାନା ଇଞ୍ଜି ୱେନ୍‌ଜି ଗାଜା କାଟ୍ କିଜି ଇଚାର୍, “ଏ
ମାପୁ, ଦାଉଦ୍ ମେହି, ମାଙ୍ଗେଙ୍ଗ୍ ଦୟା କିଦା ।”
୩୧ ଲକୁ ମୁମ୍‌ଦ ହେୱାରିଂ ଦାକା କିଜି ଚିମ୍‌ରା ଆଦେଂ ଇଚାର୍ । ମାତର୍ ହେୱାର୍ ଆରି ଚେରା ଆଜି ଇଚାର୍, “ଏ ମାପୁ
ଦାଉଦ୍ ମେହି, ମାଙ୍ଗ୍ ଦୟା କିଦା ।”
୩୨ ହେବେତାଂ ଜିସୁ ନିଲ୍‌ଚି ହେୱାରିଂ ହିର୍‌ବିସ୍ ୱେନ୍‌ବାତାନ୍, “ଆନ୍ ମି କାଜିଂ ଇନାକା କିନାଙ୍ଗ୍ ଇଞ୍ଜି ଏପେଙ୍ଗ୍ ଇଚା
କିନାଦେରା ?”

✡ **୨୦:୨୫** ଲୁକ ୨୨:୨୫,୨୬. ✡ **୨୦:୨୬** ମାତିଉ ୨୩:୧୧; ମାର୍କ ୯:୩୫; ଲୁକ ୨୨:୨୬.

୩୩ ହେୱାର୍ ତାଙ୍ଗ୍ ଇଚାର୍, “ଏ ମାପ୍ରୁ, ଇନେସ୍ ମା କାଣ୍ଙ୍ଗା ଜେୟା ଆନାତ୍ ।”
୩୪ ଆରେ, ଜିସୁ ଦୟା କିଜି ହେୱାର୍ କାଣ୍ଙ୍ଗା ଡୁତାନ୍ ଆରି ହେ ଦାପ୍ରେ ହେୱାର୍ କାଣ୍ଙ୍ଗା ହୁଡ଼୍ଜି ଜିସୁ ପାଚେ ପାଚେ ତାଙ୍ଗ୍‌ଦେଂ ଲାଗାତାର୍ ।

# ୨୧

## ଜିରୁସାଲମ୍‌ତ ଜିସୁ ରାଜା ଲାକେ ହଣ୍‌ଗାତାନ୍

*(ମାର୍କ ୧୧:୧-୧୧; ଲୁକ ୧୯:୨୮-୪୦; ଜହନ୍ ୧୨:୧୨-୧୯)*

୧ ହେ ପାଦ୍‌ନା ଜିସୁ ଆରି ଚେଲାର୍ ଜିରୁସାଲମ୍ କଚଣ୍ ବେଡ୍‌ପାଗି ନାସ୍‌ତାଂ ଏକାତାର୍ ହେ ପାଦ୍‌ନା ରିୟାର୍ ଚେଲାର୍
ଜିଡ୍‌ମାଡ଼ି ଏକାତାର୍ ।
୨ ମି “ଲାଗେ ହେ ନାସ୍ତ ହାଲାଟ୍, ଆରେ ହାନିଲାଡ଼େ ଗାଚ୍ୟା ଆଜି ମାନି ର ଗଦ ହିମ୍‌ଣା ଆରି ତା ଲାହାଙ୍ଗ୍ ର ହିମ୍‌ଣା
ହୁଡ଼୍‌ନାଦେର୍; ହେୱେକିୟାଙ୍ଗ୍ ରିକ୍‌ଚି ନା କଚଣ୍ ତାହିୱାଡୁ ।”
୩ ଆରେ, ଇନାୱାଡ଼ାଂ ଇନେର୍ ମିଙ୍ଗେଙ୍ଗ୍ ଇନାକା ଇନାର୍, “ଲାଗିଂ ଇନାଦେର୍, ଇୱାଙ୍ଗ୍ ତାକେ ମାପ୍ରୁ* ଲଡ଼ା ମାନାତ୍ ।
ହେ ଦାପ୍ରେ ହେୱେନ୍ ହେୱେକିୟାଙ୍ଗ୍ ପକ୍ତାନାନ୍ ।”
୪ ବେଣ୍‌ବାକ୍‌ଣାୟ୍‌କିନାକାର୍ କାଜିଂ ଇଦାଂ ଇ ବଚନ୍ ଇନେସ୍ ପୁରା ଆନାତ୍, ହେଦାଂ କାଜିଂ ଇଦାଂ ଗିଟା ଆତାତ୍,
୫ “ସିୟନ୍‌ନି ଗାଡ଼୍‌ଚେଂ ୱେଚାଟ୍,
ହୁଡ଼ା, ମି ରାଜା ନି କଚଣ୍ ୱାନାନା;
ହେୱାନ୍ ହୁଦାର୍ ଆରି ଗଦ ହିମ୍‌ଣା ଜପି କୁଚ୍‌ଚାନ୍ନା ଗଦ ଜପି କୁଚ୍‌ଚାକାନ୍ ।”
୬ ହେବେ ଚେଲାହିର୍ ହାଲ୍‌ଜି ଜିସୁଙ୍ଗ୍ ବଲ୍ ତାଙ୍ଗ୍ କାମାୟ୍ କିତାର୍,
୭ ଆରେ ଗଦ ହିମ୍‌ଣା ତାସି ହେୱାଙ୍ଗ୍ ଜପି ହେନ୍ଦ୍ରା ପାସ୍‌ସି ହିତାର୍, ଆରେ ଜିସୁ ତା ଜପି କୁଚ୍‌ଚାନ୍ ।
୮ ଆରେ, ମାନାୟାର୍ ବିତ୍ରେ କେତେଜାଣ୍ ଜାର୍ ଜାର୍ ହେନ୍ଦ୍ରା ହାସ୍‌ଦ ପାସ୍ତାର୍ ଆରି କେତେଜାଣ୍ ମାର୍‌ଦାଂ ଡାଡ଼୍ କାଦ୍‌ଦି
ତାସି ହାସ୍‌ଦ ପାସ୍‌ସି ହିଦେଂ ଲାଗାତାର୍ ।
୯ ଆରେ ତା ଆଗେ ଆରି ପାଚେ ହାଲ୍‌ଜି ମାନି ମାନାୟାର୍ ଗାଜା କାଟ୍‌ତାଂ ଇଞ୍ଜେଙ୍ଗ୍ ଲାଗାତାର୍, ହସାନ୍ନା “ଦାଉଦ୍‌ତି
ହିମ୍‌ଣା ଦନ୍ୟବାଦ୍ କିୟାଟ୍ ! ମାପ୍ରୁ ତର୍‌ଦାଂ ଇନେର୍ ୱାନାରା, ହେୱେନ୍ ଦନ୍ୟ ମାପ୍ରୁ କେର୍‌କଣ୍ ଆୟେତ୍ ।”
୧୦ ଆରେ, ହେୱେନ୍ ଜିରୁସାଲମ୍‌ତ ହଣ୍‌ଗାତାନ୍, ଗାଡ଼୍‌ନିକାର୍ ଇୱାନ୍ ଇନେନ୍ ଇଞ୍ଜି ବିଙ୍ଗ୍‌ବିଙ୍ଗ୍ ଆତାତ୍ ।
୧୧ ହେବେତାଂ ମାନାୟାର୍ ଇଚାର୍, “ଇୱେନ୍ ଗାଲିଲିନି ନାଜରିତ୍‌ତ ର ବେଣ୍‌ବାକ୍‌ଣାୟ୍‌କିନାକାନ୍ ଜିସୁ ।”

## ଜିସୁ ମନ୍ଦିର୍‌ତ ହାଚାନ୍

*(ମାର୍କ ୧୧:୧୫-୧୯; ଲୁକ ୧୯:୪୫-୪୮; ଜହନ୍ ୧:୧୩-୨୨)*

୧୨ ପାଚେ ଜିସୁ ମନ୍ଦିର୍‌ତ ହଣ୍‌ଜି ହେ ବାହାତ କଡ଼୍‌ନାକା ପ୍ରନାକାରିଂ ୱିଜାର୍ ମାନାୟାରିଂ ହପ୍‌ତାନ୍, ଆରେ ଡାବୁଙ୍ଗ୍
ବେପ୍ରିୟାର୍‌ତି ପାଟା ଆରି ପାଣ୍ଡ୍‌କା ବେପ୍ରିୟାର୍‌ତି କୁଚ୍‌ନି ବାହା ଉଲ୍‌ଟାୟ୍ କିତାନ୍,
୧୩ ଆରେ ଜିସୁ ହେୱାରିଂ ଇଚାନ୍, ଦର୍‌ମ ସାସ୍ତର୍‌ତ ଲେକା ମାନାତ୍, “ମା ଇଲ୍ ପାର୍ତାନା ଇଲ୍ ଇଞ୍ଜି ପୁଟା ଆନାତ୍ ମାତର୍
ଏପେଙ୍ଗ୍ ତାଙ୍ଗେଙ୍ଗ୍ ଚର୍କୁ ଇଲ୍ କିତାଦେର୍ଣ୍ଣା ।”
୧୪ ଆରେ, ମନ୍ଦିର୍‌ତ କାଣା ଆରି ହିର୍‌କଲ୍ ରଗି ମାନାୟ୍ ତା କଚଣ୍ ୱାତିଲେ, ହେୱେନ୍ ହେୱାରିଂ ଉଜ୍ କିତାନ୍ ।
୧୫ ମାତର୍ ମୁଡ଼୍ ମାପ୍ରୁହେବାକିନାକାନ୍ ଆରି ଗୁରୁର୍ ତା କିତି କାବା ଆନି କାମାୟ୍ ସବୁ ଆରି ମନ୍ଦିର୍ ବିତ୍ରେ ହସାନ୍ନା
“ଦାଉଦ୍‌ନି ହିମ୍‌ଣା” ଇଞ୍ଜି ଗାଜା କାଟ୍ କିଜି ମାନି କାଡ଼୍‌ଦେରିଂ ହୁଡ଼୍‌ଜି ରିସା ଆତାନ୍ ।
୧୬ ହେୱାର୍ ଜିସୁଙ୍ଗ୍ ୱେନ୍‌ବାତାର୍, “ଇୱାର୍ ଇନାକା ଇଞ୍ଜ୍‌ନାରା, ଏପେଙ୍ଗ୍ ୱେନାଦେରା ?”
ଜିସୁ ହେୱାରିଂ ଇଚାନ୍, “ଆଁ, ଏନେଙ୍ଗ୍ ହିମ୍‌ଣା ଆରି ଉଣାକାର୍ ୱେଇ କାଜିଂ ମିଦାଙ୍ଗ୍ ଇନାକା ଦରମ୍ ସାସ୍ତର୍‌ତ
ଲେକାତାଡ଼୍‌ନା ପଡ଼ି କିୱାତାଇନା କି, ଏନ୍ ହିମ୍‌ଣାଂ ଆରି କଡ଼୍‌ଗେ ହିମ୍‌ଣାକାଂ ଆଦିକ୍ ୱାରି କିଦେଙ୍ଗ୍ ହିକ୍ୟା ହିତାୟ୍‌ନା
?”
୧୭ ଇଦାଂ ଇଞ୍ଜି ଜିସୁ ହେୱାରିଂ ପିସ୍ତି ଜିରୁସାଲମ୍‌ତାଂ ହସି ବେତ୍‌ନିୟା ହାଚାର୍ । ହେବେ ଜିସୁ ନାଣା ମାଚାନ୍ ।

## ଜିସୁ ତଗା ମାର୍‌ତିଂ ରାଣ୍ ହିତାନ୍

*(ମାର୍କ ୧୧:୧୨-୧୪,୨୦-୨୪)*

୧୮ ହେ ଆର୍କାଡ଼୍ ନାଜିଂ ଜିସୁ ଜିରୁସାଲମ୍‌ତାଂ ୱାନିହିଂ ନାସ୍‌କି ଆତାନ୍ ।
୧୯ ହାଜି କଚଣ୍ ର ତଗା ମାର୍ ମାଚାତ୍ । ଜିସୁ ତା ଲାଗାଂ ହାଲ୍‌ଜି ହେବେ ଆକିଂ ପିସ୍ତି ଆରି ଇନାକା ହୁଡ଼୍‌ୱାତାନ୍ । ଲାଗିଂ
ଜିସୁ ମାର୍‌ତିଂ ଇଚାନ୍, “ଏନ୍ ଆରେ ମୁଡ଼୍‌କେ ପାଡ଼୍ ଆହ୍‌ମା ।” ହେ ଦାପ୍ରେ ତଗା ମାର୍ ୱାଜ୍‌ଜି ହାଚାତ୍ ।
୨୦ ଚେଲାହିର୍ ଇଦାଂ ହୁଡ଼୍‌ଜି କାବା ଆଜି ୱେନ୍‌ବାତାର୍, “ତଗା ମାର୍ ଏଚେଚାଣ୍ଡ଼୍ ୱାଚ୍‌ଚାତ୍ ଇନେସ୍ ?”

---
* **୨୧:୩** ମାପ୍ରୁ; ନଲେ ହାଉକାର୍ ।

²¹ ✡ଜିସୁ ଉତର୍ ହିତାନ୍, "ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା, ଜଦି ମି ପାତର୍ ମାନାଡ୍, ଆରେ ଏପେଙ୍ଗ୍ ପାତର୍
କିଉଦେର୍, ଲାଗିଂ ଇ ତଗା ମାର୍ କାଜିଂ ଇନେସ୍ କିୟାଆତାଡ୍‌ନା, କେବଲ୍ ଇନେର୍ ହେ ଲାକେ କିନାଦେର୍, ହେଦାଂ
ଆକାୟ୍, ମତର୍ ଜଦି ଇ ମାଡ଼ିତିଂ ପା ଏନ୍ ନିଙ୍ଗଜି ହାମ୍‌ଦୁର୍‌ତ ହାଲ୍‌ଜି ଆରା ଇଞ୍ଜି ଇନାଦେର୍, ତା ଆତିସ୍ ହେଦାଂ ଗିଟା
ଆନାଡ୍ ।
²² ଆରେ, ପାତର୍ କିଜି ପାର୍ତାନାତାଂ ଇନାକା ପା ଏନ୍‌ନାଦେର୍ ହେ ସବୁ ପାୟାନାଦେର୍ ।"

## ଜିସୁତି ଆଦିକାର୍ ବିସ୍ରେ ପର୍‌ସନ୍

*(ମାର୍କ ୧୧:୨୭-୩୩; ଲୁକ ୨୦:୧-୮)*

²³ ପାଚେ ଜିସୁ ମନ୍ଦିର୍‌ତ ହଣ୍ଜି ହିକ୍ୟା ହିନି ୱେଡ଼ାଲିଂ ମୁଡ଼୍ ମାପ୍ରୁହେବା କିନାକାର୍ ଆରି ମାନାୟାର୍‌ତି ବୁଡ଼ାଲୁର୍ ତା
କଚଣ୍ ୱାଜି ୱେନ୍‌ବାତାର୍, ଏନ୍ "ଇମ୍‌ଣି ଆଦିକାର୍‌ତାଂ ଇ ୱିଜୁ କିନାୟା ? ଆରେ, ନିଙ୍ଗେଙ୍ଗ୍ ଇନେର୍ ଇ ଆଦିକାର୍
ହିଡ୍‌ତାର୍ ?"
²⁴ ଜିସୁ ହେୱାରିଂ ଉତର୍ ହିତାନ୍, "ଆନ୍ ମିଙ୍ଗେଙ୍ଗ୍ କେବଲ୍ ର ପର୍‌ସନ୍ ଗୱାରି କିଦ୍‌ନାଙ୍ଗ୍ ହେ ଉତର୍ ହିଦେଂ ଆଡ୍‌ତିସ୍,
ଆନ୍ ଇମ୍‌ଣି ଆଦିକାର୍ ଇ ୱିଜୁ କାମାୟ୍ କିନାଙ୍ଗା, ମିଙ୍ଗେଙ୍ଗ୍ ୱେଚ୍‌ନାଙ୍ଗ୍ ।
²⁵ ବାପ୍ତିସିମ୍ ହିନାକା ଆଦିକାର୍ ଜହନ୍ ଇନେର୍‌ତାଂ ଗାଟା ଆଜି ମାଚାନ୍ ? ସାର୍ଗେତାଂ କି ମାନାୟ୍‌ତିଂ ?"
ହେବେ ହେୱାର୍ ହେୱାର୍ ବିତ୍ରେ ବେଣ୍‌କିତାର୍ "ଇ ବିସ୍ରେ ଇନାକା ଇନାସ୍ ? ଜଦି ଇନାସ୍ ଇସ୍ୱର୍‌ତାଂ, ଲାଗିଂ ଜହନ୍‌ତିଂ
ଇନାକିଦେଂ ପାତର୍ କିଉଦେରା ଇଞ୍ଜି ହେୱାନ୍ ମାଙ୍ଗେଙ୍ଗ୍ ୱେନ୍‌ବାଦାନାନ୍ ।
²⁶ ମାନାୟ୍‌ତିଂ ଇଞ୍ଜି ଜଦି ଇନାସ୍, ଲାଗିଂ ମାନାୟାରିଂ ମାଙ୍ଗ୍ ପାଣ୍ଡ୍ର ହୁଡ୍‌ନାତା, ଇନାକିଦେଂକି ୱିଜାର୍ ମାନାୟାର୍ ଜହନ୍
ରକାନ୍ ବେଣ୍‌ବାକ୍‌ଣାୟ୍ କିନାକାନ୍ ଇଞ୍ଜି ହେୱାର୍ ପାତର୍ କିନାରା ।"
²⁷ ହେଦାଂ କାଜିଂ ହେୱାର୍ ଜିସୁ ଉତର୍ ହିଜି ଇଚାର୍, "ଆପେଂ ପୁନୁପ୍ ।"
ଜିସୁ ହେୱାରିଂ ଇଚାନ୍, "ଇନେର୍ ଆଦିକାର୍‌ତାଂ ଇ ସବୁ କିନାଙ୍ଗା, ଆନ୍ ପା ମିଙ୍ଗେଙ୍ଗ୍ ୱେଚ୍‌ଚୁଙ୍ଗ୍ ।"

## ରିୟାର୍ ମାଜିର୍ ଉତର୍‌ମୁଡ଼୍

²⁸ "ମତର୍ ଏପେଙ୍ଗ୍ ଇନାକା ମାନେ କିୟା ? ରୱାନ୍ ମାନାୟ୍‌ତିଂ ରିୟାର୍ ମାଜି ମାଚାର୍ । ହେୱେନ୍ ପର୍ତୁମ୍ କଚଣ୍ ୱାଜି
ଗାଜା ମାଜି ଇଚାନ୍, ମାଜି, ହାଲା, ନେଞ୍ଜେଙ୍ଗ୍ ଅଙ୍ଗୁର୍ ବାଡ୍‌ଦ କାମାୟ୍ କିୟା ।
²⁹ ହେୱେନ୍ ଉତର୍ ହିତାନ୍, ନା ଇଚା ଆକାୟ୍, ମାତର୍ ପାଚେ ମାନ୍‌ବାଦ୍‌ଲାୟ୍ କିଜି ହାଚାନ୍ ।
³⁰ ଆରେ, ଆବା ଆରେ ରକାନ୍ କଚଣ୍ ୱାଜି ହେ ଲାକେ ଇଚାନ୍ । ହେୱାନ୍ ଉତର୍ ହିତାନ୍, ଗୁରୁ, ଆନ୍ ହାନାଙ୍ଗା,
ମାତର୍ ହାଲ୍‌ୱାତାନ୍ ।
³¹ ଇନା, ଇ ରିୟାର୍ ମେହିର୍ ବିତ୍ରେ ଇନେର୍ ତା ଆବାତି ବଲ୍ ମାନି କିଜି ମାଚାନ୍ ?" ହେୱାର୍ ଇଚାର୍, "ଗାଜା ମେହି
।"
ଜିସୁ ହେୱାରିଂ ଇଚାନ୍, "ଆନ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା ସିସ୍ତୁଏନ୍‌ନାକାର୍ ଆରି ଦାରୁଲାର୍ ମିଙ୍ଗେଙ୍ଗ୍ ତାଙ୍ଗ୍ ଆଗେ ଇସ୍ୱର୍
ରାଜିତ ହଣାର୍ ।
³² ଇନାକିଦେଂକି ଜହନ୍ ମି କଚଣ୍ ଦାମର୍ନି ହାଜି ହିଜି ୱାତାନ୍, ଆରେ ଏପେଙ୍ଗ୍ ତାଙ୍ଗେଙ୍ଗ୍ ପାତର୍ କିୱାତାଦେର୍,
ମତର୍ ସିସ୍ତୁଏନ୍‌ନାକାର୍ ଆରି ଦାରୁଲାର୍ ତାଙ୍ଗେଙ୍ଗ୍ ପାତର୍ କିତାର୍, ମାତର୍ ଏପେଙ୍ଗ୍ ଇନେସ୍ ତାଙ୍ଗେଙ୍ଗ୍ ପାତର୍ କିଦେଙ୍ଗ୍
ଆଡ୍‌ନାଦେର୍, ଇଦାଂ କାଜିଂ ହେଦାଂ ହୁଡ଼୍‌ଜି ପା ମାନ୍‌ବାଦ୍‌ଲାୟ୍ କିୱାତାଦେର୍ ।"

## କାମ୍‌ଲିୟା ଅଙ୍ଗୁର୍ ବାଡ୍‌ନି ବାଗ୍ ଉତର୍‌ମୁଡ଼୍

*(ମାର୍କ ୧୨:୧-୧୨; ଲୁକ ୨୦:୯-୧୯)*

³³ "ଆରେ ର ଉତର୍‌ମୁଡ଼୍ ୱେନାଟ୍ । ରୱାନ୍ ଇଲ୍ ହାଉକାର୍ ମାଚାନ୍, ହେୱାନ୍ ର ଅଙ୍ଗୁର୍ ବାଡ୍ କିଜି ଚାରିବେଣ୍‌ତାଂ
ବାଡ୍ ଡ୍‌ଚାନ୍ ଆରି ହେ ବିତ୍ରେ ଅଙ୍ଗୁର୍‌କୁଣ୍ଡି କାଚର୍ ମାଚା ରଚ୍‌ଚାନ୍, ଆରେ କାମ୍‌ଲିୟାରିଂ ହେ ବାଡ୍ ବାଗ୍ ହିଜି ବିଦେସ୍
ହାଚାନ୍ ।
³⁴ ପାଚେ ପାଡ୍‌ନି ସମୁ ଲାଗେ ୱାତିଲେ, ହେୱାନ୍ ଜାର୍ ପାଡ୍ ଗାଟାଆଦେଂ କାଜିଂ କାମ୍‌ଲିୟାର୍ ଲାଗାଂ ଜାର୍ ଆଡ଼ିୟାରିଂ
ପକ୍‌ତାନ୍ ।
³⁵ ମାତର୍ କାମ୍‌ଲିୟାର୍ ହେୱାନ୍ତି ଆଡ଼ିୟାରିଂ ଆସ୍ତି ରକାନିଂ ଟ୍ରାକ୍‌ତାର୍, ଆରେ ରକାନିଂ ଅସ୍ତାର୍, ଆରେ ରକାନିଂ କାଲ୍‌କୁ
ଇଡ଼୍‌ଜି ଅସ୍ତାର୍ ।
³⁶ ଆରେ ରଗ ବାଡ୍ ମାଲିକ୍ ହିଗ୍‌ଦତାଂ ବେସିହେନି ଆଡ଼ିୟାରିଂ ପକ୍‌ତାନ୍, ଆରେ ବାଗ୍ କାମ୍‌ଲିୟାର୍ ହେୱାର୍ ହେୱାର୍
କାଜିଂ ହେ ଲାକେ କିତାର୍ ।
³⁷ ମାତର୍ ନା ମେହିଙ୍ଗ୍ ହେୱାର୍ ମାନି କିନାର୍, ଇଦାଂ ଇଞ୍ଜି ୱିସ୍ତିହିଙ୍ଗ୍ ହେୱାନ୍ ପାଚେ ଜାର୍ ମାଜି ହେୱାର୍ ତାକେ
ପକ୍‌ତାନ୍ ।"

✡ **୨୧:୨୧** ମାତିଉ ୧୭:୨୦; ୧ କରନ୍ତିୟ ୧୩:୨.

୩୮ "ମତର୍ ହେ କାମ୍‌ଲିୟାର୍ ମେହିଙ୍ଗ୍ ହୁଡ଼୍‌ଜି ରୱାନ୍ ଆରେ ରୱାନିଂ ଇଚାର୍, 'ଇୱାନ୍ ହୁଡ଼ାଟ୍ ହାଉକାର୍ ମେହି; ୱାଡୁ,
ଇୱାନିଂ ଅଜି ଆସେଙ୍ଗ୍ ଇୱାନ୍ତି ଆଦିକାର୍ କେଇଦ ଅନାସ୍ ।'
୩୯ ହେବେ ହେୱାର୍ ହେୱାନିଂ ଅଜି ଅଙ୍ଗୁର୍ ବାଡ଼୍‌ନି ବାର୍ତ ତୁଇଜି ଅସ୍ତାର୍ ।
୪୦ ଜିସୁ ୱେନ୍‌ବାତାନ୍, ଏଚେକାଡ଼୍‌ଦ ହେ ଅଙ୍ଗୁର୍ ବାଡ଼୍‌ନି ହାଉକାର୍ ୱାନାନ୍, ହେୱାଡ଼ାଂ ହେ କାମ୍‌ଲିୟାର୍ କାଜିଂ ହେୱାନ୍
ଇନାକା କିନାନ୍ ?"
୪୧ ହେୱାର୍ ହେୱାନିଂ ଇଚାର୍ "ହେୱାନ୍ ହେ ବାନିୟାରିଂ ହେୱାନ୍ ହାତେନେ ଅହ୍‌ନାର୍ ଆରି ଇମ୍‌ଣି ବିନ୍ ବାଗ୍
କାମ୍‌ଲିୟାର୍ ହେୱାନିଂ ସମାନ୍ ସମୁତ ବାଗ୍‌ନି ପାଡ଼୍ ହିନାର୍, ହେୱାରିଂ ଅଙ୍ଗୁର୍ ବାଡ଼୍ ବାଗ୍ ହିନାନାନ୍ ।"
୪୨ ଜିସୁ ହେୱାରିଂ ଇଚାନ୍, "ଏପେଙ୍ଗ୍ କି ଇନାୱାଡ଼ାଂପା ଦରମ୍ ସାସ୍ତ୍ରତ ଇ କାତା ପଡ଼ି କିୱାତାଦେର୍ଣ୍ଣା,
'ଇଲ୍ ରଚ୍‌ନାକାର୍ ଇମ୍‌ଣି କାଲ୍‌ଦିଂ ମୁନାକିତାନ୍,
ହେଦାଂ କନାନି ମୁଡ଼୍‌କାଲ୍ ଆତାତ୍;
ମାପୁତାଂ ଇଦାଂ ଆତାତ୍,
ଆରେ ହେଦାଂ ମା କାଣ୍‌କୁତ କାବାଆନାକା ?'
୪୩ ଇଦାଂ କାଜିଂ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଇସ୍ୱର୍ତ ରାଜି ମିତାଙ୍ଗ୍ ଉନ୍‌ଦିୟାନାତ୍, ଆରେ ଇମ୍‌ଣି ଜାତି ହେବେନି
ପାଡ଼୍ ଆହ୍‌ନାତ୍, ହେୱାନିଂ ହିୟାନାତ୍ ।
୪୪ ଆରେ, ଇନେର୍ ଇ କାଲ୍ ଜପି ଆର୍ନାର୍, ହେୱାନ୍ ବିରାଆନାନ୍, ଆରେ ଇ କାଲ୍ ଇନେର୍ ଜପି ଆର୍ନାତ୍, ହେୱାନିଂ
ହେଦାଂ ବିରାୟ୍ କିନାତ୍ ।"
୪୫ ମୁଡ଼୍‌ମାପୁହେବାକିନାକାର୍ ଆରି ପାରୁସିର୍ ଜିସୁତି ଇ ସବୁ ଉତର୍‌ମୁଡ଼୍ ୱେନ୍‌ଜି, ଜିସୁ ଜେ ହେୱାର୍ ବିସ୍ରେ ଇଟ୍‌କାଡ଼୍
କିତାର୍ଣ୍ଣା ଇଞ୍ଜି, ବୁଜାଆତାର୍ ।
୪୬ ଆରେ, ହେୱାର୍ ହେୱାନିଂ ଆସ୍ତେଙ୍ଗ୍ ସେସ୍ଟା କିତାର୍, ମାତର୍ ମାନାୟାରିଂ ପାଣ୍ତ୍ରାତାର୍, ଇନାକିଦେଂକି ହେୱାର୍
ହେୱାନିଂ ବେଣ୍‌ବାକ୍‌ଣାୟ୍ କିନାକାନ୍ ଇଞ୍ଜି ମାନି କିଜି ମାଚାର୍ ।

# ୨୨

## ବିବା ବଜିନି ଉତର୍‌ମୁଡ଼୍
*(ଲୁକ ୧୪:୧୫-୨୪)*

୧ ଜିସୁ ଆରେ ରଗ ଉତର୍‌ମୁଡ଼୍ ହୁକେ ଲକୁରିଂ ହିକ୍ୟା ହିତାନ୍,
୨ "ସାର୍ଗେ ରାଜି ଏଲେଙ୍ଗ୍, ରକାନ୍ ରାଜା ମାଚାନ୍, ଇନେର୍‌କି ଜାର୍ ମାଜିଡ଼ି ବିବା ବଜି ଜାଲ୍‌ଦି କିତାନ୍,
୩ ଆରେ ହେ ବଜିତ କୁକ୍ୟାତି ଲକାରିଂ କୁକ୍‌ଚି ତାତେଙ୍ଗ୍ ଇଞ୍ଜି ହେୱାନ୍ ହେ ଆଡ଼ିୟାରିଂ ପକ୍‌ତାନ୍, ମାତର୍ ହେୱାର୍
ୱାଦେଙ୍ଗ୍ ମାନ୍ କିୱାତାର୍ ।
୪ ଆରେ ରଗ ହେୱାନ୍ ବିନ୍ ଆଡ଼ିୟାରିଂ ପକ୍‌ଚି ବଲ୍ ହିତାନ୍, କୁକ୍‌ତି ଲଗାଂ ଇନାଟ୍, ହୁଡ଼ାଟ୍, 'ଆପେଂ ମା' ବଜି ଜାଲ୍‌ଦି
କିତାପ୍‌ନ୍ନା, ମା ସଣ୍ଡ୍ ଆରି ଦୁମାଂ ଅହ୍‌ରିଙ୍ଗ୍ ପାଗ୍‌ତାପ୍‌ନ୍ନା, ୱିଜୁ ଜାଲ୍‌ଦି ଆତାତ୍‌ନ୍ନା, ଏପେଙ୍ଗ୍ ବିବା ବଜିତ ୱାଡୁ ।"
୫ "ମାତର୍ କୁକ୍ୟାତି ମୁଣିକାର୍ ଇ କାତାତିଂ ମାନିକିୱାଦାଂ ଜାର୍ ଜାର୍ କାମାୟ୍ କିଦେଙ୍ଗ୍ ଲାଗାତାର୍ ରୱାନ୍ ତା ବୁମିତ
ହାଚାନ୍, ଆରେ ରୱାନ୍ ଦୁକାଣ୍‌ତ ହାଚାନ୍ ଆରି,
୬ ଆରେ କେତେକ୍ ଜାଣ୍ ରାଜାତି ଆଡ଼ିୟାରିଂ ଆସ୍ତି ଅସ୍‌ପାତାର୍ ।
୭ ରାଜା ରିସା ଆଜି ମେଲ୍ୟାରିଂ ପକ୍‌ତାନ୍ । ହେୱାର୍ ହେ ନାର୍ ମାରୁରିଂ ଅଜି ହେୱାର୍‌ତି ବସ୍ତିତିଙ୍ଗ୍ ନିସ୍‌ତ ମେହାୟ୍
କିତାର୍ ।"
୮ ତା ପାଚେ ରାଜା ଆଡ଼ିୟାରିଂ କୁକ୍‌ଚି ଇଚାନ୍, "ବିବା ବଜି ଜାଲ୍‌ଦି, ମାତର୍ ଆନ୍ କୁକ୍ତାକାର୍ ୱାଦେଙ୍ଗ୍ କାୱାତାର୍ ।"
୯ "ଲାଗିଂ ରାଜ୍‌ଡାଣ୍ଡ୍‌ନି ଡେଡ଼ା ଡେଡ଼ା ହାଲ୍‌ଜି ଏଚେକ୍ ଲକାଂ ହୁଡ଼୍‌ନାଦେର୍, ୱିଜାକାରିଂ ମା ବଜିତ କୁକ୍‌ଚି ତାହିୱାଡୁ ।"
୧୦ ଲାଗିଂ ଆଡ଼ିୟାର୍ ପାଟି ପାଟିତିଂ ବୁଲାଆଜି ହାର୍ ଆଏଡ୍ କି, ବାନ୍ୟା; ଏଚେକ୍ ଲଗାଂ ହୁଡ଼୍‌ତାର୍, ୱିଜାକାରିଂ କୁକ୍‌ଚି
ତାହିୱାତାର୍ ଆରି ବିବା ଇଞ୍ଜ ବାତ କିତାର୍ ।
୧୧ "ରାଜା ଗତାକାଂ ହୁଡ଼୍‌ଦେଂ ୱାତାନ୍ । ହେୱାନ୍ ହୁଡ଼୍‌ତାନ୍, ହେୱାର୍ ବିତ୍ରେ ରୱାନ୍ ବିବା ହେନ୍ଦ୍ରା ଉସ୍‌ପା ୱାଦାଂ ମାନି
ରୱାନିଙ୍ଗ୍ ହୁଡ଼୍‌ଜି ହେୱାନିଙ୍ଗ୍ ଇଚାନ୍ ।
୧୨ ରାଜା ହେୱାନିଂ ୱେନ୍‌ବାତାନ୍, 'ବନ୍ଧୁ, ବିବା ଇଲ୍ ହେନ୍ଦ୍ରା ଉସ୍‌ପାୱାଦାଂ ଇବେ ୱାତାୟ୍ ଇନେସ୍ ?' ମାନାୟ୍ ଉତର୍
ହିୱାଦାଂ ଚିମ୍‌ରା ଆତାନ୍ ।
୧୩ ✡ରାଜା ଆଡ଼ିୟା ୱେଚ୍‌ଚାନ୍, ତା କେଇକାଲ୍ ଗାଚ୍‌ଚି ବାର୍ତ ମାଜ୍‌ଗାତ ତୁହିୟାଟ୍ । ହେବେ ଆଡ଼୍‌ବିସ୍ ଟାଡାଙ୍ଗ୍
ରେତିକିନାନ୍ ।"

✡ **୨୨:୧୩** ମାତିଉ ୮:୧୨; ୨୫:୩୦; ଲୁକ ୧୩:୨୮.

୧୪ ଜିସୁ ୱିସ୍ତିହିଙ୍ଗ୍ ଇଚାନ୍, ଆଦିକ୍ କୁକ୍ୟାତାର୍, "ମାତର୍ ଅଲପ୍ ବାଚିକିୟାତାକାର୍ ।"

### ହିନି ବିସ୍ରେ

*(ମାର୍କ ୧୨:୧୩-୧୭; ଲୁକ ୨୦:୨୦-୨୬)*

୧୫ କେଡ୍‌ଜାଣ୍ ପାରୁସିର୍ ହାଲ୍‌ଜି ଜିସୁଙ୍ଗ୍ ପର୍‌ସନ୍ ୱେନ୍‌ବିସ୍ ହେୱାନିଂ ଡ଼କ୍ଲାତ ରାଡ୍‌ତେଂ ଇଞ୍ଜି ଉପାୟ୍ ପାଚି କିତାର୍ ।
୧୬ ହେୱାର୍ ନିଜାର୍ କେତେକ୍ ଜାଣ୍ ଚେଲାରିଂ ଆରି ହେରଦିୟା ଦଲ୍‌ନି କେତେକ୍ ଜାଣ୍ ମାନାୟ୍‌ତିଂ ଜିସୁ ଲାଗେ
ପଣ୍ଡାର୍, ହେୱାର୍ ୱେନ୍‌ବାତାର୍ "ଏ ଗୁରୁ ଆପେଂ ପୁଚାପ୍‌ନ୍ନା, ଏନ୍ ସତ୍ କାତା ଇନାୟ୍ ଇସ୍ୱର୍ ହାଡ୍‌ପା ବିସ୍ରେନି ହାଜି ସିକ୍ୟା
ହିତାୟ୍‌ନା । ଆରେ ଇନେରିଂ ପାଣ୍ଡ୍ରା ଆଉୟ୍, ଇନାକିଦେଂକି ଏନ୍ ମାନାୟ୍‌ତିଂ ମୁକ୍‌ମେଟ୍ ହୁଡ଼୍‌ୟୁ ।
୧୭ ଲାଗିଂ ମାଙ୍ଗ୍ ୱେଡ୍‌ଚା, ନି ଇନାକା ଇନାକା ? କାଇସର୍‌ତିଂ ସିସ୍ତ ହିନାକା ବିଦି ମାନାଡ୍ କି ଆକାୟ୍ ?"
୧୮ ମାତର୍ ଜିସୁ ହେୱାର୍‌ତି କୁଟ୍ ପୁଞ୍ଜି ମାଚାନ୍ । ଲାଗିଂ ହେୱାନ୍ ଇଚାନ୍, "ଆଡ଼େ କାପ୍‌ଟିୟାର୍, ନାଙ୍ଗ୍ ଡ଼କ୍ଲାତ
ରାଡ୍‌ତେଦେଂ ଇନେକିଦେଂ ସେସ୍ଥା କିନାଦେରା ?
୧୯ ଇମ୍‌ଣି ଟାକାଂ ହିନାଦେରା, ହେବେଣ୍ଡ୍ରାଂ ରଞ୍ଜୁ ତାସି ଚଡ୍‌ଚାଟ୍ ।
ହେୱାର୍ ରଞ୍ଜୁ ଅଦ୍‌ନି ତାସି ତାଙ୍ଗେଙ୍ଗ୍ ହିତାର୍ ।"
୨୦ ଜିସୁ ହେୱାରିଂ ୱେନ୍‌ବାତାନ୍, "ଇ ଅଦ୍‌ନି ଜପି ଇନେର୍‌ତି ତର୍ ଆରି ପୁଡ୍‌ଡ଼ା ରଚ୍ୟା ଆତାଡ୍‌ନ୍ନା ।"
୨୧ ହେୱାର୍ ଉତର୍ ହିତାର୍, "କାଇସର୍‌ତି ।"
ଜିସୁ ହେୱାରିଂ ଇଚାନ୍, "ତେବେ ଇମ୍‌ଣାକା ରମ୍‌ତି, ହେଦାଂ ରମ୍‌ତିଂ ହିୟାଟ୍, ଆରି ଇମ୍‌ଣାକା ଇସ୍ୱର୍ତି, ହେଦାଂ
ଇସ୍ୱର୍‌ତିଂ ହିୟାଟ୍ ।"
୨୨ ଇଦାଂ ୱେନ୍‌ଞ୍ଜି ହେୱାର୍, କାବା ଆଜି ହାଚାର୍ ।

### ଆରେ ନିଙ୍ଗ୍‌ନି ବିସ୍ରେ ପର୍‌ସନ୍

*(ମାର୍କ ୧୨:୧୮-୨୭; ଲୁକ ୨୦:୨୭-୪୦)*

୨୩ ହେ ଦିନ୍ ସାଦୁକି କୁଦାନି କେତେକ୍ ଜାଣ୍ ଜିସୁ ତାକେ ୱାତାର୍ । ସାଦୁକିର୍ ପାତି କିଜି ମାଚାର୍ ଜେ, ଆରେ ନିଂନାକା
ଆକାୟ୍ ।
୨୪ ହେୱାର୍ ଜିସୁଙ୍ଗ୍ ୱେନ୍‌ବାତାର୍, "ଗୁରୁ, ମସା ଇଞ୍ଜାନ୍ନା ଜେ, ଜଦି ରୱାନ୍ ମାନାୟ୍ ହିମ୍‌ଣାୱାକ୍‌ଡ଼ା ଆୱାଦାଂ ହାତିସ୍,
ବାଟିଙ୍ଗ୍ ତା ଟଣ୍ଡ୍ରେନ୍ ହେ ରାଣ୍ଡିଙ୍ଗ୍ ବିବା କିନାନ୍ ଆରି ହେୱାର୍‌ତି ହିମ୍‌ଣାଂ ହେ ହାତି ଲକୁତ ମାଜିର୍ ଇଞ୍ଜି ଇନ୍ୟା ଆନାର୍ ।
୨୫ ୱେନାଟ୍, ମା ବିଡ୍ରେ ସାତ୍ ବାୟ୍ ଟଣ୍ଡାର୍ ମାଚାର୍, ଗାଜା ଟଣ୍ଡ୍ରେନ୍ ବିବା କିଜି ହାତାନ୍, ହିମ୍‌ଣାୱାକ୍‌ଡ଼ା ହିଲ୍‌ୱିତିଲେ
ଜାର୍ ଟଣ୍ଡ୍ରେନ୍ କାଜିଂ ଜାର୍ କଗ୍‌ଲେଂ ପିସ୍ତାନ୍ ।
୨୬ ମାତର୍ ରିୟାର୍, ତିନ୍ ଜାଣ୍ ଆରି ହାରିହାରା ସାତ୍ ଟଣ୍ଡାର୍ ପା ହେ ଲାକେ ବିବା କିତାର୍ ।
୨୭ ହାରିହାରା ହେ କଗ୍‌ଲେ ପା ହାତାଡ୍ ।
୨୮ ଇମ୍‌ଣି ଦିନ୍ ହାତି ମୁଣିକାର୍ ଆରେ ନିଂନାର୍, ଇ କଗ୍‌ଲେ ଇନେର୍ ଡକ୍ରି ଇଞ୍ଜି ଇନ୍ୟା ଆନାଡ୍ ? ୱିଜାକାର୍ ତ ତାଙ୍ଗ୍
ବିବା କିଜି ମାଚାର୍ ।"
୨୯ ଜିସୁ ହେୱାରିଂ ଉତର୍ ହିତାନ୍, "ଏପେଙ୍ଗ୍ ବାୟା କାଦେର୍ । ସାସ୍ତର୍ କି ଇସ୍ୱର୍ତି ସାକ୍ତି ବିସ୍ରେ ମିଦାଙ୍ଗ୍ ଇଚ୍‌କାଡ୍
ହିଲ୍‌ୱି କାଜିଂ ଇ କାତା ପୁନ୍‌ୱା ତାଦେର୍ଣ୍ଣା ।
୩୦ ଆରେ ନିଂନିତ ପାଚେ ହାତି ଲକୁ ହେୱାର୍ ସାର୍ଗେନି ଦୁତ୍ ଲାକେ ଆନାର୍ । ହେୱାର୍ ବିବା ଆଉର୍ କି ବିବା କିଉର୍ ।
୩୧ ହାତି ମୁଣିକାର୍ ଆରେ ନିଂନି ବିସ୍ରେ ଇସ୍ୱର୍ ସାସ୍ତର୍ ୱେଡ୍‌ଚାତାନ୍ନା, ଏପେଙ୍ଗ୍ ଇନାକା ବାଇବଲ୍‌ତ ଇନାୱାଡ଼ାଂ ପଡ଼ି
କିୱାତାଦେର୍ଣ୍ଣା ?"
୩୨ ଇସ୍ୱର୍ ଇଞ୍ଜାନ୍ନା, ଆସେଙ୍ଗ୍ ଅବ୍ରାହାମ୍, ଇସ୍‌ହାକ୍, ଆରି ଜାକୁବ୍‌ତି ଇସ୍ୱର୍ । ଇସ୍ୱର୍ ତ ଜିତାକାର୍ତି ଇସ୍ୱର୍ ହାତାକାର୍ତି
ଆଦେଂ ଆଡୁନ୍ ।
୩୩ ଲକୁ ଜିସୁତି ହିକ୍ୟା ୱେନ୍‌ଞ୍ଜି କାବା ଆତାର୍ ।

### ମୁଡ଼୍ ବଲ୍

*(ମାର୍କ ୧୨:୨୮-୩୪; ଲୁକ ୧୦:୨୫-୨୮)*

୩୪ ଏଚେକାଡ୍‌ଡ଼୍ ପାରୁସିର୍ ୱେଚୋର୍ ଜେ ଜିସୁ ସାଦୁକିରିଂ ଉତର୍ କିୟ୍‌କିୱାତାନ୍‌ଦେ, ହେୱାର୍ ରୁଣ୍ଡା ଆଜି ଜିସୁ ଲାଗେ
ୱାତାର୍
୩୫ ଆରି ହେୱାର୍ ବିଡ୍ରେ ରକାନ୍ ଦରମ୍ ସାସ୍ତର୍ ଜିସୁଙ୍ଗ୍ ଡ଼କ୍ଲାତ ରାଡ୍‌ତେଂ ଇଞ୍ଜି ର ପରସନ୍ କିତାନ୍,
୩୬ "ଏ ଗୁରୁ," ମସାତି ବିଦିତ "ଇମ୍‌ଣି ବଲ୍ ୱିଜେଡ଼ିଂ ମୁଡ଼୍‌ଦାକା ।"
୩୭ ଜିସୁ ହେୱାନିଂ ଇଚାନ୍, "ନି ମାପ୍ରୁ ଇସ୍ୱର୍‌ତିଂ ୱିଜୁ ୱାସ୍କି, ୱିଜୁ ପାରାଣ୍ ଆରି ୱିଜୁ ମାନ୍ ହିଜି ଜିଉନୱାଟ୍ ।
୩୮ ଇଦାଂ ନେ ପର୍ତୁମ୍ ଆରି ମୁଡ଼୍ ବଲ୍ ।"

୩୯ “ରିଣ୍ଡାଙ୍ଗ୍ ମୁଡ଼୍ ବଲ୍ ଆନାତା, ମି ପାଡ଼୍ହା ଇଞ୍ଜାକାରିଂ ଜିବୁନ୍ ଲାକେ ଜିଉନୱାଟ୍ ।
୪୦ ଇ ରିଣ୍ଡି ବଲ୍ ମସାତି ୱିଜୁ ବିଦି ଆରି ବେଣ୍ବାକ୍ଣାୟ୍କିନାକାତର୍ ସିକ୍ୟାତ ବାସର୍ କିନାଡ୍ ।”

## କ୍ରିସ୍ଟ ମସିୟା ଆନାନ୍

*(ମାର୍କ ୧୨:୩୫-୩୭; ଲୁକ ୨୦:୪୧-୪୪)*

୪୧ ଏଚେକାଡ଼୍ଦ ପାରୁସିର୍ ରୁଣ୍ଡାଆତି ୱେଡ଼ାଲିଂ ଜିସୁ ହେୱାରିଂ ୱେନ୍ବାତାନ୍,
୪୨ “କ୍ରିସ୍ଟ ଇଚିସ୍ ମସିୟା ତା ବିସ୍ରେ ଏପେଙ୍ଗ୍ ଇନାକା ବାବି କିନାଦେରା ? ହେୱାନ୍ ଇନେର୍ କୁଟୁମ୍ ?”
ହେୱାର୍ ଉତର୍ ହିତାର୍, “ହେୱାନ୍ ଦାଉଦ୍ତି ।”
୪୩ ଜିସୁ ୱେନ୍ବାତାନ୍, “ତା ଆତିସ୍ ଦାଉଦ୍ ମସିୟାଙ୍ଗ୍ ନା ମାପ୍ରୁ” ଇଞ୍ଜି ଇନେକିଦେଂ ଲେକି କିତାନ୍ନ୍ନା ? ଇନାକିଦେଂକି
ଜିବୁନ୍ ପକ୍ତିଲେ ହେୱାନ୍ ଲେକି କିତାନ୍ନ୍ନା,
୪୪ “ମାପ୍ରୁ ନା ମାପ୍ରୁଙ୍ଗ୍ ଇଚାନ୍,
ଆପେଂ ମି ସାତ୍ରୁରିଂ ମି ପାନା ତାରେନ୍ ଇଟ୍ୱି,
ହେ ପାତେକ୍ ମା ବୁଜ୍ଣି ବାଗାଙ୍ଗ୍ କୁଚ୍ଚି ମାନା ।”
୪୫ “ଲାଗିଂ ଦାଉଦ୍ ଜଦି ତାଙ୍ଗ୍ ମାପ୍ରୁ ଇଞ୍ଜି କିତାର୍, ବାଟିଙ୍ଗ୍ ମସିୟା ଇନେସ୍ ତା ମାଜି ଇଞ୍ଜି ଇନାନ୍ ?”
୪୬ ହେବେ ଇନେର୍ ପା ହେୱାନିଂ ପାଦେକ୍ ଉତର୍ ହିଦେଂ ଆଡ୍ୱାତାର୍, ଆରେ ହେ ଦିନ୍ତାଂ ଇନେର୍ ଆରେ ହେୱାନିଂ
ପର୍ସନ୍ ୱେନ୍ବେଦେଂ ସାସ୍ କିୱାତାର୍ ।

# ୨୩

## ଦରମ୍ଗୁରୁ ଆରି ପାରୁସିର୍ ବିରୁଦ୍ଦ ଜିସୁତି ଚେତାହିନି କାତା

*(ମାର୍କ ୧୨:୩୮-୩୯; ଲୁକ ୧୧:୪୩-୪୬; ୨୦:୪୫-୪୬)*

୧ ହେୱେଡ଼ାଲିଂ ଜିସୁ ମାନାୟାରିଂ ଆରି ଚେଲାରିଂ ଇଚାନ୍,
୨ “ଦରମ୍ ଗୁରୁର୍ ଆରି ପାରୁସିର୍ ମସାତି ଗାଦିତ କୁଚ୍ଚାର୍ଣ୍ଡା ।
୩ ଲାଗିଂ ହେୱାର୍ ଇନାକା କିଦେଙ୍ଗ୍ ଇନାରା, ହେଦାଂ କିୟାଟ୍ । ମାତର୍ ହେୱାର୍ତି କାମାୟ୍ କାବାଡ଼୍ତାକେ ପାଚେ
ହାଲ୍ମାଟ୍ । ଇନାକିଦେଂକି ହେୱାର୍ ନିଜେ ହିତି ହିକ୍ୟା ସମାନ୍ କାମାୟ୍ କିଉର୍ ।
୪ ହେୱାର୍ ହିକ୍ୟା ସବୁ ଲକାତର୍ ଗାଗାଡ଼୍ ଜପି ଜବର୍ ବଜ୍ ଲାଦିକିନାର୍, ମାତର୍ ହେୱିଜୁ ବଜ୍ ପିଣ୍ଡେଂ କାଜିଂ ଜାର୍ତିଂ
ୱାଚ୍କା ହୁକେ ପା ଅଲପ୍ ହାଂ କିଉର୍ ।
୫ ✡ହେୱାର୍ ଲକାଂ ଚଚ୍ଚେଙ୍ଗ୍ ଇଞ୍ଜି ଜାର୍ ଜାର୍ତି ସବୁ କାମାୟ୍ କିବାନାର୍, ଇନାକିଦେଂକି ହେୱାର୍ ଜାର୍ ସାସ୍ତ୍ରର୍ ବଚନ୍
ଲେକାଆତି ନିଦାଣ୍ଡ ପତାତ ଡରି ଗାଚ୍ୟାତାର୍ନା ଆରି ହେୱାର୍ ହେନ୍ଦ୍ରା କେତେକ୍ ଲାମା କିତାର୍ ଆରି ଆଙ୍ଗିନି ଚେଲିଂ
ଗାଜା କିତାର୍,
୬ ଆରେ ବଜିତ ମୁଡ଼୍ ବାହା ଆରି କୁଟୁମ୍ ଇଞ୍ଜ ମୁଡ଼୍ ବାହାତ କୁଚ୍ଚେଂ ୱାର୍ୟା ଆନାର୍ ।”
୭ ଆରେ ଆଟ୍ ବାଜାର୍ତ ଜୱାର୍ ପାୟାଦେଂ ଆରି ମାନାୟ୍ତିଂ “ଏ ଗୁରୁ” ଇଞ୍ଜି ଇନ୍ୟା ଆଦେଂ ୱାର୍ୟା ଆନାର୍ ।
୮ ମାତର୍ ଏପେଙ୍ଗ୍ ଗୁରୁ ଇଞ୍ଜି କୁକ୍ୟାମାଟ୍, ଇନାକିଦେଂକି ମିୱାତର୍ ରକାନ୍ ଗୁରୁ ଆରି ଏପେଙ୍ଗ୍ ୱିଜାକାଦେର୍ ଟଣ୍ଡାର୍
।
୯ ଆରେ, ପୁତର୍ତ ଇନେରିଂ ଏ ଆବା ଇନ୍ମାଟ୍, ଇନାକିଦେଂକି ମିୱାତର୍ ରୱାନ୍ ଆବା, ହେୱାନ୍ ସାର୍ଗେତ ମାନାନ୍ ।
୧୦ ଆରେ, ମାଲିକ୍ ଇଞ୍ଜି ପା ଇନେର୍ କୁକ୍ତେମେର୍, ଇନାକିଦେଂକି ରକାନ୍ ମତର୍ ମି ମାଲିକ୍ ଆନାନା କ୍ରିସ୍ଟ ।
୧୧ ✡ମାତର୍ ମି ବିଡ୍ରେ ଇମ୍ଣାକାନ୍ ଗାଜାକାନ୍, ହେୱାନ୍ ମି ହେବା କିନାକାନ୍ ଆନାନ୍ ।
୧୨ ✡ଇନେର୍ ଜାର୍ତିଂ ଉଚ୍ କିନାନ୍, ତାଙ୍ଗ୍ ନିଚ୍କିୟା ଆନାଡ୍ ଆରି ଇନେର୍ ଜାର୍ତିଂ ନିଚ୍ କିନାନ୍, ହେୱାନିଂ ଉଚ୍ କିୟା
ଆନାଡ୍ ।

## କାପ୍ଟିୟାର୍ ଦାମର୍ରିଂ ଜିସୁ କେଡ୍ତାନ୍

*(ମାର୍କ ୧୨:୪୦; ଲୁକ ୧୧:୩୯-୪୨,୪୩,୫୩; ୨୦:୪୭)*

୧୩ “ହାୟ୍, ଦରମ୍ ଗୁରୁର୍ ଆରେ ପାରୁସିକାଦେର୍, ମି ସେସ୍ ଦସା ଏଚେକ୍ ବଇଁକାର୍ ! ଆଡ଼େ କାପ୍ଟିୟାର୍ ଦାମର୍
କୁଦା, ସାର୍ଗେ ରାଜିନି ହଣି ଦୁୱେର୍ ଗେସ୍ତି ଇଡ଼୍ତାଦେର୍ଣ୍ଡା । ନିଜେ ହେବେ ହଣୁଦେରା ଆରି ଇମ୍ଣାକାର୍ ହଣ୍ଡେଙ୍ଗ୍ ସେସ୍ଟା
କିନାରା, ହେୱାରିଂ ହାଜି ପିସ୍ତି ହିଉଦେରା ।
୧୪ ଏ କାପ୍ଟିୟାର୍ ଦରମ୍ ଗୁରୁର୍ ଆରି ପାରୁସିର୍, ମି ଦସା ବେସି ଆବ୍ଡ଼ ଥାନାଡ୍ ।”

✡ **୨୩:୫** ମାତିଉ ୬:୧. ✡ **୨୩:୧୧** ମାତିଉ ୨୦:୨୬,୨୭; ମାର୍କ ୯:୩୫; ୧୦:୪୩,୪୪; ଲୁକ ୨୨:୨୬. ✡ **୨୩:୧୨** ଲୁକ ୧୪:୧୧; ୧୮:୧୪.

୧୫ ଏ କାପ୍‌ଟିୟାର୍ ଆରେ "ସାସ୍ତ୍ରିର୍ ଆରି ପାରୁସିର୍, ଦସା ବେସି ଆବ୍‌ଡ୍‌ଲ୍ର ଏପେଙ୍ଗ୍ ହାମ୍‌ଦୁର୍ ନାସି ଦେସ୍‌ତ ହାଲ୍‌ଜି
ରକାନିଂ ମି ଦରମ୍‌ତ ମୁଚ୍‌ଚେଂ କାଜିଂ ଡେକ୍‌ଚି ବୁଲାନାଦେରା । ମାତର୍ ହେ ଲାକେ ରୱାନିଂ ଗାଟା ଆତିସ୍, ତାଙ୍ଗ୍ ନରକ୍
ହାନି କାଜିଂ ମିତାଂ ରି ଗୁଣ୍ ଆଦିକ୍ କିୟ୍‌କିତାଦେର୍ଣ୍ଣା !"
୧୬ "ଆଡ଼େ କାଣା ହାଜି ଚ଼ଚ୍‌ନାକାଦେର୍, ମି ଦସା ଏଚେକ୍ କସ୍ଟମାନାଡ଼୍ । ଏପେଙ୍ଗ୍ ସିକ୍ୟା ହିଜି ମାନାଦେର୍, ଇନେର୍
ମନ୍ଦିର୍ ତର୍‌ଦ ପାର୍ମାଣ୍ କିତିସ୍, ହେଦାଂ ହେୱାନ୍ ମାନିକିଦେଂ ବଲକ୍ୱାର୍ ଆକାୟ୍, ମାତର୍ ମନ୍ଦିର୍‌ତ ମାନି ହନା ତର୍‌ଦ
ଇନେର୍ ପାର୍ମାଣ୍ କିତାର୍, ହେୱାନିଂ ହେଦାଂ ମାନିକିଦେଂ ପଡ଼ାନାଡ଼୍ ।
୧୭ ଡ଼େ କାଣା ନିର୍‌ବୁଦିୟାର୍, ହନା ଗାଜା କି ହନାତିଂ ପୁଇପୁୟା କିଜି ମାନି ମନ୍ଦିର୍ ଗାଜା ?"
୧୮ ଆରେ ଏପେଙ୍ଗ୍ ଇଞ୍ଜିମାନାଦେର୍, ଇନେର୍ ଗାର୍‌ଣିତ ପାର୍ମାଣ୍ କିତିସ୍ ହେଦାଂ ଇନାକା ଆକାୟ୍, ମତର୍ ଇମ୍‌ଣାକାର୍
ତା ଜପି ମାନି ଆକାଡ଼୍ ପାର୍ମାଣ୍ କିନାନ୍, ହେୱାନ୍ ତାକେ ମାନାଦେରା ।
୧୯ ଡ଼େ କାଣାର୍, ଇମ୍‌ଣାକା ମୁଡ଼୍‌ଦାକା-ଗାର୍‌ଣି କି ଆକାଡ଼୍‌ତିଂ ପୁଇପୁୟା କିଜି ମାନି ଗାର୍‌ଣି ?
୨୦ ଲାଗିଂ, ଇନେର୍ ଗାର୍‌ଣି ତର୍‌ଦ ପାର୍ମାଣ୍ କିନାନ୍, ହେୱାନ୍ ଗାର୍‌ଣି ଆରି ତା ଜପି ମାନି ୱିଜୁ ଆକାଡ଼୍ ଆଡ଼୍‌ମାଡ଼୍‌ଦିଂ
ତର୍‌ଦ ପାର୍ମାଣ୍ କିନାନ୍ ।
୨୧ ଆରେ, ଇନେର୍ ମନ୍ଦିର୍ ତର୍‌ଦ ପାର୍ମାଣ୍ କିନାନ୍, ହେୱାନ୍ ମନ୍ଦିର୍ ଆରି ହେବେ ବାହାକିତିକାଂ ଇସ୍ୱର୍ ତର୍‌ଦାଂ ପାର୍ମାଣ୍
କିନାନ୍;
୨୨ ଆରେ, "ଇନେର୍ ସାର୍ଗେତିଂ ପାର୍ମାଣ୍ କିନାନ୍, ହେୱାନ୍ ଇସ୍ୱର୍‌ତ ଗାଦି ହେବେ କୁଚ୍‌ଚି ମାଚି ଇସ୍ୱର୍ ତର୍‌ଦାଂ ପାର୍ମାଣ୍
କିନାନ୍ ।"
୨୩ "ଡ଼େ କାପ୍‌ଟିୟାର୍ ଦରମ୍ ଗୁରୁର୍ ଆରି ପାରୁସିର୍ ଇନାକିଦେଂକି ଏପେଙ୍ଗ୍ ପଦିନା, ସଁପ୍, ଆରି ଜିରାତିଂ ଦସ୍‌ବାଗ୍ ର
ବାଗ୍ ଇସ୍ୱର୍‌ତିଂ ଦାନ୍ ହିନାଦେରା । ଆରେ ବିଦିନି ଆଗେ ବିସ୍ରେକାଂ ହୁଡ଼୍‌ୱାଙ୍ଗ୍ ଆତିସ୍‌ପା ଅବ୍ୟାସ୍ କିନାକା ଲଡ଼ା, ନ୍ୟାୟ୍
ବିଚାର୍, ଦୟା, ଆରେ ପାତର୍‌ତିଂ ଇ ସବୁ ପିସ୍ତାର୍ଣ୍ଣା; ମାତର୍ ଇ ୱିଜୁ ମାନି କିନାକା ଆରି ବିନ୍ ସବୁ ପିହ୍‌ନାକା ମାନାଡ଼୍ ।"
୨୪ "ଡ଼େ କାଣା ହାଜି ଚ଼ଚ୍‌ନାକାଦେର୍, ଏପେଙ୍ଗ୍ ପ୍ରାଚ୍‌ତିଂ ପୁଚାଦେର୍ଣ୍ଣା, ମାତର୍ ଉଟ୍‌ତିଂ ଗୁସ୍‌ସି ମାନାଦେର୍ ।"
୨୫ "ଏ କାପ୍‌ଟିୟାର୍ ଦରମ୍ ଗୁରୁର୍ କେଡେକ୍ ବଇଁକାର୍ ମି ସେସ୍ ହାଜି, ଡ଼େ ଦରମ୍ ଗୁରୁ ଆରି ପାରୁସିର୍ । ଏପେଙ୍ଗ୍
ଗିନା ଆରି ତାଡ଼ିଆନି ବାର୍ ବାଗାଙ୍ଗ୍ ସକଟ୍ କିଜି ମାନାଦେର୍, ମାତର୍ ହେୱାକାଂ ବିତ୍ରେ ଆକର୍ ଆରି ଦାରିକାମ୍‌ତ ବାତର୍
।"
୨୬ "କାଣା ପାରୁସିର୍ ! ଆଗେ ଗିନାନି ବିତ୍ରେ ସକଟ୍ କିୟାଟ୍, ଇନେସ୍ ହେବେନିକା ବାର୍ତ ପା ନିର୍ମଲ୍ ଆନାଡ଼୍ ।"
୨୭ ✡"ହାୟ୍, ଦରମ୍ ଗୁରୁର୍ କାପ୍‌ଟିୟାର୍ ସାସ୍ତ୍ରିର୍ ଆରି ପାରୁସିର୍, ଇନେକିଦେଂକି ଏପେଙ୍ଗ୍ ଡ଼ିଞ୍ଜିନି ରଙ୍ଗ୍‌ନି ଦୁଗେର୍
ଲାକେ । ହେଦାଂ ବାର୍ତ ହଲ୍‌ନାକା ଚଞ୍ଜାନାଡ଼୍, ମାତର୍ ବିତ୍ରେ ହାତାକାର୍‌ତି ମେର୍ଗାଣା ପ୍ଟେକୁ ଆରି ସବୁ ବାନି ବିଟାଡ଼୍‌ତ
ବାତର୍;
୨୮ ହେ ଲାକେ ଏପେଙ୍ଗ୍ ପା ବାର୍ତ ମାନାୟାର୍ କାଣ୍‌କୁକାଂ ଦାମର୍ ଚନ୍‌ଞ୍ଜାନାଦେର୍, ମାତର୍ ମି ବିତ୍ରେ କୁଟ୍ ଆରି ପାପ୍‌ତ
ବାତର୍ ।"

## ଜିସୁ ହେୱାର୍‌ତି ଡାଣ୍ଡ ବଗ୍‌କିନାକା ୱେଚ୍‌ଚାନ୍
*(ଲୁକ ୧୧:୪୫-୫୧)*

୨୯ "ଏ କାପ୍‌ଟିୟାର୍ ଦରମ୍ ଗୁରୁ ଆରି ପାରୁସିର୍ ମି ଦସା କେଡେକ୍ ବଇଁକାର୍ ଆନାଡ଼୍ ! ଇନାକିଦେଂକି ଏପେଙ୍ଗ୍
ବେଣ୍‌ବାକ୍‌ଣାୟ୍ କିନାକାର୍‌ତି ଦୁଗେର୍ ହଲ୍‌ନାକା ରଚ୍‌ଚି ଆରି ଦାମର୍‌ତର୍ ଦୁଗେର୍‌କାମ୍ ହଲିକିଜି ମାନାଦେର୍,
୩୦ ଆସେଙ୍ଗ୍ ଏଚେକାଡ଼୍‌ଦ ମା ଆବା ଲାତ୍ରା ସମୁତ ମାଚିସ୍, ତେବେ ବେଣ୍‌ବାକ୍‌ଣାୟ୍ କିନାକାର୍‌ତାଂ ନେତେର୍‌ତ
ହେୱାର୍‌ତି ମେହାଣ୍ ଆମାଟ୍ ।
୩୧ ଲାଗିଂ ଏପେଙ୍ଗ୍ ଜେ ବେଣ୍‌ବାକ୍‌ଣାୟ୍ କିନାକାର୍ ପାଗ୍‌ନାକାର୍ ଲାତ୍ରାକାଦେର୍, ହେ ବିସ୍ରେ ଏପେଙ୍ଗ୍ ଆଁ ଜାର୍ ଜାର୍
କାଜିଂ ସାକ୍ଷି ହିନାଦେରା ।"
୩୨ "ବାଟିଙ୍ଗ୍ ଏପେଙ୍ଗ୍ ଆଗେ ଡାଙ୍ଗାଟ୍, ମି ଆବାଲାତ୍ରାତି ବାକି କାମାୟ୍‌ତିଂ ପୁରା କିୟାଟ୍ ।"
୩୩ "ଡ଼େ ରାଚ୍‌କୁ ! କାଲାଟିରାଚ୍‌ନି ବସ୍‌ୟାର୍ ! ନରକ୍ ଡାଣ୍ଡ୍‌ତାଂ ରାକ୍ୟା ପାୟା ଆନାପ୍ ଇଞ୍ଜି ଇନେସ୍ ଆହା କିନାଦେରା
?
୩୪ ଲାଗିଂ ଆନ୍ ଇଞ୍ଜ୍‌ନାଙ୍ଗା; ମି ତାକେ ବେଣ୍‌ବାକ୍‌ଣାୟ୍‌କିନାକାର୍, ହିକାୟ୍‌କିନି ଗୁରୁ ଆରି ଗିଆନିରିଂ ପକ୍ତାନାଂ । ହେୱାର୍
ବିତ୍ରେ କେତେଜାଣ୍‌ତିଂ ଏପେଙ୍ଗ୍ ଟୁଣାଦେର୍, କେଡେକ୍ ଜାଣ୍‌ତିଂ କ୍ରୁସ୍‌ତ ଦୁପ୍‌ନାଦେର୍, ଆରି ବିନ୍‌ଲୁଗାଂ କୁଟୁମ୍ ଇଞ୍ଜ କର୍‌ଡା
ହୁକେ ଇଡ଼୍‌ଜି ର ଗାଡ଼୍‌ଦାଂ ଆରେ ର ଗାଡ଼୍‌ଦ ପେସ୍‌ନାଦେର୍ ।

✡ **୨୩:୨୭** ପକ୍ୟାତାକା ୨୩:୩.

³⁵ ଇନେସ୍‌କି ଦର୍ମି ହେବଲ୍‌ତାଂ ନେତେର୍‌ତାଂ, ଇମ୍‌ଣି ବେରିକିୟତି ମେହି ଜିକରିୟ ଏପେଙ୍ଗ୍ ମନ୍ଦିର୍‌ନି ପୁଇପୁୟା
ବାହାତ ଆରି ଗାର୍‌ଣି ମାଦ୍‌ନି ବାହାତ ଅସ୍ତାଦେର୍, ତା ଅସ୍ତି ପାତେକ୍ ପୁତି ତ ଜେତେକ୍ ଦାର୍ମି ଲଗାରିଂ ଅସ୍ତାର୍ଣ୍ଣା, ହେ
ୱିଜାକାର୍‌ତି ହାନି ଦାଣ୍ଡ୍ ମି ଜପି ଆର୍ଦାନାତ୍ ।
³⁶ ଆନ୍ ମିଙ୍ଗ୍ ହାତ୍‌ପା ଇଞ୍ଜ୍‌ନାଙ୍ଗା, ଇ ୱିଜାର୍ ମାନାୟାରିଂ ଅସ୍ତିଲେ ନଂନି ମାନାୟ୍ ଜପି ଇ ସବୁ ପଡ଼ାନାତ୍ ।”

## ଜିରୁସାଲମ୍ କାଜିଂ ଜିସୁତି ଦୁକ୍

*(ଲୁକ ୧୧:୩୪-୩୫)*

³⁷ “ଏ ଜିରୁସାଲମ୍, ଏ ଜିରୁସାଲମ୍ । ଏନ୍ ବେଣ୍‌ବାକ୍‌ଣାୟ୍‌କିନାକାରିଂ ଟୁଟାୟ୍‌ନା ଆରି ଇସ୍ୱର୍ ପକ୍ତି କାବୁର୍ ହିନାକାରିଂ
କାଲ୍‌କୁ ଇଡ଼୍‌ନାର୍ । କୁଜୁ ତା ମାରା ତାରେନ୍ ହିମ୍‌ଣାକାଂ ଆସ୍ତି ଇଡ଼୍‌ତି ଲାକେ, ନି ଲକ୍‌ତିଂ ନା କାକା ତାରେନ୍ ରାକ୍ୟାକିଦେଂ
କାଜିଂ ଆନ୍ କେତେହଟ୍ ସେସ୍ଟା କିତାଂନ୍ନା । ମାତର୍ ଏନ୍‌ନାଙ୍ଗ୍ ହେଦାଂ କିଦେଙ୍ଗ୍ ହିଦ୍‌ୱାତାୟ୍‌ନା ।
³⁸ ହୁଡ଼ା, ମି ମନ୍ଦିର୍ ମି କେଇଦ ପିସ୍ତି ହିଦ୍ୟାଆନାତା ।
³⁹ ଆନ୍ ମିଙ୍ଗେଙ୍ଗ୍ ହାତ୍‌ପା ଇଞ୍ଜି ଇଟ୍‌ନାଙ୍ଗା, ‘ମାପ୍ରୁ ତର୍‌ଦ ଇନେର୍ ୱାନାରା, ହେୱାନ୍ ଦନ୍ୟ’ ଇଦାଂ ଏଚେକାଡ଼୍‌ଦ
ପାତେକ୍ ଇନ୍‌ୱାତାଂନ୍ନା, ନଙ୍ଗ୍ ତାଙ୍ଗ୍ ଏନ୍‌ନାଙ୍ଗ୍ ଆରେ ହୁଡ଼୍‌ଦେଂ ଆଡ଼ୁୟ୍ ।”

# ୨୪

## ଜିସୁ ମନ୍ଦିର୍ ଦୁଡ଼ିମାସ୍‌ନି ବିସ୍ରେ ଇଚାନ୍

*(ମାର୍କ ୧୩:୧-୨; ଲୁକ ୨୧:୫-୬)*

¹ ଜିସୁ ମନ୍ଦିର୍‌ତାଂ ହସି ହାନି ୱେଡ଼ାଲିଂ ହେୱାନ୍ତି ଚେଲାର୍ ହେୱାନିଂ ମନ୍ଦିର୍‌ନି ଇଲ୍‌କୁ ଚଚ୍‌ଚେଙ୍ଗ୍ କାଜିଂ ହେୱାନ୍ ଲାଗେ
ୱାତାର୍,
² ମାତର୍ ହେୱାନ୍ ହେୱାରିଂ ଉତର୍ ହିତାନ୍, “ଏପେଙ୍ଗ୍ ଇନାକା ଇ ୱିଜୁ ହୁଡ଼୍‌ତୁଦେରା ? ଆନ୍ ମିଙ୍ଗ୍ ହାତ୍‌ପା ଇଞ୍ଜ୍‌ନାଙ୍ଗା,
ଇ ବାହାତ ର କାଲ୍ ବିନ୍ କାଲ୍ ଜପି ମାନୁତ୍, ୱିଜୁ ଦୁଡ଼ି ମାସ୍‌ନାତ୍ ।”

## ଦୁକ୍ ଆରି କସ୍ଟ

*(ମାର୍କ ୧୩:୩-୧୩; ଲୁକ ୨୧:୭-୧୯)*

³ ପାଚେ ହେୱାନ୍ ଜିତ୍‌ମାଡ଼ି ଜପି କୁଚ୍‌ଚାନ୍, ଚେଲାର୍ ହେୱାନ୍ ଲାଗେ ଡ଼ଗୁଜି ୱାଜି ୱେନ୍‌ବାତାର୍, “ଇ ସବୁ ଇନାୱାଡ଼ାଂ
ଗିଟା ଆନାତ୍, ଆରେ ନି ୱାନାକା ଆରି ଜୁଗ୍‌ସେସ୍‌ନି ଇଟ୍‌କାଡ଼୍ ଇନାକା, ହେଦାଂ ମାଂ ୱେଚ୍‌ଚା ।”
⁴ ହେବେ ଜିସୁ ହେୱାରିଂ ଉତର୍ ହିତାନ୍, “ଜାଗ୍ରତ୍, ଇନେର୍‌କି ଇନେସ୍ ମିଙ୍ଗେଙ୍ଗ୍ ଚାକ୍ରାୟ୍ କିଦ୍‌ମେର୍ ।”
⁵ ଇନାକିଦେଂକି ବେସିହେନି ନା ତର୍‌ଦ ୱାଜି ‘ଆନ୍ କ୍ରିସ୍ଟ ଇଚିସ୍ ମସିୟା ଇଞ୍ଜି ଇଞ୍ଜି ଆଦେକ୍‌ତିଂ ଚାକ୍ରାୟ୍ କିଦ୍‌ନାର୍ ।
⁶ ଆରେ, ଏପେଙ୍ଗ୍ ଜୁଜ୍ ବିସ୍ରେ ଆରି ଜୁଜ୍‌ନି ମାନାୟ୍ ଆଲି ୱେନାଦେର୍; ଜାଗ୍ରତ୍, ବାଇକାବିତାଡ଼୍ ଆମାଟ୍ ।
ଇନାକିଦେଂକି ଇ ୱିଜୁ ଗିଟାନାତ୍, ମାତର୍ ହେ ସମୁ ୱିଜ୍‌ନାକା ଆକାୟ୍ ।
⁷ ଇନାକିଦେଂକି ଜାତି ବିରୁଦ୍‌ଦ ଜାତି ଆରି ରାଜି ବିରୁଦ୍‌ଦ ରାଜି ନିଂଗ୍‌ନାତ୍, ଆରେ ସବୁ ବାହାତ କାତାର୍ ଆରି
ମେଦ୍‌ନିଦାଲ୍‌କାତାତ୍ ।
⁸ ମାତର୍ ଇ ୱିଜୁ କଗ୍‌ଲେ ହିମ୍‌ଣାଗାଟାନି କସ୍ଟ ଏକାୱାନାତ୍ ଦୁକ୍ ଆରମ୍ ମତର୍ ।”
⁹ ✡“ହେ ୱେଡ଼ାଲିଂ ଲକୁ ମିଙ୍ଗେଙ୍ଗ୍ ଦୁକ୍‌ବଗି କିଦେଙ୍ଗ୍ କାଜିଂ ହେଲାୟ୍ କିଦ୍‌ନାର୍ ଆରି ମିଙ୍ଗ୍ ଅସ୍ତାନାର୍, ଆରେ ନା ତର୍
ପାତି କିନି କାଜିଂ ଏପେଙ୍ଗ୍ ୱିଜୁ ଜାତିତାଂ ଗିଣ୍ କିୟାନାଦେର୍ ।
¹⁰ ହେୱାଡ଼ାଂ ବେସି ହେୱାର୍‌ତି ପାତି ଆରାୟ୍ କିତାର୍, ଆରେ ରକାନ୍ ଆରେ ରକାନିଂ ଆହିକିନାନ୍ ଆରି ରକାନ୍
ଆରେ ରକାନିଂ ଗିଣ୍ କିନାନ୍,
¹¹ ଆରେ ବେସି ଚାକ୍ରାୟ୍ ବେଣ୍‌ବାକ୍‌ଣାୟ୍‌କିନାକାର୍ ୱାଜି ବେସିହେନିତିଂ ଚାକ୍ରାୟ୍ କିନାର୍,
¹² ଆରେ ବାନ୍ୟା ବାଡାନି କାଜିଂ ଆଦେକ୍ ମାନାୟାର୍‌ତି ଜିଉନନାକା କାଜିଂ ହିଡ଼୍‌ଡ଼ି ଆନାତ୍ ।
¹³ ✡ମତର୍ ଇନେର୍ ସେସ୍ ପାତେକ୍ ସାସ୍ ଆଜି ମାନାର୍, ହେୱାନ୍ ମୁକ୍ତି ଆନାନ୍ ।
¹⁴ ଆରେ, ସବୁ ଜାତି ଲାଗାଂ ସାକି ହିଦେଂ କାଜିଂ ରାଜିନି ଇ ନେକ୍ରିକାବୁର୍ ସବୁ ପୁତି ତ ସୁଣାୟ୍ କିୟାଆନାତ୍, ତା
ପାଚେ ଜୁଗ୍ ୱିଜ୍‌ନାତ୍ ।”

## ନାସ୍‌କିନି ଗିଣ୍ ଜିନିସ୍

*(ମାର୍କ ୧୩:୧୪-୨୩; ଲୁକ ୨୧:୨୦-୨୪)*

¹⁵ ଲାଗିଂ ଏପେଙ୍ଗ୍ ଏଚେକାଡ଼୍‌ଦ “ଦାନିଏଲ୍ ବେଣ୍‌ବାକ୍‌ଣାୟ୍‌କିନାକାନ୍ କାଜିଂ ଲେକାତି ନାସ୍ କିନି ଗିଣ୍ ଜିନିସ୍‌ତିଂ ମନ୍ଦିର୍
ପୁଇପୁୟା ବାହାତ ମାନାକା ହୁଡ଼୍‌ନାଦେର୍, ପଡ଼ିକିନାକାଦେର୍ ବୁଜାଆଡୁ,”

---

✡ **୨୪:୯** ମାତିଉ ୧୦:୨୨. ✡ **୨୪:୧୩** ମାତିଉ ୧୦:୨୨.

୧୬ “ହେ ଏଚେକାଡ଼ଦ ଇମ୍‌ଣାକାର୍ ଜିହୁଦା ରାଜି ମାନ୍‌ଗାନାର୍, ହେୱାର୍ ମାଡ଼ିତ ହନ୍‌ଚି ହାଲେର୍;
୧୭ ✡ଇନେର୍ ଜେଗନ୍ ଜପି ମାନାନ୍, ହେୱାନ୍ ଇଲ୍ ବିଡ୍ରେ ଆଡ଼୍‌ମାଡ଼୍‌ ଅଦେଂ କାଜିଂ ଜୁଜି ୱାମେନ୍ ।
୧୮ ଆରେ, ଇନେର୍ ବୁମିତ ମାନ୍‌ଗାନାର୍, ହେୱାନ୍ ଜାର୍ ହେନ୍ଦ୍ରା ତାକେଦେଂ ଉଲ୍‌ଟି ହାଲ୍‌ମେନ୍ ।
୧୯ ହେୱେଡ଼ାଲିଂ ଇମ୍‌ଣାକାର୍ ଏସ୍ ପିସ୍ତାକାଦେଲ୍ କଗ୍‌ଲେ ଆରି ମାୟ୍‌ଉଟ୍‌ନି ଆୟା, ଆ, ହେୱେକ୍ ଦୁକ୍‌ନିକିକ୍,
୨୦ ମାତର୍ ମିଦାଙ୍ଗ୍ ହନ୍‌ନାକା ଇନେସ୍ ପିନି ମାସ୍‌ତ କି ଜମ୍‌ନିବାର୍ ନାଜିଂ ଆମେତ୍, ଇଦାଂ କାଜିଂ ପାର୍ତାନା କିୟାଟ୍ ।
୨୧ ✡ଇନାକିଦେଂକି ହେୱେଡ଼ାଂ ଏପେଙ୍ଗ୍ ବେଜେକ୍ ଦୁକ୍ ଗିଟାନାଡ଼୍ ଜେ, ପୁତର୍ନି ଆରମ୍‌ତାଂ ନେଞ୍ଜେଙ୍ଗ୍ ପାତେକ୍
ଗିଟାୱାତାଡ଼୍‌ନ୍ନା, ଆରେ ଇନାୱାଡ଼ାଂ ପା ଗିଟାଆଦୁଡ଼୍ ।
୨୨ ଆରେ, ହେ ସମୁ ବାଟିଙ୍ଗ୍ ଉଣା କିୱାଦାଂ ମାଚିସ୍, ତେବେ ଇମ୍‌ଣାକା ପା ପାତାଡ଼୍‌ ମୁକ୍ତି ଆୱାତାମ୍ବା, ମତର୍ ବାଚିକିତି
ଲକୁ କାଜିଂ ହେ ସମୁ ଉଣା କିୟା ଆନାଡ଼୍ ।”
୨୩ “ହେ ଏଚେକାଡ଼ଦ ହୁଡ଼ାଟ୍, କ୍ରିସ୍ଟ ଇବେ କି ହେବେ ଇନେର୍ ଏଚେକାଡ଼ଦ ମିଙ୍ଗ୍ ଏଲେଙ୍ଗ୍ ଇଞ୍ଜ୍‌ନାର୍, ତେବେ ହେଦାଂ
ପାତର୍ କିମାଟ୍ ।
୨୪ ଇନାକିଦେଂକି ଚାକ୍ରାୟ୍ କ୍ରିସ୍ଟର୍ ଆରି ଚାକ୍ରାୟ୍ ବେଣ୍‌ବାକ୍‌ଣାୟ୍ କିନାକାର୍ ନିଙ୍ଗ୍‌ଜି ଏପେଙ୍ଗ୍ ଗାଜା ଗାଜା ଚିନ୍ ଆରି
କାବାନି କାମାୟ୍ ଚଡ଼୍‌ଚାନାର୍ ଜେ, ଜଦି ଆଡ଼୍‌ନାର୍, ତେବେ ବାଚିକିତି ଲଗାଂ ପା ବାମ୍‌ଣ୍ଡାୟ୍ କିତାର୍ ।
୨୫ ହୁଡ଼ାଟ୍, ଆନ୍ ଆଗେତାଂ ମିଙ୍ଗେଙ୍ଗ୍ ୱେଡ଼୍‌ଚାନାଙ୍ଗା ।”
୨୬ ✡ଲାଗିଂ, “ହୁଡ଼ାଟ୍, ହେୱାନ୍ ବାଟାତ ମାନାନ୍” ଲକୁ ଜଦି ମିଙ୍ଗ୍ ଇ କାତା ଇଞ୍ଜ୍‌ନାର୍, ତେବେ ହସି ହାଲ୍‌ମାଟ୍, “ହୁଡ଼ାଟ୍,
ହେୱାନ୍ ବିଡ୍ରେ ବାକ୍ରାତ ଡ଼କୁତାନ୍‌ନା ମାନାୟ୍ ଜଦି ଇଦାଂ ଇଞ୍ଜ୍‌ନାର୍, ତେବେ ହେଦାଂ ପାତର୍ କିମାଟ୍ ।
୨୭ ଇନାକିଦେଂକି ବିଜ୍‌ଲି ଇନେସ୍ ୱେଡ଼ାହନିତାଂ ଇଡ଼୍‌ଜି ୱେଡ଼ାହାନି ପାତେକ୍ ବାଦାଡ଼୍‌ ଅଜଡ଼୍‌ ଆନାଡ଼୍, ହେ ଲାକେ
ମାନାୟ୍ ମାଜିଡ଼ି ୱାନାକା ହେ ଲାକେ ଆନାଡ଼୍ ।”
୨୮ ✡ଇମେତାକେ ମଡ଼୍‌ ମାଚିସ୍, ହେବେ ରାମାଣିଙ୍ଗ୍ ରୁଣ୍ଡା ଆନିକ୍ ।

### ମାନାୟ୍ ମାଜିଡ଼ି ୱାନାକା

*(ମାର୍କ ୧୩:୨୪-୨୭; ଲୁକ ୨୧:୨୫-୨୮)*

୨୯ ✡ମତର୍ ହେ ସମୁନି ଦୁକ୍ ପାଚେ ହାଚାଟ୍ରେ ମାଜ୍‌ଗା ଆନାଡ଼୍ ଆରି ଲେଞ୍ଜ୍ ଅଜଡ଼୍‌ ହିଉଡ଼୍, ଆରେ ହୁକାଂ ଆକାସ୍‌ତାଂ
ଆଡ଼୍‌ନିଂ ଆରି ଆକାସ୍‌ନି ସାକ୍ତି ସବୁ ଦାଲ୍‌କାନାଡ଼୍ ।
୩୦ ✡ହେ ଏଚେକାଡ଼ଦ ଆକାସ୍‌ତ ମାନାୟ୍ ମାଜିଡ଼ି ଇଟ୍‌କାଡ଼୍‌ ଚନ୍‌ଞ୍ଜାନାଡ଼୍, ଆରେ ହେୱେଡ଼ାଲିଂ ପୁତର୍ତ ୱିଜୁ ଜାତିନି
ମାନାୟାର୍ ଆଡ଼୍‌ବାନାର୍ ଆରି ମାନାୟ୍ ମାଜିଂ ଗାଜା ସାକ୍ତିତାଂ ଆରି ଗାଜା ପାଣ୍ ହୁକେ ବାଦାଡ଼୍‌ତ ୱାନାକା ହୁଡ଼୍‌ନାଦେର୍ ।
୩୧ ଆରେ, ହେୱାନ୍ ଗାଜା ମରି ବାଜା ହୁକେ ଜାର୍ ଦୁଡ଼୍‌ରିଂ ପକ୍‌ତାନ୍ ଆରି ହେୱାର୍ ଆକାସ୍‌ନି ର ହାନ୍ଦିତାଂ ବିନ୍ ହାନ୍ଦି
ପାତେକ୍ ଚାରି ଦିଗ୍‌ତାଂ ଇସ୍ୱତର୍ ବାଚିକିତି ଲଗାଂ ରୁଣ୍ଡାୟ୍ କିନାନ୍ ।

### ତଗା ମାଡ଼୍‌ନି ହିକ୍ୟା

*(ମାର୍କ ୧୩:୨୮-୩୧; ଲୁକ ୨୧:୨୯-୩୩)*

୩୨ ତଗା ମାଡ଼୍‌ନି ଉତର୍‌ମୁଡ଼୍‌ ହିକ୍ୟା କିୟାଟ୍, ଏଚେକାଡ଼ଦ ହେ କେନ୍ଦାଂ ହାରା ଆଜି ଆକିଂ ଗିଲ୍‌ନିଂ, ହେ ଏଚେକାଡ଼ଦ
ଜେଟ୍ ମାସ୍ ଏକା ୱାତାତେ ଇଞ୍ଜି ଏପେଙ୍ଗ୍ ପୁଞ୍ଜି ମାନାଟ୍;
୩୩ ହେ ଲାକେ ଏପେଙ୍ଗ୍ ପା ଇ ୱିଜୁ ହୁଡ଼୍‌ତିସ୍ ମାନାୟ୍ ମାଜି ଦୁୱେର୍‌ତ ଏକାୱାତାନେ ଇଞ୍ଜି ଇଦାଂ ପୁନାଟ୍ ।
୩୪ ଆନ୍ ମିଙ୍ଗେଙ୍ଗ୍ ହାଡ଼୍‌ପା ଇଞ୍ଜ୍‌ନାଙ୍ଗା, ଇ ୱିଜୁ ଗିଟାୱି ପାତେକ୍ ନେଞ୍ଜେୱିଗାନି ନାର୍ ଇନେସ୍ ବାତର୍ ବୁଡା ଆଉର୍ ।
୩୫ ଆକାସ୍ ଆରି ପୁତର୍ ବୁଡାନାଡ଼୍, ମତର୍ ନା ବଚନ୍ ସବୁ ମଡ଼୍‌କେ ବୁଡା ଆଉଡ଼୍ ।

### ତା ୱାନାକା ସମାନ୍ ସମୁ ଇନେର୍ ପୁନୁର୍

*(ମାର୍କ ୧୩.୩୨-୩୭; ଲୁକ ୧୭:୨୬-୩୦,୩୪-୩୬)*

୩୬ ମାତର୍ ଇନାୱାଡ଼ାଂ ୱାନାନ୍ “ହେ ଦିନ୍ ଆରି ସମୁ ବିସ୍ରେ ଇନେର୍ ପୁନୁର୍, ସାର୍ଗେନି ଦୁଡ଼୍‌ତର୍ କି ମାଜି* ପା ପୁନୁନ୍,
କେବଲ୍ ମତର୍ ବାୱା ପୁନାନ୍ ।
୩୭ ଆରେ, ନହତି ସମୁତ ଇନେସ୍ ଗିଟା ଆଜି ମାଚାଡ଼୍, ମାନାୟ୍ ମାଜି ୱାନି ସମୁତ ହେ ଲାକେ ଗିଟାଆନାଡ଼୍ ।
୩୮ ଇନାକିଦେଂକି କୁପ୍‌କିନି ଆଗେନି ସମୁତ ଜାଜ୍‌ତ ନହ ହଣି ଦିନ୍ ପାତେକ୍ ଲକୁ ଇନେସ୍ ତିନାଉଣା ଆରି ବିବା କିନାକା
ଆରି ବିବା ହିଦେଂ ବିପ୍ତି ମାଚାର୍,
୩୯ ଆରେ ପୁର୍ ୱାଜି ଡ଼ିଜାରିଂ ବଡ଼ାୟ୍ କିଜି ଅୱି ପାତେକ୍ ଇନେସ୍ ପୁନ୍‌ୱାଦାଂ ମାଚାର୍, ମାନାୟ୍ ମାଜିଡ଼ି ୱାନାକା ପା
ହେ ଲାକେ ଆନାଡ଼୍ ।”

---

✡ **୨୪:୧୭** ଲୁକ ୧୭:୩୧. ✡ **୨୪:୨୧** ହଡ଼୍‌ତି ୭:୧୪. ✡ **୨୪:୨୬** ଲୁକ ୧୭:୨୩,୨୪. ✡ **୨୪:୨୮** ଲୁକ ୧୭:୩୭. ✡ **୨୪:୨୯** ହଡ଼୍‌ତି ୬:୧୨; ହଡ଼୍‌ତି ୬:୧୩. ✡ **୨୪:୩୦** ହଡ଼୍‌ତି ୧:୭. * **୨୪:୩୬** କେତେକ୍ ପତିତ ମାଜି ପା ହିଲୁନ୍

⁴⁰ ହେ ଏଚେକାଡ଼ଦ ରିୟାର୍ ବୁମିତ ମାନ୍‌ଗାନାର୍, ରୱାନିଂ ଇଟ୍ୟା ଆନାଡ଼୍ ଆରି ବିନ୍ ଲଗାଂ ପିହ୍ୟା ଆନାଡ଼୍;
⁴¹ ରିଣ୍ଡେକ୍ ଜାତା ନୁଜ଼ଜ଼ି ମାନିକ୍, ରଞ୍ଜିଲିଂ ଇଟ୍ୟାନାଡ଼୍ ଆରି ଆରେ ରଞ୍ଜିଲିଂ ପିହ୍ୟାନାଡ଼୍ ।
⁴² "ଲାଗିଂ, ଜାଗ୍ରତ୍ ମାନାଟ୍, ଇନାକିଦେଂକି ମି ମାପ୍ରୁ ଇମ୍‌ଣି ଦିନ୍ ୱାନାନ୍, ହେଦାଂ ଏପେଙ୍ଗ୍ ପୁନୁଦେର୍ ।
⁴³ ✡ମତର୍ ଇଦାଂ ପୁଞ୍ଜି ମାନାଟ୍, ଇମ୍‌ଣି ଗାଡ଼ିତ ଚର୍ ୱାନାନ୍, ଇଦାଂ ଇଲ୍ ମୁଣିକା ଏଚେକାଡ଼ଦ ପୁଟାନ୍‌ଚି, ତା ଆତିସ୍
ହେୱାନ୍ ଜାଗ୍ରତ୍ ମାନ୍‌ଞ୍ଜି ଜାର୍ ଇଞ୍ଜ ଚର୍ କିଦେଙ୍ଗ୍ ହିୱାତାନ୍ ।
⁴⁴ ଲାଗିଂ ଏପେଙ୍ଗ୍ ପା ଜାଲ୍‌ଦି ଆଜି ମାନାଟ୍, ଇନାକିଦେଂକି ଇମ୍‌ଣି ସମୁତ ଏପେଙ୍ଗ୍ ଏଡ଼୍ କିୱାଦାଂ ମାନ୍‌ଗାନାଦେର୍,
ହେ ସମୁଦ ମାନାୟ୍ ମାଜି ୱାନାନ୍ ।"

### ପାର୍ତି କିନାକାନ୍ ଆରି ପାର୍ତି କିୱି ଆଡ଼ିଏନ୍
*(ଲୁକ ୧୨:୪୧-୪୮)*

⁴⁵ "ତେବେ ମାପ୍ରୁ ଜାର୍ ଲକ୍‌ବାକ୍‌ତିଂ ସମାନ୍ ୱେଡ଼ାଲିଂ ବାତ୍ୟା ହିଦେଂ କାଜିଂ ଇନେରିଂ ହେୱାର୍ ଜପି ବାଚି କିତାନ୍‌ନ୍ନା,
ଏଲେଙ୍ଗ୍‌ବାର୍ତି ପାର୍ତିନି ଆରି ବୁଦିକାର୍‌ୟା ଆଡ଼ିଏନ୍ ଇନେର୍ ।
⁴⁶ ମାପ୍ରୁ ୱାଜି ଜାର୍‌ତି ଇମ୍‌ଣି ଆଡ଼ିଏନିଂ ହେ ଲାକେ କିଜି ମାନାକା ହୁଡ଼୍‌ନାନ୍, ହେୱାନ୍ ଦନ୍ୟ ।
⁴⁷ ଆନ୍ ମିଙ୍ଗେଙ୍ଗ୍ ହାଡ଼୍‌ପା ଇଞ୍ଜ୍‌ନାଙ୍ଗ୍, ହେୱାନ୍ ହେୱାନିଂ ଜାର୍‌ତି ୱିଜୁ ଦାନ୍‌ତିଙ୍ଗ୍ ଜପି ବାଚି କିଦ୍‌ନାନ୍ ।
⁴⁸ ମାତର୍ ଜଦି ହେ ବାନ୍ୟା ଆଡ଼ିଏନ୍ ନା ମାପ୍ରୁ ୱାନାକା ମାଲାଆନାଡ଼୍ ଇଞ୍ଜି ମାନ୍‌ତ ମାନ୍‌ତ ଇଞ୍ଜି,
⁴⁹ ଜାର୍ ହାଂ ହାଙ୍ଗ୍‌ଦାକାର୍ ଟ୍ରାକ୍‌ତେଂ ଲାଗାନାନ୍, ଆରେ ମଦୁୱାର୍ ହୁକେ ତିନାଉଣା କିତିସ୍,
⁵⁰ ତା ଆତିସ୍ ଇମ୍‌ଣି ଦିନ୍ ହଲ୍ୟା କାଜିଂ କାସି ମାନ୍‌ଗୁନ୍ ଆରି ଇମ୍‌ଣି ସମୁତ ହେୱାନ୍ ପୁନ୍‌ୱାଦାଂ ମାନାନ୍, ହେ ଦିନ୍
ଆରି ହେ ସମୁତ ହେୱାନ୍ତି ମାପ୍ରୁ ୱାନାନ୍,
⁵¹ ଆରେ ହେୱାନ୍ ହେୱାନିଂ ଗାଣ୍ଡ୍ରା ଗାଣ୍ଡ୍ରା କିଜି ହଟ୍‌କାନାର୍ କାପଟିୟାର୍ ହୁକେ ତାଦାଙ୍ଗ୍ ବାଗ୍ ରଚ୍‌ନାନ୍; ହେବେ
ଆଡ଼୍‌ବେଦେଂ ଆରି ଟାଡାଙ୍ଗ୍ ରେଡିକିନାନ୍ ।"

## ୨୫

### ଦସ୍ କଇକ୍ ଉତର୍‌ମୁଡ଼୍
¹ ✡"ହେୱେଡ଼ାଲିଂ ସାର୍ଗେ ରାଜି ୱାନାକା ଏଲେଙ୍ଗ୍ ଆନାଡ଼୍ ।
ଦସ୍ ଜାଣ୍ ଜିପଲିକ୍ ୱିଜେକ୍‌କ୍ ର ର ବଇଟା ଅଜି ବିବାଦାଂଣେନିଂ ତାଡେଙ୍ଗ୍ ହାଲ୍‌ଜି ମାଚିକ୍ ।
² ହେୱେକ୍ ବିଟ୍ରେ ପାଞ୍ଚ୍ ଜାଣ୍ ବୁଦିକାର୍‌ୟାକ୍ ଆରି ପାଞ୍ଚ୍ ଜାଣ୍ ନିର୍‌ବୁଦିୟାକ୍ ମାଚିକ୍ ।
³ ନିର୍‌ବୁଦିୟାକ୍ ବଇଟା ଅତିକ୍ ମାତର୍ ଜାର୍ ଜାର୍ କାଜିଂ ପା ଆଦିକ୍ ଚିକାଣ୍ ଅୱାଦାଂ ମାଚିକ୍ ।
⁴ ବୁଦ୍‌ୟାର୍ ଜାର୍ ଜାର୍ ବଇଟା ଲାହାଙ୍ଗ୍ କାଟ୍‌ତ ଚିକାଣ୍ ଅଜି ମାଚାର୍ ।"
⁵ ବିବାଦାଂଣେନ୍ ୱାନାକା ମାଲା ଆତିଲେ କଇକ୍ ଡ଼ଗୁଜି ଡ଼ଗୁଜି ହୁଞ୍ଜିକ୍ ।
⁶ "ମାଦିମାଦା ନାଣା କିର ଇନାକା ୱେନ୍ୟା ଆତାଡ଼୍, ଇୱାନ୍ ହୁଡ଼ା ବିବାଦାଂଣେନ୍ ୱାତାନେ, ୱାତୁ ହେୱାରିଂ ହାସ୍‌ଦାଂ
ତାନାସ୍ ।"
⁷ ହେୱାଡ଼ାଲିଂ ଜିପଲିକ୍ ନିଙ୍ଗ୍‌ଜି ଜାର୍ ଜାର୍ ବଇଟାଙ୍ଗ୍ ଜାଲ୍‌ଦି କିତିକ୍ ।
⁸ ହେୱେଡ଼ାଂ ନିର୍‌ବୁଦିୟାଂ କଇକ୍ ବୁଦ୍ୟାକାଂ ଇଚିକ୍, "ମାଙ୍ଗେଙ୍ଗ୍ ଇଚୁକ୍ ଚିକାଣ୍ ହିଦାଟ୍ । ମା ବଇଟା ହାଜି ହାନାତା ।"
⁹ "ବୁଦ୍ୟାକ୍ ଇଚିକ୍, ମି କାଜିଂ ଆରି ମା କାଜିଂ ଚିକାଣ୍ ସାରି ଆଉଡ଼୍ । ଏପେଙ୍ଗ୍ ଦୁକାଣ୍‌ତ ହାଲ୍‌ଜି ଜାର୍ ଜାର୍ କାଜିଂ
ଇଚୁଟିଂ ଚିକାଣ୍ କଡ଼୍‌ଜି ତାହିୱାଡୁ ।"
¹⁰ ଲାଗିଂ ନିର୍‌ବୁଦ୍‌ୟାଂ କଇକ୍ ଚିକାଣ୍ କଡ଼୍‌ଦେଂ ହସି ହାଚିକ୍ । ହେୱେକ୍ ତାଙ୍ଗ୍‌ଜି ହାଚି ପାଚେ ବିବାଦାଂଣେନ୍ ୱାଜି
ଏକାୱାତାନ୍ । ଜାଲ୍‌ଦି ମାନି ପାଞ୍ଚ୍‌ଜାଣ୍ କଇକ୍ ତା ହୁକେ ବିବା ବଜିତ ହାଚି ପାଚେ କାପାଟ୍ ଗେସ୍‌ତାର୍ ।
¹¹ ✡ "ପାଚେ ବିନ୍ ଜିପଲିକ୍ ପା ୱାଜି ଇଚିକ୍, ଏ ମାପ୍ରୁ, ଏ ମାପ୍ରୁ, ମା କାଜିଂ କାପାଟ୍ ଜେସି ହିଦା ।
¹² ମାତର୍ ବିବାଦାଂଣେନ୍ ଉତର୍ ହିତାନ୍, ଆନ୍ ମିଙ୍ଗ୍ ହାଡ଼୍‌ପା ଇଞ୍ଜ୍‌ନାଙ୍ଗା, ଆନ୍ ମିଙ୍ଗ୍ ପୁଞ୍ଜୁଙ୍ଗ୍ ।"
¹³ କାତା ୱିସ୍ତି ଜିସୁ ଇଚାନ୍, ଜାଗ୍ରତ୍ ମାନାଟ୍, ଇନାକିଦେଂକି ଏପେଙ୍ଗ୍ ହେ ଦିନ୍ କି ହେ ସମୁ ପୁନୁଦେର୍ ।

### ତିନ୍ ଚାକର୍ କାତା
*(ଲୁକ ୧୯:୧୧-୨୭)*

¹⁴ "ସାର୍ଗେ ରାଜି ଇ ଲାକେ, ତାଦାଙ୍ଗ୍ ଆରେ ରଞ୍ଜୁ ଉତର୍‌ମୁଡ଼୍ ୱେନାଟ୍ । ଦିନେକ୍ ଆଡ଼ିୟା ମାନାୟ୍ କେଇଦ ତାଦାଙ୍ଗ୍
ଦାନ୍ ପିସ୍ତି ହିଜି ବିଦେସ୍ ହାଞ୍ଜେଙ୍ଗ୍ ହତାନ୍ ।

---
✡ **୨୪:୪୩** ଲୁକ ୧୨:୩୯,୪୦. ✡ **୨୫:୧** ଲୁକ ୧୨:୩୫. ✡ **୨୫:୧୧** ଲୁକ ୧୩:୨୫.

୧୫ ହେୱାନ୍ ରକାନିଂ ହେବାକାରି ପାଞ୍ଚ୍ ହାଜାର୍ ରୁପା ଟାକାଂ, ଆରେ ରକାନିଂ ରି ହାଜାର୍ ରୁପା ଟାକାଂ, ଆରେ ରକାନିଂ
ଏକ୍ ହାଜାର୍ ରୁପା ଟାକାଂ, ଏପେଙ୍ଗ୍ ୱିଜାରିଂ ହେୱାର୍ ସାକ୍ତି ହୁଡ଼ଜି ହିଜି ବିଦେସ୍‌ତ ହାଚାନ୍ ।
୧୬ ପାଞ୍ଚ୍ ହାଜାର୍ ରୁପା ଟାକାଂ ପାୟା ଆଜି ମାଚାନ୍, ହେୱାନ୍ ଦାପ୍ରେ ହେଦାଂ ଅଜି ବେପାର୍ କିଜି ଆରେ ପାଞ୍ଚ୍ ହାଜାର୍
ରୁପା ଟାକାଂ ଲାବ୍ କିତାନ୍ ।
୧୭ ହେ ଲାକେ ଇନେର୍ ରି ହାଜାର୍ ରୁପା ଟାକାଂ ପାୟା ଆଜି ମାଚାନ୍, ହେୱାନ୍ ଆରେ ରି ହାଜାର୍ ରୁପା ଟାକାଂ ଲାବ୍
କିତାନ୍ ।
୧୮ ମତର୍ ଇମ୍‌ଣି ଚାକର୍ ହାଜାର୍ ରୁପା ଟାକାଂ ପାୟା ଆଜି ମାଚାନ୍, ହେୱାନ୍ ର ଚିକ୍‌ଲା କାଚର୍ି ହାଉକାତର୍ି ହେ ରୁପା
ଟାକାଂ ଡ଼କ୍କୁଚି ଇଡ଼୍‌ତାନ୍ ।"
୧୯ "ବେସି ଦିନ୍ ପାଚେ ଆଡ଼ିୟା ହାଉକାର୍ ମାସ୍‌ଦାତାନ୍ ଆରି ଚାକର୍‌ରିଂ ହୁକେ ହିସାବ୍ କିତାନ୍ ।
୨୦ ପାଞ୍ଚ୍ ହାଜାର୍ ଟାକାଂ ଅଜି ମାଚି ଚାକର୍ ହାଉକାର୍‌ତିଂ ଆରେ ପାଞ୍ଚ୍ ହାଜାର୍ ହିଜି ଇଚାନ୍, ମାପ୍ରୁ ଏନ୍‌ନାଙ୍ଗ୍ ପାଞ୍ଚ୍ ହାଜାର୍
ରୁପା ଟାକାଂ ହିଜି ମାଞ୍ଜାୟ୍, ହୁଡ଼ା, ଆନ୍ ପାଞ୍ଚ୍ ହାଜାର୍ ଲାବ୍ କିତାଂନ୍ନା
୨୧ ହାଉକାର୍ ୱାର୍‌ୟା ଆଜି ଇଚାନ୍, ହାର୍ କିତାୟ୍‌ନା, ଏନ୍ ନା ସାବାସ୍ ହାର୍‌ଦାକାୟ୍ ଆରି ପାତର୍ିନି ଆଡ଼ିୟା । ଏନ୍
ପାତର୍ି ବାବ୍ରେ ଅଲପ୍ ଦନ୍‌ଦିଂ କାର୍‌ବାର୍ କିଦେଙ୍ଗ୍ ଆଡ଼୍‌ତିଲେ ନି କେଇଦ ବେସି ଦାନ୍ ପିସ୍ତି ହିଦ୍‌ନାଂ । ୱା, ନା ମାପ୍ରୁ ୱାରିତ
ମେହାଆଦା !"
୨୨ "ରି ହାଜାର୍ ରୁପା ଟାକାଂ ଅଜି ମାଚି ହେବାକାରି ୱାଜି ଇଚାନ୍, ଏ ମାପ୍ରୁ, ଏନ୍‌ନାଙ୍ଗ୍ ରି ହାଜାର୍ ହିଜି ମାଞ୍ଜାୟ୍, ଆନ୍
ଆରେ ରି ହାଜାର୍ ରୁପା ଲାବ୍ କିତାଂନ୍ନା ।"
୨୩ ହାଉକାର୍ ଇଚାନ୍, "ସାବାସ୍ କିତାୟ୍‌ନା । ଏନ୍ ପା ନା ହାର୍‌ଦି ଆଡ଼ିୟା । ଅଲପ୍ ଦାନ୍‌ତ ପାତର୍ିତାଂ ଚଚ୍‌ଚାତାୟ୍‌ନା
। ବେସି ଦାନ୍ ଆନ୍ ନିଂ ବାଚି କିଦ୍‌ନାଂ । ୱା ନା ୱାରିତ ମିହାଆଦା ।"
୨୪ "ସେସ୍‌ତ ଏକ୍ ହାଜାର୍ ରୁପା ଟାକାଂ ଅଜି ମାଚି ଲକୁ ୱାଜି ଇଚାନ୍, ହାଉକାର୍, ଏନ୍ ରକାୟ୍ କଟି ଲକୁ ଇଦାଂ ଆନ୍
ପୁନାଙ୍ଗ୍ । ୱିଡ଼୍‌ୱିତି ବାଡ଼୍‌ଦ ଏନ୍ ତ୍ରେସ୍‌ନାୟ୍ । ବିୟାନ୍ ୱିଡ଼୍‌ୱାଦାଂ ତାସ୍ ରୁଣ୍ଡାୟ୍ କିନାୟ୍ ।
୨୫ ହେଦାଂ କାଜିଂ ଆନ୍ ପାଣ୍ଡ୍ରା ଆଜି ନି ରୁପା ଟାକାଂ ଅଜି ହାଉକାର୍ ମେଦ୍‌ନିତ ମୁଚ୍‌ଚି ଇଡ଼୍‌ଜି ମାଚାଙ୍ଗ୍ । ହୁଡ଼ା, ନି ହେ
ଡାବୁଙ୍ଗ୍ ।"
୨୬ "ହାଉକାର୍ ଇଚାନ୍, ଡ଼େ ଆଡ଼୍‌ୱି, ଆଡ଼୍‌ସାୟ୍ ଆଡ଼ିୟା ! ଏନ୍ କିନ୍ଦା ପୁଞ୍ଜିମାଚାୟ୍, ଆନ୍ ଇମେତାକେ ୱିଡ଼୍‌ୱାଦାଂ ମାନାଂ,
ହେବେ ତ୍ରେସ୍‌ନାଂ ଇମେତାକେ ୱିଡ଼୍‌ୱାଦାଂ ମାନ୍‌ଗାନାଂ ହେବେ ତାସ୍ ତ୍ରେସ୍‌ନାଂ ।
୨୭ ତେବେ ନା ଟାକାଂ ଅଜି ଏନ୍ କଲନ୍ତର୍ କାଜିଂ ଇଡ଼୍‌ଜି ମାଚାଂମା । ତା ଆତିସ୍ ତାଙ୍ଗ୍ ଆନ୍ କଲନ୍ତର୍ ହୁକେ ଉଲ୍‌ଟି ଗାଟା
ଆତାଂମା ।"
୨୮ ଇଦାଂ ଇଞ୍ଜି ହାଉକାର୍ ବଲ୍ ହିତାନ୍, "ଇ ରୁପା ଡାବୁଙ୍ଗ୍ ଅଜି, ଇନେର୍ ତାକେ ଦସ୍ ହାଜାର୍ ରୁପା ଟାକାଂ ମାନିଙ୍ଗ୍,
ହେୱାନିଂ ହିଆଟ୍ ।
୨୯ ✡ଇନାକିଦେଂକି ଇମ୍‌ଣି ଲକୁତ ମାନିଂ, ହେୱାନିଂ ହିୟାଆନାଡ଼୍, ଆରେ ହେୱାନ୍ତି ବେସି ଆନାଡ଼୍; ମାତର୍ ଇନେରିଂ
ହିଲୁଡ଼୍, ହେୱାନ୍ ଲାଗେ ଇନାକା ମାନାଡ଼୍, ହେଦାଂ ନେ ତା ତାକେଣ୍ଡାଂ ଅୟାନାଡ଼୍ ।
୩୦ ଇ କାମାୟ୍ ଆଡ଼୍‌ୱି ଆଡ଼ିୟାତିଂ ବାର୍ତ ମାଜ୍‌ଗାତ ତୁହିୟାଟ୍ । ହେବେ ହେୱାନ୍ ଆଡ଼୍‌ବିସ୍ ଟାଡାଙ୍ଗ୍ କଡ଼୍‌ମଡ଼୍ କିଜି
ମାନେନ୍ ।"

## ସେସ୍ ବିଚାର୍ଣ୍ଣା

୩୧ "ଏଚେକାଡ଼୍‌ଦ ମାନାୟ୍ ମାଜି ରାଜା ଆଜି ହେୱାନ୍ତି ସାର୍ଗେ ଦୁଦ୍‌ତର୍ ଲାହାଙ୍ଗ୍ ୱାନାନ୍, ରାଜା ଜାଜ୍‌ମାଲ୍ ହୁକେ ଗାଦିତ
କୁଚ୍‌ଚାନ୍,
୩୨ ସବୁ ଜାତିନି ଲକୁ ତା ଲାଗାଂ ରୁଣ୍ଡା ଆନାର୍ । ହେ ଏଚେକାଡ଼୍‌ଦ ମେଣ୍ଡାଗଡ଼ିୟା ଇନେସ୍ ଅଡାଙ୍ଗ୍ ଆରି ମେଣ୍ଡାକାଂ
ବିନେ କିନାନ୍, ମାନାୟ୍ ମାଜି ହେ ଲାକେ ମାନାୟ୍‌ତିଂ ରି କୁଦା କିଜି ବାଗ୍ କିନାନ୍ ।
୩୩ ମେଣ୍ଡାକାଂ ଜାର୍ ବୁଜ୍‌ଣି ବାଗାଙ୍ଗ୍ ଆରି ଅଡାକାଂ ଡେବ୍ରି ବାଗାଙ୍ଗ୍ ଇଟ୍‌ନାନ୍ ।"
୩୪ ତା ପାଚେ ହେୱାନ୍ତି ବୁଜ୍‌ଣିତ ମାନି ଲକାରିଂ ରାଜା ଇନାନ୍, "ୱାତୁ, ମିଙ୍ଗେଙ୍ଗ୍ ନା ବାୱା ଆସିର୍ବାଦ୍ କିତ୍‌ନ୍ନା । ପୁତର୍ି
ଉବ୍‌ଜାଣ୍‌ନି ଆରମ୍‌ତାଂ ଇମ୍‌ଣି ରାଜି ମି କାଜିଂ ଜାଲ୍‌ଦି ଆଜି ମାନାଡ଼୍, ୱାଡ ହେବେ ହଣାଟ୍ ।
୩୫ ଆନ୍ ନାସ୍‌କି ମାଚାଙ୍ଗ୍, ଏପେଙ୍ଗ୍ ଚିଚ୍‌ପାତାଦେର୍ଣ୍ଣା; ଆନ୍ ଏସ୍‌କି ଆଜି ମାଚାଙ୍ଗ୍, ଏପେଙ୍ଗ୍ ନାଙ୍ଗ୍ ଉଣ୍ଡେଙ୍ଗ୍ ହିଡ଼୍‌ତାଦେର୍ଣ୍ଣା
। ଆନ୍ ଚିନାହିଲ୍‌ୱାଦାଂ ମାଚାଙ୍ଗ୍, ଏପେଙ୍ଗ୍ ନାଙ୍ଗ୍ ଇଞ୍ଜ ମାଞ୍ଜେଙ୍ଗ୍ ବାହା ହିଡ଼୍‌ତାୟ୍ ।
୩୬ ନାଗ୍‌ଡ଼ା ମାଚାଙ୍ଗ୍, ନାଙ୍ଗ୍ ହେନ୍ଦ୍ରା ଉସ୍ପି କିଡ଼୍‌ତାଦେର୍ଣ୍ଣା । ଆନ୍ ବେମାର୍ ମାଚାଙ୍ଗ୍, ନାଙ୍ଗ୍ ଜତନ୍ କିନାଦେର୍ ।" ଆନ୍
ଜେଲ୍ ଇଞ୍ଜ ମାଚାଙ୍ଗ୍, ନାଙ୍ଗ୍ ହୁଡ଼୍‌ଦେଂ ୱାତାଦେର୍ ।

✡ **୨୫:୨୯** ମାତିଉ ୧୩:୧୨; ମାର୍କ ୪:୨୫; ଲୁକ ୮:୧୮.

୩୭ "ହେବେ ଦାମର୍ିର୍ ତାଙ୍ଗ୍ ଉତର୍ ହିଦ୍‌ନାର୍, ଏ ମାପ୍ରୁ, ଇନାୱାଡ଼ାଂ ଆପେଂ ନିଂ ନାସ୍‌କି ହୁଡ଼୍‌ଜି କାଦି ହିତ୍‌ତାପ୍ କି
ଏସ୍‌କି ହୁଡ଼୍‌ଜି ଉଟ୍‌ପି କିତ୍‌ତାପ୍ ?
୩୮ ଆରେ ଇନାୱାଡ଼ାଂ ରୱାନ୍ ନିଂ ଚିନାହିଲ୍‌ୱି ଲକୁ ହୁଡ଼୍‌ଜି ଆହା ହିତ୍‌ତାପ୍ ? କି ନାଗ୍‌ଡ଼ା ହୁଡ଼୍‌ଜି ହେନ୍ଦ୍ରା ଉସ୍ପି କିତ୍‌ତାପ୍
?
୩୯ ଇନାୱାଡ଼ାଂ ନିଂ ବେମାର୍ କି ଜେଲ୍ ଇଞ୍ଜ ହୁଡ଼୍‌ଜି ହେବା କିତ୍‌ତାପ୍ ?
୪୦ ଆରେ ରାଜା ହେୱାରିଂ ଉତର୍ ହିନାନ୍, ଆନ୍ ମିଙ୍ଗେଙ୍ଗ୍ ହାତ୍‌ପା ଇଞ୍ଜ୍‌ନାଙ୍ଗା, ଏପେଙ୍ଗ୍ ନା ଇ ହାରୁ ଟଣ୍ଡାର୍ ବିତ୍ରେତାଂ
ରୱାନ୍ କାଜିଂ ଇଦାଂ କିଜି ମ଼ାଚିଲେ ନା କାଜିଂ ନେ ହେଦାଂ କିନାଦେରା ।"
୪୧ "ତା ପାଚେ ଡେବ୍ରିବାଗାଙ୍ଗ୍ ମାନି ଲକାରିଂ ହେୱାନ୍ ଇନାନ୍, ଡ଼େ ସାଇପ୍ ପାୟାତି ମାନାୟାର୍ ! ନା ମୁମ୍‌ଦାଂ ଦେହା
ଆ ! ସୟ୍‌ତାନ୍ ଆରି ତା ଦୁତ୍‌ତର୍ କାଜିଂ ଇମ୍‌ଣି ୱିଜ୍‌ୱି଼ନାଣି ଜାଲ୍‌ଦି ଆଜି ମ଼ାନାଡ଼୍, ହେବେ ହାଲାଟ୍ ।
୪୨ ଆନ୍ ନାସ୍‌କି ମାଚାଙ୍ଗ୍, ଏପେଙ୍ଗ୍ ନାଙ୍ଗ୍ ଚିଞ୍ଜେଙ୍ଗ୍ ହିଦ୍‌ୱାତାଦେର୍ । ଆନ୍ ଏସ୍‌କି ମାନିୱେଡ଼ାଲିଂ ନାଙ୍ଗ୍ ଏଜୁଂ଼ ଉଣ୍ଡେଙ୍ଗ୍
ହିଦ୍‌ୱାତାଦେର୍ ।
୪୩ ଆନ୍ ଚିନ୍‌ପୁନ୍‌ୱି ୱେଡ଼ାଲିଂ ନା ଇଞ୍ଜ ବାହା ହିଦ୍‌ୱାତାଦେର୍ । ଆନ୍ ନାଗ୍‌ଡ଼ା ମାନିହିଂ ହେନ୍ଦ୍ରା ଉସ୍ପି କିଦ୍‌ୱାତାଦେର୍ ।
ବେମାର୍ ଆରି ଜଇଲ୍‌ତ ମାନିୱେଡ଼ାଲିଂ ନା ଜତନ୍ ଅୱାତାଦେର୍ଣ୍ଣା ।"
୪୪ "ହେୱାଡ଼ାଂ ହେୱାର୍ ଉତର୍ ହିଦ୍‌ନାନ୍, ଏ ମାପ୍ରୁ, ଇନାୱାଡ଼ାଂ ଆପେଂ ନିଂ ନାସ୍‌କି, ଏସ୍‌କି, ବିଦେସି କି ନାଗ୍‌ଡ଼ା,
ବେମାର୍ କି ଜଇଲ୍‌ତ ମାନାକା ହୁଡ଼୍‌ଜି ଆପେଂ ନିଂ ହେବା କିଦ୍‌ୱାତାଂନା ?"
୪୫ "ରାଜା ଉତର୍ ହିନାନ୍, ଆନ୍ ହାତ୍‌ପା ଇଞ୍ଜ୍‌ନାଙ୍ଗା, ଇ ହାରୁକାର୍ ବିତ୍ରେ ରକାନିଂ ଉପ୍‌କାର୍ କିଦେଙ୍ଗ୍ ମୁନା କିନିହିଙ୍ଗ୍,
ଏପେଙ୍ଗ୍ ନାଙ୍ଗ୍ ଉପ୍‌କାର୍ କିଦେଙ୍ଗ୍ କାୱାତାଦେର୍ଣ୍ଣା ।
୪୬ ଇ ଲକୁ ସବୁ ଦିନ୍ କାଜିଂ ଡାଣ୍ଡ୍ ପାୟାନାର୍ ଆରି ଦାମର୍ିର୍ ୱିଜ୍‌ୱି଼ ଜିବୁନ୍ ପାୟାନାର୍ ।"

# ୨୬

## ଜିସୁ ବିରୁଦ୍‌ତ କୁଟ୍
*(ମାର୍କ ୧୪:୧-୨; ଲୁକ ୨୨:୧-୨; ଜହନ୍ ୧୧:୪୫-୫୩)*

୧ ଇ ସବୁ ହିକ୍ୟା ହିଜି ୱ଼ିସ୍ତି ପାଚେ ଜିସୁ ଚେଲାରିଂ ଇଚାନ୍,
୨ "ରି ଦିନ୍ ପାଚେ ଜେ, ନିସ୍ତାର୍ ପାର୍ବୁ ଆନାଡ଼୍, ଇଦାଂ ଏପେଙ୍ଗ୍ ପୁଚାଦେର୍ଣ୍ଣା । ଆରେ ମାନାୟ୍ ମାଜି ଼ଜେ କ୍ରୁସ୍‌ତ ଦୁପ୍‌ୟା
ଆଦେଂ କାଜିଂ ହେଲାୟ୍ କିୟାଆନାନ୍ ।"
୩ ହେ ୱେଡ଼ାଲିଂ ମୁଡ଼୍ ମାପ୍ରୁହେବାକିନାକାନ୍ ଆରି ଲକୁତର୍ି ବୁଡ଼ାଲୁର୍ କୟାପା ତର୍‌ନି ମୁଡ଼୍ ମାପ୍ରୁହେବାକିନାକାନ୍ତି
ହାକ୍‌ଡ଼ିତ ରୁଣ୍ଡା ଆତାର୍,
୪ ହେୱାର୍ ଡ଼ଗୁ଼ଜି ଜିସୁଙ୍ଗ୍ ଅସ୍ତେଙ୍ଗ୍ ମାନ୍‌ପାଚି କିତାର୍ ।
୫ ମାତର୍ ହେୱାର୍ ଇଚାର୍, "ପାର୍ବୁ ୱେଡ଼ାଲିଂ ଇଦାଂ କିନାକା ହାର୍ ଆକାୟ୍, ଇନାକିଦେଂକି ମାନାୟାର୍ ଗଣ୍ଡଗଲ୍
କିଦ୍‌ନାର୍ ।"

## ବେତ୍‌ନ୍ୟାତ ଜିସୁ ସିଗ୍ ଆତାନ୍
*(ମାର୍କ ୧୪:୩-୯; ଜହନ୍ ୧୨:୧-୮)*

୬ ଦିନେକ୍ ଜିସୁ ବେତ୍‌ନିୟାତ ଗାଜା ରଗ୍ୟା ବଗ୍ କିଜି ସ଼ିମନ୍ ଇଞ୍ଜ ମାନି ୱେଡ଼ାଲିଂ,
୭ ✡ରଞ୍ଜେଲ୍ କଗ୍‌ଲେ ର କଣ୍ଡିତ ଦାମ୍‌ନି ବାସ୍‌ନା ଚିକାଣ୍ ଅସି ତା ତାକେ ୱାତାଡ଼୍ ଆରି ହେଦେଲ୍ ଚିଞ୍ଜେଙ୍ଗ୍ କୁଚ୍‌ଚି ସମୁତ
ତାଙ୍ଗେଙ୍ଗ୍ କାପ୍‌ଡ଼ାତ ୱାକ୍‌ତେଂ ଲାଗାତାଡ଼୍ ।
୮ ହେଦାଂ ହୁଡ଼୍‌ଜି ଚେଲାର୍ ରିସା ଆଜି ଼ଇଚାର୍, "ଏଚେକ୍ ନସ୍ଟ କିନାତା ଇନାକିଦେଂ ?
୯ ଇ ବାସ୍‌ନା ଚିକାଣ୍ ବେସି ଟାକାଂତାଂ ପ୍ରୟା ଆତାମ୍ବା ଆରି ହେ ଦାନ୍ ଅକର୍ିତାରିଂ ଦାନ୍ ହିୟାତାମ୍ବା ।"
୧୦ ଜିସୁ ହେଦାଂ ପୁଞ୍ଜି ହେୱାରିଂ ଇଚାନ୍, ଇନେକିଦେଂ କଗ୍‌ଲେଂ କସ୍ଟ ହିନାଦେରା ? ହେଦେଲ୍ ନା କାଜିଂ ହାର୍ କାମାୟ୍
କିନାତା ।
୧୧ "ଅକର୍ିଡ଼୍ ଲକୁତ ନିତ୍ରେ ମି ହୁଦାଂ ମାନାର୍, ମତର୍ ଆନ୍ ନିତ୍ରେ ମି ହୁଦାଂ ମାନୁଙ୍ଗ୍ ।
୧୨ ଆରେ, ନା ଦୁଗେର୍‌ତ ମୁଚ୍‌ନି କାମାୟ୍ ଲାକେ ନା ଗାଗାଡ଼୍‌ତ ଇ ବାସ୍‌ନା ଚିକାଣ୍ ୱାକ୍‌ତାନାତା ।
୧୩ ଆନ୍ ନିଂ ହାତ୍‌ପା ଇଞ୍ଜ୍‌ନାଙ୍ଗା, ୱିଜୁ଼ ପୁତର୍ିତ ଇମ୍‌ଣି ବାହାତ ପା ନେକ୍ରିକାବୁର୍ ୱେଚ୍ୟାନାଡ଼୍, ହେ ବାହାତ ଇ
କଗ୍‌ଲେତି ଏତୁତିଂ ତାଦାଙ୍ଗ୍ ଇ କାମାୟ୍‌ନି କାତା ପା ଇନ୍ୟା ଆନାଡ଼୍ ।"

✡ **୨୬:୭** ଲୁକ ୭:୩୭,୩୮.

### ଜିସୁଙ୍ଗ୍ ଆହିକିଦେଂ କାଜିଂ ଜିହୁଦାତି ରାଜି
*(ମାର୍କ ୧୪:୧୦-୧୧; ଲୁକ ୨୨:୩-୬)*

୧୪ ଜିସୁତି ବାରଜାଣ୍ ଚେଲାର୍ ବିତ୍ରେ ଇସ୍କାରିୟତିୟ ଜିହୁଦା ତର୍‌ନି ରକାନ୍ ଚେଲା ମୁଡ୍ ମାପ୍ରୁହେବାକିନାକାର୍ ତାକେ
ହାଲ୍‌ଜି ୱେନ୍‌ବାତାନ୍,
୧୫ "ଜିସୁଙ୍ଗ୍ ଆହି କିଜି ହିତ୍‌ତିସ୍ ନାଙ୍ଗ୍ ଇନାକା ହିଦ୍‌ନାଦେର୍ ?" ହେୱାର୍ ତାଙ୍ଗ୍ କଡ଼େଦସ୍ ଗଟା ରୁପା ଟାକାଂ ଏଜା କିଜି
ହିତାର୍ ।
୧୬ ହେ ଦିନ୍‌ତାଂ ଜିସୁଙ୍ଗ୍ ହେୱାର୍ କେଇଦ ଆହିକିଦେଂ କାଜିଂ ସୁବିଦା ଡେକ୍‌ତାନ୍ ।

### ଚେଲାର୍ ହୁଦାଂ ଜିସୁତି ନିସ୍ତାର୍ ପାର୍ବୁ ବଜିତିନାକା
*(ମାର୍କ ୧୪:୧୨-୨୧; ଲୁକ ୨୨:୭-୧୪; ୨୧–୨୩; ଜହନ୍ ୧୩:୨୧-୩୦)*

୧୭ ପାଚେ ହଇୱି ରୁଟି "ପାର୍ବୁନି ପର୍ତୁମ୍ ଦିନ୍ତ ଚେଲାର୍ ଜିସୁ ଲାହାଙ୍ଗ୍ ୱାଜି ୱେନ୍‌ବାତାର୍, ଆପେଂ ଇମ୍‌ଣି ବାହାତ ନି
କାଜିଂ ନିସ୍ତାର୍ ପାର୍ବୁ ବଜି ଜାଲ୍‌ଦି କିନାପ୍ ଇଞ୍ଜି ନି ଇଚା ?"
୧୮ ଜିସୁ ଉତର୍ ହିତାନ୍, ଗାଡ଼ଦ ହାଲ୍‌ଜି ହେ ଆମ୍‌କ ଲଗାଂ ତାଙ୍ଗେଙ୍ଗ୍ ଇନାଟ୍, "ଗୁରୁ ଇଞ୍ଜାନ୍ନା, ହେୱାନ୍ତି ସମୁ ଲାଗେ
ଆଜି ୱାତାତେ । ହେୱାନ୍ତି ଚେଲାର୍ ଲାହାଙ୍ଗ୍ ମି ଇଞ୍ଜ ହେୱାନ୍ ନିସ୍ତାର୍ ପାର୍ବୁ ମାନିକିନାନ୍ ।"
୧୯ ଜିସୁ ଇନି ହିସାବ୍‌ରେ ଚେଲାର୍ ନିସ୍ତାର୍ ପାର୍ବୁ ବଜି ଜାଲ୍‌ଦି କିତାର୍ ।
୨୦ ପାଚେ ମ୍ବିଡିଲେ ହେୱାନ୍ ବାରଜାଣ୍ ଚେଲାର୍ ଲାହାଙ୍ଗ୍ ଚିଞ୍ଜେଙ୍ଗ୍ କୁଚ୍‌ଚାର୍ ।
୨୧ ତିନି ୱେଡ଼ାଲିଂ ଜିସୁ ଇଚାନ୍, "ଆନ୍ ମିଙ୍ଗ୍ ହାଡ଼ପା ଇଞ୍ଜ୍‌ନାଙ୍ଗା, ମି ବିତ୍ରେ ରକାନ୍ ନାଙ୍ଗେଙ୍ଗ୍ ସତ୍ରୁ କେଇଦ ହେଲାୟ୍
କିଦ୍‌ନାନ୍ ।"
୨୨ ଚେଲାର୍ ବେସି ଦୁକ୍ ଆଜି ରକାନ୍ ପାଚେ ରକାନ୍ ଜିସୁଙ୍ଗ୍ ୱେନ୍‌ବାତାର୍, "ମାପ୍ରୁ ହେୱାଙ୍ଗ୍ ଇନାକା ଆନ୍ ?"
୨୩ ଜିସୁ ଇଚାନ୍, "ଇନେର୍ ନା ଲାହାଙ୍ଗ୍ ରଚେ ତାଡ଼ିୟାତ ରୁଟି ଚ୍ଚୁକ୍‌ନାନ୍, ହେୱାନ୍ ନାଙ୍ଗ୍ ସତ୍ରୁ କେଇଦ ହେଲାୟ୍
କିଦ୍‌ନାନ୍ ।
୨୪ ସାସ୍ତ୍ରର୍ତ ଇନେସ୍ ଲେକା ଆତାଡ଼ନ୍ନା ମାନାୟ୍ ମାଜି ହାକିତାଣ୍ଡ୍ ଆନାନ୍, ମାତର୍ ଇନେର୍ ଆହିକିନାନ୍, ତା ଦସା
କେତେକ୍ କସ୍ଟ ! ହେ ମାନାୟ୍ ଜଲମ୍ ଆୱାଦାଂ ମାଚିସ୍ ତା ପାକ୍ୟାତ ହାରା ଆତାମ୍ବା ।"
୨୫ ସାତ୍ରୁ କେଇଦ ହେଲାୟ୍ କିତି ଜିହୁଦା ନିଙ୍ଗ୍‌ଜି ୱେନ୍‌ବାତାନ୍, "ଏ ଗୁରୁ, ହେୱାଙ୍ଗ୍ ଇନାକା ଆନ୍ ?"
ଜିସୁ ହେୱାନିଂ ଇଚାନ୍, "ଏନ୍ ଇଞ୍ଜାୟ୍‌ନ୍ନା ।"

### ମାପ୍ରୁ ବଜି
*(ମାର୍କ ୧୩:୨୨-୨୬; ଲୁକ ୨୨:୧୪-୨୦; ୧ କରନ୍ତିୟ ୧୧:୨୩-୨୫)*

୨୬ ହେୱାର୍ ତିନି ୱେଡ଼ାଲିଂ ଜିସୁ ର ରୁଟି ଅଜି ଇସ୍ୱର୍‌ତିଂ ଦନ୍ୟବାଦ୍ ହିତାନ୍ ଆରି ହେଦାଂ ଡ୍ରିକ୍‌ଚି ଚେଲାରିଂ ହିଜି ଇଚାନ୍,
"ଇଦାଂ ନା ଗାଗାଡ଼ ।"
୨୭ ତା ପାଚେ ହେୱାନ୍ ଉଣି ବାହା ଅଜି ଇସ୍ୱର୍‌ତିଂ ଜୁୱାର୍ କିତାନ୍ ଆରି ହେଦାଂ ଚେଲାରିଂ ହିଜି ଇଚାନ୍, "ଏପେଙ୍ଗ୍
ୱିଜାକାଦେର୍ ଇବେଣ୍ତାଂ ଉଣାଟ୍ ।"
୨୮ "ଇଦାଂ ନା ନେତେର୍ । ମାନାୟ୍‌ତିଂ ପାପ୍ କେମା କାଜିଂ ଆନ୍ ଇମ୍‌ଣି ନେତେର୍ ୱାକ୍‌ଚି ହିଦେଂ ହାନାଙ୍ଗା, ଇମ୍‌ଣାକା
ଇସ୍ୱର୍ତି ପୁନି ନିୟମ୍ ରଚ୍ୟା ଆତାଡ଼ନ୍ନା ।
୨୯ ମାତର୍ ଆନ୍ ମିଙ୍ଗ୍ ଇଞ୍ଜ୍‌ନାଙ୍ଗା, ଇମ୍‌ଣି ଦିନ୍ ଆନ୍ ନା ବାୱାତି ରାଜିତ ମି ହୁଦାଂ ପୁନି କିଜି ଅଙ୍ଗୁର୍ ପାଡ଼ନି ରାସ୍
ଉଣାଙ୍ଗ୍, ହେ ଦିନ୍ ପାତେକ୍ ନେଞ୍ଜ୍‌ତାଂ ଆନ୍ ଇଦାଂ ଇନାୱାଡ଼ାଂ ପା ଉଣୁଙ୍ଗ୍ ।"
୩୦ ଆରେ, ହେୱାର୍ ଜୁୱାର୍ କେର୍‌କଣ୍ କେର୍‌ତି ପାଚେ ଜିଡ଼ମାଡ଼ିତ ହସି ହାଚାର୍ ।

### ପିତର୍‌ତି ପାତର୍କିୱି ବିସ୍ରେ ଜିସୁ ଇଚାନ୍
*(ମାର୍କ ୧୪:୨୭-୩୧; ଲୁକ ୨୨:୩୧-୩୪; ଜହନ୍ ୧୩:୩୬-୩୮)*

୩୧ ଇ ୱେଡ଼ାଲିଂ ଜିସୁ ହେୱାରିଂ ଇଚାନ୍, "ନେଞ୍ଜେଙ୍ଗ୍ ନାଣା ଏପେଙ୍ଗ୍ ୱିଜାକାଦେର୍ ନାଙ୍ଗ୍ ପିସ୍ତି ହାନାଦେର୍ ।
ଇନାକିଦେଂକି ସାସ୍ତ୍ରତ ଲେକାତାଡ଼ନା, ଆସେଙ୍ଗ୍ ମେଣ୍ଡା ଗଡ଼ିୟାଙ୍ଗ୍ ଅସ୍‌ତିସ୍, ଆରେ ମାନ୍ଦା ନି ମେଣ୍ଡାଂ ଜେଡ଼େକେତେ
ଆଜି ହାନିକ୍ ।"
୩୨ ✡"ମାତର୍ ଆନ୍ ନିଙ୍ଗ୍‌ନି ପାଚେ ମି ଆଗେ ଗାଲିଲି ରାଜି ହାନାଂ ।"
୩୩ ପିତର୍ ଜିସୁଙ୍ଗ୍ ଇଚାନ୍, "ବିନ୍ ଲଗୁ ୱିଜାକାର୍ ନିଂ ପିସ୍ତି ହାଚିସ୍ ପା ଆନ୍ ମୁଡ଼କେ ପିସ୍ତି ହାଲୁଙ୍ଗ୍ ।"

---
✡ **୨୬:୩୨** ମାତିଉ ୨୮:୧୬.

୩୪ ଜିସୁ ପିତରଂ ଇଚାନ୍, "ଆନ୍ ହାଡ଼୍ପା ଇଞ୍ଜ୍ନାଙ୍ଗା, ନେଞ୍ଜେଙ୍ଗ୍ ନାଣା କୁକୁ କେଡ଼୍ନି ଆଗେ ଏନ୍ନାଙ୍ଗ୍ ପୁନୁଙ୍ଗ୍ ଇଞ୍ଜି
ତିନିହଟ୍ ପାଟର୍ କିଦୁୟ୍ ।"
୩୫ ପିତର୍ ଉତର୍ ହିତାନ୍, "ନି ହୁକେ ହାଦେଂ ଲାଗ୍ଦିତିସ୍ପା ଆନ୍ ଇନାୱାଡ଼ାଂ ପା ଉଡ଼ା ଆଦୁଙ୍ଗ୍ ।"
ବିନ୍ ଚେଲାର୍ ପା ୱିଜାକାର୍ ହେ ଲାକେ ଇଚାର୍ ।

## ଗେତ୍ସିମନିତ ବାଡ଼୍ଦ ଜିସୁତି ପାର୍ତାନା
*(ମାର୍କ ୧୪:୩୨-୪୨; ଲୁକ ୨୨:୩୯-୪୬)*

୩୬ ତା ପାଚେ ଜିସୁ ଜାର୍ ଚେଲାର୍ ହୁକେ ଗେତ୍ସିମନି ତର୍ନି ର ବାହାତ ହେୱାରିଂ ଇଚାନ୍, "ଆନ୍ ହେବେ ହାଲ୍ଜି
ପାର୍ତାନା କିନି ପାତେକ୍ ଏପେଙ୍ଗ୍ ଇବେ କୁଚ୍ଚି ମାନାଟ୍ ।"
୩୭ ଆରେ, ଜିସୁ ପିତର୍ ଆରି ଜେବ୍ଦି ରିକାର୍ ମେହିରିଂ ଅତାନ୍ । ହେ ଏଚେକାଡ଼୍ଦ ଜିସୁ ବେସି ଦୁକ୍ ବାଦାତ ବିପ୍ତି ଆଜି
ମାଚାନ୍ ।
୩୮ ଜିସୁ ହେୱାରିଂ ଇଚାନ୍, "ଦୁକ୍ତ ନା ୱାସ୍କି ବିପ୍ତି ଆନାତା । ଇବେ ଏପେଙ୍ଗ୍ ନା ଲାହାଙ୍ଗ୍ କାଜିଂ ମାନାଟ୍ ।"
୩୯ ଜିସୁ ଅଲପ୍ ଦେହା ହାଲ୍ଜି ମେଦ୍ନିତ ମୁମ୍ କୁନ୍ଦି କିଜି ପାର୍ତାନା କିତାନ୍, "ବାୱା ! ଜଦି ଆଦେଂ ଆନାତ୍, ଇ ଦୁକ୍ବଗନି
ଉଣି ବାହା ନା ତାଙ୍ଗ୍ ଦେହା ଅୱା, ମାତର୍ ନା ଇଚା ଆକାୟ୍, ନି ଇଚା ପୁରା ଆଏତ୍ ।"
୪୦ ତା ପାଚେ ହେୱାନ୍ ଚେଲାର୍ ଲାଗାଙ୍ଗ୍ ୱାଜି ହୁଡ଼୍ତାନ୍, ହେୱାର୍ ହୁଞ୍ଜାର୍ତା । ଜିସୁ ପିତର୍ତିଂ ଇଚାନ୍, "ଏପେଙ୍ଗ୍ ନା
ହୁଦାଂ ରଗଣ୍ଟା କାଜିଂ ମାଞ୍ଜେଙ୍ଗ୍ ଆଡୁଦେରା ?
୪୧ ପରିକ୍ୟାତ ଇନେସ୍ ଆର୍ମାଟ୍, ହେଦାଂ କାଜିଂ ମାନ୍ଜି ପାର୍ତାନା କିୟାଟ୍ । ଇନାକିଦେଂକି ମିଦାଙ୍ଗ୍ ଜିବୁନ୍ ଇଚା,
ମାତର୍ ଗାଗାଡ଼୍ ନାଦାର୍ ।"
୪୨ ଜିସୁ ଆରେ ରଗ ହାଲ୍ଜି ପାର୍ତାନା କିତାନ୍, ନା "ବାୱା ! ଜଦି ଦୁକ୍ବଗନି ଉଣି ବାହା ନାତାଙ୍ଗ୍ ଗୁଚା ଆଦେଂ ଆଡୁୟ୍
ଆରି ନାଙ୍ଗ୍ ହେଦାଂ ଉଣ୍ଡେଙ୍ଗ୍ ନେ ଆନାତ୍, ନି ଇଚା ପୁରା ଆୟେତ୍ ।"
୪୩ ହେୱାନ୍ ଆରେ ରଗ ମାସ୍ଦି ଚେଲାରିଂ ହୁଞ୍ଜ୍ନାକା ହୁଡ଼୍ତାନ୍ । ହେୱାର୍ କାଣ୍କୁ ଜେତେଙ୍ଗ୍ ଆଡ଼୍ୱାଦାଂ ମାଚାର୍ ।
୪୪ ଜିସୁ ହେୱାରିଂ ପିସ୍ତି ଅଲପ୍ ଦେହା ହାଲ୍ଜି ତିନ୍ହଟ୍ କାଜିଂ ହେ ଲାକେ ପାର୍ତାନା କିତାନ୍ ।
୪୫ ତା ପାଚେ ଚେଲାର୍ ତାକେ ୱାଜି ଇଚାନ୍, "ଏପେଙ୍ଗ୍ ଇ ପାତେକ୍ ହୁଞ୍ଜିମାଞ୍ଜି ଜମ୍ନାଦେରା ? ହୁଡ଼ାଟ୍, ମାନାୟ୍ ମାଜି
ପାପିର୍ କେଇଦ ହେଲାୟ୍ ଆନି ସମୁ ୱାତାତ୍ ।
୪୬ ନିଂଗାଟ୍ ଆସେଙ୍ଗ୍ ହାନାସ୍ । ଇଦି ହୁଡ଼ାଟ୍, ନାଙ୍ଗ୍ ଆହିକିଦ୍ନି ମାନାୟ୍ ମାଜି ଏକାୱାତାନେ ।"

## ଜିସୁ ଗାଚ୍ୟା ଆତାନ୍
*(ମାର୍କ ୧୪:୪୩-୫୦; ଲୁକ ୨୨:୪୭-୫୩; ଜହନ୍ ୧୮:୩-୧୨)*

୪୭ ହେୱାନ୍ କାତା ଇନିୱାଡ଼ାଲିଂ, ହୁଡ଼ାଟ୍, ବାରଜାଣ୍ ବିତ୍ରେ ଜିହୁଦା ତର୍ନି ରକାନ୍ ଆରି ହେ ଲାହାଙ୍ଗ୍ ମୁଡ଼୍ ମାପୁହେବା
କିନାକାର୍ ଆରି ମାନାୟାର୍ତି ବୁଡ଼ାଲୁର୍ ତାଙ୍ଗ୍ ପକ୍ୟାତି ହେନି ଲକୁ କାଣ୍ଡା ଆରି ଟେଙ୍ଗାଙ୍ଗ୍ ଆସ୍ତି ୱାତାର୍ ।
୪୮ ଆରେ, ହେୱାନିଂ ସତୁ କେଇଦ ହେଲାୟ୍ କିନାକାନ୍ ହେୱାରିଂ ଚଚ୍ଚି ଇଞ୍ଜି ମାଚାନ୍, "ଆନ୍ ଇନେରିଂ ଡଞ୍ଜ୍ନାଂ,
ହେୱାନିଂ ନେ ଏପେଙ୍ଗ୍ ଇଟ୍କାଡ଼୍ କିନାଦେରା । ହେୱାନିଂ ଆହାଟ୍ ।"
୪୯ ଆରେ, ହେଦାପ୍ରେ ଜିସୁତି ଲାଗାଂ ହାଲ୍ଜି ୱାଜି, ଏ ଗୁରୁ ଜୁୱାର୍, ଇଦାଂ ଇଞ୍ଜି ହେୱାନିଂ ବେସି ଡଞ୍ଜାନ୍ ।
୫୦ ଜିସୁ ହେୱାନିଂ ଇଚାନ୍, "ବନ୍ଧୁ, ଏନ୍ କାମାୟ୍ ବେଗି ୱିହା ।"
ଇଦାଂ ପାଚେ ହେୱାର୍ ଜିସୁଙ୍ଗ୍ ଆସ୍ତାର୍ ଆରି ଗାଚ୍ଚି ଅତାର୍ ।
୫୧ ଆରେ ହୁଡ଼ାଟ୍, ଜିସୁ ଲାହାଙ୍ଗ୍ ମାନି ମାନାୟାର୍ ବିତ୍ରେ ରକାନ୍ କାଣ୍ଡା ଉନ୍ଦି ମୁଡ଼୍ ମାପୁହେବାକିନାକାନ୍ ଆଡ଼ିୟାତିଂ
କାଡ଼୍ତାନ୍ । ହେୱାନ୍ତି କିତୁଲ୍ ରାସ୍ତିଲେ ନାଡ଼୍ଜି ହାଚାତ୍ ।
୫୨ ଜିସୁ ତାଙ୍ଗ୍ ଇଚାନ୍, "ନି କାଣ୍ଡାତିଂ ହେ କାପୁତାକେ ଇଟା । ଇନେର୍ କାଣ୍ଡା ହପ୍ନାର୍, ହେୱାର୍ କାଣ୍ଡାତ ହାନାର୍ ।
୫୩ ଏପେଙ୍ଗ୍ ଇନାକା ପୁନ୍ୱାତାଦେର୍ତା, ଆନ୍ ନା ବାୱାଙ୍ଗ୍ ଗୱାରି କିଦେଙ୍ଗ୍ ଏନ୍ତିସ୍, ହେୱାନ୍ ନା କାଜିଂ ଦାପ୍ରେ ବାରଜାଣ୍
ଟଣ୍ଡାର୍ ବାଟା ଆଦିକ୍ ସାର୍ଗେ ଦୁଡ଼୍ରିଂ ପକ୍ତେତେଂ ଆଡ଼ନାନ୍ ?
୫୪ ମାତର୍ ତା ଆତିସ୍ ଇ ସବୁ ଗିଟାନାତ୍ ଇଞ୍ଜି ସାସ୍ତରତ ଇନାକା ଲେକାମାନାତ୍, ହେଦାଂ ପୁରା ଆନାତ୍ ଇନେସ୍ ?"
୫୫ ✡ହେୱେଡ଼ାଂ ଜିସୁ ମାନାୟାରିଂ ଇଚାନ୍, ଚର୍କୁ ବିରୁଦ୍ତ ହତି ଲାକେ କାଣ୍ଡା ଆରି ଟେଙ୍ଗାଙ୍ଗ୍ ତାସି ଏପେଙ୍ଗ୍
ଇନାକା "ନାଙ୍ଗ୍ ଆସ୍ତେଙ୍ଗ୍ ୱାତାଦେର୍ ? ଆନ୍ ନିତ୍ରେ ମନ୍ଦିର୍ତ କୁଚ୍ଚି ହିକ୍ୟା ହିଜି ମାଚାଙ୍ଗ୍, ମାତର୍ ଏପେଙ୍ଗ୍ ନାଙ୍ଗ୍
ଆସ୍ତାୱାତାଦେର୍;
୫୬ ହେୱାନ୍ ଇନାକା ଆୟେତ୍, ବେଣ୍ବାକ୍ଣାୟ୍କିନାକାର୍ ସାସ୍ତର୍ତ ଇନାକା ଇନାକା ଲେକିକିତାର୍ତା, ହେ ସବୁ ପୁରା
ଆଦେଂ କାଜିଂ ଇଦାଂ ଗିଟାତାତ୍ନା ।"

---
✡ **୨୬:୫୫** ଲୁକ ୧୯:୪୭; ୨୧:୩୭.

ଏଚେକାଡ଼୍‌ଦ ଚେଲାର୍ ୱିଜାକାର୍ ଜିସୁଙ୍ଗ୍ ପିସ୍ତି ହନ୍ତାର୍ ।

### ଜିହୁଦିତି ଗାଜା ବିଚାର୍ଣ୍ଣା
(ମାର୍କ ୧୪:୫୩-୬୫; ଲୁକ ୨୨:୫୪-୫୫,୬୩-୭୧; ଜହନ୍ ୧୮:୧୩-୧୪; ୧୯:୨୪)

୫୭ ଜିସୁଙ୍ଗ୍ ଗାଚ୍‌ଚାକାର୍ ହେୱାନିଂ ମୁଡ଼୍ ମାପ୍ରୁହେବା କିନାକାନ୍ କୟାପା ଇଞ୍ଜ ଅତାର୍ । ହେବେ ଦରମ୍ ଗୁରୁ ଆରି
ପ୍ରାଚିନାର୍ ରୁଣ୍ଡା ଆଜି ମାଚାର୍ ।
୫୮ ପିତର୍ ଅଲପ୍ ଦେହା ମାନ୍‌ଞ୍ଜି ଜିସୁଙ୍ଗ୍ ଡେଇଁ ଡ଼କ୍‌ଚି ହାଚାନ୍, ଆରେ ହେୱାନ୍ ମୁଡ଼୍ ମାପ୍ରୁହେବା କିନାକାନ୍ ଇଞ୍ଜ ହାକ୍‌ଡ଼ି
ପାଡେକ୍ ହାଚାନ୍ । ଇ ସବୁନି ଗଟ୍‌ନା ଇନାକା ଆନାଡ୍, ହୁଡ଼୍‌ଦେଂ କାଜିଂ ପିତର୍ ହେବେ ହେବା କାର୍‌ୟାର୍ ହୁକେ କୁଚ୍‌ଚାନ୍
।
୫୯ ୱିସ୍ତି ବିଟ୍ରେ ମୁଡ଼୍ ମାପ୍ରୁହେବା କିନାକାର୍ ଆରି ଗାଜା ସବାନି ମେମରାର୍ ଜିସୁଙ୍ଗ୍ ହାକି ଡାଣ୍ଡ ହିଦେଂ କାଜିଂ ହେ ବିରୁଦ୍‌ଦତ
ମିଚ୍ ପାର୍ମାଣ୍ କିଦେଙ୍ଗ୍ ସେସ୍ଟା କିତାର୍ ।
୬୦ ୱିଜାର୍ ଲକୁ ଜିସୁ ବିରୁଦ୍‌ଦତ ମିଚ୍ କାତା ଇଚାର୍ । ମାତର୍ ହେ ଲାକେ ଇନାକାପା ପାର୍ମାଣ୍ ଗାଟାୱାତାର୍ । ହାରିହାରା
ରିକାର୍ ନିଂତାର୍,
୬୧ "ହେୱାର୍ ଇଚାର୍ ଇୱାନ୍ ଇଞ୍ଜି ମାଚାନ୍, ଆନ୍ ଇସ୍ୱତି ମନ୍ଦିର୍‌ତିଂ ଡ୍ରିକ୍‌ଚି ତିନି ଦିନ୍ ପାଚେ ହେଦେଲିଂ ଆରେ
ରଚ୍‌ଚେଂ ଆଡ଼୍‌ନାଂ ।"
୬୨ ମୁଡ଼୍ ମାପ୍ରୁହେବାକିନାକାନ୍ ନିଙ୍ଗ୍‌ଜି ଜିସୁଙ୍ଗ୍ ୱେନ୍‌ବାତାନ୍, "ଏନ୍ ଇନାକାପା ଉତର୍ ହିଉୟା ? ନି ବିରୁଦ୍‌ଦତ ଇୱାର୍
ଇ ସାକି ହିନାରା, ଇଦାଂ ଇନାକା ?"
୬୩ ମାତର୍ ଜିସୁ ପ୍ଜକ୍ ମାଚାନ୍ । ମୁଡ଼୍ ମାପ୍ରୁହେବାକିନାକାନ୍ ଇଚାନ୍, "ଜିବୁନିଂ ଇସ୍ୱର୍ ତର୍‌ଦ ଆନ୍ ଜିସୁ ପାର୍ମାଣ୍ ହିଜି
ୱେନ୍‌ବାଦ୍‌ନାଙ୍ଗା, ହାଡ୍‌ପା ଇନା, ଏନ୍ ଇନାକା ଇସ୍ୱତି ମାଜି କ୍ରିସ୍ଟ ଇଚିସ୍ ମସିୟା ?"
୬୪ ଜିସୁ ଉତର୍ ହିତାନ୍, "ଏନ୍ ଇଚାୟ୍‌ନା । ମାତର୍ ଆନ୍ ମିଙ୍ଗ୍ ୱିଜାରିଂ ଇଞ୍ଜ୍‌ନାଙ୍ଗା, ବେଗି ମାନାୟ୍ ମାଜି ସାର୍ଗେ
ସାକ୍ତିକାଟାକାନ୍ ଇସ୍ୱର୍ ବୁଜ୍‌ଣି ବାଗାଙ୍ଗ୍ କୁଚ୍‌ଚେଂ ହାନାନା, ଆରେ ଡାଙ୍ଗ୍ ସାର୍ଗେତ ବାଦାଡ଼୍ ଲାହାଂ ଜୁଜି ୱାନାକା ଏପେଙ୍ଗ୍
ହୁଡ଼୍‌ନାଦେର୍ ।"
୬୫ ହେବେଣ୍ଡାଂ ମୁଡ଼୍ ମାପ୍ରୁହେବାକିନାକାନ୍ ଜାର୍ ହେନ୍ଦ୍ରା କେଚ୍‌ଚି ଇଚାନ୍, "ଇୱାନ୍ ଇସ୍ୱର୍ ନିନ୍ଦା କିତାନ୍, ସାକିତ ମାଦାଂ
ଆରେ ଇନାକା ଲଡ଼ା ? ହୁଡ଼ାଟ୍ ଦାପ୍ରେ ଇୱାନ୍ ଇସ୍ୱର୍ ନିନ୍ଦା ତ ଏପେଙ୍ଗ୍ ୱେଚାଦେର୍ ।
୬୬ ଇ ବିସ୍ରେ ମିଦାଙ୍ଗ୍ ମାନ୍ ଇନାକା ?"
ହେୱାର୍ ଉତର୍ ହିତାର୍, "ହେୱାନ୍ ପାରାଣ୍ ଡାଣ୍ଡ ପାୟାନି ବିଦି ।"
୬୭ ତା ପାଚେ ହେୱାର୍ ଜିସୁଙ୍ଗ୍ ମୁମ୍‌ଦ ଏୱିଡ଼ିଂ ଚୁବ୍‌ଜି ଡାଙ୍ଗ୍ ମୁଟ୍‌କାକୁନ୍‌ତାର୍ । କେତେକ୍ ଜାଣ୍ ଡାଙ୍ଗ୍ ଚାପ୍‌ଡ଼ା ଇଡ଼୍‌ଜି
ଇଚାର୍,
୬୮ "ଏ କ୍ରିସ୍ଟ ଇଚିସ୍ ମସିୟା ! ଏନ୍ ବେଣ୍‌ବାକ୍‌ଣାୟ୍ କିୟା । ଇନେର୍ ନିଂ ଇଡ଼୍‌ଦାତାର୍, ୱେଚ୍‌ଚା ତ !"

### ପିତର୍ ଜିସୁଙ୍ଗ୍ ପାତି କିୱାତାନ୍
(ମାର୍କ ୧୪:୬୬-୭୨; ଲୁକ ୨୨:୫୬-୬୨; ଜହନ୍ ୧୮:୧୫-୧୮,୨୫)

୬୯ ମୁଡ଼୍ ମାପ୍ରୁହେବାକିନାକାନ୍ ବାର୍ଡ ଅହ୍‌ଣାତ ପିତର୍ ହାକ୍‌ଡ଼ିତ କୁଚ୍‌ଚି ମାନି ୱେଡ଼ାଲିଂ ରଞ୍ଜେଲ୍ ଆଡ଼ିଏଣି ଲାଗେ ୱାଜି
ଇଚାଡ୍, "ଏନ୍ ପା ଗାଲିଲିୟ ଜିସୁ ଲାହାଙ୍ଗ୍ ମାଚାୟ୍ ।"
୭୦ ମାତର୍ ପିତର୍ ୱିଜାକାର୍ ମୁମ୍‌ଦ ଇ କାତା ମୁନାକିଜି ଇଚାନ୍, "ଏନ୍ ଇନାକା ଇନାୟା, ଆନ୍ ପୁନୁଙ୍ଗ୍ ।"
୭୧ ଇଦାଂ ଇଞ୍ଜି ହେୱାନ୍ ହେ ଅହ୍‌ଣାନି ଦୁୱେର୍ କଚଣ୍‌ତ ହାଚାନ୍ । ଆରେ ରଞ୍ଜେଲ୍ ଚାକର୍‌ଣି ଡାଙ୍ଗ୍ ହୁଡ଼୍‌ଜି ହେବେ
ମାନି ଲକାଂ ଇଚାଡ୍, "ଇୱାନ୍ ନାଜରିତିୟ ଜିସୁ ଲାହାଙ୍ଗ୍ ମାଚାନ୍ ।"
୭୨ ପିତର୍ ଆରେ ରଗ ମୁନାକିଜି ଇଚାନ୍, "ପାର୍ମାଣ୍ କିଜି ଇନାଙ୍ଗା, ହେୱାନିଂ ଆନ୍ ପୁନୁଙ୍ଗ୍ ।"
୭୩ ଅଲପ୍ ସମୁ ପାଚେ ଲାଗେ ନିଲ୍‌ଚି ମାନି ମାନାୟାର୍ ପିତର୍‌ତି ଲାଗାଂ ୱାଜି ହେୱାନିଂ ଇଚାର୍, "ଏନ୍ ପା ହାଡ୍‌ପା
ହେୱାର୍ ବିଟ୍ରେ ରକାୟ୍ । ଇନେକିଦେଂକି ନି କାତାତାଂ ତ ପୁନ୍ୟାନାତା ।"
୭୪ ପିତର୍ ଇଚାନ୍, "ପାର୍ମାଣ୍ କିଜି ଇନାଙ୍ଗା, ନା କାତା ହାଡ୍‌ପା । ଆୱିତିସ୍ ଇସ୍ୱର୍ ନାଙ୍ଗ୍ ଡାଣ୍ଡ ହିଦେନ୍ ।
ହେ ମାନାୟ୍‌ତିଂ ଆନ୍ ପୁନୁଙ୍ଗ୍ । ଦାପ୍ରେ କୁଜୁ କ୍ଲେତାଡ୍ ।"
୭୫ ଆରେ ଜିସୁ ଇନାକା ଇଞ୍ଜି ମାଚାନ୍, ପିତର୍ ମାନ୍ତ ଏତୁୱାତାଡ୍; "କୁଜୁ କେନି ଆଗେ ନାଙ୍ଗ୍ ପୁନ୍‌ୱାତାଂନା ଇଞ୍ଜି ଏନ୍
ତିନି ହଟ୍ କାତା ଇଞ୍ଜ୍‌ନାୟ୍ ।" ହେୱାନ୍ ବାର୍ଡ ହାଲ୍‌ଜି ବିପ୍ତି ଆଜି ଆଡ଼୍‌ବାତାନ୍ ।

# ୨୭

## ପିଲାତ ମୁମ୍‌ଦ ଜିସୁ

*(ମାର୍କ ୧୫:୧; ଲୁକ ୨୩:୧-୨; ଜହନ୍ ୧୮:୨୮-୩୨)*

୧ ଆର୍କାଡ଼୍ ନାଜିଂ ଉଟ୍‌ଲା ହାକାଡ଼େ ପ୍ରାଚିନାର୍ ଜିସୁଙ୍ଗ୍ ଅସ୍ତେଙ୍ଗ୍ ମୁଡ଼୍ ମାପ୍ପୁହେବାକିନାକାର୍ ଆରି ଦରମ୍ ଗୁରୁର୍ ତିର୍ କିତାର୍ ।
୨ ଆରେ ହେୱାର୍ ତାଙ୍ଗ୍ ହାକ୍‌ଡ଼ିତ ଗାଚ୍‌ଚି ରମିୟ ସାସ୍‌ନି ମୁଡ଼୍‌ନେତା ପିଲାତ ମୁଣିକା କେଇଦ ହେଲାୟ୍ କିତାର୍ ।

## ଜିହୁଦାତି ହାକି

*(ପକ୍ୟାତାକା ୧:୧୮-୧୯)*

୩ ହେ ଏଚେକାଡ଼୍‌ଦ ହେୱାନିଂ ସତ୍ତୁ କେଇଦ ହେଲାୟ୍ କିତି ଜିହୁଦା ୱେଚାନ୍ ଜେ, ଜିସୁଙ୍ଗ୍ ହାକି ଡାଣ୍ଡ୍ ବଲ୍ ଆତାଡ଼୍‌ନ୍ନା, ହେୱାନ୍ ମାନ୍‌ବାଦ୍‌ଲାୟ୍ କିତାନ୍ ଆରି ମୁଡ଼୍ ମାପ୍ପୁହେବାକିନାକାର୍ ଆରି ବୁଡ଼ାଲୁରିଂ ତିରିସ୍‌ଗଟା ରୁପା ଟାକାଂ ମାସ୍‌ଦି ହିଜି ଇଚାନ୍,
୪ "ରକାନ୍ତି ଦସ୍ ହିଲ୍‌ୱି ନେଡେର୍ ହେଲାୟ୍ କିଜି ପାପ୍ କିତାଂନ୍ନା ।"
ମାତର୍ ହେୱାର୍ ଇଚାର୍, "ହେବେ ମାଦାଂ ଇନାକା ମାନାଡ଼୍ ? ଏନ୍ ହେଦାଂ ବୁଜାଆ ।"
୫ ଜିହୁଦା ହେୱାର୍ ହିଡ଼୍‌ତି ରୁପା ଟାକାଂ ମନ୍ଦିର୍‌ତ ବିଟ୍ରେ ତୁହିଜି ହାଚାନ୍ । ପାଚେ ହେୱାନ୍ ହାଲ୍‌ଜି ଗାଡେଲ୍‌ତ ଡରି ଗାଚ୍ୟାଜି ଉଚ୍‌କା ଆଜି ହାତାନ୍ ।
୬ ମୁଡ଼୍ ମାପ୍ପୁହେବାକିନାକାର୍ ଟାକାଂ ରୁଣ୍ଡାୟ୍ କିଜି ଇଚାର୍, ଇଦାଂ ନେଡେର୍‌ନି ଦାମ୍ । "ଇଦାଂ ମନ୍ଦିର୍‌ନି କଟିତ ଇଟ୍‌ନି ବିଦି ହିଲୁଡ଼୍ ।"
୭ ହେ ଦାନ୍‌ଦିଂ ଇନେସ୍ କର୍ଚ କିଦେଙ୍ଗ୍ ଆଡ଼୍‌ନାର୍, ଇ ବିସ୍ରେ ତିର୍ କିଜି "କୁମ୍‌ରାଂ ବୁମି ତର୍‌ନି ଇଚୁଟିଂ ଜମି କଡ଼୍‌ତାର୍ । ଇଦାଂ ବିଦେସ୍‌ତିର୍ ଦୁଗେର୍ ବାହା ଲାକେ ଚିନ୍ତା ଆତାଡ଼୍ ।"
୮ ନଙ୍ଗ୍ ପାତେକ୍ "ହେ ବୁମିତିଂ ନେଡେର୍ ବୁମି" ଇଞ୍ଜି ଇନାରା ।
୯ ଇ ଲାକେ ବେଣ୍‌ବାକ୍‌ଣାୟ୍‌କିନାକାନ୍ ଜିରିମିୟ ଇଞ୍ଜି ମାଚାନ୍, ଇମ୍‌ଣାକା "ତିରିସ୍ ରୁପା ଟାକାଂ ବେପାର୍ କିଦେଙ୍ଗ୍ ଇସ୍ରାଏଲ୍ କାଡ଼୍‌ଦେର୍ ସମାନ୍ କିଜି ମାଚାର୍ ହେଦାଂ ଅତାର୍ ।
୧୦ କଡ଼େଦସ୍ ଗଟା ଟାକାଂତାଂ ହେୱାର୍ କୁମ୍‌ରାଂ ବୁମି କଡ଼୍‌ତାର୍, ହେୱାର୍ ହେ କୁମ୍‌ରେନ୍ ଡାବୁଙ୍ଗ୍‌ତାଂ କଡ଼୍‌ଜି ଅତାର୍ ଇଦାଂ କିନି କାଜିଂ ନାଙ୍ଗେଙ୍ଗ୍ ମାପ୍ପୁ ବଲ୍ ହିଜି ମାନ୍‌ଚାନ୍ ।"

## ପିଲାତ ଜିସୁଙ୍ଗ୍ ପର୍‌ସନ୍ କିତାନ୍

*(ମାର୍କ ୧୫:୨-୫; ଲୁକ ୨୩:୩-୫; ଜହନ୍ ୧୮:୩୩-୩୮)*

୧୧ ଜିସୁଙ୍ଗ୍ ମୁମ୍‌ଦ ହୁଡ଼୍‌ଜି ରମିୟ ରାଜି ପାଲି କିନି ପିଲାତ ୱେନ୍‌ବାତାନ୍; "ଏନ୍ ଇନାକା ଜିହୁଦିର୍ ରାଜା ?"
ଜିସୁ ତାଙ୍ଗ୍ ଉତର୍ ହିତାନ୍, ଆଁ "ଏନ୍ ହେଦାଂ ଇଚାୟ୍‌ନା ।"
୧୨ ଆରେ, ମୁଡ଼୍ ମାପ୍ପୁହେବାକିନାକାର୍ ଆରି ପ୍ରାଚିନାର୍ ତା ବିରୁଦ୍‌ତ ତାଜିମାଚି ଦାବାତ ଉତର୍ ହେୱାନ୍ ଇନାକା ଇନ୍‌ୱାତାନ୍ ।
୧୩ ଲାଗିଂ ପିଲାତ ତାଙ୍ଗ୍ ଇଚାନ୍, "ନି ବିରୁଦ୍‌ତ ହେୱାର୍‌ତି ଦାବା ୱିଜୁ ଏନ୍ ଇନାକା ୱେଞ୍ଜେଙ୍ଗ୍ ଆଡୁୟା ?"
୧୪ ମାତର୍ ଜିସୁ ତାଙ୍ଗ୍ ର କାତାନି ପାଦେକ୍ ପା ଉତର୍ ହିୱାତାନ୍, ହେବେ ସାସନ୍‌କାରିୟା ବେସି କାବା ଆତାନ୍ ।

## ଜିସୁଙ୍ଗ୍ ହାକି ଡାଣ୍ଡ୍ ଆତାଡ଼୍

*(ମାର୍କ ୧୫:୬-୧୫; ଲୁକ ୨୩:୧୩-୨୫; ଜହନ୍ ୧୮:୩୯–୧୯:୧୬)*

୧୫ ନିସ୍ତାର୍ ପାର୍ବୁ ୱେଡ଼ାଲିଂ ମାନାୟାର୍‌ତି ଇଚା ହୁକେ ରମିୟ ରାଜ୍ କିନାକାନ୍ ଜେ ରୱାନିଂ ବନ୍ଦି ମାନାକାନିଂ କୁଲାସ୍ କିନି ନିତି ମାଚାଡ଼୍ ।
୧୬ ହେପାଦ୍‌ନା ଜିସୁ ହେୱାର୍ ବାରବା ତର୍‌ନି ରୱାନ୍ ଡାକ୍‌ପୁଟା ବନ୍ଦି ମାଚାନ୍ ।
୧୭ ରୁଣ୍ଡାତି ମାନାୟାରିଂ ପିଲାତ ୱେନ୍‌ବାତାନ୍, "ଆନ୍ ଇନେରିଂ କୁଲାସ୍ କିନାଂ ଇଞ୍ଜି ମି ଇଚା ?" ବାରବାଙ୍ଗ୍ କି ଜିସୁ ଇନେରିଂ କ୍ରିସ୍ଟ ଇନାର୍ ।
୧୮ ପିଲାତ ହାର୍ କିଜି ପୁଞ୍ଜି ମାଚାନ୍ ଜେ ଜିହୁଦିର୍ ଆକାର୍ ଆଜି ଜିସୁଙ୍ଗ୍ ହେୱାନ୍ କେଇଦ ହେଲାୟ୍ କିତାର୍ଣ୍ଣା ।
୧୯ ପିଲାତ ବିଚାର୍ ବାହାତ କୁଚ୍‌ଚିମାଚି ୱେଡ଼ାଲିଂ ତା ଡକ୍କୁହି ର କାବୁର୍ ପକ୍ତାଡ଼୍, "ହେ ଦାମର୍ ମାନାୟ୍‌ତିଂ ଇନାକା ପା କିମା । ୱିଗା ନାଣାଲିଂ ର କେଚ୍‌କଣ୍‌ତ ତା କାଜିଂ ଆନ୍ ବେସି ଦୁକ୍ ପାୟା ଆତାଙ୍ଗ୍‌ନା ।"
୨୦ ମାତର୍ ମୁଡ଼୍ ମାପ୍ପୁହେବାକିନାକାର୍ ଆରି ବୁଡ଼ାଲୁର୍ ବାରବାଙ୍ଗ୍ ଏନ୍ତେଙ୍ଗ୍ କାଜିଂ ଆରି ଜିସୁଙ୍ଗ୍ ହାକି ଡାଣ୍ଡ୍ ହିଦେଂ କାଜିଂ ଲକୁରିଂ ବୁଜାୟ୍‌କିତାର୍ ।

୨୧ ପିଲାତ ଆରେ ରଗ ମାନାୟାରିଂ ୱେନ୍‌ବାତାନ୍, “ଇ ରିକାର୍ ବିତ୍ରେ ଆନ୍ ଇନେରିଂ କୁଲାସ୍ କିନାଂ ଇଞ୍ଜି ମି ଇଟା
ହେୱାର୍ ଉତର୍ ହିତାର୍,”
“ବାରବାଙ୍ଗ୍ ।”
୨୨ ପିଲାତ ହେୱାରିଂ ୱେନ୍‌ବାତାନ୍, “ତେବେ ଇନେରିଂ କ୍ରିସ୍ଟ ଇନାର୍, ହେ ଜିସୁ କାଜିଂ ଇନାକା କିନାଂ ?”
“ତାଙ୍ଗେଙ୍ଗ୍ କ୍ରୁସ୍‌ତ ଦୁପାଟ୍” ଇଞ୍ଜି ହେୱାର୍ କିର କିତାର୍ ।
୨୩ ପିଲାତ ୱେନ୍‌ବାତାନ୍, “ମାତର୍ ହେୱାନ୍ ଇନା ଦସ୍ କିତାନ୍‌ନ୍ନା ?”
ହେୱାର୍ ଆରେ କିର କିଜି ଇଞ୍ଜେଙ୍ଗ୍ ଲାଗାତାର୍, “ତାଙ୍ଗେଙ୍ଗ୍ କ୍ରୁସ୍‌ତ ଦୁପାଟ୍ ।”
୨୪ ଲାଗିଂ ପିଲାତ ଏଚେକାଡ଼ଦ ହୁଡ଼ତାନ୍ ଜେ, ହେୱାନ୍ ଇନାକା କିଦେଙ୍ଗ୍ ଆତୁନା, ଆୱିତିସ୍ ଆରେ ଗଣ୍ତଗଲ୍ ଆନାତା,
ହେ ଏଚେକାଡ଼ଦ ହେୱାନ୍ ଏଜୁଂ ଅଜି ଲକୁର୍ ମୁମ୍‌ଦ କେଇ ନୁଜ୍‌ଜି ଇଚାନ୍, “ଇ ନେତେର୍‌ତ ଆନ୍ ଦସି ଆକାୟ୍, ଏପେଙ୍ଗ୍
ହେଦାଂ ବୁଜାଡୁ ।”
୨୫ ଇବେ ୱିଜାର୍ ଉତର୍ ହିତାର୍, “ଜିସୁତି ନେତେର୍ ମାଙ୍ଗେଙ୍ଗ୍ ଆରି ମା ହିମ୍‌ଣାଙ୍ଗ୍ ଜପି ଆରେଡ୍ ।”
୨୬ ହାରିହାରା ପିଲାତ ବାରବାଙ୍ଗ୍ ମୁକ୍‌ଡ଼ାୟ୍ କିଜି ଜିସୁଙ୍ଗ୍ କର୍‌ଡା ଇଡ଼ି କିଦେଙ୍ଗ୍ ବଲ୍ ହିତାନ୍, ତା ପାଚେ କ୍ରୁସ୍ ହାକି
କିଦେଙ୍ଗ୍ ମେଲ୍ୟାର୍ କେଇଦ ପିସ୍ତି ହିତାନ୍ ।

## ମେଲ୍ୟାର୍ ଜିସୁଙ୍ଗ୍ ଗ୍ଣାଇତାର୍

*(ମାର୍କ ୧୫:୧୬-୨୦; ଜହନ୍ ୧୯:୨-୩)*

୨୭ ଇଦାଂ ପାଚେ ସାସନ୍‌କିନାକାନିଂ ମେଲ୍ୟାର୍ ଜିସୁଙ୍ଗ୍ କୁୱାଡ଼୍ ବିତ୍ରେ ଅଜି ହାଲ୍‌ଜି ସବୁ ମେଲ୍ୟାରିଂ ହେୱାନ୍ତି ଲାଗେ
ରୁଣ୍ଡାୟ୍ କିତାର୍ ।
୨୮ ଆରେ, ହେୱାର୍ ଜିସୁତି ଆଙ୍ଗି ଉନ୍‌ଦି ଅଜି ହେୱାନିଂ କାହ୍‌ରାତି କାଲାର୍ ବାନି ଆଙ୍ଗି ଉସ୍ପି କିତାର୍,
୨୯ ଆରେ ୱାଡ଼ି ମୁକୁଟ୍ ରଚ୍‌ଚି ହେୱାନ୍ତି କାପ୍‌ଡ଼ାତ ତୁଜି କିତାର୍ ଆରି ହେୱାନ୍ତି ବୁଜ୍‌ଣି କେଇଦ ର ନାଡ଼ା ହିତାର୍, ଆରେ
ହେୱାନ୍ତି ମୁମ୍‌ଦ ମେଣ୍ଡାଂ କୁନ୍ଦିକିଜି ଇଚାର୍, “ଏ ଜିହୁଦିତର୍ ରାଜା ଜୱାର୍, ଇଦାଂ ଇଞ୍ଜି ହେୱାନିଂ ଗ୍ଣାଇତାର୍ ।”
୩୦ ଆରେ, ହେୱାର୍ “ହେୱାନ୍ ଜପି ଏୱିଡ଼ିଂ ଚୁପ୍‌ତାର୍ ଆରି ହେ ନାଡ଼ା ଅଜି ହେୱାନ୍ତି କାପ୍‌ଡ଼ାତ ଚାପ୍‌ଡ଼ା ଇଡ଼ଦେଂ
ଲାଗାତାର୍ ।”
୩୧ ଆରେ, ହେୱାର୍ ହେୱାନିଂ ଗ୍ଣାଇତି ପାଚେ ରାଜାର୍ ଆଙ୍ଗି ଉନ୍‌ଦି ଅଜି ହେୱାନ୍ତି ନିଜାତର୍ ହେନ୍ଦ୍ରା ଉସ୍ପି କିତାର୍ ଆରି
ତାଙ୍ଗେଙ୍ଗ୍ କ୍ରୁସ୍‌ତ ଦୁପ୍‌ତେଂ ଅଜି ହାଚାର୍ ।

## ଜିସୁ କ୍ରୁସ୍‌ତ ଦୁପ୍‌ତାର୍

*(ମାର୍କ ୧୫:୨୧-୩୨; ଲୁକ ୨୩:୨୬-୪୩; ଜହନ୍ ୧୯:୧୭-୨୭)*

୩୨ ହେୱାର୍ ହନି ୱେଡ଼ାଲିଂ ସିମନ୍ ତର୍‌ଦି ରକାନ୍ କୁରିଣିୟ ବସ୍ତିନିକାନ୍ ମାନାୟ୍‌ତିଂ ହୁଡ଼ଜି ମେଲ୍ୟାର୍ ଜିସୁତି କ୍ରୁସ୍
ପିଣ୍ଡ୍‌ଦେଂ କାଜିଂ ଟାଟାୟ୍ କିତାର୍ ।
୩୩ ଆରେ, ହେୱାର୍ ଗଲ୍‌ଗତା ଇନି ତର୍ ବାହାତ, ଇଚିସ୍, “ଇନେରିଂ ନିନ୍ଦାଣ୍ ବାତର୍ ବାହା ଇଞ୍ଜି ଇନାର୍,” ହେବେ
ଏକିସ୍,
୩୪ ହେୱାନିଂ କେନିମେହାତି ଅଙ୍ଗୁର୍ ରାସ୍ ଉଣ୍ଡେଙ୍ଗ୍ ହିତାର୍, ମତର୍ ହେୱାନ୍ ହେଦାଂ ୱେଣ୍ଜି ଉଣ୍ଡେଙ୍ଗ୍ ମାନ୍ କିୱାତାନ୍
।
୩୫ ପାଚେ ହେୱାର୍ ହେୱାନିଂ କ୍ରୁସ୍‌ତ ଦୁପ୍‌ଚି ହେୱାନ୍ତି ହେନ୍ଦ୍ରାଙ୍ଗ୍ ସବୁ ଦରମ୍‌ଗୁଲି ହୁକେ ଜାର୍ ଜାର୍ ବିତ୍ରେ ବାଟା କିଜି
ଅତାର୍,
୩୬ ଆରେ ହେବେ କୁଚ୍‌ଚି ଜିସୁଙ୍ଗ୍ କାସି ମାଚାର୍ ।
୩୭ ଆରେ, ହେୱାର୍ ହେୱାନ୍ତି କାପ୍‌ଡ଼ାନି ଜପି ଇ ଦାବା ଆକି ଲେକିକିଜି ଡ଼ାଚ୍‌ଚାର୍, “ଇୱାନ୍ ଆନାନା ଜିହୁଦିତର୍ ରାଜା
ଜିସୁ ।”
୩୮ ହେ ଏଚେୱାଡ଼ାଂ ହେୱାନ୍ତି ବୁଜ୍‌ଣି ବାଗାଙ୍ଗ୍ ରକାନ୍ ଆରି ଡେବ୍ରି ବାଗାଙ୍ଗ୍ ରକାନିଂ, ଏପେଙ୍ଗ୍ ରିକାର୍ ଚର୍କୁକାଂ ତା ହୁକେ
କ୍ରୁସ୍‌ତ ଦୁପ୍ୟାତାର୍ ।
୩୯ ଆରେ, ହେ ହାଜି ହିଜି ହାଲ୍‌ଜିମାନି ମାନାୟାର୍ ଜାର୍ ଜାର୍ କାପ୍‌ଡ଼ା ତୁକ୍‌ଚି ହେୱାନିଂ ନିନ୍ଦା କିଜି ଇଞ୍ଜେଙ୍ଗ୍ ଲାଗାତାର୍,
୪୦ ✡“ଡ଼େ ମନ୍ଦିର୍ ଡ୍ରିକ୍‌ନିଲଗୁ ଆରି ତିନି ଦିନ୍‌ତାଂ ହେଦାଂ ରଚ୍‌ନିଲଗୁ, ଏନ୍ ଏଚେକାଡ଼ଦ ଇସ୍ୱତର୍ ମାଜି, ତେବେ
ଜାର୍‌ତିଂ ରାକ୍ୟା କିଜି କ୍ରୁସ୍‌ତାଂ ଜୁଜି ୱା ।”
୪୧ ମୁଡ଼୍ ମାପ୍ରୁହେବାକିନାକାର୍ ପା ହେ ଲାକେ ଦରମ୍ ଗୁରୁର୍ ଆରି ବୁଡ଼ାଲୁର୍ ହୁକେ ନିନ୍ଦା କିଦେଙ୍ଗ୍ ଲାଗାତାର୍,
୪୨ “ହେୱାନ୍ ବିନ୍‌ଲଗାଂ ରାକ୍ୟା କିତାନ୍, ଜାର୍‌ତିଂ ରାକ୍ୟା କିଦେଙ୍ଗ୍ ଆତୁନା । ହେୱାନ୍ ହିନା ଇସ୍ରାଏଲ୍‌ନି ରାଜା, ହେୱାନ୍
ଇ ଦାପ୍ରେ କ୍ରୁସ୍‌ତାଂ ଜୁଜି ୱାୟେନ୍, ତେବେ ଆସେଙ୍ଗ୍ ହେୱାନ୍ ତାକେ ପାତର୍ କିନାସ୍ ।

✡ **୨୭:୪୦** ମାତିଉ ୨୬:୬୧; ଜହନ୍ ୨:୧୯.

୪୩ ହେୱାନ୍ ଜାର୍‌ତିଂ ଇସ୍ୱ‌ତ ମାଜି ଇଞ୍ଜି ଇସ୍ୱର୍ ଜପି ବାସ କିନାନ୍, ତା ଆତିସ୍ ହୁଡ଼୍‌ନାସ୍, ଇସ୍ୱର୍ ହେୱାନିଂ ନଙ୍ଗ୍
ରାକ୍ୟା କିଦେଙ୍ଗ୍ ଇଚା କିନାନ୍ କି ଆକାୟ୍ ।
୪୪ ଆରେ, ଇମ୍‌ଣି ଚର୍କୁର୍ ହେୱାନ୍ତି ହୁକେ କ୍ରୁସ୍‌ତ ଦୁପ୍ୟା ଆଜି ମାଚାର୍, ହେୱାର୍ ପା ହେୱାନିଂ ହେ ଲାକେ ନିନ୍ଦା କିଦେଙ୍ଗ୍
ଲାଗାତାର୍ ।"

## ଜିସୁତି ହାକି

*(ମାର୍କ ୧୫:୩୩-୪୧; ଲୁକ ୨୩:୪୪-୪୯; ଜହନ୍ ୧୯:୨୮-୩୦)*

୪୫ ହେ ଦିନ୍ ମୁଣ୍ଡାମେଦାନ୍ ସମୁତ ବାର ଗଣ୍ଟା ତାଙ୍ଗ୍ ତିନି ଗଣ୍ଟା ପାତେକ୍ ଦେସ୍ ଜାକ୍ ମାଜ୍‌ଗା ଆତାତ୍,
୪୬ ମ୍ଭିକାହାରେସ୍ ତିନି ଗଣ୍ଟା ୱେଡ଼ାଲିଂ ଜିସୁ ଗାଜା କାଟ୍‌ତାଂ ଇଚାନ୍, "ଏଲି, ଏଲି, ଲାମା ସବକ୍‌ତାନି ।" ଇଚିସ୍ "ଏ
ଇସ୍ୱର୍, ଏ ଇସ୍ୱର୍, ନାଙ୍ଗେଙ୍ଗ୍ ଇନେକିଦେଂ ପିସ୍ତାତାୟ୍ ?"
୪୭ ଲାଗେ ନିଲ୍‌ଚିମାନି କେତେକ୍ ଜାଣ୍ ଇଦାଂ ୱେନ୍‌ଞ୍ଜି ଇଚାର୍, "ହେୱାନ୍ ଏଲିୟତିଂ କୁକ୍‌ନାନା ।"
୪୮ ହେ ଦାପ୍ରେ ହେୱାର୍ ବିତ୍ରେ ରକାନ୍ ମାନାୟ୍ ହଞ୍ଜି ହାଲ୍‌ଜି କେନିମେହା ଅଙ୍ଗୁର୍ ରାସ୍‌ତ ର ରୁଆ କ୍ଟୁକ୍‌ଚି ହେ ନାଡ଼ା
ଟିପ୍‌ତ ଗାଚ୍‌ଚି ଉଣ୍ଡେଙ୍ଗ୍ ଜିସୁ ନିପ ଲାମାୟ୍ କିତାନ୍ ।
୪୯ ମାତର୍ ଆଦେକ୍ ମାନାୟାର୍ ଇଚାର୍, "ମାନାଟ୍, ଏଲିୟ ଇୱାନିଂ ରାକ୍ୟା କିଦେଙ୍ଗ୍ ୱାନାନା କି ଆକାୟ୍, ହୁଡ଼୍‌ନାସ୍ ।"
୫୦ ଜିସୁ ଆରେ ରଗ ଗାଜା କାଟ୍‌ତାଂ ହିର୍‌ବାତାନ୍, ଆରେ ରଗ କିକିରାଡିଂ ହିର୍‌ବିସ୍ ଜିବୁନ୍ ପିସ୍ତାନ୍ ।
୫୧ ହେୱେଡ଼ାଲିଂ ମନ୍ଦିର୍‌ତ ଜଲାଆନି ହେନ୍ଦ୍ରା ଜପିତାଂ ତାରେନ୍ ପାତେକ୍ ରି ପାଡ଼ା ଆଜି କେନ୍‌ଚାତ୍ । ମେଦ୍‌ନି
ଦାଲ୍‌କାତାତ୍, ଚେଚ୍‌ରାଂ ପାକାଆତିକ୍ ।
୫୨ ଆରି ଦୁଗେର୍ ଜେୟା ଆଜି କେତେକ୍ ସାଦୁର୍‌ତି ଗାଗାଡ଼୍ ଆରେରଗ ନିଙ୍ଗ୍‌ତାତ୍ ।
୫୩ ଇୱାର୍ ଦୁଗେର୍‌ତାଂ ନିଙ୍ଗ୍‌ଜି ୱାତାର୍ ଆରି ଜିସୁତି ଆରେ ନିଂନାକା ପାଚେ ହେୱାର୍ ପୁଇପୁୟା ଗାଡ଼୍ ଜିରୁସାଲମ୍‌ତ
ହାନାକାର୍ ଆଦେକ୍ ହୁଡ଼୍‌ତାର୍ ।
୫୪ ଜିସୁଙ୍ଗ୍ କାସି ମାନି ମୁଡ଼୍‌ମେଲ୍ୟା ଆରି ମେଲ୍ୟାର୍ ମେଦ୍‌ନି ଦାଲ୍‌କାନାକା ଆରି ବିନ୍‌ବିନ୍‌ନି ଗିଟାନାକା ହୁଡ଼୍‌ଜି
ପାଣ୍ଡ୍ରାତାର୍ । ହେୱାର୍ ଇଚାର୍, "ଇୱେନ୍ ହାତ୍‌ପାନେ ଇସ୍ୱର୍ ମାଜି ମାଚାନ୍ ।"
୫୫ ☆ଗାଲିଲିତାଂ ଜିସୁଙ୍ଗ୍ ଡେକ୍‌ଚି ୱାଜି, ତାଙ୍ଗେଙ୍ଗ୍ ହେବା କିଜି ମାନି ହେନି କଗ୍‌ଲେକ୍ ଦେହା ମାନ୍‌ଞ୍ଜି ଇ ୱିଜୁ ହୁଡ଼୍‌ଜି
ମାଚିକ୍ ।
୫୬ ଇୱେକ୍ ବିତ୍ରେ ମାଚିକ୍ ମଗ୍‌ଦଲିନି ମରିୟମ୍, ଜାକୁବ୍ ଆରି ଜସେପ୍‌ତି ତେହି ମରିୟମ୍ ଆରି ଜେବ୍‌ଦିତି ଡକ୍ରି ।

## ଜିସୁଙ୍ଗ୍ ମୁଚ୍‌ଚାର୍

*(ମାର୍କ ୧୫:୪୨-୪୭; ଲୁକ ୨୩:୫୦-୫୬; ଜହନ୍ ୧୯:୩୮-୪୨)*

୫୭ ମିଡ଼୍‌କାହାରେସ୍ ହାରାମାତିୟାନି ବସ୍ତିନି ଜସେପ୍ ଇନି ରକାନ୍ ମାଜାନ୍ ଲଗୁ ୱାଜି ଏକାୱାତାନ୍ । ହେୱାନ୍ ଜିସୁତି
ଚେଲା ଆଜି ମାଚାନ୍ ।
୫୮ ହେୱାନ୍ ପିଲାତଂ ବେଟା ଆଜି ଜିସୁତି ହାତି ଗାଗାଡ଼୍‌ତିଂ ଅଦେଂ କାଜିଂ ଲୱାଡ଼୍ ଏନ୍ତାନ୍ ଲାଗିଂ ପିଲାତ ଜିସୁତି ହାତି
ଗାଗାଡ଼୍ ହିଦେଂ ।
୫୯ ପିଲାତ ଲୱାଡ଼୍ ହିତିଲେ ଜସେପ୍ ଜିସୁତି ଗାଗାଡ଼୍‌ତିଂ ଅଜି ହାଲ୍‌ଜି ର ସକଟ୍ କୱାଣ୍ ହେନ୍ଦ୍ରା କାଦ୍ୟାତ ହୁର୍ପାତାନ୍ ଆରି
୬୦ ତା ଜାର୍ କାଜିଂ କାଲ୍‌ଦ କାଚ ମାଚି ର ପୁନି ଦୁଗେର୍‌ତ ହେୱାନିଂ ଇଡ଼୍‌ତାର୍ ଆରି ଦୁଗେର୍ ଦୁୱେର୍ ର ଗାଜା କାଲ୍
ପାଡ଼୍‌କ୍‌ଚି ହାଚାର୍ ।
୬୧ ମଗ୍‌ଦଲିନି ମରିୟମ୍ ଆରି ବିନ୍ ମରିୟମ୍ ହେବେ ଦୁଗେର୍‌ତ ମୁମ୍ କିଜି କୁଚ୍‌ଚି ମାଚିକ୍ ।

## ଦୁଗେର୍‌ନି ଜାଗ୍‌ୱାଡ଼ାର୍

୬୨ ହେ ଆର୍କାତ୍ ନାଜିଂ ଇଚିସ୍ ଜମ୍‌ନି ନାଜିଂ ମୁଡ଼୍ ମାପୁହେବାକିନାକାର୍ ଆରି ପାରୁସିର୍ ପିଲାତଂ ଲାଗେ ବେଟାଆଜି
ଇଚାର୍,
୬୩ ☆"ମାପୁ ମାଦାଂ ଏତୁ ମାନାତ୍, ହେ ମିଚ୍‌ୱା ଜିଜି ମାନିହିଂ ଇଞ୍ଜି ମାଚାନ୍ 'ତିନି ଦିନ୍ ପାଚେ ଆନ୍ ଆରେ ନିଙ୍ଗ୍‌ନାଙ୍ଗ୍ ।'
୬୪ ଲାଗିଂ ତିନି ଦିନ୍ ପାତେକ୍ ହେ ଦୁଗେର୍ କାଜିଂ ମାଞ୍ଜେଙ୍ଗ୍ ଜାଗ୍‌ୱାଡ଼ାରିଂ ବାଚିକିଜି ବଲ୍ ହିଆ, ଆୱିତିସ୍ ତା ଚେଲାର୍
ତା ଗାଗାଡ଼୍‌ତିଂ ଚରି କିଜି ଅଜି, ହେୱାନ୍ ଜିଜି ନିଙ୍ଗ୍‌ତାନ୍ନା ଇଞ୍ଜି ଇଞ୍ଜେଙ୍ଗ୍ ଆଡୁର୍ । ହେୱାର୍‌ତି ଇ ମିଚ୍ କାତା ଆଗେତାଂ
ଆଦିକ୍ ସବୁତାଂ ବାନ୍ୟା ଆନାତ୍ ।"
୬୫ ପିଲାତ ଉତର୍ ହିତାନ୍, "ର କୁଦା ଜାଗ୍‌ୱାଡ଼ାରିଂ ଅହାଟ୍ ଆରି ହେ ଦୁଗେର୍‌ତିଂ ଇନେସ୍ କିଜି ପା ହାର୍ ଇଟ୍‌ନାଦେର୍
।"

---

☆ **୨୭:୫୫** ଲୁକ ୮:୨,୩. ☆ **୨୭:୬୩** ମାତିଉ ୧୬:୨୧; ୧୭:୨୩; ୨୦:୧୯; ମାର୍କ ୮:୩୧; ୯:୩୧; ୧୦:୩୩,୩୪; ଲୁକ ୯:୨୨; ୧୮:୩୧-୩୩.

୬୬ ହେୱାର୍ ହାଲ୍‌ଜି ଦୁଗେର୍‌ତିଂ ଜାଗ୍ରତ୍ କିଦେଙ୍ଗ୍ ଇଞ୍ଜି ଜାଲ୍‌ଦି କିତାର୍ । ହେ ମୁମ୍‌ଦିଂ ଗେସ୍‌ତି ଇଡ଼୍‌ଜି ମାଚି କାଲ୍ ଜପି
ଚିନ୍ ଇଡ଼୍‌ଜି କାନି କାଜିଂ ଜାଗ୍‌ୱାଡ଼ାରିଂ ଇଡ୍‌ତାର୍ ।

# ୨୮

## ଜିସୁ ଆରେ ନିଂନାକା

*(ମାର୍କ ୧୬:୧-୧୦; ଲୁକ ୨୪:୧-୧୨; ଜହନ୍ ୨୦:୧-୧୦)*

୧ ଜମ୍‌ନିବାର୍ ୱିସ୍ତି ପାଚେ ସାତ୍‌ଦିନ୍‌ନି ପର୍‌ତୁମ୍ ନାଜିଂ ଉଟ୍‌ଲା ହାକାଡ଼େ ମଗ୍‌ଦଲିନି ମରିୟମ୍ ଆରି ବିନ୍ ମରିୟମ୍
ଦୁଗେର୍ ହୁଡ଼୍‌ଦେଂ ହାଚିକ୍ ।
୨ ହେ ସମୁତ ବେସି ମେଦ୍‌ନିଦାଲ୍‌କାତାତ୍, ଇନାକିଦେଂକି ମାପ୍ରୁତି ରୱାନ୍ ଦୁତ୍ ସାର୍ଗେତାଂ ଜୁଜି ୱାଜି ହେ ଦୁଗେର୍
ରଚ୍‌ଚିମାଚି କାଲ୍ ଗୁଡ଼୍‌ତି ତା ଜପି କୁଚ୍‌ଚାନ୍ ।
୩ ହେୱାନ୍ତି ମୁମ୍ ବିଜ୍‌ଲି ଲାକେ ଅଜଡ଼୍ ମାଚାତ୍ ଆରି ହେୱାନ୍ତି ହେନ୍ଦ୍ରା ଆଞ୍ଜ୍‌ଗା ଲାକେ ଡ଼ିନ୍‌ଜି ମାଚାତ୍ ।
୪ ଆରେ ଦୁତ୍‌ତିଂ ହୁଡ଼୍‌ଜି ଜାଗ୍‌ୱାଡ଼ାର୍ ପାଣ୍ଡ୍ରୁଡ଼ିଂ ତ୍ରିଗ୍‌ତାର୍ ଆରି ହାତି ଲାକେ ଆତାର୍ ।
୫ ସାର୍ଗେ ଦୁତ୍ ହେ କଗ୍‌ଲେକାଂ ଇଚାନ୍, "ପାଣ୍ଡ୍ରାମାଟ୍ ।" ଆନ୍ ପୁନାଙ୍ଗ୍, ଏପେଙ୍ଗ୍ କ୍ରୁସ୍‌ତ ହାତି ଜିସୁଙ୍ଗ୍ ହୁଡ଼୍‌ଦେଂ
ୱାତାଦେର୍ଣ୍ଣା ।
୬ ହେୱାନ୍ ଇବେ ହିଲୁନ୍ । ହେୱାନ୍ ଇନେସ୍ ଇଞ୍ଜି ମାଚାନ୍, ହେ ଲାକେ ନିଂତାନ୍ନା । ୱାଡ, ତା ହାତି ମାଡ଼ା ଇମେତାକେ
ଇଡ଼୍‌ଜି ମାଚାର୍, ହେ ବାହା ହୁଡ଼ାଟ୍ ।
୭ "ବେଗି ହାଲ୍‌ଜି ତା ଚେଲାହିରିଂ ୱେଚାଟ୍, 'ହେୱାନ୍ ଆରେ ନିଙ୍ଗ୍‌ତାନ୍ନା ଆରି ମି ଆଗେ ହେୱାନ୍ ଗାଲିଲିତ ହାଚାନ୍‌ନା
। ହେବେ ଏପେଙ୍ଗ୍ ତାଙ୍ଗ୍ ହୁଡ଼୍‌ନାଦେର୍ ।' ଆନ୍ ଇନାକା ଇଞ୍ଜାଙ୍ଗ୍ ହେଦାଂ ମାନ୍ତ ଇଚାଟ୍ ।"
୮ ଇଦାଂ ୱେନ୍‌ଞ୍ଜି ହେୱେକ୍ ବେଗି ଦୁଗେର୍ ପିସ୍ତି ଚେଲାର୍ ତାକେ କାବୁର୍ ହିଦେଂ ହନ୍ତିକ୍ । ପାଣ୍ଡ୍ରା ଆଜି ପା, ହେୱେକ୍
ମାନ୍ତ ବେସି ୱାର୍‌ୟା ଆଜି ମାଚିକ୍ ।
୯ ଆରେ ହୁଡ଼ାଟ୍, ଜିସୁ ହେୱାରିଂ ତ୍ରିପ୍‌କୁ ବେଟାଆଜି ଇଚାନ୍, "ମିଦାଙ୍ଗ୍ ସୁସ୍ତା ଆୟେତ୍ । ହେୱାର୍ ତା ଲାଗେ ୱାଜି ତା
ପାନା ଆସ୍ତି ଜୱାର୍ କିତାର୍ ।"
୧୦ ଜିସୁ ହେୱାରିଂ ଇଚାନ୍, "ପାଣ୍ଡ୍ରାମାଟ୍ ନା ଟଣ୍ଡାରିଂ ୱେଚାଟ୍, ହେୱାର୍ ଗାଲିଲିତ ହାଲେର୍ । ହେବେ ନାଙ୍ଗେଙ୍ଗ୍
ହୁଡ଼୍‌ଦାନାର୍ ।"

## ଜାଗ୍‌ୱାଡ଼ାର୍ ୱେଚ୍‌ନାକା ବିସ୍ରେ

୧୧ କଗ୍‌ଲେକ୍ ହାଲ୍‌ଜି ମାନି ୱେଡ଼ାଲିଂ, ହୁଡ଼ାଟ୍, ଜାଗ୍‌ୱାଡ଼ାର୍ କୁଦା ବିତ୍ରେତାଂ କେତେକ୍ ଜାଣ୍ ଗାଡ଼୍‌ଦ ହାଲ୍‌ଜି ହେ ୱିଜୁ
ଗଟ୍‌ଣାନି କାତା ମୁଡ଼୍ ମାପ୍ରୁହେବାକିନାକାରିଂ ୱେଚ୍‌ପାତାର୍ ।
୧୨ ମୁଡ଼୍ ମାପ୍ରୁହେବାକିନାକାର୍ ବୁଡ଼ାଲୁର୍ ହୁକେ ରୁଣ୍ଡା ଆଜି ଗାଣ୍‌କୁ କିତି ପାଚେ ହେ ମେଲ୍ୟାରିଂ ବେସି ଟାକାଂ ହିଜି
ଇଚାର୍,
୧୩ "ଏପେଙ୍ଗ୍ ଇନାଟ୍, ଆପେଂ ହୁଞ୍ଜିମାଚି ୱେଡ଼ାଲିଂ ତା ଚେଲାହିର୍ ନାଣା ୱାଜି ହେୱାନିଂ ଚରି କିଜି ଅତାର୍ ।
୧୪ ଆରେ ଜଦି ସାସନ୍ କାର୍‌ୟା ଇ କାତା ୱେନାନ୍ ଆପେଂ ତାଙ୍ଗ୍ ବୁଜାୟ୍ କିନାପ୍ ଜେ ନି ଦସ୍ ବିର୍‌କୁଲ୍ ଆକାୟ୍ । ଇ
ବିସ୍ରେ ବିପ୍ତି ଆମା ।"
୧୫ ମେଲ୍ୟାର୍ ଟାକାଂ ଅଜି ହେୱାରିଂ ଇଞ୍ଜିମାଚି ସମାନ୍ କାମାୟ୍ କିତାର୍ । ହେୱାର୍ ହେ ୱେଡ଼ାଲିଂ ଇନାକା ଇଚାର୍,
ଜିହୁଦିର୍ ନେଞ୍ଜେଙ୍ଗ୍ ପାତେକ୍ ହେ କାତା ସୁଣାୟ୍ କିନାରା ।

## ଚେଲାରିଂ ଜିସୁ ଚଞ୍ଜ୍ୟା ଆତାନ୍

*(ମାର୍କ ୧୬:୧୪-୧୮; ଲୁକ ୨୪:୩୬-୪୯; ଜହନ୍ ୨୦:୧୯-୨୩; ପକ୍ୟାତାକା ୧:୬-୮)*

୧୬ ✡ମାତର୍ ଏଗାର୍ ଜାଣ୍ ଚେଲାର୍ ଆଗେ ଗାଲିଲିତ ହାଲ୍‌ଜି, ଜିସୁ ଇମ୍‌ଣି ମାଡ଼ି ବିସ୍ରେ ହାଲ୍‌ଜି ହେୱାରିଂ ଇଞ୍ଜି ମାଚାନ୍,
ହେ ମାଡ଼ିତ ହାଚାର୍ ।
୧୭ ଆରେ, ହେୱାର୍ ତାଙ୍ଗ୍ ହୁଡ଼୍‌ଜି ଜୱାର୍ କିତାର୍, ମତର୍ ଇନେର୍ ଇନେର୍ ପାତର୍ କିୱାତାର୍ ।
୧୮ ଆରେ, ଜିସୁ ହେୱାର୍ ଲାଗେ ୱାଜି ବେଣ୍ କିଜି ଇଚାନ୍, "ସାର୍ଗେ ଆରି ପୁତର୍‌ନି ୱିଜୁ ଆଦିକାର୍ ନାଙ୍ଗ୍ ହିଦ୍ୟାତାତ୍‌ନ୍ନା
।
୧୯ ✡ଲାଗିଂ, ଏପେଙ୍ଗ୍ ହାଲ୍‌ଜି ସବୁ ଜାତିନି ମାନାୟାରିଂ ବାୱା, ମାଜି, ଆରି ପୁଇପୁୟା ଜିବୁନ୍ ତର୍‌ଦାଂ ବାପ୍ତିସିମ୍ ହିୟାଟ୍,
୨୦ ଆନ୍ ମିଙ୍ଗ୍ ଇମ୍‌ଣି ଇମ୍‌ଣି ବଲ୍ ହିତ୍‌ନ୍ନା, ହେ ସବୁ ମାନି କିଦେଙ୍ଗ୍ ହିକ୍ୟା ହିଜି ଆରି ମାନ୍ତ ଇଟାଟ୍, ଜୁଗ୍‌ସେସ୍ ପାତେକ୍
ନିତ୍ରେ ତାଇନାତ୍ ଆନ୍ ମିଙ୍ଗେଙ୍ଗ୍ ହାଙ୍ଗ୍ ହାଙ୍ଗ୍ ମାନାଂ ।"

✡ **୨୮:୧୬** ମାତିଉ ୨୬:୩୨; ମାର୍କ ୧୪:୨୮. ✡ **୨୮:୧୯** ପକ୍ୟାତାକା ୧:୮.

# ମାର୍କ ଲିଖିତ ସୁସମାଚାର
# ମାର୍କ ଲେକିକିତି ନେକ୍ରି କାବୁର୍
## ମାର୍କ ପଡି ବିସ୍ରେ ପାଦେକ୍

ଆନ୍‌ମାନ୍‌ତାଂ ତାରିକ୍ । ୬୭ AD ୭୦ AD ଲେକିକିତାକାନ୍‌ତି ତର୍ ମାର୍କ ଲେକିକିତି ବାହା ତର୍ ରମ୍ । ଜିସୁ କ୍ରିସ୍ଟତି ଜିବୁନ୍ ବିସ୍ରେ ଇଞ୍ଜି ମାନି ପୁନିନିୟମ୍‌ନି ଚାରିଗଟା ପଡିଂ ବିତ୍ରେତାଂ ମାର୍କ ଲେକିକିତି ନେକ୍ରି କାବୁର୍ ରଞ୍ଜାଙ୍ଗ୍ । ହେ ୱିଜୁଡ଼ିଙ୍ଗ୍ ନେକ୍ରି କାବୁର୍ ଇନ୍ୟା ଆନାଡ୍, ଇମ୍‌ଣି ଅରଡ୍ ଆତାଡ୍ "ନେକ୍ରିକାବୁର୍ ।"

ହେୱାଙ୍ଗ୍ ଜିସୁତି ହାତି ପାଚେ ମାତିଉ, ମାର୍କ, ଲୁକ ଆରି ଜହନ୍ ତାଙ୍ଗ୍ ଲେକା ଆତାଡ୍‌ନ୍ନା । ଚାରିଗଟା ନେକ୍ରିକାବୁର୍ ବିତ୍ରେ ମାର୍କ ଲେକିକିତି ନେକ୍ରିକାବୁର୍ ଆନାତା ୱିଜେଡ଼ିଂ ହାରୁଟି । ଇଦାଂ ପା ପାର୍ତି କିୟା ଆନାଡ୍ ଜେ, ଇ ନେକ୍ରିକାବୁର୍ ବିତ୍ରେ ୱିଜେଡ଼ିଂ ଆଗେ, କ୍ରିସ୍ଟଦିନ୍ ୬୫-୭୦ ବିତ୍ରେ ଲେକା ଆତାଡ୍‌ନ୍ନା । ବାଇବଲ୍ ପଣ୍ତିତ୍‌କୁର୍ ପାର୍ତି କିନାର୍ ଜେ, ରମ୍‌ତ ମାନି କ୍ରିସ୍ଟିୟାନ୍‌ରିଂ ୱାରି କିଦେଙ୍ଗ୍ ଇଞ୍ଜି ରମ୍‌ତ ଇଦାଂ ଲେକା ଆତାଡ୍‌ନ୍ନା, ମାର୍କ, ଇନେର୍‌କି ଜହନ୍ ମାର୍କ ତର୍‌ଦ ଜାଣାଚିନା, ହେୱାନ୍ ପାଉଲ୍ ଆରି ବର୍ଣ୍ଣବାତି ହାଙ୍ଗ୍‌ଦାକାନ୍ ମାଚାନ୍, ମାତର୍ ଏଚେକୋଡ଼୍‌ଦ ହେୱାନ୍ ହେୱାରିଂ ମିସ୍‌ନାରି ହାନିହାସ୍‌ଦ ପିସ୍ତି ୱାତାନ୍, ହେ ପାଦ୍‌ନା ହେ ଡାକ୍‌ପୁଟା ଆନିତାକେ ମାଡ୍ ୱାତାଡ୍ ପକ୍ୟାତାକା । ପାଚେନି ୱେଡ଼ାଲିଂ ମାର୍କ ଆରେ ରଗ ବର୍ଣ୍ଣବା ହୁକେ ହାଚାନ୍ ପକ୍ୟାତାକା ୧୫:୩୭-୩୯ ମାର୍କ ପା ପିତର୍ ରକାନ୍ ହାର୍ଦି ହାଙ୍ଗ୍‌ଦାକାନ୍ ଲାକେ ଜାଣାଚିନା ମାଚାନ୍ ୧ ପିତର୍ ୫:୧୩ ଆତିସ୍‌ପା ମାର୍କ ରକାନ୍ ଜିସୁ ଜିବୁନ୍ତି ସିଦାସାକି ହିଲ୍‌ୱାତାନ୍, ଆତିସ୍‌ପା ପାଣ୍ତିତ୍‌କୁର୍ ପାର୍ତି କିତାର୍ ଜେ, ହେୱାନ୍ ପିତର୍‌ତି ସାକିହିଦେଂ ଇଞ୍ଜି ଜାର୍ ନେକ୍ରିକାବୁର୍‌ତ ଲେକିକିତାନ୍‌ନା । ନେକ୍ରିକାବୁର୍‌ତ ମାର୍କ ଚେଲେନ୍ ଆରି ୱିସ୍ତି ୱେଡ଼ାଂ ଜିସୁତି ହିକ୍ୟା ଜପି ଇଟ୍‌କାଡ଼୍ କିତାନ୍‌ନ୍ନା । ମାର୍କ ଇ ପୁସ୍ତକ୍‌ତ ଜିସୁ କ୍ରିସ୍ଟଙ୍ଗ୍ ରକାନ୍ ସାଦୁ ଆଡ଼ିୟେନ୍ ଆରି ଇସ୍ୱର୍ତି ଇଚା ପୁରା କିଦେଙ୍ଗ୍ ଇଞ୍ଜି ସବୁ ୱେଡ଼ାଙ୍ଗ୍ ଜାଲ୍‌ଦି ମାନି ୱାରିକିନିତ ମାଜି ଲାକେ ଚିନ୍ତା କିତାନ୍‌ନ୍ନା, ହେଦାଂ କାଜିଂ ହେୱାନ୍ ପୁଞ୍ଜି ଜିସୁତି କାବାଆନି କାମାୟ୍ ବିସ୍ରେ ଲେକିକିତାନ୍ନା । ହାରିହାରା ହେୱାନ୍ ୱିଜୁ ପୁର୍ତିତ ନେକ୍ରି କାବୁର୍ ସୁଣାୟ୍ କିଦେଙ୍ଗ୍ ର ଗାଜା ବଲ୍ ହୁକେ ଇ ନେକ୍ରି କାବୁର୍ ଲେକାତିଂ ୱିସ୍ତାନ୍‌ନା ।

### ପଡି ବିସ୍ରେନି ରାହାଣ୍

୧. ମୁଞ୍ଜ୍‌ନି ଜହନ୍ ଆରି ଜିସୁତି ବାପ୍ତିସିମ୍ ୧:୧-୧୩
୨. ଗାଲିଲିତ ଜିସୁତି ହେବାକାମାୟ୍ ୧:୧୪; ୯:୫୦
୩. ଜିରୁସାଲମ୍‌ତ ଜିସୁତି ହାନାକା ଆରି ମନ୍ଦିର୍‌ତ ହଣାକା ୧୦:୧; ୧୨:୪୪
୪. ୱାନି ବିସ୍ରେ ବେରଣ୍ ବାକ୍‌ଣାୟ୍ କିନି କାତା ୧୩:୧-୩୭
୫. ଜିସୁତି ହାକି, ନିଙ୍ଗ୍‌ନାକା ଆରି ଗାଜା ବଲ୍ ୧୪:୧; ୧୬:୨୦

ବାପ୍ତିସିମ୍ ହିନି ଜହନ୍ତି ସୁଣାୟ୍ କିନାକା
*(ମାତିଉ ୩:୧-୧୨; ଲୁକ ୩:୧୧-୧୮; ଜହନ୍ ୧:୧୯-୨୮)*

୧ ଇସ୍ୱର୍ତି ମାଜି ଜିସୁ କ୍ରିସ୍ଟତି ନେକ୍ରିକାବୁର୍ ଆରମ୍ ।*
୨ ଜିସାୟ୍ ବେଣ୍‌ବାକ୍‌ଣାୟ୍‌କିନାକାନ୍ତି ସାସ୍ତର୍‌ତ ଇନେସ୍ ଲେକା ଆତାଡ୍‌ନ୍ନା,
"ହୁଡ଼ାଟ୍, ଆନ୍ ନା ଦୁଡ଼୍‌ତିଂ ମି ଆଗେ ପକ୍ତାନାଙ୍ଗା,"
"ହେୱାନ୍ ମିଙ୍ଗେଙ୍ଗ୍ ହାଜି ରଚ୍‌ଚି ହିଦ୍‌ନାନ୍ ।"
୩ ବାଟାତ ବେସି ଗାଜାକାଟ୍ କିଜି ହିର୍‌ବାନାକାନ୍ତି କାଟ୍,
"ମାପୁତି ହାଜି ରଚାଟ୍,
ହେୱାନ୍ତି ରାଜା ହାକ୍‌ଡ଼ି ହାଣ୍‌କୁ କିୟାଟ୍ ।"
୪ ପାଚେ ବାପ୍ତିସିମ୍ ହିନି ଜହନ୍ ବାଲି ବାଟାତ ହାଲ୍‌ଜି ପାପ୍ କେମା କାଜିଂ ପାପ୍‌ତାଂ ମାନ୍‌ବାଦ୍‌ଲାୟ୍ କିନି† "ବାପ୍ତିସିମ୍ ସୁଣାୟ୍ କିଦେଙ୍ଗ୍ ଲାଗାତାନ୍ ।"
୫ ହେବେ ସବୁ ରାଜିନି ଜିହୁଦା ଦେସ୍ ଆରି ସବୁ ଜିରୁସାଲମ୍‌ନି ମାନାୟାର୍ ହସି ହେୱାନ୍ ଲାଗାୟ୍ ୱାଦେଙ୍ଗ୍ ଲାଗାତାର୍ ଆରି ଜାର୍ ଜାର୍ ପାପ୍ କିତାକା ମାନିକିଜି ହେୱାନ୍‌ତାଂ ଜର୍ଦନ୍ ନାଗୁଡ଼୍ ତାକେ ବାପ୍ତିସିମ୍ ଅତାର୍ ।

---

* **୧:୧** କେତେକ୍ ପଡିତ ଇସ୍ୱର୍‌ତି ମାଜି ହିଲୁଡ୍ । † **୧:୪** ଜହନ୍ ପାଟାତ ଚଞ୍ଜ୍‌ୟାତାନ୍, ବାପ୍ତିସିମ୍ ହିଜି ମାଚାନ୍ ଆରି ପର୍‌ଚାର୍ କିଜି ମାଚାନ୍; କେତେକ୍ ପଡିତ ବାପ୍ତିସିମ୍ ହିନି ଜହନ୍ ବାଟାତ ଚଞ୍ଜ୍‌ୟାତାନ୍, ପର୍‌ଚାର୍ କିଜି ମାଚାନ୍ ।

୬ ହେ ଜହନ୍ ଉଟ୍ ତଲ୍‌ନି ହେନ୍ଦ୍ରା ଉସ୍ପିସ୍ ମାଚାନ୍ ଆରି ତା ମେଣ୍ଡଙ୍ଗାଙ୍ଗ୍ ତଲ୍‌ନି ନୁଣ୍‌କୁ ଡରି ଗାଚ୍‌ଚି ମାଚାନ୍, ପାଚେ ପାମି
ଆରେ ରାନ୍ତି ପୁକି ହେୱାନ୍ତି କାଦି ମାଚାତ୍ ।
୭ ଜହନ୍ ସୁଣାୟ୍ କିଜି ୱିଜାକାରିଂ ଉତର୍ ହିନାନ୍, “ନାଙ୍ଗ୍ ଡାଙ୍ଗ୍; ଇନେର୍ ବେସି ସାକ୍ତିକାଟାକାନ୍, ହେୱାନ୍ ନା ପାଚେ
ୱାନାନା; ଆନ୍ ତା ସମାନ୍ ଆକାୟ୍ ହେୱାନ୍ତି ପାନାନି ଡରି ପାଣ୍ଡାଇଙ୍ଗ୍ ରିକ୍‌ତେଂ ସମାନ୍ ଆକାୟ୍ ।”
୮ ଆନ୍ ମିଙ୍ଗେଙ୍ଗ୍ ଏଜୁଂତାଂ ବାପ୍ତିସିମ୍ ହିତ୍‌ତାଂ, ମାତର୍ ହେୱାନ୍ ମିଙ୍ଗେଙ୍ଗ୍ ପୁଇପୁୟା ଜିବୁନ୍ତାଂ ବାପ୍ତିସିମ୍ ହିଦ୍‌ନାନ୍ ।

## ଜିସୁତି ବାପ୍ତିସିମ୍ ଆରି ପରିକ୍ୟା
*(ମାତିଉ ୩:୧୩–୪:୧୧; ଲୁକ ୩:୨୧-୨୨; ୪:୧-୧୩)*

୯ ହେ ସମୁତ ଜିସୁ ଗାଲିଲିନି ନାଜରିତିୟତାଂ ୱାଜି ଜର୍ଦନ୍ ନାଗୁଡ୍‌ତାକେ ଜହନ୍‌ତାଂ ବାପ୍ତିସିମ୍ ଅନାନ୍ ।
୧୦ ଆରେ ହେ ଦାପ୍ରେ ହେୱାନ୍ ଏଜୁଂତାଂ ନିଙ୍ଗଜି ୱାନି ୱେଡ଼ାଲିଂ ବାଦାଡ୍ ଜେୟା ଆଟାତ୍ ଆରେ ପୁଇପୁୟା ଜିବୁନ୍‌ତିଂ
ପାର୍‌ୱା ଲାକେ ତା ଜପି ଜୁଦ୍‌ନାକା ହୁଡ୍‌ତାନ୍,
୧୧ ✡ଆରେ, ବାଦାଡ୍ ତାଙ୍ଗ୍ ଇ କାତା ଆଟାତ୍, “ଏନେଙ୍ଗ୍ ନା ୱାରିନି ମାଜି, ନି ତାକେ ନାତାଂ ବେସି ୱାରି ମାନାତ୍ ।”
୧୨ ହେ ଦାପ୍ରେ ପୁଇପୁୟା ଜିବୁନ୍ ହେୱାନିଂ ବାଟାତ ଅଜି ହାଚାତ୍ ।
୧୩ ଜିସୁ ହେ ବାଟାତ ଚାଲିସ୍ ଦିନ୍ ମାନ୍‌ଞ୍ଜି ହେବେ ହେୱାନ୍ ସୟତାନ୍ ହୁଦାଂ ପରିକ୍ୟା ଆନାନ୍ । ହେୱାନ୍ ରାନ୍ ଜାତ୍
ଲାହାଙ୍ଗ୍ ମାଚାନ୍, ଦୁତ୍‌କୁ ହେୱାନିଂ ହେବା କିଜି ମାଚିକ୍ ।

## ଜିସୁ ଚାରିଜାଣ୍ ମିନ୍‌କୁ ଆହ୍‌ନାକାରିଂ କୁକ୍‌ନାନ୍
*(ମାତିଉ ୪:୧୨-୨୨; ଲୁକ ୪:୧୪-୧୫; ୫:୧-୧୧)*

୧୪ ଜହନ୍ ଜେଲ୍‌ତ ହାଚି ପାଚେ, ଜିସୁ ଗାଲିଲିତ ୱାଜି ଇସ୍ୱର୍‌ତି ନେକ୍ରିକାବୁର୍ ଗାଜା କାଟ୍‌ତାଂ ଇଞ୍ଜେଙ୍ଗ୍ ଲାଗାତାନ୍ ।
୧୫ “ଜିସୁ ସୁଣାୟ୍ କିଦେଙ୍ଗ୍ ଲାଗାତାନ୍, ଦିନ୍ ୱିଜେ ୱାତାତେ, ଇସ୍ୱର୍‌ତି ରାଜି ଲାଗାୟ୍ ଆତାତେ; ପାପ୍‌ତାଂ
ମାନ୍‌ବାଦ୍‌ଲାୟ୍ କିୟାଟ୍ ଆରି ନେକ୍ରିକାବୁର୍ ତାକେ ପାତର୍ କିୟାଟ୍ ।”
୧୬ ଜିସୁ ଗାଲିଲି ହାମ୍‌ଦୁର୍ ପାଡ଼ିତିଂ ହାଲ୍‌ଜି ମାନି ସମୁତ ସିମନ୍ ଆରେ ତା ଟଣ୍ଡାହି ଆନ୍ଦ୍ରିୟଙ୍ଗ୍ ହାମ୍‌ଦୁର୍‌ତ ଜାଲ୍ ତୁହିନାକା
ହୁଡ୍‌ତାନ୍, ଇଚିସ୍ ହେୱାର୍ ମିନ୍‌କୁ ଆସ୍ତି ଜିନାକାର୍ ମାଚାର୍ ।
୧୭ ଜିସୁ ହେୱାରିଂ ଇଚାନ୍, “ନା ପାଚେ ପାଚେ ୱାତୁ, ଆନ୍ ମିଙ୍ଗେଙ୍ଗ୍ ମାନାୟ୍ ଆହ୍‌ନାକା ହିକାଇ କିଦ୍‌ନାଙ୍ଗ୍ ।”
୧୮ ହେବେ ହେୱାର୍ ହେ ଦାପ୍ରେ ଜାଲ୍ ପିସ୍ତି ହେୱାନ୍ ପାଚେ ହାଚାର୍ ।
୧୯ ପାଚେ, ହେୱାନ୍ ଅଲପ୍ ଆଗେ ହାଲ୍‌ଜି ଜାକୁବ୍ ଆରି ଜହନ୍ ତର୍‌ଦାକାନ୍ ଜେବ୍‌ଦିତି ମାଜି ଜାକୁବ୍ ଆରି ହେୱାନ୍
ଟଣ୍ଡାହି ଜହନ୍‌ତିଂ ଡଙ୍ଗାତ କୁଚ୍‌ଚି ହେୱାର୍‌ତି ଜାଲ୍ ଗାଡ଼ି କିଜି ମାଚାନ୍ ।
୨୦ ହେ ଦାପ୍ରେ ହେୱାନ୍ ହେୱାରିଂ କୁକ୍‌ତାନ୍, ପାଚେ ହେୱେର୍ ହେୱାର୍ ଲାତ୍ରାହି ଜେବ୍‌ଦିତି କାମ୍‌ଲିୟାର୍ ହୁକେ
ଡଙ୍ଗାତାକେ ପିସ୍ତି ହେୱାନ୍ ପାଚେ ହାଚାର୍ ।

## ଜିସୁ ପୁଦା ଆହ୍‌ୟାତାକାନିଂ ଉଜ୍ କିତାନ୍
*(ଲୁକ ୪:୩୧-୩୭)*

୨୧ ପାଚେ ଜିସୁ ଆରି ଚେଲାର୍ କପର୍ନାହୁମ୍ ତାକେ ହାଚାର୍, ଆରେ ହେ ଦାପ୍ରେ ଜିହୁଦିର୍ ଜମ୍‌ନିବାର୍ ନାଜିଂ କୁଟୁମ୍ ଇଞ୍ଜ
ହାଲ୍‌ଜିପା ହିକାୟ୍ କିଦେଙ୍ଗ୍ ଲାଗାତାନ୍ ।
୨୨ ମାନାୟାର୍ ହେୱାନ୍ ହିକ୍ୟାତ କାବା ଆତାର୍, ଇନାକିଦେଂକି ହେୱାନ୍ ଦରମ୍ ଗୁରୁର୍ ଲାକେ ହିକାଇ କିୱାଦାଂ
ଆଦିକାର୍ ପାୟା ଆତି ମାନାୟାର୍ ଲାକେ ହେୱାରିଂ ହିକ୍ୟା ହିଜି ମାଚାନ୍ ।
୨୩ ହେ ସମୁତ ହେୱାର୍ ଜିହୁଦିର୍ କୁଟୁମ୍ ଇଞ୍ଜ ମାନି ରକାନ୍ ପୁଦା ଆହ୍‌ୟା ଆତାକାନ୍ କିକିରାଡିଂ କିଜି ଗାଜା କାଟ୍‌ତାଂ
ଇଚାନ୍ ।
୨୪ “ଏ ନାଜରିତିୟ ଜିସୁ, ନି ଲାହାଙ୍ଗ୍ ମାଦାଂ ଇନାକା ମାନାତ୍ ? ଏନେଙ୍ଗ୍ ମାଙ୍ଗେଙ୍ଗ୍ ୱିସ୍ରେଦେଂ ୱାତାଇନା ? ଏନେଙ୍ଗ୍
ଇମ୍‌ଣାକାୟ୍ ? ହେଦାଂ ଆନ୍ ପୁନାଙ୍ଗ୍, ଏନେଙ୍ଗ୍ ଇସ୍ୱର୍‌ତି ହେ ପୁଇପୁୟା ମାନାୟ୍‌ତି ।”
୨୫ ଜିସୁ ହେୱାନିଂ ଦାକା ହିଜି ଇଚାନ୍, “ଚିମ୍‌ରା ଆ ଇବେଣ୍ଡାଂ ହସି ହାଲା ।”
୨୬ ହେବେଣ୍ଡାଂ ହେ ବାନ୍ୟା ଜିବୁନ୍ ହେୱାନିଂ କିନ୍ଦ୍ରାୟ୍ କିଜି ଗାଜାକାଟ୍ ଡାଙ୍ଗ୍ ଆଲା ଆଜି ହେୱାନ୍‌ତାଂ ହସି ହାଚାତ୍ ।
୨୭ ଇବେଣ୍ଡାଂ ୱିଜାର୍ ଏଚେକ୍ କାବା ଆତାର୍ ଜେ, ହେୱାର୍ ହେୱାର୍‌ନେ ଇନ୍‌ବା ଆତାର୍, “ଇଦାଂ ଇନାକା ? ଇଦାଂ ତ
ଆଦିକାର୍ ପୁନ୍ ହିକିୟା, ହେୱାନ୍ ବାନ୍ୟା ଜିବୁନ୍‌ତିଂ ପା ବଲ୍ ହିନାନା, ଆରେ ହେୱାର୍ ହେୱାନ୍ତି ବଲ୍‌ବଚନ୍ ମାନି କିନିକ୍
।”
୨୮ ହେବେ ହେୱାନ୍ ବିସ୍ରେ ବେରଣ୍ ହେ ଦାପ୍ରେ ଗାଲିଲିନିପ ଚାର୍‌ବେଣ୍‌ତିଂ ସବୁ ନାସ୍‌କୁକାଂ ୱିଣ୍‌ଜି ହାଚାତ୍ ।

✡ **୧:୧୧** ମାତିଉ ୩:୧୭; ୧୨:୧୮; ମାର୍କ ୯:୭; ଲୁକ ୩:୨୨.

### ଜିସୁ ହେନି ମାନାୟାରିଂ ଉଜ୍ କିନାକା
*(ମାତିଉ ୮:୧୪-୧୭; ଲୁକ ୪:୩୮-୪୧)*

୨୯ ତା ପାଚେ ଚେଲାର୍ କୁଟୁମ୍ ଇଞ୍ଜ ହସି ଜାକୁବ୍ ଆରି ଜହନ୍ ଲାହାଙ୍ଗ୍ ହେ ଦାପ୍ରେ ସିମନ୍ ଆରି ଆନ୍ଦ୍ରିୟର୍ ଇଞ୍ଜ ହାଚାର୍
।
୩୦ ସିମନ୍ ପଦାହି ନମେର୍ ଆଜି କାଟେଲ୍ତ ହୁନ୍ଞ୍ଜି ମାଚାଡ୍, ଆରେ ହେୱାର୍ ହେ ଦାପ୍ରେ ହେଦେଲ୍ ବେରଣ୍ ଜିସୁଙ୍ଗ୍
ୱେଚ୍ଚାର୍ ।
୩୧ ହେବେଣ୍ଡାଂ ହେୱାନ୍ ଲାଗାୟ୍ ହାଲ୍ଜି ହେଦେଲ୍ତି କେଇ ଆଜି ତାଙ୍ଗେଙ୍ଗ୍ ନିକ୍ତାନ୍, ଆରେ ହେଦେଲିଂ ନମେର୍
ପିସ୍ତାଡ୍, ଆରେ ହେଦେଲ୍ ହେୱାରିଂ ହେବା କିଦେଙ୍ଗ୍ ଲାଗାତାଡ୍ ।
୩୨ ମ୍ଣିକାହାରେସ୍ ୱେଡ଼ା ହାଚିପାଚେ ମାନାୟାର୍ ହେୱାନ୍ ତାକେ ନଚ୍ନାକାରିଂ ଆରେ ପୁଦା ଆହ୍ୟା ଆତାକାରିଂ
ତାହିୱାଦେଂ ଲାଗାତାର୍ ।
୩୩ ପାଚେ ସବୁ ଗାଡ଼୍ନିକାର୍ ଇଲ୍ନି ଦୁୱେର୍ ଲାଗାୟ୍ ରୁଣ୍ଡା ଆତାର୍ ।
୩୪ ହେବେ ଜିସୁ ବାରବିନି ରଗ୍ ଆହ୍ୟା ଆତାକାରିଂ ବେସି ରଗିରିଂ ଉଜ୍ କିତାନ୍, ଆରି ବେସି ପୁଦାଂ ପିହିକିତାନ୍, ପାଚେ
ପୁଦାକାଂ ବେରଣ୍ କିଦେଙ୍ଗ୍ ହିୱାତାନ୍, ହେଦାଂ କାଜିଂ ହେୱାନିଂ ଚିନ୍ କିଜି ମାଚିକ୍ ।

### ଗାଲିଲିତ ଜିସୁତି ସୁଣାୟ୍ କିନାକା
*(ଲୁକ ୪:୪୨-୪୪)*

୩୫ ଆର୍କାଡ୍ ନାଜିଂ ପ୍ରାଙ୍ଗ୍ନି ୱେଡ଼ାଲିଂ ମାଜ୍ଗା ମାନୁ ମାନୁ ହେୱାନ୍ ନିଙ୍ଗ୍ଜି ହସି ହାଚାନ୍ ଆରି ର ସିଣିନ୍ଦା ବାହାତ ହାଲ୍ଜି
ହେବେ ପାର୍ତାନା କିଦେଙ୍ଗ୍ ଲାଗାତାନ୍ ।
୩୬ ଆରେ, ସିମନ୍ ଆରି ହେୱାନ୍ ହାଙ୍ଗ୍ଦାକାର୍ ହେୱାନିଂ ଇଟ୍କାଡ୍ କିଜି,
୩୭ ବେଟ୍ଗାଟ୍ ଆଜି ହେୱାନିଂ ଇଚାର୍, "ୱିଜାକାର୍ ନିଙ୍ଗେଙ୍ଗ୍ ଦାସ୍ତାନାରା ।"
୩୮ ହେବେଣ୍ଡାଂ ହେୱାନ୍ ହେୱାରିଂ ଇଚାନ୍, ୱାଡ ଆସେଙ୍ଗ୍ "ବିନେନି ବାହାତ, ମାତର୍ ହାଲ୍ଜି ଲାଗେନି ନାସ୍କୁକାଂ
ହାନାସ୍; ହେବେ ପା ଆନ୍ ସୁଣାୟ୍ କିନାଙ୍ଗ୍, ଇନେକିଦେଂକି ଆନ୍ ହେ ବେରଣ୍ କାଜିଂ ହଡ୍ତାଂନ୍ନା ।"
୩୯ ପାଚେ ହେୱାନ୍ ସବୁ ଗାଲିଲିନିପ ପ୍ଲାଞ୍ଜି ବୁଲା ଆଜି ହାଲ୍ଜି ହେୱାର୍ ହେ କୁଟୁମ୍ ଇଞ୍ଜ ସୁଣାୟ୍ କିତାର୍ ଆରି ପୁଦାକାଂ
ପିହିକିତାର୍ ।

### ଜିସୁ ର ଗାଜା ରଗିଂ ଉଜ୍ କିତାନ୍
*(ମାତିଉ ୮:୧-୪; ଲୁକ ୫:୧୨-୧୬)*

୪୦ ଇବେଡାଂ ର ଗାଜାରଗ୍ କାଟାକାନ୍ ଜିସୁ ତାକେ ହେୱାନ୍ ୱାଜି ମେଣ୍ଡାଂ କୁନ୍ଦିକିଜି ହେୱାନିଂ ଗୱାରି କିଜି ଇଚାନ୍,
"ଏନେଙ୍ଗ୍ ଜଦି ଇଚା କିତାୟ୍ଚି, ତା ଆଡିସ୍ ନାଙ୍ଗେଙ୍ଗ୍ ସକଟ୍ କିଦ୍ନାୟ୍ ।"‡
୪୧ ହେବେଣ୍ଡାଂ ହେୱାନ୍, କାର୍ମା§ ଆଜି କେଇ ପେସ୍ଦି ହେୱାନିଂ ଡୁତାନ୍ ଆରି ଇଚାନ୍, "ଆନ୍ ଇଚା କିନାଙ୍ଗା ସକଟ୍ ଆ
।"
୪୨ ହେ ଦାପ୍ରେ ଗାଜାରଗ୍ ହେୱାନ୍ତି ହାଚାଡ୍ ଆରି ହେୱାନ୍ ସକଟ୍ ଆତାନ୍ ।
୪୩ ଆରେ, ଜିସୁ ହେୱାନିଂ ବେସି ଆଟ୍ୱା କିଜି ବଲ୍ହିଜି ହେ ଦାପ୍ରେ ପକ୍ଚି ଇଚାନ୍ ।
୪୪ ଜାଗ୍ରଡ୍ "ଇନାକା, ଇନେରିଂ ଇନ୍ମା, ମାତର୍ ହାଲା ମାପୁହେବାକିନାକାନ୍ ତାକେ ଜାର୍ଡିଂ ଚଞ୍ଜ୍ୟା; ଆରେ ମସା ଇନା
ଇନାକା ବଲ୍ ହିଡ୍ତାନ୍ନା ହେ ସବୁ ନିଜେ ନିର୍ମଲ୍ ଲାକେ ହେୱାର୍ ଲାଗାଂ ସାକି ହିନି କାଜିଂ ସର୍ପି ଆ ।"
୪୫ ମାତର୍ ହେୱାନ୍ ହସି ହାଲ୍ଜି ହେ ବିସ୍ରେ ବେସି ସୁଣାୟ୍ କିଦେଂ ଲାଗାତାନ୍ ଜେ, ଜିସୁ ଆରି ଚଞ୍ଜ୍ୟା ଆଜି ମାଞ୍ଜେଙ୍ଗ୍
ଆଡ୍ୱାତାନ୍, ମାତର୍ ବାର୍ତ ସିଣିନ୍ଦା ବାହାତାକେ ମାଚାନ୍; ଆରେ ମାନାୟାର୍ ଚାର୍ବେଣ୍ତାଂ ହେୱାନ୍ ତାକେ ୱାଦେଙ୍ଗ୍
ଲାଗାତାର୍ ।

## ୨

### ଜିସୁ ହିରକଲ୍ ରଗିଂ ଉଜ୍ କିତାନ୍
*(ମାତିଉ ୯:୧-୮; ଲୁକ ୫:୧୭-୨୬)*

୧ ଏଚେକ୍ ଦିନ୍ ପାଚେ, ଜିସୁ ଆରେ ରଗ କପର୍ନାହୁମ୍ ମାସ୍ଦି ୱାତାନ୍, ହେୱାନ୍ ଇଞ୍ଜ ମାନାନ୍ ଇଞ୍ଜି ୱିଜାର୍ ପୁଚାର୍ ।
୨ ହେବେ ଏଚେକ୍ ମାନାୟାର୍ ରୁଣ୍ଡା ଆତାର୍, ଜେ, ଦୁୱେର୍ତ ପା ବାହା ହିଲ୍ୱାତାଡ୍, ପାଚେ ହେୱାନ୍ ହେୱାର୍ ତାକେ
ବେରଣ୍ ସୁଣାୟ୍ କିଦେଙ୍ଗ୍ ଲାଗାତାନ୍ ।
୩ ଇବେ ପା ମାନାୟାର୍ ର ହିରକଲ୍ ରଗିଂ ଚାରିଜାଣ୍ତାଂ ପିଣ୍ଡ୍ଜି ଜିସୁ ଲାଗାଏ ତାସି ୱାତାର୍,

‡ **୧:୪୦** ନାଙ୍ଗ୍ ସକଟ୍ କିଦା, ଇ ରଗ୍ ରୱାନ୍ ମାନାୟ୍ତିଂ ବିଦି ଇସାପ୍ରେ ବିଟାଡ୍ କିଦ୍ନାନ୍ ଇଞ୍ଜି ଇନ୍ୟାଜି ମାଚାଡ୍ । § **୧:୪୧** କାର୍ମା; କେତେକ୍ ପତିତ ରିସା ମାନାଡ୍ ।

୪ ମାତର୍ ବିଡ୍ ଲାଗିଂ ଜିସୁତାକେ ତାସ୍ ୱାଦେଂ ଆଡ୍ୱିତିଲେ, ହେୱାନ୍ ଇମ୍ଣି ବାହାତ ମାଚାନ୍, ହେବେନି ଚାଉଣି ଜେତାର୍ ଆରି ହେଦାଂ ଡ୍ରିକ୍ଚି ହେ କାଟେଲ୍ତ ହିର୍କଲ୍ ଇଡ଼ିୟାତି ରଗି ହୁନ୍ଞ୍ଜି ମାଚାନ୍ ହେଦାଂ ଜୁଡ୍ତାତାର୍ ।
୫ ଜିସୁ ହେୱାର୍ ପାତର୍ଁ କିନାକା ହୁଡ଼ଜି ହେ ହିରକଲ୍ ରଗିଂ ଇଚାନ୍, "ଏ ବପା, ନି ପାପ୍ ସବୁ କେମା କିୟା ଆତାତ୍ ।"
୬ ମାତର୍ ଦରମ୍ ଗୁରୁର୍ ତାଙ୍ଗ୍ କେତେଜାଣ୍ ହେ ବାହାତ କୁଚ୍ଚି ନିଜେ ନିଜେତି ମାନ୍ତ ପୁସୁର୍ ପାସାର୍ ଆଜି ୱେଚ୍ପା ଆଜି ମାଚାର୍ ।
୭ "ଇ ମାନାୟ୍ ଇନେକିଦେଂ ଏଲେଙ୍ଗ୍ ଇନାନ୍ନା ? ହେୱାନ୍ ଇସ୍ୱର୍ ନିନ୍ଦା କିନାନା ! ହେଦାଂ ରୱାନିଂ ପିସ୍ତି ଇଚିସ୍ ଇସ୍ୱର୍ତିଂ ପିସ୍ତି ଆରେ ଇନେନ୍ ପାପ୍ କେମା କିଦେଙ୍ଗ୍ ଆଡ୍ନାନ୍ !"
୮ ହେୱାର୍ ଜେ, ମାନ୍ତ ମାନ୍ତ ଏଲେଙ୍ଗ୍ ୱେଚ୍ପା ଆନାରା, ହେଦାଂ ଜିସୁ ନିଜେ "ହେ ଦାପ୍ରେ ପୁଞ୍ଜି ହେୱାରିଂ ଇଚାନ୍, ଏପେଙ୍ଗ୍ ଜାର୍ ଜାର୍ ମାନ୍ତ ଇନେକିଦେଂ ଇ ସବୁ ୱେଚ୍ପା ଆନାଦେରା ?"
୯ "ଇନାକା ଆଡ୍ୱା ? ହିରକଲ୍ ରଗିଂ ନି ପାପ୍ ସବୁ କେମା କିୟା ଆଡ୍ତାଡ୍ ଇଞ୍ଜି ଇନାକା, କି ନିଙ୍ଗା, ନି କାଟେଲ୍ ଆସ୍ତି ତାଙ୍ଗା ଇଞ୍ଜି ଇନାକା ?"
୧୦ ମାତର୍ ପୁତର୍ଁତ ପାପ୍ କେମା କିଦେଙ୍ଗ୍ ମାନାୟ୍ ମାଜି ଜେ ଆନ୍, ନା ଆଦିକାର୍ ମାନାଡ୍, ଇଦାଂ ଏପେଙ୍ଗ୍ ପୁନାଦେର୍ ଇଦାଂ କାଜିଂ ହେ ହିରକଲ୍ ରଗିଂ ଇଚାନ୍,
୧୧ "ଆନ୍ ନିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା, ନିଙ୍ଗା, ନି କାଟେଲ୍ ଆସ୍ତି, ମିଞ୍ଜ ହାଲା !"
୧୨ ହେବେତାଂ ହେୱାନ୍ ନିଙ୍ଗ୍ଜି ହେ ଦାପ୍ରେ କାଟେଲ୍ ଆଜି ୱିଜାକାର୍ ମୁମ୍ଦାଂ ହସି ହାଚାନ୍; ହେବେ ୱିଜାର୍ କାବା ଆଜି ଇସ୍ୱର୍ତିଂ ଗୁଣ୍ କେର୍ଜି କେର୍ଜି ଇଚାର୍, "ଆପେଂ ଏଲେଙ୍ଗ୍ ବାର୍ତାକା ଇନାୱାଡ଼ାଂପା ହୁଡ୍ୱାଦାଂ ମାଚାପ୍ !"

## ଜିସୁ ଲେବିଙ୍ଗ୍ କୁକ୍ତାନ୍

*(ମାତିଉ ୯:୯-୧୩; ଲୁକ ୫:୨୭-୩୨)*

୧୩ ହେୱାନ୍ ଆରେ ରଗ ଗାଲିଲି ହାମ୍ଦୁର୍ ଗୁଟିତ ହସି ହାଚାନ୍, ଆରେ ମାନାୟାର୍ ତା ତାକେ ୱାତିଲେ, ହେୱାନ୍ ହେୱାରିଂ ହିକାୟ୍ କିଦେଙ୍ଗ୍ ଲାଗାତାନ୍ ।
୧୪ ଆରେ, ହାଲୁ ହାଲୁ ହେୱାନ୍ ଆଲପିତି ମାଜି ଲେବିଙ୍ଗ୍ ନିଜ୍ ସିସ୍ତ୍ଏନ୍ନାକାନ୍ ବାହାତ କୁଚ୍ଚି ମାନାକା ହୁଡ଼ଜି ହେୱାନିଂ ଇଚାନ୍, "ନା ପାଚେ ୱା" ହେବେଣ୍ଡାଂ ହେୱାନ୍ ତା ପାଚେ ହାଚାନ୍ ।
୧୫ ଇଦାଂ ପାଚେ, ଜିସୁ ଲେବିର୍ ଇଞ୍ଜ* ଚିଞ୍ଜେଙ୍ଗ୍ କୁଚ୍ନି ୱେଡ଼ାଲିଂ ହେନି ସିସ୍ତ୍ଏନ୍ନାକାର୍ ଆରି ପାପିର୍ ହେୱାନ୍ ଆରି ଜିସୁ ଚେଲାହିର୍ ହୁକେ କୁଚ୍ଚାନ୍; ଇନାକିଦେଂକି ହେୱାର୍ ହେନି ମାଚାର୍, ଆରି ହେୱାନ୍ ପାଚେ ହାଲ୍ଜି ମାଚାର୍ ।
୧୬ ହେୱାନ୍ ପାପିର୍ ଆରେ ସିସ୍ତ୍ଏନ୍ନାକାର୍ ହୁକେ ତିନ୍ଞ୍ଜି ମାଚାନ୍, ଇଦାଂ ହୁଡ଼ଜି ହେୱାନ୍ ପାରୁସି ଦଲ୍ନି ସାସ୍ତିର୍ ହେୱାନ୍ ଚେଲାରିଂ ଇଞ୍ଜେଙ୍ଗ୍ ଲାଗାତାର୍, ଇଦାଂ ଇନାକା ? "ହେୱାନ୍ ଗାଚ୍ନାକାର୍ ହୁକେ ଆରି ପାପିର୍ ହୁକେ ରଚେ ତିନାନା ।"
୧୭ ଜିସୁ ହେଦାଂ ୱେନ୍ଞ୍ଜି ହେୱାରିଂ ଇଚାନ୍, "ଉଜ୍ ଆତାକାରିଂ ଡାକ୍ତର୍ ଲଡ଼ାଆକାୟ, ମାତର୍ ଇନେର୍ ନଚ୍ନି ମାନାୟ୍ତିଂ ହେୱାରିଂ ଡାକ୍ତର୍ ଲଡ଼ା ମାନାଡ୍; ଆନ୍ ଦାମର୍ଁ ଲଗାଂ କୁକ୍ତେଂ ଇଞ୍ଜି ୱାୱାତାଂନା, ମାତର୍ ପାପିରିଙ୍ଗ୍ କୁକ୍ତେଂ ୱାତାଂନା ।"

## ଜିସୁ ଉପାସ୍ ବିସ୍ରେନି ପରସନ୍

*(ମାତିଉ ୯:୧୪-୧୭; ଲୁକ ୫:୩୩-୩୯)*

୧୮ ଜହନ୍ ଚେଲାହିର୍ ଆରେ ପାରୁସିର୍ ଉପାସ୍ କିଜି ମାଚାର୍ । "ଏଚେକ୍ଜାଣ୍ ୱାଜି ଜିସୁଙ୍ଗ୍ ଇଚାର୍, ଜହନ୍ ଚେଲାହିର୍ ଆରେ ପାରୁସିର୍ ଚେଲାହିର୍ ଉପାସ୍ କିତାର୍, ମାତର୍ ନି ଚେଲାର୍ ଉପାସ୍ କିଉରୁ ଇନେକିଦେଂ ?"
୧୯ "ଜିସୁ ହେୱାରିଂ ଇଚାନ୍, ବିବାକିନାକାର୍ ହୁକେ ବିବା ଦାଂଣେନ୍ ମାନି ସମୁତ ହେୱାର୍ ଇନାକା ଉପାସ୍ କିଦେଙ୍ଗ୍ ଆଡ୍ନାର୍ ? ବିବାଦାଂଣେନ୍ ଏଚେକ୍ ୱେଡ଼ାପାତେକ୍ ହେୱାର୍ ହୁକେ ମାନାନ୍, ହେ ପାଡ୍ତେକ୍ ହେୱାର୍ ଉପାସ୍ କିଦେଙ୍ଗ୍ ଆଡୁର୍ ।
୨୦ ମାତର୍ ସମୁ ୱାନାଡ୍, ଏଚେକାଡ୍ଦ ହେୱାର୍ତାଂ ବିବା ଦାଂଣେନିଂ ନିକ୍ଚି ଅୟା ଆନାଡ୍, ଆରି ହେବେଣ୍ଡାଂ ହେ ଦିନ୍ତ ହେୱାର୍ ଉପାସ୍ କିତାର୍ ।
୨୧ ଇନେନ୍ ପୁନି ହେନ୍ଦ୍ରାତ ପ୍ଥାନି ହେନ୍ଦ୍ରା ନୁଲ୍ ଡ଼ଚୁନ୍; ଡ଼ଚ୍ଚିସ୍ ପୁନି ହେନ୍ଦ୍ରା ମେହାୟ୍ କିତିସ୍ ପ୍ଥାନି ହେନ୍ଦ୍ରାତାଂ ବେସି କେଚ୍ଚି ଅନାଡ୍ ଆରି ଆଦିକ୍ ଗାଜା ଆଜି କେନ୍ଞ୍ଜି ହାନାଡ୍ ।
୨୨ ଆରି, ଇନେର୍ ପୁନି ଅଙ୍ଗୁର୍ ରାସ୍ ପ୍ଥାନି ତଲ୍ ମଣାତ ଇଟୁର୍; ଇଟ୍ତିସ୍ ହେଦାଂ ତଲ୍ ମଣା ପାଟ୍ଚି ଡୁହିନାଡ୍, ଆରେ ଅଙ୍ଗୁର୍ ରାସ୍ ଆରି ତଲ୍ ମଣା ରିଣ୍ଡାଂ ନସ୍ଟ ଆନିକ୍ । ମାତର୍ ପୁନି ଅଙ୍ଗୁର୍ ରାସ୍ ପୁନି ତଲ୍ ମଣାତ ଇଟ୍ନାକା ମାନାଡ୍ ।"

## ଜମନି ଦିନ୍ ନାଜିଂ ପର୍ସନ୍

*(ମାତିଉ ୧୨:୧-୮; ଲୁକ ୬:୧-୫)*

* **୨:୧୫** ଲେବିର୍ ଇଞ୍ଜ; ନଲେ ତା (ତା, ଜିସୁତି) ଇଞ୍ଜ ।

୨୩ ଦିନେକ୍ ଜିସୁ ଜମ୍‌ନିବାର୍ ନାଜିଂ ଜମିପାଚି ନିପ ହାଲ୍‌ଜି ମାଚାନ୍, ଆରେ ତା ଚେଲାହିର୍, ହାଲୁ ହାଲୁ ତାସ୍‌ନି ଜିକି
ନାଟ୍‌ତେଙ୍ଗ୍ ଲାଗାତାର୍ ।
୨୪ ଇବେଣ୍ଡାଂ ପାରୁସିର୍ ହେୱାନିଂ ଇଚାର୍, "ହୁଡ଼ା, ଜମ୍‌ନିବାର୍ ନାଜିଂ ଇନାକା କିନାକା ବିଦି ହିଲୁଡ଼୍, ଚେଲାର୍
ଇନେକ୍କିଦେଂ ଆନ୍ଦାଂ କିନାରା !"
୨୫ ଜିସୁ ହେୱାରିଂ ଇଚାନ୍, ଦାଉଦ୍ ନାସ୍‌କି ୱେଡ଼ାଙ୍ଗ୍ ଏଚେକାଡ଼୍‌ଦ ହେୱାନ୍ ଆରି ତା ହାଙ୍ଗ୍‌ଦାକାର୍ ନାସ୍‌କି ଆଜି ମାଚାର୍,
ହେ ପାଦ୍‌ନା ହେୱାନ୍ ଇନାକା କିଜି ମାଚାନ୍, ହେଦାଂ ଏପେଙ୍ଗ୍ ଇନାୱାଡ଼ାଂ ପା ପଡ଼ି କିୱାତାର୍ଣ୍ଣା ?
୨୬ ଅବିୟାତର୍ ମୁଡ଼୍ ମାପୁହେବାକିନାକାର୍ ସମୁତ "ହେୱାନ୍ ଇନେସ୍ ଇସ୍ୱର୍‌ତି ଇଞ୍ଜ ହାଲ୍‌ଜି ମାଚାନ୍, ଇମ୍‌ଣି ଦର୍ସନି
ରୁଟି ଇସ୍ୱର୍‌ତିଂ ହେବାକିନି ମୁଣିକା ପିସ୍ତି ଆରି ଇନେର୍ ତିନି ଆଦିକାର୍ ବିଦି ଆକାୟ୍, ହେଦାଂ ତିନ୍‌ଞ୍ଜି ମାଚାର୍, ପାଚେ ଜାର୍
ହାଙ୍ଗ୍‌ଦାକାରିଂ ପା ହିଜି ମାଚାନ୍ ।"
୨୭ ଆରି, ହେୱାନ୍ ହେୱାରିଂ ଇଚାନ୍, ଜମ୍‌ନିବାର୍ ଦିନ୍ ମାନାୟାର୍ କାଜିଂ ଆତାଡ଼୍‌ନ୍ନା, "ମାନାୟାର୍ ଜମ୍‌ନିବାର୍ କାଜିଂ
ଆୱାତାର୍ଣ୍ଣା ।
୨୮ ଲାଗିଂ ମାନାୟ୍ ମାଜି ଜମ୍‌ନିବାର୍ ନାଜିଂ ପା ମାପୁ ଆନାନ୍ ।"

# ୩

## ଜିସୁ ରକାନ୍ କଲା ମାନାୟ୍‌ତିଂ ଉଜ୍ କିତାନ୍
*(ମାତିଉ ୧୨:୯-୧୪; ଲୁକ ୬:୬-୧୧)*

୧ ପାଚେ ହେୱାନ୍ ଆରେ ରଗ କୁଟୁମ୍ ଇଞ୍ଜ ହାଚାନ୍, ହେବେ ରକାନ୍ ମାଚାନ୍, ହେୱାନ୍ତି ର କେଇ ୱାଜ୍‌ଜି ମାଚାଡ଼୍ ।
୨ ଆରେ, ହେୱାନ୍ ତାଙ୍ଗେଙ୍ଗ୍ ଇନେସ୍‌କି ଜମ୍‌ନିବାର୍‌ତ ଉଜ୍ କିନାନ୍, ହେଦାଂ ହୁଡ଼୍‌ନି କାଜିଂ ଇଞ୍ଜି ହେୱାର୍ ହେୱେନିଂ
ହୁଡ଼୍‌ଜି ମାଚାର୍, ଇନେସ୍ ହେୱାର୍ ହେୱାନ୍ ବିରୁଦ୍‌ତ ଦାବା କିନାର୍ ।
୩ ହେବେ ଇନେନ୍ କେଇ ୱାଜ୍‌ଜି ମାଚାଡ଼୍ ହେୱାନିଂ ଜିସୁ ଇଚାନ୍, "ୱା ମାଦି ନିଲା ।"
୪ ପାଚେ, ହେୱାନ୍ ହେୱାରିଂ ଇଚାନ୍, "ଜମ୍‌ନିବାର୍‌ତ ଇନାକା କିନାକା ବିଦି ମାନାଡ଼୍ ? ହାର୍, କିନାକା କି ବାନ୍ୟା କିନାକା
? ଜିବୁନ୍ ରାକ୍ୟା କିନାକା କି ନସ୍ଟ କିନାକା ? ମାତର୍ ହେୱାର୍ ଉତର୍ ହିୱାଦାଂ ଚିମ୍‌ରା ଆଜି ମାଚାର୍ ।"
୫ ହେବେ ହେୱାନ୍ ହେୱାରିଂ ମାନ୍ତ କୁଟ୍ ଲାଗିଂ ଦୁକ୍ ଆଜି ରିସାତାଂ ଚାର୍‌ବେଣ୍‌ତାଂ ହେୱାରିଂ ହୁଡ଼୍‌ଜି ହେ ମାନାୟ୍‌ତିଂ
ଇଚାନ୍, "କେଇ ଲାମାୟ୍ କିୟା ।" ହେୱାନ୍ କେଇ ଲାମାୟ୍ କିତାନ୍ ଆରି ହେଦାଂ ଆରେ ହାରା ଆତାଡ଼୍ ।
୬ ହେବେ ପାରୁସିର୍ ବାର୍ତ ହାଲ୍‌ଜି ହେୱାନିଂ ବୁଡାୟ୍ କିଦେଙ୍ଗ୍ ଇଞ୍ଜି ହେୱାନ୍ ବିରୁଡ଼୍‌ତାଂ ହେରଦିୟାର୍ ରାଜା ଲାହାଙ୍ଗ୍
କୁଟ୍ କିଦେଙ୍ଗ୍ ଲାଗାଆତାର୍ ।

## ହେନି ମାନାୟ୍ ଜିସୁ ପାଚେ ପାଚେ ହାଚାର୍

୭ ଇ ୱାଡ଼ାଂ ଜିସୁ ତା ଚେଲାହିର୍ ଲାହାଙ୍ଗ୍ ବିନେ ଆଜି ଗାଲିଲି ହାମ୍‌ଦୁର୍‌ତ ହାଚାର୍, ପାଚେ ଗାଲିଲିତାଂ ହେନି ମାନାୟାର୍
ତା ପାଚେ ପାଚେ ହାଚାର୍; ଆରେ ଜିହୁଦା ରାଜି,
୮ ଜିରୁସାଲମ୍, ଇଦମ୍, ଜର୍ଦନ୍‌ନି ଆଣ୍ଟି ପାଡ଼୍‌କା, ଆରେ ସୋର ଆରି ସିଦନ୍‌ନି ଚାରବେଣ୍‌ତି ବେସି ମାନାୟାର୍ ହେୱାନ୍ତି
ୱିଜୁ କାମାୟ୍‌ନି ବେରଣ୍ ୱେନ୍‌ଞ୍ଜି ତା ତାକେ ୱାତାର୍ ।
୯ ✡ହେ ପାଦ୍‌ନା ବିଡ଼୍ କାଜିଂ, ମାନାୟାର୍ ଇନେସ୍ ହେୱାନ୍ ଜପି କ୍ଲସ୍‌ପିସ୍ ହାଲୁର୍, ଇଦାଂ କାଜିଂ ହେୱାନ୍ ନିଜ୍ ଚେଲାରିଂ
ତା କାଜିଂ ର ହାରୁ ଡଙ୍ଗା ଲାଗେ ଇଡ଼୍‌ଦେଂ ଇଚାନ୍;
୧୦ ଇନାକିଦେଂକି ହେୱାନ୍ ହେନି ମାନାୟ୍‌ତିଂ ଉଜ୍ କିତିଲେ-ରଗିୟାର୍ ୱିଜାକାର୍ ହେୱାନିଂ ଡୁଦେଂ ଇଞ୍ଜି ହେୱାନ୍ ଜପି
କ୍ଲସ୍ପିସ୍ ମାଚାର୍ ।
୧୧ ଆରେ, ବାନ୍ୟା ଜିବୁନିଙ୍ଗ୍ ଆସ୍ତି ମାନି ଲଗାଙ୍ଗ୍ ହେୱାନିଂ ହୁଡ଼୍‌ଜି ମାଚିକ୍, ହେୱାଙ୍ଗ୍ ହେୱାନ୍ ତାରେନ୍ ଗୁର୍‌ଜି କିକିରାଡିଂ
କିଜି ଇଞ୍ଜି ମାଚିକ୍, "ଏନେଙ୍ଗ୍ ଇସ୍ୱର୍ ମାଜିଡ଼ି ।"
୧୨ ହେବେତାଂ ତାଙ୍ଗେଙ୍ଗ୍ ୱେଚ୍‌ୱି କାଜିଂ ହେୱାନ୍ ହେ ବାନ୍ୟା ପୁଦାକାଂ ବେସି ଡାଟ୍ କିଜି ବଲ୍ ହିତାନ୍ ।

## ଜିସୁ ବାରଜାଣ୍ ଚେଲାରିଂ ବାଚିକିତାନ୍
*(ମାତିଉ ୧୦:୧-୪; ଲୁକ ୬:୧୨-୧୬)*

୧୩ ଜିସୁ ମାଡ଼ି ଜପି ହାଲ୍‌ଜି, ଇମ୍‌ଣାକାରିଂ ମାନ୍ କିତାନ୍, ହେୱାରିଂ ଲାଗେ କୁକ୍‌ତାନ୍ ଆରେ ହେୱାର୍ ତା ଲାଗେ ୱାତାର୍
।
୧୪ ପାଚେ, ହେୱାନ୍ ବାର ଜାଣ୍‌ତିଂ ବାଚିକିତାନ୍, ଇନେସ୍ ହେୱାର୍ ତା ହୁକେ ରଚେ ମାନାର୍ ଆରେ ହେୱାନ୍, "ହେୱାରିଂ
ସୁଣାୟ୍ କିନି କାଜିଂ ପକ୍ୟାତାକାନ୍ ।
୧୫ ଆରି ହେୱାନ୍ ହେୱାରିଂ ପୁଦାଂ ପିହି କିନାକା ଆଦିକାର୍ ହିତାନ୍ ।"

✡ **୩:୯** ମାର୍କ ୪:୧; ଲୁକ ୫:୧-୩.

୧୬ ଜିସୁ ଇ ବାର ଜାଣ୍‌ତିଂ ବାଚିକିତାନ୍ ଇଚିସ୍, ସିମନ୍‌ତିଂ, ହେୱାନ୍ ପିତର୍ ଇଞ୍ଜି, ଆରେ ର ତର୍ ହିତାନ୍ ।
୧୭ ଜେବ୍‌ଦି ମାଜି ଜ଼ାକୁବ୍ ଆରି ତା ଟଣ୍ଡେନ୍ ଜହନ୍, ଇନେରିଂ ହେୱାନ୍ ବିନେରିଗସ୍, ଇଚିସ୍ "ବାଦାଡ଼୍ ଗାର୍ଜାନି ମାଜି" ଇଞ୍ଜି ଆରେ ର ତର୍ ହିତାନ୍;
୧୮ ଆନ୍ଦ୍ରିୟ, ପିଲିପ୍, ବାର୍ତଲମି, ମାତିଉ, ତମା, ଆଲପିତି ମେହି ଜାକୁବ୍, ତଦିୟ, କିଣାନିୟ ସିମନ୍,
୧୯ ପାଚେ ଇସ୍କାରିୟତିୟ ଜିହୁଦା, ଇନେନ୍ ଜିସୁଙ୍ଗ୍ ସାତ୍ରୁ କେଇଦ ଆହି କିତାନ୍ ।

## ଜିସୁ ଆରି ବାଲ୍‌ଜିବୁଲ୍

*(ମାତିଉ ୧୨:୨୨-୩୨; ଲୁକ ୧୧:୧୪-୨୩; ୧୨:୧୦)*

୨୦ ପାଚେ ହେୱାନ୍ ଇଞ୍ଜ ୱାତାନ୍; ଆରେ ରଗ ହେନି ମାନାୟାର୍ ରୁଣ୍ଡା ଆଦେଂ ଲାଗାତାର୍ ଜେ, ହେୱାର୍ ଚିଞ୍ଜେଙ୍ଗ୍ ପା
ଆଡ଼୍‌ୱାତାର୍ ।
୨୧ ଏଚେକାଡ଼୍‌ଦ ଜିସୁ ଲାଡ୍ରା ଇଦାଂ ୱେଚାର୍ ହେୱାଡ଼ାଂ ତାହିୱାଦେଂ ହାଚାର୍, ଇଚିସ୍ ତାଙ୍ଗେଙ୍ଗ୍ "ବାୟା ଆତାନ୍ନା !" ଇଞ୍ଜି
ମାନାୟାର୍ କାତାବାର୍ତା ଆଜି ମାଚାର୍,
୨୨ ✡ଆରେ, ଜିରୁସାଲମ୍‌ତାଂ ୱାଜି ମାନି ଦରମ୍ ଗୁରୁର୍ ଇଚାର୍, "ଇୱାନିଂ ବାଲ୍‌ଜିବୁଲ୍ ଲାଗା ଆତାଡ଼୍‌ନ୍ନା, ଆରେ ମୁଡ଼୍
ପୁଦାଂତାଂ ଗାଜା ସାକ୍ତି ହେୱାନ୍ ପୁଦାଂ ପିହିକିନାନ୍ ।"
୨୩ ଇବେଣ୍ଡାଂ ହେୱାନ୍ ହେୱାରିଂ ଲାଗେ କୁକ୍‌ଚି ଉଡର୍‌ମୁଡ଼୍ କାତା ହେୱାରିଂ ଇଚାନ୍, "ସୟ୍‌ତାନ୍ ଇନେସ୍ କିଜି
ସୟ୍‌ତାନ୍‌ତିଂ ପିହିକିନାଡ଼୍ ?"
୨୪ ଜଦି ଇମ୍‌ଣି ରାଜି ବିନେ ଆଜି ନିଜ୍‌ତି ବିରୁଦ୍‌ତ ନିଙ୍ଗ୍‌ନାଡ଼୍, ହେ ରାଜି ତିର୍ ଆଜି ମାଞ୍ଜେଙ୍ଗ୍ ଆଡୁଡ୍ ।
୨୫ ଆରେ, ଜଦି ଇମ୍‌ଣି ଇଲ୍ ବିନେ ଆଜି ନିଜ୍‌ତି ବିରୁଦ୍‌ତ ନିଙ୍ଗ୍‌ନାଡ଼୍, ବାଟିଙ୍ଗ୍ ହେ ଇଲ୍ ତିର୍ ଆଜି ମାଞ୍ଜେଙ୍ଗ୍ ଆଡୁଡ୍ ।
୨୬ ହେ ଲାକେ, ସୟ୍‌ତାନ୍‌ନି ରାଜି ଜଦି ବିନେ ଆଜି ନିଜ୍ ବିରୁଦ୍‌ତ ନିଙ୍ଗ୍‌ତାତେ, ଲାଗିଂ ହେଦାଂ ତିର୍ ଆଜି ମାଞ୍ଜେଙ୍ଗ୍
ଆଡୁଡ୍, ମାତର୍ ହେଦାଂ ୱିଜୁ ହାକି ଗିଟା ଆତାତେ ।
୨୭ "ମାତର୍ ଇନେର୍ ପର୍ତୁମ୍ ସାକ୍ତି କାଟାକାନିଂ ଗାଚ୍‌ୱିତିସ୍ ହେୱାନ୍ ଇଞ୍ଜ ହଣ୍‌ଜି ହେୱାନ୍ତି ଆଡ୍ ଆତିୟାର୍ କ୍ଟିସ୍ତେଙ୍ଗ୍
ଆଡୁନ୍; ହେୱାନିଂ ଆଗେ ଗାଚ୍‌ଚିସ୍ ହିନା ହେୱାନ୍ ତା ଇଞ୍ଜ ଚର୍ କିନାନ୍ ।"
୨୮ "ଆନ୍ ମିଙ୍ଗେଙ୍ଗ୍ ହାଡ଼୍‌ପା ୱେଚ୍‌ଚାନାଙ୍ଗା, ମାନାୟ୍ ମାଜିର୍ ୱିଜୁ ପାପ୍ ଆରି ହେୱାର୍ ୱିଜୁ କୁଟ୍ କାତା ଇଞ୍ଜି ଇସ୍ୱର୍‌ତିଂ
ନିନ୍ଦା କିତାର୍, ହେ ୱିଜୁ କେମା କିୟାନାଡ଼୍;*
୨୯ ମାତର୍ ଜେ ଇନେର୍ ପୁଇପୁୟା ଜିବୁନ୍‌ତିଂ ବିରୁଡ୍‌ତାଂ ନିନ୍ଦା କାତା ଇନାନ୍, ହେୱାନିଂ ଇମ୍‌ଣି ଜୁଗ୍‌ତପା କେମା ହିଲୁଡ୍,
ମାତର୍ ହେୱାନ୍ ୱିଜ୍‌ୱି ପାପ୍‌ତ ଦସିଆନାନ୍ ।"
୩୦ ଦର୍ମ ସାସ୍ତର୍ "ହେୱାନିଂ ବାନ୍ୟାପୁଦା ଆସ୍ତାଡ଼୍‌ନା, ଇଦାଂ ହେୱାର୍ ଇଚିଲେ ହେୱାନ୍ ଇ କାତା ଇଚାନ୍ ।"

## ଜିସୁ ତେହି ଆରେ ଟଣ୍ଡାହିର୍

*(ମାତିଉ ୧୨:୪୬-୫୦; ଲୁକ ୮:୧୯-୨୧)*

୩୧ ହେପାଦ୍‌ନା ଜିସୁ ତେହି ଆରି ଟଣ୍ଡାହିର୍ ୱାଜି ବାର୍‌ତ ନିଲ୍‌ଚି ହେୱାନିଂ କୁକ୍‌ତେଂ ପକ୍ତାର୍ ।
୩୨ ହେବେ ତା ଚାରିବେଣ୍‌ତାଂ କୁଚ୍‌ଚି ମାଚି ମାନାୟାର୍ ହେୱାନିଂ ଇଚାର୍, "ହୁଡ଼ା, ମିଞ୍ଜିୟା, ଟଣ୍ଡେନ୍ ଆରି ତଣ୍‌ଦେକ୍
ବାର୍‌ତ ମାନ୍‌ଞ୍ଜି ନିଙ୍ଗେଙ୍ଗ୍ ଦାସ୍ତାନାରା ।"
୩୩ ହେୱାନ୍ ହେୱାରିଂ ଉଡର୍ ହିତାନ୍; ମାଞ୍ଜିୟା ଆରେ ଟଣ୍ଡାର୍ ଇନେର୍ ?
୩୪ ଆରି, ହେୱାନ୍ ଚାର୍‌ବେଣ୍‌ତିଂ କୁଚ୍‌ଚି ମାଚି ମାନାୟାରିଂ ହୁଡ଼୍‌ଜି ଇଚାନ୍, "ହୁଡ଼ାଟ୍, ଇୱାର୍ ନା ଆୟା ଆରେ ନା ଟଣ୍ଡାର୍
।
୩୫ ଇନେର୍‌ପା ଇସ୍ୱର୍‌ନି ଇଚାତିଂ ମାନିକିନାର୍, ହେୱାନ୍ ନା ଟଣ୍ଡେନ୍, ତଣ୍‌ଦେଲ୍ ଆରେ ଆୟା ।"

# ୪

## ବିୟାନ୍ ୱିଡ଼୍‌ନି ବିସ୍ରେ କାତା

*(ମାତିଉ ୧୩:୧-୯; ଲୁକ ୮:୪-୮)*

୧ ✡ଜିସୁ ଗାଲିଲି ହାମ୍‌ଦୁର୍ ଗୁଟିତ ଆରେ ରଗ ହିକାୟ୍ ହିଦେଙ୍ଗ୍ ଲାଗାତାନ୍, ଆରେ ହେନି ମାନାୟାର୍ ତା ଲାଗାଂ
ରୁଣ୍ଡାଆତାର୍ ଜେ ହେୱାନ୍ ହାମ୍‌ଦୁର୍‌ତ ମାନି ର ଡଙ୍ଗାତ ହାଲ୍‌ଜି କୁଚ୍‌ଚାନ୍ ଆରି ମାନାୟାର୍ ହାମ୍‌ଦୁର୍ ଲାଗାଂ ର ବୁଇଁତ
ମାଚାର୍ ।
୨ ହେବେଣ୍ଡାଂ ହେୱାନ୍ ଉଡର୍‌ମୁଡ଼୍ ହିଜି ହେୱାରିଂ ବେସି କାତା ବିସ୍ରେ ହିକ୍ୟା ହିଦେଂ ଲାଗାତାନ୍, ପାଚେ ନିଜ୍ ହିକ୍ୟା
ବିସ୍ରେ ହେୱାରିଂ ଇଚାନ୍ ୱେନାଟ୍ ।

✡ **୩:୨୨** ମାତିଉ ୯:୩୪; ୧୦:୨୫. * **୩:୨୮** ହେୱାର୍ ବାନ୍ୟା କାତା ଇଞ୍ଜେଙ୍ଗ୍ ଆଡ଼୍‌ନାର୍; ନଲେ ହେୱାର୍ ଇସ୍ୱର୍ ବିରୁଦ୍‌ତ ବାନ୍ୟା କାତା ଇଞ୍ଜେଙ୍ଗ୍ ଆଡ଼୍‌ନାର୍ ।
✡ **୪:୧** ଲୁକ ୫:୧-୩.

୩ "ହୁଡ଼ାଟ୍, ରୱାନ୍ ୱିଡ଼୍‌ନାକାନ୍ ୱିଦେଂ ହଡ଼୍‌ତାନ୍ ।
୪ ହେୱାନ୍ ୱିତୁ ୱିତୁ କେତେକ୍ ବିୟାନ୍ ହାଜି କଚଣ୍ଡ ଆର୍‌ନାଡ଼୍, ପାଚେ ପଟିଂ ୱାଜି ହେଦାଂ ତିନିକ୍ ।
୫ ଆରେ କେତେକ୍ ଅଲପ୍ ଚିକ୍‌ଲା ମାନି କାଲ୍‌କୁ କୁଡ଼ିତ ଆର୍‌ନାଡ଼୍ ଆରି ବେସି ଚିକ୍‌ଲା ହିଲ୍‌ୱି କାଜିଂ ହାଣ୍ଡେଲ୍
ନେସ୍‌ନାଡ଼୍ ।
୬ ମାତର୍ ୱେଡ଼ା ହଡ଼୍‌ତିସ୍ ମୁରଜା ଆନାଡ଼୍ ଆରେ ଚିରା ହାର୍ କିଜି ହାଲ୍‌ୱିତି କାଜିଂ ୱାଜ୍‌ଜି ହାଚାଡ଼୍ ।
୭ ଆରେ କେତେକ୍ ୱାଡ଼ି କୁଡ଼ିକାଙ୍ଗ୍ ଆର୍‌ନାଡ଼୍, ଆରେ ୱାଡ଼ିକୁଡ଼ି ନିଙ୍ଗ୍‌ଜି ଗାଜା ଆଜି, ହେୱାକାଂ ଡାବାୟ୍ କିନିକ୍ ଆରି
ଇନାକାପା ପାଡ଼୍ ୱାଉଡ଼୍ ।
୮ ପାଚେ, ହାର୍‌ଦି ମେଦ୍‌ନିତ ଆର୍‌ନାଡ଼୍, ଆରି ନେସ୍‌ଦି ପାନ୍‌ଚି ନିଙ୍ଗ୍‌ଜି ରିକଡ଼ି ଦସ୍ ଗାଡ଼୍‌ହା, ତିନ୍‌କଡ଼ି ଗାଡ଼୍‌ହା ଆରେ
ପାଞ୍ଚ୍‌କଡ଼ି ଗାଡ଼୍‌ହା ପାତେକ୍ ପାଡ଼୍ ଆସ୍ତାଡ଼୍ ।"
୯ ପାଚେ ହେୱାନ୍ ଇଚାନ୍, "ଇନେରିଂ ୱେଞ୍ଜେଙ୍ଗ୍ କିତୁଲ୍ ମାନାଡ଼୍, ହେୱାନ୍ ୱେନେନ୍ ।"

## ଜିସୁ କାତା ୱେଚ୍‌ଚି ବୁଜାୟ୍ କିତାନ୍
*(ମାତିଉ ୧୩:୧୦-୧୭; ଲୁକ ୮:୯-୧୦)*

୧୦ ହେୱାନ୍ ରକାନ୍ ମାନିୱେଡ଼ାଲିଂ ତା ହାଙ୍ଗ୍‌ଦାକାର୍ ବାରଜାଣ୍ ଚେଲାର୍ ଲାହାଙ୍ଗ୍ ହେୱାନିଂ ହେ ଉତର୍‌ମୁଡ଼୍‌କୁ ବିସ୍ରେ
ୱେନ୍‌ବେଦେଂ ଲାଗାତାର୍ ।
୧୧ "ହେବେଣ୍ଡାଂ ହେୱାନ୍ ହେୱାରିଂ ଇଚାନ୍," ଇସ୍ୱର୍‌ତି ରାଜିନି ଡ଼କ୍କୁତି କାତା, ପୁଞ୍ଜେଙ୍ଗ୍ କାଜିଂ ମିଙ୍ଗେଙ୍ଗ୍ ସାକ୍ତି ହିଦ୍‌ୟା
ଆତାଡ଼୍‌ନ୍ନା, "ମାତର୍ ହେ ବାର୍‌ତି ମାନାୟାରିଂ ସବୁ ବିସ୍ରେ ଉତର୍‌ମୁଡ଼୍ ଇନ୍ୟାନାତା,
୧୨ ଇନେସ୍
ହେୱାର୍ ହୁଡ଼୍‌ଜି ହୁଡ଼୍‌ଜି ବୁଜାଆଦେଂ ଆଡୁର୍,
ଆରି ୱେନୁ ୱେନୁ ପୁଞ୍ଜେଙ୍ଗ୍ ଆଡୁର୍,
କାତେହିନା ହେୱାର୍ ଇସ୍ୱର୍‌ତାକେ ୱାନାର୍
ଆରି କେମା ପାୟା ଆନାର୍ ।"

## ଜିସୁ ବିୟାନ୍ ୱିଡ଼୍‌ନି କାତା ୱେଚ୍‌ଚାନ୍
*(ମାତିଉ ୧୩:୧୮-୨୩; ଲୁକ ୮:୧୧-୧୫)*

୧୩ ହେୱାନ୍ ଆରେ ହେୱାରିଂ ଇଚାନ୍, "ଏପେଙ୍ଗ୍ ଇ କାତା ବୁଜା ଆଉଦେରା କି ? ଲାଗିଂ ଇନେସ୍ ବିନେନି ୱିଜୁ
ଉତର୍‌ମୁଡ଼୍ ବୁଜା ଆଦେଂ ଆଡ଼୍‌ନାଦେର୍ ?
୧୪ ୱିଡ଼୍‌ନାକାନ୍ ଇସ୍ୱର୍‌ତି ବେରଣ୍ ୱିଡ଼୍‌ନାନ୍ ।
୧୫ ଇନେର୍ ୱେନାର୍, ଆରେ ୱେଚ୍‌ଚି ଦାପ୍ରେ ସୟ୍‌ତାନ୍ ୱାଜି ହେୱାର୍ ତାକେ ୱିଡ଼୍‌ତାକା ବେରଣ୍ କିସ୍ତି ଅନାଡ଼୍ । ହେୱାର୍
ବେରଣ୍ ୱିତ୍ୟାଆତି ହାଜିନି ମେଦ୍‌ନି ଲାକେ ।
୧୬ ହେ ଲାକେ, ଇନେର୍ ଆଏଡ଼୍ ବେରଣ୍ ୱେଚ୍‌ଚି ଦାପ୍ରେ ୱାର୍‌ୟା ଆଜି ହେଦାଂ ମାନି କିତାର୍,
୧୭ ମାତର୍ ହେୱାର୍ ତାକେ ଚିରାବିଡ୍ରେ ହାଲ୍‌ୱି କାଜିଂ ଅଲପ୍ ଦିନ୍ ତିର୍ ମାନ୍‌ଗାନାର୍, ପାଚେ ବେରଣ୍ କାଜିଂ ଦୁକ୍ କି
ନିନ୍ଦା ୱାତିସ୍ ହେ ଦାପ୍ରେ ବାଦାପାୟା ଆନାର୍, ହେୱାର୍ ୱିତିୟାତି କାଲ୍‌କୁଡ଼ିନି ମେଦ୍‌ନି ଲାକେ ।
୧୮ ୱାଡ଼ି କୁଡ଼ିତ ଆର୍‌ତି ବିୟାନ୍ ଲାକେ ହେ ନେକ୍ରିକାବୁର୍ ଆରେ କେତେଜାଣ୍ ୱେନାର୍,
୧୯ ମାତର୍ ସଁସାର୍‌ନି ଚିନ୍ତା, ଦାନ୍ ଲବ୍‌ରା ଆରି ବାରବିନି ଲାବ୍‌ଡ଼ି ହେୱାର୍ ମାନ୍‌ତିଂ ଗୁରାୟ୍ କିନି କାଜିଂ ହେ କାତା ପାଡ଼୍
ପାୟା ଆଉଡ଼୍ ।
୨୦ ଆରେ, ଇନେର୍ ବେରଣ୍ ୱେନ୍‌ଞ୍ଜି ହେଦାଂ ମାନିକିନାର୍ ଆରି ରିକଡ଼ିଦସ୍ ଗାଡ଼୍‌ହା, ତିନିକଡ଼ି ଗାଡ଼୍‌ହା, ଆରେ ପାଞ୍ଚ୍‌କଡ଼ି
ଗାଡ଼୍‌ହା ପାଡ଼୍ ୱାନାଡ଼୍, ହେୱାର୍ ୱିତିୟା ଆଜି ମାଚି ହାର୍ଦି ମେଦ୍‌ନି ଲାକେ ।"

## ମାଣ୍ ତାରେନ୍ ବଇଟା
*(ଲୁକ ୮:୧୬-୧୮)*

୨୧ ଆରେ ରଗ ହେୱାନ୍ ହେୱାରିଂ ଇଚାନ୍, "ଇନେର୍ ଇନାୱାଡ଼ାଂ ବଇଟା ଆହି କିଜି ମାଣ୍ ତାରେନ୍ କି କାଟେଲ୍ ତାରେନ୍
ଇନାକା ଇଟ୍ୟା ଆନାଡ଼୍ ? ବଇଟା ଇଟ୍‌ନି ବାହା ଜପି ଇଟ୍‌ଦେଂ ଇଞ୍ଜି ତାହି ୱାୱାକା ?
୨୨ ✡ଇନାକିଦେଂକି ଚଞ୍ଜ୍‌ୟା ଆୱାକା ଇନାକା ଆକାୟ୍, ଆରେ ଜଦି ଡ଼କ୍କୁତାଡ଼୍‌ନ୍ନା, ହେଦାଂ ବାର୍ତ ହଡ଼୍‌ତେଂ ଡ଼କ୍କୁତାଡ଼୍‌ନ୍ନା ।
୨୩ ଜଦି ଇନେରିଂ ୱେଞ୍ଜେଙ୍ଗ୍ କିତୁଲ୍ ମାନାଡ଼୍, ହେୱେନ୍ ୱେନେନ୍ !"
୨୪ ହେୱାନ୍ ପାଚେ ହେୱାରିଂ ଇଚାନ୍, "ଇନାକା ୱେନାଦେରା, ହେ ବିସ୍ରେ ଜାଗ୍ରତ୍ । ଇମ୍‌ଣି ମାଣ୍‌ତାଂ ଲାଚ୍‌ନାସ୍, ହେ
ମାଣ୍‌ତାଂ ମିଙ୍ଗେଙ୍ଗ୍ ଲାଜ୍‌ଜି ହିଦ୍‌ନାଡ଼୍, ଆରି ମିଙ୍ଗେଙ୍ଗ୍ ଆଦିକ୍ ହିଦ୍ୟା ଆନାଡ଼୍ ।
୨୫ ଇନାକିଦେଂକି ଇନେରିଂ ମାନାଡ଼୍, ତାଙ୍ଗ୍ ହିୟାଆନାଡ଼୍; ଆରି ଇନେରିଂ ହିଲୁଡ଼୍, ତା ତାକେ ଇନାକା ମାନାଡ଼୍, ହେଦାଂ
ଇସ୍ୱର୍ ତାକେଣ୍ଡାଂ ଅନାନ୍ ।"

---
✡ **୪:୨୨** ମାତିଉ ୧୦:୨୬; ଲୁକ ୧୨:୨.

## ଗାଜାଆନି ବିୟାନ୍‌ନି କାତା

୨୬ ଆରେ ରଗ ହେୱାନ୍ ଇଚାନ୍, ଇସ୍ୱର୍‌ତି ରାଜି ଇ ଲାକେ, ରୱାନ୍ ଜାର୍ ମେଦ୍‌ନିତ ବିୟାନ୍ ୱିଡ଼୍‌ନାନ୍ ।
୨୭ ପାଚେ, ରୱାନ ମାନାୟ୍ ନାଣା ହୁନ୍‌ଞ୍ଜ୍‌ନାନ୍ ଆରି ଅଜଡ଼୍‌ଆତିସ୍ ଜାଗ୍ରତ୍ ଆନାନ୍, ଆରି ବିୟାନ୍ ଇନେସ୍ କିଜି ନେସ୍‌ଇ
ପାନ୍ତାତ୍, ହେଦାଂ ହେୱାନ୍ ପୁନୁନ୍ ।
୨୮ ମେଦ୍‌ନି ନିଜେ ପାଡ଼୍‌ଆହିକିନାତ୍, ପର୍ଥୁମ୍ ଆକି, ପାଚେ କେନ୍ଦା, ତା ପାଚେ ଜିକିତ ଗଁମ୍ ବାତର୍ ।
୨୯ ମାତର୍ ତାସ୍ ହେନ୍‌ତାତେ ତାସ୍ ସମୁ ୱାତିସ୍ ହେୱାନ୍ କୱେସ୍ ଲାହାଙ୍ଗ୍ ତ୍ରେସ୍‌ନାନ୍ ।

## ହାର୍‌ହୁ ବିୟାନ୍ ନି ଉତର୍‌ମୁଡ଼୍

*(ମାତିଉ ୧୩:୩୧-୩୨,୩୪; ଲୁକ ୧୩:୧୮-୧୯)*

୩୦ ଜିସୁ ଆରେ ଇଚାନ୍, "ଆସେଙ୍ଗ୍ ଇନେର୍ ଲାହାଙ୍ଗ୍ ଇସ୍ୱର୍ ରାଜିତିଂ ଡାଡ଼ାୟ୍ କିନାସ୍ ? କି ଆରେ ଇମ୍‌ଣି ଉତର୍‌ମୁଡ଼୍‌ତ
ହେଦାଂ ବୁଜାୟ୍ କିନାସ୍ ?
୩୧ ହେଦାଂ ରଞ୍ଜାଙ୍ଗ୍ ହାର୍‌ହୁ ମାଞ୍ଜି ଲାକେ; ମେଦ୍‌ନିତ ୱିତିନି ୱାଡ଼ାଙ୍ଗ୍ ହେଦାଂ ପୁତର୍‌ତ ସବୁ ପାଡ଼୍‌ତାଂ ହାରୁ ।
୩୨ ମାତର୍ ୱିତିସ୍ ହେଦାଂ ପାନ୍‌ଚି ସବୁ କୁଚାତାଂ ଗାଜା ଆନାତ୍, ପାଚେ ଡାଡ଼୍‌ଏଲେଙ୍ଗ୍ ଆଜି ଗାଜା ଗାଜା ଆନିଂ ଜେ,
ଆକାସ୍‌ନି ପଟିଂ ହେ ହିଡ଼୍‌ଡ଼ିତ ବାହା କିଦେଙ୍ଗ୍ ଆଡ଼୍‌ନିକ୍ ।"
୩୩ ହେୱାନ୍ ଇ ଲାକେ ବେସି ଉତର୍‌ମୁଡ଼୍ ହୁଦାଂ ହେୱାରିଂ ୱେନ୍‌ଞ୍ଜେଙ୍ଗ୍ ବୁଜାଆନି ସାକ୍ତି ସମାନ୍ ହେୱେର୍ ଲାଗେ
ବେରଣ୍ ପର୍‌ଚାର୍ କିଜି ମାଚାନ୍,
୩୪ ଆରେ ଉତର୍‌ମୁଡ଼୍ ୱେଚ୍‌ୱାଦାଂ ହେୱାନ୍ ହେୱାର୍ ତାକେ ଇମ୍‌ଣି ବେରଣ୍‌ପା ଇନ୍‌ୱାଦାଂ ମାଚାନ୍ । ମାତର୍ ହେୱାନ୍
ବିନେନିକାର୍ ହିଲ୍‌ୱି ୱେଡ଼ାଲିଂ କାତା ତାଙ୍ଗ୍ ହେ ଚେଲାରିଂ ସବୁ ବିସ୍ରେ ବୁଜାୟ୍ କିଜି ମାଚାନ୍ ।

## ଜିସୁ ଗାଜା ଦୁକାତିଙ୍ଗ୍ ତିର୍ କିନାକା

*(ମାତିଉ ୮:୨୩-୨୭; ଲୁକ ୮:୨୨-୨୫)*

୩୫ ହେଦାଂ କାଜିଂ ମ୍ଟିକାହାରେସ୍ ଆତିଲେ ଜିସୁ ହେୱାରିଂ ଇଚାନ୍, "ୱାତୁ, ହାମ୍‌ଦୁର୍ ଆନ୍‌ଟି ପାଡ଼୍‌କା ହାନାସ୍ ।"
୩୬ ହେବେତାଂ ହେୱାର୍ ମାନାୟାରିଂ ପିସ୍ତି, ଜିସୁ ଇମ୍‌ଣି ଡଙ୍ଗାତ ମାଚାନ୍, ହେ ଲାକେ ହେୱାନ୍ ଡଙ୍ଗା ଲାହାଙ୍ଗ୍ ଅଜି
ହାଚାର୍, ପାଚେ ବିନ୍ ବିନ୍ ଡଙ୍ଗାଙ୍ଗ୍‌ପା ହେୱାନ୍ ହୁକେ ମାଚିକ୍ ।
୩୭ ଆରି, ତ୍ରିପ୍‌କୁ ହୁଜାୱାଣି ଆତାତ୍, ପାଚେ ଲଡ଼ି ପଡ଼୍‌ନି କାଜିଂ ଡଙ୍ଗାତ ଏଜୁଂ ବାତର୍ ଆଦେଂ ଲାଗିତିକ୍ ।
୩୮ ହେ ଏଚେକାଡ଼୍‌ଦ ହେୱାନ୍ ଡଙ୍ଗାନି ପାଚ୍‌ବାଗାଂ ଆକ୍‌ସା କାପ୍‌ଡ଼ା ପାଟାତ ଡୁପ୍‌ଚି ହୁନ୍‌ଜି ମାଚାନ୍; ଆରେ ହେୱାର୍
ହେୱାନିଂ ନିକ୍‌ଚି ଇଚାର୍, "ଏ ଗୁରୁ, ଆପେଂ ହାତାପ୍, ନିଙ୍ଗ୍ ଇନାକା ଚିନ୍ତା ହିଲୁତ୍ ?"
୩୯ ଇବେଣ୍ତାଂ ହେୱାନ୍ ନିଙ୍ଗ୍‌ଜି ଦୁକାତିଙ୍ଗ୍ ଦାକା ହିଜି ଲଡ଼ିତିଂ ଇଚାନ୍, "ସ୍ଥକ୍ ଇନା, ଚିମ୍‌ରା !" ହେବେଣ୍ତାଂ ଦୁକା ମଦା
ଆତାତ୍ ଆରେ ସବୁ ତିର୍ ଆତାତ୍ ।
୪୦ ଆରେ, ହେୱାନ୍ ହେୱାରିଂ ଇଚାନ୍, ଏପେଙ୍ଗ୍ "ଇନେକିଦେଂ ଏଚେକ୍ ଡ୍ରିକୁଣା କାଦେର୍ ? ଇଦାଂ ! ଇନାକା ମିଙ୍ଗେଙ୍ଗ୍
ପାତର୍ ହିଲୁତ୍ ?"
୪୧ ହେବେ ହେୱାର୍ ବେସି ପାଣ୍ଡ୍ରା ଆଜି ହେୱେର୍ ହେୱାର୍ ୱେଚ୍‌ପା ଆଦେଂ ଲାଗାତାର୍, "ଇୱାନ୍ ଜେ ଇନେନ୍ ? ଦୁକା
ଆରେ ହାମ୍‌ଦୁର୍ ରିଣ୍ତାଂପା ଇୱାନ୍ ବଲ୍ ମାନି କିନିକା !"

# ୫

## ଜିସୁ ରୱାନ୍ ପୁଦା ଡୁୟାଆତା କାନିଂ ଉଜ୍ କିତାନ୍

*(ମାତିଉ ୮:୨୮-୩୪; ଲୁକ ୮:୨୬-୩୯)*

୧ ପାଚେ ଜିସୁ ଚେଲାହିର୍ ଗାଲିଲି ହାମ୍‌ଦୁର୍ ଆନ୍‌ଟି ପାଡ଼ାକା ଗରାସିୟର୍ ମାନି ନାସ୍ତ ଏକାତାର୍ ।
୨ ଜିସୁ ଡଙ୍ଗାତାଂ ଜୁଡି ଦାପ୍ରେ ର ବାନ୍ୟା ଜିବୁନ୍ ଆତାକାନ୍ ଦୁଗେର୍ ତାଙ୍ଗ୍ ହଡ଼୍‌ତାନ୍ ଆରେ ହେୱାନିଂ ଗିଟା ଆତାନ୍ ।
୩ ହେୱାନ୍ ଦୁଗେର୍‌ତ ବାହା କିଜି ମାଚାନ୍, ହେୱାନିଂ ଆରେ ଇନେର୍ ହିକ୍‌ଡ଼ିଂ ଗାଚ୍‌ଚେଙ୍ଗ୍ ଆଡ଼୍‌ୱାଦାଂ ମାଚାର୍,
୪ ହେୱାନ୍ ବେସିହଟ୍ ହିକ୍‌ଡ଼ିଂ ଆରେ କାଗଡ଼ା ଗାଚ୍‌ପିସ୍ ମାଚାର୍, ହେୱାନ୍ ହିକ୍‌ଡ଼ିଂ ନାଟ୍‌ଚି ଗନ୍ଦା ଗନ୍ଦା କିଜି ଡ୍ରିପ୍‌କିସ୍
ମାଚାନ୍, ଆରେ ହେୱାନିଂ ଇନେର୍ ଗାଚ୍‌ଚେଙ୍ଗ୍ ସାକ୍ତି ହିଲ୍‌ୱାତାତ୍
୫ ହେୱାନ୍ ନାଣା ୱେଡ଼ା ସବୁ ୱେଡ଼ାଙ୍ଗ୍ ଦୁଗେର୍ ତାକେ ଆରେ ମାଡ଼ିଜପି ମାନ୍‌ଞ୍ଜି କିର୍‌ଡ଼ିପାଡ଼ି କିଜି ମାଚାନ୍, ପାଚେ
କାଲ୍‌ହୁକେ ଜାର୍ ଗାଗାଡ଼୍‌ତିଂ ଗାୱାଦାୱ୍ କିଜି ମାଚାନ୍ ।
୬ ହେୱାନ୍ ଜିସୁଙ୍ଗ୍ ଦେହାତାଂ ହୁଡ଼୍‌ଜି ହନ୍‌ଚି ୱାଜି ତାଙ୍ଗେଙ୍ଗ୍ ଜୱାର୍ କିତାନ୍,
୭ ଆରେ ଗାଜା କାଟ୍‌ତାଂ କିକିରାଡିଂ ଆଜି ଇଚାନ୍, "ଏ ସତ୍‌ତି ଗାଜା ଇସ୍ୱର୍ ମେହି ଜିସୁ ! ନି ହୁଦାଂ ନାଦି ଇନାକା ମାନାତ୍
? ନିଙ୍ଗେଙ୍ଗ୍ ଇସ୍ୱର୍ ତର୍‌ଦାଂ ରାଣ୍ ହିଦ୍‌ନାଙ୍ଗା, ନାଙ୍ଗେଙ୍ଗ୍ କସ୍ଟ ହିଦ୍‌ମା !"

୮ ଲାଗିଂ ଜିସୁ ହେୱାନିଂ ଇଞ୍ଜେଙ୍ଗ୍ ହାଲ୍ଜି ମାଚାନ୍, “ଆଡ଼େ ବାନ୍ୟା ପୁଦା, ଇ ମାନାୟ୍ ତାକେଣ୍ଡ୍ରାଂ ହସି ହାଲା !”
୯ ଆରେ, ଜିସୁ ହେୱାନିଂ ୱେନ୍ବାତାନ୍, “ନି ତର୍ ଇନା ତର୍ ? ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, ନା ତର୍ ‘ବାହିନି’ ଲାଗିଂ
ଆପେଂ ହେନି !”
୧୦ ପାଚେ, ହେୱାନ୍ ହେଦାଂ କାଜିଂ ହେୱାରିଂ ହେ ବାର୍ତ ଅଲ୍ଗା ନାସ୍ ପକ୍ୱାଦାଂ ମାଚାନ୍, ହେଦାଂ କାଜିଂ ହେୱାନ୍
ତାଙ୍ଗେଙ୍ଗ୍ ବେସି ଗୱାରି କିତାନ୍ ।
୧୧ ହେବେ ମାଡ଼ି କନାତ ପାଞ୍ଜିଙ୍ଗ୍ ର ମାନ୍ଦା ହାରା ଆଜି ମାଚିକ୍ ।
୧୨ ଆରେ, ହେୱାଙ୍ଗ୍ ଜିସୁଙ୍ଗ୍ ଗୱାରି କିଜି ଇଚିକ୍, “ହେ ପାଞ୍ଜିଙ୍ଗ୍ ବିତ୍ରେ ହଣିକାଜିଙ୍ଗ୍ ମାଙ୍ଗେଙ୍ଗ୍ ତା ତାକେ ପକ୍ତା ।”
୧୩ ହେୱାନ୍ ହେୱାରିଂ ହେଲ ହିତିଲେ, ବାନ୍ୟା ଜିବୁନିଙ୍ଗ୍ ହସି ପାଞ୍ଜିଙ୍ଗ୍ ବିତ୍ରେ ହଟିକ୍; ହେବେ ହେବେଣ୍ଡ୍ରାଂ ହେ ମାନ୍ଦା
ବେସି ତାନ୍ଦ୍ରାତାଙ୍ଗ୍ ହନ୍ଚିହାଲ୍ଜି ହାମ୍ଦୁର୍ ଗୁଟିତାଂ ଆଜର୍ ମୁନ୍ଞ୍ଜି ହାତିଙ୍ଗ୍ । ୱିଜୁ ପାଞ୍ଜିଙ୍ଗ୍ ଆନ୍ମାନ୍ତାଂ ରି ହାଜାର୍
ମାଚିକ୍ ।
୧୪ ହେୱାକାଂ ହାରାଇ କିଜି ମାଚି ମାନାୟ୍ ହଞ୍ଚି ହାଲ୍ଜି ଗାଡ଼୍ଦ ଆରେ ନାସ୍କୁକାଂ ୱେଚ୍ଚାର୍; ହେବେ ଲକୁ ଇନାକା
ଗିଟା ଆତାଡ୍ନା ଇଞ୍ଜି ହୁଡ଼ଗ୍ଗା ୱାତାର୍ ।
୧୫ ଆରେ, ହେୱାର୍ ଜିସୁ ତାକେ ୱାଜି ହେ ପୁଦା ଡୁୟାଆତାକାନ୍, ଇଚିସ୍, ଇନେରିଂ ହିଗ୍ଦ ବାହିନି ପୁଦା ଡୁଜି ମାଚାତ୍,
ହେୱାନ୍ ହେନ୍ଦ୍ରା ଉସ୍ସିସ୍ ହାଦର୍ ମାନ୍ତ କୁଚ୍ଚି ମାନାକା ହୁଡ଼୍ଜି ପାଣ୍ଡ୍ରା ଆତାର୍ ।
୧୬ ଆରେ, ଇନେର୍ ହୁଡ଼୍ଜି ମାଚାର୍, ହେୱାର୍ ହେ ପୁଦା ଆହ୍ୟା ଆତାକାନ୍ କାଜିଂ ଇନାକା ଗିଟା ଆଜି ମାଚାତ୍, ହେଦାଂ
ଆରି ପାଞ୍ଜିଙ୍ଗ୍ ବିସ୍ରେ ହେୱାର୍ ତାକେ ହାଲ୍ଜି ବେରଣ୍ ୱେଚ୍ଚେଙ୍ଗ୍ ଲାଗାତାର୍ ।
୧୭ ହେବେଣ୍ଡ୍ରାଂ ହେୱେର୍ ହେୱାର୍ ହାନ୍ଦିତାଂ ହାଞ୍ଜେଙ୍ଗ୍ ଜିସୁଙ୍ଗ୍ ଗୱାରି କିଦେଙ୍ଗ୍ ଲାଗାତାର୍ ।
୧୮ ପାଚେ ହେୱାନ୍ ଡଙ୍ଗାତ ଦୁମ୍ନି ୱେଡ଼ାଲିଂ, ଇମ୍ଣି ମାନାୟ୍ତିଂ ଆଗେ ପୁଦା ଆସ୍ତି ମାଚାତ୍, “ଜିସୁ ତା ଲାହାଂ ମାନି
କାଜିଂ ଚାନେକ୍ ଚାନେକ୍ ଗୱାରି କିତାନ୍ !”
୧୯ ମାତର୍ ଜିସୁ ହେଲ ହିୱାଦାଂ ତାଙ୍ଗେଙ୍ଗ୍ ଇଚାନ୍, “ମି ଇଞ୍ଜ, ମି ୱାସ୍କିନିକାର୍ ତାକେ ହାଲା, ପାଚେ ମାପ୍ରୁ ନି କାଜିଂ ଇନା
ଇନାକା କାମାୟ୍ କିତାଡ୍ନା ଆରି ନି କାଜିଂ ଇମ୍ଣି ଦୟା ଚଚାତାଡ୍ନା, ହେ ସବୁ ହେୱାରିଂ ୱେଚା ।”
୨୦ ତା ପାଚେ ହେୱାନ୍ ହାଲ୍ଜି, ଜିସୁ ହେୱାନ୍ କାଜିଂ ଇମ୍ଣି ଇମ୍ଣି କାମାୟ୍ କିଜି ମାଚାନ୍, ହେ କାମାୟ୍ ଦେକାପଲି,
ଇଚିସ୍ ଦସ୍ଗଟା ଗାଡ଼୍ତ ସୁଣାୟ୍ କିଦେଙ୍ଗ୍ ଲାଗାତାନ୍, ହେବେ ୱିଜାକାର୍ ୱେନ୍ଞ୍ଜି କାବା ଆତାର୍ ।

### ଜିସୁ ହାତି ଗାଡ଼୍ଚେଂ ଜିପ୍ତାନ୍, ଆରେ ର କଗ୍ଲେଂ ଉଜ୍ କିତାନ୍
### (ମାତିଉ ୯:୧୮-୨୬; ଲୁକ ୮:୪୦-୫୬)

୨୧ ଜିସୁ ଡଙ୍ଗାତାଂ ନାସି ଆରେ ରଗ ଉଲ୍ଟି ୱାତାନ୍, ତା ପାଚେ ହାମ୍ଦୁର୍ ଗୁଟିତ ମାନି ସମୁତ ବେସି ହେନି ଲକୁ ତା
ଲାଗେ ରୁଣ୍ଡ୍ରା ଆତାର୍ ।
୨୨ ହେ ପାଦ୍ନା ନାଟି କୁଟୁମ୍ ଇଲ୍ ମୁଣିକା ବିତ୍ରେ ଜାଇରସ୍ ତର୍ଦାକାନ୍ ରକାନ୍ ୱାଜି ହେୱାନିଂ ହୁଡ଼୍ଜି କାଲ୍କୁ ତାରେନ୍
ଡାଣ୍ଡ୍ରାହାଣ୍ ମାକ୍ତାନ୍,
୨୩ “ଆରେ ବେସି ଗୱାରି କିଜି ଇଚାନ୍, ନା ଗାଡ଼୍ ହାତିଲାକେ, ହେଦେଲ୍ ଇନେସ୍ ରାକ୍ୟା ପାୟାଜି ଜିନାତ୍, ହେଦାଂ
କାଜିଂ ଏନେଙ୍ଗ୍ ୱାଜି ତାଙ୍ଗେଙ୍ଗ୍ କେଇ ଡୁୱା ।”
୨୪ ଇବେଣ୍ଡ୍ରାଂ ହେୱାନ୍ ତା ହୁଦାଂ ହାଚାନ୍, ଆରି ବେସିହେନି ମାନାୟ୍ ହେୱାନ୍ ପାଚେ ପାଚେ ହାଞ୍ଜେଙ୍ଗ୍ ଲାଗାତାର୍,
ଆରେ ହେୱାର୍ ତା ଜପି କୁସ୍ପିସ୍ ମାଚାର୍ ।
୨୫ ହେ ପାଦ୍ନା ବାର ବାର୍ହୁ ପାତେକ୍ ଗାଗାଡ଼୍ ନାଡ଼୍ୱି ରଗ୍ନି ର କଗ୍ଲେ,
୨୬ ଇନେସ୍କି ବେସି ଡାକ୍ତର୍ ତାଂ ବେସି ଦୁକ୍ପାୟା ଆଜି ଦାନ୍ ୱିସ୍ତିଲେପା ଅଲପ୍ ପା ହାରା ଆୱାଦାଂ ତାଦେଲ୍ ଆଦିକ୍
ବେମାର୍ ଆଜି ମାଚାତ୍ ।
୨୭ ହେଦେଲ୍ ଜିସୁ ବେରଣ୍ ୱେନ୍ଞ୍ଜି ମାନାୟ୍ ବିତ୍ରେ ପାଚ୍ ବାଗାଙ୍ଗ୍ ୱାଜି ହେୱାନ୍ ହେନ୍ଦ୍ରାନି ଚେଲିଂ ଡୁତାତ୍,
ଇନାକିଦେଂକି ହେଦେଲ୍ ଇଞ୍ଜି ମାଚାତ୍,
୨୮ “ମାତର୍ଜେ ହେ ହେନ୍ଦ୍ରା ଡ଼ୁଡ୍ଗାଂଚି ଆନ୍ ଉଜ୍ ଆନାଙ୍ଗ୍ ।”
୨୯ ହେ ଦାପ୍ରେ ତା ନେତେର୍ ହନାକା ଟେବା ଆତାତ୍, ଆରେ ହେଦେଲ୍ ଜେ ରଗ୍ତାଂ ଉଜ୍ ଆତାଡ୍ନା, ଇଦାଂ ହେଦେଲ୍
ତା ଗାଗାଡ଼୍ତ ପୁଚାତ୍ ।
୩୦ ହେ ଦାପ୍ରେ ଜିସୁ ତାଙ୍ଗ୍ ସାକ୍ତି ହଜି ହାନାକା ମାନ୍ତ ପୁଞ୍ଜି, ମାନାୟ୍ ବିତ୍ରେ ଜେଣ୍ପାଡ଼୍କା ମାସ୍ଦି ଇଚାନ୍, “ଇନେର୍ ନା
ହେନ୍ଦ୍ରା ଡୁଡ୍ତାର୍ ?”
୩୧ ତା ଚେଲାହିର୍ ହେୱାନିଂ ଇଚାର୍, “ଏନେଙ୍ଗ୍ତ ହୁଡୁନାୟା, ମାନାୟାର୍ ନି ଜପି କୁସ୍ପା ଆଦ୍ନାରା, ଆରି ଏନ୍ ଇନାୟା,
ଇନେର୍ ନାଙ୍ଗ୍ ଡୁଡ୍ତାର୍ ?”
୩୨ ମାତର୍ ଜେ ଇଦାଂ କିଜି ମାଚାତ୍, ହେଦାଂ ହୁଡ଼୍ଦେଂ ହେୱାନ୍ ଚାରିବେଣ୍ତାଂ କାଣ୍କୁ କିଦେଙ୍ଗ୍ ଲାଗାତାନ୍ ।

୩୩ ହେବେଣ୍ଡାଂ ହେ କଗ୍‌ଲେ ତାଙ୍ଗେଙ୍ଗ୍ ସବୁ ଗିଟା ଆତାକା, ଆରେ ହେଦାଂ ପୁଞ୍ଜି ପାଣ୍ଡ୍ରୁଟିଂ ଡ୍ରିଗ୍‌ଜି ଡ୍ରିଗ୍‌ଜି ୱାଜି ହେୱାନିଂ
ଡାଣ୍ଡାହାଡ୍ ମାଗ୍‌ଜି ୱିଜୁ ହାଡ୍‌ପା କାଡା ହେୱାନିଂ ୱେଚ୍‌ଚାତ୍ ।
୩୪ ତା ପାଚେ ଜିସୁ ହେଦେଲିଂ ଇଚାନ୍, "ଏ କଇ, ନି ପାତର୍ଟାଂ ନିଙ୍ଗେଙ୍ଗ୍ ଉଜ୍ କିଜି ମାଞ୍ଜନାତ୍ । ଏନ୍ ସୁସ୍ତାତାଂ ହାଲା,
ଆରେ ନି ରଗ୍‌ଡାଂ ଉଜ୍ ଆଜି ମାନା ।"
୩୫ ହେୱାନ୍ ଇ ବେରଣ୍ ଇନିହିଙ୍ଗ୍, ତା ନାଟି ମୁଣିକା ଇଞ୍ଜି ଲକୁ ୱାଜି ଇଚାର୍, "ନି ଗାଡ୍ ହାତାତେ । ଗୁରୁଙ୍ଗ୍ ଇନାକିଦେଂ
ଆରେ କସ୍ଟ ହିନାୟା ?"
୩୬ ମାତର୍ ଜିସୁ ହେ ବେରଣ୍ ୱେନ୍‌ଞ୍ଜି ୱେନ୍‌ୱିଡି ଲାକେ* ଆଜି ନାଟି ମୁଣିକାଂ ଇଚାନ୍, "ପାଣ୍ଡ୍ରା ଆମା, ଜେ ମାତର୍
ପାତର୍ କିୟା ।"
୩୭ ପାଚେ, ଜିସୁ ପିତର୍ ଜାକୁବ୍ ଆରେ ତା ଟଣ୍ଡାହି ଜହନ୍ ପିସ୍ତି ଆରେ ଇନେରିଂ ପା ତା ଲାହାଙ୍ଗ୍ ହାଞ୍ଜେଙ୍ଗ୍ ହିୱାତାନ୍ ।
୩୮ ହେୱାର୍ କୁଟୁମ୍‌ନି ମୁଡ୍‌ଦାକାନ୍ ଇଞ୍ଜ ୱାଜି, ହେୱାନ୍ ଇଞ୍ଜ ଆଡ଼ାକୁକା ଆନାକା ଆରେ ବିଲ୍‌କି ଆଜି ଆଡ଼୍‌ବାନାକା
ହୁଡ୍‌ତାର୍,
୩୯ ଆରି ବିଡ୍ରେ ହାଲ୍‌ଜି ହେୱାରିଂ ଇଚାନ୍, "ଇନାକିଦେଂ ଆଡ଼ାକୁକା ଆନାଦେରା ? କଇହିମ୍‌ଣା ହାୱାତାଡ୍‌ନା, ମାତର୍
ହୁଞ୍ଜ୍‌ନାତା ହେବେ ହେୱାର୍ ହେୱାନିଂ କିଜାୟ୍ କିଦେଙ୍ଗ୍ ଲାଗାତାର୍ !"
୪୦ ମାତର୍ ହେୱାନ୍ ୱିଜାକାରିଂ ବାର୍ତ ହପ୍‌ଚି କଇହିମ୍‌ଣା ତେହିଙ୍ଗ୍ ଲାଡ୍ରାହିଙ୍ଗ୍ ଆରେ ତା ହାଙ୍ଗ୍‌ଦା କାରିଂ ଅଜି ହାଲ୍‌ଜି,
କଇହିମ୍‌ଣା ଇମେତାକେ ମାଚାଡ୍, ହେ ବାହାଡ ହଣ୍‌ଗାତାର୍,
୪୧ ଆରେ ହିମ୍‌ଣାତି କେଇ ଆସ୍ତି ହେଦେଲିଂ ଇଚାନ୍, "ଟଲିତାକୁମ୍," ଇଚିସ୍ "ଏ କଇ ହିମ୍‌ଣା, ଆନ୍ ନିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା,
ନିଙ୍ଗା !"
୪୨ ହେ ଦାପ୍ରେ କଇହିମ୍‌ଣା ନିଙ୍ଗ୍‌ଜି ବୁଲାଆଦେଂ ଲାଗାତାତ୍; ହେ କଇହିମ୍‌ଣା ବୟସ୍ ବାର ବାର୍ହୁ ଆଜି ମାଚାତ୍ । ହେବେ
ହେୱାର୍ ୱିଜାକାର୍ କାବା ଆଜି ହାଚାର୍ ।
୪୩ ଆରେ, ଇନେର୍‌ପା ଜେ ଇ ବିସ୍ରେ ପୁନୁର୍, ଇଦାଂ କାଜିଂ ହେୱାନ୍ ହେୱାରିଂ ଡାଟ୍‌କିଜି ବଲ୍ ହିତାନ୍, ଆରେ "ହେ
କଇହିମ୍‌ଣାଂ ଇଚୁଟିଂ ତିନାକା ହିଦେଂ ୱେଚ୍‌ଚାନ୍ ।"

# ୬

## ନାଜରିତ୍‌ନି ଲକୁ ଜିସୁଙ୍ଗ୍ ମାନି କିୱାତାର୍
*(ମାତିଉ ୧୩:୫୩-୫୮; ଲୁକ ୪:୧୬-୩୦)*

୧ ହେ ବାହାଡାଂ ଜିସୁ ଇମେତାକେ ଗାଜା ଆଜି ମାଚାନ୍ ଜାର୍ ଗାଡ୍‌ଦ ୱାତାନ୍ ଆରେ ତା ଚେଲାହିର୍ ତା ପାଚେ ପାଚେ
ୱାତାର୍ ।
୨ ଜମ୍‌ନିବାର୍, ହେୱାନ୍ କୁଟୁମ୍ ଇଞ୍ଜ ହିକାଇ କିଦେଙ୍ଗ୍ ଲାଗାତାନ୍ । ଆରେ, ବେସି ଲକୁ ହେୱାନ୍ କାତା ୱେନ୍‌ଞ୍ଜି କାବା
ଆଜି ଇଚାର୍, "ଇୱାନ୍ ଇ ସବୁ ଇମେତାଂ ପୁଚାନ୍‌ନା ?" ପାଚେ, ଇୱାନ୍ ଇମ୍‌ଣି ବୁଦିହିୟା ଆତାଡ୍‌ନ୍ନା ? "ଆରେ ଇମ୍‌ଣି
ସାକ୍ତିନି କାମାୟ୍ ଇୱାନ୍ତି ତା କେଇ କାଜିଂ କାମାୟ୍ ଆନାତା, ଇ ସବୁ ଇନାକା ?"
୩ ଇୱାନ୍ ଜେ ହେ ବାଡାୟ୍ ଆକାୟ୍ । ଇୱାନ୍ ହେ ମରିୟମ୍ ମେହି, ଆରି ଜାକୁବ୍, ଜସି, ଜିହୁଦା ଆରେ ସିମନ୍ ଟଣ୍ଡେନ୍
ଆକାୟ୍ ପାଚେ, "ଇୱାର୍ ତଣ୍‌ଦେହିକ୍ ଇବେ ମା ଲାହାଙ୍ଗ୍ ରଚେ ହିଲ୍‌ୱିତିକ୍" ଆରେ ଇଦାଂ ଇଞ୍ଜି ତାଙ୍ଗେଙ୍ଗ୍ ପାତର୍
କିୱାତାର୍ ।
୪ ☆ହେବେତାଂ ଜିସୁ ହେୱାରିଂ ଇଚାନ୍, "ବିନେନିକାର୍ ରୱାନ୍ ବେଣ୍‌ବାକ୍‌ଣାୟ୍ କିନାକାନିଂ ଗୱାରି କିତାର୍, ମାତର୍ ହେ
ନିଜେ ଗାଡ୍‌ନି ମାନାୟାର୍, ହେ ଲକ୍‌ବାକ୍ ଆରି ନିଜେ ଇଞ୍ଜ୍‌ନି ଲକ୍‌ବାକ୍ ପିସ୍ତି ତାଙ୍ଗେଙ୍ଗ୍ ଗୱାରି କିଉର୍ ।"
୫ ପାଚେ, ଅଲପ୍ କେତେକ୍ ରଗିୟାରିଂ ଜପି କେଇ ଇଡ଼୍‌ଜି ହେୱାରିଂ ଉଜ୍ କିନାକା ପିସ୍ତି ଅଲ୍‌ଗା ଇମ୍‌ଣି ସାକ୍ତିତାଂ କାମାୟ୍
କିଦେଙ୍ଗ୍ ଆଡ଼୍‌ୱା ତାନ୍‌ନେ ।
୬ ଆରେ, ହେୱାର୍‌ତି ପାତର୍ କିୱାକା କାଜିଂ କାବା ଆତାର୍ ।

## ଜିସୁ ବାରଜାଣ୍ ଚେଲାରିଂ ପକ୍‌ତାନ୍
*(ମାତିଉ ୧୦:୫-୧୫; ଲୁକ ୯:୧-୬)*

୭ ପାଚେ ହେୱାନ୍ ବାରଜାଣ୍ ଲାଗେ କୁକ୍‌ଚି ହେୱାରିଂ ରିୟାର୍ ରିୟାରିଂ କିଜି ପକ୍କେତେଂ ଆରାମ୍ କିତାନ୍ ଆରି ପୁଦାଂ
ଡୁୟାଆତି ମାନାୟ୍‌ତିଂ ପିହିକିଦେଂ ଇଞ୍ଜି ହେୱାରିଂ ଆଦିକାର୍ ହିତାନ୍;
୮ ଆରେ, "ଏପେଙ୍ଗ୍ ହାନିହିଂ ମାତର୍ ଜେ ବାଡ୍‌ଗା ପିସ୍ତି ରୁଟି କି ଡରି ମଣାତ ଡାବୁଙ୍ଗ୍ ଆମାଟ୍ ଇଞ୍ଜି ହେୱାରିଂ ବଲ୍
ହିତାନ୍;
୯ ମାତର୍ ହେୱାରିଂ କାଲ୍‌ଦ ପାଣ୍ଡାୟ୍‌ଙ୍ଗ୍ ତୁଜାଟ୍ ଇଚାନ୍, ରିଣ୍ଡାଂ ଆଙ୍ଗିଙ୍ଗ୍ ଆର୍ପେଦେଂ ମୁନା କିତାନ୍ ।"

* **୫:୩୬** ୱେନ୍‌ଞ୍ଜି ୱେନ୍‌ୱିଡି ଲାକେ; ନଲେ ପାଣ୍ଡ୍ରା ଆୱାଦାଂ । ☆ **୬:୪** ଜହନ୍ ୪:୪୪.

୧୦ ଆରେ, ଜିସୁ ହେୱାରିଂ ଇଚାନ୍, “ଏପେଙ୍ଗ୍ ଇମ୍ଣି ଇଞ୍ଜ ହଣ୍ଗାନାଦେର୍, ହେ ବାହାତାଂ ପକ୍ତିୱି ପାତେକ୍ ହେବେ
ମାନାଟ୍ ।
୧୧ ✡✡ମାତର୍ ଇମ୍ଣି ନାସ୍ନି ମାନାୟ୍ ମିଙ୍ଗେଙ୍ଗ୍ ମାନ୍କିଦୁର୍, ଆରେ ମି ବେରଣ୍ ୱେନ୍ଜୁର୍, ହେ ବାହାତାଂ ହାନି
ୱେଡ଼ାଙ୍ଗ୍ ହେୱାର୍ ତାକେ ସାକି ହିଦେଂ ମି କାଲ୍ ପାନାନି ଦୁଡ଼ି ଡ଼ାତାଟ୍ ।
୧୨ ହେବେ ହେୱାର୍ ବାର୍ତ ହାଲ୍ଜି ମାନ୍ବାଦ୍ଲାୟ୍ କିନାକା ଜେ ମାନାତ୍, ଇଦାଂ ସୁଣାୟ୍ କିତାର୍,
୧୩ ✡ଆରେ ଆଦେକ୍ ପୁଦାଂ ପିହିକିତାର୍ ଆରେ ବେସି ହେନି ରଗି ଲଗାଙ୍ଗ୍ ଚିକାଣ୍ କାଜିଂ ଉଜ୍ କିତାର୍ ।”

## ବାପ୍ତିସିମ୍ ହିନି ଜହନ୍ତି ହାକି
*(ମାତିଉ ୧୪:୧-୧୨; ଲୁକ ୯:୭-୯)*

୧୪ ଜିସୁ ତର୍ ୱିଣ୍ତିଲେ ହେରଦ୍ ରାଜା* । ହେୱାନ୍ ବିସ୍ରେ ୱେଚାନ୍, ଆରେ ଲକୁ ଇଞ୍ଜି ମାଚାର୍, “ବାପ୍ତିସିମ୍ ଜହନ୍ ହାତି
ତାକେଣ୍ତାଂ ନିଙ୍ଗ୍ତାନ୍ନା ! ହେ ଇ ୱିଜୁ ସାକ୍ତି ହେୱାନ୍ ତାକେ କାମାୟ୍ କିନାତା ।”
୧୫ ମାତର୍ ବିନେନିକାର୍ ଇଞ୍ଜି ମାଚାର୍, “ଆଗେଦିନି ରୱାନ୍ ଏଲିୟ,” ପାଚେ ଆରେ ଇନେ ଇନେର୍ ଇଞ୍ଜି ମାଚାର୍,
“ବେଣ୍ବାକ୍ଣାୟ୍କିନାକାନ୍ ତାଙ୍ଗ୍ ଇନାକାନ୍ ଲାକେପା ଇୱାନ୍ ରକାନ୍ ବେରଣ୍ ବାକ୍ଣାୟ୍ କିନାକାନ୍ ।”
୧୬ ମାତର୍ ହେରଦ୍ ଇଦାଂ ୱେନ୍ଜି ଇଚାନ୍, “ଇମ୍ଣି ଜହନ୍ତିଂ ଆପେଂ କାପ୍ଡ଼ା ରାସ୍ତାପ୍ନା, ହେୱାନ୍ ନିଙ୍ଗ୍ତାନ୍ନା ।”
୧୭ ଲାଗିଂ ହେରଦ୍ ତା ଟଣ୍ତାହି ପିଲିପ୍ ୱାଣିଙ୍ଗ୍ ହେରଦିଆଙ୍ଗ୍ ବିବା କିତିଲେ ହେଦାଂ କାଜିଂ ନିଜେ ମାନାୟ୍ ପକ୍ଚି
ଜହନ୍ତିଂ ଆସ୍ତି ଆରେ ଗାଚ୍ଚି ଜେଲ୍ ଇଞ୍ଜ ତୁଇଜି ମାଚାର୍ ।
୧୮ ହେଦାଂ କାଜିଂ ଜହନ୍ ହେରଦ୍ତିଂ ଇଞ୍ଜି ମାଚାନ୍, “ନି ଟଣ୍ତେନ୍ ୱାଣିଙ୍ଗ୍ ତକ୍ରି କିନାକା ନି ବିଦି ହିଲୁତ୍ !”
୧୯ ହେବେତାଂ ହେରଦିୟା ଆକାର୍ ଆଜି ଜହନ୍ତିଂ ଅସ୍ତେଙ୍ଗ୍ ଇଞ୍ଜି ମାନ୍ କିଜି ମାଚାନ୍, ମାତର୍ ଆଡ଼୍ୱାଦାଂ ମାଚାନ୍;
୨୦ ଇନାକିଦେଂକି ହେରଦ୍ ଜହନ୍ତିଂ ରୱାନ୍ ଦାମ ି ନିକାନ୍ ଆରି ପୁଇପୁୟା ପୁଞ୍ଜି ପାଣ୍ତ୍ରା ଆଜି ମାଚାନ୍, ଆରେ ତାଙ୍ଗେଙ୍ଗ୍
ରାକ୍ୟା କିଦେଙ୍ଗ୍ ସେସ୍ଟା କିଜି ମାଚାନ୍, ଆରେ ହେ କାତା ୱେନ୍ଜି ବେସି ରିସା ଆତିସ୍ପା ୱାରିତାଂ ହେଦାଂ ୱେନ୍ଜି ମାଚାନ୍
।
୨୧ ପାଚେ ହେରଦିୟାତି ପାଗ୍ ଦିନ୍ ଏକା ୱାତାତ୍ । ହେରଦ୍ତି ଜଲମ୍ ଦିନ୍ ନାଜିଂ ପାଟ୍ ମନ୍ତ୍ରି, ମୁଡ଼୍ମେଲ୍ୟା ଆରି
ଗାଲିଲିନି ମୁଣିକାର୍ କାଜିଂ ମିକାଲିଂ ବଜି ଜାଲ୍ଦି କିତାନ୍ ।
୨୨ ଆରେ, ହେରଦିୟା† ତା ଗାଡ଼୍ହି ବିତ୍ରେ ୱାଜି ଏନ୍ନ୍ଦିପା, ହେରଦ୍ ଆରି ହେୱାନ୍ ହୁକେ ବଜିତ କୁଚ୍ଚି ଲଗାଙ୍ଗ୍ ଗୱାରି
କିତାତ୍ । ହେବେ ହେରଦ୍ ରାଜା ଗାଡ଼୍ଚେଂ ଇଚାନ୍, “ଇନାକା ମାନ୍ କିନାୟା, ଏନ୍ତା, ଆନ୍ ନିଙ୍ଗେଙ୍ଗ୍ ହେଦାଂ ହିଦ୍ନାଂ ।”
୨୩ ଆରେ, ହେୱାନ୍ ତା ତାକେ ପାର୍ମାଣ୍ କିତାନ୍, “ଏନ୍ ନାଙ୍ଗେଙ୍ଗ୍ ଇନାକା ଏନ୍ତାନାୟ୍, ହେଦାଂ ନିଙ୍ଗେଙ୍ଗ୍ ରାଜିନି ବାଗେ
ପାତେକ୍ ଏନ୍ତିତିସ୍ ପା ଆନ୍ ହିଦିନାଂ !”
୨୪ ତା ପାଚେ ହେଦେଲ୍ ହସି ହାଲ୍ଜି ତା ତେହିଙ୍ଗ୍ ୱେନ୍ବାତାତ୍, “ଆନ୍ ଇନାକା ଏନ୍ନାଙ୍ଗ୍ ? ହେଦେଲ୍ ଇଚାତ୍,
ବାପ୍ତିସିମ୍ ଜହନ୍ନ୍ତି କାପ୍ଡ଼ା” ଏନା ।
୨୫ ହେ ଦାପ୍ରେ ହେଦେଲ୍ ରାଜା ଲାଗେ ୱାଜି ଇଦାଂ ଇଞ୍ଜି ଏନ୍ତାତ୍, ତା ପାଚେ ତେହି ଇଚାତ୍ ଜେ, “ଏନ୍ ବାପ୍ତିସିମ୍ ହିନି
ଜହନ୍ତି କାପ୍ଡ଼ା ର ତାଡ଼ିୟାତ ହେ ଦାପ୍ରେ ହିଦା !”
୨୬ ଇବେ ରାଜା ଦୁକ୍ ଆତିସ୍ ପା ଜାର୍ ପାର୍ମାଣ୍ ଆରି ବଜିତ କୁଚ୍ଚି ମାନାୟାର୍ ତାକେ ଆକାୟ୍ ଇଞ୍ଜେଙ୍ଗ୍ ମାନ୍ କିୱାତାନ୍
।
୨୭ ଲାଗିଂ ରାଜା ହେ ଦାପ୍ରେ ର ଜାମାନ୍ତିଂ ପକ୍ଚି ହେୱାନ୍ତି କାପ୍ଡ଼ା ତାସି ୱାଦେଙ୍ଗ୍ ଇଞ୍ଜି ବଲ୍ ହିତାନ୍ । ହେବେଣ୍ତାଂ
ହେୱାନ୍ ହାଲ୍ଜି ଜେଲ୍ତାଂ ଜହନ୍ତି କାପ୍ଡ଼ା ରାସ୍ଦି ତାହିୱାତାନ୍,
୨୮ ଆରେ ହେଦାଂ ର ତାଡ଼ିୟାତ ତାକେ ତାସି ଗାଡ଼୍ଚେଂ ହିତାନ୍, ଆରେ ଗାଡ଼୍ଚେ ହେଦାଂ ଅଜି ତା ତେହିଙ୍ଗ୍ ହିତାତ୍ ।
୨୯ ଜହନ୍ ଚେଲାହିର୍ ହେବେନି କାବୁର୍ ୱେନ୍ଜି ୱାତାର୍ ଆରି ହେୱାନ୍ ମାଡ଼ା ଅଜି ଦୁଗେର୍ତ ଇଟ୍ତାର୍ ।

## ଜିସୁ ପାଞ୍ଚ୍ ହାଜାର୍ ମାନାୟାରିଂ ଚିଚ୍ପାନାକା
*(ମାତିଉ ୧୪:୧୩-୨୧; ଲୁକ ୯:୧୦-୧୭; ଜହନ୍ ୬:୧-୧୪)*

୩୦ ପାଚେ ପକ୍ୟାତାକାର୍ ଜିସୁ ତାକେ ରୁଣ୍ତା ଆତାର୍, ଆରି ହେୱାର୍ ଇନା ଇନାକା କିଜି ମାଚାର୍ ଆରେ ଇନା ଇନାକା
ହିକିୟା ହିଜି ମାଚାନ୍, ହେ ୱିଜୁ ହେୱାନିଂ ୱେଚ୍ପାତାର୍ ।
୩୧ ହେବେତାଂ ହେୱାନ୍ ହେୱାରିଂ ଇଚାନ୍, “ଜାତୁ ଆସେଙ୍ଗ୍ ର ଚିମ୍ରା ବାହାତ ଜମ୍ନାସ୍ । ଇନାକିଦେଂକି ହେନି ମାନାୟ୍
ହାନାକା ୱାନାକା ଆଜି ମାନି କାଜିଂ ହେୱାର୍ ଚିଞ୍ଜେଙ୍ଗ୍ ପା ପାବ୍ ଆୱାଦାଂ ମାଚାର୍ ।”
୩୨ ତା ପାଚେ ହେୱାର୍ ବିନେ ଆଜି ର ଡଙ୍ଗାତ ଚିମ୍ରା ବାହାତାକେ ହସି ହାଚାର୍ ।
୩୩ ମାତର୍ ହେନି ହେୱାରିଂ ହସି ହାନାକା ହୁଡ଼୍ତାର୍ ଆରି ଚିନ୍ କିତାର୍, ଆରେ ମାନାୟାର୍ ୱିଜାକାର୍ ଗାଡ଼୍ଦାଂ ତାଙ୍ଗ୍ଜି
ହାଲ୍ଜି ହେବେ ରଚେ ହଞ୍ଜି ହାଲ୍ଜି ହେୱାର୍ ଆଗେ ଏକାତାର୍ ।

---

✡ **୬:୧୧** ପକ୍ୟାତାକା ୧୩:୫୧. ✡ **୬:୧୧** ଲୁକ ୧୦:୪-୧୧. ✡ **୬:୧୩** ଜାକ୍ବ ୫:୧୪. * **୬:୧୪** ରାଜା ହେରଦ୍; ହେରଦ୍ ଆଣ୍ଟିପସ୍, ଗାଲିଲିନି ସାସନ୍ କାର୍ୟା । † **୬:୨୨** ହରଦିଆତି ଗାଡ଼୍ହି; କେତେକ୍ ପତିତ ତା ଗାଡ଼୍ହି ହେରଦିୟା ।

୩୪ ହେୱାନ୍ ଡଙ୍ଗାତାଂ ହସି ବେସି ହେନି ମାନାୟାରିଂ ହୁଡ଼୍‌ଜି ହେୱାର୍ କାଜିଂ କାର୍ମାତିଂ ତାଙ୍ଗ୍ ମାନ୍ତ ରାସ୍ ଇଚାନ୍,
ଇନାକିଦେଂକି ହେୱାର୍ ଗଡ଼ିୟା ହିଲ୍‌ୱି ମେଣ୍ଡ୍ରାଂ ଲାକେ ମାଚାର୍, ପାଚେ, ହେୱାନ୍ ହେୱାରିଂ ଆଦିକ୍ ବିସ୍ରେ ହିକାଇ ହିଦେଂ
ଲାଗାତାନ୍ ।
୩୫ ୱେଡ଼ା ଆଦିକ୍ ଆତିଲେ ତା ଚେଲାର୍ ତା କଚଣ୍‌ତ ୱାଜି ଇଚାର୍, ଇ ବାହାତ ଚିମ୍‌ରା, ଆରେ “ବେସି ୱେଡ଼ା ଆତାତେ
।
୩୬ ମାନାୟାର୍ ଇନେସ୍ ଚାରିବେଣ୍‌ତି ନାସ୍‌କୁ ନିକାର୍ ଆରେ ନାଟ ହାଲ୍‌ଜି ଜାର୍ ଜାର୍ କାଜିଂ ତିନ୍‌ଞ୍ଜେଙ୍ଗ୍ ଇଞ୍ଜି ଇନାକା
କଡ଼୍‌ନାର୍, ଇଦାଂ କାଜିଂ ହେୱାରିଂ ପକା ।”
୩୭ ମାତର୍ ହେୱାନ୍ ହେୱାରିଂ ଉତର୍ ହିତାନ୍, “ଏପେଙ୍ଗ୍ ହେୱାରିଂ ଚିଚ୍‌ପାଟ୍ । ହେୱାର୍ ହେୱାନିଂ ଇଚାର୍, ଆସେଙ୍ଗ୍
ଇନାକା ସହେ ଟାକାନି‡ ରୁଟିଂ କଡ଼୍‌ଜି ଇୱାରିଂ ହିନାସ୍ ?”
୩୮ “ହେୱାନ୍ ହେୱାରିଂ ଇଚାନ୍, ମି ତାକେ ଏଚେଗଟା ରୁଟିଂ ମାନିକ୍ ? ହାଲ୍‌ଜି ହୁଡ଼ାଟ୍ ।” ହେୱାର୍ ବୁଜା ଆଜି ୱାଜି
ହେୱାନିଂ ଇଚାର୍, “ପାଞ୍ଚ୍ ଗଟା, ଆରେ ରିଣ୍ଡ୍ରାଂ ମିନ୍‌କୁ ।”
୩୯ ଜିସୁ ବଲ୍ ହିତାନ୍, ମାନାୟାରିଂ ବାଟାତ କୱାଣ୍ କାତ୍ରା ଜପି କୁଦା କୁଦା କିଜି କୁଚ୍‌ଚି କିୟାଟ୍ ।
୪୦ ହେବେ ହେୱାର୍ ସଏ ସଏ ଜାଣ୍ ଆରେ ପଚାସ୍ ପଚାସ୍ ଜାଣ୍ ଆଜି କୁଦା କୁଦା ଆଜି କୁଚ୍‌ଚାର୍ ।
୪୧ ପାଚେ ଜିସୁ ହେ ପାଞ୍ଚ୍‌ଗଟା ରୁଟିଂ ଆରେ ରିଣ୍ଡ୍ରାଂ ମିନ୍‌କୁ ଆସ୍ତି ସାର୍ଗେତ ହୁଡ଼୍‌ଜି ଆସିର୍ବାଦ୍ କିଜି ଇଚାନ୍ ଆରି ରୁଟିଂ
ଡ୍ରିପ୍‌କିସ୍ ମାନାୟାରିଂ ପାସ୍‌ପେଦେଂ ଚେଲାରିଂ ହିତାନ୍ । ପାଚେ, ହେ ଲାକେ ରିଣ୍ଡ୍ରାଂ ମିନ୍‌କୁ ହେୱାରିଂ ବାଟା କିଜି ହିତାର୍ ।
୪୨ ହେବେଣ୍ଡ୍ରାଂ ୱିଜାକାର୍ ତିନ୍‌ଞ୍ଜି ପଟ ପାନ୍‌ଚାର୍,
୪୩ ଆରେ ହେୱେର୍ ଡ୍ରିଙ୍ଗ୍‌ତି ରୁଟିଂ ପେସ୍‌ଜିପା ବାର ଟପା ବାର୍ତି କିତାର୍ ଆରି ମିନ୍‌କୁପା ଏଲେଙ୍ଗ୍‌ନେ ପେସ୍‌କାତାର୍ ।
୪୪ ରୁଟି ତିନି ମାନାୟ୍ ପାଞ୍ଚ୍ ହାଜାର୍ ଆଣ୍ଡ୍ରାହିମ୍‌ଣାଂ ମାଚାର୍ ।

## ଜିସୁ ଏଜୁଂ ଜପି ତାଂତାନ୍
### (ମାତିଉ ୧୪:୨୨-୩୩; ଜହନ୍ ୬:୧୫-୨୧)

୪୫ ହେ ଦାପ୍ରେ ହେୱାନ୍ ତା ଚେଲାରିଂ ଡଙ୍ଗାତ ଦୁମ୍‌ଜି ବେତ୍‌ସାଇଦା ନିପ ଆନ୍‌ଟି ପାଡ଼୍‌କା ଆଗେ ହାନ୍‌ଞ୍ଜେଙ୍ଗ୍ ଇଚାନ୍,
ଆରେ ହେୱାନ୍ ଇବେଣ୍ଡ୍ରାଂ ମାନାୟାରିଂ ୱିଜାରିଂ ହେଲ ହିତାନ୍ ।
୪୬ ଜିସୁ ହେୱାର୍ ତାକେଣ୍ଡ୍ରାଂ ହେଲ ଅତି ପାଚେ ଜିସୁ ପାର୍ତାନା କିନି କାଜିଂ ମାଡ଼ିଜପି ହାଚାନ୍ ।
୪୭ ମ୍ଟିକାହାରେସ୍ ଆତିଲେ ଡଙ୍ଗା ହାମ୍‌ଦୁର୍ ମାଦି ମାଚାତ୍ ଆରେ ହେୱାନ୍ ମେଦ୍‌ନିତ ରକାନ୍ ମାଚାନ୍ ।
୪୮ ଲଡ଼ି ଦୁକା କାଜିଂ ହେୱାରିଂ ଡଙ୍ଗା ଗାଟି କିଦେଙ୍ଗ୍ କସ୍ଟ ପାୟା ଆନାକା ହୁଡ଼୍‌ଜି ହେୱାନ୍ ପୁରା ନାଣା କୁଜୁ କେପା
ୱେଡ଼ାଙ୍ଗ୍ ହାମ୍‌ଦୁର୍ ଜପି ତାଙ୍ଗ୍‌ଜି ଚେଲାର୍ ତାକେ ୱାତାନ୍, ଆରେ ହେୱାର୍ କଚଣ୍‌ତାଂ ଆଗେ ତାଂଦେଙ୍ଗ୍ ପା ସାସ୍ ମାଚାନ୍
।
୪୯ ମାତର୍ ହେୱାର୍ ତାଙ୍ଗେଙ୍ଗ୍ ହାମ୍‌ଦୁର୍ ଜପି ତାଂନାକା ହୁଡ଼୍‌ଜି “ପୁଦା ଇଞ୍ଜି !” କିକିରାଡ଼ିଂ କିତାର୍ ।
୫୦ ଇନାକିଦେଂକି ହେୱାର୍ ତାଙ୍ଗେଙ୍ଗ୍ ହୁଡ଼୍‌ଜି ପାଣ୍ଡ୍ରା ଆଜି ମାଚାର୍ । ମାତର୍ ଜିସୁ ହେ ଦାପ୍ରେ ହେୱାରିଂ ବେରଣ୍ କିଜି
ହେୱାରିଂ ଇଚାନ୍, ପାଡ୍ରା ଆମାଟ୍ “ସାସ୍ ଆଡୁ ଇୱାଙ୍ଗ୍ ତ ଆନ୍ ପାଣ୍ଡ୍ରା ଆମାଟ୍ !”
୫୧ ଆରେ, ହେୱାନ୍ ହେୱାର୍ ଲାଗାଂ ହାଲ୍‌ଜି ଡଙ୍ଗାତ ଦୁମ୍‌ତାନ୍, ଆରେ ଦୁକା ତିର୍ ଆତାତ୍ । ହେବେ ହେୱାର୍ ମାନ୍ତ
ମାନ୍ତ କାବା ଆଜି ହାଚାର୍ ।
୫୨ ହେୱାର୍ ପାଞ୍ଚ୍ ହାଜାର୍ ମାନାୟାରିଂ ରୁଟି ଚିଚ୍‌ପିନି ବିସ୍ରେ ଅରତ୍ ପୁନ୍‌ୱାଦାଂ ହିକାୱାଦାଙ୍ଗ୍ ମାଚାର୍ ଇନାକିଦେଂକି
ରୁଟି ନି ଗଟ୍‌ଣା ୱେଡ଼ାଙ୍ଗ୍ ହେୱାର୍‌ତି ବୁଦି ଆର୍‌ୱାଦାଂ ମାଚାତ୍, ଲାଗିଂ ହେୱାରିଂ ମାନ୍ ଆଟ୍‌ୱା ଆଜି ମାଚାତ୍ ।

## ଗିନେସର୍ ତାକେ ଜିସୁ ରଗି ଲଗାଂ ଉଜ୍ କିତାନ୍
### (ମାତିଉ ୧୪:୩୪-୩୬)

୫୩ ହେୱାର୍ ନାସି ଗିନ୍ନେସରତ୍ ନିପ ଏକିସ୍ ଗୁଟିତ ଡଙ୍ଗା ଗାଚ୍‌ଚାର୍ ।
୫୪ ଆରେ, ହେୱାର୍ ଡଙ୍ଗାତାଙ୍ଗ୍ ଜୁଡିଲେ, ମାନାୟାର୍ ହେ ଦାପ୍ରେ ତାଙ୍ଗ୍ ଚିନ୍ କିତାର୍,
୫୫ ହେ ୱିଜୁ ରାଜି ନିକାର୍ ଚାରିବେଣ୍‌ତାଂ ହନ୍‌ଚି ହାଚାର୍, ଆରେ ଜିସୁ ଇମେ ଇମ୍‌ଣି ବାହାତ ମାନାନ୍ ଇଞ୍ଜି ୱେଚାର୍,
ହେ ବାହାତ ରଗି ମାନାୟାରିଂ କାଟେଲ୍‌ତ ପିଣ୍ଡ୍‌ଜି ତାସି ୱାଦେଙ୍ଗ୍ ଲାଗାତାର୍ ।
୫୬ ଆରେ, ହେୱାନ୍ ଇମେ ଇମ୍‌ଣି ନାସ୍ତ, ଗାଡ଼୍‌ଦ କି ହାରୁନାସ୍‌ତ ହଟାର୍, ମାନାୟ୍ ହେ ବାହାତ ଆଟ୍ ପାଦାଲାକେ ରଗି
ଲଗାଙ୍ଗ୍ ଇଡ଼୍‌ଜି, ହେୱାର୍ ଇନେସ୍‌କି ଜିସୁ ହେନ୍ଦ୍ରାନି ଚେଲିଂ ଡୁନାର୍, ଇଦାଂ ଜିସୁଙ୍ଗ୍ ଗୱାରି କିଦେଙ୍ଗ୍ ଲାଗାତାର୍; ଆରି,
ଏଚେକ୍ ଜାଣ୍ ତାଙ୍ଗେଙ୍ଗ୍ ଡୁତାର୍, ୱିଜାର୍ ଉଜ୍ ଆତାର୍ ।

---

‡ **୬:୩୭** ରୁପା ଟାକାଂ; ର ରୁପା ଟାକାଂ ରୱାନ୍ ଦେସି ନାଟାକାନ୍ ତିନ୍‌ଦିନ୍‌ତିନି କୁଲି ମାଚାତ୍ ।

# ୭

## ପାରୁସିର୍‌ତି ରିତିନିତି
*(ମାତିଉ ୧୫:୧-୯)*

[୧] ପାଚେ ପାରୁସିର୍ ଆରି ଜିରୁସାଲମ୍ ତାଙ୍ଗ୍ ୱାଜି ମାଚି କେତେକ୍ ଦରମ୍ ଗୁରୁର୍ ତା ତାକେ ରୁଣ୍ଡା ଆତାର୍ ।
[୨] ହେୱାର୍ ହେୱାନ୍ତି ଚେଲାର୍ ବିତ୍ରେ କେତେଜାଣ୍ ରାଡ଼ା, ଇଚିସ୍ କେଇ ନୁସ୍‌ୱାଦାଂ ତିନାକା ହୁଡ଼୍‌ତାର୍ ।
[୩] ପାରୁସିର୍ ଆରେ ୱିଜାର୍ ଜିହୁଦି ଲକ୍ ପ୍ରାଚିନାର୍ ରିତି ନିତି ନିୟମ୍ କିଜି ହାର୍ କିଜି କେଇ ନୁଜ୍‌ୱାତାର୍‌ଚି ତିନୁର୍,
[୪] ପାଚେ ଆଟ୍ ବାଜାର୍ ତାଙ୍ଗ୍ ୱାଜି ଜାର୍ ଜାର୍ ଜପି ଏଜୁଂ ଡ଼ଞ୍ଜ୍‌ୟା ଆୱିତିସ୍ କୁଲେର୍ ଉଣୁର୍;* ଆରି ଗିନା, ମତା ଆରେ
ପିତାଡ଼୍ ତାଡ଼ିଆ ତ ଏଜୁଂ କୁପ୍‌କିସ୍ ନୁଜ୍‌ନାକା, କାଟେଲ୍ ଜପି ଏଜୁଂ ତିର୍‌ନାକା ଇୱାଙ୍ଗ୍ ବିନ୍ ବିନ୍ ବେସି ରିତି ନିତି ମାନି
କିଦେଙ୍ଗ୍ ଇଞ୍ଜି ହେୱାର୍ ବଲ୍ ପାୟା ଆତାର୍ଣ୍ଡା ।
[୫] ଲାଗିଂ ପାରୁସିର୍ ଆରେ ଦରମ୍ ଗୁରୁର୍ ହେୱାନିଂ ୱେନ୍‌ବାତାର୍, ମି ଚେଲାର୍ ପ୍ରାଚିନାର୍ ରିତି ନିତି ନିୟମ୍ ତାଙ୍ଗ୍
"ଇନାକିଦେଂ ବେବାର୍ କିୱାଦାଂ ରାଡ଼ା କେଇଦ ତିନାରା ?"
[୬] ହେୱାନ୍ ହେୱାରିଂ ଇଚାନ୍, ଆଡ଼େ କାପ୍‌ଟିୟାର୍, ଜିସାୟ୍ ମି ବିସ୍ରେ ସମାନ୍ ବାବ୍ରେ ବେରଣ୍ ୱେଚ୍‌ଚାତାନ୍‌ନା,
ଇନେସ୍ ଲେକାମାନାଡ଼୍, ଇ ଜାତି ମୁମ୍‌ଦ ମାଙ୍ଗେଙ୍ଗ୍ ୱାରି କିଦ୍‌ନାର୍,
ମାତର୍ ହେୱାର୍ ମାନ୍ ମା ତାଙ୍ଗ୍ ଦେହା ମାନାଡ଼୍ ।
[୭] "ହେୱାର୍ ମାନାୟାର୍‌ତି ବିଦିଙ୍ଗ୍ ଦରମ୍ ବେରଣ୍ ଇଞ୍ଜି ହିକ୍ୟା ହିନାନ୍
ପଲ୍ୟା ମା ପାର୍ତାନା କିନାର୍ ।"
[୮] "ଏପେଙ୍ଗ୍ ଇସ୍ୱର୍‌ତି ବଲ୍ ପିସ୍ତି ମାନାୟାର୍‌ତି ରିତି ନିତି ଆସ୍ତି କୁଚ୍‌ଚା ଦେର୍‌ନା ।"
[୯] ଆରେ, ଜିସୁ ହେୱାରିଂ "ଏପେଙ୍ଗ୍ ଜାର୍ ଜାର୍ ରିତି ନିତି ମାନି କିନି କାଜିଂ ଇସ୍ୱର୍‌ତି ବଲ୍ ମାନି କିଉ ଦେରା ।"
[୧୦] ଇନାକିଦେଂକି ମସା ରିତି ନିୟମ୍ ହିଡ଼୍‌ତାନ୍ନା, "ଜାର୍ ଆବା ଆୟାକାଂ ୱାରି କିୟାଟ୍, ଆରେ ଇନେର୍ ତା ଆବା କି
ଆୟାଂ ସାଇପ୍ ହିନାନ୍, ହେୱାନ୍ ହାକି ଡାଣ୍ଡ ପାୟା ଆନାନ୍ ।
[୧୧] ମାତର୍ ଏପେଙ୍ଗ୍ ଇନାଟ୍, ଇନେର୍ ଏଚେକାଡ଼୍‌ଦ ଆବା କି ଆୟାଂ ଇନାର୍, ନା ତାଙ୍ଗ୍ ଇନାକାପା ମି ଉପ୍‌କାର୍ ଆତାମ୍ନା,
ହେଦାଂ କର୍ବାନ୍, ଇଚିସ୍ ଅଡ଼୍‌ଗା ଆତାଡ଼୍‌ନ୍ନା,
[୧୨] ଲାଗିଂ ଏପେଙ୍ଗ୍ ତାଙ୍ଗେଙ୍ଗ୍ ତାଞ୍ଜି ଆବା କି ଆୟାଂ ଅଲପ୍‌ପା ଉପ୍‌କାର୍ କିଦେଙ୍ଗ୍ ହିୱାଦାଂ ମାଚିସ୍;
[୧୩] ଇ ଲାକେ ଏପେଙ୍ଗ୍ ଚାଲାଆଡି ବେରଣ୍ ରିତି ନିତି କାଜିଂ ଇସ୍ୱର୍‌ତି ବଚନ୍ ପଲ୍ୟା କିନାଦେରା ଆରି ହେ ଲାକେ ବେସି
ବିସ୍ରେ କିନାଦେରା ।"

## ଇମ୍‌ଣାକା ମାନାୟ୍‌ତିଂ ବାନ୍ୟା କିନାଡ଼୍
*(ମାତିଉ ୧୫:୧୦-୨୦)*

[୧୪] ଜିସୁ ଆରେ ରଗ ମାନାୟ୍‌ଗଲି କଚଣ୍‌ତ କୁକ୍‌ଚି ହେୱାରିଂ ଇଚ୍‌ଚି, "ଏପେଙ୍ଗ୍ ୱିଜାକାଦେର୍ ନା କାତା ୱେନାଟ୍ ଆରି
ବୁଜାଆଡୁ ।
[୧୫] ମାନାୟାର୍‌ତି ବାର୍ତ ଏପେଙ୍ଗ୍ ଇମ୍‌ଣି ବିସ୍ରେ ହିଲୁଡ଼୍, ଇନାକା କି ତା ବିତ୍ରେ ହଣ୍‌ଜି ତାଙ୍ଗେଙ୍ଗ୍ ବିଟାଡ଼୍ କିଦେଙ୍ଗ୍
ଆଡ଼୍‌ଦାତାଡ଼୍, ମାତର୍ ଇନା ଇନାକା ମାନାୟ୍ ତାଙ୍ଗ୍ ବାର୍ତ ହନାଡ଼୍, ହେ ସବୁ ତାଙ୍ଗେଙ୍ଗ୍ ବିଟାଡ଼୍ କିନାଡ଼୍ ।"†
[୧୬] "ଜଦି ଇନେରିଂ ୱେଞ୍ଜେଙ୍ଗ୍ କିତୁଲିଂ ମାନିଙ୍ଗ୍, ହେୱାନ୍ ୱେନେନ୍ !"
[୧୭] ଆରେ, ହେୱାନ୍ ମାନାୟ୍ ତାକେଣ୍ଡାଂ ଇଲ୍ ବିତ୍ରେ ୱାତି ପାଚେ ତା ଚେଲାହିର୍ ତାଙ୍ଗେଙ୍ଗ୍ ଉତର୍‌ମୁଡ଼୍‌ନି ଅରଡ଼୍
ୱେନେବେଦେଂ ଲାଗାତାର୍ ।
[୧୮] ହେବେ ଜିସୁ ହେୱାରିଂ ଉତର୍ ହିତାନ୍, "ଏପେଙ୍ଗ୍ ପା ଇନାକା ହେ ଲାକେ ବୁଜାଆଉଦେରା ?" ଇନାକା ଆୟେଡ଼୍
ହୱେଡ଼୍ ମାନାୟ୍ ବାର୍‌ତାଂ ବିତ୍ରେ ହଟିସ୍, ହେଦାଂ ତାଙ୍ଗ୍ ବିଟାଡ଼୍ କିଦେଙ୍ଗ୍ ଆଡୁଡ଼୍,
[୧୯] "ଇନାକିଦେଂକି ତାଙ୍ଗେଙ୍ଗ୍ ହେ ମାନ୍ତ ହଣ୍ଡେଙ୍ଗ୍ ଆଡୁଡ଼୍, ମାତର୍ ପଟତ ହାଲ୍‌ଜି ବାର୍ତ ହନାଡ଼୍ ଆରେ ଏଲେଙ୍ଗ୍ ଆଜି
ୱିଜୁ ତିନି କାଦି ସକଟ୍ ଆନାକା, ଇଦାଂ ଜିସୁ ଇଚାନ୍ ।"
[୨୦] ଆରି, ଜିସୁ ଇଚାନ୍, "ଇନାକା ମାନାୟ୍ ତାକେଣ୍ଡାଂ ବାର୍ତ ହନାଡ଼୍, ହେଦାଂ ନେ ତାଙ୍ଗେଙ୍ଗ୍ ବିଟାଡ଼୍ କିନାଡ଼୍ ।
[୨୧] ଇନାକିଦେଂକି ବିତ୍ରେତାଂ, ମାନାୟ୍ ମାନ୍‌ତାଂ, ବାନ୍ୟା ଚିନ୍ତା ବାର୍ତ ହଡ଼୍‌ନାଡ଼୍ ।
[୨୨] ଦାରି, ଚରି, ନାର୍ ଅହ୍‌ନାକା, ଦାରିହାନାକା, ଲାବ୍‌ଡ଼ି, ଚୁଲ୍‌ଚୁଲା ବଡ଼୍‌ପାଣିୟା, ନାଙ୍ଗ୍‌ରା, ବେରୁହୁଡ଼୍‌ନାକା, ନିନ୍ଦା,
ଆକର୍, ଟେପର୍,
[୨୩] ଇଦାଂ ୱିଜୁ ବାନ୍ୟା ବିସ୍ରେ ବିତ୍ରେତାଂ ହସି ମାନାୟ୍‌ତିଂ ବିଟାଡ଼୍ କିନାଡ଼୍ ।"

---

* **୭:୪** ଇନାକାପା ଅଲପ୍ ଆଟ୍‌ବାଜାର୍‌ତାଂ ୱାନାଡ଼୍ ପର୍ତୁମ୍ ହେୱାର୍ ନୁଜ୍‌ୟାୱାଦାଂ ପାତେକ୍; ନଲେ ହେୱାର୍ ଆଟ୍ ବାଜାର୍‌ତ ୱାଜି ପର୍ତୁମ୍ ନିଜେ ନୁଜ୍‌ୟାୱାଦାଂ ପାତେକ୍ । † **୭:୧୫** କେତେକ୍ ପତିତ ୧୬ ପାଦ୍ ମେହାୟ୍ କିନାର୍; ଇନେର୍‌ତି ୱେନି କିତୁଲିଂ ମାନିକ୍, ହେୱେନ୍ ୱେନେନ୍ । (୪:୨୩ ହୁଡ଼ାଟ୍) ।

### ର ସୁରପୈନିକିୟା କଗ୍‌ଲେତି ପାତର୍ କିତାତ୍
### (ମାତିଉ ୧୫:୨୧-୨୮)

୨୪ ଇଦାଂ ପାଚେ ହେୱେନ୍ ହେବେଣ୍ତ୍ରାଂ ନିଙ୍ଗ୍‌ଜି ସର୍ ଗାଡ଼୍‌ଦ ନାସ୍‌କୁକାଂ ହାଚାନ୍, ଆରି ର ଇଞ୍ଜ ହଟାନ୍, ଇନେର୍ ଇନେସ୍
ତାଙ୍ଗେଙ୍ଗ୍ ପୁନୁର୍, ଇଦାଂ ମାନ୍ କିଜି ମାଚାନ୍, ମାତର୍ ହେୱାନ୍ ଡ଼ଗୁଜି ମାଞ୍ଜେଙ୍ଗ୍ ଆଡ଼୍‌ୱାତାନ୍ ।
୨୫ ହେ ଦାପ୍ରେ ର କଗ୍‌ଲେ, ଇନେର୍ ଗାଡ଼୍‌ହିଙ୍ଗ୍ ବାନ୍ୟା ପୁଦା ଡୁଜି ମାଚାତ୍, ହେଦେଲ୍ ହେୱେନ୍ ବିସ୍ରେ ନି ବେରଣ୍
ୱେନ୍‌ଞ୍ଜି ତା କାଲ୍‌କୁ ତାରେନ୍ ୱାଜି ଡାଣ୍ତ୍ରାହାଡ଼୍ ମାଗ୍‌ତାତ୍ ।
୨୬ ହେଦେଲ୍ ସୁରପୈନିକିୟା ନିପ ରଞ୍ଜେଲ୍ ଗ୍ରିକ୍ ଗାଡ଼୍‌ଚେ ମାଚାତ୍ । ତା ଗାଡ଼୍‌ହି ତାକେଣ୍ତ୍ରାଂ ପୁଦାଂ ପିହି କିନି କାଜିଂ
ହେଦେଲ୍ ତାଙ୍ଗେଙ୍ଗ୍ ଗୱାରି କିଦେଙ୍ଗ୍ ଲାଗାତାତ୍ ।
୨୭ ହେବେଣ୍ତ୍ରାଂ ଜିସୁ ହେଦେଲିଂ ଇଚାନ୍, "ପର୍ତୁମ୍ ହିମ୍‌ଣାକାଂ ପଟ ପାଞ୍ଜି କିୟାଟ୍, ଇନାକିଦେଂକି ହିମ୍‌ଣାଙ୍ଗ୍‌ତି ଆରାଣ୍
ଅଜି ନିକୁଡ଼ିଙ୍ଗ୍ କଚଣ୍‌ତ ତୁହିନାକା ହାର୍ ଆକାୟ୍ ।"
୨୮ ମାତର୍ ହେଦେଲ୍ ହେୱେନିଂ ଉତର୍ ହିତାତ୍, ଆଁ, "ମାପ୍ରୁ, ନିକୁଡ଼ିଙ୍ଗ୍ ପା ପାଟା ତାରେନ୍ ଆର୍ତାକା ହିମ୍‌ଣାଂତି ଆରାଣ୍
ଲିତାଂ ତିନିକ୍ !"
୨୯ "ହେବେ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, ଇ କାତା ଇଚିଲେ ଏନ୍ ହାଲା, ନି ଗାଡ଼୍ ତାଙ୍ଗ୍ ପୁଦା ହସି ହାଚାତେ !"
୩୦ ଆରେ, ହେଦେଲ୍ ଇଞ୍ଜ ହାଲ୍‌ଜି କଇ ହିମ୍‌ଣା କାଟେଲ୍‌ତ ମାଗ୍‌ଜି ମାନାକା ଆରି ପୁଦା ହସି ହାଲ୍‌ଜି ମାନାକା ହୁଡ଼୍‌ତାତ୍
।

### ଜିସୁ ବୈରାଙ୍ଗ୍ ଆରି ଗୁଲାଂ ଉଜ୍ କିତାନ୍

୩୧ ଆରେ ରଗ ହେୱାନ୍ ସର ହାନ୍ଦିତାଂ ହାଲ୍‌ଜି ସିଦନ୍ ଆରେ ଦେକାପଲି ନି ହାନ୍ଦିମାଦିତିଂ ହାଲ୍‌ଜି ଗାଲିଲି ହାମ୍‌ଦୁର୍
ଲାଗେ ୱାତାନ୍ ।
୩୨ ଆରେ, ମାନାୟାର୍ ରୱାନ୍ ବୈରା ଆରି ଗୁଲାଂ ତା ଲାଗେ ତାଇୱାତାର୍ ତା ଜପି କେଇ ଇଡ଼୍‌ଦେଂ ଇଞ୍ଜି ତାଙ୍ଗେଙ୍ଗ୍
ଗୱାରି କିତାର୍ ।
୩୩ ଜିସୁ ତାଙ୍ଗେଙ୍ଗ୍ ମାନାୟ୍ ତାକେଣ୍ତ୍ରାଂ ବିନେ କିଜି ରୱାନିଂ ଅଜି ହାଲ୍‌ଜି ହେୱାନିଂ ରି କିତୁଲିକାଂ ତା ୱାଚ୍‌କାଙ୍ଗ୍ ଇଟ୍‌ତାନ୍
ଆରି ଏୱିଡ଼ିଂ ଚୁପ୍‌ଜି ତା ୱେନ୍ଦୁଲ୍‌ତ ଡୁତାନ୍,
୩୪ ଆରି ସାର୍ଗେ ହୁଡ଼୍‌ଜି ରାଗ୍‌ଦାଙ୍ଗ୍ ନେନ୍‌ଞ୍ଜି ହେୱାନିଂ ଇଚାନ୍, "ଇପ୍‌ପତ, ଇଚିସ୍ ଜେୟା ଆୟେତ୍ !"
୩୫ ହେବେଣ୍ତ୍ରାଂ ହେୱାନ୍‌ତି କିତୁଲିଂ ଜେୟା ଆତିକ୍ ଆରି ୱେନ୍ଦୁଲ୍ ଗାଚ୍‌ୟାତାକା ହେ ଦାପ୍ରେ ଜେୟା ଆତାତ୍, ଆରେ
ହେୱାନ୍ ହାର୍ କିଜି ବେରଣ୍ ଇଞ୍ଜେଙ୍ଗ୍ ଲାଗାତାନ୍ ।
୩୬ ଆରେ, ଇ ବିସ୍ରେ ଇନେରିଂ ୱେଚ୍‌ମାଟ୍ ଇଞ୍ଜି ହେୱାନ୍ ହେୱାରିଂ ଆଟ୍‌ୱା କିଜି ବଲ୍ ହିତାନ୍; ମାତର୍ ହେୱାନ୍ ହେୱାରିଂ
ଏଚେକ୍ ମୁନାକିତାନ୍, ହେୱାର୍ ବେସି ହେଦାଂ ସୁଣାୟ୍ କିଦେଂ ଲାଗାତାର୍ ।
୩୭ ଆରେ, ମାନାୟାର୍ ବେସି କାବା ଆଜି ଇଚାର୍, "ହେୱାନ୍ ୱିଜୁ କାମାୟ୍ ହାର୍ କିଜି କିତାନ୍‌ନ୍ନା ! ହେୱାନ୍ ବଇରାରିଂ
ୱେନି ସାକ୍ତି ଆରି ଗୁଲାରିଂ ବେଣ୍ କିନି ସାକ୍ତି ହିନାନା !"

## ୮

### ଚାରି ହାଜାର୍ ମାନାୟ୍‌ତିଂ ଚିଚ୍‌ପାତାନ୍
### (ମାତିଉ ୧୫:୩୨-୩୯)

୧ ହେୱାଡ଼ାଂ ହେନି ମାନାୟାର୍ ଆରେ ରଗ ରୁଣ୍ତ୍ରାଆତାର୍, ଆରେ ହେୱାର୍ ତାକେ ତିନାକା ଉଣାକା ଇନାକା ହିଲ୍‌ୱିତିଲେ
ଜିସୁ ଚେଲାହିରିଂ ଲାଗେ କୁକ୍‌ଚି ହେୱାରିଂ ୱେଚ୍‌ଚାନ୍,
୨ "ହେନି ମାନାୟାର୍ କାଜିଂ ନାଙ୍ଗ୍ କାର୍ମା ହଡ଼୍‌ନାତା, ଇନାକିଦେଂକି ଇୱାର୍ ତିନି ଦିନ୍ ଆତାରେ ନା ହୁଦାଂ ମାନ୍‌ଞ୍ଜି ୱାନାରା
ଆରେ ହେୱାର୍ ତାକେ ଇନାକାପା ତିନାକା ହିଲୁତ୍,"
୩ ଜଦି ଆନ୍ ହେୱାରିଂ ନାସ୍‌କିତାଂ ଇଞ୍ଜ ପକ୍‌ତାଂଚି, ତା ଆତିସ୍ ହାସ୍‌ଦ ହେୱାର୍ ନାସ୍‌କି ବାଉଡ଼ା ଆନାର୍; ହେୱାର୍ ବିତ୍ରେ
କେତେକ୍ ଦେହାତାଂ ୱାତାର୍ଣ୍ତ୍ରା ।
୪ ଚେଲାହିର୍ ତାଙ୍ଗ୍ ୱେନ୍‌ବାତାର୍, "ଇବେ ଇ ଚିମ୍‌ରା ବାହାତାକେ ଇନେର୍ ଇମେଣ୍ତ୍ରାଂ ରୁଟି ତାସି ଇୱାରିଂ ପଟପାଞ୍ଜି
କିଦେଙ୍ଗ୍ ଆଡ଼୍‌ନାସ୍ ?"
୫ "ଜିସୁ ହେୱାରିଂ ୱେନ୍‌ବାତାନ୍, ମି ତାକେ ଏଚଙ୍ଗ୍ ରୁଟିଂ ମାନିକ୍ ?" ହେୱାର୍ ଇଚାର୍, "ସାତ୍‌ଗଟା ।"
୬ ହେବେତାଂ ଜିସୁ ମାନାୟାରିଂ ମେଦ୍‌ନିତ କୁଚ୍‌ଚେଂ ବଲ୍ ହିତାନ୍; ଆରି, ହେୱାନ୍ ହେୱାରିଂ ସାତ୍‌ଗଟା ରୁଟିଂ ଅଜି
ଇସ୍ୱର୍‌ତିଂ ଜୁୱାର୍ କିଜି ହେ ୱିଜୁ ଡ୍ରିପ୍‌କିସ୍ ବାଟାକିଜି ହିଦେଙ୍ଗ୍ ଇଞ୍ଜି ହେ ଚେଲାହିରିଂ ହିତାନ୍ ଆରେ ହେୱାର୍ ମାନାୟାରିଂ
ହେଦାଂ ପାସ୍‌ପିସ୍ ହିତାର୍ ।

୭ ପାଚେ, ହେୱାର୍ ତାକେ ଅଲପ୍ ପାରାନେ କେତ୍ ଗଟା ହିରୁ ମିନ୍‌କୁ ମାଚିକ୍; ହେୱାଙ୍ଗ୍ ୱିଜୁ ହେୱାନ୍ ଇସ୍ୱର୍‌ତିଂ
ଦନ୍ୟବାଦ୍ କିଜି ହେୱାରିଂ ବାଟା କିଦେଙ୍ଗ୍ ଇଞ୍ଜି ଇଚାନ୍ ।
୮ ହେବେ ହେୱାର୍ ତିନ୍‌ଞ୍ଜି ପଟ ପାନ୍‌ଚାର୍ ଆରେ ସାତ୍ ଟପା ହାର୍‌ତି ଡ୍ରିକ୍‌ତି ରୁଟିଂ ନିକ୍‌ଚି ଅତାର୍ ।
୯ ହେୱାର୍ ଆନ୍‌ମାନ୍ ତାଙ୍ଗ୍ ଚାରି ହାଜାର୍ ଲକୁ ମାଚାର୍ ।
୧୦ ତା ପାଚେ ହେୱାନ୍ ହେୱାରିଂ ପକ୍‌ତାନ୍ ଆରି ହେ ଦାପ୍ରେ ହେୱାନ୍ ତା ଚେଲାର୍ ହୁଦାଂ ଡଙ୍ଗାତ ଦୁମ୍‌ଜି ଦଲ୍‌ମନୁତା
ନିପ ୱାତାର୍ ।

## ପାରୁସିର୍‌ତି ଚିନ୍ ଦାବା କିନାକା
*(ମାତିଉ ୧୬:୧-୪)*

୧୧ ପାଚେ ପାରୁସିର୍ ବାର୍ତ ୱାଜି ତା ଲାହାଂ ବେଣ୍‌କିବାଦେଂ ଲାଗାତାର୍ ଆରି ତାଙ୍ଗେଙ୍ଗ୍ ପରିକ୍ୟା କିନି ବାଦ୍‌ନାତ
ଆକାସ୍‌ନି ର ଚିନ୍ ଏନ୍ତାର୍ ।
୧୨ ହେବେତାଂ ହେୱାନ୍ ଜିବୁନ୍‌ତ ଗାଜା ପୁଣ୍ଡା ହିଜି ନେନ୍‌ଚାନ୍, “ନେଞ୍ଜେୱିଗାନି ନାର୍ ଇନାକିଦେଂକି ଚିନ୍ ଡେକ୍‌ନାରା
? ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା, ନେଞ୍ଜେୱିଗାନି ନାର୍‌ଦିଂ ଇନାକାପା ଚିନ୍ ହିୟା ଆଉଡ୍ !”
୧୩ ଆରେ, ହେୱାନ୍ ହେୱାରିଂ ପିସ୍‌ସି ଆରି ରଗ ଡଙ୍ଗାତ ଦୁମ୍‌ଜି ଆନ୍‌ଟି ପାଡ଼ାକା ହାଚାନ୍ ।

## ହେରଦ୍ ଆରେ ପାରୁସିର୍‌ତି ପାପ୍
*(ମାତିଉ ୧୬:୫-୧୨)*

୧୪ ଜିସୁତି ଚେଲାର୍ ରୁଟି ଅଦେଂ ବାଣା ଆତାର୍; ଡଙ୍ଗାତ ହେୱାର୍ ତାକେ ମାତର୍ ରଞ୍ଜାଙ୍ଗ୍‌ନେ ରୁଟି ମାଚାଡ୍ ।
୧୫ ✡ପାଚେ ଜିସୁ ହେୱାରିଂ ଇଚାନ୍, “ଜାଗ୍ରତ୍ ଆଡୁ,” ହେରଦ୍‌ତି ଆରି “ପାରୁସିର୍‌ତାଂ ଆରି ହେରଦ୍‌ତି ସାଦୁକିତ
ହଇନିତାଂ ଜାଗ୍ରତ୍ ଆଜି ମାନାଟ୍ ।”
୧୬ ହେବେଣ୍ଡ୍ରାଂ ହେୱେର୍ ନିଜେ ନିଜେ ବେଣ୍‌କିବା ଆଜି ଇଞ୍ଜେଙ୍ଗ୍ ଲାଗାତାର୍, “ମା ତାକେ ରୁଟି ହିଲୁଡ୍ ଇଞ୍ଜି ହେୱାର୍
ଇଦାଂ ଇଚାର୍ ।”
୧୭ ଜିସୁ ହେଦାଂ ପୁଞ୍ଜି ହେୱାରିଂ ଇଚାନ୍, “ମି ତାକେ ରୁଟି ହିଲୁଡ୍ ଇଞ୍ଜି ଇନାକିଦେଂ ହାରି ବେଣ୍‌କିବା ଆନାଦେରା ?
ଏପେଙ୍ଗ୍ ଇନାକା ଇ ପାତେକ୍ ପୁନୁଦେରା କି ବୁଜା ଆଉଦେରା ? ଇନାକା ମି ମାନ୍ ଆଟ୍‌ୱା ଆତାଡ୍‌ନ୍ନା
୧୮ ✡ମି ମାନ୍ ଇନାକା କାଲ୍‌ଲାକେ ଆତାଡ୍‌ନ୍ନା ? କାଣ୍‌କୁ ମାନ୍‌ଞ୍ଜି ମାନ୍‌ଞ୍ଜି ହୁଡ୍‌ଦୁଦେରା ? ଆରେ, କିଡୁଲିଂ ମାନ୍‌ଞ୍ଜି ମାନ୍‌ଞ୍ଜି
ୱେନୁଦେରା ?
୧୯ ହେ ପାଞ୍ଚ୍ ହାଜାର୍ ମାନାୟାର୍ ବିତ୍ରେ ଆନ୍ ଏଚେକାଡ୍‌ଦ ପାଞ୍ଚ୍‌ଗଟା ରୁଟିଂ ଡ୍ରିକ୍‌ଚି ମାଚାଙ୍ଗ୍ ହେ ପାଦ୍‌ନା ଏପେଙ୍ଗ୍ ବାତ
ଏଚେ ଟପା କୁଦ୍ରି ଆତି ରୁଟିଂ ଅଜି ମାଚାଦେର୍ ହେଦାଂ ମିଙ୍ଗେଙ୍ଗ୍ ଏଡ୍ ହିଲୁଡ୍ ?” ହେୱାର୍ ହେୱାନିଂ ଇଚାର୍, “ବାର ଦାଉଡ଼ା
।”
୨୦ ଆରେ, “ହେ ଚାରି ହାଜାର୍ ମାନାୟାର୍ ବିତ୍ରେ ଆନ୍ ଏଚେକାଡ୍‌ଦ ସାତ୍‌ଗଟା ରୁଟିଂ ଡ୍ରିକ୍‌ଚି ମାଚାଙ୍ଗ୍, ହେ ପାଦ୍‌ନା
ଏପେଙ୍ଗ୍ ପୁରା ଏଚେ ଟପା ଡ୍ରିଙ୍ଗ୍‌ତି କୁଦ୍ରି ନିକ୍‌ଚି ଅଜି ମାଚାଦେର୍ ?” ହେୱାର୍ ଇଚାର୍, “ସାତ୍ ଟପା ।”
୨୧ ହେବେ ଜିସୁ ହେୱାରିଂ ଇଚାନ୍, “ଏପେଙ୍ଗ୍ ଇନାକା ନଙ୍ଗ୍ ପାତେକ୍ ବୁଜା ଆଉଦେରା ।”

## ବେଡ୍‌ସାଇଦା ତାକେ ର କାଣା ଲଗାଙ୍ଗ୍ ଉଜ୍ କିତାନ୍

୨୨ ପାଚେ ହେୱାର୍ ବେଡ୍‌ସାଇଦାତ ୱାତାର୍ । ଆରି, ଲକୁ ର କାଣାଙ୍ଗ୍ ତା ଲାଗେ ତାଜି ତାଙ୍ଗେଙ୍ଗ୍ ତୁଦେଂ ହେୱାନିଂ
ଗୱାରି କିତାର୍ ।
୨୩ ଲାଗିଂ ହେୱାନ୍ କାଣାଙ୍ଗ୍ କେଇ ଆଜି ତାଙ୍ଗେଙ୍ଗ୍ ନାସ୍ ବାର୍ତ ଅସି ହାଚାନ୍, ଆରେ ହେ କାଣ୍‌କୁକାଂ ଏୱିଡ଼ିଂ ଆରେ ତା
ଜପି କେଇ ଇଡ଼ିଜି ତାଙ୍ଗେଙ୍ଗ୍ ୱେନ୍‌ବାତାନ୍, “ଏନ୍ କି ଅଲପ୍ ହୁଡ୍‌ନାୟା ?”
୨୪ ହେୱାନ୍ ଜପି ହୁଡ୍‌ଜି ଇଚାନ୍, ଆନ୍ ମାନାୟ୍‌ତିଂ ତାଂନାକା ହୁଡ୍‌ନାଙ୍ଗା, ମାତର୍ “ଆନ୍ ମାର୍ ଲାକେ ଇନାକା ତାଂନାକା
ହୁଡ୍‌ନାଙ୍ଗା ।”
୨୫ ତାପାଚେ ହେୱାନ୍ ଆରେ ରଗ ତା କାଣାଙ୍ଗାତ କେଇ ତୁପ୍‌ତାନ୍; ହେବେ ହେୱାନ୍ ହାର୍ କିଜି ହୁଡ୍‌ତାନ୍ ଆରି ଉଜ୍
ଆଜି କାଣ୍‌ଙ୍ଗାମିଟ୍ ଇଚ୍‌ୱାଦାଂ ୱିଜୁ ହୁଡ୍‌ଦେଂ ଲାଗାତାନ୍ ।
୨୬ ପାଚେ ଜିସୁ ହେୱାନିଂ ଇଞ୍ଜ ପକ୍‌ଚି ଇଚାନ୍, “ଇ ନାସ୍ ହାଲ୍‌ମା ମାତର୍ ଜାର୍ ଇଞ୍ଜ ହାଲା ।”

## ପିତର୍ ଜିସୁଙ୍ଗ୍ କ୍ରିସ୍ଟ ଇଞ୍ଜି ମାନି କିତାନ୍
*(ମାତିଉ ୧୬:୧୩-୨୦; ଲୁକ ୯:୧୮-୨୧)*

୨୭ ଇଦାଂ ପାଚେ ଜିସୁ ଆରି ତା ଚେଲାହିର୍ କାଇସରିୟା ପିଲିପ୍‌ପି ନିପ ନାସ୍‌କୁକାଂ ହାଚାର୍, ଆରି ହାନି ହାସ୍‌ଦ ହେ
ଚେଲାହିରିଂ ଜିସୁ ୱେନ୍‌ବେଦେଂ ଲାଗାତାନ୍, “ଆନ୍ ଇନେର୍ ଇଞ୍ଜି ଲକୁ ଇନାକା ଇଞ୍ଜି ବାବି କିନ୍ନାରା ?”

✡ **୮:୧୫** ଲୁକ ୧୨:୧. ✡ **୮:୧୮** ମାର୍କ ୪:୧୨.

୨୮ ଇବେ ହେୱାର୍ ତାଙ୍ଗେଙ୍ଗ୍ ଇଚାର୍, "ବାପ୍ତିସିମ୍‌ହିନି ଜହନ୍," ଆରେ ଇନେର୍ ଇନେର୍ ଏଲିୟ, ମାତର୍ ଇନେର୍
ଇନେର୍ ଇନାର୍, ବେଣ୍‌ବାକ୍‌ଣାୟ୍‌କିନାକାନ୍ ବିତ୍ରେ ରକାନ୍ ।
୨୯ ହେୱାନ୍ ହେୱାରିଂ ୱେନ୍‌ବାତାନ୍, ମାତର୍ "ନାଙ୍ଗେଙ୍ଗ୍ ଇନେନ୍ ଇଞ୍ଜି ଏପେଙ୍ଗ୍ ଇନାକା ଇଞ୍ଜ୍‌ନାଦେରା ?" ପିତର୍
ହେୱାନିଂ ଉତର୍ ହିତାନ୍, "ଏନ୍ ଆନାୟା ଇସ୍ୱର୍ ବାଚିକିତି କ୍ରିସ୍ଟ‌ତି ।"
୩୦ ମାତର୍ ଜିସୁ ହେୱାରିଂ "ହେ ବିସ୍ରେ ଇନେରିଂକି ଇନାକା ୱେଚ୍‌ୱେଦେଂ ବଲ୍ ହିତାନ୍ ।"

## ଜିସୁ ହାନାକା ଆରି ନିଙ୍ଗ୍‌ନି ବିସ୍ରେ ୱେଚ୍‌ଚାନ୍
*(ମାତିଉ ୧୬:୨୧-୨୮; ଲୁକ ୯:୨୨-୨୭)*

୩୧ ଆରେ, ଜିସୁ ହେୱାରିଂ ହିକାଇ କିଦେଙ୍ଗ୍ ଲାଗାତାନ୍ ଜେ, "ମାନାୟ୍ ମାଜି ଆତିସ୍‌ପା ବେସି ଦୁକ୍‌ପାୟା ଆଦେଂ ଆନାତ୍
ଆରେ ପ୍ରାଚିନାର୍, ମୁଡ଼୍ ମାପୁହେବାକିନାକାନ୍ ଆରେ ସାସ୍ତ୍ରିର୍‌ତି ହୁକେ ମୁନା କିୟାଜି ହାଦେଂ ଆନାତ୍, ଆରେ ତିନ୍‌ଦିନ୍‌ତାଂ
ନିଙ୍ଗ୍‌ନାକା ମାନାତ୍ ।"
୩୨ ଇ ବେରଣ୍ ହେୱାନ୍ ପୁଟ୍‌ତେ ଇଚାନ୍ । ହେବେଣ୍ତାଂ ପିତର୍ ହେୱାନିଂ ର ବାହାତ ଅଜି ଗଡ଼୍‌କିଦେଂ ଲାଗାତାନ୍ ।
୩୩ ମାତର୍ ହେୱାନ୍ ମାସ୍‌ଦି ହୁଡ଼୍‌ଜି ତା ଚେଲାହିରିଂ ପିତର୍‌ତିଂ ଗଡ଼୍ କିଜି ଇଚାନ୍, "ନା ମୁମ୍‌ଦାଂ ଗୁଚା, ସୟତାନ୍," ଲାଗିଂ
"ଏନ୍ ଇସ୍ୱର୍ ବିସ୍ରେ ବାବି କିୱାଦାଂ ଏନ୍ ମାନାୟ୍ ବିସ୍ରେ ବାବି କିନାୟା ।"
୩୪ ☆ତା ପାଚେ ଜିସୁ ତା ଚେଲାରିଂ ଆରି ରୁଣ୍ଡାତି ମାନାୟାରିଂ କୁକ୍‌ଚି ଇଚାନ୍, "ଇନେର୍‌କି ନା ହୁଦାଂ ୱାଦେଙ୍ଗ୍ ଇଚା
କିନାନ୍, ହେୱାନ୍ ଜାର୍‌ତିଂ ପିହେନ୍ ଆରି ଜାର୍‌ତି କ୍ରୁସ୍ ଆସ୍ତି ନା ପାଚେ ପାଚେ ୱାୟେନ୍ ।"
୩୫ ☆ଇନାକିଦେଂକି "ଇନେର୍ ଜାର୍ ଜିବୁନ୍ ବାଚାୟ୍ କିଦେଙ୍ଗ୍ ଇଚା କିନାନ୍, ହେୱାନ୍ ହେଦାଂ ଆରାଇ କିନାନ୍; ମାତର୍
ଇନେନ୍ ଜଦି ନା ନେକ୍ରିକାବୁର୍ କାଜିଂ ତା ଜିବୁନ୍ ଆରାଇ କିନାନ୍, ହେୱାନ୍ ତା ଜିବୁନ୍ ରାକ୍ୟା କିନାନ୍ ।
୩୬ ଆରେ, ମାନାୟ୍ ୱିଜୁ ପୁତର୍ତିଂ ଲାବ୍‌କିଜି ଜାର୍ ଜିବୁନ୍ ହାତ୍‌ନାନ୍, ହେଦାଂ ତାଙ୍ଗେଙ୍ଗ୍ ଇନା ଲାବ୍ ?
୩୭ ଆରେ, ମାନାୟ୍ ଜାର୍ ଜିବୁନ୍ ବାଦୁଲ୍ ଇନାକା ହିଦେଂ ଆଡ଼୍‌ନାନ୍ ?
୩୮ ଲାଗିଂ ଇନେର୍ ଇ କାଡ଼୍‌ନି ଦାରିୟାର୍ ଆରି ପାପିର୍ ମାନାୟ୍ ବିତ୍ରେ ନାଦାଂ ଆରି ନା ବଚନ୍ ବିସ୍ରେ ଲାଜା ଆନାନ୍,
ମାନାୟ୍ ମାଜି ଏଚେକାଡ଼୍‌ଦ ପୁଇପୁୟା ଦୁତ୍‌ର୍ ଲାହାଙ୍ଗ୍ ନିଜେନି ଆବାତି ଜାକ୍‌ମାଲ୍‌ତ ଆଜି ୱାନାନ୍, ହେବେତାଂ ହେୱାନ୍‌ପା
ହେ ବିସ୍ରେ ଲାଜା ଆନାନ୍ ।"

## ୯

୧ ଆରେ ରଗ ଜିସୁ ହେୱାରିଂ ଇଚାନ୍, "ଆନ୍ ମିଙ୍ଗେଙ୍ଗ୍ ହାଡ଼୍‌ପା ଇଞ୍ଜ୍‌ନାଙ୍ଗା, ଇସ୍ୱର୍ ରାଜିତିଂ ସାକ୍ତି ହୁକେ ଏକା ୱାନାକା
ହୁଡ଼୍‌ୱି ପାତେକ୍ ଇବେ ନିଲ୍‌ଚି ମାନି ମାନାୟ୍ ବିତ୍ରେ କେତେ ଜାଣ୍ ଇନେସ୍ କିତିସ୍ ପା ହାକି ଦିନ୍ ହୁଡ଼୍‌ରୁ ।"

## ଜିସୁ ପାଗ୍‌ମାସ୍‌ନାକା
*(ମାତିଉ ୧୭:୧-୧୩; ଲୁକ ୯:୨୮-୩୬)*

୨ ☆ଚଅ ଦିନ୍ ପାଚେ ଜିସୁ ପିତର୍, ଜାକୁବ୍ ଆରି ଜହନ୍‌ତିଂ ହାଙ୍ଗ୍ ଅଜି ଅଲ୍‌ଗା ଆଜି ହେୱାରିଂ ର ପାନ୍ତି ମାଡ଼ିଜପି ଅଜି
ହାଚାନ୍ ।
୩ ଆରେ, ହେୱାର୍ ମୁମ୍‌ଦ ପାଗ୍‌ମାସ୍‌ବାତାନ୍, ତା ହେନ୍ଦ୍ରା ଏଲେଙ୍ଗ୍ ଅଜଡ଼୍ ଆରି ବେସି ଡ଼ିଞ୍ଜ୍‌ବାତାନ୍, ଜେ, ପୁତର୍ନି ଇମ୍‌ଣି
ଲଗୁପା ହେ ଲାକେ ଡ଼ିଞ୍ଜ୍‌ବେଦେଂ ଆଡୁର୍ ।
୪ ଆରି, ମସା ଆରି ଏଲିୟ ଜିସୁ ଲାହାଙ୍ଗ୍ ବେରଣ୍ କିନାକାର୍ ହେୱାରିଂ ଚଞ୍ଜ୍‌ୟା ଆତାର୍ ।
୫ ହେବେ ପିତର୍ ଜିସୁଙ୍ଗ୍ ଉତର୍ ହିତାନ୍, "ଏ ଗୁରୁ, ଆପେଂ ଜେ ଇ ବାହାତ ମାନାପ୍ !" ଇଦାଂ ହାରା ଆତାତ୍; "ଆସେଙ୍ଗ୍
ଇବେ ତିନ୍‌ଗଟା ପୁଟ୍‌କୁ ରଚ୍‌ନାସ୍, ନି କାଜିଂ ରଞ୍ଜାଙ୍ଗ୍, ମସା କାଜିଂ ରଞ୍ଜାଙ୍ଗ୍ ଆରେ ଏଲିୟ କାଜିଂ ରଞ୍ଜାଙ୍ଗ୍ ।"
୬ ପିତର୍ ଇନା ଉତର୍ ହିଦ୍‌ନାନ୍ ଇଞ୍ଜି ପୁନ୍‌ୱାଦାଂ ମାଚାର୍, ହେୱାଡ଼ାଂ ହେୱାର୍ ପାଣ୍ତ୍ରା ଆଜି ମାଚାର୍ ।
୭ ☆ଆରେ, ଇଚୁଟିଂ ବାଦାଡ଼୍ ୱାଜି ହେୱାରିଂ ପାଡ଼ାକ୍‌ତାତ୍, ଆରି ହେ ବାଦାଡ଼୍‌ତାଂ ଇ କାତା ଆତାତ୍, "ଇୱାନ୍ ନା ୱାରିନି
ମାଜି, ଇୱାନ୍ତି କାତା ୱେନାଟ୍ !"
୮ ଆରେ, ହାଚାତ୍ରେ ହେୱାର୍ ଚାରିବେଣ୍‌ତାଂ ହୁଡ଼୍‌ଜି ହେୱାର୍ ହୁଦାଂ ଜିସୁଙ୍ଗ୍ ପିସ୍ତି ଆରେ ଇନେରିଂ ପା ହୁଡ଼୍‌ୱାତାର୍ ।
୯ ହେୱାର୍ ମାଡ଼ିତାଂ ଜୁନି ୱେଡ଼ାଲିଂ ଜିସୁ ହେୱାରିଂ ଆଟ୍‌ୱା ବଲ୍ ହିଜି ଇଚାନ୍, "ଏପେଙ୍ଗ୍ ଇନା ଇନାକା ହୁଡ଼୍‌ନାଦେରା,
ହେଦାଂ ୱିଜୁ ହାତି ମାନାୟ୍ ବିତ୍ରେତାଂ ମାନାୟ୍ ମାଜି ତାଙ୍ଗ୍ ନିଙ୍ଗ୍‌ୱି ପାତେକ୍ ଇନେରିଂ ପା ୱେଚ୍‌ମାଟ୍ ।"
୧୦ ହେବେଣ୍ତାଂ ହେୱାର୍ ହେ କାତା ଆଜି "ହାତାକାର୍ ବିତ୍ରେ ଆରେ ନିଙ୍ଗ୍‌ନାକା ଜେ ଇନାକା ? ଜିସୁ ବିସ୍ରେ ଜାର୍ ଜାର୍
ବିତ୍ରେ କାତାବାର୍ତା କିଦେଙ୍ଗ୍ ଲାଗାତାର୍ ।"

☆ **୮:୩୪** ମାତିଉ ୧୦:୩୮; ଲୁକ ୧୪:୨୭. ☆ **୮:୩୫** ମାତିଉ ୧୦:୩୯; ଲୁକ ୧୭:୩୩; ଜହନ୍ ୧୨:୨୫. ☆ **୯:୨** ୨ ପିତର୍ ୧:୧୭,୧୮. ☆ **୯:୭** ମାତିଉ ୩:୧୭;
ମାର୍କ ୧:୧୧; ଲୁକ ୩:୨୨.

୧୧ ☆ହେୱାର୍ ଜିସୁଙ୍ଗ୍ ୱେନ୍‌ବାତାର୍, "ତେବେ ଏଲିୟ ପର୍ତୁମ୍ ୱାନାନ୍, ଇଞ୍ଜି ଦରମ୍ ଗୁରୁର୍ ଇ କାତା ଇନେସ୍ ଇନାର୍ ?"
୧୨ ହେବେଣ୍ଡାଂ ଜିସୁ ହେୱାରିଂ ଇଚାନ୍, "ଏଲିୟ ପର୍ତୁମ୍ ୱାଜି ସବୁ ବିସ୍ରେ ରଚ୍‌ନି କାତା ସତ୍, ମାତର୍ ମାନାୟ୍ ମାଜି ବେସି
ଗିଣ୍‌କିୟା ଆନାନ୍, ଇଦାଂ ଇନେସ୍ ହେୱାନ୍ ବିସ୍ରେ ଲେକା ଆତାଡ୍‌ନ୍ନା ?
୧୩ ମାତର୍ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଏଲିୟ ୱାତାନେ, ଆରେ ହେୱାନ୍ ବିସ୍ରେ ଇନେସ୍ ଲେକା ଆତାଡ୍‌ନ୍ନା, ହେ ଲାକେ
ପା ହେୱାର୍ ତା-କାଜିଂ ଇନାକା ଇଚା ହେଦାଂ କିତାନ୍‌ନ୍ନା ।"

## ପୁଦାଆସ୍ତି କାଡ୍‌ଦେ ହାରା ଆତାନ୍
## (ମାତିଉ ୧୭:୧୪-୨୧; ଲୁକ ୯:୩୭-୪୩)

୧୪ ପାଚେ ହେୱାର୍ ଚେଲାର୍ ତାକେ ୱାଜି ହୁଡ୍‌ତାନ୍ ହେୱାର୍ ଚାରିବେଣ୍‌ତାଂ ବେସିହେନି ମାନାୟ୍ ଆରେ ଦରମ୍ ଗୁରୁର୍
ହେୱାର୍ ହୁକେ କାତାବାର୍ତା କିନାରା ।
୧୫ ମାନାୟାର୍ ହେୱାନିଂ ହୁଡ୍‌ତି ଦାପ୍ରେ ବେସି କାବା ଆତାର୍ ଆରି ହନ୍‌ଚି ୱାଜି ହେୱାନିଂ ଜୱାର୍ କିଦେଙ୍ଗ୍ ଲାଗାତାର୍
।
୧୬ ହେବେତାଂ ଜିସୁ ଚେଲାରିଂ ୱେନ୍‌ବାତାନ୍, "ଏପେଙ୍ଗ୍ ହେୱାର୍ ହୁକେ ଇନାକା ବେରଣ୍‌ବାଟ୍ କିନାଦେରା ?"
୧୭ ମାନାୟ୍ ବିଡ୍ରେ ରୱାନ୍ ହେୱାନିଂ ଉତର୍ ହିତାନ୍, "ଏ ଗୁରୁ ଆନ୍ ନା ମାଜିଙ୍ଗ୍ ନି ତାକେ ତାସି ମାଚାଙ୍ଗ୍; ତାଙ୍ଗେଙ୍ଗ୍ ର
ଗୁଲା ପୁଦା ଆସ୍ତାଡ୍‌ନା,
୧୮ ଇମ୍‌ଣି ବାହାତପା ହେଦାଂ ତାଙ୍ଗେଙ୍ଗ୍ ଆହ୍‌ନାଡ୍, ତାଙ୍ଗେଙ୍ଗ୍ ତାରେନ୍ ଗୁଡ୍‌ତାନ୍ନା, ହେୱାନ୍ ୱେଇଦାଂ ପୁମେଲ୍ ହନାଡ୍
ଆରେ ଟାଡାଙ୍ଗ୍ କାଟ୍‌ନାନା ଆରି ହେୱାନ୍ ୱାଜ୍‌ଜି ହାନାନ୍; ତାଙ୍ଗେଙ୍ଗ୍ ପିହି କିନି କାଜିଂ ଆନ୍ ମି ଚେଲାରିଂ ଇଞ୍ଜି ମାଚାଙ୍ଗ୍,
ମାତର୍ ହେୱାର୍ ଆଡ୍‌ୱାତାର୍ ।"
୧୯ ଜିସୁ ହେୱାରିଂ ଉତର୍ ହିତାନ୍, "ଆଡ଼େ ପାତର୍ଁ କିୱି ଲାଡ୍ରା ଏଚେକ୍ ଦିନ୍ ମି ହୁକେ ମାନାଙ୍ଗ୍ ? ଏଚେକ୍‌ଦିନ୍ ମି ଚିନ୍ତା
ଆଡ୍‌ନାଂ ? କାଡ୍‌ଦେଂ ନାତାକେ ତାଇୱାଡୁ !"
୨୦ ହେବେଣ୍ଡାଂ ହେୱାର୍ ତାଙ୍ଗେଙ୍ଗ୍ ହେୱାନ୍ ତାକେ ତାହି ୱାତାର୍ । ଆରି ହେୱାନିଂ ହୁଡ୍‌ତି ଦାପ୍ରେ ହେ ପୁଦା ତାଙ୍ଗେଙ୍ଗ୍
ବେସି ମଡ଼ି କିତାଡ୍ ଆରି ହେ ମେଦ୍‌ନିତ ଗୁର୍‌ଜି ପୁମେଲ୍ ଉର୍‌ଚି ଡଣଗୁର୍‌ଦେଂ ଲାଗାତାନ୍ ।
୨୧ ହେ କାଡ୍‌ଦ ହେୱାନ୍ ତା ଲାଡ୍ରାହିଙ୍ଗ୍ ୱେନ୍‌ବାତାନ୍, "ଏଚେଦିନ୍ ଆତାଡ୍ ଇୱାନିଂ ଏଲେଙ୍ଗ୍ ଆନାତା ?" ହେୱାନ୍
ଇଚାନ୍, "ହିରୁୱେଡ଼ାଙ୍ଗ୍ ତାଙ୍ଗ୍,"
୨୨ "ହେୱାନ୍ ତାଙ୍ଗେଙ୍ଗ୍ ଅସ୍ତେଙ୍ଗ୍ ଇଞ୍ଜି ବାର୍ ବାର୍ ନାଣିତ ଆରି ଏଜୁକାଂ ତୁହିହିତାଡ୍‌ନା; ମାତର୍ ଏନ୍ ଜଦି ଇନାକା
କିଦେଙ୍ଗ୍ ଆଡ୍‌ନାୟ୍, ତା ଆତିସ୍ ମା କାଜିଂ କାର୍ମା ଆଜି ଉପ୍‌କାର୍ କିଦା ।"
୨୩ ହେବେ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ଇନାକା ଇଚାୟ୍ ? ଜଦି କିଦେଙ୍ଗ୍ ଆଡ୍‌ନାୟ୍ ! ପାତର୍ଁ କିନାକାନ୍ ତାକେ ୱିଜୁ
ଆନାଡ୍ ।"
୨୪ "ହେ ସାଙ୍ଗେ କାଡ୍‌ଦେ ଲାଡ୍ରାହି ଗାଜା କାଟ୍‌ତାଂ ଇଚାନ୍, ଆନ୍ ପାତର୍ଁ କିନାଙ୍ଗା, ନା ପାତର୍ଁ କିୱାକା ବାତାୟ୍ କିଦା
।"
୨୫ ପାଚେ ଲକୁ ରବେ ହନ୍‌ଚି ୱାନାକା ହୁଡ୍‌ଜି ଜିସୁ ହେ ବାନ୍ୟା ପୁଦା ଜିବୁନ୍‌ତିଂ ଦାମ୍‌କାୟ୍ କିଜି ଇଚାନ୍, "ଏ ଗୁଲା ଆରି
ବୟିରା ଜିବୁନ୍ ଆନ୍ ନିଙ୍ଗେଙ୍ଗ୍ ବଲ୍ ହିଦ୍‌ନାଙ୍ଗା, ଇବେଣ୍ଡାଂ ହସି ହାଲା, ଆରେ ରଗ ଇନାୱାଡ଼ାଂପା ଇୱାନ୍ ତାକେ ହଣୁୟ୍
।"
୨୬ ହେବେ ହେଦାଂ କିରିଡ଼ି ପାଡ଼ି କିଜି ତାଙ୍ଗେଙ୍ଗ୍ ମଡ଼ିକିଜି ହସି ହାଚାଡ୍, ଆରେ କାଡ୍‌ଦେ ହାତିଲାକେ ଆତାନ୍, ଏଲେଙ୍ଗ୍
ଆତି କାଜିଂ ଆଦେକ୍ ହେନି ଇଚାର୍, "ହେୱାନ୍ ହାତାନ୍ ।"
୨୭ ମାତର୍ ଜିସୁ ତା କେଇ ଆସ୍ତି ତାଙ୍ଗେଙ୍ଗ୍ ନିକ୍‌ତାନ୍, ଆରେ ହେୱାନ୍ ନିଙ୍ଗ୍‌ତାନ୍ ।
୨୮ ଆରେ, ହେୱାନ୍ ଇଞ୍ଜ ୱାତିଲେ, ହେୱାନ୍ "ଚେଲାହିର୍ ହେୱାନିଂ କାଲେତାଂ ୱେନ୍‌ବେଦେଂ ଲାଗାତାର୍, ଆପେଂ
ପୁଦାତିଙ୍ଗ୍ ଇନେକିଦେଂ ପିହିକିଦେଂ ଆଡ୍‌ୱାତାପ୍ ?"
୨୯ ଜିସୁ ହେୱାରିଂ ଇଚାନ୍, "ପାର୍ତାନା ଆୱିତିସ୍ ଆରି ଇମ୍‌ଣି ବାନ୍ୟା ପୁଦା ପିହିକିୟା ଆଉଡ୍ ।"

## ଜିସୁ ଆରେ ରଗ ନିଜେ ହାନି ବିସ୍ରେ ଇଚାନ୍
## (ମାତିଉ ୧୭:୨୨-୨୩; ଲୁକ ୯:୪୩-୪୫)

୩୦ ଜିସୁ ଆରି ଚେଲାର୍ ହେ ବାହାତ ପିସ୍ତି ଗାଲିଲି ନିପତିଂ ଆଜି ହାଚାର୍, ଆରି ଇନେର୍ ହେଦାଂ ପୁନ୍‌ମେର୍ ଇଞ୍ଜି ମାନ୍
ହିଲ୍‌ୱାତାଡ୍,
୩୧ ଇନାକିଦେଂକି ହେୱାନ୍ ତା ଚେଲାରିଂ ଇ କାତା ଇଞ୍ଜି ହିକ୍ୟା ହିଜି ମାଚାନ୍, ହେୱାନ୍ ହେୱେରିଂ ଇଚାନ୍ । "ମାନାୟ୍
ମାଜି ମାନାୟ୍ କେଇଦ ହେଲାୟ୍ କିୟା ଆନାନ୍, ଆରେ ହେୱାର୍ ହେୱାନିଂ ଟ୍ରାକ୍‌ନାର୍ ଆରେ ହେୱାନ୍ ହାତି ପାଚେ ତିନ୍‌ଦିନ୍
ତାଙ୍ଗ୍ ପାଚେ ଆରେ ନିଙ୍ଗ୍‌ନାନ୍ ।"
୩୨ ମାତର୍ ଚେଲାର୍ ହେ କାତା ବୁଜା ଆୱାତାର୍ ଆରେ ହେୱାନିଂ ୱେନ୍‌ବେଦେଂ ପାଣ୍ଡ୍ରା ଆଜି ମାଚାର୍ ।

☆ **୯:୧୧** ମାତିଉ ୧୧:୧୪.

### ଜିସୁ ଇଚାନ୍ ଇନେର୍ ଗାଜାକାନ୍
### *(ମାତିଉ ୧୮:୧୫; ଲୁକ ୯:୪୬-୪୮)*

୩୩ ପାଚେ ହେୱାର୍ କପର୍ନାହୁମ୍ ୱାତାର୍ । ଜିସୁ ଇଞ୍ଜ ଏକିସ୍ ହେୱାରିଂ ୱେନ୍‌ବାତାନ୍, "ଏପେଙ୍ଗ୍ ହାସ୍‌ଦ ଇନାକା କାତା
ବାର୍ତା କିଜି ମାଚାଦେର୍ ?"
୩୪ ✡ମାତର୍ ହେୱାର୍ ଚିମ୍‌ରା ଆଜି ମାଚାର୍, ଇନାକିଦେଂକି ସାର୍ଗେ ରାଜିତ ଇନେର୍ ଗାଜା, ଇ କାତା ଆସ୍ତି ହାସ୍‌ଦ ଗାଣ୍‌ଜୁ
କିଜି ମାଚାର୍ ।
୩୫ ✡ହେବେ ହେୱାନ୍ କୁଚ୍‌ଚି ବାରଜାଣ୍ ଚେଲାରିଂ କୁକ୍‌ତାନ୍ ଆରି ହେୱାରିଂ ଇଚାନ୍, "ଜଦି ଇନେର୍ ମୁଡ୍ ଆଦେଂ ଇଚା
କିନାନ୍ ତାଆତିସ୍ ହେୱାନ୍ ୱିଜାକାର୍ ତାଙ୍ଗ୍ ହାରୁକାନ୍ ଆରି ୱିଜାକାରିଂ ହେବା କିନାକାନ୍ ଆୟେନ୍ ।"
୩୬ ଆରେ, ହେୱାନ୍ ର ହାରୁ କାଡ୍‌ଦେଂ ଆସ୍ତି ହେୱାର୍ ମାଦି ନିଲି କିତାନ୍ ଆରେ ତାଙ୍ଗେଙ୍ଗ୍ ଉନ୍‌ଞ୍ଜି ହେୱାରିଂ ଇଚାନ୍,
୩୭ ✡"ଇନେର୍ ନା ତର୍‌ଦ ଏଲେଙ୍ଗ୍ ହାରୁ ହିମ୍‌ଣା ବିତ୍ରେ ରକାନିଂ ଇଟ୍‌ନାର୍, ହେୱାନ୍ ନାଙ୍ଗେଙ୍ଗ୍ ଇଟ୍‌ନାନ୍, ଇନେର୍
ନାଙ୍ଗେଙ୍ଗ୍ ଇଟ୍‌ନାନ୍, ମାତର୍ ନା ପକ୍ତିତି ଆବାଙ୍ଗ୍ ମାନି କିନାନ୍ ।"

### ମାଙ୍ଗେଙ୍ଗ୍ ବିରଦ୍ କିୱି ଲଗୁ ମା ନିଜ୍ ଲକୁ
### *(ଲୁକ ୯:୪୯-୫୦)*

୩୮ ଜହନ୍ ଜିସୁଙ୍ଗ୍ ଇଚାନ୍, "ଏ ଗୁରୁ, ମା କୁଦା ତାକେ ରୱାନ୍ ହିଲ୍‌ୱିତି ଲଗାଙ୍ଗ୍ ନି ତର୍‌ଦାଂ ପୁଦା ପିହ୍‌ନାକା ହୁଡ୍‌ତାପ୍,
ଆରେ ହେୱାନ୍ ମା କୁଦା ତ ହିଲ୍‌ୱିତିଲେ ମୁନାକିତାପ୍ ।"
୩୯ ମାତର୍ ଜିସୁ ଇଚାନ୍, "ତାଙ୍ଗେଙ୍ଗ୍ ମୁନା କିମାଟ୍; ଇନେକିଦେଂକି ନା ତର୍‌ଦ ସାକ୍ତିନି କାମାୟ୍ କିଜି ହାଚାଟ୍ରେ ନାଦାଂ
ବାନ୍ୟା କିଦେଙ୍ଗ୍ ଆଡ୍‌ନାନ୍, ଏପେଙ୍ଗ୍ ଲଗୁ ଇନେର୍ ହିଲୁର୍;
୪୦ ✡ଇନେକିଦେଂକି ଇନେର୍ ମା ବିରୁଡ୍ ଆକାୟ୍, ହେୱାନ୍ ମାପାକ୍ୟା ।
୪୧ ✡ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା, ଏପେଙ୍ଗ୍ କ୍ରିସ୍ଟତି ଲକୁ ଇଞ୍ଜି ଇନେର୍‌କି ମିଙ୍ଗେଙ୍ଗ୍ ର ଗିନା ଏଜୁଂ ଉଣ୍ଡେଙ୍ଗ୍
ହିଡ୍‌ତିସ୍, ହେୱାନ୍ ଇନେସ୍ କିଜିପ୍ରା ଜାର୍ ମୁକୁଟ୍ ଆରାୟ୍ କିଉନ୍ ।"

### ପାତର୍ ତାକେ ପାପ୍ କିତାକା
### *(ମାତିଉ ୧୮:୬-୯; ଲୁକ ୧୭:୧-୨)*

୪୨ "ଜିସୁ ଆରେ ଇଞ୍ଜେଙ୍ଗ୍ ଲାଗାତାନ୍, ଇନେର୍ ପାତର୍ କିଜି ମାନି ଇ ହାରୁକାର୍ ବିସ୍ରେ ରକାନିଂ ବାଦା ଆତିସ୍, ହେୱାନ୍
ହାକ୍‌ତ ର ଗାଜା ଜାତାକାଲ୍ ଡ଼ଇ କିଜି ହେୱାନିଂ ହାମ୍‌ଦୁର୍ ତାକେ ତୁଇ ହିଗିତିସ୍ ହେଦାଂ କାଜିଂ ହାରା ଆତାମ୍ୱା ।
୪୩ ✡ ଆରେ, ମି କେଇ ଜଦି ମିଦାଙ୍ଗ୍ ବାଦା ଆନାଡ୍, ତାଙ୍ଗେଙ୍ଗ୍ କାଦ୍‌ଦି ତୁସି ହିୟାଟ୍, ଆରି ରି କେଇ ଅଜି ନରକ୍, ଇଚିସ୍
ହାୱିନାଣି ବିତ୍ରେ ହାନି ବାଟା ଟୁଟାଆଜି ଜିବୁନ୍‌ତ ହଣଗାନାକା ମି ପାକ୍ୟାତ ହାର୍ ।
୪୪ ଇନାକିଦେଂକି ନାଣିତ ହେୱାର୍‌ତି ପିଡ୍ଡୁ ଜିରା ଆଉକ୍, ଆରି ନାଣି ହାହୁଡ୍ ।
୪୫ ଆରେ, ମି ପାନା ଜଦି ମିଙ୍ଗେଙ୍ଗ୍ ବାଦା ହିଦ୍‌ନାତା ହେଦେଲିଂ କାଦ୍‌ଦି ତୁସିହିୟାଟ୍, ରି ପାନାଙ୍ଗ୍ ତାସି ନରକ୍‌ତ
ଦେହେନି ବାଟା ଚଟା ଆଜି ଜିବୁନ୍‌ତ ହାନାକା ମି ପାକ୍ୟାତ ହାର୍ ।
୪୬ ଇନାକିଦେଂକି ନାଣିତ ହେୱାର୍‌ତି ପିଡ୍ଡୁ ଜିରା ଆଉକ୍, ଆରି ନାଣି ମୁଡ୍‌କେ ହାଉଡ୍ ।
୪୭ ✡ଆରେ ମି କାଣ୍‌ଙ୍ଗା ଜଦି ମିଙ୍ଗେଙ୍ଗ୍ ବାଦା ହିଦ୍‌ନାତା, ଇଚିସ୍ ହେ କାଣାଙ୍ଗାତିଂ ଉନ୍‌ଦି ତୁହି ହିୟାଟ୍, ରି କାଣ୍‌କୁ ଅଜି
ନରକ୍‌ତ ତୁହିହିନି ବାଟା ର କାଣ୍‌ଙ୍ଗା ଅଜି ମାପୁ ରାଜିତ ହଣାକା ନି ପାକ୍ୟାତ ହାର୍ ।
୪୮ ଇନାକିଦେଂକି ନାଣିତ ହେୱାର୍‌ତି ପିଡ୍ଡ ୱିଜୁଡ୍ ଆରି ନାଣି ହାଉଡ୍ ।"
୪୯ "ଲାଗିଂ ୱିଜାର୍ ନାଣିତ ହର୍ ଲାକେ ହୱାଦ୍ । ହର୍ ହାର୍ଦାକା, ମାତର୍ ହର୍ ଜଦି କାର୍ଯ୍ୟା ଆନାଡ୍, ତା ଆତିସ୍ ହେଦେଲିଂ
ଇନାକାତ ହୱାଦ୍ କିୟାନାଡ୍ ? ଏପେଙ୍ଗ୍ ଜାର୍ ବିତ୍ରେ ହର୍ ହୱାଦ୍ ସମାନ୍ ମାନାଟ୍ ଆରି ହାରି ଲାହାଂ ସୁସ୍ତାତ ମାନାଟ୍ ।"
୫୦ ✡"ହର୍ ହାର୍‌ଦାକା, ଏଲେଙ୍ଗ୍ ହର୍ ଲାକେ ଆୱାତାଡ୍‌ଚି, ତା ଆତିସ୍ ଇନାକାତ ହୱାଦ୍ କିନାକା ? ଏପେଙ୍ଗ୍ ଜାର୍
ଜାର୍ ତାକେ ହାର୍ ଗୁଣ୍ ଇଟାଟ୍ ଆରେ ୱିଜାକାଦେର୍ ସୁସ୍ତାତ ମାନାଟ୍ ।"

## ୧୦

### ଡକ୍ରିଂ ପିହ୍‌ନି ବିସ୍ରେ ଜିସୁ ହିକାଇ କିତାକା
### *(ମାତିଉ ୧୯:୧-୧୨; ଲୁକ ୧୬:୧୮)*

୧ ଜିସୁ ହେ ବାହାତାଂ ହାଲ୍‌ଜି ପା ଜିହୁଦାନିପ ଆରି ଜର୍ଦନ୍ ନାଗୁଡ୍ ନାସି ୱାତାନ୍, ଆରେ ମାନାୟ୍ ତାକେ ଆରେ ରଗ
ହେଦାଂ ମେହା ଆତାନ୍, ହେୱାନ୍ ନିଜେ ନି ନିତି ତାଙ୍ଗ୍ ହେୱାରିଂ ହିକାଇ କିଦେଙ୍ଗ୍ ଲାଗାତାନ୍ ।

✡ **୯:୩୪** ଲୁକ ୨୨:୨୪. ✡ **୯:୩୫** ମାତିଉ ୨୦:୨୬,୨୭; ୨୩:୧୧; ମାର୍କ ୧୦:୪୩,୪୪; ଲୁକ ୨୨:୨୬. ✡ **୯:୩୭** ମାତିଉ ୧୦:୪୦; ଲୁକ ୧୦:୧୬; ଜହନ୍ ୧୩:୨୦.
✡ **୯:୪୦** ମାତିଉ ୧୨:୩୦; ଲୁକ ୧୧:୨୩. ✡ **୯:୪୧** ମାତିଉ ୧୦:୪୨. ✡ **୯:୪୩** ମାତିଉ ୫:୩୦. ✡ **୯:୪୭** ମାତିଉ ୫:୨୯. ✡ **୯:୫୦** ମାତିଉ ୫:୧୩;
ଲୁକ ୧୪:୩୪,୩୫.

୨ ଇବେଣ୍ଡାଂ ପାରୁସିର୍ ତା ତାକେ ୱାଜି ତାଙ୍ଗେଙ୍ଗ୍ ପରିକ୍ୟା କିଜି ୱେନ୍‌ବାତାର୍, ମା "ବିଦି ହିଦ୍‌ନାତା କି ରୱାନ୍ ତା
ଡକ୍କୁହିଂ ପିସ୍‌ସି ହେଦାଂ ଇନାକା ଆଣ୍ଡ୍ରେନ୍ ତାକେ ନିୟାୟ୍ ମାନାଡ୍‌କି ?"
୩ ଜିସୁ ହେୱାରିଂ ଉତର୍ ହିତାନ୍, "ମସା ମିଙ୍ଗେଙ୍ଗ୍ ଇନା ବଲ୍ ହିଡ୍‌ତାନ୍ନା ?"
୪ ☆ହେୱାର୍ ଇଚାର୍, "ହେଲ ଆକି ଲେକି କିଜି କଗ୍‌ଲେଂ ପିହ୍‌ନି କାଜିଂ ମସା, ହେଲ ହିତାନ୍‌ନା ।"
୫ ହେବେ ଜିସୁ ହେୱାରିଂ ଇଚାନ୍, "ମି ମାନ୍ ଆଟ୍‌ୱା ହୁଡ଼୍‌ଜି ମସା ମି କାଜିଂ ଇ ବଲ୍ ଲେକି କିତାନ୍‌ନ୍ନା ।
୬ ମାତର୍ ଉବ୍‌ଜାଣ୍ ଆତି ଆରମ୍‌ତାଂ ଇସ୍ୱର୍ ହେ ଲାକେ ହେୱାରିଂ ଆଣ୍ଡ୍ରେନ୍ ଆରେ କଗ୍‌ଲେ କିଜି ଉବ୍‌ଜାଣ୍ କିତାନ୍ ।"
୭ "ଇଦାଂ କାଜିଂ ଆଣ୍ଡ୍ରେନ୍ ଜାର୍ ଆବା ଆୟାଂ ପିହିନାନ୍, ଆରି ହେୱାର୍ ଏକ୍ ଆନାର୍,*
୮ ଆରେ ହେୱାର୍ ରିକାର୍ ଆକାୟ୍, ମାତର୍ ର ଗାଗାଡ଼୍ ଆନାର୍ ।
୯ ଲାଗିଂ ଇସ୍ୱର୍ ଇମ୍‌ଣାକାରିଂ ମେହାୟ୍ କିତାନ୍ନା, ମାନାୟ୍ ହେଦାଂ ଏଡ଼ାୟ୍ କିମେର୍ ।"
୧୦ ପାଚେ ଚେଲାର୍ ଇଞ୍ଜ ହେୱାନିଂ ଇ ବିସ୍ରେ ଆରେ ରଗ ୱେନ୍‌ବେଦେଂ ଲାଗାତାର୍ ।
୧୧ ☆ହେବେଣ୍ଡାଂ ହେୱାନ୍ ହେୱାରିଂ ଇଚାନ୍, "ଇନେର୍ ଜାର୍ ଡକ୍ରିଂ ପିସ୍ତି ବିନ୍‌ନିକାତିଂ ବିବାଆତିସ୍, ହେୱାନ୍ ତା ବିରୁଦ୍‌ତ
ଦାରି ଆନାନ୍ ।
୧୨ ଆରେ, ଜଦି କଗ୍‌ଲେ ଜାର୍ ଡକ୍ରାଙ୍ଗ୍ ପିସ୍ତି ବିନ୍‌ଲୁଗାଂ ବିବା ଆତିସ୍, ଲାଗିଂ ହେଦେଲ୍ ଦାରି ।"

## ଜିସୁ ହିମ୍‌ଣାକାଂ ୱାରି କିନାନ୍

*(ମାତିଉ ୧୯:୧୩-୧୫; ଲୁକ ୧୮:୧୫-୧୭)*

୧୩ ହେୱାନ୍ ଇନେସ୍ ହିମ୍‌ଣାକାଂ ତୁଜି ଆସିର୍ବାଦ୍ କିନାନ୍, ଇଦାଂ କାଜିଂ ହେୱାରିଂ ହେୱାନ୍ ତାକେ ତାତେଙ୍ଗ୍ ଲାଗାତାର୍,
ମାତର୍ ଚେଲାର୍ ହେୱାରିଂ ଦାକା କିତାର୍ ।
୧୪ ଜିସୁ ହେଦାଂ ହୁଡ଼୍‌ଜି ରିସା ଆଜି ହେୱାରିଂ ଇଚାନ୍, "ହିମ୍‌ଣାକାଂ ନା ତାକେ ୱାଦେଙ୍ଗ୍ ହିଆଟ୍, ହେୱାରିଂ ମୁନାକିମାଟ୍,
ଇଦାଂ କାଜିଂ ଇସ୍ୱର୍‌ତି ରାଜି ଇ ଲାକେ ମାନାୟାର୍‌ତି ।
୧୫ ଆନ୍ ମିଙ୍ଗେଙ୍ଗ୍ ହାଡ଼୍‌ପା ଇଞ୍ଜ୍‌ନାଙ୍ଗା, ଇନେର୍ ହିମ୍‌ଣାଂ ଲାକେ ଇସ୍ୱର୍ ରାଜିତ ଆୱିତିସ୍, ହେୱାନ୍ ଇନେସ୍ କିଜି ପା
ସାର୍ଗେ ରାଜିନିପ ହେବେ ହଣ୍ଡ୍ରେଙ୍ଗ୍ ଆଡୁନ୍ ।"
୧୬ ଆରେ, ହେୱାନ୍ ହେୱାରିଂ ଡ୍ରକ୍‌ଚି କେଇ ଇଡ଼୍‌ଜି ଆସର୍ବାଦ୍ କିତାନ୍ ।

## ର ହାୱାକାର୍ ମାନାୟ୍ ବିସ୍ରେ

*(ମାତିଉ ୧୯:୧୬-୩୦; ଲୁକ ୧୮:୧୮-୩୦)*

୧୭ ଜିସୁ ହାନିହିଂ ହାଞ୍ଜେଙ୍ଗ୍ ଆରାମ୍ କିନି ୱେଡ଼ାଲିଂ ରକାନ୍ ହନ୍‌ଚି ୱାଜି ହେୱାନ୍ ଲାଗାଂ ମେଣ୍ଡାକୁନ୍ଦି କିଜି ହେୱାନିଂ
ୱେନ୍‌ବାତାନ୍, "ଏ ସତ୍ ଗୁରୁ, ୱିଜ୍‌ୱି ଜିବୁନ୍ ପାୟା ଆଦେଂ ଆନ୍ ଇନାକା କିନାଙ୍ଗ୍ ?"
୧୮ ହେବେଣ୍ଡାଂ ଜିସୁ ହେୱାନିଂ ଇଚାନ୍, "ନାଙ୍ଗେଙ୍ଗ୍ ହାର୍ ଇଞ୍ଜି ଇନେକିଦେଂ ଇଞ୍ଜ୍‌ନାୟା ?" ରୱାନ୍ ପିସ୍ତି, ଇଚିସ୍ "ଇସ୍ୱର୍
ତାଙ୍ଗ୍ ଇନେର୍ ହାର୍ଦାକାର୍ ହିଲୁର୍ ।"
୧୯ ବଲ୍‌କୁ ତ ଏନ୍ ପୁଚାୟ୍‌ନା, ନାର୍‌ତିଂ ଅହ୍‌ମାଟ୍, ଦାରି କିମାଟ୍, କୁଟ୍ କିମାଟ୍, ଜାର୍ ଆବା ଆୟାକାଂ ୱାରି କିୟାଟ୍ ।
୨୦ ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, "ଏ ଗୁରୁ, ଇଦାଂ ୱିଜୁ ନିୟମ୍ ହାରୁୱେଡ଼ାଙ୍ଗ୍‌ତାଂ ଆନ୍ ବେଣ୍ଡିୟା ୱେଡ଼ାତାଙ୍ଗ୍ ମାନି କିଜି
ୱାନାଙ୍ଗା ।"
୨୧ ଜିସୁ ହେୱାନ୍ କାଜିଂ ରବେ ହୁଡ଼୍‌ଜି ହେୱାନିଂ ଜିଉନଜି ଆରେ ଇଚାନ୍, "ନିନ୍ଦାଂ ର ବିସ୍ରେ ଉଣା ମାନାଡ୍, ଏନ୍ ହାଲ୍‌ଜି
ନିଜେତି ସବୁ ପ୍ରସି ଅକର୍ଡ଼୍ ତାରିଙ୍ଗ୍ ଦାନ୍ ହିୟା, ଆରେ ଏନ୍ ସାର୍ଗେନି ଦାନ୍ ପାୟା ଆନାୟ୍; ଆରେ ୱାଜି ନା ପାଚେ ପାଚେ
ୱା ।"
୨୨ ମାତର୍ ଇ କାତାତ ତା ମୁମ୍ ରାଡ଼୍‌ତାନ୍ ଆରେ ହେୱାନ୍ ଦୁକ୍ ଆଜି ହାଚାନ୍, ଇଚିସ୍ ହେୱାନ୍ତି ବେସି ଦାନ୍ ମାଚାଡ୍ ।
୨୩ ପାଚେ ଜିସୁ ଚାରିବେଣ୍‌ତାଂ ହୁଡ଼୍‌ଜି ନିଜେତି ଚେଲାରିଂ ଇଚାନ୍, "ଇନେର୍‌ତି ଦାନ୍ ମାନାଡ୍, ହେୱାର୍ କେତେକ୍
କସ୍ଟତାଂ ଇସ୍ୱର୍ ରାଜିତ ହାନାର୍ ।"
୨୪ ଜିସୁତି କାତା ୱେନ୍‌ଞ୍ଜି ଚେଲାର୍ କାବା ଆତାର୍, ମାତର୍ ଜିସୁ ଆରେ ରଗ ହେୱେରିଂ ଇଚାନ୍, "ବପାର୍ ଇସ୍ୱର୍ ରାଜିତ
ହାନାକା କେତେକ୍ କସ୍ଟ !"
୨୫ ଇସ୍ୱର୍ ରାଜିତ ମାଜାନିଂ ହାଣାକା ଇଚିସ୍ ହୁଜା କାଣାତ ଉଟ୍ ହାଣାକା ଆଡ଼୍‌ୱା, ର ମାଜାନ୍ ସାର୍ଗେ ରାଜିତ ହାଣାକା
ବେସି କସ୍ଟ ।
୨୬ ଇଦାଂ ହେୱାର୍ ବେସି କାବା ଆଜି ହେୱାର୍ ହେୱାର୍‌ନେ ଇନ୍‌ବା ଆତାର୍, "ଇଚିସ୍ ଇନେର୍ ମୁକ୍ତି ପାୟା ଆନାନ୍ ?"
୨୭ ଜିସୁ ହେୱାରିଂ ସିଦା ହୁଡ଼୍‌ଜି ଇଚାନ୍, "ଇଦାଂ ମାନାୟ୍‌ତିଂ କିୟା ଆୱାକା, ମାତର୍ ଇସ୍ୱର୍‌ତି ଆକାୟ୍; ଇଚିସ୍ ଇସ୍ୱର୍‌ତି
ୱିଜୁ ଆନାଡ୍ ।"

☆ **୧୦:୪** ମାତିଉ ୫:୩୧. * **୧୦:୭** କେତେକ୍ ପତିତ ଆରି ତା ଡକ୍କୁହିକ୍ ଲାହାଂ ମେହାନାର୍ । ☆ **୧୦:୧୧** ମାତିଉ ୫:୩୨; ୧ କରନ୍ତିୟ ୭:୧୦,୧୧.

୨୮ ପିତର୍ ହେୱାନିଂ ଇଚାନ୍, "ହୁଡ଼ାଟ୍, ଆପେଂ ୱିଜେ ପିସ୍ସି ନି ପାଚେ ପାଚେ ୱାନାପା ।"
୨୯ ଜିସୁ ଇଚାନ୍, "ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ୱେଚ୍‌ଚାନାଙ୍ଗା, ଇମ୍‌ଣାକାନ୍ ନା ନେକ୍ରିକାବୁର୍ କାଜିଂ ଇଲ୍ କି ଟଣ୍ଡ୍ରେନ୍ କି
ତଣ୍‌ଦେଲ୍ କି ଆୟା କି ଆବା କି ହିମ୍‌ଣାୱାକ୍‌ଡ଼ା କି ବୁମି ପିସ୍ତାନ୍‌ନା ।
୩୦ ଆରେ ଅଙ୍ଗାୟ୍ ଇ କାଡ଼୍‌ଦ ଦୁକ୍ ସାଙ୍ଗେ ସାଙ୍ଗେ ପାଞ୍ଚକଡ଼ି ଗୁଣ୍‌ତ ଇଲ୍, ଟଣ୍ଡ୍ରେନ୍, ତଣ୍‌ଦେଲ୍, ଆୟା, ହିମ୍‌ଣାୱାକ୍‌ଡ଼ା
ଆରେ ବୁମି, ଆରେ ପାଚେନି ଜୁଗ୍‌ତ ୱିଜ୍‌ୱି ଜିବୁନ୍ ପାୟା ଆଉନ୍, ଏଲେଙ୍ଗ୍ ବାତର୍ ମାନାୟ୍ ଇନେର୍ ହିଲୁର୍ ।
୩୧ ✡ମାତର୍ ଆଗେ ମାନି ହେନି ମାନାୟାର୍ ପାଚେ ଆନାର୍ ଆରି ପାଚେ ମାନି ହେନି ମାନାୟାର୍ ହିଗ୍‌ଦ ଆନାର୍ ।"

## ଜିସୁ ତା ହାନାକା ବିସ୍ରେ ତିନ୍‌ହଟ୍ ୱେଚ୍‌ଚାନ୍
(ମାତିଉ ୨୦:୧୭-୧୯; ଲୁକ ୧୮:୩୧-୩୪)

୩୨ ହେୱାର୍ ଜିରୁସାଲମ୍ ତାକେ ହାନିୱାଡ଼ାଂ ହାସ୍‌ଦ ମାଚାର୍ ଆରି ଜିସୁ ହେୱାର୍ ଆଗେ ଆଗେ ହାଲ୍‌ଜି ମାଚାନ୍, ଆରି,
ଚେଲାର୍ କାବା ଆରି ପାଚେ ମାଚି ଲଗାଂ ପାଣ୍ଡ୍ରୁ ଆଜି ମାଚାର୍ । ଇଦାଂ କାଜିଂ ହେୱାନ୍ ଆରେ ବାରଜାଣାତିଂ ବିନେ କିଜି,
ହେୱାନ୍ ବିସ୍ରେ ଇନା ଇନାକା ଜିରୁସାଲମ୍ ଗିଟା ଆଦେଂ ହାନାତା, ହେ ୱିଜେ ହେୱେରିଂ ଜାଣାଇ କିଦେଙ୍ଗ୍ ଲାଗାଆତାନ୍
।
୩୩ ହେୱେନ୍ ଇଚାନ୍, "ହୁଡ଼ାଟ୍, ଆପେଂ ଜିରୁସାଲମ୍‌ତ ହାନାପା; ମାନାୟ୍ ମାଜି ମୁଡ଼୍ ମାପ୍ରୁ ହେବା କିନାକାନ୍ ଆରେ
ଦରମ୍ ଗୁରୁର୍ କେଇଦ ହେଲାୟ୍ ଆନାନ୍, ଆରେ ହେୱାର୍ ହେୱେନିଂ ହାକିଦଣ୍ଡ ହିଜି ପାତର୍ କିୱି ଜିହୁଦିର୍ କେଇଦ
ହିନାର୍ ।
୩୪ ଆରେ ହେୱାର୍ ହେୱେନିଂ କିଜାୟ୍ କିନାର୍, ହେୱାନ୍ ଜପି ଏୱିଡ଼ିଂ ଚୁପ୍‌ନାର୍, ହେୱେନିଂ କରଡା ଇଡ଼ିନାର୍ ଆରି
ପାଗ୍‌ନାର୍, ଆରେ ତିନି ଦିନ୍ ପାଚେ ହେୱାନ୍ ଆରେ ଜିବୁନ୍ ଆଜି ନିଙ୍ଗ୍‌ନାନ୍ ।"

## ଜାକୁବ୍ ଆରି ଜହନ୍ ଗୱାରି କିନାକା
(ମାତିଉ ୨୦:୨୦-୨୮)

୩୫ ପାଚେ ଜେବ୍‌ଦିତି ମାଜି ଜାକୁବ୍ ଆରି ଜହନ୍ ଜିସୁ ତାକେ ୱାଜି ଇଚାର୍, "ଏ ଗୁରୁ, ମା ଇଚା ଜେ, ଆପେଂ ନିବେଣ୍ଡ୍ରାଂ
ଇନାକାପା ଏନ୍ତାନାପ୍, ହେଦାଂ ମା କାଜିଂ ଏନ୍ କିୟା ।"
୩୬ ହେବେଣ୍ଡ୍ରାଂ ହେୱାନ୍ ହେୱେରିଂ ୱେନ୍‌ବାତାନ୍, "ଆନ୍ ମି କାଜିଂ ଇନାକା କିନାଙ୍ଗ୍ ଇଞ୍ଜି ଏପେଙ୍ଗ୍ ମାନ୍ କିନାଦେରା ?"
୩୭ ହେୱେର୍ ହେୱେନିଂ ଇଚାର୍, "ଜାର୍ ଜାଜ୍‌ମାଲ୍ ପାୟା ଆତିସ୍ ଇନେସ୍ ମା ତାଙ୍ଗ୍ ରକାନ୍ ନିଙ୍ଗ୍ ତିନି କଚଣ୍‌ତ ରକାନ୍
ଡେବା କଚଣ୍ କୁଚ୍‌ଚାନ୍ ମାଙ୍ଗେଙ୍ଗ୍ ଇ ବର୍ ହିଦା ।"
୩୮ ✡ମାତର୍ ଜିସୁ ହେୱେରିଂ ଇଚାନ୍, "ଏପେଙ୍ଗ୍ ଇନାକା ଏନ୍‌ନାଦେରା, ହେଦାଂ ପୁନୁଦେରା । ଆନ୍ ଇମ୍‌ଣି ଗିଲାସ୍‌ତ
ଉଣ୍‌ଜି ମାନାଙ୍ଗ୍, ହେବେ କି ଏପେଙ୍ଗ୍ ଉଣ୍ଡ୍ରେଙ୍ଗ୍ ଆଡ଼୍‌ନାଦେର୍ କି ? ଇଚିସ୍ ଆନ୍ ଇମ୍‌ଣି ବାପ୍ତିସିମ୍‌ତ ବାପ୍ତିସିମ୍ ଆନାଙ୍ଗା,
ହେବେ କି ଏପେଙ୍ଗ୍ ବାପ୍ତିସିମ୍ ଆଦେଂ ଆଡ଼୍‌ନାଦେର୍ କି ?"
୩୯ ହେୱାର୍ ହେୱେନିଂ ଇଚାର୍, "ଆଡ଼୍‌ନାପ୍ ।" ଜିସୁ ହେୱେରିଂ ଇଚାନ୍, ଆନ୍ ଇମ୍‌ଣି ଗିଲାସ୍‌ତ ଉଣାଙ୍ଗା, ଏପେଙ୍ଗ୍ ହେ
ଗିଲାସ୍‌ତ ଉଣାଦେର୍, ଆରେ ଆନ୍ ଇମ୍‌ଣି ବାପ୍ତିସିମ୍‌ତ ବାପ୍ତିସିମ୍ ଅନାଙ୍ଗ୍, ଏପେଙ୍ଗ୍ ହେବେ ବାପ୍ତିସିମ୍ ଆନାଦେର୍;
୪୦ ମାତର୍ ବୁଜ୍‌ଣି ବାଗାଙ୍ଗ୍ କି ଡେବାବାଗାଙ୍ଗ୍ କୁଚ୍‌ଚେଂ ହିନାକା ନା ଆଦିକାର୍ ବିସ୍ରେ ହିଲୁଡ୍, ଇସ୍ୱର୍ ଆବା ଇମ୍‌ଣାକାର୍
କାଜିଂ ବାହା ରଚି କିତାନ୍‌ନ୍ନା, ହେୱାର୍ କୁଚ୍‌ନାର୍ ।
୪୧ ବିନ୍ ଦାସ୍ ଜାଣ୍ ଇଦାଂ ୱେନ୍‌ଞ୍ଜି ଜାକୁବ୍ ଆରେ ଜହନ୍ ଜପି ରିସା ଆଦେଂ ଲାଗାତାର୍ ।
୪୨ ହେବେତାଂ ଜିସୁ ହେୱେରିଂ ରବେ କୁକ୍‌ଚି ଇଚାନ୍, "ଇମ୍‌ଣାକାର୍ ପାତର୍ କିୱି ଜିହୁଦିରିଂ ରାଜ୍ କିନାକାର୍ ଲାକେ,
ହେୱେର୍ ହେୱାର୍ ଜପି ରାଜି କିନାନ୍ ଆରି ପାତର୍ କିୱି ଜିହୁଦିରିଂ ଗାଜାଲଗୁ ହେୱାର୍ ଜପି କାମାୟ୍‌କି କିତାର୍, ଇଦାଂ
ଏପେଙ୍ଗ୍ ପୁନାଟ୍ ।
୪୩ ✡ମାତର୍ ମି ବିତ୍ରେ ହେ ଲାକେ ଆକାୟ୍, ମାତର୍ ମି ବିତ୍ରେ ଇନେର୍ ଗାଜାକାର୍ ଆଦେଂ ଇଚା କିତାର୍, ହେୱାନ୍ ମି
କାଜିଂ ହେବା କିନାକାନ୍ ଆୟେନ୍;
୪୪ ଆରେ ମି ବିତ୍ରେ ଇନେର୍ ଗାଜାକାନ୍ ଆଦେଂ ଇଚା କିନାନ୍, ହେୱାନ୍ ୱିଜାରିଂ ହଲ୍ୟା ଆୟେନ୍ ।
୪୫ ଇନେକିଦେଂକି ମାନାୟ୍ ମାଜି ପା ହେବା ପାୟା ଆଦେଂ ୱାୱାତାଂନା, ମତର୍ ହେବା କିଦେଙ୍ଗ୍ ଆରି ହେନି କାଜିଂ
ମୁକ୍‌ଡ଼ାୟ୍ କିନି ମୁଲ୍‌ଲାକେ ଜିବୁନ୍ ହିଦେଂ ୱାତାନ୍‌ନା ।"

## ଜିସୁ ବାର୍‌ଟିମୟ କାଣାଙ୍ଗ୍ ଉଜ୍ କିତାନ୍
(ମାତିଉ ୨୦:୨୯-୩୪; ଲୁକ ୧୮:୩୫-୪୩)

୪୬ ପାଚେ ହେୱାର୍ ଜିରିହ ତାକେ ଏକାତାର୍, ଆରେ ଜିସୁ ଚେଲାହିର୍ ଲାହାଙ୍ଗ୍ ଆରି ବେସି ମାନାୟ୍ ଲାହାଙ୍ଗ୍ ଜିରିହତ
ପିସ୍ତି ହାନିୱାଡ଼ାଂ ଟିମାୟର୍ ମେହି ବାର୍‌ଟର୍ମୟ୍ ତର୍ ରକାନ୍ କାଣା ବିକାରି ହାଜି ଗୁଟିତ କୁଚ୍‌ଚି ମାଚାନ୍ ।

✡ **୧୦:୩୧** ମାତିଉ ୨୦:୧୬; ଲୁକ ୧୩:୩୦. ✡ **୧୦:୩୮** ଲୁକ ୧୨:୫୦. ✡ **୧୦:୪୩** ମାତିଉ ୨୩:୧୧; ମାର୍କ ୯:୩୫; ଲୁକ ୨୨:୨୬.

୪୭ ହେୱାନ୍ ଜେ ନାଜରିତିୟନି ଜିସୁ, ଇଦାଂ ୱେନ୍‌ଞ୍ଜି ହେୱାନ୍ ଗାଜା ୱେଇଦାଂ ଇଞ୍ଜେଙ୍ଗ୍ ଲାଗାତାନ୍, "ଏ ଦାଉଦ୍ ମାଜି
ଜିସୁ, ନାଙ୍ଗେଙ୍ଗ୍ ଦୟା କିଦା ।"
୪୮ ଇବେତାଂ ବେସି ତାଙ୍ଗେଙ୍ଗ୍ ଆଲା ଆମା ଇଞ୍ଜି ଗଡ଼୍‌କିଦେଂ ଲାଗାତାର୍, "ମାତର୍ ହେୱାନ୍ ଆରି ଆଦିକ୍ ଗାଜା
ୱେଇଦାଂ ଇଞ୍ଜେଙ୍ଗ୍ ଲାଗାତାନ୍, ଏ ଦାଉଦ୍ ମେହି, ନାଙ୍ଗେଙ୍ଗ୍ ଦୟା କିଦା ।"
୪୯ ହେବେତାଂ ଜିସୁ ନିଲ୍‌ଚି ୱେଚ୍‌ଚାନ୍, "ହେୱାନିଂ ହିର୍‌ବାଟ୍ ।" ହେୱାର୍ ହେ କାଣ୍‌କୁ ହୁଡ଼୍‌ୱି ମାନାୟ୍‌ତିଂ ହିର୍‌ବିସ୍
ଇଚାନ୍, "ସାସ୍ ଆ, ନିଲା, ନିଙ୍ଗେଙ୍ଗ୍ କୁକ୍ତାନାନା ।"
୫୦ ହେବେତାଂ ହେୱାନ୍ ନିଲ୍‌ଚି ପା ହେନ୍ଦ୍ରା ତୁହିଜି ଜିସୁ ତାକେ ୱାତାନ୍ ।
୫୧ ଜିସୁ ତାଙ୍ଗେଙ୍ଗ୍ ଉତର୍ ହିତାନ୍, "ଆନ୍ ନି କାଜିଂ ଇନାକା କିନାଙ୍ଗ୍ ଇଞ୍ଜି ଏନ୍ ଇନାକା ଇଚା କିନାୟା ?" ହେ କାଣା
ମାନାୟ୍ ହେୱାନିଂ ଇଚାନ୍, "ଏ ଗୁରୁ, ଆନ୍ ଇନେସ୍ ହୁଡ଼୍‌ଦେଂ ଆଡ଼୍‌ନାଂ ।"
୫୨ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ହାଲା," ନି ପାତର୍ଁ କିନାକା ନିଙ୍ଗେଙ୍ଗ୍ ଉଜ୍ କିତ୍‌ତାତ୍‌ନ୍ନା । ହେ ଦାପ୍ରେ ହେୱାନ୍ ହୁଡ଼୍‌ତାନ୍
ଆରେ ହାଜିଡ଼ିଂ ହେୱାନ୍ ପାଚେ ପାଚେ ହାଚାନ୍ ।

# ୧୧

## ଜିସୁ ଜିତା ଆଜି ହାନାକା

*(ମାତିଉ ୨୧:୧-୧୧; ଲୁକ ୧୯:୨୮-୪୦; ଜହନ୍ ୧୨:୧୨-୧୯)*

୧ ଏଚେକାଡ଼୍‌ଦ ହେୱାର୍ ଜିରୁସାଲମ୍ ଲାଗାୟ୍ ୱାଜି ଜିତ୍‌ମାଡ଼ି ଲାଗେ ବେତ୍‌ପାଗି ଆରି ବେତ୍‌ନିୟା କଚଣ୍‌ତ ୱାତାର୍,
ହେ ପାଦ୍‌ନା ଜିସୁ ନିଜ୍ ଚେଲାରିଂ ତାଙ୍ଗ୍ ରିୟାରିଂ ଇ କାତା ୱେଚ୍‌ଚି ପକ୍‌ତାନ୍,
୨ ମି ମୁମ୍ ହାଣ୍‌କୁ ହେ ନାସ୍‌ତ ହାଲାଟ୍ । "ହେବେ ହଣି ସାଙ୍ଗେ ସାଙ୍ଗେ, ଇମ୍‌ଣାକା ଜପି ଇନେର୍ ଇନାୱାଡ଼ାଂ
କୁଚ୍‌ୱାତାର୍‌ନା, ଏଲେଙ୍ଗ୍ ବାର୍ତାକା ର ଗଦ ହିମ୍‌ଣାତିଂ ଗାଚ୍‌ଚାକା ହୁଡ଼୍‌ନାଦେର୍, ହେଦେଲିଂ ରିକ୍‌ଚି ତାଇୱାଡୁ ।
୩ ଆରେ, ଏଚେକାଡ଼୍‌ଦ ଇନେନ୍ ମିଙ୍ଗେଙ୍ଗ୍ ଇନାକିଦେଂ ଏଲେଙ୍ଗ୍ କିନାଦେର୍ ଇଞ୍ଜି ଇନ୍‌ଚିସ୍, ହେଦାଂ ଇନାଦେର୍, ଇଦାଂ
ତାକେ ମାପୁତି* ଲଡ଼ା ମାନାତ୍, ଆରେ ହେୱାନ୍ ଆରେରଗ ବେଗି ପକ୍ତାନାନ୍ ।"
୪ ହେୱାର୍ ହାଲ୍‌ଜି ଦୁୱେର୍ ଲାଗାୟ୍ ବାର୍ତ ହାକିଡ଼ିତ ର ଗଦ ହିମ୍‌ଣା ଗାଚ୍‌ଚାକା ହୁଡ଼୍‌ଜି ହେଦେଲିଂ ରିକ୍ତାର୍ ।
୫ ହେବେ ନିଲ୍‌ଚିମାନି ମାନାୟାର୍ ବିତ୍ରେ ଇନେର୍ ଇନେର୍ ହେୱାରିଂ ୱେନ୍‌ବାତାର୍, "ଗଦ ହିମ୍‌ଣାତିଂ ରିକ୍‌ଚି
ଇନାକିନାଦେରା ?"
୬ ଜିସୁ ଇନେସ୍ ୱେଚ୍‌ଚି ମାଚାନ୍, ହେୱାର୍ ହେ ଲାକେ ହେୱାରିଂ ଉତର୍ ହିତାର୍, ପାଚେ ହେୱାର୍ ହେୱାରିଂ ପିସ୍ତି ହିତାର୍
।
୭ ଜିସୁ ଲାଗାୟ୍ ଗଦ ହିମ୍‌ଣାତିଂ ତାସି ହେୱାର୍ ତା ଜପି ନିଜ୍ ନିଜ୍‌ନି ହେନ୍ଦ୍ରା ପାସ୍ତାର୍, ଆରି ଜିସୁ ତା ଜପି କୁଚ୍‌ଚାନ୍ ।
୮ ଆରେ ହେନି ହାସ୍‌ଦ ଜାର୍ ଜାର୍ ହେନ୍ଦ୍ରା ପାସ୍ତାର୍ ଆରେ କେତେଜାଣ୍ ଜମିତାଂ ଡାଡ଼୍ କାଦ୍‌ଦି ତାସି ପାସ୍ତାର୍ ।
୯ ଆରେ, ଆଗେ ଆରି ପାଚେ ହାଲ୍‌ଜିମାନି ମାନାୟାର୍ ଗାଜାକାଟ୍‌ତାଂ ଇଞ୍ଜେଙ୍ଗ୍ ଲାଗାତାର୍, "ହସାନ୍ନା ! ମାପୁତି ତର୍‌ଦ
ଇନେନ୍ ୱାନାନା ଇସ୍ୱର୍ ଆସିର୍ବାଦ୍ ହିଦ୍‌ନାନ୍ !
୧୦ ମା ଆବା ଲାତ୍ରା ଦାଉଦ୍‌ତି ଇମ୍‌ଣି ରାଜି ୱାନାତା, ହେଦାଂ ଇସ୍ୱର୍ ଆସିର୍ବାଦ୍ କିଦେନ୍ ! ଜପ୍‌ଣି ଲକାର୍‌ତି ହସାନ୍ନା !"
୧୧ ପାଚେ ଜିସୁ ଜିରୁସାଲମ୍‌ତ ୱାଜି ମନ୍ଦିର୍‌ତ ହଟାନ୍, ଆରେ ଚାର୍‌ବେଣ୍‌ତି ସବୁ ବିସ୍ରେ ହୁଡ଼୍‌ଜି ମାଜ୍‌ଗା ଆତିଲେ
ବାରଜାଣ୍ ହୁକେ ବେତ୍‌ନିୟାତ ହସିହାଚାର୍ ।

## ଜିସୁ ଇଚିଲେ ତଗାମାର୍ ହାନାଡ଼୍

*(ମାତିଉ ୨୧:୧୮-୧୯)*

୧୨ ହେ ଆର୍କାଡ଼୍ ନାଜିଂ ହେୱାର୍ ବେତ୍‌ନିୟାତାଂ ୱାଜି ମାଚି ୱେଡ଼ାଲିଂ ଜିସୁ ନାସ୍‌କି ଆତାନ୍;
୧୩ ଆରେ, ହେୱାନ୍ ଦେହାତାଂ ଆକିଂ ମାନି ର ତଗା ମାର୍ ହୁଡ଼୍‌ଜି, ଇନେସ୍ ଆତିସ୍ ହେବେ ପାଡ଼୍ ଗାଟାଆଦ୍‌ନାଡ଼୍, ଇ
ଆହା କିଜି ଲାଗେ ହାଚାନ୍ । ମାତର୍ ଲାଗେ ୱାଜି ଆକିଂ ପିସ୍ତି ଆରି ଇନାକା ହୁଡ଼୍‌ଦେଂ ଆଡ଼୍‌ୱାତାନ୍, ଇନାକିଦେଂକି ହେ
କାଡ଼୍‌ଦ ତଗାପାଡ଼୍‌ନି ସମୁ ହିଲ୍‌ୱାତାଡ଼୍ ।
୧୪ ହେବେଣ୍ଡାଂ ଜିସୁ ମାର୍‌ଦିଙ୍ଗ୍ ଇଚାନ୍, "ଆରେ ମୁଡ଼୍‌କେ ନି ତାଂ ପାଡ଼୍ ଇନେର୍ ତିନ୍‌ମେର୍ !" ହେୱାନ୍ତି ଚେଲାର୍ ଇ
କାତା ୱେଚାର୍ ।

## ଜିସୁ ମନ୍ଦିର୍ ତାକେ ହଟାନ୍

*(ମାତିଉ ୨୧:୧୨-୧୭; ଲୁକ ୧୯:୪୫-୪୮; ଜହନ୍ ୨:୧୩-୨୨)*

* **୧୧:୩** ମାପୁ; ନଲେ ଇୱାନ୍ତି ହାଉକାର୍ ।

୧୫ ତାପାଚେ ହେୱାର୍ ଜିରୁସାଲମ୍ତ ୱାତାର୍, ଆରି ଜିସୁ ମନ୍ଦିର୍ ବିତ୍ରେ ହଣ୍ଜି ହେୱାର୍ ପୁଜାକିଦେଂ କଡ଼୍ନାକାରିଂ
ପନାକାରିଂ ହପ୍ତେଂ ଲାଗାତାନ୍, ଆରି ଟାକାଂ ବେପ୍ରିୟାରିଂ ପାଟାଙ୍ଗ୍ ଆରି ପାଣ୍ଡ୍କା ବେପ୍ରିୟାରିଂ କୁଚ୍ନି ବାହା ଉଲ୍ଟାୟ୍
କିତାନ୍,
୧୬ ଆରେ ମନ୍ଦିର୍ ବିତ୍ରେ ଇନେରିଂ ପା ତାଡ଼ିଆ ଇନାକା ଅଦେଂ ହିୱାତାନ୍ ।
୧୭ ଆରେ ଜିସୁ ହେୱାରିଂ ହିକ୍ୟା ହିଉ ହିଉ ଇଚାନ୍, ଇଦାଂ ଲେକା ଆତାଡ୍ନ୍ନା, “ମା ଇଲ୍ ୱିଜୁ ଜ଼ାତି କାଜିଂ ପାର୍ତାନା ଇଲ୍
ଇଞ୍ଜି ଡାକ୍ପୁଟା ଆନାଡ୍, ମାତର୍ ଏପେଙ୍ଗ୍ ତାଙ୍ଗେଙ୍ଗ୍ ଚର୍କୁ ଇଲ୍ କିତାଦେର୍ଣ୍ଣା !”
୧୮ ମୁଡ୍ ମାପୁହେବାକିନାକାନ୍ ଆରି ଦରମ୍ ଗୁରୁର୍ ଇଦାଂ ୱେନ୍ଜି ଜିସୁଙ୍ଗ୍ ଇନେସ୍ କିଜି ନ଼ାସ୍ କିନାର୍ ହେଦାଂ ଉପାୟ୍
କିଦେଙ୍ଗ୍ ଲାଗାତାର୍; ଇନେକିଦେଂକି ଲକୁ ହେୱାନ୍ ହିକ୍ୟାତ କାବା ଆତିଲେ ହେୱାର୍ ହେୱାନିଂ ପାଣ୍ଡ୍ରା ଆଜି ମ଼ାଚାର୍ ।
୧୯ ହେ ଦିନ୍ତ ମ୍ଣ୍ଡିକା ଆତିଲେ ଜିସୁ ଆରି ଚେଲାର୍ ଗାଡ଼୍ଦାଂ ହସି ହାଲ୍ଜି ମାଚାର୍ ।

### ଜିସୁ ତଗାମାତର୍ ବିସ୍ରେ ନି ସାକ୍ତି ଚଚ୍ଚାନ୍
*(ମାତିଉ ୨୧:୨୦-୨୨)*

୨୦ ନାଡ଼ିହିଙ୍ଗ୍ ହେ ହାଜି ହ଼ିଜି ହ଼ାନି ୱେଡ଼ାଲିଂ ହେୱାର୍ ତଗା ମାର୍ ଚିରାତାଂ ୱାଜ୍ଜି ହାଲ୍ଜି ମାଚାକା ହୁଡ଼୍ତାର୍ ।
୨୧ ହେବେ ପିତର୍ ଆଗେନି କାତା ଏତୁ କିଜି ହ଼େୱାନିଂ ଇଚାନ୍, “ଏ ଗୁରୁ, ହୁଡ଼ା, ଏନ୍ ଇମ୍ଣି ତଗା ମାର୍ଦିଂ ସାଇପ୍ ହିଜି
ମାଚାୟ୍ ହେଦାଂ ୱାଜ୍ଜି ହାଚାତେ ।”
୨୨ ଜିସୁ ଚେଲାରିଂ ଉତର୍ ହିତାନ୍, “ଇସ୍ୱର୍ ତାକେ ପାତର୍ କିୟାଟ୍ ।”
୨୩ ✡ଆନ୍ ମିଙ୍ଗେଙ୍ଗ୍ ହାଡ୍ପା ଇଞ୍ଜ୍ନାଙ୍ଗା, ଇନେର୍ପା ଇ ମାଡ଼ିତିଂ ନିଙ୍ଗା ଆରି ହାମ୍ଦୁର୍ତ ଆର୍ଗା ଇଚିସ୍ ଆରି ଜାର୍
ମାନ୍ ପାତର୍ କିତିସ୍ ଇନାକା ଇଚିସ୍, ହେଦାଂ ଗିଟା ଆନାଡ୍ ଇଞ୍ଜି ପାତର୍ କିଜି, ହେୱାନ୍ କାଜିଂ ହେଦାଂ ଗିଟା ଆନାଡ୍ ।
୨୪ ଲାଗିଂ, ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା ଏପେଙ୍ଗ୍ ଇନା ଇନାକା ପାର୍ତାନା କିନାଦେର୍ ଆରି ଏନ୍ନାଦେରା, ହେ ସବୁ ଗାଟା
ଆତାପ୍ନା ଇଞ୍ଜି ପାତର୍ କିୟାଟ୍ ହେବେନି ହେ ସବୁ ପାୟାନାଦେର୍ ।
୨୫ ଆରେ, ଏପେଙ୍ଗ୍ ଏଚେୱାଡ଼ାଂପା ପାର୍ତାନା କିଦେଙ୍ଗ୍ ନିଙ୍ଗାଟ୍ ଜଦି ଇନେର୍ ବେରୁତ ମି ଇନାକା କାତା ମାଚିସ୍, ତା
ଆତିସ୍ କେମା କିୟାଟ୍, ଇନେସ୍କି ମି ସାର୍ଗେନି ଆବାପା ମିୱାଙ୍ଗ୍ ପାପ୍ ସବୁ କେମା କିଦ୍ନାନ୍ ।
୨୬ ମାତର୍ ଏପେଙ୍ଗ୍ କେମା ହିୱିତିସ୍, ମି ସାର୍ଗେ ନି ଆବାପା ମିଦାଙ୍ଗ୍ ବାନିୟାତାକା କେମା କିଦୁନ୍ ।

### ଜିସୁତି ଆଦିକାର୍ ବିସ୍ରେ ପର୍ସନ୍
*(ମାତିଉ ୨୧:୨୩-୨୭; ଲୁକ ୨୦:୧-୮)*

୨୭ ଆରେ ରଗ ହେୱାର୍ ଆରି ଜିରୁସାଲମ୍ତ ୱାତାର୍, ଆରି, ଜିସୁ ମନ୍ଦିର୍ ବିତ୍ରେ ବୁଲାଆନି ୱେଡ଼ାଲିଂ ମୁଡ୍ ମାପୁ ହେବା
କିନାକାର୍, ଦରମ୍ ଗୁରୁର୍ ଆରି ପ୍ରାଚିନାର୍ ତାକେ ୱାଜି ୱେ଼ନ୍ବାତାର୍,
୨୮ “ଏନ୍ ଇମ୍ଣି ଆଦିକାର୍ତ ଇ ସବୁ କିନାୟା ? କି ଇ ସବୁ କିଦେଙ୍ଗ୍ ନିଙ୍ଗେଙ୍ଗ୍ ଇନେର୍ ଆଦିକାର୍ ହିଡ୍ତାର୍ ?”
୨୯ ମାତର୍ ଜିସୁ ହେୱାରିଂ ଇଚାନ୍, “ଆନ୍ ମିଙ୍ଗେଙ୍ଗ୍ ର କାତା ୱେନ୍ବା ଆଦ୍ନାଂ, ନାଙ୍ଗେଙ୍ଗ୍ ଉତର୍ ହିଦାଟ୍, ତାଆତିସ୍
ଆନ୍ ଇମ୍ଣି ଆଦିକାର୍ତାଂ ଇ ସବୁ କିନାଙ୍ଗା, ହେଦାଂ ମିଙ୍ଗେଙ୍ଗ୍ ୱେଚାନାଙ୍ଗ୍ ।
୩୦ ଜହନ୍ତି ବାପ୍ତିସିମ୍ ସାର୍ଗେତାଂ କି ମାନାୟାର୍ତାଂ ୱାତାଡ୍ ?” ନାଙ୍ଗେଙ୍ଗ୍ ଉତର୍ ହିଦାଟ୍ ।
୩୧ ହେବେ ହେୱାର୍ ହାରି ବେଣ୍ ବାଟ୍ କିଦେଂ ଲାଗାତାର୍, ଜଦି ସାର୍ଗେତାଂ ଇଚିସ୍, ତା ଆତିସ୍ ହେୱାନ୍ ଇଞ୍ଜ୍ନାନ୍,
ତେବେ “ଏପେଙ୍ଗ୍ ଇନାକିଦେଂ ଜହନ୍ତି ପାତର୍ କିୟୁଦେରା ?
୩୨ ଆରେ ମାନାୟାର୍ତାଂ ଇଞ୍ଜି ଇନାକା ଇନାସ୍ ?” ହେୱାର୍ ମାନାୟ୍ତିଂ ପାଣ୍ଡ୍ରା ଆଜି ମ଼ାଚାର୍; ଇନାକିଦେଂକି ୱିଜାକାର୍
ଜହନ୍ତିଂ ରକାନ୍, ବେଣ୍ବାକ୍ଣାୟ୍ କିନାକାନ୍ ଇଞ୍ଜି ମାନି କିଜି ମ଼ାଚାର୍ ।
୩୩ ଲାଗିଂ ହେୱାର୍ ଜିସୁଙ୍ଗ୍ ଉତର୍ ହିତାର୍, “ଆପେଂ ପୁନୁପ୍ ।” ଜିସୁ ହେୱାରିଂ ଇଚାନ୍ ତେବେ ଆନ୍ ଇମ୍ଣି ଆଦିକାର୍ତ
ଇ ସବୁ କିନାଙ୍ଗା, ହେଦାଂ ଆନ୍ ମିଙ୍ଗେଙ୍ଗ୍ ୱେଚ୍ଚୁଙ୍ଗ୍ ।

## ୧୨

### ଅଙ୍ଗୁର୍ ବାଡ଼୍ଦ ଆରି ବାଗ୍କିନି କାମ୍ଲିୟାର୍ନି କାତା
*(ମାତିଉ ୨୧:୩୩-୪୬; ଲୁକ ୨୦:୯-୧୯)*

୧ ଇଦାଂ ପାଚେ ହେୱାନ୍ ହେୱାରିଂ ଉତର୍ମୁଡ୍ ଇଞ୍ଜେଙ୍ଗ୍ ଲାଗାତାନ୍ । “ରକାନ୍ ର ଅଙ୍ଗୁର୍ ବାଡ଼୍ କିଜି ତ଼ା ଚାରିବେଣ୍ତାଂ
ବାଡ଼୍ ଡ଼୍ଚାନ୍ ଆରି ଅଙ୍ଗୁର୍କୁଣ୍ଡି କାଚର୍ କାନାକାର୍ ମାଚା ରଚ୍ଚାନ୍, ଆରେ କାମାୟ୍ କିନାକାରିଂ ହେ ବାଡ଼୍ ବାଗ୍ରେ ହିଜି
ରାଜି ହତାନ୍ ।

✡ **୧୧:୨୩** ମାତିଉ ୧୭:୨୦; ୧ କରନ୍ତିୟ ୧୩:୨.

² ପାଚେ କାମାୟ୍ କିନାକାର୍‌ତାଂ ଅଙ୍ଗୁର୍ ବାଡ଼୍‌ନି ପାଡ଼୍ ପାୟା ଆଦେଂ ଇଞ୍ଜି ହେୱାନ୍ ର ଆଡ଼ିଏନିଂ ସମାନ୍ ୱେଡ଼ାଲିଂ ହେୱାର୍ ତାକେ ପକ୍‌ତାନ୍ ।
³ ମାତର୍ ହେୱାର୍ ହେୱାନିଂ ଆଜି ଟ୍ରାକ୍‌ତାର୍ ଆରି ୱାରା କେଇଦାଂ ପକ୍ତାର୍ ।
⁴ ହେୱାନ୍ ଆରି ରକାନିଂ ଆଡ଼ିୟାଂ ପକ୍‌ତାନ୍; ହେୱାର୍ ହେୱାନ୍ତି ପା କାପ୍‌ଡ଼ା ପାଟ୍‌ତାର୍ ଆରି ହେୱାନିଂ ହିନସ୍ତା କିତାର୍ ।
⁵ ହେୱାନ୍ ଆରେ ରକାନିଂ ପକ୍‌ତାନ୍; ହେୱାର୍ ତାଙ୍ଗେଙ୍ଗ୍ ପା ଟୁଟାର୍ । ହେବେ ହେୱାନ୍ ଆରେ ହେନିତିଂ ପକ୍‌ତାନ୍; ହେୱାର୍ ତାଙ୍ଗ୍ ପା କେତେକ୍ ଜାଣ୍‌ତିଂ ହେୱାର୍ ଟ୍ରାକ୍‌ତାର୍ ଆରେ କେତେକ୍ ଜାଣ୍‌ତିଂ ଟୁଟାର୍ ।
⁶ ତା କଚଣ୍ତ ରକାନ୍ ମାତର୍ ମାଚାନ୍, ହେୱାନ୍ ତା ୱାରିନି ମାଜି । ନା ମାଜିଂ ହେୱାର୍ ମାନିକିନାର୍, ଇଦାଂ ଇଞ୍ଜି ହେୱାନ୍ ହାରିହାରା ହେୱାନିଂ ହେୱାର୍ ତାକେ ପକ୍‌ତାନ୍ ।"
⁷ ମାତର୍ ହେ କୁଲିୟାର୍ ହେୱାର୍ ହେୱାର୍ ବେଣ୍‌କିବା ଆତାର୍ ଇୱାନ୍ତ ମୁଣିକା କାଡ଼୍‌ଦେ, ୱାତୁ, ଇୱାନିଂ ଅହ୍‌ନାସ୍; ତା ଆତିସ୍ ମାଦାଂ ଆଦିକାର୍ ଆନାଡ୍ !
⁸ ହେବେଣ୍ତାଂ ହେୱାର୍ ତାଙ୍ଗେଙ୍ଗ୍ ଆସ୍ତି ଅସ୍ତାର୍ ଆରି ଅଙ୍ଗୁର୍ ବାଡ଼୍ ବାର୍‌ତ ତୁହିତାର୍ ।
⁹ "ହେବେ ଅଙ୍ଗୁର୍ ବାଡ଼୍‌ନି ହାଉକାର୍ ଇନାକା ଇନାନ୍ ?" ହେୱାନ୍ ୱାଜି କୁଲିୟାରିଂ ଟାଣ୍‌ତେ ଅହ୍‌ନାନ୍ ଆରି ବିନ୍ ଲଗାଂ ଅଙ୍ଗୁର୍ ବାଡ଼୍ ହିନାନ୍ ।
¹⁰ ଏପେଙ୍ଗ୍‌କି ଦରମ୍ ସାସ୍ତର୍
"ଇ ବଚନ୍ ପା ପଡ଼ି କିୱାତାଦେର୍ଣ୍ଣା, ଇଲ୍ ରଚ୍‌ନାକାର୍ ଇମ୍‌ଣି କାଲ୍‌ଦିଂ ମୁନା କିତାର୍, ହେଦାଂ କନାନି ମୁଡ଼୍‌କାଲ୍ ଆତାଡ୍ ।
¹¹ ମାପୁତାଂ ଇଦାଂ ଆତାଡ୍, ଆରି ହେଦାଂ ମା କାଣ୍‌କୁକାଂ କାବା ଆନାକା ?"
¹² ଇବେଣ୍ତାଂ ଜିହୁଦିର୍ ଜିସୁଙ୍ଗ୍ ଆସ୍ତେଙ୍ଗ୍ ହାତୁର୍ କିତାର୍, ମାତର୍ ହେୱାର୍ ମାନାୟ୍‌ତିଂ ପାଣ୍ତ୍ରା ଆତାର୍; ଇନାକିଦେଂକି ହେୱାନ୍ ହେ ଉତର୍‌ମୁଡ଼୍ ହେୱାରିଂ ଇଟ୍‌କାଡ଼୍ କିଜି ଇଞ୍ଜି ମାଚାନ୍ ଇଞ୍ଜି ହେୱାର୍ ବୁଜାଆତାର୍, ଆରେ ହେୱାର୍ ହେୱାନିଂ ପିସ୍‌ସି ହାଚାର୍ ।

## ଜିହୁଦିର୍ ଜିସୁଙ୍ଗ୍ ଡ଼କ୍କାତ ହେଜି କିଦେଙ୍ଗ୍ ଚାଲାକି
*(ମାତିଉ ୨୨:୧୫-୨୨; ଲୁକ ୨୦:୨୦-୨୬)*

¹³ ପାଚେ ହେୱାନ୍ କାତାନି ଗାଣ୍‌ଜୁ ୱେନ୍‌ଞ୍ଜି ଆସ୍ତେଙ୍ଗ୍ ଇଞ୍ଜି ହେୱାର୍ ପାରୁସିର୍ ଆରେ ହେରଦିୟା ଦାଡ଼୍‌ନି ମାନାୟାର୍ ବିତ୍ରେ କେତେକ୍ ଜାଣ୍‌ତିଂ ହେୱାନ୍ ଲାଗାଂ ପକ୍ତାର୍ ।
¹⁴ ହେୱାର୍ ୱାଜି ହେୱାନିଂ ଇଚାର୍, "ଏ ଗୁରୁ ଆପେଂ ପୁନାପ୍, ଏନ୍ ହାଡ୍‌ପା ସତ୍ ଆରି ଇନେରିଂ ପାଣ୍ତ୍ରା ଆଉୟ୍, ଇନାକିଦେଂକି ଏନ୍ ମାନାୟ୍‌ତି ମୁକ୍‌ମେଟ୍ ହୁଡ଼ୟୁ ମାତର୍ ହାଡ୍‌ପା ରଚେ ଇସ୍ୱର୍‌ତିଂ ହାଜି ହିକ୍ୟାହିନାୟ୍ । ମାଙ୍ଗେଙ୍ଗ୍ ୱେଚ୍‌ଚା କାଇସର୍ ରାଜାଙ୍ଗ୍ ସିସ୍ତ ହିନି ବିଦି କି ଆକାୟ୍ ?"
¹⁵ ଆସେଙ୍ଗ୍ ହିନାସ୍ କି ଆକାୟ୍ ? "ମାତର୍ ହେୱାନ୍ ହେୱାର୍‌ତି କୁଟ୍ ପୁଞ୍ଜି ହେୱାରିଂ ଇଚାନ୍, ଇନେକିଦେଂ ନାଙ୍ଗେଙ୍ଗ୍ ପରିକ୍ୟା କିଦ୍‌ନାଦେରା ? ର ଟାକା ନା ଲାଗାୟ୍ ତାତୁ, ଆନ୍ ହେଦାଂ ହୁଡ଼୍‌ନାଂ ।"
¹⁶ ହେବେ ହେୱାର୍ ଅଦ୍‌ନି ତାହିୱାତାର୍ । ଜିସୁ ହେୱାରିଂ ୱେନ୍‌ବାତାନ୍, "ଇ ପୁଡ଼୍‌ଡ଼ା ଆରି ତର୍ ଇନେର୍‌ତି ?" ହେୱାର୍ ହେୱାନିଂ ଇଚାର୍, "କାଇସର୍‌ତି ।"
¹⁷ ହେବେ ଜିସୁ ହେୱାରିଂ ଇଚାନ୍, "କାଇସର୍‌ତି ଇନାକା, ହେଦାଂ ରମିୟ ରାଜାଙ୍ଗ୍ ହିୟାଟ୍ ଆରେ ଇସ୍ୱର୍‌ତିଂ ଇନାକା ହେଦାଂ ଇସ୍ୱର୍‌ତିଂ ହିୟାଟ୍ ।" ହେବେ ହେୱାର୍ ହେୱାନ୍ କାତାତ କାବା ଆତାର୍ ।

## ହାତିପାଚେ ନିଙ୍ଗ୍‌ନି ବିସ୍ରେ ପର୍‌ସନ୍
*(ମାତିଉ ୨୨:୨୩-୩୩; ଲୁକ ୨୦:୨୭-୪୦)*

¹⁸ ଇଦାଂ ପାଚେ ଆରେ ନିଙ୍ଗ୍‌ନାକା ମୁନା କିତାର୍ ସାଦୁକିର୍ ହେୱାନ୍ ଲାଗାଂ ୱାଜି ୱେନ୍‌ବେଦେଂ ଲାଗାତାର୍,
¹⁹ "ଏ ଗୁରୁ, ମସା ମାକାଜିଂ ଲେକିକିତାନ୍ନା ଜେ, ଜଦି ଇନେର୍ ଲକୁ ନି ଟଣ୍ତେନ୍ ହାତିସ୍, ଆରି ତା ଡକ୍କୁହି ଜିବୁନ୍ତ ମାଚିସ୍, ଆରେ ତାଦାଙ୍ଗ୍ ଇନାକାପା ହିମ୍‌ଣାୱାକ୍‌ଡ଼ା ହିଲ୍‌ୱିତିସ୍, ତା ଆତିସ୍ ତା ଟଣ୍ତେନ୍ ତା ଡକ୍କୁହିଙ୍ଗ୍ ଇଡ଼୍‌ଜି ତା ଟଣ୍ତେନ୍ କାଜିଂ ହିମ୍‌ଣାୱାକ୍‌ଡା ଉବ୍‌ଜାଣ୍ କିନାନ୍ ।"
²⁰ ହୁଡ଼ାଟ୍, ସାଡ୍ ବାୟ୍ ଟଣ୍ତାର୍ ମାଚାର୍; ଗାଜାକାନ୍ ର ଡକ୍କି ଇଟ୍‌ତାନ୍ ଆରି ହିମ୍‌ଣାୱାକ୍‌ଡ଼ା ଆୱାଦାଂ ହାତାନ୍;
²¹ ପାଚେ ଆରେ ରକାନ୍ ତାଙ୍ଗେଙ୍ଗ୍ ଇଡ଼୍‌ଜିପା ହିମ୍‌ଣାୱାକ୍‌ଡ଼ା ଆୱାଦାଂ ହାତାନ୍ । ଆରେ ରକାନ୍‌ପା ହେ ଲାକେନେ ଆଜି ହାତାନ୍,
²² ଆରେ, ସାଡ୍‌ଜାଣ୍ ଜାକ ହିମ୍‌ଣାୱାକ୍‌ଡ଼ା ଆୱାଦାଂ ହାତାର୍; ହାରିହାରା ହେ କଗ୍‌ଲେ ପା ହାତାଡ୍ ।
²³ ହାଜି ଆରେ ନିଂନି ୱେଡ଼ାଲିଂ ଏଚେକାଡ଼୍‌ଦ ହେୱାର୍ ନିଙ୍ଗ୍‌ନାର୍, ହେ ଏଚେକାଡ଼୍‌ଦ ହେୱାର୍ ବିତ୍ରେ ହେଦେଲ୍ ଇନେର୍ ଡକ୍କି ଆନାଡ୍ ? ସାଡ୍ ଜାଣ୍ ଜାକ୍ ହେଦେଲିଂ ବିବା କିଜି ମାଚାର୍ ।
²⁴ ଜିସୁ ହେୱାରିଂ ଇଚାନ୍, "ଏପେଙ୍ଗ୍ ଦରମ୍ ସାସ୍ତର୍, ଆରେ ଇସ୍ୱର୍ ସାକ୍ତି ପୁନ୍‌ୱାଦାଂ କି ବାନ୍ୟା ହାଜିଦ୍‌ଦିଂ ହାନାଦେରା ।

୨୫ ଜିସୁ ହାତାକାର୍ ବିତ୍ରେ ଆରେ ନିଙ୍ଗତି ପାଚେ ମାନାୟ୍ ବିବା କିଉର୍ କି ଇନେରିଂ ବିବାଆଦେଂ ହିଉର୍ । ମାତର୍
ସାର୍ଗେନି ଦୁତ୍ ଲାକେ ମାନ୍ଗାନାର୍ ।
୨୬ ମାତର୍ ହାତାକାର୍ ଜେ ନିଙ୍ଗ୍ନାର୍, ହେ ବିସ୍ରେ ଏପେଙ୍ଗ୍ କି ମସାତି ସାସ୍ତର୍ତ ବୁଟାନି ବୁଜାଆନି କାତା ପଡ଼ି
କିୱାତାଦେର୍ଣ୍ଣା ଜେ, ଇସ୍ୱର୍ ଇନେସ୍ ହେୱାନିଂ ଇଚାନ୍ ଆପେଂ ଅବ୍ରାହାମ୍ତି ଇସ୍ୱର୍, ଇସ୍ହାକ୍ତି ଇସ୍ୱର୍ ଆରି ଜାକୁବ୍ତି
ଇସ୍ୱର୍ ?
୨୭ ହେୱାନ୍ ହାତି ଲଗାର୍ତି ଇସ୍ୱର୍ ଆକାୟ୍ ମାତର୍, ଜିତାକାତର୍ । ଏପେଙ୍ଗ୍ ବେସିବୁଜା ଆଉଦେରା !"

## ମୁଡ୍ ବଲ୍
## (ମାତିଉ ୨୨:୩୪-୪୦; ଲୁକ ୧୦:୨୫-୨୮)

୨୮ ହେ ଏଚେକାଡ଼ଦ ଦରମ୍ ଗୁରୁର୍ ବିତ୍ରେ ରକାନ୍ ଲାଗେ ୱାଜି ହେୱାର୍ କାତାବାର୍ତା ୱେନ୍ଞ୍ଜି ଜିସୁ ଆରି ସାଦୁକିରିଂ
ହାଦର୍ ଉତର୍ ହିତାନ୍ନା, ଇଦାଂ ପୁଞ୍ଜି ହେୱାନିଂ ୱେନ୍ବାତାନ୍, "ୱିଜୁ ବଲ୍ ବିତ୍ରେ ଇନାବାନି ବଲ୍ ମୁଡ୍ ?"
୨୯ ଜିସୁ ଉତର୍ ହିତାନ୍, ମୁଡ୍ବଲ୍ ଇଦାଂ, "ଏ ଇସ୍ରାଏଲ୍, ୱେନା, ମାପୁ ମାଙ୍ଗେଙ୍ଗ୍ ଇସ୍ୱର୍ ରକାନ୍ ମାତର୍ ଇସ୍ୱର୍ ଆନାନ୍;*
୩୦ ଆରେ, ଏପେଙ୍ଗ୍ ମି ୱିଜୁ ୱାସ୍କି, ୱିଜୁ ପାରାଣ୍, ୱିଜୁ ମାନ୍, ଆରି ମାନ୍ ୱିଜୁ ସାକ୍ତି ହିଜି ମାପୁ ଜାର୍ ଇସ୍ୱର୍ତିଂ ଜିଉ
ନୱାଟ୍ ।
୩୧ ଆରେ ରଞ୍ଜାଙ୍ଗ୍ ଇଦାଂ, ଏନ୍ ନି ପାଡ଼୍ହା ଇଞ୍ଜି ଲଗାଂ ନି ୱାସ୍କିଲାକେ ଜିଉ ନୱାଟ୍ । ଇ ବଲ୍ତିଂ ଆଦିକ୍ ଆରି ଇନାକାପା
ସିଗ୍ ବଲ୍ ହିଲୁଡ୍ ।"
୩୨ ହେବେ ହେ ଦରମ୍ ଗୁରୁର୍ ହେୱାନିଂ ଇଚାନ୍, "ଏ ଗୁରୁ, ହେଦାଂ ହାଡ୍ପା, ହେୱାନ୍ ଜେ ରଞ୍ଜାଙ୍ଗ୍ ଆରି ହେୱାନ୍ ୱାତିସ୍
ଆରି ଇନେର୍ ଆକାୟ୍, ଇଦାଂ ଏନ୍ ହାଡ୍ପା ରଚେ ଇଚାଇନା ।
୩୩ ଆରେ, ୱିଜୁ ୱାସ୍କି, ୱିଜୁ ବୁଦି ଆରି ୱିଜୁ ସାକ୍ତି ହିଜି ହେୱାନିଂ ଜିଉ ନୱାଟ୍, ଆରି ପାଡ଼୍ହା ଇଞ୍ଜି ଲଗାଂ ଜାର୍ ଜିବୁନ୍
ଲାକେ ଜିଉନନାକା ୱିଜୁ ଗାର୍ଣି ଆରି ପୁଜାତିଙ୍ଗ୍ ଗାଜାଟି ।"
୩୪ ହେୱାନ୍ ବୁଦି ଲାହାଙ୍ଗ୍ ଉତର୍ ହିଜି ମାନାକା ପୁଞ୍ଜି ଜିସୁ ହେୱାନିଂ ଇଚାନ୍, "ଇସ୍ୱର୍ ରାଜିତାଂ ଏନ୍ ଦେହା ଆକାୟ୍ ।
ଇଦାଂ ପାଚେ ଇନେନ୍ ହେୱାନିଂ ଆରେ ଇମ୍ଣି ପର୍ସନ୍ ୱେନ୍ବେଦେଂ ସାସ୍ କିୱାତାର୍ ।"

## କ୍ରିସ୍ଟ ଦାଉଦ୍ତି ମାଜି
## (ମାତିଉ ୨୨:୪୧-୪୬; ଲୁକ ୨୦:୪୧-୪୪)

୩୫ ମାତର୍ ଜିସୁ ମନ୍ଦିର୍ତ ହିକ୍ୟା କିଜି ମାନି ସମୁତ ୱେନ୍ବାତାର୍, "କ୍ରିସ୍ଟ ଜେ, ଦାଉଦ୍ ମାଜି, ଇଦାଂ ଦରମ୍ ଗୁରୁର୍
ଇନେସ୍ ଇନାର୍ ?
୩୬ ନିଜେ ନେ ଦାଉଦ୍ ପୁଇପୁୟା ଜିବୁନ୍ତାଂ ବାର୍ତି ଆଜି ଇଞ୍ଜି ମାଚାନ୍,
ମାପୁ ନା ମାପୁତିଂ ଇଚାନ୍,
ଆପେଂ ଜେ ନି ସାତୁରିଂ ନି ପାନା ତାରେନ୍ ଇଡ୍ୱାତାପ୍ନା,
ହେ ପାତେକ୍ ନା ବୁଜ୍ଣିପାଡ଼୍କା କୁଚ୍ଚି ମାନାଟ୍ ।"
୩୭ ନିଜେନେ ଦାଉଦ୍ କ୍ରିସ୍ଟଙ୍ଗ୍ ମାପୁ ଇଞ୍ଜି ଇନାନ୍; "ଲାଗିଂ ଇସ୍ୱର୍ ବାଚିକିତି ରାକ୍ୟାକାରିୟା କ୍ରିସ୍ଟ ଇନେସ୍ ବାର୍ତି ମାଜି
ଆନାନ୍ ?"

## ଦର୍ମ ଗୁରୁର୍ ବିସ୍ରେ ଜିସୁତି ୱେଚ୍ନାକା
## (ମାତିଉ ୨୩:୧-୩୬; ଲୁକ ୨୦:୪୫-୪୭)

୩୮ ୱିଜାକାର୍ ମାନାୟାର୍ ୱାରିତାଂ ହେୱାନ୍ ବେରଣ୍ ୱେନ୍ଞ୍ଜି ମାଚାର୍ । ଆରେ, ହେୱାନ୍ ଜାର୍ତି ହିକ୍ୟା ବିତ୍ରେ ଇଚାନ୍,
"ଦରମ୍ ସାସ୍ତର୍ତାଂ ଜାଗ୍ରତ୍ !" ହେୱାର୍ ଡେଙ୍ଗା ଆଙ୍ଗି ଆପର୍ସ୍ ବୁଲା ଆନି କାଜିଂ, ଆରେ ଆଟ୍ ବାଜାର୍ତ, ଜୱାର୍ ପାୟା
ଆଦେଂ ।
୩୯ "କୁଟୁମ୍ ଇଞ୍ଜ ଗାଜା ବାହା ଆରି ବଜିତ ଗାଜା ବାହା ପାୟା ଆଦେଂ ୱାର୍ୟା ଆନାର୍;
୪୦ ହେୱାର୍ ରାଣ୍ଡିକାଂ ଇଲ୍ ୱିଜେ ନସ୍ଟ କିତାର୍ ଆରି ଟକାୟ୍ କିଜି ଲାମା ପାର୍ତାନା କିନାର୍; ହେୱାର୍ ଡାଣ୍ଡ୍ ପାୟା ଆନାର୍
!"

## ର ରାଣ୍ଡି ଆୟାତି ଦାନ୍
## (ଲୁକ ୨୧:୧-୪)

୪୧ ପାଚେ ହେ ଗାଦ୍ୟା ଇଲ୍ ମୁମ୍ଦ କୁଚ୍ଚି ଲକାର୍ ଇନେସ୍ ଟାକାଂ ରୁଣ୍ଡାଇକିତାର୍, ହେଦାଂ ହୁଡ଼୍ଜି ମାଚାନ୍ ।
ଏଚେକାଡ଼ଦ ହେନି ମାନାୟାର୍ ମାଜାନିଂ ହେବେ ବେସି ଇଡ୍ତାର୍;
୪୨ ଆରି, ରଞ୍ଜେଲ୍ ଅକର୍ଡ୍ ରାଣ୍ଡି ରି ଟାକା ଡାବୁଙ୍ଗ୍ ହେବେ ରାଡ୍ତାଡ୍ ।

* **୧୨:୨୯** ମା ମାପୁ ଇସ୍ୱର୍ କେବଲ୍ ମାପୁ ଆନାନ୍; ନଲେ ମାପୁ ମା ଇସ୍ୱର୍, ମାପୁ କେବଲ୍ ।

୪୩ ହେବେଣ୍ଣାଂ ଜିସୁ ନିଜ୍‌ତି ଚେଲାରିଂ ଲାଗେ କୁକ୍‌ଚି ଇଚାନ୍, “ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା, ଟାକାଂ ପେଡ଼ି
ଇଡ଼୍‌ଜିମାନି ୱିଜାକାର୍ ତାକେଣ୍ଣାଂ, ଇ ଅକର୍ତ୍ ରାଣ୍ଡି ବେସି ଇଡ଼ିତାଡ୍ ନା ।
୪୪ ଇନାକିଦେଂକି ୱିଜାକାର୍ ନିଜେ ନିଜେତି ବେସି ଦାନ୍‌ତ ଅଲପ୍ ଅଲପ୍ ଦାନ୍ ଇଡ଼ିତାର୍, ମାତର୍ ଇଦେଲ୍ ନିଜେତି
ଇନାକା ହିଲ୍‌ୱାଦାଂ ନିଜେତି ଜିବୁନ୍ ବାଚାୟ୍ କିଦେଙ୍ଗ୍ ହେଦେଲ୍‌ତି ଇନାକା ମାଚାଡ୍, ହେ ୱିଜେ ରାଡ୍‌ତାଡ୍ ।”

# ୧୩

## ମନ୍ଦିର୍ ବାଡ଼୍‌ହାଆନି ବିସ୍ରେ
*(ମାତିଉ ୨୪:୧-୨; ଲୁକ ୨୧:୫-୬)*

୧ ଜିସୁ ମନ୍ଦିର୍ ତାଙ୍ଗ୍ ହସି ହାନି ୱେଡ଼ାଲିଂ ତା ଚେଲାର୍ ତାଙ୍ଗେଙ୍ଗ୍ ରକାନ୍ ହେୱାନିଂ ଇଚାନ୍, “ଏ ଗୁରୁ, ହୁଡ଼ା; ଇନେସ୍
ଗାଜା ଗାଜା କାଲ୍‌କୁ ଆରି ଏଚେକ୍ ହଲ୍‌ନି ଇଲ୍ !”
୨ ହେବେ ଜିସୁ ହେୱାନିଂ ଇଚାନ୍, “ଏନ୍ ଇନାକା ଇ ୱିଜୁ ଇଲ୍ ହୁଡ଼୍‌ନାୟା ? ର କାଲ୍ ବିନ୍ କାଲ୍ ଜପି ମାନୁଡ୍, ୱିଜୁ ଦୁଡ଼ି
ମାସ୍‌ନାଡ୍ ।”

## ଜିସୁ ଜୁଗ୍‌ସେସ୍ ବିସ୍ରେ ୱେଚ୍‌ଚାନ୍
*(ମାତିଉ ୨୪:୩-୧୪; ଲୁକ ୨୧:୭-୧୯)*

୩ ପାଚେ ଜିସୁ ଜିଡ଼୍‌ମାଡ଼ି ଜପି ମନ୍ଦିର୍ ହାଣ୍‌କୁ କୁଚ୍‌ଚିଲେ ପିତର୍, ଜାକୁବ୍, ଜହନ୍ ଆରି ଆନ୍ଦ୍ରିୟ ହେୱାନିଂ କାଲେତାଂ
ୱେନ୍‌ବେଦେଂ ଲାଗାତାର୍, ଇ ସବୁ ଇନାୱାଡ଼ାଂ ଗିଟା ଆନାଡ୍,
୪ “ଇମ୍‌ଣି ସମୁଦ ଇ ସବୁ ଗିଟା ଆନାଡ୍, ହେ ସମୁନି ଦିନ୍ ଚିନ୍ ଇନାକା, ହେଦାଂ ମାଙ୍ଗେଙ୍ଗ୍ ୱେଚ୍‌ଚା ।”
୫ ହେବେତାଂ ଜିସୁ ହେୱାରିଂ ୱେଚ୍‌ଚେଙ୍ଗ୍ ଲାଗାତାନ୍, “ଜାଗ୍ରତ୍, ଇନେସ୍ ଇନେର୍ ମିଙ୍ଗେଙ୍ଗ୍ ବାମ୍‌ଣ୍ଡାୟ୍ କିଦ୍‌ମେର୍ ।”
୬ ଆଦିକ୍ ମାନାୟାର୍ ନା ତର୍‌ଦ ୱାଜି, “ଆନ୍ କ୍ରିସ୍ଟ ! ଇଞ୍ଜି ହେୱାନ୍ ଇଞ୍ଜି ଚାକ୍ରାୟ୍ କିଦ୍‌ନାର୍ ।
୭ ଲାଗାୟ୍ ଜୁଜ୍‌ନି ସବଦ୍ କି ଦେହାନି ଜୁଜ୍‌ନି କାବୁର୍ ୱେନ୍‌ଞ୍ଜି ଏପେଙ୍ଗ୍ ପାଣ୍ଡ୍ରାଆମାଟ୍ । ଏଲେଙ୍ଗ୍ କେତେକ୍ ଗଟ୍‌ଣା
ହାଡ୍‌ପା ଗିଟାନାଡ୍ । ମାତର୍ ଇଦାଂନି ଅରଡ୍ ଆକାୟ୍ ଜେ ୱିଜ୍‌ନି ଦିନ୍ ଇକାୱାତାଡ୍ ।
୮ ମାତର୍ ଜାତି ବିରୁଡ୍‌ତ ଜାତି ଆରି ରାଜି ବିରୁଡ୍‌ତ ରାଜି ନିଙ୍ଗ୍‌ନାଡ୍, ଆରେ ବାହା ବାହାତ ମେଦ୍‌ନି ଦାଲ୍‌କା ଆନାଡ୍
ଆରି କାତାର୍ ଆର୍ନାଡ୍, ଇ ସବୁ ଆରମ୍‌ନି ମୁଡ଼୍‌ଦାକା ।”
୯ ✡ମାତର୍ “ଏପେଙ୍ଗ୍ ଜାର୍ ଜାର୍ ବିସ୍ରେ ଜାଗ୍ରଡ୍ ଆଜି ମାନାଟ୍, ମାନାୟାର୍ ମିଙ୍ଗେଙ୍ଗ୍ ବିଚାର୍ଣ୍ଣା ବାହାତ ହେଲାୟ୍
କିଦ୍‌ନାର୍, ଆରି ଏପେଙ୍ଗ୍ କୁଟୁମ୍ ଇଞ୍ଜ ଟ୍ରାକ୍‌ୟା ଆନାଦେର୍, ଆରି ନା କାଜିଂ ରାଜି ଚାଲାୟ୍ କିନାକାନ୍ ଆରି ରାଜାର୍ ଲାଗେ
ହେୱାର୍ କାଜିଂ ସାକି ହିଦେଂ କାଜିଂ ନିଲି କିଦ୍‌ନାର୍ ।
୧୦ ଆରେ, ପର୍ତୁମ୍ ସବୁ ଜାତି ତାକେ ଇସ୍ୱର୍‌ତି ନେକ୍ରିକାବୁର୍ ସୁଣାୟ୍ କିୟା ଆନାଡ୍ ।
୧୧ ଇଦାଂ କାଜିଂ ଏଚେକାଡ଼୍‌ଦ ମିଙ୍ଗେଙ୍ଗ୍ ଲକୁ ଆସ୍ତି ହେଲାୟ୍ କିଦ୍‌ନାର୍, ହେ କାଡ଼୍‌ଦ ଏପେଙ୍ଗ୍ ଇନାକା ଇନାଦେର୍, ହେ
ବିସ୍ରେ ଆଗେନେ ଚିନ୍ତାକିମାଟ୍, ମାତର୍ ହେ ୱେଡ଼ାଲିଂ ମିଙ୍ଗେଙ୍ଗ୍ ଇନାକା ହିଦ୍ୟାଆନାଡ୍ ହେଦାଂ ଇନାଟ୍, ଇନାକିଦେଂକି
ଏପେଙ୍ଗ୍ ଇନାକାଦେର୍ ଆକାୟ୍ ମାତର୍ ପୁଇପୁୟା ଜିବୁନ୍ ଇନାକାନ୍ ମାନାନ୍ ।
୧୨ ଟଣ୍ଡେନ୍ ଟଣ୍ଡେନ୍ତିଙ୍ଗ୍ ଆରି ଆବା ମାଜି ହାକି ବାହାତ ହେଲାୟ୍ କିତାର୍ ଆରେ ହିମ୍‌ଣାଙ୍ଗ୍ ଆବା ଆୟାକାଂ ବିରୁଡ୍‌ତ
ନିଙ୍ଗ୍‌ଜି ଅହ୍‌ନାର୍ ।
୧୩ ✡ଆରେ, ଏପେଙ୍ଗ୍ ନା ପାଚେୱାତି କାଜିଂ ଏପେଙ୍ଗ୍ ୱିଜାକାର୍‌ତାଂ ଗିଣ୍‌କିୟା ଆନାଦେର୍, ମତର୍ ଇନେର୍ ହାରିହାରା
ପାଟେକ୍ ସାସ୍ ଆଜି ମାନାନ୍ ହେୱାନ୍ ସାର୍ଗେ ମୁକ୍ତି ପାୟା ଆନାନ୍ ।”

## ଜିସୁ ନାସ୍‌କିନି ବାନ୍ୟା ଗାଡ୍ରା ବିସ୍ରେ ଇଚାନ୍
*(ମାତିଉ ୨୪:୧୫-୨୮; ଲୁକ ୨୧:୨୦-୨୪)*

୧୪ ମାତର୍ “ଏପେଙ୍ଗ୍ ହେ ନାସ୍‌କିନି ଗିଣ୍ ଜିନିସ୍‌ତିଂ, ଇମେ ତାକେ ମାନ୍‌ୱି କାତା ଲଡ଼ା,” ହେବେ ମାନାକା ହୁଡ଼୍‌ନାଦେର୍
ପଡ଼ିକିନାକାର୍ ବୁଜାଆଏର୍, ଏଚେକାଡ଼୍‌ଦ ଇମ୍‌ଣାକାର୍ ଜିହୁଦା ରାଜିତ ମାନାର୍, ହେୱାର୍ ମାଡ଼ିତ ହନ୍‌ଚି ହାଲେର୍;
୧୫ ✡ଇନେର୍ ଜେଗନ୍ ଜପି ମାଚିସ୍, ତାରେନ୍ ୱାମେନ୍ ଆରି ଇଲ୍ ବିଡ୍ରେ ଇନାକାପା ତାକେଦେଂ ହାଲ୍‌ମେନ୍;
୧୬ ଆରେ ଇନେର୍ କାମାୟ୍ ବାହାତ ମାଚିସ୍, ହେୱାନ୍ ତା ହେନ୍ଦ୍ରା ଅଦେଂ ଉଲ୍‌ଟି ୱାମେନ୍ ।
୧୭ ହେୱାଡ଼ାଂ ଇନେର୍ ଏସ୍ ପିସ୍ତାକା ଆରି ମାୟ୍ ଉଟ୍‌ନି ଆୟା, ଅୟ୍ ହେୱେକ୍ କସ୍ଟନିକିକ୍ !
୧୮ ମାତର୍ ଇଦାଂ ଇନେସ୍ ପିନି ମାସ୍‌ତ ଆମେଡ୍, ହେଦାଂ କାଜିଂ ଇସ୍ୱର୍‌ତାକେ ପାର୍ତାନା କିୟାଟ୍ ।
୧୯ ✡ଇନାକିଦେଂକି ହେୱାଡ଼ାଂ ଇ ଲାକେ କସ୍ଟଗିଟା ଆଦ୍‌ନାଡ୍ ଜେ, ମାପ୍ରୁ କିତି ଉବ୍‌ଜାଣ୍ ଆରାମ୍ ତାଙ୍ଗ୍ ନେଜେଙ୍ଗ୍
ପାଟେକ୍ ହେ ଲାକେ ଗିଟା ଆୱାତାଡ୍‌ନା, ଆରି ଇନାୱାଡ଼ାଂପା ଗିଟାଆଦୁଡ୍ ।

✡ **୧୩:୯** ମାତିଉ ୧୦:୧୭-୨୦; ଲୁକ ୧୨:୧୧,୧୨. ✡ **୧୩:୧୩** ମାତିଉ ୧୦:୨୨. ✡ **୧୩:୧୫** ଲୁକ ୧୭:୩୧. ✡ **୧୩:୧୯** ହଡ୍‌ତି ୭:୧୪.

୨୦ ଆରେ, ମାପ୍ରୁ ହେ ସମୁଦିଙ୍ଗ୍ ଉଣା କିୱାଦାଂ ମାଚିସ୍, ତେବେ ଇମ୍‌ଣି ପୁତର୍ ପା ମୁକ୍ତି ପାୟା ଆୱାତାମ୍ନା; ମାତର୍
ହେୱାନ୍ ଇନେରିଂ ବାଚି କିନାନା, ହେ ବାଚିକିତି ଲଗାଂ ସମୁଉଣା କିତାନ୍‌ନ୍ନା ।
୨୧ ହେ ଏଚେକାଡ଼୍‌ଦ ହୁଡ଼ାଟ୍, କ୍ରିସ୍ଟ ଇବେ ! ଆୱିତିସ୍ "ହୁଡ଼ାଟ୍, ହେବେ ! ଇନେର୍ ଜଦି ମିଙ୍ଗେଙ୍ଗ୍ ଏଲେଙ୍ଗ୍ ଇନ୍‌ଚିସ୍
ତେବେ ହେଦାଂ ପାତର୍ କିମାଟ୍ ।
୨୨ ଚାକ୍ରାୟ୍ କ୍ରିସ୍ଟର୍ ଆରି ଚାକ୍ରାୟ୍ ବେଣ୍‌ବାକ୍‌ଣାୟ୍‌କିନାକାର୍ ଏଲେଙ୍ଗ୍ ଚିନ୍ ଆରି କାବାନି କାମାୟ୍ ଚଚ୍‌ଚାନାର୍, ଇନେର୍
ଜଦି ଆତିସ୍, ଲାଗିଂ ବାଚିକିତି ଲଗାଂ ବାମ୍‌ଣ୍ଡ୍ରାୟ୍ କିତାର୍ ।
୨୩ ମାତର୍ ଏପେଙ୍ଗ୍ ଜାଲ୍‌ଦି ଆଜି ମାନାଟ୍; ଆନ୍ ପୁର୍ବେତାଂ ଇ ବିସ୍ରେ ମିଙ୍ଗେଙ୍ଗ୍ ୱେଚ୍‌ଚାତାଂ ।"

## ମାନାୟ୍ ମାଜି ଆରେ ରଗ ୱାନାକା
(ମାତିଉ ୨୪:୨୯-୩୧; ଲୁକ ୨୧:୧୫-୨୮)

୨୪ ✡"ମାତର୍ ହେୱାଡ଼ାଂ ହେ ଦୁକ୍ ପାଚେ
ୱେଡ଼ା ମାଜ୍‌ଗା ଆନାଡ୍ ଆରି
ଲେଞ୍ଜ୍ ଅଜଡ୍ ହିଉଡ୍ ।
୨୫ ✡ ପାଚେ ହୁକାଙ୍ଗ୍ ବାଦାଡ଼୍‌ତାଂ ଆର୍‌ଦେଂ ଲାଗିନିକ୍ ଆରି ବାଦାଡ଼୍‌ନି ସାକ୍ତି ୱିଜୁ ତ୍ରିଗ୍‌ଜି ହାନିକ୍ ।
୨୬ ✡ ହେୱାଡ଼ାଂ ମାନାୟ୍ ମାଜି ବାଦାଡ଼୍‌ତ ଜବର୍ ସାକ୍ତି ଆରି ପାଣ୍‌ହୁକେ ବାଦାଡ଼୍‌ତ ୱାନାକା ହୁଡ଼୍‌ନାର୍ ।
୨୭ ତା ବାଚିକିତି ମାନାୟାରିଂ ପୁତର୍‌ନି ର ହାନ୍ଦିତାଂ ବିନ୍ ହାନ୍ଦି ପାତେକ୍ ଦାସ୍‌ସି ରୁଣ୍ଡ୍ରାୟ୍ କିନି କାଜିଂ ହେୱାନ୍ ତା ସାର୍ଗେନି
ଦୁଡ୍‌କୁକାଂ ଚାର୍‌ବେଣ୍‌ତାଂ ପକ୍‌ତାନ୍ ।"

## ତଗାମାର୍‌ନି ହିକ୍ୟା
(ମାତିଉ ୨୪:୩୨-୩୫; ଲୁକ ୨୧:୨୯-୩୩)

୨୮ "ତଗା ମାର୍‌ଦିଂ ଉତର୍‌ମୁଡ଼୍ ହିକ୍ୟା କିୟାଟ୍, ଏଚେକାଡ଼୍‌ଦ ହେ କେନ୍ଦାଂ ଆକିଂ ଗିଲ୍‌ନିଂ, ହେ ଏଚେକାଡ଼୍‌ଦ ଜେଟ୍ କାଡ଼୍
ଲାଗାଂ ଏକା ୱାତାତେ ଇଞ୍ଜି ଏପେଙ୍ଗ୍ ପୁଞ୍ଜି ମାନାଟ୍;
୨୯ ହେ ଲାକେ ଏପେଙ୍ଗ୍‌ପା ଇ ସବୁ ଗଟ୍‌ଣା ହୁଡ଼୍‌ତିସ୍ ହେୱାନ୍ ଦୁୱେର୍ ଲାଗେ ଆତାତେ ଇଞ୍ଜି ପୁନାଟ୍ ।*
୩୦ ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା, ଇ ସବୁ ଗିଟାୱି ପାତେକ୍ ନେଞ୍ଜେୱିଗାନି ନାର୍ ଇନେସ୍ କିତିସ୍ ପା ବୁଡା ଆଉର୍
।
୩୧ ଆକାସ୍ ଆରି ପୁତର୍ ବୁଡା ଆନାଡ୍, ମାତର୍ ନା ବଚନ୍ ୱିଜେ ବୁଡା ଆଉଡ୍ ।

## ଜିସୁତି ୱାନିଦିନ୍ ଇନେର୍ ପୁନୁର୍
(ମାତିଉ ୨୪:୩୬-୪୪)

୩୨ ✡ମାତର୍ ହେ ଦିନ୍ କି ସମୁ ବିସ୍ରେ ଇନେର୍ ପୁନୁର୍," ସାର୍ଗେପୁର୍‌ନି ଦୁତ୍‌ର୍ କି ମାଜିପ୍ରା ପୁନୁନ୍; ମାତର୍ ନା ସାର୍ଗେନି
ଆବା ପୁନାନ୍ ।
୩୩ ଏପେଙ୍ଗ୍ ଜାଲ୍‌ଦି ଆଜି ମାନାଟ୍, କାସି ମାନାଟ୍, ମାତର୍ ହେ ସମୁ ଇନାୱାଡ଼ାଂ ଆନାଡ୍ ହେଦାଂ ଏପେଙ୍ଗ୍ ପୁନୁଦେର୍ ।
୩୪ ✡ହେଦାଂ ଏଲେଙ୍ଗ୍ ଇନେସ୍ ରକାନ୍ ମାନାୟ୍ ଇଲ୍ ପିସ୍ତି ବିଦେସ୍‌ତ ହାଲ୍‌ଜି ବାହା କିନାକାନ୍, ଆରି ହେ ଆଡ଼ିୟାରିଂ
ଆଦିକାର୍ ହିଜି ୱିଜୁ କାମାୟ୍ ରଚ୍‌ଚିପା ଦୁୱେର୍‌ତ ଜାଗ୍‌ୱାଡ଼ାରିଂ କାତେଙ୍ଗ୍ ବଲ୍ ହିତାନ୍ ।
୩୫ ଇଚିସ୍ ଏଚେକାଡ଼୍‌ଦ ଇଲ୍ ହାଉକାର୍ ମିଙ୍ଗେଙ୍ଗ୍ ଜାଗ୍ରଡ୍ ମାଞ୍ଜେଙ୍ଗ୍ ଇଞ୍ଜ୍‌ନାନ୍, ମାତର୍ ହେୱାନ୍ ମ୍ହିକା ହାରେସ୍ କୁଜୁ
କ୍ଟେନି ସମୁଦ କି ନାଣାଙ୍ଗେ ହେ ପାଦ୍‌ନା ହେୱାନ୍ ୱାନାନ୍ ହେଦାଂ ଏପେଙ୍ଗ୍ ପୁନୁଦେର୍ ।
୩୬ ହେୱାନ୍ ବେଗି ୱାଜିପ୍ରା ହାଞ୍ଜେଙ୍ଗ୍ ଆଡ୍‌ନାନ୍ ଏପେଙ୍ଗ୍ ଜଦି ସବୁୱେଡ଼ାଙ୍ଗ୍ ଜାଗ୍ରଡ୍ ଆଜି ମାନାଦେର୍ ଲାଗିଂ ହେୱାନ୍
ମିଙ୍ଗେଙ୍ଗ୍ ହୁଞ୍ଜ୍‌ନାକା ହୁଡ଼୍‌ଦେଂ ଆଡ଼୍‌ଦୁନ୍ ।
୩୭ ଆନ୍ ମିଙ୍ଗେଙ୍ଗ୍ ଇନାକା ଇଞ୍ଜ୍‌ନାଙ୍ଗା, ହେଦାଂ ୱିଜାକାରିଂ ଇଞ୍ଜ୍‌ନାଙ୍ଗା, ଜାଗ୍ରଡ୍ ମାନାଟ୍ ।

# ୧୪

## ଜିସୁଙ୍ଗ୍ ଅସ୍ତେଙ୍ଗ୍ ଇଞ୍ଜି ଜିହୁଦିର୍‌ତି ଉପାୟ୍
(ମାତିଉ ୨୬:୧-୫; ଲୁକ ୨୨:୧-୨; ଜହନ୍ ୧୧:୪୫-୫୩)

୧ ହେ ନିସ୍ତାର୍ ପାର୍ବୁ ଆରି ହଇୱି ରୁଟି ପାର୍ବୁ ଆଦେଂ ରି ଦିନ୍ ମାଚାଡ୍ । ହେ ୱେଡ଼ାଲିଂ ମୁଡ଼୍ ମାପ୍ରୁ ହେବା କିନାକାର୍ ଆରି
ସାସ୍ତ୍ରିର୍ ଇନେସ୍ ଜିସୁଙ୍ଗ୍ ଚାଲାକି କିଜି ଆସ୍ତେଙ୍ଗ୍ ଆଡ୍‌ନାର୍, ହେବେ ନି ଉପାୟ୍ ଡେକ୍‌ଚି ମାଚାର୍ ।
୨ "ଇନେକିଦେଂକି ହେୱାର୍ ଇଚାର୍," ପାର୍ବୁ ୱେଡ଼ାଲିଂ ଆକାୟ୍, "ଏଚେକାଡ଼୍‌ଦ ମାନାୟ୍ ବିତ୍ରେ ଗଣ୍ଡ୍‌ଗଲ୍ ଆନାଡ୍ ।"

---

✡ **୧୩:୨୪** ହଡ୍‌ତି ୬:୧୨. ✡ **୧୩:୨୫** ହଡ୍‌ତି ୬:୧୩. ✡ **୧୩:୨୬** ହଡ୍‌ତି ୧:୭. * **୧୩:୨୯** ସମୁ ଲାଗାଂ, ଆରମ୍ ଆଦେଂ ହାନାତା; ନଲେ ହେୱାନ୍ ଲାଗାଂ, ୱାଦେଂ ଜାଗ୍ରଡ୍ ଆତାନ୍ନା । ✡ **୧୩:୩୨** ମାତିଉ ୨୪:୩୬. ✡ **୧୩:୩୪** ଲୁକ ୧୨:୩୬-୩୮.

## ଜିସୁ ବେଡ଼ନିଆତ ଚିକାଣ୍ କାସ୍ନାଡ଼
*(ମାତିଉ ୨୬:୬-୧୩; ଜହନ୍ ୧୨:୧-୮)*

୩ ଜିସୁ ବେଡ଼ନିୟାତ ଗାଜାରଗ୍ନି ସିମନ୍ ଇଞ୍ଜ ତିଞ୍ଜେଙ୍ଗ୍ କୁଚ୍ଚି ୱେଡ଼ାଲିଂ ର କଗ୍ଲେ ର କଣ୍ତିତ ବେସି ହାର୍ଦାକା
ଜଟାମାଂସି ବାସ୍ନା ଚିକାଣ୍ ତାସି ଜିସୁ କାପ୍ଡ଼ାତ ଚିକାଣ୍ କଣ୍ତି ଡ୍ରିକ୍ଚି ୱାକ୍ତେଙ୍ଗ୍ ଲାଗାତାଡ଼୍ ।
୪ ଆରେ କେଡେକ୍ ହେବେ ମାଚି ମାନାୟ୍ ରିସା ଆଜି ହେୱାର୍ ୱେଚ୍ପା ଆତାର୍, "ବାସ୍ନା ଚିକାଣ୍ ଇଦେଲ୍ ଇନେକିଦେଂ
ଆର୍ଲା କିନାତା ?
୫ ଇ ବାସ୍ନା ଚିକାଣ୍ତ ତିନ୍ସ ଦିନ୍ତି ଟାକାଂ* ଆଦିକ୍ ମଲ୍ତ ପ୍ରସି ହିଲ୍ୱାକାରିଂ ହିୟାତାଡ଼୍ମା । ଲାଗିଂ ହେୱାର୍ ହେ
କଗ୍ଲେ ହିମ୍ଣାତି କେଡ଼୍ତେଙ୍ଗ୍ ଲାଗାତାର୍ ।"
୬ ମାତର୍ ଜିସୁ ଇଚାନ୍, "ଆନ୍ଦେଂଲିଂ ପିହାଟ୍, ଇନେକିଦେଂ ତାଙ୍ଗେଙ୍ଗ୍ କସ୍ଟ ହିନାଦେରା ? ହେଦେଲ୍ତ ନା କାଜିଂ ହାର୍ଦ
କାମାୟ୍ କିନାତା ।"
୭ ଇନେକିଦେଂକି ଅକର୍ଡ଼ ଲଗୁ ସବୁୱେଡ଼ାଙ୍ଗ୍ ମି "ଲାଗାଂ ମାନାର୍, ଆରି ମିଦାଙ୍ଗ୍ ଏଚେକାଡ଼୍ଦ ଇଚା ହେ ଏଚେକାଡ଼୍ଦ
ପା ହେୱାରିଂ ଉପ୍କାର୍ କିଦେଙ୍ଗ୍ ଆଡ଼୍ନାଦେର୍, ମତର୍ ଆନ୍ ସବୁୱେଡ଼ାଙ୍ଗ୍ ମି ତାକେ ମାନୁଙ୍ଗ୍ ।
୮ ହେଦେଲ୍ ଏଚେକ୍ ଆଡ଼୍ଦାତାଡ଼୍, ହେଦାଂ ହେଦେଲ୍ କିତାଡ଼୍ନା; ହେଦେଲ୍ ଦୁଗେର୍ କାଜିଂ ନା ଗାଗାଡ଼୍ତିଂ ଆଗେନେ
ଚିକାଣ୍ କାସ୍ଦାତାଡ଼୍ ।
୯ ଆନ୍ ମିଙ୍ଗେଙ୍ଗ୍ ହାଡ଼୍ପା ଇଞ୍ଜ୍ନାଙ୍ଗା, ୱିଜେ ପୁତର୍ ତାକେ ଇମ୍ଣି ବାହାତ ପା ନେକ୍ରିକାବୁର୍ ୱେଚ୍ଚିୟା ଆନାଡ଼୍, ହେ
ବାହାତ ଇ କଗ୍ଲେଂ ଏଡୁ କିଦେଙ୍ଗ୍ ତାଦେଲ୍ତି ଇ କାମାୟ୍ନି କାତା ପା ଇନିୟା ଆନାଡ଼୍ ।"

## ଜିହୁଦା ଜିସୁଙ୍ଗ୍ ସତ୍ରୁ କେଇଦ ଆହିକିନାନ୍
*(ମାତିଉ ୨୬:୧୪-୧୬; ଲୁକ ୨୨:୩-୬)*

୧୦ ହେବେ ବାର ଚେଲାର୍ ବିତ୍ରେ ଇସ୍କାରିୟତିୟ ଜିହୁଦା ଇଞ୍ଜି ରକାନ୍ ହେୱାନ୍ ମୁଡ଼୍ ମାପୁହେବାକିନାକାର୍ କେଇଦ
ହେଲାୟ୍ କିଦେଙ୍ଗ୍ କାଜିଂ ହେୱାର୍ ତାକେ ହାଚାନ୍ ।
୧୧ ହେଦାଂ ୱେନ୍ଜି ୱାରିୟା ଆତାର୍ ଆରି ହେୱାନିଂ ଟାକାଂ ହିଦେଂ ଇଞ୍ଜି ପାର୍ମାଣ୍ କିତାର୍ । ହେବେତାଂ ହେୱାନ୍ ଜିସୁଙ୍ଗ୍
ସୁବିଦା ହୁଡ଼୍ଜି ଇନେସ୍ ଆହିକିଦେଂ ଆଡ଼୍ନାନ୍, ଇଦାଂ ଉପାୟ୍ ଡେକ୍ତେଂ ଲଗାତାନ୍ ।

## ନିସ୍ତାର୍ ପାର୍ବୁନି ବଜି
*(ମାତିଉ ୨୬:୧୭-୨୫; ଲୁକ ୨୨:୭-୧୪; ୨୧:୩; ଜହନ୍ ୧୩:୨୧-୩୦)*

୧୨ ପାଚେ ହେ ହଇୱି ରୁଟି ପାର୍ବୁନି ପର୍ତୁମ୍ ଦିନ୍ତ, ଇମ୍ଣି ଦିନ୍ ନିସ୍ତାର୍ ପାର୍ବୁନି ମେଣ୍ଢାହିମ୍ଣା ପୁଜାକିନାର୍, ହେ ଦିନ୍ ଜିସୁତି
ଚେଲାର୍ ହେୱାନିଂ ୱେନ୍ବାତାର୍, "ଆସେଙ୍ଗ୍ ହାଲ୍ଜି ନି କାଜିଂ ନିସ୍ତାର୍ ପାର୍ବୁ ତିଞ୍ଜେଙ୍ଗ୍ ଜାଡ଼୍ନାୟ୍ କିନାପ୍ ଇଞ୍ଜି ନି ଇଚା
କିନାୟା ?"
୧୩ ହେବେତାଂ ହେ ଚେଲାର୍ ବିତ୍ରେ ରିୟାରିଂ ଏଲେଙ୍ଗ୍ ୱେଚ୍ଚି ପକ୍ତାନ୍ । "ଏପେଙ୍ଗ୍ ଗାଡ଼୍ଦ ହାଲାଟ୍, ଆରି ରକାନ୍
ଗାଗ୍ରି ଆସ୍ତି ହାନି ମାନାୟ୍ ମିଙ୍ଗେଙ୍ଗ୍ ବେଟା ଆଦ୍ନାନ୍, ତା ପାଚେ ପାଚେ ହାଲାଟ୍;
୧୪ ଇମ୍ଣି ଇଞ୍ଜ ହେୱାନ୍ ହଣାନ୍ । ହେ ଇଞ୍ଜ ନି ମୁଣିକାଙ୍ଗ୍ ଇନାଟ୍, ଗୁରୁ ୱେନ୍ବା ଆଦ୍ନାନା, ଆନ୍ ନା ଚେଲାର୍ ହୁକେ
ଇମେତାକେ ନିସ୍ତାର୍ ପାର୍ବୁ ବଜି କିନାଙ୍ଗ୍, ଇମେଡ଼୍ ନା ହେ ଗତାଙ୍ଗ୍ବାହା ।"
୧୫ ହେୱାନ୍ ମିଙ୍ଗେଙ୍ଗ୍ ହେବେ ଜାଡ଼୍ନାୟ୍ ଆରି ଜାଲ୍ଦି କିତି ଜପ୍ଣି ଗାଜା ବାକ୍ରା ଚଚାନାନ୍, ହେ ବାହାତ ମାକାଜିଂ
ଜାଲ୍ଦି କିୟାଟ୍ ।
୧୬ ହେବେତାଂ ଚେଲାର୍ ହସି ଗାଡ଼୍ ବିତ୍ରେ ହଟାର୍, ଆରେ ଜିସୁ ହେୱାରିଂ ଇନେସ୍ ଇଞ୍ଜି ମାଚାନ୍, ହେ ଲାକେ ହୁଡ଼୍ଜି
ନିସ୍ତାର୍ ପାର୍ବୁ ଦିନ୍ତି ବଜି ଜାଲ୍ଦି କିତାର୍ ।
୧୭ ମ୍ଟିଡିଲେ ହେୱାନ୍ ବାରଜାଣ୍ ଚେଲାର୍ ହୁକେ ୱାତାନ୍ ।
୧୮ ହେୱାର୍ କୁଚ୍ଚି ତିନି ସମୁଦ ଜିସୁ ଇଚାନ୍, "ଆନ୍ ହାଡ଼୍ପା ଇଞ୍ଜ୍ନାଙ୍ଗା, ମି ବିତ୍ରେ ରକାନ୍, ଇନେର୍କି ନା ହୁକେ ତିନାନା,
ହେୱାନ୍ ନାଙ୍ଗେଙ୍ଗ୍ ସାତ୍ରୁ କେଇଦ ହେଲାୟ୍ କିଦ୍ନାନ୍ ।"
୧୯ ହେବେ ହେୱାର୍ ଦୁକ୍ ଆଜି ରକାର୍ ରକାର୍ କିଜି ହେୱାନିଂ ୱେନ୍ବାତାର୍, "ହେୱାନ୍ ଇନାକା ଆନ୍ ?"
୨୦ ଜିସୁ ହେୱାରିଂ ଇଚାନ୍, "ବାରଜାଣ୍ ବିତ୍ରେ ରକାନ୍, ଇନେର୍କି ନା ହୁକେ ତାଡ଼ିୟାତ ରୁଟି ଛୁକ୍ନାନ୍ ହେୱାନ୍ ।
୨୧ ମାନାୟ୍ ମାଜି ବିସ୍ରେ ସାସ୍ତର୍ ତାକେ ଇନେସ୍ ଲେକା ଆତାଡ଼୍ନ୍ନା, ହେ ଲାକେ ହାକି ଡାଣ୍ଡ୍ ପାୟାଦେଂ ହାନାନା, ମାତର୍
ମାନାୟ୍ ମାଜି ସତ୍ରୁ କେଇଦ ହେଲାୟ୍ କିୟା ଆନାନ୍, ଆ ହେୱାନ୍ ଦାଣ୍ଡ୍ ପାୟା ଆନାନ୍ ! ହେୱାନ୍ ମାନାୟ୍ ଜଲମ୍ ଆୱାଦାଂ
ମାଚିସ୍ ହେୱାନ୍ ତା ପାକ୍ୟାତ ହାର୍ ଆତାମ୍ମା !"

---
* **୧୪:୫** ରୁପା ଟାକାଂ ୬:୩୭ ହୁଡ଼ାଟ୍ ।

### ଇସ୍ୱର୍‌ତି ବଜି
### (ମାତିଉ ୨୬:୨୬-୩୦; ଲୁକ ୨୨:୧୪-୨୦; ୧ କରନ୍ତିୟ ୧୧:୨୩-୨୫)

୨୨ ହେୱାର୍ ତିନି ୱେଡ଼ାଲିଂ ହେ ରୁଟି ଅସି ଆସିର୍ବାଦ୍ କିଜି ହେୱାରିଂ ହିତାନ୍ ଆରି ହେଦାଂ ଡ୍ରିକ୍‌ଚି ହେୱାରିଂ ହିଜି ଇଚାନ୍,
"ଇନ୍ଦାଟ୍, ଇଦାଂ ନା ଗାଗାଡ଼୍ ।"
୨୩ ଆରେ, ହେୱାନ୍ କଲ୍‌ସି ଆସ୍ତି ଜୁୱାର୍ କିସି ହେୱାରିଂ ହିତାନ୍ "ଆରି ୱିଜାକାର୍ ହେବେଣ୍ତାଂ ଉଟାର୍ ।"
୨୪ ଆରି, ଜିସୁ ହେୱାରିଂ ଇଚାନ୍, ଇମ୍‌ଣି ନିୟମ୍‌ନି ନେତେର୍ ବେସି ଲଗାଂ କାଜିଂ ରାକ୍ୟା ଆନାତା, ଇଦାଂ ନା "ହେ
ନେତେର୍ ।
୨୫ ଆନ୍ ମିଙ୍ଗେଙ୍ଗ୍ ହାଡ଼ପା ଇଞ୍ଜ୍‌ନାଙ୍ଗ୍, ଆନ୍ ଏଚେକାଡ଼ଦ ପୁନି କିଜି ଇସ୍ୱର୍ ରାଜିତ ଅଙ୍ଗୁର୍ ପାଡ଼୍‌ନି ରାସ୍ ଉଣାଙ୍ଗ୍, ହେ
ଦିନ୍ ପାତେକ୍ ଇଦାଂ ଆରି ଇନାୱାଡ଼ାଂପା ଉଣ୍ତେଙ୍ଗ୍ କଙ୍ଗ୍ ।"
୨୬ ଆରେ, ହେୱାର୍ କେର୍‌ତି ପାଚେ ଜିଡ଼୍‌ମାଡ଼ିତ ହସି ହାଚାର୍ ।

### ଜିସୁ ପାଚେ ହାନାକାର୍ ୱିଜାକାର୍ ପିହ୍‌ନାର୍
### (ମାତିଉ ୨୬:୩୧-୩୫; ଲୁକ ୨୨:୩୧-୩୪; ଜହନ୍ ୧୩:୩୬-୩୮)

୨୭ ହେ ଏଚେକାଡ଼ଦ ଜିସୁ ହେୱାରିଂ ଇଚାନ୍, ଏପେଙ୍ଗ୍ ୱିଜାକାଦେର୍ ବାଦାପାୟା ଆନାଦେର୍, ଇନେକିଦେଂକି ଲେକା
ଆତାଡ଼୍‌ନ୍ନା,
"ଆସେଙ୍ଗ୍ ମେଣ୍ଡା ଗଡ଼ିୟାଙ୍ଗ୍ ଅସ୍‌ତିସ୍, ଆରି ମେଣ୍ଡାଂ ଜେଡ଼୍ କେଡ଼୍ ଆଜି ହାନିକ୍ ।"
୨୮ ✡ମାତର୍ ଆନ୍ ନିଙ୍ଗ୍‌ତି ପାଚେ ମି ଆଗେ ଗାଲିଲିତ ହାନାଙ୍ଗ୍ ।
୨୯ ମତର୍ ପିତର୍ ହେୱାନିଂ ଇଚାନ୍, "ୱିଜାକାର୍ ନିଙ୍ଗେଙ୍ଗ୍ ପିସ୍ତି ହାନ୍‌ଚିସ୍ୱା, ଆନ୍ ପିସ୍ତି ହାଞ୍ଜୁଙ୍ଗ୍ ।"
୩୦ ଜିସୁ ହେୱାନିଂ ଇଚାନ୍, "ଆନ୍ ନିଙ୍ଗେଙ୍ଗ୍ ହାଡ଼ପା ଇଞ୍ଜ୍‌ନାଙ୍ଗା, ନେଞ୍ଜେଙ୍ଗ୍ ଇ ନାଣା ରିହା କୁଜୁ କ୍ବେନି ଆଗେ ଏନ୍
ନାଙ୍ଗେଙ୍ଗ୍ ତିନିହଟ୍ ପାତର୍ କିଦୁୟ୍ ।"
୩୧ ମାତର୍ ହେୱାନ୍ ଆଟ୍‌ୱା କିଜି ଇଞ୍ଜେଙ୍ଗ୍ ଲାଗାତାନ୍, "ଜଦି ଆନ୍ ନି ହୁକେ ହାଦେଂ ଲାଗ୍‌ଦାନାଡ଼୍ ଆତିସ୍ ପା ଆନ୍
ନିଙ୍ଗେଙ୍ଗ୍ ମୁଡ଼୍‌କେ ଉଡ଼ା ଆଦୁଙ୍ଗ୍ । ଆରି ୱିଜାକାର୍‌ପା ହେ ଲାକେ ଇଚାର୍ !"

### ଜିସୁ ଗେଡ଼୍‌ସିମନି ବାଡ଼ଦ ପାର୍ତାନା କିତାନ୍
### (ମାତିଉ ୨୬:୩୬-୪୬; ଲୁକ ୨୨:୩୯-୪୬)

୩୨ ପାଚେ ହେୱାର୍ ଗେଡ଼୍‌ସିମନି ଇନି ତର୍ ର ବାହାତ ୱାତାର୍, ଆରି ହେୱାନ୍ ହେ ଚେଲାରିଂ ଇଚାନ୍, "ଆନ୍ ପାର୍ତାନା
କିନି ପାତେକ୍ ଏପେଙ୍ଗ୍ ଇବେ କୁଚ୍‌ଚି ମାନାଟ୍ ।"
୩୩ ଆରେ, ହେୱାନ୍ ପିତର୍, ଜାକୁବ୍ ଆରି ଜହନ୍‌ତିଂ ହାଙ୍ଗ୍ ଅଜି ଆଦିକ୍ କାବା ଆଜି ଆରି ବିପ୍ତି ଆଦେଂ ଲାଗାତାନ୍ ।
୩୪ ହେବେ ଜିସୁ ହେୱାରିଂ ଇଚାନ୍, "ନା ୱାସ୍କି ହାକି ଲାକେ ବେସି ଦୁକ୍ ଆନାତା; ଏପେଙ୍ଗ୍ ଇବେ ମାନ୍‌ଞ୍ଜି କାସି ମାନାଟ୍
।"
୩୫ ଜଦି ଆନାଡ଼୍ ହେ ଦୁକ୍ ଇନେସ୍ ଦେହା ଆନାଡ଼୍ ହେବେତାଂ ହେୱାନ୍ ଅଲପ୍ ଦେହା ହାଲ୍‌ଜି ମେଡ଼୍‌ନିତ ଗୁର୍‌ଜି,
ପାର୍ତାନା କିଦେଙ୍ଗ୍ ଲାଗାତାନ୍ ।
୩୬ ଆରି ଜିସୁ ଇଚାନ୍, "ଆବା, ୱିଜୁ ନି ପୁରା, ଇ ଉଣି ଗିନା ନା ତାଙ୍ଗ୍ ଦେହା ଇଟା, ଆତିସ୍‌ପା ନା ଇଚା ଆକାୟ୍, ମାତର୍
ନି ଇଚା ।"
୩୭ ଆରେ, ହେୱାନ୍ ୱାଜି ହେୱାରିଂ ହୁଞ୍ଜ୍‌ନାକା ହୁଡ଼୍‌ତାନ୍ ଆରି ପିତର୍‌ତିଂ ଇଚାନ୍, "ସିମନ୍, ଏପେଙ୍ଗ୍ ଇନାକା
ହୁଞ୍ଜ୍‌ନାଦେରା ? ର ଗଣ୍ଟା କାତେଙ୍ଗ୍ ଆଡ଼୍‌ୱାତାଦେର୍ ?"
୩୮ "ପରିକ୍ୟାତ ଇନେସ୍ ଆର୍‌ମାଟ୍, ଇଦାଂ କାଜିଂ କାସିମାଞ୍ଜି ପାର୍ତାନା କିୟାଟ୍, ଜିବୁନ୍ ଇଚା, ମାତର୍ ଗାଗାଡ଼୍ ନାଦାର୍
।"
୩୯ ହେୱାନ୍ ଆରି ଆଗେ ଲାକେ ହାଲ୍‌ଜି କାତା ଇଞ୍ଜି ପାର୍ତାନା କିତାନ୍ ।
୪୦ ଆରେ ରଗ ୱାଜି ଜିସୁ ହେୱାରିଂ ହୁଞ୍ଜ୍‌ନାକା ହୁଡ଼୍‌ତାନ୍, ଇନେକିଦେଂକି ହେୱାର୍ ହୁଞ୍ଜ୍‌କାଣ୍‌କୁଙ୍ଗ୍ ଜୁଟ୍‌ପିୟା ଆଜି
ମାଚିକ୍, ଆରି ହେୱାନିଂ ଇନା ଉତର୍ ହିନାର୍, ହେଦାଂ ପୁନ୍‌ୱାଦାଂ ମାଚାର୍ ।
୪୧ ହେୱାନ୍ ତିନିହଟ୍ ୱାଜି ହେୱାରିଂ ଇଚାନ୍, "ଏପେଙ୍ଗ୍ ଇନାକା ଆରି ହୁନ୍‌ଞ୍ଜାଦେର୍ଣ୍ଣା ? ଜବର୍ ଆତାତେ ! ହୁଡ଼ାଟ୍,
ମାନାୟ୍ ମାଜି ପାପିର୍ କେଇତାକେ ହେଲାୟ୍ ଆନାନା ।
୪୨ ନିଙ୍ଗାଟ୍, ଆସେଙ୍ଗ୍ ହାନାସ୍; ହୁଡ଼ାଟ୍, ଇନେର୍ ନାଙ୍ଗେଙ୍ଗ୍ ସତ୍ରୁ କେଇଦ ହେଲାୟ୍ କିଦ୍‌ନାନ୍ ହେୱାନ୍ ଲାଗାଂ ୱାତାନେ
!"

### ଜିସୁ ଗାଟ୍ୟା ଆତାନ୍
### (ମାତିଉ ୨୬:୪୭-୫୬; ଲୁକ ୨୨:୪୭-୫୩; ଜହନ୍ ୧୮:୩-୧୨)

---

✡ **୧୪:୨୮** ମାତିଉ ୨୮:୧୬.

୪୩ ଆରେ ସାଙ୍ଗେ ସାଙ୍ଗେ, ହେୱାନ୍ କାତା ଇନି ୱାଡ଼ାଲିଂ ବାରଜାଣ୍ ବିତ୍ରେ ଜିହୁଦା ଇନି ରକାନ୍ ଆରି ହେନି ଲକୁ ହେୱାନ୍
ହୁକେ ମୁଡ଼୍ ମାପୁ ହେବା କିନାକାର୍, ସାସ୍ତିର୍ ଆରି ପ୍ରାଚିନାର୍ ତାଙ୍ଗ୍ ଲକୁ କାଣ୍ଡାଂ ଆରି ଟେଙ୍ଗାଙ୍ଗ୍ ଆଜି ୱାତାର୍ ।
୪୪ ଜିସୁଙ୍ଗ୍ ସତୁ କେଇଦ ହେଲାୟ୍ କିନାକାନ୍ ଏଲେଙ୍ଗ୍ ଚଚ୍ଚି ହିଜି ଇଞ୍ଜି ମାଚାନ୍ । "ଆନ୍ ଇନେରିଂ ଡଞ୍ଜ୍‌ଗାନାଂ, ହେୱାନ୍
ହେୱେନ୍, ହେୱାନିଂ ଆସ୍ତି ଜାଗ୍ରତ୍ ତ ଅନାଦେର୍ ।"
୪୫ ଲାଗିଂ ହେୱାନ୍ ହେପାଦ୍‌ନା ହେୱାନ୍ ଲାଗେ ହାଲ୍‌ଜି, "ଏ ଗୁରୁ !" ଇଞ୍ଜି ହେୱାନିଂ ବେସି ଡନ୍‌ଚାନ୍ ।
୪୬ ହେବେତାଂ ହେୱାର୍ ତା ଜପି କେଇ କିସି ଆସ୍ତାର୍ ।
୪୭ ମାତର୍ ଲାଗେ ନିଲ୍‌ଚିମାନି ମାନାୟାର୍ ତାଙ୍ଗ୍ ରକାନ୍ କାଣ୍ଡା ହପ୍‌ତାନ୍ ଆରି ମୁଡ଼୍ ମାପୁ ହେବା କିନାକାନ୍ ଆଡ଼ିଏନିଂ
କେଇ କିଜି ତା କିତୁଲ୍ ହଣ୍‌ଜି ତୁହିତାନ୍ ।
୪୮ ଜିସୁ ହେୱାରିଂ ଉତର୍ ହିତାନ୍, "ଚର୍କୁ ବିରୁଦ୍‌ତ ହତି ଲାକେ କାଣ୍ଡା ଆରି ଟେଙ୍ଗା ଆଜି ଇନାକା ନାଙ୍ଗେଙ୍ଗ୍ ଆସ୍ତେଙ୍ଗ୍
ୱାତାଦେର୍ଣ୍ଣା ?
୪୯ ✡ସବୁ ଦିନ୍ ଆନ୍ ମି ହୁକେ ମନ୍ଦିର୍‌ତ ମାନ୍‌ଞ୍ଜି ସିକ୍ୟା ହିଜି ମାଚାଙ୍ଗ୍, ମାତର୍ ନାଙ୍ଗେଙ୍ଗ୍ ଏପେଙ୍ଗ୍ ଆସ୍ତାୱାତାଦେର୍,
ମାତର୍ ଦରମ୍ ସାସ୍ତର୍ କାତା ଗିଟାଆନି କାଦ୍‌ଲିଂ ଇଞ୍ଜି ଇ ସବୁ ଗିଟା ଆନାତା ।"
୫୦ ହେବେ ୱିଜାର୍ ଚେଲାର୍ ହେୱାନିଂ ହେ ଏଚେକୋଡ଼ଦ ପିସ୍ତି ହନ୍ତାର୍ ।
୫୧ ମାତର୍ ରକାନ୍ ଦାଙ୍ଗ୍‌ଣା ହିମ୍‌ଣେନ୍ ଡୁମ୍‌ଣ୍ଡା କୱାଣ୍ ହେନ୍ଦ୍ରା ପର୍‌ଚି ହେୱାନ୍ ପାଚେ ପାଚେ ହାଲ୍‌ଜି ମାଚାନ୍, ହେୱାର୍
ହେୱାନିଂ ଆସ୍ତାର୍ ।
୫୨ ମାତର୍ ହେୱାନ୍ ହେ କୱାଣ୍ ହେନ୍ଦ୍ରା ପିସ୍ତି ଡୁମ୍‌ଣ୍ଡା ଗାଗାଡ଼ତ ହନ୍‌ତାନ୍ ।

## ଜିହୁଦି ସବାତ ଜିସୁତି ବିଚାର୍

*(ମାତିଉ ୨୬:୫୭-୬୮; ଲୁକ ୨୨:୫୪-୫୫,୬୩-୭୧; ଜହନ୍ ୧୮:୧୩-୧୪; ୧୯:୨୪)*

୫୩ ପାଚେ ହେୱାର୍ ଜିସୁଙ୍ଗ୍ ମୁଡ଼୍ ମାପୁହେବା କିନାକାର୍ ତାକେ ଅତାର୍, ଆରେ ମୁଡ଼୍ ମାପୁ ହେବା କିନାକାର୍, ପ୍ରାଚିନାର୍
ଆରି ସାସ୍ତିର୍ ୱିଜାକାର୍ ୱାଜି ରୁଣ୍ଡାଆତାର୍ ।
୫୪ ପିତର୍ ଦେହା ମାନ୍‌ଞ୍ଜି ହେୱାର୍ ପାଚେ ପାଚେ ମୁଡ଼୍ ମାପୁ ହେବା କିନାକାର୍ ହାକ୍‌ଡ଼ି ବିତ୍ରେ ହାଚାନ୍ ଆରି ପାଦ୍
ଆଦିକାରି ହୁକେ କୁଚ୍‌ଚି ନାଣି କାଇଜି ମାଚାର୍ ।
୫୫ ଇଦାଂ ପାଚେ ମୁଡ଼୍ ମାପୁହେବା କିନାକାନ୍ ଆରି ଜିହୁଦି ସବାନିକାର୍ ଜିସୁଙ୍ଗ୍ ବିରୁଦ୍‌ତ ସାକି ଡେକ୍‌ତେଂ ଲାଗାତାର୍,
ମାତର୍ ଗାଟା ଆୱାତାର୍;
୫୬ ଇଦାଂ କାଜିଂ ବେସି ମିଚ୍ ସାକି ହିତାର୍ ମାତର୍ ହେୱାର୍ ସାକି ଗାଟାୱାତାର୍ ।
୫୭ ପାଚେ କେତେକ୍ ଲଗୁ ନିଙ୍ଗ୍‌ଜି ହେୱାନ୍ ବେରୁତ ଇ ମିଚ୍ ସାକି ହିଜି ଇଞ୍ଜେଙ୍ଗ୍ ଲାଗାତାର୍ ।
୫୮ "ଆପେଂ ଇୱାନ୍ ତାଙ୍ଗ୍ ଇ କାତା ଇନାକା ୱେଚାପ୍‌ନା, 'ଆନ୍ ଇ କେଇଦାଂ ରଚ୍‌ଚି ମନ୍ଦିର୍‌ତିଂ ଡ୍ରିକ୍‌ଚି ତିନ୍‌ଦିନ୍ ବିତ୍ରେ'
ଆରି ରଞ୍ଜାଙ୍ଗ୍ କେଇଦାଂ ରଚ୍‌ୱିତି ମନ୍ଦିର୍ ରଚ୍‌ନାଙ୍ଗ୍ ।"
୫୯ ମାତର୍ ଇବେପା ହେୱାର୍ ସାକି ଗାଟାୱାତାର୍ ।
୬୦ ହେବେ ମୁଡ଼୍ ମାପୁ ହେବା କିନାକାନ୍ ମାଦି ନିଲ୍‌ଚି ଜିସୁଙ୍ଗ୍ ୱେନ୍‌ବାତାନ୍, ନି ବିରୁଦ୍‌ତ ଇୱାର୍ ସାକି ହିନାରା, "ଏନ୍
ଇନାକାପା ଉତର୍ ହିଉୟା ?"
୬୧ ମାତର୍ ହେୱାନ୍ ଦୟା ଆତାନ୍ ଆରି ଇନାକାପା ଉତର୍ ହିୱାତାନ୍ । ମୁଡ଼୍ ମାପୁ ହେବା କିନାକାନ୍ ଆରେ ରଗ
ୱେନ୍‌ବାତାନ୍ ହେୱାନ୍ "ଏନ୍ ଇନାକା ମଙ୍ଗଲ୍ ପାୟାନି ଇସ୍ୱର୍‌ତି ମାଜି କ୍ରିସ୍ଟ ?"
୬୨ ଜିସୁ ଇଚାନ୍, "ଆନ୍ ହେୱାନ୍," ଆରି ଏପେଙ୍ଗ୍ "ଆନ୍ ଜେ ମାନାୟ୍ ମାଜିଙ୍ଗ୍ ସାକ୍ତିତାଂ ବୁଜ୍‌ଣି ବାଗାଙ୍ଗ୍ କୁଚ୍‌ନାକା ଆରି
ଆକାସ୍‌ନି ବାଦାଡ଼ତ ୱାନାକା ହୁଡ଼୍‌ନାଦେର୍ !"
୬୩ ହେବେ ତାଙ୍ଗ୍ ମୁଡ଼୍ ମାପୁ ହେବା କିନାକାନ୍ ତା ହେନ୍ଦ୍ରା କେଚ୍‌ଚି ଇଚାନ୍, "ସାକିତାଂ ମାଦାଂ ଆରି ଇନାକା ଲଡ଼ା !
୬୪ ଏପେଙ୍ଗ୍ ତ ଇସ୍ୱର୍‌ତି ନିନ୍ଦା ୱେଚାଦେର୍, ମି ବିଚାର୍ କିନାକା ଇନାକା ?" ଇବେ ହେୱାର୍ ୱିଜାକାର୍ ହାକି ଦାଣ୍ଡ
ପାୟା ଆନି ବିଦି ମାନାଦ୍ ଇଞ୍ଜି ୱିଜାକାର୍ ଇଚାର୍ ।
୬୫ ଆରେ ଇନେର୍ ଇନେର୍ ହେୱାନ୍ ଜପି ଚୁବ୍‌ଦେଂ ଲାଗାତାର୍ ଆରି ହେୱାନ୍ ମୁମ୍‌ଦ ଗୁଗୁର୍ ମୁଗି କିଜି ବିଦା ଇଡ଼୍‌ଜି
ଇଞ୍ଜେଙ୍ଗ୍ ଲାଗାତାର୍, "ଏନ୍ କିନ୍ଦା ବେରଣ୍ ବାକ୍‌ଣାୟ୍ କିନାକାୟ୍ !" ପାର୍ମାଣ୍ ହିଦା । ଆରି ପାଦ୍ ଆଦିକାରିର୍ ଚାପ୍‌ଡ଼ା ଇଡ଼୍
ଇଡ଼୍ ହେୱାନିଂ ଆସ୍ତି ଅତାର୍ ।

## ପିତର୍ ଜିସୁଙ୍ଗ୍ ପାତର୍ କିୱାତାନ୍

*(ମାତିଉ ୨୬:୬୯-୭୫; ଲୁକ ୨୨:୫୬-୬୨; ଜହନ୍ ୧୮:୧୫-୧୮; ୨୧:୨୫)*

✡ **୧୪:୪୯** ଲୁକ ୧୯:୪୭; ୨୧:୩୭.

୬୬ ଆରି ପିତର୍ ତାରେନ୍ ହାକ୍‌ଡ଼ିତ ମାନିୱେତାଲିଂ ମୁଡ୍ ମାପ୍ପୁ ହେବା କିନାକାର୍ତ ର ଆଡ଼ିଏଣି ୱାଜି ପିତର୍ ନାଣି କାଇନାକା ହୁଡୁତାଡ୍,
୬୭ ଆରି ପିତର୍‌ତିଂ ଇଟ୍‌କାଡ୍ କିଜି ଇଚାଡ୍, "ଏନ୍ ପା ନାଜରିତିୟନି ଜିସୁ ହୁକେ ମାଚାୟ୍ ।"
୬୮ ମାତର୍ ହେୱାନ୍ ଉଡ଼ା ଆଜି ଇଚାନ୍, "ଆନ୍ ହେୱାନିଂ ପୁନୁଙ୍ଗ୍, ଆରି ଏନ୍ ଇନାକା ଇନାୟା, ଆନ୍ ବୁଜା ଆଉଙ୍ଗା ।" ପାଚେ ହାକ୍‌ଡ଼ି ଦୁୱେର୍‌ତାଂ ହସି ହାଚାନ୍; କୁଜୁ କ୍ଟେତାଡ୍ ।†
୬୯ ଆରେ, ହେ ଆଡ଼ିଏଣି ହେୱାନିଂ ହୁଡ଼ଜି ଲାଗେ ନିଲ୍‌ଚି ମାନିଲୁଗାଂ ଆରି ରଗ ଇଞ୍ଜେଙ୍ଗ୍ ଲାଗାତାଡ୍, "ଇୱାନ୍ ହେୱାର୍ ବିଡ୍ରେ ରକାନ୍ !"
୭୦ ମାତର୍ ଆରେ ପାର୍ତ କିୱାଦାଂ ଇଞ୍ଜେଙ୍ଗ୍ ଲାଗାତାନ୍ । ଆରେ ଅଲପ୍ ସମୁ ପାଚେ ଲାଗାଂ ନିଲ୍‌ଚି ମାନି ଲଗୁ ପିତର୍‌ତିଂ ଇଚାର୍, "ଏନ୍ ହାଡ୍‌ପାନେ ହେୱାର୍ ବିଡ୍ରେ ରକାୟ୍, ଇଚିସ୍ ଏନ୍ ତ ଗାଲିଲିୟ୍ ଲଗୁ ।"
୭୧ "ମାତର୍ ପିତର୍ ନିଜେତିଙ୍ଗ୍ ରାଣ୍ କିଜି ଆରେ ପାର୍ମାଣ୍ କିଜି ଇଞ୍ଜେଙ୍ଗ୍ ଲାଗାତାନ୍, ଏପେଙ୍ଗ୍ ଇମ୍‌ଣି ମାନାୟ୍ କାତା ଇନାଦେରା, ଆନ୍ ହେୱାନିଂ ପୁନୁଙ୍ଗ୍ !"
୭୨ ହେ ପାଦ୍‌ନା କୁଜୁ ରିହା କ୍ଟେତାଡ୍, ଇବେତାଂ କୁଜୁ ରିହା କ୍ଟେନିହିଂ ଆଗେ ଏନ୍ "ନାଙ୍ଗେଙ୍ଗ୍ ତିନିହଟ୍ ପାର୍ତ କିଦୁୟ୍," ଇ ଇମ୍‌ଣି କାତା ଜିସୁ ପିତର୍‌ତିଂ ଇଞ୍ଜି ମାଚାନ୍, ହେଦାଂ ପିତର୍‌ତିଂ ଏତୁ ୱାତାଡ୍, ଆରି ହେୱାନ୍ ହେ କାତା ବାବିକିଜି ଆଡ଼୍‌ବେଦେଂ ଲାଗାତାନ୍ ।

# ୧୫

## ପିଲାତ ଆଗେ ଜିସୁ

*(ମାତିଉ ୨୭:୧-୨; ୧୧:୧୪; ଲୁକ ୨୩:୧-୫; ଜହନ୍ ୧୮:୨୮-୩୮)*

୧ ଅଜଡ଼୍ ଆତି ଦାପ୍ରେ ସବୁ ଗାଜା ମିଟିଂ, ଇଚିସ୍ ପ୍ରାଚିନ୍ ଆରି ସାସ୍ତ୍ରିର୍‌ତି ହୁକେ ମୁଡ୍ ମାପ୍ପୁହେବାକିନାକାର୍ ସବା କିଜି ଜିସୁଙ୍ଗ୍ ଗାଟ୍‌ଚି ଅଜି ପିଲାତ ତାକେ ହେଲାୟ୍ କିତାର୍ ।
୨ ପିଲାତ ହେୱାନିଂ ୱେନ୍‌ବାତାନ୍, "ଏନ୍ କି ଜିହୁଦିର୍ ରାଜା ?" ଜିସୁ ହେୱାନିଂ ଉତର୍ ହିତାନ୍, "ଏନ୍ ଇନାୟା ।"
୩ ଆରେ, ମୁଡ୍ ମାପ୍ପୁହେବାକିନାକାର୍ ଜିସୁ ବିରୁଦ୍‌ଦ ବେଜେକ୍ ଲାଗେଦେଂ ହାଙ୍ଗ୍‌ତାର୍ ।
୪ ହେବେ ପିଲାତ ଆରେରଗ ହେୱାନିଂ ୱେନ୍‌ବାତାନ୍ "ଏନେଙ୍ଗ୍ ଇନାକା ଉତର୍ ହିଉୟା ? ହୁଡ଼ା, ଇୱାର୍ ନି ବିରଦ୍‌ଦ ଦସ୍ ବାଜେକ୍ କିସି ଲାଗ୍‌ଦାନାରା !"
୫ ମାତର୍ ଜିସୁ ଇନାକା ପା ଉତର୍ ହିୱାତାନ୍, ହେଦାଂ କାଜିଂ ପିଲାତ କାବା ଆତାନ୍ ।

## ଜିସୁତି ହାକି ଡାଣ୍ତ

*(ମାତିଉ ୨୭:୧୫-୩୧; ଲୁକ ୨୩:୧୩-୨୫; ଜହନ୍ ୧୮:୩୯; ୧୯:୧୬)*

୬ ମତର୍ ନିସ୍ତାର୍ ପାର୍ବୁୱେଡ଼ାଙ୍ଗ୍ ମାନାୟାର୍ ଇମ୍‌ଣି ଚରେନ୍ତିଙ୍ଗ୍ ଏନ୍‌ଚି ମାଚାର୍, ହେୱାନିଂ ହେୱାନ୍ ହେୱାର୍ କାଜିଂ ମୁକ୍‌ଡ଼ାୟ୍ କିଜି ମାଚାର୍ ।
୭ ଇମ୍‌ଣି କୁଟୁମ୍ ବିରୁଦ୍‌ଦ ଗଡ଼୍‌ମେଲି ୱେଡ଼ାଲିଂ ମାନାୟ୍‌ତିଂ ଅଜି ମାଚାନ୍, ହେୱାର୍ ହୁକେ ବାରବା ତର୍‌ନି ରୱାନ୍ ବନ୍ଦି ମାଚାନ୍ ।
୮ ଲାଗିଂ ଲକୁ ଜପି ହାଲ୍‌ଜି ଜାର୍ ରିଡି ହୁଦାଂ କିନି କାଜିଂ ଗୱାରି କିଦେଙ୍ଗ୍ ଲାଗାତାର୍ ।
୯ ହେବେତାଂ ପିଲାତ ହେୱାରିଂ ଉତର୍ ହିତାନ୍, "ଏପେଙ୍ଗ୍ ଇନାକା ଇଚା କିନାଦେରା ? ଆନ୍ ଇନାକା ମି କାଜିଂ ଜିହୁଦିର୍ ରାଜାଙ୍ଗ୍ ମୁକୁଡ଼ାୟ୍ କିନାଙ୍ଗ୍ ?"
୧୦ ଇଚିସ୍ ମୁଡ୍ ମାପ୍ପୁହେବାକିନାକାର୍ ଜେ କୁଟ୍‌ତ ହେୱାନିଂ ହେଲାୟ୍ କିଜି ମାଚାର୍, ହେଦାଂ ହେୱାନ୍ ବୁଜା ଆତାନ୍ ।
୧୧ ମାତର୍ ହେୱାନ୍ ଇନେସ୍ ହେୱାର୍ କାଜିଂ ବାରବାଙ୍ଗ୍ ମୁକ୍‌ଡ଼ାୟ୍ କିନାନ୍, ହେଦାଂ କାଜିଂ ମୁଡ୍ ମାପ୍ପୁହେବାକିନାକାର୍ ଲକାଂ ମାତାୟ୍ କିତାର୍ ।
୧୨ ମାତର୍ ପିଲାତ ଆରେ ରଗ ହେୱାରିଂ ଉତର୍ ହିତାନ୍, "ବାଟିଙ୍ଗ୍ ଏପେଙ୍ଗ୍ ଇନେରିଂ ଜିହୁଦିର୍ ରାଜା ଇଞ୍ଜି ଇନାଦେରା, ହେୱାନ୍ କାଜିଂ ଆନ୍ ଇନାକା କିନାଙ୍ଗ୍ ?"
୧୩ ହେୱାର୍ ପାଚେ କିର କିଜି ଇଚାର୍, "ହେୱାନିଂ କ୍ରୁସ୍‌ତ ଦୁପାଟ୍ !"
୧୪ ହେବେତାଂ ପିଲାତ ହେୱାରିଂ ୱେନ୍‌ବାତାନ୍, ଇନେକିଦେଂ, "ହେୱାନ୍ ଇନା ଦସ୍ କିତାନ୍‌ନ୍ନା ?" ମାତର୍ ହେୱାର୍ ଆଦିକ୍ କିର କିତାର୍, "ହେୱାନିଂ କ୍ରୁସ୍‌ତ ଦୁପାଟ୍ !"
୧୫ ଲାଗିଂ ପିଲାତ ମାନାୟ୍‌ତିଂ ସାରି କିଦେଙ୍ଗ୍ ଇଚା କିଜି ହେୱାର୍ କାଜିଂ ବାରବାତିଂ ମୁକ୍‌ଡ଼ାୟ୍ କିତାନ୍, ପାଚେ ଜିସୁଙ୍ଗ୍ କର୍‌ଡା ଟ୍ରାକି କିସି କ୍ରୁସ୍‌ତ ଦୁପ୍‌ଦେଂ ଇଞ୍ଜି ହେଲାୟ୍ କିତାନ୍ ।

† **୧୪:୬୮** କେତେକ୍ ପତିତ ଦାପ୍ରେ କୁଜୁ କ୍ଟେୱାତାଡ୍ ।

### ମେଲ୍ୟାର୍ ଜିସୁଙ୍ଗ୍ କିଜାୟ୍ କିତାର୍
*(ମାତିଉ ୨୭:୨୭-୩୧; ଜହନ୍ ୧୯:୨-୩)*

[16] ହେବେତାଂ ମେଲ୍ୟାର୍ ହେୱାନିଂ ହାକ୍‌ଡ଼ି, ଇଚିସ୍ ବାଙ୍ଗ୍‌ଲା ବିଡ୍ରେ ଆସ୍‌ସି ପା ସବୁ ମେଲ୍ୟାରିଂ କୁକ୍‌ଚି ରୁଣ୍ଡାୟ୍ କିତାର୍ ।
[17] ହେୱାର୍ ହେୱାନିଂ କିଜାୟ୍ କିଦେଙ୍ଗ୍ ଇଞ୍ଜି କାହ୍‌ରାତି ବାନି ହେନ୍ଦ୍ରା ଉସ୍ପି କିତାର୍ ଆରି ୱାଡ଼ି ମୁକୁଟ୍ ରଚ୍‌ଚି କାପ୍‌ଡ଼ାତ ତୁଜି କିତାର୍;
[18] ଆରେ, "ଏ ଜିହୁଦିର୍ ରାଜା !" ଜୱାର୍, ଇଦାଂ ଇଞ୍ଜି କିଜାୟ୍ କିଦେଙ୍ଗ୍ ଲାଗାତାର୍ ।
[19] ପାଚେ, ହେୱାର୍ ର ପଲ୍‌କା ନାଡ଼ା ଅସି କାପ୍‌ଡ଼ାତ ମାଟ୍ କିତାର୍ ଆରି ହେୱାନ୍ ଜପି ଚୁପ୍‌ତାର୍, କିଜାୟ୍ କିଜି ଆରି ମେଣ୍ଡାଂ କୁନ୍ଦିକିଜି ଜୱାର୍ କିଦେଙ୍ଗ୍ ଲାଗାତାର୍ ।
[20] ହେୱାର୍ ହେୱାନିଂ କିଜାୟ୍‌କିତି ପାଚେ ହେ କାହ୍ରାତି ବାନି ହେନ୍ଦ୍ରା କୁଡ଼୍‌ତି ଅଜି ହେୱାନ୍ତି ଜାର୍ ହେନ୍ଦ୍ରା ଉସ୍ପି କିତାର୍ । ପାଚେ, ହେୱାର୍ ହେୱାନିଂ କ୍ରୁସ୍ ଜପି ଦୁପ୍‌ତେଂ ବାର୍ତେ ଅତାର୍ ।

### ଜିସୁଙ୍ଗ୍ କ୍ରୁସ୍ ଜପି ଦୁପ୍‌ତାର୍
*(ମାତିଉ ୨୭:୩୨-୪୪; ଲୁକ ୨୩:୨୪-୪୩; ଜହନ୍ ୧୯:୧୭-୨୭)*

[21] ✡ହେ ଏଚେକାଡ଼୍‌ଦ ଆଲେକ୍‌ଜାଣ୍ଡ୍ରର୍ ଆରି ରୁପ୍‌ତି ଲାତ୍ରାହି ସିମନ୍ ତର୍‌ନି ରକାନ୍ କୁରିଣିୟ ମାନାୟ୍ ଦେସିନାସ୍‌ତାଂ ୱାଜି ହେ ହାଜିହିଜି ହାଲ୍‌ଜି ମାଚାନ୍, ହେୱାର୍ ହେୱାନିଂ ହେୱାନ୍ତି କ୍ରୁସ୍ ପିଣ୍ଡ୍‌ଦେଂ ବଲକ୍ୟାର୍ କିତାର୍ ।
[22] ଆରେ, ହେୱାର୍ ହେୱାନିଂ ଗଲ୍‌ଗତା ଇଚିସ୍ "କାପ୍‌ଡ଼ାବାହା ତର୍ ବାହାତ ଅତାର୍ ।"
[23] ଆରେ, ହେୱାର୍ ହେୱାନିଂ ଗାନ୍ଦାରାସ୍ ମିହାଆତାକା ଅଙ୍ଗୁର୍ ରାସ୍ ହିତାର୍, ମାତର୍ ହେୱାନ୍ ହେଦାଂ ଅଦେଂ କାୱାତାନ୍ ।
[24] ପାଚେ ହେୱାର୍ ହେୱାନିଂ କ୍ରୁସ୍‌ତ ଦୁପ୍‌ତାର୍, ଆରେ ଇନେର୍ ଇନାକା ଗାଟାଆନାନ୍, ହେଦାଂ ଦରମ୍‌ଗୁଲି ହୁକେ ତିର୍ କିଜି ହେୱାନ୍ତି ହେନ୍ଦ୍ରା ସବୁ ଜାର୍ ଜାର୍‌ତାକେ ପାସ୍‌ପିସ୍ ଅତାର୍ ।
[25] ଦିନ୍ ନଅଟା ୱେଡ଼ାଲିଂ ହେୱାର୍ ହେୱାନିଂ କ୍ରୁସ୍‌ତ ଦୁପ୍‌ତାର୍ ।
[26] ଆରେ ହେୱାନ୍ତି ତା ବିରୁଦ୍‌ତ ଇଦାଂ ଲେକା ଆଜି ମାଚାତ୍, "ଜିହୁଦିତର୍ ରାଜା ।"
[27] ଆରେ, ହେୱାନ୍ତି ବୁଜ୍‌ଣି ପାଡ଼୍‌କା ରକାନ୍ ଆରି ଡେବ୍ରି ପାଡ଼୍‌କା ରକାନିଂ, ଏଲେଙ୍ଗ୍ ରିକାର୍ ଚର୍କୁକାଂ ହେୱାର୍ ଜିସୁ ହୁକେ କ୍ରୁସ୍ ତାକେ ଦୁପ୍‌ତାର୍ ।
[28] ହେବେ ଦରମ୍ ସାସ୍ତ୍ରର୍ ଇ କାତା ପୁରାଆତାତ୍, ହେୱାନ୍ ଚର୍କୁ ହୁକେ ସମାନ୍ ଆତାନ୍ ।
[29] ✡"ହେ ହାଜି ହିଜି ହାଲ୍‌ଜିମାନି ଲକୁ ଜାର୍ ଜାର୍ କାପ୍‌ଡ଼ା ଜଲାୟ୍ କିଜି ହେୱାନିଂ ନିନ୍ଦା କିଦେଙ୍ଗ୍ ଲାଗାତାର୍, ଆରେ ର ମନ୍ଦିର୍ ଡ୍ରିକ୍‌ନି ଲଗୁ ଆରି ତିନି ଦିନ୍‌ତାଂ ଆରେ ରଚ୍‌ନାକାୟ୍ !"
[30] କ୍ରୁସ୍‌ତାଂ ଜୁଦା ଜାର୍‌ତିଂ ରାକ୍ୟା କିୟା ।
[31] ମୁଡ଼୍ ମାପ୍ରୁହେବାକିନାକାର୍ ପା ହେ ଲାକେ ସାସ୍ତ୍ରିର୍ ହୁକେ ହେୱାର୍ ହେୱାର୍ ବିଡ୍ରେ ହେୱାନିଂ ଗ୍ଣାଇଜି ଇଞ୍ଜେଙ୍ଗ୍ ଲାଗାତାର୍, "ହେୱାନ୍ ବିନ୍‌ଲୁଗାଂ ରାକ୍ୟାକିତାନ୍ ଜାର୍‌ତିଂ ରାକ୍ୟା କିଦେଙ୍ଗ୍ ଆଡୁନା !
[32] ଏନ୍ ଜଦି ହାଡ଼୍‌ପା ଇସ୍ରାଏଲ୍‌ନି ରାଜା କ୍ରିସ୍ଟ ବେଗି କ୍ରୁସ୍ ତାଙ୍ଗ୍ ଜୁଜି ୱାୟେନ୍, ଇନେସ୍‌କି ହେଦାଂ ହୁଡ଼୍‌ଜି ଆପେଂ ପାତର୍ କିନାପ୍ । ଆରେ ଇନେର୍ ତା ହୁକେ କ୍ରୁସ୍‌ତ ଦୁପ୍‌ୟା ଆଜି ମାଚାର୍, ହେୱାର୍ ପା ତାଙ୍ଗେଙ୍ଗ୍ ନିନ୍ଦାକିଦେଂ ଲାଗାତାର୍ !"

### ଜିସୁତି ହାକି
*(ମାତିଉ ୨୭:୪୫-୫୬; ଲୁକ ୨୩:୪୪-୪୯; ଜହନ୍ ୧୯:୨୮-୩୦)*

[33] ବାର ଗଣ୍ଟା ୱେଡ଼ାଲିଂ ଦେସ୍ ଜାକ୍ ମାଜ୍‌ଗା ଆଜି ତିନି ଗଣ୍ଟା ପାତେକ୍ ମାଚାତ୍ ।
[34] ତିନି ଗଣ୍ଟା ୱେଡ଼ାଲିଂ ଜିସୁ ଗାଜାକାଟ୍‌ତାଂ କୁକ୍‌ଚି ଇଚାନ୍, "ଏଲି, ଏଲି, ଲାମା ସାବାକ୍‌ତାନି ?" ଇଚିସ୍ "ଏ ନା ଇସ୍ୱର୍, ଏ ନା ଇସ୍ୱର୍, ଏନ୍ ନାଙ୍ଗେଙ୍ଗ୍ ଇନାକିଦେଂ ପିସ୍ତାତାୟ୍ ?"
[35] ଇଦାଂ ୱେନ୍‌ଞ୍ଜି ଲାଗାଂ ନିଲ୍‌ତି ମାନାୟାର୍ ବିଡ୍ରେ ଇନେର୍ ଇନେର୍ ଇଚାର୍, ହୁଡ଼ାଟ୍, "ହେୱାନ୍ ଏଲିୟଙ୍ଗ୍ କୁକ୍‌ନାନା !"
[36] ଆରେ, ରକାନ୍ ହନ୍‌ଚିହାଲ୍‌ଜି ର ରୁଆ ତ କେନିରାସ୍ ବାତର୍ କିଜି ହେଦାଂ ର ନାଡ଼ାତ କିଜି ହେୱାନିଂ ଉଣ୍ଡେଙ୍ଗ୍ ହିଜି ଇଚାନ୍, "ମାନାଟ୍, ଏଲିୟ ଇୱାନିଂ ଜୁଡ଼୍‌ତେଂ ୱାନାନା କି ଆକାୟ୍, ହୁଡ଼୍‌ନାସ୍ !"
[37] ମାତର୍ ଜିସୁ ଗାଜାକାଟ୍ କିଜି ପାରାଣ୍ ପିସ୍ତାନ୍ ।
[38] ଆରେ, ମନ୍ଦିର୍‌ନି ପୁଇପୁୟା ବାହାତ ଟଣ୍‌ତି ହେନ୍ଦ୍ରା ଜପିତାଂ ତାରେନ୍ ପାତେକ୍ ରି ପାଡ଼ା ଆଜି କେନ୍‌ଚାତ୍ ।

✡ **୧୫:୨୧** ରମିୟ ୧୬:୧୩. ✡ **୧୫:୨୯** ମାର୍କ ୧୪:୫୮; ଜହନ୍ ୨:୧୯.

୩୯ ହେୱାର୍ ମୁମ୍‌ଦ ନିଲ୍‌ଚିମାଚି ପାଞ୍ଜ୍‌କଡ଼ି ମେଲ୍ୟାର୍ ଆଦିକାରି ହେୱାନ୍ତି ପାରାଣ୍ ପିହ୍‌ନାକା ହୁଡ଼୍‌ଜି ଇଚାର୍,*
"ହାଡ଼୍‌ପାନେ, ଇୱାନ୍ ରକାନ୍ ଇସ୍ୱର୍ ମାଜି !" ମାଚାନ୍ ।
୪୦ ✡କେତେକ୍ ଜାଣ୍ କଗ୍‌ଲେହିମ୍‌ଣାଂ ପା ଦେହାତାଂ ହୁଡ଼୍‌ଜି ମାଚିକ୍; ହେୱେକ୍ ବିତ୍ରେ ମଗ୍‌ଦଲିନି ମରିୟମ୍, ହାରୁ
ଜାକୁବ୍ ଆରି ଜସି ତେହି ମରିୟମ୍, ଆରେ ସଲମି ମାଚିକ୍;
୪୧ ହେୱାନ୍ ଗାଲିଲିତ ମାନି ୱେଡ଼ାଲିଂ ହେୱେକ୍ ତା ପାଚେ ପାଚେ ହାଲ୍‌ଜି ହେୱାନିଂ ହେବା କିଜି ମାଚିକ୍, ହେୱେକ୍
ହୁକେ ଜିରୁସାଲମ୍‌ତ ୱାଜିମାନି କଗ୍‌ଲେକ୍ ପା ହୁଡ଼୍‌ଜି ମାଚିକ୍ ।

## ଜିସୁତି ଦୁଗେର୍

(ମାତିଉ ୨୭:୫୭-୬୧; ଲୁକ ୨୩:୫୦-୫୬; ଜହନ୍ ୧୯:୩୮-୪୨)

୪୨ ୱେଡ଼ା ଆତିଲେ, ହେ ଦିନ୍ ଜୁତିପାତି କିନି ଦିନ୍, ଇଚିସ୍ ଜମ୍‌ନିବାର୍ ଆଗେନି ଦିନ୍ ମାଚିଲେ,
୪୩ ହାରାମାତିୟାର୍‌ନି ଜସେପ୍ ତର୍‌ନି ଜିହୁଦି ଗାଜା ସବାନି ରକାନ୍ ମାଜାନ୍ ମେମର୍, ଇନେନ୍ ନିଜେପା ଇସ୍ୱର୍‌ତି
ରାଜିତିଂ କାସି ମାଚାନ୍, ହେୱାନ୍ ସାସ୍‌ତାଙ୍ଗ୍ ପିଲାତ ତାକେ ହାଲ୍‌ଜି ଜିସୁତି ଗାଗାଡ଼୍ ଏନ୍ତାନ୍ ।
୪୪ ମାତର୍ ଜେ ହାତାନେ ଇଦାଂ ୱେନ୍‌ଞ୍ଜି ପିଲାତ କାବା ଆତାନ୍, ଆରି ପାଞ୍ଜ୍ କଡ଼ିନି ମେଲ୍ୟାର୍ ଆଦିକାରିଂ ଲାଗେ କୁକି
କିଜି ହେୱାନିଂ ୱେନ୍‌ବାତାନ୍, ହେୱାନ୍ ଇନାକା ବେସିଗାଡ଼ି ହାଜି ଆତାତେ ?
୪୫ ପାଞ୍ଜ୍ କଡ଼ିନି ମେଲ୍ୟାର୍ ଆଦିକାର୍ ତାଙ୍ଗ୍ ପୁନ୍‌ଞ୍ଜି ଜିସୁ ଗାଗାଡ଼୍‌ତିଂ ଜସେପ୍‌ତିଂ ହିତାନ୍ ।
୪୬ ହେୱାନ୍ ରଞ୍ଜାଙ୍ଗ୍ କୱାଣ୍ ହେନ୍ଦ୍ରା କଡ଼୍‌ଜି ତାଙ୍ଗେଙ୍ଗ୍ ଜୁଡ଼୍‌ତି ତାସି ହେବେ ହେୱାନିଂ ହୁର୍ପାତାନ୍ ଆରି କାଲ୍ ରେଟି
ମାଡ଼ିତ କାର୍‌ତି ର ଦୁଗେର୍‌ତ ହେୱାନିଂ ଇଡ଼୍‌ଜି ଦୁଗେର୍‌ନି ଦୁୱେର୍‌ତ ଗାଜା କାଲ୍ ଗୁଡ଼୍‌ତାର୍ ।
୪୭ ହେୱାନିଂ ଇମ୍‌ଣି ବାହାତ ଇଡ଼ିତାର୍‌ନା, ହେଦାଂ ମଗ୍‌ଦଲିନି ମରିୟମ୍ ଆରି ଜସି ତେହି ମରିୟମ୍ ହୁଡ଼୍‌ଜି ମାଚିକ୍ ।

# ୧୬

## ଜିସୁତି ଆରେ ନିଙ୍ଗ୍‌ନାକା

(ମାତିଉ ୨୮:୧-୮; ଲୁକ ୨୪:୧-୧୨; ଜହନ୍ ୨୦:୧-୧୦)

୧ ଜମ୍‌ନିବାର୍ ହାଚିପାଚେ ମଗ୍‌ଦଲିନି ମରିୟମ୍ ଜାକୁବ୍ ତେହି ମରିୟମ୍ ଆରି ସଲମି ବାସ୍‌ନା ଚିକାଣ୍ କଡ଼୍‌ତିକ୍,
ଇନେସ୍‌କି ହେୱାନିଂ ହାଲ୍‌ଜି ଉଚି କିଦେଙ୍ଗ୍ ଆଡ଼୍‌ନିକ୍ ।
୨ ଆରେ, ରଇବାର୍ ନାଜିଂ ଉଟ୍‌ଲା ହାକାଡ଼େ ହେୱେକ୍ ଦୁଗେର୍‌ତ ହାଚିକ୍, ହେପାଦ୍‌ନା ୱେଡ଼ା ହସି ମାଚାଡ଼୍ ।
୩ ହେୱେକ୍ ହେୱେକ୍ ବିତ୍ରେ ବେଣ୍ କିବିସ୍ ମାଚିକ୍, ଇନେର୍ ମା କାଜିଂ ଦୁଗେର୍‌ନି ଦୁୱେର୍ କାଲ୍ ଗୁଡ଼୍‌ତି ହିଦ୍‌ନାର୍ ?
ଇନାକିଦେଂକି ହେଦାଂ ବେସି ଗାଜା କାଲ୍ ମାଚାଡ଼୍ ।
୪ ଇ ଲାକେ ୱେଡ଼ାଲିଂ ହେୱେକ୍ ଏରି କିଜି ହୁଡ଼୍‌ତିକ୍ ଜେ, କାଲ୍ ଗୁଡ଼୍‌ତାକା ।
୫ ହେୱେକ୍ ଦୁଗେର୍ ବିତ୍ରେ ହଣ୍‌ଜି ଡ଼ିଞ୍ଜିନି ଆଙ୍ଗି ଉସ୍‌ପାତାକାନିଂ ର ଦାଙ୍ଗ୍‌ଣାହିମ୍‌ଣା ବୁଜ୍‌ଣିବାଗାଂ କୁଚ୍‌ଚାକା ହୁଡ଼୍‌ଜି
ବେସିକାବା ଆତିକ୍ ।
୬ "ହେବେ ହେୱାନ୍ ହେୱାକାଂ ଇଚାନ୍," କାବା ଆମାଟ୍, ଏପେଙ୍ଗ୍ କ୍ରୁସ୍‌ତ ହାତି ନାଜରିତିୟନି ଜିସୁଙ୍ଗ୍ ଡେକ୍‌ନାଦେରା;
ହେୱାନ୍ ନିଙ୍ଗ୍‌ତାନ୍ନା, ହେୱାନ୍ ଇବେ ହିଲୁନ୍, ହୁଡ଼ାଟ୍, ଇ ବାହାତ ହେୱାର୍ ହେୱାନିଂ ଇଡ଼୍‌ଜି ମାଚାର୍ ।
୭ ମାତର୍ ଏପେଙ୍ଗ୍ ହାଲ୍‌ଜି ହେୱାନ୍ ଚେଲାରିଂ ଆରି ପିତର୍‌ତିଂ ବଲ୍ ହିତାନ୍, ଜିସୁ ମି ଆଗେ ଗାଲିଲିତ ହାଚାନ୍‌ନା;
ହେୱାନ୍ ମିଙ୍ଗେଙ୍ଗ୍ ଇନେସ୍ ଇଞ୍ଜି ମାନ୍‌ଞାନ୍, ହେ ଲାକେ ଏପେଙ୍ଗ୍ ହେବେ ହେୱାନିଂ ହୁଡ଼୍‌ନାଦେର୍ ।
୮ ହେବେଣ୍ଡାଂ ହେୱେକ୍ ହାଡ଼୍‌ପା ହୁଡ଼୍‌ଜି ଦୁଗେର୍ ତାଙ୍ଗ୍ ହସି ହନ୍ତିକ୍, ଇନେସ୍ ଲାକେ କି ହେୱେକ୍ ପାଡୁତିଙ୍ଗ୍ ଡ୍ରିଗ୍‌ଜି
ମାଚିକ୍ ଆରି କାବା ଆଜି ମାଚିକ୍, ଆରେ ଇନେରିଂ ଇନାକା ଇନ୍‌ୱିତିକ୍, ଇନେକିଦେଂକି ହେୱେକ୍ ପାଣ୍ଡ୍ରା ଆଜି ମାଚିକ୍ ।

## ଜିସୁ ବେସି ଲଗାଂ ଚଞ୍ଜ୍ୟା ଆତାନ୍

(ମାତିଉ ୨୮:୯-୧୦; ଜହନ୍ ୨୦:୧୧-୧୮)

୯ ସାଡ଼୍ ଦିନ୍‌ନି ପର୍ତୁମ୍ ରଇବାର୍ ନାଜିଂ ଉଟ୍‌ଲା ହାକାଡ଼େ ଜିସୁ ନିଙ୍ଗ୍‌ଜି, ଇନେର୍‌ତାଂ ସାଡ଼୍ ପୁଦାଂ ପିହି କିଜି ମାଚାନ୍, ହେ
ମଗ୍‌ଦଲିନି ମରିୟମ୍‌ତିଂ ପର୍ତୁମ୍ ଚଞ୍ଜ୍ୟା ଆତାନ୍ ।
୧୦ ହେଦେଲ୍ ହାଲ୍‌ଜି, ଇନେର୍‌କି ତା ହାଙ୍ଗ୍ ଆସି ମାଚିକ୍, ହେୱେକାଂ କାବୁର୍ ହିତାଡ଼୍, ହେୱେକ୍ ଦୁକ୍ ଆରି ଆଡ଼୍‌ବିସ୍
ମାଚିକ୍ ।
୧୧ ହେୱାନ୍ ଜିବୁନ୍ ମାନାନ୍ ଆରି ହେଦେଲିଂ ଚଞ୍ଜିୟାଆତାନ୍ନା, ଇଦାଂ ୱେନ୍‌ଞ୍ଜି ହେୱାର୍ ପାତର୍ କିୱାତାର୍ ।

* **୧୫:୩୯** ହାଜି ମାଚାନ୍ କେତେକ୍ ପତିତ ଗାଜା କାଟ୍‌ତାଂ ଚେରା ଆଜି ମାଚାନ୍ ଆରି ହାଜି ମାଚାନ୍ ମାନାଡ଼୍ । ✡ **୧୫:୪୦** ଲୁକ ୮:୨,୩.

### ଜିସୁ ରିୟାର୍ ଚେଲାରିଂ ଚଞ୍ଜ୍ୟାତାନ୍
*(ଲୁକ ୨୪:୧୩-୩୫)*

୧୨ ଇ ସବୁ ଗଟ୍‌ଣା ପାଚେ ହେୱାର୍ ବିତ୍ରେ ରିକାର୍ ର ନାସ୍‌ତ ହାଲ୍‌ଜିମାନି ୱେଡ଼ାଲିଂ ହେୱାନ୍ ଆରି ବିନ୍‌ମୁର୍ତିତ
ହେୱାରିଂ ଚଞ୍ଜ୍ୟା ଆତାନ୍,
୧୩ ଆରେ ହେୱେକ୍ ହାଲ୍‌ଜି ବିନ୍‌ଲୁଗାଂ କାବୁର୍ ହିତିକ୍, ମାତର୍ ହେୱେକ୍ କାତା ପା ପାର୍ତି କିୱାତାର୍ ।

### ଏଗାର୍ ଜାଣ୍ ହୁକେ ଜିସୁତି କାତାବାର୍ତା
*(ମାତିଉ ୨୮:୧୬-୨୦; ଲୁକ ୨୪:୩୬-୪୯; ଜହନ୍ ୨୦:୧୯-୨୩; ପକ୍ୟାତାକା ୧:୬-୮)*

୧୪ ଇଦାଂ ପାଚେ ଏଗାର୍ ଜାଣ୍ ଚେଲାର୍ ଚିଞ୍ଜେଙ୍ଗ୍ କୁଚ୍‌ଚି ୱେଡ଼ାଲିଂ ଜିସୁ ହେୱାରିଂ ଚଞ୍ଜ୍ୟା ଆତାନ୍ ଆରି ହେୱାର୍‌ତି
ପାର୍ତି କିୱାକା ଆରି ମାନ୍ ଆଟ୍‌ୱା କାଜିଂ ହେୱାରିଂ ଲେଡ୍‌ତାନ୍, ମାତର୍ ଇନେର୍ ହେୱାନିଂ ଆରି ନିଙ୍ଗ୍‌ନାକା ହୁଡ଼୍‌ଜି
ମାଚାର୍, ହେୱାର୍ କାତା ୱିଜାକାର୍ ପାର୍ତି କିୱାଦାଂ ମାଚାର୍ ।
୧୫ ଆରେ, "ଜିସୁ ହେୱାରିଂ ଇଚାନ୍, ଏପେଙ୍ଗ୍ ୱିଜୁ ପୁର୍ତିତ ହାଲ୍‌ଜି ସବୁ ନାର୍ ଜାତି ତାକେ ନେକ୍ରିକାବୁର୍ ସୁଣାୟ୍
କିୟାଟ୍ ।
୧୬ ଇନେର୍ ପାର୍ତି କିଜି ବାପ୍ତିସିମ୍ ଅତିସ୍ ହେୱାନ୍ ରାକ୍ୟା ପାୟା ଆନାନ୍; ଆରେ ଇନେର୍ ପାର୍ତି କିଉର୍, ହେୱାର୍
ଦାଣ୍ଡ୍ ପାୟା ଆନାର୍ ।
୧୭ ଆରେ, ପାର୍ତି କିନାକାର୍‌ତି ଇ ସବୁ ଚିନ୍ ପାୟା ଆନାନ୍, ହେୱାର୍ ନା ତର୍‌ଦ ପୁଦାଂ ପିହିକିନାର୍, ପୁନି ପୁନି ବେରଣ୍‌ତ
କାତା ଇନାର୍,
୧୮ କେଇଦ ରାଚ୍ ଆହ୍‌ନାର୍, ଆରେ ପାରାଣ୍‌ନାସ୍ ଅହ ଉଟିସ୍ ହେୱାର୍‌ତି ଇନାକା ନସ୍ଟ ଆଉଡ୍, ହେୱାର୍ ବେମାରିର୍
ଜପି କେଇ ଇଟ୍‌ତିସ୍ ହେୱାର୍ ଉଜ୍ ଆନାର୍ ।"

### ଜିସୁତି ସାର୍ଗେ ହାଚାନ୍
*(ଲୁକ ୨୪:୫୦-୫୩; ପକ୍ୟାତାକା ୧:୯-୧୧)*

୧୯ ଇ ଲାକେ ମାପ୍ରୁ ଜିସୁ ହେୱାରିଂ କାତା ଇଚି ପାଚେ ସାର୍ଗେ ତାକେ ଅୟା ଆଜି ଇସ୍ୱର୍‌ତି ବୁଜ୍‌ଣି କଚଣ୍‌ତ କୁଚ୍‌ଚାନ୍ ।
୨୦ ମାତର୍ ହେୱାର୍ ହାଲ୍‌ଜି ୱିଜୁ ତାକେ ପର୍‌ଚାର୍ କିତାର୍, ଆରି ମାପ୍ରୁ ହେୱାରିଂ ହାଙ୍ଗ୍‌ଦାଂ ଅସି ଚିନ୍‌କୁତାଂ ହେ କାତା
ପାର୍ମାଣ୍ ସିଗ୍ କିତାନ୍ ।

# ଲୁକ ଲିଖିତ ସୁସମାଚାର
# ଲୁକ ଲେକିକିତି ନେକ୍ରିକାବୁର୍
# ଲୁକ ପତି ବିସ୍ରେ ପାଦେକ୍

ଲୁକ ଲେକିକିତି ନେକ୍ରିକାବୁର୍ ଆତାଡ୍, ଜିସୁ କ୍ରିସ୍ଟତି ଜିବୁନ୍ ବିସ୍ରେ ଇଞ୍ଜି ମାନି ପୁନି ମେରା ଚାରିଗଟା ପତିଙ୍ଗ୍ ବିଡ୍ରେ ରଞ୍ଜାଙ୍ଗ୍ । ହେୱାଙ୍ଗ୍ ବିଡ୍ରେ ୱିଜୁକାଙ୍ଗ୍ "ନେକ୍ରିକାବୁର୍" ଇନାର୍, ଇମ୍ଣାକା ଅରତ୍ "ନେକ୍ରିକାବୁର୍" ହେୱାଙ୍ଗ୍ ଜିସୁ ହାତି ପାଚେ, ମାତିଉ, ମାର୍କ, ଲୁକ ଆରି ଜହନ୍ ତାଙ୍ଗ୍ ଲେକାଆତାଡ୍ନା । ଲୁକ ଜିସୁତି ଜିବୁନ୍ ଗଟ୍ଣା ଲେକା ଲାହାଙ୍ଗ୍, ଜିସୁତି ହାକି ଆରି ଜିତି ପାଚେ ଜିସୁ ଚେଲାହିର୍ ଇମ୍ଣି ବିସ୍ରେ ସବୁ କିତାର୍, ହେଦାଂ ପା ଲେକି କିତାର୍ଣ୍ଣା ହେ ପତିତିଂ ପକ୍ୟା ଆତାକାର୍ କାମାୟ୍ନି ବିସ୍ରେ ଇଞ୍ଜି ଇନ୍ୟା ଆନାଡ୍ । ଲୁକ ପତି ଏଚେକୋଡ୍ଦ ଆରି ଇମେତାକେ ଲେକା ଆତାଡ୍ନା, ହେ ବିସ୍ରେ ହାଡ୍ପା ଇନେର୍ ପା ପୁନୁର୍ ମତର୍ ବେସି ଜାଣ୍ ପଣ୍ଡିତାର୍ ରାଜି ଆନାର୍ ଜେ, ଇଦାଂ ହାଡ୍ପା ଆତିସ୍ ଜିସୁ କ୍ରିସ୍ଟତି ଜଲମ୍ ସତୁରି ବାର୍ହୁ ପାଚେ ଲେକା ଆତାଡ୍ନା ।

ଲେକିକିତାକାନ୍ ଆତାନ୍ ଲୁକ, ଇନେନ୍କି ରୱାନ୍ ଡାକ୍ତର୍ ମାଚାନ୍ । ତା ଲେକା ବାନି ଆରି ବାସା ଚିନ୍ତା ଚଚ୍ଚାନାଡ୍ ଜେ, ହିକାଆତି ମାନାୟ୍ ମାଚାନ୍ । ଜିସୁତି ଜିବୁନ୍ନି ଗଟ୍ଣାଂ ଗିଟା ଆତାକା କାରୁମ୍ ଲାକେ, ଲେକି କିଜି ସତ୍, ବାନି କିଦେଙ୍ଗ୍ ବାବିକିନାନ୍, ଇନେର୍କି ବିନେନିକାର୍ ହେଦାଂ ପଡ଼ି କିଜି ଉପ୍‌କାର୍ ପାୟା ଆନାର୍ ୧:୧-୩ । ହେୱାନ୍ ରୱାନ୍ ଜିହୁଦି ହିଲ୍ୱାତାନ୍ କଲ୍‌ସି ୪:୧୦-୧୪ ଆରି ହେୱାନ୍ ଇ ଲାକେ ବାବ୍ରେ ଲେକିକିତାନ୍ । ବିନ୍‌ଜାତି ଜିହୁଦିର୍ ବୁଜାଆଦେଂ ଆଡ୍ନାର୍ । ହେ ଜିହୁଦି ରିତି ୱିଜୁ ବାନି କିନିହିଙ୍ଗ୍ ଇଦାଂ ଆସେଙ୍ଗ୍ ସାତ୍ ହୁଡ୍ଦେଂ ଆଡ୍ନାସ୍୧:୮ ।

ଲୁକ ଲେକିକିତି ନେକ୍ରିକାବୁର୍, ମାତିଉ ଆରି ମାର୍କ ପତି ଲାହାଙ୍ଗ୍ ସମାନ୍ ଆନାଡ୍, ଇନାକିଦେଂକି ହେୱାର୍ ସମାନ୍ ବିସ୍ରେ ଆରି ସମାନ୍ ବାବ୍ରେ ହପ୍ନାର୍ । ତିନିଗଟା ପତି ବିଡ୍ରେତାଂ ଲୁକ ବାପ୍ତିସିମ୍ ହିନି ଜହନ୍ତି ଜଲମ୍ ବିସ୍ରେ ଆଦିକ୍ ବିସ୍ରେ ବାବି କିତାର୍ । ଆରି ଲୁକ ପାର୍ତାନା ଜପି ଆଦିକ୍ କିତାର୍ ୩:୨୧, ୫:୧୬, ୬:୧୨, ୧୧:୧-୧୨; ୨୨:୩୨ ଆରି ହେୱାନ୍ କେମା ଜପି ପା ଆଦିକ୍ କିତାର୍ ୩:୩, ୧୧:୪, ୧୭:୩-୪, ୨୩:୩୪; ୨୪:୪୭ ।

### ପତି ବିସ୍ରେନି ରାହାଣ୍

୧. ଲୁକ ଲେତିକିକିତି ନେକ୍ରିବାର୍ ବିସ୍ରେ ଆରି ଲେକାନି ବାନି କିତାର୍ ୧:୧-୪
୨. ଜିସୁତି ଜଲମ୍ ଆରି ହେୱାନ୍ ଇନେସ୍ ହେବାକାମାୟ୍ କାଜିଂ ଜାଲ୍ଦି ଆତାର୍ ୧:୫–୨:୫୨
୩. ଜିସୁତି କାମାୟ୍ ହାଣ୍କୁ, ଆଦିକ୍ ବାବ୍ରେ ହେୱାନ୍ ଏଚାକା କାବାଆନି କାମାୟ୍ ଆରି ତା ହିକ୍ୟା ବିସ୍ରେ ଇନାର୍ ୩:୧-୨୦ ଇଦାଂ ଆନାତା ନେକ୍ରି କାବୁର୍ନି ଗାଜା ବାଗ୍ ।
୪. ହାରିହାରା ରିଣ୍ଡି ବିଡ୍ରେ, ଜିସୁ ଇନେସ୍ ହାତାନ୍ ମୁଚ୍ୟାଆତାନ୍ ଆରି ହାତାକାର୍ ବିଡ୍ରେ ଜିତାନ୍ । ପତି ବିଡ୍ରେ ଲେକାମାନାଡ୍ ୨୨:୨୪

#### ଜିସୁତି ଜିବୁନ୍ ବିସ୍ରେ ଲୁକ ଲେକିକିତାକା

୧ ଏ ତିଓପିଲସ୍, ଇମ୍ଣାକାର୍ ମା ବିଡ୍ରେ କିଜି ମାଚି ଗଟ୍ଣାଂ ୱିଜୁ ବେସି ବିସ୍ରେ ରିତି ହୁକେ ଲେକିକିଦେଂ ମାନ୍ କିତାର୍,
୨ ଆରମ୍ତାଂ ଇ ସବୁ ଗଟ୍ନା ହୁଡ୍ଜି ମାନି ମାନାୟାର୍ ଇନେସ୍ ହାଦର୍ ନେକ୍ରିକାବୁର୍ ସୁଣାୟ୍କିନି ହେବାକାର୍ୟା ଆଡ, ହେ ଇସାବ୍ରେ ବାକି ବିସ୍ରେନିକିଂ ଲେକାତାଡ୍ନା ।
୩ ଲାଗିଂ, ହେ ମାନିନି ତିୟପିଲ୍, ଆରମ୍ତାଂ ୱିଜୁ ବିସ୍ରେ ସମାନ୍ ବାବ୍ରେ ଦାସ୍ତି ହେବେନି ଆରମ୍ତାଂ ହାରିହାରାନି କାତା ମି କାଜିଂ ଲେକିକିଦେଂ ଆନ୍ ପା ମାନେ କିତାଂ,
୪ ଇନେସ୍କି ଏନ୍ ଇମ୍ଣି ୱିଜୁ ହିକ୍ୟା ପାୟା ଆତାୟ୍ନା, ହେ ସବୁ ବିସ୍ରେ ବୁଦି ଆର୍ଜା ଆନାୟ୍,

#### ବାପ୍ତିସିମ୍ ହିନି ଜହନ୍ତି ଜଲମ୍

୫ ଜିହୁଦା ଦେସ୍ନି ରାଜା ହେରଦ୍ତି ୱାଡ଼ାଙ୍ଗ୍ "ଅବିୟତି ମାପ୍ରୁହେବାକିନାକାନ୍ ଦଲ୍ନି ଜିକରିୟ ଇନି ରକାନ୍ ମାପ୍ରୁହେବାକିନାକାନ୍ ମାଚାନ୍; ହେ କଗ୍ଲେ ହାରଣ୍ ଲାଡ୍ରାନିକା ମାଚାଡ୍, ହେଦେଲ୍ତି ତର୍ ଏଲିସାବେଡ୍ ।
୬ ହେୱାର୍ ରିକାର୍ ମାପ୍ରୁତି ୱିଜୁ ବଲ୍ ଆରି ବିଦି ହୁକେ କାମାୟ୍ କିଜି ଦସି ଆୱାଦାଂ ବେବାର୍ କିଜି ଇସ୍ୱର୍ ମୁମ୍ଦ ଦାମର୍ ମାଚାର୍ ।
୭ ମାତର୍ ହେୱାର୍ତି ହିମ୍ଣାୱାକ୍ଡ଼ା ହିଲ୍ୱାତାର୍, ଇନାକିଦେଂକି ଏଲିସାବେଡ୍ ବାଞ୍ଜଣି ମାଚାଡ୍, ହେୱାର୍ ଦସି ମାଚାର୍ ତାତାକେ ହିମ୍ଣା ୱାକ୍ଡ଼ା ହିଲ୍ୱାତାର୍ ହେୱାର୍ ବୟସ୍ ଆଦିକ୍ ଆଜି ମାଚାଡ୍ ।
୮ ହେୱାନ୍ ହେ କୁଦାନି ପାଲିହୁକେ ଇସ୍ୱର୍ ଲାଗାଂ ମନ୍ଦିର୍ତ ମାପ୍ରୁତି ମାପ୍ରୁହେବାକିନାକାନ୍ କାମାୟ୍ କିନି ୱେଡ଼ାଲିଂ,

୯ ମାପ୍ରୁହେବାକିନାକାନ୍ କାମାୟ୍‌ନି ରିତି ହୁକେ ଦରମ୍‌ଗୁଲି ହୁଦାଂ ତା ମାପ୍ରୁ ମନ୍ଦିର୍‌ତ ହଣ୍‌ଜିପା ଦୁପ୍‌ନି ହିଦେଂ ପଡ଼ାତାଡ଼୍,
୧୦ ଆରେ ଦୁପ୍‌ନି ହିନି ୱେଡ଼ାଲିଂ ୱିଜାକାର୍ ବାର୍ତ ମାନ୍‌ଞ୍ଜି ପାର୍ଥାନା କିଜି ମାଚାର୍ ।
୧୧ ହେ ୱେଡ଼ାଲିଂ ମାପ୍ରୁତି ର ଦୁତ୍ ଦୁପ୍‌ନି ଗାର୍‌ଣିନି ତିନି ପାଡ଼୍‌କାତ ନିଲ୍‌ଚି ହେୱାନିଂ ଚଞ୍ଜ୍ୟା ଆତାଡ଼୍ ।
୧୨ ଜିକରିୟ ହେୱାନିଂ ହୁଡ଼୍‌ଜି କାବା ଆତାନ୍ ଆରି ପାଣ୍ଡ୍ରା ଆତାନ୍ ।"
୧୩ ମାତର୍ ଦୁତ୍ ହେୱାନିଂ ଇଚାଡ଼୍, "ଜିକରିୟ, ପାଣ୍ଡ୍ରା ଆମା, ଇନାକିଦେଂକି ନି ପାର୍ଥାନା କିନାକା ୱେଚାପ୍‌ନ୍ନା, ଆରି ନି
କଗ୍‌ଲେ ଏଲିସାବେତ୍ ମି କାଜିଂ ର କାଡ଼୍‌ଦେ ଗାଟାଆନାଡ଼୍, ଆରେ ଏପେଙ୍ଗ୍ ହେ ତର୍ ଜହନ୍ ହିନାଦେର୍ ।
୧୪ ହେୱାନ୍ ମି ୱାରି ଆରି ଉପାସ୍ ଆନାନ୍, ଆରେ ଆଦିକ୍ ମାନାୟ୍ ତା ଜଲମ୍‌ତ କିତିତାକେ ୱାରି କିତାର୍ ।
୧୫ ଲାଗିଂ ହେୱାନ୍ ମାପ୍ରୁତି ଲାଗେ ଗାଜା ଆନାନ୍; ହେୱାନ୍ ଅଙ୍ଗୁର୍ ରାସ୍ କି କାଲିଂ ଇନାୱାଡ଼ାଂପା ଉଣୁନ୍, ଆରେ ଆୟା
ପଟଟାଂ ପୁଇପୁୟା ଜିବୁନ୍‌ତ ପୁରା ଆନାନ୍,
୧୬ ଆରେ ହେୱାନ୍ ଇସ୍ରାଏଲ୍ ହିମ୍‌ଣାୱାକ୍‌ଡ଼ାକାଂ ପା ଆଦେକ୍‌ତିଂ ମାପ୍ରୁ ହେୱାରିଂ ଇସ୍ୱର୍ ନିପ ଲେଉଟାୟ୍ କିନାନ୍ ।
୧୭ ଆବାର୍‌ତି ମାନ୍ ହିମ୍‌ଣାଂ କାଜିଂ ଆରି ଅବୁଜା ଲଗାଂ ଦାମର୍ଲଗାଂ ଗିଆନ୍‌ତାଂ ବେବାର୍ କିନି କାଜିଂ ତାହିୱାଦେଂ
ଆରି ମାପ୍ରୁ କାଜିଂ ଜାଲ୍‌ଦିନି ର ଲକୁ ମଣ୍ଡ୍‌ଲି ଜାଲ୍‌ଦିନି କିଦେଙ୍ଗ୍ ହେୱାନ୍ ଏଲିୟଙ୍ଗ୍ ଜିବୁନ୍ ଆରି ସାକ୍ତିତାଂ ହେୱାନ୍ ଆଗେ
ହାନାନ୍ ।"
୧୮ ଇବେଣ୍ଡ୍ରାଂ ଜିକରିୟ ଦୁତ୍‌ତିଂ ଇଚାନ୍, "ଆନ୍ ଇମ୍‌ଣି ଚିନ୍ ଲାହାଙ୍ଗ୍ ଇଦାଂ ପୁନାଙ୍ଗ୍ ? ଇନାକିଦେଂକି ଆନ୍‌ତ ବୁଡ଼୍‌ହି,
ଆରେ ନା ୱାଣିପା ଜବର୍ ବାର୍ହୁ ଆତାତେ ।"
୧୯ "ଦୁତ୍ ହେୱାନିଂ ଉତର୍ ହିତାନ୍, ଆନ୍ ଗାବ୍ରିଏଲ୍, ଇମ୍‌ଣି ଇସ୍ୱର୍ ମିଙ୍ଗେଙ୍ଗ୍ ଇ ନେକ୍ରିକାବୁର୍ ୱେଚ୍‌ଚିନି କାଜିଂ ନାଙ୍ଗ୍
ପକ୍ୟାତାଂନା, ଆନ୍ ତା ମୁମ୍‌ଦ ନିଲ୍‌ଚି ମାନାଙ୍ଗ୍ ।
୨୦ ହୁଡ଼ାଚ୍, ଇ ୱିଜୁ ଗିଟାୱିଦିନ୍ ପାଡେକ୍ ଏପେଙ୍ଗ୍ ଗୁଲା ଲାକେ ବେଣ୍‌କିଦେଂ ଆଡୁଦେର୍, ଇନାକିଦେଂକି ନାଦାଂ ସବୁ
ବଚନ୍ ସମାନ୍ ସମୁତ ପୁରା ଆନାଡ଼୍, ହେ ୱିଜୁ ଏପେଙ୍ଗ୍ ପାତର୍ କିୱାତାଦେର୍ ।"
୨୧ ଇବେତାଂ ମାନାୟାର୍ ଜିକରିୟଙ୍ଗ୍ କାସି ମାଚାର୍, ଆରେ ମନ୍ଦିର୍‌ତ ହେୱାନ୍ତି ମାଲା ଆଡିଲେ ହେୱାର୍ କାବା ଆଜି
ମାଚାର୍ ।
୨୨ ମାତର୍ ହେୱାନ୍ ହସି ୱାଜି ହେୱାରିଂ ବେଣ୍ ଇଞ୍ଜେଙ୍ଗ୍ ଆଡ଼୍‌ୱାତାନ୍; ଇବେଣ୍ଡ୍ରାଂ ହେୱାନ୍ ମନ୍ଦିର୍‌ତ ଚଞ୍ଜ୍ୟା ଆତାନ୍ନା
ଇଞ୍ଜି ହେୱାର୍ ବୁଜାଆତାର୍, ଆରେ ହେୱାନ୍ ହେୱାରିଂ କେଇଚଚ୍‌ଚି ଇଞ୍ଜେଙ୍ଗ୍ ଲାଗାତାନ୍ ଆରି କନ୍ଦା ଆଜି ମାଚାନ୍ ।
୨୩ ପାଚେ ହେ ହେବା ପାଲିନି ଦିନ୍ ସବୁ ୱିସ୍ରିଲେ, ହେୱାନ୍ ନିଜାର୍ ଇଞ୍ଜ ହାଚାନ୍ ।
୨୪ ହେ ପାଚେ ହେ ଡକୁହି ଏଲିସାବେତ୍ ମାଞ୍ଜେଙ୍ଗ୍ ଆସ୍ତାଡ଼୍, ଆରେ ହେଦେଲ୍ ପାଞ୍ଜ୍ ମାସ୍ ପାଡେକ୍ ଇନେରିଂ
ୱେଚ୍‌ୱାଦାଙ୍ଗ୍ ମାଚାଡ଼୍,
୨୫ ତା ପାଚେ ହେୱାନ୍ ଇଚାନ୍, "ମାନାୟାର୍ ତାକେ ନା ଲାଜ୍ ହାଚ୍‌ଚେଦେଂ ଇଞ୍ଜି ମାପ୍ରୁ ଦୟା କିଜି ନା କାଜିଂ ଏଲେଙ୍ଗ୍
କିଡ଼୍‌ତାନ୍‌ନା ।"

## ଜିସୁ କ୍ରିସ୍ଟତି ଜଲମ୍ ବିସ୍ରେ ସୁଣାୟ୍‌କିନାକା

୨୬ ଚଅ ମାସ୍ ପାଚେ ଗାବ୍ରିଏଲ୍ ଦୁତ୍ ଇସ୍ୱର୍ ମାପ୍ରୁ ଲାଗାଂ ଗାଲିଲିନି ନାଜରିତିୟ ତର୍‌ଦି ଗାଡ଼୍‌ଦ ର ଗାଡ଼୍‌ଚେ ତାକେ
ପକ୍ୟା ଆତାନ୍;
୨୭ ଦାଉଦ୍ ଲାଡ୍ରାନି ଜସେପ୍ ତର୍‌ଦାକାନ୍ ରୱାନ୍ ଆଣ୍ଡ୍ରେନ୍ ଲାହାଙ୍ଗ୍ ହେଦେଲ୍ ମାଲାକିୟା ଆଜି ମାଚାଡ଼୍; ହେ ଜିପଲି
ତର୍ ମରିୟମ୍;
୨୮ ହେୱାନ୍ ଇଞ୍ଜ ହଣ୍‌ଜି ହେ ଲାଗେ ୱାଜି ଇଚାନ୍, "ଆଗ ଦୟା ପାୟାଆତାକାୟ୍, ନିନ୍ଦାଂ ହାର୍ ଆଏଡ଼୍, ମାପ୍ରୁ ନି ହୁଦାଂ
ମାନାନ୍ ।"
୨୯ ମାତର୍ ହେଦେଲ୍ ଇ ବଚନ୍‌ତ କାବା ଆଜି ଇଦାଂ ଇନେସ୍ ବେରଣ୍ ଇଞ୍ଜି ମାନ୍ତ ବାବିକିଦେଂ ଲାଗାତାଡ଼୍ ।
୩୦ ହେବେଣ୍ଡ୍ରାଂ ଦୁତ୍ ହେଦେଲିଂ ଇଚାଡ଼୍, "ଏ ମରିୟମ୍, ପାଣ୍ଡ୍ରା ଆମା, ଇନାକିଦେଂକି ଏନ୍ ଇସ୍ୱର୍ ଲାଗେ ଦୟା ପାୟା
ଆତାୟ୍‌ନା ।
୩୧ ☆ଆରି ହୁଡ଼ାଚ୍ ଏନ୍ ଏସ୍ ପିସ୍ତିପା ର କାଡ଼୍‌ଦେଂ ଗାଟାଆନାଡ଼୍ ଆରି ହେୱାନ୍ ତର୍ ଜିସୁ ତର୍ ହିନାଦେର୍ ।
୩୨ ହେୱାନ୍ ସିଗ୍‌ଦାକାନ୍ ଆନାନ୍ ଆରି ଇସ୍ୱର୍ ମାଜି ଇଞ୍ଜି ଡାକ୍‌ପୁଟା ଆନାନ୍; ମାପ୍ରୁ ଇସ୍ୱର୍ ହେୱାନିଂ ତାଞ୍ଜି ଆବା
ଦାଉଦ୍‌ତି ଗାଦି ଦାନ୍ କିତାର୍,
୩୩ ହେୱାନ୍ ଜାକୁବ୍ ଲାଡ୍ରା ଜପି ଜୁଗ୍ ଜୁଗ୍ ରାଜି କିନାନ୍ ଆରି ହେୱାନ୍ ରାଜିତ ୱିଜୁଡ଼୍ ।"
୩୪ ମାତର୍ ମରିୟମ୍ ଦୁତ୍‌ଙ୍ଗ୍ ଇଚାଡ଼୍, "ଇଦାଂ ଇନେସ୍ ଆନାଡ଼୍ ? ଆନ୍‌ତ ଆଣ୍ଡ୍ରେନ୍‌ତିଂ ପୁନୁଙ୍ଗ୍ ।"
୩୫ ଦୁତ୍ ତାଙ୍ଗେଙ୍ଗ୍ ଉତର୍ ହିତାଡ଼୍, "ନେକ୍ରି ଜିବୁନ୍ ନି ଜପି ଜୁଦ୍‌ନାଡ଼୍ ଆରି ସିଗ୍‌ଦାକାନ୍ ଇସ୍ୱତର୍ ସାକ୍ତି ନିଙ୍ଗେଙ୍ଗ୍
ଆସ୍ତାନାଡ଼୍, ଲାଗିଂ ଇନେର୍ ଜଲମ୍ ଆନାନ୍, ହେୱାନ୍ ପୁଇପୁୟା ଜିବୁନ୍ ଆରି ଇସ୍ୱର୍ ମେହି ଇଞ୍ଜି ଡାକ୍‌ପୁଟାଆନାନ୍ ।

☆ **୧:୩୧** ମାଥିଉ ୧:୨୧.

୩୬ ଆରେ ହୁଡ଼ାଟ୍, ମି ଇଞ୍ଜି ଏଲିସାବେତ୍ ପା ବୁଢ଼ା ୱେଡ଼ାଲିଂ ର ମାଜିଂ ଗରବ୍ତ ଆସ୍ତାନ୍ନା । ଇନେର୍ ବାଞ୍ଜଣି ଇଞ୍ଜି
ଡାକ୍ପୁଟା, ନଙ୍ଗ୍ ତାଙ୍ଗେଙ୍ଗ୍ ଚଅ ମାସ୍ ଆତାଦ୍ନା;
୩୭ ଇନାକିଦେଂକି ଇସ୍ୱର୍ ମାପୁ ବଚନ୍ ତାକେ ସବୁ ବିସ୍ରେ ଆୱାକା ଆନାତ୍ ।"
୩୮ "ଇବେଣ୍ଡାଂ ମରିୟମ୍ ଇଚାତ୍," ହୁଡ଼ାଟ୍, "ଆନ୍ ମାପୁତି ଆଡ଼ିୟାଣି; ମି କାତାହୁକେ ନାଙ୍ଗେଙ୍ଗ୍ ଗିଟାଆଏତ୍ ।" ହେଦାଂ
ପାଚେ ଦୁତ୍ତ ତା ତାକେଣ୍ଡାଂ ହାଚାତ୍ ।

## ମରିୟମ୍ ଜିକରିୟ ଆରି ଏଲିସାବେତ୍ ତାକେ ହାଚାନ୍

୩୯ ଇୱାଡ଼ାଲିଂ ମରିୟମ୍ ନିଙ୍ଗ୍ଜି ମାଡ଼ି ରାଜି ଜିହୁଦା ଦେସ୍ନି ର ଗାଡ଼୍ଦ ଦାପ୍ରେ ହାଚାତ୍,
୪୦ ଆରେ ଜିକରିୟ ଇଞ୍ଜ ହଣ୍ଜିପା ଏଲିସାବେତ୍ତିଂ ଜୁୱାର୍ କିତାତ୍ ।
୪୧ ଆରେ, ଏଲିସାବେତ୍ ମରିୟମ୍ତିଂ ଜୁୱାର୍ ୱେଚି ଦାପ୍ରେ ହିମ୍ଣା ତା ପଟତ ଏନ୍ଦି ନିଙ୍ଗ୍ତାନ୍, ପାଚେ ଏଲିସାବେତ୍
ପୁଇପୁୟା ଜିବୁନ୍ତ ବାତର୍ ଆଜି ଇଚାତ୍
୪୨ ବେସି ଗାଜା କାଟ୍ ଆଜି ଇଚାତ୍, "କଗ୍ଲେ ବିତ୍ରେ ଏନ୍ ଦନ୍ୟବାଦ୍ ନି ଗରବ୍ନି ପାଡ଼୍ ।
୪୩ ଆରେ, ନା ମାପୁ ତେହି ଜେ ନା ଲାଗେ ୱାନାତ୍, ନାଦାଂ ଇ କାରୁମ୍ ଇମେଣ୍ଡାଂ ଆତାତ୍ ?
୪୪ ଇନାକିଦେଂକି ହୁଡ଼ାଟ୍, ନି ଇଚି ବେରଣ୍ ୱେଚିଦାପ୍ରେ ହିମ୍ଣା ନା ପଟତ ମାନି କାଡ଼୍ଦେ ୱାର୍ୟା ଆଜି ଏନ୍ତାନ୍ ।
୪୫ ଇନେର୍ ପାତର୍ କିତାର୍, ହେୱାନ୍ ଦନ୍ୟ, ଇନାକିଦେଂକି ମାପୁତାଂ ତାଙ୍ଗେଙ୍ଗ୍ ଇନା ଇନାକା ୱେଚ୍ଚାନ୍ନା, ହେ ସବୁ
କାମ୍ ଆନାତ୍ ।"

## ମରିୟମ୍ ଇସ୍ୱର୍ତିଂ ନାନ୍ଦ୍ କିତାତ୍

୪୬ ଇବେଣ୍ଡାଂ ମରିୟମ୍ ଇଚାତ୍,
"ନା ୱାସ୍କି ମାପୁଙ୍ଗ୍ କେର୍କଣ୍ କେର୍ନାତା,"
୪୭ ଆରେ, "ନା ଜିବୁନ୍ ନାଙ୍ଗ୍ ବାଚାୟ୍କିଡ଼୍ତି ଇସ୍ୱର୍ ମାପୁତାକେ ୱାରି ହତ୍ନାତା;
୪୮ ଇନାକିଦେଂକି ହେୱାନ୍ ନିଜ୍ ଆଡ଼ିୟାଣି ପାତିଦିନିଦୁକ୍ କାଜିଂ ହୁଡ଼୍ନାର୍ ।
ଆରେ ହୁଡ଼ାଟ୍, ମୁଡ଼୍ଦାଂ ୱିଜ୍ନି ପାତେକ୍ ଲାତ୍ରା ୱିଜାର୍ ନାଙ୍ଗେଙ୍ଗ୍ ଦନ୍ୟ ଇଞ୍ଜି ଇଞ୍ଜ୍ନାର୍;
୪୯ ଇନାକିଦେଂକି ଗାଜା ସାକ୍ତିକାଟାକାନ୍, ହେୱାନ୍ ନା କାଜିଂ ଗାଜା କାମାୟ୍ କିତାନ୍ନା;
ହେୱାନ୍ ତର୍ ପୁଇପୁୟା ।
୫୦ ଆରେ ତାଙ୍ଗେଙ୍ଗ୍ ପାଣ୍ଡ୍ରା ଆନାକାର୍ କାଜିଂ ହେୱାନ୍ତି ଦୟା ଜୁଗ୍ ଜୁଗ୍ ମାନ୍ଗାନାତ୍ ।
୫୧ ହେୱାନ୍ ନିଜ୍ କେଇନି ବାପୁତାଂ ଚଚ୍ଚାନ୍ନା;
ଆକ୍ରିୟାରିଂ ହେୱାର୍ ମାନ୍ନି ମେହାଆନାକାରିଂ ଚିନ୍ବିନ୍ କିତାନ୍ନା;
୫୨ ହେୱାନ୍ ସାସନ୍ କାର୍ୟାରିଂ ରାଜା ଗାଦିତାଂ ପିହିକିତାନ୍ନା, ଅକର୍ତ୍ ଲଗାଙ୍ଗ୍ ନିକ୍ତାର୍ଣ୍ଡା,
୫୩ ହେୱାନ୍ ନାସ୍କି ଲଗାଂ ହାଦର୍ କାଦି ହିଜି ମାଚାନ୍,
ହାଉକାର୍ରିକାଂ ୱାରା କେଇଦାଂ ପକ୍ତାନ୍ନା ।
୫୪ ମା ଦାଦି ଆକର୍ କାଜିଂ ତା ପାର୍ମାଣ୍ ହେୱାନ୍ ରାକ୍ୟା କିତାନ୍ନା ଆରି ତା ଆଡ଼ିଏନ୍ ଇସ୍ରାଏଲ୍ତିଂ ଦୟା କିତାନ୍ନା ।
୫୫ ହେୱାନ୍ ଜୁଗ୍ ଜୁଗ୍ କାଜିଂ ଅବ୍ରାହାମ୍ ଆରି ତା ୱିଜାର୍ ଲାତ୍ରାନିକାରିଂ ଦୟା ଚଚ୍ଚି କିଦେଙ୍ଗ୍ ବାଣାୱାତାର୍ଣ୍ଡା ।"
୫୬ ଆରେ, ମରିୟମ୍ ତିନିମାସ୍ ପାତେକ୍ ଏଲିସାବେତ୍ ଲାହାଙ୍ଗ୍ ମାନ୍ଜି ନିଜାର୍ ଇଞ୍ଜ ହାଚାତ୍ ।

## ବାପ୍ତିସିମ୍ ହିନି ଜହନ୍ତି ଜଲମ୍

୫୭ ପାଚେ ଏଲିସାବେତ୍ ପାର୍ହାଡ଼୍ ଆନି ଦିନ୍ ଏକାୱାତିଲେ, ହେଦେଲ୍ ର ମାଜି ଗାଟାଆତାତ୍,
୫୮ ଆରେ ମାପୁ ଜେ ହେ କାଜିଂ ବେସି ଦୟା କିତାନ୍ନା, ଇଦାଂ ୱେନ୍ଜି ତା ପାଡ଼୍ହା ଲଗୁ ଆରି ୱାସ୍କିନିକାର୍ ତା ଲାହାଙ୍ଗ୍
ୱାରି କିଦେଙ୍ଗ୍ ଲାଗାତାର୍ ।
୫୯ ଆଟ୍ ଦିନ୍ତାଂ ହେୱାର୍ ହିମ୍ଣାତିଂ ସୁନ୍ନତ୍ କିଦେଙ୍ଗ୍ ୱାତାର୍ ଆରି ତା ଲାତ୍ରାହି ତର୍ ଲାକେ ହେ ତର୍ ଜିକରିୟ
ଇଡ୍ଦେଂ ମାନ୍କିତାର୍ ।
୬୦ ମାତର୍ ତା ତେହି ଇଚାତ୍, "ଆକାୟ୍, ତା ତର୍ ଜହନ୍ ଆନାତ୍ ।"
୬୧ ହେୱାର୍ ତାଙ୍ଗେଙ୍ଗ୍ ଇଚାର୍, "ନି ୱାସ୍କିନିକାରିଂ ବିତ୍ରେ ତ ଇନେରିଂ ଇ ତର୍ ହିଲୁତ୍ ।"
୬୨ ଇବେଣ୍ଡାଂ "ତାଙ୍ଗେଙ୍ଗ୍ ଇମ୍ଣି ତର୍ ହିନାସ୍ ଇଞ୍ଜି ତାଞ୍ଜିଆବା ମାନ୍ କିନାନା, ହେଦାଂ ହେୱାର୍ ତାଙ୍ଗେଙ୍ଗ୍ ଚାନ୍ୟା ଆଜି
ୱେନ୍ବେଦେଂ ଲାଗାତାର୍ ।"
୬୩ ହେ ପାଚେ ହେୱାନ୍ ର ଲେକିକିନି ପାଟା ଏନ୍ଚି ଲେକିକିତାନ୍; "ତା ତର୍ ଜହନ୍ ।" ଇବେ ୱିଜାର୍ କାବା ଆତାର୍ ।
୬୪ ଆରେ, ହେ ଦାପ୍ରେ ତା ୱେଇ ଆରି ୱେନ୍ଦୁଲ୍ ଜେୟାଆତାତ୍ ଆରି ହେୱାନ୍ ବେଣ୍ ଇଞ୍ଜି ଇସ୍ୱର୍ ମାପୁ ଦନ୍ୟବାଦ୍
କିଦେଙ୍ଗ୍ ଲାଗାତାନ୍ ।

୬୫ ଇବେଣ୍ତ୍ରାଂ ହେୱାନ୍ ତା ଲାଗେ ଲାଗେ ନିକାର୍ ୱିଜାର୍ ପାଣ୍ତ୍ରା ଆଜି ହାଚାର୍, ଆରେ ଇ ୱିଜୁ କାତା ଜିହୁଦା ଦେସ୍‌ନି
ମାଡ଼ିରାଜିନି ସବୁନିପ ଲକୁ ୱେଚ୍‌ପାୱେଚ୍‌ପି ଆତାର୍,
୬୬ ଆରେ ୱେନାକାର୍ ୱିଜାର୍ ହେ ୱିଜୁ ନିଜ୍; ନିଜାର୍ ମାନ୍ତ ଇଡ଼୍‌ଜି ଇଚାର୍, “ଇ କାଡ଼୍‌ଦେ ଇନାକା ଆନାଡ୍ ?”
ଇନାକିଦେଂକି ହାତ୍‌ପାନେ ମାପ୍ରୁ କେଇ ତା ହୁଦାଂ ମାନାଡ୍ ।

## ଜିକରିୟ ଇସ୍ୱର୍‌ତିଂ ନାନ୍ଦ୍ କିତାନ୍

୬୭ ଆରେ, ତା ଲାତ୍ରାହି ଜିକରିୟ ପୁଇପୁୟା ଜିବୁନ୍ତ ବାର୍‌ତି ଆଜି ଇ ବେଣ୍‌ବାକ୍‌ଣାୟ୍‌କିନାକାନ୍ ଇଚାନ୍,
୬୮ ଦନ୍ୟ ମାପ୍ରୁ, “ଇସ୍ରାଏଲ୍‌ନି ଇସ୍ୱର୍ ମାପ୍ରୁଙ୍ଗ୍,”
ଇନାକିଦେଂକି ନିଜାର୍ ଲଗାଂ ଦୟା ହୁଡ଼୍‌ଜି ହେୱାନ୍ ମୁକ୍ତି କିତାନ୍‌ନ୍ନା;
୬୯ ହେୱାନ୍ ନିଜାର୍ ଆଡ଼ିଏନ୍ ଦାଉଦ୍‌ନି ଲାତ୍ରାନି
ରକାନ୍ ସାକ୍ତିନିକାନ୍ ମା କାଜିଂ ମୁକ୍ତି କିଦ୍‌ଦେଂ ମାଙ୍ଗେଙ୍ଗ୍ ହିଡ୍‌ନ୍ନା,
୭୦ ଆଗେନି ସମୁତାଂ ନିଜ୍ ପୁଇପୁୟା ବେଣ୍‌ବାକ୍‌ଣାୟ୍‌କିନାକାର୍ ୱେଇ ତାଙ୍ଗ୍ ଇନେସ୍ ଇଞ୍ଜି ମାଚାର୍
୭୧ ହେ ଲାକେ ମା ବିତ୍ରେ ସାତ୍ରୁର୍‌ତାଂ ଆରି
ମା ୱିଜାକାର୍ ଗିଣ୍‌କାରିୟାର୍ କେଇଦାଂ ମୁକ୍ତି ପାୟାତାୟ୍‌ନା,
୭୨ ହେୱାନ୍ ଇଚାନ୍, ମା ଆକର୍ କାଜିଂ ଦୟା ଚଚ୍‌ୟାତାନ୍‌ନା,
ଆରି ତାଂ ପୁଇପୁୟା ନିୟମ୍ ହେୱାନ୍ ନିତ୍ରେ ଏତୁ କିଜି ମାନେନ୍ ।
୭୩ ମା ଆବା ଅବ୍ରାହାମ୍ ଲାଗେ ଇମ୍‌ଣି ପାର୍ମାଣ୍ କିଜି ମାଚାନ୍,
୭୪ ପାଚେ ଇନେସ୍ ସାତ୍ରୁ କେଇଦାଂ ମୁକ୍‌ଡ଼ା ଆଜି
ପାଣ୍ତ୍ରା ଆୱାଦାଂ ଜିବୁନ୍ ମାନି ପାତେକ୍ ହେୱାନ୍ ଲାଗେ,
୭୫ ଇନେସ୍‌କି ଆସେଙ୍ଗ୍ ପୁଇପୁୟା ଆରି
ଦାମର୍ ଆଜି ତାତି ପାର୍ତାନା କିଦେଙ୍ଗ୍ ଇଞ୍ଜି ମାଙ୍ଗେଙ୍ଗ୍ ଆସିର୍ବାଦ୍ କିଦ୍‌ନାନ୍ ।
୭୬ “ଏ ନା ମାଜି ଏନ୍ ସିଗ୍‌ଦାକାନ୍ ଇସ୍ୱର୍
ର ବେଣ୍‌ବାକ୍‌ଣାୟ୍‌କିନାକାନ୍ ଲାକେ ଡାକ୍‌ପୁଟା ଆନାୟ୍ ।
ଏନ୍ ମାପ୍ରୁତି ରୱାୟ୍ ଚାଣ୍ତ୍ ଦୁତ୍ ଲାକେ ତା କାଜିଂ ତା ହାଜି ରଚ୍‌ନାୟ୍ ।
୭୭ ପାପ୍ କେମା ପାୟା ଆନି କାଜିଂ ହେୱାର୍ ଜେ ମୁକ୍ତି ଆନାକା ଲାବ୍ ପାୟା ଆନାର୍
ତା ମାନାୟାରିଂ ଇ କାତା ଇଞ୍ଜେଙ୍ଗ୍ ହାନାନ୍,
୭୮ ମା ଇସ୍ୱର୍ ଦୟାନିକାନ୍ ଆରି ହୁଦାର୍ ଜିବୁନ୍,
ହେୱାନ୍ ମା କାଜିଂ ମୁକ୍ତି ଆନାକା ମା କାଜିଂ ୱେଡ଼ା ହନାଡ୍,
୭୯ ଇମ୍‌ଣାକାର୍ ହାତିଲାକେ ମାଜ୍‌ଗା ହିଡ୍‌ଡ଼ିତ ବାହାକିନାର୍,
ସୁସ୍ତା ହାଜିଡ଼ ହେୱାରିଂ ଅଜି ହାଞ୍ଜେଙ୍ଗ୍ ଇଞ୍ଜି
ହେୱାନ୍ ୱିଜାର୍ ଜପି ସାର୍ଗେତାଂ ଅଜଡ଼୍ ହିଦେଙ୍ଗ୍ ଆଡ୍‌ନାନ୍ ।”
୮୦ ପାଚେ, କାଡ଼୍‌ଦେ ଗାଜା ଆଜି ଜିବୁନ୍‌ତ ସାକ୍ତି ଆଦେଂ ଲାଗାତାନ୍ ଆରେ ଇସ୍ରାଏଲ୍ ଲାଗାଂ ପୁଟାଆୱି ପାତେକ୍ ବାଟାତ
ମାଚାନ୍ ।

# ୨

## ଜିସୁତି ଜଲମ୍

(ମାତିଉ ୧:୧୮-୨୫)

୧ ହେ ସମୁତ ରମିୟ ପୁତର୍‌ନି ୱିଜୁ ରାଜ୍‌କିନାକାନ୍ ମାନାୟାରିଂ ତର୍ ଲେକିକିନାକା ଇଞ୍ଜି କାଇସର୍ ଅଗସ୍ଟତାଂ ବଲ୍
ସୁଣାୟ୍ କିତାର୍ ।
୨ ସିରିୟାନି ରାଜ୍‌କିନାକାନ୍ କିରଣିୟତି ସମୁତ ପର୍ତୁମ୍ ଇ ଲକୁ ଗାଣାକିନାକା ତର୍ ଲେକା ଆଜି ମାଚାଡ୍ ।
୩ ହେଦାଂ କାଜିଂ ୱିଜାର୍ ତର୍ ଲେକିକିନାକା କିଦେଙ୍ଗ୍ ଜାର୍ ଜାର୍ ଗାଡ଼୍‌ଦ ହାଲ୍‌ଜି ମାଚାର୍ ।
୪ ଆରେ, ଜସେପ୍ ପା ତର୍ ଲେକିକିଦେଂ ଇଞ୍ଜି ମରିୟମ୍ ଲାହାଙ୍ଗ୍ ଗାଲିଲିନି ନାଜରିତିୟ ଗାଡ଼୍‌ତାଂ ଜିହୁଦା ରାଜିନି
ବେତ୍‌ଲିହିମ୍ ତର୍‌ଦି ଦାଉଦ୍‌ନି ଗାଡ଼୍‌ଦ ହାଚାର୍, ଇନାକିଦେଂକି ହେୱାନ୍ ଦାଉଦ୍ ଲାତ୍ରା ଆରି ଜାତିନି ଲକ୍ ମାଚାନ୍;
୫ ହେୱାନ୍ ତା ମାଲାକିୟା ଆଜି ମରିୟମ୍ ଲାହାଂ ତର୍ ଲେକିକିନି କାଜିଂ ହାଚାର୍ । ମରିୟମ୍ ଏସ୍‌ପିସ୍ତି ମାଚାଡ୍ ।
୬ ହେୱାର୍ ହେ ବାହାତ ମାନି ୱେଡ଼ାଲିଂ ହେଦେଲ୍‌ତି ଜଲମ୍ କିନି ସମୁ ଏକାୱାତାଡ୍
୭ ପାଚେ ହେଦେଲ୍ ଜାର୍ ପାଣ୍‌ୱା ମାଜି ଚଞ୍ଚାନ୍ ଆରି ହେୱାନିଂ ହେନ୍ଦ୍ରାତ ହୁରୁପିସ୍ କଡି ହାଡ଼ାନି ଡଙ୍ଗାତ ତ୍ରେପ୍‌ତାର୍,
ଇନାକିଦେଂକି ମାନି ଇଲ୍ ହେୱାରିଂ ହିଲ୍‌ୱାତାଡ୍ ।

## ମେଣ୍ଢାଗଡ଼ିୟାର୍ ଜିସୁତି ଜଲମ୍ କାବୁର୍ ପାୟା ଆତାର୍

୮ ହେ ୱେଡ଼ାଙ୍ଗ୍ କେତେକ୍ ମେଣ୍ଢାଗଡ଼ିୟାର୍ ବାଟାତ ମାନ୍ଞ୍ଜି ନାଣା ହେୱାର୍‌ତି ମେଣ୍ଢାଂ ମାନ୍ଦାତିଂ କାସି ମାଚାର୍ ।
୯ ମାପୁନି ରୱାନ୍ ଦୁତ୍ ହେୱାର୍ ଲାଗେ ନିଲ୍‌ତାନ୍, ଆରେ ମାପୁତି, ଜାକ୍‌ମାଲ୍‌ନି ଅଜଡ଼୍ ହେୱାର୍ ଚାରିବେଣ୍‌ତାଂ
ଆର୍‌ତାଡ଼୍ । ଆରି ହେୱାର୍ ବେସି ପାଣ୍ଡ୍ରା ଆତାର୍
୧୦ ହେବେଣ୍ଡାଂ ଦୁତ୍ ହେୱାରିଂ ଇଚାନ୍, "ପାଣ୍ଡ୍ରା ଆମାଟ୍; ହୁଡ଼ାଟ୍, ଆନ୍ ସବୁ ମାନାୟାରିଂ ବେସି ୱାରିନି ନେକ୍ରିକାବୁର୍
ମିଙ୍ଗେଙ୍ଗ୍ ୱେଚାନାଙ୍ଗା,
୧୧ ଇନାକିଦେଂକି ନେଞ୍ଜେଙ୍ଗ୍ ଦାଉଦ୍‌ନି ଗାଡ଼ଦ ମି କାଜିଂ ମୁକ୍ତି କାରିୟା ହେୱାନ୍ କ୍ରିସ୍ଟ ମାପୁ ।"
୧୨ ଆରେ, ମି କାଜିଂ ଇଦାଂ ଚିନ୍ ଲାକେ ଆନାଡ଼୍, "ଏପେଙ୍ଗ୍ ର କାଡ଼୍‌ଦେଂ ହେନ୍ଦ୍ରା ହୁର୍‌ପିୟା ଆଜି ଜ଼ଡି ହାଡ଼ାନି ଡଙ୍ଗାତ
ହୁନ୍‌ଜି ମାନାକା ହୁଡ଼୍‌ନାଦେର୍ ।"
୧୩ ପାଚେ, ହାଚାଟ୍ରେ ହେ ଦୁତ୍ ହୁଦାଂ ସାର୍ଗେନି ଦଲ୍ ର ଗାଜାଦାଡ଼୍ ୱାତାର୍ ଇସ୍ୱର୍ ମାପୁଙ୍ଗ୍ ପାର୍ତାନା କିଜି ଜ଼ିଜି କେର୍‌ତାର୍,
୧୪ "ଜପ୍‌ଣି ନିକାରିଂ ଇସ୍ୱର୍ ମାପୁଙ୍ଗ୍ ଜାକ୍‌ମାଲ୍,
ଆରେ ପୁତର୍ତିତ ହେୱାନ୍ତି ଏଚେକ୍‌ସାରି ବିୱାହିଂ ମାନାୟ୍ ବିତ୍ରେ ସୁସ୍ତା ଆଏଡ଼୍ ।"
୧୫ ଦୁତକ୍ ହେୱାର୍ ତାଙ୍ଗ୍ ସାର୍ଗେତ ହାଚିପାଚେ ମେଣ୍ଢାଗଡ଼ିୟାର୍ ହେୱେର୍ ହେୱାର୍ ଇନ୍‌ବା ଆତାର୍ "ୱାଡ ଆସେଙ୍ଗ୍
ବେତ୍‌ଲିହିମ୍ ପାଡେକ୍ ହାଲ୍‌ଜି, ମାପୁ ମାଙ୍ଗେଙ୍ଗ୍ ଇମ୍‌ଣି ବଚନ୍‌ନି ଗଟ୍‌ଣା ୱେଚ୍‌ଚାତାନ୍ନା, ହେଦାଂ ହୁଡ଼୍‌ନାସ୍ ।"
୧୬ ଇବେଣ୍ଡାଂ ହେୱାର୍ ବେଗିହାଲ୍‌ଜି ଡେକ୍‌ଚି ମରିୟମ୍ ଆରି ଜସେପ୍‌ତିଂ, ଆରି କଡିହାଡ଼ା ଡଙ୍ଗାତ କାଡ଼୍‌ଦେଂ ଡ୍ରେପ୍‌ଚି
ମାଚାକା ହୁଡ଼୍‌ତାର୍ ।
୧୭ ହେୱାର୍ ତାଙ୍ଗେଙ୍ଗ୍ ହୁଡ଼୍‌ଜି ହେ କାଡ଼୍‌ଦେ ବିସ୍ରେ ହେୱେରିଂ ଦୁତ୍ ଇମ୍‌ଣି କାତା ଇଞ୍ଜି ମାଚାଡ଼୍, ହେଦାଂ ୱେଚ୍‌ଚାର୍,
୧୮ ପାଚେ ଏଚେକ୍ ମାନାୟ୍ ମେଣ୍ଢାଗଡ଼ିୟାର୍‌ତାଂ ହେ ସବୁ ବେରଣ୍ ୱେଚାର୍, ହେୱାର୍ ୱିଜାର୍ ହେବେ କାବା ଆତାର୍ ।
୧୯ ମାତର୍ ମରିୟମ୍ ଇ ୱିଜୁ କାତା ମାନ୍ତ ଇଡ଼୍‌ଜି ଗାଜା ଏଡ଼୍ କିଦେଙ୍ଗ୍ ଲାଗାତାଡ଼୍ ।
୨୦ ଆରେ, ମେଣ୍ଢା ଗଡ଼ିୟାରିଂ ଇନେସ୍ ୱେଚ୍‌ଚି ମାଚାର୍, ହେ ଲାକେ ହେୱାର୍ ଇନା ଇନାକା ୱେଚାର୍ ଆରି ହୁଡ଼୍‌ତାର୍,
ହେ ୱିଜୁଡ଼ିଙ୍ଗ୍ ଇସ୍ୱର୍ ମାପୁ ନାନ୍ଦ୍ ଆରି କେର୍‌କଣ୍ କେର୍‌ଜି ଲେଉଟା ଆତାର୍ ।

## ଜିସୁଙ୍ଗ୍ ମନ୍ଦିର୍‌ତ ଏକିକିତାର୍

୨୧ ☆ଆଟ୍ ଦିନ୍‌ତାଂ ପାଚେ ସୁନ୍ନତ୍ କିଦେଙ୍ଗ୍ ଜିସୁଙ୍ଗ୍ ମନ୍ଦିର୍‌ତ ଅଜି ହାଚାର୍ ତା ତର୍ ଜିସୁ ଇଡ଼୍‌ତାର୍; ଇ ତର୍ ତାଙ୍ଗେଙ୍ଗ୍
ଏସ୍ ପିହ୍‌ୱି ଆଗେ ଦୁତ୍ ଇଞ୍ଜି ମାଚାଡ଼୍ ।
୨୨ ପାଚେ ଏଚେକାଡ଼୍‌ଦ ମସାତି ବିଦି ଇସାବ୍‌ରେ ଜସେପ୍ ଆରି ମରିୟମ୍‌ତି ସକଟ୍ ଆନି ସମୁ ଏକା ୱାତାଡ଼୍, ହେୱାର୍
ମାପୁତି ଉଦେସ୍‌ତ କାଡ଼୍‌ଦେଂ ପୁଜା କିନି କାଜିଂ ଜିରୁସାଲମ୍‌ତ ଅତାର୍,
୨୩ ଇନେସ୍‌କି ମାପୁତି ବିଦି ଲେକା ଆତି ଲାକେ "ୱିଜାର୍ ପର୍ତୁମ୍ ଜନମ୍‌ଆତି ଆଣ୍ଡ୍ରା ହିମ୍‌ଣାଂ ମାପୁ କାଜିଂ ପୁଇପୁୟା ଇଞ୍ଜି
ହିସାବ ଆନାଡ଼୍,"
୨୪ ମାପୁତି ବିଦି ସାସ୍ତର୍ ତାକେ ଲେକାଆତି ଇ ବଲ୍ ହୁଦାଂ ହେୱାର୍ ହେୱେନିଂ ମାପୁଙ୍ଗ୍ କାଜିଂ ପୁଜାହିନାକା ଇଞ୍ଜି ଆରି
ମାପୁନି ସାସ୍ତର୍‌ତ ଲେକାଆତାଡ଼୍‌ନା "ରିଣ୍ଡାଂ ପାର୍‌ୱାଙ୍ଗ୍ ଆୱିଡିସ୍ ରିଣ୍ଡାଂ ପାଣ୍ଡ୍‌କା ହିମ୍‌ଣାଂ ପୁଜାକିଦେଙ୍ଗ୍ ଇଞ୍ଜି ତାଙ୍ଗେଙ୍ଗ୍
ଜିରୁସାଲମ୍‌ତ ଅତାର୍ ।"

## ସିମିୟନ୍ ହାନା ଜିସୁଙ୍ଗ୍ ଚଞ୍ଜ୍ୟା ଆତାନ୍

୨୫ ଆରେ ହୁଡ଼ାଟ୍, ଜିରୁସାଲମ୍‌ତ ସିମିୟନ୍ ତର୍‌ଦାକାନ୍ ରୱାନ୍ ଦାମର୍ତି ଆରି ହାର୍‌ଦିମାନାୟ୍ ମାଚାନ୍; ହେୱାନ୍
ଇସ୍ରାଏଲ୍‌ନି ଦୁକ୍‌ସାରାୟ୍ କିଦେଙ୍ଗ୍ କାସି ମାଚାନ୍, ଆରେ ପୁଇପୁୟା ଜିବୁନ୍ ତା ତାକେ ଜୁଜି ମାଚାଡ଼୍ ।
୨୬ ମାପୁ କ୍ରିସ୍ଟଙ୍ଗ୍ ହୁଡ଼୍‌ୱିଡିସ୍ ତାଙ୍ଗେଙ୍ଗ୍ ହେୱାନ୍ତି ହାକିଆଉଡ଼୍, ପୁଇପୁୟା ଜିବୁନ୍ ହୁକେ ତାଙ୍ଗ୍ ଇ ବାସର୍ତି ହିୟାଆଜି
ମାଚାନ୍ ।
୨୭ ହେୱାନ୍ ଜିବୁନ୍‌ତାଂ ବାତର୍ତି ଆଜି ମନ୍ଦିର୍‌ତ ୱାତାନ୍, ଆରେ ହିମ୍‌ଣା ଜିସୁତି ଆବା ଆୟା ଏଚେକାଡ଼୍‌ଦ ହେ ବିସ୍ରେ ନି
ବିଦିନି ହୁକେ କାମାୟ୍ କିଦେଙ୍ଗ୍ ଇଞ୍ଜି ତାଙ୍ଗେଙ୍ଗ୍ ବିତ୍ରେ ତାଇୱାତାର୍,
୨୮ ହେୱାଡ଼ାଂ ସିମିୟନ୍ ହିମ୍‌ଣାତିଂ ଡ୍ରକ୍‌ଚି ଆଜି ଇସ୍ୱର୍‌ତିଂ ଦନ୍ୟବାଦ୍ କିଜି ଇଚାନ୍,
୨୯ "ଏ ମାପୁ, ଅଙ୍ଗାୟ୍ ଏନ୍ ନି କାତା ଲାକେ
ନିଜ୍ ଆଡ଼ିୟାଙ୍ଗ୍ ସୁସ୍ତାତାଂ ତାଙ୍ଗ୍‌ଜି ହାଞ୍ଜେଙ୍ଗ୍ ହିନାୟ୍;
୩୦ ଇନାକିଦେଂକି ନା କାଣ୍ଙ୍ଗା ନି ମୁକ୍ତି ଆନାକା ହୁଡ଼୍‌ନାଙ୍ଗା,
୩୧ ଇମ୍‌ଣାକା ଏନ୍ ୱିଜାର୍ ମାନାୟାର୍ ମୁମ୍‌ଦ ଜାଲ୍‌ଦି କିତାୟ୍‌ନା,
୩୨ ପାତର୍କିୱି ଜିହୁଦିର୍ କାଜିଂ ସତ୍ ହନି ଅଜଡ଼୍,

☆ **୨:୨୧** ଲୁକ ୧:୩୧.

ଆରେ ମି ଲକ୍ ଇସ୍ରାଏଲ୍‌ନି ଜାଜ୍‌ମାଲ୍ ଲାକେ କିତାୟ୍‌ନା ।”
୩୩ ହେୱାନ୍ କାଜିଂ ଇଚି ୱିଜୁ ବିସ୍ରେ ହେ ଆବା ଆୟା ୱେନ୍‌ଞ୍ଜି କାବା ଆଜି ମାଚାର୍ ।
୩୪ ଆରେ, ସିମିୟନ୍ ହେୱାରିଂ ଆସିର୍ବାଦ୍ କିଜି ହେୱାନ୍ ତେହି ମରିୟମ୍‌ତିଂ ଇଚାନ୍, ଇ କାଡ଼୍‌ଦେ ଇସ୍ରାଏଲ୍ ବିତ୍ରେ
“ହେନିର୍‌ତି ଆରେ ନିଙ୍ଗ୍‌ଜି ବୁଡାଆନି କାଜିଂ ଇସ୍ୱର୍ ହୁକେ ବାଚିକିୟା ଆତାନ୍, ଇମ୍‌ଣାକାର୍ ବିରୁଦ୍‌ତ ବେସି ମାନାୟ୍ କାତା
ଇନାର୍ ର ଚିନ୍ ଲାକେ ଆନାତ୍ ।
୩୫ ହେନି ତାଙ୍ଗେଙ୍ଗ୍ ବେରୁଆନାର୍ ନିଜେ ମାନ୍‌ନି ଡ଼କ୍କୁତି ବିଚାର୍ ସବୁ ହପ୍‌ନାନ୍ । ଦୁକ୍ ଲାକେ ର ଦାରାକାଣ୍ଡା ଜାର୍
ୱାସ୍କିତିଂ ଚିର୍‌ବିର୍ କିନାୟ୍ ।”
୩୬ ଆରେ, ହାନ୍ନା ଇନି ରଞ୍ଜେଲ୍ ବେଣ୍‌ବାକ୍‌ଣାୟ୍‌କିନାକାଦେଲ୍ ମାଚାତ୍; ହେଦେଲ୍ ଆସେର୍ ଜାତିନି ପେନୁଏଲ୍ ଗାଡ଼୍‌ହି
। ତାଦାଙ୍ଗ୍ ବୟ୍‌ସ୍ ବେସି ଆଜି ମାଚାତ୍, ହେଦେଲ୍ ଜିପଲି ମାନି ପାଚେ ସାତ୍‌ବାର୍ହୁ ଆଣ୍ଡ୍ରେନ୍ ହୁକେ ବାହା କିଜି ମାଚାତ୍ ଆରି
ଚାରିକଡ଼ି ଚାରିବାର୍ହୁ ପାଡେକ୍ ରାଣ୍ଡି ଆଜି ମାଚାତ୍ ।
୩୭ ହେଦେଲ୍ ବିର୍‌କୁଲ୍ ମନ୍ଦିର୍ ପିହ୍‌ୱାଦାଙ୍ଗ୍ ଉପାସ୍ ଆରି ଗୱାରି ହୁକେ ୱେଡ଼ାନାଣା ମାପ୍ରୁଙ୍ଗ୍ ପାର୍ତାନା କିଜି ମାଚାତ୍ ।
୩୮ କାଡ଼୍‌ଦେ ଜିସୁ ମନ୍ଦିର୍‌ତ ୱାର୍‌ୟା ଆନିୱେଡ଼ାଂ ହାନ୍ନା ହେବେ ଏକିସ୍ ଇସ୍ୱର୍‌ତିଂ ଜୁୱାର୍ କିତାତ୍ ଆରି ଇସ୍ୱର୍
ଜିରୁସାଲମ୍‌ତିଂ ମୁକ୍ତି କିନାନ୍ ଇଞ୍ଜି ଇମ୍‌ଣାକାର୍ ପାତର୍ କିଜି କାସି ମାଚାର୍, ହେୱାନ୍ ୱିଜାରିଂ କାଡ଼୍‌ଦେ ବିସ୍ରେ ଇଚାତ୍
।

## ଜସେପ୍ ଆରି ମରିୟମ୍ ଇଞ୍ଜ ମାସ୍‌ଦି ହାଚାର୍

୩୯ ✡ପାଚେ ହେୱାର୍ ମାପ୍ରୁତି ମସାତି ବିଦି ଇସାବ୍ରେ ୱିଜୁ କାମାୟ୍ ୱିସ୍ତି ଗାଲିଲିତ, ଜାର୍ ଗାଡ଼୍ ନାଜରିତ୍‌ତ ଲେଉଟାତାର୍
।
୪୦ ଆରେ, କାଡ଼୍‌ଦେ ଗାଜା ଆଦେଂ ଲାଗାତାନ୍ ଆରି ଗିଆନ୍‌ତ ପୁରା ଆଉ ଆଉ ସାକ୍ତି ମାନାୟ୍ ଆତାନ୍, ଆରେ ଇସ୍ୱର୍‌ତ
ଦୟା ହେ ଜପି ମାଚାତ୍ ।

## କାଡ଼୍‌ଦେ ଜିସୁ ମନ୍ଦିର୍‌ତ

୪୧ ତା ତେହି ଲାଡ୍ରାହି ପାଡି ବାର୍ହୁ ନିସ୍ତାର୍ ପାର୍ବୁ ୱେଡ଼ାଲିଂ ଜିରୁସାଲମ୍‌ତ ହାଲ୍‌ଜି ମାଚାର୍ ।
୪୨ ହେୱାନ୍ତି ବାର ବାର୍ହୁ ୱେଡ଼ାଲିଂ ହେୱାର୍ ପାର୍ବୁ ରିତି ଇସାବ୍‌ରେ ହେବେ ହାଚିକ୍ ।
୪୩ ପାର୍ବୁନି ସମୁ ୱିସ୍ତି ଏଚେକାଡ଼୍‌ଦ ହେୱାର୍ ମାଜି ୱାଜି ମାଚାର୍, ହେ ଏଚେକାଡ଼୍‌ଦ କାଡ଼୍‌ଦେ ଜିସୁ ଜିରୁସାଲମ୍‌ତ ଟେବା
ଆତାନ୍, ଆରେ ତା ତେହି ଲାଡ୍ରାହି ହେଦାଂ ପୁନ୍‌ୱାଦାଂ ମାଚାର୍ ।
୪୪ ମାତର୍ ହେୱାନ୍ ହାଙ୍ଗ୍‌ତାଂ ହାଚାକାର୍ ହୁକେ ମାନାନ୍ ଇଞ୍ଜି ହେୱାର୍ ଦିନେକ୍‌ନି ହାଜି ତାଙ୍ଗ୍‌ଜି ହାଚାର୍, ଆରେ
ୱାସ୍କିନିକାର୍ ଆରି ଜାଣାଚିନା ଲକାର୍ ତାକେ ହେୱାର୍ ଡେକ୍‌ତେଂ ଲାଗାତାର୍,
୪୫ ଆରେ ହେୱାନିଂ ଡେକୁ ଡେକୁ ଗାଟାଆୱିତିଲେ ଜିରୁସାଲମ୍‌ତ ଲେଉଟା ଆଜି ହାଚାର୍ ।
୪୬ ତିନି ଦିନ୍ ପାଚେ ହେୱାର୍ ହେୱାନିଂ ମନ୍ଦିର୍‌ତ ଗାଟାଆତାର୍; ହେୱାନ୍ ପଣ୍ଡିତ୍‌କୁର୍ ବିତ୍ରେ କୁଚ୍‌ଚି ହେୱାର୍ କାତା
ୱେନ୍‌ଞ୍ଜି ମାଚାନ୍ ଆରି ହେୱାରିଂ ପର୍‌ସନ୍ କିଜି ମାଚାନ୍,
୪୭ ଆରେ ଏଚେକ୍ ମାନାୟ୍ ହେୱାନ୍ କାତା ୱେନ୍‌ଞ୍ଜି ମାଚାର୍, ୱିଜାକାର୍ ହେୱାନ୍ତି ବୁଦି ଆରି ଉତର୍‌ତ କାବା ଆବିସ୍
ମାଚାର୍ ।
୪୮ ହେୱାର୍ ହେୱାନିଂ ହୁଡ଼୍‌ଜି କାବା ଆତାର୍, ଆରି ତା ତେହି ତାଙ୍ଗ୍ ଇଚାତ୍, “ବପା, ମାଙ୍ଗେଙ୍ଗ୍ ଇନେକିଦେଂ ଏଲେଙ୍ଗ୍
ଚିନ୍ତା କିତ୍‌ତାୟ୍ ? ହୁଡ଼ା, ମିଞ୍ଜ୍‌ବା ଆରି ଆନ୍ ବେସି ବିପ୍ତି ଆଜି ନିଙ୍ଗେଙ୍ଗ୍ ଡେକ୍ତାନାପା ।”
୪୯ ଇବେତାଂ ହେୱାନ୍ ହେୱାରିଂ ଇଚାନ୍, ଇନେକିଦେଂ “ଏପେଙ୍ଗ୍ ନାଙ୍ଗେଙ୍ଗ୍ ଡେକ୍‌ଚି ମାଞ୍ଚାଦେର୍ ? ମାଞ୍ଜି ଆବାର୍ ଇଞ୍ଜ
ମାନାକା ଜେ ନା କାମାୟ୍, ଇଦାଂ ଇନାକା ପୁନ୍‌ୱାଦାଂ ମାଚାଦେର୍ ?”
୫୦ ମାତର୍ ହେୱାନ୍ ହେୱାରିଂ ଇମ୍‌ଣି କାତା ଇଚାନ୍, ହେଦାଂ ହେୱାର୍ ବୁଜାୱାତାର୍ ।
୫୧ ପାଚେ ହେୱାନ୍ ହେୱାର୍ ହୁକେ ଲେଉଟା ଆଜି ନାଜରିତିୟତ ୱାତାନ୍ ଆରି ହେୱାର୍‌ତି କାତା ମାନିକିଜି ମାଚାନ୍;
ଆରେ, ହେ ତେହି ଇ ସବୁ କାତା ଜାଗ୍ରତ୍‌ତାଂ ହେ ମାନ୍ତ ଇଟ୍‌ତାତ୍ ।
୫୨ ଆରେ, ଜିସୁ ଗିଆନ୍‌ତ ଆରି ଗାଗାଡ଼୍‌ତ, ଆରେ ଇସ୍ୱର୍‌ତ ଆରି ମାନାୟାର୍‌ତି ଦୟାତ ଗାଜା ଆତାନ୍ ।

# ୩

## ବାପ୍ତିସିମ୍ ହିନି ଜହନ୍ ସୁଣାୟ୍ କିନାକା
*(ମାତିଉ ୩:୧-୧୨; ମାର୍କ ୧:୧-୮; ଜହନ୍ ୧:୧୯-୨୮)*

✡ **୨:୩୯** ମାତିଉ ୨:୨୩.

୧ ତିବିରିୟା କାଇସର୍‌ତି ରାଜ୍ କିନାକା ପନ୍ଦର ବାର୍ହୁଁତ, ଏଚେକୋଡ଼୍‌ଦ ପନ୍ତିୟ ପିଲାତ, ଜିହୁଦା ରାଜିତ ରାଜ୍ କାମାୟ୍ ଆରି
ହେରଦ୍ ଗାଲିଲିନି ହାନ୍ଦିରାଜା ମାଚାନ୍, ଆରେ ତା ଟଣ୍ଡାହି ପିଲିପ୍ ଇତୁରିୟା, ଆରି ତ୍ରାକନିତି ରାଜିନି, ଆରେ ଲୁସାନିୟା
ଅବିଲିନି ନି ହାନ୍ଦି ରାଜା ମାଚାନ୍,
୨ ଆରି ହାନାନ ଆରି କୟାପା ମୁଡ଼୍ ମାପୁହେବାକିନାକାର୍ ମାଚାର୍, ହେ ଏଚେକୋଡ଼୍‌ଦ ଇସ୍ୱର୍ତି ବଚନ୍ ବାଟାତ
ଜିକରିୟତି ମେହି ଜହନ୍ ତାକେ ଏକାୱାତାତ୍ ।
୩ ହେବେତାଂ ବାପ୍ତିସିମ୍ ହିନି ଜହନ୍ ଜର୍ଦନ୍‌ନି ଲାଗାୟ୍ ୱିଜୁ ନାସ୍‌କୁ ହାଲ୍‌ଜି ପାପ୍ କେମା କାଜିଂ "ମାନ୍‌ବାଦ୍‌ଲାୟ୍ କିନି
ବାପ୍ତିସିମ୍ ସୁଣାୟ୍ କିଦେଙ୍ଗ୍ ଲାଗାତାନ୍ ।"
୪ "ଇନେସ୍‌କି ଜିସାୟ୍ ବେଣ୍‌ବାକ୍‌ଣାୟ୍‌କିନାକାନ୍ ସାସ୍ତର୍‌ତାକେ ଲେକାଆତାଡ଼୍‌ନା,
ବାଟାତ ଗାଜା କାଟ୍ କିଜି ମାନି ରକାନ୍ତି କାଟ୍,
'ମାପୁତି ହାଜି ଜାଲ୍‌ଦି କିୟାଟ୍,
ହେୱାନ୍ତି ରାଜାହାଜି ହାଣ୍‌କୁ କିୟାଟ୍;
୫ ସବୁ ବାଟା ବାର୍ତି କିୟା ଆନାଡ୍, ଆରେ ସବୁ,
ମାଡ଼ିଙ୍ଗ୍ ଆରି କୁପ୍‌ଲିଙ୍ଗ୍ ହାରୁ କିୟା ଆନାଡ୍,
ବାଙ୍ଗ୍‌ଟା ହାଜି ସଲକ୍ କିୟାଟ୍ ସବୁ ହାଣ୍‌କୁ ଆନାଡ୍,
ଆରେ ଉଚ୍‌ନିଚ୍ ବୁମି ସାରିଆ ହାଜିଡ଼ ରଚିଆ ଆନାଡ୍;
୬ ଆରେ, ୱିଜୁ ପୁର୍ତି ଇସ୍ୱର୍ତି ମୁକ୍ତି ଆନାକା ହୁଡ଼୍‌ନାର୍ ।' "
୭ ✡ଲାଗିଂ, ହେୱାନ୍ ତା ତାକେଣ୍ଡାଂ ବାପ୍ତିସିମ୍ ଆଦେଂ କାଜିଂ ହସି ୱାନି ମାନାୟାରିଂ ଇଚାନ୍, "କାଲାଟିରାଚ୍‌ନି ଲାତ୍ରା,"
ୱାନିଦିନ୍ ମାପୁତି ଟାକ୍ରିତାଂ ହନ୍ତେଙ୍ଗ୍ କାଜିଂ ଇନେର୍ ମିଙ୍ଗେଙ୍ଗ୍ ଚେତ୍‌ନା ହିତ୍‌ତାନ୍ ?
୮ ଲାଗିଂ ମାନ୍‌ବାଦ୍‌ଲାୟ୍ କିନି ହାର୍ଦି ପାଡ଼୍ ଉବ୍‌ଜାଣ୍ କିୟାଟ୍; ଆରେ, "ଅବ୍ରାହାମ୍ ତ ମା ଆବା, ଇଞ୍ଜି ମାନେ ମାନେ
ଏପେଙ୍ଗ୍ ଇନ୍‌ମାଟ୍, ଇନାକିଦେଂକି ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଇସ୍ୱର୍ ଇ କାଲ୍‌କୁକାଂ ପା ଅବ୍ରାହାମ୍ କାଜିଂ ମାଜି ଉବ୍‌ଜାଣ୍
କିଦେଙ୍ଗ୍ ଆଡ଼୍‌ନାନ୍ ।
୯ ✡ଆରେ, ନଙ୍ଗ୍ ପା ମାର୍‌କୁକାଂ ଦଲ୍‌ଦ କୁଡ଼େଲ୍ ଲାଗାତାଡ଼୍‌ନ୍ନା; ଇମ୍‌ଣି ମାର୍‌କୁ ହାର୍ ପାଡ଼୍ ଆହ୍‌ୱିତିସ୍, ହେଦାଂ କାଦ୍‌ଦି
ନାଣିତ ତୁହିୟା ଆନାଡ୍ ।"
୧୦ ଇବେଣ୍ଡାଂ ମାନାୟାର୍ ଜହନ୍‌ତିଂ ୱେନ୍‌ବେଦେଂ ଲାଗାତାନ୍, "ତା ଆତିସ୍ ଆସେଙ୍ଗ୍ ଇନାକା କିନାସ୍ ?"
୧୧ ଜହନ୍ ହେୱାରିଂ ଉତର୍ ହିତାନ୍, "ଇନେର୍‌ତି ରିଣ୍ଡାଂ ଆଙ୍ଗିଙ୍ଗ୍ ମାନିଙ୍ଗ୍, ହେୱାନ୍ ଇନେର୍‌ତି ହିଲୁଡ୍, ହେଦାଂ ରଞ୍ଜାଙ୍ଗ୍
ହିଏନ୍; ଆରେ, ଇନେର୍‌ତି କାଦି ମାନାଡ୍, ହେୱାନ୍ ହେ ଲାକେ କିଏନ୍ ।"
୧୨ ସିସ୍ତ୍ରଏନ୍‌ନାକାର୍ ପା ବାପ୍ତିସିମ୍ ଅଦେଂ ୱାଜି ତାଙ୍ଗ୍ ୱେନ୍‌ବାତାର୍, "ଏ ଗୁରୁ, ଆପେଂ ଇନାକା କିନାପ୍ ?"
୧୩ ପାଚେ ଜହନ୍ ହେୱାରିଂ ଇଚାନ୍, "ମି କାଜିଂ ଏଚେକ୍ ଲଡ଼ା ଆତାଡ଼୍‌ନ୍ନା, ତା ତାଙ୍ଗ୍ ଆଦିକ୍ ଏନ୍‌ମାଟ୍ ।"
୧୪ ମେଲ୍ୟାର୍ ପା ହେୱାନିଂ ୱେନ୍‌ବେଦେଂ ଲାଗାତାର୍, ଆରେ, "ଆପେଂ ଇନାକା କିନାପ୍ ?"
ହେୱାନ୍ ହେୱାରିଂ ଇଚାନ୍, "ବାଡ଼୍‌କାସ୍‌ତାଂ କି ଟକାୟ୍ କିଜି ଇନେର୍‌ତି ପାଣ୍ଡୁ କିମାଟ୍, ଆରେ ମି ଦାର୍ମାତାକେ
ସାରିମାନାଟ୍ ।"
୧୫ ମାନାୟାର୍ କାସି ମାନି କାଜିଂ ଆରି ଜହନ୍ ଇନେସ୍‌କି କ୍ରିସ୍ଟ ଆନାନ୍, ଇଞ୍ଜି ଇଦାଂ ହେୱାନ୍ କାଜିଂ ୱିଜାକାର୍ ଜାର୍
ଜାର୍ ମାନ୍ତ ଗାଣ୍‌କୁ କିଜି ମାନ୍‌ବିତିଲେ,
୧୬ ଲାଗିଂ ଜହନ୍ ୱିଜାକାରିଂ ଉତର୍ ହିତାନ୍, "ଆନ୍ ହିନା ମିଙ୍ଗେଙ୍ଗ୍ ଏଜୁଂତାଂ ବାପ୍ତିସିମ୍ ହିଦ୍‌ନାଙ୍ଗା, ମାତର୍ ନା ତାଙ୍ଗ୍
ଇନେର୍ ଆଦିକ୍ ସାକ୍ତିକାଟାକାନ୍, ୱାନାନା ହେୱାନ୍ ତା ପାଣ୍ଡାଇଙ୍ଗ୍ ଡରି ରିକ୍‌ତେଂ ସମାନ୍ ଆନ୍ ଆକାୟ୍, ହେୱାନ୍ ମିଙ୍ଗେଙ୍ଗ୍
ପୁଇପୁୟା ଜିବୁନ୍ତ ଆରି ନାଣିତ ବାପ୍ତିସିମ୍ ହିନାନ୍ ।
୧୭ ତା କେଇଦ ହେଚି ମାନାଡ୍, ଲାଗିଂ ବାରବାନି ତାସ୍ ନିର୍ମଲ୍ କିଜି ଟୁଣ୍ଡିତ ଗଁମ୍ ରୁଣ୍ଡାୟ୍ କିଜି ଇଡ଼୍‌ଦେଂ ଇଞ୍ଜି ହେୱାନ୍
କେଇଦ ହେଚି ମାନାଡ୍, ମାତର୍ ପୁଟା ୱିଜୁ ହେୱାନ୍ ହାୱିନାଣିତ ଦେସ୍‌ଇ ତୁହିନାନ୍ ।"
୧୮ ହେୱାନ୍ ଇ ଲାକେ ବେସି ଉପ୍‌ଦେସ୍ ହିଜି, ଆରେ ବାରବିନି ୱାରି ବେରଣ୍ ୱେଚ୍‌ଚି ମାନାୟ୍ ଲାଗାଂ ନେକ୍ରିକାବୁର୍
ପରଚାର୍ କିଜି ମାଚାନ୍; ଆରି ମାନ୍‌ବାଦ୍‌ଲାୟ୍ କିନି କାଜିଂ ମାନାୟାରିଂ ବୁଜାୟ୍ କିତାନ୍
୧୯ ମାତର୍ ଜହନ୍ ହାନ୍ଦି ରାଜା ହେରଦ୍‌ତିଂ ଆଦିକ୍ ଆଟ୍‌ୱା ଆଜି ଇଚାନ୍ ଇନାକିଦେଂକି ଜାର୍ ଟଣ୍ଡେନ୍ ଡକ୍ରିଂ
ହେରଦିଆତିଂ ବିବା କିଜି ମାଚାନ୍, ଆରି ବେସି ବିସ୍ରେ ବାନ୍ୟା କାମାୟ୍ କିଜି ମାଚାନ୍,
୨୦ ହେ ଲାକେ ଆରେ ରଞ୍ଜାଙ୍ଗ୍ ହେରଦ୍ କାରାପ୍ କାମାୟ୍ କିତାନ୍, ଜହନ୍‌ତିଂ ବନ୍ଦିତ ଇଡ଼୍‌ତାର୍ ।

✡ **୩:୭** ମାତିଉ ୧୨:୩୪; ୨୩:୩୩. ✡ **୩:୯** ମାତିଉ ୭:୧୯.

### ଜହନ୍ ଜିସୁଙ୍ଗ୍ ବାପ୍ତିସିମ୍ ହିତାନ୍
### (ମାତିଉ ୩:୧୩-୧୭; ମାର୍କ ୧:୯-୧୧)

୨୧ ୱିଜାର୍ ମାନାୟାର୍ ବାପ୍ତିସିମ୍ ଆତି ପାଚେ ଜିସୁ ପା ବାପ୍ତିସିମ୍ ଅତାନ୍ । ଆରେ ପାର୍ତାନା କିନି ୱେଡ଼ାଲିଙ୍ଗ୍ ବାଦାଡ଼୍ ଜେୟା ଆତାଡ଼୍,
୨୨ ☆ଆରି ପୁଇପୁୟା ଜିବୁନ୍ ଗାଗାଡ଼୍ତ ପାଣ୍ଡ୍କା ଲାକେ ଜିସୁ ଜପି ଜୁଜି ୱାଜି ଜିସୁଙ୍ଗ୍ କୁଚ୍ଚାଡ଼୍; ଆରେ, ବାଦାଡ଼୍ତାଂ ଇ ବେରଣ୍ ଆତାଡ଼୍, “ଏନ୍ ମା ୱାରିନି ମାଜିଡ଼ି, ମି ତାକେ ମା ବେସି ୱାରି ।”

### ଜିସୁତି ଲାତ୍ରାନି ପୁରାଣ୍
### (ମାତିଉ ୧:୧-୧୭)

୨୩ ଜିସୁ କାମାୟ୍ ହାଙ୍ଗନି ୱେଡ଼ାଲିଂ ତାଙ୍ଗେଙ୍ଗ୍ ତିରିସ୍ ବାର୍ହୁ ବୟସ୍ ଆଜି ମାଚାଡ଼୍; ଲକାର୍ ମାନ୍ତାଙ୍ଗ୍ ହେୱାନ୍ ଜସେପ୍ ମେହି ମାଚାନ୍; ଜସେପ୍ ଏଲିତି ମେହି,
୨୪ ଏଲି ମତାତି ମେହି, ମତ୍ତାତ ଲେବି ମେହି, ଲେବି ମଲ୍କିତି ମେହି, ମଲ୍କି ଜନ୍ନୟତି ମେହି, ଜନ୍ନୟ ଜସେପ୍ତି ମେହି,
୨୫ ଜସେପ୍ ମତିତ୍ୟାତି ମେହି, ମତିତ୍ୟା ଆମସ୍ତି ମେହି, ଆମସ୍ ନାହୁମ୍ତି ମେହି, ନାହୁମ୍ ହେଲସିତି ମେହି, ହେଲସି ନଗୟତି ମେହି,
୨୬ ନଙ୍ଗୟ୍ ମହତତି ମେହି, ମହତ ମତିତ୍ୟାତି ମେହି, ମତିତ୍ୟା ସିମୟିତି ମେହି, ସିମୟି ଜସେକ୍ତି ମେହି, ଜସେକ୍ ଜଦାତି ମେହି,
୨୭ ଜଦା ଜହନ୍ତି ମେହି, ଜହନ୍ ରେସା ଜିରୁବ୍ବାବେଲ୍ତି ମେହି, ଜିରୁବାବେଲ୍ ସଲ୍ଟିୟେଲ୍ ମେହି, ସଲ୍ଟିୟେଲ୍ ନେରିତି ମେହି,
୨୮ ନେରି ମଲ୍କିତି ମେହି, ମଲ୍କି ଅଦିତି ମେହି, ଅଦି କସାମ୍ତି ମେହି, କସାମ୍ ଏଲ୍ମଦାନ୍ତି ମେହି, ଏଲ୍ମଦାନ୍ ଏରତି ମେହି,
୨୯ ଏର ଜିହସୁୟତି ମେହି, ଜିହସୁୟ୍ ଏଲିୟାଜର୍ତି ମେହି, ଏଲିୟେଜର୍ ଜରିମତି ମେହି, ଜରିମ୍ ମତାତି ମେହି, ମତାତ ଲେବିତି ମେହି,
୩୦ ଲେବି ସିମିୟନ୍ତି ମେହି, ସମିୟନ୍ ଜିହୁଦାତି ମେହି, ଜିହୁଦା ଜସେପ୍ତି ମେହି, ଜସେପ୍ ଜନାମ୍ତି ମେହି, ଜନାମ୍ ଏଲିୟାକିମ୍ତି ମେହି,
୩୧ ଏଲିୟାକିମ୍ ମଲାହତି ମେହି, ମଲାହ ମନ୍ନାତି ମେହି, ମନ୍ନା ମତତାତି ମେହି, ମତତା ନାତନ୍ତି ମେହି, ନାତନ୍ ଦାଉଦ୍ତି ମେହି,
୩୨ ଦାଉଦ୍ ଜିସିୟତି ମେହି, ଜିସି ଓବେଦତି ମେହି, ଓବେଦ ବୟଜତି ମେହି, ବୟଜ ସେଲହତି ମେହି, ସେଲହ ନହସନ୍ତି ମେହି,
୩୩ ନହସନ ଅମିନାଦବ୍ତି ମେହି, ଅମିନାଦାବ୍ ଅଦ୍ନି ମେହି, ଅଦ୍ନି ଅର୍ଣ୍ଣି ମେହି, ଅର୍ଣ୍ଣି ହେସ୍ରଣତି ମେହି, ହେସ୍ରଣ ପେରସ୍ତି ମେହି, ପେରସ୍ ଜିହୁଦାତି ମେହି,
୩୪ ଜିହୁଦା ଜାକୁବ୍ତି ମେହି, ଜାକୁବ୍ ଇସ୍ହାକ୍ତି ମେହି, ଇସାହାକ୍ ଅବ୍ରାହାମ୍ତି ମେହି, ଅବ୍ରାହାମ୍ ତେରହତି ମେହି, ତେରହ ନାହରତି ମେହି,
୩୫ ନାହର୍ ସରୁଗତି ମେହି, ସରୁଗ ରଗୁତି ମେହି, ରଗୁ ପେଲଗତି ମେହି, ପେଲଗ ଏବର୍ତି ମେହି, ଏବର୍ ସେଲହତି ମେହି,
୩୬ ସେଲହ କେନାନ୍ତି ମେହି, କେନାନ୍ ଅର୍ପକ୍ୟଦତି ମେହି, ଅର୍ପକ୍ୟଦ ସେମ୍ତି ମେହି, ସେମ ନହତି ମେହି, ନହ ଲେମକତି ମେହି,
୩୭ ଲେମକ ମିତୁସିଲହତି ମେହି, ମିତୁସିଲାହ ହନକତି ମେହି, ହନକ ଜେରଦତି ମେହି, ଜେରଦ ମହଲଲେଲତି ମେହି, ମହଲଲେଲ କେନାନ୍ତି ମେହି,
୩୮ କେନାନ୍ ଏନସତି ମେହି, ଏନସ୍ ସେତତି ମେହି, ସେତ ଆଦମ୍ତି ମେହି, ଆରମ୍ ଇସ୍ୱର୍ତି ମେହି ।

## ୪

### ଜିସୁଙ୍ଗ୍ ସୟ୍ତାନ୍ ପରିକ୍ୟା କିତାଡ଼୍
### (ମାର୍କ ୧:୧୨-୧୩; ଲୁକ ୪:୧-୧୨)

୧ ଜିସୁ ପୁଇପୁୟା ଜିବୁନ୍ତ ବାର୍ତି ଆଜି ଜର୍ଦନ୍ ନାଗୁଡ଼୍ତାଂ ମାଜି ୱାତାନ୍, ଆରି ରିକଡ଼ି ଦିନ୍ ପାତେକ୍ ଜିବୁନ୍ ହୁଦାଂ ବାଟାତ ଚାଲାଆଜି ସୟ୍ତାନ୍ ତାଙ୍ଗେଙ୍ଗ୍ ପରିକ୍ୟା କିତାଡ଼୍ ।

☆ **୩:୨୨** ମାତିଉ ୩:୧୭; ମାର୍କ ୧:୧୧; ଲୁକ ୯:୩୫.

୨ ହେବେ ହେୱାନ୍ ସୟତାନ୍ ହୁକେ ଚାଲିସ୍ ଦିନ୍ ପାତେକ୍ ପରିକ୍ୟା ଆତାନ୍ । ହେ ସମୁ ବିତ୍ରେ ହେୱାନ୍ ଇନାକା
ତିନ୍ୱାଦାଂ ମାଚାନ୍, ଲାଗିଂ ଚାଲିସ୍ ଦିନ୍ ୱିସ୍ତିଲେ, ହେୱାନ୍ ନାସ୍‌କି ଆତାନ୍ ।
୩ ହେବେ ସୟତାନ୍ ତାଙ୍ଗେଙ୍ଗ୍ ଇଚାଡ୍, "ଏନ୍ ଜଦି ଇସ୍ୱର୍ ମାଜି, ବାଟିଙ୍ଗ୍ ଇ କାଲ୍‌ଦିଂ ରୁଟି ଆଦେଂ ଇଞ୍ଜି ବଲ୍ ହିୟା ।"
୪ ଜିସୁ ହେଦେଲିଂ ଉତର୍ ହିତାନ୍, "ଦରମ୍ ସାସ୍ତର୍‌ତ ଲେକା ମାନାଡ୍, ମାନାୟ୍ କେବଲ୍ ରୁଟିଂ ତିନ୍‌ଞ୍ଜି ବାଚା ଆଉନ୍ ।"
୫ ଆରେ, ସୟତାନ୍ ଜିସୁଙ୍ଗ୍ ଜପି ଅଜି ଅଲପ୍ ସମୁ ବିତ୍ରେ ପୁର୍ତିନି ସବୁ ରାଜି ହେୱାନିଂ ଚଡ୍‌ଚାଡ୍ ।
୬ ଆରେ, ସୟତାନ୍ ତାଙ୍ଗ୍ ଇଚାଡ୍, "ଆନ୍ ନିଙ୍ଗେଙ୍ଗ୍ ଇ ୱିଜୁ ଆଦିକାର୍ ଆରି ଇ ହଲ୍‌ନାକା ହିଦ୍‌ନାଂ, ଇନାକିଦେଂକି
ନାଙ୍ଗେଙ୍ଗ୍ ଇଦାଂ ୱିଜୁ ଆଦିକାର୍ ହିଡ୍‌ତାଡ୍‌ନ୍ନା, ଆରେ ଆନ୍ ଇନେରିଂ ଇଚା, ତାଙ୍ଗ୍ ହେଦାଂ ହିଦ୍‌ନାଂ ।"
୭ ଲାଗିଂ, "ଏନ୍ ଏଚେକାଡ୍‌ଦ ମା ମୁମ୍‌ଦ ପୁଜା କିଦ୍‌ନାୟ୍, ଲାଗିଂ ୱିଜୁ ନିନ୍ଦାଂ ଆନାଡ୍ ।"
୮ ଜିସୁ ଉତର୍ ହିତାନ୍, ସାସ୍ତର୍ ଲେକା ମାନାଡ୍, "ଏନ୍ କେବଲ୍ ମାପ୍ରୁ ଇସ୍ୱର୍‌ତିଂ ଜୁୱାର୍ କିନାୟ୍, ଆରେ ହେୱାନ୍ତି ପାର୍ତାନା
କିନାୟ୍ ।"
୯ ଆରେ, ସୟତାନ୍ ହେୱାନିଂ ଜିରୁସାଲମ୍‌ତ ଅଜି ମନ୍ଦିର୍‌ନି ଜେଗନ୍ ଜପି ନିଲି କିଜି ତାଙ୍ଗ୍ ଇଚାଡ୍, "ଏନ୍ ଜଦି ଇସ୍ୱର୍
ମାଜି, ତା ଆଡିସ୍ ଇବେତାଂ ତାରେନ୍ ଗୁମା ।"
୧୦ ଇନାକିଦେଂକି ଦରମ୍ ସାସ୍ତର୍‌ତ ଲେକା ମାନାଡ୍, "ନିଙ୍ଗେଙ୍ଗ୍ ରାକ୍ୟା କିଦ୍‌ନି କାଜିଂ ହେୱାନ୍ ଜାର୍ ଦୁଡ୍‌ରିଂ ନି ବିସ୍ରେ
ବଲ୍ ହିନାନ୍ ।
୧୧ ଦରମ୍ ସାସ୍ତର୍‌ତ ଲେକା ମାନାଡ୍, ଏଚେକାଡ୍‌ଦ ନି ପାନା କାଲ୍‌ଦ ଆଡ୍‌ଦାନାଡ୍, ଇଦାଂ କାଜିଂ ହେୱାର୍ ନି କେଇଦ
ଆସ୍ତାନାର୍ ।"
୧୨ ଆରେ, ଜିସୁ ସୟତାନ୍‌ତିଂ ଉତର୍ ହିତାନ୍, ଦରମ୍ ସାସ୍ତର୍‌ତ ଲେକାମାନାଡ୍, "ଏନ୍ ମାପ୍ରୁ ଜାର୍ ଇସ୍ୱର୍‌ତିଂ ପରିକ୍ୟା
କିଉୟ୍ ।
୧୩ ଜିସୁଙ୍ଗ୍ ସୟତାନ୍ ସବୁ ବାନି ପରିକ୍ୟା ୱିସ୍ତି ପାଚେ କେତେଦିନ୍ ପାତେକ୍ ତାଙ୍ଗ୍ ପିସ୍ତି ହାଚାଡ୍ ।"

### ଗାଲ୍‌ଲିତ ଜିସୁତି କାମାୟ୍ ଆରମ୍
### (ମାତିଉ ୪:୧୨-୧୭; ମାର୍କ ୧:୧୪-୧୫)

୧୪ ଇଦାଂ ପାଚେ ଜିସୁ ପୁଇପୁୟା ଜିବୁନ୍‌ନି ସାକ୍ତିତାଂ ଗାଲିଲିତ ଲେଉଟା ଆତାନ୍, ଆରେ ଚାରିବେଣ୍‌ତାଂ ସବୁ ରାଜିତ
ଇଞ୍ଜେଙ୍ଗ୍ ଲାଗାତାନ୍ ।
୧୫ ଆରି, ହେୱାନ୍ ହେୱାର୍‌ତି କୁଟୁମ୍ ଇଲ୍ ଲାଗେ ହିକ୍ୟା ହିଜି ୱିଜାର୍‌ତାଂ ଜାଜ୍‌ମାଲ୍ ପାୟା ଆଦେଂ ଲାଗାତାନ୍ ।

### ଜିସୁଙ୍ଗ୍ ନାଜରିତ୍ ମାନିକିୱାତାର୍
### (ମାତିଉ ୧୩:୫୩-୫୮; ମାର୍କ ୬:୧-୬)

୧୬ ଜିସୁ ଇମ୍‌ଣି ନାଜରିତିୟ ପାଲିକିୟା ଆଜି ମାଚାନ୍, ହେ ବାହାତ ହାରିହାରା ହାଚାନ୍ ଆରି ନିଜାର୍ ବିଦିତାଂ
ଜମ୍‌ନିବାର୍‌ତ କୁଟୁମ୍ ଇଞ୍ଜ ହଟାନ୍, ଆରେ ସାସ୍ତର୍ ପଡ଼ି କିଦେଙ୍ଗ୍ ଇଞ୍ଜି ନିଲ୍‌ତାନ୍ ।
୧୭ ହେବେଣ୍ଡାଂ ଜିସାୟ୍ ବେଣ୍‌ବାକ୍‌ଣାୟ୍‌କିନାକାନ୍ତି ପତି ତାଙ୍ଗେଙ୍ଗ୍ ହିତାର୍, ଆରେ ଜିସୁ ହେଦାଂ ଉନ୍‌ଦି, ଇମେତାକେ ଇ
ବଚନ୍ ଲେକାଆତାଡ୍‌ନା ହେଦାଂ ହୁଡ଼୍‌ତାନ୍,
୧୮ ମାପ୍ରୁତି ଜିବୁନ୍ ନା ତାକେ ଜୁଡ୍‌ତାନ୍ନା,
"ଲାଗିଂ ଇନାକା ହିଲାକାର୍ ଲାଗେ ନେକ୍ରିକାବୁର୍ ସୁଣାୟ୍ କିଦେଙ୍ଗ୍ ଇଞ୍ଜି ହେୱାନ୍ ନାଙ୍ଗେଙ୍ଗ୍ ସିଗ୍‌କିଡ୍‌ନ୍ନା,
ଜଇଲ୍ ମାନାକାରିଂ ମୁକ୍ତି କିନାକା ଆରି
କାଣାର୍‌ତାକେ ଲାଗେ ହୁଡ଼ିକିଦେଂ ବିସ୍ରେ ସୁଣାୟ୍ କିଦେଙ୍ଗ୍,
ଆରେ କସ୍ଟପାୟାଆନି ଲଗାଂ ମୁକ୍ତି କିଦେଙ୍ଗ୍,
୧୯ ଆରେ ମାପ୍ରୁତି ଦୟାନିବାର୍‌ହୁ ସୁଣାୟ୍ କିଦେଙ୍ଗ୍
ହେୱାନ୍ ନାଙ୍ଗେଙ୍ଗ୍ ପକ୍‌ତାତାନ୍ନା ।"
୨୦ ପାଚେ ହେୱାନ୍ ପତି ଡାବାୟ୍ କିଜି ହେବା କିନାକାରିଂ ହେଦାଂ ହିଜି କୁଚ୍‌ଚାନ୍, ଆରେ କୁଟୁମ୍ ଇଞ୍ଜ ୱିଜାର୍‌ତି କାଣ୍‌କୁ
ହେୱାନ୍ ଜପି ହୁଡ଼୍‌ଜି ମାଚାର୍ ।
୨୧ ପାଚେ, "ହେୱାନ୍ ହେୱେରିଂ ଇଞ୍ଜେଙ୍ଗ୍ ଲାଗାତାନ୍, ନେଜେଙ୍ଗ୍ ଦରମ୍ ସାସ୍ତର୍ ଇ ବଚନ୍ ଏପେଙ୍ଗ୍ ୱେଚିଲେ ହେଦାଂ
ପୁରାଆତାଡ୍ ।"
୨୨ ଆରେ, ୱିଜାର୍ ହେୱାନ୍ ବିସ୍ରେ ସାକି ହିଦେଂ ଲାଗାତାର୍ ଆରେ ହେ ୱେଇତାଂ ଇମ୍‌ଣି ଦୟାନି ବଚନ୍‌ତ ହିଜି ୱାଜି
ମାଚାଡ୍; ଆରି ହେୱାର୍ ଇଞ୍ଜେଙ୍ଗ୍ ଲାଗାତାର୍, "ଇୱାନ୍ ଇନାକା ଜସେପ୍ ମେହି ଆକାୟ୍ ?"
୨୩ ହେବେଣ୍ଡାଂ ହେୱାନ୍ ଉତର୍‌ମୁଡ୍ ହେୱେରିଂ ଇଚାନ୍, "ଏପେଙ୍ଗ୍ ଇନେସ୍ କିତିସ୍‌ପା ନାଙ୍ଗେଙ୍ଗ୍ ଇ ଟିକଲ୍ ବେରଣ୍
ୱେଚ୍‌ଚାନାଦେର୍, ହେ ଡାକ୍ତର୍ ନିଜେ ନିଜ୍‌ତିଂ ଉଜ୍ ଆ; ଆରେ ଇନାନ୍ କପର୍ନାହୁମ୍ ଇନା ଇନାକା ଗିଟା ଆତାଡ୍‌ନ୍ନା ଇଞ୍ଜି
ଆପେଂ ୱେଚ୍‌ଚାପ୍‌ନା, ହେ ସବୁ ଇ ବାହାତ ନିଜ୍ ଦେସ୍ ଗାଡ୍‌ଦପା କିୟା ।"

୨୪ ✡ଆରେ, ହେୱାନ୍ ଇଚାନ୍, “ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜେନାଙ୍ଗ୍, ଇମ୍‌ଣି ବେଣ୍‌ବାକ୍‌ଣାୟ୍ କିନାକାନ୍ ନିଜ୍ ଗାଡ଼୍‌ଦ
ମାନ୍ କିୟାଆଉନ୍ ।”
୨୫ “ମାତର୍ ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗ୍, ଏଲିୟତି ସମୁଦ ଏଚେକୋଡ଼୍‌ଦ ତିନିବାର୍‌ହୁ ଚଅମାସ୍ ପାତେକ୍
ଆକାସ୍‌ତାଂ ବାର୍‌ହା ଆୱିତିଲେ ସବୁ ଦେସ୍‌ତ କାତାର୍ ଆର୍‌ତାତ୍, ହେ ପାଦ୍‌ନା ଇସ୍ରାଏଲ୍ ବିତ୍ରେ ହେନି ରାଣ୍ଡିକ୍ ମାଚିକ୍;
୨୬ ଆତିସ୍‌ପା ଏଲିୟ ହେୱାର୍‌ତି ଇନେର୍ ତାକେପା ପକ୍ୟା ଆୱାଦାଂ କେବଲ୍ ସିଦନ୍ ଦେସ୍‌ନି ସାରିପଡ୍‌ତିଂ ର ରାଣ୍ଡି
କଗ୍‌ଲେ ଲାଗେ ପକ୍ୟା ଆତାନ୍ ।
୨୭ ପାଚେ, ବେଣ୍‌ବାକ୍‌ଣାୟ୍‌କିନାକାନ୍ ଇଲିସାୟ୍‌ନି ସମୁତ ଇସ୍ରାଏଲ୍ ବିତ୍ରେ ବେସି ଗାଜା ରଗ୍ୟାର୍ ମାଚାର୍; ଆତିସ୍‌ପା
ହେୱାର୍ ବିତ୍ରେ ଇନେର୍‌ପା ଉଜ୍ ଆୱାଦାଂ ମାଚାର୍, କେବଲ୍ ସିରିୟା ଦେସ୍‌ନି ନାମାନ୍ ସକଟ୍ କିୟା ଆଜି ମାଚାର୍ ।”
୨୮ କୁଟୁମ୍ ଇଞ୍ଜ ଇ ସବୁ ବେରଣ୍ ୱେନୁ ୱେନୁ ୱିଜାର୍ ରିସା ଆତାର୍,
୨୯ ଆରେ ହେୱାର୍ ନିଙ୍ଗ୍‌ଜି ତାଙ୍ଗେଙ୍ଗ୍ ଗାଡ଼୍‌ତାଂ ହପ୍‌ତାତାର୍ ଆରି ହେୱାର୍‌ତି ଗାଡ଼୍ ଇମ୍‌ଣି ମାଡ଼ି ଜପି ରଚ୍‌ଚିମାଚାର୍,
ହେ ୱେଡ଼ାଙ୍ଗ୍ ଦାରିଆ ବାହାତ ତାରେନ୍ ତୁଇଦେଙ୍ଗ୍ ଇଞ୍ଜି ହେୱାନିଂ ହେବେ ଅଜି ହାଚାର୍;
୩୦ ମାତର୍ ଜିସୁ ହେୱାର୍ ବିତ୍ରେ ହିଜି ବୁଲାଆଜି ହାଚାନ୍ ।

## ଜିସୁ ପୁଦାଆହ୍‌ୟାତି ମାନାୟ୍‌ତିଂ ଉଜ୍ କିତାନ୍

*(ମାର୍କ ୧:୨୧-୨୮)*

୩୧ ହେୱାନ୍ କପର୍ନାହୁମ୍ ତର୍‌ଦି ଗାଲିଲିତ ର ଗାଡ଼୍‌ଦ ୱାତାନ୍, ଜମ୍‌ନିବାର୍ ୱେଡ଼ାଙ୍ଗ୍ ମାନାୟାରିଂ ହିକ୍ୟା ହିକାୟ୍
କିଦେଙ୍ଗ୍ ଲାଗାତାନ୍,
୩୨ ଆରେ ହେୱାର୍ ହେୱାନ୍‌ତି ହିକ୍ୟାତ କାବା ଆତାର୍, ଇନାକିଦେଂକି ହେୱାନ୍ତି ବଚନ୍ ଆଦିକାର୍ ମେହା ମାଚାତ୍ ।
୩୩ ଦିନେକ୍ କୁଟୁମ୍ ଇଞ୍ଜ ରୱାନ୍ ରାଡ଼ା ପୁଦା ଆହିୟା ଆତାକାନ୍ ମାଚାନ୍; ହେୱାନ୍ ଗାଜାକାଟ୍‌ତାଂ ହିର୍‌ବାତାନ୍,
୩୪ “ଆ, ନାଜରିତିୟ ଜିସୁ, ମା ଲାହାଙ୍ଗ୍ ମିଦାଙ୍ଗ୍ ଇନାକା ମାନାତ୍ ? ଏନ୍ କି ମାଙ୍ଗେଙ୍ଗ୍ ନସ୍ଟ କିଦେଙ୍ଗ୍ ୱାତାଇନା ? ଏନ୍
ଇନେର୍ ହେଦାଂ ଆନ୍ ପୁନାଙ୍ଗ୍; ଏନ୍ ଇସ୍ୱର୍ ମାପ୍ରୁତି ହେ ପୁଇପୁୟା ମାନାୟ୍ ।”
୩୫ ଜିସୁ ହେଦେଲିଂ ଦାକା ହିଜି ଇଚାନ୍, “ଚିମ୍‌ରା ଆ, ଇବେଣ୍ଡାଂ ହସି ହାଲା ।” ହେବେଣ୍ଡାଂ ହେ ବୁଡ୍ ହେୱେନିଂ ୱିଜାର୍
ମୁମ୍‌ଦ ତୁହିଜି ହେୱାନ୍ତି ଇନାକା କସ୍ଟ ହିୱାଦାଂ ହେୱାନ୍‌ତାଂ ହସି ହାଚାତ୍ ।
୩୬ ଇବେଣ୍ଡାଂ ୱିଜାର୍ କାବା ଆଜି ହେୱେର୍ ହେୱାର୍ ୱେଚ୍‌ପା ଆତାର୍, “ଇଦାଂ ଇନା ବେରଣ୍ ? ହେୱାନ୍ ଆଦିକାର୍
ସାକ୍ତିତାଂ ହେୱାନ୍ ବାନ୍ୟା ଜିବୁନ୍‌ତିଂ ପା ବଲ୍ ହିନାନା, ଆରେ ହେୱାଙ୍ଗ୍ ହିଜି ହାନିକ୍ ।”
୩୭ ହେବେଣ୍ଡାଂ ହେୱାନ୍ ବିସ୍ରେ ବେରଣ୍ ଚାରବେଣ୍‌ତାଂ ନାସ୍‌କୁକାଂ ୱିଣ୍‌ଜି ହାଚାତ୍ ।

## ଜିସୁ ବେସି ହେନିତିଂ ଉଜ୍ କିତାନ୍

*(ମାତିଉ ୮:୧୪-୧୭; ମାର୍କ ୧:୨୯-୩୪)*

୩୮ ପାଚେ ଜିସୁ କୁଟୁମ୍ ଇଞ୍ଜ ନିଙ୍ଗ୍‌ଜି ସିମନାର୍ ଇଞ୍ଜ ହାଚାନ୍ । ସିମନ୍ ପଦାହିଙ୍ଗ୍ ବେସି ନମେର୍ ଆଜି ମାଚାତ୍, ଆରେ
ହେୱାର୍ ତା ବିସ୍ରେ ହେୱାନିଂ ଗୱାରି କିତାର୍ ।
୩୯ ହେବେଣ୍ଡାଂ ହେୱାନ୍ ହେ ଲାଗାୟ୍ ନିଲ୍‌ଚି ନମେର୍‌ତିଂ ଦାକା ହିତାନ୍, ଆରି ହେଦେଲିଂ ନମେର୍ ପିସ୍ତାତ୍, ପାଚେ
ହେଦେଲ୍ ହେ ସାଙ୍ଗେ ସାଙ୍ଗେ ନିଙ୍ଗ୍‌ଜି ହେୱାର୍‌ତି ହେବା କିଦେଙ୍ଗ୍ ଲାଗାତାତ୍ ।
୪୦ ୱେଡ଼ାହାନି ସମୁତ, ଇନେର୍ ଲାଗାଂ ବାର୍‌ବିନ୍ ରଗ୍ ଆତି ମାନାୟାର୍ ମାଚାର୍, ହେୱାର୍ ୱିଜାର୍ ହେୱାରିଂ ଜିସୁ ଲାଗେ
ତାଇୱାତାର୍ ଆରି ହେୱାନ୍ ୱିଜାର୍ ମାନାୟ୍‌ଜପି କେଇ ଇଡ଼୍‌ଜି ହେୱାରିଂ ଉଜ୍ କିତାନ୍ ।
୪୧ ପାଚେ, ବୁଡ୍‌କୁପା କିକିରାଡିଂ କିଜି କିଜି “ଏନ୍ ଇସ୍ୱର୍ ମାଜି” ଇଞ୍ଜି ୱେନ୍‌ଞ୍ଜି ବେସି ଲଗାର୍‌ତାଂ ହସି ହାଚିକ୍ ଆରେ,
ଜିସୁ ହେୱେରିଂ ଦାକା ହିଜି ବେରଣ୍ ଇଞ୍ଜେଙ୍ଗ୍ ହିୱାତାନ୍, ଇନାକିଦେଂକି ହେୱାନ୍ ଜେ କ୍ରିସ୍ଟ, ଇଦାଂ ହେୱାଙ୍ଗ୍ ପୁଞ୍ଜି ମାଚିକ୍
।

## ଗୁଡି ଇଞ୍ଜ ଜିସୁତି ସୁଣାୟ୍ କିନାକା

*(ମାର୍କ ୧:୩୫-୩୯)*

୪୨ ନାଣାଙ୍ଗେ ଆନିହିଙ୍ଗ୍, ହେୱାନ୍ ଗାଡ଼୍‌ଦାଂ ହସି ର ଚିମ୍‌ରା ବାହାତ ହାଚାନ୍; ଆରି, ମାନାୟାର୍ ତାକେ ହେୱାନିଂ
ଦାସ୍‌ତେଂ ହେ ଲାଗେ ୱାତାର୍, ଆରେ ହେୱାନ୍ ଇନେସ୍ ହେୱାର୍‌ତାଂ ହାଜେଙ୍ଗ୍ ଆଡୁନ୍, ହେଦାଂ କାଜିଂ ହେୱାନିଂ ଟେବାୟ୍
କିଦେଙ୍ଗ୍ ସେସ୍ଟା କିତାର୍ ।
୪୩ ମାତର୍ ହେୱାନ୍ ହେୱାରିଂ ଇଚାନ୍, “ବିନ୍ ବିନ୍ ଗାଡ଼୍‌ଦ ପା ନାଙ୍ଗେଙ୍ଗ୍ ଲଡ଼ା ମାପ୍ରୁ ରାଜିନି ନେକ୍ରିକାବୁର୍ ସୁଣାୟ୍
କିଦେଙ୍ଗ୍ ଆନାତ୍, ଇନାକିଦେଂକି ହେଦାଂ କାଜିଂ ଇସ୍ୱର୍ ନାଙ୍ଗେଙ୍ଗ୍ ପକ୍‌ତାତାନ୍ନା ।”
୪୪ ପାଚେ, ହେୱାନ୍ ଜିହୁଦା ଦେସ୍‌ନି କୁଟୁମ୍ ଇଞ୍ଜ ସୁଣାୟ୍ କିଦେଙ୍ଗ୍ ଲାଗାତାନ୍ ।

✡ **୪:୨୪** ଜହନ୍ ୪:୪୪.

# ୫

## ଜିସୁ ପର୍ତୁମ୍ ଚେଲାରିଂ କୁକ୍‌ତାନ୍
(ମାତିଉ ୪:୧୮-୨୨; ମାର୍କ ୧:୧୬-୨୦)

୧ ✡ଦିନେକ୍ ଜିସୁ ଗିନେସରତ୍ ହମ୍‌ଦୁର୍ ଗୁଟିତ ନିଲ୍‌ଚି ମାଚାନ୍; ଆରି ମାନାୟାର୍ ଗହଲିତ ହେୱାନ୍ ଜପି ତବ୍‌ଗା ଆଜି
ଇସ୍ୱର୍ ମାପ୍ରୁ ବଚନ୍ ୱେନ୍‌ଞ୍ଜି ମାଚାର୍,
୨ ଆରି, ହେୱାନ୍ ହାମ୍‌ଦୁର୍ ଗୁଟିତ ରିଣ୍ଡାଂ ଡଙ୍ଗାଙ୍ଗ୍ ମାନାକା ହୁଡ଼୍‌ତାର୍; ମିନ୍‌କୁ ଆହ୍‌ନାକାର୍ ହେବେଣ୍ଡାଂ ଜୁଜି ଜାଲ୍
ନୁସ୍‌ଦି ମାଚାର୍ ।
୩ ହେ ଡଙ୍ଗାଙ୍ଗ୍ ବିତ୍ରେତାଂ ଇମ୍‌ଣାକା ସିମନ୍‌ତି ମାଚାତ୍, ହେବେ ହେୱାନ୍ ଦୁମ୍‌ଜି ମେଦ୍‌ନିତାଂ ଅଲପ୍ ଦେହା ହାଜେଙ୍ଗ୍
ଇଞ୍ଜି ହେୱାନିଂ ଗୱାରି କିତାନ୍; ଆରେ, ହେୱାନ୍ କୁଚ୍‌ଚି ଡଙ୍ଗାତାଂ ହେନି ମାନାୟାର୍‌ତ ହିକ୍ୟା ହିଦେଂ ଲାଗାତାନ୍ ।
୪ ଜିସୁ ବେରଣ୍ ୱିସ୍ତି ସିମନ୍‌ତିଂ ଇଚାନ୍, “ଏଜୁଂ ବିତ୍ରେ ହାଲ୍‌ଜି ମିନ୍‌କୁ ଆସ୍ତେଙ୍ଗ୍ ଇଞ୍ଜି ମିୱାଙ୍ଗ୍ ଜାଲ୍ ଇଡ଼ାଟ୍ ।”
୫ ✡ଇବେଣ୍ଡାଂ ସିମନ୍ ଉତର୍ ହିତାନ୍, “ଏ ଗୁରୁ, ଆପେଂ ହାର୍‌ତାନାଣା କାମାୟ୍ କିଜି ଇନାକା ଆହ୍‌ୱାତାମ୍ା; ମାତର୍ ନି
କାତାତାଂ ଆନ୍ ଜାଲ୍ ଇଡ଼୍‌ନାଙ୍ଗା ।”
୬ ✡ଆରି, ହେୱାର୍ ହେଦାଂ ଇଡ଼୍‌ଜି ବେସି ମିନ୍‌କୁ ଆସ୍ତାର୍, ପାଚେ ହେୱାର୍‌ତି ଜାଲ୍ ନାଡ଼୍‌ବେଦେଂ ଲାଗାତାତ୍ ।
୭ ହେବେଣ୍ଡାଂ ହେୱାର୍ ଇମ୍‌ଣି ତା ହାଙ୍ଗ୍‌ଦାକାର୍ ମାଚାର୍ ଅଲ୍‌ଗା ଡଙ୍ଗାତାକେ ମାଚାର୍, ହେୱାର୍ ଇନେସ୍ ୱାଜି ହାଙ୍ଗ୍
କିତାର୍, ଇଦାଂ କାଜିଂ ହେୱାର୍ ହେୱାରିଂ କୁକ୍ତାର୍ । ଇବେଣ୍ଡାଂ ହେୱାର୍ ୱାଜି ରିଣ୍ଡାଂ ଡଙ୍ଗାକାଂ ଏଲେଙ୍ଗ୍ ବାର୍ତ କିତାର୍
ଜେ, ହେୱାଙ୍ଗ୍ ମୁଞ୍ଜ୍‌ନି ଲାକେ ଆତାତ୍ ।
୮ ମାତର୍ ସିମନ୍ ପିତର୍ ଇଦାଂ ହୁଡ଼୍‌ଜି ଜିସୁଙ୍ଗ୍ କାଲ୍‌କୁ ତାରେନ୍ ଦାଣ୍ଡ୍‌ହାଣ୍ ମାଗ୍‌ଜି ଇଚାନ୍, “ଏ ମାପ୍ରୁ ନା ଲାଗେତାଂ
ହାଲା, ଲାଗିଂ ଆନ୍ ରୱାଙ୍ଗ୍ ପାପି ମାନାୟ୍ ।”
୯ ଇନାକିଦେଂକି ହେୱାର୍ ହେ ବାହାତ ଏଚେକ୍ ମିନ୍‌କୁ ଆସ୍ତାର୍ ଜେ ହେଦାଂ ହୁଡ଼୍‌ଜି ହେୱାନ୍ ଆରେ ତା ହାଙ୍ଗ୍‌ଦାକାର୍
କାବା ଆତାର୍ ।
୧୦ ଆରି, ଜେବ୍‌ଦିର୍‌ନି ରିୟାର୍ ମାଜି ମାଚାର୍ ଜାକୁବ୍ ଆରି ଜହନ୍, ଇମ୍‌ଣାକାର୍ କି ସିମନ୍‌ତିଂ ମେହାୟ୍‌କିଜି ମାଚାର୍,
ହେୱାର୍ ବିତ୍ରେ ହେ ଲାକେ କାବା ଆତାର୍ । ଆରେ, ଜିସୁ ସିମନ୍‌ତିଂ ଇଚାନ୍, “ପାଣ୍ଡ୍ରା ଆମା, ଆନ୍ ମିଙ୍ଗେଙ୍ଗ୍ ମାନାୟ୍
ଆହ୍‌ନାକା ହିକାଇ କିଦ୍‌ନାଙ୍ଗ୍ ।”
୧୧ ହେବେଣ୍ଡାଂ ହେୱାର୍ ଡଙ୍ଗାଙ୍ଗ୍ ଗୁଟିତ ତାସି ୱିଜୁ ପିସ୍ତି ଜିସୁ ପାଚେ ପାଚେ ହାଚାର୍ ।

## ଜିସୁ ର ଗାଜା ରଗିଙ୍ଗ୍ ଉଜ୍ କିତାନ୍
(ମାତିଉ ୮:୧-୪; ମାର୍କ ୧:୪୦-୪୫)

୧୨ ରଗ ଜିସୁ ଗାଡ଼୍‌ଦ ମାନି ସମୁତ, ହୁଡ଼ା, ଗାଜାରଗ୍ କାଟାକାନ୍ ହେ ବାହାତ ମାଚାନ୍; ହେୱାନ୍ ଜିସୁଙ୍ଗ୍ ହୁଡ଼୍‌ଜି ମୁମ୍
ତାରେନ୍ କିଜି ତାଙ୍ଗେଙ୍ଗ୍ ଗୱାରି କିଜି ଇଚାନ୍, “ଏ ମାପ୍ରୁ ଏନ୍ ଜଦି ଇଚା କିନାୟ୍, ତା ଆତିସ୍ ନାଙ୍ଗେଙ୍ଗ୍ ସକଟ୍ କିଦେଙ୍ଗ୍
ଆଡ଼୍‌ଦାନାୟ୍ ।”
୧୩ ହେବେଣ୍ଡାଂ ହେୱାନ୍ କେଇ ଲାମାୟ୍ କିଜି ହେୱାନିଂ ତୁବିସ୍ ଇଚାନ୍, “ଆନ୍ ଇଚା କିନାଙ୍ଗା, ସକଟ୍ ଆ ।” ହେ ଦାପ୍ରେ
ଗାଜାରଗ୍ ତା ତାକେଣ୍ଡାଂ ଦେହା ଆତାତ୍ ।
୧୪ ଆରେ, ଜିସୁ ତାଙ୍ଗେଙ୍ଗ୍ ବଲ୍ ହିଜି ଇଚାନ୍ ଇନେରିଂପା ୱେଚ୍‌ମା, ମାତର୍ “ହାଲ୍‌ଜି ମାପ୍ରୁହେବାକିନାକାନିଂ ତାକେ
ହାଲା ନିଜେ ଚଚ୍‌ୟା, ଆରି ମସାତି ବଲ୍ ଇସାବ୍‌ରେ ଜାର୍‌ତି ନିର୍ମଲ୍ ଲାକେ ହେୱାର୍ ଲାଗାଂ ସାକି ହିନି କାଜିଂ ପୁଜା କିୟା
।”
୧୫ ମାତର୍ ହେୱାନ୍ତି ବେଣ୍‌ନି କାତା ଆରି ବେସି ୱିଣିତାତ୍, ଆରି ବେସି ମାନାୟାର୍ ୱେଞ୍ଜେଙ୍ଗ୍ ଇଞ୍ଜି ଆରେ ଜାର୍ ଜାର୍
ରଗ୍‌ତାଂ ଉଜ୍ ଆଦେଂ ଇଞ୍ଜି ରୁଣ୍ଡା ଆଦେଂ ଲାଗାତାର୍;
୧୬ ମାତର୍ ହେୱାନ୍ ଚିମ୍‌ରା ବାହାକାଂ ମାନ୍‌ଞ୍ଜି ପାର୍ତାନା କିଜି ମାଚାନ୍ ।

## ଜିସୁ ର ହିର୍‌କଲ୍‌ରଗିଂ ଉଜ୍ କିତାନ୍
(ମାତିଉ ୯:୧-୧୮; ମାର୍କ ୨:୧-୧୨)

୧୭ ଦିନେକ୍ ଜିସୁ ହିକାୟ୍ କିଜି ମାଚାନ୍, ଆରି ଗାଲିଲିନି ସବୁ ନାସ୍‌କୁ, ଆରେ ଜିହୁଦା ଦେସ୍ ଆରେ ଜିରୁସାଲମ୍‌ତାଂ
ୱାନାକାରିଂ ପାରୁସି ଆରେ ମସାତି ବିଦି ଗୁରୁର୍ ଲାଗେନେ କୁଚ୍‌ଚି ମାଚାର୍ । ଆରି, ହେୱାନ୍ ଇନେସ୍ ରଗିଂ ଉଜ୍ କିନାନ୍,
ଇଦାଂ କାଜିଂ ମାପ୍ରୁତି ସାକ୍ତି ହେବେ ମାଚାତ୍ ।
୧୮ ଆରେ ହୁଡ଼ାଟ୍, କେତେକ୍ ଲଗୁ ର ପାକା ୱାଚ୍‌ୟାତି ରଗି ମାନାୟ୍‌ତିଂ କାଟେଲ୍‌ତ ପିଣ୍ଡ୍‌ଜି ତାସି ବିତ୍ରେ ଅଦେଂ କାଜିଂ
ଆରି ଜିସୁଙ୍ଗ୍ ମୁମ୍‌ଦ ଇଡ଼୍‌ଦେଂ କାଜିଂ ସେସ୍ଟା କିଜି ମାଚାର୍ ।

✡ **୫:୧** ମାତିଉ ୧୩:୧,୨; ମାର୍କ ୩:୯,୧୦; ୪:୧. ✡ **୫:୫** ଜହନ୍ ୨୧:୩. ✡ **୫:୬** ଜହନ୍ ୨୧:୬.

୧୯ ମାତର୍ ବିଡ୍ ଲାଗିଂ ତାଙ୍ଗେଙ୍ଗ୍ ବିଡ୍ରେ ଅଦେଂ କାଜିଂ ହାଜି ଗାଟାୱାତିଲେ ହେୱାର୍ ଇଲ୍ ଚାଉଣି ହାଲ୍‌ଜି ଜେଗନ୍
ଜେସ୍‌ସି କାଟେଲ୍ ହୁକେ ତାଙ୍ଗ୍ ମାଦ୍‌ଣି ବାହାତ ଜିସୁ ମୁମ୍‌ଦ ଜୁଡ୍‌ତାର୍ ।
୨୦ ହେୱାନ୍ ହେୱାର୍ ପାତର୍ କିନାକା ହୁଡ୍‌ଜି ଇଚାନ୍, “ଏ ମାନାୟ୍, ନି ୱିଜୁ ପାପ୍ କେମା କିୟା ଆତାଡ୍‌ନ୍ନା ।”
୨୧ ହେବେ ସାସ୍ତ୍ରିର୍ ଆରି ପାରୁସିର୍ ଜାର୍ ଜାର୍ ବିଡ୍ରେ ଏଲେଙ୍ଗ୍ ଇଞ୍ଜେଙ୍ଗ୍ ଲାଗାତାର୍, ଇୱାନ୍ ଜେ ଇସ୍ୱର୍ ନିନ୍ଦା କିନାନା,
“ଇୱାନ୍ ଇନାକାନ୍ ? କେବଲ୍ ଇସ୍ୱର୍ ପିସ୍ତି ଆରେ ଇନେର୍ ପାପ୍ କେମା କିଦେଙ୍ଗ୍ ଆଡ୍‌ଦାନାନ୍ ?”
୨୨ ମାତର୍ ଜିସୁ ହେୱାର୍‌ତି କାତାବାର୍ତା ପୁଞ୍ଜି ହେୱାରିଂ ଉତର୍ ହିତାନ୍, “ଏପେଙ୍ଗ୍ ଜାର୍ ଜାର୍ ମାନ୍ତ ଇନାକା କାତାବାର୍ତା
କିନାଦେରା ?
୨୩ ଇନାକା ଆଡ୍‌ୱା ? ନି ୱିଜୁ ପାପ୍ ସବୁ କେମା କିୟା ଆତାଡ୍ ଇଞ୍ଜି ଇନାକା, କି ନିଙ୍ଗା, ତାଙ୍ଗା ଇଞ୍ଜି ଇନାକା ?”
୨୪ ମାତର୍ ପୁତର୍ତ ପାପ୍ କେମା କିଦେଙ୍ଗ୍ ମାନାୟ୍ ମାଜିଡ଼ି ଆଦିକାର୍ ମାନାଡ୍, ଇଦାଂ ଇନେସ୍ ଏପେଙ୍ଗ୍ ପୁନାଦେର୍
ଇଦାଂ କାଜିଂ ହେୱାନ୍ ହିର୍‌କଲ୍‌ଇଡ୍‌ୟାତି ରଗିଂ ଇଚାନ୍, “ଆନ୍ ନିଙ୍ଗ୍ ଇଞ୍ଜ୍‌ନାଙ୍ଗା, ନିଙ୍ଗା, ନି କାଟେଲ୍ ଆସ୍ତି ଜାର୍ ଇଞ୍ଜ
ହାଲା ।”
୨୫ ହେବେତାଂ ହେୱାନ୍ ଦାପ୍ରେ ହେୱାର୍ ମୁମ୍‌ଦ ନିଙ୍ଗ୍‌ଜି, ଇମ୍‌ଣି କାଟେଲ୍ ଜପି ହେୱାନ୍ ହୁନ୍‌ଜି ମାଚାନ୍, ହେଦାଂ ଅଜି
ଗାଜା ଇସ୍ୱତର୍ କେର୍‌ଜି କିଜି କିଜି ଜାର୍ ଇଞ୍ଜ ହାଚାନ୍ ।
୨୬ ହେବେ ୱିଜାକାର୍ କାବା ଆଜି ଇସ୍ୱତର୍ କେର୍‌ଦେଙ୍ଗ୍ ଲାଗାତାର୍ ଆରି ବେସି ପାଣ୍ଡ୍ରା ଆଜି ଇଚାର୍, “ନେଞ୍ଜେଙ୍ଗ୍
ଆପେଙ୍ଗ୍ କି କାବାଆନି ଗଟ୍‌ଣା ହୁଡ୍‌ତାପ୍ !”

### ଜିସୁ ଲେବିଙ୍ଗ୍ କୁକ୍‌ତାନ୍

*(ମାତିଉ ୯:୯-୧୩; ମାର୍କ ୨:୧୩-୧୭)*

୨୭ ଇବେଣ୍ତାଂ ଜିସୁ ହସି ହାଲ୍‌ଜି ଲେବି ତର୍‌ଦାକାନ୍ ରୱାନ୍ ସିସ୍ତଏନ୍‌ନାକାନ୍ ଏନ୍‌ନି ବାହାତ କୁଚ୍‌ଚି ମାନାକା ହୁଡ୍‌ଜି
ତାଙ୍ଗ୍ ଇଚାନ୍, “ନା ପାଚେ ୱା ।”
୨୮ ହେବେଣ୍ତାଂ ଲେବି ୱିଜୁ ପିସ୍ତି ନିଙ୍ଗ୍‌ଜି ତା ପାଚେ ହାଞ୍ଜେଙ୍ଗ୍ ଲାଗାତାନ୍ ।
୨୯ ଆରେ, ଲେବି ଜାର୍ ଇଞ୍ଜ ହେଦାଂ କାଜିଂ ର ଗାଜାବଜି କିତାନ୍, ଆରେ ବେସି ହେନି ସିସ୍ତଏନ୍‌ନାକାର୍ ଆରି ବିନ୍ ବିନ୍
ଲକୁ ହେୱାର୍ ହୁକେ ଚିଞ୍ଜେଙ୍ଗ୍ କୁଚ୍‌ଚାର୍ ।
୩୦ ହେବେଣ୍ତାଂ ପାରୁସିର୍ ଆରି ହେୱାର୍ କୁଦାନି ସାସ୍ତ୍ରିର୍ ତା ଚେଲାର୍ ବିରୁଡ୍‌ତାଂ ଇଞ୍ଜେଙ୍ଗ୍ ଲାଗାତାର୍, “ଏପେଙ୍ଗ୍
ଇନେକିଦେଂ ସିସ୍ତଏନ୍‌ନାକାର୍ ଆରି ପାପିୟାର୍ ହୁକେ ତିନାଉଣା କିନାଦେରା ?”
୩୧ ଜିସୁ ହେୱାରିଂ ଉତର୍ ହିତାନ୍, “ଉଜ୍ ଆତାକାର୍ ତାକେ ଡାକ୍ତର୍‌ତିଂ ଲଡ଼ା ଆକାୟ୍, ମାତର୍ ଉଜ୍ ଆୱାତାକାରିଂ ଲଡ଼ା
ମାନାଡ୍ ।
୩୨ ଆନ୍ ଦାମର୍ ଲଗାଙ୍ଗ୍ କୁକ୍‌ତେଂ ଇଞ୍ଜି ୱାୱାତାଂନ୍ନା, ମାତର୍ ମାନ୍‌ବାଦ୍‌ଲାୟ୍ କିନି କାଜିଂ ପାପିୟାରିଂ କୁକ୍‌ତେଂ ୱାତାଂନ୍ନା
।”

### ଉପାସ୍ କିନି ବିସ୍ରେ ପର୍‌ସନ୍

*(ମାତିଉ ୯:୧୪-୧୭; ମାର୍କ ୨:୧୮-୨୨)*

୩୩ କେତେଜାଣ୍ ଜିସୁଙ୍ଗ୍ ଇଚାର୍, “ଜହନ୍‌ତି ଚେଲାର୍ ଚାଣେକ୍‌ତିଂ ଚାଣେକ୍ ଉପାସ୍ ଆରି ପାର୍ତାନା କିତାର୍, ପାରୁସିର୍
ଚେଲାର୍ ପା ହେ ଲାକେ କିତାର୍, ମାତର୍ ନି ଚେଲାର୍ ତିନାଉଣା କିତାର୍ ।”
୩୪ ହେବେଣ୍ତାଂ ଜିସୁ ହେୱେରିଂ ଇଚାନ୍, “ବିବା ଇଞ୍ଜ ୱାତାକାର୍ ବିବାଦାଂଣେନ୍ ମାନି ୱେଡ଼ାଲିଂ ଏପେଙ୍ଗ୍ କି ହେୱାରିଂ
ଉପାସ୍ କିଇକିଦେଂ ଆଡ୍‌ନାଦେର୍ ? ମୁଡ଼କେ ଆକାୟ୍
୩୫ ମାତର୍ ସମୁ ୱାନାଡ୍; ଏଚେକାଡ୍‌ଦ ହେୱେର୍‌ତାଂ ବିବାଦାଂଣେନିଂ ନିକ୍‌ଚି ଅନାର୍, ହେ ପାଦ୍‌ନା ହେୱାଡ଼ାଂ ହେୱାର୍
ଉପାସ୍ କିତାର୍ ।”
୩୬ ଆରେ, ହେୱାନ୍ ହେୱେରିଂ ର ଉତର୍‌ମୁଡ୍ ଇଚାନ୍, “ଇନେର୍ ପୁନି ହେନ୍ଦ୍ରାତାଂ ପ୍ତାନି ହେନ୍ଦ୍ରାତ ଇଟୁନ୍; ଇଟ୍‌ତିସ୍ ହେ
ପୁନି ହେନ୍ଦ୍ରାତିଂ କେଚ୍‌ଚି ଅନାଡ୍, ଆରେ ପୁନିହେନ୍ଦ୍ରା ପ୍ତାନି ହେନ୍ଦ୍ରା ହୁକେ ମିହାଆଉଡ୍ ।
୩୭ ଆରେ, ଇନେର୍ ପୁନି ଅଙ୍ଗୁର୍ ରାସ୍ ପ୍ତାନି ତଲ୍ ମଣାତ ଇଟୁନ୍; ଇଟ୍‌ତିସ୍ ପୁନି ଅଙ୍ଗୁର୍ ରାସ୍ ମଣାତିଙ୍ଗ୍ ପାଟ୍‌ନାଡ୍,
ଆରେ ମଣା ନସ୍ଟ ଆନାଡ୍ ।
୩୮ ମାତର୍ ପୁନି ଅଙ୍ଗୁର୍ ରାସ୍ ପୁନି ମଣାତ ଇଟ୍‌ନାକା ମାନାଡ୍ ।
୩୯ ଆରେ, ଇନେର୍ ପ୍ତାନି ଅଙ୍ଗୁର୍ ରାସ୍ ଉଣ୍‌ଜି ପୁନି ଅଙ୍ଗୁର୍ ରାସ୍ ଉଣ୍ଡେଙ୍ଗ୍ ମାନ୍ କିଉର୍, ଇନାକିଦେଂକି ହେୱାନ୍ ଇନାନ୍,
ପ୍ତାନାକା ନେ ହାର୍ ।”

## ୬

### ଜିସୁ ବିଚାର୍ ନାଞ୍ଜିଙ୍ଗ୍‌ନି ପର୍‌ସନ୍

*(ମାତିଉ ୧୨:୧-୮; ମାର୍କ ୨:୨୩-୨୮)*

୧ ରଗା ଜମ୍‌ନିବାର୍ ନାଜିଂ ଜିସୁ ତାସ୍‌ବୁମି ହିଜି ହାଲ୍‌ଜି ମାନି ୱେଡ଼ାଲିଂ ତା ଚେଲାହିର୍ ତାସ୍‌ନି ଜିକି ନାଡ଼୍‌ଚି ନାଡ଼୍‌ଚି
କେଇଦ ରାମ୍‌ଦାୟ୍ କିଜି ତିଞ୍ଜି ମାଚାର୍ ।
୨ ମାତର୍ ପାରୁସିର୍ ବିତ୍ରେ କେତେକ୍ ଇଚାର୍, "ଜମ୍‌ନିବାର୍‌ତ ଇନାକା କିନାକା ବିଦି ହିଲୁଡ୍, ହେଦାଂ ଏପେଙ୍ଗ୍
ଇନେକିଦେଂ କିନାଦେରା ?"
୩ ଜିସୁ ହେୱାରିଂ ଉତର୍ ହିତାନ୍, "ଦାଉଦ୍ ଆରି ତା ମାନାୟାର୍ ନାସ୍‌କି ମାନି ୱେଡ଼ାଲିଂ ଇନାକା କିଜି ମାଚାନ୍, ହେଦାଂକି
ଏପେଙ୍ଗ୍ ପଡ଼ି କିୱାତାଦେର୍ଣ୍ଣା ?
୪ ଦାଉଦ୍ ଇନେସ୍ ଇସ୍ୱର୍ ଇଞ୍ଜ ହଣ୍‌ଜି, ଇମ୍‌ଣି ଦର୍ସନି ରୁଟି କେବଲ୍ ମାପ୍ରୁହେବାକିନାକାର୍ ପିସ୍ତି ଆରେ ଇନେର୍ ଚିଞ୍ଜେଙ୍ଗ୍
ବିଦି ହିଲୁଡ୍, ହେଦାଂ ଅଜି ତିଞ୍ଜି ମାଚାର୍, ଆରେ ଜାର୍ ହାଙ୍ଗ୍‌ଦାକାରିଂ ପା ହିଜି ମାଚାନ୍ ।"
୫ ଆରେ, ହେୱାନ୍ ହେୱାରିଂ ଇଚାନ୍, "ମାନାୟ୍ ମାଜି ଜମ୍‌ନିବାର୍ ନାଜିଂ ପା ମାପ୍ରୁ ଆନାନ୍ ।"

### ଜିସୁ ଜମ୍‌ନିବାର୍ ର ରଗିଂ ଉଜ୍ କିତାନ୍
*(ମାତିଉ ୧୨:୯-୧୪; ମାର୍କ ୩:୧-୬)*

୬ ତାୱାନ୍ ଆରେ ର ଜମ୍‌ନିବାର୍ ନାଜିଂ କୁଟୁମ୍ ଇଞ୍ଜ ହଣ୍‌ଜି ହିକାୟ୍‌କିଜି ମାଚାନ୍; ହେବେ ରକାନ୍ ମାନାୟ୍ ମାଚାନ୍, ହେ
ବୁଜ୍‌ଣି କେଇ ୱାଜ୍‌ଜି ହାଲ୍‌ଜି ମାଚାଡ୍ ।
୭ ଆରେ, ହେୱାନ୍ ଇନେସ୍‌କି ଜମ୍‌ନିବାର୍‌ତ ଉଜ୍ କିନାନ୍, ଇଦାଂ ହୁଡ଼୍‌ଦେଂ କାଜିଂ ସାସ୍ତ୍ରିର୍ ଆରି ପାରୁସିର୍ ତାଙ୍ଗ୍ ଇଟ୍‌କାଡ଼୍
କିଜି ଟେବା ଆତାର୍, ଇନେସ୍ ହେୱାର୍ ହେୱାନ୍ ବିରୁଦ୍‌ଦ ଦାବା କିଦେଙ୍ଗ୍ ଆଡ଼୍‌ନାର୍ ।
୮ ମାତର୍ ହେୱାନ୍ ହେୱାର୍ ମାନ୍‌ନି ଏଡ୍ ପୁଞ୍ଜି, ଇମ୍‌ଣି ମାନାୟ୍‌ତିଂ କେଇ ୱାଜ୍‌ଜି ମାଚାଡ୍, ତାଙ୍ଗେଙ୍ଗ୍ ଇଚାନ୍, "ନିଙ୍ଗା,
ମାଦି ନିଲା । ଆରେ, ହେୱାନ୍ ନିଙ୍ଗ୍‌ଜି ନିଲ୍‌ତାନ୍ ।"
୯ ହେବେ ଜିସୁ ହେୱାରିଂ ଇଚାନ୍, "ଆନ୍ ମିଙ୍ଗେଙ୍ଗ୍ ୱେନ୍‌ବାଦ୍‌ନାଙ୍ଗା, ଜମ୍‌ନିବାର୍ ଇନାକା କିନାକା ବିଦି ହାର୍ କିନାକା
କି ବାନ୍ୟା କିନାକା ? ଜିବୁନ୍ ରାକ୍ୟା କିନାକା କି ନସ୍ଟ କିନାକା ?"
୧୦ ଆରେ, ହେୱାନ୍ ଚାରିବେଣ୍‌ତାଂ ୱିଜାକାରିଂ ହୁଡ଼୍‌ଜି ତାଙ୍ଗ୍ ଇଚାନ୍, "ନି କେଇ ଲାମାୟ୍‌କିଦା ।" ହେବେ ହେୱାନ୍
ହେଦାଂ କିତାନ୍, ଆରେ ତା କେଇ ହାରା ଆତାଡ୍ ।
୧୧ ମାତର୍ ହେୱାର୍ ରିସା ଆଜି ବାର୍ତ ହାଲ୍‌ଜି, ଆରେ ଜିସୁଙ୍ଗ୍ ବେରୁତାଂ ଇନେସ୍ କିତିସ୍ ଆଡ଼୍‌ନାର୍,* ହେ ବିସ୍ରେ ହେୱାର୍
ହେୱେର୍ କାତାବାର୍ତା କିଦେଙ୍ଗ୍ ଲାଗାତାର୍ ।

### ଜିସୁ ବାର ଚେଲାରିଂ ବାଚିକିତାନ୍
*(ମାତିଉ ୧୦:୧-୪; ମାର୍କ ୩:୧୩-୧୯)*

୧୨ ହେୱାଡ଼ାଂ ହେୱାନ୍ ଦିନେକ୍ ପ୍ରାର୍ତାନା କିଦେଙ୍ଗ୍ ଇଞ୍ଜି ମାଡ଼ିତ ହାଚାନ୍, ଇସ୍ୱର୍ ତାକେ ପାର୍ତାନା କିଜି କିଜି ହାର୍ତାନାଣା
ମାଚାନ୍ ।
୧୩ ଅଜଡ଼୍ ଆତିଲେ, ହେୱାନ୍ ହେ ଚେଲାରିଂ ଲାଗେ କୁକ୍‌ଚି ହେୱାର୍ ବିତ୍ରେ ବାର ଜାଣ୍‌ତିଂ ବାଚି କିତାନ୍; ହେୱାନ୍
ପକ୍ୟାତାକାର୍ ତର୍ ଇଡ଼୍‌ତାନ୍;
୧୪ ହେୱାର୍ ଆତାର୍ ସିମନ୍, ଇନେରିଂ ହେୱାନ୍ ପା ପିତର୍ ତର୍ ଇଡ଼୍‌ତାନ୍, ଆରି ହେ ଟଣ୍ଡାହି ଆନ୍ଦ୍ରିୟ, ଜାକୁବ୍ ଆରି
ଜହନ୍, ପିଲିପ୍ ଆରି ବାର୍ତଲମି,
୧୫ ମାତିଉ ଆରି ତମା, ଆଲପିତି ମାଜି ଜାକୁବ୍ ଆରି ସିମନ୍, ଇନେରିଂ ମୁମ୍‌ଅଜଡ଼୍ ଇନାର୍,
୧୬ ଜାକୁବ୍‌ତି ମାଜି ଜିହୁଦା ଆରି ଇସ୍କାରିୟତିୟ ଜିହୁଦା, ଇନେର୍ ଜିସୁଙ୍ଗ୍ ସାତ୍ରୁ କେଇଦ ହେଲାୟ୍ କିତାନ୍ ।

### ଜିସୁ ହିକ୍ୟା ହିତାନ୍ ଆରି ଉଜ୍ କିତାନ୍
*(ମାତିଉ ୪:୨୩-୨୫)*

୧୭ ଆରେ, ହେୱାନ୍ ହେୱାର୍ ହୁକେ ମାଡ଼ିତାଂ ଜୁଜି ୱାତାର୍ ସାରିୟା ବାଟାତ ନିଲ୍‌ତାର୍, ଆରେ ତା ବେସିହେନି ଚେଲାର୍
ଆରି ୱିଜାର୍ ଜିହୁଦା ରାଜି ଜିରୁସାଲମ୍ ଆରେ ହାମ୍‌ଦୁର୍ ଗୁଟିତମାନି ସର ଆରି ସିଦନ୍ ଗାଡ଼୍‌ତାଂ ବେସିହେନି ତା ଲାଗେ
ଏକାୱାତାର୍;
୧୮ ହେୱାର୍ ହେ ବେରଣ୍ ୱେଞ୍ଜେଙ୍ଗ୍ ଆରି ଜାର୍ ଜାର୍ ରଗ୍‌ତାଂ ଉଜ୍ ଆଦେଂ ୱାତାର୍, ଆରେ ଇମ୍‌ଣାକାର୍ ବାନ୍ୟା
ଜିବୁନ୍‌କାଂ ତାଙ୍ଗ୍ କସ୍ଟ ପାୟା ଆଜି ମାଚାର୍, ହେୱାର୍ ଉଜ୍ କିୟାଆତାର୍;
୧୯ ଆରେ ଲକୁ ତାଙ୍ଗ୍ ତୁଦେଂ ଇଞ୍ଜି ସେସ୍ଟା କିଜି ମାଚାର୍, ଇନାକିଦେଂକି ତା ତାକେଣ୍ତାଂ ସାକ୍ତି ହସି ୱିଜାକାରିଂ ଉଜ୍ କିଜି
ମାଚାଡ୍ ।

### ଆସିର୍ବାଦ୍ ଆରି ଦୁକ୍
*(ମାତିଉ ୫:୧-୧୨)*

---
* **୬:୧୧** ଇଚାର୍; କେତେକ୍ ପତିତ ରିସାତାଂ ଇଚାକା ମାନାଡ୍

୨୦ ହେ ୱେଡ଼ାଙ୍ଗ୍ ହେୱାନ୍ ଜାର୍ ଚେଲାର୍ କାଜିଂ ହୁଡ଼୍ଜି ଇଚାନ୍,
"ହିଲ୍ୱି କାକୁଲ୍ତି ଲଗୁ ଜେ ଏପେଙ୍ଗ୍, ଏପେଙ୍ଗ୍ ଦନ୍ୟ,
ଇନାକିଦେଂକି ଇସ୍ୱର୍ତ ରାଜି ମିଦାଙ୍ଗ୍ ।"
୨୧ "ନଙ୍ଗ୍ ନାସ୍କି ଜେ ଏପେଙ୍ଗ୍, ଏପେଙ୍ଗ୍ ଦନ୍ୟ,
ଇନାକିଦେଂକି ଏପେଙ୍ଗ୍ ପାଞ୍ଜାନ୍ନାଦେର୍ ।"
"ନଙ୍ଗ୍ ଆଡ଼୍ବାନାଦେର୍ ଜେ ଏପେଙ୍ଗ୍, ଏପେଙ୍ଗ୍ ଦନ୍ୟ,
ଇନାକିଦେଂକି ଏପେଙ୍ଗ୍ ଗ୍ଟାଇନାଦେର୍ ।"
୨୨ ✡ "ମାନାୟାର୍ ଏଚେକାଡ଼୍ଦ ମିଙ୍ଗେଙ୍ଗ୍ ଗିଣ୍କିଦ୍ନାର୍ ଆରି ମାନାୟ୍ ମାଜି କାଜିଂ ବିନେ କିଦ୍ନାର୍, ଆରେ
ନିନ୍ଦାକିଦ୍ନାର୍ ଆରି ମି ତର୍ଦିଂ ବାନ୍ୟା ଇଞ୍ଜି ମୁନାକିନାର୍, ତେବେ ଏପେଙ୍ଗ୍ ଦନ୍ୟ ।
୨୩ ✡ହେ ଦିନ୍ ୱାରି କିଜି ଏନ୍ଦାଟ୍, ଇନାକିଦେଂକି ହୁଡ଼ାଟ୍, ସାର୍ଗେତ ମିଦାଂ ଇନାମ୍ ଜବର୍; ଆରେ, ହେ ଲାକେ ତ ହେୱାର୍
ଆବାନି ଲାତ୍ରାର୍ ବେଣ୍ବାକ୍ଣାୟ୍କିନାକାର୍ କାଜିଂ କିଜି ମାଚାର୍ ।"
୨୪ "ମାତର୍ ହାୟ୍, ଡାଣ୍ଡ୍ ପାୟା ଆନି ମାଜାନ୍ ଜେ ଏପେଙ୍ଗ୍,
ଇନାକିଦେଂକି ଏପେଙ୍ଗ୍ ଜାର୍ ଜାର୍ ସୁକ୍ ପାଇ କିନାଦେରା ।"
୨୫ "ହାୟ୍, ଡାଣ୍ଡ୍ନି କାଜିଂ ନେଜେୱିଗା ପାଞ୍ଜାଦେର୍ଣ୍ଣା ଜେ ଏପେଙ୍ଗ୍,
ଇନାକିଦେଂକି ଏପେଙ୍ଗ୍ ନାସ୍କି ଆନାଦେର୍ ।"
"ହାୟ୍, ଡାଣ୍ଡ୍ ପାୟା ଆନାଦେର୍ ନେଜେୱିଗା ଗ୍ଟାଇନାଦେର୍ ଜେ ଏପେଙ୍ଗ୍,
ଇନାକିଦେଂକି ଏପେଙ୍ଗ୍ ଦୁକ୍ ଆରି ଆଡ଼୍ବାନାଦେର୍ ।"
୨୬ "ଏଚେକାଡ଼୍ଦ ୱିଜାର୍ ଲକୁ ମି ତର୍ ଉପ୍ନାର୍, ହେ ଏଚେକାଡ଼୍ଦ ହାୟ୍, ଏପେଙ୍ଗ୍ ଡାଣ୍ଡ୍ ପାୟାନି ଲଗୁ; ହେ ଲାକେ
ତ ହେୱାର୍ତି ଆବା ଲାତ୍ରାର୍ ଚାକ୍ରାୟ୍ ବେଣ୍କିନାକାର୍ କାଜିଂ କିଜି ମାଚାର୍ ।"

### ବେରିୟାରିଂ ଜିଉନୱାଟ୍
*(ମାତିଉ ୫:୩୮-୪୮; ୭:୧୨)*

୨୭ "ମାତର୍ ୱେନାଦେରା ଜେ ଏପେଙ୍ଗ୍, ମିଙ୍ଗେଙ୍ଗ୍ ଆନ୍ ଇଞ୍ଜ୍ନାଙ୍ଗା, ମି ସାତୁରିଂ ୱାରି କିୟାଟ୍; ଇମ୍ଣାକାର୍ ମିଙ୍ଗେଙ୍ଗ୍
ନିନ୍ଦା କିଦ୍ନାର୍, ହେୱେରିଂ ଜିଉନୱାଟ୍;
୨୮ ଇମ୍ଣାକାର୍ ମିଙ୍ଗେଙ୍ଗ୍ ରାଣ୍ ହିଦ୍ନାର୍, ହେୱେରିଂ ଆସିର୍ବାଦ୍ କିୟାଟ୍; ଇମ୍ଣାକାର୍ ମିଙ୍ଗେଙ୍ଗ୍ ହିନସ୍ତା କିଦ୍ନାର୍,
ହେୱାର୍ କାଜିଂ ପାର୍ତାନା କିୟାଟ୍ ।
୨୯ ଇନେର୍ ନିଙ୍ଗେଙ୍ଗ୍ ର କୁର୍ୱାତ ଚାପ୍ଡ଼ା ଇଡ଼ିଦାନାର୍, ହେଦାଂ କାଜିଂ ଅଲ୍ଗା କୁର୍ୱା ଚଚା; ଆରେ, ଇନେର୍ ନି
ହେନ୍ଦ୍ରା ଅନାର୍, ହେଦାଂ ନି ଉସ୍ପାନାକା ପା ଅଦେଂ ମୁନା କିମାଟ୍ ।
୩୦ ଇନେର୍ ନିଙ୍ଗେଙ୍ଗ୍ ଏନ୍ତାନାର୍, ତାଙ୍ଗେଙ୍ଗ୍ ହିୟାଟ୍; ଆରେ ଇନେର୍ ନି ଦାନ୍ ଅନାର୍, ତାତାକେଣ୍ଡାଙ୍ଗ୍ ହେଦାଂ ଆରେ
ରଗ ଏନ୍ମାଟ୍ ।
୩୧ ✡ମାନାୟାର୍ ମି କାଜିଂ ଇନେସ୍ ବାନି ବେବାର୍ କିଦ୍ନାର୍ ଇଞ୍ଜି ଇଚା କିନାଦେର୍, ଏପେଙ୍ଗ୍ ହେୱାର୍ କାଜିଂ ହେ ଲାକେ
କିୟାଟ୍ ।"
୩୨ ଆରେ, ଇମ୍ଣାକାର୍ ମିଙ୍ଗେଙ୍ଗ୍ ଜିଉନଦ୍ନାର୍, ହେୱାରିଂ ଜିଉନତିସ୍ ଏପେଙ୍ଗ୍ ଇନା ଆସିର୍ବାଦ୍ ପାୟା ଆନାଦେର୍ ?
ଇନାକିଦେଂକି ପାପିର୍ ପା ଜାର୍ ଜାର୍ ଜିଉନନାକାରିଂ ଜିଉନନାର୍ ।
୩୩ ଆରେ, ଇମ୍ଣାକାର୍ ମିଦାଙ୍ଗ୍ ହାର୍ କିନାର୍, ଜଦି ଏପେଙ୍ଗ୍ କେବଲ୍ ହେୱାରିଂ ହାର୍ କିନାଦେର୍, ତେବେ ଏପେଙ୍ଗ୍
ଇନାକା ଆସିର୍ବାଦ୍ ପାୟା ଆନାଦେର୍ ? ଇନାକିଦେଂକି ପାପିୟାର୍ପା ହେଦାଂ କିନାରା ।
୩୪ ପାଚେ, ଇମ୍ଣାକାର୍ତାଂ ମିଦାଙ୍ଗ୍ ପାୟା ଆନି ଆହା ମାନାଟ୍, କେବଲ୍ ହେୱେରିଂ ରୁଣ୍ ହିତିସ୍ ଏପେଙ୍ଗ୍ ଇନା
ଆସିର୍ବାଦ୍ ପାୟା ଆନାଦେର୍ ? ପାପିର୍ ପା ସମାନ୍ନେ ପାୟାଦେଂ ଇଞ୍ଜି ପାପିରିଙ୍ଗ୍ ରୁଣ୍ ହିନାର୍
୩୫ ମାତର୍ ମି ସାତୁକାଂ ଜିଉନୱାଟ୍ ଆରି ହେୱାରିଂ ହାର୍ କିୟାଟ୍, ଆରେ ଉଲ୍ଟି ରୁଣ୍ ଆହା କିୱାଦାଂ ରୁଣ୍ ହିଆଟ୍;
ତା ଆତିସ୍ ମିଦାଙ୍ଗ୍ ଇନାମ୍ ବେସି ଆନାଟ୍ ଆରି ଏପେଙ୍ଗ୍ ସିଗ୍ଦାକାନ୍ ମାପୁ ମେହି ଆନାଦେର୍, ଇନାକିଦେଂକି ହେୱାନ୍
ଲଡ଼ାଆୱି ଆରି ବାନ୍ୟାଙ୍ଗ୍ ପା ଦୟା କିନାନ୍ ।
୩୬ ମିଞ୍ଜି ଆବା ଇନେସ୍ ଦାମର୍, ଏପେଙ୍ଗ୍ ହେ ଲାକେ ଦାମର୍ ଆଡ ।

### ଅଲ୍ଗା ବିନେନିକାର୍ କାଜିଂ ବିଚାର୍ କିମାଟ୍
*(ମାତିଉ ୭:୧-୫)*

✡ **୬:୨୨** ୧ ପିତର୍ ୪:୧୪. ✡ **୬:୨୩** ପକ୍ୟାତାକା ୭:୫୨. ✡ **୬:୩୧** ମାତିଉ ୭:୧୨.

୩୭ “ଆରେ, ବିଚାର୍ କିମାଟ୍, ତା ଆତିସ୍ ଏପେଙ୍ଗ୍ ବିଚାର୍କିୟା ଆଉଦେର୍; ଦସ୍ କିମାଟ୍, ତା ଆତିସ୍ ଏପେଙ୍ଗ୍ ଦସି
କିୟାଆଉଦେର୍ । କେମା କିୟାଟ୍, ତା ଆତିସ୍ ଏପେଙ୍ଗ୍ କେମା କିୟା ଆନାଦେର୍;
୩୮ ଦାନ୍ କିୟାଟ୍, ହେଦାଂ ମିଙ୍ଗେଙ୍ଗ୍ ଦାନ୍ ହିଦ୍ୟା ଆନାଡ୍; ଇସ୍ୱର୍ ମାଣ୍ଦ ବାର୍ତ କିଜି ହେଦେଲିଂ ଲେପ୍ଚି ଡ଼ିଉଡ଼ିଉ
ମିଙ୍ଗେଙ୍ଗ୍ ମାଣ୍ଦ ହିଦ୍ନାର୍; ଇନାକିଦେଂକି ଇମ୍ଣି ମାଣ୍ଦ ଲାଚ୍ନାସ୍, ହେ ମାଣ୍ତାଂ ମିଙ୍ଗେଙ୍ଗ୍ ଆରେ ମାଣ୍ଦାଂ ହିଦ୍ଆ
ଆନାଡ୍ ।”
୩୯ ଜିସୁ ହେୱେରିଂ ର ଉତର୍ମୁଡ୍ପା ଇଚାନ୍, “କାଣା ଇନାକା କାଣାଂ ହାଜି ଚ଼ଚ୍ଚେଙ୍ଗ୍ ଆଡ୍ନାନ୍ ? ଜଦି ହେୱାନ୍ ହେ
ଲାକେ କିନାନ୍, ଲାଗିଂ, ହେୱାର୍ ଇନାକା ରିୟାର୍ କ୍ଡଇଦ ଆରୁର୍ ?
୪୦ ✡ଗୁରୁତାଂ ଚେଲା ଗାଜା ଆକାୟ୍; ମାତର୍ ୱିଜାର୍ ଚେଲା ହିକ୍ୟା ୱିସ୍ତାର୍ଚି ହାର୍ ଆଜି ନିଜାର୍ ଗୁରୁ ସମାନ୍ ଆନାର୍
।”
୪୧ ଆରେ, ଇନେକିଦେଂ ନି ଟଣ୍ଡେନ୍ କାଣ୍ଙ୍ଗାତ ମାନି ଗାତ୍ରା ହୁଡ଼୍ନାୟା, ମାତର୍ ନି ନିଜ୍ କାଣ୍ଙ୍ଗାତ ଇମ୍ଣି ୱେଜ୍ଗୁ
ଗାତ୍ରା ମାନାଡ୍, ହେଦାଂ ବାବିକିଦେଂ ଆଡ୍ୟା ?
୪୨ ଏପେଙ୍ଗ୍ ଜାର୍ କାଣ୍ଙ୍ଗାତ ମାନି ଦୁଲୁମ୍ ଗାତ୍ରା ହୁଡ୍ୱାଦାଂ ଇନେସ୍ ଜାର୍ ଟଣ୍ଡେନିଂ ଇଞ୍ଜେଙ୍ଗ୍ ଆଡ୍ନାୟ୍, ଟଣ୍ଡେନ୍, ୱା,
ନି କାଣ୍ଙ୍ଗାତ ମାନି ଗାତ୍ରାତିଙ୍ଗ୍ ଉନ୍ଦି ହିଦ୍ନାଙ୍ଗ୍ ? ଆଡ଼େ କାପ୍ଟିୟାର୍ ଆଗେ ଜାର୍ କାଣ୍ଙ୍ଗାତାଂ ଦୁଲୁମ୍ ଗାତ୍ରା ଉନ୍ଦିୟା
ତା ପାଚେ ନିଜ୍ ଟଣ୍ଡେନ୍ କାଣ୍ଙ୍ଗାତ ମାନି ୱେଜ୍ଗୁ ଗାତ୍ରା ଉନ୍ଦିନି କାଜିଂ ହାର୍ଦାଂ ହୁଡ଼୍ଦେଂ ଆଡ୍ନାନ୍ ।

## ମାର୍ ଆରି ତା ପାଡ୍
*(ମାତିଉ ୭:୧୬-୨୦; ୧୨:୩୩-୩୫)*

୪୩ “ହାର୍ଦ ମାର୍ ବାନ୍ୟା ପାଡ୍ୱାଉଡ୍, ବାନ୍ୟା ମାର୍ତ ହାର୍ଦ ପାଡ୍ଆହୁଡ୍, ଇନେସ୍କି ହାର୍ ପାଡ୍ଆହ୍ନାଡ୍ ।
୪୪ ଇନାକିଦେଂକି ୱିଜୁ ମାର୍କୁ ଜାର୍ ପାଡ୍ଦାଂ ପୁନିୟା ଆନାଡ୍; ୱାଡ଼ିଙ୍ଗ୍ ବୁଟାତାଂତ ମାନାୟାର୍ ତଗା ଏଟୁର୍, କି
ୱାଡ଼ିକୁଡ଼ିଙ୍ଗ୍ତାଂ ଅଙ୍ଗୁର୍ପାଡ୍ଏଟୁର୍ ।
୪୫ ✡ହାର୍ଦ ଲଗୁ ହାର୍ଦି ୱାସ୍କିତାଂ ହାର୍ଦ ଆଡ୍ମାଡ୍ହପ୍ନାନ୍ । ଆରେ ବାନ୍ୟା ଲଗୁ ବାନ୍ୟା ୱାସ୍କିତାଂ ବାନ୍ୟା ଆଡ୍ମାଡ୍
ହପ୍ନାନ୍; ଇନାକିଦେଂକି ମାନ୍ତ ବାର୍ତ ଆତାଡ୍ନା ୱେଇ କାତା ଇନାଡ୍ ।”

## ରିବାନି ଇଲ୍ ରଚ୍ନାକା
*(ମାତିଉ ୭:୨୪-୨୭)*

୪୬ “ଆରେ, ଏପେଙ୍ଗ୍ ଇନେକିଦେଂ ନାଙ୍ଗେଙ୍ଗ୍ ମାପ୍ରୁ, ମାପ୍ରୁ ଇଞ୍ଜି କୁକ୍ତାନାଦେରା ମତର୍ ନା ବଚନ୍ ପାଲି କିଉଦେରା ?
୪୭ ଇମ୍ଣାକାର୍ ନା ଲାଗେ ୱାଜି ନା ବେରଣ୍ ୱେନ୍ଞ୍ଜି ହେ ସବୁ ପାଲି କିନାନ୍, ହେୱାନ୍ ଇନେର୍ ସମାନ୍ ଆନାନ୍, ହେଦାଂ
ଆନ୍ ମିଙ୍ଗେଙ୍ଗ୍ ୱେଚାନାଙ୍ଗ୍ ।
୪୮ ହେୱାନ୍ ଇ ଲାକେ ରକାନ୍ ଇଲ୍ ଡ଼୍ରିକ୍ନି ମାନାୟ୍ ଲାକେ ଜେ ଡେଙ୍ଗାକିଜି କାର୍ଚ କୁନାଦି କାଲ୍ ଜପି ଇଡ଼୍ଜି
କୁଚିକିତାର୍; ଆରେ ପୁର୍ଆତିଲେ ହୁଞ୍ଜାଟ୍ ହେ ଇଞ୍ଜ ବେସି ଦକା ଇଡ଼ିତାଡ୍ ମାତର୍ ହେଦାଂ ଲେପ୍ପେଦେଂ ଆଡ୍ୱାତାଡ୍,
ଇନାକିଦେଂକି ହେଦାଂ ହାର୍ କିଜି ରଚ୍ଚାକାମାଚାଡ୍ ।
୪୯ ମାତର୍ ଜେ ୱେନ୍ଞ୍ଜି ପାଲି କିଉନ୍, ହେୱାନ୍ କୁନାଦି କୁଚିକିୱାଦାଂ ମେଦ୍ନି ଜପି ଇଲ୍ ରଚ୍ନି ମାନାୟ୍ ଲାକେ;
ଏଚେକାଡ୍ଦ ଇଲ୍ତିଂ ବେସି ଦକା ଇଡ଼ିତିସ୍, ଉଲ୍କା ହେ ମଲ୍ଦିଂ ବେସି ଦକା ଇଡ଼୍ତିଲେ, ହେ ଦାପ୍ରେ ହେଦାଂ ବାଡ଼୍ହା
ଆତାଡ୍ ଆରେ ହେଦାଂ ନାସ୍ ବଇଙ୍ଗାର୍ ଆତାଡ୍ ।”

# ୭

## ଜିସୁ ରୱାନ୍ ରମିୟ ମାନାୟ୍ତିଂ ଉଜ୍ କିତାନ୍
*(ମାତିଉ ୮:୧୨)*

୧ ଜିସୁ ମାନାୟାରିଂ ୱେଚ୍ଚେଙ୍ଗ୍ ମାନ୍କିଜି ମାଚାନ୍ ହେୱାନ୍ ୱିଜାର୍ କାତା ୱିସ୍ତି କପର୍ନାହୁମ୍ ହଣଗାତାନ୍ ।
୨ ହେୱାଡ଼ାଂ ରୱାନ୍ ପାଞ୍ଚକଡ଼ି ମେଲ୍ୟାର୍ ମୁଡ଼୍ଦାକାନ୍ ହଲ୍ୟାହି ବେମାର୍ ଆଜି ମାଚାନ୍, ହେୱାନ୍ ତାଙ୍ଗେଙ୍ଗ୍ ବେସି
ଜିଉନଜି ମାଚାନ୍ ।
୩ ହେୱାନ୍ ଜିସୁ ବିସ୍ରେ କାବୁର୍ ପୁଞ୍ଜି, ହେୱାନ୍ ଇନେସ୍ ୱାଜି ହେ ହଲ୍ୟାହିତି ଜିବୁନ୍ ରାକ୍ୟା କିନାନ୍, ଇଦାଂ କାଜିଂ ତା
ତାକେ ଜିହୁଦିତ କେତେଜାଣ୍ ବୁଡ଼ାଲୁରିଂ ପକ୍ଚି ତାଙ୍ଗେଙ୍ଗ୍ ଗୱାରି କିତାନ୍ ।
୪ ହେୱାର୍ ଜିସୁ କଚଣ୍ଡ ୱାଜି ତାଙ୍ଗେଙ୍ଗ୍ ବେସି ଗୱାରି କିଦେଙ୍ଗ୍ ଲାଗାତାର୍, ଏନ୍ ଜେ ହେୱାନ୍ କାଜିଂ ଇଦାଂ କିନାୟ୍,
“ହେୱାନ୍ ହେବେନି ଦାୟିତ୍ ଆନାନ୍;
୫ ଇନାକିଦେଂକି ଜିସୁ ମାଙ୍ଗେଙ୍ଗ୍ ଜାତିତିଂ ଜିଉନନାନ୍ ଆରି ହେୱାନ୍ ମା କାଜିଂ କୁଟୁମ୍ ଇଞ୍ଜ ରଚ୍ଚି ହିଡ୍ନ୍ନା ।”

✡ **୬:୪୦** ମାତିଉ ୧୦:୨୪,୨୫; ଜହନ୍ ୧୩:୧୬; ୧୫:୨୦. ✡ **୬:୪୫** ମାତିଉ ୧୨:୩୪.

୬ ହେବେ ଜିସୁ ହେୱାର୍ ଲାହାଙ୍ଗ୍ ରଚେ ହାଚାନ୍ । ହେୱାନ୍ ଇଞ୍ଜାଙ୍ଗ୍ ଅଲପ୍ ଦେହା ଆତିଲେ, ପାଞ୍ଚକଡ଼ି ମେଲ୍ୟାର୍
ହାଙ୍ଗ୍ଦାକାରିଂ ପକ୍ଚି ତାଙ୍ଗେଙ୍ଗ୍ ଇଚାର୍, "ମାପ୍ରୁ କସ୍ଟ କିଦ୍ମା; ଇନାକିଦେଂକି ଏନ୍ ଜେ ମା ଇଞ୍ଜ କାଲ୍ ତଗ୍ନାୟ୍, ଆନ୍
ଏଲେଙ୍ଗ୍ ବାର୍ତି ଇନାକା ହିଲୁତ୍;
୭ ଲାଗିଂ ଆନ୍ ନି କଚଣ୍ତ ହାଞ୍ଜେଙ୍ଗ୍ ନିଜ୍ତିଂ ୱାର୍ୟା ଆୱାଦାଂ ମାଚାଙ୍ଗ୍; ମାତର୍ ପାଦେକ୍ ବଲ୍ କିଦା, ନା ଆଡ଼ିଏନ୍
ଉଜ୍ ଆନାନ୍ ।
୮ ଇନାକିଦେଂକି ଆନ୍ ରୱାନ୍ ବାନ୍ୟା ମାନାଙ୍ଗ୍ ଆତିସ୍ ପା ନା ତାରେନ୍ ମେଲ୍ୟାର୍ ମାନାର୍; ଆରେ, ଆନ୍ ରୱାନିଂ
ଆଦିକାର୍ ହିତିସ୍ ହେୱାନ୍ ହାନାନ୍; ଆରେ ରୱାନିଂ ୱା ଇଚିସ୍ ହେୱାନ୍ ୱାନାନ୍; ମାତର୍ ନା ହଲ୍ୟା ଇଦାଂ କିୟା ଇଚିସ୍
ହେଦାଂ କିନାନ୍ ।"
୯ ଜିସୁ ଇ ୱିଜୁ କାତା ୱେନ୍ଞ୍ଜି ହେ ବିସ୍ରେ କାବା ଆତାର୍, ଆରେ ମାସ୍ଦି ହେ ପାଚେ ୱାଜିମାନି ମାନାୟାରିଂ ଇଚାନ୍,
"ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା, ଇସ୍ରାଏଲ୍ ବିତ୍ରେ ପା ଏଚେକ୍ ଗାଜା ପାତର୍ ପାୟାଆୱାତାଂନ୍ନା ।"
୧୦ ଆରେ ପକ୍ୟାତାକାର୍ ମାନାୟ୍ ଇଞ୍ଜ ଲେଉଟା ଆଜି ହଲ୍ୟାହିଙ୍ଗ୍ ଉଜ୍ ଆତାକା ହୁଡ଼୍ତାର୍ ।

## ଜିସୁ ର ରାଣ୍ଡିନି ହାତି ହିମ୍ଣାତିଂ ଜିପ୍ତାନ୍

୧୧ ଇଦାଂ ପାଚେ ହେୱାନ୍ ନାଇନ୍ ତର୍ଦି ଗାଡ଼୍ଦ ହାଚାନ୍, ଆରି ହେୱାନ୍ ଚେଲାହିର୍ ଆରି ବେସିହେନି ମାନାୟ୍ ହେୱାର୍
ହୁଦାଂ ହାଲ୍ଜି ମାଚାର୍ ।
୧୨ ହେୱାନ୍ ଗାଡ଼୍ନି ଦୁୱେର୍ ଲାଗେ ଏକାୱାତିଲେ, ହୁଡ଼ାଟ୍, ମାନାୟ୍ ରୱାନ୍ ହାତି ମାନାୟ୍ତିଂ ବାର୍ତ ପିଣ୍ଡ଼ଜି ତାସି
ମାଚାର୍, ହେୱାନ୍ ଜାର୍ ଆୟାନି ରୱାନ୍ ମତର୍ କାଡ଼୍ଦେ, ମାତର୍ ହେ କଗ୍ଲେ ରାଣ୍ଡି; ଆରେ ଗାଡ଼୍ନି ବେସିହେନିମାନାୟ୍
ତା ଲାହାଙ୍ଗ୍ ମାଚାର୍ ।
୧୩ ହେଦେଲିଂ ହୁଡ଼୍ଜି ମାପ୍ରୁ ତା କାଜିଂ କାର୍ମା ଆଜି ଦୁକ୍ ହୁଡ଼୍ଜି ତାଙ୍ଗେଙ୍ଗ୍ ଇଚାନ୍, "ଆଡ଼୍ବାମା ।"
୧୪ ଆରେ, ହେୱାନ୍ କଚଣ୍ତ ହାଲ୍ଜି ମାରାତ ଡୁତାନ୍, ପାଚେ ପିଣ୍ଡ଼ତାକାର୍ ନିଲ୍ତିଲେ ହେୱାନ୍ ଇଚାନ୍, ନିଲାଟ୍,
ହେୱାନ୍ ଇଚାନ୍, "ଦାଙ୍ଗ୍ଣେନ୍, ଆନ୍ ନିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା ନିଙ୍ଗା ।"
୧୫ ହେବେତାଂ ହାତି ଲଗୁ ନିଙ୍ଗ୍ଜି କୁଚ୍ଚାନ୍, ଆରେ ବେଣ୍ କିଦେଙ୍ଗ୍ ଲାଗାତାନ୍, ଆରେ ହେୱାନିଂ ତା ତେହି କେଇଦ
ହେଲାୟ୍ କିତାର୍ ।
୧୬ ଇବେତାଂ ୱିଜାକାର୍ ପାଣ୍ଡ୍ରା ଆତାର୍, "ଆରେ ଇସ୍ୱତର୍ ଗୁଣ୍ କେର୍ଜି କିଉ କିଉ ଇଞ୍ଜେଙ୍ଗ୍ ଲାଗାତାର୍," ମା ବିତ୍ରେ
ରୱାନ୍ ଗାଜା ବେଣ୍ବାକ୍ଣାୟ୍କିନାକାନ୍ ହନ୍ତାନ୍ନା "ଆରି ଇସ୍ୱର୍ ଜାର୍ ଲଗାଂ କାଜିଂ ମୁକ୍ତି କିଦେଙ୍ଗ୍ ୱାତାନ୍ନା ।"
୧୭ ପାଚେ, ଜିସୁ ବିସ୍ରେ ଇ ବେରଣ୍ ୱିଜାର୍ ଜିହୁଦା ଦେସ୍ ଆରି ଚାରିବେଣ୍ତାଂ ୱିଜୁ ନାସ୍କୁକାଂ ୱିଣ୍ତାତ୍ ।

## ବାପ୍ତିସିମ୍ ଜହନ୍ତି ପର୍ସନ୍

*(ମାତିଉ ୧୧:୨-୧୯)*

୧୮ ପାଚେ ଜହନ୍ ଚେଲାହିର୍ ଇ ୱିଜୁ ବିସ୍ରେ ୱେଚ୍ଚାର୍ ।
୧୯ ହେବେ ଜହନ୍ ଜାର୍ ଚେଲାର୍ ବିତ୍ରେ ରିୟାରିଂ କଚଣ୍ତ କୁକ୍ଚି ମାପ୍ରୁ ତାକେ ଇଦାଂ ଇଞ୍ଜି ପକ୍ତାନ୍, "ଇନେନ୍ତି
ୱାନାକା ମାଚାତ୍, ହେ ମାନାୟ୍ ଏନ୍, କି ନଲେ ଆପେଂ ଆରେ ରୱାନିଂ କାସିମାନାପ୍ ?"
୨୦ ହେ ମାନାୟାର୍ ଜିସୁଙ୍ଗ୍ ଲାଗେ ହାଲ୍ଜି ଇଚାର୍, "ବାପ୍ତିସିମ୍ ହିନି ଜହନ୍ ମାଙ୍ଗେଙ୍ଗ୍ ନି ତାକେ ଏଲେଙ୍ଗ୍ ଇଞ୍ଜି
ପକ୍ତାତାନ୍ନା, ଇନେର୍ତି ୱାନାକା ଆନାତ୍, ହେ ମାନାୟ୍ କି ଏନ୍, କି ଆପେଂ ଆରକାନିଂ କାଜିଂ ମାନାପ୍ ?"
୨୧ ହେୱାଡ଼ାଂ ହେୱାନ୍ ବେସିଲଗାଂ ରଗ୍, ବେମାର୍ ଆରି ବାନ୍ୟାପୁଦା ଉଜ୍ କିତାନ୍, ଆରି ହେନି କାଣାରିଂ କାଣ୍କୁ
ହୁଡ଼ିକିତାନ୍ ।
୨୨ ଜିସୁ ହେୱାରିଂ ଉତର୍ ହିତାନ୍, ଏପେଙ୍ଗ୍ ହାଲ୍ଜି ଇନା ଇନାକା ହୁଡ଼୍ତାଦେର୍ ଆରି ୱେଚାଦେର୍, ହେଦାଂ ୱିଜୁ
ଜହନ୍ତିଂ ୱେଚାଟ୍; "କାଣାର୍ କାଣ୍କୁ ହୁଡ଼୍ନାର୍, ଚଟାର୍ ତାଂଦେଙ୍ଗ୍ ଆଡ଼୍ତାର୍, ଗାଜା ରଗ୍ୟାର୍ ସକଟ୍ ଆଦେଂ ଆଡ଼୍ତାର୍,
ବଇରାର୍ ୱେଞ୍ଜେଙ୍ଗ୍ ଆଡ଼୍ତାର୍, ହାତାକାର୍ ନିଙ୍ଗ୍ନାର୍, ହିଲ୍ୱାକାର୍ ତାକେ ନେକ୍ରିକାବୁର୍ ସୁଣାୟ୍ କିତାର୍;
୨୩ ଆରେ ଇମ୍ଣି ମାନାୟ୍ ନାତାକେଣ୍ତାଂ ବାଦା ପାୟା ଆଉନ୍, ହେୱାନ୍ ଦନ୍ୟ ।"
୨୪ ଜହନ୍ନି ଦୁତର୍ ହାଚିପାଚେ ଜିସୁ ଜହନ୍ ବିସ୍ରେ ବେରଣ୍ ଇଞ୍ଜେଙ୍ଗ୍ ଲାଗାତାନ୍, ଏପେଙ୍ଗ୍ ଇନାକା ହୁଡ଼୍ଦେଂ ଇଞ୍ଜି
ହାଲ୍ଜି ମାନାଦେର୍ ? "ଇନାକା ଦୁକାତିଙ୍ଗ୍ ଜଲାଆନି ନାଡ଼ା ?
୨୫ ହେଦାଂ ଆୱିତିସ୍ ଏପେଙ୍ଗ୍ ଇନାକା ହୁଡ଼୍ଦେଂ ଇଞ୍ଜି ହସି ହାଲ୍ଜି ମାଚାଦେର୍ ? ଇନାକା ଦାମ୍ନି ହେନ୍ଦ୍ରା ଉସ୍ପିତି
ର ମାନାୟ୍ତିଂ ? ହୁଡ଼ାଟ୍, ଇମ୍ଣାକାର୍ ଦାମ୍ନି ହେନ୍ଦ୍ରା ଉସ୍ପାତାନ୍ ବିସ୍ରେ ସୁକ୍ତାଙ୍ଗ୍ ଜିନାନ୍, ହେୱାର୍ ରାଜା ଗାଦିତ
ମାନ୍ଗାନାର୍ ।
୨୬ ନାଙ୍ଗେଙ୍ଗ୍ ଇଞ୍ଜା, ହେଦାଂ ଆୱିତିସ୍ ଇନାକା ହୁଡ଼୍ଦେଂ ଇଞ୍ଜି ହସି ହାଲ୍ଜି ମାଚାଦେର୍ ? ଇନାକା ରୱାନ୍
ବେଣ୍ବାକ୍ଣାୟ୍କିନାକାନିଂ ? ଆନ୍ ମିଙ୍ଗେଙ୍ଗ୍ ହାଡ଼୍ପା ୱେଚାନାଙ୍ଗା, ବେଣ୍ବାକ୍ଣାୟ୍ କିନାକାନ୍ତାଙ୍ଗ୍ ଆଦିକ୍ ଗାଜା
ମାନାୟ୍ତିଂ ।

୨୭ ଇନେର୍ ବିସ୍ରେ ଇଦାଂ ଦରମ୍ ସାସ୍ତର୍ ଲେକା ମାନାତ୍, ଇସ୍ୱର୍ ଇଚାନ୍ ହୁଡ଼ାଟ୍, ଆପେଂ ମା ଦୁତ୍ତିଂ ମି ଆଗେ
ପକ୍ତାନାପା, ହେୱାନ୍ ମି ଲାଗେ ମିଦାଙ୍ଗ୍ ହାଜି ରଚ୍ଚି ହିଦ୍ନାନ୍, ଇୱାନ୍ ହେ ମାନାୟ୍ ।
୨୮ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା," କଗ୍ଲେ ପଟତ ଜଲମ୍ ୱିଜାର୍ତାଂ ବିତ୍ରେ ଜହନ୍ ତାଙ୍ଗ୍ ଗାଜାକାନ୍ ଇନେର୍ ହିଲୁର୍;
ଆତିସ୍ପା ସାର୍ଗେ ରାଜିତ ଇନେନ୍ ହିରୁକାନ୍, "ହେୱାନ୍ ଜହନ୍ ତାଙ୍ଗ୍ ପା ଗାଜାକାନ୍ ।"
୨୯ ଇମ୍ଣି ଇ ୱିଜୁ ବେରଣ୍ ୱେନ୍ଞ୍ଜି ମାଚାର୍, ହେୱାର୍, ହାଡ୍ପାକିଜି ସିସ୍ତୁଏନ୍ନାକାର୍, ଇସ୍ୱର୍ ମାପ୍ରୁଙ୍ଗ୍ ହାର୍ଦ ଦାବି
ୱିଜୁ ପାର୍ତ କିଜି ଜହନ୍ ତାଙ୍ଗ୍ ବାପ୍ତିସିମ୍ ଅଜି ମାଚାନ୍;
୩୦ ମାତର୍ ପାରୁସିର୍ ଆରେ ଦରମ୍ ଗୁରୁର୍ ହେୱାର୍ ଜିବୁନ୍ କାଜିଂ ଇସ୍ୱର୍ ମାପ୍ରୁ କାଜିଂ ଇଟ୍ୟା ଆୱାଦାଂ ତାତାଂ ବାପ୍ତିସିମ୍
ଅୱାଦାଂ ମାଚାନ୍ ।
୩୧ ଜିସୁ ଆରେ ରଗ ଇଚାନ୍ ଇନେର୍ ଇ ଜୁଗ୍ଦି ମାନାୟାରିଂ ଆନ୍ ଇନେର୍ ହୁଦାଂ ତୁଲାୟ୍ କିନାଙ୍ଗ୍, "ଆରେ ହେୱାର୍
ଇନେର୍ ଲାକେ ?
୩୨ ଇମ୍ଣି କାଡ୍ଦେର୍ ଆଟ୍ ବାଜାର୍ତ କୁଚ୍ଚି ହେୱେର୍ ହେୱାର୍ କୁକ୍ଚି ଇନାର୍, ଆପେଂ ମି ଲାଗାଂ ହୁରୁଡ଼ି ତୁବ୍ତାପ୍,
ଏପେଙ୍ଗ୍ ଏନ୍ଦ୍ୱାତାଦେର୍; ଆପେଂ ହାତି କେର୍କଣ୍ କେର୍ତାପ୍, ଏପେଙ୍ଗ୍ ଆଡ୍ବାୱାତାଦେର୍, ହେୱାର୍ ହେୱେର୍ ଲାକେ
।
୩୩ ଇନାକିଦେଂକି ବାପ୍ତିସିମ୍ହିନି ଜହନ୍ ୱାଜି ରୁଟି ତିନ୍ୱାତାନ୍ କି ଆରେ ଅଙ୍ଗୁର୍ ରାସ୍ ଉଣୁୱାତାନ୍, ଆରେ ଏପେଙ୍ଗ୍
ଇନାଦେରା, ହେୱାନ୍ ବୁତ୍ ଆସ୍ତାଡ୍ନା ।
୩୪ ମାନାୟ୍ ମାଜି ୱାଜି ତିନାଉଣା କିନାନ୍, ଆରେ ଏପେଙ୍ଗ୍ ଇନାଦେରା, ହୁଡ଼ାଟ୍, ଇୱାନ୍ ରକାନ୍ ବାତ୍ୱା ଆରି ମଦ୍ୱା,
ସିସ୍ତୁଏନ୍ନାକାର୍ ଆରି ପାପିୟାର୍ ହାଙ୍ଗ୍ଦାକାନ୍ ।
୩୫ ମତର୍ ବୁଦି ନିଜାର୍ ୱିଜାର୍ ହିମ୍ଣାଂ ତାଙ୍ଗ୍ ସମାନ୍ ଇଞ୍ଜି ପାର୍ମାଣ୍ ଆତାତ୍ ।"

## ପାରୁସି ସିମନ୍ ଇଞ୍ଜ ଜିସୁ

୩୬ ଆରି, ପାରୁସିର୍ ବିତ୍ରେ ରୱାନ୍ ଜିସୁ ନିଜାର୍ ଲାହାଙ୍ଗ୍ ଚିଞ୍ଜେଙ୍ଗ୍ ତାଙ୍ଗେଙ୍ଗ୍ ଗୱାରି କିଜି କୁକ୍ତାନ୍ । ହେବେଣ୍ତାଂ
ହେୱାନ୍ ପାରୁସି ଇଞ୍ଜ ହଣ୍ଜି ଚିଞ୍ଜେଙ୍ଗ୍ କୁଚ୍ଚାର୍ ।
୩୭ ✡ଆରେ ହୁଡ଼ାଟ୍, ହେ ଗାଡ୍ଦ ରଞ୍ଜେଲ୍ ପାପିୟାଣି କଗ୍ଲେ ମାଚାତ୍; ଜିସୁ ହେ ପାରୁସି ଇଞ୍ଜ ତିନି କାଜିଂ କୁଚ୍ଚାନ୍ନା,
ଇଦାଂ ପୁଞ୍ଜି ହେଦେଲ୍ ର କଣ୍ଡିତ ବାସ୍ନା ଚିକାଣ୍ ତାସି ୱାତାତ୍,
୩୮ ପାଚ୍ବାଗାଂ ତା ପାନା ତାରେନ୍ ନିଲ୍ଚି ଆଡ଼୍ଜି ଆଡ଼୍ଜି କାଣେଲ୍ତାଂ ହେୱାନ୍ ପାନାତିଂ ଉଦିକିଜି ଜାର୍ କାପ୍ଡ଼ାନି
ତେମୁଲ୍ତାଂ ହେଦାଂ ନେନ୍ଦେଂ ଲାଗାତାତ୍ । ଆରେ ଜିସୁ ପାନାତିଂ ଡନ୍ଞ୍ଜି ଡନ୍ଞ୍ଜି ବାସ୍ନା ଚିକାଣ୍ କାସ୍ତାତ୍ ।
୩୯ ହେଦାଂ ହୁଡ଼ାଟ୍, ଇମ୍ଣି ପାରୁସି ତାଙ୍ଗେଙ୍ଗ୍ କୁକ୍ଚି ମାଚାନ୍, "ହେୱାନ୍ ମାନେ ମାନେ ଇଚାନ୍, ଇୱାନ୍ ଜଦି
ବେଣ୍ବାକ୍ଣାୟ୍କିନାକାନ୍ ଆଜି ମାଚାନ୍ଚି, ତା ଆତିସ୍ ଇୱାନିଂ ଜେ ତୁନାତା, ହେଦେଲ୍ ଇନ୍ଦେଲ୍ ଆରି ଇନେସ୍ ବାର୍ତନି
କଗ୍ଲେ, ଇଚିସ୍, ହେଦେଲ୍ ଜେ ପାପିୟାଣି, ଇଦାଂ ପୁଚାନ୍ମା ।"
୪୦ ଜିସୁ ତାଙ୍ଗେଙ୍ଗ୍ ଉତର୍ ହିତାନ୍, "ସିମନ୍, ନିଙ୍ଗେଙ୍ଗ୍ ଆନ୍ ଇନାକାପା ଇଞ୍ଜ୍ନାକା ମାନାତ୍ ।" ହେୱାନ୍ ଇଚାନ୍, "ଗୁରୁ
ଇଞ୍ଜା ।"
୪୧ "ର ମାଜାନ୍ତାଂ ରିୟାର୍ ରିଣ୍ ଆଜି ମାଚାର୍; ରୱାନ୍ ପାଞ୍ଚସହ ଟାକାଂ ଆରି ଆରେ ରୱାନ୍ ରିକଡ଼ିଦସ୍ ଟାକାଂ ରିଣ୍
ଅଜି ମାଚାନ୍ ।
୪୨ ହୁଜାଆଦେଂ ହେୱାର୍ତି ଇନାକା ହିଲ୍ୱିତିଲେ ହେୱାନ୍ ରିଆର୍ତି କେମା କିତାନ୍ । ଲାଗିଂ ହେୱାର୍ ବିତ୍ରେ ଇନେର୍
ତାଙ୍ଗେଙ୍ଗ୍ ଆଦିକ୍ ଜିଉନନାନ୍ ?"
୪୩ ସିମନ୍ ଉତର୍ ହିତାନ୍, "ଆନ୍ ବାବିକିନାଙ୍ଗା, ହେୱାନ୍ ଇନେକିଦେଂ ଆଦିକ୍ ରୁଣ୍ ପିସ୍ତାନ୍, ହେୱାନ୍ । ହେୱାନ୍
ହେୱାରିଂ ଇଚାନ୍, ଏନ୍ ହାଡ୍ପା ବିଚାର୍ କିତାୟ୍ ।"
୪୪ ଆରେ, ହେୱାନ୍ ହେ କଗ୍ଲେ କାଜିଂ ୱେଇ ମାସ୍ତି ସିମନ୍ତିଂ ଇଚାନ୍, "ଇ କଗ୍ଲେଂ ହୁଡ଼୍ନାୟା ? ଆନ୍ ମି
ଇଞ୍ଜ ୱାତାଂ, ଏନ୍ ନା ପାନା କାଜିଂ ଏଜୁଂ ହିଦ୍ୱାତାୟ୍, ମାତର୍ ଇଦେଲ୍ କାଣେଲିଂ ଲାହାଙ୍ଗ୍ ନା ପାନା ଉଦିକିଜି ନିଜ୍ନି
ତେମୁଲ୍ତାଂ ହେଦାଂ ନେନ୍ତାତ୍ ।
୪୫ ଏନ୍ ନାଙ୍ଗେଙ୍ଗ୍ ଡଞ୍ଜି, ହିର୍ବା ଆଦ୍ୱାତାୟ୍ ମାତର୍ ଆନ୍ ବିତ୍ରେ ୱାତି ସମୁତାଂ ଇଦେଲ୍ ନା ପାନା ଡଞ୍ଜାନାକା ପିସ୍ତୁତେ
।
୪୬ ଏନ୍ ନା କାପ୍ଡ଼ାତ ଚିକାଣ୍ କାସ୍ଦାୱାତାୟ୍, ମାତର୍ ଇଦେଲ୍ ନା ପାନାତ ବାସ୍ନା ଚିକାଣ୍ କାସ୍ଦାତାତ୍ ।
୪୭ ଲାଗିଂ ଆନ୍ ନିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା, ଇଦେଲ୍ତି ଆଦିକ୍ ପାପ୍ କେମା ଆତାତ୍ନ୍ନା, ଇନାକିଦେଂକି ହେଦେଲ୍ ବେସି
ଜିଉନନାନ୍; ମାତର୍ ଇନେରିଂ ଅଲପ୍ କେମା ହିୟାଆନାତ୍, ହେୱାନ୍ ଅଲପ୍ ଲାଡ୍ କିନାନ୍ ।"
୪୮ ଆରି, ଜିସୁ ହେ କଗ୍ଲେଂ ଇଚାନ୍, "ନି ପାପ୍ ୱିଜୁ କେମା ଆତାତ୍ନ୍ନା ।"
୪୯ ହେବେଣ୍ତାଂ ତା ଲାହାଙ୍ଗ୍ ତିନି କୁଚ୍ଚି ମାନି ମାନାୟାର୍ ମାନେ ମାନେ ଇଞ୍ଜେଙ୍ଗ୍ ଲାଗାତାର୍, "ପାପ୍ ପା କେମା କିନାନା
ଜେ, ଇୱାନ୍ ଇନେନ୍ ?"

✡ **୭:୩୭** ମାତିଉ ୨୬:୭; ମାର୍କ ୧୪:୩; ଜହନ୍ ୧୨:୩.

୫୦ ମାତର୍ ଜିସୁ ହେ କଗ୍ଲେଂ ଇଚାନ୍, “ନି ପାତର୍ଁ ନିଙ୍ଗେଙ୍ଗ୍ ରାକ୍ୟା କିଡ୍ତାଡ୍ନ୍ନା; ସୁସ୍ତାତାଂ ହାଲା ।”

# ୮

## ଚେଲାର୍ ହୁଦାଂ ଜିସୁ ପାଚେ ପାଚେ ହାନିକିଙ୍ଗ୍ କଗ୍ଲେହିମ୍ଣାଂ

୧ ଇବେଣ୍ଡାଂ ଅଲପ୍ ସମୁ ପାଚେ ଜିସୁ ଗାଡ଼ଦ ଗାଡ଼ଦ ଆରେ ନାସ୍କୁ ନାସ୍କୁକାଂ ସୁଣାୟ୍ କିଜି ମାପ୍ରୁ ରାଜିନି ନେକ୍ରିକାବୁର୍
ସୁଣାୟ୍ କିଜି ପ୍ରାଞ୍ଜେଙ୍ଗ୍ ଲାଗାତାର୍, ଆରେ ବାରଜାଣ୍ ଚେଲାହିର୍ ତା ଲାହାଙ୍ଗ୍ ମାଚାର୍,
୨ ଆରେ କେତେ ଜାଣ୍ କଗ୍ଲେହିମ୍ଣା ପା ତା ଲାହାଙ୍ଗ୍ ହାଲ୍ଜି ମାଚିକ୍, ଇମ୍ଣି କଗ୍ଲେ ହିମ୍ଣାକାଂ ବାନ୍ୟାପୁଦାତାଂ
ଉଜ୍ ଆଜି ମାଚିକ୍ ହେୱେକ୍ପା ତା ଲାହାଙ୍ଗ୍ ମାଚିକ୍, ମରିୟମ୍ ଇମ୍ଣାକା କି ତର୍ ମଗ୍ଦଲିନି ଇନାର୍ ତା ତାକେଣ୍ଡାଂ
ସାତ୍ଗଟା ପୁଦାଂ ହପ୍ଚି ମାଚାର୍ ।
୩ ହେରଦ୍ତି ଗୁମୁସ୍ତା କୁଜାତି ୱାଣି ଜହନା, ସସ୍ନ୍ନା, ଆରେ ଆଦିକ୍ ହେନି କଗ୍ଲେକ୍ ତା ଲାହାଙ୍ଗ୍ ମାନ୍ଞ୍ଜି ଜାର୍ ଜାର୍
ଦାନ୍ ହିଜି ହେୱାର୍ତି ହେବା କିଜି ମାଚିକ୍ ।

## ବିୟାନ୍ ୱିଡ୍ନାକାନ୍ତି କାତା

*(ମାତିଉ ୧୩:୧-୯; ମାର୍କ ୪:୧-୯)*

୪ ବେସିହେନି ମାନାୟ୍ ରୁଣ୍ଡା ଆନିହିଙ୍ଗ୍ ଆରି ଗାଡ଼୍ ଗାଡ଼୍ଦାଂ ମାନାୟ୍ ତା ଲାଗେ ୱାତିହିଙ୍ଗ୍, ଜିସୁ ଇ ଉତର୍ମୁଡ଼୍ ହିଜି
ୱେଚ୍ଚାନ୍,
୫ “ରୱାନ୍ ୱିଡ୍ନାକାନ୍ ନିଜାର୍ ବିୟାନ୍ ୱିଡ୍ଦେଙ୍ଗ୍ ହଡ୍ତାନ୍ । ହେୱାନ୍ ୱିଡୁ ୱିଡୁ କେତେକ୍ ହାଜି କଚଣ୍ଡ ଆର୍ତାଡ୍
ଆରେ କାଲ୍ ତାରେନ୍ ଦୁଡ଼ି ଆଜି ହାତାଡ୍, ଆରେ ଆକାସ୍ନି ପଟିଂ ହେଦାଂ ଚିଚିକ୍ ।
୬ ଆରେ କେତେକ୍ କାଲ୍କୁକୁଡ଼ି ଜପି ଆର୍ତାଡ୍, ପାଚେ ନେସ୍ଇ ଚିକ୍ଲା ଅଦା ହିଲ୍ୱିତିଲେ ୱାଚ୍ଚାଡ୍ ।
୭ ଆରେ କେତେକ୍ ୱାଡ଼ି ମାର୍ ବିଡ୍ରେ ଆର୍ତାଡ୍, ଆରେ ୱାଡ଼ିଙ୍ଗ୍ ମାର୍କୁ ହେଦାଂ ହାଙ୍ଗେ ହାଙ୍ଗେ ଗାଜା ଆଜି ହେୱାକାଂ
ଡାବାୟ୍ କିତିକ୍ ।
୮ ଆଦେକ୍ କେତେକ୍ ହାଦର୍ଁ ମେଦ୍ନିତ ଆର୍ତାଡ୍, ଆରେ ପାନ୍ଚି ପାଞ୍ଜ୍କଡ଼ି ଗୁଣ୍ ପାଡ଼୍ଆସ୍ତାଡ୍ ।”
ଜିସୁ ଏଲେଙ୍ଗ୍ ଇଞ୍ଜି ଇଞ୍ଜି ଗାଜା କାଟ୍ତାଂ ଇଚାନ୍, “ଇନେରିଂ ୱେଞ୍ଜେଙ୍ଗ୍ କିତୁଲିଂ ମାନିକ୍, ହେୱାନ୍ ୱେନେନ୍ ।”

## ଜିସୁତି ଉତର୍ମୁଡ଼୍

*(ମାତିଉ ୧୩:୧୦-୧୭; ମାର୍କ ୪:୧୦-୧୨)*

୯ ଜିସୁ ଚେଲାହିର୍ ଇ ଉତର୍ମୁଡ଼୍ ଅରଡ୍ ଇନାକା ଇଞ୍ଜି ୱେନ୍ବେଦେଂ ଲାଗାତାର୍ ।
୧୦ ହେବେତାଂ ହେୱାନ୍ ଇଚାନ୍, “ଇସ୍ୱରର୍ଁ ରାଜି ବିଡ୍ରେନି ବିସ୍ରେ ପୁଞ୍ଜେଙ୍ଗ୍ ଇଞ୍ଜି ମିଙ୍ଗେଙ୍ଗ୍ ସାକ୍ତି ହିଦ୍ୟା ଆତାଡ୍ନ୍ନା,
ମାତର୍ ବିନେ ନିକାରିଂ ଉତର୍ମୁଡ଼୍ଦାଂ ୱେଚ୍ୟାନାଡ୍, ଇନେସ୍କି ହେୱାର୍ ହୁଡ଼୍ଜି ହୁଡ଼୍ଜି ହୁଡ଼୍ଦେଂ ଆଡୁର୍ ଆରି ୱେନୁ
ୱେନୁ ବୁଜାଆଉର୍ ।”

## ଜିସୁ ୱିଡ୍ନାକାନ୍ତି ଅରଡ୍ ବୁଜାୟ୍ କିତାନ୍

*(ମାତିଉ ୧୩:୧୮-୨୩; ମାର୍କ ୪:୧୩-୨୦)*

୧୧ “ଉତର୍ମୁଡ଼୍ନି ଅରଡ୍ ଇଦାଂ । ବିୟାନ୍ ଇସ୍ୱର୍ ମାପ୍ରୁତି ବଚନ୍,
୧୨ ଆରେ ହାଜି କଚଣ୍ଡ ମାନି ବିୟାନ୍ ଲାକେ ବୁଜାଆନାର୍, କଚଣ୍ଡ ମାନି ବିୟାନ୍ ବୁଜାଆନାର୍, ହେୱାର୍ ବଚନ୍
ୱେନାର୍; ତା ପାଚେ ସୟତାନ୍ ୱାଜି, ଇନେସ୍କି ହେୱାର୍ ପାତର୍ଁ କିଜି ମୁକ୍ତି ଆଉର୍ ଇଦାଂ କାଜିଂ ହେୱାର୍ ମାନ୍ତିନି
ବଚନ୍ ଉନ୍ଦି ଅନାଡ୍ ।
୧୩ ଆରେ କାଲ୍କୁକୁଡ଼ି ବୁଇଁନି ବିୟାନ୍ ଆର୍ତି ଲାଗ୍ଦି ମାନାୟାରିଂ ବୁଜାଆନାଡ୍, ହେୱାର୍ ବଚନ୍ ୱେନ୍ଞ୍ଜି ୱାରିତାଂ
ଇଟ୍ନାର୍; ମାତର୍ ହେୱାର୍ତି ଚିରାହିଲ୍ୱିତିଲେ ହେୱାର୍ ଅଲପ୍ ସମୁ ପାତର୍ଁ କିତାର୍ ଆରି ପରିକ୍ୟା ସମୁତ ଦରମ୍
ପିହ୍ନାର୍ ।
୧୪ ଆରି ୱାଡ଼ି ମାର୍କୁ ବିଡ୍ରେ ଆର୍ତାକା ବିୟାନ୍, ଏଲେଙ୍ଗ୍ ବୁଜାଆନାଡ୍, ଇମ୍ଣାକାର୍ ବଚନ୍ ୱେନ୍ଞ୍ଜି ରାଜିନି ଚିନ୍ତା, ଦାନ୍
ଆରି ସୁକ୍ବଗ୍ତାଙ୍ଗ୍ ମାନ୍ଞ୍ଜି ଜିବୁନ୍ ବିତାୟ୍ କିଜି କିଜି ଡାବାୟ୍ କିୟା ଆନାର୍, ପାଚେ ହାଦର୍ଁ ପାଡ଼୍ଆହୁର୍ ।
୧୫ ଆରି, ହାଦର୍ଁ ମେଦ୍ନିତ ଆଜର୍ଁ ମାଚି ବିୟାନ୍ ଏଲେଙ୍ଗ୍ ବୁଜାଆନାଡ୍, ଇମ୍ଣାକାର୍ ହାର୍ ଆରି ଦାମର୍ଁ ମାନ୍ତ ବଚନ୍
ୱେନ୍ଞ୍ଜି ହେଦାଂ ଆସ୍ତି ଇଟ୍ନାର୍ ଆରି ବାଡ଼୍କାସ୍ତାଂ ପାଡ଼୍ଆନାର୍ ।”

## ମାଣ୍ ତାରେନ୍ ବଇଟା

*(ମାର୍କ ୪:୨୧-୨୫)*

୧୬ “ଇନେର୍ ବଇଟା କାଚାୟ୍ କିଜି ମାଣ୍ ପ୍ଲାକ୍ଚି ଇଟୁନ୍, କି କାଟେଲ୍ ତାରେନ୍ ଇଟୁନ୍, ମାତର୍ ବଇଟା ଇଟ୍ନି ଜପି
ଇଟ୍ନାନ୍, ଇନେସ୍କି ହଣ୍ଗା ୱାନି ମାନାୟ୍ ର ଅଜଡ଼୍ ହୁଡ଼୍ଦେଂ ଆଡ୍ନାର୍ ।”

୧୭ ✡“ଇନାକିଦେଂକି ଇନାକା ହଡ଼୍ୱାକା, ଇ ଲାକେ ଡ଼ଗୁଡି ବିସ୍ରେ ଇନାକା ହିଲୁଡ଼୍, ଆୱିତିସ୍ ଇନାକା ପୁନ୍ୱାଦାଂ
ହୱାକାହିଲୁଡ଼୍, ଇ ଲାକେ ଡ଼ଗୁଡି ବିସ୍ରେ ଇନାକା ହିଲୁଡ଼୍ ।”
୧୮ ✡“ଏପେଙ୍ଗ୍, ଇନେସ୍ ୱେନାଦେରା ହେ ବିସ୍ରେ ଜାଗ୍ରତ୍; ଇନାକିଦେଂକି ଇନେରିଂ ମାନାଡ଼୍, ହେୱାନିଂ ହିୟାନାଡ଼୍,
ଆରେ ଇନେରିଂ ହିଲୁଡ଼୍, ହେୱାନ୍ ଇନାକା ଜାଡ଼ତି ମାନାଡ଼୍ ଇଞ୍ଜି ବାବି କିନାନ୍, ହେଦାଂ ପା ହେୱାନ୍ ତାଂ ଅୟାନାଡ଼୍ ।”

### ଜିସୁ ତେହି ଆରେ ଟଣ୍ଡାହିର୍

*(ମାତିଉ ୧୨:୪୬-୫୦; ମାର୍କ ୩:୩୧-୩୫)*

୧୯ ଜିସୁ ତେହି ଆରି ଟଣ୍ଡାହିର୍ ତା ଲାଗେ ୱାତାର୍, ମାତର୍ ମାନାୟାର୍ ଗହଲି ଲାଗିଂ ତା ଲାହାଙ୍ଗ୍ ମେହାଆଦେଂ
ଆଡ଼୍ୱାଦାଂ ମାଚାର୍ ।
୨୦ ଇନେର୍ ରୱାନ୍ ତାଙ୍ଗେଙ୍ଗ୍ ଇ କାବୁର୍ ହିତାର୍, “ମିଞ୍ଜିୟା ଆରି ଟଣ୍ଡାର୍ ନି ହୁକେ ବେଟାଆଦେଂ ଇଚା କିଜି ବାର୍‌ତ
ନିଲ୍‌ତାର୍ଣ୍ଣା ।”
୨୧ ମାତର୍ ହେୱାନ୍ ହେୱାରିଂ ଉତର୍ ହିତାନ୍, “ଇମ୍‌ଣାକାର୍ ଇସ୍ୱର୍‌ତି ବଚନ୍ ୱେନାର୍ ଆରି ମାନିକିନାର୍, ହେୱାର୍ ନା
ଆୟା ଆରି ଟଣ୍ଡାର୍ ।”

### ଜିସୁ ହାମ୍‌ଦୁର୍‌ତିଂ ଚିମ୍‌ରା କିତାନ୍

*(ମାତିଉ ୮:୨୩-୨୭; ମାର୍କ ୪:୩୫-୪୧)*

୨୨ ଦିନେକ୍ ଜିସୁ ତା ଚେଲାହିର୍ ର ଡଙ୍ଗାତ ଦୁମ୍‌ତାର୍, “ଆରେ ହେୱାନ୍ ହେୱାରିଂ ଇଚାନ୍, ୱାତୁ, ହାମ୍‌ଦୁର୍‌ନି ଆନ୍‌ଟି
ପାଡ଼୍‌କା ହାନାସ୍ ।” ହେବେତାଂ ହେୱାର୍ ଡଙ୍ଗା ରିକ୍ତାର୍ ।
୨୩ ମାତର୍ ହେୱାର୍ ଡଙ୍ଗା ଗାଟିକିଜି ହାନି ସମୁତ ଜିସୁ ହୁନ୍‌ଚାନ୍ । ହେୱାଡ଼ାଂ ହାମ୍‌ଦୁର୍‌ତ ତ୍ରିପ୍‌କୁ ହୁଜାଡ଼୍ୱାଣି ଆତାଡ଼୍,
ଆରେ ହେୱାର୍‌ତି ଡଙ୍ଗା ଏଜୁକାଂ ବାତର୍ି ଆଦେଂ ଲାଗାତାଡ଼୍ ଆରି ହେୱାର୍ ସନିତ ପଡ଼ାତାର୍ ।
୨୪ ହେବେତାଂ ଚେଲାର୍ ଲାଗେ ୱାଜି ହେୱାନିଂ ନିକ୍‌ଚି ଇଚାର୍, “ଏ ଗୁରୁ, ଏ ଗୁରୁ, ଆପେଂ ହାତାପ୍ ।”
ଇବେତାଂ ଜିସୁ ନିଙ୍ଗ୍‌ଜି ଦୁକା ଆରି ଜବର୍ ଲଡ଼ିତିଂ ଦାକା ହିତାନ୍, ଆରି ହେ ସବୁ ଚିମ୍‌ରା ଆଜି ତିର୍ ଆତାଡ଼୍ ।
୨୫ ଆରେ, ହେୱାନ୍ ହେୱାରିଂ ଇଚାନ୍, “ମିଦାଙ୍ଗ୍ ପାତର୍ି ଇମେଡ଼୍ ?”
ମାତର୍ ହେୱାର୍ ପାଣ୍ଡ୍ରା ଆତାର୍ ଆରି କାବା ଆଜି ହେୱାର୍ ହେୱେର୍ ଇଞ୍ଜେଙ୍ଗ୍ ଲାଗାତାର୍, ଇୱାନ୍ ଇନେନ୍ ଜେ,
ହେୱାନ୍ ଦୁକା ଆରି ଏଜୁକାଂ ପା ବଲ୍ ହିତିସ୍, ହେୱାଙ୍ଗ୍ ହେ ବଲ୍ ମାନିକିନିଙ୍ଗ୍ ।

### ଜିସୁ ରୱାନ୍ ପୁଦାଆୟା ଆତାକାନିଂ ଉଜ୍ କିତାନ୍

*(ମାତିଉ ୮:୨୮-୩୪; ମାର୍କ ୫:୧-୨୦)*

୨୬ ପାଚେ ଜିସୁ ଆରି ତା ଚେଲାହିର୍ ଗାଲିଲିନି ଲାଗେ ହେ ପାଡ଼ାକାନି ଗରାସିୟର୍ ରାଜି ନିପ ଏକାତାର୍ ।
୨୭ ହେୱାନ୍ ଡଙ୍ଗାତାଙ୍ଗ୍ ହସି ଗୁଟିତ ଜୁଜି, ହେ ଗାଡ଼୍‌ନି ରକାନ୍ ପୁଦାଂ ଆହ୍‌ୟାତାକାନ୍ ହେୱାନିଂ ଗିଟାତାନ୍; ହେୱାନ୍
ବେସି ବାର୍ହୁ ପାତେକ୍ ହେନ୍ଦ୍ରା ଉସ୍‌ପାୱାଦାଂ ଆରି ଇଞ୍ଜ ମାନ୍ୱାଦାଂ ଦୁଗେର୍‌ତ ମାଚାନ୍ ।
୨୮ ହେୱାନ୍ ଜିସୁଙ୍ଗ୍ ହୁଡ଼୍‌ଜି କିକିରାଡିଂ କିଜି ହେୱାନ୍ ସାରାଣ୍ ତାରେନ୍ ଆଜର୍ି ଗାଜା କାଟ୍‌ତାଂ ଇଚାନ୍, “ଏ ଗାଜା ଇସ୍ୱର୍
ମାପ୍ରୁ ମାଜି ଜିସୁ, ନି ହୁକେ ନାଦାଂ ଇନାକା ମାନାଡ଼୍ ? ଆନ୍ ନିଙ୍ଗେଙ୍ଗ୍ ଗୱାରି କିଦ୍‌ନାଙ୍ଗା, ନାଙ୍ଗେଙ୍ଗ୍ କସ୍ଟହିଦ୍‌ମା ।”
୨୯ ଇନାକିଦେଂକି ଜିସୁ ବାନ୍ୟା ଜିବୁନ୍‌ତିଂ ହେ ମାନାୟ୍‌ତିଂ ହସି ହାଞ୍ଜେଙ୍ଗ୍ ଇଞ୍ଜି ବଲ୍ ହିଜି ମାଚାନ୍ । ହେ ଜିବୁନ୍ ବେସିହଟ୍
ତାଙ୍ଗେଙ୍ଗ୍ ଆସ୍ତି ମାଚାଡ଼୍, ଆରେ ମାନାୟାର୍ ତାଙ୍ଗେଙ୍ଗ୍ ହିକ୍‌ଡ଼ିଂ ଆରି କାଲ୍‌ଦ କାଗଡ଼ା ଲାହାଙ୍ଗ୍ ଗାଚ୍‌ଚି ଇଡ଼୍‌ଜି ମାଚାର୍,
ମାତର୍ ହେୱାନ୍ ଗାଚ୍‌ଚା କାଦ୍‌ଲିଂ ନାଡ଼୍‌ଚି ପୁଦା ହୁଦାଂ ତାଙ୍ଗେଙ୍ଗ୍ ବାଟାତ ଅଜି ମାଚାଡ଼୍ ।
୩୦ ଜିସୁ ହେୱାନିଂ ୱେନ୍‌ବାତାନ୍ “ନି ତର୍ ଇନାକା ?” ହେୱାନ୍ ଇଚାନ୍, ବାହିନି; ଇନାକିଦେଂକି ଆଦିକ୍ ପୁଦାଂ ହେୱାନ୍
ତାକେ ହଣ୍‌ଜି ମାଚିକ୍ ।
୩୧ ଆରେ, ହେୱାନ୍ ଇନେସ୍ ହେୱାକାଂ ଜମ୍‌ପୁର୍ ହାଞ୍ଜେଙ୍ଗ୍ ବଲ୍ ହିଉନ୍, ଇଦାଂ କାଜିଂ ହେୱାଙ୍ଗ୍ ତାଙ୍ଗେଙ୍ଗ୍ ଗୱାରି
କିଦେଙ୍ଗ୍ ଲାଗିତିକ୍ ।
୩୨ ହେବେ ମାଡ଼ି ଲାଗେ ର ଗାଜା ପାଞ୍ଜିଙ୍ଗ୍ ମାନ୍ଦା ହାରାଆଜି ମାଚିକ୍, ଆରେ ହେୱାନ୍ ଇନେସ୍ ହେୱାକାଂ ହେ ପାଞ୍ଜିଙ୍ଗ୍
ବିତ୍ରେ ହଣ୍ଡେଙ୍ଗ୍ ବଲ୍ ହିନାନ୍, ଇଦାଂ କାଜିଂ ହେୱାଙ୍ଗ୍ ତାଙ୍ଗେଙ୍ଗ୍ ଗୱାରି କିତିକ୍ ।
୩୩ ଜିସୁ ହେୱାରିଂ ବଲ୍ ହିତିଲେ, ପୁଦାଂ ହେ ମାନାୟ୍ ତାକେଣ୍ଡାଂ ହସି ପାଞ୍ଜିଙ୍ଗ୍ ବିତ୍ରେ ହଟିକ୍; ହେବେ ହେ ମାଦାଂ
ବେସିତାଦ୍ରାତାଂ ହଞ୍ଚି ହାଲ୍‌ଜି ହାମ୍‌ଦୁର୍ ଗୁଟିତାଂ ଆଜର୍ି ମୁନ୍‌ଞ୍ଜି ହାତିକ୍ ।
୩୪ ହାରାଇ କିଜି ମାଚି ମାନାୟାର୍ ହେ ଗଟ୍‌ଣା ହୁଡ଼୍‌ଜି ହଞ୍ଚି ହାଲ୍‌ଜି ଗାଡ଼୍‌ଦ ଆରେ ନାସ୍‌କୁକାଂ ହେଦାଂ ୱେଚ୍‌ଚାର୍ ।

---

✡ **୮:୧୭** ମାତିଉ ୧୦:୨୬; ଲୁକ ୧୨:୨. ✡ **୮:୧୮** ମାତିଉ ୨୫:୨୯; ଲୁକ ୧୯:୨୬.

୩୫ ହେବେ ମାନାୟାର୍ ହେ ଗଟ୍ଣା ହୁଡ଼୍ଦେଂ ହସି ୱାତାର୍; ଆରେ ହେୱାର୍ ଜିସୁ କଚଣ୍ତ ୱାଜି, ଇମ୍ଣି ମାନାୟ୍ ତାକେଣ୍ତାଂ ପୁଦାଂ ହସି ମାଚିକ୍, ତାଙ୍ଗେଙ୍ଗ୍ ହେନ୍ଦ୍ରା ଉସ୍ପିସ୍ ହାର୍ ମାନ୍ତାଙ୍ଗ୍ ଜିସୁ କାଲ୍କୁ ତାରେନ୍ କୁଚ୍ଚି ମାନାକା ହୁଡ଼୍ଜି ପାଣ୍ତ୍ରା ଆତାର୍ ।
୩୬ ଆରି ଇନେର୍ ହୁଡ଼୍ଜି ମାଚାର୍, ହେୱାର୍ ହେ ପୁଦାଆହ୍ୟା ଆଜି ମାଚି ମାନାୟ୍ ଇନେସ୍ ଆଜି ଉଜ୍ ଆତାନ୍, ହେଦାଂ ହେୱାରିଂ ୱେଚ୍ପାତାର୍ ।
୩୭ ହେବେ ଗରାସିୟାର୍ ଦେସ୍ନି ଚାରିବେଣ୍ତି ମାନାୟ୍ ୱିଜାର୍ ହେୱାର୍ ହାନ୍ଦିତାଂ ହାଞ୍ଜେଙ୍ଗ୍ ଜିସୁଙ୍ଗ୍ ଗୱାରି କିତାର୍, ହେୱାର୍ ବେସି ପାଣ୍ତ୍ରା ଆଜି ମାଚାର୍; ଆରେ, ହେୱାନ୍ ର ଡଙ୍ଗାତ ଦୁମ୍ଜି ମାସ୍ଦି ୱାତାର୍ ।
୩୮ ମାତର୍ ଇମ୍ଣି ମାନାୟ୍ ତାକେଣ୍ତାଂ ପୁଦାଂ ହସି ହାଲ୍ଜି ମାଚିକ୍,
"ହେୱାନ୍ ଜିସୁ ଲାଗାଂ ମାଞ୍ଜେଙ୍ଗ୍ ଗୱାରି କିତାନ୍ ।"
୩୯ "ମାତର୍ ହେୱାନ୍ ତାଙ୍ଗେଙ୍ଗ୍ ପକ୍ଚି ଇଚାନ୍, ମିଞ୍ଜ ମାସ୍ଦି ହାଲା, ଆରେ ଇସ୍ୱର୍ତି କାଜିଂ ଇମ୍ଣି କାମାୟ୍ କିତାନ୍ନ୍ନା, ହେଦାଂ ୱିଜୁ ମାନାୟ୍ତିଂ ୱେଚା ।"
ହେବେ ହେୱାନ୍ ତାଙ୍ଗ୍ଜି ହାଲ୍ଜି, ଜିସୁ ହେୱାନ୍ କାଜିଂ ଇମ୍ଣି କାମାୟ୍ କିଜି ମାଚାନ୍, ହେଦାଂ ୱିଜୁ ଗାଡ଼୍ଦ ସୁଣାୟ୍ କିଦେଙ୍ଗ୍ ଲାଗାତାନ୍ ।

## ଜାଇରସ୍ ଗାହ୍ଡ଼ିଙ୍ଗ୍ ଆରେ ର ରଗ୍ କଗ୍ଲେଂ ଉଜ୍ କିତାନ୍

*(ମାତିଉ ୯:୧୮-୨୬; ମାର୍କ ୫:୨୧-୪୩)*

୪୦ ଆରେ ଜିସୁ ମାସ୍ଦି ୱାତିଲେ ମାନାୟାର୍ ଗହଲିତାଂ ତାଙ୍ଗେଙ୍ଗ୍, ୱାରିତାଂ ଇଟ୍ତାର୍, ଇନାକିଦେଂକି ୱିଜାର୍ ତାଙ୍ଗେଙ୍ଗ୍ କାସି ମାଚାର୍ ।
୪୧ ଆରେ, ହୁଡ଼ାଟ୍; ଜାଇରସ୍ ତର୍ଦାକାନ୍ ରୱାନ୍ ୱାତାନ୍; ହେୱାନ୍ ରୱାନ୍ କୁଟୁମ୍ ଇଞ୍ଜ ମୁଡ଼୍ଦାକାନ୍ ମାଚାନ୍ । ହେୱାନ୍ ଜିସୁତି କାଲ୍ତାରେନ୍ ଗୁର୍ଜି ଜାର୍ ଇଞ୍ଜ ୱାନି କାଜିଂ ଗୱାରି କିତାନ୍ ।
୪୨ ଇନାକିଦେଂକି ତାତି ବାର ବାର୍ହୁ ବୟସ୍ନି ରଞ୍ଜେଲ୍ ମତର୍ ଗାଡ଼୍ଚେ ମାଚାଡ୍, ଆରେ ହେଦେଲ୍ ହାନି ଲାକେ ଆଜି ମାଚାଡ୍ ।
ମାତର୍ ହେୱାନ୍ ହାନି ସମୁତ ମାନାୟାର୍ ତା ଜପି କୁସ୍ପିସ୍ ମାଚାର୍ ।
୪୩ ହେ ପାଦ୍ନା ବାର ବାର୍ହୁ ପାତେକ୍ ନେତେର୍ ନାଡ଼୍ୱାକା ରଗ୍ୟାଣି ର କଗ୍ଲେ, ମାଚାଡ୍ ଇନେସ୍କି ତା ଜିବୁନ୍ତ ସବୁ ଦାନ୍ ୱିସ୍ତି ମାଚାଡ୍ ପା ଉଜ୍ ଆଡ଼୍ୱାଦାଂ ମାଚାଡ୍,
୪୪ ହେଦେଲ୍ ପାଚ୍ ବାଗାଙ୍ଗ୍ ୱାଜି ହେୱାନ୍ତି ହେନ୍ଦ୍ରାନି ଚେଲିଂ ତୁତାଡ୍, ଆରେ ହେ ସାଙ୍ଗେ ତାଙ୍ଗେଙ୍ଗ୍ ଗାଗାଡ଼୍ ଟେବା ଆତାଡ୍ ।
୪୫ ହେବେଣ୍ତାଂ ଜିସୁ ଇଚାନ୍, "ଇନେର୍ ନାଙ୍ଗେଙ୍ଗ୍ ତୁଡ଼୍ତାର୍ ?"
ମାତର୍ ୱିଜାର୍ ପାତର୍ କିୱିହିଙ୍ଗ୍, ପିତର୍ ଇଚାନ୍, "ଏ ଗୁରୁ, ମାନାୟାର୍ ମେଲ୍ ମେଲ୍ ଆଜି ନି ଜପି କୁସ୍ପା ଆଦ୍ନାରା ।"
୪୬ ମାତର୍ ଜିସୁ ଇଚାନ୍, "ଇନେର୍ ରୱାନ୍ ନାଙ୍ଗେଙ୍ଗ୍ ତୁଡ଼୍ତାନ୍, ଇନାକିଦେଂକି ନାଙ୍ଗ୍ତାଂ ସାକ୍ତି ହସି ହାଚି ଲାକେ ଆନ୍ ପୁଚାଙ୍ଗ୍ ।"
୪୭ ଏଚେକାଡ଼୍ଦ କଗ୍ଲେ ହୁଡ଼୍ତାଡ୍ ଜେ, ହେଦେଲ୍ ଡ଼ଗୁଜି ମାଞ୍ଜେଙ୍ଗ୍ ଆଡ଼୍ୱାତାଡ୍, ହେ ଏଚେକାଡ଼୍ଦ ହେଦେଲ୍ ତ୍ରିଗ୍ଜି ତ୍ରିଗ୍ଜି ୱାଜି ହେୱାନିଂ ଡାଣ୍ତାହାଡ଼୍ ମାଗ୍ଜି, ଇନାକିଦେଂ ତାଙ୍ଗେଙ୍ଗ୍ ତୁତାଡ୍ ଆରି ଇନେସ୍ ସାଙ୍ଗେ ସାଙ୍ଗେ ଉଜ୍ ଆତାଡ୍ ହେଦାଂ ୱିଜାର୍ ମାନାୟ୍ ମୁମ୍ଦ ୱେଚ୍ଚାଡ୍ ।
୪୮ ହେବେଣ୍ତାଂ ହେଦେଲିଂ ଇଚାନ୍, "ଏ ଗାଡ଼୍ଚେ ନି ପାତର୍ ନିଙ୍ଗେଙ୍ଗ୍ ଉଜ୍ କିଡ଼୍ତାଡ୍ନ୍ନା, ସୁସ୍ତାତାଂ ତାଙ୍ଗ୍ଜି ହାଲା ।"
୪୯ ହେୱାନ୍ ଇ ବେରଣ୍ ଇଞ୍ଜିମାନିହିଂ କୁଟୁମ୍ ଇଞ୍ଜ୍ନି ମୁଡ଼୍ଦାକାନ୍ ରୱାନ୍ ୱାଜି ଇଚାନ୍, "ନି ଗାଡ଼୍ ହାତାତେ, ଗୁରୁଙ୍ଗ୍ ଆରେ କସ୍ଟ ହିମାଟ୍ ।"
୫୦ ମାତର୍ ଜିସୁ ଇଦାଂ ୱେନ୍ଜି ଜାଇରସ୍ତିଂ ଉତର୍ ହିତାନ୍, "ପାଣ୍ତ୍ରା ଆମା, କେବଲ୍ ପାତର୍ କିୟା, ଆରେ ହେଦେଲ୍ ଉଜ୍ ଆନାଡ୍ ।"
୫୧ ଆରେ, ହେୱାନ୍ ଇଞ୍ଜ ୱାଜି ପିତର୍, ଜହନ୍ ଆରି ଜାକୁବ୍, ଆରେ ଗାଡ଼୍ଚେ ଲାତ୍ରାହି ତେହିଙ୍ଗ୍ ପିସ୍ତି ଆରେ ଇନେରିଂ ତା ଲାହାଙ୍ଗ୍ ବିତ୍ରେ ହଣ୍ତେଙ୍ଗ୍ କାଜିଂ ହିୱାତାର୍ ।
୫୨ ମାତର୍ ୱିଜାକାର୍ ହେ କାଜିଂ ଆଡ଼୍ଜି ଆଡ଼୍ଜି ନେଞ୍ଜେଡାକିତ ଇଡ଼ିୟା ଆଜି ମାଚାର୍ । ହେବେଣ୍ତାଂ ହେୱାନ୍ ଇଚାନ୍, "ଆଡ଼୍ବାମାଡୁ; ହେଦେଲ୍ ହାୱାତାଡ୍ନ୍ନା, ମାତର୍ ହୁଞ୍ଜୁନାତା ।"
୫୩ ମାତର୍ ହେଦେଲ୍ ହାତାତେ ଇଞ୍ଜି ପୁନ୍ଜି ମାଚିଲେ ହେୱାର୍ ଜିସୁଙ୍ଗ୍ ଗ୍ରେଚ୍ଚେଂ ଲାଗାତାର୍ ।
୫୪ ମାତର୍ ଜିସୁ ତା କେଇ ଆସ୍ତି ହିର୍ବିସ୍ ଇଚାନ୍, "ଏ ଗାଡ଼୍ଚେ ନିଙ୍ଗା ।"
୫୫ ହେବେ ତା ଜିବୁନ୍ ୱାତାଡ୍, ଆରେ ହେଦେଲ୍ ହେ ଦାପ୍ରେ ନିଙ୍ଗ୍ତାଡ୍, ଆରେ ଜିସୁ ତାଙ୍ଗେଙ୍ଗ୍ ଇଚୁଟିଂ ତିଞ୍ଜେଙ୍ଗ୍ ହିଦେଙ୍ଗ୍ ଇଞ୍ଜି ବଲ୍ ହିତାନ୍ ।

୫୬ ଇବେ ହେ ଲାଡ୍ରାହି ତେହି ଟାଟ୍‌କା ଆତାର୍; ମାତର୍ ହେ ଗଟ୍‌ଣାନି କାତା ଇନେରିଂ ୱେଚ୍‌ପାମାଡୁ ଇଞ୍ଜି ବଲ୍ ହିତାନ୍
।

# ୯

## ଜିସୁ ବାରଜାଣ୍ ଚେଲାରିଂ ପକ୍‌ତାନ୍

*(ମାତିଉ ୧୦:୫-୧୫; ମାର୍କ ୬:୭-୧୩)*

୧ ଇବେତାଂ ହେୱାନ୍ ବାରଜାଣ୍ ଚେଲାରିଂ କୁକ୍‌ଚି ରବେ କିଜି ହେୱାରିଂ ସବୁ ପୁଦାଂ ପିହିକିଦେଂ, ଆରେ ରଗ୍ ଉଜ୍
କିଦେଙ୍ଗ୍ କାଜିଂ ସାକ୍ତି ଆରି ଆଦିକାର୍ ହିତାନ୍ ।
୨ ଆରେ, ହେୱାନ୍ ହେୱାରିଂ ଇସ୍ୱର୍‌ ରାଜିନି ନେକ୍ରିକାବୁର୍ ସୁଣାୟ୍ କିଦେଙ୍ଗ୍ ଆରି ରଗ୍ୟାରିଂ ଉଜ୍ କିନି କାଜିଂ
ପକ୍‌ତାନ୍,
୩ ଆରି, ହେୱାରିଂ ଇଚାନ୍, "ମି ହାନି କାଜିଂ ବାଡ୍‌ଗା କି ମଣା କି ରୁଟି କି ଡାବୁଙ୍ଗ୍ ପା ଅମାଟ୍, ନଲେ ରିଣ୍ଡାଂ ଆଙ୍ଗିଙ୍ଗ୍
ରଚେ ଇଟ୍‌ମାଟ୍ ।
୪ ଆରେ, ଏପେଙ୍ଗ୍ ଇମ୍‌ଣି ଇଞ୍ଜ ମାନିକିଦ୍‌ନାର୍, ହେ ବାହାତାଂ ହାଲ୍‌ୱି ପାତେକ୍ ହେବେ ମାନାଟ୍ ।
୫ ☆☆ଆରେ, ଏଚେକ୍ ଜାଣ୍ ମିଙ୍ଗେଙ୍ଗ୍ ମାନିକିଦୁର୍, ହେ ନାସ୍‌ତାଂ ୱାନିହିଂ ହେୱାର୍ ବିରୁଦ୍‌ତ ସାକି ହିନି କାଜିଂ ମି ପାନାନି
ଦୁଡ଼ି ଡ଼ାଡ୍‌ତି ତୁହିୟାଟ୍ ।
୬ ହେବେଣ୍ଡାଂ ହେୱାର୍ ହାଲ୍‌ଜି ୱିଜୁ ବାହାତ ନେକ୍ରିକାବୁର୍ ସୁଣାୟ୍ କିତାର୍ ଆରି ଉଜ୍ କିଜି କିଜି ନାସ୍‌କୁ ନାସ୍‌କୁକାଂ
ବୁଲାଆଦେଂ ଲାଗାତାର୍ ।"

## ହେରଦ୍ ରାଜା ଗୁପା ଆତାନ୍

*(ମାତିଉ ୧୪:୧-୧୨; ମାର୍କ ୬:୧୪-୨୯)*

୭ ☆ଇବେଣ୍ଡାଂ ଗାଲିଲିନି ସାମନ୍ତ ରାଜା ହେରଦ୍ ଇ ୱିଜୁ ଗଟ୍‌ଣା ବିସ୍ରେ ୱେନ୍‌ଞ୍ଜି ବୁଦିଆନ୍ଦାର୍ ଆତାନ୍, ଇନାକିଦେଂକି
ବାପ୍ତିସିମ୍‌ହିନି ଜହନ୍ ହାତି ତାକେଣ୍ଡାଂ ନିଂତାନ୍ନା ଇଞ୍ଜି ଇନେ ଇନେର୍ ଇଞ୍ଜି ମାଚାର୍ ।
୮ ଆରେ, ଇନେ ଇନେର୍ ଏଲିୟ ଚଞ୍ଜ୍ୟା ଆତାନ୍ନା ଇଞ୍ଜି ଇଞ୍ଜି ମାଚାର୍ ଆରି ବିନ୍‌ନିକାର୍ ଆଗେଦିନ୍ତି
ବେଣ୍‌ବାକ୍‌ଣାୟ୍‌କିନାକାନ୍ତି ବିଟ୍ରେ ରୱାନ୍ ଆରେ ନିଂତାନ୍ନା ଇଞ୍ଜି ଇଞ୍ଜି ମାଚାର୍ ।
୯ ମାତର୍ ହେରଦ୍ ଇଚାନ୍, "ଜହନ୍‌ତି କାପ୍‌ଡ଼ାତ ଆନ୍ ଟୁଟାଙ୍ଗ୍‌ନା, ମାତର୍ ଇନେର୍ ବିସ୍ରେ ଏଲେଙ୍ଗ୍ ବାନି କାତା ୱେନାପା,
ଇୱାନ୍ ଇନେନ୍ ? ଆରେ, ହେୱାନ୍ ତାଙ୍ଗେଙ୍ଗ୍ ହୁଡ଼୍‌ଦେଂ ଇଞ୍ଜି ସେସ୍ଟା କିଜି ମାଚାନ୍ ।"

## ଜିସୁ ପାଞ୍ଚ୍ ହାଜାର୍ ମାନାୟ୍‌ତିଂ ଚିଚ୍‌ପାତାନ୍

*(ମାତିଉ ୧୪:୧୩-୨୧; ମାର୍କ ୬:୩୦-୪୪; ଜହନ୍ ୬:୧-୧୪)*

୧୦ ପାଚେ ପକ୍ୟାତାକାର୍ ମାସ୍‌ଦି ୱାଜି, ଇନା ଇନାକା କିଜି ମାଚାର୍, ହେ ୱିଜୁ ତା ତାକେ ୱେଚ୍‌ପାତାର୍ । ଆରେ ହେୱାନ୍
ହେୱାରିଂ ରଚେ ଅଜି ହାଲ୍‌ଜି ବିନେ ଆଜି ବେଡ୍‌ସାଇଦା ଇନି ଗାଡ଼୍‌ଦ ହାଚାର୍ ।
୧୧ ମାତର୍ ମାନାୟାର୍ ହେଦାଂ ପୁଞ୍ଜି ହେୱାନ୍ ପାଚେ ହାଚାର୍; ଆରେ, ହେୱାନ୍ କାର୍ମା ଆଜି ହେୱାରିଂ ଅଜି ହାଲ୍‌ଜି
ଇସ୍ୱର୍‌ ରାଜି ବିସ୍ରେ ହେୱାରିଂ ୱେଚ୍‌ଚେଙ୍ଗ୍ ଲାଗାତାନ୍, ଆରେ ଇନେର୍‌ତି ଉଜ୍ ଆଦେଂ ଇଚା ମାଚାଡ୍, ହେୱାରିଂ ଉଜ୍
କିତାନ୍ ।
୧୨ ଇଦାଂ ପାଚେ ୱେଡ଼ା ହାନିହିଂ; ହେବେ ବାରଜାଣ୍ ହେୱାନ୍ କଚଣ୍‌ତ ୱାଜି ଇଚାର୍, "ମାନାୟାର୍ ଇନେସ୍ ଚାରିବେଣ୍‌ତି
ନାସ୍‌କୁ ଆରି ଗୁଡ଼ାନିକାର୍ ହାଲ୍‌ଜି ମାଞ୍ଜେଙ୍ଗ୍ ଆରି କାଦି ପାୟା ଆନାର୍, ହେଦାଂ କାଜିଂ ହେୱାରିଂ ପକାମ୍‌ଦେ, ଇନାକିଦେଂକି
ଆସେଙ୍ଗ୍ ଇବେ ଚିମ୍‌ରା ବାହାତ ମାନାସ୍ ।"
୧୩ ମାତର୍ ହେୱାନ୍ ହେୱାରିଂ ଇଚାନ୍, "ଏପେଙ୍ଗ୍ ହେୱାରିଂ ଚିଚ୍‌ପାଟ୍ ।"
ହେୱାର୍ ଇଚାର୍, "ମା ତାକେ ପାଞ୍ଚ୍‌ଗଟା ରୁଟିଂ ଆରେ ରିଣ୍ଡାଂ ମିନ୍‌କୁ ତାଙ୍ଗ୍ ଆଗ୍‌ଡ଼ା ହିଲୁକ୍; ତାଆତିସ୍ ଆସେଙ୍ଗ୍ ଇନାକା
ହାଲ୍‌ଜି ଇ ୱିଜାକାର୍ ମାନାୟ୍ କାଜିଂ କାଦି କଡ଼୍‌ନାସ୍ ?"
୧୪ ଇନାକିଦେଂକି ହେୱାର୍ ଆନ୍‌ମାନ୍ ପାଞ୍ଚ୍ ହାଜାର୍ ଆଣ୍ଡ୍ରାହିମ୍‌ଣାଂ ମାଚାର୍ ।
"ଆରି, ଜିସୁ ଜାର୍ ଚେଲାହିରିଂ ଇଚାନ୍, ଇସାବ୍ କିଜି ରିକଡିଦସ୍ ରିକଡ଼ି ଦସ୍‌ଜାଣ୍ କିଜି ହେୱାରିଂ ମାନ୍ଦା ମାନ୍ଦା କିଜି
କୁଚିକିୟାଟ୍ ।"
୧୫ ହେବେଣ୍ଡାଂ ହେୱାର୍ ହେ ଲାକେ କିଜି ୱିଜାରିଂ କୁଚିକିତାର୍ ।
୧୬ ଆରେ, ଜିସୁ ହେ ପାଞ୍ଚ୍‌ଗଟା ରୁଟିଂ ଆରେ ରିଣ୍ଡାଂ ମିନ୍‌କୁ ଅଜି ବାଦାଡ଼୍‌ତିଂ ହୁଡ଼୍‌ଜି ହେ ୱିଜୁକାଙ୍ଗ୍ ଆସିର୍ବାଦ୍ କିତାନ୍,
ଆରେ ଡ୍ରିପ୍‌କିସ୍ ୱିଜୁ ଲଗାଂ ଚିଚ୍‌ପି କିଦେଙ୍ଗ୍ କାଜିଂ ଚେଲାରିଂ ହିଦେଂ ଲାଗାତାନ୍ ।

---

☆ **୯:୫** ପକ୍ୟାତାକା ୧୩:୫୧. ☆ **୯:୫** ଲୁକ ୧୦:୪-୧୧. ☆ **୯:୭** ମାତିଉ ୧୬:୧୪; ମାର୍କ ୮:୨୮; ଲୁକ ୯:୧୯.

୧୭ ହେବେ ୱିଜାକାର୍ ତିନ୍‌ଞ୍ଜି ପଟ ପାଞ୍ଜାର୍, ଆରେ ହେୱେର୍ ହେୱାର୍ କଚଣ୍ ହାର୍‌ତିକିଙ୍ଗ୍ ବାର ଟପା ଡ୍ରିଙ୍ଗ୍‌ତି କୁଦ୍ରି
ପେସ୍‌ଜି ଅତାର୍ ।

### ଜିସୁଙ୍ଗ୍ ପିତର୍ ମାନିକିତାନ୍
*(ମାତିଉ ୧୬:୧୩-୧୯; ମାର୍କ ୮:୨୭-୨୯)*

୧୮ ରଗ ଜିସୁ ଚିମ୍‌ରାତାଂ ପାର୍ତାନା କିଜି ମ଼ାନିହିଂ ଚେଲାହିର୍ ତା ଲାହାଙ୍ଗ୍ ମାଚାର୍, ଆରେ ଜିସୁ ହେୱାରିଂ ୱେନ୍‌ବାତାନ୍,
"ଆନ୍ ଇନେନ୍ ଇଞ୍ଜି ମାନାୟାର୍ ଇନାକା ଇଞ୍ଜ୍‌ନାରା ?"
୧୯ ☆"ଇବେ ହେୱାର୍ ଉତର୍ ହିତାର୍, ବାପ୍ତିସିମ୍ ହିନି ଜହନ୍," ମାତର୍ ଇନେର୍ ଇନେର୍ ଇନାର୍, "ଏଲିୟ, ଆରେ
ଇନେର୍ ଇନେର୍ ଇନାରା, ଆଗେନି ଦିନ୍ତି ବେଣ୍‌ବାକ୍‌ଣାୟ୍ କିନାକାନ୍ ବିତ୍ରେ ରୱାନ୍ ଆରେ ନିଂତାକାନ୍ ଆତାନ୍ନା ।"
୨୦ ☆ଜିସୁ ହେୱାରିଂ ୱେନ୍‌ବାତାନ୍, "ମାତର୍ ଆନ୍ ଇନେନ୍ ଇଞ୍ଜି ଏପେଙ୍ଗ୍ ଇନାକା ଇଞ୍ଜ୍‌ନାଦେରା ?"
ପିତର୍ ଉତର୍ ହିତାନ୍, "ଇସ୍ୱର୍‌ତି କ୍ରିସ୍ଟ ।"

### ଜିସୁ ନିଜେ ହାଜି ଆରେ ଜିବୁନ୍ ୱାନି ବିସ୍ରେ ନି ବେରଣ୍
*(ମାତିଉ ୧୬:୨୦-୨୮; ମାର୍କ ୮:୩୦–୯:୧)*

୨୧ ଆରେ ଜିସୁ ହେୱେରିଂ ଇଚାନ୍ ଇଦାଂ ଇନେରିଂ ୱେଚ୍‌ମାଟ୍ ଇଞ୍ଜି ହେୱାରିଂ ଡାଟ୍ କିଜି ବ଼ଲ୍ ହିଜି ଇ଼ଚାନ୍,
୨୨ ଆରେ ହେୱାନ୍ ହେୱାରିଂ ଇଚାନ୍, "ମାନାୟ୍ ମାଜିଂ ଆଦିକ୍ ଦୁକ୍‌ପାୟା ଆନାକା ମାନାତ୍ ଆରେ ବୁଡ଼ାଲୁର୍, ମୁଡ଼୍
ମାପୁହେବାକିନାକାନ୍ ଆରି ସାସ୍ତ୍ରିର୍ ହୁକେ ମୁନା କିୟା ଆଜି ହ଼ାନାକା ଆନାତ୍, ଆରେ ତିନ୍‌ଦିନ୍‌ତାଂ ନିଙ୍ଗ୍‌ନାକା ମାନାତ୍ ।"
୨୩ ☆ହେ ପାଦ୍‌ନା ଜିସୁ ୱିଜାରିଂ ୱେଚ୍‌ଚାନ୍, "ଇନେନ୍ ଏଚେକାଡ଼୍‌ଦ ନା ଲାହାଙ୍ଗ୍ ୱାଦେଙ୍ଗ୍ ଇଚା କିନାନ୍, ୱିଜୁ ପ଼ିସ୍ତି
ସବୁଦିନା ହେୱାନ୍ କ୍ରୁସ୍ ଆସ୍ତି ନା ଲାହାଙ୍ଗ୍ ୱାୟେନ୍ ।
୨୪ ☆ଇନାକିଦେଂକି ଇନେନ୍ ଜାର୍ ଜିବୁନ୍ ରାକ୍ୟା କିଦେଙ୍ଗ୍ ଇଚା କିନାନ୍, ହେୱାନ୍ ତା ଜିବୁନ୍ ଆରାୟ୍ କିନାନ୍; ମାତର୍
ଇନେର୍ ଜଦି ନା କାଜିଂ ହେୱାନ୍ ଜିବୁନ୍ ଆରାୟ୍ କିନାନ୍, ହେୱାନ୍ ହେଦାଂ ରାକ୍ୟା କିନାନ୍ ।
୨୫ ଆରି, ମାନାୟ୍ ଏଚେକାଡ଼୍‌ଦ ୱିଜୁ ପୁତର୍‌ତିଂ ଲାବ୍ କିଜି ଜ଼ାର୍ ଜିବୁନ୍ ଆରାୟ୍ କିନାନ୍, ତେବେ ତାଦାଙ୍ଗ୍ ଇନା ଲାବ୍
?
୨୬ ଲାଗିଂ ଇନେର୍‌କି ଜଦି ନା ଆରେ ନାଦାଂ ବେରଣ୍ ବିସ୍ରେ ଲାଜ୍‌କୁଡ଼ା ଆନାନ୍, ମାନାୟ୍ ମାଜି ଏଚେକାଡ଼୍‌ଦ ଜାର୍‌ତି
ଆରି ଆବାତି, ମତର୍ ପୁଇପୁୟା ଦୁତ୍‌ର୍ ଜାଜ୍‌ମାଲ୍ ୱାନାନ୍, ହେୱେଡ଼ାଂ ହେୱାନ୍ ହେଦାଂ ବିସ୍ରେ ଲାଜା ଆନାନ୍ ।
୨୭ ମାତର୍ ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା, ଇସ୍ୱର୍‌ତି ରାଜି ହୁଡ଼୍‌ୱି ପାତେକ୍ ଇବେ ନିଲ୍‌ଚିମାନି ଲକୁ ବିତ୍ରେ
ଏଚେକ୍‌ଜାଣ୍ ଇନେସ୍ କିଜିପା ହାକି ହୁଡ଼ରୁ ।"

### ଜିସୁତି ପାଗ୍‌ମାସ୍‌ନାକା
*(ମାତିଉ ୧୭:୧-୮; ମାର୍କ ୯:୨-୮)*

୨୮ ଇ ୱିଜୁ ଗ଼ଟ୍‌ଣାନି ଆଟ୍ ଦିନ୍ ପାଚେ ହେୱାନ୍ ପିତର୍, ଜହନ୍ ଆରି ଜାକୁବ୍‌ତିଂ ରଚେ ଅଜି ହ଼ାଲ୍‌ଜି ପାର୍ତାନା କିନି କାଜିଂ
ମାଡ଼ି ଜପି ହାଚାର୍ ।
୨୯ ଆରେ, ଜିସୁ ପାର୍ତାନା କିନି ୱେଡ଼ାଲିଂ ତା ମୁମ୍ ବାଦ୍‌ଲି ଆତାତ୍ ଆରି ତା ହେନ୍ଦ୍ରା ଡ଼ିନ୍‌ଞ୍ଜାତ୍ ଆରି ଜବର୍ ଅଜଡ଼୍ ଆତାତ୍
।
୩୦ ଆରେ ହୁଡ଼ାଟ୍ ଡ୍ରିପ୍‌କୁ, ମସା ଆରି ଏଲିୟ, ଇ ରିୟାର୍ ହେୱାନ୍ ଲାହାଙ୍ଗ୍ ବେରଣ୍ କିଦେଙ୍ଗ୍ ଲାଗାତାର୍;
୩୧ ହେୱାର୍ ସାର୍ଗେ ପାଣ୍‌ତାଂ ଚଞ୍ଜ୍‌ୟା ଆଜି ମ଼ାଚାର୍, ହେୱାନ୍ ଜିରୁସାଲମ୍‌ତ ଇନାୱାଡ଼ାଙ୍ଗ୍ ହାଞ୍ଜେଙ୍ଗ୍ ଜାଲ୍‌ଦି ଆଜି
ମାନାର୍, ହେ ବିସ୍ରେ ଇଞ୍ଜି ମାଚାର୍ ।
୩୨ ହେ ୱାଡ଼ାଙ୍ଗ୍ ପିତର୍ ଆରି ତା ହାଙ୍ଗ୍‌ଦାକାର୍ ହୁଚ୍‌କାଣ୍‌କୁ ହତିଲେ ହୁନ୍‌ଞ୍ଜି ମାଚାର୍; ମାତର୍ ହେୱାର୍ ହୁନ୍‌ଜି ନିଙ୍ଗ୍‌ନିହିଂ
ହେୱାନ୍ତି ଜାଜ୍‌ମାଲ୍ ଆରି ତା ଲାହାଂ ନିଲ୍‌ଚି ମାନି ହେ ରିୟାରିଂ ହୁଡ଼୍‌ତାର୍ ।
୩୩ ପାଚେ ହେୱାର୍ ତା ତାକେଣ୍ଡାଂ ହାନିହିଂ ପିତର୍ ଜିସୁଙ୍ଗ୍ ଇଞ୍ଜେଙ୍ଗ୍ ଲାଗାତାନ୍, "ଏ ଗୁରୁ, ଆପେଂ ଜେ ଇ ବାହାତ
ମାନାପ୍, ଇଦାଂ ହାର୍‌ଦାକା; ଆସେଙ୍ଗ୍ ତିନ୍‌ଗଟା ପୁଟ୍‌କୁ ରଚ୍‌ନାସ୍, ନି କାଜିଂ ରଞ୍ଜାଙ୍ଗ୍, ମସା କାଜିଂ ରଞ୍ଜାଙ୍ଗ୍ ଆରେ ଏଲିୟ
କାଜିଂ ରଞ୍ଜାଙ୍ଗ୍ ।" ମାତର୍ ହେୱାନ୍ ଇନାକା ଇନାନ୍ନା, ହେଦାଂ ପୁନ୍‌ୱାଦାଂ ମାଚାର୍ ।
୩୪ ପିତର୍ ଇଦାଂ ଇନୁ ଇନୁ ବାଦାଡ଼୍ ୱାଜି ହେ଼ୱାରିଂ ଡାବାୟ୍ କିତାତ୍, ଆରେ ହେୱାର୍ ବାଦାଡ଼୍‌ତାକେ ହଣ୍‌ଗିନିହିଙ୍ଗ୍
ପାଣ୍ଡ୍ରା ଆତାର୍ ।
୩୫ ☆☆ପାଚେ ହେ ବାଦାଡ଼୍‌ତାଂ ଇ କାତା ଆତାତ୍, "ଇୱାନ୍ ନା ମାଜି, ମା ବାଚି କିତି ଇୱାନ୍ତି ବଚନ୍ ୱେନାଟ୍ ।"

☆ **୯:୧୯** ମାତିଉ ୧୪:୧,୨; ମାର୍କ ୬:୧୪,୧୫; ଲୁକ ୯:୭,୮. ☆ **୯:୨୦** ଜହନ୍ ୬:୬୮,୬୯. ☆ **୯:୨୩** ମାତିଉ ୧୦:୩୮; ଲୁକ ୧୪:୨୭. ☆ **୯:୨୪** ମାତିଉ ୧୦:୩୯; ଲୁକ ୧୭:୩୩; ଜହନ୍ ୧୨:୨୫. ☆ **୯:୩୫** ମାତିଉ ୩:୧୭; ୧୨:୧୮; ମାର୍କ ୧:୧୧; ଲୁକ ୩:୨୨. ☆ **୯:୩୫** ୨ ପିତର୍ ୧:୧୭,୧୮.

୩୬ ଆରେ, ହେ କାତା ଆତି ପାଚେ ଜିସୁ ରୱାନ୍‌ନେ ଚନ୍‌ଞାତାନ୍ । ପାଚେ, ହେୱାର୍ ଚିମ୍‌ରା ଆଜି ମାଚାର୍, ଆରେ ଇନା
ଇନାକା ହୁଡ଼୍‌ଜି ମାଚାର୍, ହେବେଣ୍ଡାଂ ଇନା ବେରଣ୍ ହେୱାଡ଼ାଂ ଇନେରିଂ ୱେଚ୍‌ୱାତାର୍ ।

## ପୁଦା ଆୟାତି କାଡ଼୍‌ଦେଂ ଜିସୁ ଉଜ୍ କିତାକା

*(ମାତିଉ ୧୭:୧୪-୧୮; ମାର୍କ ୯:୧୪-୨୭)*

୩୭ ମାହିଙ୍ଗ୍‌ନି ଦିନ୍ ଜିସୁ ଆରେ ତିନ୍‌ଜାଣ୍ ଚେଲାର୍ ମାଡ଼ିତାଂ ଜୁଜି ୱାତିଲେ, ବେସିହେନି ମାନାୟ୍ ତା ଲାହାଙ୍ଗ୍ ବେଟା
ଆତାର୍ ।
୩୮ ଆରେ ହୁଡ଼ାଟ୍, ମାନାୟ୍ ଗହଲି ବିତ୍ରେତାଂ ରୱାନ୍ ଗାଜା ୱେଇ କିଜି ଇଚାନ୍, "ଏ ଗୁରୁ, ଆନ୍ ନିଙ୍ଗେଙ୍ଗ୍ ଗୱାରି
କିଦ୍‌ନାଙ୍ଗା, ନା ମାଜି କାଜିଂ କାର୍ମା ହୁଡ଼ା, ଇନାକିଦେଂକି ହେୱାନ୍ ନା ରୱାନ୍ ଇଞ୍ଜି ମାଜି;
୩୯ ହୁଡ଼ାଟ୍, ତାଙ୍ଗେଙ୍ଗ୍ ର ପୁଦା ଆହ୍‌ନାଡ଼୍, ଆରେ ହେୱାନ୍ ତ୍ରିପ୍‌କୁ କିର୍‌ଡ଼ି କିଜି ନିଙ୍ଗ୍‌ନାନ୍, ପାଚେ ହେୱାନିଂ ଏଲେଙ୍ଗ୍
ମଡ଼ିକିନାଡ଼୍ ଜେ, ତା ୱେଇଦିଂ ପେପ୍‌ଲା ହଡ଼୍‌ନାଡ଼୍, ପାଚେ ହେଦାଂ ତାଙ୍ଗେଙ୍ଗ୍ ଚିର୍‌ବିର୍ କିଜି ତା ତାକେଣ୍ଡାଂ କେତେ କସ୍ଟତାଂ
ହସି ହାନାଡ଼୍ ।
୪୦ ତାଙ୍ଗେଙ୍ଗ୍ ପିହିକିଦେଂ ଇଞ୍ଜି ଆନ୍ ନି ଚେଲାରିଂ କୁକ୍‌ଚି ମାଚାଙ୍ଗ୍, ମାତର୍ ହେୱାର୍ ଆଡ଼୍‌ୱାତାର୍ ।"
୪୧ ଜିସୁ ଉତର୍ ହିତାନ୍, "ଆଡ଼େ ପାତର୍ କିୱାକାଦେର୍ ଆରି ବାନ୍ୟା ଲାତ୍ରାର୍, ଏଚେକ୍ ଦିନ୍ ଆନ୍ ମି ଲାହାଙ୍ଗ୍ ରଚେ
ମାନ୍‌ଞ୍ଜି ମି ଚିନ୍ତା ଏଚେକ୍ ହୁଞ୍ଜ୍‌ନାଙ୍ଗ୍ ? ମି ମାଜିଙ୍ଗ୍ ନା ତାକେ ତାଇୱାଡୁ ।"
୪୨ କାଡ଼୍‌ଦେ ୱାଉ ୱାଉ ପୁଦା ତାଙ୍ଗେଙ୍ଗ୍ ତାରେନ୍ ଗୁଡ଼୍‌ତି ବେସି ରାଗ୍‌ଦାଂ ମଡ଼ିକିତାଡ଼୍, ମାତର୍ ଜିସୁ ବାନ୍ୟା ଜିବୁନ୍‌ତିଂ
ଦାକା କିତାନ୍ ଆରି କାଡ଼୍‌ଦେଂ ଉଜ୍ କିଜି ତାଞ୍ଜିଆବା କେଇଦ ହିତାନ୍ ।
୪୩ ହେବେ ୱିଜାକାର୍ ଇସ୍ୱର୍ ଗାଜା ସାକ୍ତି କାଜିଂ କାବା ଆଜି ହାଚାର୍ । ମାତର୍ ହେୱାନ୍ କିତି ୱିଜୁ କାମାୟ୍ କାଜିଂ
ୱିଜାକାର୍ ଚାନ୍ୟା ଆଜି ମାନି ୱେଡାଙ୍ଗ୍ ଜିସୁ ତା ଚେଲାରିଂ ଇଚାନ୍ ।

## ଜିସୁ ନିଜେ ହାନାକା ୱେଚ୍‌ଚାନ୍

*(ମାତିଉ ୧୭:୨୨-୨୩; ମାର୍କ ୯:୩୦-୩୨)*

୪୪ "ଇ ୱିଜୁ ବେରଣ୍ ମି କିତୁଲିକାଂ ନେଚ୍‌ଚାଟ୍; ଇନାକିଦେଂକି ମାନାୟ୍ ମାଜି ମାନାୟ୍ କେଇଦ ହେଲାୟ୍ କିୟା ଆଦେଂ
ହାନାନା ।"
୪୫ ମାତର୍ ଚେଲାହିର୍ ହେ ଇ ବେରଣ୍ ବୁଜା ଆୱାତାର୍, ଆରେ ହେଦାଂ ହେୱାର୍‌ତାକେଣ୍ଡାଂ ଡ଼ଗୁଜି ମାଚାଡ଼୍, ଇନେସ୍
ହେଦାଂ ହେୱାର୍‌ତି ଅବୁଜା ଆଉଡ଼୍, ଆରେ ହେୱାର୍ ହେ କାତା ବିସ୍ରେ ତାଙ୍ଗେଙ୍ଗ୍ ୱେନ୍‌ବେଦେଂ ପାଣ୍ଡା ଆଜି ମାଚାର୍ ।

## ୱିଜୁ ତାଙ୍ଗ୍ ଗାଜା ୱିଜୁ ତାଙ୍ଗ୍ ହିରୁ

*(ମାତିଉ ୧୮:୧-୫; ମାର୍କ ୯:୩୩-୩୭)*

୪୬ ✡ହେୱାର୍ ବିତ୍ରେ ଇନେନ୍ ଗାଜାକାନ୍, ହେ ବିସ୍ରେ ହେୱାର୍ ବିତ୍ରେ ଇନ୍‌ବା ଆତାର୍ ।
୪୭ ମାତର୍ ଜିସୁ ହେୱାର୍‌ତି ମାନ୍ତ ବେଣ୍‌ବାଟ୍ କିନାକା ପୁନ୍‌ଞ୍ଜି ର ହିରୁକାନ୍ କାଡ଼୍‌ଦେଂ ଅଜି ଜାର୍ କଚଣ୍‌ତ ନିଲି କିଜି
ହେୱାରିଂ ଇଚାନ୍,
୪୮ ✡ଇନେର୍ ନା ତର୍‌ଦାଂ ଇ ହିରୁ ହିମ୍‌ଣାତିଂ ମାନିକିନାର୍, "ହେୱାର୍ ନାଙ୍ଗେଙ୍ଗ୍ ମାନିକିଦ୍‌ନାର୍, ଆରେ ଇନେର୍
ନାଙ୍ଗେଙ୍ଗ୍ ଇଟ୍‌ଦାନାର୍, ହେୱାର୍ ନା ପକ୍‌ତାତାକିନିଂ ମାନ୍‌କିନାର୍; ଇନାକିଦେଂକି ମି ୱିଜାଦେର୍ ବିତ୍ରେ ଇନେନ୍ ହିରୁକାନ୍;
ହେୱାନ୍ ଗାଜାକାନ୍ ।"

## ଇନେର୍ ବେରିୟାର୍ ଆକାୟ୍ ହେୱାର୍ ସାଇଜ କାରିୟାର୍

୪୯ ହେବେ ଜହନ୍ ଉତର୍ ହିତାନ୍, "ଏ ଗୁରୁ, ଆପେଂ ରୱାନିଂ ନି ତର୍‌ଦାଂ ପୁଦା ପିହି କିନାକା ହୁଡ଼୍‌ତାପ୍, ଆରେ ହେୱାନ୍
ମା ଦଲ୍‌ଦ ୱାୱିକାଜିଂ ତାଙ୍ଗେଙ୍ଗ୍ ମୁନା କିତାପ୍ ।"
୫୦ ମାତର୍ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ମୁନା କିମାଟ୍," ଇନାକିଦେଂକି ମିଦାଙ୍ଗ୍ ଆଣ୍ଟିପାକ୍ୟା ଆକାୟ୍, "ହେୱାନ୍ ମି ପାକ୍ୟା
।"

## ସମିରଣିନି ନାସ୍ତ ଜିସୁଙ୍ଗ୍ ମାନିକିୱାତାର୍

୫୧ ପାଚେ ଏଚେକାଡ଼୍‌ଦ ଜିସୁ ପୁତର୍ ପିସ୍ତି ସାର୍ଗେ ହାନି ଦିନ୍ ଲାଗେ ୱାଜି ମାଚାଡ଼୍, ହେୱାଡ଼ାଂ ହେୱାନ୍ ଜିରୁସାଲମ୍‌ତ
ହାଞ୍ଜେଙ୍ଗ୍ ତିୟାର୍ ଆତାନ୍,
୫୨ ହେୱାନ୍ ଆଗେ ଦୁଡ଼୍‌ତିଂ ପକ୍‌ତାନ୍ । ହେୱାର୍ ହାଲ୍‌ଜି ଜିସୁ କାଜିଂ ଜାଲ୍‌ଦି କିଦେଙ୍ଗ୍ ସମିରଣିୟନି ତର୍‌ଦି ର ନାସ୍ତ
ହଣ୍ଙ୍ଗାତାର୍;
୫୩ ମାତର୍ ହେୱାନ୍ ଜିରୁସାଲମ୍‌ତ ହାଞ୍ଜେଙ୍ଗ୍ ମାନ୍ କିତାନ୍‌ନ୍ନା ଇଞ୍ଜି ପୁଞ୍ଜି ହେୱାର୍ ତାଙ୍ଗେଙ୍ଗ୍ ଇଟ୍‌ୱାତାର୍ ।

✡ **୯:୪୬** ଲୁକ ୨୨:୨୪. ✡ **୯:୪୮** ମାତିଉ ୧୦:୪୦; ଲୁକ ୧୦:୧୬; ଜହନ୍ ୧୩:୨୦.

୫୪ ଇଦାଂ ହୁଡ଼ଜି ଜାକୁବ୍ ଆରେ ଜହନ୍, ଇ ରିୟାର୍ ଚେଲାହିର୍ ଜିସୁଙ୍ଗ୍ ଇଚାର୍, ମାପ୍ରୁ "ଏଲିୟ ପା ଇନେସ୍ କିଜି କିଜି
ମାଚାନ୍, ହେ ଲାକେ ସାର୍ଗେତାଂ ନାଣି ଆଜର୍ ହେୱାରିଂ ବୁଡାଇ କିନାଡ୍, ଇଦାଂ ଆପେଂ ଇଞ୍ଜ୍ନାପ୍ ଇଞ୍ଜି ଇନାକା ନି ଇଚା
?"
୫୫ ମାତର୍ ହେୱାନ୍ ମାସ୍ଦି ହେୱାରିଂ ଗଡ଼୍ କିତାନ୍ ଆରି ଇଚାନ୍, ଏପେଙ୍ଗ୍ ଇନେସ୍ ବାତର୍ ଜିବୁନ୍ନି ମାନାୟ୍, ଇଦାଂ
ପୁନୁଦେରା । ମାନାୟ୍ ମାସ୍ଦି ମାନାୟ୍ତିଂ ଜିବୁନ୍ ନସ୍ଟ କିଦେଙ୍ଗ୍ ୱାୱାଦାଙ୍ଗ୍ ରାକ୍ୟା କିଦେଙ୍ଗ୍ ୱାତାଂନା ।
୫୬ ତା ପାଚେ ହେୱାର୍ ଆରେ ର ନାସ୍ତ ତାଙ୍ଗ୍ଜି ହାଚାର୍ ।

### ଜିସୁ ଚେଲାହି ଆନାକା ମାନାଡ୍
*(ମାତିଉ ୮:୧୯-୨୨)*

୫୭ ହେୱାର୍ ହାସ୍ଦିଙ୍ଗ୍ ହାନିହିଂ ରୱାନ୍ ମାନାୟ୍ ଜିସୁଙ୍ଗ୍ ଇଚାନ୍, ଏନ୍ ଇମ୍ଣି ବାହାତ ହାନାୟ୍, "ଆନ୍ ନି ପାଚେ ପାଚେ
ୱାନାଙ୍ଗ୍ ।"
୫୮ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, କଲ୍ୟାତିଂ ପାରା ମାନାଡ୍, ଆକାସ୍ନି ଉମ୍ନି ପଟିତିଂ ଗୁଡା ମାନାଡ୍, ମାତର୍ ମାନାୟ୍ ମାଜି
କାପ୍ଡ଼ା ଇଡ୍ଦେଂ ବାହା ହିଲୁଡ୍ ।
୫୯ ଆରି, ହେୱାନ୍ ଆରେ ରୱାନିଂ ଇଚାନ୍, "ନା ପାଚେପାଚେ ୱା ।"
ମାତର୍ ମାପ୍ରୁ ଇଚାନ୍, "ପର୍ତୁମ୍ ହାଲ୍ଜି ମାଞ୍ଜି ଆବାଂ ମୁଚେଙ୍ଗ୍ ଇଞ୍ଜି ନାଙ୍ଗେଙ୍ଗ୍ ବଲ୍ ହିଦା ।"
୬୦ ମାତର୍ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ହାତାକାରିଂ ଜାର୍ ଜାର୍ ହାତି ଲଗାଂ ମୁଚେଙ୍ଗ୍ ପିସ୍ତି ହିୟାଟ୍, ମାତର୍ ଏପେଙ୍ଗ୍ ହାଲ୍ଜି
ଇସ୍ୱର୍ ରାଜିତ ସୁଣାୟ୍ କିୟାଟ୍ ।"
୬୧ ଆରେ ରୱାନ୍ ପା ଇଚାନ୍, ମାପ୍ରୁ, "ଆନ୍ ନି ପାଚେ ପାଚେ ୱାନାଙ୍ଗ୍, ମାତର୍ ପର୍ତୁମ୍ ମା ଇଞ୍ଜ ମାନି ମାନାୟାର୍ତାଂ
ଜୱାର୍ ଇଞ୍ଜି ନାଙ୍ଗେଙ୍ଗ୍ ବଲ୍ ହିଦା ।"
୬୨ ମାତର୍ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ଇନେନ୍ ନାଙ୍ଗେଲ୍ତ କେଇଆଜି ଜେନ୍ପାଡ୍କା ହୁଡ଼୍ନାନ୍, ହେୱାନ୍ ଇସ୍ୱର୍ ରାଜିତ
ହାଞ୍ଜେଙ୍ଗ୍ ଆଡୁନ୍ ।"

## ୧୦

### ଜିସୁ ସତୁରି ଜାଣ୍ତିଂ ବାଚିକିତାନ୍

୧ ଇଦାଂ ପାଚେ ମାପ୍ରୁ ଆରେ ତିନ୍କଡ଼ି ଦସ୍ଜାଣ୍ତିଂ ବାଚି କିତାନ୍ ଆରି ତା ଇମ୍ଣି ଗାଡ଼୍ ଆରି ବାହାକାଂ ହାନାକା ମାଚାଡ୍,
ହେୱାନ୍ ହାନି ଆଗେତାଂ ହେୱାରିଂ ରିୟାର୍ ରିୟାରିଂ କିଜି ହେବେ ପକ୍ତାନ୍ ।
୨ ଆରେ, ଜିସୁ ହେୱାରିଂ ଇଚାନ୍, "ତାସ୍ ହିନା ବେସି, ମାତର୍ କାମାୟ୍ କିନାକାର୍ ଉଣା; ଲାଗିଂ ନି କାମାୟ୍ ବାହାତ
କାମାୟ୍ କିନାକାରିଂ ପକ୍ନି କାଜିଂ ତାସି ଜମିନି ହାଉକାର୍ ତାକେ ପାର୍ତାନା କିୟାଟ୍ ।
୩ ଏପେଙ୍ଗ୍ ହାଲାଟ୍; ହୁଡ଼ାଟ୍, ହୁଣ୍ଡାର୍ ବୁର୍କାକାଂ ବିତ୍ରେ ମେଣ୍ଡା ହିମ୍ଣାକାଂ ଲାକେ ଆନ୍ ମିଙ୍ଗେଙ୍ଗ୍ ପକ୍ତାନାଙ୍ଗା ।
୪ ଜାଲିୟା ମଣା ଆରି ପାଣ୍ଡାଇଙ୍ଗ୍ ଆମାଟ୍, ଆରେ ହାସ୍ଦ ଇନେରିଂ ଜୱାର୍ କିମାଟ୍ ।
୫ ଆରେ ଇମ୍ଣି ଇଞ୍ଜ ଏପେଙ୍ଗ୍ ହଣ୍ଗାନାଦେର୍, ହିଗ୍ଦ ଇନାଟ୍, ଇ ଇଲ୍ କାଜିଂ ସୁସ୍ତା ଆୟେଡ୍ ।
୬ ଆରେ, ହେ ବାହାତ ଇନେନ୍ ଜଦି ରୱାନ୍ ସୁସ୍ତାନିକାନ୍ ମାଚିସ୍, ତା ଆଡିସ୍ ମି ତାକ୍ଣି ସୁସ୍ତା ହେ ଜପି ଦୁମ୍ନାଡ୍; ମାତର୍
ଜଦି ହିଲ୍ୱିତିସ୍, ତେବେ ହେଦାଂ ମିତାକେଣ୍ତାଂ ମାଜି ୱାନାଡ୍ ।
୭ ଆରେ, ହେୱାର୍ ତାକେ ଇନାକା ମାନାଡ୍, ତିନ୍ଞ୍ଜି ଉଣ୍ଜି ହେ ଇଞ୍ଜ ମାନାଟ୍, ଇନେକିଦେଂକି କାମାୟ୍ କିନାକାଦେର୍
ତାବୁଙ୍ଗ୍ ପାୟାନି ଜଗ୍ । ଇଲ୍କୁକାଂ ଇଲ୍କୁ ହାଲ୍ମାଟ୍ ।
୮ ଆରେ, ଇମ୍ଣି ଗାଡ଼୍ଦ ଏପେଙ୍ଗ୍ ହଣାଦେର୍ ଆରି ଲକୁ ମିଙ୍ଗେଙ୍ଗ୍ ଇଡ୍ଦାନାର୍, ହେବେ ମିଙ୍ଗେଙ୍ଗ୍ ଇନାକା ଚିଚ୍ପା
ଆଦ୍ନାର୍, ହେଦାଂ ତିନାଟ୍,
୯ ହେ ବାହାତ ମାନି ରଗ୍ୟାରିଂ ଉଜ୍ କିୟାଟ୍, ଆରେ ହେୱାରିଂ ଇନାଟ୍, ଇସ୍ୱର୍ତି ରାଜି ମି ତାକେ ୱାତାତେ ।
୧୦ ☆ମାତର୍ ଇମ୍ଣି ଗାଡ଼୍ଦ ଏପେଙ୍ଗ୍ ହଣାଦେର୍ ଆରି ମାନାୟାର୍ ମିଙ୍ଗେଙ୍ଗ୍ ଇଡ୍ଦୁର୍, ହେବେ ହୁଗିତାକେ ହସି ହାଲ୍ଜି
ଇନାଟ୍,
୧୧ ମି ଗାଡ଼୍ନି ଇମ୍ଣି ଦୁଡ଼ି ମା ପାନାତ ଆଣ୍ଟାଡ୍ନା, ହେଦାଂ ପା ମି କାଜିଂ ଡ଼ାଡ୍ନାପା; ମାତର୍ ଇସ୍ୱର୍ତି ରାଜି ଜେ ଲାଗେ
ୱାତାତେ, ଇଦାଂ ପୁନାଟ୍ ।
୧୨ ☆ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା, ତା ବିଚାର୍ ନାଞ୍ଜିଙ୍ଗ୍ ହେ ଗାଡ଼୍ନି ଦାଣ୍ଡ ବାଟା ସଦମ୍ନି ଦାଣ୍ଡ ପାୟାନାର୍ ।"

### ପାତର୍ କିୱାକାର୍ ନାସ୍କୁନି ବିଚାର୍
*(ମାତିଉ ୧୧:୨୦-୨୪)*

☆ **୧୦:୧୦** ପକ୍ୟାତାକା ୧୩:୫୧. ☆ **୧୦:୧୨** ମାତିଉ ୧୧:୨୪; ମାତିଉ ୧୦:୧୫.

[୧୩] ହାୟ, ଡାଣ୍ଡ୍ନି କଣ୍ଡି କରାଜିନ୍, ହାୟ, ଡାଣ୍ଡ୍ନି କଣ୍ଡି ବେତ୍ସାଇଦା, ଇନାକିଦେଂକି ମି ବିତ୍ରେ ଇମ୍ଣି ଇମ୍ଣି ସାକ୍ତିନି
କାମାୟ୍ କିୟା ଆତାତ୍ନ୍ନା, ହେଦାଂ ୱିଜୁ ଇନାୱାଡ଼ାଂ ସର ଆରେ ସିଦନ୍ ତାକେ କିୟାଆତାତ୍ମା, ଲାଗିଂ ହେୱାର୍ ବେସିଦିନ୍
ପୁର୍ବେତାଂ ବାସ୍ତା ଉସ୍ପିସ୍ ନିସ୍ତାକେ କୁଚ୍ଚି ମାନ୍ବାଦ୍ଲାୟ୍ କିତାର୍ମା ।
[୧୪] ଆତିସ୍ପା ବିଚାର୍ଣ୍ଣାତ ମି ଦାଣ୍ଡ୍ ବାଟା ସର ଆରି ସିଦନ୍ନି ଦାଣ୍ଡ୍ ପାୟା ଆନାତ୍ ।
[୧୫] ଆରେ, ଆଡ଼େ କପର୍ନାହୁମ୍, ଏନ୍ ଇନାକା ସାର୍ଗେ ପାତେକ୍ ଲାମା ଆଦେଂ ଆଡ଼ନାୟ୍ ? ପାତାଲ୍ ପାତେକ୍ ନିଙ୍ଗ୍ ଆଦା
ହାଞ୍ଜେଙ୍ଗ୍ ଆଦ୍ନାତ୍ ।
[୧୬] ✡ଜିସୁ ଜାର୍ ଚେଲାରିଂ ଇଚାନ୍ ଇନେର୍ ମି ବେରଣ୍ ୱେନାର୍, "ହେୱାର୍ ନା କାତା ୱେନାନ୍, ଆରେ ଇନେର୍ ମିଙ୍ଗେଙ୍ଗ୍
ଇଡ୍ଦୁର୍, ହେୱାର୍ ନାଙ୍ଗେଙ୍ଗ୍ ଇଡ୍ଦୁର୍, ଆରେ ଇନେର୍ ନାଙ୍ଗେଙ୍ଗ୍ ଇଡ୍ଦୁର୍, ହେୱାର୍ ନା ପକ୍ତାତାକାନିଂ ଇଟୁର୍ ।"

## ବାସ୍ତୁରିଜାଣ୍ତିଂ ପିହ୍ୟାତାକାର୍

[୧୭] ଇଦାଂ ପାଚେ ହେ ବାସ୍ତୁରି ଜାଣ୍ ୱାରିତାଂ ମାସ୍ଦି ୱାଜି ଇଚାନ୍, "ମାପ୍ରୁ, ପୁଦାଂପା ନି ତର୍ଦାଂ ମାଙ୍ଗେଙ୍ଗ୍ ମାନି
କିଦ୍ନିକା ।"
[୧୮] ମାତର୍ ଜିସୁ ହେୱାରିଂ ଇଚାନ୍, "ବିଜ୍ଲି ଲାକେ ସାର୍ଗେତାଂ ସୟ୍ତାନ୍ତିଂ ଆର୍ଦାନାକା ଆନ୍ ହୁଡ଼୍ଜି ମାଚାଙ୍ଗ୍ ।"
[୧୯] "ହୁଡ଼ାଟ୍, ଆନ୍ ମିଙ୍ଗେଙ୍ଗ୍ ରାଚ୍ ଆରି କାଚାକୁପି ଜପି ତାଙ୍ଗ୍ଦେଂ ଆଦିକାର୍ ହିଡ୍ତାଙ୍ଗ୍ନା, ଆରେ, ସାତୁର୍ ୱିଜୁ ସାକ୍ତି
ଜପି ଆଦିକାର୍ ହିଡ୍ତାଂନା, ଆରେ ଇନାକା ପା ଇମ୍ଣି ବାନି ମିଙ୍ଗେଙ୍ଗ୍ ନସ୍ଟ କିଦୁଙ୍ଗ୍ ।
[୨୦] ଆତିସ୍ପା ବାନ୍ୟା ଜିବୁନିଂ ଜେ ମି ତାରେନ୍ ମାନିଙ୍ଗ୍, ଇବେ ୱାରି କିମାଟ୍, ମାତର୍ ମି ତର୍ ଜେ ସାର୍ଗେତ
ଲେକାମାନାତ୍, ଇବେ ୱାରି କିୟାଟ୍ ।"

## ଜିସୁତି ୱାରି
## (ମାତିଉ ୧୧:୨୫-୨୭; ୧୩:୧୬-୧୭)

[୨୧] ହେ ୱେଡ଼ାଙ୍ଗ୍ ଜିସୁ ପୁଇପୁୟା ଜିବୁନ୍ତାଂ ୱାରିୟା ଆଜି ଇଚାନ୍, "ଆବା, ସାର୍ଗେ ଆରି ପୁତର୍ନି ମାପ୍ରୁ, ଏନ୍ ଗିଆନି ଆରି
ବୁଦ୍ୟାତି ଲକୁତାଙ୍ଗ୍ ଇ ୱିଜୁ ବିସ୍ରେ ଡ଼କୁଚି ଇଡ଼୍ଜି ହିମ୍ଣାଙ୍ଗ୍ତାକେ ୱେଚ୍ଚାୟ୍ନା, ଇଦାଂ କାଜିଂ ନି ନାନ୍ଦ୍ କିନାଙ୍ଗା; ଆଁ
ଆବା, ଇନାକିଦେଂକି ଇଦାଂ ନି କାଣ୍କୁତାଂ ଏଚେକ୍ସାରି ଆତାତ୍ନ୍ନା ।"
[୨୨] ✡"ନା ଆବାତି ୱିଜୁ ବିସ୍ରେ ନାବେ ସର୍ପି ଆତାତ୍ନ୍ନା; ଆରେ ମାଜି ଇନେର୍, ଇଦାଂ ଆବାଂ ପିସ୍ତି ଇନେର୍ ପୁନୁର୍,
ଆରେ ଆବା ଇନେର୍ ଇଦାଂ ମାଜି ପିସ୍ତି ଇନେର୍ ପୁନୁର୍, ଆରେ ମାଜି ଇନେର୍ ତାକେ ହେୱାନିଂ ୱେଚ୍ଚେଙ୍ଗ୍ ମାନ୍ କିନାନ୍,
ହେୱାନ୍ ପୁନାନ୍ ।"
[୨୩] ଆରେ, ଜିସୁ ଜାର୍ ଚେଲାରିଂ ମାସ୍ଦିହୁଡ଼୍ଜି ଇଚାନ୍, "ଏପେଙ୍ଗ୍ ଇନା ଇନାକା ହୁଡ଼୍ନାଦେରା, ହେ ୱିଜୁ ଇମ୍ଣି କାଣ୍କୁ
ହୁଡ଼୍ନାତ୍, ହେଦାଂ ଦନ୍ୟ ।
[୨୪] ଇନାକିଦେଂକି ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା, ଏପେଙ୍ଗ୍ ଇନା ଇନାକା ହୁଡ଼୍ନାଦେରା, ହେଦାଂ ୱିଜୁ ହେନି
ବେଣ୍ବାକ୍ଣାୟ୍କିନାର୍ ଆରି ରାଜା ହୁଡ଼୍ଦେଂ ମାନ୍ କିତାନ୍, ମାତର୍ ହୁଡ଼୍ଦେଂ ଆଡ଼୍ୱାତାନ୍; ଆରେ, ଏପେଙ୍ଗ୍ ଇନା ଇନାକା
ୱେନାଦେରା, ହେ ୱିଜୁ ହେୱାର୍ ୱେଞ୍ଜେଙ୍ଗ୍ ମାନ୍ କିତାର୍, ମାତର୍ ୱେନ୍ୱାତାର୍ ।"

## ହାଦର୍ ସମିରଣିୟ ଉତର୍ମୁଡ଼୍

[୨୫] ଆରେ ହୁଡ଼ାଟ୍, ରୱାନ୍ ଦରମ୍ ସାସ୍ତ୍ର୍ ନିକାନ୍ ନିଙ୍ଗ୍ଜି ତାଙ୍ଗେଙ୍ଗ୍ ପରିକ୍ୟା କିଜି ୱେନ୍ବାତାନ୍, "ଏ ଗୁରୁ, ୱିଜ୍ୱି
ଜିବୁନ୍ନି ଆଦିକାର୍ ଆଦେଂ ଇଞ୍ଜି ଆନ୍ ଇନା କିନାଙ୍ଗ୍ ?"
[୨୬] ହେବେଣ୍ତାଂ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ମସାତି ବିଦିତ ଇନାକା ଲେକା ମାନାତ୍ ? ଏପେଙ୍ଗ୍ ଇନେସ୍ ପଡ଼ିକିନାଦେରା
?"
[୨୭] ହେୱାନ୍ ଉତର୍ ହିତାନ୍, "ଏପେଙ୍ଗ୍ ୱିଜୁ ୱାସ୍କିତାଂ, ୱିଜୁ ପାରାଣ୍, ୱିଜୁ ସାକ୍ତି ଆରି ୱିଜୁ ମାନ୍ ହିଜି ମାପ୍ରୁ ଜାର୍ ଇସ୍ୱର୍
ମାପ୍ରୁ ଜିଉନୱାଟ୍; ଆରେ, ଜାର୍ ପାଡ଼୍ହା ଇଞ୍ଜିନି ଲଗାଂ ୱାସ୍କିଲାକେ ଜିଉନୱାଟ୍ ।"
[୨୮] ହେବେ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, ଏନ୍ ହାତ୍ପାରଚେ ଉତର୍ ହିତାୟ୍ନା, "ଏପେଙ୍ଗ୍ କିୟାଟ୍, ତା ଆତିସ୍ ଏପେଙ୍ଗ୍ ଜିବୁନ୍
ପାୟା ଆନାଦେର୍ ।"
[୨୯] ମାତର୍ ବିଦିବିଦାଣି ସାସ୍ତ୍ର୍ ଜାର୍ତିଂ ଦାମର୍ ଇଞ୍ଜି ଚଚ୍ଚେଙ୍ଗ୍ ଇଚା କିଜି ଜିସୁଙ୍ଗ୍ ୱେନ୍ବାତାର୍, "ଲାଗିଂ ନା
ପାଡ଼୍ହାନିକାର୍ ଇନେର୍ ?"
[୩୦] ଜିସୁ ହେ ବେରଣ୍ ଆସ୍ତି ଇଚାନ୍, ରୱାନ୍ ମାନାୟ୍ ଜିରୁସାଲମ୍ତାଂ ଜିରିହତ ହାଲୁ ହାଲୁ ଚର୍କୁକାଂ ହାବଡ଼୍ତାକେ
ପଡ଼ାତାନ୍ । ହେୱାର୍ ତା ହେନ୍ଦ୍ରାପାଟା ଡୁସ୍ଦି ଅଜି ଆରି ଟ୍ରାକ୍ଚି ତାଙ୍ଗେଙ୍ଗ୍ ଦାରାମାସ୍କା କାକୁଲ୍ତି କିଜି ପିସ୍ତି ହାଚାର୍ ।
[୩୧] ଗଟ୍ଣା ପାଚେ ରୱାନ୍ ମାପ୍ରୁହେବାକିନାକାନ୍ ହେ ହାସ୍ଦିଙ୍ଗ୍ ହାଲ୍ଜି ମାଚାନ୍, ଆରେ ହେୱାନ୍ ତାଙ୍ଗେଙ୍ଗ୍ ହୁଡ଼୍ଜି
ହେୱାନ୍ ଆରେ ର ହାସ୍ଦିଙ୍ଗ୍ ନାସି ହାଚାନ୍ ।

✡ **୧୦:୧୬** ମାତିଉ ୧୦:୪୦; ମାର୍କ ୯:୩୭; ଲୁକ ୯:୪୮; ଜହନ୍ ୧୩:୨୦. ✡ **୧୦:୨୨** ଜହନ୍ ୩:୩୫; ଜହନ୍ ୧୦:୧୫.

୩୨ ଏଲେଙ୍ଗ୍ ଆଜି ର଼ୱାନ୍ ଲେବିୟ ପା ହେ ବାହାତ ୱାଜି ହେୱାନିଂ ହୁଡ଼୍ଜି ହେୱାନ୍‌ପା ଆରେ ର ହାସ୍‌ଦିଙ୍ଗ୍ ନାସି ହାଚାନ୍ ।
୩୩ ମାତର୍ ରୱାନ୍ ସମିରଣିୟ ତା କଚଣ୍ଡ ୱାଜି ତ଼ାଙ୍ଗେଙ୍ଗ୍ ହୁଡ଼୍ଜି କାର୍ମାତିଂ ଲବାୟ୍ କିତାନ୍,
୩୪ ଆରି ଲାଗେ ହାଲ୍‌ଜି ତାଙ୍ଗେଙ୍ଗ୍ ନନିତାକେ ଚିକାଣ୍ ଆରେ ଅଙ୍ଗୁର୍ ରାସ୍ ୱାକ୍‌ଚି ହେ ସବୁ ଗାଚ୍‌ଚାନ୍, ଆରେ ତାଙ୍ଗେଙ୍ଗ୍
ଜାର୍ ପସୁ ଜପି ଦୁପ୍‌ଚି ଅଜି ର଼ ତିନାକା ଉଣାକା ମାନି ବାହାତ ଅଜି ହ଼ାଲ୍‌ଜି ତାଙ୍ଗେଙ୍ଗ୍ ଜତନ୍ କିତାନ୍ ।
୩୫ ତା ପାଚେ ଆରେ ର ଦିନ୍ ହେୱାନ୍ ରିଣ୍ଡାଂ ଟାକାଂ ହପ୍‌ଚି ହେବା ମାଲିକାରିଂ ହିଜି ଇ଼ଚାନ୍, ଇୱାନିଂ ଏନ୍ ହେବା କିୟା,
ଆରେ ଇନାକା ଆଦିକ୍ କର୍ଚ କିନାୟ୍, ହେଦାଂ ଆନ୍ ମାସ୍‌ଦି ୱାନିହିଂ ମିଙ୍ଗେଙ୍ଗ୍ ହିଦ୍‌ନାଂ ।
୩୬ "ଇ ତିନ୍ ଜାଣ୍ ବିତ୍ରେ ଇନେନ୍ ଚର୍କୁକାଂ ତାକେ ଦାରାପଡ଼ା ଆତି ଲକ୍‌ତିଙ୍ଗ୍ ପାଡ଼୍‌ହାନିକାନ୍ ଇଞ୍ଜି ମାନ୍ତ କିନାଦେରା ?"
୩୭ ବିଦିବିଦାଣି ସାସ୍ତ୍ର ଇଚାନ୍ ଜେ ଏଲେଙ୍ଗ୍ କିଜି ଦ଼ୟା କିତାନ୍ ହେୱାନ୍, ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ହାଲାଟ୍, ଏପେଙ୍ଗ୍
ପା ହେ ଲାକେ କିୟାଟ୍ ।"

## ଜିସୁ ମାର୍ତା ଆରେ ମରିୟମ୍ ଇଞ୍ଜ

୩୮ ଜିସୁ ତା ଚେଲାହିର୍ ହେୱାର୍ ହାନିହିଂ ହେୱାନ୍ ର ନାସ୍ତ ହଣଗାତାନ୍ ଆରି ମାର୍ତା ତର୍‌ନି ରଞ୍ଜେଲ୍ କଗ୍‌ଲେ ଜିସୁଙ୍ଗ୍
ନିଜାର୍ ଇଞ୍ଜ ଅଜି ହ଼ାତାଡ଼୍ ।
୩୯ ମରିୟମ୍ ଇନି ତାଙ୍ଗେଙ୍ଗ୍ ରଞ୍ଜେଲ୍ ତଣ୍‌ଦେହି ମାଚାଡ଼୍, ହେଦେଲ୍ ମାପ୍ରୁତି କାଲ୍‌କୁ ତାରେନ୍ କୁଚ୍‌ଚି ତା ବଚନ୍ ୱେନ୍‌ଞ୍ଜି
ମାଚାଡ଼୍ ।
୪୦ ମାତର୍ ମାର୍ତା ହେବା କିନି ବିସ୍ରେତିଂ ବେସି ତାନ୍ଦ୍ରା ଆଜି ମ଼ାଚାଡ଼୍; ଲାଗିଂ ହେଦେଲ୍ ତା ଲାଗାଂ ୱାଜି ଇ଼ଚାଡ଼୍, "ଏ
ମାପ୍ରୁ, ନା ତଣ୍‌ଦେଲ୍ ଜେ ରଞ୍ଜେଲ୍‌ନେ ନା ଜପି ୱିଜୁ କ଼ାମାୟ୍ ହେଲାୟ୍ କିଡ଼୍‌ତାନ୍, ହେ ନିପ ଇନାକା ନିଙ୍ଗେଙ୍ଗ୍ ମାନ୍‌ହିଲୁଡ଼୍
? ଲାଗିଂ ନାଙ୍ଗେଙ୍ଗ୍ ଉପ୍‌କାର୍ କିଦ୍‌ନି କାଜିଂ ତାଙ୍ଗେଙ୍ଗ୍ ଇନା ।"
୪୧ ମାତର୍ ମାପ୍ରୁ ତାଙ୍ଗେଙ୍ଗ୍ ଇଚାନ୍, "ମାର୍ତା, ମାର୍ତା, ଏନ୍ ବେସି ବିସ୍ରେ ଚିନ୍ତା କିଜି ଆ଼ରେ ବେସି ତାନ୍ଦ୍ରା ଆନାୟା,
୪୨ ମାତର୍ ଅଲପ୍ କେଡ଼୍‌ଗଟା, ଆତିସ୍ ରଞ୍ଜାଙ୍ଗ୍ ମାତର୍ ଲଡ଼ା; ମରିୟମ୍‌ତ ହାର୍‌ଦି ବାଗ୍ ବାଚି କିତାଡ଼୍‌ନା, ଆରେ ତା
ତାକେଣ୍ଡାଂ ହେଦାଂ ଚାକ୍‌ରାଇ କିୟାଆଉଡ଼୍ ।"

# ୧୧

## ପାର୍ତାନା ବିସ୍ରେନି ଜିସୁତି ହିକ୍ୟା

### (ମାତିଉ ୬:୯-୧୩; ୭:୭-୧୧)

୧ ରଗ ହେୱାନ୍ ଇମ୍‌ଣି ର ବାହାତ ପାର୍ତାନା କିଜି ମ଼ାଚାନ୍; ହେୱାନ୍ ପାର୍ତାନା ୱିସ୍ତିଲେ, ତା ଚେଲାହିର୍ ବିତ୍ରେ ରୱାନ୍
ତାଙ୍ଗେଙ୍ଗ୍ ଇଚାନ୍, "ଏ ମାପ୍ରୁ, ବାପ୍ତିସିମ୍‌ହିନି ଜହନ୍ ଇନେସ୍ ଜାର୍ ଚେଲାରିଂ ପାର୍ତାନା କିଦେଙ୍ଗ୍ ହିକାଇକିତାନ୍, ଏନ୍ ପା
ହେ ଲାକେ ମାଙ୍ଗେଙ୍ଗ୍ ପାର୍ତାନା କିଦେଙ୍ଗ୍ ହିକାଇକିଦା ।"
୨ ଇବେ ଜିସୁ ହେୱାରିଂ ଇଚାନ୍, "ଏଚେକାଡ଼୍‌ଦ୍ ଏପେଙ୍ଗ୍ ପାର୍ତାନା କିନାଦେର୍,
ହେୱାଡ଼ାଂ ଇନାଟ୍,
ଆବା, ନି ତର୍ ପୁଇପୁୟା ଇଞ୍ଜି ମାନି ଆୟେଡ଼୍ ।
ନି ରାଜି ୱାୟେଡ଼୍ ।
୩ ନିତ୍ରେଦିନା ମାଙ୍ଗେଙ୍ଗ୍ ଲଡ଼ାନି କାଦି ହିଦା ।
୪ ମା ପାପ୍ ୱିଜୁ କ଼େମା କିଦା,
ଇନାକିଦେଂକି ଆପେଂ ପା ଜାର୍ ଜାର୍‌ତି ବେରୁତାଂ ପାପ୍ କେମା କିନାପ୍ ।"
"ପରିକ୍ୟାତ ମାଙ୍ଗେଙ୍ଗ୍ ତାହି ୱାଦ୍‌ମା ।"
୫ ଆରେ, ଜିସୁ ତା ଚେଲାରିଂ ଇଚାନ୍, "ମିଙ୍ଗେଙ୍ଗ୍ ଇନେରିଂ ଏଲେଙ୍ଗ୍ ବାତ ି ନି ସାଙ୍ଗ ମାନାନ୍ କି, ଇନେର୍ ଲାଗେ
ମାଦିମାଦାନାଣା ହେୱାନ୍ ହାଲ୍‌ଜି ଇନାନ୍, ଏ ହାଇ, ନାଙ୍ଗେଙ୍ଗ୍ ତିନିଗଟା ରୁଟିଂ ଉଦାର୍ ହିଦା,
୬ ଇନାକିଦେଂକି ନା ରୱାନ୍ ସାଙ୍ଗ ନା ତାକେ ୱାତାନ୍ନା, ତାଙ୍ଗେଙ୍ଗ୍ ବାଟା କିଜି ହ଼ିଦେଂ ନା ତାକେ ଇନାକା ହିଲୁଡ଼୍,
୭ ଆରେ ହେ ବିତ୍ରେତାଂ ଏଲେଙ୍ଗ୍ ଉତର୍ ହିନାନ୍, ନାଙ୍ଗେଙ୍ଗ୍ କସ୍ଟ ହିଦ୍‌ମା; ଦୁୱେର୍ ଗେହ୍‌ୟା ଆତାତେ ଆରେ ନା ହିମ୍‌ଣାଂ
ନା ଲାହାଙ୍ଗ୍ ହୁଞ୍ଜୁନାରା; ଆନ୍ ନିଙ୍ଗ୍‌ଜି ନିଙ୍ଗେଙ୍ଗ୍ ହିଦ୍‌ଦେଂ ଆଡ଼୍‌ଦୁଙ୍ଗ୍ ।
୮ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ହେୱାନ୍ ଆତିସ୍‌ପା ତା ସାଙ୍ଗ ଆତିଲେ ତାଙ୍ଗେଙ୍ଗ୍ ନିଙ୍ଗ୍‌ଜି ହିଉନ୍, ଆତିସ୍‌ପା ହେୱାନ୍
ଲାଜାଆୱାଦାଂ ଚାନେକ୍ ଚାନେକ୍ ଏନ୍ତିଲେ ହେୱାନ୍ ନିଙ୍ଗ୍‌ଜି, ହେୱାନ୍ତି ଏଚେକ୍ ଲଡ଼ା ହେୱାନିଂ ହେ ଏଚେକ୍ ହିନାନ୍ ।
୯ ଆନ୍ ପା ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଏନାଟ୍, ହେବେ ମିଙ୍ଗେଙ୍ଗ୍ ହିଦ୍‌ନାନ୍; ଡେକାଟ୍, ହେବେ ଏପେଙ୍ଗ୍ ଗାଟା ଆନାଦେର୍;
ଦୁୱେର୍‌ରିଂ ଇଡ଼ାଟ୍, ହେବେ ମି କାଜିଂ ଜେସ୍‌ସି ହିଦ୍‌ନାର୍ ।

୧୦ ଇନାକିଦେଂକି ଇନେର୍ ଏନ୍‌ନାନ୍, ହେୱାନ୍ ପାୟା ଆନାନ୍; ଇନେର୍ ଡେକ୍‌ନାନ୍, ହେୱାନ୍ ଗାଟାଆନାନ୍; ଆରେ,
ଇନେର୍ ଦୁୱେର୍‌ତ ଇଡ଼୍‌ନାନ୍, ହେୱାନ୍ କାଜିଂ ଜେୟାନାତ୍ ।
୧୧ ଆରେ, ମି ବିତ୍ରେ ଏଲେଙ୍ଗ୍ ଆବା ଇନେନ୍ ମାନାନ୍, ଇନେରିଂ ଜାର୍ ମାଜି ମିନ୍ ଏନ୍ତିସ୍ ହେୱାନ୍ ତାଙ୍ଗେଙ୍ଗ୍ ମିନ୍ ବାଦୁଲ୍
ରାଚ୍ ହିନାନ୍ ?
୧୨ ଆଡିସ୍‌ପା ରଣ୍ଡା ଏନ୍ତିସ୍ ହେୱାନ୍ ତାଙ୍ଗେଙ୍ଗ୍ କାଚାକୁପି ହିନାନ୍ ?
୧୩ ଲାଗିଂ ଏପେଙ୍ଗ୍ କୁଲ୍‌କୁଲିଆ ଆଡିସ୍‌ପା ଏଚେକାଡ଼୍‌ଦ ଜାର୍ ଜାର୍ ହିମ୍‌ଣାକାଂ ହାଦର୍ ହାଦର୍ ଦାନ୍ ହିଦେଂ ପୁନାଚ୍,
ଲାଗିଂ ଇମ୍‌ଣି ଆବା ସାର୍ଗେତାଂ ଦାନ୍ ହିଦ୍‌ନାନ୍, ହେୱାନ୍ ତା ମୁମ୍‌ଦ ଏନ୍‌ନାସ୍ ମାନାୟାରିଂ କେତେକ୍ ଆଦିକ୍ ଲାକେ
ପୁଇପୁୟା ଜିବୁନ୍ ହିଦ୍‌ନାନ୍ !”

## ଜିସୁ ଆରେ ବାନ୍ୟା ଜିବୁନ୍
*(ମାତିଉ ୧୨:୨୨-୩୦; ମାର୍କ ୩:୨୦-୨୭)*

୧୪ ରଗ ଜିସୁ ର ପୁଦା ପିହି କିଜି ମାଚାନ୍, ହେ ପୁଦା ଗୁଲି । ପୁଦା ହସି ହାଚିପାଚେ ଗୁଲା ମାନାୟ୍ ବେଣ୍ ଇଚାନ୍, ହେବେ
ମାନାୟାର୍ କାବା ଆଜି ହାଚାର୍ ।
୧୫ ମାତର୍ ହେୱାର୍ ବିତ୍ରେତାଂ ଇନେର୍ ଇନେର୍ ଇଚାର୍, “ଜିସୁ ମୁଣିକା ବାଲ୍‌ଜିବୁଲ୍ ସାକ୍ୟାତାଂ ପୁଦାଂ ପିହିକିନାନ୍ ।”
୧୬ ବିନ୍‌ଲଗୁ ତାଙ୍ଗେଙ୍ଗ୍ ଡ଼କ୍ଲାତ ହେଜି କିଦେଙ୍ଗ୍ ଇଞ୍ଜି ମାନ୍‌କିଜି ମାଚାର୍ । ଲାଗିଂ ଇସ୍ୱର୍ ଜେ ତା ସାଇଜ କାର୍‌ୟା
ଇଚାକାଂ ପରିକ୍ୟା କିଦେଙ୍ଗ୍ ଆକାସ୍‌ତାଂ ର ଚିନ୍ ଏନ୍ତାର୍ ।
୧୭ ମାତର୍ ଜିସୁ ହେୱାରିଂ ମାନ୍ତିନି ବାବ୍‌ନା ପୁଞ୍ଜି ହେୱାରିଂ ଇଚାନ୍, “ଇମ୍‌ଣି ରାଜି ବାଗ୍ ଆଜି ଜାର୍ ବିରୁଦ୍‌ଦ ନିଙ୍ଗ୍‌ତିସ୍,
ହେଦାଂ ନସ୍ଟ ଆଜି ହାନାତ୍, ଆରେ ଇମ୍‌ଣି ଇଲ୍ ରିବାଗ୍ ଆନାତ୍ ହେ ଇଲ୍ ଜପି ଲେଦି ଆଜି ନସ୍ଟ ଆନାତ୍ ।
୧୮ ଆରେ, ସୟ୍‌ତାନ୍ ପା ଜଦି ବାଗ୍ ଆଜି ଜାର୍ ବିରୁଦ୍‌ଦ ନିଙ୍ଗ୍‌ନାତ୍, ତା ଆଡିସ୍ ତା ରାଜି ଇନେସ୍ ତିର୍ ଆଜି ମାନାତ୍ ?
ଆନ୍ ବାଲ୍‌ଜିବୁଲ୍ ସାଇଜତାଂ ପୁଦାକାଂ ପିହିକିନାନା ଇଞ୍ଜି ଏପେଙ୍ଗ୍ ତ ଇଞ୍ଜ୍‌ନାଦେରା ।”
୧୯ ମାତର୍ ଆନ୍ ଇନାୱାଡ଼ାଂ ବାଲ୍‌ଜିବୁଲ୍ ସାଇଜତାଂ ପୁଦାକାଂ ପିହିକିନାଙ୍ଗ୍, ଲାଗିଂ ମି ହିମ୍‌ଣାଙ୍ଗ୍ ଇନେର୍ ସାଇଜତାଂ
ହେୱାକାଂ ପିହିକିନାର୍ ? ଲାଗିଂ ହେୱାର୍ ନେ ମିଙ୍ଗେଙ୍ଗ୍ ବିଚାର୍‌କାର୍‌ୟାର୍ ଆଦ୍‌ନାର୍ ।
୨୦ ଆନ୍ ଆରି ଇସ୍ୱର୍ ସାକ୍ତି ସାଇଜତାଂ ଆନ୍ ପୁଦାକାଂ ପିହିକିନାଙ୍ଗ୍, ଆରି ଇଦାଂ ପାର୍ମାଣ୍ କିନାତ୍ ଜେ, ଇସ୍ୱର୍ ରାଜି
ମିଦାଙ୍ଗ୍ ଲାଗେ ଆତାତେ ।
୨୧ “ସାକ୍ତି ଲଗୁ ଏଚେକାଡ଼୍‌ଦ ପାଟେକ୍ ଆଡ୍ ଆତିୟାର୍ ତା ହାକ୍‌ଡ଼ିତ ଜାଲ୍‌ଦି ଆଜି ତା କାଲ୍ ରାକ୍ୟା କିନାନ୍, ହେ
ପାଟେକ୍ ତା ଦାନ୍ ଜାଗ୍ରତ୍‌ତାଂ ମାନ୍‌ଗାନାତ୍;
୨୨ ମାତର୍ ଏଚେକାଡ଼୍‌ଦ ତା ତାକେଣ୍ଡାଂ ଆଦିକ୍ ସାକ୍ତି ମାନାୟ୍ ତାଙ୍ଗେଙ୍ଗ୍ ପାଣ୍ଡ୍ରୁ କିଜି ଆବାର୍ ଆହ୍‌ନାନ୍, ହେୱାଡ଼ାଂ ଇମ୍‌ଣି
ଆତିୟାର୍ ଜପି ତା ବାସର୍ ମାଚାତ୍, ହେୱାନ୍ତି ୱିଜୁ କିସ୍ତି ଅନାନ୍ ଆରେ ତାଦାଙ୍ଗ୍ ଚର୍ କିଜିମାନି ଦନ୍‌ସମ୍ପତି ବାଟାକିଜି ଅନାନ୍
।
୨୩ ✡ଇନେର୍ ନା ପାକ୍ୟା ଆକାୟ୍, ହେୱାନ୍ ନା ବେରିୟା; ଆରେ, ଇନେର୍ ନା ଲାହାଙ୍ଗ୍ ରୁଣ୍ଡାୟ୍ କିଉନ୍, ହେୱାନ୍ ଜେଡ଼େ
କେଡେ କିନାନ୍ ।”

## ବାନ୍ୟାପୁଦା ହସି ୱାତାତ୍
*(ମାତିଉ ୧୨:୪୩-୪୫)*

୨୪ “ବାନ୍ୟା ଜିବୁନ୍ ରକାନ୍ ମାନାୟ୍‌ତିଂ ହସିହାଚି ପାଚେ ଚିମ୍‌ରା ବାହା ୱିଜୁ ବୁଲାଆଜି ଜମ୍‌ନାକା ଡେକ୍‌ନାତ୍ ଆରେ
ହେଦାଂ ଗାଟାଆୱିତିସ୍ ଇନାନ୍, ଆନ୍ ଇମ୍‌ଣି ଇଞ୍ଜାଙ୍ଗ୍ ହସିୱାଜି ମାଚାଙ୍ଗ୍, ଆନ୍ ହେ ଇଞ୍ଜ ଲେଉଟା ଆଜି ହାନାଂ;
୨୫ ଆରି, ହେଦାଂ ୱାଜି ହେଦାଂ ନିର୍ମଲ୍ ଆରି ହାର୍‌ଦାକା ହୁଡ଼୍‌ନାତ୍ ।
୨୬ ହେପାଦ୍‌ନା ହେଦାଂ ହାଲ୍‌ଜି ଜାର୍‌ତାଂ ଆଦିକ୍ ବାନ୍ୟା ଆରେ ସାଡ୍‌ଗଟା ପୁଦାଂ ରଚେ ତାସି ୱାନାତ୍, ଆରି ହେୱାଙ୍ଗ୍
ହଣ୍‌ଜି ହେବେ ବାହାକିନିକ୍, ଆରେ ହେ ମାନାୟ୍‌ତିଂ ପର୍ତୁମ୍ ଦସା ବାଟା ହାରିହାନି ଦସା ଆଦିକ୍ ବାନ୍ୟା ଆନାତ୍ ।”

## ବଚନ୍ ପାଲି କିନାକାନ୍ ଦନ୍ୟ

୨୭ ହେଦେଲ୍ ଇ ୱିଜୁ ବେରଣ୍ ଇନି ୱାଡ଼ାଙ୍ଗ୍ ମାନାୟାର୍ ବିତ୍ରେ ରଞ୍ଜେଲ୍ କଗ୍‌ଲେହିମ୍‌ଣା ଗାଜା କାଟ୍‌ତାଂ ଇଚାଡ୍, ଦନ୍ୟ
ହେ ଗରବ୍, “ଇନାକା ନିଙ୍ଗେଙ୍ଗ୍ ଜଲମ୍ କିଡ୍‌ତାଡ୍ ଆରି ମାୟ୍ ହେବେତାଂ ଉଟାୟ୍ ।”
୨୮ ମତର୍ ଜିସୁ ଇଚାନ୍, “ଆନ୍ ଆକାୟ୍, ଇମ୍‌ଣାକାର୍ ଇସ୍ୱର୍ ବେରଣ୍ ୱେନାର୍ ଆରି ମାନିକିନାର୍ ଇଚିସ୍, ହେୱାର୍
ଦନ୍ୟ ।”

## କାବା କାମାୟ୍ ବିସ୍ରେ ଦାବା
*(ମାତିଉ ୧୨:୩୮-୪୨; ମାର୍କ ୮:୧୨)*

✡ **୧୧:୨୩** ମାର୍କ ୯:୪୦.

²⁹ ☆ବେସିହେନି ମାନାୟ୍ ମାନ୍ଦା ମାନ୍ଦା ଆଜି ଜିସୁ ତାକେ ରୁଣ୍ଡାଆନି ୱେଡ଼ାଙ୍ଗ୍ ଜିସୁ ଇଙ୍ଗେଙ୍ଗ୍ ଲାଗାତାନ୍, ଇ ନଙ୍ଗ୍ନି ଆଣ୍ଡ୍ରାହିମ୍ଣାଂ ବାନ୍ୟାନିକାର୍; ଇୱାର୍ ଚିନ୍ ଡେକ୍ନାର୍, ମତର୍ ଜୁନସ୍ତି ଚିନ୍ ପିସ୍ତି ଅଲ୍ଗା ଇମ୍ଣି ଚିନ୍ ହେୱାରିଂ ହିୟାଆଉତ୍ ।

[୩୦] ଇନାକିଦେଂକି ଜୁନସ୍ ଇନେସ୍ ନିନିବିୟତର୍ କାଜିଂ ଚିନ୍ଲାକେ ଆତାର୍, ମାନାୟ୍ ମାଜି ପା ହେ ଲାକେ ଇ ନଙ୍ଗ୍ନି ଆଣ୍ଡ୍ରାହିମ୍ଣାଂ କାଜିଂ ଆନାତ୍ ।

[୩୧] ତିନିବାଗାଙ୍ଗ୍ନି ଦେସ୍ନି ରାଣି ବିଚାର୍ଣ୍ଣାତ ଇ ନଙ୍ଗ୍ନି ଆଣ୍ଡ୍ରାହିମ୍ଣାଂ ମାନାୟାର୍ ଲାହାଙ୍ଗ୍ ନିଙ୍ଗ୍ଜି ନିନ୍ଦା କିନାତ୍, ଇନାକିଦେଂକି ହେୱାନ୍ ସଲମନ୍ତି ବୁଦିନି କାତା ୱେଞ୍ଜେଙ୍ଗ୍ ପୁତର୍ନି ବାହାତାଂ ୱାଜି ମାଚାତ୍; ଆରେ ହୁଡ଼ାଟ୍, ସଲମନ୍ତାଂ ଗାଜା ବିସ୍ରେ ଇ ବାହାତ ମାନାତ୍ ।

[୩୨] ନିନିବିନି ମାନାୟାର୍ ବିଚାର୍ଣ୍ଣାତ ଇ ନଙ୍ଗ୍ନି ଆଣ୍ଡ୍ରାହିମ୍ଣାଂ ଲାହାଙ୍ଗ୍ ନିଙ୍ଗ୍ଜି ଇ ଜୁଗ୍ନି ମାନାୟାର୍ ଲାହାଙ୍ଗ୍ ନିଙ୍ଗ୍ଜି ହେୱାରିଂ ନିନ୍ଦା କିତାର୍, ଇନାକିଦେଂକି ହେୱାର୍ ଜୁନସ୍ତି ସୁଣାୟ୍ କିନାକା ମାନ୍ବାଦ୍ଲାୟ୍ କିଜି ମାଚାର୍; ଆରେ ହୁଡ଼ାଟ୍, ଜୁନସ୍ତି ଗାଜା ବିସ୍ରେ ଇ ବାହାତ ମାନାତ୍ ।

## ଗାଗାଡ଼୍ନି ଅଜଡ଼୍

*(ମାତିଉ ୫:୧୫; ୬:୨୨-୨୩)*

[୩୩] "ଇନେର୍ ବଇଟା ଆହି କିଜି ଡ଼କୁତି ବାହା ଇଲ୍ କି ମାଣ୍ ତାରେନ୍ ଇଟୁର୍, ମାତର୍ ବଇଟା ଇଟ୍ନି ଜପି ଇଟ୍ନାର୍, ଇନେସ୍କି ବିତ୍ରେ ହଣାକାର୍ ମାନାୟାର୍ ଅଜଡ଼୍ ହୁଡ଼୍ଦେଂ ଆଡ଼୍ନାର୍ ।

[୩୪] ମି କାଣ୍କୁ ଗାଗାଡ଼୍ନି ଅଜଡ଼୍ । ଏଚେକାଡ଼୍ଦ ମି କାଣ୍କୁ ଅଣ୍ଡାଙ୍ଗ୍ ମାଚିସ୍, ହେପାଦ୍ନା ମି ୱିଜୁ ଗାଗାଡ଼୍ ପା ଅଜଡ଼୍ ଲାକେ ଆନାତ୍; ମାତର୍ ଏଚେକାଡ଼୍ଦ ହେଦାଂ ବାନ୍ୟା ମାନାତ୍, ହେପାଦ୍ନା ମି ଗାଗାଡ଼୍ ପା ମାଜ୍ଗା ଆନାତ୍ ।

[୩୫] ଲାଗିଂ ଜାଗ୍ରତ୍, ଇନେସ୍କି ମି ୱାସ୍ତିନି ଅଜଡ଼୍ ମାଜ୍ଗା ଆଉତ୍ ।

[୩୬] ଲାଗିଂ ଜଦି ମି ୱିଜୁ ଗାଗାଡ଼୍ ଅଜଡ଼୍ ଆଦ୍ନାତ୍ ଆରେ ହେବେ ଇମ୍ଣି ଆଦା ମାଜ୍ଗା ମାନ୍ଗୁତ୍, ତା ଆତିସ୍ ଅଜଡ଼୍ ଇନେସ୍ ବଇଟା ମିଙ୍ଗେଙ୍ଗ୍ ଅଜଡ଼୍ ହିଦ୍ନାତ୍, ହେ ଲାକେ ମି ୱିଜୁ ଗାଗାଡ଼୍ ଅଜଡ଼୍ ଆନାତ୍ ।"

## ଜିସୁ ପାରୁସିନି ଆରି ଦାମର୍ନିକାରିଂ ନିନ୍ଦା କିତାର୍

*(ମାତିଉ ୨୩:୧-୩୬; ମାର୍କ ୧୨:୩୮-୪୦)*

[୩୭] ଜିସୁ କାତା ଇନିୱାଡ଼ାଲିଂ ରୱାନ୍ ପାରୁସି ତାଙ୍ଗେଙ୍ଗ୍ ଜାର୍ ଇଞ୍ଜ ତିନି କାଜିଂ ଗୱାରି କିଜି କୁକ୍ତାନ୍, ଆରେ ହେୱାନ୍ ଇଞ୍ଜ ହଣ୍ଜିପା ଚିଞ୍ଜେଙ୍ଗ୍ କୁଚ୍ଚାନ୍ ।

[୩୮] ମତର୍ ତିନିହିଙ୍ଗ୍ ଆଗେ ହେୱାନ୍ ଜେ ପର୍ତୁମ୍ ନୁସ୍ୱାଦାଂ ମାଚାନ୍, ଇଦାଂ ହୁଡ଼୍ଜି ହେ ପାରୁସି କାବା ଆତାନ୍ ।

[୩୯] ହେବେ ମାପ୍ରୁ ତାଙ୍ଗେଙ୍ଗ୍ ଇଚାନ୍, "ଏପେଙ୍ଗ୍ ପାରୁସିକାଦେର୍ ହିନା ଗିନା ଆରେ ତାଡ଼ିୟାନି ବାର୍ ବାଗାଙ୍ଗ୍ ସକଟ୍ କିଜି ମାନାଟ୍, ମତର୍ ମି ବିତ୍ରେ ନାଡ଼ାଇ କାମାୟ୍ ଆରି ପାଟ୍କାର୍ ବିତ୍ରେ ବାତର୍ ।

[୪୦] ଏ ନିର୍ବୁଦିୟାର୍, ଇନେର୍ ବାର୍ତ ରଚ୍ଚାନ୍, ହେୱାନ୍ ଜେ ବିତ୍ରେ ପା ରଚ୍ୱାତାନ୍ ?

[୪୧] ଏପେଙ୍ଗ୍ ଲବ୍ତାଂ ଇନାକା ରୁଣ୍ଡାୟ୍ କିନାଦେରା ହେଦାଂ ଅକର୍ଡ଼୍ତାରିଂ ଦାନ୍ କିୟାଟ୍ ଲାଗିଂ ପୁରାପୁରି ସକଟ୍ ଆନାଦେର୍ ।"

[୪୨] "ହାୟ୍ ଦାଣ୍ଡ୍ନି ବାହା ପାରୁସିର୍, ଇନାକିଦେଂକି ଏପେଙ୍ଗ୍ ପଦିନା, ଆରୁଦ ଆରି ୱିଜୁ ଲାକେ କୁଚାନି ଦାନ୍ ହିଜି ମାନାଟ୍, ଆରେ ନିୟାୟ୍ ବିଚାର୍ ଆରି ଇସ୍ବର୍ ଜିଉନନିତ ଏଲା କିନାଦେରା; ମତର୍ ଇ ୱିଜୁ ମାନିକିନାସ୍ ଆରି ବିନେ ୱିଜୁ ଏଲା ଆୱାକା ମାନାତ୍ ।"

[୪୩] "ହାୟ୍ ଦାଣ୍ଡ୍ନି ବାହା ପାରୁସିର୍, ଇନାକିଦେଂକି ଏପେଙ୍ଗ୍ କୁଟୁମ୍ ଇଞ୍ଜ ମୁଡ଼୍ଦି ବାହା ଆରେ ଆଟ୍ ବାଜାର୍ତାକେ ଜୁୱାର୍ ପାୟା ଆଦେଂ ଜିଉନନାଦେର୍ ।

[୪୪] ହାୟ୍, ଡାଣ୍ଡ୍ନି, ଇନାକିଦେଂକି ଏପେଙ୍ଗ୍ ହୁଡ଼୍ୱିତି ଦୁଗେର୍ ଲାକେ; ତା ଜପି ହାନାକାଦେରେ ମାନାୟ୍ ହେଦାଂ ଦୁଗେର୍ ଇଞ୍ଜି ପୁନୁର୍ ।"

[୪୫] ଇବେ ମସାତି ବିଦି ସାସ୍ତିର୍ ବିତ୍ରେ ରକାନ୍ ଜିସୁଙ୍ଗ୍ ଉତର୍ ହିତାନ୍, "ଏ ଗୁରୁ, ଇଦାଂ ଇଞ୍ଜି ଏନ୍ ମାଙ୍ଗେଙ୍ଗ୍ ପା ଲାଜୁ କିଦ୍ନାୟା ।"

[୪୬] ଜିସୁ ଇଚାନ୍, ହାୟ୍, "ଦରମ୍ ସାସ୍ତର୍ ଜେ ଏପେଙ୍ଗ୍ ଏପେଙ୍ଗ୍ ପା ଦାଣ୍ଡ୍ନି ବାହା, ଇନାକିଦେଂକି ଏପେଙ୍ଗ୍ ମାନାୟାର୍ ଜପି ବଜ୍ ଲାଦିକିନାଦେରା ଆରି ଜାର୍ ର ୱାଚ୍କାତାଂ ହିଜି ହେଦାଂ ଡୁଜି ହାଙ୍ଗ୍କିଦୁୟା ।

[୪୭] ହାୟ୍, ଏପେଙ୍ଗ୍ ଡାଣ୍ଡ୍ନି ବାହା ଇନାକିଦେଂକି ଏପେଙ୍ଗ୍ ବେଣ୍ବାକ୍ଣାୟ୍ କିନାକାନ୍ତି ଦୁଗେର୍ ରଚ୍ଚି ମାନାଟ୍, ଇମ୍ଣାକାରିଂ ଦାଦିର୍ଆକର୍ ହେୱାରିଂ ଅଜି ମାଚାର୍ ।

☆ **୧୧:୨୯** ମାତିଉ ୧୬:୪; ମାର୍କ ୮:୧୨.

୪୮ ଲାଗିଂ, ମି ଦାଦିର୍ ଆକର୍‌ତି କାମାୟ୍ ବିସ୍ରେ ଏପେଙ୍ଗ୍ ସାକି ଆନାଦେରା ଆରି ବାଚି କିନାଦେରା; ଇନାକିଦେଂକି
ହେୱାର୍ ହିନା ହେୱେରିଂ ଅସ୍ତି ମାଚାର୍, ମତର୍ ଏପେଙ୍ଗ୍ ହେୱାର୍‌ତି ଦୁଗେର୍‌ବାହା ରଚ୍‌ଚି କିଜି ମାନାଟ୍ ।”
୪୯ ଲାଗିଂ ଇସ୍ୱର୍ ପା ଜାର୍ ବୁଦିତାଙ୍ଗ୍ ୱେଚ୍‌ତାନ୍‌ନା, ଆସେଙ୍ଗ୍ ହେୱାର୍ ତାକେ ବେଣ୍‌ବାକ୍‌ଣାୟ୍‌କିନାକାନ୍ ଆରି
ପକ୍ୟାତାକାର୍‌ରିଂ; ପକ୍‌ନାପ୍ ହେୱାର୍ ବିତ୍ରେ ଇନେ ଇନେରିଂ ହେୱାର୍ ଟ୍ରାକ୍‌ନାର୍ ଆରି ଇନେ ଇନେରିଂ ନିନ୍ଦା କିନାର୍,
୫୦ ଇନେସ୍ ହେ ବଲ୍‌ନି ନେତେର୍‌ତାଂ, ଇମ୍‌ଣି ଜିକିରିୟ ଗାର୍‌ଣି ଆରି ମନ୍ଦିର୍‌ନି ପୁଇପୁୟା ବାହାନି ମାଦି ହାତାନ୍,
ହେୱାନ୍ତି ନେତେର୍ ପାତେକ୍ ପୁର୍ତନି ଆରମ୍‌ତାଂ ଏଚେକ୍ ବେଣ୍‌ବାକ୍‌ଣାୟ୍‌କିନାକାର୍‌ତି ନେତେର୍ ହାଚାଡ୍‌ନା,
୫୧ ହେବଲ୍ ଟୁଟିତାଂ ଆରମ୍ କିଜି ଜିକରିୟ ପାତେକ୍, ଇମ୍‌ଣାକାନିଂ ଗାର୍‌ଣି ଆରି ପୁଇପୁୟା ବାହା ବିତ୍ରେ ଟୁଣ୍‌ଚି ମାଚାର୍
। ଆଁ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଇ ଜୁଗ୍‌ନି ମାନାୟାର୍ ହେୱାନ୍ ୱିଜାର୍‌ତି କାଜିଂ ନେତେର୍‌ନି ଦାଣ୍ଡ ବଗି କିନାନ୍ ।
୫୨ “ହାୟ୍, ଡାଣ୍ଡନି ବାହା ଦରମ୍ ସାସ୍ତର୍, ଇନାକିଦେଂକି ଏପେଙ୍ଗ୍ ବୁଦିନି କୁଚିକାଡି ଆରାୟ୍ କିନାଦେର୍; ଏପେଙ୍ଗ୍ ନିଜେ
ନିଜେ ହଣ୍‌ୱାତାଦେର୍, ଆରି ହଣି କାଜିଂ ମାନ୍‌କିତି ମାନାୟାରିଂ କସ୍ଟ ହିତାଦେର୍ ।”
୫୩ ଆରି, ଜିସୁ ହେବେତାଂ ହସି ହାଚି ପାଚେ ସାସ୍ତିର୍ ଆରି ପାରୁସିର୍ ବେସି ବେରୁଆଜି,.
୫୪ ତା ୱେଇଦାଂ ଇନା ବେଣ୍ ଆସ୍ତେଙ୍ଗ୍ ଇଞ୍ଜି ଡ଼କ୍ଲା ଉଚ୍‌ଚି ତାଙ୍ଗେଙ୍ଗ୍ ଆଦିକ୍ ବିସ୍ରେ ପର୍‌ସନ୍ ୱେନ୍‌ବେଦେଂ ଲଗାତାନ୍
।

# ୧୨

## କପଟିର୍ ତାଙ୍ଗ୍ ଜାଗ୍ରତ୍ ଆଡୁ
*(ମାତିଉ ୧୦:୨୬-୨୭)*

୧ ✡ଇବେତାଂ ହେନି ମାନାୟ୍ ରୁଣ୍ଡା ଆଜି ହାରି ଜପି କ୍ଳୁସ୍‌ପ୍ସା ଆତାର୍; ହେ ପାଦ୍‌ନା ହେୱାନ୍ ପର୍ତୁମ୍ ଜାର୍ ଚେଲାରିଂ
ଇଞ୍ଜେଙ୍ଗ୍ ଲାଗାତାନ୍, “ପାରୁସିର୍‌ତି ହଇନି ଲାଗ୍‌ଦି କୁଟ୍ ବିସ୍ରେ ଜାଗ୍ରତ୍ ଆଜି ମାନାଟ୍ ।
୨ ✡ଇନାକା ଡ଼କ୍କୁତାଡ୍‌ନ୍ନା ହେଦାଂ ଚନ୍‌ଞାନାଡ୍ ଆରି ୱିଜୁ ଡ଼କ୍କୁତାକା ବିସ୍ରେ ହପ୍‌ୟାନାଡ୍ ।
୩ ଇଚିସ୍ ଏପେଙ୍ଗ୍ ଇନା ଇନାକା ମାଜ୍‌ଗାତାଂ ଇନାଦେରା, ହେଦାଂ ୱିଜୁ ଅଜଡ୍ ତାକେ ୱେନ୍‌ୟାଆନାଡ୍, ଆରି ଇନାକା
ଡ଼କ୍କୁତି ବିତ୍ରେ କାଲେତାଂ ଇଚାଦେର୍ଣ୍ଣା, ହେଦାଂ ବାକ୍ରାତ ଜେଗନ୍ ଜପି ସୁଣାୟ୍ କିୟା ଆନାଡ୍ ।”

## ଇନେରିଂ ପାଣ୍ଡ୍ରା ଆନାଦେର୍
*(ମାତିଉ ୧୦:୨୮-୩୧)*

୪ “ମାତର୍ ନା ସାଙ୍ଗ ଜେ ଏପେଙ୍ଗ୍, ମିଙ୍ଗେଙ୍ଗ୍ ଆନ୍ ଇଞ୍ଜ୍‌ନାଙ୍ଗା, ଇମ୍‌ଣାକାର୍‌କି ଗାଗାଡ୍‌ତିଂ ଅହ୍‌ନାର୍, ମତର୍ ତା ପାଚେ
ଆରେ ବେସି ନସ୍ଟ କିଦେଙ୍ଗ୍ ଆଡୁର୍, ହେୱାରିଂ ପାଣ୍ଡ୍ର ଆମାଟ୍ ।
୫ ମାତର୍ ଇନେରିଂ ପାଣ୍ଡ୍ରା ଆନାଦେର୍, ହେଦାଂ ଆନ୍ ମିଙ୍ଗେଙ୍ଗ୍ ୱେଚ୍‌ଚାନାଂ; ଅସ୍ତି ପାଚେ ନରକ୍‌ତ ତୁସିହିନି କାସି
ଇନେର୍‌ତି ଆଦିକାର୍ ମାନାଡ୍, ତାଙ୍ଗେଙ୍ଗ୍ ପାଣ୍ଡ୍ରା ଆଡୁ; ଆଁ ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା, ତାଙ୍ଗେଙ୍ଗ୍ ପାଣ୍ଡ୍ରା ଆଡୁ
।”
୬ “ପାଞ୍ଚ୍‌ଗଟା କଡିହାଡ଼ା ପଟିଂ ଇନାକା ଦୁଇ ଟାକା ତାବୁକାଂ ପ୍ରୟାଆଉଡ୍ ? ଆରି, ହେୱାଙ୍ଗ୍ ବିତ୍ରେତାଂ ରଞ୍ଜାଙ୍ଗ୍ ପା
ଇସ୍ୱର୍ ବାଣାଆଉନ୍ ।
୭ ମାତର୍ ମି କାପ୍‌ଡ଼ାନି ୱିଜୁ ତେମୁଲ୍ ଗାଣା କିଡ୍‌ତାନ୍‌ନା ପାଣ୍ଡ୍ରା ଆମାଟ୍; ଏପେଙ୍ଗ୍ ବେସି କଡିହାଡ଼ା ପଟିଂତାଂ ଆଦିକ୍
ଗାଜା ।”

## କ୍ରିସ୍ଟଙ୍ଗ୍ ମାନିକିନାକା ଆରି ପିହ୍‌ନାକା
*(ମାତିଉ ୧୦:୩୨-୩୩; ୧୨:୩୨; ୧୯–୨୦)*

୮ “ଆରେ, ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଇମ୍‌ଣି ମାନାୟାରିଂ ମୁମ୍‌ଦ ନାଙ୍ଗେଙ୍ଗ୍ ଏଡୁ କିଦ୍‌ନାଦେର୍, ମାନାୟ୍ ମାଜି ପା
ଇସ୍ୱର୍ ଦୁତ୍‌ର୍ ମୁମ୍‌ଦ ତାଙ୍ଗେଙ୍ଗ୍ ଏଡୁ କିତାର୍;
୯ ମାତର୍ ଜେ ଲକୁ ମୁମ୍‌ଦ ନାଙ୍ଗେଙ୍ଗ୍ ଏଡୁ କିଦୁଦେର୍, ହେୱାନ୍ ଇସ୍ୱର୍‌ତି ଦୁତ୍‌ର୍ ମୁମ୍‌ଦ ମାନି କିୟା ଆଉଦେର୍ ।”
୧୦ “ଆରେ, ଇନେର୍ ମାନାୟ୍ ମାଜି ବିରଡ୍‌ତାଂ କାତା ଇନାଦେର୍, ତାଙ୍ଗେଙ୍ଗ୍ କେମା ହିୟାନାଡ୍; ମତର୍ ଜେ ପୁଇପୁୟା
ଜିବୁନ୍ ବିରୁଡ୍‌ତାଂ ନିନ୍ଦା କାତା ଇନାର୍, ତାଙ୍ଗେଙ୍ଗ୍ କେମା ହିୟା ଆଉଡ୍ ।”
୧୧ “ଆରେ, ଏଚେକାଡ଼ଦ ହେୱାର୍ ମିଙ୍ଗେଙ୍ଗ୍ କୁଟୁମ୍ ଇଞ୍ଜ, ସାସନ୍ କିନାକାର୍ ଆରି ଆଦିକାର୍ ପାୟା ଆତି ମାନାୟାରିଂ
ଲାଗେ ତାହିୱାନାର୍ ହେ ପାଦ୍‌ନା, ଏପେଙ୍ଗ୍ ଜାର୍ ପାକ୍ୟାତ ଇନେସ୍ କିଜି ଇନା କାତା ଉତର୍ ହିନାନ୍ ଇଞ୍ଜି ଇନାକା
ଇନାଦେର୍, ହେୱାନ୍ ବିସ୍ରେ ଚିନ୍ତା କିମାଟ୍;
୧୨ ଇନାକିଦେଂକି ଇନାକା ଇନ୍ୟା ଆନାଡ୍, ହେଦାଂ ପୁଇପୁୟା ଜିବୁନ୍ ହେପାଦ୍‌ନା ମିଙ୍ଗେଙ୍ଗ୍ ହିକାଇକିଦ୍‌ନାନ୍ ।”

## ମାଜାନ୍ ଆରେ ଅର୍କଡ୍‌ତି ୱେଚ୍‌ନି କାବୁର୍

✡ **୧୨:୧** ମାତିଉ ୧୬:୬; ମାର୍କ ୮:୧୫. ✡ **୧୨:୨** ମାର୍କ ୪:୨୨; ଲୁକ ୮:୧୭.

୧୩ ମାନାୟାର୍ ବିତ୍ରେତାଂ ରୱାନ୍ ତାଙ୍ଗେଙ୍ଗ୍ ଇଚାନ୍, “ଏ ଗୁରୁ, ନା ଟଣ୍ଡେନିଂ ନା ଲାହାଙ୍ଗ୍ ଆବାତି ଦାନ୍ ବାଗ୍ କିଦେଙ୍ଗ୍
ଇଞ୍ଜି ବଲ୍ ଇନା ।”
୧୪ ମାତର୍ ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, “ଏ ଟଣ୍ଡେନ୍, ଇନେନ୍ ନାଙ୍ଗେଙ୍ଗ୍ ମି ଜପି ବିଚାର୍‌କିନାକାନ୍ ଆରି ବାଟା କିନାକାନ୍
ମାଦି କିଜି ବାଚିକିତାନ୍ ?”
୧୫ ଆରେ, ହେୱାନ୍ ହେୱାରିଂ ଇଚାନ୍, “ଜାଗ୍ରତ୍, ୱିଜୁ ବାନି କଟିତାଂ ଜାର୍ ଜାର୍‌ତିଂ ଦେହା ଇଟାଟ୍, ଇନାକିଦେଂକି
ରୱାନ୍ ମାନାୟ୍‌ତିଂ ଜିବୁନ୍ ତା ଦାନ୍ ଆଦିକ୍ ଜପି ମାନ୍‌କିଉନ୍ ।”
୧୬ ଆରେ, ଜିସୁ ହେୱେରିଂ ଇ ଉତର୍‌ମୁଡ୍ ଇଚାନ୍, “ରକାନ୍ ମାଜାନ୍ ମାନାୟ୍‌ତି ଜମିତାକେ ଆଦିକ୍ ପାଚି ଆତାଡ୍ ।
୧୭ ହେବେ ହେୱାନ୍ ମାନ୍ତ ମାନ୍ତ ଏଡ୍ କିଜି ଇଚାନ୍, ଇନାକା କିନାଙ୍ଗ୍ ? ଇନାକିଦେଂକି ନା ପାଚି ମଦାୟ୍ କିଜି ଇଟ୍‌ଦେଂ
ଇଞ୍ଜି ବାହା ହିଲୁଡ୍ ।
୧୮ ଆରି, ହେୱାନ୍ ଇଚାନ୍, ଇଦାଂ କିନାଙ୍ଗ୍; ନା ଟୁଣ୍ଡିଙ୍ଗ୍ ଡ୍ରିକ୍‌ଚି ଗାଜାଙ୍ଗ୍ ଗାଜାଙ୍ଗ୍ କିଜି ରଚ୍‌ନାଙ୍ଗ୍ ଆରି ହେ ୱିଜୁ ତାକେ
ନା ତାସ୍ ଆରି ଜିନ୍‌ସୁପାଡି ୱିଜୁ ମଦାୟ୍ କିଜି ଇଟ୍‌ନାଙ୍ଗ୍,
୧୯ ଆରି, ଆନ୍ ନା ୱାସ୍କିତିଂ ଇନାଙ୍ଗ୍ ଏ, ଜିବୁନ୍, ଆଦିକ୍ ବାର୍ଷୁ କାଜିଂ ନିନ୍ଦାଂ ଆଦିକ୍ ଜିନ୍‌ସୁ ରୁଣ୍ଡା ଆତାଡ୍‌ନ୍ନା, ଜମା, ତିନ୍‌ଞ୍ଜି
ଉଣ୍‌ଜି, ୱାରି କିୟା;
୨୦ ମତର୍ ଇସ୍ୱର୍ ହେୱାନିଂ ଇଚାନ୍, ଆଡ଼େ ନିର୍‌ବୁଦ୍‌ୟା, ନେଞ୍ଜେଙ୍ଗ୍ ନାଣା ନି ୱାସ୍କି ନିବେ ତାଙ୍ଗ୍ ଅୟାନାଡ୍; ହେବେତାଂ
ଏନେଙ୍ଗ୍ ଇନା ଇନାକା ଜାର୍ କାଜିଂ ଜତନ୍ କିତାୟ୍‌ନା, ହେଦାଂ ୱିଜୁ ଇନେର୍‌ତି ଆନାଡ୍ ?”
୨୧ ଇନେନ୍ ଜାର୍ କାଜିଂ ଦାନ୍ ରୁଣ୍ଡାୟ୍ କିନାନ୍, “ମାତର୍ ଇସ୍ୱର୍ ଆଗେ ହାଉକାର୍ ଆକାୟ୍, ହେଦାଂ କାଜିଂ ଇ ଲାକେ
ଗିଟା ଆନାଡ୍ ।”

## ମାପ୍ରୁତାକେ ପାତର୍ଁ କିନାକା

*(ମାତିଉ ୬:୨୫-୩୪)*

୨୨ ଜିସୁ ଜାର୍ ଚେଲାରିଂ ଇଚାନ୍, “ଇଦାଂ କାଜିଂ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଇନାକା ତିନାଦେର୍, ଇ ଲାକେ ମି ଜିବୁନ୍
କାଜିଂ ଆଡିସ୍ ଇନାକା ଉସ୍‌ପାନାଦେର୍, ଇ ଲାକେ ମି ଗାଗାଡ୍ କାଜିଂ ପା ଚିନ୍ତା କିମାଟ୍ ।
୨୩ ଇନାକିଦେଂକି କାଦିତାଂ ଜିବୁନ୍ ଆରି ହେନ୍ଦ୍ରାତାଂ ଗାଗାଡ୍ ଗାଜା ।
୨୪ ପଟିଂ ବିସ୍ରେ ହୁଡ଼ାଟ୍, ହେୱେକ୍ ୱିତୁକ୍ କି ଡ୍ରେସୁକ୍‌ପା, ଆରି ହେୱେକ୍‌ତି ଇଲ୍ କି ଟୁଣ୍ଡି ହିଲୁଡ୍, ଆରେ ଇସ୍ୱର୍
ହେୱାକାଂ କାଦି ହିନାନ୍; ଏପେଙ୍ଗ୍ ପଟିଂତାଂ ଆଦିକ୍ ଗାଜା ।
୨୫ ଆରେ, ମି ବିତ୍ରେପା ଇନେର୍ ଚିନ୍ତା କିଜି କିଜି ଜାର୍ ଆଁଇସ୍ ଲାମା କିଦେଙ୍ଗ୍ ଆଡ୍‌ନାନ୍ ?
୨୬ ଆଡିସ୍, ଏପେଙ୍ଗ୍ ଜଦି ୱିଜୁତାଙ୍ଗ୍ ହିରୁ କାମାୟ୍ କିଦେଙ୍ଗ୍ ପା ଆଡୁୟ୍, ଲାଗିଂ ବିନେ ୱିଜୁ ବିସ୍ରେ ହେଦାଂ ଇନେକିଦେଂ
ଚିନ୍ତା କିନାଦେରା ?
୨୭ ପୁଇକୁ ବିସ୍ରେ ବାବି କିଜି ହୁଡ଼ାଟ୍, ହେୱାଙ୍ଗ୍ ଇନେସ୍ ନୁଲ୍ ନାଟୁକ୍ କି ଡ଼ଚୁକ୍; ଆଡିସ୍‌ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗ୍,
ସଲମନ୍ ପା ଜାର୍ ୱିଜୁ ହଲ୍‌ନାକାତ ଇୱାଙ୍ଗ୍ ବିତ୍ରେ ରଞ୍ଜାଙ୍ଗ୍ ଲାକେ ଉସ୍‌ପାୱାଦାଂ ମାଚାନ୍ ।
୨୮ ମାତର୍ ଇମ୍‌ଣି କାତ୍ରା ନେଜେଙ୍ଗ୍ ବାଡ୍‌ଦ ମାନାଡ୍, ଆରି ୱିଗାଲିଙ୍ଗ୍ ହଲ୍‌ଦ ଦେହିୟା ଆନାଡ୍, ତାଙ୍ଗେଙ୍ଗ୍ ଇନାୱାଡ଼ାଂ
ଇସ୍ୱର୍ ଇ ଲାକେ ବେସ୍ ହିଦ୍‌ନାନ, ଲାଗିଂ, ହେ ଅଲପ୍ ପାତର୍ଁ କିନାଦେର୍, ହେୱାନ୍ ମିଙ୍ଗେଙ୍ଗ୍ ଏଚେକ୍ ଆଦିକ୍ ଲାକେ
ହିଦୁନ୍ ।”
୨୯ ଆରେ, ଇନାକା ତିନାକା ଆରି ଇନାକା ଉଣାକା, ହେଦାଂ ଏପେଙ୍ଗ୍ ଡେକ୍‌ଚି ବୁଲାଆମାଟ୍ କି ମାନ୍ ଦୁକ୍ କିମାଟ୍,
୩୦ ଇନାକିଦେଂକି ପୁତର୍ଁନି ପାତର୍ଁକିୱି ଜିହୁଦିର୍ ଇ ୱିଜୁ ବିସ୍ରେ ଡେକ୍‌ଚି ବୁଲା ଆନାର୍; ମାତର୍ ଇ ୱିଜୁ ବିସ୍ରେ ଜେ
ମିଦାଙ୍ଗ୍ ଲଡ଼ା, ହେଦାଂ ମି ସାର୍ଗେନି ଆବା ପୁଞ୍ଜ୍‌ନାନ୍ ।
୩୧ ଆଡିସ୍ ଏପେଙ୍ଗ୍ ଇସ୍ୱର୍ ରାଜି ଡେକାଟ୍, ଆରି ଇ ୱିଜୁ ବିସ୍ରେ ପା ମିଙ୍ଗେଙ୍ଗ୍ ହିଦ୍‌ନାନ୍ ।

## ସାର୍ଗେନି ଦାନ୍

*(ମାତିଉ ୬:୧୯-୨୧)*

୩୨ “ଏ ହିରୁ ମାନ୍ଦା, ପାଣ୍ଡ୍ରା ଆମାଟ୍, ଇନେକିଦେଂ ମିଙ୍ଗେଙ୍ଗ୍ ତା ରାଜି ହିଦ୍‌ନି କାଜିଂ ମି ଆବାତି ବେସି ୱାରି ଆନାତା ।
୩୩ ମିଙ୍ଗେଙ୍ଗ୍ ଇନାକା ମାନାଡ୍, ହେଦାଂ ପ୍ରସି ହିଲ୍‌ୱାକାରିଂ ଦାନ୍ ହିୟାଟ୍; ଇନାକା ନସ୍ଟ ଆଉଡ୍ ଇ ଲାକେ ମଣା ଜାର୍
ଜାର୍ କାଜିଂ ଜାଲ୍‌ଦି କିୟାଟ୍, ଇମେତାକେ ଚର୍ ଲାଗେ ୱାଉନ୍ କି ପ୍ଣୁକୁ ନସ୍ଟ କିଉକ୍, ଇ ଲାକେ ସାର୍ଗେନି ନସ୍ଟ ଆୱି ଦାନ୍
ଆର୍ଜା ଆଡ ।
୩୪ ଇନାକିଦେଂକି ଇମେତାକେ ମିଦାଙ୍ଗ୍ ଦାନ୍, ହେବେ ପା ମିଙ୍ଗେଙ୍ଗ୍ ମାନ୍ ।”

## ଜାଗ୍ରତ୍ ମାନି ଚେଲାର୍

୩୫ ✡“ମି ମେଙ୍ଗାଙ୍ଗ୍ ଗାଚ୍ୟା ଆଜି ମାନେତ୍ ଆରି ଅଜଡ୍ ଆଜି ମାନେତ୍;
୩୬ ଆରି, ମାପ୍ରୁ ବିବା ୱେଡ଼ାଙ୍ଗ୍ ଲେଉଟା ଆଜି ଦୁୱେର୍‌ତିଂ ଇଡ଼ିତିପାଚେ ଇମ୍‌ଣି ମାନାୟାର୍ ହେଦାଂ କାଜିଂ ସାଙ୍ଗେ ସାଙ୍ଗେ
ଦୁୱେର୍ ଜେଡ୍‌ତେଂ କାଜିଂ ମାନାର୍, ଏପେଙ୍ଗ୍‌ପା ହେୱାର୍ ଲାକେ ଆଜି ମାନାଟ୍ ।”
୩୭ ମାପ୍ରୁ ୱାଜି ଇମ୍‌ଣି ଆଡ଼ିୟାରିଂ ଜାଗ୍ରତ୍ ହୁଡ଼୍‌ନାନ୍, ହେୱାର୍ ଦନ୍ୟ, “ଆନ୍ ମିଙ୍ଗେଙ୍ଗ୍ ହାତ୍‌ପା ଇଞ୍ଜ୍‌ନାଙ୍ଗା, ହେୱାନ୍
ନିଜେ ମେଙ୍ଗାଙ୍ଗ୍ ଗାଚ୍‌ଚି ହେୱାରିଂ ତିନି ବାହାତ କୁଚି କିଜି ଲାଗେ ହାଲ୍‌ଜି ହେବା କିତାର୍ ।
୩୮ ଆରି, ହେୱାନ୍ ମାଦିମାଦାନାଣା ଅଜଡ୍ ଆନିହିଙ୍ଗ୍ ପା ୱାଜି ହେୱେରିଂ ହେ ଲାକେ ହୁଡ଼୍‌ନାନ୍, ତା ଆତିସ୍ ହେ ହଲ୍ୟାର୍
ଦନ୍ୟ ।
୩୯ ✡ମାତର୍ ଇଦାଂ ପୁଞ୍ଜି ମାନାଟ୍, ଇମ୍‌ଣି ସମୁତ ଚରେନ୍ ୱାନାନ୍ ଇଲ୍ ମୁଣିକା ଏଚେକାଡ଼୍‌ଦ ପୁନାନ୍, ତାଆତିସ୍ ହେୱାନ୍
ଜାର୍ ଇଞ୍ଜ ଚର୍ କିଦେଂ ହିଉନ୍ ।
୪୦ ଏପେଙ୍ଗ୍ ପା ଜାଗ୍ରତ୍ ଆଜି ମାନାଟ୍, ଇନାକିଦେଂକି ଇମ୍‌ଣି ସମୁତ ଏପେଙ୍ଗ୍ ବାବି କିଜି ମାନ୍‌ଗୁଦେର୍, ହେ ସମୁତ
ମାନାୟ୍ ମାଜି ୱାନାନ୍ ।”

## ପାତର୍ କିନାକାର୍ ଆରେ ପାତର୍ କିୱାକାର୍
### (ମାତିଉ ୨୪:୪୫-୫୧)

୪୧ ହେବେତାଂ ପିତର୍ ଇଚାନ୍, “ଏ ମାପ୍ରୁ, ଏନ୍ କେବଲ୍ ମାଙ୍ଗେଙ୍ଗ୍ କି ୱିଜାରିଂ ଇ ଉତର୍‌ମୁଡ୍ ଇଞ୍ଜ୍‌ନାନା ?”
୪୨ ମାପ୍ରୁ ଉତର୍ ହିତାନ୍, “ଲାଗିଂ ଜାର୍ ଲକ୍‌ବାକ୍‌ତିଂ ସମାନ୍ ହିଦେଂ ଇଞ୍ଜି ମୁଣିକା ଇଲ୍ ଚାଲାୟ୍‌କିନା କାନିଂ ଦାଇତ୍ ହିଜି
ମାଚାନ୍ ହେୱାନ୍ ସମାନ୍ ସମୁତ ବିନ୍ ହଲିୟାରିଙ୍ଗ୍ ପା ଚିଞ୍ଚେଙ୍ଗ୍ ହିଜି ମାନ୍‌ୱାତାନ୍ ?
୪୩ ମାପ୍ରୁ ୱାଜି ଜାର୍‌ତି ଇମ୍‌ଣି ଆଡ଼ିୟାଙ୍ଗ୍ ହେ ଲାକେ କିନାକା ହୁଡ଼୍‌ନାନ୍, ହେୱାନ୍ ଦନ୍ୟ ।
୪୪ ଆନ୍ ମିଙ୍ଗେଙ୍ଗ୍ ହାତ୍‌ପା ଇଞ୍ଜ୍‌ନାଙ୍ଗା, ହେୱାନ୍ ତାଙ୍ଗେଙ୍ଗ୍ ଜାର୍‌ତି ୱିଜୁ ଦାନ୍‌ତିଙ୍ଗ୍ ଜପି ବାଚି କିଦ୍‌ନାନ୍ ।
୪୫ ମାତର୍ ଜଦି ହେ ଆଡ଼ିଏନ୍ ନା ମାପ୍ରୁ ୱାନାକା ବିଲମ୍ ମାନାତ୍ ଇଞ୍ଜି ମାନ୍ତ ମାନ୍ତ ଇଞ୍ଜି ହଲିୟା ଆଡ଼ିଏନ୍‌ଣିକାଂ ଅସ୍ତେଙ୍ଗ୍
ଆରି ତିନ୍‌ଞ୍ଜିଉଣ୍‌ଜି ଏକ୍ ଆଦେଂ ଆରାମ୍ କିତାର୍,
୪୬ ତା ଆତିସ୍ ଇମ୍‌ଣି ଦିନ୍ ଆଡ଼ିୟା କାଜିଂ ମାଞ୍ଜେଙ୍ଗ୍ ଆଡୁନ୍ ଆରି ଇମ୍‌ଣି ସମୁତ ହେୱାନ୍ ପୁଞ୍ଜି ମାନୁନ୍, ହେ ଦିନ୍
ଆରି ହେ ଡାଣ୍ଡ୍‌ତ ତା ମାପ୍ରୁ ୱାନାନ୍, ଆରେ ହେୱାନ୍ ତାଙ୍ଗେଙ୍ଗ୍ ରିବାଗ୍ କିଜି ପାତର୍ କିୱାକାର୍ ଲାହାଙ୍ଗ୍ ତା ବାଗ୍‌ତାକା
ବାଚିକିନାର୍ ।”
୪୭ “ଆରେ, ଇମ୍‌ଣି ଆଡ଼ିୟା ଜାର୍ ମାପ୍ରୁ ମାନ୍ ପୁଞ୍ଜି ଜାଗ୍ରତ୍ ଆଜି ମାନୁନ୍ ଆୱିତିସ୍ ତା ଇଚାତାଂ କାମାୟ୍ କିଜି ମାନୁନ୍,
ହେୱାନ୍ ବେସି ମାଡ୍‌ତାଙ୍ଗ୍ ମାଡ୍‌କିୟାଆନାନ୍;
୪୮ ମାତର୍ ଇନେନ୍ ପୁନ୍‌ୱାଦାଂ ମାଡ୍‌ତିନି କାମାୟ୍ କିଜି ମାନାନ୍, ହେୱାନ୍ ଅଲପ୍ ମାଡ୍‌ତାଙ୍ଗ୍ ମାଡ୍‌କିୟାଆନାନ୍ ।
ଇନେରିଂ ବେସି ହିୟାଆତାଡ୍‌ନା, ତା ତାକେଣ୍ଡ୍ରାଂ ବେସି ଦାବା କିୟାନାତ୍ ଆରେ, ଲକୁ ଇନେନ୍ ତାକେ ବେସି ହେଲାୟ୍
କିୟାତାନ୍‌ନା, ତା ଲାଗାଂ ବେସି ଦାବା କିନାର୍ ।”

## ଜିସୁ କାଜିଂ ରିବାଗ୍ ଆନାକା

୪୯ “ଆନ୍ ପୁତର୍‌ତ ନାଣି ଆହି କିଦେଙ୍ଗ୍ ୱାତାଂନା, ଆରେ ହେଦାଂ ଜଦି ଆସ୍ତ୍ରାତେ ତାଆତିସ୍ ନା ଆରେ ଇନାକା ମାନ୍,
୫୦ ମାତର୍ ନାଙ୍ଗ୍ ର ବାପ୍ତିସିମ୍‌ତ ବାପ୍ତିସିମ୍ ଆନାକା ମାନାତ୍, ଆରି ହେଦାଂ ୱିଜ୍‌ୱି ପାତେକ୍ ଆନ୍ ଇନେସ୍ ଦୁକ୍ ମାନ୍ତ
ବାବିକିନାଙ୍ଗା ।
୫୧ ଆନ୍ ପୁତର୍‌ତିଂ ସୁସ୍ତ୍ରା ହିଦେଂ ୱାତାଂନା ଇଞ୍ଜି ଇନାକା ଏପେଙ୍ଗ୍ ଏତ୍ କିନାଦେରା ? ଆକାୟ୍ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା,
କୁଦାକୁଦା କିଦେଙ୍ଗ୍ ୱାତାଂନା ।
୫୨ ଇନାକିଦେଂକି ର ଇଞ୍ଜ ପାଞ୍ଜ୍‌ଜାଣ୍ ମାଚିସ୍ ରିୟାର୍ ବିରୁଦ୍‌ତାଂ ତିନ୍‌ଜାଣ୍ ଆରି ତିନ୍‌ଜାଣ୍‌ତିଂ ବିରୁଦ୍‌ତ ରିୟାର୍ ବିନେ
ବିନେ ଆନାର୍ ।
୫୩ ମାଜି ବିରୁଦ୍‌ତ ଆବା, ଆବା ବିରୁଦ୍‌ତ ମାଜି, ଗାଡ଼୍‌ଚେ ବିରୁଦ୍‌ତ ଆୟା, ଆୟା ବିରୁଦ୍‌ତ ଗାଡ଼୍‌ଚେ, କଡ଼ିୟା ବିରୁଦ୍‌ତ
ପଦାହି ଆରି ପଦାହି ବିରୁଦ୍‌ତ କଡ଼ିୟାଣିହି ବିନେ ଆନାତ୍ ।”

## ସମୁ ବୁଜାଆନାସ୍
### (ମାତିଉ ୧୬:୨-୩)

୫୪ ଆରେ, ହେୱାନ୍ ମାନାୟାରିଂ ପା ଇଚାନ୍, ଡେବା ପାଡ଼୍‌କାନି ବାଦାଡ୍ ନିଙ୍ଗ୍‌ନାକା ହୁଡ଼୍‌ତିସ୍ ହେ ଦାପ୍ରେ ଏପେଙ୍ଗ୍ ଇନାଟ୍,
ବାର୍‌ହା ୱାନାତ୍, ଆରେ ଏଲେଙ୍ଗ୍ ଲାକେ ଗିଟା ଆଦ୍‌ନାତ୍;
୫୫ ଆରେ, ତିନିପାଡ଼୍‌କାନି ଦୁକା ୱାନାକା ହୁଡ଼୍‌ତିସ୍ ଏପେଙ୍ଗ୍ ଇନାଟ୍, ଗାଜା କାରା ୱାନାତ୍, ଆରେ ହେଦାଂ ଗିଟା ଆଦ୍‌ନାତ୍
।

---

✡ **୧୨:୩୫** ମାତିଉ ୨୫:୧-୧୩. ✡ **୧୨:୩୯** ମାତିଉ ୨୪:୪୩,୪୪.

୫୬ ଆଡ଼େ କାପ୍‌ଟିୟାର୍ କାଦେର୍, ଏପେଙ୍ଗ୍ ପୁର୍ତିତ ଆରେ ବାଦାଡ଼୍‌ତାଂ ହୁଡ଼୍‌ଜି ୱିଜୁ ବୁଜା ଆନାଦେରା, ମାତର୍ ଇ ଦିନ୍ତ
ଚିନ୍ ହୁଡ଼୍‌ଜି ୱିଜୁ ଇନେସ୍ ବୁଜା ଆଉଦେରା ?

### ସାତୁର୍ ହୁକେ ମେହାଆନାକା
### (ମାତିଉ ୫:୨୫-୨୬)

୫୭ "ଆରେ, ଜାର୍ ଜାର୍ ଇନେକିଦେଂ ନିୟାୟ୍ ବିଚାର୍ କିଉଦେରା ?
୫୮ ମି କୁର୍‌ଲିୟା ହୁକେ ସାସନ୍‌କିନାକାନ୍ କଚଣ୍‌ତ ହାନିହିଂ ହାସ୍‌ଦ ପା ତା ଲାହାଙ୍ଗ୍ ମୁକ୍‌ଡ଼ା ଆଦେଂ ଜାତୁନ୍ କିୟାଟ୍,
ଏଚେକାଡ଼୍‌ଦ ହେୱାନ୍ ନିଂ ବିଚାର୍‌କାର୍‌ୟା କଚଣ୍ ଜେଲ୍‌ଜି ଅଦ୍‌ନାର୍, ଆରେ ବିଚାର୍ କିନାକାନ୍ ମିଙ୍ଗେଙ୍ଗ୍ ମେଲ୍ୟାର୍
କେଇଦ ସର୍‌ପି କିଦ୍‌ନାର୍, ଆରେ ମେଲ୍ୟାର୍ ମିଙ୍ଗେଙ୍ଗ୍ ତାନାଇଞ୍ଜ ବାର୍ତ କିଦ୍‌ନାର୍ ।
୫୯ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଏପେଙ୍ଗ୍ ହାରିହାରା ଡାବୁଙ୍ଗ୍ ହୁଜା ଆୱି ପାତେକ୍ ହେ ବାହାତାଂ ଇନେସ୍ ଆଜି
ହସିୱାଦେଙ୍ଗ୍ ଆଡୁଦେର୍ ।"

## ୧୩

### ପାପ୍‌ତାଂ ୱାଡୁ ନଲେ ହାନାଦେର୍

୧ ହେ ସମୁତ କେଡ଼୍‌ଜାଣ୍ ମାନି କେତେକ୍ ଲକ୍ ଜିସୁଙ୍ଗ୍ ଇଚାର୍ ଜେ ଲକୁ ୱାଜି, ପିଲାତ ଇମ୍‌ଣି ଗାଲିଲିୟର୍‌ତି ନେତେର୍
ହେୱାର୍‌ତି ପୁଜା ଲାହାଙ୍ଗ୍ ମେହାୟ୍‌କିଜି ମାଚାର୍, ହେୱାର୍ ବିସ୍ରେ ହେୱାନିଂ ଜାଣାଇ କିତାର୍ ।
୨ ହେବେତାଂ ଜିସୁ ହେୱାରିଂ ଉତର୍ ହିତାନ୍, "ଇଦାଂ ୱିଜୁ ବଗ୍ କିଦେଙ୍ଗ୍ ଇ ଗାଲିଲିୟର୍ ଜେକନି ୱିଜାର୍ ଗାଲିଲିୟର୍
ତାଙ୍ଗ୍ ଆଦିକ୍ ପାପିର୍ ଇଞ୍ଜି କି ଏପେଙ୍ଗ୍ ମାନେକିନାଦେରା ?
୩ କି ଆନ୍ ମିଙ୍ଗେଙ୍ଗ୍ ୱେଚ୍‌ନାଙ୍ଗା, ମାତର୍ ପାପ୍ ମାନ୍‌ବାଦ୍‌ଲାୟ୍ କିୱିତିସ୍ ଏପେଙ୍ଗ୍ ୱିଜାକାଦେର୍ ହେ ଲାକେ ନସ୍ଟ
ଅନାଦେର୍ ।
୪ ଇଚିସ୍ ସିଲହତ ହେ ଅଟର ଜାଣ୍ ଜପି ମାଚା କାଡ଼୍‌ଜି ହେୱାର୍‌ତି ଜିବୁନ୍ ହାଚାଟ୍, ହେୱାର୍ ବିସ୍ରେ ଇନାକା ବାବି
କିନାଦେର୍ ? ହେୱାର୍ ୱିଜାର୍ ଜିରୁସାଲମ୍ ତାଙ୍ଗ୍ ଆଦିକ୍ ପାପିର୍ ଇଞ୍ଜି କି ଏପେଙ୍ଗ୍ ମାନେ କିନାଦେରା ?
୫ ଆନ୍ ମିଙ୍ଗେଙ୍ଗ୍ ୱେଚ୍‌ଚାନାଙ୍ଗ୍, ମାତର୍ ପାପ୍‌ତାଂ ମାନ୍‌ବାଦ୍‌ଲାୟ୍ କିୱିତିସ୍ ଏପେଙ୍ଗ୍ ୱିଜାକାଦେର୍ ହେ ଲାକେ ନସ୍ଟ
ଆନାଦେର୍ ।"

### ପାଡ଼୍ ୱାୱି ତଗାମାର୍ କାତା

୬ ଆରେ, ଜିସୁ ଇ ଉତର୍‌ମୁଡ଼୍ ଇଚାନ୍, "ରକାନ୍ତି ଅଙ୍ଗୁର୍ ବାଡ଼୍‌ଦ ର ତଗା ମାର୍ ରୁଜ୍‌ଦି ମାଚାନ୍ । ମାଲିକ୍ ୱାଜି ହେବେନି
ପାଡ଼୍ ଡେକ୍‌ତାନ୍, ମାତର୍ ଗାଟା ଆୱାତାନ୍ ।
୭ ଲାଗିଂ ହେୱାନ୍ କାନାକାନ୍ ଇଚାନ୍, ହୁଡ଼ା, ଇ ତିନି ବାର୍ହୁ ଆତାଡ୍ ଆନ୍ ୱାଜି ଇ ତଗା ମାର୍‌ତି ପାଡ଼୍ ଡେକ୍‌ନାଙ୍ଗା, ମାତର୍
ଗାଟା ଆଉଙ୍ଗା, ଇଦେଲିଂ କାଦିତୁସିୟା, ଇଦାଂ ଇନେକିଦେଂ ମେଦ୍‌ନିତିଂ ଆବାର୍ ଆହ୍‌ନାତା ?
୮ ମାତର୍ ମାଲିକ୍‌ତିଂ ଉତର୍ ହିତାନ୍, ମାପ୍ରୁ, ଇଦେଲିଂ ଇ ବାର୍ହୁ ପା ପିସ୍ତିହିଦା, ଆନ୍ ଇବେତାଂ ଇଦାଂ ଚାରିବେଣ୍‌ତାଂ
କାର୍ଚ ଗାଡ୍ ହିନାଙ୍ଗ୍,
୯ ଆରେ ପାଚେ ପାଡ଼୍ ୱାତିସ୍ ହାର୍, ଆୱିତିସ୍ ହେଦେଲିଂ କାଦ୍‌ଦି ତୁସିହିନାଙ୍ଗ୍ ।"

### ଜିସୁ ଜମ୍‌ନିବାର୍ ନାଜିଂ ର କଗ୍‌ଲେଂ ଉଜ୍ କିତାନ୍

୧୦ ରଗ ଜିସୁ ଜମ୍‌ନିବାର୍‌ତ ର କୁଟୁମ୍ ଇଞ୍ଜ ହିକ୍ୟା ହିଜିମାଚାନ୍ ।
୧୧ ଆରେ ହୁଡ଼ାଟ୍, ଅଟର ବାର୍ହୁ ପାତେକ୍ ବାନ୍ୟା ଜିବୁନ୍ କାଜିଂ ପାପିୟା ର କଗ୍‌ଲେ ହେବେ ମାଚାଡ୍, ହେଦେଲ୍ କୁବ୍‌ଡ଼ି
ଆଜି ଇନେସ୍ ଆଜି ପା ଜାରତିଂ ହାଣ୍‌କୁ କିଦେଙ୍ଗ୍ ଆଡ଼୍‌ୱାଦାଂ ମାଚାଡ୍ ।
୧୨ ଜିସୁ ହେଦେଲିଂ ହୁଡ଼୍‌ଜି ଲାଗାୟ୍ କୁକ୍‌ଚି ଇଚାନ୍, "ଏ କଗ୍‌ଲେ ନି ବେମାର୍‌ତାଂ ଉଜ୍ ଆତାୟ୍ ।"
୧୩ ଆରେ, ଜିସୁ ହେ ଜପି କେଇ ଇଡ଼୍‌ତାନ୍, ହେବେତାଂ ହେଦେଲ୍ ହେ ଦାପ୍ରେ ହାଣ୍‌କୁ ଆଜି ଇସ୍ୱର୍‌ତିଂ ପାର୍ତାନା କିଦେଙ୍ଗ୍
ଲାଗାତାଡ୍ ।
୧୪ ମାତର୍ ଜିସୁ ଜମ୍‌ନିବାର୍‌ତ ଉଜ୍ କିଦେଙ୍ଗ୍ କୁଟୁମ୍ ଇଲ୍‌ନି ମୁଡ଼୍‌ଦାକାନ୍ ରିସା ଆଜି ମାନାୟାର୍ ତାକେ ଉତର୍ ହିତାନ୍,
"କାମାୟ୍ କିନି କାଜିଂ ଚଅ ଦିନ୍ ମାନାଡ୍, ଲାଗିଂ ହେ ୱିଜୁନାଞ୍ଜିଙ୍ଗ୍ ୱାଜି ଉଜ୍ ଆଡୁ, ଜମ୍‌ନିବାର୍ ୱାମାଟ୍ ।"
୧୫ ମାତର୍ ମାପ୍ରୁ ହେୱାରିଂ ଉତର୍ ହିତାନ୍, "ଏ କାପ୍‌ଟିୟାର୍, ଏପେଙ୍ଗ୍ ୱିଜୁ ଇନାକା ଜମ୍‌ନିବାର୍‌ତ ଜାର୍ ଜାର୍ ବାଡ଼୍‌ଦୁ
କି ଗଦ ହାଡ଼ାତାଂ ରିକ୍‌ଚି ତାସି ଏଜୁଂ ଉଟ୍‌ପାମାଡୁ ?
୧୬ ଲାଗିଂ ହୁଡ଼ାଟ୍, ଅଟର ବାର୍ହୁ ପାତେକ୍ ସୟ୍‌ତାନ୍ ଲାହାଙ୍ଗ୍ ଇଚିସ୍ ଅବ୍ରାହାମ୍ ଗାଡ଼୍‌ହି ଇ କଗ୍‌ଲେ ଇନାକା ଜମ୍‌ନିବାର୍
ଜାର୍ ଗାଚ୍‌ଚି ତାଙ୍ଗ୍ ଉଜ୍ ଆନାକା ଇନାକା ହିଲ୍‌ୱାତାଡ୍ ?"
୧୭ ଆରେ, ଜିସୁ ଇ କାତା ଇଚିଲେ, ତାଙ୍ଗେଙ୍ଗ୍ ବେରିୟାର୍ ୱିଜାର୍ ଲାଜୁ କିଦେଙ୍ଗ୍ ଲାଗାତାର୍, ମାତର୍ ମାନାୟାର୍ ଜିସୁ
ଇଞ୍ଜି ମାନି ୱିଜୁ ଜାଜ୍‌ମାଲ୍ ଗାଜା କାମାୟ୍ ସାକାତାଂ ୱାରି କିଦେଙ୍ଗ୍ ଲାଗାତାର୍ ।

### ହାର୍‌ହୁ ମାଞ୍ଜିନି କାତା
### (ମାତିଉ ୧୩:୩୧-୩୩; ମାର୍କ ୪:୩୦-୩୨)

୧୮ ହେବେତାଂ ଜିସୁ ଇଚାନ୍, “ଇସ୍ୱର୍ ରାଜି ଇନେର୍ ଲାକେ ? ଆରି ଇନେର୍ ହାଙ୍ଗ୍‌ତାଂ ଆନ୍ ହେଦାଂ ତୁଲାୟ୍ କିନାଙ୍ଗ୍
?
୧୯ ହେଦାଂ ଇ ଲାକେ ରଞ୍ଜାଙ୍ଗ୍ ହାର୍‌ହୁ ମାଞ୍ଜି ଲାକେ, ହେଦାଂ ଅଜି ରକାନ୍ ମାନାୟ୍ ଜାର୍ ବାଡ଼୍‌ଦ ୱିଡ଼୍‌ତାନ୍, ଆରେ
ହେଦାଂ ପାନ୍‌ଚି ମାର୍ ଆତାଡ଼୍, ଆରି ବାଦାଡ଼୍‌ତାଂ ପଟିଂ ୱାଜି ହେ ଡାଡ଼୍‌ଦ ବାହା କିତିଂ ।”

### ହଇନିରୁଟି କାତା
### (ମାତିଉ ୧୩:୩୩)

୨୦ ଜିସୁ ଆରେ ଇଚାନ୍, “ଆନ୍ ଇନେର୍ ଲାହାଙ୍ଗ୍ ଇସ୍ୱର୍ ରାଜିତିଂ ତୁଲାୟ୍ କିନାଙ୍ଗ୍ ?
୨୧ ହେଦାଂ ହଇନିରୁଟି ଲାକେ, ର କଗ୍‌ଲେ ହେଦାଂ ତାସି ମଣାତ ମଇଦା ବିଡ୍ରେ ପ୍ଟାକ୍‌ଚି ଇଟ୍‌ତାଡ଼୍, ଆରେ ହାରିହାରା
ୱିଜୁ ହଇନି ଲାକେ ଆତାଡ଼୍ ।”

### ହାକାଡ଼୍ ଦୁୱେର୍
### (ମାତିଉ ୭:୧୩-୧୪; ୨୧–୨୩)

୨୨ ଇବେତାଂ ହେୱାନ୍ ଗାଡ଼୍ ଗାଡ଼୍‌ଦ ଆରି ନାସ୍‌କୁ ନାସ୍‌କୁ ବୁଲାଆଜି ହିକ୍ୟା ହିଉ ହିଉ ଜିରୁସାଲମ୍ ନିପ ହାଲ୍‌ଜି ମାଚାନ୍
।
୨୩ ଆରେ, ରକାନ୍ ତାଙ୍ଗେଙ୍ଗ୍ ଇଚାନ୍, “ମାପ୍ରୁଙ୍ଗ୍, ମୁକ୍ତି ଆନାକା ପାୟା ଆନି ମାନାୟାର୍ ହିସାବ୍ ଇନାକା ଅଲପ୍ ?
ହେବେତାଂ ହେୱାନ୍ ହେୱାରିଂ ଇଚାନ୍,”
୨୪ ହିରୁ ଦୁୱେର୍‌ତିଂ ହଣ୍ଡେଙ୍ଗ୍ କସ୍ଟକିୟାଟ୍, ଇନେକିଦେଂକି ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, “ବେସି ହେନି ହଣ୍‌ଗିନି କାଜିଂ
ସେସ୍ଟା କିନାର୍, ମାତର୍ ଆଡୁର୍ ।
୨୫ ଇଲ୍ ମୁଣିକା ନିଞ୍ଜି କାପାଟ୍ ବନ୍ଦ୍ କିତି ପାଚେ ଏଚେକାଡ଼୍‌ଦ ଏପେଙ୍ଗ୍ ବାର୍ତ ନିଲ୍‌ଚି ମାନାଦେର୍ ଆରି ଏ ମାପ୍ରୁ, ମା
କାଜିଂ ଦୁୱେର୍ ଜେତା, ଇଦାଂ ଇଞ୍ଜି କାପାଟ୍‌ତ ଇଡ଼ିଦେଂ ଲାଗାନାଦେର୍, ହେ ପାଦ୍‌ନା ହେୱାନ୍ ମିଙ୍ଗେଙ୍ଗ୍ ଉତର୍ ହିଦ୍‌ନାନ୍,
ଏପେଙ୍ଗ୍ ଇମ୍‌ଣି ବାହାନି ମାନାୟ୍ ହେଦାଂ ଆନ୍ ପୁନୁଙ୍ଗ୍ ।”
୨୬ ହେ ସମୁତ ଏପେଙ୍ଗ୍ ଇଞ୍ଜେଙ୍ଗ୍ ଲାଗାନାଦେର୍, “ଆପେଂ ନି ମୁମ୍‌ଦ ଉଟାପ୍ ଚିଚାପ୍, ଆରି ଏନ୍ ମାଙ୍ଗେଙ୍ଗ୍ ହାକ୍ଟିତ
ହିକ୍ୟା ହିତାୟ୍ ।”
୨୭ ଆରେ, ହେୱାନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାନ୍, ଏପେଙ୍ଗ୍ ଇମ୍‌ଣି ବାହାନି ମାନାୟ୍, ହେଦାଂ “ଆନ୍ ପୁନୁଙ୍ଗ୍; ଏ ଅଦାମ୍
ୱିଜାକାଦେର୍ ନା କଚଣ୍‌ତାଂ ଦେହାଆଡୁ ।
୨୮ ☆☆ଏଚେକାଡ଼୍‌ଦ ଏପେଙ୍ଗ୍ ଅବ୍ରାହାମ୍, ଇସ୍‌ହାକ୍, ଜାକୁବ୍, ଆରି ୱିଜାର୍ ବେଣ୍‌ବାକ୍‌ଣାୟ୍‌କିନାକାରିଂ ଇସ୍ୱର୍ ରାଜିତ
ମାନି ଆରି ଜାର୍ ଜାର୍‌ତିଂ ବାର୍‌ତ ତୁସିହିତାକା ହୁଡ଼୍‌ନାଦେର୍, ହେପାଦ୍‌ନା ହେବେ ଆଡ଼୍‌ବିସ୍ ଆରି ଟାଡାଙ୍ଗ୍ କାଟ୍‌ନାଦେର୍ ।
୨୯ ଆରେ, ୱେଡ଼ାହଡ଼୍‌ନି ଆରି ୱେଡାହାନି ନିପ, ତିନିପାଡ଼୍‌କା ଆରି ଡେବାପାଡ଼୍‌କାନି ଲକୁ ୱାଜି ଇସ୍ୱର୍ ରାଜିତିଂ ତିଞ୍ଜେଙ୍ଗ୍
କୁଚ୍‌ନାର୍ ।
୩୦ ☆ଆରେ ହୁଡ଼ାଟ୍, ଇମ୍‌ଣାକାର୍ ନଙ୍ଗୟ୍ ପାଚେ ମାନି କେତେକ୍ ପର୍ତୁମ୍ ଆନାର୍ ଆରି ପର୍ତୁମ୍ ମାନି କେତେକ୍ ପାଚେ
ଆର୍ନାର୍ ।”

### ଜିରୁସାଲମ୍ କାଜିଂ ଜିସୁତି ଦୁକ୍
### (ମାତିଉ ୨୩:୩୭-୩୯)

୩୧ ହେ ପାଦ୍‌ନା କେତେକ୍ ପାରୁସିର୍ ଜିସୁ ଲାଗେ ୱାଜି ଇଚାର୍, “ଇ ବାହା ପିସ୍ତି ହସି ହାଲାଟ୍, ଇନାକିଦେଂକି ହେରଦ୍
ନିଙ୍ଗେଙ୍ଗ୍ ଅସ୍ତେଦେଂ ମାନ୍ କିନାନା ।”
୩୨ ହେବେତାଂ ଜିସୁ ହେୱାରିଂ ଇଚାନ୍, “ଏପେଙ୍ଗ୍ ହାଲ୍‌ଜି ହେ କଲ୍ୟାତିଂ ୱେଚାଟ୍, ହୁଡ଼ାଟ୍, ଆନ୍ ନେଞ୍ଜେଙ୍ଗ୍ ଆରି ୱିଗା
ପୁଦା ପିହିକିନାଙ୍ଗା ଆରି ଉଜ୍ କିନାଙ୍ଗା, ଆରେ ତିନି ଦିନ୍‌ତାଂ ଆନ୍ ପଡ଼୍‌କ୍ ଇନାଙ୍ଗ୍ ।
୩୩ ଇନାକା ଆୟେଡ଼୍, ନେଞ୍ଜେଙ୍ଗ୍, ୱିଗା ଆରି ମାହିଙ୍ଗ୍ ନାଙ୍ଗେଙ୍ଗ୍ ହାଞ୍ଜେଙ୍ଗ୍ ଆନାଡ଼୍, ଇନାକିଦେଂକି ଜିରୁସାଲମ୍‌ନି ବାର୍ତ
ବେଣ୍‌ବାକ୍‌ଣାୟ୍‌କିନାକାର୍ ନାସ୍ ଆନାକା ହାର୍ ଆକାୟ୍ ।”
୩୪ “ଏ ଜିରୁସାଲମ୍, ଏ ଜିରୁସାଲମ୍, ବେଣ୍‌ବାକ୍‌ଣାୟ୍ କିନାକାର୍‌ତି ଟୁଣାକାୟ୍ ଆରି ଜାର୍ ତାକେ ପକ୍ୟାତାକାରିଂ
କାଲ୍‌ଅହିୟାନି । କୁଜୁ ଇନେସ୍ ମାରା ତାରେନ୍ ଜାର୍ ହିମ୍‌ଣାକାଂ ରବେ କିନାଡ଼୍, ହେ ଲାକେ ଆନ୍ ଏଚେହଟ୍ ନି ହିମ୍‌ଣାକାଂ
ରବେ କିଦେଙ୍ଗ୍ ମାନ୍ କିତାଙ୍ଗ୍, ମାତର୍ ଏପେଙ୍ଗ୍ ମାନ୍ କିୱାତାଦେର୍ ।

☆ **୧୩:୨୮** ମାତିଉ ୨୨:୧୩; ୨୫:୩୦. ☆ **୧୩:୨୮** ମାତିଉ ୮:୧୧,୧୨. ☆ **୧୩:୩୦** ମାତିଉ ୧୯:୩୦; ୨୦:୧୬; ମାର୍କ ୧୦:୩୧.

³⁵ ହୁଡ଼ାଟ୍, ମି ଇଲ୍ ମି କେଇଦ ପିସ୍ତାତାର୍ଣ୍ଣା; ଆରେ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ମାପ୍ରୁ ତର୍‌ଦ ଇନେନ୍ ୱାନାନା, ହେୱାନ୍
ଦନ୍ୟ, ଏପେଙ୍ଗ୍ ଇମ୍‌ଣି ନାଜିଂ ଇ କାତା ଇନାଦେର୍, ହେ ଦିନ୍‌ୱାୱି ପାତେକ୍ ନାଙ୍ଗ୍ ହାତେନେ ଆରେ ହୁଡ଼ଦୁଦେର୍ ।”

# ୧୪

## ଜିସୁ ର ରଗ୍ୟାଂ ଉଜ୍ କିତାନ୍

୧ ରଗ ଜିସୁ ଜମ୍‌ନିବାର୍ ନାଜିଂ ତିନି କାଜିଂ ର ପାରୁସିର୍ ମୁଣିକା ଇଞ୍ଜ ହଟିଲେ, ହେୱାର୍ ତାଙ୍ଗ୍ ଇଟ୍‌କାଡ଼୍‌କିଜି ମାଚାର୍
।
୨ ଆରେ ହୁଡ଼ାଟ୍, ହେୱାନ୍ ମୁମ୍‌ଦ ରକାନ୍ କାଲ୍‌କୁ କେଇକୁ ପୁଲାଆତି ରଗ୍ୟା ନଚ୍‌ନି ମାନାୟ୍ ମାଚାନ୍ ।
୩ ହେବେ ଜିସୁ ମସାତି ବିଦିନି ଗୁରୁର୍ ଆରି ପାରୁସିରିଂ ଉତର୍ ହିତାନ୍, “ଜମ୍‌ନିବାର୍ ନାଜିଂ ଉଜ୍ କିନାକା ବିଦି କି ଆକାୟ୍
?” ମାତର୍ ହେୱାର୍ ଚିମ୍‌ରା ଆଜି ମାଚାର୍ ।
୪ ଆରେ, ହେୱାନ୍ ତାଙ୍ଗେଙ୍ଗ୍ ଆସ୍ତି ଉଜ୍ କିତାନ୍ ଆରି ପକ୍‌ତାନ୍ ।
୫ ✡ଆରେ, ହେୱାନ୍ ହେୱାରିଂ ଇଚାନ୍, “ମି ବିଡ୍ରେତାଂ ଇନେର୍ ଜାର୍ ହିମ୍‌ଣାଂ କି ବାଡ଼ଦୁ କୁଇତାକେ ଆତର୍ସ୍ ଇନାକା
ହେଦେଲିଂ ଜମ୍‌ନିବାର୍ ନାଜିଂ ହେ ଦାପ୍ରେ ନିକୁନ୍ ?”
୬ ଆରେ, ହେୱାର୍ ଇ ୱିଜୁ ବେରଣ୍‌ତ ଇନାକା ଉତର୍ ହିଦେଂ ଆଡ୍‌ୱାତାର୍ ।

## ଦାମର୍ ଆନାକା ଆରେ ହେବା କିନାକା

୭ ଆରେ, କୁପ୍‌କାୟାତି ମାନାୟାର୍ ଇନେସ୍ ମୁଡ଼୍‌ମୁଡ଼୍‌ବାହା ବାଚି କିଜି ମାଚାର୍, ଇଦାଂ ଇଟ୍‌କାଡ଼୍‌କିଜି ହେୱାନ୍ ହେୱାରିଂ
ଇ ଉତର୍‌ମୁଡ଼୍‌ହିଜି ଇଚାନ୍,
୮ “ଏଚେକାଡ଼ଦ ଏପେଙ୍ଗ୍ ଇମ୍‌ଣି ଲକୁତାଙ୍ଗ୍ ବିବାନି ବଜିତ କୁକ୍ୟାନାଦେର୍, ହେୱେଡ଼ାଂ ମୁଡ଼୍ ବାହାତ କୁଚ୍‌ମାଟ୍,
କାତେହିନା ମିତାଙ୍ଗ୍ ଆଦିକ୍ ଗାଜାଲକୁ ହେୱାନ୍‌ତାଂ କୁକ୍ୟା ଆଜି ମାନ୍‌ଗାନାନ୍,
୯ ଆରେ ଇନେର୍ ମିଙ୍ଗ୍ ଆରି ତାଙ୍ଗ୍ କୁକ୍‌ତାନ୍‌ଚି, ହେୱାନ୍ ୱାଜି ମିଙ୍ଗ୍ ଇଞ୍ଜାନାନ୍, ଇୱାନିଂ ବାହା ହିଆ; ଆରେ, ହେୱାଡ଼ାଂ
ଏପେଙ୍ଗ୍ ଲାଜୁତାଂ ତାରେନ୍ ବାହାତ କୁଚ୍‌ଚେଂ ହାନାଦେର୍ ।
୧୦ ମାତର୍ ଏଚେକାଡ଼ଦ ଏପେଙ୍ଗ୍ କୁକ୍ୟା ଆନାଦେର୍, ହେୱେଡ଼ାଂ ହାଲ୍‌ଜି ତାରେନ୍‌ନି ବାହାତ କୁଚାଟ୍, ଇନେସ୍ ମି
କୁକ୍ୟାତି ଲକୁ ୱାଜି ମିଙ୍ଗେଙ୍ଗ୍ ଇଞ୍ଜାନାନ୍, ଏ ବନ୍ଧୁ, ଜପ୍‌ଣି ବାହାତ ୱା ଇଞ୍ଜ୍‌ନାନ୍, ହେୱାଡ଼ାଂ ମି ହୁକେ କୁଚ୍‌ଚି ମାନି ୱିଜାକାର୍
ମାନାୟାର୍ ମୁମ୍‌ଦ ମି ଜାଜ୍‌ମାଲ୍ ଆନାଡ୍ ।
୧୧ ✡ଇନାକିଦେଂକି ଇନେର୍ ଜାର୍‌ତିଂ ଗାଜା ଇଞ୍ଜି ଚଞ୍ଜିୟାଆନାନ୍, ତାଙ୍ଗେଙ୍ଗ୍ ହାରୁ ଆନାନ୍, ଆରେ ଇନେର୍ ଜାର୍‌ତିଂ
ହାରୁ ଆନାନ୍, ହେୱାନିଂ ଉଚ୍ କିୟାନାଡ୍ ।”
୧୨ ଆରି, ଜିସୁ ନିଜେ କୁକ୍ୟାତି ଲଗାଂ ପା ଇଚାନ୍, “ୱେଡ଼ା କି ନାଣା ବଜି ହିଜି ଜାର୍ ବନ୍ଧୁ କି ଟଣ୍ଡେନ୍ କି ୱାସ୍କିନିକାର୍ କି
ମାଜାନ୍ ପାଡ଼୍‌ହାନିକାରିଂ କୁକ୍‌କି କିମାଟ୍, କାତେହିନା ହେୱାର୍ ପା ୱାଜି ମିଙ୍ଗ୍ କୁକ୍‌କି କିଦ୍‌ନାର୍ ଆରି ଏପେଙ୍ଗ୍ ପ୍ରାତିପାଦ୍
ପାୟା ଆତାଦେର୍ ।
୧୩ ମାତର୍ ବଜି ଜାଲ୍‌ଦି କିତିସ୍ ଅକର୍ଡ଼୍, ଟୁଟା, ଚଟା ଆରି କାଣାରିଂ କୁପ୍‌କାଟ୍;
୧୪ ତା ଆତିସ୍ ଏପେଙ୍ଗ୍ ଦନ୍ୟ ଆନାଦେର୍, ଇନେକିଦେଂକି ମିଙ୍ଗେଙ୍ଗ୍ ଆରେ ହିଦ୍‌ନି କାଜିଂ ହେୱାର୍‌ତି ଇନାକା ହିଲୁତ୍;
ଆରେ, ଦାମର୍ ଆରେ ନିଂନି ୱେଡ଼ାଲିଂ ମିଙ୍ଗେଙ୍ଗ୍ ଆରେ ହିଦ୍ୟାନାଡ୍ ।”

## ର ଗାଜା ବଜିନି ଉତର୍‌ମୁଡ଼୍
(ମାତିଉ ୨୨:୧-୧୦)

୧୫ ହେଦାଂ ୱେନ୍‌ଜି ଜିସୁହୁକେ ଚିଞ୍ଜେଙ୍ଗ୍ କୁଚ୍‌ଚି ମାନି ଲଗାଂ ବିଡ୍ରେ ରକାନ୍ ହେୱାନିଂ ଇଚାନ୍, ଇମ୍‌ଣି ଲଗୁ “ଇସ୍ୱତର୍
ରାଜିତ ତିନାନ୍, ହେୱାନ୍ ଦନ୍ୟ ।”
୧୬ ମାତର୍ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, “ରକାନ୍ ମାନାୟ୍ ମ୍ଣିକା ସମୁତ ଗାଜାବଜି ହିଦେଂ ଇଚା କିଜି ବେସି ଜାଣ୍‌ତିଂ କୁକ୍‌ତାନ୍;
୧୭ ଆରେ, ତିନି ସମୁ ଏକାୱାତିଲେ, ହେୱାନ୍ କୁକ୍‌ତି ଲଗାଂ ଜାର୍ ଆଡ଼ିୟାତିଂ ପକ୍‌ଚି ଇଚାନ୍, ‘ଏପେଙ୍ଗ୍ ୱାଡୁ,
ଇନାକିଦେଂ ୱିଜୁ ଜାଲ୍‌ଦି ଆତାତେ ।’
୧୮ ମାତର୍ ୱିଜାକାର୍ ର ମାନ୍ କିଜି କେମା ପାର୍ତାନା କିଦେଙ୍ଗ୍ ଲାଗାତାର୍ । ପର୍ତୁମ୍ ରକାନ୍ ତାଙ୍ଗ୍ ଇଚାନ୍, ଆନ୍ ଇଚୁଟିଂ
ବୁମି କଡ଼୍‌ତାଂନ୍ନା, ନାଙ୍ଗ୍ ହେଦାଂ ହୁଡ଼୍‌ଦେଂ ଲାଗ୍‌ଦାନାଡ୍; ଗୱାରି କିଦ୍‌ନାଙ୍ଗା, ଆନ୍ କେମା ପାୟା ଆତାଙ୍ଗ୍‌ନା ଇଞ୍ଜି ବାବି
କିୟା ।”
୧୯ ଆରେ ରକାନ୍ ଇଚାନ୍, “ଆନ୍ ପାଞ୍ଚ୍ ଆଡ଼୍‌ବାଡ଼ଦୁଙ୍ଗ୍ କଡ଼୍‌ତାଂନ୍ନା, ଆରେ ଆନ୍ ହେୱାକାଂ ପରିକ୍ୟା କିଦେଙ୍ଗ୍ ହାନାଙ୍ଗା;
ଗୱାରି କିଦ୍‌ନାଙ୍ଗା, ଆନ୍ କେମା ପାୟାଆତାଂନ୍ନା ଇଞ୍ଜି ବାବି କିୟା ।”
୨୦ ବିନ୍ ଲଗୁ ଇଚାନ୍, “ଆନ୍ ପୁନ୍ ବିବା ଆତାଙ୍ଗ୍‌ନା, ଲାଗିଂ ହାଞ୍ଜେଙ୍ଗ୍ ଆଡୁଙ୍ଗା ।”

✡ **୧୪:୫** ମାତିଉ ୧୨:୧୧. ✡ **୧୪:୧୧** ମାତିଉ ୨୩:୧୨; ଲୁକ ୧୮:୧୪.

୨୧ ଆରେ, ହେ ଆଡ଼ିଏନ୍ ୱାଜି ହେ ମାପ୍ପୁଙ୍ଗ୍ ହେ ସବୁ ୱେଚ୍‌ଚାନ୍ । ହେବେଣ୍ଡାଂ ଇଲ୍ ମୁଣିକା ରିସା ଆଜି ଜାର୍ ଆଡ଼ିଏନିଂ
ଇଚାନ୍, "ବେଗି ଗାଡ଼ନି ହାକ୍‌ଡ଼ି ଆରି ଗଲିଗନ୍ଦିତ ହାଲ୍‌ଜି ଅର୍କିଡ଼୍, ଟୁଟା, କାଣା ଆରି ଚଟାରିଂ ଇବେ ତାହିୱାତୁ ।"
୨୨ ପାଚେ ହେ, ଆଡ଼ିଏନ୍ ଇଚାନ୍, "ଏ ମାପ୍ପୁ, ନି ବଲ୍‌ତାଂ କିୟାଆତାଙ୍ଗ୍‌ନା, ଆତିସ୍‌ପା ଆରେ ବାହା ମାନାତ୍ ।"
୨୩ ହେବେତାଂ ମାପ୍ପୁ ହେ ଆଡ଼ିଏନିଂ ଇଚାନ୍, "ରାଜାର୍ ହାଜି ଆରି ଅଙ୍ଗୁର୍ ବାଡ଼୍ ମାର୍‌ତ ହାଲ୍‌ଜି, ନା ଇଲ୍ ଇନେସ୍‌କି
ପୁରା ଆନାତ୍, ହେଦାଂ କାଜିଂ ମାନାୟାରିଂ ୱାନିକାଜିଂ ହିୟାଟ୍ ।
୨୪ ଲାଗିଂ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ହେ କୁକ୍ୟା ଆଜି ମାନି ମାନାୟାରିଂ ପା ଇନେର୍ ନା ବଜିନି ଗୁଣ୍ ମଦୁର୍ ପାୟା
ଆଉର୍ ।"

## ଚେଲା ଆଦେଂ ମାନାତ୍
*(ମାତିଉ ୧୦:୩୭-୩୮)*

୨୫ ଦିନେକ୍ ବେସିହେନି ମାନାୟାର୍ ଜିସୁ ଲାହାଙ୍ଗ୍ ହାଲ୍‌ଜି ମାଚାର୍, ଆରେ ହେୱାନ୍ ଲେଉଟା ଆଜି ହେୱାରିଂ ଇଚାନ୍,
୨୬ "ଇନେର୍ ଜଦି ନା କଚଣ୍ ୱାଜି ଜାର୍ ଆବା, ଆୟା, ଡକ୍ରି, ହିମ୍‌ଣା, ଟଣ୍ଡେନ୍ ଆରି ତଣ୍‌ଦେକାଂ, ଇ ଲାକେ ଜାର୍
ଜିବୁନ୍‌ତିଂ ପା ଆଦିକ୍ ୱାରି କିୱିତିସ୍, ଲାଗିଂ ହେୱାନ୍ ନା ଚେଲା ଆଦେଂ ଆତୁନ୍ ।
୨୭ ✡ଇନେର୍ ଜାର୍‌ତି କ୍ରୁସ୍ ପିଣ୍ଡ୍‌ଜି ନା ଡେଇଁ ୱାୱାତାନ୍‌ଚି, ହେୱାନ୍ ନା ଚେଲା ଆଦେଂ ଆତୁନ୍ ।
୨୮ ଇନାକିଦେଂକି ମିଙ୍ଗେଙ୍ଗ୍ ବିତ୍ରେ ଇନେର୍ ମାଚା ରସ୍‌ତେଂ ଇଚା କିଜି ହେଦାଂ ୱିସ୍‌ପିସ୍ କିନାକା ତାବୁଙ୍ଗ୍ ସାକ୍ତି ମାନାତ୍
କି ଆକାୟ୍, ଇଦାଂ ପର୍ତୁମ୍ କୁଚ୍‌ଚି କର୍ଚ ଇସାବ୍ ହୁଡ଼୍‌ଦେର୍ ?
୨୯ ହେ ଦିନ୍ତ ହେୱାନ୍ କୁନାଦି କୁଚି କିଜି ୱିସ୍ତେଙ୍ଗ୍ ଆଡ଼୍‌ୱିତିସ୍, ଏଚେଜାଣ୍ ହେଦାଂ ହୁଡ଼୍‌ନାର୍ ୱିଜାର୍ ତାଙ୍ଗେଙ୍ଗ୍ ଗ୍ଟାଇଦେଂ
ଲାଗାନାର୍,
୩୦ ଇ ମାନାୟ୍ ରଚ୍‌ଚେଂ ଆରାମ୍ କିଜି ୱିସ୍ତେଙ୍ଗ୍ ଆଡ଼୍‌ୱାତାନ୍ ।"
୩୧ "ମାତର୍ ଇମ୍‌ଣି ରାଜା ଦସହାଜାର୍ ମେଲ୍ୟାରିଂ ଅଜି ବିନେ ରକାନ୍ ରାଜା ଲାହାଙ୍ଗ୍ ଜୁଜ୍ କିଦେଙ୍ଗ୍ ହାନି ୱେଡ଼ାଲିଂ,
କଡ଼େ ହାଜାର୍ ମେଲ୍ୟାର୍ ଆସ୍ତି ବିରୁଦ୍‌ଦ ୱାଜିମ୍ନାନି ରାଜା ଲାହାଙ୍ଗ୍ ଦସ୍ ହାଜାର୍ ମେଲ୍ୟାର୍ ଅଜି ଜୁଜ୍ କିଦେଙ୍ଗ୍
ଆଡ଼୍‌ନାଦେରା କି ଆକାୟ୍, ହେଦାଂ ପର୍ତୁମ୍ କୁଚ୍‌ଚି ବିଚାର୍ କିଉର୍ ?
୩୨ ଜଦି ଆତୁନ୍, ଲାଗିଂ ବିନେନି ରାଜା ଦେହା ମାନୁ ମାନୁ ହେୱାନ୍ ଦୁତ୍ ପକ୍‌ଚି ହାନ୍ଦି ପାର୍ତାନା କିନାନ୍ ।
୩୩ ହେ ଲାକେ ମିଙ୍ଗେଙ୍ଗ୍ ବିତ୍ରେ ଇନେର୍ ଜାର୍‌ତି ୱିଜୁ ପିହ୍‌ୱିତିସ୍, ହେୱାନ୍ ନା ଚେଲା ଆଦେଂ ଆତୁନ୍ ।"

## ଚିନ୍ତା କିୱି ହର୍
*(ମାତିଉ ୫:୧୩; ମାର୍କ ୯:୫୦)*

୩୪ "ହର୍‌ତ ହାର୍; ମାତର୍ ହର୍ ପା ଜଦି ହୱାଦ୍ ଆଉତ୍, ବାଟିଙ୍ଗ୍ ହେଦାଂ ଇମେ କାର୍ଯ୍ୟା ଆନାତ୍ ?
୩୫ ହେଦାଂ ମେଦ୍‌ନିତ କି ଗାଡ଼୍‌ଗାଦା କାଜିଂ ସମାନ୍ ଆକାୟ୍; ଲକୁ ହେଦାଂ ବାର୍ତ ତୁସି ହିନାର୍ । ଇନେର୍ ୱେଞ୍ଜେଙ୍ଗ୍
କିତୁଲ୍ ମାନାତ୍, ହେୱାନ୍ ୱେନେନ୍ ।"

# ୧୫

## ଜାଙ୍ଗ୍‌ତି ମେଣ୍ଡା
*(ମାତିଉ ୧୮:୧୨-୧୪)*

୧ ଆରେ, ଦିନେକ୍ ସିସ୍ତୁଏନ୍‌ନାକାର୍ ଆରି ପାପିୟାର୍ ୱିଜାକାର୍ ହେୱାନ୍ ବଚନ୍ ୱେଞ୍ଜେଙ୍ଗ୍ କାଜିଂ ହେୱାନ୍ ତାକେ ୱାଜି
ମାଚାର୍ ।
୨ ହେବେ ପାରୁସିର୍ ଆରି ସାସ୍ତ୍ରିର୍ ଗାଣ୍‌ଜୁ କିଜି କିଜି ଇଚାର୍, "ଇୱାନ୍ ରକାନ୍ ପାପିୟାରିଂ ଇଟ୍‌ନାନ୍ ଆରି ହେୱାର୍ ହୁକେ
ତିନାନ୍ !"
୩ ହେବେ ହେୱାନ୍ ହେୱାରିଂ ଇ ଉତର୍‌ମୁଡ଼୍ ୱେଚ୍‌ଚାନ୍,
୪ "ମି ବିତ୍ରେ ଏପେଙ୍ଗ୍ ଇମ୍‌ଣି ମାନାୟ୍ ମାନାନ୍ ଜେ ହେୱାନ୍ତି ପାଞ୍ଚକଡ଼ି ମେଣ୍ଡାଂ ମାଚିସ୍, ଆରେ ହେୱାଙ୍ଗ୍ ବିତ୍ରେ ରଞ୍ଜାଙ୍ଗ୍
ଜାଙ୍ଗ୍‌ତିସ୍, ଲାଗିଂ ହେ ଏକ୍ ଉଣା ପାଞ୍ଚ୍‌କଡ଼ିକାଙ୍ଗ୍ ବାଟାତ ପିସ୍ତି ହେ ଜାଙ୍ଗ୍‌ତି ମେଣ୍ଡା ଗାଟାୱି ପାଡେକ୍ ହେଦେଲିଂ ଡେକୁନ୍
?
୫ ଆରେ, ଗାଟାଆତିସ୍ ହେୱାନ୍ ହେଦେଲିଂ ୱାରିତାଂ ପିଣ୍ଡ୍‌ଜି ଇଞ୍ଜ ତାହିୱାନାନ୍,
୬ ଆରେ ଜାର୍ ସାଙ୍ଗ ପାଡ଼୍‌ହା ଇଞ୍ଜାକାରିଂ ରବେରୁଣ୍ଡାୟ୍ କିଜି ହେୱାରିଂ ଇନାନ୍, ନା ହୁକେ ୱାରି କିୟାଟ୍, ଲାଗିଂ ନା
ଜାଙ୍ଗ୍‌ତି ମେଣ୍ଡା ଗାଟାତାଙ୍ଗ୍ ।

✡ **୧୪:୨୭** ମାତିଉ ୧୦:୩୮; ୧୬:୨୪; ମାର୍କ ୮:୩୪; ଲୁକ ୯:୨୩.

୭ ଆନ୍ ମିଙ୍ଗ୍ ଇଞ୍ଜ୍‌ନାଙ୍ଗା, ହେ ଲାକେ ଇନେର୍‌ତି ମାନ୍‌ବାଦ୍‌ଲାୟ୍ କିନି ଲଡ଼ା ଆକାୟ୍, ଏଲେଙ୍ଗ୍ ଏକଉଣା ପାଞ୍ଚକଡ଼ି ଦାମର୍ ମାନାୟାରିଂ ପିସ୍ତି, ଇନେନ୍ ମାନ୍ ବାଦ୍‌ଲାୟ୍ କିନାନ୍, ଏଲେଙ୍ଗ୍ ରକାନ୍ ପାପ୍‌ନି କାଜିଂ ସାର୍ଗେତ ବେସି ୱାରି ଆନାତ୍ ।”

## ଜାଙ୍ଗ୍‌ତି ରୁପା ଡାବୁ

୮ “ଆୱିତିସ୍ ଏଲେଙ୍ଗ୍ ଇମ୍‌ଣି କଗ୍‌ଲେଲଗୁ ମାନାତ୍ ଜେ, ତାୱି ଜଦି ଦସ୍ ରୁପା ଡାବୁଙ୍ଗ୍ ମାଚିସ୍, ଆରେ ହେବେଣ୍ଡ୍ରାଂ ରଞ୍ଜୁ ଜାଙ୍ଗ୍‌ତିସ୍, ଲାଗିଂ ହେଦେଲ୍ ବଇଟା ଆହି କିଜି ଇଲ୍ ପାପ୍‌ଡ଼ି କିଜି ଗାଟାୱି ପାଡେକ୍ ଜତନ୍‌ତାଂ ଡେକୁତ୍ ?
୯ ଆରେ, ହେଦାଂ ଗାଟାଆତିସ୍ ହେଦେଲ୍ ହେ ହାଙ୍ଗ୍‌ଦାକାରିଂ ଆରି ପାଡ଼୍‌ହା ଇଞ୍ଜି ଲଗାଂ କୁକ୍‌ଚି ରୁଣ୍ଡାୟ୍ କିଜି ଇନାତ୍, ନା ହୁକେ ୱାରି କିୟାଟ୍, ଲାଗିଂ ଇମ୍‌ଣି ଟାକା ଜାକ୍‌ଚି ମାଚାଙ୍ଗ୍, ହେଦାଂ ଗାଟାଆତାଙ୍ଗ୍ ।
୧୦ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ହେ ଲାକେ ଇନେର୍ ମାନ୍‌ବାଦ୍‌ଲାୟ୍ କିତାର୍, ଏଲେଙ୍ଗ୍‌ବାତର୍ ପାପି କାଜିଂ ଇସ୍ୱତର୍ ଦୁତ୍‌ର୍ ମୁମ୍‌ଦ ୱାର୍‌ୟା ଆଡୁ ।”

## ଜାଙ୍ଗ୍‌ତି କାଡ଼୍‌ଦେ

୧୧ ଜିସୁ ଆରେ ଇଚାନ୍, “ରୱାନିଂ ରିକାର୍ ମାଜି ମାଚାର୍ ।
୧୨ ହେୱାର୍ ବିତ୍ରେ ହାରୁ ମାଜି ଇଚାନ୍, ଆବା, ଦାନ୍ ଇମ୍‌ଣି ବାଗ୍ ନାଦାଂ ଆନାତା, ହେଦାଂ ନାଙ୍ଗ୍ ହିଦା ।” ହେବେଣ୍ଡ୍ରାଂ ହେୱାନ୍ ୱିଜୁ ପାସ୍‌ପିସ୍ ହିତାନ୍ ।
୧୩ ଅଲପ୍ ଦିନ୍ ପାଚେ ହାରୁ କାଡ଼୍‌ଦେ ସବୁ ରବେ ରୁଣ୍ଡାୟ୍ କିଜି ରାଜି ହତାନ୍, ଆରେ ହେବେ ପାଟ୍‌କାର୍ ଆଜି ହେ ଦାନ୍ ଉପ୍ତାନ୍ ।
୧୪ ମାତର୍ ୱିଜୁ ଉପ୍‌ଚି ପାଚେ ଦେସ୍‌ତାକେ କାତାର୍ ଆତର୍ଲେ ତା ଅବାବ୍ ଆଦେଂ ଲାଗାତାତ୍ ।
୧୫ ହେବେଣ୍ଡ୍ରାଂ ହେୱାନ୍ ହାଲ୍‌ଜି ହେ ଦେସ୍‌ନି ରକାନ୍ ଲକୁତାକେ ଆହ୍‌ର ଅତାନ୍, ଆରେ ହେୱାନ୍ ତାଙ୍ଗ୍ ପାଞ୍ଜିଙ୍ଗ୍ ହାରାୟ୍ କିଦେଂ ଜମିତ ପକ୍‌ତାନ୍;
୧୬ ଆରେ ପାଞ୍ଜିଙ୍ଗ୍ କାଦି ତିନ୍‌ଞ୍ଜି ମାଚିକ୍, ହେବେ ହେୱାନ୍ ତା ପଟପାଞ୍ଜି ଜିଜି ମାଚାନ୍, ମାତର୍ ଇନେର୍ ହେୱାନିଂ ଇନାକା ହିୱାଦାଂ ମାଚାର୍ ।
୧୭ ମତର୍ ହେୱାନ୍ ଚେତ୍‌ନା ଆଜି ଇଚାନ୍, “ମାଞ୍ଜି ଆବା ତାକେ କେତେକ୍ କାମ୍‌ଲିୟାତର୍ କାଦି ହାଜର୍ ହାନାତା, ମାତର୍ ଆନ୍ ଇବେ ନାସ୍‌କି ହାନାଙ୍ଗା ।
୧୮ ଆନ୍ ନିଙ୍ଗ୍‌ଜି ନା ସାର୍ଗେନି ଆବା ଲାଗେ ହାନାଙ୍ଗ୍” ଆରି ତାଙ୍ଗ୍ ଇନାଙ୍ଗ୍, “ଆବା, ଇସ୍ୱତର୍ ବିରୁଦ୍‌ତ ଆରି ନି ନଞ୍ଜର୍‌ତ ପାପ୍ କିତାଙ୍ଗ୍‌ନା;
୧୯ ନି ମାଜି ଇଞ୍ଜି କୁକ୍ୟା ଆଦେଂ ଆନ୍ ଆରେ ତର୍ ହିଲେତ୍; ନାଙ୍ଗ୍ ମି କାମ୍‌ଲିୟାର୍ ଲାକେ ଇଡ୍‌ଦା ।”
୨୦ ହେବେଣ୍ଡ୍ରାଂ ହେୱାନ୍ ନିଙ୍ଗ୍‌ଜି ନିଜେ ଲାତ୍ରାହି ତାକେ ହାଚାନ୍ ।
“ମାତର୍ ହେୱାନ୍ ଦେହା ମାନୁ ମାନୁ ହେ ଲାତ୍ରାହି ତାଙ୍ଗ୍ ହୁଡ଼୍‌ଜି ଦୟାତ କାର୍ମା ଆତାନ୍ ଆରି ହନ୍‌ଚିହାଲ୍‌ଜି ହେୱାନିଂ ପମ୍‌ଜି ଡନ୍‌ଚାନ୍ ।”
୨୧ କାଡ଼୍‌ଦେ ତାଙ୍ଗେଙ୍ଗ୍ ଇଚାନ୍, “ଆବା, ସାର୍ଗେନି ବିରୁଦ୍‌ତ ଆରି ନି ନଞ୍ଜର୍‌ତ ଆନ୍ ପାପ୍ କିତାଙ୍ଗ୍, ନି ମାଜି ଇଞ୍ଜି କୁକ୍ୟାନି ଆନ୍ ତର୍ ଆକାୟ୍ ।”
୨୨ ମାତର୍ ଲାତ୍ରାହି ହେ ଆଡ଼ିୟାରିଂ ଇଚାନ୍, “ୱିଜୁତିଂ ହାଦର୍ ଆଙ୍ଗି ବେଗି ତାହିୱାଜି ଇୱାନିଂ ଆର୍‌ପି କିୟାଟ୍, ଇୱାନ୍ କେଇଦ ୱାତୁସ୍ ଆରି ପାନାତ ପାଣ୍ଡାଇଙ୍ଗ୍ ହିୟାଟ୍,
୨୩ ଆରେ ଦୁମାଟି ଅହ୍‌ରି ତାସି ଅହାଟ୍; ୱାଡୁ ଆସେଙ୍ଗ୍ ତିନ୍‌ଞ୍ଜି ୱାରି କିନାସ୍,
୨୪ ଇନାକିଦେଂକି ନା ଇ ହିମ୍‌ଣା ହାଜି ମାଚାନ୍, ଆରେ ଜିତାନ୍ନା, ଜାଙ୍ଗ୍‌ଜି ମାଚାନ୍, ଆରେ ଗାଟାଆତାନ୍ ।” ହେବେଣ୍ଡ୍ରାଂ ହେୱାର୍ ୱାରି କିଦେଙ୍ଗ୍ ଲାଗାତାର୍ ।
୨୫ “ଏଚେକାଡ଼୍‌ଦ ତା ଗାଜାକାନ୍ ମେହି ତାସ୍ ବାହାତ ମାଚାନ୍ । ହେୱାନ୍ ଏଚେକାଡ଼୍‌ଦ ୱାଜି ଇଲ୍ ଲାଗେ ଏକାୱାତାନ୍, ହେୱାଡ଼ାଂ ବାଜା ଆରି ଏନ୍ଦିନି ଗାଜ୍ରାନାକା ୱେନ୍‌ଞ୍ଜି,
୨୬ ଆଡ଼ିୟାରିଂ ବିତ୍ରେ ରୱାନିଂ ଲାଗେ କୁକ୍‌ଚି ହେ ସବୁ ଇନାକା ଇଞ୍ଜି ୱେନ୍‌ବେଦେଂ ଲାଗାତାନ୍ ।”
୨୭ ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, “ନି ଟଣ୍ଡେନ୍ ୱାତାନ୍ନା, ଆରେ ମି ଆବା ହେୱାନିଂ ହାର୍‌ଦି ଗାଗାଡ଼୍‌ତ ଗାଟା ଆତିଲେ ଦୁମାଟି ଅହ୍‌ରି ଅସ୍ତାନ୍ନା ।”
୨୮ ହେବେତାଂ ହେୱାନ୍ ରିସା ଆଜି ବିତ୍ରେ ହାଞ୍ଜେଙ୍ଗ୍ ମାନ୍ କିୱାତାନ୍, ମାତର୍ ହେ ଲାତ୍ରାହି ବାର୍ତୱାଜି ତାଙ୍ଗେଙ୍ଗ୍ ବେସି ଗୱାରି କିଦେଙ୍ଗ୍ ଲାଗାତାନ୍ ।
୨୯ ମତର୍ ହେୱାନ୍ ଆବାଂ ଉତର୍ ହିତାନ୍, ହୁଡ଼ା ଏଚେକ୍ ବାର୍ହୁ ଆତାତ୍ ଆନ୍ ନିଙ୍ଗେଙ୍ଗ୍ ଆଡ଼ିଏନ୍ ଲାକେ କାମାୟ୍ କିଜି ୱାନାଙ୍ଗା, ଆରେ ଇନାୱାଡ଼ାଂ ପାନି ବଲ୍ ଉଡ଼ା ଆୱାତାଂନା, ଆତିସ୍‌ପା ନା ହାଙ୍ଗ୍‌ଦାକାର୍ ହୁକେ ୱାରି କିଦେଙ୍ଗ୍ ଏନ୍ ନାଙ୍ଗେଙ୍ଗ୍ ଇନାୱାଡ଼ାଂପା ଅଡା ହିମ୍‌ଣା ରଞ୍ଜାଙ୍ଗ୍ ହିଦ୍‌ୱାତାୟ୍‌ନ୍ନା;

୩୦ ମାତର୍ ନି ଇ ଇମ୍ଣି କାଡ଼୍‌ଦେ ଦାରିୟାର୍ ହୁକେ ନିନ୍ଦାଂ ୱିଜୁ ଦାନ୍ ତିନ୍‌ଞ୍ଜି ଉପ୍ତାନ୍ନା, ଏଟେକାଡ଼୍‌ଦ ହେୱାନ୍ ୱାତାନ୍,
ହେ ଏଟେକାଡ଼୍‌ଦ ଏନ୍ ହେଦାଂ କାଜିଂ ଦୁମା ଅହ୍‌ରି ଅସ୍ତାୟ୍ ।
୩୧ ହେବେଣ୍ଡାଂ ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, "ବପାହୟ୍, ଏନେଙ୍ଗ୍‌ତ ସବୁୱେଡ଼ାଙ୍ଗ୍ ନା ହୁକେ ମାନାୟା, ଆରେ ଇନାକା
ସବୁ ନାଦାଂ, ହେ ସବୁ ନିନ୍ଦାଂ;
୩୨ ମାତର୍ ଇୱାନ୍ ଜେ ନି ଟଣ୍ଡେନ ହାଜି ମାଚାନ୍, ଆରେ ରଗ ଜିତାନ୍, ଜାଙ୍ଗ୍‌ଜି ମାଚାନ୍, ଆରେ ଗାଟାଆଡ଼୍‌ତାନ୍, ହେଦାଂ
କାଜିଂ ବଜି ଆରି ୱାରି କିନାକା ମାଚାଡ଼୍ ।"

# ୧୬

## ଚାତୁର୍ ହଲିୟାହି

୧ ଜିସୁ ଚେଲାରିଂ ପା ଇଚାନ୍, "ର ମାଜାନ୍ ମାନାୟ୍ ମାଚାନ୍, ତାଙ୍ଗେଙ୍ଗ୍ ରକାନ୍ ଗୁମୁସ୍ତା ମାଚାନ୍, ଆରେ ହେୱାନ୍ ହେ
ଦାନ୍ କାରାପ୍ କିନାନା ଇଞ୍ଜି ହେଦାଂ ବିସ୍ରେ ୱେନ୍‌ଞ୍ଜି ହେୱାନ୍ ହେୱେନିଂ ହିର୍‌ବିସ୍ ଇଚାନ୍,
୨ ଆନ୍ ମି ବିସ୍ରେ ଇଦାଂ କି କାତା ୱେନାଙ୍ଗା ?" ନି ଗୁମୁସ୍ତା କାମାୟ୍ ନି ଇସାବ୍ ହିଦା ଇନେକିଦେଂ ଏନ୍ ଆରି ଗୁମୁସ୍ତା
ଆଜି ମାଞ୍ଜେଙ୍ଗ୍ ଆଡୁୟ୍ ।
୩ ହେବେତାଂ ହେ ଗୁମୁସ୍ତା ମାନେ ମାନେ ଇଚାନ୍, ଇନାକା କିନାଙ୍ଗ୍ ? ନା ମାପ୍ରୁ ତ ନା ତାକେଣ୍ଡାଂ ଗୁମୁସ୍ତା ପାଦ୍ ପିହି କିଜି
ଅନାନା । ଚିକ୍‌ଲା କାଦ୍‌ଦେଂ ନା ସାକ୍ତି ହିଲୁଡ଼୍, ଇସ୍‌ପିସ୍ ଚିଞ୍ଜେଙ୍ଗ୍ ନାଙ୍ଗେଙ୍ଗ୍ ଲାଜୁ ହଡ଼୍‌ନାତା ।
୪ ଆନ୍ ଗୁମୁସ୍ତା ପାଦ୍‌ତାଙ୍ଗ୍ ପିସ୍ତି ପାଚେ ଲକୁ ଇନେସ୍‌କି ନାଙ୍ଗେଙ୍ଗ୍ ଜାର୍ ଜାର୍ ଇଞ୍ଜ ମାନ୍‌କିଦ୍‌ନାର୍, ଇଦାଂ କାଜିଂ ଇନାକା
କିନାଙ୍ଗ୍, ହେଦାଂ ବୁଜା ଆନାଙ୍ଗା ।
୫ ଆରି, ହେୱାନ୍ ଜାର୍ ମାପ୍ରୁତି ୱିଜାକାରିଂ କାତକ୍‌ତିଂ ଲାଗେ ହିର୍‌ବିସ୍ ପର୍ତୁମ୍ ରକାନିଂ ଇଚାନ୍, "ମି ଜପି ନାମାପ୍ରୁତି ରୁଣ୍
ଅତାୟ୍‌ନା ? ଏଟେକ୍ ଚିକାଣ୍ ? ହେୱାନ୍ ଇଚାନ୍, ପାଞ୍ଜକଡ଼ି ମାଣ୍ ଚିକାଣ୍ ।"
୬ ହେୱାନ୍ ଇଚାନ୍, "ସହେ ସିପା ଚିକାଣ୍ । ବେବାର୍ କିନାକାନ୍ ଇଚାନ୍, ଇଦାଂ ନି କାଗଜ୍, ଇବେ ପଚାସ୍ ଇଞ୍ଜି
ଲେକିକିୟା ।
୭ ତା ପାଚେ ହେୱାନ୍ ଆରେ ରକାନିଂ ଇଚାନ୍, ଏନ୍ ଏଟେକ୍ ରୁଣ୍ ଅତାୟ୍‌ନା ?" ହେୱାନ୍ ଇଚାନ୍, "ପାଞ୍ଜକଡ଼ି ମାଣ୍ ଗହ୍ମ୍
। ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, ମି ଲେକିକିତି କାଗଜ୍ ଆସ୍ତି ଚାର୍‌କଡ଼ି ଇଞ୍ଜି ଲେକି କିୟା ।"
୮ ହେ ଅଦାମର୍ଗି ଗୁମୁସ୍ତା ବୁଦି ଲାହାଙ୍ଗ୍ କାମାୟ୍ କିଜିମ୍ମାନି କାଜିଂ ମାପ୍ରୁ ତାଙ୍ଗେଙ୍ଗ୍ ପାର୍ତାନା କିତାନ୍, ଲାଗିଂ ଇ ଜୁଗ୍‌ନି
ହିମ୍‌ଣାଂ ହେୱାର୍ ନିଜାର୍ ଜାତି ପାକ୍ୟାତ ଅଜଡ଼୍‌ନି ହିମ୍‌ଣାଙ୍ଗ୍ ବାଟା ଆଦିକ୍ ବୁଦିତି ।
୯ ଆନ୍ ପା ମିଙ୍ଗେଙ୍ଗ୍ ୱେଚାନାଙ୍ଗା, "ଅଦାମର୍ଗି ଦାନ୍ ଜାର୍ ଜାର୍ କାଜିଂ ସାଙ୍ଗ ଲାବ୍ କିୟା, ଇନେସ୍ ହେଦାଂ ୱିସ୍ତିସ୍
ହେୱାର୍ ମିଙ୍ଗେଙ୍ଗ୍ ୱିଜଡ଼ି ଇଞ୍ଜ ମାନ୍ କିୟାଆନାଦେର୍ ।
୧୦ ଇନେନ୍ ଅଲପ୍ ବିସ୍ରେ ପାତର୍ଗି କିନାକାନ୍, ହେୱାନ୍ ଆଦିକ୍ ବିସ୍ରେ ପା ପାତର୍ଗି ଆନାନ୍, ଆରେ ଇନେର୍ ଆଦିକ୍ ବିସ୍ରେ
ପାତର୍ଗି କିୱାକାନ୍ ହେୱାନ୍ ଆଦିକ୍ ବିସ୍ରେ ପା ପାତର୍ଗି କିଉନ୍ ।
୧୧ ଜଦି ଏପେଙ୍ଗ୍ ଅଦାମର୍ଗି ଦାନ୍‌ତ ପାତର୍ଗି ଆୱାତାଦେର୍, ଲାଗିଂ ଇନେର୍ ମିଙ୍ଗେଙ୍ଗ୍ ପାତର୍ଗି କିଜି ହାଡ଼୍‌ପା ଦାନ୍ ମି
କେଇଦ ସର୍‌ପି କିଦ୍‌ନାନ୍ ?
୧୨ ଆରେ, ଜଦି ଏପେଙ୍ଗ୍ ପାଚେନି ଦାନ୍ ବିସ୍ରେ ପାତର୍ଗି ଆୱାତାୟ୍‌ନା, ଲାଗିଂ ଇନେର୍ ମିଙ୍ଗେଙ୍ଗ୍ ମି ଜାର୍ ବିସ୍ରେ ହିଦ୍‌ନାର୍
?"
୧୩ "ଇମ୍‌ଣି ଆଡ଼ିୟା ରି ମାପ୍ରୁଙ୍ଗ୍ ହଲ୍ୟା ଆଦେଂ ଆଡୁନ୍; ଇନାକିଦେଂକି ହେୱାନ୍ ରକାନିଂ ଗିଣ୍ କିନାନ୍ ଆରି ବିନ୍ ଲଗାଂ
ଜିଉନନାନ୍, ଲାଗିଂ ରକାନ୍ କାଜିଂ କାର୍ମା ଆନାନ୍ ଆରି ବିନ୍ ରକାନିଂ ଆଲ୍‌ଗା କିନାନ୍ । ଏପେଙ୍ଗ୍ ଇସ୍ୱର୍ ଦାନ୍ ରିୟାର୍‌ତି
ଆଡ଼ିଏନ୍ ଆଦେଂ ଆଡୁନ୍ ।"

## ଜିସୁତି କେତେକ୍ କାତା

*(ମାତିଉ ୧୧:୧୨-୧୩; ୫:୩୧-୩୨; ମାର୍କ ୧୦:୧୧-୧୨)*

୧୪ ଇ କାତା ୱେନ୍‌ଞ୍ଜି ଦାନ୍‌ଲବ୍ ପାରୁସିର୍ ପା ଜିସୁଙ୍ଗ୍ ନିନ୍ଦାକିଦେଂ ଲାଗାତାର୍ ।
୧୫ ହେବେତାଂ ହେୱାନ୍ ହେୱାରିଂ ଇଚାନ୍, "ଇମ୍‌ଣାକାର୍ ଜାର୍ ଜାର୍‌ତିଂ ମାନାୟାର୍ କାଣ୍‌କୁକାଂ ଦାମର୍ଗି ଇଞ୍ଜି ଚଡ଼୍‌ନାର୍,
ଏପେଙ୍ଗ୍ ହେ ଲାଗ୍‌ଦି ମାନାୟ୍, ମାତର୍ ଇସ୍ୱର୍ ମିଦାଙ୍ଗ୍ ମାନ୍ ପୁନାନ୍; ଇନେକିଦେଂକି ଇନାକା ମାନାୟାର୍ ବିତ୍ରେ ଗାଜାଟି,
ହେଦାଂ ମାପ୍ରୁ କାଣ୍‌ଙ୍ଗାତ ଗିଣ୍ ।
୧୬ ✡ମସାତି ବିଦି ଆରେ ବେଣ୍‌ବାକ୍‌ଣାୟ୍‌କିନାକାର୍ ଦରମ୍ ସାସ୍ତର୍ ଜହନ୍ ପାତେକ୍ ହସିମାଚାଡ଼୍ ହେ ସମୁତାଂ ସାର୍ଗେ
ରାଜିନି ନେକ୍ରିକାବୁର୍ ସୁଣାୟ୍‌କିଦେଂ ଆନାତା, ଆରେ ୱିଜାର୍ ଲକ୍ ସାକ୍ତିତାଂ ହେବେ ହଣାରା ।
୧୭ ✡ ମାତର୍ ମସାତି ବିଦିନି ର ଟପା ବୁଡାଆନି ବାଟା ମତର୍ ବାଦାଡ଼୍ ଆରି ପୁତର୍ଗି ବୁଡାନାକା ଆଡ଼୍‌ୱା ।"

---

✡ **୧୬:୧୬** ମାତିଉ ୧୧:୧୨,୧୩. ✡ **୧୬:୧୭** ମାତିଉ ୫:୧୮.

୧୮ ✡“ଇନେର୍କି ଜାର୍ ଡକ୍ରିଂ ପିସ୍ତି ଆରେ ରଙ୍ଗେଲିଂ ବିବା ଆନାନ୍, ହେୱାନ୍ ଦାରି କିନାନ୍; ଆରି, ଇନେର୍ ଆଣ୍ତ୍ରେନ୍ କାଜିଂ
ପିସ୍ସି ଡକ୍ରିଂ ବିବା ଆନାନ୍, ହେୱାନ୍ ଦାରି କିନାନ୍ ।”

### ରୱାନ୍ ମାଜାନ୍ ଆରି ଲାଜାର୍

୧୯ “ର ମାଜାନ୍ ମାନାୟ୍ ମାଚାନ୍, ହେୱାନ୍ ମଲ୍ନି ହେନ୍ଦ୍ରା ଆପର୍ିସ୍ ବେସି ବିୱାହିଂ ୱିଜୁଦିନ୍ ତିନ୍ଞ୍ଜି ଉଣ୍ଜି ମାଚାନ୍;
୨୦ ମାତର୍ ତା ଦୁୱେର୍ କଚଣ୍ ଲାଜାର୍ ଇଞ୍ଜି ରୱାନ୍ ବିକାରି ମାନାୟ୍ ଗୁର୍ଜି ମାଚାନ୍, ତା ଗାଗାଡ୍‌ତ ଗାଅ ବାତର୍ି ଆଜି
ମାଚାଡ୍;
୨୧ ଲାଜାର୍ ହେ ମାଜାନ୍ ମାନାୟ୍ ଟେବୁଲ୍‌ତାଂ ଆର୍‌ନି ଜୁଟା ତିନ୍ଞ୍ଜି ପଟ ପାଞ୍ଜିକିଦେଂ ଆହା କିଜି ମାଚାନ୍; ଆରେ ନିକୁଡ଼ିଂ
ପା ୱାଜି ହେ ଗାଅ ୱିଜୁ ନାଙ୍ଗ୍ଞ୍ଜି ମାଚିଙ୍ଗ୍ ।
୨୨ ଦିନେକ୍ ହେ ବିକାରି ହାତାନ୍ ଆରି ଦୁତ୍‌ର୍ କାଜିଂ ଅବ୍ରାହାମ୍ ତାକେ ଡ୍ରକ୍ୟାଆତାନ୍; ପାଚେ ହେ ମାଜାନ୍ ମାନାୟ୍ ପା
ହାତାନ୍ ଆରେ ଦୁଗେର୍‌ତ ମୁଚ୍ୟା ଆତାନ୍ ।
୨୩ ଆରେ, ହେୱାନ୍ ନର୍କତ କଲ୍ ବଲ୍ ଆସ୍ତି ଜପି ହୁଡ଼୍‌ଜି ଦେହା ଅବ୍ରାହାମ୍ ଆରି ତା ଡ୍ରକ୍ୟାଆତାକା ଲାଜାର୍‌ତିଂ ହୁଡ଼୍‌ତାନ୍
।
୨୪ ହେବେତାଂ ହେୱାନ୍ ହିରିବିସ୍ ଇଚାନ୍, ଏ ଆବା ଅବ୍ରାହାମ୍, ନାଙ୍ଗେଙ୍ଗ୍ ଦୟା କିଜି ଲାଜାର୍‌ତିଂ ପକ୍‌ତା, ଇନେସ୍‌କି
ହେୱାନ୍ ଏଜୁଂ ତା ୱାଚ୍‌କାତାଂ ଟିପ୍ କୁଡ଼୍‌କ୍‌ଚି ନା ୱେଦୁଲ୍‌ତ ହିଡ୍‌ଡ଼ି କିଦେନ୍, ଇଚିସ୍ ଆନ୍ ଇ ନାଣିତ କଲ୍ ବଲ୍ ଅାନାଙ୍ଗା
।”
୨୫ ମାତର୍ ଅବ୍ରାହାମ୍ ଇଚାନ୍, “କାଡ଼୍‌ଦେ, ଏନ୍ ଜେ ଜିବୁନ୍ ମାନି ସମୁତ ନି ହାର୍ ବିସ୍ରେ ୱିଜୁ ପାୟା ଆତାୟ୍, ଆରେ
ଲାଜାର୍ ହେ ଲାକେ କାରାପ୍ ବିସ୍ରେ ୱିଜୁ ଗାଟାଆତାନ୍, ଇଦାଂ ମାନେ କିୟା; ମାତର୍ ନଙ୍ଗ୍ ହେୱାନ୍ ଇ ବାହାତ ଦୁକ୍‌ସାରାୟ୍
ପାୟାତାନ୍ନା, ଆରେ ଏନ୍ ନଙ୍ଗ୍ କଲ୍ ବଲ୍ ଆନାୟା ।
୨୬ ହେଦାଂ ପିସ୍ତି ମି ଆରି ମା ବିଡ୍ରେ ବେସିଗାଜା ଦେହା ମାନାଡ୍, ଇନେସ୍ ଇମ୍‌ଣାକାର୍ ଇ ବାହାତାଂ ମି ତାକେ ହାନି କାଜିଂ
ମାନ୍‌କିନାନ୍, ହେୱାର୍ ହାଞ୍ଜେଙ୍ଗ୍ ଆଡୁର୍, କି ଆରି ହେ ବାହାତାଂ ଇନେର୍ ମା କଚଣ୍ ନାସି ୱାଦେଙ୍ଗ୍ ଆଡୁର୍ ।”
୨୭ ହେବେତାଂ ହେୱାନ୍ ଇଚାନ୍, “ଏ ଆବା ତା ଆତିସ୍ ଆନ୍ ନିଙ୍ଗେଙ୍ଗ୍ ଗୱାରି କିଦ୍‌ନାଙ୍ଗା, ହେୱାନିଂ ନା ଆବା ଇଲ୍‌ତ
ପକ୍ତାନାୟ୍,
୨୮ ଇନାକିଦେଂକି ନା ପାଞ୍ଚ୍‌ଜାଣ୍ ଟଣ୍ତାର୍ ମାନାର୍; ହେୱାର୍ ପା ଇନେସ୍‌କି ଇ ବାଦା ବାହାତ ୱାଉର୍, ହେଦାଂ କାଜିଂ
ହେୱାନ୍ ହେୱାର୍ କଚଣ୍ ସାକି ହିନାଦେର୍ ।”
୨୯ ମାତର୍ ଅବ୍ରାହାମ୍ ଇଚାନ୍, “ହେୱାର୍ କଚଣ୍‌ତ ମସା ଆରି ବେଣ୍‌ବାକ୍‌ଣାୟ୍ କିନାକାର୍ ଦରମ୍ ସାସ୍ତର୍ ମାନାଡ୍,
ହେୱାଦେର୍ ହେୱାର୍ କାତା ୱେନାଟ୍ ।”
୩୦ ହେବେତାଂ ହେୱାନ୍ ଇଚାନ୍, “ଏ ଆବା ଅବ୍ରାହାମ୍, ହେଦାଂ ସାରି ଆକାୟ୍, ମତର୍ ଜଦି ହାତିମୋନାୟ୍ କଚଣ୍‌ତାଂ
ରକାନ୍ ହେୱାର୍ କଚଣ୍‌ତ ହାନାନ୍, ଏଲେଙ୍ଗ୍‌ଚି ହେୱାର୍ ମାନ୍‌ବାଦ୍‌ଲାୟ୍ କିନାର୍ ।”
୩୧ ମାତର୍ ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, “ଜଦି ହେୱାର୍ ମସା ଆରି ବେଣ୍‌ବାକ୍‌ଣାୟ୍‌କିନାକାର୍ କାତା ୱେନ୍‌ୱାତାର୍‌ଚି,
ଏଲେଙ୍ଗ୍‌ଚି ହାତିମାନାୟ୍‌ତାଂ ପା ରୱାନ୍ ମୁକ୍‌ଡ଼ା ଆଜି ହାଚିସ୍ ପା ହେୱାର୍ ପାତର୍ି କିଉର୍ ।”

## ୧୭

### ପାପ୍
*(ମାତିଉ ୧୮:୬-୭; ୨୧–୨୨; ମାର୍କ ୯:୪୨)*

୧ ଜିସୁ ତା ଚେଲାହିରିଙ୍ଗ୍ ଇଚାନ୍, ଇମ୍‌ଣି ସବୁ ବାଦା ହୁକେ ମାନାୟ୍ ପାପ୍‌ତ ଆର୍‌ନାନ୍ ହେ ୱିଜୁ “ହାଡ୍‌ପା ୱାନାନ୍; ଜେ
ଇ ସବୁନି କାରଣ୍ ଆନାଡ୍, ତା ହାରିହାରା ଦସା ବେସି ବୟଙ୍କାର୍ ।
୨ ଇ ହାରୁକାର୍ ବିଡ୍ରେତାଂ ରକାନ୍‌ନିଙ୍ଗ୍ ବାଦା ଆନି ବାଟା ଇଚିସ୍ ତା ଗାଡେଲ୍‌ତ ର ଜାତା କାଲ୍ ଡ଼ଇ କିଜି ହେୱାନିଂ
ହାମ୍‌ଦୁର୍‌ତ ତୁସି ହିନାକା ଇଚିସ୍ ତା କାଜିଂ ହାର୍ ଆତାମ୍ା ।
୩ ✡ଲାଗିଂ, ଏପେଙ୍ଗ୍ ଜାର୍ ଜାର୍ କାମାୟ୍‌ତ ବିସ୍ରେ ଜାଗ୍ରତ୍ ଆଜି ମାନାଟ୍ ।”
“ଜଦି ମି ଟଣ୍ତେନ୍ ପାପ୍ କିତିସ୍, ଲାଗିଂ ହେୱାନିଂ ଗଡ଼୍ କିୟାଟ୍, ଆରେ ହେୱାନ୍ ଜଦି ମାନ୍‌ବାଦ୍‌ଲାୟ୍ କିତିସ୍, ଲାଗିଂ
ହେୱାନିଂ କେମା ହିୟାଟ୍ ।
୪ ପାଚେ, ଜଦି ହେୱାନ୍ ଦିନେକ୍ ବିଡ୍ରେ ସାଡ୍ ହଟ୍ ମି ବିରୁତ୍‌ତ ପାପ୍ କିତିସ୍ ଆରି ସାଡ୍ ହଟ୍ ମି ତାକେ ୱାଜି ଆନ୍
ମାନ୍‌ବାଦ୍‌ଲାୟ୍ କିନାଙ୍ଗା ଇଞ୍ଜି ଇନାନ୍, ଲାଗିଂ ହେୱାନିଂ ଏପେଙ୍ଗ୍ କେମା ହିୟାଟ୍ ।”

### ନି ପାତର୍ି କିନାକା ବେସି ଆଟ୍‌ୱା

୫ ହେବେଣ୍ତାଂ ପକ୍ୟାତାକାର୍ ମାପୁଙ୍ଗ୍ ଇଚାର୍, “ମା ପାତର୍ି ବାଡାୟ୍ କିୟା ।”

---

✡ **୧୬:୧୮** ମାତିଉ ୫:୩୨; ୧ କରନ୍ତିୟ ୭:୧୦,୧୧. ✡ **୧୭:୩** ମାତିଉ ୧୮:୧୫.

୬ ମାପ୍ରୁ ଇଚାନ୍, “ଜଦି ର ହାର୍‌ହୁ ମାଞ୍ଜି ଲାକେ ମିଦାଙ୍ଗ୍ ପାତର୍ ମାଚିସ୍, ତା ଆଡିସ୍ ଇ ତୁତ୍‌ୱା ମାର୍‌ଦିଙ୍ଗ୍ ଏନ୍ ଦଲ୍‌ଦାଂ
ଉଟ୍‌କା ଆଜି ହ଼ାମ୍‌ଦୁର୍‌ତ ରୁଜ୍‌ୟା ଆଡ ଇଞ୍ଜି ଇଚିସ୍ ହେଦାଂ ମି ବଲ୍ ମାନିକିନାତ୍ ।”

### ରୱାନ୍ ହାର୍‌ଦିହଲ୍ୟା କାମାୟ୍

୭ “ମାତର୍ ମି ବିତ୍ରେ ଏଲେଙ୍ଗ୍ ମାନାୟ୍ ଇନେନ୍ ମାନାନ୍, ଇନେର୍ ଆଡ଼ିୟାଏନ୍ ଆଡ଼୍ ବୁଲାଇ କିଜି କ଼ି ମେଣ୍ଢାଂ ହାରାୟ୍
କିଜି ୱ଼ାଡିସ୍ ହେୱାନ୍ ତାଙ୍ଗ୍ ଇନାନ୍, ଇ ଦାପ୍ରେ ୱାଜି କ଼ୁଚ୍‌ଚି ତିନା ?”
୮ ହେୱାନ୍ ଇନାକା ହେୱାନିଂ ଇନୁନ୍, “ନା ତିନାକା ଜାଲ୍‌ଦି କିୟା, ଆରେ ଆନ୍ ତିଞ୍ଜି ଉଣ୍‌ଜି ୱିହ୍‌ୱି ପାତେକ୍ ନା ହେବା
କିୟା, ତା ପାଚେ ଏନ୍ ତିନାୟ୍ ଉଣାୟ୍ ?”
୯ ଆଡ଼ିୟା ବଲ୍ କାମାୟ୍ ଇନାକା ହେୱାନିଂ ଜୁୱାର୍ କିନାନ୍ ?
୧୦ ହେ ଲାକେ ଏପେଙ୍ଗ୍‌ପା ବଚନ୍‌ତାଂ ୱିଜୁ କ଼ାମାୟ୍ କିତିପାଚେ ଇନାଟ୍, “ଆପେଂ ପୁନ୍‌ୱି ଆଡ଼ିୟାକାପ୍, ଇନା କାମାୟ୍
କିନାକା ହେଦାଂ କେବଲ୍ କିତାପ୍‌ନ୍ନା ।”

### ଜିସୁ ଦସଜାଣ୍‌ତିଂ ଗାଜା ରଗ୍ୟାରିଂ ଉଜ୍ କିତାନ୍

୧୧ ଜିସୁ ଜିରୁସାଲମ୍‌ତ ହାନିୱାଡ଼ାଲିଂ ସମିରଣ୍ ଆରି ଗାଲିଲି ମାଦିତିଂ ହାଲ୍‌ଜି ମାଚାନ୍ ।
୧୨ ଆରେ, ହେୱାନ୍ ଇମ୍‌ଣି ର ନାସ୍‌ତ ହଟାନ୍, ଦସଜାଣ୍ ଗାଜା ରଗ୍ୟାର୍ ହେୱାନ୍ ହୁକେ ବେଟା ଆତାର୍;
୧୩ ହେୱାର୍ ଦେହା ନିଲ୍‌ଚିପା ଗାଜାକାଟ୍‌ତାଂ ଇଚାର୍, “ଏ ଜିସୁ, ଗୁରୁ, ମା ଦୟା ହୁଡ଼୍‌ଦା ।”
୧୪ ପାଚେ ଜିସୁ ହେୱାରିଂ ହୁଡ଼୍‌ଜି ଇଚାନ୍, “ଏପେଙ୍ଗ୍ ହାଲ୍‌ଜି ଜାର୍ ଜାର୍‌ତିଂ ମାପ୍ରୁହେବାକିନାକାରିଂ ଚଚାଟ୍ ।”
ଆରେ ହେୱାର୍ ହାଲୁ ହାଲୁ ସକଟ୍ ଆତାର୍ ।
୧୫ ମାତର୍ ହେୱାର୍ ବିତ୍ରେ ରକାନ୍ ଜାର୍‌ତି ଉଜ୍ ଆନାକା ହୁଡ଼୍‌ଜି ଗାଜା କାଟ୍‌ତାଂ ଇସ୍ୱର୍ ଗୁଣ୍ କେର୍‌ଜି କେର୍‌ଜି ଲେଉଟା
ଆଜି ୱ଼ାଜି,
୧୬ ଜିସୁତି କାଲ୍‌କୁ ତାରେନ୍ ଗୁର୍‌ଜି ହେୱାନିଂ ଜୁୱାର୍ କିଦେଙ୍ଗ୍ ଲାଗାତାନ୍; ହେୱାନ୍ ରକାନ୍ ସମିରଣିୟନି ମାନାୟ୍ ।
୧୭ ହେବେ ଜିସୁ ଉତର୍ ହିତାନ୍, “ଦସଜାଣ୍ ଇନାକା ସକଟ୍ ଆୱାତାର୍ଣ୍ଣା ? ଲାଗିଂ ଆରେ ନଅଜାଣ୍ ଇମେର୍ ?
୧୮ ଲାଗିଂ ଆରେ ନଅ ଜାଣ୍ ଇମେର୍ ? ଇସ୍ୱର୍‌ତିଂ ଜାଜ୍‌ମାଲ୍ କିନି କାଜିଂ ଇ ପାତର୍ କିୱି ଜିହୁଦି ଲକ୍‌ତିଂ ପିସ୍ତି ଆରେ
ଇନେର୍ ମାସ୍‌ଦି ୱାତାର୍ ?”
୧୯ ଆରେ, ଜିସୁ ହେୱାନିଂ ଇଚାନ୍, “ନିଙ୍ଗ୍‌ଜି ହାଲା, ନି ପାତର୍ ନିଙ୍ଗେଙ୍ଗ୍ ଉଜ୍ କିତ୍‌ତାତ୍‌ନ୍ନା ।”

### ଇସ୍ୱତର୍ ରାଜି ୱାନାତା

*(ମାତିଉ ୨୪:୨୩-୨୮; ୨୮:୨୦)*

୨୦ ଇସ୍ୱର୍ ମାପ୍ରୁତି ରାଜି ଇନାୱାଡ଼ାଂ ୱାନାତା, ଇ ବିସ୍ରେ ପାରୁସିର୍ ହେୱାନିଂ ୱେନ୍‌ବିତିଲେ ହେୱାନ୍ ହେୱାରିଂ ଉତର୍
ହିତାନ୍, “ଇସ୍ୱତର୍ ରାଜି ହୁଡ଼୍‌ନାକା ଲାକେ ୱାଉତ୍;
୨୧ ମାତର୍ ହୁଡ଼ାଟ୍, ଇବେ କି ହାବେ ଇଞ୍ଜି ମାନାୟାର୍ ଇଞ୍ଜୁର୍ ଇନାକିଦେଂକି ହୁଡ଼ାଟ୍, ଇସ୍ୱତର୍ ରାଜି ମି ବିତ୍ରେ ମାନାତ୍
।”
୨୨ ମାତର୍ ଜିସୁ ହେୱାନ୍ ଚେଲାହିରିଂ ଇଚାନ୍, “ଏଲେଙ୍ଗ୍‌ବାତର୍ ସମୁ ୱାନାତ୍, ଏଚେକାଡ଼୍‌ଦ ଏପେଙ୍ଗ୍ ମାନାୟ୍ ମାଜି
ଦିନ୍‌କୁ ବିତ୍ରେ ର ଦିନ୍ ହୁଡ଼୍‌ଦେଂ ଇଚା କିନାଦେର୍, ମାତର୍ ହୁଡ଼୍‌ଦୁଦେର୍ ।”
୨୩ ହୁଡ଼ା, “ହେବେ, ହୁଡ଼ାଟ୍” ଇବେ ଇଞ୍ଜି ମାନାୟାର୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାର୍, ମାତର୍ ଏପେଙ୍ଗ୍ ହାଲ୍‌ମାଟ୍ ।
୨୪ ଇନାକିଦେଂକି ବିଜ୍‌ଲି ଇଡ଼୍‌ଜି ଇନେସ୍ ବାଦାଡ଼୍‌ତ ର ପାଡ଼୍‌କାତାଂ ଆର ପାଡ଼୍‌କା ପାତେକ୍ ଅଜଡ଼୍ ହିନାତ୍, “ମାନାୟ୍
ମାଜି ହେ ଦିନ୍ତ ହେ ଲାକେ ଚଞ୍ଜ୍ୟାୟାନାନ୍ ।
୨୫ ମାତର୍ ପର୍ତୁମ୍ ହେୱାନ୍ ବେସି ଦୁକ୍‌ବଗି କିନାନ୍ ଆରି ଇ ଜୁଗ୍‌ତ ଲକୁ ତାଙ୍ଗ୍ ମୁନାକିନାର୍ ।
୨୬ ଆରେ, ନହ ୱେଡ଼ାଲିଂ ଇନେସ୍ ଗିଟା ଆଜି ମାଚାତ୍, ମାନାୟ୍ ମାଜି ୱେଡ଼ାଲିଂ ପା ହେ ଲାକେ ଗିଟା ଆନାତ୍;
୨୭ ଜାଜ୍‌ତ ନହତି ହଣି ୱେଡ଼ାଲିଙ୍ଗ୍ ଦିନ୍ ପାତେକ୍ ମାନାୟାର୍ ଚିନ୍‌ଜିଉଣ୍‌ଜି ଆରି ବିବା ଆନାକା ଆରି ବିବା ଆଦେଂ
ଲୟା ମାଚାର୍ କେ, ଲୁକ୍‌ନାକା ୱାଜି ୱିଜାକାରିଂ ନାସ୍ କିତାତ୍ ।”
୨୮ ଲଟ ୱେଡ଼ାଲିଂ ପା ହେ ଲାକେ ଗିଟା ଆଜି ମାଚାତ୍, ଲକୁ ତିନାଉଣାକା, କଡ଼୍‌ନାକା ପ୍ରନାକା, ମାର୍‌କୁ ରୁଜ୍‌ନାକା, ଆରି
ଇଲ୍ ରଚ୍‌ଚେଂ ଲୟା ଆଜି ମାଚାର୍,
୨୯ ମାତର୍ ଲଟ ସଦମ୍‌ତାଂ ହସି ହାନି ଦିନ୍ ସାର୍ଗେତାଂ ନାଣି ଆରି ଗନ୍ଧକ୍ ବାର୍‌ହା ଆଜି ୱିଜାକାରିଂ ନାସ୍‌କିତାତ୍ ।
୩୦ ମାନାୟ୍ ମାଜି ଚଞ୍ଜିୟାଆନି ଦିନ୍ ହେ ଲାକେ ଗିଟା ଆନାତ୍ ।
୩୧ ✡“ହେ ଦିନ୍ ଜେ ଇନେର୍ ଜେଗନ୍ ଜପି ମାଚିସ୍, ହେୱାନ୍ ଇଲ୍ ବିତ୍ରେ ମାନି ଜାର୍ ଆଡ଼୍‌ମାଡ଼୍ ଅନି କାଜିଂ ଜୁଜି ୱ଼ାମେନ୍;
ହେ ଲାକେ ଜେ ବୁଇଁତାକେ ମାଚିସ୍, ହେୱାନ୍ ଲେଉଟି ଆଜି ହ଼ାଲ୍‌ମେନ୍ ।

---

✡ **୧୭:୩୧** ମାତିଉ ୨୪:୧୭,୧୮; ମାର୍କ ୧୩:୧୫,୧୬.

୩୨ ଲଟଟି ଡକ୍ରି କାତା ଏତୁ କିୟାଟ୍ ।
୩୩ ✡ଇନେର୍ ଜାର୍ ଜିବୁନ୍ ବାଚାୟ୍ କିଦେଙ୍ଗ୍ ସେସ୍ଟା କିନାନ୍, ହେୱାନ୍ ହେଦାଂ ଆରାୟ୍ କିନାନ୍, ଆରେ ଇନେର୍ ଜାର୍
ଜିବୁନ୍ ଆରାୟ୍ କିନାନ୍, ହେୱାନ୍ ହେଦାଂ ବାଚାୟ୍‌କିନାନ୍ ।
୩୪ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ହେ ନାଣା ରିକାର୍ ର ଟାଟିତ ମାନ୍‌ଙ୍ଗାନାର୍, ରକାନିଂ ଇଟିୟା ଆନାଡ୍ ଆରି ବିନ୍ ଲଗାଂ
ପିହ୍ୟା ଆନାଡ୍ ।
୩୫ ରିଣ୍ଡେକ୍ କଗ୍‌ଲେକ୍ ର ଜାତାତ ନୁସ୍‌ଦି ମାନିକ୍, ରଞ୍ଜିଲିଂ ଇଟିୟା ଆନାଡ୍ ଆରି ରଞ୍ଜିଲିଂ ପିହ୍ୟାନାଡ୍ ।
୩୬ ରିକାର୍ ଜମିତାକେ ମାଚିସ୍, ରକାନିଂ ଇଟିୟା ଆନାଡ୍ ଆରି ରକାନିଂ ପିହ୍ୟାନାଡ୍ ।"
୩୭ ହେବେଣ୍ଡାଂ ଚେଲାର୍ ହେୱାନିଂ ଉତର୍ ହିତାର୍, "ଏ ମାପ୍ରୁ, ଇମେତାକେ ?"
ଜିସୁ ହେୱାରିଂ ଇଚାନ୍, "ଇମେତାକେ ମାଡ଼ା, ହେବେ ରାମାଣିଙ୍ଗ୍ ପା ରୁଣ୍ଡା ଆନିକ୍ ।"

# ୧୮

## ରାଣ୍ଡି ଆରି ବିଚାର୍ କିନାକାନ୍ତି କାତା

୧ ୱାହ୍‌ୱାଦାଂ ତାୟ୍‌ନାଡ୍ ପାର୍ତାନା କିନାକା ଜେ ମାନାଡ୍, ଇ ବିସ୍ରେ ହେୱାନ୍ ହେୱାରିଂ ଉତର୍‌ମୁଡ୍ ହିଜି ଇଚାନ୍,
୨ "ର ଗାଡ଼୍‌ଦ ରୱାନ୍ ବିଚାର୍‌କିନାକାନ୍ ମାଚାନ୍, ହେୱାନ୍ ଇସ୍ୱର୍‌ତିଂ ପାଣ୍ଡ୍ରା ଆୱାଦାଂ ମାଚାନ୍ କି ମାନାୟ୍‌ତିଂ
ମାନିକିୱାଦାଂ ମାଚାନ୍ ।
୩ ହେ ଗାଡ଼୍‌ଦ ରଞ୍ଜେଲ୍ ରାଣ୍ଡି ମାଚାଡ୍, ହେଦେଲ୍ ଚାନେକ୍ ଚାନେକ୍ ହେୱାନ୍ ତାକେ ହାଲ୍‌ଜି ଇଞ୍ଜି ମାଚାଡ୍, ନା
ଅନ୍ୟାୟ୍‌ରିଂ ବିଚାର୍ କିୟା ।"
୪ ଆରେ, ହେୱାନ୍ ଏଚେକ୍ ୱେଡ଼ାପାଡେକ୍ ରାଜି ଆୱାଦାଂ ମାଚାନ୍, ମାତର୍ ପାଚେ ହେୱାନ୍ ମାନେ ମାନେ ଇଚାନ୍,
ଆତିସ୍‌ପା "ଆନ୍ ଇସ୍ୱର୍‌ତିଂ ପାଣ୍ଡ୍ରା ଆଉଙ୍ଗ୍ କି ମାନ୍‌ୟାରିଂ ମାନି କିଉଙ୍ଗ୍,
୫ ଆତିସ୍‌ପା ଇ ରାଣ୍ଡି କଗ୍‌ଲେ ନାଙ୍ଗେଙ୍ଗ୍ କସ୍ଟ ହିଦ୍‌ନି କାଜିଂ ଆନ୍ ହେଦାଂ କାଜିଂ କିତି ଅନ୍ୟାୟ୍ ସବୁ ବିଚାର୍ କିନାଙ୍ଗ୍,
ନଲେ ହେଦେଲ୍ ସବୁୱେଡ଼ାଙ୍ଗ୍ ୱାଜି ନାଙ୍ଗ୍ ତାନ୍ଦ୍ରା କିଦ୍‌ନାଡ୍ ।"
୬ ହେବେଣ୍ଡାଂ ମାପ୍ରୁ ଇଚାନ୍, "ଇ ଅଦାମର୍ ବିଚାର୍‌କିନାକାନ୍ ଇନାକା ଇନାନ୍ନା, ହେଦାଂ ୱେନା ।
୭ ଲାଗିଂ ଇସ୍ୱର୍‌ତିଂ ଇମ୍‌ଣି ବାଚିକିତି ଲକାର୍ ୱେଡ଼ା ନାଣା ହେୱାନିଂ କୁକ୍‌ଚି ମାନାର୍, ହେୱାନ୍ କି ହେୱାର୍ କିତି କାମାୟ୍
ଅନ୍ୟାୟ୍ ବିଚାର୍ କିଉନ୍ ଆତିସ୍‌ପା ହେୱାନ୍ ହେୱାର୍ ସତ୍ରୁରୁର୍ କାଜିଂ ବେସି ଦାମର୍ ଆନାନ୍ ?
୮ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ହେୱାନ୍ ବେଗି ହେୱାର୍ କିତି କାମାୟ୍ ଅନ୍ୟାୟ୍ ବିଚାର୍ କିନାନ୍ । ମାତର୍ ମାନାୟ୍ ମାଜି
ୱାଜି ପୁତର୍ତ ଇନାକା ପାତର୍ ହୁଡ଼୍‌ନାନ୍ ?"

## ପାରୁସିର୍ ଆରି ଏନ୍‌ନାକାର୍ ଉତର୍‌ମୁଡ୍

୯ ଜାର୍ ଜାର୍‌ତିଂ ଦାମର୍ ମାନେ କିଜି ଆଲ୍‌ଗା ୱିଜାକାରିଂ ଲାଜ୍‌କୁଇ କିନାକାର୍ କେତେକ୍ ଜିବୁନ୍‌ତ ପାତର୍ ଲଗାଂ ଜିସୁ
ଇ ଉତର୍‌ମୁଡ୍ ପା ୱେଚ୍‌ଚାନ୍,
୧୦ "ରିକାର୍ ମାନାୟ୍ ପାର୍ତାନା କିନି କାଜିଂ ମନ୍ଦିର୍‌ତ ହାଚାର୍, ରକାନ୍ ପାରୁସି ଆରି ଆରେ ରକାନ୍ ସିସ୍ତୁ ଏନ୍‌ନାକାନ୍ ।
୧୧ ପାରୁସି ନିଲ୍‌ଚିପା ଜାର୍ ଲାଗେ ଇ ଲାକେ ପାର୍ତାନା କିଦେଙ୍ଗ୍ ଲାଗାତାନ୍, ଏ ଇସ୍ୱର୍, ଆନ୍ ନିଙ୍ଗେଙ୍ଗ୍ ଜୁୱାର୍ ହିଦ୍‌ନାଙ୍ଗା
ଜେ ଆନ୍ ବିନ୍ ଲକୁଲାକେ ପାଣ୍ଡ୍ରୁକିନାକାଙ୍ଗ୍, ଅଦାମର୍, ନାଙ୍ଗ୍‌ରା କି ଇ ସିସ୍ତୁଏନ୍‌ନାକାନ୍ ଲାକେ ପା ଆକାୟ୍;
୧୨ ଆନ୍ ରଇବାର୍ ଦିନ୍‌ତିଂ ରିହା ଉପାସ୍ କିନାଙ୍ଗା ଆରି ନା ୱିଜୁ କମାୟ୍‌କିତି ଦାନ୍ ଦସ୍ ବାଗ୍ ଦାନ୍ ହିନାଙ୍ଗା"
୧୩ ମାତର୍ ସିସ୍ତୁଏନ୍‌ନାକାନ୍ ଦେହା ନିଲ୍‌ଚି ସାର୍ଗେସ୍ତ ହୁଡ଼୍‌ଦେଂ ପା ସାସ୍ କିୱାତାନ୍, ମାତର୍ ତା ନେଞ୍ଜେଡାକିତ ଇଡ଼୍‌ୟା
ଆଜି ଇଞ୍ଜେଙ୍ଗ୍ ଲାଗାତାନ୍, "ଏ ଇସ୍ୱର୍, ଆନ୍ ପାପି, ନାଙ୍ଗେଙ୍ଗ୍ ଦୟା କିଦା ।"
୧୪ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ହେୱାନ୍ ପାରୁସି ଆକାୟ୍ ମାତର୍ ହେ ସିସ୍ତୁଏନ୍‌ନାକାନ୍ ଦାମର୍ ଆଜି ଜାର୍ ଇଞ୍ଜ ହାଚାନ୍;
ଇନାକିଦେଂକି ଇନେର୍ ଜାର୍‌ତିଂ ଜପି ଇଞ୍ଜି ଚଞ୍ଜ୍ୟା ଆନାନ୍, ହେୱାନିଂ ତାରେନ୍ କିୟା ଆନାଡ୍, ମାତର୍ ଜେ ଜାର୍‌ତିଂ
ତାରେନ୍ କିନାନ୍, ହେୱାନିଂ ଉଚ୍ କିୟା ଆନାଡ୍ ।

## ଜିସୁ ହିମ୍‌ଣାକାଂ ଆସିର୍ବାଦ୍ କିତାନ୍

*(ମାତିଉ ୧୯:୧୩-୧୫; ମାର୍କ ୧୦:୧୩-୧୬)*

୧୫ ଜିସୁ ଇନେସ୍ ହିମ୍‌ଣାକାଂ ତୁନାନ୍, ଇଦାଂ କାଜିଂ ଲକୁ ହେୱାରିଂ ପା ହେୱାନ୍ ତାକେ ତାତେଙ୍ଗ୍ ଲାଗାତାର୍, ମାତର୍
ଚେଲାର୍ ହେଦାଂ ହୁଡ଼୍‌ଜି ହେୱାରିଂ ଦାକା ହିଦେଂ ଲାଗାତାର୍ ।
୧୬ ମାତର୍ ଜିସୁ ହେୱାରିଂ ଜାର୍ ଲାଗାଂ କୁକ୍‌ଚି ଇଚାନ୍, ହିମ୍‌ଣାକାଂ ନା କଚଣ୍‌ତ ୱାଦେଙ୍ଗ୍ ହିଆଟ୍, ଆରେ ହେୱାରିଂ
ମୁନା କିମାଟ୍, ଇନାକିଦେଂକି ମାପ୍ରୁତି ରାଜି ଏଲେଙ୍ଗ୍‌ବାତର୍ ହିମ୍‌ଣାଂ ।

✡ **୧୭:୩୩** ମାତିଉ ୧୦:୩୯; ୧୬:୨୫; ମାର୍କ ୮:୩୫; ଲୁକ ୯:୨୪; ଜହନ୍ ୧୨:୨୫.

୧୭ ଆନ୍ ମିଙ୍ଗେଙ୍ଗ୍ ହାଡ଼୍‌ପା ଇଞ୍ଜ୍‌ନାଙ୍ଗା, "ଇନେର୍ ହିମ୍‌ଣା ଲାକେ ଇସ୍ୱର୍‌ଁ ରାଜି ଇଟ୍‌ୱିତିସ୍, ହେୱାନ୍ ଇନେସ୍ କିଜିପ୍ଵା ହେବେ ହଣ୍ଡେଙ୍ଗ୍ ଆଡୁନ୍ ।"

## ରକାନ୍ ମାଜାନ୍ ମାନାୟ୍

*(ମାତିଉ ୧୯:୧୬-୩୦; ମାର୍କ ୧୦:୧୭-୩୧)*

୧୮ ରୱାନ୍ ଜିହୁଦି ନେତା ଜିସୁଙ୍ଗ୍ ୱେନ୍‌ବାତାନ୍, "ଏ ସତ୍ ଗୁରୁ, ୱିଜ୍‌ୱି ଜିବୁନ୍ ପାୟାନି କାଜିଂ ଆନ୍ ଇନାକା କିନାଙ୍ଗ୍ ?"
୧୯ "ହେବେଣ୍ଡାଂ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, ନାଙ୍ଗେଙ୍ଗ୍ ସତ୍ ଇଞ୍ଜି ଇନେକିଦେଂ ଇଞ୍ଜ୍‌ନାୟା ? ରକାନିଂ ପିସ୍ତି, ଇଚିସ୍,
ଇସ୍ୱର୍‌ତିଂ ପିସ୍ତି ଅଲ୍‌ଗା ଇନେର୍ ପା ହାର୍ ଆକାୟ୍ ।
୨୦ ବଲ୍‌କୁତ ଏପେଙ୍ଗ୍ ପୁଚାଦେର୍ଣ୍ଡା, ଦାରି କିମାଟ୍, ନାର୍ ଅହ୍‌ମାଟ୍, ଚର୍ କିମାଟ୍, ମିଚ୍‌ସାକି ହିମାଟ୍, ଜାର୍ ଆବା ଆୟାକାଂ
ଜିଉନ୍‌ୱାଟ୍ ।"
୨୧ ହେୱାନ୍ ଇଚାନ୍, "ଇଦାଂ ୱିଜୁ ଆନ୍ ବେଣ୍ଡିୟା ୱେଡ଼ାତାଂ ମାନିକିଜି ୱାନାଙ୍ଗା ।"
୨୨ ଜିସୁ ଇଦାଂ ୱେନ୍‌ଞ୍ଜି ତାଙ୍ଗେଙ୍ଗ୍ ଇଚାନ୍, "ନିନ୍ଦାଂ ଆରେ ରଞ୍ଜାଙ୍ଗ୍ ବିସ୍ରେ ଅଲପ୍ ମାନାଡ୍; ଏନ୍ ଜାର୍‌ତି ୱିଜୁ ପ୍ରସି
ହିଲ୍‌ୱାକାରିଂ ଦାନ୍ ବାଟାକିଜି ହିଆ, ଆରେ ଏନ୍ ସାର୍ଗେତାଂ ଦାନ୍ ପାୟା ଆନାୟ୍; ପାଚେ, ୱାଜି ନା ପାଚେ ପାଚେ ୱା ।"
୨୩ ମାତର୍ ହେୱାନ୍ ଇ ୱିଜୁ କାତା ୱେନ୍‌ଞ୍ଜି ବେସି ଦୁକ୍‌କିତାନ୍, ଇନାକିଦେଂକି ହେୱାନ୍ ବେସି ମାଜାନ୍ ମାଚାନ୍ ।
୨୪ ହେବେତାଂ ହେଦେଲ୍ ଦୁକ୍‌ଆନାକା ହୁଡ଼୍‌ଜି ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ଇନେର୍‌ତି ଦାନ୍ ମାନାଡ୍, ହେୱାର୍ କେତେ
କସ୍ଟତାଂ ମାପ୍ରୁ ରାଜିତ ହଣାର୍ ।
୨୫ ଇନାକିଦେଂକି ଇସ୍ୱର୍ ରାଜିତ ଦନିଲଗୁ ହଣିବାଟା ହୁଜାନି କାଣାତିଂ ଉଟ୍ ହଣାକା ଆଡ଼୍‌ୱା ।"
୨୬ ଇନେର୍ ଇ କାତା ୱେଚାର୍, ହେୱାର୍ ଇଚାର୍, "ଲାଗିଂ ଇନେର୍ ମୁକ୍ତି ପାୟା ଆଦେଂ ଆଡ଼୍‌ନାର୍ ?"
୨୭ ମାତର୍ ହେୱାନ୍ ହୁଡ଼୍‌ଜି ଇଚାନ୍, "ଇନାକା ମାନାୟ୍‌ତାକେ ଆଉତ୍, ହେଦାଂ ଇସ୍ୱର୍ ତାକେ ଆନାଡ୍ ।"
୨୮ ହେବେଣ୍ଡାଂ ପିତର୍ ଇଚାନ୍, "ହୁଡ଼ା ଆପେଙ୍ଗ୍ ଜାର୍ ଜାର୍‌ତି ୱିଜୁ ପିସ୍ତିପା ନି ପାଚେ ପାଚେ ୱାନାପା ।"
୨୯ ଜିସୁ ହେୱେରିଂ ଇଚାନ୍, "ଆନ୍ ମିଙ୍ଗେଙ୍ଗ୍ ହାଡ଼୍‌ପା ୱେଚ୍‌ନାଙ୍ଗା, ଇମ୍‌ଣି ମାନାୟ୍ ମାପ୍ରୁ ରାଜି କାଜିଂ ଇଲ୍ କି ଡକ୍ରି
ଟଣ୍ଡେନ୍ ଆବା ଆୟା ! ହିମ୍‌ଣାୱାକ୍‌ଡ଼ା ପିସ୍ତାର୍ଣ୍ଡା,
୩୦ ହେୱାର୍ ଇ କାଡ଼୍‌ଦ ବେସିଗୁଣ୍ ଆରି ପାଚେନି କାଡ଼୍‌ଦ ୱିଜ୍‌ୱି ଜିବୁନ୍ ପାୟା ଆଉନ୍, ଏଲେଙ୍ଗ୍‌ବାତ‌ଁ ମାନାୟ୍ ଇନେର୍
ହିଲୁର୍ ।"

## ଜିସୁ ତିନିହଟ୍ ହାନିକାତା ଇଚାନ୍

*(ମାତିଉ ୨୦:୧୭-୧୯; ମାର୍କ ୧୦:୩୨-୩୪)*

୩୧ ପାଚେ ହେୱାନ୍ ବାରଜାଣ୍ଡିଂ ବିନେ କିଜି ହେୱାରିଂ ଇଚାନ୍, "ହୁଡ଼ାଟ୍ ଆସେଙ୍ଗ୍ ଜିରୁସାଲମ୍‌ତ ହାନାସା, ଆରେ
ବେଣ୍‌ବାକ୍‌ଣାୟ୍‌କିନାର୍ ମାନାୟ୍ ମାଜି ବିତ୍ରେ ଇମ୍‌ଣି ୱିଜୁ ବିସ୍ରେ ଲେକା ମାନାଡ୍, ହେ ୱିଜୁ ଜିତାଆନାନ୍;
୩୨ ଇନାକିଦେଂକି ଜିସୁ ପାତ‌ଁକିୱି ଜିହୁଦିର୍ କେଇଦ ହିୟାଆନାନ୍, ଆରେ ହେୱାର୍ ତାଙ୍ଗେଙ୍ଗ୍ ଲାଜ୍‌କୁଇ କିନାର୍,
ହେୱାନିଂ ଗ୍ରେଚ୍‌ନାର୍ ହେୱାନ୍ ଜପି ଚୁପ୍‌ନାର୍ ।
୩୩ ହେୱେନିଂ କର୍‌ଡା ଡ଼ିଜି ଅହ୍‌ନାର୍, ଆରେ ତିନ୍‌ଦିନ୍ ପାଚେ ଆରେ ନିଂନାନ୍ ।"
୩୪ ମାତର୍ ହେୱାର୍ ଇ ୱିଜୁ ବିସ୍ରେ ଅଲପ୍‌ପା ବୁଜାଆୱାତାର୍, ଇ କାତା ହେୱାର୍‌ତାଂ ଡ଼ଗୁଜି ମାଚାଡ୍, ଆରି ଇନା ଇନାକା
ଇଞ୍ଜି ମାଚାନ୍, ହେ ୱିଜୁ ହେୱାର୍ ବୁଜାଆୱାଦାଂ ମାଚାର୍ ।

## ଜିସୁ ର କାଣାଙ୍ଗ୍ ଉଜ୍ କିତାନ୍

*(ମାତିଉ ୨୦:୨୯-୩୪; ମାର୍କ ୧୦:୪୬-୫୨)*

୩୫ ଜିସୁ ଜିରିହନି ଲାଗେ ଆନି ସମୁତ ର କାଣା ହାଜି ଗୁଟିତ କୁଚ୍‌ଚି ବିକ୍ୟା ଏନ୍‌ଚି ମାଚାନ୍ ।
୩୬ ହେୱାନ୍ ମାନାୟ୍ ହାନିହିଂ ଆଲି ୱେନ୍‌ଞ୍ଜି କାତା "ଇନାକା ଇଞ୍ଜି ୱେନ୍‌ବେଦେଂ ଲାଗାତାନ୍ ?"
୩୭ ହେୱାର୍ ତାଙ୍ଗେଙ୍ଗ୍ ଇଚାର୍, "ନାଜରିତିୟ ଜିସୁ ଇ ହାଜି ହିଜି ହାନାନ୍ନା ।"
୩୮ ହେବେଣ୍ଡାଂ କାଣା ଗାଜା କାଟ୍‌ତାଂ ଇଚାନ୍, "ଏ ଜିସୁ, ଦାଉଦ୍ ମାଜି, ନାଙ୍ଗେଙ୍ଗ୍ ଦୟା କିଦା ।"
୩୯ ମତର୍ ଆଗେ ହାଲ୍‌ଜି ମାଚି ମାନାୟାର୍ ହେୱାନିଂ ଚିମ୍‌ରା ଆଦେଂ ଦାକା କିଦେଙ୍ଗ୍ ଲାଗାତାର୍, ମତର୍ ହେୱାନ୍
ଆଦିକ୍ ଗାଜା କାଟ୍‌ତାଂ ଇଞ୍ଜେଙ୍ଗ୍ ଲାଗାତାନ୍, "ଏ ଦାଉଦ୍‌ତି ମାଜି, ନାଙ୍ଗେଙ୍ଗ୍ ଦୟା କିଦା ।"
୪୦ ହେବେତାଂ ଜିସୁ ନିଲ୍‌ଚି ହେୱାନିଂ ତା ଲାଗେ ତାତେଙ୍ଗ୍ ବଲ୍ ହିତାନ୍; ଆରେ, ହେୱାନ୍ ଲାଗାଂ ଏକିତିଲେ, "ହେୱାନ୍
ତାଙ୍ଗେଙ୍ଗ୍ ୱେନ୍‌ବାତାନ୍,"
୪୧ "ଆନ୍ ନି କାଜିଂ ଇନାକା କିନାଙ୍ଗ୍ ଇଞ୍ଜି ଏନ୍ ଇଚା କିନାୟା ?"
ହେୱାନ୍ ଇଚାନ୍, "ଏ ମାପ୍ରୁ ଆନ୍ ଇନେସ୍‌କି ଆରେ କାଣ୍‌କୁ ହୁଡ଼୍‌ନାଂ ।"
୪୨ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "କାଣ୍‌କୁ ହୁଡ଼ା; ନି ପାତ‌ଁ କିନାକା ନିଙ୍ଗେଙ୍ଗ୍ ଉଜ୍ କିଡ୍‌ତାଡ୍‌ନ୍ନା ।"

୪୩ ହେ ଦାପ୍ରେ ହେୱାନ୍ ହୁଡ଼୍‌ଜି ଇସ୍ୱର୍ତ କେର୍‌କଣ୍ କିଉ କିଉ ଜିସୁ ପାଚେ ପାଚେ ହାଞ୍ଜେଙ୍ଗ୍ ଲାଗାତାନ୍ ଆରି ଲକୁ
ୱିଜାକାର୍ ହେଦାଂ ହୁଡ଼୍‌ଜି ଇସ୍ୱର୍‌ତିଂ ପାର୍ତାନା କିତାର୍ ।

# ୧୯

## ଜିସୁ ଆରି ଜକିୟ

୧ ପାଚେ ଜିସୁ ଜିରିହତ ହଣ୍‌ଜିପା ହେଦେଲିଂ ଆଜି ହାଲ୍‌ଜି ମାଚାର୍ ।
୨ ଆରି ହୁଡ଼ାଟ୍, ଜକିୟ ତର୍‌ନି ରକାନ୍ ମାନାୟ୍ ମାଚାନ୍, ହେୱାନ୍ ରକାନ୍ ମୁଡ଼୍‌ଦାକାନ୍ ସିସ୍ତଏନ୍‌ନାକାନ୍ ଆରି ମାଜାନ୍
ମାନାୟ୍ ।
୩ ଜିସୁ ଇନେନ୍, ହେଦାଂ ହୁଡ଼୍‌ଦେଂ ହେୱାନ୍ ସେସ୍ଟା କିଜି ମାଚାନ୍, ମାତର୍ ଲକୁ ଗହଲି କାଜିଂ ହୁଡ଼୍‌ଦେଂ ଆଡ଼୍‌ୱାଦାଂ
ମାଚାନ୍, ଇନାକିଦେଂକି ହେୱାନ୍ କୁଜା ମାଚାନ୍ ।
୪ ଲାଗିଂ ହେୱାନ୍ ମାନାୟ୍ ଆଗେ ହଞ୍ଚି ହାଲ୍‌ଜି ହେୱାନିଂ ହୁଡ଼୍‌ନି କାଜିଂ ର ତଗାମାର୍‌ତ ଦୁମ୍‌ତାନ୍, ଇନାକିଦେଂକି ହେ
ହାଜି ହିଜି ଜିସୁ ହାନାକା ମାଚାଡ଼୍ ।
୫ ଜିସୁ ହେ ବାହାତ ୱାଜି ଜପି ହୁଡ଼୍‌ଜି ହେୱାନିଂ ଇଚାନ୍, "ଜକିୟ ବେଗି ଜୁଜି ୱା, ଇନାକିଦେଂକି ନେଞ୍ଜେଙ୍ଗ୍ ନାଙ୍ଗେଙ୍ଗ୍
ମିଞ୍ଜ ହାଡ଼୍‌ପା ମାଞ୍ଜେଙ୍ଗ୍ ଲାଗ୍‌ଦାନାଡ଼୍ ।"
୬ ହେବେତାଂ ହେୱାନ୍ ବେଗି ଜୁଜି ୱାଜି ୱାରିତାଂ ଜିସୁଙ୍ଗ୍ ହେବା କିତାନ୍ ।
୭ ହେଦାଂ ହୁଡ଼୍‌ଜି ୱିଜାକାର୍ ଗାଣ୍‌ଜୁ କିଜି ଇଞ୍ଜେଙ୍ଗ୍ ଲାଗାତାର୍, "ହେୱାନ୍ ପାପିୟାର୍ ଇଞ୍ଜ ମାଞ୍ଜେଙ୍ଗ୍ ହାନାନା ।"
୮ ମାତର୍ ଜକିୟ ନିଲ୍‌ଚିପା ମାପୁଙ୍ଗ୍ ଇଚାନ୍, ଏ ମାପୁ, ହୁଡ଼ା, "ନା ଦାନ୍‌ତାଂ ଆନ୍ ଆଦା ହିଲ୍‌ୱାକାରିଂ ଦାନ୍ ହିନାଙ୍ଗା,
ଆରି ଜଦି ଅନ୍ୟାୟ୍‌ତାଂ ଇନେର୍‌ତାଂ ଅଲପ୍ ଅଜି ମାଚିସ୍, ଲାଗିଂ ଚାରିଗୁଣ୍‌ତାଂ ହେଦାଂ ଲେଉଟାୟ୍ କିନାଙ୍ଗା ।"
୯ ହେବେଣ୍ତାଂ ଜିସୁ ହେୱାନ୍ ବିସ୍ରେ ଇଚାନ୍, "ନେଞ୍ଜେଙ୍ଗ୍ ଇ ଇଞ୍ଜ ମୁକ୍ତିକିନାକା ଏକାୱାତାଡ଼୍‌ନା, ଲାଗିଂ ଇୱାନ୍‌ପା
ଅବ୍ରାହାମ୍‌ତି ରକାନ୍ ମାଜି;
୧୦ *ଇନାକିଦେଂକି ଇନାକା ଜାଙ୍ଗ୍‌ତାଡ଼୍‌ନା ହେଦାଂ ଡେକ୍‌ତେଂ ରାକ୍ୟା କିଦେଙ୍ଗ୍ ମାନାୟ୍ ମାଜି ୱାତାନ୍ନା ।"

## ହନା ଟାକାଂନି କାତା
(ମାତିଉ ୨୫:୧୪-୩୦)

୧୧ ଲକୁ ଇ ଉତର୍‌ମୁଡ଼୍ ୱିଜୁ ୱେନି ୱେଡ଼ାଲିଂ ହେୱାନ୍ ଆରି ରଞ୍ଜାଙ୍ଗ୍ କାତା ଇଚାନ୍, ଇନାକିଦେଂକି ହେୱାନ୍
ଜିରୁସାଲମ୍‌ନି ଲାଗେ ଆଜି ମାଚାନ୍ ଆରି ଇସ୍ୱର୍‌ତି ରାଜି ବେଗି ମେଙ୍ଗିୟା ଆନାଡ଼୍ ଇଞ୍ଜି ହେୱାର୍ ବାବିକିଜି ମାଚାର୍ ।
୧୨ ଲାଗିଂ ହେୱାନ୍ ଇଚାନ୍, "ରକାନ୍ ଗାଜାକାନ୍ ମାନାୟ୍ ଜାର୍ ରାଜି କାଜିଂ ରାଜା ପାଦ୍ ପାୟା ଆଜି ଲେଉଟା ଆଦେଂ
କାଜିଂ ଦେହା ଦେସ୍‌ତ ହାଚାନ୍ ।
୧୩ ହେୱାନ୍ ତା ଦସ୍ ଜାଣ୍ ଆଡ଼ିୟାରିଂ କୁକ୍‌ଚି ହେୱାରିଂ ଦସ୍‌ଗଟା ଡାବୁଙ୍ଗ୍ ହିଜି ଇଚାନ୍, ଆନ୍ ୱାନି ପାତେକ୍ ବେପାର୍
କିୟାଟ୍ ।"
୧୪ ମାତର୍ ହେୱାନ୍ତି ଦେସ୍‌ନିକାର୍ ହେୱାନିଂ ଗିଣ୍ କିଜି ମାଚାର୍, ଆରି ହେୱାର୍ ହେୱାନ୍ ପାଚେ ଦୁତ୍ ପକ୍‌ଚି ଇଚାନ୍,
ଇୱାନ୍ ଜେ ମା ଜପି ରାଜ୍ କିନାନ୍, "ଇଦାଂ ମା ଇଚା ଆକାୟ୍ ।"
୧୫ "ପାଚେ ହେୱାନ୍ ରାଜା ପାଦ୍ ପାୟା ଆଜି ଲେଉଟା ଆଜି, ଇମ୍‌ଣି ଆଡ଼ିୟାରିଂ ଡାବୁଙ୍ଗ୍ ହିଜି ମାଚାନ୍, ହେୱାର୍ ବିତ୍ରେ
ବେପାର୍ କିଜି ଇନେର୍ ଏଚେକ୍ ଲାବ୍ କିତାର୍ଣ୍ତା, ହେଦାଂ ପୁନିକାଜିଂ ହେୱାରିଂ ଜାର୍ ରାଜି ଲାଗେ କୁକ୍‌ଚି ତାହିୱାଦେଂ ବଲ୍
ହିତାନ୍ ।"
୧୬ ହେବେଣ୍ତାଂ ପର୍ତୁମ୍ ମାନାୟ୍ ୱାଜି ଇଚାନ୍, "ମାପୁ, ନି ହିଡ଼୍‌ତି ହନା ଟାକାଂ ଆରି ଦସ୍‌ଗଟା ଡାବୁଙ୍ଗ୍ ଆନ୍ ଲାବ୍
କିତାଙ୍ଗ୍‌ନା ।"
୧୭ ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, "ଏନ୍ ରକାୟ୍ ହାର୍‌ଦି ଆଡ଼ିୟା, ଏନ୍ ବେସି ଅଲପ୍ ବିସ୍ରେ ପାତ ଲାହାଂ କିତିଲେ ଏନ୍
ଦାସ୍‌ଗଟା ଗାଡ଼୍ ଜପି ଆଦିକାର୍ ପାୟା ଆ ।"
୧୮ ଆରେ ଆରେ ରକାନ୍ ୱାଜି ଇଚାନ୍, "ମାପୁ, ନି ଡାବୁଙ୍ଗ୍ ପାଞ୍ଚ୍‌ଗଟା ନାଦାଂ ଲାବ୍‌କିତାଂନା ।"
୧୯ ହେୱାନ୍ ତାଙ୍ଗେଙ୍ଗ୍ ପା ଇଚାନ୍, "ଏନ୍ ପା ପାଞ୍ଚ୍‌ଗଟା ଗାଡ଼୍ ଜପି ଆଦିକାର୍ ପାୟା ଆ ।"
୨୦ ଆରେ ରକାନ୍ ୱାଜି ଇଚାନ୍, "ମାପୁ, ହୁଡ଼ା, ଇଦାଂ ନି ଡାବୁଙ୍ଗ୍, ଆନ୍ ଇଦାଂ ନା ତୁୱାଲ୍‌ତ ଗାଚ୍‌ଚି ଇଡ଼୍‌ଜି ମାଚାଙ୍ଗ୍;
୨୧ ଇନାକିଦେଂକି ଆନ୍ ନିଙ୍ଗେଙ୍ଗ୍ ପାଣ୍ତ୍ରା ଆଡ଼୍‌ତାଂ, ଲାଗିଂ ଏନ୍ ରକାୟ୍ କଟିମାନାୟ୍‌ତି, ଇନାକା ଇଟ୍‌ୱାତାଂମା, ହେଦାଂ
ନିକ୍‌ଚି ଅନାୟ୍, ଆରେ ଇନାକା ୱିଡ଼୍‌ୱାଦାଂ ମାନାୟ୍ ହେଦାଂ ତ୍ରେଜ୍‌ନାୟ୍ ।
୨୨ ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, ଏଡ଼େ ବାନ୍ୟା ଆଡ଼ିୟା, ନି ମୁମ୍‌ନି କାତାତିଂ ନି ବିଚାର୍ କିନାଙ୍ଗ୍ । ଆନ୍ ରକାଂ କଟି ଲଗୁ,
ଇନାକା ଇଟ୍‌ୱାଦାଂ ମାନାଂ, ହେଦାଂ ନିକ୍‌ଚି ଅନାଙ୍ଗ୍, ଆରେ ଇନାକା ୱିଡ଼୍‌ୱାଦାଂ ମାନାଂ, ହେଦାଂ ତ୍ରେଜ୍‌ନାଂ, ଇଦାଂ ଇନାକା
ପୁଚାୟ୍‌ନା ?"

---
* **୧୯:୧୦** ମାତିଉ ୧୮:୧୧.

²³ ଲାଗିଂ, ବେଙ୍କତ ଇନେକିଦେଂ ନା ହନା ଟାକାଂ ଇଟ୍‌ୱାତାୟ୍ ? ତାଆତିସ୍ ଆନ୍ ୱାଜି କଲନ୍ତର୍ ଲାହାଙ୍ଗ୍ ପାୟାଆତାଂମା
।
²⁴ ଆରେ, ହେ କଚଣ୍‌ତ ନିଲ୍‌ଚିମାନି ମାନାୟ୍‌ତିଂ ଇଚାନ୍, "ଇବେଣ୍ତାଂ ଇ ତାବୁଙ୍ଗ୍ ଅଜି,. ଇନେରିଂ ଦାସ୍‌ଟାକା ମାନିଙ୍ଗ୍,
ହେୱାନିଂ ହିଆଟ୍ ।"
²⁵ ହେବେତାଂ ହେୱାର୍ ହେୱାନିଂ ଇଚାର୍, "ମାପ୍ରୁ, ତାଦାଙ୍ଗ୍ ତ ଦାସ୍ ଗଟା ତାବୁଙ୍ଗ୍ ମାନିଙ୍ଗ୍ ।"
²⁶ ✡ଆନ୍ ମିଙ୍ଗେଙ୍ଗ୍ ୱେଚାନାଙ୍ଗା, "ଇମ୍‌ଣି ମାନାୟ୍‌ତିଂ ମାନାତ୍, ହେୱାନିଂ ହିୟାଆନତ୍; ମାତର୍ ଇନେର୍‌ତି ହିଲୁତ୍, ହେ
କଚଣ୍ ଇନାକା ମାନାତ୍, ହେଦାଂ ନେ ହେୱାନ୍‌ତାଂ ଅୟାନାତ୍ ।
²⁷ ✡ମାତର୍ ନା ଇମ୍‌ଣି ସାତ୍ରୁର୍ ଆନ୍ ହେୱାର୍ ଜପି ସାସନ୍ କିନାଙ୍ଗ୍ ଇଞ୍ଜି ଇଚା କିୱାଦାଂ ମାଚାଙ୍ଗ୍, ହେୱାରିଂ ଇବେ ତାସି
ନା ମୁମ୍‌ଦ ଟୁଣାଟ୍ ।"

## ଜିସୁ ଜିରୁସାଲମ୍‌ତ ହଣାକା
*(ମାତିଉ ୨୧:୧-୧୧; ମାର୍କ ୧୧:୧-୧୧; ଜହନ୍ ୧୨:୧୨-୧୯)*

²⁸ ଇ ସବୁ କାତା ଇଞ୍ଜି ଜିସୁ ଆଗେ ହାଲ୍‌ଜି ଜିରୁସାଲମ୍ ନିପ ହାଞ୍ଜେଙ୍ଗ୍ ଲାଗାତାନ୍ ।
²⁹ ଆରେ, ଏଚେକାଡ଼୍‌ଦ ହେୱାନ୍ ଜିତ୍‌ମାଡ଼ି କଚଣ୍‌ତ ବେତ୍‌ପାଗି ଆରି ବେତ୍‌ନିୟା ଲାଗାଂ ଏକାତାନ୍, ହେ ଏଚେକାଡ଼୍‌ଦ
ହେୱାନ୍ ହେ ଚେଲାର୍ ବିତ୍ରେତାଂ ରିକାରିଙ୍ଗ୍ ଇ କାତା ଇଞ୍ଜି ପକ୍‌ତାନ୍,
³⁰ "ମି ହାଣ୍‌କୁ ହେ ନାସ୍‌ତ ହାଲାଟ୍, ହେବେ ହଣି ୱେଡ଼ାଲିଙ୍ଗ୍, ଇନାକା ଜପି ଇନେର୍ ଇନାୱାଡ଼ାଂ ଇନେର୍
କୁଟ୍‌ୱାତାନ୍‌ନ୍ନା, ଏଲେଙ୍ଗ୍‌ବାତ ର ଗଦ ହିମ୍‌ଣା ଗାଚ୍‌ଚାକା ହୁଡ଼୍‌ନାଦେର୍, ହେଦେଲିଂ ରିକ୍‌ଚି ତାହିୱାଡୁ ।
³¹ ଆରେ, ବାଟିଙ୍ଗ୍ ଇନେର୍ ମିଙ୍ଗେଙ୍ଗ୍ ଇନେକିଦେଂ ରିକ୍‌ନାଦେରା ଇଞ୍ଜି ୱେନ୍‌ବାତିସ୍, ଏପେଙ୍ଗ୍ ଇନାଦେର୍,
ଇନାକିଦେଂକି ଇଦାଂ ତାକେ ମାପ୍ରୁତି ଲଡ଼ା ମାନାତ୍ ।"
³² ହେବେ ପକ୍ୟାତି ମାନାୟାର୍ ହାଲ୍‌ଜିପା, ଜିସୁ ହେୱାରିଂ ଇନେସ୍ ଇଞ୍ଜି ମାଚାନ୍, ହେ ଲାକେ ହୁଡ଼୍‌ତାର୍ ।
³³ ଆରେ, ହେୱାର୍ ଗଦ ହିମ୍‌ଣାତିଂ ରିକ୍‌ନିୱେଡ଼ାଲିଂ ହେ ହାଉକାର୍ ହେୱାରିଂ ୱେନ୍‌ବାତାର୍, "ଇନେକିଦେଂ ଗଦ
ହିମ୍‌ଣାତିଂ ରିକ୍‌ନାଦେରା ?"
³⁴ ହେୱାର୍ ଇଚାର୍, "ଇନାକିଦେଂକି ଇଦାଂ ତାକେ ମାପ୍ରୁତି ଲଡ଼ା ମାନାତ୍ ।"
³⁵ ଆରେ, ହେୱାର୍ ଗଦ ହିମ୍‌ଣାତିଂ ଜିସୁତାକେ ତାସି ତା ଜପି ଜାର୍ ଜାର୍ ହେନ୍ଦ୍ରା ପାସ୍‌ସି ଜିସୁଙ୍ଗ୍ କୁଚିକିତାର୍ ।
³⁶ ଆରେ, ଜିସୁ ହାନି ୱେଡ଼ାଲିଂ ମାନାୟାର୍ ହାସ୍‌ଦ ଜାର୍ ଜାର୍ ହେନ୍ଦ୍ରା ପାସ୍‌ସି ହିଦେଙ୍ଗ୍ ଲାଗାତାର୍ ।
³⁷ ଆରେ, ଜିସୁ ଏଚେକାଡ଼୍‌ଦ ଜିତ୍‌ମାଡ଼ିନି ଗାଡ଼୍‌ଗାଡ଼ା ବାହାତ ଲାଗାୟ୍ ଆତାନ୍, ହେୱେଡ଼ାଲିଂ ସବୁ ଚେଲାର୍ ମାନ୍ଦା
ହୁଡ଼୍‌ଜି ମାଚି ୱିଜୁ ସାକ୍ତିନି କାମାୟ୍ କାଜିଂ ୱାରିତାଂ ଗାଜା କାଟ୍ କିଜି ଇସ୍ୱର୍ ମାପ୍ରୁତି ପାର୍ତାନା କିଜି ଇଚାର୍,
³⁸ "ମାପ୍ରୁତି ତର୍‌ଦ ଇମ୍‌ଣି ରାଜା ୱାନାନା, ଇସ୍ୱର୍ ହେୱାନିଂ ଦନ୍ୟବାଦ୍ କିଏନ୍ ।
ସାର୍ଗେତ ସୁସ୍ତା ଆରି ଜପ୍‌ଣି ଲକାତ ଜାଜ୍‌ମାଲ୍ ଆୟେତ୍ ।"
³⁹ ହେବେଣ୍ତାଂ ମାନାୟାର୍ ଗହ୍‌ଲି ବିତ୍ରେ କେତେକ୍ ପାରୁସିର୍ ତାଙ୍ଗେଙ୍ଗ୍ ଦାକା କିଜି ଇଚାର୍, "ଏ ଗୁରୁ, ନି ଚେଲାରିଂ
ଚିମ୍‌ରା ଆଦେଂ ଇନା ।"
⁴⁰ ଜିସୁ ଉତର୍ ହିତାନ୍, "ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଇୱାର୍ ଚିମ୍‌ରା ଆତିସ୍, କାଲ୍‌କୁଙ୍ଗ୍ ଆଲାଆନିକ୍ ।"

## ଜିସୁ ଜିରୁସାଲମ୍ କାଜିଂ ଆଡ଼୍‌ବାତାନ୍

⁴¹ ଆରେ, ଏଚେକାଡ଼୍‌ଦ ଜିସୁ ଜିରୁସାଲାମ୍ ଲାଗାୟ୍ ୱାତାନ୍, ହେ ଏଚେକାଡ଼୍‌ଦ ଗାଡ଼୍‌ଦିଂ ହୁଡ଼୍‌ଜି ହେଦାଂ କାଜିଂ ଆଡ଼୍‌ବିସ୍
ଇଚାନ୍,
⁴² "ଏନ୍, ଆଁ, ଏନ୍ ଜଦି ନେଞ୍ଜେଙ୍ଗ୍ ସୁସ୍ତାନି ବିସ୍ରେ ପୁନ୍‌ଞ୍ଜିମାଚାୟ୍‌ଚି ! ମାତର୍ ନଙ୍ଗ୍‌ନି କାଣ୍‌କୁକାଂ ଡ଼ଗୁଜି ମାଚାତ୍‌ନ୍ନା ।
⁴³ ସମୁ ୱାନାତା ଏଚେକାଡ଼୍‌ଦ ମି ସାତ୍ରୁର୍ ନି ଚାରିବେଣ୍‌ତାଂ କାଲ୍‌ଦ ଗାଚ୍‌ଚି ନିଙ୍ଗେଙ୍ଗ୍ ଟେବାୟ୍ କିଦ୍‌ନାର୍, ଆରେ ମିଦାଙ୍ଗ୍
ୱିଜୁ ହାଜି ଗେସ୍‌ତାନାର୍ ।
⁴⁴ ହେୱାର୍ ନିଙ୍ଗେଙ୍ଗ୍ ଆରି ନି ଲାହାଙ୍ଗ୍ ନି ବିତ୍ରେ ମାନି ୱିଜାର୍ ମାନାୟାରିଂ ବୁଡାଇ କିଦ୍‌ନାର୍, ର କାଲ୍ ଜପି ଆରେ ର
କାଲ୍ ଜପି ମାନୁତ୍, ଇନାକିଦେଂକି ଏଚେକାଡ଼୍‌ଦ ନିଙ୍ଗେଙ୍ଗ୍ ମୁକ୍ତି କିଦ୍‌ଦେଂ ଇଞ୍ଜି ଇସ୍ୱର୍ ମାପ୍ରୁ ୱାତାନ୍, ଏପେଙ୍ଗ୍ ତାଙ୍ଗେଙ୍ଗ୍
ପୁନ୍‌ୱାତାଦେର୍ ।"

## ଜିସୁ ମନ୍ଦିର୍‌ତ ହାଚାନ୍
*(ମାତିଉ ୨୧:୧୨-୧୭; ମାର୍କ ୧୧:୧୫-୧୯; ଜହନ୍ ୨:୧୩-୨୨)*

⁴⁵ ଆରେ, ଜିସୁ ମନ୍ଦିର୍‌ତ ହଣ୍‌ଜିପା ବେପାର୍ କିନି ଲଗାଂ ଇଦାଂ ଇଞ୍ଜି ହପ୍‌ତେଂ ଲାଗାତାନ୍,

✡ **୧୯:୨୬** ମାତିଉ ୧୩:୧୨; ମାର୍କ ୪:୨୫; ଲୂକ ୮:୧୮. ✡ **୧୯:୨୭** ମାତିଉ ୨୫:୧୪-୩୦.

⁴⁶ ଦରମ୍ ସାସ୍ତର୍‌ତ ଲେକାଆତାଡ୍‌ନା, ଇସ୍ୱର୍ ଇଚାନ୍ “ମା ଇଲ୍ ପାର୍ତାନା ଇଲ୍ ଆନାଡ୍, ମାତର୍ ଏପେଙ୍ଗ୍ ଚର୍କୁ ଇଲ୍‌ନି
ପାରା କିତାଦେର୍ଣ୍ଣା ।”
⁴⁷ ☆ଆରେ, ହେୱାନ୍ ନିତ୍ରେ ମନ୍ଦିର୍‌ତ ହିକ୍ୟା ହିଜି ମାଚାନ୍, ମାତର୍ ମୁଡ଼୍ ମାପୁହେବାକିନାକାନ୍, ସାସ୍ତିର୍ ମାନାୟାର୍‌ତି
ନେତାର୍ ଲାହାଂ ହେୱାନିଂ ୱିସ୍‌ପେଦେଂ ସେସ୍ଟା କିଜି ମାଚାର୍,
⁴⁸ ମାତର୍ ୱିଜୁ ଲଗୁ ର ମାନ୍ତ ହେୱାନ୍ ହିକ୍ୟା ୱେନ୍‌ଞ୍ଜି ମାଚିଲେ ହେୱାର୍ ଇନାକା କିନାପ୍ ଇଞ୍ଜି ତିର୍ କିଦେଙ୍ଗ୍
ଆଡ୍‌ୱାଦାଂ ମାଚାର୍ ।

# ୨୦

## ଜିସୁଙ୍ଗ୍ ଆଦିକ୍ ବିସ୍ରେ ପରସନ୍

*(ମାତିଉ ୨୧:୨୩-୨୭; ମାର୍କ ୧୧:୨୭-୩୩)*

¹ ଇବେତାଂ ହେୱାନ୍ ଦିନେକ୍ ଏଚେକୋଡ଼୍‌ଦ ମନ୍ଦିର୍‌ତ ମାନାୟାରିଂ ହିକ୍ୟା ହିଜି ମାଚାନ୍ ଆରି ନେକ୍ରିକାବୁର୍ ପର୍‌ଚାର୍
କିଜି ମାଚାନ୍, ଏଚେକୋଡ଼୍‌ଦ ମୁଡ଼୍ ମାପୁହେବା କିନାକାର୍ ଆରି ସାସ୍ତିର୍ ବୁଡ଼ାଲୁର୍ ହୁକେ ୱାଜି ତାଙ୍ଗ୍ ଇଚାର୍,
² “ଏନ୍ ଇମ୍‌ଣି ଆଦିକାର୍‌ତ ଇ ୱିଜୁ କିନାୟା, କି, ଇନେର୍ ନିଙ୍ଗ୍ ଇ ଆଦିକାର୍ ହିଡ୍‌ତାନ୍, ହେୱାନ୍ ଇନେନ୍, ମାଙ୍ଗେଙ୍ଗ୍
ୱେଡ୍‌ଚା ।”
³ ମାତର୍ ଜିସୁ ହେୱାରିଂ ଉତର୍ ହିତାନ୍, “ଆନ୍ ପା ମିଙ୍ଗେଙ୍ଗ୍ ର ବେରଣ୍ ୱେନ୍‌ବା ଆଦ୍‌ନାଂ, ନାଙ୍ଗ୍ ୱେଡ୍‌ଚାଟ୍,
⁴ ବାପ୍ତିସିମ୍ ହିନି ଜହନ୍‌ତି ବାପ୍ତିସିମ୍ ସାର୍ଗେତାଂ କି ମାନାୟ୍‌ତିଂ ଆତାଡ୍ ?”
⁵ ହେବେ ହେୱାର୍ ହେୱାର୍ ବିତ୍ରେ କାତାବାର୍ତା କିଜି ଇଚାର୍, “ଜଦି ସାର୍ଗେତାଂ ଇଞ୍ଜି ଇନାସ୍, ତା ଆତିସ୍ ହେୱାନ୍
ଇଞ୍ଜ୍‌ନାନ୍, ଏପେଙ୍ଗ୍ ଇନେକିଦେଂ ତାଙ୍ଗ୍ ପାତର୍ କିୱାତାଦେର୍ ?”
⁶ ମାତର୍ ଜଦି ମାନାୟ୍‌ତିଂ ଇଞ୍ଜି ଇନାସ୍, ବାଟିଙ୍ଗ୍ ୱିଜାକାର୍ ଲକୁ ମାଙ୍ଗ୍ କାଲ୍‌କୁ ଇଡ଼୍‌ଜି ମାଟ୍‌କିଦ୍‌ନାର୍, ଇନାକିଦେଂକି
“ଜହନ୍ ରକାନ୍ ଜେ ବେଣ୍‌ବାକ୍‌ଣାୟ୍ କିନାକାନ୍, ଇଦାଂ ହେୱାର୍ ପାତର୍ କିଜି ମାଚାର୍ ।”
⁷ ଲାଗିଂ ହେଦାଂ ଇମେତାଂ ଆତାଡ୍, “ଇଦାଂ ପୁନୁପ୍ ଇଞ୍ଜି ହେୱାର୍ ଉତର୍ ହିତାର୍ ।”
⁸ ଜିସୁ ହେୱାରିଂ ଇଚାନ୍, “ଆନ୍ ଇମ୍‌ଣି ଆଦିକାର୍‌ତ ଇ ୱିଜୁ କିନାଙ୍ଗା, ହେଦାଂ ଆନ୍ ପା ମିଙ୍ଗେଙ୍ଗ୍ ୱେଡ୍‌ଚୁଙ୍ଗ୍ ।”

## ଅଙ୍ଗୁର୍ ବାଡ଼୍ ବାଗ୍ କିଜି ତିନାକାନ୍ କାତା

*(ମାତିଉ ୨୧:୩୩-୪୬; ମାର୍କ ୧୨:୧-୧୨)*

⁹ ଇଦାଂ ପାଚେ ହେୱାନ୍ ମାନାୟାର୍‌ତି ଇ ଉତର୍‌ମୁଡ଼୍ ଇଞ୍ଜେଙ୍ଗ୍ ଲାଗାତାନ୍ । “ରକାନ୍ ମାନାୟ୍ ର ଅଙ୍ଗୁର୍ ବାଡ଼୍ କିଜି
ହେଦାଂ କାମ୍‌ଲିୟାରିଂ ଆଦି ହିଜି ବେସି ବାର୍ହୁ କାଜିଂ ବିଦେସ୍‌ତ ହାଚାନ୍ ।
¹⁰ ଆରେ, କାମ୍‌ଲିୟାର୍ ଇନେସ୍ ତାଙ୍ଗ୍ ଅଙ୍ଗୁର୍ ବାଡ଼୍‌ନି ପାଡ଼୍ ତାଙ୍ଗ୍ ବାଗ୍ ହିନାର୍, ଇଦାଂ କାଜିଂ ହେୱାନ୍ ରକାନ୍
ଆଡ଼ିଏନିଂ ହାଦର୍ ୱେଡ଼ାଲିଂ ହେୱାର୍ ତାକେ ପକ୍‌ତାନ୍, ମାତର୍ ହେ ଆଡ଼ିୟାର୍ ତାଙ୍ଗେଙ୍ଗ୍ ମାଟ୍‌କିଜି ୱାରା କେଇଦାଂ
ପକ୍ତାର୍ ।
¹¹ ହେୱାନ୍ ପାଚେ ଆରେ ରକାନିଂ ଆଡ଼ିୟାନିଂ ପକ୍‌ତାନ୍; ହେୱାର୍ ତାଙ୍ଗ୍ ପା ଟ୍ରାକ୍ରାର୍ ଆରି ଲାଜୁ କିଜି ୱାରା କେଇଦାଂ
ପକ୍ତାର୍ ।
¹² ପାଚେ ହେୱାନ୍ ଆରେ ରକାନିଂ ପା ପକ୍‌ତାନ୍; ମାତର୍ ହେୱାର୍ ତାଙ୍ଗ୍ ପା ଗାଅଦାଅ କିଜି ବାର୍ତ ଡୁହିତାର୍ ।
¹³ ହେବେଣ୍ଡାଂ ଅଙ୍ଗୁର୍ ବାଡ଼୍‌ନି ହାଉକାର୍ ଇଚାନ୍, ଆନ୍ ଇନାକା କିନାଙ୍ଗ୍ ? ନା ୱାରିନି ହିମ୍‌ଣାତିଂ ପକ୍‌ନାଂ, ଇନେସ୍
ଆତିସ୍ ହେୱାର୍ ତାଙ୍ଗ୍ ମାନି କିନାର୍ ।
¹⁴ ମତର୍ ଆଡ଼ିୟାର୍ ତାଙ୍ଗ୍ ହୁଡ଼୍‌ଜି ହେୱାର୍ ହେୱେର୍ କାତାବାର୍ତା କିଜି ଇଞ୍ଜେଙ୍ଗ୍ ଲାଗାତାର୍, ‘ଇୱାନ୍ତ ମୁଣିକା, ଇୱାନିଂ
ଅହ୍‌ନାସ୍, ଇନେସ୍ ମାଦାଂ ଆଦିକାର୍ ଆନାଡ୍ ।’
¹⁵ ଆରେ, ହେୱାର୍ ତାଙ୍ଗ୍ ଅଙ୍ଗୁର୍ ବାଡ଼୍ ଅସ୍ତି ବାର୍ତ ଡୁହି ହିତାର୍ ।”
“ବାଟିଙ୍ଗ୍, ଅଙ୍ଗୁର୍ ବାଡ଼୍‌ନି ହାଉକାର୍ ହେୱାର୍ କାଜିଂ ଇନାକା କିନାନ୍ ?
¹⁶ ହେୱାନ୍ ୱାଜି ଇ କାମ୍‌ଲିୟାରିଂ ନାସ୍ କିନାନ୍ ଆରି ବିନ୍ ଲଗାଂ ଅଙ୍ଗୁର୍ ବାଡ଼୍ ହିନାନ୍ ।”
ଇଦାଂ ୱେନ୍‌ଞ୍ଜି ହେୱାର୍ ଇଚାର୍, “ହେଦାଂ ଆମେଡ୍ ।”
¹⁷ ମାତର୍ ହେୱାନ୍ ହେୱାରିଂ ଗାଣ୍‌ଗାଣ୍ ହୁଡ଼୍‌ଜି ଇଚାନ୍,
“ବାଟିଙ୍ଗ୍ ଇ ଇମ୍‌ଣି ବଚନ୍ ଲେକା ଆତାଡ୍‌ନ୍ନା, ତା ଅରତ୍ ଇନାକା, ଇଲ୍ ରଚ୍‌ନାକାର୍ ଇମ୍‌ଣି କାଲ୍‌ଦିଂ ମୁନା କିତାର୍,
ହେଦାଂ କନାନି ମୁଡ଼୍‌କାଲ୍ ଆତାଡ୍ ।
¹⁸ ଇନେର୍ ହେ କାଲ୍ ଇନେର୍ ଜପି ଆର୍ନାର୍, ହେୱାନ୍ କୁଦ୍ରିକୁଦ୍ରା ଆନାର୍, ଆରେ ହେ କାଲ୍ ଇନେର୍ ଜପି ଆର୍ନାନ୍,
ହେଦେଲିଂ ହେଦାଂ ବିରାୟ୍ କିନାଡ୍ ।”

---

☆ **୧୯:୪୭** ଲୁକ ୨୧:୩୭.

### ହିନି ବିସ୍ରେ ପରସନ୍
*(ମାତିଉ ୨୨:୧୫-୨୨; ମାର୍କ ୧୨:୧୩-୧୭)*

୧୯ ଇବେ ସାସ୍ତ୍ରିର୍ ଆରି ମୁଡ୍ ମାପ୍ପୁହେବାକିନାକାର୍ ହେ ଦାପ୍ରେ ଆସ୍ରେଙ୍ଗ୍ ସେସ୍ଥା କିତାର୍, ମାତର୍ ହେୱାର୍ ମାନାୟାରିଂ
ପାଣ୍ଡ୍ରା ଆତାର୍, ଇନାକିଦେଂକି ହେୱାନ୍ ହେ ଉତର୍‌ମୁଡ୍ ହେୱାରିଂ ଇଟ୍‌କାଡ୍ କିଜି ଇଞ୍ଜି ମାଚାନ୍ ଇଞ୍ଜି ହେୱାର୍ ବୁଜାତାର୍
।
୨୦ ହେବେଣ୍ଡ୍ରାଂ ହେୱାର୍ ଜିସୁଙ୍ଗ୍ ରାଜି ପାଲି କିନି କେଇଦ ଆରି ସାସନ୍‌କିନାକାନ୍ ସାସନ୍‌ନି ଆଦିକାର୍ ହେଲାୟ୍ କିଦେଙ୍ଗ୍
କାଜିଂ ଉପାୟ୍ ଡେକ୍‌ଚି ଜିସୁତି କାତାନି ବୁଲ୍ ଆହ୍‌ନି ଉଦେସ୍‌ତ ଇମ୍‌ଣାକାର୍ କପଟ୍‌ତାଂ ଜାର୍ ଜାର୍‌ତିଂ ଦାମର୍ ଇଞ୍ଜି
ଚଞ୍ଜିୟାଆନି ଚର୍କୁକାଂ ପକ୍ତାର୍ ।
୨୧ ହେୱାର୍ ତାଙ୍ଗ୍ ୱେନ୍‌ବାତାର୍, "ଏ ଗୁରୁ, ଆପେଂ ପୁନାପ୍, ଏନ୍ ହାଡ୍‌ପା ରଚେ କାତା ଇନାୟ୍ ଆରି ହିକ୍ୟା ହିନାୟ୍,
ଆରେ ଇନେର୍‌ତି ମୁକ୍‌ମେଟ୍ ହୁଡ୍‌ଜି କିଉୟ୍, ମାତର୍ ହାଡ୍‌ପା ଲାକେ ଇସ୍ୱର୍‌ତି ହାଜି ବିସ୍ରେ ହିକ୍ୟା ହିନାୟା ।
୨୨ ମାଙ୍ଗେଙ୍ଗ୍ ଇଞ୍ଜା, କାଇସର୍‌ତିଂ ସିସ୍ତ ହିନାକା ମା ବିଦି ମାନାଡ୍ କି ଆକାୟ୍ ?"
୨୩ ମାତର୍ ଜିସୁ ହେୱାର୍‌ତି କାପ୍‌ଟି ପୁଞ୍ଜି ହେୱାରିଂ ଇଚାନ୍, ନାଙ୍ଗ୍ ର ଅଦ୍‌ନି ଚଚ୍‌ଚାଟ୍ ।
୨୪ "ଇବେ ଇନେର୍ ଟାକାଂ ପୁଡ୍‌ଡ଼ା ଆରି ତର୍ ମାନାଡ୍ ?"
"ହେୱାର୍ ଇଚାର୍ କାଇସର୍‌ତି ।"
୨୫ ହେବେ ଜିସୁ ହେୱାରିଂ ଇଚାନ୍, "ବାଟିଙ୍ଗ୍ କାଇସର୍‌ତି ଇମ୍‌ଣାକା, ହେଦାଂ କାଇସର୍‌ତିଂ ହିଆଟ୍, ଆରେ, ଇସ୍ୱର୍ତି
ଇମ୍‌ଣାକା, ହେଦାଂ ଇସ୍ୱର୍‌ତିଂ ହିଆଟ୍ ।"
୨୬ ଇବେଣ୍ଡ୍ରାଂ ହେୱାର୍ ମାନାୟ୍ ମୁମ୍‌ଦ ହେୱାନ୍ କାତାତ କୁନି ଆସ୍ରେଙ୍ଗ୍ ଆଡ୍‌ୱାତାର୍, ଆରେ ହେୱାର୍ ହେୱାନ୍ ଉତର୍‌ତ
କାବା ଆଜି ଚିମ୍‌ରା ଆଜି ମାଚାର୍ ।

### ଆରେ ନିଙ୍ଗ୍‌ନି ବିସ୍ରେ ପରସନ୍
*(ମାତିଉ ୨୨:୨୩-୩୩; ମାର୍କ ୧୨:୧୮-୨୭)*

୨୭ ଇଦାଂ ପାଚେ ଆରେ ନିଂନି ବିସ୍ରେ ଉଡ଼ାନାକାର୍ କେତେକ୍ ସାଦୁକିର୍ ଜିସୁ ଲାଗେ ୱାଜି ୱେନ୍‌ବାତାର୍,
୨୮ "ଏ ଗୁରୁ, ମସା ମା କାଜିଂ ଲେକିକିତାନ୍ନା ଇନେନ୍, ଜଦି ଇମ୍‌ଣି ଲକୁତ ଟଣ୍ଡେନ୍, ଡକ୍ରି ମାଞ୍ଜି ହିମ୍‌ଣାୱାକ୍‌ଡ଼ା ଆୱାଦାଂ
ହାତିସ୍, ତା ଆତିସ୍ ତା ଟଣ୍ଡେନ୍ ତା ଡକୁହିଂ ଇଡ୍‌ଜି ଜାର୍ ଟଣ୍ଡେନ୍ କାଜିଂ ଲାତ୍ରା ଉବ୍‌ଜାଣ୍ କିନାନ୍ ।
୨୯ ଦିନେକ୍, ସାତ୍ ବାୟ୍ ଟଣ୍ଡାର୍ ମାଚାର୍; ପର୍ତୁମ୍ ର କଗ୍‌ଲେଂ ବିବା ଆତାନ୍ ଆରି ହିମ୍‌ଣାୱାକ୍‌ଡ଼ା ଆୱାଦାଂ ହାତାନ୍;
୩୦ ପାଚେ ଆରେ ମାଜିୟା ବିବା ଆତାନ୍ ତାଙ୍ଗ୍ ଇଡ୍‌ତାନ୍;
୩୧ ହେ ଲାକେ ସାତ୍ ଜାଣ୍ ଜାକ୍ ହିମ୍‌ଣାୱାକ୍‌ଡ଼ା ଆୱାଦାଂ ହାତାର୍ ।
୩୨ ହାରିହାରା କଗ୍‌ଲେ ପା ହାତାଡ୍ ।
୩୩ ବାଟିଙ୍ଗ୍, ଆରେ ନିଂନିହିଂ ହେୱାର୍ ବିତ୍ରେ ହେଦେଲ୍ ଇନେର୍ ଡକ୍ରି ଆନାଡ୍ ? ସାତ୍ ଜାଣ୍ ଜାକ ତାଙ୍ଗ୍ ବିବା ଆଜି
ମାଚାର୍ ।"
୩୪ ଜିସୁ ହେୱାରିଂ ଇଚାନ୍, "ଇ ଜୁଗ୍‌ନି ମାନାୟାର୍ ବିବା କିତାର୍ ଆରି ବିବା ଆନିକ୍,
୩୫ ମାତର୍ ଇମ୍‌ଣି ମାନାୟାର୍ ହେ ସଁସାର୍ ଆରି ହାତାକାର୍ ବିତ୍ରେ ଆରେ ନିଂନାକା ପାୟାନି କାଜିଂ ନିଜେ ଗାଣା
କିୟାନାର୍, ହେୱାର୍ ବିବା କିଉର୍ କି ବିବା ଆଉର୍;
୩୬ ଆରେ, ହେୱାର୍ ଆରେ ହାଦେଂ ଆଡୁର୍, ଇନାକିଦେଂକି ହେୱାର୍ ଦୁତ୍‌କୁ ଲାକେ ମାନ୍‌ଙ୍ଗାନାର୍ ଆରେ ନିଙ୍ଗ୍‌ଜି
ଇସ୍ୱର୍ତି ମାଜି ଗାଡ୍ ଆନାର୍ ।
୩୭ ମତର୍ ହାତାକାର୍ ଜେ ନିଙ୍ଗ୍‌ନାର୍, ଇଦାଂ ମସା ପା ବୁଟାନି କାତା ମାପ୍ପୁତି ଅବ୍ରାହାମ୍‌ତି ଇସ୍ୱର୍, ଇସ୍‌ହାକ୍‌ତି ଇସ୍ୱର୍
ଆରି ଜାକୁବ୍‌ତି ଇସ୍ୱର୍ ଇଞ୍ଜି ଚଚ୍‌ଚି ହିନାର୍ ।"
୩୮ ହେୱାନ୍ ତ ହାତାକାର୍ ଇସ୍ୱର୍ ଆକାୟ୍, ମତର୍ ଜିତାକାରିଂ; ଇନାକିଦେଂକି ୱିଜାର୍ ହେ ମୁମ୍‌ଦ ଜିବୁନ୍ ପାୟା ଆନାର୍
।
୩୯ ହେବେଣ୍ଡ୍ରାଂ ସାସ୍ତ୍ରିର୍ ବିତ୍ରେ କେତେକ୍ ଜାଣ୍ ଉତର୍ ହିତାର୍, "ଏ ଗୁରୁ, ଏନ୍ ସତ୍ ଇଚାୟ୍ ।"
୪୦ ଇନାକିଦେଂକି ହେୱାର୍ ତାଙ୍ଗ୍ ଇମ୍‌ଣି ପରସନ୍ ୱେନ୍‌ବେଦେଂ ସାସ୍ କିୱାତାର୍ ।

### ଜିସୁ ଇନେର୍ ମାଜି ?
*(ମାତିଉ ୨୨:୪୧-୪୬; ମାର୍କ ୧୨:୩୫-୩୭)*

୪୧ ମାତର୍ ହେୱାନ୍ ହେୱାରିଂ ୱେନ୍‌ବାତାନ୍, "କ୍ରିସ୍ଟ ଜେ ଦାଉଦ୍ ମାଜି, ଇଦାଂ ଲକୁ ଇନାକା ଇନାର୍ ?
୪୨ ଇନାକିଦେଂକି ନିଜେ ଦାଉଦ୍ ନାନ୍ଦ୍ ସାସ୍ତର୍ କିଜି ଇନାନ୍,
'ମାପ୍ପୁ ନା ମାପ୍ପୁଙ୍ଗ୍ ଇଚାନ୍,
୪୩ ଆପେଂ ଏଚେକ୍ ପାତେକ୍ ମି ସାତୁରିଂ ମି ତଗ୍‌ନିବାହା କିୱାତାପ୍‌ନା,

ହେ ପାତେକ୍ ମା ବୁଜ୍‌ଣି ବାଗାଙ୍ଗ୍ କୁଚ୍‌ଚି ମାନାଟ୍ ।'
୪୪ ଲାଗିଂ, ଦାଉଦ୍ ତାଙ୍ଗ୍ 'ମାପ୍ରୁ' ଇଞ୍ଜି ଇନାନ୍; ବାଟିଙ୍ଗ୍, ହେୱାନ୍ ଇନେସ୍ ତା ମାଜି ?"

### ଜିସୁ ଦରମ୍ ଗୁରୁର୍ ବିରୁଦ୍‌ଦ ଚେତ୍‌ନା କିତାନ୍

*(ମାତିଉ ୨୩:୧-୩୬; ମାର୍କ ୧୨.୩୮-୪୦; ଲୁକ ୧୧.୩୭-୫୪)*

୪୫ ପାଚେ ହେୱାନ୍ ସବୁଲଗାଂ ୱିଜାର୍ ମୁମ୍‌ଦ ଚେଲାର୍ ତାକେ ଇଚାନ୍,
୪୬ "ସାସ୍ତ୍ରିର୍‌ତାଂ ଜାଗ୍ରତ୍ ! ହେୱାର୍ ଲାମା ଆଙ୍ଗି ଉସ୍ପିସ୍ ବୁଲାଆଦେଂ, ଆରେ ଆଟ୍ ବାଜାର୍‌ତ ଜୱାର୍, କୁଟୁମ୍ ଇଞ୍ଜ ମୁଡ଼୍
ବାହା ଆରି ବଜିତ ଆଗେନି ବାହା ୱାରିୟା ଆନାର୍;
୪୭ ହେୱାର୍ ରାଣ୍ଡିକ୍ ଇଲ୍‌କୁ ସବୁ ଚରି କିନାର୍ ଆରି ଲାମା ପାର୍ଥାନା କିନାର୍; ହେୱାର୍ ବେସି ଡାଣ୍ଡ୍ ପାୟା ଆନାର୍ ।"

## ୨୧

### ର ରାଣ୍ଡିତି ଦାନ୍

*(ମାର୍କ ୧୨:୪୧-୪୪)*

୧ ଇଦାଂ ପାଚେ ଜିସୁ ଚାରିବେଣ୍‌ତାଂ ହୁଡ଼୍‌ଜି ପା ମାଜାନିଂ ଗାଦ୍ୟାତାକେ ଜାର୍ ଜାର୍ ଦାନ୍ ୱାକ୍‌ନାକା ହୁଡ଼୍‌ତାନ୍ ।
୨ ଆରେ, ହେୱାନ୍ ର ହିଲ୍‌ୱି ରାଣ୍ଡିକାଂ ହେବେ ରି ଟାକା ଡାବୁଙ୍ଗ୍ ଇଟ୍‌ନାକା ହୁଡ଼୍‌ଜି ଇଚାନ୍,
୩ "ଆନ୍ ମିଙ୍ଗେଙ୍ଗ୍ ହାଡ଼୍‌ପା ଇଞ୍ଜ୍‌ନାଙ୍ଗା, ଇ ହିଲ୍‌ୱି ରାଣ୍ଡି ୱିଜାକାର୍‌ତାଂ ଆଦିକ୍ ଇଟ୍‌ତାଡ଼୍‌ନ୍ନା,
୪ ଇନାକିଦେଂକି ଇୱାର୍ ୱିଜାକାର୍ ଗାଦ୍ୟାତାଂ ଜାର୍ ଜାର୍ ଦାନ୍ତାଙ୍ଗ୍ ଅଲପ୍ ଅଲପ୍ ଇଟ୍‌ତାର୍, ମାତର୍ ଇଦେଲ୍ ତା
କସ୍ଟକିତାକା ଦାନ୍ ଜାର୍ ଜିବୁନ୍ ବାଚାୟ୍‌କିଦେଂ କାଜିଂ ଇଦେଲ୍‌ତି ଇନାକା ମାଚାଡ଼୍, ହେ ସବୁ ଇଟ୍‌ତାଡ଼୍ ।"

### ଜିସୁ ମନ୍ଦିର୍‌ତିଂ ଦୁଡ଼ିମାସ୍‌ନି ବିସ୍ରେ ୱେଚ୍‌ଚାନ୍

*(ମାତିଉ ୨୪:୧-୨; ମାର୍କ ୧୩:୧-୨)*

୫ କେତେଜାଣ୍ ଚେଲାର୍ "ମନ୍ଦିର୍ ବିତ୍ରେ ବେଣ୍‌କିଜି ମାଚାର୍ । ହେୱାର୍ ଇଞ୍ଜି ମାଚାର୍ ହେବେ ମେହାୟ୍‌କିଜି ମାଚି ହଲ୍‌ନି
କାଲ୍ ଆରି ଇସ୍ୱର୍ ମାପ୍ରୁ କାଜିଂ ରଚ୍‌ଚି ମାଚି ଇନାମିଙ୍ଗ୍ ଲାହାଙ୍ଗ୍ ମନ୍ଦିର୍ ଅପ୍ରବଲ୍ ହଲ୍‌ନାତା ।"
୬ "ଏପେଙ୍ଗ୍ ଇ ଇନାକା ସବୁ ହୁଡ଼୍‌ନାଦେରା, ସମୁ ୱାନାଡ଼୍, ଏଚେକାଡ଼୍‌ଦ ର କାଲ୍ ଆରେ ର କାଲ୍ ଜପି ମାନୁତ୍, ମାଚିସ୍
ୱିଜୁ ମେଦ୍‌ନି ଦୁଡ଼ି ମାସ୍‌ନାଡ଼୍ ।"

### ଦୁକ୍ ଆରି ନିନ୍ଦା

*(ମାତିଉ ୨୪:୩-୧୪; ମାର୍କ ୧୩:୩-୧୩)*

୭ ହେବେଣ୍ଡାଂ ହେୱାର୍ ତାଙ୍ଗେଙ୍ଗ୍ ୱେନ୍‌ବାତାର୍, "ଏ ଗୁରୁ, ବାଟିଙ୍ଗ୍ ଇ ସବୁ ଇନାୱାଡ଼ାଂ ଗିଟା ଆନାଡ଼୍ ? ଆରେ,
ଇନାୱାଡ଼ାଲିଂ ଇ ସବୁ ଗଟ୍‌ଣା ଲାଗେ ଆନାଡ଼୍, ହେ ସମୁନି ଇଟ୍‌କାଡ଼୍ ଇନାକା ?"
୮ ହେବେଣ୍ଡାଂ ଜିସୁ ଇଚାନ୍, "ଜାଗ୍ରତ୍, ଏପେଙ୍ଗ୍ ଚାକ୍ରାୟ୍ କିୟାଆମାଟ୍; ଇନାକିଦେଂକି ହେନି ନା ତର୍‌ଦ ୱାଜି, ଆନ୍
ହେୱାଙ୍ଗ୍ ଆରି ସମୁ ଲାଗାଂ ଇଞ୍ଜି ଇଞ୍ଜ୍‌ନାର୍, ହେୱାର୍ ପାଚେ ହାଲ୍‌ମାଟ୍ ।
୯ ମାତର୍ ଏପେଙ୍ଗ୍ ଏଚେକାଡ଼୍‌ଦ ମେଲି ଆରି ଗଣ୍ଡ୍‌ଗଲ୍ ବିସ୍ରେ ୱେନାଦେର୍, ହେ କାଡ଼୍‌ଦ ପାଣ୍ଡ୍ରା ଆମାଟ୍; ଇନାକିଦେଂକି
ଇ ସବୁ ଆତିସ୍‌ପା ପର୍ତୁମ୍ ଗିଟା ଆନାଡ଼୍, ମାତର୍ ଦାପ୍ରେ ରାଜି ବୁଡାଆଉଡ଼୍ ।"
୧୦ ତା ପାଚେ ଜିସୁ ହେୱାରିଂ ଇଚାନ୍, "ଜାତି ବିରୁଦ୍‌ଦ ଜାତି ଆରି ରାଜି ବିରୁଦ୍‌ଦ ରାଜି ନିଙ୍ଗ୍‌ନାଡ଼୍,
୧୧ ଆରେ ବେସିଗାଜା ମେଦ୍‌ନି ଦାଲ୍‌କା ଆନାଡ଼୍ ଆରେ ବାହା ବାହାତ ମାତର୍ ଆରି କାତାର୍ ଆର୍ନାଡ଼୍, ଆରେ ବାଦାଡ଼୍‌କାଂ
ବେସି ଗାଜା ବାନା ଆରି ଗାଜା ଗାଜା ଚିନ୍‌କୁ ଚଞ୍ଜିୟାନିଂ ।"
୧୨ "ମାତର୍ ଇ ୱିଜୁ ଗଟ୍‌ଣା ଆଗେ ଲକୁ ମିଙ୍ଗେଙ୍ଗ୍ ଆସ୍ତାନାର୍ ଆରି କୁଟୁମ୍ ଇଞ୍ଜ ଆରି ବନ୍ଦି ଇଞ୍ଜ ମିଙ୍ଗେଙ୍ଗ୍ ହେଲାୟ୍
କିଜି ଗିଣ୍ କିଦ୍‌ନାର୍, ଆରେ ନା ତର୍ କାଜିଂ ଏପେଙ୍ଗ୍ ରାଜା ଆରି ରାଜ୍ କିନାକାର୍ ତାକେ ଅୟା ଅନାଦେର୍,
୧୩ ଇଦାଂ ମି ପାକ୍ୟା ସାକି ଆନାଡ଼୍ ।
୧୪ ✡ଆୱିତିସ୍, ନିଜେ ପାକ୍ୟାତାଂ ଇନାକା ଉତର୍ ହିନାଦେର୍, ହେ ବିସ୍ରେ ପୁର୍ବେତାଂ ଚିତା କିୱି କାଜିଂ ଜାର୍ ଜାର୍ ମାନ୍ତ
ତିର୍ କିୟାଟ୍ !
୧୫ ଇନାକିଦେଂକି ଆନ୍ ମିଙ୍ଗେଙ୍ଗ୍ ଇ ଲାକେ କାତା ଆରି ଗିଆନ୍ ହିଦ୍‌ନାଂ ଆୱିତିସ୍ ମି ୱିଜୁ ବେର୍ୟାର୍ ୱେଇ ମାସ୍ତେଦେଂ
ଆଡ଼୍‌ଦୁର୍ ।
୧୬ ଆରେ ଏପେଙ୍ଗ୍ ଆବା ଆୟା, ଟଣ୍ଡେନ୍, ୱାସ୍କିନିକାର୍ ଆରି ବନ୍ଦୁ କୁଟୁମ୍‌ନିକାର୍ କାଜିଂ ପା ହେଲାୟ୍ ଅନାଦେର୍, ଆରେ
ମିତାଙ୍ଗ୍ ଲକୁ ଇନେ ଇନେରିଂ ଅହ୍‌ନାର୍,
୧୭ ଆରେ ନା ତର୍ କାଜିଂ ଏପେଙ୍ଗ୍ ୱିଜାକାର୍ ତାକେ ଗିଣ୍‌କିୟା ଅନାଦେର୍ ।

✡ **୨୧:୧୪** ଲୁକ ୧୨:୧୧,୧୨.

୧୮ ମାତର୍ ମି କାପ୍ଡ଼ାନି ତେମୁଲ୍ ପା ନସ୍ଟ ଆଉତ୍ !
୧୯ ମାତର୍ ଏପେଙ୍ଗ୍ ସାସ୍ ମାଚିସ୍ ଜାର୍ ଜାର୍ ୱାସ୍କି ଲାବ୍ କିନାଦେର୍ ।”

### ଜିସୁ ଜିରୁସାଲମ୍ ବାଡ଼୍ହା ଆନି ବିସ୍ରେ ୱେଚ୍ଚାନ୍
### (ମାତିଉ ୨୪:୧୫-୨୧; ମାର୍କ ୧୩:୧୪-୧୯)

୨୦ ମାତର୍ “ଏପେଙ୍ଗ୍ ଏଚେକାଡ଼୍ଦ ଜିରୁସାଲମ୍ ତାକେ ମେଲ୍ୟାର୍ତାଂ ବେଡ଼ିକିନାକା ହୁଡ଼୍ନାଦେର୍, ହେପାଦ୍ନା ହେଦାଂ
ବାଡ଼୍ହାଆନାକା ଜେ ଲାଗେ, ଇଦାଂ ପୁନାଟ୍ ।
୨୧ ଏଚେକାଡ଼୍ଦ ଇନେର୍ ଜିହୁଦା ରାଜିତ ମାଚିସ୍, ହେୱାର୍ ଆତିସ୍ପା ମାଡ଼ିତ ହନ୍ଚି ହାଲେର୍, ଆରେ, ଇନେର୍ ଗାଡ଼୍ଦ
ବିତ୍ରେ ମାଚିସ୍, ହେୱାର୍ ଆତିସ୍ପା ହାଲେର୍; ଆରେ, ଇନେର୍ ନାସ୍କୁକାଂ ମାଚିସ୍, ହେୱାର୍ ଆତିସ୍ପା ଗାଡ଼୍ଦ ହଣ୍ମେର୍;
୨୨ ଇନାକିଦେଂକି ଲେକାଆତି ବିସ୍ରେ ୱିଜୁ ଗ଼ିଟାଆନି କାଜିଂ ହେଦାଂ ଡାଣ୍ଡ ସମୁ ।
୨୩ ହେ ୱେଡ଼ାଲିଂ ଇନେର୍ ଏସ୍ ପିସ୍ତାକା ଆରି ମାୟ୍ଉଟ୍ନି ଆୟା, ଆ, ହେୱେକ୍ ଦୁକ୍ନିକିକ୍ ! ଇନାକିଦେଂକି ପୁର୍ତିତ
ଗାଜା ବିପତି ଆରି ଇ ଇସ୍ୱର୍ ଜାତି କାଜିଂ ରିସା ଗିଟା ଆନାଡ୍,
୨୪ ଆରେ ହେୱାର୍ କାଣ୍ଡା ଦାରାତ ହାନାର୍ ଆରି ବନ୍ଦିଆଜି ୱ଼ିଜୁ ବ଼ିନ୍ଜାତି ତାକେ ମେହା ଆନାର୍, ଆରେ ପାର୍ତିକିୱି
ଜିହୁଦିର୍ତି ଦିନ୍ପୁରାଆୱି ପାତେକ୍ ଜିରୁସାଲମ୍ ହେୱାର୍ତି ପାନା ତାରେନ୍ ଆଜି ମ଼ାନାଡ୍ ।”

### ମାନାୟ୍ ମାଜି ୱ଼ାନାକା
### (ମାତିଉ ୨୪:୨୯-୩୧; ମାର୍କ ୧୩:୨୪-୨୭)

୨୫ ✡ଆରେ “ୱେଡ଼ା, ଲେଞ୍ଜ୍ ଆରି ହୁକାଙ୍ଗ୍ତ ଚିନ୍ ଚନ୍ଞାନାଡ୍, ଆରି ପୁର୍ତିତ ଜାତି ବିତ୍ରେ ଗଡ଼୍ମେଲି ଆନାଡ୍, ହାମ୍ଦୁର୍
ଆରି ଲଡ଼ି ଗାର୍ଜାନ୍ କାଜିଂ ହେୱାର୍ ବୁଦିବାଣା ଆନାର୍,
୨୬ ଆରେ ପୁର୍ତି ଜପି ୱାନି ଗଟ୍ଣା ୱିଜୁ କ଼ାସିପା ଲକୁ ଆପ୍ରାଂ ଆନାର୍, ଇନାକିଦେଂକି ଆକାସ୍ନି ସାକ୍ତି ସବୁ ପାଣ୍ତ୍ରା ଆନିଂ
।
୨୭ ✡ହେ କାଡ଼୍ଦ ଲକୁ ମାନାୟ୍ ମାଜି ଗ଼ାଜା ସାକ୍ତିତାଂ ଆରି ଗାଜା ପାଣ୍ଦାଙ୍ଗ୍ ୱାନାକା ହୁଡ଼୍ନାଦେର୍ ।
୨୮ ମାତର୍ ଇ ସବୁ ଗଟ୍ଣା ହାଙ୍ଗ୍ତିସ୍ ଏପେଙ୍ଗ୍ କାପ୍ଡ଼ା ଜପି ହୁଡ଼ାଟ୍ ଆରି କାପ୍ଡ଼ା ତାରେନ୍ କିୟାଟ୍, ଲାଗିଂ ମିଦାଙ୍ଗ୍
ମୁକ୍ଡ଼ାନାକା ଲାଗେ ।”

### ଡଗା ମାର୍ନି ହିକ୍ୟା
### (ମାତିଉ ୨୪:୩୨-୩୫; ମାର୍କ ୧୩:୨୮-୩୧)

୨୯ ଆରି, ହେୱାନ୍ ହେୱାରିଂ ର ଉତର୍ମୁଡ଼୍ ୱେଚ୍ଚାନ୍, ଡଗା ମାର୍, ଆରେ “ୱିଜୁ ମ଼ାର୍କୁ ବିସ୍ରେ ଚିନ୍ତା କିୟାଟ୍ ହୁଡ଼ାଟ୍;
୩୦ ଏଚେକାଡ଼୍ଦ ହେୱାଙ୍ଗ୍ ଆକିଂ ଗିଲ୍ନିକ୍, ହେ ଏଚେକାଡ଼୍ଦ ଏପେଙ୍ଗ୍ ହେଦାଂ ହୁଡ଼୍ଜି ଜେଟ୍କାଡ଼୍ ଏକାୱାତାଡ୍ ଇଞ୍ଜି
ଜାର୍ ଜାର୍ ପୁଞ୍ଜି ମାନାଟ୍,
୩୧ ହେ ଲାକେ ଏଲେଙ୍ଗ୍ ପା ଇ ସବୁ ଗଟ୍ଣା ହୁଡ଼୍ତିସ୍ ଇସ୍ୱର୍ତି ରାଜି ଏକାୱାତାଡ୍, ଇଦାଂ ପୁନାଟ୍ ।”
୩୨ “ଆନ୍ ମିଙ୍ଗେଙ୍ଗ୍ ହାଡ୍ପା ଇଞ୍ଜ୍ନାଙ୍ଗା, ଇ ୱିଜୁଗ଼ିଟାଆୱି ପାତେକ୍ ଇ ନେଞ୍ଜେ ୱିଗାନି ନାର୍ ଇନେସ୍ ବାନି ବୁଡା ଆଉର୍
।
୩୩ ଆକାସ୍ ଆରି ପୁର୍ତି ୱିଜ୍ନାଡ୍, ମାତର୍ ନା ବଚନ୍ ସବୁ ମୁଡ଼୍କେ ୱିଜୁଡ୍ ।”

### ସବୁ ୱେଡ଼ାଙ୍ଗ୍ ଜାଲ୍ଦି ଆଜି ମ଼ାନାଟ୍

୩୪ ମାତର୍ ଏପେଙ୍ଗ୍ ଜାର୍ ଜାର୍ ବିସ୍ରେ “ଜାଗ୍ରତ୍ ଆଜି ମ଼ାନାଟ୍, ଏଚେକାଡ଼୍ଦ ନି ମାନ୍ମୁଞ୍ଜ୍ନାକା ଆରି କାଲିଂ ଗହନାକାତ,
ଆରେ ଜିଦେଂ କାଜିଂ ଚିନ୍ତାତ ତେରେ ପେତେ ଆନାଡ୍, ଆରି ହେ ଦିନ୍ ହାଚାଟ୍ରେ ମି ଜପି ଆର୍ନାଡ୍;
୩୫ ଇନାକିଦେଂକି ହାଦାଙ୍ଗ୍ ଡ଼କ୍ରା ଲାକେ ସବୁ ପୁର୍ତିନି ଲକୁ ୱିଜାକ଼ାର୍ ଜପି ୱାନାଡ୍ ।
୩୬ ମାତର୍ ଏପେଙ୍ଗ୍ ଇନେସ୍ ଇ ସବୁ ୱାନି ଦିନ୍ ଗଟ୍ଣାତାଂ ରାକ୍ୟା ପାୟା ଆଦେଂ ଆରି ମାନାୟ୍ ମାଜି ଲ଼ାଗେ ନିଲ୍ତେଂ
ବାଚିକିୟା ଆଡୁ, ଇଦାଂ କାଜିଂ ନିତ୍ରେ ପାର୍ତାନା କିଜି କ଼ାସି ମାନାଟ୍ ।”
୩୭ ✡ହେୱାନ୍ ନିତ୍ରେ ମନ୍ଦିର୍ତ ହିକାଇ କିଜି ମ଼ାଚାନ୍, ଆରେ ନିତ୍ରେ ନାଣା ହସି ହାଲ୍ଜି ଜିତ୍ମାଡ଼ିତ ମାନ୍ଞ୍ଜି ମାଚାନ୍ ।
୩୮ ଆରି, ୱିଜୁଲ଼ଗୁ ମନ୍ଦିର୍ତ ହେୱାନ୍ତି ହିକ୍ୟା ୱେନ୍ଞ୍ଜେଙ୍ଗ୍ ଉଟ୍ଲା ହାକାଡ଼େ ହେୱାନ୍ତାକେ ୱାଜି ମ଼ାଚାର୍ ।

## ୨୨

### ଜିସୁ ବିରୁଦ୍ତ କୁଟ୍
### (ମାତିଉ ୨୬:୧-୫; ୧୪:୧୬; ମାର୍କ ୧୪:୧-୨; ୧୦:୧୧; ଜହନ୍ ୧୧:୪୫-୫୩)

୧ ନିସ୍ତାର୍ ପାର୍ବୁ ତର୍ ହଇୱିରୁଟି ନି ପାର୍ବୁ ଲାଗାଂ ଆଜି ୱ଼ାଜି ମ଼ାଚାଡ୍ ।

✡ **୨୧:୨୫** ହଡ୍ତି ୬:୧୨,୧୩. ✡ **୨୧:୨୭** ହଡ୍ତି ୧:୭. ✡ **୨୧:୩୭** ଲୁକ ୧୯:୪୭.

୨ ଆରି, ମୁଡ଼୍ ମାପୁହେବାକିନାକାର୍ ଆରି ସାସ୍ତ୍ରିର୍, ଇନେସ୍ ଜିସୁଙ୍ଗ୍ ଡ଼ଗୁଜି ଅସ୍ତେଙ୍ଗ୍ ଆଡ଼ନାର୍, ହେବେଣ୍ତାଁ ଉପାୟ୍
ତେକ୍‌ଚି ମାଚାର୍, ଇନାକିଦେଂକି ହେୱାର୍ ମାନାୟ୍‌ତିଂ ପାଣ୍ତ୍ରା ଆଜି ମାଚାର୍ ।

## ଜିସୁଙ୍ଗ୍ ଅହି କିଦେଙ୍ଗ୍ ଇଞ୍ଜି ଜିହୁଦିତ ଁ ରାଜି

*(ମାତିଉ ୨୬:୧୪-୧୬; ମାର୍କ ୧୪:୧୦-୧୧)*

୩ ହେୱାଡ଼ାଂ ବାରଜାଣ୍ ଚେଲାର୍ ବିତ୍ରେ ଇସ୍କାରିୟତିୟ ଇନି ଜିହୁଦା ତାକେ ସୟତାନ୍ ହଟାଡ଼୍;
୪ ଆରି, ହେୱାନ୍ ହାଲ୍‌ଜି, ଇନେସ୍ ଉପାୟ୍‌ତ ହେୱାନିଂ ମୁଡ଼୍ ମାପୁହେବାକିନାକାର୍ ତାକେ ଆରି ମେଲ୍ୟାର୍ କେଇଦ
ହେଲାୟ୍ କିଦେଙ୍ଗ୍ ଆଡ଼ନାନ୍, ହେଦାଂ ହେୱାର୍ ହୁକେ ବେଣ୍ କିତାନ୍ ।
୫ ହେବେ ତାଙ୍ଗ୍ ହେୱାର୍ ୱାରିୟା ଆତାର୍ ଆରି ହେୱାନିଂ ଟାକାଂ ହିଦେଂ ଗଜା କିତାର୍ ।
୬ ଆରି ହେୱାନ୍ ରାଜି ଆଜି ଜିସୁଙ୍ଗ୍ ଆସ୍ତାର୍ ହେୱାନିଂ ହେୱାର୍ କେଇଦ ହେଲାୟ୍ କିଦେଙ୍ଗ୍ କାଜିଂ ତେକ୍‌ଚି ମାଚାନ୍ ।

## ନିସ୍ତାର୍ ପାର୍ବୁନି କାଦି ରଚ୍‌ନାକା ଜିସୁ ଜାଗ୍ରତ୍

*(ମାତିଉ ୨୬:୧୭-୨୫; ମାର୍କ ୧୪:୧୨-୨୧; ଜହନ୍ ୧୩:୨୧-୩୦)*

୭ ପାଚେ ଇମ୍‌ଣି ଦିନ୍ ନିସ୍ତାର୍ ପାର୍ବୁନି ମେଣ୍ତା ପୁଜାକିଦେଙ୍ଗ୍ ଲାଗ୍‌ଦାନାଡ଼୍, ହଇୱି ରୁଟିନି ପାର୍ବୁ ହେ ଦିନ୍ ଏକାୱାତାଡ଼୍;
୮ ଆରେ, ହେୱାନ୍ ପିତର୍ ଆରି ଜହନ୍‌ତିଂ ଇଦାଂ ଇଞ୍ଜି ପକ୍‌ତାନ୍, ଆସେଙ୍ଗ୍ ଇନେସ୍‌କି ତିନ୍‌ଞ୍ଜେଙ୍ଗ୍ ଆଡ଼ନାସ୍, ଇଦାଂ
କାଜିଂ "ଏପେଙ୍ଗ୍ ହାଲ୍‌ଜି ମା କାଜିଂ ନିସ୍ତାର୍ ପାର୍ବୁ ବଜି ଜାଲ୍‌ଦି କିୟାଟ୍ ।"
୯ ହେବେତାଂ ହେୱାର୍ ହେୱାନିଂ ୱେନ୍‌ବାତାର୍, "ଆସେଙ୍ଗ୍ ଇଦାଂ ଇମ୍‌ଣି ବାହାତ ଜାଲ୍‌ଦି କିନାପ୍ ଇଞ୍ଜି ଏନ୍ ଇଚା
କିନାୟ୍ ?"
୧୦ ଜିସୁ ହେୱାରିଂ ଇଚାନ୍, "ହୁଡ଼ାଟ୍ ଏପେଙ୍ଗ୍ ଗାଡ଼ଦ ହଟିସ୍, ଏସ୍ ଗାଗ୍ରି ଅଜି ହାନି ରକାନ୍ ମାନାୟ୍ ମିଙ୍ଗେଙ୍ଗ୍
ବେଟାଆଦ୍‌ନାନ୍; ହେୱାନ୍ ଇମ୍‌ଣି ଇଞ୍ଜ ହଣାନ୍, ହେୱାନ୍ ପାଚେ ପାଚେ ହେ ଇଞ୍ଜ ହାଲ୍‌ଜି ଇଲ୍‌ନି ମୁଣିକାଙ୍ଗ୍ ଇନାଦେର୍,
୧୧ 'ଗୁରୁ ନିଙ୍ଗେଙ୍ଗ୍ ୱେନ୍‌ବାଆନ୍ନାନା, ଆନ୍ ନା ଚେଲାର୍ ଲାହାଙ୍ଗ୍ ଇମେତାକେ ନିସ୍ତାର୍ ପାର୍ବୁ ତିଞ୍ଜେଙ୍ଗ୍ ମାନି କିନାପ୍, ହେ
ଗଟାଙ୍ଗ୍ ଇଲ୍ ଇମେତ୍ ?'
୧୨ ହେବେତାଂ ହେୱାନ୍ ମିଦାଙ୍ଗ୍ ହାର୍‌କିଜି ଜାଲ୍‌ଦି କିତି ଜପ୍‌ଣି ଗାଜା ବାକ୍ରା ଚଚ୍‌ଚାନାନ୍, ହେ ବାହାତ ଜାଲ୍‌ଦି କିୟାଟ୍
।"
୧୩ ଆରେ, ହେୱାର୍ ହାଲ୍‌ଜି, ଜିସୁ ହେୱାରିଂ ଇନେସ୍ ଇଞ୍ଜି ମାଚାନ୍, ହେ ଲାକେ ହୁଡ଼୍‌ଜି ନିସ୍ତାର୍ ପାର୍ବୁନି ବଜି ଜାଲ୍‌ଦି
କିତାର୍ ।

## ମାପୁ ବଜ୍

*(ମାତିଉ ୨୬:୨୬-୩୦; ମାର୍କ ୧୪:୨୨-୨୬; ୧ କରନ୍ତିୟ ୧୧:୨୩-୨୫)*

୧୪ ଆରେ, ସମୁ ଏକାୱାତିଲେ, ହେୱାନ୍ ବାରଜାଣ୍ ପକ୍ୟାତାକାର୍ ହୁକେ ଚିଞ୍ଜେଙ୍ଗ୍ କୁଚ୍‌ଚାର୍ ।
୧୫ ଆରେ, ଜିସୁ ହେୱାରିଂ ଇଚାନ୍, "ନା ଦୁକ୍ ଆଗେ ଆନ୍ ମି ହୁକେ ଇ ନିସ୍ତାର୍ ବଜି ମାନି କିଦେଙ୍ଗ୍ ମାନ୍ତ ଇଚା କିତାଙ୍ଗ୍;
୧୬ ଇନାକିଦେଂକି ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ମାପୁତି ରାଜିତ ଇଦାଂ ଅରତ୍ ହାତ୍‌ପା ପୁରା ଆୱି ପାତେକ୍ ଆନ୍ ଆରେ
ଇନାୱାଡ଼ାଂ ପା ମାନି କିଉଙ୍ଗ୍ ।"
୧୭ ଆରେ, ହେୱାନ୍ ଗିଲାସ୍ ଅଜି ଜୁୱାର୍ କିଜି ହିଜି ଇଚାନ୍, "ଇଦାଂ ଅଜି ଜାର୍ ଜାର୍ ବିତ୍ରେ ବାଗ୍ କିୟାଟ୍,"
୧୮ ଇନାକିଦେଂକି ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ମାପୁ ରାଜି ୱାୱି ପାତେକ୍ ଆନ୍ ଅଙ୍ଗୁର୍ ରାସ୍ ନେଞ୍ଜେଙ୍ଗ୍ ତାଙ୍ଗ୍ ଇଦାଂ
ଆରେ ଉଣୁଙ୍ଗ୍ ।
୧୯ ଆରେ, ହେୱାନ୍ ରୁଟି ଅଜି ଜୱାର୍ କିଜି ଆରି ହେଦାଂ ଡ୍ରିକ୍‌ଚି ହେୱାରିଂ ହିଜି ଇଚାନ୍, "ମି କାଜିଂ ହିତି ନା ଗାଗାଡ଼୍
ଇଦାଂ, ନାଙ୍ଗେଙ୍ଗ୍ ଏତୁ କିଦେଙ୍ଗ୍ ଇଦାଂ କିୟାଟ୍ ।"
୨୦ ଚିଚି ପାଚେ ହେ ଲାକେ ହେୱାନ୍ ଗିଲାସ୍ ଅଜି ଇଚାନ୍, "ଇ ଗିଲାସ୍ ମି କାଜିଂ ରଚ୍‌ଚି ମାନି ନା ନେତେର୍‌ତାଂ ରଚ୍‌ଚି
ପୁନି ନିୟମ୍ ।"
୨୧ ମାତର୍ ହୁଡ଼ାଟ୍, "ଇନେର୍ ନାଙ୍ଗେଙ୍ଗ୍ ସତୁ କେଇଦ ହେଲାୟ୍ କିଦ୍‌ନ୍ନା, ତା କେଇ ନା ଲାହାଙ୍ଗ୍ ଟେବୁଲ୍ ଜପି ମାନାଡ଼୍
।
୨୨ ଇନାକିଦେଂକି ଇନେସ୍ ତିର୍ ଆତାତ୍‌ନ୍ନା, ମାନାୟ୍ ମାଜି ହେ ଲାକେ ହାକି ପାୟା ଆନାନ୍, ମାତର୍ ଇମ୍‌ଣି ମାନାୟ୍‌ତିଂ
ହେୱାନ୍ ସତୁ କେଇଦ ହେଲାୟ୍ କିୟା ଆନାନ୍, ହାୟ୍ ଡାଣ୍ତ୍ ପାୟା ଆନାନ୍ !"
୨୩ ଲାଗିଂ "ହେୱାର୍ ବିତ୍ରେ ଇନେର୍ ଇଦାଂ କିଦେଙ୍ଗ୍ ହାନାରା, ହେ ବିସ୍ରେ ହେୱାର୍ ହେୱାର୍ ୱେଚ୍‌ପା ଆଦେଂ ଲାଗାତାର୍
।"

## ରକାନ୍ ଚାକର୍ ଲାକେ ଆଡୁ

୨୪ ✡ଆରେ, ହେୱାର୍ ବିତ୍ରେ ଇନେର୍ ଗାଜା, ହେ ବିସ୍ରେ କେଡ଼୍‌ପା ଆତାର୍ ।

---

✡ **୨୨:୨୪** ମାତିଉ ୧୮:୧; ମାର୍କ ୯:୩୪; ଲୁକ ୯:୪୬.

୨୫ ହେବେତାଂ ହେୱାନ୍ ହେୱାରିଂ ଇଚାନ୍, “ପାତର୍ି କିୱି ଜିହୁଦିର୍ ରାଜାର୍ ହେୱାର୍ ଜପି ଆଦିକାର୍ କିତାର୍, ହେୱାର୍
ଲକୁ ହେବାନିକାର୍ ଇଞ୍ଜି ପୁଟାଆନାର୍ ।
୨୬ ✡✡ମାତର୍ ଏପେଙ୍ଗ୍ ହେ ଲାକେ ଆମାଟ୍, ମତର୍ ମି ବିତ୍ରେ ଇନେର୍ ଗାଜାକାନ୍, ହେୱାନ୍ ହାରୁକାନ୍ ଲାକେ ଆୟେନ୍,
ଆରି ଇନେର୍ ନେତା, ହେୱାନ୍ ହେବାକାର୍ୟା ଲାକେ ଆୟେନ୍ ।
୨୭ ✡ଇନାକିଦେଂକି ଇନେର୍ ଗାଜାକାନ୍ ? ଇନେର୍ ଚିଞ୍ଜେଙ୍ଗ୍ କୁଚ୍‌ଚାନ୍ନା, କି ଜେ ହେବାକାର୍ୟା ? ଇନେର୍ ଚିଞ୍ଜେଙ୍ଗ୍
କୁଚ୍‌ଚାକାନ୍ ହେୱାନ୍ କି ଗାଜାକାନ୍ ଆକାୟ୍ ? ମାତର୍ ଆନ୍ ମି ବିତ୍ରେ ରକାଂ ହେବାକାର୍ୟା ଲାକେ ମାନାଂ ।”
୨୮ ମାତର୍ “ଏପେଙ୍ଗ୍ ନା ୱିଜୁ ପରିକ୍ୟାତ ନା ଲାହାଙ୍ଗ୍ ମାନ୍‌ଞ୍ଜି ୱାନାଦେରା;
୨୯ ଲାଗିଂ ନା ଆବା ରାଜି ରଚ୍‌ଚାନ୍ନା, ଆନ୍ ପା ହେ ଲାକେ ମି କାଜିଂ ରଚ୍‌ନାଙ୍ଗା,
୩୦ ଇନେସ୍‌କି ଏପେଙ୍ଗ୍ ନା ରାଜିତ ନା ଟେବୁଲ୍‌ତ ତିନ୍‌ଞ୍ଜି ଉଣ୍‌ଜି କିନାଦେର୍, ଆରେ ଗାଦିତ କୁଚ୍‌ଚି ଇସ୍ରାଏଲ୍‌ନି ବାର
କୁଟୁମ୍‌ତିଂ ରାଜ୍ କିନାନ୍ ।”

## ପିତର୍‌ତି ଜିସୁଙ୍ଗ୍ ପାତର୍ି କିୱି ଆଗେ ୱେଚ୍‌ନାକା
(ମାତିଉ ୨୬.୩୧-୩୫; ମାର୍କ ୧୪.୨୭-୩୧; ଜହନ୍ ୧୩.୩୬-୩୮)

୩୧ “ସିମନ୍, ସିମନ୍, ହୁଡ଼ା କାମ୍‌ଲିୟା, ଗଁମ୍‌ତିଂ ପୁଟା ଆଲ୍‌ଗା କିଦେଙ୍ଗ୍ ଇଞ୍ଜି ହାଣେଲ୍‌ତ ଚାଲାୟ୍‌କିନି ଲାକେ ସୟ୍‌ତାନ୍
ପା ହାର୍‌ଦିମାନାୟାର୍‌ତାଂ ବାନିୟାରିଙ୍ଗ୍ ଆଲ୍‌ଗା କିଦେଙ୍ଗ୍ ଇଞ୍ଜି ମିଙ୍ଗେଙ୍ଗ୍ ପରିକ୍ୟା କିଦେଙ୍ଗ୍ ଆଦିକାର୍ ପାୟାଆତାଂନ୍ନା;
୩୨ ମାତର୍ ନି ପାତର୍ି କିନାକା ଇନେସ୍ ଡ଼ଗୁଡ଼୍, ଇଦାଂ କାଜିଂ ଆନ୍ ନି ହୁଦାଂ ପାର୍ତାନା କିତାଙ୍ଗ୍; ଆରେ, ଏନ୍ ଲେଉଟା
ଆଜି ୱାନିହିଂ ଜାର୍ ଟଣ୍ଡାରିଂ ସୁସ୍ତା କିୟା ।”
୩୩ ମାତର୍ ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, “ଏ ମାପ୍ରୁ, ଆନ୍ ନି ଲାହାଙ୍ଗ୍ ବନ୍ଦି ଇଞ୍ଜ ହାଞ୍ଜେଙ୍ଗ୍ ଆରି ହାଦେଂ ଜାଲ୍‌ଦି ଆତାଙ୍ଗ୍‌ନା
।”
୩୪ ମାତର୍ ହେୱାନ୍ ଇଚାନ୍, “ଏ ପିତର୍, ଆନ୍ ନିଙ୍ଗେଙ୍ଗ୍ ୱେଚ୍‌ଚାନାଙ୍ଗା, ନେଞ୍ଜେଙ୍ଗ୍ କୁଜୁ କ୍ବେନିହିଂ ଆଗେ ଏନ୍ ଜେ
ପୁଞ୍ଜ୍‌ନାୟ୍, ଇଦାଂ ତିନିହଟ୍ ପାତର୍ି କିଦୁୟ୍ ।”

## ହାବଡ଼୍ କାଜିଂ ଜାଲ୍‌ଦି ଆଜି ମାନାଟ୍

୩୫ ✡ଆରେ, ହେୱାନ୍ ହେୱାରିଂ ଇଚାନ୍, “ଏଚେକୋଡ଼୍‌ଦ ଆନ୍ ମିଙ୍ଗେଙ୍ଗ୍ ବାଡି, ମଣା ଆରି କାଣ୍ଡା ପାଣ୍ଡାଇଙ୍ଗ୍ ତୁସ୍‌ୱାଦାଙ୍ଗ୍
ପକ୍‌ଚି ମାନ୍‌ଆଙ୍ଗ୍, ହେୱାଡ଼ାଂ ମିଦାଙ୍ଗ୍ ଇନାକା ଅବାବ୍ ଆଜି ମାଚାଡ଼୍ ?” ହେୱାର୍ ଇଚାର୍, ଇନାକା “ଆକାୟ୍ ।”
୩୬ ହେବେତାଂ ହେୱାନ୍ ହେୱାରିଂ ଇଚାନ୍, “ମାତର୍ ନଙ୍ଗ୍, ଇନେର୍‌ତି ବାଡି ମାନାଡ଼୍, ହେୱାନ୍ ହେଦାଂ ଅୱେନ୍, ହେ
ଲାକେ ମଣା ପା ଅୱେନ୍, ଆରି ଇନେର୍‌ତି ହିଲୁଡ଼୍, ହେୱାନ୍ ହେ ହେନ୍ଦ୍ରା ରଞ୍ଜାଙ୍ଗ୍ ପ୍ରସି କାଣ୍ଡା କଡ଼େନ୍ ।”
୩୭ ଇନାକିଦେଂକି ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା,
“ହେୱାନ୍ ଅଦାମର୍ି ର୍ ଲାହାଂ ଗାଣାକିୟା ଆତାନ୍,” ଇ କାତା ଲେକା ଆତାଡ଼୍‌ନ୍ନା, “ହେଦାଂ ନା ତାକେ ପୁରାଆନାକା
ମାନାଡ଼୍; ଲାଗିଂ ନା ବିସ୍ରେ ପୁରା ଆତାଡ଼୍‌ନ୍ନା ।”
୩୮ ହେବେତାଂ ହେୱାର୍ ଇଚାର୍, ମାପ୍ରୁ, ହୁଡ଼ା, “ଇବେ ରିଣ୍ଡାଂ କାଣ୍ଡାଙ୍ଗ୍ ମାନିକ୍ । ଆରେ, ହେୱାନ୍ ହେୱାରିଂ ଇଚାନ୍,
ଏଚେକ୍‌ନେ ସାରି ।”

## ଜିସୁ ଜିତ୍ ମାଡ଼ିତ ମାପ୍ରୁତି ପାର୍ତାନା
(ମାତିଉ ୨୬.୩୬-୪୬; ମାର୍କ ୧୪.୩୨-୪୨)

୩୯ ଜିସୁ ଗାଡ଼୍‌ଦାଂ ହସି ଜାର୍ ରିତି ହୁକେ ଜିତ୍‌ମାଡ଼ିତ ହାଚାର୍, ଆରି ଚେଲାର୍ ପା ତା ପାଚେ ପାଚେ ହାଚାର୍ ।
୪୦ ହେ ବାହାତ ଏକିସ୍ ଜିସୁ ହେୱାରିଂ ଇଚାନ୍, “ପରିକ୍ୟାତ ଇନେସ୍ ଆର୍‌ମାଟ୍, ଇଦାଂ କାଜିଂ ପାର୍ତାନା କିୟାଟ୍ ।”
୪୧ ଆରେ, ହେୱାନ୍ ହେୱାର୍ ଆନ୍‌ମାନ୍‌ତାଂ ପାଞ୍ଚ୍‌କଡ଼ି ଆଡ଼୍‌ତାଂ ଦେହା ହାଲ୍‌ଜି ମେଣ୍ଡାଙ୍ଗ୍ କୁନ୍ଦିକିଜି ଇ ପାର୍ତାନା କିଦେଙ୍ଗ୍
ଲାଗାତାର୍,
୪୨ “ଏ ଆବା,” ଜଦି ନି ଇଚା ମାନାଡ଼୍ ଲାଗିଂ “ଇ ଦୁକ୍ ନା ତାଙ୍ଗ୍ ଦେହା କିୟା, ଆତିସ୍ ପା ନା ଇଚା ଆକାୟ୍, ମାତର୍ ନି
ଇଚା ପୁରା ଆୟେଡ଼୍ ।”
୪୩ ଆରେ, ସାର୍ଗେତାଂ ର ଦୁତ୍ ଚଞ୍ଜ୍‌ୟା ଆଜି ତାଙ୍ଗେଙ୍ଗ୍ ସାକ୍ତି ହିତାନ୍ ।
୪୪ ଆରେ, ଜିସୁ ମାନ୍ ବିତ୍ରେ ଦୁକ୍‌ତାଂ ଡ୍ରିଙ୍ଗ୍‌ଜି ପାର୍ତାନା କିଦେଙ୍ଗ୍ ଲାଗାତାନ୍ ଆରି ତା ରୁମିଙ୍ଗ୍ ନେତେର୍ ଲାକେ ମେଦ୍‌ନିତ
ଆର୍‌ତିକ୍ ।
୪୫ ଆରେ, ହେୱାନ୍ ପାର୍ତାନାତାଙ୍ଗ୍ ନିଙ୍ଗ୍‌ଜି ଚେଲାର୍ ଲାଗାଂ ୱାଜି ହେୱାରିଂ ଦୁକ୍ କାଜିଂ ହୁନ୍‌ଆକାରିଂ ହୁଡ଼୍‌ତାନ୍;

---
✡ **୨୨:୨୬** ମାତିଉ ୨୩:୧୧; ମାର୍କ ୯:୩୫. ✡ **୨୨:୨୬** ମାତିଉ ୨୦:୨୫-୨୭; ମାର୍କ ୧୦:୪୨-୪୪. ✡ **୨୨:୨୭** ଜହନ୍ ୧୩:୧୨-୧୫. ✡ **୨୨:୩୫** ମାତିଉ
୧୦:୯,୧୦; ମାର୍କ ୬:୮,୯; ଲୁକ ୯:୩; ୧୦:୪.

୪୬ ଆରେ, ହେୱାନ୍ ହେୱାରିଂ ଇଚାନ୍, "ଇନେକିଦେଂ ହୁଞ୍ଜ୍ନାଦେରା ? ପରିକ୍ୟାତ ଇନେସ୍ ଆଟ୍ରମାଟ୍, ଇଦାଂ କାଜିଂ
ନିଙ୍ଗ୍‌ଜି ପାର୍ତାନା କିୟାଟ୍ ।"

### ଜିସୁ ସତୁ କେଇଦ ହେଲାୟ୍ କିୟାତାନ୍

*(ମାତିଉ ୨୬:୪୭-୫୬; ମାର୍କ ୧୪:୪୩-୫୦; ଜହନ୍ ୧୮:୩-୧୧)*

୪୭ ଜିସୁ କାତା ଇନିୱାଡ଼ାଂ, ହୁଡ଼ାଟ୍ ଲକୁ ୱାଜି ଏକାୱାତାର୍, ଆରି ବାରଜାଣ୍ ବିତ୍ରେ ଜିହୁଦା ଇନି ରକାନ୍ ହେୱାର୍ ଆଗେ
ଆଗେ ୱାଜି ଜିସୁଙ୍ଗ୍ ଡନ୍‌ଞ୍ଜେଙ୍ଗ୍ ହେ କଚଣ୍ଡ ହାଚାନ୍ ।
୪୮ ମାତର୍ ଜିସୁ ହେୱାନିଂ ଇଚାନ୍, "ଏ ଜିହୁଦା ଡନ୍‌ଞ୍ଜି ପା ମାନାୟ୍ ମାଜି ସତୁ କେଇଦ ହେଲାୟ୍ କିଦ୍‌ନାୟା ?"
୪୯ ଇବେଣ୍ଡାଂ ଇନାକା ଗିଟା ଆନାଡ୍, ହେଦାଂ ହୁଡ଼୍‌ଜି ହାଙ୍ଗ୍‌ଦାକାର୍ ଇଚାର୍, "ମାପୁ, ଆପେଂ ଇନାକା କାଣ୍ଡାତ କାଡ୍‌ନାପ୍
?"
୫୦ ଆରେ, ହେୱାର୍ ବିତ୍ରେ ରକାନ୍ ମୁଡ଼୍ ମାପୁହେବାକିନାକାନ୍ ଆଡ଼ିୟାଙ୍ଗ୍ ମାଟ୍‌କିଜି ହେ ତିନି କିଡୁଲ୍ ରାସ୍‌ଦି ଡୁହିତାନ୍
।
୫୧ ମାତର୍ ଜିସୁ ଉତର୍ ହିତାନ୍, "ଏଚେକ୍ ହୁନ୍‌ଜି ମାନାଟ୍," ଆରେ, ହେୱାନ୍ ହେ କିଡୁଲ୍ ଡୁଜି ଡାଙ୍ଗେଙ୍ଗ୍ ଉଜ୍ କିତାନ୍ ।
୫୨ ଆରେ, ଜିସୁ ହେୱାନ୍ତି ବିରୁଦ୍‌ତ ୱାଜି ମାଚି ମୁଡ଼୍ ମାପୁହେବାକିନାକାର୍, ମନ୍ଦିର୍‌ନି ମୁଡ଼୍‌ଜାମାନ୍ ଆରି ବୁଡ଼ାଲୁରିଂ
ଇଚାର୍, "ଚର୍କୁ ବିରୁଦ୍‌ତ ହତି ଲାକେ କାଣ୍ଡା ଆରି ଟେଙ୍ଗା ଆଜି ଏପେଙ୍ଗ୍ ଇନାକା ହସି ୱାତାଦେର୍ଣ୍ଣା ?
୫୩ ଆନ୍ ନିତ୍ରେ ମି ହୁକେ ମନ୍ଦିର୍‌ତ ମାନିୱେଡ଼ାଲିଂ ଏପେଙ୍ଗ୍ ନା ବିରୁଦ୍‌ତ କେଇ କିଦ୍‌ୱାତାଦେର୍, ମାତର୍ ଇଦାଂ ମି ସମୁ
ଆରି ମାଜ୍‌ଗାନି ଆଦିକାର୍ ।"

### ପିତର୍ ଜିସୁଙ୍ଗ୍ ପାର୍ଟି କିୱାତାନ୍

*(ମାତିଉ ୨୬:୫୭-୫୮; ୨୬:୬୯-୭୫; ମାର୍କ ୧୪:୫୩-୫୪; ୧୪:୬୬-୭୨; ଜହନ୍ ୧୮:୧୨-୧୮; ୧୮:୨୫-୨୭)*

୫୪ ପାଚେ ହେୱାର୍ ହେୱାନିଂ ଆସ୍ତି ଅଜି ମୁଡ଼୍ ମାପୁହେବା କିନାକାର୍ ଇଞ୍ଜ ତାହିୱାତାର୍; ମାତର୍ ପିତର୍ ଦେହା ମାନ୍‌ଞ୍ଜି
ପାଚେ ପାଚେ ହାଚାନ୍ ।
୫୫ ଆରେ, ହେୱାର୍ ହାକ୍‌ଡ଼ିନି ମାଦି ବାହାତ ନାଣି ଡୁବ୍‌ଜି ରଚେ କୁଚ୍‌ଚିଲେ, ପିତର୍ ହେୱାର୍ ମାଦି କୁଚ୍‌ଚି ମାଚାନ୍ ।
୫୬ ରଞ୍ଜେଲ୍ ଆଡ଼ିଏଣି ହେୱାନ୍ ନାଣି ଲାଗାଂ କୁଚ୍‌ଚି ମାନାକା ହୁଡ଼୍‌ଜି ହେୱାନିଂ ଇଟ୍‌କାଡ଼୍ କିଜି ହୁଡ଼୍‌ଜି ଇଚାଡ୍, "ଇୱାନ୍
ପା ହେୱାନ୍ ହୁକେ ମାଚାନ୍ ।"
୫୭ ମାତର୍ ପିତର୍ ପାର୍ଟି କିୱାଦାଂ ଇଚାନ୍, "ଏ ଆୟାତାଡ଼ି, ଆନ୍ ହେୱାନିଂ ପୁନୁଙ୍ଗ୍ ।"
୫୮ ଅଲପ୍ ସମୁ ପାଚେ ଆରି ରଞ୍ଜେଲ୍ ହେୱାନିଂ ହୁଡ଼୍‌ଜି ଇଚାଡ୍, "ଏନେଙ୍ଗ୍ ପା ହେୱାର୍ ବିତ୍ରେ ରକାୟ୍ ।"
ମାତର୍ ପିତର୍ ଇଚାନ୍, "ଆକାୟ୍, ଟଣ୍ଡେନ୍, ଆନ୍ ଆକାୟ୍ ।"
୫୯ ର ଗଣ୍ଟା ପାଚେ ରକାନ୍ ଆଟ୍‌ୱା କିଜି ଇଞ୍ଜେଙ୍ଗ୍ ଲାଗାତାନ୍, "ଇ ମାନାୟ୍ ପା ହାଡ୍‌ପାନେ ତା ହୁକେ ମାଚାନ୍,
ଇନାକିଦେଂକି ହେୱାନ୍ ରକାନ୍ ଗାଲିଲିୟ ମାନାୟ୍ ।"
୬୦ ମାତର୍ ପିତର୍ ଇଚାନ୍, "ଟଣ୍ଡେନ୍, ଏନ୍ ଇନାକା ଇନାୟା, ଆନ୍ ହେଦାଂ ପୁନୁଙ୍ଗ୍ ।"
ହେ ଦାପ୍ରେ ହେୱାନ୍ କାତା ଇନୁ ଇନୁ କୁଜୁ କ୍ଟେତାଡ୍,
୬୧ ଆରେ ମାପୁ ପିତର୍‌ତିଂ ର କାଣ୍‌କୁଡ ହୁଡ଼୍‌ତାନ୍; ହେବେ "ନେଞ୍ଜେଙ୍ଗ୍ କୁଜୁ କ୍ଟେନି ଆଗେ ଏନ୍ ନାଙ୍ଗେଙ୍ଗ୍ ତିନି ହଟ୍
ପାର୍ଟି କିଦୁୟ୍," ଇଦାଂ ଇମ୍‌ଣି କାତା ମାପୁ ପିତର୍‌ତିଂ ଇଞ୍ଜି ମାଚାନ୍,
୬୨ ହେଦାଙ୍ଗ୍ ତା ମାନ୍ତ ୱାତାଡ୍, ଆରି ହେୱାନ୍ ବାର୍ତ ହାଲ୍‌ଜି ବେସି ତାନ୍ଦ୍ରା ଆଜି ଆଡ଼୍‌ବାତାନ୍ ।

### ଜିସୁଙ୍ଗ୍ ଗ୍ଟାଇତାର୍

*(ମାତିଉ ୨୬:୬୭-୬୮; ମାର୍କ ୧୪:୬୫)*

୬୩ ଆରେ, ଇମ୍‌ଣି ମାନାୟାର୍ ଜିସୁଙ୍ଗ୍ ଆସ୍ତି ଇଡ଼୍‌ଜି ମାଚାର୍, ହେୱାର୍ ହେୱାନିଂ ମାଡ଼୍‌ଜି କିଉ କିଉ ଲାଜୁ କିତାର୍,
୬୪ ଆରେ ହେ ମୁମ୍‌ଦ ପାଡ଼ାକ୍‌ଚି ହେୱାନିଂ ୱେନ୍‌ବେଦେଂ ଲାଗାତାର୍, "ଏନ୍ କିନ୍ଦା ବେଣ୍‌ବାକ୍‌ଣାୟ୍ କିନାକାୟ୍ ! ଇନାତ,
ଇନେର୍ ନିଙ୍ଗେଙ୍ଗ୍ ମାଟ୍‌କିଡ୍‌ତାର୍ ?"
୬୫ ଆରେ, ହେୱାର୍ ଆଦିକ୍ ବେସି କାତା ହେୱାନ୍ ବିରୁଦ୍‌ତ ଇଞ୍ଜି ହେୱାନିଂ ନିନ୍ଦା କିଦେଙ୍ଗ୍ ଲାଗାତାର୍ ।

### ଜିସୁଙ୍ଗ୍ ଗାଜା ସବାତାକେ ତାହିୱାତାର୍

*(ମାତିଉ ୨୬:୫୯-୬୬; ମାର୍କ ୧୪:୫୫-୬୪; ଜହନ୍ ୧୮:୧୯-୨୪)*

୬୬ ଅଜଡ଼୍ ଆତି ଦାପ୍ରେ ମାନାୟାର୍‌ତି ପ୍ରାଚିନାର୍, ଆରେ ମୁଡ଼୍ ମାପୁହେବାକିନାକାର୍ ଆରି ସାସ୍ତ୍ରିର୍ ରୁଣ୍ଡା ଆଜି ଜାର୍‌ତିଂ
ଗାଜା ମିଟିଙ୍ଗ୍‌ତାଂ ଅଜି ଇଚାର୍, "ଏନେଙ୍ଗ୍ ଜଦି କ୍ରିସ୍ଟ, ତେବେ ମାଙ୍ଗେଙ୍ଗ୍ ୱେଚ୍‌ଚା ।"
୬୭ ମାତର୍ ଜିସୁ ହେୱାରିଂ ଇଚାନ୍,
"ଆନ୍ ଜଦି କ୍ରିସ୍ଟ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗ୍, ଏପେଙ୍ଗ୍ ତ ପାର୍ଟି କିଉଦେର୍ ।"

୬୮ ଆରେ, ଆନ୍ ୱେନ୍‌ବା ଆଡିସ୍, "ଏପେଙ୍ଗ୍ ଉତର୍ ହିଉଦେର୍ ।"
୬୯ ମାତର୍ ନଙ୍ଗତାଂ ମାନାୟ୍ ମାଜି ଇସ୍ୱତ ସାକ୍ତିତାଂ ବୁଜ୍‌ଣି ବାଗାଙ୍ଗ୍ କୁଚ୍‌ନାନ୍ ।
୭୦ ହେବେଣ୍ତାଂ ୱିଜାକାର୍ ୱେନ୍‌ବାତାର୍, "ବାଟିଙ୍ଗ୍ ଏନ୍ ଇନାକା ଇସ୍ୱତ ମାଜି ?"
ହେୱାନ୍ ହେୱାରିଂ ଇଚାନ୍, "ଆନ୍ ହେୱାନ୍ ଇଞ୍ଜି ଏପେଙ୍ଗ୍ ଇନାଦେରା ।"
୭୧ ଲାଗିଂ ହେୱାର୍ ଇଚାର୍, "ମାଦାଂ ଆରେ ସାକିନି ଲଡ଼ା ଆକାୟ୍ । ହେୱାନ୍ ଇନାକା ଇନାନା, ଆପେଂ ନିଜ୍ ହେଦାଂ
ୱେଚାପ୍‌ନ୍ନା ।"

# ୨୩

## ଜିସୁଙ୍ଗ୍ ପିଲାତ ତାକେ ତାହିୱାତାର୍

*(ମାତିଉ ୨୭:୧୨; ୧୧:୧୪; ମାର୍କ ୧୫:୧-୫; ଜହନ୍ ୧୮:୨୮-୩୮)*

୧ ପାଚେ ସବାନି ୱିଜାକାର୍ ନିଙ୍ଗ୍‌ଜି ଜିସୁଙ୍ଗ୍ ପିଲାତ ତାକେ ଅତାର୍ ।
୨ ଆରେ, ହେୱାର୍ ଜିସୁ ବିରୁଦ୍‌ଦ ଦାବା କିଦେଙ୍ଗ୍ ଲାଗାତାର୍, ଆପେଂ ହୁଡ଼୍‌ତାପ୍, ଇ ମାନାୟ୍ "ମା ଜାତିତିଂ ରାଜା ବିଦ୍‌ଡ଼
କିଦ୍‌ନାନା ଆରି କାଇସର୍‌ତିଂ ସିସ୍ତ ହ୍ରିଦେଂ ମୁନାକିନାନ୍ନା ଆରି ଜାର୍‌ତିଂ କ୍ରିସ୍ଟ ରାଜା ଇଞ୍ଜି ଇନାନ୍ନା ।"
୩ ଇବେଣ୍ତାଂ ପିଲାତ ଜିସୁଙ୍ଗ୍ ୱେନ୍‌ବାତାନ୍, "ଏନ୍ କି ଜିହୁଦିର୍ ରାଜାତି ?"
ଜିସୁ ଉତର୍ ହିତାନ୍, "ଏନ୍ ଇଞ୍ଜ୍‌ନାୟା ।"
୪ ହେବେଣ୍ତାଂ ପିଲାତ ମୁଡ଼୍ ମାପୁହେବାକିନାକାନ୍ ଆରି ମାନାୟାରିଂ ଇଚାନ୍, ଆନ୍ "ଇ ମାନାୟ୍‌ତିଂ ଇନାକାପା ଦସ୍
ପାୟାଆୱାତାଂ ।"
୫ ମାତର୍ ହେୱାର୍ ଆରେ ଜବର୍ କିଜି ଇଞ୍ଜେଙ୍ଗ୍ ଲାଗାତାର୍, "ଇୱାନ୍ ୱିଜୁ ଜିହୁଦା ଦେସ୍‌ତ ହିକ୍ୟା ହିଜି ଗାଲିଲିତାଂ
ଆରମ୍ କିଜି ଇ ବାହା ପାତେକ୍ ପା ଲକାଂ ମାତାୟ୍ କିନାନା ।"

## ଜିସୁଙ୍ଗ୍ ହେରଦ୍ ଲାଗେ ପକ୍‌ତାନ୍

୬ ମାତର୍ ପିଲାତ ଇଦାଂ ୱେନ୍‌ଞ୍ଜି ୱେନ୍‌ବାତାନ୍, "ଇ ମାନାୟ୍ ଇନାକା ରକାନ୍ ଗାଲିଲିୟ ମାନାୟ୍ କି ?"
୭ ଆରେ, ହେୱାନ୍ ଜେ ହେରଦ୍‌ତି ଆଦିକାର୍ ତାରେନ୍ ମାନାର୍, ଇଦାଂ ପୁଞ୍ଜି ହେୱାନ୍‌ତାଂ ହେରଦ୍ ଲାଗାଂ ପକ୍‌ତାନ୍,
ଲାଗିଂ ହେୱାନ୍ ପା ଇ ସମୁତ ଜିରୁସାଲମ୍‌ତ ମାଚାନ୍ ।
୮ ହେରଦ୍ ଜିସୁଙ୍ଗ୍ ହୁଡ଼୍‌ଜି ବେସି ୱାର୍‌ୟା ଆତାନ୍, ଇନାକିଦେଂକି ହେୱାନ୍ ହେ ବିସ୍ରେ ୱେନ୍‌ଞ୍ଜି ମାଚିଲେ ତାଙ୍ଗେଙ୍ଗ୍ ବେସି
ଦିନ୍‌ତାଂ ହୁଡ଼୍‌ଦେଂ ମାନ୍ କିଜି ମାଚାନ୍, ଆରେ ହେୱାନ୍ କାଜିଂ ଇମ୍‌ଣାକା ପା କାବାଆନି କାମାୟ୍ ଆନାକା ହୁଡ଼୍‌ଦେଂ ଆହା
କିଜି ମାଚାନ୍ ।
୯ ଲାଗିଂ ହେୱାନ୍‌ତାଂ ବେସି କାତା ୱେନ୍‌ବେଦେଂ ଲାଗାତାନ୍, ମାତର୍ ଜିସୁ ତାଙ୍ଗ୍ ଇନାକା ଇନ୍‌ୱାତାନ୍ ।
୧୦ ଆରେ, ମୁଡ଼୍ ମାପୁହେବାକିନାକାର୍ ଆରି ସାସ୍ତିର୍ ନିଲ୍‌ଚି ହେ ବିରୁଦ୍‌ଦ ବେସି ଇଞ୍ଜେଙ୍ଗ୍ ଲାଗିସ୍ ମାଚାର୍ ।
୧୧ ଆରେ, ହେରଦ୍ ଜାର୍ ମେଲ୍ୟାର୍ ହୁକେ ତାଙ୍ଗ୍ ଲାଜ୍ କିଜି ନିନ୍ଦା କିଜି ଜିଲିମିଲି ହେନ୍ଦ୍ରା ଉସ୍ପି କିଜି ପିଲାତ ଲାଗେ
ପକ୍‌ଚି ତୁହିତାନ୍ ।
୧୨ ହେ ଦିନ୍ ହେରଦ୍ ଆରି ପିଲାତ ହାରି ହାଙ୍ଗ୍‌ଦାକାର୍ ଆତାର୍; ଇଦାଂ ଆଗେ ହେୱାର୍ ହାରି ହାଙ୍ଗ୍‌ଦାକାର୍ ବିତ୍ରେ ସତ୍ରୁର୍
ମାଚାଡ୍ ।

## ଜିସୁତି ହାକି ଡାଣ୍ଡ୍‌ହିତାର୍

*(ମାତିଉ ୨୭:୧୫-୨୬; ମାର୍କ ୧୫:୬-୧୫; ଜହନ୍ ୧୮:୩୯–୧୯:୧୬)*

୧୩ ଇଦାଂ ପାଚେ ପିଲାତ ମୁଡ଼୍ ମାପୁହେବାକିନାକାର୍, ଗାଜାକାର୍ ଆରି ମାନାୟାରିଂ କୁକ୍‌ଚି ରୁଣ୍ତାୟ୍ କିଜି ହେୱାରିଂ
ଇଚାନ୍,
୧୪ ଇୱାନ୍ ମାନାୟ୍ ବିଦ୍‌ବାଦା କିନାନା ଇଞ୍ଜି "ଏପେଙ୍ଗ୍ ଇୱାନିଂ ନା ଲାଗାଂ ତାସି ମାଚାଦେର୍; ଆରି ହୁଡ଼ାଟ୍, ଆନ୍ ମି
ମୁମ୍‌ଦ ଇୱାନିଂ ପର୍‌ସନ୍ କିଜି, ହେ ବିରୁଦ୍‌ଦ ଏପେଙ୍ଗ୍ ଜେ ୱିଜାକାଦେର୍ ଇୱାନ୍ କାତା କିନାଦେରା, ହେ ଲାକେ ଇମ୍‌ଣାକା
ପା ଦସ୍ ଇୱାନ୍ତାଙ୍ଗ୍ ଗାଟାଆୱାତାପ୍ ।
୧୫ ହେରଦ୍ ପା ଗାଟାଆୱାତାନ୍, ଇନାକିଦେଂକି ହେୱାନ୍‌ତାଂ ମା ତାକେ ଆରେ ପକ୍ତାତାନ୍; ଆରି ହୁଡ଼ାଟ୍, ଇୱାନ୍
ହାକିଡାଣ୍ଡ୍ ପାୟା ଆନି ଇନାକାପା କାମାୟ୍ କିୱାତାନ୍‌ନା;
୧୬ ଲାଗିଂ ଆପ୍ ଇୱାନିଂ ଟ୍ରାକି କିଜି ମୁକ୍ତି କିନାପ୍ ।"
୧୭ ପାର୍ବୁ ୱେଡ଼ାଲିଂ ହେୱାର୍ କାଜିଂ ରକାନିଂ ମୁକ୍ତି କିଦେଙ୍ଗ୍ ୱାଜି ମାଚାଡ୍ ।
୧୮ ମାତର୍ ହେୱାର୍ ୱିଜାକାର୍ ରବେ କିକିରାଡିଂ କିଜି ଇଚାର୍, "ଇୱାନିଂ ଅହାଟ୍, ମା କାଜିଂ ବାରବାଙ୍ଗ୍ ମୁକ୍‌ଡ଼ାୟ୍ କିୟାଟ୍
।"
୧୯ ଇ ବାରବା ଗାଡ଼୍‌ଦ ଗିଟା ଆଜି ଇମ୍‌ଣି ଗଡ଼୍‌ମେଲି କାଜିଂ ଆରି ନାର୍ ଅହ୍‌ନି କାଜିଂ ବନ୍ଦି ଇଞ୍ଜ ଇଡ଼୍‌ଜି ମାଚାର୍ ।
୨୦ ମାତର୍ ପିଲାତ ଜିସୁଙ୍ଗ୍ ମୁକ୍ତି କିଦେଙ୍ଗ୍ ମାନ୍‌କିଜି ହେୱାରିଂ ଆରେ ରଗ ବୁଜାୟ୍ କିତାନ୍ ।

୨୧ ମାତର୍ ହେୱାର୍ ଜବର୍ କିଜି ଇଞ୍ଜେଙ୍ଗ୍ ଲାଗାତାର୍, "ତାଙ୍ଗ୍ କ୍ରୁସ୍‌ତ ଦୁପାଟ୍, କ୍ରୁସ୍‌ତ ଦୁପାଟ୍ ।"
୨୨ ଆରେ, ଜିସୁ ହେୱାରିଂ ତିନି ହଟ୍ ଇଚାନ୍, "ଇନେକିଦେଂ, ହେୱାନ୍ ଇନା ଦସ୍ କିତାନ୍‌ନ୍ନା ? ଆପେଂ ତା ତାକେ
ଇନାକାପା ହାକି ଡାଣ୍ଡ୍ ଗାଟା ଆଉପା; ଲାଗିଂ, ଆପେଂ ତାଙ୍ଗେଙ୍ଗ୍ ଡାଣ୍ଡ୍ ହିଜି ପିସ୍ତି ହିନାପ୍ ।"
୨୩ ମତର୍ ହେୱାନ୍ କ୍ରୁସ୍‌ତ ଦୁପ୍‌ୟା ଆୟେନ୍ ଇଞ୍ଜି ଦାବା କିଜି ହେୱାର୍ ଗାଜା ୱେଇଦ ଜିଦ୍ କିଦେଙ୍ଗ୍ ଲାଗାତାର୍, ଆରେ
ହେୱାର୍‌ତି ଆଲି ଜିଣା ଆଡାଡ୍ ।
୨୪ ଆରେ, ହେୱାର୍‌ତି ଦାବା ହୁଦାଂ କିୟାଆୟେତ୍ ଇଞ୍ଜି ପିଲାତ ବଲ୍ ହିତାନ୍;
୨୫ ମାତର୍ ମାନାୟ୍ କାଜିଂ ନିଲ୍‌ଚି ଆରି ମାନାୟ୍ ଅସ୍ତି କାଜିଂ ଜଇଲ୍‌ତ ଇଟ୍ୟାଜି ମାଚି ଇମ୍‌ଣି ମାନାୟ୍ କାଜିଂ ହେୱାର୍
ଦାବା କିଜି ମାଚାର୍, ତାଙ୍ଗ୍ ହେୱାନ୍ ମୁକ୍ତି କିତାନ୍, ଆରେ ଜିସୁଙ୍ଗ୍ ହେୱାନ୍ ହେୱାର୍ ମାନ୍‌ତାରେନ୍ ହେଲାୟ୍ କିତାନ୍ ।

## ଜିସୁଙ୍ଗ୍ କ୍ରୁସ୍‌ତ ହାସ୍ତାର୍

*(ମାତିଉ ୨୭:୩୨-୪୪; ମାର୍କ ୧୫:୨୧-୩୨; ଜହନ୍ ୧୯:୧୭-୨୭)*

୨୬ ହେୱାର୍ ଜିସୁଙ୍ଗ୍ ଅନିୱେଡ଼ାଲିଂ ବିଡ୍ରେ ନାସ୍‌ତାଂ ୱାଜି ମାନି ସିମନ୍ ଇନି ରକାନ୍ କୁରିଣିୟ ଲଗାଂ ଆସ୍ତି ଜିସୁତି ପାଚେ
ପାଚେ କ୍ରୁସ୍ ପିଣ୍ଡ୍‌ଦେଂ କାଜିଂ ହେୱାନ୍ ନିପିତ ହେଦାଂ ଇଡ଼ତାର୍ ।
୨୭ ଆରେ, ମାନାୟାର୍‌ତି ଆରି ହେୱାନ୍ କାଜିଂ ନେଞ୍ଜେଡାକିତ ଇଡ଼୍‌ୟାଆନି ଆଡ଼୍‌ବିନି ଲଗାଂ ବେସି କଗ୍‌ଲେହିମ୍‌ଣାଂ
ହେୱାନ୍ତି ପାଚେ ପାଚେ ହାଲ୍‌ଜି ମାଚିକ୍ ।
୨୮ ମାତର୍ ଜିସୁ ହେୱେକ୍ ନିପ ମାସ୍‌ଦି ପା ଇଚାନ୍, "ଗ ଜିରୁସାଲମ୍‌ନି ଗାଡ଼୍‌ଚେକ୍, ନା କାଜିଂ ଆଡ଼୍‌ବାମାଟ୍, ମତର୍ ଜାର୍
ଜାର୍ କାଜିଂ ଆରି ଜାର୍ ଜାର୍ ହିମ୍‌ଣାଂ କାଜିଂ ଆଡ଼୍‌ବାଟ୍;
୨୯ ଇନାକିଦେଂକି ହୁଡ଼ାଟ୍, ଇନେର୍ ବାଞ୍ଜ୍‌ଣି, ଆରେ ଇନେର୍ ଇନାୱାଡ଼ାଂପା ଏସ୍ ପିହ୍‌ୱାତାଡ଼୍‌ନ୍ନା ଆରି ମାୟ୍‌ଉଟ୍‌ୱା
ତାଡ଼୍‌ନ୍ନା, ହେୱାକାଂ ଲକୁ ଏଚେକାଡ଼୍‌ଦ ଦନ୍ୟ ଦନ୍ୟ ଇଞ୍ଜି ଇନାର୍, ଏଲେଙ୍ଗ୍‌ବାତ ସମୁ ୱାନାତା ।
୩୦ ✡ହେ ଏଚେକାଡ଼୍‌ଦ ଲକୁ ମାଡ଼ିକାଂ ଇଞ୍ଜେଙ୍ଗ୍ ଲାଗାନାର୍, ମା ଜପି ଆର୍‌ଦା, ଆରେ କୁପ୍‌ଲିକାଂ ଇଞ୍ଜେଙ୍ଗ୍ ଲାଗାନାର୍,
ମାଙ୍ଗେଙ୍ଗ୍ ପ୍ଲାକ୍‌ତା ।
୩୧ ଇନାକିଦେଂକି ଲକୁ ଜଦି ଜିଡ୍ ମାର୍ କାଜିଂ ଏଲେଙ୍ଗ୍ କିତାର୍, ୱାଚ୍‌ଚି ମାର୍ କାଜିଂ ବାଟିଙ୍ଗ୍ ଇନାକା କିଉର୍ ?"
୩୨ ଆରେ, ହାକି ଡାଣ୍ଡ୍ ପାୟା ଆଦେଂ କାଜିଂ ରିକାରିଙ୍ଗ୍ କାରାପ୍ କାମାୟ୍ ପା ହେୱାନ୍ ହୁକେ ଅୟା ଆଜି ମାଚାର୍ ।
୩୩ ଆରେ, ହେୱାର୍ "ନିନ୍ଦାଣ୍" ଇନି ବାହାତ ଏକିସ୍ ହେବେ ହେୱାନିଂ କ୍ରୁସ୍‌ତ ଦୁପ୍‌ତାର୍ ଆରି କାରାପ୍ କାମାୟ୍ କିନାକାର୍
ବିଡ୍ରେତାଂ ରକାନିଂ ତିନାବାଗାଙ୍ଗ୍ ଆରେ ରକାନିଂ ଡେବା ବାଗାଙ୍ଗ୍ କ୍ରୁସ୍‌ତ ଦୁପ୍‌ତାର୍ ।
୩୪ ହେ ଏଚେକାଡ଼୍‌ଦ ଜିସୁ ଇଚାନ୍, "ଆବା, ଇୱାରିଂ କେମା କିୟା, ଇନାକିଦେଂକି ଇୱାର୍ ଇନାକା କିନାରା, ହେଦାଂ
ପୁନୁରା ।"
ଆରେ, ହେୱାର୍ ତା ହେନ୍ଦ୍ରା ସବୁ ବାଟା କିନି କାଜିଂ ଦରମ୍‌ଗୁଲି କିତାର୍ ।
୩୫ ଆରେ, ମାନାୟାର୍ ନିଲ୍‌ଚିପା ହୁଡ଼୍‌ଜିମାଚାର୍ । ଆରି, ମୁଡ଼୍‌ଦାକାର୍ ପା ତାଙ୍ଗ୍ ବିଦ୍‌ବାଦ୍ କିଜି ଇଞ୍ଜେଙ୍ଗ୍ ଲାଗାତାର୍,
ହେୱାନ୍ ବିନ୍ ଲଗାଂ ରାକ୍ୟା କିତାନ୍; "ହେୱାନ୍ ଜଦି ଇସ୍ୱତ ବାଚିକିୟାତି କ୍ରିସ୍ଟ, ବାଟିଙ୍ଗ୍ ନିଜ୍‌ତିଙ୍ଗ୍ ରାକ୍ୟା କିଏନ୍ ।"
୩୬ ଆରେ, ମେଲ୍ୟାର୍ ପା ହେ ଲାଗାଂ ୱାଜି କେନିରାସ୍ ହିଜି ତାଙ୍ଗ୍ ଗ୍ଟାଜି କିଜି ଇଚାର୍,
୩୭ "ଏନ୍ ଜଦି ଜିହୁଦିତ ରାଜା, ତା ଆଡିସ୍ ନିଜ୍‌ତିଙ୍ଗ୍ ରାକ୍ୟା କିୟା ।"
୩୮ ଆରେ, ହେୱାନ୍ ଜପି ଇ ଲେକା ପା ଲେକା ଆଜି ମାଚାଡ୍, "ଇୱାନ୍ ଜିହୁଦିତ ରାଜା ।"
୩୯ ଆରେ, କ୍ରୁସ୍‌ତ ଦୁପ୍‌ୟା ଆଜି ମାନି ଚର୍କୁକାଂ ତାଙ୍ଗ୍ ବିଡ୍ରେ ରକାନ୍ ହେୱାନିଂ ନିନ୍ଦା କିଜି ଇଞ୍ଜେଙ୍ଗ୍ ଲାଗାତାନ୍, "ଏନ୍
ଇନାକା କ୍ରିସ୍ଟ ଆକାୟ୍ ? ନିଜ୍‌ତିଙ୍ଗ୍ ଆରି ମାଙ୍ଗେଙ୍ଗ୍ ରାକ୍ୟା କିଦା ।"
୪୦ ମାତର୍ ଆରି ରକାନ୍ ହେୱାନିଂ ଦାକା କିଜି ଉତର୍ ହିତାନ୍, ଏନ୍ ସମାନ୍ ଡାଣ୍ଡତ ପାୟାଆନାୟା, "ଏନ୍ ଇସ୍ୱତ
ଇନାକା ପାଣ୍ଡ୍ରା ପା ଆଉୟା ?
୪୧ ଆରେ, ଆପେଂ ହିନା ନ୍ୟାୟ୍‌ତାଂ ଡାଣ୍ଡ୍ ପାୟାଆନାପା, ଇନାକିଦେଂକି ନିଜ୍ ନିଜ୍ ବାନ୍ୟାକାମାୟ୍ ପାଡ଼୍ ପାୟାଆନାପା,
ମାତର୍ ଇ ମୁଣିକା ଇନାକାପା ଦସ୍ କିୱାତାନ୍‌ନା ।"
୪୨ ଆରେ, ହେୱାନ୍ ଇଚାନ୍, "ଏ ଜିସୁ, ଏନ୍ ଜାର୍ ରାଜିତ ହଟିସ୍ ନାଙ୍ଗେଙ୍ଗ୍ ଏତୁ କିଦ୍‌ନାୟ୍ ।"
୪୩ ହେବେଣ୍ଡାଂ ଜିସୁ ତାଙ୍ଗ୍ ଇଚାନ୍, "ଆନ୍ ନିଙ୍ଗେଙ୍ଗ୍ ହାଡ଼୍‌ପା ଇଞ୍ଜ୍‌ନାଙ୍ଗା, ନେଞ୍ଜେଙ୍ଗ୍ ଏନ୍ ନା ହୁକେ ସାର୍ଗେ ରାଜିତ
ଏକାୱାନାୟ୍ ।"

## ଜିସୁତି ହାକି

*(ମାତିଉ ୨୭:୪୫-୫୬; ମାର୍କ ୧୫:୩୩-୪୧; ଜହନ୍ ୧୯:୨୮-୩୦)*

✡ **୨୩:୩୦** ହଡ଼ତି ୬:୧୬.

୪୪ ହେ ଏଚେକୋଡ଼ଦ ହେ ପାଦ୍ନା ବାର ଗଣ୍ଟା ୱେଡ଼ାଲିଂ ଆଜି ମାଚାତ୍, ଆରି, ୱେଡ଼ା ମାଜ୍‌ଗା ଆତିଲେ ତିନି ଗଣ୍ଟା
ପାତେକ୍ ଦେସ୍ ଜାକ୍ ମାଜ୍‌ଗା ଆତାତ୍,
୪୫ ଆରେ ମନ୍ଦିର୍‌ନି ପାର୍‌ଦା ହେନ୍ଦ୍ରା ମାଦିତାଂ କେନ୍‌ଞ୍ଜି ହାଚାତ୍ ।
୪୬ ଆରେ, ଜିସୁ ଆଟ୍‌ୱା କିଜି କୁକ୍‌ଚି ଇଚାନ୍, “ଏ ଆବା, ନି କେଇଦ ନା ପାରାଣ୍‌ନି ଜିବୁନ୍ ହେଲାୟ୍ କିଦ୍‌ନାଙ୍ଗା ।” ଇଦାଂ
ଇଞ୍ଜି ହେୱାନ୍ ପାରାଣ୍ ପିସ୍ତାନ୍ ।
୪୭ ପାଞ୍ଜ୍ କଡ଼ି ମୁଡ଼୍‌ଦାକାନ୍ ମେଲ୍ୟାର୍ ଜପି ଗାଜାକାନ୍ ଇ ଗଟ୍‌ଣା ହୁଡ଼୍‌ଜି ଇସ୍ୱର୍‌ତିଂ ଜାକ୍‌ମାଲ୍ କିଜି ଇଚାନ୍, “ହାତେନେ
ଇୱାନ୍ ଦାମର୍ ଲଗୁ ମାଚାନ୍ ।”
୪୮ ଆରେ, ଇମ୍‌ଣି ମାନାୟାର୍ ହୁଡ଼୍‌ଦେଂ ରୁଣ୍ଡାଆଜି ମାଚାର୍, ୱିଜାକାର୍ ହେୱାର୍ ହେ ସବୁ ହୁଡ଼୍‌ଜି ନେଞ୍ଜେଡାକିତ ଇଡ଼ିଆ
ଆଜି ମାସ୍‌ଦି ହାଞ୍ଜେଙ୍ଗ୍ ଲାଗାତାର୍ ।
୪୯ ✡ମାତର୍ ହେୱାନ୍ତି ଚିନାଜାଣା ୱିଜାକାର୍ ଆରି ଗାଲିଲିତାଂ ରଚେ ମିହାଆଜି ଜିସୁଙ୍ଗ୍ ପାଚେ ପାଚେ ୱାଜି ମାନି
କଗ୍‌ଲେକ୍ ଦେହା ନିଲ୍‌ଚି ଇ ସବୁ ହୁଡ଼୍‌ଜି ମାଚିକ୍ ।

### ଜିସୁଙ୍ଗ୍ ମୁଚ୍‌ଚାର୍

*(ମାତିଉ ୨୭:୫୭-୬୧; ମାର୍କ ୧୫:୪୨-୪୭; ଜହନ୍ ୧୯:୩୮-୪୨)*

୫୦ ଆରେ ହୁଡ଼ାଟ୍, ଜିହୁଦିତର୍ ହାରାମାତିୟା ଗାଡ଼୍‌ନି ଜସେପ୍ ଇନି ରକାନ୍ ମାନାୟ୍ ଗାଜା ସବାନି ମେମର୍ ମାଚାନ୍;
ହେୱାନ୍ ରକାନ୍ ହାର୍ ଆରି ଦାମର୍ ଲକୁ,
୫୧ ଜିହୁଦାନି ହାରାମାତିୟା ତର୍‌ନି ନାସ୍‌ତ ଜସେପ୍ ଇଞ୍ଜି ରୱାନ୍ ମାଚାନ୍ । ଜିହୁଦି ରକାନ୍ ଦାମର୍ ଆରି ମାନିନି ଲକ୍
ମାଚାନ୍ ଆରେ ଇସ୍ୱର୍‌ତି ରାଜିନି ୱାନାକାଦିଂ କାସି ମାଚାନ୍ । ଗାଜା ସବାନି ରୱାନ୍ ମୁଣିକା ମାଚିସ୍ ପା, ହେୱାନ୍ ହେୱାର୍‌ତି
ଦାୟିଡ଼୍ ଆରି କାମାୟ୍ ଲାହାଂ ଏକ୍‌ଜୁଟ୍ ହିଲାତାର୍ ।
୫୨ ହେୱାନ୍ ପିଲାତ ତାକେ ହାଲ୍‌ଜି ଜିସୁତି ଗାଗାଡ଼୍ ଏନ୍ତାନ୍,
୫୩ ଆରେ ହେଦାଂ ଜୁତ୍‌ତି ତାସି କୱାଣ୍ ହେନ୍ଦ୍ରାତ ହୁର୍‌ପିସ୍, ଇମେତାକେ ଇନେର୍ ଇନାୱାଡ଼ାଂ ଇଟ୍ୟୋୱାଦାଂ ମାଚାନ୍,
ମାଡ଼ିତ କାଚର୍ ମାଚି ଏଲେଙ୍ଗ୍ ର ଦୁଗେର୍‌ତ ତାଙ୍ଗେଙ୍ଗ୍ ଇଡ୍‌ତାର୍ ।
୫୪ ହେ ଦିନ୍ ଜାଲ୍‌ଦି କିନି ଦିନ୍ ମାଚାତ୍, ଆରେ ଜମ୍‌ନିବାର୍ ଲାଗେ ଆଜି ୱାଜି ମାଚାତ୍ ।
୫୫ ଆରେ ଗାଲିଲିତାଂ ହେୱାନ୍ ହୁକେ ୱାଜିମାନି କଗ୍‌ଲେହିମ୍‌ଣାଂ ପାଚେ ପାଚେ ହାଲ୍‌ଜି ଦୁଗେର୍ ଆରି ହେୱାନ୍ତି ଗାଗାଡ଼୍
ଇନେସ୍ ଇଡ଼୍‌ତାର୍‌ନ୍ନା, ହେଦାଂ ହୁଡ଼୍‌ତିକ୍,
୫୬ ଆରେ ହେୱେକ୍ ମାସ୍‌ଦି ହାଲ୍‌ଜି ଆରି ବାସ୍‌ନା ଚିକାଣ୍ ଜାଲ୍‌ଦି କିତିକ୍ ।
ମାତର୍ ବିଦି ଇସାବ୍ରେ ହେ ନାଜିଂ ଜମ୍‌ନିବାର୍ ମାଚିଲେ ହେୱାର୍ ଜମ୍‌ତାର୍ ।

## ୨୪

### ଜିସୁ ହାତିତାକେଣ୍ଡ୍ରାଂ ନିଙ୍ଗ୍‌ନାକା

*(ମାତିଉ ୨୮:୧-୧୦; ମାର୍କ ୧୬:୧-୮; ଜହନ୍ ୨୦:୧-୧୦)*

୧ ମାତର୍ ସାତ୍ ଦିନ୍‌ନି ରଇବାର୍ ଉଟ୍‌ଲା ହାକାଡ଼େ ହେୱେକ୍ ଜାଲ୍‌ଦି କିତି ହାର୍‌ଦି ବାସ୍‌ନା ସାମାନ୍ ଅଜି ଦୁଗେର୍ ତାକେ
ହାଚିକ୍ ।
୨ ଆରେ, ହେୱାର୍ ଦୁଗେର୍‌ତାଂ କାଲ୍ ଗୁଡ୍‌ତାକା ହୁଡ଼୍‌ତିକ୍,
୩ ମାତର୍ ବିତ୍ରେ ହାଲ୍‌ଜି ମାପ୍ରୁ ଜିସୁତି ଗାଗାଡ଼୍ ଗାଟାୱିତିକ୍ ।
୪ ଆରେ, ହେୱେକ୍ ହେଦାଂ କାଜିଂ ବୁଦିବାଣା ଆନିକା, ଏଲେଙ୍ଗ୍ ୱେଡ଼ାଙ୍ଗ୍ ହୁଡ଼ାଟ୍, ଅଜଡ଼୍ ହେନ୍ଦ୍ରା ଉସ୍ପିସ୍ ରିକାର୍ ଲକୁ
ହେୱେକ୍ ତାକେ ଏକାତାର୍;
୫ ହେବେ ହେୱେକ୍ ପାଣ୍ଡ୍ରା ଆଜି ମେଦ୍‌ନିତ ମୁମ୍ ଆତିଲେ, ହେୱାର୍ ହେୱେକାଂ ଇଚାର୍, “ହାତିଲକାର୍ ବିତ୍ରେ ଏପେଙ୍ଗ୍
ଇନେକିଦେଂ ଜିତାକାନିଂ ଡେକ୍‌ନାଦେରା ?
୬ ✡ହେୱାନ୍ ଇବେ ହିଲୁନ୍, ମାତର୍ ନିଂତାନ୍ନା । ହେୱାନ୍ ଗାଲିଲିତ ମାନି ୱେଡ଼ାଲିଂ ମିଙ୍ଗେଙ୍ଗ୍ ୱେଚ୍‌ଚି ମାନ୍‌ଞାନ୍, ହେଦାଂ
ଏତୁ କିୟାଟ୍ ।”
୭ ମାନାୟ୍ ମାଜି ପାପିୟାର୍ କେଇଦ କ୍ରୁସ୍‌ତ ହାଦେଂ ଆରି ତିନି ଦିନ୍ତ ଆରି ନିଙ୍ଗ୍‌ଦେଙ୍ଗ୍ ଆନାଡ଼୍ ।
୮ ହେବେଣ୍ଡ୍ରାଂ ହେୱାର୍ ହେୱାନ୍ କାତା ଏତୁ କିତାର୍,
୯ ଆରେ ଦୁଗେର୍‌ତାଂ ମାସ୍‌ଦିହାଲ୍‌ଜି ଏଗାର୍ ଜାଣ୍ ଚେଲାର୍ ଆରି ବିନ୍ ଲଗାଂ ଇ ସବୁ କାବୁର୍ ୱେଚ୍‌ଚାର୍ ।

---

✡ **୨୩:୪୯** ଲୁକ ୮:୨,୩. ✡ **୨୪:୬** ମାତିଉ ୧୬:୨୧; ୧୭:୨୨,୨୩; ୨୦:୧୮,୧୯; ମାର୍କ ୮:୩୧; ୯:୩୧; ୧୦:୩୩,୩୪; ଲୁକ ୯:୨୨; ୧୮:୩୧-୩୩.

୧୦ ଇୱେକ୍ ମଗ୍‌ଦଲିନି ମରିୟମ୍ ଜହନା ଜାକୁବ୍ ତେହି ମରିୟମ୍ ଆରି ଇୱେକ୍ ହାଙ୍ଗ୍‌ଦାଂ ମାନି ବିନ୍ କଗ୍‌ଲେକ୍,
ଇୱେକ୍ ପକ୍ୟାତାକାର଼ରିଂ ଇ ବିତ୍ରେ କାତା ୱେଚ଼ଚିକ୍ ।
୧୧ ମାତର଼ ଇ ସବୁ କାତା ହେୱାର଼ ତାକେ କ୍ହେଞ୍ଜ୍‌କଣ୍ ଲାକେ ଲାଗାତାଡ଼୍, ଆରେ ହେୱାର଼ ହେୱେକାଂ ପାତର୍ କିୱାତାର଼
।
୧୨ ମାତର଼ ପିତର଼ ନିଙ୍ଗ୍‌ଜି ଦୁଗେର଼ ତାକେ ହନ୍‌ଚି ହାଚାନ୍, ଆରେ ଟଡ଼୍‌ଜି ହୁଡ଼୍‌ତାନ୍ ମତର଼ ହାରୁ ହେନ୍ଦ୍ରା ସବୁ ହୁଡ଼୍‌ତାନ୍,
ଆରେ ହେୱାନ୍ ହେ ଗଟ୍‌ଣା ବିସ୍ରେ କାବା ଆଜି ଡ଼ା ଇଞ୍ଜ ହାଚାନ୍ ।

### ରି ଚେଲାର଼ ଇମାନୁୟେଲ୍ ନାସ୍ତ ହାଚାର଼

*(ମାର୍କ ୧୬:୧୨-୧୩)*

୧୩ ଆରେ ହୁଡ଼ାଟ୍, ହେ ଦିନ୍ ହେୱାର଼ ବିତ୍ରେ ରିକାର଼ ଜିରୁସାଲମ୍‌ତାଂ ବେସିଆୱିତିସ୍ ଏଗାର଼ କିଲମିଟର଼ ଦେହାତାଂ
ଇମାୟୁ ନାସ୍‌ତ ହାଲ୍‌ଜି ମାଚାର଼
୧୪ ଆରି ଇ ୱିଜୁ ଗଟ୍‌ଣା ବିସ୍ରେ ହେୱାର଼ ହାୱେର଼ କାତାବାର୍ତା କିଜି ମାଚାର଼ ।
୧୫ ହେୱାର଼ କାତାବାର୍ତା ଆରି ବେରଣ୍‌ୱେଚ଼ପା ଆନି ୱେଡ଼ାଲିଂ ଜିସୁ ଆପେ ହେୱାର଼ ତାକେ ୱାଜି ହେୱାର଼ ହୁକେ
ତାଙ୍ଗ୍‌ଦେଂ ଲାଗାତାନ୍;
୧୬ ମାତର଼ ହେୱାର଼ କାଣ୍‌କୁ ଏଲେଙ୍ଗ୍ ଗେହ୍‌ୟା ଆଜି ମାଚାଡ଼୍ ଜେ, ହେୱାର଼ ଜିସୁଙ୍ଗ୍ ଚିନ୍‌କିଦେଂ ଆଡ଼୍‌ୱାତାର଼ ।
୧୭ ଜିସୁ ହେୱାରିଂ ୱେନ୍‌ବାତାନ୍, “ଏପେଙ୍ଗ୍ ତାଙ୍ଗୁ ତାଙ୍ଗୁ ଇମ୍‌ଣି ୱିଜୁ ବିସ୍ରେ କାତାବାର୍ତା କିନାଦେରା, ହେ ୱିଜୁ ଇନାକା
?” ହେବେଣ୍ତ୍ରାଂ ହେୱାର଼ ବାଡ଼ିୟା ଆଜି ନିଲ୍‌ଚି ମାଚାର଼ ।
୧୮ ଆରେ ହେୱାର଼ ବିତ୍ରେ କେଲୟପା ଇନି ରକାନ୍ ହେୱାନିଂ ଉତର଼ ହିତାନ୍, “ଜିରୁସାଲମ୍‌ତ ବାହାକିନି ମାନାୟ୍ ବିତ୍ରେ
ଏନ୍ ଇନାକା ରକାୟ୍ ହେ ବାହାନି ଏଚେକ୍ ଦିନ୍‌ନି ଗଟ୍‌ଣା ପୁନୁୟ୍ ?”
୧୯ ଜିସୁ ହେୱାରିଂ ୱେନ୍‌ବାତାନ୍, “ଇନେସ୍ ଇନେସ୍ ବାନି ଗଟ୍‌ଣା ?” ହେୱାର଼ ତାଙ୍ଗେଙ୍ଗ୍ ଇଚାର଼,
“ନାଜରିତିୟାନି ଜିସୁତି ବିସ୍ରେ; ହେୱାନ୍ ଇସ୍ୱର଼ ଆରି ୱିଜୁ ଲକାର଼ କାଣ୍‌କୁତ କାମାୟ୍‌ତ ଆରି ବଚନ୍‌ତ ସାକ୍ତିକାଟାକାନ୍
ବେଣ୍‌ବାକ୍‌ଣାୟ୍‌କିନାକାନ୍ ମାଚାନ୍,
୨୦ ଆରେ ମୁଡ଼୍ ମାପ୍ରୁହେବାକିନାକାନ୍ ଆରି ମୁଡ଼୍‌ଦାକାର଼ ଇନେସ୍ ତାଙ୍ଗ୍ ହାକି ଡାଣ୍ଡ ଆଦେଂ ହେଲାୟ୍ କିଜି ତାଙ୍ଗ୍ କ୍ରୁସ୍‌ତ
ଅସ୍ତାର଼, ଇ ୱିଜୁ ବିସ୍ରେ ।
୨୧ ମାତର଼ ଇନେର଼ ଇସ୍ରାଏଲ୍‌ତିଂ ମୁକ୍ତି କିନାନ୍, ହେୱାନ୍ ଜେ ଇୱାନ୍, ହେଦାଂ ଆପେଂ ଆହା କିଜି ମାଚାପ୍; ମାତର଼
ଇଦାଂ ପିସ୍ତି ଇ ୱିଜୁ ଗଟ୍‌ଣାନି ନେଞ୍ଜେଙ୍ଗ୍ ତାଙ୍ଗ୍ ତିନି ଦିନ୍ ଆତାଡ଼୍ ।
୨୨ ଆରେ ପା, ମା ବିତ୍ରେତାଂ କେତେକ୍ ଜାଣ୍ କଗ୍‌ଲେକ୍ ମାଙ୍ଗେଙ୍ଗ୍ କାବା କିଡ଼୍‌କ୍‌ନା; ହେୱେକ୍ ଉଟ୍‌ଲା ହାକାଡ଼େ ଦୁଗେର଼
ତାକେ ହାଲ୍‌ଜି ମାଚିକ୍,
୨୩ ଆରେ ହେୱାନ୍ତି ଗାଗାଡ଼୍ ଗାଟାୱାଦାଙ୍ଗ୍ ୱାଜି ଇଚିକ୍ ଜେ, ହେୱେକ୍ ଦୁତରିଂ ପା ହୁଡ଼୍‌ତିକ୍‌ନା ଆରି ହେ ଦୁତ୍‌କୁ ଇଚିକ୍
ଜେ, ହେୱାନ୍ ଜିତାକାନ୍ ମାନାନ୍ ।
୨୪ ଆରେ, ମା ହାଙ୍ଗ୍‌ଦାକାର଼ ବିତ୍ରେ ଇନେର଼ ଇନେର଼ ଦୁଗେର଼ ଲାଗେ ହାଲ୍‌ଜି, କଗ୍‌ଲେହିମ୍‌ଣାଂ ଇନେସ୍ ଇଞ୍ଜି ମାଚିକ୍,
ହେ ଲାକେ ହୁଡ଼୍‌ତିକ୍, ମାତର଼ ତାଙ୍ଗେଙ୍ଗ୍ ହୁଡ଼୍‌ୱିତିକ୍ ।”
୨୫ ହେବେଣ୍ତ୍ରାଂ ହେୱେକାଂ ଇଚାନ୍, “ଏ ନିର୍‌ବୁଦିୟା କାଦେର଼ ଆରି ବେଣ୍‌ବାକ୍‌ଣାୟ୍‌କିନାକାର଼ ହୁକେ ଇଚି ୱିଜୁ
ବେରଣ୍‌ତ ପାତର୍ କିଦେଙ୍ଗ୍ ହିଡ଼୍‌ଡ଼ି ମାନ୍ କାଦେର଼,
୨୬ ଇ ୱିଜୁ ଦୁକ୍ କିଜି ଜାର଼ ପାଣ୍ ହଣ୍ଡେଙ୍ଗ୍ ଇନାକା କ୍ରିସ୍ଟତି ଲଡ଼ା ହିଲ୍‌ୱାତାଡ଼୍ ?”
୨୭ ଆରେ, ମସା ଆରି ୱିଜାର଼ ବେଣ୍‌ବାକ୍‌ଣାୟ୍‌କିନାକାନ୍‌ତାଂ ହାଙ୍ଗ୍‌ଜି ୱିଜୁ ଦରମ୍ ସାସ୍ତର଼ତ ଜାର଼ କାଜିଂ ବେରଣ୍
ହେୱାନ୍ ହେୱାରିଂ ବୁଜାୟ୍ କିତାନ୍ ।
୨୮ ଆରେ, ହେୱାର଼ ଇମ୍‌ଣି ନାସ୍‌ତ ହାଲ୍‌ଜି ମାଚାର଼, ହେବେଣ୍ତ୍ରାଂ ଲାଗେ ଏକିନିହିଙ୍ଗ୍, ହେୱାନ୍ ଆରେ ଆଗେ ହାଞ୍ଜେଙ୍ଗ୍
ଟାଟାୟ୍ କିତାନ୍ ।
୨୯ ମାତର଼ ହେୱାର଼ ତାଙ୍ଗ୍ ଟେବାୟ୍ କିଜି ଇଚାର଼, “ମାହୁଦାଂ ମାନା, ଇନାକିଦେଂକି ମ୍ହିସି ୱାନାତା” ଆରି ୱେଡ଼ା ହାଚାତେ
। ହେବେଣ୍ତ୍ରାଂ ହେୱାନ୍ ହେୱେର଼ ହୁଦାଂ ମାଞ୍ଜେଙ୍ଗ୍ ଇଞ୍ଜ ହାଚାନ୍ ।
୩୦ ଆରେ, ହେୱାର଼ ହୁକେ ଚିଞ୍ଜେଙ୍ଗ୍ କୁଚ଼ଚି ପାଚେ ହେୱାନ୍ ରୁଟି ଅଜି ଆସିର୍ବାଦ୍ କିତାନ୍, ଆରି ହେଦାଂ ଡ଼୍ରିକ୍‌ଚି ହେୱାରିଂ
ହିଦେଂ ଲାଗାତାନ୍ ।
୩୧ ହେବେ ହେୱାର଼ କାଣ୍‌କୁ ଜେୟାଆତିକ୍ ଆରି ହେୱାର଼ ତାଙ୍ଗ୍ ଚିନ୍ କିତାର଼; ଆରେ, ହେୱାନ୍ ହେୱାର଼ ନଞ୍ଜର଼ତାଂ
ମାୟାଁ ଆତାନ୍ ।
୩୨ ହେବେଣ୍ତ୍ରାଂ ହେୱାର଼ ହେୱେର଼ ଇଚାର଼, “ଏଚେକାଡ଼୍‌ଦ ହାସ୍‌ଦ ହେୱାନ୍ ମା ହୁକେ କାତାବାର୍ତା କିଜି ମାଚାନ୍ ଆରି
ମାଙ୍ଗେଙ୍ଗ୍ ଦରମ୍ ସାସ୍ତର଼ ବୁଜାୟ୍ କିଜି ମାଞ୍ଚାନ୍, ହେୱେଡ଼ାଂ ଇନାକା ମା ମାନ୍ କେଦ୍‌ୱାଦାଂ ମାଚାଡ଼୍ ?”

୩୩ ଆରେ, ହେୱାର୍ ହେପାଦ୍ନା ନିଙ୍ଗ୍ଜି ଜିରୁସାଲମ୍ତ ଲେଉଟା ଆଜି ୍ରବେ ରୁଣ୍ଡା ଆଜି ୍ମାନି ଏଗାର୍ଜାଣ୍ତିଂ ଆରି
ହେୱାର୍ ହଲ୍ୟାରିଂ ହୁଡ଼୍ତାନ୍;
୩୪ ହେୱେର୍ ଇଞ୍ଜି ମାଚାର୍, “ମାପ୍ରୁ ହାଡ୍ପା ନିଂତାନ୍ନା ଆରି ସିମନ୍ତିଂ ଚଞ୍ଜ୍ୟା ଆତାନ୍ ।”
୩୫ ଆରେ, ହେୱାର୍ପା ହାଜିନି ସବୁ ଗଟ୍ଣା ଆରି ରୁଟି ଡ୍ରିକ୍ନି ସମୁତ ହେୱାନ୍ ଇନେସ୍ ହେୱାର୍ ହୁକେ ଚିନା ଆତାନ୍,
ହେ ସବୁ ପୁଞ୍ଜେଙ୍ଗ୍ ଲାଗାତାର୍ ।

## ଜିସୁ ଜାର୍ ଚେଲାରିଂ ଚଞ୍ଜିୟାଆତାନ୍

*(ମାତିଉ ୨୮:୧୬-୨୦; ମାର୍କ ୧୬:୧୪-୧୮; ଜହନ୍ ୨୦:୧୯-୨୩; ପକ୍ୟାତାକା ୧:୬-୮)*

୩୬ ମାତର୍ ହେୱାର୍ ଇ ସବୁ ବେରଣ୍ ଇନିୱାଡ଼ାଲିଂ ମାପ୍ରୁ ଜିସୁ ନିଜେ ହେୱାର୍ ତାକେ ଏକାତାନ୍ ଆରେ ଇଚାନ୍, “ମି
କାଜିଂ ସୁସ୍ତା ଆୟେଡ୍ ।”
୩୭ ମତର୍ ମାନାୟ୍ୟାର୍ କାବା ଆଜି ୍ବେସି ପାଣ୍ଡ୍ରା ଆଜି ୍ର ପୁଦା ହୁଡ଼୍ନାରା ଇଞ୍ଜି ବାବି କିତାର୍ ।
୩୮ ହେବେଣ୍ଡାଂ ଜିସୁ ହେୱାରିଂ ଇଚାନ୍, “ଇନେକିଦେଂ ପାଣ୍ଡ୍ରା ଆନାଦେରା, ଆରେ, ମି ମାନ୍ତ ଇନେକିଦେଂ ଗାଣ୍ଜୁ
ନିଙ୍ଗ୍ନାତା ?
୩୯ ଇୱାଙ୍ଗ୍ ଜେ ଆନ୍, ନା କେଇ ଆରି ପାନା ହୁଡ଼ାଟ୍, ନାଙ୍ଗ୍ ଡୁଜି ହୁଡ଼୍ଦାଟ୍, ଇନାକିଦେଂକି ନାଦାଂ ଇନେସ୍ ଜେଇ ଆରି
ପ୍ଟେନ୍ ମାନାକା ଏପେଙ୍ଗ୍ ହୁଡ଼୍ନାଦେରା, ପୁଦାତିଙ୍ଗ୍ ହେ ଲାକେ ଆକାୟ୍ ।”
୪୦ ଆରେ ହେୱାନ୍ ଇଦାଂ ଇଞ୍ଜି ହେୱେରିଂ ଜାର୍ କେଇ ଆରି ପାନା ଚଚ୍ଚାନ୍ ।
୪୧ ଲାଗିଂ ପା ହେୱାର୍ ୱାରି କାଜିଂ ପାତର୍ କିୱାଦାଂ କାବା ଆତିଲେ ହେୱାନ୍ ହେୱାରିଂ ୱେନ୍ବାତାନ୍, “ଇବେ ମିବେ
ଇନାକାତ ଇଚୁକ୍ କାଦି ମାନାଡ୍ ?”
୪୨ ହେବେଣ୍ଡାଂ ହେୱାର୍ ତାଙ୍ଗେଙ୍ଗ୍ ରଞ୍ଜାଙ୍ଗ୍ ୱାସ୍ତି ମିନ୍ ହିତାର୍ ।
୪୩ ଆରେ, ଜିସୁ ଅଜି ୍ହେୱାର୍ ମୁମ୍ଦ ଚିଚାନ୍ ।
୪୪ ଆରି, ହେୱାନ୍ ହେୱାରିଂ ଇଚାନ୍ ମସାତି ବିଦି ଆରି ବେଣ୍ବାକ୍ଣାୟ୍କିନାକାର୍ ଆରି ନାନ୍ଦ୍କେର୍ନି ସାସ୍ତର୍ତାକେ ନା
ବିସ୍ରେ ଇନା ଇନାକା ଇନାକା ଲେକା ଆତାଡ୍ନା, ହେ ସବୁ ପୁରା ଆନାକା ଲଡ଼ା, “ଆନ୍ ମି ହୁଦାଂ ରଚେ ମାନିହିଂ ମିଙ୍ଗେଙ୍ଗ୍
ଇ ସବୁ ବେରଣ୍ ଇଞ୍ଜିମାନ୍ଚାଙ୍ଗ୍ ।”
୪୫ ହେ ପାଦ୍ନା ହେୱାର୍ ଇନେସ୍ ଦର୍ମ ସାସ୍ତର୍ ବୁଜା ଆନାର୍, ହେଦାଂ କାଜିଂ ହେୱାନ୍ ହେୱାରିଂ ବୁଦିନି ହାଜି ୍ଜେତାନ୍;
୪୬ ଆରେ, ହେୱାନ୍ ହେୱାରିଂ ଇଚାନ୍, ଇ ଲାକେ ଲେକା ମାନାଡ୍, “କ୍ରିସ୍ଟ ଦୁକ୍ବଗି କିନାନ୍ ଆରି ତିନି ଦିନ୍ତାଂ
ହାକିତାକେତାଂ ନିଙ୍ଗ୍ନାନ୍,
୪୭ ଆରେ ଜିରୁସାଲମ୍ତାଂ ହାଙ୍ଗ୍ଜି ୱିଜୁ ୍ଜାତି ତାକେ ହେୱାନ୍ ତର୍ଦ ପାପ୍ କେମା କାଜିଂ ମାନ୍ବାଦ୍ଲାୟ୍ ବେରଣ୍
ସୁଣାୟ୍ କିତାର୍ ।
୪୮ ଏପେଙ୍ଗ୍ ଇ ୱିଜୁ ୍ବିସ୍ରେ ସାକି ଆନାଦେର୍ ।
୪୯ ✡ ଆରେ ହୁଡ଼ାଟ୍, ନା ଆବା ଇନାକା ରାଣ୍ ହିଡ୍ତାନ୍ନା, ହେଦାଂ ଆନ୍ ମି ତାକେ ପକ୍ତାନାଙ୍ଗା, ମାତର୍ ଜପିତାଂ ସାକ୍ତି
ପାୟାୱି ପାତେକ୍ ଏପେଙ୍ଗ୍ ଇ ଗାଡ଼୍ଦ ମାନାଟ୍ ।”

## ଜିସୁତି ସାର୍ଗେ ହାନାକା

*(ମାର୍କ ୧୬:୧୯-୨୦; ପକ୍ୟାତାକା ୧:୯-୧୧)*

୫୦ ✡ତା ପାଚେ ଜିସୁ ହେୱାରିଂ ବେଡ୍ନିୟା ହାନି ହାଜି ୍ପାତେକ୍ ଅଜି ୍ହାଚାର୍ ଆରି ଜାର୍ କେଇ ପେସ୍ଜି ହେୱେରିଂ
ଆସିର୍ବାଦ୍ କିତାନ୍ ।
୫୧ ଆରେ, ହେୱାରିଂ ଆସିର୍ବାଦ୍ କିଉ କିଉ ଜିସୁ ହେୱାର୍ ତାଙ୍ଗ୍ ଏଡ଼ା ଆଜି ୍ସାର୍ଗେଜପି ହାଚାନ୍ ।
୫୨ ଆରେ, ହେୱାର୍ ତାଙ୍ଗେଙ୍ଗ୍ ଜୱାର୍ କିଜି ୍ବେସି ୱାରିତାଂ ଜିରୁସାଲମ୍ତ ଲେଉଟା ଆତାର୍,
୫୩ ଆରେ ହେୱାର୍ ନିତ୍ରେ ମନ୍ଦିର୍ତ ମାନ୍ଜି ଇସ୍ୱତର୍ ଦନ୍ୟବାଦ୍ କିଜି ୍ମାଚାର୍ ।

✡ **୨୪:୪୯** ପକ୍ୟାତାକା ୧:୪. ✡ **୨୪:୫୦** ପକ୍ୟାତାକା ୧:୯-୧୧.

# ଯହନ ଲିଖିତ ସୁସମାଚାର
# ଜହନ୍ ଲେକିକିତି ନେକ୍ରିକାବୁର୍
## ଜହନ୍ ଲେକିକିତି ବିସ୍ରେ ପାଦେକ୍

ଜିସୁ କ୍ରିସ୍ଟତି ଜିବୁନ୍ ବାଚି କିଜି ମ଼ାନି ପୁନି ନିୟମ୍‌ନି ଚାରିଗଟା ପତିଙ୍ଗ୍ ବିତ୍ରେ ଜହନ୍ ଲେକିକିତି ନେକ୍ରି କାବୁର୍ ରଞ୍ଜାଙ୍ଗ୍ । ହେ ବିସ୍ରେକାଂ ନେକ୍ରି କାବୁର୍ ଇନାର୍, ଇମ୍‌ଣାକା ଅରଡ୍ "ନେକ୍ରି କାବୁର୍ ।" ହେୱାଙ୍ଗ୍ ଇସ୍ୱର୍ ହାଡି ପାଚେ ମାତିଉ, ମାର୍କ, ଲୁକ, ଆରି ଜହନ୍‌ତାଂ ଲେକା ଆତାଡ୍‌ନ୍ନା । ଜହନ୍ ଲେକିକିତି ନେକ୍ରି କାବୁର୍ କ୍ରିସ୍ଟତି ଜଲମ୍ ଚାରିକଡ଼ି ଦସ୍ ବାର୍ହୁ ପାଚେ ପକ୍ୟା ଆଡି ଜହନ୍ ତାଙ୍ଗ୍ ଲେକାଆତାଡ୍‌ନା । ଆଡିସ୍‌ପା ଇ ନେକ୍ରି କାବୁର୍‌ତ ଇଦାଂ ଲେକି କିତାକାନ୍ ଜହନ୍ ଇଞ୍ଜି ହାର୍‌ଦାଂ ଲେକା ଆୱାତାଡ୍‌ନା ମାତର୍ ଇ ନେକ୍ରି କାବୁର୍ ମେରା । ପର୍ତୁମ୍ ଜହନ୍ ଦୁଇ ଜହନ୍ ଆରି ତିନ୍ ଜହନ୍ ଲାହାଙ୍ଗ୍ ଆନ୍ ମାନ୍ତ ସମାନ୍ । କେତେକ୍ ପାନିପତି ଲେକିକିତାର୍ ପାତର୍ କିତାର୍ ଇ ନେକ୍ରି କାବୁର୍ ଏପିସିୟତାଂ ଲେକା ଆତାଡ୍‌ନ୍ନା, ଇନାକିଦେଂକି ଇ ସମୁ ୱେଡ଼ାଙ୍ଗ୍ ଜହନ୍ ଏପିସିୟତ ବାହା କିଜି ମ଼ାଚାନ୍ ।

ଜହନ୍ ସତ୍ ବାଦ୍ରେ ଇନାନ୍ "ଇସ୍ୱର୍ ନେ କ୍ରିସ୍ଟ ଜିବୁନ୍ ଇସ୍ୱର୍ ମାଜି ।" ଜହନ୍ ୨୦:୩୧, ଇଦାଂ ପାତର୍ କିଦେଙ୍ଗ୍ ଇଞ୍ଜି ମାନାୟାରିଂ ହାଙ୍ଗ୍ କିନାକା ଆନାତା ଇ ନେକ୍ରି କାବୁର୍‌ନି ମୁଡ଼୍‌ଦାକା । ଇଦାଂ ପାତର୍ କିନି କାଜିଂ ଆସେଙ୍ଗ୍ ଇନେସ୍ ଜିବୁନ୍ ପାୟା ଆନାସ୍ । ଇ ନେକ୍ରି କାବୁର୍ ଜିହୁଦି ଆରି ପାତର୍ କିୱି ଜିହୁଦି ରିୟାର୍ କାଜିଂ ଲେକା ଆଜି ମ଼ାଚାଡ୍ । ଇ ନେକ୍ରି କାବୁର୍‌ତ ଜିସୁତି ଉତର୍‌ମୁଡ଼୍ ତାଙ୍ଗ୍ ତା କାବାଆନି କାମାୟିଙ୍ଗ୍ ଆଦିକ୍ ଜର୍ ହିତାର୍‌ନା । ଜିସୁତି ବାପ୍ତିସମ୍ ଆରି ବାଟାତ ତା ପରିକ୍ୟା ଲାକେ କେତେକ୍ ଗଟ୍‌ଣାଂ ବିସ୍ରେ ଜହନ୍ ଇ ନେକ୍ରିବାର୍‌ତ ଇନାକା ଲେକିକିଉନ୍ । ଇ ନେକ୍ରିବାର୍ ବିନ୍ ତିନିଗଟା ନେକ୍ରିକାବୁରିଂ ତାଙ୍ଗ୍ ବିନ୍ ।

### ପତି ବିସ୍ରେନି ରାହାଣ୍

୧. ନେକ୍ରି କାବୁର୍ ଆରମ୍ ଜହନ୍ ୧:୧-୧୮
୨. ଜିସୁତି କେତେକ୍ କାବାଆନି କାମାୟିଙ୍ଗ୍ ୱିଜୁ ଜହନ୍ ୧:୧୯; ୧୨:୫୦
୩. ଜିସୁତି ଜିବୁନ୍, ହାତାକା ଆରି ଆରେ ରଗ ନିଂନାକା ଜହନ୍ ୧୩:୧; ୨୦:୩୧
୪. ଜିସୁତି ନିଙ୍ଗ୍‌ଜି ଚଞ୍ଜିୟାନାନ୍ ଜହନ୍ ୨୧:୧-୨୫

ଜିବୁନ୍‌ନି ବଚନ୍

୧ ହିଗ୍‌ଦ ବଚନ୍ ମାଚାନ୍, ବଚନ୍ ଇସ୍ୱର୍ ଲାହାଙ୍ଗ୍ ମାଚାନ୍, ହେୱାନ୍ ଆରି ଇସ୍ୱର୍ ଏକ୍ ମାଚାନ୍ ।
୨ ହେୱାନ୍ ହିଗ୍‌ଦ ଇସ୍ୱର୍ ଲାହାଙ୍ଗ୍ ମାଚାନ୍ ।
୩ ତା ଲାହାଙ୍ଗ୍ ଇସ୍ୱର୍ ୱିଜୁ ବିସ୍ରେ ଉବ୍‌ଜାଣ୍ କିତାନ୍; ଆରେ ଜେ ୱିଜୁ ଉବ୍‌ଜା ଆତାଡ୍‌ନ୍ନା, ହେବେତାଂ ପା ରଞ୍ଜାଙ୍ଗ୍ ପା ହେୱାନିଂ ପିସ୍ତି ଉବ୍‌ଜା ଆୱାତାଡ୍‌ନା ।
୪ ହେୱାନ୍ ତାକେ ଜିବୁନ୍ ମାଚାଡ୍ ଆରି ହେ ଜିବୁନ୍ ମାନାୟାର୍‌ତି ଅଜଡ଼୍ ।
୫ ହେ ଅଜଡ଼୍ ମାଜ୍‌ଗାତ ଅଜଡ଼୍ ଆଜି ୱ଼ାନାତା, ଆରେ ମାଜ୍‌ଗା ହେଦାଂ ମାନ୍ କିୱାତାଡ୍ ।
୬ ✡ଇସ୍ୱର୍ କଚଣ୍‌ତ କାବୁର୍ ୱେଚ୍‌ନି ରୱାନ୍ ମାନାୟ୍ ଏକାତାନ୍; ହେୱାନ୍ ତର୍ ଜହନ୍ ।
୭ ହେୱାନ୍ ଇନେସ୍ ଅଜଡ଼୍ ବିସ୍ରେ ସାକି ହିନାନ୍, ଆରେ ହେୱାନ୍ ୱେନ୍‌ଜି ୱିଜାର୍ ପାତର୍ କିତାର୍, ଇଦାଂ କାଜିଂ ହେୱାନ୍ ହିଦେଂ ଇଞ୍ଜି ୱାତାନ୍ ।
୮ ହେୱାନ୍ ନିଜେ ହେ ଅଜଡ଼୍ ହିଲ୍‌ୱାତାନ୍, ମାତର୍ ଅଜଡ଼୍ ବିସ୍ରେ ସାକି ହିଦେଂ ଇଞ୍ଜି ୱାତାନ୍ ।
୯ ଇମ୍‌ଣି ହାଡ୍‌ପା ଅଜଡ଼୍ ପୁତର୍ ୱାଜି ୱିଜୁ ରାଜିନି ମାନାୟାରିଂ ଅଜଡ଼୍ କିନାଡ୍, ହେଦାଂ ନେ ହାଡ୍‌ପା ଅଜଡ଼୍ ।
୧୦ ହେୱାନ୍ ପୁତର୍‌ତ ମାଚାନ୍ ଆରି ପୁତର୍ ହେୱାନ୍ ହୁକେ ଉବ୍‌ଜାଣ୍ ଆତାଡ୍, ଆଡିସ୍‌ପା ପୁତର୍ ତାଙ୍ଗେଙ୍ଗ୍ ଚିନ୍‌କିଦେଂ ଆଡ୍‌ୱାତାଡ୍ ।
୧୧ ହେୱାନ୍ ଜାର୍ ରାଜିତ ୱାତାନ୍, ଆଡିସ୍‌ପା ହେୱାନ୍ତି ଜାର୍ ଲକୁ ତାଙ୍ଗେଙ୍ଗ୍ ମାନ୍ କିୱାତାର୍ ।
୧୨ ମତର୍ ଏଚେକ୍ ମାନାୟ୍ ତାଙ୍ଗେଙ୍ଗ୍ ମାନ୍ କିତାର୍, ଇଚିସ୍ ଇମ୍‌ଣାକାର୍ ହେୱାନ୍ ତର୍‌ଦାଂ ପାତର୍ କିତାର୍, ହେୱାନ୍ ୱିଜାରିଂ ହେୱାନ୍ ଇସ୍ୱତର୍ କାଡ଼୍‌ଦେ ଆଦେଂ ଇଞ୍ଜି ଆଦିକାର୍ ହିତାନ୍;
୧୩ ହେୱାର୍ ନେତେର୍‌ତାଂ, ଗାଗାଡ଼୍‌ନି ଇଚାତାଂ ନଲେ ମାନାୟ୍ ଇଚାତାଂ ଉବ୍‌ଜା ଆୱାତାର୍, ଇଚିସ୍ ଇସ୍ୱର୍‌ତାଂ ଉବ୍‌ଜା ଆତାର୍ ।

✡ **୧:୬** ମାତିଉ ୩:୧; ମାର୍କ ୧:୪; ଲୁକ ୩:୧,୨.

୧୪ ଆରେ, ହେ ବଚନ୍ ମାନାୟ୍ ଆତାନ୍, ଆରେ ଦୟା ଆରି ହାଡ୍‌ପାତ ବାତର୍ ଆଜି ମା ବିତ୍ରେ ବାହାକିତାନ୍, ଆରେ
ଆବାତାଂ ୱାତି ଦୁଆଁ ମାଜିଙ୍ଗ୍ ପାଣ୍ ଲାକେ ଆପେଂ ହେୱାନ୍‌ତି ପାଣ୍ ହୁଡ୍‌ତାପ୍ ।
୧୫ ଜହନ୍ ହେୱାନ୍ ବିସ୍ରେ ସାକି ହିଜି ଗାଜାକାଟ୍‌ତାଂ ଇଚାନ୍, "ଇନେନ୍ ନା ପାଚେ ୱାନାନା, ହେୱାନ୍ ନାଙ୍ଗ୍ ତାଂ ଗାଜାକାନ୍
ଆତାନ୍ନା, ଇନାକିଦେଂକି ହେୱାନ୍ ନା ଆଗେ ମାଚାନ୍, ଇମ୍‌ଣାକାନ୍ ବିସ୍ରେ ଆନ୍ ଇଦାଂ ୱେଚ୍‌ଚି ମାନ୍‌ଚାଙ୍ଗ୍, ହେୱାନ୍ ଇୱାନ୍
।"
୧୬ ତା ଦୟାତାଂ ବାତର୍ ହୁକେ ମାଙ୍ଗେଙ୍ଗ୍ ୱିଜାର୍ ଆସିର୍ବାଦ୍ ପାୟା ଆତାସ୍‌ନା । ଆଁ, ଆସିର୍ବାଦ୍ ଜପି ଆସିର୍ବାଦ୍ ପାୟା
ଆତାସ୍‌ନା ।
୧୭ ଇସ୍ୱର୍ ବିଦି ମସା ହୁକେ ଆତାଡ୍‌ନ୍ନା, ମାତର୍ ଦୟା ଆରି ହାଡ୍‌ପା ଜିସୁ କ୍ରିସ୍ଟତି ହୁକେ ୱାତାଡ୍ ।
୧୮ ଇନେର୍ ଇନାୱାଡ଼ାଲିଂ ଇସ୍ୱର୍‌ତିଂ ହୁଡ୍‌ୱାତାର୍ଣ୍ଣା, ଆବା ୱାକ୍‌ତ ମାନି କେବଲ୍ ତାଙ୍ଗେଙ୍ଗ୍ ପାଣ୍‌ୱା ମାଜି ତାଙ୍ଗେଙ୍ଗ୍
ହପ୍‌ତାନ୍ ।

## ବାପ୍ତିସିମ୍ ହିନି ଜହନ୍ତି ସାକି

(ମାତିଉ ୩:୧-୧୨; ମାର୍କ ୧:୧-୮; ଲୁକ ୩:୧-୧୮)

୧୯ ଏନେଙ୍ଗ୍ ଇନେର୍, ଇଦାଂ ଜହନ୍‌ତିଂ ୱେନ୍‌ବିନି କାଜିଂ ଜିହୁଦିର୍ ଏଚେକୋଡ଼୍‌ଦ ଜିରୁସାଲମ୍‌ତାଂ ମାପୁହେବାକିନାକାନ୍
ଆରି ଲେବିୟରିଂ ତା ଲାଗାଂ ପକ୍ତାତାର୍, "ହେପାଦ୍‌ନା ହେୱାନ୍ ଇ ସାକି ହିତାନ୍ ।"
୨୦ ହେୱାନ୍ ମାନି କିୱାଦାଂ, ହାର୍ କିଜି ୱେଚ୍‌ଚାନ୍, "ଆନ୍ କ୍ରିସ୍ଟ ଆକାୟ୍ ।"
୨୧ ହେବେତାଂ ହେୱାର୍ ତାଙ୍ଗେଙ୍ଗ୍ ୱେନ୍‌ବାତାର୍, "ବାଟିଙ୍ଗ୍, ଏନ୍ ଇନାକା ଏଲିୟ ?"
ହେୱାନ୍ ଇଚାନ୍, ଆନ୍ ଆକାୟ୍ ।
"ଏନ୍ ଇନାକା ହେ ବେଣ୍‌ବାକ୍‌ଣାୟ୍‌କିନାକାନ୍ ?
ହେୱାନ୍ ଉତର୍ ହିତାନ୍, ଆକାୟ୍ ।"
୨୨ ହେବେତାଂ ହେୱାର୍ ତାଙ୍ଗେଙ୍ଗ୍ ଇଚାର୍, ମାଙ୍ଗେଙ୍ଗ୍ ପକ୍ତିତି ମାନାୟାରିଂ ଇନେସ୍ ଉତର୍ ହିଦେଂ ଆଡ୍‌ନାପ୍, ଇଦାଂ
କାଜିଂ "ଏନ୍ ଇନେର୍ ? ଜାର୍‌ତି ବିସ୍ରେ ଇନାକା ଇନାୟା ?"
୨୩ ଜିସାୟ୍ ବେଣ୍‌ବାକ୍‌ଣାୟ୍‌କିନାକାନ୍ ଇନେସ୍ ଇଞ୍ଜି ମାଚାନ୍, ହେ ଲାକେ ଜହନ୍ ଇଚାନ୍ ।
ଆନ୍ ହେ ଲାକେ ବାଲିବାଟାତ ଗାଜାକାଟ୍ କିଜି ମାନି ରୱାନ୍‌ତି କାଟ୍ ।
ମାପୁତି ହାଜି ହାଣ୍‌କୁ କିୟାଟ୍ ।
୨୪ ଆରେ, ପାରୁସିର୍ ପକ୍‌ଚି ମାଚି କାବୁର୍ ହିନାକାର୍ ତାଙ୍ଗେଙ୍ଗ୍ ଇଚାର୍ ।
୨୫ ହେୱାର୍ ତାଙ୍ଗେଙ୍ଗ୍ ୱେନ୍‌ବାତାର୍, "ଏନ୍ ଜଦି କ୍ରିସ୍ଟ କି ଏଲିୟ ହେ ବେଣ୍‌ବାକ୍‌ଣାୟ୍‌କିନାକାୟ୍ ଆକାୟ୍, ହେଦାଂ
ଆତିସ୍ ଇନେକିଦେଂ ବାପ୍ତିସିମ୍ ହିନାୟ୍‌ୟା ?"
୨୬ ଜହନ୍ ହେୱେରିଂ ଉତର୍ ହିତାନ୍, "ଆନ୍ ଏଜୁଂତାଂ ବାପ୍ତିସିମ୍ ହିନାଙ୍ଗା; ଇମ୍‌ଣାକାନିଂ ଏପେଙ୍ଗ୍ ପୁନୁଦେର୍, ହେୱାନ୍
ମି ବିତ୍ରେ ମାନାନ୍;
୨୭ ହେୱାନ୍ ନା ପାଚେ ୱାନାନା, ତାଙ୍ଗ୍ ପାନାନି ପାଣ୍ଡାଇଙ୍ଗ୍ ଡରି ରିକ୍‌ତେଂ ଆନ୍ ସମାନ୍ ଆକାୟ୍ ।"
୨୮ ଜର୍ଦନ୍ ନାଗୁଡ୍ ଆଣ୍ଟିପାଡ୍‌କା ଇମ୍‌ଣି ବେଡ୍‌ନିୟାତ ଜହନ୍ ବାପ୍ତିସିମ୍ ହିଜି ମାଚାନ୍, ହେ ବାହାତ ଇ ୱିଜୁ ଗିଟା ଆତାଡ୍
।

## ଇସ୍ୱତର୍ ମେଣ୍ଢାହିମ୍‌ଣା

୨୯ ଆର୍କାଡ୍ ନାଜିଂ ହେୱାନ୍ ଜିସୁଙ୍ଗ୍ ଜାର୍ ଲାଗେ ୱାନାକା ହୁଡ୍‌ଜି ଇଚାନ୍, "ଏହେଁ ହୁଡ଼ା, ଇସ୍ୱତର୍ ମେଣ୍ଢାହିମ୍‌ଣା, ଜେ
ପୁତର୍‌ନି ପାପ୍ ପିଣ୍‌ଜି ଅନାନ୍ ।
୩୦ ନା ପାଚେ ଇନେନ୍ ୱାନାନା, ହେୱାନ୍ ନା ଗାଜାକାନ୍ ଆତାନ୍ନା, ଇନାକିଦେଂକି ହେୱାନ୍ ନା ଜଲମ୍ ଆଗେ ମାଚାନ୍,
ଇମ୍‌ଣାକାନ୍ ବିସ୍ରେ ଆନ୍ ଇଦାଂ ଇଞ୍ଜି ମାଚାଙ୍ଗ୍, ହେୱାନ୍ ଇ ମାନାୟ୍ ।
୩୧ ଆନ୍ ପା ତାଙ୍ଗେଙ୍ଗ୍ ଚିନ୍ କିୱାଦାଂ ମାଚାଙ୍ଗ୍, ମାତର୍ ହେୱାନ୍ ଇନେସ୍ ଇସ୍ରାଏଲ୍ ମାନାୟାର୍ ଲାଗେ ଚଞ୍ଜ୍‌ୟା ଆନାନ୍,
ଇ କାଜିଂ ଆନ୍ ଏଜୁଂତାଂ ବାପ୍ତିସିମ୍ ହିଦେଂ ୱାତାଙ୍ଗ୍‌ନା ।"
୩୨ ଆରେ, ଜହନ୍ ସାକି ହିଜି ଇଚାନ୍, "ଆନ୍ ଜିବୁନ୍‌ତିଂ ପାଣ୍ଡ୍‌କା ଲାକେ ବାଦାଡ୍‌ତାଂ ତା ଜପି ଜୁଦ୍‌ନାକା ହୁଡ୍‌ତାଙ୍ଗ୍‌ନ୍ନା,
ଆରେ ହେଦାଂ ତା ଜପି କୁଚ୍‌ଚାଡ୍, ଏନେଙ୍ଗ୍ ନା ୱାରିନି ମାଜି, ନି ତାକେ ନାତାଂ ବେସି ୱାରି ମାନାଡ୍ ।"
୩୩ "ଆନ୍ ପା ତାଙ୍ଗେଙ୍ଗ୍ ଚିନ୍ କିୱାଦାଂ ମାଚାଙ୍ଗ୍, ମତର୍ ଜେ ନାଙ୍ଗେଙ୍ଗ୍ ଏଜୁଂତାଂ ବାପ୍ତିସିମ୍ ହିଦେଂ ପକ୍‌ତାନ୍, ହେୱାନ୍
ନାଙ୍ଗେଙ୍ଗ୍ ଇନ୍‌ଚାନ୍, ଇମ୍‌ଣାକାନ୍ ଜପି ଜିବୁନ୍‌ତିଂ ଜୁଦ୍‌ନାକା ହୁଡ୍‌ନାଦେର୍, ହେୱାନ୍ ହେ ମାନାୟ୍, ଜେ ପୁଇପୁୟା ଜିବୁନ୍ତାଂ
ବାପ୍ତିସିମ୍ ହିନାନ୍ ।
୩୪ ଆରେ, ଆନ୍ ହେଦାଂ ହୁଡ୍‌ତାଙ୍ଗ୍‌ନ୍ନା, ଆରି ହେୱାନ୍ ଇସ୍ୱତର୍ ମାଜି ଇଞ୍ଜି ସାକି ହିନାନା ।"

## ଜିସୁତି ପର୍ହୁମ୍ ଚେଲାର୍

୩୫ ପାଚେନି ନାଜିଂ ଆରେ ରଗ ଜହନ୍ ଆରି ହେ ଚେଲାର୍ ବିତ୍ରେ ରିକାର୍ ଲାହାଙ୍ଗ୍ ନିଲ୍ଚି ମାଚାର୍;
୩୬ ଆରେ, ହେୱାନ୍ ଜିସୁଙ୍ଗ୍ ହେ ହାଜି ହିଜି ହାନାକା ହୁଡ଼୍ଜି ତାଙ୍ଗେଙ୍ଗ୍ ଇଚାନ୍, "ଇୱାନ୍ ହୁଡ଼ାଟ୍, ଇସ୍ୱର୍ତ ମେଣ୍ଡାହିମ୍ଣା ।"
୩୭ ହେ ରିକାର୍ ଚେଲାର୍ ହେ ବେରଣ୍ ୱେନ୍ଞ୍ଜି ଜିସୁତି ପାଚେ ପାଚେ ହାଚାର୍ ।
୩୮ ଜିସୁ ପାଚ୍ବାଗାଂ ମାସ୍ଦି ହେୱେରିଂ ପାଚେ ପାଚେ ୱାନାକା ହୁଡ଼୍ଜି ୱେନ୍ବାତାନ୍, "ଏପେଙ୍ଗ୍ ଇନାକା ଦାହ୍ନାଦେରା ?"
ହେୱାର୍ ତାଙ୍ଗେଙ୍ଗ୍ ଉତର୍ ହିତାର୍, "ରାବ୍ବି ଇନାକା ଅରତ୍ ଗୁରୁ, ଏନ୍ ଇମେତାକେ ମାନାୟା ?"
୩୯ ହେୱାନ୍ ହେୱେରିଂ ଇଚାନ୍, "ୱାଡ, ହୁଡ଼୍ନାଦେର୍ ।" ହେବେଣ୍ଡାଂ ହେୱାର୍ ହାଲ୍ଜି ହେୱାନ୍ତି ବାହା ହୁଡ଼୍ତାର୍, ଆରେ
ହେ ନାଜିଂ ତା ହୁଦାଂ ମାଚାର୍; ଇନେକିଦେଂକି ହେପାଦ୍ନା ମ୍ଟିକାହାରେସ୍ କମ୍ସେକମ୍ ଚାର୍ଟା ଆଜି ମାଚାତ୍ ।
୪୦ ଇମ୍ଣି ରିକାର୍ ଜହନ୍ତି ବେରଣ୍ ୱେନ୍ଞ୍ଜି ଜିସୁତି ପାଚେ ପାଚେ ହାଲ୍ଜି ମାଚାର୍, ହେୱାର୍ ବିତ୍ରେ ରକାନ୍ ସିମନ୍
ପିତର୍ ଟଣ୍ଡାହି ଆନ୍ଦ୍ରିୟ ମାଚାନ୍ ।
୪୧ ହେୱାନ୍ ପର୍ତୁମ୍ ଜାର୍ ଟଣ୍ଡେନ୍ ସିମନ୍ତିଂ ଚଞ୍ଜ୍ୟା ଆଜି ତାଙ୍ଗେଙ୍ଗ୍ ଇଚାନ୍,
ଆପେଂ ମସିୟାତି ହୁଡ଼୍ତାପ୍ନା, "ଇମ୍ଣାକା ଅରତ୍ କ୍ରିସ୍ଟ ।"
୪୨ ହେୱାନ୍ ତାଙ୍ଗେଙ୍ଗ୍ ଜିସୁ ଲାଗାୟ୍ ତାହିୱାତାନ୍ । ଜିସୁ ହେୱାନିଂ ହୁଡ଼୍ଜି ଇଚାନ୍, "ଏନ୍ ଜହନ୍ ମେହି ସିମନ୍ ।" ଏନ୍
କୈପା ସବଦ୍ ଅରତ୍ ପିତର୍ ନଲେ କାଲ୍ ।

## ଇସ୍ୱର୍ ପିଲିପି ଆରି ନିତନିୟେଲ୍ତିଂ କୁକ୍ନାନ୍

୪୩ ଆର୍କାତ୍ ନାଜିଂ ଜିସୁ ଗାଲିଲିତ ହସି ହାଜେଙ୍ଗ୍ ଇଞ୍ଜି ମାନ୍ କିତାନ୍, ଆରେ ହେୱାନ୍ ପିଲିପ୍ୟଙ୍ଗ୍ ଚଞ୍ଜ୍ୟା ଆଜି ତାଙ୍ଗେଙ୍ଗ୍
ଇଚାନ୍, "ନା ପାଚେପାଚେ ୱା ।"
୪୪ ପିଲିପ୍ ବେଡ୍ସାଇଦାନି ଲକ୍ ମାଚାନ୍, ହେଦାଂ ଆନ୍ଦ୍ରିୟ ଆରି ପିତର୍ତି ଗାଡ଼୍ ମାଚାତ୍ ।
୪୫ ପିଲିପ୍ ନିତନିୟେଲ୍ତି ଚଞ୍ଜ୍ୟା ଆଜି ତାଙ୍ଗେଙ୍ଗ୍ ଇଚାନ୍, "ଇମ୍ଣାକାନ୍ ବିସ୍ରେ ମସା ବିଦିନି ପତିତ ଲେକିକିତାନ୍ନା,
ଆରେ ବେଣ୍ବାକ୍ଣାୟ୍କିନାକାର୍ ପା ଲେକିକିତାର୍ଣ୍ଡା, ଆସେଙ୍ଗ୍ ହେୱାନିଂ ଚଞ୍ଜ୍ୟା ଆତାସ୍ନା; ହେୱାନ୍ ଜସେପ୍ ମାଜି
ନାଜରିତିୟ ଜିସୁ ।"
୪୬ ନିତନିୟେଲ୍ ତାଙ୍ଗେଙ୍ଗ୍ ୱେନ୍ବାତାନ୍, "ନାଜରିତିୟତାଂ କି ଇନାକାପା ହାର୍ଦି ବିସ୍ରେ ୱାଦେଙ୍ଗ୍ ଆଡ଼୍ଦାନାତ୍ କି ?"
ପିଲିପ୍ ତାଙ୍ଗେଙ୍ଗ୍ ଇଚାନ୍, "ୱାଜି ହୁଡ଼ାଟ୍ ।"
୪୭ ଜିସୁ ନିତନିୟେଲ୍ତିଂ ଜାର୍ ଲାଗେ ୱାନାକା ହୁଡ଼୍ଜି ହେ ବିସ୍ରେ ଇଚାନ୍, "ଇଦାଂ ହୁଡ଼ା ହାତ୍ପାନେ ଇ ରକାନ୍
ଇସ୍ରାଏଲିୟ ମାନାୟ୍, ଇୱାନ୍ ତାକେ ଟିଉଲି ହିଲୁତ୍ ।"
୪୮ ନିତନିୟେଲ୍ ତାଙ୍ଗେଙ୍ଗ୍ ୱେନ୍ବାତାନ୍, "ଏନ୍ ନାଙ୍ଗେଙ୍ଗ୍ ଇନେସ୍ ଚିନ୍କିତ୍ତାୟ୍ ?"
ଜିସୁ ତାଙ୍ଗେଙ୍ଗ୍ ଉତର୍ ହିତାନ୍, "ପିଲିପ୍ ନିଙ୍ଗେଙ୍ଗ୍ କୁକ୍ତିନି ଆଗେ ଏନ୍ ଏଚେକାଡ଼୍ଦ ତଗା ମାର୍ ତାରେନ୍ ମାଚାୟ୍,
ହେପାଦ୍ନା ଆନ୍ ନିଙ୍ଗେଙ୍ଗ୍ ହୁଡ଼୍ଜି ମାନ୍ଞ୍ଜାଙ୍ଗ୍ ।"
୪୯ ନିତନିୟେଲ୍ ତାଙ୍ଗେଙ୍ଗ୍ ଉତର୍ ହିତାନ୍, "ଏ ଗୁରୁ, ଏନ୍ ଇସ୍ୱର୍ତ ମାଜି, ଏନ୍ ଇସ୍ରାଏଲ୍ନି ରାଜା ।"
୫୦ ଜିସୁ ତାଙ୍ଗେଙ୍ଗ୍ ଉତର୍ ହିତାନ୍, "ଆନ୍ ନିଙ୍ଗେଙ୍ଗ୍ ତଗା ମାର୍ ତାରେନ୍ ହୁଡ଼୍ଜି ମାନ୍ଞ୍ଜାଙ୍ଗ୍ ଇଞ୍ଜି ଇଚିଲେ କି ଏନ୍ ପାତର୍
କିନାୟା ? ଏନ୍ ଇବେତାଂ ଆରେ ଗାଜା ଗାଜା ବିସ୍ରେ ହୁଡ଼୍ନାୟ୍ ।"
୫୧ ଆରେ, ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, "ହାତ୍ପା ହାତ୍ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା, ଏପେଙ୍ଗ୍ ସାର୍ଗେତ ଜେୟାନାତ୍
ଆରି ଇସ୍ୱର୍ତ ଦୁତ୍ର୍ ମାନାୟ୍ ମାଜିଡ଼ି ଜପି ଦୁମ୍ନାକା ଆରି ଜୁଦ୍ନାକା ହୁଡ଼୍ନାଦେର୍ ।"

# ୨

## କାନ୍ନା ନାସ୍ତ ବିବା

୧ ତିନ୍ ଦିନ୍ତ ଗାଲିଲିନି କାନାତ ର ବିବା ମାଚାତ୍, ଆରେ ଜିସୁ ତେହି ହେବେ ମାଚାତ୍;
୨ ଜିସୁ ପା ଜାର୍ ଚେଲାର୍ ଲାହାଙ୍ଗ୍ ହେ ବିବାତ କୁକ୍ୟା ଆତାନ୍ ।
୩ ବଜି ୱିଜ୍ୱିହିଙ୍ଗ୍ ହେୱାର୍ତି ଅଙ୍ଗୁର୍ ରାସ୍ ୱିସ୍ତିଲେ ଜିସୁ ତେହି ଜିସୁଙ୍ଗ୍ ଇଚାତ୍, "ହେୱାର୍ତି ଅଙ୍ଗୁର୍ ରାସ୍ ହିଲୁତ୍ ।"
୪ ହେବେଣ୍ଡାଂ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, ନି ଲାହାଙ୍ଗ୍ ନାଦି ଇନାକା ମାନାତ୍ "ନାଙ୍ଗ୍ ଇନେକିଦେଂ ଇବେ ମିହାୟ୍ କିଦ୍ନାୟା
? ନା ସମୁ ଅଙ୍ଗୟ୍ ପାତେକ୍ ଏକା ଆୱାତାଡ଼୍ନା ।"
୫ ହେ ତେହି ହେବା କିନାକାରିଂ ପାସ୍ପାନାକାରିଂ ଇଚାତ୍, "ହେୱାନ୍ ମିଙ୍ଗେଙ୍ଗ୍ ଇନାକା ଇଞ୍ଜ୍ନାନ୍, ହେଦାଂ କିୟାଟ୍ ।"
୬ ଆରେ, ହେବେ ଜିହୁଦିତର୍ ନିର୍ମଲ୍ ଆନି ରିତି ଲାକେ ସହେ ଲିଟର୍ ଏଜୁଂ ଇଡ଼୍ଜି ଚଅଗଟା କାଲ୍କୁ କୁଣ୍ଡ୍ ଇଡ଼୍ଜି
ମାଚାର୍ ।

୭ ଜିସୁ ଆଡ଼ିୟାରିଂ ଇଚାନ୍, "କୁଣ୍ଡକୁକାଂ ଏଜୁଂ ବାତର୍ କିୟାଟ୍ ।" ହେବେଣ୍ଡାଂ ହେୱାର୍ ହେ ୱିଜୁ ଅଟି ପାଡେକ୍
ବାତର୍ କିତାର୍ ।
୮ ଆରେ, ହେୱାନ୍ ହେୱାରିଂ ଇଚାନ୍, "ନଙ୍ଗାୟ୍ ଉନ୍‌ଦି ଅଜି ବଜିନି ମୁଣିକାଂ ଲାଗେ ଅହାଟ୍ ।" ହେବେଣ୍ଡାଂ ହେୱାର୍ ଅଜି
ହାଚାର୍ ।
୯ ବଜିନି ମୁଣିକା ଅଙ୍ଗୁର୍ ରାସ୍ ଆଜି ମାଚି ହେ ଏଜୁଂ ୱେଣ୍‌ଜି ହେଦାଂ ଇମେତାଂ ୱାତିକ୍, ଇଦାଂ ପୁନ୍‌ୱାଦାଂ ମାଚିଲେ
ମାତର୍ ଇମ୍‌ଣି ହେବା କିନାକାର୍ ଏଜୁଂ ଉନ୍‌ଦି ମାଚାର୍, ହେୱାର୍ ପୁନ୍‌ଞ୍ଜି ମାଚାର୍ ବିବାଆନାକାନିଂ କୁକ୍‌ଚି ଇଚାର୍,
୧୦ "ୱିଜାକାର୍ ପର୍ତୁମ୍‌ତ ହାଦର୍ ଅଙ୍ଗୁର୍ ରାସ୍ ହିନାର୍, ଆରେ ମାନାୟାର୍ ଉଣ୍‌ଜି ହଚ୍‌ଚି ପାଚେ ଜବାକାଲିଂ ହିନାର୍;
ଏପେଙ୍ଗ୍ ଅଙ୍ଗାୟ୍ ପାଡେକ୍ ହାଦର୍ ଅଙ୍ଗୁର୍ ରାସ୍ ଇଡ଼୍‌ତାଦେର୍ଣ୍ଣି ।"
୧୧ ଜିସୁ ଇ ଲାକେ ଗାଲିଲିନି କାନାତ ପର୍ତୁମ୍ କାବାକିନି କାମାୟ୍ ହାଂଜି ଜାର୍ ପାଣ୍ ଚଚ୍‌ଚାନ୍, ଆରେ ତା ଚେଲାର୍ ତା
ତାକେ ପାତର୍ କିତାର୍ ।
୧୨ ଇଦାଂ ପାଚେ ହେୱାନ୍ ଜାର୍ ଆୟାଂ, ଟଣ୍ଡାର୍‌ବାଇ ଆରି ଚେଲାର୍ ଲାହାଙ୍ଗ୍ କପର୍ନାହୁମ୍ ତାକେ ହାଚାର୍; ପାଚେ,
ହେୱାର୍ ହେବେ ବେସି ଦିନ୍ ମାନ୍‌ୱାତାର୍ ।

## ଇସ୍ୱର୍ ଜିରୁସାଲମ୍‌ତ ମନ୍ଦିର୍‌ତ ହାଚାନ୍

*(ମାତିଉ ୨୧:୧୨-୧୩; ମାର୍କ ୧୧:୧୫-୧୭; ଲୁକ ୧୯:୪୫-୪୬)*

୧୩ ହେ ପାଦ୍‌ନା ଜିହୁଦିତର୍ ନିସ୍ତାର୍ ପାର୍ବୁ ଲାଗେ ଆଜି ମାଚାଡ୍, ଆରେ ଜିସୁ ଜିରୁସାଲମ୍‌ତ ହାଚାନ୍ ।
୧୪ ହେବେ ହେୱାନ୍ ହୁଡ଼୍‌ତାନ୍, ମନ୍ଦିର୍ ବିତ୍ରେ ମାନାୟ୍ କଡିଙ୍ଗ୍, ମେଣ୍ଡା ଆରି ପାଣ୍ଡ୍‌କା ବେପ୍‌ରିୟାରିଂ ଆରେ ଡାବୁଙ୍ଗ୍
ବେପ୍‌ରିୟାରିଂ କୁଚର୍ ଜପି ଗାଡ଼ି କିଜି ମାନାକା ହୁଡ଼୍‌ତାନ୍ ।
୧୫ ହେବେ ହେୱାନ୍ ଡରିତାଂ ର କରଡା ରଚ୍‌ଚି କଡି ଆରି ମେଣ୍ଡାକାଂ ୱିଜାରିଂ ମନ୍ଦିର୍‌ତାଙ୍ଗ୍ ବାର୍‌ତ ହପ୍‌ତାନ୍; ଆରେ,
ଡାବୁଙ୍ଗ୍ ବେପ୍‌ରିୟାର୍‌ତି ଡାବୁଙ୍ଗ୍ ସବୁ ଡ଼ିୱିଜି ହେୱାର୍‌ତି ଟେବୁଲିଂ ଉଲ୍‌ଟାୟ୍ କିଜି ଡାବୁଙ୍ଗ୍ ତାରେନ୍ ଡ଼ିୱିତାର୍;
୧୬ ଆରେ, ହେୱାନ୍ ପାଣ୍ଡ୍‌କା ବେପ୍‌ରିୟାରିଂ ଇଚାନ୍, "ଇୱାକାଂ ଇବେଣ୍ଡାଂ ଅହାଟ୍, ମାଞ୍ଜି ଆବା ଇଲ୍‌ଦିଂ ବେପ୍‌ପାର୍ ଇଲ୍
କିମାଟ୍ ।"
୧୭ "ମି ଇଲ୍ କାଜିଂ ଇଚା ନାଙ୍ଗେଙ୍ଗ୍ ୱିସ୍ତାନାଡ୍ ଇଦାଂ ଲେକା ମାନାଡ୍ ଇଞ୍ଜି ତା ଚେଲାର୍ ମାନ୍ତ ଏତୁ କିତାର୍ ।"
୧୮ ହେବେ ଜିହୁଦିର୍‌ତାଂ ଉତର୍ ହିତାର୍, "ଏନ୍ ଇ ସବୁ କାମାୟ୍ କିନି କାଜିଂ ଆଦିକାର୍ ପାୟ୍‌ଆତାଂନା ଇଞ୍ଜି ଆପେଂ
ଇନେସ୍ ପୁନାପ୍ ?" ଆରେ ଇମ୍‌ଣି ଚିନ୍ ହୁକେ ମାଙ୍ଗେଙ୍ଗ୍ ହେଦାଂ ଚଚ୍‌ଚାନାୟା ।
୧୯ ✡ଜିସୁ ହେୱେରିଂ ଉତର୍ ହିତାନ୍, "ଏପେଙ୍ଗ୍ ଇ ମନ୍ଦିର୍‌ତିଂ ବାଡ଼୍‌ହାୟ୍ କିୟାଟ୍, ଆରେ ତିନି ଦିନ୍ ବିତ୍ରେ ଆନ୍ ହେଦାଂ
ରଚ୍‌ନାଙ୍ଗ୍ ।"
୨୦ ହେବେ ଜିହୁଦିର୍ ଇଚାର୍, "ଇ ମନ୍ଦିର୍ ରଚ୍‌ଚେଂ ଇଞ୍ଜି ରିକଡ଼ିଚ ବାର୍ହୁ ଲାଗାଆଡ୍‌ନା; ଆରେ ଏନ୍ ଇନାକା ହେଦେଲିଂ
ତିନ୍‌ଦିନ୍‌ତାଂ ରଚ୍‌ଚେଂ ଆଡ଼୍‌ନାୟ୍ ?"
୨୧ ମାତର୍ ହେୱାନ୍ ନିଜାର୍ ଗାଗାଡ଼୍ ବାର୍ତାକା ମନ୍ଦିର୍‌ତିଂ ହୁଡ଼୍‌ଜି ଇଦାଂ ଇଞ୍ଜି ମାଚାନ୍ ।
୨୨ ଲାଗିଂ ହେୱାନ୍ ହାତାକାର୍ ବିତ୍ରେତାଂ ନିଙ୍ଗ୍‌ତି ପାଚେ ତା ଚେଲାର୍ ହେୱାନ୍ ଇଦାଂ ଇଞ୍ଜି ମାଚାନ୍ ଇଞ୍ଜି ଏତ୍ କିତାର୍;
ପାଚେ, ହେୱାର୍ ଦରମ୍ ସାସ୍ତର୍ ଆରି ଜିସୁ ଇଞ୍ଜିମାଚି ବଚନ୍ ପାତର୍ କିତାର୍ ।

## ଜିସୁ ମାନାୟ୍ ହାଡ୍‌ପା ପୁନାନ୍

୨୩ ନିସ୍ତାର୍ ପାର୍ବୁ ସମୁତ ହେୱାନ୍ ଜିରୁସାଲମ୍‌ତ ମାନିୱାଡ଼ାଙ୍ଗ୍ ହେନି ତାଙ୍ଗେଙ୍ଗ୍ କିତାକା କାବାଆନି କାମାୟିଙ୍ଗ୍ ହୁଡ଼୍‌ଜି
ତା ତର୍‌ଦାଂ ପାତର୍ କିତାର୍,
୨୪ ମାତର୍ ଜିସୁ ହେୱାର୍ ଜପି ପାତର୍ କିୱାଦାଂ ମାଚାନ୍ ଇନାକିଦେଂକି ହେୱାର୍ ମାନ୍ତ ପୁନ୍‌ଞ୍ଜି ମାଚାନ୍,
୨୫ ଆରେ, ଇମ୍‌ଣାକାନ୍ ଜେ ମାନାୟ୍ ବିସ୍ରେ ସାକି ହିନାନ୍, ଇଦାଂ ତାଦାଙ୍ଗ୍ ଲଡ଼ା ହିଲ୍‌ୱାତାଡ୍, ଲାଗିଂ ମାନାୟ୍ ୱାସ୍କିତ
ଇନାକା ମାନାଡ୍, ହେଦାଂ ହେୱାନ୍ ନିଜେ ପୁଞ୍ଜିମାଚାନ୍ ।

# ୩

## ଇସ୍ୱର୍ ଆରି ନିକଦିମ୍

୧ ପାରୁସିର୍ ବିତ୍ରେ ନିକଦିମ୍ ତର୍‌ଦାକାନ୍ ରୱାନ୍ ମାନାୟ୍ ମାଚାନ୍, ହେୱାନ୍ ଜିହୁଦିର୍ ରୱାନ୍ ମୁଡ଼୍‌ଦାକାନ୍ ।
୨ ହେୱାନ୍ ନାଣା ସମୁତ ଜିସୁତି ଲାଗେ ୱାଜି ତାଙ୍ଗେଙ୍ଗ୍ ଇଚାନ୍, "ଏ ଗୁରୁ, ଏନ୍ ଜେ ଇସ୍ୱର୍‌ତାଂ ୱାଜି ମାଚି ଗୁରୁ, ଇଦାଂ
ଆପେଂ ପୁନାପ୍, ଇନାକିଦେଂକି ଏନ୍ ଇ ଇମ୍‌ଣି ୱିଜୁ କାବାଆନି କାମାୟ୍ କିତାୟ୍‌ନା, ଇସ୍ୱର୍ ଲାହାଂ ହିଲ୍‌ୱିତିସ୍ ହେ ସବୁ
ଇନେର୍ କିଦେଙ୍ଗ୍ ଆଡୁର୍ ।"

✡ **୨:୧୯** ମାତିଉ ୨୬:୬୧; ୨୭:୪୦; ମାର୍କ ୧୪:୫୮; ୧୫:୨୯.

୩ ଜିସୁ ତାଙ୍ଗେଙ୍ଗ୍ ଉତର୍ ହିତାନ୍, "ହାଡ଼ପା ହାଡ଼ପା ଆନ୍ ନିଙ୍ଗେଙ୍ଗ୍ ଇଞ୍ଜନାଙ୍ଗ୍, ଆରେ ରଗ ଜଲମ୍ ଆୱିତିସ୍ ଇନେର୍
ଇସ୍ୱର୍ ରାଜି ହୁଡ଼ଦେଂ ଆଡୁନ୍ ।"
୪ ନିକଦିମ୍ ତାଙ୍ଗେଙ୍ଗ୍ ୱେନ୍‌ବାତାନ୍, "ବୁଡ଼ହି ଆତିସ୍ ମାନାୟ୍ ଇନେସ୍ କିଜି ଜଲମ୍ ଆନାନ୍ ? ହେୱାନ୍ ଇନାକା ରି
ହାଜାର୍ ଆୟା ପଟତ ହଣ୍ଜି ଜଲମ୍ ଆଦେଂ ଆଡ଼ନାଂ ?"
୫ ଜିସୁ ଉତର୍ ହିତାନ୍, ହାଡ଼ପା ହାଡ଼ପା "ଆନ୍ ନିଙ୍ଗେଙ୍ଗ୍ ଇଞ୍ଜନାଙ୍ଗ୍," ଏଜୁଂ ଆରି ଜିବୁନ୍‌ତାଂ ଜଲମ୍ ଆୱିତିସ୍ ଇନେର୍
ଇସ୍ୱର୍ତ ରାଜିତ ହଣ୍ଡେଙ୍ଗ୍ ଆଡୁନ୍ ।
୬ ଗାଗାଡ଼ତାଂ ଇନାକା ଆତାଡ଼ନ୍ନା, ହେଦାଂ ଗାଗାଡ଼; ଆରେ, ଜିବୁନ୍ତାଂ ଇନାକା ଆତାଡ଼ନ୍ନା, ହେଦାଂ ଜିବୁନ୍ ।
୭ ନିଙ୍ଗେଙ୍ଗ୍ ଆରେ ରଗ ଜଲମ୍ ଆନାକା ମାନାଡ଼୍ ଇଞ୍ଜି ଆନ୍ ଜେ ନିଙ୍ଗେଙ୍ଗ୍ ଇନ୍‌ଚାଙ୍ଗ୍, ଇଦାଂ କାବା ଆମାଟ୍ ।
୮ ଡ଼ୁରୁ ଇମ୍‌ଣି ବାଗାଙ୍ଗ୍ ମାନ୍ କିନାଡ଼୍, ହେ ବାଗାଙ୍ଗ୍ ହାନାଡ଼୍ ଆରେ ଏପେଙ୍ଗ୍ ତାଦାଙ୍ଗ୍ ଗାଜାର୍ ୱେନ୍ଞ୍ଜି ମାନାଦେର୍,
ମାତର୍ ହେଦାଂ ଇମେତାଂ ୱାନାଡ଼୍ ଆରେ ଇମେ ନିପ ହାନାଡ଼୍, ହେଦାଂ ପୁନୁଦେର୍; ଜିବୁନ୍‌ତାଂ ଉବ୍‌ଜାଣ୍ ୱିଜାର୍ ମାନାୟ୍
ବିସ୍ରେ ହେ ଲାକେ ।
୯ ନିକଦିମ୍ ତାଙ୍ଗେଙ୍ଗ୍ ଉତର୍ ହିତାନ୍, "ଇ ୱିଜୁ ଇନେସ୍ ଆନାଡ଼୍ ?"
୧୦ ଜିସୁ ତାଙ୍ଗେଙ୍ଗ୍ ଉତର୍ ହିତାନ୍, "ଏନ୍ ଇସ୍ରାଏଲ୍‌ନି ରକାୟ୍ ଗୁରୁ ଆଜି ପା ଇନାକା ଇ ସବୁ ବୁଜାଆଉୟା ?
୧୧ ଆନ୍ ନିଙ୍ଗେଙ୍ଗ୍ ହାଡ଼ପା ଇଞ୍ଜନାଙ୍ଗା, ଆପେଂ ଇମ୍‌ଣାକା ପୁନାପ୍, ହେଦାଂ ଇନାପ୍, ଆରେ ଇନାକା ହୁଡ଼ତାପ୍‌ନା, ତା
ବିସ୍ରେ ସାକି ହିନାପ୍, ଆରେ ଏପେଙ୍ଗ୍ ମାଦାଂ ସାକି ଇଟୁଦେରା ।
୧୨ ଆନ୍ ମିଙ୍ଗେଙ୍ଗ୍ ପୁତର୍ ବିସ୍ରେ ଇଞ୍ଜିସ୍ ଜଦି ଏପେଙ୍ଗ୍ ପାତର୍ କିୱିତିସ୍, ତେବେ ମିଙ୍ଗେଙ୍ଗ୍ ସାର୍ଗେ ବିସ୍ରେ ଇଞ୍ଜିସ୍ ଇନେସ୍
ପାତର୍ କିନାଦେର୍ ?
୧୩ ଇମ୍‌ଣି ମାନାୟ୍ ମାଜି ସାର୍ଗେତାଂ ଜୁଡ଼ତାନ୍, ହେୱାନିଂ ପିସ୍ତି ଆରେ ଇନେର୍ ସାର୍ଗେ ହାଲ୍‌ୱାତାର୍‌ନା ।"
୧୪ ଆରେ, ମସା ଇନେସ୍‌କି ବାଟାତ ପିତାଡ଼୍ ରାଚ୍‌ତିଂ ଜପି ପେସ୍‌ଜି ମାଚାନ୍, ମାନାୟ୍ ମାଜି ପା ହେ ଲାକେ ଜପି ପେଜ୍‌ୟା
ଆନାନ୍,
୧୫ ଇନେସ୍ ଇନେର୍‌କି ତା ତାକେ ପାତର୍ କିତାର୍, ହେୱାନ୍ ୱିଜ୍‌ୱି ଜିବୁନ୍ ପାୟା ଆନାନ୍ ।
୧୬ ଇନାକିଦେଂକି ଇସ୍ୱର୍ ପୁତର୍‌ତିଂ ଏଚେକ୍ ଜିଉନତାନ୍ ଜେ, ହେୱାନ୍ ଜାର୍ ପାଣ୍ଆଁ ମାଜିଙ୍ଗ୍ ଦାନ୍ କିତାନ୍, ଇନେସ୍
ଇନେର୍‌କି ତା ତାକେ ପାତର୍ କିତାର୍, ହେୱାନ୍ ନସ୍ଟ ଆୱାଦାଂ ୱିଜ୍‌ୱି ଜିବୁନ୍ ପାୟା ଆନାନ୍ ।
୧୭ ଇସ୍ୱର୍ ତା ମେହିଙ୍ଗ୍ ପୁତର୍‌ତ ବିଚାର୍ କିନି କାଜିଂ ଆକାୟ୍, ମାତର୍ ପୁତର୍‌ତ ଇନେସ୍ ତା ଲାହାଙ୍ଗ୍ ମୁକ୍ତି ଆନାନ୍
ହେଦାଂ କାଜିଂ ପକ୍‌ତାନ୍‌ନା ।
୧୮ ଇନେନ୍ ମାଜିଡ଼ାକେ ପାତର୍ କିତାର୍, ହେୱାନ୍ ବିଚାର୍ କିୟାଆଉନ୍; ଇନେନ୍ ପାତର୍ କିଉନ୍, ହେୱାନ୍ ବିଚାର୍
କିୟାଆତାନେ, ଇନାକିଦେଂକି ହେୱାନ୍ ଇସ୍ୱର୍ତ ପାଣ୍ଆଁ ମାଜି ତର୍‌ଦ ପାତର୍ କିୱାତାନ୍‌ନା ।
୧୯ ଆରେ, ହେ ବିଚାର୍ ଇ, ପୁତର୍‌ତ ଅଜଡ଼୍ ୱାତାଡ଼୍, ମାତର୍ ମାନାୟାର୍ ଅଜଡ଼୍ ପିସ୍ତି ମାଜ୍‌ଗାତିଂ ଜିଉନତାର୍,
ଇନାକିଦେଂକି ହେୱାର୍‌ତି କାମାୟ୍ ସବୁ ବାନ୍ୟା ।
୨୦ ଇନାକିଦେଂକି ଇନେର୍‌କି ବାନ୍ୟା କାମାୟ୍ କିନାନ୍, ହେୱାନ୍ ଅଜଡ଼୍‌ତିଂ ଗିଣ୍ କିନାନ୍, ଆରେ କାତେହିନା ସତ୍
କାମାୟ୍‌ନି ଦସ୍ ହନାଡ଼୍, ଇଦାଂ କାଜିଂ ହେୱାନ୍ ଅଜଡ଼୍ ଲାଗାଂ ୱାଉନ୍ ।
୨୧ ମାତର୍ ଇନେନ୍‌କି ହାଡ଼ପା ବେବାର୍ କିନାନ୍, ହେୱାନ୍ ଅଜଡ଼୍ ଲାଗାଂ ୱାନାନ୍, ଇନେସ୍ ହେଦାଂ ୱିଜୁ କାମାୟ୍ ସବୁ
ଇସ୍ୱର୍ ତାକେ କିତାକା ଇଞ୍ଜି ହନାଡ଼୍ ।

## ଜିସୁ ଆରି ଜହନ୍

୨୨ ଇଦାଂ ପାଚେ ଜିସୁ ଆରି ତା ଚେଲାର୍ ଜିହୁଦା ଦେସ୍‌ତ ହାଚାର୍, ଆରେ ହେୱାନ୍ ହେ ବାହାତ ହେୱେର୍ ଲାହାଙ୍ଗ୍
ମାନ୍ଞ୍ଜି ବାପ୍ତିସିମ୍ ହିଦେଂ ଲାଗାତାନ୍ ।
୨୩ ଜହନ୍ ପା ସାଲମ୍ ଲାଗେ ଏନନ୍‌ତ ଜହନ୍ ବାପ୍ତିସିମ୍ ହିଜି ମାଚାନ୍, ଇନାକିଦେଂକି ହେ ବାହାତ ବେସି ଏଜୁଂ ମାଚିକ୍,
ଆରେ ମାନାୟାର୍ ୱାଜି ବାପ୍ତିସିମ୍ ଅଜି ମାଚାର୍;
୨୪ ✡ଜହନ୍ ହେ ପାତେକ୍ ଜଇଲ୍ ଇଞ୍ଚ ଗେହ୍‌ନାକା ଆୱାଦାଂ ମାଚାନ୍ ।
୨୫ ହେ ବିତ୍ରେ ନିର୍ମଲ୍ କାମ୍ ବିସ୍ରେ ଜହନ୍ କେତେକ୍ ଚେଲାର୍ ରୱାନ୍ ଜିହୁଦି ଲାହାଙ୍ଗ୍ ଉର୍‌ଜି କିବାଆତାର୍
୨୬ ଆରେ, ହେୱାର୍ ଜହନ୍ ଲାଗେ ହାଲ୍‌ଜି ତାଙ୍ଗେଙ୍ଗ୍ ଇଚାର୍, "ଏ ଗୁରୁ, ଜେ ଜର୍ଦନ୍‌ନି ଆଣ୍ଟିପାଡ଼କା ନି ଲାହାଙ୍ଗ୍ ମାଚାର୍,
ଇନେନ୍ ବିସ୍ରେ ଏନ୍ ସାକି ହିତାୟ୍‌ନା, ହୁଡ଼ାଟ୍, ହେୱାନ୍ ବାପ୍ତିସିମ୍ ହିନାନା ଆରି ୱିଜାକାର୍ ତା ଲାଗେ ହାନାରା ।"
୨୭ ଜହନ୍ ଉତର୍ ହିତାନ୍, "ସାର୍ଗେତାଂ ହିଦ୍ୟାଆୱିତିସ୍ ମାନାୟ୍ ବିର୍‌କୁଲ୍ ପାୟା ଆଉନ୍ ।

✡ **୩:୨୪** ମାତିଉ ୧୪:୩; ମାର୍କ ୬:୧୭; ଲୁକ ୩:୧୯,୨୦.

୨୮ ଆନ୍ ଜେ କ୍ରିସ୍ଟ ଆକାୟ୍, ମାତର୍ ତା ଆଗେ ପକ୍ୟା ଆତାଙ୍ଗ୍ନା, ଇଦାଂ ଆନ୍ ଇଞ୍ଜି ମାଚାଙ୍ଗ୍ ଇଞ୍ଜି ଏପେଙ୍ଗ୍ ନିଜ୍ ନିଜ୍
ନା ସାକି ।
୨୯ ଇନେନ୍ ଗାଡ୍ ଇଟ୍ନାନ୍, ହେୱାନ୍ ବିବାଦାଂଣେନ୍, ମାତର୍ ବିବାଦାଂଣେନ୍ତି ଇମ୍ଣି ସାଙ୍ଗ ଲାଗେ ନିଲ୍ଚି ତା କାତା
ୱେନାନ୍, ହେୱାନ୍ ବିବାଦାଂଣେନ୍ତି କାଟ୍ କାଜିଂ ବେସି ୱାର୍ୟା ଆନାନ୍, ଇ ଲାକେ, ନା ଇ ୱାରି ବାର୍ତ ଆତାଡ୍ନା ।
୩୦ ହେୱାନିଂ ଆତିସ୍ପା ବାଡାନାକା ମାନାଡ୍, ମାତର୍ ନାଙ୍ଗେଙ୍ଗ୍ ଉଣାଆଦେଂ ମାନାଡ୍ ।”

## ସାର୍ଗେତାଂ ୱାନାକା ର ମାନାୟ୍

୩୧ ଇନେନ୍ ସାର୍ଗେତାଂ ୱାନାନ୍, ହେୱାନ୍ ୱିଜାର୍ତାଂ ଗାଜା; ଇନେନ୍ ପୁର୍ତତାଂ ଉବ୍ଜାଣ୍, ହେୱାନ୍ ପୁର୍ତନିକାନ୍,
ଆରେ ହେୱାନ୍ ପୁର୍ତନି କାତା ଇନାନ୍; ଇନେନ୍ ସାର୍ଗେତାଂ ୱାନାନ୍, ହେୱାନ୍ ୱିଜାର୍ତାଂ ଗାଜାକାନ୍ ।
୩୨ ହେୱାନ୍ ଇନାକା ହୁଡ୍ତାନ୍ନା ଆରି ୱେଚାନ୍ନା, ହେଦାଂ ବିସ୍ରେ ହେୱାନ୍ ସାକି ହିନାନ୍, ମାତର୍ ତା ସାକି ଇନେର୍
ମାନ୍କିଉର୍ ।
୩୩ ଇନେନ୍ ତା ସାକି ଇଡ୍ତାନ୍ନା, ଇସ୍ୱର୍ ଜେ ହାଡ୍ପା, ଇଦାଂ ହେୱାନ୍ ଚିନ୍ ଇଡ୍ତାନ୍ନା ।
୩୪ ଇନାକିଦେଂକି ଇସ୍ୱର୍ ଇନେରିଂ ପକ୍ଚି ମାଚାନ୍, ହେୱାନ୍ ଇସ୍ୱର୍ତି ବଚନ୍ ଇନାନ୍, ଇନେକିଦେଂକି ହେୱାନ୍ ଇସ୍ୱର୍ତି
ଜିବୁନ୍ତ ବାର୍ତ ।
୩୫ ✡ଆବା ମାଜିଙ୍ଗ୍ ଜିଉନନାନ୍, ଆରେ ସବୁ ବିସ୍ରେ ତା କେଇଦ ହିତାନ୍ନା ।
୩୬ ଇନେନ୍ ମାଜିଡ଼ାକେ ପାର୍ତକିନାନ୍, ହେୱାନ୍ ୱିଜ୍ୱି ଜିବୁନ୍ ପାୟା ଆତାନ୍ନା, ମାତର୍ ଇନେନ୍ ମାଜିଙ୍ଗ୍ ମାନିକିଉନ୍,
ହେୱାନ୍ ଜିବୁନ୍ ହୁଡ୍ନ୍, ମାତର୍ ହେୱାନ୍ ଇସ୍ୱର୍ତ କାକ୍ରିନି ଲକୁ ଆଜି ମାନାନ୍ ।

# ୪

## ଜିସୁ ଆରି ସମିରଣିନି କଗ୍ଲେ

୧ ଜିସୁ ଜେ ଜହନ୍ତାଂ ଆଦିକ୍ ଚେଲା କିନାନା ଆରି ବାପ୍ତିସିମ୍ ହିନାନା ଇଞ୍ଜି ପାରୁସିର୍ ୱେଚାର୍ ।
୨ ହାଡ୍ପା ଜିସୁ ନିଜେ ବାପ୍ତିସିମ୍ ହିୱାଦାଂ ମାଚାନ୍, ତା ଚେଲାର୍ ହିଜି ମାଚାର୍ ।
୩ ଇଦାଂ ପାରୁସିର୍ ଇଞ୍ଜ୍ନାର୍ ଇଞ୍ଜି ଏଚେକାଡ୍ଦ ଜିସୁ ୱେଚାନ୍ । ହେଏଚେକାଡ୍ଦ ହେୱାନ୍ ଜିହୁଦା ଦେସ୍ ପିସ୍ତି ଆରେ
ରଗ ଗାଲିଲିତ ହାଚାନ୍ ।
୪ ହେୱାନ୍ ସମିରଣ୍ନି ହାଜି ହିଜି ତାଙ୍ଗେଙ୍ଗ୍ ହାଞ୍ଜେଙ୍ଗ୍ ଲାଗାତାଡ୍ ।
୫ ଲାଗିଂ ହେୱାନ୍ ହାଲ୍ଜି ଜାକୁବ୍ ଜାର୍ ମାଜି ଜସେପ୍ତିଂ ଇମ୍ଣି ତାରେନ୍ ଇଚୁକ୍ ଦାନ୍ କିଜି ମାଚାନ୍, ହେବେତାଂ
ଲାଗାୟ୍ନି ସମିରଣ୍ନି ସୁକାର୍ ତର୍ଦିନି ର ଗାଡ୍ଦ ଏକାତାର୍;
୬ ହେ ବାହାତ ଜାକୁବ୍ତି କୁଇ ମାଚାଡ୍ । ଇଚିସ୍, ଜିସୁ ହାସ୍ଦ ତାଙ୍ଗ୍ଜି ୱାସ୍ତି ମାଚିଲେ ହେ, କୁଇ ଲାଗେ କୁଚ୍ଚାନ୍ ।
ହେଏଚେକାଡ୍ଦ ମୁଣ୍ଡାବେଲା ଆଜି ମାଚାଡ୍ ।
୭ ଆରେ, ର ସମିରଣ୍ନି କଗ୍ଲେ ଏଜୁଂ ଅଦେଂ ୱାତାଡ୍ । ଜିସୁ ତାଙ୍ଗେଙ୍ଗ୍ ଇଚାନ୍, “ନାଙ୍ଗେଙ୍ଗ୍ ଏଜୁଂ ଉଣ୍ଡେଙ୍ଗ୍ ହିଦା ।”
୮ ହେ ପାଦ୍ନା ତା ଚେଲାର୍ କାଦି କଡ୍ଦେଂ କାଜିଂ ବସ୍ତିତ ହାଲ୍ଜି ମାଚାର୍ ।
୯ ହେବେ ସମିରଣିୟା କଗ୍ଲେ ଜିସୁଙ୍ଗ୍ ଇଚାଡ୍, “ଏନ୍ ରୱାୟ୍ ଜିହୁଦି ଆରେ ଆନ୍ ରୱାଙ୍ଗ୍ ସମିରଣି କଗ୍ଲେ ଇନେସ୍
ନା କେଇଦି ଏଜୁଂ ଉଣ୍ଡେଙ୍ଗ୍ ଏନ୍ତାନାୟା ?” ଇନାକିଦେଂକି ସମିରଣିର୍ତି ଲାହାଙ୍ଗ୍ ଜିହୁଦିର୍ ଡୁବା ଆଉର୍ ।
୧୦ ଜିସୁ ତାଙ୍ଗେଙ୍ଗ୍ ଉତର୍ ହିତାନ୍, “ଇସ୍ୱର୍ତି ଦାନ୍ ଆରି ନାଂ ଉଣ୍ଡେଙ୍ଗ୍ ହିଦା ଇଞ୍ଜି ଇନେନ୍ ନିଂ ଇଞ୍ଜ୍ନାରା, ହେୱାର୍
ଇନେର୍, ଏଲେଙ୍ଗ୍ ଜଦି ଏନେଂ ପୁଚାୟ୍ମା, ତାଆତିସ୍ ଏନେଂ ତାଂ ଏନ୍ତାୟ୍ମା, ଆରେ ହେୱାନ୍ ନିଙ୍ଗେଙ୍ଗ୍ ଜିବୁନ୍ନି ଏଜୁଂ
ହିଡ୍ତାନ୍ମା ।”
୧୧ ହେ କଗ୍ଲେହିମ୍ଣା ତାଙ୍ଗେଙ୍ଗ୍ ଇଚାଡ୍, “ଏ ମାପ୍ରୁ,” ଏଜୁଂ ମୁକ୍ତେଂ ଇଞ୍ଜି ନି ତାକେ ଇମ୍ଣି ବାହା ହିଲୁଡ୍, ଆରେ କୁଇ
ତ ଡେଙ୍ଗା, “ବାଟିଙ୍ଗ୍ ଏନ୍ ଇମେତାଂ ହେ ଜିବୁନ୍ନି ଏଜୁଂ ପାୟା ଆତାୟ୍ନା ।
୧୨ ମା ଇମ୍ଣି ଆକର୍ ଦାଦିର୍ ଜାକୁବ୍ ମାଙ୍ଗେଙ୍ଗ୍ ଇ କୁଇ ହିଜି ମାନ୍ଚାନ୍, ଆରେ ନିଜେ, ଆରେ ତା ମାଜିର୍ ଆରି ପସୁରାହି
ଇବେଣ୍ଡାଂ ଉଣ୍ଜି ମାଚିକ୍, ତା ତାକେଣ୍ଡାଂ କି ଏନ୍ ଗାଜା ?”
୧୩ ଜିସୁ ତାଙ୍ଗେଙ୍ଗ୍ ଉତର୍ ହିତାନ୍, “ଇନେର୍କି ଇ ଏଜୁଂ ଉଣାନ୍, ହେୱାନ୍ ଆରେ ରଗ ଏସ୍କି ଆନାନ୍;
୧୪ ମାତର୍ ଆନ୍ ଇମ୍ଣି ଏଜୁଂ ହିଦ୍ନାଂ, ହେଦାଂ ଇନେନ୍କି ଉଣାନ୍, ହେୱାନ୍ ଇନାୱାଡ଼ାଂ ପା ଏସ୍କି ଆଉନ୍, ଆତିସ୍
ଆନ୍ ତାଂ ଇମ୍ଣି ଏଜୁଂ ହିନାଂ, ହେଦାଂ ୱିଜ୍ୱି ଜିବୁନ୍ ଏଜୁଙ୍ଗ୍ନି ୱିଜ୍ୱି ଲାକେ ତାତାକେ ଡ଼ିଜି ହାନିଂ ।”
୧୫ କଗ୍ଲେହିମ୍ଣା ତାଙ୍ଗେଙ୍ଗ୍ ଇଚାଡ୍, “ଏ ମାପ୍ରୁ,” ହିଗ୍ଦ ଏଜୁଂ ହିଦା ଇନେସ୍ ଏସ୍କି ଆନ୍ ଇନାୱାଡ଼ାଂ ଏସ୍କି ଆଉଙ୍ଗ୍,
“ଆରେ ଏଜୁଂ ମୁକ୍ତେଂ ଇଞ୍ଜି ଏଚେକ୍ ହାଜି ଇବେ ୱାଦେଙ୍ଗ୍ ଲାଗ୍ଦେମେଡ୍, ଇଦାଂ କାଜିଂ ନାଙ୍ଗେଙ୍ଗ୍ ହେ ଏଜୁଂ ହିଦା ।”
୧୬ “ଜିସୁ ତାଙ୍ଗେଙ୍ଗ୍ ଇଚାନ୍, ହାଲା, ନି ଆଣ୍ଡ୍ରେନିଂ କୁକ୍ଚି ଇବେ ୱା ।”

✡ **୩:୩୫** ମାତିଉ ୧୧:୨୭; ଲୁକ ୧୦:୨୨.

୧୭ କଗ୍‌ଲେହିମ୍‌ଣା ତାଙ୍ଗେଙ୍ଗ୍ ଉତର୍ ହିତାଡ୍, "ନା ଆଣ୍ତ୍ରେନ୍ ହିଲୁନ୍ ।"
ଜିସୁ ତାଙ୍ଗେଙ୍ଗ୍ ଇଚାନ୍, ଏନ୍ ନା ଆଣ୍ତ୍ରେନ୍ ହିଲୁନ୍ ଇଞ୍ଜି, ଇଦାଂ ସତ୍ ଇଚାୟ୍;
୧୮ ମି ପାଞ୍ଜ୍‌ଜାଣ୍ ଡକ୍ରାଦିର୍ ମାଚାର୍, ମାତର୍ ନଙ୍ଗୟ୍ ଇନେର୍ ଲାହାଂ ମାନାୟା, ହେୱାନ୍ ନି ଆଣ୍ତ୍ରେନ୍ ଆକାୟ୍ । ଇଦାଂ
ଆନେଙ୍ଗ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା ।
୧୯ କଗ୍‌ଲେହିମ୍‌ଣା ତାଙ୍ଗେଙ୍ଗ୍ ଇଚାଡ୍, "ଏ ମାପ୍ରୁ," ଏନ୍ ଜେ ରକାୟ୍ ବେଣ୍‌ବାକ୍‌ଣାୟ୍‌କିନାକାୟ୍, ଇଦାଂ ଆନ୍ ପୁଞ୍ଜ୍‌ନାଙ୍ଗା
।
୨୦ "ମା ଆବା ଲାଡ୍ରା ଇ ମାଡ଼ିତ ପାର୍ତାନା କିତାର୍; ଆରେ, ଏପେଙ୍ଗ୍ ଜିହୁଦି କାଦେର୍ ଇଞ୍ଜ୍‌ନାଦେରା, ଇମ୍‌ଣି ବାହାତ
ପାର୍ତାନା କିନାକା ଲଡ଼ା, ହେଦାଂ ଜିରୁସାଲମ୍‌ତ ମାନାଡ୍ ।"
୨୧ ଜିସୁ ତାଙ୍ଗେଙ୍ଗ୍ ଇଚାନ୍ ଏ କଗ୍‌ଲେ, "ନା ବେରଣ୍ ପାତର୍ଁ କିୟା, ଇ ସମୁ ୱାନାତା ଇମ୍‌ଣି ସମୁତ ଏପେଙ୍ଗ୍ ଇ ମାଡ଼ିତ
କି ଜିରୁସାଲମ୍‌ତ ପା ଆବାତି ପାର୍ତାନା କିଉଦେର୍ ।
୨୨ ଏପେଙ୍ଗ୍ ସମିରଣି ନିକାଦେର୍ ହାଡ୍‌ପା ଇନେକିଦେଂ ପୁନୁଦେରା, ତାଙ୍ଗେଙ୍ଗ୍ ପାର୍ତାନା କିଜି ମାନାଟ୍ ମାତର୍ ଆପେଂ
ଜିହୁଦିର୍ ଇନେରିଂ ପୁନାପ୍ ତା ପାର୍ତାନା କିନାପ୍, ଇନାକିଦେଂକି ମୁକ୍ତି ଆନାକା ଜିହୁଦିର୍ ବିତ୍ରେତାଂ ୱାନାଡ୍ ।
୨୩ ମାତର୍ ଇମ୍‌ଣି ସମୁତ ହାଡ୍‌ପା ପାର୍ତାନା କିନାକାର୍ ଜିବୁନ୍ତ ଆରି ହାଡ୍‌ପାତ ଆବାତି ପାର୍ତାନା କିତାର୍, ହେ ଲାଗ୍‌ଦି
ସମୁ ୱାନାତା; ଆରି, ନଙ୍ଗୟ୍ ପା ଏକାୱାତାଡ୍; ଇନାକିଦେଂକି ଆବା ଏପେଙ୍ଗ୍ ବାନି ପାର୍ତାନା ମାନ୍‌କିନାନ୍ ।
୨୪ ଇସ୍ୱତର୍ଁ ଜିବୁନ୍ ଆନାନ୍, ଆରେ କେବଲ୍ ଜିବୁନ୍‌ନି ସାକ୍ତି ଆରି ହାଡ୍‌ପା ହୁକେ ହେୱାନ୍ତି ପାର୍ତାନା କିତାର୍, ହେୱାର୍
ଜିବୁନ୍ତ ଆରି ହାଡ୍‌ପାତ ପାର୍ତାନା କିନାକା ହେୱାର୍‌ତି ଲଡ଼ା ।"
୨୫ କଗ୍‌ଲେହିମ୍‌ଣା ତାଙ୍ଗେଙ୍ଗ୍ ଇଚାଡ୍, ମସିୟା ଇମ୍‌ଣାକାନିଂ କ୍ରିସ୍ଟ ଇନାର୍, "ହେୱାନ୍ ୱାନାନା ଇଞ୍ଜି ଆନ୍ ପୁନାଙ୍ଗ୍;
ଏଚେକାଡ଼୍‌ଦ ହେୱେନ୍ ୱାନାନ୍, ହେୱାନ୍ ମାଙ୍ଗେଙ୍ଗ୍ ସବୁ ବିସ୍ରେ ଜାଣାୟ୍ କିଦ୍‌ନାନ୍ ।"
୨୬ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ମି ହୁଦାଂ ବେଣ୍‌କିଦ୍‌ନାଙ୍ଗା ଜେ ଆନ୍, ଆନ୍ ହେୱାଙ୍ଗ୍ ।"
୨୭ ଏଲେଙ୍ଗ୍‌ବାତର୍ଁ ସମୁତ ତା ଚେଲାର୍ ୱାଜି ତାଙ୍ଗେଙ୍ଗ୍ ର କଗ୍‌ଲେହିମ୍‌ଣା ଲାହାଙ୍ଗ୍ ବେଣ୍‌କିବାଆନାକା ହୁଡ଼୍‌ଜି
କାବା ଆତାର୍, "ଇନାକା ଇଚା କିନାୟ୍," ନଲେ ଇନେକିଦେଂ ହେଦାଂ ରଚେ ବେଣ୍‌କିନାନା, "ଇଦାଂ ଇନେର୍ ତାଙ୍ଗେଙ୍ଗ୍
ୱେନ୍‌ବେଦେଂ ସାସ୍ କିୱାତାର୍ ।"
୨୮ ହେବେତାଂ ହେ କଗ୍‌ଲେହିମ୍‌ଣା ଜାର୍ ଗାଗ୍ରି ଇଡ଼୍‌ଜି ବସ୍ତିତ ହାଲ୍‌ଜି ମାନାୟାରିଂ ଇଚାଡ୍,
୨୯ "ୱାତୁ ରୱାନିଂ ହୁଡ଼୍‌ନାଦେର୍, ଆନ୍ ଇନା ଇନାକା କିତାଙ୍ଗ୍‌ନା, ହେ ୱିଜୁ ହେୱାନ୍ ନାଙ୍ଗେଙ୍ଗ୍ ଇନ୍‌ଚାନ୍; ହେୱାନ୍
ଇନେସ୍ ଆତିସ୍ କ୍ରିସ୍ଟ କାତେ ?"
୩୦ ଇବେଣ୍ତାଂ ଲକୁ ବସ୍ତିତ ହସି ତା ଲାଗେ ହାଞ୍ଜେଙ୍ଗ୍ ଲାଗାତାର୍ ।
୩୧ ହେବେ ଚେଲାର୍ ତାଙ୍ଗେଙ୍ଗ୍ ଗୱାରି କିଜି ଇଚାର୍, "ଏ ଗୁରୁ, ଇଚୁକ୍ ତିନ୍‌ଞ୍ଜେଙ୍ଗ୍ ୱା !"
୩୨ ମାତର୍ ଜିସୁ ହେୱେରିଂ ଉତର୍ ହିତାନ୍, "ତିନି କାଜିଂ କାଦି ନାତାକେ ମାନାଡ୍ ତା ବିସ୍ରେ ଏପେଙ୍ଗ୍ ଇଚୁକ୍ ପୁନୁଦେର୍
।"
୩୩ ଲାଗିଂ ଚେଲାର୍ ହେୱେର୍ ହେୱାର୍ ଇଞ୍ଜେଙ୍ଗ୍ ଲାଗାତାର୍, "ଇନେନ୍ ତାଙ୍ଗେଙ୍ଗ୍ କାଦି ତାହିହିତାନ୍‌ନା କି ?"
୩୪ ଜିସୁ ହେୱାରିଂ ଇଚାନ୍, ନା ପକ୍‌ତାତାକାନ୍ ମାନ୍ ପୁରାକିନାକା ଆରି ତା ହିତି କାମାୟ୍ ୱିହ୍‌ନାକା, "ଇଦାଂ ନେ ନା
କାଦି ।"
୩୫ ଏପେଙ୍ଗ୍ ଇଞ୍ଜ୍‌ନାଦେରା ପାଚି ତ୍ରେସ୍‌ଦେଙ୍ଗ୍ ଇଞ୍ଜି ଆରେ ଚାରି ମାସ୍ ମାନାଡ୍, ମାତର୍ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା
ପାଚିଙ୍ଗ୍ ନିପହୁଡ଼ାଟ୍ ହେ ୱିଜୁ ତ୍ରେସ୍‌ଦେଙ୍ଗ୍ ଇଞ୍ଜି ହେନ୍‌ତାତେ ।
୩୬ ନଙ୍ଗୟ୍ ପାତେକ୍ ତ୍ରେସ୍‌ନାକାନ୍ କୁଲି ପାୟାଆନାନା ମୁଡ଼୍ ପାୟାଆନାନା ଆରି ୱିଜ୍‌ୱି ଜିବୁନ୍ କାଜିଂ ପାଡ଼୍ ରୁଣ୍ତାୟ୍
କିନାନା, ଇନେସ୍ ୱିତ୍‌ନାକାନ୍ ଆରି ତ୍ରେସ୍‌ନାକାନ୍ ରିକାର୍ ମେହାଆଜି ୱାରି କିତାର୍ ।
୩୭ ଇନାକିଦେଂକି ରକାନ୍ ୱିତ୍‌ନାନ୍ ଆରି ଆରେ ରକାନ୍ ତ୍ରେସ୍‌ନାନ୍, ଇ ବେରଣ୍ ହାଡ୍‌ପା ।
୩୮ ଏପେଙ୍ଗ୍ ଇମ୍‌ଣାକାନ୍ କାଜିଂ କାମାୟ୍ କିୱାତାଦେର୍ଣ୍ଣା, ହେଦାଂ ତ୍ରେସ୍‌ଦେଙ୍ଗ୍ ଇଞ୍ଜି ଆନ୍ ମିଙ୍ଗେଙ୍ଗ୍ ପକ୍‌ତାତାଂ;
ବିନ୍‌ଲଗୁ କାମାୟ୍ କିନାରା, ଆରେ ଏପେଙ୍ଗ୍ ହେୱାର୍‌ତି କାମାୟ୍ କିତି ଲାବ୍ ପାୟାଆନାଦେରା ।
୩୯ ଆନ୍ ଇନା ଇନାକା କିତାଙ୍ଗ୍‌ନା, ହେ ୱିଜୁ ହେୱାନ୍ ନାଙ୍ଗେଙ୍ଗ୍ ଇନ୍‌ଚାନ୍ ଇ କାତା ଇମ୍‌ଣି କଗ୍‌ଲେହିମ୍‌ଣା ସାକି ହିଜି
ମାଚାଡ୍, "ତା ବେରଣ୍ କାଜିଂ ହେ ବସ୍ତିତ ସମିରଣିୟର୍ ବିତ୍ରେ ହେନି ତାତାକେ ପାତର୍ଁ କିତାର୍ ।"
୪୦ ଆରେ, ହେ ସମିରଣିୟର୍ ତାଂ ଲାଗେ ୱାଜି ହେୱାର୍ ଲାହାଙ୍ଗ୍ ମାଞ୍ଜେଙ୍ଗ୍ ଇଞ୍ଜି ତାଙ୍ଗେଙ୍ଗ୍ ଗୱାରି କିତାର୍, ଆରେ
ହେୱାନ୍ ରି ଦିନ୍ ହେ ବାହାତ ମାଚାନ୍ ।
୪୧ ଆରେ, ଜିସୁତି ବଚନ୍ କାଜିଂ ଆରେ ହେନି ମାନାୟ୍ ପାତର୍ଁ କିତାର୍;
୪୨ ଆରେ, ହେୱାର୍ ହେ କଗ୍‌ଲେହିମ୍‌ଣାତିଂ ଇଚାର୍, "ନଙ୍ଗୟ୍ ମି ବେରଣ୍ କାଜିଂ ଆପେଂ ପାତର୍ଁ କିଉପା, ମାତର୍ ଆପେଂ
ଜାର୍ ଜାର୍ ୱେନାପା, ଆରେ ଇୱାନ୍ ଜେ ହାଡ୍‌ପାନେ ପୁତର୍ଁନି ମୁକ୍ତି କିଦ୍‌ନାକାନ୍, ଇଦାଂ ଆସେଙ୍ଗ୍ ପୁଚାସ୍‌ନା ।"

## ରାଜ୍ କାମାୟ୍‌କିନି ମାଜି ଉଜ୍ କିତାନ୍

୪୩ ରି ଦିନ୍ ପାଚେ ହେୱାନ୍ ହେବେତାଂ ହସି ଗାଲିଲିତ ହାଚାନ୍ ।
୪୪ "ଇନାକିଦେଂକି ବେଣ୍‌ବାକ୍‌ଣାୟ୍ କିନାକାନ୍ ଜାର୍ ଦେସ୍‌ତ ମାନି ପାୟା ଆଉନ୍ ଇଞ୍ଜି ଜିସୁ ନିଜେ ସାକି ହିତାନ୍ ।"
୪୫ ✡ପାଚେ, ହେୱାନ୍ ଗାଲିଲିତ ୱାତିଲେ, ପାର୍ବୁ ସମୁତ ହେୱାନ୍ ଜିରୁସାଲମ୍‌ତ ଇନା ଇନାକା କିଜି ମାଚାନ୍, ହେ ୱିଜୁ
ହୁଡ୍‌ଜିମାଚିଲେ ଗାଲିଲିର୍ ତାଙ୍ଗେଙ୍ଗ୍ ମାନି କିତାର୍, ଲାଗିଂ ହେୱାର୍ ପା ପାର୍ବୁତ ହାଲ୍‌ଜି ମାଚାର୍ ।
୪୬ ଇଦାଂ ପାଚେ ଗାଲିଲିନି ଇମ୍‌ଣି କାନା ଗାଡ୍‌ଦ ହେୱାନ୍ ଏଜୁକାଂ ଅଙ୍ଗୁର୍ ରାସ୍ କିଜି ମାଚାନ୍, ହେ ବାହାତ ହେୱାନ୍
ଆରେ ରଗ ହାଚାନ୍ । ଆରେ ହେବେ ରକାନ୍ ଗୁମୁସ୍ତା ମାଚାନ୍, ତା ମାଜି କପର୍ନାହୁମ୍ ବିଡ୍ ଆଜି ମାଚାନ୍ ।
୪୭ ଜିସୁ ଜିହୁଦା ଦେସ୍‌ତାଂ ଗାଲିଲିତ ହସି ୱାତାନ୍‌ନା, ଇଦାଂ ୱେନ୍‌ଜି ହେୱାନ୍ ତା ଲାଗେ ହାଲ୍‌ଜି ହେୱାନ୍ ଇନେସ୍
ୱାଜି ତା ମାଜିଙ୍ଗ୍ ଉଜ୍ କିନାନ୍, ଇଦାଂ କାଜିଂ ତାଙ୍ଗେଙ୍ଗ୍ ଗୱାରି କିଦେଙ୍ଗ୍ ଲାଗାତାର୍, ଇନାକିଦେଂକି ହେୱାନ୍ ହାନି ଲାକେ
ଆଜି ମାଚାନ୍ ।
୪୮ ହେବେତାଂ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ଚିନ୍ ଆରେ କାବାନି କାମାୟ୍ ହୁଡ୍‌ୱିତିସ୍ ଏପେଙ୍ଗ୍ ଇନେସ୍ କିତିସ୍‌ପା ପାତର୍
କିଉଦେର୍ ।"
୪୯ ଗୁମୁସ୍ତା ତାଙ୍ଗେଙ୍ଗ୍ ଇଚାନ୍, "ଏ ମାପ୍ରୁ, ନା କାଡ୍‌ଦେ ହାନି ଆଗେ ୱା ।"
୫୦ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, ହାଲା, ମି ମାଜି ଜିତାନେ । "ଜିସୁ ହେ ମାନାୟ୍‌ତିଂ ଇମ୍‌ଣି ବଚନ୍ ଇଚାନ୍,
ହେୱାନ୍ ହେଦାଂ ପାତର୍ କିଜି ମାସ୍‌ଦି ହାଚାନ୍ ।"
୫୧ ପାଚେ, ହେୱାନ୍ ହାଲୁ ହାଲୁ ତା ଆଡ଼ିୟାର୍ ତାଙ୍ଗେଙ୍ଗ୍ ବେଟ୍ ଆଜି ନି କାଡ୍‌ଦେ ଜିତାନେ ଇଞ୍ଜି ଇଚାର୍ ।
୫୨ ଇମ୍‌ଣି ସମୁତ ଉପ୍‌କାର୍ ଆତାନ୍, ହେଦାଂ ହେୱାନ୍ ହେୱେରିଂ ୱେନ୍‌ବାତାନ୍ । "ହେବେତାଂ ହେୱାର୍ ତାଙ୍ଗେଙ୍ଗ୍
ଇଚାର୍, ନିହିଙ୍ଗ୍ ଗନ୍‌ଟେୱେଡ଼ାଙ୍ଗ୍ ତାଙ୍ଗେଙ୍ଗ୍ ନମେର୍ ପିସ୍‌ତାଡ୍ ।"
୫୩ ଇବେତାଂ ଆବା ବୁଜାଆତାନ୍ ଜେ, ଜିସୁ ଇମ୍‌ଣି ସମୁତ ନି ମାଜି ଜିତାନେ ଇଞ୍ଜି ତାଙ୍ଗେଙ୍ଗ୍ ୱେଚ୍‌ଚି ମାଚାର୍, "ହାଡ୍‌ପା
ହେ ସମୁତ ଇଦାଂ ଗିଟାଆଜି ମାଚାଡ୍ ।" ହେୱାନ୍ ଆରି ତା ୱିଜାକାର୍ କୁଟୁମ୍ ପାତର୍ କିତାର୍ ।
୫୪ ଜିହୁଦାତାଂ ଆରେ ରଗ ଗାଲିଲିତ ୱାତି ପାଚେ ଇଦାଂ ଜିସୁତି ରିହା କାବାଆନି କାମାୟ୍ କିତାନ୍ ।

# ୫

## ଜିସୁ ବାନ୍ଦ୍ ଲାଗାୟ୍ ରଗ୍ୟାଙ୍ଗ୍ ଉଜ୍ କିତାନ୍

୧ ଇଦାଂ ପାଚେ ଜିହୁଦିତର୍ ର ପାର୍ବୁ ଏକାୱାତାଡ୍, ଆରେ ଜିସୁ ଜିରୁସାଲମ୍‌ତ ହାଚାନ୍ ।
୨ ଜିରୁସାଲମ୍‌ନି ମେଣ୍ଡା ଦୁୱେର୍ କଚଣ୍ ର ବାନ୍ଦ୍ ମାନାଡ୍; ଏବ୍ରି ବାସାତାଂ ତାଙ୍ଗେଙ୍ଗ୍ ବେତ୍‌ସାଇଦା ଇଞ୍ଜି ଇନାର୍, ହେ
ବାନ୍ତ ପାଞ୍ଚ୍‌ଗଟା ମଣ୍ଡମ୍ ମାନାଡ୍ ।
୩ ହେ ମାଣ୍ଡମ୍‌ତ ହେନି ହେନି ସୁକ୍ ହିଲ୍‌ୱାକାର୍, କାଣା, ଚଟା, ଆରି ହିରକଲ୍‌ରଗି ମାଚାର୍ । ହେୱାର୍ ନାଗୁଡ୍ ଉଲ୍‌କା
ଆନାକା କାଜିଂ ମାଚାର୍;
୪ ଇନାକିଦେଂକି ଇନା ଇନା ୱେଡ଼ାଙ୍ଗ୍ ମାପ୍ରୁତି ରୱାନ୍ ଦୁତ୍ ବାନ୍ତ ଜୁଜି ନାଗୁଡ୍ ଉଲ୍‌କାୟ୍ କିଜି ମାଚାନ୍, ଆରେ ନାଗୁଡ୍
ଉଲ୍‌କା ଆତି ସମୁତ ଇନେର୍‌କି ପର୍ତୁମ୍ ହେବେ ହଣ୍‌ଜି ମାଚାନ୍, ହେୱାନ୍ ଇନେସ୍ ବାତର୍ ରଗ୍ ବେମାର୍ ମାଚାନ୍ ପା ଉଜ୍
ଆଜି ମାଚାର୍ ।
୫ ହେବେ ତିରିସ୍‌ଆଟ୍ ବାର୍ହୁ ପାତେକ୍ ରଗ୍ୟା ରକାନ୍ ମାନାୟ୍ ମାଚାନ୍ ।
୬ ଜିସୁ ତାଙ୍ଗେଙ୍ଗ୍ ମାଗ୍‌ଜିମାନାକା ହୁଡ୍‌ଜି ବେସିଦିନ୍‌ତି ରଗ୍ୟା ଇଞ୍ଜି ପୁଞ୍ଜି ତାଙ୍ଗେଙ୍ଗ୍ ୱେନ୍‌ବାତାନ୍, "ଏନ୍ ଇନାକା ଉଜ୍
ଆଦେଂ ଇଚା କିନାୟା ?"
୭ ରଗ୍ୟା ମାନାୟ୍ ଜିସୁଙ୍ଗ୍ ଉତର୍ ହିତାନ୍, "ଏ ମାପ୍ରୁ, ଏଜୁଂ ଉଲ୍‌କା ଆନି ସମୁତ ନାଙ୍ଗେଙ୍ଗ୍ ବାନ୍ଦ୍ ବିତ୍ରେ ଅଜି ହାଞ୍ଜେଙ୍ଗ୍
ଇଞ୍ଜି ନାଙ୍ଗ୍ ଇନେର୍ ହିଲୁର୍; ଆରେ, ଆନ୍ ହାଲୁ ହାଲୁ ବିନେ ନିକାନ୍ ନା ଆଗେ ହଣ୍‌ଗାନାନା ।"
୮ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ନିଙ୍ଗା, ନି କାଟେଲ୍ ଆସ୍ତି ତାଙ୍ଗା ।"
୯ ହେ ଦାପ୍ରେ ହେ ମାନାୟ୍ ଉଜ୍ ଆତାନ୍ ଆରି ଜାର୍ କାଟେଲ୍ ଆସ୍ତି ତାଙ୍ଗ୍‌ଦେଂ ଲାଗାତାନ୍ ।
ହେ ଦିନା ଜମ୍‌ନିବାର୍ ମାଚାଡ୍ ।
୧୦ ହେବେତାଂ, ଜିହୁଦିର୍ ଉଜ୍ ଆତି ଲଗାଂ ଇଞ୍ଜେଙ୍ଗ୍ ଲାଗାତାର୍, "ନେଞ୍ଜେଙ୍ଗ୍ ଜମ୍‌ନିବାର୍, କାଟେଲ୍ ପିଣ୍‌ଜି ଅନାକା ନି
ବିଦି ହିଲୁଡ୍ ।"
୧୧ ମାତର୍, ହେୱାନ୍ ହେୱାରିଂ ଉତର୍ ହିତାନ୍, "ଜେ ନାଙ୍ଗେଙ୍ଗ୍ ଉଜ୍ କିଡ୍‌ତାନ୍, ହେୱାନ୍ ନାଙ୍ଗେଙ୍ଗ୍ ଇନ୍‌ଚାନ୍, ନି
କାଟେଲ୍ ଆସ୍ତି ତାଙ୍ଗା ।"
୧୨ ହେୱାର୍ ତାଙ୍ଗେଙ୍ଗ୍ ୱେନ୍‌ବାତାର୍, "ନି କାଟେଲ୍ ଆସ୍ତି ତାଙ୍ଗା ଇଞ୍ଜି ଜେ ନିଙ୍ଗେଙ୍ଗ୍ ଇନ୍‌ଚାନ୍, ହେ ଲକ୍ ଇନେନ୍ ?"

✡ **୪:୪୫** ଜହନ୍ ୨:୨୩.

୧୩ ମାତର୍ ହେୱାନ୍ ଇନେନ୍, ହେଦାଂ ହେ ଉଜ୍ ଆତି ଲକ୍ ପୁନ୍ୱାଦାଂ ମାଚାନ୍, ଇନାକିଦେଂକି ହେ ବାହାତ ହେନି
ମାନାୟାର୍ ମାନିକାଜିଂ ଜିସୁ ଏଡ଼ା ଆଜି ହ଼ାଲ୍‌ଜି ମାଚାନ୍ ।
୧୪ ଇଦାଂ ପାଚେ ଜିସୁ ମନ୍ଦିର୍‌ତ ଚଞ୍ଜ୍ୟା ଆଜି ତ଼ାଙ୍ଗେଙ୍ଗ୍ ଇଚାନ୍, “ହୁଡ଼ାଟ୍, ଏପେଙ୍ଗ୍ ଉଜ୍ ଆତାଦେର୍ଣ୍ଣା, ଆରେ ପାପ୍
କିମାଟ୍, ଇନେସ୍‌କି ମି କାଜିଂ ଆଦେକ୍ କସ୍ଟ ଗିଟା ଆଦ୍‌ନାଡ୍ ।”
୧୫ ହେ ମାନାୟ୍ ତାଙ୍ଗ୍‌ଜି ହାଲ୍‌ଜି, ଇନେର୍ ତାଙ୍ଗେଙ୍ଗ୍ ଉଜ୍ କିଜି ମ଼ାଚାର୍, ହେୱାନ୍ ଜିସୁ ଇଞ୍ଜି ଜିହୁଦି ନେତାରିଂ ଇଚାନ୍
।
୧୬ ଲାଗିଂ ଜିସୁ ଜମ୍‌ନିବାର୍ ନାଜିଂ ଇଦାଂ କିଜି ମ଼ାଚିଲେ ଜିହୁଦିର୍ ତାଙ୍ଗେଙ୍ଗ୍ ଗାଣ୍‌ଜୁ କିଦେଙ୍ଗ୍ ଲାଗାତାର୍ ।
୧୭ ମତର୍ ଜିସୁ ହେୱାରିଂ ଉତର୍ ହିତାନ୍, “ମାଞ୍ଜି ଆବା ସବୁ ନାଞ୍ଜିଙ୍ଗ୍ କାମାୟ୍ କିନାନା, ଆରେ ଆନ୍ ପା କିନାଙ୍ଗା ।”
୧୮ ଇ ନିୟମ୍‌ତାଂ ଜିହୁଦିର୍ ତାଙ୍ଗେଙ୍ଗ୍ ଆସ୍ତେଙ୍ଗ୍ ଇଞ୍ଜି ଆରେ ଆଦେକ୍ ସେସ୍ଟା କିଦେଙ୍ଗ୍ ଲାଗାତାର୍, ଇନାକିଦେଂକି
ହେୱାନ୍ ଜମ୍‌ନିବାର୍ ନାଜିଂ ମାନିକିୱାତାନ୍ କେବଲ୍ ଆକାୟ୍, ମତର୍ ଇସ୍ୱର୍ ଲାହାଙ୍ଗ୍ ଜାର୍ ଆବା ଇଞ୍ଜି ଇଞ୍ଜି ଜାର୍‌ତିଂ
ଇସ୍ୱର୍ ଲାହାଙ୍ଗ୍ ସମାନ୍ କିଜି ମ଼ାଚାନ୍ ।

## ମାଜିଡ଼ି ଆଦିକାର୍

୧୯ ଲାଗିଂ ଜିସୁ ହେୱାରିଂ ଉତର୍ ହିତାନ୍, “ହାଡ଼୍‌ପା ହାଡ଼୍‌ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ମାଜି ହ଼େୱାନ୍ ନିଜେ କିଦେଙ୍ଗ୍
ଆଡୁନ୍ ତା ଆବା ଇନାକା କିନାନ୍ ହେଦାଂ ନେ ହୁଡ଼୍‌ତିସ୍, ମାଜିପ଼ା ହେଦାଂ କିନାନ୍ । ଇନାକିଦେଂକି ହେୱାନ୍ ଇନା ଇନାକା
କିନାନ୍, ମାଜିପ଼ା ହେଦାଂ ୱିଜୁ ହ଼େ ଲାକେ କିନାନ୍ ।
୨୦ ଇନାକିଦେଂକି ଆବା ମାଜିଙ୍ଗ୍ ଜିଉନନାର୍, ଆରେ ନିଜେ ଇନାକା କିନାନ୍ ହେ ୱିଜୁ ତ଼ାଙ୍ଗେଙ୍ଗ୍ ଚଚ୍‌ନାନ୍ ଆରେ
ଇବେତାଂ ଗାଜା କାମାୟିଙ୍ଗ୍ କିନି କାଜିଂ ହେୱାନ୍ ତାଙ୍ଗେଙ୍ଗ୍ ଚଚ୍‌ନାନ୍ ଆରେ ଏପେଙ୍ଗ୍ ୱିଜାଦେର୍ କାବା ଆନାଦେର୍ ।
୨୧ ଲାଗିଂ ଆବା ଇନେସ୍ କିଜି ହ଼ାତି ଲଗାଂ ନିକ୍‌ଚି ଆରେ ଜିବୁନ୍ ହିନାନ୍, ହେ ଲାକେ ମାଜି ପ଼ା ଇନେରିଂ ମାନ୍ କିନାନ୍,
ହେୱାରିଂ ଜିବୁନ୍ ହିନାନ୍ ।
୨୨ ଆରେ, ଆବା ପା ଇନାକାନିଂ ବିଚାର୍ କିଉନ୍, ବିଚାର୍ କିନି କାଜିଂ ହେୱାନ୍ ଜାର୍ ମାଜି ଆ଼ଦିକାର୍ ହିତାନ୍‌ନା ।
୨୩ ହେବେତାଂ ଆବାଂ ମାନି କିତାର୍ ମାଜିଙ୍ଗ୍ ପା ହେ ଲାକେ ୱିଜାର୍ ମାନି କିତାର୍, ଇନେନ୍ ମାଜିଙ୍ଗ୍ ମାନିକିଉନ୍ ତା
ପକ୍ତିତି ଆବାଂ ପା ହେୱାନ୍ ମାନିକିଉନ୍ ।”
୨୪ “ହାଡ଼୍‌ପା ହାଡ଼୍‌ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଇନେର୍ ବଚନ୍ ୱେନ୍‌ଞ୍ଜି ନା ପକ୍ତାକାନିଂ ପାତର୍ କିନାନ୍, ହେୱାନ୍
ୱିଜ୍‌ୱି ଜିବୁନ୍ ପାୟା ଆତାନ୍ନା, ଆରେ ହେୱାନ୍ ବିଚାର୍ କିୟାଆଉନ୍ ହାକିତିଂ ନାସି ହାଲ୍‌ଜି ଜିବୁନ୍ ତାକେ ହଟାନ୍‌ନା ।
୨୫ ହାଡ଼୍‌ପା ହାଡ଼୍‌ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଏପେଙ୍ଗ୍ ସମୁ ୱାନାତା, ଏଚେକାଡ଼୍‌ଦ ହାତାକାର୍ ଇସ୍ୱର୍ ମାଜି ୱ଼େଇ
ୱେନାର୍ ଆରି ଇନେର୍ ୱେନାର୍, ହେୱାର୍ ଜିବୁନ୍ ପାୟା ଆନାର୍ ଆରେ ଇ ଦିନ୍ତ ପା ୱାତାତେ ।
୨୬ ଇନାକିଦେଂକି ଆବାଂ ଇନେସ୍‌କି ନିଜେ ଜିବୁନ୍, ହେ ଲାକେ ହେୱାନ୍ ମାଜିଙ୍ଗ୍ ପା ନିଜେ ଜିବୁନ୍ ଆଦେଂ ହିତାନ୍ନା;
୨୭ ଆରେ, ହେୱାନ୍ ମାନାୟ୍ ମାଜି ଆ଼ନି କାଜିଂ ହେୱାନ୍ ତାଙ୍ଗେଙ୍ଗ୍ ବିଚାର୍ କିନାକା ଆଦିକାର୍ ହିତାନ୍ ।
୨୮ ଇବେ କାବା ଆମାଟ୍, ଇ ସମୁ ୱାନାତା ସମୁତ ଦୁଗେର୍‌ତ ୱିଜାକାର୍ ତା କାଟ୍ ୱେନାର୍,
୨୯ ହେୱାର୍ ଦୁଗେର୍‌ତାଂ ନିଙ୍ଗ୍‌ଜି ୱାନାର୍, ଆରେ ଇମ୍‌ଣାକାର୍ ହାର୍‌ଦି କାମାୟ୍ କିତାର୍ଣ୍ଣା ହେୱାର୍ ଆରେ ନିଂଜି ଜିବୁନ୍
ଆନାର୍, ବାନ୍ୟା କାମାୟ୍ କିନାକାର୍ ଆରେନିଂନାର୍ ଆରି ହେୱାର୍ ଡାଣ୍ଡ୍ ପାୟା ଆନାର୍ ।”

## ଜିସୁ ପାକ୍ୟାତାଂ ସାକି

୩୦ “ଆନ୍ ରୱାଙ୍ଗ୍ ଇନାକା କିଦେଙ୍ଗ୍ ଆଡୁଙ୍ଗ୍; କେବଲ୍ ଇସ୍ୱର୍ ବଲ୍‌ତାଂ ଆନ୍ ବିଚାର୍ କିନାଙ୍ଗ୍ ଇନେସ୍‌କି ୱେନାଙ୍ଗ୍, ହେ
ଲାକେ ବିଚାର୍ କିନାଙ୍ଗ୍, ଆରେ ନା ବିଚାର୍ ସମାନ୍, ଇନାକିଦେଂକି ଆନ୍ ଜାର୍ ମାନ୍ ହୁଦାର୍ କିଦ୍‌ଦେଂ ସେସ୍ଟା କିୱାଦାଂ ନା
ପକ୍ତାତାକାନିଂ ଇଚା କିଦେଙ୍ଗ୍ ସେସ୍ଟା କିନାଙ୍ଗ୍ ।”
୩୧ “ଜଦି ଆନ୍ ନିଜେ ବିସ୍ରେ ନିଜେ ସାକି ହିନାଙ୍ଗ୍, ତା ଆତିସ୍ ନା ସାକ୍ୟା ହାଡ଼୍‌ପା ଆକାୟ୍ ।
୩୨ ନା ବିସ୍ରେ ଇନେନ୍ ରକାନ୍ ସାକି ହିନାନ୍, ହେୱାନ୍ ଆରେ ପୁନାନ୍; ଆରି, ନା ବିସ୍ରେ ତା ସାକି ଜେ ହାଡ଼୍‌ପା, ହେଦାଂ
ଆନ୍ ପୁନାଙ୍ଗ୍ ।
୩୩ ଏପେଙ୍ଗ୍ ଜହନ୍ ଲାଗାଂ ମାନାୟ୍ ପକ୍ତାଦେର୍ଣ୍ଣା ଆରି ହେୱାନ୍ ହାଡ଼୍‌ପା ଲକାର୍ ସାକି ହିନାନା;
୩୪ ମାତର୍ ଆନ୍ ମାନାୟ୍‌ତିଂ ସାକି ମାନି କିଉଙ୍ଗ୍, ଇଚିସ୍ ଏପେଙ୍ଗ୍ ଇନେସ୍‌କି ମୁକ୍ତି ଆନାଦେର୍, ହେଦାଂ କାଜିଂ ଇ ସବୁ
ଇଞ୍ଜ୍‌ନାଙ୍ଗା ।
୩୫ ଜହନ୍ ଆହ୍‌ନି ଅଜଡ଼୍ ବ଼ଇଟା ଲାକେ ମାଚାନ୍, ଆରେ ଏପେଙ୍ଗ୍ ଅଲପ୍ ଦିନ୍ ତା ଅଜଡ଼୍‌ତ ୱାରି କିନି କାଜିଂ ୱାରିୟା
ଆତାଦେର୍ ।
୩୬ ମାତର୍ ଜହନ୍‌ତି ସାକି ତାଙ୍ଗ୍ ନାତାଙ୍ଗ୍ ସଲ୍‌କେ ସାକି ମାନାଡ୍, ଇନାକିଦେଂକି ଆବା ନାଙ୍ଗେଙ୍ଗ୍ ଇମ୍‌ଣି ଇମ୍‌ଣି କାମାୟ୍
ୱିସ୍ତେଙ୍ଗ୍ ହିତ୍‌ନା, ଜେ ୱିଜୁ କ଼ାମାୟ୍ ଆନ୍ କିନାଙ୍ଗା, ଆବା ନାଙ୍ଗେଙ୍ଗ୍ ପକ୍ତାତାନ୍ନା ଇଞ୍ଜି ହେ ୱିଜୁ ନ଼ା ବିସ୍ରେ ସାକି ହିନାଙ୍ଗା
।

୩୭ ✡ଆରେ, ଇମ୍‌ଣି ଆବା ନାଙ୍ଗେଙ୍ଗ୍ ପକ୍‌ତାତାନ୍ନା, ହେୱାନ୍ ନା ବିସ୍ରେ ସାକି ହିତ୍‌ତାନ୍ନା । ଏପେଙ୍ଗ୍ ଇନାୱାଡ଼ାଂ ତା କାଟ୍
ୱେନୁଙ୍ଗେ କି ତା ମୁମ୍ ହୁଡ଼ୁଙ୍ଗେ,
୩୮ ଆରେ ତା ବଚନ୍ ମି ୱାସ୍କିତ ବାହା କିୱାତାତ୍‌ନା, ଇନାକିଦେଂକି ହେୱାନ୍ ଇନେରିଂ ପକ୍‌ତାତାନ୍ନା, ତାଙ୍ଗେଙ୍ଗ୍ ଏପେଙ୍ଗ୍
ପାତର୍ କିଉଦେରା ।
୩୯ ଏପେଙ୍ଗ୍ ଦରମ୍ ସାସ୍ତର୍ ମାନିକିନାଦେରା, ଇନାକିଦେଂକି ହେବେ ୱିଜ୍‌ୱି ଜିବୁନ୍ ପାୟା ଆନାନ୍ ଇଞ୍ଜି ମାନ୍ତ
କିନାଦେରା; ଆରେ, ହେ ଦରମ୍ ସାସ୍ତର୍ ନା ବିସ୍ରେ ସାକି ହିନାଙ୍ଗା ।
୪୦ ମାତର୍ ଏପେଙ୍ଗ୍ ଜିବୁନ୍ ପାୟା ଆଦେଂ ଇଞ୍ଜି ନା କଚଣ୍ ୱାଦେଙ୍ଗ୍ ମାନ୍ କିଉଦେରା ।”
୪୧ “ଆନ୍ ମାନାୟାର୍‌ତାଂ ଜାଜ୍‌ମାଲ୍ ଇଚା କିଉଙ୍ଗା,
୪୨ ମାତର୍ ଆନ୍ ମିଙ୍ଗେଙ୍ଗ୍ ପୁଞ୍ଜାଙ୍ଗ୍‌ନା, ଏପେଙ୍ଗ୍ ଇନେସ୍ ବାତର୍ ମାନାୟ୍ ଆରେ ମି ୱାସ୍କିତ ଇସ୍ୱର୍‌ତି ଜିଉନନାକା
ଆକାୟ୍ ।
୪୩ ଆନ୍ ମାଞ୍ଜିଆବା ତର୍‌ଦାଂ ୱାତାଙ୍ଗ୍‌ନା, ଆରେ ଏପେଙ୍ଗ୍ ନାଙ୍ଗେଙ୍ଗ୍ ମାନ୍ କିଦୁଦେରା; ବିନ୍ ନିକାନ୍ ଜଦି ନିଜେ ତର୍‌ଦାଂ
ୱାନାନ୍, ଲାଗିଂ ଏପେଙ୍ଗ୍ ତାଙ୍ଗେଙ୍ଗ୍ ମାନି କିନାଦେର୍ ।
୪୪ ଏପେଙ୍ଗ୍ ନାଙ୍ଗ୍ ଇନେସ୍ ପାତର୍ କିଦ୍‌ନାଦେର୍ ? ଏପେଙ୍ଗ୍ ତ ରକାନ୍ ଆରେ ରକାନ୍ ତାଙ୍ଗ୍ ଜାଜ୍‌ମାଲ୍ ପାୟା ଆଦେଂ
ମାନ୍ କିନାଦେରା, ଆରି ରଞ୍ଜାଙ୍ଗ୍ ମାତର୍ ଇସ୍ୱର୍‌ତାଂ ଇମ୍‌ଣି ଜାଜ୍‌ମାଲ୍, ହେଦାଂ ଗାଟାଆନି କାଜିଂ ସେସ୍ଟା କିଉଦେରା ।
୪୫ ଆନ୍ ଜେ ଆବା ମୁମ୍‌ଦ ମି ବେରୁଡ୍‌ତାଂ ୱେନ୍‌ବା ଆଦ୍‌ନାଂ, ଇଦାଂ ମାନ୍ତ କିମାଟ୍; ଇମ୍‌ଣି ମସାତାକେ ଏପେଙ୍ଗ୍ ଆହା
କିତାଦେର୍ଣ୍ଣା, ହେୱାନ୍ ମି ବିରୁଡ୍‌ତାଂ ୱେନ୍‌ବା ଆଦ୍‌ନାରା ।
୪୬ ଇନାକିଦେଂକି ଏପେଙ୍ଗ୍ ଜଦି ମସାଙ୍ଗ୍ ପାତର୍ କିନାଦେର୍, ଲାଗିଂ ନାଙ୍ଗେଙ୍ଗ୍ ପାତର୍ କିଦ୍‌ନାଦେର୍, ଲାଗିଂ ହେୱାନ୍
ନା ବିସ୍ରେ ଲେକି କିତାନ୍‌ନ୍ନା ।
୪୭ ମାତର୍ ଏପେଙ୍ଗ୍ ଜଦି ମସା ଲେକିକିତି ବଚନ୍ ପାତର୍ କିଉଦେର୍, ଲାଗିଂ ଇନେସ୍ ନା ବଚନ୍ ପାତର୍ କିନାଦେର୍ ?”

# ୬

## ପାଞ୍ଜ୍‌ଗଟା ରୁଟିଂ ରିଣ୍ଡାଂ ମିନ୍‌କୁ

୧ ଇବେଣ୍ଡାଂ ଜିସୁ ଗାଲିଲି ହାମ୍‌ଦୁର୍, ଇଚିସ୍, ତିବିରିୟା ହାମ୍‌ଦୁର୍ ଆନ୍‌ଟି ପାଡ଼୍‌କା ହାଚାନ୍ ।
୨ ଆରେ, ହେୱାନ୍ ରଗ୍ୟାର୍ କାଜିଂ ଇନା ଇନା କାବାଆନି କାମାୟ୍ କିଜି ମାଚାନ୍, ହେଦାଂ ୱିଜୁ ହୁଡ଼୍‌ଜି ହେନି ମାନାୟ୍
ତାପାଚେ ୱାଦେଙ୍ଗ୍ ଲାଗାତାର୍ ।
୩ ହେବେ ଜିସୁ ମାଡ଼ିଜପି ହାଲ୍‌ଜି ଜାର୍ ଚେଲାହିର୍ ଲାହାଙ୍ଗ୍ ହେବେ କୁଚ୍‌ଚାର୍ ।
୪ ହେ ପାଦ୍‌ନା ଜିହୁଦିତର୍ ନିସ୍ତାର୍ ପାର୍ବୁ ଏକା ୱାଜି ମାଚାଡ୍ ।
୫ ଆରେ, ଜିସୁ ଇଟ୍‌କାଡ଼୍ କିଜି ବେସି ହେନି ମାନାୟାରିଂ ଜାର୍ କଚଣ୍ ୱାନାକା ହୁଡ଼୍‌ଜି ପିଲିପ୍‌ତିଂ ଇଚାନ୍, “ଇୱାର୍ ତିନି
କାଜିଂ ଆସେଙ୍ଗ୍ ଇମେତାକେ ଜବର୍ ରୁଟିଂ କଡ଼୍‌ନାସ୍ ?”
୬ ମାତର୍ ହେୱାନ୍ ପିଲିପ୍‌ତିଂ ପରିକ୍ୟା କିନି ଉପାୟ୍‌ତାଂ ଏଲେଙ୍ଗ୍ ଇଚାନ୍, ଇନାକିଦେଂକି ହେୱାନ୍ ଇନାକା କିଦେଙ୍ଗ୍
ହାନାନା, ହେଦାଂ ହେୱାନ୍ ନିଜେ ପୁଞ୍ଜି ମାଚାନ୍ ।
୭ ପିଲିପ୍ ତାଙ୍ଗେଙ୍ଗ୍ ଉତର୍ ହିତାନ୍, “ୱିଜାରିଂ ଅଲପ୍ ଚିଚ୍‌ପେଦେଂ ଇୱାର୍ କାଜିଂ ଦୁଇସ ଟାକାଂ ରୁଟିଂ, ଜବର୍ ଆକାୟ୍
।”
୮ ସିମନ୍ ପିତର୍ ଟଣ୍ଡାହି ଆନ୍ଦ୍ରିୟ ତର୍‌ଦାକାନ୍ ତା ଚେଲାର୍ ବିଡ୍ରେତାଂ ରୱାନ୍ ତାଙ୍ଗେଙ୍ଗ୍ ଇଚାନ୍, “ଇବେ ରୱାନ୍ କାଡ଼୍‌ଦେ
ମାନାନ୍,
୯ ତା ତାକେ କୁଜା ପାଞ୍ଜ୍‌ଗଟା ରୁଟିଂ ଆରି ରିଣ୍ଡାଂ ୱାସ୍ତି ମିନ୍‌କୁ ମାନିକ୍, ମାତର୍ ଏଚେକ୍ ହେନି କାଜିଂ ହେଦାଂ ଜବର୍
ଆକାୟ୍ ।”
୧୦ “ଜିସୁ ଚେଲାରିଂ ଇଚାନ୍, ମାନାୟାରିଂ କୁଚିକିୟାଟ୍ ।” ହେ ବାହାତ ବେସି କାଡ୍ରା ମାଚାଡ୍ । ଲାଗିଂ ଆନ୍‌ମାନ୍‌ତାଂ ପାଞ୍ଜ୍
ହାଜାର୍ ଆଣ୍ଡ୍ରାହିମ୍‌ଣାଂ ମାଚାର୍ ।
୧୧ ହେବେ ଜିସୁ ହେ ରୁଟି ଆସ୍ତି ଜୁୱାର୍ କିଜି କୁଚ୍‌ଚି ମାନି ମାନାୟାରିଂ ହେଦାଂ ବାଟାକିଜି ହିତାନ୍, ହେ ଲାକେ ମିନ୍‌କୁ ପା
ହାସ୍ତିହିତାନ୍, ହେୱାର୍ ଏଚେକ୍ ଏନ୍ତିସ୍, ହେ ଏଚେକ୍ ହିତାନ୍ ।
୧୨ ଆରେ ହେୱେର୍ ପଟପାଞ୍ଜିଲେ, ହେୱାନ୍ ତା ଚେଲାରିଂ ଇଚାନ୍, “ଇନେସ୍‌କି ଅଲପ୍ କ୍ଟାୱାସ୍ ଆମେଡ୍, ଇଦାଂ କାଜିଂ
ହାର୍‌ଜିମାନି ଡ୍ରିକ୍‌ତି କୁଦ୍ରିଙ୍ଗ୍ ରବେ କିୟାଟ୍ ।”
୧୩ ହେବେ ହେୱାଙ୍ଗ୍ ହେୱାର୍ ୱିଜୁ ରବେ କିତାର୍, ଆରେ ମାନାୟାର୍ ଚିଚ୍‌ଚି ପାଚେ ହେ ପାଞ୍ଜ୍ ଗଟା କୁଜା ରୁଟିଂ ଇମ୍‌ଣି
ଡ୍ରିଙ୍ଗ୍‌ତି କୁଦ୍ରିଙ୍ଗ୍ ହାର୍‌ଜି ମାଚିକ୍, ହେବେ ହେୱାର୍ ବାର ଟପା ବାତର୍ କିତାର୍ ।

✡ **୫:୩୭** ମାତିଉ ୩:୧୭; ମାର୍କ ୧:୧୧; ଲୁକ ୩:୨୨.

୧୪ ଲାଗିଂ, ମାନାୟାର୍ ତା କିତି କାବାଆନି କାମାୟ୍ ହୁଡ଼୍‌ଜି ହେବେ ମାନି ମାନାୟାରିଂ ଇଞ୍ଜେଙ୍ଗ୍ ଲାଗାତାର୍, "ପୁତର୍ଁ
ଇମ୍‌ଣି ବେଣ୍‌ବାକ୍‌ଣାୟ୍‌କିନାକାର୍ ୱାନାକା ମାଚାତ୍, ଇୱାନ୍ ହାଡ଼୍‌ପା ହେୱାନ୍ ।"
୧୫ ଲାଗିଂ, ହେୱାର୍ ୱାଜି ରାଜା କିନି କାଜିଂ ଜେ ତାଙ୍ଗେଙ୍ଗ୍ ସାକ୍ତିକାଟାକାନ୍ ଆସ୍ତେଙ୍ଗ୍ ସାସ୍‌ମାନାତ୍, ଇଦାଂ ପୁଞ୍ଜି ଜିସୁ
ଆରେ ରଗ ଏଡ଼ା ଆଜି ରୱାନ୍‌ନେ ମାଡ଼ିତ ହସି ହାଚାନ୍ ।

## ଜିସୁ ନାଗୁଡ଼୍ ଜପି ତାଙ୍ଗ୍‌ନାକା
*(ମାତିଉ ୧୪:୨୨-୨୩; ମାର୍କ ୬:୪୫-୫୨)*

୧୬ ହେ ନାଜିଂ ମ୍ଡ଼ିତିଲେ ତା ଚେଲାହିର୍ ହାମ୍‌ଦୁର୍ ଗୁଟିତ ହାଚାର୍
୧୭ ଆରେ ଡଙ୍ଗାତ ଦୁମ୍‌ଜି ହାମ୍‌ଦୁର୍ ଆନ୍‌ଟି ପାଡ଼୍‌କା କପର୍ନାହୁମ୍ ନିପ ହାଞ୍ଜେଙ୍ଗ୍ ଲାଗାତାର୍ । ମାଜ୍‌ଗା ଆଜି ହାତାତ୍,
ଆରେ ଜିସୁ ହେ ପାଦ୍‌ନା ପାଟେକ୍ ହେୱାର୍ କଚଣ୍ଡ ୱାୱାଦାଙ୍ଗ୍ ମାଚାନ୍,
୧୮ ଆରେ ବେସି ଦୁକା କିତିଲେ ଏଜୁକାଂ ଲଡ଼ି ନିଙ୍ଗ୍‌ଜି ମାଚାତ୍ ।
୧୯ ଇବେପା ଚେଲାର୍ ପୁରା ପାଞ୍ଚ୍ ଚଅ କିଲମିଟର୍ ଡଙ୍ଗା କେଡ଼ା ଆଜି ହାଚିପାଚେ ଜିସୁଙ୍ଗ୍ ଏଜୁଂ ଜପି ତାଙ୍ଗ୍‌ଜି
ଡଙ୍ଗାତାକେ ୱାନାକା ହୁଡ଼୍‌ଜି ପାଣ୍ଡ୍ରା ଆତାର୍ ।
୨୦ "ମାତର୍ ଜିସୁ ହେୱାରିଂ ଇଚାନ୍," ଇୱାଙ୍ଗ୍ ତ ଆନ୍, "ପାଣ୍ଡ୍ରା ଆମାଟ୍ ।"
୨୧ ଲାଗିଂ ହେୱାର୍ ତାଙ୍ଗେଙ୍ଗ୍ ଡଙ୍ଗାତ ଅଦେଂ ମାନ୍ କିତାର୍, ଆରେ ହେୱାର୍ ଇମ୍‌ଣି ବାହାତ ହାଲ୍‌ଜି ମାଚାର୍, ଡଙ୍ଗା
ହେ ଦାପ୍ରେ ଗୁଟିତ ଏକାତାତ୍ ।

## ମାନାୟାର୍ ଜିସୁଙ୍ଗ୍ ଡେକ୍ତାର୍

୨୨ ହେ ବାହାତ କେବଲ୍ ର ଡଙ୍ଗା ମାଚାତ୍, ଅଲ୍‌ଗା ଇମ୍‌ଣି ଡଙ୍ଗା ହିଲ୍‌ୱାତାତ୍, ଆରେ ହେବେ ଜେ ଜିସୁ ତା ଚେଲାହିର୍
ଲାହାଙ୍ଗ୍ ହାଲ୍‌ୱାଦାଂ ମାଚାନ୍, ମତର୍ କେବଲ୍ ତା ଚେଲାହିର୍ ହାଲ୍‌ଜି ମାଚାର୍, ଇୱାର୍ ଇମ୍‌ଣି ମାନାୟାର୍ ତା ଆର୍କାତ୍
ନାଜିଂ ହାମ୍‌ଦୁର୍ ଆନ୍‌ଟି ପାଡ଼୍‌କା ନିଲ୍‌ଚି ମାଚାର୍, ହେୱାର୍ ହୁଡ଼୍‌ଜି ମାଚାର୍ ।
୨୩ ମାପ୍ରୁଙ୍ଗ୍ ଜୁୱାର୍ କିତି ପାଚେ ହେୱାର୍ ଇମ୍‌ଣି ବାହାତ ରୁଟି ତିଞ୍ଜି ମାଚାର୍, ହେ ବାହାତ ତିବିରିୟାତାଂ ଆରେ
କେଡ଼୍‌ଗଟା ଡଙ୍ଗାଙ୍ଗ୍ ୱାତିକ୍;
୨୪ ଲାଗିଂ ଜିସୁ କି ତା ଚେଲାହିର୍ ଜେ ହେବେ ହିଲାତାର୍, ଇବେ ଏଚେକୋଡ଼୍‌ଦ ମାନାୟାରିଂ ହୁଡ଼୍‌ତାର୍, ହେ ପାଦ୍‌ନା
ହେୱାର୍ ୱିଜାର୍ ଡଙ୍ଗାତ ଦୁମ୍‌ଜି ଜିସୁଙ୍ଗ୍ ଡେକୁ ଡେକୁ କପର୍ନାହୁମ୍ ୱାତାର୍ ।

## ଇସ୍ୱର୍ ଜିବୁନିଂ କାଦି

୨୫ ଆରେ, ହେୱାର୍ ହାମ୍‌ଦୁର୍ ଆଣ୍ଟିପାଡ଼୍‌କା ତାଙ୍ଗେଙ୍ଗ୍ ହୁଡ଼୍‌ଜି ୱେନ୍‌ବାତାର୍, "ଏ ଗୁରୁ, ଏନ୍ ଏଚେକୋଡ଼୍‌ଦ ଇବେ ୱାତାୟ୍
?"
୨୬ ଜିସୁ ହେୱାରିଂ ଉତର୍ ହିତାନ୍, ହାଡ଼୍‌ପା "ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, କାବାଆନି କାମାୟ୍ ହୁଡ଼୍‌ଦେଂ ଜେ ଏପେଙ୍ଗ୍
ନାଙ୍ଗ୍ ଡେକ୍ତାନାଦେରା, ହେଦାଂ ଆକାୟ୍, ମତର୍ ରୁଟି ତିନ୍‌ଞ୍ଜି ପଟ ପାଞ୍ଜ୍ୟାୱାଦାଂ ନାଙ୍ଗେଙ୍ଗ୍ ଡେକ୍ତାନାଦେରା ।
୨୭ ଇମ୍‌ଣି କାଦି ନସ୍ଟ ଆନାତ୍, ହେଦାଂ କାଜିଂ ବେସି କସ୍ଟକିମାଟ୍ । ମାତର୍ ଇମ୍‌ଣି କାଦି ୱିଜ୍‌ୱ୍ରି ଜିବୁନ୍ ହିନାତ୍, ହେଦାଂ
କାଜିଂ କାମାୟ୍ କିୟାଟ୍ । ଇ କାଦି ମାନାୟ୍ ମାଜି ହିଦ୍‌ନାନ୍, ଇନାକିଦେଂକି ଆବା ଇସ୍ୱର୍ ହେଦାଂ କାଜିଂ ତାଙ୍ଗେଙ୍ଗ୍ ଇଡ଼୍‌ତାନ୍ନା
।"
୨୮ ହେବେ ହେୱାର୍ ତାଙ୍ଗେଙ୍ଗ୍ ୱେନ୍‌ବାତାର୍, "ଇସ୍ୱର୍‌ତି କାମାୟ୍ ସବୁ କିନି କାଜିଂ ଆପେଂ ଇନାକା କିୟାଆନାତ୍ ?"
୨୯ ଜିସୁ ହେୱାରିଂ ଉତର୍ ହିତାନ୍, "ଇନେକିଦେଂ ଇସ୍ୱର୍ ପକ୍‌ତାତାନ୍ନା, ତା ତାକେ ପାତର୍ଁ କିନାକା ନେ ଇସ୍ୱତର୍ଁ କାମାୟ୍
ଆନାତ୍ ।"
୩୦ ହେବେ ହେୱାର୍ ଜିସୁଙ୍ଗ୍ ୱେନ୍‌ବାତାର୍, ହେଦାଂ ଆଡିସ୍ ଏନ୍ ଚିନ୍‌ଲାକେ ଇନାକା କିଡ଼୍‌ୟ୍‌ନା ଜେ, "ହେଦାଂ ହୁଡ଼୍‌ଜି
ଆପେଂ ନିଙ୍ଗେଙ୍ଗ୍ ପାତର୍ଁ କିଦ୍‌ନାପ୍ ? ୱେଚ୍‌ଚା ଇନା କିଦେଙ୍ଗ୍ ଆଡ଼୍‌ନାୟ୍ ?
୩୧ ମା ଆକର୍ ବାଟାତ ମାନ୍ନା ତିଞ୍ଜି ମାଚାର୍, ଇନେସ୍ ସାସ୍ତର୍ ଲେକା ମାନାତ୍, ତିନି କାଜିଂ ହେୱାନ୍ ହେୱାରିଂ ସାର୍ଗେତାଂ
କାଦି ହିତାନ୍ ।"
୩୨ "ହେବେ ଜିସୁ ହେୱାରିଂ ଇଚାନ୍, ହାଡ଼୍‌ପା ହାଡ଼୍‌ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ମସା ମିଙ୍ଗେଙ୍ଗ୍ ସାର୍ଗେତାଂ କାଦି
ହିଦ୍‌ୱାତାନ୍‌ନା, ମାତର୍ ମାଞ୍ଜି ଆବା ମିଙ୍ଗେଙ୍ଗ୍ ସାର୍ଗେତାଂ ହାଡ଼୍‌ପା କାଦି ହିନାନ୍ ।
୩୩ ଇନାକିଦେଂକି ଇମ୍‌ଣି କାଦି ସାର୍ଗେତାଂ ଜୁଡ଼୍‌ତି ପୁତର୍ଁତିଂ ଜିବୁନ୍ ହିନାନ୍, ହେଦାଂ ଇସ୍ୱତର୍ଁ କାଦି ।"
୩୪ ହେୱାର୍ ଜିସୁଙ୍ଗ୍ ଇଚାର୍, "ଏ ମାପ୍ରୁ, ସବୁ ୱେଡ଼ାଙ୍ଗ୍ ମାଙ୍ଗେଙ୍ଗ୍ ଇ କାଦି ହିଦା ।"
୩୫ "ହେବେ ଜିସୁ ହେୱାରିଂ ଇଚାନ୍," ଆନ୍ ହେ ଜିବୁନ୍ କାଦି, "ଇନେନ୍ ନା ଲାଗାଂ ୱାନାନ୍, ହେୱାନ୍ ଇନାୱାଡ଼ାଂପା
ନାସ୍‌କି ଆଉନ୍, ଆରେ ଇନେନ୍ ନା ତାକେ ପାତର୍ଁ କିନାନ୍, ହେୱାନ୍ ଇନାୱାଡ଼ାଂ ଏସ୍‌କି ଆଉନ୍ ।
୩୬ ମାତର୍ ଏପେଙ୍ଗ୍ ନାଙ୍ଗେଙ୍ଗ୍ ହୁଡ଼୍‌ଜିପା ପାତର୍ଁ କିଦୁଦେରା, ଇଦାଂ ଆନ୍ ମିଙ୍ଗେଙ୍ଗ୍ ଇନ୍‌ଞାଙ୍ଗ୍‌ନ୍ନା ।

୩୭ ଆବା ଜେ ୱିଜାରିଂ ନାଙ୍ଗେଙ୍ଗ୍ ଦାନ୍ କିଦ୍‌ନାନ୍, ହେୱାର୍ ନା କଚଣ୍ତ ୱାନାର୍; ଆରେ, ଇନେର୍ ନା ତାକେ ୱାନାନ୍, ତାଙ୍ଗେଙ୍ଗ୍ ଇନେସ୍ କିତିସ୍‌ପା ବାର୍ତ ହପୁଙ୍ଗ୍;
୩୮ ଇନାକିଦେଂକି ଆନ୍ ନିଜେ ମାନ୍ ମାନି କିଦେଙ୍ଗ୍ ଜୁଦ୍‌ୱାଦାଂ, ଇଚିସ୍ ନା ପକ୍‌ତାତାକାନିଂ ମାନ୍ ମାନି କିଦେଙ୍ଗ୍ ସାର୍ଗେତାଂ ଜୁଡ୍‌ତାଙ୍ଗ୍‌ନା ।
୩୯ ଆରେ, ନା ପକ୍‌ତାତାକାନ୍ ଜେ ୱିଜାରିଂ ନାଙ୍ଗ୍ ଦାନ୍ କିଦ୍‌ନାନ୍, ହେୱାର୍ ବିତ୍ରେ ଇନେରିଂ ନେ ଇନେସ୍‌କି ଆନ୍ ଆରାୟ୍ କିୱାଦାଂ, ମାତର୍ ହାରିହାରା ଦିନ୍ତ ତାଙ୍ଗେଙ୍ଗ୍ ଆରେ ରଗ ଜିପ୍‌ନାଙ୍ଗ୍, ଇଦାଂ ତାଦାଙ୍ଗ୍ ମାନ୍ ।
୪୦ ଇନାକିଦେଂକି ଇନେର୍‌କି ମାଜିଙ୍ଗ୍ ହୁଡ଼୍‌ଜି ତା ତାକେ ପାତର୍ କିତାର୍, ହେୱାନ୍ ଇନେସ୍ ୱିଜ୍‌ୱି ଜିବୁନ୍ ପାୟା ଆନାନ୍, ଇଦାଂ ନେ ମାଞ୍ଜି ଆବାତି ମାନ୍; ଆରେ, ଆନ୍ ତାଙ୍ଗେଙ୍ଗ୍ ହାରିହାରା ନାଜିଂ ଆରେ ରଗ ଜିପ୍‌ନାଙ୍ଗ୍ ।"
୪୧ "ଆନ୍ ସାର୍ଗେତାଂ ଜୁଜି ମାନ୍‌ଚି କାଦି ଆନାଙ୍ଗ୍, ହେୱାନ୍ ଇଦାଂ ଇଚିଲେ ଜିହୁଦିର୍ ତା ବେରୁତାଂ ନିନ୍ଦା କିଦେଙ୍ଗ୍ ଲାଗାତାର୍,"
୪୨ ଆରେ ଇଚାର୍ ଇୱାନ୍ ଜସେପ୍ ମେହି ଜିସୁ ଆକାୟ୍, "ଆରେ ଆପେଂ ଇନାକା ଇୱାନ୍ ଲାତ୍ରାହି ତେହିଙ୍ଗ୍ ପୁନୁପ୍ ? ଲାଗିଂ ଆନ୍ ସାର୍ଗେତାଂ ଜୁଡ୍‌ତାଙ୍ଗ୍‌ନା ଇଞ୍ଜି ହେୱାନ୍ ନଙ୍ଗ୍ ଇନେସ୍ ଇନାନ୍ନା ?"
୪୩ ଜିସୁ ହେୱାରିଂ ଉତର୍ ହିତାନ୍, ଜାର୍ ଜାର୍ ବିତ୍ରେ ନିନ୍ଦା କିମାଟ୍ ?
୪୪ ଇମ୍‌ଣି ଆବା ନାଙ୍ଗ୍ ପକ୍‌ତାତାନ୍ନା ହେୱାନ୍ ନାତାକେ ଚଞ୍ଜ୍‌ୟା ଆଦ୍‌ୱିତିସ୍ ଇନେର୍ ନା ଲାଗେ ୱାଦେଙ୍ଗ୍ ଆଡୁର୍ । ଇମ୍‌ଣାକାର୍ ୱାନାର୍ ହେୱାରିଂ ଆନ୍, ହାରିହାରା ନାଜିଂ ଆରେ ରଗ ଜିପ୍‌ନାଙ୍ଗ୍ ।
୪୫ ବେଣ୍‌ବାକ୍‌ଣାୟ୍‌କିନାକାର୍ ଦରମ୍ ସାସ୍ତର୍ ତାକେ ଲେକିକିତାର୍ଣ୍ଣା, ୱିଜାର୍ କେବଲ୍ ଇସ୍ୱତର୍ ହିକ୍ୟା ପାୟା ଆନାର୍ । ଇନେର୍‌କି ଆବା ତାକେଣ୍ତାଂ ହିକ୍ୟା ଲାବ୍ କିତାନ୍‌ନ୍ନା, ହେୱାନ୍ ନାତାକେ ୱାନାନ୍ ।
୪୬ ଇନେନ୍ ଜେ ଆବାଂ ହୁଡ୍‌ତାନ୍‌ନା, ହେଦାଂ ଆକାୟ୍; ଇନେର୍ ଇସ୍ୱର୍ ତାକେଣ୍ତାଂ ୱାତାନ୍‌ନା, ହେୱାନ୍ ଆବାଂ ହୁଡ୍‌ତାନ୍‌ନା ।
୪୭ ହାଡ୍‌ପା ହାଡ୍‌ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଇନେନ୍ ପାତର୍ କିନାନ୍, ହେୱାନ୍ ୱିଜ୍‌ୱି ଜିବୁନ୍ ପାୟା ଆନାନ୍ ।
୪୮ ଆନ୍ ଜିବୁନ୍ ହିନି କାଦି ।
୪୯ ମି ଆକର୍ ବାଟାତ ମାନ୍ନା ଚିଚାର୍, ଆତିସ୍‌ପା ହେୱାର୍ ହାତାର୍ ।
୫୦ ମାତର୍ ଇମ୍‌ଣି କାଦି ସାର୍ଗେତାଂ ୱାନାଡ୍, ତାଙ୍ଗେଙ୍ଗ୍ ଇନେର୍ ତିନାନ୍ ହେୱାନ୍ ୱିଜ୍‌ୱି ଜିବୁନ୍ ପାୟା ଆନାନ୍ ।
୫୧ ଆନ୍ ସାର୍ଗେତାଂ ଜୁଡ୍‌ତାଙ୍ଗ୍ ହେ ଜିବୁନ୍ କାଦି; ଇନେର୍ ଜଦି ଇ କାଦି ତିନାର୍, ହେୱାନ୍ ଜୁଗ୍ ଜୁଗ୍ ପାତେକ୍ ଜିଜି ମାନାର୍; ଆଁ, ଆନ୍ ଇମ୍‌ଣି କାଦି ହିଦ୍‌ନାଂ, ହେଦାଂ ନା ଜେଇ, ଆନ୍ ତା ପୁତର୍ତିଂ ବାଚାୟ୍‌କିଦେଂ ଇଞ୍ଜି ଜିବୁନ୍ ହିଦ୍‌ନାଂ ।
୫୨ ଇବେ ଜିହୁଦିର୍ ହେୱେର୍ ହେୱାର୍ ରିସା ଆଜି ଇଞ୍ଜେଙ୍ଗ୍ ଲାଗାତାର୍, ଇୱାନ୍ ଇନେସ୍ ମାଙ୍ଗେଙ୍ଗ୍ ଜାର୍ ଜେଇ ତିଞ୍ଜେଙ୍ଗ୍ ହିଦେଂ ଆଡ୍‌ନାନ୍ ?
୫୩ ହେବେ ଜିସୁ ହେୱାରିଂ ଇଚାନ୍, "ହାଡ୍‌ପା ହାଡ୍‌ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ମାନାୟ୍ ମାଜିଡ଼ି ଜେଇ ତିନ୍‌ୱିତିସ୍ ଆରି ତା ନେତେର୍ ଉଣ୍‌ୱିତିସ୍, ମି ତାକେ ଜିବୁନ୍ ହିଲୁଡ୍ ।
୫୪ ଇନେର୍ ନା ଜେଇ ତିନାର୍ ଆରି ନା ନେତେର୍ ଉଣାର୍, ହେୱାନ୍ ୱିଜ୍‌ୱି ଜିବୁନ୍ ପାୟା ଆନାନ୍, ଆରେ ଆନ୍ ହାରିହାରା ନାଜିଂ ତାଙ୍ଗେଙ୍ଗ୍ ଜିପିକିନାଙ୍ଗ୍ ।
୫୫ ଇନାକିଦେଂକି ନା ଜେଇ ହାଡ୍‌ପା କାଦି ଆରି ନା ନେତେର୍ ହାଡ୍‌ପା ଏଜୁଂ ।
୫୬ ଇନେର୍‌କି ନା ଜେଇ ତିନାର୍ ଆରି ନା ନେତେର୍ ଉଣାର୍, ହେୱାନ୍ ନା ତାକେ ମାନେନ୍ ଆରି ଆନ୍ ତା ତାକେ ମାନାଙ୍ଗ୍ ।
୫୭ ଜିବୁନ୍‌ନି ଆବା ନାଙ୍ଗେଙ୍ଗ୍ ପକ୍‌ତାତାନ୍ନା ଆରି ଆନ୍ ଆବା କାଜିଂ ଜିଜି ମାନାଂ, ହେ ଲାକେ ଜେ ନାଙ୍ଗେଙ୍ଗ୍ ତିଞ୍ଜିନାର୍, ହେୱାନ୍ ପାନା କାଜିଂ ଜିଜି ମାନାନ୍ ।
୫୮ ଇମ୍‌ଣି କାଦି ସାର୍ଗେତାଂ ଜୁଡ୍‌ତାନ୍ନା, ହେଦାଂ ଇ; ଆକର୍ ଇନେସ୍ ତିନ୍‌ଞ୍ଜି ହାତାର୍, ହେ ଲାକେ ଆକାୟ୍; ଜେ ଇ କାଦି ତିନାର୍, ହେୱାନ୍ ଜୁଗ୍ ଜୁଗ୍ ପାତେକ୍ ଜିଜି ମାନାନ୍ ।"
୫୯ ହେୱାନ୍ କପର୍ନାହୁମ୍ ର କୁଟୁମ୍ ଇଞ୍ଜ ହିକ୍ୟା ହିନି ସମୁତ ଇ ୱିଜୁ କାତା ଇଚାର୍ ।

## ୱିଜ୍‌ୱି ଜିବୁନ୍‌ନି ବଚନ୍

୬୦ ଲାଗିଂ, ତା ଚେଲାହିର୍ ବିତ୍ରେ ହେନି ଇଦାଂ ୱେନ୍‌ଞ୍ଜି ଇଚାର୍, "ଇ ହିକ୍ୟା ୱେଞ୍ଜେଙ୍ଗ୍ ବେସି କସ୍ଟ, ଇନେର୍ ଇଦାଂ ୱେଞ୍ଜେଙ୍ଗ୍ ଆଡ୍‌ନାର୍ ?"
୬୧ ମାତର୍ ଜିସୁ, ତା ଚେଲାର୍ ଇନେର୍ ହେ ବିସ୍ରେ ନିନ୍ଦା କିନାରା ଇଞ୍ଜି, ତା ମାନ୍ତ ପୁଞ୍ଜି ହେୱାରିଂ ଇଚାନ୍, ବାଦାନି କାରଣ୍ ଆନାତା ?
୬୨ ମାନାୟ୍ ମାଜି ଇମେତାଂ ୱାତାନ୍‌ନା, ହେବେ ତାଙ୍ଗେଙ୍ଗ୍ ହାନାକା ହୁଡ୍‌ତାନ୍ ଇନା କିନାନ୍ ।

୬୩ କେବଲ୍ ଇସ୍ୱରର୍ ୱାସ୍ତି ଜିବୁନ୍ ହିଦେଂ ଆଡ଼ନାନ୍; ମାନାୟ୍ ଜେଇ ଇନାକା କିଦେଙ୍ଗ୍ ଆଡୁତ୍ ଇସ୍ୱରର୍ ହେ ଜିବୁନ୍
ହିନି ୱାସ୍କିତିଂ ଏପେଙ୍ଗ୍ ଇନେସ୍ ପୁନାଦେର୍ ହେଦାଂ କାଜିଂ ଆନ୍ ଇ ୱିଜୁ କାତା ଇଞ୍ଜ୍ନାଙ୍ଗା ।
୬୪ ମାତର୍ ମି ବିତ୍ରେ ଇନେ ଇନେର୍ ପାତର୍ କିଉରା । ଇନାକିଦେଂକି ଇମ୍‌ଣାକାର୍ ଜିସୁଙ୍ଗ୍ ପାତର୍ କିୱାଦାଂ ମାଚାର୍
ଆରି ଇନେନ୍ ଜିସୁଙ୍ଗ୍ ସାତୁର୍ କେଇଦ ଇନେନ୍ ହେଲାୟ୍ କିନାନ୍, ହେଦାଂ ଇସ୍ୱର୍ ଆଗେତାଂ ପୁଞ୍ଜି ମାଚାନ୍ ।
୬୫ ଜିସୁ ଆରେ ଇଚାନ୍, "ଇଦାଂ କାଜିଂ ଆନ୍ ମିଙ୍ଗେଙ୍ଗ୍ ଇନ୍‌ଞାଙ୍ଗ୍‌ନା, ଆବା ତାକେଣ୍ଡାଂ ପକ୍ୟା ଆୱିତିସ୍ ଇନେର୍ ନା
କଟଣ୍ ୱାଦେଙ୍ଗ୍ ଆଡୁର୍ ।"
୬୬ ହେ ସମୁତାଂ ତା ଚେଲାହିର୍ ବିତ୍ରେ ହେନି ବେଣ୍‌କିୱାଦାଂ ହସି ହାଚାର୍, ଆରେ ତା ଲାହାଙ୍ଗ୍ ଚାଲା ବୁଲା କିୱାତାର୍ ।
୬୭ ହେବେ ଜିସୁ ବାରଜାଣ୍‌ତିଂ ୱେନ୍‌ବାତାନ୍, "ଏପେଙ୍ଗ୍‌ପା ନାଙ୍ଗ୍ ପିସ୍ତି ହାଞ୍ଜେଙ୍ଗ୍ ଇଚା କିନାଦେରା ?"
୬୮ ସିମନ୍ ପିତର୍ ଜିସୁଙ୍ଗ୍ ଉତର୍ ହିତାର୍, ମାପ୍ରୁ, ଇନେର୍ ତାକେ ହାନାପ୍ ? ନି ତାକେ ୱିଜ୍‌ୱି ଜିବୁନ୍‌ନି ବଚନ୍ ମାନାତ୍;
୬୯ ଆରେ, ଏନ୍ ଜେ ଇସ୍ୱରର୍ ହେ ପୁଇପୁୟା ମାନାୟ୍, "ଇଦାଂ ଆପେଂ ପାତର୍ କିତାପ୍‌ନା ଆରି ପୁଚାପ୍‌ନା ।"
୭୦ ଜିସୁ ହେୱାରିଂ ଉତର୍ ହିତାନ୍, "ଆନ୍ ଇନାକା ମି ବାରଜାଣ୍‌ତିଂ ବାଚି କିୱାତାଂନା କି ? ଆରେ, ମି ବିତ୍ରେ ର ସୟ୍‌ତାନ୍
।"
୭୧ ହେୱାନ୍ ଇସ୍କାରିୟତିୟ ସିମନ୍ ମେହି ଜିହୁଦାଙ୍ଗ୍ ହୁଡ଼୍‌ଜି ଏପେଙ୍ଗ୍ ଇଚାନ୍, ଇନାକିଦେଂକି ହେୱାନ୍ ବାରଜାଣ୍ ବିତ୍ରେ
ରୱାନ୍, ଆରେ ହେୱାନ୍ ତାଙ୍ଗେଙ୍ଗ୍ ସାତୁର୍ କେଇଦ ହେଲାୟ୍ କିଦେଙ୍ଗ୍ ହାଲ୍‌ଜି ମାଚାନ୍ ।

# ୭

## ଜିସୁ ଆରି ତା ଟଣ୍ଡାହିର୍

୧ ଇଦାଂ ପାଚେ ଜିସୁ ଗାଲିଲିତ ବୁଲାଆଦେଂ ଲାଗାତାନ୍, ଇନାକିଦେଂକି ଜିହୁଦିର୍ ତାଙ୍ଗେଙ୍ଗ୍ ଟାଣ୍‌ତେ ଅହ୍‌ନି କାଜିଂ
ସେସ୍ଟା କିଜି ମାଚିଲେ, ହେୱାନ୍ ଜିହୁଦା ଦେସ୍‌ତ ବୁଲାଆଦେଂ ମାନ୍ କିୱାଦାଂ ମାଚାନ୍ ।
୨ ଜିହୁଦିର୍ କୁଡ଼ିୟା ବାହା ପାର୍ବୁନି ସମୁ ଲାଗେ ୱାଜି ମାଚାତ୍,
୩ ତା ଟଣ୍ଡାହିର୍ ତାଙ୍ଗେଙ୍ଗ୍ ଇଚାର୍, "ଏନ୍ ଜେ ଇନା କାମାୟ୍ କିତାୟ୍‌ନା, ହେ ୱିଜୁ ଇନେସ୍‌କି ନି ଚେଲାର୍ ପା ହୁଡ଼୍‌ନାର୍,
ଇଦାଂ କାଜିଂ ଇବେଣ୍ଡାଂ ହସି ହାଲ୍‌ଜି ଜିହୁଦା ଦେସ୍‌ତ ହାଲାଟ୍,
୪ ଇନାକିଦେଂକି ଇନେର୍ ଚଞ୍ଜିୟାଦେଂ ମାନ୍ କିତାନ୍ ଡ଼ଗୁଜି ଇନାକା କିଉନ୍ । ଏପେଙ୍ଗ୍ ଜଦି ୱିଜାଦେର୍, କିନାଦେରା,
ଲାଗିଂ ଜାର୍‌ତିଂ ପୁତର୍ ତାକେ ଚଚାଟ୍ ।"
୫ ଇନାକିଦେଂକି ତା ଟଣ୍ଡାହିର୍ ପା ତା ତାକେ ପାତର୍ କିୱାଦାଂ ମାଚାର୍ ।
୬ ହେବେ ଜିସୁ ହେୱାରିଂ ଇଚାନ୍, "ନା ସମୁ ନଙ୍ଗ୍ ପାତେକ୍ ଏକା ୱାଉତେ, ମାତର୍ ମି ସମୁ ଏକା ୱାତାତେ ।
୭ ପୁତର୍ ମିଙ୍ଗେଙ୍ଗ୍ ଗିଣ୍ କିଦୁତ୍, ମାତର୍ ନାଙ୍ଗେଙ୍ଗ୍ ଗିଣ୍ କିଦ୍‌ନାତ୍, ଇନାକିଦେଂକି ତା କାମାୟ୍ ଜେ କାରାପ୍, ଆନ୍ ଇ
ସାକି ହିତାଙ୍ଗ୍‌ନା ।
୮ ଏପେଙ୍ଗ୍ ଇ ପାର୍ବୁତ ହାଲାଟ୍, ଆନ୍ ନଙ୍ଗ୍ ଇ ପାର୍ବୁତ ହାଲୁଙ୍ଗା, ଇନାକିଦେଂକି ନା ସମୁ ଇ ପାତେକ୍ ଏକା ୱାଉତେ ।"
୯ ଜିସୁ ହେୱାରିଂ ଇ ୱିଜୁ କାତା ଇଞ୍ଜି, ଗାଲିଲିତ ମାଚାନ୍ ।

## କୁଡ଼ିୟା ବାହା ପାର୍ବୁତ ଜିସୁ

୧୦ ମାତର୍ ତାଂ ଟଣ୍ଡାହିର୍ ପାର୍ବୁତ ହାଚି ପାଚେ ହେୱାନ୍ ପା ହାଚାନ୍, ଚଞ୍ଜିୟାଆୱାଦାଂ ଆକାୟ୍, ମତର୍ ର ବାନି ଡ଼ଗୁଜି
।
୧୧ ଲାଗିଂ ଜିହୁଦି ନେତାର୍ ପାର୍ବୁତ ତାଙ୍ଗେଙ୍ଗ୍ ଡେକ୍‌ଚି ଡେକ୍‌ଚି ୱେନ୍‌ବାତାର୍, "ହେୱାନ୍ ଜେ ?"
୧୨ ଆରେ, ତା ବିସ୍ରେ ମାନାୟାର୍ ବିତ୍ରେ ବେସି ହେୱାର୍ ହେୱେର୍ କାଲେ କାଲେ ବେଣ୍ କିଦେଙ୍ଗ୍ ଲାଗାତାର୍;
"ଇନେ ଇନେର୍ ଇଚାର୍, ହେୱାନ୍ ରକାନ୍ ହାର୍ ଲଗୁ, ଆରେ ଇନେ ଇନେର୍ ଇଚାର୍, ଆକାୟ୍, ହେୱାନ୍ ମାନାୟାରିଂ
ବୁଲ୍‌କାୟ୍‌କିନାନା ।"
୧୩ ଆତିସ୍‌ପା ଜିହୁଦି ନେତାର୍ ପାଣ୍ଡ୍ରୁଡ଼ିଂ ତା ବିସ୍ରେ ୱେଚ୍‌ଚେଙ୍ଗ୍ ଇନେର୍ ଇନାକା ଇନ୍‌ୱାଦାଂ ମାଚାର୍ ।
୧୪ ମାତର୍ ପାର୍ବୁନି ଆଦା ସମୁ ହାଚି ପାଚେ, ଜିସୁ ମନ୍ଦିର୍‌ତ ହାଲ୍‌ଜି ହିକ୍ୟା ହିଦେଂ ଲାଗାତାନ୍ ।
୧୫ ଇବେ ଜିହୁଦି ନେତାର୍ କାବା ଆଜି ଇଚାର୍, "ଇୱାନ୍ ପାଟ୍ ପଡ଼ିକିୱାଦାଂ ଇନେସ୍ ପୁଚାନ୍ ?"
୧୬ ଲାଗିଂ ଜିସୁ ହେୱାରିଂ ଉତର୍ ହିତାନ୍, "ନା ହିକ୍ୟା ନା ଜାର୍‌ତି ଆକାୟ୍, ମାତର୍ ନାଙ୍ଗ୍ ପକ୍‌ତାତାକାନ୍ତି ଇସ୍ୱର୍‌ତାଂ ୱାନି
ହିକ୍ୟା ହିନାଙ୍ଗା ।
୧୭ ଇନେର୍ ଜଦି ଇସ୍ୱର୍ ଇଚା ମାନି କିଦେଙ୍ଗ୍ ମାନ୍‌କିନାନ୍, ତା ଆତିସ୍ ଇ ହିକ୍ୟା ଇସ୍ୱର୍‌ତାଂ ଆତାତ୍‌ନ୍ନା, କି ଆନ୍ ନି
ତାକେଣ୍ଡାଂ ଇଞ୍ଜ୍ନାଙ୍ଗା, ହେଦାଂ ହେୱାନ୍ ପୁନାନ୍ ।

୧୮ ଇନେନ୍ ଜାର୍‌ତାଂ ଇନାନ୍, ହେୱାନ୍ ନିଜେ ଜାଜ୍‌ମାଲ୍ ପାୟା ଆଦେଂ ଦାହ୍‌ନାନ୍, ମାତର୍ ଇନେନ୍ ଜାର୍
ପକ୍‌ତାତାକାନିଂ ପାଦ୍ ପାୟା ଆଦେଂ ଦାହ୍‌ନାନ୍, ହେୱାନ୍ ହାଡ୍‌ପା ଇନାନ୍, ଆରେ ତାତାକେ ଇନାକାପା ଅଦାର୍ମି ମିଚ୍
ହିଲୁଡ୍ ।
୧୯ ମସା ଇନାକା ମିଙ୍ଗେଙ୍ଗ୍ ବିଦି ହିଦ୍‌ୱାତାନ୍‌ନା ? ଆତିସ୍‌ପା ମି ବିତ୍ରେ ରୱାନ୍ ପା ବିଦି ମାନି କିଉଦେରା । ଏପେଙ୍ଗ୍
ଇନାକିଦେଂ ନାଙ୍ଗେଙ୍ଗ୍ ଅସ୍ତେଦେଂ ସେସ୍ଟା କିଦ୍‌ନାଦେରା ?”
୨୦ “ମାନାୟାର୍ ଉତର୍ ହିତାର୍,” ନିଙ୍ଗେଙ୍ଗ୍ ପୁଦା ଆସ୍ତାତାନ୍ନା, “ଇନେର୍ ନିଙ୍ଗେଙ୍ଗ୍ ଅସ୍ତେଦେଂ ସେସ୍ଟା କିଦ୍ନାରା ?”
୨୧ ଜିସୁ ହେୱାରିଂ ଉତର୍ ହିତାନ୍, “ଆନ୍ କାବାଆନି କାମାୟ୍ କିତାଙ୍ଗ୍, ଆରେ ଏପେଙ୍ଗ୍ ୱିଜାଦେର୍ କାବା ଆତାଦେର୍ଣ୍ଣା ।
୨୨ ଇ କାଜିଂ ମସା ମିଙ୍ଗେଙ୍ଗ୍ ସୁନ୍ନତ୍ ବିଦି ହିଡ୍‌ତାନ୍ନା ଇଦାଂ ଜେ ମସାତାକେଣ୍ଡାଂ ଆତାଡ୍‌ନ୍ନା, ହେଦାଂ ଆକାୟ୍, ମାତର୍
ଆକର୍‌ତାଂ, ଆରେ ଏପେଙ୍ଗ୍ ଜମ୍‌ନିବାର୍ ନାଜିଂ କାଡ୍‌ଦେରିଂ ସୁନ୍ନତ୍ କିନାଦେରା ।
୨୩ ମସାତି ବିଦି ୱିଜ୍‌ୱି କାଜିଂ ଜଦି ଜମ୍‌ନିବାର୍ ନାଜିଂ କାଡ୍‌ଦେଂ ସୁନ୍ନତ୍ ପାୟା ଆନାନ୍, ତା ଆତିସ୍ ଆନ୍ ଜମ୍‌ନିବାର୍
ନାଜିଂ ରୱାନ୍ କାଡ୍‌ଦେଂ ୱିଜୁ ଉଜ୍ କିତିଲେ ଏପେଙ୍ଗ୍ ଇନାକିଦେଂ ନା ଜପି ରିସା କିଦ୍‌ନାଦେରା ?
୨୪ ବାତର୍ି ବିସ୍ରେ ହୁଡ୍‌ଜି ବିଚାର୍ କିୱାଦାଂ ନିୟାୟ୍ ବିଚାର୍ କିୟାଟ୍ ।”

### ଇୱାନ୍ ଇନାକା ମସିୟା

୨୫ ଇବେ ଜିରୁସାଲମ୍ ନିକାର୍ ବିତ୍ରେ ଇନେର୍ ଇନେର୍ ଇଞ୍ଜେଙ୍ଗ୍ ଲାଗାତାର୍, “ଜିହୁଦି ନେତାର୍ ହେୱାର୍ ଇନେକିଦେଂ
ଅହ୍‌ନି କାଜିଂ ସେସ୍ଟା କିଜି ମାଚାର୍, ଇୱାନ୍ ଇନାକା ହେୱାନ୍ ଆକାୟ୍ ?
୨୬ ଆରେ ହୁଡାଟ୍, ହେୱାନ୍ ହପ୍‌ଚି କାତା ଇଞ୍ଜ୍‌ନାନା, ଆରେ ହେୱାର୍ ତାଙ୍ଗେଙ୍ଗ୍ ଇନାକା କିଉରା । ଇୱାନ୍ ଜେ କ୍ରିସ୍ଟ,
ଇୱାନ୍ ଇନାକା ନେତାର୍ ହାଡ୍‌ପା ପୁଚାରେ ?
୨୭ ଇନାକା ଆୟେଡ୍, ଇୱାନ୍ତି ଆରମ୍ ଆସେଙ୍ଗ୍ ପୁନାସ୍, ମାତର୍ ମସିୟା ଏଚେକୋଡ୍‌ଦ ୱାନାନ୍, ହେ ପାଦ୍‌ନା ତା ଆରମ୍
ଇନେର୍ ପୁନୁର୍ ।”
୨୮ ହେବେ ଜିସୁ ମନ୍ଦିର୍‌ତ ହିକ୍ୟା ହିଉ ହିଉ ଗାଜା କାଟ୍‌ତାଂ ଇଚାନ୍, ଏପେଙ୍ଗ୍ ନାଙ୍ଗେଙ୍ଗ୍ ଆରି ନା ଉବ୍‌ଜାଣ୍ ରିୟାଦେର୍
ପୁନାଦେର୍ ? ଆନ୍ ନିଜେତାଂ ୱାୱାତାଙ୍ଗ୍‌ନା, “ମାତର୍ ନା ପକ୍‌ତାତାକାନ୍ ହାଡ୍‌ପା, ତାଙ୍ଗେଙ୍ଗ୍ ଏପେଙ୍ଗ୍ ପୁନୁଦେରା ।
୨୯ ଆନ୍ ତାଙ୍ଗେଙ୍ଗ୍ ପୁନାଙ୍ଗ୍, ଇନାକିଦେଂକି ଆନ୍ ତା ତାକେଣ୍ଡାଂ ୱାତାଙ୍ଗ୍‌ନା, ଆରେ ହେୱାନ୍ ନାଙ୍ଗେଙ୍ଗ୍ ପକ୍‌ତାତାନ୍ନା ।
୩୦ ହେବେ ହେୱାର୍ ତାଙ୍ଗେଙ୍ଗ୍ ଆସ୍ତେଙ୍ଗ୍ ସେସ୍ଟା କିତାର୍; ମାତର୍ ଇନେର୍ ତା ଜପି କେଇ କିୱାତାର୍, ଇନାକିଦେଂକି ତା
ସମୁ ହେ ପାତେକ୍ ଏକା ୱାୱାଦାଙ୍ଗ୍ ମାଚାଡ୍ ।
୩୧ ମାତର୍ ମାନାୟାର୍ ବିତ୍ରେ ହେନି ତାତାକେ ପାତର୍ି କିଜି ଇଞ୍ଜେଙ୍ଗ୍ ଲାଗାତାର୍, ଇୱାନ୍ ଜେ ୱିଜାର୍ କାବାଆନି କାମାୟ୍
କିତାନ୍‌ନ୍ନା, କ୍ରିସ୍ଟ ୱାଜି ତା ତାକେଣ୍ଡାଂ ଇନାକା ଆଦିକ୍ କିନାନ୍ ?”

### ଜିସୁଙ୍ଗ୍ ବନ୍ଦି କିଦେଙ୍ଗ୍ କାନାକାରିଂ ପକ୍ତାର୍

୩୨ ପାରୁସିର୍ ମାନାୟାର୍ ତା ବିସ୍ରେ ବେଣ୍‌କିବାଆନାକା ୱେନ୍‌ଞ୍ଜି ଆରେ ମୁଡ୍ ମାପୁହେବାକିନାକାନ୍ ଆରି ପାରୁସିର୍
ତାଙ୍ଗେଙ୍ଗ୍ ଆହ୍‌ନି କାଜିଂ କାନାକାରିଂ ପକ୍ତାର୍ ।
୩୩ ହେବେ ଜିସୁ ଇଚାନ୍, “ଆନ୍ ଆରେ ଅଲପ୍ ସମୁ ମି ଲାହାଙ୍ଗ୍ ମାନ୍‌ଗାନାଙ୍ଗ୍ ଆରେ ପକ୍‌ତାତାକାନ୍ ତାକେ ହାନାଙ୍ଗା ।
୩୪ ଏପେଙ୍ଗ୍ ନାଙ୍ଗେଙ୍ଗ୍ ଡେକ୍ତାନାଦେର୍, ମତର୍ ଗାଟାଆଦୁଦେର୍; ଆରେ, ଆନ୍ ଇମେତାକେ ମାନାଙ୍ଗ୍, ଏପେଙ୍ଗ୍ ହେବେ
ହାଞ୍ଜେଙ୍ଗ୍ ଆଡୁଦେର୍ ।”
୩୫ ହେବେ ଜିହୁଦିର୍ ହେୱେର୍ ହେୱାର୍ ଇଚାର୍, “ଇୱାନ୍ ଇମେତାକେ ହାଞ୍ଜେଙ୍ଗ୍ ହଡ୍‌ତାନ୍‌ନା ଜେ, ଆସେଙ୍ଗ୍ ତାଙ୍ଗେଙ୍ଗ୍
ଗାଟାଆଉସ୍ ? ଇୱାନ୍ ଇନାକା ଗ୍ରିକ୍‌ନିକାର୍ ବିତ୍ରେ ଜେଡ୍ କେଡ୍ ଜିହୁଦିର୍ ତାକେ ହାଲ୍‌ଜି ଗ୍ରିକ୍‌ନିକାରିଂ ହିକ୍ୟା ହିଦେଂ
ହଡ୍‌ତାନ୍‌ନା ?
୩୬ ଏପେଙ୍ଗ୍ ନାଙ୍ଗେଙ୍ଗ୍ ଡେକ୍ତାନାଦେର୍, ମତର୍ ଗାଟା ଆଦୁଦେର୍, ଆରେ ଆନ୍ ଇମେତାକେ ମାନାଙ୍ଗ୍, ଏପେଙ୍ଗ୍ ହେବେ
ହାଞ୍ଜେଙ୍ଗ୍ ଆଡୁଦେର୍, ହେୱାନ୍ ଇ ଇମ୍‌ଣି କାତା ଇଚାନ୍, ହେ ଅରଡ୍ ଇନାକା ?”

### ଜିବୁନ୍ ହିନି ଜଡ଼ି

୩୭ ୱିସ୍ତି ନାଜିଂ, ଇଚିସ୍, ପାର୍ବୁନି ଗାଜା ଦିନ୍ତ, ଜିସୁ ନିଲ୍‌ଚି ଗାଜା କାଟ୍‌ତାଂ ଇଚାନ୍, ଇନେର୍ ଜଦି ଏସ୍‌କି ଆନାନ୍, “ଲାଗିଂ
ହେୱାନ୍ ନା ତାକେ ୱାୟେନ୍ ।
୩୮ ଦରମ୍ ସାସ୍ତର୍ ଲେକାଆତାଡ୍‌ନା, ଇନେନ୍ ନା ତାକେ ପାତର୍ି କିଜି ହେୱାନ୍ ଉଣେନ୍, ତା ୱାସ୍କିତାଂ ଜିବୁନ୍‌ନି ଏଜୁଂ
ଡ଼ିଜି ହାନିକ୍ ।”
୩୯ ତା ତାକେ ପାତର୍ି କିୱାକାର୍ ଇମ୍‌ଣି ଜିବୁନ୍ ପାୟାନି କାଜିଂ ହାଲ୍‌ଜି ମାଚାର୍, ଜିସୁ ବିସ୍ରେ ହେୱାନ୍ ଏପେଙ୍ଗ୍ ଇଚାନ୍,
ଇନାକିଦେଂକି ଜିସୁ ହେପାତେକ୍ ଜାଜ୍‌ମାଲ୍ ପାୟାଆୱି କାଜିଂ ହେୱାର୍ ପୁଇପୁୟା ଜିବୁନ୍ ପାୟା ଆୱାଦାଂ ମାଚାର୍ ।

### ମାନାୟାର୍ ବିତ୍ରେ ବାଗ୍‌ଆନାକା

୪୦ ଲାଗିଂ ମାନାୟାର୍ ବିତ୍ରେ ଇନେ ଇନେର୍ ଇ କାତା ୱେନ୍ଞ୍ଜି ଇଞ୍ଜେଙ୍ଗ୍ ଲାଗାତାର୍, “ଇୱାନ୍ ହାତ୍ପା ହେ ବେଣ୍ବାକ୍ଣାୟ୍କିନାକାନ୍ ।”
୪୧ ବିନେନିକାର୍ ଇଞ୍ଜେଙ୍ଗ୍ ଲାଗାତାର୍, “ଇୱାନ୍ କ୍ରିସ୍ଟ ।”
ମାତର୍ ଇନେ ଇନେର୍ ଇଞ୍ଜେଙ୍ଗ୍ ଲାଗାତାର୍, “ଇନାକା ମସିୟା ଗାଲିଲିତାଂ ୱାଉନ୍ !
୪୨ କ୍ରିସ୍ଟ ଜେ ଦାଉଦ୍ ଲାତ୍ରାତାଂ ଆରି ଦାଉଦ୍ ନିକାର୍ ଇମେତାକେ ମାଚାର୍, ହେ ବେତ୍ଲିହିମ୍ ନାସ୍ତାଂ ୱାନାନ୍, ଇଦାଂ ଇନାକା ଦରମ୍ ସାସ୍ତର୍ ବଚନ୍ ଇନୁତା ?”
୪୩ ଲାଗିଂ ମାନାୟାର୍ ବିତ୍ରେ ତା କାଜିଂ ବାଗ୍ଆନାକା ଗିଟା ଆତାତ୍ ।
୪୪ ଆରେ, ହେୱାର୍ ବିତ୍ରେତାଂ କେତେ ଜାଣ୍ ଆସ୍ତେଙ୍ଗ୍ ଇଚା କିଜି ମାଚାର୍, ମାତର୍ ଇନେର୍ ତା ଜପି କେଇ କିୱାତାର୍ ।

## ଜିହୁଦି ନେତାର୍ ପାତର୍ କିୱାଦାଂ ମାଚାର୍

୪୫ ୱିସ୍ତି ବିତ୍ରେ କାନାକାର୍ ମାସ୍ଦି ୱାତିଲେ ମୁଡ୍ ମାପ୍ପୁହେବାକିନାକାନ୍ ଆରି ପାରୁସିର୍ ତାକେ ମାସ୍ଦି ୱାତାର୍, ଆରେ ହେୱାର୍ ହେୱାରିଂ ୱେନ୍ବାତାର୍, “ଏପେଙ୍ଗ୍ ଇନାକିଦେଂ ତାଙ୍ଗେଙ୍ଗ୍ ତାସ୍ ୱାୱାତାଦେର୍ ?”
୪୬ କାନାକାର୍ ଉତର୍ ହିତାର୍, “ଇ ମାନାୟ୍ ଇନେସ୍କି କାତା ଇନାନ୍, ଇମ୍ଣି ମାନାୟ୍ ଇନାୱାଡ଼ାଂ ହେ ଲାକେ ଇନ୍ୱାତାଂନ୍ନା ।”
୪୭ “ହେବେ ପାରୁସିର୍ ହେୱାରିଂ ଉତର୍ ହିତାର୍,” ଏପେଙ୍ଗ୍ ପା ଇନାକା ବୁଲ୍କାଇ କିୟାତାଦେର୍ ?
୪୮ “ନେତାର୍ ବିତ୍ରେ କି ପାରୁସିର୍ ବିତ୍ରେ ଇନାକା ଇନେର୍ ତା ତାକେ ପାତର୍ କିନାରା, ଇଦାଂ ଏନ୍ ପୁନାୟ୍ ?
୪୯ ମାତର୍ ଇ ଇମ୍ଣି ଲଗୁ ମସାତି ବିଦି ପୁନୁର୍, ହେଦାଂ କାଜିଂ ଇୱାର୍ ୱିଜାର୍ ବାଗ୍ଇତ୍ୟାଆତି ମାନାୟାର୍ ।”
୫୦ ☆ଇମ୍ଣି ନିକଦିମ୍ ଇଦାଂ ପାଚେ ତା ତାକେ ୱାଜି ମାଚାନ୍ ଆରି ଜେ ହେୱାର୍ ବିତ୍ରେ ରୱାନ୍, ହେୱାନ୍ ହେୱାରିଂ ୱେନ୍ବାତାନ୍,
୫୧ “ର ମାନାୟ୍ ତାଙ୍ଗ୍ ପର୍ତୁମ୍ ୱେନ୍ୱାଦାଂ ଆରି ତା ମାନି ବିସ୍ରେ ପୁନ୍ୱାଦାଂ ମା ବିଦି ଇନାକା ତାଙ୍ଗେଙ୍ଗ୍ ଦସ୍ କିତାର୍ ?”
୫୨ “ହେୱାର୍ ତାଙ୍ଗେଙ୍ଗ୍ ଉତର୍ ହିତାର୍,” ଏପେଙ୍ଗ୍ପା ଇନାକା ର ଗାଲିଲି ମାନାୟ୍ ? ଗାଲିଲିତାଂ ଇମ୍ଣି ବେଣ୍ବାକ୍ଣାୟ୍କିନାକାନ୍ ହତୁର୍, “ଇଦାଂ ଇଟ୍କାଡ୍ କିଜି ହୁଡ଼ାଟ୍ ।”
୫୩ ଆରେ ହେୱାର୍ ୱିଜାର୍ ଜାର୍ ଜାର୍ ଇଞ୍ଜ ହାଚାର୍ ।

# ୮

## ଦାରି କିନି କଗ୍ଲେ

୧ ମାତର୍ ଜିସୁ ଜିତ୍ମାଡ଼ିତ ହାଚାନ୍ ।
୨ ଆର୍କାତ୍ ନାଜିଂ ହେୱାନ୍ ଆରେ ରଗ ମନ୍ଦିର୍ତ ୱାତାନ୍, ଆରେ ୱିଜାର୍ ମାନାୟ୍ ତା କଚଣ୍ତ ୱାତିଲେ, ହେୱାନ୍ କୁଚ୍ଚି ହେୱାରିଂ ହିକ୍ୟା ହିଦେଂ ଲାଗାତାନ୍ ।
୩ ଆରେ, ସାସ୍ତିର୍ ଆରି ପାରୁସିର୍ ଦାରି କାମାୟ୍ ଦାରାପଡ଼ା ଆତି ର କଗ୍ଲେହିମ୍ଣାଂ ତାସ୍ ୱାଜି ହେଦେଲିଂ ମାଦି ବାହାତ ନିଲି କିଜି ଜିସୁଙ୍ଗ୍ ଇଚାର୍,
୪ “ଏ ଗୁରୁ, ଇ କଗ୍ଲେହିମ୍ଣା ଦାରି କାମାୟ୍ କିନି ସମୁତ ଦାରାପଡ଼ା ଆତାତ୍ ।
୫ ଇ ଲାକେ କଗ୍ଲେକାଂ କାଲ୍କୁ ଇଡ଼୍ଜି ଅସ୍ତେଙ୍ଗ୍ ମସା ମାଙ୍ଗେଙ୍ଗ୍ ବିଦିତ ବଲ୍ ହିତ୍ନ୍ନା; ଲାଗିଂ ଏନ୍ ଇନାକା ଇଞ୍ଜ୍ନାୟା ?”
୬ ହେୱାର୍ ଇନେସ୍ ତାଙ୍ଗେଙ୍ଗ୍ ବେରୁତାଂ ଇନାର୍ ଇନାକିଦେଂକି ଗାଟା ଆନାର୍, ଇଦାଂ କାଜିଂ ହେୱାର୍ ତାଙ୍ଗେଙ୍ଗ୍ ପରିକ୍ୟା କିନି ବିସ୍ରେ ଇଦାଂ ଇଚାର୍ । ମାତର୍ ଜିସୁ ଟଡ଼୍ଜି ୱାଟ୍କାଙ୍ଗ୍ ହୁକେ ମେଦ୍ନିତ ଲେକିକିଦେଂ ଲାଗାତାନ୍ ।
୭ ହେୱାର୍ ହେବେ ନିଲ୍ଚି ଆରେ ୱେନ୍ବିତିଲେ, ହେୱାନ୍ କାପ୍ଡ଼ା ନିକ୍ଚି ହେୱାରିଂ ଇଚାନ୍, ମି ବିତ୍ରେତାଂ ଇନେର୍ ଇନାୱାଡ଼ାଂ ପା ଇନା ପାପ୍କିୱାତାନ୍ନା, “ହେୱାନ୍ ପର୍ତୁମ୍ ୱାଜି କାଲ୍ ଇଡ଼େନ୍ ।”
୮ ଆରେ ରଗ ହେୱାନ୍ ଟଡ଼୍ଜି ମେଦ୍ନିତ ଲେକିକିଦେଂ ଲାଗାତାନ୍ ।
୯ ହେଦାଂ ୱେନ୍ଞ୍ଜି ହେୱାର୍ ପ୍ରାଚିନାର୍ ତାଂ ଆରମ୍ କିଜି ରୱାନ୍ ରୱାନ୍ ଆଜି ୱିଜାର୍ ହସି ହାଞ୍ଜେଙ୍ଗ୍ ଲାଗାତାର୍, ଆରେ କେବଲ୍ ଜିସୁ ଆରି ମାଦି ହେ କଗ୍ଲେହିମ୍ଣାଂ ମାଚିକ୍ ।
୧୦ “ଆରେ ଜିସୁ କାପ୍ଡ଼ା ନିକ୍ଚି ତାଙ୍ଗେଙ୍ଗ୍ ଇଚାନ୍,” ଏ କଇ, ହେୱାର୍ ଇମେର୍ ? ଇନେର୍ ଇନାକା ନିଙ୍ଗେଙ୍ଗ୍ ଦାଣ୍ଡ ଇଞ୍ଜି ବିଚାର୍ କିୱାତାର୍ କି ?
୧୧ “ହେଦେଲ୍ ଇଚାତ୍, ଇନେର୍ ହିଲୁର୍ ମାପ୍ରୁ ।”
ହେବେ ଜିସୁ ଇଚାନ୍, “ଆନ୍ ପା ନିଙ୍ଗେଙ୍ଗ୍ ଦାଣ୍ଡ ହିଦ୍ନାଂ ଇଞ୍ଜି ବିଚାର୍ କିଦୁଙ୍ଗା; ହାଲା, ନେଞ୍ଜେଙ୍ଗ୍ ତାଙ୍ଗ୍ ଆରେ ପାପ୍ କିମା ।”

☆ **୭:୫୦** ଜହନ୍ ୩:୧,୨.

## ଜିସୁ ପୁତର୍ନି ଅଜଡ଼୍

୧୨ ଜିସୁ ଆରେ ରଗ ପାରୁସିରିଂ ଇଚାନ୍, “ଆନ୍ ପୁତର୍ନି ଅଜଡ଼୍” ଇନେର୍ ନା ପାଚେ ୱାନାର୍, “ହେୱାନ୍ ଇନାୱାଡ଼ାଂ ପା
ମାଜ୍‌ଗାତ ବୁଲା ଆଉନ୍, ଇଚିସ୍ ଜିବୁନ୍‌ନି ଅଜଡ଼୍ ପାୟା ଆନାନ୍ ।”
୧୩ ✡ହେବେ ପାରୁସିର୍ ତାଙ୍ଗେଙ୍ଗ୍ ଇଚାର୍, “ଏପେଙ୍ଗ୍ ଜାର୍ ଜାର୍‌ତିଂ ବିସ୍ରେ ସାକି ହିନାଦେରା, ମି ସାକି ହାଡ୍‌ପା ଆକାୟ୍
।”
୧୪ ଜିସୁ ହେୱାରିଂ ଉତର୍ ହିତାନ୍, ଆନ୍ ଜଦି ନିଜେ ବିସ୍ରେ ସାକି ହିଜିମ୍‌ମାନାଂ, ଲାଗିଂ ପାନା ସାକି ହାଡ୍‌ପା, ଇନାକିଦେଂକି
ଆନ୍ ଇମ୍‌ଣି ବାହାତାଂ ୱାତାଙ୍ଗ୍‌ନା ଆରି ଇମ୍‌ଣି ବାହାତାକେ ହାନାଙ୍ଗା, ହେଦାଂ ପୁନାଙ୍ଗ୍, “ମାତର୍ ଆନ୍ ଇମ୍‌ଣି ବାହାତାଂ
ୱାନାଙ୍ଗ୍ କି ଇମ୍‌ଣି ବାହାତ ହାନାଙ୍ଗ୍, ହେଦାଂ ଏପେଙ୍ଗ୍ ପୁନୁଦେର୍ ।
୧୫ ଏପେଙ୍ଗ୍ ମାନାୟାର୍ ବାବ୍ରେ ବିଚାର୍ କିଜି ମାନାଟ୍, ଆନ୍ ଇନେରିଂ ବିଚାର୍ କିଉଙ୍ଗ୍ ।
୧୬ ମାତର୍ ଆନ୍ ଜଦି ବିଚାର୍ କିନାଙ୍ଗ୍, ଲାଗିଂ ପାନା ବିଚାର୍ ହାଡ୍‌ପା; ଇନାକିଦେଂକି ଆନ୍ ରୱାଙ୍ଗ୍ ଆକାୟ୍, ମତର୍ ନାଙ୍ଗ୍
ପକ୍‌ତାତାକାନ୍ ଆବା ନା ଲାହାଙ୍ଗ୍ ମାନାନ୍ ।
୧୭ ଆରେ, ରିୟାର୍‌ତି ସାକି କାତା ସମାନ୍ ଆତିସ୍ ହେୱାର୍ ଇନାକା ଇନାରା ହେଦାଂ ହାଡ୍‌ପା, ଇଦାଂ ମି ବିଦିତ ପା ଲେକା
ମାନାଡ୍ ।
୧୮ ନା ନିଜେ କାଜିଂ ଆନ୍ ସାକି ହିନାଙ୍ଗା, ଆରେ ନାଙ୍ଗ୍ ପକ୍ତିତି ଆବା ନା ବିସ୍ରେ ସାକି ହିନାନା ।”
୧୯ ହେବେ ହେୱାର୍ ତାଙ୍ଗେଙ୍ଗ୍ ୱେନ୍‌ବେଦେଂ ଲାଗାତାର୍, “ମି ଆବା ଇମେନ୍ ?” ଜିସୁ ଉତର୍ ହିତାନ୍,

“ଏପେଙ୍ଗ୍ ନାଙ୍ଗେଙ୍ଗ୍ ପୁଞ୍ଜୁଦେର୍ କି ମାଞ୍ଜି ଆବାଂ ପା ପୁନୁଦେର୍ ଜଦି ନାଙ୍ଗ୍ ପୁନ୍‌ଚିସ୍, ଲାଗିଂ ମାଞ୍ଜି ଆବାଂ ପା ପୁଚାଦେର୍ମା
।”
୨୦ ମନ୍ଦିର୍‌ନି ଦାନ୍ ଇଟ୍‌ନି ପେଡ଼ିଙ୍ଗ୍ ଇଡ଼ଜି ମାଚି ଇଞ୍ଜ ଜିସୁ ଇ ୱିଜୁ କାତା ବିସ୍ରେ ହିକ୍ୟା ହିଜି ମାଚାନ୍, ଆରେ ଇନେର୍‌ପା
ତାଙ୍ଗେଙ୍ଗ୍ ଗେହ୍‌ନାକା କିୱାତାର୍ ଇନାକିଦେଂକି, ତା ସମୁ ଏକାୱାୱାଦାଂ ମାଚାଡ୍ ।

## ଜିସୁ ହାନି ବିସ୍ରେ ବେଣ୍‌ବାକ୍‌ଣାୟ୍ କିନାକା

୨୧ ଜିସୁ ଆରେ ରଗ ହେୱାରିଂ ଇଚାନ୍, “ଆନ୍ ହାନାଙ୍ଗା, ଆରେ ଏପେଙ୍ଗ୍ ନାଙ୍ଗ୍ ଡେକ୍ତାନାଦେର୍ ମାତର୍ ଏପେଙ୍ଗ୍ ଜାର୍
ଜାର୍ ପାପ୍‌ତ ହାନାଦେର୍, ଆନ୍ ଇମେତାକେ ହାନାଙ୍ଗା, ଏପେଙ୍ଗ୍ ହେବେ ହାଞ୍ଜେଙ୍ଗ୍ ଆଡୁଦେର୍ ।”
୨୨ ଜିହୁଦି ନେତାର୍ ଇଞ୍ଜେଙ୍ଗ୍ ଲାଗାତାର୍, “ଆନ୍ ଇମେତାକେ ହାନାଙ୍ଗା, ଏପେଙ୍ଗ୍ ହେବେ ହାଞ୍ଜେଙ୍ଗ୍ ଆଡୁର୍, ଇୱାନ୍
ଇନାକା କକ୍‌ଲାପାଟିୟା ଆଦେଂ ବାବି କିନାନା କି ।”
୨୩ ହେବେ ଜିସୁ ହେୱାରିଂ ଇଚାର୍, “ଏପେଙ୍ଗ୍ ଇ ପୁତର୍ତ ଜଲମ୍ ମାତର୍ ଆନ୍ ସାର୍ଗେତାଂ ୱାତାଙ୍ଗ୍‌ନା ଏପେଙ୍ଗ୍ ଇ
ପୁତର୍ନିକାଦେର୍ ମାତର୍, ଆନ୍ ଇ ପୁତର୍ନିକାଂ ଆକାୟ୍ ।
୨୪ ଲାଗିଂ ଏପେଙ୍ଗ୍ ଜେ ଜାର୍ ଜାର୍ ପାପ୍‌ତ ହାନାଦେର୍, ଆନ୍ ମିଙ୍ଗେଙ୍ଗ୍ ଇଦାଂ ଇନ୍‌ଚାଙ୍ଗ୍; ଇନାକିଦେଂକି ଆନ୍ ହେୱାଙ୍ଗ୍
ମାନାୟ୍, ଇଦାଂ ଏପେଙ୍ଗ୍ ପାତର୍ କିଦ୍‌ୱା ତାଦେର୍ ।”
୨୫ ହେବେ ହେୱାର୍ ତାଙ୍ଗେଙ୍ଗ୍ ୱେନ୍‌ବାତାର୍, “ଏନ୍ ଇନେନ୍ ?”
ଜିସୁ ହେୱାରିଂ ଇଚାନ୍, “ହେ କାତା ଆରମ୍ ତାଙ୍ଗ୍ ଇଞ୍ଜି ୱାନାଙ୍ଗା ?
୨୬ ମି ବିସ୍ରେ ଇଞ୍ଜେଙ୍ଗ୍ ଆରି ବିଚାର୍ କିଦେଙ୍ଗ୍ ଆନ୍ ମି ବିସ୍ରେ ବେସି ଇଞ୍ଜ୍‌ନାକା ମାନାଡ୍; ଇନେସ୍ ଆୟେଡ୍, ନାଙ୍ଗ୍
ପକ୍‌ତାତାକାନ୍ ହାଡ୍‌ପା, ଆରେ ଆନ୍ ତା ତାକେଣ୍ଡାଂ ଇନା ଇନାକା ୱେଚାଙ୍ଗ୍‌ନା, ହେଦାଂ ୱିଜୁ ପୁତର୍ତିଂ ୱେଚ୍‌ନାଙ୍ଗା ।”
୨୭ ଜିସୁ ଜେ ଆବା ବିସ୍ରେ ହେୱାରିଂ ଇଞ୍ଜି ମାଚାନ୍, ଇଦାଂ ହେୱାର୍ ବୁଜାଆୱାତାର୍ ।
୨୮ ଜିସୁ ଇଚାନ୍, “ଏଚେକାଡ଼୍‌ଦ ଏପେଙ୍ଗ୍ ମାନାୟ୍ ମାଜି ଜପି ପେସ୍‌ନାଦେର୍, ହେ ପାଦ୍‌ନା ଆନ୍ ଜେ ହେ ମାନାୟ୍ ଆରି
ଆନ୍ ନିଜେ ଆଦିକାର୍ ଇନାକା କିୱାଦାଂ ଇଚିସ୍ ଆବା ନାଙ୍ଗେଙ୍ଗ୍ ଇନେସ୍ ହିକ୍ୟା ହିଡ୍‌ତାନ୍, ହେ ଲାକେ ଇ ୱିଜୁ କାତା ଜେ
ଇଞ୍ଜ୍‌ନାଙ୍ଗା, ଇଦାଂ ଏପେଙ୍ଗ୍ ବୁଜାଆନାଦେର୍ ।
୨୯ ନା ପକ୍‌ତାତାକାନ୍ ହେୱାନ୍ ନା ଲାହାଙ୍ଗ୍ ମାନାନ୍; ହେୱାନ୍ ନାଙ୍ଗେଙ୍ଗ୍ ରୱାନିଂ ପିସ୍ତି ହାଞ୍ଜ୍‌ୱାତାନ୍, ଇନାକିଦେଂକି
ତାଦାଙ୍ଗ୍ ଇନାକା ମାନ୍ ହେଦାଂ ଆନ୍ କିନାଙ୍ଗ୍ ।”
୩୦ ଜିସୁତି ଇ ୱିଜୁ କାତା ୱେନ୍‌ଜି, ତା ତାକେ ପାତର୍ କିତାର୍ ।

## ହାଡ୍‌ପା ମିଙ୍ଗେଙ୍ଗ୍ ମୁକ୍‌ଡ଼ାୟ୍ କିଦ୍‌ନାଡ୍

୩୧ ଲାଗିଂ, ଜିସୁ ତାଙ୍ଗେଙ୍ଗ୍ ପାତର୍ କିଜି ମାନି ଜିହୁଦିରିଂ ଇଚାନ୍, “ଜଦି ଏପେଙ୍ଗ୍ ନା ହିକ୍ୟାତ ପାତର୍ କିଦ୍‌ନାଦେର୍ ତା
ଆତିସ୍, ଲାଗିଂ ଏପେଙ୍ଗ୍ ହାଡ୍‌ପା ନା ଚେଲା କାଦେର୍,
୩୨ ଆରେ ଏପେଙ୍ଗ୍ ହାଡ୍‌ପା ପୁନାଦେର୍ ଆରି ହେ ହାଡ୍‌ପା ମିଙ୍ଗେଙ୍ଗ୍ ମୁକ୍‌ଡ଼ାୟ୍ କିଦ୍‌ନାଡ୍ ।”
୩୩ “ହେୱାର୍ ତାଙ୍ଗେଙ୍ଗ୍ ଉତର୍ ହିତାର୍,” ଆପେଂ ଅବ୍ରାହାମ୍‌ନି ଲାତ୍ରା, ଇନାୱାଡ଼ାଂ ଇନେର୍ ଆଡ଼ିଏନ୍ ଆୱାତାଇନା,
“ଲାଗିଂ ଏପେଙ୍ଗ୍ ମୁକ୍‌ଡ଼ା ଆନାଦେର୍ ଇଞ୍ଜି ଏପେଙ୍ଗ୍ ଇନେସ୍ ଇନାଦେରା ? ଇ ଅରଡ୍ ଇନାକା ?”

---
✡ ୮:୧୩ ଜହନ୍ ୫:୩୧.

୩୪ ଜିସୁ ହେୱାରିଂ ଉତର୍ ହିତାନ୍, "ହାଡ଼୍ପା ହାଡ଼୍ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା, ଇନେର୍‌କି ପାପ୍ କିତାର୍, ହେୱାନ୍
ପାପ୍‌ନି ହଲ୍ୟା ।
୩୫ ହଲ୍ୟା ଜାଇଜୁଗ୍ ଇଞ୍ଜ ମାନ୍‌ଗୁନ୍, ମାତର୍ ମାଜି ଜୁଗ୍ ଜୁଗ୍ ମାନ୍‌ଗାନାନ୍ ।
୩୬ ଲାଗିଂ, ମାଜି ଜଦି ମିଙ୍ଗେଙ୍ଗ୍ ମୁକ୍ତାୟ୍ କିଦ୍‌ନାନ୍, ତା ଆତିସ୍ ଏପେଙ୍ଗ୍ ହାଡ଼୍ପାରଚେ ମୁକ୍ଡ଼ା ଆନାଦେର୍ ।
୩୭ ଏପେଙ୍ଗ୍ ଜେ ଅବ୍ରାହାମ୍‌ନି ଲାତ୍ରା, ହେଦାଂ ଆନ୍ ପୁନାଙ୍ଗ୍; ମାତର୍ ନା ବଚନ୍ ମି ୱାସ୍ୱିତ ହିଲ୍‌ୱିତିଲେ ଏପେଙ୍ଗ୍
ନାଙ୍ଗେଙ୍ଗ୍ ଅସ୍ତେଦେଂ ସେସ୍ଟା କିଦ୍‌ନାଦେରା ।
୩୮ ମାଞ୍ଜି ଆବା ତାକେ ଇନା ଇନାକା ହୁଡ଼୍‌ତାଙ୍ଗ୍‌ନା, ହେଦାଂ ଆନ୍ ଇଞ୍ଜ୍‌ନାଙ୍ଗା, ମାତର୍ ମି ଆବା ଇଞ୍ଜ୍‌ନି ଲାକେ ଏନ୍
କାମାୟ୍ କିନାୟା ।"

## ସୟତାନ୍ ମେହି

୩୯ ହେୱାର୍ ତାଙ୍ଗେଙ୍ଗ୍ ଉତର୍ ହିତାର୍, "ଅବ୍ରାହାମ୍ ମା ଆବା ଆଦ୍‌ନାନ୍ ।" ଜିସୁ ହେୱାରିଂ ଇଚାନ୍,
"ଜଦି ଏପେଙ୍ଗ୍ ଅବ୍ରାହାମ୍ ମେହି, ତା ଆତିସ୍ ଲାଗିଂ ଅବ୍ରାହାମ୍‌ତି କାମାୟ୍ କିତା ଦେର୍‌ମା;
୪୦ ମାତର୍ ଇନେର୍ ଇସ୍ୱର୍ ତାକେଣ୍ଡାଂ ୱେନ୍‌ଞ୍ଜି ମାନି ହାଡ଼୍ପା ପିସ୍ତି ମିଙ୍ଗେଙ୍ଗ୍ ଇଞ୍ଜୁଙ୍ଗା, ଏଲେଙ୍ଗ୍‌ବାତର୍ ମାନାୟ୍ ଜେ
ଆନ୍, ନାଙ୍ଗେଙ୍ଗ୍ ଏପେଙ୍ଗ୍ ନଙ୍ଗ୍ ଅସ୍ତେଙ୍ଗ୍ ସେସ୍ଟା କିଦ୍‌ନାଦେରା; ଅବ୍ରାହାମ୍ ଏଲେଙ୍ଗ୍ କାମାୟ୍ କିୱାଦାଂ ମାଚାନ୍ ।
୪୧ ଏପେଙ୍ଗ୍ ମି ଆବାତି କାମାୟ୍ ସବୁ କିନାଦେରା ।"
"ହେୱାର୍ ତାଙ୍ଗେଙ୍ଗ୍ ଇଚାର୍, ଆପେଂ ଦାରିତାଂ ଜଲମ୍ ଆୱାତାପ୍‌ନା; ମା ରୱାନ୍ ମତର୍ ଆବା, ହେୱାନ୍ ଇସ୍ୱର୍ ।"
୪୨ ଜିସୁ ହେୱାରିଂ ଇଚାନ୍, "ଇସ୍ୱର୍ ଜଦି ହାଡ଼୍ପା ମି ଆବା, ତାଆତିସ୍ ଏପେଙ୍ଗ୍ ନାଙ୍ଗେଙ୍ଗ୍ ଜିଉ ନଡ଼୍‌ତାଦେର୍ମା;
ଇନାକିଦେଂକି ଆନ୍ ଇସ୍ୱର୍ ତାକେଣ୍ଡାଂ ୱାତାଙ୍ଗ୍‌ନା; ଆନ୍ ନିଜେ ତାଙ୍ଗ୍ ୱାୱାତାଙ୍ଗ୍‌ନା, ମାତର୍ ହେୱାନ୍ ନାଙ୍ଗେଙ୍ଗ୍
ପକ୍‌ତାତାନ୍ ।
୪୩ ଆନ୍ ଇନାକା ଇଞ୍ଜ୍‌ନାଙ୍ଗ୍ ଏପେଙ୍ଗ୍ ଇନାକିଦେଂ ବୁଜା ଆଉଦେରା ? ଇନେକିଦେଂକି ଏପେଙ୍ଗ୍ ନା ହିକ୍ୟା ୱେନ୍‌ଞ୍ଜି
ଇଟ୍‌ଦେଂ ଆଡୁଦେରା ।
୪୪ ଏପେଙ୍ଗ୍ ମି ଆବା ସୟତାନ୍ ତାଙ୍ଗ୍ ହଡ୍‌ତାନ୍‌ନା, ଆରେ ମି ଆବାତି କାମାୟ୍ ମାନି କିଦେଙ୍ଗ୍ ମିଙ୍ଗେଙ୍ଗ୍ ମାନ୍ । ହେୱାନ୍
ଆଗେତାଂ ନାର୍‌ଅହ୍‌ନାକାନ୍, ଆରେ ହେୱାନ୍ ହାଡ଼୍ପା ମାନୁନ୍, ଇନାକିଦେଂକି ତା ତାକେ ସତ୍ ହିଲୁତ୍ । ହେ ପାଦ୍‌ନା
ହେୱାନ୍ ମିଚ୍ ଇନାନ୍, ହେ ପାଦ୍‌ନା ହେୱାନ୍ ଜାର୍‌ତାଂ ଇନାନ୍; ଇନାକିଦେଂକି ହେୱାନ୍ ମିଚ୍‌ୱା ଆରି ମିଚ୍ ଇନି ଆବା
।
୪୫ ମାତର୍ ଆନ୍ ହାଡ଼୍ପା ଇଞ୍ଜିଲେ ଏପେଙ୍ଗ୍ ନାଙ୍ଗେଙ୍ଗ୍ ପାତର୍ କିଦୁଦେରା ।
୪୬ ନା ତାକେ ପାପ୍ ମାନାଡ଼୍ ଇଞ୍ଜି ମି ବିତ୍ରେତାଂ ଇନେର୍ ସାକି ହିନାନା ? ଆନ୍ ଏଚେକୋଡ଼୍‌ଦ ହାଡ଼୍ପା ଇନାଙ୍ଗ୍, ଲାଗିଂ
ଏପେଙ୍ଗ୍ ଇନାକିଦେଂ ନାଙ୍ଗେଙ୍ଗ୍ ପାତର୍ କିଦୁଦେରା ?
୪୭ ଇନେର୍ ଇସ୍ୱର୍ ତାକେଣ୍ଡାଂ ଜଲମ୍ ଆତାନ୍ନା, ହେୱାନ୍ ଇସ୍ୱର୍ ବଚନ୍ ୱେନାନ୍; ଇଦାଂ କାଜିଂ ଏପେଙ୍ଗ୍ ୱେନୁଦେରା,
ଇନାକିଦେଂକି ଏପେଙ୍ଗ୍ ଇସ୍ୱର୍‌ତାଂ ଜଲମ୍ ଆୱାତାଦେର୍ଣ୍ଡା ।"

## ଜିସୁ ଆରେ ଅବ୍ରାହାମ୍

୪୮ ଜିହୁଦିର୍ ତାଙ୍ଗେଙ୍ଗ୍ ୱେନ୍‌ବାତାର୍, "ଏନ୍ ଜେ ରୱାୟ୍ ସମିରଣିୟତି ଆରି ନିଙ୍ଗେଙ୍ଗ୍ ଜେ ପୁଦା ଡୁଡ଼୍‌ତାଡ଼୍‌ନା, ଇଦାଂ
ଇନାକା ଆପେଂ ସମାନ୍ ଇଞ୍ଜ୍‌ୱାଦାଂ ମାନ୍‌ଚାପ୍ କି ?"
୪୯ ଜିସୁ ଉତର୍ ହିତାନ୍, "ନାଙ୍ଗେଙ୍ଗ୍ ପୁଦା ଡୁଦ୍‌ୱାତାଡ଼୍‌ନା," ମାତର୍ ଆନ୍ ମାଞ୍ଜି ଆବାଂ ମାନି କିନାଙ୍ଗା, ଆରେ ଏପେଙ୍ଗ୍
ନାଙ୍ଗେଙ୍ଗ୍ ମାନିକିଦୁଦେରା ।
୫୦ ମାତର୍ ଆନ୍ ନିଜେ ଜାର୍‌ତିଂ ଜାଜ୍‌ମାଲ୍ ଦାସ୍‌ତେଂ କଙ୍ଗ୍; ମାତର୍ ଇ କାତା ଆନେଂ ଦାହ୍‌ନାଙ୍ଗା ଆରି ବିଚାର୍ କିଉଙ୍ଗା,
ଏପେଙ୍ଗ୍ ଆରେ ରୱାନ୍ ମାନ୍‌କିନାନ୍ ହେୱାନ୍ ଇଞ୍ଜି ମାନାନ୍ ।
୫୧ ହାଡ଼୍ପା ହାଡ଼୍ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଜଦି ଇନେର୍ ନା ବଚନ୍ ପାଲି କିନାନ୍, ତା ଆତିସ୍ ହେୱାନ୍ ମୁଡ଼୍‌କେ
ହାଉନ୍ ।
୫୨ ଜିହୁଦିର୍ ତାଙ୍ଗେଙ୍ଗ୍ ଇଚାର୍, "ନଙ୍ଗ୍ ଆପେଂ ପୁନ୍‌ଚାପ୍ ଜେ, ହାଡ଼୍ପା ନିଙ୍ଗେଙ୍ଗ୍ ପୁଦା ଡୁଡ୍‌ତାଡ଼୍‌ନା, ଅବ୍ରାହାମ୍ ଆରି
ବେଣ୍‌ବାକ୍‌ଣାୟ୍‌କିନାକାର୍ ହାତାରେ, ଆରେ ଏନ୍ ମୁଡ଼୍‌କେ ହାଉୟି ।
୫୩ ଏନ୍ ଇନାକା ମା ଆବା ଅବ୍ରାହାମ୍ ତାଙ୍ଗ୍ ଗାଜା ? ହେୱାନ୍ ତ ହାତାନେ, ବେଣ୍‌ବାକ୍‌ଣାୟ୍‌କିନାକାନ୍ ପା ହାତାନେ,
ଏନ୍ ଜାର୍‌ତିଂ ଇନେର୍ ଇଞ୍ଜି ଇନାୟା ?"
୫୪ ଜିସୁ ଉତର୍ ହିତାନ୍, "ଆନ୍ ଜଦି ଜାର୍‌ତିଂ ପାଦ୍ କିତାଙ୍ଗ୍‌ମା, ଲାଗିଂ ନା ଜାଜ୍‌ମାଲ୍ ଇନାକା ଆକାୟ୍; ଇନେର୍ ନାଙ୍ଗ୍
ପାଦ୍ ପାୟା ଆନି କାଜିଂ ନା ଆବା ଇନେରିଂ ଏପେଙ୍ଗ୍ ମି ଇସ୍ୱର୍ ଇଞ୍ଜି ଇନାଦେରା;
୫୫ ଏପେଙ୍ଗ୍ ଇନାୱାଡ଼ାଂ ତାଙ୍ଗେଙ୍ଗ୍ ପୁନୁଦେରା, ଆନ୍ ତାଙ୍ଗେଙ୍ଗ୍ ପୁନାଙ୍ଗ୍ । ଆନ୍ ତାଙ୍ଗେଙ୍ଗ୍ ପୁନୁଙ୍ଗ୍ ଇଞ୍ଜି ଜଦି ଇନାଙ୍ଗ୍,
ମି ଲାକେ ଆନ୍ ପା ମିଚ୍‌ୱା ଆନାଙ୍ଗ୍, ମାତର୍ ହାଡ଼୍ପା ଆନ୍ ତାଙ୍ଗେଙ୍ଗ୍ ପୁନାଙ୍ଗ୍ ଆରି ତା ବଚନ୍ ପାଲି କିନାଙ୍ଗ୍ ।

୫୬ ମିଦାଙ୍ଗ୍ ଆବା ଅବ୍ରାହାମ୍ ନା ୱାନାକା ହୁଡ଼୍ଦେଂ ଆଡ଼୍ଦାନାଂ ଇଞ୍ଜି ଆହା କିଜି ଅବ୍ରାହାମ୍ ୱାର୍ରୟା ଆତାନ୍, ଆରେ ହେୱାନ୍ ହେଦାଂ ହୁଡ଼୍ଜି ୱାରି କିତାନ୍ ।”
୫୭ ହେବେ ଜିହୁଦିର୍ ତାଙ୍ଗେଙ୍ଗ୍ ଇଚାର୍, “ନିଙ୍ଗ୍ ତ ନଙ୍ଗ୍ ପାତେକ୍ ପଚାସ୍ ବାର୍ହୁ ବୟସ୍ ଆୱାତାଡ୍ନା, ଏନ୍ ଇନାକା ଅବ୍ରାହାମ୍ତି ହୁଡ଼୍ତାୟ୍ନା ?”
୫୮ “ଜିସୁ ହେୱାରିଂ ଇଚାନ୍,” ହାଡ୍ପା ହାଡ୍ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା, “ଅବ୍ରାହାମ୍ ଜଲମ୍ ପୁର୍ବେତାଂ ଆନ୍ ମାନାଙ୍ଗ୍ ।”
୫୯ ହେବେ ହେୱାର୍ ତା ଜପି ଇଡ଼୍ଦେଂ କାଲ୍କୁ ପେସ୍ତାର୍, ମାତର୍ ଜିସୁ କାଲେ ମନ୍ଦିର୍ତାଙ୍ଗ୍ ହସି ହାଚାନ୍ ।

# ୯

## ଜଲମ୍ କାଣାଂ ଉଜ୍ କିତାନ୍

୧ ଜିସୁ ହାନି ସମୁତ ର ଜଲମ୍ କାଣାଂ ହୁଡ଼୍ତାନ୍ ।
୨ ଆରେ, ତା ଚେଲାହିର୍ ତାଙ୍ଗେଙ୍ଗ୍ ୱେନ୍ବାତାର୍, “ଏ ଗୁରୁ ଇନେର୍ ପାପ୍ କିତିଲେ ଇୱାନ୍ କାଣା ଆଜି ଜ଼ଲମ୍ ଆତାନ୍ ? ନିଜେ କି ଇୱାନ୍ ଆବା ଆୟା ପାପ୍ କାଜିଂ ?”
୩ ଜିସୁ ଉତର୍ ହିତାନ୍, “ଇୱାନ୍ କି ଇୱାନ୍ ଆବା ଆୟା ପାପ୍ କିୱାତାର୍, ମାତର୍ ଇସ୍ୱର୍ ସାକ୍ତି କାମାୟ୍ ଇନେସ୍କି ଇୱାନ୍ ତାକେ ହପ୍ନାଡ୍, ଇଦାଂ କାଜିଂ କାଣା ଆଜି ଜ଼ଲମ୍ ଆତାନ୍ନା ।
୪ ଦିନ୍ ମାନୁ ମାନୁ ନା ପକ୍ତାତାକାନ୍ କାମାୟ୍ କିନାକା ଦାଇଡ୍; ଇମ୍ଣି ସମୁତ ଏପେଙ୍ଗ୍ ନାଣା ୱାନାତା ଇନେର୍ କାମାୟ୍ କିଦେଙ୍ଗ୍ ଆଡୁର୍ ।
୫ ✡ଇ ପୁତର୍ିତ ମାନି ପାତେକ୍, ଆନ୍ ପୁତର୍ିନି ଅଜଡ଼୍ ।”
୬ ଇଦାଂ ଇଞ୍ଜି ହେୱାନ୍ ଚିକ୍ଲାତ ଚୁପ୍ତାନ୍ ହେ ଏୱିଡ଼ିଂତାଂ ଚିକ୍ଲା କିତାନ୍, ଆରେ ତା ରି କାଣ୍କୁକାଂ ଚିକ୍ଲା କାସ୍ତାନ୍ ଆରି ତାଙ୍ଗେଙ୍ଗ୍ ଇଚାନ୍ ହାଲା,
୭ “ସିଲହ ଅନୁବାଦ୍ କିତାନ୍, ଇଦାଂ ଅରଡ୍ ପକ୍ୟାତାକା ବାନ୍ଦ୍ତ ନୁସ୍ୟାୟା ଆ । ହେବେ ହେୱାନ୍ ହସି ହାଲ୍ଜି ନୁସ୍ୟାୟା ଆତାନ୍ । ଆରି କାଣ୍କୁ ହୁଡ଼୍ଜି ହାଚାନ୍ ।”
୮ ଲାଗିଂ ହାଙ୍ଗ୍ଦାକାର୍, ଆରେ ଇମ୍ଣାକାର୍ ତାଙ୍ଗେଙ୍ଗ୍ ଆଗେତାଂ ରୱାନ୍ ବିକାରି ଇଞ୍ଜି ହୁଡ଼୍ଜି ମାଚାର୍, ହେୱାର୍ ୱେନ୍ବାତାର୍, “ଇନେନ୍ କୁଚ୍ଚି ବିକ୍ୟା ଏନ୍ଚି ମାଚାନ୍, ଇୱାନ୍ ଇନାକା ହେୱାନ୍ ଆକାୟ୍ ?”
୯ ଇନେ ଇନେର୍ ଇଚାର୍, “ଇୱାନ୍ ହେୱାନ୍, ଆରେ ଇନେ ଇନେର୍ ଇଚାର୍, ଆକାୟ୍, ଇୱାନ୍ ତା ଲାକେ ।”
ମାତର୍ ହେୱାନ୍ ଇଚାନ୍, “ଆନ୍ ହେ ମାନାୟ୍ ।”
୧୦ “ହେବେ ହେୱାର୍ ତାଙ୍ଗେଙ୍ଗ୍ ଇଚାର୍, ତା ଆଡିସ୍ ନି କାଣ୍କୁ ଇନେସ୍ ହୁଡ଼୍ତାୟ୍ ?”
୧୧ ହେୱାନ୍ ଉତର୍ ହିତାନ୍, “ଇନେରିଂ ଜିସୁ ଇଞ୍ଜି ଇନାର୍, ହେ ମାନାୟ୍ ଚାଟ୍କାୟ୍ କିଜି ନା ରି କାଣ୍କୁକାଂ କାସ୍ଦାତାନ୍, ଆରେ ନାଙ୍ଗେଙ୍ଗ୍ ଇନ୍ଚାନ୍, ସିଲହତ ହାଲ୍ଜି ନୁସ୍ୟାୟା; ଲାଗିଂ ଆନ୍ ହସି ହାଲ୍ଜି ନୁସ୍ୟାୟା ଆତାଙ୍ଗ୍ ଆରି କାଣ୍କୁ ହୁଡ଼୍ତାଙ୍ଗ୍ ।”
୧୨ “ହେୱାର୍ ତାଙ୍ଗେଙ୍ଗ୍ ୱେନ୍ବାତାର୍,” ହେୱାନ୍ ଜେ ?
ହେୱାନ୍ ଇଚାନ୍, “ଆନ୍ ପୁନୁଙ୍ଗ୍ ।”

## ପାରୁସିର୍ ଇ କାମାୟ୍ ଦାସ୍ତାର୍

୧୩ ଇନେନ୍ ଜଲମ୍ କାଣା ମାଚାନ୍, ହେୱାର୍ ତାଙ୍ଗେଙ୍ଗ୍ ପାରୁସିର୍ ତାକେ ତାହିୱାତାର୍ ।
୧୪ ଜିସୁ ଇମ୍ଣି ଦିନା ଚାଟ୍କାୟ୍ କିଜି ତା କାଣ୍କୁ ଉଜ୍ କିଜି ମାଚାନ୍, ହେ ଦିନା ଜମ୍ନିବାର୍ ।
୧୫ ଲାଗିଂ, ହେୱାନ୍ ଇନେସ୍ କାଣ୍କୁ ହୁଡ଼୍ତାନ୍, ଇଦାଂ ପାରୁସିର୍ ପା ତାଙ୍ଗେଙ୍ଗ୍ ଆରେ ରଗ ୱେନ୍ବେଦେଂ ଲାଗାତାର୍ । ହେବେ ହେୱାନ୍ ହେୱାରିଂ ଇଚାନ୍, “ହେୱାନ୍ ନା କାଣ୍କୁକାଂ ଚିକ୍ଲା କାସ୍ଦାତାନ୍, ପାଚେ ଆନ୍ ନୁସ୍ୟାୟା ଆତାଙ୍ଗ୍ ଆରି ହୁଡ଼୍ଦେଂ ଆଡ୍ନାଂ ।”
୧୬ ତା ପାଚେ ପାରୁସିର୍ ପା ଇନେ ଇନେର୍ ଇଚାର୍, “ହେ ମାନାୟ୍ ଇସ୍ୱର୍ ତାକେ ୱାୱାତାନ୍ନା, ଇନାକିଦେଂକି ହେୱାନ୍ ଜମ୍ନିବାର୍ ପାଲି କିୱାତାନ୍ନା ।”
ଆରେ, ଇନେ ଇନେର୍ ଇଚାର୍, “ପାପି ଲଗୁ ଇନେସ୍ ଇ ଲାକେ କାବାଆନି କାମାୟ୍ ସବୁ କିଦେଙ୍ଗ୍ ଆଡ୍ନାନ୍ ?” ଏଲେଙ୍ଗ୍ ବାବ୍ରେ ହେୱାର୍ ବିଡ୍ରେ ଇନ୍ବା ଆତାର୍ ।
୧୭ ଲାଗିଂ ହେୱାର୍ ଆରେ ରଗ ହେ କାଣା ଲଗାଂ ୱେନ୍ବାତାର୍, “ହେୱାନ୍ ଜେ ନି କାଣ୍କୁ ଉଜ୍ କିଡ୍ତାନ୍, ଇବେ ଏନ୍ ତା ବିସ୍ରେ ଇନାକା ଇନାୟା ?”
“ହେୱାନ୍ ଇଚାନ୍,” ହେୱାନ୍ ରୱାନ୍ ବେଣ୍ବାକ୍ଣାୟ୍କିନାକାନ୍ ।

---
✡ **୯:୫** ମାତିଉ ୫:୧୪; ଜହନ୍ ୮:୧୨.

୧୮ ହେୱାନ୍ ଜେ କାଣା ମାଚାନ୍ ଆରେ କାଣ୍କୁ ହୁଡ଼୍ତାନ୍ନା, ହେ କାଣ୍କୁ ପାୟା ଆତି ଲକ୍ ଆବା ଆୟାଂ କୁକ୍ଚି ୱେନ୍‌ବିୱି
ପାଚେକ୍ ଜିହୁଦି ନେତାର୍ ତା ବିସ୍ରେ ଇଦାଂ ପାତର୍ କିୱାତାର୍ ।
୧୯ ହେୱାର୍ ହେୱାରିଂ ୱେନ୍‌ବାତାର୍, “ମି ଇମ୍ଣି କାଡ଼୍ଦେ କାଣା ଆଜି ଜ଼ଲମ୍ ଆଜି ମ଼ାଚାନ୍ ଇଞ୍ଜି ଇନାଦେରା, ଇୱାନ୍
ଇନାକା ମି ହେ କାଡ଼୍ଦେ ? ତା ଆଡିସ୍ ହେୱାନ୍ ଇନେସ୍ ନଙ୍ଗ୍ ହୁଡ଼୍ଦେଂ ଆଡ଼୍ନାନା ?”
୨୦ ହେବେ ତା ଆବା ଆୟା ଉତର୍ ହିତାର୍, “ଇୱାନ୍ ଜେ ମା ମାଜି ଆ଼ରି ଇୱାନ୍ ଜେ କାଣା ଆଜି ଜ଼ଲମ୍ ଆଜି ମ଼ାଚାନ୍,
ଇଦାଂ ଆପେଂ ପୁନାପ୍;
୨୧ ମାତର୍ ହେୱାନ୍ ଇନେସ୍ ନଙ୍ଗ୍ ହୁଡ଼୍ନାନା, ହେଦାଂ ପୁନୁଦେରା, କି ଇନେର୍ ତା କାଣ୍କୁ ଉଜ୍ କିତାନ୍, ହେଦାଂ ପା
ଆପେଂ ପୁନୁପା; ତାଙ୍ଗେଙ୍ଗ୍ ୱେନ୍‌ବାଟ୍, ହେୱାନ୍ ତ ବେଣ୍ଡିୟା, ହେୱାନ୍ ଜାର୍ କାତା ନିଜେ ଇନାନ୍ ।”
୨୨ ତା ଆବା ଆୟା ଜିହୁଦିରିଂ ପାଣ୍ଡ୍ରା ଆନି କାଜିଂ ଇ ୱିଜୁ କ଼ାତା ଇଚାର୍, ଇନାକିଦେଂକି ଜଦି ଇନେର୍ ତାଙ୍ଗେଙ୍ଗ୍ କ୍ରିସ୍ଟ
ଇଞ୍ଜି ପାତର୍ କିନାନ୍, ତା ଆଡିସ୍ ହେୱାନ୍ କୁଟୁମ୍ ପାଗ୍ରି କିୟାଆନାତ୍ ଇଞ୍ଜି ଇବେଣ୍ଡାଂ ଜିହୁଦିର୍ ର କାତା କିଜି ମ଼ାଚାର୍ ।
୨୩ ହେଦାଂ କାଜିଂ, ତା ଆବା ଆୟା ଇଚାର୍, “ହେୱାନ୍ ବେଣ୍ଡିୟା, ତାଙ୍ଗେଙ୍ଗ୍ ୱେନ୍‌ବାଟ୍ ।”
୨୪ ହେବେ ଆଗ୍ଦେ କାଣା ମାଚି ମାନାୟ୍‌ତିଂ ହେୱାର୍ ରିହା କୁକ୍ଚି ଇଚାର୍, ଇସ୍ୱର୍‌ତିଂ ପାଦ୍ ହିୟାଟ୍, “ହେ ମାନାୟ୍ ଜେ
ପାପି, ଇଦାଂ ଆପେଂ ପୁନାପ୍ ।”
୨୫ “ହେବେ ହେୱାନ୍ ଉତର୍ ହିତାନ୍,” ହେୱାନ୍ ପାପି କି ଆକାୟ୍, “ଆନ୍ ହେଦାଂ ପୁନୁଙ୍ଗ୍; ଆନ୍ ର ବିସ୍ରେ ପୁନାଙ୍ଗ୍, ଆନ୍
କାଣା ମାଚାଙ୍ଗ୍, ନଙ୍ଗ୍ ହୁଡ଼୍ଦେଂ ଆଡ଼୍ନାଂ ।”
୨୬ “ଲାଗିଂ ହେୱାର୍ ତାଙ୍ଗେଙ୍ଗ୍ ଇଚାର୍, ହେୱାନ୍ ନିଙ୍ଗେଙ୍ଗ୍ ଇନାକା କିତ୍ତାନ୍ ? ହେୱାନ୍ ଇନେସ୍ କିଜି ନି କାଣ୍କୁ ଉଜ୍
କିତ୍ତାନ୍ ?”
୨୭ “ହେୱାନ୍ ହେୱାରିଂ ଉତର୍ ହିତାର୍,” ଆନ୍ ୱେଚ୍ଚାତାଂ, “ଆରେ ଏପେଙ୍ଗ୍ ୱେନ୍‌ୱାତାଦେର୍; ଇନାକିଦେଂ ଆରେ
ରଗ ୱେଞ୍ଜେଙ୍ଗ୍ ମାନ୍‌କିନାଦେରା ? ଏପେଙ୍ଗ୍ ପା ଇନାକା ତା ଚେଲାହିର୍ ଆଦେଂ ମାନ୍ କିନାଦେରା ?”
୨୮ ହେବେ ହେୱାର୍ ତାଙ୍ଗେଙ୍ଗ୍ ବାଗ୍ଇଡ଼ିଜି ଇଚାର୍, “ଏନ୍ ହେୱାନ୍ତି ଚେଲା, ମାତର୍ ଆପେଂ ମସା ଚେଲାକାପ୍ ।
୨୯ ଆପେଂ ପୁନାପ୍ ଜେ ଇସ୍ୱର୍ ମସାଙ୍ଗ୍ କାତା ଇଚାନ୍ନା, ମାତର୍ ଇ ମାନାୟ୍ ଇମେଣ୍ଡାଂ ୱାତାନ୍‌ନା, ହେଦାଂ ପା ଆପେଂ
ପୁନୁପ୍ ।”
୩୦ ହେ ମାନାୟ୍ ହେୱାରିଂ ଉତର୍ ହିତାନ୍, “ହେୱାନ୍ ନା କାଣ୍କୁ ଉଜ୍ କିତ୍ତାନ୍, ଆରେ ହେୱାନ୍ ଇମେଣ୍ଡାଂ ୱାତାନ୍ନା,
ହେଦାଂ ଏପେଙ୍ଗ୍ ପୁନୁଦେର୍, ଇଦାଂ ତ କାବାଆନି କାତା ।
୩୧ ଇସ୍ୱର୍ ଜେ ପାପିର୍ କାତା ୱେନୁନ୍, ଇଦାଂ ଆପେଂ ପୁନାପ୍, ମାତର୍ ଜଦି ଇନେର୍ ଇସ୍ୱର୍ ହେବା କିନାକାନ୍ ଆଜି ତ଼ା
ଇଚା ମାନି କିନାନ୍, ତା ଆଡିସ୍ ହେୱାନ୍ ତା କାତା ୱେନାର୍ ।
୩୨ ଆରମ୍ ସମୁତାଂ ଇନେନ୍ ଜଲମ୍ କାଣା କାଣ୍କୁ ଉଜ୍ କିଜି ମ଼ାଚାନ୍, ଇଦାଂ ତ ଇନାୱାଡ଼ାଂ ପା ୱେନ୍ୟା ଆୱାଦାଂ
ମାଚାତ୍ ।
୩୩ ଇୱାନ୍ ମାନାୟ୍ ଇସ୍ୱର୍ ତାକେଣ୍ଡାଂ ୱାୱାଦାଙ୍ଗ୍ ମାଚିସ୍ ଲାଗିଂ ଇ କାମାୟ୍ କିଦେଙ୍ଗ୍ ଆଡ଼୍ୱାତାନ୍‌ମା ।”
୩୪ ହେୱାର୍ ତାଙ୍ଗେଙ୍ଗ୍ ଉତର୍ ହିତାର୍, “ଏନ୍ ତ ନିଜେ ପାପ୍‌ତ ଜଲମ୍ ଆତାୟ୍, ଆରେ ପାପ୍‌ତ ଗାଜା ଆତାୟ୍ ଏନ୍
ମାଙ୍ଗେଙ୍ଗ୍ ହିକ୍ୟା ହିଦ୍‌ନାୟା ?” ହେବେ ହେୱାର୍ ତାଙ୍ଗେଙ୍ଗ୍ ବାରି କିତାର୍ ।

## ଜିବୁନ୍ କାଣ୍କୁ ହୁଡ଼୍ୱାକା

୩୫ ହେୱାର୍ ଜେ ତାଙ୍ଗେଙ୍ଗ୍ ଗୁଡି ଇଞ୍ଜାଙ୍ଗ୍ ବାରି କିତାର୍ ଇଞ୍ଜି, ଜିସୁ ଇଦାଂ ୱେନ୍‌ଜି ତାଙ୍ଗେଙ୍ଗ୍ ବେଟା ଆଜି ଇ଼ଚାନ୍, “ଏନ୍
ଇନାକା ମାନାୟ୍ ମାଜିତ଼ାକେଣ୍ଡାଙ୍ଗ୍ ପାତର୍ କିନାୟା ?”
୩୬ ହେୱାନ୍ ଉତର୍ ହିତାନ୍, “ଏ ମାପୁ, ହେୱାନ୍ ଇନେନ୍ ୱେଚ୍ଚା, ଇନେସ୍ ଆନ୍ ତା ତାକେ ପାତର୍ କିନାଙ୍ଗ୍ ?”
୩୭ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, “ଏନ୍ ତାଙ୍ଗେଙ୍ଗ୍ ହୁଡ଼୍ନାୟା, ଆରେ ଇନେନ୍ ନି ଲାହାଙ୍ଗ୍ ବେଣ୍ ଇନାନ୍ନା, ଇୱାନ୍ ହେୱାନ୍
।”
୩୮ “ହେବେ ହେୱାନ୍ ଇଚାନ୍,” ମାପୁ ଆନ୍ ପାତର୍ କିନାଙ୍ଗା; ଆରେ, ହେୱାନ୍ ତାଙ୍ଗେଙ୍ଗ୍ ଜୱାର୍ କିତାନ୍ ।
୩୯ ଆରେ ଜିସୁ ଇଚାନ୍, ହୁଡ଼୍ୱି “ମାନାୟାର୍ ଇନେସ୍ ହୁଡ଼୍ନାର୍ ଆରି ହୁଡ଼୍ନି ମାନାୟାର୍ ଇନେସ୍‌କି ହୁଡ଼୍ରୁ, ଇ ବିଚାର୍
କାଜିଂ ଆନ୍ ପୁତର୍ତ ଜଗତ୍‌ତ ୱାତାଙ୍ଗ୍‌ନା ।”
୪୦ ପାରୁସିର୍ ବିତ୍ରେ ଇମ୍ଣାକାର୍ ତା ଲାହାଙ୍ଗ୍ ମାଚାର୍, “ହେୱାର୍ ଇଦାଂ ୱେନ୍‌ଜି ତାଙ୍ଗେଙ୍ଗ୍ ଇଚାର୍, ଆପେଂ ପା ଇନାକା
କାଣା ?”
୪୧ ଜିସୁ ହେୱାରିଂ ଇଚାନ୍, ଜଦି “କାଣା ଆଜି ମ଼ାଚିସ୍, ତା ଆଡିସ୍ ଏପେଙ୍ଗ୍ ପାପ୍ ଆତାମ୍ଆ । ମାତର୍ ଆପେଂ ହୁଡ଼୍ନାପା,
ଇଦାଂ ନଙ୍ଗ୍ ଇନାଦେରା; ଏପେଙ୍ଗ୍ ପାପ୍‌ତ ମାନାଦେର୍ ।”

# ୧୦

## ମେଣ୍ଡା ଗଡ଼ିୟାନି କାତା

୧ ହାଡ୍‌ପା ହାଡ୍‌ପା, “ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଇନେର୍ ଦୁୱେର୍‌ତିଂ ମେଣ୍ଡାହାଡ଼ା ତାକେ ହଣ୍‌ଗିୱିତିସ୍, ମତର୍ ବିନେ
ଇମ୍‌ଣି ହାଜି ଡ଼ୁମ୍‌ଜି ହଣାନ୍, ହେୱାନ୍ ଚର୍ ଆରି ଡାକୁ;
୨ ଇନେନ୍ ଦୁୱେର୍‌ତିଂ ହଣାନ୍, ହେୱାନ୍ ମେଣ୍ଡାଙ୍ଗ୍‌ନି ଗଡ଼ିୟା ।
୩ ହଲ୍ୟାହି ତା କାଜିଂ ଦୁୱେର୍ ଜେସି ହିନାନ୍, ପାଚେ ମେଣ୍ଡାଂ ତା କାଟ୍ ୱେନ୍‌ଞ୍ଜି, ଆରେ ହେୱାନ୍ ତା ମେଣ୍ଡାକାଂ ତର୍
ଆଜି କୁକ୍‌ଚି ବାର୍ଡ ହପ୍‌ଚି ତାଇ ୱାନାନ୍ ।
୪ ହେୱାନ୍ ତା ମେଣ୍ଡାଂ ୱିଜୁ ହପ୍‌ଚି ହେୱାକାଂ ଆଗେ ଆଗେ ମେଣ୍ଡା ଗଡ଼ିୟା ତାଙ୍ଗ୍‌ନାନ୍ ଆରି ମେଣ୍ଡାଂ ତା ପାଚେ ପାଚେ
ତାଙ୍ଗ୍‌ନିକ୍, ଇନାକିଦେଂକି ହେୱାଙ୍ଗ୍ ତା କାଟ୍ ପୁନିକ୍;
୫ ମାତର୍ ହେୱାଙ୍ଗ୍ ଚିନ୍‌ହିଲ୍‌ୱାକାର୍ ପାଚେ ପାଚେ ଇନାୱାଡ଼ାଂ ପା ହାଲୁକ୍, ମତର୍ ତା ଲାଗାଂତିଂ ହନ୍‌ଚି ହାନିକ୍,
ଇନାକିଦେଂକି ହେୱାଙ୍ଗ୍ ଚିନ୍‌ହିଲ୍‌ୱାକାର୍ କାଟ୍ ଆଣ୍‌ଗା ଆଉକ୍ ।”
୬ ଜିସୁ ହେୱାରିଂ ଇ ଉତର୍‌ମୁଡ଼୍ ଇଚାନ୍, ମାତର୍ ହେୱାନ୍ ହେୱାରିଂ ଇନା ଇନାକା ଇଞ୍ଜି ମାଚାର୍, ହେ ସବୁ ଇନାକା ଇଞ୍ଜି
ହେୱାର୍ ବୁଜା ଆୱାତାର୍ ।

## ହାଦର୍ ମେଣ୍ଡା ଗଡ଼ିୟା ଇସ୍ୱର୍

୭ ଲାଗିଂ ଜିସୁ ଆରେ ରଗ ଇଚାନ୍, “ହାଡ୍‌ପା ହାଡ୍‌ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଆନ୍ ମେଣ୍ଡାଂ ଦୁୱେର୍ ।
୮ ଇମ୍‌ଣାକାର୍ ନା ଆଗେ ୱାନାରା, ହେୱାର୍ ୱିଜାର୍ ଚର୍କୁ ଆରି ଡାକୁର୍, ମାତର୍ ମେଣ୍ଡାଂ ୱିଜୁ ହେୱାର୍ କାତା ୱେନୁକ୍ ।
୯ ନା ଦୁୱେର୍, ଜଦି ଇନେର୍ ନାଙ୍ଗ୍ ହିଜି ହଣାର୍, ତା ଆତିସ୍ ହେୱାନ୍ ରାକ୍ୟା ପାୟା ଆନାନ୍ ଆରି ବିତ୍ରେ ୱାଜି ଆରି
ବାର୍ଡ ହାଲ୍‌ଜି ଚାରା ଗାଟା ଆନାନ୍ ।
୧୦ ଚର୍ କେବଲ୍ ୱାନାନ୍ ଚର୍ କିଦେଙ୍ଗ୍, ଅସ୍ତେଙ୍ଗ୍ ଆରି ନସ୍ଟ କିନି କାଜିଂ; ହେୱାର୍ ଇନେସ୍‌କି ଜିବୁନ୍ ପାୟା ଆନାର୍
ଆରି ବେସି ପାୟା ଆନାର୍, ଇଦାଂ କାଜିଂ ଆନ୍ ୱାତାଙ୍ଗ୍‌ନା ।”
୧୧ “ଆନ୍ ହାଦର୍ ମେଣ୍ଡା ଗଡ଼ିୟା ଆନାଙ୍ଗ୍; ମେଣ୍ଡାଂ କାଜିଂ ଆନ୍ ଜିବୁନ୍ ହିନାଙ୍ଗ୍ ।
୧୨ ଇନେନ୍ ମେଣ୍ଡା ଗଡ଼ିୟା ଆକାୟ୍, ମତର୍ କାମ୍‌ଲିୟା, ମେଣ୍ଡାଂ ଇମ୍‌ଣିକିଙ୍ଗ୍ ନିଜାର୍‌ତି ଆକାୟ୍, ହେୱାନ୍ ହୁଣ୍ଡେର୍‌ବୁର୍କା
ୱାନାକା ହୁଡ଼୍‌ଜି ମେଣ୍ଡାକାଂ ପିସ୍ତି ହନ୍‌ନାନ୍, ଆରେ ହୁଣ୍ଡାର୍ ବୁର୍କା ହେୱାକାଂ ଆସ୍ତି ଚିର୍‌ବିର୍ କିନିକ୍ ।
୧୩ ଆଦି ଅଜି ମେଣ୍ଡାଂ କାଜିଂ ମାନାନ୍ ହେୱାନ୍ ହାନାନ୍, ଇନାକିଦେଂକି ହେୱାନ୍ ରୱାନ୍ କାମ୍‌ଲିୟା ମତର୍ ମେଣ୍ଡାଂ କାଜିଂ
ଚିନ୍ତା କିଉନ୍ ।
୧୪ ଆନ୍ ହାଦର୍ ମେଣ୍ଡା ଗଡ଼ିୟା । ଆବା ଇନେସ୍‌କି ନାଙ୍ଗେଙ୍ଗ୍ ପୁଞ୍ଜ୍‌ନାନ୍ ଆରି ଆନ୍ ଆବାଂ ପୁନାଙ୍ଗ୍,
୧୫ ଆନ୍ ହେ ଲାକେ ପୁନାଙ୍ଗ୍ ଆନ୍ ନା ଜାର୍ ମେଣ୍ଡାକାଂ ପୁନାଙ୍ଗ୍, ଆରେ ହେୱାନ୍ ନା ଜାର୍‌ତି ମେଣ୍ଡାଂ ନାଙ୍ଗେଙ୍ଗ୍ ପୁଞ୍ଜ୍‌ନିକ୍,
ଆରେ ମେଣ୍ଡାଂ କାଜିଂ ଆନ୍ ନା ଜିବୁନ୍ ହିଦେଂ ରେଡି ।
୧୬ ଇମ୍‌ଣି ମେଣ୍ଡାଂ ଇ ମେଣ୍ଡାହାଡ଼ାତ ଆକାୟ୍, ନା ଏଲେଙ୍ଗ୍ ଆଲ୍‌ଗା ମେଣ୍ଡାଂ ମାନିକ୍, ହେୱାକାଂ ପା ନାଙ୍ଗ୍ ତାହିୱାଦେଂ
ଆନାଡ୍, ଆରେ ହେୱାଙ୍ଗ୍ ନା କାଟ୍ ୱେଞ୍ଜ୍‌ନିକ୍; ହେବେ ର ଦାଡ଼୍ ଆରି ର ମାନ୍ଦା ଆନିକ୍ ।”
୧୭ “ଆନ୍ ନା ଜିବୁନ୍ ଦାନ୍ କିନାଙ୍ଗ୍ ମାନ୍ କିନାଙ୍ଗା ଆବା ନାଙ୍ଗେଙ୍ଗ୍ ଜିଉନନାନ୍, ଆରେ ଆନ୍ ନା ଜିବୁନ୍ ଆରେ ରଗ
ମାନିକିନି କାଜିଂ ହେଦାଂ ଦାନ୍ କିଡ୍‌ତାନ୍ ।
୧୮ ଇନେର୍ ନା ତାକେଣ୍ଡାଂ ହେଦାଂ ଅଦେଂ ଆଡୁର୍, ମତର୍ ଆନ୍ ନିଜେ ହେଦାଂ ଦାନ୍ କିନାଙ୍ଗ୍ । ହେଦାଂ ଦାନ୍ କିଦେଙ୍ଗ୍
ନା ଆଦିକାର୍ ମାନାଡ୍ ଆରି ହେଦାଂ ଆରେ ରଗ ମାନି କିଦେଙ୍ଗ୍ ନା ଆଦିକାର୍ ମାନାଡ୍ । ଆନ୍ ମାଞ୍ଜି ଆବାତାଂ ଇ ବଲ୍
ପାୟା ଆତାଙ୍ଗ୍‌ନା ।”
୧୯ ଇ ୱିଜୁ ବେଣ୍ କାଜିଂ ଜିହୁଦିର୍ ବିତ୍ରେ ଆରେ ରଗ ପାଗ୍ରି କିତାର୍ ।
୨୦ ହେୱାର୍ ବିତ୍ରେ ହେନି ଇଞ୍ଜେଙ୍ଗ୍ ଲାଗାତାର୍, “ତାଙ୍ଗେଙ୍ଗ୍ ପୁଦା ଡୁତାଡ୍‌ନା, ହେୱାନ୍ ପାଗ୍‌ଲା, ଇନାକିଦେଂ ତା କାତା
ୱେନାଦେରା ?”
୨୧ ବିନେନିକାର୍ ଇଚାର୍, “ଇ ୱିଜୁ କାତା ତ ପୁଦା ଡୁୟାଆତି ମାନାୟ୍‌ତିଂ ଆକାୟ୍; ପୁଦା ଇନାକା କାଣାଂ କାଣ୍‌ଙ୍ଗା ଉଜ୍
କିଦେଙ୍ଗ୍ ଆଡ୍‌ନାନ୍ ?”

## ଜିସୁଙ୍ଗ୍ ମାନି କିୱାତାର୍

୨୨ ହେ ସମୁ ପିନିମାସ୍ ମାଚାଡ୍, ହେୱାଡ଼ାଂ ଜିରୁସାଲମ୍‌ତ ମନ୍ଦିର୍ ରଚ୍‌ନି ପାର୍ବୁ ଆତାଡ୍;
୨୩ ଆରେ ଜିସୁ ମନ୍ଦିର୍‌ତ ସଲମନ୍ ମଣ୍ଡମ୍‌ତ ବୁଲାଆଜି ମାଚାର୍ ।
୨୪ ହେବେ ଜିହୁଦିର୍ ତାଙ୍ଗେଙ୍ଗ୍ ଚାରିବେଣ୍‌ତାଂ ବେଡ଼ିକିଜି ୱାସ୍କିନି କାତା ୱେନ୍‌ବେଦେଂ ଲାଗାତାର୍, “ଆରେ
ଏଚେକାଡ଼୍‌ଦ ଦିନ୍ ମାଙ୍ଗେଙ୍ଗ୍ ହାବଡ଼୍‌ତ ଇଡ଼୍‌ଦାନାୟ୍ ? ଜଦି ଏନ୍ କ୍ରିସ୍ଟ ତା ଆତିସ୍ ମାଙ୍ଗେଙ୍ଗ୍ ହାର୍ କିଜି ୱେଚ୍‌ଚା ।”
୨୫ ଜିସୁ ହେୱାରିଂ ଉତର୍ ହିତାନ୍, ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ମାତର୍ ଏପେଙ୍ଗ୍ ପାତର୍ କିଉଦେରା; ମା ଆବା ତର୍‌ଦାଂ
ଆଦିକାର୍ ପାୟା ଆତାଙ୍ଗ୍‌ନା ଆନ୍ ଇମ୍‌ଣି ଇମ୍‌ଣି କାମାୟ୍ କିନାଙ୍ଗା, ହେ ସବୁ ନା ବିସ୍ରେ ସାକି ହିନାଙ୍ଗା;

²⁶ ମାତର୍ ଏପେଙ୍ଗ୍ ପାତର୍ଁ କିଉଦେରା, ଇନାକିଦେଂକି ଏପେଙ୍ଗ୍ ନା ମେଣ୍ଡାଂ ଆକାୟ୍ ।
²⁷ ନା ମେଣ୍ଡାଂ ୱିଜୁ ନା କାଟ୍ ୱେନିକ୍ ଆରି ଆନ୍ ହେୱାକାଂ ପୁନାଙ୍ଗ୍, ଆରେ ହେୱାଙ୍ଗ୍ ନା ପାଚେ ପାଚେ ୱାନିକ୍,
²⁸ ଆରେ ଆନ୍ ହେୱାକାଂ ୱିଜ୍ୱି ଜିବୁନ୍ ହିନାଙ୍ଗ୍, ଆରେ ହେୱାଙ୍ଗ୍ ଇନାୱାଡ଼ାଂ ପା ବୁଡାଆଉକ୍, ଆରେ ଇନେର୍ ନା
କେଇତାଂ ହେୱାକାଂ କ୍ଷିସ୍ତି ଅଦେଂ ଆଡୁର୍ ।
²⁹ ମା ଆବା ନାଙ୍ଗେଙ୍ଗ୍ ଇନାକା ହିଡ଼୍ନା, ହେଦାଂ ସବୁ ତାକେଣ୍ଡାଂ ବେସି ଦାମ୍, ଆରେ ଆବା କେଇଦାଂ ଇନେର୍ ହେଦାଂ
କ୍ଷିସ୍ତି ଅଦେଂ ଆଡୁର୍ ।
³⁰ ଆବା ଆରି ଆନ୍ ଏକ୍ ।
³¹ ଇ କାତା ୱେନ୍‌ଞ୍ଜି ଆରେ ଜିହୁଦିର୍ ତାଙ୍ଗେଙ୍ଗ୍ ଇଡ଼୍‌ଦେଂ କାଜିଂ ଆରେ ରଗ କାଲ୍‌କୁ ପେସ୍ତାର୍ ।
³² ଜିସୁ ହେୱାରିଂ ଉତର୍ ହିତାନ୍, "ଆନ୍ ଆବା ତାକେଣ୍ଡାଂ ବେସି ହାଦର୍ଁ କାମାୟ୍ ମିଙ୍ଗେଙ୍ଗ୍ ଚଚ୍‌ଚାତାଂନା; ହେ ସବୁ
କାମାୟ୍ ବିତ୍ରେ ଇମ୍‌ଣି କାମାୟ୍ କାଜିଂ ନାଙ୍ଗ୍ ଅସ୍ତେଦେଂ କାଲ୍‌କୁ ଡେକ୍‌ନାଦେରା ?"
³³ ଜିହୁଦିର୍ ତାଙ୍ଗେଙ୍ଗ୍ ଉତର୍ ହିତାର୍, "ହାଦର୍ଁ କାମାୟ୍ କାଜିଂ ଆପେଂ ନିଙ୍ଗେଙ୍ଗ୍ କାଲ୍ ଇଡ଼୍‌ଦୁପା, ମାତର୍ ଇସ୍ୱର୍‌ତିଂ
ନିନ୍ଦା କାଜିଂ, ଆରେ ଏନ୍ ମାନାୟ୍ ଆଜି ଜାର୍‌ତିଂ ଇସ୍ୱର୍ ବଲାୟ୍‌ଆନାୟା ।"
³⁴ ଜିସୁ ହେୱାରିଂ ଉତର୍ ହିତାନ୍, "ମି ମସାତି ବିଦିତ ଇଦାଂ ଇନାକା ଲେକା ହିଲୁଡ଼୍, ଇସ୍ୱର୍ ଇଚାନ୍, ଏପେଙ୍ଗ୍ ଇସ୍ୱର୍ ?
³⁵ ଆପେଂ ପୁନାପ୍ ସାସ୍ତର୍ ବଚନ୍ ଜୁଗ୍ ଜୁଗ୍ ହାଡ଼୍‌ପା । ଇସ୍ୱର୍‌ତି ବେରଣ୍ ଇମ୍‌ଣାକାର୍ ତାକେ ହତାଡ଼୍‌ନା, ହେୱାରିଂ
ଇବେ ଇସ୍ୱର୍ ଇଚାନ୍ନା ।
³⁶ ତା ଆତିସ୍ ଇନେରିଂ ଇସ୍ୱର୍ ପୁଇପୁୟା କିଜି ପୁତର୍ଁତ ପକ୍‌ତାନ୍, ତାଙ୍ଗେଙ୍ଗ୍ ଇନାକା ଏପେଙ୍ଗ୍, ଆନ୍ ଇସ୍ୱର୍‌ତି ମାଜି,
ଇଦାଂ ଆନ୍ ଇଞ୍ଜିଲେ, ଏନ୍ ଇସ୍ୱର୍‌ତିଂ ନିନ୍ଦା କିନାୟା ଇଞ୍ଜି ଇନାଦେରା ?
³⁷ ଜଦି ଆନ୍ ମାଞ୍ଜି ଆବାତି କାମାୟ୍ ସବୁ କିୱିତିସ୍, ତାଆତିସ୍ ନାଙ୍ଗେଙ୍ଗ୍ ପାତର୍ଁ କିଦ୍‌ମାଟ୍;
³⁸ ମାତର୍ ଜଦି ଆନ୍ ତା ଇଚା ମାନି କିନାଙ୍ଗ୍, ତା ଆତିସ୍ ପାତର୍ଁ କିୱିତିସ୍ ପା, ନା କାମାୟ୍ ହୁଡ଼୍‌ଜି ପାତର୍ଁ କିୟାଟ୍
ଲାଗିଂ ଏପେଙ୍ଗ୍ ହାଡ଼୍‌ପା ବାବ୍ରେ ପୁଞ୍ଜେଙ୍ଗ୍ ଆଡ଼୍‌ନାଦେର୍, ନା ଆବା ଇସ୍ୱର୍ ନା ତାକେ ମାନାନ୍ ।"
³⁹ ହେବେଣ୍ଡାଂ ହେୱାର୍ ତାଙ୍ଗ୍ ଆସ୍ତେଙ୍ଗ୍ ଇଞ୍ଜି ଆରେ ରଗ ସେସ୍ଟା କିଦେଙ୍ଗ୍ ଲାଗାତାର୍, ମାତର୍ ହେୱାନ୍ ହେୱାର୍
କେଇଦ ଆହ୍‌ୟା ଆୱାଦାଂ ହସି ହାଚାନ୍ ।
⁴⁰ ✡ଇଦାଂ ପାଚେ ଇସ୍ୱର୍ ଆରେ ରଗ ଜର୍ଦନ୍‌ନି ଆନ୍‌ଟି ପାଡ଼୍‌କା ହାଲ୍‌ଜି, ଜହନ୍ ଇମ୍‌ଣି ବାହାତ ହିଗ୍‌ଦ ବାପ୍ତିସିମ୍ ହିଜି
ମାଚାନ୍, ହେ ବାହାତ ହାଲ୍‌ଜି ହେବେ ମାନ୍‌ଗାତାନ୍ ।
⁴¹ ଆରେ, ହେନି ତା ତାକେ ୱାଜି ଇଚାର୍, "ଜହନ୍ ହିନା ଇନାକାପା କାବାଆନି କାମାୟ୍ କିୱାତାନ୍," ମାତର୍ ଇ ମୁଣିକା
ବିସ୍ରେ ଜହନ୍ ଜେ ୱିଜୁ କାତା ଇଚାନ୍, "ହେଦାଂ ସବୁ ହାଡ଼୍‌ପା ।"
⁴² ଆରେ, ହେ ବାହାତ ହେନି ମାନାୟାର୍ ତା ତାକେ ପାତର୍ଁ କିତାର୍ ।

# ୧୧

## ଲାଜାର୍‌ତି ହାକି

¹ ✡ବେଡ଼୍‌ନିୟା ନିକାନ୍ ଲାଜାର୍ ତର୍‌ଦାକାନ୍ ରୱାନ୍ ମାନାୟ୍ ବେମାର୍ ମାଚାନ୍; ମରିୟମ୍ ଆରି ତା ତଣ୍‌ଦେହି ମାର୍ତା
ହେ ନାସ୍ତ ମାଚିକ୍ ।
² ✡ଇ ମରିୟମ୍ ମାପୁଙ୍ଗ୍ କାଲ୍ ଜପି ବାସ୍‌ନା ଚିକାଣ୍‌ତାଂ ନେନ୍‌ଦି ତା ତେମୁଲ୍‌ତାଂ ତା ପାନା ନୁଜ୍‌ଜି ମାଚାଡ଼୍ ତା ଟଣ୍ଡାହି
ଲାଜାର୍ ବେମାର୍ ମାଚାନ୍,
³ ଲାଗିଂ ହେ ତଣ୍‌ଦେକ୍ ତା ତାକେ କାବୁର୍ ପକ୍ତିକ୍, "ମାପୁ, ହୁଡ଼ା, ଇନେରିଂ ଏନ୍ ୱାରି କିନାୟା, ହେୱାନ୍ ବେମାର୍‌ତ
ମାନାନ୍ ।"
⁴ ଇ କାବୁର୍ ଜିସୁ ୱେନ୍‌ଞ୍ଜି ଇଚାନ୍, "ଇ ରଗ୍‌ତ ଲାଜାର୍ ହାଉନ୍, ମାତର୍ ମାପୁତି ଜାକ୍‌ମାଲ୍ କାଜିଂ, ଇନେସ୍‌କି ଇ ଲାକେ
ଇସ୍ୱତର୍ଁ ମାଜି ଜାକ୍‌ମାଲ୍ ପାୟା ଆନାର୍ ।"
⁵ ଜିସୁ ମାର୍ତା, ମରିୟମ୍ ତା ତଣ୍‌ଦେହି ଆରେ ଲାଜାର୍‌ତିଂ ଜିଉ ନଜି ମାଚାନ୍ ।
⁶ ଆତିସ୍‌ପା, ଲାଜାର୍ ବେମାର୍‌ତ ମାନାନ୍ ଇଞ୍ଜି ଏଚେକାଡ଼୍‌ଦ ହେୱାନ୍ ୱେଚାନ୍, ହେ ପାଦ୍‌ନା ହେୱାନ୍ ଇମ୍‌ଣି ବାହାତ
ମାଚାନ୍, ହେ ବାହାତ ଆରେ ରି ଦିନ୍ ମାଚାନ୍ ।
⁷ ତା ପାଚେ ଜିସୁ ଚେଲାରିଂ ଇଚାନ୍, "ଜାଡ ଆସେଙ୍ଗ୍ ଆରେ ରଗ ଜିହୁଦା ଦେସ୍‌ତ ମାସ୍‌ଦି ହାନାସ୍ ।"
⁸ ଚେଲାର୍ ଜିସୁଙ୍ଗ୍ ଇଚାର୍, "ଏ ଗୁରୁ," ଜିହୁଦିର୍ ନିଙ୍ଗେଙ୍ଗ୍ କେଡ଼୍‌ଦିନ୍ ଆଗେ ଇଡ଼୍‌କାଦେଂ ସେସ୍ଟା କିଜି ମାନ୍‌ଚାର୍, "ଆରେ
ଏନ୍ ଆରି ରଗ ହେବେ ହାନାୟା ?"

✡ **୧୦:୪୦** ଜହନ୍ ୧:୨୮. ✡ **୧୧:୧** ଲୁକ ୧୦:୩୮,୩୯. ✡ **୧୧:୨** ଜହନ୍ ୧୨:୩.

୯ ଜିସୁ ଉତର୍ ହିତାନ୍, "ୱେଡ଼ାଲିଂ ଇନାକା ବାର ଗଣ୍ଟା ଆକାୟ୍ ? ଇନେର୍ ୱେଡ଼ାଲିଂ ତାଙ୍ଗ୍‌ତିସ୍ ଉଜ୍‌ର୍, ଇନାକିଦେଂକି
ହେୱାନ୍ ଇ ପୁର୍ତିନି ଅଜଡ଼୍ ହୁଡ଼୍‌ନାନ୍;
୧୦ ମାତର୍ ନାଣା ତାଙ୍ଗ୍‌ତିସ୍ ହେୱାନ୍ ଉଜ୍‌ନାନ୍, ଇନାକିଦେଂକି ୱାସ୍କିତ ଅଜଡ଼୍ ହିଲୁତ୍ ।"
୧୧ ଜିସୁ ଇ ୱିଜୁ କାତା ଇଚି ପାଚେ ହେୱାରିଂ ଆରେ ଇଚାନ୍, "ମା ବନ୍ଧୁ ଲାଜାର୍ ହୁଞ୍ଜ୍‌ନାନା, ମାତର୍ ତାଙ୍ଗ୍ ହୁନ୍‌ଚାକାନିଂ
ନିକ୍‌ନି କାଜିଂ ଆନ୍ ହାନାଙ୍ଗା ।"
୧୨ ହେବେତାଂ ଚେଲାହିର୍ ତାଙ୍ଗ୍ ଇଞ୍ଜି ମାଚାର୍, ମାପ୍ରୁ, "ଜଦି ହେୱାନ୍ ହୁନ୍‌ଚାନ୍‌ନା ତା ଆତିସ୍ ହେୱାନ୍ ଉଜ୍ ଆନାନ୍ ।"
୧୩ ଜିସୁ ଲାଜାର୍ ହାତି ବିସ୍ରେ ଇଚାନ୍, ମାତର୍ ହେୱାନ୍ ହୁନ୍‌ଞ୍ଜ୍‌ନି ବିସ୍ରେ ଇଚାନ୍ ଇଞ୍ଜି ହେୱାର୍ ବାବିକିତାର୍ ।
୧୪ ହେଦାଂ କାଜିଂ ଜିସୁ ହେ ପାଦ୍‌ନା ହେୱାରିଂ ହାର୍‌ଦାଂ ଇଚାନ୍, "ଲାଜାର୍ ହାତାନ୍‌ନା;
୧୫ ଆରେ, ଆନ୍ ଜେ ହେବାତ ହିଲ୍‌ୱିତିସ୍, ଇଦାଂ ଲାଗିଂ ମି କାଜିଂ ୱାରି କିନାଙ୍ଗା, ଇନେସ୍‌କି ଏପେଙ୍ଗ୍ ପାର୍ତି
କିନାଦେର୍; ମାତର୍ ଜାଡୁ, ଆସେଙ୍ଗ୍ ତା କଚଣ୍ ହାନାସ୍ ।"
୧୬ ହେବେତାଂ ତମା, ଇନେରିଂ ଦିଦୁମ୍ ଇଞ୍ଜି ଇନାର୍, ହେୱାନ୍ ଜାର୍ ହାଙ୍ଗ୍ ଚେଲାହିରିଂ ଇଚାନ୍, "ଜାଡୁ ଆସେଙ୍ଗ୍ ପା
ଗୁରୁ ଲାହାଙ୍ଗ୍ ହାଲ୍‌ଜି ତା ଲାହାଂ ହାନାସ୍ ।"

## ଜିସୁ ଆରେ ରଗ ନିଙ୍ଗ୍‌ଜି ଜିନାନ୍

୧୭ ଜିସୁ ବେତ୍‌ନ୍ୟାତ ଏକିସ୍ ୱେଚାନ୍ ଜେ, ହେୱାନ୍ ଦୁଗେର୍‌ତ ଇଡ଼୍‌ଜି ଚାରି ଦିନ୍ ଆତାତ୍ ଦୁଗେର୍‌ତ ଇଟ୍ୟା ଆତାନେ ।
୧୮ ବେତ୍‌ନିୟା ଜିରୁସାଲମ୍ କଚଣ୍‌ତ ମାଚାତ୍, ଆନ୍‌ମାନ୍‌ତାଂ ତିନି କିଲମିଟର୍ ଦେହା;
୧୯ ଆରେ, ଜିହୁଦି ଦେସ୍‌ନି ହେନି ମାନାୟ୍ ବିତ୍ରେ ମାର୍ତା ଆରି ମରିୟମ୍‌ତିଂ ହେୱାର୍‌ତି ଟଣ୍ଡେନ୍ ବିସ୍ରେ ଦୁକ୍‌ଜାଣାଇ
କିଦେଙ୍ଗ୍ କାଜିଂ ହେୱାର୍ କଚଣ୍ ୱାଜି ମାଚାର୍ ।
୨୦ ହେବେତାଂ ଜିସୁ ୱାନାନା ଇଞ୍ଜି ଏଚେକାଡ଼୍‌ଦ ମାର୍ତା ୱେଚାତ୍, ହେ ପାଦ୍‌ନା ହେଦେଲ୍ ବେଟାଆଦେଂ ହାତାତ୍, ମାତର୍
ମରିୟମ୍ ଇଞ୍ଜ ମାଚାନ୍
୨୧ ମାର୍ତା ଜିସୁଙ୍ଗ୍ ଇଚାତ୍, "ମାପ୍ରୁ ଜଦି ଏନ୍ ଇବେ ୱାଜି ମାଚିସ୍, ତା ଆତିସ୍ ନା ଟଣ୍ଡେନ୍ ହାୱାତାନ୍‌ମା,
୨୨ ମାତର୍ ନଙ୍ଗ୍ ପା ଆନ୍ ପୁନାଙ୍ଗ୍, ମାତର୍ ଏନ୍ ଇସ୍ୱର୍‌ତିଂ ଇନାକାପା ଏନ୍‌ନାୟ୍, ଇସ୍ୱର୍ ଜେ ହେଦାଂ ନିଙ୍ଗେଙ୍ଗ୍ ହିଦ୍‌ନାନ୍
।"
୨୩ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ମି ଟଣ୍ଡେନ୍ ଆରେ ଜିବୁନ୍ ପାୟା ଆଜି ନିଙ୍ଗ୍‌ନାନ୍ ।"
୨୪ ମାର୍ତା ଜିସୁଙ୍ଗ୍ ଇଚାତ୍, "ହେୱାନ୍ ଜେ ହାରିହାରା ଦିନ୍‌ତ ଆରେ ନିଂନି ସମୁତ ନିଙ୍ଗ୍‌ନାନ୍ ଇଦାଂ ଆନ୍ ପୁନାଙ୍ଗ୍ ।"
୨୫ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ଆନ୍ ଆରେ ନିଂନାକାଂ ଆରି ଜିବୁନ୍, ଇନେର୍ ନା କଚଣ୍ ପାର୍ତି କିଦ୍‌ନାନ୍, ହେୱାନ୍ ଜଦି
ହାନାନ୍, ଆତିସ୍‌ପା ହେୱାନ୍ ଜିନାନ୍,
୨୬ ଆରେ ଇନେର୍‌କି ଜିନାନ୍ ଆରି ନାବେ ପାର୍ତି କିନାନ୍, ହେୱାନ୍ ମୁଡ଼୍‌କେ ହାଉନ୍; ଇଦାଂ ଇନାକା ପାର୍ତି କିନାଦେରା
?"
୨୭ ମାର୍‌ତା ହେୱାନିଂ ଇଚାତ୍, "ଆଁ, ମାପ୍ରୁ, ଇନେର୍‌କି ପୁର୍ତିତ ୱାନାକା ମାଚାତ୍, ଏନ୍ ଜେ ଇସ୍ୱର୍ତି ମାଜି ହେ କ୍ରିସ୍ଟ,
ଇଦାଂ ନା ପାର୍ତି ।"

## ଜିସୁ ଆଡ଼୍‌ବାତାନ୍

୨୮ ଇଦାଂ ଇଚି ପାଚେ ମାର୍‌ତା ହାଲ୍‌ଜି ଜାର୍ ତଣ୍‌ଦେଲ୍ ମରିୟମ୍‌ତିଂ ଡ଼ଗୁଜି କୁକ୍‌ଚି ଇଚାତ୍, "ଗୁରୁ ୱାତାନେ ଆରେ
ନିଙ୍ଗେଙ୍ଗ୍ କୁକ୍ତାନାନା ।"
୨୯ ହେୱାନ୍ ଇଦାଂ ୱେନ୍‌ଞ୍ଜି ବେଗି ନିଙ୍ଗ୍‌ଜି ତା କଚଣ୍ ହାଚାର୍ ।
୩୦ ଜିସୁ ହେ ପାଦ୍‌ନା ନାସ୍‌କୁ ବିତ୍ରେ ୱାୱାଦାଙ୍ଗ୍ ମାଚାନ୍, ମାତର୍ ମାର୍ତା ହେୱେନିଂ ଇମ୍‌ଣି ବାହାତ ବେଟା ଆଜି ମାଚାତ୍,
ହେପାତେକ୍ ହେୱାନ୍ ହେ ବାହାତ ମାଚାତ୍ ।
୩୧ ବାଟିଙ୍ଗ୍ ଇମ୍‌ଣି ଜିହୁଦିର୍ ତା ଲାହାଙ୍ଗ୍ ଇଞ୍ଜ ମାନ୍‌ଞ୍ଜି ତାଙ୍ଗ୍ କ୍ଷ୍ଟପ୍‌କିସ୍ ମାଚାର୍, ହେୱାର୍ ମରିୟମ୍‌ତିଂ ବେଗି ନିଙ୍ଗ୍‌ଜି
ହସିହାନାକା ହୁଡ଼୍‌ଜି, ହେଦେଲ୍ ଦୁଗେର୍ କଚଣ୍‌ତ ଆଡ଼୍‌ବିନି କାଜିଂ ହାନାରା, ଇଦାଂ ମାନେ କିଜି ହେ ପାଚେ ପାଚେ ହାଚାର୍
।
୩୨ ହେବେତାଂ ଜିସୁ ଇମ୍‌ଣି ବାହାତ ମାଚାନ୍, ମରିୟମ୍ ହେ ବାହାତ ଏକିସ୍ ତାଙ୍ଗେଙ୍ଗ୍ ହୁଡ଼୍‌ଜି ହେ କାଲ୍‌କୁ ତାରେନ୍
ଗୁର୍‌ଜି ଇଚାତ୍, "ଏ ମାପ୍ରୁ, ଜଦି ଏନ୍ ଇବେ ଏକାୱାତାୟ୍‌ଚି, ତା ଆତିସ୍ ନା ଟଣ୍ଡେନ୍ ହାୱାତାନ୍‌ମା ।"
୩୩ ଲାଗିଂ, ଜିସୁ ତାଙ୍ଗ୍ ଆରି ତା ଲାହାଙ୍ଗ୍ ୱାଜି ମାଚି ଜିହୁଦିରିଂ ଆଡ଼୍‌ବାନାକା ହୁଡ଼୍‌ଜି ଜିବୁନ୍‌ତାଂ ରାସ୍ ଇଚାନ୍, ଆରେ
କାମାୟ୍ ପୁରା କିନି କାଜିଂ ହିର୍ଜାଆଜି ୱେନ୍‌ବାତାନ୍,
୩୪ "ତାଙ୍ଗେଙ୍ଗ୍ ଇମେତାକେ ଇଡ଼୍‌ତାଦେର୍ଣ୍ଣା ?"
ହେୱାର୍ ତାଙ୍ଗେଙ୍ଗ୍ ଇଚାର୍, "ମାପ୍ରୁ ୱାଜି ହୁଡ଼ା ।"
୩୫ ଜିସୁ ଆଡ଼୍‌ବାତାନ୍ ।

³⁶ ହେବେତାଂ ଜିହୁଦିର୍ ଇଚାର୍, “ହୁଡ଼ାଟ୍ ହେୱାନ୍ ତାଙ୍ଗେଙ୍ଗ୍ ଇନେସ୍ ଜିଉନଜି ମାଚାନ୍ ।”
³⁷ ମାତର୍ ହେୱାର୍ ବିତ୍ରେ ଇନେର୍ ଇନେର୍ ଇଚାର୍, “ଇ ଇମ୍ଣି ମାନାୟ୍ ହେ କାଣାଂ କାଣ୍‌କୁ ସାକ୍ତି ହିୱାଦାଂ ମାଚାନ୍ କି ? ହେୱାନ୍ ଇନାକା ଇୱାନ୍ତି ହାକି ପା ଜିପ୍‌ତେଙ୍ଗ୍ ଆଡ଼୍‌ୱାତାନ୍‌ମା ?”

## ଜିସୁ ଲାଜାର୍‌ତିଂ ହାକିତାଂ ନିକ୍‌ତାନ୍

³⁸ ହେବେତାଂ ଜିସୁ ଆରେ ରଗ ୱାସ୍କିତାଂ ରିସା ଆଜି ଦୁଗେର୍ କଚଣ୍‌ତ ୱାତାନ୍, ହେଦାଂ ରଞ୍ଜାଙ୍ଗ୍ ପାରା, ଆରେ ତା ମୁମ୍‌ଦ ରଞ୍ଜାଙ୍ଗ୍ କାଲ୍ ମାଚାଡ଼୍ ।
³⁹ ଜିସୁ ବଲ୍ ହିତାନ୍ ଇ କାଲ୍ ଗୁଚାୟ୍ କିୟାଟ୍ । ହାତି ମାନାୟ୍‌ତିଂ ତଣ୍‌ଦେହି,
ମାର୍ତା ତାଙ୍ଗେଙ୍ଗ୍ ଇଚାଡ଼୍, “ମାପ୍ରୁ, ହେୱେନ୍ ଗାନ୍ଦାଆତାନେ, ଇନାକିଦେଂକି ହେୱେନ୍ ଚାରି ଦିନ୍ ଆତାଡ଼୍ ହାତାନେ ।”
⁴⁰ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, “ଜଦି ଏନ୍ ପାତର୍ କିନାୟା, ତା ଆତିସ୍ ଇସ୍ୱରର୍ ଜାଜ୍‌ମାଲ୍ ହୁଡ଼୍‌ନାଦେର୍, ଇଦାଂ ଇନାକା ଆନ୍ ମିଙ୍ଗେଙ୍ଗ୍ ୱେଚ୍‌ୱାତାଙ୍ଗ୍ ।”
⁴¹ ହେବେତାଂ ହେୱାର୍ କାଲ୍ ନେକ୍‌ତାର୍ ଆରେ, ଜିସୁ ଜପି ହୁଡ଼୍‌ଜି ଇଚାନ୍, “ଆବା, ଏନ୍ ନା ପାର୍ତାନା ୱେଚାୟ୍ ଇଞ୍ଜି ଆନ୍ ନିଙ୍ଗେଙ୍ଗ୍ ଜୁୱାର୍ ହିଦ୍‌ନାଙ୍ଗା ।
⁴² ଏନ୍ ଜେ ନିତ୍ରେ ନା ପାର୍ତାନା ୱେନ୍‌ଞ୍ଜି ମାନାୟା, ଇଦାଂ ଆନ୍ ପୁଚାଙ୍ଗ୍‌ନା; ମାତର୍ ଇମ୍ଣି ମାନାୟାର୍ ଚାରିବେଣ୍‌ତାଂ ନିଲ୍‌ତାର୍ଣ୍ଣା, ଏନ୍ ନାଙ୍ଗେଙ୍ଗ୍ ପକ୍‌ତାତାୟ୍‌ନା ଇଞ୍ଜି ହେୱାର୍ ଇନେସ୍‌କି ପାତର୍ କିଦ୍‌ନାର୍, ଇଦାଂ ଲାଗିଂ ହେୱାର୍ କାଜିଂ ଆନ୍ ଇଦାଂ ଇନ୍‌ଚାଙ୍ଗ୍ ।”
⁴³ ଇଦାଂ ଇଚି ପାଚେ ହେୱାନ୍ ଇଦାଂ ଇଞ୍ଜି ଗାଜା କାଟ୍‌ତାଂ ହିର୍‌ବାତାନ୍, “ଲାଜାର୍, ହସି ୱା ।”
⁴⁴ ହେୱାନ୍ ହସି ୱାତାନ୍; ତା କେଇ ଆରି ପାନା ଦୁଗେର୍ ହେନ୍ଦ୍ରାତାଂ ଗାଚ୍ୟା ଆଜି ମାଚାଡ଼୍, ଆରେ, ତା ମୁମ୍‌ଦ ଇଚୁକ୍ ତୁୱାଲ୍ ହୁର୍‌ପିସ୍ ମାଚାର୍ । ଜିସୁ ହେୱାରିଂ ଇଚାନ୍, “ଇୱାନ୍ତି ଗାଚ୍‌ଚାକା ରିକ୍‌ଚି ତାଙ୍ଗ୍‌ଜି ହାଞ୍ଜେଙ୍ଗ୍ ହିୟାଟ୍ ।”

## ଜିସୁତି ବିରୁଦ୍‌ଦ କୁଟ୍

*(ମାତିଉ ୨୬:୧-୫; ମାର୍କ ୧୪:୧-୨; ଲୁକ ୨୨:୧-୨)*

⁴⁵ ଆରେ, ଜିହୁଦିର୍ ବିତ୍ରେ ଆଦେକ୍, ଇଚିସ୍ ଇମ୍ଣାକାର୍ ମରିୟମ୍ କଚଣ୍ ୱାଜି ମାଚାର୍, ହେୱାର୍ ଜିସୁତି କାରୁମ୍ ହୁଡ଼୍‌ଜି ମାଚାର୍, ଆରି ହେୱାର୍ ତାତାକେ ପାତର୍ କିତାର୍;
⁴⁶ ମାତର୍, ହେୱାର୍ ବିତ୍ରେ ଇନେର୍ ଇନେର୍ ପାରୁସିର୍ କଚଣ୍ ହାଲ୍‌ଜି, ଜିସୁ ଇନାକା ଇନାକା କିଜି ମାଚାନ୍, ହେୱିଜୁ ହେୱାରିଂ ଜାଣାୟ୍ କିତାର୍ ।
⁴⁷ ହେବେତାଂ ମୁଡ଼୍ ମାପ୍ରୁହେବାକିନାକାନ୍ ଆରି ପାରୁସିର୍ ଗାଜା କୁଟୁମ୍ କୁକ୍‌ଚି ଇଚାର୍, “ଆସେଙ୍ଗ୍ ଇନାକା କିତାସ୍‌ନା ? ଇ ମାନାୟ୍ ତ ଆଦିକ୍ କାବା କାମାୟ୍ କିନାନା ।
⁴⁸ ଜଦି ଆସେଙ୍ଗ୍ ହେୱାନିଂ ଇ ଲାକେ ପିସ୍ତିହିନାସ୍, ତା ଆତିସ୍ ୱିଜାର୍ ତା ତାକେ ପାତର୍ କିତାର୍, ଆରେ ରମିୟର୍ ୱାଜି ମାଦାଂ ଇ ମନ୍ଦିର୍ ଆରି ଜାତିତିଂ ରି କୁଦାତିଂ ନସ୍ଟ କିତାର୍ ।”
⁴⁹ ମାତର୍ ହେୱାର୍ ବିତ୍ରେ ହେ ବାର୍ହୁ କାଜିଂ, ବାଚିକିୟା ଆଜି ମାଚି ମୁଡ଼୍ ମାପ୍ରୁହେବାକିନାକାନ୍ କୟାପା ଇଚାନ୍, “ଏପେଙ୍ଗ୍ ଏଚେକ୍ ବକ୍‌ୱା ! ଏପେଙ୍ଗ୍ ଇଦାଂ ବୁଜା ଆଉଦେରା;
⁵⁰ ୱିଜୁ ଜାତି ୱିଜ୍‌ୱାଦାଂ ମାନାୟାର୍ ବିତ୍ରେ ରକାନ୍ ଜେ ହାନାକା ମି ପାକ୍ୟାତାଂ ହାର୍, ଇଦାଂ ପା ଏପେଙ୍ଗ୍ ବୁଜା ଆଉଦେରା ।”
⁵¹ କୟାପା ଇଦାଂ ନିଜେ ମାନ୍ତ ଇନ୍‌ୱାଦାଂ ମାଚାନ୍ ମାତର୍ ହେୱାନ୍ ହେ ବାର୍ହୁନି ମୁଡ଼୍ ମାପ୍ରୁହେବାକିନାକାନ୍ ଆଜି ମାଚିଲେ ଇ ବେଣ୍‌ବାକ୍‌ଣାୟ୍‌କିନାକାନ୍ ତା ୱେଇଦାଂ ଇଞ୍ଜି ମାଚାନ୍, ଜିସୁ ୱେଚ୍‌ଚି ମାଚାନ୍ ଜେ ରାଜିନି ଜିହୁଦି ଜାତିନି ଇଚିସ୍,
⁵² ଆରେ କେବଲ୍ ହେ ଜାତି କାଜିଂ ଆକାୟ୍, ମତର୍ ଇସ୍ୱରର୍ ଚିନ୍‌ବିନ୍ ହିମ୍ଣାକାଂ ପା ରୁଣ୍ଡାୟ୍ କିଜି ରବେ କିନି କାଜିଂ ହାଦେଂ ହାନାନା, ଇଦାଂ କାଜିଂ ଇ ବେଣ୍‌ବାକ୍‌ଣାୟ୍‌କିନାକା ଇଚାନ୍ ।
⁵³ ଲାଗିଂ ହେ ନାଜିଂତାଂ ଜିହୁଦି ନେତାର୍ ତାଙ୍ଗେଙ୍ଗ୍ ଅସ୍ତେଙ୍ଗ୍ ଇଞ୍ଜି କୁଟ୍ କିତାର୍ ।
⁵⁴ ଲାଗିଂ, ଜିସୁ ଜିହୁଦିର୍ ବିତ୍ରେ ଆରେ ଡିହାଆୱାଦାଂ ବୁଲାଚାଲା ଆୱାତାନ୍, ମାତର୍ ହେୱାନ୍ ହେ ବାହାତାଂ ହସିହାଲ୍‌ଜି ବାଟାନି କଚଣ୍ ମାନି ନିପ ଏପ୍ରୟିମ୍ ତର୍‌ଦି ର ବସ୍ତିତ ହାଚାନ୍, ଆରେ ହେୱେନ୍ ଚେଲାର୍ ଲାହାଙ୍ଗ୍ ହେବେ ମାନ୍‌ଗାତାନ୍ ।
⁵⁵ ଜିହୁଦିତର୍ “ନିସ୍ତାର୍” ପାର୍ବୁ ଲାଗେ ମାଚାଡ଼୍, ଆରେ ରାଜିତ ମାନି ମାନାୟ୍ ଆଦିକ୍ ଜାର୍ ଜାର୍‌ତିଂ ସକଟ୍ କିନି କାଜିଂ ନିସ୍ତାର୍ ପାର୍ବୁ ଆଗେ ଜିରୁସାଲମ୍‌ତ ହାଚାର୍ ।
⁵⁶ ହେବେତାଂ ହେୱାର୍ ଜିସୁଙ୍ଗ୍ ଡେକୁ ଡେକୁ ମନ୍ଦିର୍‌ତ ନିଲ୍‌ଚି ମାନି ସମୁତ ରକାନ୍ ଆରେ ରକାନିଂ ଇଞ୍ଜେଙ୍ଗ୍ ଲାଗାତାର୍, “ଏପେଙ୍ଗ୍ ଇନାକା ମାନେ କିନାଦେରା ? ହେୱେନ୍ ପାର୍ବୁତିଂ ୱାନାନ୍ କି ଆକାୟ୍ ?”

୫୭ ମୁଡ଼୍ ମାପୁହେବାକିନାକାନ୍ ଆରି ପାରୁସିର୍ ତାଙ୍ଗେଙ୍ଗ୍ ଆହ୍‌ନି କାଜିଂ ହେୱେନ୍ ଇମେତାକେ ମାନାନ୍, ଇଦାଂ ଜଦି
ଇନେର୍ ପୁନାର୍, ହେଦାଂ ହପ୍‌ତେଂ ବଲ୍ ହିଜିମାଚାନ୍ ।

# ୧୨

## ମରିୟମ୍ ଜିସୁଙ୍ଗ୍ ଆସିର୍ବାଦ୍

*(ମାତିଉ ୨୬:୬-୧୩; ମାର୍କ ୧୪:୩-୯)*

୧ ୱିସ୍ତି ବିଡ୍ରେ ନିସ୍ତାର୍ ପାର୍ବୁନି ଚଅ ଦିନ୍ ଆଗେ ଜିସୁ ବେଡ୍‌ନିୟା ହାଚାନ୍; ଇମ୍‌ଣି ଲାଜାର୍‌ତିଂ ଜିସୁ ହାତାକାର୍ ବିଡ୍ରେ
ନିକ୍‌ଚି ମାଚାନ୍, ହେୱେନ୍ ହେ ବାହାତ ମାଚାନ୍ ।
୨ ଲାଗିଂ ହେୱେର୍ ହେ କାଜିଂ ହେ ବାହାତ ର ନାଣାବଜି ଜାଲ୍‌ଦି କିତାର୍; ମାର୍ତା ହେବା ହିନାକା ଦାଇତ୍ ମାଚାତ୍, ଆରେ
ଇମ୍‌ଣାକାର୍ ହେୱାର୍ ଲାହାଂ ତିନିହିଙ୍ଗ୍ କୁଚ୍‌ଚି ମାଚାର୍, ଲାଜାର୍ ହେୱାର୍ ବିଡ୍ରେତାଂ ରକାନ୍ ମାଚାନ୍ ।
୩ ହେ ପାଦ୍‌ନା ମରିୟମ୍ ଆଦା ଲିଟର୍ ଆଦିକ୍ ଦାମ୍‌ନି ହାର୍ଦାକା ଜଟାମାଂସି ଚିକାଣ୍ ତାସ୍ ଜିସୁ ପାନାତ ହେଦାଂ ୱାକ୍‌ତାତ୍
ଜାର୍ ତେମୁଲ୍‌ତାଂ ହେ ପାନା ନୁସ୍‌ତାତ୍, ଆରେ ଚିକାଣ୍ ବାସ୍‌ନାତିଂ ଇଲ୍ ବାସ୍‌ନା ଆତାତ୍ ।
୪ ମାତର୍ ଜିସୁ ଚେଲାହିର୍ ବିଡ୍ରେ ଇସ୍କାରିୟତିୟ ଜିହୁଦା ତର୍‌ଦାକାନ୍ ଇମ୍‌ଣି ଚେଲା, ଇନେନ୍ ତାଙ୍ଗେଙ୍ଗ୍ ସାତ୍ରୁ କେଇଦ
ସର୍‌ପି କିଦେଙ୍ଗ୍ ହାଲ୍‌ଜି ମାଚାନ୍, ହେୱାନ୍ ଇଚାନ୍,
୫ "ଇ ବାସ୍‌ନା ଚିକାଣ୍ ତିନ୍‌ସ ରୁପା ଟାକାଂ ପ୍ରସି ଇନେକିଦେଂ ହିଲାୱାକାରିଂ ହିୟାଆୱାତାତ୍ ?"
୬ ହେୱାନ୍ ଜେ ହିଲ୍‌ୱାକାରିଂ କାଜିଂ ଚିନ୍ତା କିଜି ମାଚାନ୍ ଇଞ୍ଜି ଇଦାଂ ଇଚାନ୍, ହେଦାଂ ଆକାୟ୍, ମାତର୍ ହେୱାନ୍ ରକାନ୍
ଚର୍, ଆରେ ହେ କଚଣ୍ ଡାବୁଙ୍ଗ୍‌ମଣା ମାଚିଲେ, ହେବେ ଇନା ଇନାକା ଇଡ଼୍‌ଜି ମାଚାକା, ହେଦାଂ ହେୱାନ୍ ଚର୍ କିଜି ଅଜି
ମାଚାନ୍ ।
୭ ମାତର୍ ଜିସୁ ଇଚାନ୍, "ଇଦେଲିଂ ପିସ୍ତି ହିୟାଟ୍, ଇନେସ୍‌କି ନା ହାକି ଦିନ୍ କାଜିଂ ହେଦେଲ୍ ଇଦାଂ ଇଡ୍‌ଦେଂ ଆଡ଼୍‌ନାତ୍
।
୮ କାକୁଲ୍‌ତିୟାର୍ ତ ସବୁ ନାଞ୍ଜିଙ୍ଗ୍ ମି କଚଣ୍ ମାନାର୍, ମତର୍ ଆନ୍ ସବୁ ନାଞ୍ଜିଙ୍ଗ୍ ମି କଚଣ୍ ମାନ୍‌ଗୁଙ୍ଗ୍ ।"

## ଲାଜାର୍ ବିରୁଦ୍‌ଦ କୁଟ୍

୯ ଇବେତାଂ ବେସିହେନି ଜିହୁଦିର୍ ମାନାୟ୍ ହେୱାନ୍ ବେଡ୍‌ନ୍ୟାତ ମାନାନ୍ ଇଞ୍ଜି ପୁଞ୍ଜି କେବଲ୍ ଜିସୁ କାଜିଂ ଆକାୟ୍,
ମତର୍ ଇମ୍‌ଣି ଲାଜାର୍‌ତିଂ ହେୱାନ୍ ହାତାକାର୍ ବିଡ୍ରେ ନିକ୍‌ଚି ମାଚାନ୍, ତାଙ୍ଗେଙ୍ଗ୍ ହୁଡ଼୍‌ନି କାଜିଂ ପା ୱାତାର୍ ।
୧୦ ହେବେ ଲାଜାର୍‌ତିଂ ପା ଅହ୍‌ନାସ୍ ଇଞ୍ଜି ମୁଡ଼୍ ମାପୁହେବାକିନାକାନ୍ ୱେଚ୍‌ପା ଆତାର୍,
୧୧ ଇନାକିଦେଂକି ହେଦାଂ କାଜିଂ ଜିହୁଦିର୍ ବିଡ୍ରେତାଂ ଆଦିକ୍ ହେୱାରିଂ ମାନିକିୱାଦାଂ ମାଚାର୍ ଜିସୁ ତାକେ ପାତର୍ କିଜି
ମାଚାର୍ ।

## ଜିସୁ ଜିରୁସାଲମ୍‌ତ ହଣାକା

*(ମାତିଉ ୨୧:୧-୧୧; ମାର୍କ ୧୧:୧-୧୧; ଲୁକ ୧୯:୨୮-୪୦)*

୧୨ ତା ଆର୍‌କାତ୍ ନାଜିଂ ନିସ୍ତାର୍ ପାର୍ବୁତିଂ ୱାଜି ମାଚି ହେନି ମାନାୟାର୍ ଜିସୁ ଜିରୁସାଲମ୍‌ତ ୱାନାନା ଇଞ୍ଜି ୱେଚାର୍ ।
୧୩ ହେଦାଂ କାଜିଂ କାଜ୍‌ରି ଡାଡ଼୍ ଆସ୍ତି ତାଙ୍ଗେଙ୍ଗ୍ ବେଟାଆନି କାଜିଂ ହସି ହାଚାର୍ "ଆରି ଗାଜା କାଟ୍‌ତାଂ ଇଞ୍ଜେଙ୍ଗ୍
ଲାଗାତାର୍, ହସାନ୍ନା ଇସ୍ୱର୍‌ତି ଦନ୍ୟବାଦ୍ କିୟାଟ୍ । ମାପୁ ତର୍‌ଦାଂ ଇନେର୍ ୱାନାରା, ହେୱାନ୍ ଦନ୍ୟ; ଦନ୍ୟ ଇସ୍ରାଏଲ୍‌ନି
ରାଜା ।"
୧୪ ଆରେ, ଜିସୁ ର ଗଦହିମ୍‌ଣା ଜପି କୁଚ୍‌ଚି ୱାଜି ମାଚାନ୍, ଇଦାଂ ଦରମ୍ ସାସ୍ତର୍‌ତ ଇନେସ୍ ଲେକା ଆତାଡ଼୍‌ନ୍ନା,
୧୫ "ଏ ସିୟନ୍‌ନି ଗାଡ଼୍ ! ପାଣ୍ଡ୍ରା ଆମା,
ହୁଡ଼ାଟ୍, ମି ରାଜା ୱାନାନା,
ହେୱାନ୍ ଗଦ ହିମ୍‌ଣା ଜପି କୁଚି ୱାନାନା ।"
୧୬ ହେ ଚେଲାହିର୍ ପର୍ତୁମ୍ ଇ ୱିଜୁ ବିସ୍ରେ ବୁଜା ଆୱାତାର୍, ମାତର୍ ଜିସୁ ଜାଜ୍‌ମାଲ୍ ପାୟା ଆତି ପାଚେ ଇ ୱିଜୁ ବିସ୍ରେ
ଜେ ହେ ବିସ୍ରେ ଲେକା ଆଜି ମାଚାତ୍, ଆରେ ହେଦାଂ କାଜିଂ ହେୱାର୍ ଜେ ଇ ୱିଜୁ କିଜି ମାଚାର୍, ହେଦାଂ ହେୱାର୍ ମାନ୍ତ
ଏତୁୱାତାତ୍ ।
୧୭ ଆରେ, ହେୱାନ୍ ଲାଜାର୍‌ତିଂ ଦୁଗେର୍‌ତାଂ ହିର୍‌ବିସ୍ ହାତାକାର୍ ବିଡ୍ରେ ନିଙ୍ଗ୍‌ନି ୱେଡ଼ାଲିଂ ଇମ୍‌ଣି ମାନାୟାର୍ ହେ
ଲାହାଙ୍ଗ୍ ମାଚାର୍, ହେୱାର୍ ସାକି ହିଦେଂ ଲାଗାତାର୍ ।
୧୮ ଇଦାଂ କାଜିଂ ମାନାୟାର୍ ତାଙ୍ଗେଙ୍ଗ୍ ମିହାଆଦେଂ ହାଲ୍‌ଜି ମାଚାର୍, ଇନାକିଦେଂକି ହେୱାନ୍ ଇ କାବାଆନି କାମାୟ୍
କିତାନ୍‌ନ୍ନା ଇଞ୍ଜି ହେୱାର୍ ୱେନ୍‌ଞ୍ଜି ମାଚାର୍ ।
୧୯ ହେବେତାଂ ପାରୁସିର୍ ହେୱେର୍ ହେୱାର୍ ଇନ୍‌ବା ଆତାର୍, "ହୁଡ଼୍‌ନାଦେରା ତ, ଆପେଂ ଇନା କିଦେଙ୍ଗ୍ ଆଡୁପା ମା
ୱିଜାର୍ ସେସ୍ଟା କାମାୟ୍ ଆଉତା; ହୁଡ଼ାଟ୍, ପୁତର୍ ଜାକ୍ ତା ପାଚେ ହାଚାତେ ।"

## ଜିସୁଙ୍ଗ୍ ଦାସ୍ତେଂ କେତେଜାଣ୍ ଗ୍ରିକ୍ ମାନାୟ୍

୨୦ ପାର୍ବୁ ସମୁତ ପ୍ରାର୍ତାନା କିନି କାଜିଂ ୱାଜି ମାନି ମାନାୟାର୍ ବିତ୍ରେ କେତେକ୍ ଗ୍ରିକ୍ ମାନାୟାର୍ ମାଚାର୍ ।
୨୧ ହେୱାର୍ ଗାଲିଲିନି ବେତ୍ସାଇଦାନିକାନ୍ ପିଲିପ୍ ତାକେ ୱାଜି ତାଙ୍ଗ୍ ଗୱାରି କିଜି ଇଚାର୍, “ମାପ୍ରୁ, ଜିସୁଙ୍ଗ୍ ହୁଡ଼୍‌ଦେଂ
କାଜିଂ ମା ଇଚା ।”
୨୨ ପିଲିପିପ ହାଲ୍‌ଜି ଆନ୍ଦ୍ରିୟଙ୍ଗ୍ ଇଚାନ୍, ଆରେ ଆନ୍ଦ୍ରିୟ ଆରି ପିଲିପ୍ ହାଲ୍‌ଜି ଜିସୁଙ୍ଗ୍ ୱେଚ୍‌ଚାର୍ ।
୨୩ ଜିସୁ ହେୱାରିଂ ଉତର୍ ହିତାନ୍, “ମାନାୟ୍ ମାଜି ଜାକ୍‌ମାଲ୍ ପାୟା ଆନି କାଜିଂ ସମୁ ଏକାୱାତାଡ୍ ।
୨୪ ହାଡ୍‌ପା ହାଡ୍‌ପା ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଗଁମ୍ ମାଞ୍ଜି ଜଦି ଚିକ୍‌ଲା ଆଜର୍ ହାୱିତିସ୍, ତା ଆତିସ୍ ହେଦାଂ ରଞ୍ଜି ମତର୍
ମାନ୍‌ଗାନାଡ୍ ମାତର୍ ଜଦି ହାନାଡ୍ ତା ଆତିସ୍ ଆଦିକ୍ ପାଡ୍ ଆହ୍‌ନାଡ୍ ।
୨୫ ଇନେର୍ ଜାର୍ ଜିବୁନ୍‌ତିଂ ଜିଉ ଗିଆନ୍ କିନାନ୍ । ହେୱେନ୍ ହେଦାଂ ଆରାୟ୍ କିନାନ୍, ଆରେ ଇନେର୍ ଜାର୍ ଜିବୁନ୍‌ତିଂ
ଇ ପୁତର୍‌ତ ଗିଣ୍ କିନାନ୍, ହେୱାନ୍ ହେଦାଂ ୱିଜ୍‌ୱି ଜିବୁନ୍ କାଜିଂ ରାକ୍ୟା କିନାନ୍ ।
୨୬ ଇନେର୍ ଏଚେକାଡ୍‌ଦ ହେବା କାରିୟା, ଲାଗିଂ ହେୱାନ୍ ନା ଲାହାଙ୍ଗ୍ ୱାୟେନ୍; ଆରେ ଆନେଙ୍ଗ୍ ଇମେତାକେ
ମାନ୍‌ଗାନାଙ୍ଗ୍, ନା ହେବା କାରିୟା ପା ହେବେ ମାନ୍‌ଗାନାନ୍; ଇନେର୍ ଏଚେକାଡ୍‌ଦ ନାଙ୍ଗ୍ ହେବା କିଦ୍‌ନାନ୍, ଲାଗିଂ ଆବା
ହେୱାନିଂ ସସ୍ କିନାନ୍ ।”

## ଜିସୁତି ସଡ୍ ବେରଣ୍

୨୭ “ନଙ୍ଗ୍ ନା ୱାସ୍କି ଦକ୍‌ଦକ୍ ଆଦ୍‌ନାତା, ଆରେ ଆନ୍ ଇନାକା କିନାଂ ? ବାୱା ନାଙ୍ଗ୍ ଇ ସମୁତାଂ ରାକ୍ୟା କିଦା ? ମାତର୍
ଇଦାଂ କାଜିଂ ତ ଆନ୍ ଇ ସମୁ ବିତ୍ରେ ୱାତାଂନା ।
୨୮ ବାୱା, ଜାର୍ ତର୍ ଜାକ୍‌ମାଲ୍ କିୟା ।”
ହେବେଣ୍ଡାଂ ବାଦାଡ୍‌ତାଂ ଇ ବେରଣ୍ ଆତାଡ୍, “ଆନ୍ ହେଦାଂ ପାଣ୍ କିତାଂନ୍ନା, ଆରେ ରଗ ପାଣ୍ କିନାପ୍ ।”
୨୯ ଲାଗିଂ ଲାଗେ ନିଲ୍‌ଚି ମାନି ଲକୁ ଇଦାଂ ୱେନ୍‌ଞ୍ଜି, ବାଦାଡ୍ ଗାର୍ଜା ଆତାଡ୍ ଇଞ୍ଜି ଇଚାର୍ ବିନ୍ ଲଗୁ ଇଚାର୍, “ରୱାନ୍
ଦୁତ୍ ଇୱାନିଂ ବେଣ୍ ଇଚାଙ୍ଗ୍‌ନା ।”
୩୦ ଜିସୁ ଉତର୍ ହିତାନ୍, “ନା କାଜିଂ ଇ ବେରଣ୍ ଆୱାତାଡ୍‌ନା, ମତର୍ ମି କାଜିଂ ଆତାଡ୍‌ନ୍ନା ।
୩୧ ନଙ୍ଗ୍ ଇ ପୁତର୍‌ତ ବିଚାର୍ଣ୍ଣା ଏକାୱାତାଡ୍; ନଙ୍ଗ୍ ଇ ପୁତର୍‌ନି ମୁଡ଼୍‌ଦାକାର୍ ବାର୍ତ ତୁହିୟା ଆନାନ୍ ।
୩୨ ଆରେ, ଆନ୍ ଜଦି ପୁତର୍‌ତାଂ ଜପି ନିଙ୍ଗ୍‌ନାଂ, ତା ଆତିସ୍ ୱିଜାକାରିଂ ନିଜାର୍ ତାକେ ଜେଲ୍‌ନାଙ୍ଗ୍ ।”
୩୩ ହେୱାନ୍ ଇମ୍‌ଣି ବାନି ହାକି କିଦେଙ୍ଗ୍ ହାନାନା, ହେବେନି କାବୁଲ୍ ହିଜି ଇଦାଂ ୱେଚ୍‌ଚାନ୍ ।
୩୪ ହେବେଣ୍ଡାଂ ମାନାୟାର୍ ତାଙ୍ଗ୍ ଉତର୍ ହିତାର୍, “କ୍ରିସ୍ଟ ସବୁ ଦିନ୍ କାଜିଂ ମାନାନ୍ ଇଞ୍ଜି ଆପେଂ ମସାତି ବିଦିତାଂ
ୱେଚ୍‌ଚାପ୍‌ନା, ବାଟିଙ୍ଗ୍ ମାନାୟ୍ ମାଜି ଆୱିତିସ୍ପା ଜପି ନିଂନାନ୍ ଇଞ୍ଜି ଏନ୍ ଇନେସ୍ ଇନାୟା ? ଇ ମାନାୟ୍ ମାଜି ଇନେର୍ ?”
୩୫ ହେବେଣ୍ଡାଂ ଜିସୁ ହେୱାରିଂ ଇଚାନ୍, “ଆରେ ଅଲପ୍ ସମୁ ମତର୍ ଅଜଡ୍ ମି ବିତ୍ରେ ମାନାଡ୍ । ମାଜ୍‌ଗା ଇନେସ୍ ମିଙ୍ଗ୍
ଚିଞ୍ଜ୍‌ମେଡ୍, ଇଦାଂ କାଜିଂ ମି ତାକେ ଅଜଡ୍ ମାନୁ ମାନୁ ବୁଲାବୁଲି କିୟାଟ୍; ଜେ ମାଜ୍‌ଗାତ ବୁଲାବୁଲି କିନାନ୍, ହେୱାନ୍
ଇମେତାକେ ହାନାନା, ହେଦାଂ ହେୱାନ୍ ପୁନୁନ୍ ।
୩୬ ଏପେଙ୍ଗ୍ ଇନେସ୍ ଅଜଡ୍‌ନି ହିମ୍‌ଣାଂ ଆଡ, ହେଦାଂ କାଜିଂ ଅଜଡ୍ ମି ତାକେ ମାନୁ ମାନୁ ଅଜଡ୍‌ତ ପାତର୍ କିୟାଟ୍ ।
ଜିସୁ ଇ ସବୁ କାତା ଇଞ୍ଜି ହାଚାନ୍ ଆରି ହେୱାର୍‌ତାଂ ଡ଼ଗୁଜି ମାଚାନ୍ ।”

## ମାନାୟାର୍ ଜିସୁଙ୍ଗ୍ ପାତର୍ କିୱାକା

୩୭ ମାତର୍ ହେୱାର୍ ମୁମ୍‌ଦ ଇସ୍ୱର୍ ଏଚେକ୍ କାବା କାମାୟ୍ କିଜି ମାଚାନ୍, ଆତିସ୍‌ପା ହେୱାର୍ ହେୱାନ୍ ତାକେ ପାତର୍
କିୱାଦାଂ ମାଚାର୍,
୩୮ ଇନେସ୍‌କି ବେଣ୍‌ବାକ୍‌ଣାୟ୍ କିନାକାନ୍ ଜିସାୟ୍‌ତି କାଜିଂ ଲେକାଆତି ଇ ବଚନ୍ ପୁରାଆନାଡ୍,
“ଏ ମାପ୍ରୁ, ମା କାବୁର୍ ୱେନ୍‌ଞ୍ଜି ଇନେର୍ ପାତର୍ କିତାର୍‌ନା ?
ଆରେ ଇନେର୍ ମାପ୍ରୁତି ମାରା ତାକେ ହତାଡ୍‌ନା ?”
୩୯ ଇଦାଂ କାଜିଂ ଜିସାୟ୍ ଆରେ ଇନାନ୍ନା,
ହେୱାର୍ ପାତର୍ କିଦେଙ୍ଗ୍ ଆଡ୍‌ୱାଦାଂ ମାଚାର୍, ଲାଗିଂ ଜିସାୟ୍ ଆରେ ଇଚାଙ୍ଗ୍‌ନା,
୪୦ “ଜିସୁ ହେୱାର୍‌ତି କାଣ୍‌କୁ କାଣା କିତାନ୍‌ନ୍ନା,
ଆରେ ହେୱାର୍‌ତି ମାନ୍ ଆଟ୍‌ୱା କିତାନ୍‌ନ୍ନା, ଇନେସ୍ ହେୱାର୍ କାଣ୍‌କୁତାଂ ହୁଡ଼୍‌ଦେଂ ଆଡୁର୍
ଆରି ମାନ୍ତ ବୁଜା ଆଦେଂ ଆଡୁର୍, ଆରେ ମାସ୍‌ଦି ୱାଉର୍,
ଆରେ ଆପେଂ ହେୱାରିଂ ଉଜ୍ କିଉପ୍ ।”
୪୧ ଜିସାୟ୍ ଇ ସବୁ ଇଚାନ୍, ଇନାକିଦେଂକି ହେୱାନ୍ ହେ ଗାଜା ପାଣ୍ ହୁଡ଼୍‌ତାନ୍ ଆରେ ହେ ବିସ୍ରେ ଇଚାନ୍ ।

୪୨ ଆଡିସ୍‌ପା ମୁଡ଼୍‌ଦାକାର୍ ବିଡ୍ରେ ପା ଆଦେକ୍ ତାତାକେ ପାତର୍ଁ କିତାର୍, ମାତର୍ ଏଚେକାଡ଼୍‌ଦ କୁଟୁମ୍ ପାଗ୍ରି ଆନାର୍,
ପାଣ୍ତ୍ରୁଡିଂ ଇଦାଂ କାଜିଂ ପାରୁସିର୍ କାଜିଂ ହେଦାଂ ମାନିକିୱାଦାଂ ମାଚାର୍,
୪୩ ଇନାକିଦେଂକି ହେୱାର୍ ଇସ୍ୱର୍‌ତାଂ ପାଣ୍ ବାଟା ଇଚିସ୍ ମାନାୟାର୍‌ତାଂ ଜାଜ୍‌ମାଲ୍ ଜିଉ ନତାନ୍ ।

## ଜିସୁଡି କାତାତାଂ ମାନାୟାରିଙ୍ଗ୍ ବିଚାର୍‌କିନାତ୍

୪୪ ଜିସୁ ଗାଜା କାଟ୍‌ତାଂ ଇଚାନ୍, "ଇନେର୍ ନା ତାକେ ପାତର୍ଁ କିତାର୍, ହେୱାନ୍ କେବଲ୍ ନା ତାକେ ପାତର୍ଁ କିଉନ୍,
ମତର୍ ନା ପକ୍ତିଡି ହାଉକାର୍‌ତାକେ ପାତର୍ଁ କିତାର୍;
୪୫ ଆରେ, ଜେ ନାଙ୍ଗ୍ ହୁଡ଼୍‌ଦାତାନ୍‌ନା, ହେୱାନ୍ ନା ପକ୍ତିଡି ହାଉକାର୍‌ତିଂ ପା ହୁଡ଼୍‌ତାନ୍‌ନା ।
୪୬ ଆନ୍ ପୁତର୍ଁ ତାକେ ଅଜଡ଼୍ ଆଜି ୱାତାଂନା, ଇନେର୍ ନା ତାକେ ପାତର୍ଁ କିତାର୍, ହେୱାନ୍ ଇନେସ୍ ମାଜ୍‌ଗାତ ବାହା
କିଉନ୍ ।
୪୭ ଇନେର୍ ଜଦି ନା ବଚନ୍ ୱେନ୍‌ଞ୍ଜି ମାନିକିଉନ୍, ତା ଆଡିସ୍ ଆନ୍ ତାଦାଙ୍ଗ୍ ବିଚାର୍ କିଉଙ୍ଗ୍; ଇନାକିଦେଂକି ଆନ୍
ଜଗତ୍‌ତାକେ ବିଚାର୍ କିଦେଙ୍ଗ୍ ୱାୱାଦାଂ ଇଚିସ୍ ପୁତର୍ଁତିଂ ମୁକ୍ତି କିଦେଙ୍ଗ୍ ୱାତାଂନା ।
୪୮ ଜେ ନାଙ୍ଗ୍ ମୁନା କିଦ୍‌ନାର୍ ଆରି ନା ବଚନ୍‌ତିଂ ମାନିକିଉର୍, ନା ମୁମ୍‌ଦ ତା ବିଚାର୍ ଆନାତ୍; ଆନ୍ ଇମ୍‌ଣି ବଚନ୍
ଇଚାଙ୍ଗ୍‌ନା, ହେଦାଂ ହାରିହାରା ଦିନ୍ତ ହେୱାନ୍ତି ବିଚାର୍ଣ୍ଣା କିନାନ୍ ।
୪୯ ଇନାକିଦେଂକି ଆନ୍ ନା ତାକେଣ୍ତାଂ ଜାର୍ ଆଦିକାର୍ ତାଙ୍ଗ୍ ଇନ୍‌ୱାତାଂନ୍ନା, ମତର୍ ଆନ୍ ଇନାକା ଇନାଂ ଆରି ଇନାକା
ହପ୍‌ନାଂ, ହେଦାଂ ନା ପକ୍ତିଡି ହାଉକାର୍ ବାୱା ନାଙ୍ଗେଙ୍ଗ୍ ବଲ୍ ହିଡ୍‌ତାନ୍ନା;
୫୦ ଇଚିସ୍ ଆନ୍ ପୁନାଙ୍ଗ୍ ହେ ବଲ୍ ୱିଜ୍‌ୱି ଜିବୁନ୍ ହିଦ୍‌ନାନ୍ ମାଞ୍ଜିଆବା ନାଙ୍ଗେଙ୍ଗ୍ ଇନାକା ଇଞ୍ଜେଙ୍ଗ୍ ବଲ୍ ହିଡ୍‌ନ୍ନା କେବଲ୍
ଏଚେକ୍ ଆନ୍ ଇନାଙ୍ଗା ।"

# ୧୩

## ଜିସୁ ଚେଲାର୍ ପାନା ନୁଜ୍‌ଜି ହିତାନ୍

୧ ନିସ୍ତାର୍ ପାର୍ବୁ ଆନି ଆଗେ ଜିସୁ ଇ ପୁତର୍ଁତାଂ ଆବା ତାକେ ଜାର୍ ହାନି ସମୁ ଏକାୱାତାକା ପୁଞ୍ଜି, ପୁତର୍ଁତ ମାନି ଜାର୍‌ନି
ଇମ୍‌ଣି ମାନାୟାରିଂ ହେୱାନ୍ ଜିଉ ନଜି ୱାଜି ମାଚାନ୍, ହେୱାର୍ କାଜିଂ ବେସି ଜିଉନତାନ୍ ।
୨ ଆରେ, ନାଣାବଜି ସମୁତ, ଏଚେକାଡ଼୍‌ଦ ସୟ୍‌ତାନ୍ ସିମନ୍‌ତି ଇସ୍କାରିୟତିୟ ମେହି ଜିହୁଦା ମାନ୍‌ତ ଜିସୁଙ୍ଗ୍ ସତ୍ରୁ କେଇଦ
ହେଲାୟ୍ କିଦେଙ୍ଗ୍ କାଜିଂ କାବୁର୍ କିଜି ମାଚାନ୍,
୩ ହେ ଏଚେକାଡ଼୍‌ଦ, ଆବା ଜେ ୱିଜୁ କେଇଦ ୱିଜୁ ବିସ୍ରେ ହେଲାୟ୍ କିତାନ୍‌ନ୍ନା ଆରି ହେୱାନ୍ ଜେ ଇସ୍ୱର୍‌ତାଂ ୱାତାନ୍ନା,
ଆରେ ଇସ୍ୱର୍ ତାକେ ହାନାନା ଇଦାଂ ପୁଞ୍ଜି ମାଚାନ୍,
୪ ଇଦାଂ ପୁଞ୍ଜି ହେୱାନ୍ ଚିଞ୍ଜେଙ୍ଗ୍ କୁଚ୍‌ଚି ତାକେଣ୍ତାଂ ନିଙ୍ଗ୍‌ଜି ଜାର୍ ହେନ୍ଦ୍ରା ଉନ୍‌ଦି ର ତୁଆଲ୍ ଅଜି ଜାର୍ ମ୍ଟେଙ୍ଗାତ ଗାଚ୍ୟା
ଆତାନ୍ ।
୫ ହେ ପାଚେ ହେୱାନ୍ ବାହାତ ଏଜୁଂ ୱାକ୍‌ତାନ୍, ଆରେ ଚେଲାର୍‌ତି ପାନାଙ୍ଗ୍ ନୁସ୍‌ଜି ଜାର୍ ମ୍ଟେଙ୍ଗାତ ଗାଚ୍ୟା ଆଜି ମାଚି
ତୁଆଲ୍ ହୁଦାଂ ନେନ୍‌ଦେଂ ଲାଗାତାନ୍ ।
୬ ଜିସୁ ସିମନ୍ ପିତର୍ ତାକେ ୱାତାନ୍; ଇନେନ୍ ତାଙ୍ଗେଙ୍ଗ୍ ଇଚାନ୍, "ମାପ୍ରୁ, ଏନ୍ ଇନାକା ନା ପାନା ନୁଜ୍‌ଦାତାଇନା ?"
୭ ଜିସୁ ତାଙ୍ଗେଙ୍ଗ୍ ଉତର୍ ହିତାନ୍, "ଆନ୍ ଇନାକା କିନାଙ୍ଗା, ହେଦାଂ ନଙ୍ଗ୍ ପୁନୁଦେର୍, ମାତର୍ ପାଚେ ବୁଜାନାଦେର୍ ।"
୮ ପିତର୍ ହେୱାନିଂ ଇଚାନ୍, "ଏନ୍ ମୁଡ଼୍‌କେ ଇନାୱାଡ଼ାଂ ପା ନା ପାନା ନୁଜ୍‌ଜି ହିଦୁୟ୍ ।" ଜିସୁ ତାଙ୍ଗେଙ୍ଗ୍ ଉତର୍ ହିତାନ୍,
"ଜଦି ଆନ୍ ମିଙ୍ଗ୍ ନୁସ୍‌ଦିୱିତିସ୍, ତା ଆଡିସ୍ ନା ହୁକେ ମିଦାଙ୍ଗ୍ ଇନାକା ବାଗ୍ ହିଲୁଡ୍ ।"
୯ ସିମନ୍ ପିତର୍ ତାଙ୍ଗେଙ୍ଗ୍ ଇଚାନ୍, "ମାପ୍ରୁ, କେବଲ୍ ନା ପାନା ଆକାୟ୍, ମତର୍ ନାଦାଂ କେଇ ଆରି କାପ୍‌ଡ଼ା ପା ।"
୧୦ ଜିସୁ ତାଙ୍ଗ୍ ଇଚାନ୍, "ଇନେନ୍ ଇବାତାନ୍‌ନ୍ନା, ହେୱାନ୍ତି ପାନା ନୁସ୍‌ଦି ପିସ୍ତି ଆରେ ଇନାକା ଲଡ଼ା ଆକାୟ୍, ହେୱାନ୍
ହାତେ ସକଟ୍; ଏପେଙ୍ଗ୍ ସକଟ୍ କାଦେର୍, ମାତର୍ କେବଲ୍ ରକାନ୍ ଆକାୟ୍ ।"
୧୧ ଇନାକିଦେଂକି ଇନେର୍ ତାଙ୍ଗ୍ ସତ୍ରୁ କେଇଦ ହେଲାୟ୍ କିନାନ୍, ଜିସୁ ହେୱାନିଂ ପୁଞ୍ଜି ମାଚାନ୍; ପାଚେ ହେୱାନ୍ ଇଚାନ୍,
"ଏପେଙ୍ଗ୍ ରୱାନିଂ ପିସ୍ତି ୱିଜାକାଦେର୍ ସକଟ୍ ।"
୧୨ ହେ ପାଚେ ଜିସୁ ହେୱାର୍‌ତି ପାନା ନୁଜ୍‌ଜି ହିଜି ଜାର୍ ହେନ୍ଦ୍ରା ଉସ୍ପିସ୍ ଆରେ ରଗ ଜାର୍ ଗାଦିତ କୁଚ୍‌ଚି ପାଚେ ହେୱାରିଂ
ୱେନ୍‌ବାତାନ୍, "ଆନ୍ ମି କାଜିଂ ଇନାକା କିତାଂନ୍ନା, ହେଦାଂକି ଏପେଙ୍ଗ୍ ବୁଜା ଆତାଦେର୍ଣ୍ଣା ?"
୧୩ "ଏପେଙ୍ଗ୍ ନାଙ୍ଗେଙ୍ଗ୍ ଗୁରୁ ଆରି ମାପ୍ରୁ ଇଞ୍ଜି କୁକ୍ତାନାଦେରା, ଆରେ ହାଡ଼୍‌ପା ଇନାଦେରା; ଇନାକିଦେଂକି ଆନ୍‌ତ
ହେୱାଙ୍ଗ୍ ।"
୧୪ ଆରେ, ମାପ୍ରୁ ଆରି ଗୁରୁ ଜେ ମିୱାଙ୍ଗ୍ ଆନ୍, ଆନ୍ ଜଦି ମିୱାଙ୍ଗ୍ ପାନା ନୁଜ୍‌ଜି ହିଡ୍‌ତାଂନ୍ନା, ତେବେ ମିଦାଙ୍ଗ୍ ପା ରକାନ୍
ଆରେ ରକାନ୍ତି ପାନା ନୁସ୍‌ନାକା ଲଡ଼ା ।
୧୫ ଇନାକିଦେଂକି ମି କାଜିଂ ଆନ୍ ଇନେସ୍ କିତାଂନ୍ନା, ଏପେଙ୍ଗ୍ ପା ହେ ଲାକେ କିୟାଟ୍, ଇଦାଂ କାଜିଂ ଆନ୍ ମିଙ୍ଗେଙ୍ଗ୍ ର
ଉତର୍‌ମୁଡ଼୍ ଚଚ୍‌ଚାତାଂନ୍ନା ।

୧୬ ✡ହାଡ୍‌ପା ହାଡ୍‌ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଆଡ଼ିଏନ୍ ଜାର୍ ହାଉକାର୍‌ତାଂ ଆଦେକ୍ ମୁଡ଼୍‌ଦାକାନ୍ ଆକାୟ୍, ଆୱିତିସ୍
ପକ୍ୟାତାକାର୍ ଜାର୍ ପକ୍‌ତାକାନ୍‌ତାଂ ମୁଡ଼୍‌ଦାକାନ୍ ଆକାୟ୍ ।
୧୭ ନଙ୍ଗ୍ ଏପେଙ୍ଗ୍ ଇ ସତ୍ ପୁଚାଦେର୍‌ଚି, ତେବେ ହେ ଲାକେ କିତିସ୍ ଏପେଙ୍ଗ୍ ଦନ୍ୟ ।
୧୮ "ଆନ୍ ମିଙ୍ଗ୍ ୱିଜାକାର୍ ବିସ୍ରେ ଆନ୍ ଇ କାତା ଇଞ୍ଜୁଙ୍ଗା; ଆନ୍ ଇମ୍‌ଣାକାରିଂ ବାଚି କିତାଙ୍ଗ୍‌ନା, ହେୱାରିଂ ଆନ୍ ପୁନାଙ୍ଗ୍
ମାତର୍ ସାସ୍ତ୍ର‌ନି ଇ ବଚନ୍ ହାଡ୍‌ପା ସତ୍ ଆନାଡ୍ । ହେବେ ଏଲେଙ୍ଗ୍ ଗିଟାନାତା, ଇନେନ୍ ନା ଆରାଣ୍ ତିନାନ୍, ହେୱାନ୍
ନା ବିରୁଦ୍‌ତ ଲାଡ୍ ତଗ୍‌ନାନ୍ ।
୧୯ ହେଦାଂ ଗିଟାନି ସମୁତ, ଆନ୍ ହେୱାନ୍‌ନେ ଇଞ୍ଜି ଏପେଙ୍ଗ୍ ଇନେସ୍ ପାତର୍ କିନାଦେର୍, ଇଦାଂ କାଜିଂ ହେଦାଂ ଗିଟାଆନି
ଆଗେ ଆନ୍ ନଙ୍ଗ୍ ମିଙ୍ଗ୍ ୱେଚ୍‌ଚାନାଙ୍ଗା ଆନ୍ ଜେ ହେୱାଙ୍ଗ୍ ।
୨୦ ✡ହାଡ୍‌ପା ହାଡ୍‌ପା ଆନ୍ ମିଙ୍ଗ୍ ୱେଚ୍‌ଚାନାଙ୍ଗା, ଇନେର୍ ନା ପକ୍ତି ଲଗାଂ ଇଟ୍‌ନାର୍, ହେୱାର୍ ନାଙ୍ଗ୍ ଇଡ଼୍‌ଦାନାର୍ ଆରି
ଇନେର୍ ନାଙ୍ଗ୍ ଇଡ଼୍‌ଦାନାର୍, ହେୱାନ୍ ନାଙ୍ଗ୍ ପକ୍ତିତି ହାଉକାର୍‌ତିଂ ଇଟ୍‌ନାର୍ ।"

## ବିସାସ୍‌ତାକେ ବିସ୍‌ହିନାକା ବିସ୍ରେ ଜିସୁ ପୁଚାନ୍

*(ମାତିଉ ୨୬:୨୦-୨୫; ମାର୍କ ୧୪:୧୭-୨୧; ଲୁକ ୨୨:୨୧-୨୩)*

୨୧ ଜିସୁ ଇ ୱିଜୁ କାତା ୱେଚ୍‌ଚି ପାଚେ ଜିବୁନ୍ତ ଦୁକ୍ କିତାନ୍ ଆରି ଚଞ୍ଜିୟାଆଜି ସାକି ହିଜି ଇଚାନ୍, "ହାଡ୍‌ପା ହାଡ୍‌ପା ଆନ୍
ମିଙ୍ଗ୍ ଇଞ୍ଜ୍‌ନାଙ୍ଗା, ମି ବିତ୍ରେ ରକାନ୍ ନାଙ୍ଗ୍ ସତ୍ରୁ କେଇଦ ହେଲାୟ୍ କିଦ୍‌ନାନ୍ ।"
୨୨ ଜିସୁ ହେ ବିସ୍ରେ ୱେଚ୍‌ଚାନ୍, ହେ ବିସ୍ରେ ବୁଦି ବାମ୍‌ଣ୍ଡା ଆଜି ଚେଲାର୍ ହାରି ହୁଡ଼୍‌କାଆଦେଂ ଲାଗାତାର୍ ।
୨୩ ଜିସୁ ଚେଲାର୍ ବିତ୍ରେ ରୱାନ୍ ଇନେରିଂ ଜିସୁ ଜିଉନଜି ମାଚାନ୍ ହେୱାନ୍ ଜିସୁ ତିନାବାଗାଂ କୁଚ୍‌ଚି ତିନ୍‌ଜି ମାଚାନ୍ ।
୨୪ ଇଚିସ୍ ସିମନ୍ ପିତର୍ ହେୱାନିଂ ଚଚ୍‌ଚି କିଜି ଇଚାନ୍, "ହେୱାନ୍ ଇନେର୍ କାତା ଇନାନ୍ନା, ହେଦାଂ ୱେନ୍‌ବାଟ୍ ।"
୨୫ ହେୱାନ୍ ହେ ଲାକେ କୁଚ୍‌ଚି ମାନ୍‌ଞ୍ଜି ଜିସୁ ନେଞ୍ଜେଡାକିତ ଇଡ଼ିୟା ଆଜି ତାଙ୍ଗ୍ ୱେନ୍‌ବାତାନ୍, "ମାପ୍ରୁ, ହେୱାନ୍ ଇନେର୍
?"
୨୬ ଲାଗିଂ ଜିସୁ ଉତର୍ ହିତାନ୍, "ଇନେର୍ କାଜିଂ ଆନ୍ ଇ ରୁଟି ରଞ୍ଜି କ୍ଟୁକ୍‌ନାଂ ଆରି ଇନେରିଂ ହେଦାଂ ହିନାଂ, ହେୱାନ୍ ।"
ହେବେ ହେୱାନ୍ ହେ ରୁଟିତିଂ କ୍ଟୁକ୍‌ଚି ହେଦାଂ ଅଜି ସିମନ୍ ଇସ୍କାରିୟତିୟ ମେହି ଜିହୁଦାଙ୍ଗ୍ ହିତାନ୍ ।
୨୭ ହେୱାନ୍ ରୁଟି ପାୟା ଆଡି ପାଚେ ସୟ୍‌ତାନ୍ ତାଙ୍ଗ୍ ବିତ୍ରେ ହଟାଡ୍ । ହେବେ ଜିସୁ ତାଙ୍ଗ୍ ଇଚାନ୍, "ଇନାକା କିନାକା
ମାନାଡ୍, ହେଦାଂ ବେଗି କିୟା ।"
୨୮ ମାତର୍ ହେୱାନ୍ ତା ଇଦାଂ ଇନାକିଦେଂ ଇଚାନ୍ ତାଙ୍ଗ୍ ଇ କାତା ଇଞ୍ଜି ମାଚାନ୍, ହେଦାଂ ତିଞ୍ଜେଙ୍ଗ୍ କୁଚ୍‌ଚି ମାଚି ଲକୁ
ବିତ୍ରେ ଇନେର୍ ପୁନ୍‌ୱାତାର୍ ।
୨୯ ଇନାକିଦେଂକି ଜିହୁଦା ତାକେ ଡାବୁଙ୍ଗ୍‌ମଣା ମାଚିଲେ, ପାର୍ବୁ କାଜିଂ ଇନା ଇନାକା ଲଡ଼ା, ହେଦାଂ କଡ଼୍‌ଦେଂ ଆୱିତିସ୍
ଅକର୍ତାରିଂ ଅଲପ୍ ଦାନ୍ ହିଦେଂ ଜିସୁ ତାଙ୍ଗ୍ ଇଚାନ୍ ଇଞ୍ଜି ଇନେ ଇନେର୍ ବାବି କିତାର୍ ।
୩୦ ତା ପାଚେ ଇସ୍କାରିୟତିୟ ହେୱାନ୍ ରୁଟି ତିନ୍‌ଞ୍ଜି ହେୱାନ୍ ହେ ସାଙ୍ଗେ ହସି ହାଚାନ୍, ହେ ଏଚେକାଡ଼୍‌ଦ ନାଣା ସମୁ ।

## ଜିସୁତି ପୁନି ବଲ୍

୩୧ ହେୱାନ୍ ହସି ହାଚି ପାଚେ ଜିସୁ ଇଚାନ୍, "ନଙ୍ଗ୍ ମାନାୟ୍ ମାଜି ଜାଜ୍‌ମାଲ୍ ପାୟା ଆତାନ୍ ଆରି ତା ତାକେ ଇସ୍ୱର୍ ପା
ପାଦ୍‌ପାୟାଆତାନ୍ ।
୩୨ ଜଦି ଇସ୍ୱର୍ ତା ତାକେ ପାଦ୍‌ପାୟାଆତିସ୍, ତେବେ ଇସ୍ୱର୍ ପା ତାଙ୍ଗେଙ୍ଗ୍ ଜାର୍‌ତାକେ ପାଦ୍ ପାୟାନାକା କିନାନ୍,
ଆରେ ବେଗି ହେୱାନିଂ ଜାଜ୍‌ମାଲ୍ କିନାନ୍ ।"
୩୩ ✡ଜିସୁ ଇଚାନ୍ "ଏ ବପାର୍," ଆନ୍ ଆରେ ଅଲପ୍ ସମୁ ମି ହୁକେ ମାନାଂ । ଏପେଙ୍ଗ୍ ନାଙ୍ଗ୍ ଡେକ୍ତାନାଦେର୍; ଆରେ,
ଆନ୍ ଇମ୍‌ଣି ବାହାତ ହାନାଙ୍ଗା, ଏପେଙ୍ଗ୍ ହେ ବାହାତ ହାଞ୍ଜେଙ୍ଗ୍ ଆଡୁଦେର୍, ଇଦାଂ ଆନ୍ ଇନେସ୍ ଜିହୁଦି ନେତାର୍ ଇଚାର୍,
ହେ ଲାକେ ନଙ୍ଗ୍ ଏପେଙ୍ଗ୍ ପା ଇନାଦେରା ।
୩୪ "ଏପେଙ୍ଗ୍ ରକାନ୍ ଆରେ ରକାନିଂ ଜିଉନୱାଟ୍, ଇ ପୁନି ବଲ୍ ଆନ୍ ମିଙ୍ଗ୍ ହିଦ୍‌ନାଙ୍ଗା; ଆନ୍ ଇନେସ୍ ମିଙ୍ଗ୍ ଜିଉ
ନଡ୍‌ତାଂନା, ଏପେଙ୍ଗ୍ ପା ହେ ଲାକେ ରକାନ୍ ଆରେ ରକାନିଂ ଜିଉନନାକା ମାନାଡ୍ ।
୩୫ ଜଦି ମିଦାଙ୍ଗ୍ ରକାନ୍ ଆରେ ରକାନ୍ ତାକେ ଜିଉନବାନାକା ମାଚିସ୍, ତା ଆତିସ୍ ଏପେଙ୍ଗ୍ ଜେ ନା ଚେଲା, ଇଦାଂ
ୱିଜାକାର୍ ହେଦାଂ ପୁଞ୍ଜେଙ୍ଗ୍ ଆଡ୍‌ନାର୍ ।"

## ପିତର୍ ପାତର୍ କିୱି ବିସ୍ରେ

*(ମାତିଉ ୨୬:୩୧-୩୫; ମାର୍କ ୧୪:୨୭-୩୧; ଲୁକ ୨୨:୩୧-୩୪)*

୩୬ ସିମନ୍ ପିତର୍ ତାଂ ୱେନ୍‌ବାତାନ୍, "ମାପ୍ରୁ, ଏନ୍ ଇମେତାକେ ହାନାୟା ?" ଜିସୁ ଉତର୍ ହିତାନ୍, "ଆନ୍ ଇମେତାକେ
ହାନାଙ୍ଗା, ଏପେଙ୍ଗ୍ ନଙ୍ଗ୍ ନା ପାଚେ ପାଚେ ହାଞ୍ଜେଙ୍ଗ୍ ଆଡୁଦେର୍ ? ଆନ୍ ନି କାଜିଂ ଜାର୍ ଜିବୁନ୍ ହିନାଙ୍ଗ୍ ।"

---

✡ **୧୩:୧୬** ମାତିଉ ୧୦:୨୪; ଲୁକ ୬:୪୦; ଜହନ୍ ୧୫:୨୦. ✡ **୧୩:୨୦** ମାତିଉ ୧୦:୪୦; ମାର୍କ ୯:୩୭; ଲୁକ ୯:୪୮; ୧୦:୧୬. ✡ **୧୩:୩୩** ଜହନ୍ ୭:୩୪.

୩୭ ପିତର୍ ହେୱାନିଂ ୱେନ୍‌ବାତାନ୍, "ମାପ୍ରୁ, ଆନ୍ ନଙ୍ଗ୍ ଇନେକିଦେଂ ନି ପାଚେ ପାଚେ ହାଞ୍ଜେଙ୍ଗ୍ ଆଡୁଙ୍ଗ୍ ? ଆନ୍ ନି
କାଜିଂ ଜାର୍ ଜିବୁନ୍ ହିଦେଂ ଆଡ଼ନାଂ ।"
୩୮ ଜିସୁ ଉତର୍ ହିତାନ୍, "ଏନ୍ ଇନାକା ନା କାଜିଂ ଜାର୍ ଜିବୁନ୍ ହିନାୟ୍ ? ହାଡ଼ପା ହାଡ଼ପା ଆନ୍ ନିଙ୍ଗେଙ୍ଗ୍ ୱେଚ୍‌ଚାନାଙ୍ଗା,
ଗାଞ୍ଜା କୁକ୍କୁ କ୍ହେନିହିଂ ଏନ୍ ନାଙ୍ଗ୍ ତିନିହଟ୍ ପାତର୍ କିଦୁୟ୍ ।"

# ୧୪

## ଇସ୍ୱର୍ ନେ ହାଜି

୧ "ମି ମାନ୍ ବିଲ୍‌କି ଆମେତ୍, ଏପେଙ୍ଗ୍ ଇସ୍ୱର୍ ତାକେ ପାତର୍ କିୟାଟ୍, ନା ତାକେ ପା ପାତର୍ କିୟାଟ୍ ।"
୨ ନା ଆବାର୍ ଇଞ୍ଜ ଜବର୍ ବାହାଂ ମାନିଂ; ଜଦି ହଲ୍‌ୱିତିସ୍, ତା ଆତିସ୍ ଆନ୍ ମିଙ୍ଗେଙ୍ଗ୍ ୱେଚ୍‌ଚାତାଂମା, ଆନ୍ ମି କାଜିଂ
ବାହା ଜାଲ୍‌ଦି କିଦେଙ୍ଗ୍ ହାନାଙ୍ଗା;
୩ ଆରେ, ଆନ୍ ହାଲ୍‌ଜି ମି କାଜିଂ ବାହା ଜାଲ୍‌ଦି କିତିସ୍ ଆରେ ରଗା ୱାନାଙ୍ଗ୍, ଆରେ ଆନ୍ ଇମ୍‌ଣି ବାହାତ ମାନାଂ,
ଏପେଙ୍ଗ୍ ପା ଇନେସ୍ ହେ ବାହାତ ମାନାଦେର୍, ହେଦାଂ କାଜିଂ ମିଙ୍ଗ୍ ଜାର୍‌ତାକେ ଅଜି ହାଞ୍ଜ୍‌ନାଂ ।
୪ ଆରେ, ଆନ୍ ଇମ୍‌ଣି ବାହାତ ହାନାଙ୍ଗା, ହେ ହାଜି ଏପେଙ୍ଗ୍ ପୁନାଦେର୍ ।
୫ ତମା ଜିସୁଙ୍ଗ୍ ୱେନ୍‌ବାତାନ୍, "ମାପ୍ରୁ, ଏନ୍ ଇମ୍‌ଣି ବାହାତ ହାନାୟା, ହେଦାଂ ଆପେଂ ପୁନୁପ୍; ହାଜି ଇନେସ୍ ପୁଞ୍ଜେଙ୍ଗ୍
ଆଡ଼ନାପ୍ ?"
୬ ଜିସୁ ତାଙ୍ଗ୍ ଇଚାନ୍, "ଆନ୍ ହାଜି, ହାଡ଼ପା ଆରି ଜିବୁନ୍; ନା ହିଜି ହାଲ୍‌ୱିତିସ୍ ଇନେର୍ ଆବା ତାକେ ହାଲୁନ୍ ।
୭ ଜଦି ଏପେଙ୍ଗ୍ ନାଙ୍ଗ୍ ପୁଞ୍ଜିମାଞ୍ଜିସ୍, ତା ଆତିସ୍ ନା ଆବାଂ ପା ପୁଚାଦେର୍ମା; ନଙ୍ଗ୍ ତାଙ୍ଗ୍ ତାଙ୍ଗେଙ୍ଗ୍ ପୁନାଦେରା ଆରି ତାଙ୍ଗ୍
ହୁଡ଼୍‌ତାଦେର୍ଣ୍ଣା ।"
୮ ପିଲିପ୍ ଜିସୁଙ୍ଗ୍ ଇଚାନ୍, "ମାପ୍ରୁ, ମାଙ୍ଗେଙ୍ଗ୍ ଆବାଂ ଚଞ୍ଜ୍‌ୟା ଆୟିକିଦା, ହେଦାଂ ମା କାଜିଂ ସାରି ।"
୯ ଜିସୁ ହେୱାନିଂ ଇଚାନ୍, "ପିଲିପ୍, ଏଚେକ୍ ଦିନ୍ ଆନ୍ ମି ହୁଦାଂ ମାନାଙ୍ଗା, ଆରେ ଏନ୍ ଇନାକା ନାଙ୍ଗ୍ ପୁଞ୍ଜୁୱାତାଦେର୍
? ଇନେର୍ ନାଙ୍ଗ୍ ହୁଡ଼୍‌ଦାତାର୍‌ନା, ହେୱାନ୍ ଆବାଂ ହୁଡ଼୍‌ତାନ୍‌ନା; ମାଙ୍ଗେଙ୍ଗ୍ ଆବାଂ ଚଚିକିଦା ଇଞ୍ଜି ଏପେଙ୍ଗ୍ ଇନେସ୍
ଇନାଦେରା ?
୧୦ ଆନ୍ ଜେ ଆବା ତାକେ ମାନାଂ ଆରି ଆବା ନା ତାକେ ମାନାନ୍, ଇ କାତା ଇନାକା ପାତର୍ କିଉଦେରା ? ଆନ୍ ମିଙ୍ଗ୍
ଜେ ୱିଜୁ ବଚନ୍ ଇନାଡ୍," ହେ ସବୁ ନା ଜାର୍‌ତାଂ ଇନୁଙ୍ଗ୍, "ମାତର୍ ଆବା ନା ତାକେ ମାନ୍‌ଞ୍ଜି ଜାର୍ କାମାୟ୍ କିନାନା ।
୧୧ ଆନ୍ ଜେ ଆବା ତାକେ ମାନାଂ ଆରି ଆବା ଜେ ନା ତାକେ ମାନାନ୍, ନା ଇ କାତା ପାତର୍ କିୟାଟ୍, ଆୱିତିସ୍ ନା କାମାୟ୍
ହୁଡ଼୍‌ଜି ପାତର୍ କିୟାଟ୍ ।
୧୨ ହାଡ଼ପା ହାଡ଼ପା ଆନ୍ ମିଙ୍ଗ୍ ଇଞ୍ଜ୍‌ନାଙ୍ଗା, ନା ତାକେ ଇନେର୍ ପାତର୍ କିତାର୍, ଆନ୍ ଇମ୍‌ଣି ଇମ୍‌ଣି କାମାୟ୍ କିନାଙ୍ଗା,
ହେୱାନ୍ ପା ହେ ସବୁ କିନାନ୍, ଆରେ ହେ ସବୁ ବାଟା ଆଦିକ୍ ଗାଜା କାମାୟ୍ କିନାନ୍, ଇନାକିଦେଂକି ଆନ୍ ଆବା ତାକେ
ହାନାଙ୍ଗା ।
୧୩ ଆରେ, ଆବା ଇନେସ୍ ମାଜି ତାଙ୍ଗ୍ ଜାକ୍‌ମାଲ୍ ପାୟା ଆନାନ୍, ଇଦାଂ କାଜିଂ ଏପେଙ୍ଗ୍ ନା ତର୍‌ଦ ଇନାକା ପା ଏନ୍ତିତିସ୍,
ହେଦାଂ ଆନ୍ ହିଦ୍‌ନାଂ ।
୧୪ ଜଦି ଏପେଙ୍ଗ୍ ନା ତର୍‌ଦ ଇନାକାପା ବିସ୍ରେ ନାଙ୍ଗ୍ ଏନ୍ତାନାଦେର୍, ଆନ୍ ହେଦାଂ କିନାଙ୍ଗ୍ ।"

## ପୁଇପୁୟା ଜିବୁନ୍ ଦାନ୍‌ନି ବେଣ୍‌ହିନାକା

୧୫ "ଜଦି ଏପେଙ୍ଗ୍ ନାଙ୍ଗ୍ ଜିଉନଦ୍‌ନାଦେର୍, ତା ଆତିସ୍ ନା ବଲ୍ ସବୁ ମାନିକିନାଦେର୍ ।
୧୬ ଆରେ, ଆନ୍ ଆବାଂ ଗୱାରି କିନାଂ, ଆରେ ମି ହୁଦାଂ ସବୁ ଦାନ୍ ମାନି କାଜିଂ ହେୱାନ୍ ମିଙ୍ଗ୍ ଆରେ ରକାନ୍ ଉପ୍‌କାର୍
କିଦ୍‌ନାକାନିଂ ହିଦ୍‌ନାନ୍,
୧୭ ହେୱାନ୍ ଆନାନା ହାଡ଼ପାନି ଜିବୁନ୍ତିଂ ହିଦ୍‌ନାନ୍ । ପୁତର୍ ତାଙ୍ଗ୍ ଇଡ଼ଦେଂ ଆଡୁଡ୍, ଇନାକିଦେଂକି ପୁତର୍ ତାଙ୍ଗ୍ ହୁଡ଼୍‌ଡୁ
କି ପୁନୁଡ୍; ମାତର୍ ଏପେଙ୍ଗ୍ ତାଙ୍ଗ୍ ପୁନାଟ୍, ଇନାକିଦେଂକି ହେୱାନ୍ ମି ହୁକେ ମାନ୍‌ଗାନାନ୍, ଆରେ ହେୱାନ୍ ମି ୱାସ୍କିତ
ମାନ୍‌ଗାନାନ୍ ।"
୧୮ "ଆନ୍ ହାଚି ପାଚେ ମିଙ୍ଗ୍ ଟୁରା ହିମ୍‌ଣା କିଜି ପିସ୍ତି ହାଞ୍ଜୁଙ୍ଗ୍, ଆନ୍ ମି ତାକେ ମାସ୍‌ଦି ୱାନାଙ୍ଗ୍ ।
୧୯ ଅଲପ୍ ମାତର୍ ସମୁ ମାନାଡ୍, ପୁତର୍ ନାଙ୍ଗ୍ ଆରେ ହୁଡ଼୍‌ଦୁଡ୍; ମତର୍ ଏପେଙ୍ଗ୍ ନାଙ୍ଗ୍ ହୁଡ଼୍‌ଦାନାଦେର୍, ଇନାକିଦେଂକି
ଆନ୍ ଜିତାକାଂ, ଏପେଙ୍ଗ୍ ପା ଜିତାକାଦେର୍ ମାନାଦେର୍ ।
୨୦ ଆନ୍ ଜେ ନା ଆବା ତାକେ ଆରେ ଏପେଙ୍ଗ୍ ଜେ ନା ତାକେ ଆରି ଆନ୍ ମି ତାକେ ମାନାଂ, ଇଦାଂ ହେ ଦିନ୍ ୱାତିସ୍
ଏପେଙ୍ଗ୍ ପୁନାଦେର୍ ।"
୨୧ "ଇନେର୍ ନା ବଲ୍ ସବୁ ୱେନ୍‌ଞ୍ଜି ମାନିକିନାର୍, ହେୱାନ୍ ନାଙ୍ଗ୍ ଜିଉ ନଦ୍‌ନାନ୍, ଆରେ ଇନେର୍ ନାଙ୍ଗେଙ୍ଗ୍ ଜିଉ
ନଦ୍‌ନାନ୍, ନା ବାୱା ତାଙ୍ଗ୍ ଜିଉ ନନାନ୍, ଆରେ ଆନ୍ ହେୱାନିଂ ଜିଉ ନନାଂ ଆରି ତା ଲାଗାଂ ଜାର୍‌ତିଂ ହପ୍‌ନାଙ୍ଗ୍ ।"

²² ଜିହୁଦା, ଇସ୍କାରିୟତିୟ ଜିହୁଦା ହିଲ୍‌ୱାତାନ୍ ହେୱାନିଂ ୱେନ୍‌ବାତାନ୍, “ଏ ମାପ୍ରୁ, ଇଦାଂ ଇନେସ୍ ଆନାତ୍ ? ଜାର୍‌ତିଂ
ପୁର୍ତି ତାକେ ୱେଚ୍‌ୟାୱାଦାଂ ମା ତାକେ ଇନେସ୍ ହପ୍‌ନାଦେର୍ ?”
²³ ଜିସୁ ହେୱାନିଂ ଉତର୍ ହିତାନ୍, “ଜଦି ଇନେର୍ ନାଙ୍ଗ୍ ଜିଉନଦ୍‌ନାନ୍, ତା ଆତିସ୍ ହେୱାନ୍ ନା ବଚନ୍ ମାନିକିନାନ୍,
ଆରେ ନା ଆବା ହେୱାନିଂ ଜିଉ ନନାନ୍, ଆରେ ଆପେଂ ହେ କଚଣ୍ ୱାଜି ଆବା ଆରି ଆନ୍ ବାହା କିନାପ୍ ।
²⁴ ଇନେର୍ ନାଙ୍ଗ୍ ଜିଉ ନଦୁନ୍, ହେୱାନ୍ ନା ବଚନ୍ ମାନିକିଉନ୍, ଆରେ ଇମ୍‌ଣି ବଚନ୍ ଏପେଙ୍ଗ୍ ୱେନାଦେରା, ହେଦାଂ
ନାଦାଂ ଆକାୟ୍, ମତର୍ ନା ପକ୍ତିତି ମୁଣିକା ଆବାତି ।”
²⁵ “ଆନ୍ ମି ଲାହାଙ୍ଗ୍ ମାନ୍‌ଜି ମାନ୍‌ଜି ମିଙ୍ଗ୍ ଇ ୱିଜୁ କାତା ଇନ୍‌ଆଙ୍ଗ୍‌ନା ।
²⁶ ହେ ଉପ୍‌କାର୍ କିଦ୍‌ନାକାନ୍, ଇଚିସ୍ ଇମ୍‌ଣି ପୁଇପୁୟା ଜିବୁନ୍‌ତିଂ ବାୱା ନା ତର୍‌ଦ ପକ୍ତାନାନ୍, ହେୱାନ୍ ମିଙ୍ଗ୍ ୱିଜୁ
ବିସ୍ରେ ହିକ୍ୟା ହିଦ୍‌ନାନ୍, ଆରେ ଆନ୍ ମିଙ୍ଗ୍ ଇନା ଇନାକା ଇଞ୍ଜାଙ୍ଗ୍‌ନା, ହେ ସବୁ ମିଙ୍ଗେଙ୍ଗ୍ ଏତୁକିୟ୍ କିଦ୍‌ନାନ୍ ।”
²⁷ “ଆନ୍ ମିଙ୍ଗ୍ ନା ସୁସ୍ତା ହିଜି ହାନାଙ୍ଗା, ନା ଜାର୍‌ତି ସୁସ୍ତା ମିଙ୍ଗ୍ ଦାନ୍ କିଦ୍‌ନାଙ୍ଗା; ପୁର୍ତି ଇନେସ୍‌କି ଦାନ୍ କିଦ୍‌ନାତ୍,
ଆନ୍ ମିଙ୍ଗ୍ ହେ ଲାକେ ଦାନ୍ ହିଦୁଙ୍ଗା । ମି ମାନ୍ ଦୁକ୍ କି ପାଣ୍ଡ୍ରା ଆମେତ୍ ।”
²⁸ “ଆନ୍ ଜେ ହାନାଙ୍ଗା ଆରି ମି ତାକେ ମାସ୍‌ଦି ୱାନାଙ୍ଗ୍, ନା ଇ କାତା ତ ୱେଚାଦେର୍ଣ୍ଣା । ଜଦି ଏପେଙ୍ଗ୍ ନାଙ୍ଗ୍ ଜିଉନଜି
ମାନ୍‌ଞ୍ଜିସ୍, ତା ଆତିସ୍ ଆନ୍ ନା ଆବା କଚଣ୍ ହାନାଙ୍ଗା ଇଞ୍ଜି ୱାରି କିତାଦେର୍‌ମା, ଇନାକିଦେଂକି ବାୱା ନା ତାଙ୍ଗ୍ ଗାଜାକାନ୍
।
²⁹ ଆରେ, ହେଦାଂ ଗିଟାଆନି ସମୁତ ଏପେଙ୍ଗ୍ ଇନେସ୍ ପାର୍ତି କିନାଦେର୍, ଇଦାଂ କାଜିଂ ହେଦାଂ ଗିଟାଆନି ଆଗେ ଆନ୍
ନଙ୍ଗ୍ ମିଙ୍ଗ୍ ୱେଚ୍‌ଚାତାଂନା ।
³⁰ ଆନ୍ ମି ଲାହାଙ୍ଗ୍ ଆରେ ଆଦିକ୍ ସମୁ କାତାବାର୍ତା କିଦୁଙ୍ଗ୍, ଇନାକିଦେଂକି ପୁର୍ତିନି ମୁଡ଼୍‌ଦାକାନ୍ ୱାନାନା; ଆରେ,
ନା ତାକେ ତାଦାଙ୍ଗ୍ ଇନାକା ହିଲୁତ୍;
³¹ ମାତର୍ ଆନ୍ ଜେ ବାୱାଙ୍ଗ୍ ଜିଉ ନନାଂ ଆରି ବାୱାତି ବଲ୍ ଲାହାଂ କାମାୟ୍ କିନାଙ୍ଗ୍, ଇଦାଂ ଇନେସ୍ ପୁର୍ତି ପୁଞ୍ଜେଙ୍ଗ୍
ଆଡ଼୍‌ଦାତାତ୍, ଇଦାଂ କାଜିଂ ଇ ଲାକେ ପୁଞ୍ଜ୍‌ନାତ୍ ।”
“ୱାଡୁ, ଆସେଙ୍ଗ୍ ଇ ବାହାତାଂ ହାନାସ୍ ।”

# ୧୫

## ହାଡ଼୍‌ପା ଅଙ୍ଗୁର୍ କୁଡ଼ି ଜିସୁ

¹ “ଆନ୍ ହାଡ଼୍‌ପା ଅଙ୍ଗୁର୍ କୁଡ଼ି, ଆରେ ନା ଆବା କାମ୍‌ଲିୟା ।
² ନା ତାକେ ମାନି ଇମ୍‌ଣି କେନ୍ଦାଂ ପାଡ଼୍ ଆହ୍‌ୱିତିସ୍, ହେଦାଂ ହେୱାନ୍ କାଦ୍‌ଦି ତୁହିନାନ୍; ଆରେ ଇମ୍‌ଣି କେନ୍ଦାଂ ପାଡ଼୍
ଆହ୍‌ନାତ୍, ଆଦିକ୍ ପାଡ଼୍ ଆହ୍‌ନି କାଜିଂ ହେୱାନ୍ ହେଦାଂ ନିର୍ମଲ୍ କିନାନ୍ ।
³ ଆନ୍ ମିଙ୍ଗେଙ୍ଗ୍ ଇମ୍‌ଣି ବେରଣ୍ ଇନ୍‌ଆଙ୍ଗ୍‌ନା, ହେଦାଂ କାଜିଂ ଏପେଙ୍ଗ୍ ସକଟ୍ ଆତାଦେର୍ଣ୍ଣା ।
⁴ ନା ତାକେ ମାନାଟ୍, ହେବେ ଆନ୍ ମି ତାକେ ମାନାଂ । କେନ୍ଦାଂ ଇନେସ୍ ଅଙ୍ଗୁର୍ କୁଡ଼ିତ ମାନ୍‌ୱିତିସ୍ ଜାର୍‌ତାଂ ପାଡ଼୍
ଆସ୍ରେଙ୍ଗ୍ ଆଡୁତ୍, ହେ ଲାକେ ଏପେଙ୍ଗ୍ ପା ନା ତାକେ ମାନ୍‌ୱିତିସ୍ ପାଡ଼୍ ଆସ୍ରେଙ୍ଗ୍ ଆଡୁଦେର୍ ।”
⁵ “ଆନ୍ ଅଙ୍ଗୁର୍ କୁଡ଼ି, ଏପେଙ୍ଗ୍ କେନ୍ଦାଂ, ଇନେର୍ ନା ତାକେ ମାନ୍‌ଙ୍ଗାନାନ୍ ଆରି ଆନ୍ ଇନେର୍ ତାକେ ମାନାଂ, ହେୱାନ୍
ବେସି ପାଡ଼୍ ଆହ୍‌ନାନ୍; ଇନାକିଦେଂକି ନା ପିସ୍ତି ଏପେଙ୍ଗ୍ ଇନାକା କିଦେଙ୍ଗ୍ ଆଡୁଦେର୍ ।
⁶ ଇନେର୍ ଏଚେକାଡ଼୍‌ଦ ନା ତାକେ ମାନ୍‌ୱିତିସ୍, ତା ଆତିସ୍ ହେଦାଂ କାଡ଼୍‌ଦି କେନ୍ଦାଂ ଲାକେ ବାର୍ତ ତୁହିୟା ଆନାତ୍ ଆରି
ୱାଜ୍‌ଜି ହାନାତ୍, ଆରେ ଲକୁ ହେୱାକାଂ ରୁଣ୍ଡାୟ୍ କିଜି ନାଣିତ ତୁହିନାର୍ ଆରି ହେୱାଙ୍ଗ୍ କାଡ଼୍‌ଜିହାନିକ୍ ।”
⁷ “ଏପେଙ୍ଗ୍ ଜଦି ନା ତାକେ ମାନାଦେର୍, ଆରେ ନା ବଚନ୍ ମି ତାକେ ମାଚିସ୍, ତା ଆତିସ୍ ଇମ୍‌ଣି ବିସ୍ରେ ଇଚା କିନାଦେର୍,
ହେଦାଂ ଏନାଟ୍, ଆରେ ମି କାଜିଂ ହେଦାଂ ହିଦ୍‌ନାନ୍ ।
⁸ ଏପେଙ୍ଗ୍ ବେସି ପାଡ଼୍ ଆସ୍ତିସ୍ ନା ଆବା ଜାଜ୍‌ମାଲ୍ ପାୟା ଆନାନ୍, ଆରେ ଏନେଙ୍ଗ୍ ନା ହାଡ଼୍‌ପା ଚେଲା ଆନାୟ୍ ।
⁹ ଆବା ଇନେସ୍ ନାଙ୍ଗ୍ ଜିଉନତାନ୍‌ନା, ଆନ୍ ପା ହେ ଲାକେ ମିଙ୍ଗେଙ୍ଗ୍ ଜିଉନତ୍‌ତାଙ୍ଗ୍‌ନା; ନା ଜିଉନଦ୍‌ନିତ ତିର୍ ଆଜି
ମାନାଟ୍ ।
¹⁰ ଆନ୍ ଇନେସ୍ ନା ଆବାତି ବଲ୍ ମାନି କିଜି ତାଦାଙ୍ଗ୍ ଜିଉନନିତାକେ ତିର୍ ଆଜି ମାନାଙ୍ଗା, ହେ ଲାକେ ଏପେଙ୍ଗ୍‌ପା
ଏଚେକାଡ଼୍‌ଦ ନା ବଲ୍ ମାନିକିନାଦେର୍, ତା ଆତିସ୍ ନା ଜିଉନନିତାକେ ତିର୍ ଆଜି ମାନାଦେର୍ ।”
¹¹ “ନା ୱାରି ଇନେସ୍ ମି ତାକେ ମାନାତ୍, ଆରେ ମି ୱାରି ଇନେସ୍ ବାର୍ତି ଆନାତ୍, ଇଦାଂ କାଜିଂ ଆନ୍ ଇ ୱିଜୁ ମିଙ୍ଗେଙ୍ଗ୍
ୱେଚ୍‌ଚାତାଙ୍ଗ୍ ।
¹² ଆନ୍ ଇନେସ୍ ମିଙ୍ଗେଙ୍ଗ୍ ଜିଉନତ୍‌ତାଂନା, ଏପେଙ୍ଗ୍ ରକାନ୍ ଆରେ ରକାନିଂ ବିତ୍ରେ ଜିଉନବାଆଡୁ, ଇଦାଂ ନା ବଲ୍ ।
¹³ ଜାର୍ ହାଙ୍ଗ୍‌ଦାକାରିଂ କାଜିଂ ଜାର୍ ଜିବୁନ୍ ହିନି ବାଟା ଇନେର୍‌ତି ଆରେ ଆଦିକ୍ ଗାଜା ଜିଉନନାକା ହିଲୁତ୍ ।
¹⁴ ଆନ୍ ମିଙ୍ଗେଙ୍ଗ୍ ଇମ୍‌ଣି ବଲ୍ ହିଦ୍‌ନାଙ୍ଗା, ହେଦାଂ ଜଦି ମାନିକିନାଦେର୍, ତେବେ ଏପେଙ୍ଗ୍ ନା ହାଙ୍ଗ୍‌ଦାକାଦେର୍ ।

୧୫ ଆନ୍ ମିଙ୍ଗେଙ୍ଗ୍ ଆରେ ଆଡ଼ିଏନ୍ ଇଞ୍ଜି ଇଞ୍ଜୁଙ୍ଗା, ଇନାକିଦେଂକି ହାଉକାର୍ ଇନାକା କିନାନ୍, ଆଡ଼ିଏନ୍ ହେଦାଂ ପୁନୁନ୍,
ମାତର୍ ଆନ୍ ମିଙ୍ଗେଙ୍ଗ୍ ହାଙ୍ଗ୍‌ଦାକାର୍ ଇଞ୍ଜି ଇଞ୍ଜାଙ୍ଗ୍‌ନ୍ନା, ଇନାକିଦେଂକି ଆନ୍ ନା ଆବାତାଂ ଇନା ଇନାକା ୱେଚାଙ୍ଗ୍‌ନା, ହେ
ସବୁ ମିଙ୍ଗେଙ୍ଗ୍ ୱେଚ୍‌ଚାତାଙ୍ଗ୍ ।
୧୬ ଏପେଙ୍ଗ୍ ନାଙ୍ଗ୍ ବାଚି କିଦ୍‌ୱାତାଦେର୍ଣ୍ଣା, ମାତର୍ ଆନ୍ ମିଙ୍ଗେଙ୍ଗ୍ ବାଚି କିଡ୍‌ତାଙ୍ଗ୍‌ନ୍ନା, ଆରେ ଏପେଙ୍ଗ୍ ଇନେସ୍ ହାଲ୍‌ଜି
ପାଡ଼୍ ଉବ୍‌ଜାଣ୍ କିନାଦେର୍ ଆରି ମିୱାଙ୍ଗ୍ ପାଡ଼୍ ତିର୍‌ମାନ୍‌ଙ୍ଗାନାଡ଼୍, ଇଦାଂ କାଜିଂ ମିଙ୍ଗେଙ୍ଗ୍ ବାଚି କିଡ୍‌ତାଙ୍ଗ୍‌ନ୍ନା । ହେବେ
ଏପେଙ୍ଗ୍ ନା ତର୍‌ଦ ଆବାଂ ଇନାକା ଏନ୍‌ନାଦେର୍, ହେୱାନ୍ ହେଦାଂ ମିଙ୍ଗେଙ୍ଗ୍ ହିଦ୍‌ନାନ୍;
୧୭ ଏପେଙ୍ଗ୍ ଇନେସ୍ ରକାନ୍ ଆରେ ରକାନିଂ ଜିଉନୱାଟ୍, ଇଦାଂ କାଜିଂ ଆନ୍ ମିଙ୍ଗେଙ୍ଗ୍ ଇ ୱିଜୁ ବ଼ଲ୍ ହିଦ୍‌ନାଙ୍ଗା ।”

## ପୁତର୍ତିଂ ଗିଣ୍

୧୮ “ଜଦି ମିଙ୍ଗେଙ୍ଗ୍ ପୁତର୍ ଗିଣ୍ କିଡ୍‌ତିସ୍, ତେବେ ମିଙ୍ଗେଙ୍ଗ୍ ଗିଣ୍ କିଦ୍‌ନି ଆଗେ ହେଦାଂ ଜେ ନାଙ୍ଗ୍ ଗିଣ୍ କିଡ୍‌ତାଡ୍‌ନ୍ନା,
ଇଦାଂ ପୁନାଟ୍ ।
୧୯ ଏପେଙ୍ଗ୍ ଜଦି ପୁତର୍ତାଂ ଉବ୍‌ଜାଣ୍ ଆତାଦେର୍ମା, ତେବେ ପୁତର୍ ମିଙ୍ଗେଙ୍ଗ୍ ଜାର୍ ଲକୁର୍ ପୁଞ୍ଜି ଜିଉ ନତାମ୍ବା; ମାତର୍
ଏପେଙ୍ଗ୍ ପୁତର୍ତାଂ ଉବ୍‌ଜାଣ୍ ଆୱାତାୟ୍‌ନା, ନଲେ ଆନ୍ ମିଙ୍ଗେଙ୍ଗ୍ ପୁତର୍ତାଂ ବାଚି କିଡ୍‌ତାଡ୍‌ନ୍ନା, ଇଦାଂ କାଜିଂ ପୁତର୍
ମିଙ୍ଗ୍ ଗିଣ୍ କିଦ୍‌ନାଡ଼୍ ।”
୨୦ ✡ଆଡ଼ିଏନ୍ ଜାର୍ ହାଉକାର୍‌ତାଙ୍ଗ୍ ଗାଜା ଆକାୟ୍, ଆନ୍ ମିଙ୍ଗ୍ ଇ ଇମ୍‌ଣି ବଚନ୍ ୱେଚ୍‌ଚାତାଙ୍ଗ୍‌ନା, ହେଦାଂ ଏତୁ କିୟାଟ୍
। ହେୱାର୍ ଜଦି ନାଙ୍ଗ୍ ଇଣ୍ କିଡ୍‌ତାର୍‌ନା, ତା ଆତିସ୍ ମିଙ୍ଗ୍ ପା ଇଣ୍ କିଦ୍‌ନାର୍, ହେୱାର୍ ଜଦି ନା ବଚନ୍ ମାନିକିତାର୍ଣ୍ଣା, ତା
ଆତିସ୍ ମି ବଚନ୍ ପା ମାନିକିନାର୍ ।
୨୧ ମାତର୍ ହେୱାର୍ ନା ପକ୍ତି ହାଉକାର୍‌ତିଂ ପୁନ୍‌ୱାଦାଂ ମାଚିଲେ ନା ତର୍ କାଜିଂ ମିଙ୍ଗ୍ ପା ଇ ସବୁ କିଦ୍‌ନାର୍ ।
୨୨ ଜଦି ଆନ୍ ୱାଜି ହେ଼ୱାରିଂ ଇନ୍‌ୱାଦାଂ ମାଚିସ୍, ତା ଆତିସ୍ ହେୱାର୍‌ତି ପାପ୍ ଆୱାତାମ୍ବା; ମାତର୍ ନଙ୍ଗ୍ ହେୱାର୍‌ତି
ପାପ୍ ବିସ୍ରେ ହେୱାର୍ ଇନେର୍ ପା ଚଚା କିଦେଙ୍ଗ୍ ଆଡୁର୍ ।
୨୩ ଇନେର୍ ନାଙ୍ଗ୍ ଗିଣ୍ କିଦ୍‌ନାର୍, ହେୱାନ୍ ନା ଆବାଂ ପା ଗିଣ୍ କିନାନ୍ ।
୨୪ ଇମ୍‌ଣି କାମାୟ୍ ୱିଜୁ ଆ଼ରେ ଇନେର୍ କିତାତାର୍ଣ୍ଣା, ଆନ୍ ଜଦି ହେ ୱିଜୁ ହେ଼ୱାର୍ ବିତ୍ରେ କିୱାଦାଂ ମାଚିସ୍, ତା ଆତିସ୍
ହେୱାର୍‌ତି ପାପ୍ ଆୱାତାମ୍ବା; ମାତର୍ ନଙ୍ଗ୍ ହେୱାର୍ ହୁଡ଼୍‌ତାର୍‌ନା, ଆରେ ନାଙ୍ଗ୍ ଆରି ନା ଆବା ରିୟାରିଂ ଗିଣ୍ କିଡ୍‌ତାର୍‌ନା
।
୨୫ ମତର୍ ହେୱାର୍ ବିନାସୁନ୍‌ରେ ନାଙ୍ଗ୍ ଗିଣ୍ କିଡ୍‌ତାର୍, ହେୱାର୍‌ତି ମସାତି ବିଦିତ ଲେକାଆତି ଇ ବଚନ୍ ଇନେସ୍ ପୁରା
ଆନାଡ଼୍, ଇଦାଂ କାଜିଂ ଏଲେଙ୍ଗ୍ ଗିଟା ଆନାତା ।
୨୬ “ଆବାତି ତାକେଣ୍ଡାଂ ଆନ୍ ମି ଲାଗାଂ ଇମ୍‌ଣି ଉପ୍‌କାର୍ କିଦ୍‌ନାକାନିଂ ପକ୍ତାନାଂ, ଆବା ତାକେଣ୍ଡାଂ ହତି ହେ ହାଡ଼୍‌ପାନି
ଜିବୁନ୍ ୱାତିସ୍ ନା ବିସ୍ରେ ସାକି ହିଦ୍‌ନାନ୍;
୨୭ ଆରେ, ଏପେଙ୍ଗ୍ ପା ସାକି, ଇନାକିଦେଂକି ଏପେଙ୍ଗ୍ ଆରମ୍‌ତାଂ ନା ହୁକେ ମାନାଦେରା ।”

# ୧୬

୧ “ଏପେଙ୍ଗ୍ ଇନେସ୍ ପାତର୍ କିଉଦେର୍, ଇଦାଂ କାଜିଂ ଆନ୍ ମିଙ୍ଗେଙ୍ଗ୍ ଇ କାତା ଇଞ୍ଜ୍‌ନାଙ୍ଗା ।
୨ ମିଙ୍ଗେଙ୍ଗ୍ ଲକୁ ହେୱାର୍ କୁଟୁମ୍ ଇଞ୍ଜାଙ୍ଗ୍ ପାଗ୍ରି କିଦ୍‌ନାର୍ । ଏଲେଙ୍ଗ୍‌ବାତର୍ ସମୁ ୱାନାତା ଏଚେକାଡ଼୍‌ଦ ବାବିକିଦ୍‌ନାର୍
ଜେ ମିଙ୍ଗେଙ୍ଗ୍ ଅସ୍ତିନି କାଜିଂ ହେୱାର୍ ଇସ୍ୱର୍‌ତିଂ ହେବା କିନାରା ।
୩ ଆରେ, ହେୱାର୍ ଇଦାଂ ୱିଜୁ କି଼ନାର୍, ଇନାକିଦେଂକି ହେୱାର୍ ଆବାଂ କି ନାଙ୍ଗ୍ ପୁଞ୍ଜ୍‌ୱାତାର୍ଣ୍ଣା ।
୪ ମତର୍ ଇ ସବୁ ଗିଟାଆନି ସମୁ ଏକାୱାତିସ୍, ଆନ୍ ଜେ ମିଙ୍ଗେଙ୍ଗ୍ ୱେଚ୍‌ଚି ମାନ୍‌ଞ୍ଜାଙ୍ଗ୍, ଇଦାଂ ଇନେସ୍ ଏପେଙ୍ଗ୍ ଏତୁ
କିନାଦେର୍, ଇଦାଂ କାଜିଂ ଆନ୍ ଇ ୱିଜୁ କା଼ତା ମିଙ୍ଗେଙ୍ଗ୍ ୱେଚ୍‌ଚାତାଂନ୍ନା ।”

## ପୁଇପୁୟା ଜିବୁନ୍‌ନି କାମାୟ୍

୫ ମାତର୍ ନଙ୍ଗ୍ ଆନ୍ ନା ପକ୍ତିତି ହାଉକାର୍‌ତାକେ ହାନାଙ୍ଗା, ଆରେ ଏପେଙ୍ଗ୍ “ଇମ୍‌ଣି ବାହାତ ହାନାୟା” ଇଞ୍ଜି ମି ବିତ୍ରେ
ଇନେର୍ ନାଙ୍ଗ୍ ୱେନ୍‌ବା ଆଦୁଦେରା ।
୬ ମତର୍ ଆନ୍ ମିଙ୍ଗେଙ୍ଗ୍ ଇ ୱିଜୁ କା଼ତା ଇଞ୍ଜି ମାଚିଲେ ମି ମାନ୍ ଦୁକ୍‌ତ ବାତର୍ ଆତାଡ଼୍‌ନ୍ନା ।
୭ ମାତର୍ ଆନ୍ ମିଙ୍ଗେଙ୍ଗ୍ ହାଡ଼୍‌ପା ଇଞ୍ଜ୍‌ନାଙ୍ଗା, ନା ହାନାକା ମି କାଜିଂ ହାର୍, ଇନାକିଦେଂକି ଆନ୍ ହାଲ୍‌ୱିତିସ୍ ହେ ଉପ୍‌କାର୍
କିନାକାନ୍ ମି ତାକେ ୱାଉନ୍, ମତର୍ ଆନ୍ ହାଚିସ୍ ହେୱାନିଂ ମି ତାକେ ପକ୍ତାନାଂ ।
୮ “ହେୱାନ୍ ୱାଜି ପା଼ପ୍, ଦାମର୍ ଆରି ବିଚାର୍ ବିସ୍ରେ ପୁତର୍ତିଂ ହାଡ଼୍‌ପା ପାର୍ମାଣ୍ ହିନାନ୍;
୯ ହେୱାନ୍ ୱେଚ୍‌ଚାନାନ୍ ଜେ ନା ତାକେ ପାତର୍ କିୱାକାର୍ ନେ ପାପ୍;
୧୦ ଦାମର୍ ବିସ୍ରେ ହେୱାର୍ ବୁଲ୍ ଇନାକିଦେଂକି ଆନ୍ ଆବା ତାକେ ହାନାଙ୍ଗା ଆରି ଏପେଙ୍ଗ୍ ନାଙ୍ଗ୍ ଆରେ ହୁଡ଼୍‌ଦୁଦେର୍;

✡ **୧୫:୨୦** ମାତିଉ ୧୦:୨୪; ଲୁକ ୬:୪୦; ଜହନ୍ ୧୩:୧୬.

¹¹ ବିଚାର୍ଣ୍ଣା ବିସ୍ରେ ହେୱାର୍ ବୁଲ୍ ଇନାକିଦେଂକି ଇ ଜଗତ୍‌ତ ମୁଡ଼୍‌ଦାକାନ୍ ବିଚାର୍ଣ୍ଣା ଆତାତେ ।”
¹² “ଆନ୍ ମିଙ୍ଗେଙ୍ଗ୍ ଆଦିକ୍ କାତା ଇଞ୍ଜ୍‌ନାକା ମାନାତ୍, ମତର୍ ଏପେଙ୍ଗ୍ ନଙ୍ଗ୍ ହେ ସବୁ ହୁନ୍‌ଜେଙ୍ଗ୍ ଆଡୁଦେର୍ ।
¹³ ମାତର୍ ହେୱାନ୍, ହାଡ଼୍‌ପା ଜିବୁନ୍ ୱାତିସ୍ ହେୱାନ୍ ୱିଜୁ ହାଡ଼୍‌ପା ବୁଜାଆଦେଂ ସାକ୍ତି ହିଦ୍‌ନାନ୍, ହେୱାନ୍ ଜାର୍
ଆଦିକାର୍ ସାକ୍ତିତାଂ ଇନାକା ଇଞ୍ଜୁନ୍ ଇସ୍ୱର୍ ତାକେ ଇନାକା ୱେଚାର୍‌ନା ଏଚେକ୍ ହେୱାନ୍ ଚଚ୍‌ନାନ୍ ଇନାକା ଗିଟା ଆଦେଂ
ହାନାତା, ହେଦାଂ ମିଙ୍ଗେଙ୍ଗ୍ ୱେଚ୍‌ଚାନାନ୍ ।
¹⁴ ହେୱାନ୍ ନାଙ୍ଗ୍ ଜାଜ୍‌ମାଲ୍ ହିଦ୍‌ନାନ୍, ଇନାକିଦେଂକି ହେୱାନ୍ ନା ବିସ୍ରେ ସବୁ କାତା ଅଜି ମିଙ୍ଗେଙ୍ଗ୍ ଜାଣାୟ୍ କିଦ୍‌ନାନ୍
।
¹⁵ ଇନା ଇନାକା ଆବାତି, ହେ ସବୁ ନାଦାଂ; ଇଦାଂ କାଜିଂ ଆନ୍ ଇଚାଂ, ପୁଇପୁୟା ଜିବୁନ୍ ହେୱାନ୍ ନା ବିସ୍ରେ ଅଜି
ମିଙ୍ଗେଙ୍ଗ୍ ଜାଣାୟ୍ କିଦ୍‌ନାନ୍ ।”

## ଦୁକ୍ ଆରି ୱାରି

¹⁶ “ମତର୍ ଅଲପ୍ ସମୁ ମାନାତ୍, ଏପେଙ୍ଗ୍ ଆରେ ନାଙ୍ଗ୍ ହୁଡ଼୍‌ଡୁଦେର୍, କେଡ୍‌ଦିନ୍ ପାଚେ ଏପେଙ୍ଗ୍ ନାଙ୍ଗେଙ୍ଗ୍
ହୁଡ଼୍‌ଦାନାଦେର୍ ।”
¹⁷ ହେବେଣ୍ଡାଂ ତା ଚେଲାହିର୍ ବିତ୍ରେତାଂ ଇନେ ଇନେର୍ ରକାନ୍ ଆରେ ରକାନିଂ ଇଚାର୍, “ଅଲପ୍ ମତର୍ ସମୁ ମାନାତ୍,
ଏପେଙ୍ଗ୍ ନାଙ୍ଗେଙ୍ଗ୍ ହୁଡ଼୍‌ଡୁଦେର୍, କେଡ୍‌ଦିନ୍ ପାଚେ ଏପେଙ୍ଗ୍ ନାଙ୍ଗେଙ୍ଗ୍ ହୁଡ଼୍‌ଦାନାଦେର୍ ଆରି ଆନ୍ ଆବାତି ଲାଗେ
ହାନାଙ୍ଗା, ଇ ଇମ୍‌ଣି କାତା ହେୱାନ୍ ମାଙ୍ଗେଙ୍ଗ୍ ଇଞ୍ଜ୍‌ନାନା, ଇଦାଂ ଇନାକା ?”
¹⁸ “ଅଲପ୍ ସମୁ ଇଞ୍ଜି ହେୱାନ୍ ଇନାକା ଇନାନ୍ନା ? ହେୱାନ୍ ଇନାକା ଇନାନ୍ନା, ଆପେଂ ବୁଜାଆଦେଂ ଆଡୁପା ।”
¹⁹ ହେୱାର୍ ତାଙ୍ଗ୍ ୱେନ୍‌ବେଦେଂ ଇଚା କିନାରା ଇଞ୍ଜି ପୁଞ୍ଜି ଜିସୁ ହେୱାରିଂ ଇଚାନ୍, “ଅଲପ୍ ମତର୍ ସମୁ ମାନାତ୍,
ଏପେଙ୍ଗ୍ ନାଙ୍ଗ୍ ହୁଡ଼୍‌ଡୁଦେର୍, ଆରେ ରଗ ଅଲପ୍ ସମୁ ପାଚେ ଏପେଙ୍ଗ୍ ନାଙ୍ଗ୍ ହୁଡ଼୍‌ଦାନାଦେର୍, ଆନ୍ ଇ ଇମ୍‌ଣି କାତା
ଇନ୍‌ଆଙ୍ଗ୍, ହେ ବିସ୍ରେ ଅଜି ଏପେଙ୍ଗ୍ ଇନାକା ରକାନ୍ ରିକାର୍ ବେଣ୍‌ବାଟ୍ କିନାଦେରା ?
²⁰ ଆନ୍ ହାଡ଼୍‌ପା ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଏପେଙ୍ଗ୍ ଆଡ଼୍‌ବାନାଦେର୍ ଆରି ଦୁକ୍ କିନାଦେର୍, ମାତର୍ ପୁର୍ତି ୱାରି କିନାତ୍;
ଏପେଙ୍ଗ୍ ଦୁକ୍ ଆନାଦେର୍, ମାତର୍ ମିଦାଙ୍ଗ୍ ଦୁକ୍ ୱାରିତାଂ ବାର୍ତି ଆନାତ୍ ।
²¹ କନାତ କୁଚ୍‌ଚେଂ ସମୁ ଏକାୱାତିସ୍ କଗ୍‌ଲେ ପାୟା ଆନାତ୍; ମାତର୍ ହେଦେଲ୍ ହିମ୍‌ଣା ଗାଟାଆତି ପାଚେ ପୁର୍ତିତ
ରକାନ୍ ମାନାୟ୍ ଜଲମ୍ ଆତାନ୍ନା, ଇ ୱାରି କାଜିଂ ଆରେ କସ୍ଟତିଂ ଏତୁ କିଉତ୍ ।
²² ହେ ଲାକେ ଏପେଙ୍ଗ୍ ନଙ୍ଗ୍ ଦୁକ୍ ପାୟାଆନାଦେରା, ମାତର୍ ଆନ୍ ଆରେ ରଗ ମିଙ୍ଗେଙ୍ଗ୍ ଚଞ୍ଜିୟାଆଦ୍‌ନାଂ, ଆରେ
ମିଦାଙ୍ଗ୍ ୱାସ୍କିତାଂ ୱାର୍‌ୟା ଆନାତ୍ ଆରି ଇନେର୍ ମିତାଙ୍ଗ୍ ମିଙ୍ଗେଙ୍ଗ୍ ୱାରି ଜେଲ୍‌ଜି ଅଦୁର୍ ।”
²³ “ହେ ଦିନ୍ ନାଙ୍ଗ୍ ଇନାକା ୱେନ୍‌ବା ଆଦୁଦେର୍ । ହାଡ଼୍‌ପା ହାଡ଼୍‌ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଜଦି ଏପେଙ୍ଗ୍ ଆବାଂ
ଇନାକାପା ଏନ୍‌ନାଦେର୍, ବାଟିଙ୍ଗ୍ ନା ତର୍‌ଦ ହେୱାନ୍ ମିଙ୍ଗେଙ୍ଗ୍ ହେଦାଂ ହିଦ୍‌ନାନ୍ ।
²⁴ ଇ ପାତେକ୍ ଏପେଙ୍ଗ୍ ନା ତର୍‌ଦ ଇନାକା ଏନ୍ତାୱାତାଦେର୍ଣ୍ଣା, ନଙ୍ଗ୍ ଏନାଟ୍ ଏପେଙ୍ଗ୍ ହେଦାଂ ପାୟାନାଦେର୍ ମିଦାଙ୍ଗ୍
ୱାରି ଇନେସ୍ ବାର୍ତି ଆନାତ୍ ।”

## ପୁର୍ତି ଜପି ଜିଣାନାକା

²⁵ “ଆନ୍ ମିଙ୍ଗେଙ୍ଗ୍ ୱାଚ୍‌କା ଚଚ୍‌ଚି ଇ ସବୁ କାତା ଇଞ୍ଜାଙ୍ଗ୍‌ନ୍ନା; ସମୁ ୱାନାତା, ଏଚେକାଡ଼୍‌ଦ ଆନ୍ ଆରେ ୱାଚ୍‌କାଙ୍ଗ୍ ଚଚ୍‌ଚି
ମିଙ୍ଗେଙ୍ଗ୍ ୱେଚ୍‌ଚୁଙ୍ଗ୍, ମାତର୍ ଆବାତି ବିସ୍ରେ ପୁଟ୍‌ତେରଚେ ମିଙ୍ଗେଙ୍ଗ୍ ଜାଣାୟ୍ କିଦ୍‌ନାଂ ।
²⁶ ହେ ଦିନ୍ ଏପେଙ୍ଗ୍ ନା ତର୍‌ଦ ତାଙ୍ଗେଙ୍ଗ୍ ଏନ୍ତାନାଦେର୍, ଆରେ, ଆନ୍ ଜେ ମିଦାଙ୍ଗ୍ ପାକ୍ୟାତ ଆବାଂ ଗୱାରି କିନାଙ୍ଗ୍,
ଇଦାଂ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜୁଙ୍ଗା;
²⁷ ଇନାକିଦେଂକି ଆବା ନିଜେ ମିଙ୍ଗେଙ୍ଗ୍ ଜିଉନଦ୍‌ନାନ୍, ଲାଗିଂ ଏପେଙ୍ଗ୍ ନାଙ୍ଗେଙ୍ଗ୍ ଜିଉନଦ୍‌ନାଦେରା ଆରି ଆନ୍ ଜେ
ଇସ୍ୱର୍ ତାକେଣ୍ଡାଂ ୱାତାଙ୍ଗ୍‌ନା, ହେଦାଂ ଏପେଙ୍ଗ୍ ପାର୍ତି କିତାଦେର୍ଣ୍ଣା ।
²⁸ ଆନ୍ ଆବାତାଂ ଜଗତ୍‌ତାକେ ୱାତାଙ୍ଗ୍‌ନା; ଆରେ ରଗ ଆନ୍ ପୁର୍ତି ପିସ୍ତି ଆବା ତାକେ ହାନାଙ୍ଗା ।”
²⁹ ଇ କାତା ୱେନ୍‌ଜି ଚେଲାହିର୍ ଇଚାର୍, “ହୁଡ଼ା, ନଂ ଏନ୍ ରାକୁକିଜି ୱେଚ୍‌ଚାନାୟା ଆରି ୱାଚ୍‌କା ଚଚ୍‌ଚି କାତା ଆରେ
ଇନୁୟା ।
³⁰ ନଙ୍ଗ୍ ଆପେଂ ଇଦାଂ ପୁନାପ୍ ଜେ ଏନ୍ ଜେ ସବୁ ବିସ୍ରେ ପୁନାୟ୍ ଆରେ ଇନେରିଂ ୱେନ୍‌ବେଦେଂ ଲଡ଼ା ଆକାୟ୍, ହେଦାଂ
ନଙ୍ଗ୍ ଆପେଂ ପୁଚାପ୍; ଇସ୍ୱର୍ ତାକେଣ୍ଡାଂ ଏନ୍ ୱାତାୟ୍‌ନ୍ନା ଇଞ୍ଜି ଆପେଂ ଇଦାଂ ହୁକେ ପାର୍ତି କିନାପା ।”
³¹ ଜିସୁ ହେୱାରିଂ ଉତର୍ ହିତାନ୍, “ଏପେଙ୍ଗ୍ ଇନାକା ନଙ୍ଗ୍ ପାର୍ତି କିନାଦେରା କି ?
³² ହୁଡ଼ାଟ୍, ସମୁ ୱାନାତା, ଆଁ, ୱାତାତେ, ଏଚେକାଡ଼୍‌ଦ ଏପେଙ୍ଗ୍ ଚିନ୍‌ବିନ୍ ଆଜି ୱିଜାକାଦେର୍ ଜାର୍ ଜାର୍ ଇଞ୍ଜ ହନ୍‌ଚି
ହାନାଦେର୍, ଆରେ ନାଙ୍ଗେଙ୍ଗ୍ ରୱାନିଂ ପିସ୍ତି ହାନାଦେର୍; ଆତିସ୍‌ପା ରକାଂ ଆକାୟ୍, ଇନାକିଦେଂକି ଆବା ନା ହୁକେ ମାନାନ୍
।

୩୩ ଏପେଙ୍ଗ୍ ଇନେସ୍ ନା ତାକେ ମାନ୍‌ଞ୍ଜି ସୁସ୍ତା ପାୟା ଆଡୁ, ଇଦାଂ କାଜିଂ ଆନ୍ ମିଙ୍ଗେଙ୍ଗ୍ ଇ ସବୁ ବିସ୍ରେ ଇନ୍‌ଞ୍ଜାଙ୍ଗ୍‌ନ୍ନା ।
ପୁତର୍ିତ ମି କାଜିଂ ଦୁକ୍ ମାନାତ୍, ମାତର୍ ସାସ୍ ଆହାଟ୍; ଆନ୍ ପୁତର୍ିତିଂ ଜିଣା ଆତାଙ୍ଗ୍‌ନା ।”

# ୧୭

## ଜିସୁଙ୍ଗ୍ ମାପ୍ରୁହେବାକିନାକାନ୍ ପାର୍ତାନା

୧ ଜିସୁ ଇ ୱିଜୁ ବେରଣ୍ ଇଞ୍ଜି ସାର୍ଗେନିପ ଜପି ହୁଡ଼୍‌ଜି ଇଚାନ୍, “ଆବା, ସମୁ ଏକା ୱାତାତେ; ନି ମାଜିଙ୍ଗ୍ ଜାଜ୍‌ମାଲ୍ କିୟା,
ଇନେସ୍ ମାଜି ନିଙ୍ଗେଙ୍ଗ୍ ପାଣ୍ କିଦ୍‌ନାନା,
୨ ଏପେଙ୍ଗ୍ ତାଙ୍ଗେଙ୍ଗ୍ ୱିଜାର୍ ମାନାୟାରିଂ ଆଦିକାର୍ ହିତାୟ୍‌ନା, ହେୱେରିଂ ୱିଜ୍‌ୱି ଜିବୁନ୍ ହିଦେଂ ଇଞ୍ଜି ତାଙ୍ଗେଙ୍ଗ୍
କେଇଦ ୱିଜୁ ବଜ୍ ଜପି ଆଦିକାର୍ ହିତାଦେର୍ ।
୩ ଆରେ, ରକାନ୍ ମତର୍ ହାତ୍‌ପା ଇସ୍ୱର୍ ଜେ, ଏନ୍ ମିଙ୍ଗେଙ୍ଗ୍ ଆରି ମି ପକ୍ୟାତାକାନ୍ ଜିସୁ କ୍ରିସ୍ଟଙ୍ଗ୍ ପୁନାକା ନେ ୱିଜ୍‌ୱି
ଜିବୁନ୍ ଆନାନ୍,
୪ ଏପେଙ୍ଗ୍ ନାଙ୍ଗେଙ୍ଗ୍ ଇମ୍‌ଣି କାମାୟ୍ କିଦେଙ୍ଗ୍ ହିଦ୍‌ତାଦେର୍ଣ୍ଣା, ହେଦାଂ ଆନ୍ ୱିସ୍ରି ପୁତର୍ିତ ମିଙ୍ଗେଙ୍ଗ୍ ଜାଜ୍‌ମାଲ୍
କିଦ୍‌ନାଙ୍ଗା ।
୫ ଆରେ ନଙ୍ଗାୟ୍ ଏ ଆବା, ପୁତର୍ିନି ଉବ୍‌ଜାଣ୍ ଆଗେ ମି ହୁଦାଂ ନା ଇମ୍‌ଣି ପାଣ୍ ମାଚାଡ୍, ତା ପାଚେ ଏପେଙ୍ଗ୍ ନାଙ୍ଗେଙ୍ଗ୍
ନି ଜାଜ୍‌ମାଲ୍ ନାଙ୍ଗ୍ ହିଦା ।”
୬ “ଏପେଙ୍ଗ୍ ନାଙ୍ଗେଙ୍ଗ୍ ପୁତର୍ି ବିତ୍ରେ ଇମ୍‌ଣି ମାନାୟାରିଂ ଦାନ୍ କିନାଦେର୍, ଆନ୍ ହେୱାର୍ ଲାଗେ ନି ତର୍ ୱେଚ୍ୟାତାନ୍;
ହେୱାର୍ ମିୱାର୍ ମାଚାର୍ ଆରି ଏପେଙ୍ଗ୍ ହେୱାରିଂ ନାଙ୍ଗେଙ୍ଗ୍ ଦାନ୍ କିଡ୍‌ତାୟ୍, ଆରେ ହେୱାର୍ ନି ବଲ୍ ପାଲି କିନାରା ।
୭ ଏପେଙ୍ଗ୍ ନାଙ୍ଗେଙ୍ଗ୍ ଇନା ଇନାକା ଦାନ୍ କିଡ୍‌ତାଦେର୍ଣ୍ଣା, ହେ ୱିଜୁ ଜେ ନିଙ୍ଗ୍ ତାଙ୍ଗ୍ ଆତାଡ୍‌ନ୍ନା, ଇଦାଂ ହେୱାର୍ ନଙ୍ଗାୟ୍
ବୁଜାଆତାର୍ଣ୍ଣା;
୮ ଇନାକିଦେଂକି ଏପେଙ୍ଗ୍ ନାଙ୍ଗେଙ୍ଗ୍ ଜେ ୱିଜୁ ବଚନ୍ ଦାନ୍ କିନାଦେର୍, ଆନ୍ ହେୱେରିଂ ହେ ସବୁ ଦାନ୍ କିତାଙ୍ଗ୍‌ନା,
ଆରେ ହେୱାର୍ ଇଡ୍‌ତାର୍‌ନ୍ନା, ଆରେ ଆନ୍ ଜେ ମିତାଙ୍ଗ୍ ୱାନାଙ୍ଗା, ହେଦାଂ ହାତ୍‌ପାରଚେ ପୁଚାର୍ଣ୍ଣା ଆରି ଏପେଙ୍ଗ୍ ନାଙ୍ଗେଙ୍ଗ୍
ପକ୍‌ତାତାୟ୍‌ନା ଇଞ୍ଜି ପାତର୍ି କିନାୟା ।”
୯ “ଆନ୍ ହେୱାର୍ କାଜିଂ ଗୱାରି କିନାଙ୍ଗା; ପୁତର୍ିତିଂ ଇଞ୍ଜି ପାର୍ତାନା କିଉଙ୍ଗା, ମାତର୍ ଏପେଙ୍ଗ୍ ନାଙ୍ଗେଙ୍ଗ୍ ଇମ୍‌ଣାକାରିଂ
ହିତାଦେର୍‌ନା, ହେୱାର୍ କାଜିଂ ପାର୍ତାନା କିନାଙ୍ଗା, ଇନାକିଦେଂକି ହେୱାର୍ ମିୱାର୍;
୧୦ ଇନା ଇନାକା ନାଦାଂ, ହେ ୱିଜୁ ମିଦାଙ୍ଗ୍, ଆରେ ଇନା ଇନାକା ମିଦାଙ୍ଗ୍, ହେ ୱିଜୁ ନାଦାଂ; ଆରେ, ଆନ୍ ହେୱାର୍
ତାକେ ଜାଜ୍‌ମାଲ୍ ପାୟା ଆତାଙ୍ଗ୍‌ନା ।
୧୧ ଆନ୍ ଆରେ ଇ ପୁତର୍ିତ ମାନୁଙ୍ଗା, ମାତର୍ ଇୱାର୍ ପୁତର୍ିତ ମାନାର୍; ଆରେ, ଆନ୍ ସାକ୍ତି କାଜିଂ ମି ଲାଗେ ହାନାଙ୍ଗା
। ପୁଇପୁୟା ଆବା, ମି ତର୍‌ଦ ହେୱାରିଂ ରାକ୍ୟା କିୟା ଇମ୍‌ଣି ତର୍ ଏନ୍ ନାଙ୍ଗେଙ୍ଗ୍ ହିଦ୍‌ତାୟ୍‌ନା, ହେ ଲାକେ ଆପେଂ
ଇନେସ୍‌କି ଏକ୍, ହେୱାର୍ ହେ ଲାକେ ଏକ୍ ଆନାର୍ ।”
୧୨ ✡“ହେୱାର୍ ଲାହାଙ୍ଗ୍ ମାନି ସମୁତ ଆନ୍ ହେୱାରିଂ ମି ତର୍‌ଦାଂ ରାକ୍ୟା କିଜି ୱାତାଙ୍ଗ୍‌ନା ଇମ୍‌ଣି ତର୍ ଏନ୍ ନାଙ୍ଗେଙ୍ଗ୍
ହିଦ୍‌ତାଦେର୍ଣ୍ଣା, ଆରେ ଆନ୍ ହେୱାରିଂ ଜାଗ୍ରତ୍‌ତାଂ ରାକ୍ୟା କିତାଙ୍ଗ୍‌ନା ଆରି ସାସ୍ତ୍ରତ ଇନେସ୍ ଜିତା ଆନାତ୍, ଇଦାଂ କାଜିଂ
ନାସ୍ ଆନି କାଡ୍‌ଦେ ପିସ୍ତି ହେୱାର୍ ବିତ୍ରେ ରୱାନ୍ ଇନେନ୍ ନସ୍ଟ ଆୱାତାର୍ଣ୍ଣା ।
୧୩ ମାତର୍ ଅଙ୍ଗାୟ୍ ଆନ୍ ମି ଲାଗେ ହାନାଙ୍ଗା, ଆରେ ହେୱାର୍ ୱାସ୍ୱିତ ନା ୱାରି ଇନେସ୍ ବାତର୍ି ଆନାତ୍, ହେଦାଂ କାଜିଂ
ପୁତର୍ିତ ମାନୁ ମାନୁ ଆନ୍ ଇ ସବୁ ଇଞ୍ଜ୍‌ନାଙ୍ଗା ।
୧୪ ଆନ୍ ହେୱାରିଂ ନି ବଚନ୍ ହିଦ୍‌ତାଙ୍ଗ୍‌ନା, ଆରେ ପୁତର୍ି ହେୱାରିଂ ଗିଣ୍ କିନାତା, ଇନାକିଦେଂକି ଆନ୍ ଇନେସ୍ ଇ
ପୁତର୍ିତ ଆକାୟ୍, ହେୱାର୍ ହେ ଲାକେ ଇ ପୁତର୍ିତାଂ ୱାୱାତାଙ୍ଗ୍‌ନା ।
୧୫ ଏପେଙ୍ଗ୍ ହେୱାରିଂ ପୁତର୍ି ତାଙ୍ଗ୍ ଅୱାଟ୍ ଇଞ୍ଜି ଆନ୍ ପାର୍ତାନା କିନାଙ୍ଗା, ମାତର୍ ହେୱାରିଂ ସୟତାନ୍ ତାଙ୍ଗ୍ ରାକ୍ୟା
କିୟା ଇଞ୍ଜି ଗୱାରି କିନାଙ୍ଗା ।
୧୬ ଆନ୍ ଇନେସ୍ ପୁତର୍ିତ ଆୱାତାଂନା, ହେୱାର୍ ହେ ଲାକେ ପୁତର୍ିତାଂ ଆକାୟ୍ ।
୧୭ ହାତ୍‌ପା କାଜିଂ ହେୱାରିଂ ପୁଇପୁୟା କିୟାଟ୍, ମିଦାଙ୍ଗ୍ ବଚନ୍ ନେ ସତ୍ ।
୧୮ ଏନ୍ ନାଙ୍ଗେଙ୍ଗ୍ ଇନେସ୍ ପୁତର୍ିତ ପକ୍‌ତାତାୟ୍‌ନା, ଆନ୍ ପା ହେୱେରିଂ ହେ ଲାକେ ପୁତର୍ିତ ପକ୍‌ତାଙ୍ଗ୍‌ନା ।
୧୯ ଆରେ, ହେୱାର୍ ପା ଇନେସ୍ ହାତ୍‌ପା ହୁକେ ପୁଇପୁୟା ଆନାର୍, ଇଦାଂ କାଜିଂ ଆନ୍ ହେୱାରିଂ କାଜିଂ ନିଙ୍ଗେଙ୍ଗ୍
ପୁଇପୁୟା କିଦ୍‌ନାଙ୍ଗ୍ ।”

✡ **୧୭:୧୨** ଜହନ୍ ୧୩:୧୮.

୨୦ “ଆନ୍ କେବଲ୍ ଇୱାର୍ କାଜିଂ ଗୱାରି କିଜି ପାର୍ତାନା କିଉଙ୍ଗା, ମତର୍ ଇୱାର୍ ବଚନ୍ ହୁକେ ଇମ୍ଣାକାର୍ ନା ତାକେ
ପାତର୍ି କିତାର୍, ହେୱାର୍ କାଜିଂ ପା ପାର୍ତାନା କିନାଙ୍ଗା,
୨୧ ହେୱାନ୍ ୱିଜାର୍ କାଜିଂ ପା ପାର୍ତାନା କିଜି ମାଚାନ୍ । ହେୱାର୍ ୱିଜାକାର୍ ଏକ୍ ଆନାର୍; ଇଦାଂ ନା ପାର୍ତାନା । ଆବା,
ଏନ୍ ଇନେସ୍କି ନା ତାକେ ଆରି ଆନ୍ ନି ତାକେ ମାନାଙ୍ଗ୍, ହେୱାର୍ ପା ହେ ଲାକେ ଇନେସ୍କି ଏନ୍ନାଙ୍ଗ୍ ପକ୍ତାତାନ୍ ଇଞ୍ଜି
ପୁତର୍ି ପାତର୍ି କିଦ୍ନାତ୍ ।
୨୨ ଆରେ, ଏନ୍ ନାଙ୍ଗେଙ୍ଗ୍ ଇମ୍ଣି ପାଣ୍ ହିତ୍ତାୟ୍ନା, ଆନ୍ ହେୱାରିଂ ହେଦାଂ ହିତାଙ୍ଗ୍ନା, ଇନେସ୍ ଆପେଂ ଇନେସ୍କି
ଏକ୍, ହେୱାର୍ ହେ ଲାକେ ଏକ୍ ଆନାର୍;
୨୩ ଆନ୍ ହେୱାର୍ ତାକେ, ଆରେ ଏନ୍ ନା ତାକେ, ଇନେସ୍ ହେୱାର୍ ହାର୍ ଆଜି ଏକ୍ ଆନାର୍, ଇନେସ୍ ପୁତର୍ି
ବୁଜାଆନାତ୍ ଜେ, ଏନ୍ ନାଙ୍ଗେଙ୍ଗ୍ ପକ୍ତାତାୟ୍, ଆରେ ନାଙ୍ଗେଙ୍ଗ୍ ଇନେସ୍କି ଜିଉନତାୟ୍, ହେୱାରିଂ ପା ହେ ଲାକେ
ଜିଉନତାୟ୍ ।”
୨୪ “ଏ ଆବା, ଏନ୍ ନାଙ୍ଗେଙ୍ଗ୍ ଇମ୍ଣାକାରିଂ ହିତ୍ତାୟ୍ନା, ଆନ୍ ଇମେତାକେ ମାନେଙ୍ଗ୍, ହେୱେର୍ ପା ଇନେସ୍ ହେବେ ନା
ଲାହାଙ୍ଗ୍ ମାନେର୍ ଆରି ପୁତର୍ି ୱିଜ୍ନି ଆଗେ ଏନ୍ ନାଙ୍ଗେଙ୍ଗ୍ ଜିଉନଜି କିଦ୍ନି କାଜିଂ ନାଙ୍ଗେଙ୍ଗ୍ ଇମ୍ଣି ପାଣ୍ ହିତ୍ତାୟ୍ନା,
ନା ହେ ପାଣ୍ ହେୱାର୍ ଇନେସ୍ ହୁଡ଼ନାର୍, ଇଦାଂ ନା ମାନ୍ ।
୨୫ ଏ ଦାମର୍ି ଆବା, ପୁତର୍ି ନିଙ୍ଗେଙ୍ଗ୍ ପୁଞ୍ଜୁୱାତାତ୍ନା, ମାତର୍ ଆନ୍ ନିଙ୍ଗେଙ୍ଗ୍ ପୁଞ୍ଜାଙ୍ଗ୍ନା; ଆରେ, ଇଦାଂ ଜେ ନାଙ୍ଗେଙ୍ଗ୍
ପକ୍ତାତାୟ୍, ହେଦାଂ ଇୱାର୍ ପୁଚାର୍ଣ୍ଡା;
୨୬ ଆରେ ଏନ୍ ନାଙ୍ଗେଙ୍ଗ୍ ଇମ୍ଣି ଜିଉତ୍ ଜିଉନତାୟ୍ନା, ହେଦାଂ ଇନେସ୍ ହେୱାର୍ ତାକେ ମାନାତ୍ ଆରି ଆନ୍ ହେୱାର୍
ତାକେ ମାନ୍ଗାନାଙ୍ଗ୍, ଇ କାଜିଂ ଆନ୍ ହେୱାରିଂ ନି ତର୍ ୱେଚ୍ଚାତାଂନା ଆରି ୱେଚ୍ନାଙ୍ଗ୍ ।”

# ୧୮

## ଜିସୁ ସାତୁର୍ କେଇଦ ଆହ୍ୟା ଆତାନ୍

*(ମାତିଉ ୨୬:୪୭-୫୬; ମାର୍କ ୧୪:୪୩-୫୦; ଲୁକ ୨୨:୪୭-୫୩)*

୧ ଜିସୁ ଇ ପାର୍ତାନା ୱିଜୁ କାତା ଇଞ୍ଜି ଜାର୍ ଚେଲାର୍ ଲାହାଙ୍ଗ୍ କିଦ୍ରଣ ନାଗୁଡ଼୍ କନାନି ଆଣ୍ଟିପାଡ଼୍କାତ ହସି ହାଚାର୍ ।
ହେବେ ରଞ୍ଜାଙ୍ଗ୍ ବାଡ଼୍ ମାଚାତ୍, ଆରେ ହୱାନ୍ ଆରେ ତା ଚେଲାହିର୍ ହେବେ ହଟାର୍ ।
୨ ଇମ୍ଣି ଜିହୁଦା ତାଙ୍ଗେଙ୍ଗ୍ ସତ୍ରୁ କେଇଦ ହେଲାୟ୍ କିତାନ୍, ହେୱାନ୍ପା ହେ ବାହା ପୁଞ୍ଜି ମାଚାନ୍, ଇନାକିଦେଂକି ଜିସୁ
ବେସିହଟ୍ ଜାର୍ ଚେଲାହିର୍ ଲାହାଙ୍ଗ୍ ହେ ବାହାତ ହାଲ୍ବିସ୍ ମାଚାର୍ ।
୩ ଲାଗିଂ, ଜିହୁଦା ମେଲ୍ୟାର୍ ଆରେ ମୁଡ଼୍ ମାପ୍ରୁହେବା କିନାକାର୍ ଆରି ପାରୁସିର୍ତାଂ ପାୟାତାକାର୍ ମନ୍ଦିର୍ କାନାକାର୍
ବଇଟା, ଜୁଜ୍ରା ଆରି ଆତିୟାର୍ ଆସ୍ତି ହେବେ ୱାତାନ୍ ।
୪ ହେବେତାଂ ଜିସୁ, ହେ କାଜିଂ ଇନା ଇନାକା ଗିଟା ଆଦେଂ ହାନାତା, ହେ ୱିଜୁ ପୁଞ୍ଜି ଆଗେ ୱାଜି ହେୱାରିଂ ୱେନ୍ବାତାନ୍,
“ଏପେଙ୍ଗ୍ ଇନେରିଂ ଡେକ୍ନାଦେରା ?”
୫ ହେୱାର୍ ଜିସୁଙ୍ଗ୍ ଉତର୍ ହିତାର୍, “ନାଜରିତିୟ ଜିସୁଙ୍ଗ୍ ।”
ହେୱାନ୍ ହେୱାରିଂ ଇଚାନ୍, “ଆନ୍ ହେୱାନ୍ ।”
ଇମ୍ଣି ଜିହୁଦା ତାଙ୍ଗ୍ ସାତ୍ରୁ କେଇଦ ସର୍ପି କିତାନ୍, ହେୱାନ୍ପା ହେୱାର୍ ଲାହାଙ୍ଗ୍ ନିଲ୍ଚି ମାଚାନ୍ ।
୬ ଜିସୁ ଏଚେକାଡ଼୍ଦ ହେୱାରିଂ ୱେଚ୍ଚାନ୍, “ଆନ୍ ହେୱାନ୍,” ହେ ପାଦ୍ନା ହେୱାର୍ ପାଚ୍ ଗୁଚା ଆଜି ମେଦ୍ନିତ ଗୁର୍ତାର୍
।
୭ ହେବେଣ୍ଡାଂ ହେୱାନ୍ ହେୱାରିଂ ଆରେ ରଗ ୱେନ୍ବାତାନ୍, “ଏପେଙ୍ଗ୍ ଇନେରିଂ ଡେକ୍ନାଦେରା ?” ହେୱାର୍ ଇଚାର୍,
“ନାଜରିତିୟ ଜିସୁଙ୍ଗ୍ ।”
୮ ଜିସୁ ଉତର୍ ହିତାନ୍, “ଆନ୍ ଜେ ହେୱାନ୍, ଇୱାନ୍ତ ଆନ୍ ମିଙ୍ଗେଙ୍ଗ୍ ୱେଚ୍ଚାତାଂ । ଲାଗିଂ ଏପେଙ୍ଗ୍ ଜଦି ନାଙ୍ଗ୍
ଡେକ୍ତାନାଦେରା, ତା ଆତିସ୍ ଇୱାରିଂ ହାଞ୍ଜେଙ୍ଗ୍ ପିସ୍ତି ହିୟାଟ୍ ।”
୯ ଜିସୁ ଇଦାଂ ଇଚାନ୍, ଇନେସ୍ ତା ଲେକାଆତି ବଚନ୍ ପୁରା ଆନାତ୍, “ଏନ୍ନାଙ୍ଗ୍ ଇନେରିଂ ହିତ୍ତାୟ୍ନା, ହେୱାର୍ ବିତ୍ରେ
ଆନ୍ ରକାନିଂ ପା ଆରାୟ୍ କିୱାତାଂନା ।”
୧୦ ସିମନ୍ ପିତର୍ ଲାଗାଂ କାଣ୍ଡା ମାଚିଲେ ହେୱାନ୍ ହେଦାଂ ହପ୍ଚି ମୁଡ଼୍ ମାପ୍ରୁହେବାକିନାକାନ୍ ଆଡ଼ିଏନିଂ ଡତାନ୍ ଆରି
ତା ତିନି କିତୁଲ୍ ନାଚ୍ଚି ତୁହିତାନ୍; ହେ ଆଡ଼ିଏନ୍ତି ତର୍ ମାଲ୍କ ।
୧୧ ✡ହେବେଣ୍ଡାଂ ଜିସୁ ପିତର୍ତିଂ ଇଚାନ୍, “କାଣ୍ଡା ଇଟ୍ନିତାକେ ଇଟା; ଆବା ନାଙ୍ଗ୍ ଇମ୍ଣି ବାହା ହିତ୍ନ୍ମା, ଆନ୍ ଇନାକା
ହେବେ ଗସ୍ତେଙ୍ଗ୍ ଆଡୁଙ୍ଗ୍ ?”

✡ **୧୮:୧୧** ମାତିଉ ୨୬:୩୯; ମାର୍କ ୧୪:୩୬; ଲୁକ ୨୨:୪୨.

### ହାନାନ ମୁମ୍‌ଦ ଇସ୍ୱର୍

*(ମାତିଉ ୨୬:୬୯-୭୦; ମାର୍କ ୧୪:୬୬-୬୮; ଲୁକ ୨୨:୫୫-୫୭)*

୧୨ ଇଦାଂ ପାଚେ ରମିୟ ନେତାର୍‌ନି ମେଲ୍ୟାର୍, ମୁଡ଼୍‌ମେଲ୍ୟା, ଆରେ ଜିହୁଦିର୍ ମେଲ୍ୟାର୍ ଜିସୁଙ୍ଗ୍ ଆସ୍ତି ଗାଚ୍‌ଚାର୍ ।
୧୩ ଆରେ ତାଙ୍ଗେଙ୍ଗ୍ ଗାଚ୍‌ଚି ପର୍ତୁମ୍ ହାନାନ ତାକେ ଅତାର୍, କୟାପା ପଡ୍‌ଲେହି ମାଚାନ୍ ଇନାକିଦେଂକି ହେୱାନ୍ ହେ
ବାର୍ହୁନି ମୁଡ଼୍ ମାପ୍ରୁହେବା କିନାକାର୍ ମାଚାନ୍ ।
୧୪ ✡ମାନାୟାର୍ ବିତ୍ରେ ରକାନ୍ ହାନାକା ହାର୍ ଇଞ୍ଜି ଜିହୁଦିରିଂ ଜେ ୱେଚ୍‌ଚି ମାଚାନ୍, ଇୱାନ୍ ହେ କୟାପା ।

### ପିତର୍ ଜିସୁଙ୍ଗ୍ ପାତର୍ଁ କିୱାତାନ୍

*(ମାତିଉ ୨୬:୬୯-୭୦; ମାର୍କ ୧୪:୬୬-୬୮; ଲୁକ ୨୨:୫୫-୫୭)*

୧୫ ସିମନ୍ ପିତର୍ ଆରି ଆରେ ରକାନ୍ ଚେଲାହି ଜିସୁ ପାଚେ ପାଚେ ହାଲ୍‌ଜି ମାଚାର୍ । ହେ ଚେଲା ମୁଡ଼୍
ମାପ୍ରୁହେବାକିନାକାନିଂ ଚିନା ଜାଣା ମାଚାନ୍ ଆରି ଜିସୁତି ହୁକେ ମୁଡ଼୍ ମାପ୍ରୁହେବାକିନାକାନ୍ ହାକ୍‌ଡ଼ିତ ହଟାର୍;
୧୬ ମାତର୍ ପିତର୍ ବାର୍ତ ଦୁୱେର୍‌ତ ଲାଗେ ନିଲ୍‌ଚି ମାଚାନ୍ । ଲାଗିଂ, ହେ ଇମ୍‌ଣି ବିନ୍ ଚେଲା ମୁଡ଼୍ ମାପ୍ରୁହେବାକିନାକାନ୍
ମେହାଣ୍ ମାଚାନ୍, ହେୱାନ୍ ବାର୍ତ ହାଲ୍‌ଜି ଦୁୱେର୍ କାନାକାନିଂ ୱେଚ୍‌ଚି ପିତର୍‌ତିଂ ବିତ୍ରେ ତାହିୱାତାନ୍ ।
୧୭ ହେବେ ହେ ଦୁୱେର୍‌ତ କାନାକାଦେଲ୍ ଆଡ଼ିଏଣି ପିତର୍‌ତିଂ ଇଚାଡ୍, “ଏନ୍ ପା ଇନାକା ଇ ମାନାୟ୍‌ତିଂ ଚେଲାର୍ ବିତ୍ରେ
ରକାୟ୍ ଆକାୟ୍ ?”
ପିତର୍ ଇଚାନ୍, “ଆନ୍ ଆକାୟ୍ ।”
୧୮ ପିନି କାଜିଂ ଆଡ଼ିୟା ଆରି କାନାକାର୍ ନାଣିଆହି କିଜି ହେବେ ନିଲ୍‌ଚି କାଇଜି ମାଚାର୍; ପିତର୍ ପା ହେୱାର୍ ଲାହାଙ୍ଗ୍
ନିଲ୍‌ଚି ନାଣି କାଇଜି ମାଚାନ୍ ।

### ମୁଡ଼୍ ମାପ୍ରୁହେବାକିନାକାର୍ ଜିସୁଙ୍ଗ୍ ପର୍‌ସନ୍ କିତାନ୍

*(ମାତିଉ ୨୬:୫୯-୬୬; ମାର୍କ ୧୪:୫୫-୬୪; ଲୁକ ୨୨:୬୬-୭୧)*

୧୯ ମୁଡ଼୍ ମାପ୍ରୁହେବାକିନାକାନ୍ ଜିସୁଙ୍ଗ୍ ତା ଚେଲାହିର୍ ବିସ୍ରେ ଆରି ହେ ହିକ୍ୟା ବିସ୍ରେ ୱେନ୍‌ବାତାର୍ ।
୨୦ ଜିସୁ ତାଙ୍ଗେଙ୍ଗ୍ ଉତର୍ ହିତାନ୍, “ଆନ୍ ପୁତର୍ଁ ତାକେ ହପ୍‌ଚି କାତା ଇଚାଙ୍ଗ୍‌ନା; ଇମେତାକେ ୱିଜାର୍ ଜିହୁଦିର୍ ରୁଣ୍ଡା
ଆନାର୍, ଇ ଲାକେ କୁଟୁମ୍ ଇଞ୍ଜ ଆରି ମନ୍ଦିର୍‌ତ ଆନ୍ ନିତ୍ରେ ହିକ୍ୟା ହିନାଙ୍ଗା; ଆନ୍ ଲୁକାମ୍‌ରେ ଇନାକା ହିୱାତାଂନ୍ନା
୨୧ ନାଙ୍ଗ୍ ଇନେକିଦେଂ ୱେନ୍‌ବା ଆଦ୍‌ନାଦେରା ? ଆନ୍ ହେୱାରିଂ ଇନାକା ଇଚାଙ୍ଗ୍‌ନା, ଇନେର୍ ୱେଚାର୍‌ନା, ହେୱାରିଂ
ୱେନ୍‌ବାଟ୍; ହୁଡ଼ାଟ୍, ଆନ୍ ଇନା ଇନାକା ଇଚାଙ୍ଗ୍‌ନା ହେୱାର୍ ହେୱିଜୁ ପୁନାର୍ ।”
୨୨ ଜିସୁ ଇଦାଂ ଇଚିଲେ ମେଲ୍ୟାର୍ ବିତ୍ରେ ରକାନ୍ ଜିସୁଙ୍ଗ୍ ଚାପ୍‌ଡ଼ା ଇଡ଼୍‌ଜି ଇଚାନ୍, “ଏନ୍ ମୁଡ଼୍ ମାପ୍ରୁହେବାକିନାକାନିଂ
ଏନେଙ୍ଗ୍ ଉତର୍ ହିନାୟା ?”
୨୩ ଜିସୁ ତାଙ୍ଗେଙ୍ଗ୍ ଉତର୍ ହିତାନ୍, “ଜଦି ଆନ୍ ବାନ୍ୟା ଇଚାଂ, ତା ଆତିସ୍ ୱିଜାରିଂ ମୁମ୍‌ଦ ବାନ୍ୟା ପାର୍ମାଣ୍ ହିୟା; ମାତର୍
ଜଦି ହାର୍ ଇନ୍‌ଚାଙ୍ଗ୍, ତା ଆତିସ୍ ଇନେକିଦେଂ ନାଙ୍ଗେଙ୍ଗ୍ ମାଡ଼୍‌ଜି କିଦ୍‌ନାୟା ?”
୨୪ ହେବେ ହାନାନ ତାଙ୍ଗେଙ୍ଗ୍ ଗାଚ୍ୟା ଆତାକାନିଂ ମୁଡ଼୍ ମାପ୍ରୁହେବାକିନାକାର୍ କୟାପା ଲାଗେ ପକ୍‌ତାନ୍ ।

### ପିତର୍ ଜିସୁଙ୍ଗ୍ ଆରେ ରଗ ପାତର୍ଁ କିୱାତାନ୍

*(ମାତିଉ ୨୬:୭୧-୭୫; ମାର୍କ ୧୪:୬୯-୭୨; ଲୁକ ୨୨:୫୮-୬୨)*

୨୫ ୱିସ୍ତି ବିତ୍ରେ ସିମନ୍ ପିତର୍ ନିଲ୍‌ଚି ନାଣି କାଇଜି ମାଚାନ୍ । ହେବେଣ୍ଡାଂ ହେୱାର୍ ତାଙ୍ଗେଙ୍ଗ୍ ୱେନ୍‌ବାତାର୍, “ଏନ୍ ପା
ଇନାକା ହେ ଚେଲାର୍ ବିତ୍ରେ ରୱାୟ୍ ଆକାୟ୍ ?”
ମାତର୍ ପାତର୍ଁ କିୱାଦାଂ ଇଚାନ୍, “ଆକାୟ୍ ଆନ୍ ଆକାୟ୍ ।”
୨୬ ମୁଡ଼୍ ମାପ୍ରୁହେବା କିନାକାନ୍ ଆଡ଼ିୟାର୍ ବିତ୍ରେ ରୱାନ୍, ଇଚିସ୍ ପିତର୍ ଇନେର୍‌ତି କିତୁଲ୍ ରାସ୍‌ଦି ମାଚାନ୍, ତା
ହାଙ୍ଗ୍‌ଦାକାନ୍ ରକାନ୍ ଇଚାନ୍, “ଆନ୍ ଇନାକା ନିଙ୍ଗ୍ ତା ଲାହାଙ୍ଗ୍ ବାଡ଼୍‌ଦ ହୁଡ଼୍‌ଜି ମାଞ୍ଜ୍‌ୱାତାଂ ?”
୨୭ ହେବେଣ୍ଡାଂ ପିତର୍ ଆରେ ରଗ ପାତର୍ଁ କିୱାତାନ୍; ଆରେ ହେ ଦାପ୍ରେ କୁଜୁ କ୍ହେତାଡ୍ ।

### ପିଲାତ ମୁମ୍‌ଦ ଜିସୁ

*(ମାତିଉ ୨୭:୧-୨; ୧୧:୧୪; ମାର୍କ ୧୫:୧-୫; ଲୁକ ୨୩:୧-୫)*

୨୮ ପାଚେ ହେୱାର୍ ଜିସୁଙ୍ଗ୍ କୟାପାଙ୍ଗ୍ ଲାଗାଂ ବାଙ୍ଗ୍‌ଲାତ ଅତାର୍ ନାଡ଼ିସ୍ ଆଜି ମାଚାଡ୍; ଆରେ, ହେୱାର୍ ଇନେସ୍
ବିଟାଡ୍ ଆୱାଦାଂ ନିସ୍ତାର୍ ପାର୍ବୁନି ବଜି ମାନିକିଦେଂ ଆଡ୍‌ନାର୍, ଇଦାଂ କାଜିଂ ନିଜେ ବାଙ୍ଗ୍‌ଲା ବିତ୍ରେ ହଣ୍‌ୱାତାର୍ ।
୨୯ ଲାଗିଂ, ପିଲାତ ହେୱାର୍‌ତାଂ ହସି ୱାଜି ୱେନ୍‌ବାତାନ୍, “ଇ ମାନାୟ୍ ବିରୁଦ୍‌ତ ଏପେଙ୍ଗ୍ ଇମ୍‌ଣି କାତା ତାହିୱାନାଦେରା
?”

---

✡ **୧୮:୧୪** ଜହନ୍ ୧୧:୪୯,୫୦.

୩୦ ହେୱାର୍ ତାଙ୍ଗ୍ ଉତର୍ ହିତାର୍, “ଇ ମାନାୟ୍ ଜଦି ପାପ୍ୟା ଆୱାଦାଂ ମାଚିସ୍, ତା ଆତିସ୍ ଆପେଂ ତାଙ୍ଗେଙ୍ଗ୍ ନି କେଇଦ
ହେଲାୟ୍ କିଦ୍ୱାତାପ୍ମା ।”
୩୧ ହେବେଣ୍ଡ୍ରାଂ ପିଲାତ ହେୱାରିଂ ଇଚାନ୍, “ଏପେଙ୍ଗ୍ ଇୱାନିଂ ଅଜି ହାଲ୍‌ଜି ମି ବିଦି ଲାହାଙ୍ଗ୍ ଇୱାନ୍ତି ବିଚାର୍ କିୟାଟ୍ ।”
ଜିହୁଦିର୍ ହେୱାନିଂ ଇଚାର୍, “ଇନେରିଂ ପାରାଣ୍ ଡାଣ୍ଡ୍ ହିଦେଂ ମା ଆଦିକାର୍ ହିଲୁତ୍ ।”
୩୨ ✡ଜିସୁ ଇମ୍‌ଣି ବାନି ହାକି କିଦେଙ୍ଗ୍ ହାନାନା, ହେବେତାଂ ୱେଚ୍‌ଚି ହେୱାନ୍ ଇମ୍‌ଣି ବଚନ୍ ଇଚାନ୍ ହେଦାଂ ଇନେସ୍
ପୁରା ଆନାତ୍, ଇଦାଂ କାଜିଂ ହେୱାର୍ ଇଦାଂ ଇଚାର୍ ।
୩୩ ପିଲାତ ବାଙ୍ଗ୍‌ଲା ବିତ୍ରେ ହଣ୍‌ଜି ଜିସୁଙ୍ଗ୍ କୁକ୍‌ଚି ତାଙ୍ଗ୍ ୱେନ୍‌ବାତାନ୍, “ଏନ୍ ଇନାକା ଜିହୁଦିର୍ ରାଜା ?”
୩୪ ଜିସୁ ଉତର୍ ହିତାନ୍, “ଏନ୍ ଇନାକା ନିଜ୍‌ତାଙ୍ଗ୍ ଇଦାଂ ଇଚାୟ୍‌ନା, କି ବିନ୍‌ଲଗୁ ନା ବିସ୍ରେ ନିଙ୍ଗ୍ ଇଦାଂ ଇଞ୍ଜାର୍‌ନା ?”
୩୫ ପିଲାତ ଉତର୍ ହିତାନ୍, “ଆନ୍ ଇନାକା ରକାଂ ଜିହୁଦି ? ନି ଜାତିନିକାର୍ ଆରି ମୁଡ୍ ମାପୁହେବାକିନାର୍ ନିଙ୍ଗେଙ୍ଗ୍ ମା
କେଇଦ ହେଲାୟ୍ କିତ୍‌ତାର୍ଣ୍ଣା; ଏନ୍ ଇନାକା କିତାୟ୍‌ନା ?”
୩୬ ଜିସୁ ଉତର୍ ହିତାନ୍, “ନା ରାଜି ଇ ପୁତର୍ଁ ବିସ୍ରେ ଆକାୟ୍; ଜଦି ନା ରାଜି ଇ ପୁତର୍ଁ ବିସ୍ରେ ଆତାମ୍ନା, ତା ଆତିସ୍ ଆନ୍
ଇନେସ୍ ଜିହୁଦି ନେତାର୍ କେଇଦ ହେଲାୟ୍ ଆୱାତାଂମା, ହେଦାଂ କାଜିଂ ନା ହେବା କିନାକାର୍ ଜୁଜ୍ କିତାର୍ମା; ମାତର୍ ନା
ରାଜି ହାତ୍‌ପା ବିସ୍ରେ ଆକାୟ୍ ।”
୩୭ ହେବେଣ୍ଡ୍ରାଂ ପିଲାତ ହେୱାନିଂ ୱେନ୍‌ବାତାନ୍, “ତା ଆତିସ୍ ଏନ୍ ରୱାୟ୍ ରାଜା କି ?” ଜିସୁ ଉତର୍ ହିତାନ୍, “ଏନ୍ ତ
ଇଞ୍ଜ୍‌ନାୟା, ଆନ୍ ରକାଂ ରାଜା । ଆନ୍ ଇନେସ୍ ହାତ୍‌ପା ପାକ୍ୟାତ ସାକି ହିନାଙ୍ଗ୍, ଇଦାଂ କାଜିଂ ଆନ୍ ଜଲମ୍ ଆତାଙ୍ଗ୍‌ନା
ଆରି ପୁତର୍ଁ ୱାତାଙ୍ଗ୍‌ନା । ଇନେନ୍‌କି ହାତ୍‌ପାନି ମାଜି, ହେୱାନ୍ ନା କାତା ୱେନାନ୍ ।”
୩୮ ପିଲାତ ଜିସୁଙ୍ଗ୍ ଇଚାନ୍, “ହାତ୍‌ପା ଇନାକା ?”
ଇଦାଂ ଇଞ୍ଜି ପିଲାତ ଆରେ ଜିହୁଦି ତାକେ ବାର୍ତ ହାଲ୍‌ଜି ହେୱାରିଂ ଇଚାନ୍, “ଆପେଂ ଇବେ ଇନାକାପା ଦସ୍ ପାୟା
ଆଉପା ।”

### ଜିସୁ କାଜିଂ ହାକି ରାଜି

*(ମାତିଉ ୨୭:୧୫-୩୧; ମାର୍କ ୧୫:୬-୨୦; ଲୁକ ୨୩:୧୩-୨୫)*

୩୯ ମାତର୍ ନିସ୍ତାର୍ ପାର୍ବୁ ୱେଡ଼ାଲିଂ ମି କାଜିଂ ରୱାନିଂ ମୁକ୍‌ଡ଼ାୟ୍ କିନାପ୍, ଇଦାଂ ମି ରିତି ନିତି ମାନାତ୍; ଲାଗିଂ, “ଜିହୁଦିର୍
ରାଜାଙ୍ଗ୍ ଆପେଂ ମି କାଜିଂ ମୁକ୍‌ଡ଼ାୟ୍ କିଜି ହିଦ୍‌ନାପ୍ ଇଞ୍ଜି ଇନାକା ମି ମାନ୍ କିନାଦେରା କି ?”
୪୦ ହେବେ ହେୱାର୍ ଆରେ ରଗ କିକିରାଡିଂ କିଜି ଇଚାର୍, “ଇ ମାନାୟ୍ ଆକାୟ୍, ମାତର୍ ବାରବାଙ୍ଗ୍ ।” ଇ ବାରବା
ରକାନ୍ ଚରେନ୍ ମାଚାନ୍ ।

## ୧୯

୧ ତା ପାଚେ ପିଲାତ ଜିସୁଙ୍ଗ୍ ଅଜି ହାଲ୍‌ଜି କର୍‌ଡା ଟ୍ରାକି କିତାନ୍ ।
୨ ଆରେ, ମେଲ୍ୟାର୍ ୱାଡ଼ି ମୁକୁଟ୍ ରଚ୍‌ଚି ତା କାପ୍‌ଡ଼ାତ ତୁଜି କିତାର୍ ଆରି ହେୱାନିଂ କାହ୍‌ରାତି କାଲାର୍ ବାନି ଆଙ୍ଗି ଉସ୍ପି
କିତାର୍;
୩ ହେୱାର୍ ତା ତାକେ ୱାଜି ଇଚାର୍, “ଏ ଜିହୁଦିର୍ ରାଜା, ଜୁଗ୍ ଜୁଗ୍ ମାନା” ଆରେ, ହେୱାର୍ ହେୱାନିଂ ଚାପ୍‌ଡ଼ା ଇଡ଼୍‌ଦେଂ
ଲାଗାତାର୍ ।
୪ ପିଲାତ ଆରେ ରଗ ବାର୍ତ ହାଲ୍‌ଜି ହେୱାରିଂ ଇଚାନ୍, ହୁଡ଼ାଟ୍, “ଆପେଂ ଜେ ତା ତାକେ ଇନାକାପା ଦସ୍ ପାୟା ଆଉପା,”
ଇଦାଂ ଇନେସ୍ ଏପେଙ୍ଗ୍ ପୁନାଦେର୍, “ଇଦାଂ କାଜିଂ ଆପେଂ ତାଙ୍ଗେଙ୍ଗ୍ ମି ତାକେ ହପ୍‌ଚି ତାଡ଼୍‌ପ୍‌ନା ।”
୫ ହେବେଣ୍ଡ୍ରାଂ ଜିସୁ ହେ ୱାଡ଼ି ମୁକୁଟ୍ ଆରି କାହ୍‌ରାତି କାଲାର୍ ବାନାନି ଆଙ୍ଗି ଉସ୍ପିସ୍ ବାର୍ତ ୱାତାନ୍ । ପିଲାତ ହେୱାରିଂ
ଇଚାନ୍, ହୁଡ଼ାଟ୍, ଇୱାନ୍ “ହେ ମାନାୟ୍ !”
୬ ହେବେଣ୍ଡ୍ରାଂ ମୁଡ୍ ମାପୁହେବାକିନାକାନ୍ ଆରି ମନ୍ଦିର୍ କାନାକାର୍ ତାଙ୍ଗେଙ୍ଗ୍ ହୁଡ଼୍‌ଜି କିକିରାଡିଂ କିଜି ଇଚାର୍, “କ୍ରୁସ୍‌ତ
ଦୁପାଟ୍, କ୍ରୁସ୍‌ତ ଦୁପାଟ୍ ।” ପିଲାତ ହେୱାରିଂ ଇଚାନ୍, “ଏପେଙ୍ଗ୍ ହେୱାନିଂ ଅଜି କ୍ରୁସ୍‌ତ ଦୁପାଟ୍, ଇନାକିଦେଂକି ଆପେଂ ତା
ତାକେ ଇନାକାପା ଦସ୍ ପାୟା ଆଉପା ।”
୭ ଜିହୁଦିର୍ ତାଙ୍ଗେଙ୍ଗ୍ ଉତର୍ ହିତାର୍, “ମାଦାଂ ରଞ୍ଜାଙ୍ଗ୍ ବିଦି ମାନାନ୍ ଆରି ହେ ରିତି ହୁକେ ହେୱାନ୍ ହାନି ଲଡ଼ା,
ଇନାକିଦେଂକି ହେୱାନ୍ ଜାର୍‌ତିଂ ଇସ୍ୱର୍ ମାଜି ଇଞ୍ଜି ଇନାନ୍ନା ।”
୮ ହେବେଣ୍ଡ୍ରାଂ ପିଲାତ ଇ କାତା ୱେନ୍‌ଞ୍ଜି ଆଦିକ୍ ପାଣ୍ଡ୍ରା ଆତାନ୍;
୯ ଆରେ, ହେୱାନ୍ ଆରେ ରଗ ବାଙ୍ଗ୍‌ଲାତ ହଣ୍‌ଗିସ୍ ଜିସୁଙ୍ଗ୍ ୱେନ୍‌ବାତାନ୍, “ଏନ୍ ଇମେଣ୍ଡ୍ରାଂ ୱାତାୟ୍‌ନା ?”
ମାତର୍ ଜିସୁ ତାଙ୍ଗେଙ୍ଗ୍ ଉତର୍ ହିୱାତାନ୍ ।
୧୦ ହେବେଣ୍ଡ୍ରାଂ ପିଲାତ ତାଙ୍ଗେଙ୍ଗ୍ ଇଚାନ୍, “ନାଙ୍ଗେଙ୍ଗ୍ କାତା ଇଞ୍ଜୁୟା ? ନିଙ୍ଗେଙ୍ଗ୍ ମୁକ୍‌ଡ଼ାୟ୍ କିଦେଙ୍ଗ୍ ମା ଆଦିକାର୍
ମାନାତ୍ ଆରି ନିଙ୍ଗେଙ୍ଗ୍ କ୍ରୁସ୍‌ତ ଦୁପ୍‌ତେଦେଂ ମା ଆଦିକାର୍ ମାନାତ୍, ଇଦାଂ କି ଏନ୍ ପୁନୁୟା ?”

✡ **୧୮:୩୨** ଜହନ୍ ୩:୧୪; ୧୨:୩୨.

୧୧ ଜିସୁ ଉତର୍ ହିତାନ୍, "ଜଦି ଇସ୍ୱର୍ ତାଙ୍ଗ୍ ହତ୍‌ୱାଦାଙ୍ଗ୍ ମାଚିସ୍, ତା ଆଡିସ୍ ନା ବିରୁଦ୍‌ତ ନିନ୍ଦାଂ ଇନାକାପା ଆଦିକାର୍
ମାନ୍‌ୱାତାଡ଼ମା, ଲାଗିଂ ଜେ ନାଙ୍ଗେଙ୍ଗ୍ ନି କେଇଦ ହେଲାୟ୍ କିତାଙ୍ଗ୍‌ନା, ତା ପାପ୍ ଅଲପ୍ ।"
୧୨ ହେବେଣ୍ତାଂ ପିଲାତ ଜିସୁଙ୍ଗ୍ ମୁକ୍‌ଡ଼ାୟ୍ କିଦେଙ୍ଗ୍ ସେସ୍ଟା କିତାନ୍, ମାତର୍ ଜିହୁଦିର୍ କିକିରାଡିଂ କିଜି ଇଚାର୍, "ଜଦି ଏନ୍
ଇ ମାନାୟ୍‌ତିଂ ମୁକ୍‌ଡ଼ାୟ୍ କିନାୟ୍, ତା ଆଡିସ୍ ଏନ୍ ସମ୍ରାଟ୍‌ତିଂ ସାଙ୍ଗ ଆକାୟ୍; ଇନେର୍‌କି ଜାର୍‌ତିଂ ରାଜା ଇଞ୍ଜି ଇନାନ୍,
ହେୱାନ୍ କାଇସର୍‌ତିଂ ବିରୁଦ୍‌ତାଂ କାତା ଇନାନ୍ ।"
୧୩ ପିଲାତ ଇ ୱିଜୁ କାତା ୱେନ୍‌ଞ୍ଜି ଜିସୁଙ୍ଗ୍ ହପ୍‌ଚି ତାସି "କାଲ୍‌କୁମଣ୍ତମ୍," ଇନେରିଂ ଏବ୍ରି ବାସାତ "ଗବ୍‌ବତା," ଇଞ୍ଜି
ଇଚାନ୍, ହେ ବିଚାର୍ କିନି ବାହାତ କୁଚ୍‌ଚାନ୍ ।
୧୪ ହେ ଦିନ୍ ନିସ୍ତାର୍ ପାର୍ବୁନି ଜାଲ୍‌ଦି କିନି ଦିନ୍, ଆରେ ହେୱାଡ଼ାଂ ବେସିଆଉଡିସ୍ ୱେଡ଼ାଲିଂ ସମୁ ଆଜି ମାଚାଡ଼୍ । ଆରେ,
ପିଲାତ ଜିହୁଦିରିଂ ଇଚାନ୍, "ହୁଡ଼ାଟ୍, ମି ରାଜା !"
୧୫ ହେବେଣ୍ତାଂ ହେୱାର୍ କିର କିତାର୍, "ତାଙ୍ଗେଙ୍ଗ୍ ଅହାଟ୍, ଅହାଟ୍, କ୍ରୁସ୍‌ତ ଦୁପାଟ୍ ।" ପିଲାତ ହେୱାରିଂ ଇଚାନ୍, ଆପ୍
ଇନାକା ମି ରାଜାଙ୍ଗ୍ କ୍ରୁସ୍‌ତ ଦୁପ୍‌ନାପ୍ କି ? ମୁଡ଼୍ ମାପ୍ରୁହେବାକିନାକାର୍ ଉତର୍ ହିତାର୍, "କାଇସର୍‌ତିଂ ପିସ୍ତି ମାଙ୍ଗେଙ୍ଗ୍
ଆରେ ରାଜା ଇନେର୍ ହିଲ୍ଲୁନ୍ ।"
୧୬ ହେବେଣ୍ତାଂ ହେୱାନ୍ ଇନେସ୍ କ୍ରୁସ୍‌ତ ଦୁପ୍‌ୟା ଆତାନ୍‌ମା, ଇଦାଂ କାଜିଂ, ହେୱାନ୍ ହେୱାନିଂ ହେୱାର୍ ଇଚାତାଂ
ହେଲାୟ୍ କିତାନ୍, ତା ପାଚେ ଜିସୁଙ୍ଗ୍ ଅଜି ହାଚାର୍ ।

## ଜିସୁଙ୍ଗ୍ କ୍ରୁସ୍‌ତ ଦୁପ୍‌ତାର୍

*(ମାତିଉ ୨୭:୩୨-୪୪; ମାର୍କ ୧୫:୨୧-୩୨; ଲୁକ ୨୩:୨୬-୪୩)*

୧୭ ଆରେ, ଜିସୁ ନିଜେ କ୍ରୁସ୍ ପିଣ୍ଜି ନିନ୍ଦାଣ୍ ତର୍‌ନି ବାହାତ ହାଚାନ୍, "ଇମ୍‌ଣାକା ଏବ୍ରି ବାସାତାଂ ଗଲ୍‌ଗତା ଇଞ୍ଜି ଇନାର୍,
ହେବେ ହସି ହାଚାର୍ ।"
୧୮ ହେବେ ହେୱାର୍ ଜିସୁଙ୍ଗ୍ କ୍ରୁସ୍‌ତ ଦୁପ୍‌ତାର୍ ଆରି ତା ଲାହାଙ୍ଗ୍ ଆରେ ରିୟାରିଂ ଦୁପ୍‌ତାର୍, ରିକଣ୍ତାଂ ରିକାରିଙ୍ଗ୍ ଆରି
ମାଦି ଜିସୁଙ୍ଗ୍ ।
୧୯ ଆରେ, ପିଲାତ ର ଦାବା କାଗଜ୍ ପା ଲେକିକିଜି କ୍ରୁସ୍ ଜପି ଡାଚ୍‌ଚାନ୍ । "ହେବେ ଲେକା ମାଚାଡ଼୍, ନାଜରିତିୟ ଜିସୁ,
ଜିହୁଦିର୍ ରାଜା ।
୨୦ ଜିହୁଦିର୍ ବିତ୍ରେ ହେନି ଇ ଦାବା କାଗଜ୍ ପଡ଼ି କିତାର୍, ଇନାକିଦେଂକି ଇମ୍‌ଣି ବାହାତ ଜିସୁଙ୍ଗ୍ କ୍ରୁସ୍‌ତ ଦୁପ୍‌ଚି ମାଚାର୍,
ହେଦାଂ ଗାଡ଼୍‌ନି ଲାଗେ ମାଚାଡ଼୍; ଆରେ, ହେ କାଗଜ୍ ଏବ୍ରି, ଲାଟିନ୍, ଆରି ଗ୍ରିକ୍ ବାସାତ ଲେକା ଆଜି ମାଚାଡ଼୍ ।
୨୧ ଲାଗିଂ ଜିହୁଦିର୍ ମୁଡ଼୍ ମାପ୍ରୁହେବାକିନାକାର୍ ପିଲାତଂ ଇଚାର୍, ଜିହୁଦିର୍ ରାଜା ଇଞ୍ଜି ଲେକିକିୱାଦାଂ ଇଚିସ୍ ଆନ୍
ଜିହୁଦିର୍ ରାଜା ଇଞ୍ଜି ହେୱାନ୍ ଇଚାନ୍, ଇଦାଂ ଲେକିକିୟାଟ୍ ।"
୨୨ ପିଲାତ ଉତର୍ ହିତାନ୍, "ଆପେଂ ଇମ୍‌ଣାକା ଲେକିକିତାପ୍‌ନା, ଲେକିକିତାପ୍‌ନା ।"
୨୩ ମେଲ୍ୟାର୍ ଜିସୁଙ୍ଗ୍ କ୍ରୁସ୍‌ତ ଦୁପ୍‌ଚି ପାଚେ ହେୱାନ୍ତି ଆଙ୍ଗି ଅଜି ଚାରି ବାଟା କିତାର୍, ୱିଜାକାର୍ ମେଲ୍ୟାର୍ କାଜିଂ ର ର
ବାଟା, ଆରେ ହେୱାର୍ ହେୱାନ୍ତି ଆଙ୍ଗି ପା ଅତାର୍ । ହେ ଆଙ୍ଗି ଡ଼ଚିଆ ଆୱାଦାଂ ଜପିତାଂ ତାରେନ୍ ପାତେକ୍ ୱିଜୁ ଡ଼ଚ୍‌ୟା
ଆଜି ମାଚାଡ଼୍ ।
୨୪ ଲାଗିଂ ମେଲ୍ୟାର୍ ରକାନ୍ ଆରେ ରକାନିଂ ଇଚାର୍, "ଇଦାଂ ହେନ୍ଦ୍ରା କେଟୁସ୍, ମାତର୍ ଇଦାଂ ଇନେର୍‌ତି ଆନାଡ଼୍,
ହେଦାଂ କାଜିଂ ଦରମ୍‌ଗୁଲି କିନାସ୍," ଇନେସ୍‌କି ଦରମ୍ ସାସ୍ତର୍‌ତାକେ ଇ ବଚନ୍ ପୁରା ଆନାଡ଼୍, ହେୱାର୍ ଜାର୍ ଜାର୍ ବିତ୍ରେ
ନା ଆଙ୍ଗି ବାଟା କିତାର୍, "ଆରେ ନା ଆଙ୍ଗି କାଜିଂ ଦରମ୍‌ଗୁଲି କିତାର୍ । ଲାଗିଂ ମେଲ୍ୟାର୍ ଇ ସବୁ କିତାର୍ ।"
୨୫ ମାତର୍ ଜିସୁତି କ୍ରୁସ୍ ଲାଗେ ହେ ତେହି ମରିୟମ୍, ହେୱାନ୍ ତେହି ତଣ୍‌ଦେହି, କଲପାତି ଡକ୍ରୁହି ମରିୟମ୍, ଆରି
ମଗ୍‌ଦଲିନି ମରିୟମ୍ ନିଲ୍‌ଚି ମାଚିକ୍ ।
୨୬ ଜିସୁ ଜାର୍ ଆୟା ଆରି ଇମ୍‌ଣି ଚେଲାଂ ଜିଉନଜି ମାଚାନ୍, ହେ ଲାଗାଂ ନିଲ୍‌ଚି ମାନାକା ହୁଡ଼୍‌ଜି ତାଡ଼ିଙ୍ଗ୍ ଇଚାନ୍, "ହୁଡ଼ା
ନି ମାଜି !"
୨୭ ତା ପାଚେ ହେୱାନ୍ ହେ ଚେଲାଂ ଇଚାନ୍, ହୁଡ଼ାଟ୍, "ଇଦେଲ୍ ମିଞ୍ଜି ଆୟା !" ଆରେ, ହେ ସମୁତାଂ ହେ ଚେଲା ତାଙ୍ଗେଙ୍ଗ୍
ଜାର୍ ଇଞ୍ଜ ଅଜି ହାଚାନ୍ ।

## ଜିସୁତି ହାକି

*(ମାତିଉ ୨୭:୪୫-୫୬; ମାର୍କ ୧୫:୩୩-୪୧; ଲୁକ ୨୩:୪୪-୪୯)*

୨୮ ଇଦାଂ ପାଚେ ଜିସୁ ଦରମ୍ ସାସ୍ତର୍ ବଚନ୍ ଇନେସ୍ ପୁରା ଆନାଡ଼୍, ଇଦାଂ କାଜିଂ ୱିଜୁ ବିସ୍ରେ ନଂଗାୟ୍ ୱିସ୍ତାଡ଼୍‌ନା ଇଞ୍ଜି
ପୁଞ୍ଜି ଇଚାନ୍, "ନାଙ୍ଗେଙ୍ଗ୍ ଏସ୍‌କି କିଦ୍‌ନାତା ।"
୨୯ ହେବେ କେନିରାସ୍ ବାଟି ର ବାହା ମାଚାଡ଼୍; ଲାଗିଂ ହେୱାର୍ କେନିରାସ୍ ବାଟି ର ରୁଆ ଉଚୁଟିଂ ଏଜପନାଲତ
ଡେଙ୍ଗା ବେଡ଼ଗା ଆହି କିଜି ତାଙ୍ଗ୍ ମୁମ୍ ଲାଗାଂ ହିତାର୍ ।

୩୦ ହେବେଣ୍ଡାଂ ଜିସୁ ହେ କେନିରାସ୍ ଉଣ୍‌ଜି ଇଚାନ୍, ୱିସ୍ତାଡ୍; ଆରେ,
ହେୱାନ୍ କାପ୍‌ଡ଼ା ତାରେନ୍ କିଜି ଜିବୁନ୍ ପିସ୍ତାନ୍ ।

### ଜିସୁଙ୍ଗ୍ କଚଣ୍ଡ ବାଲାକୁନ୍ଦ୍‌ନାକା

୩୧ ହେ ଦିନ୍ ଜାଲ୍‌ଦି କିନି ଦିନ୍ ମାଚିଲେ, ଗାଗାଡ୍ ଇନେସ୍ ଜମ୍‌ନିବାର୍ ନାଜିଂ କ୍ରୁସ୍ ଜପି ମାନ୍‌ଗୁଡ୍ ଇନାକିଦେଂକି ହେ
ଜମ୍‌ନିବାର୍ ଗାଜା ଦିନ୍ ମାଚାଡ୍, ହେଦାଂ କାଜିଂ ହେୱାର୍‌ତି କାଲ୍‌କୁ ଡ୍ରିକ୍‌କାଟ୍ ଆରି ହେୱାରିଂ କ୍ରୁସ୍‌ତ ତାଙ୍ଗ୍ ତାରେନ୍
ଜୁଡ୍‌ତାଟ୍ ବିନ୍ ବାହାତ ଅୟାଆୟେର୍ ଇଞ୍ଜି ଜିହୁଦି ନେତାର୍ ପିଲାତଂ ଗୱାରି କିତାର୍ ।
୩୨ ଲାଗିଂ ମେଲ୍ୟାର୍ ୱାଜି ପର୍ତୁମ୍ ନିକାନିଂ କାଲ୍ ଆରି ତା ହୁଦାଂ ଇମ୍‌ଣି ରକାନ୍ କ୍ରୁସ୍‌ତ ଦୁପ୍‌ୟା ଆଜି ମାଚାନ୍, ତା କାଲ୍
ପା ଡ୍ରିକ୍‌ତାର୍ ।
୩୩ ମତର୍ ହେୱାର୍ ଜିସୁତି ଲାଗେ ୱାଜି ହେୱାନ୍ ହାତାନେ ଇଞ୍ଜି ହୁଡ୍‌ଜି ହେୱାନ୍ତି କାଲ୍ ଡ୍ରିକ୍‌ୱାତାର୍,
୩୪ ମେଲ୍ୟାର୍ ବିଡ୍ରେ ରକାନ୍ ବାଲାତାଂ ହେୱାନିଂ କଚଣ୍ଡ କୁନ୍‌ତାନ୍, ଆରେ ଦାପ୍ରେ ନେତେର୍ ଆରି ଏଜୁଂ ହଡ୍‌ତିକ୍ ।
୩୫ ଇନେର୍ ହୁଡ୍‌ତାର୍‌ନା, ହେୱାନ୍ ସାକି ହିନାନା, ଇନେସ୍‌କି ଏପେଙ୍ଗ୍ ପା ପାତର୍ କିୟାଟ୍; ଆରେ, ହେୱାନ୍ତି ସାକି
ହାଡ୍‌ପା, ଆରେ ହେୱାନ୍ ଜେ ହାଡ୍‌ପା ଇନାନ୍ନା, ଇଦାଂ ହେୱାନ୍ ପୁନାନ୍ ।
୩୬ ଇନାକିଦେଂକି ଦରମ୍ ସାସ୍ତର୍ ଇ ବଚନ୍ ପୁରା ଆଦେଂ କାଜିଂ ଇ ୱିଜୁ ବିସ୍ରେ ଗିଟା ଆତାଡ୍, "ହେୱାନ୍ତି ଉଟୁକ୍ ପା ପ୍ଲେନ୍
ଡ୍ରିଙ୍ଗୁଡ୍ ।"
୩୭ ✡ଆରେ ରଗ ଦରମ୍ ସାସ୍ତର୍ ଆରେ ର ବଚନ୍ ଇଦାଂ ଲେକାଆତାଡ୍‌ନା, ହେୱାର୍ ଇନେରିଂ ଅସ୍ତାର୍, ହେୱାନ୍ କାଜିଂ
ହୁଡ୍‌ନାନ୍ ।

### ଜିସୁତି କବର୍

*(ମାତିଉ ୨୭:୫୭-୬୧; ମାର୍କ ୧୫:୪୨-୪୭; ଲୁକ ୨୩:୫୦-୫୬)*

୩୮ ଇ ସବୁ ଗଟ୍‌ଣା ପାଚେ, ଇମ୍‌ଣି ହାରାମାତିୟାତି ଜସେପ୍ ଜିସୁତି ରକାନ୍ ଚେଲା ମାଚାନ୍, ମାତର୍ ଜିହୁଦି ନେତାର୍
ପାଣ୍ଡ୍ରୁଡ଼ିଂ ଡ଼ଗୁଜି ମାଚାନ୍, ହେୱାନ୍ ଜିସୁତି ଗାଗାଡ୍ ଅଦେଂ କାଜିଂ ପିଲାତଂ ଗୱାରି କିତାନ୍ । ହେବେ ପିଲାତ ପିସ୍ତି ହିତାନ୍
। ଲାଗିଂ ହେୱାନ୍ ୱାଜି ହେୱାନ୍ତି ଗାଗାଡ୍ ଅତାର୍ ।
୩୯ ✡ଇମ୍‌ଣି ନିକଦିମ୍ ପର୍ତୁମ୍ ନାଣା ସମୁତ ହେ ଲାଗାୟ୍ ୱାଜି ମାଚାନ୍, ହେୱାନ୍ ପା କମ୍‌ସେକମ୍ ତିରିସ୍ କେଜି ବାସ୍‌ନା
ଚିକାଣ୍ ମିହାଆତି ଅଙ୍ଗୁର୍ ତାହିୱାତାନ୍ ।
୪୦ ହେୱାର୍ ଜିସୁତି ଗାଗାଡ୍ ଅଜି ଜିହୁଦିତର୍ ମାଡ଼ା ମୁଚ୍‌ନି ବିଦି ଲାକେ ହେଦାଂ ହାର୍‌ଦି ବାସ୍‌ନା ଜିନିସ୍ ହୁକେ କୱାଣ୍
ହେନ୍ଦ୍ରାତ ହୁର୍ପାତାର୍ ।
୪୧ ହେୱାନ୍ ଇମ୍‌ଣି ବାହାତ କ୍ରୁସ୍ ଦୁପ୍‌ୟା ଆଜି ମାଚାନ୍, ହେ ବାହାତ ର ବାଡ୍ ମାଚାଡ୍, ଆରେ ହେ ବାଡ୍‌ଦ ର ପୁନି
ଦୁଗେର୍ ମାଚାଡ୍, ହେବେ ଇନେର୍ ଇନାୱାଡ଼ାଂ ଇଟ୍ୟା ଆୱାଦାଂ ମାଚାର୍ ।
୪୨ ଆରେ, ଜିହୁଦିତର୍ ଜାଲ୍‌ଦି କିନି ଦିନ୍ କାଜିଂ ହେ ବାହାତ ହେୱାର୍ ଜିସୁଙ୍ଗ୍ ଇଟ୍‌ତାର୍, ଇନାକିଦେଂକି ହେ ଦୁଗେର୍
ଲାଗାୟ୍ ମାଚାଡ୍ ।

## ୨୦

### ୱାରାକା ଦୁଗେର୍

*(ମାତିଉ ୨୮:୧-୧୦; ମାର୍କ ୧୬:୧-୮; ଲୁକ ୨୪:୧-୧୨)*

୧ ସାଡ୍ ଦିନ୍‌ନି ପର୍ତୁମ୍ ରଇବାର୍ ନାଜିଂ ନାଣାଙ୍ଗେ ମାଜ୍‌ଗା ମାନୁ ମାନୁ ମଗ୍‌ଦଲିନି ମରିୟମ୍ ଦୁଗେର୍ ଲାଗେ ହାଲ୍‌ଜି
ହେବେତାଂ କାଲ୍ ଗୁଚ୍‌ଆତାକା ହୁଡ୍‌ତିକ୍ ।
୨ ଲାଗିଂ ହେଦେଲ୍ ହଞ୍ଚି ହାଲ୍‌ଜି ସିମନ୍ ପିତର୍ ଆରି ଜିସୁ ଇନେରିଂ ଜିଉନଜି ମାଚାନ୍, ହେ ବିନ୍ ଚେଲା ଲାଗେ ୱାତାଡ୍,
ଆରେ ହେୱାରିଂ ଇଚାଡ୍, "ହେୱାର୍ ଦୁଗେର୍‌ତାଂ ମାପ୍ରୁଙ୍ଗ୍ ଅଜି ହାଚାର୍ଣ୍ଣା, ଆରେ ତାଙ୍ଗେଙ୍ଗ୍ ଇମେତାକେ ଇଡ୍‌ତାର୍‌ନ୍ନା,
ହେଦାଂ ଆପେଂ ପୁନୁୱାତାପ୍‌ନା ।"
୩ ହେବେତାଂ ପିତର୍ ଆରି ହେ ବିନ୍ ଚେଲା ଦୁଗେର୍ ଲାଗେ ହାଚାର୍ ।
୪ ହେୱାର୍ ରିୟାର୍ ରସମାନ୍ ହନ୍ତେଙ୍ଗ୍ ଲାଗାତାର୍, ଆରେ ହେ ବିନ୍ ଚେଲା ପିତର୍‌ତିଂ ପାଚେ କିଜି ଆଗେ ଦୁଗେର୍ ତାକେ
ଏକାତାନ୍,
୫ ଆରେ, ଟଡ୍‌ଜି ବିଡ୍ରେ ହୁଡ୍‌ତାନ୍ ହାରୁ କୱାଣ୍ ହେନ୍ଦ୍ରା ୱିଜୁ ଆର୍ଡାକା ହୁଡ୍‌ତାନ୍, ଆତିସ୍‌ପା ହେୱାନ୍ ବିଡ୍ରେ ହଣ୍‌ୱାତାନ୍
।
୬ ପାଚେ ସିମନ୍ ପିତର୍ ପା ତାପାଚେ ପାଚେ ୱାଜି ଏକାୱାତାର୍ ଆରି ଦୁଗେର୍ ବିଡ୍ରେ ହଣ୍‌ଜି ହୁଡ୍‌ତାର୍ ଜେ, ହାରୁ କୱାଣ୍
ହେନ୍ଦ୍ରାଙ୍ଗ୍ ଆର୍‌ତିକ୍‌ନା,

✡ **୧୯:୩୭** ହଡ୍‌ତି ୧:୭. ✡ **୧୯:୩୯** ଜହନ୍ ୩:୧,୨.

୭ ଆରି ତା କାପ୍‌ଡ଼ାତ ଇମ୍‌ଣି ତୁୱାଲ୍ ଗାଚ୍ୟା ଆଜି ମାଚାନ୍ ହେଦାଂ ହାରୁ କୱାଣ୍ ହେନ୍ଦ୍ରା ଲାହାଙ୍ଗ୍ ମାନ୍‌ୱାଦାଂ ବିନ୍ ର
ବାହାତ ଡାବା ଆଜି ମାଚାଡ୍ ।
୮ ହେପାଦ୍‌ନା ଇମ୍‌ଣି ବିନ୍ ଚେଲା, ଇମ୍‌ଣାକାନ୍ ଆଗେ ଦୁଗେର୍ ଲାଗେ ୱାଜି ମାଚାନ୍ ହେୱାନ୍ ପା ବିତ୍ରେ ହଣ୍‌ଜି ହୁଡ୍‌ତାନ୍
ଆରି ପାତର୍ କିତାନ୍;
୯ ଇନାକିଦେଂକି ହାତାକାର୍ ବିତ୍ରେ ହେୱାରିଂ ଜେ ନିଙ୍ଗି କିୟାଆନାଡ୍, ସାସ୍ତ୍ର୍ ଇ ବଚନ୍ ହେୱାର୍ ହେପାତେକ୍
ବୁଜାଆୱାଦାଂ ମାଚାର୍ ।
୧୦ ପାଚେ ଚେଲାର୍ ହେୱାର୍ ଇଞ୍ଜ ହାଚାର୍ ।

## ଜିସୁ ମୁଗ୍‌ଦଲିନି ମରିୟମ୍‌ତିଂ ଚଞ୍ଜିୟାଆତାନ୍

*(ମାତିଉ ୨୮:୯-୧୦; ମାର୍କ ୧୬:୯-୧୧)*

୧୧ ମାତର୍ ମରିୟମ୍ ଆଡ଼୍‌ଜି ଆଡ଼୍‌ଜି ବାର୍‌ତ ଦୁଗେର୍ ଲାଗେ ନିଲ୍‌ଚି ମାଚାଡ୍; ପାଚେ, ଆଡ଼୍‌ଜି ଆଡ଼୍‌ଜି ହେଦେଲ୍ ଟଡ଼୍‌ଜି
ଦୁଗେର୍ ବିତ୍ରେ ହୁଡ୍‌ତାଡ୍,
୧୨ ଆରେ ଜିସୁତି ଗାଗାଡ୍ ଇମ୍‌ଣି ବାହାତ ଇଡ଼୍‌ଜି ମାଚାର୍, ହେବେନି କାପ୍‌ଡ଼ା ଲାଗାଂ ରୱାନ୍ ଆରି ପାନା ଲାଗାଂ ଇ
ଲାକେ ରିୟାର୍ ଡ଼ିଞ୍ଜ୍‌ନି ହେନ୍ଦ୍ରା ଉସ୍ପିତି ଦୁତ୍‌ତିଂ କୁଚ୍‌ଚି ମାନାକା ହୁଡ୍‌ତାର୍ ।
୧୩ ହେୱାର୍ ତାଙ୍ଗେଙ୍ଗ୍ ଇଚାର୍, “ଏ ଆୟା, ଇନେକିଦେଂ ଆଡ଼୍‌ବାନାୟା ?”
ହେଦେଲ୍ ହେୱାରିଂ ଇଚାଡ୍, “ଇମ୍‌ଣାକାର୍ ନା ମାପୁଙ୍ଗ୍ ଅଜି ହାଚାର୍ଣ୍ଣା, ଆରେ ତାଙ୍ଗେଙ୍ଗ୍ ଇମ୍‌ଣି ବାହାତ ଇଡ୍‌ତାର୍‌ନ୍ନା,
ହେଦାଂ ଆନ୍ ପୁନୁଙ୍ଗ୍ ।”
୧୪ ହେଦେଲ୍ ଇଦାଂ ଇଞ୍ଜି ପାଚ୍‌ବାଗାଂ ବୁଲାଆଜି ଜିସୁଙ୍ଗ୍ ନିଲ୍‌ତାକା ହୁଡ୍‌ତିକ୍, ମାତର୍ ହେୱାନ୍ ଜେ ଜିସୁ, ହେଦାଂ
ପୁନ୍‌ୱିତିକ୍ ।
୧୫ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, “ଏ ଆୟା, ଇନେକିଦେଂ ଆଡ଼୍‌ବାନାୟା ? ଇନେରିଂ ଦାହ୍‌ନାୟା ?”
ହେଦେଲ୍ ତାଙ୍ଗେଙ୍ଗ୍ ବାଡ଼୍‌ନି ହାଉକାର୍ ଇଞ୍ଜି ବାବି କିଜି ମାଚାଡ୍, ମାନିନି, “ଏନ୍ ଜଦି ତାଙ୍ଗେଙ୍ଗ୍ ଅଜି ହାଚାୟ୍‌ନା, ତା
ଆତିସ୍ ତାଙ୍ଗେଙ୍ଗ୍ ଇମ୍‌ଣି ବାହାତ ଇଡ଼୍‌ତାଦେର୍ଣ୍ଣା, ନାଙ୍ଗେଙ୍ଗ୍ ୱେଚ୍‌ଚାଟ୍, ଆରେ ଆନ୍ ତାଙ୍ଗେଙ୍ଗ୍ ଅଜି ହାନାଂ ।”
୧୬ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, “ମରିୟମ୍ ।”
ହେଦେଲ୍ ବୁଲାଆଜି ଏବ୍ରି ବେରଣ୍‌ତାଂ ତାଙ୍ଗେଙ୍ଗ୍ ଇଚାଡ୍, “ରାବ୍‌ବୁନି” ଇଚିସ୍ ଏ ଗୁରୁ ।
୧୭ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, “ନାଙ୍ଗେଙ୍ଗ୍ ଆସ୍ତି ମାଞ୍ଜ୍‌ମାଟ୍,” ଇନାକିଦେଂକି ଆନ୍ ଇ ପାତେକ୍ ଆବା ଲାଗାଂ ହାଲୁଙ୍ଗେ,
“ମାତର୍ ନା ଟଣ୍ଡାର୍ ଲାଗେ ହାଲ୍‌ଜି ଇନାଟ୍, ଆନ୍ ନା ଆବାଂ ଆରି ମିଞ୍ଜି ଆବାଂ, ନା ଇସ୍ୱର୍ ଆରି ମି ଇସ୍ୱର୍ ଲାଗାଂ ଦୁମ୍‌ନାଙ୍ଗା
।”
୧୮ ମଗ୍‌ଦଲିନି ମରିୟମ୍ ହାଲ୍‌ଜି, ଆନ୍ ମାପୁଙ୍ଗ୍ ହୁଡ଼୍‌ତାଙ୍ଗ୍‌ନା, ଆରେ ହେୱାନ୍ ନାଙ୍ଗେଙ୍ଗ୍ ଇ ସବୁ ୱେଚ୍‌ଚାତାନ୍ନା ଇଞ୍ଜି
ଚେଲାରିଂ କାବୁର୍ ୱେଚ୍‌ଚାଡ୍ ।

## ଜିସୁ ହେ ଚେଲାରିଂ ଚଞ୍ଜିୟାଆତାନ୍

*(ମାତିଉ ୨୫:୧୬-୨୦; ମାର୍କ ୧୬:୧୪-୧୮; ଲୁକ ୨୪:୩୬-୪୯)*

୧୯ ହେ ନାଜିଂ, ଇଚିସ୍ ସାତ୍ ଦିନ୍‌ନି ପର୍ତୁମ୍ ରଇବାର୍ ନାଜିଂ ମିଡ଼୍‌କା ସମୁତ ଏଚେକାଡ଼୍‌ଦ ଚେଲାର୍ ଇମ୍‌ଣି ଇଞ୍ଜ ମାଚାର୍,
ହେବେ ଦୁୱେର୍‌ଙ୍ଗ୍ ଜିହୁଦିର୍ ପାଣ୍ଡ୍ରୁତିଂ ବନ୍ଦ୍ ମାଚାଡ୍, ହେ ପାଦ୍‌ନା ଜିସୁ ୱାଜି ମାଦି ନିଲ୍‌ଚି ହେୱେରିଂ ଇଚାର୍, “ମିଦାଙ୍ଗ୍
ସୁସ୍ତା ଆଏଡ୍ ।”
୨୦ ଆରେ, ଇଦାଂ ଇଞ୍ଜି ହେୱାନ୍ ହେୱେରିଂ ଜାର୍ କଚଣ୍ ଆରି ପାନା ଚଚ୍‌ଚାନ୍ । ହେବେତାଂ ଚେଲାର୍ ମାପୁଙ୍ଗ୍ ହୁଡ଼୍‌ଜି
ୱାର୍‌ୟା ଆତାର୍ ।
୨୧ ଜିସୁ ହେୱେରିଂ ଆରେ ରଗ ଇଚାନ୍, “ମିଦାଙ୍ଗ୍ ସୁସ୍ତା ଆଏଡ୍; ଆବା ଇନେସ୍‌କି ନାଙ୍ଗେଙ୍ଗ୍ ପକ୍‌ତାତାନ୍ନା, ଆନ୍ ପା ହେ
ଲାକେ ମିଙ୍ଗେଙ୍ଗ୍ ପକ୍ତାନାଙ୍ଗା ।”
୨୨ ହେୱାନ୍ ଇଦାଂ ଇଞ୍ଜି ହେୱାର୍ ଜପି ନେନ୍‌ଜି ହେୱେରିଂ ଇଚାନ୍, “ପୁଇପୁୟା ଜିବୁନ୍‌ତିଂ ଇଟ୍ୟା ।”
୨୩ ✡ଏପେଙ୍ଗ୍ ଜଦି ଇନେରିଂ ପାପ୍ କେମା କିନାଦେର୍, “ତାଦାଂ ପାପ୍ କେମା ଆନାଡ୍; ଆରି, ଜଦି ଇନେର୍‌ତି ପାପ୍ କେମା
କିଉଦେର୍, ତାଦାଂ ପାପ୍ କେମା ଆଉଡ୍ ।”

## ଜିସୁ ଆରି ତମା

୨୪ ମାତର୍ ଜିସୁ ଏଚେକାଡ଼୍‌ଦ ୱାଜି ମାଚାନ୍, ହେପାଦ୍‌ନା ବାରଜାଣ୍ ବିତ୍ରେ ତମା ତର୍‌ଦାକାନ୍ ରକାନ୍, ଇମ୍‌ଣାକାନିଂ
“ଦିଦୁମ୍” ଇନାର୍ ହେୱାନ୍ ହେୱାର୍ ଲାହାଙ୍ଗ୍ ହିଲ୍‌ୱାତାନ୍ ।
୨୫ ଲାଗିଂ, ବିନ୍ ଚେଲାର୍ ତାଙ୍ଗେଙ୍ଗ୍ ଇଚାର୍, “ଆପେଂ ମାପୁଙ୍ଗ୍ ହୁଡ଼୍‌ତାପ୍‌ନା ।”

✡ **୨୦:୨୩** ମାତିଉ ୧୬:୧୯; ୧୮:୧୮.

ତମା ହେୱାନ୍ ହେୱେରିଂ ଇଚାନ୍, “ତା କେଇଦ ୱାଡ଼ିଙ୍ଗ୍ ଚିନ୍ସବୁ ହୁଡ଼୍ୱିତିସ୍ ଆରି ହେ ସବୁ ବାହାତ ନା ୱାଚ୍କାଙ୍ଗ୍
ହୁଡ଼୍ୱିତିସ୍ ଆରି ହେ କାଲ୍କୁ ନା କେଇ ହୁଡ଼୍ୱିତିସ୍ ଆନ୍ ଇନାୱାଡ଼ାଂପା ପାତର୍ କିଉଙ୍ଗ୍ ।”
୨୬ ଆଟ୍ ଦିନ୍ ପାଚେ ତା ଚେଲାର୍ ଆରେ ରଗ ବିଡ୍ରେ ମାଚାର୍ ଆରି ତମା ହେୱାର୍ ଲାହାଙ୍ଗ୍ ମାଚାନ୍ । କାପାଟ୍ ସବୁ ବନ୍ଦ୍
ମାନି ସମୁତ ଜିସୁ ୱାଜି ମାଦି ନିଲ୍ଚି ଇଚାନ୍, “ମିଦାଙ୍ଗ୍ ସୁସ୍ତା ଆଏତ୍ ।”
୨୭ ପାଚେ ହେୱାନ୍ ତମାଙ୍ଗ୍ ଇଚାନ୍, “ଇନ୍ଟାଙ୍ଗ୍ କେଇ ଲାମାୟ୍କିଦା ନା କେଇ ହୁଡ଼ା, ନା କାଲ୍କୁ ହୁଡ଼ା; ପାତର୍
କିୱାକାର୍ ଆଜି ପାତର୍ କିୟାଟ୍ ।”
୨୮ ତମା ତାଙ୍ଗେଙ୍ଗ୍ ଉତର୍ ହିତାନ୍, “ନା ମାପ୍ରୁ, ନା ଇସ୍ୱର୍ ।”
୨୯ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, “ଏନ୍ ଇନାକା ନାଙ୍ଗ୍ ହୁଡ଼୍ଜି ପାତର୍ କିଦ୍ନାୟା ? ଇମ୍ଣାକାର୍ ହୁଡ଼୍ୱାଦାଂ ପାତର୍ କିତାର୍,
ହେୱାର୍ ଦନ୍ୟ ।”

### ଇ ପତିନି ଉଦେସ୍

୩୦ ଜିସୁ ଚେଲାର୍ ମୁମ୍ଦ ଇ ଲାକେ ବେସି ଆରି ବିନ୍ବିନ୍ ବାନି କାବାଆନି କାମାୟ୍ କିତାନ୍ନ୍ନା, ହେ ୱିଜୁ ଇ ପତିତ ଲେକା
ଆୱାତାଡ଼୍ନା ।
୩୧ ମାତର୍ ଏପେଙ୍ଗ୍ ଇନେସ୍ ପାତର୍ କିନାଦେର୍ ଜେ ଜିସୁ ଇସ୍ୱର୍ ମାଜି କ୍ରିସ୍ଟ ଆତାନ୍ନା, ଆରେ ପାତର୍ କିଜି ଇନେସ୍କି
ଏପେଙ୍ଗ୍ ହେ ତର୍ଦାଂ ଜିବୁନ୍ ପାୟା ଆନାଦେର୍, ଇଦାଂ କାଜିଂ ଇ ୱିଜୁ ଲେକାଆତାଡ଼୍ନା ।

## ୨୧

### ସାତ୍ ଜାଣ୍ ଚେଲାରିଂ ଜିସୁ ଚଞ୍ଜ୍ୟା ଆତାନ୍

୧ ଇଦାଂ ପାଚେ ଜିସୁ ତିବିରିୟା ହାମ୍ଦୁର୍ ଗୁଟିତ ବାରଜାଣ୍ ଚେଲାରିଂ ଆରେ ରଗ ଚଞ୍ଜିୟାଆତାନ୍ । ହେୱାନ୍ ଇ ଲାକେ
ଚଞ୍ଜିୟାଆତାନ୍;
୨ ସିମନ୍ ପିତର୍, ତମା, ଇମ୍ଣାକାନିଂ ଦିଦୁମ୍ ଇନାର୍, ଗାଲିଲିନି କାନାନିକାନ୍ ନିତନିୟେଲ୍, ଜେବ୍ଦି ମାଜିର୍ ଆରି ତା
ଚେଲାର୍ ବିଡ୍ରେତାଂ ଆରେ ରିକାର୍ ରବେ ମାଚାର୍ ।
୩ ସିମନ୍ ପିତର୍ ହେୱାରିଂ ଇଚାର୍, “ଆନ୍ ମିନ୍କୁ ଆସ୍ତେଙ୍ଗ୍ ହାନାଙ୍ଗା ।”
ହେୱାର୍ ତାଙ୍ଗେଙ୍ଗ୍ ଇଚାର୍, “ଆପେଂ ପା ମି ଲାହାଙ୍ଗ୍ ହାନାପ୍ ।” ହେୱାର୍ ହସି ହାଲ୍ଜି ଡଙ୍ଗାତ କୁଚ୍ଚାର୍, ଆରେ ହେ
ମ୍ଭିକା ବିର୍କୁଲ୍ ଆସ୍ତେଙ୍ଗ୍ ଆଡ଼୍ୱାତାର୍ ।
୪ ମାତର୍ ଅଜଡ଼୍ ଆତି ପାଚେ ଜିସୁ ଗୁଟିତ ନିଲ୍ତାନ୍; ଆତିସ୍ପା ହେୱାନ୍ ଜିସୁ ଇଞ୍ଜି ଚେଲାର୍ ପୁନ୍ୱାତାର୍ ।
୫ ଜିସୁ ହେୱେରିଂ ଇଚାନ୍, “ହିମ୍ଣାଂ, ମି ତାକେ ଇନାକା ଇଚୁକ୍ ତିନାକା ମାନାତ୍ ?”
ହେୱାର୍ ତାଙ୍ଗେଙ୍ଗ୍ ଉତର୍ ହିତାର୍, “ହିଲୁଡ୍ ।”
୬ ଜିସୁ ହେୱେରିଂ ଇଚାନ୍, “ଡଙ୍ଗାନି ତିନିପାଡ଼୍କା ଲାଗାୟ୍ ଜାଲ୍ ଇଡ଼ାଟ୍, ଆରେ ଏପେଙ୍ଗ୍ ପାୟା ଆନାଦେର୍ ।”
ହେବେଣ୍ଡାଂ ହେୱାର୍ ଜାଲ୍ ଇଡ଼ିତାର୍, ଆରେ ଏଚେକ୍ ମିନ୍କୁ ହେସ୍ତିକ୍ ଜେ, ହେୱାର୍ ହେଦାଂ ଜେଲ୍ଦେଂ ସାକ୍ତି ହିଲାତାଡ଼୍
।
୭ ହେବେତାଂ ଜିସୁ ଇମ୍ଣି ଚେଲାହିଂ ଜିଉନଜି ମାଚାନ୍, ହେୱାନ୍ ପିତର୍ତିଂ ଇଚାନ୍, “ଇୱାନ୍ତ ମାପ୍ରୁ ।” ସିମନ୍ ପିତର୍
ଇୱାନ୍ତ ମାପ୍ରୁ ଇଞ୍ଜି ୱେନ୍ଞ୍ଜି ଡୁମ୍ଣ୍ଡା ଗାଗାଡ଼୍ ଆଜି ମାଚିଲେ ଜାର୍ ହେନ୍ଦ୍ରା ପର୍ଚି ହାମ୍ଦୁର୍ତ ଗୁମ୍ତାନ୍;
୮ ମାତର୍ ବିନ୍ ଚେଲାର୍ ମିନ୍କୁ ବାତର୍ ଆଜି ମାଚି ଜାଲ୍ ଜେଲ୍ଜି ଜେଲ୍ଜି ହାରୁ ଡଙ୍ଗାତ ୱାତାର୍, ଇନାକିଦେଂକି
ହେୱାର୍ ଗୁଟିତାଂ ଆଦିକ୍ ଦେହା ହିଲ୍ୱାତାର୍, କେବଲ୍ ଆଦେକ୍ ଦୁଇସ ଆଡ଼୍ ଦେହା ମାଚାର୍ ।
୯ ହେୱାର୍ ଗୁଟିତ ଜୁଜି ହେବେ ରିକାଙ୍ଗ୍ ନାଣି, ଆରେ ହେ ଜପି ୱାସ୍ତି ମିନ୍ ଆରି ରୁଟି ଇଡ଼୍ଜି ମାଚାକା ହୁଡ଼୍ତାର୍ ।
୧୦ ଜିସୁ ହେୱେରିଂ ଇଚାନ୍, “ଏପେଙ୍ଗ୍ ନଙ୍ଗୟ୍ ଇମ୍ଣି ମିନ୍ ଆସ୍ତାଦେର୍ଣ୍ଣା, ହେବେଣ୍ଡାଂ ଉଚୁଙ୍ଗ୍ ତାଡୁ ।”
୧୧ ସିମନ୍ ପିତର୍ ହାଲ୍ଜି ସହେ ପଚାସ୍ତିନ୍ ଗାଜା ଗାଜା ମିନ୍କୁତ ବାତର୍ ଆଜି ମାଚି ଜାଲ୍ ଗୁଟିତ ଜେଲ୍ଜି ତାତାର୍;
ଆରେ ଏଚେକ୍ ମିନ୍କୁକାଂ ପା ଜାଲ୍ ନାଡ଼୍ୱାତାଡ଼୍ ।
୧୨ ଜିସୁ ହେୱେରିଂ ଇଚାନ୍, “ୱାଜି ତିନାଟ୍ ।” ଚେଲାର୍ ବିଡ୍ରେ ଇନେନ୍ “ଏନ୍ ଇନାକାୟ୍” ଇଞ୍ଜି ତାଙ୍ଗେଙ୍ଗ୍ ୱେନ୍ବେଦେଂ
ସାସ୍ କିୱାଦାଂ ମାଚାର୍, ଇନାକିଦେଂକି ହେୱାନ୍ ଜେ, ମାପ୍ରୁ, ଇଦାଂ ହେୱାର୍ ପୁଞ୍ଜିମାଚାର୍ ।
୧୩ ଜିସୁ ୱାଜି ରୁଟି ଆସ୍ତି ହେୱେରିଂ ହିତାନ୍, ଆରେ ହେ ଲାକେ ମିନ୍କୁ ପା ହିତାନ୍ ।
୧୪ ହାତାକାର୍ ବିଡ୍ରେ ନିଙ୍ଗ୍ତି ପାଚେ ଜିସୁ ଚେଲାରିଂ ଇୱାନ୍ ତିନି ହଟ୍ ଚଞ୍ଜିୟାଆତାନ୍ ।

### ଜିସୁ ଆରି ପିତର୍

୧୫ ହେୱାର୍ ଚିଚିପାଚେ ଜିସୁ ସିମନ୍ ପିତର୍ତିଂ ୱେନ୍ବାତାନ୍, “ଏ ଜହନ୍ତି ମାଜି ସିମନ୍, ଏନ୍ ଇନାକା ନାଙ୍ଗେଙ୍ଗ୍
ଇୱାର୍ତାଂ ବେସି ଜିଉନଦ୍ନାୟା ?”
ସିମନ୍ ତାଙ୍ଗେଙ୍ଗ୍ ଇଚାନ୍, “ଆଁ, ମାପ୍ରୁ, ଆନ୍ ଜେ ନିଙ୍ଗେଙ୍ଗ୍ ୱାରି କିଦ୍ନାଙ୍ଗା ।”

ହେଦାଂ ଏନ୍ ପୁନାୟ୍ । "ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, ନା ମେଣ୍ଡାକାଂ ହାରାୟ୍କିୟା ।"
୧୬ ହେୱାନ୍ ଆରେ ରଗ ରିହା ତାଙ୍ଗେଙ୍ଗ୍ ୱେନ୍ବାତାନ୍, "ଏ ଜହନ୍ ମେହି ସିମନ୍, ଏନ୍ ଇନାକା ନାଙ୍ଗ୍ ଜିଉନଦ୍ନାୟା ?"
ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, "ଆଁ, ମାପ୍ରୁ, ଆନ୍ ଜେ ନିଙ୍ଗେଙ୍ଗ୍ ୱାରି କିଦ୍ନାଙ୍ଗା ।"
ହେଦାଂ ଏନ୍ ପୁନାୟ୍ । ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, "ନା ମେଣ୍ଡାକାଂ ହାରାୟ୍ କିୟାଟ୍ ।"
୧୭ ଜିସୁ ତିନ୍ତର୍ ତାଙ୍ଗେଙ୍ଗ୍ ୱେନ୍ବାତାନ୍, "ଏ ଜହନ୍ ମେହି ସିମନ୍, ଏନ୍ ଇନାକା ନାଙ୍ଗେଙ୍ଗ୍ ୱାରି କିଦ୍ନାୟା ?"
ଏନ୍ ଇନାକା ନାଙ୍ଗେଙ୍ଗ୍ ୱାରି କିଦ୍ନାୟା, ଇଦାଂ ଇଞ୍ଜି ହେୱାନ୍ ତିନ୍ତର୍ ପିତର୍ତିଂ ୱେନ୍ବିତିଲେ ହେୱାନ୍ ଦୁକ୍ ଆଜି ତାଙ୍ଗେଙ୍ଗ୍ ଇଚାନ୍, "ମାପ୍ରୁ, ଏନ୍ ୱିଜୁ ବିସ୍ରେ ପୁନାୟ୍; ଆନ୍ ଜେ ନିଙ୍ଗେଙ୍ଗ୍ ୱାରି କିଦ୍ନାଙ୍ଗା, ହେଦାଂ ଏନ୍ ପୁନାୟ୍ ।"
ଜିସୁ ତାଙ୍ଗେଙ୍ଗ୍ ଇଚାନ୍, "ନା ମେଣ୍ଡାକାଂ ହାରାୟ୍କିୟା ।"
୧୮ ହାଡ଼୍ପା ହାଡ଼୍ପା ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍ନାଙ୍ଗା, ବେଣ୍ଡିୟା ମାନି ସମୁତ ଏନ୍ ଜାର୍ ଗାଟ୍ୟା ଆଜି ଇମେନିପ ମାନ୍, ହେ ନିପ
ବୁଲାଆଜି ମାଚାୟ୍, ମାତର୍ ବୁଡ଼ାଆତିସ୍ ଏନ୍ ଜାର୍ କେଇ ଲାମାୟ୍ କିନାୟ୍ ଆରି ବିନ୍ ନିକାନ୍ ନିଙ୍ଗ୍, ଗାଚ୍ଚି, ଇମେନିପ
ନି ମାନ୍ ମାନ୍ଗୁଡ଼୍, ହେନ୍ଟାଂ ନିଙ୍ଗେଙ୍ଗ୍ ଅଜି ହାଞ୍ଜ୍ନାର୍ ।
୧୯ ହେୱାନ୍ ଇନେସ୍ ବାନି ହାକିଦାଣ୍ଡ ହୁକେ ଇସ୍ୱର୍ତିଂ ଜାଜ୍ମାଲ୍ କିନାନ୍, ହେବେ ଚଚ୍ଚି ହିଜି ହେୱାନ୍ ଇଦାଂ ଇଚାନ୍
। ଇଦାଂ ୱେଚ୍ଚି ପାଚେ ହେୱାନ୍ ତାଙ୍ଗେଙ୍ଗ୍ ଇଚାନ୍, "ନା ପାଚେ ପାଚେ ୱାଡ ।"

### ଜିସୁ ଆରି ତା ୱାରିନି ଚେଲା

୨୦ ✡ଜିସୁ ଇମ୍ଣି ଚେଲାହିଂ ଜିଉନଜି ମାଚାନ୍ ଆରି ଜେ ମ୍ପିକା କୁଲେର୍ଉଣି ସମୁତ ତାଙ୍ଗେଙ୍ଗ୍ ନେଞ୍ଜେଡାକିତ ଇଡ଼ିୟା
ଆଜି, "ମାପ୍ରୁ, ନିଙ୍ଗେଙ୍ଗ୍ ଇନେନ୍ ବେରିୟାର୍ କେଇଦ ହେଲାୟ୍ କିଦ୍ନାନ୍ ଇଞ୍ଜି ୱେନ୍ବିସ୍ ମାଚାନ୍, ହେ ଚେଲାଙ୍ଗ୍ ପିତର୍
ମାସ୍ଦି ପାଚେ ୱାଜି ମାନାକା ହୁଡ଼୍ତାନ୍ ।"
୨୧ ପିତର୍ ତାଙ୍ଗେଙ୍ଗ୍ ହୁଡ଼୍ଜି ଜିସୁଙ୍ଗ୍ ୱେନ୍ବାତାନ୍, "ମାପ୍ରୁ, ଇୱାନ୍ ବିସ୍ରେ ଇନାକା ଇଞ୍ଜ୍ନାୟା ?"
୨୨ ଜିସୁ ତାଙ୍ଗେଙ୍ଗ୍ ଇଚାନ୍, ନା, ୱାନି ପାତେକ୍ ହେୱାନ୍ ମାନେନ୍ ଇଞ୍ଜି "ଜଦି ଆନ୍ମାନ୍ କିନାଙ୍ଗ୍, ତା ଆତିସ୍ ହେବେ
ମିଦାଙ୍ଗ୍ ଇନାକା ମାନାଡ଼୍ ? ଏପେଙ୍ଗ୍ ନା ପାଚେ ୱାଡ ।"
୨୩ ହେବେଣ୍ଡାଂ ହେ ଚେଲା ଜେ ହାଉନ୍ ଇଞ୍ଜି, ଟଣ୍ଡାର୍ ବିଟ୍ରେ ଇ ବେରଣ୍ ୱିଣ୍ଜି ହାତାଡ଼୍, ମାତର୍ ହେୱାନ୍ ହାଉନ୍ ଇଞ୍ଜି
ଜିସୁ ତାଙ୍ଗେଙ୍ଗ୍ ୱେଚ୍ୱାଦାଙ୍ଗ୍, ମାତର୍ "ନା ୱାନି ପାତେକ୍ ହେୱାନ୍ ମାନେନ୍ ଇଞ୍ଜି ଜଦି ଆନ୍ମାନ୍ କିନାଙ୍ଗ୍, ତା ଆତିସ୍
ହେବେ ମିଦାଙ୍ଗ୍ ଇନାକା ମାନାଡ଼୍ ଇଞ୍ଜି ଇଞ୍ଜି ମାଚାନ୍ ।"
୨୪ ଜେ ଇ ୱିଜୁ ବିସ୍ରେ ସାକି ହିନାନା ଆରି ଇ ୱିଜୁ ଲେକିକିତାନ୍ନା, ହେୱାନ୍ ହେ ଚେଲା; ଆରେ, ହେ ସାକି ଜେ, ହାଡ଼୍ପା,
ହେଦାଂ ଆପେଂ ପୁନାପ୍ ।

### ୱିସ୍ରି କାତା

୨୫ ଆରେ, ଜିସୁ ଆରି ବେସି ବେସି କାମାୟ୍ ପା କିଜି ମାଚାନ୍; ହେୱାଙ୍ଗ୍ ୱିଜୁ ଜଦି ରଞ୍ଜାଙ୍ଗ୍ ରଞ୍ଜାଙ୍ଗ୍ କିଜି ଲେକା ଆତାମ୍ନା,
ତା ଆତିସ୍ ଏଚେକ୍ ପତିଙ୍ଗ୍ ଲେକା ଆତିକ୍ମା ଜେ, ନା ବାବ୍ନାତ ୱିଜୁ ପୁତର୍ତ ପା ହେ ୱିଜୁ ଇଟ୍ନି କାଜିଂ ବାହା ଆୱାତାମ୍ନା
।

✡ **୨୧:୨୦** ଜହନ୍ ୧୩:୨୫.

# ପ୍ରେରିତ ଶିଷ୍ୟମାନଙ୍କର କାର୍ଯ୍ୟଗୁଡ଼ିକ
# ପକ୍ୟାତାକାର୍ତି କାମାୟ୍
# ପକ୍ୟାତାକାନ୍ ପତି ବିସ୍ରେ ପାଦେକ୍

ପକ୍ୟାତି ପତି ଆନାତା ମଣ୍ଡ୍ଲିନି ଆରମ୍ ଆରି ଇନେସ୍ ଇଦାଂ ଜିରୁସାଲମ୍ତାଂ, ଜିହୁଦା, ସମରିଆ ଆରି ବାର୍ତ ଇନେସ୍ ମେଙ୍ଗ୍ତାଡ୍ ଇଦାଂ ଜିସୁତି ସାର୍ଗେ ଦୁମ୍ନି ଆଗେତାଂ ତା ଚେଲାର୍ରିଂ ଇଞ୍ଜି ମାଚାନ୍ । ୧:୮ ପକ୍ୟାତି ପତି ଲୁକ ତାଂ ଲେକାତାଡ୍ନ୍ନା ଇନେର୍କି ଲୁକ ଲେକିକିତି ନେକ୍ରିକାବୁର୍ ପା ଲେକିକିଜି ମାଚାନ୍ । ହେୱାନ୍ ରୱାନ୍ ଡାକ୍ତର୍ ମାଚାନ୍ ଆରି ବୁଲ୍ କିୱାଦାଂ ଲେକିକିନାକାନ୍ ୧:୧ଲେକିକିନିତ ବେସି ଡ୍ରିକାଡ୍ ମାଚାନ୍ । ହେୱାନ୍ ରିଣ୍ଡି ନେକ୍ରିକାବୁର୍ ଆରି ପକ୍ୟାତି ପତିତ ତିଅପିଲତିଂ ଲେକିକିନାନା ଇନେର୍କି ହେୱାନ୍ ରୱାନ୍ ଗ୍ରିକ୍ ମାଚାନ୍, ପତିତିଂ ରିଣ୍ଡି ଗ୍ରିକ୍ ଆରି ଜିହୁଦି କୁଟୁମ୍ କାଜିଂ ମାଚାଡ୍ । ଇଚିସ୍ ପକ୍ୟାତି ପତି ଜିସୁ କ୍ରିସ୍ଟତି ଜଲମ୍ ପାଚେ ୬୦ ତାଂ ୬୪ ବିଡ୍ରେ ଲେକା ଆଜି ମାଚାଡ୍, ଇନେକିଦେଂକି ପାଉଲ୍ତି ବନ୍ଦିମୁକ୍ତି ଆଗେତାଂ ପତି ଲେକିକିନି କାମାୟ୍ ସେସ୍ ଆଜି ମାଚାଡ୍ । ଲୁକ ପା ପକ୍ୟାତି ପାଉଲ୍ ଲାହାଂ ବୁଲାନାର୍ ଆରି ପକ୍ୟାତି ପତି ଆନ୍ତକିଆତାଂ ଲେକା ଆଜି ମାନ୍ଗାନାଡ୍ । ପକ୍ୟାତି ପତି ଲୁକ ନେକ୍ରିକାବୁର୍ ଚାଲାନି କାମାୟ୍ ଆନାଡ୍ ଆରି ଜିସୁତି ସାର୍ଗେ ଦୁମ୍ନାକା ଆରମ୍ ଆନାଡ୍ । ଲୁକ ଲେକିକିତି ନେକ୍ରିକାବୁର୍ ଉଦେସ୍ତ ପକ୍ୟାତି ଲେକାନି ଉଦେସ୍ ଲାହାଂ ସମାନ୍ ଆନାଡ୍ । ହେୱାନ୍ ତିଅପିଲତିଂ ଆରି ବୁଦିପାୟାନି କ୍ରିସ୍ଟିୟାନ୍ରିଂ ହାଡ୍ପା ଆଦେଂ ଇଚାକିନାର୍ ଇନାକା ହେୱାରିଂ ହିକ୍ୟା ହିଜିମାଚି ବିସ୍ରେ ଜିସୁ କ୍ରିସ୍ଟତି ଜିବୁନ୍ ଆରି ମେଙ୍ଗଜି ଲାବ୍ କିଜି ମାଚିଲେ କ୍ରିସ୍ଟିୟାନ୍ରିଂ ନେକ୍ରିକାବୁର୍ ବୁଲ୍ କିୱାଦାଂ ଇସାବ୍ କିଜି ଇଟ୍ନାର୍ । ପକ୍ୟାତି ପତିତ ଆଗେନି ମଣ୍ଡ୍ଲି କ୍ରିସ୍ଟ ତାକେ ପାତର୍ ଇଟ୍ନି କାଜିଂ ମା କାଜିଂ ଉଡର୍ମୁଡ୍ ଜାଣାୟ୍କିନାଡ୍ । ପକ୍ୟାତାକାର୍ତି ଉଡର୍ମୁଡ୍ତାଂ ମାଙ୍ଗେଙ୍ଗ୍ ପୁନ୍ୟାନାଡ୍ ଜେ, ଇନେସ୍ ପୁଇପୁୟା ଜିବୁନ୍ତିଂ ମାନି କିତାର୍ ବିନ୍ଲକାର୍ ତାକେ ନେକ୍ରିକାବୁର୍ ବେରଣ୍ ହପ୍ୟାନାଡ୍ ।

**ପତି ବିଡ୍ରେନି ରାହାଣ୍**

୧. ପୁଇପୁୟା ଜିବୁନ୍ ଜୁଦ୍ନାକା ଆରି ମଣ୍ଡ୍ଲି ବାଡାନାକା । ୧:୧–୮:୧
୨. ମଣ୍ଡ୍ଲିନି ଇଣ୍ ଆରି ନେକ୍ରିକାବୁର୍ ମେଙ୍ଗ୍ଜି ଲାବ୍ କିନାଡ୍ । ୮:୨–୧୨:୨୩
୩. ପାଉଲ୍ତି ପର୍ତୁମ୍ ମିସିନାରି ଜାତ୍ରା । ୧୨:୨୪–୧୪:୨୮
୪. ପୁନ୍ ପାତର୍ କିନାକାରିଂ ଲଡ଼ା ଆରି ଜିରୁସାଲମ୍ତ ସବା । ୧୫:୧-୩୫
୫. ପାଉଲ୍ ରିଣ୍ଡି ମିସିନାରି ଜାତ୍ରା କିନାନ୍ । ୧୫:୩୬–୧୮:୨୨
୬. ପାଉଲ୍ତି ତିନି ମିସିନାରି ଜାତ୍ରା କିନାନ୍ । ୧୮:୨୩–୨୦:୩୮
୭. ପାଉଲ୍ ଜିରୁସାଲମ୍ତ ବନ୍ଦି ଆନାନ୍ । ୨୧:୨୬
୮. ପାଉଲ୍ତିଂ ରମ୍ତ ଜାତ୍ରା । ୨୭:୨୮

ପୁଇପୁୟା ଜିବୁନିଂ ପାର୍ମାଣ୍

୧ ✡ଏ ୱାରିନି ତିୟପିଲ୍,
ଇମ୍ଣି ଦିନ୍ ଜିସୁ ଜାର୍ ବାଚିକିତି ପକ୍ୟାତାକାରିଂ ପୁଇପୁୟା ଜିବନ୍ ଲାହାଙ୍ଗ୍ ବଲ୍ ହିଜି ଜପି ଅୟାତାନ୍,
୨ ବାଦାଡ୍ତ ଦୁମ୍ନି ପାତେକ୍ ଇମ୍ଣି ସବୁ କାମାୟ୍ କିଜି ମାଚାର୍ ଆରି ବଲ୍ ହିଜି ମାଚାର୍, ହେ ୱିଜୁ ବିସ୍ରେ ଲେକିକିଜି
ମାଚାଙ୍ଗ୍ । ବାଦାଡ୍ତ ଦୁମ୍ନି ଆଗେ ଇମ୍ଣାକାରିଂ ହେୱାନ୍ ଜାର୍ ପକ୍ୟାତାକାର୍ ଲାକେ ବାଚି କିଜି ମାଚାନ୍, ହେୱାରିଂ
ହେୱାନ୍ ପୁଇପୁୟା ଜିବୁନ୍ ସାକ୍ତିତାଂ ବଲ୍ ହିଜି ମାଚାନ୍ ।
୩ ଜିସୁ ପା ଜାର୍ ଦୁକ୍ବଗ୍ ପାଚେ ଆଦେକ୍ ପାର୍ମାଣ୍ ହୁକେ ହେୱାର୍ ତାକେ ଜାର୍ତିଂ ଜିଜି ମାନାକା ଚଚ୍ଚାନ୍, ଆରେ
ରିକଡ଼ି ଦିନ୍ ପାତେକ୍ ତାଇନାଡ୍ ହେୱାରିଂ ଚଞ୍ଜ୍ୟା ଆଜି ଇସ୍ୱର୍ତି ରାଜିନି ବିସ୍ରେ ଇଚାନ୍ ।
୪ ରଗ ହେୱାର୍ ହୁକେ ଚିଞ୍ଜେଙ୍ଗ୍ କୁଚ୍ନି ୱେଡ଼ାଲିଂ ଜିସୁ ହେୱାରିଂ ଇ ବଲ୍ ହିଜି, "ଏପେଙ୍ଗ୍ ଜିରୁସାଲମ୍ତାଂ ହାଲ୍ମାଟ୍,
ମାତର୍ ଆବାତି ଇମ୍ଣି ପାର୍ମାଣ୍ ବିସ୍ରେ ନା ତାଙ୍ଗ୍ ୱେଚାଦେର୍ଣ୍ଣା, ହେବେ କାସିମାନାଟ୍;
୫ ✡ ଇନେକିଦେଂକି ଜହନ୍ ଏସ୍ତ ବାପ୍ତିସିମ୍ ହିତାନ୍ ସତ୍, ମାତର୍ ଅଲପ୍ ଦିନ୍ ବିସ୍ରେ ପୁଇପୁୟା ଜିବୁନ୍ତ ବାପ୍ତିସିମ୍
ଆନାଦେର୍ ।"

ଜିସୁତି ବାଦାଡ୍ତ ଦୁମ୍ନାକା
*(ମାର୍କ ୧୬:୧୯-୨୦; ଲୁକ ୨୪:୫୦-୫୩)*

✡ **୧:୧** ଲୁକ ୧:୧-୪. ✡ **୧:୫** ମାତିଉ ୩:୧୧; ମାର୍କ ୧:୮; ଲୁକ ୩:୧୬; ଜହନ୍ ୧:୩୩.

୬ ଲାଗିଂ ହେୱାର୍ ରବେ ରୁଣ୍ଡା ଆଜି ହେୱାନିଂ ଗୱାରି କିଦେଙ୍ଗ୍ ଲାଗାତାର୍; "ଏ ମାପ୍ରୁ, ଏନ୍ ଇନାକା ଇ ସମୁତ ଇସ୍ରାଏଲ୍
କେଇଦ ଆରେରଗ ରାଜିନି ବଜ୍ ହେଲାୟ୍ କିନାୟା ?"
୭ ହେୱାନ୍ ହେୱାରିଂ ଇଚାନ୍, "ଇମ୍ଣି ୱିଜୁ କାଡ୍ କି ସମୁ ଆବା ଜାର୍ ଆଦିକାର୍ ତାରେନ୍ ଇଡ଼୍ତାନ୍ନା ହେଦାଂ ମିଦାଙ୍ଗ୍
ପୁନି ବିସ୍ରେ ଆକାୟ୍ ।
୮ ମାତର୍ ପୁଇପୁୟା ଜିବୁନ୍ ମି ଜପି ଜୁଜି ୱାତିସ୍, ଏପେଙ୍ଗ୍ ସାକ୍ତି ପାୟାନାଦେର୍, ଆରେ ଜିରୁସାଲମ୍ ୱିଜୁ ଜିହୁଦା ରାଜି
ଆରି ସମିରଣ୍ ଆରେ ପୁତର୍ନି ହାରିହାରା ହାନ୍ଦି ପାତେକ୍ ପା ନା ସାକି ଆନାଦେର୍ ।"
୯ ✡ହେୱାନ୍ ଇ ୱିଜୁ କାତା ଇଚି ପାଚେ ହେୱାର୍ ହୁଡ଼୍ ହୁଡ଼୍ ଚୁହେୱାନ୍ ଜପି ଅୟାତାନ୍, ଆରେ ଅଲପ୍ ବାଦାଡ଼୍ତ ହେୱାନିଂ
ହେୱାର୍ ନଞ୍ଜର୍ତାଂ ଦେହା ଆତାନ୍ ।
୧୦ ଜିସୁ ହାଲୁ ହାଲୁ ହେୱାର୍ ବାଦାଡ଼୍ ନିପ ମିଟ୍କିୱାଦାଂ ହୁଡ଼୍ନାରା, ଇ ଲାକେ ସମୁତ, ହୁଡ଼ାଟ୍, ଡ଼ିଞ୍ଜ୍ନି ହେନ୍ଦ୍ରା
ଉସ୍ପାତାକାର୍ ରିକାର୍ ଆଣ୍ଡ୍ରାଙ୍ଗ୍ ହେୱାର୍ ଲାଗାଂ ଇକାୱାତାର୍,
୧୧ ଆରେ ହେୱାର୍ ଇଚାର୍, "ଏ ଗାଲିଲିୟର୍ ଲକୁ, ଇନାକିଦେଂ ଏପେଙ୍ଗ୍ ବାଦାଡ଼୍ ନିପ ହୁଡ଼୍ଜି ନିଲ୍ତାଦେର୍ଣ୍ଡା ? ଇ
ଇମ୍ଣି ଜିସୁ ମିତାଙ୍ଗ୍ ବାଦାଡ଼୍ତ ଅୟାତାନ୍, ହେୱାନିଂ ଏପେଙ୍ଗ୍ ଇନେସ୍ ବାନି ବାଦାଡ଼୍ତ ହାନାକା ହୁଡ଼୍ତାଦେର୍, ହେୱାନ୍
ହେ ଲାକେ ମାଜ୍ଡ଼ି ୱାନାନ୍ ।"

## ଜିହୁଦାତି ବାହାତ ମାତିଆତି ପୁରାକିନାକା
## (ମାତିଉ ୨୭:୩-୧୦)

୧୨ ଇଦାଂ ପାଚେ ପକ୍ୟାତାକାର୍ ଜିତ୍ ଇନି ମାଡ଼ିତାଂ ଜିରୁସାଲମ୍ତ ମାସ୍ଦି ୱାତାର୍ । ହେ ଜିରୁସାଲମ୍ ଲାଗେ, ର
ଜମ୍ନିବାର୍ନି ହାଜି ର କିଲମିଟର୍ ଦେହା ମାଚାତ୍ ।
୧୩ ✡ହେୱାର୍, ଇଚିସ୍ ପିତର୍, ଜହନ୍, ଜାକୁବ୍, ଆନ୍ଦ୍ରିୟ, ପିଲିପ୍, ତମା, ବାର୍ତଲମି, ମାତିଉ, ଆଲପିତି ମେହି ଜାକୁବ୍,
ତିର୍କାଡ଼୍ ସିମନ୍ ଆରି ଜାକୁବ୍ତି ମେହି ଜିହୁଦା, ଜିରୁସାଲମ୍ ଗାଡ଼୍ ବିତ୍ରେ ହଣ୍ଜି, ଇମ୍ଣି ଜପ୍ଣି ବାକ୍ରାତ ହେୱାର୍ ବାହା
କିଜି ମାଚାର୍, ହେବେ ହାଚାର୍ ।
୧୪ ଇୱାର୍ ୱିଜାର୍ କଗ୍ଲେରାହିଂ ହୁକେ ଆରି ଜିସୁତି ତେହି ମରିୟମ୍ ଆରି ହେୱାର୍ତି ଟଣ୍ଡ୍ରାର୍ ଲାହାଙ୍ଗ୍ ର ମାନ୍ତ
ପାର୍ତାନାତ ଲାଗା ଆଜି ମାଚାର୍ ।
୧୫ ହେ ପାର୍ତାନା ୱେଡ଼ାଲିଂ ପିତର୍ ତର୍ଦି ଟଣ୍ଡ୍ରାର୍ ବିତ୍ରେ ମାଦି ଇଞ୍ଜ ଇଚାନ୍ ହେବେ ଜିସୁ ଆନ୍ମାନ୍ତାଂ ଚକଡ଼ି ଜାଣ୍
ରବେ ମାଚାର୍,
୧୬ "ଟଣ୍ଡ୍ରାର୍, ଆରେ ତଣ୍ଦେକ୍ ଇମ୍ଣି ଇସ୍କାରିତ୍ ଜିହୁଦା ଜିସୁଙ୍ଗ୍ ଆହ୍ନି ମାନାୟାରିଂ ହାଜି ଚର୍ଚି ମାଚାନ୍, ହେ ବିସ୍ରେ
ପୁଇପୁୟା ଜିବୁନ୍ ପୁର୍ବେତାଂ ଦାଉଦ୍ତି ୱେଇଦାଂ ଇନାକା ଇଞ୍ଜି ମାଚାର୍, ହେ ସାସ୍ତର୍ ବଚନ୍ ପୁରାଦେଂ ଲଡ଼ା ମାଚାତ୍;
୧୭ ଇନାକିଦେଂକି ହେୱାନ୍ ମା ଦଲ୍ଦ ରୱାନ୍ ଇଞ୍ଜି ଗାଣାକିୟାଜି ମାଚାନ୍ ଆରି ହେବା ପାଦ୍ତ ମେହାଆଜି ମାଚାନ୍ ।"
୧୮ ଇ ମାନାୟ୍ ଜିହୁଦା ଅଦାମର୍ ମଲ୍ ହୁକେ ର ବୁମି କଡ଼୍ଜି ମାଚାନ୍, ଆରେ, ହେୱାନ୍ କାପ୍ଡ଼ା ଇଡ଼୍ୟାଜି ଆତର୍ଲେ
ହେୱାନ୍ତି ପଟ ପାଡ଼୍ତାତ୍ ଆରି ୱାହିଂ ହସି ହାଚିକ୍;
୧୯ ଆରେ, ଇଦାଂ ଜିରୁସାଲମ୍ ଗାଡ଼୍ଦ ବାହାକିତି ୱିଜାକାର୍ ପୁଚିଲେ ହେ ବୁମି ହେୱାର୍ତି ଜାର୍ ବେରଣ୍ତ "ହକଲ୍ଦମା"
ଇଚିସ୍ "ନେତେର୍ ବୁମି" ଇଞ୍ଜି ପୁଟାତାତ୍ ।
୨୦ "ଆରେ ପତିତ ଲେକାମାନାତ୍,
'ହେୱାନ୍ତି ବାହା ମେଲାୟେତ୍,
ହେବେ ଇନେର୍ ବାହା କିମେନ୍ ।'
ଆରି ହେୱାନ୍ କାମାୟ୍ତ ଆରେ ବିନ୍ନିକାନ୍ ପାୟାୟେନ୍ ।"
୨୧ ✡"ଲାଗିଂ, ମାପ୍ରୁ ଜିସୁ ଜହନ୍ ହୁକେ ବାପ୍ତିସିମ୍ ଅନି ସମୁତାଂ ଆରମ୍ କିଜି, ମା ଲାଗାଂ ଜପିତାଂ ଅୟାନି ଦିନ୍ ପାତେକ୍
ଏଚେକ୍ ସମୁ ମା ବିତ୍ରେ ବୁଲା ଚାଲା ଆଜି ମାଚାର୍ ।
୨୨ ହେ ସମୁ ଇମ୍ଣି ମାନାୟାର୍ ମା ହାଙ୍ଗ୍ଦାକାର୍ ଆତାର୍ଣ୍ଡା, ହେୱାର୍ ବିତ୍ରେତାଂ ଜହନ୍ ବାପ୍ତିସିମ୍ ଅଜି ମା ଲାହାଂ ହେୱାନ୍ତି
ଆରେ ନିଂନାକା ସାକି ଆଦେଂ ଲଡ଼ା ।"
୨୩ ହେବେ ହେୱାର୍ ରିୟାରିଂ, ଇଚିସ୍ ଜସେପ୍ତିଂ, ଇନେରିଂ ବର୍ସବା ଇଞ୍ଜି ଇନାର୍ ଆରି ଇନେର୍ତର୍ କୁକ୍ନି ତର୍ ଜୁସ୍ତ,
ଆରି ମତିୟ ବିନେ ତର୍ ହିତାର୍,
୨୪ ଇ ପାର୍ତାନା କିତାର୍, "ମାପ୍ରୁ ସବୁ ଲକାର୍ତି ଚିନ୍ତା ପୁନି ମାପ୍ରୁ ଇ ରିୟାର୍ ବିତ୍ରେତାଂ ମି ହୁକେ ଇନେର୍ ବାଚି କିୟାତାନ୍
ମାଙ୍ଗେଙ୍ଗ୍ ୱେଚ୍ଚାଟ୍,
୨୫ ଇ ମାନାୟ୍, ଜିହୁଦାତି ବାହାତ ପକ୍ୟାତି ହେବା ପାଦ୍ କାମାୟ୍ କିନାନ୍ ।"

---

✡ **୧:୯** ମାର୍କ ୧୬:୧୯; ଲୁକ ୨୪:୫୦,୫୧. ✡ **୧:୧୩** ମାତିଉ ୧୦:୨-୪; ମାର୍କ ୩:୧୬-୧୯; ଲୁକ ୬:୧୪-୧୬. ✡ **୧:୨୧** ମାତିଉ ୩:୧୬; ମାର୍କ ୧:୯; ଲୁକ ୩:୨୧;
ମାର୍କ ୧୬:୧୯; ଲୁକ ୨୪:୫୧.

୨୬ ଆରେ, ହେୱାର୍ ହେ ରିୟାର୍ କାଜିଂ ଦରମ୍‌ଗୁଲି କିତାର୍, ଆରେ ମତିୟ ତର୍‌ଦ ଦରମ୍‌ଗୁଲି ନିଂତାତ୍; ହେବେ ହେୱାନ୍
ଏଗାର୍ ଜାଣ୍ ପକ୍ୟାତାକାର୍ ଲାହାଂ ମିହାତାନ୍ ।

# ୨

## ପୁଇପୁୟା ଜିବୁନ୍‌ତି ଜୁଦ୍‌ନାକା

୧ ଜିହୁଦିର୍‌ତି ପେଣ୍ଟିକସ୍ଟ ପାର୍ବୁ ଦିନ୍ ଏକାୱାତିଲେ, ୱିଜାର୍ ର ବାହାତ ରୁଣ୍ଡାଜି ମାଚାର୍ ।
୨ ଆରେ, ହାଚାଟ୍ରେ ବେସି ଦୁକାନି ଗାର୍ଜାନ୍ ଲାକେ ର ଗାର୍ଜାନ୍ ହାଚାଟ୍ରେ ବାଦାଡ଼୍‌ତାଂ ୱାଜି, ଇମ୍‌ଣି ଇଞ୍ଜ ହେୱାର୍ କୁଚ୍‌ଚି
ମାଚାର୍, ହେ ଇଲ୍‌ନି ୱିଜେନିପ ମେଙ୍ଗ୍‌ତାତ୍,
୩ ଆରେ ନାଣି ଲାକେ ୱେନ୍ଦୁଲିଂ ହେୱାର୍‌ତି ନଞ୍ଜର୍ ଆଜି ରଞ୍ଜାଙ୍ଗ୍ ରଞ୍ଜାଙ୍ଗ୍ କିଜି ହେୱାର୍‌ତି ୱିଜାରିଂ ଜପିତାଂ ତୁତାତ୍ ।
୪ ହେବେ ୱିଜାକାର୍ ପୁଇପୁୟା ଜିବୁନ୍‌ତ ବାର୍ତି ଆତାର୍, ଆରେ ଜିବୁନ୍ ହେୱାରିଂ ଇନେସ୍ ଇଞ୍ଜେଙ୍ଗ୍ ସାକ୍ତି ହିତାତ୍, ହେ
ଲାକେ ହେୱାର୍ ବିନ୍ ବିନ୍ ବେରଣ୍‌ତ କାତା ଇଞ୍ଜେଙ୍ଗ୍ ଲାଗାତାର୍ ।
୫ ଇ ସମୁତ ପେଣ୍ଟିକସ୍ଟ ପାର୍ବୁ ପାଲି କିନି ଉଦେସ୍‌ତ ବାଦାଡ଼୍ ତାରେନ୍ ମାନି ସବୁ ଜାତିତାଂ ପୁଜାରିର୍ ଜିହୁଦିର୍ ୱାଜି
ଜିରୁସାଲମ୍‌ତ ବାହା କିଜି ମାଚାର୍;
୬ ଆରେ, ହେ ଗାର୍ଜାନ୍ ୱେଚିଲେ, ହେନି ଲକୁ ରୁଣ୍ଡା ଆଜି କ୍ରିସ୍ଟଙ୍ଗ୍ ପାର୍ତି କିନାକାର୍ ଜାଣ୍‌କେ ଜାର୍ ଜାର୍ ବେରଣ୍‌ତ
ହେୱାରିଂ କାତା ଇନାକା ୱେନ୍‌ଞ୍ଜି କାବା ଆତାର୍ ।
୭ ଆରେ, "ହେୱାର୍ କାବା ଆରି ବକ୍‌ୱା ଆଜି ଇଞ୍ଜେଙ୍ଗ୍ ଲାଗାତାର୍, ହୁଡ଼ାଟ୍, ଇ ଇମ୍‌ଣି ମାନାୟାର୍ କାତା ଇନାରା,
ହେୱାର୍ ୱିଜାର୍ ଇନାକା ଗାଲିଲିୟର୍ ଆକାୟ୍ ?
୮ ୱାଟିଙ୍ଗ୍, ଆସେଙ୍ଗ୍ ଇନେସ୍ ଜାଣ୍‌କେ ଇନାକା ଜାର୍ ଜାର୍ ବାସା ବେରଣ୍ କାତା ୱେନାସା ?
୯ ପାର୍ତିୟା, ମାଦିୟା ଆରି ଏଲାମି, ଆରେ ମେସପଟାମିଆ, ଜିହୁଦା ଦେସ୍ ଆରି କାପ୍ପାଦକିଆ, ପନ୍ତ ଆରି ଆସିଆ,
୧୦ ଫ୍ରୁଗିଆ ଆରି ପଂଫୁଲିଆ, ମିସର୍ ଆରି କୁରିଣି ଲାଗେନି ଲିବିଆ ନିପନି ଲକୁ, ଆରି ରମ୍‌ତାଂ ୱାଜି ମାନି ଜିହୁଦି ଆରି
ଜିହୁଦି ଦରମ୍‌କିନାକାର୍,
୧୧ ଆରେ କ୍ରିତିୟ ଆରି ଆରବିୟ ଲକୁ ଜେ ଆସେଙ୍ଗ୍, ଆସେଙ୍ଗ୍ ଜାର୍ ଜାର୍ ବାସାତ ଜିହୁଦିରିଂ ଇସ୍ୱର୍‌ତି ଗାଜା ଗାଜା
ସାକ୍ତି କାମାୟ୍‌ନି କାତା ଇନାକା ୱେନାସା ।"
୧୨ ଆରେ, ୱିଜାକାର୍ କାବା ଆରି ବୁଦିବାଣା ଆଜି ହାରି ଇଞ୍ଜେଙ୍ଗ୍ ଲାଗାତାର୍, "ଇଦାଂ ଅରତ୍ ଇଚିସ୍ ଇନାକା ?"
୧୩ ମାତର୍ ବିନ୍‌ଲଗୁ ପାର୍ତି କିନାକାରିଂ ଗ୍ଜାଜି ଇଚାର୍, "ଇୱେର୍ ପୁନି ଅଙ୍ଗୁର୍ ରାସ୍‌ତ ହଚ୍‌ଚାର୍ଣ୍ଣା ।"

## ପିତର୍‌ତି ପର୍‌ଚାର୍

୧୪ ମାତର୍ ପିତର୍ ଏଗାର୍ ଜାଣ୍ ହୁକେ ଇଞ୍ଜ ଗାଜା କାଟ୍‌ତାଂ ହେୱାର୍ ତାକେ ଇଞ୍ଜି ଇଚାନ୍, ଏ ଜିହୁଦିର୍ ଲଗୁ ଆରି
ଜିରୁସାଲମ୍‌ନି ୱିଜାକାଦେର୍, ଏପେଙ୍ଗ୍ ଇଦାଂ ପୁନାଟ୍ ଆରି ନା ବଚନ୍ ୱେନାଟ୍ । ଆନ୍ ଇ ବିସ୍ରେ ବୁଜାୟ୍ କିଦ୍‌ନାଙ୍ଗ୍ ।
୧୫ ଇନାକିଦେଂକି ଏପେଙ୍ଗ୍ ଇନେସ୍ ବାବି କିନାଦେରା, ଇୱାର୍ ହେ ଲାକେ ହଚ୍‌ୱାତାର୍ଣ୍ଣା, ଲାଗିଂ ନଙ୍ଗ୍ ସମୁ ନାଡ଼ିହିଂ ନଅ
ଗଣ୍ଟା ମତର୍ ।
୧୬ ମାତର୍ ଜୟେଲ୍ ଇଞ୍ଜି ମାଚାନ୍, ବେଣ୍‌ବାକ୍‌ଣାୟ୍‌କିନାକାର୍ ତାଙ୍ଗ୍ ଇନାକା ଲେକାମାନାତ୍, ଇଦାଂ ହେ ବିସ୍ରେ ।
୧୭ "ଇସ୍ୱର୍ ଇନାନ୍,
ସେସ୍ କାଡ଼୍‌ଦ ଏଲେଙ୍ଗ୍ କିନାଙ୍ଗ୍,
ଆନ୍ ୱିଜାର୍ ଜପି ନା ଜିବୁନ୍ ବେସି ବାବ୍ରେ ହିନାଙ୍ଗ୍,
ହେବେ ମି ହିମ୍‌ଣା ୱାକ୍‌ଡ଼ାର୍ ବେଣ୍‌ବାକ୍‌ଣାୟ୍‌କିନାକାନ୍,
ଆରେ ମି ଦାଙ୍ଗ୍‌ଣାର୍ ହୁଡ଼୍‌ନାର୍,
ଆରେ ମି ପ୍ରାଚିନାର୍ କ୍ଳେଞ୍ଜ୍‌ନାର୍,
୧୮ ଆଁ, ହେ କାଡ଼୍‌ଦ ଆସେଙ୍ଗ୍ ଆଡ଼ିୟାଣି,
ଆଣ୍ଡ୍ରାଙ୍ଗ୍ ଆରି କଗ୍‌ଲେହିମ୍‌ଣାଂ,
ଜପି ଜାର୍ ଜିବୁନ୍ ହିନାଙ୍ଗ୍, ହେବେ ହେୱାର୍ ବେଣ୍‌ବାକ୍‌ଣାୟ୍‌କିନାକାର୍ ।
୧୯ ଆସେଙ୍ଗ୍ ଜପିନି ବାଦାଡ଼୍‌ତ ବାର୍‌ବିନ୍ କାବାନି କାମାୟ୍,
ଆରେ ତାରେନ୍‌ନି ପୁର୍ତିତ ବାର୍‌ବିନ୍ ଚିନ୍‌କୁ, ନେତେର୍,
ନାଣି ଆରି ବେସି କଦା ଚଚ୍‌ଚାନାପ୍ ।
୨୦ ମାପ୍ରୁତି ସିଗ୍ ଆରି ଜାଜ୍‌ମାଲ୍‌ନି ଦିନ୍
ୱାନି ଆଗେ, ୱେଡ଼ା ମାଜ୍‌ଗା ଆନାତ୍,
ଆରି ଲେଞ୍ଜ୍ ନେତେର୍ ଆନାତ୍ ।

୨୧ ଆରେ, ଏଲେଙ୍ଗ୍ ଗିଟାନାଡ୍ ଜେ,
ଇନେର୍ ମାପୁଡି ତର୍ଦ ପାର୍ତାନା କିନାନ୍, ହେୱାର୍ ରାକ୍ୟା ପାୟା ଆନାନ୍ ।"
୨୨ "ଏ ଇସ୍ରାଏଲିୟନି ଲକ୍କୁ, ଇ ୱିଜୁ କାତା ୱେନାଟ୍ । ନାଜରିତିୟ ଜିସୁ ବାର୍‌ବିନ୍ ସାକ୍ତିନି କାମାୟ୍, କାବାନି କାମାୟ୍
ଆରି ଚିନ୍‌କୁ ହୁକେ ମି ଲାହାଂ ଇସ୍ୱର୍‌ତି ପକ୍ୟାତି ମୁଣିକା ଇଞ୍ଜି ପାର୍ମାଣ୍ ଆତାନ୍ନା, ହେୱାନ୍‌ତାଂ ଇସ୍ୱର୍ ଜେ ମିଙ୍ଗେଙ୍ଗ୍ ପା ଇ
ୱିଜୁ କାମାୟ୍ କିତାନ୍ନା, ଇଦାଂ ଏପେଙ୍ଗ୍ ଇଦାଂ ପୁନାଟ୍ ଇନାକିଦେଂକି ମି ବିଟ୍ରେ ଇ ୱିଜୁ ଗଟ୍‌ଣା ବାର୍ତ ଆତାଡ୍‌ନ୍ନା"
୨୩ ☆ଇସ୍ୱର୍ ତା ଉପାୟ୍ ଇସାବ୍ରେ ଜିସୁଂ ମି କେଇଦ ହେଲାୟ୍ କିନି କାଜିଂ ତିର୍ କିଜି ମାଚାନ୍ ଆରେ ଏପେଙ୍ଗ୍ ତାଙ୍ଗେଙ୍ଗ୍
ଅଦାର୍ମ ହୁକେ କୁରୁସ୍‌ତ ଦୁପ୍‌ଚି ଅସ୍ତି ମାଚାଦେର୍;
୨୪ ☆ମାତର୍ ଇସ୍ୱର୍ ହାକିତାଂ ମୁକ୍‌ଡ଼ାୟ୍ କିଜି ଇସ୍ୱର୍ ହେୱାନିଂ ନିକ୍‌ତାନ୍ନା, ଇନାକିଦେଂକି ହେୱାନ୍ ଜେ ହାକିତାଂ
ଗାଚ୍‌ୟାନାନ୍ ହେଦାଂ ମୁଡ଼େଆକାୟ୍ ।
୨୫ ଦାଉଦ୍ ତ ହେୱାନ୍ତି ବିସ୍ରେ ଇଚାନ୍ନା,
"ନା ମୁମ୍‌ଦ ନିଟ୍ରେ ମାପୁଙ୍ଗ୍ ହୁଡ଼ତାଂ, ଇନାକିଦେଂକି ଆନ୍ ଇନେସ୍ ବିପ୍ତି ଆମେଙ୍ଗ୍,
ହେଦାଂ କାଜିଂ ହେୱାନ୍ ନା ବୁଜ୍‌ଣି ପାଡ୍‌କାତ ମାନାନ୍ ।"
୨୬ ଲାଗିଂ ନା ମାନ୍ତ ୱାରି,
ଆରି ନା ୱେନ୍ଦୁଲ୍ ସାର୍ଦା ଆତାଡ୍,
"ଆରେ ନା ଗାଗାଡ଼୍ ପା ବାସର୍ତ ବାହା କିନାଡ୍,
ନା ବାସର୍ତ ବାହା କିନାଡ୍ ।
୨୭ ଇନାକିଦେଂକି ଏନ୍ ନା ୱାସ୍କିତିଂ ପାତାଲ୍‌ତ ପିସ୍ତୟୁ,
କି ଜାର୍ ପୁଇପୁୟା ହେବାକାରିୟାଂ ଜିରା ଆଦେଂ ହିଉୟ୍ ।
୨୮ ଏନ୍‌ନାଙ୍ଗ୍ ଜିବୁନ୍‌ନି ହାଜି ଚଚ୍‌ଚାତାୟ୍‌ନା, ଏନ୍ ଲାଗେ ମାନାକା
ଏନ୍ ଜାର୍ ଲାଗେ ନାଂ ୱାରିତ ବାର୍ତ କିଦ୍‌ନାୟ୍ ।"
୨୯ "ଏ ଇସ୍ରାଏଲ୍ ଟଣ୍ଡାର୍ ଆରି ତଣ୍‌ଦେକ୍, ଆବା ଲାଡ୍ରା ମୁଣିକା ଦାଉଦ୍‌ତି ବିସ୍ରେ ଆନ୍ ମିଙ୍ଗେଙ୍ଗ୍ ପୁଟ୍‌ତେ ଇଞ୍ଜେଙ୍ଗ୍
ଆଡ୍‌ନାଂ ଜେ, ହେୱାନ୍ ହାତାନ୍, ଆରେ ଦୁଗେର୍ ପାୟାତାନ୍, ଆରେ ହେୱାନ୍ତି ଦୁଗେର୍ ନେଞ୍ଜେଙ୍ଗ୍ ପାତେକ୍ ମା ବିଟ୍ରେ
ମାନାଡ୍ ।"
୩୦ ରାଜା ଦାଉଦ୍ ରୱାନ୍ ବେଣ୍‌ବାକ୍‌ଣାୟ୍‌କିନାକାର୍ ବାବ୍ରେ ହେୱାନ୍ତି ନେତେର୍‌ତାଂ ଗାଟାତି ରୱାନିଂ ହେୱାନ୍ତି ଗାଦିତ
ରାଜା କିଜି କୁଚି କିନି କାଜିଂ ଇସ୍ୱର୍ ହେୱାନିଂ ପାର୍ମାଣ୍ କିଜି ମାଚାନ୍ ଇଞ୍ଜି ପୁନ୍‌ଜି ମାଚାନ୍,
୩୧ ଇଦାଂ ପୁଚିଲେ ହେୱାନ୍
ଆଗେନିକା କେଞ୍ଜ୍‌ନାକା ହୁକେ କ୍ରିସ୍ଟତି ଆରେ ନିଂନାକା ବିସ୍ରେ ଇଚାନ୍,
ଇନାକିଦେଂକି ହେୱାନ୍ ପାତାଲ୍‌ତ ତୁହିକିୟା ଆୱାତାନ୍, କି ହେୱାନ୍ତି ଗାଗାଡ଼୍‌କି ଗାଗାଡ଼୍‌ତ ଜିରା ଆୱାତାନ୍ ।
୩୨ ଇ ଜିସୁତି ଇସ୍ୱର୍ ନିକ୍‌ତାନ୍ନା, ହେ ବିସ୍ରେ ଆସେଙ୍ଗ୍ ୱିଜାକାସ୍ ସାକି ।
୩୩ ଜିସୁ ତା ଆବା ଇସ୍ୱର୍‌ତି ବୁଜ୍‌ଣି ବାଗାଙ୍ଗ୍ ଆରେ ନିଙ୍ଗ୍‌ତାନ୍ନା, ଆରି ଆବାତି ପାର୍ମାଣ୍ ଇସାବ୍ରେ ହେୱାନ୍‌ତାଂ ପୁଇପୁୟା
ଜିବୁନ୍ ପାୟାତାନ୍ନା, ଏପେଙ୍ଗ୍ ନଙ୍ଗ୍‌ୟ ହୁଡ଼୍‌ନାଦେରା ଆରି ୱେନାଦେରା ହେଦାଂ ତା ଦାନ୍ ।
୩୪ ଇନାକିଦେଂକି ଦାଉଦ୍ ନିଜେ ବାଦାଡ଼୍‌ତ ଦୁମ୍‌ୱାଦାଂ ମାଚାନ୍,
ମତର୍ ହେୱାନ୍ ନିଜେ ଇନାନ୍ନା,
ମାପୁ ନା "ମାପୁଙ୍ଗ୍ ଇଚାନ୍,
୩୫ ଆନ୍ ଇମ୍‌ଣି ପାତେକ୍ ମି ସାତ୍ରୁରିଂ ମି ପାନା ତାରେନ୍ ଇଟ୍‌ୱାତାପ୍‌ନା,
ହେ ପାତେକ୍ ମା ବୁଜ୍‌ଣିତ କୁଚ୍‌ଚି ମାନାଟ୍ ।"
୩୬ "ଲାଗିଂ, ୱିଜୁ ଇସ୍ରାଏଲ୍ ପୁନେର୍ ଜେ, ଇମ୍‌ଣି ଜିସୁଙ୍ଗ୍ ଏପେଙ୍ଗ୍ କ୍ରୁସ୍‌ତ ଅସ୍ତାଦେର୍, ହେୱାନିଂ ଇସ୍ୱର୍, ମାପୁ ଆରି କ୍ରିସ୍ଟ
ରି ପାଦ୍‌ତ ବାଚିକିତାନ୍ନା ।"
୩୭ ଇ କାତା ୱେନ୍‌ଜି ହେୱାର୍‌ତି ମାନ୍ତ ରାସ୍ ଆଜି ହାଚାଡ୍, ଆରେ ହେୱାର୍ ପିତର୍ ଆରି ବାକି ପକ୍ୟାତାକାର୍‌ରିଂ ଇଚାର୍,
"ଟଣ୍ଡାର୍, ଆସେଙ୍ଗ୍ ଇନାକା କିନାସ୍ ?"
୩୮ ହେବେ ପିତର୍ ହେୱାରିଂ ଇଚାନ୍, "ଏପେଙ୍ଗ୍ ମାନ୍‌ବାଦ୍‌ଲାୟ୍ କିୟାଟ୍, ଆରେ ଜାର୍ ଜାର୍ ପାପ୍ କେମା କାଜିଂ ସବୁଜାଣ୍
ଜିସୁ କ୍ରିସ୍ଟତି ତର୍ଦ ବାପ୍ତିସିମ୍ ଆଡୁ; ତା ଆତିସ୍ ଏପେଙ୍ଗ୍ ପୁଇପୁୟା ଜିବୁନ୍‌ତି ଦାନ୍ ପାୟାନାଦେର୍ ।
୩୯ ଇନାକିଦେଂକି ଇ ଇସ୍ୱର୍‌ତି ପାର୍ମାଣ୍ ମି କାଜିଂ, ମି ହିମ୍‌ଣାୱାକ୍‌ଡ଼ା କାଜିଂ, ଆରେ ଇସ୍ୱର୍‌ତି କୁକ୍ୟାତି ଦେହା ଦେହାତାଂ
ମାନି ଏଚେକ୍ ମାନାୟାରିଂ ମାପୁ ମା ଇସ୍ୱର୍ ତା ତାକେ କୁକ୍‌ତାନାନ୍, ହେ ୱିଜାକାର୍ କାଜିଂ ଆନାଡ୍ ।"

☆ **୨:୨୩** ମାତିଉ ୨୭:୩୫; ମାର୍କ ୧୫:୨୪; ଲୁକ ୨୩:୩୩; ଜହନ୍ ୧୯:୧୮. ☆ **୨:୨୪** ମାତିଉ ୨୮:୫,୬; ମାର୍କ ୧୬:୬; ଲୁକ ୨୪:୫.

୪୦ ଆରି ବିନ୍‌ବିନ୍ ବେସି କାତା ହୁକେ ସାକି ହିଦେଂ ଲାଗାତାନ୍ ଆରି ହେୱାରିଂ ଉପ୍‌ଦେସ୍ ହିଜି ଇଚାନ୍, "ଇ ଇଲ୍
ଲାତ୍ରାତାଂ ଏପେଙ୍ଗ୍ ରାକ୍ୟା ପାୟା ଆଡୁ ।"
୪୧ ହେବେ ଇମ୍‌ଣାକାର୍ ହେୱାନ୍ତି ବଚନ୍ ୱାସ୍କିତ ଇଡ୍‌ତାର୍, ହେୱାର୍ ବାପ୍ତିସିମ୍ ଅତାର୍, ଆରେ ହେ ଦିନ୍ ଆନାର୍ କିନ୍ଦା
ତିନ୍‌ହାଜାର୍ ଲକୁ ଦଲ୍ ହୁକେ ମେହା ଆତାର୍ ।
୪୨ ହେୱାର୍ ପକ୍ୟାତାକାର୍ ହିକ୍ୟା ମେହାବିଡ଼ାତ, ରୁଟି ଡ୍ରିକ୍‌ନିତ ଆରି ପାର୍ତାନାତ ର ମାନ୍ ଆଜି ମାଚାର୍ ।

## ପାତର୍ କିନାକାତର୍ ନିଡ୍ରେନି ଜିବୁନ୍

୪୩ ଆରେ, ଲକୁ କାବାନି କାମାୟ୍ ପାଣ୍ଡ୍ରାଦେଂ ଲାଗାତାର୍, ପକ୍ୟାତାକାର୍ ହୁଦାଂ ପା ଆଦେକ୍ କାବା କାମାୟ୍ ଆରି ଚିନ୍‌କୁ
ଆଦେଂ ଲାଗାତାଡ୍ ।
୪୪ ☆ମତର୍ ଇମ୍‌ଣାକାର୍ ପାତର୍ କିତାର୍, ହେୱାର୍ ହାରିତିଂ ୱିଜାକାର୍ ରବେ ମାନ୍‌ଞ୍ଜି ସବୁ ଜିନିସ୍ ସିଦାସାଦା ସମ୍ପତି
ଇଞ୍ଜି ଗିୟାଣ୍ କିଜି ମାଚାର୍ ।
୪୫ ଆରେ ହେୱାର୍ ଜାର୍ ଜାର୍ ସମ୍ପତି ପ୍ରହି, ଇନେର୍‌ତର୍ ଇନେସ୍ ଲଡ଼ା, ହେ ଲାକେ ୱିଜାକାରିଂ ପାସ୍‌ପିସ୍ ହିଦେଂ
ଲାଗାତାର୍ ।
୪୬ ଆରେ, ହେୱାର୍ ର ମାନ୍ ଆଜି ନିଡ୍ରେ ମନ୍ଦିର୍‌ତ ମେହାଜି ମାଚାର୍ ଇଲ୍‌କୁ ଇଲ୍‌କୁ ରୁଟି ଡ୍ରିକ୍‌ଚି ୱାରିତାଂ ଆରି ହୁଦାର୍
ମାନ୍ତ ତିନାଉଣା କିଜି
୪୭ ଇସ୍ୱର୍‌ତିଂ ଦନ୍ୟବାଦ୍ କିଜି ମାଚାର୍ ଆରି ୱିଜାକାର୍ ମାନାୟାର୍‌ତି ଲାଡ୍ ଆଜି ମାଚାର୍ । ଆରେ, ମାପୁ ରାକ୍ୟା ଗାଟାତି
ଲକାଂ ନିଡ୍ରେ ମଣ୍ଡଲି ଦଲ୍ ହୁକେ ପାତର୍ ମେହାୟ୍ କିଦେଙ୍ଗ୍ ଲାଗାତାର୍ ।

# ୩

## ପିତର୍ ରୱାନିଂ ଚଟା ବିକାରିଂ ଉଜ୍ କିତାନ୍

୧ ଦିନେକ୍ ପାର୍ତାନାନି ସମାନ୍ ସମୁତ, ଇଚିସ୍ ମିକାହାରେସ୍ ତିନ୍ ଗଣ୍ଟା ୱେଡ଼ାଲିଂ, ପିତର୍ ଆରି ଜହନ୍ ମନ୍ଦିର୍‌ତ ହାଲ୍‌ଜି
ମାଚାର୍ ।
୨ ଏଲେଙ୍ଗ୍ ୱେଡ଼ାଲିଂ ଜଲମ୍‌ତାଂ ଚଟା ରୱାନ୍ ମାନାୟ୍ ପିଣ୍ଡିୟା ଆଜି ହାଲ୍‌ଜି ମାଚାନ୍, ମନ୍ଦିର୍‌ତ ହଣାକାର୍
ମାନାୟାର୍‌ତାଂ ବିକ୍ୟା ଏନ୍‌ନି କାଜିଂ ଲକୁ ହେୱାନିଂ ନିଡ୍ରେ ହେବେ ହଲ୍‌ନି ତର୍ ନି ଦୁୱେର୍‌ତ ଇଡ୍‌ବିସ୍ ମାଚାର୍ ।
୩ ହେୱାନ୍ ପିତର୍ ଆରି ଜହନ୍‌ତିଂ ମନ୍ଦିର୍‌ତ ହଣ୍ଡେଙ୍ଗ୍ ହାନିହିଂ ହୁଡ଼୍‌ଜି ଗୱାରି କିଜି ବିକ୍ ଏନ୍ତେଙ୍ଗ୍ ଲାଗାତାନ୍ ।
୪ ପିତର୍ ଆରି ଜହନ୍‌ତାଙ୍ଗ୍ ର ଲୟାତ ହୁଡ଼୍‌ତାର୍, ଆରେ ପିତର୍ ଇଚାନ୍, "ମା ନିପ ହୁଡ଼୍‌ଦା ।"
୫ ହେବେ ହେୱାନ୍ ହେୱାର୍ ତାଙ୍ଗ୍ ଅଲପ୍ ଗାଟାନି ଆହାତ ହେୱାର୍ ନିପ ହୁଡ଼୍‌ଜି ମାଚାନ୍ ।
୬ ମତର୍ ପିତର୍ ଇଚାନ୍, "ରୁପା କି ହନା ନାଦାଂ ହିଲୁଡ୍, ମତର୍ ନାଦାଂ ଇନାକା ମାନାଡ୍, ହେଦାଂ ଆନ୍ ନିଂ ହିଦ୍‌ନାଙ୍ଗା,
ନାଜରିତିୟ ଜିସୁ କ୍ରିସ୍ଟତି ତର୍‌ଦ ତାଙ୍ଗା ।"
୭ ଆରେ, ହେୱାନ୍ ତା ତିନା କେଇ ଆସ୍ତି ହେୱାନିଂ ନିକ୍‌ତାନ୍, ହେବେଣ୍ଡାଂ ଦାପ୍ରେ ହେୱାନ୍ତି ପାନା ଆରି କାଲ୍‌ନି ଗାଟିଂ
ସବୁ ବାଡ଼୍‌କାସ୍ ଆତାନ୍,
୮ ହେୱାନ୍ ତଗ୍‌ଜି ନିଲ୍‌ତାନ୍, ଆରେ, ତାଙ୍ଗ୍‌ଦେଂ ଲାଗାତାନ୍, ଆରେ ହେୱାନ୍ ତାଙ୍ଗୁ ତାଙ୍ଗୁ ଆରି ତଗ୍‌ଜି ତଗ୍‌ଜି, ଆରେ
ଇସ୍ୱର୍‌ତିଂ ପାର୍ତାନା କିଉ କିଉ ହେୱାର୍ ହୁକେ ମନ୍ଦିର୍‌ତ ହଟାନ୍ ।
୯ ହେବେ ମାନି ମାନାୟାର୍ ୱିଜାକାର୍ ହେୱାନିଂ ତାଂନାକା ଆରି ଇସ୍ୱର୍‌ତିଂ ଜୁୱାର୍ କିନାକା ହୁଡ଼୍‌ତାର୍;
୧୦ ଆରେ ଇମ୍‌ଣି ରୱାନ୍ ମନ୍ଦିର୍‌ନି ହଲ୍‌ନି ଦୁୱେର୍ ଲାଗେ କୁଚ୍‌ଚି ବିକ୍ ଏନ୍‌ଚି ମାଚାନ୍, ଇୱାନ୍ ହେ ଲକୁ ଇଞ୍ଜି ହେୱାର୍
ଚିନ୍‌କିତାର୍, ଆରେ ତାଙ୍ଗ୍ ଇନାକା ଗିଟାତାଡ୍‌ନ୍ନା, ହେଦାଂ ହୁଡ଼୍‌ଜି ହେୱାର୍ ବେସି ବକ୍‌ୱା ଆରି କାବା ଆଜି ହାଚାର୍ ।

## ଉପାସ୍ ମନ୍ଦିର୍‌ତ ପିତର୍‌ତି ପର୍‌ଚାର୍

୧୧ ହେୱାନ୍ ପିତର୍ ଆରି ଜହନ୍‌ତିଂ ଆସ୍ତି ମାନି ୱେଡ଼ାଲିଂ ଲକୁ ୱିଜାକାର୍ ବେସି କାବା ଆଜି ସଲମନ୍‌ତି ମଣ୍ଡମ୍‌ତ ହୁଡ଼୍‌ଜି
ହେୱାର୍‌ତି ଲାଗେ ରଚେ ହନ୍‌ଚି ୱାତାର୍ ।
୧୨ ପିତର୍ ହେଦାଂ ହୁଡ଼୍‌ଜି ମାନାୟାରିଂ ଉତର୍ ହିତାନ୍, "ଏ ଇସ୍ରାଏଲିୟର୍ ଲକୁ, ଏପେଙ୍ଗ୍ ଇନେକିଦେଂ ଇ ମାନାୟ୍ ବିସ୍ରେ
କାବା ଆନାଦେରା ? କି ଆସେଙ୍ଗ୍ ଇନେସ୍ ଜାର୍ ସାକ୍ତି କି ଲବାୟ୍ ବାଡ଼୍‌କାସ୍‌ତାଂ ଇୱାନିଂ ତାଂଦେଂ ସାକ୍ତି ହିତାପ୍‌ନା, ହେଦାଂ
ବାବି କିଜି ମା କାଜିଂ ଇନେକିଦେଂ ମାପ ହୁଡ଼୍‌ଦାନାଦେରା ?
୧୩ ଅବ୍ରାହାମ୍, ଇସ୍‌ହାକ୍ ଆରି ଜାକୁବ୍‌ତି ଇସ୍ୱର୍, ମା" ବୁଡାତର୍ ଇସ୍ୱର୍, ଜାର୍ ଆଡ଼ିଏନ୍ ଜିସୁଙ୍ଗ୍ ୱିଜ୍‌ୱି ଜାଜ୍‌ମାଲ୍
କିତାନ୍‌ନ୍ନା; ମାତର୍ ଏପେଙ୍ଗ୍ ହେୱାନିଂ ମୁଡ଼୍ ତାକେ ହେଲାୟ୍ କିନାଦେର୍ । ଏଲେଙ୍ଗ୍ କି ବିଚାର୍ କାର୍‌ୟା ହେୱାନିଂ ମୁକ୍ତି
କିଦେଙ୍ଗ୍ ତିର୍ କିଜି ମାଚାନ୍ ପା ହେୱାନିଂ ପିଲାତ ମୁମ୍‌ଦ ପାତର୍ କିୱାତାଦେର୍ ।

☆ **୨:୪୪** ପକ୍ୟାତାକା ୪:୩୨-୩୫.

୧୪ ଏପେଙ୍ଗ୍ ହେ ପୁଇପୁୟା ଆରି ଦାମର୍ ଲଗାଂ ପାତର୍ କିନାଦେର୍, ଆରେ ରୱାନ୍ ନାର୍ମାରୁଙ୍ଗ୍ ଇନେସ୍ ମି କାଜିଂ
କେମା କିୟାନାଡ୍, ଇଦାଂ ପାର୍ତାନା କିତାଦେର୍,
୧୫ ମାତର୍ ଜିବୁନ୍‌ନି ହାଜି ଚ଼ଚ୍‌ନାକାନିଂ ଅସ୍ତାର୍, ହେୱାନିଂ ଇସ୍ୱର୍ ହାତାକାର୍ ବିତ୍ରେ ନିକ୍‌ତାନ୍ନା, ଆପେଂ ହେବେନି ସାକି
।
୧୬ ଆରେ, ହେୱାନ୍ତି ତର୍‌ଦ ପାତର୍ କିତିଲେ ଇ ଇମ୍‌ଣି ମାନାୟ୍‌ତିଂ ଏପେଙ୍ଗ୍ ହୁଡ଼୍‌ନାଦେରା ଆରି ପୁଚାଦେର୍ଣ୍ଣା, ଇୱାନିଂ
ଜିସୁ ତର୍‌ଦ ବାଡ଼୍‌କାସ୍ କିତାଂନ୍ନା; ଆଁ, ହେୱାନ୍ତି ହୁଦାଂ ହିଡ଼୍‌ତି ପାତର୍ ମି ୱିଜାକାର୍ ମୁମ୍‌ଦ ଇୱାନିଂ ପୁରା ଉଜ୍ କିତାଂନ୍ନା ।
୧୭ "ଆରେ ନଙ୍ଗ୍, ଏ ଇସ୍ରାଏଲ୍ ଟଣ୍ଡାର୍ ଆରି ତଣ୍‌ଦେକ୍, ମି ମୁଣିକାର୍ ଇନେସ୍, ଏପେଙ୍ଗ୍ ପା ହେ ଲାକେ ଗିୟାନ୍‌ହିଲ୍‌ୱି
କାଜିଂ ଇଦାଂ କିତାଦେର୍ଣ୍ଣା ଇଞ୍ଜି ଆନ୍ ପୁନାଙ୍ଗ୍ ।
୧୮ ମାତର୍ ଇସ୍ୱର୍ ଜାର୍ କ୍ରିସ୍ଟ ଦୁକ୍‌ବଗ୍ ବିସ୍ରେ ୱିଜାକାର୍ ବେଣ୍‌ବାକ୍‌ଣାୟ୍‌କିନାକାର୍ ୱେଇଦାଂ ଇନା ଇନାକା ପୁର୍ବେତାଂ
ସୁଣାୟ୍ କିଜି ମାଚାର୍, ହେ ସବୁ ହେୱାନ୍ ଇ ବାନି ପୁରା କିତାନ୍‌ନ୍ନା ।
୧୯ ଲାଗିଂ, ଇନେସ୍ ମିଦାଂ ପାପ୍ କେମା ଆନାଡ୍, ଇଦାଂ କାଜିଂ ମାନ୍‌ବାଦ୍‌ଲାୟ୍ କିଜି ଇସ୍ୱର୍ ନିପ ମାଜ୍‌ଦି ୱାତୁ,
୨୦ ତା ଆତିସ୍ ମାପ୍ରୁତି ଲାଗାଂ ସୁସ୍ତାନି ସମୁ ଇକାୱାନାଡ୍; ଆରେ, ମି କାଜିଂ ଆରେନିଂତି କ୍ରିସ୍ଟଙ୍ଗ୍, ଇଚିସ୍ ଜିସୁଙ୍ଗ୍ ହେୱାନ୍
ପକ୍ତାନାନ୍ ।
୨୧ ୱିଜୁ ବିସ୍ରେ ଆରେ କିଦେଙ୍ଗ୍ ଇମ୍‌ଣି ସମୁନି କାତା ବେସି ପ୍ରାଡ଼୍‌ନିକାଡ଼୍‌ଦାଂ ଇସ୍ୱର୍ ଜାର୍ ପୁଇପୁୟା
ବେଣ୍‌ବାକ୍‌ଣାୟ୍‌କିନାକାର୍ ୱେଇ ହୁଦାଂ ୱେଚ୍‌ଚାନ୍ନା, ହେ ସମୁ ଏକାୱାୱି ପାତେକ୍ ହେୱାନିଂ ହାତେ ବାଦାଡ଼୍‌ତ ଇଟ୍ୟା
ଆଦେଂ ଆନାଡ୍ ।
୨୨ ଇ ବିସ୍ରେ ମସା ଇଞ୍ଜି ମାଚାନ୍, ମି ମାପ୍ରୁ ଇସ୍ୱର୍ ମିଙ୍ଗେଙ୍ଗ୍ ଟଣ୍ଡାର୍ ବିତ୍ରେ ନା ଲାକେ ରୱାନ୍ ବେଣ୍‌ବାକ୍‌ଣାୟ୍‌କିନାକାର୍
ପକ୍ତାନାନ୍ । ହେୱାନ୍ ଜାର୍ ମାନାୟାରିଂ ବିତ୍ରେତାଂ ରୱାନ୍ ଆନାନ୍ ହେୱାନ୍ ମିଙ୍ଗ୍ ଇନାକା ୱେଚ୍‌ଚାନାନ୍, ହେ ସବୁ ବିସ୍ରେ
ଏପେଙ୍ଗ୍ ପାଲି କିନି ଲଡ଼ା ।
୨୩ ମାତର୍ ଏଲେଙ୍ଗ୍ ଗିଟାନାଡ୍ ଜେ, ଇମ୍‌ଣି ୱାସ୍କି ହେ ବେଣ୍‌ବାକ୍‌ଣାୟ୍‌କିନାକାର୍ ବଚନ୍ ୱେନୁନ୍, ଇସ୍ୱର୍‌ତି ମାନାୟାର୍
ବିତ୍ରେ ନସ୍ଟ ଆନାନ୍ ।
୨୪ ଆଁ, ସାମୁୟେଲ୍ ଆରି ହେୱାନ୍ତି ପାଚେନି ସମୁତାଂ ଏଚେକ୍ ବେଣ୍‌ବାକ୍‌ଣାୟ୍‌କିନାକାର୍ କାତା ଇଚାର୍ଣ୍ଣା, ହେୱାର୍,
ୱିଜାକାର୍ ପା ଇ କାଡ଼୍ ବିସ୍ରେ ବେଣ୍ କିତାର୍ଣ୍ଣା ।
୨୫ ଏପେଙ୍ଗ୍ ହେ ବେଣ୍‌ବାକ୍‌ଣାୟ୍‌କିନାକାର୍ ହିମ୍‌ଣାଂ, ଆରେ ମି ଲାତ୍ରା ହୁକେ ପୁତର୍‌ନି ୱିଜୁ କୁଟୁମ୍ ଆସିର୍ବାଦ୍ ପାୟାନାର୍,
ଇ ବଚନ୍ ଇସ୍ୱର୍ ଅବ୍ରାହାମ୍‌ତି ଇଞ୍ଜି ମି ବୁଡ଼ାଲୁର୍ ହୁକେ ଇମ୍‌ଣି ନିୟମ୍ ରଚ୍‌ଚି ମାଚାନ୍, ଏପେଙ୍ଗ୍ ହେ ନିୟମ୍‌ନି
ହିମ୍‌ଣାକାଦେର୍ ।
୨୬ ଇସ୍ୱର୍ ପର୍ତୁମ୍ ମି କାଜିଂ ଜାର୍ ହେ ଆଡ଼ିଏନ୍‌ନିଂ ବାଚି କିତାନ୍, ୱିଜାରିଂ ବାନ୍ୟା ହାଜିଡ଼ାଂ ମାସ୍‌ନି ଆସିର୍ବାଦ୍ ହିନାନ୍
ଇଞ୍ଜି ପକ୍‌ତାନ୍ ।"

# ୪

## ଜିହୁଦି ଗାଜା ସବାତ ପିତର୍ ଆରି ଜହନ୍

୧ ହେୱାର୍ ମାନାୟାର୍ ଲାଗେ କାତା ଇ ୱାଡ଼ାଲିଂ ମାପ୍ରୁହେବାକିନାକାନ୍ ମନ୍ଦିର୍‌ନି ମୁଡ଼୍‌ମେଲ୍ୟା ଆରି ସାଦୁକିର୍ ହେୱାର୍
ଲାଗେ ଏକାୱାତାର୍;
୨ ହେୱାର୍ ରିସା ଆଜି ମାଚାର୍, ଇନାଦେଂକି ଜିସୁ ଇଚାନ୍ ପକ୍ୟାତାକାର୍ ଲକୁରିଂ ହିକ୍ୟା ହିଜି ହାତାକାର୍ ଆରେ ନିଂନାକା
ଇଞ୍ଜି ପାର୍ମାଣ୍ କିଜି ମାଚାର୍ ।
୩ ଆରେ, ହେୱାର୍ ହେୱାରିଂ ଆସ୍ତି ଆର୍କାଡ୍ ଦିନ୍ ପାତେକ୍ ଜଇଲ୍ ଇଞ୍ଜ ଇଟ୍‌ତାର୍, ଇନାକିଦେଂକି ହେ ୱେଡ଼ାଙ୍ଗ୍
ମ୍ରିକାହାରେସ୍ ଆଜି ମାଚାଡ୍ ।
୪ ମାତର୍ ହେୱାର୍‌ତି ହିକ୍ୟା ୱେନ୍‌ଞ୍ଜି ମାନି ବେସି ହେନି ମାନାୟାର୍ ହେବେ ପାତର୍ କିତାର୍, ହେୱାର୍‌ତି ବାଡାନାକା
ଲମର୍ ପାଞ୍ଚ୍ ହାଜାର୍ ଆତାର୍ ।
୫ ତା ଆର୍କାଡ୍ ନାଜିଂ ଜିହୁଦି ମୁଣିକାର୍, ପ୍ରାଚିନ୍ ଆରି ସାସ୍ତର୍ ଗୁରୁ ଜିରୁସାଲମ୍‌ତ ରୁଣ୍ଡାତାର୍;
୬ ହେୱାର୍ ମୁଡ଼୍ ମାପ୍ରୁହେବାକିନାକାନ୍ ହାନାନ, କୟାପା, ଜହନ୍, ଆଲେକ୍‌ଜାଣ୍ଡ୍ର୍, ଆରେ ମାପ୍ରୁହେବାକିନାକାନ୍ ନି
ବଁସ୍‌ନି ୱିଜାର୍ ଲକୁ ମାଚାର୍ ।
୭ ହେୱାର୍ ପକ୍ୟାତାକାରିଂ ମାଦ୍‌ଣି ବାହାତ ନିଲି କିଜି ୱେନ୍‌ବେଦେଂ ଲାଗାତାର୍, ଇନେସ୍ ସାକ୍ତିତ କି ଇମ୍‌ଣି ତର୍‌ଦ
"ଏପେଙ୍ଗ୍ ଇଦାଂ କିତାଦେର୍ଣ୍ଣା ?"
୮ ହେବେ ପିତର୍ ପୁଇପୁୟା ଜିବୁନ୍‌ତ ବାତର୍ ଆଜି ହେୱାରିଂ ଇଚାନ୍, "ଏ ମାନାୟାତର୍ ମୁଣିକା ଆରି ପ୍ରାଚିନାର୍,"

୯ ନେଞ୍ଜେଙ୍ଗ୍ ଜଦି ରୱାନ୍ ରଗ୍ୟା କାଜିଂ କିଜି ମାଚି ହାଦର୍ କାମାୟ୍ ବିସ୍ରେ ମାଂ ପର୍ସନ୍ ୱେନ୍‌ବିତିସ୍ ଜେ, ଇ ମାନାୟ୍
ଇନା ଉପାୟ୍‌ତ ଉଜ୍ ଆତାନ୍ନା,
୧୦ ତା ଆତିସ୍ ଏପେଙ୍ଗ୍ ୱିଜାକାଦେର୍ ଆରି ୱିଜୁ ଇସ୍ରାଏଲ୍ ଲକୁ ପୁନାଟ୍, ଇମ୍‌ଣି ନାଜରିତିୟ ଜିସୁ କ୍ରିସ୍ଟଙ୍ଗ୍ ଏପେଙ୍ଗ୍
କ୍ରୁସ୍‌ତ ଅସ୍ତାଦେର୍, ଇନେରିଂ ଇସ୍ୱର୍ ହାକିତାଂ ବିତ୍ରେ ନିକ୍‌ତାନ୍ନା, ହେୱାନ୍ତି ତର୍‌ଦାଂ ଆଁ ହେୱାନ୍ତି ହୁକେ ଇ ମାନାୟ୍ ଉଜ୍
ଆଜି ମି ମୁମ୍‌ଦ ନିଲ୍‌ତାନ୍ନା ।
୧୧ ଇଲ୍ ରଚ୍‌ନାକାଦେର୍,
ଇମ୍‌ଣି କାଲ୍ ଇଟ୍‌ୱାତାର୍ ହେ କାଲ୍‌ନେ,
ଇଲ୍‌ନି ମୁଡ୍‌କାଲ୍ ଆତାଡ୍ ।
୧୨ ହେୱାନିଂ ପିସ୍ତି ଆରେ ଇନେର୍ ତାକେ ମୁକ୍ତି ହିଲୁଡ୍, ଇନାକିଦେଂକି ଇମେତାଂ ମାଂ ମୁକ୍ତି ଗାଟାଦେଂ ଆନାଡ୍, ବାଦାଡ୍‌ତ
ତାରେନ୍ ମାନାୟ୍ ବିତ୍ରେ ଆରେ ଇନାକାପା ତର୍ ହିୟାୱାତାଡ୍‌ନା ।
୧୩ ହେୱାର୍ ପିତର୍ ଆରି ଜହନ୍ ସାସ୍ ହୁଡ୍‌ଜି ଆରି ହେୱାର୍ ଜେ ଅସିକ୍‌ତି ଆରି ଗିୟାନ୍ ହିଲ୍‌ୱି ଲଗୁ, ଇଦାଂ ବୁଜାଜି
କାବା ଆତାର୍, ଆରେ ହେୱାର୍ ଜିସୁତି ହୁଦାଂ ମାଚାର୍ ଇଞ୍ଜି ହେୱାରିଂ ଚିନିକିତାର୍,
୧୪ ଆରେ ହେ ଉଜ୍ ଆଜି ମାଚି ମାନାୟ୍‌ତିଂ ହେୱାର୍ ହୁକେ ଇଞ୍ଜ ମାନାକା ହୁଡ୍‌ଜି, ବିରୁଦ୍‌ତ ମୁଡ୍ରେ ଇଞ୍ଜେଙ୍ଗ୍ ଆଡ୍‌ୱାତାର୍
।
୧୫ ପାଚେ ହେୱାରିଂ ସବାତାଂ ହସି ହାଞ୍ଜେଙ୍ଗ୍ ବଲ୍ ହିଜି ହେୱାର୍ ରକାନ୍ ଆରେ ରକାନ୍ ବିତ୍ରେ ବୁଜାବୁଜି କିଜି ଇଞ୍ଜେଙ୍ଗ୍
ଲାଗାତାର୍,
୧୬ ଇ ମାନୟାରିଂ ଇନାକା କିନାସ୍ "ଇନାକିଦେଂକି ଇୱାର୍‌ତାଂ ଜେ, ର ଗାଜା କାବା କାମାୟ୍ ଆତାଡ୍‌ନା, ଇଦାଂ
ଜିରୁସାଲମ୍ ନିକାରିଂ ତାକେ ୱିଣ୍‌ତାଡ୍‌ନା, ଆରେ ଆସେଙ୍ଗ୍ ହେଦାଂ ପାତର୍ କିୱାଦାଂ ଆଡୁସ୍;
୧୭ ମାତର୍ କାତା ଇନେସ୍ ମାନାୟ୍ ବିତ୍ରେ ଆରେ ବେସି ମେଙ୍ଗ୍‌ମେଡ୍, ଇଦାଂ କାଜିଂ ଜିସୁ ତର୍‌ଦ ଇମ୍‌ଣି ମାନାୟ୍‌ତିଂ
ଆରେ ମୁଡ୍‌କେ ଇନ୍‌ୱି କାଜିଂ ହେୱାରିଂ ଚିମ୍‌ରା କିନାନ୍ ।"
୧୮ ପାଚେ ପିତର୍ ଜହନ୍‌ତିଂ କୁକ୍‌ଚି ଜିସୁତି ତର୍ ମୁଡ୍‌କେ କାତା ଇନ୍‌ୱି କାଜିଂ ଆରି ହିକ୍ୟା ହିୱି କାଜିଂ ଡାଟ୍ ବଲ୍ ହିତାନ୍
।
୧୯ ମାତର୍ ପିତର୍ ଆରି ଜହନ୍ ହେୱାରିଂ ଉତର୍ ହିତାର୍, "ଇସ୍ୱର୍‌ତି କାତା ୱେନି ବାଟା ମି କାତା ୱେନାକା ଇସ୍ୱର୍‌ତି
କାଣ୍‌କୁତ ଦାମର୍ କି ମିଚ୍, ହେଦାଂ ଏପେଙ୍ଗ୍ ବିଚାର୍ କିୟାଟ୍ ।
୨୦ ଇନାକିଦେଂକି ଆପେଂ ଇନାକା ଇନାକା ହୁଡ୍‌ତାପ୍‌ନା ଆରି ୱେଚାପ୍‌ନା, ହେ ସବୁ ଇନ୍‌ୱାଦାଂ ମାଞ୍ଜେଙ୍ଗ୍ ଆଡୁପ୍ ।"
୨୧ ହେବେ ହେୱାର୍ ଲକୁ କାଜିଂ ହେୱାରିଂ ଡାଣ୍ଡ ହିଦେଂ ଇମ୍‌ଣାକା ପା ହାଜି ଗାଟାୱାତିଲେ ହେୱାରିଂ ଆଦିକ୍ ପାଣ୍ଡ୍ରୁ
ଚଚ୍‌ଚି ପିସ୍ତି ହିତାର୍, ୱାଟିଙ୍ଗ୍ ଇନାକା ଗିଟାଜି ମାଚାଡ୍, ହେଦାଂ କାଜିଂ ଲକୁ ୱିଜାର୍ ଇସ୍ୱର୍‌ତି ଜାଜ୍‌ମାଲ୍ କିଦେଙ୍ଗ୍
ଲାଗାତାର୍,
୨୨ ଇମ୍‌ଣି ମାନାୟ୍ ତାକେ ହେ ଉଜ୍ ଆନାକା କାବା କାମାୟ୍ କିୟାଜି ମାଚାଡ୍, ହେୱାନ୍ତି ରିକଡ଼ି ବାର୍ହୁତାଂ ଆଦିକ୍ ଆଜି
ମାଚାଡ୍ ।

## ପାତର୍ କିନାକାର୍‌ତି ସାସ୍ କାଜିଂ ପାର୍ତାନା

୨୩ ହେୱାର୍ ମୁକ୍‌ଡ଼ା ଆଜି ଜାର୍ ହାଙ୍ଗ୍‌ଦାକାର୍ ଲାଗେ ହାଚାର୍ ଆରି ମୁଡ୍ ମାପ୍ରୁହେବାକିନାକାନ୍ ଆରି ପ୍ରାଚିନାର୍ ହେୱାରିଂ
ଇନାକା ଇନାକା ଇଞ୍ଜି ମାଚାର୍, ହେ ସବୁ ୱେଚ୍‌ଚାର୍ ।
୨୪ ପାତର୍ କିନାକାର୍ ହେଦାଂ ୱେନ୍‌ଞ୍ଜି ରମାନ୍ତ ଇସ୍ୱର୍‌ତି ଲାଗେ ଗାଜାକାଟ୍‌ତାଂ ପାର୍ତାନା କିଜି ଇଚାର୍, "ଏ ମାପ୍ରୁ ଏନ୍
ବାଦାଡ୍‌ତ, ପୁତର୍, ହାମ୍‌ଦୁର୍ ଆରି ହେ ସବୁ ବିତ୍ରେ ୱିଜୁ ବିସ୍ରେ ଉବ୍‌ଜାଣ୍ କିତାୟ୍‌ନା
୨୫ ଏନ୍ ଜାର୍ ଆଡ଼ିଏନ୍ ମା ଆବା ଦାଉଦ୍‌ତି ୱେଇ ହିଜି ପୁଇପୁୟା ଜିବୁନ୍ ହୁଦାଂ ଇ କାତା ଇଚାୟ୍‌ନା,
ପାତର୍ କିୱି ଜିହୁଦି ଇନେକିଦେଂ ରିସା କିତାର୍,
ଆରେ ମାନାୟାର୍ ଇନେକିଦେଂ ୱାରାକା ବିସ୍ରେ ହାନ୍ଦାୟ୍ କିତାର୍ ?
୨୬ ମାପ୍ରୁତି ବିରୁଦ୍‌ତ ଆରି ହେୱାନ୍ତି ସିଗ୍‌ଆତାକାର୍ ବିରୁଦ୍‌ତ,
ପୁତର୍‌ନି ରାଜାର୍ ଜାଲ୍‌ଦି ଆତାର୍,
ଆରେ ମୁଣିକାର୍ ରବେ ରୁଣ୍ଡାତାର୍ ।
୨୭ ✡ଇନାକିଦେଂକି ମି ଇମ୍‌ଣି ପୁଇପୁୟା ଆଡ଼ିଏନ୍ ଜିସୁଙ୍ଗ୍ ଏନ୍ ସିଗ୍ କିତାୟ୍, ହାଡ୍‌ପାନେ ହେୱାନ୍ତି ବିରୁଦ୍‌ତ ହେରଦ୍ ଆରି
ପନ୍ତିୟ ପିଲାତ ରିକାର୍ ପାତର୍ କିୱି ଜିହୁଦି ଆରି ଇସ୍ରାଏଲ୍ ଲକୁ ହୁଦାଂ ଇ ଗାଡ୍‌ଦ,
୨୮ ନି ଜଜନା ହୁଦାଂ ଜେ ୱିଜୁ ଗିଟାନାଡ୍ ଇଞ୍ଜି ପୁର୍ବେତାଂ ବାଚି ଆଜି ମାଚାଡ୍, ହେଦାଂ କିଦେଙ୍ଗ୍ ରବେରୁଣ୍ଡା ଆତାର୍ ।
୨୯ ଆରେ ନଙ୍ଗ୍, ଏ ମାପ୍ରୁ, ହେୱାର୍‌ତି ପାଣ୍ଡ୍ରୁନିକାରିଂ ମେହା; ଆରେ, ନି ଆଡ଼ିୟାରିଂ ପୁରା ସାସ୍ ହୁକେ ନି ବଚନ୍ ଇଞ୍ଜେଙ୍ଗ୍
ସାକ୍ତି ହିଦା,

✡ **୪:୨୭** ଲୁକ ୨୩:୭-୧୧; ମାତିଉ ୨୭:୧,୨; ମାର୍କ ୧୫:୧; ଲୁକ ୨୩:୧; ଜହନ୍ ୧୮:୨୮,୨୯.

୩୦ ଆରେ ହେ ସାଙ୍ଗେ ସାଙ୍ଗେ ନି ପୁଇପୁୟା ଆଡ଼ିଏନ୍ ଜିସୁତି ତର୍‌ଦ ଉଜ୍ କିଦେଙ୍ଗ୍ କାଜିଂ ଆରି ଚିନ୍‌କୁ ଆରି କାବାନି
କାମାୟ୍ କିଦେଙ୍ଗ୍ କାଜିଂ ନି କେଇ ଲାମାୟ୍ କିଦା ।”
୩୧ ହେୱାର୍ ପାର୍ତାନା କିତି ପାଚେ, ଇମ୍‌ଣି ବାହାତ ରବେ ରୁଣ୍ଡାଜି ମାଚାର୍, ଇମ୍‌ଣି ବାହାତ ରବେ ମାଚାର୍, ହେଦାଂ
କମ୍ପାତାଡ଼୍, ଆରେ ୱିଜାକାର୍ ପୁଇପୁୟା ଜିବୁନ୍‌ତ ପୁରା ଆଜି ସାସ୍‌ତ ଇସ୍ୱର୍‌ତି କାବୁର୍ ଇଞ୍ଜେଙ୍ଗ୍ ଲାଗାତାର୍ ।

## ପାତର୍ କିନାକାର୍ ଦାନ୍ ବାଟାକିତାର୍

୩୨ ✡ପାତର୍ କିନାକାରିଂ ଲକୁ ର ୱାସ୍କି ଆରି ର ପାରାଣ୍‌ତ ମାଚାର୍; ହେୱାର୍‌ତି ବିତ୍ରେ ଇନେର୍‌ପା ଜାର୍ ସଂପତିତାଂ
ଇଚୁକ୍ ଜାତର୍ ଇଞ୍ଜି ଇନ୍‌ୱାଦାଂ ମାଚାର୍, ମତର୍ ହେୱାର୍‌ତି ୱିଜୁ ବିସ୍ରେ ସିଦାସାଦା ମାଚାଡ଼୍ ।
୩୩ ପକ୍ୟାତାକାର୍ ଗାଜା ସାକ୍ତି ହୁକେ ମାପ୍ରୁ ଜିସୁତି ଆରେ ନିଂନାକା ବିସ୍ରେ ସାକି ହିଦେଂ ଲାଗାତାର୍, ଆରେ ଇସ୍ୱର୍
ୱିଜାକାର୍ ଜପି ବେସି ଦୟା କିଜି ମାଚାନ୍ ।
୩୪ ଲାଗିଂ ହେୱାର୍ ବିତ୍ରେ ଇନେରିଂ ଇନାକାପା ଅବାବ୍ ହିଲ୍‌ୱାତାଡ଼୍, ଇନାକିଦେଂକି ଏଚେକ୍ ଲକାତର୍ ବୁମି କି ଇଲ୍
ମାଚାଡ଼୍, ହେୱାର୍ ହେଦାଂ ପ୍ରସି ଦନ୍‌ନି ମଲ୍ ତାସି,
୩୫ ଆରେ ଜାଣ୍‌କେ ରୱାନିଂ ତାଦି ଅବାବ୍ ହୁଡ଼୍‌ଜି ପକ୍ୟାତାକାର୍ ଚେଲାରିଂ ପାସ୍‌ପିସ୍ ମାଚାର୍ ।
୩୬ ଆରେ, ଜସେପ୍ ତର୍‌ନି ବାହାତ ଜଲମ୍ ଆଜି ମାନି ଲେବି ଲାତ୍ରାନି ରୱାନ୍ ସାଇପ୍ରସ୍ ଜାତିନି ଲକୁ, ଇନେରିଂକି
ପକ୍ୟାତାକାର୍ ବର୍ଣ୍ଣବା ଇଞ୍ଜି କୁକ୍‌ନି ତର୍ ହିଜି ମାଚାର୍ ଅନୁବାଦ୍ କିତିସ୍ “ଇଦାଂ ନି ଅରଡ଼୍ ଦୁକ୍‌ସାରାୟ୍‌ନି ମାଜି,”
୩୭ ହେୱାନ୍ତି ରଞ୍ଜି ବୁମି ମାଚାଡ଼୍; ହେୱାନ୍ ହେଦାଂ ପ୍ରସି ହେବେନି ଟାକାଂ ତାସି ପକ୍ୟାତାକାର୍‌ତି ପାନା ତାରେନ୍ ଇଡ଼୍‌ତାନ୍
।

# ୫

## ହନନିୟ ଆରି ସପିରା

୧ ହନନିୟ ତର୍‌ଦାକାନ୍ ରୱାନ୍ ମୁଣିକା ଜାର୍ ଡକ୍ରି ସପିରା ଲାହାଂ ଅଲପ୍ ଜମି ପ୍ରତାର୍,
୨ ମାତର୍ ଡକ୍ରୁହି ର ମାନ୍ କିଜି ହେବେନି ମଲ୍‌ତାଂ ଅଲପ୍ ଡ଼କ୍ରୁଚି ଇଡ଼୍‌ଜି ବାଗ୍ ମତର୍ ତାହି ପକ୍ୟାତାକାର୍‌ତି ମୁମ୍‌ଦ
ଇଡ଼୍‌ତାନ୍ ।
୩ ହେବେ ପିତର୍ ଇଚାନ୍, ଏ “ହନନିୟ, ପୁଇପୁୟା ଜିବୁନ୍ ଲାଗେ ମିଚ୍ ଇଞ୍ଜେଙ୍ଗ୍ ଆରି ବୁମିନି ମଲ୍‌ଦାଂ ଅଲପ୍ ଡ଼କ୍ରୁଚି
ଇଡ଼୍‌ଦେଂ ଇନାକିଦେଂ ସୟ୍‌ତାନ୍ ନି ମାନ୍ତ ପୁରା ଆଦିକାର୍ କିଡ଼୍‌ତାଡ଼୍‌ନ୍ମା ?
୪ ପ୍ରୱି ଆଗେ ହେଦାଂ ଇନାକା ଆୱାଦାଂ ମାଚାଡ଼୍ ? ଆରେ, ପ୍ରତି ପାଚେ ହେବେନି ମଲ୍ କି ନି ନିଜ୍‌ନି ଆଦିକାର୍
ହିଲ୍‌ୱାତାଡ଼୍ ? ୱାଟିଙ୍ଗ୍ ଏନ୍ ଇନେସ୍ ଜାର୍ ମାନ୍ତ ଇନାକିଦେଂ ଇ ବିସ୍ରେ ବାବି କିତାୟ୍ ? ଏନ୍ ଜେ ମାନାୟ୍ ଲାଗେ ମିଚ୍
ଇଚାୟ୍, ହେଦାଂ ଆକାୟ୍, ମତର୍ ଇସ୍ୱର୍‌ତି ଲାଗେ ମିଚ୍ ଇଚାୟ୍ ।”
୫ ଇ କାତା ୱେନ୍‌ଜି ସାଙ୍ଗେ ସାଙ୍ଗେ ହନନିୟ ତୁହିୟାଜି ପାରାଣ୍ ପିସ୍ତାନ୍ । ହେବେ ଏଚେକ୍ ଲକୁ ଇଦାଂ ୱେଚାର୍,
ୱିଜାକାର୍ ବେସି ପାଣ୍ଡ୍ରା ଆତାର୍ ।
୬ ଆରେ, ଦାଂଣାର୍ ନିଂଜି ହେୱାନିଂ ହେନ୍ଦ୍ରାତ ହୁର୍ପାତାର୍ ଆରି ବାର୍ତ ଅଜି ହାଲ୍‌ଜି ମୁଚ୍‌ଚାର୍ ।
୭ ତିନି ଗଣ୍ଟା ପାଚେ ହେୱାନ୍ତି ଡକ୍ରୁହି ୱାତାଡ଼୍, ମତର୍ ଇନାକା ଗିଟାତାଡ଼୍‌ନ୍ମା, ହେଦାଂ ହେଦେଲ୍ ପୁନ୍‌ୱାଦାଂ ମାଚାଡ଼୍ ।
୮ ଆରେ, ପିତର୍ ହେଦେଲିଂ ୱେନ୍‌ବାତାନ୍, ୱେଚ୍‌ଚା ତ, “ଏପେଙ୍ଗ୍ ଇନାକା ଏଚେକ୍ ଟାକାକାଂ ବୁମି ପ୍ରତାଦେର୍ ?”
ହେଦେଲ୍ ଇଚାଡ଼୍, “ଆଁ, ଏଚେକ୍‌ନେ ।”
୯ ହେବେ ପିତର୍ ହେଦେଲିଂ ଇଚାନ୍, ମାପ୍ରୁତି “ଜିବୁନ୍‌ତିଙ୍ଗ୍ ପରିକ୍ୟା କିଦେଙ୍ଗ୍ କାଜିଂ ଏପେଙ୍ଗ୍ ଇନାକିଦେଂ ର ମାନ୍ତ
ବେଣ୍ କିତାଦେର୍, ହୁଡ଼ାଟ୍, ଇନେର୍ ନି ଡକ୍ରାଂ ମୁଚ୍‌ଚାର୍ଣ୍ଣା, ହେୱାର୍ ଦୁୱେର୍ ଲାଗେ ଇକାୱାତାରେ, ଆରେ ହେୱାର୍ ନିଂ
ବାର୍ତ ପିଣ୍ଡ୍‌ଜି ଅଜି ହାଞ୍ଜ୍‌ନାର୍ ।”
୧୦ ହେଦାପ୍ରେ ହେଦେଲ୍ ହେୱାନ୍ତି ପାନା ତାରେନ୍ ତୁହିଆ ଆଜି ପାରାଣ୍ ପିସ୍ତାଡ଼୍, ଆରେ, ଦାଂଣାର୍ ବିତ୍ରେ ୱାଜି ହେଦେଲିଂ
ହାତାକା ହୁଡ଼୍‌ଜି ବାର୍ତ ଅତାର୍ ଆରି ହେଦେଲ୍ ଡକ୍ରାହି ଲାଗେ ହେଦେଲିଂ ମୁଚ୍‌ଚାର୍ ।
୧୧ ହେବେ ୱିଜୁ ମଣ୍ଡ୍‌ଲି ଆରି ଏଚେକ୍ ଲକୁ ଇ ସବୁ ବିସ୍ରେ ୱେଚାର୍, ହେୱାର୍ ୱିଜାକାର୍ ବେସି ପାଣ୍ଡ୍ରା ଆତାର୍ ।

## ଚିନ୍ କାମାୟ୍ ଆରି କାବାନି କାମାୟ୍

୧୨ ପକ୍ୟାତାକାର୍‌ତି ହୁଦାଂ ମାନାୟାର୍ ବିତ୍ରେ ବେସି ଆଡ଼୍‌ୱି ଆରି କାବାନି କାମାୟ୍ ଆଦେଂ ଲାଗାତାଡ଼୍, ଆରେ ୱିଜୁ
ମଣ୍ଡ୍‌ଲି ରମାନ୍ ସଲମନ୍‌ତି ମଣ୍ଡ୍‌ପ୍‌ତ ରୁଣ୍ଡାଜି ମାଚାର୍,
୧୩ ମାତର୍ ମାନାୟ୍ ବିତ୍ରେତାଂ ଇନେର୍ ହେୱାର୍ ହୁଦାଂ ମେହାଆଦେଂ ସାସ୍ କିୱାଦାଂ ମାଚାର୍; ଆତିସ୍ ପା ବିନ୍ ଲକୁ
ହେୱାରିଂ ୱାରି କିଜି ମାଚାର୍,

✡ **୪:୩୨** ପକ୍ୟାତାକା ୨:୪୪,୪୫.

୧୪ ମାତର୍, ଆରେ ଆଦିକ୍ତାଂ ଆଣ୍ଡ୍ରାଂ ଆରି କଗ୍ଲେକ୍ ମାପ୍ରୁ ତାକେ ପାତର୍ କିଜି ଈ ଦଲ୍‌ଦ ମେହାଆଦେଂ ଲାଗାତାର୍,
୧୫ ଏଲେଂକି, ପିତର୍ ୱାନି ୱେଡ଼ାଲିଂ କେବଲ୍ ହେୱାନ୍ତି ଡ଼ିଗା ଇନେସ୍ ରଗ୍ୟାର୍ ତାକେ ଇନେର୍ ଇନେର୍ ଜପି ଆର୍‌ନାତ୍,
ଇଦାଂ କାଜିଂ ଲକୁ ହେୱାରିଂ ହାକ୍‌ଡ଼ିତ ପିଣ୍ଡ୍‌ଜି ଆଜି, ଟାଟି ଆରି କାଟେଲ୍‌ତ ଇଡ଼୍‌ବିସ୍ ମାଚାର୍ ।
୧୬ ଜିରୁସାଲମ୍‌ତ ଚାରିବେଣ୍ତି ବସ୍ତିତାଂ ମାନାୟାର୍ ପା ରଗ୍ୟାରିଂ ଆରି ବାନ୍ୟା ଜିବୁନ୍ ହୁଦାଂ ଆହ୍ୟାତି ଲୁଗାରିଂ ତାହି
ରୁଣ୍ଡା ଆଜି ମାଚାର୍, ଆରେ ହେୱାର୍ ୱିଜାକାର୍ ଉଜ୍ ଆତାର୍ ।

### ପକ୍ୟାତାକାର୍ କାଜିଂ ଇଣ୍

୧୭ ପାଚେ ମୁଡ଼୍ ମାପୁହେବାକିନାକାନ୍ ଆରି ହେୱାର୍‌ତି ହାଙ୍ଗ୍‌ଦି ୱିଜାକାର୍, ଇଚିସ୍ ସାଦୁକିର୍ କୁଦା, ପକ୍ୟାତାକାର୍ ଜପି
ଆକାର୍‌ତ ରିସା ଆଜି ନିଂତାର୍
୧୮ ଆରି ପକ୍ୟାତାକାର୍‌ରିଂ ଆସ୍ତି ଗାଚ୍‌ଚି ସାଦା ଜଇଲ୍‌ତ ଇଟ୍‌ତାର୍ ।
୧୯ ମାତର୍ ରୱାନ୍ ମାପୁତି ଦୁତ୍, ନାଣାୱେଡ଼ାଲିଂ ଜଇଲ୍‌ନି ଦୁୱେର୍‌ରିଂ ରିକ୍‌ତାତ୍ ଆରି ହେୱାରିଂ ହପ୍‌ଚି ତାସି ଇଚାତ୍,
୨୦ "ହାଲାଟ୍, ମନ୍ଦିର୍ ବିତ୍ରେ ଇଞ୍ଜ ମାନାୟାରିଂ ଇ ପୁନି ଜିବୁନ୍‌ନି ବିସ୍ରେ ୱିଜୁ ବଚନ୍ ଇନାଟ୍ ।"
୨୧ ଇଦାଂ ୱେନ୍‌ଞ୍ଜି ହେୱାର୍ ନାଡ଼ିହିଂ ମନ୍ଦିର୍‌ତ ହଣ୍‌ଜି ହିକ୍ୟା ହିଦେଂ ଲାଗାତାର୍ ।
ୱିସ୍ତି ବିତ୍ରେ ମୁଡ଼୍ ମାପୁହେବାକିନାକାନ୍ ଆରି ପକ୍ୟାତାକାରିଂ ତା ଚେଲାର୍ ୱାଜି ଗାଜା ସବା ଆରି ଇସ୍ରାଏଲ୍ ହିମ୍‌ଣାଂତି
ପ୍ରାଚିନାର୍ କୁକ୍‌ଚି ରବେ କିତାର୍, ଆରେ, ହେୱାରିଂ ତାଇୱାନି କାଜିଂ ଜଇଲ୍‌ତ ଲକାଂ ପକ୍ତାର୍ ।
୨୨ ମାତର୍ ହେବା କିନାକାର୍ ହାଲ୍‌ଜି ଜଇଲ୍ ଇଞ୍ଜ ହେୱାରିଂ ଗାଟାୱାଦାଂ ମାସ୍‌ଦି ୱାଜି ଇଚାର୍,
୨୩ "ଆପେଂ ହୁଡ଼୍‌ତାପ୍, ଜଇଲ୍ ଇଞ୍ଜ ଆଟ୍‌ୱା କିଜି ଗେସ୍ତାକା ମାନାତ୍ ଆରି ଦୁୱାରିଂକାଂ ଜାଗ୍‌ୱାଡ଼ାର୍ ନିଲ୍‌ତାର୍ଣ୍ଣା, ମତର୍
ଦୁୱେର୍ ଜେତିଲେ, ଜଇଲ୍ ଇଲ୍ ଆପେଂ ଇନେରିଂ ଗାଟାୱାତାପ୍ ।"
୨୪ ଇ ସବୁ କାତା ୱେନ୍‌ଞ୍ଜି ମନ୍ଦିର୍‌ନି ଜାଗ୍‌ୱାଡ଼ାର୍ ଆରି ମୁଡ଼୍ ମାପୁହେବାକିନାକାନ୍ ଇବେନି ଦସା ଇନାକା ଏଡ଼୍ କିଜି
ପକ୍ୟାତାକାର୍ ବିସ୍ରେ କାବା ଆଦେଂ ଲାଗାତାର୍ ।
୨୫ ଏଲେଙ୍ଗ୍ ୱେଡ଼ାଲିଂ ରୱାନ୍ ମାନାୟ୍ ୱାଜି ହେୱାରିଂ କାବୁର୍ ହିତାନ୍, "ହୁଡ଼ାଟ୍, ଏପେଙ୍ଗ୍ ଇମ୍‌ଣି ଲୁଗାଂ ଜଇଲ୍ ଇଞ୍ଜ
ଇଡ଼୍‌ଜି ମାଚାଦେର୍, ହେୱାର୍ ମନ୍ଦିର୍ ଇଞ୍ଜ ମାନାୟାର୍‌ତିଂ ହିକ୍ୟା ହିନାରା ।"
୨୬ ମନ୍ଦିର୍‌ନି ମେଲ୍ୟାର୍ କାମ୍‌ଲିୟାର୍ ଲାହାଙ୍ଗ୍ ହାଲ୍‌ଜି ପକ୍ୟାତି ଚେଲାରିଂ ଆରେରଗ ତେୟ୍ ୱାତାର୍ । ହେୱାର୍
ଇନେସ୍‌ବାନି ପା ପାଣ୍ଡ୍ରା ଆୱାତାର୍, ଇନାକିଦେଂକି ହେୱାରିଂ ପାଣ୍ଡ୍ର ମୁାଚାତ୍ ଜେ ମାନାୟାର୍ ହେୱାର୍ ଜପି କାଲ୍‌କୁ ଇଡ଼୍‌ନାର୍
।
୨୭ ହେୱାର୍ ହେୱାରିଂ ତାହି ଗାଜା ସବା ମୁମ୍‌ଦ ନିଲି କିୟ୍‌କିତାର୍ । ହେବେଣ୍ଡ୍ରାଂ ମୁଡ଼୍ ମାପୁହେବାକିନାକାନ୍ ହେୱାରିଂ
ୱେନ୍‌ବାତାନ୍,
୨୮ ✡"ଆପେଂ ମିଙ୍ଗେଙ୍ଗ୍ ଇ ତର୍‌ଦ ହିକ୍ୟା ହିଦେଂ ବେସି ଆଟ୍‌ୱା ଲାକେ ମୁନାକିଜି ମାନ୍‌ଞାପ୍, ମାତର୍ ହୁଡ଼ାଟ୍,
ଏପେଙ୍ଗ୍ ଇନାକିନାଦେରା ମି ହିକ୍ୟାତ ଜିରୁସାଲମ୍ ପୁରା କିଜି ହେ ମାନାୟ୍‌ତି ନେତେର୍‌ନି ଦସ୍ ମା ଜପି ଲାଦି କିଦେଂ
ମାନ୍‌କିନାଦେରା ।"
୨୯ ମାତର୍ ପିତର୍ ଆରି ଆଦେକ୍ ପକ୍ୟାତାକାର୍ ଉତର୍ ହିତାର୍, "ଆପେଂ ଇସ୍ୱର୍‌ତିଂ ମାନିକିନାପ୍ ମାନାୟାରିଂ ମାନି
କିଉପ୍ ।
୩୦ ଇମ୍‌ଣି ଜିସୁଙ୍ଗ୍ ଏପେଙ୍ଗ୍ କ୍ରୁସ୍‌ତ ଡ଼ଇ କିଜି ଅସ୍ତି ମାଚାଦେର୍, ମା ବୁଡାତର୍ ଇସ୍ୱର୍ ହେୱାନିଂ ହାକିତାଂ ନିକ୍‌ତାନ୍ନା ।
୩୧ ଆରେ, ହେୱାନ୍ ଇନେସ୍ ଇସ୍ରାଏଲ୍‌ତିଂ ମାନ୍‌ବାଦ୍‌ଲାୟ୍ ଆରି ପାପ୍ କେମା ଦାନ୍ କିନାନ୍, ଇଦାଂ କାଜିଂ ଇସ୍ୱର୍ ଜାର୍
ବୁଜ୍‌ଣି କେଇ ହୁଦାଂ ହେୱାନିଂ ଗାଜାକାନ୍ ଆରି ମୁକ୍ତିକିନାକାନ୍ ଲାକେ ଗାଜା କିତାନ୍ନା ।
୩୨ ଆରେ, ଆପେଂ ଇ ୱିଜୁ କାତା ବିସ୍ରେ ସାକି, ଆରେ ଇମ୍‌ଣି ପୁଇପୁୟା ଜିବୁନ୍ ଇସ୍ୱର୍ ହେୱାନ୍ତି ବଲ୍ ମାନିକିନାକାରିଂ
ହିଡ଼୍‌ତାନ୍ନା, ହେୱାନ୍ ପା ସାକି ।"
୩୩ ଇ କାତା ୱେନ୍‌ଞ୍ଜି ଗାଜା ସବାନି ମାନାୟାର୍ ବେସି ରିସା ଆତାର୍ ଆରି ପକ୍ୟାତାକାରିଂ ଅହ୍‌ନି କାଜିଂ ରୁହାୟ୍ କିଦେଙ୍ଗ୍
ଲାଗାତାର୍ ।
୩୪ ମାତର୍ ଗମଲିୟେଲ୍ ତର୍‌ନି ରକାନ୍ ପାରୁସି, ଇନେନ୍‌କି ସାସ୍ତ୍ର୍ ଗୁରୁ ଆରି ୱିଜାକାର୍ ଲାଗେ ସନ୍‌ମାନ୍ ପାୟାଜି
ମାଚାନ୍, ହେୱାନ୍ ଗାଜା ସବାତ ନିଲ୍‌ଚି ପକ୍ୟାତାକାରିଂ ଅଲପ୍ ସମୁ କାଜିଂ ହପ୍‌ତେଂ ବଲ୍ ହିତାନ୍,
୩୫ ଆରେ ହେୱାନ୍ ହେୱାରିଂ ଇଚାନ୍, "ଏ ଇସ୍ରାଏଲିୟନି ଲକୁ, ଇୱାର୍ କାଜିଂ ଏପେଙ୍ଗ୍ ଇନାକା କିଦେଙ୍ଗ୍ ଜାଲ୍‌ଦି
ଆନାଦେରା, ହେ ବିସ୍ରେ ଜାଗ୍ରତ୍ ଆଡ଼ୁ ।
୩୬ ଇନାକିଦେଂକି ଇଦାଂ ଆଗେ ତିଉଦା ନିଂଜି ଜାର୍‌ତିଂ ରୱାନ୍ ଗାଜା ମାନାୟ୍ ଇଞ୍ଜି ଇଚାନ୍, ଆରେ ଚାର୍‌ସ ଲକୁ ତା
ହୁଦାଂ ମେହା ଆତାର୍, ଆସା କିତାର୍ ହେୱାନ୍ ହାତାନ୍, ଆରେ ଏଚେକ୍ ଲକୁ ତାଙ୍ଗ୍ ବାସର୍ କିତାର୍, ହେୱାର୍ ୱିଜାର୍
ଜେଡ଼େକେଡ଼୍ ଆତାର୍ ଆରି କାମାୟ୍ କିଦେଙ୍ଗ୍ ଆଡ଼୍‌ୱାତାର୍ ।

---

✡ **୫:୨୮** ମାତିଉ ୨୭:୨୫.

୩୭ ହେ ମାନାୟ୍ ପାଚେ ଲକୁ ଗାଣାକିନାକା ୱେଡ଼ାଲିଂ ଗାଲିଲିୟ ଜିହୁଦା ନିଂଜି ମାନାୟାରିଂ ତା ପାଚେ ଜେଲ୍‌ଜି
ଅଜି ଗଣ୍ଡଗଲ୍ କିୟ୍‌କିତାନ୍; ହେୱାନିଂ ଅସ୍ତାର୍, ଆରେ ଏଚେକ୍ ଲକୁ ତାଙ୍ଗ୍ ବାସର୍ କିଜି ମାଚାର୍, ହେୱାର୍ ୱିଜାକାର୍
ଜେଡ଼େକେଡ଼୍ ଆଜି ହାଚାର୍ ।
୩୮ ନଙ୍ଗ୍ ଆନ୍ ମିଙ୍ଗେଙ୍ଗ୍ ଇଞ୍ଜ୍‌ନାଙ୍ଗା, ଏପେଙ୍ଗ୍ ଇ ଲକୁ କାଜିଂ ଇନାକା କିୱାଦାଂ ହେୱାରିଂ ପିସ୍ତି ହିଆଟ୍, ଇନାକିଦେଂକି
ଇ ରୁହାୟ୍ କି ଇ କାମାୟ୍ ଜଦି ମାନାୟ୍‌ତାଂ ଆଜି ମାଚିସ୍, ତା ଆତିସ୍ ହେଦାଂ କ୍ଷାୱାସ୍ ଆଜି ହାନାତ୍;
୩୯ ମାତର୍ ଜଦି ହେଦାଂ ଇସ୍ୱର୍‌ତାଂ ଆଜି ମାଚିସ୍, ତା ଆତିସ୍ ଏପେଙ୍ଗ୍ ହେୱାରିଂ ନସ୍ଟ କିଦେଙ୍ଗ୍ ବାସର୍ ଆଦେଂ
ଆଡୁଦେର୍, ଏଚେକାଡ଼୍‌ଦ ଏପେଙ୍ଗ୍ ଇସ୍ୱର୍‌ତି ବିରୁଦ୍‌ତ ଜୁଜ୍ କିନାଦେରା ଇଞ୍ଜି ଚଞ୍ଜ୍ୟାନାଦେର୍ ।”
ଗାଜା ସବାନି ମାନାୟାର୍ ଗମଲିୟାତି କାତା ମାନି କିତାର୍
୪୦ ହେୱାର୍ ହେୱାନ୍ତି କାତାତ ବାସର୍ ଆତାର୍, ଆରେ ପକ୍ୟାତାକାର୍‌ରିଂ ଲାଗାଂ କୁକ୍‌ଚି ହେୱାରିଂ କର୍‌ଡା ତାଂ ଟ୍ରାକ୍‌ତାର୍
ଆରି ଜିସୁତି ତର୍‌ଦ କାତା ଇନ୍‌ୱି କାଜିଂ ବଲ୍ ହିଜି ପିସ୍ତାର୍ ।
୪୧ ହେବେ ହେୱାର୍ ଜେ ଜିସୁ ତର୍ କାଜିଂ ଅପ୍‌ମାନ୍ ବଗ୍ କିଦେଙ୍ଗ୍ ଲଡ଼ା ଇଞ୍ଜି ଇନ୍ୟାଜି ମାଚାର୍, ହେଦାଂ କାଜିଂ ହେୱାର୍
ୱାରି କିଉ କିଉ ଗାଜା ସବାତାଂ ହସି ହାଚାର୍;
୪୨ ଆରେ ହେୱାର୍ ନିତ୍ରେ ମନ୍ଦିର୍‌ତ ଆରି ହିକ୍ୟା ହିଦେଂ ଆରି ଜିସୁ ଜେ କ୍ରିସ୍ଟ, ଇ ନେକ୍ରିକାବୁର୍ ସୁଣାୟ୍ କିଦେଙ୍ଗ୍ ଟେବା
ଆୱାତାର୍ ।

## ୬

### ସାତ୍ ଜାଣ୍ ହାଂୱାର୍

୧ ଇ ୱେଡ଼ାଲିଂ, ଏଚେକାଡ଼୍‌ଦ ଚେଲାର୍ ବାଡା ଆଜି ମାଚାର୍, ହେୱାଡ଼ାଂ ଗ୍ରିକ୍ ବାସାନିକାର୍ ଜିହୁଦିର୍ ଏବ୍ରିୟ ବାସାନି
ଜିହୁଦି ବିରୁଦ୍‌ତ ନିନ୍ଦା କିଦେଙ୍ଗ୍ ଲାଗାତାର୍, ଇନାକିଦେଂକି ନିତ୍ରେ ହେବା କିଦେଙ୍ଗ୍ ହେୱାର୍‌ତି ରାଣ୍ଡିକାଂ ପାଚାରି କିୱାଦାଂ
ମାଚାର୍ ।
୨ ହେବେ ବାର୍ ଜାଣ୍ ଚେଲାର୍ ପାତର୍ କିନାକାର୍ ଲାଗାୟ୍ କୁକ୍‌ଚି ଇଚାର୍, “ଇସ୍ୱର୍‌ତି ବଚନ୍ ପର୍‌ଚାର୍ ପିସ୍ତି କାଦି
ପାସ୍‌ପେଦେଂ ମା ହେବାତ ମାନାକା ହାର୍ ଆକାୟ୍ ।
୩ ଲାଗିଂ ଏ ଟଣ୍ଡାର୍ ଆରି ତଣ୍ଡେକ୍, ଇମ୍‌ଣାକାରିଂ ଆସେଙ୍ଗ୍ ଇ କାମାୟ୍‌ତ ବାଚି କିଦେଙ୍ଗ୍ ଆଡ଼ନାସ୍, ଏପେଙ୍ଗ୍
ଡାକ୍‌ପୁଟାତାକାର୍ ଆରି ଜିବୁନ୍ ଆରି ଗିୟାନ୍ତ ପୁରା ସାତ୍ ଜାଣ୍‌ତିଂ ମି ବିତ୍ରେ ସାକି ହିନାକାରିଂ ବାଚି କିଜି ତିର୍ କିୟାଟ୍;
୪ ମାତର୍ ଆସେଙ୍ଗ୍ ପାର୍ତାନାତ ଆରି ବଚନ୍ ପର୍‌ଚାର୍ ହେବା କାମାୟ୍‌ତ ରଲାକେ ଲାଗା ଆଜି ମାନାସ୍ ।”
୫ ଇ କାତା ୱିଜୁ ମାନାୟାର୍ ନଞ୍ଜର୍‌ତ ହାର୍ ଚଞ୍ଜାନାତ୍, ଆରେ ହେୱାର୍ ପାତର୍ ଆରି ପୁଇପୁୟା ଜିବୁନ୍‌ତ ବାତର୍ ସ୍ତିପାନ୍
ତର୍‌ନି ରୱାନ୍ ମୁଣିକାଂ, ଆରେ ପିଲିପ୍, ପ୍ରକର, ନିକାନର୍, ତିମନ, ପାର୍ମନା ଆରି ପର୍ତୁମ୍ ଆନ୍ତିୟକିଆନି ପାତର୍ କିୱି ଜିହୁଦି
ନିକଲାୟ୍‌ତିଂ ବାଚି କିଜି,
୬ ପକ୍ୟାତାକାର୍‌ତି ମୁମ୍‌ଦ ଏକାତାର୍, ଆରେ ହେୱାର୍ ହେୱାର୍‌ତି କାପ୍‌ଡ଼ା ଜପି କେଇ ଇଡ଼୍‌ଜି ପାର୍ତାନା କିତାର୍ ।
୭ ଇଦାଂ ପାଚେ ଇସ୍ୱର୍‌ତି ବଚନ୍ ଆଦିକ୍ ମେଙ୍ଗ୍‌ତାଡ଼୍ ଆରେ ଜିରୁସାଲମ୍‌ତ ଚେଲାର୍ ଲମର୍ ବାଡାଦେଂ ଲାଗାତାତ୍;
ଆରେ, ମାପୁହେବାକିନାକାନ୍ ବିତ୍ରେତାଂ ବେସି ହେନି କ୍ରିସ୍ଟଙ୍ଗ୍ ପାତର୍ କିନାକାର୍ ଆତାର୍ ।

### ସ୍ତିପାନ୍ ବନ୍ଦି କିତାର୍

୮ ସ୍ତିପାନ୍ ଦୟା ଆରି ସାକ୍ତିତ ବାତର୍ ଆଜି ଲକୁ ବିତ୍ରେ ଗାଜା ଗାଜା କାବାନି କାମାୟ୍ ଆରି କାମାୟ୍ କିଦେଙ୍ଗ୍ ଲାଗାତାନ୍
।
୯ ମାତର୍ ଲିବତର୍ନ, କୁରିଣିୟ ଆରି ଆଲେକ୍‌ଜାଣ୍ଡ୍ରିୟ ଗାଡ଼୍‌କୁକାଂ ବାହା କିନାକାର୍ ତର୍‌ଦ ଡାକ୍‌ପୁଟା ଜିହୁଦିର୍‌ତି
ପାର୍ତାନା ଇଲ୍‌ନି କେତେ ଜାଣ୍, ଆରେ କିଲିକିୟା ଆରି ଆସିଆ ନିକାର୍ କେତେକ୍ ଲକୁ ନିଙ୍ଗ୍‌ଜି ସ୍ତିପାନ୍ ହୁଦାଂ କାତା ବାର୍ତା
କିଦେଙ୍ଗ୍ ଲାଗାତାର୍ ।
୧୦ ମତର୍ ହେୱାନ୍ ଇମ୍‌ଣି ଗିୟାନ୍ ଆରି ଜିବୁନ୍‌ତିଂ ସାକ୍ତିତ କାତା ଇଞ୍ଜି ମାଚାନ୍, ହେୱାର୍ ହେଦାଂ ବିରଦ୍ କିଦେଙ୍ଗ୍
ଆଡ଼୍‌ୱାତାର୍ ।
୧୧ ହେବେ ହେୱାର୍ ମାନାୟାର୍‌ରିଂ ଲାଞ୍ଜ୍ ହିଜି ପୁସ୍‌ରାୟ୍ କିତାର୍, ଆରେ ହେୱାର୍ ଇଚାର୍, “ଆପେଂ ଇଦାଂ ମସା ଆରି
ଇସ୍ୱର୍‌ତି ବିରୁଦ୍‌ତ ନିନ୍ଦା ବଚନ୍ ଇନାକା ୱେନାପା ।”
୧୨ ଆରେ, ହେୱାର୍ ମାନାୟାରିଂ, ଆରେ ପ୍ରାଚିନ୍ ଆରି ସାସ୍ତର୍ ଗୁରୁରିଂ ରିସା କିଜି ହେୱାନିଂ ମାଡିବହାତାର୍ ଆରି
ହେୱାନିଂ ବାଡ଼୍‌କାସ୍‌ତାଂ ଆଜି ଗାଜା ପଞ୍ଚାଦିତ ତାହିୱାତାର୍,
୧୩ ଆରେ ମିଚ୍ ସାକିରିଂ ନିଲି କିତାର୍; ହେୱାର୍ ଇଚାର୍, “ଇ ମାନାୟ୍” ଇ ପୁଇପୁୟା ବାହା ଆରି ମସାତି ବିଦି ବିରୁଦ୍‌ତ
ବଚନ୍ ଇଞ୍ଜେଙ୍ଗ୍ ଲାଗାତାନ୍,

୧୪ ଇନାକିଦେଂକି ନାଜରିତିୟ ହେ ଜିସୁ ଇ ମନ୍ଦିର୍ ସେସ୍ କିନାନ୍, ଆରେ ମସା ମାଂ ଇନା ଇନା ରିତିନିତି ହିଡ୍‌ତାନ୍ନା, ହେ
ସବୁ ବାଦ୍‌ଲାୟ୍ କିନାନ୍ ଇଞ୍ଜି ହେୱାନ୍ ଇନାକା ଆପେଂ ୱେଚାପ୍ନା ।
୧୫ ହେ ଏଚେୱେଡ଼ାଲିଂ ଗାଜା ପଞ୍ଚାଦିତ କୁଚ୍‌ଚି ମାନି ୱିଜାର୍ ତାଙ୍ଗ୍ ହୁଡ଼୍‌ଜି ସ୍ତିପାନ୍ ମୁମ୍ ବାଦାଡ଼୍‌ତ ଦୁତ୍‌ତି ମୁମ୍ ଲାକେ
ହୁଡ଼୍‌ତାର୍ ।

# ୭

## ସ୍ତିପାନ୍‌ତି ପର୍‌ଚାର୍

୧ ହେବେ ମୁଡ଼୍ ମାପୁହେବାକିନାକାନ୍ ୱେନ୍‌ବାତାନ୍, "ଇଦାଂ ୱିଜୁ ଦାବା ହାଡ୍‌ପା କି ?"
୨ ସ୍ତିପାନ୍ ଇଚାନ୍, "ଏ ଟଣ୍ଡାର୍ ଆରି ଆବାର୍, ୱେନାଟ୍ । ମା ଆବା ଅବ୍ରାହାମ୍ ହାରଣ୍ ଗାଡ଼୍‌ଦ ବାହା କିନି ଆଗେ
ଏଚେକାଡ଼୍‌ଦ ହେୱାନ୍ ମେସପଟାମିଆତ ଦେସ୍‌ତ ମାଚାନ୍, ହେ ଏଚେକାଡ଼୍‌ଦ ହେୱାନ୍ ଜାଜ୍‌ମାଲ୍‌ନି ଇସ୍ୱର୍ ହେୱାନିଂ
ଚଞ୍ଜ୍ୟା ଆଜି ଇଚାନ୍,
୩ ଏନ୍ ପାର୍ଡାନା ଜାର୍ ଦେସ୍‌ତାଂ ଆରି ଜାର୍ ୱାସ୍କିନିକାରିଂ ବିଟ୍ରେ ହସି ୱା, ଆରେ ଆପେଂ ନିଂ ଇମ୍‌ଣି ଦେସ୍ ଚଚ୍‌ଚାନାପ୍,
ହେ ଦେସ୍‌ତ ହାଲା ।"
୪ ହେବେ କଲ୍‌ଦିୟର୍ ଦେସ୍‌ତାଂ ହସି ହେୱାନ୍ ହାରଣ୍‌ତ ବାହା କିତାନ୍, ଆରେ ତା ଆବାତି ହାତି ପାଚେ, ହେବେତାଂ
ଏପେଙ୍ଗ୍ ନଙ୍ଗ୍ ଇମ୍‌ଣି ଦେସ୍‌ତ ବାହା କିତାଦେର୍‌ନା, ଇ ଦେସ୍‌ତିଂ ଇସ୍ୱର୍ ହେୱାନିଂ ତାସି ୱାତାନ୍,
୫ ଆରେ, ହେୱାନ୍ ହେୱାନିଂ ହେବେ ଇମ୍‌ଣାକା ପା ଆଦିକାର୍ ହିୱାତାନ୍, କି, ର ପାନା ଇଡ଼୍‌ଦେଂ ଅଲପ୍ ବୁମି ହିୱାତାନ୍,
ଆରେ ହେ ଏଚେକାଡ଼୍‌ଦ ଅବ୍ରାହାମ୍‌ତି ହିମ୍‌ଣାଂ ହିଲ୍‌ୱିତିସ୍ ପା ହେୱାନ୍ ହେୱାନିଂ ଆରି ହେୱାନ୍ତି ୱାନିବାର୍ହୁନି ଲାଡ୍ରାତିଂ
ହେଦାଂ ଆଦିକାର୍ କିଦେଙ୍ଗ୍ କାଜିଂ ହିନାଂ ଇଞ୍ଜି ପାର୍ମାଣ୍ କିତାନ୍ ।
୬ ଇସ୍ୱର୍ ଇ ଲାକେ ଇଚାନ୍, "ହେୱାନ୍ତି ଲାଡ୍ରା ବିଦେସ୍‌ତ ବାହା କିତାର୍ ଆରି ହେ ବାହାତ ଲକୁ ହେୱାରିଂ ଚାଲିସ୍ ବାର୍ହୁ
ପାତେକ୍ ଆଡ଼୍‌ୟାତ ଇଡ଼୍‌ଜି ହେୱାର୍ କାଜିଂ ଉଡ୍‌ପାଡ୍ କିତାର୍ ।
୭ ଆରେ, ଇସ୍ୱର୍ ଇଚାନ୍, ହେୱାର୍ ଇମ୍‌ଣି ଜାତିତ ହେବା କିନାକାନ୍ ଆନାନ୍, ଆନ୍ ତାତି ବିଚାର୍ କିନାଂ; ତା ପାଚେ
ହେୱାର୍ ହେ ଦେସ୍‌ତାଂ ହସି ୱାଜି ଇ ବାହାତ ମା ପାର୍ଡାନା କିତାର୍ ।"
୮ ଆରେ, ହେୱାନ୍ ହେୱାରିଂ ସୁନ୍ନତ୍ ନିୟମ୍ ହିତାନ୍, ଆରେ ତାହୁଦାଂ ଅବ୍ରାହାମ୍ ଇସ୍‌ହାକ୍‌ତିଂ ଜଲମ୍ ହିଜି ଆଟ୍ ଦିନ୍‌ତାଂ
ହେୱାନିଂ ସୁନ୍ନତ୍ କିତାନ୍; ଇସାହାକ୍ ଜାକୁବ୍‌ଙ୍ଗ୍, ଆରେ ଜାକୁବ୍‌ତି ବାର ଆବାଲାଡ୍ରାରିଂ ଜଲମ୍ ହିଜି ହେ ଲାକେ ସୁନ୍ନତ୍
କିତାନ୍ ।
୯ "ଜାକୁବତି ହିମ୍‌ଣାଂ ହେୱାର୍ ଟଣ୍ଡାର୍ ଜସେପ୍‌ତିଂ ଡାରା ଆଜି ମିସର୍‌ତ ଅନି କାଜିଂ ହେୱାନିଂ ପ୍ରତାର୍, ମତର୍ ଇସ୍ୱର୍
ହେୱାନ୍ ହୁଦାଂ ମାଚାନ୍,
୧୦ ଆରେ, ହେୱାନ୍ତି ସବୁ ଦୁକ୍‌ତାଂ ହେୱାନିଂ ଉଦାର୍ କିଜି ମିସର୍‌ନି ରାଜା ପାର ମୁମ୍‌ଦ ହେୱାନିଂ ଦୟା ଆରି ଗିୟାନ୍
ହିତାନ୍; ହେବେ ପାର ହେୱାନିଂ ମିସର ଆରି ଜାର୍‌ତି ୱିଜୁ ଇଲ୍‌କୁନି ସାସନ୍‌କାର୍‌ୟା ବାବ୍ରେ ବାଚି କିତାନ୍ ।
୧୧ ପାଚେ ସବୁ ମିସର୍ ଆରି କିଣାନ୍‌ତ କାତାର୍ ଆର୍‌ତାଡ୍, ଆରେ ବେସି ଦୁକ୍ ଗିଟାତାଡ୍, ଆରେ ମା ଆଗେନି ବୁଡ଼ାଲୁର୍
କାଦି ପାୟା ଆୱାତାର୍ ।
୧୨ ମାତର୍ ମିସର୍‌ତ କାଦି ମାନାଡ୍ ଇଞ୍ଜି ୱେନ୍‌ଞ୍ଜି, ଜାକୁବ୍ ତା ମେହିରିଂ ପର୍ତୁମ୍ ପକ୍‌ତାନ୍ ।
୧୩ ହେବେ ହେୱାର୍ ଆରେ, ରିହା ହାନି ୱାଡ଼ାଲିଂ ଜସେପ୍ ତା ଟଣ୍ଡାର୍ ଲାଗାଂ ଜାଣାଚିନା ଆତାନ୍, ଆରେ ପାର ଜସେପ୍‌ତି
ପାର୍ଡାନାନି ଜାଣାଚିନା ଆତାର୍ ।
୧୪ ତା ପାଚେ ଜସେପ୍ ତା ଲାଡ୍ରାହି ଜାକୁବ୍ ଆରି ତିନିକଡ଼ି ପନ୍ଦର ଜାଣ୍ ୱାସ୍କି ପାର୍ଡାନା ୱିଜାକାରିଂ କୁକିକିଦେଂ ମାନ୍
କିତାନ୍ ।
୧୫ ହେବେ ଜାକୁବ୍ ଆରେ ମିସର୍‌ତ ହାଚି ପାଚେ, ହେୱାନ୍ ନିଜେ ଆରି ମା ଆବା ଲାଡ୍ରାର୍ ହାତାର୍,
୧୬ ଆରେ, ହେୱାର୍ ହାତି ମଡ଼୍ ସିକିମ୍‌ତ ଅୟାଜି, ଅବ୍ରାହାମ୍ ହେବେ ହମର ହିମ୍‌ଣାୱାକ୍‌ଡ଼ା ତାଙ୍ଗ୍ ଇମ୍‌ଣି ଦୁଗେର୍ ରୁପା
ମଲ୍ ହିଜି କଡ଼୍‌ଜି ମାଚାନ୍, ହେବେ ମୁଚ୍‌ୟାତାନ୍ ।"
୧୭ "ମାତର୍ ଇସ୍ୱର୍ ଅବ୍ରାହାମ୍ ଲାଗେ ଇମ୍‌ଣି ପାର୍ମାଣ୍ କିଜି ମାଚାନ୍, ହେ ପାର୍ମାଣ୍ ପୁରା ଆନି ୱେଡ଼ାଲିଂ ଲାଗେ ଆତିଲେ,
ମା ଲକୁ ମିସର୍ ଦେସ୍‌ତ ବାଡାଜି ବେସି ଆଜି ନିଂତାର୍ ।
୧୮ ୱିସ୍ତି ପାଚେ ମିସର୍‌ତ ଆରେ ରୱାନ୍ ରାଜା ଆତାନ୍, ହେୱାନ୍ ଜସେପ୍‌ତିଂ ପୁନ୍‌ୱାଦାଂ ମାଚାନ୍ ।
୧୯ ହେୱାନ୍ ମା ଜାତି କାଜିଂ ଚକ୍‌ଲିଆ ଚିନ୍ତା କିତାନ୍, ଆରେ, ମା ଆବା ଲାଡ୍ରାର୍ ଇନେସ୍ ଜାର୍ ଜାର୍ ହିମ୍‌ଣାଂ ଜିଜି ମାନ୍‌ୱି
କାଜିଂ ବାର୍ତ ତୁହିନାନ୍ ।
୨୦ ହେ ସମୁତ ମସା ଜଲମ୍ ଆତାନ୍, ହେୱାନ୍ ଇସ୍ୱର୍‌ତି କାଣ୍‌କୁକାଂ ବେସି ହଲ୍‌ଜି ମାଚାନ୍ ଆରି ତିନି ମାସ୍ ପାତେକ୍ ତା
ଲାଡ୍ରାହି ଇଞ୍ଜ ପହାକିୟା ଆଜି ମାଚାନ୍ ।

୨୧ ପାଚେ ହେୱାନ୍ ଏଚେକାଡ଼୍ଦ ବାର୍‌ତ ତୁହିୟା ଆତାନ୍, ହେ ଏଚେକାଡ଼୍ଦ ପାରତି ଗାଡ଼୍‌ହି ହେୱାନିଂ ନିକ୍‌ଚି ଅଜି ତା ହିମ୍‌ଣା ଲାକେ ପହା କିତାତ୍ ।
୨୨ ଆରେ, ମସା ମିସରିୟର୍‌ତି ସବୁ ବିଦ୍ୟାତ ସିକିତ୍ ଆଜି ବଚନ୍ ଆରି କାମାୟ୍‌ତ ଜାଣାଚିନା ଆତାନ୍ ।
୨୩ ମସାତି ରିକଡ଼ି ବାର୍ହୁ ପୁରାନି ୱେଡ଼ାଲିଂ ତା ଟଣ୍ଡାର୍, ଇଚିସ୍ ଇସ୍ରାଏଲ୍ ହିମ୍‌ଣାକାଂ ହେବା କିନି କାଜିଂ ହେୱାନ୍ତି ମାନ୍ତ ଉବ୍‌ଜା ଆତାତ୍ ।
୨୪ ହେୱାର୍ ବିଟ୍ରେ ରକାନ୍ କାଜିଂ ରୱାନ୍ ମିସରିୟର୍ ଅନ୍ୟାୟ୍ କିଜି ମାନାକା ହୁଡ଼୍‌ଜି, ମସା ତା ରାକ୍ୟାକିଦେଂ ମିସରିୟ ରୱାନ୍ କାଜିଂ ପାର୍ମାଣ୍ ଅଜି ହେୱାନିଂ ଅସ୍ତାର୍ ।"
୨୫ ହେୱାନ୍ତି କେଇ ହୁଦାଂ ଇସ୍ୱର୍ ଜେ ହେୱାନ୍‌ତି ଟଣ୍ଡାର୍‌ରିଂ ମୁକ୍ତି କିନାନା, ଇଦାଂ ହେୱାର୍ ବୁଜାନାର୍ ଇଞ୍ଜି ହେୱାନ୍ ବାବି କିଜି ମାଚାନ୍, ମତର୍ ହେୱାର୍ ବୁଜାୱାତାର୍ ।
୨୬ ଆର୍କାତ୍ ନାଜିଂ ହେୱାନ୍ ରିୟାର୍ ଇସ୍ରାଏଲିୟରିଂ ଗଣ୍ଡଗଲ୍ କିଜି ମାନାକା ହୁଡ଼୍‌ତାନ୍ ଆରି ହେୱାର୍ ବିଟ୍ରେ ସୁସ୍ତା ମେହାୟ୍ କିଦେଙ୍ଗ୍ ସେସ୍ଟା କିତାନ୍ । ହେୱାନ୍ ଇଚାନ୍, "ୱେନାଟ୍, ଏପେଙ୍ଗ୍ ରିୟାଦେର୍‌ତ ଇସ୍ରାଏଲିୟ ଟଣ୍ଡାର୍ । ଇନେକିଦେଂ ଏଲେଙ୍ଗ୍ ଅନ୍ୟାୟ୍ କିନାଦେରା ?"
୨୭ ମାତର୍ ଇମ୍‌ଣି ପାଡ଼୍‌ହା ଇଞ୍ଜି କାଜିଂ ଅନ୍ୟାୟ୍ କିଜି ମାଚାନ୍, ହେୱାନ୍ ମସାଙ୍ଗ୍ ତିଗ୍‌ଜି ଇଚାନ୍, "ଇନେର୍ ନିଂ ମା ଜପି ମୁଣିକା ଆରି ବିଚାର୍‌କାର୍‌ୟା ଲାକେ ବାହି ହିଡ଼୍‌ତାନ୍ ?"
୨୮ "ନିହିଂ ଇନେସ୍ ହେ ମିସରିୟର୍‌ତିଂ ଅସ୍ତି ମାଚାୟ୍, ହେ ଲାକେ ନାଙ୍ଗ୍ ଅସ୍ତେଦେଂ ମାନ୍ କିଦ୍‌ନାୟା ?"
୨୯ ଇ କାତା ୱେନ୍‌ଞ୍ଜି ମସା ମିଦିୟନ୍ ଦେସ୍‌ତ ବାହା କିତାନ୍; ହେବେ ହେୱାନ୍ତି ରିଆର୍ ହିମ୍‌ଣାଂ ଜଲମ୍ ଆତାର୍ ।
୩୦ ପାଚେ "ରିକଡ଼ି ବାର୍ହୁ ବାର୍ତ ଆତିଲେ, ସିନୟ୍ ମାଡ଼ିନି ବାଟାତ ରୱାନ୍ ଇସ୍ୱର୍‌ତି ଦୁତ୍‌ର୍ ବୁଟାତ ନାଣିଅଜଡ଼୍‌ତ ହେୱାନିଂ ଚଞ୍ଜ୍ୟାତାନ୍ ।
୩୧ ମସା ହେଦାଂ ହୁଡ଼୍‌ଜି କାବା ଆତାନ୍, ଆରେ ହାର୍ ଲାକେ ହୁଡ଼୍‌ଦେଂ କାଜିଂ ଲାଗେ ହାନି ୱେଡ଼ାଲିଂ ମାପ୍ରୁତି ଇ କାତା ୱେଚାନ୍ ।"
୩୨ "ଆନ୍ ମି ବୁଡାଆକର୍ତ ଇସ୍ୱର୍, ଅବ୍ରାହାମ୍, ଇସ୍‌ହାକ୍ ଆରି ଜାକୁବ୍‌ତି ଇସ୍ୱର୍ । ହେବେ ମସା ଡ୍ରିଗ୍‌ଜି ହାର୍ ହୁଡ଼୍‌ଦେଂ ସାସ୍ କିୱାତାନ୍ ।"
୩୩ ତା ପାଚେ ମାପ୍ରୁ ହେୱାନିଂ ଇଚାନ୍, "ନି ପାନାତାଂ ପାଣ୍ଡାଇଙ୍ଗ୍ ଉନ୍ଦା, ଇନାକିଦେଂକି ଏନ୍ ଇମ୍‌ଣି ମେଦ୍‌ନିତ ନିଲ୍‌ତାୟ୍‌ନା, ହେଦାଂ ପୁଇପୁୟା ମେଦ୍‌ନି ।
୩୪ ମିସର୍‌ତ ମା ଇମ୍‌ଣି ଲକୁ ମାନାର୍, ଆପ୍ ହେୱାର୍‌ତି ଦୁକ୍ ହୁଡ଼୍‌ତାପ୍‌ନ୍ନା ଆରି ହେୱାର୍‌ତି ଆଡ଼ାକୁକା ୱେଚାପ୍‌ନ୍ନା, ଆରେ ହେୱାରିଂ ଉଦାର୍ କିନି କାଜିଂ ଜୁଡ଼୍‌ତାପ୍‌ନ୍ନା; ଆରେ ନଂ ୱା, ଆନ୍ ନିଂ ମିସର୍‌ତ ପକ୍ତାନାଂ ।"
୩୫ "ଇନେର୍ ନିଂ ମୁଡ଼୍‌ଦାକାନ୍ ଆରି ବିଚାର୍‌କାର୍‌ୟା ଲାକେ ବାଟି କିଡ଼୍‌ତାନ୍ ଇଞ୍ଜି ଇଞ୍ଜି ଇ ଇମ୍‌ଣି ମସାଙ୍ଗ୍ ହେୱାର୍ ମାନିକିୱାଦାଂ ମାଚାର୍, ହେୱାନିଂ ଇସ୍ୱର୍ ବୁଟାତ ଚଞ୍ଜ୍ୟା ଆଜି ଦୁତ୍‌ତି ଉପ୍‌କାର୍‌ତାଂ ସାସନ୍ ଆରି ଉଦାର୍‌କାର୍‌ୟା କିଜି ପକ୍‌ତାନ୍ ।
୩୬ ଇ ମୁଣିକା ମିସର୍ ଦେସ୍, ନେଟେର୍ ହାମ୍‌ଦୁର୍ ଆରି ରିକଡ଼ି ବାର୍ହୁ ପାଟେକ୍ ବାଟାତ ବାର୍‌ବିନି କାବାନି କାମାୟ୍ ଆରି ଚିନ୍‌କୁ ସାଦନ୍ କିଜି ହେୱାରିଂ ହପ୍‌ଚି ତାହିୱାତାନ୍ ।
୩୭ ମସା ନିଜେ ଇସ୍ରାଏଲ୍‌ନି ମାନାୟାରିଂ ଇଞ୍ଜି ମାଚାନ୍, ଇସ୍ୱର୍ ନାଂ ଇନେସ୍ ପକ୍ତାତାନ୍ ହେ ଲାକେ ମି ଲାଗାଂ ରୱାନ୍ ବେଣ୍‌ବାକ୍‌ଣାୟ୍‌କିନାକାର୍ ପକ୍ତାନାନ୍, ହେୱାନ୍ ମି ଜାର୍ ଟଣ୍ଡାର୍ ବିଟ୍ରେ ରୱାନ୍ ଆନାନ୍ ।"
୩୮ ଇ ମୁଣିକା ମଣ୍ଡଲି ବିଟ୍ରେ ମାନ୍‌ଞ୍ଜି ସିନୟ୍ ମାଡ଼ିତ ହେୱାନ୍ ହୁକେ କାତା ଇଞ୍ଜିମାଚି ଦୁତ୍‌ତି ଆରି ମା ଆକର୍ ବିଟ୍ରେ ମାଦ୍‌ଣାକାନ୍ ମାଚାନ୍; ହେୱାନ୍ ମିଙ୍ଗ୍ ଦାନ୍ କିଦ୍‌ଦେଂ କାଜିଂ ଜିଜି ମାନାକା ବଚନ୍ ପାୟାତାନ୍ ।
୩୯ "ମାଦାଂ ଆବାର୍‌ଲାଡ୍ରା ହେୱାର୍ ହେୱାନ୍ତି କାତା ମାନିକିୱାଦାଂ ହେୱାନିଂ ମାନ୍ କିୱାତାର୍, ଆରେ ଜାର୍ ଜାର୍ ମାନ୍ତ ମିସର୍ ଦେସ୍‌ତ ମାସ୍‌ଦି ହାଲ୍‌ଜି ହାରଣ୍ଙ୍ଗ୍ ଇଚାର୍,
୪୦ ହେଦାଂ ହେୱାର୍ ହାରଣ୍ଙ୍ଗ୍ ଇଚାର୍, ମା ଆଗେ ଆଗେ ହାନି କାଜିଂ ମା କାଜିଂ ପେନ୍‌କୁକାଂ ରଚା, ଇନାକିଦେଂକି ଇ ଇମ୍‌ଣି ମସା ମାଙ୍ଗେଙ୍ଗ୍ ମିସର୍ ଦେସ୍‌ତାଂ ହପ୍‌ଚି ତାଇୱାଡ଼୍‌ତାନ୍, ତା କାଜିଂ ଇନାକା ଗିଟାତାଡ଼୍‌ନ୍ନା, ହେଦାଂ ଆପେଂ ପୁନୁପ୍ ।"
୪୧ ଆରେ, ହେ ସମୁତ ହେୱାର୍ ର ବାଟି ରଚ୍‌ଚାର୍ ଆରି ହେ ପୁଡ଼୍‌ଡ଼ା ଇସାବ୍‌ରେ ପୁଜାକିଦେଙ୍ଗ୍ ଜାର୍ ଜାର୍ କେଇ ରଚ୍‌ଚି ଆଡ଼୍‌ମାଡ଼୍‌ତିଂ ବଜି କିଜି ୱାରି କିଦେଙ୍ଗ୍ ଲାଗାତାର୍ ।
୪୨ ମାତର୍ ଇସ୍ୱର୍ ମାସ୍‌ଦି ହେୱାରିଂ ବାଦାଡ଼୍‌ତ ହୁକାକାଂ ପାର୍ଥନା କିଦେଙ୍ଗ୍ ପିସ୍ତି ହିତାର୍, ଇନେସ୍ ବେଣ୍‌ବାକ୍‌ଣାୟ୍‌କିନାକାର୍ ପଟିତ ଲେକା ମାନାତ୍,
"ଏ ଇସ୍ରାଏଲ୍ ଲାଡ୍ରା !
ବାଟାତ ରିକଡ଼ି ବାର୍ହୁ ପାଟେକ୍,
ଏପେଙ୍ଗ୍ ମା କାଜିଂ ପସୁ ପୁଜା ଆରି ଆକାତ୍ କିୱାଦାଂ ମାଚାଦେର୍ ।

୪୩ ଲାଗିଂ ଏପେଙ୍ଗ୍ ପାର୍ତାନା କିନି କାଜିଂ ଇମ୍ଣି ପୁତ୍ଡ଼ାଂ ରଚ୍ଚି ମାଚାର୍,
ମଲକର୍ ତୁମ୍ ଆରି ରମ୍ପା ପେନ୍କୁନି ହୁକାତିଂ ଏପେଙ୍ଗ୍ ଅଜି ପୁଜା କିତାର୍ ।"
ଲାଗିଂ ଆପ୍ ବାବିଲନ୍ତ,
ଆନ୍ଟି ବାଗାଙ୍ଗ୍ ପକ୍ତାନାଙ୍ଗ୍ ।
୪୪ "ବାଟାତ ମା ଆଗେନି ଆବାର୍ଲାତ୍ରା ଲାହାଂ ଇସ୍ୱର୍ତି ମାନାକା ତାକେ ସାକି ତୁମ୍ ମାଚାତ୍ । ଇସ୍ୱର୍ ମସାଙ୍ଗ୍ ଇନେସ୍
ରଚ୍ଚି ୱେଚ୍ଚି ମାଚାନ୍ ଆରି ମସାଂ ଇମ୍ଣି ହାର୍ଦାକା ଚଚ୍ଚି ମାଚାନ୍, ଇଦାଂ ହେ ଲାକେ ରଚ୍ୟାଜି ମାଚାତ୍ ।
୪୫ ଆରେ, ମା ଆକର୍ ହେଦାଂ ଗାଟାଜି, ଇସ୍ୱର୍ ହେୱାର୍ ମୁମ୍ଦାଂ ଇମ୍ଣି ଜାତିରିଂ ହପ୍ଚି ତୁହିତାର୍, ହେ ଜାତିରିଂ
ଆଦିକାର୍ତ ହେୱାର୍ ଜିହସୁୟତି ଇଚି ହଣ୍ଜି ହେଦାଂ ଦାଉଦ୍ତି ୱେଡ଼ାଂ ପାତେକ୍ ଇଡ଼୍ତାନ୍ ।
୪୬ ହେୱାନ୍ ଇସ୍ୱର୍ କାଣ୍କୁତ ଦୟା ପାୟାଜି ଜାକୁବ୍ତି ଇସ୍ୱର୍ କାଜିଂ ର ଇଲ୍ ରଚ୍ନି କାଜିଂ ପାର୍ତାନା କିତାନ୍ ।
୪୭ ମାତର୍ ସଲମନ୍ ହେୱାନ୍ତି କାଜିଂ ର ମନ୍ଦିର୍ ଇଲ୍ ରଚ୍ଚାନ୍ ।"
୪୮ "ଆତିସ୍ପା ଇନେର୍ ସିଗ୍ଦାକାନ୍ ଇସ୍ୱର୍, ହେୱାନ୍ କେଇଦ ରଚ୍ଚି ଇଲ୍ ବାହା କିଉନ୍ ! ଇନେସ୍କି
ବେଣ୍ବାକ୍ଣାୟ୍କିନାକାର୍ ଲେକିକିତାନ୍ନା ।"
୪୯ ମାପ୍ରୁ ଇଚାନ୍ "ବାଦାଡ଼୍ତ ମା ଗାଦି,
ପୁତର୍ ମା ପାନା ତାରେନ୍, ମାପ୍ରୁ ଇଚାନ୍ନା,
ଏପେଙ୍ଗ୍ ମା କାଜିଂ ଇନେସ୍ବାନି ଇଲ୍ ରଚ୍ନାଦେର୍ ?
କି ମା ଜମ୍ନି ବାହା ଇମେତ୍ ?
୫୦ ମା କେଇ ଇନାକା ଇ ୱିଜୁ ବିସ୍ରେ ଉବ୍ଜାଣ୍ କିୱାତାଂନା ?"
୫୧ ସ୍ତିପାନ୍ ଆରେ ଇଚାନ୍ "ଏପେଙ୍ଗ୍ ଏଚେକ୍ ଅମାନ୍ୟା । ମି ମାନ୍ତ ଏଚେକ୍ ଅସୁନ୍ନତ୍ । ଇସ୍ୱର୍ତି ବଚନ୍ କାଜିଂ ଏପେଙ୍ଗ୍
ୱେନ୍ୱାକାଦେର୍ । ଏପେଙ୍ଗ୍ ସମାନ୍ ମି ଆଗେନି ଆବା ଲାତ୍ରା ଲାକେ; ଏପେଙ୍ଗ୍ ତାଇନାତ୍ ପୁଇପୁୟା ଜିବୁନ୍ତିଂ ବିରଦ୍
କିନାଦେରା ।
୫୨ ବେଣ୍ବାକ୍ଣାୟ୍କିନାକାର୍ ବିତ୍ରେ ଇନେରିଂ ମି ଆକର୍ କେତେୱାଦାଂ ମାଚାର୍ ? ଇନେର୍ ହେ ଦାମର୍ ମୁଣିକା ୱାନି
ବିସ୍ରେ ଆଗେତାଂ ୱେଚ୍ଚି ମାଚାର୍, ହେୱାରିଂ ହେୱାର୍ ଅସ୍ତାର୍; ନଙ୍ଗ୍ ଏପେଙ୍ଗ୍ ହେୱାନିଂ ସାତୁ କେଇଦ ହେଲାୟ୍ କିଜି
ଅସ୍ତାଦେର୍;
୫୩ ଏପେଙ୍ଗ୍ ଦୁତ୍ର୍ ହୁଦାଂ ଆଗେନି ବିଦିତାଂ ଗାଟାଜି ମାଚାଦେର୍, ମତର୍ ବିଦି ପାଲି କିୱାତାଦେର୍ ।"

## ସ୍ତିପାନ୍ତି ହାକି

୫୪ ଗାଜା ସବାନି ମାନାୟାର୍ ୱିଜୁ କାତା ୱେନ୍ଜି ହେୱାର୍ ମୁମ୍ରାତ୍ତାର୍, ଆରେ ହେୱାନ୍ କାଜିଂ ଟାଡାଙ୍ଗ୍ ରେତି
କିଦେଙ୍ଗ୍ ଲାଗାତାର୍ ।
୫୫ ମାତର୍ ହେୱାନ୍ ପୁଇପୁୟା ଜିବୁନ୍ତ ବାତର୍ ଆଜି ବାଦାଡ଼୍ତ ର କାଣ୍ଗାତ ହୁଡ଼୍ତାନ୍, ଆରି ଇସ୍ୱର୍ତିଂ ଜାକ୍ମାଲ୍
ଆରି ଜିସୁଙ୍ଗ୍ ଇସ୍ୱର୍ତି ବୁଜ୍ଣି ପାଡ଼୍କା ନିଲ୍ଚି ମାନାକା ହୁଡ଼୍ଜି ଇଚାର୍,
୫୬ ହେୱାନ୍ ଇଚାନ୍ "ହୁଡ଼ାଟ୍, ଆନ୍ ବାଦାଡ଼୍ତ ଜେୟାତି ଆରି ମାନାୟ୍ ମାଜିଙ୍ଗ୍ ଇସ୍ୱର୍ତି ବୁଜ୍ଣି ବାଗାଙ୍ଗ୍ ନିଲ୍ଚି ମାନାକା
ହୁଡ଼୍ନାଙ୍ଗା ।"
୫୭ ମତର୍ ହେୱାର୍ ଗାଜାକାଟ୍ତାଂ କିକିରାଡିଂ କିଜି ଜାର୍ ଜାର୍ କିତୁଲ୍ତିଂ ଗେସ୍ତାର୍, ଆରେ ପାଡ଼୍କାତାଙ୍ଗ୍ ଆଜି
ହେୱାନ୍ତି ଜପି ମାଡିବହା ଆତାର୍,
୫୮ ଆରେ, ହେୱାର୍ ହେୱାନିଂ ଗାଡ଼୍ଦାଂ ହପ୍ଚି କାଲ୍କୁ ଇଡ଼୍ଦେଂ ଲାଗାତାର୍; ଆରେ, ମିଚ୍ ସାକିର୍ ସାଉଲ୍ ଇନି ରୱାନ୍
ଦାଂଣେନ୍ତି ପାନା ଲାଗାୟ୍ ଜାର୍ ଜାର୍ ହେନ୍ଦ୍ରାଙ୍ଗ୍ ଇଡ଼୍ତାର୍ ।
୫୯ ହେୱାଡ଼ାଂ ହେୱାର୍ ସ୍ତିପାନ୍ତିଂ କାଲ୍କୁ ଇଡ଼୍ଜି ମାଚାର୍, ହେୱାଡ଼ାଂ ହେୱାନ୍ ପାର୍ତାନା କିଜି ଇଚାନ୍, "ଏ ମାପ୍ରୁ ଜିସୁ,
ନା ଜିବୁନ୍ତିଂ ଇଟା ।"
୬୦ ଆରେ, ହେୱାନ୍ ମେଣ୍ଡାଙ୍ଗ୍ କୁନ୍ଦିକିଜି ଗାଜାକାଟ୍ତାଂ କୁକ୍ଚି ଇଚାନ୍, "ଏ ମାପ୍ରୁ, ଇ ପାପ୍ ଇୱାର୍ ବିରୁଦ୍ତ ଗାଣା କିମା
।" ହେୱାନ୍ ଇଦାଂ କାଣ୍କୁ ଜୁଚ୍ଚି ହାତାନ୍ ।

# ୮

## ପାତର୍ କିନାର୍ ମଣ୍ଡଲି ଜପି ସାଉଲ୍ତି ନିନ୍ଦା

୧ ସାଉଲ୍ ହେୱାନ୍ତି ପାରାଣ୍ ନାସ୍ତ ରାଜି ମାଚାନ୍ । ସାଉଲ୍ ମଣ୍ଡଲି ଜପି ନିନ୍ଦା କିନାକା ।
ହେ ଦିନ୍ ଜିରୁସାଲମ୍ତ ମାନି ମଣ୍ଡଲି କାଜିଂ ବେସି ନିନ୍ଦା ଆଟାତ୍, ହେବେ ପକ୍ୟାତାକାର୍ତି ପିସ୍ତି ଆଦେକ୍ ୱିଜାକାର୍
ଜିହୁଦା ରାଜି ଆରି ସମିରଣ୍ ନିପ ଚାରିବେଣ୍ତାଂ ଚିନ୍ବିନ୍ ଆଜି ହାଚାର୍ ।
୨ ଆତିସ୍ପା କେତେ ଜାଣ୍ ହୁଦାର୍ ଲଗୁ ସ୍ତିପାନ୍ତିଂ କବର୍ ହିଜି ହେୱାନ୍ କାଜିଂ ବେସି ଦୁକ୍ କିତାର୍ ।

୩ ମତର୍ ସାଉଲ୍ ଇଲ୍‌କୁ ଇଲ୍‌କୁ ହଣ୍‌ଜି ଆଣ୍ତ୍ରାରିଂ ଆରି କଗ୍‌ଲେକାଂ ଜେଲ୍‌ଜି ତାହି ଜଇଲ୍ ଇଞ୍ଜ ହେଲାୟ୍ କିଜି ମ଼ଣ୍ତ୍ଲିତିଂ
ବୁଡାୟ୍ କିଦେଙ୍ଗ୍ ଲାଗାତାନ୍ ।

## ସମିରଣ୍‌ତ ନେକ୍ରିକାବୁର୍ ପର୍‌ଚାର୍

୪ ହେବେ ପାତର୍ଁ କିନାକାର୍ ଜେଡ଼େକେତେ ଆଜି ମ଼ାଚାର୍, ହେୱାର୍ ଚାରିବେଣ୍‌ତାଂ ବୁଲା ଆଜି ନ଼େକ୍ରିକାବୁର୍‌ନି ବଚନ୍
ସୁଣାୟ୍ କିଦେଙ୍ଗ୍ ଲାଗାତାର୍ ।
୫ ଆରେ, ପିଲିପ୍ ସମିରଣ୍‌ତ ମୁଡ଼୍‌ଗାଡ଼୍‌ଦ ହାଲ୍‌ଜି ମାନାୟାର୍ ଲାଗେ କ୍ରିସ୍ଟତି ନେକ୍ରିକାବୁର୍ ସୁଣାୟ୍ କିଦେଙ୍ଗ୍ ଲାଗାତାର୍
।
୬ ଆରେ, ମାନାୟାର୍ ପିଲିପ୍‌ତି କାତା ୱେନ୍‌ଞ୍ଜି ଆରି ହେୱାନ୍ତି କିତି କାବା କାମାୟ୍ ସବୁ ହୁଡ଼୍‌ଜି ରମାନ୍ତ ହେୱାନ୍ତି କାତା
ମାନ୍ ହିଜି ମ଼ାଚାର୍ ।
୭ ଇନାକିଦେଂକି ବାନ୍ୟା ଜିବୁନ୍ ବେସି ଲକୁତାଂ ହେ ଜିବୁନିଂ ଗାଜାକାଟ୍‌ତ କିକିରାଡିଂ କିଜି ହ଼ସି ୱାଦେଂ ଲାଗିତିକ୍; ଆରେ
ବେସି ହିର୍‌କୁଲ୍‌ରଗ୍ୟାର୍ ଆରି ଚଟାର୍ ଉଜ୍ ଆତାର୍ ।
୮ ହେବେ ଗାଡ଼୍‌ଦ ବେସି ୱାରିୟା ଆତାଡ୍ ।
୯ ମାତର୍ ସିମନ୍ ତର୍‌ନି ରକାନ୍ ମାନାୟ୍ ଇଦାଂ ଆଗେ ହେ ଗାଡ଼୍‌ଦ ଜତର୍ କାମାୟ୍ କିଜି ଜ଼ାର୍‌ତିଂ ରକାନ୍ ଗାଜା ମାନାୟ୍
ଇଞ୍ଜି ଇଞ୍ଜି ସମିରଣିୟ ଜାତିତିଂ କାବା କିଜି ମ଼ାଚାନ୍;
୧୦ ଇସ୍ୱର୍‌ତି "ଇମ୍‌ଣି ସାକ୍ତିତିଂ ଗାଜା ଇଞ୍ଜି ଇନ୍ୟାନାଡ୍, ହାରୁକାର୍‌ତାଂ ଗାଜା ପାଡେକ୍ ୱିଜାକାର୍ ଇୱାନ୍ ହେୱାନ୍ ଇଞ୍ଜି
ହେୱାନିଂ ମାନି କିଜି ମ଼ାଚାର୍ ।"
୧୧ ହେୱାର୍ ହେୱାନିଂ ମାନି କିନାକା ଇଦାଂ ଜେ, ହେୱାନ୍ ବେସି ଦିନ୍ ଆତାଡ୍ ଜାର୍ ଜତର୍ କାମାୟ୍ ହୁଦାଂ ହେୱାରିଂ
କାବା କିଜି ମ଼ାଚାନ୍ ।
୧୨ ମାତର୍ ପିଲିପ୍ ଇସ୍ୱର୍‌ତି ରାଜି ଆରି ଜିସୁ କ୍ରିସ୍ଟତି ତର୍ ବିସ୍ରେ ନେକ୍ରିକାବୁର୍ ସୁଣାୟ୍ କିତିଲେ ହେୱାର୍ ଏଚେକାଡ଼୍‌ଦ
ହେୱାନ୍ତି କାତାତ ପାତର୍ଁ କିତାର୍, ହେ ଏଚେକାଡ଼୍‌ଦ ଆଣ୍ତ୍ରାଙ୍ଗ୍ ଆରି କଗ୍‌ଲେକ୍ ୱିଜାର୍ ବାପ୍ତିସିମ୍ ଅଦେଂ ଲାଗାତାର୍ ।
୧୩ ଆରେ, ସିମନ୍ ନିଜେ ପା ପାତର୍ଁ କିଜି ବ଼ାପ୍ତିସିମ୍ ଅତାନ୍ ଆରି ପିଲିପ୍‌ତି ହାଙ୍ଗ୍ ହାଙ୍ଗ୍ ମାଚାନ୍, ଆରେ ବାର୍‌ବିନ୍ ଚିନ୍‌କୁ
ଆରି ଗାଜା ଗାଜା ସାକ୍ତିନି କାମାୟ୍ ହୁଡ଼୍‌ଜି କାବା ଆଦେଂ ଲାଗାତାନ୍ ।
୧୪ ସମିରଣିୟ ଲକୁ ଜେ ଇସ୍ୱର୍‌ତି ତର୍‌ଦାଂ ବଚନ୍ ମାନି କିତାର୍ଣ୍ଣା, ଇଦାଂ ଏଚେକାଡ଼୍‌ଦ ଜିରୁସାଲମ୍‌ତ ମାନି ପକ୍ୟାତାକାର୍
ୱେଚାର୍, ହେ ଏଚେକାଡ଼୍‌ଦ ହେୱାର୍ ପିତର୍ ଆରି ଜହନ୍‌ତିଂ ହେୱାର୍ ଲାଗେ ପକ୍ତାର୍ ।
୧୫ ହେୱାର୍ ହାଲ୍‌ଜି, ହେ ଲକୁ ଇନେସ୍ ପୁଇପୁୟା ଜିବୁନ୍ ପାୟାନାର୍, ଇଦାଂ କାଜିଂ ହେୱାର୍ କାଜିଂ ପାର୍ତାନା କିତାର୍,
୧୬ ଇନାକିଦେଂକି ଇ ପାଡେକ୍ ହେୱାନ୍ ହେୱାର୍ ବିଡ୍ରେ ଇନେର୍ ଜପି ପା ପୁଇପୁୟା ଜିବୁନ୍ ଜୁଦ୍‌ୱାଦାଂ ମାଚାଡ୍, କେବଲ୍
ହେୱାର୍ ମାପୁ ଜିସୁତି ତର୍‌ଦ ବାପ୍ତିସିମ୍ ଆଜି ମ଼ାଚାର୍ ।
୧୭ ହେ ଏଚେୱେଡ଼ାଲିଂ ପିତର୍ ଆରି ଜହନ୍ ହେୱାର୍ ହେୱାର୍‌ତି ଜପି କେଇ ହିତାନ୍, ଆରେ ହେୱାର୍ ପୁଇପୁୟା ଜିବୁନ୍
ଗାଟା ଆତାର୍ ।
୧୮ ପକ୍ୟାତାକାର୍‌ତି କେଇ ହିତି ହୁଦାଂ ଜିବୁନ୍ ୱାନାକା ହୁଡ଼୍‌ଜି, ସିମନ୍ ହେୱାରିଂ ଟାକାଂ ହିଜି ଇ଼ଚାନ୍,
୧୯ "ନାଙ୍ଗ୍ ପା ଇ ସାକ୍ତି ହିଦାଟ୍, ଇନେସ୍ ଆନ୍ ଇମ୍‌ଣାକାନ୍ ମାନାୟ୍ ତାରେନ୍ କେଇ ହିନାଙ୍ଗ୍, ହେୱାନ୍ ପୁଇପୁୟା ଜିବୁନ୍
ଗାଟାନାନ୍ ।"
୨୦ ମାତର୍ ପିତର୍ ହେୱାନିଂ ଇଚାନ୍, ନି ଟାକାଂ "ନି ହୁଦାଂ କର୍ଚ ଆୟେକ୍, ଇନାକିଦେଂକି ନି ଟାକାଂ ହୁଦାଂ ଇସ୍ୱର୍‌ତି ଦାନ୍
କଡ଼୍‌ଦେଂ ବାବି କିତାୟ୍ ।
୨୧ ଇ ବିସ୍ରେ, ନି ବାଗ୍ ହିଲୁଡ୍ କି ଆଦିକାର୍ ହିଲୁଡ୍, ଇନାକିଦେଂକି ଇସ୍ୱର୍‌ତି ମୁମ୍‌ଦ ନି ମାନ୍ତ ହୁଦାର୍ ଆକାୟ୍ ।
୨୨ ଲାଗିଂ, ନି ଇ ବାଡ଼୍‌ପାଣ୍‌ତାଂ ମାନ୍‌ବାଦ୍‌ଲାୟ୍ କିଜି ମ଼ାପୁତି ତାକେ ପାର୍ତାନା କିୟା, ଇନେସ୍ ଆତିସ୍‌ଚି ନି ମାନ୍ତ ହାନ୍ଦାୟ୍
କିନାକା କେମା ଆଦ୍‌ନାଡ୍ ।
୨୩ ଇନାକିଦେଂକି ନି ଅଦାମର୍ଁ ବିସ୍ରେ ବାତର୍ଁ ଆଜି ପ଼ାପ୍ ତାକେ ଗାଚ୍ୟା ଆତାଡ୍‌ନ୍ନା ଇଞ୍ଜି ଆନ୍ ହୁଡ଼୍‌ନାଙ୍ଗା ।"
୨୪ ହେବେ ସିମନ୍ ଜହନ୍ ଆରି ପିତର୍‌ତିଂ ଇଚାନ୍, ଏନ୍ ଇନାକା ଇନାକା ଇଞ୍ଜାୟ୍, ହେବେତାଂ ଇମ୍‌ଣାକା ପା ବିସ୍ରେ
ଇନେସ୍ ନା କାଜିଂ ପଡ଼ାମେଡ୍, ଇଦାଂ କାଜିଂ "ଏପେଙ୍ଗ୍ ନା କାଜିଂ ମାପୁତି ଲାଗେ ପାର୍ତାନା କିୟା ।"
୨୫ ଇ ବାନି ହେୱାର୍ ସାକି ହିଜି ଆ଼ରି ମାପୁତି ବଚନ୍ ଇଞ୍ଜି ସମିରଣିୟାର୍‌ତି ଆଦେକ୍ ନାସ୍‌କୁକାଂ ନେକ୍ରିକାବୁର୍ ସୁଣାୟ୍
କିଉ କିଉ ଜିରୁସାଲମ୍‌ତ ମାସ୍‌ଦି ହାଚାର୍ ।

## ପିଲିପି ଆରି ଇଟିଓପିଆ ବେଜୁର୍

୨୬ ପାଚେ ମାପୁତି ରୱାନ୍ ଦୁଡ୍ ପିଲିପ୍‌ତିଂ ଇଚାଡ୍, "ନିଙ୍ଗା, ବୁଜ୍‌ଣି ବାଗାଙ୍ଗ୍ ଇମ୍‌ଣି ହାଡ଼ାକ୍ ଜିରୁସାଲମ୍‌ତାଂ ଇଦାଂ ଗଜ୍ଜା
ନିପ ହାଲ୍‌ଜି ମାନା," ହେ ନିପ ହାଡ଼ାକ୍ତ ହାଲା । ହେଦାଂ ଚିମ୍‌ରା ବାହା ମାଚାଡ୍ । ନେଜେୱିଗା ଚିନ୍ତା କିୟାଆଉତା ।

୨୭ ହେବେତାଂ ହେୱାନ୍ ନିଂଜି ହାଚାନ୍ । ଆରେ ହୁଡ଼ାଟ୍, ଇତିଓପିଆ ଦେସିୟାତର୍ କଣ୍ଡାକି ତର୍‌ନି ରାଣିତି ତାରେନ୍ ରଙ୍ଜେଲ୍ ଗାଜା ପାଦ୍ ପାୟାତି ଇତିଓପିଆନି ବେଜୁ, ଇନେର୍ ତାଦେଲ୍‌ତି ୱିଜୁ ଦନ୍‌କଟିନି ସାସନ୍ କାର୍‌ୟା ମାଚାନ୍, ହେୱାନ୍ ପାର୍ତାନା କିନି କାଜିଂ ଜିରୁସାଲମ୍‌ତ ୱାଜି ମାଚାନ୍ ।
୨୮ ହେୱାନ୍ ମାସ୍‌ଦି ହାଲୁ ହାଲୁ ଜାର୍ ହାଗାଡ଼୍‌ତ କୁଚ୍‌ଚି ଜିସାୟ୍ ବେଣ୍‌ବାକ୍‌ଣାୟ୍‌କିନାକାର୍ ସାସ୍ତ୍ର ଗାଜାକାଟ୍‌ତାଂ ପଡ଼ି କିଜି ମାଚାର୍ ।
୨୯ ହେୱେଡ଼ାଂ ପୁଇପୁୟା ଜିବୁନ୍ ପିଲିପ୍‌ତିଂ ଇଚାଡ୍, "ଲାଗେ ହାଲ୍‌ଜି ଇ ଗାଗାଡ଼୍ ହୁଦାଂ ମାନା ।"
୩୦ ହେବେ ପିଲିପ୍ ହଞ୍ଜିହାଲ୍‌ଜି ହେୱାନ୍ ଜିସାୟ୍ ବେଣ୍‌ବାକ୍‌ଣାୟ୍‌କିନାକାର୍ ସାସ୍ତ୍ର ପଡ଼ି କିନାକା ୱେନ୍‌ଞ୍ଜି ୱେନ୍‌ବାତାନ୍, "ଏନ୍ ଇନାକା ପଡ଼ି କିନାୟା, ହେଦାଂ ଇନାକା ବୁଜାନାୟା ?"
୩୧ ହେୱାନ୍ ଇଚାନ୍, "ଇନେର୍ ନାଙ୍ଗ୍ ବୁଜାୟ୍ ହିଦ୍‌ୱିତିସ୍ ଆନ୍ ଇନେସ୍ ବୁଜାଦେଂ ଆଡ଼୍‌ନାଂ ?" ଆରେ, ହେୱାନ୍ ପିଲିପ୍ ଦୁମ୍‌ଜି ୱାଜି ତା କଚଣ୍‌ତ କୁଚ୍‌ଚେଙ୍ଗ୍ ଗୱାରି କିତାନ୍ ।
୩୨ ସାସ୍ତ୍ର‌ନି ଇମ୍‌ଣି ବାଗ୍ ହେୱାନ୍ ପଡ଼ି କିଜି ମାଚାନ୍,
ହେଦାଂ ଇଦାଂ, ହେୱାନ୍ ମେଣ୍ଢା ଲାକେ "ହାନି କାଜିଂ ଅୟାତାନ୍,
ଆରେ ତଲ୍ ଉନ୍ଦ୍‌ନି ମୁମ୍‌ଦ ମେଣ୍ଢାହିମ୍‌ଣା ଇନେସ୍ ପ୍ଡକ ମାନ୍‌ଗାନାଡ୍,
ହେ ଲାକେ ହେୱାନ୍ ତା ମୁମ୍ ଜେୟା ଆୱାତାନ୍ ।"
୩୩ ହେୱାନ୍ତି ଅପ୍‌ମାନ୍ ଆନିହିଙ୍ଗ୍ ହେୱାନ୍ତି ଡାଣ୍ଡ୍ ମାସ୍‌ଦି ହାଚାଡ୍ ।
ହେୱାନ୍ତି ଲାଡ୍ରା ଇନେର୍ ହାନ୍ଦାୟ୍ କିଦେଙ୍ଗ୍ ଆଡ଼୍‌ନାର୍ ?
ଇନେକିଦେଂକି ହେୱାନ୍ତି ଜିବୁନ୍‌ନି ପୁତର୍ତାଂ ମାସ୍‌ଦି ହାଚାଡ୍ ।
୩୪ ବେଜୁ ଉତର୍ ହିଜି ପିଲିପ୍‌ତିଂ ଇଚାନ୍, ଆନ୍ ନିଂ ପାର୍ତାନା କିଦ୍‌ନାଂ, "ବେଣ୍‌ବାକ୍‌ଣାୟ୍‌କିନାକାର୍ ଇନେର୍ ବିସ୍ରେ ଇ ବେରଣ୍ ଇଚାନ୍ନା ? ଜାର୍ ବିସ୍ରେ କି ଆରେ ଇନେର୍ ବିସ୍ରେ ?"
୩୫ ହେବେ ପିଲିପ୍ ୱେଇ ଜେସି ସାସ୍ତ୍ର ଇ ବଚନ୍‌ତାଂ ହାଂଜି ହେୱାନ୍ ତାକେ ଜିସୁତି ନେକ୍ରିକାବୁର୍ ପର୍‌ଚାର୍ କିତାର୍ ।
୩୬ ଆରେ, "ହେୱାର୍ ହାସ୍‌ଦ ହାଲୁ ହାଲୁ ର ଏଜୁଂ ମାନି ଲାଗେ ଏକାତାର୍; ହେବେ ବେଜୁ ଇଚାନ୍," ଇବେ ତ ଏଜୁଙ୍ଗ୍ ମାନିକ୍, ନା ବାପ୍ତିସିମ୍ ଆନି କାଜିଂ ଇନାକା ବାଦା ମାନାଡ୍ କି ?
୩୭ ପିଲିପିପ ଇଚାନ୍, ଏନ୍ ୱିଜୁ ୱାସ୍କି ହୁଦାଂ ଜଦି ପାତର୍ କିନାୟ୍, ତା ଆତିସ୍ ହେବେ ହେୱାନ୍ ଉତର୍ ହିତାନ୍, ଜିସୁ କ୍ରିସ୍ଟ ଜେ ଇସ୍ୱର୍‌ତି ମାଜି, ଇଦାଂ ଆନ୍ ପାତର୍ କିନାଙ୍ଗା ।*
୩୮ ଆରେ, ହେୱାନ୍ ଗାଗାଡ଼୍ ନିଲି କିଦେଙ୍ଗ୍ ବଲ୍ ହିତାନ୍, ଆରେ ପିଲିପିପ ଆରି ବେଜୁ ରିୟାର୍ ଏଜୁଙ୍ଗ୍ ବିତ୍ରେ ଜୁଜି ହାଚାର୍, ଆରେ ପିଲିପ୍ ହେୱାନିଂ ବାପ୍ତିସିମ୍ ହିତାନ୍ ।
୩୯ ହେୱାର୍ ଏଜୁଙ୍ଗ୍ ବିତ୍ରେତାଂ ନିଂଜି ୱାଜି, ମାପ୍ରୁତି ଜିବୁନ୍ ପିଲିପ୍‌ତିଂ ଅଜି ହାତାଡ୍, ଆରେ ବେଜୁ ହେୱାନିଂ ଆରେ ହୁଡ଼୍‌ୱାତାନ୍; ଆତିସ୍‌ପା ହେୱାନ୍ ୱାରି କିଉ କିଉ ଜାର୍ ହାସ୍‌ଦିଂ ହାଚାନ୍ ।
୪୦ ମାତର୍ ପିଲିପ୍ ଅସ୍‌ଦଦ୍ ତର୍‌ନି ଗାଡ଼୍‌ଦ ଚଞ୍ଜ୍ୟା ଆତାନ୍, ଆରେ ହେୱାନ୍ ହାଲୁ ହାଲୁ ଗାଡ଼୍‌ଦ ଗାଡ଼୍‌ଦ ନେକ୍ରିକାବୁର୍ ସୁଣାୟ୍ କିଜି କାଇସରିୟା ଦେସ୍‌ତ ହାଲ୍‌ଜି ଏକାତାର୍ ।

# ୯

## ସାଉଲ୍‌ତି ମାନ୍‌ବାଦ୍‌ଲାୟ୍ କିନାକା
(ପକ୍ୟାତାକା ୨୨:୬-୧୬; ୨୬:୧୨-୧୮)

୧ ମାତର୍ ସାଉଲ୍ ଇ ପାତେକ୍ ପା ମାପ୍ରୁତି ଚେଲାର୍ ବିରୁଦ୍‌ତ ପାଣ୍ଡ୍ରୁ ଆରି ପାରାଣ୍‌ନାସ୍ କାତା ଇଞ୍ଜି ମୁଡ଼୍ ମାପ୍ରୁହେବାକିନାକାନ୍ ଲାଗେ ହାଚାନ୍,
୨ ଆରେ, ଇ ହାଜିନି ଇମ୍‌ଣି ଆଣ୍ଡ୍ରେନ୍ କି କଗ୍‌ଲେକ୍ ଚଞ୍ଜ୍ୟା ଆତିସ୍, ହେୱାରିଂ ଇନେସ୍ ଗାଚ୍‌ଚି ଜିରୁସାଲମ୍‌ତ ତାତେଙ୍ଗ୍ ଆଡ଼୍‌ନାନ୍, ଇଦାଂ କାଜିଂ ଦମ୍ମେସକ୍‌ନି ୱିଜୁ ପାର୍ତାନା ଇଲ୍ ଲାଗେ ହେୱାନ୍‌ତାଂ ଆକି ଏନ୍ତାର୍ ।
୩ ପାଚେ ହେୱାନ୍ ହାଲୁ ହାଲୁ ଦମ୍ମେସକ୍‌ନି ଲାଗାୟ୍ ଆତିଲେ, ହାଚାଟ୍ରେ ବାଦାଡ଼୍‌ତାଂ ଅଜଡ଼୍ ହେୱାନ୍ ଚାରିବେଣ୍‌ତିଂ ତ୍ରିପ୍‌କି ନିଂତାଡ୍ ।
୪ ହେବେ ହେୱାନ୍ ମେଦ୍‌ନିତ ଗୁର୍‌ଜି ହେୱାନ୍ କାଜିଂ ଇ କାଟ୍ ୱେଚାନ୍, "ଏ ସାଉଲ୍, ଏ ସାଉଲ୍, ଇନାକିଦେଂ ନାଙ୍ଗ୍ ନିନ୍ଦା କିଦ୍‌ନାୟା ?"
୫ ହେୱାନ୍ ଇଚାନ୍, "ଏ ମାପ୍ରୁ, ଏନ୍ ଇମ୍‌ଣାକାୟ୍ ?"
ଆରେ ହେୱାନ୍ ଇଚାନ୍, ଇନେରିଂ ଏନ୍ ନିନ୍ଦା କିଦ୍‌ନାୟା ହେୱାନ୍ ଆନ୍ ହେ ଜିସୁ ?
୬ "ମାତର୍ ନିଙ୍ଗା, ଗାଡ଼୍‌ଦ ହଣ୍‌ଗା, ଆରେ ନିଂ ଇନାକା କିଦେଙ୍ଗ୍ ଆନାଡ୍, ହେଦାଂ ୱେଚ୍‌ୟାନାଡ୍ ।"

* ୮:୩୭ ଏପେଙ୍ଗ୍ ଜଦି ମାନ୍ତ ପାତର୍ କିନାଦେର୍ ତା ଆତିସ୍ ଏଜୁଡ଼ାଂ ବାପ୍ତିସିମ୍ ଅଦେଂ ଆଡ଼୍‌ନାଦେର୍ ।

୭ ଇମ୍ଣି ଲକୁ ହେୱାନ୍ ହୁକେ ହାଲ୍ଜି ମାଚାର୍, ହେୱାର୍ ହେ ଗାର୍ଜାନ୍ ଆନାକା ୱେନ୍ଞ୍ଜି ଇନେରିଂ ହୁଡ଼୍ୱିତିଲେ କାବା
ଆଜି ନିଲ୍ଚି ମାଚାର୍ ।
୮ ଆରେ, ସାଉଲ୍ ମେଦ୍ନିତାଂ ନିଙ୍ଗ୍ଜି ଏଚେକାଡ଼୍ଦ ଜାର୍ କାଣ୍କୁ ମେସ୍ତାନ୍, ହେ ଏଚେକାଡ଼୍ଦ ହେୱାନ୍ ମୁଡ଼େ
ହୁଡ଼୍ଦେଂ ଆଡ଼୍ୱାତାନ୍ । ଲାଗିଂ ହେୱାର୍ ସାଉଲ୍ତି କେଇ ଆଜି ହେୱାନିଂ ଦମ୍ମେସକ୍ତ ଅତାର୍ ।
୯ ଆରେ, ହେୱାନ୍ ତିନି ଦିନ୍ ପାତେକ୍ କାଣା ଆଜି ମାଚାନ୍, ଆରେ ହେ ସମୁତ ହେୱାନ୍ ମୁଡ଼େ ତିନ୍ୱାତାନ୍ କି
ଉଣ୍ୱାତାନ୍ ।
୧୦ ଦମ୍ମେସକ୍ତ ହନନିୟ ତର୍ନି କ୍ରିସ୍ଟତି ଚେଲା ମାଚାନ୍, ମାପ୍ରୁ ହେୱାନିଂ ଚଞ୍ଜ୍ୟା ଆଜି ଇଚାନ୍, “ହନନିୟ ।”
“ହେୱାନ୍ ଇଚାନ୍, ଏ ମାପ୍ରୁ, ଇଚାନ୍ ।”
୧୧ ହେବେଣ୍ତାଂ ମାପ୍ରୁ ହେୱାନିଂ ଇଚାନ୍, “ନିଙ୍ଗା, ହାଣ୍କୁ ତର୍ନି ହାଜିତ୍ ହାଲ୍ଜି ଜିହୁଦା ଇଞ୍ଜ ତାର୍ସ ଗାଡ଼୍ନି ସାଉଲ୍ ତର୍ନି
ରୱାନ୍ ମୁଣିକାତିଂ ଆନ୍ମାନ୍ କିୟା; ହେୱାନ୍ ପାର୍ତାନା କିନାନା;
୧୨ ଆରେ, ହେୱାନ୍ ଇନେସ୍ ନଂଜର୍ ଗାଟାନାନ୍, ଇଦାଂ କାଜିଂ ହନନିୟ ତର୍ନି ରୱାନ୍ ମାନାୟ୍ ୱାଜି ହେୱାନ୍ ଜପି
କେଇ ହିଡ୍ତାନ୍ ଇଞ୍ଜି କେଚ୍କଣ୍ ହୁଡ଼୍ତାନ୍ନା ।”
୧୩ ମାତର୍ ହନନିୟ ଉତର୍ ହିତାନ୍, “ମାପ୍ରୁ ଜିରୁସାଲମ୍ତ ମି ପୁଇପୁୟାର୍ କାଜିଂ ଇ ମାନାୟ୍ ଜେ ଏଚେକ୍ ବିଦ୍ବାଦ୍
କିତାନ୍ନା, ହେଦାଂ ଆନ୍ ଆଦେକ୍ତାଂ ଇ ମାନାୟ୍ ବିସ୍ରେ ୱେଚାଙ୍ଗ୍ନା ।
୧୪ ଆରେ, ଇ ବାହାତ ଏଚେକ୍ ଲଗୁ ନି ତର୍ଦ ପାର୍ତାନା କିନାରା, ହେୱାରିଂ ଗାଚ୍ନି କାଜିଂ ହେୱାନ୍ ମୁଡ଼୍
ମାପ୍ରୁହେବାକିନାକାନ୍ ତାରେନ୍ତାଂ ଆଦିକାର୍ ଗାଟାତାନ୍ନା ।”
୧୫ ମାତର୍ ମାପ୍ରୁ ହେୱାନିଂ ଇଚାନ୍, “ହାଲା, ଇନାକିଦେଂକି ହେୱାନ୍ ପାତର୍ କିୱି ଜିହୁଦି, ରାଜା ଆରି ୱିଜାର୍ ଇସ୍ରାଏଲ୍ନି
ହିମ୍ଣାଂ ମୁମ୍ଦ ମା ତର୍ ପିଣ୍ତିନି କାଜିଂ ମା ରୱାନ୍ ବାଚିକିତି ଲଗୁ;
୧୬ ଲାଗିଂ ନା ତର୍ କାଜିଂ ହେୱାନିଂ ଜେ ବେସି ଦୁକ୍ ବଗ୍ କିଦେଙ୍ଗ୍ ଆନାଡ଼୍, ହେଦାଂ ଆନ୍ ନିଜେ ତାଙ୍ଗ୍ ୱେଚ୍ନାଙ୍ଗ୍ ।”
୧୭ ହେବେଣ୍ତାଂ ହନନିୟ ହାଲ୍ଜି ହେ ଇଞ୍ଜ ହଣ୍ଗାତାନ୍, ଆରେ ହେୱାନ୍ତି ଜପି କେଇ ହିଜି ଇଚାନ୍, “ସାଉଲ୍ ଟଣ୍ତେନ୍,”
ମାପ୍ରୁ, ଇଚିସ୍ ଇମ୍ଣି ଜିସୁ ନି ୱାନି ହାସ୍ଦ ନିଂ ଚଞ୍ଜ୍ୟାତାନ୍, ଏନ୍ ଇନେସ୍ ହୁଡ଼୍ଦେଂ ଆଡ଼୍ନାୟ୍ ଆରି ପୁଇପୁୟା ଜିବୁନ୍ତ
ପୁରା ଆ, ଇଦାଂ କାଜିଂ ହେୱାନ୍ ନାଙ୍ଗ୍ ପକ୍ତାତାନ୍ନା ।
୧୮ ହେ ଦାପ୍ରେ ସାଉଲ୍ତି କାଣ୍ଗାତାଂ ମିନ୍ ପାଡ଼ିଂ ଲାକେ ଇନାକା ହଡ୍ତାଡ଼୍ ଆରି ହେୱାନ୍ ହୁଡ଼୍ତାନ୍; ଆରେ, ହେୱାନ୍
ନିଙ୍ଗ୍ଜି ବାପ୍ତିସିମ୍ ଅତାନ୍,
୧୯ ଆରେ ହେୱାନ୍ ତିନ୍ଞ୍ଜି ବାଡ଼୍କାସ୍ ଆତାନ୍ । ଇଦାଂ ପାଚେ ହେୱାନ୍ ଦମ୍ମେସକ୍ତ ମାନି ଚେଲାର୍ ହୁକେ କେତେକ୍
ଦିନ୍ ମାଚାନ୍ ।

## ଦାମେସକସ୍ତ ସାଉଲ୍ତି ପର୍ଚାର୍

୨୦ ଆରେ, ଜିସୁ ଜେ ଇସ୍ୱର୍ତି ମାଜି, ଇଦାଂ ହେୱାନ୍ ମାଲାୱାଦାଂ କୁଟୁମ୍ ଇଞ୍ଜ ଲାଗାଂ ସୁଣାୟ୍ କିଦେଙ୍ଗ୍ ଲାଗାତାନ୍ ।
୨୧ ଆରେ, ଇମ୍ଣାକାର୍ ହେୱାନ୍ତି କାତା ୱେଚାର୍, ହେୱାର୍ ୱିଜାକାର୍ କାବା ଆଜି ଇଞ୍ଜେଙ୍ଗ୍ ଲାଗାତାର୍, ଇ ତର୍
ଆଜି ପାର୍ତାନା କିନି ମାନାୟାର୍ତିଂ ଜେ “ଜିରୁସାଲମ୍ତ ଦାଣ୍ଡ ହିଜି ମାଚାନ୍, ଆରେ ଇନେସ୍ ହେୱାରିଂ ଗାଚ୍ଚି ମୁଡ଼୍
ମାପ୍ରୁହେବାକିନାକାନ୍ ଲାଗେ ଅଦେଂ ଆଡ଼୍ନାନ୍, ହେ କାମାୟ୍ତିଂ ଇ ବାହାତ ୱାଜି ମାଚାନ୍, ଇୱାନ୍ କି ହେୱାନ୍ ଆକାୟ୍
?”
୨୨ ମାତର୍ ସାଉଲ୍ ବେସି ହଟ୍ ସାକ୍ତିତାଂ ନିଙ୍ଗ୍ତାନ୍, ଆରେ ଇୱାନ୍ ଜେ କ୍ରିସ୍ଟ, ଇଦାଂ ପାର୍ମାଣ୍ କିଜି ଦମ୍ମେସକ୍ ନିକାରିଂ
ଜିହୁଦିରିଂ ଉତର୍ ହିଦେଂ ଆଡ଼୍ୱାତାର୍ ।
୨୩ ✡ବେସି ଦିନ୍ ହାଚି ପାଚେ ଜିହୁଦିର୍ ସାଉଲ୍ତିଂ ଅହ୍ନି କାଜିଂ ହୁତୁର୍ କିତାର୍;
୨୪ ଆତାର୍ ହେୱାର୍ତି ଗାଣ୍କୁ ସାଉଲ୍ତି କିତୁଲ୍ତ ୱାତାଡ଼୍ । ଆରେ, ହେୱାର୍ ଇନେସ୍ ତାଙ୍ଗ୍ ଅସ୍ତେଙ୍ଗ୍ ଆଡ଼୍ନାର୍,
ଇଦାଂ କାଜିଂ ୱେଡ଼ାନାଣା ପା ଗାଡ଼୍ନି ଦୁୱେର୍ତ ସବୁ କାସି ମାନ୍ବାତାର୍,
୨୫ ମାତର୍ ହେୱାନ୍ତି ଚେଲାର୍ ନାଣାଲିଂ ତାଙ୍ଗ୍ ଅଜି ର ଟପାତ କୁୱାଡ଼୍ ହିଜି ତାରେନ୍ ଜୁତ୍ତାର୍ ।

## ଜିରୁସାଲମ୍ତ ସାଉଲ୍

୨୬ ପାଚେ ହେୱାନ୍ ଜିରୁସାଲମ୍ତ ହାଲ୍ଜି ଚେଲାର୍ ହୁକେ ମିହାଦେଂ ସେସ୍ଟା କିଜି ମାଚାନ୍; ମତର୍ ହେୱାନ୍ ଜେ ରୱାନ୍
ଚେଲା, ଇଦାଂ ପାତର୍ କିୱାଦାଂ ୱିଜାକାର୍ ତାଙ୍ଗ୍ ପାଣ୍ତାଜି ମାଚାର୍ ।
୨୭ ମାତର୍ ବର୍ଣ୍ଣବା ତାଙ୍ଗ୍ ରଚେ ଅଜି ପକ୍ୟାତାକାର୍ତି ଲାଗେ ତାହିୱାତାନ୍, ଆରେ ହାସ୍ଦ ହେୱାନ୍ ଇନେସ୍ ମାପ୍ରୁତି
ଚଞ୍ଜ୍ୟାତାକା ଆରି ହେୱାନ୍ ଜେ ହେୱାନ୍ ହୁକେ କାତାବାର୍ତା କିଜି ମାଚାନ୍, ଆରେ ଇନେସ୍ବାନି ହେୱାନ୍ ଦମ୍ମେସକ୍ତ
ଜିସୁତି ତର୍ଦ ସାସ୍ତାଂ ପର୍ଚାର୍ କିଜି ମାଚାନ୍, ଇ ସବୁ ହେୱାନ୍ ହେୱାର୍ତି ଲାଗେ ବାକ୍ଣାୟ୍ କିତାନ୍ ।

✡ **୯:୨୩** ୨କରନ୍ତିୟ ୧୧:୩୨,୩୩.

୨୮ ଆରେ, ସାଉଲ୍ ପକ୍ୟାତାକାର୍ ଲାହାଂ ମାଚାନ୍ ଆରି ୱିଜୁ ଜିରୁସାଲମ୍ତ ଚାର୍‌ବେଣ୍‌ତାଂ ହାଲ୍‌ଜି ସାସ୍ ଲାହାଂ ମାପ୍ରୁତି
ତର୍ ବିସ୍ରେ ପର୍‌ଚାର୍ କିତାର୍
୨୯ ମାପ୍ରୁତି ତର୍ ସାସ୍ ହୁକେ ପର୍‌ଚାର୍ କିଦେଙ୍ଗ୍ ଲାଗାତାନ୍, ଆରେ ହେୱାନ୍ ଗ୍ରିକ୍ ବେଣ୍‌ନିକାର୍ ଜିହୁଦିର୍ ହୁକେ
କାତାବାର୍ତା ଆରି ବେଣ୍‌ବାଟ୍ କିଜି ମାଚାନ୍, ମତର୍ ହେୱାର୍ ତାଙ୍ଗ୍ ଅସ୍ରେଙ୍ଗ୍ କାଜିଂ ସେସ୍ଟା କିଦେଙ୍ଗ୍ ଲାଗାତାର୍ ।
୩୦ ହେଦାଂ ପୁଞ୍ଜେଙ୍ଗ୍ ଆଡ୍‌ଡ଼ିଲେ ପାତର୍ କିନି ଟଣ୍ଡାର୍ ତାଙ୍ଗ୍ କାଇସରିୟାତ ଅଜି ହାଲ୍‌ଜି ତାର୍ସତ ପକ୍‌ଚିତୁହିତାର୍ ।
୩୧ ଇ ବାନି ସାର୍ତେ ଜିହୁଦା ରାଜିତ, ଗାଲିଲି ଆରି ସମିରଣ୍‌ତ ମଣ୍ଡ୍‌ଲି ସାସ୍‌ନି ବାଲ୍‌ବଲାୟ୍ ପାୟାଜି ଆରି ମାପ୍ରୁତି ପାଣ୍ଡ୍ରୁ
ବେବାର୍ କିଜି ସୁସ୍ତା ବଗି କିତାର୍, ଆରେ ପୁଇପୁୟା ଜିବୁନ୍ ଉପ୍‌କାର୍‌ତାଂ ବାଡାଦେଂ ଲାଗାତାର୍ ।

## ଲୁଦ ଆରି ଜପ୍‌ପାତ ପିତର୍

୩୨ ନଙ୍ଗ୍ ପିତର୍ ସବୁ ନିପ ବୁଲାଆଜି ଲୁଦନିକାର୍ ପୁଇପୁୟାର୍ ଲାଗେ ପା ୱାତାର୍ ।
୩୩ ହେ ବାହାତ ହେୱାନ୍ ଏନିୟ ତର୍‌ନି ରୱାନିଂ ହୁଡ଼୍‌ତାନ୍, ହେୱାନ୍ ଆଟ୍ ବାର୍ହ ପାତେକ୍ କାଟେଲ୍‌ତ ହୁଞ୍ଜି ମାଚାନ୍;
ତାଙ୍ଗ୍ ହିର୍‌କଲ୍ ଆଜି ମାଚାଡ୍ ।
୩୪ ପିତର୍ ହେୱାନିଂ ଇଚାନ୍, "ଏନିୟ, ଜିସୁ କ୍ରିସ୍ଟ ନିଂ ଉଜ୍ କିଡ୍‌ତାନ୍‌ନା; ନିଙ୍ଗା, ନି ଟାଟି ଜାଲ୍‌ଦି କିୟା । ହେବେ ହେୱାନ୍
ଦାପ୍ରେ ନିଙ୍ଗ୍‌ତାନ୍ ।"
୩୫ ଆରେ, ଲୁଦ ଆରି ସାରଣନିକାର୍ ୱିଜାର୍ ତାଙ୍ଗ୍ ହୁଡ଼୍‌ଜି ମାପ୍ରୁନିପ ଲେଉଟାତାର୍ ।
୩୬ ଜାପତ ଟାବିତା ତର୍‌ନି ରଞ୍ଜେଲ୍ ଆଡ୍‌ୟାଣି ମାଚାଡ୍, ତାଦାଂ ଗ୍ରିକ୍ ତର୍ ଅରତ୍ ଦର୍କା । ଇଚିସ୍ "ହରିଣି" ମାଚାଡ୍,
ହେଦେଲ୍ ତା ସବୁ ସମୁ ହାର୍‌ଦି କାମାୟ୍‌ତ ଆରି ହିଲ୍‌ୱାକାରିଂ ହେବା କିଜି ମାଚାଡ୍ ।
୩୭ ହେୱେଡ଼ାଲିଂ ହେଦେଲ୍ ବେମାର୍ ଆଜି ପାରାଣ୍ ପିସ୍ତାଡ୍, ହେବେ ହେୱାର୍ ତାଙ୍ଗ୍ ଇଡ୍‌ପିସ୍ ଜପ୍‌ଣି ବାକ୍ରାତ
ହୁଚ୍‌ପାତାର୍ ।
୩୮ ଆରେ, ଲୁଦ ଜାପନି ଲାଗେ ମାଚିଲେ ଚେଲାର୍ ପିତର୍ ଲୁଦତ ମାନାନ୍ ଇଞ୍ଜି ୱେନ୍‌ଞ୍ଜି, "ରିୟାର୍ ମାନାୟ୍‌ତିଂ ହେୱାନ୍
ଲାଗେ ପକ୍‌ଚି ଇଦାଂ ଗୱାରି କିତାର୍, ମା ଲାଗେ ବେଗି ୱା ।"
୩୯ ଲାଗିଂ ପିତର୍ ନିଙ୍ଗ୍‌ଜି ହେୱାର୍ ହୁକେ ହାଚାନ୍ । ହେୱାନ୍ ୱାତିଲେ, ହେୱାର୍ ହେଦେଲିଂ ହେ ଜପ୍‌ଣି ବାକ୍ରାତ ଅଜି
ହାଚାର୍, ଆରେ ରାଣ୍ଡିକ୍ ୱିଜେକ୍‌କ୍ ତାଙ୍ଗ୍ ହେଦେଲିଂ ବେଡ଼ି କିଜି ଆଡ୍‌ବିସ୍ ଆଡ୍‌ବିସ୍ ଦର୍କା ହେୱାର୍ ହୁକେ ମାନି ୱେଡ଼ାଲିଂ
ଇମ୍‌ଣି ସବୁ ଆଙ୍ଗି ଆରି ହେନ୍ଦ୍ରାଙ୍ଗ୍ ରଚ୍‌ଚି ମାଚାର୍, ହେ ସବୁ ଚଚ୍‌ଚେଂ ଲାଗିତିକ୍ ।
୪୦ ମାତର୍, ପିତର୍ ୱିଜାରିଂ ହପ୍‌ଚି ମେଣ୍ଡ୍ରାଙ୍ଗ୍ କୁନ୍ଦିକିଜି ପାର୍ତାନା କିତାନ୍, ଆରେ ହାତି ଗାଗାଡ୍ ନିପ ମାସ୍‌ଦି ଇଚାନ୍,
"ଟାବିତା, ନିଙ୍ଗା ।" ହେବେ ହେଦେଲ୍ କାଣ୍‌କୁ ମେଲା କିତାଡ୍, ଆରେ ପିତର୍‌ତିଂ ହୁଡ଼୍‌ଜି ନିଂଜି କୁଚ୍‌ଚାଡ୍ ।
୪୧ ଆରେ, ହେୱାନ୍ କେଇ ଲାମାୟ୍ କିଜି ହେଦେଲିଂ ନିକ୍‌ତାନ୍ ଆରି ସାଦୁରିଂ ଆରି ରାଣ୍ଡିକାଂ କୁକ୍‌ଚି ହେଦେଲିଂ ଜିଜି
ମାନାକା ଚଚ୍‌ଚାନ୍
୪୨ ଇ କାତା ଜାପତ ସବୁନିପ ଜାଣାତାଡ୍ ଆରି ଆଦେକ୍ ମାପ୍ରୁ ତାକେ ପାତର୍ କିତାର୍ ।
୪୩ ଆରେ, ପିତର୍ ବେସି ଦିନ୍ ଜାପତ ସିମନ୍ ତର୍‌ନି ରୱାନ୍ ତଲ୍ ରଚ୍‌ନାକାନ୍ ଇଞ୍ଜ ବାହା କିତାନ୍ ।

# ୧୦

## ପିତର୍ ଆରି କର୍ଣ୍ଣେଲିୟ

୧ କାଇସରିୟା ଲକ୍ କର୍ଣ୍ଣେଲିୟ ତର୍‌ନି ରୱାନ୍ ମୁଣିକା ମାଚାନ୍, ହେୱାନ୍ "ଇତାଲିକ ତର୍‌ନି ମେଲ୍ୟାତର୍ ରୱାନ୍
ପାଞ୍ଜ୍‌କଡ଼ି ମୁଡ଼୍‌ମେଲ୍ୟାର୍ ମାଚାନ୍ ।"
୨ ହେୱାନ୍ ରୱାନ୍ ହୁଦାର୍, ଆରେ ଇଞ୍ଜିବାହାଁୟ୍ ଇସ୍ୱର୍‌ତିଂ ପାଣ୍ଡ୍ରାଜି ମାଚାର୍ । ହେୱାନ୍ ଜିହୁଦି ଗରିବରିଂ ବେସି ଦାନ୍
ହିଜି ମାଚାନ୍, ଆରେ ତାଇନାଡ୍ ଇସ୍ୱର୍‌ତି ଲାଗେ ପାର୍ତାନା କିଜି ମାଚାର୍ ।
୩ ଦିନେକ୍ ମିକାହାରେସ୍ ତିନ୍ ଗଣ୍ଟା ୱେଡ଼ାଲିଂ ହେୱାନ୍ ହାଡ୍‌ପା ରଚେ ର କେଚ୍‌କଣ୍ ହୁଡ଼୍‌ତାନ୍, ଇନେସ୍ ଇସ୍ୱର୍‌ତି
ରଞ୍ଜେଲ୍ ଦୁଡ୍ ହେୱାନ୍ ଲାଗେ ୱାଜି ଇନାତା, "ଏ କର୍ଣ୍ଣେଲିୟ ।"
୪ ହେୱାନ୍ ବାଦାଡ଼୍‌ତ ଦୁଡ୍ ହୁଡ଼୍‌ଜି ପାଣ୍ଡ୍ରାଜି ଇଚାନ୍, "ଏ ମାପ୍ରୁ, ଇନାକା ?"
ହେୱାନ୍ ହେୱାନିଂ ଇଚାନ୍, ନି ପାର୍ତାନା ଆରି ଦାନ୍ ସବୁ ଏଡ୍ କିଜି ପୁଜା ଲାକେ ଜପି ଇସ୍ୱର୍‌ତି ଲାଗେ ନିଂତାଡ୍‌ନା ।
୫ ନଙ୍ଗ୍ ଏନ୍ ଜାପତ ମାନାୟ୍ ପକ୍‌ଚି ସିମନ୍ ପିତର୍‌ତିଂ କୁକ୍‌ଚି ତାହିୱା, ହେୱାନ୍ତି ବିନ୍ ତର୍ ପିତର୍,
୬ ହେୱାନ୍ ସିମନ୍ ତର୍‌ନି ରୱାନ୍ ତଲ୍ ରଚ୍‌ନାକାନ୍ ଗତେନ୍ ଲାକେ ବାହା କିନାନା, ହେୱାନ୍ତି ଇଲ୍ ହାମ୍‌ଦୁର୍ ଗୁଟିତ ।
୭ ହେୱାନ୍ ହୁଦାଂ ବେଣ୍ ଇଞ୍ଜି ମାଚି ଦୁଡ୍ ହାଚି ପାଚେ ହେୱାନ୍ ଜାର୍ ଇଲ୍‌ନି ଆଡ୍‌ୟାର୍ ବିତ୍ରେ ରିୟାରିଂ, ଆରେ ହେୱାନ୍ତି
ହେବା କିଜିମାନି ମେଲ୍ୟାର୍ ବିତ୍ରେ ରୱାନ୍ ଦାମର୍ ମେଲ୍ୟାଙ୍ଗ୍ କୁକ୍‌ତାନ୍,
୮ ଆରେ ହେୱାରିଂ ୱିଜୁ କାତା ବୁଜାୟ୍ କିଜି ଜାପତ ପକ୍‌ତାନ୍ ।

୯ ଆର୍କାଡ୍ ନାଜିଂ ହାଲୁ ହାଲୁ ଏଚେକାଡ୍‌ଦ ଗାଡ୍‌ନି ଲାଗେ ଆତାର୍, ହେପାଦ୍‌ନା ପିତର୍ ୱେଡ଼ା ବାର୍ ଗଣ୍ଟା ୱେଡ଼ାଲିଂ
ପାର୍ତାନା କିନି କାଜିଂ ଜେଗନ୍ ଜପି ହାଚାନ୍,
୧୦ ଆରେ ହେୱାନ୍ ନାସ୍‌କି ଆଜି ଚିଞ୍ଜେଙ୍ଗ୍ ମାନ୍ କିତାନ୍, ମତର୍ ହେୱାର୍ କାଦି ଜାଲ୍‌ଦି କିନି ୱେଡ଼ାଲିଂ ହେୱାନ୍
କେଚ୍‌କଣ୍ ହୁଡ୍‌ତାନ୍;
୧୧ ହେୱାନ୍ ହୁଡ୍‌ତାନ୍ ବାଦାଡ୍‌ତ ଜେୟାତାଡ୍‌ନ୍ନା, ଆରେ ର ତାଡ଼ିୟା ତାରେନ୍ ୱାନାତା, ଇନେସ୍ ର ଗାଜା ହେନ୍ଦ୍ରା ଚାରି
କନାତ ଆହ୍‌ୟା ଆଜି ପୁତର୍ଁ ଜପି ଜୁଡ୍‌ୟାହ୍ନାତା;
୧୨ ହେବେ ପୁତର୍ଁନି ସବୁବାନି ଚାର୍ ଗଡ଼ିଆ ଜାଡ୍‌କୁ, ରାଙ୍ଗାନିକିଂ ଆରି ବାଦାଡ୍‌ନି ପଟିଙ୍ଗ୍ ମାନିଙ୍ଗ୍ ।
୧୩ ଆରେ, ହେୱାନ୍ କାଜିଂ ଇ କାତା ଆତାଡ୍, "ଏ ପିତର୍, ନିଙ୍ଗା, ପାଗ୍‌ଜି ତିନା ।"
୧୪ ମାତର୍ ପିତର୍ ଇଚାନ୍, "ଆକାୟ୍, ମାପ୍ରୁ, ଆନ୍ ଇନାୱାଡ଼ାଂ ପା ଇମ୍‌ଣି ପୁଇପୁୟା ହିଲ୍‌ୱାକା ଆରି ରାଡ଼ା ଆତାକା
ଜିନିସ୍‌ତିଂ ତିନ୍‌ୱାତାଂନ୍ନା ।"
୧୫ ଆରେ ରିହା ହେୱାନ୍ କାଜିଂ ଇ କାତା ଆତାଡ୍, "ଇସ୍ୱର୍ ଇନାକା ସକଟ୍ କିତାନ୍‌ନ୍ନା, ହେଦାଂ ଏନ୍ ବିଟାଡ୍ ଇଞ୍ଜି ଇନ୍‌ମା
।"
୧୬ ଇ ବାନି ତିନ୍‌ହଟ୍ ଆତାଡ୍, ଆରେ ହେ ଦାପ୍ରେ ହେଦାଂ ଉଲ୍‌ଟି ବାଦାଡ୍‌ତ ନିକ୍‌ଚି ଅୟାତାଡ୍ ।
୧୭ ପିତର୍ ଇମ୍‌ଣି ଦର୍ସନ୍ ଗାଟାଜି ମାଚାନ୍, ହେବେନି ଅରଡ୍ ଇନାକା, ହେଦାଂ ବାବି କିଜି ବୁଦିବାମ୍‌ଡା ଆନି ୱେଡ଼ାଲିଂ,
ହୁଡ଼ାଟ୍, କର୍ଣ୍ଣଲିୟତି ପକ୍ୟାତି ଲକୁ ସିମନ୍‌ତି ଇଲ୍ ଡେକ୍‌ଚି ଦୁୱେର୍ ଲାଗେ ନିଲ୍‌ଚି ମାଚାନ୍,
୧୮ ହେଦାଂ କୁକ୍‌ଚି ହେୱାର୍ ୱେନ୍‌ବାତାର୍ ପିତର୍ କୁକ୍‌ନି ତର୍ "ସିମନ୍ ହେବେ ଗତେନ୍ ଲାକେ ବାହା କିନାନା କି ଆକାୟ୍
?"
୧୯ ପିତର୍ ହେ କେଚ୍‌କଣ୍ ବିସ୍ରେ ବାବି କିନି ୱେଡ଼ାଲିଂ ପୁଇପୁୟା ଜିବୁନ୍ ତାଙ୍ଗ୍ ଇଚାଡ୍, "ହୁଡ଼ା, ତିନ୍ ଜାଣ୍ ଲକୁ ନିଂ
ଡେକ୍‌ତାନାରା ।
୨୦ ନିଙ୍ଗା ଜାଲ୍‌ଦି ଆଜି ତାରେନ୍ ହାଲା ଆରି ହେୱାର୍ ଲାହାଂ ହାଜେଙ୍ଗ୍ ଚିନ୍ତା କିମା, ଇନାକିଦେଂକି ଆନ୍ ହେୱାରିଂ
ପକ୍ତାତାଂନା ।"
୨୧ ହେବେ ପିତର୍ ହେ ମାନାୟାର୍ ଲାଗେ ହାଲ୍‌ଜି ଇଚାନ୍, ହୁଡ଼ାଟ୍, ଏପେଙ୍ଗ୍ ଇନେରିଂ ଡେକ୍‌ନାଦେରା, "ଆନ୍ ହେୱେନ୍
। ଏପେଙ୍ଗ୍ ଇନା ଲଡ଼ାତିଂ ୱାତାଦେର୍ଣ୍ଣା ?"
୨୨ ହେୱାର୍ ଇଚାର୍, "କର୍ଣ୍ଣଲିୟ ତର୍‌ନି ରୱାନ୍ ପାଞ୍ଜ୍‌କଡ଼ି ମେଲ୍ୟାର୍ ମୁଡ୍‌ଦାକାନ୍, ହେୱାନ୍ ଦାମର୍ଁ ଲଗୁ ଆରି ଇସ୍ୱର୍‌ତିଂ
ପାଣ୍ଡ୍ରା ଆନାକାନ୍, ଆରେ ୱିଜୁ ଜିହୁଦି ଜାତିର୍ ଲାଗେ ଡାକ୍‌ପୁଟାଲଗୁ ହେୱାନ୍ ଜାର୍ ଇଞ୍ଜ ନିଂ କୁକିକିଦେଂ ପକ୍‌ଚି ନି ତାଙ୍ଗ୍
ସାକି କାତା କାଜିଂ ପୁଇପୁୟା ଦୂତ୍ ହୁଦାଂ ସିଦାବଲ୍ ଗାଟାତାନ୍ନା ।"
୨୩ ହେବେ ହେୱାନ୍ ହେୱାରିଂ ବିଟ୍ରେ କୁକ୍‌ଚି ଅଜି ହେୱାରିଂ ହେବା କିତାନ୍ ।
ତା ଆର୍କାଡ୍ ନାଜିଂ ହେୱାନ୍ ନିଂଜି ହେୱାର୍ ହୁକେ ହାଚାନ୍, ଆରେ ଜାପତ ନି ପାତର୍ଁ କିନି ଟଣ୍ଡାର୍ ବିଟ୍ରେ କେତେକ୍ ଜାଣ୍
ହେୱାନ୍ ହୁଦାଂ ହାଚାର୍ ।
୨୪ ଆର୍କାଡ୍ ନାଜିଂ ହେୱାର୍ କାଇସରିୟାତ ହଟାର୍, ଆରେ, କର୍ଣ୍ଣଲିୟ ଜାର୍ ୱାସ୍କି ଆରି ଲାଗେନି ହାଙ୍ଗ୍‌ଦାକାରିଂ କୁକ୍‌ଚି
ରୁଣ୍ଡାୟ୍ କିଜି ହେୱାରିଂ କାସି ମାଚାନ୍ ।
୨୫ ପିତର୍ ହଟିଲେ କର୍ଣ୍ଣଲିୟ ହେୱାନିଂ ଗିଟାଜି ସାରାଣ୍ ତାରେନ୍ ଆଜର୍ଁ ହେୱାନିଂ ଜୱାର୍ କିତାନ୍ ।
୨୬ ମାତର୍ ପିତର୍ ହେୱାନିଂ ନିକ୍‌ଚି ଇଚାନ୍, "ନିଲା ଆନ୍ ପା ରୱାଙ୍ଗ୍ ମାନାୟ୍ ।"
୨୭ ହେବେ ହେୱାନ୍ ହେୱାନ୍ତି ହୁଦାଂ କାତା କିଉ କିଉ ବିଟ୍ରେ ହାଲ୍‌ଜି ହୁଡ୍‌ତାନ୍, ଜବର୍ ଲକୁ ରୁଣ୍ଡା ଆତାର୍ଣ୍ଣା,
୨୮ ଆରେ ହେୱାନ୍ ହେୱାରିଂ ଇଚାନ୍, ବିନ୍ ଜାତିନି ଇମ୍‌ଣି ଲକୁ ହାଙ୍ଗ୍ ମେହାନାକା ନଲେ ତା ଲାଗେ ବାନ୍ୟା ଜିହୁଦି
ମାନାୟ୍ ପାକ୍ୟାତ ଇନେସ୍ ବିଦି ହିଲୁଡ୍, ହେଦାଂ "ଏପେଙ୍ଗ୍ ପୁଚାଦେର୍ଣ୍ଣା; ଆତିସ୍‌ପା ଇମ୍‌ଣି ଲକୁରିଂ ରାଡ଼ା କି ସକଟ୍ ଆକାୟ୍
ଇଞ୍ଜି ଇନ୍‌ୱି କାଜିଂ ଇସ୍ୱର୍ ନାଙ୍ଗ୍ ଚଚ୍‌ଚାତାନ୍ନା ।
୨୯ ହେଦାଂ କାଜିଂ ନାଙ୍ଗ୍ କୁକ୍‌ତାତାନ୍ନା ଆନ୍ ପା ଆପତି କିୱାଦାଂ ୱାତାଂ । ଲାଗିଂ ଆନ୍ ୱେନ୍‌ବାଆଦ୍‌ନାଂ, ଇନାକିଦେଂ
ଏପେଙ୍ଗ୍ ନାଙ୍ଗେଙ୍ଗ୍ କୁକିକିତାଦେର୍ଣ୍ଣା ?"
୩୦ କର୍ଣ୍ଣଲିୟ ଇଚାନ୍, "ତିନି ଦିନ୍ ଆଗେ ସମାନ୍ ଇ ୱେଡ଼ାଲିଂ ଆନ୍ ଜାର୍ ଇଞ୍ଜ ମିକାହାରେସ୍ ତିନ୍ ଗଣ୍ଟା ୱେଡ଼ାଲିଂ
ପାର୍ତାନା କିଜି ମାଚାଙ୍ଗ୍; ଡ୍ରିପ୍‌କୁ, ଡ଼ିଞ୍ଜ୍‌ନି ହେନ୍ଦ୍ରା ଉସ୍ପାତାକାନ୍ ରୱାନ୍ ମୁଣିକା ନା ମୁମ୍‌ଦ ଇଞ୍ଜ ଇଚାନ୍,
୩୧ କର୍ଣ୍ଣଲିୟ, ନି ପାର୍ତାନା ୱେନ୍ୟା ଆତାଡ୍‌ନ୍ନା; ଆରେ, ନି ଦାନ୍ ସବୁ ଇସ୍ୱର୍‌ତି ମୁମ୍‌ଦ ଏତାୟ୍ କିୟାତାଡ୍‌ନ୍ନା ।
୩୨ ଲାଗିଂ, ଜାପତ ଲକୁ ପକ୍‌ଚି ପିତର୍ ତର୍‌ନି କୁକ୍‌ନି ସିମନ୍ ଲାଗାଂ କୁକ୍‌ଚି ତାହିୱା, ହେୱାନ୍ ହାମ୍‌ଦୁର୍ ଗୁଟିତ ସିମନ୍
ତଲ୍ ରଚ୍‌ନାକାନ୍ ଇଞ୍ଜ ଗତେନ୍ ଲାକେ ବାହା କିତାନ୍‌ନା ।
୩୩ ଇଦାଂ କାଜିଂ ଆନ୍ ମାଲାୟ୍ କିୱାଦାଂ ନି ତାକେ ଲକୁ ପକ୍ତାତାଂ, ଆରେ ଏନ୍ ଜେ ୱାତାୟ୍‌ନା, ହାର୍ କିତାୟ୍‌ନା ।
ଲାଗିଂ, ମାପ୍ରୁ ନିଂ ଇନାକା ସବୁ ବଲ୍ ହିଡ୍‌ତାନ୍ନା, ହେଦାଂ ୱେଞ୍ଜେଙ୍ଗ୍ କାଜିଂ ଆପେଂ ୱିଜାପ୍ ଇସ୍ୱର୍‌ତି ମୁମ୍‌ଦ ଏକାୱାତାପ୍ପା
।"

୩୪ "ହେବେ ପିତର୍ ମୁମ୍ ରିକ୍ଚି ଇଚାନ୍, ହାଡ଼୍ପାନେ ଇସ୍ୱର୍ ଜେ ମୁକ୍ମେଟ୍ କିଉନ୍ ।

## ପିତର୍ତି ପର୍‌ଚାର୍

୩୫ ମତର୍ ୱିଜେ ଜାତିତ ଜେ ଇନେର୍ ହେୱାନିଂ ପାଣ୍ତ୍ରାଜି ଦାରୁମ୍ କାମାୟ୍ କିତାର୍, ହେୱାନ୍ ଜେ ହେୱାନ୍ତି ଲାଗେ
ଇଟ୍ୟାନାର୍, ଇଦାଂ ଆନ୍ ସତ୍ କାମାୟ୍ ।
୩୬ ହେୱାନ୍‌ତ ଜିସୁ କ୍ରିସ୍ଟତି ହୁକେ ସୁସ୍ତାନି ନେକ୍ରିକାବୁର୍ ପର୍‌ଚାର୍‌କିଇ କିଜି ଇସ୍ରାଏଲ୍ ମାଜିର୍ ଲାଗାଂ ଇ ବଚନ୍ ପକ୍ତାନ୍;
ହେ ଜିସୁ କ୍ରିସ୍ଟ ୱିଜାର୍ ମାପୁ ।
୩୭ ଏପେଙ୍ଗ୍ ପୁନାଦେର୍ ଜେ ବାପ୍ତିସିମ୍ ଜହନ୍‌ତି ସମୁତାଂ ହେ ନେକ୍ରିକାବୁର୍ ଗାଲିଲିତାଂ ଆରମ୍ କିଜି ସବୁ ଜିହୁଦାତି
ବଚନ୍ ପର୍‌ଚାର୍ ଆତାଡ଼୍ନା,
୩୮ ନାଜରିତିୟ ଜିସୁତି କାତା, ଇନେସ୍ ଇସ୍ୱର୍ ହେୱାନିଂ ପୁଇପୁୟା ଜିବୁନ୍ ଆରି ସାକ୍ତିତ ସିଗ୍ କିତାର୍, ଆରେ ହେୱାନ୍
ହାର୍ କିଉ କିଉ ଆରି ସୟ୍‌ତାନ୍ କିତି ବେମାର୍ ୱିଜୁ ଲୁଗାଂ ଉଜ୍ କିଉ କିଉ ୱିଜେ ବୁଲାତାନ୍, ଇନାକିଦେଂକି ଇସ୍ୱର୍ ହେୱାନିଂ
ଆଡାଜି ମାଚାନ୍ ।
୩୯ ଆରେ, ହେୱାନ୍ ଜିହୁଦିର୍‌ତି ଦେସ୍ ଆରି ଜିରୁସାଲମ୍‌ତ ଇନାକା ଇନାକା କିତାନ୍, ଆସେଙ୍ଗ୍ ହେ ସବୁନି ସାକି;
ହେୱାନିଂ ହେୱାର୍ କ୍ରୁସ୍‌ତ ଡ଼ସି ଅସ୍ତାର୍ ।
୪୦ ହେୱାନିଂ ଇସ୍ୱର୍ ତିନି ଦିନ୍‌ତାଂ ଆରେ ନିକ୍ତାନ୍ନା; ଆରେ ହେୱାନ୍ ମାନାୟାର୍ ତାକେ ଚଞ୍ଜ୍ୟାତାନ୍;
୪୧ ୱିଜାର୍ ଲକୁ ସିଦା ଆଦେଂ ହିୱାତାନ୍, ମତର୍ ଇସ୍ୱର୍‌ତି ହୁଦାଂ ଆଗେ କିତି ସାକି ଜେ ଆସେଙ୍ଗ୍, ମା ସିଦା ଆଦେଂ
ହିତାନ୍ । ହେୱାନ୍ ହାକିତାକେଣ୍ଡାଂ ନିଂତି ପାଚେ ଆପେଂ ହେୱାନ୍ତି ଲାହାଙ୍ଗ୍ ତିନାଉଣା କିତାପ୍,
୪୨ ଆରେ ମାନାୟାର୍ ଲାଗେ ସୁଣାୟ୍ କିଦେଙ୍ଗ୍, ଆରେ ହାତି ଆରି ଜିଜି ମାନାୟାର୍ତି ବିଚାର୍‌କାର୍‌ୟା ଆଦେଂ କାଜିଂ
ଇସ୍ୱର୍ ହେୱାନିଂ ବାଚି କିତାନ୍ନା ଇଞ୍ଜି ସାକିହିଦେଂ ହେୱାନ୍ ମାଂ ବଲ୍ ହିଡ୍‌ତାନ୍ ।
୪୩ ଇନେର୍‌କି ହେୱାନ୍ ତାକେ ପାର୍ତି କିତାର୍, ହେୱାନ୍ ଜେ ହେୱାନ୍ତି ତର୍‌ନି ସାକ୍ତିତ ପାପ୍ କେମା ପାୟାନାନ୍, ଇଦାଂ
ୱିଜୁ ବେଣ୍‌ବାକ୍‌ଣାୟ୍‌କିନାକାର୍ ହେୱାନ୍ତି ବିସ୍ରେ ସାକି ହିନାର୍ ।"

## ପାର୍ତିକିୱି ଜିହୁଦିର୍ ପୁଇପୁୟା ଜିବୁନ୍ ଗାଟାତାର୍

୪୪ ପିତର୍ ଇ ସବୁ ହିକ୍ୟା ହିନି ୱେଡ଼ାଲିଂ ଏଚେକାଡ଼୍‌ଦ ଲଗୁ ବଚନ୍ ୱେନ୍‌ଞ୍ଜି ମାଚାର୍, ହେ ୱିଜାର୍ ଜପି ପୁଇପୁୟା ଜିବୁନ୍
ଜୁଡ଼୍‌ତାଡ଼୍ ।
୪୫ ହେବେ ପିତର୍ ହୁଦାଂ ୱାତି ସୁନ୍ନତ୍ ପାର୍ତି କିନାକାର୍ ୱିଜାର୍ ପାର୍ତିକିୱି ଜିହୁଦିର୍ ଜପି ପା ପୁଇପୁୟା ଜିବୁନ୍ ହିନାକା
ହୁଡ଼୍‌ଜି କାବା ଆତାର୍;
୪୬ ଇନାକିଦେଂକି ହେୱାର୍ ଜିହୁଦି ପାର୍ତି କିନାକାର୍ ବାର୍‌ବିନ୍ ବେଣ୍‌ତ କାତା ଇନାକା ଆରି ଇସ୍ୱର୍‌ତି ଦନ୍ୟବାଦ୍ କିଜି
ମାନାକା ୱେନ୍‌ଞ୍ଜି ମାଚାର୍, ହେପାଦ୍‌ନା ପିତର୍ ଉତର୍ ହିତାନ୍ ।
୪୭ "ଇ ଇମ୍‌ଣି ଲକୁ ମା ଲାକେ ପୁଇପୁୟା ଜିବୁନ୍ ପାୟା ଆତାର୍ଣ୍ଡା, ଇୱାର୍ ଇନେସ୍ ବାପ୍ତିସିମ୍ ଆଉର୍, ହେଦାଂ କାଜିଂ କି
ଇନେର୍ ଏଜୁଙ୍ଗ୍ ମୁନା କିଦେଙ୍ଗ୍ ଆଡୁର୍ ?"
୪୮ ଆରେ, ହେୱାନ୍ ହେୱାରିଂ ଜିସୁ କ୍ରିସ୍ଟତି ତର୍‌ଦ ବାପ୍ତିସିମ୍ ହିନି କାଜିଂ ବଲ୍ ହିତାନ୍ । ପାଚେ ହେୱାର୍ ଅଲପ୍ ଦିନ୍
ମାଞ୍ଜେଙ୍ଗ୍ କାଜିଂ ହେୱାନିଂ ଗୱାରି କିତାର୍ ।

# ୧୧

## ଜିରୁସାଲମ୍ ମଣ୍ଡଲିତ ପିତର୍‌ତି କାବୁର୍ ୱେଚ୍‌ନାକା

୧ ପାର୍ତିକିୱି ଜିହୁଦିର୍ ପା ଜେ ଇସ୍ୱର୍‌ତି ବଚନ୍ ଇଡ଼୍‌ତାର୍‌ନା, ଇଦାଂ ପକ୍ୟାତାକାର୍ ଆରି ଜିହୁଦା ରାଜିତ ମାନି ପାର୍ତି
କିନି ଟଣ୍ଡାର୍ ୱେଚାର୍ ।
୨ ଆରେ, ଏଚେକାଡ଼୍‌ଦ ପିତର୍ ଜିରୁସାଲମ୍‌ତ ୱାତାନ୍, ହେ ଏଚେକାଡ଼୍‌ଦ ସୁନ୍ନତ୍ ଆତି ଚେଲାର୍ ହେୱାନ୍ ହୁଦାଂ ବିଚାର୍
କିଜି ଇଚାର୍,
୩ "ଏନ୍ ପାର୍ତିକିୱି ଜିହୁଦି ଲକାରିଂ ଇଞ୍ଜ ହଟ୍‌ପିସ୍ ହେୱାର୍ ହୁକେ ଚିଚାୟ୍‌ନା ।"
୪ ମାତର୍ ପିତର୍ ସବୁ କାତାତିଂ ବୁଜାୟ୍ କିଦେଙ୍ଗ୍ ଆରମ୍ କିଜି ଇଚାନ୍,
୫ "ଆନ୍ ଜାପ ଗାଡ଼୍‌ଦ ପାର୍ତାନା କିଜି ମାଚାଙ୍ଗ୍ ଆରି ଦର୍ସନ୍ ଗାଟାତାଂ, ର ପାଡ଼୍‌କାତାଙ୍ଗ୍ ୱାନାତା, ଇନେସ୍ ର ଗାଜା ହେନ୍ଦ୍ରା
ଚାରି କନାତ ଆସ୍ତି ବାଦାଡ଼୍‌ତାଂ ହେଦାଂ ହୁଡ଼୍‌ତାଂ, ହେଦାଂ ନା" ଲାଗାଂ ଟେବାତାଡ଼୍,
୬ ଆରେ ବାଦାଡ଼୍‌ତାଂ ହେଦାଂ ନା ପାଟେକ୍ ୱାତାଡ଼୍; ଆନ୍ ହେଦାଂ ହୁଡ଼୍‌ଜି ଚିନ୍ତା କିଦେଙ୍ଗ୍ ଲାଗାତାଂ ଆରି ହେବେ ପୁର୍ତିନି
ଚାରିଗଡ଼ିୟା ଜାଡ଼୍, ରାନ୍ତି ପସୁ, ରାଚ୍‌କୁ ପାଣା ଆରି ପୁଟିନି ପଟିଙ୍ଗ୍ ସବୁ ହୁଡ଼୍‌ତାଂ,
୭ ଆରେ, ନାଙ୍ଗ୍ ଇଞ୍ଜିମାଞ୍ଜି ର କାତା ପା ଆନ୍ ୱେଚାଙ୍ଗ୍, ଏ ପିତର୍, "ନିଙ୍ଗା, ପାଗ୍‌ଜି ତିନା ।"

୮ ମାତର୍ ଆନ୍ ଇଚାଙ୍ଗ୍, ଆକାୟ୍, ମାପ୍ରୁ, ରାଡ଼ା କି ସକଟ୍ ହିଲ୍ୱି ଜିନିସ୍ ନା ମୁମ୍ଦ ଇନାୱାଡ଼ାଂ ହଟ୍ପି କିୱାତାଂନା ।
୯ ମାତର୍ ରିହା ବାଦାଡ଼୍ତାଂ ର କାଟ୍ ଉତର୍ ହିଡ଼୍ତାଡ଼୍, “ଇସ୍ୱର୍ ଇନାକା ସକଟ୍ କିତାନ୍ନା, ଏନ୍ ହେଦାଂ ବିଟାଡ଼୍ ଇଞ୍ଜି
ଇନ୍ମା ।”
୧୦ ଇ ବାନି ତିନି ହଟ୍ ଆତାଡ଼୍, ପାଚେ ୱିଜୁ ଆରେରଗ ବାଦାଡ଼୍ତ ଅୟାତାଡ଼୍ ।
୧୧ ଆରେ ହୁଡ଼ାଟ୍, ଦାପ୍ରେ ତିନ୍ ଜାଣ୍ ମାନାୟ୍, ଆପେଂ ଇମ୍ଣି ଇଞ୍ଜ ମାଚାପ୍, ହେବେନି ମୁମ୍ଦ ୱାଜି ନିଲ୍ତାର୍, ହେୱାର୍
କାଇସରିୟାତାଂ ନା ତାକେ ପକ୍ୟାଜି ମାଚାର୍ ।
୧୨ ଆରେ, ମୁଡ଼େ ଆନ୍ମାନ୍ କିୱାଦାଂ ହେୱାର୍ ହୁଦାଂ ହାଞ୍ଜେଙ୍ଗ୍ କାଜିଂ ପୁଇପୁୟା ଜିବୁନ୍ ନାଙ୍ଗ୍ ୱେଚ୍ଚାତାଡ଼୍ । ଆରେ,
ଇ ଚଅ ଜାଣ୍ ପାତର୍ କିନି ଟଣ୍ଡାର୍ ପାନା ହୁଦାଂ ତାରେନ୍ ହାଚାର୍, ଆରେ ଆପେଂ ହେ କର୍ଣ୍ଣଲିୟା ଇଲ୍ ହଟାପ୍ ।
୧୩ ହେୱାନ୍ ଇନେସ୍ ରୱାନ୍ ଦୁତ୍ ତାକେ ଦର୍ସନ୍ ପାୟାଜି ମାଚାନ୍, ହେଦାଂ ମାଙ୍ଗେଙ୍ଗ୍ ୱେଚ୍ଚାତାନ୍, ହେ ଦୁତ୍ ଇନେସ୍
ହେୱାନ୍ତି ଇଞ୍ଜ ଇଚାନ୍, ଜାପତ ଲକୁ ପକ୍ଚି ପିତର୍ କୁକ୍ନି ତର୍ ସିମନ୍ତିଂ କୁକ୍ଚି ତାହିୱାଡୁ;
୧୪ ଇନେର୍ ୱିଜାର୍ ବଚନ୍ ହୁଦାଂ ଏପେଙ୍ଗ୍ ଆରି ମି ୱିଜାର୍ ଇଲ୍ନିକାର୍ ରାକ୍ୟା ଆନାର୍, ହେୱାନ୍ ମିଙ୍ଗେଙ୍ଗ୍ ହେ ସବୁ
ୱେଚ୍ଚାନାନ୍ ।
୧୫ ପାଚେ ଆନ୍ କାତା ଇଞ୍ଜେଙ୍ଗ୍ ଆରମ୍ ୱେଡ଼ାଲିଂ ପୁଇପୁୟା ଜିବୁନ୍ ଆଗ୍ଦ ମା ଜପି ଜୁଡ଼୍ତି ଲାକେ ହେୱାର୍ ଜପି ପା
ଜୁଡ଼୍ତାଡ଼୍ ।
୧୬ ✡ ହେପାଦ୍ନା ମାପ୍ରୁତି ଇ ବଚନ୍ ନା ଏତୁ ୱାତାଡ଼୍, ଜହନ୍ ୱିଜାକାରିଂ ଉତର୍ ହିତାନ୍, “ଜହନ୍ ହିନା ଏସ୍ଉଙ୍ଗ୍ତାଂ
ବାପ୍ତିସିମ୍ ହିତାନ୍ ହାଡ଼୍ପା ମତର୍ ଏପେଙ୍ଗ୍ ପୁଇପୁୟା ଜିବୁନ୍ତାଂ ବାପ୍ତିସିମ୍ ଆନାଦେର୍ ।”
୧୭ ଲାଗିଂ, ଆସେଙ୍ଗ୍ ମାପ୍ରୁ ଜିସୁ କ୍ରିସ୍ଟତି ତାକେ ପାତର୍ କିନି ୱେଡ଼ାଲିଂ ଇସ୍ୱର୍ ଇନେସ୍ ଦାନ୍ ହିଜି ମାଞ୍ଚାନ୍, ହେ ଲାକେ
ଏଚେକାଡ଼୍ଦ ହେୱାରିଂ ପା ହାରି ଦାନ୍ ହିତାନ୍, ଆନ୍ ଇନେର୍ ଜେ ଇସ୍ୱର୍ତିଂ ବାଦା ହିଦେଂ ଆଡ଼୍ତାଂମା ?
୧୮ ଇ ସବୁ କାତା ୱେଚିଲେ ହେୱାର୍ ଚିମ୍ରା ଆତାର୍ ଆରି ଇସ୍ୱର୍ତିଂ ଜାଜ୍ମାଲ୍ କିଜି ଇଚାର୍, “ୱାଟିଙ୍ଗ୍” ଇସ୍ୱର୍
ପାତର୍ କିୱି ଜିହୁଦିର୍ ପା ପୁଇପୁୟା ଜିବୁନ୍ ପାୟାନି କାଜିଂ ମାନ୍ବାଦ୍ଲାୟ୍ ଦାନ୍ କିତାନ୍ନା ।

## ଆନ୍ତିୟକିଆ ମଣ୍ଡଲି

୧୯ ✡ୱିସ୍ତି ବିଟ୍ରେ ସ୍ତିପାନ୍ କାଜିଂ ଗିଟାଜି ମାଚି ଦୁକ୍ କାଜିଂ ଇମ୍ଣାକାର୍ ଜେଡ଼େକେଡ଼୍ ଆଜି ମାଚାର୍, ହେୱାର୍ ଫୈନିକିଆ,
କୁପ୍ର ଆରି ଆନ୍ତିୟକିଆ ପାତେକ୍ ବୁଲା ଆଜି ଆପ୍କା ଜିହୁଦିରିଂ ପିସ୍ତି ଆରେ ଇନେର୍ ତାକେ ବଚନ୍ ପରଚାର୍ କିୱାଦାଂ
ମାଚାର୍ ।
୨୦ ମାତର୍ ହେୱାର୍ତି ବିଟ୍ରେ କେତେକ୍ ସାଇପ୍ରସ୍ ଆରି କୁରିଣିୟ ଲକୁ ଆନ୍ତିୟକିଆତାଂ ୱାଜି ଗ୍ରିକ୍ ତାକେ ପା କାତା ଇଞ୍ଜି
ମାପ୍ରୁ ଜିସୁତି ନେକ୍ରିକାବୁର୍ ପରଚାର୍ କିଦେଙ୍ଗ୍ ଲାଗାତାର୍ ।
୨୧ ଆରେ, ହେୱାର୍ ଲାହାଂ ମାପ୍ରୁତି କେଇ ମାଚାଡ଼୍, ଆରେ ବେସି ମାନାୟ୍ ପାତର୍ କିଜି ମାପ୍ରୁନିପ ମାସ୍ଦି ୱାତାର୍ ।
୨୨ ହେୱାର୍ତି ବିସ୍ରେତି କାବୁର୍ ଜିରୁସାଲମ୍ ମଣ୍ଡଲିତ ୱେନ୍ୟାତାଡ଼୍, ହେବେ ହେୱାର୍ ଆନ୍ତିୟକିଆ ପାତେକ୍ ବର୍ଣ୍ଣବାଙ୍ଗ୍
ପକ୍ତାର୍ ।
୨୩ ହେୱାନ୍ ଏକିସ୍ ଇସ୍ୱର୍ତି ଦୟା ହୁଡ଼୍ଜି ୱାର୍ୟା ଆତାନ୍, ଆରେ ଇନେସ୍ ହେୱାର୍ ମାନ୍ନି ର ମାନ୍ତ ମାପ୍ରୁତି କାଜିଂ
ଜେଲ୍ୟା ଆଜି ମାନାର୍, ହେଦାଂ କାଜିଂ ୱିଜାରିଂ ୱାରିକିୟ୍ କିତାର୍;
୨୪ ଇନାକିଦେଂକି ବର୍ଣ୍ଣବା ରୱାନ୍ ହାର୍ଦି ମୁଣିକା, ଆରେ ପୁଇପୁୟା ଜିବୁନ୍ ଆରି ପାତର୍ତ ବାତର୍ ମାଚାନ୍ । ଇ ବାନି
ବେସି ବେସି ମାନାୟ୍ ମାପ୍ରୁ ତାକେ ମେହା ଆତାର୍ ।
।
୨୫ ପାଚେ ହେୱାନ୍ ସାଉଲ୍ତିଂ ଡେକ୍ନି କାଜିଂ ତାର୍ସତ ହସି ହାଚାନ୍,
୨୬ ଆରେ, ହେୱାନ୍ ହେୱାନିଂ ଗାଟାଜି ଆନ୍ତିୟକିଆତ ତାହିୱାତାନ୍ । ହେୱାର୍ ବାତର୍ ର ବାର୍ହୁ ପାତେକ୍ ମଣ୍ଡଲି ହୁଦାଂ
ମାନ୍ଞ୍ଜି ବେସି ଲୁଗାଙ୍ଗ୍ ହିକ୍ୟା ହିତାନ୍, ଆରେ ଆନ୍ତିୟକିଆତ ଚେଲାର୍ ପର୍ତୁମ୍ କ୍ରିସ୍ଟିୟାନ୍ ଇଞ୍ଜି ଇନ୍ୟା ଆତାର୍ ।
୨୭ ହେ ୱେଡ଼ାଲିଂ କେତେକ୍ ଜାଣ୍ ବେଣ୍ବାକ୍ଣାୟ୍କିନାକାର୍ ଜିରୁସାଲମ୍ତାଂ ଆନ୍ତିୟକିଆତ ୱାତାର୍ ।
୨୮ ✡ହେୱାର୍ ବିଟ୍ରେ ଆଗାବ ତର୍ନି ରୱାନ୍ ମୁଣିକା ନିଂଜି ସବୁ ପୁତର୍ତ ବେସି କାତାର୍ ଆର୍ଣ୍ଣାଡ଼୍ ଇଞ୍ଜି ଜିବୁନ୍ ହୁଦାଂ
ୱେଚ୍ଚାନ୍; ହେଦାଂ କ୍ଲାଉଦିଅତି ସମୁ ମାନି ୱେଡ଼ାଲିଂ ଗିଟାତାଡ଼୍ ।
୨୯ ହେବେ ଚେଲାର୍ ସବୁ ଜାଣ୍ ଜାର୍ ସାକ୍ତି ହୁଦାଂ ଜିହୁଦା ରାଜି ନିକାର୍ ପାତର୍ କିନି ଟଣ୍ଡାର୍ କାଜିଂ ହେବା ପକ୍ତେଙ୍ଗ୍
ତିର୍ କିତାର୍,
୩୦ ଆରେ ହେୱାର୍ ପା ହେଦାଂ କିଜି ବର୍ଣ୍ଣବା ଆରି ସାଉଲ୍ତି କେଇଦ ପ୍ରାଚିନାର୍ତି ଲାଗେ ପକ୍ତାର୍ ।

✡ **୧୧:୧୬** ପକ୍ୟାତାକା ୧:୫. ✡ **୧୧:୧୯** ପକ୍ୟାତାକା ୮:୧-୪. ✡ **୧୧:୨୮** ପକ୍ୟାତାକା ୨୧:୧୦.

# ୧୨

## ଆଦିକ୍ କସ୍ଟ ପାୟାନାକା

୧ ଆନ୍‌ମାନ୍‌ରେ ହେ ୱେଡ଼ାଲିଂ ହେରଦ୍ ରାଜା ମଣ୍ଡଲିନି କେତେକ୍ ଜାଣ୍‌ତିଂ ହ଼ର୍‌ବର୍ କିନି କାଜିଂ କେୟ୍ କିତାନ୍ ।
୨ ହେୱାନ୍ ଜହନ୍‌ତି ଟଣ୍ଡେନ୍ ଜାକୁବ୍‌ଙ୍ଗ୍ କାଣ୍ଡାତାଂ ଅସ୍ତାନ୍ ।
୩ ଆରେ ଜିହୁଦିର୍ ହେବେ ସତକ୍ ଆନାକା ହୁଡ଼୍‌ଜି ହେୱାନ୍ ପିତର୍‌ତିଂ ପା ଗେସ୍‌ତାର୍ । ହେ ୱେଡ଼ାଲିଂ ହଇୱି ରୁଟିନି
ପାର୍ବୁ ମାଚାତ୍ ।
୪ ପାଚେ ହେରଦ୍ ତାଙ୍ଗ୍ ଆସ୍ତି ଜଇଲ୍‌ତ ଇଡ଼୍‌ତାନ୍, ଆରେ, ନିସ୍ତାର୍ ପାର୍ବୁ ପାଚେ ହେୱାନ୍ ତାଙ୍ଗ୍ ମାନାୟାର୍ ଲାଗେ ହପ୍‌ଚି
ତାହିୱାଦେଂ କାଜିଂ ମାନ୍ କିଜି ୱିଜୁ କୁଦାନି ଚାରି ଜାଣ୍ ଲାକେ ମାଞ୍ଜି ଚାର୍‌ଗଟା ମେଲ୍ୟା କୁଦା ଲାଗେ ତାଙ୍ଗ୍ କାତେଂ ଇଞ୍ଜି
ହେଲାୟ୍ କିତାନ୍ ।
୫ ଲାଗିଂ, ପିତର୍ ଜଇଲ୍‌ତ ଗେହ୍ୟା ଆଜି ମାଚାନ୍, ମତର୍ ତା କାଜିଂ ମଣ୍ଡଲି ହୁଦାଂ ରମାନ୍ତ ଇସ୍ୱର୍‌ତି ଲାଗେ ପାର୍ତାନା
କିଜି ମାଚାର୍ ।

## ଜଇଲ୍ ଇଲ୍‌ତାଂ ପିତର୍‌ତି ମୁକ୍‌ତାନାକା

୬ ପାଚେ ହେରଦ୍ ଇମ୍‌ଣି ଦିନ୍ ପିତର୍‌ତିଂ ହପ୍‌ଚି ତାତେଙ୍ଗ୍ ହାଲ୍‌ଜି ମାଚାନ୍, ହେ ଆର୍କାତ୍ ନାଣାଲିଂ ରିଣ୍ଡି ହିକ୍‌ଡ଼ିଂତାଂ
ଗାଚ୍ୟା ଆଜି ରି ମେଲ୍ୟାତର୍ ବିତ୍ରେ ହୁଞ୍ଜି ମାଚାନ୍, ଆରେ ଜାଗ୍‌ୱାଡ଼ାର୍ ଦୁୱେର୍ ମୁମ୍‌ଦ ଜଇଲ୍ ରାକ୍ୟା କିଜି ମାଚାର୍ ।
୭ ଆରେ ହୁଡ଼ାଟ୍, ତ୍ରିପ୍‌କୁ ମାପ୍ରୁତି ରୱାନ୍ ଦୁତ୍ ଏକାତାତ୍, ଆରେ ବାକ୍ରା ଅଜଡ଼୍ ଆତାତ୍, ଆରେ ଦୁତ୍ ପିତର୍ ତିଙ୍ଗ୍
ନେଞ୍ଜେତାକିତ ଇଡ଼୍‌ଜି ତାଙ୍ଗ୍ ନିକ୍‌ଚି ଇଚାନ୍, "ବେଗି ନିଙ୍ଗା ।" ହେବେ ତା କେଇଦାଂ ହିକ୍‌ଡ଼ିଂ କ୍ଲୁସ୍‌ଦି ହାଚିକ୍ ।
୮ ଆରେ, ଦୁତ୍ ତାଙ୍ଗ୍ ଇଚାତ୍, "ମ୍ଭେଙ୍ଗାଙ୍ଗ୍ ଗାଚ୍ୟା ଆରି ପାଣ୍ଡାୟ୍ ତୁଜା ।" ପିତର୍ ହେ ଲାକେ କିତାନ୍ ! ଆରେ ଦୁତ୍ ତାଙ୍ଗ୍
ଇଚାନ୍, "ଗାଗାଡ଼୍‌ତ ହେନ୍ଦ୍ରା ତୁହିଜି ନା ପାଚେ ପାଚେ ୱା ।"
୯ ପିତର୍ ହସି ହେୱାନ୍ତି ପାଚେ ପାଚେ ହାଚାନ୍, ମାତର୍ ଦୁତ୍‌ତାଂ ଇନାକା କିୟାତାତ୍, ହେଦାଂ ଜେ ହାତ୍‌ପା, ହେୱାନ୍
ହେଦାଂ ବୁଜାୱାଦାଂ କେତ୍‌କଣ୍ ହୁଡ଼୍‌ନାନା ଇଞ୍ଜି ବାବି କିଜି ମାଚାନ୍ ।
୧୦ ଏଚେକାଡ଼୍‌ଦ ହେୱାର୍ ପର୍ତୁମ୍ ଆରି ରିଣ୍ଡି ଜାଗ୍‌ୱାଡ଼ାର୍ କୁଦା ନାସି, ଇମ୍‌ଣି ଲୱା ଦୁୱାର୍ ହିଜି ଗାଡ଼୍‌ଦ ହାଞ୍ଜେଙ୍ଗ୍
ଆନାତ୍, ହେଦାଂ ଲାଗେ ୱାତାର୍, ହେ କାଡ଼୍‌ଦ ହେ ଦୁୱେର୍ ଜାର୍ ମାନ୍ତିଙ୍ଗ୍ ହେୱାର୍ କାଜିଂ ମେଲା ଆଜି ହାଚାତ୍, ଆରେ
ହେୱାର୍ ହସିହାଲ୍‌ଜି ର ହାକ୍‌ଡ଼ିତ ହାରିହାରା ପାତେକ୍ ହାଚାର୍, ଆରେ ଦାପ୍ରେ ହେ ଦୁତ୍ ତା ତାକେଣ୍ଡାଂ ମାୟା ଆଜି ହାଚାତ୍
।
୧୧ ହେୱାଡ଼ାଂ ପିତର୍ ଚେତ୍‌ନା ଆଜି ଇଚାନ୍, ମାପ୍ରୁ ଜେ ଜାର୍ ଦୁତ୍‌ତିଂ ପକ୍‌ଚି ହେରଦ୍ କେଇଦାଂ ଆରି ଜିହୁଦିର୍ ଲକୁତାଂ
ୱିଜୁ ଆହାତାଂ ନାଂ ଉଦାର୍ କିତ୍‌ତାନ୍‌ନା, "ଇଦାଂ ଆନ୍ ନଙ୍ଗ୍ ହାତ୍‌ପା ପୁଚାଙ୍ଗ୍ ।"
୧୨ ହେୱାନ୍ ଇ କାତା ଜାଗ୍ରତ୍ ଆଜି ମାର୍କ କୁକ୍‌ନି ଜହନ୍‌ତି ତେହି ମରିୟମ୍ ଇଞ୍ଜ ୱାତାନ୍; ହେ ବାହାତ ବେସି ରୁଣ୍ଡା ଆଜି
ପାର୍ତାନା କିଜି ମାଚାର୍ ।
୧୩ ପିତର୍ ବାତର୍ ଦୁୱେର୍‌ତ ଇଡ଼୍‌ତିଲେ, ରଦା ତର୍‌ନି ରଞ୍ଜେଲ୍ ଆଡ଼ିଏଣି ଇନେର୍ ଇଞ୍ଜି ୱେନ୍‌ବେଦେଂ ହାଚାତ୍ ।
୧୪ ହେୱାନ୍ ପିତର୍‌ତି କାଟ୍ ବେସି ୱାରି କାଜିଂ ଦୁୱେର୍ ଜେୱାଦାଂ ବିତ୍ରେ ହଞ୍ଚି ହାଲ୍‌ଜି, ଦୁୱେର୍ ଲାସେଙ୍ଗ୍ ପିତର୍
ନିଲ୍‌ତାନ୍ନା ଇଞ୍ଜି ଇଚାତ୍ ।
୧୫ ହେୱେକ୍ ହେଦେଲିଂ ଇଚିକ୍, "ଏନ୍ ବାଇରି । ମାତର୍ ହେୱେକ୍ ହେଦାଂ ସତ୍ ଇଞ୍ଜି ଆଟ୍‌ୱା ଲାକେ ଇଞ୍ଜେଙ୍ଗ୍
ଲାଗିତିକ୍ । ହେୱେକ୍ ଇଚିକ୍ ଇୱାନ୍ ହେୱାନ୍ତି ଦୁତ୍ ।"
୧୬ ମାତର୍ ପିତର୍ ଦୁୱାର୍‌ତ ତାୟ୍‌ନାତ୍ ଇଡ଼୍‌ଜି ମାଚାନ୍, ଆରେ ହେୱେକ୍ ଜେସି ହେୱାନିଂ ହୁଡ଼୍‌ଜି କାବା ଆତିକ୍ ।
୧୭ ମାତର୍ ହେୱାନ୍ ହେୱାରିଂ ଚିମ୍‌ରା ଆଜି ମାଞ୍ଜେଙ୍ଗ୍ କାଜିଂ କେଇ ଜିଞ୍ଜି, ମାପ୍ରୁ ଇନେସ୍ ତାଙ୍ଗ୍ ଜଇଲ୍ ତାଂ ହପ୍‌ଚି
ତାହିୱାତାନ୍ନା, ହେଦାଂ ହେୱେକ୍ ଲାଗେ ହାନ୍ଦାୟ୍ କିତାନ୍ । ଆରେ ହେୱାନ୍ ଇଚାନ୍, "ଇ ୱିଜୁ କାତା ଜାକୁବ୍ ଆରି ପାତର୍
କିନି ଟଣ୍ଡାର୍‌ରିଂ ୱେଚାଟ୍ । ଆରେ, ହେୱାନ୍ ହାଲ୍‌ଜି ବିନ୍ ବାହାତ ତାଂଜି ହାଚାନ୍ ।"
୧୮ ନାଡ଼ିସ୍ ଆତି ପାଚେ ପିତର୍ ଇମେ ହାଚାନ୍ ଇଞ୍ଜି ମେଲ୍ୟାର୍ ବିତ୍ରେ ବେସି ୱିଣ୍‌ତାତ୍ ।
୧୯ ଆରେ ହେରଦ୍ ହେୱାନିଂ ଡେକ୍‌ଚି ଗାଟାୱିତିଲେ ଜାଗ୍‌ୱାଡ଼ାରିଂ ପର୍‌ସନ୍ କିତି ପାଚେ ହେୱାରିଂ ଅସ୍ତେଙ୍ଗ୍ କାଜିଂ ବଲ୍
ହିତାନ୍ ।
ପାଚେ ହେୱାନ୍ ଜିହୁଦା ରାଜିତାଂ କାଇସରିୟାତ ହାଲ୍‌ଜି ହେବେ ମାନ୍‌ଗାତାନ୍ ।

## ହେରଦ୍‌ତି ହାକି

୨୦ ହେ ଏଚେକାଡ଼୍‌ଦ ହେରଦ୍ ରାଜା ସର ଆରି ସିଦନ୍ ଲକୁ ଜପି ବୟଙ୍କାର୍ ରିସା ଆଜି ମାଚାନ୍, ଲାଗିଂ ହେୱାର୍ ବିତ୍ରେତାଂ
ର ଦଲ୍ ହେୱାନିଂ ଚଞ୍ଜ୍ୟା ଆଦେଂ ହାଚାର୍ । ପର୍ତୁମ୍ ହେୱାର୍ ହୁଞ୍ଜ୍‌ନି ଇଲ୍‌ତ ଦାୟିତ୍‌ତ ମାନି ବ୍ଲାସ୍ତିଂ ବୁଜାୟ୍ କିଜି ତା

ଉପ୍‌କାର୍ ପାୟାତାର୍ । ତା ପାଚେ ହେୱାର୍ ହେରଦ୍‌ତି ଲାଗାଂ ହାଲ୍‌ଜି ସୁସ୍ତା ବିକ୍ୟା କିତାର୍, ଇନେକିଦେଂକି ହେରଦ୍‌ତି
ରାଜିତାଂ ହେୱାର୍‌ତି ଦେସ୍‌ତାଂ ଗାଦି ଗାଦି ଆଡ଼୍‌ମାଡ଼୍ ହାଲ୍‌ଜି ମାଚାଡ଼୍ ।
୨୧ ଲାଗିଂ ର ତିର୍ କିତି ନାଜିଂ ହେରଦ୍ ରାଜା ହେନ୍ଦ୍ରା ଉସ୍ପିସ୍ ଗାଦିତ କୁଚ୍‌ଚି ହେୱାର୍‌ତି ଲାଗେ ସୁଣାୟ୍ କିତାନ୍,
୨୨ ହେବେ ମାନାୟାର୍ ଆଲା ଆଜି ଇଞ୍ଜେଙ୍ଗ୍ ଲାଗାତାର୍, "ଇଦାଂ ତ ଇସ୍ୱର୍‌ତି କାଟ୍, ମାନାୟ୍‌ତି କାଟ୍ ଆକାୟ୍ ।"
୨୩ ହେ ଦାପ୍ରେ ମାପ୍ରୁତି ରଞ୍ଜେଲ୍ ଦୁତ୍ ହେରଦ୍‌ତିଂ ମାଡ଼୍‌ଜି କିତାଡ଼୍, ଇନାକିଦେଂକି ହେୱାନ୍ ଇସ୍ୱର୍‌ତିଂ ଜାଜ୍‌ମାଲ୍
ହିୱାତାନ୍, ଆରେ ହେୱାନ୍ ପ୍ପି ହୁଦାଂ ତିନ୍ୟା ଆଜି ପାରାଣ୍ ପିସ୍ତାନ୍ ।
୨୪ ମାତର୍ ଇସ୍ୱର୍‌ତି ବଚନ୍ ଆଦିକ୍ ମେଙ୍ଗ୍‌ଦେଂ ଲାଗାତାଡ଼୍ ।
୨୫ ପାଚେ ବର୍ଣ୍ଣବା ଆରି ସାଉଲ୍ ଜାର୍‌ତି ଲକାରିଂ ହେବାକାମାୟ୍ ୱିସ୍ତି ଜହନ୍‌ତିଂ କୁକ୍‌ନି ତର୍ ମାର୍କ ହାଙ୍ଗ୍ ଅଜି
ଜିରୁସାଲମ୍‌ତ ଲେଉଟା ଆଜି ହାଚାର୍ ।

# ୧୩

## ବର୍ଣ୍ଣବା ଆରି ସାଉଲ୍ ପକ୍ୟାତି ଚେଲା ଲାକେ ବାଚିକିୟା ଆତାନ୍

୧ ହେପାଦ୍‌ନା ଆନ୍ତିୟକିଆନି ମଣ୍ଡ୍‌ଲିତ ବର୍ଣ୍ଣବା, ସିମିୟନ୍, ଇନେରିଂ ନିଗର ଇଞ୍ଜି ଇନାର୍, କୁରିଣିୟ ଲୁକିୟ, ସାମନ୍ତରାଜା
ହେରଦ୍‌ତି ରଚେ ପହାକିତି ମନହେମ ଆରି ସାଉଲ୍, ହେୱାର୍ ବେଣ୍‌ବାକ୍‌ଣାୟ୍‌କିନାକାର୍ ଆରି ଗୁରୁର୍ ମାଚାର୍ ।
୨ ହେୱାର୍ ମାପ୍ରୁତି ହେବା ଆରି ଉପାସ୍ କିନି ୱେଡ଼ାଲିଂ ପୁଇପୁୟା ଜିବୁନ୍ ଇଚାଡ଼୍, "ଇମ୍‌ଣି କାମାୟ୍ କାଜିଂ ଆପ୍ ବର୍ଣ୍ଣବା
ଆରି ସାଉଲ୍‌ତିଂ ବାଚି କିତାପ୍‌ନ୍ନା, ହେଦାଂ କାଜିଂ ହେୱାରିଂ ବିନେ କିୟାଟ୍ ।"
୩ ହେବେ ହେୱାର୍ ଉପାସ୍ ଆରି ପାର୍ତାନା କିତି ପାଚେ ହେୱାର୍ ଜପି କେଇ ହିଜି ହେୱାରିଂ ହେଲ ହିତାର୍ ।

## ସାଇପ୍ରସ୍‌ତ ହେବାକାମାୟ୍

୪ ଇ ବାନି ବର୍ଣ୍ଣବା ଆରି ସାଉଲ୍ ପୁଇପୁୟା ଜିବୁନ୍ ହୁଦାଂ ପକ୍ୟା ଆଜି ସେଲୁକିଆତ ହାଚାର୍; ହେବେତାଂ ହେୱାର୍
ହାମ୍‌ଦୁର୍ ଜାଜ୍‌ତ ଦୁମ୍‌ଜି କୁପ୍ରତ ହାଚାର୍ ।
୫ କାମ୍‌ଲିୟାର୍ ସାଲାମି ବସ୍ତିତ ଏକିତି ପାଚେ ଜିହୁଦିର୍‌ତି ୱିଜୁ ପାର୍ତାନା ଇଲ୍‌ତ ଇସ୍ୱର୍‌ତି ବଚନ୍ ପୁଚାର୍ କିଦେଙ୍ଗ୍
ଲାଗାତାର୍; ଆରେ, ଜହନ୍ ମାର୍କ ପା ହେବାକାର୍‌ୟା ଲାକେ ହେୱାର୍ ହୁକେ ମାଚାନ୍ ।
୬ ଆରେ, ହେୱାର୍ ୱିଜୁ ଏସ୍‌କୁପ୍‌ଲି ବୁଲା ଆଜି ପାପତ ୱାଜି ରୱାନ୍ ଚୁଟ୍‌କି ଚାକ୍ରାୟ୍ ବେଣ୍‌ବାକ୍‌ଣାୟ୍‌କିନାନ୍‌ନିଂ
ହୁଡ଼୍‌ତାର୍; ହେୱାନ୍ ରୱାନ୍ ଜିହୁଦି, ଆରେ ତା ତର୍ ବର୍ଜିସୁ ।
୭ ହେୱାନ୍ ସାସନ୍ କାର୍‌ୟା ସେର୍ଗିୟ ପାଉଲ୍ ସାଙ୍ଗ୍ ମାଚାନ୍, ହେ ସାସନ୍‌କାର୍‌ୟା ରୱାନ୍ ବୁଦିକାର୍‌ୟା ମୁଣିକା ।
ହେୱାନ୍ ଇସ୍ୱର୍‌ତି ବଚନ୍ ୱେଞ୍ଜେଙ୍ଗ୍ ମାନ୍ କିଜି ବର୍ଣ୍ଣବା ଆରି ସାଉଲ୍‌ତିଂ ଲାଗାଂ କୁକ୍‌ତାନ୍ ।
୮ ମାତର୍ ହେ ଚୁଟ୍‌କି ଅଲ୍ଲିମା ଇଦାଂ ତା ଗ୍ରିକ୍ ତର୍ । ହେୱାରିଂ ବାଦା ହିତାଡ଼୍ ଇନାକିଦେଂକି ହେୱାନ୍ ସାସନ୍‌କାର୍‌ୟାଙ୍ଗ୍
କ୍ରିସ୍ଟ ପାର୍ତି କିନାକାର୍ କାଜିଂ ଅଲ୍‌ଗା କିଜି ଇଡ଼୍‌ଦେଂ ଚେସ୍ଟା କିଜି ମାଚାର୍ ।
୯ ମତର୍ ସାଉଲ୍, ଇନେରିଂ ପାଉଲ୍ ପା ଇନାର୍, ପୁଇପୁୟା ଜିବୁନ୍‌ତ ବାର୍ତି ଆଜି ତାଙ୍ଗ୍ ମିଟ୍‌କିୱାଦାଂ ହୁଡ଼୍‌ଜି ଇଚାନ୍,
୧୦ ଏ "ସୟ୍‌ତାନ୍ ମାଜି, ୱିଜୁ ବାନି ଟକ୍‌ୱା ଆରି କାପ୍‌ଟିତ ମାନ୍‌ତ ବାର୍ତି, ଆରେ ୱିଜୁ ବାନି ଦାର୍ମିତିଂ ନି ସାତ୍ରୁରିଂ,
ଏପେଙ୍ଗ୍ ମାପ୍ରୁତି ସିଦା ହାଜିଡ଼ିଂ ବାଂଟା କିଦେଙ୍ଗ୍ କାମାୟ୍ କିନାୟା ?
୧୧ ଆରେ ନଙ୍ଗ୍ ହୁଡ଼ାଟ୍, ମାପ୍ରୁତି କେଇ ମି ଜପି ମାନାଡ଼୍, ଏପେଙ୍ଗ୍ କାଣା ଆଜି ଏଚେକ୍ ଗାଡ଼ି ପାତେକ୍ ୱେଡ଼ା ହୁଡ଼୍‌ରୁଦେର୍
।"
ହେ ଦାପ୍ରେ ଗୁକ୍‌ଟା ଆରି ମାଜ୍‌ଗା ତାଙ୍ଗ୍ ଡାବାୟ୍ କିତାଡ଼୍, ଲାଗିଂ ତାଙ୍ଗ୍ କେଇ ଆସ୍ତି ହାଜି ଚଚେଂ କାଜିଂ ହେୱାନ୍ ଇନ୍‌ଟିଂ
ହାନ୍‌ଟିଂ ବାଇବିକଲ୍ ଆଜି ମାନାୟ୍‌ତିଂ ଡେକ୍‌ତେଂ ଲାଗାତାନ୍ ।
୧୨ ହେ ସାସନ୍‌କାର୍‌ୟା ଇ ଗଟ୍‌ଣା ହୁଡ଼୍‌ଜି ପାର୍ତି କିତାନ୍ ଇନାକିଦେଂକି ମାପ୍ରୁତି ସିକ୍ୟା ୱେନ୍‌ଞ୍ଜି କାବା ଆଜି ପାର୍ତି
କିତାନ୍ ।

## ଆନ୍ତିୟକିଆତ ପିସିଦିଆନି ହେବାକାମାୟ୍

୧୩ ପାଚେ ପାଉଲ୍ ଆରି ତା ହାଙ୍ଗ୍‌ଦାକାର୍ ପାପ୍ ତର୍‌ନି ବାହା ଏଜୁକ୍‌ଆଂ ହାଲ୍‌ଜି ପଂପୁଲିଆନି ପର୍ଗିତ ୱାତାନ୍; ଜହନ୍
ତର୍‌ନି ମାର୍କ ହେୱାରିଂ ଇବେତାଂ ପିସ୍ତି ଜିରୁସାଲମ୍‌ତ ମାସ୍‌ଦି ହାଚାନ୍ ।
୧୪ ହେୱାର୍ ପର୍ଗିତାଂ ହସି ୱାଜି ପିସିଦିଆନି ଆନ୍ତିୟକିଆତ ଇକାତାର୍, ଆରେ ଜମ୍‌ନିବାର୍‌ତ କୁଟୁମ୍ ଇଞ୍ଜ ହାଲ୍‌ଜି
କୁଚ୍‌ଚାର୍ ।
୧୫ ଆରେ, ବିଦି ଆରି ବେଣ୍‌ବାକ୍‌ଣାୟ୍‌କିନାକାର୍ ସାସ୍ତର୍ ପଡ଼ିକିତି ପାଚେ ପାର୍ତାନା ଇଲ୍‌ନି ମୁଣିକାର୍ ହେୱାର୍‌ତି ତାକେ
ସାସ୍ ହିଜି ଇଦାଂ ୱେଚ୍‌ଚି ପକ୍‌ତାନ୍, "ଟଣ୍ଡାର୍, ଦୁକ୍‌ସାରାୟ୍ କିନାକା ଲକାର୍ କାଜିଂ ଜଦି ଏପେଙ୍ଗ୍ ଇମ୍‌ଣି ବୁଜାନି କାତା
ମାନାଡ଼୍, ଲାଗିଂ ୱେଚ୍‌ଚାଟ୍ ।"

୧୬ ହେବେ ପାଉଲ୍ ନିଲ୍‌ଚି କେଇଦାଂ ୱାଚ୍‌କା ଚଚ୍‌ଚି ଇଞ୍ଜେଙ୍ଗ୍ ଲାଗାତାନ୍,
"ଏ ଇସ୍ରାଏଲିୟ ଲକୁ ଆରି ଇସ୍ୱର୍‌ତିଂ ପାଣ୍ଡ୍ରା ଆନାକାର୍, ପାତର୍ କିୱି ଜିହୁଦି ନା କାତା ୱେନାଟ୍ ।
୧୭ ଇ ଇସ୍ରାଏଲ୍ ଜାତିନି ଇସ୍ୱର୍ ମା ଆବାଲାତ୍ରାରିଂ ବାଚି କିତାନ୍, ଆରେ ହେୱାର୍ ମିସର୍ ଦେସ୍‌ତ ବାହା କିଜିମାନି
ୱେଡ଼ାଲିଂ ହେୱାରିଂ ନିକ୍‌ତାନ୍, ଆରେ ସାକ୍ତିନି ବାପାଙ୍ଗ୍ ହୁଦାଂ ମିସର୍‌ତାଂ ହେୱାରିଂ କାଡାୟ୍ କିଜି ତାହିୱାତାନ୍ ।
୧୮ ପାଚେ ରିକଡ଼ି ବାର୍ହୁ ପାତେକ୍ ବାଟାତ ହେୱାନ୍ ହେୱାରିଂ ଚିନ୍ତା ହୁଆନ୍,
୧୯ ଆରେ କିଣାନ୍ ଦେସ୍‌ତ ସାଡ଼ଗଟା ଜାତିତିଂ ବୁଡାୟ୍ କିଜି ତା ବାଚିକିତି ମାନାୟାରିଂ ହେ ଦେସ୍ ହିତାନ୍ ।"
୨୦ ଇଦାଂ ପାଚେ ବେଣ୍‌ବାକ୍‌ଣାୟ୍‌କିନାକାର୍ ସାମୁୟେଲ୍ ପାତେକ୍ ବିଚାର୍‌କାର୍‌ୟାରିଂ ବାଚି କିତାର୍ ।
"ଇଦାଂ ପାଚେ ବେଣ୍‌ବାକ୍‌ଣାୟ୍‌କିନାକାନ୍ ସାମୁଏଲ୍‌ତି ପାତେକ୍ ବିଚାର୍‌କାର୍‌ୟାରିଂ ବାଚି କିତାନ୍ ।
୨୧ ତା ପାଚେ ହେୱାର୍ ର ରାଜା ଗାଟାଦେଂ କାଜିଂ ପାର୍ତାନା କିତାର୍, ଆରେ ଇସ୍ୱର୍ ରିକଡ଼ି ବାର୍ହୁ ପାତେକ୍ ବିନ୍ୟାମିନ୍
କୁଟୁମ୍‌ନି କିସ୍ତି ମେହି ସାଉଲ୍‌ତିଂ ହେୱାନ୍ ହିତାନ୍ ।
୨୨ ପାଚେ ଇସ୍ୱର୍ ହେୱାନିଂ ଗାଦିତାଂ ଜୁଡ଼ତି ହେୱାର୍‌ତି ରାଜା ଆଦେଂ କାଜିଂ ଦାଉଦ୍‌ତିଂ ନିକ୍‌ତାନ୍; ହେୱାନ୍ ପା ତା
ବିସ୍ରେ ସାକି ହିଜି ଇଚାନ୍, ଆନ୍ ଜିସିୟତି ମେହି ଦାଉଦଂ ଗାଟାତାପ୍‌ନା, ହେୱାନ୍ ମା ମାନ୍ତ କାତା ଇନାନ୍, ହେୱାନ୍ ୱିଜୁ
ବିସ୍ରେ ହାଂଜି ନା ଇଚା ମାନି କିନାନ୍ ।"
୨୩ ତା ଲାତ୍ରାତାଂ ଇସ୍ୱର୍ ପାର୍ମାଣ୍ ହୁଦାଂ ଇସ୍ରାଏଲ୍ କାଜିଂ ରୱାନ୍ ମୁକ୍ତିକିନାକାନ୍ ଇଚିସ୍ ଜିସୁତିଂ ଉବ୍‌ଜାଣ୍ କିତାନ୍‌ନ୍ନା ।
୨୪ ✡ ଜିସୁ ତା କାମାୟ୍ ଆରମ୍ କିନି ଆଗେ ଜହନ୍ ସବୁ ଇସ୍ରାଏଲ୍ ଲକୁତାକେ ଆକ୍‌ତୁ ମାନ୍‌ବାଦ୍‌ଲାୟ୍‌ନି ବାପ୍ତିସିମ୍ ସୁଣାୟ୍
କିଜି ମାଚାନ୍;
୨୫ ✡ଆରେ, ଜହନ୍ ଜାର୍ କିତି କାମାୟ୍ କିଉ କିଉ ଇଚାନ୍, "ଆନ୍ ଇନେନ୍ ଇଞ୍ଜି ଏପେଙ୍ଗ୍ ବାବି କିନାଦେରା, ଆନ୍
ହେୱାଙ୍ଗ୍ ଆକାୟ୍ । ମତର୍ ହୁଡ଼ାଟ୍, ନା ପାନାନି ପାଣ୍ଡାଇଙ୍ଗ୍ ଡରି ରିକ୍‌ତେଂ ଆନ୍ ସମାନ୍ ଆକାୟ୍ ।"
୨୬ "ଏ ଟଣ୍ଡାର୍, ଅବ୍ରାହାମ୍‌ତି ଲାତ୍ରାନି ହିମ୍‌ଣାୱାକ୍‌ଡ଼ା ଆରି ମି ବିଡ୍ରେତାଂ ଇସ୍ୱର୍‌ତିଂ ପାଣ୍ଡ୍ରା ଆନାକାର୍ ମା ଲାଗେ ଇ ମୁକ୍ତିନି
ବଚନ୍ ପକ୍ୟା ଆତାଡ଼ନ୍ନା ।
୨୭ ଇନାକିଦେଂକି ହେୱାନ୍ ଜେ ମୁକ୍‌ଡ଼ାତି ମୁଣିକା ଇଲ୍ ପୁନ୍‌ୱାଦାଂ ମାଚାର୍ ଜିରୁସାଲମ୍‌ତ ବାହା କିନାକାର୍ ଆରେ
ହେୱାର୍‌ତି ବିଚାର୍ କାର୍‌ୟା ହେୱାନିଂ, ଆରେ ନିଡ୍ରେ ଜମ୍‌ନିବାର୍‌ତ ପାଟ୍ ପଡ଼ିକିନାକା ବେଣ୍‌ବାକ୍‌ଣାୟ୍‌କିନାକାର୍ ବଚନ୍
ସବୁ ପୁନ୍‌ୱିତିଲେ ହେୱାନିଂ ଦସି କିଜି ହେ ୱିଜୁ ପୁରା କିତାନ୍,
୨୮ ✡ଆରେ, ହେୱାନ୍ତି ପାରାଣ୍ ଡାଣ୍ଡନି ଇମ୍‌ଣାକା ପା ନିଂ ଗାଟାୱିତିଲେ ହେୱାନିଂ ଅସ୍ତେଙ୍ଗ୍ କାଜିଂ ପିଲାତଙ୍ଗ୍ ଗୱାରି
କିତାର୍ ।
୨୯ ✡ଆରେ, ହେୱାନ୍ତି ବିସ୍ରେ ଦର୍ମ ସାସ୍ତର୍‌ତ ଇନାକା ସବୁ ଲେକା ଆତାଡ଼ନ୍ନା, ହେ ୱିଜୁ ହେୱାର୍ ପୁରା କିତି ପାଚେ
ହେୱାନିଂ କ୍ରୁସ୍‌ତାଂ ଜୁଡ଼ତି ତାହି ଦୁଗେର୍‌ତ ମୁଚ୍‌ଚାର୍ ।
୩୦ ମାତର୍ ଇସ୍ୱର୍ ହେୱାନିଂ ହାତାକାର୍‌ତାଂ ନିକ୍‌ତାନ୍ନା,
୩୧ ✡ଆରେ, ଇମ୍‌ଣାକାର୍ ହେୱାନ୍ତି ହୁଦାଂ ଗାଲିଲିତାଂ ଜିରୁସାଲମ୍‌ତ ୱାଜି ମାଚାର୍, ହେୱାର୍ ବେସି ଦିନ୍ ପାତେକ୍
ହେୱାନିଂ କେଚ୍‌କଣ୍ ପାୟାତାର୍; ହେୱାର୍ ନଙ୍ଗ୍ ଇସ୍ରାଏଲ୍ ମାନାୟାର୍ ଲାଗାଂ ହେୱାନ୍ତି ସାକି ଆନାପ୍ ।
୩୨ ଆରେ, ଆବାଲାତ୍ରାଡି ଲାଗେ କିତି ପାର୍ମାଣ୍ ବିସ୍ରେ ଆପେଂ ମିଙ୍ଗେଙ୍ଗ୍ ଇ ନେକ୍ରିକାବୁର୍ ୱେଟ୍‌ଚାନାପା,
୩୩ ଇସ୍ୱର୍ ଜିସୁଙ୍ଗ୍ ନିକ୍‌ଚି ହେୱାର୍‌ତି ହିମ୍‌ଣାଂ ଜେ ଆସେଙ୍ଗ୍, ମା କାଜିଂ ହେ ପାର୍ମାଣ୍ ପୁରା କିତାନ୍‌ନ୍ନା, ଇନେସ୍ ଗିତ
ସଂଗିତା ଦୁଇ ବାଗ୍‌ତ ନାନ୍ଦ୍‌ତ ପା ଲେକାମାନାଡ଼୍,
ଏନ୍ ନା ମାଜି,
ନେଞ୍ଜେଙ୍ଗ୍ ଆନ୍ ନିଂ ଆବା ଆତାଂନା ।"
୩୪ ଆରେ ଦୁଗେର୍‌ତ ବୁଡାଦେଂ ପିସ୍‌ସି ହିୱାଦାଂ ହେୱେନିଂ ହାକିତାଂ ନିକ୍‌ତେଂ ଇସ୍ୱର୍ ଇ କାତା ଇଚାନ୍;
ଦାଉଦ୍ ହିଜି ମାନି ପାତର୍ ଇସାବ୍ରେ
ଆନ୍ ମିଙ୍ଗେଙ୍ଗ୍ ପୁଇପୁୟା ଆରି ହାଡ଼ପା ଦୟା ଦାନ୍ କିଦ୍‌ନାଙ୍ଗ୍ ।
୩୫ ଆରେ, ହେୱାନ୍ ପା ଆରେ ରଞ୍ଜାଙ୍ଗ୍ ନାନ୍ଦ୍‌ତ ଇଚାନ୍ନା,
"ଏନ୍ ଜାର୍ ପୁଇପୁୟା ହେବାକାର୍‌ରିଂ ନସ୍ଟ ଆଦେଂ ହିଉୟ୍ ।"
୩୬ ଦାଉଦ୍ ତ ଜାର୍ ହାରି ୱେଡ଼ାନି ମାନାୟାର୍ ବିଡ୍ରେ ଇସ୍ୱର୍‌ତି କିତି ଆଗେ ହୁଦାଂ ହେବାକିନାକା କାମାୟ୍ କିତିପାଚେ
କାଣ୍‌କୁଜୁଆନ୍ ଆରି ଜାର୍ ଆବା ଲାତ୍ରାର୍ ଲାଗେ କବର୍ ପାୟା ଆଜି ଜିରା ଆତାନ୍;
୩୭ ମାତର୍ ଇନେରିଂ ଇସ୍ୱର୍ ନିକ୍‌ତାନ୍ନା, ହେୱାନ୍ ନସ୍ଟ ଆୱାତାନ୍ନା ।

✡ **୧୩:୨୪** ମାର୍କ ୧:୪; ଲୁକ ୩:୩. ✡ **୧୩:୨୫** ଜହନ୍ ୧:୨୦; ମାତିଉ ୩:୧୧; ମାର୍କ ୧:୭; ଲୁକ ୩:୧୬; ଜହନ୍ ୧:୨୭. ✡ **୧୩:୨୮** ମାତିଉ ୨୭:୨୨,୨୩; ମାର୍କ ୧୫:୧୩,୧୪; ଲୁକ ୨୩:୨୧-୨୩; ଜହନ୍ ୧୯:୧୫. ✡ **୧୩:୨୯** ମାତିଉ ୨୭:୫୭-୬୧; ମାର୍କ ୧୫:୪୨-୪୭; ଲୁକ ୨୩:୫୦-୫୬; ଜହନ୍ ୧୯:୩୮-୪୨. ✡ **୧୩:୩୧** ପକ୍ୟାତାକା ୧:୩.

୩୮ ଲାଗିଂ, ଏ ଟଣ୍ଡାର୍ ଏପେଙ୍ଗ୍ ପୁନାଟ୍, ମସାତି ଲାହାଂ ମୁକ୍ଡ଼ା ଆଦେଂ ଆଡ୍ୱାତାର୍, ମାପୁ ଜିସୁ ହୁକେ କେବଲ୍ ପାପ୍
କେମାନି ଆପେଂ ପର୍ଚାର୍ କିୟା ଆନାତା ।
୩୯ ମସାତି ବିଦି ହୁଦାଂ ପାପ୍ କେମା ପାୟାୱିତି ୱିଜାର୍ ହେ ଜିସୁ ହୁକେ ପାତର୍ିକିନି କାଜିଂ ହେ ପାପ୍ କେମା ପାୟାନାର୍
ଇଦାଂ ଏପେଙ୍ଗ୍ ବୁଜାନି ଲଡ଼ା ।
୪୦ ଲାଗିଂ ଜାଗ୍ରତ୍, ଏଚେକାଡ଼୍ଦ ବେଣ୍ବାକ୍ଣାୟ୍କିନାକାର୍ ସାସ୍ତର୍ରର୍ତ ଇନାକା ଇନ୍ୟାତାଡ୍ନ୍ନା, ହେଦାଂ ଇନେସ୍ ମି କାଜିଂ
ଗିଟାମେତ୍,
୪୧ "ଏ ମାନିକିୱି ଲଗୁ,
ଏପେଙ୍ଗ୍ ହୁଡ଼୍ଜି, ଆରେ କାବା ଆଜି ନ଼ସ୍ଟ ଆଡୁ;
ଲାଗିଂ ଆନ୍ ମି ୱେଡ଼ାଲିଂ ର କାମାୟ୍ ପୁରା କିତାଂନ୍ନା,
ଜଦି ଇନେର୍ ହେ କାମାୟ୍ ମି ତାକେ ହାନ୍ଦାୟ୍ କିତିସ୍,
ୱାଟିଙ୍ଗ୍ ଏପେଙ୍ଗ୍ ମୁଡ଼୍କେ ହେଦେଲିଂ ପାତର୍ିକିମାଟ୍ ।"
୪୨ ପାଉଲ୍ ଆରି ବର୍ଣ୍ଣବା ହସି ହାନି ୱେଡ଼ାଲିଂ, ଇନେସ୍ ଆର୍କାଡ୍ ଜମ୍ନିବାର୍ତ ହେ ସବୁ ବଚନ୍ ହେୱାରିଂ ଇନ୍ୟାନାଡ୍ ?
ଇଦାଂ କାଜିଂ ହେୱାର୍ ଗୱାରି କିଦେଙ୍ଗ୍ ଲାଗାତାର୍ ।
୪୩ ମିଟିଂ ଇଲ୍ ୱିଜୁଡ଼ି ପାଚେ ଜିହୁଦି ଆରି ଜିହୁଦି ମାଡ୍ଣିୟାର୍ ପାତର୍ିକିୱି ଜିହୁଦିର୍ ବିଡ୍ରେ ବେସି ପାଉଲ୍ ଆରି ବର୍ଣ୍ଣବାତି
ପାଚେ ପାଚେ ହାଚାର୍, ହେୱାର୍ ପକ୍ୟାତାକାରିଂ ହୁକେ କାତାବାର୍ତା କିଜି ଇ଼ସ୍ୱର୍ତି ଦୟାତ ତିର୍ ଆଜି ମ଼ାଞ୍ଜେଙ୍ଗ୍ ହେୱାରିଂ
ରାଜି କ଼ିକିତାର୍ ।
୪୪ ଆରେ, ଆର୍କାଡ୍ ଜମ୍ନିବାର୍ତ ୱିଜାକ଼ାର୍ ଗାଡ଼୍ନି ଲକୁ ମାପୁତି ବଚନ୍ ୱେଞ୍ଜେଙ୍ଗ୍ କାଜିଂ ରୁଣ୍ଡା ଆତାର୍ ।
୪୫ ମାତର୍ ଜିହୁଦିର୍ ମାନାୟାରିଂ ହୁଡ଼୍ଜି ରିସାତ ବାତର୍ି ଆତାର୍, ଆରେ ନିନ୍ଦା କିଉ କିଉ ପାଉଲ୍ତି କାତାତ ଆଡୁଙ୍ଗ୍
ଆଦେଂ ଲାଗାତାର୍ ।
୪୬ ହେବେଣ୍ଡାଂ ପାଉଲ୍ ଆରି ବର୍ଣ୍ଣବା ସାସ୍ତାଂ ଇଚାର୍, ଆଗେ ମି ଲାଗେ ଇସ୍ୱର୍ତି ବଚନ୍ ଇନାକା ମାଚାଡ୍; ଏପେଙ୍ଗ୍
ହେଦାଂ ମୁନାକିଜି ଜ଼ାର୍ ଜାର୍ତିଂ ୱିଜ୍ୱି ଜିବୁନ୍ନି ଆଟ୍କାଡ୍ ଇଞ୍ଜି ବିଚାର୍ କିଜି ମ଼ାଚିଲେ, ହୁଡ଼ାଟ୍, ଆପେଂ ପାତର୍ିକିୱି
ଜିହୁଦି ତାକେ ହାନାପା,
୪୭ ଇନାକିଦେଂକି ମାପୁ ମାଂ ଇ ବାନି ବଲ୍ ହିଡ୍ତାର୍ଣ୍ଣା,
"ଆପେଂ ପାତର୍ିକିୱି ଜିହୁଦି ଅଜଡ଼୍ ଲାକେ ମିଙ୍ଗ୍ ରଚ୍ଚାତାପ୍ନ୍ନା,
ଇନେସ୍ ଏପେଙ୍ଗ୍ ପୁତର୍ିନି ହାନ୍ଦି ପାତେକ୍ ମୁକ୍ତିନି ଲାକେ ଆନାଦେର୍ ।"
୪୮ ପାତର୍ିକିୱି ଜିହୁଦିର୍ ଇଦାଂ ୱେନ୍ଞ୍ଜି ୱାର୍ୟା ଆତାର୍; ଆରେ, ମାପୁତି ବଚନ୍ନି ଜାଜ୍ମାଲ୍ କିଦେଙ୍ଗ୍ ଲାଗାତାର୍,
ଆରେ ଏଚେକ୍ ମାନାୟ୍ ୱିଜ୍ୱି ଜିବୁନ୍ନି କାଜିଂ ବାଚିକିୟା ଆଜି ମ଼ାଚାଦେର୍, ହେୱାର୍ ପାତର୍ିକିତାର୍,
୪୯ ଆରେ ୱିଜୁ ନ଼ିପ ମାପୁତି ବଚନ୍ ମେଙ୍ଗ୍ଜି ହାତାଡ୍ ।
୫୦ ମାତର୍ ଜିହୁଦି ଦରମ୍ ପାତର୍ିକିୱି ଜିହୁଦିର୍ ଗାଜା କଗ୍ଲେକାଂ ଆରି ଗାଡ଼୍ନି ମୁଡ଼୍ଦି ମୁଡ଼୍ଦି ମୁଣିକାରିଂ ଜିହୁଦିର୍
ଚେଗାୟ୍ କିତାର୍, ଆରେ ପାଉଲ୍ ଆରି ବର୍ଣ୍ଣବାତି ଜପି ନିନ୍ଦା ଗିଟାୟ୍ କିଜି ଜ଼ାର୍ ହାନ୍ଦିତାଂ ହେୱାରିଂ ହପ୍ଚି ତୁହିତାର୍ ।
୫୧ ✡ହେବେଣ୍ଡାଂ ପକ୍ୟାତାକାର୍ ଜାର୍ ଜାର୍ ପାନାନି ଦୁଡ଼ି ହେୱାର୍ ବିରୁଦ୍ତ ଡ଼ାଡ୍ତି ଇକନିୟତ ହାଚାର୍,
୫୨ ଆରେ ଆନ୍ତିକିୟ ଚେଲାର୍ ୱାରିତ ଆରି ପୁଇପୁୟା ଜିବୁନ୍ତ ବାତର୍ି ଆଦେଂ ଲାଗାତାର୍ ।

# ୧୪

## ଇକନିୟତ ହେବାକାମାୟ୍

୧ ଇକନିୟତ ପା ହେ ଲାକେ ଗିଟାତାଡ୍; ପାଉଲ୍ ଆରି ବର୍ଣ୍ଣବା ଜିହୁଦିର୍ ପାର୍ତାନା ଇଞ୍ଜ ହଣ୍ଜି ଏଲେଙ୍ଗ୍ ପର୍ଚାର୍ କିତାର୍
ଜେ, ଜିହୁଦି ଆରି ଗ୍ରିକ୍ତି ବିଡ୍ରେ ବେସି ଲକୁ ପାତର୍ିକିତାର୍ ।
୨ ମାତର୍ ଇମ୍ଣି ଜିହୁଦିର୍ ପାତର୍ିକିୱାତାର୍, ପକ୍ୟାତାକାର୍ ପାତର୍ିକିୱି ଜିହୁଦି ୱାସ୍କିତିଂ ଟିଉଲାୟ୍ କିଜି ଟ଼ଣ୍ଡାର୍
ବିରୁଦ୍ତ ବାନ୍ୟା ବାବ୍ନା ହପ୍ଚି ହିତାର୍ ।
୩ ପାଉଲ୍ ଆରି ବର୍ଣ୍ଣବା ବେସି ଦିନ୍ ପାତେକ୍ ହେ ବାହାତ ମାନ୍ଞ୍ଜି ମାପୁତି ଜପି ବାସର୍ି କିଜି ସ଼ାସ୍ତାଂ ପର୍ଚାର୍ କିତାର୍;
ଆରେ, ହେୱାର୍ତି କେଇ ହୁଦାଂ ବାର୍ବିନ୍ ଚିନ୍କୁ ଆରି କାବାନି କାମାୟ୍ କିଜି ଜ଼ାର୍ ଦୟାନି ବଚନ୍ ପାକ୍ୟାତ ସାକି ହିତାର୍
।
୪ ମତର୍ ଗାଡ଼୍ନି ଲକୁ ରିବାଗ୍ ଆତାର୍, ହେୱାର୍ ବିଡ୍ରେତାଂ କେଡ୍ଜାଣ୍ ଜିହୁଦିରିଂ ଆରି କେତେକ୍ ପକ୍ୟାତାକାର୍ରିଂ
ବାଚି କିତାର୍ ।

---

✡ **୧୩:୫୧** ମାତିଉ ୧୦:୧୪; ମାର୍କ ୬:୧୧; ଲୁକ ୯:୫; ୧୦:୧୧.

୫ ଏଚେକୋଡ଼ଦ ପାର୍ତକିୱି ଜିହୁଦିର୍ ଆରି ଜିହୁଦିର୍ ହେୱାର୍ତି ମୁଣିକା ହୁଦାଂ ହେୱାର୍ତି ଉଡ଼ପାଡ଼ କିଦେଙ୍ଗ୍ ଆରି
କାଲ୍କୁ ଇଡ଼ଦେଂ ତିର୍ କିତାର୍,
୬ ହେ ଏଚେକୋଡ଼ଦ ପକ୍ୟାତାକାର୍ ହେଦାଂ ପୁଞ୍ଜି ଲୁକାୟନିଆନି ଲୁସ୍ତ୍ରା ଆରି ଦର୍ବି ଗାଡ଼, ଆରେ ଚାରିବେଣ୍ତି ନିପ
ହନ୍‌ଚି ହାଚାର୍,
୭ ଆରେ ହେୱାର୍ ନେକ୍ରିକାବୁର୍ ସୁଣାୟ୍ କିଦେଙ୍ଗ୍ ଲାଗାତାର୍ ।

## ଲୁସ୍ତ୍ରା ଆରି ଦର୍ବିତ ପାଉଲ୍ ଆରି ବର୍ଣ୍ଣବା

୮ ଲୁସ୍ତ୍ରାତ ରୱାନ୍ ମାନାୟ୍ ମାଚାନ୍, ହେୱାନ୍ତି ପାନା ବେମାର୍, ହେୱାନ୍ ଆୟା ପଟତାଂ ଚଟା, ଆରେ ହେୱାନ୍ ଇନାୱାଡ଼ାଂ
ତାଂୱାଦାଂ ମାଚାନ୍ ।
୯ ହେ ମାନାୟ୍ ପାଉଲ୍‌ତି ପର୍‌ଚାର୍ ୱେନ୍‌ଞ୍ଜି ମାଚାନ୍ । ପାଉଲ୍ ତାଙ୍ଗ୍ ମିଟ୍‌କିୱାଦାଂ ହୁଡ଼୍‌ଜି ଉଜ୍ ଆନି କାଜିଂ ତା ପାର୍ତି
ମାଚିଲେ ହୁଡ଼୍‌ଜି ଗାଜା କାଟ୍‌ତାଂ ଇଚାନ୍ ।
୧୦ ପାଉଲ୍ ଗାଜାକାଟ୍‌ତାଂ ଇଚାନ୍ "ପାନାତ ବଜ୍ ହିଜି ହାଣ୍‌କୁ ଆଜି ନିଲା ।" ହେବେ ହେୱାନ୍ ଚାର୍‌ବେଣ୍‌ତାଂ ତାଂଦେଂ
ଲାଗାତାନ୍ ।
୧୧ ପାଉଲ୍ ଇନାକା କିତାନ୍‌ନ୍ନା, ଲକୁର୍ ହେଦାଂ ହୁଡ଼୍‌ଜି ଲୁକାୟନିଆ ବାସାତ ଗାଜାକାଟ୍‌ତ ଇଞ୍ଜେଙ୍ଗ୍ ଲାଗାତାନ୍,
"ପେନ୍‌କୁ ମାନାୟ୍ ଲାକେ ମା ବିଟ୍ରେତାଂ ଜୁଜି ୱାତାନ୍ନା ।"
୧୨ ହେୱାର୍ ବର୍ଣ୍ଣବାତିଂ ଜିଅସ୍ ନଲେ ପେନ୍‌କୁ ଆରି ପାଉଲ୍ ମୁଡ଼୍‌ଦାକାନ୍ ମାଚିଲେ ହେୱାନିଂ ହେରମିସ୍ ନଲେ ବାଗ୍
ପେନ୍ ଇଞ୍ଜି ଇଚାର୍ ।
୧୩ ଗାଡ଼୍ ମୁମ୍‌ଦ ମାନି ଜିଅସ୍ ମନ୍ଦିର୍‌ତ ମାପ୍ପୁହେବାକିନାକାନ୍ କେତେକ୍ ସଣ୍ଡ୍ ଆରି ପୁଇମାଡ଼୍ ନି ଦୁୱେର୍ ଲାଗେ ତାହି
ୱାଜି ପକ୍ୟାତାକାର୍ ହୁଦାଂ ପୁଜା ହିଦେଂ ମାନ୍ କିଜି ମାଚାର୍ ।
୧୪ ମାତର୍ ପକ୍ୟାତାକାର୍, ଇଚିସ୍ ବର୍ଣ୍ଣବା ଆରି ପାଉଲ୍ ଇଦାଂ ୱେନ୍‌ଞ୍ଜି ଜାର୍ ଜାର୍‌ତିଂ ହେନ୍ଦ୍ରା କେଚ୍‌ଚି ଲକୁ ବିଟ୍ରେ ବେଗି
ହଞ୍ଜିହାଲ୍‌ଜି ଗାଜାକାଟ୍‌ତାଂ ଇଞ୍ଜେଙ୍ଗ୍ ଲାଗାତାର୍;
୧୫ "ଏ ଗାଜାକାଦେର୍, ଇନାକିଦେଂ ଇ ୱିଜୁ କିନାଦେରା ? ଆପେଂ ପା ମି ଲାକେ ମାନାୟ୍‌କାପ୍, ମି ଲାଗାଂ ଇ
ନେକ୍ରିକାବୁର୍ ପର୍‌ଚାର୍ କିତାପ୍ନା, ଇନେସ୍ ଏପେଙ୍ଗ୍ ଇ ସବୁ ଆହାର୍ ଆଡ଼୍‌ମାଡ଼୍‌ତାଂ ମାସ୍‌ଦି ଜିଜି ମାନାକା ଇସ୍ୱର୍‌ତି କାଜିଂ
ମାସ୍‌ଦାନାର୍ । ହେୱାନ୍ ବାଦାଡ଼୍‌ତ ସବୁ, ପୁର୍ତି, ହାମ୍‌ଦୁର୍ ଆରି ହେ ସବୁତ ମାନି ୱିଜୁ ଉବ୍‌ଜାଣ୍ କିତାନ୍‌ନ୍ନା;
୧୬ ହେୱାନ୍ ଆଗେତାଂ ଆଣ୍ଡ୍ରାଂ ଦାରାମେରା ୱିଜୁ ଜାତିନି ଲଗାଂ ଜାର୍ ଜାର୍ ହାସ୍‌ଦ ତାଂଦେଂ ପିସ୍ତି ହିଜି ମାଚାନ୍ ।
୧୭ ଆତିସ୍‌ପା ହେୱାନ୍ ଜାର୍‌ତିଂ ସାକି ହିଲ୍‌ୱି କାଜିଂ ଇଟ୍‌ୱାତାନ୍ନା, ଇନାକିଦେଂ ହେୱାନ୍ ହାର୍ କିଡ଼୍‌ତାନ୍‌ନା, ଆରେ
ଆକାସ୍‌ତାଂ ବାର୍ହା ଆରି ପାଡ଼୍‌ହିନି କାଡ଼୍ ହିଜି ଇଟ୍‌କାଡ଼୍ ଆରି ୱାରିତାଂ ମିଙ୍ଗେଙ୍ଗ୍ ମାନ୍ତ ସାରି କିଡ଼୍‌ତାନ୍‌ନା ।"
୧୮ ଇ ସବୁ କାତା ଇଞ୍ଜି ହେୱାର୍ ବେସି କସ୍ଟତ ହେୱାର୍ କାଜିଂ ପୁଜା କିତିଲେ ଲକୁରିଂ ଟିମ୍‌ରା କିତାନ୍ ।
୧୯ ମାତର୍ ଆନ୍ତିୟକିଆ ଆରି ଇକନିୟତାଂ ହେବେ ଜିହୁଦିର୍ ୱାଜି ଲକୁରିଂ ବୁଜାୟ୍ କିତାର୍, ଆରେ ପାଉଲ୍‌ତିଂ କାଲ୍‌କୁ
ଇଡ଼୍‌ଜି ହେୱାନ୍ ହାତାନ୍ନା ଇଞ୍ଜି ବାବି କିଜି ବାର୍ତ ଜେଲ୍‌ଜି ଅତାର୍ ।
୨୦ ମତର୍ ଚେଲାର୍ ହେୱାନିଂ ଚାର୍‌ବେଣ୍‌ତାଂ ନିଲ୍‌ତିଲେ ହେୱାନ୍ ନିଂଜି ଗାଡ଼୍‌ଦ ହଟାନ୍ । ଆର୍କାଡ଼୍ ନାଜିଂ ବର୍ଣ୍ଣବାତି
ହୁଦାଂ ଦର୍ବିତ ହସି ହାଚାର୍ ।

## ସିରିଆନି ଆନ୍ତିୟକିଆତ ମାସ୍‌ଦି ୱାନାକା

୨୧ ପାଉଲ୍ ଆରି ବର୍ଣ୍ଣବା ହେ ଦର୍ବିତ ନେକ୍ରିକାବୁର୍ ସୁଣାୟ୍ କିଜି ଆରି ହେନିରିଂ ଚେଲା ଆତାକା ପାଚେ ଲୁସ୍ତ୍ରା, ଇକନିୟ
ଆରି ଆନ୍ତିୟକିଆତ ମାସ୍‌ଦି ୱାତାର୍,
୨୨ ଆରେ, ହେ ବାହାକାଂ ଚେଲାର୍‌ତି ୱାସ୍କିତିଂ ସୁସ୍ତା କିତାର୍ ଆରି ପାର୍ତିତ ଡାଟ୍ ମାନି କାଜିଂ ହେୱାରିଂ ୱାରିକିୟ୍ କିଜି
ଇଚାର୍, ବେସି ଦୁକ୍ କସ୍ଟ ପା ହିଜି ମାଂ "ଇସ୍ୱର୍‌ତି ରାଜିତ ହଣ୍ଡେଙ୍ଗ୍ ଆନାଡ଼୍ ।"
୨୩ ଆରେ, ହେୱାର୍ ହେୱାର୍ କାଜିଂ ଜାଣ୍‌କେ ମଣ୍ଡଲିତ ପ୍ରାଚିନାରିଂ ବାଚି କିଜି ଉପାସ୍ ହୁଦାଂ ପାର୍ତାନା କିତାର୍, ଆରେ
ଇମ୍‌ଣି ମାପ୍ପୁ ତାକେ ହେୱାର୍ ପାର୍ତି କିଜି ମାଚାର୍, ହେୱାନ୍ତି କେଇଦ ହେୱାରିଂ ହେଲାୟ୍ କିତାର୍ ।
୨୪ ପାଚେ ହେୱାର୍ ପିସିଦିଆ ନିପ ହିଜି ପଂପୁଲିଆତ ୱାତାର୍,
୨୫ ଆରେ ପଗର୍ତିତ ବଚନ୍ ପର୍‌ଚାର୍ କିଜି ଆତାଲିଆତ ହାଚାର୍ ।
୨୬ ହେବେତାଂ ଜାଜ୍‌ତ ଦୁମ୍‌ଜି ହେୱାର୍ ଆନ୍ତିୟକିଆତ ମାସ୍‌ଦି ୱାତାର୍, ହେୱାର୍ ଇମ୍‌ଣି କାମାୟ୍ କିଜି ମାଚାର୍, ହେଦାଂ
କିନି କାଜିଂ ଇସ୍ୱର୍‌ତି ଦୟାତ ହେଲାୟ୍ କିୟା ଆଜି ହେ ବାହାତାଂ ହସି ମାଚାର୍ ।
୨୭ ହେୱାର୍ ଆନ୍ତକିଆତ ଏକିସ୍ ମଣ୍ଡଲିନି ମାନାୟାରିଂ ରବେ କିତାର୍, ଇସ୍ୱର୍ ହେୱାର୍ କାଜିଂ ଇନାକା ସବୁ କିଜି ମାଚାଡ଼୍
ଆରି ପାର୍ତକିୱି ଜିହୁଦିର୍ କାଜିଂ ପାର୍ତିନି ଦୁୱେର୍ ଇନେସ୍ ଜେସି ମାଚାର୍ ହେ ସବୁ ହେୱେକାଂ ୱେଚ୍‌ଚାର୍ ।
୨୮ ଆରେ, ହେୱାର୍ ଚେଲାର୍ ହୁଦାଂ ବେସି ଦିନ୍ ପାତେକ୍ ମାଚାର୍ ।

# ୧୫

## ଜିରୁସାଲମ୍ ମଣ୍ଡଲିତ ସେବା

୧ ଇଦାଂ ବିତ୍ରେ ଏଚେକ୍ ଲକୁ ଜିହୁଦା ରାଜିତାଂ ୱାଜି ପାତିର୍ କିନି ଟଣ୍ଡାର୍‌ରିଂ ଇ ହିକ୍ୟା ହିଦେଂ ଲାଗାତାର୍, "ମସାତି
ବିଦି ଇସାପ୍ରେ ଏପେଙ୍ଗ୍ ସୁନ୍ନତ୍ ଆୱିତିସ୍ ରାକ୍ୟା ପାୟାଦେଂ ଆଡୁଦେର୍ ।"
୨ ଇବେ ପାଉଲ୍ ଆରି ବର୍ଣ୍ଣବାତି ହେୱାର୍ ହୁକେ ବେସି ଜିକାଟାଣା ଆରି କାତାତ ଜିକାଜିକି ଆତିଲେ ଟଣ୍ଡାର୍ ପାଉଲ୍
ବର୍ଣ୍ଣବ୍‌ବା ଆରି ଜାର୍ ବିତ୍ରେ ଆରେ ଏଚେଜାଣ୍ ଇ ପର୍‌ସନ୍ ଅଜି ଜିରୁସାଲମ୍‌ତ ପକ୍ୟାତାକାର୍ ଆରି ପ୍ରାଚିନାର୍ ଲାଗେ
ହାଲେର୍ ଇଞ୍ଜି ତିର୍ କିତାର୍ ।
୩ ଲାଗିଂ, ମଣ୍ଡଲି ହେୱାରିଂ ହାଜି ଚଚ୍‌ଚି ହେଲ ହିତି ପାଚେ ହେୱାର୍ ଫୈନିକିଆ ଆରି ସମିରଣ୍ ହିଜି ହାଲୁ ହାଲୁ
ପାତିର୍ କିୱି ଜିହୁଦିର୍ ମାନ୍‌ବାଦ୍‌ଲାୟ୍ ବିସ୍ରେ ହାନ୍ଦାୟ୍ କିଜି ୱିଜାର୍ ଟଣ୍ଡାର୍‌ତି ବେସି ୱାରିହପ୍‌ତାର୍ ।
୪ ପାଚେ ହେୱାର୍ ଜିରୁସାଲମ୍‌ତ ଇକିସ୍ ମଣ୍ଡଲି, ଆରେ ପକ୍ୟାତାକାର୍ ଆରି ପ୍ରାଚିନାର୍ ହୁଦାଂ ବାନ୍ଦାୟ୍ ପାୟାତାର୍,
ଆରେ ଇସ୍ୱର୍ ହେୱାର୍ ଲାହାଙ୍ଗ୍ ମାନ୍‌ଞ୍ଜି ଇନେସ୍ ୱିଜୁ କାମାୟ୍ କିଜି ମାଚାନ୍, ହେ ସବୁ ହାନ୍ଦାୟ୍ କିତାର୍ ।
୫ ମାତର୍ ପାରୁସି କୁଦାନି କେତେକ୍ ଜାଣ୍ ପାତିର୍‌ନିକାର୍ ନିଂଜି ଇଚାର୍, "ପାତିର୍ କିୱି ଜିହୁଦିର୍ ଚେଲାରିଂ ସୁନ୍ନତ୍ କିନାସ୍
ଆରି ମସାତି ବିଦି ମାନି କିଦେଙ୍ଗ୍ କାଜିଂ ହେୱାରିଂ ବଲ୍ ହିନାକା ଲଡ଼ା ।"
୬ ପାଚେ ଇ ବିସ୍ରେ କାତାବାର୍ତା କିନି କାଜିଂ ପକ୍ୟାତାକାର୍ ଆରି ପ୍ରାଚିନାର୍ ରୁଣ୍ଡା ଆତାର୍ ।
୭ ☆ବେସି କାତାବାର୍ତା ଆତି ପାଚେ ପିତର୍ ନିଂଜି ହେୱାରିଂ ଇଚାନ୍, "ଏ ଟଣ୍ଡାର୍, ତଣ୍‌ଦେକ୍ ଏପେଙ୍ଗ୍ ପୁଚାଦେର୍ଣ୍ଣା ଜେ,
ନା ୱେଇ ହୁଦାଂ ପାତିର୍ କିୱି ଜିହୁଦିର୍ ଇନେସ୍ ନେକ୍ରିକାବୁର୍ ୱେନ୍‌ଞ୍ଜି ପାତିର୍ କିତାର୍, ଇଦାଂ କାଜିଂ ବେସି ଦିନ୍ ଆଗେ
ଇସ୍ୱର୍ ବିତ୍ରେତାଂ ନାଙ୍ଗ୍ ବାଚି କିତ୍‌ତାନ୍‌ନା ।
୮ ☆ୱାସ୍କି ପୁନି ଇସ୍ୱର୍ ମାଂ ଇନେସ୍ ପୁଇପୁୟା ଜିବୁନ୍ ହିତ୍‌ତାନ୍ନା, ପାତିର୍ କିୱି ଜିହୁଦିର୍ ପା ହେ ଲାକେ ହିଜି ହେୱାର୍
ପାକ୍ୟାତ ସାକି ହିନାନା ।
୯ ଆରେ, ହେୱାନ୍ ମାଂ ଆରି ହେୱାର୍ ବିତ୍ରେ ଇନାକାପା ବିନ୍ ତାରେନ୍ ଇଟ୍‌ୱାଦାଂ ପାତିର୍ ହୁକେ ହେୱାର୍ ମାନ୍ତ ସକଟ୍
କିତାନ୍‌ନା ।
୧୦ ଲାଗିଂ ଇମ୍‌ଣି ଜୁୱାଣ୍ଡ ମାଂ ଆବା ଲାଡ୍ରା ଆରି ଆସେଙ୍ଗ୍ ପିଣ୍‌ଦେଂ ସାକ୍ତି ହିଲୁତ୍, ହେ ଜୁୱାଣ୍ଡ୍ ଚେଲାର୍ ନିପିତ ହିଜି
ଇନାକିଦେଂ ଏପେଙ୍ଗ୍ ଇସ୍ୱର୍‌ତିଂ ପରିକ୍ୟା କିନାଦେରା ?
୧୧ ଆକାୟ୍ ଇଦାଂ ସମାନ୍ ଆକାୟ୍ ହେୱାର୍ ଇନେସ୍ ପାତିର୍ କିଜି ରାକ୍ୟା ଆତାର୍ଣ୍ଣା, ଆପେଂ ପା ସମାନ୍ ହେ ଲାକେ
ପାତିର୍ କିଜି ମାପ୍ରୁ ଜିସୁତି ଉପ୍‌କାର୍ ଦୟା ପାୟାତାପ୍‌ନା ।"
୧୨ ଇବେ ସବାନିକାର୍ ଚିମ୍ରା ଆତାର୍, ଆରେ ବର୍ଣ୍ଣବା ଆରି ପାଉଲ୍ ହୁଦାଂ ପାତିର୍ କିୱି ଜିହୁଦିର୍ ବିତ୍ରେ ଇସ୍ୱର୍ ଇନେସ୍
ୱିଜୁ ଚିନ୍‌କୁ ଆରି କାବାନି କାମାୟ୍ କିଜି ମାଚାନ୍, ହେୱାର୍ ତାଙ୍ଗ୍ ହେବେନି ବିସ୍ରେ ୱେଞ୍ଜେଙ୍ଗ୍ ଲାଗାତାର୍ ।
୧୩ ହେୱାର୍ କାତା ୱିସ୍ତି ପାଚେ ଜାକୁବ୍ ଉତର୍ ହିଜି ଇଚାନ୍, "ଏ ଟଣ୍ଡାର୍, ଆରି ତଣ୍‌ଦେକ୍ ନା କାତା ୱେନାଟ୍ ।
୧୪ ଇସ୍ୱର୍ ଜାର୍ ତର୍ କାଜିଂ ପାତିର୍ କିୱି ଜିହୁଦିର୍ ବିତ୍ରେତାଂ କୁଦା ମାନାୟ୍ ଇଟ୍‌ଦେଂ ଇଞ୍ଜି ଇନେସ୍ ପର୍ତୁମ୍ ହେୱାର୍
କାଜିଂ ଦୟା ହୁଡ଼ଜି ମାଚାନ୍, ହେଦାଂ ସିମନ୍ ବୁଜାୟ୍ କିତାନ୍‌ନା ।
୧୫ ଆରେ, ବେଣ୍‌ବାକ୍‌ଣାୟ୍‌କିନାକାର୍ ବଚନ୍ ଇଦାଂ ସବୁ ପୁରା ବାବ୍ରେ ମେହା ଆନାତା, ଇନେସ୍ ସାସ୍ତର୍‌ତ
ଲେକାମାନାତ୍,
୧୬ 'ମାପ୍ରୁ ଇନାନ୍'

ଇଦାଂ ପାଚେ ଆନ୍ ମାସ୍‌ଦି ୱାନାଙ୍ଗ୍ ଆରି ଦାଉଦ୍‌ତି ମୁନ୍‌ଚି ଇଲ୍ ଆରେ ରଚ୍‌ନାଙ୍ଗ୍,
ଆନ୍ ତାଦାଂ ଦୁଡ଼ି ମାସ୍‌ତାକା ସବୁ
ଆରେ ରଚ୍‌ଚି ହେଦାଂ ଆରେ ରଗ ସାକ୍ତି କିନାଙ୍ଗ୍ ।
୧୭ ସବୁ ମାନାୟ୍ ଜାତି ନା ଲାଗାୟ୍ ପାର୍ତାନା କିଦେଙ୍ଗ୍ ୱାନାର୍, ଇମ୍‌ଣି ପାତିର୍ କିୱି ଜିହୁଦି ମା ତର୍‌ଦ ଡାକ୍‌ପୁଟା ହେୱାର୍
ମାପ୍ରୁଙ୍ଗ୍ ଡେକ୍‌ନାର୍,
ସବୁ ସାଦନ୍ କାର୍‌ୟା ମାପ୍ରୁ ଇଦାଂ ଇନାନ୍ ।
୧୮ ପ୍ଲାନି ସମୁତାଂ ଇସ୍ୱର୍ ଜାର୍ ୱିଜୁ କାମାୟ୍ ୱେଚ୍‌ଚାତାନ୍ନା ।"
୧୯ ଲାଗିଂ, "ନା ବିଚାର୍ ଇଦାଂ," ପାତିର୍ କିୱି ଜିହୁଦିର୍ ବିତ୍ରେ ଇମ୍‌ଣାକାର୍ ଇସ୍ୱର୍ ନିପ ମାସ୍‌ଦାନାର୍, ହେୱାରିଂ ଆପ୍
କସ୍ଟ ହିଉପ୍,
୨୦ ମତର୍ ପୁତ୍‌ଡ଼ାକାଂ ପୁଜାକିନାକା ବିସ୍ରେ ବିଟାଡ଼୍, ଲକାର୍ ଦାରି, ଆତାକା ହୁଦାଂ ହାତି ପାରାଣିଙ୍ଗ୍ ଆରି ନେତେର୍‌ତାଂ
ବିନେ ମାନି କାଜିଂ ଆପ୍ ହେୱାରିଂ ଲେକି କିନାପ୍ ।

☆ **୧୫:୭** ପକ୍ୟାତାକା ୧୦:୧-୪୩. ☆ **୧୫:୮** ପକ୍ୟାତାକା ୧୦:୪୪; ୨:୪.

୨୧ ଇନାକିଦେଂକି ପ୍ରୁତିନି କାଡ଼୍ଦାଂ ସବୁ ଗାଡ଼୍ଦ ମସାତି ବିଦି ସୁଣାୟ୍ କିଦେଙ୍ଗ୍ ମାନାର୍, ଲାଗିଂ ପାତି ଜମ୍ନିବାର୍ତ
ପାର୍ତାନା ଇଲ୍ ୱିଜୁ ହେୱାନ୍ତି ବିଦି ପାଟ୍ ସୁଣାୟ୍ କିୟାନାତା ।

## ପାତର୍ କିନାତର୍ ଜିହୁଦିର୍ ଲାଗେ ଆକି

୨୨ ହେପାଦ୍ନା ପକ୍ୟାତାକାର୍ ଆରି ପ୍ରାଚିନାର୍ ୱିଜାର୍ ମଣ୍ଡଲି ହୁଦାଂ ଜାର୍ତିଂ ବିତ୍ରେ ମାନାୟାର୍, ଇଚିସ୍ ଟଣ୍ତାର୍ ବିତ୍ରେ
ଆଦିକ୍ ବର୍ସବା ତର୍ଦ ଡାକ୍ପୁଟ ଜିହୁଦା ଆରି ସିଲାତିଂ ବାଚି କିଜି ପାଉଲ୍ ଆରି ବର୍ଣ୍ଣବା ଲାହାଙ୍ଗ୍ ଆନ୍ତିୟକିଆତ ପକ୍ତେଂ
ବାଚି କିତାର୍,
୨୩ ଆରେ, ପାତର୍ କିନାକାରିଂ ହେୱାର୍ତି କେଇଦ ଇଦାଂ ଲେକି କିଜି ପକ୍ତାର୍ ।
“ଆନ୍ତିୟକିଆ, ପାତର୍ କିନାର୍ ସିରିୟା ଆରି କିଲିକିୟାନି ପାତର୍ କିୱି ଜିହୁଦି ଟଣ୍ତାର୍ରିଂ ପକ୍ୟାତାକାର୍ ଆରି ପ୍ରାଚିନ୍
ଟଣ୍ତାର୍ରିଂ ଜୱାର୍ ।
୨୪ ଆପେଂ ୱେଚାପ୍ନା ଜେ, ଆପେଂ ଇମ୍ଣି ମାନାୟାରିଂ ଇମ୍ଣାକା ପା ବଲ୍ ହିଉପେ, ମା ବିତ୍ରେ ଇବାନି ଏଚେକ୍ ଲଗୁ
କାତା ହୁଦାଂ ମି ୱାସ୍ନିତିଂ ତିର୍ କିୱାଦାଂ ମିଙ୍ଗ୍ କସ୍ଟ କିତ୍ତାର୍ଣ୍ଣା;
୨୫ ଲାଗିଂ ଆସେଙ୍ଗ୍ ୱିଜାସ୍ ରବେ ଆଜି କେତ୍ ଜାଣ୍ କାବୁର୍ ଅନାକାରିଂ ବାଚି କିଜି ମି ତାକେ ପକ୍ତିନି କାଜିଂ ତିର୍
କିନାପା । ହେୱାର୍ ମା ୱାରିନି ହାଙ୍ଗ୍ୱାରି ବର୍ଣ୍ଣବା ଆରି ପାଉଲ୍ତି ଲାହାଂ ହାନାର୍ ।
୨୬ ଇ ଟଣ୍ତାର୍ ମାପ୍ରୁ ଜିସୁ କ୍ରିସ୍ଟତି ହେବାତ ଜାର୍ ଜିବୁନ୍ତିଂ ବିପଦ୍ କିତାର୍ଣ୍ଣା ।
୨୭ ଲାଗିଂ ଆପେଂ ଜିହୁଦା ଆରି ସିଲାତିଂ ମି ତାକେ ପକ୍ତାନାପା । ଆପେଂ ଇନାକା ଲେକିକିତାପ୍ନା ହେଦାଂ, ହେୱାର୍
ହାର୍ ବାବ୍ରେ ହେଦାଂ ମିଙ୍ଗେଙ୍ଗ୍ ୱେଚ୍ଚାନାର୍ ।
୨୮ ଇନାକିଦେଂକି ପୁତ୍ଡ଼ା ଲାଗେ ପୁଜାକିତି ଆକାଡ୍, ନେତେର୍, ନେଞ୍ଜ୍ୱି ହୁଦାଂ ହାତି ପାରାଣିତି ଜେ ଆରି ଲକାର୍
ଦାରିତାଂ ବିନେ ମାନାକା, ଇ ଏଚେକ୍ ଲଡ଼ାନି ବିସ୍ରେ ପିସ୍ତି ମି ଜପି ଆରେ ଆଦିକ୍ ବଜ୍ ହିଦ୍ୱାଦାଂ ପୁଇପୁୟା ଜିବୁନ୍ ଆରି
ମା ନଂଜର୍ତ ବେସି ଇଚା ଆତାଡ୍,
୨୯ ହେ ଏଚେଗଟା ନିୟମ୍ ଆତାଡ୍ ପୁତ୍ଡ଼ାକାଂ ଉଦେସ୍ ତାଂ ପୁଜାକିତି ଇମ୍ଣାକା କାଦି ତିନୁଦେର୍, ନେତେର୍ ଉଣୁଦେର୍,
ଗାଡେଲ୍ ତ୍ତିପ୍ଚି ଇମ୍ଣି ଜିବୁନିକାଂ ଜେଇ ତିନୁଦେର୍ ଆରି ଦାରିତାଂ ଦେହା ମାନାଟ୍ । ଇ ସବୁ କାମାୟ୍ କିୱାଦାଙ୍ଗ୍ ଜାଗ୍ରତ୍
ମାଚିସ୍, ମିଦାଙ୍ଗ୍ ହାରା ଆନାଡ୍ । ମା ବାନ୍ଦାୟ୍ ଇଚାଟ୍ ।”
୩୦ ହେବେ କାବୁର୍ ହିନାକାର୍ ହେଲୱେୟ୍ ଅଜି ଆନ୍ତିୟକିଆତ ୱାତାର୍, ଆରେ ଚେଲାରିଂ ରୁଣ୍ତାୟ୍ କିଜି ଚିଟି ହିତାର୍ ।
୩୧ ହେୱାର୍ ହେଦାଂ ପଡ଼ି କିଜି ଦୁକ୍ସାରାୟ୍ ଗାଟାଜି ୱାର୍ୟା ଆତାର୍ ।
୩୨ ଆରେ, ଜିହୁଦା ଆରି ସିଲା ନିଜ୍ ନିଜ୍ ପା ବେଣ୍ବାକ୍ଣାୟ୍କିନାକାର୍ ମାଚିଲେ ଆଦେକ୍ କାତା ହୁଦାଂ ଟଣ୍ତାର୍ରିଂ
ୱାରିକିୟ୍ କିଜି ହେୱାରିଂ ସୁସ୍ତା କିତାର୍ ।
୩୩ ଆରେ, ହେୱାର୍ ହେବେ ଏଚେକ୍ ଦିନ୍ ମାଚି ପାଚେ ହେୱାର୍ ପକ୍ଚି ମାଚି ଲକୁ ଲାଗାୟ୍ ମାସ୍ଦି ହାଞ୍ଜେଙ୍ଗ୍ ପାତର୍
କିନି ଟଣ୍ତାର୍ତାଂ ସୁସ୍ତାତ ହେଲ ଅତାର୍,
୩୪ ମାତର୍ ସିଲା ହେବେ ମାଞ୍ଜେଙ୍ଗ୍ ହାର୍ ବାବି କିତାନ୍ ।
୩୫ ପାଉଲ୍ ଆରି ବର୍ଣ୍ଣବା ଆନ୍ତିୟକିଆତ ମାନ୍ଞ୍ଜି ଆରେ ବିନ୍ ବିନ୍ ଆଦେକ୍ ଲକୁ ଲାହାଙ୍ଗ୍ ପା ମାପ୍ରୁତି କାତା ହିକ୍ୟା ହିଜି
ନେକ୍ରିକାବୁର୍ ସୁଣାୟ୍ କିଦେଙ୍ଗ୍ ଲାଗାତାର୍ ।

## ପାଉଲ୍ ଆରି ବର୍ଣ୍ଣବ୍ବାତି ବିତ୍ରେ ବିନେ

୩୬ କେତେକ୍ ଦିନ୍ ପାଚେ ପାଉଲ୍ ବର୍ଣ୍ଣବାଙ୍ଗ୍ ଇଚାନ୍, ଆସେଙ୍ଗ୍ ଇମ୍ଣି ସବୁ ଗାଡ଼୍ଦ ମାପ୍ରୁତି କାତା ପର୍ଚାର୍ କିଜି
ମାଚାସ୍, ହେ ୱିଜୁ ଗାଡ଼୍ଦ “ନଙ୍ଗ୍ ମାସ୍ଦି ହାଲ୍ଜି ଟଣ୍ତାରିଂ ବେଟାଜି, ହେୱାର୍ ଇନେସ୍ ମାନାର୍ ହୁଡ଼୍ନାସ୍ ।”
୩୭ ହେବେ ଜହନ୍ ମାର୍କ ତର୍ନି ଡାକ୍ପୁଟା ଜହନ୍ତିଂ ପା ହାଙ୍ଗ୍ ଅଦେଂ କାଜିଂ ବର୍ଣ୍ଣବାତି ମାନ୍ ମାଚାଡ୍;
୩୮ ✡ମାତର୍ ହେୱାନ୍ ହେୱାରିଂ ପିସ୍ତି ପଂପୁଲିଆତ ୱାଜି ମାଚାନ୍ ଆରି ହେୱାର୍ ଲାହାଙ୍ଗ୍ କାମାୟ୍ତ ହାଲ୍ୱାଦାଂ ମାଚାନ୍,
ହେୱାନିଂ ହାଙ୍ଗ୍ଦ ଅଦେଂ ପାଉଲ୍ ହାର୍ ବାବି କିୱାତାନ୍ ।
୩୯ ହେବେ ବେସି ଗଣ୍ଡଗଲ୍ ଆତିଲେ ହେୱାର୍ ହାରି ବିନେ ଆତାର୍, ବର୍ଣ୍ଣବା ମାର୍କଙ୍ଗ୍ ହାଙ୍ଗ୍ ଅଜି ଜାଜ୍ତ କୁଚ୍ଚି କୁପ୍ରତ
ହାଚାର୍,
୪୦ ମାତର୍ ପାଉଲ୍ ସିଲାଙ୍ଗ୍ ବାଚି କିଜି ଟଣ୍ତାର୍ ହୁଦାଂ ମାପ୍ରୁତି ଦୟାତ ହେଲାୟ୍ ଆଜି ହାଚାର୍,
୪୧ ଆରେ ହେୱାନ୍ ସିରିୟା ଆରି କିଲିକିୟା ହିଜି ହାଲୁ ହାଲୁ ମଣ୍ଡଲିକାଂ ବାଡ଼୍କାସ୍ କିତାର୍ ।

# ୧୬

## ପାଉଲ୍ ଆରି ସିଲାତି ହୁଦାଂ ତିମତିତି ହାନାକା

---

✡ **୧୫:୩୮** ପକ୍ୟାତାକା ୧୩:୧୩.

୧ ପାଚେ ପାଉଲ୍ ଦର୍ବି ଆରି ଲୁସ୍ତ୍ରାତ ପା ୱାତାର୍, ଆରେ ହୁଡ଼ାଟ୍, ହେ ବାହାତ ତିମତି ତର୍ଦ ରୱାନ୍ ଚେଲା ମାଚାନ୍,
ହେୱାନ୍ ରୱାନ୍ ପାତର୍ନି ଜିହୁଦି କଗ୍ଲେନି ମାଜି ମାତର୍ ହେୱାନ୍‌ତି ଆବା ରୱାନ୍ ଗ୍ରିକ୍ ଲଗୁ ।
୨ ଲୁସ୍ତ୍ରା ଆରି ଇକନିୟତ ମାନି ପାତର୍ କିନି ଟଣ୍ଡାର୍ ହେୱାନ୍ତି ସାକି ଡାକ୍‌ପୁଟାୟ୍ କିଜି ମାଚାର୍ ।
୩ ତାଙ୍ଗେଙ୍ଗ୍ ହାଙ୍ଗ୍‌ଦ ଅଦେଂ ପାଉଲ୍ ଇଚା କିତାନ୍, ଆରେ ହେ ସବୁ ନିପ ମାନି ଜିହୁଦିର୍ କାଜିଂ ତାଙ୍ଗ୍ ଅଜି ସୁନ୍ନତ୍ କିତାନ୍;
ଇନାକିଦେଂକି ତିମତି ଲାତ୍ରାହି ରୱାନ୍ ଗ୍ରିକ୍ ଲଗୁ ଇଞ୍ଜି ୱିଜାକାର୍ ପୁଞ୍ଜି ମାଚାର୍ ।
୪ ଆରେ, ହେୱାର୍ ବିନ୍ ବିନ୍ ବସ୍ତି ହିଜି ହାଲୁ ହାଲୁ ଜିରୁସାଲମ୍‌ନି ପକ୍ୟାତାକାର୍ ଆରି ପ୍ରାଚିନାର୍ ହୁଦାଂ ରଚ୍‌ଚି ବଲ୍
ବିଚାର୍ ସବୁ ମାନି କିଦେଙ୍ଗ୍ ପାତର୍ କିନାକାର୍ ଲାଗେ ହେଲାୟ୍ କିବିସ୍ ମାଚାର୍ ।
୫ ଇ ବାନି ମଣ୍ଡ୍‌ଲି ନିକାର୍ ପାତର୍‌ତ ଡାଟ୍ ଆଜି ଦିନ୍‌ତିଂ ଦିନ୍ ଇସାବ୍‌ରେ ବାଡାଦେଂ ଲାଗାତାଡ୍ ।

## ତ୍ରୟାତ ପାଉଲ୍‌ତି କେଚ୍‌କଣ୍

୬ ପୁଇପୁୟା ଜିବୁନ୍ ହେୱାର୍ ଆସିଆ ଦେସ୍‌ତ ପର୍‌ଚାର୍ କିଦେଙ୍ଗ୍ ମୁନା କିଡ୍‌ଲେ ହେୱାର୍ ପ୍ରୁଗିଆ ଆରି ଗାଲାତିୟ ନିପ
ହାଚାର୍,
୭ ଆରେ, ହେୱାର୍ ମୁସିଆ ଲାଗାୟ୍‌ତ ଏକିସ୍ ବିତୁନିଆତ ହାଞ୍ଜେଙ୍ଗ୍ କାଜିଂ ସେସ୍ଟା କିତାର୍, ମତର୍ ଜିସୁତି ଜିବୁନ୍ ହେୱାରିଂ
ହାଞ୍ଜେଙ୍ଗ୍ ହିୱାତାଡ୍ ।
୮ ଲାଗିଂ ହେୱାର୍ ମୁସିଆ ଲାଗେ ହିଜି ତ୍ରୟାତ ୱାତାର୍ ।
୯ ଆରେ, ନାଣାଲିଂ ପାଉଲ୍ ର କେଚ୍‌କଣ୍ ଗାଟାତାନ୍, ମାକିଦନିଆନି ରୱାନ୍ ମାନାୟ୍ ଇଞ୍ଜ ତାଙ୍ଗ୍ ଗୱାରି କିଜି ଇନାନ୍ନା,
ମାକିଦନିଆ ନାସି "ୱାଜି ମାଂ ଉପ୍‌କାର୍ କିଦା ।"
୧୦ ପାଉଲ୍ ଇ କେଚ୍‌କଣ୍ ଗାଟାତି ପାଚେ ଆପେଂ ଦାପ୍ରେ ମାକିଦନିଆତ ହାଞ୍ଜେଙ୍ଗ୍ ଜାଲ୍‌ଦି କିତାପ୍, ଇନାକିଦେଂକି
ହେୱାର୍ ଲାଗାୟ୍ ନେକ୍ରିକାବୁର୍ ପର୍‌ଚାର୍ କିଦେଙ୍ଗ୍ ଇସ୍ୱର୍ ମାଂ କୁକ୍‌ତାନ୍ନା ଇଞ୍ଜି ଆପେଂ ବୁଜାତାପ୍ ।

## ପିଲିପ୍‌ପିତ ଲୁଦିଆତି ମାନ୍‌ବାଦ୍‌ଲାୟ୍

୧୧ ଲାଗିଂ ତ୍ରୟାତାଂ ଜାଜ୍‌ତ ଆପେଂ ହାଣ୍‌କୁ ହାସ୍‌ଦ ସାମତ୍ରାକିତ ହାଚାପ୍ ଆରି ଆର୍କାଡ୍ ନାଜିଂ ନିୟାପଲିତ ଏକାତାପ୍ ।
୧୨ ହେବେତାଂ ପିଲିପିତ ହାଚାପ୍, ଇଦାଂ ମାକିଦନିଆନି ହେ ରାଜି ର ମୁଡ୍ ଗାଡ୍, ଆରେ ର ରମିୟ କଲ୍‌ନି, ହେ ଗାଡ୍‌ଦ
ଆପେଂ କେତେକ୍ ଦିନ୍ ମାଚାପ୍ ।
୧୩ ଜମ୍‌ନିବାର୍‌ତ ଆପେଂ ଗାଡ୍ ଦୁୱାର୍‌ତାଂ ହସି ନାଗୁଡ୍ ଗୁଟିତ ହାଚାପ୍, ହେବେ ପାର୍ତାନାନି ବାହା ମାନାଡ୍ ଇଞ୍ଜି ଆପେଂ
ବାବି କିଜି ମାଚାପ୍, ଆରେ ଆପେଂ କୁଚ୍‌ଚି ରୁଣ୍ଡାଜି ମାନି ଆୟାତାଡ଼ିକାଂ କାତା ଇଞ୍ଜେଙ୍ଗ୍ ଲାଗାତାପ୍ ।
୧୪ ଆରେ, ତୁୟାତିରା ଗାଡ୍‌ଦ ୱାଙ୍ଗାବାତର୍ ହେନ୍ଦ୍ରା ପ୍ରନି ଲୁଦିଆ ତର୍‌ନି ରଞ୍ଜେଲ୍ ତାଡ଼ି ମାଚାଡ୍, ହେଦେଲ୍ ଜେ
ଇସ୍ୱର୍‌ତିଂ ପାର୍ତାନା କିନାକାଦେଲ୍ ମାଚାଡ୍, ହେଦେଲ୍ ମା କାତା ୱେନ୍‌ଞ୍ଜି ମାଚାଡ୍ । ହେଦେଲ୍ ଇନେସ୍ ପାଉଲ୍‌ତି ଇଚି
ବିସ୍ରେ କାଜିଂ ମାନ୍ତ ଦିଆନ୍ କିତାଡ୍, ଇଦାଂ କାଜିଂ ମାପ୍ରୁ ହେଦେଲିଂ ମାନ୍ ଜେସି ହିତାନ୍ ।
୧୫ ଆରେ, ହେଦେଲ୍ ଆରି ତାଦେଲ୍‌ତି ପାର୍ତାନା ବାପ୍ତିସିମ୍ ଆତି ପାଚେ ହେଦେଲ୍ ମାଂ ଗୱାରି କିଜି ଇନ୍‌ଞାଡ୍, ଏପେଙ୍ଗ୍
ଜଦି ନାଙ୍ଗ୍ "ମାପ୍ରୁତି ଲାଗେ ପାତର୍ ଇଞ୍ଜି ବିଚାର୍ କିଜି ମାଞ୍ଜିସ୍, ୱାଟିଙ୍ଗ୍ ନା ଇଞ୍ଜ ୱାଜି ବାହା କିୟାଟ୍" ଆରେ, ହେଦେଲ୍
ମାଂ ଅସି ହାଞ୍ଞାଡ୍ ।

## ପିଲିପ୍‌ପିନି ଜଇଲ୍‌ତ ପାଉଲ୍ ଆରି ସିଲା

୧୬ ଦିନେକ୍ ଆପେଂ ପାର୍ତାନା ବାହାତ ହାଲ୍‌ଜି ମାନି ୱାଡ଼ାଙ୍ଗ୍ ର ବାନ୍ୟା ଜିବୁନ୍ କଡ୍‌ତି ଆଡ଼ିଏଣି ଗାଡ୍‌ଚେଂ ବେଟା ଆତାପ୍
। ତା ବିଡ୍ରେ ମାନି ପୁଦାନି ସାକ୍ତି ହୁକେ ହେଦେଲ୍ ଆଗେନି କାତା ଇଞ୍ଜି ମାଚାଡ୍ । ହେଦେଲ୍ ମାନାୟାର୍‌ତି କାରୁମ୍ ଗାଣାକିଜି,
ହାଉକାରିଂ କାଜିଂ ବେସି ଟାକାଂ ଆଦାୟ୍ କିଜି ମାଚାଡ୍ ।
୧୭ ହେଦେଲ୍ ପାଉଲ୍ ଆରି ମା ପାଚେ ପାଚେ ୱାଜି କିକିରାଡିଂ କିଜି ଇଞ୍ଜେଙ୍ଗ୍ ଲାଗାତାଡ୍, "ଇ ମୁଣିକାର୍ ର ଇସ୍ୱର୍‌ତି
ଆଡ଼ିୟାର୍, ହେୱାର୍ ମିଙ୍ଗ୍ ମୁକ୍ତିନି ହାଜି ଜାଣାୟ୍‌କିଦ୍‌ନାରା ।"
୧୮ ହେଦେଲ୍ ବେସି ଦିନ୍ ପାତେକ୍ ଇଦାଂ କିତାଡ୍ । ମତର୍ ପାଉଲ୍ ରିସା ଆଜି ମାସ୍‌ଦି ହେ ଜିବୁନ୍‌ତିଙ୍ଗ୍ ଇଚାନ୍, ତା
ତାଙ୍ଗ୍ ହସି ହାଞ୍ଜେଙ୍ଗ୍ ଆନ୍ ନିଂ "ଜିସୁ କ୍ରିସ୍ଟତି ତର୍‌ଦ ବଲ୍ ହିଦ୍‌ନାଙ୍ଗା ।" ଇବେଣ୍ଡ୍ରାଂ ହେଦେଲ୍ ହେ ଦାପ୍ରେ ହସି ହାଚାଡ୍ ।
୧୯ ମତର୍ ତା ମାପ୍ରୁ ମୁଣିକାତର୍ ଜାର୍‌ତିଂ ଲାବ୍ ଆହା ହାଚାକା ହୁଡ୍‌ଜି ପାଉଲ୍ ଆରି ସିଲାତିଂ ଆଜି ହେୱାରିଂ ଚକ୍‌ବାହାତ
ସାସନ୍‌କାର୍‌ୟାତର୍ ଲାଗେ ଜାଲ୍‌ଜି ଅତାର୍ ।
୨୦ ଆରେ, ହେୱାର୍ ହେୱାରିଂ ବିଚାର୍‌କାର୍‌ୟାତର୍ ଲାଗେ ତାହି ଇଚାର୍, "ଇ ମାନାୟାର୍ ଜିହୁଦି, ଇୱାର୍ ମା ଗାଡ୍‌ଦ
ଗଣ୍ଡ୍‌ଗଲ୍ କିନାରା ।
୨୧ ମା, ରମିୟ ଲକାର୍‌ତି ଇମ୍‌ଣି ସବୁ ରିତିନିତି ଇନାକା କି ମାନି କିନାକା ବିଦି ଆକାୟ୍, ହେଦାଂ ଇୱାର୍ ପର୍‌ଚାର୍
କିନାରା ।"

୨୨ ହେବେ ଲକୁ ପା ହେୱାର୍‌ତି ବିରୁଦ୍‌ଦ ନିଂତାର୍,
ଆରେ ବିଚାର୍‌କାର୍‌ୟାର୍ ପାଉଲ୍ ଆରି ସିଲାତି ହେନ୍ଦ୍ରା ଉନ୍‌ଦି ହେୱାରିଂ ବାଡ଼ଗେମାଡ଼୍ କିଦେଙ୍ଗ୍ କାଜିଂ ବଲ୍ ହିତାର୍ ।
୨୩ ହେୱାର୍ ହେୱାରିଂ ବେସି ଟ୍ରାକି କିୟ୍‌କିତି ପାଚେ ଜଇଲ୍ ଇଞ୍ଜ ଇଡ଼୍‌ଜି ହେୱାରିଂ ଜାଗ୍ରତ୍‌ତାଂ ରାକ୍ୟା କିନି କାଜିଂ
ଜଇଲ୍ ଇଟ୍‌ନାକାନିଂ ଆଟ୍‌ୱା ବଲ୍ ହିତାର୍ ।
୨୪ ହେୱାନ୍ ଇ ବାନି ଆଟ୍‌ୱା ବଲ୍ ଗାଟା ଆଜି ହେୱାରିଂ ବିତ୍ରେ ଜଇଲ୍ ଇଞ୍ଜ ଇଡ଼୍‌ଜି ହେୱାର୍‌ତି ପାନାତ ଗାଜା କୁଟ୍‌ଲା
ଗାଚ୍‌ଚାର୍ ।
୨୫ ମାତର୍ ମାଦିମାଦାନାଣା ପାଉଲ୍ ଆରି ସିଲା ଇସ୍ୱର୍‌ତି ଲାଗାୟ୍ ପାର୍ଥାନା ଆରି ଗୁଣ୍‌ମାଣି କିଜି ମାଚାର୍, ଆରେ ବନ୍ଦିର୍
ୱେନ୍‌ଞ୍ଜି ମାଚାର୍ ।
୨୬ ହେ ଏଚେକାଡ଼୍‌ଦ ହାଚାଟ୍ରେ ଏଲେଙ୍ଗ୍ ଗାଜା ମେଦ୍‌ନି ଦାଲ୍‌କା ଆତାଡ଼୍ ଜେ, ଜଇଲ୍ ଇଲ୍‌ନି କୁନାଦି ଡ୍ରିଙ୍ଗ୍‌ଦେଂ
ଲାଗାତାଡ଼୍, ଆରେ ଦାପ୍ରେ ୱିଜୁ ଜଇଲ୍ ଦୁୱେର୍ ଜେୟା ଆତାଡ଼୍, ଆରେ ସବୁ ଜାଣ୍‌ତି ହିକ୍‌ଡ଼ି ଗାଟି ରିଂଜି ହାଚିକ୍ ।
୨୭ "ଇବେ ଜଇଲ୍ ଇଲ୍ ଇଟ୍‌ନାକାନ୍ ହୁଚ୍‌କାଣ୍‌କୁତାଂ ନିଂଜି ଜଇଲ୍ ଇଲ୍‌ନି ଦୁୱେର୍ ମେଲା ଆତାକା ହୁଡ଼୍‌ଜି ବନ୍ଦିର୍
ହନ୍‌ଚି ହାଚାର୍ଣ୍ଣା ଇଞ୍ଜି ବାବି କିଜି, କାଣ୍ଡା ହପ୍‌ଚି ଜାର୍‌ତିଂ ଅହ୍ୟାଦେଂ ହାଲ୍‌ଜି ମାଚାନ୍ ।"
୨୮ ମାତର୍ ପାଉଲ୍ ବେସି ଗାଜାକାଟ୍‌ତାଂ କୁକ୍‌ଚି ଇଚାନ୍, "ଜାର୍‌ତିଂ ଇମ୍‌ଣାକା ପା ନସ୍ଟ କିମା, ଇନାକିଦେଂକି ଆପେଂ
ୱିଜାକାପ୍ ଇବେ ମାନାପ୍ ।"
୨୯ ହେବେ ହେୱାନ୍ ବଇଟା ଡାଡେଙ୍ଗ୍ ଇଞ୍ଜି ଗୁମ୍‌ଜି ପାଣ୍ଡ୍ରୁତିଂ ଡ୍ରିଗ୍‌ଜି ଡ୍ରିଗ୍‌ଜି ପାଉଲ୍ ଆରି ସିଲାତି ମୁମ୍‌ଦ ଗୁର୍ତାନ୍,
୩୦ ଆରେ ହେୱାରିଂ ବାର୍ତ ତାହି ଇଚାନ୍, "ମାପୁର୍, ରାକ୍ୟା ପାୟାଦେଂ କାଜିଂ ନାଙ୍ଗ୍ ଇନାକା କିଦେଙ୍ଗ୍ ଆନାଡ଼୍ ?"
୩୧ ହେୱାର୍ ଇଚାର୍, "ମାପୁ ଜିସୁ ତାକେ ପାତର୍ କିୟାଟ୍, ତା ଆଡିସ୍ ଏପେଙ୍ଗ୍ ୱିଜୁ କୁଟୁମ୍ ରାକ୍ୟା ପାୟାନାଦେର୍ ।"
୩୨ ପାଚେ ହେୱାର୍ ତାଙ୍ଗ୍ ଆରି ତା ଇଞ୍ଜ ମାନି ୱିଜାରିଂ ମାପୁତି ବଚନ୍ ଇଚାନ୍ ।
୩୩ ଆରେ, ହେୱାନ୍ ହେୱାରିଂ ନାଣା ହେ ସମୁତ ଅଜି ହେୱାର୍‌ତି ଟ୍ରାକ୍ୟାତି ଗାୱ୍ ସବୁ ନୁସ୍ତାନ୍, ଆରେ, ହେୱାନ୍ ଆରି
ହେୱାନ୍ତି ପାର୍ଥାନା ହେ ଦାପ୍ରେ ବାପ୍ତିସିମ୍ ଆତାର୍ ।
୩୪ ହେବେ ହେୱାନ୍ ହେୱାରିଂ ଜାର୍ ଇଞ୍ଜ ଅସି ହାଲ୍‌ଜି କାଦି ଚିଚ୍‌ପାତାନ୍, ଆରେ ୱିଜୁ ପାର୍ଥାନା ହୁକେ ଇସ୍ୱର୍ ତାକେ
ପାତର୍ କିଜି ଜବର୍ ୱାର୍‌ୟା ଆତାର୍ ।
୩୫ ନାଡ଼ିସ୍ ଆଡିଲେ ବିଚାର୍‌କାର୍‌ୟାର୍ ଜାମାନିରିଂ ଇଦାଂ ଇଞ୍ଜି ପକ୍ତାର୍, "ହେ ଲକୁରିଂ ପିହାଟ୍ ।"
୩୬ ଇବେଣ୍ଡାଂ ଜଇଲ୍ ଇଲ୍ ପାଉଲ୍‌ତିଂ ଇ କାତା ଇଞ୍ଜି ୱେଚ୍‌ଚାନ୍, ମିଙ୍ଗେଙ୍ଗ୍ ପିସ୍ତି ହିଦେଂ କାଜିଂ "ବିଚାର୍‌କିନାକାର୍ ଲକୁ
ପକ୍ତାତାର୍ଣ୍ଣା । ଲାଗିଂ ନଙ୍ଗ୍ ହସି ୱାଜି ସୁସ୍ତାତ ତାଂଜି ହାଲାଟ୍ ।"
୩୭ ମାତର୍ ପାଉଲ୍ ହେୱାରିଂ ଇଚାନ୍, "ରମିୟ ଲକୁ ଜେ ଆପେଂ, ମା ବିଚାର୍ କିୱାଦାଂ ହେୱାର୍ ରିସାରେ ମାଂ ଟ୍ରାକ୍‌ତି
ପାଚେ ଜଇଲ୍‌ତ ଡୁହିଦାତାର୍ଣ୍ଣା, ଆରେ ନଙ୍ଗ୍ କି ଲୁକାମ୍‌ରେ ମାଂ ପିସ୍‌ସି ହିଦ୍ନାରା ? ହେଦାଂ ଆଉଡ୍, ମତର୍ ହେୱାର୍ ନିଜେ
ୱାଜି ମାଂ ବାର୍ତ ଅଦେର୍ ।"
୩୮ ଇବେଣ୍ଡାଂ ଜାମାନିର୍ ବିଚାର୍‌କାର୍‌ୟାରିଂ ଇ ୱିଜୁ ବଚନ୍ ଜାଣାୟ୍ କିତାର୍, ଆରେ ହେୱାର୍ ଜେ ରମିୟ ଲକୁ, ଇଦାଂ
ୱେନ୍‌ଞ୍ଜି ହେୱାର୍ ପାଣ୍ଡ୍ରା ଆତାର୍,
୩୯ ଆରେ, ହେୱାର୍ ୱାଜି ହେୱାରିଂ ଗୱାରି କିତାର୍, ଆରେ ହେୱାରିଂ ଜଇଲ୍ ଇଞ୍ଜାଙ୍ଗ୍ ହପ୍‌ଚି ତାସି ଗାଡ଼୍‌ଦାଂ
ହସିହାଞ୍ଜେଙ୍ଗ୍ କାଜିଂ ହେୱାରିଂ ଗୱାରି କିତାର୍ ।
୪୦ ହେବେଣ୍ଡାଂ ପାଉଲ୍ ଆରି ସିଲା ଜଇଲ୍ ତାଂ ହସିହାଲ୍‌ଜି ଲୁଦିଆତି ଇଲ୍‌ଦ ହଟାର୍, ଆରେ ଟଣ୍ଡାର୍ ଲାହାଙ୍ଗ୍ ବେଟା
ଆଜି ହେୱାରିଂ ୱାରିକିୟ୍‌କିନି ପାଚେ ହାଚାର୍ ।

# ୧୭

## ତେସ୍‌ଲନିକିତ ହେବାକାମାୟ୍

୧ ପାଚେ ହେୱାର୍ ଆଂପିପଲି ଆରି ଆପଲନିଆ ହିଜି ହାଲ୍‌ଜି ତେସ୍‌ଲନିକିତ ୱାତାର୍; ହେବେ ଜିହୁଦିର୍‌ତି ର ପାର୍ଥାନା
ଇଲ୍ ମାଚାଡ଼୍ ।
୨ ପାଉଲ୍ ତା ରିତି ଇସାବ୍ରେ ହେୱାର୍ ଲାଗାଂ ହାଚାନ୍, ଆରେ ତିନି ଗଟା ଜମ୍‌ନିବାର୍ ପାତେକ୍ ସାସ୍ତର୍ ବଚନ୍ ଅଜି
ହେୱାରିଂ ବୁଜାୟ୍ କିତାନ୍,
୩ ଆରେ, କ୍ରିସ୍ଟତି ଜେ ଦୁକ୍‌ବଗ୍ ଆରି ହାତାକାର୍ ବିତ୍ରେ ନିଂନାକା ଲଡ଼ା ମାଚାଡ଼୍, ଆରେ ହେୱାନ୍ ଇମ୍‌ଣି ଜିସୁଙ୍ଗ୍ ହେୱାର୍
ଲାଗାଂ ସୁଣାୟ୍ କିନାନା, ହେୱାନ୍ କ୍ରିସ୍ଟ, ଇବେନି ନିର୍ମଲ୍ ପାର୍ମାଣ୍ ହିତାନ୍ ।
୪ ହେବେଣ୍ଡାଂ ହେୱାର୍ ବିତ୍ରେ କେତେକ୍ ଜାଣ୍ ପାତର୍ କିଜି ପାଉଲ୍ ଆରି ସିଲାତି ଲାହାଙ୍ଗ୍ ମେହା ଆତାନ୍; ଆରେ,
ଜିହୁଦି ପାର୍ଥାନା କିନାକାର୍ ଗ୍ରିକ୍‌ତି ବିତ୍ରେ ହେନି ଲକୁ ଆରି ଆଦେକ୍ କଗ୍‌ଲେକ୍ ହେୱାର୍ ଲାହାଙ୍ଗ୍ ମେହାତିକ୍ ।

୫ ମାତର୍ ଜିହୁଦିର୍ ଆକାର୍ତ ରିସା ଆଜି ବାଜାର୍ଣ୍ଡି କେତେକ୍ ବାନ୍ୟା ମାନାୟାର୍ ଲାହାଙ୍ଗ୍ ଅଜି ଲକୁ ଗହ୍ଲି କିଜି
ଗାଡ଼ଦ ଗଣ୍ଡଗଲ୍ କିୟ୍କିତାର୍, ଆରେ ଜାସୋନତିଂ ଇଞ୍ଜ ମାଡିବହା ଆଜି ହେୱାରିଂ ମାନାୟାର୍ ଲାଗାୟ୍ ହପ୍‌ଚି ତାତେଙ୍ଗ୍
କାଜିଂ ସେସ୍ଟା କିତାର୍ ।
୬ ମତର୍ ହେୱାରିଂ ଗାଟାୱିତିଲେ ହେୱାର୍ ଜାସୋନ ଆରି କେତେକ୍ ଟଣ୍ଡାର୍ ଗାଡ଼ନି ସାସନ୍‌କାର୍ୟାର୍ ଲାଗାୟ୍
ଜେଲ୍‌ଜି ତାହି ଗାଜାକାତ୍‌ତାଂ କୁକ୍‌ଚି ଇଚାର୍, "ଇୱାର୍ ଇମ୍‌ଣି ମାନାୟାର୍ ପୁତର୍ତିଂ ଉଲ୍‌ଟାପଲ୍‌ଟା କିଜି ତୁହିତାରେ,
ହେୱାର୍ ଇବେ ପା ୱାତାର୍ଣ୍ଣା; ହେୱାରିଂ ଜେସନ୍ ଇଡ୍‌ତାନ୍ନା ।
୭ ଜାସୋନ ହେୱାର୍ ଇଲ୍ ଇଟ୍‌ତାନ୍ନା । ଜିସୁ ତର୍ଦ ଆରେ ରୱାନ୍ ରାଜା ମାନାନ୍ ଇଞ୍ଜି ଇଞ୍ଜି ଇୱାର୍ ୱିଜାର୍ କାଇସର୍ତି
ବଲ୍ ମାନିକିନାରା ।"
୮ ହେୱାର୍ତି ଇ କାତା ୱେନ୍‌ଞ୍ଜି ଲକୁ ସବୁ ଆରି ସାସନ୍‌କାର୍ୟାର୍ ରିସା ଆଜି ଗଣ୍ଡଗଲ୍ କିତାର୍ ।
୯ ପାଚେ ହେୱାର୍ ଜାସୋନ ଆରି ହେୱାନ୍ତି ହାଂଙ୍ଗ୍‌ୱାର୍‌ତାଂ ଜାମ୍‌ଲି ଅଜି ହେୱାରିଂ ପିସ୍ତି ହିତାର୍ ।

## ବେରିଆତ ହେବାକାମାୟ୍

୧୦ ଆରେ, ଟଣ୍ଡାର୍ ଆରି ତଣ୍‌ଦେକ୍ ମାଲାୱାଦାଂ ପାଉଲ୍ ଆରି ସିଲାଙ୍ଗ୍ ନାଣାକାଡ଼ଦ ବେରିୟାତ ପକ୍‌ଚିହିତାର୍; ହେୱାର୍
ହେ ବାହାତ ଏକିସ୍ ଜିହୁଦିର୍‌ତି ପାର୍ତାନା ଇଞ୍ଜ ହାଚାର୍ ।
୧୧ ତେସ୍‌ଲନିକିତ ମାନି ଜିହୁଦିର୍‌ତାଂ ଇୱାର୍ ହାର୍ଦାକାର୍ ମାଚାର୍ । ଇୱାର୍ ପୁରା ୱାରିତାଂ ବଚନ୍ ଇଟ୍‌ତାର୍, ଆରେ ଇ
ୱିଜୁ ହାଡ୍‌ପା କି ଆକାୟ୍, ହେଦାଂ ପୁଞ୍ଜେଙ୍ଗ୍ କାଜିଂ ଦିନ୍‌କେ ସାସ୍ତର୍‌ନି ପର୍‌ସନ୍ ଡେକ୍‌ଚି ମାଚାର୍ ।
୧୨ ଲାଗିଂ ହେୱାର୍ତି ବିତ୍ରେ ଆଦେକ୍ ଆରି ଗ୍ରିକ୍‌ତି ବିତ୍ରେ ଆଦେକ୍ ମୁସ୍ତିଦାର୍ ତାଡ଼ିକ୍ ଆରି ଆଣ୍ଡ୍ରା ହିମ୍‌ଣାଂ ପା ପାତର୍
କିତାର୍ ।
୧୩ ମାତର୍ ଏଚେକାଡ଼ଦ ତେସ୍‌ଲନିକିୟ ଜିହୁଦିର୍ ପୁଚାର୍ ଜେ, ଇସ୍ୱର୍‌ତି ବଚନ୍ ପାଉଲ୍‌ତି ହୁଦାଂ ବେରିୟାତ ପା
ପର୍‌ଚାର୍ ଆନାତା, ହେ ଏଚେକାଡ଼ଦ ହେୱାର୍ ହେ ବାହାତାଂ ପା ୱାଜି ଲକୁରିଂ ଟିଉଲାୟ୍ ଆରି ରିସା କିତାର୍ ।
୧୪ ହେବେଣ୍ଡାଂ ଟଣ୍ଡାର୍ ମାଲାୱାଦାଂ ପାଉଲ୍‌ତିଂ ହାମ୍‌ଦୁର୍ ନିପ ହାନି କାଜିଂ ପଲ୍ଡାର୍, ଆରେ ସିଲା ଆରି ତିମତି ହେ
ବେରିଆତ ମାଚାର୍ ।
୧୫ ମାତର୍ ଇମ୍‌ଣାକାର୍ ପାଉଲ୍‌ତିଂ ଏତେନ୍‌ସ୍ ଅଜି ହାଚାର୍, ହେୱାର୍ ତାଙ୍ଗ୍ ଏତେନ୍‌ସ୍ ପାତେକ୍ ତାଇୱାତାର୍, ଆରେ
ସିଲା ଆରି ତିମତି ଇନେସ୍ ବେଗି ତା ଲାଗାୟ୍ ୱାନାର୍, ଇ ବଲ୍ ଗାଟାଜି ହେୱାର୍ ହାଚାର୍ ।

## ଆତିନିସ୍‌ତ ପାଉଲ୍‌ତି ହେବାକାମାୟ୍

୧୬ ଏତେନ୍‌ସ୍‌ତ ପାଉଲ୍ ହେୱାର୍ କାଜିଂ ମାନି ୱେଡ଼ାଲିଂ ହେ ଗାଡ଼ଦ ପୁତ୍‌ଡ଼ାତ ବାତର୍ ହୁଡ଼୍‌ଜି ତା ଜିବୁନ୍‌ତ ରିସା ଆଜି
ନିଂତାନ୍ ।
୧୭ ଲାଗିଂ ହେୱାନ୍ ପାର୍ତାନା ଇଞ୍ଜ ଜିହୁଦିର୍ ଲାହାଂ ଇସ୍ୱର୍‌ତି ପାର୍ତାନା କିନାକାନ୍ ପାତର୍ କିୱି ଜିହୁଦି ଲାହାଂ ଇ ବିସ୍ରେ ସବୁ
ନାଞ୍ଜିଙ୍ଗ୍ କାତା ବାର୍ତା କିଦେଙ୍ଗ୍ ଲାଗାତାର୍ । ବସ୍ତି ବାଜାର୍ ଚକ୍‌ତି ବାହାକାଂ ବୁଲାଚାଲା ଆଜି ମାନି ପାତିଦିନ୍ ଇମ୍‌ଣାକାର୍
ହୁଦାଂ ହୁଡ଼୍‌କା ଆଜି ମାଚାର୍, ହେୱାରିଂ ଉପ୍‌ଦେସ୍ ହିଜି ମାଚାନ୍ ।
୧୮ ହେବେଣ୍ଡାଂ "ଏପିକୁରିୟ ଆରି ସ୍ତୟିକ" କେତେକ୍ ହୁଡ଼୍‌ନାକାର୍ ପା ତା ହୁଦାଂ କାତାବାର୍ତା କିଦେଙ୍ଗ୍ ଲାଗାତାର୍, ଆରେ
ଇନେର୍ ଇନେର୍ ଇଚାର୍, "ଇ କାଡ଼୍‌ଦେ ଇନାକା ଇଞ୍ଜେଙ୍ଗ୍ ଇଚା କିନାନା ?"
ଆରେ ଇନେର୍ ଇନେର୍ ଇଚାର୍, ହେୱାନ୍ ପୁଦାଙ୍ଗ୍‌ତି ବିସ୍ରେ ପର୍‌ଚାର୍ କିନାକାନ୍ ଲାକେ ପୁନ୍ୟାନାତା । ଇନାକିଦେଂକି
ହେୱାନ୍ ଜିସୁ ଆରି ଆରେ ନିଂନାକା ବିସ୍ରେନି ନେକ୍ରିକାବୁର୍ ପର୍‌ଚାର୍ କିଜି ମାଚାନ୍ ହେୱାର୍ ଇଦାଂ ଇଚାର୍
୧୯ ପାଚେ ହେୱାର୍ ପାଉଲ୍‌ତିଂ ଆରିୟପାଗତ ଗାଜା ସବାତ ଅସି ହାଲ୍‌ଜି ଇଚାର୍, ଇଦାଂ ଜେ ପୁନି ହିକ୍ୟା "ଏନ୍ ହିନାୟା,
ହେଦାଂ ଇନାକା ଇଞ୍ଜି ଆପେଂ ପୁଞ୍ଜେଙ୍ଗ୍ ଆଡ଼୍‌ନାପ୍ କି ?
୨୦ ଇନାକିଦେଂକି ଏନ୍ କେତେକ୍ କାବା ବିସ୍ରେ ମାଂ କିତୁଲ୍‌ତ ପୁନି କିଡ୍‌ତାୟ୍‌ନା, ଲାଗିଂ, ଇ ୱିଜୁ କାତାନି ଅରତ୍ ଇନାକା,
ଆପେଂ ହେଦାଂ ପୁଞ୍ଜେଙ୍ଗ୍ ଇଚା କିନାପା !"
୨୧ ଆତିନିୟ ଲକୁ ୱିଜାର୍ ଆରି ହେବେ ବାହାକିନି ବିଦେସିର୍ କେବଲ୍ ଇମ୍‌ଣାକା ପୁନି କାତା ଇନାକା ଆରି ୱେନାକା
ପିସ୍ତି ଆରେ ଇନାକାତ ବେସି ସମୁ ବିତାୟ୍ କିୱାଦାଂ ମାଚାର୍ ।
୨୨ ଇବେଣ୍ଡାଂ ପାଉଲ୍ ଆରିୟପାଗନି ମାଦ୍‌ଣି ବାହାତ ନିଲ୍‌ଚି ଇଚାନ୍, "ଆତିନିୟ ଲଗୁ, ଏପେଙ୍ଗ୍ ଜେ ୱିଜୁ ବିସ୍ରେ ଗାଜା
ଦେବି ଲବାୟ୍ କିନାଦେରା, ଇଦାଂ ଆନ୍ ହୁଡ଼୍‌ନାଙ୍ଗା ।"
୨୩ ଇନାକିଦେଂକି ଆନ୍ ବୁଲାନି ସମୁତ ମି ପୁଜାକିଡି ୱିଜୁ ଦିନିସ୍ ହୁଡ଼ ହୁଡ଼ ର ଗାର୍‌ଣି ପା ହୁଡ୍‌ତାଂ, ଇମ୍‌ଣି ଜପି ଇ
କାତା ଲେକା ଆତାଡ୍‌ନ୍ନା, "ପୁନ୍‌ୱିତି ଇସ୍ୱର୍‌ତି ଉଦେସ୍‌ତ ପେନ୍‌କୁଡି କାଜିଂ ! ଲାଗିଂ, ଏପେଙ୍ଗ୍ ପୁନ୍‌ୱାଦାଂ ଇନେରିଙ୍ଗ୍ ପୁଜା
କିନାଦେରା, ଆନ୍ ତାଙ୍ଗ୍ ମି ଲାଗାୟ୍ ପର୍‌ଚାର୍ କିନାଙ୍ଗା ।"

[୨୪] ✡ଇମ୍ଣି ଇସ୍ୱର୍ ପୁର୍ତି ଆରି ତାରେନ୍‌ନିକା ୱିଜୁ ଆଡ଼୍‌ମାଡ଼୍ ଉବ୍‌ଜାଣ୍ କିତାନ୍‌ନ୍ନା, ହେୱାନ୍ ବାଦାଡ଼୍‌ତ ଆରି ପୁର୍ତିନି
ମାପ୍ରୁ ଆତିଲେ କେଇରଚ୍‌ଚି ମନ୍ଦିର୍‌ତ ବାହା କିଉନ୍,
[୨୫] କି ହେୱାର୍‌ତି ଇମ୍ଣାକା ଅବାବ୍ ମାଚିଲେ ମାନାୟ୍ କେଇ ହୁଦାଂ ଉଜ୍ କିଜି ହେୱାନ୍ ହେବା କିୟା ଆଉନ୍, ଲାଗିଂ
ହେୱାନ୍ ନିଜେ ୱିଜାରିଂ ଜିବୁନ୍‌ନି, ନେନ୍‌ଞ୍ଜେଙ୍ଗ୍ ଆରି ୱିଜୁ ଆଡ଼୍‌ମାଡ଼୍ ଦାନ୍ କିଦ୍‌ନାନ୍ ।
[୨୬] ରୱାନ୍ ମାନାୟ୍‌ତାଂ ହେୱାନ୍ ନାର୍ ଜାତିତିଂ ଉବ୍‌ଜାୟ୍ କିତାନ୍‌ନା ଆରି ତା କାତାଂ ହେୱାର୍ ପୁର୍ତିନି ବିନ୍ ବିନ୍ ବାହାତ
ବାହା କିନାରା ଆଗେ ଇସ୍ୱର୍ ବାଚି କିତାନ୍‌ନ୍ନା ।
[୨୭] ହେୱାର୍‌ତି ଉଦେସ୍ ମାଚାଡ଼୍, ୱିଜାର୍ ଇନେସ୍ ହେୱାର୍‌ତି ଦାସ୍‌ଜି ପାୟାନାର୍ । ମାତର୍ ହାଡ଼୍‌ପା ଇସ୍ୱର୍ ଇନେର୍‌ତାଂ
ଦେହା ଆକାୟ୍ ।
[୨୮] ଇନାକିଦେଂକି
"ହେୱାନ୍ତି ତାକେ ମା ପ୍ରେନ୍, ହାନାକା ଆରି ଜିଜି ମାନାକା ।"
ଇନେସ୍ ମା ଜାର୍ କେର୍ଣ୍ଣାକାର୍ତି ବିଡ୍ରେ ପା କେତେକ୍ ଜାଣ୍ ଇଚାର୍ଣ୍ଣା,
"ଇନାକିଦେଂକି ଆପେଂ ପା ହେୱାନ୍ତି ଲାଡ୍ରା ।"
[୨୯] ୱାଟିଙ୍ଗ୍, ଆପେଂ ଇସ୍ୱର୍‌ତି ଲାଡ୍ରା ଆତିଲେ ଇସ୍ୱର୍‌ତି ଚିନ୍ ଲାକେ ମାନାୟ୍ ରଚ୍‌ନାକାନ୍ ଆରି ହାନ୍ଦାୟ୍ କିନାକାନ୍ ଇସାପ୍ରେ
ବଲକ୍ୱାର୍ କିଜି ହନା କି ରୁପା କି କାଲ୍ ଲାକେ ବାବିକିନାକା ମା ଲଡ଼ା ଆକାୟ୍ ।
[୩୦] ମାନାୟାର୍ ଇସ୍ୱର୍‌ତିଂ ପୁନ୍‌ୱି ୱେଡ଼ାଲିଂ ହେୱାନ୍ ଦସ୍ ଆହ୍‌ୱାଦାଂ ମାଚାନ୍, ମାତର୍ ନଙ୍ଗ୍ ହେୱାନ୍ ସବୁତିଂ ୱିଜାକାରିଂ
ହେୱାରିଂ ପାପ୍ ହାଜିଡ଼ାଂ ମାନ୍‌ବାଦ୍‌ଲାୟ୍ କିଦେଙ୍ଗ୍ ବଲ୍ ହିନାଙ୍ଗା ।
[୩୧] ଇନାକିଦେଂକି ଇମ୍ଣି ନାଜିଂ ହେୱାନ୍ ଜାର୍ କିତି ମୁଣିକାର୍ ହୁଦାଂ ଦାର୍ମିନି ପୁର୍ତିନି ବିଚାର୍ କାମାୟ୍ କିନାନ୍, ଏପେଙ୍ଗ୍
ର ନାଜିଂ ତିର୍ କିତାନ୍‌ନ୍ନା, ଆରେ ହେଦେଲିଂ ହାକିତାକେଣ୍ଡାଙ୍ଗ୍ ବିଡ୍ରେ ନିକ୍‌ତାନ୍ନା ଇ ବିସ୍ରେ ୱିଜାର୍ତି ଲାଗେ ଜାଣାୟ୍ କିତାନ୍ନା
।
[୩୨] ହାତାକାର୍ ଆରେ ନିଂନାକା କାତା ୱେନ୍‌ଞ୍ଜି ଇନେର୍ ଇନେର୍ ଗ୍ଟାଇଦେଂ ଲାଗାତାର୍ ଆରେ ଇନେର୍ ଇନେର୍ ଇଚାର୍,
ଆପେଂ ଆରେ ରଗ "ମିତାଙ୍ଗ୍ ଇ ବିସ୍ରେ ୱେନାସ୍ ।"
[୩୩] ଇ ବାନି ପାଉଲ୍ ହେୱାର୍ ବିଡ୍ରେତାଂ ହସି ହାଚାନ୍ ।
[୩୪] ମାତର୍ ଇନେର୍ ଇନେର୍ ଲକୁ ତା ପାକ୍ୟା ଆଜି ପାର୍ତି କିତାର୍; ହେୱାର୍‌ତି ବିଡ୍ରେ ଏରିୟପାଗିୟ ଦିୟନୁସିୟ,
ସବାନି ରୱାନ୍ ଦାମାରି ତର୍‌ନି ରଞ୍ଜେଲ୍ ତାଡ଼ି ଆରି ହେୱାର୍ ହୁଦାଂ ଆରେ କେତେକ୍ ଲକୁ ମାଚାର୍ ।

# ୧୮

## କରିନ୍ଥିୟ ବସ୍ତିତ ପାଉଲ୍‌ତି ହେବାକାମାୟ୍

[୧] ଇ ୱିଜୁ ଗଟ୍‌ଣା ପାଚେ ହେୱାନ୍ ଏତେନ୍‌ସ୍‌ତାଂ ହାଲ୍‌ଜି କରନ୍ଥିତ ୱାତାନ୍ ।
[୨] ଆରେ, ହେୱାନ୍ ଆକ୍ୱିଲା ତର୍‌ନି ରୱାନ୍ ଜିହୁଦିଙ୍ଗ୍ ବେଟା ଆତାନ୍, ପନ୍ତ ହେୱାନ୍ତି ଜଲମ୍ ବାହା; ହେୱାନ୍ ଅଲପ୍ ଦିନ୍
ଆତାଡ଼୍ ଜାର୍ କଗ୍‌ଲେ ପ୍ରିସ୍କିଲ୍ଲା ଲାହାଙ୍ଗ୍ ଇତାଲିଆତାଂ ୱାଜି ମାଚାର୍, ଇନାକିଦେଂକି କ୍ଲାଉଦିଅ ୱିଜାର୍ ଜିହୁଦିରିଂ ରମ୍‌ତାଂ
ହସି ହାଞ୍ଜେଙ୍ଗ୍ ବଲ୍ ହିଜି ମାଚାନ୍ । ହେୱାନ୍ ହେୱାର୍ ଲାହାଙ୍ଗ୍ ବେଟାୟ୍ କିଦେଙ୍ଗ୍ ହାଚାନ୍,
[୩] ଆରେ, ହାରିବେପାରିର୍ ମାଚିଲେ ହେୱାର୍ ହୁକେ ବାହା କିତାର୍, ଆରେ ହେୱାର୍ କାମାୟ୍ କିଦେଙ୍ଗ୍ ଲାଗାତାର୍,
ଇନାକିଦେଂକି ବେପାର୍ତ ହେୱାର୍ ଡୁମ୍ ରଚ୍‌ନାକାର୍ ମାଚାର୍ ।
[୪] ଆରେ, ପାତି ଜମ୍‌ନିବାର୍‌ତ ହେୱାନ୍ ପାର୍ତାନା ଇଲ୍ ଆଲ୍‌ଚାନା ହିଜି ଜିହୁଦି ଆରି ଗ୍ରିକ୍‌ରିଂ ପାର୍ତି ବାତାୟ୍ କିଦେଙ୍ଗ୍
ସେସ୍ଟା କିତାନ୍ ।
[୫] ଏଚେକାଡ଼୍‌ଦ ସିଲା ଆରି ତିମତି ମାକିଦନିଆତାଂ ୱାତାର୍, ହେ ଏଚେକାଡ଼୍‌ଦ ପାଉଲ୍ ବଚନ୍ ପର୍‌ଚାର୍‌ତ ବେସି
ମାନ୍‌ଦିଆନ୍ ମାନ୍‌ଞ୍ଜି, ଜିସୁ ଜେ କ୍ରିସ୍ଟ ଆନାନ୍, ଇଦାଂ ଜିହୁଦିର୍‌ତି ଲାଗାୟ୍ ସାକି ହିବିସ୍ ମାଚାନ୍ ।
[୬] ମତର୍ ହେୱାର୍ ଆପତି ଆରି ନିନ୍ଦା କିତିଲେ ହେୱାନ୍ ଜାର୍ ହେନ୍ଦ୍ରା ଡ଼ାଡ଼୍‌ତି ହେୱାରିଂ ଇଚାନ୍, "ମି ନେତେର୍ ମି
କାପ୍‌ଡ଼ା ଜପି ଆରେଡ଼୍, ଆନ୍ ପାପି ଆକାୟ୍ ନଙ୍ଗ୍ ପାର୍ତିକିୱି ଜିହୁଦିର୍ ଲାହାଙ୍ଗ୍ ହାନାଂ ।"
[୭] ହେବେଣ୍ଡାଂ ହେୱାନ୍ ହେ ବାହାତାଂ ହାଲ୍‌ଜି ତିତସ୍ ଜୁସ୍ତ ତର୍‌ନି ରୱାନ୍ ଇସ୍ୱର୍‌ତି ପୁଜା କିନାକାନ୍ ଇଞ୍ଜ ହାଚାନ୍, ହେଦାଂ
ପାର୍ତାନା ଇଲ୍‌ତିଙ୍ଗ୍ ଲାଗାଜି ମାଚାଡ଼୍ ।
[୮] ମତର୍ ପାର୍ତାନା ଇଲ୍‌ନି ମୁଣିକା କ୍ରିସ୍ଟ ଆରି ଇଲ୍‌ନିକାର୍ ମାପ୍ରୁ ତାକେ ପାର୍ତି କିତାର୍, କରନ୍ଥିୟ ବିଡ୍ରେ ଆଦେକ୍ ୱେନ୍‌ଞ୍ଜି
ପାର୍ତି କିଦେଙ୍ଗ୍ ଲାଗାତାର୍ ଆରି ବାପ୍ତିସିମ୍ ଆତାର୍ ।
[୯] ଆରେ, ମାପ୍ରୁ ନାଣା ହୁଡ଼୍‌ନାକା ହୁଦାଂ ପାଉଲ୍‌ତିଂ ଇଚାନ୍, "ପାଣ୍ଡ୍ରା ଆମା, ଚିମ୍‌ରା ଆୱାଦାଂ ପର୍‌ଚାର୍ କିୟା,
[୧୦] ଇନାକିଦେଂକି ଆପ୍ ମି ଲାହାଙ୍ଗ୍ ମାନାପ୍, ଇମ୍ଣି ଲଗୁ ପା ମି କେତି କିଦେଙ୍ଗ୍ ନିଂ ମାଡିବହା ଆଦୁନ୍, ଲାଗିଂ ମାୱାର୍
ଆଦେକ୍ ଲକୁ ଇ ଗାଡ଼୍‌ଦ ମାନାର୍ ।"

✡ **୧୭:୨୪** ପକ୍ୟାତାକା ୭:୪୮.

୧୧ ଆରେ, ହେୱାନ୍ ହେୱାର୍ ଲାଗାୟ୍ ଇସ୍ୱର୍‌ତି ବଚନ୍ ହିକ୍ୟା ହିଜି ବାର୍ହେକ୍ ଆଦା ହେବେ ବାହା କିତାନ୍ ।
୧୨ ମତର୍ ଗାଲ୍ଲିୟନ୍ ଆକାୟାନି ରମିୟ ସାସନ୍‌କାର୍‌ୟା ମାନି ୱେଡ଼ାଲିଂ ଜିହୁଦିର୍ ପାଉଲ୍‌ତି ବିରୁଦ୍‌ତ ର ମାନ୍ ଆଜି ନିଂଜି ତାଙ୍ଗ୍ ଗାଦି ଲାଗାୟ୍ ତାହି ଇଚାର୍,
୧୩ "ଇ ମାନାୟ୍" ବିଦିନି ଉଲ୍‌ଟା ବାବ୍ରେ ଇସ୍ୱର୍‌ତି ପାର୍ତାନା କିଦେଙ୍ଗ୍ ଲକାରିଂ ଟିଉଲାୟ୍ କିନାକା ।
୧୪ ମତର୍ ପାଉଲ୍ ମୁମ୍ ରିକ୍‌ଚି କାତା ଇଞ୍ଜେଙ୍ଗ୍ ଜାଲ୍‌ଦି ଆତିହିଂ, ଗାଲ୍ଲିୟନ୍ ଜିହୁଦିରିଂ ଇଚାନ୍, ଇନେସ୍‌କିତିସ୍‌ପା ଅନ୍ୟାୟ୍ କି ବାନ୍ୟା କାମାୟ୍ ଜଦି ଆଜି ମାଚିସ୍ ୱାଟିଙ୍ଗ୍, ହେ ଜିହୁଦିର୍, କାଲେତାଂ ମି କାତା ୱେନାକା ହାରାୱାତାତ୍‌ମା;
୧୫ ମତର୍ ଜଦି ଇ ସବୁ ଆପ୍‌କା ବଚନ୍, ତର୍ ଆରି ମି ବିଦି ବିସ୍ରେ କିର ଆନାତ୍, ୱାଟିଙ୍ଗ୍ ଏପେଙ୍ଗ୍ ନିଜେ ହେଦାଂ ବୁଜାନାଦେର୍; ଆନ୍ ଇ ସବୁ ବିସ୍ରେ ବିଚାର୍‌କାର୍‌ୟା ଆଦେଂ ଇଚା କିଉଙ୍ଗା ।
୧୬ ଆରେ, ଇଦାଂ ଇଞ୍ଜି ହେୱାନ୍ ଗାଦି ବାହାତାଂ ପେସ୍ତାର୍ ।
୧୭ ହେବେଣ୍ଡାଂ ୱିଜାର୍ ପାର୍ତାନା ଇଲ୍‌ନି ମୁଣିକା ସସ୍ଥନାତିଂ ଆସ୍ତି ଗାଦି ବାହାତ ଟ୍ରାକ୍‌ତେଂ ଲାଗାତାର୍; ମତର୍ ଗାଲ୍ଲିୟନ୍ ହେ ୱିଜୁ ବିସ୍ରେ ହୁଡ଼୍‌ୱାତାନ୍ ।

## ସିରିନି ଆନ୍ତିୟକିଆତ ପାଉଲ୍ ମାସ୍‌ଦି ୱାତାନ୍

୧୮ ପାଉଲ୍ ବେସି ଦିନ୍ ପାର୍ତ କିନି ଟଣ୍ଡାର୍ ଆରି ତଣ୍‌ଦେକ୍ ଲାହାଂ ଇଦାଂ ପାଚେ ପାଉଲ୍ ବେସି ଦିନ୍ ବାହା କିତାନ୍ । ତା ପାଚେ ହେୱାନ୍ ପିସ୍ତି ପ୍ରିସ୍କିଲ୍ଲା ଆରି ଆକ୍ୱିଲା ଲାହାଂ ସିରିୟାନି ଏସ୍ ଜାଜ୍‌ତ ହାଚାର୍ । କେଙ୍କ୍ରେୟାତାଂ ଏସ୍ ଜାଜ୍ ଆରମ୍ କିନି ଆଗେ ତାଙ୍ଗେଙ୍ଗ୍ ର ମାନ୍ତ ଇସାବ୍ରେ ହେୱାନ୍ତି କାପ୍‌ଡ଼ା କୁରାୟ୍ କିୟ୍‌କିତାର୍ ।
୧୯ ପାଚେ ହେୱାର୍ ଏପିସତ ୱାତାର୍, ଆରେ ହେୱାନ୍ ହେ ବାହାତ ହେୱାରିଂ ପିସ୍ତି ନିଜେ ପାର୍ତାନା ଇଞ୍ଜ ହଣ୍‌ଜି ଜିହୁଦିରିଂ ଲାହାଙ୍ଗ୍ ଆଲ୍‌ଚାନା କିତାର୍ ।
୨୦ ଆରେ, ହେୱାର୍ ତାଙ୍ଗ୍ ଆଦିକ୍ ସମୁ ମାଞ୍ଜେଙ୍ଗ୍ ଗୱାରି କିତିଲେ, ହେୱାନ୍ ରାଜି ଆୱାତାନ୍ ।
୨୧ ମତର୍ ହେୱାନ୍ ହେଲ ଅଜି ଇଚାନ୍, "ଇସ୍ୱର୍‌ତି ଇଚା ଆତିସ୍ ଆରେ ରଗ ମି ତାକେ ମାସ୍‌ଦି ୱାନାଙ୍ଗ୍" ହେୱାନ୍ ଜାଜ୍‌ତ ହାଲ୍‌ଜି ଏପିସତ ମାସ୍‌ଦି ହାଚାନ୍ ।
୨୨ କାଇସରିୟାତ ଏକିସ୍ ହେୱାନ୍ ଜାଜ୍ ତାଂ ଜୁତାନ୍, ଆରେ ହାଲ୍‌ଜି ମଣ୍ଡଲିତିଂ ମେହାଜି ଆନ୍ତିୟକିଆତ ତାଂଜି ହାଚାନ୍ ।
୨୩ ହେ ବାହାତ କେତେକ୍ ସମୁ ମାଚି ପାଚେ ହେୱାନ୍ ହାଚାନ୍, ଆରେ ଦାଡ଼ିତାଂ ଗାଲାତିୟ ନିପ ଆରି ପ୍ରୁଗିଆ ହିଜି ହାଲୁ ହାଲୁ ଚେଲାର୍ ୱିଜାରିଂ ସୁସ୍ତା କିଜି ମାଚାନ୍ ।

## ଏପିସସ୍ ଆରି କରନ୍ତିତ ଆପଲ୍ଲ

୨୪ ୱିସ୍ତି ବିତ୍ରେ ଆପଲ୍ଲ ତର୍‌ନି ରୱାନ୍ ଜିହୁଦି ଏପିସତ ୱାତାନ୍, ହେୱାନ୍ତି ଜଲମ୍ ବାହା ଆଲେକ୍‌ଜାଣ୍ଡ୍ରିୟ; ହେୱାନ୍ ହାର୍ ବେରଣ୍ କିନାକାନ୍ ଆରି ଦରମ୍ ସାସ୍ତର୍‌ତ ଆଡ଼୍‌ନାକାନ୍ ମାଚାନ୍ ।
୨୫ ଇ ମୁଣିକା ମାପ୍ରୁତି ହାଜି ବିସ୍ରେ ସିକ୍ୟା ପାୟା ଆଜି ମାଚାନ୍, ଆରେ ଜିବୁନ୍‌ତ ରିସାଜି ଜିସୁତି ବିସ୍ରେ ହାର୍‌ଦି ହିକ୍ୟା ହିଜି ମାଚାନ୍, ମାତର୍ ହେୱାନ୍ ଆପ୍‌କା ଜହନ୍‌ତି ବାପ୍ତିସିମ୍ ବିସ୍ରେ ପୁଞ୍ଜି ମାଚାନ୍;
୨୬ ହେୱାନ୍ ପାର୍ତାନା ଇଲ୍ ସାସ୍ ଲାହାଙ୍ଗ୍ କାତା ଇଞ୍ଜେଙ୍ଗ୍ ଲାଗାତାନ୍ । ମତର୍ ପ୍ରିସ୍କିଲ୍ଲା ଆରି ଆକ୍ୱିଲା ତା କାତା ୱେନ୍‌ଞ୍ଜି ତାଙ୍ଗ୍ ଜାର୍‌ତି ଲାହାଙ୍ଗ୍ ଇଡ଼୍‌ଜି ଆଦିକ୍ ଟିକିନିକି ବାବ୍ରେ ଇସ୍ୱର୍‌ତି ହାଜି ବିସ୍ରେ ତାଙ୍ଗ୍ ହିକ୍ୟା ହିତାର୍ ।
୨୭ ହେୱାନ୍ ଆକାୟା ଦେସ୍‌ତ ହାନି କାଜିଂ ଇଚା କିତିଲେ ଟଣ୍ଡାର୍ ତାଙ୍ଗ୍ ବାସର୍ ହିଜି ତାଙ୍ଗ୍ ଇଚ୍‌ନି କାଜିଂ ଚେଲାରିଂ ଲେକିକିତାନ୍ । ହେୱାନ୍ ହେବେ ଏକିସ୍, ଇମ୍‌ଣାକାର୍ ପାର୍ତ କିଜି ମାଚାର୍, ଇସ୍ୱର୍‌ତି ଦୟା ହୁଦାଂ ହେୱାର୍‌ତି ବେସି ଉପ୍‌କାର୍ କିତାନ୍,
୨୮ ଇନାକିଦେଂକି ଜିସୁ ଜେ କ୍ରିସ୍ଟ, ଇଦାଂ ଦରମ୍ ସାସ୍ତର୍‌ତ ହୁଦାଂ ପାର୍ମାଣ୍ କିଜି ହେୱାନ୍ ହପ୍‌ନି ସାକ୍ତି ଲାହାଙ୍ଗ୍ ଜିହୁଦିର୍‌ତି ଜିକାଟାଣା ସବୁ ଆରାୟ୍ କିଦେଙ୍ଗ୍ ଲାଗାତାନ୍ ।

# ୧୯

## ଏପିସ୍‌ତ ପାଉଲ୍

୧ ଆପଲ୍ଲ କରନ୍ତିତ ମାନି ୱେଡ଼ାଲିଂ ପାଉଲ୍ ୱେଡ଼ାହନି ବିତ୍ରେ ହିଜି ହାଲ୍‌ଜି ଏପିସ ଗାଡ଼୍‌ଦ ଏକାତାନ୍ ହେବେ ହେୱାନ୍ କେତେକ୍ ଚେଲାରିଂ ଚଞ୍ଜ୍ୟାତାନ୍ ।
୨ ହେୱାନ୍ ହେୱାରିଂ ୱେନ୍‌ବାତାନ୍, "ପାର୍ତ କିନି ୱେଡ଼ାଲିଂ ଇନାକା ପୁଇପୁୟା ଜିବୁନ୍‌ତିଂ ଗାଟାଜି ମାଚାଦେର୍ କି ?"
ହେୱାର୍ ତାଙ୍ଗ୍ ଉତର୍ ହିତାର୍, ଆକାୟ୍ "ପୁଇପୁୟା ଜିବୁନ୍ ଜେ ମାନାତ୍, ଇଞ୍ଜି ଆପେଂ ୱେନ୍‌ୱାତାପ୍ମା ।"
୩ ଲାଗିଂ ହେୱାନ୍ ୱେନ୍‌ବାତାନ୍, "ୱାଟିଙ୍ଗ୍ ଏପେଙ୍ଗ୍ ଇନାକାତ ବାପ୍ତିସିମ୍ ଆଜି ମାଚାଦେର୍ ?"
"ହେୱାର୍ ଇଚାର୍, ଜହନ୍‌ତି ବାପ୍ତିସିମ୍‌ତ ।"

୪ ✡ହେବେଣ୍ତାଂ ପାଉଲ୍ ଇଚାନ୍, "ଜହନ୍ ମାନ୍‌ବାଦ୍‌ଲାୟ୍ କିନି ବାପ୍ତିସିମ୍‌ତ ବାପ୍ତିସିମ୍ ହିଜି, ଜିସୁ ପାଚେ ଇନେର୍ ୱାନାନ୍,
ହେୱାନ୍ ତାକେ, ଇଚିସ୍ ଜିସୁତି ତାକେ ପାର୍ତି କିଦେଙ୍ଗ୍ ଆନାତ୍ ଇଞ୍ଜି ଜହନ୍ ଇସ୍ରାଏଲ୍ ଲକୁରିଂ ଇଞ୍ଜି ମାଚାନ୍ ।"
୫ ହେୱାର୍ ଇଦାଂ ୱେନ୍‌ଞ୍ଜି ମାପ୍ରୁ ଜିସୁତି ତର୍‌ଦ ବାପ୍ତିସିମ୍ ଆତାର୍,
୬ ଆରେ ପାଉଲ୍ ହେୱାର୍ ଜପି କେଇ ଇଟ୍‌ତିଲେ, ପୁଇପୁୟା ଜିବୁନ୍ ହେୱାର୍ ଜପି ଜୁଡ୍‌ତାନ୍, ଆରେ ହେୱାର୍ ବାର୍‌ବିନ୍
ବାସାତ କାତା ଇଞ୍ଜେଙ୍ଗ୍ ଆରି ବେଣ୍‌ବାକ୍‌ଣାୟ୍‌କିନାକାନ୍ ପା ଇଞ୍ଜେଙ୍ଗ୍ ଲାଗାତାନ୍ ।
୭ ହେୱାର୍ ୱିଜାର୍ ଆନ୍ ମାନ୍ତ ବାର୍ ଜାଣ୍ ଆଣ୍ଡ୍ରାହିମ୍‌ଣାଂ ମାଚାର୍ ।

୮ ପାଚେ ହେୱାନ୍ ପାର୍ତାନା ଇଞ୍ଜ ହଣ୍‌ଜି ତିନ୍ ମାସ୍ ପାତେକ୍ ସାସ୍ ଲାହାଙ୍ଗ୍ ଇସ୍ୱର୍‌ତି ରାଜି ବିସ୍ରେ ଉପ୍‌ଦେସ୍ ହିଜି ପାର୍ତି
ବାଡାୟ୍ କିଦେଂ ସେସ୍ଟା କିଦେଙ୍ଗ୍ ଲାଗାତାନ୍ ।
୯ ମତର୍ ହେ ଏଚେକାଡ୍‌ଦ ଏଚେକ୍ ଲକୁ ଆଟ୍‌ୱା ଆରି ଅମାନ୍ୟା ଆଜି ଲକୁର୍ ମୁମ୍‌ଦ ହେ ହାଜି ବିସ୍ରେ ନିନ୍ଦା କିଦେଙ୍ଗ୍
ଲାଗାତାର୍, ହେ ଏଚେକାଡ୍‌ଦ ହେୱାନ୍ ହେୱାରିଂ ପିସ୍ତି ଚେଲାରିଂ ବିନେ କିତାନ୍, ଆରେ ନିତ୍ରେ ତୁରାନ୍ନନି ଇଲ୍ ଆଲ୍‌ଚାନା
କିଦେଙ୍ଗ୍ ଲାଗାତାର୍ ।
୧୦ ଇ ବାନି ରି ବାର୍ହୁ ପାତେକ୍ ଆତାଡ୍; ହେବେ ଆସିଆ ନିକାର୍ ଜିହୁଦି ଆରି ଗ୍ରିକ୍ ୱିଜାର୍ ମାପ୍ରୁତି ବଚନ୍ ୱେଚାର୍ ।

### ସ୍କେବାନି ହିମ୍‌ଣାଂ

୧୧ ଆରେ, ଇସ୍ୱର୍ ପାଉଲ୍‌ତିଂ କେଇ ହୁଦାଂ ଆବିୱିତି ସାକ୍ତିନି କାମାୟ୍ କିଜି ମାଚାନ୍,
୧୨ ଏଲେଂକି ପାଉଲ୍ ତା ଗାଗାଡ୍‌ତାଂ ରୁମାଲ୍ କି ତୁୱାଲ୍ ରଗ୍ୟାର୍ ଲାଗେ ତାହିୱାତିସ୍, ହେୱାର୍ ତାଙ୍ଗ୍ ରଗ୍ ପିସ୍ତି ହାଲ୍‌ଜି
ମାଚାଡ୍ ଆରି ବାନ୍ୟାପୁଦା ହସି ହାଲ୍‌ଜି ମାଚିକ୍ ।
୧୩ ମତର୍ ବୁଲାନି ଜିହୁଦିର୍ ଚୁଟ୍‌କିଆର୍ ବିତ୍ରେ କେତେକ୍ ଜାଣ୍‌ତିଂ ବାନ୍ୟାପୁଦା ଲାଗାଜି ମାଚି ଲକୁର୍ ଜପି ମାପ୍ରୁ ଜିସୁତି
ତର୍ ଇଚିଲେ କସ୍ଟ ଆଜି ଇଚିକ୍, ଇମ୍‌ଣି ଜିସୁଙ୍ଗ୍ "ପାଉଲ୍ ସୁଣାୟ୍ କିଦେଙ୍ଗ୍ ଲାଗାନାନା, ଆନ୍ ମିଙ୍ଗ୍ ହେୱାନ୍ତି ବଲ୍
ହିଦ୍‌ନାଙ୍ଗା ।"
୧୪ ଆରେ, ସ୍କେବା ତର୍‌ନି ରୱାନ୍ ଜିହୁଦି ମୁଡ୍ ମାପ୍ରୁହେବା କିନାକାନ୍‌ତି ସାତ୍‌ଜାଣ୍ ମାଜିର୍ ଇ ଲାକେ କିଜି ମାଚାର୍ ।
୧୫ ହେବେ ବାନ୍ୟାପୁଦା ହେୱାରିଂ ଉତର୍ ହିତାନ୍, "ଆପ୍ ଜିସୁଙ୍ଗ୍ ପୁନାପ୍ ଆରି ପାଉଲ୍‌ତିଂ ଚିନିକିତାପ୍‌ନ୍ନା; ମତର୍
ଏପେଙ୍ଗ୍ ଇମ୍‌ଣାକାଦେର୍ ?"
୧୬ ହେ ଏଚେକାଡ୍‌ଦ ବାନ୍ୟାପୁଦା ଆହ୍ୟାତି ଲଗୁ ହେୱାର୍‌ତି ଜପି ଗୁମ୍‌ଜି ସାକ୍ତିତାଂ ହେୱାନ୍ ରିୟାରିଂ ଆରାୟ୍ କିଜି
ହେୱାରିଂ ଦାକା କିତାଡ୍ ଜେ, ହେୱାର୍ ନାଗ୍‌ଡ଼ା ଆରି ଗାଅଦାଆ ଆଜି ହେ ଇଲ୍‌ତାଙ୍ଗ୍ ହସି ହାଚାର୍ ।
୧୭ ଇ କାତା ଏପିସ ନିକାର୍ ଜିହୁଦି ଆରି ଗ୍ରିକ୍ ୱିଜାର୍ ପୁଚାର୍ । ହେବେ ୱିଜାର୍ ପାଣ୍ଡ୍ରା ଆତାର୍, ଆରେ ମାପ୍ରୁ ଜିସୁତି ତର୍
ଜାଜ୍‌ମାଲ୍ ଆଦେଂ ଲାଗାତାଡ୍ ।
୧୮ ଆରେ, ପାର୍ତିନିକାର୍ ବିତ୍ରେ ଆଦେକ୍ ୱାଜି ଜାର୍ ଜାର୍ କାମାୟ୍ ମାନିକିତାର୍ ଆରି ୱେଚ୍‌ଚେଂ ଲାଗାତାର୍,
୧୯ ଆରେ ମନ୍ତର୍ କାମାୟ୍ କିନାକାର୍ ଆଦେକ୍ ଜାର୍ ଜାର୍ ପତି ତାହିୱାଜି ରୁଣ୍ଡାୟ୍ କିଜି ୱିଜାକାର୍ ମୁମ୍‌ଦ ହୁଡ୍‌ଜି
ତୁହିତାର୍; ହେୱାର୍ ହେ ସବୁନି ମଲ୍ ହିସାବ୍ କିତିଲେ ହେଦାଂ ରିକଡ଼ି ଦସ୍ ହାଜାର୍ ରୁପା ଟାକାଂ ଇଞ୍ଜି ହୁଡ୍‌ତାର୍ ।
୨୦ ଇ ଲାକେ ମାପ୍ରୁତି ବଚନ୍ ସାକ୍ତିତାଂ ବାଡାଦେଂ ଆରି ଆଦିକ୍ ସାକ୍ତି ଆଦେଂ ଲାଗାତାଡ୍ ।

### ଏପିସତ ଲାଗାଜଡ଼ା

୨୧ ଇ ୱିଜୁ ବିସ୍ରେ ୱିସ୍ତି ପାଚେ ପାଉଲ୍ ମାକିଦନିଆ ଆରି ଆକାୟା ହିଜି ଜିରୁସାଲମ୍‌ତ ହାଞ୍ଜେଙ୍ଗ୍ ମାନ୍‌ତ ତିର୍ କିଜି
ଇଚାନ୍, "ହେବେ ହାଚି ପାଚେ, ନାଙ୍ଗ୍ ରମ୍‌ତ ପା ହାଞ୍ଜେଙ୍ଗ୍ ଆନାଡ୍ ।"
୨୨ ଆରେ, ଇମ୍‌ଣାକାର୍ ହେୱାନ୍ତି ହେବା କିଜି ମାଚାର୍, ହେୱାର୍ ବିତ୍ରେ ତିମତି ଆରି ଏରାସ୍ଟ ଇ ରିୟାରିଂ ମାକିଦନିଆତ
ପକ୍‌ଚି ହେୱାନ୍ ନିଜେ ଅଲପ୍ କାଡ୍ ପାତେକ୍ ଆସିଆ ଦେସ୍‌ତ ମାଚାନ୍ ।
୨୩ ହେ ୱେଡ଼ାଲିଂ ଇ ହାଜି ବିସ୍ରେ ବେସି ଅଜି ଏପିସିତ ବେସି ଗଣ୍ଡଗଲ୍ ଆତାଡ୍ ।
୨୪ ଇନାକିଦେଂକି ଦିମିତ୍ରିୟ ତର୍‌ନି ରୱାନ୍ ହନାରି ଆର୍ତେମିନି ରୁପା ମନ୍ଦିର୍ ରଚ୍‌ଚି ମାଚାନ୍, ଆରେ ବାନାରଚ୍‌ନାକନ୍
ବେସି ଲାବ୍ କିଜି ମାଚାର୍ ।
୨୫ ହେୱାନ୍ ହେୱାରିଂ ଆରି "ହେ ବେପ୍ରିୟାର୍ ବାନାରଚ୍‌ନାକାରିଂ କୁକ୍‌ଚି ଇଚାନ୍, ମାପ୍ରୁର୍, ଇ ବେପାର୍ ହୁଦାଂ ଆପେଂ
ଦନ୍ ପାୟାନାପ୍ ଇଞ୍ଜି ଏପେଙ୍ଗ୍ ପୁନାଦେରା;
୨୬ ଆରେ, କେଇରଚ୍‌ଚି ପୁଡ୍‌ଡାଂ ଇସ୍ୱର୍ ଆକାୟ୍ ଇଞ୍ଜି ଇଞ୍ଜି ଇ ପାଉଲ୍ କେବଲ୍ ଏପିସତ ଆକାୟ୍, ମତର୍ ୱିଜୁ
ଆସିଆତ ଦେସ୍‌ତ ଜବର୍ ମାନାୟ୍‌ତିଂ ବୁଜାୟ୍ କିୟ୍ କିଜି ଇନାନା, ଇଦାଂ ଏପେଙ୍ଗ୍ ହୁଡ୍‌ନାଦେରା ଆରି ୱେନାଦେରା ।

✡ **୧୯:୪** ମାତିଉ ୩:୧୧; ମାର୍କ ୧:୪,୭,୮; ଲୁକ ୩:୪,୧୬; ଜହନ୍ ୧:୨୬,୨୭.

୨୭ ଇବେ ଜେ କେବଲ୍ ମା ଇ ବେପାର୍‌ନି ବାନ୍ୟା ତର୍ ଆନାକା ପାଣ୍ତ୍ରୁ ମୁନାତ୍, ହେଦାଂ ଆକାୟ୍, ମତର୍ ଇମ୍‌ଣି ଗାଜା ପେନ୍ ଆର୍ତେମିତି ୱିଜୁ ଆସିଆ ଆରି ପୃତର୍ି ଜାକ୍ ପାର୍ତାନା କିତାର୍, ହେୱାନ୍ତି ମନ୍ଦିର୍ ପା ଉଣା ଆନାକା ଆରି ତାଦାଂ ସନ୍‌ମାନ୍ ନସ୍ଟ ଆଦେଂ ପା ଗିଟାନି ପାଣ୍ତ୍ରୁ ମୁନାତ୍ ।”
୨୮ ଇ କାତା ୱେନ୍‌ଞ୍ଜି ହେୱାର୍ ରିସାତ ବାତର୍ି ଆଜି ରାଟୁ କିଜି ଇଞ୍ଜେଙ୍ଗ୍ ଲାଗାତାର୍, ଏପିସିୟର୍‌ତି “ଆର୍ତେମି ଗାଜା ପୁତ୍‌ଡ଼ା ଜୟ୍ ଆଏତ୍ ।”
୨୯ ଇବେଣ୍ତାଂ ଗାଡ଼୍ କିରତ ବାତର୍ି ଆତାତ୍, ଆରେ ହେୱାର୍ ର ମାନ୍‌ତାଂ ପାଉଲ୍‌ତି ରଚେ ହାଚାକାନ୍ ମାକିଦନିଆନି ଗାୟ୍ ଆରି ଆରିସ୍ତାର୍କତିଂ ଆସ୍ତି ମେଲ୍ୟାର୍ ବୁମିତ ହନ୍‌ଞ୍ଜି ହାଚାର୍ ।
୩୦ ଇବେ ପାଉଲ୍ ଲକୁ ବିତ୍ରେ ହାଞ୍ଜେଙ୍ଗ୍ ଇଚା କିତାନ୍, ମତର୍ ଚେଲାର୍ ତାଙ୍ଗ୍ ହାଞ୍ଜେଙ୍ଗ୍ ହିୱାତାର୍ ।
୩୧ ଆରେ, ଆସିଆନି ମୁଡ଼୍ କାମାୟ୍ କିନାକାର୍ ବିତ୍ରେତାଂ ପା ଏଚେକ୍ ଜାଣ୍ ହେୱାନ୍ତି ହାଙ୍ଗ୍‌ଦାକାର୍ ମାଚିଲେ ଲକୁ ପକ୍‌ଚି ମେଲ୍ୟାର୍ ବୁମି ବିତ୍ରେ ସାସ୍ ହିଲ୍‌ୱାଦାଂ ହାଲ୍‌ୱି କାଜିଂ ତାଙ୍ଗ୍ ଗୱାରି କିତାନ୍ ।
୩୨ ହେ ଏଚେକାଡ଼୍‌ଦ ଇନେର୍ ଇନେର୍ ଇ କାତା, ଇନେର୍ ଇନେର୍‌କି ହେ କାତା ଇଞ୍ଜି କିକିରାଡିଂ କିଜି ମାଚାର୍, ଇନାକିଦେଂକି ସବା ରାଟୁତ ବାତର୍ି ଆଜି ମାଚାତ୍, ଆରେ ହେୱାର୍ ଜେ ଇନାକିଦେଂ ରବେରୁଣ୍ତା ଆତାର୍ଣ୍ତା, ହେଦାଂ ଆଦେକ୍ ପୁନ୍‌ୱାଦାଂ ମାଚାର୍ ।
୩୩ ଆରେ, ଜିହୁଦିର୍ ଆଲେକ୍‌ଜାଣ୍ତର୍‌ତିଂ ଆଗେ ହପ୍‌ଚି ତାହିୱାତିଲେ ଲକୁ ବିତ୍ରେତାଂ ଇନେର୍ ଇନେର୍ ତାଙ୍ଗ୍ ଟିଉଲାୟ୍ କିତାର୍; ହେବେ ଆଲେକ୍‌ଜାଣ୍ତର୍ କେଇଦାଂ ଚଚ୍‌ଚି ଲକୁର୍ ଲାଗାୟ୍ ହେୱାର୍‌ତି ପାକ୍ୟାଜି ଇଞ୍ଜେଙ୍ଗ୍ ଇଚା କିତାନ୍ ।
୩୪ ମତର୍ ହେୱାନ୍ ରୱାନ୍ ଜିହୁଦି ଇଞ୍ଜି ହେୱାର୍ ପୁଚାର୍, ହେ ଏଚେକାଡ଼୍‌ଦ ୱିଜାର୍ କାଟ୍‌ତ ରି ଗଣ୍ଟା ପାତେକ୍ କିକିରାଡିଂ କିଜି ଇଞ୍ଜେଙ୍ଗ୍ ଲାଗାତାର୍, ଏପିସିୟର୍‌ତି “ଆର୍ତେମି ଗାଜା ପୁତ୍‌ଡ଼ା ଜୟ୍ ଆଏତ୍ ।”
୩୫ ପାଚେ ଗାଡ଼୍‌ନି ମୁସ୍ତିଦାର୍ ଲକୁ ୱିଜୁତିଂ ସୁସ୍ତା କିଜି ଇଚାର୍, “ଏ ଏପିସିୟନି ଲକୁର୍, ଏପିସ ଗାଡ଼୍ ଜେ ଗାଜା ପୁତ୍‌ଡ଼ା ଆର୍ତେମି ମନ୍ଦିର୍ ଆରି ବାଦାଡ଼୍ ତାଂ ଜୁଜି ୱାଜିମାନି ପୁତ୍‌ଡ଼ା ମନ୍ଦିର୍‌ନି କାର୍‌ନିୟା, ଇଦାଂ ଇନେର୍ ପୁନ୍‌ୱାତାର୍ଣ୍ତା ?
୩୬ ଇନେର୍ ମାନିକିଉର୍ ଇ ସବୁ କାତା ଡ୍ରିଙ୍ଗ୍‌ୱିତିଲେ ମିଦାଙ୍ଗ୍ ସୁସ୍ତା ଆନାକା ଆରି ବାବିକିୱି କାମାୟ୍ କିୱି କାତା ।
୩୭ ଇନାକିଦେଂକି ଇ ଇମ୍‌ଣି ଲକୁରିଂ ଏପେଙ୍ଗ୍ ତାହିୱାତାଦେର୍ଣ୍ତା, ଇୱାର୍‌ତ ମନ୍ଦିର୍ ଚରି କିନାକାର୍ ଆକାୟ୍ କି ମା ଦେବିତିଂ ନିନ୍ଦା କିନାକାର୍ ଆକାୟ୍ ।
୩୮ ଲାଗିଂ ଜଦି ଇନେର୍‌ତର୍ି ବିରୁଦ୍‌ତ ଦିମିତ୍ରିୟ ଆରି ତା ହାଂଙ୍ଗ୍‌ଦାକାନ୍ ବାନାରଚ୍‌ନାକାତର୍ି ଇନାକାପା କାତା ମାଚିସ୍, ତା ଆତିସ୍ ବିଚାର୍ଣ୍ତା ଇଲ୍ ଜେତାକା ମାନାତ୍ ଆରି ସାସନ୍‌କାର୍‌ୟାର୍ ମାନାର୍; ହେୱାର୍ ହାରି ବିରୁଦ୍‌ତ ଦାବା କିଏର୍ ।
୩୯ ମତର୍, ଜଦି ମିଦାଙ୍ଗ୍ ବିନ୍ ଇମ୍‌ଣି ଦାବା ମାଚିସ୍, ୱାଟିଙ୍ଗ୍ ନିୟମ୍ କିତି ର ସବାତ ତା ରୁଜୁକ୍ ଆନାତ୍ ।
୪୦ ଇନାକିଦେଂକି ହାଡ଼୍‌ପାନେ ନେଞ୍ଜେଙ୍ଗ୍‌ନି କିର ଅଜି ମା ବିରୁଦ୍‌ତ ଦାବା ଆନି ପାଣ୍ତ୍ରୁ ମୁନାତ୍; ଆପେଂ ଇ କିର ଇମ୍‌ଣି କାରଣ୍ ଚଚ୍‌ଚେଙ୍ଗ୍ ଆଡୁପ୍ ।”
୪୧ ଇଦାଂ ଇଞ୍ଜି ହେୱାନ୍ ସବାନି ୱିଜାରିଂ ହେଲୱେୟ୍ ହିତାନ୍ ।

## ୨୦

### ମାକିଦନିଆ ଆରି ଆକାୟାତ ଜାତ୍ରା

୧ ହେ ଗଣ୍ତଗଲ୍ ଚିମ୍‌ରା ଆତି ପାଚେ ପାଉଲ୍ ଚେଲାରିଂ କୁକ୍‌ଚି ହେୱାରିଂ ୱାରିକିୟ୍‌କିନି ପାଚେ, ଆରେ ହେୱାର୍ ତାଙ୍ଗ୍ ହେଲୱେୟ୍ ଅଜି ମାକିଦନିଆତ ହାଚାର୍ ।
୨ ହେୱାନ୍ ଇମ୍‌ଣି ନିପ ହିଜି ହାଲ୍‌ଜି ହେୱାନ୍ ମାନାୟାରିଂ ବେସି ୱାରିକିୟ୍‌କିନି ପାଚେ ଗ୍ରିସ୍‌ତ ୱାତାନ୍ ।
୩ ହେୱାନ୍ ହେ ବାହାତ ତିନ୍ ମାସ୍ ମାଞ୍ଜି ଏଚେକାଡ଼୍‌ଦ ଜାଜ୍‌ତ ଦୁମ୍‌ଜି ସିରିୟାତ ହାଞ୍ଜେଙ୍ଗ୍ ସେସ୍ଟା କିତାନ୍, ଏଚେୱାଡ଼ାଂ ଜିହୁଦିର୍ ପାଉଲ୍‌ତିଂ ବିରୁଦ୍‌ତ ହାତୁର୍ କିତିଲେ ହେୱାନ୍ ମାକିଦନିଆ ହିଜି ମାସ୍‌ଦିହାଞ୍ଜେଙ୍ଗ୍ ବାବି କିତାନ୍ ।
୪ ଆରେ ବେରିୟାନିକାର୍ ପୁରତି ମାଜି ସପାତ୍ର, ତେସ୍‌ଲନିକିୟ ନିକାର୍ ବିତ୍ରେ ଆରିସ୍ତାର୍କ ଆରି ସେକୁନ୍ଦ, ଦବର୍ି ନି ଗାୟ୍, ତିମତି, ଆରେ ଆସିଆନି ଲକୁ ବିତ୍ରେ ତୁକିକ ଆରି ତ୍ରପିମ ତା ହାଙ୍ଗ୍‌ଦାଂ ହାଚାର୍ ।
୫ ଇୱାର୍ ୱିଜାର୍ ଆଗେ ହାଲ୍‌ଜି ତ୍ରୟାତ ମାଙ୍ଗେଙ୍ଗ୍ କାସି ମାନ୍‌ଞାନ୍ ।
୬ ଆରେ, ହଇୱି ରୁଟିନି ପାର୍ବୁ ପାଚେ ଆପେଂ ଜାଜ୍‌ତ ଦୁମ୍‌ଜି ପିଲିପିତାଂ ହାଜି ଆସ୍ତାପ୍, ଆରେ ପାଞ୍ଚ୍ ଦିନ୍ତ ତ୍ରୟାତ ହେୱାର୍ ଲାଗାୟ୍ ୱାତାପ୍; ହେ ବାହାତ ଆପେଂ ସାତ୍ ଦିନ୍ ମାଚାପ୍ ।

### ତ୍ରୟାତ ପାଉଲ୍‌ତି ହାରିହାରା ହାନାକା

୭ ଆପେଂ ସାତ୍‌ନି ପର୍ତୁମ୍ ରଇବାର୍ ନାଜିଂ ଏଚେକାଡ଼୍‌ଦ ତିଞ୍ଜେଙ୍ଗ୍ ରବେରୁଣ୍ତା ଆଜି ମାଚାପ୍, ପାଉଲ୍ ହେ ଏଚେୱାଡ଼ାଂ ଆର୍କାଡ଼୍ ନାଜିଂ ହାନାନ୍ ଇଞ୍ଜି ଜାଲ୍‌ଦି ଆଜି ମାଚିଲେ ହେୱାରିଂ ଉପ୍‌ଦେସ୍ ହିଦେଂ ଲାଗାତାନ୍ ଆରି ଆଦାନାଣା ପାତେକ୍ ଲାମା କାତା ହିତାନ୍ ।

୮ ଇମ୍‌ଣି ଜପ୍‌ଣି ବାକ୍ରାତ ଆପେଂ ରବେ ରୁଣ୍ଡାଜି ମାଚାସ୍, ହେ ବାକ୍ରାତ ବେସି ବଇଟାଂ କାଚା ଆଜି ମାଚିକ୍ ।
୯ ଆରେ, ଚିଟ୍‌କି ଜପି ଇଉତୁକ ତର୍‌ନି ରୱାନ୍ ଦାଂଣେନ୍ ଲଗୁ କୁଚ୍‌ଚି ମାଚାନ୍, ହେୱାନିଂ ବେସି ହୁଚ୍‌କାଣ୍‌କୁ ହସି ମାଚିକ୍;
ଆରେ ପାଉଲ୍ ଆରେ ଡେଙ୍ଗା ଉପ୍‌ଦେସ୍ କିତିଲେ ହେୱାନ୍ ହୁଚ୍‌କାଣ୍‌କୁ ମାୟାତାଂ ତିନି ପାଉଚ୍‌ତାଂ ତାରେନ୍ ଆର୍ତାନ୍,
ଆରେ ତାଙ୍ଗ୍ ନିକ୍‌ତି ୱେଡ଼ାଲିଂ ହେୱାନ୍ ହାତାନ୍ନା ଇଞ୍ଜି ପୁନ୍ୟାତାଡ଼୍ ।
୧୦ ହେବେ ପାଉଲ୍ ତାରେନ୍ ଜୁଜି ୱାଜି ତାଙ୍ଗ୍ ପମ୍‌ଜି ଇଚାନ୍, "ଚିନ୍ତା କିମା, ଇନାକିଦେଂକି ଇୱାନ୍ ତାକେ ଜିବୁନ୍ ମାନାଡ଼୍ ।"
୧୧ ପାଚେ ହେୱାନ୍ ଜପି ହାଲ୍‌ଜି ରୁଟି ଡ୍ରିକ୍‌ଚି ଚିଚାନ୍, ଆରେ ହେୱାର୍ ଲାହାଙ୍ଗ୍ ନାଡ଼ିହିଙ୍ଗ୍ ଆନି ପାଡେକ୍ ବେସି
କାତାବାର୍ତା କିଜି ହାଜି ଆସ୍ତାନ୍ ।
୧୨ ଆରେ, ହେୱାର୍ ହେ କାଡ଼୍‌ଦେଙ୍ଗ୍ ଜିଜି ମାନାକା ଗାଟାଜି ଆଦିକ୍ ୱାରିକିୟ୍‌କିନି କାଜିଂ ହେୱାର୍ ଆଦିକ୍ ହେୱାରିଂ
ଆରି ଇଞ୍ଜ ଅସି ହାଚାର୍ ।

## ତ୍ରାୟାତାଂ ମିଲିଟସ୍‌ତ ହାନାକା

୧୩ ମତର୍, ଆପେଂ ଆକ୍‌ତୁ ଜାଜ୍‌ତ ଦୁମ୍‌ଜି ଆସସ୍‌ତ ହାଚାପ୍, ହେବେତାଂ ପାଉଲ୍‌ତିଂ ଅସି ହାନି କାଜିଂ ବାବି କିଜି ମାଚାପ୍,
ଇନାକିଦେଂକି ହେୱାନ୍ ନିଜେ ହାଜିଡ଼୍ ହାଞ୍ଜେଙ୍ଗ୍ କାଜିଂ ଇଚା କିଜି ହେ ବାନି ତିର୍ କିଜି ମାଚାନ୍ ।
୧୪ ଏଚେକାଡ଼୍‌ଦ ହେୱାନ୍ ମାଂ ଆସସ୍‌ତ ବେଟା ଆଡ଼୍‌ତାନ୍, ଆପେଂ ତାଙ୍ଗ୍ ଜାଜ୍‌ତ ଅଜି ମିତୁଲିନିତ ଏକାତାପ୍,
୧୫ ଆରେ ହେ ବାହାତାଂ ଜାଜ୍ ରିକ୍‌ଚି ଆପେଂ ଆର୍କାଡ଼୍ ନାଜିଂ କିୟସ୍ ମୁମ୍‌ଦ ଏକାୱାତାପ୍, ରି ଦିନ୍‌ତାଙ୍ଗ୍ ଜାଜ୍ ସାମତ
ତୁକାୟ୍‌କିତାପ୍ ଆରି ଆର୍କାଡ଼୍ ଦିନା ମିଲିତତ ଏକାତାପ୍ ।
୧୬ ଇନାକିଦେଂକି ପାଉଲ୍‌ତି ଆସିଆତ ଇନେସ୍ ସମୁ ମାଞ୍ଜେଙ୍ଗ୍ ଆମେଡ଼୍, ଇଦାଂ କାଜିଂ ହେୱାନ୍ ଏପିସ ପିସ୍ତି ହାଞ୍ଜେଙ୍ଗ୍
ବିଚାର୍ କିଜି ମାଚାନ୍, ଲାଗିଂ ଆତିସ୍ କାତେ ପେଣ୍ଟିକସ୍ଟ ନାଜିଂ ଜିରୁସାଲମ୍‌ତ ଏକିନି କାଜିଂ ହେୱାନ୍ ତିର୍‌କାଡ଼୍ ଆବିସ୍
ମାଚାନ୍ ।

## ଏପିସିୟ ମଣ୍ଡଲିନି ପାଉଲ୍‌ତି ହାନି ପର୍‌ଚାର୍

୧୭ ମିଲିତତାଂ ପାଉଲ୍ ଏପିସତ ଲକୁ ପକ୍‌ଚି ମଣ୍ଡଲିନି ପ୍ରାଚିନାରିଂ ଜାର୍ ଲାଗେ କୁକ୍‌ଚି ତାହିୱାତାନ୍ ।
୧୮ ହେୱାର୍ ତା ଲାଗାୟ୍ ଏକିତିଲେ ହେୱାନ୍ ହେୱାରିଂ ଇଚାନ୍, ରମିୟ ରାଜିନି "ଆସିଆତ ମାନି ପର୍ତୁମ୍ ଦିନ୍‌ତାଂ ଆନ୍
ୱିଜୁ ସମୁ ମି ବିତ୍ରେ ଇନେସ୍ ଚିନ୍ତା କିତାଂ,
୧୯ ପୁରାବାତର୍ ହୁଦାର୍ ମାନ୍ତ ମେଣ୍ଡାଙ୍ଗ୍‌କୁନ୍ଦି ହୁଦାଂ ଜିହୁଦିର୍‌ତି ବାର୍‌ବିନ୍ କୁଟ୍ କାଜିଂ ନାଙ୍ଗ୍ ଇମ୍‌ଣି ଇମ୍‌ଣି ପରିକ୍ୟା
ଗିଟାଜି ମାଚାଡ଼୍, ହେ ସବୁ ପା ଇନେସ୍ ମାପ୍ପୁତି ହେବା କିଜି ମାଚାଙ୍ଗ୍,
୨୦ ଏପେଙ୍ଗ୍ ପୁନାଟ୍ ଜେ, ଆନ୍ ମାନାୟାର୍ ଲାଗାଂ ପର୍‌ଚାର୍ କିନି ସମୁତ ଆରି ମି ଇଲ୍ ଉପ୍‌ଦେସ୍ ହିନି ସମୁତ ମି
ଉପ୍‌କାର୍ ଆନି ଲାକେ ଇମ୍‌ଣାକା ପା ବିସ୍ରେ ୱେଚ୍‌ଚେଂ, ବନ୍ଦ୍ କିୱାଦାଂ ମାଚାଙ୍ଗ୍
୨୧ ହିକ୍ୟା ହିଦେଂ ମଦାୱାଦାଂ ଇସ୍ୱର୍ ତାକେ ମାନ୍‌ବାଦ୍‌ଲାୟ୍ ଆରେ, ମା ମାପ୍ପୁ ଜିସୁତି କାଜିଂ ପାତର୍‌ନି ବିସ୍ରେ ଜିହୁଦି
ଆରି ଗ୍ରିକ୍‌ତି ଲାଗାୟ୍ ସାକି ହିଜି ମାଚାଙ୍ଗ୍ ହେଦାଂ ଏପେଙ୍ଗ୍ ପୁନାଟ୍ ।
୨୨ ନଙ୍ଗ୍ ହୁଡ଼ାଟ୍, ଆନ୍ ପୁଇପୁୟା ଜିବୁନ୍‌ତ ଉଦେସ୍ ପାୟାଜି ଜିରୁସାଲମ୍‌ତ ହାନାଙ୍ଗା, ହେ ବାହାତ ନା କାଜିଂ ଇନାକା
ସବୁ ଗିଟାନାଡ଼୍, ହେଦାଂ ଆନ୍ ପୁନୁଙ୍ଗ୍,
୨୩ ନା କାଜିଂ ଜେ ହିକ୍‌ଡ଼ି ଗାଚ୍‌ନାକା ଆରି ଦୁକ୍ ମାନାଡ଼୍, କେବଲ୍ ଏଚେକ୍ ପୁନାଙ୍ଗ୍, ଇଦାଂ ପୁଇପୁୟା ଜିବୁନ୍ ଗାଡ଼୍‌ଦ
ବସ୍ତିତ ସାକି ହିଡ଼୍‌ତାନ୍ନା ।
୨୪ ✡ମାତର୍ ଆନ୍ ଇନେସ୍ ନା ସମାନ୍ ହାଜିନି ହାରିହାରା ପାଡେକ୍ ହନ୍ତେଙ୍ଗ୍ ଆଡ଼୍‌ନାଙ୍ଗ୍, ଆରେ ଇସ୍ୱର୍‌ତି ଦୟାନି
ନେକ୍ରିକାବୁର୍ ପାକ୍ୟାତ ସାକି ହିନି କାଜିଂ ମାପ୍ପୁ ଜିସୁତାଂ ଇମ୍‌ଣି ହେବାନି କାମାୟ୍ ପାୟାତାନ୍ନା, ହେଦାଂ ଇନେସ୍ ପୁରାକିଦେଂ
ଆଡ଼୍‌ନାୟ୍, ଇଦାଂ କାଜିଂ ଆନ୍ ଜାର୍ ଜିବୁନ୍‌ତିଂ ହାର୍ଦାକା କିୱାଦାଂ ହେଦାଂ ହାରୁ କିନାଙ୍ଗା ।"
୨୫ ଆରେ ନଙ୍ଗ୍ ହୁଡ଼ାଟ୍, ଇମ୍‌ଣାକାର୍ ବିତ୍ରେ ଆନ୍ "ଇସ୍ୱର୍‌ତି ରାଜି ସୁଣାୟ୍ କିଦେଙ୍ଗ୍ ଇଞ୍ଜି ବୁଲାଆତାଂ, ଏଲେଙ୍ଗ୍ ଜେ
ଏପେଙ୍ଗ୍ ୱିଜାକାଦେର୍, ଆରେ ହୁଡ଼ାଟ୍ ନା ମୁମ୍ ହୁଡ଼୍‌ଦେର୍ ଇଞ୍ଜି ଆନ୍ ପୁନାଙ୍ଗ୍ ।
୨୬ ଲାଗିଂ ଆନ୍ ଜେ ୱିଜାକାତର୍ ନେତେର୍‌ନି ପାପି ଆକାୟ୍, ଇଦାଂ ଆନ୍ ନେଞ୍ଜେଙ୍ଗ୍ ମିଙ୍ଗ୍ ସାକି ହିଦ୍‌ନାଙ୍ଗା ।
୨୭ ଆନ୍ ଇସ୍ୱର୍‌ତି ଇଚା ୱିଜୁ କିତାକା ମିଙ୍ଗେଙ୍ଗ୍ ଜାଣାୟ୍‌କିଦେଂ ମଦାୱାଦାଂ ମାଚାଙ୍ଗ୍ ।
୨୮ ଏପେଙ୍ଗ୍ ଜାର୍ ଜାର୍ ବିସ୍ରେ, ଆରେ ଇମ୍‌ଣି ମଣ୍ଡଲିତିଂ ଇସ୍ୱର୍ ଜାର୍ ଜାର୍ ନେତେର୍‌ତ କଡ଼୍‌ତାର୍‌ନ୍ନା, ତା ହେ ମଣ୍ଡଲିତିଂ
ପାଲି କିଦେଙ୍ଗ୍ କାଜିଂ, ପୁଇପୁୟା ଜିବୁନ୍ ଜେ ମିଙ୍ଗେଙ୍ଗ୍ ୱିଜୁ ମାନ୍ଦା ବିତ୍ରେ ମୁଣିକା ଲାକେ ବାଚି କିତାର୍ଣ୍ଣା, ହେୱାର୍‌ତି ବିସ୍ରେ
ଜାଗ୍ରତ୍ ମାନାଟ୍ ।
୨୯ ଆନ୍ ପୁନାଙ୍ଗ୍, ଆନ୍ ହାନି ପାଚେ ମି ବିତ୍ରେ ବଇଁକାର୍ ହୁଣ୍ଡାର୍ ବୁର୍କାଙ୍ଗ୍ ୱାନିକ୍ ଆରି ମାନ୍ଦାତିଂ ଚିର୍‌ବିର୍ କିୱାଦାଂ ପିହୁକ୍ ।

✡ **୨୦:୨୪** ୨ ତିମତି ୪:୭.

୩୦ ଆରେ, ଲକ୍ ମି ବିତ୍ରେତାଂ ପା ନିଂଜି ଚେଲାରିଂ ଜାର୍‌ତିଂ ପାଚେ ଜାଲ୍‌ଜି ଅଦେଂ କାଜିଂ ଉଲ୍‌ଟା କାତାଂ ଇନାର୍, ଇଦାଂ ଆନ୍ ପୁନାଙ୍ଗ୍ ।
୩୧ ଲାଗିଂ, ଏପେଙ୍ଗ୍ କାସି ମାନାଟ୍, ଆରେ ଆନ୍ ତିନି ବାର୍ହୁ ପାତେକ୍ ୱେଡ଼ାନାଣା ମେଣ୍ଡାଙ୍ଗ୍ କୁନ୍ଦିକିଜି ଜ଼ାଣ୍‌କେ ରୱାନିଂ ଚେଡ଼ନା ହିଦେଂ ଜେ ଜମ୍‌ୱାଦାଂ ମାଚାଙ୍ଗ୍, ଇଦାଂ ଏତୁ କିୟାଟ୍ ।”
୩୨ “ନଙ୍ଗ୍ ଆନ୍ ମିଙ୍ଗ୍ ମାପ୍ରୁ ତାକେ ଆରି ହେୱାନ୍ତି ଦୟାନି ବଚନ୍ ଲାଗେ ହେଲାୟ୍ କିଦ୍‌ନାଙ୍ଗା, ହେୱାନ୍ ମିଙ୍ଗ୍ ହାର୍ କିଦ୍‌ନି କାଜିଂ ଆରି ପୁଇପୁୟା କିଦ୍‌ଦେଂ ୱିଜାର୍ ବିତ୍ରେ ଆଟ୍‌ୱା କିଦ୍‌ନି ଆରି ଇସ୍ୱର୍‌ତି ମାନାୟାରିଂ ସବୁ ଦୟା ମିଙ୍ଗେଙ୍ଗ୍ ହିଦ୍‌ଦେଂ ରାଜି ।
୩୩ ଆନ୍ ଇନେରିଂ ରୁପା କି ହନା କି ହେନ୍ଦ୍ରା ଲବ୍ କିୱାଦାଂ ମାଚାଙ୍ଗ୍ ।
୩୪ ନା ଇ କେଇ ରିଣ୍ଡାଂ ଜେ ନାୱାଙ୍ଗ୍ ଆରି ନା ହାଙ୍ଗ୍‌ଦାକାର୍‌ତି ଅବାବ୍ ବାର୍ତ କାଜିଂ ହେବାକିନାକା କିଜି ୱାନାଙ୍ଗା, ଇଦାଂ ଏପେଙ୍ଗ୍ ନିଜେ ପୁନାଟ୍ ।
୩୫ ଗାଟାନି ତାଂ ଦାନ୍ ହିନାକା ଆଦିକ୍ ୱାରି ମାନ୍‌ଗାନାଡ୍, ନିଜେ ମାପ୍ରୁ ଜିସୁତି ଇ ବଚନ୍‌ତିଂ ଏତୁ କିଜି ଇ ବାନି କସ୍ଟ କାମାୟ୍ ହୁଦାଂ ଆସେଙ୍ଗ୍ ନାଦାର୍ ଲକୁରିଂ ଉପ୍‌କାର୍ କିନି ଲଡ଼ା, ଇ ବିସ୍ରେ ସବୁ ୱେଡ଼ାଂ ମିଂ ହାର୍ଦାକା ଚଚ୍‌ଚାତାଂନା ।”
୩୬ ଇ ସବୁ କାତା ଇଚି ପାଚେ, ହେୱାନ୍ ମେଣ୍ଡାଙ୍ଗ୍ କୁନ୍ଦିକିଜି ୱିଜାର୍ ଲାହାଙ୍ଗ୍ ହେୱାର୍ ପାର୍ଥାନା କିତାନ୍,
୩୭ ଆରେ, ହେୱାର୍ ବେସି ଆଡ଼୍‌ବିସ୍ ପାଉଲ୍‌ତିଂ ପମ୍‌ଜି ହେୱାନିଂ ଡନ୍‌ଞେଙ୍ଗ୍ ଲାଗାତାର୍,
୩୮ ହେୱାର୍ ହେୱାନ୍ତି ମୁମ୍ ଆରେ, ଆରେ ରଗ ହୁଡ଼ରୁ ଇଞ୍ଜି ପାଉଲ୍ ଇମ୍‌ଣି କାତା ଇଞ୍ଜି ମାଚାନ୍, ହେଦାଂ କାଜିଂ ବେସି ଦୁକ୍ କିତାର୍ । ପାଚେ ହେୱାର୍ ତାଙ୍ଗ୍ ଜାଜ୍ ପାତେକ୍ ଅସି ହାଚାର୍ ।

# ୨୧

## ପାଉଲ୍ ଜିରୁସାଲମ୍‌ତ ହାନାକା

୧ ହେୱାର୍‌ତାଂ ହେଲ ଅସି ଆପେଂ ଜାଜ୍‌ତ ଦୁମ୍‌ଜି ହାଣ୍‌କୁ ହାଜିତ୍ କସ୍‌ତ ୱାତାପ୍, ଆର୍କାଡ୍ ନାଜିଂ ରଦାତ, ଆରେ ହେ କାଟାକାଟା ହାଲ୍‌ଜି ପାତାର୍‌ତ ୱାତାପ୍ ।
୨ ହେବେତାଂ ଆପେଂ ଫୈନିକିଆତ ନାସି ହାଲ୍‌ଜି ମାନି ର ଜାଜ୍ ଗାଟାଜି ଆପେଂ ହେବେ ଦୁମ୍‌ଜି ଚାଲାତାପ୍ ।
୩ ପାଚେ କୁପ୍ର ହୁଡ଼୍‌ୱିତିଲେ ଆପେଂ ଡେବ୍ରି ବାଗାଙ୍ଗ୍ ପିସ୍ତି ସିରିୟାତ ଚାଲାଜି ଟାୟର୍ ଇକାତାପ୍, ଇନାକିଦେଂକି ହେବେ ଜାଜ୍‌ତାଂ ଜିନିସ୍ ଜୁଡ଼ନାକା ମାଚାଡ୍ ।
୪ ହେବେତାଂ ଚେଲାରିଂ ଡେକ୍‌ଚି ହେୱାରିଂ ବେଟା ଆଜି ସାଡ୍ ଦିନ୍ ହେବେ ମାଚାପ୍, ଆରେ, ପାଉଲ୍ ଇନେସ୍‌କି ଜିରୁସାଲମ୍‌ତ ହାଲୁନ୍, ଇଦାଂ କାଜିଂ ହେୱାର୍ ଜିବୁନ୍‌ତାଂ ହେୱାନିଂ ଇଚାର୍ ।
୫ ହେ ସାଡ୍ ଦିନ୍ ମାଚି ପାଚେ ହେ ବାହାତାଂ ହାଚାପ୍, ଆରେ ହେୱାର୍ ୱିଜାର୍ କଗ୍‌ଲେ ଆରି ହିମ୍‌ଣାୱାକ୍‌ଡ଼ା ହୁକେ ମାଙ୍ଗେଙ୍ଗ୍ ଗାଡ଼୍‌ନି ବାର୍ତ ପାତେକ୍ ମାଙ୍ଗେଙ୍ଗ୍ ପିସ୍ତେଙ୍ଗ୍ ୱାତାର୍, ଆରେ, ଆପେଂ ହାମ୍‌ଦୁର୍ ଗୁଟିତ ମେଣ୍ଡାଙ୍ଗ୍‌କୁନ୍ଦି କିଜି ପାର୍ଥାନା କିତାପ୍,
୬ ପାଚେ ଆପେଂ ଜାଜ୍‌ତ ଦୁମ୍‌ତାପ୍, ଆରେ ହେୱାର୍ ଇଞ୍ଜ ମାସ୍‌ଦି ହାଚାର୍ ।
୭ ଆପେଂ ଟାୟର୍‌ତାଂ ଏସ୍‌ଜାଜ୍‌ତାଂ ହାନାକା ୱିସ୍ତି ପାତଲ୍‌ମାଇତ ଏକାତାପ୍ ଆରି ଟଣ୍ଡାର୍‌ରିଂ ଜୱାର୍ କିଜି ର ଦିନ୍ ହେୱାର୍ ହୁକେ ମାଚାପ୍ ।
୮ ✡ଆର୍କାଡ୍ ନାଜିଂ ଆପେଂ କାଇସରିୟାତ ହାଚାପ୍, ଆରେ ସାଡ୍ ଜାଣ୍‌ତି ବିତ୍ରେ ମାନି ନେକ୍ରିକାବୁର୍ ପର୍‌ଚାର୍ କିନାକାନ୍ ପିଲିପ୍‌ତି ଇଞ୍ଜ ହଣ୍‌ଜି ହେୱାନ୍ ହୁକେ ମାଚାପ୍ ।
୯ ହେୱେକ୍ ଚାରି ଜାଣ୍ ଜିପଲିକ୍ ଗାଡ଼୍‌ଚେକ୍, ବେଣ୍‌ବାକ୍‌ଣାୟ୍‌କିନିକିକ୍ ମାଚିକ୍ ।
୧୦ ✡ହେ ବାହାତ ଆପେଂ ବେସି ଦିନ୍ ମାଚି ପାଚେ ଆଗାବ ତର୍‌ନି ରୱାନ୍ ବେଣ୍‌ବାକ୍‌ଣାୟ୍‌କିନାକାର୍ ଜିହୁଦା ରାଜିତାଂ ୱାତାନ୍ ।
୧୧ ହେୱାନ୍ ମା ଲାଗାୟ୍ ୱାଜି ପାଉଲ୍‌ତି ମେ଼ଙ୍ଗାଙ୍ଗ୍ ଗାଚ୍‌ୟାନାକା ତରି ଅଜି ଜାର୍ କେଇଦ ଗାଚ୍‌ଚି ଇଚାନ୍, “ପୁଇପୁୟା ଜିବୁନ୍ ଇଦାଂ ଇନାନ୍, ଇ ମେ଼ଙ୍ଗାଙ୍ଗ୍ ଗାଚ୍‌ୟାତି ବେଲ୍‌ଟ୍ ମୁଣିକାତିଂ ଜିରୁସାଲମ୍ ନିକାର୍ ଜିହୁଦିର୍ ଏପେଙ୍ଗ୍ ଗାଚ୍‌ଚି ପାର୍ତ କିୱି ଜିହୁଦିର୍ କେଇଦ ହେଲାୟ୍ କିତାର୍ ।”
୧୨ ଇ ୱିଜୁ କାତା ୱେନ୍‌ଞ୍ଜି ଜିରୁସାଲମ୍‌ତ ହାଲ୍‌ୱି କାଜିଂ ଆପେଂ ଆରି ହେ ବାହାନି ଲକୁ ତାଙ୍ଗ୍ ଗୱାରି କିତାପ୍ ।
୧୩ ହେବେ ପାଉଲ୍ ଉତର୍ ହିତାନ୍, “ଏପେଙ୍ଗ୍ ଆଡ଼୍‌ବିସ୍ ଆରି ମାନ୍ତ କସ୍ଟ ହିଜି ଇନାକା କିନାଦେରା ? ଇନାକିଦେଂକି ଆନ୍ ମାପ୍ରୁ ଜିସୁତି ତର୍ କାଜିଂ ଜିରୁସାଲମ୍‌ତ କେବଲ୍ ଗାଚ୍ୟା ଆଦେଂ ଜାଲ୍‌ଦି, ହେଦାଂ ଆକାୟ୍, ମତର୍ ହାଦେଂ ପା ଜାଲ୍‌ଦି ମାନାଂ ।”
୧୪ ଆପେଂ ହେୱାରିଂ ବୁଜାୟ୍ କିକିୟ୍ କିଦେଙ୍ଗ୍ ଆଡ଼୍‌ୱାଦାଂ ହେବେ ରିସା ଆଜି ଇଚାପ୍, “ମାପ୍ରୁତି ଇଚା ପୁରା ଆୟେଡ୍ ।”

✡ **୨୧:୮** ପକ୍ୟାତାକା ୬:୫; ୮:୫. ✡ **୨୧:୧୦** ପକ୍ୟାତାକା ୧୧:୨୮.

୧୫ ଆପେଁ ଇ କେତେକ୍ ଦିନ୍ ପାଚେ ଆଡ଼୍ମାଡ଼୍ ଅଜି ଜିରୁସାଲମ୍ତ ଚାଲାତାପ୍ ।

୧୬ ଆରେ, ମା ହାଙ୍ଗ୍ଦାଁ କାଇସରିୟାତ ପା କେତେକ୍ ଜାଣ୍ ଚେଲାର୍ ହାଚାର୍, ହେୱାର୍ ସାଇପ୍ରସ୍ ମନାସୋନ ତର୍ନି ରୱାନ୍ ପ୍ନାନି ଚେଲାଁ ହାଙ୍ଗ୍ଦାଁ ତାହିୱାତାର୍, ହେୱାନ୍ତି ଇଞ୍ଜ ମାଦାଁ ମାନାକା ମାଚାତ୍ ।

## ଜାକୁବ୍ ଲାହାଙ୍ଗ୍ ମେହାଣ୍

୧୭ ଆପେଁ ଜିରୁସାଲମ୍ତ ଏକିତିଲେ, ପାତର୍ କିନି ଟଣ୍ଡାର୍ ମାଁ ୱାରିତାଁ ଇଡ୍ଦାତାର୍ ।

୧୮ ଆର୍କାତ୍ ନାଜିଁ ପାଉଲ୍ ମାହୁଦାଁ ଜାକୁବ୍ ଇଞ୍ଜ ହାଚାନ୍, ଆରେ ହେ ବାହାତ ୱିଜାର୍ ପ୍ରାଚିନାର୍ ରୁଣ୍ଡାତାର୍ ।

୧୯ ହେୱାନ୍ ହେୱାରିଁ ଜୱାର୍ କିତି ପାଚେ, ଇସ୍ୱର୍ ପାତର୍ କିୱି ଜିହୁଦିର୍ ବିତ୍ରେ ଇମ୍ଣି ସବୁ କାମାୟ୍ ହେୱାନ୍ତି ହେବା କାଜିଁ ସାଦନ୍ କିଜି ମାଚାନ୍ ରଞ୍ଜାଙ୍ଗ୍ ରଞ୍ଜାଙ୍ଗ୍ କିଜି ହେ ସବୁ ହେୱାର୍ ଲାଗାଁ ୱେଚ୍ଚି ମାଚାନ୍ ।

୨୦ ହେୱାର୍ ହେଦାଁ ୱେନ୍ଞ୍ଜି ଇସ୍ୱର୍ତିଁ ଜାଜ୍ମାଲ୍ କିଦେଙ୍ଗ୍ ଲାଗାତାର୍, ଆରେ ତାଙ୍ଗ୍ ଇଚାର୍, "ଏ ଟଣ୍ଡେନ୍, ଜିହୁଦିର୍ତି ବିତ୍ରେ ଜେ ଏଚେକ୍ ହାଜାର୍ ପାତର୍ କିନାର୍, ଇଦାଁ ଏପେଙ୍ଗ୍ ହୁଡ଼୍ନାଦେରା, ହେ ୱିଜୁ ମସାତି ବିଦି ପାକ୍ୟାତ ଆଗେ ।

୨୧ ଆରେ, ପାତର୍ କିୱି ଜିହୁଦିର୍ ବିତ୍ରେ ବାହା କିନାକାର୍ ୱିଜାର୍ ଜିହୁଦିରିଁ ଜାର୍ ଜାର୍ ହିମ୍ଣାକାଁ ସୁନ୍ନତ୍ କିୱି ଆରି ବିଦିବିଦାଣି ଲାହାଙ୍ଗ୍ ଚାଲାୱାଦାଁ ଇଞ୍ଜି, ମସାତି ବିଦି ପିସ୍ତେଙ୍ଗ୍ କାଜିଁ ଏପେଙ୍ଗ୍ ଜେ ହେୱାରିଁ ହିକ୍ୟା ହିଜି ମାନାଟ୍, ମି ବିସ୍ରେ ଇ କାବୁର୍ ହେୱାର୍ ହିଡ଼୍ତାର୍ଣ୍ଡା ।

୨୨ ଲାଗିଁ ଇନାକା କିୟାନାତ୍ ? ଏପେଙ୍ଗ୍ ୱାତାଦେର୍ଣ୍ଡା ଇଞ୍ଜି ହେୱାର୍ ହାତେ ୱେନାର୍ ।

୨୩ ଲାଗିଁ ଆପେଁ ମିଙ୍ଗ୍ ଇନାକା ୱେଚ୍ଚାନାପା, ହେଦାଁ କିୟାଟ୍ । ମା ଲାଗେ ଚାରି ଜାଣ୍ ଲକ୍ ମାନାର୍, ହେୱାର୍ ରଞ୍ଜାଙ୍ଗ୍ ଅଡ଼୍ଗା ଆତାର୍ଣ୍ଡା;

୨୪ ହେୱାରିଁ ଅଜି ହେୱାର୍ ହୁକେ ଜାର୍ତିଁ ସକଟ୍ କିୟାଟ୍, ଆରେ ହେୱାର୍ତି କାପ୍ଡ଼ା ହେନ୍ନାକା ଲସ୍ କାଉଡ଼ି ପିଣ୍ଡାଟ୍, ତା ଆତିସ୍ ହେୱାର୍ ମି ବିସ୍ରେ ଇମ୍ଣି ସବୁ କାବୁର୍ ଗାଟାତାର୍ଣ୍ଡା, ହେବେତାଁ ଜେ ମୁଡ଼େ ହାଡ଼୍ପା ଆକାୟ୍, ଆୱିତିସ୍ ଏପେଙ୍ଗ୍ ଜେ ନିଜେ ପା ମସାତି ବିଦି ମାନି କିଜି ଚିନ୍ତା କିନାଦେରା, ଇଦାଁ ୱିଜାକାର୍ ପୁନାର୍ ।

୨୫ ମତର୍ ଇମ୍ଣି ପାତର୍ କିୱି ଜିହୁଦିର୍ ପାତର୍ କିତାର୍ଣ୍ଡା, ହେୱାର୍ ଲାଗାଁ ଆପେଁ ର ଆକି ଲେକିକିଜି ବଲ୍ ହିତାପ୍ନା ଜେ, ମା ରାଜି ଇସାବ୍ରେ ହେୱାର୍ ପୁଡ଼୍ଡ଼ା ଲାଗାଁ ପୁଜାକିତି ଆତାଡ୍ ତିନୁର୍, ନେତେର୍ ଉଣୁର୍, ହାକ୍ମଡ଼ିକିତି ଜାତ୍ ଜାଇ ତିନୁର୍ ଆରି ଦାରିତାଁ ଦେହା ମାନ୍ଗାନାର୍, ଆପେଁ ଇଦାଁ ବିଚାର୍ କିଜି ଲେକି କିତାପ୍ନା ।"

୨୬ ପାଉଲ୍ ହେବେଣ୍ଡାଁ ହେ ଲଗାଁ ଅଜି ଆର୍କାତ୍ ନାଜିଁ ହେୱାର୍ ହୁକେ ଜାର୍ତିଁ ସକଟ୍ କିଜି ମନ୍ଦିର୍ ବିତ୍ରେ ହଟାନ୍, ଆରେ ହେୱାର୍ତି କେଡ଼୍ଜାଣ୍ତିଁ କାଜିଁ ଆକାଡ୍ ପୁଜା ଆନି ପାତେକ୍ ସକଟ୍ କାମାୟ୍ତ କେତେକ୍ ଦିନ୍ ଲାଗାନାତ୍, ହେଦାଁ ୱେଚ୍ଚାନ୍ ।

## ପାଉଲ୍ ମନ୍ଦିର୍ ବିତ୍ରେ ଆହ୍ୟା ଆତାନ୍

୨୭ ହେ ସାତ୍ ଦିନ୍ ପୁରା ଆଜି ୱାତାନ୍, "ଆସିଆନି ଜିହୁଦିର୍ ମନ୍ଦିର୍ତ ପାଉଲ୍ତିଁ ହୁଡ଼୍ଜି ଲକୁରିଁ ଟିଉଲାୟ୍ କିତାର୍, ଆରେ ହେୱାନିଁ ଆସ୍ତି କିକିରାଡିଁ ଆଜି ଇଞ୍ଜେଙ୍ଗ୍ ଲାଗାତାର୍,

୨୮ ଏ ଇସ୍ରାଏଲିୟନି ଲକୁ, ସାଇଜ କିଦାଟ୍; ସବୁ ବାହାତ ଇମ୍ଣି ମାନାୟ୍ ମା ଜାତି, ମସାତି ବିଦି ଆରି ଇ ବାହା ବିରୁଦ୍ଧତ ୱିଜାରିଁ ହିକ୍ୟା ହିନାନ୍, ହେୱାନ୍ ଇୱାନ୍; ଆରେ ପା ଗ୍ରିକ୍କାରିଁ ପା ମନ୍ଦିର୍ ବିତ୍ରେ ତାସି ପୁଇପୁୟା ବାହାତ ବିଟାଡ଼୍ କିତାନ୍ନା ।"

୨୯ ☆ଇନାକିଦେଁକି ହେୱାର୍ ଆଗେ ଗାଡ଼୍ ବିତ୍ରେ ପାଉଲ୍ ଲାହାଙ୍ଗ୍ ଏପିସିୟନି ତ୍ରପିମତିଁ ହୁଡ଼୍ଜି ମାଚାର୍, ଆରେ ପାଉଲ୍ ହେୱାନିଁ ମନ୍ଦିର୍ ବିତ୍ରେ ତାହିୱାନାର୍ ଇଞ୍ଜି ଇଟ୍କାଡ଼୍ କିଜି ମାଚାର୍ ।

୩୦ ଇବେଣ୍ଡାଁ ଗାଡ଼୍ ସବୁ ୱିଣ୍ତାଡ୍, ଲକୁ ରବେ ହନ୍ତାର୍, ଆରେ ହେୱାର୍ ପାଉଲ୍ତିଁ ଆସ୍ତି ମନ୍ଦିର୍ ବାର୍ତ ଜେଲ୍ଜି ତାହିୱାତାର୍; ଆରେ ହେ ଦାପ୍ରେ ଦୁୱେର୍ ସବୁ ଗେସ୍ତାର୍ ।

୩୧ ଆରେ, ହେୱାନିଁ ହେୱାର୍ ଟ୍ରାକ୍ତେଁ କାଜିଁ ସେସ୍ଟା କିତିଲେ, ୱିଜାର୍ ଜିରୁସାଲମ୍ ଗଣ୍ଡ୍ଗଲ୍ତ ବାତର୍ ଆତାଡ୍ନା ଇଞ୍ଜି ରମିୟ ମେଲ୍ୟାର୍ ହାଜାର୍ ମୁସ୍ତିଦାର୍ ଲାଗେ କାବୁର୍ ୱାତାଡ୍ ।

୩୨ ହେବେଣ୍ଡାଁ ହେ ଦାପ୍ରେ ମେଲ୍ୟା ଆରି ପାଞ୍ଜ୍କଡ଼ି ମେଲ୍ୟାର୍ ଅସି ହେୱାର୍ ଲାଗେ ହନ୍ତାର୍ । ହେୱାର୍ ହାଜାର୍ ମୁସ୍ତିଦାର୍ ଆରି ମେଲ୍ୟାରିଁ ହୁଡ଼୍ଜି ପାଉଲ୍ତିଁ ଟ୍ରାକ୍ତେଁ ବନ୍ଦ୍ କିତାର୍ ।

୩୩ ହେ ଏଚେକାଡ଼୍ଦ ହାଜାର୍ ମୁସ୍ତିଦାର୍ ଲାଗେ ୱାଜି ହେୱାନିଁ ଆସ୍ତି ରିଣ୍ଡି ହିକ୍ଡିଂତାଁ ହେୱାନିଁ ଗାଚ୍ଚେଁ ବଲ୍ ହିତାନ୍, "ଆରେ ହେୱାନ୍ ଇନେନ୍ ଆରି ଇନାକା କିତାନ୍ନା ଇଞ୍ଜି ୱେନ୍ବାତାନ୍ ।"

୩୪ ହେବେ ଲକୁ ବିତ୍ରେ ଇନେର୍ ଇ କାତା, ଇନେର୍ ଇନେର୍ ହେ କାତା ଇଞ୍ଜି କିକିରାଡିଁ କିଦେଙ୍ଗ୍ ଲାଗାତାର୍ । ଆରେ, ହେ ଗଣ୍ଡ୍ଗଲ୍ନି ଇନାକିଦେଁକି ହାତେନେ ମୁଡ଼େ ପୁଞ୍ଜେଙ୍ଗ୍ ଆଡ଼୍ତିଲେ ହେୱାନିଁ ମେଲ୍ୟାର୍ ମାନି ବାହାତ ଅଦେଁ କାଜିଁ ବଲ୍ ହିତାନ୍ ।

☆ **୨୧:୨୯** ପକ୍ୟାତାକା ୨୦:୪.

୩୫ ଆରେ, ଏଚେକାଡ଼୍ଦ ହେୱାନ୍ ପାଉଜ୍ ଜପି ୱାତାନ୍, ହେ ଏଚେକାଡ଼୍ଦ ଲକୁ ରିସା କାଜିଂ ମେଲ୍ୟାର୍ ପାଉଲ୍ତିଂ
ପିଣ୍ଡ୍ଜି ଅଦେଂ ଲାଗାତାର୍,
୩୬ ଇନାକିଦେଂକି ତାଙ୍ଗ୍ ଅହାଟ୍ ଇଞ୍ଜି ବେସି ଲକୁ ପାଚେ ହାଲୁ ହାଲୁ କିକିରାଡିଂ କିଜି ଅ଼ହାଟ୍, “ଅହାଟ୍ ଇଞ୍ଜି ମାଚାର୍ ।”

## ପାଉଲ୍ ଜାର୍ ଜିବୁନ୍ ପାକ୍ୟା ଇଚାନ୍

୩୭ ହେୱାର୍ ପାଉଲ୍ତିଂ ବାହା ବିଡ୍ରେ ଅଦେଂ କାଜିଂ ଜାଲ୍ଦି କିନି ୱେଡ଼ାଲିଂ ହେୱାନ୍ ହାଜାର୍ ମେଲ୍ୟାରିଂ ଇଚାନ୍, “ଆନ୍
ମିଙ୍ଗ୍ ଇନାକା ଇଞ୍ଜେଙ୍ଗ୍ ଆଡ଼୍ନାଂ କି ?”
ହେବେଣ୍ଡ୍ରାଂ ହେୱାନ୍ ଇଚାନ୍, “ଏନ୍ କି ଗ୍ରିକ୍ ପୁନାୟ୍ ?”
୩୮ ଲାଗିଂ, “ଇ ଆଗେ ଇମ୍ଣି ମିସରିୟର୍ ଲକୁ ରାଟୁ କିଜି ଼ଚାରି ହାଜାର୍ କାଙ୍ଗାରୁଙ୍ଗ୍ ବାଟାତ ଅଜି ଼ମାଚାର୍, ଏନ୍ କି
ହେୱାନ୍ ଆକାୟ୍ ?”
୩୯ ହେବେଣ୍ଡ୍ରାଂ ପାଉଲ୍ ଇଚାନ୍, “ଆନ୍ତ ରୱାନ୍ ଜିହୁଦି, ତାର୍ସ ଗାଡ଼୍ନି ଲକୁ, କିଲିକିୟାନି ର ଗାଜା ଗାଡ଼୍ନି ମାନାୟ୍; ଇ
ଲକୁରିଂ କାତା ଇଞ୍ଜେଙ୍ଗ୍ କାଜିଂ ନାଙ୍ଗ୍ ଦାଇଡ୍ ହିଦେଂ କାଜିଂ ଆନ୍ ନିଂ ଗୱାରି କିଦ୍ନାଙ୍ଗା ।”
୪୦ ହେୱାନ୍ ଦାଇଡ୍ ହିତିଲେ ପାଉଲ୍ ପାଉଜ୍ ଇଞ୍ଜ ଲକୁରିଂ କେଇ ହୁଦାଂ ଚଚ୍ଚାନ୍; ଆରେ, ୱିଜାର୍ ଚିମ୍ରା ଆଡି ପାଚେ
ହେୱାନ୍ ଏବ୍ରି ବେରଣ୍ତ ହେୱାରିଂ ଇଞ୍ଜେଙ୍ଗ୍ ଲାଗାତାନ୍ ।

# ୨୨

୧ ଟଣ୍ଡ୍ରାର୍ ଆରି ଆବାକାଦେର୍, “ଆନ୍ ନଙ୍ଗ୍ ମି ଲାଗେ ଇମ୍ଣି ନା ପାକ୍ୟାତାଂ ସାକି କାତା ଇଞ୍ଜ୍ନାଙ୍ଗା, ହେଦାଂ ୱେନାଟ୍
।”
୨ ହେୱାନ୍ ହେୱାର୍ ଲାଗେ ଏବ୍ରି ବେରଣ୍ତ କାତା ଇନାକା ୱେନ୍ଞ୍ଜି ହେୱାର୍ ଆଦିକ୍ ଚିମ୍ରା ଆଜି ମ଼ାଚାର୍ । ହେବେଣ୍ଡ୍ରାଂ
ହେୱାନ୍ ଇଚାନ୍,
୩ “ଆନ୍ ରକାଂ ଜିହୁଦି, କିଲିକିୟାନି ତାର୍ସତ ନାଦାଂ ଜଲମ୍, ମତର୍ ଆନ୍ ଇ ଗାଡ଼୍ଦ ପହାପାଲି ଆତାଙ୍ଗ୍ନା, ମା
ଆବାଲାଡ୍ରାଡି ହାରୁ ବିଦି ଲାହାଙ୍ଗ୍ ଗମଲିୟେଲ୍ତି ମୁମ୍ଦ ତାରେନ୍ କୁଚ୍ଚି ହିକ୍ୟା ପାୟାତାଂନା, ଏପେଙ୍ଗ୍ ୱିଜାକାଦେର୍
ନେଞ୍ଜେଙ୍ଗ୍ ଇନେସ୍ ୱାରି କାଦେର୍, ଇସ୍ୱର୍ତି ପାକ୍ୟାତ ଆନ୍ ପା ହେ ଲାକେ ଆଗେ ମାଚାଙ୍ଗ୍;
୪ ✡ଆନ୍ ଇ ମାପୁଡି ହାଜିଡ଼ । ଆଣ୍ଡ୍ରେନ୍ ଆରି କଗ୍ଲେ ୱିଜାରିଂ ଗାଚ୍ଚି ଜଇଲ୍ତ ତୁହିଜି ହାନି ପାଟେକ୍ କସ୍ଟ ହିଜି ମ଼ାଚାଙ୍ଗ୍
।
୫ ନା ଇ କାତା ଜେ ହାଡ୍ପା, ମୁଡ଼୍ ମାପୁହେବାକିନାକାନ୍ ଆରି ଗାଜା ସବାନି ବୁଡ଼ାଲୁର୍ ଇଦାଂ ନି ସାକି । ଇ ମାନାୟାରିଂ
ବନ୍ଧି କିଜି ଆରି ହିକ୍ଡ଼ିଂତାଂ ଗାଚ୍ଚି ଦାଣ୍ଡ କିନି କାଜିଂ ଜିରୁସାଲମ୍ତ ତାସି ୱାନି କାଜିଂ ଆନ୍ ମୁଡ଼୍ ମାପୁହେବାକିନାକାନ୍ତାଂ
ଜିନାଜାଣା ଆକି ଅଜି ଼ଦମ୍ମେସକ୍ତ ମାନି ଜିହୁଦି ଟଣ୍ଡ୍ରାର୍ ଲାଗାଂ ହାଚାଙ୍ଗ୍ ।”

## ପାଉଲ୍ ତା ମାନ୍ ବାଦ୍ଲାୟ୍ ବିସ୍ରେ ହାନ୍ଦାୟ୍ କିତାନ୍
(ପକ୍ୟାତାକା ୯:୧-୧୯; ୨୬:୧୨-୧୮)

୬ ମତର୍ “ଆନ୍ ହାଲୁ ହାଲୁ ଦମ୍ମେସକ୍ନି ଲାଗେ ଆଡିଲେ, ଆଡିସ୍ ମୁଣ୍ଡ୍ରାମେଦାନ୍ତ ହାଚାଟ୍ରେ ନା ଚାରିବେଣ୍ତାଂ
ବାଦାଡ଼୍ତାଂ ଗାଜା ଅଜଡ଼୍ ଆତାଡ୍ ।
୭ ହେବେ ଆନ୍ ମେହ୍ନିତ ଗୁର୍ଡାଙ୍ଗ୍, ଆରେ ନା କାଜିଂ ଇ ବଚନ୍ ୱେଚାଙ୍ଗ୍, ସାଉଲ୍, ସାଉଲ୍, ଇନାକିଦେଂ ନାଙ୍ଗ୍ ଇଣ୍
କିଦ୍ନାୟା ?”
୮ ଆନ୍ ଉତର୍ ହିତାଂ, “ମାପୁ, ଏନ୍ ଇମ୍ଣାକାୟ୍ ?” ଲାଗିଂ ହେୱାନ୍ ଇନ୍ଞାନ୍, “ଏନ୍ ଇମ୍ଣି ନାଜରିତିୟ ଜିସୁତିଂ ନିନ୍ଦା
କିନାୟା, ଆନ୍ ହେୱାଙ୍ଗ୍ ।”
୯ ଇମ୍ଣାକାର୍ ନା ଲାହାଙ୍ଗ୍ ମାଚାର୍, ହେୱାର୍ ହେ ଅଜଡ଼୍ ହୁଡ଼୍ତାର୍ ହାଡ୍ପା, ମତର୍ ଇନେର୍ ନାଙ୍ଗେଙ୍ଗ୍ କାତା ଇଞ୍ଞାର୍,
ହେୱାନ୍ତି କାଟ୍ ୱେନ୍ୱାତାର୍ ।
୧୦ ହେବେ ଆନ୍ ଇଚାଙ୍ଗ୍, “ମାପୁ ଇନାକା କିନାଙ୍ଗ୍ ?” ଲାଗିଂ ମାପୁ ନାଙ୍ଗ୍ ଇଞ୍ଞାନ୍, “ନିଙ୍ଗା, ଦମ୍ମେସକ୍ତ ହାଲା, ଇସ୍ୱର୍
ଇମ୍ଣି ୱିଜୁ କ଼ାମାୟ୍ କିନି କାଜିଂ ନିଂ କିଆତାଡ୍ନ୍ନା, ହେ ସବୁ ନିଂ ହେବେ ଇନ୍ୟାନାଡ୍ ।”
୧୧ ହେ ଅଜଡ଼୍ନି ଜାଜ୍ମାଲ୍ କାଜିଂ ଆନ୍ ହୁଡ଼୍ଦେଂ ଆଡ୍ୱିତିଲେ, ନା ଲାହାଙ୍ଗ୍ ମାନି ଲକୁ ହୁଦାଂ ତାଂଜି ଦମ୍ମେସକ୍ତ
ତାଇୱାତାର୍ ।
୧୨ “ହେ ଗାଡ଼୍ଦ ହନନିୟ ତର୍ ନି ସାକି ମାନାୟ୍ ମାଚାନ୍ । ହେୱାନ୍ ମା ବିଦି ପାଲି କିଜି ଼ମାଚାନ୍ ଆରି ହେବେ ବାହା
କିଜିମ଼ାନି ଜିହୁଦିର୍ ୱିଜାକ଼ାର୍ ତାଙ୍ଗେଙ୍ଗ୍ ମାନି କିଜି ମ଼ାଚାର୍ ।
୧୩ ନା ଲାଗେ ୱାଜି ଲ଼ାଗେ ନିଲ୍ଚି ନାଙ୍ଗ୍ ଇଞ୍ଞାନ୍, ସାଉଲ୍ ‘ଟଣ୍ଡ୍ରେନ୍, ହୁଡ଼୍ନି ସାକ୍ତି ଗାଟା ଆ ।’ ହେ ପାଦ୍ନା ଆନ୍ ହେୱାନିଂ
ହୁଡ଼୍ତାଂ ।”
୧୪ ଆରେ, ହେୱାନ୍ ଇଞ୍ଞାନ୍, “ମା ଆବାଲାଡ୍ରାଡି ଇସ୍ୱର୍ ହେୱାନ୍ତି ଇଚା ପୁଞ୍ଜେଙ୍ଗ୍ କାଜିଂ ଆରି ହେ ଦାମ ର୍ଲଗାଂ ହୁଡ଼୍ଦେଂ
କାଜିଂ, ଆରେ ହେୱାନ୍ତି ୱେଇଦାଂ କାତା ୱେଞ୍ଜେଙ୍ଗ୍ କାଜିଂ ନିଂ ବାଚି କିଡ୍ତାନ୍ନା,

✡ **୨୨:୪** ପକ୍ୟାତାକା ୮:୩; ୨୬:୯-୧୧.

୧୫ ଇନାକିଦେଂକି ଏନ୍ ଇନା ଇନାକା ହୁଡ଼ତାୟ୍ନା ଆରି ୱେଚାୟ୍ନା, ହେ ସବୁ ବିସ୍ରେ ୱିଜୁ ଲକୁ ଲାଗେ ହେୱାନ୍ତି ସାକି
ଆତାୟ୍ ।
୧୬ ଆରେ, ନଙ୍ଗ୍ ଏନ୍ ଇନାକିଦେଂ ମାଲା ଆନାୟା ? ନିଙ୍ଗା, ବାପ୍ତିସିମ୍ ଆ, ଆରେ ହେୱାନ୍ତି ତର୍ଦ ପାର୍ତାନା କିଜି ଜାର୍
ପାପ୍ ସବୁ ନୁଜିଡୁହିୟା ।"

### ଇସ୍ୱର୍ ପର୍ଚାର୍ କାଜିଂ ପାଉଲ୍ତିଂ କୁକ୍ନାକା

୧୭ "ଇଦାଂ ପାଚେ ଆନ୍ ଜିରୁସାଲମ୍ତ ମାସ୍ଦି ୱାଜି ମନ୍ଦିର୍ତ ପାର୍ତାନା କିନି ୱେଡ଼ାଲିଂ କେଚ୍କଣ୍ତ ହୁଡ଼ତାଂ ।
୧୮ ମାପୁଙ୍ଗ୍ କେଚ୍କଣ୍ତ ହୁଡ଼ତାଂ, ହେୱାନ୍ ନାଙ୍ଗେଙ୍ଗ୍ ଇଞ୍ଜାନ୍, ମାଲା ଆୱାଦାଂ ବେଗି ଜିରୁସାଲମ୍ତାଂ ହସିହାଲା,
ଇନାକିଦେଂକି ହେୱାର୍ ନା ବିସ୍ରେନି ସାକି ଇଡ୍ଡୁର୍ ।"
୧୯ ହେବେଣ୍ତ୍ରାଂ ଆନ୍ ଇଚାଙ୍ଗ୍, "ମାପୁ ଆନ୍ ଜେ ନି ତାକେ ପାତର୍ କିନାକାରିଂ ପାର୍ତାନା ଇଲ୍ ଆସ୍ତି ବନ୍ଦିତ ତୁହିଜି ମାଚାଙ୍ଗ୍
ଆରି ଟ୍ରାକ୍ଚି ମାଚାଙ୍ଗ୍, ଇଦାଂ ହେୱାର୍ ନିଜେ ପୁନାର୍,
୨୦ ✡ଆରେ, ଏଚେକାଡ଼ଦ ନି ସାକି ସ୍ତିପାନ୍ତିଂ ନେତେର୍ ହପ୍ୟା ଆଜି ମାଚାତ୍, ହେ ପାଦ୍ନା ଆନ୍ ପା ଲାଗେ ନିଲ୍ଚି
ହେଦାଂ ରାଜି ମାଚାଙ୍ଗ୍, ଆରେ ଅସ୍ତାକାର୍ ହେନ୍ଦ୍ରା ଇଡ଼୍ଜି କାସି ମାଚାଙ୍ଗ୍ ।"
୨୧ ହେବେଣ୍ତ୍ରାଂ ମାପୁ ନାଙ୍ଗେଙ୍ଗ୍ ଇଞ୍ଜାନ୍, "ହାଲା ଇନାକିଦେଂକି ଆପ୍ ନିଂ ଦେହା ପାତର୍ କିୱି ଜିହୁଦିର୍ ଲାଗେ ପକ୍ତାନାପ୍
।"
୨୨ ମାନାୟାର୍ ଇ ପାତେକ୍ ହେୱାନ୍ତି କାତା ୱେନ୍ଞ୍ଜି ଗାଜା ୱେଇଦାଂ ଇଚାର୍, "ଏପେଙ୍ଗ୍ ତାଙ୍ଗେଙ୍ଗ୍ ପୁତର୍ତାଂ ଦେହା
କିୟାଟ୍, ଇନାକିଦେଂକି ତାଦାଂ ଜିଜି ମାନି ଲଡ଼ା ଆକାୟ୍ ।"
୨୩ ଆରେ, ଏଚେକାଡ଼ଦ ହେୱାର୍ କିକିରାଡିଂ କିଜି ଜାର୍ ଜାର୍ ହେନ୍ଦ୍ରା ତୁହିଜି ବାଦାଡ଼ନିପ ଦୁଡ଼ି ତୁହିଦେଂ ଲାଗାତାର୍,
୨୪ ହେ ଏଚେୱେଡ଼ାଲିଂ ହାଜାର୍ ମେଲ୍ୟାର୍ ହେୱାନିଂ ଗାଡ଼ବିଡ୍ରେ ଅଦେଂ ବଲ୍ ହିତାନ୍, ଆରେ, ଲକୁ ଇନାକିଦେଂ ତା
ବିରୁଦ୍ଦତ ଏପେଙ୍ଗ୍ କିକିରାଡିଂ କିନାରା, ଇଦାଂ ପୁଞ୍ଜେଙ୍ଗ୍ କାଜିଂ କର୍ଡା ଇଡ଼୍ନି ହୁଦାଂ ତା ପରିକ୍ୟା କିନି କାଜିଂ ବଲ୍ ହିତାନ୍
।
୨୫ ମାତର୍ ହେୱାର୍ ହେୱାନିଂ ଡରି ଗାଚ୍ନି ସମୁତ ପାଉଲ୍ ହେବେ ମାନି ରୱାନ୍ ମୁସ୍ତିଦାର୍ତିଂ ଇଚାନ୍, "ଇମ୍ଣି ପାପ୍ତ
ଇ ପାତେକ୍ ବିଚାର୍ କିୟାୱାଦାଂ ମାନି ରୱାନ୍ ରମିୟ ଦାଙ୍ଗଣେନ୍ତିଂ କର୍ଡା ଇଡ଼୍ନାକା ଇନାକା ବିଦି ?"
୨୬ ହେ ପାଞ୍ଚକଡ଼ି ମୁସ୍ତିଦାର୍ ଇଦାଂ ୱେନ୍ଞ୍ଜି ହାଜାର୍ ମୁସ୍ତିଦାର୍ତ ଲାଗେ ହାଲ୍ଜି ତାଙ୍ଗ୍ ହେ କାତା ୱେଚ୍ଚି ଇଚାନ୍, "ଏନ୍
ଇନାକା କିଦେଙ୍ଗ୍ ହାନାୟା ? ଇୱାନ୍ତ ରୱାନ୍ ରମିୟ ।"
୨୭ ହେବେଣ୍ତ୍ରାଂ ହାଜାର୍ ମୁସ୍ତିଦାର୍ ୱାଜି ତାଙ୍ଗ୍ ଇଚାନ୍, ନାଙ୍ଗ୍ ୱେଚ୍ଚା, "ଏନ୍ କି ରକାୟ୍ ରମିୟ ?
ପାଉଲ୍ ଇଚାନ୍ ଆଁ ।"
୨୮ ହେବେଣ୍ତ୍ରାଂ ହାଜାର୍ ମୁସ୍ତିଦାର୍ ଉତର୍ ହିତାନ୍, "ବେସି ଡାବୁଙ୍ଗ୍ ହିଜି ଇ ପାଦ୍ ପାୟାତାଂନା ।
ପାଉଲ୍ ଇଚାନ୍, ମତର୍ ଆନ୍ ଜଲମ୍ତାଂ ରମିୟ ଦାଂଣାର୍ ।"
୨୯ ୱାଟିଙ୍ଗ୍ ଇମ୍ଣାକାର୍ ତାଙ୍ଗ୍ ପରିକ୍ୟା କିଦେଙ୍ଗ୍ ସେସ୍ଥ କିଜି ମାଚାର୍, ହେୱାର୍ ହେ ଦାପ୍ରେ ହେବେତାଂ ଚିମ୍ରା ଆତାର୍,
ଆରେ ହାଜାର୍ ମୁସ୍ତିଦାର୍ ପା ହେୱାନ୍ ଜେ ରୱାନ୍ ରମିୟ, ଇଦାଂ ବୁଜାତିଲେ ଆରି ତାଙ୍ଗ୍ ଗାଚ୍ଚେଂ ପାଣ୍ତ୍ରା ଆତାର୍ ।

### ଗାଜା ସବା ମୁମ୍ଦ ପାଉଲ୍

୩୦ ମତର୍ ଇନାକିଦେଂ ହେୱାନ୍ ଜିହୁଦିର୍ତି ହୁଦାଂ ଦାବା ଆତାନ୍ନା, ହେଦାଂ ହାଡ଼୍ପା ରଚେ ପୁଞ୍ଜେଙ୍ଗ୍ ଇଚାତ ହେୱାନ୍ ତା
ଆର୍କାଡ଼୍ ନାଜିଂ ହେୱାନ୍ତି ଗାଟି ରିକ୍ଚି ମୁଡ଼ମାପୁହେବାକିନାକାନ୍ ଆରି ସବୁ ଗାଜା ସବାତିଂ ରବେ ୱାନି କାଜିଂ ବଲ୍ ହିତାନ୍,
ଆରେ ପାଉଲ୍ତିଂ ଅସି ହେୱାର୍ ମୁମ୍ଦ ନିଲି କିତାର୍ ।

## ୨୩

୧ ଆରେ, ପାଉଲ୍ ଗାଜା ସବା କାଜିଂ ସମାନ୍ ହୁଡ଼୍ଜି ଇଚାନ୍, "ଟଣ୍ତ୍ରାର୍, ଆନ୍ ଇ ଦିନ୍ ପାତେକ୍ ପୁରା ହାର୍ଦି ଚିନ୍ତା ଇସ୍ୱର୍ତି
ସାକ୍ୟତ ଆଚାର୍ ବେବାର୍ କିଜି ୱାତାଂନ୍ନା ।"
୨ ହେବେଣ୍ତ୍ରାଂ ମୁଡ଼ମାପୁହେବାକିନାକାନ୍ ହାନାନ ପାଉଲ୍ ଲାଗେ ନିଲ୍ଚି ମାନି ଲୁଗାଂ ତା ମୁମ୍ଦ ଇଡ୍ଦେଂ କାଜିଂ ବଲ୍
ହିତାନ୍ ।
୩ ✡ହେ ଏଚେକାଡ଼ଦ ପାଉଲ୍ ତାଙ୍ଗ୍ ଇଚାନ୍, "ଏ ଡିଞ୍ଜିନି ବାଡ଼, ଇସ୍ୱର୍ ନିଂ ଇଡ଼ଦାନାନ୍, ଏନ୍ ରଞ୍ଜେମାଡ଼୍ ମସାତି ବିଦି
ଇସାପ୍ରେ ନା ବିଚାର୍ କିଦେଙ୍ଗ୍ କୁଚ୍ଚି ମସାତି ବିଦି ବିରୁଦ୍ଦତ ନାଙ୍ଗ୍ ଇଡ଼ିକିଦ୍ନି କାଜିଂ କି ବଲ୍ ହିନାୟା ?"
୪ ହେବେ ଲାଗେ ନିଲ୍ଚି ମାନି ଲକୁ ଇଚାର୍, "ଏନ୍ କି ଇସ୍ୱର୍ତି ମୁଡ଼ମାପୁହେବାକିନାକାନ୍ନିଂ ନିନ୍ଦା କିନାୟା ?"
୫ ଆରେ ପାଉଲ୍ ଇଚାନ୍, "ଏ ଇସ୍ରାଏଲ୍ନି ଟଣ୍ତ୍ରାର୍, ହେୱାନ୍ ମୁଡ଼ମାପୁହେବାକିନାକାନ୍ ଇଞ୍ଜି ଆନ୍ ପୁନ୍ୱାଦାଂ ମାଚାଙ୍ଗ୍;
ଇନାକିଦେଂକି ଦରମ୍ ସାସ୍ତର୍ତ ଲେକା ମାନାତ୍, ଏପେଙ୍ଗ୍ ଜାର୍ ଲକ୍ତି ମୁଣିକାତିଂ ସାଇପ୍ ହିଉଦେର୍ ।"

✡ **୨୨:୨୦** ପକ୍ୟାତାକା ୭:୫୮. ✡ **୨୩:୩** ମାତିଉ ୨୩:୨୭,୨୮.

୬ ମତର୍ ପାଉଲ୍ ର ବାଗ୍ ସାଦୁକି ଆରେ ଆଣ୍ଟି ବାଗ୍ ପାରୁସି ଇଞ୍ଜି ପୁଞ୍ଜି ଗାଜା ସବାତ ଗାଜାକାଟ୍ତାଂ ଇଚାନ୍, "ଏ
ଇସ୍ରାଏଲ୍ନି ଟଣ୍ଡାର୍, ଆନ୍ ରୱାଙ୍ଗ୍ ପାରୁସି ଆରି ପାରୁସିତି ମେହି; ଆରେ ଇ ବାସର୍, ଇଚିସ୍ ହାତାକାତର୍ ଆରେ ନିଂନାକା
ବିସ୍ରେ ଆନ୍ ବିଚାର୍ କିଆନାଙ୍ଗା ।"
୭ ହେୱାନ୍ ଇ କାତା ଇଚିଲେ ପାରୁସି ଆରି ସାଦୁକିର୍ ବିଟ୍ରେ ଗଣ୍ଡଗଲ୍, ଆରି ସବାତ କୁଦାଗଡ଼୍ ଗିଟାତାଡ୍ ।
୮ ଇନାକିଦେଂକି ସାଦୁକିର୍ ଆରେ ନିଂନାକା, ବାଦାଡ଼୍ତ ଦୁଡ୍ କି ପୁଇପୁୟା ଜିବୁନ୍ ହିଲୁଡ୍ ଇଞ୍ଜି ଇନାର୍, ମତର୍ ପାରୁସିର୍
ହାରି ମାନି କିତାର୍ ।
୯ ଇବେ ବେସି ଗଣ୍ଡଗଲ୍ ଗିଟାତାଡ୍, ଆରେ ପାରୁସିର୍ତି କୁଦାନି କେତେକ୍ ସାସ୍ତର୍ ଗୁରୁର୍ ନିଂଜି ଜିକାଟାଣା କିଜି ଇଚାର୍,
"ଆପେଂ ଇ ମାନାୟ୍ତାକେ ଇମ୍ଣାକା ପା ଦସ୍ ହୁଡ଼ୁପା, ପୁନ୍ୱାକା ଇମ୍ଣାକା ଜିବୁନ୍ କି ବାଦାଡ଼୍ତ ଦୁଡ୍ ହେୱାନ୍ ହୁଦାଂ
କାତା ଇଚାନ୍ନା ।"
୧୦ ଇ ବାନି ବେସି ଗଣ୍ଡଗଲ୍ ଆତିଲେ, ଏଚେକାଡ଼୍ଦ ପାଉଲ୍ ହେୱାର୍ ହୁଦାଂ ଗାଣ୍ଡ୍ରା ଗାଣ୍ଡ୍ରା ଆନାନ୍, ଇ ପାଣ୍ଡ୍ରାଜି ହାଜାର୍
ହାଜାର୍ ମେଲ୍ୟାର୍ ହେୱାର୍ ବିଟ୍ରେ ଡାଙ୍ଗ୍ ବଲଡ୍କାର୍ କିଜି ଗାଡ଼୍ ବିଟ୍ରେ ଅଜି ଡାତେଙ୍ଗ୍ କାଜିଂ ମେଲ୍ୟାରିଂ ହାଞ୍ଜେଙ୍ଗ୍ ବଲ୍
ହିତାନ୍ ।
୧୧ ହେ ନାଣା ମାପୁ ଡା ଲାଗେ ଇଞ୍ଜ ଇଚାନ୍, "ସାସ୍ ଆହା, ଇନାକିଦେଂକି ଏନ୍ ଇନେସ୍ ଜିରୁସାଲମ୍ତ ମା ବିସ୍ରେ ସାକି
ହିତାୟ୍ନା, ହେ ଲାକେ ନିଂ ରମ୍ତ ପା ସାକିହିଦେଂ ଆନାଡ୍ ।"

## ପାଉଲ୍ତିଂ ଅହ୍ନି କାଜିଂ ଉପାୟ୍

୧୨ ଦିନ୍ ଆତିଲେ, ଜିହୁଦିର୍ କୁଦା କୁଦା ଆଜି ପାଉଲ୍ତିଂ ଅହ୍ୱି ପାତେକ୍ କାଦିପିଦି ଡୁତିସ୍ ସାଇପ୍ ଆନାପ୍ ଇଞ୍ଜି ରାଣ୍ତ
ଜାର୍ ଜାର୍ତିଂ ଇଡ୍ତାର୍ ।
୧୩ ଇ ହାତୁର୍ କିଜିମ୍ନାନି ଲକୁ ରିକଡ଼ି ଜାଣ୍ତାଂ ଆଦିକ୍ ମାଚାର୍ ।
୧୪ ହେୱାର୍ ମୁଡ଼୍ ମାପୁହେବାକିନାକାନ୍ ଆରି ପ୍ରାଚିନାର୍ ଲାଗେ ୱାଜି ଇଚାର୍, "ଆପେଂ ପାଉଲ୍ତିଂ ଅହ୍ୱି ପାତେକ୍
ମୁଡ଼େ ତିଞ୍ଜେଙ୍ଗ୍ କପ୍ ଇଞ୍ଜି ଜାର୍ ଜାର୍ତିଂ ଆଟ୍ୱା ରାଣ୍ ଅତାପ୍ନା ।
୧୫ ଇଚିସ୍, ଏପେଙ୍ଗ୍ ଆଦିକ୍ ହାର୍ କିଜି ହେୱାନ୍ତି ବିଚାର୍ କିଦେଙ୍ଗ୍ ମାନ୍ କିନାନା ଇଞ୍ଜି ହାତୁର୍ କିଜି ଡାଙ୍ଗ୍ ମି ଲାଗେ
ଡାତେଙ୍ଗ୍ କାଜିଂ ନଙ୍ଗ୍ ଗାଜା ସବା ଲାହାଙ୍ଗ୍ ହାଜାର୍ ମୁସ୍ତିଦାର୍ତିଂ ୱାରି କିୟାଟ୍ । ହେୱାନ୍ ମି ଲାଗେ ତାନି ଆଗେ ଆପେଂ
ହେୱାନିଂ ଅସ୍ତେଙ୍ଗ୍ ଜାଲ୍ଦି ମାନାପ୍ ।"
୧୬ ମତର୍ ପାଉଲ୍ ବାଣ୍ଜା ମେଲ୍ୟାର୍ ଡ଼ଗୁଜି ମାନାକା କାତା ୱେନ୍ଞ୍ଜି ୱାଜି ବସ୍ତି ବିଟ୍ରେ ହଣ୍ଜି ପାଉଲ୍ତିଂ ୱେଟ୍ଚାନ୍ ।
୧୭ ହେବେଣ୍ଡାଂ ପାଉଲ୍ ରୱାନ୍ ହାଜାର୍ ମୁସ୍ତିଦାର୍ତିଂ କୁକ୍ଚି ଇଚାନ୍, "ଇ ଦାଂଣେନ୍ତିଙ୍ଗ୍ ହାଜାର୍ ମୁସ୍ତିଦାର୍ ଲାଗେ ଅହାଟ୍,
ଇନାକିଦେଂକି ଡାଙ୍ଗ୍ ୱେଟ୍ଚେଙ୍ଗ୍ କାଜିଂ ଇୱାନ୍ତି ଅଲପ୍ କାତା ମାନାଡ୍ ।"
୧୮ ଲାଗିଂ ହେୱାନ୍ ହେୱାନିଂ ହାଜାର୍ ମୁସ୍ତିଦାର୍ ଲାଗାୟ୍ ଅସି ହାଲ୍ଜି ଇଚାନ୍, "ବନ୍ଦି ପାଉଲ୍ ଜାର୍ ଲାଗେ ନାଙ୍ଗ୍ କୁକ୍ଚି
ନି ଲାଗେ ଇ ଦାଂଣେନ୍ତିଙ୍ଗ୍ ତାହିୱାଦେଂ କାଜିଂ ଗୱାରି କିଡ୍ତାନ୍, ନିଂ ଇଞ୍ଜେଙ୍ଗ୍ କାଜିଂ ଇୱାନ୍ତି ଅଲପ୍ କାତା ମାନାଡ୍ ।"
୧୯ ହାଜାର୍ ମୁସ୍ତିଦାର୍ ହେୱାନିଂ କେଇ ଆସ୍ତି ଡାଙ୍ଗ୍ ମାନାୟାର୍ ଲାଗାୟ୍ ଅଜି ୱେନ୍ବାତାନ୍, "ନାଙ୍ଗ୍ ୱେଟ୍ଚିନି କାଜିଂ
ନିନ୍ଦାଂ ଇନାକା ମାନାଡ୍ ?"
୨୦ ହେୱାନ୍ ଇଚାନ୍, ପାଉଲ୍ ବିସ୍ରେ ଆଦିକ୍ ହାର୍ କିଜି ଡେକ୍ନି କାଜିଂ କପଟ୍ତାଂ "ଜିହୁଦିର୍ ଡାଙ୍ଗ୍ ନିହିଂ ଗାଜା ସବା
ଲାଗାୟ୍ ତାହିୱାଦେଂ କାଜିଂ ନିଂ ଗୱାରି କିଦ୍ନି କାଜିଂ ରମାନ୍ ଆତାର୍ଣ୍ଣା ।
୨୧ ମାତର୍ ହେୱାର୍ତି କାତା ରାଜି ଆମାଟ୍; ଇନାକିଦେଂକି ରିକଡ଼ି ଜାଣ୍ତାଂ ଆଦିକ୍ ଲକୁ ହେୱାନିଂ ଅହ୍ୱି ପାତେକ୍
ତିନା ଉଣା କିଉପ୍ ଇଞ୍ଜି ପାର୍ମାଣ୍ କିଜି ଡ଼ଗୁଜି ମାଚାର୍ । ନଙ୍ଗ୍ ହେୱାର୍ ନି ବୁଜାୟ୍ କିନାକା କାସି ଜାଲ୍ଦି ଆଜି ମାଚାର୍ ।"
୨୨ ହେବେଣ୍ଡାଂ ହାଜାର୍ ମୁସ୍ତିଦାର୍ ହେ ଦାଂଣେନ୍ତିଙ୍ଗ୍ ହେଲୱେୟ୍ ହିଜି ଡାଙ୍ଗ୍ ବଲ୍ ହିତାନ୍, "ଏନ୍ ଜେ ଇ ୱିଜୁ କାତା
ନାଙ୍ଗ୍ ୱେଟ୍ଚାତାୟ୍ନା, ହେଦାଂ ଇନେରିଂ ୱେଟୁୟ୍ ।"

## ପାଉଲ୍ତିଂ କାଇସରିୟାତ ପକ୍ତାର୍

୨୩ ପାଚେ ହେୱାନ୍ ରିକାର୍ ପାଞ୍ଜକଡ଼ି ମୁସ୍ତାଦାର୍ତିଂ କୁକ୍ଚି ଇଚାନ୍, କାଇସରିୟା ପାତେକ୍ "ହାନି କାଜିଂ ନାଣା ନଅ ଗଣ୍ଟା
ସମୁତ ଦସ୍ କଡ଼ି ମେଲ୍ୟାର୍, ତିନ୍କଡ଼ି ଦସ୍ ଜାଣ୍ ଗଡ଼ା ଦୁମ୍ନାକାର୍ ଆରି ଦସ୍କଡ଼ି ବାଲାସ୍ତାକାରିଂ ଜାଲ୍ଦି କିୟାଟ୍ ।
୨୪ ଆରେ, ହେୱାର୍ ଇନେସ୍ ପାଉଲ୍ ପସୁ ଜପି କୁଚି କିଜି ସାସନ୍କାର୍ୟା ପେଲିକସ୍ତି ଲାଗାୟ୍ ରାକ୍ୟା ହିଲ୍ୱାଦାଂ
ଅସି ହାନାର୍, ଇଦାଂ କାଜିଂ ହେଦାଂ ଜାଲ୍ଦି କିନି କାଜିଂ ହେୱାନ୍ ବଲ୍ ହିତାନ୍ ।"
୨୫ ଆରେ, ହେୱାନ୍ ଇ ଲାକେ ର ଆକି ଲେକିକିତାନ୍ ।
୨୬ "ଗାଜା ସାଏବ୍ ସାସନ୍ କାର୍ହା ପେଲିକସ୍ତିଂ କ୍ଲାଉଦିଆ ଲୁସିୟାତି ଜୱାର୍ ।
୨୭ ଜିହୁଦିର୍ ଇ ଲକ୍ତିଂ ଆସ୍ତି ଅସ୍ତେଙ୍ଗ୍ ହାନି ସମୁତ ଆନ୍ ମେଲ୍ୟାତର୍ ହୁଦାଂ ହାଲ୍ଜି ହେୱାନ୍ ରୱାନ୍ ରମିୟ ଇଞ୍ଜି
ପୁଞ୍ଜି ଇୱାନିଂ ଉଦାର୍ କିତାଂ ।

୨୮ ଇମ୍ଣି କାରଣ୍ତାଂ ହେୱାର୍ ଇୱାନ୍ ବିରୁଦ୍ଦତ ଦସି କିନାରା, ହେଦାଂ ପୁଞ୍ଜେଙ୍ଗ୍ ମାନ୍ କିଜି ଆନ୍ ଇୱାନିଂ ହେୱାର୍‌ତି
ଗାଜା ସବା ଲାଗାୟ୍ ଅସି ହାଚାଙ୍ଗ୍ ।
୨୯ ପାରାଣ୍ ତାଣ୍ଡ୍ କି ହିକ୍‌ଡ଼ି ଗାଚ୍ୟାନି ଜଗ୍ ଇମ୍ଣାକା ପା ବିସ୍ରେ ଇୱାନିଂ ବିରୁଦ୍ଦତ ଦାବା କିୱାଦାଂ ହେୱାର୍‌ତି ବିଦି
ବାବ୍ରେ ଗଣ୍ଡ୍‌ଗଲ୍ ବିସ୍ରେ ଦାବା କିୟାତାତ୍‌ନ୍ନା ଇଞ୍ଜି ଆନ୍ ବୁଜାତାଂ ।
୩୦ ଇ ଲକ୍ ବିରୁଦ୍ଦତ ମାନ୍ ପାଚିକିତାର୍ ଇଞ୍ଜି ନାଙ୍ଗ୍ କାବୁର୍ ହିଡ୍‌ତିଲେ ଆନ୍ ଇୱାନିଂ ମାଲା ଆୱାଦାଂ ନି ଲାଗାୟ୍
ପକ୍ତାତାଂ, ଇୱାନ୍ତି ଦାବାକିନାକାରିଂ ପା ନି ମୁମ୍ଦ ଇୱାନ୍ ବିରୁଦ୍ଦତ ସାକି ହିଦେଂ ବଲ୍ ହିତାଂ ।”
୩୧ ହେବେଣ୍ଡ୍ରାଂ ମେଲ୍ୟାର୍ ପାୟାତି ବଲ୍‌ତାଂ ପାଉଲ୍‌ତିଂ ଅଜି ମାଜ୍‌ଗାତ ତାଙ୍ଗ୍ ଆନ୍ତିପାତ୍ରିତ ତାହିୱାତାର୍ ।
୩୨ ଆର୍କାଡ୍ ନାଜିଂ ମେଲ୍ୟାର୍ ଗଡ଼ା ଦୁମ୍ନାକାରିଂ ତା ହୁଦାଂ ହାନି କାଜିଂ ଗାଡ଼୍‌ଦ ମାସ୍‌ଦି ହାଚାର୍ ।
୩୩ ପାଚେ ଗଡ଼ା ଦୁମ୍ନାକାର୍ କାଇସରିୟାତ ୱାଜି ସାସନ୍‌କାର୍‌ୟାଙ୍ଗ୍ ଆକି ହିତାର୍, ଆରେ ପାଉଲ୍‌ତିଂ ପା ହେୱାନ୍
କେଇଦ ହେଲାୟ୍ କିତାର୍ ।
୩୪ ହେ ଆକି ପଡ଼ି କିତି ପାଚେ, ହେୱାନ୍ ଇମ୍ଣି ରାଜିନି ଲଗୁ ଇଞ୍ଜି ୱେନ୍‌ବାତାନ୍, ଆରେ, ହେୱାନ୍ ଜେ କିଲିକିୟାନି
ଲଗୁ, ଇଦାଂ ପୁଞ୍ଜି
୩୫ ଆରେ ହେୱାନ୍ ଇଚାନ୍, ନି ଦାବାକାରିୟାର୍ ପା ଇକାୱାତାର୍, “ଆନ୍ ନି କାତା ୱେନାଙ୍ଗ୍ ।” ଆରେ ହେୱାନ୍
ହେରଦ୍‌ତି ବାଙ୍ଗ୍‌ଲାତ ତାଙ୍ଗ୍ ଇଡ଼୍‌ଦେଂ କାଜିଂ ବଲ୍ ହିତାନ୍ ।

# ୨୪

## ପାଉଲ୍ ଜିହୁଦିର୍‌ତି ହୁଦାଂ ଦାବାକିୟାତାନ୍

୧ ପାଞ୍ଜ୍ ଦିନ୍ ପାଚେ ହାନାନ ମୁଡ଼୍ ମାପୁହେବାକିନାକାନ୍ କେତେକ୍ ପ୍ରାଚିନାରିଂ ଆରି ତର୍ତୁଲ୍ଲ ତର୍ ନି ରୱାନ୍ ଅକିଲ୍ ହୁଦାଂ
କାଇସରିୟାତ ୱାତାନ୍, ଆରେ ହେୱାର୍ ପାଉଲ୍‌ତି ବିରୁଦ୍ଦତ ସାସନ୍‌କାର୍‌ୟା ଲାଗେ ଦାବା କିତାର୍ ।
୨ ହେୱାନିଂ କୁକିକିତିଲେ ତର୍ତୁଲ୍ଲ ହେୱାନିଂ ଦାବା କିଜି ଇଞ୍ଜେଙ୍ଗ୍ ଲାଗାତାନ୍,
“ଏ ଗାଜା ସାଏବ୍ ପେଲିକସ୍, ନି ହୁଦାଂ ଆପେଂ ଜେ ମି ରାଜି ବେସି ସୁସ୍ତା ପାୟାତାପ୍‌ନା, ଆରେ ନି ପ୍ରାତିପାଡ଼୍‌ଦ ଇ ଜାତି
କାଜିଂ ବାରବିନ୍ କାମାୟ୍ ଆତାତ୍‌ନ୍ନା,
୩ ଇଦାଂ ଆପେଂ ସବୁ ବାବ୍ରେ ଆରି ସବୁ ବାହାତ ବାର୍ତେ ପେଲିକସ୍‌ତିଂ ୱାରି ଲାହାଙ୍ଗ୍ ମାନି କିତାପ୍‌ନ୍ନା ।
୪ ମତର୍ ଆନ୍ ଇନେସ୍ ଆଦିକ୍ ୱାହି କିଦୁଙ୍ଗ୍, ଇଦାଂ କାଜିଂ ଏନ୍ ଜାର୍ ଦୟା ଗୁଣ୍‌ତ ମାଦାଂ ଏଚେଗଟା କାତା ୱେଞ୍ଜେଙ୍ଗ୍
କାଜିଂ ଆନ୍ ନିଂ ଗୱାରି କିଦ୍‌ନାଙ୍ଗା ।
୫ ଇନାକିଦେଂକି ଆସେଙ୍ଗ୍ ଇ ଲକ୍‌ତିଂ ମାର୍‌ଡି ଲାକେ ପୁର୍ତେନି ୱିଜୁ ୱିଜାର୍ ଜିହୁଦିର୍‌ତି ବିଡ୍ରେ କୁଲ୍‌ଟେ କିବାନାକାନ୍
ଆରି ନାଜରିତିୟ କୁଦାନି ରୱାନ୍ ମୁଡ଼୍ ନେତା ଇଞ୍ଜି ପୁଚାପ୍‌ନ୍ନା;
୬ ଆରେ ପା ଇୱାନ୍ ମନ୍ଦିର୍ ବିଟାଡ଼୍ କିଦେଙ୍ଗ୍ ସେସ୍ଟା କିଜି ମାଚାନ୍, ମତର୍ ଆପେଂ ଇୱାନିଂ ଆସ୍ତାପ୍ ଆରେ ମି ବିଦି
ଇସାପ୍ରେ ଇୱାନ୍ତି ବିଚାର୍ କିଦେଙ୍ଗ୍ ଇଚା କିଜି ମାଚାପ୍ ।
୭ ମତର୍ ହାଜାର୍ ମୁସ୍ତିଦାର୍ ଲୁସିୟା ୱାଜି ଜବର୍ ବଲଡ୍‌କାର୍‌ତାଂ ଇୱାନିଂ ମା କେୟ୍‌ଦାଂ କିସ୍ଟ ଅତାନ୍,
୮ ଆରେ, ଇୱାନ୍ତି ଦାବାକାର୍‌ୟାରିଂ ନି ମୁମ୍ଦ ଇକାୱାନି କାଜିଂ ବଲ୍ ହିତାନ୍ । ଇ ଇମ୍ଣି ୱିଜୁ ବିସ୍ରେ ଆପେଂ ଡେକ୍‌ଚି
ଇଦାଂ ବିରୁଦ୍ଦତ ଦାବା କିନାପା, ଏନ୍ ନିଜେ ଇୱାନିଂ ପର୍‌ସନ୍ କିତିସ୍ ହେ ସବୁ ପୁଞ୍ଜେଙ୍ଗ୍ ଆଡ଼୍‌ନାୟ୍ ।”
୯ ଜିହୁଦିର୍ ପା ଦାବାତ ମିହାଜି ଇ ୱିଜୁ କାତା ହାଡ଼୍‌ପା ଇଞ୍ଜି ଇଞ୍ଚାର୍ ।

## ପେଲିକସ୍‌ତି ମୁମ୍ଦ ପାଉଲ୍‌ତି ୱାସ୍ତିହିତାନ୍

୧୦ ହେବେଣ୍ଡ୍ରାଂ ସାସନ୍‌କାର୍‌ୟା କାତା ଇନି କାଜିଂ ପାଉଲ୍‌ତିଂ ଚଚ୍‌ଚିଲେ, ହେୱାନ୍ ଉତର୍ ହିତାନ୍,
“ଏନ୍ ଆଦିକ୍ ବାର୍ହୁ ଆତାଡ୍ ଇ ଜାତିନି ବିଚାର୍‌କାର୍‌ୟା ମାନାନ୍ ଇଞ୍ଜି ପୁନିକାଜିଂ ଆନ୍ ସାସ୍‌ତ ନା ପାକ୍ୟା ବାଚି କିନାଙ୍ଗା
।
୧୧ ବାର ଦିନ୍‌ତାଂ ଆଦିକ୍ ଆଉଡ୍ ଆନ୍ ପାର୍ତାନା କିନି କାଜିଂ ଜିରୁସାଲମ୍‌ତ ହାଲ୍‌ଜି ମାଚାଙ୍ଗ୍, ଇଦାଂ ଏନ୍ ପୁଞ୍ଜେଙ୍ଗ୍
ଆଡ଼୍‌ନାୟ୍ ।
୧୨ ଆରେ, ଇୱାର୍ ମନ୍ଦିର୍‌ତ କି ପାର୍ତାନା ଇଞ୍ଜ କି ଗାଡ଼୍‌ଦ ନାଙ୍ଗେଙ୍ଗ୍ ଇନେର୍ ହୁଦାଂ ଗଣ୍ଡ୍‌ଗଲ୍ କିନାକା କି ଲକାଂ ଟିଉଲାୟ୍
କିନାକା ହୁଡ଼୍‌ଦାୱାତାର୍ଣ୍ଡା,
୧୩ ଆରେ, ନଙ୍ଗ୍ ଇୱାର୍ ନା ବିରୁଦ୍ଦତ ଇମ୍ଣି ୱିଜୁ ବିସ୍ରେ ଅଜି ଦାବା କିନାରା, ହେ ସବୁ ନି ଲାଗେ ପାର୍ମାଣ୍ କିଦେଙ୍ଗ୍
ଆଡୁର୍ ।
୧୪ ମତର୍ ଇୱାର୍ ଇନେରିଂ ର ବିନ୍‌ଦର୍ମେ କୁଦା ଇଞ୍ଜି ଇନାର୍, ଆନ୍ ହେ ହାଜି ଇସାପ୍ରେ ମା ଆବା ଲେଡ୍ରାତି ଇସ୍ୱର୍‌ତି
ପାର୍ତାନା କିଜି ମାନାଂ; ଇନା ଇନାକା ମସାତି ବିଦି ଇସାପ୍‌ରେ ଆରି ଇନା ଇନାକା ବେଣ୍‌ବାକ୍‌ଣାୟ୍‌କିନାକାର୍ ସାସ୍ତର୍‌ତ
ଲେକା ମାନାଡ୍, ହେ ସବୁ ଆନ୍ ପାର୍ତେ କିନାଙ୍ଗ୍;

୧୫ ଆରେ, ଦାମର୍ ଆରି ଅଦାମର୍ ରିୟାର୍ ଆରେ ନିଂନାକା ଆନାଡ୍ ଇଞ୍ଜି ଇନାକା ଇୱାର୍ ନିଜେ କାସି ମାନାର୍, ଆନ୍
ପା ଇସ୍ୱର୍ତାଂ ହେ ଲାକେ ବାସର୍ ଇଡ୍ତାଂନା ଇଞ୍ଜି ନି ଲାଗେ ମାନି କିନାଙ୍ଗା ।
୧୬ ଇ ଏତ୍ ତାଂ ଆନ୍ ପା ନିଜେ ନିଡ୍ରେ ଇସ୍ୱର୍ତି ଆରି ମାନାୟ୍ତି କାଜିଂ ଦସି ହିଲ୍ୱି ଚିନ୍ତା ରାକ୍ୟା କିଦେଙ୍ଗ୍ ଜାତୁନ୍ କିଜି
ମାନାଙ୍ଗା ।”
୧୭ ✡“ବେସି ବାର୍ହୁ ପାଚେ ଆନ୍ ନା ଜାତି ଲାଗେ ଦାନ୍ ତାତେଙ୍ଗ୍ କାଜିଂ ଆରି ପୁଜା ହିନି କାଜିଂ ଜିରୁସାଲମ୍ତ ହାଲ୍ଜି
ମାଚାଙ୍ଗ୍ ।
୧୮ ହେ ୱେଡ଼ାଲିଂ ଇୱାର୍ ନାଙ୍ଗେଙ୍ଗ୍ ମନ୍ଦିର୍ତ ସକଟ୍ ଆଜି ମାନାକା ହୁଡ଼୍ଜି ମାଞ୍ଚାର୍; ଆନ୍ ଇମ୍ଣାକା ପା ଲକୁରିଂ ନଲେ
ଗଣ୍ଡ୍ଗଲ୍ତ ମେହା ଆୱାଦାଂ ମାଚାଙ୍ଗ୍ ।
୧୯ ମାତର୍ ଆସିଆନି କେତେକ୍ ଜିହୁଦିର୍ ମାଚାର୍; ଜଦି ହେୱାର୍ତି ନା ବିରୁଦ୍ତ ଇମ୍ଣାକା ପା କାତା ମାଚିସ୍, ତାଆତିସ୍
ନି ମୁମ୍ଦ ଏକିସ୍ ଦାବା କିନାକା ହେୱାର୍ତି ହାର୍ ଆତାମ୍ବା ।
୨୦ ଆରେରଗ ଆନ୍ ଗାଜା ସବା ମୁମ୍ଦ ଇଞ୍ଜି ମାଚାଙ୍ଗ୍ ଆନ୍ ଇମ୍ଣି ପାପ୍ତ ବାନ୍ୟା ଆଜି ମାଚାଙ୍ଗ୍, ହେଦାଂ ଇବେ ମାନି
ଇ ମାନାୟାର୍ ଇଞ୍ଜେର୍ ।
୨୧ ଆତିସ୍ପା ଆନେଙ୍ଗ୍ ର କାତା ଇଞ୍ଜି ମାଚାଙ୍ଗ୍, ହେୱାର୍ ବାହାତ ଇଞ୍ଜ ମାନି ସମୁତ ଆନ୍ ଆଟ୍ୱା କିଜି ଇଞ୍ଜି ମାଚାଙ୍ଗ୍,
ହାକିର୍ ଆରେ ନିଂନାକା ଇଞ୍ଜି ଆନ୍ ପାତର୍ କିଜି ମାଚିଲେ ନେଞ୍ଜେଙ୍ଗ୍ ନି ହୁଦାଂ ବିଚାର୍ କିୟାନାଙ୍ଗା ।”
୨୨ ମତର୍ “ପେଲିକସ୍ ହେ ହାଜି ବିସ୍ରେ ଏଚେକ୍ ଆଦିକ୍ ହାତୁର୍ ପୁଞ୍ଜି ମାଚିଲେ ବିଚାର୍ ଟେବାୟ୍ କିଜି ଇଚାନ୍, ହାଜାର୍
ମୁସ୍ତିଦାର୍ ଲୁସିୟା ୱାତିସ୍ ଆପ୍ ମିଦାଙ୍ଗ୍ ବିସ୍ରେ ତିର୍ କିନାପ୍ ।”
୨୩ ଆରେ, ହେୱାନ୍ ପାଞ୍ଜ୍କଡ଼ି ମୁସ୍ତିଦାର୍ତିଂ ହେୱାନ୍ତି ଇମ୍ଣାକା ପା ୱାସ୍କିନି ଜାର୍ ଲଗାଂ ହେୱାନ୍ତି ହେବାକିନାକା କାଜିଂ
ମୁନା କିୱାଦାଂ, ଆରେ ତା ବନ୍ଦି ଲାକେ ରାକ୍ୟା କିଜି ତା କାଜିଂ କୱାଣ୍ ଚିନ୍ତା କିଦେଙ୍ଗ୍ ବଲ୍ ହିତାନ୍ ।

### ପେଲିକସ୍ ଆରି ଦ୍ରୁସିଲାତି ମୁମ୍ଦ ପାଉଲ୍

୨୪ କେତେକ୍ ଦିନ୍ ପାଚେ ପେଲିକସ୍ ଦ୍ରୁସିଲା ତର୍ନି ଜାର୍ ଜିହୁଦିୟା ଡକ୍ରୁହି ଲାହାଙ୍ଗ୍ ୱାଜି ପାଉଲ୍ତିଂ କୁକ୍ଚି କ୍ରିସ୍ଟ
ଜିସୁତିତାକେ ପାତର୍ ବିସ୍ରେ ହେୱାନ୍ ତାକେ ୱେଚାନ୍ ।
୨୫ ମତର୍ ହେୱାନ୍ ଦାମର୍, ୱାସ୍କିତିଂ ଆରି ୱାନିଦିନ୍ତ ବିଚାର୍ କାମାୟ୍ ବିସ୍ରେ କାତା ଇନି ସମୁତ ପେଲିକସ୍ ପାଣ୍ଡ୍ରା ଆଜି
ଉତର୍ ହିତାନ୍, “ନଙ୍ଗ୍ ଏପେଙ୍ଗ୍ ହାଲାଟ୍, ସୁବିଦା ସମୁ ପାୟାତିସ୍ ଆପ୍ ମିଙ୍ଗ୍ କୁକିକିହ୍ନାପ୍ ।”
୨୬ ଆରେ ପା ପାଉଲ୍ ତାଙ୍ଗ୍ ଟାକାଂ ହିଦ୍ନାଂ ଇଞ୍ଜି ହେୱାନ୍ ଆହା କିଜି ମାଚାନ୍; ହେଦାଂ କାଜିଂ ରଗତିଂ ରଗ ତାଙ୍ଗ୍ କୁକ୍ଚି
ତା ଲାହାଙ୍ଗ୍ କାତାବାର୍ତା କିବିସ୍ ମାଚାନ୍ ।
୨୭ ମାତର୍ ଦୁଇ ବାର୍ହୁ ବାତର୍ ଆତି ପାଚେ ପକର୍ୟ ପେସ୍ଟ ପେଲିକସ୍ତି ପାଦ୍ତ ବାଚି କିୟାତାନ୍, ଆରେ ପେଲିକସ୍
ଜିହୁଦିର୍ତି ବଲ୍ବଲାୟ୍ ଆଦେଂ ଇଚା କିଜି ପାଉଲ୍ତିଂ ବନ୍ଦି ଅବସ୍ତାତ ଇଡ଼୍ଜି ହାଚାନ୍ ।

## ୨୫

### କାଇସରିୟାତି ଲାଗେ ପାଉଲ୍ତି ଗୱାରି

୧ ହେବେଣ୍ଡ୍ରାଂ ପେସ୍ଟ ଆଦିକାର୍ ପାଦ୍ ଇଟି କିଜି ତିନି ଦିନ୍ ପାଚେ କାଇସରିୟାତାଂ ଜିରୁସାଲମ୍ତ ହାଚାନ୍,
୨ ଆରେ, ମୁଡ଼୍ ମାପ୍ପୁହେବାକିନାକାନ୍ ଆରି ଜିହୁଦିର୍ତି ମୁଡ଼୍ ମୁଣିକାର୍ ପାଉଲ୍ତି ବିରୁଦ୍ତ ତା ଲାଗେ ଗୱାରି କିତାର୍,
୩ ଆରେ ହେୱାନ୍ ଇନେସ୍ ତାଙ୍ଗ୍ ଜିରୁସାଲମ୍ତ କୁକ୍ଚି ପକ୍ତାନାନ୍, ଇଦାଂ କାଜିଂ ଗୱାରି ଆଗେ ତା ବିରୁଦ୍ତ ଇ ଦୟା
ପାର୍ତାନା କିତାର୍, ଆରେ, ହେୱାର୍ ତାଙ୍ଗ୍ ହାସ୍ଦ ଅହି କିନି କାଜିଂ ଡ଼ଗୁଜି କୁଚ୍ଚାର୍ ।
୪ ହେବେ ପେସ୍ଟ ଉତର୍ ହିତାନ୍, “ପାଉଲ୍ କାଇସରିୟାତ ଗେହ୍ୟାଜି ମାନାନା, ଆରେ ଆନ୍ ପା ବେଗି ହେବେ ହାନାଙ୍ଗ୍
।
୫ ଲାଗିଂ, ମି ବିଡ୍ରେ ଇମ୍ଣାକାର୍ ସାକ୍ତିକାଟାକାନ୍, ହେୱାର୍ ମା ଲାହାଙ୍ଗ୍ ହାଲ୍ଜି ହେ ଲକ୍ନି ଜଦି ଇମ୍ଣାକା ପା ଦସ୍
ମାଚିସ୍, ତେବେ ତା ବିରୁଦ୍ତ ଦାବା କିୟାଟ୍ ।”
୬ ପାଚେ ହେୱାନ୍ ହେୱାର୍ ବିଡ୍ରେ ଆଟ୍ କି ଦସ୍ ଦିନ୍ତାଂ ଆଦିକ୍ ମାନ୍ୱାଦାଂ କାଇସରିୟାତ ମାସ୍ଦି ହାଚାର୍, ଆରେ
ଆର୍କାଡ୍ ନାଜିଂ ଗାଦିତ କୁଚ୍ଚି ପାଉଲ୍ତିଂ ତାନି କାଜିଂ ବଲ୍ ହିତାନ୍ ।
୭ ପାଉଲ୍ ୱାତିଲେ ଜିରୁସାଲମ୍ତାଂ ୱାତାକାର୍ ଜିହୁଦିର୍ ହେୱାନ୍ତି ଚାରିବେଣ୍ତାଂ ବେଡ଼ି କିଜି ନିଲ୍ତାର୍ ଆରି ତା
ବିରୁଦ୍ତ ବେସି ଗାଜା ଦାବା କିତାର୍ । ମତର୍ ହେୱାର୍ ଇ ସବୁ ପାର୍ମାଣ୍ କିଦେଙ୍ଗ୍ ରାଜି ଆୱାତାର୍ ।
୮ ହେବେ ପାଉଲ୍ ଜାର୍ ପାକ୍ୟା ପାଡ଼୍କା କିଜି ୱେଚ୍ଚାନ୍, “ଜିହୁଦିର୍ନି ମସାତି ବିଦି ବିରୁଦ୍ତ କି ମନ୍ଦିର୍ ବିରୁଦ୍ତ କି
କାଇସର୍ତି ବିରୁଦ୍ତ ଆନ୍ ଇନାକାପା ପାପ୍ କିୱାତାଂନ୍ନା ।”

---
✡ **୨୪:୧୭** ପକ୍ୟାତାକା ୨୧:୧୭-୨୮.

୯ ମତର୍ ପେସ୍ଟ ଜିହୁଦିର୍‌ତି ଦୟା ଆଦେଂ ଇଚା କିଜି ପାଉଲ୍‌ତିଂ ଉତର୍ ହିତାନ୍, "ଏନ୍ କି ଜିରୁସାଲମ୍‌ତ ହାଲ୍‌ଜି ହେ
ବାହାତ ମା ମୁମ୍‌ଦ ଇ ସବୁ ବିସ୍ରେ ଅଜି ବିଚାର୍ ଆଦେଂ ଇଚା କିନାୟା ?"
୧୦ ମତର୍ ପାଉଲ୍ ଇଚାନ୍, "ଆନ୍ କାଇସର୍‌ତି ଗାଦି ତାରେନ୍ ନିଲ୍‌ତାଂନ୍ନା, ହେ ବାହାତ ବିଚାର୍ ଆନାକା ମାନାତ୍ । ଆନ୍
ଜିହୁଦିର୍‌ତି କାଜିଂ ଇନାକାପା ଅନ୍ୟାୟ୍ କିୱାତାଂନ୍ନା, ଏନ୍ ପା ହେଦାଂ ଏଚେକ୍ ହାର୍ ଇଞ୍ଜି ପୁନାୟ୍ ।
୧୧ ୱାଟିଙ୍ଗ୍, ଜଦି ଆନ୍ ଅନ୍ୟାୟ୍ କିତାକାଂ ଆଜି ମାଚିସ୍ ଆରି ହାକି ଜଗ୍ ଇନାକାପା କାମାୟ୍ କିଜି ମାଚିସ୍, ତା ଆତିସ୍
ଆନ୍ ହାକି ବଗ୍ କିଦେଙ୍ଗ୍ ମୁନା କିଦୁଙ୍ଗା; ମତର୍ ଇୱାର୍ ନା ବିରୁଦ୍‌ଦ ଇନାକା ସବୁ ଦାବା କିନାରା, ହେ ସବୁ ବିତ୍ରେ ଜଦି
ପାଦେକ୍ ପା ସତ୍ ଆକାୟ୍, ତା ଆତିସ୍ ଇମ୍‌ଣି ମାନାୟ୍ ପା ହେୱାର୍ କେଇଦ ନାଙ୍ଗ୍ ହେଲାୟ୍ କିଦେଙ୍ଗ୍ ଆଡୁର୍ । ଆନ୍
କାଇସର୍‌ତି ସାରାଣ୍‌ତ ବିଚାର୍ଣ୍ଣା ଆଦେଂ କାଜିଂ ପାର୍ତାନା କିନାଙ୍ଗା ।"
୧୨ ହେବେ ପେସ୍ଟ ମତ୍ରିମଣ୍ଡଲ୍ ଲାହାଙ୍ଗ୍ ବୁଜାସୁଜା କିଜି ଉତର୍ ହିତାନ୍, ଏନ୍ "କାଇସରିୟାତି ସାରାଣ୍‌ତ ବିଚାର୍ଣ୍ଣା ଆଦେଂ
କାଜିଂ ପାର୍ତାନା କିତାୟ୍‌ନା, ଏନ୍ କାଇସର୍ ଲାଗେ ହାନାୟ୍ ।"

## ଆଗ୍ରିପ୍‌ପା ଆରି ବର୍ଣ୍ଣି କିତି ମୁମ୍‌ଦ ପାଉଲ୍

୧୩ କେତେକ୍ ଦିନ୍ ହାଚି ପାଚେ ରାଜା ଆଗ୍ରିପ୍‌ପା ଆରି ବର୍ଣ୍ଣି କି କାଇସରିୟାତ ୱାଜି ପେସ୍ଟତିଂ ବେଟା ଆତାର୍ ।
୧୪ ହେୱାର୍ ବେସି ଦିନ୍ ହେ ବାହାତ ମାଚିଲେ, ରାଜା ଆଗେ ପେସ୍ଟ ପାଉଲ୍‌ତି କାତା ୱେଚ୍‌ଚି ଇଚାନ୍, "ପେଲିକସ୍
ରୱାନ୍ ଲଗାଂ ବନ୍ଦି କିଜି ଇଡ଼୍‌ଜି ହାଚାନ୍ନା ।
୧୫ ଆନ୍ ଜିରୁସାଲମ୍‌ତ ମାନି ସମୁତ ଜିହୁଦିର୍‌ତି ମୁଡ୍ ମାପୁହେବାକିନାକାନ୍ ଆରି ପ୍ରାଚିନାର୍ ତା ବିସ୍ରେ ନା ଲାଗେ ଗୱାରି
କିଜି ତା ବିରୁଦ୍‌ଦ ଦଣ୍ଡ୍‌ବଲ୍ ପାର୍ତାନା କିତାର୍ ।
୧୬ ଆନ୍ ହେୱାରିଂ ଉତର୍ ହିତାଂ, ଇନାକାନ୍ ଆରି କାତା ନାହାଁୟ୍ ମୁକାମୁକି ଆୱି ପାତେକ୍, ଆରେ କାତା ନାହାତି
ବିରୁଦ୍‌ଦ ବିଚାର୍ କିଜିମ୍ନାନି ଦାବା ସମୁତ ୱାସ୍କିପାକ୍ୟା ପାଡ଼୍‌କା କିନି ସୁବିଦା ପାୟାୱି ପାତେକ୍ ହେୱାନିଂ ହେଲାୟ୍ କିନାକା
ରମିୟର୍‌ତି ବିଦି ଆକାୟ୍ ।
୧୭ ଲାଗିଂ ହେୱାର୍ ନା ହାଙ୍ଗ୍‌ଦାଂ ଇ ବାହାତ ୱାତିଲେ, ଆନ୍ ମାଲାୱାଦାଂ ଆର୍କାତ୍ ନାଜିଂ ଗାଦିତ କୁଚ୍‌ଚି ହେ ମାନାୟ୍‌ତିଂ
ତାତେଙ୍ଗ୍ କାଜିଂ ବଲ୍ ହିତାଂ ।
୧୮ ଦାବାକାରିର୍ ଇଞ୍ଜ, ଆନ୍ ଇନେସ୍‌ବାନି ଦସ୍‌ନି କାତା କାସି ମାଚାଙ୍ଗ୍, ହେ ଲାକେ ଇନାକାପା ଦାବା ହେଦାଂ ବିସ୍ରେ
ତାୱାତାର୍ ।
୧୯ ମତର୍ ହେୱାର୍‌ତି ଜାର୍ ଦାରୁମ୍ ଆରେ ଜିସୁ ତର୍ ନି ରୱାନ୍ ହାତି ମୁଣିକା, ଇନେରିଂ ପାଉଲ୍ ଜିଜି ମାଚାନ୍ ଇଞ୍ଜି ଇଞ୍ଜି
ମାଚାନ୍, ହେ ସବୁ ବିସ୍ରେ ତା ବିରୁଦ୍‌ଦ ହେୱାର୍‌ତି ଏଚେକ୍ କୁଲର୍ଦ୍ଦି ମାଚାତ୍ ।
୨୦ ଇ ୱିଜୁ ବିସ୍ରେ ଇନେସ୍‌ବାନି ଡେକ୍‌ନାଙ୍ଗ୍ ଇଞ୍ଜି ଆନ୍ ବୁଦିବାଣା ଆଜି, ହେୱାନ୍ ଜିରୁସାଲମ୍‌ତ ହାଲ୍‌ଜି ହେବେ ଇ ୱିଜୁ
ବିସ୍ରେ ବିଚାର୍ ଆଦେଂ କାଜିଂ ଇଚା କିନାନ୍ କି ଆକାୟ୍, ଇଦାଂ ୱେନ୍‌ବାତାଂ ।
୨୧ ମତର୍ ପାଉଲ୍ ରାଜାର୍‌ତାଂ ରାଜା ବିଚାର୍ କାଜିଂ ଇଟ୍ୟାନି କାଜିଂ ପାର୍ତାନା କିତିଲେ, ଆନ୍ ତାଙ୍ଗେଙ୍ଗ୍ କାଇସର୍‌ତି
ଲାଗେ ପକ୍‌ୱି ପାତେକ୍ ବନ୍ଦି କିଜି ଇଡ଼୍‌ଦେଂ ବଲ୍ ହିତାଂ ।"
୨୨ ହେବେଣ୍ଡାଂ ଆଗ୍ରିପ୍‌ପା ପେସ୍ଟତିଂ ଇଚାନ୍, "ଆପେଂ ପା ନିଜେ ହେ ଲକ୍‌ନି କାତା ୱେଞ୍ଜେଙ୍ଗ୍ ଇଚା କିନାପା ।"
ହେୱାନ୍ ଇଚାନ୍, "ୱିଗା ଏପେଙ୍ଗ୍ ତାଦି କାତା ୱେନାଦେର୍ ।"
୨୩ ଲାଗିଂ, ଆର୍କାତ୍ ନାଜିଂ ଆଗ୍ରିପ୍‌ପା ଆରି ବର୍ଣ୍ଣି କି ଗାଜା ବିଡ଼୍‌ତ ୱାଜି ମୁଡ୍ ମୁଡ୍ ମେଲ୍ୟାର୍ ଆରି ଗାଡ଼୍‌ନି ମୁଡ୍ ମୁଡ୍
ମୁଣିକାର୍ ହୁଦାଂ ବିଚାର୍ଣ୍ଣା ବାହାତ ହଟିଲେ ପେସ୍ଟତି ବଲ୍ ଇସାବ୍‌ରେ ପାଉଲ୍‌ତିଂ ତାହିୱାୟାତାନ୍ ।
୨୪ ହେବେ ପେସ୍ଟ ଇଚାନ୍, "ଏ ରାଜା ଆଗ୍ରିପ୍‌ପା ଆରି ମାହୁଦାଂ ଇ ବାହାତ ମାଚି ଗାଜାଲଗୁ କାଦେର୍, ଏପେଙ୍ଗ୍ ଇ ଲକ୍‌ତିଂ
ହୁଡ଼୍‌ନାଦେରା, ଇୱେନ୍ ବିରୁଦ୍‌ଦ ଜିରୁସାଲମ୍‌ତ ଆରି ଇ ବାହାତ ପା ଜିହୁଦି ଲକୁ ମା ଲାଗେ ଗୱାରି କିଜି ତାଦାଂ ଆରେ
ଜିଜି ମାନାକା ହାର୍ ଆକାୟ୍ ଇଞ୍ଜି ଚେରା ଆତାର୍ ।
୨୫ ମାତର୍ ହେୱାନ୍ ହାକି ଜଗ୍ ଇନାକାପା କାମାୟ୍ କିୱାତାନ୍ନା ଇଞ୍ଜି ଆନ୍ ବୁଜାତାଂ, ଆରେ ହେୱାନ୍ ନିଜେ ଜାରାର୍‌ତାଂ
ରାଜା ଲାଗେ ବିଚାର୍ ଆନି କାଜିଂ ପାର୍ତାନା କିତିଲେ ଆନ୍ ତାଙ୍ଗ୍ ପକ୍‌ନି କାଜିଂ ତିର୍ କିତାଙ୍ଗ୍ ।
୨୬ ନା ମାପ୍ରୁତି ଲାଗେ ତା ବିସ୍ରେ ଲେକିକିନି କାଜିଂ ନାଦାଂ ଇନାକାପା ସତ୍ ବିସ୍ରେ ଆକାୟ୍ । ଲାଗିଂ ବିଚାର୍ କିଜି ଇନେସ୍
ଆନ୍ ଲେକିକିନି କାଜିଂ ଇଚୁଟିଂ ପାୟାଦେଂ ଆଡ଼୍‌ନାଙ୍ଗ୍, ହେଦାଂ କାଜିଂ ତାଙ୍ଗ୍ ମିବେ, ବେସିନି, ଏ ରାଜା ଆଗ୍ରିପ୍‌ପା, ମି ମୁମ୍‌ଦ
ତାତାଂନ୍ନା;
୨୭ ଇନାକିଦେଂକି ବନ୍ଦିତିଂ ପକ୍ତିନି ସମୁତ ତା ବିରୁଦ୍‌ଦ ଦାବାକାଂ ଇନ୍‌ୱି କାଜିଂ ନାଙ୍ଗେଙ୍ଗ୍ ମେହାଆୱି ଲାକେ ବୁଜା
ଆଦ୍‌ନାତା ।"

# ୨୬

## ଆଗ୍ରିପ୍‌ପାତି ମୁମ୍‌ଦ ପାଉଲ୍‌ତି ଜାର୍‌ତିଂ ହେଲାୟ୍ କିନାକା

୧ ହେବେଣ୍ଡାଂ ଆଗ୍ରିପ୍‌ପା ପାଉଲ୍‌ତିଂ ଇଚାନ୍, "ନିଙ୍ଗେଙ୍ଗ୍ ଜାର୍ ପାକ୍ୟାତ କାତା ଇନି କାଜିଂ ହେଲ ହିଆତାତ୍ । ହେ
ଏଚେକାଡ଼୍‌ଦ ପାଉଲ୍ କେଇ ମେଲାୟ୍ କିଜି ଜ଼ାର୍ ପାକ୍ୟାତ ଇଞ୍ଜେଙ୍ଗ୍ ଲାଗାତାନ୍,"
୨ "ଏ ରାଜା ଆଗ୍ରିପ୍‌ପା, ଜିହୁଦିର୍ ନା ବିରୁଦ୍‌ତ ଇମ୍‌ଣି ୱିଜୁ ଦ଼ାବା କିନାରା, ହେ ବିସ୍ରେ ଆନ୍ ଜେ ନେଞ୍ଜେଙ୍ଗ୍ ନି ଲାଗେ
ଜାତର୍ଙ୍ଗ୍ ୱେଚ୍‌ଚେଙ୍ଗ୍ ପାବ୍ ପାୟାତାଂନା, ଇଦାଂ କାଜିଂ ଆନ୍ ଜାର୍‌ତିଂ ୱାରି ବାବି କିନାଙ୍ଗା,
୩ ବେସିଆତିସ୍ ଇ ଇନାକିଦେଂକି ଜେ, ଏନ୍ ଜିହୁଦିର୍ ବିତ୍ରେ ଚାଲାତି ସବୁ ରିତିନିତି ଆରି ମାନ୍ ବିସ୍ରେ ବେସି ପୁନାୟ୍;
ଇଦାଂ କାଜିଂ ସାସ୍ ଆଜି ନ଼ା କାତା ୱେଞ୍ଜେଙ୍ଗ୍ କାଜିଂ ଆନ୍ ନିଂ ଗୱାରି କିଦ୍‌ନାଙ୍ଗା ।
୪ ବେଣ୍ଡ୍ୟା କାଡ଼୍‌ତାଂ ଆଗେତାଂ ଜାର୍ ଜାତି ବିତ୍ରେ ଆରି ଜିରୁସାଲମ୍‌ତ ନା ଆଚାର୍ ଚିନ୍ତା ଜିହୁଦିର୍ ୱିଜାକାର୍ ପୁନାର୍;
୫ ✡ହେୱାର୍ ନାଙ୍ଗେଙ୍ଗ୍ ପର୍ତୁମ୍‌ତାଂ ପୁନ୍‌ଞ୍ଜି ମାଚିସ୍ ଜଦି ଇଚା କିନାନ୍, ୱାଟିଙ୍ଗ୍ ସାକି ହିଜି ଆ଼ଡ୍‌ନାର୍ ଜେ, ଆନ୍ ମା ଦରମ୍‌ନି
ସବୁତାଂ ଆଟ୍‌ୱା ମାନ୍ ଇସାପ୍ରେ ପାରୁସି ଆଜି ଜ଼ିଜି ମ଼ାଚାଂ ।"
୬ ଆରେ, ମା ଆବା ଲାତ୍ରା ଲାଗାଙ୍ଗ୍ ଇସ୍ୱର୍ ଇମ୍‌ଣି ପାର୍ମାଣ୍ କିଜି ମ଼ାଚାନ୍, ହେ ପାର୍ମାଣ୍‌ନି ବାସର୍ କାଜିଂ ଆନ୍ ବିଚାର୍
ଆନି କାଜିଂ ନଙ୍ଗ୍ ନିଲ୍‌ତାଂନ୍ନା ।
୭ ମା ବାର୍ ପାର୍ଟାନା ହେ ପାର୍ମାଣ୍‌ନି ପାଡ଼୍ ଗାଟାନି ଆହାତ ୱେଡ଼ାନାଣା ର ମାନ୍ତ ଇସ୍ୱର୍‌ତି ପାର୍ଟାନା କିନାରା । ଏ ରାଜା,
ବାସର୍ କାଜିଂ ଆନ୍ ଜିହୁଦିର୍‌ତି ହୁଦାଂ ଦାବା ଆନାଙ୍ଗା ।
୮ ଇସ୍ୱର୍ ଜେ ହାତାକାରିଙ୍ଗ୍ ନିକ୍‌ତାନ୍ନା, ହେଦାଂ ଇନାକିଦେଂ ଏପେଙ୍ଗ୍ ବିଚାର୍‌ତ ପାତର୍କିୱାକାଦେର୍ ଇଞ୍ଜି ବୁଜା ଆନାତା
?
୯ ✡"ନାଜରିତିୟ ଜିସୁତି ତର୍ ବିରୁଦ୍‌ତ ନାଦାଂ ଆଦିକ୍ କାମାୟ୍ ଜେ ମାନାତ୍, ଇଦାଂ ଆନ୍ ନିଜେ ବାବି କିଜି ମ଼ାଚାଙ୍ଗ୍ ।
୧୦ ଆରେ, ଜିରୁସାଲମ୍‌ତ ଆନ୍ ଇଦାଂ ପା କିଜି ମ଼ାଚାଙ୍ଗ୍, ମୁଡ଼୍ ମାପ୍ପୁହେବାକିନାକାନ୍ ତାରେନ୍ ଆଦିକାର୍ ପାୟା ଆଜି
ପୁଇପୁୟାର୍ ବିତ୍ରେ ଆଦେକ୍‌ତିଂ ଜଇଲ୍‌ତ ଗେସ୍‌ସି କିଜି ମ଼ାଚାଙ୍ଗ୍, ଆରେ, ହେୱାର୍‌ତି ପାରାଣ୍ ଦାଣ୍ଡ ସମୁତ ଆନ୍ ପା
ହେୱାର୍‌ତି ବିରୁଦ୍‌ତ ନା ମାନ୍ ପାକ୍ୟାତାଂ ହିଜି ମ଼ାଚାଙ୍ଗ୍,
୧୧ ଆରେ ୱିଜୁ କ଼ୁଟୁମ୍ ଇଞ୍ଜ ରଗତିଂ ରଗ ହେୱାରିଂ ଡାଣ୍ଡ୍ ହିଜି ଜ଼ିସୁତିଂ ନିନ୍ଦା କିନି କାଜିଂ ହେୱାରିଂ ବଲକ୍ୟାର୍ କିଜି
ମାଚାଙ୍ଗ୍, ଆରେ ହେୱାର୍‌ତି ବିରୁଦ୍‌ତ ବେସି ବାଡା ଆଜି ବ଼ିଦେସ୍‌ନି ଗାଡ଼୍‌କୁ ପାତେକ୍ ପା ହେୱାରିଂ ନିନ୍ଦା କିଜି ମ଼ାଚାଙ୍ଗ୍ ।"

## ନିଜ୍‌ତିଂ ବାଦ୍‌ଲାୟ୍‌ଆନି ବିସ୍ରେ ପାଉଲ୍‌ତି ଇନାକା
## (ପକ୍ୟାତାକା ୯:୧-୧୯; ୨୨:୬-୧୬)

୧୨ "ଇ ଇସାପ୍‌ରେ ମୁଡ଼୍ ମାପ୍ପୁହେବାକିନାକାନ୍ ତାରେନ୍ ଆଦିକାର୍ ଆରି ବଲ୍ ଆକି ଅଜି ଦ଼ମ୍ମେସକ୍‌ତ ହାନି ସମୁତ,
୧୩ ଏ ଏଗ୍ରିପା ରାଜା, ମୁଣ୍ଡାମେଦାନ୍ କାଡ଼୍‌ଦ ହାଜି ବ଼ିତ୍ରେ ଆକାସ୍‌ତାଂ ଆଦିକ୍ ଡ଼ିଞ୍ଜ୍‌ନାକା ଅଜଡ଼୍ ଆରି ନା ଉପ୍‌କାର୍
ନିକାରିରିଂ ଚାରିବେଣ୍‌ତାଂ ଚଞ୍ଜ୍ୟାନାକା ହୁଡ଼୍‌ତାଂ ।
୧୪ ଆପେଂ ୱିଜାପ୍ ମେଦ୍‌ନିତ ଗୁତର୍ଲେ, ଆନ୍ ଏବ୍ରି ବାସାତ ନା କାଜିଂ ଇ ବେଣ୍ ୱେଚାଙ୍ଗ୍, ସାଉଲ୍, ସାଉଲ୍,
ଇନାକିଦେଂ ମାଂ ଇଣ୍ କିଦ୍‌ନାୟା ? ତିତ୍ରି ବେଡ଼୍‌ଗାତ ଲାଡ଼୍ ଇଡ଼୍‌ନାକା ନି ପାକ୍ୟାତ କସ୍ଟ ।"
୧୫ ହେବେଣ୍ଡାଂ ଆନ୍ ଇଚାଙ୍ଗ୍, "ମାପ୍ପୁ, ଏନ୍ ଇମ୍‌ଣାକାୟ୍ ?" ଲାଗିଂ ମାପ୍ପୁ ଇଞ୍ଚାନ୍, "ଇମ୍‌ଣି ଜିସୁଙ୍ଗ୍ ଏନ୍ ଇଣ୍ କିନାୟା,
ଆପ୍ ହେୱାଙ୍ଗ୍ ।
୧୬ ମତର୍ ନିଙ୍ଗା, ପାନାତ ସାକ୍ତି ହିଜି ନ଼ିଲା, ଇନାକିଦେଂକି ଆପ୍ ନିଙ୍ଗେଙ୍ଗ୍ ମା ହେବା କିନାକାର୍, ଆରେ ଏନ୍ ମା ଇମ୍‌ଣି
ଇମ୍‌ଣାକା ହୁଡ଼୍‌ତାୟାନା ପାୟା ଆତାଇନା ଆରି ଗାଟାନାୟ୍, ହେ ୱିଜୁ ବ଼ିସ୍ରେ ସାକି ଲାକେ ବାଚି କିଦ୍‌ନି ଇସାପ୍‌ରେ ନିଂ
ଚଞ୍ଜ୍ୟା ଆଡ଼୍‌ତାପ୍ ।
୧୭ ଇମ୍‌ଣି ଜିହୁଦି ଆରି ପାତର୍କିୱି ଜିହୁଦିର୍ ମାନାୟାର୍ ତାକେ ଆନ୍ ମିଙ୍ଗେଙ୍ଗ୍ ପକ୍‌ତାନାଂ, ହେୱାର୍‌ତାକେଣ୍ଡାଂ ଆନ୍
ମିଙ୍ଗେଙ୍ଗ୍ ଉଦାର୍ କିଦ୍‌ନାଙ୍ଗ୍ ।
୧୮ ଇନେସ୍ ମାଜ୍‌ଗାତାଂ ଅଜଡ଼୍ କାଜିଂ ଆରି ସୟ୍‌ତାନ୍‌ନି ସାକ୍ତିତାଂ ଇସ୍ୱର୍‌ତି ନିପ ମାସ୍‌ଦାନାର୍, ଆରେ ପାପ୍ କେମା
ଆରି ମା ତାକେ ପାତର୍ ହୁଦାଂ ପୁଇପୁୟା କିତି ଲକୁ ବିତ୍ରେ ଆଦିକାର୍ ପାୟା ଆନାର୍," ହେଦାଂ କାଜିଂ ହେୱାର୍‌ତି କାଣ୍‌କୁ
ହୁଡ଼ିକିନି କାଜିଂ ଆପ୍ ନିଂ ହେୱାର୍‌ତି ତାରେନ୍ ପକ୍ତାନାପା, ଆରେ ଆପ୍ ନିଂ ହେୱାର୍ ତାଙ୍ଗ୍ ରାକ୍ୟା କିଦ୍‌ନାପ୍ ।

## ଜାର୍‌ତିଂ କାମାୟ୍ ବିସ୍ରେ ପାଉଲ୍‌ତି ବାକ୍‌ଣାୟ୍

୧୯ "ଲାଗିଂ, ଏ ରାଜା ଆଗ୍ରିପ୍‌ପା, ଆନ୍ ହେ ସାର୍ଗେନି ଚଞ୍ଜ୍ୟାନାକା ଉଡ଼ାଦେଂ ଆଡ଼୍‌ୱାଦାଂ,
୨୦ ✡ମତର୍ ପର୍ତୁମ୍‌ତ ଦମ୍ମେସକ୍‌ନି ଆରି ଜିରୁସାଲମ୍‌ନି ମାନାୟାର୍ ଲାଗାଂ, ପାଚେ ଜିହୁଦା ରାଜିନି ୱିଜୁ ନ଼ିପ, ଆରେ
ପାତର୍କିୱି ଜିହୁଦିର୍ ଲାଗାଂ ପା ସୁଣାୟ୍ କିଦେଙ୍ଗ୍ ଲାଗାତାଂ, ଇନେସ୍ ହେୱାର୍ ମାନ୍‌ବାଦ୍‌ଲାୟ୍ କିଜି ଇ଼ସ୍ୱର୍‌ତି କାଜିଂ
ମାସ୍‌ଦି ୱାନାର୍ ଆରି ମାନ୍‌ବାଦ୍‌ଲାୟ୍‌ନି ହାଦର୍ କାମାୟ୍ କିନାନ୍ ।
୨୧ ଇ କାରଣ୍‌ତାଂ ଜିହୁଦିର୍ ମନ୍ଦିର୍ ବିତ୍ରେ ନାଙ୍ଗ୍ ଆସ୍ତି ଅସ୍ତେଦେଂ ସେସ୍ଟା କିଜି ମ଼ାଚାର୍ ।

---

✡ **୨୬:୫** ପକ୍ୟାତାକା ୨୩:୬; ପିଲିପିୟ ୩:୫. ✡ **୨୬:୯** ପକ୍ୟାତାକା ୮:୩; ୨୨:୪,୫. ✡ **୨୬:୨୦** ପକ୍ୟାତାକା ୯:୨୦,୨୮,୨୯.

୨୨ ଲାଗିଂ, ଇସ୍ୱର୍‌ତି ତାକେ ସାୟ଼ଜ ପାୟ଼ାଜି ଆ଼ନ୍ ନେଞ୍ଜେଙ୍ଗ୍ ପାତେକ୍ ହାରୁ ଆରି ଗାଜା ୱିଜାର୍‌ ଲାଗାୟ଼୍ ସାକି ହିଜି଼
ୱାନାଙ୍ଗା, ଆରେ ବେଣ୍‌ବାକ୍‌ଣାୟ଼୍‌କିନାକାର୍ ଆରି ମସାଂ ଇନାକା ଇନାକା ଗିଟାନାତ୍ ଇଞ୍ଜି ଇଚାର୍ଣ୍ଡା, ହେ ସବୁ ପିସ୍ତି ଆରେ
ଇନାକାପା ଇନୁଙ୍ଗା,
୨୩ ଇଚିସ୍ କ୍ରିସ୍ଟ ନିଜେ ଦୁକ୍‌ବଗ୍ କିଜି ଆ଼ରେ, ପର୍ତୁମ୍ ହାତାକାର୍ ବିତ୍ରେତାଂ ଆରେ ନିଂନାକା ଜିହୁଦି ଆରି ପାତର୍ କିୱି
ଜିହୁଦିର୍ ଲାଗାୟ଼୍ ମୁକ୍‌ଡ଼ାନି ଅଜଡ଼୍‌ ହପ୍‌ତାନ୍ ।”
୨୪ ଇ ଲାକେ ହେୱାନ୍ ୱାସ୍କିପାକ୍ୟାନି କିଜିମ୍ାନି ସମୁତ ପେସ୍ଟ ଗାଜା କାଟ୍‌ତାଂ ଇଚାନ୍, “ପାଉଲ୍ ଏନ୍ ବାୟ଼ାତି; ବେସି
ବିଦ୍ୟା ନିଙ୍ଗେଙ୍ଗ୍ ବାୟ଼ା କିଦ୍‌ନାତା ।”
୨୫ ମତର୍ ପାଉଲ୍ ଇଚାନ୍, ଏ ଗାଜାଲଗୁ ପେସ୍ଟ, “ଆନ୍ ବାୟ଼ା ଆକାୟ଼୍, ମତର୍ ହାତ୍‌ପାନେ ଆରି ତିର୍ ବୁଦିନି ବଚନ୍
ବାକ୍‌ଣାୟ଼୍ କିନାଙ୍ଗା ।
୨୬ ରାଜା ତ ଇ ୱିଜୁ ବି଼ସ୍ରେ ପୁନାନ୍, ଆରେ ଆନ୍ ତା ଲାଗେ ପା ସାସ୍‌ତ କାତା ଇନାଙ୍ଗା, ଇନାକିଦେଂକି ଇ ୱିଜୁ ବି଼ସ୍ରେ
ଇମ୍‌ଣାକା ପା କାତା ହେୱାନ୍ତି ପୁନ୍‌ୱାତାକା ଆକାୟ଼୍ ଇଞ୍ଜି ନା ପାତର୍; ଇଦାଂ ତ ଡ଼ଗୁଜି କିୟ଼ା ଆୱାତାତ୍‌ନା ।
୨୭ ଏ ରାଜା ଆଗ୍ରିପ୍‌ପା, ଏନ୍ ଇନାକା ବେଣ୍‌ବାକ୍‌ଣାୟ଼୍‌କିନାକାର୍ ପାତର୍ କିନାୟ଼ା ? ଏନ୍ ପାତର୍ କିନାୟ଼ା ଇଞ୍ଜି ଆନ୍
ପୁନାଙ୍ଗ୍ ।”
୨୮ ହେବେଣ୍ଡାଂ ଆଗ୍ରିପ୍‌ପା ପାଉଲ୍‌ତିଂ ଇଚାନ୍, “ଅଲପ୍ ସମୁତ ଏନ୍ ମାଙ୍ଗେଙ୍ଗ୍ କ୍ରିସ୍ଟିୟ଼ାନ୍ କିଦେଙ୍ଗ୍ ଆଡ଼୍‌ନାୟ଼୍ ଇଞ୍ଜି ବାବି
କିନାୟ଼ା ।”
୨୯ ପାଉଲ୍ ଇଚାନ୍, “ଅଲପ୍ ଆୟେ଼ତ୍ କି ବେସି ଆୟେ଼ତ୍, କେବଲ୍ ଏନ୍ ଆକାୟ଼୍, ମତର୍ ଏଚେକ୍ ଲଗୁ ନେଞ୍ଜେଙ୍ଗ୍ ନା
କାତା ୱେନାରା, ଇନେସ୍ ହେୱାର୍ ୱିଜାର୍‌ ପା ଇ ଗାଟି ପିସ୍ତି ନା ଲାକେ ଆନାର୍, ଆତିସ୍ ପା ହିକ୍‌ଡ଼ିଂତାଂ ଗାଚ୍‌ୟା ଆଏର୍
ଇଦାଂ ଆନ୍ ଇସ୍ୱର୍‌ତି ଲାଗାୟ଼୍ ପାର୍ତାନା କିନାଙ୍ଗା ।”
୩୦ ହେବେଣ୍ଡାଂ ରାଜା, ସାସନ୍‌କାର୍‌ୟ଼ା, ବର୍ଣ୍ଣିକି ଆରି ହେୱାର୍ ହୁଦାଂ କୁଚ୍‌ଚି ମାନି ମୁଣିକାର୍ ନିଙ୍ଗ୍‌ଜି ହାଲ୍‌ଜି ମାଚାର୍
୩୧ ବିନେ ଆଜି ହା଼ରି କାତାବାର୍ତା କିଉ କିଉ ଇଚାର୍, “ଇ ମାନାୟ଼୍ ହାକି କି ହିକ୍‌ଡ଼ି ଗାଚ୍ୟାନି ଜଗ୍ ଇମ୍‌ଣାକା ପା କାମାୟ଼୍
କିୱାତାନ୍ନା ।”
୩୨ ଆରେ, ଆଗ୍ରିପ୍‌ପା ପେସ୍ଟଙ୍ଗ୍ ଇଚାନ୍, “ଇ ଲକ୍ ଜଦି କାଇସର୍‌ତି ମୁମ୍‌ଦ ବିଚାର୍ଣ୍ଡା ଆନି କାଜିଂ ପାର୍ତାନା କିୱାଦାଂ ମାଚିସ୍,
ତେବେ ମୁକ୍‌ଡ଼ାୟ଼୍ କିଦେଙ୍ଗ୍ ଆଡ୍ୟାତାତ୍‌ମା ।”

# ୨୭

## ପାଉଲ୍‌ତିଂ ଏସ୍ ଜାଜ୍‌ତାଂ ରମ୍‌ତ ହାନାକା

୧ ଏଚେକାଡ଼୍‌ଦ ଆପେଂ ଜାଜ୍‌ତ ଦୁମ୍‌ଜି ଇତାଲିଆତ ହାନି କାଜିଂ ବିଚାର୍ ମାଚାତ୍, ହେ ଏଚେକାଡ଼୍‌ଦ ପାଉଲ୍ ଆରି ବିନେ
ଏଚେକ୍ ଗାଚ୍‌ୟାତି “ରାଜାଣ୍ଡର୍ ମେଲ୍ୟାର୍ କୁଦାନି ଜୁଲିଅ ତର୍‌ନି ରୱାନ୍ ପାଞ୍ଚ୍‌କଡ଼ି ମୁସ୍ତିଦାର୍‌ତି କେଇଦ ହେଲାୟ଼୍ ଆତାନ୍
।”
୨ ହେବେଣ୍ଡାଂ ଆସିଆ ହାରୁ ଗୁଟିତ ବାରବିନି ବାହାତ ହାନି କାଜିଂ ହତ୍‌ତି ର ଆଦ୍ରାମୁତିୟ଼ ଜାଜ୍‌ତ ଆପେଂ ଦୁମ୍‌ଜି ଜାଜ୍
ରିକ୍‌ଚି ତୁହିତାପ୍; ଆରେ, ମାକିଦନିଆନି ଆରିସ୍ତାର୍କ ତର୍‌ନି ରୱାନ୍ ତେସ୍‌ଲନିକିୟ଼ ଲଗୁ ମା ଲାହାଙ୍ଗ୍ ମାଚାନ୍ ।
୩ ଆର୍କାତ୍ ନାଞ୍ଜିଙ୍ଗ୍ ଆପେଂ ସିଦନ୍‌ତ ଏକାତାପ୍, ଆରେ ଜୁଲିଅ ପାଉଲ୍‌ତି କାଜିଂ ଦୟ଼ା ଚିନ୍ତା କିଜି ଜା଼ର୍ ହାଙ୍ଗ୍‌ଦାକାର୍
ଇସ୍ୱର୍ ଲାଗେ ହାଲ୍‌ଜି ହେବା ପାୟ଼ାଦେଂ କାଜିଂ ହେଲ ହିତାନ୍ ।
୪ ହେ ବାହାତାଂ ଜାଜ୍ ରିକ୍‌ଚି ଉଲ୍‌ଟି ଦୁକା ଆତିଲେ ଆପେଂ କୁପ୍ରନି ଗୁଟି ଗୁଟି ଚାଲାଜି଼
୫ କିଲିକିୟ଼ା ଆରି ପଂପୁଲିଆ ହାଣ୍‌କୁତ ହାମ୍‌ଦୁର୍ ନାସି ଲୁକିଆନି ମୁରାତ ଗାଡ଼୍‌ଦ ୱାତାପ୍ ।
୬ ହେବେ ପାଞ୍ଚ୍‌କଡ଼ି ମୁସ୍ତିଦାର୍ ଇତାଲିଆତ ହାଲ୍‌ଜି ମାନି ର ଆଲେକ୍‌ଜାଣ୍ଡ୍ରିୟ଼ ବାହାନି ତର୍ ଜାଜ୍ ଗାଟାଜି ହେ଼ବେତାଂ
ମାଙ୍ଗେଙ୍ଗ୍ ଦୁପ୍‌ତାତାର୍ ।
୭ ପାଚେ ଆଦେକ୍ ଦିନ୍ ପାତେକ୍ କାଲେ କାଲେ ହାଲ୍‌ଜି କସ୍ଟତ ଏସ୍‌କୁପ୍‌ଲି କ୍ନିଦର୍ ହାଣ୍‌କୁତ ଏକିସ୍ ଦୁକା ମାଙ୍ଗେଙ୍ଗ୍
ଆଗେ ହାଞ୍ଜେଙ୍ଗ୍ ପିସ୍ତି ହିଦ୍‌ୱିତିଲେ ସାଲ୍ମନିନି ହାଣ୍‌କୁ ହିଜି କ୍ରି଼ତିନି ଗୁଟି ଗୁଟି ହାଚାପ୍,
୮ ଆରେ କସ୍ଟତ ଗୁଟି ଗୁଟି ହାଲ୍‌ଜି “ହଲ୍‌ନି ବାନ୍ଦ୍‌ନି ତର୍‌ନି ର ବାହାତ ୱାତାପ୍, ଲାସାୟ଼ା ବସ୍ତି ହେବେଣ୍ଡାଂ ଲାଗେ ମାଚାତ୍
।”
୯ ଇ ଲାକେ ଆଦେକ୍ ସମୁ ୱିସ୍ତାତ୍, ଆରେ ଏସ୍‌ଚାଲା ଆଦେଂ ନଙ୍ଗ୍ ଦୁକ୍‌ନି ଦିନ୍ ପଡ଼ାତାତ୍, ଇନାକିଦେଂକି ହେ
ଏଚେକାଡ଼୍‌ଦ ଉପାସ୍ ପାର୍ବୁ ୱିସ୍‌ସି ମାଚାତ୍ । ଲାଗିଂ ପାଉଲ୍ ହେୱାରିଂ ଜାଗ୍ରତ୍ କିଜି ଇ଼ଚାନ୍,
୧୦ “ଗାଜା ଲକୁର୍, ଇ ଏସୁକାଂ ହାନିହିଂ ଜେ କେବଲ୍ ମାଲ୍ ଆରି ଜାଜ୍‌ନି ନସ୍ଟ ଆନାତ୍, ହେଦାଂ ଆକାୟ଼୍, ମତର୍ ମା
ଜିବୁନ୍‌ତ ପା ଜେ ନସ୍ଟ ଆରି ପର୍ଚୁ ଆନାତ୍, ଇଦାଂ ଆନ୍ ପୁନାଙ୍ଗା ।”
୧୧ ମାତର୍ ମେଲ୍ୟା ପାଉଲ୍‌ତି କାତାତ ପାତର୍ କିୱାଦାଂ ଜାଜ୍‌ନି ଗୁମୁସ୍ତା ଆରି ଜାଜ୍‌ନି ହାଉକାର୍ କାତାତ ରାଜି ଆ଼ତାର୍
।

୧୨ ଆରେ, ହେ ଜାଜ୍ ଟେବାନି ବାନ୍ଦ୍ ପିନି କାଡ଼୍ ହାଚିକିଦେଂ କାଜିଂ ସୁବିଦା ହିଲ୍ୱିତିଲେ ଇନେସ୍ପା ବାନିତ ପୈନିକ୍ସ୍ତ
ଏକିସ୍ ହେବେ ପିନି କାଡ଼୍ ହାଚ୍ଚେଙ୍ଗ୍ କାଜିଂ ହେବେତାଂ ଜାଜ୍ ପିସ୍ତେଙ୍ଗ୍ ଆଦେକ୍ ଲଗୁ ବୁଜାମୁଣା କିତାର୍; ହେ ପୈନିକ୍ସ୍
କ୍ରିତିନି ର ଜାଜ୍ ଟେବାନି ବାନ୍ଦ୍, ହେଦାଂ ଦିଗ୍-ୱେଡ଼ାହନି ଆରି ୱେଡ଼ାହାନି ୱେଡ଼ାହନି ନିପ ।

## ହାମ୍ଦୁର୍ତ ଦୁକା

୧୩ ପାଚେ ଦିଗିନି ଦୁକା କାଲେ କାଲେ ଆଡିଲେ ହେୱାର୍ ଜାର୍ ଜାର୍ତି ମାନ୍ତାକା ପୁରା ଆତାତ୍ ଇଞ୍ଜି ମାନେ କିଜି
ଗୁଲ୍ପେଟି ଗାଚ୍ୟାସି ମାନି ଗାଜା ଡରିତାଂ ଡଙ୍ଗାତିଂ ଜେଲ୍ନାକା ଗେଙ୍ଗ୍ଜି କ୍ରିତିନି ଗୁଚିତ ବେସି ଲାଗେ ହିଜି ହାଞ୍ଜେଙ୍ଗ୍
ଲଗାତାର୍ ।
୧୪ ମତର୍ ଅଲପ୍ ସମୁ ପାଚେ, ଇନେରିଂ ଇଉରକ୍ଲିଲ ଇଞ୍ଜି ଇନାର୍, ହେ ଜବର୍ ଦୁକା ଗୁଟିତ ହାଲ୍ଜି ବାଦା କିଦେଙ୍ଗ୍
ଲାଗାତାତ୍ ।
୧୫ ଜାଜ୍ ଡ଼ଲୁତ ଆଜର୍ ଦୁକାନି ମୁକାମୁକି ଆଦେଂ ଆଡ଼୍ୱିତିଲେ ଆପେଂ ତାଙ୍ଗେଙ୍ଗ୍ ବଡ଼ାଜି ହାଞ୍ଜେଙ୍ଗ୍ ପିସ୍ତିହିତାପ୍ ।
୧୬ ଆରେ, କ୍ଲାଉଦ ତର୍ନି ର ହାରୁ ଏସ୍କୁପ୍ଲିନି ଜମ୍ନି ବାହାତ ହାଲ୍ଜି କସ୍ଟତାଂ ଜାଜ୍ନି ଡଙ୍ଗାମୁଣ୍ଡିତିଂ ଆସ୍ତି ରାକ୍ୟା
କିଦେଙ୍ଗ୍ ଆଡ଼୍ତାପ୍,
୧୭ ଆରେ ହେୱାର୍ ହେଦେଲିଂ ନିକ୍ଚି ଅତି ପାଚେ ବେସି ଉପାୟ୍ତ ଜାଜ୍ତିଂ ତାରେନ୍ ଅଜି ହାଲ୍ଜି ଗାଚ୍ଚାର୍, ଆରେ
ଏଚେକାଡ଼୍ଦ ହେୱାର୍ ସୁତର୍ ତର୍ନି ବାଲିତ ଲାଗାନାତ୍ ଇଞ୍ଜି ପାଣ୍ଡ୍ରାଜି ପାଟାଂ ତୁହିଜି ବଡ଼ାଦେଂ ଲାଗାତାର୍ ।
୧୮ ଡ଼ଲୁତ ମାଦାଂ ବେସି କସ୍ଟ ଆଡିଲେ ତା ଆର୍କାତ୍ ନାଜିଂ ଗାଟ୍ୱାଡ଼ାର୍ ଜିନିସ୍ ତୁହିଦେଂ ଲାଗାତାର୍,
୧୯ ଆରେ ଆର୍କାତ୍ ନାଜିଂ ଜାର୍ କେଇଦ ଜାଜ୍ନି ଜିନିସ୍ସିଂ ସବୁ ତୁହିତାର୍ ।
୨୦ ବେସି ଦିନ୍ ପାଡେକ୍ ୱେଡ଼ା କି ହୁକାଂ ଚଞ୍ଜ୍ୱିତିଲେ, ଆରେ ଜବର୍ ହୁଜାୱାଣି ଲାଗାଜି ମାଚିଲେ ହାରିହାରା ମା ରାକ୍ୟା
ପାୟାନାକା ୱିଜୁ ବାସର୍ ଗୁଚାଆତାତ୍ ।
୨୧ ଆରେ, ୱିଜାକାର୍ ବେସି ଦିନ୍ ପାଡେକ୍ ନାସ୍କି ମାନି ପାଚେ ପାଉଲ୍ ହେୱାର୍ ବିତ୍ରେ ଇଞ୍ଜ ଇଚାନ୍, “ଗାଜାଲକୁ, ନା
କାତା ଆସ୍ତି କ୍ରିତିତାଂ ଜାଜ୍ ରିକ୍ୱାଦାଂ, ଆରେ ଇ ନାହାଁତାକା ଆରି କର୍ଚ ପୁରାୟ୍ କିନାକା ମାଦାଂ ମାଚାତ୍ ।
୨୨ ଇନାକା ଆୟେତ୍, ନଙ୍ଗ୍ ଆନ୍ ମିଙ୍ଗ୍ ଇଞ୍ଜ୍ନାଙ୍ଗା, ସାସ୍ ଆହାଟ୍, ଇନାକିଦେଂକି ମି ବିତ୍ରେ ଇନେର୍ତର୍ ଜିବୁନ୍ ନାସ୍
ଆଉତ୍, କେବଲ୍ ଜାଜ୍ ନସ୍ଟ ଆନାତ୍ ।
୨୩ ଲାଗିଂ ଆନ୍ ଇମ୍ଣି ଇସ୍ୱର୍ତି ଲଗୁ, ଆରେ ଇନେର୍ତର୍ ବିତ୍ରେ ଆନ୍ ପାର୍ତାନା କିନାଙ୍ଗ୍, ହେୱାନ୍ତି ରଞ୍ଜେଲ୍ ଦୁତ୍ ଇ
ନାଣାତ ନା ଲାଗାୟ୍ ଇଞ୍ଜ ଇଞ୍ଚାନ୍,
୨୪ ‘ପାଉଲ୍ ପାଣ୍ଡ୍ରା ଆମା; କାଇସର୍ତି ମୁମ୍ଦ ନିଂ ନିଲ୍ତେଂ ଆନାତ୍, ଆରେ ହୁଡ଼ା, ନି ହାଂହାନାକାର୍ ୱିଜାରିଂ ଇସ୍ୱର୍
ମିଙ୍ଗ୍ କେମା କିଡ଼୍ତାନ୍ନା ।’
୨୫ ଲାଗିଂ, ଟଣ୍ଡାର୍, ସାସ୍ ଆହାଟ୍, ଇନାକିଦେଂକି ଇସ୍ୱର୍ ତାକେ ନା ପାତର୍ ମାନାତ୍ ଜେ, ନାଙ୍ଗେଙ୍ଗ୍ ଇନେସ୍ ଇନ୍ୟା
ଆତାତ୍ନ୍ନା, ସମାନ୍ ହେ ଲାକେ ଗିଟାନାତ୍ ।
୨୬ ମତର୍ ମାଂ ଇମ୍ଣାକା ପାର ଏସ୍କୁପ୍ଲିତ ହାଲ୍ଜି ଲାଗାୟ୍ କିତାର୍ ।”
୨୭ ଇ ଲାକେ ଆପେଂ ଆଡ୍ରିଆ ହାମ୍ଦୁର୍ତ ଇଣ୍ଟିଙ୍ଗ୍ ହାଣ୍ଟିଙ୍ଗ୍ ଚାଲା ଆଉ ଆଉ ଏଚେକାଡ଼୍ଦ ଚଉଦ ଦିନ୍ ନାଣା
ଏକାୱାତାତ୍, ହେ ଏଚେକାଡ଼୍ଦ ମାଦିମାଦା ନାଣା ସମୁତ ଗାଟ୍ୱାଡ଼ାର୍ ଇମ୍ଣି ବାଟାତ ଲାଗେ ଆନାରା ଇଞ୍ଜି ଆନ୍ମାନ୍
କିତାର୍ ।
୨୮ ଲାଗିଂ ହେୱାର୍ ଲାଜ୍ଜି ସହେ କୁଡ଼େ ପୁଟ୍ ଏଜୁଙ୍ଗ୍ ଗାଟାତାର୍, ଆରେ ଅଲପ୍ ଆଗେ ହାଲ୍ଜି ଆରେ ରଗ ଲାଜ୍ଜି
ନବେ ପୁଟ୍ ଏଜୁଙ୍ଗ୍ ଗାଟାତାର୍ ।
୨୯ ଏଚେକାଡ଼୍ଦ ଆସେଙ୍ଗ୍ ଇମ୍ଣି କାଲ୍କୁକୁଡ଼ି ବୁମିତ ହାଲ୍ଜି ଆର୍ନାସ୍, ଇ ପାଣ୍ଡ୍ରାଜି ହେୱାର୍ ପାଚ୍ପାଡ଼୍କାତାଂ
ଚାର୍ଗଟା ଆକ୍ସା ତୁହିଜି ମେଦାନ୍ ପାର୍ତାନା କିଜି ମାଚାର୍ ।
୩୦ ଆରେ, ଗାଟ୍ୱାଡ଼ାର୍ ଜାଜ୍ନି ହାଣ୍କୁବାଗ୍ତାଂ ଆକ୍ସା ତୁହିନି ଚାଲାକିତ ଡଙ୍ଗାମୁଣ୍ଡିତାଂ ହାମ୍ଦୁର୍ତ ଜୁଡ୍ତି ଜାଜ୍ତାଂ
ହନ୍ଚି ହାଞ୍ଜେଙ୍ଗ୍ କାଜିଂ ସେସ୍ଟା କିତାର୍,
୩୧ ପାଉଲ୍ ମୁସ୍ତିଦାର୍ ଆରି ମେଲ୍ୟାରିଂ ଇଚାନ୍, “କେଉଟାର୍ ଜାଜ୍ତ ମାନ୍ୱିତିସ୍ ଏପେଙ୍ଗ୍ ରାକ୍ୟା ପାୟାଦେଂ ଆଡୁଦେର୍
।”
୩୨ ହେବେଣ୍ଡାଂ ମେଲ୍ୟାର୍ ଡଙ୍ଗାନି ଡରି ସବୁ ରାସ୍ଦି ହେଦେଲିଂ ଏଜୁକାଂ ତୁହିତାର୍ ।
୩୩ ଆରେ, ୱେଡ଼ା ଆଜି ୱାଜିମାନି ପାଡେକ୍ ପାଉଲ୍ ହେୱାରିଂ ଅଲପ୍ ଚିଞ୍ଜେଙ୍ଗ୍ କାଜିଂ ୱାରିକିୟ୍ କିଜି ଇଚାନ୍,
“ନେଞ୍ଜେଙ୍ଗ୍ତାଂ ଚଉଦ ଦିନ୍ ଆତାତ୍ ଏପେଙ୍ଗ୍ କାସି ମାନ୍ଞ୍ଜି ମୁଡ଼େ ତିନ୍ୱାଦାଂ ନାସ୍କି ମାନାରା ।
୩୪ ଲାଗିଂ କାଦି କିନି କାଜିଂ ଆନ୍ ମିଙ୍ଗେଙ୍ଗ୍ ଉପ୍ଦେସ୍ ହିଦ୍ନାଙ୍ଗା, ଇନେକିଦେଂକି ହେଦାଂ ମି ମୁକ୍ତି କାଜିଂ ଲଡ଼ା; ଲାଗିଂ
ମିଦାଂ ଇନେର୍ତି କାପ୍ଡ଼ାନି ର ତେମୁଲ୍ ନସ୍ଟ ଆଉତ୍ ।”
୩୫ ପାଉଲ୍ ଇ ସବୁ କାତା ଇଞ୍ଜି ରୁଟି ଅଜି ୱିଜାକାର୍ ମୁମ୍ଦ ଇସ୍ୱର୍ତିଂ ଦନ୍ୟବାଦ୍ ହିଜି ହେଦାଂ ଡ୍ରିକ୍ଚି ଚିଞ୍ଜେଙ୍ଗ୍
ଲାଗାତାର୍ ।

୩୬ ହେବେ ହେୱାର୍ ୱିଜାର୍ ସାସ୍ ପାୟା ଆଜି ଜାର୍ ଜାର୍ ପା ଚିଚାର୍ ।
୩୭ ଆପେଂ ଜାଜ୍ତ ୱିଜାକାପ୍ ତେରକଡ଼ି ସଉଲ ଜାଣ୍ ଲକୁ ମାଚାପ୍ ।
୩୮ ହେୱାର୍ ସାରି ଚିଚି ପାଚେ ହାମ୍ଦୁର୍ତ ଗମ୍ ତୁହିଜି ଜାଜ୍ତିଂ ଉସାସ୍ କିଦେଙ୍ଗ୍ ଲାଗାତାର୍ ।

## ଜାଜ୍ ବିପଦ୍

୩୯ ୱେଡ଼ା ଆଡିଲେ, ହେ ଦେସ୍ ହେୱାର୍ ଚିନା ଆଡ଼ୱାତାର୍, ମତର୍ ହେୱାର୍ ବାଲିଗୁଟି ମାନି ରଞ୍ଜାଙ୍ଗ୍ କଡ଼୍ୟ୍ ହୁଡ଼ଜି
ଇନେସ୍ପା ଲାକେ ହେବେ ଜାଜ୍ ଟେବାୟ୍ କିଦେଙ୍ଗ୍ ଇଞ୍ଜି ସେସ୍ଟା କିତାର୍ ।
୪୦ ଲାଗିଂ ହେୱାର୍ ଆକ୍ସା ସବୁ ରାସ୍ଦି ହେୱାକାଂ ହାମ୍ଦୁର୍ତ ପିସ୍ତାର୍, ଆରେ ହାଙ୍ଗେ ହାଙ୍ଗେ ମୁଣ୍ଡିନି ଡରି ସବୁ ରିକ୍ଚି
ଦୁକା ନିପ ହାଞ୍ଜେଙ୍ଗ୍ ସେସ୍ଟା କିତାର୍ ।
୪୧ ମାତର୍ ହେୱାର୍ ରି ହାମ୍ଦୁର୍ ମିହାଜି ମାନି ବାହାତ ହାଲ୍ଜି ଆତର୍ଲେ, ଜାଜ୍ ଆକ୍ସା କୁଇଦ ଲାଗାତାଡ଼୍; ତା
ହାଣ୍କୁନି ବାଗ୍ ଲାଗାଜି ଚାଲାୱାତାଡ଼୍ଦେ, ମତର୍ ପାଚ୍ ବାଗ୍ନି ଲଡ଼ି ବେସି କାଜିଂ ଡ୍ରିଙ୍ଗ୍ଦେଂ ଲାଗାତାଡ଼୍ ।
୪୨ ହେ ଏଚେକୋଡ଼ଦ ଗେହ୍ୟାତାକାର୍ ବିତ୍ରେତାଂ ଇନେର୍ ଉମ୍ଜି ହାନାର୍, ଇଦାଂ କାଜିଂ ହେୱାରିଂ ଅସ୍ତେଙ୍ଗ୍ କାଜିଂ
ମେଲ୍ୟାର୍ ବିଚାର୍ କିତାର୍,
୪୩ ମତର୍ ପାଞ୍ଜକଡ଼ି ମୁସ୍ତିଦାର୍ ପାଉଲ୍ଙ୍ଗ୍ ରାକ୍ୟା କିଦେଙ୍ଗ୍ ଇଚା ହେୱାର୍ତି ବାବ୍ନାତ ହେୱାରିଂ ଟେବାୱାଦାଂ ବଲ୍
ହିତାନ୍ ଜେ, ଇମ୍ଣାକାର୍ ଉମ୍ଦେଂ ଆଡ଼ନାର୍, ହେୱାର୍ ହାମ୍ଦୁର୍ତ ଗୁମ୍ଜି ପର୍ତୁମ୍ ମେଦ୍ନିତ ହାଲେର୍,
୪୪ ଆରେ ବାକିନିକାର୍ ବିତ୍ରେ ଇନେ ଇନେର୍ ପାଟାଂ ଆରି ଆରେ ଇନେ ଇନେର୍ ଜାଜ୍ନି ଇନା ଇନାକା ଡ୍ରିଂତାକା ଆସ୍ତି
ହାଲେର୍ । ଇ ବାନି ୱିଜାର୍ ରାକ୍ୟା ହିଲ୍ୱି ମେଦ୍ନିତ ଏକାତାର୍ ।

# ୨୮

## ମାଲ୍ତି ଏସ୍କୁପ୍ଲିତ ପାଉଲ୍

୧ ଆପେଂ ରାକ୍ୟା ପାୟାତି ପାଚେ ହେ ଏସ୍କୁପ୍ଲି ମେଲିତି ଇଞ୍ଜି ପୁଚାପ୍ ।
୨ ଆରେ, ବିଦେସି ମା କାଜିଂ ବେସି ଦୟା ଚଚ୍ଚାତାନ୍, ଇନାକିଦେଂକି ବାର୍ହା ଆରି ପିନି ଆଜି ମାଚିଲେ ହେୱାର୍ ନାଣି
ଆହି କିଜି ମା ୱିଜାରିଂ ଜିଉନଡ଼ତାର୍ ।
୩ ମତର୍ ପାଉଲ୍ ପେଣ୍ଡା ୱେଜ୍ଗୁ ରୁଣ୍ଡାୟ୍ କିଜି ନାଣି ଜପି ତୁହିତିଲେ, କେଦ୍ନି କାଜିଂ ର କାଲାଟିରାଚ୍ ହସି ହେୱାନିଂ
କେଇଦ କାପ୍ଚି ହୁର୍ପିସ୍ ମାଚାଡ଼୍ ।
୪ ବିଦେସି ହେୱାନ୍ କେଇଦ ହେ ଜାଡ଼୍ ଜଲାଜି ମାନାକା ହୁଡ଼ଜି ହାରି ଇଞ୍ଜେଙ୍ଗ୍ ଲାଗାତାର୍, “ଇ ଲକ୍ ହାଡ଼୍ପା ନାର୍
ଅସ୍ତାକାନ୍, ହାମ୍ଦୁର୍ତାଂ ରାକ୍ୟା ପାୟାତିସ୍ ପା ଦାରୁମ୍ ଇୱାନିଂ ଜିଜି ମାଞ୍ଜେଙ୍ଗ୍ ହିୱାତାଡ଼୍ ।”
୫ ମତର୍ ହେ ଜାଡ଼୍ତିଂ ଡ଼ାଡ଼୍ତି ନାଣିତ ତୁହିତାନ୍, ଆରେ ହେୱାନ୍ତି ମୁଡ଼େ ନସ୍ଟ ଆୱାତାଡ଼୍ ।
୬ ହେୱାନ୍ ଜେ ପୁଲାଆନାନ୍ କି ହାଚାଟ୍ରେ ହାନାନ୍, ଇଦାଂ ହେୱାର୍ କାସି ମାଚାର୍; ମତର୍ ବେସି ୱେଡ଼ା ପାଟେକ୍ କାସି
ମାଚାର୍ ପାଚେ ହେୱାନ୍ତି ଇମ୍ଣାକା ପା ନସ୍ଟ ଆୱାକା ହୁଡ଼ଜି ହେୱାର୍ ଜାର୍ ଜାର୍ ମାନ୍ ବାଦ୍ଲାୟ୍ କିଜି ଇଚାର୍, “ଇୱାନ୍
ରୱାନ୍ ମାପ୍ରୁ ।”
୭ ହେ ବାହିନି ଲାଗେ ପୁବ୍ଲିୟ ତର୍ନି ହେ ଏସ୍କୁପ୍ଲିନି ମୁଡ଼ ମୁଣିକାତର୍ ଇଲ୍ ଆରି ତାରେନ୍ ମାଚାଡ଼୍; ହେୱାନ୍ ମାଙ୍ଗେଙ୍ଗ୍
ଇଡ଼ିଜି ତିନି ଦିନ୍ ପାଟେକ୍ ୱାରିତାଂ ଗୁଣ୍ କିଜି ମାଂ ବେବାର୍ କିଡ଼୍ତାର୍ ।
୮ ହେ ସମୁତ ପୁବ୍ଲିୟତି ଲାଡ୍ରାହି ନମେର୍ ଆରି ବାନ୍ଦାଣ୍ତିଂ ନାଦାର୍ ଆଜି ହୁଞ୍ଜ୍ଜି ମାଚାନ୍, ଆରେ ପାଉଲ୍ ବିତ୍ରେତାଂ ତା
ଲାଗେ ହାଲ୍ଜି ପାର୍ତାନା କିତାନ୍ ଆରି ହେୱାନ୍ତି ଜପି କେଇ ଇଡ଼ଜି ହେୱାନିଂ ଉଜ୍ କିତାନ୍ ।
୯ ଇ ଗଟ୍ନା ପାଚେ ହେ ଏସ୍କୁପ୍ଲିତ ମାନି ବାକି ବେମାରିର୍ ପା ୱାଜି ଉଜ୍ ଆତାର୍;
୧୦ ହେୱାର୍ ପା ମାଙ୍ଗେଙ୍ଗ୍ ବେସି ସନ୍ମାନ୍ ହୁଦାଂ ୱାରି କିଡ଼୍ତାର୍, ଆରେ, ମାଦାଂ ହାନି ୱେଡ଼ାଲିଂ ମା ଲଡ଼ାନି ଜିନିସିଂ
ସବୁ ହିଡ଼୍ତାର୍ ।

## ମାଲ୍ତିତାଂ ରମ୍ତ

୧୧ ତିନ୍ ମାସ୍ ପାଚେ ଆପେଂ ର ଆଲେକ୍ଜାଣ୍ଡ୍ରିୟ ଜାଜ୍ତ ଦୁମ୍ଜି ହାଚାପ୍, ହେ ଜାଜ୍ ଇ ଏସ୍କୁପ୍ଲିତ ପିନି କାଡ଼୍ କାଟି
କିଜି ମାଚାଡ଼୍, ତା ତର୍ “ମିତୁନ୍ ।”
୧୨ ସୁରାକୁସାତ ଏକିସ୍ ଆପେଂ ହେବେ ତିନି ଦିନ୍ ମାଚାପ୍,
୧୩ ଆରେ ହେ ଏସ୍ ଜାଜ୍ତ ବୁଲାଜି ରେଗିୟତ ଏକାତାପ୍ । ର ଦିନ୍ ପାଚେ ତିନିବାଗାଙ୍ଗ୍ନି ଦୁକା ଇଡ଼୍ତିଲେ ରି ଦିନ୍ତାଂ
ପୁତେଅଲିତ ଏକାତାପ୍;
୧୪ ହେ ବାହାତ ଆପେଂ ଟଣ୍ଡାର୍ରିଂ ବେଟ୍ ଆତାପ୍, ଆରେ ହେୱାର୍ ଲାହାଂ ସାଡ଼୍ ଦିନ୍ ମାଞ୍ଜେଙ୍ଗ୍ କାଜିଂ ହେୱାର୍ ମାଂ
ଗୱାରି କିଡ଼୍ତାର୍; ଇ ଲାକେ ଆପେଂ ରମ୍ତ ଏକାତାପ୍ ।

୧୫ ରମ୍‌ନି ପାତର୍ କିନି ଟଣ୍ତାର୍ ଆରି ତଣ୍‌ଦେକ୍ ମାଂ କାବୁର୍ ଗାଟାଜି ହେ ବାହାତାଂ “ଆପ୍‌ପିୟତି ଆଟ୍ ଆରି ‘ତିନି
ଦରମ୍‌ସାଲା ଇଲ୍’ ପାତେକ୍ ମାଂ ବେଟାଆଦେଂ କାଜିଂ ୱାତାର୍, ଆରେ ପାଉଲ୍ ହେୱାରିଂ ହୁଡ଼୍‌ଜି ଇସ୍ୱର୍‌ତିଂ ଦନ୍ୟବାଦ୍
କିଜି ସାସ୍ ପାୟାତାର୍ ।”

## ରମ୍ ଗାଡ଼୍‌ଦ ପାଉଲ୍

୧୬ ଆରେ, ଆପେଂ ରମ୍‌ତ ଏକିତିଲେ, ପାଉଲ୍ ଜାର୍ କାନି ମେଲ୍ୟାର୍ ଲାହାଂ ବିନେ ବାହା କିଦେଙ୍ଗ୍ କାଜିଂ ହେଲ
ପାୟାତାନ୍ ।
୧୭ ତିନି ଦିନ୍ ପାଚେ ହେୱାନ୍ ଜିହୁଦିର୍‌ତି ମୁଡ୍ ମୁଡ୍ ମୁଣିକାରିଂ କୁକ୍‌ଚି ରବେ କିତାନ୍, ଆରେ ହେୱାର୍ ରୁଣ୍ତା ଆଡିଲେ,
ପାଉଲ୍ ହେୱାରିଂ ଇଚାନ୍, “ଏ ଇସ୍ରାଲ୍‌ନି ଟଣ୍ତାର୍, ଜଦି ଆନ୍ ନିଜ୍ ଜାତି ବିରୁଦ୍‌ଦ୍ତ କି ମା ଆବା ଲେଡ୍ରାତି ରିତିନିତି ବିରୁଦ୍‌ତ
ମୁଡ଼େ କିୱାଦାଂ ମାଚାଙ୍ଗ୍, ଆତିସ୍‌ପା ଜିରୁସାଲମ୍‌ତାଂ ଗେହ୍ୟାତି ଲାକେ ରମିୟର୍‌ତି କେଇଦ ହେଲାୟ୍ ଆତାଙ୍ଗ୍ ।
୧୮ ହେୱାର୍ ନା ବିଚାର୍ କିଜି ନା ତାକେଣ୍ତାଂ ପାରାଣ୍ ଦାଣ୍ତ୍‌ନି ଇନା କାରଣ୍ ୱେନ୍‌ବିସ୍ ଡେକ୍‌ଚି ହିଲ୍‌ୱିତିଲେ ନାଂ ମୁକ୍ତି
କିଦେଂ ଇଚା କିଜି ମାଚାର୍;
୧୯ ମତର୍ ଜିହୁଦିର୍ ହେବେନି ବିରୁଦ୍‌ଦ୍ତ ଇଚିଲେ ଆନ୍ କାଇସର୍‌ତି ଲାଗେ ବିଚାର୍ଣ୍ତା ଆନି କାଜିଂ ପାର୍ତାନା କିଦେଙ୍ଗ୍ ବାୟ୍‌ଦ୍
ଆତାଂ; ନାଦାଂ ଜେ ନିଜ୍ ଜାତି ବିରୁଦ୍‌ଦ୍ତ ଦାବା କିନାକା ଅଲପ୍ ମାଚାତ୍, ହେଦାଂ ଆକାୟ୍ ।
୨୦ ଲାଗିଂ, ଇ କାରଣ୍‌ତାଂ ଆନ୍ ମିଙ୍ଗେଙ୍ଗ୍ ନା ଲାହାଂ ବେଟାଜି ଆରି କାତାବାର୍ତା କିଦେଙ୍ଗ୍ ଗୱାରି କିତାଙ୍ଗ୍, ଇନାକିଦେଂକି
ଇସ୍ରାଏଲ୍‌ନି ମାନାୟାର୍ ବାସର୍ କାଜିଂ ଆନ୍ ଇ ହିକ୍‌ଡ଼ିଂତାଂ ଗାଚ୍ୟାତାଂନ୍ନା ।”
୨୧ ହେବେଣ୍ତାଂ ହେୱାର୍‌ତାଂ ଇଚାର୍, “ନି ବିସ୍ରେ ଜିହୁଦା ଦେସ୍‌ତାଂ ଆପେଂ ଇମ୍‌ଣାକା ପା ଆକି ପାୟାୱାତାପ୍‌ନ୍ନା, କି
ଟଣ୍ତାର୍ ବିଡ୍ରେ ଇନେର୍ ଇବେ ୱାଜି ନି ବିସ୍ରେ ଇମ୍‌ଣାକାର୍‌ପା ବାନ୍ୟା କାବୁର୍ ହିଦ୍‌ୱାତାର୍ଣ୍ତା କି ଇନ୍‌ୱାତାର୍ଣ୍ତା ।
୨୨ ମତର୍ ନି ବାବ୍‌ନା ଇନାକା, ହେଦାଂ ଆପେଂ ନିତାଂ ୱେଞ୍ଜେଙ୍ଗ୍ ଇଚା କିନାପା; ଇନାକିଦେଂକି ଇ କୁଦା ବିସ୍ରେ ଆପେଂ
ପୁନାପ୍ ଜେ, ୱିଜେ ହେୱାନ୍ ବିରୁଦ୍‌ଦ୍ତ କାତା ଇନ୍ୟାନାତା ।”
୨୩ ଇବେଣ୍ତାଂ ହେୱାର୍ ତା ଲାହାଂ ର ଦିନ୍ ତିର୍ କିଜି ବେସି ଲଗୁ ହେୱାନ୍ ବାହାତ ୱାତାର୍, ଆରେ ହେୱାନ୍ ନାଡ଼ିସ୍‌ତାଂ
ମ୍ଡିକାହାରେସ୍ ପାତେକ୍ ହେୱାର୍‌ତି ଲାଗେ ଗାଣ୍ତ୍ରା କିଜି ଇସ୍ୱର୍‌ତି ରାଜି ବିସ୍ରେ ସାକି ହିତାନ୍, ଆରେ ମସାତି ବିଦି ଆରି
ବେଣ୍‌ବାକ୍‌ଣାୟ୍‌କିନାକାର୍ ସାସ୍ତ୍ରର୍ ଅଜି ଜିସୁତି ବିସ୍ରେ ହେୱାର୍‌ତି ପାତର୍ ବୁତାୟ୍ କିଦେଙ୍ଗ୍ ସେସ୍ଟା କିତାନ୍ ।
୨୪ ହେବେଣ୍ତାଂ ଇନେ ଇନେର୍ ଇଚି ବିସ୍ରେ ପାତର୍ କିୱାତାର୍, ମତର୍ ଇନେ ଇନେର୍ ପାତର୍ କିୱାତାର୍ ।
୨୫ ଆରେ, ହେୱାର୍ ଜାର୍ ଜାର୍ ବିଡ୍ରେ ରମାନ୍ ଆୱିତିଲେ ହେଲୱେୟ୍ ଅତାର୍; ହେୱାର୍ ହାନି ଆଗେ ପାଉଲ୍ ଇ ର
ବଚନ୍ ଇଚାନ୍, ମି ଆବାଲାଡ୍ରାତି ବେଣ୍‌ବାକ୍‌ଣାୟ୍‌କିନାକାର୍ ଜିସାୟ୍‌ତି ହୁଦାଂ “ପୁଇପୁୟା ଜିବୁନ୍ ହାତେରଚେ ଇଞ୍ଜି ମାଚାର୍,
୨୬ ଇ ମାନାୟାର୍ ଲାଗେ ହାଲ୍‌ଜି ଇନାକା,
ଏପେଙ୍ଗ୍ ୱେନୁ ୱେନୁ ୱେନାଦେର୍,
ମତର୍ ଇମ୍‌ଣି ପ୍ରକାର୍ ବୁଜା ଆଉଦେର୍,
ଆରେ, ହୁଡ଼୍‌ଜି ହୁଡ଼୍‌ଜି ହୁଡ଼୍‌ନାଦେର୍, ମତର୍ ଇନେସ୍ କିତିସ୍‌ପା ପୁଞ୍ଜେଙ୍ଗ୍ ଆତୁଦେର୍;
୨୭ ଇନାକିଦେଂକି ଇ ଲକୁତର୍ ନିର୍‌ବୁଦିୟା,
ହେୱାର୍ କିତୁଲ୍‌ତ କସ୍ଟତ ୱେଚାର୍ ଆରି ଜାର୍ ଜାର୍ କାଣ୍‌କୁ ଜୁଚ୍‌ଚାର୍,
ଇନେସ୍ ହେୱାର୍ କାଣ୍‌କୁତ ହୁଡ଼ରୁ ଆରି କିତୁଲ୍‌ତ ୱେନୁର୍,
ଆରେ ମାନ୍ତ ବୁଜା ଆଉର୍,
ଆରେ ମାସ୍‌ଦି ୱାଉର୍,
ଆରେ ଆପ୍ ହେୱାରିଂ ଉଜ୍ କିଉପ୍ ।”
୨୮ “ହାରିହାରା ପାଉଲ୍ ଇଚାନ୍ ଏପେଙ୍ଗ୍ ପୁନ୍‌ଞ୍ଜି ମାନାଟ୍, ମୁକ୍ତି ଇସ୍ୱର୍ ପାତର୍ କିୱି ଜିହୁଦିର୍ ଲାଗାଂ ପକ୍ତାତାଂନା ହେୱାର୍
ହେଦାଂ ୱେନାର୍ ।”
୨୯ ଆରେ, ହେୱାନ୍ ଇ, ସବୁ କାତା ଇଚିଲେ, ଜିହୁଦିର୍ ଜାର୍ ଜାର୍ ବିଡ୍ରେ କାତାବାର୍ତା କିଉ କିଉ ହେବେତାଂ ହାଚାର୍ ।
୩୦ ପାଉଲ୍ ର ଇଲ୍ ବାଡ଼ା ଅଜି ଦୁଇ ବାର୍ହୁ ପାତେକ୍ ମାଚାନ୍ ଆରି ତାଂ ହୁଡ଼୍‌ନି କାଜିଂ ୱାଜିମାନି ୱିଜାରିଂ ହେବେ କୁକ୍‌ଚି
ମାଚାନ୍ ।
୩୧ ସାସ୍‌ତ ଆରି ବାଦାୱାଦାଂ ଇସ୍ୱର୍‌ତି ରାଜିନି କାତା ସୁଣାୟ୍ କିଦେଙ୍ଗ୍ ଲାଗିସ୍ ମାଚାନ୍ ଆରି ମାପ୍ରୁ ଜିସୁ କ୍ରିସ୍ଟତି ବିସ୍ରେ
ସବୁ ହିକ୍ୟା ହିଜି ମାଚାନ୍ ।

# ରମିୟ ମଣ୍ଡଳୀ ନିକଟରେ ପ୍ରେରିତ ପାଉଲଙ୍କ ପତ୍ର
# ରମିୟ ମଣ୍ଡ୍‌ଲି ତାକେ କୁକ୍ୟାତି ପାଉଲ୍‌ତି ଆକି
# ରମିୟ ମଣ୍ଡ୍‌ଲି ବିସ୍ରେ ପାଦେକ୍

ରମିୟ ପତି ଆସ୍ତି ମାନ୍‌ଗାନାଡ୍ ପକ୍ୟାତାକାନ୍ତି ପାଉଲ୍‌ତି ହୁଦାଂ ୫୪ ତାଂ ୫୮ ବିଡ୍ରେ ଜିସୁକ୍ରିସ୍ଟତି ଜଲମ୍ ପାଚେ ଲେକା ଆଜି ମାଚାଡ୍ । ପାଉଲ୍ ରମ୍‌ତ ହାନି ଆଗେତାଂ ରି ଜିହୁଦି ଆରି ପାର୍ତି ହିଲ୍‌ୱି ଜିହୁଦି କ୍ରିସ୍ଟିୟାନ୍‌ରିଂ ବଲ୍ ହିଦେଂ ଇ ଆକି ଲେକିକିଜି ମାଚାନ୍ । ୱିଜୁ ଜାତି ଇନେସ୍ ଜିସୁ କ୍ରିସ୍ଟତିଂ ପାର୍ତି ଆରି ମାନି କିତାର୍ ୧୬:୨୬ ଇଦାଂ କାଜିଂ ହେୱାନ୍ କରନ୍ତି ଗାଡ୍‌ଦ ମାନି ୱେଡ଼ାଲିଂ ରମିୟ କ୍ରିସ୍ଟିୟାନ୍‌ରିଂ ବଲ୍ ହିନି କାଜିଂ ଇ ଆକି ଲେକିକିଜି ମାଚାନ୍ ।

ଜାଣ୍‌କେ ବାହାତ ଜାଣ୍‌କେ ୱେଡ଼ାଲିଂ କ୍ରିସ୍ଟିୟାନାର୍ତି କାଜିଂ ରମିୟ ପତି ରଞ୍ଜାଙ୍ଗ୍ ବେସିଗାଜା ପତି, ଇନେକିଦେଂକି ଆସେଙ୍ଗ୍ ଇନେସ୍ ଜିସୁ କ୍ରିସ୍ଟତି ହୁଦାଂ ମୁକ୍ତି ପାୟାଦେଂ ଆଡ୍‌ନାସ୍ ପାଉଲ୍ ବୁଲ୍‌କିୱାଦାଂ ଆରି ନିର୍ମଲ୍ ବାବ୍ରେ ବୁଜାୟ୍ ହିନାନା । ପାଉଲ୍ ପ୍ଲାନି ନିୟମ୍‌ତିଂ ପା ଜିସୁକ୍ରିସ୍ଟତି ନେକ୍ରିକାବୁର୍ ଲାହାଂ ମିହାୟ୍ କିନାନ୍ । ପତିନି ୧:୧୬ ପାଦ୍ ଅଜି ବେସି ପଣ୍ଡିତ୍‌କୁର୍ ଜିକାଟାଣା କିଜି ଇନାର୍ ଜେ, ଇଦାଂ ବେସିଗାଜା କିଜି । ଇନାକା ଇବେ ଇନ୍ୟାନାଡ୍, "ଆନ୍ ନେକ୍ରିକାବୁର୍ କାଜିଂ ଲାଜା ଆଉଙ୍ଗ୍ ଇନେକିଦେଂକି ଇମ୍‌ଣାକାର୍ ପାର୍ତି କିତାର୍ ଜାଣ୍‌କେତି କାଜିଂ ଇଦାଂ ଇସ୍ୱର୍‌ତି ସାକ୍ତିକାଟାକା । ପ୍ରତୁମ୍ ଜିହୁଦି ପାଚେ ପାର୍ତି କିୱି ଜିହୁଦିର୍ କାଜିଂ ପା ।" ପ୍ରତୁମ୍ ବାଗ୍‌ତ ୧:୧୨ ଡେଙ୍ଗା ଇସ୍ୱର୍‌ତି ବଚନ୍ ଆରି ରିବାଗ୍ ୧୩–୧୫ କ୍ରିସ୍ଟିୟାନ୍ ଜିବୁନ୍‌ନି ବେସି ବେବାର୍‌କିନି ବଲ୍ ଆନାଡ୍ ।

### ପତି ବିସ୍ରେନି ରାହାଣ୍

୧. ପାଉଲ୍‌ଦିକ୍‌ୟା ଆତିସ୍ ଜାର୍‌ତିଂ ଜାଣା କିଜି, ଇନେରିଂ ଆକି ଲେକିକିନାନା ହେଦାଂ ଇଞ୍ଜି ଆକି ଆରମ୍ କିନାନ୍ । ୧:୧-୧୫
୨. ନାର୍ ଜାତିନି ରାଜି ଆରି ଜିସୁକ୍ରିସ୍ଟତି ହୁକେ ମୁକ୍ତି ଆନାଡ୍ । ୧:୧୬–୧୧:୩୬
୩. କ୍ରିସ୍ଟିୟାନ୍ ଜିବୁନ୍ ଜିପ୍‌କା କାଜିଂ ଆଦେକ୍ ବେବାର୍ ବଲ୍ । ୧୨:୧-୧୫; ୧୩
୪. ହେୱାନ୍ ରମିୟ ଲଗୁରିଂ ବେସି ବାନ୍ଦାୟ୍ ଜାଣାୟ୍ ଲେକା ୱିହ୍‌ନାନ୍ । ୧୬

#### ପାଉଲ୍‌ତି ବନ୍ଦାଣି

୧ ପାଉଲ୍, କ୍ରିସ୍ଟ ଜିସୁତି ଆଡ଼ିଏନ୍ ଆରି କୁକ୍ୟାତି ରୱାନ୍ ପକ୍ୟାତାକାନ୍, ଆରେ ଇସ୍ୱର୍ ଜାର୍ ମାଜି ମା ମାପ୍ରୁ କ୍ରିସ୍ଟତି
ବିସ୍ରେ ଜାର୍ ଇମ୍‌ଣି ନେକ୍ରିକାବୁର୍ ଦରମ୍ ସାସ୍ତର୍‌ତ ଜାର୍ ବେଣ୍‌ବାକ୍‌ଣାୟ୍‌କିନାକାନ୍ ହୁକେ ଆଗେ ରାଣ୍ କିଜି ମାଚାନ୍, ହେ
ନେକ୍ରିକାବୁର୍ କାଜିଂ ବିନେ ଆଜି ମାନି ପାଉଲ୍‌ତି ଆକି ।
୨ ପୁଇପୁୟା ଦରମ୍ ସାସ୍ତର୍ ଲେକାଜି ମାନି ଇସାବ୍ରେ ଇ ନେକ୍ରିକାବୁର୍ ବିସ୍ରେ ଇସ୍ୱର୍‌ତି ବେସି ପାନି କାଡ଼୍‌ତାଂ ହେୱାନ୍ତି
ବେଣ୍‌ବାକ୍‌ଣାୟ୍‌କିନାକାନ୍ତି ହୁକେ ପାର୍ମାଣ୍ କିଜି ମାଚାନ୍ ।
୩ ହେ ଜିସୁ କ୍ରିସ୍ଟ ଗାଗାଡ଼୍ ବିସ୍ରେ ମାନାୟ୍ ଲାକେ ହେୱାନ୍ ଦାଉଦ୍‌ତି ଲାଟ୍ରା,
୪ ମାତର୍ ଦାରୁମ୍‌ନି ପୁଇପୁୟା ଜିବୁନ୍ ବିସ୍ରେ ହାତାକାର୍ ବିଡ୍ରେତାଂ ଆରେ ନିଂନାକା ହୁକେ ଇସ୍ୱର୍ତି ମାଜି ମାପ୍ରୁ ଜିସୁ ଇଞ୍ଜି
ସାକ୍ତି ଲାହାଙ୍ଗ୍ ଚଞ୍ଜ୍‌ୟାତାନ୍;
୫ କ୍ରିସ୍ଟତି ଲାଗିଂ ଇସ୍ୱର୍ ନାଙ୍ଗ୍ ପକ୍ୟାତି ଚେଲା ଲାକେ ବାଚି କିଜି ସବୁ ଜାତିନି ମାନାୟାର୍ ଲାଗାଂ ପର୍‌ଚାର୍ କିଦେଙ୍ଗ୍
ପାବ୍ ହିତାର୍ଣ୍ଣା-ଇନେସ୍ ହେୱାର୍ କ୍ରିସ୍ଟ ଜିସୁତାକେ ପାର୍ତି କିଜି ତା ବଲ୍ ମାନିକିୱାକାର୍ ଆନାର୍ ।
୬ ରମ୍‌ନି ଆଦିବାସି ! ଏପେଙ୍ଗ୍ ପା ଜିସୁ କ୍ରିସ୍ଟ ପାଚେ ହାଞ୍ଜେଙ୍ଗ୍ କାଜିଂ କୁକ୍ୟା ଆତାର୍ଣ୍ଣା ।
୭ ଇଚିସ୍ ରମ୍‌ନି ଇନେରିଂ ଇସ୍ୱର୍ ୱାରିକିନାନ୍ ଆରି ହେୱାନ୍ତି ଜାର୍ ଲକୁ ହେବା କିନି କାଜିଂ କୁକ୍ୟା ଆତାନ୍ନା, ହେ ୱିଜାରିଂ
ଚିଟି ଲେକି କିନାଙ୍ଗା । ମାପ୍ରୁ ଜିସୁ କ୍ରିସ୍ଟତାଂ ଦୟା ଆରି ସୁସ୍ତା ସାଦୁର୍ କାଜିଂ ଆଏଡ୍ ।

#### ଦନ୍ୟବାଦ୍ ପାର୍ତାନା

୮ ପର୍ତୁମ୍‌ତ, ମି ପାର୍ତିନି ନେକ୍ରିକାବୁର୍ ଜେ ସବୁ ଜଗଡ୍‌ତ ୱେନ୍ୟାଆନାତା, ଇଦାଂ କାଜିଂ ଆନ୍ ମି ୱିଜାର୍ କାଜିଂ ଜିସୁ
କ୍ରିସ୍ଟତି ହୁଦାଂ ନା ଇସ୍ୱର୍‌ତିଂ ଜୱାର୍ କିନାଙ୍ଗା ।
୯ ୱିଜୁ ୱାସ୍କିତ ଇମ୍‌ଣି ଇସ୍ୱର୍‌ତିଂ ହେବା କିନାଙ୍ଗା ଆରି ଇମ୍‌ଣି ଇସ୍ୱର୍ ମାଜିଡ଼ି ନେକ୍ରିକାବୁର୍ ୱେନିକିନାକା ମାନାଡ୍, ହେ
ଇସ୍ୱର୍ ନା ସାକି, ପାର୍ତାନା ଆନ୍ ଇନାକା ଇନାଙ୍ଗା ହେଦାଂ ହାଡ୍‌ପା,
୧୦ ପାର୍ତାନା କିନି ୱେଡ଼ାଲିଂ ଆନ୍ ନିଡ୍ରେ ମିଂ ଏଡ୍ କିଦ୍‌ନାଙ୍ଗ୍ ଆରି ମି ଲାଗାଂ ୱାନି କାଜିଂ ନାଂ ପାବ୍ ଗାଟାଦେଂ ଇସ୍ୱର୍‌ତିଂ
ଗୱାରି କିଜି ୱାନାଙ୍ଗା ।

୧୧ ଲାଗିଂ ଏପେଙ୍ଗ୍ ଇନେସ୍ ତିର୍ ଆଜି ମାନାଦେର୍, ହେଦାଂ କାଜିଂ ଆନ୍ ମିଙ୍ଗେଙ୍ଗ୍ ଇମ୍ଣି ଆମ୍ରିକ୍ ଦାନ୍ ହିଦ୍ନି କାଜିଂ
ମି ଲାହାଂ ଚଞ୍ଜ୍ୟା ଆଦେଂ ବେସି ଇଚା କିନାଙ୍ଗା,
୧୨ ଆୱିତିସ୍ ଇନେସ୍ ମିଦାଂ ଆରି ନାଦାଂ, ରିୟାର୍ ପାକ୍ୟାତ ପାତର୍ ହୁକେ ଆନ୍ ମି ବିତ୍ରେତାଂ ମି ଲାହାଂ ୱାରି ପାୟାନାଙ୍ଗ୍
।
୧୩ ✡ଏ ଟଣ୍ତାର୍ ଆରେ ତଣ୍ଦେକ୍, ବାକି ପାତର୍ କିୱି ଜିହୁଦିର୍ ବିତ୍ରେ ଇନେସ୍, ମି ବିତ୍ରେ ପା ହେବାନି ଆନ୍ ଇନେସ୍
ଅଲପ୍ ପାଡ଼୍ ପାୟାନାଙ୍ଗ୍, ହେଦାଂ କାଜିଂ ମି ଲାଗାଂ ହାନି କାଜିଂ ଆନ୍ ଜେ ଚାନେକ୍ ଚାନେକ୍ ମାନ୍ କିଜି ମାଚାଂ ମାତର୍ ଇ
ପାଟେକ୍ ବାଦା ପାୟା ଆଜି ୱାନାଙ୍ଗା ହେ ବିସ୍ରେ ଜେ ଏପେଙ୍ଗ୍ ପୁଞ୍ଜି ମାନାଟ୍, ଇଦାଂ ନା ଇଚା ଆକାୟ୍ ।
୧୪ ଗ୍ରିକ୍ କି ବୁଦି ହିଲ୍ୱାକାର୍, ପଡ଼ିକିତାକାର୍ କି ପଡ଼ିକିୱାତାକାର୍ ୱିଜାର୍ ଲାଗାଂ ଆନ୍ ରିଣ୍ ।
୧୫ ଲାଗିଂ ରମ୍ନିକାର୍ ଜେ ଏପେଙ୍ଗ୍, ମି ଲାଗାଂ ପା ନେକ୍ରିକାବୁର୍ ସୁଣାୟ୍ କିଦେଙ୍ଗ୍ ଆନ୍ମାନ୍ କିତାଂନା ।

## ନେକ୍ରିକାବୁର୍ନି ସାକ୍ତି

୧୬ ଇନେକିଦେଂକି ଆନ୍ ନେକ୍ରିକାବୁର୍ ବିସ୍ରେ ଲାଜୁ ଆଉଙ୍ଗ୍, ଲାଗିଂ ହେଦାଂ ୱିଜାର୍ ପାତର୍ କିନାକାର୍ ପାକ୍ୟାତ ମୁକ୍ଡ଼ା
ଆନି କାଜିଂ ଇସ୍ୱତର୍ ସାକ୍ତି ଆନାତ୍, ପର୍ତୁମ୍ ଜିହୁଦି ପା ଗ୍ରିକ୍ ପାକ୍ୟାତ ।
୧୭ ହେବେ ତ ଇସ୍ୱର୍ହିତି ଦାମର୍ ହନାତା, ହେଦାଂ ପାତର୍ ଆରି ପାତର୍ ଲାକେ, ଇନେସ୍ ଲେକାମାନାତ୍, “ଦାମର୍
ପାତର୍ ହୁକେ ଜିନାନ୍ ।”

## ପାପ୍ କାଜିଂ ଇସ୍ୱର୍ତି ରିସା

୧୮ ଇନେକିଦେଂକି ଇମ୍ଣି ମାନାୟାର୍ ଅଦାମର୍ତ ହାତ୍ପାତିଂ ମୁନା କିତାର୍, ହେୱାର୍ତି ୱିଜୁ ପୁଇପୁୟା ଆୱାଦାଂ ଆରି
ଅଦାମର୍ ବିରୁତ୍ତ ସାର୍ଗେତାଂ ଇସ୍ୱତର୍ ରିସା ହନାତା,
୧୯ ଲାଗିଂ ଇସ୍ୱତର୍ ବିସ୍ରେ ଇନାକା ମାନାତ୍, ହେଦାଂ ହେୱାର୍ ୱାସ୍କିତ ହନାତା; ଇସ୍ୱର୍ ହେୱାରିଂ ଡାଣ୍ତ୍ ହିନାନ୍ ।
୨୦ ଇସ୍ୱର୍ ଜଗତ୍ତ ଉବ୍ଜାଣ୍ କିନି ସମୁତାଂ, ହେୱାନ୍ତି ଡ଼କ୍ତୁତି ଗୁଣ୍ ଇଚିସ୍ ତା କାବା କିନି ଅବ୍ୟାସ୍ ୱିଜ୍ୱଡ଼ି ସାକ୍ତି
ସମାନ୍ ବାବ୍ରେ ହସି ୱାନାତ୍ ହେଦାଂ ଉପ୍ଜାଣ୍ ବିସ୍ରେକାଂ ହେଦାଂ ପୁନ୍ୟାନାତ୍ । ଲାଗିଂ ହେୱାର୍ ପୁନ୍ୱାତାର୍ଣ୍ତା ଇଞ୍ଜି ଆବ୍ଡ଼ୁ
ଚଚ୍ଚେଙ୍ଗ୍ ଆଡୁର୍ ।
୨୧ ✡ଇନେକିଦେଂକି ହେୱାର୍ ଇସ୍ୱର୍ତିଂ ପୁନ୍ଞ୍ଜି ତାଙ୍ଗେଙ୍ଗ୍ ଇସ୍ୱର୍ ଇଞ୍ଜି ଜାଜ୍ମାଲ୍ କିୱାତାର୍ କି ଦନ୍ୟବାଦ୍ କିୱାତାର୍,
ମାତର୍ ଜାର୍ ଜାର୍ ବାନିୟା ଗାଣ୍ଜୁତ ମେହାତାର୍ ଆରି ହେୱାର୍ତି ବୁଜାୱି ମାନ୍ ମାଜ୍ଗା ଆତାତ୍;
୨୨ ହେୱାର୍ ନିଜ୍ତିଂ ଗିଆନି ଇଞ୍ଜି ମାନେ କିତାର୍, ମାତର୍ ହାତ୍ପାନେ ହେୱାର୍ ମୁରୁକ୍ ।
୨୩ ଜିରାୱି ଇସ୍ୱତର୍ ଜାଜ୍ମାଲ୍ ପୁଜା କିୱାଦାଂ ହେୱାର୍ ହାତି ମାନାୟ୍ତିଂ, ଜାତ୍, ପଟିଂ, କି ରାଚ୍କୁକାଂ ପୁତ୍ଡ଼ାଂ ରଚ୍ଚି
ହେୱାକାଂ ପୁଜା କିନାରା ।
୨୪ ଲାଗିଂ ଇସ୍ୱର୍ ହେୱାର୍ତି ମାନ୍ନି ଆରି ହେୱାର୍ ଜାର୍ ଜାତର୍ ବାନ୍ୟାକାମାୟ୍ ଇସାପ୍ରେ ବିଟାଡ଼୍ କାମାୟ୍ତ ମୁଞ୍ଜାର୍ଣ୍ତା-
ହେୱାର୍ ଗାଗାଡ଼୍ ହାରି ହୁଦାଂ ଲାଜ୍ନିକା ଲାହାଙ୍ଗ୍ ଇଟ୍ନାର୍ ।
୨୫ ଇନେକିଦେଂକି ହେୱାର୍ ଇସ୍ୱତର୍ ସତ୍ ପିସ୍ସି ମିଚ୍ ମାନିକିତାର୍ ଆରି ମାପୁଙ୍ଗ୍ ପିସ୍ସି ଉବ୍ଜାଣ୍ ଆତି ଜିନିସ୍ନି ପୁଜା
ଆରି ଆସିର୍ବାଦ୍ ହେବା କିତାର୍; ହେୱାନ୍ ଜୁଗ୍ ଜୁଗ୍ ଦନ୍ୟ । ଆମେନ୍ ।
୨୬ ଇ କାରଣ୍ତାଂ ଇସ୍ୱର୍ ହେୱାରିଂ ଲାଜୁ ପାପ୍ ୱିଜୁ ହେଲାୟ୍ କିତାନ୍, ଇନେକିଦେଂକି ହେୱାର୍ତି କଗ୍ଲେକ୍ ହାର୍
ବେବାର୍ ପିସ୍ତି ବାନ୍ୟା ବେବାର୍ କିତିକ୍,
୨୭ ଆଣ୍ତ୍ରାହିମ୍ଣାଂ ପା ମାନ୍ତିଙ୍ଗ୍ କଗ୍ଲେ ଲାହାଂ ସାରି ଆୱାଦାଂ ପାତି ବାନ୍ୟା କାମାୟ୍ତ ହଣାରା । ଆଣ୍ତ୍ରାଙ୍ଗ୍ ହାରି ଗିଣ୍
ବେବାର୍ କିନାରା ଆରି ଇନାକାକି ବାନ୍ୟା କାମାୟ୍ କାଜିଂ ଡାଣ୍ତ୍ ପାୟାନାରା ।
୨୮ ଇ ମାନାୟାର୍ ଇସ୍ୱତର୍ ବିସ୍ରେ ହାର୍ ଚିନ୍ତା କିଦେଙ୍ଗ୍ ଇଚା କିୱିତିଲେ, ଇସ୍ୱର୍ ହେୱାରିଂ ପିସ୍ତାନ୍ନା ଆରି ହେୱାର୍
ବିଟାଡ଼୍ମାନ୍ ଆଜି ମାନାୟ୍ମାନ୍ ବେବାର୍ କିଉରା ।
୨୯ ହେୱାର୍ ସବୁ ବାନି ଅଦାମର୍, ଚୁଲ୍ଚୁଲିୟା, ବାନ୍ୟା, ଲବ୍, ଆରି ବାନ୍ୟାକାମାୟ୍ତ ବାତର୍ । ହେୱାର୍ ଡାରା,
ନାର୍ମାରୁ, କୁଲର୍ଆ, ବାଣାୟ୍କିନାକାନ୍ ଆରି ଜାତ୍କୁ, ହେୱାର୍ ଲକାତର୍ ଗାଣ୍ଜୁ କିନାର୍;
୩୦ ହେୱାର୍ ଚୁଗ୍ଲିୟା, ନିନ୍ଦାନିକାନ୍, ଇସ୍ୱର୍ତି ଗିଣ୍, ନାର୍ମାରୁ, କୁଲର୍ୟା, ଆକ୍ରିୟା, ବାନ୍ୟାକାମାୟ୍ କିନାକାନ୍,
୩୧ ଆବା ଆୟା ବଲ୍ ମାନିକିୱାକା, ବୁଦିହିଲାକା, ନିୟମ୍ ଡ଼ିକ୍ନାକାନ୍, ସମାନ୍ ଦୟା ଆରି ବୁଦିହିଲାକାନ୍ ମାନାର୍ ।
୩୨ ଇମ୍ଣାକାର୍ ଇ ଲାକେ ବେବାର୍ କିତାର୍, ହେୱାର୍ ଜେ ହାକିନି ଜଗାୟ୍, ଇସ୍ୱର୍ତି ଇ ବିଦି ହେୱାର୍ ପୁଚିସ୍ପା କେବଲ୍
ଇନେନ୍ ଇ ଲାକେ ବେବାର୍ କିତାର୍ ହେଦାଂ ଆକାୟ୍, ମାତର୍ ଇ ଲାକେ ବେବାର୍ କିଜି ମାନି ମାନାୟାର୍ତି ପାକ୍ୟା ୱାରିତାଂ
ବାଚି କିତାର୍ ।

---

✡ **୧:୧୩** ପକ୍ୟାତାକା ୧୯:୨୧. ✡ **୧:୨୧** ଏପିସିୟ ୪:୧୭,୧୮.

# ୨

## ଇସ୍ୱର୍ତି ନିୟାଁୟ୍ ବିଚାର୍

୧ ଟଣ୍ଡାର୍ ଆରି ତଣ୍ଦେକ୍, ଏପ୍ ଇନାକା ଲକାର୍ତି ବିଚାର୍ କିନାଦେରା ? ଏପ୍ ଇମ୍ଣାକା ପା ମୁଣିକା ଆତିସ୍ପା, ଇଦାଂ
ମି ପାକ୍ୟାତ କିନାକା ହାର୍ ଆକାୟ୍ । ଲକାର୍ତି ଦସ୍ ଆସ୍ତି ଏପ୍ ଜଦି ନିଜେ ହେଦାଂ କିଜି ମାଚିସ୍, ହେଦାଂ ହୁଦାଂ ଏପ୍
ଜାର୍ତିଂ ଦସି କିନାଦେରା ।
୨ ଆପ୍ ପୁନାପ୍, ଇସ୍ୱର୍ ଏଲେଂ କିଜିମାନି ମାନାୟାର୍ତି ହାଡ୍ପା ବିଚାର୍ କିନାନ୍ ।
୩ ଇମ୍ଣି ବାନ୍ୟାକାମାୟ୍ କାଜିଂ ଏପ୍ ଲକାରିଂ ଦସ୍ କିନାଦେରା, ହେଦାଂ ଜଦି ନିଜେ କିଜି ମାନାଦେର୍, ଏପ୍ ଇସ୍ୱର୍ତି
ବିଚାର୍ ମୁମ୍ଦ ହାଲୁପ୍ ଇଞ୍ଜି ଇନାକା ବାବି କିନାଦେରା ?
୪ ଆଜି ମାନ୍ଗାନାଡ୍, ଏପ୍ ଇସ୍ୱର୍ତି ବେସି ଦୟା ଆରି ହୁଦାର୍ତିଂ ଉଡ଼ା ଆନାଦେରା । ଏପ୍ ଆତିସ୍ପା ପୁଚାଦେର୍ଣ୍ଣା ଜେ,
ଏପ୍ ମାନ୍ବାଦ୍ଲାୟ୍ କିଦେଙ୍ଗ୍ ଇଞ୍ଜି ଇସ୍ୱର୍ ଏଚେକ୍ ଦୟା କିଡ୍ତାନ୍ନା ।
୫ ମାତର୍ ଏପେଙ୍ଗ୍ ଗର୍ବିୟା ଆରି ଆଟ୍ୱା ମାନ୍ । ଲାଗିଂ ହାରିହାରା ଦିନ୍ନି ନ୍ୟାୟ୍ବିଚାର୍ ୱେଡ଼ାଲିଂ ଏପ୍ ଇସ୍ୱର୍ତି
ରିସାନି ଲକୁ ଆଜି ବେସି ଡାଣ୍ଡ୍ ପାୟାନାଦେର୍ ।
୬ ହେୱାନ୍ ୱିଜାର୍ ମାନାୟାରିଂ ନିଜ୍ ନିଜ୍ କାମାୟ୍ ଇସାବେ ପାଡ୍ ହିଦ୍ନାନ୍;
୭ ଇମ୍ଣାକାର୍ ସାସ୍ ଲାହାଂ ହାର୍ଦି କାମାୟ୍ କିଜି ଜାଜ୍ମାଲ୍, ସନ୍ମାନ୍ ଆରି ହାୱାକା ଦାହ୍ନାର୍, ହେୱାରିଂ ୱିଜ୍ୱି
ଜିବୁନ୍ ହିନାନ୍ ।
୮ ମାତର୍ ଇନେର୍ ଜାର୍ତିଂ ହୁଡ଼୍ନାକାର୍, ହାଡ୍ପା ହାଜି ପିସ୍ତି, ମତର୍ ଅଦାର୍ମି କାତାତ ଆହ୍ନାର୍ । ହେୱାର୍ତି କାଜିଂ
କାକ୍ରି ଆରେ କପ୍ ଗିଟାନାଡ୍ ।
୯ ପର୍ତୁମ୍ତ ଜିହୁଦି ଆରି ପା ଗ୍ରିକ୍, ୱିଜାରିଂ ବାନ୍ୟା କାମାୟ୍ କିନି ମାନାୟ୍ ୱାସ୍କି ଜପି କସ୍ଟ ଆରି ହାବଡ୍ ଗିଟାନାଡ୍,
୧୦ ମାତର୍ ଇମ୍ଣାକାର୍ ହାର୍ କାମାୟ୍ କିତାର୍, ହେୱାର୍ ଜିହୁଦି ଆଏର୍ କି ଗ୍ରିକ୍ ଆଏର୍, ଇସ୍ୱର୍ ହେୱାରିଂ ସନ୍ମାନ୍,
ଜାଜ୍ମାଲ୍ ଆରି ସୁସ୍ତା ହିନାନ୍ ।
୧୧ ଇନେକିଦେଂକି ଇସ୍ୱର୍ତି ଲାଗାଂ ମୁକ୍ମେଟ୍ ହିଲୁଡ୍ ।
୧୨ ଲାଗିଂ ଏଚେକ୍ ବିଦି ହିଲ୍ୱି ଆଜି ପାପ୍ କିତାର୍ନା, ହେୱାର୍ ପା ବିଦି ପିସ୍ସି ନସ୍ଟ ଆନାର୍; ଆରେ, ଏଚେକ୍ ବିଦି
ପାୟା ଆଜି ପାପ୍ କିତାର୍ନା, ହେୱାର୍ ବିଦି ଇସାବେ ବିଚାର୍ କିୟାନାର୍,
୧୩ ଇନେକିଦେଂକି ବିଦିନି ୱେନାକାର୍ ଇସ୍ୱର୍ ମେହାଣ୍ତ ଦାର୍ମିର୍ ଆକାୟ୍, ମାତର୍ ବିଦି ପାଲିକିନାକାର୍ ଦାର୍ମି
ଗାଣାକିୟାନାର୍ ।
୧୪ ଲାଗିଂ ପାର୍ତିକିୱି ଜିହୁଦିର୍ତି ହେ ବିଦି ମାନ୍ୱିତିସ୍ ପା, ଏଚେକାଡ଼୍ଦ ହେୱାର୍ ହାର୍ ବାବ୍ରେ ବିଦି ଲାକେ କାମାୟ୍
କିତାର୍, ହେପାଦ୍ନା ହେୱାର୍ ବିଦି ପାୟା ଆୱିତିସ୍ପା ନିଜେ ଜାର୍ ଜାର୍ କାଜିଂ ବିଦି ପାଲି କିତାର୍ଣ୍ଣା;
୧୫ ହେୱାର୍ତି କାମାୟ୍ ହୁଦାଂ ଇଦାଂ ପୁନ୍ୟାନାତା ଜେ, ବିଦିନି ନିୟମ୍କୁ ହେୱାର୍ତି ମାନ୍ତ ଲେକା ଅତାନ୍ନା । ଇ କାତାନି
ହାଡ୍ପା ହେୱାର୍ତି ବୁଦି ହୁଦାଂ ପାର୍ମାଣ୍ ସତ୍ ଚିନ୍ତା କିନିୱେଡ଼ାଲିଂ ବୁଦି ହେୱାରିଂ ପକ୍ୟା ଆନାଡ୍, ବିନ୍ଚିନ୍ତା ୱେଡ଼ାଲିଂ ଦସି
କିନାଡ୍ ।
୧୬ ଇମ୍ଣି ଦିନ୍ତ ଇସ୍ୱର୍ ନା ନେକ୍ରିକାବୁର୍ ଇସାବେ ଜିସୁ କ୍ରିସ୍ଟତି ହୁକେ ମାନାୟାର୍ତି ଡ଼କ୍କୁତି ବିସ୍ରେ ବିଚାର୍ କିନାନ୍, ହେ
ଦିନ୍ ଇଦାଂ ହନାଡ୍ ।

## ଜିହୁଦି ଆରି ବିଦି

୧୭ ଏପେଙ୍ଗ୍ ଜାର୍ତିଂ ଜିହୁଦି ଇନ୍ୟାନାଦେରା, ବିଦି ଜପି ବାର୍ସି କିଜି ଆରି ଇସ୍ୱର୍ ଲାହାଂ ନିଜେ ଜିଣା ଆଜି ଗରବ୍
କିନାଦେରା;
୧୮ ମି କାଜିଂ ଇସ୍ୱର୍ତି ଇଚା ପୁଚାଦେର୍ଣ୍ଣା ଆରି, ବିଦିତାଂ ସତ୍ ଆରି ବାନ୍ୟା ଗିଆନ୍ ପାୟା ତାଦେର୍ଣ୍ଣା;
୧୯ ହାଡ୍ପା ରଚେ ପୁଚାଦେର୍ଣ୍ଣା, ଜେ ଏପେଙ୍ଗ୍ ମାଜ୍ଗାନି ହାଜି ଚଚ୍ନାକାଦେର୍, ମାଜ୍ଗାତ ମାନି ମାନାୟାର୍ କାଜିଂ ଅଜଡ୍
ଲାକେ,
୨୦ ବୁଦିହିଲ୍ୱାକାର୍ତି ବୁଜାୟ୍କିନାକାର୍, ପୁନ୍ୱାକାର୍ତି ଗୁରୁ । ମି ପାର୍ତି ଜେ, ବିଦିତାଂ ଏପେଙ୍ଗ୍ ବାର୍ତି ହାଡ୍ପା ଆରି
ଗିଆନ୍ ଲାବ୍ କିତାଦେର୍ଣ୍ଣା ।
୨୧ ତେବେ ଲକାଂ ହିକ୍ୟା ହିନାଦେରା ଜେ ଏପ୍, ଏପ୍ ଇନାକା ଜାର୍ତିଂ ହିକ୍ୟା ହିଉଦେରା ? ଚରି କିମାଟ୍ ଇଞ୍ଜି ପର୍ଚାର୍
କିଜି ଏପ୍ କି ଚରି କିନାଦେରା ?
୨୨ ଦାରି କିମାଟ୍ ଇଞ୍ଜି ୱେଚ୍ଚି ଏପେଙ୍ଗ୍ କି ଦାରି କିନାଦେରା ? ପୁଡ୍ଡ଼ା ପୁଜାତିଂ ଗିଣ୍ କିନାଦେରା ଜେ ଏପେଙ୍ଗ୍, ଏପ୍
ଇନାକା ମନ୍ଦିର୍ ଚରି କିନାଦେରା ?

୨୩ ଏପେଙ୍ଗ୍ ଇସ୍ୱର୍‌ତି ବିଦି ପାୟା ତାଦେର୍ଣ୍ଣା ଇଞ୍ଜି ଗରବ୍ କିନାଦେରା, ମାତର୍ ହେଦେଲିଂ ଉଡ଼ାଜି ଇସ୍ୱର୍‌ତିଂ ଅପ୍‌ମାନ୍
କିନାଦେରା କି ?
୨୪ ଇନେକିଦେଂକି ଇନେସ୍ ଲେକା ମାନାତ୍, "ମି କାଜିଙ୍ଗ୍ ପାର୍ତ କିୱି ଜିହୁଦିର୍ ବିତ୍ରେ ଇସ୍ୱର୍ତ ତର୍ ନିନ୍ଦାନାତା ।"
୨୫ ଜଦି ଏପେଙ୍ଗ୍ ବିଦି ପାଲି କିନାଦେର୍, ତେବେ ହାଡ୍‌ପାତ ସୁନ୍ନତ୍ ଆନି ଲଡ଼ା, ମାତର୍ ବିଦି ମାନି କିୱିତିସ୍, ତେବେ ମି
ସୁନ୍ନତ୍ ଅସୁନ୍ନତ୍ ମେହା ଆନାତ୍ ।
୨୬ ଲାଗିଂ ଜଦି ସୁନ୍ନତ୍ ଆୱିତି ମାନାୟ୍ ବିଦିନି ବିଦିବିଦାଣି ପାଲି କିତାର୍, ବାଟିଙ୍ଗ୍ ହେୱାନ୍ତି ସୁନ୍ନତ୍ ଆୱାତାକା ଇନାକା
ସୁନ୍ନତ୍ ଇଞ୍ଜି ଗାଣା କିୟାଉନ୍ ?
୨୭ ଆରେ, ତର୍‌ଦିଂ ସୁନ୍ନତ୍ ଆୱାତାକାର୍ ମାନାୟ୍ ଜଦି ବିଦି ପାଲି କିତାର୍, ବାଟିଙ୍ଗ୍ ଲେକିକିତି ବିଦି ଆରି ସୁନ୍ନତ୍‌ନି ବିଦି
ପାୟା ଆଜି ପା ବିଦି ମାନିକିଉଦେରା ଜେ ଏପେଙ୍ଗ୍ ହେୱାନ୍ ମି ବିଚାର୍ କିଦ୍‌ନାନ୍ ।
୨୮ କେବଲ୍ ଗାଗାଡ୍ ବାବ୍ରେ ସୁନ୍ନତ୍ ଆଜି ଜପି ଜିହୁଦି ଇଞ୍ଜି ଜାଣା ଆଜି ମାନି ଲଗୁ ହାଡ୍‌ପାରଚେ ଜିଉଦି ଆକାୟ୍;
୨୯ ମାତର୍ ୱାସ୍ପିତ ଇନେନ୍ ଜିହୁଦି, ହେୱାନ୍ ଜିହୁଦି, ଆରେ ସମାନ୍ ବାବ୍ରେ ଆକାୟ୍, ମତର୍ ଜିବୁନ୍‌ନିକା ବାବ୍ରେ
ଗାଗାଡ଼୍‌ତ ଇନେନ୍ ସୁନ୍ନତ୍ ହେଦାଂ ହାଡ୍‌ପା ସୁନ୍ନତ୍ । ଇ ବାର୍ତ ଲକ୍ ମାନାୟାର୍‌ତାଂ ୱାରି ପାୟା ଆଉର୍, ମାତର୍ ଇସ୍ୱର୍‌ତାଂ
ପାୟାନାର୍ ।

# ୩

୧ ବାଟିଙ୍ଗ୍ ଜିହୁଦି ଲକ୍‌ନି ଇନାକା ? ସୁନ୍ନତ୍ କି ଉପ୍‌କାର୍ ଇନାକା ? ସବୁ ବାନି ବେସି ।
୨ ପର୍ତୁମ୍, ଇସ୍ୱର୍ ବଚନ୍ ହେୱାର୍ ତାକେ ହେଲାୟ୍ ଆଜି ମାଚାନ୍ ।
୩ ଆୱିତିସ୍ ଏଚେ ଜାଣ୍ ପାର୍ତ କିୱାକାର୍ ଆଜି ମାନ୍‌ଗାନାର୍ । ମାତର୍ ହେଦାଂ ଇଞ୍ଜି ଇନାକା ଇସ୍ୱର୍‌ତି ପାର୍ତ କିନାକା
ଇନାକା ପଲ୍ୟା ଆନାତ୍ ?
୪ ମୁଡ଼େ ଆକାୟ୍ । ମାନାୟାର୍ ୱିଜାର୍ ମିଚ୍‌ୱାର୍ ଆତିସ୍‌ପା, ଇସ୍ୱର୍ ହାଡ୍‌ପା । ସାସ୍ତର୍‌ତ ଲେକାମାନାତ୍, "ନି ବଚନ୍
ହୁକେ ଏନ୍ ସମାନ୍ ଇଞ୍ଜି ପାର୍ମାଣ୍ ଆଡ, ଏପେଙ୍ଗ୍ ବିଚାର୍ଣ୍ଣା ଆତିହିଂ ଏନ୍ ଜିତା ଆ ।"
୫ ମାତର୍ ଜଦି ମା ଅଦାର୍ମ ଇସ୍ୱର୍ତ ଦାର୍ମର୍ ସମାନ୍ ପାର୍ମାଣ୍ କିନାତ୍, ବାଟିଙ୍ଗ୍ ଆପ୍ ଇନାକା ଇନାସ୍ ? ଇମ୍‌ଣି
ଇସ୍ୱର୍ ଡାଣ୍ଡ୍‌ତାଂ କିତି ପାଡ୍ ହିଦ୍‌ନାନ୍, ହେୱାନ୍ କି ଦାର୍ମ ହିଲାକାନ୍ ? ଆନ୍ ମାନାୟ୍ ବାବ୍ରେ ଇଞ୍ଜିନାଙ୍ଗା ।
୬ ହେଦାଂ ଇନାୱାଡ଼ାଂ ପା ଆମେଡ୍; ଇନେକିଦେଂକି ହେଦାଂ ଆତିସ୍ ବିଚାର୍ କାର୍‌ହା ଆୱିତିସ୍, ଇସ୍ୱର୍ ଇନେସ୍ ପୁର୍ତତ
ନିଆୟ୍ ବିଚାର୍ କିନାନ୍ ।
୭ ମାତର୍ ଜଦି ନାଦାଂ ମିଚ୍ ହୁକେ ଇସ୍ୱର୍ତ ହାଡ୍‌ପା ହେୱାନ୍ତି ଜାଜ୍‌ମାଲ୍ କାଜିଂ ବେସି ବାବ୍ରେ ବାଡା ଆତାତ୍, ତାଆତିସ୍
ଆନ୍ ପା ଆରେ ଇନେକିଦେଂ ପାପି ଇଞ୍ଜି ବିଚାର୍ କିୟାନାନା ?
୮ ଆସେଙ୍ଗ୍ ଇନେକିଦେଂ ଇନୁସ୍, "ୱାଡ ବାନ୍ୟାକାମାୟ୍ କିନାସ୍, ଏବେଣ୍ଡାଂ ହାର୍‌ପାଡ୍ ଗାଟାଆଦ୍‌ନାତ୍ ? ଆନ୍ ସମାନ୍
ଏଲେଂ କାତା ଇନାଙ୍ଗା ଇଞ୍ଜି ଦାବା କିଜି ଏଚେକ୍ ଜାଣ୍ ନାଂ ନିନ୍ଦା କିଦ୍‌ନାରା । ହେୱାର୍ ଇଦାଂ କାଜିଂ ବିଚାର୍ ପାୟାନି କାତା,
ନିଚୟ୍ ପାୟାନାର୍ ।"

## ଇନେର୍ ଦାର୍ମ ଆକାୟ୍

୯ ବାଟିଙ୍ଗ୍ ଇନାକା ଜିହୁଦିର୍ତ ଅବସ୍ତା ଗ୍ରିକ୍‌ତାଂ ଆଦିକ୍ ହାର୍ ? ମୁଡ଼େ ଆକାୟ୍ । ଆନ୍ ଆଗେତାଂ ଇଚାଂନା ଜେ ରି କୁଦା
ପା ଜିହୁଦି ଆରି ଗ୍ରିକ୍ ପାପ୍‌ତ ତାରେନ୍ ମାନାର୍,
୧୦ ଇନେସ୍ ଲେକାମାନାତ୍, "ଦାର୍ମର୍ ଇନେର୍ ହିଲୁର୍, ଆକାୟ୍, ରୱାନ୍ ପା ଆକାୟ୍ ।"
୧୧ ରୱାନ୍ ପା ଗିୟାନି କି ଇସ୍ୱର୍‌ତି ହାଡ୍‌ପା ହେବା କିନାକାନ୍ ହିଲୁନ୍ ।
୧୨ ହେୱାର୍ ୱିଜାର୍ ହାଦେଂ ହାଚାର୍ଣ୍ଣା, ରଚେ ବହା ଆତାର୍ଣ୍ଣା; ଇନେର୍ ଦୟା କାମାୟ୍ କିତାର୍, ଇ ଲାକେ ଇନେର୍ ଆକାୟ୍,
ଆକାୟ୍ ଇ ଲାକେ ଇନେର୍ ଆକାୟ୍ ।
୧୩ ହେୱାର୍‌ତି ବଚନ୍ତ ଆବ୍‌ଡ଼ବ୍ରି ଗାଣ୍ଡ୍‌କୁ, ୱେଇଦାଂ ମିଚ୍ ଜାରାଣ୍ ହାନାକା, ଅଟି ତାରେନ୍ କାଲାଟି ରାଚ୍‌ନି ବିସ୍ ମାନାତ୍ ।
୧୪ ହେୱାର୍‌ତି କାଣ୍‌କୁତ ଇସ୍ୱର୍‌ତି ଅଲପ୍ ପା ପାଣ୍ଡ୍ରୁ ହିଲୁଡ୍ ।
୧୫ ହେୱାର୍‌ତି ପାନା ନେଟେର୍ କିଦେଙ୍ଗ୍ ଡିକ୍‌ତିକା;
୧୬ ହେୱାର୍ ଇମେତାକେ ହାନାର୍, ହେବେ ନାସ୍ ଆରି ଦୁକ୍ ଉବ୍‌ଜାଣ୍ ଆନାତ୍,
୧୭ ଆରେ ସୁସ୍ତାନି ହାଜି ହେୱାର୍ ପୁନୁର୍
୧୮ ହେୱାର୍‌ତି ଇସ୍ୱର୍ତ ପାଣ୍ଡ୍ରୁ ହେୱାର୍ କାଣ୍‌କୁ ଆଗେ ମାନ୍‌ଗୁଡ୍ ।
୧୯ ଆରେ, ଆପ୍‌ତ ପୁନାପ୍ ଜେ, ବିଦି ଇନା ଇନାକା ଇନାତ୍, ହେ ସବୁ ବିଦିବିଦାନ୍ ତାରେନ୍ ମାନି ମାନାୟାରିଂ ଇନାତ୍,
ଇନେସ୍ ୱିଜୁ ୱେଇ ବନ୍ଦ୍ ଆନାତ୍ ଆରି ୱିଜୁ ପୁର୍ତ ଇସ୍ୱର୍ତ ବିଚାର୍‌ତ ଡାଣ୍ଡ୍ ଆନାତ୍;

୨୦ ଇନେକିଦେଂକି ମସାତି ବିଦିନି କିତିକାମାୟ୍ ହୁକେ ଇମ୍‌ଣି ମାନାୟ୍ ତା ମୁମ୍‌ଦ ଦାମର୍ ଗାଣ୍‌ତି ଆଉର୍,
ଇନେକିଦେଂକି ମସାତି ବିଦି ହୁକେ ପାପ୍‌ନି ଗିଆନ୍ ଜଲମ୍ ଆନାତ୍ ।

## ପାତର୍ତ ଦାମର୍ର୍ ଗାଣାକିଆନାତ୍

୨୧ ଇସ୍ୱର୍ ମାଂ ଦାମର୍ କିଦେଙ୍ଗ୍ ବିଦି ମାତର୍ ନଙ୍ଗ୍ ବିଦି ପିସ୍ତି ଇସ୍ୱତର୍ ଦାମର୍ ହତାତ୍‌ନା, ଆରେ ହେଦାଂ ବିସ୍ରେ ବିଦି
ଆରି ବେଣ୍‌ବାକ୍‌ଣାୟ୍‌କିନାକାର୍ ଦରମ୍ ସାସ୍ତର୍ ସାକି ହିନାତା,
୨୨ ⭐କେବଲ୍ ଜିସୁ କ୍ରିସ୍ଟତି ତାକେ ପାତର୍ କିନି କାଜିଂ ଲକୁ ଇସ୍ୱର୍‌ତି କାଣ୍‌କୁତ ଦାମର୍ ଗାଣା କିଆନାନ୍ । ଇସ୍ୱର୍
ଇନେରିଂ ମୁକ୍‌ମେଟ୍ କିୱାଦାଂ କ୍ରିସ୍ଟତାକେ ପାତର୍ କିନାକାର୍ ୱିଜାକାରିଂ ପାବ୍ ହିନାନ୍ ।
୨୩ ୱିଜାର୍‌ତ ପାପ୍ କିତାର୍‌ନା, ଆରେ ଇସ୍ୱତର୍ ଜାଜ୍‌ମାଲ୍‌ନି ବାତର୍ତାଂ ଉଣା ଆତାର୍ଣ୍ଡା,
୨୪ ମାତର୍ ଇସ୍ୱର୍ କ୍ରିସ୍ଟ ଜିସୁତି ହୁଦାଂ ମଲ୍‌ଆୱାଦାଂ ଇମ୍‌ଣି ଦୟାନି ଦାନ୍ କିତ୍‌ତାନ୍‌ନା, ହେଦାଂ ଇନେର୍ ଇଡ଼୍‌ନାର୍,
ହେୱାର୍ ମାପ୍ରୁ ଜିସୁ ମୁକ୍‌ଡ଼ାନାକା ହିନାନ୍ ଆରି ହେୱାର୍ ଇସ୍ୱର୍ କାଣ୍‌କୁତ ଦାମର୍ ଆନାର୍ ।
୨୫ ଇସ୍ୱର୍ ଜିସୁଙ୍ଗ୍ ଦାନ୍ ହିତ୍‌ତାନ୍, ଇନେସ୍ ହେୱାନ୍ତି ହାକି, ହେୱାନ୍ତି ତାକେ ନେତେର୍‌ତ ପାତର୍ କିଜି ମାନି ଲକୁ ପାପ୍
କେମାନି ଉପାୟ୍ ଆନାତ୍ । ଇସ୍ୱର୍ ଜାର୍ ଦାମର୍ତିଂ ହପ୍‌ତେଂ ଇଦାଂ କିତାନ୍, ଇସ୍ୱର୍ ହୁଦାର୍ ଆଜି ଆଗେ କିତି ପାପ୍
ଆହ୍‌ୱାତନ୍ନା,
୨୬ ଆରେ ନଙ୍ଗ୍‌ନି କାଡ଼୍‌ଦ ଜାର୍ ଦାମର୍ ହପ୍‌ନି କାଜିଂ ହେୱାନ୍ ଇଦାଂ କିତାନ୍‌ନା, ଇନେସ୍ ହେୱାନ୍ ନିଜେ ଦାମର୍ ଆରି
ଜିସୁତି ତାକେ ପାତର୍ କିନାକାରିଂ ଦାମର୍ ଗାଣାକିଆନାକାର୍ ଇଞ୍ଜି ଚଞ୍ଜାନାର୍ ।
୨୭ ବାଟିଙ୍ଗ୍ ଗରବ୍ ଇମେ ତାକେ ? ହେଦାଂ ଦେହା ଆତାତ୍ । ଇନେସ୍‌ବାତର୍ ବିଦି ହୁକେ ? ଇନାକା କିନି କାମାୟ୍ ବିଦି
ହୁକେ ? କି ପାତର୍ନି ବିଦି ହୁକେ ।
୨୮ ବାଟିଙ୍ଗ୍ ମା ବୁଜାନାକା ଇଦାଂ, ମାନାୟ୍ ବିଦିତ କିତି କାମାୟ୍ ପିସ୍‌ସି ପାତର୍ ହୁକେ ଦାମର୍ ଗାଣାକିୟାନାନ୍ ।
୨୯ କି ଇସ୍ୱର୍ କି କେବଲ୍ ଜିହୁଦିର୍‌ତି ଇସ୍ୱର୍ ? ହେୱାନ୍ କି ପାତର୍କିୱି ଜିହୁଦିର୍‌ତି ପା ଇସ୍ୱର୍ ଆକାୟ୍ ? ଆଁ ପାତର୍କିୱି
ଜିହୁଦିର୍‌ତି ପା ।
୩୦ ⭐ଇନେକିଦେଂକି ଇସ୍ୱର୍ ତ ରୱାନ୍, ଆରେ ହେୱାନ୍ ପାତର୍ କାଜିଂ ସୁନ୍ନତ୍‌ତିଂ ଆରି ପାତର୍ କାଜିଂ ଅସୁନ୍ନତ୍‌ତିଂ ଦାମର୍
ଗାଣାକିନାନ୍ ।
୩୧ ବାଟିଙ୍ଗ୍ ଆପ୍ କି ପାତର୍ ହୁକେ ବିଦିତିଂ ୱିହ୍‌ନାପା ? ହେଦାଂ ଇନାୱେଡ଼ାଂ ପା ଆମେତ୍ ଇଚିସ୍ ଆପ୍ ପାତର୍ ହୁକେ
ବିଦିନି କୁନାଦି ଡାଟ୍ କିନାସା ।

# ୪

## ଅବ୍ରାହାମ୍‌ତି ପାତର୍ନି ଦାମର୍

୧ ୱାଟିଂ ଗାଗାଡ଼୍ ବାବ୍ରେ ମା ଆକର୍ ଅବ୍ରାହାମ୍ ଇନାକା ପାୟା ଆତାନ୍ ଇଞ୍ଜି ଇନାସ୍ ?
୨ ଇନାକିଦେଂକି ଅବ୍ରାହାମ୍ ଜଦି କିନି କାମାୟ୍‌ନି ଦାମର୍ ଇଞ୍ଜି ଗାଣା କିୟାତାନ୍, ଲାଗିଂ ତା ଗରବ୍ କିନାକା ମାନାତ୍,
ମାତର୍ ଇସ୍ୱର୍‌ତି ଲାଗାଂ ହିଲେତ୍ ।
୩ ⭐ଇନେକିଦେଂକି ସାସ୍ତର୍ ଇନାକା ଇନାତ୍ ? "ଅବ୍ରାହାମ୍ ଇସ୍ୱର୍ ତାକେ ପାତର୍ କିତାନ୍, ଆରେ ଇ ପାତର୍ କାଜିଂ
ଇସ୍ୱର୍ ହେୱାନିଂ ଦାମର୍ କିଜି ଇଡ୍‌ତାନ୍ ।
୪ ଇନେର୍ କାମାୟ୍ କିନାନ୍, କୁଲି ଡାବୁଂ ତା ପାୟାନାକା-ଇନେର୍‌ତାଂ ଦାନ୍ ଲାକେ ହେୱାନ୍ ପାୟା ଆଉନ୍ ।
୫ ମାତର୍ ଇନେର୍ କାମାୟ୍ ଜପି ପାତର୍ କିଉନ୍, ମତର୍ ଦାମର୍ହିଲାକାନିଂ ଦାମର୍ ଇଞ୍ଜି ଇନେର୍ ଗାଣାକିନାର୍,
ହେୱାନ୍ ତାକେ ପାତର୍ କିନାନ୍, ହେୱାନ୍ ପାକ୍ୟାତ ହେୱାନ୍ତି ପାତର୍ ଦାମର୍ ଇଞ୍ଜି ଗାଣାନାତ୍ ।
୬ ଇମ୍‌ଣି ମାନାୟ୍‌ତି କାମାୟ୍ କାବାଡ଼୍ ନିପ ହୁଡ଼୍‌ୱାଦାଂ ଇସ୍ୱର୍ ହେୱାନିଂ ଦାମର୍ ଇଞ୍ଜି ଇଟ୍‌ନାନ୍, ହେୱାନିଂ ୱାରିକିୟ୍
କିଜି ଦାଉଦ୍ ଇଚାନ୍ନା ।
୭ ଇମ୍‌ଣାକାର୍‌ତି ଅପ୍‌ରାଦ୍ ସବୁ କେମା ଆତାତ୍‌ନ୍ନା, ଆରେ
ଇମ୍‌ଣାକାର୍‌ତି ପାପ୍ ସବୁ କେମା ପାୟାତାନ୍ନା, ହେୱାର୍ ଦନ୍ୟ ।
୮ ମାପ୍ରୁ ଇମ୍‌ଣାକାରିଂ ଦନ୍ୟ ଇଞ୍ଜି ମାନାୟ୍‌ତି ପାପ୍ ଗାଣା କିଉନ୍, ହେୱାନ୍ ଦନ୍ୟ ।"
୯ ଇବେ ଦାଉଦ୍ ଇନେରିଂ ଦନ୍ୟ ଇଞ୍ଜି ଇଚାନ୍ନା, ହେୱାର୍ ଇନାକା କେବଲ୍ ସୁନ୍ନତ୍ ଲଗୁ ମାଚାର୍ ? କି, ଅସୁନ୍ନତ୍ ଲଗୁ ପା
ଦନ୍ୟ ଆଦେଂ ଆଡ୍‌ନାର୍ । ଆସ୍ ଇନାସା-ଅବ୍ରାହାମ୍ ପାତର୍ ହୁକେ ଦାମର୍ ଇନ୍ୟା ଆତାନ୍ ।

⭐ **୩:୨୨** ଗାଲାତିୟ ୨:୧୬. ⭐ **୩:୩୦** ଗାଲାତିୟ ୩:୨୦. ⭐ **୪:୩** ଗାଲାତିୟ ୩:୬.

୧୦ ବାଟିଙ୍ଗ୍, ହେଦାଂ ଇମ୍ଣି ସମୁ ୱେଡ଼ାଲିଂ ଗିଟାଜି ମାଚାଡ଼୍ ? ଅବ୍ରାହାମ୍ ସୁନ୍ନତ୍ ଆନି ପାଚେ ଆକାୟ୍, ତା, ଆଗେଟାଂ
ପାଚେ ଆକାୟ୍ ।
୧୧ ଆରେ, ହେୱାନ୍ ସୁନ୍ନତ୍‌ଆୱି ଅବସ୍ତାତ ପାତର୍ ଇସାବ୍‌ତ ଦାମର୍ ଗାଣାକିୟାଜି ହେବେନି ଚିନ୍ ଇଟ୍‌ୟାନି ଇସାବେ
ସୁନ୍ନତ୍ ଚିନ୍ ପାୟାତାନ୍, ଇନେସ୍ ସୁନ୍ନତ୍‌ଆୱି ଅବସ୍ତାତ ମାନି ୱିଜାର୍ ପାତର୍ କିନାକାର୍ ପାକ୍ୟାତ ଦାମର୍ ଗାଣାକିୟାନି
କାଜିଂ ହେୱାନ୍ ହେୱାର୍‌ତି ଆବା ଆନାନ୍,
୧୨ ଆରେ, ଇନେସ୍ ହେୱାନ୍ ସୁନ୍ନତ୍ ଆତାକାରିଂ ଆବା ଆନାନ୍, ଇଚିସ୍ ଇମ୍ଣାକାର୍ ସୁନ୍ନତ୍ ପାୟାତାର୍, କେବଲ୍
ହେୱାର୍‌ତି ଆକାୟ୍, ମତର୍ ସୁନ୍ନତ୍ ଆୱାତାକାର୍‌ତି ସମୁତ ମା ଆବା ଅବ୍ରାହାମ୍‌ତି ଇମ୍ଣି ପାତର୍ ମାଚାଡ଼୍, ହେବେନି ପାଦ୍
ଚିନ୍ ହିଜି ଇମ୍ଣାକାର୍ ହାନାର୍ ହେୱାର୍‌ତି ଆବା ।

## ପାତର୍ କିନାକାରିଂ ଇସ୍ୱରର୍ ପାର୍ମାଣ୍

୧୩ ଇନେକିଦେଂକି ଅବ୍ରାହାମ୍ ବିଦି ପାଲି କିଜି ମାନି କାଜିଂ ଆକାୟ୍ । କେବଲ୍ ହେୱାନ୍ତି ପାତର୍ କାଜିଂ ଇସ୍ୱର୍‌ତି ହୁକେ
ଦାମର୍‌ଲାକେ ଆଦିକାର୍ ପାୟାତାନ୍ ଆରି ହେଦାଂ କାଜିଂ ହେୱାନ୍ ହେୱାନ୍ତି ଲାଡ୍ରାର୍ ପୁତର୍‌ତ ଆଦିକାର୍ ଆନାର୍ ଇଞ୍ଜି
ରାଣ୍ କିଜି ମାଚାନ୍
୧୪ ଲାଗିଂ ଜଦି ବିଦି ପାଲି କିତାର୍, କେବଲ୍ ହେୱାର୍ ଜଦି ଇସ୍ୱର୍‌ତି ଦାନ୍ ଗାଟାତିସ୍, ତେବେ ମାନାୟ୍‌ତି ପାତର୍ ପଲ୍ୟା,
ଇସ୍ୱର୍‌ତି ରାଣ୍ ପା
୧୫ ଇନାକିଦେଂକି ବିଦି ଉଡ଼ାନି ହୁଦାଂ ମାନାୟ୍ ଇସ୍ୱର୍‌ତି ରିସାନି ଲଗୁ ଆନାନ୍ । ମାତର୍ ଇମେତାକେ ବିଦି ହିଲୁଡ଼୍,
ହେବେ ବିଦି ଉଡ଼ାନାକା ପର୍‌ସନ୍ ନିଙ୍ଗୁତା ।
୧୬ ଲାଗିଂ ଇ ପାର୍ମାଣ୍ ପାତର୍ କାଜିଂ ପାୟାନାନ୍, ଇନେସ୍ ହେଦାଂ ଦୟା ଇସାବ୍ରେ ଆନାଡ଼୍, ଆରେ ତାପାଚେ ସବୁ ଲାଡ୍ରା
ପାକ୍ୟାତ, କେବଲ୍ ମସାତି ବିଦି ଲାଡ୍ରା ପାକ୍ୟାତ ଆକାୟ୍, ମତର୍ ଅବ୍ରାହାମ୍‌ତି ପାତର୍ କିନି ଲାଡ୍ରା ପାକ୍ୟାତ ପା ହେ ପାର୍ମାଣ୍
ତିର୍ ମାନାଡ଼୍ ।
୧୭ ଇ ବିସ୍ରେ ସାସ୍ତର୍‌ତ ଲେକାମାନାଡ଼୍, "ନିଂ ଆପ୍ ବେସି ଜାତିନି ଆବା କିଦ୍‌ନାପ୍," ଇସ୍ୱର୍‌ତି କାଣ୍‌କୁତ ଇ ପାର୍ମାଣ୍ ହାଡ଼୍‌ପା
ମାଚାଡ଼୍, ଇନେକିଦେଂକି ଇମ୍ଣି ଇସ୍ୱର୍‌ତିଂ ଅବ୍ରାହାମ୍ ପାତର୍ କିଜି ମାଚାନ୍, ହେୱାନ୍ତି ବଚନ୍ ହାକିତିଂ ଜିବୁନ୍ କିନାଡ଼୍ ଆରି
ୱାରାକାଦ୍‌ଲିଙ୍ଗ୍ ୱିଜୁ ବିସ୍ରେ ଉବ୍‌ଜାୟ୍ କିନାଡ଼୍ ।
୧୮ "ଆହା କିନି କାଜିଂ ଇମ୍ଣାକା ପା କାରଣ୍ ହିଲ୍‌ୱିତିସ୍ ପା ଅବ୍ରାହାମ୍ ପାତର୍ କିଜି ଆହାଲାବ୍‌ଡ଼ି ଆତାନ୍ । ଲାଗିଂ
ହେୱାନ୍ ବେସି ଜାତିନି ଆବା ଆତାନ୍, ଇନେକିଦେଂକି ସାସ୍ତର୍ ଇସାପ୍ରେ ହେୱାନିଂ ପାର୍ମାଣ୍ ଗାଟାଜି ମାଚାଡ଼୍;
୧୯ ଅବ୍ରାହାମ୍ ବୟସ୍ ପାଞ୍ଚକଡ଼ି ବାର୍ଦ୍ଧୁ ଆତିଲେ ହେୱାନ୍ ଜାର୍ ଗାଗାଡ଼୍‌ତିଂ ଜିବୁନ୍ ପାଗ୍‌ନାକା ଆରି ସାରାତି ପଟ୍‌ଟିଂ ହାକି
ଇଞ୍ଜି ବାବି କିତାର୍ ପା ପାତର୍‌ତ ନାଦାର୍ ଆୱାତାର୍,
୨୦ ଇଚିସ୍ ଇସ୍ୱର୍‌ତି ପାର୍ମାଣ୍ କାଜିଂ ହୁଡ଼୍‌ଜି ପାତର୍ କିୱାକା ହୁକେ ପାତର୍ କିୱାତାନ୍, ହେୱାନ୍ ଇସ୍ୱର୍‌ତିଂ ଜାଜ୍‌ମାଲ୍
କିତାର୍ ।
୨୧ ମାତର୍ ଇସ୍ୱର୍ ଇନାକା ପାର୍ମାଣ୍ କିତାନ୍‌ନା, ହେଦାଂ ମାନି କିଦେଙ୍ଗ୍ ପା ହେୱାନ୍ ଜେ ଆଡ଼୍‌ନାନ୍, ହେୱାନ୍ ପୁରା କିନାନ୍
ଇଞ୍ଜି ପାତର୍‌ତ ବାଡ଼୍‌କାସ୍ ଆତାନ୍ ।
୨୨ ଇଦାଂ କାଜିଂ ପା ଇଦାଂ ହେୱାନ୍‌ତି ପାକ୍ୟାତ ଦାମର୍ ଇଞ୍ଜି ଗାଣା କିୟାତାନ୍;
୨୩ ତା ପାକ୍ୟାତ ଜେ ଗାଣା କିୟାତାନ୍, ଇଦାଂ ଇନାକା ହେୱାନ୍‌ତି କାଜିଂ ଲେକା ଆୱାତାଡ଼୍‌ନା,
୨୪ ମତର୍ ମା କାଜିଂ ପା ଲେକା ଆତାଡ଼୍‌ନା; ଇନେକିଦେଂକି ଜେ ମା ମାପ୍ରୁ ଜିସୁ ହାତାକାର୍ ବିଡ୍ରେ ନିଂତାନ୍ନା, ହେୱାନ୍
ତାକେ ପାତର୍ କିନାପା ଜେ ଆପେଂ, ମା ପାକ୍ୟାତ ପା ହେଦାଂ ଗାଣା କିୟାନାଡ଼୍;
୨୫ ହେ ଜିସୁ ମା ପାପ୍ କାଜିଂ ହେଲାୟ୍ କିୟାତାନ୍, ଆରେ ଇସ୍ୱର୍‌ତି ଲାଗାୟ୍ ମାଙ୍ଗେଙ୍ଗ୍ ଦାମର୍ କିଦେଙ୍ଗ୍ ଇଞ୍ଜି ଆରେ
ନିଂତାନ୍ନା ।"

# ୫

## ପାତର୍ ହୁଦାଂ ଇସ୍ୱର୍‌ତି ଲାହାଂ ହାର୍‌ମେହାଣ୍

୧ ନଂ ପାତର୍ ହୁକେ ଆସେଙ୍ଗ୍ ଇସ୍ୱର୍‌ତି କାଣ୍‌କୁତ ଦାମର୍ ଆତାପ୍‌ନା ଆରି ମାପ୍ରୁ ଜିସୁ କ୍ରିସ୍ଟ କାଜିଂ ଇସ୍ୱର୍‌ତି ଲାହାଂ
ସୁସ୍ତାତ ମାନାପ୍ ।
୨ ଇମ୍ଣି ଉପ୍‌କାର୍‌ନି ଅବସ୍ତା ବିଡ୍ରେ ଆପ୍ ମାନାପ୍, ହେବେ ହେୱାନ୍ ହୁକେ ପାତର୍‌ତ ହଣ୍ଡେଙ୍ଗ୍ ପା ଆଡ଼୍‌ତାପ୍; ଆରେ,
ଆପ୍ ଇସ୍ୱରର୍ ଜାଜ୍‌ମାଲ୍‌ନି ବାସର୍‌ତ ଗରବ୍ କିନାପା ।
୩ କେବଲ୍ ହେଦାଂ ଆକାୟ୍, ୱିଜୁ ବାନି ଦୁକ୍‌ତ, କସ୍ଟତ ପା ଗରବ୍ କିନାପା, ଲାଗିଂ ଦୁକ୍‌ତାଂ ସାସ୍, ସାସ୍‌ତାଂ ପୁନାକା,

୪ ଆରେ, ବାବ୍‌ନାତାଂ ବାସର୍ଁ ଜେ ଜଲମ୍ ଆନାତ୍, ଇଦାଂ ଆସେଙ୍ଗ୍ ପୁନାସ୍ ।
୫ ଆରେ, ବାସର୍ଁ ଲାଜ୍ କିଦୁତ୍, ଇନେକିଦେଂକି ଇସ୍ୱର୍ ହିତ୍‌ତି ପୁଇପୁୟା ଜିବୁନ୍ ହୁକେ ମା ୱାସ୍କିତ ଇସ୍ୱର୍‌ତି ଜିଉନନାକା
ମେଗ୍‌ୟା ଆତାନ୍ନା ।
୬ ଇନେକିଦେଂକି ଏଚେକାଡ଼୍‌ଦ ଆପ୍ ଉପାୟ୍ ହିଲ୍‌ୱାକା ମାଚାପ୍, ହେପାଦ୍‌ନା କ୍ରିସ୍ଟ ସମାନ୍ ସମୁତ ପାତର୍ଁ କିୱାକାର୍
କାଜିଂ ହାତାନ୍ ।
୭ ଦାମର୍ଁର୍ ମାନାୟ୍ କାଜିଂ ଆରେ ରୱାନ୍ ଜାର୍‌ତି ପାରାଣ୍ ହିନାକା ବେସି ହୁଡ଼୍‌ୟା ଆଉତ୍ । ଆତିସ୍ ଇମ୍‌ଣାକାନ୍ ପା
ହାର୍ କାଜିଂ ଇନେର୍ ହିଦେଂ ଜାଲ୍‌ଦି ଆଦେଂ ଆଡ଼୍‌ନାନ୍ ।
୮ ମାତର୍ ଆପ୍ ପାପି ମାନି ସମୁତ ପା କ୍ରିସ୍ଟ ଜେ ମା କାଜିଂ ହାତାନ୍, ହେବେ ଇସ୍ୱର୍ ମା କାଜିଂ ଜାର୍ ଜିଉନନାକା
ହପ୍‌ତାନ୍‌ନା ।
୯ ଲାଗିଂ, ଇଦାଂ ଆରେ ହାତ୍‌ପା ଜେ, ଆପ୍ ନଙ୍ଗ୍‌ୟ୍ ହେୱାନ୍‌ତି ନେତେର୍ ହୁକେ ଦାମର୍ଁ ଗାଣାକିୟାନାକା ଆତିଲେ
ହେୱାନ୍ ହୁକେ ଇସ୍ୱର୍‌ତି ରିସାତାଂ ରାକ୍ୟା ପାୟାନାସ୍ ।
୧୦ ଇନେକିଦେଂକି ଆପ୍ ସାତ୍ରୁ ମାନି ସମୁତ ଜଦି ଇସ୍ୱର୍ ଲାହାଙ୍ଗ୍ ହେୱାନ୍ତି ମାଜିଡ଼ି ହାକି ହୁକେ ମେହା ଆତାପ୍, ତା
ଆତିସ୍ ଇଦାଂ ଆଦିକ୍ ହାତେନେ ଜେ, ଆପ୍ ମେହାଜି ହେୱାନ୍ତି ଜିବୁନ୍ ହୁକେ ମୁକ୍ତି ଆନାସ୍ ।
୧୧ ଆରେ, କେବଲ୍ ହେଦାଂ ଆକାୟ୍, ମାତର୍ ମା ଇମ୍‌ଣି ମାପ୍ରୁ ଜିସୁ କ୍ରିସ୍ଟ‌ତି ହୁକେ ଆପ୍ ନଙ୍ଗ୍ ମେହାଜି ଲାବ୍ କିତାପ୍‌ନା;
ହେୱାନ୍‌ତି ହୁକେ ଆପ୍ ଇସ୍ୱର୍ ତାକେ ଗରବ୍ ପା କିନାପା ।

### ଆରମ୍ ଆରି କ୍ରିସ୍ଟ

୧୨ ଲାଗିଂ, ଇନେସ୍ ରୱାନ୍ ମାନାୟ୍ ହୁକେ ପାପ୍ ଆରି ପାପ୍ ହୁକେ ହାକି ପୁତର୍ଁତ ହଟାତ୍, ଆରେ ହେ ବାନି ହାକି ୱିଜାର୍
ମାନାୟ୍ କାଜିଂ ଗିଟାତାତ୍, ଲାଗିଂ ୱିଜାର୍‌ତ ପାପ୍ କିତାର୍ ।
୧୩ ବିଦି ହିନି ପୁର୍ବେତାଂ ଜଗତ୍‌ତ ପାପ୍ ମାଚାତ୍, ମାତର୍ ବିଦି ହିଲ୍‌ୱି ୱେଡ଼ାଲିଂ ପାପ୍‌ନି ଇସାବ୍ ଇଟ୍ୟାୱାଦାଂ ମାଚାତ୍ ।
୧୪ ଆଦମ୍ ସମୁତାଂ ମସାତି ସମୁ ପାତେକ୍ ଇନେର୍ ଆରମ୍ ଲାକେ ବଲ୍ ମାନିକିୱାଦାଂ ପାପ୍ କିୱାଦାଂ ମାଚିସ୍ ପା, ୱିଜାର୍
ହାକିନି ତାରେନ୍ ଆତାର୍ ।
ଇନେର୍‌ତି ୱାନାକା ଆଜି ମାଚାତ୍, ଆରମ୍ ହେୱାନ୍ତି ର ହାରି ମୁମ୍;
୧୫ ମାତର୍ ପାପ୍ ଇନେସ୍, ଉପ୍‌କାର୍ ଦାନ୍ ପା ଜେ ହେ ଲାକେ, ହେଦାଂ ଆକାୟ୍, ଇନେକିଦେଂକି ଜଦି ରୱାନ୍‌ତି ପାପ୍
ହୁକେ ହେନି ହାତାର୍, ତା ଆତିସ୍ ଇସ୍ୱତର୍ଁ ଉପ୍‌କାର୍ ଆରି ରୱାନ୍ ମାନାୟ୍‌ତିଂ, ଇଚିସ୍ ଜିସୁ କ୍ରିସ୍ଟ‌ତି ଉପ୍‌କାର୍ ହିତି ଦାନ୍
ହେନି କାଜିଂ ଆଦିକ୍ ବେସି ଆତାତ୍ ।
୧୬ ଆରେ, ରୱାନ୍ ପାପ୍ କିତିଲେ ଇନେସ୍ ପାଡ଼୍ ଆତାତ୍, ଇ ଦାନ୍‌ନି ପାଡ଼୍ ହେ ଲାକେ ଆକାୟ୍; ଇନେକିଦେଂକି ରୱାନ୍
କାଜିଂ ଇମ୍‌ଣି ବିଚାର୍, ହେବେନି ପାଡ଼୍ ଦାଣ୍ଡ୍ ବଲ୍ ଆତାତ୍, ମାତର୍ ହେନି‌ର୍‌ତି ପାପ୍ ତାରେନ୍ ଇମ୍‌ଣି ଉପ୍‌କାର୍ ଦାନ୍,
ହେବେନି ପାଡ଼୍ ଦାମର୍ଁ ଗାଣାତାତ୍;
୧୭ ଲାଗିଂ ଜଦି ରୱାନ୍ ପାପ୍‌ତ ହେ ରୱାନ୍ ହୁକେ ହାକି ରାଜ୍ କିତାତ୍, ବାଟିଙ୍ଗ୍ ଇମ୍‌ଣାକାର୍ ଉପ୍‌କାର୍ ଆରି ଦାମର୍ଁ
ଦାନ୍‌ନି ବେସି ଅୟାନାର୍ ହେୱାର୍ ର ମାନାୟ୍, ଇଚିସ୍ ଜିସୁ କ୍ରିସ୍ଟ‌ତି ହୁକେ ଆରେ ଆଦିକ୍ ଜିବୁନ୍‌ତ ରାଜ୍ କିତାର୍ ।
୧୮ ଲାଗିଂ, ରୱାନ୍ ପାପ୍‌ନି ପାଡ଼୍ ଲାକେ ଇନେସ୍ ୱିଜାର୍ ମାନାୟାତର୍ଁ କାଜିଂ ଦାଣ୍ଡ୍ ବଲ୍ ଗିଟାତାତ୍, ହେ ଲାକେ ପା
ରୱାନ୍ତି ଦାମର୍ଁକାତା କାରୁମ୍‌ନି ପାଡ଼୍ ଲାକେ ୱିଜାର୍ ମାନାୟାତର୍ଁ କାଜିଂ ଜିବୁନ୍ ହିଦ୍‌ନି ଦାମର୍ଁ ଗାଣା କିୟାନାକା ଗିଟାତାତ୍
।
୧୯ ଇନେକିଦେଂକି ଇନେସ୍ ରୱାନ୍ତି ବଲ୍ ମାନିକିୱାଦାଂ ହୁକେ ହେନି ପାପିର୍ ଆତାର୍, ହେ ଲାକେ ରୱାନ୍ତି ବଲ୍
ମାନିକିତିଲେ ୱିଜାର୍ ଇସ୍ୱର୍ ମୁମ୍‌ଦ ଦାମର୍ଁ ଆନାର୍ ।
୨୦ ଇଦାଂ ପିସ୍ତି ବିଦି ପା ହଟାତ୍, ଇନେସ୍ ପାପ୍ ଆଦିକ୍ ଆନାତ୍; ମାତର୍ ଇମେତାକେ ପାପ୍ ଆଦିକ୍ ଆତାତ୍, ହେବେ
ଉପ୍‌କାର୍ ଆରେ ବେସି ଆଦିକ୍ ଆତାତ୍,
୨୧ ଇନେସ୍ ପାପ୍ ଇନେସ୍‌ବାନି ହାକିତ ରାଜ୍ କିଜି ମାଚାତ୍, ହେ ଲାକେ ଉପ୍‌କାର୍ ପା ମା ମାପ୍ରୁ ଜିସୁ କ୍ରିସ୍ଟ‌ତି ହୁକେ ୱିଜ୍‌ୱି
ଜିବୁନ୍ ଲାକେ ଦାମର୍ଁ ଦାନ୍ କିଜି ରାଜ୍ କିନାତ୍ ।

## ୬

### ପାପ୍ କାଜିଂ ହାକି; ମାତର୍ କ୍ରିସ୍ଟ‌ତି ଲାହାଙ୍ଗ୍ ମେହାନି ହୁକେ ଜିନାନ୍

୧ ବାଟିଙ୍ଗ୍, ଆସେଙ୍ଗ୍ ଇନାକା କିନାସ୍ ? ଉପ୍‌କାର୍ ଇନେସ୍ ବେସି ଆନାତ୍, ଇଦାଂ କାଜିଂ କି ପାପ୍‌ତ ମାନାସ୍ ?
୨ ହେଦାଂ ଇନାୱାଡ଼ାଂ ପା ଆମେତ୍ । ପାପ୍ କାଜିଂ ହାକି ଜେ ଆପ୍, ଆପ୍ ହେବେ ଇନେସ୍ ଆରେ ଜିବୁନ୍ କାଟି କିନାସ୍ ?
୩ ଆପ୍ ଏଚେକ୍ ମାନାୟ୍ ଜିସୁ କ୍ରିସ୍ଟ‌ତି ତାକେ ବାପ୍ତିସିମ୍ ଆତାପ୍‌ନା, ୱିଜାର୍ ଜେ ହେୱାନ୍‌ତି ହାକିତ ବାପ୍ତିସିମ୍ ଆତାପ୍‌ନା,
ଇଦାଂ କି ଏପେଙ୍ଗ୍ ପୁନୁଦେର୍ ?

୪ ✡ଲାଗିଂ, ଆପ୍ ବାପ୍ତିସିମ୍ ହୁକେ ହାକିତ ହେୱାନ୍ ଲାହାଙ୍ଗ୍ ମୁଚ୍‌ୟା ଆତାସ୍‌ନା, ଇନେସ୍ କ୍ରିସ୍ଟ ଆବାତି ଜାଜ୍‌ମାଲ୍ ହୁକେ
ହାତାକାର୍ ବିତ୍ରେ ଇନେସ୍ ନିଙ୍ଗ୍‌ତାନ୍, ଆସେଙ୍ଗ୍ ପା ହେ ବାନି ଜିବୁନ୍‌ନି ପୁନି ବାବ୍ରେ ବେବାର୍ କିନାସ୍ ।
୫ ଇନେକିଦେଂକି ଜଦି ଆପ୍ ହେୱାନ୍‌ତି ହାକିନି ଲାକେ ହାତିସ୍ ହେୱାନ୍‌ତି ଲାହାଙ୍ଗ୍ ଏକ୍ ଆତାପ୍‌ନା, ତା ଆତିସ୍ ହାତ୍‌ପା
ହେୱାନ୍ତି ଆରେ ନିଂନାକା ଲାକେ ପା ନିଙ୍ଗ୍‌ଜି ହେୱାନ୍‌ତି ଲାହାଙ୍ଗ୍ ଏକ୍ ଆନାସ୍ ।
୬ ଇନେସ୍ ଆସେଙ୍ଗ୍ ଆରେ ପାପ୍‌ନି ଆଡ଼ିଏନ୍ ମାନୁସ୍, ଇଦାଂ କାଜିଂ ପାପ୍‌ନି ଗାଗାଡ଼୍‌ନସ୍ଟ ଆନି କାଜିଂ ମା ପ୍ଡାନି ଗୁଣ୍ ଜେ
ହେୱାନ୍‌ତି ଲାହାଙ୍ଗ୍ କ୍ରୁସ୍‌ତ ହାତାନ୍ନା,
୭ ଇଦାଂ ତ ଆପ୍ ପୁନାପ୍, ଇନେକିଦେଂକି ଇନେର୍ ହାତାନ୍ନା, ହେୱାନ୍ ପାପ୍‌ତାଂ ମୁକ୍‌ଡ଼ା ଆତାନ୍ନା ।
୮ ମାତର୍ ଆପ୍ ଜଦି କ୍ରିସ୍ଟତି ଲାହାଙ୍ଗ୍ ହାତାସ୍‌ନା, ତା ଆତିସ୍ ଆପ୍ ଜେ ହେୱାନ୍‌ତି ଲାହାଙ୍ଗ୍ ପା ଜିନାସ୍, ଇଦାଂ ଆପ୍
ପାତ ́ କିନାସ୍ ।
୯ କ୍ରିସ୍ଟ ହାତାକାର୍ ବିତ୍ରେତାଂ ନିଙ୍ଗ୍‌ତିଲେ ଜେ ଆରେ ଇନାୱାଡ଼ାଂ ହାଉର୍, ଇଦାଂ ତ ଆପ୍ ପୁନାପ୍; ହେୱାନ୍‌ତି ଜପି ହାକିନି
ଆରେ ରାଜ୍ କିଉତ୍ ।
୧୦ ଇନେକିଦେଂକି ହେୱାନ୍ ଇନେସ୍ ହାତାନ୍, ତା ପାଚେ ହେୱାନ୍ ରଗ ପାପ୍ କାଜିଂ ହାତାନ୍; ମାତର୍ ହେୱାନ୍ ଇମ୍‌ଣି
ଜିବୁନ୍ତ ଜିତାକାନ୍, ହେବେ ହେୱାନ୍ ଇସ୍ୱର୍ କାଜିଂ ଜିତାକାନ୍ ମାନ୍‌ଗାନାନ୍ ।
୧୧ ହେ ବାନି ଏପେଙ୍ଗ୍ ପା ଜାର୍ ଜାର୍‌ତିଂ ପାପ୍ କାଜିଂ ହାକି, ଏପେଙ୍ଗ୍ ନଂ କ୍ରିସ୍ଟ ଜିସୁତି ହୁଦାଂ ଜିବୁନ୍ତ ଇସ୍ୱର୍‌ତି ଲାହାଂ
ମେହା ଆତାଦେର୍ଣ୍ଣା ।
୧୨ ଇଦାଂ କାଜିଂ ପାପ୍ ମି ହାକି ଗାଗାଡ଼୍‌ତ ରାଜ୍ କିମେତ୍, ହେଦାଂ କିତିସ୍, ଏପେଙ୍ଗ୍ ହେବେନି ବାନ୍ୟା ଲାଲ୍‌ସାତ ମୁଞ୍ଜି
ହାଲ୍‌ମାଟ୍;
୧୩ ଏପେଙ୍ଗ୍ ଜାର୍‌ତିଂ ଇମ୍‌ଣାକା ପା ପାପ୍ ଲାଗାଂ ହେଲାୟ୍ ଆଜି ଅଦାମ ́ନି ଆତିୟାର୍ ଲାକେ ବେବାର୍ ଆମାଟ୍ ।
ନଲେ ହାକିତାଂ ରାକ୍ୟା ପାୟାଜି ଜିବୁନ୍ ଗାଟା ଆଜି ମାଚିଲେ ଏପେଙ୍ଗ୍ ସତ୍‌କାମାୟ୍ ପୁରାୟ୍ କିଦେଙ୍ଗ୍ ଜାର୍ ଜାର୍‌ତିଂ ପୁରା
ଇସ୍ୱର୍‌ତାକେ ହେଲାୟ୍ କିୟାଟ୍ ।
୧୪ ଇନେକିଦେଂକି ପାପ୍ ମି ଜପି ରାଜ୍ କିଦ୍‌ମେତ୍, ଲାଗିଂ ଏପେଙ୍ଗ୍ ବିଦିନି ତଲ୍ୟା ଆକାୟ୍, ମତର୍ ଇସ୍ୱର୍ ଉପ୍‌କାର୍‌ତ
ତାରେନ୍ ମାନାଟ୍ ।

## ଦାମ ́ତ ́ ଆଡ଼ିଏନ୍

୧୫ ବାଟିଙ୍ଗ୍ ଇନାକା ? ଆପ୍ ଜେ ବିଦି ତାରେନ୍‌ନିକାପ୍ ଆକାୟ୍, ମତର୍ ଉପ୍‌କାର୍‌ନି ତାରେନ୍‌ନିକାପ୍, ଇଦାଂ କାଜିଂ କି
ପାପ୍ କିନାସ୍ ? ହେଦାଂ ଇନିୱାଡ଼ାଂ ପା ଆମେତ୍ ।
୧୬ ହାକିନି ପାପ୍ କି ଦାମ ́ ନିକାର୍ ବଲ୍‌ତାଂ, ଇଦାଂ ବିତ୍ରେତାଂ ଇମ୍‌ଣାକା ଲାଗାଂ ଏପେଙ୍ଗ୍ ବଲ୍ ମାନି କିନି କାଜିଂ
ଜାର୍ ଜାର୍‌ତିଂ ଆଡ଼ିଏନ୍ ଲାକେ ହେଲାୟ୍ ଆନାସ୍, ଇଚିସ୍ ଇମ୍‌ଣାକାର୍ ବଲ୍ ମାନିକିନାଦେର୍, ହେୱାନ୍ତି ଜେ ଏପେଙ୍ଗ୍
ଆଡ଼ିୟାକାଦେର୍, ଇନାକା ପୁନୁଦେର୍ ?
୧୭ ମାତର୍ ଇସ୍ୱତ ́ ଜୁୱାର୍ ଆଏତ୍ ଜେ, ଏପେଙ୍ଗ୍, ଇମ୍‌ଣାକାର୍ କି ହିଗ୍‌ଦ ପାପ୍‌ନି ଆଡ଼ିଏନ୍ ମାଚାଦେର୍, ନଙ୍ଗ୍ ଇମ୍‌ଣି
ହିକ୍ୟାନି ହାର୍‌ଦାକା ଲାଗାଂ ହେଲାୟ୍ କିୟା ଆତାଦେର୍ଣ୍ଣା, ୱାସ୍କି ଲାହାଙ୍ଗ୍ ହେବେନି ବଲ୍ ମାନି କିତାଦେର୍ଣ୍ଣା,
୧୮ ଆରେ ପାପ୍‌ତାଂ ମୁକ୍‌ଡ଼ା ଆଜି ଦାମ ́ର୍ ଆଡ଼୍‌ୟା ଆତାଦେର୍ଣ୍ଣା ।
୧୯ ମି ଗାଗାଡ଼୍‌ନାଦାର୍ କାଜିଂ ଆନ୍ ମାନାୟ୍ ବାବ୍ରେ ଇଞ୍ଜ୍‌ନାଙ୍ଗା; ଏପେଙ୍ଗ୍ ଇନେସ୍ ବାନ୍ୟା କାଜିଂ ଜାର୍ ଜାର୍ କେଇଗାଲ୍
ବିଟାଡ଼୍‌ଆରି ଅଦାମ ́ ଲାଗାଂ ଆଡ଼ିଏନ୍ ଲାକେ ହେଲାୟ୍ କିୟାଜି ମାଚାଦେର୍, ହେ ଲାକେ ନଙ୍ଗ୍ ଜାର୍ ଜାର୍ କେଇଗାଲ୍
ପୁଇପୁୟା କାଜିଂ ଦାମ ́ର୍ ଲାଗାଂ ଆଡ଼ିଏନ୍ ଲାକେ ହାର୍‌କିଜି ହେଲାୟ୍ ଆଡ ।
୨୦ ଇନେକିଦେଂକି ଏପେଙ୍ଗ୍ ପାପ୍‌ନି ଆଡ଼ିଏନ୍ ମାନି ସମୁତ ଦାମ ́ର୍ ବିସ୍ରେ ଡିଲା ମାଚାଦେର୍ ।
୨୧ ବାଟିଙ୍ଗ୍, ହେ ସମୁତ ମିଦାଂ କି ପାଡ଼୍‌ମାଚାତ୍ ? ଜେ ୱିଜୁ ବିସ୍ରେ ଏପେଙ୍ଗ୍ ନଙ୍ଗ୍ ଲାଜ୍ କୁଇ କିନାଦେରା, ହେବେଣ୍ଡାଂ
ଇନାକା ଲାବ୍ ଗାଟାତାୟ୍; ହେ ୱିଜୁନି ଇସାପ୍‌ତ ହାକି ।
୨୨ ମାତର୍ ନଙ୍ଗ୍ ପାପ୍‌ନି ତାରେନ୍‌ତାଂ ମୁକ୍‌ଡ଼ା ଆଜି ଇସ୍ୱତ ́ ଆଡ଼୍‌ୟା ଆତିଲେ ଏପେଙ୍ଗ୍ ପୁଇପୁୟା ଉଦେସ୍ତ ପାଡ଼୍
ପାୟାନାଦେରା, ଆରେ ଇବେନି ଇସାପ୍ ୱିଜ୍‌ୱି ଜିବୁନ୍ ।
୨୩ ଇନେକିଦେଂକି ପାପ୍‌ନି କୁଲି ଡାବୁଙ୍ଗ୍ ହାକି, ମାତର୍ ଇସ୍ୱତ ́ ଉପ୍‌କାର୍ ଦାନ୍ ମା ମାପ୍ରୁ କ୍ରିସ୍ଟ ଜିସୁତି ମେହାଣ୍‌ତ ୱିଜ୍‌ୱି
ଜିବୁନ୍ ଆନାଡ୍ ।

# ୭

## ବିବା ଉତର୍‌ମୁଡ଼୍

✡ **୬:୪** କଲସିୟ ୨:୧୨.

୧ ଏ ଟଣ୍ଡାର୍ ଆରି ତଣ୍‌ଦେକ୍, ମାନାୟ୍ ଏଚେକ୍ ଦିନ୍ ପାତେକ୍ ଜିବୁନ୍ ମାନାନ୍, ହେ ପାତେକ୍ ବିଦି ଜେ ତା ଜପି ରାଜ୍
କିନାଡ୍, ଇଦାଂ ଏପେଙ୍ଗ୍ ଇନାକା ପୁନୁଦେର୍ ? ଆନ୍ତ ବିଦି ପୁନି ମାନାୟାରିଂ ଇନାଙ୍ଗା ।
୨ ଆଣ୍ତ୍ରେନ୍ ଏଚେକ୍ ଦିନ୍ ପାତେକ୍ ଜିବୁନ୍ ମାନାନ୍, ହେ ପାତେକ୍ କଗ୍‌ଲେ ଆଣ୍ତ୍ରେନ୍ ଲାହାଙ୍ଗ୍ ବିଦି ହୁକେ
ଗାଚାୟାତାଡ୍‌ନା, ମାତର୍ ଆଣ୍ତ୍ରେନ୍ ହାତିସ୍ କଗ୍‌ଲେ ଆଣ୍ତ୍ରେନ୍ତି ବିଦିତାଂ ମୁକ୍‌ଡ଼ା ଆନାଡ୍ ।
୩ ଲାଗିଂ, ଆଣ୍ତ୍ରେନ୍ ଜିଜି ମ଼ାନୁ ମାନୁ କଗ୍‌ଲେ ଜଦି ବିନ୍ ମାନାୟ୍ ଲାହାଙ୍ଗ୍ ମେହା ଆନାଡ୍, ତା ଆତିସ୍ ତାଙ୍ଗେଙ୍ଗ୍ ଦାରିୟାଣି
ଇଞ୍ଜି ଇନ୍ୟାନାଡ୍; ମାତର୍ ଜଦି ଆଣ୍ତ୍ରେନ୍ ହାତିସ୍, ତେବେ କଗ୍‌ଲେ ବିଦିତାଂ ମୁକ୍‌ଡ଼ା ଆନାଡ୍, ଆରେ ଜଦି ବିନ୍ ମାନାୟ୍
ଲାହାଙ୍ଗ୍ ମେହାନାଡ୍, ତା ଆତିସ୍ ହେଦେଲ୍ ଦାରିୟାଣି ଆଉଡ୍ ।
୪ ଲାଗିଂ ଏ ନା ଟଣ୍ଡାର୍ ଆରି ତଣ୍‌ଦେକ୍, କ୍ରିସ୍ଟତି ଗାଗାଡ଼୍ ହୁକେ ଏପେଙ୍ଗ୍ ପା ବିଦି କାଜିଂ ହାତାଦେର୍ଣ୍ଡା, ଇନେସ୍ ଏପେଙ୍ଗ୍
ବିନ୍‌ନିକାନ୍ ଲାହାଙ୍ଗ୍ ମେହାନାଦେର୍, ଇଚିସ୍ ଆପ୍ ଇସ୍ୱର୍ କାଜିଂ ପାଡ଼୍ ଉବ୍‌ଜାୟ୍ କିନି କାଜିଂ ଜେ ହାକିତାଂ ନିଙ୍ଗ୍‌ତାର୍‌ନା,
ହେୱାନ୍‌ତି ଲାହାଙ୍ଗ୍ ମେହା ଆଡ ।
୫ ଇନେକିଦେଂକି ଏଚେକାଡ଼୍‌ଦ ଆପ୍ ଗାଗାଡ଼୍ ତାରେନ୍ ମାଚାସ୍, ହେପାଦ୍‌ନା ବିଦି ହୁକେ ପାପ୍ ଆହାନିକିଂ ମା କେଇଗାଲ୍
ବିଡ୍ରେ ହାକି କାଜିଂ ପାଡ଼୍ ଉବ୍‌ଜାୟ୍ କିଦେଙ୍ଗ୍ କାମାୟ୍ କିଜି ମ଼ାଚାପ୍,
୬ ମାତର୍ ଇମ୍‌ଣାକା ହୁକେ ଆପ୍ ଗାଚ୍ୟାଜି ମ଼ାଚାପ୍, ହେଦାଂ କାଜିଂ ହାଜି ଆ଼ପ୍ ନଙ୍ଗ୍ ବିଦିତାଂ ମୁକ୍‌ଡ଼ା ଆତାପ୍‌ନା; ଲାଗିଂ
ଆପ୍ ଲେକିକିତି ପ୍ଟାନି ବାବ୍ରେ ଆଡ଼ିଏନ୍ କାମାୟ୍ କିୱାଦାଂ ଜିବୁନିଂ ପୁନି ବାବ୍ରେ ଆଡ଼ିଏନ୍ କାମାୟ୍ କିନାପା ।

## ବିଦି ଆରି ପାପ୍

୭ ବାଟିଙ୍ଗ୍ ଆପ୍ ଇନାକା ଇନାସ୍ ? ବିଦି ଇନାକା ପାପ୍ ? ହେଦାଂ ଇନାୱାଡ଼ାଂ ପା ଆମେଡ୍ । ଇଚିସ୍ ପାପ୍ ଇନାକା,
ହେଦାଂ ବିଦି ପିସ୍ତି ଆନ୍ ପୁନ୍‌ୱାତାଂମା; ଇନେକିଦେଂକି ଲବ୍ରା ଆମାଟ୍, ବିଦି ଇଦାଂ ଇନ୍‌ୱାଦାଂ ମାଚିସ୍, ଲବ୍ରା ଇନାକା,
ହେଦାଂ ଆନ୍ ପୁନ୍‌ୱାତାଂମା ।
୮ ମାତର୍ ପାପ୍ ଉପାୟ୍ ପାୟାଜି ବ଼ଲ୍ ହୁକେ ନା ତାକେ ସବୁ ବାନି ଲବ୍ ଉବ୍‌ଜାତାଡ୍; ଇନେକିଦେଂକି ବିଦି ପିସ୍ତି ପାପ୍
ହାକି ।
୯ ଆରେ, ଆନ୍ ର ସମୁତ ବିଦି ପିସ୍ତି ଜିବୁନ୍ ମାଚାଂ, ମାତର୍ ବଲ୍ ୱାତିଲେ ପାପ୍ ଜିତାଡ୍, ଆରେ ଆନ୍ ହାତାଙ୍ଗ୍;
୧୦ ହେବେ ଜିବୁନ୍‌ନି ଇମ୍‌ଣି ବଲ୍, ହେଦାଂ ନା ପାକ୍ୟାତ ଜିବୁନ୍‌ନି ହାକି ଇଞ୍ଜି ଜାଣାତାଡ୍ ।
୧୧ ଇନେକିଦେଂକି ପାପ୍ ଉପାୟ୍ ହୁଡ଼୍‌ଜି ବଲ୍ ହୁକେ ନାଙ୍ଗ୍ ଜାଟାୟ୍ କିଡ୍‌ତାଡ୍, ଆରେ ହେଦାଂ ହୁକେ ନାଙ୍ଗ୍ ଅସ୍ତାତାଡ୍ ।
୧୨ ଲାଗିଂ, ବିଦି ପୁଇପୁୟା, ଆରେ ତାଦି ବଲ୍ ପୁଇପୁୟା, ସମାନ୍ ଆରି ହାର୍‌ଦାକା ।
୧୩ ତା ଆତିସ୍, ଇନାକା ହାର୍‌ଦାକା ହେଦାଂ ଇନାକା ନା ହାକିନି କାରଣ୍ ଆଜି ମ଼ାଚାଡ୍ ? ମୁଡ଼େ ଆକାୟ୍ । ପାପ୍ ନେ
ହେଦାଂ କିତାଡ୍ । ହାଦର୍ ବିଦିତିଂ ବେବାର୍ କିଜି ପ଼ାପ୍ ନାଦାଂ ହାକି ଗିଟାୟ୍ କିଡ୍‌ତାଡ୍ । ହେଦାଂ ଲାହାଂ ପାପ୍‌ନି ହାଡ୍‌ପା
ଲାଗ୍‌ଦାକା ଚଞ୍ଜାନାଡ୍ । ଲାଗିଂ ବଲ୍ ହୁକେ ପାପ୍‌ନି ବେସି ବୟଙ୍କାର୍‌ନି ଜାଣାନାଡ୍ ।

## ମାନାୟ୍ ମାନ୍ତ ଗାବ୍ରା

୧୪ ଲାଗିଂ, ବିଦି ଜେ ଆମ୍ରିକ୍, ଇଦାଂ ଆପ୍ ପୁନାପ୍; ମାତର୍ ଆନ୍ ଗାଗାଡ଼୍‌ନି, ପାପ୍‌ନି କଡ଼୍‌ତି ଆଡ଼ିଏନ୍ ।
୧୫ ✡ଇନେକିଦେଂକି ଆନ୍ ଇନାକା କିନାଙ୍ଗ୍, ହେଦାଂ ପୁନୁଙ୍ଗ୍; ଲାଗିଂ ଆନ୍ ଇନାକା ଇଚା କିନାଙ୍ଗ୍, ହେଦାଂ କିଉଙ୍ଗ୍, ଇଚିସ୍
ଇନାକା ଆନ୍ ଗିଣ୍ କିନାଙ୍ଗ୍ ହେଦାଂ ନେ କିନାଙ୍ଗ୍ ।
୧୬ ମାତର୍ ଇନାକା ଆନ୍ ଇଚା କିଉଙ୍ଗ୍, ହେଦାଂ ଜଦି କିନାଙ୍ଗ୍, ବାଟିଙ୍ଗ୍ ବିଦି ଜେ ହାର୍‌ଦାକା, ହେଦାଂ ଆନ୍ ମାନି କିନାଙ୍ଗ୍
।
୧୭ ଲାଗିଂ ଆନ୍ ଆରେ ହେଦାଂ କିଉଙ୍ଗା, ମାତର୍ ନା ତାକେ ବାହାକିତି ପାପ୍ ହେଦାଂ କିନାଙ୍ଗା ।
୧୮ ଇନେକିଦେଂକି ନା ତାକେ ଇଚିସ୍, ନା ଗାଗାଡ଼୍‌ତ ଜେ ଇମ୍‌ଣି ହାର୍‌ଦି ବିସ୍ରେ ବାହା କିୱାତାଡ୍‌ନା, ଇଦାଂ ଆନ୍ ପୁନାଙ୍ଗ୍,
ଲାଗିଂ ଆନ୍ ଇଚା କିଦେଙ୍ଗ୍ ଆଡ୍‌ନାଙ୍ଗ୍, ମାତର୍ ଇନାକା ହାର୍‌ଦାକା, ହେଦାଂ କିନି କାଜିଂ ନା ସାକ୍ତି ହିଲୁଡ୍ ।
୧୯ ଇନେକିଦେଂକି ଇମ୍‌ଣି ହାର୍‌ଦି କାମାୟ୍ କିଦେଙ୍ଗ୍ ଆନ୍ ଇଚା କିନାଙ୍ଗ୍, ହେଦାଂ କିଉଙ୍ଗ୍, ମାତର୍ ଇମ୍‌ଣି ବାନିୟା
କାମାୟ୍ କିଦେଙ୍ଗ୍ ଆନ୍ ଇଚା କିଉଙ୍ଗ୍, ହେଦାଂ କିନାଙ୍ଗ୍ ।
୨୦ ମାତର୍ ଇନାକା ଆନ୍ ଇଚା କିଉଙ୍ଗ୍, ହେଦାଂ ଜଦି କିନାଙ୍ଗ୍, ତେବେ ଆନ୍ ନିଜେ ହେଦାଂ ଆରେ କିଉଙ୍ଗ୍, ମାତର୍ ନା
ବିଡ୍ରେ ବାହାକିତି ପାପ୍ ହେଦାଂ କିନାଡ୍ ।
୨୧ ଲାଗିଂ, ହାର୍‌ଦି କାମାୟ୍ କିଦେଙ୍ଗ୍ ଇଚା ଜେ ଆନ୍, ନା ଲାଗାଂ ଜେ ବାନିୟା ଏକାୱାନାଡ୍, ଇ ବିଦି ଆନ୍ ହୁଡ଼୍‌ନାଙ୍ଗା ।
୨୨ ଇନେକିଦେଂକି ବିଡ୍ରେନି ମାନାୟ୍‌ତି ବାବ୍‌ନା ଇସାବେ ଆନ୍ ଇସ୍ୱତର୍ ବିଦିତ ପାଲି କିନାକା ନା ଇଚା,
୨୩ ମାତର୍ ଆନ୍ ନା କେଇ ଗାଲ୍‌ପାତ ର ବିନ୍ ଅବସ୍ତା ହୁଡ଼୍‌ନାଙ୍ଗ୍, ହେଦାଂ ନା ମାନ୍‌ନି ବିଦି ବିନ୍ ପାକ୍ୟାତ ଜୁଜ୍ କିନାଡ୍,
ଆରେ ନା କେଇ ଗାଲ୍‌ପାତ ଇମ୍‌ଣି ପାପ୍‌ନି ବିଦି ମାନାଡ୍, ନାଙ୍ଗ୍ ହେବେନି ବନ୍ଦି କିଦ୍‌ନାଡ୍ ।
୨୪ ହାୟ୍, କାରୁମ୍ ହିଲ୍‌ୱି ମାନାୟ୍ ଜେ ଆନ୍, ନାଙ୍ଗ୍ ଇ ହାକିନି ଗାଗାଡ଼୍‌ତାଂ ଇନେର୍ ମୁକ୍‌ଡ଼ାୟ୍ କିଦ୍‌ନାନ୍ ?
୨୫ ଜୁୱାର୍ ଇସ୍ୱର୍, ମା ମାପ୍ରୁ ଜିସୁ କ୍ରିସ୍ଟତି ହୁକେ ଇଦାଂ ହେୱାନ୍ ପୁରା କିତାନ୍ନା ।

✡ **୭:୧୫** ଗାଲାତିୟ ୫:୧୭.

ୱାଟିଙ୍ଗ୍, ଇଦାଂ ଆନାତା ନା ଅବସ୍ତା । ଇସ୍ୱର୍‌ତି ବିଦି କେବଲ୍ ଆନ୍ ନା ମାନ୍ତ ମାନି କିଦେଙ୍ଗ୍ ଆଡ଼୍‌ନାଙ୍ଗ୍ । ମାତର୍ ନା ଗାଗାଡ଼୍ ଇସାବ୍ରେ ନାଂ ପାପ୍‌ନି ଆଡ଼ିଏନ୍ ଆଦେଂ ଜବର୍‌ଦସ୍ତି କିଦ୍‌ନାତା ।

# ୮

## ଆତ୍ମିକ୍ ଜିବୁନ୍

୧ ଲାଗିଂ ଇମ୍‌ଣାକାର୍ କ୍ରିସ୍ଟ ଜିସୁତି ତାକେ ମାନାର୍, ହେୱାର୍ କାଜିଂ ନଙ୍ଗ୍ ଇମ୍‌ଣି ଦାଣ୍ଡ୍ ହିଲୁତ୍ ।

୨ ଇନେକିଦେଂକି ଜିନି ଜିବୁନ୍ ବିଦି କ୍ରିସ୍ଟ ଜିସୁତି ମେହାଣ୍‌ତ ମିଙ୍ଗେଙ୍ଗ୍ ପାପ୍ ଆରି ହାତିବାର୍‌ତି ବିଦିତାଂ ମୁକ୍‌ଡ଼ାୟ୍ ଆତାପ୍‌ନା ।

୩ ମାନାୟ୍‌ତି ବେବାର୍ ନାଦାର୍ କାଜିଂ ମସା ହିଡ଼୍‌ତି ବିଦି ଇନାକା ପୁରା କିଦେଙ୍ଗ୍ ଆଡ଼୍‌ୱାତାଡ଼୍, ଇସ୍ୱର୍ ହେଦାଂ କିତାନ୍ନା । ମାନାୟ୍ ଜିବୁନ୍ତ ପାପ୍‌ତିଂ ଦାଣ୍ଡ୍ କିନି କାଜିଂ ହେୱାନ୍ ଜାର୍ ମାଜିଙ୍ଗ୍ ପାପ୍ୟା ମାନାୟ୍ ଲାକେ ପକ୍ତାତାନ୍ ଆରି କ୍ରିସ୍ଟ ଜିସୁ ପାପ୍‌ନି ସାକ୍ତି ବୁଡାୟ୍ କିତାନ୍ ।

୪ ଇନେସ୍ ଗାଗାଡ଼୍ ବାବ୍‌ନା ଇସାବେ ଚିନ୍ତା କିୱାଦାଂ ପୁଇପୁୟା ଜିବୁନ୍ ଇସାବେ ଚିନ୍ତା କିଜି ମାନାସ୍ ଜେ ଆସେଙ୍ଗ୍, ମା ତାକେ ବିଦିନି ଦାରୁମ୍ ବିଦି ପୁରା ଆନାଡ଼୍ ।

୫ ଇନେକିଦେଂକି ଇମ୍‌ଣାକାର୍ ଗାଗାଡ଼୍‌ମାନ୍, ହେୱାର୍ ଗାଗାଡ଼୍ ବିସ୍ରେ ମାନ୍‌ଦ୍ୟାନ୍ କିତାର୍, ମାତର୍ ଇମ୍‌ଣାକାର୍ ଆତ୍ମିକ୍‌ତ ମାନ୍, ହେୱାର୍ ପୁଇପୁୟା ଜିବୁନ୍ ବିସ୍ରେ ବାବି କିତାର୍ ।

୬ ଇନେକିଦେଂକି ଗାଗାଡ଼୍‌ନି ମାନ୍ ହାତାକା, ମାତର୍ ଆତ୍ମାନି ବାବ୍‌ନା ଜିବୁନ୍ ଆରି ସୁସ୍ତାନିକା;

୭ ଲାଗିଂ ଗାଗାଡ଼୍‌ନି ମାନ୍ ଇସ୍ୱର୍‌ତି ବିରୁଦ୍‌ତ ସାତୁ; ଇନେକିଦେଂକି ହେଦାଂ ଇସ୍ୱର୍‌ତି ବିଦିନି ତଲ୍ୟା ଆକାୟ୍, ତଲ୍ୟା ଆନାକା ଆଡ଼ୁନ୍;

୮ ଇମ୍‌ଣାକାର୍ ଗାଗାଡ଼୍‌ନି ତାରେନ୍ ମାନାର୍, ହେୱାର୍ ଇସ୍ୱର୍‌ତିଂ ସାରି ଆଦେଂ ଆଡ଼ୁର୍ ।

୯ ମାତର୍ ଇସ୍ୱର୍‌ତି ପୁଇପୁୟା ଜିବୁନ୍ ଜଦି ମି ତାକେ ବାହା କିନାଡ଼୍, ତା ଆତିସ୍ ଏପେଙ୍ଗ୍ ଗାଗାଡ଼୍ ତାରେନ୍ ଆକାୟ୍, ମତର୍ ଜିବୁନ୍ ତାରେନ୍ ମାନାଦେର୍ । ଜଦି ଇନେର୍ କ୍ରିସ୍ଟ‌ତି ଜିବୁନ୍ ପାୟାଜି ମାନ୍‌ଗୁନ୍, ତେବେ ହେୱାନ୍ ହେୱାନ୍ତି ଆକାୟ୍ ।

୧୦ ମାତର୍ ଜଦି କ୍ରିସ୍ଟ ମି ତାକେ ବାହା କିଜି ମାନ୍‌ଗାନାନ୍, ମି ଗାଗାଡ଼୍ ପାପ୍‌ତ ବୁଡା ଆଦେଂ ହାଲ୍‌ଜି ମାଚିସ୍ ପା, ପୁଇପୁୟା ଜିବୁନ୍ ମିଙ୍ଗେଙ୍ଗ୍ ଜିବୁନ୍ ହିଦ୍‌ନାନ୍, ଇନେକିଦେଂକି ଇସ୍ୱର୍‌ତି କାଣ୍‌କୁତ ଏପେଙ୍ଗ୍ ଦାମିଂ ଗାଣା କିଆତାଦେର୍ଣ୍ଣା

୧୧ ☆ଆରେ ଇନେର୍ ହାତାକାର୍ ବିଟ୍ରେତାଂ ଜିସୁଙ୍ଗ୍ ନିକ୍‌ତାନ୍, ହେୱାନ୍ତି ଜିବୁନ୍ ଜଦି ମି ତାକେ ବାହା କିନାଡ଼୍, ତେବେ ଜେ ହାତାକାର୍ ବିଟ୍ରେତାଂ କ୍ରିସ୍ଟଙ୍ଗ୍ ନିକ୍‌ତାର୍, ହେୱାନ୍ ମି ତାକେ ବାହା କିଜିମାନି ଜାର୍ ଜିବୁନ୍ ହୁକେ ମି ହାତି ଗାଗାଡ଼୍‌ତିଂ ପା ଜିବୁନ୍ କିଦ୍‌ନାନ୍ ।

୧୨ ଲାଗିଂ, ଏ ଟଣ୍ଡାର୍ ଆରି ତଣ୍‌ଦେକ୍, ଆସେଙ୍ଗ୍ ରିଣ୍ ମା କାମାୟ୍ ଆତାଡ଼୍ ମାନାୟ୍ ଲାକେ ଜିବୁନ୍ ଜିଉଣା କିଉସ୍, ଇନେକିଦେଂକି ହେଦାଂ କିତିସ୍ ହାନାଦେର୍;

୧୩ ମାତର୍ ଜଦି ପୁଇପୁୟା ଜିବୁନ୍ତି ଉପ୍‌କାର୍‌ତାଂ ଜାର୍ ପାପ୍ ଗାଗାଡ଼୍‌ତିଂ ବୁଡାୟ୍ କିଜି ଆରେ ପାପ୍ କାମାୟ୍ କିୱିତିସ୍, ତେବେ ଏପେଙ୍ଗ୍ ଜିନାଦେର୍ ।

୧୪ ଲାଗିଂ ଏଚେକ୍ ମାନାୟ୍ ଇସ୍ୱର୍‌ତିଂ ଜିବୁନ୍ ହୁକେ ଚାଲାନାର୍, ହେୱାର୍ ଇସ୍ୱର୍‌ତିଂ ମାଜିର୍ ।

୧୫ ☆☆ଇନେକିଦେଂକି ଇସ୍ୱର୍ ହିଡ଼୍‌ତି ହେ ଜିବୁନ୍ ମିଙ୍ଗେଙ୍ଗ୍ ଆଡ଼ିଏନ୍‌ତାଂ ମୁକ୍‌ଡ଼ାୟ୍ କିଡ଼୍‌ତାନ୍‌ନା, ଏପ୍ ଆରେ ପାଣ୍ଡ୍ରାନାକା ଲଡ଼ା ଆକାୟ୍ । ନଲେ ପୁଇପୁୟା ଜିବୁନ୍ ମିଙ୍ଗେଙ୍ଗ୍ ଇସ୍ୱର୍‌ତି ହିମ୍‌ଣାଙ୍ଗ୍ ଆଦେଂ ପାବ୍ ହିଡ଼୍‌ତାନ୍ନା । ହେୱାନ୍ତି ସାକ୍ତି ପୁଞ୍ଜେଙ୍ଗ୍ ଆଡ଼୍‌ଜି ଆସେଙ୍ଗ୍ ନଂ ଇସ୍ୱର୍‌ତିଂ "ଆବା" ଇଞ୍ଜି ଇନାସା ।

୧୬ ଆପ୍ ଇସ୍ୱର୍‌ତିଂ ମାଜିର୍ ଇଞ୍ଜି ହେ ଜିବୁନ୍ ନିଜେ ମା ଜିବୁନ୍ ଲାହାଙ୍ଗ୍ ସାକି ହିନାନ୍,

୧୭ ଆରେ ଜଦି ମାଜି, ବାଟିଙ୍ଗ୍ ଆଦିକାର୍ ପାୟାତାକାନ୍, ଇଚିସ୍ ଜଦି କ୍ରିସ୍ଟ‌ତି ଲାହାଙ୍ଗ୍ ଜାଜ୍‌ମାଲ୍ ପା ଆନି କାଜିଂ ଆପ୍ ହେୱାନ୍ ଲାହାଙ୍ଗ୍ ଦୁକ୍‌ବଗ୍ କିନାପ୍, ବାଟିଙ୍ଗ୍ ଇସ୍ୱର୍‌ତିଂ ଆଦିକାର୍ ପାୟାତାକାନ୍ ଆରି କ୍ରିସ୍ଟ‌ତି ଆଦିକାର୍ ପାୟାତାକାନ୍ ଆନାପ୍ ।

## ୱାନିଦିନ୍ତ ଜାଜ୍‌ମାଲ୍

୧୮ ଇମ୍‌ଣି ଜାଜ୍‌ମାଲ୍ ମା କାଜିଂ ହନାଡ଼୍, ହେଦାଂ ତୁଲାୟ୍ କିଜି ଇ ନଙ୍ଗ୍‌ନି କାଡ଼୍‌ଦ ଦୁକ୍‌ବଗ୍ ଇନାକାପା ଆକାୟ୍ ।

୧୯ ଲାଗିଂ ଉବ୍‌ଜାଣ୍‌ନି ୱାରି ଲାହାଂ ଇସ୍ୱର୍‌ତି ହିମ୍‌ଣାଂତି ହପ୍‌ନି କାଜିଂ କାନାଙ୍ଗା ।

୨୦ ଇନେକିଦେଂକି ଉବ୍‌ଜାଣ୍ ପଲ୍ୟା ତଲ୍ୟା ଆତାଡ଼୍, ତା ନିଜ୍ ଇଚାତାଂ ଆକାୟ୍, ମାତର୍ ଇନେର୍ ହେଦେଲିଂ ତଲ୍ୟା କିତାନ୍, ହେୱାନ୍ ଆହାତାଂ;

☆ **୮:୧୧** ୧ କରନ୍ତିୟ ୩:୧୬. ☆ **୮:୧୫** ଗାଲାତିୟ ୪:୫-୭. ☆ **୮:୧୫** ମାର୍କ ୧୪:୩୬; ଗାଲାତିୟ ୪:୬.

୨୧ ଆରେ ହେଦାଂ ବାସର୍‍ମେହା ଆଜି ‌ତଲ୍ୟା ଆତାଡ୍, ଲାଗିଂ ଉବ୍‍ଜାଣ୍ ନିଜେ ପା ଇସ୍ୱତର୍ ହିମ୍‍ଣାଂତି ଜାଜ୍‍ମାଲ୍
ପାୟାତି ଅବସ୍ତା ବିସ୍ରେ ନିଜ୍ ଇଚା ପାୟାତି କାଜିଂ ବୁଡାତି ଆଡ଼ିଏନ୍‍ତାଂ ମୁକ୍‍ଡ଼ା ଆନାନ୍ ।
୨୨ ଇନେକିଦେଂକି ୱିଜୁ ‌ଉବ୍‍ଜାଣ୍ ଜେ ନେଞ୍ଜେଙ୍ଗ୍ ପାତେକ୍ ରଚେ ଆଡ଼୍‍ବାନାତା ଆରି ଜଲମ୍ କିନିନନାକାତ ବିଲ୍‍କି
ଆନାତା, ଇଦାଂ ଆପ୍ ପୁନାପ୍ ।
୨୩ ✡ଆରେ, କେବଲ୍ ହେଦାଂ ଆକାୟ୍, ମାତର୍ ଆସେଙ୍ଗ୍ ଇସ୍ୱର୍‍ତି ପର୍ତୁମ୍ ପାଡ୍ ଲାକେ ଜିବୁନ୍‍ତିଂ ପାୟାତାପ୍‍ନା ଜେ
ଆପେଂ, ଆପ୍ ନିଜେ ନିଜେ ପା ମାଜି, ଇଚିସ୍ ଜାର୍ ଜାର୍ ଗାଗାଡ଼୍‍ନି ମୁକ୍‍ଡ଼ାନାକା କାଜିଂ କାସି ମାନୁ ମାନୁ ଜାର୍ ଜାର୍ ୱାସ୍କିତ
ଆଡ଼୍‍ବାନାସା ।
୨୪ ଇନେକିଦେଂକି ବାସର୍‍ତ ଆସେଙ୍ଗ୍ ମୁକ୍ତି ଆତାସ୍‍ନା; ମାତର୍ ହୁଡ଼୍‍ତି ଇମ୍‍ଣି ଆହା, ହେଦାଂ ଆହା ଆକାୟ୍, ଲାଗିଂ
ଇନାକା ରୱାନ୍ ହୁଡ଼୍‍ନାନା, ହେଦାଂ କାଜିଂ ହେୱାନ୍ ଇନେକିଦେଂ ଆରେ ଆହା କିନାନ୍ ?
୨୫ ମାତର୍ ଇନାକା ହୁଡ଼୍‍ସୁ, ଜଦି ହେଦାଂ କାଜିଂ ବାସର୍ କିନାସ୍, ତା ଆତିସ୍ ସାସ୍‍ତାଂ କାସି ମାନାସ୍ ।
୨୬ ଆସେଙ୍ଗ୍ ନାଦାର୍, ମାତର୍ ପୁଇପୁୟା ଜିବୁନ୍ ମାଂ ଉପ୍‍କାର୍ କିଦ୍‍ନାନ୍ । ଇନେସ୍ ପାର୍ତାନା କିଦେଙ୍ଗ୍ ଆନାଡ୍, ହେଦାଂ
ଆସେଙ୍ଗ୍ ପୁନୁସ୍ । ଲାଗିଂ ପୁଇପୁୟା ଜିବୁନ୍ ଇନ୍‍ୱି ବେରଣ୍ଡ ମା କାଜିଂ ଇସ୍ୱର୍‍ତିଂ ଗୱାରି କିନାନ୍ ।
୨୭ ଆରେ, ଇନେର୍ ମା ୱାସ୍କି ଦାହ୍‍ନାନ୍, ହେୱାନ୍ ମାନ୍‍ନି ବାବ୍‍ନା ଇନାକା, ହେଦାଂ ପୁନାନ୍, ଇନେକିଦେଂକି ହେୱାନ୍
ପୁଇପୁୟା ଇସ୍ୱତର୍ ଇଚା ଇସାବେ ସାଦୁର୍ କାଜିଂ ଗୱାରି କିନାନ୍ ।
୨୮ ଇମ୍‍ଣାକାର୍ ଇସ୍ୱର୍‍ତିଂ ଜିଉନନାର୍, ଇମ୍‍ଣାକାର୍ ହେୱାନ୍ତି ଇଚା ଇସାବେ କୁକ୍ୟାତାର୍ଣ୍ଣା, ଇସ୍ୱର୍ ଜେ ୱିଜୁ ‌ବିସ୍ରେ
ହେୱାର୍‍ତି ହାର୍ କିନାନ୍, ଇଦାଂ ଆପ୍ ପୁନାପ୍ ।
୨୯ ଇନେରିଂ ଇସ୍ୱର୍ ବାଚି କିତାନ୍ନା, ହେୱାରିଂ ହେୱାନ୍ତି ମାଜିଡ଼ି ଲାକେ ଆଦେଂ କାଜିଂ ଆଗେତାଂ ବାଚି କିତାନ୍ନା ।
ତାଆତିସ୍, ଇସ୍ୱର୍‍ତି ମାଜି ‌ହେୱାର୍‍ତି ଗାଜା ଟଣ୍ଡେନ୍ ଆନାନ୍ ।
୩୦ ଇମ୍‍ଣାକାର୍ ଏଲେଙ୍ଗ୍ ବାଚି କିୟା ଆଜି ‌କୁକ୍ୟାତାର୍ଣ୍ଣା, ହେୱାର୍ ଇସ୍ୱର୍‍ତି କାଣ୍‍କୁତ ଦାମର୍ ଇନ୍ୟାଜି ‌ଜାଜ୍‍ମାଲ୍
ଆତାର୍ଣ୍ଣା ।

## ଜିସୁ କ୍ରିସ୍ଟ ତାକେ ଇସ୍ୱର୍‍ତି ଜିଉନନାକା

୩୧ ବାଟିଙ୍ଗ୍ ଇ ୱିଜୁ ‌କାଣ୍‍କୁତ ଆପ୍ ଇନାକା ଇନାସ୍ ? ଜଦି ଇସ୍ୱର୍ ମା ପାକ୍ୟା, ବାଟିଙ୍ଗ୍ ମା ବିନ୍ ପାକ୍ୟା ଇନେର୍ ?
୩୨ ଇନେର୍ ଜାର୍ ମାଜିଙ୍ଗ୍ ପା କେମା କିୱାତାନ୍, ମତର୍ ମା ୱିଜାର୍ କାଜିଂ ହେୱାନିଂ ହେଲାୟ୍ କିତାର୍, ହେୱାନ୍ ଇନେସ୍
ହେୱାନ୍ ଲାହାଙ୍ଗ୍ ପା ୱିଜୁ ‌ବିସ୍ରେ ମାଙ୍ଗେଙ୍ଗ୍ ଉପ୍‍କାର୍‍ତ ଦାନ୍ କିଉନ୍ ?
୩୩ ଇସ୍ୱତର୍ ବାଚିକିତି ମାନାୟାର୍‍ତି ବିରୁଦ୍‍ତ ଇନେର୍ ଦାବା କିତାର୍ ? ହେୱାରିଂ ଦସିଆକାୟ୍ ଇଞ୍ଜି ନିଜେ ଇସ୍ୱର୍
ପୁଟାୟ୍ କିତାନ୍ନା ।
୩୪ ଇନେର୍ ଦାଣ୍ଡ୍ ବଲ୍ ହିଦ୍‍ନାନ୍ ? କ୍ରିସ୍ଟ ଜିସୁତ ହାତାନ୍, ଇଚିସ୍ ହେୱାନ୍ ନିଙ୍ଗ୍‍ତାନ୍, ହେୱାନ୍ ଇସ୍ୱତର୍ ତିନିବାଗାଂ
ମାନାନ୍, ହେୱାନ୍ ପା ମା କାଜିଂ ମାଜାୟ୍‍ନିକା ପାର୍ତାନା କିନାନା ।
୩୫ କ୍ରିସ୍ଟତି ଜିଉନନିତାଂ ଇନେର୍ ମାଙ୍ଗେଙ୍ଗ୍ ଆଲ୍‍ଗା କିଦ୍‍ନାର୍ ? କି ଦୁକ୍, କି କସ୍ଟ, କି ଇଣ୍, କି କାତାର୍, କି ନାଗ୍‍ଡ଼ା, କି
ବିପଦ୍, କି କାଣ୍ଡା ?
୩୬ ଇନେସ୍ ସାସ୍ତର୍‍ତ ଲେକାତାଡ୍‍ନା,
"ମି କାଜିଂ ଆପେଂ ସବୁ ଦିନ୍ ହାନାପା; ଆସେଙ୍ଗ୍
ଅହ୍‍ୟାତି ମେଣ୍ଡା ଲାକେ ଗାଣା କିୟାତାପ୍‍ନା ।"
୩୭ ଆତିସ୍‍ପା ଇନେର୍ ମାଙ୍ଗେଙ୍ଗ୍ ଜିଉନଡ୍‍ତାନ୍, ହେୱାନ୍‍ତି ହୁକେ ଆପ୍ ଇ ୱିଜୁ ବିସ୍ରେ ସବୁତାକେ ଜିତା ଆତାପ୍‍ନା ।
୩୮ ଆନ୍ ହାଡ୍‍ପା ପୁନାଙ୍ଗ୍ ଜେ ହେୱାନ୍ ଜିଉନନିତାଂ ଆସେଙ୍ଗ୍ ଇନାୱାଡ଼ାଂ ବିନେ ଆଉସ୍ । ହାକି କି ଜିବୁନ୍, ସରଗ୍ ଦୁଡ୍
କି ଆକାସ୍‍ନି ଇମ୍‍ଣାକା ପା ଆଦିକାରି କି ସାକ୍ତି, ନଂ କି ୱାନିଦିନ୍ତ,
୩୯ ଜପିନି ବିସ୍ରେ କି ବୁଇଁନି ବିସ୍ରେ କି ବିନ୍ ଇମ୍‍ଣି ଉବ୍‍ଜାତି ଜିନିସ୍ ମା ମାପ୍ରୁ କ୍ରିସ୍ଟ ଜିସୁତି ହୁକେ ହତି ଇସ୍ୱତର୍ ଜିଉନନିତାଂ
ଜେ ମାଙ୍ଗେଙ୍ଗ୍ ବିନେ କିଦେଙ୍ଗ୍ ଆଡୁଡ୍ ।

# ୯

## ଇସ୍ୱର୍ ଆରି ହେୱାନ୍ତି ମାନାୟାର୍

୧ ଇଦାଂ ଆନ୍ କ୍ରିସ୍ଟତି ମୁମ୍‍ଦ ହାଡ୍‍ପା ଇଞ୍ଜିନାଙ୍ଗା, ମିଚ୍ ଇନୁଙ୍ଗା, ନା ଚିନ୍ତା ପୁଇପୁୟା ଜିବୁନ୍‍ତି ସାକ୍ତିତାଂ ନା ଲାହାଙ୍ଗ୍ ସାକି
ହିଦ୍‍ନାନା,
୨ ଆନ୍ ଜେ ଏଚେକ୍ ବିପ୍ତି ଆରି ବେସି ଦୁକ୍‍ତ ନା ୱାସ୍କି ଏଚେକ୍ ୱାସ୍ତାଡ୍‍ନା, ଇ କାତା ଆନ୍ ପଲ୍ୟା ଇନୁଙ୍ଗା ।

✡ **୮:୨୩** ୨କରନ୍ତିୟ ୫:୨-୪.

୩ ଇନେକିଦେଂକି ଇମ୍‌ଣାକାର୍ ଗାଗାଡ଼୍ ବାବ୍ରେ ନା ଜିହୁଦିର୍ ଟଣ୍ଡାର୍, ତଣ୍‌ଦେକ୍ କାଜିଂ ଆନ୍ ନିଜେ କ୍ରିସ୍ଟତାଂ ବିନେ ଆଜି
ଇସ୍ୱର୍‌ତି ହୁକେ ସାଇପ୍ କାଜିଂ ଇଚା ।
୪ ଇସ୍ୱର୍ ହେୱାରିଂ ଜାର୍‌ତିଂ ଇସ୍ରାଏଲିୟ ମାଜି ଲାକେ ଇଡ଼୍‌ଜି ହେୱାର୍ ଲାଗାଂ ଜାର୍‌ତି ଜାଜ୍‌ମାଲ୍ ନିୟମ୍ ହପ୍‌ଚି ମାଚାର୍;
ହେୱାର୍ ଲାହାଂ ଲାଗାଜି ହେୱାରିଂ ବିଦି ହିଜି ମାଚାଙ୍ଗ୍, ହେୱାର୍ ହାଡ଼୍‌ପା ପାର୍ତାନା କିନାର୍; ହେୱାର୍ ଇସ୍ୱର୍‌ତାଂ ଜାଣା
ପାୟାତାର୍ଣ୍ଣା ।
୫ ଆକର୍ ଦାଦିର୍ ହେୱାର୍‌ତି, ଆରେ ଗାଗାଡ଼୍ ବାବ୍ରେ ହେୱାର୍ ବିତ୍ରେତାଂ କ୍ରିସ୍ଟ ହତ୍‌ତାନ୍‌ନା; ହେ ଦୟାନି ଇସ୍ୱର୍ ଜୁଗ୍
ଜୁଗ୍ ଦନ୍ୟ, ଆମେନ୍ ।
୬ ଇସ୍ୱତର୍ ରାଣ୍ ଆୱାତାଡ଼୍‌ନା ଇଞ୍ଜି ଆନ୍ ଇନୁଙ୍ଗା, ଇନେକିଦେଂକି ଇସ୍ରାଏଲ୍ ୱିଜାର୍ ଇସ୍ୱର୍‌ତି ଲକୁ ଆକାୟ୍,
୭ ନଲେ ଅବ୍ରାହାମ୍ ଲାତ୍ରା ଇଞ୍ଜି ଜେ ୱିଜାର୍ ମାଜିର୍, ହେଦାଂ ଆକାୟ୍; ମାତର୍ "ଇସ୍‌ହାକ୍ ତାକେ ମି ଲାତ୍ରା ଡାକ୍‌ପୁଟା
ଆନାଡ଼୍ ।"
୮ ଇବେନି ଅରତ୍ ଇଦାଂ, ଗାଗାଡ଼୍ ବାବ୍ରେ ଇମ୍‌ଣି ମାଜିର୍ ହେୱାର୍ ଜେ ଇସ୍ୱତର୍ ମାଜିର୍, ହେଦାଂ ଆକାୟ୍ ମାତର୍
ପାର୍ମାଣ୍ କିତି ମାଜିର୍ ଲାତ୍ରା ଲାକେ ଗାଣାକିୟାନାର୍ ।
୯ ଇନେକିଦେଂକି ଇଦାଂ ତ ପାର୍ମାଣ୍ କିତି ବଚନ୍, ଇ ଦିନ୍ତ ଆପେଂ ୱାନାକା, ଆରେ ସାରା ର ମାଜି ଗାଟା ଆଜି ମାନ୍‌ଗାନାଡ଼୍
।
୧୦ ଆରେ କେବଲ୍ ହେଦାଂ ଆକାୟ୍, ମାତର୍ ରିବିକା ପା ରୱାନ୍ ମାନାୟ୍ ହୁଦାଂ, ଇଚିସ୍ ମା ଆକର୍ ଇସ୍‌ହାକ୍ ହୁଦାଂ
ମାଜେଙ୍ଗ୍‌ଆସ୍‌ତି ପାଚେ,
୧୧ ଏଚେକାଡ଼୍‌ଦ ହିମ୍‌ଣାଂ ଜଲମ୍ ଆୱାଦାଂ ମାଚାର୍, ଆରେ ହାର୍ ନଲେ ବାନ୍ୟା କିୱାଦାଂ ମାଚାର୍, ହେପାଦ୍‌ନା କାମାୟ୍
କାଜିଂ ଆକାୟ୍, ମତର୍ କୁକ୍ୟାତାର୍‌ଚି ଇଚା କାଜିଂ ବାଚି କିତି ଇସାବେ ଇସ୍ୱତର୍ ଇଚା ଇନେସ୍ ତିର୍ ମାନ୍‌ଗାନାଡ଼୍,
୧୨ ଇଦାଂ କାଜିଂ ଇ କାତା ତାଙ୍ଗ୍ ଇନ୍ୟା ଆଜି ମାଚାଡ଼୍, "ଗାଜାକାନ୍ ହାରୁକାନ୍‌ତି ଆଡ଼ିଏନ୍ ଆନାନ୍;
୧୩ ଇନେସ୍ ଲେକାମାନାଡ଼୍, ଜାକୁବ୍ ଆପ୍ ଜିଉନତାପ୍, ମାତର୍ ଏସୌତିଙ୍ଗ୍ ଗିଣ୍ କିତାପ୍ ।"
୧୪ ବାଟିଙ୍ଗ୍ ଆସେଙ୍ଗ୍ ଇନାକା ଇନାସ୍ ? "ଇସ୍ୱର୍ ତାକେ କି ଇନାକା ଅନ୍ୟାୟ୍ ମାନାଡ଼୍ ? ହେଦାଂ ଇନାୱାଡ଼ାଙ୍ଗ୍ ପା
ଆମେଡ଼୍ ।"
୧୫ ଇନେକିଦେଂକି ହେୱାନ୍ ମସାଙ୍ଗ୍ ଇନାନା, "ଇନାକା ଜପି ମା ଦୟା ମାନାଡ଼୍, ହେଦେଲିଂ ଆସେଙ୍ଗ୍ ଦୟା କିନାସ୍,
ଆରେ ଇନାକା ଜପି ମା କାର୍ମା ମାନାଡ଼୍, ହେୱାନିଂ ଆସେଙ୍ଗ୍ କାର୍ମା ଆନାପ୍ ।"
୧୬ ଲାଗିଂ, ଇନେର୍ ମାନ୍ କିନାନ୍, କି ଇନେର୍ ସେସ୍ଟା କିନାନ୍, ହେଦାଂ ତାଂ ଇଦାଂ ଆଉତ୍, ମତର୍ ଦୟାଲୁ ଇସ୍ୱର୍‌ତାଂ
ଆନାଡ଼୍ ।
୧୭ ଲାଗିଂ ସାସ୍ତ୍ର ପାରଙ୍ଗ୍‌ତିଂ ଇନାଡ଼୍, ଆପ୍ ଇନେସ୍ ମି ତାକେ ମା ସାକ୍ତି ଚଡ଼୍‌ନାସ୍, "ଆରେ ଇନେସ୍ ୱିଜୁ ପୁତର୍ତ ମା
ତର୍ ଚଞ୍ଜିୟା ଆନାଡ଼୍, ଇ ଇଦାଂ କାଜିଂ ତ ଆପ୍ ମିଙ୍ଗେଙ୍ଗ୍ ନିକ୍ତାତାପ୍ ।"
୧୮ ଲାଗିଂ, ହେୱାନ୍ ଇନେରିଂ ମାନ୍ କିନାନ୍, ହେୱାନିଂ ଦୟା କିନାନ୍, ଆରେ ଇନେରିଂ ଇଚା କିନାନ୍, ହେୱାନିଂ ଆଟ୍‌ୱା
କିନାନ୍ ।

### ମାପୁତି ରିସା ଆରି ଦୟା

୧୯ ଇବେ ଏପ୍ ନାଙ୍ଗ୍ ଇଞ୍ଜ୍‌ନାଦେରା, "ତେବେ ହେୱାନ୍ ଆରେ ଦସ୍ ଆସ୍ତାନାର୍ ଇନେକିଦେଂ ? ଇନେକିଦେଂକି ହେୱାନ୍ତି
ଇଚା ଇନେର୍ ବିରୁଦ୍ କିଦେଙ୍ଗ୍ ଆଡ଼୍‌ନାର୍ ?"
୨୦ ମାତର୍ ଏ ମାନାୟ୍, ଏନେଙ୍ଗ୍ ଇନାକାୟ୍ ଜେ ଇସ୍ୱର୍‌ତିଂ ବିରୁଦ୍ କିନାଦେର୍ ? ରଚ୍‌ଚି ଆଡ଼୍‌ମାଡ଼୍ କି ରଚ୍‌ଚାକାନିଂ
ଇନାଦେର୍, ନାଙ୍ଗ୍ ଇଲାକେ ରଚ୍‌ଚାତାଦେର୍ ଇନାକିଦେଂ ?
୨୧ କି ର ଚିକ୍‌ଲାତାଂ ର ବାହା ସସ୍ କାଜିଂ ଆରି ବିନ୍‌ନିକା ସସ୍‌କିୱି କାଜିଂ ରଚ୍‌ନି କାଜିଂ କି ଚିକ୍‌ଲା ଜପି କୁମ୍‌ରେନ୍
ଆଦିକାର୍ ଆକାୟ୍ ?
୨୨ ମାତର୍ ଇସ୍ୱର୍ ଜାର୍ ରିସା ଚଡ଼୍‌ନି କାଜିଂ ଆରି ଜାର୍ ସାକ୍ତି ଜାଣାୟ୍‌କିନି କାଜିଂ ଇଚା କିତିସ୍ ପା ଜଦି ନାସ୍ ଜାଲ୍‌ଦି
ଆଜି ମାଚି ରିସାନି ବାହାନିକିଂ କାଜିଂ ଲାମାହୁଦାର୍ ଲାହାଙ୍ଗ୍ ସାସ୍ ଆସ୍ତାତାର୍ଣ୍ଣା,
୨୩ ଆରେ, ଜଦି ଜାଜ୍‌ମାଲ୍ କାଜିଂ ହେୱାନ୍ତି ହୁକେ ଆଗେତାଂ ରଚ୍‌ୟାଜି ମାନାକା ଦୟାନି ଲଗୁ ଜେ ଆସେଙ୍ଗ୍, ମା ଲାଗାଂ
ଜାଜ୍‌ମାଲ୍ ଲାକେ ଦାନ୍ ହପ୍‌ନି କାଜିଂ ହେଦାଂ କିତାର୍‌ନା; ତା ଆତିସ୍ ଏପେଙ୍ଗ୍ ଇନାକା ଇନାଦେର୍ ?
୨୪ ହେଦାଂ କାଜିଂ ତ ହେୱାନ୍ କେବଲ୍ ଜିହୁଦିର୍ ବିତ୍ରେତାଂ ଆକାୟ୍, ମତର୍ ପାତର୍କିୱି ଜିହୁଦିର୍ ବିତ୍ରେତାଂ ପା
ମାଙ୍ଗେଙ୍ଗ୍ କୁକ୍‌ତାତାନ୍ନା,
୨୫ ଇନେସ୍ ହେୱାନ୍ ହସେୟତି ପତିତ ପା ଇନାନ୍,
"ଇମ୍‌ଣାକାର୍ ମା ଲକ୍ ହିଲ୍‌ୱାତାର୍,
ହେୱାରିଂ ନିଜ୍‌ତି ମା ଲକ୍ ବାବ୍ରେ କୁକ୍‌ନାପ୍ ।"
ଇମ୍‌ଣି ଜାତିତିଂ ଆପ୍ ଜିଉନୱାଦାଂ ମାଚାପ୍, ହେୱାନିଂ

ମା ୱାରିନିକାନ୍ ଇଞ୍ଜି ଇନାସ୍;
୨୬ "ଆରେ, ଇମ୍ଣି ବାହାତ ଏପେଙ୍ଗ୍ ମା ଲକ୍ ଆକାୟ୍ ଇଞ୍ଜି ହେୱାରିଂ ଇନ୍ୟାଜି ମାଚାତ୍, ହେ ବାହାତ ହେୱାର୍ ଜିଟି
ଇସ୍ୱର୍ତ ମାଜିର୍ ଇଞ୍ଜି ଡାକ୍ପୁଟା ଆନାର୍ ।"
୨୭ ଆରେ, ଜିସାୟ୍ ଇସ୍ରାଏଲ୍ ବିସ୍ରେ ଗାଜା କାଟ୍ତାଂ ଇନାର୍, "ଇସ୍ରାଏଲିୟାର୍ ମାଜିର୍ତି ଗିଣ୍ନି ହାମ୍ଦୁର୍ନି ବାଲି ଲାକେ
ଆତିସ୍ ପା କେବଲ୍ ବାକି ମୁକ୍ତି ଆନାକା ପାୟା ଆନାର୍ ।"
୨୮ "ଲାଗିଂ ମାପ୍ରୁ ପୁର୍ତତ ଜାର୍ ବଚନ୍ତ ବାର୍ତ କିନାନ୍, ହେୱାନ୍ ହେଦାଂ ପୁରା ଲାକେ ଅଲପ୍ କିନାନ୍ ।"
୨୯ ଆରେ, ଇନେସ୍ ଜିସାୟ୍ ଆଗେ ଇଚାନ୍ନା, "ବୁତ୍କୁ ମାପ୍ରୁ ଜଦି ମା କାଜିଂ ର ବାକି ଇଡ୍ୱାତାନ୍ମା, ବାଟିଙ୍ଗ୍ ଆସେଙ୍ଗ୍
ସଦମ୍ ଲାକେ ଆତାସ୍ମା, ଆରି ଗମରା ସମାନ୍ କିୟା ଆତାସ୍ମା ।"

## ଇସ୍ରାଏଲ୍ କାଜିଂ ପାଉଲ୍ତି ପାର୍ତାନା

୩୦ ବାଟିଙ୍ଗ୍, ଆସେଙ୍ଗ୍ ଇନାକା ଇନାସ୍ ? ଇମ୍ଣି ପାର୍ତକିୱି ଜିହୁଦିର୍ ଦାମର୍ ଆଦେଂ ମାନ୍ କିୱାଦାଂ ମାଚାର୍, ହେୱାର୍
ଦାମର୍, ଇ ଲାକେ କି ପାର୍ତ ଲାକେ ଦାମର୍, ଲାବ୍ କିତାର୍ନା ।
୩୧ ମାତର୍ ଇସ୍ରାଏଲ୍ ଦାମର୍ ମସାତି ବିଦି ପାଚେ ହାଲୁ ହାଲୁ ହେ ମସାତି ବିଦି ପାତେକ୍ ଏକାୱାତାନ୍ ।
୩୨ ଇନେକିଦେଂ ? ଇନେକିଦେଂକି ହେୱାର୍ ପାର୍ତ ହୁକେ ହେଦାଂ ଦାହ୍ୱାଦାଂ କାମାୟ୍ ହୁକେ ଦାସ୍ତି ମାଚାର୍ । ହେୱାର୍
ହେ ବାଦା ହିଜି ମାନି କାଲ୍ଦ ବାଦା ପାୟାଜି ଉଜ୍ଡ଼ାର୍,
୩୩ ଇନେସ୍ ଲେକାମାନାତ୍,
"ହୁଡ଼ାଟ୍ ଆସେଙ୍ଗ୍ ସିୟନ୍ତ
ର ବାଦା ବାର୍ତି କାଲ୍ ଆରି ବାଦା ବାର୍ତି କାଲ୍ ରଚ୍ପ୍ନା,
ଆରେ ଇନେର୍ ତାତାକେ ପାର୍ତ କିନାନ୍,
ହେୱାନ୍ ଲାଜା ଆଉନ୍ ।"

# ୧୦

୧ ଏ ଟଣ୍ଡାର୍ ଆରି ତଣ୍ଦେକ୍, ହେୱାର୍ ଇନେସ୍ ମୁକ୍ଡ଼ାଦେଂ ଆଡ୍ନାର୍, ଇଦାଂ ନା ୱାସ୍କିନି ଆହା ଆରି ହେୱାର୍ କାଜିଂ
ଇସ୍ୱର୍ତ ଲାଗେ ନା ପାର୍ତାନା ।
୨ ଇନେକିଦେଂକି ଇସ୍ୱର୍ତ ବିସ୍ରେ ଜେ ହେୱାର୍ତି ଇଚା ମାନାତ୍, ଇଦାଂ ଆନ୍ ହେୱାର୍ ପାକ୍ୟାତ ସାକି ହିନାଙ୍ଗା, ମାତର୍
ହେ ଇଚା ଗିଆନ୍ମେହା ଆକାୟ୍ ।
୩ ଲାଗିଂ ମାନାୟ୍ତି ଦାମର୍ କିଜି ଇଡ୍ଦେଂ କାଜିଂ ଇସ୍ୱର୍ ହିଡ୍ତି ଦାମର୍କାତା ବିସ୍ରେ ପୁନ୍ୱାଦାଂ ଆରି ଜାର୍ ଜାର୍
ଦାମର୍କାତା ରଚ୍ଚେଙ୍ଗ୍ ସେସ୍ଟା କିଜି ହେୱାର୍ ଇସ୍ୱର୍ହିଡ୍ତି ଦାମର୍କାତା ପୁନ୍ୱାତାର୍ଣ୍ଣା ।
୪ ଇନେକିଦେଂକି ଜାଣ୍କେ ପାର୍ତ କିନାକାର୍ ପାକ୍ୟାତ ଦାମର୍ ଗାଣାକିୟା ଆନି କାଜିଂ କ୍ରିସ୍ଟ ବିଦିନି ହାରିହାରା ।

## ୱିଜାର୍ କାଜିଂ ମୁକ୍ଡ଼ାନାକା

୫ ଇନେକିଦେଂକି ମସା ଲେକିକିତାନ୍ନା, ଇମ୍ଣି ମାନାୟ୍ ବିଦିନି ଦାମର୍ ପାଲି କିନାନ୍, ହେୱାନ୍ ତା ହୁକେ ଜିନାନ୍ ।
୬ ମାତର୍ ପାର୍ତ ବାର୍ତି ଦାମର୍ ଏଲେଙ୍ଗ୍ ଇନାତ୍, "ମାନ୍ତ ମାନ୍ତ ଇନ୍ମାଟ୍ 'ଇନେର୍ ସାର୍ଗେ ଦୁମ୍ନାର୍' ଇଚିସ୍ କ୍ରିସ୍ଟଙ୍ଗ୍
ଜୁଡ୍ତି ତାନି କାଜିଂ ?
୭ କି 'ଇନେର୍ ପାତାଲ୍ତ ଜୁନାନ୍' ଇଚିସ୍, କ୍ରିସ୍ଟଙ୍ଗ୍ ହାତାକାର୍ ବିଟ୍ରେତାଂ ନିକ୍ଚି ତାହିୱାନି କାଜିଂ ?"
୮ ଇନେକିଦେଂକି ସାସ୍ତ୍ରର୍ ଇସାପ୍ରେ, "ଇସ୍ୱର୍ତି କାତା ମି ଲାଗେ, ମି ମୁମ୍ ଆରି ମାନ୍ତ ମାନାତ୍ ।" ପାର୍ତ ବିସ୍ରେ ଇ କାବୁର୍
ନେ ଆପ୍ ସୁଣାୟ୍ କିନାପା ।
୯ ଲାଗିଂ ଏପେଙ୍ଗ୍ ଜଦି ୱାଇଦାଂ ଜିସୁ ମାପ୍ରୁ ଇଞ୍ଜି ମାନି କିନାଦେର୍, ଆରେ ଇସ୍ୱର୍ ହେୱାନିଂ ହାତାକାର୍ ବିଟ୍ରେତାଂ
ନିକ୍ତାନ୍ନା ଇଞ୍ଜି ୱାସ୍କିତ ପାର୍ତ କିନାଦେର୍, ବାଟିଙ୍ଗ୍ ମୁକ୍ତି ଆନାକା ପାୟାନାନ୍;
୧୦ ଇନେକିଦେଂକି ଦାମର୍କାତା ପାୟାନି କାଜିଂ ମାନାୟ୍ ୱାସ୍କିତ ପାର୍ତ କିନାନ୍ ଆରି ମୁକ୍ଡ଼ାନାକା ପାୟାନି କାଜିଂ
ୱେଇଦାଂ ମାନି କିନାନ୍ ।
୧୧ ଲାଗିଂ ସାସ୍ତ୍ରର୍ ଇନାତ୍, ଇମ୍ଣାକାର୍ ହେୱାନ୍ ତାକେ ପାର୍ତ କିତାର୍, ହେୱାନ୍ ଲାଜା ଆଉନ୍ ।
୧୨ ଇନେକିଦେଂକି ଜିହୁଦି ଆରି ଗ୍ରିକ୍ ବିଟ୍ରେ ଇନାକାପା ବିନେ ଆକାୟ୍, ଲାଗିଂ ୱିଜାର୍ତି ତ ର ମାପ୍ରୁ, ଆରେ ଏଚେକ୍
ଲକ୍ ହେୱାନ୍ତି ଲାଗାଂ ପାର୍ତାନା କିତାର୍, ହେୱାନ୍ ୱିଜାର୍ କାଜିଂ ହେୱାନ୍ ଉପ୍କାର୍ନି ଦାନ୍ଲାକେ ।
୧୩ ଇନେକିଦେଂକି ଇମ୍ଣାକାର୍ ମାପ୍ରୁତି ତର୍ ଆସ୍ତି ପାର୍ତାନା କିନାନ୍, ହେୱାନ୍ ମୁକ୍ତି ଆନାନ୍ ।

୧୪ ବାଟିଙ୍ଗ୍ ଇନେରିଂ ହେୱାର୍ ପାତର୍ିଂ କିୱାତାର୍ଣ୍ଣା, ହେୱାନ୍ ଲାଗାଂ ଇନେସ୍ ପାର୍ତାନା କିତାର୍ ? ଆରେ ଇନେର୍‌ରତି
କାତା ହେୱାର୍ ୱେନ୍‌ୱାତାର୍ଣ୍ଣା, ଇନେସ୍ ହେୱାନ୍‌ତାକେ ପାତର୍ିଂ କିତାର୍ ? ଆରେ ସୁଣାୟ୍‌କିନାକାର୍ ପିସ୍ତି ହେୱାର୍ ଇନେସ୍
ୱେନାର୍ ?
୧୫ ଆରେ ପକ୍ୟାତାକାନ୍ ଆୱିଡିସ୍ ଇନେସ୍ ସୁଣାୟ୍ କିନାର୍ ? ଇନେସ୍ ଲେକାମାନାତ୍, "ଇମ୍‌ଣାକାର୍ ନେକ୍ରି ବିସ୍ରେନି
ନେକ୍ରିକାବୁର୍ ତାନାର୍, ହେୱାର୍‌ରତି ପାନା ଇନେସ୍ ହାର୍‌ମେହାଣ୍ ।"
୧୬ ମାତର୍ ୱିଜାର୍ ହେ ନେକ୍ରିକାବୁର୍ ମାନିକିୱାତାର୍ଣ୍ଣା । ଇନେକିଦେଂକି ଜିସାୟ୍ ଇନାନ୍, "ଏ ମାପ୍ରୁ, ମା କାବୁର୍ ୱେନ୍‌ଞ୍ଜି
ଇନେର୍ ପାତର୍ିଂ କିତାର୍‌ନା ?"
୧୭ ଲାଗିଂ, ନେକ୍ରିକାବୁର୍ ୱେନି ହୁକେ ପାତର୍ିଂ ଉବ୍‌ଜା ଆନାତ୍ ଆରି କ୍ରିସ୍ଟତି ବଚନ୍ ପର୍‌ଚାର୍ କିନାକା ନେ ହେ
ନେକ୍ରିକାବୁର୍ ।
୧୮ ମାତର୍ ଆନ୍ ଇନାଙ୍ଗ୍, ହେୱାର୍ କି ୱେନ୍‌ୱାତାର୍ଣ୍ଣା ? ଆଁ ହାତ୍‌ପା ସାସ୍ତ୍ରତ ଲେକାମାନାତ୍;
"ସବୁ ପୁତର୍ିତ ହେୱାର୍‌ରତି କାଟ୍,
ଆରେ ପୁତର୍ିନି ହାନ୍ଦି ପାଡେକ୍ ହେୱାର୍‌ରତି ବଚନ୍ ୱିଣ୍ଞ୍ଜି ହାଚାତ୍‌ନା ।"
୧୯ ମାତର୍ ଆନ୍ ଇନାଙ୍ଗ୍, ଇସ୍ରାଏଲ୍ ଇନାକା ପୁନ୍‌ୱାତାର୍ଣ୍ଣା ? ପର୍ତୁମ୍‌ତ ମସା ଇନାନ୍,
"ଆସେଙ୍ଗ୍ ଗାଣା କିଆୱି
ଜାତିର୍ ହୁକେ ମି ତାରା ଉବ୍‌ଜାୟ୍ କିନାପ୍,
ର ବୁଦିହିଲ୍‌ୱି ଜାତି ହୁକେ ମିଙ୍ଗେଙ୍ଗ୍ ରିସାକିୟ୍ କିନାପ୍ ।"
୨୦ ତାପାଚେ ଜିସାୟ୍ ସାସତାଂ ଇନାନ୍,
"ଇମ୍‌ଣାକାର୍ ମାଙ୍ଗ୍ ଦାସ୍ତାୱାଦାଂ ମାଚାର୍, ହେୱାର୍ ମାଙ୍ଗେଙ୍ଗ୍ ପାୟା ଆତାର୍;
ଇମ୍‌ଣାକାର୍ ମା ବିସ୍ରେ ସୁଣାୟ୍ କିୱାଦାଂ ମାଚାର୍, ହେୱାର୍ ଲାଗାଂ ଆସେଙ୍ଗ୍ ଚଞ୍ଜିୟା ଆତାସ୍ ।"
୨୧ ମାତର୍ ହେୱାନ୍ ଇସ୍ରାଏଲ୍ ବିସ୍ରେ ଇନାନା, "ଆସେଙ୍ଗ୍ ବଲ୍ ମାନିକିୱାଦାଂ ଆରି ୱିଜୁ କ୍ରୁଟୁମ୍ ମାନାୟାର୍ କାଜିଂ ୱେଡ଼ାବୁଡି
କେଇ ଲାମାୟ୍ କିନାପା ।"

# ୧୧

## ଇସ୍ରାଏଲ୍‌ନିକାର୍ କାଜିଂ ଇସ୍ୱର୍‌ରତି ଦୟା

୧ ✡ତେବେ ଆନ୍ ଇନାଙ୍ଗ୍, ଇସ୍ୱର୍ କି ଜାର୍ ଲକାରିଂ ପିସ୍ତାନ୍ନା ? ହେଦାଂ ଇନାୱାଡ଼ାଙ୍ଗ୍ ଆମେତ୍, ଇନେକିଦେଂକି ଆନ୍
ପା ଅବ୍ରାହାମ୍ ଲାତ୍ରା ଉବ୍‌ଜାଣ୍ ବିନ୍ୟାମିନ୍ କୁଟୁମ୍‌ନି ରୱାନ୍ ଇସ୍ରାଏଲିୟ ଲକ୍ ।
୨ ଇସ୍ୱର୍ ଜାର୍‌ରତି ଇମ୍‌ଣି ମାନାୟାରିଂ ଆଗେତାଂ ପୁନ୍‌ଞ୍ଜି ମାଚାନ୍, ହେୱାରିଂ ପିହିୱାଦାଂ ମାଚାନ୍ । ଏଲିୟତି ଲେକାତ
ସାସ୍ତ୍ର୍ ଇନାକା ଇନାତ୍, ହେଦାଂକି ଏପେଙ୍ଗ୍ ପୁନୁଦେର୍ ? ହେୱାନ୍ ଇନେସ୍ ଇସ୍ରାଏଲ୍ ବିରୁଦ୍‌ତ ଇସ୍ୱର୍‌ରତି ତାକେ ଗୱାରି
କିନାନ୍,
୩ "ମାପ୍ରୁ, ହେୱାର୍ ମି ବେଣ୍‌ବାକ୍‌ଣାୟ୍‌କିନାକାରିଂ ଅସ୍ତାର୍ଣ୍ଣା, ମି ଗାର୍‌ଣିଙ୍ଗ୍ କାର୍‌ତାର୍‌ନା, ଆରେ ଆନ୍ ରୱାଙ୍ଗ୍ ବାକି
ମାନାଙ୍ଗ୍, ଆରେ ହେୱାର୍ ନା ଜିବୁନ୍ ଅଦେଂ ଦାସ୍ତାନାରା ।"
୪ ଏଲିୟଙ୍ଗ୍ ଇସ୍ୱର୍ ଇନା ଉତର୍ ହିଜି ମାନାନ୍ ? "ବାମ୍‌ଣ୍ଡାୟ୍‌କିନି ପେନ୍ ବାଆଲ୍ ପୁତ୍‌ଡ଼ାତିଂ ପୁଜା କିଜି ମାନ୍‌ୱି ସାତ୍
ହାଜାର୍ ମାନାୟ୍‌ତିଂ ମା କାଜିଂ ଇଡ଼୍‌ତାପ୍‌ନା ।"
୫ ନଂ ସମାନ୍ ହେ ଲାକେ ଗିଟାତାଡ଼ନା । ଇସ୍ୱର୍ ଉପ୍‌କାର୍ କିଜି ଇମ୍‌ଣାକାରିଂ ବାଚି କିଜି ମାଚାନ୍, ହେୱାର୍‌ରତି ବିଡ୍ରେତାଂ
ଅଲପ୍ ଏଚେକ୍ ଜାଣ୍ ବାକି ମାନାର୍ ।
୬ ଇସ୍ୱର୍ ହେୱାରିଂ ବାଚି କିତାନ୍‌ନା ଜାର୍ ଉପ୍‌କାର୍ କାଜିଂ । ଜଦି ହେୱାର୍‌ରତି ସତ୍ କାମାୟ୍ ଲାଗିଂ ଇସ୍ୱର୍ ହେୱାରିଂ
ବାଚି କିଜି ମାଚିସ୍, ହେୱାର୍‌ରତି ଉପ୍‌କାର୍ ହାତ୍‌ପା ଉପ୍‌କାର୍ ଆୱାତାମ୍ବା ।
୭ ୱାଟିଂ ଇନାକା ଆତାତ୍ ? ଇସ୍ରାଏଲ୍‌ୟର୍ ଇନାକା ଡେକ୍‌ଚି ମାଚାର୍, ହେଦାଂ ଗାଟା ଆୱାତାର୍ । କେବଲ୍ ଇସ୍ୱର୍ ବାଚି
କିତି ରଞ୍ଜାଙ୍ଗ୍ ହାରୁ କୁଦା ତାଦାଂ ଗାଟା ଆତାନ୍ । ବିନ୍ ଲଗୁ ଇନେର୍ ଇସ୍ୱର୍‌ରତି କୁକ୍‌ତାକା କାଜିଂ ଦିଆନ୍ ହିୱାତାର୍ ।
୮ ଇନେସ୍ ଲେକାମାନାତ୍, "ଇସ୍ୱର୍ ନେଞ୍ଜେଙ୍ଗ୍ ପାଡେକ୍ ହେୱାରିଂ ଆଟ୍‌ୱାନି ଜିବୁନ୍ ହିତାର୍‌ନା, ଇ ଲାକେ କାଣ୍‌କୁ
ହିତାର୍‌ନା, ଇନେସ୍ ହେୱାର୍ ହୁଡ଼ରୁ, ଆରେ ଇ ଲାକେ କିତୁଲ୍ ହିତାର୍‌ନା, ଇନେସ୍ ହେୱାର୍ ୱେନୁର୍ ।"
୯ ହେୱାର୍‌ରତି ବିସ୍ରେ ଦାଉଦ୍ ଲେକିକିତାନ୍ନା;
"ହେୱାର୍ ୱାରିକିନି ୱେଡ଼ାଲିଂ ଡ଼କ୍ରାତ ଆରେ ।
ବୁଡା ଆଜି ତାଣ୍ଡ୍ ବଗ୍ କିଏର୍ ।"
୧୦ ଇନେସ୍ ହେୱାର୍ କାଣାଙ୍ଗ୍ ଆଜି ହୁଡ଼୍‌ଦେଂ ଆଡ଼୍‌ମେର୍,

✡ **୧୧:୧** ପିଲିପିୟ ୩:୫.

ତାଇନାଡ଼୍ ଦୁକ୍ କସ୍ଟ ବଗ୍ କିଜି କିଜି ହେୱାର୍‌ତି ମ୍ହେଙ୍ଗାଙ୍ଗ୍ ଗଂଜି ହାଲେତ୍ ।
୧୧ ଲାଗିଂ ଆନ୍ ଇଞ୍ଜ୍‌ନାଙ୍ଗ୍, ହେୱାର୍ ଇନାକା ନସ୍ଟଆନି କାଜିଂ ଅସ୍ତାର୍ ? ହେଦାଂ ଇନାୱାଡ଼ାଙ୍ଗ୍ ପା ଆମେଡ଼୍, ହେୱାର୍
ପାପ୍ କିତିଲେ, ହେୱାରିଂ ଆକର୍ ଆନି କାଜିଂ ପାତର୍କିୱି ଜିହୁଦିର୍ ମୁକ୍‌ଡ଼ାନାକାନି ଆଦିକାରି କିଆତାଡ଼୍ ।
୧୨ ଜିହୁଦିତର୍ ପାପ୍, ଜଗଡ଼୍‌ତ ବିନ୍ ଲଗାଂ କାଜିଂ ବେସି ଆସିର୍ବାଦ୍ ତାହିୱାତାଡ଼୍‌ନା । ଜିହୁଦିତର୍ ଆମ୍ରିକ୍ ଅକର୍ଡ଼୍ କାଜିଂ
ପାତର୍କିୱି ଜିହୁଦିର୍ ଆସିର୍ବାଦ୍‌ନି ଦାନ୍ ଲାବ୍ କିତାର୍ଣ୍ଡା । ଜଦି ୱିଜାର୍ ଜାତି ରାକ୍ୟା ପାୟାଦେଂ ଆଡ଼୍‌ତାଚର୍, ତାଆତିସ୍
ତାହୁଦାଂ ଆରେ ଏଚେକ୍ ଆଦିକ୍ ଆସିର୍ବାଦ୍ ଗାଟା ଆଉଡ଼୍ ?

## ପାତର୍କିୱି ଜିହୁଦିର୍‌ତି ମୁକ୍‌ଡ଼ାନାକା

୧୩ ମାତର୍ ବିନ୍‌ଜାତି ଜେ ଏପେଙ୍ଗ୍, ମିଙ୍ଗେଙ୍ଗ୍ ଆନ୍ ଇଞ୍ଜ୍‌ନାଙ୍ଗା । ଆନ୍ ପାତର୍କିୱି ଜିହୁଦିର୍ କାଜିଂ ପକ୍ୟାତାକାନ୍ ନା
ହେବା ପାଦ୍‌ନି ଜାଜ୍‌ମାଲ୍ କିନାଙ୍ଗା,
୧୪ ଇନେସ୍ ଇନେସ୍‌ବାନି ନା ନିଜାର୍ ଜାତିରିଂ ତିର୍‌କାଡ଼୍ କିୟ୍‌କିଜି ହେୱାର୍ ବିତ୍ରେତାଂ ଏଚେକ୍ ଜାଣ୍‌ତିଂ ମୁକ୍ତି କିଦେଙ୍ଗ୍
ଆଡ଼୍‌ନାଂ ।
୧୫ ଇନେକିଦେଂକି ଜଦି ହେୱାର୍‌ତି ଦେହାକିନି ହୁକେ ପୁତର୍ତ ମେହାନାକା ଗିଟାତାଡ଼୍, ତେବେ ହେୱାର୍‌ତି ଇଟ୍‌ନାକା
ହୁକେ ଇନାକା ହାଡ଼୍‌ପା ହାତାକାର୍ ବିତ୍ରେତାଂ ଜିବୁନ୍ ଲାବ୍ ଆଉଡ଼୍ ?
୧୬ ରୁଟିତାଂ ଇଚୁଟିଂ ଇସ୍ୱର୍ ତର୍‌ଦାଂ ପୁଜା କିଜି ମାଚିସ୍ ପୁଇପୁୟା, ସବୁ ରୁଟି ପା ପୁଜା କିତାକା ଇନ୍ୟାନାଡ଼୍ । ରଞ୍ଜାଙ୍ଗ୍
ମାର୍‌ଦିଂ ଦଲ୍ ପୁଜା ଆଜି ମାଚିସ୍, ତା କେନ୍ଦାଙ୍ଗ୍ ଡାଡ଼୍ ପା ପୁଜା ଆକାଡ଼୍ ହିଆତାନ୍ନା ଇଞ୍ଜି ବାବି କିଦେଙ୍ଗ୍ ଆନାଡ଼୍ ।
୧୭ ମାତର୍ ଜଦି କେତେକ୍ କେନ୍ଦାଂ ଡ୍ରିଙ୍ଗ୍‌ତିକ୍ ଆରି ଏପେଙ୍ଗ୍ ରାନ୍ତି ଜିଡ଼୍ ମାର୍‌ନି କେନ୍ଦାଂ ଆତିସ୍‌ପା ହେ ସବୁ ବିତ୍ରେ କଲମ୍
କିତାର୍, ଆରେ ହେୱାର୍ ଲାହାଙ୍ଗ୍ ଜିଡ଼୍‌ମାର୍ ଦଲ୍‌ନି ରାସ୍‌ନି ମେହା ଆତାର୍,
୧୮ ଲାଗିଂ ହେ ଡାଡ଼୍ ବିରୁଡ଼୍‌ତ ଗରବ୍ କିମାଟ୍; ମାତର୍ ଜଦି ଗରବ୍ କିୟାଟ୍, ଏପେଙ୍ଗ୍ ଜଦି ଦଲ୍‌ତିଂ ଆହ୍‌ୱାତାଦେର୍ଣ୍ଡା,
ମତର୍ ଦଲ୍ ମିଙ୍ଗେଙ୍ଗ୍ ଆସ୍ତାଡ଼୍‌ନା, ଇଦାଂ ପୁନ୍‌ଞ୍ଜି ମାନାଟ୍ ।
୧୯ ଏପ୍ ଇଞ୍ଜେଙ୍ଗ୍ ଆଡ଼୍‌ନାଦେର୍, "ଆଁ, ମାତର୍ ନାଂ ବାହା ହିଦ୍‌ନି କାଜିଂ ତ ହେ କେନ୍ଦାଂ କାତ୍ୟା ଆଜି ମାଚାଡ଼୍ ।"
୨୦ ହେଦାଂ ହାଡ଼୍‌ପା । ହେୱାର୍ ପାତର୍ କିୱାକା ହୁକେ ହେୱାର୍ କାଟି କିତାର୍, ଏପେଙ୍ଗ୍ କେବଲ୍ ପାତର୍ ହୁଦାଂ ହେ
ବାହା ଆଦିକ୍‌ତାଂ ଆଦିକ୍ କିତାଦେର୍ଣ୍ଡା । ମାତର୍ ଗରବ୍ କିୱାଦାଂ ପାଣ୍ଡ୍ରା ଆଡ ।
୨୧ ଜଦି ମାର୍‌ନି ସବୁ କେନ୍ଦାଙ୍ଗ୍ ଲାକେ ଇହୁଦିରିଂ ଇସ୍ୱର୍ ଡାଣ୍ଡ୍ ହିୱାଦାଂ ପିସ୍ତି ହିୱାତାନ୍, ମିଙ୍ଗେଙ୍ଗ୍ ଇନାକା ହେୱାନ୍
ପିସ୍ତି ହିଦ୍‌ନାନ୍ ?
୨୨ ଲାଗିଂ, ଇସ୍ୱତର୍ ଦୟା ଆରି ଡାଟ୍ ବୁଜା ଆଡ; ଇମ୍‌ଣାକାର୍ ମୁଞ୍ଜ୍‌ତାର୍, ହେୱାର୍ କାଜିଂ ଆଟ୍‌ୱା, ମାତର୍ ଏପେଙ୍ଗ୍
ଜଦି ଇସ୍ୱତର୍ ଦୟାତି ସାରାଣ୍ ଆଜି ମାନାଟ୍, ତା ଆତିସ୍ ମି କାଜିଂ ହେୱାନ୍ତି ଦୟା; ନଲେ ଏପେଙ୍ଗ୍ ପା କାଡ୍ୟାନାର୍ ।
୨୩ ଆରେ, ହେୱାର୍ ଜଦି ପାତର୍କିୱାକାତ ମାନୁର୍, ବାଟିଙ୍ଗ୍ ହେୱାର୍ ପା କଲମ୍ କିୟାନାର୍, ଇନେକିଦେଂକି ହେୱାରିଂ
ଆରେ ରଗ କଲମ୍ କିନି କାଜିଂ ଇସ୍ୱର୍ କିଦେଙ୍ଗ୍ ଆଡ଼୍‌ନାନ୍ ।
୨୪ ପାତର୍କିୱି ଜିହୁଦିର୍ ରାନ୍ତି ଜିଡ଼୍‌ମାର୍‌ନି କେନ୍ଦାଙ୍ଗ୍ ଲାକେ । ହେଦାଂ କାତ୍ୟା ଆଜି ମିଟ୍ ବାବ୍ରେ ବାଡ଼୍‌ନି ଜାଗ୍ରଡ଼୍ କିତି
ଜିଡ଼୍ ମାର୍ ଲାହାଂ ମେହାୟ୍ କିଆତାନ୍ନା । ଜିହୁଦି ଜାତି ବାଡ଼୍‌ନି ଜାଗ୍ରଡ଼୍ କିତି ଜିଡ଼୍‌ମାର୍ ଲାକେ । ଇ ମାର୍‌ନି କାଡ଼୍‌ତି କେନ୍ଦାଂ
ଆରେରଗ ମାର୍ ଲାହାଂ ମେହାୟ୍ କିନି ଇସ୍ୱର୍‌ତି ପାକ୍ୟାତ ଆଡ଼୍‌ୱା ।

## ୱିଜାର୍ କାଜିଂ ଇସ୍ୱତର୍ ଦୟା

୨୫ ଇନେକିଦେଂକି ଏ ଟଣ୍ଡାର୍ ଆରି ତଣ୍‌ଦେକ୍, ଏପେଙ୍ଗ୍ ଇନେସ୍ ଜାର୍ ଜାର୍‌ତିଂ ବୁଦ୍ୟାର୍ ଇଞ୍ଜି ମାନେ କିଉଦେର୍
ଇଦାଂ କାଜିଂ ଏପେଙ୍ଗ୍ ଜେ ଇ ଡ଼ୁକ୍କିହାଡ଼୍‌ପା ବିସ୍ରେ ପୁନ୍‌ୱାଦାଂ ମାନାସ୍, ଇଦାଂ ନା ଇଚା ଆକାୟ୍, ଇଚିସ୍, ଏଚେକ୍ ପାତେକ୍
ପାତର୍କିୱି ଜିହୁଦିର୍ ବାତର୍ ଗିଣ୍‌ତ ହଣ୍‌ୱାତାର୍‌ନା, ହେ ପାତେକ୍ ଇସ୍ରାଏଲ୍ ବାଗ୍‌ତ ଆଟ୍‌ୱା ଆତାଡ଼୍‌ନ୍ନା;
୨୬ ଆରେ, ଇବାନି ୱିଜାର୍ ଇସ୍ରାଏଲ୍ ମୁକ୍‌ଡ଼ା ଆନାର୍,
ଇନେସ୍ ଲେକାମାନାଡ଼୍, "ସିୟନ୍‌ତାଂ ମୁକ୍ତିକିନାକାନ୍ ଜୁଦ୍‌ନାନ୍,
ହେୱାନ୍ ଜାକୁବ୍‌ତାଂ ଅଦାମର୍ ଦେହା କିନାନ୍ ।"
୨୭ ଆରେ, ଏଚେକାଡ଼୍‌ଦ ଆସେଙ୍ଗ୍ ହେୱାର୍‌ତି ପାପ୍ ସବୁ ଚରି କିନାସ୍, ହେପାଦ୍‌ନା ଇଦାଂ ହେୱାର୍ ଲାହାଙ୍ଗ୍ ମା ନିୟମ୍
ଆନାଡ଼୍ ।
୨୮ ନେକ୍ରିକାବୁର୍ ବିସ୍ରେ ବିଚାର୍ କିତିସ୍ ହେୱାର୍ ମି କାଜିଂ ବିରୁଡ଼୍ ଆଦ୍‌ନାର୍, ମାତର୍ ବାଚିକିତି ବିସ୍ରେ ବିଚାର୍ କିତିସ୍ ଦାଦି
ଅଜାର୍ କାଜିଂ ହେୱାର୍ ୱାରିନି ମାଜି ।
୨୯ ଇନେକିଦେଂକି, ଇସ୍ୱତର୍ ଦାନ୍ ସବୁ ଆରି କୁକ୍‌ନାକା ପଲ୍ୟା ଆଉଡ଼୍ ।

³⁰ ଲାଗିଂ ଏପେଙ୍ଗ୍ ଇନେସ୍ ଆଗେ ଇସ୍ୱତର୍ ବଲ୍ ମାନି କିୱାଦାଂ ମାଚାଦେର୍, ମାତର୍ ନଙ୍ଗ୍ ହେୱାର୍ତି ବଲ୍ ମାନିକିୱାଦାଂ
ହୁକେ ଦୟା ପାୟା ତାଦେର୍ଣ୍ଣା,
³¹ ହେ ଲାକେ ଇୱାର୍ ପା ନଙ୍ଗ୍ ବଲ୍ ମାନିକିୱାକାର୍ ଆତାର୍ଣ୍ଣା, ଇନେସ୍ ମି କାଜିଂ ହତ୍ତାର୍ ଦୟା ହୁକେ ଇୱାର୍ ପା ନଙ୍ଗ୍
ଦୟା ଅୟାନାର୍ ।
³² ଇନେକିଦେଂକି ୱିଜାରିଂ ଦୟା କିନି କାଜିଂ ଇସ୍ୱର୍ ୱିଜାରିଂ ବଲ୍ ମାନିକିୱାଦାଂ ହେଲାୟ୍ କିତାନ୍ନା ।

## ଇସ୍ୱତର୍ ଜାଜ୍‌ମାଲ୍

³³ ଆ ! ଇସ୍ୱତର୍ ବୁଦି ଆରି ଗିଆନ୍ ଲାକେ ଦାନ୍ କେତେ ସିମା ହିଲୁତ୍ ! ହେୱାନ୍ତି ବିଚାର୍ ସବୁ ଇନେସ୍ ବେସି ବୁଦି
ଆରି ହେୱାନ୍ତି ହାଜି ସବୁ ଇନେସ୍ ବୁଜାଆଉର୍ !
³⁴ ଇନେକିଦେଂକି,
ମାପ୍ପୁତି ମାନ୍ ଇନେର୍ ପୁଚାର୍ଣ୍ଣା ?
କି ହେୱାନ୍ତି ବୁଜାୟ୍ କିନାକାନ୍ ଇନେର୍ ଆତାର୍ଣ୍ଣା ?
³⁵ ନଲେ ଇନେର୍ ହେୱାନିଂ ପର୍ତୁମ୍‌ତ ଦାନ୍ କିତାନ୍ନା,
ଆରେ ତାଙ୍ଗେଙ୍ଗ୍ ଇନାମ୍ ଦାନ୍ କିୟାନାତ୍ ?
³⁶ ଲାଗିଂ ୱିଜୁ ବିସ୍ରେ ହେୱାନ୍‌ତାଂ, ହେୱାନ୍ ହୁକେ ଆରି ହେୱାନ୍‌ତି କାଜିଂ; ଜୁଗ୍ ଜୁଗ୍ ଜାଜ୍‌ମାଲ୍ ହେୱାନ୍ତି । "ଆମେନ୍ ।"
*

# ୧୨

## ଇସ୍ୱର୍‌ତି ହେବାତ ଜିବୁନ୍

¹ ଲାଗିଂ, ଏ ଟଣ୍ଡାର୍, ଆନ୍ ମିଙ୍ଗେଙ୍ଗ୍ ଇସ୍ୱର୍‌ତି ଦୟା କାଜିଂ ଗୱାରି କିଦ୍‌ନାଙ୍ଗା, ଏପେଙ୍ଗ୍ ଜାର୍ ଜାର୍ ଗାଗାଡ଼୍‌ତିଂ ଜିବୁନ୍,
ପୁଇପୁୟା ଆରି ଇସ୍ୱର୍‌ତି ହାର୍ ଇଟ୍‌ନାକା ପୁଜାଲାକେ ଆକାତ୍ ହିୟାଟ୍, ଇଦାଂ ତ ମିଦାଂ ହାର୍ଦାକା ପାର୍ତାନା ।
² ଏପେଙ୍ଗ୍ ଇ ନଙ୍ଗ୍ ଜୁଗ୍‌ନି ପାଚେ ହାଲ୍‌ମାଟ୍, ମାତର୍ ଇନେସ୍ ଏପେଙ୍ଗ୍ ଇସ୍ୱତର୍ ଇଚା ଇନାକା ଇଚିସ୍ ହାର୍‌ଦାକା,
ହାର୍ ଇଟ୍ୟାନାକା ଆରି ହାର୍ଦାକା ବିସ୍ରେ ଇନାକା, ଇଦାଂ ପରିକ୍ୟା କିଜି ବୁଜାନାଦେର୍, ଇଦାଂ କାଜିଂ ଜାର୍ ଜାର୍ ମାନ୍‌ନି
ପୁନାକା ହୁକେ ବାଦ୍‌ଲି ଆଡ ।
³ ଇନେକିଦେଂକି ନାଙ୍ଗ୍ ହିଡ୍‌ତି ଉପ୍‌କାର୍ ହୁକେ ଆନ୍ ମି ବିଡ୍ରେ ମାନି ୱିଜୁ ଜାଣ୍‌ତିଂ ଇଞ୍ଜ୍‌ନାଙ୍ଗା, ଜାର୍ ବିସ୍ରେ ଇନେସ୍
ବାବି କିମାଟ୍, ତା ତାଂ ଜାର୍‌ତିଂ ଆଦିକ୍ ଗାଜା ଇଞ୍ଜି ବାବି କିମାଟ୍; ମାତର୍ ଇସ୍ୱର୍ ଇନେରିଂ ଇମ୍‌ଣି ଇସାବ୍‌ରେ ପାତର୍
ରଚ୍‌ଚାଦେର୍ଣ୍ଣା, ହେ ଇସାବ୍‌ରେ ୱିଜୁ ଜାଣ୍ ବୁଦିକାର୍‌ୟା ଲାକେ ଜାର୍ ବିସ୍ରେ ବାବି କିୟାଟ୍ ।
⁴ ✡ଇନେକିଦେଂକି ଇନେସ୍ ର ଗାଗାଡ଼୍‌ତ ମାଦାଂ ବେସି କେଇଗାଲ୍ ମାନାତ୍, ମାତର୍ ୱିଜୁ ଗାଗାଡ଼୍ ସବୁନି କାମାୟ୍ ର
ବାନି ଆକାୟ୍,
⁵ ହେ ଲାକେ ବେସି ଜେ ଆସେଙ୍ଗ୍, ଆସେଙ୍ଗ୍ କ୍ରିସ୍ଟତାକେ ର ଗାଗାଡ଼୍ ଆରି ଜାଣ୍‌କେ ହାରି କେଇଗାଲ୍ ।
⁶ ✡ଆରେ, ମାଙ୍ଗେଙ୍ଗ୍ ହିଡ୍‌ତି ଉପ୍‌କାର୍ ଇସାବ୍ରେ ଆପେଂ ବାରବିନି ଦାନ୍ ପାୟାତାପ୍‌ନା; ଲାଗିଂ ହେ ଦାନ୍ ଜଦି
ବେଣ୍‌ବାକ୍‌ଣାୟ୍‌କିନାକା ଆନାତ୍, ୱାଡ ଆସେଙ୍ଗ୍ ପାତର୍‌ନି ଏଚେକ୍ ଇସାବ୍ରେ ବେଣ୍‌ବାକ୍‌ଣାୟ୍ କିନାସ୍;
⁷ କି ହେଦାଂ ଜଦି ହେବାକାର୍‌ୟା କାମାୟ୍ ଆନାତ୍, ତା ଆଡିସ୍ ୱାଡ, ମା ହେବାକାର୍‌ୟା କାମାୟ୍‌ତ ଲାଗିସ୍ ମାନାସ୍;
⁸ ନଲେ ଇନେର୍ ହିକ୍ୟା ହିନାନାନ୍, ହେୱାନ୍ ସିକ୍ୟାଦାନ୍‌ତ କି ଇନେର୍ ୱାରିକିୟ୍ କିନାନ୍, ହେୱାନ୍ ଉପ୍‌ଦେସ୍ ଦାନ୍‌ତ
ଲାଗିସ୍ ମାନେନ୍, ଇନେର୍ ଜାତୁନ୍ ଅନାନ୍, ହେୱାନ୍ ହୁଦାର୍ ବାବ୍ରେ ଦାନ୍ କିଏନ୍; ଇନେର୍ ହାର୍ ମାନ୍ତାଙ୍ଗ୍ ହେୱାନ୍
ଜାତୁନ୍‌ତାଂ କିଏନ୍; ଇନେର୍ ଦୟା କିନାନ୍, ହେୱାନ୍ ପୁରାମାନ୍‌ତାଂ ହେଦାଂ କିଏନ୍ ।
⁹ ଜିଉନନାକା କାପ୍‌ଟିୟା ଆଏଡ୍ । ଇନାକା ବାନିୟା, ହେଦାଂ ଗିଣ୍ କିୟାଟ୍; ଇନାକା ହାର୍, ହେବେ ଲାଗିସ୍ ମାନାଟ୍;
¹⁰ ଟଣ୍ଡାର୍ ଜିଉତ ହାରି କାଜିଂ ଜିଉ ନନାକାଦେର୍ ଆଡ; ୱାରିତ ହାରିତିଂ ଗାଜା ଗିଆନ୍ କିୟାଟ୍;
¹¹ ତ୍ରିକାଡ଼୍‌ତ କାକାର୍ ଆମାଟ୍, ଜିବୁନ୍‌ତ ଗରମ୍ ଆଡ; ପୁରା ବକ୍ତିତାଂ ମାପ୍ପୁତି ହେବା କିୟାଟ୍;
¹² ବାସର୍‌ତ ୱାରି କିୟାଟ୍; ଦୁକ୍‌ତ ହୁଦାର୍ ଆଡ; ପାର୍ତାନାତ ଏକା ସମାନ୍ ଲାଗିସ୍ ମାନାଟ୍ ।
¹³ ସାଦୁର୍‌ତି ଅବାବ୍ ଉପ୍‌କାର୍ କିୟାଟ୍; ସସ୍ ହିନିତ ମେହା ଆଡ ।
¹⁴ ✡ଇମ୍‌ଣାକାର୍ ମିଙ୍ଗେଙ୍ଗ୍ ଇଣ୍ କିଦ୍‌ନାର୍, ହେୱାରିଂ ଆସିର୍ବାଦ୍ କିୟାଟ୍; ଆସିର୍ବାଦ୍ କିୟାଟ୍ ରାଣ୍ ହିମାଟ୍ ।
¹⁵ ଇମ୍‌ଣାକାର୍ ୱାରି କିନାର୍, ହେୱାର୍ ଲାହାଙ୍ଗ୍ ୱାରି କିୟାଟ୍; ଇମ୍‌ଣାକାର୍ ଆଡ଼୍‌ବାନାର୍, ହେୱାର୍ ଲାହାଙ୍ଗ୍ ଆଡ଼୍‌ବାଟ୍
।
¹⁶ ହାରି କାଜିଂ ରମାନ୍ ଆଡ; ବାନ୍ୟାମାନାୟ୍ ଆୱାଦାଂ ହିଲ୍‌ୱାକାରିଂ ମେହା ଆଡ । ଜାର୍ ଜାର୍ ବୁଦିତ ବାବି କିମାଟ୍ ।

* **୧୧:୩୬** ଇନାକା ଆନାକା ଆଏଡ୍ ଇଞ୍ଜି ଇନାସ୍ ଇଦିଲିଂ, "ଆମେନ୍" ✡ **୧୨:୪** ୧ କରନ୍ତିୟ ୧୨:୧୨. ✡ **୧୨:୬** ୧ କରନ୍ତିୟ ୧୨:୪-୧୧. ✡ **୧୨:୧୪** ମାତିଉ ୫:୪୪; ଲୁକ ୬:୨୮.

୧୭ ବାନିୟା ବାଦୁଲ୍ ଇନେରିଂ ବାନିୟା କିମାଟ୍; ୱିଜାର୍ ମାନାୟରିଂ କାଣ୍କୁତ ଇନା ଇନାକା ହାର୍ଦାକା, ହେ ସବୁ ଚିନ୍ତା
କିୟାଟ୍;
୧୮ ଆଡ଼ତିସ୍, ମିଦାଂ ଏଚେକ୍ ପାଡେକ୍ ଆଡ଼ନାଦେର୍, ୱିଜାର୍ ମାନାୟାର୍ ଲାହାଙ୍ଗ୍ ସୁସ୍ତାତ ମାନାଟ୍ ।
୧୯ ଏ ୱାରିନିକାଦେର୍, ଏପେଙ୍ଗ୍ ନିଜେ ନିଜେ ବାଦ୍ଲି ଅମାଟ୍, ମାତର୍ ରିସା କାଜିଂ ବାହା ପିସ୍ତି ହିୟାଟ୍; ଇନେକିଦେଂକି
ଲେକାମାନାଡ୍, "ମାପ୍ରୁ ଇନାନ୍, ବାଦ୍ଲି ଅନାକା ମା ଆଦିକାର୍, ଆପ୍ ତା କାମାୟନି ପାଡ଼୍ ହିନାପ୍ ।"
୨୦ ଇଚିସ୍ ଜଦି ମି ସାତ୍ରୁ ନାସ୍କି, ଲାଗିଂ ତାଙ୍ଗ୍ ଚିଚ୍ପାଟ୍; "ଜଦି ହେୱାନ୍ ଏସ୍କି ତାଙ୍ଗ୍ ଉଚ୍ପାଟ୍; ଇନେକିଦେଂକି ଏଲେଙ୍ଗ୍
କିତିସ୍ ଏପେଙ୍ଗ୍ ତା କାପ୍ଡ଼ା ଜପି ଆହ୍ନି ଗଡାଂ ଗାଦି କିନାଦେର୍ ।"
୨୧ ବାନିୟା କାମାୟତ ଆରା ଆମାଟ୍ ୱିଜୁ ବାନ୍ୟା ବିସ୍ରେ ହାର୍ଦି ବେବାର୍ ହୁକେ ଜିତା ଆଡ ।

# ୧୩

## ସାସନ୍ କିନାକାର୍ କାଜିଂ କାମାୟ

୧ ଜାଣ୍କେ ଜାଣ୍ ଆଦିକାର୍ ଗାଟାତି ସାସନ୍କାର୍ଆତି ତଲ୍ୟା ଆନାସ୍, ଇନେକିଦେଂକି ଆଦିକାର୍ କେବଲ୍ ଇସ୍ୱର୍ତାଂ
ୱାନାଡ୍, ଆରେ ଇନେନ୍ ୱିଜୁ ଲକୁ ଆଦିକାର୍ ପାୟାତି ସାସନ୍କାର୍ୟା ମାନାନ୍, ହେୱାର୍ ଇସ୍ୱର୍ତି ହୁଦାଂ ବାଚିକିୟାତାକାର୍
।
୨ ଲାଗିଂ, ଇନେନ୍ ଆଦିକାର୍ ଟେବାୟ କିନାନ୍, ହେୱାନ୍ ଇସ୍ୱର୍ ରଚ୍ଚାକାଦ୍ଲିଂ ଟେବାୟ କିନାନ୍, ଆରେ ଇମ୍ଣାକାର୍
ଟେବାୟ କିନାର୍, ହେୱାର୍ ଜାର୍ ଜାର୍ ଜପି ଡାଣ୍ଡ ଗିଟାୟକିନାର୍ ।
୩ ଇନେକିଦେଂକି ମୁଡ଼୍ଦାକାର୍ ହାର୍ କାଜିଂ ପାଣ୍ଡ୍ରାନାକାର୍ ଆକାୟ, ମାତର୍ ବାନ୍ୟା କାମାୟ କାଜିଂ ପାଣ୍ଡ୍ରା ଆନାଦେର୍
। ଏପେଙ୍ଗ୍ କି ଆଦିକାର୍ ପାୟାତି ସାସନ୍କାର୍ୟା ଲାଗାଂ ପାଣ୍ଡ୍ରା ଆୱାଦାଂ ଇଚା କିନାଦେର୍ ? ବାଟିଙ୍ଗ୍ ହାର୍ଦେ କାମାୟ
କିୟାଟ୍, ତା ଆତିସ୍ ହେୱାନ୍ତାଂ ୱାରିକିୟକିଆ ଆନାଦେର୍,
୪ ଏନେଙ୍ଗ୍ ହାର୍ କିଦେଙ୍ଗ୍ କାଜିଂ ହେୱାନ୍ ଇସ୍ୱର୍ତି ବାଚିକିୟାତାକାନ୍ । ମାତର୍ ଏପେଙ୍ଗ୍ ଜଦି ବାନ୍ୟାକାମାୟ କିଜି
ମାନାଟ୍, ୱାଟିଂ ସାସନ୍କାର୍ୟା ଲାହାଂ ପାଣ୍ଡ୍ରା ଆଡ, ଇନେକିଦେଂକି ମିଙ୍ଗେଙ୍ଗ୍ ଡାଣ୍ଡ ହିନି କାଜିଂ ହାପ୍ରାରଚେ ହେୱାନ୍ତି
କେମ୍ତା ମାନାଡ୍ । ହେୱାନ୍ ଇସ୍ୱର୍ତି ବାଚିକିତି ହେବାକାର୍ୟା । ବାନ୍ୟା କାମାୟ କିନାକାରିଂ ସାସନ୍ କିଦେଙ୍ଗ୍ ହେୱାନ୍
ଇସ୍ୱର୍ତି ବଲ୍ ପାଲି କିନାନ୍ ।
୫ ଲାଗିଂ ଏପେଙ୍ଗ୍ ସାସନ୍କାର୍ୟାତି ବଲ୍ ମାନିକିନାକା ଲଡ଼ା-କେବଲ୍ ଇସ୍ୱର୍ତି ଦାଣ୍ଡ ପାଣ୍ଡ୍ରତୁାଂ ଆକାୟ, ମତର୍ ନିଜେ
ଚିନ୍ତାନି ନାସ୍ତାଂ ରାକ୍ୟା ପାୟାନି କାଜିଂ ।
୬ ଲାଗିଂ ଇ କାରଣ୍ତାଂ ଏପେଙ୍ଗ୍ ସିସ୍ତ ପ୍ରା ହିଜି ମାନାଦେର୍, ଇନେକିଦେଂକି ହେୱାର୍ ଇସ୍ୱର୍ତି ହେବାକାରି ଲାକେ ଇ
କାମାୟତ ଲାଗିସ୍ ମାନାର୍ ।
୭ ଇନେରିଂ ଇନାକା ଗାଟାନାଡ୍, ହେୱାନିଂ ସିସ୍ତ ହିଆଟ୍; ଇନେରିଂ ହିଦେଂ ଆନାଡ୍, ହେୱାନିଂ ହିଆଟ୍, ଇନେରିଂ ଟିକସ୍
ହିଦେଂ ଆନାଡ୍, ହେୱାନିଂ ସିସ୍ତ ହିଆଟ୍, ଇନେରିଂ ପାଣ୍ଡ୍ରା ଆୟାନାଡ୍, ହେୱାନିଂ ପାଣ୍ଡ୍ର ଆଡୁ, ଇନେରିଂ ୱାରିଆନାଡ୍,
ହେୱାନିଂ ୱାରିକିଆଟ୍ ।

## ଟଣ୍ଡେନ୍ ଲାକେ ଜିଉନୱାଟ୍

୮ ହାରିତିଂ ଜିଉନନାକା ପିସ୍ତି ଆରେ ଇନେର୍ ତାକେ ରିଣ୍ୟାଁ ଆମାଟ୍, ଇନେକିଦେଂକି ଇନେର୍ ବିନ୍ ଲଗାଙ୍ଗ୍ ଜିଉନନାନ୍,
ହେୱାନ୍ ବିଦି ପୁରା କିନି ଲଡ଼ା ।
୯ "ଇନେକିଦେଂକି ଦାରି କିମାଟ୍, ନାର୍ତିଂ ଟୁଣ୍ମାଟ୍, ଚରି କିମାଟ୍, ଲାବ୍ଡ଼ି ଆମାଟ୍, ଆରେ ଜଦି ଆରେ ଇମ୍ଣାକା ପା
ବଲ୍ ମାଚିସ୍, ହେଦାଂ ସାର୍ ବାବ୍ରେ ଇ ବଚନ୍ନି ମାନାକାନ୍ ଆନାନ୍, ଲାଗିଂ, ପାଡ଼୍ହା ଇଞ୍ଜାକାରିଂ ୱାସ୍କିଲାକେ ଜିଉନୱାଟ୍ ।
୧୦ ଏନେଙ୍ଗ୍ ରୱାନିଂ ଜିଉନଜି ମାଚିସ୍, ହେୱାନ୍ କାଜିଂ ଇନାୱାଡ଼ାଂ ପା ଅନ୍ୟାୟ କିଉଦେର୍ । ଲାଗିଂ ଜିଉନନାକା ହୁକେ
ନେ ୱିଜୁ ବିଦି ମାନି କିୟାନାଡ୍ ।
୧୧ ଆରେ, ନଙ୍ଗ୍ ମି ହୁଚ୍କାଣ୍କୁତାଂ ଜାଗ୍ରତ୍ ଆନି ସମୁ ଜେ ଇକାୱାତାଡ୍, ଇଦାଂ ପୁନ୍ଞ୍ଜି ଇ ସବୁ କିୟାଟ୍; ଇନେକିଦେଂକି
ମା ପାତର୍ କିନି ଦିନ୍ତାଂ ନଂ ମୁକ୍ଡ଼ାନାକା ମାଦାଂ ଆଦିକ୍ ଲାଗେ ।
୧୨ ନାଣା ଅଜଡ଼୍ ଆନାତା, ଦିନ୍ ଲାଗେ; ଲାଗିଂ ୱାଡୁ, ଆସେଙ୍ଗ୍ ମାଜ୍ଗାନି କାମାୟ ସବୁ ପିସ୍ତି ଅଜଡ଼୍ନି ଆତିୟାର୍ ଲାକେ
ଜାଲ୍ଦି କିଜି ଉସ୍ପାନାସ୍ ।
୧୩ ରଙ୍ଗ୍ରାସ୍ଆ ଆରି କାଲିଂଉଣାକା, ବାନ୍ୟାକାମାୟ ଆରି ଦାରିକାମାୟ, ଗଣ୍ଡଗଲ୍ ଆରି ରିସାତ ଚିନ୍ତା କିୱାଦାଂ ୱାଡୁ,
ଆସେଙ୍ଗ୍ ଦିନ୍ନି ହାର୍ଦାଂ ଚିନ୍ତା କିନାସ୍ ।
୧୪ ଆରେ ମାପ୍ରୁ ଜିସୁ କ୍ରିସ୍ଟତିଂ ଏପେଙ୍ଗ୍ ହେନ୍ଦ୍ରା ଲାକେ ଉସ୍ପାଟ୍, ଆରେ ବାନ୍ୟାଆହା ହପ୍ପିସ୍ ଗାଗାଡ଼୍ କାଜିଂ ଜାଲ୍ଦି
କିମାଟ୍ ।"

# ୧୪

## ଟଣ୍ଡେନ୍‌ତି ଦସ୍ ଆହ୍‌ମାଟ୍

୧ ☆ପାର୍ତି ଇନେର୍ ନାଦାର୍, ତାଙ୍ଗ୍ ଇଟାଟ୍, ମାତର୍ ବିନ୍ ବିନ୍ ମାନ୍ତି ବିସ୍ରେ ଗାଣ୍ଡ୍‌ଜୁ କିନି କାଜିଂ ହେଦାଂ କିମାଟ୍ ।
୨ ସବୁ ଜିନିସ୍ ତିନି କାଜିଂ ରୱାନ୍ ମାନାୟ୍ ପାର୍ତି ମାନାଡ୍, ମାତର୍ ଇନେର୍ ପାର୍ତି ନାଦାର୍, ହେୱାନ୍ କେବଲ୍ କୁଚା
ତିନାନ୍ ।
୩ ଇନେନ୍ ତିନାନ୍, ହେୱାନ୍ ଲାୟ୍ ତିନ୍‌ୱି ମାନାୟ୍‌ତିଂ ବେକାର୍ ଇନ୍‌ମା; ଆରେ, ଇନେନ୍ ଲାୟ୍ ତିନୁନ୍, ହେୱାନ୍ ଲାୟ୍
ତିନି ଲକୁତି ବିଚାର୍ କିମେନ୍, ଇନେକିଦେଂକି ଇସ୍ୱର୍ ତାଙ୍ଗ୍ ଇଡ୍‌ତାନ୍ନା ।
୪ ଏପ୍ ଇନେର୍ ଜେ ବିନ୍ ଆଡ଼ିଏନ୍‌ନି ବିଚାର୍ କିନାଦେରା ? ହେୱାନ୍ ଜାର୍ ମାପ୍ରୁ ଲାଗାଂ ତିର୍ ମାନାନ୍ କି ମୁଞ୍ଜ୍‌ନାନ୍; ଆଁ,
ତାଙ୍ଗେଙ୍ଗ୍ ତିର୍ କିୟାନାଡ୍, ଇନେକିଦେଂକି ତାଙ୍ଗେଙ୍ଗ୍ ତିର୍ କିଦେଙ୍ଗ୍ ମାପ୍ରୁତି ସାକ୍ତି ମାନାଡ୍ ।
୫ ରୱାନ୍ ମାନାୟ୍ ର ଦିନ୍ ବାଟା ବିନ୍ ଦିନ୍‌ତିଂ ଆଦିକ୍ ଇଜତ୍ କିନାନ୍, ଆରେ ରୱାନ୍ ସବୁନାଜିଂ ସମାନ୍ ଲାକେ ଇଜତ୍
କିନାନ୍ । ୱିଜାର୍ ମାନାୟ୍ ଜାର୍ ମାନ୍ତ ବିଚାର୍ କିଏନ୍ ।
୬ ଇନେର୍ ହାର୍ ଦିନ୍ ବାବି କିନାନ୍, ହେୱାନ୍ ମାପ୍ରୁତି ଉଦେସ୍ତ ହେଦାଂ ମାନି କିନାନ୍; ଆରେ ଇନେର୍ ତିନାନ୍, ହେୱାନ୍
ମାପ୍ରୁତି ଉଦେସ୍ତ ତିନେନ୍, ଇନେକିଦେଂକି ହେୱାନ୍ ଇସ୍ୱର୍‌ତିଂ ଦନ୍ୟବାଦ୍ ହିନାନ୍; ଆରେ ଇନେର୍ ତିନୁନ୍, ହେୱାନ୍ ମାପ୍ରୁତି
ଉଦେସ୍ତ ତିନୁନ୍ ଆରି ଇସ୍ୱର୍‌ତିଂ ଦନ୍ୟବାଦ୍ ହିନାନ୍ ।
୭ ଇନେକିଦେଂକି ମା ବିତ୍ରେତାଂ ଇନେର୍ ଜାର୍ କାଜିଂ ଜିଉନ୍, ଆରି ଜାର୍ କାଜିଂ ହାଉନ୍ ।
୮ ଲାଗିଂ, ଜଦି ଆସେଙ୍ଗ୍ ଜିନାସ୍, ତେବେ ମାପ୍ରୁତି କାଜିଂ ଜିନାସ୍, କି ଜଦି ହାନାସ୍, ବାଟିଙ୍ଗ୍ ମାପ୍ରୁତି କାଜିଂ ହାନାସ୍ ।
ଇଚିସ୍, ଜଦି ଆସେଙ୍ଗ୍ ଜିନାସ୍ କି ହାନାସ୍, ଆସେଙ୍ଗ୍ ମାପ୍ରୁତି ଆନାସ୍ ।
୯ ଇନେକିଦେଂକି କ୍ରିସ୍ଟ ଇନେସ୍ ହାକି ଆରି ଜିବୁନ୍ ରିୟାର୍‌ତି ମାପ୍ରୁ ଆନାନ୍, ହେଦାଂ କାଜିଂ ହେୱାନ୍ ହାତାନ୍, ଆରେ
ଆରେ ଜିତାନ୍ ।
୧୦ ☆ମାତର୍ ଏପେଙ୍ଗ୍ ଇନେକିଦେଂ ଜାର୍ ଟଣ୍ଡେନ୍‌ନିଂ ବିଚାର୍ କିନାଦେରା ? କି ଏପେଙ୍ଗ୍ ଇନେକିଦେଂ ଜାର୍ ଟଣ୍ଡେନ୍‌ନିଂ
ଅଲ୍‌ଗା ହୁଡ଼୍‌ନାଦେରା ? ଆପେଂ ୱିଜାକାପ୍ ତ ଇସ୍ୱର୍‌ତି ବିଚାର୍ ବାହାନି ମୁମ୍‌ଦ ନିଲ୍‌ନାସ୍ ।
୧୧ ଲାଗିଂ ଲେକାମାନାଡ୍,
"ମାପ୍ରୁ ଇନାନ୍, ଆପ୍ ଜିବୁନ୍ ମାନି ପାଟେକ୍,
ୱିଜାର୍ ମେଣ୍ଡାଂ ମା ମୁମ୍‌ଦ ଡାଣ୍ଡାହାଣ୍ ମାଗ୍‌ନାକା,
ଆରେ ୱିଜୁ ୱେନ୍ଦୁଲ୍ ଇସ୍ୱର୍ତି କେର୍‌ନାଡ୍ ।
୧୨ ଲାଗିଂ, ମାଦାଂ ୱିଜାର୍ ମାନାୟାରିଂ ଇସ୍ୱର୍ ମୁମ୍‌ଦ ଜାର୍ ଜାର୍‌ତି ଇସାବ୍ ହିୟାନାଡ୍ ।"

## ଟଣ୍ଡେନ୍‌ତି ବୁଡାୟ୍ କିମାଟ୍

୧୩ ଲାଗିଂ ୱାଡ, ଆପ୍ ଆରେ ହାରି ବିଚାର୍ କିଉସ୍; ମତର୍ ଇନେର୍ ଇନେସ୍ ଜାର୍ ଟଣ୍ଡେନ୍‌ତି ହାଜିଡ଼୍ ବାଦା ଲାଗ୍‌ଦି
ନଲେ ବୁଡାନାକା ବିସ୍ରେ ଇଟୁନ୍ ଇଦାଂ ଏପେଙ୍ଗ୍ ବିଚାର୍ କିୟାଟ୍ ।
୧୪ ଆନ୍ ପୁନାଙ୍ଗ୍ ଆରି ମାପ୍ରୁ ଜିସୁତି ତାକେ ହାଡ଼୍‌ପା ଗିଆନ୍ କିନାଙ୍ଗ୍ ଜେ, ଇମ୍‌ଣାକା ପା ବିସ୍ରେ ନିଜେ ସକଟ୍ ଆକାୟ୍,
ମାତର୍ ଇମ୍‌ଣାକାର୍ ଇମ୍‌ଣାକା ପା ଜିନିସ୍‌ତିଂ ସକଟ୍ ଆକାୟ୍ ଇଞ୍ଜି ପାର୍ତି କିନାନ୍, କେବଲ୍ ହେଦେଲିଂ କାଜିଂ ହେଦାଂ
ସକଟ୍ ଆକାୟ୍ ।
୧୫ ଇନେକିଦେଂକି ମି ଟଣ୍ଡେନ୍ ଜଦି କାଦି କାଜିଂ ଦୁକ୍ ଆନାନ୍, ତା ଆଡିସ୍ ଏପେଙ୍ଗ୍ ଆରେ ଜିଉନନିତ ବେବାର୍
କିଉଦେରା । ଇମ୍‌ଣାକା କାଜିଂ କ୍ରିସ୍ଟ ହାତାନ୍, ହେଦାଂ ଏପେଙ୍ଗ୍ ମି କାଦି ହୁକେ ନସ୍ଟ କିମାଟ୍ ।
୧୬ ଏପେଙ୍ଗ୍ ଇନେରିଂ ହାର୍ ଇଞ୍ଜି ମାନେ କିନାଦେରା, ତାହୁଦାଂ ମିଦାଂ ତର୍ ନିନ୍ଦା ଆମେଡ୍ ।
୧୭ ଇନେକିଦେଂକି ଇସ୍ୱର୍ତି ରାଜି ତିନାକା ଉଣାକା ଆକାୟ୍, ମାତର୍ ଦାର୍ମି, ସୁସ୍ତା ଆରି ପୁଇପୁୟା ଜିବୁନ୍‌ତି ତାକେ
ୱାରି ଆନାଡ୍ ।
୧୮ ଲାଗିଂ ଇନେର୍ ଇ ବିସ୍ରେ କ୍ରିସ୍ଟତି ହେବା କିନାନ୍, ହେୱାନ୍ ଇସ୍ୱର୍ ଲାଗାଂ ଇଟ୍ୟାନାକାନ୍ ଆରି ମାନାୟାର୍ ଲାଗାଂ
ପରିକ୍ୟାସିଦ୍ ଆନାନ୍ ।
୧୯ ଇଚିସ୍ ୱାଡ, ଇମ୍‌ଣି ଇମ୍‌ଣି ବିସ୍ରେ ସୁସ୍ତାନିକା, ଆରେ ଇମ୍‌ଣି ଇମ୍‌ଣି ବିସ୍ରେ ହୁକେ ହାରି ହାର୍ ରଚ୍‌ନାସ୍, ହେ ସବୁନି
ଆସେଙ୍ଗ୍ ପାଚେ ପାଚେ ହାନାସ୍ ।
୨୦ କାଦି କାଜିଂ ଇସ୍ୱର୍ତି କାମାୟ୍ ନସ୍ଟ କିମାଟ୍ । ୱିଜୁ ବିସ୍ରେ ଆଡିସ୍‌ପା ସକଟ୍; ଆଡିସ୍‌ପା ଇମ୍‌ଣି ମାନାୟ୍ ଇନାକା
ତିନାକା ବାଦା ପାୟାନାନ୍, ହେଦାଂ ପାକ୍ୟାତ ହେଦାଂ ବାନିୟା ।
୨୧ ଜେଇ ତିନାକା କି ଅଙ୍ଗୁର୍ ରାସ୍ ଉଣାକା କି ଇମ୍‌ଣି ବିସ୍ରେ ମି ଟଣ୍ଡେନ୍‌ତି ବାଦା ଆଡିସ୍, ହେଦାଂ କିୱିତିସ୍ ହାର୍ ।

☆ **୧୪:୧** କଲସିୟ ୨:୧୬. ☆ **୧୪:୧୦** ୨କରନ୍ତିୟ ୫:୧୦.

୨୨ ମି ଇମ୍ଣି ପାତର୍ ମାନାତ୍, ହେଦାଂ ଏପେଙ୍ଗ୍ ଇସ୍ବର୍ ମୁମ୍ଦ ଜାର୍ ୱାସ୍କିତାଂ ଆସ୍ତି ମାନାଟ୍ । ଇନେର୍ ଇନାକା
ପରିକ୍ୟାସିଦ୍ ଇଞ୍ଜି ବାବିକିନାନ୍, ହେୱାନ୍ ଜଦି ହେବେ ଜାର୍ତିଂ ଦସି କିଉନ୍, ତେବେ ହେୱାନ୍ ଦନ୍ୟ ।
୨୩ ମାତର୍ ଇନେର୍ ରିମାନ୍ୟାଜି ତିନାନ୍, ହେୱାନ୍ ଦାଣ୍ଡ୍ ପାୟାନାନ୍, ଇନେକିଦେଂକି ହେୱାନ୍ ପାତର୍ତ ତିନୁନ୍; ଆରେ
ଇନାକା ଉଚୁଟିଂ ପାତର୍ତାଂ ଆଉତ୍, ହେଦାଂ ପାପ୍ ।

# ୧୫

## ବିନେନିକାରିଂ ୱାରିକିୟ୍ କିୟାଟ୍ ଜାର୍ତିଂ ଆକାୟ୍

୧ ଇନେର୍ ପାତର୍ତ ଆଟ୍ୱା, ହେୱାର୍ ନାଦାର୍ ପାତର୍ ଟଣ୍ଡେନିଂ ଦସ୍ ନାଦାର୍ କାଜିଂ କଁଆଣ୍ ଆଏର୍ । ଇନେର୍ କେବଲ୍
ଜାର୍ତିଂ ୱାରି କିନି କାଜିଂ ଇଚା କିମେନ୍ ।
୨ ନଲେ ବିନ୍ନିକାର୍ ହାର୍ କାଜିଂ ଆରି ହେୱାର୍ତି ପାତର୍ ବାପୁ କିନି କାଜିଂ ହେୱାରିଂ ୱାରି ଇଟ୍ନାକା ମା ଲଡ଼ା ।
୩ କ୍ରିସ୍ଟ ଜାର୍ତି ସୁକ୍ କାଜିଂ ମୁଡ଼େ କିୱାଦାଂ ମାଚାନ୍ । ନଲେ ସାସ୍ତ୍ରର୍ ବଚନ୍ ଇସାପ୍ରେ, “ହେୱାର୍ ମିଙ୍ଗେଙ୍ଗ୍ ହିଜିମାଞ୍ଜନି
ଅପ୍ମାନ୍ ଆନ୍ ହୁଞ୍ଜ୍ନାଙ୍ଗା ।”
୪ ଆରେ ଆସେଙ୍ଗ୍ ଇନେସ୍ ସାସ୍ତ୍ରର୍ ଇସାବ୍ରେ ସାସ୍ ଆରି ଦୁକ୍ସାରାୟ୍ ହୁକେ ବାସର୍ ପାୟା ଆନାସ୍, ଇଦାଂ କାଜିଂ
ଆଗେ କାଡ଼୍ଦ ଇନା ଇନାକା ଲେକା ଆଜି ମାଚାତ୍, ହେ ସବୁ ମା ହିକ୍ୟା କାଜିଂ ଲେକା ଆତାଡ୍ନା ।
୫ କ୍ରିସ୍ଟ ଜିସୁତି ୱାରିନି ପାଚେ ଲାକେ ୱିଜାର୍ତି ହେ ବାନି ମାନ୍ ବାବ୍ନା ଆନି କାଜିଂ ସାସ୍ ଆରି ୱାରିନି ଆଦାର୍ ଇସ୍ବର୍
ମିଙ୍ଗେଙ୍ଗ୍ ବାପୁ କିଦେନ୍ ।
୬ ଇନେସ୍ ର ମାନ୍ଦାଂ ର ୱାଇଦାଂ ଏପେଙ୍ଗ୍ ଇସ୍ବତର୍ ଆରି ମା ମାପୁ ଜିସୁ କ୍ରିସ୍ଟତି ଆବାତି ଜାଜ୍ମାଲ୍ କିୟାଟ୍ ।

## ପାତର୍କିୱି ଜିହୁଦିର୍ତି କାଜିଂ ହାର୍ଦି କାବୁର୍

୭ ଲାଗିଂ ଇସ୍ବତର୍ ଜାଜ୍ମାଲ୍ କାଜିଂ କ୍ରିସ୍ଟ ଇନେସ୍ ମିଙ୍ଗେଙ୍ଗ୍ ଇଡ଼୍ଦାତାନ୍, ଏପେଙ୍ଗ୍ ପା ହେ ଲାକେ ହାରିତିଂ ଇଟାଟ୍ ।
୮ ଇନେକିଦେଂକି ଆନ୍ ଇଞ୍ଜ୍ନାଙ୍ଗ୍, କ୍ରିସ୍ଟ ଇସ୍ବତର୍ ହାଡ୍ପା କାଜିଂ ସୁନ୍ନତ୍ ମାନାୟାରିଂ ହେବାକାର୍ୟା କିୟା ଆତାଡ୍ନା,
ଇନେସ୍ ହେୱାନ୍ ଆକର୍ଦାଦିରିଂ ହିଡ୍ତି ପାର୍ମାଣ୍ ହାଜି ତିର୍ କିନାନ୍,
୯ ଆରେ, ଇନେସ୍ ପାତର୍କିୱି ଜିହୁଦିର୍ ଇସ୍ବତର୍ ଦୟା କାଜିଂ ହେୱାନ୍ତି ଜାଜ୍ମାଲ୍ କିତାର୍; ଇନେସ୍ ଲେକା ମାନାତ୍,
“ଇଦାଂ କାଜିଂ ଆନ୍ ପାତର୍କିୱି ଜିହୁଦିର୍ ବିତ୍ରେ ନିଂ ୱାରିକିୟ୍ କିଦ୍ନାଙ୍ଗ୍,
ଆରେ ନି ତର୍ ୱାରିକିୟ୍ କିନାଙ୍ଗ୍ ।”
୧୦ ଆରେ ହେୱାନ୍ ଇନାନ୍, ଏ ପାତର୍କିୱି ଜିହୁଦିର୍, ଏପେଙ୍ଗ୍ ହେୱାନ୍ତି ମାନାୟାର୍ ଲାହାଙ୍ଗ୍ ୱାରି କିୟାଟ୍ ।
୧୧ ଆରେ, “ଏ ପାତର୍କିୱି ଜିହୁଦିର୍ ୱିଜାଦେର୍ ମାପୁଙ୍ଗ୍ ୱାରିକିୟ୍ କିୟାଟ୍, ଆରେ, ମାନାୟ୍ ୱିଜାର୍ ହେୱାନ୍ତି ୱାରିକିୟ୍
କିୟାଟ୍ ।”
୧୨ ଆରେ ଜିସିୟ ଇନାନ୍, “ଜିସାୟ୍ତି ଦଲ୍ ମାନ୍ଗାନାତ୍, ଆରେ, ଇନେର୍ ପାତର୍କିୱି ଜିହୁଦିର୍ ଜପି ସାସନ୍ କିଦେଙ୍ଗ୍
ନିଙ୍ଗ୍ନାର୍, ପାତର୍କିୱି ଜିହୁଦିର୍ ହେୱାନ୍ ଜପି ବାସର୍ କିତାର୍ ।”
୧୩ ୱିଜୁ ବାସର୍ନି ଆଦା, ଇସ୍ବର୍ ମିଙ୍ଗେଙ୍ଗ୍ ପାତର୍ କାଜିଂ ମିଙ୍ଗେଙ୍ଗ୍ ୱାରି ଆରି ସୁସ୍ତାତ ବାତର୍ କିଦେନ୍ । ପୁଇପୁୟା
ଜିବୁନ୍ ସାକ୍ତିତ ମିଦାଂ ବାସର୍ନି ବାଡା ଆୟେଡ୍ ।

## ପାଉଲ୍ ପାତର୍କିୱି ଜିହୁଦିର୍ କାଜିଂ ଜିସୁତି ହେବାକାମାୟ୍

୧୪ ଆରେ ଏ ନା ଟଣ୍ଡାର୍ ଆରି ତଣ୍ଦେକ୍, ନା ପାତର୍, ଏପେଙ୍ଗ୍ ୱିଜାକାଦେର୍ ସଡ୍ଗୁଣ୍, ଆରେ ଗିଆନ୍ତ ବାତର୍ ଆରି
ହାରିତିଂ ହିକ୍ୟା ହିଦେଂ ଆଡ୍ନାଦେର୍ ।
୧୫ ଆତିସ୍ପା ନାଙ୍ଗ୍ ଇସ୍ବର୍ତି ଦାଇତ୍ ହିୟାଜି ମାନି ଦୟା କାଜିଂ ଆନ୍ ମିଙ୍ଗେଙ୍ଗ୍ ଆରେରଗ ଏତୁକିୟ୍ କିଦ୍ନି କାଜିଂ
କେତେକ୍ ଇସାବ୍ ଆଦିକ୍ ସାସ୍ ଲାହାଂ ମି ଲାଗାଂ ଲେକିକିନାଙ୍ଗା ।
୧୬ ଇନେକିଦେଂକି ପାତର୍କିୱି ଜିହୁଦିର୍ ଇନେସ୍ ପୁଇପୁୟା ଜିବୁନ୍ ହୁକେ ପୁଇପୁୟା କିୟା ଆଜି ଆକାଡ୍ ଲାକେ ହାର୍
ଇଟ୍ୟା ଆନାର୍, ଇଦାଂ କାଜିଂ ହେୱାର୍ ଲାଗାଂ କ୍ରିସ୍ଟ ଜିସୁତି ହେବାକାରିୟା ଆଜି ଇସ୍ବତର୍ ନେକ୍ରିକାବୁର୍ ପର୍ଚାର୍ କିନି
କାଜିଂ ନାଙ୍ଗ୍ ହେ ଉପ୍କାର୍ ହିଡ୍ତାଡ୍ନା ।
୧୭ ଲାଗିଂ କ୍ରିସ୍ଟ ଜିସୁତି ଲାହାଂ ମେହାଜି ଇସ୍ବର୍ତି କାଜିଂ ଇ ହେବାକାମାୟ୍ କିଜି ମାଚିଲେ ଆନ୍ ଗର୍ବେ ବାବି କିନାଙ୍ଗା ।
୧୮ ଇନେକିଦେଂକି ପାତର୍କିୱି ଜିହୁଦିର୍ ବଲ୍ ମାନି କିନି କାଜିଂ କ୍ରିସ୍ଟ ନା ହୁକେ ବଚନ୍ତ ଆରି କାମାୟ୍ତ, ଇଚିସ୍
ବିନ୍ବିନ୍ ଚିନ୍ ଆରି କାବାନି କାମାୟ୍ତ, ପୁଇପୁୟା ଜିବୁନ୍ ସାକ୍ତିତ ଇନା ଇନାକା କିୱାତାନ୍ନା, ଏଲେଙ୍ଗ୍ ଇମ୍ଣାକା ପା
ବିସ୍ରେ କିଦେଙ୍ଗ୍ ଆନ୍ ସାସ୍ କିଉଙ୍ଗ୍ ।

୧୯ ଇଦାଂ ହେୱାନ୍ ଇଚାନ୍ନା, ବଚନ୍ ଆରି କାମାୟ୍ ହୁଦାଂ ଆରି ଇସ୍ୱର୍ତି ପୁଇପୁୟା ଜିବୁନ୍ତି ସାକ୍ତିତ ଚିନ୍କୁ ଆରେ
କାବାନି କାମାୟ୍ । ଲାଗିଂ ଆନ୍ ଜିରୁସାଲମ୍ତାଂ ଇଲ୍ଲୁରିକ୍ତ ହାନି ୱେଡ଼ାଲିଂ ହାଜିଡ଼ କ୍ରିସ୍ଟତି ନେକ୍ରିକାବୁର୍ ବେସିକିଜି ସୁଣାୟ୍
କିତାଂନା ।
୨୦ ଇମ୍ଣି ବାହାକାଂ ମାନାୟାର୍ କ୍ରିସ୍ଟତି ବିସ୍ରେ ୱେନ୍ୱାତାର୍ଣ୍ଣା, ହେବେ ହେୱାନ୍ତି ନେକ୍ରିକାବୁର୍ ପର୍ଚାର୍ କିନାକା ନା
ଇଟ୍କାଡ଼୍, ଇନେକିଦେଂକି ବିନ୍ଲଗୁ କୁନାଦି କିତିତାକେ ଇଲ୍ ରଚ୍ଚେଙ୍ଗ୍ ଆନ୍ମାନ୍ କିଉଙ୍ଗା ।
୨୧ ଇନେସ୍ ଲେକାମାନାଡ଼୍,
"ଇମ୍ଣାକାର୍ ହେୱାନ୍ତି କାବୁର୍ ପାୟାୱାତାର୍ଣ୍ଣା,
ହେୱାର୍ ହୁଡ଼୍ନାର୍, ଆରେ ଇମ୍ଣାକାର୍ ୱେନ୍ୱାତାର୍ଣ୍ଣା, ହେୱାର୍ ବୁଜାଆନାର୍ ।" ଜିସାୟ୍ ୫୨:୧୫ ।

## ରମ୍ ହାନି କାଜିଂ ପାଉଲ୍ତି ଇଚା

୨୨ ✡ବେସିହଟ୍ ମି ଲାଗାଂ ୱାନି କାଜିଂ ନା ଇଚା ପଲ୍ୟା ଆତାନ୍ନା ।
୨୩ ମାତର୍ ନଙ୍ଗ୍ ଇ ସବୁ ପାଟିନିପ କାମାୟ୍ କିଦେଙ୍ଗ୍ ଆରେ ବାହା ହିଲ୍ୱିତିଲେ ଆରେ, ବେସି ବାର୍ହୁ ଆତାଡ଼୍ ମି ଲାଗାଂ
ହାନି କାଜିଂ ଆହା କିଜି ୱାଜି ମାଚିଲେ,
୨୪ ଆନ୍ ସ୍ପେନ୍ତିଂ ହାନି ସମୁତ ୱାନାଙ୍ଗ୍; ଇନେକିଦେଂକି ହାସ୍ଦ ମିଙ୍ଗେଙ୍ଗ୍ ମେହାଜି ପର୍ତୁମ୍ ମି ମେହାଣ୍ତ କେତେକ୍
ହିସାବ୍ରେ ପାଞ୍ଜି ଲାବ୍ କିତି ପାଚେ ହେ ବାହାତ ହାନି କାଜିଂ ଏପେଙ୍ଗ୍ ନାଙ୍ଗ୍ ହାଜି ୱେଚ୍ଚାନାଦେର୍ ଇଞ୍ଜି ଆହା କିନାଙ୍ଗା ।
୨୫ ✡ଇ ଦାପ୍ରେ ପୁଇପୁୟା ଇସ୍ୱର୍ତି ଲକୁରିଂ ହେବା କିଦେଙ୍ଗ୍ ଜିରୁସାଲମ୍ ହାଞ୍ଜେଙ୍ଗ୍ ହତାଂନା ।
୨୬ ଇନେକିଦେଂକି ଜିରୁସାଲମ୍ତ ପୁଇପୁୟା ସାଦୁର୍ ବିତ୍ରେ ଇମ୍ଣାକାର୍ ହିଲାକାର୍, ହେୱାର୍ କାଜିଂ ମାକିଦନିଆ ଆରି
ଆକାୟାନି ମଣ୍ଡଲିକାଂ ମେହାଣ୍ ଚଚ୍ନି ଅଲପ୍ ଦାନ୍ ରୁଣ୍ଡାୟ୍ କିଦେଙ୍ଗ୍ ହାର୍ କିତାର୍ଣ୍ଣା ।
୨୭ ଆଁ ହେୱାର୍ ଇଦାଂ ହାର୍ ବୁଜାଆତାର୍ଣ୍ଣା ସତ୍, ହେଲ ହେୱାର୍ ହେୱାର୍ତି ଲାଗାଂ ରିଣ୍ ପା ଲଡ଼ା; ଇନେକିଦେଂକି ଜଦି
ପାତର୍ କିୱି ଜିହୁଦିର୍ ହେୱାର୍ତି ୱାସ୍କି ବିସ୍ରେ ମେହା ଆତାର୍ଣ୍ଣା, ତେବେ ହେୱାର୍ ସଁସାର୍ ବିସ୍ରେ ପା ହେୱାର୍ତି ହେବା କିନି
କାଜିଂ ରିଣ୍ ।
୨୮ ଲାଗିଂ, ଇକାମାୟ୍ ପୁରା କିତି ପାଚେ ଆରି ଇ ରୁଣ୍ଡାୟ୍ କିଜି ଇଡ଼୍ତି ଦାନ୍ ଲାଗ୍ଦି ପାଡ଼୍ ହେୱାର୍ତି କେଇଦ ହେଲାୟ୍
କିତି ପାଚେ ମି ଲାଗାଂ ହିଜି ସ୍ପେନ୍ତ ହାନାଙ୍ଗ୍ ।
୨୯ ଆରେ ଆନ୍ ପୁନାଙ୍ଗ୍, ଏଚେକାଡ଼୍ଦ ଆନ୍ ମି ଲାଗାଂ ଏକା ୱାନାଙ୍ଗ୍, ହେପାଦ୍ନା କ୍ରିସ୍ଟତି ଆସିର୍ବାଦ୍ନି ବାତର୍ତ ଏକାନାଂ
।
୩୦ ଏ ଟଣ୍ଡାର୍ ଆରି ଟଣ୍ଡାର୍, ଆନ୍ ମା ମାପୁ ଜିସୁ କ୍ରିସ୍ଟତି କାଜିଂ ଆରି ଜିବୁନ୍ ଜିଉନନି କାଜିଂ ନା କାଜିଂ ଇସ୍ୱତର୍ ଲାଗାଂ
ନା ଲାହାଙ୍ଗ୍ ଜାତୁନ୍ତାଂ ପାର୍ତାନା କିନି କାଜିଂ ମିଙ୍ଗେଙ୍ଗ୍ ଗୱାରି କିଦ୍ନାଙ୍ଗା,
୩୧ ଇନେସ୍ ଆନ୍ ଜିହୁଦା ରାଜିତ ବଲ୍ ମାନିକିୱି ମାନାୟାର୍ତାଂ ରାକ୍ୟା ପାୟାନାଙ୍ଗ୍, ଆରେ ଜିରୁସାଲମ୍ କାଜିଂ ନା
ଇମ୍ଣି ହେବା, ହେଦାଂ ଇନେସ୍ ପୁଇପୁୟା ସାଦୁର୍ ଲାଗାଂ ହାର୍ ଇଟ୍ୟାନାଡ଼୍,
୩୨ ଆରେ, ଇସ୍ୱତର୍ ଇଚାତ ଆନ୍ ଇନେସ୍ ୱାରିତାଂ ମି ଲାଗାଂ ଏକା ୱାଜି ମି ଲାହାଙ୍ଗ୍ ଆରାମ୍ ପାୟାଆନାଙ୍ଗ୍ ।
୩୩ ସୁସ୍ତାହିନାକାନ୍ ଇସ୍ୱର୍ ମି ୱିଜାର୍ ଲାହାଙ୍ଗ୍ ମାନେନ୍ । ଆମେନ୍ ।

# ୧୬

## ପାଉଲ୍ତି ବନ୍ଦାଣି

୧ କେଙ୍କେ୍ରୟା ମଣ୍ଡଲିନି ରଞ୍ଜେଲ୍ ହେବା କିନାକାଦେଲ୍ ମା ତଣ୍ଦେଲ୍ ପୌବିତି ପାକ୍ୟାତ ଆନ୍ ମିଙ୍ଗେଙ୍ଗ୍ ଗୱାରି
କିଦ୍ନାଙ୍ଗା,
୨ ଏପେଙ୍ଗ୍ ସାଦୁର୍ତି ଆଡ଼୍ନି ସମାନ୍ ବାବ୍ରେ ତାଙ୍ଗେଙ୍ଗ୍ ମାପୁତି ତର୍ଦ ଇଟ୍ନାଦେର୍, ଆରେ ଇମ୍ଣାକା ପା ବିସ୍ରେ ମିତାଂ
ହେୱାନ୍ତି ଉପ୍କାର୍ ଲଡ଼ା ଆନାଡ଼୍, ହେ ବିସ୍ରେ ତାଙ୍ଗ୍ ଉପ୍କାର୍ କିନାଦେର୍; ଇନେକିଦେଂକି ହେୱାନ୍ ନିଜେ ପା ହେନିର୍ତି
ଆରି ନା ନିଜାର୍ତି ଉପ୍କାର୍ କିତାର୍ନା ।
୩ ✡କ୍ରିସ୍ଟ ଜିସୁତି କାମାୟ୍ତ ନା ହାଙ୍ଗ୍ଦାକାର୍ ପ୍ରିସ୍କା ଆରି ଆକ୍ୱିଲାତିଂ ଜୁୱାର୍ ୱେଚାଟ୍;
୪ ହେୱାର୍ ନା ପାରାଣ୍ କାଜିଂ ଜାର୍ ଜାର୍ ଜିବୁନ୍ତିଂ ଆପଡ୍ କିତାର୍; କେବଲ୍ ଆନ୍ ଜେ ହେୱାରିଂ ଦନ୍ୟବାଦ୍ କିନାଙ୍ଗା,
ହେଦାଂ ଆକାୟ୍, ମାତର୍ ପାତର୍ କିୱି ଜିହୁଦିର୍ ମଣ୍ଡଲି ଲାଗାଂ ପା ହେୱାରିଂ ଦନ୍ୟବାଦ୍ ହିନାରା;
୫ ଆରେ ହେୱାର୍ ଇଞ୍ଜ ମାନି ମଣ୍ଡଲିତିଂ ଜୁୱାର୍ ୱେଚାଟ୍ ।
ନା ୱାରିନି ଏପାଇନେତତିଂ ଜୁୱାର୍ ୱେଚାଟ୍, ହେୱାନ୍ କ୍ରିସ୍ଟତି କାଜିଂ ଆସିଆନି ପର୍ତୁମ୍ ପାଡ଼୍ ଲାକେ ।
୬ ମରିୟମ୍ତିଂ ଜୁୱାର୍ ୱେଚାଟ୍, ହେଦେଲ୍ ମି କାଜିଂ ବେସି କସ୍ଟ କିଜି ମାଚାଡ଼୍ ।

✡ **୧୫:୨୨** ରମିୟ ୧:୧୩. ✡ **୧୫:୨୫** ୧ କରନ୍ତିୟ ୧୬:୧-୪. ✡ **୧୬:୩** ପକ୍ୟାତାକା ୧୮:୨.

୭ ନା ନିଜ୍‌ଜାତି ଆରି ରଚେବାନ୍ଦି ଆନ୍ଦ୍ରନିକ୍ ଆରି ଜୁନିୟାତିଂ ଜୁୱାର୍ ୱେଚାଟ୍; ହେୱାର୍ ପକ୍ୟାତାକାର୍ ବିତ୍ରେ ଡାକ୍‌ପୁଟା
ଆରି ନା ଆଗ୍‌ଦ ପା କ୍ରିସ୍ଟତି ଦୟାପାୟା ଆତାର୍ଣ୍ଣା ।
୮ ମାପୁତାକେ ନା ୱାରିନି ବନ୍ଧୁ ଆମ୍ପ୍ଲିୟାତାନିଂ ଜୁୱାର୍ ୱେଚାଟ୍ ।
୯ କ୍ରିସ୍ଟତି ହେବାତ ନା ହାଙ୍ଗ୍‌ଦାକାର୍ କାମାୟ୍ କିନାକାନ୍ ଉର୍ବାଣତିଂ ଆରି ନା ୱାରିନି ସ୍ତାକୁତିଂ ଜୁୱାର୍ ୱେଚାଟ୍ ।
୧୦ କ୍ରିସ୍ଟତାକେ ପରିକ୍ୟାସିଦ୍ ଆପେଲ୍ଲାଙ୍ଗ୍ ଜୁୱାର୍ ୱେଚାଟ୍ । ଆରିସ୍ତବୁଲ୍‌ତିଂ କୁଟୁମ୍‌ନି ମାନାୟାରିଂ ଜୁୱାର୍ ୱେଚାଟ୍ ।
୧୧ ନା ନିଜ୍‌ଜାତିରିଂ ହେରଦିୟନ୍‌ତିଂ ଜୁୱାର୍ ୱେଚାଟ୍ । ନାର୍କିସଙ୍ଗ୍‌ତିଂ କୁଟୁମ୍ ବିତ୍ରେ ଇମ୍‌ଣାକାର୍ ମାପୁତି ଆସିର୍ବାଦ୍
ପାୟାତାର୍ଣ୍ଣା, ହେୱାରିଂ ଜୁୱାର୍ ୱେଚାଟ୍ ।
୧୨ ମାପୁତି କାମାୟ୍‌ତ କସ୍ଟ କିଜି ମାନି କ୍ରୁପେଣା ଆରି କ୍ରୁପସାତିଂ ଜୁୱାର୍ ୱେଚାଟ୍ । ୱାରିନି ପର୍ସିତିଂ ଜୁୱାର୍ ୱେଚାଟ୍,
ହେୱାନ୍ ମାପୁତି କାମାୟ୍‌ତ ବେସି କସ୍ଟ କିତାନ୍‌ନା ।
୧୩ ମାପୁତି ବାଚିକିତି ରୁପ୍‌ତିଂ ଆରି ତାଂ ତେହିଙ୍ଗ୍ ଜୁୱାର୍ ୱେଚାଟ୍, ହେଦେଲ୍ ପା ନା ଆୟା ଲାକେ ।
୧୪ ଅସୁଙ୍କ୍ରିତ୍, ଫ୍ଲେଗନ୍, ହର୍ମିସ୍, ପାତ୍ରବା, ହର୍ମିସ୍, ଆରେ ହେୱାର୍‌ତି ହାଙ୍ଗ୍‌ଦାଂ ମାନି ଟଣ୍ଡାରିଂ ଆରି ତଣ୍‌ଦେକ୍‌କାଂ
ଜୁୱାର୍ ୱେଚାଟ୍ ।
୧୫ ପିଲଲଗ୍ ଆରି ଜୁଲିଆ, ନିରୁସ୍ ଆରି ତା ତଣ୍‌ଦେଲ୍; ଆରେ ଅଲୁମ୍‌ପା ଆରି ହେୱାର୍‌ତି ଲାହାଂ ମାନି ୱିଜାର୍ ସାଦୁରିଂ
ଜୁୱାର୍ ୱେଚାଟ୍ ।
୧୬ ପୁଇପୁୟା ଡଞ୍ଜ୍‌ନାକା ହିଜି ହାରିତିଂ ଜୁୱାର୍ କିୟାଟ୍ । କ୍ରିସ୍ଟତି ୱିଜୁ ମଣ୍ଡ୍‌ଲି ମିଙ୍ଗେଙ୍ଗ୍ ଜୁୱାର୍ ୱେଚ୍‌ଚାନାରା ।

## ପାଉଲ୍‌ତି ହାରିହାରା ବଲ୍

୧୭ ଏ ଟଣ୍ଡାର୍ ଆରି ତଣ୍‌ଦେକ୍, ଏପେଙ୍ଗ୍ ଇମ୍‌ଣି ହିକ୍ୟା ପାୟାତାର୍ଣ୍ଣା, ହେବେନି ପାଲ୍‌ଟା ଇମ୍‌ଣାକାର୍ ଦଲ୍‌ଗଣ୍ଡ୍‌ଗଲ୍
ଆରି ବାଦାନି କାରଣ୍ ଗିଟାୟ୍ କିତାର୍, ହେୱାରିଂ ଚିନ୍ ଇଡ୍‌ଜି ହେୱାର୍‌ତାଂ ବିନେ ମାଞ୍ଜେଙ୍ଗ୍ କାଜିଂ ଆନ୍ ମିଙ୍ଗେଙ୍ଗ୍ ଗୱାରି
କିଦ୍‌ନାଙ୍ଗା ।
୧୮ ଇନେକିଦେଂକି ଇ ଲାକେ ମାନାୟାର୍ ମା ମାପୁ କ୍ରିସ୍ଟତି ଆଡ଼ିଏନ୍ ଆକାୟ୍, ମାତର୍ ଜାର୍ ଜାର୍ ବାର୍ତି ଆଡ଼ିଏନ୍
ଆତାର୍ଣ୍ଣା, ଆରେ ମିଚ୍‌ବଚନ୍ ଆରି ଚିକ୍‌ଣିତ ହୁଦାର୍ ମାନ୍ ମାନାୟାର୍‌ତି ମାନ୍ ବୁଲାୟ୍‌କିନାର୍ ।
୧୯ ଲାଗିଂ ମି ବଲ୍‌ତାଂ କାତା ୱିଜୁ ଲକାର୍‌ତି ବିତ୍ରେ ମେଙ୍ଗ୍‌ୟାତାଡ୍; ଇଚିସ୍ ଆନ୍ ମି କାଜିଂ ୱାରି କିନାଙ୍ଗା, ମାତର୍ ଏପେଙ୍ଗ୍
ଇନେସ୍ ହାର୍‌ଦି ବିସ୍ରେ ଗିଆନ୍ ଆରି ସତ୍‌କିୱି ବିସ୍ରେ ଅମାନ୍ୟା ଆମାଟ୍, ଇଦାଂ ନା ମାନ୍ ।
୨୦ ଆରେ ସୁସ୍ତାହିନାକାନ୍ ଇସ୍ୱର୍ ସୟ୍‌ତାନ୍‌ତିଂ ବେଗି ମି ପାନା ତାରେନ୍ ୱିହ୍‌ନାନ୍ ।
ମା ମାପୁ ଜିସୁ କ୍ରିସ୍ଟତି ଉପ୍‌କାର୍ ମି ଲାହାଙ୍ଗ୍ ଆଏଡ୍ ।
୨୧ ✡ନା ହାଙ୍ଗ୍‌ଦାକାନ୍ ତିମତି, ଆରେ ନା ନିଜ୍‌ଜାତିର୍ ଲୁକିୟ, ଜାସନ୍ ଆରି ସସିପାତ୍ର ମିଙ୍ଗେଙ୍ଗ୍ ଜୁୱାର୍ ଜାଣାୟ୍
କିଦ୍‌ନାରା ।
୨୨ ଇ ଆକି ଲେକିକିନାକାନ୍ ଜେ ଆନ୍ ତର୍ତିୟ, ଆନ୍ ମାପୁତି ତର୍‌ଦ ମିଙ୍ଗେଙ୍ଗ୍ ଜୁୱାର୍ ୱେଚ୍‌ଚାନାନା ।
୨୩ ନା ଆରି ୱିଜୁ ମଣ୍ଡ୍‌ଲିନି ଗତାଂ ହେବା କିନାକାନ୍ ଗାୟ ମିଙ୍ଗେଙ୍ଗ୍ ଜୁୱାର୍ ଜାଣାୟ୍ କିଦ୍‌ନାନା । ଇ ଗାଡ଼୍‌ନି ଆଦିକାର୍
ଏରାସ୍ଟ ଆରି ଟଣ୍ଡେନ୍ କ୍ୱାର୍ତ ମିଙ୍ଗେଙ୍ଗ୍ ଜୁୱାର୍ ଜାଣାୟ୍ କିଦ୍‌ନାରା ।
୨୪ ମା ମାପୁ ଜିସୁ କ୍ରିସ୍ଟତି ଉପ୍‌କାର୍ ମି ୱିଜାର୍ ଲାହାଙ୍ଗ୍ ଆଏଡ୍ । ଆମେନ୍
୨୫ ଇମ୍‌ଣି ଇସ୍ୱର୍ ନା ନେକ୍ରିକାବୁର୍ ଆରି ଜିସୁ କ୍ରିସ୍ଟତି ବିସ୍ରେନି ସୁଣାୟ୍‌କିନି ଇସାବ୍‌ରେ, ଇଚିସ୍ ଇମ୍‌ଣି ହାର୍ଦାକା ୱିଜ୍‌ୱି
କାଡ଼୍‌ତାଂ ଡ଼ଗୁଜି ମାଚାଡ୍ ।

## ପାର୍ତାନା ଆରି ୱାରି ଲାହାଂ ଆକି ୱିଜ୍‌ନାକା

୨୬ ମତର୍ ନଙ୍ଗ୍ ହତାଡ୍‌ନା, ଆରେ ପାର୍ତି କିଜି ବଲ୍‌ମାନି ଆନି କାଜିଂ ୱିଜ୍‌ୱି ମାପୁ ଇସ୍ୱର୍‌ତିଂ ବଲ୍ ଇସାବ୍‌ରେ,
ବେଣ୍‌ବାକ୍‌ଣାୟ୍‌କିନାକାର୍‌ତି ସାସ୍ତର୍ ଉପ୍‌କାର୍‌ତାଂ ୱିଜୁ ଜାତିର୍ ମାନାୟାର୍ ଲାଗାଂ ପୁନି କିତାର୍‌ନା, ହେ ବିତ୍ରେନି ହତି
ଇସାବ୍‌ରେ ମିଙ୍ଗେଙ୍ଗ୍ ସୁସ୍ତାକିଦେଂ ଆଡ଼୍‌ନାନ୍,
୨୭ ଜିସୁ କ୍ରିସ୍ଟତି ହୁକେ ଜୁଗ୍ ଜୁଗ୍ ହେ ରୱାନ୍ ମତର୍ ଗିଆନ୍‌ବାନ୍ ଇସ୍ୱର୍ତି ଜାଜ୍‌ମାଲ୍ ଆଏଡ୍ । ଆମେନ୍ ।

✡ **୧୬:୨୧** ପକ୍ୟାତାକା ୧୬:୧.

# କରନ୍ତିୟ ମଣ୍ଡଳୀରେ ପାଉଲଙ୍କ ପ୍ରଥମ ପତ୍ର
# ମା ମଣ୍ଡ୍ଲି ତାକେ ପାଉଲ୍‌ତି ପର୍ତୁମ୍ ଆକି
## ପାଦେକ୍

ପର୍ତୁମ୍ କରନ୍ତିନି ଆକି ପକ୍ୟାତି ପାଉଲ୍‌ତି ହୁଦାଂ ଜିସୁ କ୍ରିସ୍ଟତି ଜଲମ୍‌ନି ରିକଡ଼ି ପନ୍ଦର ୫୫ ବାର୍ହୁ ପାଚେ ଲେକା ଆଜି ମାଚାଡ୍ ୧:୧ । ପାଉଲ୍‌ତି ହୁଦାଂ ଲେକା ଆଜି ମାଚି ରିଣ୍ଡି ଆକି ବିତ୍ରେତାଂ ଇଦାଂ ଆନାତା ପର୍ତୁମ୍ ଆକି । ହେୱାନ୍ ଆଜି ମାନାଡ୍ ଇ ଆକି ଏପିସିତ ମାନି ୱେଡ଼ାଲିଂ ଲେକି କିଜି ମାଚାନ୍ । ମାସିଦନିୟାତାଂ କରନ୍ତିତ ମାନି ପୁର୍ବେତାଂ ଲେକି କିତାନ୍‌ନ୍ନା ୧୬:୫-୯ ।

ପାଉଲ୍ ଇ ଆକିତ ମଣ୍ଡ୍ଲି ବିତ୍ରେ କୁଦା ବାଗ୍‌ଆନାକା ଆରି କିୱିକାମାୟ୍‌ତ ଆହା ହୁଦାଂ ବାରବିନି ବାନ୍ୟା କାମାୟ୍ ଚାଲା ଆଜି ମାଚି ବିସ୍ରେ ମଣ୍ଡ୍ଲିନି କୁଟୁମ୍‌ତିଂ ତାଙ୍ଗ୍ ୱେନ୍‌ଞ୍ଜି ଉତର୍ ହିନିତ ଦିୟାନ୍ ହିନାନ୍ । କରନ୍ତି ଗାଡ଼୍ କିୱିକାମାୟ୍ ଆହା ବିସ୍ରେ ଜାଣାସୁଣା ମାଚାଡ୍ । ଲାଗିଂ ମଣ୍ଡ୍ଲି ଇ ଆବ୍‌ଡ଼କୁାଂ ଗିଟା ଆଜି ମାଚାଡ୍ ଇବେ କାବା ଆନାକା ମୁଡ଼େ ଆକାୟ୍ । ପର୍ତୁମ୍ କରନ୍ତି ଜିଉନନାକା ଜପି ରଞ୍ଜାଙ୍ଗ୍ ଡାକ୍‌ପୁଟା ଆନାଡ୍ ।

### ଇ ପତି ବିସ୍ରେନି ରାହାଣ୍

୧. ପାଉଲ୍ କରନ୍ତିୟରିଂ ବନ୍ଦାୟ୍ କିତାର୍ ଆରି ହେୱାର୍‌ତି କାଜିଂ ଇସ୍ୱର୍‌ତିଂ ଜୱାର୍ ହିନାନ୍ । ୧:୧-୯
୨. ପାଉଲ୍ କରନ୍ତି ମଣ୍ଡ୍ଲିତାଂ ପାୟାତି ମଣ୍ଡ୍ଲି ବିନେ ବିନେ ବିସ୍ରେ ହିକ୍ୟା ହିନାନା । ୧:୧୦–୪:୨୧
୩. ବିନେନିକା ହେ କିୱି କାମାୟ୍ ଆହା ଆରି ରୱାନ୍ ବିନେ ଲଗାଂ ଦାଜର୍ତ ଅନି ବିସ୍ରେ ଲେକି କିନାନା । ୫–୬
୪. ପାଚେ ବିବା ବିସ୍ରେ, ପୁତ୍‌ଡ଼ାତିଂ ପୁଜାକିନାକା, ଉପ୍ରିୟା ପାର୍ତାନା କିନାକା, ପୁଇପୁୟାତି ଦାନ୍ ଆରି ଆରେ ନିଂନାକା ଲେକି କିନାନା । ୭–୧୫
୫. ହାରିହାରା ହେୱାନ୍ ଏଚେକ୍ ଚିନ୍ତାକିନାକା ଆରି ଜାର୍ ବିସ୍ରେ ଲେକି କିଜି ୱିହ୍‌ନାନା । ୧୬

୧ ଆନ୍ ପାଉଲ୍, ଇସ୍ୱତର୍ ଇଚାତ କ୍ରିସ୍ଟ ଜିସୁତି କୁକ୍ୟାତି ରୱାନ୍ ପକ୍ୟାତାକାନ୍, ମା ଟଣ୍ଡ୍ରେନ୍ ସସ୍ତିନା,
୨ କରନ୍ତି ବସ୍ତିତ ଇସ୍ୱତର୍ ମଣ୍ଡ୍ଲିତ ଆପେଂ ଲେକିକିନାପା; ଇମ୍‌ଣାକାର୍ ଇସ୍ୱତର୍ ପୁଇପୁୟା ମାନାୟ୍ ଆନି କାଜିଂ
କୁକ୍ୟାତାକାର୍ ଆରି ଇସ୍ୱର୍ କ୍ରିସ୍ଟ ଲାହାଙ୍ଗ୍ ମେହା ହୁକେ ଇସ୍ୱତର୍ ଆଜି ୱିଜ୍‌ୱି ଆରି ସବୁ ମା ମାପ୍ରୁ ଜିସୁତି ପାର୍ତାନା କିତାର୍ ।
୩ ମି କାଜିଂ ମା ଆବା ଇସ୍ୱର୍ ଆରି ମାପ୍ରୁ ଇସ୍ୱର୍ କ୍ରିସ୍ଟ ଜିସୁତି ତାଙ୍ଗ୍ ଉପ୍‌କାର୍ ଆରେ ସୁସ୍ତା ଆଏଡ୍ ।

### କ୍ରିସ୍ଟତି ହୁକେ ଆସିର୍ବାଦ୍

୪ ଇନାକିଦେଂକି ଏନ୍ କ୍ରିସ୍ଟ ଜିସୁ ଲାହାଙ୍ଗ୍ ମେହାଆନି କାଜିଂ ଇସ୍ୱର୍ ମିଙ୍ଗେଙ୍ଗ୍ ଇମ୍‌ଣି ଉପ୍‌କାର୍, ହିଡ୍‌ନ୍ନା ହେଦାଂ କାଜିଂ
ଇସ୍ୱର୍‌ତିଂ ଜୁୱାର୍ ହିନାଙ୍ଗା,
୫ ଇନାକିଦେଂକି ତା ତାକେ ୱିଜୁ ବିସ୍ରେ, ବେସି ଇସ୍ୱର୍ ସବୁ ବାନି ହିକ୍ୟା ହିନିତ ଆରି ସବୁ ବାନିନି ଗିଆନ୍ ଏପେଙ୍ଗ୍
ହାଉକାର୍ ଆତାଦେର୍ଣ୍ଣା ।
୬ ଇ ବାନି କ୍ରିସ୍ଟତି ସାକି ମି ବିତ୍ରେ ତିର୍ ଆତାଡ୍‌ନ୍ନା ।
୭ ହେଦାଂ କାଜିଂ ମାପ୍ରୁ ଜିସୁ କ୍ରିସ୍ଟତି ହତାକାତିଂ କାସି ମାନି ୱେଡ଼ାଲିଂ ମିଦାଂ ଇମ୍‌ଣାକାପା ଆମ୍ରିକ୍ ଆସିର୍ବାଦ୍‌ନି ଅସୁବିଦା
ଆଦ୍‌ୱାତାଡ୍‌ନା ।
୮ ମା ମାପ୍ରୁ ଜିସୁ କ୍ରିସ୍ଟତି ଅଜଡ଼୍‌ତ ଇନେସ୍‌କି ଏପେଙ୍ଗ୍ ଇଦାଂ କାଜିଂ ହେୱାନ୍ ପା ମିଙ୍ଗେଙ୍ଗ୍ ହାରିହାରା ପାତେକ୍ ଆଟ୍‌ୱା
ଲାହାଙ୍ଗ୍ କିଦ୍‌ନାନ୍ ପାଚେ ମାପ୍ରୁ ଜିସୁ କ୍ରିସ୍ଟତି ୱାନି ଦିନ୍ତ ଦସିକିୱାତାକାନ୍ ବାଚିକିୟାନାନ୍ ।
୯ ଇମ୍‌ଣି ଇସ୍ୱର୍ ତା ମାଜି ମାପ୍ରୁ ଜିସୁ କ୍ରିସ୍ଟତି ମେହାବିଡ଼ା ଆନି କାଜିଂ ମିଙ୍ଗେଙ୍ଗ୍ କୁକ୍‌ତାତାନ୍‌ନା ହେୱାନ୍ ସବୁୱେଡ଼ାଙ୍ଗ୍
ପାତର୍ନିକାନ୍ ।

### ମଣ୍ଡ୍ଲିତ ବାଗ୍‌ବାଗ୍

୧୦ ଏ ଟଣ୍ଡ୍ରାର୍, ଆରି ଟଣ୍‌ଦେକାଦେର୍ ମା ମାପ୍ରୁ ଜିସୁ କ୍ରିସ୍ଟତି ତର୍‌ଦ ଆନ୍ ମିଙ୍ଗେଙ୍ଗ୍ ଗୱାରି କିଦ୍‌ନାଙ୍ଗା, ଇନ୍‌ବା ଆନି
ସମୁତ ର ମାନ୍ ଇନାଟ୍, ତା ଆତିସ୍ ମି ବିତ୍ରେ ଇମ୍‌ଣାକା ଗଡ଼୍‌ମାର୍ ଆଉଡ୍, ମତର୍ ଏପେଙ୍ଗ୍ ର ମାନ୍‌ତାଂ ଆରି ର ବାବ୍‌ନାତ
ମେହାଆଡୁ ।
୧୧ ଏ ନା ଟଣ୍ଡ୍ରାର୍, ଆରେ ତଣ୍‌ଦେକ୍, କ୍ଲୟିତି ଲକ୍‌ବାକ୍‌ତାଂ ମି ବିସ୍ରେ ନା ତାକେ ଇଦାଂ ହତାଡ୍‌ନା ଜେ, ମି ବିତ୍ରେ ଗଡ଼୍‌ମାର୍
ମାନାଡ୍ ।

୧୨ ☆ନା କାତା ବାବିକିୟାଟ୍ ଇ, ମି ବିତ୍ରେତାଂ ଇନେ ଇନେର୍ ଇନାର୍, ଆନ୍ ପାଉଲ୍‌ତି, ଇନେ ଇନେର୍ ଇନାର୍, ଆନ୍
ଆପଲ୍ଲତି, ଇନେ ଇନେର୍ ଇନାର୍, ଆନ୍ କେପାତି, ଆରେ ଇନେ ଇନେର୍ ଇନାର୍ ଆନ୍ କ୍ରିସ୍ଟତି ।
୧୩ କ୍ରିସ୍ଟ କି ରିବାଗ୍ ଆତାନ୍ନା ? ମି କାଜିଂ କି ପାଉଲ୍ କ୍ରୁସ୍‌ତ ହାଜି ମ଼ାଚାନ୍ ? ଇଚିସ୍ ଏପେଙ୍ଗ୍ କି ପାଉଲ୍ ତର୍‌ଦ ବାପ୍ତିସିମ୍
ଆଜି ମ଼ାଚାଦେର୍ ?
୧୪ ☆ ଇସ୍ୱର୍‌ତି ଦନ୍ୟବାଦ୍ ହିନାଙ୍ଗା ଜେ କ୍ରିସ୍ଟ ଆରି ଗାୟତି ପିସ୍ତି ମି ବିତ୍ରେତାଂ ଆନ୍ ଇନେରିଂ ବାପ୍ତିସିମ୍ ହିୱାତାଙ୍ଗ୍‌ନା ।
୧୫ ଲାଗିଂ ନା ଚେଲା ଲାକେ ବାପ୍ତିସିମ୍ ଅତାର୍ଣ୍ଣା ଇଞ୍ଜି ମି ବିତ୍ରେ ଇନେ ଇନେର୍ ଇଞ୍ଜେଙ୍ଗ୍ ଆଡୁର୍ ।
୧୬ ☆ଆଁ ଆନ୍ ସ୍ତିପାନ୍ କୁଦାନିକାରିଂ ପା ବାପ୍ତିସିମ୍ ହିତାଙ୍ଗ୍‌ନା; ଇଦାଂ ପିସ୍ତି ଆନ୍ ଆରେ ଇନେରିଂ ପା ବାପ୍ତିସିମ୍ ହିତାଙ୍ଗ୍‌ନା
ଇଞ୍ଜି ନା ଏତୁ ୱାଉତା ।
୧୭ ଇନାକିଦେଂକି କ୍ରିସ୍ଟ ନାଙ୍ଗେଙ୍ଗ୍ ବାପ୍ତିସିମ୍ ହିନି କାଜିଂ ପକ୍ତାୱାତାନ୍‌ନା, ମତର୍ ନେକ୍ରିକାବୁର୍ ସୁଣାୟ୍ କିନି କାଜିଂ
ପକ୍ତାତାନ୍ନା; ହେଦାଂ ପା ବଚନ୍ ଡାଟ୍‌ତାଙ୍ଗ୍ ଆକାୟ୍, କାତେହିନା କ୍ରିସ୍ଟତି କ୍ରୁସ୍ ପଲ୍ୟା ଆନାତ୍ ।

## ଇସ୍ୱତର୍ି ସାକ୍ତି ଆରି ଗିୟାନି କାଦି କ୍ରିସ୍ଟ

୧୮ ଇନାକିଦେଂକି ବୁଡା ଆନି ଲକୁ କାଜିଂ କ୍ରୁସ୍ ଜପି କ୍ରିସ୍ଟତି ହାକିନି କାତା ମୁକର୍ିୟା ମତର୍, ମତର୍ ମୁକ୍ତି ଆନାକା
ପାୟାଜିମ଼ାନି ମା କାଜିଂ ହେଦାଂ ଇସ୍ୱତର୍ି ସାକ୍ତି ଆନାତ୍ ।
୧୯ ଲାଗିଂ ଇଦାଂ ସାସ୍ତର୍ ଲେକା ମାନାତ୍,
“ଆନ୍ ଗିୟାନିର୍‌ତାଂ ଗିଆନ୍ ନାହାୟ୍ କିନାଙ୍ଗ୍,
ଆରେ ବୁଦିନିକାରିଙ୍ଗ୍ ବୁଦି ଇଟୁପ୍ ।
୨୦ ଗିଆନିର୍ ଇନେର୍ ? ସାସ୍ତିର୍ ଇନେର୍ ? ଇ ଜୁଗ୍‌ନି ବେର୍‌ଣିୟା ଇନେର୍ ? ଇସ୍ୱର୍ କି ପୁତର୍ିନି ଗିଆନ୍‌ତିଂ ମୁକର୍ିୟା
ଇଞ୍ଜି ହପ୍‌ୱାତାର୍ଣ୍ଣା ?
୨୧ ଇସ୍ୱର୍ ତା ଗାଜା ଗିଆନ୍‌ତ ତିର୍ କିଜି ମ଼ାଚାନ୍ ଜେ ମାନାୟ୍ ଜଗତ୍ ଜାର୍ ଗିଆନ୍ ହୁକେ ଇସ୍ୱର୍‌ତିଂ ପୁଞ୍ଜେଙ୍ଗ୍ ଆଡୁସ୍
ବିନ୍ ପାକ୍ୟାତ ଆସେଙ୍ଗ୍ ସୁଣାୟ୍‌କିନାକା ଇଚିସ୍ ବୁଦି ହିଲ୍‌ୱାକାର୍ ନେକ୍ରିକାବୁର୍‌ତ ପାତର୍ି କିନି ମାନାୟାରିଂ ରାକ୍ୟା କିନି
ଇସ୍ୱର୍ ଇଚା କିତାନ୍‌ନ୍ନା ।
୨୨ ଇନାକିଦେଂକି ଜିହୁଦିର୍ ଚିନ୍ ଡେକ୍‌ନାର୍, ଆରେ ଗ୍ରିକ୍ ଲକୁ ଗିଆନ୍ ଡେକ୍‌ନାର୍,
୨୩ ମତର୍ ଆସେଙ୍ଗ୍ କ୍ରୁସ୍‌ତ ହାକି କ୍ରିସ୍ଟତିଂ ସୁଣାୟ୍ କିନାସ୍, ହେୱାନ୍ ଜିହୁଦିର୍ କାଜିଂ ବାଦାଲାକେ ଆରି ପାତର୍ିକିୱି
ଜିହୁଦିର୍ କାଜିଂ ମୁକର୍ିଆ ଲାକେ,
୨୪ ମତର୍ ଜିହୁଦି ଆରି ଗ୍ରିକ୍, ଇନେର୍ କୁକ୍ୟାଆତାର୍ଣ୍ଣା, ହେୱାର୍ କାଜିଂ କ୍ରିସ୍ଟ ଇସ୍ୱତର୍ି ସାକ୍ତି ଆରି ଇସ୍ୱତର୍ି ଗିଆନ୍ ଲାକେ
ଆନାର୍ ।
୨୫ ଲାଗିଂ ଇସ୍ୱତର୍ି ମୁରୁକ୍ ବିସ୍ରେ ମାନାୟ୍‌ନି ଗିଆନ୍‌ତାଂ ଆଦିକ୍ ଗିଆନ୍‌ବାତର୍ି, ଆରେ ଇସ୍ୱତର୍ି ନାଦାର୍ ବିସ୍ରେ
ମାନାୟ୍‌ତି ସାକ୍ତିତାଂ ଆଦିକ୍ ବାଡ଼୍‌କାସ୍ ।”
୨୬ ଏ ଟଣ୍ଡାର୍, ଆରି ତଣ୍‌ଦେକାଦେର୍ ଏଚେକାଡ଼୍‌ଦ ଇସ୍ୱର୍ କୁକ୍‌ତିନି ସମୁତ ଏପେଙ୍ଗ୍ ଇନେସ୍ ମାଚାଦେର୍, ସଁସାର୍‌ନି
ବାବ୍‌ନାରେ ଆଦେକ୍ ଗିୟାନି, ଆଦେକ୍ ସାକ୍ତିକାଟାକାର୍ କି ଆଦେକ୍ ଗାଜାବଁସ୍ କୁକ୍ୟାୱାତାର୍ଣ୍ଣା;
୨୭ ଇସ୍ୱର୍ ଗିଆନିରିଂ ଲାଜୁକିଦେଂ କାଜିଂ ପୁତର୍ି ହୁକେ ମୁରୁକ୍ ମାନାୟାରିଂ ବାଚି କିତାନ୍;
୨୮ ଇଦାଂ କାଜିଂ ଇସ୍ୱର୍ ଗିଆନିରିଂ ଲାଜ୍‌କିନି କାଜିଂ ପୁତର୍ିନି ମୁରୁକ୍ ବିସ୍ରେ ସବୁ ବାଚି କିତାନ୍, ଆରେ ସାକ୍ତି ବିସ୍ରେ ସବୁ
ଲାଜ୍‌କିନି କାଜିଂ ଇସ୍ୱର୍ ପୁତର୍ିନି ନାଦାର୍ ବିସ୍ରେ ସବୁ ବାଚି କିତାନ୍,
୨୯ ଆରେ ଇନାକା ପୁତର୍ି କାଣ୍‌କୁକାଙ୍ଗ୍ ମାନିନି ମାନାୟ୍, ହେ ସବୁତିଂ ପଲ୍ୟା କିନି କାଜିଂ ଇସ୍ୱର୍ ପୁତର୍ିନି ହାରୁକାନ୍
ଆରି ଗ୍ଟାଇନି ବିସ୍ରେନିକିଂ, ଆଁ, ଗାଣାକିଦେଂଆଡ଼ୱି ବିସ୍ରେନିକିଂ ବାଚି କିତାନ୍ ।
୩୦ ମତର୍ ଇସ୍ୱର୍ କାଜିଂ ଏପେଙ୍ଗ୍ କ୍ରିସ୍ଟ ଜିସୁତି ତାକେ ମାନାଦେର୍, ହେୱାନ୍ ଇସ୍ୱର୍‌ତାଂ ମା କାଜିଂ ଗିଆନ୍, ତା ହୁକେ
ମୁମ୍‌ଦ ଆପେଂ ଦାମର୍ି, ପୁଇପୁୟା ଲକ୍ ଆଜି ମ଼ୁକ୍‌ଡ଼ାନାକା ଲାକେ ଆତାପ୍‌ନା ।
୩୧ ଲାଗିଂ, ଦରମ୍ ସାସ୍ତର୍ ଇନେସ୍ ଲେକା ମାନାତ୍, “ଇନେନ୍ ଗରବ୍ କିନାନ୍, ହେୱାନ୍ ମାପ୍ରୁତାକେ ଗରବ୍ କିଏନ୍ ।”

# ୨

## କ୍ରୁସ୍‌ନି କ୍ରିସ୍ଟତି ବିସ୍ରେ କାବୁର୍

୧ ଲାଗିଂ, ଏ ଟଣ୍ଡାର୍, ଆରି ତଣ୍‌ଦେକାଦେର୍ ଏଚେକାଡ଼୍‌ଦ ଆନ୍ ମି ତାକେ ୱାଜି ମ଼ାଚାଙ୍ଗ୍, ହେ ପାଦ୍‌ନା ଇସ୍ୱତର୍ି ହାଡ଼୍‌ପା
ବଚନ୍ ଇଞ୍ଜିମାଚାଂ କି ଗିଆନ୍‌ନି ହାର୍‌ଦାକା ଲାହାଙ୍ଗ୍ ଜେ ମି ତାକେ ସୁଣାୟ୍ କିଜି ମ଼ାଚାଙ୍ଗ୍, ହେଦାଂ ଆକାୟ୍ ।

☆ **୧:୧୨** ପକ୍ୟାତାକା ୧୮:୨୪. ☆ **୧:୧୪** ପକ୍ୟାତାକା ୧୮:୮; ପକ୍ୟାତାକା ୧୯:୨୯; ରମିୟ ୧୬:୨୩. ☆ **୧:୧୬** ୧ କରନ୍ତିୟ ୧୬:୧୫.

୨ ଇନାକିଦେଂକି ଜିସୁ କ୍ରିସ୍ଟ, ଇଚିସ୍ କ୍ରୁସ୍‌ତ ହାତି ଜିସୁ କ୍ରିସ୍ଟଙ୍ଗ୍ ପିସ୍ତି ମି ବିତ୍ରେ ଆରେ ଇନା ବିସ୍ରେ ପୁନ୍‌ୱି କାଜିଂ ଆନ୍‌ମାନ୍
କିତାଙ୍ଗ୍ ।
୩ ✡ଆରେ, ଆନ୍ ନାଦାର୍, ପାଣ୍ତ୍ରିତିଂ ଆରି ଡ୍ରିଗ୍‌ଜି ମି ଲାହାଙ୍ଗ୍ ମାଚାଙ୍ଗ୍;
୪ ନା ହିକ୍ୟା ଆରି ନେକ୍ରିକାବୁର୍, ମାନାୟାର୍ ଗିଆନ୍ ଜପି କୁଚ୍‌ୱାଦାଂ ଇସ୍ୱର୍ତ ସାକ୍ତି ଜପି କୁଚ୍‌ନାତ୍,
୫ ଇଦାଂ କାଜିଂ ନା ମି ପାତର୍ ହିକ୍ୟା ଆରି ନା ସୁଣାୟ୍ କିନାକା, ଗିଆନ୍‌ନି ହଲ୍‌ନାକା ବଚନ୍ ସମାନ୍ ଆୱାଦାଂ ଇସ୍ୱର୍‌ତି
ଆରି ସାକ୍ତିନି ପାର୍ମାଣ୍ ସମାନ୍ ଆଜି ମାଚାତ୍ ।

## ଇସ୍ୱର୍ତ ଗିଆନ୍

୬ ଆମ୍ରିକ୍ ବାବ୍ରେ ହେନ୍ତାକାର୍ ଲକୁ ବିତ୍ରେ ଗିଆନ୍‌ନି କାତା ଇନାପ୍, ମତର୍ ହେଦାଂ ଇ ଜୁଗ୍‌ନି ଗିଆନ୍ ଆକାୟ୍ କି ଇ
ଜୁଗ୍‌ନି କୁଟ୍‌ଇନି ମୁଡ଼୍‌ଦାକାର୍‌ତି ଗିଆନ୍ ଆକାୟ୍,
୭ ମତର୍ ଆପେଂ ହାଡ୍‌ପା କାତା ଗିଆନ୍ ଲାକେ ଇସ୍ୱର୍ତ ଗିଆନ୍‌ନି କାତା ଇନାପା; ହେୱାନ୍ ଡ଼କ୍ତୁତି ଗିଆନ୍ ଇସ୍ୱର୍
ମାଦାଂ ଜାଜ୍‌ମାଲ୍ କାଜିଂ ସଁସାର୍‌ନି ଆଗେ ତିର୍ କିଜି ମାଚାନ୍ ।
୮ ଇ ଜୁଗ୍‌ଦି ମୁଡ଼୍‌ଦାକାର୍ ବିତ୍ରେ ଇନେର୍ ହେଦାଂ ପୁନ୍‌ୱାତାର୍ଣ୍ଣା, ଇନାକିଦେଂକି ହେୱାର୍ ହେଦାଂ ପୁଞ୍ଜି ମାଚିସ୍
ଜାଜ୍‌ମାଲ୍‌ନି ମାପ୍ରୁତି କ୍ରୁସ୍‌ତ ଦୁପି କିୱାତାର୍ମା;
୯ ମତର୍ ଇନେସ୍ ଲେକା ମାନାତ୍, "କାଣ୍‌କୁ ଇନାକା ହୁଡ଼୍‌ୱିତିକ୍‌ନା, କିତୁଲିଂ ଇନାକା ୱେନ୍‌ୱିତିକ୍‌ନା, ଆରେ ମାନାୟ୍
ୱାସ୍କିତ ଇନାକା ଉବ୍‌ଜାଣ୍ ଆୱାତାନ୍ନା, ଜେ ସବୁ ବିତ୍ରେ ଇସ୍ୱର୍ ଜାର୍ ଜିଉନନି ଲକୁ କାଜିଂ ଜାଲ୍‌ଦି କିତାନ୍ନା ।
୧୦ ମତର୍ ଇସ୍ୱର୍ ମା କାଜିଂ ୱାସ୍କି ହୁଦାଂ ହେୱାନ୍ ୱିଜୁ ବିସ୍ରେ ୱେଚ୍‌ଚାନ୍; ଲାଗିଂ ୱାସ୍କି ୱିଜୁ ବିସ୍ରେ, ଆଁ, ଇସ୍ୱର୍ତ ବିତ୍ରେନି
ବିସ୍ରେ ସବୁ ତେକ୍‌ନାନ୍ ।
୧୧ ମାନାୟ୍ ବିସ୍ରେ ସବୁ ମାନାୟାର୍‌ତାକେ ମାନି ୱାସ୍କି ପିସ୍ତି ଆରେ ଇନେର୍ ପୁନାର୍ ? ହେ ଲାକେ ପା ଇସ୍ୱର୍ତ ବିସ୍ରେ
ସବୁ ଇସ୍ୱର୍ତ ୱାସ୍କି ପିସ୍ତି ଆରେ ଇନେର୍ ପୁନୁର୍ ।
୧୨ ଇନେସ୍‌କି ଇସ୍ୱର୍ତ ହୁଦାଂ ମା ଉପ୍‌କାର୍‌ତ ହିଦ୍ୟାତି ବିସ୍ରେନିକିଂ ଆପେଂ ପୁଞ୍ଜେଙ୍ଗ୍ ଆଡ୍‌ନାପ୍, ଇଦାଂ କାଜିଂ ଆପେଂ
ପୁତର୍‌ନି ଜିବୁନ୍ ଗାଟାୱାଦାଂ ଇସ୍ୱର୍ତ ଜିବୁନ୍ ପାୟାତାପ୍‌ନା ।"
୧୩ ହେ ସବୁ ବିସ୍ରେ ପା ଆପେଂ ମାନାୟାର୍ ଗିଆନ୍ ହୁଦାଂ ହିକାତି ବଚନ୍‌ତାଂ ଇନ୍‌ୱାଦାଂ ମାନାପ୍, ମତର୍ ୱାସ୍କିନି ବିସ୍ରେ
ସବୁ ୱାସ୍କିନି ବିସ୍ରେ ହୁଦାଂ ବୁଜାୟ୍ ଆମ୍ରିକ୍ ହୁଦାଂ ହିକାତି ବଚନ୍ ଇଞ୍ଜି ମାନାପ୍ ।
୧୪ ହାଡ୍‌ପା ମାନାୟ୍ ଇସ୍ୱର୍ତ ୱାସ୍କି ବିସ୍ରେନିକିଂ ଇଟୁର୍, ଇନାକିଦେଂକି ହେ ସବୁ ତା ତାକେ ମୁରୁକ୍‌ନିକା, ଆରେ ହେୱାନ୍
ହେ ସବୁ ବୁଜାଆଦେଂ ଆଡୁନ୍, ଲାଗିଂ ହେ ସବୁତିଙ୍ଗ୍ ଆମ୍ରିକ୍ ଜିବୁନ୍ ହୁକେ ବିଚାର୍ କିୟାନାତ୍ ।
୧୫ ମତର୍ ଇନେନ୍ ଆମ୍ରିକ୍, ହେୱାନ୍ ୱିଜୁ ବିସ୍ରେ ବିଚାର୍ କିନାକାନ୍, ଆତିସ୍‌ପା ଇନେର୍ ତାଦାଂ ବିଚାର୍ କିଉନ୍ ।
୧୬ ଇନାକିଦେଂକି ଇନେନ୍ ମାପ୍ରୁତି ମାନ୍ ପୁଚାନ୍‌ନା ଜେ, ହେୱାନ୍ ତାଙ୍ଗେଙ୍ଗ୍ ହିକ୍ୟା ହିଦେଂ ଆଡ୍‌ନାନ୍ ? ମତର୍ ଆପେଂ
କ୍ରିସ୍ଟତି ମାନ୍ ପାୟାତାପ୍‌ନା ।

# ୩

## ଇସ୍ୱର୍‌ତିଂ ହେବା କିନାକାନ୍

୧ ଏ ଟଣ୍ତାର୍, ଆରି ତଣ୍‌ଦେକ୍ ଆନ୍ ଆମ୍ରିକ୍ ଲଗାଂ ଇନି ଲାକେ ମିଙ୍ଗେଙ୍ଗ୍ ଇଞ୍ଜେଙ୍ଗ୍ ଆଡ଼୍‌ଦାୱାତାଂ, ମତର୍ ଗାଗାଡ଼୍
ମାନାୟ୍‌ତିଂ ଆରି କ୍ରିସ୍ଟ ତାକେ ହିମ୍‌ଣାକାଂ ଇଚି ଲାକେ ମିଙ୍ଗେଙ୍ଗ୍ ଇନ୍‌ଚାଙ୍ଗ୍ ।
୨ ✡ଆନ୍ ମିଙ୍ଗେଙ୍ଗ୍ ପାଲ୍ ଉଟ୍‌ପିସ୍ ବିନ୍ କାଦି ହିଦ୍‌ୱାତାଙ୍ଗ୍‌ନା, ଇନାକିଦେଂକି ଏପେଙ୍ଗ୍ ହେଦାଂ ଇଡ୍‌ଦେଂ ମାନ୍
କିୱାତାଦେର୍, ଆରେ ନଙ୍ଗ୍‌ପା ମାନ୍ କିଉଦେରା,
୩ ଲାଗିଂ, ନଙ୍ଗ୍ ପାତେକ୍ ଏପେଙ୍ଗ୍ ସଁସାର୍‌ନି ମାନାୟାର୍ ଲାକେ ଚିନ୍ତା କିନାଦେରା ଇନାକିଦେଂକି ଏଚେକାଡ଼୍‌ଦ ମି ବିସ୍ରେ
ରିସା ଆନାକା ଆରି କେତ୍‌ନାକା ମାନାତ୍, ଏପେଙ୍ଗ୍ କି ପଟତିଂ ହୁଡ଼୍‌ନା କାଦେର୍ ଆକାୟ୍ ଆରି ମାନାୟ୍‌ନି ଗୁଣ୍ ଇସାପ୍‌ତାଂ
କି ଚିନ୍ତା କିଉଦେରା ?
୪ ✡ଇନେନ୍ ଏଚେକାଡ଼୍‌ଦ ରୱାନ୍ ଇନାନ୍, ଆନ୍ ପାଉଲ୍‌ତିଂ ଦାହ୍‌ନାକାଂ, ଲାଗିଂ ଆରେ ରକାନ୍ ଆକାୟ୍, ଆନ୍ ଆପଲ୍ଲତିଂ
ଦାହ୍‌ନାକାଂ, ହେ ପାଦ୍‌ନା ଏପେଙ୍ଗ୍ କି ସଁସାର୍‌ନି ଲକୁ କାଦେର୍ ଆକାୟ୍ ?
୫ ଆପଲ୍ଲ ଇନେନ୍ ? ପାଉଲ୍ ପା ଇନେନ୍ ? ହେୱାର୍ ତ ହେବାକାର୍‌ୟା ମତର୍ ଇମ୍‌ଣାକାର୍ ହୁକେ, ୱିଜାରିଂ ମାପ୍ରୁ
ଇନେସ୍ ହିତ୍‌ତାତ୍‌ନ୍ନା, ହେଦାଂ କାଜିଂ ପାତର୍ କିତାଦେର୍ଣ୍ଣା ।
୬ ✡ଆନ୍ ରୁସ୍ତାଂନା, ଆପଲ୍ଲ ଏସ୍ ତିର୍ତାନ୍ନା, ମତର୍ ଇସ୍ୱର୍ ବାଡାୟ୍ କିନାନା ।

✡ **୨:୩** ପକ୍ୟାତାକା ୧୮:୯. ✡ **୩:୨** ଏବ୍ରି ୫:୧୨,୧୩. ✡ **୩:୪** ୧ କରନ୍ତିୟ ୧:୧୨. ✡ **୩:୬** ପକ୍ୟାତାକା ୧୮:୪-୧୧; ପକ୍ୟାତାକା ୧୮:୨୪-୨୮.

[୭] ଲାଗିଂ, ଇନେନ୍ ରୁଜ୍‌ନାନ୍ ଆରେ ଇନେନ୍ ଏସ୍ ହିନାନ୍, ହେୱାନ୍ ମୁଲେ ଆକାୟ୍, ମତର୍ ଗାଜାୟ୍ କିନାକାନ୍ ଜେ ଇସ୍ୱର୍, ହେୱାନ୍ ଗାଜାକାନ୍ ।
[୮] ଇନେନ୍ ରୁଜ୍‌ନାନ୍ ଆରି ଇନେନ୍ ଏସ୍ ହିନାନ୍, ହେୱାର୍ ରିୟାର୍ ଏକ୍, ଇନାକିଦେଂକି ଇସ୍ୱର୍ ଜାଣ୍‌କେତିଂ ଜାର୍ ଜାର୍ କାମାୟ୍ ଇସାପ୍‌ତାଂ ଇନାମ୍ ପାୟାନାନ୍ ।
[୯] ଇନାକିଦେଂକି ଆପେଂ ଇସ୍ୱର୍ ହାଙ୍ଗ୍‌ଦାକାର୍; ଏପେଙ୍ଗ୍ ଇସ୍ୱର୍‌ତ ତାରେନ୍, ଇସ୍ୱର୍‌ତ ଇଲ୍ ।
[୧୦] ନାଙ୍ଗେଙ୍ଗ୍ ହିୟାଆଡ୍‌ତି ଇସ୍ୱର୍‌ତ ଦୟା ଲାକେ ଆନ୍ ରୱାଙ୍ଗ୍ ବୁଦିନିକାଂ ଇଲ୍ ରଚ୍‌ନାକାଂ ଲାକେ କୁନାଦି ରଚ୍‌ଚାଙ୍ଗ୍‌ନା,
ବିନ୍ ନିକାନ୍ ତା ଜପି ରଚ୍‌ଚାନ୍‌ନା । ମତର୍ ୱିଜାକାର୍ ତା ଜପି ଇନେସ୍ ଇଚ୍‌ଚାର୍ଣ୍ଣା, ହେ ବିସ୍ରେ ଜାଗ୍ରତ୍ ଆୟେନ୍ ।
[୧୧] ଇନାକିଦେଂକି ଇମ୍‌ଣି ମୁଡ୍‌କୁନାଦି ରନ୍‌ଚାନ୍‌ନା, ତା ପିସ୍ତି ବିନ୍ ମୁଡ୍‌କୁନାଦି ଇନେର୍ ରଚ୍‌ଚେଂ ଆଡୁର୍, ହେ ମୁଡ୍ କୁନାଦି ଜିସୁ କ୍ରିସ୍ଟ ।
[୧୨] ମାତର୍ ଜଦି ଇନେର୍ ହେ ମୁଡ୍ କୁନାଦି ଜପି ହନା, ରୁପା, ବେସି ଦାମ୍‌ନି କାଲ୍, ୱେଜ୍‌ଗୁ, କାଟ୍ରା ନଲେ ପିରି ହିଜି ରଚ୍‌ନାନ୍,
[୧୩] ତା ଆଡିସ୍ ୱିଜାକାର୍ କାମାୟ୍ ଇନେସ୍, ହେଦାଂ ହନାଡ୍, ଇନାକିଦେଂକି ହେ ଦିନ୍ ହେଦାଂ ହନାଡ୍, ଲାଗିଂ ହେ ନାଜିଂ ନାଣି ଲାହାଙ୍ଗ୍ ହନାଡ୍, ଆରେ ୱିଜାକାର୍ କାମାୟ୍ ଇନେସ୍, ହେଦାଂ ନାଣିତ ପରିକ୍ୟା କିନାନ୍ ।
[୧୪] ଇନେନ୍ ଇନାକା ଇଚ୍‌ଚାନ୍ନା, ତାଦାଙ୍ଗ୍ ହେ କାରୁମ୍ ଜଦି ମୁଡ୍ କୁନାଦି ମାନାଡ୍, ୱାଟିଙ୍ଗ୍ ହେୱାନ୍ ଇନାମ୍ ପାୟାନାନ୍;
[୧୫] ଜଦି ଇନେର୍‌ତି କାମାୟ୍ କାଡ୍‌ନାଡ୍, ତାଦାଂ ବୁଡାନାଡ୍, ଆଡିସ୍‌ପା ହେୱାନ୍ ନିଜେ ରାକ୍ୟା ପାୟାନାନ୍, ମତର୍ ହେଦାଂ ନାଣି ଜପି ହିଜି ହାଚି ଲାକେ ଆନାଡ୍ ।
[୧୬] ✡ଏପେଙ୍ଗ୍ ନିଜେ ପୁନୁଦେରା ଜେ, ଏପେଙ୍ଗ୍ ଇସ୍ୱର୍‌ତ ମନ୍ଦିର୍, ଆରେ ଇସ୍ୱର୍‌ତି ୱାସ୍କି ମି ୱାସ୍କିତ ବାହା କିଡ୍‌ତାନ୍;
[୧୭] ଜଦି ଇମ୍‌ଣି ଲଗୁ ଇସ୍ୱର୍‌ତ ମନ୍ଦିର୍‌ତିଂ ବୁଡାୟ୍ କିନାନ୍, ୱାଟିଙ୍ଗ୍ ଇସ୍ୱର୍ ତାଙ୍ଗେଙ୍ଗ୍ ବୁଡାୟ୍ କିନାନ୍, ଇନାକିଦେଂକି ଇସ୍ୱର୍‌ତ ମନ୍ଦିର୍ ପୁଇପୁୟା, ହେ ମନ୍ଦିର୍ ଏପେଙ୍ଗ୍ ।
[୧୮] ଇନେର୍ ଜାର୍‌ତିଂ ଟେପର୍ କିମେନ୍ । ମି ବିତ୍ରେ ଜଦି ଇମ୍‌ଣି ଲଗୁ ଇ ଜୁଗ୍‌ତ ଜାର୍‌ତିଂ ବୁଦିୟା ଇଞ୍ଜି ମାନେ କିନାନ୍, ୱାଟିଙ୍ଗ୍ ହେୱାନ୍ ଇନେସ୍‌କି ବୁଦିୟା ଆଦେଂ ଆଡ୍‌ନାନ୍, ଇଦାଂ କାଜିଂ ହେୱାନ୍ ମୁରୁକ୍ ଆୟେନ୍ ।
[୧୯] ଇନାକିଦେଂକି ଇ ପୁର୍‌ତନି ଗିଆନ୍ ଇସ୍ୱର୍ ତାକେ ମୁରୁକ୍‌ନିକା । ଲାଗିଂ ଦରମ୍ ସାସ୍ତ୍ରର୍‌ତ ଲେକା ମାନାଡ୍, ହେୱାନ୍ ଗିଆନିରିଂ ହେୱାର୍‌ତି ହାତୁର୍‌ତାଂ ଆହ୍‌ନାନ୍;
[୨୦] ଆଡିସ୍‌ପା, ସାସ୍ତ୍ରର୍‌ତ ପା ଲେକା ମାନାଡ୍ “ମାପ୍ରୁ ପୁନାନ୍ ଜେ ଗିଆନିର୍‌ତ ଚିନ୍ତା ବାବ୍‌ନା ପଲ୍ୟା ।
[୨୧] ଲାଗିଂ, ଇନେର୍ ମାନାୟ୍‌ତାକେ ଗରବ୍ କିମେନ୍;
[୨୨] ଇନାକିଦେଂକି ୱିଜୁ ବିସ୍ରେ ମିଦାଙ୍ଗ୍; ପାଉଲ୍ ଇନାଟ୍ କି ଆପଲ୍ଲ ଇନାଟ୍ କି କେପା ଇନାଟ୍, ପୁର୍‌ତ ଇନେଡ୍ କି ଜିବୁନ୍ ଇନେଡ୍, କି ହାକି ଇନେଡ୍, ନଙ୍ଗ୍ ବିସ୍ରେ ଇନେନ୍‌କି ୱାନିଦିନ୍ତି ବିସ୍ରେ ଇନେନ୍, ୱିଜୁନେ ମିଦାଙ୍ଗ୍,
[୨୩] ମତର୍ ଏପେଙ୍ଗ୍ କ୍ରିସ୍ଟତି, ଆରେ କ୍ରିସ୍ଟ ଇସ୍ୱର୍‌ତ ।

# ୪

## ପକ୍ୟାତାକାର୍‌ତି ହେବାକାମାୟ୍

[୧] ମାନାୟାର୍ ମାଙ୍ଗେଙ୍ଗ୍ କ୍ରିସ୍ଟତି ହେବା କିନାକାର୍, ଆରେ ଇସ୍ୱର୍‌ତିଂ ହାର୍‌ଦିଗିଆନ୍‌ନି ଇଲ୍‌କାର୍‌ନିୟା ଇଞ୍ଜି ମାନେ କିଦେର୍ ।
[୨] ଆରେ, ଇଲ୍‌କାର୍‌ନିୟା ବିସ୍ରେ ଇଦାଂ ନିଜେ ମାନାକା ମାନାଡ୍, ଇନେସ୍‌କି ପାର୍‌ତ ଚଞ୍ଜାନାଡ୍ ।
[୩] ମତର୍ ମି ହୁଦାଂ ନଲେ ଇମ୍‌ଣାକା ପା କାବାଆନି ବିଚାର୍ ସବା ହୁକେ ବିଚାର୍ଣ୍ଣା ଆନାକା ନା ପାକ୍ୟାତ ବେସି ଆଡ୍‌ୱା ବିସ୍ରେ, ଏଲେଙ୍ଗ୍ କି ଆନ୍ ନିଜେ ପା ଜାର୍‌ତି ବିଚାର୍ କିଉଙ୍ଗା ।
[୪] ଇନାକିଦେଂକି ଆନ୍ ଜାର୍ ବିରୁଦ୍‌ତ ଇନାକା ପୁନୁଙ୍ଗ୍ । ଆଡିସ୍‌ପା ଇବେ ଆନ୍ ଦସି ଇଞ୍ଜି ପାର୍ମାଣ୍ ଆହ୍ୟାୱାତାଂନା । ମାତର୍ ଜେ ନା ବିଚାର୍ କିନାନ୍ ହେୱାନ୍ ମାପ୍ରୁ ।
[୫] ଲାଗିଂ ସମୁନି ଆଗେ ମାପ୍ରୁତି ୱାୱି ପାତେକ୍ ଇନାକାପା ବିସ୍ରେ ବିଚାର୍ କିମାଟ୍; ହେୱାନ୍ ମାଜ୍‌ଗାନି ଡ଼କ୍କୁତି ବିସ୍ରେ ନିକିଙ୍ଗ୍ ଅଜଡ୍‌ତ ଚଚ୍‌ଚାନାନ୍, ଆରେ ମାନ୍‌ତ କିତାକା ସବୁ ୱେଚ୍‌ନାନ୍; ହେ ପାଦ୍‌ନା ୱିଜାକାର୍ ଇସ୍ୱର୍ ତାକେ ବଲ୍‌ବଲାୟ୍ ପାୟାନାର୍ ।
[୬] ଏ ଟଣ୍ଡାର୍, ଆରେ ତଣ୍‌ଦେକ୍ ଆନ୍ ମିଙ୍ଗେଙ୍ଗ୍ ହିକ୍ୟା କାଜିଂ ଇ ସବୁ କାତା ନା ନିଜେତିଂ ଆରି ଆପଲ୍ଲତିଂ ଇଟ୍‌କାଡ୍ ଜିସୁ ଉତର୍‌ମୁଡ୍ ହିଡ୍‌ତାଂ, ଇନେସ୍‌କି ଇନାକା ସାସ୍ତ୍ରର୍‌ତ ଲେକା ମାନାଡ୍, ହେଦାଂ ଆଗେ ହାନାକା ବିଦି ହିଲୁଡ୍; ଇଦାଂ ଏପେଙ୍ଗ୍ ମାତାଂ ହିକ୍ୟା କିୟାଟ୍, ଆରେ ଇନେସ୍ ମିତାକେଣ୍ଡାଂ ଇନେନ୍ ରୱାନ୍ ପାକ୍ୟା ଆରି ବିନ୍‌ନିକାନିଂ ପାକ୍ୟା ଆଜି ଗାବ୍‌ର୍‌ଆମାଟ୍ ।

✡ **୩:୧୬** ୧ କରନ୍ତିୟ ୬:୧୯; ୨କରନ୍ତିୟ ୬:୧୬.

୭ ଇନାକିଦେଂକି ଇନେନ୍ ମିଙ୍ଗେଙ୍ଗ୍ ଗାଜା କିଡ୍‌ତାନ୍‌ନା, ଆରେ ଇନାକା ଏପେଙ୍ଗ୍, ଦାନ୍ ଲାକେ ପାୟାୱାତାଦେର୍ଣ୍ଣା,
ଇଦାଂ ମିଦାଙ୍ଗ୍ ଇନାକା ମାନାତ୍ ? ମତର୍ ଜଦି ଏପେଙ୍ଗ୍ ହେଦାଂ ଇସ୍ୱର୍ତ ଦାନ୍ ଲାକେ ପାୟା ତାଦେର୍ଣ୍ଣା ୱାଟିଙ୍ଗ୍ ହେଦାଂ
ଦାନ୍ ଲାକେ ପାୟାଆୱିତି ଲାକେ ଇନାକିଦେଂ ଗରବ୍ କିନାଦେରା ?
୮ ୱିସ୍ତିପାଚେ ଏପେଙ୍ଗ୍ ଇନାକା ସାରି ଆଜି ହ଼ାଚାଦେରେ ? ଇଦାଂ ବିତ୍ରେ ଏପେଙ୍ଗ୍ ଇନାକା ହାଉକାର୍ ଆତାଦେର୍ ?
ମାଙ୍ଗ୍ ପିସ୍ତି ଏପେଙ୍ଗ୍ ଇନାକା ରାଜା ଆତାଦେର୍ଣ୍ଣା ? ଆଁ, ଏପେଙ୍ଗ୍ ରାଜା ଆଜି ମ଼ାଚିସ୍ ହାରା ଆତାମ୍ନା, ଇନେସ୍ ଆପେଂ ପା
ମି ଲାହାଙ୍ଗ୍ ରାଜି କିଦେଙ୍ଗ୍ ଆଡ଼୍‌ତାପ୍‌ମା ।
୯ ଇନାକିଦେଂକି ନାଦି ମାନେ ଆନାତା, ପକ୍ୟାତାକାପ୍ ଜେ ଆପେଂ, ମା ଇସ୍ୱର୍ ହାତି ମୁମ୍‌ଦ ହେଲାୟ୍ କିତି ସବୁତିଂ
ହାରିହାରା ମାନାୟାରିଂ ଲାକେ ହୁଡ଼ିକିତାନ୍‌ନା, ଲାଗିଂ ଆପେଂ ପୁର୍ତ, ଦୁତ୍, ଆରି ମାନାୟାର୍ ଲାଗେ ଗ୍ଟାଇକିଆନି ବିସ୍ରେ
ଆତାପ୍‌ନା ।
୧୦ ଆସେଙ୍ଗ୍ କ୍ରିସ୍ଟତି କାଜିଂ ମୁର୍କୟା, ମତର୍ ଏପେଙ୍ଗ୍ କ୍ରିସ୍ଟତି ମେହାଣ୍ ତାକେ ଏପେଙ୍ଗ୍ ବୁଦି ମାନାକାଦେର୍; ଆପେଂ
ନାଦାର୍ ମତର୍ ଏପେଙ୍ଗ୍ ବାଡ଼୍‌କାସ୍; ଏପେଙ୍ଗ୍ ଜାଜ୍‌ମାଲ୍ ପାୟାତାକାଦେର୍, ମତର୍ ଆପେଂ ମାନି ହିଲ୍‌ୱାକାପ୍ ।
୧୧ ଇ ସମୁ ପାତେକ୍ ପା ଆପେଂ ନାସ୍‌କିନିକାପ୍ ଆରି ଏସ୍ୱିନିକାପ୍, ବାଡ଼୍‌କାସ୍‌ହିଲାକାପ୍ ଆରି ଟ୍ରାକ୍‌ୟାନାପା, ଆରେ
ଆହ୍‌ର ହିଲାଦାଂ ବୁଲାଆଜି ବ଼ୁଲାଆଜି .
୧୨ ✡ଜାର୍ କେଇଦ କସ୍ଟ କିନାପା, ନିନ୍ଦାକିୟା ଆଜି ଆ଼ସିର୍ବାଦ୍ କିନାପା, ନିନ୍ଦା ପାୟା ଆଜି ହ଼ୁଞ୍ଜ୍‌ନାପା,
୧୩ ଲାଜ୍‌କୁଗିସ୍ ମେହାନି ବେଣ୍ କିନାପା; ଇ ପାତେକ୍ ପା ଆପେଂ ପୁର୍ତନି ଗାତ୍ରା, ୱିଜାକ଼ାର୍ତ ପ୍ରାଲ୍ ଲାକେ ଆତାପ୍‌ନା
।
୧୪ ଆନ୍ ମିଙ୍ଗେଙ୍ଗ୍ ଲାଜ୍‌କୁଇ କିଦେଂ ଇ ସବୁ ବିସ୍ରେ ଲେକିକିଉଙ୍ଗା ମତର୍ ନା ୱାରିନି ମାଜି ଇ଼ଞ୍ଜି ଏତୁ ଜିସୁ ମିଙ୍ଗେଙ୍ଗ୍
ଚେତ୍‌ନା ହିଦ୍‌ନି କାଜିଂ ଇ ସବୁ ଲେକିକିନାଙ୍ଗା ।
୧୫ ଇନାକିଦେଂକି ଜଦିପା କ୍ରିସ୍ଟତି ବିସ୍ରେ ମିଦାଙ୍ଗ୍ ଦସ୍ ହାଜାର୍ ଗୁରୁର୍ ମାଚିସ୍, ଆତିସ୍‌ପା ମିଙ୍ଗେଙ୍ଗ୍ ହେନି ଆବାର୍ ହିଲୁର୍;
ଇନାକିଦେଂକି କ୍ରିସ୍ଟ ଜିସୁ ତାକେ ଆନ୍ ମିଙ୍ଗେଙ୍ଗ୍ ନେକ୍ରିକାବୁର୍ କାଜିଂ ଜଲମ୍ ହିଡ୍‌ତାଙ୍ଗ୍‌ନା ।
୧୬ ✡ଲାଗିଂ ଆନ୍ ମିଙ୍ଗେଙ୍ଗ୍ ଗୱାରି କିଦ୍‌ନାଙ୍ଗା, ଏପେଙ୍ଗ୍ ନା ପାଚେ ୱାଡୁ ।
୧୭ ଇଦାଂ କାଜିଂ ଆନ୍ ମି ତାକେ ତିମତିଙ୍ଗ୍ ପକ୍‌ତାତାଙ୍ଗ୍‌ନା, ମାପ୍ରୁ ତାକେ କ୍ରିସ୍ଟ ଜିସୁ ତାକେ ମାନ୍‌ଞ୍ଜି ନା ୱାରିନିକାନ୍ ଆରି
ପାର୍ତନି ମାଜି, ଇନେସ୍‌କି ଆନ୍ ୱିଜୁ ତ଼ାକେ ସବୁ ମଣ୍ଡଲିତ ହିକ୍ୟା ହିଜି ମ଼ାନାଙ୍ଗ୍, ହେ ଲାକେ ହେୱାନ୍ ମିଙ୍ଗେଙ୍ଗ୍ ନା କ୍ରିସ୍ଟତି
ଚିନ୍ତା ସବୁ ଏତୁ କିଇକିଦ୍‌ନାନ୍ ।
୧୮ ଆନ୍ ମି ତାକେ ହାଲୁଙ୍ଗ୍ ଇଞ୍ଜି ଏତୁ କିଜି ଜ଼ିସୁ ଇନେ ଇନେର୍ ଗରବ୍‌ତ ବାର୍ତ ଆତାନ୍ନା ।
୧୯ ମତର୍ ଜଦି ମାପ୍ରୁ ମାନ୍ କିନାନ୍ ଆନ୍ ମି ତାକେ ବେଗି ୱାନାଙ୍ଗ୍, ଆରେ ଇନେର୍ ଗରବ୍ କିନାରା, ହେୱାର୍‌ତି ବଚନ୍
ଆକାୟ୍, ମତର୍ ସାକ୍ତି ବୁଜା ଅନାଙ୍ଗ୍ !
୨୦ ଇନାକିଦେଂକି ଇସ୍ୱର୍ତ ରାଜି କେବଲ୍ କାତାନି ବିସ୍ରେ ଆକାୟ୍ ମତର୍ ବେସି ସାକ୍ତି ବିସ୍ରେ ।
୨୧ ମି ମାନ୍ ଇନାକା, ଆନ୍ ବାଡ଼୍‌ଗା ଆସ୍ତି ମି ଲାଗେ ହାନାଙ୍ଗ୍ କି ଜିଉନନାକା ଆସ୍ତି ଆରି କାଲେତାଙ୍ଗ୍ ଅଜି ହ଼ାନାଙ୍ଗ୍ ?

# ୫

## ମଣ୍ଡଲିତ ବାନ୍ୟା ଚିନ୍ତା

୧ ହାଡ୍‌ପାନେ ୱେନ୍ୟାନାନାତା ଜେ, ମି ବିତ୍ରେ ଦାରି ମାନାତ୍, ଆରେ ଏପେଙ୍ଗ୍ ଦାରି, ଇନାକା କି ପାର୍ତକିୱି ଜିହୁଦିର୍
ବିତ୍ରେ ପା ଆଉତ୍, ଏଲେଙ୍ଗ୍‌କି ରୱାନ୍ ଜାର୍ ଆବାନି ଡକ୍ରିଂ ଇଟ୍‌ତାନ୍ନା ।
୨ ଆରେ ଇନେର୍ ଇ କାମାୟ୍ କିତାନ୍‌ନ୍ନା ହେୱାନ୍ ଇନେସ୍ ମି ବିତ୍ରେତାଂ ଦେହା କିୟା ଆୟେନ୍ ଇଦାଂ କାଜିଂ
ଆଡ଼୍‌ବାୱାଦାଂ ଇଚିସ୍ କି ଗରବ୍ କିନାଦେରା ।
୩ ମତର୍ ନା ଗାଗାଡ଼୍‌ତ ୱାୱିତିସ୍ ପା ଜିବୁନ୍ତ ଏକାୱାଦାଂ ମାନ୍‌ଞ୍ଜି ଏଲେଙ୍ଗ୍‌ବାନି କାମାୟ୍ କିନାନା ଏକିସ୍ ମାଚି ଲାକେ
ଆନ୍ ମାପ୍ରୁ ତା ବିଚାର୍ କିଜି ୱ଼ିସ୍ତାତାଂନା,
୪ ଇଚିସ୍, ଏପେଙ୍ଗ୍ ଆରି ନା ୱାସ୍କି ମା ମାପ୍ରୁ ଜିସୁତି ତର୍‌ଦ ସାକ୍ତି ଉପ୍‌କାର୍‌ତାଂ ରୁଣ୍ଡା ଆଜି ଇ଼ଦାଂ ତିର୍ କିତାପ୍‌ନ୍ନା ଜେ,
୫ ଇନେସ୍ ମାନାୟାରିଂ ଗାଗାଡ଼୍‌ନି ନାସ୍ କାଜିଂ ସୟ୍‌ତାନ୍ କେଇଦ ହେଲାୟ୍ କିନି ଲଡ଼ା, ଇନେସ୍ ମାପ୍ରୁ ଜିସୁତି ଦିନ୍ତ ତା
ଜିବୁନ୍ ରାକ୍ୟା ପାୟାନାନ୍ ।
୬ ✡ମିଦାଙ୍ଗ୍ ଏପେଙ୍ଗ୍ ଗରବ୍ କିନାକା ହାର୍ ଆକାୟ୍ ।ଏପେଙ୍ଗ୍ କି ପୁନୁଦେରା ଜେ, ଅଲପ୍ ଇଞ୍ଜି ହୈନାକା ସବୁ ହାରାୟ୍
ହୈନାକା କିନାତ୍ ?
୭ ଏପେଙ୍ଗ୍‌ତ ହୈନାକା ସକଟ୍ ମାନାୟ୍, ଲାଗିଂ ଇନେସ୍ ଏପେଙ୍ଗ୍ ପୁନି ହାରାୟ୍ ଆଦେଂ ଆଡ଼୍‌ନାଦେର୍ ଇଦାଂ କାଜିଂ ପ୍ଟାନି
ପାସ୍ ତୁହି ହିଆଟ୍; ଇନାକିଦେଂକି ମା ନିସ୍ତାର୍ ପାର୍ବୁ ମେଣ୍ଡାହିମ୍‌ଣା ଇଚିସ୍ କ୍ରିସ୍ଟ ମା କାଜିଂ ପୁଜାଲାକେ କ୍ରୁସ୍‌ତ ହାତାନ୍‌ନା

✡ **୪:୧୨** ପକ୍ୟାତାକା ୧୮:୩. ✡ **୪:୧୬** ୧ କରନ୍ତିୟ ୧୧:୧; ପିଲିପିୟ ୩:୧୭. ✡ **୫:୬** ଗାଲାତିୟ ୫:୯.

୮ ଲାଗିଂ ୱାଡୁ, ଆସେଙ୍ଗ୍ ପ୍ଟାନି ହୈନାକା କି ବାନ୍ୟା ଆରି ବାନ୍ୟାକାମାୟ୍ ହୈନାକା ହୁଦାଂ ପାର୍ବୁ ପାଲି କିୱାଦାଂ ହୁଦାର୍
ଆରି ହାଡ୍‌ପାଲାକେ ହଇୱି ରୁଟି ହୁଦାଂ ପାର୍ବୁ ପାଲି କିନାସ୍ ।
୯ ଦାର୍ୟାର୍ ହୁଦାଂ ମେହାୱାୱି କାଜିଂ ଆନ୍ ମିଙ୍ଗ୍ ନା ଆକିତ ଲେକିକିଜି ମାଚାଙ୍ଗ୍ ମାଚାଙ୍ଗ୍;
୧୦ ଇ ଜଗତ୍‌ନି ଦାରି କି ଦାନ୍ ଲବ୍ରାର୍ କି ଲକାର୍ ଜିନିସ୍ ଚର୍ଣ୍ଣାର୍ କି ପୁଡ୍‌ଡ଼ା ପୁଜାକିନାକାର୍ ଲାହାଙ୍ଗ୍ ଜେ ମୁଡ଼େ ମେହାଣ୍
ଆଉନ୍ । ହେଦାଂ ଆକାୟ୍; ତା ଆଡିସ୍ ମିଙ୍ଗ୍ ଜଗତ୍‌ତାଂ ବାର୍ତ ହାଞ୍ଜେଙ୍ଗ୍ ଲଡ଼ା ।
୧୧ ମତର୍ ନା ଲେକିକିନି ବାବ୍‌ନା ଇଦାଂ ମାଚାଡ୍ ଜେ, ଜଦି ଇମ୍‌ଣି ଲଗୁ ଟଣ୍ଡେନ୍ ଇଞ୍ଜି ଡାକ୍‌ପୁଟା ଆଜି ଦାରି କି ଦାନ୍
ଲବ୍ରା କି ପୁଡ୍‌ଡ଼ା ପୁଜାକିନାକାର୍ କି ବାନ୍ୟା କି ମଦୁଆ କି ଲକାର୍ ଜିନିସ୍ ଚର୍ଣ୍ଣା ଆନାନ୍, ୱାଟିଙ୍ଗ୍ ଏପେଙ୍ଗ୍ ଲକୁ ଲାହାଙ୍ଗ୍
ମେହାଆମାଟ୍, ଆରେ ହେୱାନ୍ ଲାହାଙ୍ଗ୍ ତିନ୍‌ମାଟ୍ ।
୧୨ ଇନାକିଦେଂକି ବାର୍‌ତି ମାନାୟାର୍‌ତର୍ ବିଚାର୍ କିନାକାଙ୍ଗ୍ ଆନ୍ ଇନେନ୍ ? ମତର୍ ମଣ୍ଡ୍‌ଲିନିକାରିଙ୍ଗ୍ ବିଚାର୍ କିନି
ଦାଇତ୍ ମାଦାଂ ଇନାକା ଆକାୟ୍ ?
୧୩ ମତର୍ ଇମ୍‌ଣାକାର୍ ବାର୍ତ ମାନାର୍, ହେୱାର୍‌ତି ବିଚାର୍ ଇସ୍ୱର୍ କିନାନ୍ । ହେ ବାନ୍ୟା ଲଗାଙ୍ଗ୍ ମି ବିଡ୍ରେତାଂ ହପାଟ୍ ।

## ୬

### କ୍ରିସ୍ଟିୟାନ୍ ଟଣ୍ଡାର୍ ବିରୁଦ୍‌ତ ଗଣ୍ଡ୍‌ଗଲ୍

୧ ମି ବିଡ୍ରେତାଂ ଇନେର୍‌ତି ବିନ୍ ଲଗାଂ ବିରୁଦ୍‌ତ କାତା ମାଚିସ୍ ହେୱାନ୍ କି ବିଚାର୍ କାଜିଂ ପୁଇପୁୟା ସାଦୁର୍ ଲାଗାଂ
ହାଲ୍‌ୱାଦାଂ ଅଦାମର୍ ଲାଗାଂ ହାନି କାଜିଂ ସାସ୍ କିନାନ୍ ?
୨ କି ସାଦୁର୍ ଜେ ଜଗତ୍‌ନି ବିଚାର୍ଣ୍ଣା କିଡାର୍, ଇ କାତା କି ଏପେଙ୍ଗ୍ ପୁନୁଦେର୍ ? ଆରେ ଜଦି ପୁତର୍ ମି ପୁଇପୁୟା ହୁଦାଂ
ବିଚାର୍ଣ୍ଣା ଆନାଡ୍, ୱାଟିଙ୍ଗ୍ ଏପେଙ୍ଗ୍ କି ଅଲପ୍ ଅଲପ୍ ବିସ୍ରେ ବିଚାର୍ଣ୍ଣା କିଦେଙ୍ଗ୍ ଆଡୁଦେର୍ ?
୩ ଆସେଙ୍ଗ୍ ଜେ ଦୁଡ୍‌ର୍‌ତି ବିଚାର୍ କିନାକା, ଇଦାଂ କି ଏପେଙ୍ଗ୍ ପୁନୁଦେର୍ ?
୪ ୱାଟିଙ୍ଗ୍ ସଁସାର୍ ଜିବୁନ୍ କାତା କି ଇନାକା ? ଲାଗିଂ, ଜଦି ବିଚାର୍ କାଜିଂ ମିଦାଙ୍ଗ୍ ସଁସାର୍ ଜିବୁନ୍ ବିସ୍ରେ ଇମ୍‌ଣି ବିସ୍ରେ
ମାଚିସ୍, ୱାଟିଙ୍ଗ୍ ମଣ୍ଡ୍‌ଲିତ ଇମ୍‌ଣାକାର୍ ବୁଜାଆଉର୍, ହେୱାରିଂ ବିଚାର୍ଣ୍ଣା କିଦେଙ୍ଗ୍ ବାଚି କିୟାଟ୍ ?
୫ ଆନ୍ ମିଙ୍ଗ୍ ଲାଜ୍ ହିଦ୍‌ନି କାଜିଂ ଇଦାଂ ଇଞ୍ଜ୍‌ନାଙ୍ଗା । ଟଣ୍ଡାର୍ ଟଣ୍ଡାର୍ ବିଡ୍ରେ ଗଣ୍ଡ୍‌ଗଲ୍ କିଦେଙ୍ଗ୍ ଆଡ୍‌ନାଦେର୍, ଏପେଙ୍ଗ୍
ଇନାକା ରୱାନ୍ ଇଞ୍ଜି ଗିଆନି ଲଗୁ ହାଡ୍‌ପା ବିଡ୍ରେ ବିଚାର୍ କିନାକାନ୍ ହିଲୁନ୍ ?
୬ ମତର୍ ଟଣ୍ଡାର୍ ଟଣ୍ଡାର୍ ବିରୁଦ୍‌ତ ବିଚାର୍ଣ୍ଣା ଇଞ୍ଜ ଦାବା କିନାନ୍, ହେଦାଂ ଆରେ ପାତର୍ କିୱାକାର୍ ଲାଗାଂ ।
୭ ଏପେଙ୍ଗ୍ ଜେ ହାରି ବିରୁଦ୍‌ତ ବିଚାର୍ ଇଞ୍ଜ ଦାବା କିନାଦେରା, ହେବେ ଏପେଙ୍ଗ୍ ହାଡ୍‌ପା ଦସି । ନଲେ ଇନେକିଦେଂ
ଅନ୍ୟାୟ୍ ହୁଞ୍ଜୁଦେରା ? ଇଚିସ୍ ଇନେକିଦେଂ ଅନ୍ୟାୟ୍ ମାନିକିଉଦେରା ? ଇଚିସ୍ ଇନାକିଦେଂ ନସ୍ଟ ମାନି କିଉଦେରା ?
୮ ମତର୍ ଏପେଙ୍ଗ୍ ଜାର୍ ଜାର୍ ଅନ୍ୟାୟ୍ ଆରି ନସ୍ଟ କିନାଦେରା, ଆରେ ହେଦାଂ ଟଣ୍ଡାର୍ ଆରି ତଣ୍‌ଦେକ୍ କାଜିଂ କିନାଦେରା
।
୯ କି ଅଦାମର୍ ଜେ ଇସ୍ୱତର୍ ରାଜିତ ଆଦିକାର୍ ଆଉର୍, ଇଦାଂ କି ଏପେଙ୍ଗ୍ ପୁନୁଦେରା ? ବୁଲ୍‌କା ଆମାଟ୍, ଦାରି କି
ପୁଡ୍‌ଡ଼ା ପୁଜାକିନାକାର୍ କି ଲକାର୍‌ଦାରି କି କଗ୍‌ଲେ ଚିନ୍ତା ଦାରୁଲା
୧୦ କି ମୁଟିଇଡ୍‌ନାକାନ୍ କି ଚରେନ୍ କି ଦାନ୍ ଲବ୍ରା କି ମଦ୍‌ୱା କି ବାନ୍ୟା ଲକାତର୍ ଜିନିସ୍ ଚରି କିନାକାନ୍ ଇୱାର୍ ଇସ୍ୱତର୍
ରାଜିତ ହେୱାର୍ ବାଗ୍ ପାୟା ଆଉର୍ ।
୧୧ ଆରେ, ମି ବିଡ୍ରେ ଇନେର୍ ଇନେର୍ ଏପେଙ୍ଗ୍ ମାଚାଦେର୍; ମତର୍ ମାପ୍ରୁ ଜିସୁ କ୍ରିସ୍ଟତି ତର୍‌ଦ ଆରି ମା ଇସ୍ୱତର୍ ହୁଦାଂ
ଏପେଙ୍ଗ୍ ନୁଜ୍‌ୟା ଆତାଦେର୍ଣ୍ଣା, ପୁଇପୁୟା କିୟା ଆତାଦେର୍ଣ୍ଣା ଆରି ଦାମର୍ ଇଞ୍ଜି ଗାଣ୍‌ତି ଆତାଦେର୍ଣ୍ଣା ।

### ଜାର୍ ଗାଗାଡ୍‌ତିଂ ଇସ୍ୱତର୍ ଜାଜ୍‌ମାଲ୍ କାଜିଂ ଚିନ୍ତା କିୟାଟ୍

୧୨ ୱିଜୁ ବିସ୍ରେ ଆଡ୍‌ଦେଂ ନା ଦାଇତ୍ ହିଡ୍‌ତାର୍ଣ୍ଣା, ମତର୍ ୱିଜୁ ବିସ୍ରେ ହାର୍‌ଦାକା ଆକାୟ୍ । ୱିଜୁ ବିସ୍ରେ ଆଡ୍‌ଦେଂ ନା
ଆଦିକାର୍ ମାନାଡ୍, ମତର୍ ଆନ୍ ଇମ୍‌ଣି ବିସ୍ରେ ତାରେନ୍ ଆଉଙ୍ଗ୍
୧୩ ବିନ୍‌ନିକାର୍ ଇଞ୍ଜେଙ୍ଗ୍ ଆଡ୍‌ନାର୍” କାଦି ପଟ କାଜିଂ, ଆରେ ପଟ କାଜିଂ, ମତର୍ ଇସ୍ୱର୍ ହାରିତିଂ ବୁଡାୟ୍ କିନାନ୍ ।
ଗାଗାଡ୍ ଦାରି କାଜିଂ ଆକାୟ୍, ମତର୍ ମାପ୍ରୁତି କାଜିଂ, ଆରେ ମାପ୍ରୁ ଗାଗାଡ୍ କାଜିଂ;
୧୪ ଇସ୍ୱର୍ ମାପ୍ରୁଙ୍ଗ୍ ହାକିତାଂ ନିକ୍‌ତାନ୍, ଆରେ, ଜାର୍ ସାକ୍ତି ହୁଦାଂ ମାଙ୍ଗେଙ୍ଗ୍ ପା ନିକ୍‌ତାନାନ୍ ।
୧୫ ମି ଗାଗାଡ୍ ଜେ କ୍ରିସ୍ଟତି ଗାଗାଡ୍ ଲାକେ, ଇଦାଂ କି ପୁନୁଦେରା ? ୱାଟିଙ୍ଗ୍ ଆନ୍ ଇନାକା କ୍ରିସ୍ଟତି ଗାଗାଡ୍ ଅଜି ଦାରିଆତି
ଗାଗାଡ୍ କିନାଙ୍ଗ୍ ? ହେଦାଂ ଇନାୱାଡ଼ାଂ ପା ଆମେଡ୍ ।
୧୬ କି ଇନେର୍ ଦାରିଆ ଲାହାଙ୍ଗ୍ ମେହାନାନ୍, ହେୱାନ୍ ତା ଲାହାଙ୍ଗ୍ ର ଗାଗାଡ୍ ଆନାନ୍, ଇଦାଂ କି ଏପେଙ୍ଗ୍ ପୁନୁଦେର୍
? ଇନାକିଦେଂକି ଲେକା ମାନାଡ୍, “ହେୱାର୍ ରିଆର୍ ଏକ୍ ଆନାର୍ ।”
୧୭ ମତର୍ ଇନେର୍ ମାପ୍ରୁତି ଲାହାଙ୍ଗ୍ ୱାସ୍କି ମେହା ଆନାର୍, ହେୱାନ୍ ହେୱାନ୍ତି ଲାହାଙ୍ଗ୍ ର ଜିବୁନ୍ ଆନାଡ୍ ।

୧୮ ଦାରିତାଂ ଦେହା ହାଲାଟ୍ । ମାନାୟ୍ ବିନ୍ ଇମ୍‌ଣାକା ପା ପାପ୍ କିତିସ୍, ହେଦାଂ ଗାଗାଡ଼୍‌ନି ବାର୍ତହତାକା; ମତର୍ ଇନେର୍
ଦାରି କିତାନ୍, ହେୱାନ୍ ଜାର୍ ନିଜ୍ ଗାଗାଡ଼୍‌ ବିରୁଦ୍‌ତ ପାପ୍ କିନାନ୍ ।
୧୯ ଏପ୍ ଇନାକା ପୁନୁଦେରା କି ଜେ ମି ଗାଗାଡ଼୍‌ ପୁଇପୁୟା ଜିବୁନିଂ ମନ୍ଦିର୍, ଇନାକା ଏପେଙ୍ଗ୍ ଇସ୍ୱର୍‌ତାଂ ପାୟା
ଆତାଦେର୍ଣ୍ଣା ? ଆରେ, ଏପେଙ୍ଗ୍ ଜାର୍ ଜାର୍‌ତିଂ ଆକାୟ୍;
୨୦ ଇନାକିଦେଂକି ଏପେଙ୍ଗ୍ ଜବର୍ ମଲ୍‌ଦ କଡ଼୍‌ୟାତାଦେର୍ଣ୍ଣା; ଲାଗିଂ ମି ଗାଗାଡ଼୍‌ତ ଇସ୍ୱର୍‌ତ ଜାଜ୍‌ମାଲ୍ ହପାଟ୍ ।

# ୭

## ବିବା ବିସ୍ରେନି ପର୍‌ସନ୍

୧ ଏପେଙ୍ଗ୍ ଇମ୍‌ଣି ସବୁ ବିସ୍ରେ ଲେକି କିତାଦେର୍‌ନା, ହେ ସବୁନି ଉତର୍ ଇଦାଂ, କଗ୍‌ଲେ ହିମ୍‌ଣାକାଂ ଡୁୱାକା ଆଣ୍ଡ୍ରାଙ୍ଗ୍
ପାକ୍ୟାତ ହାର୍;
୨ ମତର୍ ଦାରି ପାଣ୍ଡ୍ର କ୍ରାଜିଂ ଜାଣ୍‌କେ ଆଣ୍ଡ୍ରାଙ୍ଗ୍‌ତି ଜାର୍‌ତିଂ କଗ୍‌ଲେ ମାନେଡ୍, ଆରେ ଜାଣ୍‌କେ କଗ୍‌ଲେକ୍‌ନି ଜାର୍‌ତିଂ
ଆଣ୍ଡ୍ରେନ୍ ମାନେନ୍ ।
୩ ଆଣ୍ଡ୍ରେନ୍ କଗ୍‌ଲେତି ପାୟାଏଡ୍, ଆରେ ହେ ଲାକେ ପା କଗ୍‌ଲେ ଆଣ୍ଡ୍ରେନିଂ ପାୟାଏଡ୍ ।
୪ କଗ୍‌ଲେତି ଜାର୍ ଗାଗାଡ଼୍‌ ଜପି କେମ୍‌ତା ଆକାୟ୍, ମତର୍ ଆଣ୍ଡ୍ରେନ୍ତି ମାନାଡ୍; ହେ ବାନି ପା ଆଣ୍ଡ୍ରେନ୍ତି ଜାର୍ ଗାଗାଡ଼୍‌ ଜପି
ଆଦିକାର୍ ଆକାୟ୍, ମତର୍ କଗ୍‌ଲେତି ମାନାଡ୍ ।
୫ ହାରିତିଂ ଆବ୍‌ଡ଼୍ କ୍ରିମାଟ୍, ଏଚେକାଡ଼୍‌ଦ ପାର୍ତାନା କାଜିଂ ପାବ୍ ଗାଟାନି କାଜିଂ ଦୁଲ୍‌ମାତାର୍ ର ବୁଜାମାଣା ଆଜି ଅଲପ୍
କାଡ଼୍‌ ବିନେ ମାଞ୍ଚେଙ୍ଗ୍ ଆଡ଼୍‌ନାଦେର୍; ଆରେ, ମିଦାଙ୍ଗ୍ ମାନ୍ ଦାବାୟ୍ ଅବାବ୍ ଲାଗିଂ ସୟ୍‌ତାନ୍ ଇନେସ୍ ମିଙ୍ଗେଙ୍ଗ୍ ପରିକ୍ୟା
କିଦୁଡ୍, ଇଦାଂ କାଜିଂ ଆରେ ରଗ ରୁଣ୍ଡା ଆଡୁ ।
୬ ମତର୍ ଆନ୍ ବଲ୍ ହିଡ୍‌ତି ଲାକେ ଇଞ୍ଜ୍‌ୱାଦାଂ ବୁଜାୟ୍ କିଡ୍‌ତି ଲାକେ ଇଦାଂ ଇଞ୍ଜ୍‌ନାଙ୍ଗା ।
୭ ଆତିସ୍‌ପା, ଇନେସ୍ ସବୁ ଲଗୁ ନା ଲାକେ ଆନାର୍, ଇଦାଂ ନା ଇଚା । ମତର୍ ଇନେର୍ ଏପେଙ୍ଗ୍, ଇନେର୍ ହେ ଏଲେଂ,
ଜାଣ୍‌କେ ଇସ୍ୱର୍‌ତାଂ ଦାନ୍ ପାୟାତାର୍ଣ୍ଣା ।
୮ ମତର୍ ଆନ୍ ୱାଟା ଆରି ରାଣ୍ଡିକାଂ ଇନାଙ୍ଗା, ହେୱେକ୍ ନା ଲାକେ ମାଚିସ୍ ହେୱେକ୍ ପାକ୍ୟାତ ହାର୍ ।
୯ ମତର୍ ଜଦି ହେୱେକ୍ ମାନ୍‌ତର୍ଂ ସାମାଲି କିଦେଙ୍ଗ୍ ଆଡ଼୍‌ୱିତିସ୍, ୱାଟିଙ୍ଗ୍ ହେୱେକ୍ ବିବା ଆୟେକ୍; ଇନାକିଦେଂକି
କାମାୟ୍‌ତ ଡାହାନି ବାଟା ବିବା ଆନାକା ହାର୍ ।
୧୦ ମତର୍ ଇଲା ଆତାକାରିଂ ଆନ୍ ବଲ୍ ହିନାଂ, ଆନ୍ ଆକାୟ୍, ମତର୍ ମାପ୍ରୁ ବଲ୍ ହିନାନ୍, କଗ୍‌ଲେ ଜାର୍ ଡକ୍ରାତାଂ ବିନେ
ଆମେଡ୍,
୧୧ ମତର୍ ଜଦି ହେଦେଲ୍ ବିନ୍ ବିନ୍ ଆତିସ୍, ୱାଟିଙ୍ଗ୍ ହେଦେଲ୍ ଆରେ ବିବା କିମେଡ୍, ଆୱିତିସ୍ ଜାର୍ ଆଣ୍ଡ୍ରେନ୍ ଲାହାଙ୍ଗ୍
ମେହା ଆୟେଡ୍, ଆରେ ଆଣ୍ଡ୍ରେନ୍ ଜାର୍ କଗ୍‌ଲେଂ ପିହ୍‌ମେନ୍ ।
୧୨ ମତର୍ ବିନ୍ ଲଗାଂ ୱିଜାରିଂ ଆନ୍ ଇନାଂ ମାପ୍ରୁ ଇନୁନ୍, ଜଦି ଇମ୍‌ଣି ଟଣ୍ଡ୍ରେନ୍ ତାକେ ପାତର୍ ହିୱି ଡକ୍ରି ମାଚିସ୍, ଆରେ
ହେୱାନ୍ ତା ଲାହାଙ୍ଗ୍ ବାହା କିଦେଙ୍ଗ୍ ରାଜି ଆଏନ୍, ତା ଆତିସ୍ ହେୱାନ୍ ହେଦେଲିଂ ପିହ୍‌ମେନ୍ ।
୧୩ ଆରେ, ଇନେର୍ ଡକ୍ରି ତାକେ ପାତର୍ କିୱାକାନ୍ ଆଣ୍ଡ୍ରେନ୍ ମାଚିସ୍, ଆରେ ହେୱାନ୍ ଲାହାଙ୍ଗ୍ ବାହା କିଦେଙ୍ଗ୍ ରାଜି
ଆଏଡ୍, ହେଦେଲ୍ ତା ଡକ୍ରାହିଂ ପିହ୍‌ମେଡ୍ ।
୧୪ ଇନାକିଦେଂକି ପାତର୍ କିୱି ଆଣ୍ଡ୍ରେନ୍ ପାତର୍ କିନି ଡକ୍ରି ଲାହାଙ୍ଗ୍ ସକଟ୍ କିୟାଆନାତାଡ୍‌ନା, ଆରେ ପାତର୍ କିୱି ଡକ୍ରି
ପାତର୍ କିନି ଆଣ୍ଡ୍ରେନ୍ କାଜିଂ ସକଟ୍ କିୟାଆନାତାଡ୍‌ନା; ହେଦାଂ ଆୱିତିସ୍ ମି ହିମ୍‌ଣାଂ ରାଡ଼ା ଆତାର୍ମା, ମାତର୍ ନଙ୍ଗ୍ ହେୱାର୍
ସକଟ୍ ।
୧୫ ଆତିସ୍‌ପା ଜଦି ପାତର୍ କିୱାକା ବିନେ ଆଦେଂ ଇଚା କିତିସ୍, ୱାଟିଙ୍ଗ୍ ହେଦେଲ୍ ବିନେ ଆୟେଡ୍; ଏଲେଙ୍ଗ୍ ବାହାତ
ହେ ଟଣ୍ଡ୍ରେନ୍ କି ତଣ୍‌ଦେଲ୍ ହୁର୍‌ପିୟା ଆୱାତାର୍ଣ୍ଣା, ଇସ୍ୱର୍ ମିଙ୍ଗ୍ ସୁସ୍ତାତ ବେବାର୍ କିଦ୍‌ଦେଂ ଆସ୍ତାତାନ୍ନା ।
୧୬ ଲାଗିଂ ଏ କଗ୍‌ଲେ, ଏପେଙ୍ଗ୍ ଜେ ଜାର୍ ପାତର୍ ଡକ୍ରାତି ମୁକ୍ତିନି କାରଣ୍ ଆନାଦେର୍, ଇଦାଂ ଇନାକା ପୁନୁୟ୍ ? କି ଏ
ଆଣ୍ଡ୍ରାଙ୍ଗ୍, ଏପେଙ୍ଗ୍ ଜେ ଜାର୍ କଗ୍‌ଲେତି ମୁକ୍‌ଡ଼ାନି କାରଣ୍ ଆନାଦେର୍, ଇଦାଂ ଇନାକା ପୁନାଦେର୍ ?

## ଇନେସ୍ କୁକ୍‌ତାକା ହେ ଏଲେଙ୍ଗ୍ ଚିନ୍ତା

୧୭ କେବଲ୍ ମାପ୍ରୁ ଇନେରିଂ ଦାନ୍ ପାସ୍ତାତାନ୍ନା, ଇସ୍ୱର୍ ୱିଜାରିଂ ଇନେସ୍ କୁକ୍‌ତାନ୍ନା ହେୱାନ୍ ହେ ଲାକେ ଚିନ୍ତା କିଏନ୍ ।
ଆନ୍ ସବୁ ମଣ୍ଡଲିତ ଏଲେଙ୍ଗ୍ ବାନି ବଲ୍ ହିନାଂ ।
୧୮ ଇନେନ୍‌କି ସୁନ୍ନତ୍ ଲାକେ ଇସ୍ୱର୍ ହୁକେ କୁକ୍ୟାତାନ୍ନା ? ହେୱାନ୍ ସୁନ୍ନତ୍ ଆକାୟ୍ ଲାକେ ଚଞ୍ଜ୍‌ୟା ଆଦେଂ ସେସ୍ଟା
କିମେନ୍ । ଇନେ ଇନେନ୍‌କି ସୁନ୍ନତ୍ ଆକାୟ୍ ଲାକେ କୁକ୍ୟାତାନ୍ନା ? ହେୱାନ୍ ସୁନ୍ନତ୍ ଆମେନ୍ ।
୧୯ ସୁନ୍ନତ୍ ଆନାକା କି, ଆରେ ସୁନ୍ନତ୍ ଆକାୟ୍ ମୁଡ଼େ ଆକାୟ୍, କେବଲ୍ ଇସ୍ୱର୍‌ତ ବଲ୍ ପାଲି କିନାକା ନେ ଗାଜା ।
୨୦ ଇସ୍ୱର୍ ୱାତିଲେ ହେ ଇମ୍‌ଣି ଅବସ୍ତାତ କୁକ୍ୟାତାଦେର୍ଣ୍ଣା, ହେୱାନ୍ ହେବେ ମାନେନ୍ ।

୨୧ ଏପେଙ୍ଗ୍ କି ଆଡ଼ିଏନ୍ ଆଜି କୁକ୍ୟାତାଦେର୍ଣ୍ଣା ? ଚିନ୍ତା କିମାଟ୍; ମତର୍ ଏଚେକାଡ଼୍ଦ ମୁକ୍ଡ଼ା ଆଦେଂ ଆଡ଼୍ନାଦେର୍,
ତେବେ ନଲେ ସୁବିଦା ହୁଡ଼ାଟ୍ ।
୨୨ ଇନାକିଦେଂକି ଇନେର୍ ଆଡ଼ିଏନ୍ ଆଜି ମାପ୍ରୁତାକେ କୁକ୍ୟାତାନ୍ନା, ହେୱାନ୍ ମାପ୍ରୁତି ମୁକ୍ଡ଼ାତି ଲଗୁ; ହେ ଲାକେ
ଇନେର୍ ମୁକ୍ଡ଼ା ଆଜି କୁକ୍ୟାତାନ୍ନା, ହେୱାନ୍ କ୍ରିସ୍ଟତି ଆଡ଼ିଏନ୍ ।
୨୩ ଏପେଙ୍ଗ୍ ବେସି ମଲ୍ଦ କଡ଼୍ୟାତାଦେର୍ଣ୍ଣା, ମାନାୟ୍ନି ଆଡ଼ିଏନ୍ ଆମାଟ୍ ।
୨୪ ଏ ଟଣ୍ଡାର୍, ଆରି ତଣ୍‌ଦେକ୍ ଜାଣ୍‌କେ ଇମ୍ଣି ଅବସ୍ତାତ କୁକ୍ୟାତାଦେର୍ଣ୍ଣା; ହେୱାନ୍ ଇସ୍ୱର୍ତ ରଚେ ମାନ୍ଞ୍ଜି ହେ
ଅବସ୍ତାତ ମାନେନ୍ ।

## ୱାଟା ଆରି ରାଣ୍ଡିକ୍ ବିସ୍ରେ ପର୍ସନ୍

୨୫ ଗାଡ଼୍‌ଚେକ୍ତି ବିସ୍ରେ ଆନ୍ ମାପ୍ରୁତାଂ ଇମ୍ଣାକା ପା ବଲ୍ ଗାଟାୱାତାଂନ୍ନା; ମତର୍ ମାପ୍ରୁତି ଦୟାତାଂ ପାର୍ତ ଲଗୁ ଆଜି
ଜାର୍ତିଂ କାତା ହିନାଙ୍ଗା ।
୨୬ ଆନ୍ ବାବି କିନାଙ୍ଗା ଜେ, ମାନାୟ୍ ଇନେସ୍ ମାନାନ୍, ସୁନ୍ନତ୍ ଆୱି କସ୍ଟ ଲାଗିଂ ହେ ଲାକେ ମାନାକା ହାର୍ ।
୨୭ ଏପେଙ୍ଗ୍ ଜେ ଡକ୍ରି ହୁଦାଂ ମାନାଦେର୍ ? ଲାଗିଂ ମୁକ୍ଡ଼ା ଆନି କାଜିଂ ସେସ୍ଟା କିମାଟ୍ । ଏପେଙ୍ଗ୍ ଜେ ଡକ୍ରିହୁଦାଂ
ମୁକ୍ଡ଼ାନାଦେର୍ ? ତେବେ ଡକ୍ରି ଗାଟାନି କାଜିଂ ସେସ୍ଟା କିମାଟ୍ ।
୨୮ ମତର୍ ଜଦି ଏଲେଙ୍ଗ୍ ବିବା କିତାଦେର୍ଣ୍ଣା, ତା ଆଡିସ୍‌ପା ପାପ୍ କିୱାତାଦେର୍ଣ୍ଣା; ଆରେ ଜଦି ଜିପଲି ବିବା କିତାଡ଼୍ନା, ତା
ଆଡିସ୍ ହେଦେଲ୍ ପାପ୍ କିୱାତାଡ଼୍ନା । ଆଡିସ୍‌ପା ଏଲେଙ୍ଗ୍ ଲଗୁ ଗାଗାଡ଼୍ କସ୍ଟ ବଗ୍‌କିନି କାଜିଂ; ଆରେ ଏପେଙ୍ଗ୍ ଇନେସ୍‌କି
ହେବେତାଂ ରାକ୍ୟା ପାୟାଡୁ, ଇଦାଂ ନା ମାନ୍ ।
୨୯ ମତର୍ ଏ ଟଣ୍ଡାର୍, ନା କାତା ମାନ୍ ଏଲେଙ୍ଗ୍, ସମୁ ବେସି ଉଣା, ଲାଗିଂ ଇମ୍ଣାକାର୍ତ ଡକ୍ରି ମାନାଡ଼୍, ହେୱାର୍ ଡକ୍ରି
ହିଲ୍ୱି ଲାକେ ଆଏର୍ ।
୩୦ ଆରେ, ଇନେର୍ ଆଡ଼୍ୱାନାର୍, ହେୱାର୍ ଆଡ଼୍ୱାୱାକାର୍ ଲାକେ ଆଏର୍; ଆରେ, ଇନେର୍ ଦୁକ୍ କିତାର୍, ହେୱାର୍
ଦୁକ୍ କିୱାକାର୍ ଲାକେ ଆଏର୍; ଇନେର୍ କଡ଼୍ନାର୍, ହେୱାର୍ କଡ଼୍ୱାକାର୍ ଲାକେ ଆଏର୍;
୩୧ ଆରେ, ଇନେର୍ ସଁସାର୍ ବିସ୍ରେ ବଗ୍ କିତାର୍, ହେୱାର୍ ବଗ୍ କିୱାକାର୍ ଲାକେ ଆଏର୍ । ଇନାକିଦେଂକି ଇ ଜଗତ୍‌ନି
ବାନା ବାଦ୍‌ଲା ଆନାତା ।
୩୨ ମତର୍ ଏପେଙ୍ଗ୍ ଇନେସ୍‌କି ଚିନ୍ତା କିମାଟ୍, ଇଦାଂ ନା ଇଚା । ଇନେନ୍ ୱାଟା, ହେୱାନ୍ ଇନେସ୍‌କି ମାପ୍ରୁତି ମାନ୍‌ସତକ୍
ଆନାଦେର୍, ହେଦାଂ କାଜିଂ ମାପ୍ରୁନି ବିସ୍ରେ ଆସ୍ତି ଚିନ୍ତା ଆଡୁ;
୩୩ ମତର୍ ଇନେନ୍ ଇଲା ଆତାକାନ୍, ହେୱାନ୍ ଇନେସ୍ ଜାର୍ ଡକ୍ରିତି ମାନ୍‌ସତକ୍ ଲଗୁ ଆନାନ୍, ହେଦାଂ କାଜିଂ ହେୱାନ୍
ପୁର୍ତନି ବିସ୍ରେ ଆସ୍ତି ଚିନ୍ତା କିନାନ୍, ଆରେ ତା ମାନ୍ ବିନେବିନେ ଆନାଡ଼୍ ।
୩୪ ଲାଗିଂ ହେୱାନ୍ତି ମାନ୍ ରିବାଗ୍ ଆୟେଡ଼୍ ଡିଣ୍ଡା କଗ୍‌ଲେ ଆରି ଜିପଲି ମାପ୍ରୁ କାମାୟ୍ ଗାଗାଡ଼୍ତ ଆରି ଜିବୁନ୍ତ ପୁଇପୁୟା
ଆନି କାଜିଂ ମାପ୍ରୁତି ବିସ୍ରେ ଅଜି ଚିନ୍ତା ଆନାର୍; ମତର୍ ଇନ୍ଦେଲ୍ ଇଲା ଆତାକା, ହେଦେଲ୍ ଇନେସ୍ ଜାର୍ ଆଣ୍ଡ୍ରେନ୍ତି
ମାନ୍‌ସତକ୍ କଗ୍‌ଲେ ଆନାଡ଼୍, ହେଦାଂ କାଜିଂ ପୁର୍ତ ବିସ୍ରେ ଅଜି ଚିନ୍ତା ଆଡୁ ।
୩୫ ଇ କାତା ଆନ୍ ମିଦାଙ୍ଗ୍ ଜାର୍ ହାର୍ କାଜିଂ ଇଞ୍ଜ୍‌ନାଙ୍ଗା, ମିଙ୍ଗ୍ ଗାଚ୍‌ଚିତ ଆସ୍ରେଙ୍ଗ୍ ଇଞ୍ଜୁଙ୍ଗା, ମତର୍ ଏପେଙ୍ଗ୍ ଇନେସ୍
ହାର୍ ଚିନ୍ତା ଜିସୁ ର ମାନ୍ତ ମାପ୍ରୁ ତାକେ ଲାଗାଜି ମାନାଟ୍, ଇଦାଂ କାଜିଂ ଇଞ୍ଜ୍‌ନାଙ୍ଗା ।
୩୬ ମତର୍, ୱାଟିଙ୍ଗ୍ ଇମ୍ଣି ମାନାୟ୍ ଜାର୍ ଗାଡ଼୍‌ଚେନି ଜିପଲି ଅବସ୍ତା ହାଚାଡ଼୍ନା, ଆରେ ହେଦେଲ୍ ତା କାଜିଂ କିୱାକା
ଚିନ୍ତା କିନାତା ଇଞ୍ଜି ବାବି କିନାଡ଼୍, ତେବେ ଲଡ଼ାନିମାନ୍ କିଡିସ୍ ହେଦେଲ୍ ଇନାକା ଇଚା, ହେଦାଂ କିଏଡ଼୍; ହେବେ ପାପ୍
ଆକାୟ୍; ହେୱେକ୍ ବିବା ଆୟେକ୍ ।
୩୭ ମତର୍ ଜେ ୱାସ୍କିତ ତିର୍ ମାନାଡ଼୍, ଆରେ ଲଡ଼ା କିୱିଡିସ୍, ଆରେ ଇନେର୍‌ତି ଜାର୍ ଇଚା ଲାହାଙ୍ଗ୍ କିଦେଙ୍ଗ୍ ଆଦିକାର୍
ମାଚିସ୍, ଆରେ ଇନେର୍ ଜାର୍ ଗାଡ଼୍‌ଚେଂ ଜିପଲି ଇଡ଼୍‌ଦେଂ କାଜିଂ ୱାସ୍କିତ ତିର୍ କିତାନ୍ନା, ହେଦେଲ୍ ହାର୍ କିତାଡ଼୍ନା ।
୩୮ ଲାଗିଂ ଇନେର୍ ଜାର୍ ଜିପଲି ବିବା କିନାନ୍, ହେୱାନ୍ ହାର୍ କିନାନ୍, ଆରେ ଇନେର୍ ବିବା କିଉନ୍, ହେୱାନ୍ ଆରେ
ହାର୍ କିନାନ୍ ।
୩୯ ଆଣ୍ଡ୍ରେନ୍ ଜିଜି ମାନି ପାଡେକ୍ କଗ୍‌ଲେ ଗାଚ୍ୟାଜି ମାନାଡ଼୍; ମତର୍ ଆଣ୍ଡ୍ରେନ୍ ହାଡିସ୍, ୱାଟିଙ୍ଗ୍ କଗ୍‌ଲେ ମାପ୍ରୁତି ତାକେ
ପାର୍ତନିକା ଇନେରିଂ ମାନ୍, ହେୱାନିଂ ବିବା କିଦେଙ୍ଗ୍ ଜାର୍‌ମାନ୍ ।
୪୦ ମତର୍ ହେଦେଲ୍ ହେ ଲାକେ ମାଚିସ୍ ଆଦିକ୍ ସୁକ୍ ଆନାଡ଼୍, ଇଦାଂ ନା ଇନାକା, ଆରେ ଆନ୍ ପା ଇସ୍ୱର୍ତ ଜିବୁନ୍
ପାୟାତାଂନା ଇଞ୍ଜି ବାବି କିନାଙ୍ଗ୍ ।

# ୮

## ପେନ୍ ଆକାଡ଼୍ ବିସ୍ରେ

୧ ପେନ୍ ପୁଜାକିତି ଆକାତ୍ ବିସ୍ରେ ନା ଉତର୍ ଇଦାଂ, ମାଦାଂ ୱିଜା଼କାତର୍ ଗିୟାନ୍ ମାନାତ୍ ଇଞ୍ଜି ଏପେଙ୍ଗ୍ ଇନାକା
ଇନାଦେରା, ହେଦାଂ ଆପ୍ ପୁନାପ୍ । ଗିୟାନ୍ ଆକାର୍ ଉବ୍‌ଜାଣ୍ କିନାତ୍, ମତର୍ ଜିଉନନିତାଂ ହାର୍‌ଦାକା ହନାତ୍ ।
୨ ଜଦି ଇନେର୍ ଇମ୍‌ଣି ବିସ୍ରେ ପୁନାନ୍ ଗିଆନି ଇଞ୍ଜି ବାବି କିତାର୍, ଲାଗିଂ ହେୱାନ୍ତି, ଇନେସ୍ ପୁନାକା ଲଡ଼ା ହେୱାନ୍ ଇ
ପାତେକ୍ ପୁନ୍‌ୱାତାନ୍ନା;
୩ ମତର୍ ଜଦି ଇନେର୍ ଇସ୍ୱର୍‌ତିଂ ଜିଉନନାର୍, ଇସ୍ୱର୍ ତାଙ୍ଗେଙ୍ଗ୍ ପୁଚାନ୍‌ନା ।
୪ ଲାଗିଂ ପେନ୍ ପୁଜାକିତି ଆକାତ୍ ତିନି ବିସ୍ରେ ଆସେଙ୍ଗ୍ ପୁନାସ୍ ଜେ, ପୁତର୍ତ ପେନ୍‌କୁ ଇଞ୍ଜି ଇନାକା ମୁଲ୍ୟ ହିଲେତ୍,
ଆରେ ର ଇସ୍ୱର୍ ପିସ୍‌ସି ରିଣ୍ଡ୍ରାଂ ହିଲେକ୍ ।
୫ ଇନାକିଦେଂକି ସାର୍ଗେତ ଆୟେତ୍ କି ପୁତର୍ତ ଆୟେତ୍, ଇମ୍‌ଣାକାରିଂ ପେନ୍ ଇଞ୍ଜି ଇନାର୍, ଆତିସ୍‌ପା ହେୱେକ୍
ମାନ୍‌ଗିନିକ୍‌ପା ଇ ଲାକେ ତ ହେନି ପେନ୍‌କୁ ଆରି ବେସି ମାପ୍ରୁ ମାନିକ୍,
୬ ମତର୍ ମା ରୱାନ୍ ମତର୍ ଇସ୍ୱର୍, ଇଚିସ୍ ଇମ୍‌ଣି ଆବା ତାକେଣ୍ଡ୍ରାଂ ସବୁ ବିସ୍ରେ ଉବ୍‌ଜା ଆତାତ୍‌ନ୍ନା, ଆରେ ଆସେଙ୍ଗ୍
ହେୱାନ୍ତି କାଜିଂ ଉପ୍‌ଜା ଆତାସ୍‌ନା ଆରେ ରୱାନ୍ ମତର୍ ମାପ୍ରୁ, ଜିସୁ କ୍ରିସ୍ଟ ହେୱାନ୍ତି ହୁକେ ୱିଜୁ ବିସ୍ରେ ଆତାତ୍‌ନ୍ନା, ଆରେ
ହେୱାନ୍ତି ହୁକେ ଆସେଙ୍ଗ୍ ଆତାସ୍‌ନା ।
୭ ଆତିସ୍‌ପା ୱିଜା଼କାର୍‌ତି ଇ ଗିଆନ୍ ହିଲୁତ୍; ମାତର୍ କେତେକ୍ ଲକୁ ଇ ପାତେକ୍ ପେନ୍ ମାନାତ୍ ଇଞ୍ଜି ପୁନ୍‌ଞ୍ଜି ପେନ୍
ପୁଜାକିତି ଆକାତ୍ ତିନାର୍, ଆରେ ହେୱାର୍‌ତି ବାବ୍‌ନା ନାଦାର୍ ମାଚିସ୍ ଦସି ଆନାର୍ ।
୮ ମତର୍ ତିନାକାଉଣାକା ମାଙ୍ଗେଙ୍ଗ୍ ଇସ୍ୱତର୍ ଲାଗାଂ ଇଟ୍‌ନାକା କି ଇଟ୍‌ୟାୱାକା କିୟା ଆଉତ୍; ତିନ୍‌ୱିତିସ୍ ମାଦାଂ ନସ୍ଟ
ଆଉତ୍ କି ଚିଚିସ୍ ମାଙ୍ଗେଙ୍ଗ୍ ଲାବ୍ ଆଦୁତ୍ ।
୯ ମତର୍ ଜାଗ୍ରତ୍, ଏଚେକାଡ଼୍‌ଦ ମିଦାଙ୍ଗ୍ ଇ ଜାର୍ ଆଦିକାର୍ ନାଦାରିଂ ଉସ୍‌ନାକା ଆନାତ୍ ।
୧୦ ଇନାକିଦେଂକି ଗିଆନି ଜେ ଏପେଙ୍ଗ୍, ମିଙ୍ଗେଙ୍ଗ୍ ଜଦି ଇନେର୍ ମନ୍ଦିର୍ ଇଞ୍ଜ ତିନିତାକେ କୁଚ୍‌ନାକା ହୁଡ଼୍‌ଦୋନାର୍, ଲାଗିଂ
ହେୱାନ୍ ନାଦାର୍ ଆଜି ମାଚିସ୍ ହେୱାନ୍ତି ବାବ୍‌ନା ଇନାକା ପେନ୍‌କୁ ଆକାତ୍ ଚିଜେଙ୍ଗ୍ ସାସ୍ ଆଉନ୍ ?
୧୧ ଲାଗିଂ ଇମ୍‌ଣି ନାଦାର୍ ଟଣ୍ଡ୍ରେନ୍ କାଜିଂ କ୍ରିସ୍ଟ ହାତାନ୍, ହେୱାନ୍ "ମି ଗିୟାନ୍" ହୁକେ ନସ୍ଟ ଆନାତା ।
୧୨ ଇ ଲାକେ ଟଣ୍ଡ୍ରାର୍ ବିରୁତାଂ ପାପ୍ ଜିସୁ ଆରି ହେୱାର୍‌ତି ନାଦାର୍ ବାବ୍‌ନାତିଂ ଗାଅ ଜିସୁ ଏପେଙ୍ଗ୍ କ୍ରିସ୍ଟତି ବିରୁଦ୍‌ତ ପାପ୍
କିନାଦେରା ।
୧୩ ଲାଗିଂ ଜଦି ତିନାକା ଉଣାକା ନା ଟଣ୍ଡ୍ରେନ୍ ବାଦାନି କାରଣ୍ ଆତିସ୍, ୱାଟିଙ୍ଗ୍ ନା ଟଣ୍ଡ୍ରେନ୍ ଇନେସ୍ ନା ହୁଦାଂ ବାଦା
ପାୟା ଆଉନ୍, ଇଦାଂ କାଜିଂ ଆନ୍ ମୁଡ଼୍‌ପା ଜାଇ ତିନୁଙ୍ଗ୍ ।

# ୯

## ପକ୍ୟାତାକାର୍‌ତି ଆଦିକାର୍ ଆରି କାମାୟ୍

୧ ଏପେଙ୍ଗ୍ ଇନାକା ଜାର୍‌ତାରେନ୍ ମାନାୟ୍ ଆକାୟ୍ ? ଆନ୍ ଇନାକା ରୱାଙ୍ଗ୍ ପକ୍ୟାତାକାନ୍ ଆକାୟ୍ ? ଆନ୍ ଇନାକା
ମା ମାପ୍ରୁ ଜିସୁଙ୍ଗ୍ ଚଞ୍ଜ୍‌ୟା ୱାତାଂନା ? ଏପେଙ୍ଗ୍ ଇନାକା ମାପ୍ରୁ ତାକେ ନା କିତି କାମାୟ୍ ଆକାୟ୍ ?
୨ ଜଦି ଆନ୍ ବିନ୍‌ନିକାର୍ ଲାଗାଂ ରୱାଙ୍ଗ୍ ପକ୍ୟାତାକାନ୍ ଆକାୟ୍, ଆତିସ୍‌ପା ମି ଲାଗାଂ ଆତିସ୍‌ପା ରୱାନ୍ ପକ୍ୟାତାକାନ୍,
ଇନାକିଦେଂକି ମାପ୍ରୁତାକେ ଏପେଙ୍ଗ୍ ନା ପକ୍ୟାତି ପାଦ୍‌ତ ଚିନ୍‌ଲାକେ ।
୩ ନା ବିଚାର୍ କିନାକାରିଂ ନା ଉତର୍ ଇଦାଂ ।
୪ ତିନାଉଣା କିଦେଙ୍ଗ୍ ଇନାକା ମା ଆଦିକାର୍ ଆକାୟ୍ ?
୫ ବିନ୍ ୱିଜା଼ର୍ ପକ୍ୟାତାକାର୍, ମାପ୍ରୁତି ଟଣ୍ଡ୍ରାର୍ ଆରି ତଣ୍‌ଦେକ୍ କେପାତି ଲାକେ ପାତର୍ କିନି କଗ୍‌ଲେ ବିବା କିଜି ରଚେ
ଅଜି ହାଞ୍ଜେଙ୍ଗ୍ ଇନାକା ମା ଆଦିକାର୍ ଆକାୟ୍ ?
୬ କି ଜିନି ଜପି କସ୍ଟ ପିସ୍ତେଂ ଇନାକା କେବଲ୍ ଆନ୍ ଆରି ବର୍ଣ୍ଣବାଂ ଆଦିକାର୍ ଆକାୟ୍ ?
୭ ଇନେନ୍ ଜାର୍ କର୍ଚତ ଇନାୱାଡ଼ାଂ ମେଲ୍ୟା ବୁର୍‌ତି କିନାନ୍ ? ଇନେନ୍ ଅଙ୍ଗୁର୍ ବାଡ଼୍ କିଜି ହେବେନି ପାଡ଼୍ ତିନୁନ୍ ?
ନଲେ ଇନେନ୍ ପସୁମାନ୍ଦା ପାଲି କିଜି ମାନ୍ଦାନି ପାଲ୍ ଉଣୁନ୍ ?
୮ ଆନ୍ ମାନାୟ୍ ବାବ୍ରେ ଇନାକା ଇ ସବୁ କାତା ଇନାଙ୍ଗା ? ମସାତି ବିଦି ପା ଇନାକା ଇ ସବୁ କାତା ଇନୁତ୍ ?
୯ ✡ଇନାକିଦେଂକି ମସାତି ବିଦିତ ଇଦାଂ ଲେକା ମାନାତ୍, "କଟେର୍‌ତ ବୁଲାନି ବଇଲ୍‌ତି ମୁତ୍‌ଲାତ ଗାଚ୍‌ମୋଟ୍ । ଇସ୍ୱର୍
ଇନାକା ବଇଲା ବିସ୍ରେ ଚିତା କିନାନ୍ ?
୧୦ ହେୱାନ୍ ଇନାକା କେବଲ୍ ମା କାଜିଂ ଇଦାଂ ଇନୁନ୍ ? ଆଁ ମା କାଜିଂ ଇଦାଂ ଲେକି କିୟାଆତାତ୍‌ନା, ଇନେସ୍ ଇନେନ୍
ତାସ୍ କିନାନ୍, ଆହାତ ହେୱାନ୍ତି ତାସ୍ କିନି ଲଡ଼ା, ଆରେ ଇନେନ୍ ବେଙ୍ଗ୍‌ଲା ଗାଚ୍‌ନାନ୍, ବାଗ୍ ପାୟାନି ଆହାତ ତ ବେଙ୍ଗ୍‌ଲା
କିନି ଲଡ଼ା ।

---

✡ **୯:୯** ୧ ତିମତି ୫:୧୮.

୧୧ ☆ଜଦି ଆପେଂ ମି କାଜିଂ ହାଦର୍ବିୟାନ୍ ୱିଡ୍‌ନାପା, ଲାଗିଂ ମିଦାଙ୍ଗ୍ ଇ ବାତ୍‌ରିଡ୍ ତାସ୍ ତ୍ରେସ୍‌ତି ଇନାକା ଅଲପ୍‌ନି ବିସ୍ରେ ?
୧୨ ଜଦି ବିନ୍‌ନିକାର୍ ମିଙ୍ଗେଙ୍ଗ୍ ବାଗ୍ ଆଦିକାର୍ ମାନାର୍, ତେବେ ଆପେଂ ଇନାକା ଆରେ ଆଦିକ୍ ଆକାୟ୍ ?
ଆଡିସ୍‌ପା ଆସେଙ୍ଗ୍ ହେ ଆଦିକାର୍ ବେବାର୍ କିଉପା; ମାତର୍ ଇନେସ୍ ଆପେଂ କ୍ରିସ୍ଟତି ନେକ୍ରିକାବୁର୍ ଇମ୍‌ଣି ବାଦା ଉବ୍‌ଜାୟ୍ କିମେତ୍, ଇଦାଂ କାଜିଂ ୱିଜାପ୍ ହୁଞ୍ଜ୍‌ନାପା ।
୧୩ ଇମ୍‌ଣାକାର୍ ମନ୍ଦିର୍‌ତ ହେବା କିତାର୍, ହେୱାର୍ ଜେ ମନ୍ଦିର୍‌ତାଂ କାଦି ପାୟାନାର୍, ଆରେ ଇମ୍‌ଣାକାର୍ ଗାର୍‌ଣିନି ବାଗି ଆନାର୍, ଇଦାଂ ଇନାକା ପୁନୁଦେରା ?
୧୪ ☆ହେ ଲାକେ ଇମ୍‌ଣାକାର୍ ନେକ୍ରିକାବୁର୍ ସୁଣାୟ୍ କିତାର୍, ହେୱାର୍ ଜେ ନେକ୍ରିକାବୁର୍ ହୁକେ ଜିନି ଚିନ୍ତା କିତାର୍, ଇଦାଂ ମାପ୍ପୁ ବଲ୍ ହିତାନ୍‌ନା ।
୧୫ ମତର୍ ଆନ୍ ଇ ସବୁ ବିସ୍ରେ ଇନାକା ଚିନ୍ତା କିଉଙ୍ଗା, ଆରେ ନା କାଜିଂ ଇନେନ୍ ଏପେଙ୍ଗ୍ କିନାନ୍, ଇଦାଂ କାଜିଂ ଆନ୍ ଇ ସବୁ ଲେକି କିଉଙ୍ଗା; ଇନାକିଦେଂକି ଇନେର୍ ନା ଇ ଗରବ୍ ପଲ୍ୟା ବାଟା ଇଟିସ୍ ନା ହାନାକା ହାର୍ ।
୧୬ ଇନାକିଦେଂକି ଆନ୍ ଜଦି ନେକ୍ରିକାବୁର୍ ସୁଣାୟ୍ କିନାଙ୍ଗ୍, ହେବେ ନା ଗରବ୍ କିନାକା ଇନାକା ଆକାୟ୍, ଲାଗିଂ ହେଦାଂ କିନି କାଜିଂ ଆନ୍ ପାକା; ଆରେ ଜଦି ଆନ୍ ନେକ୍ରିକାବୁର୍ ସୁଣାୟ୍ କିଉନ୍, ଲାଗିଂ ହାୟ୍, ନା ଡଣ୍ଡ୍‌ନି ବାହା ।
୧୭ ଇନାକିଦେଂକି ଜଦି ଆନ୍ ନିଜେ ଏଲେଙ୍ଗ୍ କିନାଙ୍ଗ୍, ଲାଗିଂ ନା ଇନାମ୍ ମାନାତ୍; ମତର୍ ଜଦି ନିଜେ କିଉଙ୍ଗ୍, ଲାଗିଂ ନେ ଗୁମୁସ୍ତାନି ବଜ୍ ନା ତାକେ ହେଲାୟ୍ ଆତାତ୍‌ନ୍ନା ।
୧୮ ଲାଗିଂ ନା ଇନାମ୍ ଇନାକା ? ହେଦାଂ ଇଦାଂ ଜେ, ଇନେସ୍ ଆନ୍ ନେକ୍ରିକାବୁର୍‌ତ ମାନି ନା ଆଦିକାର୍ ଚିନ୍ତା କିୱାଦାଂ ନେକ୍ରିକାବୁର୍ ସୁଣାୟ୍ କିଉ କିଉ ହେ ନେକ୍ରିକାବୁର୍‌ତିଂ ମଲ୍‌ହିଲ୍‌ୱି ବିସ୍ରେ କିନାନ୍ ।
୧୯ ଇନାକିଦେଂକି ଇନେସ୍ ଆନ୍ ଆଦିକ୍ ହେନି ମାନାୟ୍ ଲାବ୍ କିଦେଙ୍ଗ୍ ଆଡ୍‌ନାଙ୍ଗ୍, ଇଦାଂ କାଜିଂ ଆନ୍ ଇନେର୍ ତାରେନ୍ ଆୱିତିସ୍ପା ଜାର୍‌ତିଂ ୱିଜାର୍ ଆଡ୍‌ୟା କିତାଙ୍ଗ୍ ।
୨୦ ଇନେସ୍ ଆନ୍ ଜିହୁଦିରିଙ୍ଗ୍ ଲାବ୍ କିଦେଙ୍ଗ୍ ଆଡ୍‌ନାଙ୍ଗ୍, ଇଦାଂ କାଜିଂ ଜିହୁଦିର୍ ଲାଗାଂ ଆନ୍ ଜିହୁଦି ଲାକେ ଆତାଙ୍ଗ୍; ଇନେସ୍ ବିଦି ତାରେନ୍ ମାନି ମାନାୟାରିଂ ଲାବ୍ କିଦେଙ୍ଗ୍ ଆଡ୍‌ନାଙ୍ଗ୍, ଇଦାଂ କାଜିଂ ଆନ୍ ବିଦିନି ତାରେନ୍ ଆୱିତିସ୍ପା ବିଦି ତାରେନ୍ ମାନାୟାର୍ ଲାଗାଂ ବିଦି ବୁଇଁନି ଲାକେ ଆତାଙ୍ଗ୍ ।
୨୧ ହେ ଲାକେ ମସାତି ବିଦିୱିସ୍‌ତି ଲାବ୍ କିନି କାଜିଂ ଆନ୍ ହେୱାର୍ ବିତ୍ରେ କାମାୟ୍ କିନି ୱାଡ଼ାଙ୍ଗ୍ ପାତର୍କିୱି ଜିହୁଦିର୍ ଲାକେ ବିଦି ବାର୍ତ ବେବାର୍ କିନାଙ୍ଗା । ଇ ଅରତ୍ ଆକାୟ୍ ଜେ, ଆନ୍ ଇସ୍ୱର୍‌ତି ନିୟମ୍ ପାଲି କିଉଙ୍ଗ୍ । ହାତ୍‌ପାତ ଆନ୍ କ୍ରିସ୍ଟତି ବିଦି ତାରେନ୍ ଆତାଂ ।
୨୨ ଇନେସ୍ ଆନ୍ ନାଦାରିକାଂ ଲାବ୍ କିଦେଙ୍ଗ୍ ଆଡ୍‌ନାଙ୍ଗ୍, ଇଦାଂ କାଜିଂ ଆନ୍ ନାଦାର୍‌ତି ଲାଗାଂ ନାଦାର୍ ଲାକେ ଆତାଙ୍ଗ୍; ଇନେସ୍ ଆନ୍ ଇମ୍‌ଣିବାନି କେତେଜାଣ୍ଡିଂ ରାକ୍ୟା କିଦେଙ୍ଗ୍ ଆଡ୍‌ନାଙ୍ଗ୍, ଇଦାଂ କାଜିଂ ଆନ୍ ୱିଜାର୍ ଲାଗାଂ ସବୁବାନି ଆତାଙ୍ଗ୍‌ନା ।
୨୩ ଆନ୍ ଇନେସ୍ ନେକ୍ରିକାବୁର୍‌ନି ଆସିର୍ବାଦ୍‌ତ ମେହା ଆନାଙ୍ଗ୍, ଇଦାଂ କାଜିଂ ଆନ୍ ନେକ୍ରିକାବୁର୍ କାଜିଂ ସବୁ କିନାଙ୍ଗ୍ ।
୨୪ ଇମ୍‌ଣାକାର୍ କାତ୍ରା ବୁଇଁତ ହନ୍‌ନାର୍, ହେୱାର୍ ୱିଜାର୍ ହନ୍‌ନାର୍ ସତ୍, ମତର୍ କେବଲ୍ ରୱାନ୍ ଜେ ଇନାମ୍ ପାୟାନାନ୍, ଇଦାଂ କି ଏପେଙ୍ଗ୍ ପୁନୁଦେରା ? ଏପେଙ୍ଗ୍ ଇନେସ୍ ଇନାମ୍ ପାୟାନାଦେର୍, ଇଦାଂ କାଜିଂ ହେ ଲାକେ ହନାଟ୍ ।
୨୫ ଇନେନ୍‌କି କ୍ରାସ୍‌ନିତ ବାଗ୍‌ଅନାର୍, ହେୱାନ୍ ସବୁ ବିସ୍ରେ ବାଗ୍ ଅନାନ୍; ହେୱାର୍ ଅଲପ୍ କାଜିଂ ମୁକୁଟ୍ ପାୟାନି କାଜିଂ ହେଦାଂ କିନାନ୍; ମତର୍ ଆସେଙ୍ଗ୍ ଜିରାୱି ମୁକୁଟ୍ ପାୟାନି କାଜିଂ ହେଦାଂ କିନାସ୍ ।
୨୬ ଲାଗିଂ ଆନ୍ ହନ୍‌ନାଙ୍ଗା, ମତର୍ ଇଟ୍‌କାଡ୍‌ତାଂ ଆକାୟ୍, ଆନ୍ ଇଞ୍ଜିଜୁଜ୍ କିନାଙ୍ଗା, ମତର୍ ୱାରିକିନିବାହାତ ଗାଅ କିନାକା ଲକୁ ଲାକେ ଆକାୟ୍ ।
୨୭ ଆନ୍ କସ୍ଟ ହୁନ୍‌ଞ୍ଜି ଗାଗାଡ୍‌ତିଂ ଆଟ୍‌ୱା କିତାଂନ୍ନା ଆରି ଜାର୍‌ତିଂ ତାରେନ୍ ଇଡ୍‌ତାଙ୍ଗ୍‌ନା । ଇନାକିଦେଂକି ବିନ୍ ମାନାୟାର୍ ଲାଗାଂ ନେକ୍ରିକାବୁର୍ ସୁଣାୟ୍ କିଜି ମାଚିସ୍ ପା ଆନ୍ ଜାର୍‌ତିଂ ଇନେସ୍ ଆନ୍ ପିସ୍ତି ଇନାମ୍ ଆଉତ୍ ।

# ୧୦

## ପଟ୍‌କୁ ବିରୁଦ୍‌ତ ଜାଗ୍‌ରତ୍

୧ ଇନାକିଦେଂକି, ଏ ଟଣ୍ଡାର୍, ଆରି ତଣ୍‌ଦେକ୍ ମା ଆକର୍ ୱିଜାର୍ ବାଦାଡ଼୍ ତାରେନ୍ ମାଚାର୍,
୨ ଆରେ ୱିଜାକାର୍ ହାମ୍‌ଦୁର୍ ନାସି ହାଚାର୍, ଆରେ ୱିଜାର୍ ବାଦାଡ଼୍ ଆରି ହାମ୍‌ଦୁର୍‌ତ ମସାତି ଇସାପ୍‌ତାଂ ବାପ୍ତିସିମ୍ ଆତାର୍,
୩ ଆରେ ୱିଜାର୍ ର ହାଦର୍ କାଦି ଚିଚାର୍

☆ **୯:୧୧** ରମିୟ ୧୫:୨୭. ☆ **୯:୧୪** ମାତିଉ ୧୦:୧୦; ଲୁକ ୧୦:୭.

୪ ଆରି ୱିଜାର୍‌ ର ହାର୍ଦାକା ଉଟାର୍‌ ଲାଗିଂ ହେୱାର୍‌ ୱିଜାରିଙ୍ଗ୍‌ ପାଞ୍ଜିନି ହାମାନ୍‌ନି ସମାନ୍‌ତାଂ ଉଣ୍‌ଜି ମାଚାର୍‌, ଆରେ
ହେ ସମାନ୍‌ କ୍ରିସ୍ଟ
୫ ଆତିସ୍‌ପା ହେୱାର୍‌ ବିତ୍ରେ ଆଦେକାର୍‌ ତାକେ ଇସ୍ୱର୍‌ତ ମାନ୍‌ ହିଲ୍‌ୱାତାଡ୍‌, ଲାଗିଂ ହେୱାର୍‌ ବାଟାତ ହାତାର୍‌, ସବୁ
କାତା ଜେ ଏପେଙ୍ଗ୍‌ ପୁନ୍‌ୱାଦାଂ ମାନାଦେର୍‌, ଇଦାଂ ନା ଇଚା ଆକାୟ୍‌ ।
୬ ହେୱାର୍‌ ଇନେସ୍‌ ବାନି ବାନ୍ୟା ବିସ୍ରେ ଆହା ଆଜି ମାଚାର୍‌, ଆସେଙ୍ଗ୍‌ ଇନେସ୍‌କି ହେ ଲାକେ ଆହା ଆଉସ୍‌, ଇଦାଂ
କାଜିଂ ଇ ସବୁ ବିସ୍ରେ ମା ପାକ୍ୟାତ ଉତର୍‌ମୁଡ୍‌ ଲାକେ ଆତାଡ୍‌ନ୍ନା ।
୭ ଇନେସ୍‌ ହେୱାର୍‌ ବିତ୍ରେ କେଡ୍‌ଜାଣ୍‌ ପୁଡ୍‌ଡ଼ା ପୁଜା କିତାର୍‌, ହେ ଲାକେ ଏପେଙ୍ଗ୍‌ ପୁଡ୍‌ଡ଼ା ପୁଜାକିନାକାର୍‌ ଆମାଟ୍‌;
ସାସ୍ତ୍ରତ ଇନେସ୍‌ ଲେକା ମାନାଡ୍‌, ମାନାୟାର୍‌ ତିଞ୍ଜେଙ୍ଗ୍‌ କୁଚ୍‌ଚିସ୍‌, ଆରେ ବିନ୍‌ କାମାୟ୍‌ତ ହଚ୍‌ଚାର୍‌ ।
୮ ହେ ବାର୍‌ତି ଆସେଙ୍ଗ୍‌ ପାପ୍‌ କିଉସ୍‌ ଇନେସ୍‌କି ହେୱାର୍‌ ବିତ୍ରେ କେଡ୍‌ଜାଣ୍‌ ଦାରି କିଜି ରଞ୍ଜେ ନାଜିଂ କଡ଼େତିନ୍‌ ହାଜାର୍‌
ହାତାର୍‌, ହେ ଲାକେ ଆସେଙ୍ଗ୍‌ ଦାରି କିଉସ୍‌ ।
୯ ଇନେସ୍‌ ହେୱାର୍‌ ବିତ୍ରେ କେଡ୍‌ଜାଣ୍‌ ମାପ୍ରୁତିଂ ପରିକ୍ୟା କିଜି ରାଚ୍‌ ତାଙ୍ଗ୍‌ ବୁଡା ଆତାର୍‌, ହେ ଲାକେ ଆସେଙ୍ଗ୍‌ ମସିୟା
ମାପ୍ରୁଙ୍ଗ୍‌ ପରିକ୍ୟା କିଉସ୍‌ ।
୧୦ ଇନେସ୍‌କି ହେୱାର୍‌ ବିତ୍ରେ କେଡ୍‌ ଜାଣ୍‌ କାତା ଇଞ୍ଜି ମାନାୟାର୍‌ ହୁଦାଂ ବୁଡା ଆତାର୍‌, ହେ ଲାକେ ଏପେଙ୍ଗ୍‌ କାତା
ଇନ୍‌ମାଟ୍‌ ।
୧୧ ଇ ୱିଜୁ କାତା ଲାକେ ହେୱାର୍‌ କାଜିଂ ଗିଟା ଆତାଡ୍‌, ଆରେ ଇମ୍‌ଣାକାର୍‌ ଜୁଗ୍‌ ୱିଜ୍‌ନି କାଡ୍‌ ବାହା କିତାସ୍‌ନା, ଏଲେଙ୍ଗ୍‌
ଜେ ଆସେଙ୍ଗ୍‌ ମା ଚେତ୍‌ନା କାଜିଂ ହେ ୱିଜୁ ଲେକା ଆତାଡ୍‌ନ୍ନା ।
୧୨ ଲାଗିଂ ଇନେନ୍‌ ଜାର୍‌ତିଂ ତିର୍‌ ଇଞ୍ଜି ମାନେ କିନାନ୍‌, ହେୱାନ୍‌ ଇନେସ୍‌ ଦେହା ମୁଚ୍‌ୟା ଆଉନ୍‌, ଇଦାଂ କାଜିଂ ହେୱାନ୍‌
ଜାଗ୍‌ରତ୍‌ ଆଏନ୍‌ ।
୧୩ ମାନାୟାର୍‌ କାଜିଂ ଇନେସ୍‌ ବାନି ପରିକ୍ୟା ଆନାକାପା, ହେଦାଂ ପିସ୍ତି ବିନ୍‌ବାନି ପରିକ୍ୟା ମି କାଜିଂ ଗିଟାଆଦୁଡ୍‌; ମତର୍‌
ଇସ୍ୱର୍‌ତି ପାତର୍ନିକାନ୍‌, ହେୱାନ୍‌ ମିଙ୍ଗେଙ୍ଗ୍‌ ଇନେସ୍‌ ଆତିସ୍‌ପା ପରିକ୍ୟାତ ପରିକ୍ୟା ଆଦେଂ ହିଦୁନ୍‌, ମତର୍‌ ଇନେସ୍‌
ଏପେଙ୍ଗ୍‌ ମାନିକିଦେଙ୍ଗ୍‌ ଆଡ୍‌ନାଦେର୍‌, ଇଦାଂ କାଜିଂ ପରିକ୍ୟା ଗିଟାଆନି ସାଙ୍ଗେ ସାଙ୍ଗେ ହେୱାନ୍‌ ବାର୍‌ତି ହାଜି ପା ରଚ୍‌ନାନ୍‌
।
୧୪ ଲାଗିଂ, ଏ ନା ୱାରିନିକାଦେର୍‌, ପୁଡ୍‌ଡ଼ା ପୁଜାତାଂ ହାଲାଟ୍‌ ।
୧୫ ଆନ୍‌ ବୁଦିକାର୍‌ୟା ମାନାୟ୍‌ତିଂ ଇନି ଲାକେ ଇଞ୍ଜ୍‌ନାଙ୍ଗା; ଆନ୍‌ ଇନାକା ଇଞ୍ଜ୍‌ନାଙ୍ଗା, ହେଦାଂ ଏପେଙ୍ଗ୍‌ ନିଜେ ବିଚାର୍‌
କିୟାଟ୍‌ ।
୧୬ ✡ଇମ୍‌ଣି ଆସିର୍ବାଦ୍‌ନି ବାହାତିଂ ଆସେଙ୍ଗ୍‌ ଆସିର୍ବାଦ୍‌ କିନାସ୍‌, ହେଦାଂକି କ୍ରିସ୍ଟତି ନେତେର୍‌ନି ମେହାଣ୍‌ ଆକାୟ୍‌ ? ଇମ୍‌ଣି
ରୁଟି ଆସେଙ୍ଗ୍‌ ଡ୍ରିକ୍‌ନାସ୍‌, ହେଦାଂକି କ୍ରିସ୍ଟତି ଗାଗାଡ୍‌ନି ମେହାଣ୍‌ ଆକାୟ୍‌ ?
୧୭ ଇନାକିଦେଂକି ରୁଟି ରଞ୍ଜାଙ୍ଗ୍‌ ଆତିଲେ ଆସେଙ୍ଗ୍‌ ହେନି ଆତିସ୍‌ପା ରଞ୍ଜେ ଗାଗାଡ୍‌ ଆନାସ୍‌, ଲାଗିଂ ଆସେଙ୍ଗ୍‌ ୱିଜାର୍‌
ହେ ରଞ୍ଜେ ରୁଟିନି ବାଗି ।
୧୮ ଇମ୍‌ଣାକାର୍‌ ଇସ୍ରାଏଲ୍‌ନି ଲକୁ ବିସ୍ରେ ବାବି କିୟାଟ୍‌, ହେୱାରିଂ ହୁଡ଼ାଟ୍‌; ଇମ୍‌ଣାକାର୍‌ ପୁଜାକିତି ଜେଇ ତିନାର୍‌,
ହେୱାର୍‌ କି ଇସ୍ୱର୍‌ତ ଗାର୍‌ଣିତ ମେହାଆଉର୍‌ ?
୧୯ ଲାଗିଂ ପେନ୍‌ ଆକାଡ୍‌ ଇଞ୍ଜି ଜେ ଇନାକା ମାନାଡ୍‌ ଆରି ପୁଡ୍‌ଡ଼ା ଇଞ୍ଜି ଜେ ଇନାକା ମୁଲ୍ୟ ମାନାଡ୍‌, ଇଦାଂ କି ଆନ୍‌
ଇଞ୍ଜ୍‌ନାଙ୍ଗା ?
୨୦ ଆକାୟ୍‌, ମତର୍‌ ଆନ୍‌ ଇଞ୍ଜ୍‌ନାଙ୍ଗା ଜେ, ଇନା ଇନାକା ହେୱାର୍‌ ପୁଜାଲାକେ ହିନାର୍‌, ହେ ସବୁ ହେୱାର୍‌ ଇସ୍ୱର୍‌ତ
ଉଦେସ୍‌ତ କିୱାଦାଂ ବୁଡ୍‌କୁ ଉଦେସ୍‌ତ କିତାର୍‌, ଆରେ ଏପେଙ୍ଗ୍‌ ଜେ ବୁଡ୍‌କୁ ମେହା ଆଡ, ଇଦାଂ ନା ମାନ୍‌ ଆକାୟ୍‌ ।
୨୧ ଏପେଙ୍ଗ୍‌ ମାପ୍ରୁତି ଉଣିବାହା ଆରି ବୁଡ୍‌କୁ ଉଣିବାହା ରିବେ ଉଣ୍ଡେଙ୍ଗ୍‌ ଆଡୁଦେର୍‌; ଏପେଙ୍ଗ୍‌ ମାପ୍ରୁତି ପାଟା ଆରି
ବୁଡ୍‌କୁତି ପାଟା ରିବେ ବାଗି ଆଦେଂ ଆଡୁଦେର୍‌ ।
୨୨ ଆୱିତିସ୍‌ ଆପେଂ ଇନାକା ମାପ୍ରୁତି ବେରୁ ହପ୍‌ନାସ୍‌ ? ଆସେଙ୍ଗ୍‌ କି ତାତାକେଣ୍ଡାଙ୍ଗ୍‌ ସାକ୍ତିନିକାସ୍‌ ?
୨୩ ୱିଜୁ ବିସ୍ରେ ଜାଗ୍ରତ୍‌ କିଦେଙ୍ଗ୍‌ ଆଦିକାର୍‌ ମାନାଡ୍‌, ମତର୍‌ ୱିଜୁ ବିସ୍ରେ ହାର୍‌ ଆକାୟ୍‌ । ୱିଜୁ ବିସ୍ରେ ମାନି କିଦେଙ୍ଗ୍‌
ଜାର୍‌ତାରେନ୍‌ ମାନାଡ୍‌, ମତର୍‌ ୱିଜୁ ବିସ୍ରେତାଂ ବାନ୍ୟା ଉବ୍‌ଜା ଆଉଡ୍‌ ।
୨୪ ଇନେର୍‌ ନିଜାର୍‌ତିଂ ସେସ୍ଟା କିମେନ୍‌, ମତର୍‌, ୱିଜାକାର୍‌ତି ବିନ୍‌ନିକାନ୍‌ତି ହାର୍‌ ସେସ୍ଟା କିଏନ୍‌ ।
୨୫ ବାଜାର୍‌ତ ଇନାକା ବେପାର୍‌ ଆନାଡ୍‌, ବାବ୍‌ନା କାଜିଂ ଇନାକା ପର୍‌ସନ୍‌ ୱେନ୍‌ବାୱାଦାଂ ହେଦାଂ ତିନାଟ୍‌,
୨୬ ଇନାକିଦେଂକି ସାସ୍ତ୍ରର୍ତ ଲେକା ମାନାଡ୍‌ ପୁତର୍‌ ଆରି ହେବେ ମାନି ୱିଜୁ ବିସ୍ରେ ମାପ୍ରୁତି ।
୨୭ ପାତର୍‌ କିୱାକାର୍‌ତି ବିତ୍ରେତାଂ ଇନେର୍‌ ଜଦି ମିଙ୍ଗେଙ୍ଗ୍‌ ତିଞ୍ଜେଙ୍ଗ୍‌ କୁକ୍ତାନାର୍‌, ଆରେ ଏପେଙ୍ଗ୍‌ ହାଞ୍ଜେଙ୍ଗ୍‌ ଇଚା
କିନାଦେର୍‌, ଲାଗିଂ ଇନାକା ଆୟେଡ୍‌ ମିଙ୍ଗେଙ୍ଗ୍‌ ବାଟାହିଦ୍‌ନାର୍‌, ବାବ୍‌ନା କାଜିଂ ଇନାକା ପର୍‌ସନ୍‌ ୱେନ୍‌ବାୱାଦାଙ୍ଗ୍‌ ହେଦାଂ
ତିନାଟ୍‌ ।

✡ **୧୦:୧୬** ମାତିଉ ୨୬:୨୬-୨୮; ମାର୍କ ୧୪:୨୨-୨୪; ଲୁକ ୨୨:୧୯,୨୦.

୨୮ ମତର୍ ଇନେର୍ ଜଦି ମିଙ୍ଗେଙ୍ଗ୍ ଇଞ୍ଜ୍ନାର୍, ଇଦାଂ ପୁଜାଇସାବ୍ରେ ଆକାତ୍ ହିୟା ଆତାଡ୍ନ୍ନା, ୱାଟିଙ୍ଗ୍ ଜେ ଇଦାଂ
ପୁନିକିଡ୍ତାଡ୍, ତା କାଜିଂ ପୁଜା ଆତାଡ୍ ବାବ୍ନା କାଜିଂ ହେଦାଂ ତିନ୍ମାଟ୍
୨୯ ମି ଜାର୍ ବାବ୍ନା କାଜିଂ ଇଞ୍ଜି ଆନ୍ ଇଞ୍ଜୁଙ୍ଗା, ମତର୍ ହେୱାନ୍ତି ବାବ୍ନା କାଜିଂ ।
ନା ଜାର୍ ତାରେନ୍ ଇନେକିଦେଂ ବିନେନି ବାବ୍ନା ହୁଦାଂ ବିଚାର୍ଣ୍ଣା ଆନାତ୍ ?
୩୦ ଜଦି ଆନ୍ ଇସ୍ୱର୍ତିଂ ଜୁୱାର୍ ହିଜି ତିନାଙ୍ଗ୍, ୱାଟିଙ୍ଗ୍ ଇସ୍ୱର୍ତିଂ ଜୁୱାର୍ ହିନି ବିସ୍ରେ, ତା କାଜିଂ ନିନ୍ଦାକିୟାଆନାଂ
ଇନାକିଦେଂ ?"
୩୧ ହେଦାଂ କାଜିଂ, ଏପେଙ୍ଗ୍ ତିନାଟ୍ କି ଉଣାଟ୍ କି ଇନାକାପା କିୟାଟ୍, ଇସ୍ୱର୍ତ ଜାଜ୍ମାଲ୍ କାଜିଂ ସବୁ କିୟାଟ୍ ।
୩୨ ଜିହୁଦି ଆରେ ଜିହୁଦି ଆକାୟ୍ କି ଗ୍ରିକ୍ କି ଇସ୍ୱର୍ତ ମଣ୍ଡ୍ଲି, ଇନେର୍ ଅଡ୍ଜା ଆନାକା ଇନାକିଦେଂକି ଆନାଦେର୍,
୩୩ ଏପେଙ୍ଗ୍ ନା ଲାକେ ଚିନ୍ତା କିୟାଟ୍ ଆନ୍ ସବୁ ବିସ୍ରେ ୱିଜାରିଂ ପଟପାଞ୍ଜି କିଦେଙ୍ଗ୍ ସେସ୍ଟା କିନାଙ୍ଗା । ଜାର୍ ଚିନ୍ତା କିୱାଦାଂ,
ବିନ୍ଲକାର୍ତି ମୁକ୍ତି ଲାବ୍ ଉଦେସ୍ତ ୱିଜାର୍ତି ମଙ୍ଗଲ୍ କିନାଙ୍ଗା ।

# ୧୧

୧ ଆନ୍ ଇନେସ୍କି କ୍ରିସ୍ଟତି ପାଚେପାଚେ ହାନାଙ୍ଗ୍, ଏପେଙ୍ଗ୍ ପା ହେ ଲାକେ ନା ପାଚେପାଚେ ୱାନାକାଦେର୍ ଆଡ ।

## ପାର୍ତାନାତ କାପଡ଼ାତ ମୁଗ୍ନାକା

୨ ଏପେଙ୍ଗ୍ ଜେ ୱିଜୁ ବିସ୍ରେ ନାଙ୍ଗେଙ୍ଗ୍ ଏତୁ ଜିସୁ ମାଞ୍ଜାଟ୍ ଆରି ଆନ୍ ମିଙ୍ଗେଙ୍ଗ୍ ଜେ ୱିଜାର୍ ବିଦି ହିତାଙ୍ଗ୍ନା, ହେ ୱିଜୁ
ପାଲି କିନାଦେରା, ଇଦାଂ କାଜିଂ ଆନ୍ ମିଦାଙ୍ଗ୍ ଜୁୱାର୍ ।
୩ ମତର୍ କ୍ରିସ୍ଟ ଜେ ୱିଜାର୍ ଆଣ୍ତ୍ରାଙ୍ଗ୍ନି କାପଡ଼ା ଲାକେ ଆରି ଆଣ୍ତ୍ରାଙ୍ଗ୍ ଜେ କଗ୍ଲେ କାପଡ଼ା ଲାକେ ଆରି ଇସ୍ୱର୍ ଜେ
କ୍ରିସ୍ଟତି କାପଡ଼ା ଲାକେ, ଇଦାଂ ଏପେଙ୍ଗ୍ ପୁନାଟ୍ ଇଞ୍ଜି ନା ଇଚା ।
୪ ଇମ୍ଣାକାନ୍ ପା ଆଣ୍ତ୍ରେନ୍ ଜାର୍ କାପଡ଼ା ଗୁଗୁର୍ମୁଗ୍ଜି ପାର୍ତାନା କିନାନ୍ କି ବେଣ୍ବାକ୍ଣାୟ୍ କିନାନ୍, ହେୱାନ୍ ଜାର୍
କାପଡ଼ାନି ଇନେନ୍ କ୍ରିସ୍ଟ ଅପ୍ମାନ୍ କିନାନ୍ ।
୫ ଏପେଙ୍ଗ୍ ବାନି କଗ୍ଲେ ଜେ କାପଡ଼ା ଟାଙ୍ଗ୍ରିଂ ଲାକେ ଅପ୍ମାନ୍ କିନାନ୍, ଗୁଗୁର୍ ମୁଗ୍ୱାଦାଂ ପାର୍ତାନା କିନାତ୍ କି
ବେଣ୍ବାକ୍ଣାୟ୍ କିନାତ୍, ହେଦେଲ୍ ଜାର୍ କାପଡ଼ାନି ଅପ୍ମାନ୍ କିନାତ୍, ଲାଗିଂ ହେଦାଂ ତା କାପଡ଼ା ହେନ୍ୟାଆତି ହୁକେ
ସମାନ୍ ।
୬ ଇନାକିଦେଂକି ଜଦି କଗ୍ଲେ କାପଡ଼ାତ ଗୁଗୁର୍ ମୁଗ୍ୱିତିସ୍, ୱାଟିଙ୍ଗ୍ ହେଦେଲ୍ ତେମୁଲ୍ ପା ଆହିକିଏତ୍; ମତର୍ ଜଦି
କଗ୍ଲେ ପାକ୍ୟାତ ତେମୁଲ୍ ଆହିକିନାକା କି କାପଡ଼ା ହେନ୍ୟାନାକା ଲାଜୁ, ତା ଆତିସ୍ ହେଦେଲ୍ କାପଡ଼ାତ ପ୍ଟାକ୍ୟା ଆୟେତ୍
।
୭ ଆଣ୍ତ୍ରାଙ୍ଗ୍ ଇସ୍ୱର୍ତ ଡ଼ିଗା ଆରି ଜାଜ୍ମାଲ୍ ଲାକେ ଆତିଲେ ହାଡ୍ପାନେ ତାଦାଂ କାପଡ଼ା ପ୍ଟାକ୍ନାକା ଲଡ଼ା ଆକାୟ୍,
ମତର୍ କଗ୍ଲେ ଆଣ୍ତ୍ରେନ୍ତି ଜାଜ୍ମାଲ୍ ଲାକେ ।
୮ ଇନାକିଦେଂକି ଆଣ୍ତ୍ରେନ୍ କଗ୍ଲେ ତାଙ୍ଗ୍ ଉବ୍ଜାଣ୍ ଆୱାତାନ୍ନା, ମତର୍ କଗ୍ଲେ ଆଣ୍ତ୍ରେନ୍ତାଂ ଉବ୍ଜାଣ୍ ଆତିକ୍ନା ।
୯ ଆରେ କଗ୍ଲେ କାଜିଂ ତ ଆଣ୍ତ୍ରେନ୍ତି ଉବ୍ଜାଣ୍ ଆୱାତାନ୍ନା; ମତର୍ ଆଣ୍ତ୍ରେନ୍ କାଜିଂ କଗ୍ଲେ ଉବ୍ଜାଣ୍ ଆତାଡ୍ନ୍ନା ।
୧୦ ଇଦାଂ କାଜିଂ ଦୁତ୍ କାଜିଂ କଗ୍ଲେ ଜାର୍ କାପଡ଼ାତ ଆଦିକାର୍ନି ଚିନ୍ ପ୍ଟାକି କିୟାନାକା ଲଡ଼ା ।
୧୧ ହେ ଇନାକା ଆଏତ୍ ମାପ୍ରୁତାକେ ଆଣ୍ତ୍ରେନ୍ତାଂ କଗ୍ଲେ ଆଲ୍ଗା ଆକାୟ୍ କି କଗ୍ଲେ ତାଙ୍ଗ୍ ଆଣ୍ତ୍ରେନ୍ ଆଲ୍ଗା ଆକାୟ୍
। ଇନାକିଦେଂକି କଗ୍ଲେ ଇନେସ୍ ଆଣ୍ତ୍ରେନ୍ତାଂ ଉବ୍ଜାଣ୍,
୧୨ ଇନାକିଦେଂକି ଆଣ୍ତ୍ରେନ୍ ପା ହେ ଲାକେ କଗ୍ଲେ ହୁକେ ଉବ୍ଜାଣ୍; ମତର୍ ୱିଜୁ ବିସ୍ରେ ଇସ୍ୱର୍ତାଂ ଉବ୍ଜାଣ୍ ।
୧୩ ଏପେଙ୍ଗ୍ ନିଜେ ନିଜେ ବିଚାର୍ କିୟାଟ୍, କାପଡ଼ା ପ୍ଟାକ୍ୱାଦାଙ୍ଗ୍ ଇସ୍ୱର୍ ଲାଗେ ପାର୍ତାନା କିନି କଗ୍ଲେ ପାକ୍ୟାତ ଇନାକା
ହାର୍ ?
୧୪ ସଁସାର୍ ନିଜେ କି ମିଙ୍ଗେଙ୍ଗ୍ ହିକ୍ୟା ହିଦୁତ୍ ଜେ, ଆଣ୍ତ୍ରେନ୍ ଡେଙ୍ଗା ତେମୁଲ୍ ଇଟ୍ଟିସ୍ ତା ପାକ୍ୟାତ ହେଦାଂ ଲାଜୁ,
୧୫ ମତର୍ କଗ୍ଲେ ଡେଙ୍ଗା ତେମୁଲ୍ ଇଟ୍ତିସ୍ ତା ପାକ୍ୟାତ ହେଦାଂ ଜାଜ୍ମାଲ୍ନିକା ? ଇନାକିଦେଂକି କାପଡ଼ା
ଗୁଗୁର୍ମୁକ୍ତି ଲାକେ ତା ତେମୁଲ୍ ତାଙ୍ଗେଙ୍ଗ୍ ହିୟାଆତାଡ୍ନା ।
୧୬ ମତର୍ ଇନେର୍ ଗାଣ୍ଜୁ କିଦେଙ୍ଗ୍ ମାନ୍ କିତିସ୍ ହେୱାନ୍ ପୁନେନ୍ ଜେ, ମାଦାଂ ଏଲେଙ୍ଗ୍ ଅଲ୍ଗା ନିତି ହିଲୁଡ୍, କି
ଇସ୍ୱର୍ତ ମଣ୍ଡ୍ଲିତ ଇନାକା ହିଲୁଡ୍ ।

## ମାପ୍ରୁତି ବଜ୍

*(ମାତିଉ ୨୬:୨୬-୨୯; ମାର୍କ ୧୪:୨୨-୨୫; ଲୁକ ୨୨:୧୪-୨୦)*

୧୭ ମତର୍ ମିଦାଙ୍ଗ୍ ରୁଣ୍ତାନାକା ଜେ ବାନ୍ୟା ଆୱାଦାଂ ଇଚିସ୍ ବାନ୍ୟା ଆନାତା, ଇବେ ଆନ୍ ମିଦାଙ୍ଗ୍ ଜୁୱାର୍ ହିଦେଂ
ଆଡ୍ୱାଦାଂ ଇ ବଲ୍ ହିଦ୍ନାଙ୍ଗା ।

୧୮ ଇନାକିଦେଂକି ପର୍ତୁମ୍ ଆନ୍ ୱେଚାଙ୍ଗ୍‌ନା ଜେ, ମଣ୍ଡଲି ଲାକେ ମିଦାଙ୍ଗ୍ ଲକ୍ରୁ ବିଡ଼୍ ୱେଡ଼ାଲିଂ ମି ବିଡ୍ରେ କୁଦାକୁଦା
କେଡ଼୍‌ପାନାକା ଗିଟା ଆଜି ମାନାଡ଼୍, ଆରେ ଆନ୍ ଏଚେକ୍ ଇସାପ୍‌ତାଂ ଇଦାଂ ପାତର୍ କିନାଙ୍ଗା ।
୧୯ ଇନେସ୍ ମି ବିଡ୍ରେ ପରିକ୍ୟାସିଦ୍ ମାନାୟାର୍ ହଡ଼୍‌ନାର୍, ଇଦାଂ କାଜିଂ ମି ବିଡ୍ରେ ତ କୁଦାକୁଦା କେଡ଼୍‌ପାନାକା ହାତେନେ
ଗିଟାନାଡ଼୍ ।
୨୦ ମିଦାଙ୍ଗ୍ ର ଦଲ୍ ଲାକେ ରଚେମୋନ୍‌ଞ୍ଜି ଇମ୍‌ଣି ତିନିତାକେ ମେହାନାଦେରା ହେଦାଂ ମାପ୍ରୁବଜ୍ ଆକାୟ୍ ।
୨୧ ଇନାକିଦେଂକି ତିନି ସମୁତ ଜାଣ୍‌କେ ଆଲ୍‌ଗାନିକାରିଂ କାୱାଦାଂ ଜାର୍ କାଦି ତିନାନ୍, ହେଦାଂ କାଜିଂ ରୱାନ୍ ନାସ୍‌କି
ମାନାନ୍ ଆରି ରୱାନ୍ ହଚ୍‌ନାନ୍ ।
୨୨ ଇନାକା ? ମିଦାଙ୍ଗ୍ କି ତିନାକାଉଣାକା କିନି କାଜିଂ ଇଲ୍ ହିଲୁଡ୍ ? କି ଏପେଙ୍ଗ୍ ଇନାକା ଇସ୍ୱରର୍ ମଣ୍ଡଲିତିଂ
ଏଲା ଆନାଦେରା, ଆରେ ଇମ୍‌ଣାକାର୍‌ତି ହିଲୁଡ୍, ହେୱାରିଂ ଲାଜୁ କୁଗାନାଦେରା ? ଆନ୍ ମିଙ୍ଗେଙ୍ଗ୍ ଇନାକା ଇଞ୍ଜ୍‌ନାଙ୍ଗ୍ ?
ଇନାକା ମିଦାଙ୍ଗ୍ ଜୁୱାର୍ ? ବିର୍‌କୁଲ୍ ଆକାୟ୍ ।
୨୩ ଇନାକିଦେଂକି ଆନ୍ ମାପ୍ରୁତାକେ ପାୟାତି ଇମ୍‌ଣି ହିକ୍ୟା ମିଙ୍ଗେଙ୍ଗ୍ ହିଡ଼୍‌ତାଂନା, ହେଦାଂ ଇ, ସାତ୍ରୁ କେଇଦ ହେଲାୟ୍
କିଆନି ନାଣାଲିଙ୍ଗ୍ ମାପ୍ରୁ ଜିସୁ ରୁଟି ଅଜି,
୨୪ ଇସ୍ୱର୍‌ତିଂ ଜୁୱାର୍ ହିଜି, ହେଦାଂ ଡ୍ରିକ୍‌ଚି ଇଚାନ୍, "ଇଦାଂ ମି କାଜିଂ ନା ଗାଗାଡ଼୍; ନାଙ୍ଗେଙ୍ଗ୍ ଏତୁକିଦ୍‌ନି କାଜିଂ ଇଦାଂ
କିୟାଟ୍ ।
୨୫ ହେ ଲାକେ ଚିଚି ପାଚେ ହେୱାନ୍ ଉଣି ବାହା ପା ଆସ୍ତି ଇଚାନ୍, ଇ ଉଣି ବାହା ନା ନେଡେର୍‌ତାଂ ରଚ୍‌ଚି ଇସ୍ୱରର୍ ପୁନି
ନିୟମ୍; ଏପେଙ୍ଗ୍ ଏଚେ ହଟ୍ ଇବେତାଂ ଉଣାଦେର୍, ହେ ଏଚେ ହଟ୍ ନାଙ୍ଗେଙ୍ଗ୍ ଏଡ଼୍ କିଦେଂ କାଜିଂ ଇଦାଂ କିୟାଟ୍ ।"
୨୬ ଇନାକିଦେଂକି ଏଚେ ହଟ୍ ଏପେଙ୍ଗ୍ ଇ ରୁଟି ତିନାଦେର୍ ଆରି ଇ ଉଣି ବାହାତାଂ ଉଣାଦେର୍, ହେଏଚେ ହଟ୍ ଏପେଙ୍ଗ୍
ମାପ୍ରୁତି ୱାନି ପାତେକ୍ ହେୱାନ୍ତି ହାକି କାବୁର୍ ସୁଣାୟ୍ କିନାଦେର୍ ।
ସାଦୁର୍ତି ଆରି ୱିଜାର୍ କାଜିଂ ମି ମେହାଣ୍ଡ ହୁଦାର୍ କାଜିଂ ଇସ୍ୱତର୍ ପାଣ୍ ପାର୍ତାନା କିନାରା,
୧୪ ଆରେ, ମି କାଜିଂ ଇସ୍ୱତର୍ ବେସି ଉପ୍କାର୍ କାଜିଂ ହେୱାର୍ ପା ମି କାଜିଂ ପାର୍ତାନା କିଉ କିଉ ମି କାଜିଂ ଦୟାତ ଏତୁ
କିଦ୍ନାର୍ ।
୧୫ ଇସ୍ୱତର୍ ହାନ୍ଦାୟ୍କିନି ଦାନ୍ କାଜିଂ ତାଦି ଜୁୱାର୍ ଆଏଡ୍ ।

## ୧୦

### ପଲ୍ୟା ସୁଣାୟ୍ କିନି ପାଉଲ୍ତି ଉତର୍

୧ ମି ମୁମ୍ଦ ମି ବିଡ୍ରେତାଂ ହୁଦାର୍, ମାତର୍ ଚଞ୍ଜ୍ୟା ଆଦ୍ୱାଦାଂ ମି କାଜିଂ ସାସ୍ନିକାଂ ଜେ ଆନ୍ ପାଉଲ୍, ଆନ୍ ନିଜେ
କ୍ରିସ୍ଟତି ହୱାଦ୍ ଆରି ଦୟା ବାବ୍ରେ ଏତୁ କିଜି ମିଙ୍ଗେଙ୍ଗ୍ ଗୱାରି କିଦ୍ନାଙ୍ଗା;
୨ ଆଁ ଆନ୍ ପାର୍ତାନା କିନାଙ୍ଗା ଜେ, ଆପ୍ ଗାଗାଡ଼୍ ହିସାବେ ଚିନ୍ତା କିନାପା ଇଞ୍ଜି ଇମ୍ଣାକାର୍ ମାନେ କିତାର୍, ଏପେଙ୍ଗ୍
ଇନେ ଇନେର୍ତି ବିରଦ୍ ସାସ୍ ଚଚ୍ଚେଙ୍ଗ୍ ଇଞ୍ଜି ଆନ୍ ଇମ୍ଣି ବିଚାର୍ କିତାଙ୍ଗ୍ନା, ଏକାୱାଜି ଇନେସ୍ ନାଙ୍ଗେଙ୍ଗ୍ ହେବାନି
ସାସ୍ ଚଚ୍ଚେଙ୍ଗ୍ ଆଉଡ୍;
୩ ଇନାକିଦେଂକି ଆପ୍ ପୁତର୍ତ ବାହା କିନାକା ହାଡ୍ପା, ମତର୍ ଆପ୍ ସଁସାର୍ ମାନାୟ୍ ବାବ୍ରେ ଜୁଜ୍ କିୱାତାପ୍ନା,
୪ ଲାଗିଂ ମା ଜୁଜ୍ନି ଆଡ୍ ଆତିୟାର୍ ସଁସାର୍ତ ଆକାୟ୍, ମତର୍ ସାତୁର୍ ଆଟ୍ୱା ଗାଡ଼୍ ଦୁଡ଼ିମାଜି କିନି କାଜିଂ ଇସ୍ୱତର୍
ମୁମ୍ଦ ହେ ୱିଜୁ ସାକ୍ତି ଆତାଦେର୍ଣ୍ଡା;
୫ ଆପ୍ ଗାଣ୍ଜୁ ସବୁ ଆରି ଇସ୍ୱତର୍ ଗିଆନ୍ ବିରୁଦ୍ଦତ ହଡ୍ତି ୱିଜୁ ଲାମା ବିସ୍ରେ ଦୁଡ଼ିମାଜି କିନାସ୍, ଆରେ ଜାଣ୍କେ
ହାନ୍ଦାୟ୍ କିଜି କ୍ରିସ୍ଟତି ବଲ୍ ମାନିକିନାକାସ୍ ଆନାସ୍,
୬ ଆରେ, ଏଚେକାଡ଼୍ଦ ଏପେଙ୍ଗ୍ ପୁରା ମେହାଆନାଦେର୍, ହେ ପାଦ୍ନା ୱିଜାର୍ ପାଟ୍କାର୍ ଆନି କାଜିଂ ଆପ୍ ଜାଲ୍ଦି
ମାନାପ୍ ।
୭ ଏପେଙ୍ଗ୍ ଚାରିବେଣ୍ତାଂ ଇନାକା ଗିଟା ଆଦ୍ନାତା ହୁଡ଼ାଟ୍ । ଜଦି ଇନେର୍ ଜାର୍ତିଂ କ୍ରିସ୍ଟତି ଇଞ୍ଜି ପାତର୍ କିନାନ୍, ନଲେ
ହେୱାନ୍ ଇନେସ୍ କ୍ରିସ୍ଟତି, ଆପ୍ ପା ଇନେର୍ ହେ ଲାକେ କ୍ରିସ୍ଟତି, ଇଦାଂ ହେୱାନ୍ ଆରେ ନିଜେ ଏତୁ କିଏନ୍ ।

୮ ଇନାକିଦେଂକି ମା ଆଦିକାର୍ ବିସ୍ରେ ଆନ୍ ଅଲପ୍ ଆଦିକ୍ ଗରବ୍ କିତିସ୍ ପା ଲାଜ୍ ପାୟା ଆଉଙ୍ଗ୍; ମିଙ୍ଗେଙ୍ଗ୍
ଦୁଡ଼ିମେହାୟ୍ କିଦ୍ନି କାଜିଂ ମାପ୍ପୁ ମାଙ୍ଗେଙ୍ଗ୍ ଇ ଆଦିକାର୍ ହିଦ୍ୱାଦାଂ ମିଦାଙ୍ଗ୍ ରଚ୍ନି କାଜିଂ ହିତ୍ନ୍ନା;
୯ ନା ଆକି ହୁକେ ଆନ୍ ମିଙ୍ଗେଙ୍ଗ୍ ପାଣ୍ତ୍ର ମୁତର୍ ଚଚ୍ଚାନାଙ୍ଗା ଇଞ୍ଜି ପାଣ୍ତ୍ରା ଆମାଟ୍ ।
୧୦ ଇନାକିଦେଂକି “ଇନେର୍ ଇନେର୍ ଇନାର୍, ତାଦି ପାଉଲ୍ତି ଆକିଂ ସବୁ ହାର୍ଦିକିଂ ଆରି ଗାଜା ସାକ୍ତି, ମତର୍
ମେହାଣ୍ତ ତା ଗାଗାଡ଼୍ ନାଦାର୍ ଆରି ତା ବଚନ୍ ବାନ୍ୟା ।”
୧୧ ଆପ୍ ୱାଜି ମାନ୍ୱି ସମୁତ ଆକି ହୁଦାଂ ବଚନ୍ତ ଇନେସ୍, ଏକାୱାଜି ମାନି ସମୁତ କାମାୟ୍ତ ପା ଜେ ହେ ଲାକେ,
ଇଦାଂ ଇ ଲାକେ ମାନାୟାର୍ ବଜ୍ ଆଏର୍ ।
୧୨ ଇନାକିଦେଂକି ଇମ୍ଣାକାର୍ ଜିବୁନ୍ତ ୱାରିକିକିନାକା, ହେୱାର୍ ବିତ୍ରେତାଂ ଇନେ ଇନେର୍ତି ରଚେ ଜାର୍ ଜାର୍ତିଂ
ଇସାବ୍ ନଲେ ତୁଲାୟ୍ କିଦେଙ୍ଗ୍ ଆପ୍ ସାସ୍ କିଉପା; ମତର୍ ହେୱାର୍ ନିଜେ ନିଜେ ଜାର୍ ଜାର୍ ଲଗାଂ ହୁକେ ଜାର୍ ଜାର୍ତି
ଆଡ଼୍ନାକା ଆରି ଜାର୍ ଜାର୍ ଲାହାଙ୍ଗ୍ ଜାର୍ ଜାର୍ତି ତୁଲାୟ୍ କିଜି ଆହ୍ରତାଂ ଚଚ୍ନାର୍ ।
୧୩ ମତର୍ ଆପ୍ ହାନ୍ଦି ମାନିକିୱାଦାଂ ଗରବ୍ କିଉପ୍; ମତର୍ ଏପେଙ୍ଗ୍ ପା ମା ହାନ୍ଦିନିକାପ୍ ଆନି କାଜିଂ ଇସ୍ୱର୍ ମା କାଜିଂ
ନିଲ୍ତାନ୍ନା ଇମ୍ଣି ହାନ୍ଦି ରଚ୍ଚାଦେର୍ଣ୍ଣା, ହେବେନି ଆଡ଼୍ନାକା ଲାକେ ଗରବ୍ କିନାପ୍ ।
୧୪ ଇନାକିଦେଂକି ଏପେଙ୍ଗ୍ ମା ହାନ୍ଦିନି ମେହା ଆୱାଦାଂ ମାଚି ଲାକେ ଆପ୍ ଜେ ହାନ୍ଦି ମାନିକିୱାତାସ୍ନା, ହେଦାଂ ଆକାୟ୍,
ଲାଗିଂ କ୍ରିସ୍ଟତି ନେକ୍ରିକାବୁର୍ ସୁଣାୟ୍ କିଉ କିଉ ଆପ୍ ମି ପାତେକ୍ ପା ପର୍ତୁମ୍ ହାଲ୍ଜି ମାଚାପ୍;
୧୫ ଆପ୍ ହାନ୍ଦି ଜିତା ଆଜି ଆରେ ରକାନ୍ତି କସ୍ଟ ବିସ୍ରେ ଗରବ୍ କିଉପା, ମତର୍ ମି ପାତର୍ନି ବାତାନାକା ସାଙ୍ଗେ ସାଙ୍ଗେ ମା
ବାସର୍ ହିସାବେ ମା କାମାୟ୍ ମି ହୁକେ ଇନେସ୍ ଜବର୍ତାଂ ଆଦିକ୍ ତର୍ ମେଙ୍ଗ୍ୟା ଆନାତ୍,
୧୬ ଆରେ, ଆପ୍ ଆରେ ରୱାନ୍ ହାନ୍ଦି ବିତ୍ରେ ତା କିତି କାମାୟ୍ ବିସ୍ରେ ଗରବ୍ କିୱାଦାଂ ମି ପାଡ଼୍ହା ନାସ୍କୁକାଂ ଇନେସ୍
ନେକ୍ରିକାବୁର୍ ସୁଣାୟ୍ କିଦେଙ୍ଗ୍ ଆଡ଼୍ନାକା, ଇଦାଂ ବାସର୍ କିନାପା ।
୧୭ ସାସ୍ତ୍ରର୍ତେ ଲେକାମାନାତ୍ “ମତର୍ ଇନେର୍ ଗରବ୍ କିନାନ୍, ହେୱାନ୍ ମାପ୍ପୁ କିତି କାମାୟ୍ କାଜିଂ ଗରବ୍ କିଏନ୍ ।”
୧୮ ଇନାକିଦେଂକି ଇନେର୍ ଜାର୍ତି ୱାରି କିନାନ୍, ହେୱାନ୍ ପରିକ୍ୟାସିଦ୍ ଆକାୟ୍, ମତର୍ ମାପ୍ପୁ ଇନେର୍ତି ୱାରି କିନାନ୍,
ହେୱାନ୍ ପରିକ୍ୟାସିଦ୍ ।

# ୧୧

## ପାଉଲ୍ ଆରି ବୁଲ୍କାୟ୍କିନି ପକ୍ୟାତାକାନ୍

୧ ଏପେଙ୍ଗ୍ ଜଦି ନାଦାଂ ଅଲପ୍ ଅବୁଜା ହୁଞ୍ଜାଦେର୍ମା ! ଆଁ ଏପେଙ୍ଗ୍ ତ ନା କାଜିଂ ହୁଞ୍ଜ୍ନାଦେରା ।
୨ ଇନାକିଦେଂକି ଇସ୍ୱତର୍ ବିସ୍ରେ ତ୍ରିକାଡ଼୍ ଆନ୍ ମି କାଜିଂ ଇଚା, ଲାଗିଂ ଆନ୍ ମିଙ୍ଗେଙ୍ଗ୍ ଦାମର୍ ଜିପଲି ହିସାବେ ର
ଆଣ୍ତ୍ରାତାକେ, ଇଚିସ୍ କ୍ରିସ୍ଟତି ତାକେ, ସର୍ପି କିନି କାଜିଂ ପାର୍ମାଣ୍ କିତାନ୍ନ୍ନା ।
୩ ମତର୍ ରାଚ୍ ଜାର୍ ଚାଲାକିତାଂ ହବା ଇନେସ୍ ବୁଲାୟ୍କିତାତ୍, ହେ ଲାକେ ଏଚେକାଡ଼୍ଦ ମି ମାନ୍ କ୍ରିସ୍ଟତି କାଜିଂ ଦାମର୍
ଆରି ପୁଇପୁୟାତାଂ ବୁଲ୍କାନାର୍, ଇଦାଂ ନାଙ୍ଗ୍ ପାଣ୍ତ୍ର ହୁତ୍ନାତା ।
୪ ଇନାକିଦେଂକି ଇମ୍ଣି ଜିସୁଙ୍ଗ୍ ଆସେଙ୍ଗ୍ ପର୍ଚାର୍ କିୱାତାସ୍, ଏପେଙ୍ଗ୍ ବିନ୍ ଜିସୁଙ୍ଗ୍ ଜଦି ଇନେର୍ ୱାଜି ପର୍ଚାର୍
କିତାର୍, କି ଇମ୍ଣି ପୁଇପୁୟା ଜିବୁନ୍ତ ଏପେଙ୍ଗ୍ ଗାଟାୱାତାଦେର୍, ଏପେଙ୍ଗ୍ ର ବିନ୍ ଜିବୁନ୍ ଗାଟା ଆଡୁ, କି ଇମ୍ଣି
ନେକ୍ରିକାବୁର୍ ଏପେଙ୍ଗ୍ ଅୱାତାଦେର୍, ଏପେଙ୍ଗ୍ ର ବିନ୍ ନେକ୍ରିକାବୁର୍ ଗାଟା ଆଡୁ, ତା ଅତିସ୍ ଏପେଙ୍ଗ୍ ତ ବେସି ହୁଦାର୍ ।
୫ ଇନାକିଦେଂକି ହେ ମୁଡ଼୍ଦି ପକ୍ୟାତାକାର୍ତାଂ ଆନ୍ ଜେ ଇନେସ୍ପା ହାରୁ ଆକାୟ୍, ଇଦାଂ ବାବି କିନାଙ୍ଗା ।
୬ ମତର୍ ଆତିସ୍ପା ଆନ୍ କାତା ଇଞ୍ଜେଙ୍ଗ୍ ଆଡୁଙ୍ଗ୍, ଆତିସ୍ପା ଗିୟାନ୍ତ ପାଚେ ଆକାୟ୍; ହାତ୍ପାତ ଆସେଙ୍ଗ୍ ୱିଜୁ ବାନିତ
ୱିଜୁ ବିସ୍ରେ ମି କାଜିଂ ଇଦାଂ ହପ୍ତାପ୍ ।
୭ ନଲେ ଏପେଙ୍ଗ୍ ଇନେସ୍ ପୁନାଦେର୍, ଇଦାଂ କାଜିଂ ଆନ୍ ଜାର୍ତିଂ ହୁଦାର୍ କିଜି ଜେ ମଲ୍ହିଲ୍ୱାଦାଂ ମି ଲାସେଙ୍ଗ୍
ଇସ୍ୱତର୍ ନେକ୍ରିକାବୁର୍ ପର୍ଚାର୍ କିତାଙ୍ଗ୍, ଇବେ ଇନାକା ପାପ୍ କିତାଂ ?
୮ ମି ହେବା କିନି କାଜିଂ ଆନ୍ ବିନ୍ବିନ୍ନି ମଣ୍ତଲି ଲାଗାଂ ଦାର୍ମା ଅଜି ହେୱାରିଂ ଚର୍ କିତାଂ,
୯ ମତର୍ ଆନ୍ ମି ବିତ୍ରେ ମାନି ୱେଡ଼ାଲିଂ ଏଚେକାଡ଼୍ଦ ଅବାବ୍ ଆଜି ମାଚାଙ୍ଗ୍, ହେ ଏଚେୱାଡ଼ାଂ ଆନ୍ ଇମ୍ଣାକାନ୍ତି ବଜ୍
ଲାକେ ଆୱାଦାଂ ମାଚାଙ୍ଗ୍, ଇନାକିଦେଂକି ମାକିଦନିଆତାଂ ଟଣ୍ତାର୍ ୱାଜି ନା ଅବାବ୍ ପୁରା କିଜି ମାନ୍ଚାର୍, ଆରେ ଇମ୍ଣାକା
ପା ବିସ୍ରେ ମି ବଜ୍ ଲାକେ ଆୱାଦାଂ ଜାର୍ ବିସ୍ରେ ଜାଗ୍ରତ୍ ଆଜି ମାଚାଙ୍ଗ୍, ଆରେ ଜାଗ୍ରତ୍ ଆଜି ମାନାଂ ।
୧୦ ନା ତାକେ ମାନି କ୍ରିସ୍ଟତି ହାତ୍ପାତିଂ ସାକି ମାନିକିଜି ଆନ୍ ଇନାଙ୍ଗା ଜେ, ଆକାୟାନି ନିପ ନାଦାଂ ଇ ଗରବ୍ ଇନେର୍
ବାଙ୍ଗାୟ୍ କିଦେଂ ଆଡୁର୍ । ଇନେକିଦେଂ ?
୧୧ ଆନ୍ ଇନାକିଦେଂ ଏପେଙ୍ଗ୍ ଇନାଙ୍ଗା ? ଆନ୍ ଇନାକା ମିଙ୍ଗେଙ୍ଗ୍ ଜିଉ ନଦୁଙ୍ଗା ? ଇସ୍ୱର୍ ପୁନାନ୍, ମିଙ୍ଗେଙ୍ଗ୍ ଆନ୍
ଏଚେକ୍ ଜିଉନଦ୍ନାଙ୍ଗା ।

୧୨ ମତର୍ ଗରବ୍‌ନି ବିସ୍ରେ ମା ଲାକେ ଚଞ୍ଜ୍‌ନି କାଜିଂ ଇମ୍‌ଣାକାର୍ ହାଜି ଡେକ୍‌ନାର୍, ଆନ୍ ଇନେସ୍ ହେୱାରିଂ ହାଜି ହିଉଙ୍ଗ୍,
ଇଦାଂ କାଜିଂ ଆନ୍ ଇନାକା କିନାଙ୍ଗା, ହେଦାଂ କିଜି ମାନାଂ ।
୧୩ ଇନାକିଦେଂକି ଏପେଙ୍ଗ୍ ଲଗୁ ଚାକ୍ରାୟ୍ ପକ୍ୟାତାକାର୍ ଆରି ମିଚ୍‌ୱା କାମ୍‌ଲିୟା, ହେୱାର୍ କ୍ରିସ୍ଟତି ପକ୍ୟାତାକାର୍‌ତି
ବେସି ଆହ୍‌ନାର୍ ।
୧୪ ଆରେ ଇଦାଂ କାବାନାକା ଆକାୟ୍, ଇନାକିଦେଂକି ସୟତାନ୍ ନିଜେ ଅଜଡ଼୍‌ନି ସାର୍ଗେ ଦୁତ୍ ବେସି ଆହ୍‌ନାତ୍ ।
୧୫ ଲାଗିଂ, ଜଦି ତାଦାଂ ହେବା କିନିକିକ୍ ପା ଦାର୍ମନି ହେବା କିନାକାତର୍ ବେସି ଆହ୍‌ନିକ୍, ୱାଟିଙ୍ଗ୍ ହେଦାଂ ଗାଜା ବିସ୍ରେ
ଆକାୟ୍; ହେୱାର୍‌ତି ସେସ୍ ଦସା ହେୱାର୍‌ତି କାମାୟ୍ ଇସାପ୍ରେ ଗିଟାନାତ୍ ।

### ପକ୍ୟାତାକାତର୍ ଚେଲାଲାକେ ପାଉଲ୍‌ତି ଦୁକ୍‌ବଗ୍

୧୬ ଆନ୍ ଆରେ ରଗ ଇଞ୍ଜ୍‌ନାଙ୍ଗା, ଇନେର୍ ନାଙ୍ଗ୍ ବୁଦିହିଲ୍‌ୱାକାନ୍ ଇଞ୍ଜି ବାବି କିଦ୍‌ମେର୍; ମତର୍ ଜଦି ଏପେଙ୍ଗ୍ ଇନେସ୍
ବାବି କିନାଦେର୍, ୱାଟିଙ୍ଗ୍ ପାନାଙ୍ଗ୍ ବୁଦିହିଲ୍‌ୱାକାନ୍ ଲାକେ ଇଡ଼ଦାନାଦେର୍, ଇନେସ୍ ଆନ୍ ପା ଅଲପ୍ ଗରବ୍ କିଦେଙ୍ଗ୍
ଆଡ଼୍‌ନାଙ୍ଗ୍ ।
୧୭ ଆନ୍ ଇନାକା ଇଞ୍ଜ୍‌ନାଙ୍ଗା, ହେଦାଂ ମାପ୍ରୁତି ଇନି ଇସାପ୍ରେ ଇନୁଙ୍ଗା, ମତର୍ ବୁଦିହିଲ୍‌ୱାକାନ୍ ଲାକେ ଏଲେଙ୍ଗ୍ ବେସି
ସାସ୍‌ତ ଗରବ୍ କିଜି ଇନାଙ୍ଗା ।
୧୮ ଆଦେକ୍ ସଁସାର୍‌ନି ବାବ୍ରେ ଗରବ୍ କିଜି ମାଚିଲେ ଆନ୍ ପା ଗରବ୍ କିନାଙ୍ଗ୍ ।
୧୯ ଇନାକିଦେଂକି ଏପେଙ୍ଗ୍ ବୁଦିକାର୍‌ୟା ଆଡ଼ିଏନ୍ ଇଞ୍ଜି ହିନା ୱାରିତାଙ୍ଗ୍ ନିର୍ବୁଦିୟାତର୍ କାଜିଂ ହୁଦାର୍ ଆନାଦେରା ।
୨୦ ଲାଗିଂ ଜଦି ଇନେର୍ ଆଡ଼ିଏନ୍ କିଜି ଇଡ଼୍‌ତିସ୍, ମି ଦାନ୍ କେତି କିନାନ୍, ମିଙ୍ଗ୍ ଡ଼କ୍ରାତ ହେଜି କିଜି ଆସ୍ରାନାତ୍, ଆକାର୍
କିଦ୍‌ନାନ୍ କି ମି କୁର୍‌ୱାତ ଚାପ୍‌ଡ଼ା ଇଡ଼୍‌ଦାନାନ୍, ୱାଟିଙ୍ଗ୍ ଏପେଙ୍ଗ୍ ହେଦାଂ ହୁଞ୍ଜ୍‌ନାଦେର୍ ।
୨୧ ଆନ୍ ଲାଜୁ ଲାହାଙ୍ଗ୍ ମାନି କିନାଙ୍ଗା ଜେ, ଆପେଂ ତ "ନାଦାର୍" ଆତାସ୍‌ନା ।
ଆତିସ୍‌ପା ଇମ୍‌ଣାକା ପା ବିସ୍ରେ ଇନେର୍ ସାସି ଆନାର୍ ଆନ୍ ରିସା ଆଜି ଇନାଙ୍ଗା, ଆନ୍ ପା ସାସି ।
୨୨ ହେୱାର୍ କି ଏବ୍ରିୟର୍ ? ଆନ୍ ପା ଏବ୍ରିୟ । ହେୱାର୍ କି ଇସ୍ରାଏଲିୟର୍ ? ଆନ୍ ପା ଇସ୍ରାଏଲିୟ । ହେୱାର୍ କି
ଅବ୍ରାହାମ୍‌ତି ମାଜିର୍ ? ଆନ୍ ପା ଅବ୍ରାହାମ୍‌ତି ମାଜି ।
୨୩ ✡ହେୱାର୍ କି କ୍ରିସ୍ଟତି ହେବାକାର୍‌ୟା ? ଆନ୍ ବାୟ୍‌ରା ଲାକେ ଇନାଙ୍ଗା, ଆନ୍ ଆଦିକ୍ ରଚେ କ୍ରିସ୍ଟତି ହେବାକାର୍‌ୟା,
ଆଦିକ୍ କସ୍ଟ କିନିତ, ଆଦିକ୍ ଜୟିଲ୍ ହାନିତ, ବେସି ମାଡ଼୍ ହୁଞ୍ଜ୍‌ନିତ, ତାଇନାତ୍ ହାକି ମୁମ୍‌ଦ ଆଦେଂ;
୨୪ ଆନ୍ ଜିହୁଦିତର୍ ପାଞ୍ଚ୍ ହଟ୍ ଏକ୍‌ଉଣା ରିକଡ଼ି ମାଡ଼୍ ପାୟାତାଂନ୍ନା,
୨୫ ✡ରମିୟର୍ ହୁକେ ତିନି ହଟ୍ ବାଡ଼ଗେ ମାଡ଼୍, ରଗ କାଲ୍‌କୁ ମାଡ଼୍, ତିନି ହଟ୍ ଜାଜ୍‌ଡ୍ରିଂନାକା ହୁଞ୍ଜାଙ୍ଗ୍‌ନା, ଡେଙ୍ଗା ଏଜୁକାଂ
ୱେଡ଼ାନାଣା ଚବିସ୍ ଗନ୍‌ଟା ହୁଞ୍ଜାଙ୍ଗ୍‌ନା,
୨୬ ✡ବେସିହଟ୍ ହାନିହିଂ, ନାଗୁଡ଼୍‌ନି ଆପଡ଼୍‌ତ, ଚର୍କୁ ଆପଡ଼୍‌ତ, ଜାର୍ ଜାତିର୍‌ତାଂ ଆପଡ଼୍‌ତ, ଜିହୁଦି ଆରି ପାତର୍କିୱି
ଜିହୁଦି ତାଙ୍ଗ୍ ଆପଡ଼୍‌ତ, ଗାଡ଼୍‌ନି ଆପ୍‌ତିତ, ବାଟାନି ଆପଡ଼୍‌ତ, ହାମ୍‌ଦୁର୍ଣ୍ଣର୍ ଆପଡ଼୍‌ତ,
୨୭ ବାମ୍‌ଣ୍ଡାୟ୍‌କିନି ଟଣ୍ଡାର୍‌ତାଂ ଆପଡ଼୍‌ତ, କସ୍ଟତ ଆରି କସ୍ଟବଗ୍‌ତ, ବେସିହଟ୍ ହୁଞ୍ଜ୍‌ୱାଦାଂ, ନାସ୍‌କି ଆରି ଏସ୍‌କି, ବେସିହଟ୍
ଉପାସ୍‌ତ, ପିନି ଆରି ନାଗ୍‌ଡ଼ାତ ।
୨୮ ବାକି ୱିଜୁ ବିସ୍ରେ ପିସ୍ତି ଆରେ ର ବିସ୍ରେ ନିତ୍ରେ ନା ଜପି ଦୁମ୍‌ଦାନାତା, ଇଚିସ୍ ମଣ୍ଡ୍‌ଲି ସବୁ କାଜିଂ ଚିନ୍ତା ହଡ଼୍‌ନାତା ।
୨୯ ଇନେର୍ ନାଦାର୍ ଆତିସ୍ ଆନ୍ ଇନାକା ନାଦାର୍ ଆକାୟ୍ ? ଇନେର୍ ବାଦା ପାୟାତିସ୍ ଆନ୍ ଇନାକା ଦୁକ୍ ଆଉଙ୍ଗ୍ ?
୩୦ ଜଦି ନାଦି ଗରବ୍ କିନାକା ଲଡ଼ା ଆତିସ୍, ୱାଟିଙ୍ଗ୍ ଆନ୍ ନା ନାଦାର୍ ବିସ୍ରେ ନା ଗରବ୍ କିନାକା ମାନାତ୍ ।
୩୧ ଆନ୍ ଜେ ମିଚ୍ ଇନୁଙ୍ଗା, ଇଦାଂ ମାପ୍ରୁ ଜିସୁତି ଇସ୍ୱର୍ ଆରି ଆବା ପୁନାନ୍; ହେୱାନିଂ ଜୁଗ୍ ଜୁଗ୍ ଜୱାର୍ ।
୩୨ ✡ଦମ୍ମେସକ୍‌ତ ହାରେତା ରାଜାତି ସାସନ୍‌କାର୍‌ୟା ନାଙ୍ଗ୍ ଆସ୍ତିନି କାଜିଂ ହେ ଗାଡ଼୍‌ନି ଦୁୱେର୍ ଜାଗ୍‌ୱାଡ଼ାରିଂ କାୟ୍ କିଜି
ମାଚାନ୍,
୩୩ ଆରେ ଟପାତ ର ଚିଟ୍‌କି ହିଜି କୁୱାଡ଼୍ ହିଜି ନାଙ୍ଗ୍ ଜୁଡ଼୍‌ତାର୍, ଆରେ, ଆନ୍ ହେୱାନ୍ତି କେଇଦାଂ ରାକ୍ୟା ପାୟାତାଂ ।

## ୧୨

### ପାଉଲ୍‌ତି ହାର୍‌ଦାକା ହୁଡ଼୍‌ନାକା

୧ ଆତିସ୍‌ପା ଗରବ୍ କିନାକା ନେକ୍ରାକା ଆକାୟ୍, ଆତିସ୍‌ପା ଲାଗିଂ ନାଙ୍ଗେଙ୍ଗ୍ ଗରବ୍ କିଦେଙ୍ଗ୍ ଲାଗ୍‌ତାନାତା; ଆନ୍
ମାପ୍ରୁତିଙ୍ଗ୍ "ହୁଡ଼୍‌ଦେଂ" ଆରେ ଚଞ୍ଜ୍‌ୟା ଆନି ବିସ୍ରେ ଇନାଙ୍ଗ୍ ।
୨ ଆନ୍ କ୍ରିସ୍ଟ ତାଂ ମାନି ଲଗାଂ ରୱାନିଂ ପୁନାଙ୍ଗ୍, ହେୱାନ୍ ଚଉଦ ବାର୍ହୁ ଆଗେ ତିନ୍ ସାର୍ଗେ ପାତେକ୍ ଅଜି ମାଚାନ୍ ।
ହେୱାନ୍ ଗାଗାଡ଼୍‌ତ ମାଚାନ୍ କି ଗାଗାଡ଼୍‌ନି ବାର୍ତ ମାଚାନ୍, ଆନ୍ ପୁନୁଙ୍ଗ୍; ଇସ୍ୱର୍ ପୁନାନ୍ ।

✡ **୧୧:୨୩** ପକ୍ୟାତାକା ୧୬:୨୩. ✡ **୧୧:୨୫** ପକ୍ୟାତାକା ୧୬:୨୨; ପକ୍ୟାତାକା ୧୪:୧୯. ✡ **୧୧:୨୬** ପକ୍ୟାତାକା ୯:୨୩; ପକ୍ୟାତାକା ୧୪:୫. ✡ **୧୧:୩୨** ପକ୍ୟାତାକା ୯:୨୩-୨୫.

୩ ଆଁ, ଆନ୍ ଇ ଲାକେ ରୱାନ୍ ମାନାୟ୍ତିଙ୍ଗ୍ ପୁନାଙ୍ଗ୍, ହେୱାନ୍ ଜିବୁନ୍ ମାନି ଦେସ୍ତ ଅଜି ମାଚାର୍ ହେୱାନ୍ ଗାଗାଡ଼୍ତ
ମାଚାନ୍ କି ଗାଗାଡ଼୍ ବାର୍ତ ମାଚାନ୍, ଆନ୍ ପୁନୁଙ୍ଗ୍ ଇସ୍ୱର୍ ପୁନାନ୍ ।
୪ ହେବେ ହେୱାନ୍ କାତାତ ଇଞ୍ଜେଙ୍ଗ୍ ଆଡ୍ୱାଦାଂ ଆରି ଇଞ୍ଜେଙ୍ଗ୍ ଆଡ୍ୱାଦାଂ ଲାକେ କାତା ୱେନ୍ଞ୍ଜି ଆଦିକାର୍ ହିଲୁତ୍
।
୫ ଇ ଲାକେ ରୱାନ୍ ବିସ୍ରେ ଆନ୍ ଗରବ୍ କିନାଙ୍ଗ୍, ଇନାକିଦେଂକି ଆନ୍ ଜାର୍ ବିସ୍ରେ ନା ନାଦାର୍ ପିସ୍ତି ଆରେ ବିନ୍ ବିସ୍ରେ
ଗରବ୍ କିଉଙ୍ଗ୍ ।
୬ ଆରେ ଗରବ୍ କିଦେଙ୍ଗ୍ ଇଚା କିତାନ୍ ଆଁ ବୁଦି ହିଲ୍ୱି ଲାକେ ଆଉଙ୍ଗ୍ ଲାଗିଂ ଆନ୍ ହାତ୍ପା ଇନାଙ୍ଗ୍; ଇନାକିଦେଂକି
କାତେ ଇନେର୍ ନାଙ୍ଗେଙ୍ଗ୍ ଇନେସ୍ ହୁଡ଼୍ଦାନାର୍ କି ନାତାଙ୍ଗ୍ ଇନେସ୍, ୱେନାର୍ ନା କାଜିଂ ହତି ବିସ୍ରେ ଆଦିକ୍ ଗାଜା କାଜିଂ
ଇନେସ୍ ନା ବିସ୍ରେ ଆଦିକ୍ ବୁଜାୱାଦାଂ, ଇଦାଂ କାଜିଂ ଆନ୍ ଇଞ୍ଜେଙ୍ଗ୍ ୱାହ୍ନାଙ୍ଗା ।
୭ ଲାଗିଂ ଆନ୍ ଇନେସ୍ ଆଦିକ୍ ଗରବ୍ ଆଉଙ୍ଗ୍, ଇଦାଂ କାଜିଂ ନାଙ୍ଗେଙ୍ଗ୍ କସ୍ଟ କିଦେଙ୍ଗ୍ ନା ଗାଗାଡ଼୍ତ ସୟତାନ୍ ଦୁତ୍
ଲାକେ ଦୁକ୍ ହିଦ୍ୟାତାତ୍, ଆଁ ଇନେସ୍ ଆନ୍ ଆଦିକ୍ ଗରବ୍ ଆଉଙ୍ଗ୍, ଇଦାଂ କାଜିଂ ହେଦାଂ ହିଦ୍ଆତାତ୍ ।
୮ ଇନେସ୍ ହେଦାଂ ନାତାଂ ଦେହା ଆଡୁ, ଇଦାଂ କାଜିଂ ଆନ୍ ମାପୁଙ୍ଗ୍ ହେ ବିସ୍ରେ ତିନ୍ହଟ୍ ଗୱାରି କିତାଂ ।
୯ ଆରେ, ହେୱାନ୍ ନାଙ୍ଗେଙ୍ଗ୍ ଇଞ୍ଚାନ୍ନା, ମା ଉପ୍କାର୍ "ମି କାଜିଂ ସାରି, ଇନାକିଦେଂକି ନାଦାର୍ ତାଙ୍ଗ୍ ମା ସାକ୍ତି ହାର୍
ଆନାତ୍ ।" ଲାଗିଂ ଇନେସ୍ କ୍ରିସ୍ଟତି ସାକ୍ତି ନା ଜପି ବାହା କିନାତ୍, ଇଦାଂ କାଜିଂ ଆନ୍ ବେସି ୱାରିତାଂ ଇଚିସ୍ ନା ନାଦାର୍
ତାଙ୍ଗ୍ ଗରବ୍ କିନାଙ୍ଗ୍ ।
୧୦ ଲାଗିଂ କ୍ରିସ୍ଟ କାଜିଂ ନାଦାର୍ ତାଙ୍ଗ୍, ଅପ୍ମାନ୍ତ, କସ୍ଟତ, ଇଣ୍ତ, ହିଲ୍ୱିହିଂ ଆନ୍ ସାରି ଆନାଙ୍ଗ୍; ଇନାକିଦେଂକି
ଏଚେକାଡ଼୍ଦ ଆନ୍ ନାଦାର୍, ହେ ପାଦ୍ନା ଆନ୍ ସାକ୍ତି ।

### କରନ୍ତିନି ଲକୁ କାଜିଂ ପାଉଲ୍ତି ଏତୁ

୧୧ ଆନ୍ ବୁଦିହିଲ୍ୱାକାଂ ଆତାଙ୍ଗ୍ନା, ଏପେଙ୍ଗ୍ ନାଙ୍ଗ୍ ଟାଟାୟ୍ କିତ୍ତାଦେର୍, ଇନାକିଦେଂକି ନା ୱାରି କିନାକା ମିଦାଙ୍ଗ୍
ମାଚାତ୍; ଲାଗିଂ ଆତିସ୍ପା ଆନ୍ ଇନାକା ଆକାୟ୍, ଆତିସ୍ପା ଇମ୍ଣି ବିସ୍ରେ ହେ "ଗାଜାକାନ୍ ପକ୍ୟାତାକାର୍ରିଂ" ତାଙ୍ଗ୍ ଉଣା
ଆକାୟ୍ ।
୧୨ ହେ ୱିଜୁ ଚିନ୍ ଆରି କାବାନି କାମାୟ୍ ଆରେ ସାକ୍ତିନି କାମାୟ୍ ପକ୍ୟାତାକାର୍ତି ଇଟ୍କାଡ଼୍ ଇସାବ୍, ହେ ସବୁ ହାତ୍ପାତ
ମି ବିତ୍ରେତାଂ ପୁରା ବେସି ସାସ୍ ଲାହାଙ୍ଗ୍ ଆତାତ୍ନା ।
୧୩ ଇନାକିଦେଂକି ଆନ୍ ଡାବୁଙ୍ଗ୍ ଏନ୍ତିନି କାଜିଂ ମି ଜପି ବଜ୍ ଲାକେ ଆୱାତାଂନା, ଇଦାଂ ରଞ୍ଚାଙ୍ଗ୍ ବିସ୍ରେ ପିସ୍ତି ବାକି
ଅଦାମର୍ ମଣ୍ଡ୍ଲିତାଂ ଏପେଙ୍ଗ୍ ଇନାକାତ ହାର୍ କିତାଦେର୍ଣ୍ଣା ? ନାଦାଂ ଇ ଦସ୍ କେମା କିଦା ।
୧୪ ହୁଡ଼ାଟ୍, ଆନ୍ ମି ଲାଗାଂ ହାନି କାଜିଂ ଇ ତିନ୍ ହଟ୍ ଜାଲ୍ଦି ମାନାଙ୍ଗ୍, ଆରେ ଆନ୍ ମି ବଜ୍ ଲାକେ ଆଉଙ୍ଗ୍,
ଇନାକିଦେଂକି ଆନ୍ ମି ଦାନ୍ ଦାହ୍ୱାଦାଂ ମିଙ୍ଗେଙ୍ଗ୍ ଦାସ୍ତାନାଙ୍ଗା । ଲାଗିଂ ହିମ୍ଣାଂୱାକ୍ଡ଼ାଂତି ଆୟା ଆବାର୍ତି କାଜିଂ ରୁଣ୍ଡାୟ୍
କିନାକା ଲଡ଼ା ଆକାୟ୍, ମତର୍ ହିମ୍ଣାୱାକ୍ଡ଼ାଂ କାଜିଂ ଆବାର୍ ଆୟାକ୍ତି ରୁଣ୍ଡାୟ୍ କିନି ଲଡ଼ା ।
୧୫ ଆରେ, ଆନ୍ ମି ୱାସ୍କି କାଜିଂ ବେସିୱାରିତାଂ ଉପ୍କାର୍ କିଦ୍ନାଙ୍ଗ୍, ଆଁ, ନା ଜିବୁନ୍ ପା ଉପ୍କାର୍ କିନାଙ୍ଗ୍ । ଆନ୍
ମିଙ୍ଗେଙ୍ଗ୍ ଆଦିକ୍ ବେସି ବାତ୍ରେ ଜିଉନଦ୍ନାଙ୍ଗା ଇଞ୍ଜି ଇନାକା ଅଲପ୍ ଜିଉନନାକା ପାୟାନାଦେରା ?
୧୬ ମତର୍ ଇନେସ୍ ଆଏତ୍, ଆନ୍ ନିଜେ ମିଙ୍ଗେଙ୍ଗ୍ ୱାୱି କିଦ୍ୱାତାଂନା, ମତର୍ ଚାଲାକି ଆଜି ଆନ୍ ମିଙ୍ଗେଙ୍ଗ୍ ଚାତୁର୍ରେ
ଆସ୍ତାତାଂ !
୧୭ ଆନ୍ ମି ଲାଗାଂ ଇମ୍ଣାକାରିଂ ପକ୍ତାତାଙ୍ଗ୍ନା, ହେୱାର୍ ବିତ୍ରେତାଂ ଇମ୍ଣି ମାନାୟ୍ ହୁକେ କି ମିଙ୍ଗ୍ତାଂ ଅଲପ୍ ଲାବ୍
କିତାଙ୍ଗ୍ନା ?
୧୮ ଆନ୍ ତିତସ୍ତିଂ ହାନି କାଜିଂ ଗୱାରି କିଜି ମାନ୍ଚାଙ୍ଗ୍ ଆରେ ତା ଲାହାଙ୍ଗ୍ ହେ ଟଣ୍ଡେନିଂ ପକ୍ଚିମାନ୍ଚାଙ୍ଗ୍ । ତିତସ୍
କି ମିତାଂ ଅଲପ୍ ଲାବ୍ କିତାର୍ଣ୍ଣା ? ଆସେଙ୍ଗ୍ ଇନାକା ର ମାନ୍ତ ଚିନ୍ତା କିୱାତାସ୍ନା ? ଆସେଙ୍ଗ୍ ଇନାକା ର ପାଦ୍ ଚିନ୍ତ
ହାଲ୍ୱାତାସ୍ନା ?
୧୯ ଇ ପାତେକ୍ ଏପେଙ୍ଗ୍ ଏତୁ କିନାଦେରା ଜେ, ଆପେଂ ମି ଲାଗାଂ ଦସ୍ କାଟିକିନାପା । ଇସ୍ୱର୍ ସାକିତ କ୍ରିସ୍ଟତି ହେବା
କାରିୟା ଲାକେ ଆପେଂ କାତା ଇନାପା । ମାତର୍ ଏ ୱାରିନିକାଦେର୍, ସବୁ ବିସ୍ରେ ମି ରଚ୍ନି କାଜିଂ ଇଞ୍ଜ୍ନାପା ।
୨୦ ଇନାକିଦେଂକି ଏଚେକାଡ଼୍ଦ ଇଚିସ୍ ଆନ୍ ଏକାୱାତିସ୍, ମିଙ୍ଗେଙ୍ଗ୍ ଇନେସ୍ ହୁଡ଼୍ଦେଂ ମାନ୍ କିଦ୍ନାଙ୍ଗା, ହେ ଲାକେ
ମିଙ୍ଗେଙ୍ଗ୍ ହୁଡ଼୍ଦୁଂ, ଆରେ, ଏପେଙ୍ଗ୍ ନାଙ୍ଗେଙ୍ଗ୍ ଇନେସ୍ ହୁଡ଼୍ଦେଂ ମାନ୍ କିଉଦେର୍, ହେ ଲାକେ ନାଙ୍ଗ୍ ହୁଡ଼୍ଦାଟ୍, ଇଦାଂ
କାଜିଂ ଆନ୍ ପାଣ୍ଡ୍ରା ଆନାଙ୍ଗା; ଏଚେକାଡ଼୍ଦ ଇଚିସ୍ ଗଣ୍ଡଗଲ୍, କୁଟ୍, ରିସା, ବାଡ଼୍ପାଣିୟା, ଲକାର୍ନିନ୍ଦା, କିତୁଲ୍ତ ଇନ୍ବା
ଆନାକା, ମଲ୍କାତା, ଗଣ୍ଡଗଲ୍ ଆନାତ୍;
୨୧ ଏଚେକାଡ଼୍ଦ ଆନ୍ ଆରେ ରଗ ଏକାୱାତିସ୍ ନା ଇସ୍ୱର୍ ମି ବିସ୍ରେ ନାଙ୍ଗେଙ୍ଗ୍ ଆରେ ରଗ ବାଚି କିଦ୍ନାନ୍, ଆରେ,
ଇମ୍ଣାକାର୍ ଆଗେ ପାପ୍ କିତାର୍ଣ୍ଣା, ଆରେ ଜାର୍ ଜାର୍ କିତି ବିଟାଡ଼୍, ଦାରି ଆରି ଲାଡ଼୍ସା କାଜିଂ ମାନ୍ବାଦ୍ଲାୟ୍ କିୱାତାର୍ଣ୍ଣା,
ଏପେଙ୍ଗ୍ ହେନି ମାନାୟାର୍ କାଜିଂ ଆନ୍ ଆଡ଼୍ବାନାଙ୍ଗା ।

# ୧୩

## ହାରିହାରା ଦାବା ଆରି ଜୁୱାର୍

୧ ଇ ତିନ୍ ହଟ୍ "ଆନ୍ ମି ଲାଗାଂ ୱାନାଙ୍ଗା ସାସ୍ତର୍ ଇନେସ୍ ଇନାଡ଼୍ । ରିୟାର୍ କି ତିନ୍ଜାଣ୍ ସାକିରିଂ ମୁମ୍‌ଦ ୱିଜୁ ଦାବା
କାତା ତିର୍ କିୟାନାଡ଼୍ ।"
୨ ଇମ୍‌ଣାକାର୍ ଆଗେ ପାପ୍ କିଜି ମାଚାର୍, ହେୱାରିଂ ଆରି ବାକି ୱିଜାରିଂ ଆନ୍ ଇନେସ୍ ଆଗେ ରିହା ଏକିସ୍ ମାନି ସମୁତ
ଇଞ୍ଜି ମାଚାଙ୍ଗ୍, ନଙ୍ଗ୍ ମାନ୍‌ୱିହିଙ୍ଗ୍ ହେ ଲାକେ ଆଗେତାଂ ଇଞ୍ଜ୍‌ନାଙ୍ଗା ଜେ, ଜଦି ଆନ୍ ଆରେ ରଗ ହାନାଙ୍ଗ୍, ତା ଆତିସ୍
ହେୱାର୍ ଡାଣ୍ଡ଼ତାଂ ପିହୁଙ୍ଗ୍;
୩ ଲାଗିଂ ଇମ୍‌ଣି କ୍ରିସ୍ଟ ନା ତାକେ କାତା ଇଞ୍ଜ୍‌ନାନା, ଏପେଙ୍ଗ୍ ତା ପାର୍ମାଣ୍ ଡେକ୍‌ନାଦେରା; ହେୱାନ୍ ମି କାଜିଂ ନାଦାର୍
ଆକାୟ୍, ମତର୍ ମି ବିତ୍ରେ ସାକ୍ତିକାଟାକାନ୍ ଆତାନ୍ନା ।
୪ ଇନାକିଦେଂକି ଆତିସ୍‌ପା ହେୱାନ୍ ନାଦାର୍ କାଜିଂ କ୍ରୁସ୍‌ତ ଦୁମ୍‌ତାନ୍, ଆତିସ୍‌ପା ଇସ୍ୱର୍ତି ସାକ୍ତି କାଜିଂ ହେୱାନ୍
ଜିତାନ୍‌ନା । ଆସେଙ୍ଗ୍ ପା ତା ତାକେ ନାଦାର୍, ମତର୍ ଇସ୍ୱର୍ତି ସାକ୍ତି କାଜିଂ ଆପ୍ ମି କାଜିଂ ତା ଲାହାଙ୍ଗ୍ ଜିବୁନ୍ ଆନାସ୍ ।
୫ ମି ପାତର୍ତି ମାନାଦେର୍ କି ଆକାୟ୍, ହେ ବିସ୍ରେ ଜାର୍ ଜାର୍‌ତିଂ ପରିକ୍ୟା କିୟାଟ୍, ଜାର୍ ଜାର୍‌ତି ବିଚାର୍ କିୟାଟ୍ ନଲେ
ଜିସୁ କ୍ରିସ୍ଟ ଜେ ମି ତାକେ ମାନାନ୍, ଇଦାଂ କି ଏପେଙ୍ଗ୍ ଜାର୍ ଜାର୍ ବିସ୍ରେ ପୁନୁଦେର୍ ? ଜଦି ଇଦାଂ ଆଉଡ଼୍, ତା ଆତିସ୍
ଏପେଙ୍ଗ୍ ପୁରା ବାବ୍ରେ ଆରା ଆତାଦେର୍ଣ୍ଣା ।
୬ ମତର୍ ଆନ୍ ବାସର୍ତି କିନାଙ୍ଗ୍, ଆସେଙ୍ଗ୍ ଜେ ପରିକ୍ୟା ହାର୍, ଇଦାଂ ଏପେଙ୍ଗ୍ ପୁନାଦେର୍ ।
୭ ମତର୍ ଏପେଙ୍ଗ୍ ଇନେସ୍ ଇମ୍‌ଣାକାପା ବାନ୍ୟା କାମାୟ୍ କିମାଟ୍, ଇଦାଂ କାଜିଂ ଆପେଂ ଇସ୍ୱର୍ତି ଲାଗାଂ ପାର୍ଥାନା
କିନାପା; ଆସେଙ୍ଗ୍ ଇନେସ୍ ପରିକ୍ୟାସିଦ୍ ଇଞ୍ଜି ଚଞ୍ଜ୍‌ୟା ଆନାସ୍, ଇଦାଂ କାଜିଂ ପାର୍ଥାନା କିଉସା, ମତର୍ ପରିକ୍ୟାସିଦ୍ ଆୱି
ଲାକେ ଚଞ୍ଜ୍‌ୟା ଆତିସ୍ ପା ଇନେସ୍ ଏପେଙ୍ଗ୍ ହାର୍‌ଦି କାମାୟ୍ କିୟାଟ୍, ଇଦାଂ କାଜିଂ ପାର୍ଥାନା କିନାପା ।
୮ ଇନାକିଦେଂକି ଆପେଂ ହାଡ଼୍‌ପା ବିସ୍ରେ ଇନାକା କିଦେଙ୍ଗ୍ ଆଡ଼ୁପା, ମତର୍ ହାଡ଼୍‌ପା ବେରୁତ କିଦେଙ୍ଗ୍ ଆଡ଼୍‌ନାପ୍ ।
୯ ଲାଗିଂ ଆପେଂ ଏଚେକାଡ଼୍‌ଦ ନାଦାର୍ ଆରି ଏପେଙ୍ଗ୍ ଆଟ୍‌ୱା, ହେ ପାଦ୍‌ନା ଆସେଙ୍ଗ୍ ୱାରି କିନାସ୍; ଏପେଙ୍ଗ୍ ଇନେସ୍
ହାର୍ ଆଡ, ଇଦାଂ ପା ଆପେଂ ପାର୍ଥାନା କିନାସ୍ ।
୧୦ ଇଦାଂ କାଜିଂ ମାନ୍‌ୱାଦାଂ ଆନ୍ ଇ ସବୁ ଲେକି କିନାଙ୍ଗା, ଇନେସ୍ ଏକିସ୍, ମାପୁ ନାଙ୍ଗେଙ୍ଗ୍ ଇମ୍‌ଣି ଆଦିକାର୍ ବାଙ୍ଗାୟ୍
କିନି କାଜିଂ ହିଦ୍‌ୱାଦାଂ ଗାଡ଼ି କିନି କାଜିଂ ହିଡ଼୍‌ନ୍ନା, ହେ ଆଦିକାର୍ ଇସାବ୍ରେ ବେସି ବେବାର୍ କିଦେଙ୍ଗ୍ ନାଙ୍ଗ୍ ଆଉଡ଼୍ ।
୧୧ ହାରିହାରା, ଏ ଟଣ୍ଡାର୍, ଆରି ତଣ୍ଦେକ୍ ୱାରି କିୟାଟ୍, ହାର୍ଦାକା ଆଡ, ହାରି ୱାରିକିୟ୍ କିୟାଟ୍, ରମାନ୍ ଆଡ, ସୁସ୍ତାତ
ବାହାକିୟାଟ୍, ଆରେ ଜିଉନନାକା ଆରି ସୁସ୍ତାନି ଇସ୍ୱର୍ ମି ଲାହାଙ୍ଗ୍ ମାନ୍‌ଗାନାନ୍ ।
୧୨ ପୁଇପୁୟାତ ଡନ୍‌ଞ୍ଜି ହାରି ଜୁୱାର୍ କିୟାଟ୍ ।
ୱିଜାର୍ ସାଦୁର୍ ମିଙ୍ଗେଙ୍ଗ୍ ଜୁୱାର୍ କିନ୍ନାରା ।
୧୩ ମାପୁ ଜିସୁ କ୍ରିସ୍ଟତି ଉପ୍‌କାର୍, ଇସ୍ୱର୍ତି ଜିଉନନାକା ଆରି ପୁଇପୁୟା ଜିବୁନ୍ ମେହାଣ୍ ମି ୱିଜାର୍ ଲାହାଙ୍ଗ୍ ଆଏଡ଼୍ ।

# ଗାଲାତିୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କ ପତ୍ର
# ଗାଲାତିୟ ମଣ୍ଡ୍ଲି ଲାଗାଂ ପକ୍ୟାତି ପାଉଲ୍ତି ଆକି
## ଗାଲାତିୟ ପତି ବିସ୍ରେ ପାଦେକ୍

ଗାଲାତିୟ ଆକି ପକ୍ୟାତି ପାଉଲ୍ତି ହୁକେ ଲେକାତାଡ଼ନା । ୧:୧ ଇ ଆକି ଗାଲାତିୟ ମଣ୍ଡ୍ଲିନି ପାତର୍ କିନାକାରିଂ ଜିସୁ କ୍ରିସ୍ଟତି ଜଲମ୍ ୪୮ ତାଂ ୫୭ ବାର୍ହୁ ବିତ୍ରେ ଲେକାଜି ମାଚାଡ଼୍ ଗାଲାତିୟାର୍ ରମ୍ ଦେସ୍ନି ଗାତିୟାତ ବାହା କିଜି ମାଚାର୍ । ପାଉଲ୍ ଇ ଆକି ଲେକିକିନି ୱେଡ଼ାଙ୍ଗ୍ ଇମେତାକେ ମାଚାନ୍ ଇବେ ପଣ୍ଡିତାର୍ ସମାନ୍ ହିଲୁର୍, ମାତର୍ ଏପିସି କି କରନ୍ତିତ ଇ ରିବାହା ଆଜି ମାନ୍ଗାନାଡ଼୍ ଇଞ୍ଜି ଇନାର୍ । ପାଉଲ୍ ଗାଲାତିୟ ମଣ୍ଡ୍ଲିନି ରିୟାର୍ ଜିହୁଦି ଆରି ପାତର୍ କିୱି ଜିହୁଦି କ୍ରିସ୍ଟିୟାନାତର୍ ନା ହିଜି ଆକି ଲେକିକିନାନ୍ । ହେୱାନ୍ ହାଡ଼୍ପା ବାବ୍ରେ ମିଚ୍ ହିକ୍ୟାତିଂ ଲଡ଼ି କିନି କାଜିଂ ଲେକିକିଜି ମାଚାନ୍, ହେଦାଂ କ୍ରିସ୍ଟିୟାନ୍ରିଂ ପ୍ରୁନି ନିୟମ୍ନି ଜିହୁଦି ବିଦିତିଂ ଚାଲାନାକା ଇନ୍ୟାନାତା, ହାଡ଼୍ପା ରଚେ ସୁନ୍ନତ୍ ବିଦି ବିସ୍ରେ । କ୍ରିସ୍ଟିୟାରିଂ ବିତ୍ରେ କେତେକ୍ ଦଲ୍ ମାଚାର୍ ଇମ୍ଣାକାରିଂ ଜୁଡ଼ାୟ୍ ଜମ୍ ଇଞ୍ଜି ମାଚାର୍ ହେୱାର୍ ପାତର୍ କିୱି ଜିହୁଦି କ୍ରିସ୍ଟିୟାରିଂ ସୁନ୍ନତ୍ ବିଦି ପାଲି କିଦେଙ୍ଗ୍ ଇଞ୍ଜି ମାଚାର୍ । ହେୱାର୍ ପା ପାଉଲ୍ତି ପକ୍ୟାଜି ମାଚି ଆଦିକାର୍ ବିସ୍ରେ ପର୍ସନ୍ କିଜି ମାଚାର୍ । ପାଉଲ୍ ଏଚେଗଟା କାତାଙ୍ଗ୍ ବିସ୍ରେ ତା ପକ୍ୟାଜି ମାଚି ବିସ୍ରେ ଇଞ୍ଜି ହେୱାରିଂ ବନ୍ଦ୍ କିନାନ୍ ୧:୧୧-୨:୧୪ ଆରି ଜିସୁ କ୍ରିସ୍ଟଙ୍ଗ୍ ପାତର୍ କିନି କାସି ମୁକ୍ଡ଼ାନାକା ଇଦାଂ ବୁଜାୟ୍ କିଜି ନେକ୍ରିକାବୁର୍ତିଂ ରାକ୍ୟା କିତାର୍ ୨:୧୬ । ଇନାକା ଇସ୍ୱର୍ ଦୟାତାଂ ଆଜି ମାନାଡ଼୍ ମାନାୟ୍ ଇନାକା କିଜି ମାନାନ୍ ହେବେତାଂ ଆକାୟ୍ ।

**ପତି ବିସ୍ରେନି ରାହାଣ୍**

୧. ପାଉଲ୍ତି ବାଦାୟ୍ ୧:୧-୫
୨. ପାଉଲ୍ତି ନଙ୍ଗ୍ନି ଜିବୁନ୍, ତା ହିକ୍ୟା ହିନାକା ଆଦିକାର୍, ବିଦିନି କାମାୟ୍ ବିସ୍ରେ ୧:୬୨:୨୧
୩. ବିଦିନି କାମାୟ୍, ଆରି ଇସ୍ୱର୍ତି ଦୟାତାଂ ମୁକ୍ଡ଼ାନି ବିସ୍ରେ୩:୪
୪. ହାର୍ଦି କ୍ରିସ୍ଟିୟାନ୍ ଜିବୁନ୍ ଜିପ୍କା କାଜିଂ ୱେଚ୍ନାକା ୫:୧–୬:୧୦
୫. ପାଉଲ୍ତି ଇନାକା, ଆରି ଇସ୍ୱର୍ତି ହୁକେ ଜିବୁନ୍ ମାନ୍ବାଦ୍ଲାନାକା ଲଡ଼ା । ୬:୧୧-୧୮

୧ ଆନ୍ ପକ୍ୟାତାକାନ୍ ଚେଲା ପାଉଲ୍, ମାନାୟ୍ତାଂ ଆକାୟ୍, କି ମାନାୟ୍ ହୁକେ ଆକାୟ୍, ମାତର୍ ଜିସୁ କ୍ରିସ୍ଟ ହୁକେ ଆରି
ଇମ୍ଣି ଆବା ଇସ୍ୱର୍ ତାଙ୍ଗେଙ୍ଗ୍ ହାତାକାର୍ ବିତ୍ରେତାଂ ନିକ୍ତାନ୍, ହେ ଜିସୁ କ୍ରିସ୍ଟତାଂ ପାୟାତାନ୍ନା ।
୨ ଆରେ ନା ଲାହାଙ୍ଗ୍ ମାନି ପାତର୍ କିନି ଟଣ୍ଡାର୍ ଆରି ତଣ୍ଦେକ୍ ୱିଜାର୍ ଗାଲାତିଆ ମାନି ମଣ୍ଡ୍ଲିକାଂ ଜୱାର୍ ଜାଣାୟ୍
କିନାଙ୍ଗା ।
୩ ମା ଆବା ଇସ୍ୱର୍ ଆରି ମାପ୍ରୁ ଜିସୁ କ୍ରିସ୍ଟ ମିଙ୍ଗେଙ୍ଗ୍ ଉପ୍କାର୍ ଆରି ସୁସ୍ତା ମି କାଜିଂ ଆୟେଡ଼୍ ।
୪ ହେୱାନ୍ ମା ଆବା ଇସ୍ୱର୍ ଇଚାତାଂ ଇ ପାପ୍ନି ସଁସାର୍ତାଂ ମାଙ୍ଗେଙ୍ଗ୍ ଉଦାର୍ କିଦ୍ନି କାଜିଂ ମା ପାପ୍ କାଜିଂ ଜାର୍ତିଂ
ହେଲାୟ୍ କିତାନ୍;
୫ ଜୁଗ୍ ଜୁଗ୍ ଇସ୍ୱର୍ତି ଜାଜ୍ମାଲ୍ ଆୟେଡ଼୍ । ଆମେନ୍ ।

ରଞ୍ଜାଙ୍ଗ୍ ମାତର୍ ନେକ୍ରିକାବୁର୍

୬ କ୍ରିସ୍ଟତି ଉପ୍କାର୍ତ ଇନେର୍ ମିଙ୍ଗ୍ କୁକ୍ତାତାନ୍, ଏଚେକ୍ ବେଗି ଏପେଙ୍ଗ୍ ତାଙ୍ଗ୍ ପିସ୍ସି ବିନ୍ ର ନେକ୍ରିକାବୁର୍ କାଜିଂ
ୱାରିୟା ଆନାଦେରା, ଇବେ ଆନ୍ କାବା ଆନାଙ୍ଗା;
୭ ହାଡ଼୍ପାତ "ବିନ୍ ଇମ୍ଣି ନେକ୍ରିକାବୁର୍" ଆକାୟ୍, ମାତର୍ ଆନ୍ ଏଲେଙ୍ଗ୍ ଇଞ୍ଜ୍ନାଙ୍ଗା, ଇନେକିଦେଂକି କେତେକ୍ କ୍ରିସ୍ଟତି
ନେକ୍ରିକାବୁର୍ ବିନ୍ ବାଦ୍ଲାୟ୍ କିଜି ସେସ୍ଟା କିନାରା ମିଙ୍ଗେଙ୍ଗ୍ ଇଣ୍ଟିଙ୍ଗ୍ ହାଣ୍ଟିଙ୍ଗ୍ କିଦେଙ୍ଗ୍ ସେସ୍ଟା କିନାରା ।
୮ ମାତର୍ ଇମ୍ଣି ନେକ୍ରିକାବୁର୍ ଆପେଂ ମି ଲାଗାଂ ପର୍ଚାର୍ କିଜି ମାଚାପ୍, ଜଦି ହେଦାଂ ତାଂ ବିନ୍ ର ନେକ୍ରିକାବୁର୍ ଆପେଂ
ଜାର୍ ନଲେ ସାର୍ଗେ ଦୁଡ଼୍ ପର୍ଚାର୍ କିନାଡ଼୍, ଲାଗିଂ ହେଦେଲ୍ ତାଆତିସ୍ ହେୱାନ୍ ରାଣ୍ ପାୟା ଆଏଡ଼୍ ।
୯ ଇନେସ୍ ଆପ୍ ପୁର୍ବେତାଂ ଇଞ୍ଜାପ୍ନା, ହେ ଲାକେ ଆନ୍ ନଙ୍ଗ୍ ଆରେ ରଗ ଇଞ୍ଜ୍ନାଙ୍ଗା, ଇମ୍ଣି ନେକ୍ରିକାବୁର୍ ଏପେଙ୍ଗ୍
ଇଡ଼୍ଜି ମାଚାଦେର୍, ଇଦାଂ ବିନ୍ ଜଦି ଇମ୍ଣି ଲଗୁ ବିନ୍ ନେକ୍ରିକାବୁର୍ ମି ଲାଗାୟ୍ ପର୍ଚାର୍ କିନାନ୍, ୱାଟିଙ୍ଗ୍ ହେୱାନ୍ ରାଣ୍
ପାୟା ଆଏଡ଼୍ ।
୧୦ ଇଦାଂ ୱେନ୍ଞ୍ଜି ଏପେଙ୍ଗ୍ ଇନାକା ମାନେ କିନାଦେରା ଜେ ଆନ୍ ମାନାୟାର୍ତି ରାଜି ଲାବ୍ କିନି କାଜିଂ ସେସ୍ଟା କିନାଙ୍ଗା
? ଆକାୟ୍ ମୁଲେ ଆକାୟ୍ । ଆନ୍ ଇଚା କିତିସ୍ କେବଲ୍ ଇସ୍ୱର୍ତି ରାଜି । ଆନ୍ ଇନାକା ମାନାୟାର୍ ୱାରି ଆନି କାଜିଂ
ଇଚା କିନାଙ୍ଗା ? ଆନ୍ ଜଦି ଇ ପାତେକ୍ ମାନାୟାର୍ ୱାରି ଆଦେଂ ସେସ୍ଟା କିଜି ମାନାର୍, ଲାଗିଂ ଆନ୍ କ୍ରିସ୍ଟତି ଆଡ଼ିୟା ଆଜି
ମାନ୍ଗୁନ୍ ।

## ପାଉଲ୍ ଇନେସ୍ ପକ୍ୟାତି ଚେଲା ଆତାନ୍

୧୧ ଇନାକିଦେଂକି, ଏ ଟଣ୍ଡାର୍ ଆରି ତଣ୍ଦେକ୍, ଇମ୍ଣି ନେକ୍ରିକାବୁର୍ ନା ହୁଦାଂ ପର୍ଚାର୍ ଆତାଡ୍ନା, ହେ ବିସ୍ରେ ମିଙ୍ଗ୍
ୱେଚ୍ଚାନାଙ୍ଗା ଜେ, ହେଦାଂ ମାନାୟାର୍ତି ୱେୟ୍ତାଂ ଆକାୟ୍;
୧୨ ଆନ୍ ଇମ୍ଣି ହେ ମାନାୟ୍ତାଂ ହେଦାଂ ଗାଟା ଆୱାତାଂନା କି ଇନେର୍ ନାଙ୍ଗେଙ୍ଗ୍ ହିକ୍ୟା ହିଦ୍ୱାତାଂନ୍ନା, ମତର୍ ଜିସୁ
କ୍ରିସ୍ଟତି ହୁଦାଂ ଗାଟାତାଂନ୍ନା ।
୧୩ ଜିହୁଦି ଦରମ୍ କାଜିଂ ପାତର୍ କିଜି ମ଼ାନି ସମୁତ ଆନ୍ ଇନେସ୍ ଆଚାର୍ ବେବାର୍ କିଜି ମ଼ାଚାଙ୍ଗ୍, ଇନେସ୍ ମାନ୍ ଦିୟାନ୍
ବାବ୍ରେ ଇସ୍ୱର୍ତି ପାର୍ତାନା କିନି ମଣ୍ଡ୍ଲିତିଂ ନିନ୍ଦା କିଜି ମ଼ାଚାଙ୍ଗ୍ ଆରି ହେଦାଂ ନାସ୍ କିଦେଙ୍ଗ୍ ସେସ୍ଟା କିଜି ମ଼ାଚାଙ୍ଗ୍, ଇ ସବୁ
ବିସ୍ରେ ମିଙ୍ଗେଙ୍ଗ୍ ୱେଚ୍ୟାତାଡ୍ନା
୧୪ ☆ଜିହୁଦି ଦରମ୍ ମାନିକିନାକା ସମାନ୍ୱେଡ଼ାଂ ଜିହୁଦିର୍ ବିତ୍ରେ ଆନ୍ ଆଗେ ମାଚାଙ୍ଗ୍ ଆରି ମା, ଆବାଲାଡ୍ରାତି ଆଦିକ୍
ରିତିନିତି କାଜିଂ ବେସି ଡାଟ୍ ମାଚାଙ୍ଗ୍ ।
୧୫ ☆ମତର୍ ଇସ୍ୱର୍ ତା ଉପ୍କାର୍ତ ନା ଜଲମ୍ ଆଗେତାଂ ନାଂ ବାଚିକିଜି ମ଼ାନ୍ଚାନ୍ ଆରି ତା ହେବା କିନି କାଜିଂ ନାଙ୍ଗ୍
କୁକ୍ଚି ମାନ୍ଚାନ୍ ।
୧୬ ଆରେ ପାତର୍ କିୱି ଜିହୁଦିର୍ ଲାଗାଂ ନେକ୍ରିକାବୁର୍ ପର୍ଚାର୍ କିନି କାଜିଂ ଏଚେକାଡ଼୍ଦ ନା ଲାଗାଂ ହେୱାନ୍ ତା ମାଜିଂ
ହପ୍ତାନ୍, ଇ ବିସ୍ରେ ବୁଜାୟ୍ କିନି କାଜିଂ ଆନ୍ ବିନ୍ ମାନାୟ୍ ଲାଗାଂ ହାଲ୍ୱାଦାଂ ମାଚାଙ୍ଗ୍ ।
୧୭ ଇ ଲାକେ କି ନା ଆଗେତାଂ ଇମ୍ଣାକାର୍ ପକ୍ୟାତାକାନ୍ ଚେଲା ଆଜି ମ଼ାଚାନ୍ ହେୱାର୍ ଲାହାଂ ପା ବେଟ୍ ଆଦେଂ
ଜିରୁସାଲମ୍ତ ହାଲ୍ୱାଦାଂ ମାଚାଙ୍ଗ୍ । ଇଚିସ୍ ଆନ୍ ସାଙ୍ଗେ ସାଙ୍ଗେ ଆରବ୍ ଦେସ୍ତ ହାଲ୍ଜି ମାଚାଙ୍ଗ୍ ଆରି ତା ପାଚେ
ଦମ୍ମେସକ୍ତ ମାସ୍ଦିୱାତାଂ ।
୧୮ ☆ତା ପାଚେ ତିନି ବାର୍ହୁ ହାଚିପାଚେ ଆନ୍ ପିତର୍ ଲାହାଙ୍ଗ୍ ବେଟ୍ ଆନି କାଜିଂ ଜିରୁସାଲମ୍ତ ହାଚାଙ୍ଗ୍ ଆରି ତା ଲାହାଙ୍ଗ୍
ପନ୍ଦର ଦିନ୍ ମାଚାଙ୍ଗ୍ ।
୧୯ ମାତର୍ ମାପ୍ରୁତି ଟଣ୍ଡେନ୍ ଜାକୁବ୍ତିଂ ପିସ୍ତି ଆନ୍ ବିନ୍ ଇମ୍ଣି ପକ୍ୟାତାକାନ୍ ଚେଲା ଲାହାଂ ବେଟା ଆୱାଦାଂ ମାଚାଙ୍ଗ୍ ।
୨୦ ଆନ୍ ଇନାକା ଲେକିକିନାଙ୍ଗା, ହେଦାଂ ହାଡ଼୍ପା; ଇସ୍ୱର୍ ପୁନାନ୍, ଆନ୍ ମିଚ୍ ଇନୁଙ୍ଗା ।
୨୧ ଇଦାଂ ପାଚେ ଆନ୍ ସିରିୟା ଆରି କିଲିକିୟାନି ବେସି ବାହାତ ହାଲ୍ଜି ମାଚାଙ୍ଗ୍ ।
୨୨ ହେ ସମୁତ ଜିହୁଦା ଦେସ୍ ମାନି କ୍ରିସ୍ଟିୟାନ୍ ମଣ୍ଡ୍ଲିନି ପାତର୍ କିନାକାର୍ ନାଙ୍ଗ୍ ଜାର୍ତି ବିସ୍ରେ ପୁନ୍ୱାଦାଂ ମାଚାର୍;
୨୩ ନା ବିସ୍ରେ ବିନ୍ନିକାର୍ ଇନାକା ଇଞ୍ଜି ମାଚାର୍, ହେୱାର୍ କେବଲ୍ ହେ ଏଚେକ୍ ପୁନ୍ଜି ମାଚାର୍, “ବିନ୍ନିକାର୍ତାଂ
ହେୱାର୍ ୱେନ୍ଜି ମାଚାର୍, ଇମ୍ଣି ମାନାୟ୍ ମାଂ ଇଣ୍ କିଜି ମ଼ାଞ୍ଚାନ୍, ଆରି ମେହାଜି ଦ଼ରମ୍ତିଂ ନାସ୍ କିଦେଙ୍ଗ୍ ସେସ୍ଟା କିଜି
ମାଚାନ୍, ନଙ୍ଗ୍ ହେୱାନ୍ ହେ ଇମ୍ଣି ପାତର୍ ନେକ୍ରିକାବୁର୍ ପର୍ଚାର୍ କିନାନା ।”
୨୪ ଆରେ ହେୱାର୍ ନା କାଜିଂ ଇସ୍ୱର୍ତିଂ ଜାଜ୍ମାଲ୍ କିଜି କେ଼ର୍ଜି ମାଚାର୍ ।

# ୨

## ପାଉଲ୍ ଆରି ବିନ୍ ପକ୍ୟାତି ଚେଲାର୍

୧ ☆ତା ପାଚେ ଚଉଦ ବାର୍ହୁ ହାଚିପାଚେ, ଆନ୍ ବର୍ଣ୍ଣବା ଲାହାଙ୍ଗ୍ ଆରେ ଜିରୁସାଲମ୍ତ ହାଚାଙ୍ଗ୍, ତିତସ୍ତିଂ ପା ହାଙ୍ଗ୍ଦାଂ
ଅଜି ହ଼ାଲ୍ଜି ମାଚାପ୍ ।
୨ ହେବେ ହାନାକା ମାନାଡ୍ ଇଞ୍ଜି ଇସ୍ୱର୍ତାଂ ବିନ୍ଦେସ୍ତ ପାୟାଜି ହ଼ାଲ୍ଜି ମାଚାପ୍ । ପାତର୍ କିୱି ଜିହୁଦିର୍ ଲାଗାଂ ଆନ୍
ଇମ୍ଣି ନେକ୍ରିକାବୁର୍ ସୁଣାୟ୍ କିଜି ମ଼ାନାଙ୍ଗ୍, ଜିରୁସାଲମ୍ନି ନେତାରିଂ ର ଇଞ୍ଜିନି ସବାତ ହେଦାଂ ବୁଜାୟ୍ କିଜି ମ଼ାଚାଙ୍ଗ୍ ।
ଆଗେନିକା ନଲେ ନଙ୍ଗ୍ନିକା ସମୁନି କାମାୟ୍ ଇନେସ୍ ପଲ୍ୟା ଆଉଡ୍ ହେଦାଂ କାଜିଂ ହୁଡ଼୍ଜି ମାଚାଙ୍ଗ୍ ।
୩ ମାତର୍ ନା ହାଙ୍ଗ୍ଦି ତିତସ୍, ରୱାନ୍ ଗ୍ରିକ୍ ଲଗୁ ଆଜି ମ଼ାଚିସ୍ପା, ହେୱାନିଂ ସୁନ୍ନତ୍ ଆନି କାଜିଂ ଜବର୍ଦସ୍ତିତ କିୱାଦାଂ
ମାଚାର୍;
୪ ଆତିସ୍ପା କେଡ଼୍ଜାଣ୍ ମାନାୟ୍ ହେୱାନିଂ ସୁନ୍ନତ୍ କିଦେଙ୍ଗ୍ ଇଚା କିଜି ମ଼ାଚାର୍ । ହେୱାର୍ ପାତର୍ କିନାକାର୍ ଟଣ୍ଡେନ୍
ଇଞ୍ଜି ଚାଲାକି କିଜି ଡ଼କ୍କୁତି ଚରେନ୍ ଲାକେ ଦାଡ଼୍ଦ ଏକିସ୍ ମାଚାନ୍ । କ୍ରିସ୍ଟ ଜିସୁ ଲାହାଂ ମେହାନାକା ହୁକେ ଆପେଂ ଇମ୍ଣି
ଜାର୍ତାରେନ୍ ଲାବ୍ କିନାପା, ତାଦାଂ ଡେକ୍ନାକା ହେୱାର୍ତି ଉଦେସ୍ ମାଚାଡ୍, ମାଙ୍ଗେଙ୍ଗ୍ ଆରେରଗ ବିଦିନି ଆଡ଼ିଏନ୍
ଆଦେଂ ହେୱାର୍ ଇଚା କିଜି ମ଼ାଚାର୍ ।
୫ ମାତର୍ ମି କାଜିଂ ନେକ୍ରିକାବୁର୍ ହାଡ଼୍ପାତିଂ ଚାଲା ଆଜି ମ଼ାନି କାଜିଂ ଆସେଙ୍ଗ୍ ହେ ପରଚାର୍ କିନାକାରିଂ ଚାନେକ୍
ମତର୍ ପାବ୍ ହିୱାଦାଂ ମାଚାର୍ ।

☆ **୧:୧୪** ପକ୍ୟାତାକା ୨୨:୩. ☆ **୧:୧୫** ପକ୍ୟାତାକା ୯:୩-୬; ୨୨:୬-୧୦; ୨୬:୧୩-୧୮. ☆ **୧:୧୮** ପକ୍ୟାତାକା ୯:୨୬-୩୦. ☆ **୨:୧** ପକ୍ୟାତାକା ୧୧:୩୦;
୧୫:୨.

୬ ମାତର୍ ଇମ୍ଣାକାର୍ ନେତା ଇଞ୍ଜି ଡାକ୍ପୁଟା ଆଜି ମ଼ାଚାର୍, ହେୱାର୍ ଜେ ଇନେର୍ ଆନାର୍, ହେବେ ନାଦାଂ ଇନାକା
ହାଲେତ୍ କି ହାଲ୍ମେଡ୍; ଇନେକିଦେଂକି ବାର୍‌ତି ବେବାର୍ ହୁଡ଼୍ଜି ଇସ୍ୱର୍ ଇନେର୍ ବିଚାର୍ କିଉନ୍, ହେ ନେତାର୍ ନାଙ୍ଗ୍
ଇମ୍ଣାକା ପା ପୁନି ହିକ୍ୟା ହିଦ୍ୱାଦାଂ ମାନ୍ଚାର୍ ।
୭ ଇଚିସ୍ ବିନ୍ ପାକ୍ୟାତ, ଏଚେକାଡ଼୍ଦ ହେୱାର୍ ହୁଡ଼୍ଜି ମାଚାର୍ ଜେ, ପିତର୍‌ତିଂ ଇନେସ୍ ସୁନ୍ନତ୍ ପାୟାତି ମାନାୟାର୍
ବିତ୍ରେ, ନାଙ୍ଗ୍ ହେ ଲାକେ ସୁନ୍ନତ୍ ପାୟାୱିତି ବିତ୍ରେ ନେକ୍ରିକାବୁର୍ ପଚାର୍ କିନି ବଜ୍ ହେଲାୟ୍ କିତାର୍ଣ୍ଣା,
୮ ଇନାକିଦେଂକି ସୁନ୍ନତ୍ ପିତର୍ ଇନେସ୍ ଇସ୍ୱର୍‌ତି ସାକ୍ତି ହୁଦାଂ ଜିହୁଦିର୍ କାଜିଂ ପକ୍ୟାତି ଚେଲା ଲାକେ ବାଚିକିୟାଜି
ମାଚାନ୍, ଆନ୍ ପା ସମାନ୍ ହେ ଲାକେ ଇସ୍ୱର୍‌ତି ସାକ୍ତି ହୁକେ ପାତର୍ କିୱି ଜିହୁଦିର୍ କାଜିଂ ପକ୍ୟାତି ଚେଲା ଲାକେ
ବାଚିକିୟାତାଂ ।
୯ ମୁଣ୍ଡା ଲାକେ ବାଚିକିୟାତି ଜାକୁବ୍, ପିତର୍ ଆରି ଜହନ୍ ମାନିକିଜି ମ଼ାଚାର୍ ଜେ, ଇସ୍ୱର୍ ନାଙ୍ଗ୍ ଇ ବିସ୍ରେ ଦୟା କାମାୟ୍‌ନି
ବଜ୍ ହିଡ଼୍‌ତାନ୍‌ନା । ଲାଗିଂ ହେୱାର୍ ନାଙ୍ଗ୍ ଆରି ବର୍ଣ୍ଣବ୍‌ବା ହାଙ୍ଗ୍‌ଦାକାନ୍ ଲାକେ ୱାରିତାଂ ଇଟ୍ୟାଜି ମ଼ାଚାନ୍ । ବର୍ଣ୍ଣବା ଆରି
ଆନ୍ ପାତର୍ କିୱି ଜିହୁଦିର୍ ବିତ୍ରେ କାମାୟ୍ କିନାପ୍ ଆରି ହେୱାର୍ ସୁନ୍ନତ୍ ବିତ୍ରେ କାମାୟ୍ କିନାପ୍ ଇଞ୍ଜି ରମାନ୍ କିଜି ମ଼ାଚାପ୍
।
୧୦ ହେୱାର୍ କେବଲ୍ ଏଚେକ୍ ଗୱାରି କିଜି ମ଼ାଚାନ୍ ଜେ, ଆପେଂ ହେୱାରିଂ ଦଲ୍‌ଦ ମାନି ହିଲାକାରିଂ ଏଡ଼୍ କିନାସ୍, ହେ
ବିସ୍ରେ କାଜିଂ ନେ ନା ଇଚା ମାଚାଡ଼୍ ।

## ଆନ୍ତିୟକିଆତ ପିତରଂ ପାଉଲ୍‌ତି ଗଡ଼୍

୧୧ ମାତର୍ ପିତର୍ ଆନ୍ତିୟକିଆତ ୱାଜି ମ଼ାନିହିଂ ଆନ୍, ହେପାଦ୍‌ନା ଆନ୍ ମୁମ୍ ଜପି ହେୱାନିଂ କେଡ଼୍‌ତାଂ, ଇନାକିଦେଂକି
ହେୱାନ୍ ଦସି କାମାୟ୍ କିଜି ମ଼ାଚାନ୍ ।
୧୨ ଜାକୁବ୍ ହୁକେ ପକ୍ୟାତି କେଡ଼୍‌ଜାଣ୍ ମାନାୟ୍ ହେବେ ୱାନି ପୁର୍ବେ, ପିତର୍ ପାତର୍ କିୱି ଜିହୁଦିର୍ ଟଣ୍ଡାର୍ ଆରି
ତଣ୍ଦେକ୍ ଲାହାଂ ଚିନ୍‌ଞ୍ଜି ମାଚାନ୍, ମାତର୍ ପାଣ୍ଡ୍ରାତାର୍ । ହେୱାର୍ ଲାହାଂ ହେୱାନ୍ ଆରେ ତିନ୍‌ୱାତାନ୍, ଇନେକିଦେଂକି
ପାତର୍ କିୱି ଜିହୁଦିର୍ ସୁନ୍ନତ୍ ଆଦେଂ ଲଡ଼ା ଇଞ୍ଜି ଇମ୍ଣାକାର୍ ଇଞ୍ଜି ମାଚାର୍, ହେୱାନ୍ ହେୱାରିଂ ପାଣ୍ଡ୍ରାଜି ମ଼ାଚାନ୍ ।
୧୩ ବିନ୍ ଜିହୁଦି ଟଣ୍ଡାର୍ ପିତର୍‌ତି ଲାହାଂ ଏକିସ୍ କାପ୍ଟିୟା ଲାକେ ବେବାର୍ କିଜି ମ଼ାଚାର୍, ଏଲେଙ୍ଗ୍ ଲାକେ କି ବର୍ଣ୍ଣବା ପା
ହେୱାର୍ କୁଟ୍‌ତ ଆର୍ତାନ୍
୧୪ ମାତର୍ ଏଚେକାଡ଼୍ଦ ଆନ୍ ହୁଡ଼୍‌ତାଂ ଜେ, ନେକ୍ରିକାବୁର୍‌ନି ହାଡ଼୍‌ପା ଇସାପ୍ରେ ହେୱାର୍ ହୁଦାର୍ ବେବାର୍ କିଉରା, ଆନ୍
ହେୱାର୍ ମୁମ୍‌ଦ ପିତର୍‌ତିଂ ଇଞ୍ଜି ମାଚାଙ୍ଗ୍, “ଜଦି ଏନ୍ ଜିହୁଦି ଆଜି ପ଼ାତର୍ କିୱି ଜିହୁଦିର୍ ଲାକେ ଜିବୁନ୍ ଜିଉଣା କିନାଦେରା,
ୱାଟିଙ୍ଗ୍ ଏପେଙ୍ଗ୍ ଇନେସ୍ ପାତର୍ କିୱି ଜିହୁଦିର୍ ଲାକେ ଚିନ୍ତା କିଦେଙ୍ଗ୍ କାଜିଂ ବଲକ୍ୟାର୍ କିନାଦେରା ?”

## ପାତର୍ ହୁଦାଂ ମୁକ୍‌ଡ଼ାନାକା

୧୫ ହାଡ଼୍‌ପା ଆପେଂ ଜଲମ୍‌ତାଂ ଜିହୁଦି, “ଆତିସ୍‌ପା ପାପିର୍ ପାତର୍ କିୱି ଜିହୁଦିର୍” ଆକାୟ୍,
୧୬ ଆତିସ୍‌ପା ଆସେଙ୍ଗ୍ ପୁନାସ୍, ବିଦିନି ଗଡ଼୍ କିନାକା ସବୁ ପାତର୍ କିନି କାଜିଂ ଆକାୟ୍, ମାତର୍ କେବଲ୍ ଜିସୁ କ୍ରିସ୍ଟତାକେ
ପାତର୍ କିନି ହୁଦାଂ ରୱାନ୍ ଇସ୍ୱର୍ କାଣ୍‌କୁକାଂ ଦାମର୍ ଇଞ୍ଜି ଇନ୍ୟାନାନ୍ ଆସେଙ୍ଗ୍ ଆରେ ବିଦି ଜପି ବେବାର୍ କିୱାଦାଂ
ଜିସୁ କ୍ରିସ୍ଟତି ତାକେ ପାତର୍ କିନାସା, ଇନେକିଦେଂକି କେବଲ୍ ବିଦି ପାଲି କିନି ହୁଦାଂ ମାନାୟ୍ ଇସ୍ୱର୍ ମୁମ୍‌ଦ ଦାମର୍
ଗାଣାକିୟାଦେଂ ଆଡୁନ୍ ।
୧୭ ମାତର୍ କ୍ରିସ୍ଟତି ହୁଦାଂ ମେହାଜି ଇସ୍ୱର୍ କାଣ୍‌କୁକାଂ ଦାମର୍ ଆନି କାଜିଂ ସେସ୍ଟା କିନିୱେଡ଼ାଂ, ଜଦି ଆସେଙ୍ଗ୍ ପା
ପାତର୍ କିୱି ଜିହୁଦିର୍ ଲାକେ “ପାପି” ଆଜି ମ଼ାନାସା, ଇଦାଂ କାଜିଂ କ୍ରିସ୍ଟ ଦାଇ ? ଆକାୟ୍, ଇଦାଂ ଇନାୱାଡ଼ାଙ୍ଗ୍ ଆକାୟ୍ ।
୧୮ ଇନାକିଦେଂକି ଇମ୍ଣି ବିଦିନି ଗାଚ୍‌ଚାକା ଆନ୍ ନାଟ୍‌ନାଙ୍ଗା ହେଦାଂ ଆରେ ରଚ୍‌ନାଙ୍ଗା ହାଚିସ୍ ଆନ୍ ଅପାରାଦି ଆନାଙ୍ଗା
।
୧୯ ବିଦି କାଜିଂ ଆନ୍ ବାତର୍ ହାକି ହେ ବିଦି ହୁକେ ନେ ଆନ୍ ହାତାଙ୍ଗ୍‌ନା ମାତର୍ ଆନ୍ ନଙ୍ଗ୍ ଇସ୍ୱର୍ କାଜିଂ ଜିବୁନ୍ । କ୍ରିସ୍ଟ
ଲାହାଂ ତା କ୍ରୁସ୍‌ତ ଜପି ଆନ୍ ପା ହାତାଙ୍ଗ୍‌ନା ।
୨୦ ଲାଗିଂ ନଙ୍ଗ୍ ହାଡ଼୍‌ପାତ ଆନ୍ ଆରେ ଜିବୁନ୍ ଆକାୟ୍, ନା ତାକେ କ୍ରିସ୍ଟନେ ଜିବୁନ୍ । ଆନ୍ ଗାଗାଡ଼୍‌ତ ମାନ୍‌ଞ୍ଜି ନଂ ଇମ୍ଣି
ଜିବୁନ୍ ଜିଉଣା କିନାଙ୍ଗା ହେଦାଂ କେବଲ୍ ଇସ୍ୱର୍‌ତି ମାଜିଡ଼ି ଜପି ନା ପାତର୍ ହୁକେ ଆତାଡ଼୍‌ନ୍ନା ଇନେର୍ ନାଙ୍ଗେଙ୍ଗ୍ ଜିଉନଜି
ନା କାଜିଂ ତା ଜିବୁନ୍ ଦାନ୍ କିତାନ୍ନା ।
୨୧ ଇଦାଂ କାଜିଂ ଇସ୍ୱର୍‌ତି ଉପ୍‌କାର୍‌ତିଂ ଆନ୍ ଇନାୱେଡ଼ାଂ ପା ପଲ୍ୟା କିଦେଙ୍ଗ୍ ଆଡୁଙ୍ଗ୍ । ଇନାକିଦେଂକି କେବଲ୍ ବିଦି
ହୁଦାଂ ଜଦି ରୱାନ୍ ଇସ୍ୱର୍ କାଣ୍‌କୁକାଂ ଦାମର୍ ଆଦେଂ ଆଡ଼୍‌ନାନ୍, ଲାଗିଂ କ୍ରିସ୍ଟତି ହାନାକା ମୁଲ୍‌ହିଲାକା ଇଞ୍ଜି ଇଞ୍ଜେଙ୍ଗ୍
ଆନାଡ଼୍ ।

# ୩

## ବିଦି ନଲେ ପାତର୍

୧ ଏ ବୁଜାୱି ଗାଲାତିୟାର୍ ! ଇନେର୍ ମି ଜପି ଗାଜାକିତ୍‌ତାନ୍ ? ମି କାଣ୍‌କୁ ମୁମ୍‌ଦ ତ କ୍ରୁସ୍‌ତ ହାତି ଜିସୁ କ୍ରିସ୍ଟତି ବାନା
ରଚ୍‌ୟାଜି ମାଚାତ୍ ।
୨ ର କାତା ନାଙ୍ଗ୍ ଇଞ୍ଜା, ବିଦି ପାଲି କିନି କାଜିଂ ଏପେଙ୍ଗ୍ ପୁଇପୁୟା ଜିବୁନ୍‌ତିଂ ପାୟାତାୟ୍‌ନା, ଆକାୟ୍ ନେକ୍ରିକାବୁର୍
ୱେନ୍‌ଞ୍ଜି ହେବେ ପାତର୍ କିନି ହୁକେ ?
୩ ଏପେଙ୍ଗ୍ ଇନାକା ଅବୁଜାକାଦେର୍ ଆନାଦେରା ଇନେସ୍ ? ମାପୁତି ସାକ୍ତିତ ଇମ୍‌ଣି ଜିବୁନ୍ତ ହାଙ୍ଗ୍‌ତାଦେର୍ଣ୍ଡା, ନିଜ୍
ସାକ୍ତିତାଂ ଇନାକା ହେଦେଲିଂ ଗାଗାଡ଼୍‌ତ ବାତର୍ କିଦେଙ୍ଗ୍ ଇଚା କିନାଦେରା ?
୪ ଇଦାଂ କାଜିଂ ମି ୱିଜୁ ବାବ୍‌ନା ଇନାକା, ମଲ୍ ହିଲାକା ହେବେଣ୍ଡାଂ ଇନାକା ହିକ୍ୟା କିୱାତାୟ୍‌ନା ?
୫ ଏପେଙ୍ଗ୍ କେବଲ୍ ବିଦିତ ପାତର୍ କିଜିମାଚିଲେ ଇନାକା ଇସ୍ୱର୍ ମିଙ୍ଗେଙ୍ଗ୍ ହେୱାନ୍ତି ଜିବୁନ୍ ହିଦ୍‌ନାନ୍ ଆରି ମି ବିତ୍ରେ
ସାକ୍ତିନି କାମାୟ୍ ସବୁ କିଦେଙ୍ଗ୍ ଆଡ଼୍‌ନାର୍, ଆକାୟ୍, ଏପେଙ୍ଗ୍ ନେକ୍ରିକାବୁର୍ ୱେନ୍‌ଞ୍ଜି ହେବେ ପାତର୍ କିନାଦେରା ଇଞ୍ଜି ?
୬ ✡ଅବ୍ରାହାମ୍ କାତା ଏତୁ କିୟାଟ୍ । ସାସ୍ତ୍ରତ ଲେକାମାନାଡ଼୍ "ହେୱାନ୍ ଇସ୍ୱର୍‌ତାଂ ପାତର୍ କିତାନ୍ ଆରି ହେୱାନ୍ତି ପାତର୍
କାଜିଂ ଇସ୍ୱର୍ ତାଙ୍ଗ୍ ଦାମର୍ ଲାକେ ମାନିକିତାନ୍ ।
୭ ✡ଇଦାଂ ଏପେଙ୍ଗ୍ ପୁନ୍‌ଞ୍ଜି ମାନାଟ୍, ଇମ୍‌ଣାକାର୍ ପାତର୍ କିଦେଙ୍ଗ୍ ରାଜି, ହେୱାର୍ ଅବ୍ରାହାମ୍‌ତି ହାଡ଼୍‌ପା ଲାଟ୍ରା ଇଦାଂ
ମିଙ୍ଗେଙ୍ଗ୍ ବେବାର୍ କିଦେଙ୍ଗ୍ ଆନାଡ଼୍ ।
୮ ଆଗେତାଂ ଦରମ୍ ସାସ୍ତ୍ରତ ଲେକାତାଡ଼୍‌ନା, ପାତର୍ ହୁଦାଂ ଇସ୍ୱର୍ ପାତର୍‌କିୱି ଜିହୁଦିରିଙ୍ଗ୍ ପା ଦାମର୍ ଇଞ୍ଜି ବାଚି
କିନାନ୍ । ଅବ୍ରାହାମ୍ ଲାଗାଂ ଇ ବେରଣ୍ ପର୍ତୁମ୍ ସୁଣାୟ୍ କିୟାଜି ମାଚାଡ଼୍, ମି ହୁକେ ଇସ୍ୱର୍ ପୁତର୍‌ନି ୱିଜାର୍ ଜାତିତିଂ
ଆସିର୍ବାଦ୍ କିନାନ୍ ।"
୯ ଅବ୍ରାହାମ୍ ପାତର୍ କିଜି ଆସିର୍ବାଦ୍ ପାୟାଜି ମାଚାର୍ ଲାଗିଂ ଇମ୍‌ଣାକାର୍ ପାତର୍ କିନାର୍, ହେୱାର୍ ଅବ୍ରାହାମ୍‌ତି ଲାକେ
ଆସିର୍ବାଦ୍ ଗାଟା ଆନାର୍ ।
୧୦ ଇମ୍‌ଣାକାର୍ ବିଦି ପାଲି କିନି ଜପି ବାସର୍ କିତାର୍, ହେୱାର୍ ସାଇପ୍‌ନିକାର୍ ବିତ୍ରେ ଜିବୁନ୍ ଜିପ୍‌କା କିତାର୍ ।
ଇନେକିଦେଂକି ଦରମ୍ ସାସ୍ତ୍ରତ ଲେକାମାନାଡ଼୍, "ମସାତି ବିଦି ପତିତ ଇନାକା ସବୁ ଲେକା ଆତାଡ଼୍‌ନ୍ନା, ଜଦି ଇନେର୍
ପୁରାବାବେ ହେଦାଂ ପାଲି କିଉନ୍, ହେୱାନ୍ ଇସ୍ୱର୍‌ତି ସାଇପ୍ ପାୟା ଆନାଦେର୍ ।"
୧୧ ମସାତି ବିଦି ହୁଦାଂ ଇନେର୍ ଜେ ଇସ୍ୱତର୍ ମୁମ୍‌ଦ ଦାମର୍ ଗାଣାକିୟାଉନ୍, ଇଦାଂ ତ ହାର୍‌କିଜି, "ଇନାକିଦେଂକି
ଦାମର୍ ଲଗୁ ପାତର୍ ହୁଦାଂ ଜିନାନ୍ ।"
୧୨ ମାତର୍ ବିଦି ଲାହାଂ ପାତର୍‌ନି ଇନାକାପା ମେହାଣ୍ ଆକାୟ୍ । ଦରମ୍ ସାସ୍ତ୍ରତ ଲେକାତାଡ଼୍‌ନା, "ଇମ୍‌ଣି ମାନାୟ୍
ବିଦିନି ଦାବି ଲାହାଂ କାମାୟ୍ କିନାନ୍ ହେୱାନ୍ ଜିନାନ୍ ।"
୧୩ ମତର୍ କ୍ରିସ୍ଟ ମା କାଜିଂ ସାଇପ୍ ପାୟାଜି ବିଦିତ ଲେକାତି ରାଣ୍‌ତାଂ ମାଙ୍ଗେଙ୍ଗ୍ ମୁକ୍‌ଡ଼ାୟ୍ କିତ୍‌ତାନ୍‌ନା । ଦରମ୍
ସାସ୍ତ୍ରତ ଲେକା ମାନାଡ଼୍, "ଇନେର୍ ମାର୍‌ନି କ୍ରୁସ୍‌ତ ହାନାନ୍, ହେୱାନ୍ ଇସ୍ୱର୍ ହୁକେ ସାଇପ୍ ଆନାନ୍ ।"
୧୪ ଇସ୍ୱର୍ ଅବ୍ରାହାମ୍‌ତି ଇମ୍‌ଣି ଆସିର୍ବାଦ୍ ହିନି କାଜିଂ ପାର୍ମାଣ୍ କିଜି ମାଚାନ୍, ପାତର୍‌କିୱି ଜିହୁଦିର୍ ପା ଇନେସ୍ ହେଦାଂ
ଲାବ୍ କିଦେଙ୍ଗ୍ ଆଡ଼୍‌ନାର୍, ଇଦାଂ କାଜିଂ ଜିସୁ କ୍ରିସ୍ଟ କାମାୟ୍ କିନାନ୍ । ଲାଗିଂ ପାତର୍ ହୁକେ ଆସେଙ୍ଗ୍ ପା ଇସ୍ୱର୍‌ତି ଡାଟ୍
ଇସାବ୍ରେ ପୁଇପୁୟା ଜିବୁନ୍ ଲାବ୍ କିଦେଙ୍ଗ୍ ଆଡ଼୍‌ନାସ୍ ।

## ବିଦି ଆରି ପାର୍ମାଣ୍

୧୫ ଏ ଟଣ୍ଡାର୍ ଆରି ତଣ୍‌ଦେକ୍, ଆନ୍ ର ସଲ୍‌କେନି ଉତର୍‌ମୁଡ଼୍ ହିଦ୍‌ନାଙ୍ଗା । ଏଚେକାଡ଼୍‌ଦ ରିୟାର୍ ଇମ୍‌ଣି ବିସ୍ରେ ର
ଗଜା ସାକି କିନାରା, ଇନେର୍ ହେ ଗଜା ବାଙ୍ଗାୟ୍ କିଦେଙ୍ଗ୍ ଆଡୁନ୍ କି ହେବେ ଇନାକା ମେହାୟ୍ କିଦେଙ୍ଗ୍ ଆଡୁର୍ ।
୧୬ ଅବ୍ରାହାମ୍ ଆରି ହେୱାନ୍ତି ଲାଟ୍ରା ଲାଗାଂ ଇସ୍ୱର୍ ହେୱାନ୍ତି ପାର୍ମାଣ୍ କିଜି ମାଚାନ୍ । ମାତର୍ ଇ ବିସ୍ରେ "ମି ଲାଟ୍ରାରିଂ
କାଜିଂ" ଇଚିସ୍ ବେସି ମାନାୟାର୍ କାଜିଂ ଇଞ୍ଜି ସାସ୍ତ୍ରର୍ ଲେକାୱାତାଡ଼୍‌ନା । କେବଲ୍ "ମି ଲାଟ୍ରା କାଜିଂ" ଇଞ୍ଜି ଲେକାତାଡ଼୍‌ନା
। ଲାଗିଂ ହେ ସାସ୍ତ୍ରତି କେବଲ୍ ରୱାନ୍ ମାନାୟ୍, ଇଚିସ୍ "କ୍ରିସ୍ଟ କାଜିଂ ଆନାକା ମାନାଡ଼୍ ।"
୧୭ ନାଦାଂ ଇନାକା ଅରଡ଼୍ ଆନାତା, ଇସ୍ୱର୍ ଅବ୍ରାହାମ୍ ଲାହାଂ ର ନିୟମ୍ ରଚ୍‌ଚି ମାଚାନ୍ ଆରି ହେଦାଂ ରାକ୍ୟା କିନି କାଜିଂ
ପାର୍ମାଣ୍ କିଜି ମାଚାନ୍ । ଚାର୍‌ସ ତିରିସ୍ ବାର୍ହୁ ପାଚେ ହିଦ୍ୟାତାଡ଼୍, ହେଦାଂ ହେ ଗଜାତିଂ ଡ୍ରିକ୍‌ଚି ଇସ୍ୱର୍‌ତି ପାର୍ମାଣ୍ ମୁନା
କିଦେଙ୍ଗ୍ ଆଡୁଡ଼୍ ।
୧୮ ଇସ୍ୱର୍‌ତି ପାର୍ମାଣ୍ ଆସିର୍ବାଦ୍ ପାୟାଜି ଜଦି ବିଦି ପାଲି କିନି ଜପି ବେବାର୍ କିତାର୍, ତେବେ ହେଦାଂ ତା ପାର୍ମାଣ୍‌ନି
ପାଡ଼୍ ଇଞ୍ଜି ଆରେ ଇନ୍ୟା ଆଉଡ଼୍ । ଲାଗିଂ ଇସ୍ୱର୍ କେବଲ୍ ତା ପାର୍ମାଣ୍ ଇସାବ୍ରେ ହେ ଆସିର୍ବାଦ୍ ଅବ୍ରାହାମ୍‌ତି ହିତାନ୍ ।

---
✡ ୩:୬ ରମିୟ ୪:୩. ✡ ୩:୭ ରମିୟ ୪:୧୬.

୧୯ ତାଆତିସ୍ ବିଦି ଇନେକିଦେଂ ହିଦ୍ୟାତାତ୍ ? ମାନାୟ୍‌ତି ସତ୍‌ହିଲ୍‌ୱି କାମାୟ୍ ସବୁ ଚତ୍‌ଚି ହିନାକା ହେଦାଂ ଉଦେସ୍
ମାଚାତ୍ ଆରି ଅବ୍ରାହାମ୍ ଇମ୍‌ଣି ଲାତ୍ରାରିଂ ଇଟ୍‌କାଡ୍ କିଜି ଲେକାତି ଇସ୍ୱର୍ ପାର୍ମାଣ୍ କିଜି ମାଚାନ୍, ହେ ମାନାୟ୍‌ତି ୱାନି
ପାତେକ୍ ବିଦିନି ଲଡ଼ା ମାଚାତ୍ । ରୱାନ୍ ମାନାୟ୍‌ତି ମାଦ୍‌ଣାକାନ୍‌ତି ସାର୍ଗେ ଦୁତ୍‌ର୍ କାଜିଂ ବିଦି ହିୟାଜି ମାଚାତ୍ ।
୨୦ ମାଦ୍‌ଣାକାନ୍‌ତି ର ପାକ୍ୟା ନେତା ଆକାୟା, ମାତର୍ ରୱାନ୍ ଇସ୍ୱର୍ ।

## ବିଦିନି ଉଦେସ୍

୨୧ ଇଦାଂନି ଅରତ୍ ଇନାକା ? ବିଦି ଇନାକା ଇସ୍ୱତର୍ ପାର୍ମାଣ୍ ବିରୁଦ୍ କିନାତ୍ ? ଆକାୟ୍ ମୁଲେ ଆକାୟ୍ !
ଇନେକିଦେଂକି ମାନାୟ୍‌ତିଂ ଜିବୁନ୍ ହିନି ଲାକେ ଜଦି ର ବିଦି କିତିସ୍, ଲାଗିଂ ହେଦାଂ ପାଲି କିଦେଙ୍ଗ୍ ହୁକେ ନେ ମାନାୟ୍
ଇସ୍ୱର୍‌ତି କାଣ୍‌କୁତ ଦସ୍‌ହିଲ୍‌ୱାକାନ୍ ଆତାନ୍‌ମା ।
୨୨ ମାତର୍ ଦରମ୍ ସାସ୍ତ୍ରତ ଲେକାମାନାତ୍, ରାଜିନି ନାର୍ ଜାତି ପାପ୍ ସାକ୍ତିତାଂ ତାରେନ୍, ଲାଗିଂ ଇନେସ୍ ଜିସୁ କ୍ରିସ୍ଟ
ତାକେ ପାତର୍‌ନି ପାଡ୍ ଲାକେ ପାର୍ମାଣ୍‌ନି ଆସିର୍ବାଦ୍ କ୍ରିସ୍ଟଙ୍ଗ୍ ପାତର୍ କିନାକାର୍ ପାୟାନାର୍ ।
୨୩ ପାତର୍‌ନି ଜୁଗ୍ ୱାନି ଆଗେ, ଆରି ହତେଙ୍ଗ୍ ହାଲ୍‌ଜିମାନି ପାତେକ୍ ବିଦି ମା ୱିଜାରିଂ ଗେହ୍ୟାଜି ଇଟ୍ୟା ଆଜି ମାଚାସ୍
।
୨୪ କ୍ରିସ୍ଟତି ୱାନି ପାତେକ୍ ବିଦି ମା ତାରେନ୍ ମାଚାତ୍; ମାତର୍ ତା ପାଚେ କେବଲ୍ ପାତର୍ ହୁକେ ଆସେଙ୍ଗ୍ ଇସ୍ୱର୍ ମୁମ୍‌ଦ
ଦାମର୍ ହିଲ୍‌ୱାକାନ୍ ଇଞ୍ଜି ଇନ୍ୟାନାନ୍ ।
୨୫ ମାତର୍ ନଙ୍ଗ୍ ହେ ପାତର୍ ଏକିତି ପାଚେ ଆସେଙ୍ଗ୍ ଆରେ ବିଦିନି ତାରେନ୍ ଆକାୟ୍ ।
୨୬ ପାତର୍ ହୁକେ କ୍ରିସ୍ଟ ଜିସୁତି ଲାହାଂ ବାଚିକିୟାଜି ଏପେଙ୍ଗ୍ ୱିଜାକାଦେର୍ ଇସ୍ୱର୍‌ତି ହିମ୍‌ଣାଂ ଆତାଦେର୍ଣ୍ଣା ।
୨୭ ବାପ୍ତିସିମ୍ ହୁକେ ଏପେଙ୍ଗ୍ କ୍ରିସ୍ଟ ଲାହାଂ ଏକ୍ ଆତାଦେର୍ଣ୍ଣା ଆରି ନଙ୍ଗ୍ ଜିସୁ କ୍ରିସ୍ଟତି ଜିବୁନ୍ ଲାକେ ହେନ୍ଦ୍ରା ଉସ୍ପାତାଦେର୍ଣ୍ଣା
।
୨୮ ଲାଗିଂ ଜିହୁଦି ଆରି ପାତର୍‌କିୱି ଜିହୁଦି, ଗ୍ରିକ୍, ଆଡ଼ିଏନ୍ କି ଜାର୍‌ତାରେନ୍, ଆଣ୍ଡ୍ରେନ୍ କି କଗ୍‌ଲେ, ମି ବିଡ୍ରେ ମୁଡ଼େପା
ବିନେ ଆକାୟ୍ । ଏପେଙ୍ଗ୍ ୱିଜାର୍ ଜିସୁ କ୍ରିସ୍ଟ ଲାହାଂ ମେହାଜି ଏକ୍ ଆତାଦେର୍ଣ୍ଣା ।
୨୯ ଆରେ ଜଦି ଏପେଙ୍ଗ୍ କ୍ରିସ୍ଟତି ମାନାୟାର୍ ଲାଗିଂ ଅବ୍ରାହାମ୍‌ତି ଲାତ୍ରା ଆରି ଇସ୍ୱର୍ ଇନାକା ପାର୍ମାଣ୍ କିତାନ୍‌ନା, ହେଦାଂ
ଲାବ୍ କିନାଦେର୍ ।

# ୪

୧ ମାତର୍ ଆନ୍ ଇଞ୍ଜ୍‌ନାଙ୍ଗା, ମାଜି ଆବାତି ସବୁ ଦନ୍‌ନି ହାଉକାର୍, ମାତର୍ ସବୁ ବିସ୍ରେ ଆଦିକାର୍ ଆଦେଂ ପା ପାୟାୱିତି
ବଁଇସ୍ ମାନି ପାତେକ୍ ହେୱାନ୍ ଆଡ଼ିଏନ୍ ଲାକେ ମାନ୍‌ଗାନାନ୍,
୨ ହିମ୍‌ଣା ଅବସ୍ତାତ, ତା ଆବାତି ସମାନ୍ ସମୁ ପାତେକ୍ ଗୁମୁସ୍ତା ଜାତୁନ୍ ଅନାର୍ ଆରି ସବୁ ବିସ୍ରେନି ହପ୍‌ତାନାନ୍ ।
୩ ସମାନ୍ ହେ ଲାକେ ଆପେଂ ପା ଆଦିକ୍ ବାବ୍ରେ ପାୟାତି ବଁଇସ୍ ଆଗେ, ପୁତର୍ ଜପି ରାଜ୍ କିଜି ମାନି ସାକ୍ତିନିକାର୍‌ତି
ଆଡ଼୍‌ୟା ମାଚାସ୍;
୪ ହାରିହାରା ଏଚେକାଡ଼୍‌ଦ ସମାନ୍ ସମୁ ୱାତିଲେ, ଇସ୍ୱର୍ ଜାର୍ ମାଜିଂ ପକ୍‌ତାନ୍ । ରଞ୍ଜେଲ୍ ହୁଦାର୍ କଗ୍‌ଲେ ପଟତାଂ
ଉବ୍‌ଜାତି ଜିହୁଦି ବିଦିନି ତାରେନ୍ ଜିବୁନ୍ ଜିପ୍‌କା କିତାନ୍,
୫ ✡ଇନେସ୍ ହେୱାନ୍ ଲଡ଼ାନି ମଲ୍ ହିଜି ହେ ବିଦିନି ଗାଚ୍‌ୟାତିତାଂ ବିନ୍ ଲଗାଂ ମୁକ୍‌ଡ଼ାୟ୍ କିନାକା ଆରି ହେୱାରିଂ
ଇସ୍ୱର୍‌ତି ମାଜି ଆନି ଉପାୟ୍ ହିନାକା ତା ଜିବୁନ୍‌ତନି ଉଦେସ୍ ମାଚାତ୍ ।
୬ ଏପେଙ୍ଗ୍ ଜେ ଇସ୍ୱର୍‌ତି ମାଜି, ଇଦାଂ ପାର୍ମାଣ୍ କିନି କାଜିଂ, ଇସ୍ୱର୍ ତା ମାଜିତି ପୁଇପୁୟା ଜିବୁନ୍‌ତିଂ ମା ୱାସ୍କିତିଂ
ପକ୍‌ତାତାନ୍ନା । "ହେ ପୁଇପୁୟା ଜିବୁନ୍ ଗାଜା କାଟ୍‌ତାଂ ଇନାତା, ଆବା ଏ ନା ଆବା !"
୭ ଲାଗିଂ ଏପେଙ୍ଗ୍ ଆରେ କଡ଼୍‌କା ଆଡ଼ିୟାର୍ ଆକାୟ୍, ମାତର୍ ମାଜି କି । ଏପେଙ୍ଗ୍ ତା ମାଜି ଆଜି ମାଚିଲେ, ଇସ୍ୱର୍ ତା
ମାଜିଗାଡ଼୍ କାଜିଂ ଇନାକା ଇଡ୍‌ତାନ୍ନା, ହେ ସବୁ ମିଙ୍ଗେଙ୍ଗ୍ ଦାନ୍ କିଦ୍‌ନାନ୍ ।

## ଗାଲାତିୟାତର୍ କାଜିଂ ପାଉଲ୍‌ତି ଚିନ୍ତା

୮ ମାତର୍ ଆଗ୍‌ତୁ ଏପେଙ୍ଗ୍ ଇସ୍ୱର୍‌ତିଂ ପୁନ୍‌ୱାଦାଂ ମାଚାଦେର୍, ଲାଗିଂ ଇମ୍‌ଣାକାର୍ ହାତେନେ ଇସ୍ୱର୍ ଆକାୟ୍, ହେ
ଲାକେ ମିଚ୍ ପେନ୍ ପୁଦାତିଂ ଆଡ଼ିୟା ମାଚାଦେର୍;
୯ ମାତର୍ ନଙ୍ଗ୍‌ୟ୍ ଏପେଙ୍ଗ୍ ଇସ୍ୱର୍‌ତିଂ ପୁଚାଦେର୍ଣ୍ଣା ଆନ୍ ଇଞ୍ଜ୍‌ନାଙ୍ଗ୍, ନଙ୍ଗ୍‌ୟ୍ ଇସ୍ୱର୍ ମିଙ୍ଗେଙ୍ଗ୍ ପୁନ୍‌ଚାନ୍‌ନା । ୱାଟିଂ
ଇଦାଂ ଇନେସ୍ ଆନାତ୍ ଜେ, ଏପେଙ୍ଗ୍ ଆରେ ରଗ ହେ ନାଦାର୍ ବପୁ, ଦାଣ୍ଡ୍‌ନି ପେନ୍ ପୁଦାଂ ଲାଗାଂ ମାସ୍‌ଦି ହାଞ୍ଜେଙ୍ଗ୍ ମାନ୍
କିନାଦେରା ? ଏପେଙ୍ଗ୍ ଇନେକିଦେଂ ଆରେରଗ ହେୱାର୍‌ତି ଆଡ଼ିଏନ୍ ଆଦେଂ ଇଚା କିନାଦେରା ?
୧୦ ଦୁକ୍‌ନି କାତା, ଏପେଙ୍ଗ୍ ଏଚେଗଟା ହାଦର୍ ଦିନ୍, ମାସ୍ ପାଗ୍ ଆରି ବାର୍ଷୁ କାଜିଂ ବେସି ମାନ୍ ହିନାଦେରା ।
୧୧ ମି କାଜିଂ ଆନ୍ ଇମ୍‌ଣି କସ୍ଟ କିନାଙ୍ଗା, ଏଚେକାଡ଼୍‌ଦ ହେଦାଂ ପଲ୍ୟା ଆନାତ୍, ମି ବିସ୍ରେ ନାଦାଂ ଇ ପାଣ୍ଡ୍ରୁ

✡ **୪:୫** ରମିୟ ୮:୧୫-୧୭.

୧୨ ଏ ଟଣ୍ଡାର୍, ଆରି ତଣ୍‌ଦେକ୍ ମିଙ୍ଗେଙ୍ଗ୍ ଗୱାରି କିଦ୍‌ନାଙ୍ଗା, ଏପେଙ୍ଗ୍ ନା ଲାକେ ଆଡ । ଆନ୍ ମି ଲାକେ ଆଡାଙ୍ଗ୍‌ନା
ଆରି ଏପେଙ୍ଗ୍ ନା କାଜିଂ ଇମ୍‌ଣାକା ପା ଅନ୍ୟାୟ୍ କିୱାଡାଦେର୍ଣ୍ଣା ।
୧୩ ଆନ୍ ପର୍ତୁମ୍ ହଟ୍ ଇନେକିଦେଂ ମି ଲାଗାଂ ନେକ୍ରିକାବୁର୍ ପର୍‌ଚାର୍ କିଜି ମାଚାଙ୍ଗ୍, ହେଦାଂ ଏତୁ କିୟାଟ୍ । ହେପାଦ୍‌ନା
ଆନ୍ ଗାଗାଡ଼୍ ନାଦାର୍ ମାନି କାଜିଂ ଇଦାଂ କିଜି ମାଚାଡ୍ ।
୧୪ ମାତର୍ ନା ଗାଗାଡ଼୍‌ନି ଅବସ୍ତା ମି ପାକ୍ୟାତ ରିସା ଆଟିସ୍‌ପା, ଏପେଙ୍ଗ୍ ନାଙ୍ଗ୍ ଗ୍ଣାଇଦାୱାଡାଦେର୍ କି ଗିଣ୍ କିୱାଡାଦେର୍,
ଇଚିସ୍ ଇସ୍ୱର୍ ନାଙ୍ଗ୍ ର ସାର୍ଗେ ଦୁତ୍ ଲାକେ ଇଟ୍ୟାଜି ମାନ୍‌ଚାନ୍ । କ୍ରିସ୍ଟ ଜିସୁତି ଏପେଙ୍ଗ୍ ଇନେସ୍ ମାନି କିଡାଦେର୍‌ମା ହେ
ଲାକେ ନାଙ୍ଗେଙ୍ଗ୍ ପା ମାନି କିଜି ମାନ୍‌ଚାଦେର୍ ।
୧୫ ଏପେଙ୍ଗ୍ ଏଚେକ୍ ୱାରିୱାଦାଂ ମାଚାଦେର୍ ! ମାତର୍ ନଙ୍ଗ୍ ଇନାକା ଆଡାଦେର୍ଣ୍ଣା ? ମି ମେହାବିଡ଼ା ଆନ୍ ଇ ସାକି କାତା
ଡାଟ୍ ବାବ୍ରେ ଇଞ୍ଜେଙ୍ଗ୍ ଆଡ଼୍‌ନାଙ୍ଗ୍ ଜେ, ଆଜି ମାଚିସ୍, ଏପେଙ୍ଗ୍ ଜାର୍ ଜାର୍‌ତି କାଣ୍‌ଗା ଉନ୍‌ଦି ଡାଇୱାଜି ହିଡାଦେର୍‌ମା ।
୧୬ ଲାଗିଂ ଆନ୍ ମିଙ୍ଗେଙ୍ଗ୍ ହାଡ୍‌ପା ଇଞ୍ଜିଲେ ମିଂ ଇନାକା ସାତ୍ରୁ ଆଡାଂନା ?
୧୭ ହେ ବିନ୍‌ନିକାର୍ ମି ହାର୍ କାଜିଂ ବେସି ୱାରିନିକାନ୍ ଇଞ୍ଜି ଚଞ୍ଜ୍ୟାନାନ୍ । ମତର୍ ଇବେ ହେୱାର୍‌ତି ସତ୍ ଉଦେସ୍
ହିଲୁଡ୍ । ହେୱାର୍‌ତି ରଞ୍ଜାଙ୍ଗ୍ ମତର୍ ଇଚା, ଇନେସ୍ ଏପେଙ୍ଗ୍ ନା କାଜିଂ ବିନେ ଆଜି ହେୱାର୍ କାଜିଂ ମାନ୍‌ହିୟାଟ୍ ।
୧୮ ମାତର୍ ସବୁ ସମୁତ ଆନ୍ ମି ଲାହାଙ୍ଗ୍ ମାନି ୱେଡ଼ାଲିଂ ଆକାୟ୍, ମତର୍ ସବୁ ୱେଡ଼ାଲିଂ ହାଦର୍ ବିସ୍ରେ ଜିବୁନ୍ ହିନାକା
ହାର୍ ।
୧୯ ଏ ନା କାଡ଼୍‌ଦେର୍, ଏଚେକ୍ ପାତେକ୍ ମି ତାକେ କ୍ରିସ୍ଟ ଲାକେ ଆୱାଡାଦେର୍ଣ୍ଣା, ହେ ପାତେକ୍ ମି କାଜିଂ ଆରେ ରଗ
କୁଚ୍‌ଚିତ ବିପ୍ତି ଆନାତା ।
୨୦ ଆନ୍ ଇନେସ୍ ନଙ୍ଗ୍ ମି ଲାଗେ ଏକିସ୍ ବିନ୍ ବାବ୍ରେ କାତା ଇଞ୍ଜେଙ୍ଗ୍ ଆଡ଼୍‌ନାଙ୍ଗ୍, ଇଦାଂ ନା ମାନ୍; ଇନାକିଦେଂକି ଆନ୍
ମି ବିସ୍ରେ ବୁଦିବାଣା ଆନାଙ୍ଗା ।

## ହାଗାରା ଆରି ସାରାତି ଉତର୍‌ମୁଡ଼୍

୨୧ ଇମ୍‌ଣାକାର୍ ବିଦିତ ମାନି କାଜିଂ ଇଚା କିତାର୍ ଏପେଙ୍ଗ୍, ନାଙ୍ଗ୍ ୱେଚ୍‌ଚାଟ୍ ତ, ଏପେଙ୍ଗ୍ ଇନାକା ବିଦିନି ବଚନ୍
ୱେନୁଦେରା ?
୨୨ ଇନାକିଦେଂକି ଲେକା ମାନାଡ୍, ଅବ୍ରାହାମ୍‌ତି ରିଆର୍ ହିମ୍‌ଣାଂ ମାଚାର୍, ରୱାନ୍ କଡ଼୍‌କା ଆଡ଼ିଏଣି ତାଙ୍ଗ୍ ଆରେ ରୱାନ୍
ଜାର୍ କଗ୍‌ଲେ ତାଂ ଚଞ୍ଜାକାନ୍ ।
୨୩ ଇନେର୍ ଆଡ଼ିଏଣିତି ମେହି, ହେୱାନ୍ ଗାଗାଡ଼୍‌ନି ମ୍ରାସ୍‌ବେଲ୍ ଚଞ୍ଜାନ୍; ମାତର୍ ଇନେର୍ ଜାର୍ କଗ୍‌ଲେନି ମେହି,
ଇସ୍ୱର୍‌ତି ପାର୍ମାଣ୍ ସାକ୍ତିତ ଚଞ୍ଜାନ୍ ।
୨୪ ଇ ୱିଜୁ କାତାନି ର କାତା ପୁନାକା ମାନାଡ୍, ଇନାକିଦେଂକି ଇ କଗ୍‌ଲେକ୍ ରି ନିୟମ୍‌ନି ଲାକେ; ର ନିୟମ୍ ସିନୟ୍
ମାଡ଼ିତାଂ ଉବ୍‌ଜାଣ୍, ହେଦାଂ ଆଡ଼ିଏନ୍ କାଜିଂ ହିମ୍‌ଣାଂ ଗାଟାଆନାକାଦେଲ୍, ହାଗାରା ହେବେନି ରଞ୍ଜେଲ୍ ।
୨୫ ହାଗାରା, ଲାକେ ଇ ବେରଣ୍ ଆରବ୍‌ତ ସିନୟ୍ ମାଡ଼ିତିଂ ଆଣ୍‌ଗାନାଡ୍, ଆରେ, ହେଦାଂ ନଙ୍ଗ୍‌ନି ଜିରୁସାଲମ୍ ସମାନ୍
ଲାକେ, ଇନାକିଦେଂକି ଇ ଜାର୍ ହିମ୍‌ଣାଂ ହୁଦାଂ ଆଡ଼ିଏନ୍ତ ମାଚାନ୍ନା ।
୨୬ ମାତର୍ ସାର୍ଗେତାଂ ଜିରୁସାଲମ୍ କୁଲାସ୍, ଆରି ହେଦେଲ୍ ମା ତାଡ଼ି ।
୨୭ ଇନେକିଦେଂକି ସାସ୍ତର୍‌ତ ଲେକାମାନାଡ୍,
"ଆଗ ବାଞ୍ଜି, କଗ୍‌ଲେ, ଏପେଙ୍ଗ୍ ୱାରି କିୟାଟ୍
ଇନାୱାଡ଼ାଙ୍ଗ୍ କୁଚ୍‌ନି ନଦ୍‌ନାକା ଏଡ଼୍‌କିୱାଦାଂ ମାଚିସ୍‌ପା, ୱାରି କିୟାଟ୍ ।
ଇନେକିଦେଂକି ଆଣ୍ଡ୍ରେନ୍ ଲାହାଂ ବାହା କିଜି ମାନି କଗ୍‌ଲେ ଲାକେ
ରୱାନ୍ ପିସ୍ତିକଗ୍‌ଲେନି ହିମ୍‌ଣାଂ ଲମର୍ ଆଦିକ୍ ।"
୨୮ ଏ ଟଣ୍ଡାର୍, ଏପେଙ୍ଗ୍ ଇସ୍‌ହାକ୍ ଲାକେ ପାର୍ମାଣ୍‌ନି ହିମ୍‌ଣାଂ ।
୨୯ ମାତର୍ ଗାଗାଡ଼୍‌ନି ହେଦ୍‌ହବାୟ୍ ଇସାପ୍ରେ ଇନେର୍ ଜଲମ୍ ଆତାନ୍, ହେୱାନ୍ ଇନେସ୍ ହେୱେଡ଼ାଲିଂ ପୁଇପୁୟା ଜିବୁନ୍
ପାର୍ମାଣ୍ ଇସାପ୍ରେ ଇନେର୍ ଜଲମ୍ ଆତାର୍ଣ୍ଣା, ଇସ୍ୱର୍‌ତିଂ ନିନ୍ଦା କିଜି ମାଚାଡ୍ ।
୩୦ ମାତର୍ ସାସ୍ତର୍ ଇନାକା ଇନାଡ୍ ? "କଡ଼୍‌ତି ଆଡ଼ିଏଣି ଆରି ତା ମେହିଙ୍ଗ୍ ପିସ୍ତି ତୁହିୟାଟ୍; ଇନାକିଦେଂକି ଆଡ଼ିଏଣି
ମେହି ଜାର୍‌ତିଂ କଗ୍‌ଲେନି ମେହି ଲାହାଙ୍ଗ୍ ଆଦିକାର୍ ଆଉନ୍ ।"
୩୧ ଲାଗିଂ, ଟଣ୍ଡାର୍ ଆରି ତଣ୍‌ଦେକ୍ ଆସେଙ୍ଗ୍ କଡ଼୍‌କା ଆଡ଼ିଏଣି ହିମ୍‌ଣାଂ ଆକାୟ୍, ମତର୍ ଜାର୍ କଗ୍‌ଲେନି ହିମ୍‌ଣାଂ ।

# ୫

## କ୍ରିସ୍ଟ ତାକେ ମି ଉଦାର୍

୧ ଆପ୍ ଜାର୍‌ତାରେତିଂ । କ୍ରିସ୍ଟ ମାଙ୍ଗେଙ୍ଗ୍ ଜାର୍‌ତାରେନ୍ କିଡ୍‌ତାନ୍ନା । ଲାଗିଂ ଏପେଙ୍ଗ୍ ଜାର୍‌ତାରେନ୍‌ତ ତିର୍ ମାନାଟ୍ ।
ଆରେରଗ ଆଡ଼ିଏନ୍ ଜୁୱାଣ୍ଡ୍ ଗାଚ୍‌ୟାତି ରବେ ଆନି କାଜିଂ ଜାର୍‌ତିଂ ଜାଚା ଆମାଟ୍ ।

୨ ଆନ୍ ପାଉଲ୍, ଇନାକା ଇଞ୍ଜ୍ନାଙ୍ଗା ୱେନାଟ୍, ଏପେଙ୍ଗ୍ ଜଦି ସୁନ୍ନତ୍ ବିଦି ପାଲି କିୟାଟ୍, ତା ଅରତ୍ ଆନାଡ଼୍, ମି କାଜିଂ
କ୍ରିସ୍ଟତି ଇମ୍ଣି ଲଡ଼ା ଆକାୟ୍ ।
୩ ଆନ୍ ସୁନ୍ନତ୍ ପାୟାନି ଜାଣ୍କେତିଂ ଆରେ ରଗ ସାକି ହିନାଙ୍ଗା ଜେ, ହେୱାନ୍ ୱିଜୁ ବିଦି ପାଲି କିନି କାଜିଂ ଦାୟିତ୍ ।
୪ ମି ବିଡ୍ରେତାଂ ଇମ୍ଣାକାର୍ ବିଦି ପାଲି କିନି ହୁକେ ଇସ୍ୱର୍ତି କାଣ୍କୁତ ଦାମର୍ ବାଚିକିୟାଦେଂ ଆନି କାଜିଂ ସେସ୍ଟା
କିନାରା, ହେୱାର୍ ଜାର୍ ଜାର୍ତିଂ କ୍ରିସ୍ଟତାଂ ଚିର୍ବିର୍ କିତାର୍ନା, ହେୱାର୍ ଇସ୍ୱର୍ତି ଉପ୍କାର୍ତ ଦେହାଆତାର୍ଣ୍ଣା ।
୫ ମାତର୍ ଆପ୍ ଆହା କିନାପା ଜେ ଇନାକିଦେଂକି ଆସେଙ୍ଗ୍ ପୁଇପୁୟା ଜିବୁନ୍ ହୁଦାଂ ପାତର୍ କାଜିଂ ଦାମର୍ କାତା ଗାଟାନି
ଆହାତ କାନାସା ।
୬ ଇନେକିଦେଂକି କ୍ରିସ୍ଟ ଜିସୁତି ଲାହାଂ ମେହାଜି ଜିବୁନ୍ ଜିଉଣା କିତାନ୍, ସୁନ୍ନତ୍ କି ସୁନ୍ନତ୍ଆୱି ମୁଡ଼େ ଆକାୟ୍, ରୱାନ୍
ମତର୍ ଲଡ଼ାନି ବିସ୍ରେ ଆନାତା, ପାତର୍ତ ତିର୍ ମାନ୍ଞ୍ଜି ଜିଉନନିତ କିନାକା ସାଦନ୍ କିନାସ୍ ।
୭ ଏପେଙ୍ଗ୍ତ ହାର୍ ଲାକେ ଆଗେ ତାଙ୍ଗ୍ଜି ମାଚାଦେର୍ । ହାଡ଼୍ପା ହାଜିତ୍ ହାନିହିଙ୍ଗ୍ ଇନେର୍ ମିଙ୍ଗେଙ୍ଗ୍ ବାଦା ହିଜି
ମାନ୍ଚାର୍, ମିଙ୍ଗେଙ୍ଗ୍ ବୁଲ୍ ହାଜିତ୍ ହାଞ୍ଜେଙ୍ଗ୍ ହେୱାନ୍ ଇନେସ୍ ୱେଚ୍ଚାତାନ୍ ?
୮ ମିଙ୍ଗେଙ୍ଗ୍ କୁକ୍ତିନି ଇସ୍ୱର୍ତାଂ ଇ ବୁଜାୟ୍ କିନାକା ଆୱାତାଡ଼୍ନା ।
୯ ☆କାତାତ ମାନାଡ଼୍, ଚାଟ୍କାୟ୍କିତି ମଇଦାଗୁଣ୍ଡାତିଂ ପୁଲାୟ୍କିନି କାଜିଂ "ଅଲପ୍ ମତର୍ ହଇନାକା ଲଡ଼ା ।"
୧୦ ହେଦାଂ ଇନେସ୍ ଆଏଡ଼୍, ଇ ପାତେକ୍ ମି ଜପି ନା ଆହା ମାନାଡ଼୍ । ଇନେସ୍କି ଆସେଙ୍ଗ୍ ୱିଜାର୍ ମାପ୍ରୁ ଲାହାଂ
ମେହାତାସ୍ନା, ନା ଡାଟ୍ ପାତର୍, ଏପେଙ୍ଗ୍ ନା ଚିନ୍ତାତାଂ ବିରୁଦ୍ କିଦୁଦେର୍ । ଆରେ ଇମ୍ଣି ମାନାୟ୍ ମିଙ୍ଗେଙ୍ଗ୍ ଚାକ୍ରାୟ୍
କିଦ୍ନାନା, ହେୱାନ୍ ଇନେର୍ ଆଏର୍ ଇନେକିଦେଂ ତାଙ୍ଗେଙ୍ଗ୍ ଇସ୍ୱର୍ ହାଡ଼୍ପା ଡାଣ୍ଡ ହିନାନ୍ ।
୧୧ ମାତର୍ ଏ ଟଣ୍ଡାର୍, ତଣ୍ଦେକ୍, ଆନ୍ ଜଦି ନେଜେଙ୍ଗ୍ ପାତେକ୍ ସୁନ୍ନତ୍ ଲଡ଼ାନି ପାକ୍ୟାତ ପର୍ଚାର୍ କିନାଙ୍ଗା, ୱାଟିଙ୍ଗ୍
ଆନ୍ ନଙ୍ଗ୍ ପା ଇନେକିଦେଂ ନିନ୍ଦା ପାୟାନାଙ୍ଗା ? ଜଦି ଆନ୍ ହେଦାଂ କିଜି ମାନାଙ୍ଗ୍, ତା ଆତିସ୍ ହେ ସାଙ୍ଗେ ସାଙ୍ଗେ କ୍ରିସ୍ଟତି
କ୍ରୁସ୍ ବିସ୍ରେ ବାଦା କିନାକା ହୁକେ ନାଦାଂ ଇନାକା ଅସୁବିଦା ଆୱାତାମ୍ା ।
୧୨ ଇମ୍ଣାକାର୍ ମିଙ୍ଗେଙ୍ଗ୍ ତିର୍ ଆୱାଦାଂ କିଡ଼୍ତାର୍ନା, ହେୱାର୍ ପୁରା ସାକ୍ତି ହିଲିୱିତି ଲାକେ ଆତିସ୍, ହାର୍ ଆତାମ୍ା ।
୧୩ ଇନାକିଦେଂକି, ଏ ଟଣ୍ଡାର୍, ଆରି ତଣ୍ଦେକାଦେର୍, ଏପେଙ୍ଗ୍ ଜାର୍ତାରେନ୍ କାଜିଂ କୁକ୍ୟା ଆତାଦେର୍ଣ୍ଣା; ମାତର୍
ଜାଗ୍ରତ୍, କେବଲ୍ ଗାଗାଡ଼୍ନି ଆହା ବେବାର୍ କିନି କାଜିଂ ହେ ଜାର୍ତାରେନ୍ ଇନେସ୍ ହାତୁର୍ ଲାକେ ବେବାର୍ କିମାଟ୍ ।
ଇଚିସ୍ ଜିଉନନି ହୁକେ ଚାଲାକିୟାଜି ଏପେଙ୍ଗ୍ ହାରି ହେବା କିୟାଟ୍ ।
୧୪ ଇନାକିଦେଂକି ରଞ୍ଜାଙ୍ଗ୍ ମତର୍ ବଲ୍ତ ୱିଜୁ ବିଦିତ ଇ ବଚନ୍ ବାତର୍ ଆନାଡ଼୍, "ଏପେଙ୍ଗ୍ ଜାର୍ ପାଡ଼୍ହା ଇଞ୍ଜି ଲଗାଂ
ୱାସ୍କିଲାକେ ଜିଉନୱାଟ୍ ।"
୧୫ ମତର୍ ଏପେଙ୍ଗ୍ ଜଦି ପସୁ ଲାକେ ବେବାର୍ କିଜି ହାରିତିଂ ନସ୍ଟ କିଜି ମାନାଦେର୍ ଆରେ ହାରି ନସ୍ଟ କିଜି ମାନାଦେର୍,
ଲାଗିଂ ଜାଗ୍ରତ୍ ଆଡ, ଆୱିତିସ୍ ଏପେଙ୍ଗ୍ ହାରିତିଂ ପୁରା ନାସ୍ କିନାଦେରା ।

## ପୁଇପୁୟା ଜିବୁନ୍ ଆରି ମାନାୟ୍ତି ଅବ୍ୟାସ୍

୧୬ ନା ଇନାକା କାତା ଆତାଡ଼୍, ପୁଇପୁୟା ଜିବୁନ୍ ମି ଜିବୁନ୍ତିଂ ଚାଲାୟ୍କିଏଡ଼୍ । ତା ଆତିସ୍ ଏପେଙ୍ଗ୍ ଆରେ ମାନାୟ୍ତି
ଅବ୍ୟାସ୍ ଆହା ବାତର୍ କିଉଦେର୍
୧୭ ☆ମାନାୟ୍ ଅବ୍ୟାସ୍ ପୁଇପୁୟା ଜିବୁନ୍ନି ଇଚାନି ବିରୁଦ୍ । ହେ ଲାକେ ପୁଇପୁୟା ଜିବୁନ୍ତି ଇଚା, ମାନାୟ୍ ଅବ୍ୟାସ୍
ବିରୁଦ୍ । ଇୱାଙ୍ଗ୍ ହାରି ସତ୍ରୁ । ଲାଗିଂ ଏପେଙ୍ଗ୍ ଇନାକା କିଦେଙ୍ଗ୍ ଇଚା କିନାଦେର୍, ହେଦାଂ କିଦେଙ୍ଗ୍ ରାଜି ଆକାୟ୍ ।
୧୮ ଜଦି ପୁଇପୁୟା ଜିବୁନ୍ ମିଙ୍ଗେଙ୍ଗ୍ ତାଙ୍ଗିକିତିସ୍, ଲାଗିଂ ଏପେଙ୍ଗ୍ ଆରେ ମସାତି ବିଦିନି ତାରେନ୍ ଆକାୟ୍ ।
୧୯ ମାନାୟ୍ନି ଗାଗାଡ଼୍ନି କାମାୟ୍ ହାର୍ କିଜି ପୁଚାଦେର୍ଣ୍ଣା; ଦାରି, ବିଟାଡ଼୍,
୨୦ ଦାରିକାମାୟ୍, ପୁତ୍ଡ଼ା ପୁଜା, ଗୁଣ୍ୟା, ସତ୍ରୁ, ଗଣ୍ଡଗଲ୍, ଆକାର୍, ରିସା, ମଡ଼ି, ଦଲ୍ରାଟୁ,
୨୧ ଡାରା, ହେୱାର୍ ମଦୁୱା ରଙ୍ଗ୍ରସ୍ ୱାରି ଆରି ହେ ଲାକେ ବିନ୍ବିନ୍ ବାନ୍ୟାତ ବାତର୍ ମାନାର୍ । ଆନ୍ ଆଗେ ଲାକେ
ନଙ୍ଗ୍ ପା ମିଙ୍ଗେଙ୍ଗ୍ ଜାଗ୍ରତ୍ କିଦ୍ନାଙ୍ଗା । ଇମ୍ଣାକାର୍ ଏଲେଙ୍ଗ୍ବାତର୍ କାମାୟ୍ ସବୁ କିତାର୍, ହେୱାର୍ ଇସ୍ୱର୍ତି ରାଜିନି
ଆଦିକାର୍ ଆଦେଂ ଆଡୁର୍ ।
୨୨ ମାତର୍ ଜିବୁନ୍ତି ପାଡ଼୍ ଜିଉନନାକା, ୱାରି, ସୁସ୍ତା, ସାସ୍, ଦୟା, ସତ୍ଗୁଣ୍, ପାତର୍ କିନାକା, ହୁଦାର୍,
୨୩ ହୁଦାର୍, ହୱାଦ୍ ଆରି ଜିବୁନ୍ମେହାଣ୍ ଇ ସବୁ ବିରୁଦ୍ତ ଇମ୍ଣି ମସାତି ବିଦି ହିଲୁଡ଼୍ ।
୨୪ ଇମ୍ଣାକାର୍ ଜିସୁ କ୍ରିସ୍ଟତି, ତାକେ ପାତର୍ କିଜି ହେୱାର୍ ଗାଗାଡ଼୍ନି ଆହା ଆରି କାମାୟ୍ ଆହା ହୁଦାଂ ମାନାୟ୍
ହାଡ଼୍ପାତିଂ କ୍ରୁସ୍ତ ହାତାର୍ଣ୍ଣା ।
୨୫ ପୁଇପୁୟା ଜିବୁନ୍ ମାଙ୍ଗେଙ୍ଗ୍ ଜିବୁନ୍ ଦାନ୍ କିଡ଼୍ତାଡ଼୍ନା, ହେଦେଲ୍ ମା କାଜିଂ ଜିବୁନ୍ତିଂ ପା ଚାଲାୟ୍ କିଦ୍ନାଡ଼୍ ।
୨୬ ଲାଗିଂ ଆସେଙ୍ଗ୍ ଗରବ୍ କିନାକା କି ହାରି କାକ୍ରି ଆଉସ୍ ଆରି ହାରିତିଂ ବେରସ୍ ଆଉସ୍ ।

☆ **୫:୯** ୧ କରନ୍ତିୟ ୫:୬. ☆ **୫:୧୭** ରମିୟ ୭:୧୫-୨୩.

# ୬

## ହାରିତି ବଜ୍ ପିଣ୍ଡ୍‌ନାସ୍

୧ ଏ ଟଣ୍ଡାର୍ ଆରି ତଣ୍ଦେକ୍, ଜଦି ଇନେର୍ ଇମ୍‌ଣି ବାନି ପାପ୍ ହିଲ୍‌ୱି କାମାୟ୍‌ତ ଦାରାପଡ଼ା ଆନାନ୍, ଆମ୍ରିକ୍ ମି
ବିଡ୍ରେତାଂ ଇମ୍‌ଣାକାର୍ ପୁଇପୁୟା ଜିବୁନ୍ ହୁକେ ଚାଲାନାତା, ହେୱାର୍ ହେଦେଲିଂ ବୁଜାୟ୍ କିନି ଲଡ଼ା, ମାତର୍ ଏପେଙ୍ଗ୍
ଇ କାମାୟ୍‌ତ ହୱାଦ୍, ହୁଦାର୍ ବାବ୍ରେ କିନି ଲଡ଼ା, ଆରେ ଜାଗ୍ରତ୍, ଜାର୍ ଇନେସ୍ ହେ ଲାକେ ପରିକ୍ୟାତ କାମାୟ୍ କିଦେଙ୍ଗ୍
ତାନ୍ଦ୍ରା ଆମାଟ୍ ।
୨ ହାରିତିଂ ବଜ୍ ପିଣ୍ଡ୍‌ନି କାଜିଂ ଉପ୍‌କାର୍ କିୟାଟ୍, ଇଦାଂ କିନି ହୁକେ କ୍ରିସ୍ଟତି ମସାତି ବିଦି ପାଲି କିନାଦେର୍ ।
୩ ଜଦି ଇମ୍‌ଣି ଲଗୁ ଆହାର୍ ଆତିସ୍‌ପା ଜାର୍‌ତିଂ ଗାଜା ଇଞ୍ଜି ମାନେ କିନାନ୍, ଲାଗିଂ ହେୱାନ୍ ଜାର୍‌ତିଂ ନିନ୍ଦା କିନାନ୍ ।
୪ ମାତର୍ ଜାଣ୍‌କେ ଜାର୍ ଜାର୍‌ତି ବେବାର୍‌ତିଂ ପରିକ୍ୟା କିଜି ହୁଡ଼୍‌ନି ଲଡ଼ା । ଜଦି ହେଦାଂ ହାର୍ଦାକା ଆଜି ମ଼ାନାତ୍, ହେଦାଂ
କାଜିଂ ହେୱାନ୍ କାମାୟ୍ ମାନେ କିଏର୍, ଆରି ବିନେନି କାମାୟ୍ ଲାହାଙ୍ଗ୍ ଜାର୍‌ତିଂ କାମାୟ୍ ତୁଲାୟ୍ କିଜି ଗ଼ରବ୍ କିମେନ୍ ।
୫ ଇନାକିଦେଂକି ୱିଜାକ଼ାର୍ ଜାର୍ ବଜ୍ ପିଣ୍ଡ୍‌ଦେଂ ଲାଗ୍‌ଦାନାଡ଼୍ ।
୬ କ୍ରିସ୍ଟିୟାନ୍ ନେକ୍ରିକାବୁର୍ ହିକ୍ୟା କିନିୱେଡ଼ାଂ, ହିକ୍ୟାହିନାକାନ୍ ଗୁରୁଙ୍ଗ୍ ଜାର୍ ପୁନ୍‌ଞ୍ଜି ମାନି ୱିଜୁ ହ଼ାର୍‌ଦି ବିସ୍ରେନି ବାଗ୍
ଅଦେଂ ଲଡ଼ା ।
୭ ଚାକ୍ରାୟ୍ ଆମାଟ୍; ଇସ୍ୱର୍ ବିଗ୍‌ଡ଼ାତି ଲଗୁ ଆକାୟ୍; ଇନାକିଦେଂକି ମାନାୟ୍ ଇନାକା ୱିଡ୍‌ନାନ୍, ହେଦାଂ ତ୍ରେସ୍‌ନାନ୍ ।
୮ ଇନେର୍ ଜାର୍ ଗାଗାଡ଼୍ ଉଦେସ୍ତ ୱିଡ୍‌ନାନ୍; ହେୱାନ୍ ଗାଗାଡ଼୍‌ତାଂ ହଡ୍‌ତି ଚାନେକ୍ନି ତାସ୍ ତ୍ରେସ୍‌ନାନ୍; ମାତର୍ ଇନେର୍
ପୁଇପୁୟା ଜିବୁନ୍‌ତ ଉଦେସ୍ତ ୱିଡ୍‌ନାନ୍, ହେୱାନ୍ ପୁଇପୁୟା ଜିବୁନ୍‌ତାଂ ହଡ୍‌ତି ୱିଜ୍‌ୱି ଜିବୁନ୍‌ବାତର୍ ତାସ୍ ତ୍ରେସ୍‌ନାନ୍ ।
୯ ଆସେଙ୍ଗ୍ ହାର୍ କାମାୟ୍ କିଦେଙ୍ଗ୍ ୱାହୁସ୍; ଇନାକିଦେଂକି ୱାୱିଦାଂ କାମାୟ୍ କିତିସ୍ ସମାନ୍ ସମୁତ ତାସ୍ ତ୍ରେସ୍‌ନାସ୍ ।
୧୦ ଲାଗିଂ, ଏଚେ ହଟ୍ ପାବ୍ ପାୟାନାସା, ସବୁୱେଡ଼ାଙ୍ଗ୍ ୱିଜାର୍‌ତି, ହାରିହାରା ଇମ୍‌ଣାକାର୍ ମା ପାତର୍ କିନାକାର୍ କୁଟୁମ୍,
ହେୱାର୍‌ତି ହାର୍ କିନାକା ମାଙ୍ଗ୍ ଲଡ଼ା ।

## ହାରିହାରା ଜାଗ୍ରତ୍ କାତା ଆରି ବାନ୍ଦାୟ୍

୧୧ ହୁଡ଼ାଟ୍, ଇନେସ୍ ଗାଜା ଗାଜା ଅକର୍‌ତ ଜାର୍ କେଇଦ ଆନ୍ ମି ଲାଗାୟ୍ ଲେକିକିନାଙ୍ଗା ।
୧୨ ଇମ୍‌ଣାକାର୍ ମାନାୟ୍ ବାତର୍ ବିସ୍ରେ ଚଞ୍ଜ୍‌ୟାନାର୍ ଆରି ଉସ୍‌କାୟ୍ କିତାର୍, ହେୱାର୍ ନେ ହେୱାରିଂ ସୁନ୍ନତ୍ ଆନି କାଜିଂ
ଜବର୍‌ଦସ୍ତି କିନାରା । କ୍ରିସ୍ଟତି କ୍ରୁସ୍ କାଜିଂ ନିନ୍ଦା ବଗ୍ କିୱି ଉଦେସ୍‌ତ ହେୱାର୍ ଇଦାଂ କିନାରା ।
୧୩ ଇନାକିଦେଂକି ଇମ୍‌ଣାକାର୍ ସୁନ୍ନତ୍‌ନି ନିୟମ୍ ପାଲି କିନାର୍, ହେୱାର୍ ନିଜେ ପା ମସାତି ବିଦି ପାଲି କିଜି ମ଼ାନୁର୍ ।
ଏପେଙ୍ଗ୍ ସୁନ୍ନତ୍ ଆଡ ଇଞ୍ଜି ହେୱାର୍ ଇଚା କିନାରା । ଇ ଗାଗାଡ଼୍ ବିଦି ପାଲି କିଦେଙ୍ଗ୍ ମିଙ୍ଗେଙ୍ଗ୍ ୱେଚ୍‌ଚେଦେଂ ଆଡ଼୍‌ଦିତିସ୍
ହେୱାର୍ ଗରବ୍ କିତାର୍ ।
୧୪ ମାତର୍ ଆନ୍ କେବଲ୍ ମା ମାପ୍ରୁ ଜିସୁ କ୍ରିସ୍ଟତି କ୍ରୁସ୍ ବିସ୍ରେ ଗରବ୍ କିନାଙ୍ଗା; ଇନେକିଦେଂକି ତା କ୍ରୁସ୍ ଲାହାଂ ଜଗତ୍ ନା
କାଜିଂ ହାତାତ୍ ଆରି ଆନ୍ ଜଗତ୍ କାଜିଂ ହାତାଙ୍ଗ୍ ।
୧୫ ଇନେର୍ ସୁନ୍ନତ୍ କି ସୁନ୍ନତ୍‌ଆୱି, ହେବେ ଇନାକା ଆଏତ୍ କି ଆମେଡ଼୍, ପୁନି ଉବ୍‌ଜାଣ୍ ନେ ସାର୍ ବିସ୍ରେ ।
୧୬ ଇମ୍‌ଣାକାର୍ ଜାର୍ ଜିବୁନ୍‌ତ ଇ ରିତି ଦାହ୍‌ନାର୍ ହେୱାର୍ ୱିଜାର୍ ଆରି ଇସ୍ୱର୍‌ତି ମାନାୟାର୍ ଇସ୍ରାଏଲ୍ ୱିଜାର୍ ଜିବୁନ୍‌ନି
ସୁସ୍ତା ଆରି ଦୟା ଆୟେଡ଼୍ ।
୧୭ ହାରିହାରା, ନା ଏଚେକ୍ ଇନି କାତା, ନାଙ୍ଗ୍ ଇନେର୍ ଆରେ ଦୁକ୍ ହିଦ୍‌ମେର୍ । ଇନାକିଦେଂକି ନା ଗାଗାଡ଼୍‌ତ ଇମ୍‌ଣି
ସବୁ ଗାୱାତି ଚିନ୍‌କୁ ମାନିକ୍, ହେବେଣ୍ଡାଂ ହନାଡ଼୍ ଜେ ଆନ୍ ଜିସୁ କ୍ରିସ୍ଟତି ଆଡ଼ିଏନ୍ ।
୧୮ ଏ ଟଣ୍ଡାର୍ ଆରି ତଣ୍ଦେକାଦେର୍, ମା ମାପ୍ରୁ ଜିସୁ କ୍ରିସ୍ଟତି ଉପ୍‌କାର୍ ମି ୱିଜାର୍ ଲାଗାଂ ଜିବୁନ୍‌ନି ଉପ୍‌କାର୍ ମାନେଡ଼୍ ।
ଆମେନ୍ ।

# ଏପିସିୟ ମଣ୍ଡଲୀ ନିକଟକୁ ପ୍ରେରିତ ପାଉଲଙ୍କ ପତ୍ର
# ଏପିସିୟ ମଣ୍ଡ୍ଲି ଲାଗାଂ ପକ୍ୟାତି ପାଉଲ୍ତି ଆକି
# ଏପିସିୟ ପତିନି ପାଦେକ୍

ଏପିସିୟ ମଣ୍ଡ୍ଲି ତାକେ ପାଉଲ୍ତି ଆକି ପାଉଲ୍ତି ଆନ୍ମାନ୍ତାଂ ୬୦ ବାର୍ହୁ ବିତ୍ରେ କଲସିୟ ମଣ୍ଡ୍ଲି ଲାଗାଙ୍ଗ୍ ଲେକିକିନି ସମୁ ଲେକା ଆଜି ମାଚାଡ୍ । ଲେକିକିନାକାନ୍ ହେୱାନ୍ ନିଜେ ପକ୍ୟାତି ପାଉଲ୍ ଇଞ୍ଜି ଜାଣାଚିଣା ହିନାନ୍ ୧:୧ ଜଦି କଲସିୟ ପତିତ ନିଜେ ମେହାଣ୍ ହିଲ୍ୱିତିସ୍ ପା କେତେକ୍ ପଣ୍ଡିତାର୍ ଏପିସିୟ ପତିତ ପାଉଲ୍ ଲେକିକିତାନ୍ନା ଇଞ୍ଜି ପାତର୍ଁ କିନାର୍ । ଇ କାର୍ଣ୍ତାଂ ଆଜି ମାନାଡ୍ ସବୁ ମଣ୍ଡ୍ଲିକାଂ ଆକି ପକ୍ନି ଇସାପ୍ ଆସ୍ତି ଲେକାଜି ମାନ୍ଗାନାଡ୍ । ପାଉଲ୍ ଇଦାଂ ପା ଚଚ୍ଚି ହିନାନ୍ ଜେ ହେୱାନ୍ ଇ ଆକି ଲେକିକିନି ସମୁତ ହେୱାନ୍ ବନ୍ଦି ମାଚାନ୍ ୩:୧୪:୧ ଆରେ ୬:୨୦ ପାଉଲ୍ ତୁକିକଂ ଏପିସିୟ ମଣ୍ଡ୍ଲିତ ପକ୍ଚି ତା କେଇଦ ଇ ଆକି ପକ୍ଚି ମାଚାନ୍ । ୬:୨୧-୨୨ ।

ଏପିସିୟ ଏସିଆତ ମାନି ରଞ୍ଜାଙ୍ଗ୍ ଆକି ଗାଡ୍ ଆରି ରାଜ୍ଦାନି ମାଚାଡ୍ । ଏପିସିୟ ଗ୍ରିକ୍ ପେନ୍ ଅରତ୍ନି ଉପାସ୍ ଆରି ଇଦାଂ ନି ମନ୍ଦିର୍ କାଜିଂ ୱିନ୍ନାଡ୍ । ପକ୍ୟାତାକା ୬:୨୩-୨୪ । ଏପିସିୟ ମଣ୍ଡ୍ଲି ପର୍ତୁମ୍ ଡାଟ୍ ମାଚାଡ୍ । ମାତର୍ ପାଚେ ହାଲ୍କାଜି ୱାତାଡ୍ । ହତ୍ତାକା ୨:୧-୭ । ପାଉଲ୍ ତା ଲେକାନି ଆଦା ବାଗ୍ତ ଇସ୍ୱର୍ ଇନେସ୍କି ତା ମାନାୟାରିଂ କୁକ୍ତାନ୍ ଆରି ଇନେସ୍ ଜିସୁଙ୍ଗ୍ ହିଜି ପାପ୍ତାଂ ରାକ୍ୟା କିତାନ୍ ହେଦାଂ ବୁଜାୟ୍ କିତାନ୍ ।

ପାଉଲ୍ ମଣ୍ଡ୍ଲିତିଂ ଗାଗାଡ୍ ହୁଦାଂ ତୁଲାୟ୍ କିଜି କ୍ରିସ୍ଟ ଇ କାପ୍ଡ଼ା ଆରି କନାନି ମୁଡ଼୍କାଲ୍ ଆନାନ୍ ଇନାକା ଲାହାଙ୍ଗ୍ ମେହାଜି ରବେ ବାଡାନାର୍ । ପାଉଲ୍ତି ଆକି ଆଦା ବାଗ୍ତ କ୍ରିସ୍ଟ ଜିବୁନ୍ ବିସ୍ରେ ଇନାନ୍ ।

**ପତି ବିସ୍ରେନି ରାହାଣ୍**

୧. ପାଉଲ୍ତି ବାନ୍ଦାଣି ଆରି ଜାଣାଚିଣାନି ମୁଡ୍ ୧:୧-୨
୨. କ୍ରିସ୍ଟ ଲାହାଂ ମଣ୍ଡ୍ଲିନି ଜାଣାଚିଣା ୧:୩୩:୨୧
୩. କ୍ରିସ୍ଟିୟାନ୍ ଜିବୁନ୍ ଜିପ୍କା କିନି ଉପାୟ୍ ୪:୧–୬:୨୦
୪. ପାଉଲ୍ତି ହାରିହାରା ୱିସ୍ତାନ୍ ୬:୨୧-୨୪

୧ ✡ଇସ୍ୱର୍ ଇଚା ଇସାପ୍ରେ କ୍ରିସ୍ଟ ଜିସୁତି ରୱାନ୍ ପକ୍ୟାତାକାନ୍ ଚେଲା ଲାକେ ବାଚି କିୟାତି ପାଉଲ୍, ଜିସୁ କ୍ରିସ୍ଟ ଲାହାଂ
ମେହାଆଜି ପାତର୍ଁ ଜିବୁନ୍ ଜିପ୍କା କିଜି ମାନି ଏପିସିତ ଇସ୍ୱର୍ତି ପୁଇପୁୟା ଲକୁ ହେବା କିନାକାର୍ ଲାଗାଂ ଲେକିକିତି ଇ
ଆକି ।
୨ ମା ଆବା ଇସ୍ୱର୍ ଆରି ମାପ୍ରୁ ଜିସୁ କ୍ରିସ୍ଟ ମି ଉପ୍କାର୍ ଆରି ସୁସ୍ତା ମି କାଜିଂ ଆଏଡ୍ ।

## ଆତ୍ମିକ୍ ଆସିର୍ବାଦ୍

୩ ଦନ୍ୟ ମା ମାପ୍ରୁ ଜିସୁ କ୍ରିସ୍ଟତି ଆବା ଇସ୍ୱର୍ । ଇନେକିଦେଂକି ହେୱାନ୍ ମାଙ୍ଗେଙ୍ଗ୍ କ୍ରିସ୍ଟତି ଲାହାଂ ମେହାୟ୍କିଜି ସାର୍ଗେ
ଲକୁନି ୱିଜାରିଂ ସାର୍ଗେନି ଆତ୍ମିକ୍ ଆସିର୍ବାଦ୍ କିତ୍ତାନ୍ନା,
୪ କ୍ରିସ୍ଟତି ତାକେ ମେହାଜି ଆପେଂ ଇନେସ୍ ଇସ୍ୱର୍ତି ଆତାପ୍ ହେଦାଂ ଜଗଡ୍ ଉବ୍ଜାଣ୍ ଆନି ଆଗେ ବାଚି କିତ୍ତାନ୍ନା ।
ଇନେସ୍କି ଜିଉନନିତ ତା ମୁମ୍ଦ ପୁଇପୁୟା ଆରି ଦସ୍ହିଲ୍ୱାକା ଆନାସ୍ ।
୫ ଜିସୁ କ୍ରିସ୍ଟତି ହୁକେ ହେୱାନ୍ ମାଙ୍ଗେଙ୍ଗ୍ ତା ମେହି ଲାକେ ଇଡ଼୍ଦେଦେଂ ବାଚି କିଜି ମାଚାନ୍; ଇଦାଂ ନେ ମାଚାଡ୍ ତା
ୱାରି ଆରି ଇଚା ।
୬ ଇସ୍ୱର୍ତିଂ ଜାଜ୍ମାଲ୍ନି ଦୟା କାଜିଂ ଆରି ତା ଜିଉନନି କାଜିଂ ପିସ୍ତି ମଲ୍ତ ଦାନ୍ ଇସାବ୍ରେ ପାୟାତି କାଜିଂ, ଆପ୍
ଇସ୍ୱର୍ତିଂ ଦନ୍ୟବାଦ୍ କିନାପା ।
୭ ✡କ୍ରିସ୍ଟତି ହାକି କାଜିଂ ଆପେଂ ମୁକ୍ଡ଼ାନାକା, ଇଚିସ୍ ମା ସବୁ ନେତେର୍ତାଂ ପାପ୍ କେମା ଆତାଡ୍ନା । ଇସ୍ୱର୍ତି ଉପ୍କାର୍
ଏଚେକ୍ ଗାଜା !
୮ ହେ ଉପ୍କାର୍ ହେୱାନ୍ ସବୁ ବାନି ଗିଆନ୍ ଆରି ବାବ୍ନା ହିଜି ମା କାଜିଂ ବେସି ବାବ୍ରେ ହିତ୍ତାର୍ନା ।
୯ ଇସ୍ୱର୍ ତା ଆଦିକ୍ ଗିଆନ୍ ଆରି ୱାସ୍କିହୁଡ଼୍ନି ଲାହାଂ ଇନାକା ବାବି କିଜି ମାଚାନ୍, ହେଦାଂ ପୁରା କିତାନ୍ନା ଆରି
ତାଙ୍ଗେଙ୍ଗ୍ କ୍ରିସ୍ଟତି ଉପ୍କାର୍ତ ପୁରା କିନି କାଜିଂ ହେୱାନ୍ ଇମ୍ଣାକା ଡ଼କୁଚି ହେ ଲାକେ ହାନ୍ଦାୟ୍ କିଜି ମାଚାନ୍, ହେଦାଂ
ମା ଲାଗାଂ ହପ୍ତାନ୍ନା ।
୧୦ ହେ ଲାକେ ହାନ୍ଦାୟ୍ ଇସାବ୍ରେ ସାର୍ଗେ ଆରି ପୁତର୍ଁନି ସବୁ ରଚ୍ଚି ବିସ୍ରେ ରଞ୍ଜାଙ୍ଗ୍ ଆନାଡ୍ ଆରି କ୍ରିସ୍ଟ ହେୱାନ୍ ୱିଜାରିଂ
କାପ୍ଡ଼ା ଲାକେ ମାନାନ୍ । ଇ ଲାକେ ହାନ୍ଦାୟ୍ କିଜି ସମାନ୍ ସମୁତ ପୁରା କିନାନ୍ ।

---

✡ **୧:୧** ପକ୍ୟାତାକା ୧୮:୧୯-୨୧; ୧୯:୧. ✡ **୧:୭** କଲସିୟ ୧:୧୪.

୧୧ ସବୁ ବିସ୍ରେ ଇସ୍ୱର୍‌ତି ଲାକେ ହାନ୍ଦାୟ୍ ଆରି କେମ୍‌ତା ଇସାପ୍ରେ ସମାନ୍ ଆତିସ୍; ଆଗେତାଂ ବାଚିକିୟାଜି଼ ଜାର୍
ଉଦେସ୍‌ତ ପୁରା କାଜିଂ କ୍ରିସ୍ଟତି ହୁକେ ତା ନିଜେ ଲକୁ ଆନି କାଜିଂ ଇସ୍ୱର୍ ମାଙ୍ଗ୍ ବାଚିକିଡ୍‌ତାନ୍ନା ।
୧୨ ୱାଡ, ଇମ୍‌ଣାକାର୍ ସବୁ ପର୍‌ତୁମ୍ କ୍ରିସ୍ଟତି ତାକେ ବାସର୍ କିଜି ମାଚାପ୍, ୱିଜା଼କାସ୍ ଇସ୍ୱର୍‌ତି ପାଣ୍ କେର୍‌ନାସ୍ ।
୧୩ ଏପେଙ୍ଗ୍ ପା ଏଚେକାଡ଼୍‌ଦ ମୁକ୍‌ଡ଼ାନାକା ହିନି ଇ ନେକ୍ରିକାବୁର୍‌ନି ସତ୍ କାବୁର୍ ୱେଚାଦେର୍, ହେ ସମୁତାଂ ଇସ୍ୱର୍‌ତି
ଆତାଦେର୍ଣ୍ଣା । ଏପ୍ କ୍ରିସ୍ଟଙ୍ଗ୍ ପାତର୍ କିନାଦେରା, ଇସ୍ୱର୍ ତା ପାର୍ମାଣ୍ ଇସାପ୍ରେ ପୁଇପୁୟା ଜିବୁନ୍‌ତିଂ ଦାନ୍ କିଜି ମି଼ ଜପି ତା
ଇଚା ଚିନ୍ ଇଡ଼୍‌ଦାତାନ୍‌ନା ।
୧୪ ଇସ୍ୱର୍‌ତି ଜାଜ୍‌ମାଲ୍‌ନି ୱାରିକିନି କାଜିଂ ହେୱାନ୍ତି ଜାର୍‌ତି ମୁକ୍‌ଡ଼ାନାକା ଉଦେସ୍‌ତ ହେୱାନ୍ ମା ଆଦିକାର୍‌ନି ଜାମ୍‌ଲି
ଲାକେ ।

## ପାଉଲ୍‌ତି ପାର୍ତାନା

୧୫ ଇ କାରଣ୍‌ତାଂ ମାପ୍ରୁ ଜିସୁତି ତାକେ ମି ଇମ୍‌ଣି ପାତର୍ ଆରି ଇସ୍ୱର୍‌ତି ଲକୁ କାଜିଂ ମି ପୁଇପୁୟାତାଂ ଜିଉନନାକା
ମାନାତ୍ ।
୧୬ ମି କାଜିଂ ପାର୍ତାନାତ ଏତୁ କିଜି଼ ଇସ୍ୱର୍‌ତିଂ ଦନ୍ୟବାଦ୍ ହିଜି଼ ୱାନାଙ୍ଗା ଆନ୍ ପାନା ପାର୍ତାନାତ ମିଙ୍ଗ୍ ଦିନ୍‌କେ ଏତୁ
କିଦ୍‌ନାଙ୍ଗା ।
୧୭ ଆରେ ଜାଜ୍‌ମାଲ୍‌ନି ଆବା, ମା ମାପ୍ରୁ ଜିସୁ କ୍ରିସ୍ଟତି ଇସ୍ୱର୍‌ତିଂ ପାର୍ତାନା କିନାନ୍ ଇନେସ୍ ହେୱାନ୍ ମିଙ୍ଗେଙ୍ଗ୍ ପୁଇପୁୟା
ଜିବୁନ୍ ହିଦ୍‌ନାନ୍ । ହେ ଜିବୁନ୍ ମିଙ୍ଗ୍ ବୁଦିକାର୍‌ୟା କିଦ୍‌ନାନ୍ ଆରି ଇସ୍ୱର୍‌ତିଂ ମି ଲାଗାଂ ୱେଚ୍‌ଚାନାନ୍ । ତା ଆତିସ୍, ଏପେଙ୍ଗ୍
ତାଙ୍ଗେଙ୍ଗ୍ ପୁଞ୍ଜେଙ୍ଗ୍ ଆଡ଼୍‌ନାଦେର୍ ।
୧୮ ଆନ୍ ଗୱାରି କିଦ୍‌ନାଂ, ଇନେସ୍ ତା ଅଜଡ଼୍ ହୁଡ଼୍‌ନି କାଜିଂ ମିତାକେନି ୱାସ୍କି ହୁଡ଼୍‌ନାକା ସାରି ଆନାତ୍ । ପାଚେ ଇମ୍‌ଣି
ବାସର୍ ଜାଜ୍‌ମାଲ୍‌ନି ଦାନ୍ ପୁଇପୁୟା ଲକ୍‌ତାଂ ଜେ ସବୁ ଏପେଙ୍ଗ୍ ତା ହୁକେ କୁକ୍ୟାତାଦେର୍ଣ୍ଣା ହେଦାଂ ପୁନାଦେର୍ ।
୧୯ ତା ମାନାୟାର୍ କାଜିଂ ତା ପାର୍ମାଣ୍ ଗାଜା ଆସିର୍ବାଦ୍ ଜେ ଏଚେକ୍ ବେସି ଆରି ମା ଲାକେ ପାତର୍ କିନାକାର୍ ବିଡ୍ରେ ତା
ଗାଗାଡ଼୍‌ନି ସାକ୍ତି ଜେ ଏଚେକ୍ ଗାଜା, ହେଦାଂ ଏପେଙ୍ଗ୍ ପୁଞ୍ଜେଙ୍ଗ୍ ଆଡ଼୍‌ନାଦେର୍ ।
୨୦ ନଙ୍ଗ୍, ମା ବିଡ୍ରେ ଗାଗାଡ଼୍‌ତ ମାନି ହେ ସାକ୍ତି କାଜିଂ ନେ ଇସ୍ୱର୍ କ୍ରିସ୍ଟଙ୍ଗ୍ ହାକିତାଂ ଆରେ ନିକ୍‌ଚି ତା ସାର୍ଗେତ ଜାର୍ ତିନି
ବାଗାଙ୍ଗ୍ ଜପି କୁଚିକିତାନ୍‌ନା ।
୨୧ କ୍ରିସ୍ଟ ୱିଜୁ ସାର୍ଗେନି ସାସନ୍‌କାରିୟା, କେମ୍‌ତା ପୁରା ଆଦିକାର୍, ସାକ୍ତିତ ଆରି ଆଦିକାରିଂ ଜପି ସାସନ୍ କିନାର୍, ଇ
ଜୁଗ୍‌ନି ମାନି କାଡ଼୍ କି ହାନି କାଡ଼୍ କେମ୍‌ତା ଚଚ୍‌ନି ପାଦ୍ ପିସ୍ତି ତା ପାଦ୍ ବାଡ଼୍‌କାସ୍ ।
୨୨ ✡ ଇସ୍ୱର୍ ସବୁ ବିସ୍ରେ କ୍ରିସ୍ଟତି ପାନା ତାରେନ୍ ଇଡ଼୍‌ତାର୍ଣ୍ଣା ଆରି ୱିଜୁ ବି଼ସ୍ରେ ଜପିତାଂ ସବୁ ବାନିତ ମାପ୍ରୁ ଲାକେ ମଣ୍ଡ୍‌ଲିତିଂ
ଦାନ୍ କିତାର୍ ।
୨୩ ହେ ମଣ୍ଡ୍‌ଲି କ୍ରିସ୍ଟତି ଗାଗାଡ଼୍, ମଣ୍ଡ୍‌ଲି କାଜିଂ କ୍ରିସ୍ଟତି କାମାୟ୍ ପୁରା ସମାନ୍ ଆନାତ୍; ଆରେ କ୍ରିସ୍ଟ ସବୁ ବିସ୍ରେ ପୁରା କିନାନ୍
।

# ୨

## ହାକିତାଂ ଜିବୁନ୍ ପାୟାନାସ୍

୧ ✡ମିଦାଂ ଅମାନ୍ୟ ଆରି ପାପ୍ କାଜିଂ ପାଚେନିକାଡ଼୍‌ଦ ଆଗେନି ପୁଇପୁୟା ବାବ୍ରେ ହାଜି ମା଼ଚାଦେର୍ ।
୨ ହେ ସମୁତ ଏପେଙ୍ଗ୍ ଇ ଜଗତ୍‌ନି ସତ୍‌ହିୱି ହାଜି଼ ଦାହାଟ୍, ଗାଜା ଆକାସ୍‌ତ ଗାଗାଡ଼୍‌ହିୱି ଆଦିକାର୍ ଜିବୁନ୍ ତଲ୍ୟା
ମାଚାଦେର୍ । ହେ ମୁଡ଼୍‌ଦାକାନ୍ ନଂ ଇସ୍ୱର୍‌ତି ବଲ୍ ପିହ୍‌ନି ଲକୁ ଜପି ସାସନ୍ କିନାନା ।
୩ ହାତ୍‌ପାତ ଆପେଂ ୱିଜା଼କାପ୍ ହେୱାର୍ ଲାକେ ମାଚାପ୍ ଆରି ଗାଗାଡ଼୍ ଆରି ମାନ୍‌ନି ପିହ୍‌ନାକା ଚାଲାବୁଲା କିଜି ଜି଼ବୁନ୍
ଜିପ୍‌କା କିଜି ମା଼ଚାପ୍ । ହାର୍ ବାବ୍‌ନା, ବିନେନିକାର୍ ଲାକେ ଆପ୍ ପା ବେବାର୍ କାକ୍ରିନି ସାରାଣ୍ ବଗି କିଦେଙ୍ଗ୍ ହାନାପା ।
୪ ମାତର୍ ଇସ୍ୱର୍‌ତି ଦୟା ଏଚେକ୍ ବେସି ଆରି ମା କାଜିଂ ତା ଜିଉନନାକା ଏଚେକ୍ ଗାଜା ଜେ, ମା ଉଡ୍‌ପାତ୍ୟା କାଜିଂ
ଆସେଙ୍ଗ୍ ଆମ୍ରିକ୍ ବାବ୍ରେ ହାଜି ମା଼ନି ସମୁତ ହେୱାନ୍ କ୍ରିସ୍ଟତି ଲାହାଂ ମାଙ୍ଗେଙ୍ଗ୍ ଜିବୁନ୍ କିଡ୍‌ତାନ୍‌ନା । ଇସ୍ୱର୍‌ତି ଦୟା ହୁକେ
ନେ ଏପେଙ୍ଗ୍ ମୁକ୍‌ଡ଼ାତାର୍ଣ୍ଣା ।
୫ ମା ବାନ୍ୟା କାଜିଂ ମା ଆମ୍ରିକ୍ ହାକି ମାନି ୱାଡ଼ାଂ ହେୱାନ୍ କ୍ରିସ୍ଟତି ଲାହାଙ୍ଗ୍ ମାଙ୍ଗେଙ୍ଗ୍ ମେହାୟ୍ କିଡ୍‌ତାନ୍ । ଇସ୍ୱର୍‌ତି
ଉପ୍‌କାର୍ ହୁକେ ନେ ଏପେଙ୍ଗ୍ ମୁକ୍ତି ପାୟାତାଦେର୍ଣ୍ଣା,
୬ କ୍ରିସ୍ଟ ଜିସୁତି ଲାହାଂ ଏକ୍ ଆନି ହୁକେ ତା ଲାହାଂ ସାର୍ଗେତ ରାଜ୍‌କିନି କାଜିଂ ହେୱାନ୍ ମାଂ ପା ନିକ୍‌ତାତାନ୍‌ନା ।
୭ ଆରି କ୍ରିସ୍ଟ ଜିସୁତାଂ ହେୱାନ୍ ମା କାଜିଂ ଦୟା କିଜି ୱା଼ନି ଜୁଗ୍‌ତ ଜାର୍ ଉପ୍‌କାର୍‌ନି ଆଦିକ୍ ବେସି ଦାନ୍ ହପ୍‌ନାନ୍ ।
୮ ଇନାକିଦେଂକି ଉପ୍‌କାର୍‌ତ ପାତର୍ ହୁକେ ଏପେଙ୍ଗ୍ ମୁକ୍ତି ଆତାଦେର୍ଣ୍ଣା; ହେଦାଂ ମିତାଂ ଆୱାତାଡ୍‌ନା, ହେଦାଂ ଇସ୍ୱତର୍
ଦାନ୍ ଆନାତ୍,

---

✡ **୧:୨୨** କଲସିୟ ୧:୧୮. ✡ **୨:୧** କଲସିୟ ୨:୧୩.

୯ ଲାଗିଂ ଇ ବିସ୍ରେ ଇନେର୍ ଗରବ୍ କିଦେଙ୍ଗ୍ ଆଡୁର୍ ।
୧୦ ଆପେଂ ଇନାକା ଆତାପ୍ନା, କେବଲ୍ ଇସ୍ୱର୍ ନେ ହେଦାଂ କିତାନ୍ନା; ଇମ୍ଣି ହାର୍ଦି କାମାୟ୍ ଆସେଙ୍ଗ୍ କିନାସ୍ ଇଞ୍ଜି
ଇସ୍ୱର୍ ଆଗେତାଂ ବାଚିକିଜି ମାଚାନ୍, ଆସେଙ୍ଗ୍ କ୍ରିସ୍ଟ ଜିସୁ ଲାହାଂ ମେହାନି କାଜିଂ ମା ଜିବୁନ୍ତ ହେଦାଂ ଆଦେଂ ଆତାଡ୍ନା
।

## କ୍ରିସ୍ଟତାକେ ଏକ୍ ଆନାସ୍

୧୧ ଜାର୍ତି ପାଚେନି ଅବସ୍ତା ଏଡୁ କିୟାଟ୍ । ଏପେଙ୍ଗ୍ ପାର୍ତକିଓ୍ୱି ଜିହୁଦି ମାଚାଦେର୍, ଜାର୍ତିଂ "ସୁନ୍ନତ୍" ଇଞ୍ଜି ମାନି
ପାର୍ତକିଓ୍ୱି ଜିହୁଦିର୍ ହୁକେ ସୁନ୍ନତ୍ ଆକାୟ୍ ଇଞ୍ଜି ମାଚାର୍, ଇଦାଂ କେବଲ୍ ର ଗାଗାଡ୍ ଅବସ୍ତାତିଂ ବୁଜାନାତ୍ ।
୧୨ ଆଗେ ଏପେଙ୍ଗ୍ କ୍ରିସ୍ଟତାଂ ଦେହା ମାଚାଦେର୍, ଇସ୍ରାଏଲ୍ ବିଦେସିୟା ମାଚାଦେର୍ ଆରି ଇସ୍ୱର୍ତି ବାଚିକିତି
ମେହାଓ୍ୱାଦାଂ ମାଚାଦେର୍, ଇସ୍ୱର୍ ତା ଲକୁ କାଜିଂ କିଜିମାନି ପାର୍ମାଣ୍ ଜପି ରଚ୍ଚି ନିୟମ୍ତ ମି ଇମ୍ଣାକା ପା ବାଗ୍
ହିଲ୍ୱାତାଡ୍ । ବାସର୍ ହିଲ୍ୱାକା ଆରି ଇସ୍ୱର୍ ହିଲାକାନ୍ ଆଜି ଏପେଙ୍ଗ୍ ଜଗତ୍ତ ବାହା କିଜି ମାଚାଦେର୍ ।
୧୩ ଆଗେ ଏପେଙ୍ଗ୍ ଦେହା ମାଚାଦେର୍, ମାତର୍ ନଙ୍ଗ୍ ଜିସୁତି ଲାହାଂ ଏକ୍ ଆଜି କ୍ରିସ୍ଟତି ହେଓ୍ୱାନ୍ତି ନେତେର୍ ହୁକେ ଲାଗାଂ
ଆତାଦେର୍ଣ୍ଣା ।
୧୪ ଇନାକିଦେଂକି ଜିହୁଦି ଆରି ପାର୍ତକିଓ୍ୱି ଜିହୁଦିରିଂ ଏକ୍ କିଜି, କ୍ରିସ୍ଟ ନିଜେ ମା ବିତ୍ରେ ସୁସ୍ତା ରଚ୍ଚାନ୍ନା । ହେଓ୍ୱାରିଂ
ବିନେ କିଜି ହାରି ସତ୍ରୁ ଲାକେ ଇଟ୍ନି ଅଙ୍ଗୁର୍ ବାଡ୍ ହେଓ୍ୱାନ୍ ହେଓ୍ୱାନ୍ତି ନିଜ୍ ଗାଗାଡ୍ ହୁକେ ଡ୍ରିକ୍ତାନ୍ ।
୧୫ ✡ ହେଓ୍ୱାନ୍ ଜିହୁଦିର୍ତି ଓ୍ୱିଜୁ ବିଦିବିଦାଣି ବଲ୍ ମସାତି ବିଦିତିଂ ହପ୍ଚି ଜିହୁଦି ଆରି ପାର୍ତକିଓ୍ୱି ଜିହୁଦି ବିତ୍ରେତାଂ
ହେଓ୍ୱାନ୍ତି ଉପ୍କାର୍ ସୁକ୍ବଗ୍ କିଜି ମାନି ର ପୁନି ନାର୍ ଜାତି ଉବ୍ଜାୟ୍ କିତାନ୍ନା । ଇବେ ପୁର୍ତ ସୁସ୍ତା ରଚ୍ୟାନାତ୍ ।
୧୬ ✡ କ୍ରୁସ୍ତ ହେଓ୍ୱାନ୍ତି ହାକି ହୁକେ କ୍ରିସ୍ଟ ହେ ଜିହୁଦି ପାର୍ତକିଓ୍ୱି ଜିହୁଦି ବିତ୍ରେ ମାନି ସାତ୍ରୁରିଂ ବୁଡାୟ୍ କିତାନ୍; କ୍ରୁସ୍ ହୁକେ
ହେଓ୍ୱାନ୍ ରି ଜାତିତିଂ ମେହାୟ୍କିଜି ର ଗାଗାଡ୍ ଲାକେ କିଡ୍ତାନ୍ନା ଆରି ଇସ୍ୱର୍ ଲାଗାଂ ହେଓ୍ୱାରିଂ ତାଇଓ୍ୱାତାନ୍ନା ।
୧୭ ହେଦାଂ କାଜିଂ କ୍ରିସ୍ଟ ୱାଜି ମାଚାନ୍ ଆରି ଇସ୍ୱର୍ତାଂ ଦେହା ହାଲ୍ଜି ମାନି ପାର୍ତକିଓ୍ୱି ଜିହୁଦି ଆରି ତା ଲାଗାଂନି
ଜିହୁଦିର୍ ବିତ୍ରେ ସୁସ୍ତାନି ନେକ୍ରିକାବୁର୍ ସୁଣାୟ୍ କିଜି ମାଚାନ୍ ।
୧୮ କ୍ରିସ୍ଟତି ହୁକେ ନେ ଜିହୁଦି ଆରି ପାର୍ତକିଓ୍ୱି ଜିହୁଦି ଓ୍ୱିଜାର୍ ର ଜିବୁନ୍ତାଂ ଆବା ମୁମ୍ଦ ୱାନି କାଜିଂ ଇଡ୍ତାପ୍ନା ।
୧୯ ଲାଗିଂ, ଏପେଙ୍ଗ୍ ନଙ୍ଗ୍ ବିଦେସିୟା କି ଜାର୍ ଦେସ୍ନି ମାନାୟ୍ ଆକାୟ୍ ମାତର୍ ସାଦୁର୍ ଲାହାଂ ଏପେଙ୍ଗ୍ ଇସ୍ୱର୍ତି
ପୁଇପୁୟା ଲକୁ ଲାହାଂ ଏପେଙ୍ଗ୍ ପା ତା ରାଜିନି ବାହା କିନାକାନ୍ ଆରି ଇସ୍ୱର୍ତି କୁଟୁମ୍ ଆତାଦେର୍ଣ୍ଣା ।
୨୦ ଏପେଙ୍ଗ୍ ପା ପକ୍ୟାତାକାନ୍ ଚେଲା ଆରି ବେଣ୍ବାକ୍ଣାୟ୍କିନାକାର୍ ହୁକେ ରଚ୍ଚି କୁନାଦି ଜପି ରଚ୍ୟାତି ଇଲ୍କୁ
ଲାକେ । ହେ ଇଲ୍ନି କନାନି କାଲ୍ ନିଜେ କ୍ରିସ୍ଟ ଜିସୁ ।
୨୧ ହେଓ୍ୱାନ୍ କେବଲ୍ ଇ ଇଲ୍ତିଂ ମେହାୟ୍କିଜି ଇଟ୍ନାନ୍ ଆରି ମାପ୍ରୁତି କାଜିଂ ର ପୁଜାକିନି ପୁଇପୁୟା ମନ୍ଦିର୍ ଲାକେ
ବାଡାୟ୍ କିତାନ୍ ।
୨୨ ହେଓ୍ୱାନ୍ତି ଉପ୍କାର୍ତ ଏପେଙ୍ଗ୍ ପା ବିନ୍ ଓ୍ୱିଜାରିଂ ଲାହାଂ ଜିବୁନ୍ଲାଗ୍ଦି ଇସ୍ୱର୍ କୁଚ୍ନି କାଜିଂ ର ବାକ୍ରା ଲାକେ
ରଚ୍ୟାନାତା ।

# ୩

## ପାର୍ତକିଓ୍ୱି ଜିହୁଦିର୍ତି କାଜିଂ ପାଉଲ୍ତି କାମାୟ୍

୧ ଇ କାର୍ଣତାଂ ମି ଲାକେ ପାର୍ତକିଓ୍ୱି ଜିହୁଦିର୍ କାଜିଂ କ୍ରିସ୍ଟ ଜିସୁ ହୁକେ ବନ୍ଦି ଆଜି ମାନି ଆନ୍ ପାଉଲ୍, ଇସ୍ୱର୍ ତାକେ
ପାର୍ତାନା କିନାଙ୍ଗା ।
୨ ମି ହାର୍ କାଜିଂ ଇସ୍ୱର୍ ତା ଦୟାତ ନାଙ୍ଗ୍ ଇନେର୍ ଇ କାମାୟ୍ କିଦେଙ୍ଗ୍ ହିଡ୍ତାର୍ଣ୍ଣା, ଇଦାଂ ହାତେନେ ୱେଚାଦେର୍ଣ୍ଣା ।
୩ ଇସ୍ୱର୍ ତା ଡ଼କୁତି କାତା ହପ୍ଚି ନାଙ୍ଗେଙ୍ଗ୍ ୱେଚ୍ଚାତାନ୍ନା । ଇ ବିସ୍ରେ ଆନ୍ ହାରୁକିଜି ଲେକିକିନାଙ୍ଗା ।
୪ ✡ହେଦାଂ ପଡ଼ିକିତିସ୍ କ୍ରିସ୍ଟତି ଡ଼କୁ କାତା ବିସ୍ରେ ଆନ୍ ଇନାକା ବୁଜାଆତାଂନା ହେଦାଂ ଏପେଙ୍ଗ୍ ପୁଞ୍ଜେଙ୍ଗ୍ ଆଡ୍ନାଦେର୍
।
୫ ଆଗେନି କାଡ୍ଦ ମାନାୟ୍ ଜାତିତିଂ ଇ ଡ଼କୁ କାତା ବିସ୍ରେ ଇନ୍ୟାଓ୍ୱାଦାଂ ମାଚାତ୍ । ମାତର୍ ଇସ୍ୱର୍ ନଙ୍ଗ୍ନି ତା ପୁଇପୁୟା
ପକ୍ୟାତାକାନ୍ ଚେଲାଙ୍ଗ୍ ଆରି ବେଣ୍ବାକ୍ଣାୟ୍କିନାକାର୍ ଜିବୁନ୍ ହୁଦାଂ ଇଦାଂ ହପ୍ତାନ୍ନା ।
୬ ହେ ଡ଼କୁ କାତା ଆନାତା, ନେକ୍ରିକାବୁର୍ କାଜିଂ ଜିହୁଦିର୍ ଲାହାଂ ପାର୍ତକିଓ୍ୱି ଜିହୁଦିର୍ ପା ଇସ୍ୱର୍ତି ଆସିର୍ବାଦ୍ତ
ମେହା ଆତାର୍ଣ୍ଣା । ହେଓ୍ୱାର୍ ହେ ର ଗାଗାଡ୍ନି କେଇଗାଲ୍ ଆରି ଜିସୁ କ୍ରିସ୍ଟତି ଉପ୍କାର୍ତାଂ ଇସ୍ୱର୍ ହିଡ୍ତି ପାର୍ମାଣ୍ତ ମେହା
ଆନାଦେର୍ ।
୭ ଇସ୍ୱର୍ ତା ସାକ୍ତି ହିଜି ନାଙ୍ଗ୍ ଇମ୍ଣି ଦୟା ଦାନ୍ ହିତାନ୍ନା ହେଦାଂ କାଜିଂ ଆନ୍ ନେକ୍ରିକାବୁର୍ନି ପର୍ଚାର୍
ହେବାକାର୍ୟା ଆନାଙ୍ଗ୍ ।

✡ **୨:୧୫** କଲସିୟ ୨:୧୪. ✡ **୨:୧୬** କଲସିୟ ୧:୨୦. ✡ **୩:୪** କଲସିୟ ୧:୨୬,୨୭.

୮ ଆନ୍ ଇସ୍ୱର୍‌ତି ସାଦୁର୍ ବିତ୍ରେ ୱିଜାର୍‌ତାଂ ହାରୁ, ଆତିସ୍‌ପା ପାତର୍‌କିୱି ଜିହୁଦିର୍ ଲାଗାଂ କ୍ରିସ୍ଟତି ବେସି ଦାନ୍‌ନି
ନେକ୍ରିକାବୁର୍ ଅନି କାଜିଂ ନାଙ୍ଗ୍ ଇସ୍ୱର୍ ସମୁ ହିଡ୍‌ତାଡ୍‌ନା ।
୯ ଇସ୍ୱର୍‌ତି ହେ ପ୍ଲାନି ସମୁନି ଡ଼କ୍ତୁତି ଉପାୟ୍ ଇନେସ୍ କାମାୟ୍ ଆଦେଂ ଆଡ଼୍‌ନାଡ଼୍, ହେଦାଂ ୱିଜାରିଂ ଜାଣାୟ୍ କିଦେଙ୍ଗ୍ ନି
କାମାୟ୍ ଆନ୍ ଲାବ୍ କିତାଂନା । ସବୁ ବିସ୍ରେନି ରାକ୍ୟାକାରିୟା ଇସ୍ୱର୍ ଆଗେ ସବୁ ଜୁଗ୍‌ତ ତା ଡ଼କ୍ତି କାତାତିଂ ଡ଼କ୍ତଚି ଇଡ଼୍‌ଜି
ମାଚାର୍,
୧୦ ଇନେସ୍ ନଙ୍ଗ୍‌ନି ସମୁତ କ୍ରିସ୍ଟିୟାନ୍ ମଣ୍ଡଲିନି କାମାୟ୍ ହୁକେ ସାର୍ଗେନି ଆଦିକାର୍ ଆରି ସାକ୍ତିକାଟାକାନ୍ ଇସ୍ୱର୍‌ତି ବେସି
ଗିଆନ୍ ବିସ୍ରେ ହିକ୍ୟା କିଜି ବୁଜାନାସ୍ ।
୧୧ ଇସ୍ୱର୍ ତା ୱିଜ୍‌ୱି ସମୁ ଉଦେସ୍ ଇସାବ୍ରେ ମା ମାପ୍ରୁ କ୍ରିସ୍ଟ ଜିସୁତି ହୁକେ ଇଦାଂ ପୁରା କିତାର୍ଣ୍ଣା ।
୧୨ କ୍ରିସ୍ଟତି ଲାହାଂ ମେହାଜି ମାଚିଲେ ଆରି ତା ତାକେ ପାତର୍ କିଜି ମାଚିଲେ ବାସର୍ ଲାହାଙ୍ଗ୍ ଇସ୍ୱର୍ ଲାଗାଙ୍ଗ୍ ହାନି
କାଜିଂ ମାଦାଂ ନଙ୍ଗ୍ ସାସ୍ ମାନାଡ଼୍ ।
୧୩ ଇଦାଂ କାଜିଂ ନାଦି ଗୱାରି, ମି କାଜିଂ ନା ଦୁକ୍‌ବଗ୍ କାଜିଂ ନିସ୍‌ତାୟ୍ ଆମାଟ୍, ଇନାକିଦେଂକି ଇଦାଂ ସବୁ ମିଦାଙ୍ଗ୍
ଜାଜ୍‌ମାଲ୍ କାଜିଂ ଆତାଡ଼୍‌ନ୍ନା ।

## କ୍ରିସ୍ଟତି ଜିଉନନାକା

୧୪ ହେଦାଂ କାଜିଂ ଆବା ମୁମ୍‌ଦ ଆନ୍ ମେଣ୍ଡାଙ୍ଗ୍‌କୁଦିକିଜି ପାର୍ତାନା କିନାଙ୍ଗା,
୧୫ ଇନେରିଂ ସାର୍ଗେ ଆରି ପୁତର୍ ଜାଣ୍‌କେ କୁଟୁମ୍ ତା ଆକର୍ ଦାଦିର୍ ତର୍ ପାୟାତାଂନା ।
୧୬ ଇନେସ୍ ହେୱାନ୍ ଜାର୍ ଜାଜ୍‌ମାଲ୍ ଲାକେ ଦନ୍ ଇସାବ୍‌ରେ ଜାର୍ ଜିବୁନ୍ତି ହୁକେ ମିଙ୍ଗେଙ୍ଗ୍ ଜାର୍ ମାନାୟ୍‌ତାଂ ସାକ୍ତି
ପାୟା ଆଜି ବାପୁ ଆଦେଂ ହିଦ୍‌ନାନ୍ ହେଦାଂ କାଜିଂ ପାର୍ତାନା କିନାଙ୍ଗା,
୧୭ ଆନ୍ ପାର୍ତାନା କିନାଙ୍ଗ୍, ଇନେସ୍ ମି ପାତର୍ ହୁକେ କ୍ରିସ୍ଟ ମି ୱାସ୍ଥିତ ବାହା କିନାନ୍, ଆନ୍ ପାର୍ତାନା କିନାଙ୍ଗ୍, ଇନେସ୍‌କି
ମି ମୁଡ଼୍‌କୁନାଦି ଜିଉନନିତ ରଚ୍‌ଚି ବେସିଆଟ୍‌ୱା ଆନାଡ଼୍ ।
୧୮ କ୍ରିସ୍ଟତି ୱାରି ଜେ ଏଚେକ୍ ଲାମା ଆରି ଅହାର୍, ଏଚେକ୍ ପାନ୍ତାକା, ଏପେଙ୍ଗ୍ ଇସ୍ୱର୍‌ତି ପୁଇପୁୟା ମାନାୟାର୍ ଲାହାଂ
ବୁଜାନି ସାକ୍ତି ଗାଟାଆଏଡ଼୍ । ଇନେସ୍‌କି ଏପେଙ୍ଗ୍ ଇଦାଂ ପା ବୁଜାଦେଂ ଆଡ଼୍‌ନାଦେର୍ ଜେ, ହେ ୱାରି ଏଚେକ୍ ଅହାର୍ ।
୧୯ ଆଁ ଏପେଙ୍ଗ୍ ତା ଜିଉନନି କାତା ପୁଞ୍ଜେଙ୍ଗ୍ ଆଡ଼୍‌ନାଦେର୍, ଆତିସ୍‌ପା ଇଦାଂ ଇନାୱାଡ଼ାଙ୍ଗ୍ ପା ପୁରାତାଂ ପୁନ୍ୟା ଆଉତ୍
। ଏଲେଙ୍ଗ୍ ବାନି ଏପେଙ୍ଗ୍ ଇସ୍ୱର୍‌ତି ଗୁଣ୍ ବାତର୍‌ତ ପୁଞ୍ଜେଙ୍ଗ୍ ଆଡ଼୍‌ନାଦେର୍ ।
୨୦ ଇସ୍ୱର୍ ମା ୱାସ୍ଥିତ କାମାୟ୍ ପୁରା କିନି ଜାର୍ ସାକ୍ତି ଇସାବ୍‌ରେ ମା ଏନ୍‌ନାକା କି ବାବିକିନି ତାଂ ଆଦିକ୍ ହଟ୍ ପୁରା
କିଦେଙ୍ଗ୍ ଆଡ଼୍‌ନାସ୍;
୨୧ ମଣ୍ଡଲି ହୁକେ ଆରି କ୍ରିସ୍ଟ ଜିସୁତି ହୁକେ ଜୁଗ୍ ଜୁଗ୍ ୱିଜ୍‌ୱି କାଡ଼୍‌ପାତେକ୍ ହେ ଇସ୍ୱର୍‌ତି ଜାଜ୍‌ମାଲ୍ ଆଏଡ଼୍ । ଆମେନ୍
।

# ୪

## ଗାଗାଡ଼୍‌ଏକ୍

୧ ମାପ୍ରୁତି ହେବା କିଜିମ୍‌ାନି କାଜିଂ ଗେହ୍ୟାଜିମ୍‌ାନି ଆନ୍ ପାଉଲ୍ ମିଙ୍ଗେଙ୍ଗ୍ ଗୱାରି କିଦ୍‌ନାଙ୍ଗା, ଇନେସ୍ ଜିବୁନ୍ ଜିଉଣା
କିନି କାଜିଂ ଇସ୍ୱର୍ ମିଙ୍ଗେଙ୍ଗ୍ କୁକ୍‌ତାତାନ୍ନା ତାଲାକେ ବେବାର୍ କିୟାଟ୍,
୨ ✡ସବୁୱେଡ଼ାଙ୍ଗ୍ ହୁଦାର୍, ହିଡ୍‌ଡ଼ି ଆରି ସାହାସ୍ ଆଡ । ହାରି ଲାମାହୁଦାର୍ ଆଜି ଜିଉନନିତ ହାରି କାଜିଂ ହୁଞ୍ଜନାକାଦେର୍
ଆଡ;
୩ ପୁଇପୁୟା ଜିବୁନ୍‌ତ ଉପ୍‌କାର୍‌ତାଂ ସୁସ୍ତାତାଂ ବାହାକିନି ହୁକେ ମି ବିତ୍ରେ ଇମ୍‌ଣି ରବେ ରଚ୍‌ଚାଦେର୍ଣ୍ଣା, ହେଦେଲିଂ ରାକ୍ୟା
କିନି କାଜିଂ ଜାତୁନ୍ ଆଡ ।
୪ ମା ଗାଗାଡ଼୍ ରଞ୍ଜାଙ୍ଗ୍, ଜିବୁନ୍ ପା ରଞ୍ଜାଙ୍ଗ୍ । ଆରି ର ବାସର୍ ହିଜି ଇସ୍ୱର୍ ମାଙ୍ଗେଙ୍ଗ୍ କୁକ୍‌ତାତାନ୍‌ନା ।
୫ ର ମାପ୍ରୁ, ର ପାତର୍, ର ବାପ୍ତିସିମ୍,
୬ ୱିଜାର୍ ନାର୍ ଜାତିନି ଇସ୍ୱର୍ ଆରି ଆବା ରୱାନ୍; ହେୱାନ୍ ୱିଜାର୍ ମାପ୍ରୁ, ୱିଜାର୍ ବିତ୍ରେ ଆରି ୱିଜାର୍ ୱାସ୍ଥିତ ମାନାନ୍
।
୭ କ୍ରିସ୍ଟ ହିଜିମ୍‌ାନ୍‌ଚି ଅଲପ୍‌ନେ ଆସେଙ୍ଗ୍ ଜାଣ୍‌କେ ରଞ୍ଜାଙ୍ଗ୍ ରଞ୍ଜାଙ୍ଗ୍ ଦୟା ଦାନ୍ ପାୟାତାସ୍‌ନା ।
୮ ଦର୍ମ ସାସ୍ତ୍ରତ ଇ ବିସ୍ରେ ଲେକା ଆତାଡ଼୍‌ନ୍ନା
"ଏଚେକାଡ଼୍‌ଦ ହୱାନ୍ ଜପି ଦୁମ୍‌ତାନ୍,
ତା ଲାହାଂ ହେନି ବନ୍ଦିରିଂ ହେୱାନ୍ ଅତାନ୍,
ଆରେ ନାର୍ ଜାତିତିଂ ବେସି ବର୍ ଦାନ୍ ହିତାନ୍ ।"

✡ **୪:୨** କଲସିୟ ୩:୧୨,୧୩.

୯ "ହେୱାନ୍ ଜପି ଦୁମ୍ତାନ୍," ଇଞ୍ଜି ଇନାକା ଅରତ୍ ଇନାକା ? ଇଦାଂ ନି ଅରତ୍, ପର୍ତୁମ୍ ହେୱାନ୍ ପୁର୍ତିନି ତାରେନ୍
ବାହାକାଂ ଜୁଡ୍ତାନ୍ ।
୧୦ ଲାଗିଂ ଇନେନ୍ ଜୁଡ୍ତାନ୍, ହେୱାନ୍ ରାଜିନି ପୁର୍ତିଂ ହେୱାନ୍ତି ମାନିହିଂ ବାର୍ତି କିନି କାଜିଂ ହେୱାନ୍ ଆରେ ସାର୍ଗୋନି
ଜପିତିଂ ଦୁମ୍ତାନ୍ ।
୧୧ ହେୱାନ୍ ନେ ନାର୍ ଜାତିତିଂ ବେସି ବର୍ ଦାନ୍ ହିଜି ହାଚାନ୍ନା । ଇନେରିଂ ପକ୍ୟାତାକାନ୍ ଚେଲା, ଆରେ ଇନେରିଂ
ବେଣ୍ବାକ୍ଣାୟ୍କିନାକାର୍, ଇନେ ଇନେରିଂ ନେକ୍ରିକାବୁର୍ ସୁଣାୟ୍କିନାକାର୍, ଆରେ ଇନେ ଇନେରିଂ ପାସ୍ଟେର୍ ଆରି ଗୁରୁ
ଲାକେ ବାଚି କିତାନ୍ନା;
୧୨ କ୍ରିସ୍ଟତି ହେ ଗାଗାଡ୍ ରଚ୍ନି ଉଦେସ୍ତ କ୍ରିସ୍ଟିୟାନ୍ ହେବାକାମାୟ୍ କାଜିଂ ଇସ୍ୱର୍ ସାଦୁରିଂ ଜାଲ୍ଦି କିଦେଙ୍ଗ୍ ହେୱାନ୍
ଇଦାଂ କିତାନ୍ନା ।
୧୩ ହେଦାଂ କାଜିଂ ଆସେଙ୍ଗ୍ ୱିଜାର୍ ପାର୍ତିତ ଆରି ଇସ୍ୱର୍ତି ମାଜି ବିସ୍ରେ ଗିଆନ୍ତ ରବେ ଆନାପ୍, କ୍ରିସ୍ଟତି ପୁରାପାୟାଜି
ଆପେଂ ପ୍ଟାନିବୁଡ଼ାର୍ ଆନାପ୍ ।
୧୪ ଡ଼ଢୁ ଚାଲାନିତ ଆରି ଲଡ଼ି ଡୁକାନିତ ଏନେତେନେ ଆନି ହିମ୍ଣାଂ ଲାକେ ଆସେଙ୍ଗ୍ ଆରେ ତିର୍ ଆଉସ୍ । ବିନ୍ନିକାରିଂ
ବିନେ ହାଞ୍ଜେଙ୍ଗ୍ ଗାଣ୍ଚୁଟିର୍ତି ଚାଲାକି ହିକ୍ୟାତ ଆସେଙ୍ଗ୍ ଏନେତେନେ ଆଉସ୍ ।
୧୫ ଇଚିସ୍ ଜିଉନନିତ ହାଡ୍ପା ଇଞ୍ଜି ସବୁ ବିସ୍ରେ କାପ୍ଡ଼ା ଲାକେ କ୍ରିସ୍ଟତି ଲାକେ ଆନାସ୍ ।
୧୬ ☆ହେୱାନ୍ତି ଗାଗାଡ଼୍ନି ବିନ୍ବିନ୍ ହାନ୍ଦିନି ଉପ୍କାର୍ ହୁକେ ଆରେ, ଜାଣ୍କେ ବାଗ୍ନି କାମାୟ୍କିନି ସାକ୍ତି ଇସାବ୍ରେ
ମେହାଜି ଆରି ମେହାଜି ଜିଉନନିତ ଜାର୍ ହାର୍ କାଜିଂ ଜାର୍ତି ବାଡାଦେଂ ରଚ୍ୟାନାତ୍ ।

## କ୍ରିସ୍ଟତାଂ ପୁନି ଜିବୁନ୍

୧୭ ଲାଗିଂ ମାପ୍ରୁତି ତର୍ଦ ବେସି ଗୱାରି କିଜି ଇଞ୍ଜ୍ନାଙ୍ଗା, ପାର୍ତିକିୱି ଜିହୁଦିର୍ ଜିବୁନ୍ ଜିପ୍କା କିମାଟ୍ ଇନେସ୍ ଜାର୍
ଜାର୍ ମାନ୍ନି ମାଲ୍ୟା ପଲ୍ୟା କିତାର୍, ଏପେଙ୍ଗ୍ ହେ ଲାକେ ବେବାର୍ କିମାଟ୍;
୧୮ ଆରି ହେୱାର୍ତି ମାନ୍ ମାଜ୍ଗା । ଇସ୍ୱର୍ ହିଡ୍ତି ଜିବୁନ୍ତ ହେୱାର୍ତି ଇମ୍ଣାକାସ୍ ମେହାଣ୍ ଆକାୟ୍ । ଇନେକିଦେଂକି
ହେୱାର୍ ପୁରା ଅଗିଆନ୍ ଆରି ଅମାନ୍ୟା ମାନାୟ୍ ।
୧୯ ହେୱାର୍ ନିଲାଜି, ଲାଜ୍ ହିଲ୍ୱାକାର୍, ଆରି ଲବ୍ରା ବାବ୍ରେ ସବୁ ବାନି ବିଟାଡ୍ କାମାୟ୍ତ ବାର୍ତି ।
୨୦ ଇ ସବୁ ଏପେଙ୍ଗ୍ କ୍ରିସ୍ଟତି ବିସ୍ରେ ହିକ୍ୟା କିଜି ମାନି ବିସ୍ରେ ଆକାୟ୍ ।
୨୧ ଏପେଙ୍ଗ୍ତ ହେୱାନ୍ତି ବିସ୍ରେ ୱେଚାଦେର୍ଣ୍ଣା ଆରି ହେୱାନ୍ ପାଚେହାନି ଲାକେ ଜିସୁତି ବିସ୍ରେ ହାଡ୍ପା ହିକ୍ୟା ପାୟା
ଆତାଦେର୍ଣ୍ଣା ।
୨୨ ☆ଲାଗିଂ ଇମ୍ଣି ପ୍ଟାନାକା ବେବାର୍ ଅଜି ଏପେଙ୍ଗ୍ ଜିବୁନ୍ ଜିପ୍କା କିଜି ମାଚାଦେର୍, ହେଦାଂ ପିହାଟ୍, ଇନେକିଦେଂକି
ତା ଚାକ୍ରାୟ୍ କାମାୟ୍ ହୁକେ ମି ଜିବୁନ୍ ନସ୍ଟ ଆଜି ମାଚାଡ୍ ।
୨୩ ଆରେ ମି ମାନ୍ତ ଆରି ମାନ୍ନି ପୁରା ପୁନାକା ଆଦେଂ ଲଡ଼ା ।
୨୪ ☆ଇମ୍ଣି ପୁନି ଅବ୍ୟାସ୍ ଇସ୍ୱର୍ତି ଲାକେ ଉବ୍ଜାଣ୍ ଦାର୍ମିକାତା ଆରି ହାଡ୍ପାନି ପୁଇପୁୟାତ ରଚ୍ୟା ଆତାଡ୍ନ୍ନା,
ହେଦାଂ ଉସ୍ପେଦେଂ ହିକା ଆତାଦେର୍ଣ୍ଣା ।
୨୫ ଆରେ ମିଚ୍ ଇନ୍ମାଟ୍ । କ୍ରିସ୍ଟଙ୍ଗ୍ ପାର୍ତି କିନାର୍ ହାରିତିଂ ସତ୍ ଇନାକା ମାନାଡ୍; ଇନେକିଦେଂକି ଆପେଂ କ୍ରିସ୍ଟତି
ଗାଗାଡ୍ କେଇଗାଲ୍ ।
୨୬ ଏପେଙ୍ଗ୍ ରିସା ଆଜି ପାପ୍ କିମାଟ୍ । ୱେଡ଼ା ହାଲ୍ୱିହିଂ ମି ରିସା ଉଣା ଆଏତ୍ ।
୨୭ ଆରେ ସୟ୍ତାନ୍ତିଂ ବାହା ହିମାଟ୍ ।
୨୮ ଇଚିସ୍ ହିଲ୍ୱାକାନ୍ ଲକୁରିଂ ଦାନ୍ କିନି କାଜିଂ ଇନେସ୍ ତା ତାକେ ଅଲପ୍ ମାନ୍ଗାନାଡ୍, ଇଦାଂ କାଜିଂ ଜାର୍ କେଇଦ
ହାର୍ଦି କାମାୟ୍ କିଜି କସ୍ଟ କିଏନ୍ ।
୨୯ ମି ୱେଇଦାଂ ଇମ୍ଣାକା ପା ବାନ୍ୟା ବଚନ୍ ହଡ୍ମେତ୍, ଆୱିତିସ୍ ଲଡ଼ା ଇସାପ୍ରେ ରଚ୍ନି ବଚନ୍ ହତେତ୍, ଇନେସ୍
ହେଦାଂ ୱେନାକାର୍ତି ଉପ୍କାର୍ ପାକ୍ୟାତ ଉପ୍କାର୍ ଆନାଡ୍ ।
୩୦ ଇସ୍ୱର୍ତି ପୁଇପୁୟା ଜିବୁନ୍ତିଂ ଦୁକ୍ ହିଉଡ୍ । ଇନେକିଦେଂକି ପୁଇପୁୟା ଜିବୁନ୍ ମି ଜପି ଇସ୍ୱର୍ତି ଆଦିକାର୍ନି ଚିନ୍
ଇଡ୍ଦିତି ଲାକେ ଆରି ଇସ୍ୱର୍ ଜେ ଦିନେକ୍ ମିଦାଂ ମୁକ୍ଡ଼ାନାକା ପୁରା କିଦ୍ନାର୍, ଇଦାଂ ହାଡ୍ପା ।
୩୧ ୱିଜୁ ବାନି କୁଟ୍ ବାବ୍ନା, ରିସା, ଟାଣି, କୁଲ୍ର୍ତି ଆରି ଲକାର୍ ନିନ୍ଦା ଆରେ ସବୁ ବାନି ଆକାର୍ ମିତାକେଣ୍ଡାଂ ଦେହା
ଆଏଡ୍ ।
୩୨ ☆ଆରେ, ହାରି କାଜିଂ ଦୟା ଆଡ, କୱାଣ୍ ମାନ୍ ଆଡ, ଆରି କ୍ରିସ୍ଟତି କାଜିଂ ଇସ୍ୱର୍ ଇନେସ୍ ମିଙ୍ଗେଙ୍ଗ୍ କେମା କିଡ୍ତାନ୍,
ହେ ଲାକେ ହାରିତିଂ କେମା କିୟାଟ୍ ।

---

☆ **୪:୧୬** କଲସିୟ ୨:୧୯. ☆ **୪:୨୨** କଲସିୟ ୩:୯. ☆ **୪:୨୪** କଲସିୟ ୩:୧୦. ☆ **୪:୩୨** କଲସିୟ ୩:୧୩.

# ୫

## ଅଜଡ଼ନି ଜିବୁନ୍

୧ ଏପେଙ୍ଗ୍ ଇସ୍ୱର୍‌ତି ୱାରିନି ମାଜିକାଦେର୍, ଇଚିସ୍ ତା ପାଚେ ହାଞ୍ଜେଙ୍ଗ୍ ସେସ୍ଟ କିୟା ।
୨ କ୍ରିସ୍ଟ ଇନେସ୍ ମାଙ୍ଗେଙ୍ଗ୍ ଜିଉନତ୍‌ତାନ୍, ଆରି ଇସ୍ୱର୍‌ତି ସାରି କାଜିଂ ଜାର୍ ଜିବୁନ୍‌ତିଂ ମା କାଜିଂ ହାଦର୍ ଆକାଡ଼୍ ଆରି
ପୁଜାଲାକେ ହିତାନ୍, ମି ଜିବୁନ୍ ପା ହେ ଲାକେ ଜିଉନନାକା ହୁକେ ଚାଲା ଆଏଡ଼୍ ।
୩ ଇସ୍ୱର୍‌ତି ପୁଇପୁୟା ଲକୁ ଆଜି ମାଚିସ୍ ମି ବିଡ୍ରେ ଦାରି, ବିଟାଡ଼୍‌କି ଲାବ୍‌ଡ଼ି, ହେଦାଂ ସାଦୁର୍ ଲାଗାଂ ହାର୍ ଆକାୟ୍ ।
୪ ମି ପାକ୍ୟାତ ହୱାଦ୍ ବେରଣ୍, ଅରାହିଲ୍‌ତି କାତା କି ଆହାର୍ କାତା ବେବାର୍ କିନାକା ପା ଲଡ଼ା ଆକାୟ୍ । ଇଚିସ୍ ମି
କାତାବାର୍ତାତ ଇସ୍ୱର୍‌ତିଂ ଦନ୍ୟବାଦ୍ ହିଜି ମାନାଟ୍ ।
୫ ଇନେକିଦେଂକି ଏପେଙ୍ଗ୍ ହାଡ଼୍‌ପା ଇଞ୍ଜି ପୁନ୍‌ଞ୍ଜି ମାନାଟ୍, ଇମ୍‌ଣି ଦାରୁଲା କି ରାଡ଼ା ମାନାୟ୍ ନଲେ ଲବ୍ରା ହେୱାନ୍ ତ
ପୁଡ଼୍‌ଡ଼ା ପୁଜାକିନାକାନ୍ ଇୱାର୍‌ତି, କ୍ରିସ୍ଟ ଆରି ଇସ୍ୱର୍‌ତି ରାଜିନି ଆଦିକାର୍ ଆଦେଂ ଆଡୁର୍ ।
୬ ପଲ୍ୟା କାତା ଇଞ୍ଜି ଇନେର୍ ମିଙ୍ଗେଙ୍ଗ୍ ଟକାୟ୍ କିଦ୍‌ମେନ୍ । ଇ ସବୁ ବାନ୍ୟାକାମାୟ୍ ହୁକେ ଇମ୍‌ଣାକାର୍ ଇସ୍ୱର୍‌ତି ବଲ୍
ମାନି କିଉର୍, ହେୱାର୍ କାଜିଂ ତା ରିସା ପଲ୍ୟା ଆନାଡ଼୍ ।
୭ ଏଲେଙ୍ଗ୍ ବାନି ମାନାୟ୍ ଲାହାଙ୍ଗ୍, ଇମ୍‌ଣି ତାକେପା ମେହାଣ୍ ଆମାଟ୍,
୮ ଏପେଙ୍ଗ୍ ଦିନେକ୍ ମାଜ୍‌ଗାତ ମାଚାଦେର୍, ମତର୍ ନଙ୍ଗ୍ ମାପୁଟି ଲକୁ ଆଜି ମାଚିଲେ ଅଜଡ଼ନି ହିମ୍‌ଣାଂ ଲାକେ ବେବାର୍
କିୟାଟ୍,
୯ ଇନାକିଦେଂକି ଅଜଡ଼୍‌ନେ ସବୁ ବାନି ସତ୍‌ଗୁଣ୍, ଦାମର୍ ଆରି ହାଡ଼୍‌ପା ଲାକେ ପାଡ଼୍‌ଉବ୍‌ଜା ଆନାଡ଼୍ ।
୧୦ ମାପୁଟିଂ ବୁଜା ଆଦେଂ କାଜିଂ ହିକ୍ୟା କିୟାଟ୍ ।
୧୧ ମାଜ୍‌ଗାନି ମାଲ୍ୟା କାମାୟ୍ ସବୁତାକେ ମେହାଆମାଟ୍, ଇଚିସ୍ ସବୁନି ଦସିନେ ଚଚାଟ୍ ।
୧୨ ଇନାକିଦେଂକି ହେୱାର୍ ଇନାକା ସବୁ ଡ଼ଗୁଜି କିତାର୍, ହେ ସବୁ କାତା ଇନାକା ପା ଲାଜୁ,
୧୩ ଏଚେକାଡ଼୍‌ଦ ୱିଜୁ ବିସ୍ରେ ଅଜଡ଼୍‌ତ ତାଇୱାନାର୍, ହେପାଦ୍‌ନା ହେୱାକାଂ ହାଡ଼୍‌ପା ଲାକେ ହନାଡ଼୍ ।
୧୪ ଇନେକିଦେଂକି ଅଜଡ଼୍ ୱିଜୁ ବିସ୍ରେ ଅଜଡ଼୍ ଆନାଡ଼୍ । ହେଦାଂ କାଜିଂ ଏଲେଙ୍ଗ୍ ଲେକା ଆତାଡ଼୍‌ନ୍ନା ।
"ଏ ହୁଞ୍ଜାକାଦେର୍, ନିଙ୍ଗାଟ୍, ହାତାକାର୍ ବିଡ୍ରେତାଂ ନିଙ୍ଗ୍‌ଗାଟ୍,
ଆରେ କ୍ରିସ୍ଟ ମି ତାକେ ଅଜଡ଼୍ ଆନାନ୍ ।"
୧୫ ଲାଗିଂ ଏପେଙ୍ଗ୍ ଇନେସ୍ ବେବାର୍ କିନାଦେର୍, ହେୱାନ୍ ବିସ୍ରେ ଜାଗ୍ରତ୍ ମାନାଟ୍, ଅଗିଆନି ଲାକେ ଆୱାଦାଂ ଗିଆନି
ଲାକେ ବେବାର୍ କିୟାଟ୍,
୧୬ ✡ଜାଣ୍‌କେ ଉପାୟ୍‌ନି ସତ୍ ବେବାର୍ କିୟାଟ୍, ଇନାକିଦେଂକି କାଡ଼୍ ବାନ୍ୟା ଦିନ୍ ଏକାୱାନାଡ଼୍ ।
୧୭ ଲାଗିଂ ବୁଦିହିଲ୍‌ୱି ଲାକେ ଆମାଟ୍, ମାତର୍ ମାପୁଟି ଇଚା ଇନାକା, ହେଦାଂ ବୁଜାଆଦେଂ ସେସ୍ଟ କିୟାଟ୍ ।
୧୮ କାଲିଂ ଅଙ୍ଗୁର୍ ରାସ୍ ହଚ୍‌ମାଟ୍, ଇନେକିଦେଂକି ହେଦାଂ କେବଲ୍ ମିଙ୍ଗେଙ୍ଗ୍ ନାସ୍ କିଦ୍‌ନାଡ଼୍, ମାତର୍ ପୁଇପୁୟା
ଜିବୁନ୍‌ତ ବାତର୍ ଆଡ,
୧୯ ✡ନାନ୍ଦ୍, ଦନ୍ୟବାଦ୍ ନାନ୍ଦ୍, ଆରି ବକ୍ତି ନାନ୍ଦ୍, ହୁକେ ହାରିତିଂ ୱାରିକି କିୟାଟ୍ । ମାନ୍ତ ଇଚା ଲାହାଂ ମାପୁଟି ଉଦେସ୍‌ତ
କେର୍‌କଣ୍ ଆରି କେର୍‌କଣ୍ କେରାଟ୍ ।
୨୦ ନିଡ୍ରେ ୱିଜୁ ବିସ୍ରେ କାଜିଂ ମା ମାପୁ ଜିସୁ କ୍ରିସ୍ଟତି ତର୍‌ଦ ଆବା ଇସ୍ୱର୍‌ତିଂ ଦନ୍ୟବାଦ୍ ହିଆଟ୍ ।

## ଆଣ୍ଡ୍ରେନ୍ ଆରି କଗ୍‌ଲେ

୨୧ ଆରେ କ୍ରିସ୍ଟଙ୍ଗ୍ ପାଣ୍ଡ୍ରୁ ଆଜି ଏପେଙ୍ଗ୍ ହାରି ତାରେନ୍ ଆଡୁ ।
୨୨ ✡ଏ କଗ୍‌ଲେକାଦେର୍, ଏପେଙ୍ଗ୍ ଇନେସ୍ ମାପୁଟି ତଲ୍ୟା ଆଡୁ, ହେ ଲାକେ ଜାର୍ ଜାର୍ ଆଣ୍ଡ୍ରେନିଂ ତଲ୍ୟା ଆଡୁ,
୨୩ ମଣ୍ଡ୍‌ଲି ଜପି କ୍ରିସ୍ଟତି ଆଦିକାର୍ ଲାକେ କଗ୍‌ଲେ ଜପି ଆଣ୍ଡ୍ରେନ୍ ଆଦିକାର୍ ମାନାଡ଼୍; ଆରେ କ୍ରିସ୍ଟନେ ତା ଗାଗାଡ଼୍ ଲାକେ
ମଣ୍ଡ୍‌ଲିନି ମୁକ୍ତିକିନାକାନ୍ ।
୨୪ ମଣ୍ଡ୍‌ଲି ଇନେସ୍ କ୍ରିସ୍ଟତି ତାକେ ତଲ୍ୟା, ଆଣ୍ଡ୍ରାଂ ସମାନ୍ ହେ ଲାକେ ଜାର୍ ଜାର୍ ଆଣ୍ଡ୍ରେନ୍ ଲାଗାଂ ପୁରା ତଲ୍ୟା ଆଏକ୍
।
୨୫ ✡ଏ ଆଣ୍ଡ୍ରାକାଦେର୍, କ୍ରିସ୍ଟ ଇନେସ୍ ମଣ୍ଡ୍‌ଲିତିଂ ଜିଉନତାନ୍, ତା କାଜିଂ ଜାର୍ ଜିବୁନ୍ ହିତାନ୍, ଏପେଙ୍ଗ୍ ସମାନ୍ ହେ
ଲାକେ ଜାର୍ ଜାର୍ କଗ୍‌ଲେକାଂ ଜିଉନୱାଟ୍ ।
୨୬ ଇନେସ୍ ବଚନ୍ ଆରି ଏଜୁଙ୍ଗ୍‌ତାଂ ନୁସ୍ୟାନି କାଜିଂ ହେୱାନ୍ ତାଙ୍ଗ୍ ସକଟ୍ କିଜି ପୁଇପୁୟା କିଦ୍‌ନାନ୍,
୨୭ ଇନେସ୍ ମଣ୍ଡ୍‌ଲି ପୁଇପୁୟା, ପ୍ରାଲ୍‌ହିଲ୍‌ୱାକା ବୁଲ୍‌ହିଲାକାନ୍ ଆରି ସବୁ ବାନି ଦସ୍‌ହିଲ୍‌ୱି ଆଜି ପୁଇପୁୟା ଆରି
ହୁଞ୍ଜ୍‌ୱାକା ଆନାଡ଼୍, ଆରେ ହେ ଲାକେ ଜାଜ୍‌ମାଲ୍ ଅବସ୍ତାତ ହେୱାନ୍ ତାଙ୍ଗ୍ ଜାର୍ ଲାଗାଂ ନିଲି କିନାନ୍ ।

---
✡ **୫:୧୬** କଲସିୟ ୪:୫. ✡ **୫:୧୯** କଲସିୟ ୩:୧୬,୧୭. ✡ **୫:୨୨** କଲସିୟ ୩:୧୮; ୧ ପିତର୍ ୩:୧. ✡ **୫:୨୫** କଲସିୟ ୩:୧୯; ୧ ପିତର୍ ୩:୭.

୨୮ ଆଣ୍ତ୍ରାଂ ଜାର୍ ଗାଗାଡ଼୍ ଲାକେ ବାବି କିଜି ଜ଼ାର୍ କଗ୍‌ଲେଂ ଜିଉନନାକା ଲଡ଼ା । ଇନେନ୍ ଜାର୍ କଗ୍‌ଲେଂ ଜିଉନନାନ୍,
ହେୱାନ୍ ଜାର୍‌ତିଂ ଜିଉନନାନ୍;
୨୯ ଇନେର୍ ଇନାୱାଡ଼ାଂ ଜାର୍ ଗାଗାଡ଼୍‌ତିଂ ଗିଣ୍ କିଉନ୍ । ଇଚିସ୍ ଗାଗାଡ଼୍ ପହାପାଲି କିନାନ୍ ଆରି ତାଙ୍ଗ୍ ଜାତୁନ୍ କିନାନ୍,
କ୍ରିସ୍ଟ ଇନେସ୍ ମଣ୍ଡ୍‌ଲିନି ଜାତୁନ୍ କିନାନ୍ ।
୩୦ ଇନେକିଦେଂକି ଆସେଙ୍ଗ୍ ହେୱାନ୍ତି ଗାଗାଡ଼୍‌ନି କେଇଗାଲ୍ ।
୩୧ ଦରମ୍ ସାସ୍ତର୍ ଇଞ୍ଜି ମାନି ଇସାବେ, "ଇ କାରଣ୍‌ତାଂ ମାନାୟ୍ ଜାର୍ ଆବା ଆୟାଂ ପିସ୍ତି ଜାର୍ କଗ୍‌ଲେ ଲାହାଂ ମେହା
ଆନାନ୍ ଆରି ହେୱାନ୍ ରିୟାର୍ ମେହାଜି ର ଗାଗାଡ଼୍ ଆନାର୍ ।"
୩୨ ସାସ୍ତର୍‌ନି ଇ ବାଗ୍‌ତ ର ଡ଼କ୍ରି କାତା ହତାଡ଼୍‌ନା; ଇଦାଂ କ୍ରିସ୍ଟ ଆରି ମଣ୍ଡ୍‌ଲି କାଜିଂ ଇଦାଂ ବେବାର୍ ଇଞ୍ଜି ବୁଜାନାଙ୍ଗା ।
୩୩ ମାତର୍ ଇଦାଂ ମି କାଜିଂ ପା ବେବାର୍ । ଜାଣ୍‌କେ ଆଣ୍ତ୍ରେନ୍ କଗ୍‌ଲେଂ ୱାସ୍କିଲାକେ ଜିଉନୱେନ୍ ଆରି ଜାଣ୍‌କେ
କଗ୍‌ଲେକ୍ ନିଜ୍ ଆଣ୍ତ୍ରେନିଂ ମାନି କିଏଡ଼୍ ।

# ୬

## ଆବା ଆୟା ଆରି ହିମ୍‌ଣାଙ୍ଗ୍

୧ ହିମ୍‌ଣାଙ୍ଗ୍, ମାପୁ କାଜିଂ ଆବା ଆୟାକ୍‌ତି ବଲ୍ ମାନି କିନାକା ମି କ୍ରିସ୍ଟିୟାନ୍ କାମାୟ୍, ଇନେକିଦେଂକି ଇଦାଂ ନେ ସମାନ୍
ବେବାର୍ ।
୨ "ମି ଆବା ଆୟାକାଂ ମାନି କିୟାଟ୍ ।" କେବଲ୍ ଇ ବଲ୍‌ତ ରଞ୍ଜାଙ୍ଗ୍ ପାର୍ମାଣ୍ ମେହାୟ୍ କିୟାଜି ଇଟ୍ୟାତାଡ଼୍‌ନା ।
୩ "ଇନେସ୍‌କି ମିଦାଙ୍ଗ୍ ହାର୍ ଆନାଡ଼୍, ଆରି ଏପେଙ୍ଗ୍ ପୁତର୍ତ ବେସି ଦିନ୍ ଜିନାଦେର୍ ।"
୪ ✡ଆବା ଆୟାକ୍, ହିମ୍‌ଣାକାଂ ରିସା କିନାକା ଇଞ୍ଜି ଇନାକାପା ବେବାର୍ କିମାଟ୍, ଇଚିସ୍ ମାପୁତି ହିକ୍ୟାତ ହେୱାରିଂ ମାନି
କିୟାଟ୍ ।

## କଡ଼୍‌କାଆଡ଼ିଏନ୍ ଆରି ହାଉକାର୍

୫ ✡କଡ଼୍‌କାଆଡ଼ିୟାର୍, ଏପେଙ୍ଗ୍ କ୍ରିସ୍ଟତି ହେବା କିନାଦେରା ଇଞ୍ଜି ୱାସ୍କି ବାବ୍ରେ ପାଣ୍ତ୍ରୁତିଂ ଡ୍ରିଗ୍‌ଜି ସଁସାର୍‌ନି ହାଉକାରିକାଂ
ବଲ୍ ମାନିକିୟାଟ୍ ।
୬ କେବଲ୍ ହାଉକାର୍ ମିଙ୍ଗ୍ ଇଟ୍‌କାଡ଼୍ କିଜିମ୍‌ାନି ସମୁତ ତା ସାରି ଆଜି ହେବା କାଜିଂ ଇଦାଂ କିୱାଦାଂ, କ୍ରିସ୍ଟତି
କଡ଼୍‌କାଆଡ଼ିଏନ୍ ଲାକେ ମି ୱିଜୁ ୱାସ୍କି ହିଜି ଇସ୍ୱର୍ତ ଇଚା ମାନି କିୟାଟ୍ ।
୭ କେବଲ୍ ମାନାୟାର୍‌ତି ହେବା କିନାଙ୍ଗା ଇଞ୍ଜି ବାବିକିୱାଦାଂ ମାପୁତି ହେବା କିନି ଲାକେ ୱାରିତାଂ ହେଦାଂ କିୟାଟ୍ ।
୮ ମନ୍ତ ଇଟାଟ୍, ହେୱାନ୍ କଡ଼୍‌କାଆଡ଼ିଏନ୍ ଆଏନ୍ କି ଜାର୍ ଇଚାତ ଆଏନ୍ ମାପୁ ୱିଜାରିଂ ତାଦି ହାର୍‌ଦି କାମାୟ୍ କାଜିଂ
ଇନାମ୍ ହିଦ୍‌ନାନ୍ ।
୯ ଆରେ ଏ ହାଉକାର୍‌କାଦେର୍, ମି କଡ଼୍‌କାଆଡ଼ିୟାର୍ କାଜିଂ ଜାର୍ ଲାକେ ବେବାର୍ କିୟାଟ୍, ଦାକା ହିମାଟ୍ ।
ମାନ୍ତ ଇଟାଟ୍, ଏନ୍ ଆରି ମି କଡ଼୍‌କାଆଡ଼ିୟାର୍ ୱିଜାକାର୍ ସାର୍ଗେନି ମାପୁତି ତଲ୍ୟା । ହେୱାନ୍ ଜାଣ୍‌କେତିଂ ମୁକ୍‌ମେଟ୍
ହୁଡ଼୍‌ଦାୱାଦାଂ ସମାନ୍ ବାବ୍ରେ ବିଚାର୍ କିନାନ୍ ।

## ଇସ୍ୱର୍ କାଜିଂ ଜୁଜ୍‌ନି ହାଜ

୧୦ ହାରିହାରା, ମାପୁ ଲାହାଙ୍ଗ୍ ମେହାଜି ତା ଜବର୍ ସାକ୍ତିତାଂ ବାଡ଼୍‌କାସ୍ ଆଡ ।
୧୧ ଇସ୍ୱର୍‌ହିତି ସବୁ ଜୁଜ୍‌ତ ଜାଲ୍‌ଦି ଜାଗ୍ରଡ଼୍ ଆଡ, ଇନେସ୍ ସୟତାନ୍‌ନି ବାନ୍ୟା ଚିନ୍ତାତ ମେହାଆନି କାଜିଂ ଜାଗ୍ରଡ଼୍ ଆଡ
।
୧୨ ଇନାକିଦେଂକି ମା ଜୁଜ୍ ମୈଡ଼୍‌ପୁର୍‌ନି ମାନାୟ୍ ବିରୁଦ୍‌ତ ଆକାୟ୍, ମତର୍ ଜଗତ୍ ଆଦିକାର୍ ବିରୁଦ୍‌ତ ଆକାୟ୍,
ଆଦିକାରି ବିରୁଦ୍‌ତ, ଇ ମାଜ୍‌ଗାନି ସାର୍ଗେନି ଆଦିକାରି ବିରୁଦ୍‌ତ ଆରେ ଆକାସ୍‌ନି ବାନ୍ୟାଜିବୁନିଂ ବିରୁଦ୍‌ତ ଜୁଜ୍ କିନାପା;
୧୩ ଲାଗିଂ ନଙ୍ଗ୍ ଇସ୍ୱର୍ ହିଡ଼୍‌ତି ଜୁଜ୍‌ହାଜ ଉସ୍‌ପାଟ୍; ତା ଆଡିସ୍ କସ୍ଟ୍‌ଦିନ୍ ସମୁତ ଏପେଙ୍ଗ୍ ସତ୍ରୁ କାଟ୍ରାନାକା ବନ୍ଦକିଦେଂ
ଆଡ଼୍‌ନାଦେର୍ ଆରି ହାରିହାରା ପାତେକ୍ ଜୁଜ୍ କିଜି ପା ଡାଟ୍ ମାନ୍‌ଗାନାଡ଼୍ ।
୧୪ ଲାଗିଂ, ସଡ଼୍ ଲାଗ୍‌ଦି ମେଙ୍ଗାଙ୍ଗ୍ ଗାଚ୍‌ନାକା ଦାମର୍‌କାତା ଲାକେ ଗାଗାଡ଼୍‌ହାଜ ଉସ୍‌ପାଟ୍ ।
୧୫ ଆରେ ସୁସ୍ତାନି ନେକ୍ରିକାବୁର୍ କାଜିଂ ଜାଲ୍‌ଦିଆତି ପାଣ୍ତାୟ୍ ପାନାତ ତୁସ୍‌ଜି ଲେମ୍‌ୱାଦାଂ ମାନାଟ୍;
୧୬ ନିଡ଼୍ରେ ପାତର୍ତ ଜାର୍‌ତିଂ ରାକ୍ୟାକିନାକା ପିଣ୍ତାଟ୍, ଇଦାଂ ଉପ୍‌କାର୍‌ତାଂ ସୟତାନ୍ ହୁକେ ତୁହ୍ୟାତାକା ୱିଜୁ
ଜୟ୍‌ବାଣ୍‌ତିଂ ପାଗ୍‌ଦେଂ ଏପେଙ୍ଗ୍ କିଦେଙ୍ଗ୍ ଆଡ଼୍‌ନାଦେର୍ ।
୧୭ ଆରେ, ମୁକ୍ତି ଟପ୍ରି ମୁଗାଟ୍ ଆରି ଜିବୁନ୍‌ନି କାଣ୍ତା ଇଚିସ୍ ଇସ୍ୱର୍ତ ବଚନ୍ ଆହାଟ୍;

✡ **୬:୪** କଲସିୟ ୩:୨୧. ✡ **୬:୫** କଲସିୟ ୩:୨୨-୨୫.

୧୮ ଇସ୍ୱର୍‌ତି ଉପ୍‌କାର୍ ବିକ୍ୟା କିଜି ପାର୍ତାନା ଲାହାଂ ଇଦାଂ ସବୁ କିୟାଟ୍ । ସବୁ ନିତିତ ପୁଇପୁୟା ଜିବୁନ୍‌ତିଂ ଚାଲାନି
ଇସାପ୍ରେ ପାର୍ତାନା କିୟାଟ୍ । ଜାଗ୍ରତ୍ ମାନାଟ୍, ଇନାୱାଡ଼ାଂ ୱାହ୍‌ମାଟ୍ । ଇସ୍ୱର୍‌ତି ମାନାୟାର୍ କାଜିଂ ତାଇନାତ୍ ପାର୍ତାନାତ
ଜାଗ୍ରତ୍ ଆସି ମାନାଟ୍ ।
୧୯ ନା କାଜିଂ ପା ପାର୍ତାନା କିୟାଟ୍, ଇନେସ୍‌କି ନେକ୍ରିକାବୁର୍ ଡ଼କ୍କି କାତା ୱେଚ୍‌ଚେଙ୍ଗ୍ ଆରି ପାଣ୍ଡ୍ରାୱାଦାଂ ହେଦାଂ ଇଞ୍ଜେଙ୍ଗ୍
ଇସ୍ୱର୍ ନା ୱେଇଦ ସମାନ୍ କାତା ହିଦ୍‌ନାନ୍ ।
୨୦ ନଙ୍ଗ୍‌ପା ବନ୍ଦି ଆସି ମାଚିସ୍‌ପା ଆନ୍ ନେକ୍ରିକାବୁର୍ କାଜିଂ ର ରାଜାଦୁତ୍ । ପାର୍ତାନା କିୟାଟ୍, ଇନେସ୍ ଆନ୍ ସାସ୍ ହୁଦାଂ
ସମାନ୍ ବାବ୍ରେ ନେକ୍ରିକାବୁର୍ ସୁଣାୟ୍ କିଦେଙ୍ଗ୍ ଆଡ଼୍‌ନାଙ୍ଗ୍ ।

### ହାରିହାରାନି ବନ୍ଦାଣି

୨୧ ✡✡ନା ଅବସ୍ତା ବିସ୍ରେ ଏପେଙ୍ଗ୍ ଇନେସ୍ ପୁଞ୍ଜେଙ୍ଗ୍ ଆଡ଼୍‌ନାଦେର୍, ହେଦାଂ କାଜିଂ ମା ୱାରିନି ଟଣ୍ତ୍ରେନ୍ ଆରି ମାପ୍ରୁତି
କାମାୟ୍ କିଜି ମାନି ପାତର୍ନି ହେବାକାର୍‌ୟା ତୁକିକ ନା ବିସ୍ରେ ମିଙ୍ଗେଙ୍ଗ୍ ସବୁ କାତା ଇଞ୍ଜ୍‌ନାନ୍ ।
୨୨ ଆସେଙ୍ଗ୍ ସବୁ ଇନେସ୍ ମାନାସ୍, ହେ ବିସ୍ରେ ୱେଚ୍‌ଚି ମିଙ୍ଗେଙ୍ଗ୍ ୱାରିକିୟ୍ କିନି କାଜିଂ ଆନେଙ୍ଗ୍ ତାଙ୍ଗେଙ୍ଗ୍ ମି ୱାସ୍କି
ହେୱାନ୍ତି ହୁକେ ୱାରି କିୟା ଆନାନ୍ ।
୨୩ ଆବା ଇସ୍ୱର୍ ଆରି ମାପ୍ରୁ ଜିସୁ କ୍ରିସ୍ଟ ପାତର୍ କିନି ଟଣ୍ତ୍ରାର୍ ଆରି ତଣ୍‌ଦେକାଂ ସୁସ୍ତା ଆଡ, ଜିଉନନାକା ଆରି ପାତର୍
ଲାହାଙ୍ଗ୍ ବାଡାୟ୍ କିଏନ୍ ।
୨୪ ଏଚେକ୍ ଲକୁ ମା ମାପ୍ରୁ ଜିସୁ କ୍ରିସ୍ଟଙ୍ଗ୍ ସବୁୱେଡ଼ାଂନି ଜିଉନନିତ ୱିଜ୍‌ୱାକା, ଜିସୁତି ଉପ୍‌କାର୍ ହେ ୱିଜାକାର୍ ଲାହାଙ୍ଗ୍
ଆୟେତ୍ ।

---

✡ **୬:୨୧** ପକ୍ୟାତାକା ୨୦:୪; ୨ ତିମତି ୪:୧୨. ✡ **୬:୨୧** କଲସିୟ ୪:୭,୮.

# ପିଲପିୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କ ପତ୍ର
# ପିଲିପିୟ ମଣ୍ଲି ତାକେ ପକ୍ୟାତି ପାଉଲ୍ତି ଆକି
## ଇ ପତି ବିସ୍ରେନି ପାଦେକ୍

ଜିସୁ କ୍ରିସ୍ଟତି ଜଲମ୍ ଆଜି ମାନ୍‌ଗାନାତ୍ ୬୧ ବାର୍ହୁ ପାଚେ ପାଉଲ୍ ପିଲିପିୟ ମଣ୍ଲିନି ପାତର୍ କିନାକା ତାକେ ଆକି ଲେକିକିତାନ୍ । ଇନେସ୍‌କି ପାଉଲ୍ ରମ୍‌ତ ବନ୍ଦି ମାନିହିଙ୍ଗ୍ ଇ ଆକି ଲେକିକିଜି ମାଚାନ୍ ୧:୧୩ ।

ପିଲିପିୟ ଗାଡ୍ ବିଡ୍ରେ ଆଁ ରଚ୍‌ଚି ମଣ୍ଲି ତାକେ ଇ ଆକି ଲେକା ଆଜି ମାଚାଡ୍ । ଆପେଂ ପକ୍ୟାତି ପତିତ ପା ଏଚେକ୍ ବିସ୍ରେ ପିଲିପିୟ ପତି ବିସ୍ରେ ପୁଞ୍ଜେଙ୍ଗ୍ ଆଡ୍‌ନାସ୍ । ପିଲିପିୟ ମାକିଦନିୟା ଦେସ୍‌ତ ରାଜାର୍ ଗାଡ୍ ମାଚାଡ୍ । ଇଦାଂ ମାକିଦନିୟାତ ରଚ୍‌ଚି ପର୍ତୁମ୍ ମଣ୍ଲି ମାଚାଡ୍ । ପାଉଲ୍ ଆରି ସିଲା ମେହାଜି ଇ ମଣ୍ଲି ଆରମ୍ କିଜି ମାଚାର୍ ଆରେ ପା ହେବେ ମାନି ସମୁତ ର ନାଣା କାଜିଂ ହେୱାରିଂ ଜଇଲ୍‌ତ ଇଟ୍ୟାଜି ମାଚାର୍ ପକ୍ୟାତାକା ୧୬ ।

ଆଜି ମାନ୍‌ଗାନାଡ୍ ପାଉଲ୍ ଇ ଆକି ଲେକିକିନି କାଜିଂ କେତେକ୍ ଉଦେସ୍ ମାନ୍‌ଗାନାଡ୍ । ହେୱାନ୍ ବନ୍ଦି ମାନି ବିସ୍ରେ ୱେନ୍‌ଞ୍ଜି ମଣ୍ଲିନି ମାନାୟାର୍ ଦାନ୍ ରୁଣ୍ଡାୟ୍ କିଜି ପକ୍‌ତିଲେ ମଣ୍ଲିତିଂ ଦନ୍ୟବାଦ୍ ହିନି ଇସାବ୍‌ରେ ଇଡ୍‌ଜି ଆକି ଲେକିକିନାନା ୪:୧୦-୧୯ । ହେୱାନ୍ ପା ତା ବନ୍ଦି ଅବସ୍ତାତ ହୁଦାଂ ମଣ୍ଲିତ ତିମତି ଆରି ଏପାପ୍ରାତିତିଂ ଗାଚ୍‌ନାର୍, ପାତର୍ କିନାକାର୍ ଇନେସ୍‌କି ହେୱାରିଂ ମାନି କିଜି ଜୱାର୍ ଜାଣାୟ୍ କିତାର୍ ଆରି ତା ସଡ୍‌ତାଂ ସନ୍‌ମାନ୍ ହିନାର୍ ୨:୧୯-୩୦ ।

**ପତି ବିସ୍ରେନି ରାହାଣ୍**

୧. ପିଲିପି ମଣ୍ଲିତିଂ ପାଉଲ୍‌ତି ଜାଣାୟ୍‌କିନାନ୍ ୧:୧-୨
୨. ପାଉଲ୍‌ତି ଅବସ୍ତା ଆରି ତା ଚିନ୍ତା ହୁକେ ୧:୩; ୨:୩୦
୩. ପାତର୍ କିନାକାରିଂ କ୍ରିସ୍ଟାନ୍ ଜିବୁନ୍ ଜିପ୍‌କା କାଜିଂ ପାଉଲ୍‌ତିଂ ଦସ୍‌ଆକାୟ୍ ୩:୧; ୪:୯
୪. ପାଉଲ୍ ଦାନ୍ କାଜିଂ ପିଲିପିୟ ମଣ୍ଲିତିଂ ଜୱାର୍ ଜାଣାୟ୍‌କିନାନ୍ ୪:୧୦-୨୩

### ବାନ୍ଦାୟ୍ ଆରି ପାଉଲ୍‌ତି ପାର୍ତାନା

୧ ✡ପାଉଲ୍ ଆରି ତିମତି, କ୍ରିସ୍ଟ ଜିସୁତି ରିୟାର୍ ଆଡ଼ିୟାର୍, ପିଲିପିତ ମାନି କ୍ରିସ୍ଟ ଜିସୁତି ମାନି ୱିଜାର୍ ସାଦୁର୍ ଲାଗାଂ
ଆରେ, ମୁଣିକା ଆରି ହେବା କାର୍‌ୟାର୍ ଲାଗାଂ;
୨ ମା ଆବା ଇସ୍ୱର୍ ଆରି ମାପ୍ରୁ ଜିସୁ କ୍ରିସ୍ଟ ମିଙ୍ଗେଙ୍ଗ୍ ଉପ୍‌କାର୍ ଆରି ସୁସ୍ତା ମି କାଜିଂ ଆୟେଡ୍ ।
୩ ଆନ୍ ମିଙ୍ଗେଙ୍ଗ୍ ଏଚେକ୍ ହଟ୍ ଏଡୁ କିଦ୍‌ନାଙ୍ଗ୍, ହେଏଚେକ୍ ହଟ୍ ଆନ୍ ଇସ୍ୱର୍‌ତିଂ ଦନ୍ୟବାଦ୍ ହିଜି ମାନାଙ୍ଗ୍ ।
୪ ଆରେ ସବୁ ନାଞ୍ଜିଙ୍ଗ୍ ମି କାଜିଂ ୱାରିକିଜି ପାର୍ତାନା କିନି ସମୁତ,
୫ ଇନେକିଦେଂକି ମି ପାତର୍ ଆରମ୍ ଦିନ୍‌ତାଂ ନଙ୍ଗ୍ ପାଚେକ୍ ନେକ୍ରିକାବୁର୍ କାମାୟ୍‌ତ ଏପେଙ୍ଗ୍ ନାଙ୍ଗ୍ ଉପ୍‌କାର୍ କିଦ୍‌ଦେଂ
ୱାତାଦେର୍ଣ୍ଣା ।
୬ ଲାଗିଂ ଆନ୍ ଇ ବିସ୍ରେତିଂ ହାଡ୍‌ପା ଜେ, ଇମ୍‌ଣି ମାପ୍ରୁ ମି ତାକେ ଇ ହାର୍‌ଦି କାମାୟ୍ ଆରମ୍ କିତାନ୍ନା, କ୍ରିସ୍ଟ ଜିସୁତି
ଆରେୱାନି ଦିନ୍ତ ଇଦାଂ ୱିଜ୍‌ନି ପାଚେକ୍ ହେୱାନ୍ ହେଦାଂ ପାତର୍ କିନାନ୍ ।
୭ ଏପେଙ୍ଗ୍ ସବୁୱେଡ଼ାଙ୍ଗ୍ ନା ୱାସ୍ମିତ ମାନାଦେର୍; ଲାଗିଂ ମି ବିସ୍ରେ ବାବି କିନାକା ନା ପାକ୍ୟାତ ହାର୍ ଆକାୟ୍ । ଆନ୍
ମାନ୍‌ଇଚା ମାନି ୱେଡ଼ାଲିଂ ଆରି ନଂ ଇ ବନ୍ଦି ଅବସ୍ତାତ ନେକ୍ରିକାବୁର୍‌ନି ନିୟାୟ୍ ହାଙ୍ଗ୍‌ତାକା ଆରି ରାକ୍ୟା କାଜିଂ କାମାୟ୍
କିଦେଙ୍ଗ୍ ଇସ୍ୱର୍ ନାଂ ଇମ୍‌ଣି ପାବ୍ ହିଡ୍‌ତାନ୍ନା, ଏପେଙ୍ଗ୍ ୱିଜାଦେର୍ ଇବେ ମେହା ଆତାଦେର୍ଣ୍ଣା ।
୮ ଇନେକିଦେଂକି କ୍ରିସ୍ଟ ଜିସୁତି ଜିଉନନି ବାତର୍ ଦୟାତ ଆନ୍ ମି ୱିଜାର୍‌ତି କାଜିଂ ଇନେସ୍ ବାନି ଇଚା, ଇ ବିସ୍ରେ ଇସ୍ୱର୍
ନା ସାକି ।
୯ ଆନ୍ ପାର୍ତାନା କିନାଙ୍ଗା, ଇନେସ୍ ହାଡ୍‌ପା ଗିଆନ୍ ଆରି ନିୟାୟ୍ ବିଚାର୍ ଲାହାଂ ମିଦାଂ ଜିଉନନାକା, ଆଦିକ୍‌ତାଂ ଆଦିକ୍
ବାଡା ଆନାଡ୍ ।
୧୦ ଆରେ ଏପେଙ୍ଗ୍ ଇନେସ୍ ବେସି ବିସ୍ରେ ସବୁ ବାଚିକିଦେଂ ଆଡ୍‌ନାଦେର୍ । ତା ଆତିସ୍ ଏପେଙ୍ଗ୍ କ୍ରିସ୍ଟତି ୱାନି ଦିନ୍ତ
ହାର୍ଦାକା ଆରି ନିନ୍ଦାୱାଦାଂ ମାନ୍‌ଗାନାଦେର୍ ।
୧୧ ଆରି ଇସ୍ୱର୍‌ତି ଜାଜ୍‌ମାଲ୍ ଆରି ୱାରିକିୟ୍ କାଜିଂ ମି ଜିବୁନ୍ ଜିସୁ କ୍ରିସ୍ଟତି ହିଡ୍‌ତାକା ୱିଜୁ ଦାମର୍ତ ବାତର୍ ଆନାଦେର୍
।

### ବାଚାଆନାକା ଅରଡ୍ କ୍ରିସ୍ଟ

✡ **୧:୧** ପକ୍ୟାତାକା ୧୬:୧୨.

୧୨ ଏ ଟଣ୍ଡାର୍ ଆରି ତଣ୍‌ଦେକ୍ ! ଆନ୍ ମିଂ ୱେଚ୍‌ଚେଦେଂ ମାନ୍ କିନାଙ୍ଗ୍ ଜେ, ନା କାଜିଂ ଇନା ଇନାକା ଗିଟା ଆତାଡ଼୍‌ନ୍ନା,
ହେଦାଂ ନେକ୍ରିକାବୁର୍ ବାଡାନାକା ଉପ୍‌କାର୍ କିନାତା ।
୧୩ ଲାଗିଂ ନା ଗାଚ୍‌ୟାଜି ଜେ କ୍ରିସ୍ଟ କାଜିଂ, ଇଦାଂ ବାଙ୍ଗ୍‌ଲାତ ସବୁ ମେଲ୍ୟା ଦାଡ଼୍ ଆରି ବିନ୍‌ବିନ୍ ୱିଜାର୍ ଲାଗାଂ ହତାଡ୍;
୧୪ ମାତର୍ ଆନ୍ ବନ୍ଦି ଆଜି ମାଚିଲେ ହେନି ଟଣ୍ଡାର୍ ଆରି ତଣ୍‌ଦେକ୍ ମାପୁତି କାଜିଂ ଆଦିକ୍ ପାତର୍ଁ ଜଲମ୍ ଆତାଡ଼୍‌ନ୍ନା,
ଆରେ ଇଦାଂ କାଜିଂ ପାଣ୍ଡ୍ରା ଆୱାଦାଂ ଇସ୍ୱତର୍ଁ ବଚନ୍ ସୁଣାୟ୍ କିନି କାଜିଂ ହେୱାର୍‌ତି ସାସ୍ ବାଡା ଆତାଡ଼୍‌ନ୍ନା ।
୧୫ ଆତିସ୍‌ପା ହେୱାର୍ ବିତ୍ରେତାଂ କେତେକ୍‌ଜାଣ୍ ଗଣ୍ଡ୍‌ଗଲ୍‌ୱାରି ଆରି ଡାରା ଆଜି କ୍ରିସ୍ଟଙ୍ଗ୍ ପର୍‌ଚାର୍ କାମାୟ୍‌ତ ନଙ୍ଗ୍
ଲାଗାତାର୍‌ନା । ମାତର୍ ବିନ୍‌ନିକାର୍ ମାନ୍‌ଦିୟାନ୍ ଲାହାଂ ହେଦାଂ କିନାରା ।
୧୬ ଇୱାର୍ ନା କାଜିଂ ଜିଉନନି କାଜିଂ ହେଦାଂ କିତାର୍ । ଇନେକିଦେଂକି ହେୱାର୍ ପୁନାର୍ ଜେ, ଇସ୍ୱର୍ ନାଙ୍ଗେଙ୍ଗ୍
ନେକ୍ରିକାବୁର୍‌ନି ରାକ୍ୟା କାଜିଂ ଦାଇଡ୍ ହିଡ୍‌ତାନ୍ନା
୧୭ ବିନ୍‌ନିକାର୍ ପାତର୍ଁ ବାବ୍ରେ କ୍ରିସ୍ଟତି ବଚନ୍ ପର୍‌ଚାର୍ କିୱାଦାଂ ଜାର୍ ଇଚା ବାବ୍ରେ ଅଜି ହେଦାଂ କିତାର୍ଣ୍ଣା । ଆନ୍ ବନ୍ଦି
ଇଞ୍ଜ ମାନିହିଂ ନା ମାନ୍ତ ଆଦିକ୍ ଦୁକ୍ ହିଦେଂ ହେୱାର୍ ହେଦାଂ କିତାର୍ଣ୍ଣା ।
୧୮ ହେଦାଂ ୱାୟେଡ୍ କି ୱାମେଡ୍ । ହାଦର୍ଁ ଉଦେସ୍‌ତ ଆୟେଡ୍ କି ସତ୍‌ଆୱି ଉଦେସ୍‌ତ ଆୟେଡ୍, ଇମ୍‌ଣାକା ପା
ଉପାୟ୍‌ତ କ୍ରିସ୍ଟତି ବଚନ୍ ପର୍‌ଚାର୍ ଆତିସ୍ ହେବେ ନା ୱାରି । ଆନ୍ ୱାରି କିଜି ମାନ୍‌ଗାନାଂ ।
୧୯ ଇନାକିଦେଂକି ଆନ୍ ପୁନାଙ୍ଗ୍ ମି ପାର୍ତାନା ଆରି ଜିସୁ କ୍ରିସ୍ଟତି ଜିବୁନ୍‌ନି ଉପ୍‌କାର୍ ହୁକେ ଆନ୍ ମୁକ୍‌ଡ଼ା ଆନାଙ୍ଗ୍ ।
୨୦ ଜିବୁନ୍‌ତ କି ହାକିତ, ନା କାମାୟ୍‌ତ କି ଏଲାୱାଦାଂ ସବୁ ୱେଡ଼ାଲିଂ ଆରି ବେସି କିଜି ଇ କସ୍ଟ ୱେଡ଼ାଲିଂ ବାସର୍ଁ କିଜି
ବାତର୍ଁ ବାବ୍ରେ ଇନେସ୍ ଆନ୍ କ୍ରିସ୍ଟତିଂ ନା ଗାଗାଡ଼୍‌ତ ଜାକ୍‌ମାଲ୍ କିନାଙ୍ଗ୍ ।
୨୧ ହାଡ୍‌ପାନେ ନା ଜିବୁନ୍‌ତ କ୍ରିସ୍ଟନେ ୱିଜେନ୍‌କାନ୍ । ଲାଗିଂ ନା ପାକ୍ୟାତ ହାକି ଆଦିକ୍ ଲାବ୍ ଆନାଡ୍ ।
୨୨ ମାତର୍ ଗାଗାଡ଼୍‌ତ ଜଦି ଜିଜି ମାନ୍‌ଞ୍ଜି ଆନ୍ ଆଦିକ୍ ପାଡ଼୍ ଲାବ୍‌ନିକା କାମାୟ୍ କିଦେଙ୍ଗ୍ ଆଡ଼୍‌ନାଙ୍ଗ୍, ତେବେ ଜିବନ୍ କି
ହାକି ଇନେରିଂ ମାନ୍ କିନାଙ୍ଗ୍, ଆନେଙ୍ଗ୍ ସମାନ୍ କିଦେଙ୍ଗ୍ ଆଡୁଙ୍ଗା ।
୨୩ ଆନ୍ ରିକଣ୍ଡାଂ ରିଣ୍ଡି ବିସ୍ରେ ହର୍‌ବର୍ ଆନାଙ୍ଗା । ଇ ଜିବୁନ୍ ପିସ୍ତି କ୍ରିସ୍ଟ ଲାହାଂ ମାଞ୍ଜେଙ୍ଗ୍ ନାଙ୍ଗ୍ ବେସି ଇଚା । ଆତିସ୍‌ପା
ଇଦାଂ ହାର୍ଦାକା ।
୨୪ ମାତର୍ ମି କାଜିଂ ନା ଜିଜି ମାନାକା ବେସି ଲଡ଼ା ।
୨୫ ଆରେ ଆନ୍ ଆଟ୍‌ୱା ଲାକେ ଇଦାଂ ପୁନାଙ୍ଗ୍ ଜେ, ଆନ୍ ଜିଜି ମାନାଙ୍ଗ୍ । ମି ପାତର୍ଁତ ମିଦାଂ ବାଡାନାକା ଆରି ୱାରି
କାଜିଂ ମି ଲାହାଙ୍ଗ୍ ମାନାଂ,
୨୬ ତା ଆତିସ୍, ଏପେଙ୍ଗ୍ ଜିବୁନ୍‌ତ କ୍ରିସ୍ଟ ଜିସୁତି ଲାହାଂ ମିହାଆଜି ନା କାଜିଂ ଆଦିକ୍ ଗରବ୍ ବାବି କିଦେଙ୍ଗ୍ ଆଡ଼୍‌ନାଦେର୍
।
୨୭ ଆନ୍ ମିଙ୍ଗେଙ୍ଗ୍ ହୁଡ଼୍‌ନି କାଜିଂ ହାଞ୍ଜେଙ୍ଗ୍ ରାଜି ଆନାଙ୍ଗ୍ କି ଆଉଙ୍ଗ୍, ନଙ୍ଗ୍ ମୁଡ଼୍ ବିସ୍ରେ ଆନାତା, ମି ୱାସ୍କି ଆଚାର୍
ବେବାର୍ ଇନେସ୍ କ୍ରିସ୍ଟତି ନେକ୍ରିକାବୁର୍‌ନି ହନାଡ୍ ଆନ୍ ଇନେସ୍ ୱେନାଙ୍ଗ୍, ଏପେଙ୍ଗ୍ ର ଉଦେସ୍ ଅଜି ଡାଟ୍ ଲାକେ ନିଲ୍‌ଚି
ଆରି ର କାତା ଅଜି ନେକ୍ରିକାବୁର୍ ପାତର୍ଁ କାଜିଂ ରବେ ଜୁଜ୍ କିନାପା ।
୨୮ ଆରେ, ସାତୁରିଂ ପାଣ୍ଡ୍ରା ଆମାଟ୍, ସାସ୍‌ତ ଡାଟ୍ ମାନାଟ୍ । ତା ଆତିସ୍, ହେୱାର୍ ପୁଞ୍ଜେଙ୍ଗ୍ ଆଡ଼୍‌ନାର୍ ଜେ, ହେୱାର୍‌ତି
ଆରାନାକା ସତ୍ ଆରି ଏପେଙ୍ଗ୍ ଜିଣାନାଦେର୍, ଇନେକିଦେଂକି ଇସ୍ୱର୍ ନେ ମିଙ୍ଗେଙ୍ଗ୍ ଜିଣାଆନି ମୁକ୍ତି କିଦ୍‌ନାନ୍ ।
୨୯ କେବଲ୍ କ୍ରିସ୍ଟ ତାକେ ପାତର୍ଁ କିନି କାଜିଂ ଆକାୟ୍, ତା କାଜିଂ ଦୁକ୍‌ବଗ୍ କିନି କାଜିଂ ମିଙ୍ଗେଙ୍ଗ୍ କ୍ରିସ୍ଟତି ହେବା କିନି
କାଜିଂ ପାବ୍ ହିୟାଆତାଡ଼୍‌ନା ।
୩୦ ✡ନଙ୍ଗ୍ ଇ ଜୁଜ୍‌ତ ଏପେଙ୍ଗ୍ ନା ବାଗ୍ ଇଟ୍ୟାଦେଂ ଆଡ଼୍‌ନାଦେର୍ । ଆଗେ ଏପେଙ୍ଗ୍ ନାଙ୍ଗ୍ ଇମ୍‌ଣି ଜୁଜ୍ କିନାକା ହୁଡ଼୍‌ଜି
ମାଚାଦେର୍, ନଙ୍ଗ୍ ପା ଆନ୍ ହେ ଜୁଜ୍‌ତ ଲାଗାତାନ୍ନା ଇଞ୍ଜି ଏପେଙ୍ଗ୍ ୱେନ୍‌ଞ୍ଜି ମାନାଦେର୍ ।

# ୨

## କ୍ରିସ୍ଟତି ହୁଦାର୍ ଆରି ବେସି ଗାଜାକାନ୍

୧ କ୍ରିସ୍ଟତି ଲାହାଂ ମେହାଆନାକା ହୁକେ ଏପେଙ୍ଗ୍ ଜିବୁନ୍‌ତ ବାଡ଼୍‌କାସ୍ ଆତାଦେର୍ଣ୍ଣା, ଆରେ ହେୱାନ୍ତି ଜିଉନନାକା ମିଙ୍ଗେଙ୍ଗ୍
ଦୁକ୍‌ସାରାୟ୍ କିଦ୍‌ନାତା । ଏପେଙ୍ଗ୍ ପୁଇପୁୟା ଜିବୁନ୍ ଉପ୍‌କାର୍‌ତାଂ ସୁକେ ଜିନାଦେରା ଆରି ହାରି କାଜିଂ ମି ଜିଉନନିତ
ବେସି ଦୟାତ ମାନାଡ୍,
୨ ଲାଗିଂ ଆନ୍ ମିଙ୍ଗେଙ୍ଗ୍ ଗୱାରି କିଦ୍‌ନାଙ୍ଗ୍, ର ଚିନ୍ତା ହୁଦାଂ ମାନ୍ କିଜି, ର ଜିଉତ ମେହା ଆଜି ମାନ୍ ଆରି ଜିବୁନ୍‌ତ ଏକ୍
ଆଜି ଏପେଙ୍ଗ୍ ନାଙ୍ଗେଙ୍ଗ୍ ପୁରାବାବେ ୱାରି କିଦାଟ୍ ।
୩ ନିଜେତିଂ ବାବିକିନାକାନ୍ କାଜିଂ ନଲେ ପଲ୍ୟା ଗରବ୍ କାଜିଂ ଇନାକା କାମାୟ୍ କିମାଟ୍, ଇଚିସ୍ ହୁଦାର୍ ଆଜି ୱିଜାକାର୍
ବିନ୍‌ଲଗାଂ ଜାର୍ ତାଙ୍ଗ୍ ଗାଜା ମାନେ କିୟାଟ୍;

✡ **୧:୩୦** ପକ୍ୟାତାକା ୧୬:୧୯-୪୦.

୪ ୱିଜାକାର୍ କେବଲ୍ ଜାର୍ ବିସ୍ରେ ମାନ୍‌ଦିଆନ୍ କିୱାଦାଂ ବିନ୍‌ନିକାନିଂ ବିସ୍ରେ ପା ମାନ୍‌ଦିଆନ୍ ଆଡ ।
୫ କ୍ରିସ୍ଟ ଜିସୁତି ଇନେସ୍ ମାନ୍ ମାଚାତ୍, ମିଦାଙ୍ଗ୍ ହେ ଲାକେ ଚିନ୍ତା ଆଏତ୍;
୬ ହେୱାନ୍ ଇସ୍ୱର୍ ଆତିସ୍‌ପା ଇସ୍ୱର୍ତ ଲାହାଙ୍ଗ୍
ସମାନ୍ ଆଜି ମାନାକା ଜାର୍ କାଜିଂ ଆସ୍ତି ଇଚ୍ୟାନି ବିସ୍ରେ ବାବି କିୱାତାଂ,
୭ ଇଚିସ୍ ନିଜ୍ ଇଚାତାଂ ତା ସବୁ ପିସ୍ତି ଆଡ଼ିଏନ୍ ଲାକେ ଆତାନ୍ ।
ମାନାୟ୍ ଲାକେ ଆଜି ମାନାୟ୍ ଲାକେ ୱାତାନ୍ ।
୮ ହେୱାନ୍ ଗୱାରି ଆରି ହୁଦାର୍ ଆଜି ହାକି ପାଡେକ୍, କ୍ରୁସ୍ ହାକି ପାଡେକ୍
ବଲ୍ ମାନିକିନାକାନ୍ ଆତାନ୍ ।
୯ ଇଦାଂ କାଜିଂ ଇସ୍ୱର୍ ତାଙ୍ଗେଙ୍ଗ୍ ବେସି ଉଚ୍ କିତାନ୍ନା,
ଆରେ ୱିଜୁ ତର୍ ବାଟା ୱିଜେଡ଼ିଂ ହାଦର୍ତ ତର୍ ତାଙ୍ଗ୍ ହିତାନ୍ନା,
୧୦ ଲାଗିଂ ଜିସୁତି ତର୍‌ନି ଇନେସ୍ ସାର୍ଗେ, ବିତ୍ରେପୁର୍ ଆରି
ପାତାଲ୍‌ତ ମାନି ସବୁ ମାନାୟାର୍ ଜିସୁତି ମୁମ୍‌ଦ ମେଣ୍ଡାଂକୁନ୍‌ଦିଂକିଜି ଜୱାର୍ କିତାର୍ ।
୧୧ ଆରେ, ଆବା ଇସ୍ୱର୍‌ତି ଜାଜ୍‌ମାଲ୍ କାଜିଂ ୱିଜାକାର୍‌ତି ୱେନ୍ଦୁଲ୍
ଜିସୁ କ୍ରିସ୍ଟଙ୍ଗ୍ ମାପ୍ରୁ ଇଞ୍ଜି ମାନି କିନିକ୍ ।

## ପୁତର୍ତ ଅଜଡ଼୍ ଲାକେ ଆଡ

୧୨ ଲାଗିଂ, ଏ ନା ୱାରିନିକାଦେର୍, ଆନ୍ ମି ଲାହାଂ ମାନିୱାଡ଼ାଲିଂ ଏପେଙ୍ଗ୍ ଇନେସ୍ ଦିନ୍‌କେ ନା ବଲ୍‌ମାନି କିତାଦେର୍ଣ୍ଣା,
ନଙ୍ଗ୍ ଆନ୍ ମିଙ୍ଗ୍‌ତାଂ ଦେହା ମାନି ୱାଡ଼ାଲିଂ ଆଦିକ୍ ପାତର୍ତ ବାତ୍ରେ ନା ଜଜାୟ୍ ଆଦେଂ ମିଙ୍ଗ୍ ଲଡ଼ା । ମି ମୁକ୍‌ଡ଼ା ଆନାକା
ଇନେସ୍ ପୁରା ଆନାତ୍, ଇଦାଂ କାଜିଂ ପାଣ୍ଡ୍ରୁ ଆରି ଡ୍ରିଗ୍‌ଜି କାମାୟ୍ କିଜି ମାନାଟ୍ ।
୧୩ ଇନାକିଦେଂକି ମିଙ୍ଗେଙ୍ଗ୍ ହେୱାନ୍‌ତି ଉଦେସ୍‌ତ ପୁରା କିନି କାଜିଂ ଇଚା ଆରି ରାଜି କିଦେଙ୍ଗ୍ ନିଜେ ଇସ୍ୱର୍ ମି ବିତ୍ରେ
ନିତ୍ରେ କାମାୟ୍ କିନାନା ।
୧୪ ଆପତି ଆରି ବେଣ୍‌ବାଟ୍ କିୱାଦାଂ ସବୁ କାମାୟ୍ କିୟାଟ୍,
୧୫ ଇନେସ୍ ଏପେଙ୍ଗ୍ ଦସି ଆୱାଦାଂ ଆରି ହୁଦାର୍ ଆଜି ଡ଼କୁତି ହାଜି ବାଣାତି ଲାତ୍ରା ବିତ୍ରେ ଇସ୍ୱର୍‌ତି ପୁଇପୁୟା
ହିମ୍‌ଣାୱାକ୍‌ଡ଼ା ଆଡ; ହେୱାର୍ ବିତ୍ରେ ଏପେଙ୍ଗ୍ ଜିବୁନ୍‌ନି ବଚନ୍ ଆସ୍ତି ଜଗତ୍‌ତ ଅଜଡ଼୍ ଲାକେ ଆନାଦେରା;
୧୬ ବିନ୍‌ଲଗାତର୍ତ ଲାଗାୟ୍ ଜିବୁନ୍ ହିଦ୍‌ନି କାବୁର୍ ପର୍‌ଚାର୍ କିନିୱେଡ଼ାଲିଂ ଏପ୍ ଆକାସ୍‌ତିଂ ଅଜଡ଼୍ କିନି ହୁକାଂ ଲାକେ
ପଙ୍ଗ୍‌ନାକା ଲଡ଼ା । ଏପେଙ୍ଗ୍ ଜଦି ଏଲେଙ୍ଗ୍ ଆତିସ୍, "କ୍ରିସ୍ଟତି ୱେଡ଼ାଲିଂ" ମି ବିସ୍ରେ ଆନ୍ ଗରବ୍ କିଦେଙ୍ଗ୍ ଆଡ଼୍‌ନାଂ,
ଇନେକିଦେଂକି ଇବେଣ୍ଡାଂ ପାର୍ମାଣ୍ ଆନାତା ଜେ, ନା ୱିଜୁ କସ୍ଟ ଆରି କାମାୟ୍ ପଲ୍ୟା ଆୱାତାଡ୍‌ନା ।
୧୭ ଇସ୍ୱର୍‌ତି ଉଦେସ୍‌ତ ମି ପାତର୍ତ ବାତର୍ତ ପୁଜାକିନିତ ଆଜି ମାନ୍‌ଗାନାତ୍ ନା ଜିବୁନ୍‌ନି ନେତେର୍ ୱାକ୍‌ଚି ହିଦ୍‌ଦେଂ
ଆନାତ୍ । ଇଦାଂ କାଜିଂ ଆନ୍ ୱାର୍‌ୟାନାକା ଆରି ନା ଇ ୱାରିତ ମିଂ ମେହାୟ୍ କିଦେଙ୍ଗ୍ ଆନ୍ ଇଚା କିନାଙ୍ଗା ।
୧୮ ଏପେଙ୍ଗ୍ ପା ହେ ଲାକେ ୱାରି କିୟାଟ୍ ଆରି ହେ ୱାରିତାଂ ନା ଲାହାଙ୍ଗ୍ ପା ୱାରି କିୟାଟ୍ ।

## ତିମତି ଆରି ଏପାପ୍ରଦିତ

୧୯ ମାପ୍ରୁତି ଇଚା ମାଚିସ୍, ମି ଲାଗାୟ୍ ତିମତିଂ ବେଗି ପକ୍ତାନାଙ୍ଗ୍ ଇଞ୍ଜି ମାପ୍ରୁ ଜିସୁତିଂ ଆନ୍ ଆହା କିନାଙ୍ଗ୍ । ତା ଆତିସ୍,
ମି କାବୁର୍ ଗାଟାଜି ଆନ୍ ବେସି ୱାର୍‌ୟା ଆନାଙ୍ଗ୍ ।
୨୦ କେବଲ୍ ହେୱାନ୍ତି ମାନ୍‌ବାବ୍‌ନା ନା ଲାକେ ମାନାତ୍ ହେୱାନ୍ ହାଡ୍‌ପାଡ ମି କାଜିଂ ମାନ୍‌ଦିଆନ୍ କିନାଙ୍ଗ୍ ।
୨୧ ବିନ୍ ୱିଜୁ ଜିସୁ କ୍ରିସ୍ଟତି କାଜିଂ ସେସ୍ଟା କିୱାଦାଂ ଜାର୍‌ତି ସେସ୍ଟା କିତାର୍ ।
୨୨ ତିମତି ଜେ ପରିକ୍ୟା କିୟାତାକାନ୍ ମାନାୟ୍, ଇଦାଂ ଏପେଙ୍ଗ୍ ପୁନାଟ୍; ମାଜି ଆବାତି ହେବା କିତି ଲାକେ ହେୱାନ୍ ତ
ନେକ୍ରିକାବୁର୍ କାମାୟ୍‌ତ ନା ଲାହାଙ୍ଗ୍ ହେବା କିଜି ମାଚାନ୍ ।
୨୩ ଲାଗିଂ, ନା କାଜିଂ ଇନାକା ଗିଟାଆଦେଂ ହାନାତା, ହେଦାଂ ପୁଞ୍ଜେଙ୍ଗ୍ ମତର୍ ହେୱାନିଂ ପକ୍ତାନାଂ ଇଞ୍ଜି ଆହା କିନାଙ୍ଗା;
୨୪ ମାତର୍ ଆନ୍ ମାପ୍ରୁତି ତାକେ ପାତର୍ତ କିନାଙ୍ଗା ଜେ, ଆନ୍ ନିଜେ ବେଗି ପା ମି ଲାଗାଂ ହାନାଙ୍ଗ୍ ।
୨୫ ମାତର୍ ନା ଟଣ୍ଡେନ୍, ହାଙ୍ଗ୍‌ଦାକାର୍, ହାଙ୍ଗ୍‌ଦି ମେଲ୍ୟାୟାର୍ ଆରି ନା ଅବାବ୍ ବାତର୍ତ କିନି କାଜିଂ ମି ପକ୍ୟାତାକାନ୍
ଆରି ହେବାକାରିୟା ଏପାପ୍ରାଦିତ୍‌ତିଂ ମି ଲାଗାଂ ଆନ୍ ପକ୍ତିନି କାଜିଂ ଲଡ଼ା ବାବି କିତାଙ୍ଗ୍;
୨୬ ଇନାକିଦେଂକି ହେୱାନ୍ ମି ୱିଜାରିଂ ହୁଡ଼୍‌ଦିନି କାଜିଂ ବେସି ଇଚା କିନାନା, ଆରେ ହେୱାନ୍ ନାଦାର୍ ମାନାନ୍ ଇଞ୍ଜି
ଏପେଙ୍ଗ୍ ୱେନ୍‌ଞ୍ଜି ମାଚିଲେ ହେୱାନ୍ତି ଦୁକ୍;
୨୭ ହାଡ୍‌ପାନେ ହେୱାନ୍ ହାତି ଲାକେ ନାଦାର୍ ଆଜି ମାଚାନ୍, ମାତର୍ ଇସ୍ୱର୍ ତାଙ୍ଗେଙ୍ଗ୍ ଦୟା କିତାନ୍, ଆରେ କେବଲ୍
ତାଙ୍ଗେଙ୍ଗ୍ ଆକାୟ୍, ମତର୍ ଇନେସ୍ ନା କାଜିଂ ଦୁକ୍ ଜପି ଦୁକ୍ ଗିଟା ଆଉତ୍, ଇଦାଂ କାଜିଂ ନା ଜପି ପା ଦୟା କିଡ୍‌ତାନ୍ ।

୨୮ ଲାଗିଂ ଏପେଙ୍ଗ୍ ଇନେସ୍ ହେୱାନିଂ ଆରେ ରଗ ହୁଡ଼ଜି ୱାରି କିୟାଟ୍ ଆରି ନା ଦୁକ୍ ଇନେସ୍ ଉଣା ଆନାଡ଼୍, ଇଦାଂ
କାଜିଂ ଆନ୍ ହେୱାନିଂ ପକ୍ନି କାଜିଂ ଆଦିକ୍ ଜାତୁନ୍ ଆତାଙ୍ଗ୍ ।
୨୯ ଲାଗିଂ, ମାପ୍ରୁ କ୍ରିସ୍ଟତି ପାତର୍ କିନି ଟଣ୍ଡେନ୍ ବାବ୍ରେ ଏପେଙ୍ଗ୍ ହେୱାନିଂ ୱାରିତାଂ ଇଟାଟ୍, ଆରେ ଇ ଲାକେ ଗୁଣ୍ନିକାନ୍
ମୁଣିକାଂ ବକ୍ତି କିୟାଟ୍;
୩୦ ଇନାକିଦେଂକି ଏପେଙ୍ଗ୍ ନାଙ୍ଗେଙ୍ଗ୍ ଇମ୍ଣି ଉପ୍କାର୍ ହିଦେଂ ଆଡ଼୍ୱାତାଦେର୍, କ୍ରିସ୍ଟତି କାମାୟ୍ ପୁରା କାଜିଂ ହେୱାନ୍
ହେୱାନ୍ତି ନା କାଜିଂ କିଦେଙ୍ଗ୍ ହାଲ୍ଜି ନିଜ୍ ଜିବୁନ୍ତିଂ ରାଉ ଆରି ହାକିନି ମୁମ୍ଦ ଆଜି ମାଚାନ୍ ।

# ୩

## ହାଡ଼୍ପା ଦାମର୍

୧ ହାରିହାରା, ଏ ନା ଟଣ୍ଡାର୍ ଆରି ତଣ୍ଦେକାଦେର୍, ମାପ୍ରୁତି ଲାହାଂ ମେହାଜିମାଚିଲେ ଏପେଙ୍ଗ୍ ୱାରିୟା ଆଡ ।
ଆଗେତାଂ ଇନାକା ଲେକିକିତାଙ୍ଗ୍ନା, ହେଦାଂ ବାର୍ବାର୍ କିଦେଙ୍ଗ୍ ଆନ୍ ୱାହ୍ନାକା ବାବି କିଉଙ୍ଗା, ଇନେକିଦେଂକି ମି
ହାର୍ମାନାକା କାଜିଂ ଇଦାଂ ଉପ୍କାର୍ କିଦ୍ନାଡ଼୍ ।
୨ ଇମ୍ଣାକାର୍ ବାନ୍ୟା କାମାୟ୍ତ ମୁଞ୍ଚାର୍ଣ୍ଡା, ଇମ୍ଣାକାର୍ ଗାଗାଡ଼୍ତିଂ ସୁନ୍ନତ୍ ଆତାକାର୍ କାଜିଂ ଜିଦ୍ ଆହ୍ନାର୍, ହେ
ନିକୁଡ଼ିଂ ଲାଗେତାଂ ଜାଗ୍ରତ୍ ।
୩ ଇନାକିଦେଂକି ଆସେଙ୍ଗ୍ ହାଡ଼୍ପାନେ ସୁନ୍ନତ୍ ପାୟାଆତାକାସ୍, ହେୱାର୍ ଆକାୟ୍ । ଆସେଙ୍ଗ୍ ପୁଇପୁୟା ଜିବୁନ୍
ଉପ୍କାର୍ତାଂ ଇସ୍ୱର୍ତି ପାର୍ତାନା କିନାସା ଆରି କ୍ରିସ୍ଟ ଜିସୁତି ଲାହାଂ ମେହାଜି ୱାରିୟାନାସା । ବାତର୍ ରିତିନିତି ଜପି ମା
ବାସର୍ ଆକାୟ୍ ।
୪ ଆତିସ୍ପା ହେ ସବୁ ଜପି ଆହା ଇଟ୍ନାକା ନା ପାକ୍ୟାତ ହାର୍ ଆତାମ୍ରା । ଜଦି ଇନେର୍ ବାତର୍ ରିତିନିତିନି ଲଡ଼ା ଜପି
ମାନ୍ ଦ୍ୟାନ୍ ହିତାଙ୍ଗ୍ମା, ହେ ଲାକେ କିଦେଙ୍ଗ୍ କାଜିଂ ନା ଜବର୍ ଉପାୟ୍ ମାନାଡ଼୍ ।
୫ ଆନ୍ ଆଟ୍ ଦିନ୍ତାଂ ସୁନ୍ନତ୍ ପାୟାଆତାକାଂ, ଇସ୍ରାଏଲ୍ ଲାଡ୍ରା ଜଲମ୍, ବିନ୍ୟାମିନ୍ କୁଟୁମ୍, ଏବ୍ରିୟ ନେତେର୍ତ ଜଲମ୍
ରୱାନ୍ ଏବ୍ରିୟ, ଜିହୁଦି ବିଦି ପାଲି କିନି ଇସାପ୍ରେ ରୱାନ୍ ପାରୁସି ମାଚାଙ୍ଗ୍,
୬ ✡ଆରି ନା କାଜିଂ ଇଚା ବିସ୍ରେ ମଣ୍ଡଲିନି ରୱାନ୍ କୁଲର୍ଆ ମାଚାଙ୍ଗ୍, ଆରେ ବିଦି ହାଚି ଦାମର୍ ବିସ୍ରେ ଦସି ଆୱାଦାଂ
ଚଞ୍ଜି ମାଚାଙ୍ଗ୍ ।
୭ ମାତର୍ ଇମ୍ଣି ୱିଜୁ ବିସ୍ରେ ଲାବ୍ ଇଞ୍ଜି ଆନ୍ ବାବି କିଜି ମାଚାଙ୍ଗ୍, ହେଦେଲିଂ ନଙ୍ଗ୍ କ୍ରିସ୍ଟତି କାଜିଂ ଲାସ୍ ଇଞ୍ଜି ବାବି
କିନାଙ୍ଗା ।
୮ ଆଁ ହାଡ଼୍ପା ଆନ୍ ନା ମାପ୍ରୁ କ୍ରିସ୍ଟ ଜିସୁତି ଗିଆନ୍ନି ହାର୍ କାଜିଂ ୱିଜୁ ବିସ୍ରେ ନସ୍ଟ ଇଞ୍ଜି ଗାଣା କିନାନ୍; ହେୱାନ୍ କାଜିଂ
ଆନ୍ ୱିଜୁ ବିସ୍ରେନି ନସ୍ଟ ହୁଞ୍ଜ୍ଞାଙ୍ଗ୍, ଆରେ, ହେ ୱିଜୁ ଗାଡ୍ରା ଲାକେ ଗାଣା କିନାନ୍, ଇନେସ୍ ଆନ୍ କ୍ରିସ୍ଟଙ୍ଗ୍ ଲାବ୍ କିଦେଙ୍ଗ୍
ଆଡ଼୍ନାସ୍ ଆରି ହେୱାନ୍ତି ଇଞ୍ଜି ପୁନ୍ୟାନାଡ଼୍,
୯ ଆରି ମସାତି ବିଦି ପାଲି କିନିକାଜିଂ ଜାର୍ ଦାମର୍ ପାୟାୱାଦାଂ ଇଚିସ୍ ଇନେସ୍କି କ୍ରିସ୍ଟତାକେ ପାତର୍ ହୁଦାଂ ଇସ୍ୱର୍ତି
ପାତର୍ କିନି ମୁଡ଼୍ ଦାମର୍ ବିଦି ପାଲି କିୟାଟ୍ ।
୧୦ ନଂ ନାଦାଂ ବେସି ମାନ୍ ଆନ୍ ଇନେସ୍ କ୍ରିସ୍ଟଙ୍ଗ୍ ପୁନାଙ୍ଗ୍ ଆରି ହେୱାନ୍ତି ଆରେ ନିଂନି ସାକ୍ତି ବାବି କିନାଙ୍ଗ୍; ହେୱାନ୍ତି ଦୁକ୍
ବଗ୍ନି ମେହାବିଡ଼ା ଏତୁ କିଜି ହାକିତ ପା ତା ଲାକେ ଆନାଙ୍ଗ୍ ।
୧୧ ହାତାକାର୍ ବିଡ୍ରେ ଆରେ ନିଙ୍ଗ୍ନାକା ପାୟା ଆଦେଂ ବାସର୍ ଲାବ୍ କିନାଙ୍ଗ୍ ।

## ଇଟ୍କାଡ଼୍ ବାହାତ ହନ୍ନାସ୍

୧୨ ଆନ୍ ଜେ ନଙ୍ଗ୍ ହେ ୱିଜୁ ପାୟା ଆତାଙ୍ଗ୍ନା କି ବାତର୍ ଲାବ୍ କିତାଂନ୍ନା, ହେଦାଂ ଆକାୟ୍, ମାତର୍ ଆନ୍ କ୍ରିସ୍ଟ ଜିସୁତି
ହୁକେ କୁକ୍ୟାଜିମାଚିଲେ ହନ୍ତେଙ୍ଗ୍ ଲାଗାତାଂନା । ନିଜେ କ୍ରିସ୍ଟ ନାଂ ଆସ୍ତି ତାସି ଇବେ ବାଚି କିଡ଼୍ତାନ୍ନା ।
୧୩ ଏ ଟଣ୍ଡାର୍, ଆରି ତଣ୍ଦେକ୍ ଆନ୍ ଇପାତେକ୍ ଏକାୱାତାଂନା । ମାତର୍ ର କାମାୟ୍ତ ଆନ୍ମାନ୍ ଦିଆନ୍ କିତାଙ୍ଗ୍ନା;
ପାଚେ ପିସ୍ତି ୱାଜିମ୍ନାନି ବିସ୍ରେକାଂ ବାଣାଜି, ମୁମ୍ଦ ମାନି ବିସ୍ରେକାଂ ଗାଟାଦେଂ ଜିବୁନ୍ଲାଗାୟ୍ କିଜି ସେସ୍ଟା କିନାଙ୍ଗା ।
୧୪ ପାଚେନି ବିସ୍ରେ ୱିଜୁ ମାନ୍ତାଂ ପିସ୍ତି ମୁମ୍ଦ ମାନି ବିସ୍ରେକାଂ କାଜିଂ ଇଡ଼୍ଜି କ୍ରିସ୍ଟ ଜିସୁତି ତାକେ ଇସ୍ୱତର୍ ସାର୍ଗେନି
କୁକ୍ୟାତି ପାଡ଼୍ ପାୟାନି କାଜିଂ ଜିବୁନ୍ଲାଗାୟ୍ କିଜି ଏକିନି ବାହାତ ହନ୍ନାଙ୍ଗା ।
୧୫ ମା ବିଡ୍ରେ ଇମ୍ଣାକାର୍ ଆମ୍ରିକ୍ ବାବ୍ରେ ହେୱାରିଂ ଏଲେଙ୍ଗ୍, ମାନ୍ବାବ୍ନା ମାନାକା ମାନାଡ଼୍ । ଜଦି ମି ବିଡ୍ରେତାଂ
ଇନେର୍ତି ବିନେ ମାନ୍ ବାବ୍ନା ମାଚିସ୍, ଇସ୍ୱର୍ ମିଙ୍ଗେଙ୍ଗ୍ ସବୁ କାତା ହାର୍ କିଜି ୱେଚ୍ଚାନାନ୍ ।
୧୬ ହେୱାନ୍ ଇନେସ୍ ଆଏନ୍, ନେଞ୍ଜେଙ୍ଗ୍ ପାତେକ୍ ଆସେଙ୍ଗ୍ ଇମ୍ଣି ନିୟମ୍ ମାନି କିଜି ୱାନାସା, ହେ ଇସାବ୍ରେ ନଂ
ଆଗେ ହାନି ଲଡ଼ା ।

✡ **୩:୬** ପକ୍ୟାତାକା ୮:୩; ୨୨:୪; ୨୬:୯-୧୧.

୧୭ ✡ଏ ଟଣ୍ଡାର୍ ଆରି ତଣ୍‌ଦେକ୍, ଏପେଙ୍ଗ୍ ରଚେ ମିହାଜି ନା ପାଚେ ୱାତୁ, ଆରେ ମା ଜିବୁନ୍ ତାକେ ଇମ୍‌ଣି ହାଦ୍‌ଦାକା
ହୁଡ଼୍‌ନାଦେରା, ଇମ୍‌ଣାକାର୍ ହେ ଲାକେ ବେବାର୍ କିତାର୍ ହେୱାରିଂ ହୁଡ଼ାଟ୍ ।
୧୮ ଆଗେତାଂ ବେସିହଟ୍ ଆନ୍ ମିଙ୍ଗେଙ୍ଗ୍ ଇ କାତା ଇଞ୍ଜାଙ୍ଗ୍‌ନ୍ନା, ଆରେ ନଙ୍ଗ୍ ପାତେକ୍ ଆଡ଼୍‌ବି ଆଡ଼୍‌ବି ଆରେ ରଗ କିନାସ୍;
ବେସି ଜାର୍ ଜାର୍ ଜିବୁନ୍‌ତ କ୍ରିସ୍ଟତି କ୍ରୁସ୍‌ନି ହାକିତ ସାତ୍ରୁ ବେବାର୍ କିନାରା ।
୧୯ ନରକ୍‌ତ ହେୱାର୍‌ତି ଜିବୁନ୍‌ନି ନାସ୍ ଆଦେଂ ହାନାତା, ଇନେକିଦେଂକି ଗାଗାଡ଼୍ ଆହା ନେ ହେୱାର୍‌ତି ପେନ୍ । ଇନାକା
ଲାଜୁ, ହେୱାର୍ ହେବେ ଗରବ୍ କିତାର୍; କେବଲ୍ ସଁସାର୍ ଜିନିସିଂ କାଜିଂ ହେୱାର୍ ଚିନ୍ତା କିତାର୍ ।
୨୦ ହେୱାନ୍ ଇନେସ୍ ଆଏତ୍, ଆପେଂ ସାର୍ଗେ ରାଜିନି ପାର୍ଜା, ସାର୍ଗେତାଂ ମା ମୁକ୍ତିକାରିୟା ମାପ୍ରୁ ଜିସୁ କ୍ରିସ୍ଟତି ୱାନାକା
ଆପେଂ ୱାରିତାଂ କାନାପା ।
୨୧ ଇମ୍‌ଣି ସାକ୍ତି ବାପୁତାଂ ହେୱାନ୍ ୱିଜୁ ବିସ୍ରେତିଂ ଜାର୍ ତାରେନ୍ କିଦେଙ୍ଗ୍ ଆଡ଼୍‌ନାନ୍, ହେ ସାକ୍ତି ବାପୁ ଚଚ୍‌ଚି ହେୱାନ୍
ମା ନାଦାର୍ ନା ଗାଗାଡ଼୍‌ତିଂ ତା ଜାଜ୍‌ମାଲ୍‌ନି ଗାଗାଡ଼୍ ଲାକେ କିନାନ୍ ।

# ୪

## ୱେଚ୍‌ନାକା ଆରି ହିକ୍ୟା

୧ ଲାଗିଂ, ଏ ନା ୱାରିନି ଟଣ୍ଡାର୍ ଆରି ତଣ୍‌ଦେକ୍, ମିଙ୍ଗେଙ୍ଗ୍ ହୁଡ଼୍‌ଦେଦେଂ କାଜିଂ ନାଦାଂ ବେସି ଇଚା । ମିଂ ଅଜି ଆନ୍
ବେସି ୱାରିନି ମୁକୁଟ୍ । ମି କାଜିଂ ନାଦାଂ ବେସି ଗରବ୍ । ୱାରିନି ଟଣ୍ଡାର୍ ଆରି ତଣ୍‌ଦେକ୍, ନା ହିକ୍ୟା ଇସାପ୍‌ରେ ମାପ୍ରୁତି
ତାକେ ତିର୍ ମାନ୍‌ଜି ଜିବନ୍ ଜିପ୍‌କା କିୟାଟ୍ ।
୨ ମାପ୍ରୁ ତାକେ ତଣ୍‌ଦେଲ୍ ଲାକେ ରଞ୍ଜି ମାନ୍ ଆଏକ୍, ଆନ୍ ଇୟଦିୟା ଆରି ସୁନ୍ତୁକି ରିଣ୍ଡେକାଂ ପା ଗୱାରି କିନାଙ୍ଗା ।
୩ ଆରେ ଏ ହାଡ଼୍‌ପାନି ହାଙ୍ଗ୍‌ଦାକାନ୍, ଇ କଗ୍‌ଲେକାଂ ଉପ୍‌କାର୍ କିନି କାଜିଂ ମିଙ୍ଗେଙ୍ଗ୍ ପା ଗୱାରି କିଦ୍‌ନାଙ୍ଗା,
ଇନେକିଦେଂକି ଇୱାର୍ କ୍ଲେମେନ୍‌ସ୍ ଆରି ନା ବିନ୍ ହାଙ୍ଗ୍‌ଦାକାର୍ ଲାହାଂ ନେକ୍ରିକାବୁର୍ କାମାୟ୍‌ତ ନା ଲାହାଙ୍ଗ୍ କସ୍ଟ କିନାରା;
ହେ ହଙ୍ଗ୍‌ଦାକାର୍ ତର୍ "ଜିବୁନ୍ ପତିତ" ମାନାତ୍ ।
୪ ନିତ୍ରେ ମାପ୍ରୁ ତାକେ ୱାରି କିୟାଟ୍, ଆରେ ୱେଚ୍‌ଚାନାଙ୍ଗା, ୱାରି କିୟାଟ୍ ।
୫ ୱିଜାକାର୍ ଲାଗାଂ ମି ହୁଦାର୍ ହପାଟ୍ । ମାପ୍ରୁତି ୱାନାକା ଲାଗାଂ ।
୬ ଇନାକା ବିସ୍ରେ ଚିନ୍ତା କିମାଟ୍, ମାତର୍ ଇନାକା ଲଡ଼ା, ପାର୍ତାନା ଆରି ଗୱାରି ହୁକେ ଜୁୱାର୍ ଲାହାଙ୍ଗ୍ ମି ଗୱାରି ସବୁ
ଇସ୍ୱର୍ ଲାଗାଂ ୱେଚାଟ୍ ।
୭ ହେବେ ମାନାୟାର୍‌ତି ବୁଜାନାକା କସ୍ଟ ଜେ ଇସ୍ୱର୍ତି ସୁସ୍ତା କ୍ରିସ୍ଟ ଜିସୁତି ମେହାଣ୍‌ତ ମି ଜିବୁନ୍ ଆରି ମାନ୍‌ଦିଂ ଜାଲ୍‌ଦି
କିଜି ଇଡ଼୍‌ଦାନାତ୍ ।
୮ ହାରିହାରା, ଏ ଟଣ୍ଡାର୍ ଇନା ଇନାକା ହାଡ଼୍‌ପା, ଇନା ଇନାକା ଲଡ଼ା, ଇନା ଇନାକା ଦସି, ଇନା ଇନାକା ହାର୍ଦାକା, ଇନା
ଇନାକା ୱାରିନିକା, ଇନାକା ଡାକ୍‌ପୁଟାମେହା, ଇମ୍‌ଣାକା ପା ସଡ଼୍‌ଗୁଣ୍ ଆରି ୱାରିକିୟ୍‌କିନି ବିସ୍ରେ ମାନାତ୍, ହେ ୱିଜୁ ବିସ୍ରେ
ବିଚାର୍ କିୟାଟ୍ ।
୯ ଏପେଙ୍ଗ୍ ଜେ ୱିଜୁ ବିସ୍ରେ ନା ତାକେ ହିକାଆତାଦେର୍ଣ୍ଣା, ପାୟା ତାଦେର୍ଣ୍ଣା, ୱେଚାଦେର୍ଣ୍ଣା, ଆରି ନା ତାକେ ହୁଡ଼୍‌ତାଦେର୍ଣ୍ଣା,
ହେ ସବୁ କାମାୟ୍‌ତ ପୁରା କିୟାଟ୍; ହେବେ ସୁସ୍ତାହିଦ୍‌ନାକାନ୍ ଇସ୍ୱର୍ ମି ଲାହାଙ୍ଗ୍ ମାନାନ୍ ।

## ଦାନ୍ କାଜିଂ ଜୱାର୍

୧୦ ମାପ୍ରୁତି ଲାହାଂ ମିହାଆଜି ଜିବୁନ୍ ଜିପ୍‌କା କିନି ୱେଡ଼ାଲିଂ, ନା ୱାରି ଜେ, ଏପେଙ୍ଗ୍ ଚିନ୍ତା କାଜିଂ ମାନ୍‌ଦିଆନ୍ କିତାଦେର୍
। ବେସି ଦିନ୍ ପାଚେ ଆରେ ରଗ ଚିନ୍ ଚଚ୍‌ଚାଦେର୍ଣ୍ଣା । ଆନ୍ ଇଞ୍ଜୁଙ୍ଗା ଜେ, ଏପେଙ୍ଗ୍ ୱିସ୍ତି ବିତ୍ରେ ନା କାଜିଂ ଆରେ ମାନ୍‌ଦିଆନ୍
ହିୱାଦାଂ ମାଚାଦେର୍ କେବଲ୍ ହେଦାଂ ହପ୍ରେଙ୍ଗ୍ ପାବ୍ ପାୟାୱାଦାଂ ମାଚାଦେର୍ ।
୧୧ ଆନ୍ ଜାତିଂ ଏଲା ବାବି କିଜି ଇ କାତା ଇନୁଙ୍ଗା, ଇନେକିଦେଂକି ନାଦାଂ ଇନାକା ମାନାତ୍, ହେ ଏଚେକ୍‌ନେ ସାରି
କିଦେଙ୍ଗ୍ ଆନ୍ ହିକ୍ୟା କିତାଂନା ।
୧୨ ଅବାବ୍ ଆୟେତ୍, ଦନ୍ ବେସି ଆୟେତ୍, ଇନେସ୍ ତା ମୁମ୍‌ଦ ହାଞ୍ଜେଙ୍ଗ୍ ଆନାତ୍, ହେଦାଂ ଆନ୍ ପୁଚାଙ୍ଗ୍‌ନା । ଲାଗିଂ
ଇମ୍‌ଣାକା ପା ୱେଡ଼ାଲିଂ, ନାସ୍‌କିତ ମାନି ୱେଡ଼ାଲିଂ ଇନେସ୍, ସାରି ଆଡି ପାଚେ ପା ହେ ଲାକେ, ଅବାବ୍ ଆନି ୱେଡ଼ାଲିଂ,
ଆରେ ବେସି ବିତ୍ରେ ପା ସବୁୱେଡ଼ାଙ୍ଗ୍ ଆନ୍ ସାରି ।
୧୩ ନା ସାକ୍ତି ହିଦ୍‌କାନ୍ କ୍ରିସ୍ଟତି ଉପ୍‌କାର୍‌ତାଂ ଆନ୍ ସବୁ କିଦେଙ୍ଗ୍ ଆଡ଼୍‌ନାଙ୍ଗ୍ ।
୧୪ ଆଡିସ୍‌ପା ଏପେଙ୍ଗ୍ ନା ଦୁକ୍‌ବଗ୍ ୱେଡ଼ାଲିଂ ନାଙ୍ଗେଙ୍ଗ୍ ମେହାଆନି କାଜିଂ ହାର୍ କିତାଦେର୍ଣ୍ଣା ।
୧୫ ଏ ପିଲିପିନି ଟଣ୍ଡାର୍ ଆରି ତଣ୍‌ଦେକ୍, ମିଙ୍ଗେଙ୍ଗ୍ ହାର୍‌କିଜି ମାନ୍‌ତ ମାନାତ୍, ନେକ୍ରିକାବୁର୍ ସୁଣାୟ୍‌କିନି ହାଙ୍ଗ୍‌ତି ସମୁତ,
ଏଚେକାଡ଼୍‌ଦ ଆନ୍ ମାକିଦନିଆତାଂ ହାଚାଙ୍ଗ୍, ହେ ୱେଡ଼ାଲିଂ ମି ମଣ୍ଡଲି ନାଂ ଉପ୍‌କାର୍ କିଜି ମାଞ୍ଜାତ୍, କେବଲ୍ ଏପେଙ୍ଗ୍ ନା
ଲାବ୍ ଆରି ଲାସ୍ ମେହା ଆଜି ମାଚାଦେର୍ ।

✡ **୩:୧୭** ୧ କରନ୍ତିୟ ୪:୧୬; ୧୧:୧.

୧୬ ଆନ୍ ତେସ୍‌ଲନିକିତ ମାନିହିଂ ଏପେଙ୍ଗ୍ ବେସିହଟ୍ ନା ଲାଗାଂ ଲଡ଼ାନି ଉପ୍‌କାର୍ ପକ୍‌ଚି ମାଞ୍ଜାଦେର୍ ।
୧୭ ମାତର୍ ମିତାଂ କେବଲ୍ ଦାନ୍ ଅନି କାଜିଂ ଆନ୍ ଇଚା କିଉଙ୍ଗ୍, ଇଦାଂ କାଜିଂ ଏପେଙ୍ଗ୍ ଇନେସ୍ ଆଦିକ୍‌ତାଂ ଆଦିକ୍ ଲାବ୍ ଆଡ, ଇଦାଂ ନା ଇଚା ।
୧୮ ମିତାଂ ଆନ୍ ଗାଟା ଆଜି ମାନି ୱିଜୁ ଦାନ୍ କାଜିଂ ପାୟାତାକା ମାନିକିଜି ଜାଣାୟ୍‌କିଦ୍‌ନାଙ୍ଗା । ହେଦାଂ ନା କାଜିଂ ସାରିତାଂ
ଆଦିକ୍ ଅତାନ୍ନା । ଏପାପ୍ରାଦିତ୍‌ତି କେଇଦ ଏପ୍ ପକ୍‌ଚି ମାଚି ଦାନ୍ ନାଦାଂ ସବୁ ଅବାବ୍ ପୁରାୟ୍ କିତାଂନା । ହେଦାଂ ଇସ୍ୱର୍‌ତି
କାଜିଂ ପୁଜାକିତି ହାଦର୍ଁ ଗାନ୍ଦା ଗାର୍‌ଣି ଆରି ତାଦି ଇଟ୍ୟାତାକା ଇଚିସ୍ ସାରିନି ପୁଜାଲାକେ ।
୧୯ କ୍ରିସ୍ଟ ଜିସୁତି ହୁକେ ନା ଇସ୍ୱର୍ ହେୱାନ୍ତି ବେସି ହଲ୍‌ନାକାତ ମିଦାଂ ୱିଜୁ ଲଡ଼ାନିକା ତାସି କିଦ୍‌ନାନ୍ ।
୨୦ ଜୁଗ୍ ଜୁଗ୍ ଆବା ଇସ୍ୱର୍‌ତି ଜାଜ୍‌ମାଲ୍ ଆଏଡ୍ । ଆମେନ୍ ।

## ହାରିହାରା କାତା

୨୧ କ୍ରିସ୍ଟ ଜିସୁ ତର୍‌ଦାଂ ସବୁ ସାଦୁରିଂ ଜୱାର୍ ଜାଣାୟ୍ କିୟାଟ୍ । ନା ହାଙ୍ଗ୍‌ଦି ଟଣ୍ଡାର୍ ମିଙ୍ଗେଙ୍ଗ୍ ଜୱାର୍ ଜାଣାୟ୍ କିଦ୍‌ନାରା ।
୨୨ ଇବେ ମାନି ଇସ୍ୱର୍‌ତି ପୁଇପୁୟା ମାନାୟାର୍, ୱିଜାର୍ ବିସ୍ରେ କାଇସର୍ ଇଞ୍ଜ ମାନାର୍, ସାଦୁର୍ ମିଙ୍ଗେଙ୍ଗ୍ ଜୱାର୍ କିଦ୍ନାରା ।
୨୩ ମାପ୍ରୁ ଜିସୁ କ୍ରିସ୍ଟତି ଉପ୍‌କାର୍ ମି ଜିବୁନ୍ ୱିଜାର୍ ଲାହାଙ୍ଗ୍ ଆଏଡ୍ ।

# କଲସିୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କ ପତ୍ର
# କଲସିୟ ମଣ୍ଡ୍ଲି ଲାଗାଂ ପକ୍ୟାତି ପାଉଲ୍ତି ଆକି

## କଲସିୟ ବିସ୍ରେନି ପାଦେକ୍

କଲସିୟ ତାକେ ଲେକାତି ଆକି ଆନାତା ପାଉଲ୍ ଲେକିକିତି ଆକି ୧:୧ । ପାଉଲ୍ତି ଆତିସ୍ପା ଜିସୁ କ୍ରିସ୍ଟତି ଜଲମ୍ ପାଚେ ଆଦିକ୍ ଆତିସ୍ ୬୦ ବାର୍ହୁ ରମ୍ଦ ଜଇଲ୍ ମାନି ସମୁତ ହେୱାନ୍ ଇ ଆକି ଲେକିକିଜି ମାଚାନ୍ । କଲସିୟ ଆକି ଲାହାଂ ଏପିସିୟ ପିଲିପିୟ ଆକିତିଂ ଜଇଲ୍ନି ଆକି ଇଞ୍ଜି ଇନାର୍ । ଇନେକିଦେଂକି ପାଉଲ୍ ଜଇଲ୍ତ ମାନି ସମୁତ ଇ ଆକି ଲେକିକିଜି ମାଚାନ୍ । ହେୱାନ୍ କଲସିୟ ବସ୍ତିତ ମାନି ମଣ୍ଡ୍ଲି ଲାଗାଂ ଇ ଆକି ଲେକିକିଜି ମାଚାନ୍ ।

ପାଉଲ୍ ହେୱାନ୍ ଇ ମଣ୍ଡ୍ଲିତିଂ ଆରମ୍ କିୱାଦାଂ ମାଚାନ୍ ଇନାକାକି ୨:୧ତ ଲେକାତାଡ୍ନା, ମତର୍ ହେସି ହେବେ ତା ଦାୟିତ୍ ମାନାକା କାତା ଏତୁ କିତାନ୍ନା । ଏପାପ୍ରସ ଇ ମଣ୍ଡ୍ଲି ରଚ୍ଚି ମାଚାନ୍ ଲାଗିଂ ହେୱାନ୍ କଲସିୟ ମାନାୟ୍ ମାଚାନ୍ । ପାଉଲ୍ କଲସିୟ ମଣ୍ଡ୍ଲିତ କେତେକ୍ ମିଚ୍ ହିକ୍ୟା ବିସ୍ରେ ଚିନ୍ତା କିତାନ୍ । ହେୱାନ୍ ଇଦାଂ ବିସ୍ରେ ଆକି ଲେକିକିନି କାଜିଂ ବେସି ସମୁ ଲାଗାତାଡ୍ନା । ଇବେ ଆତିସ୍ପା ଜିହୁଦି କ୍ରିସ୍ଟିୟାନ୍ ଇମ୍ଣାକାର୍ କି ବିନ୍ କ୍ରିସ୍ଟିୟାନ୍ରିଂ ପୁାନି ନିୟମ୍ ଜିହୁଦି ବିଦିତିଂ ସମାନ୍ ବାବ୍ରେ ସୁନ୍ନତ୍ ବିଦି ପାଲି କିନି କାଜିଂ ଟାଟାୟ୍ କିଦେଂ ସେସ୍ଟା କିଜି ମାଚାର୍ । ପାଉଲ୍ ସମାନ୍ ବାବ୍ରେ ଲଡ଼ା ହିଲ୍ୱି କ୍ରିସ୍ଟିୟାନ୍ ବିସ୍ରେ ଲେକିକିଜି ମାଚାନ୍, ଇନେର୍ ଆତିସ୍ପା କ୍ରିସ୍ଟଙ୍ଗ୍ ପିସ୍ତି ଇସ୍ୱର୍ ଲାଗାଂ ଇଟ୍ୟା ଆଉକ୍ ୧:୧୫-୨୦ ଆରି ମାନାୟ୍ତି ଜିକାଟାଣା ହୁକେ ରଚ୍ଚି ହିକ୍ୟା ମଲ୍ ଆକାୟ୍ ୨:୮ ।

**ପତି ବିଡ୍ରେନି ରାହାଣ୍**

୧. କଲସିୟ ମଣ୍ଡ୍ଲିନି ପାଉଲ୍ତି ବାନ୍ଦାୟ୍ ୧:୧-୨
୨. କ୍ରିସ୍ଟତି ଗାଜା ଆରି ମିଚ୍ ହିକ୍ୟା ଜପି ପାଉଲ୍ତି ଜବାବ୍ ୧:୩–୩:୪
୩. ହାଦର୍ କ୍ରିସ୍ଟିୟାନ୍ ଜିବୁନ୍ ଜିପ୍କା କାଜିଂ ପାଉଲ୍ତି ବଲ୍ ୩:୫–୪:୪
୪. ପାଉଲ୍ ଇ ଆକିତିଂ ବିନ୍ ମଣ୍ଡ୍ଲିତ ପା ପାଟ୍ ପଡ଼ିକିଦେଂ ଇଞ୍ଜି ବାନ୍ଦାୟ୍ ଜାଣାୟ୍କିଜି ୱିହ୍ନାନା ୪:୭-୧୮

### କଲସିୟ ମଣ୍ଡ୍ଲି ଲାଗାଂ ପକ୍ୟାତି ପାଉଲ୍ତି ଆକି

୧ ଇସ୍ୱର୍ ଇଚା ଇସାବ୍ରେ କ୍ରିସ୍ଟ ଜିସୁତି ରୱାନ୍ ପକ୍ୟାତାକାନ୍ ଚେଲା ପାଉଲ୍ ଆରି ଟଣ୍ଡେନ୍ ତିମତି
୨ ତିମତି କଲସିତ ମାନି ସାଦୁ ଆରି କ୍ରିସ୍ଟତି ତାକେ ପାତର୍ କିନି ଟଣ୍ଡାର୍ ଲାଗାୟ୍ ଲେକିକିନାନା; ମା ଆବା ଇସ୍ୱର୍ତାଂ
ଉପ୍କାର୍ ଆରି ସୁସ୍ତା ମି କାଜିଂ ଆୟେତ୍ ।

### ଦନ୍ୟବାଦ୍ ପାର୍ତାନା

୩ ଆପ୍ ମି କାଜିଂ ପାର୍ତାନା କିନି ସମୁତ ମା କ୍ରିସ୍ଟ ଜିସୁତି ଆବା ଇସ୍ୱର୍ତିଂ ନିତ୍ରେ ଦନ୍ୟବାଦ୍ ହିନାପା ।
୪ ଇନେକିଦେଂକି ଆପେଂ କ୍ରିସ୍ଟ ଜିସୁତି ତାକେ ମି ପାତର୍ ଆରି ଇସ୍ୱର୍ତି ପୁଇପୁୟା ୱିଜାର୍ ମାନାୟାର୍ କାଜିଂ ମି
ଜିଉନନାକା ବିସ୍ରେ ୱେଚାପ୍ନା ।
୫ ଏଚେକାଡ଼୍ଦ ନେକ୍ରିକାବୁର୍ ସତ୍ କାବୁର୍ ମି ଲାଗାଂ ପର୍ତୁମ୍ ୱାତାତ୍, ଏପେଙ୍ଗ୍ ହେଦାଂ ହୁଦାଂ ହିତ୍ତି ବାସର୍ କାତା
ୱେନ୍ଞ୍ଜି ମାଚାଦେର୍ । ଏପେଙ୍ଗ୍ ଇନାକା ବାସର୍ କିନାଦେର୍, ଇନାକା ମି କାଜିଂ ସାର୍ଗେତ ହାର୍ମାନାନ୍, ତା ଜପି ମି ପାତର୍
ଆରି ଜିଉନନାକା ମାନାତ୍ ।
୬ ଇମ୍ଣି ନେକ୍ରିକାବୁର୍ ପର୍ଚାର୍ କାଜିଂ ଏପେଙ୍ଗ୍ ପର୍ତୁମ୍ ଇସ୍ୱର୍ ଉପ୍କାର୍ ବିସ୍ରେ ୱେଚାଦେର୍ ଆରି ଇଦାଂ ହାତ୍ପା ଏତୁ
କିତାଦେର୍, ହେ ନେକ୍ରିକାବୁର୍ ନଙ୍ଗ୍ ସବୁ ଜଗତ୍ତ ମେଙ୍ଗ୍ଜି ଲାବ୍ କିନାତା ଆରି ଆସିର୍ବାଦ୍ ରଚ୍ୟାତାତ୍ ।
୭ ମା ପାକ୍ୟାତାଂ କ୍ରିସ୍ଟତି ପାତର୍ କିନି ହେବାକାର୍ୟା ଆରି ମା ୱାରିନି ହାଙ୍ଗ୍ଦାକାନ୍ ଏପାପ୍ରାଙ୍ଗ୍ତାଂ ଏପେଙ୍ଗ୍ ଇସ୍ୱର୍ତି
ଇ ଉପ୍କାର୍ ବିସ୍ରେ ଜାଣାୟ୍ କିୟାତାଦେର୍ଣ୍ଣା ।
୮ ପୁଇପୁୟା ଜିବୁନ୍ତ ମି ହିଜିମ୍ବାଞ୍ଜି ଜିଉନନାକା ବିସ୍ରେ ମାଙ୍ଗେଙ୍ଗ୍ ୱେଚାତାନ୍ନା ।
୯ ଇ କାର୍ଣ୍ତାଂ ମି ବିସ୍ରେ ୱେନି ସମୁତାଂ ଆପେଂ ସବୁୱେଡ଼ାଙ୍ଗ୍ ମି କାଜିଂ ପାର୍ତାନା କିନାପା । ପୁଇପୁୟା ଜିବୁନ୍ ହିତ୍ତି
ୱିଜୁ ଗିଆନ୍ ବୁଜାନି ଆମ୍ରିକ୍ ସାକ୍ତି ହୁକେ ଇସ୍ୱର୍ତି ଇଚା ପୁରା ଲାକେ ଏପେଙ୍ଗ୍ ଇନେସ୍ ପୁଞ୍ଜେଙ୍ଗ୍ ଆଡ଼୍ନାଦେର୍, ଇଦାଂ ମି
କାଜିଂ ଆପେଂ ପାର୍ତାନା କିନାପା ।
୧୦ ତା ଆତିସ୍, ଏପେଙ୍ଗ୍ ମାପ୍ରୁତି ଇଚା ଲାକେ ଜିବୁନ୍ ଜିପ୍କା କିଦେଙ୍ଗ୍ ଆଡ଼୍ନାଦେର୍ ଆରି ତା ସାରିଆନି କାମାୟ୍
କିଦେଙ୍ଗ୍ ଆଡ଼୍ନାଦେର୍ । ଏପେଙ୍ଗ୍ ଜିବୁନ୍ତ ସବୁ ବାନି ହାର୍ଦି କାମାୟ୍ କିଦେଙ୍ଗ୍ ଆଡ଼୍ନାଦେର୍ ଆରି ଇସ୍ୱର୍ତି ବିସ୍ରେ
ମି ଗିୟାନ୍ ବାଡାନାତ୍ ।

୧୧ ଲାଗିଂ ସବୁ ବିସ୍ରେ ସାସି ଆରି ହୁଦାର୍ ଆଦେଂ କାଜିଂ ହେୱାନ୍ତି ଜାଜ୍‌ମାଲ୍‌ନି ସାକ୍ତିକାଟାକାନ୍ ଇସାବ୍‌ରେ ୱିଜୁ ସାକ୍ତିତ
ସାକ୍ତିକାଟାକାଦେର୍ ଆଡ,
୧୨ ଆବା ଇସ୍ୱର୍ ରାଜିତ ତା ପୁଇପୁୟା ମାନାୟାରିଂ କାଜିଂ ଇନାକା ରୁଣ୍ଡାୟ୍ କିତାର୍ଣ୍ଣା, ତା ମେହାଆନି କାଜିଂ ହେୱାନ୍ ଜେ
ମିଙ୍ଗ୍ ବାଚି କିଦ୍‌ତାନ୍‌ନା, ଇଦାଂ କାଜିଂ ୱାରିତାଂ ତାଙ୍ଗେଙ୍ଗ୍ ଦନ୍ୟବାଦ୍ ହିୟାଟ୍ ।
୧୩ ହେୱାନ୍ ମାଜ୍‌ଗାନି ଆଦିକାର୍‌ତାଂ ମାଙ୍ଗେଙ୍ଗ୍ ରାକ୍ୟା କିତାନ୍‌ନା ଆରି ଆପଡ୍ ହିଲ୍‌ୱାକା ମାଙ୍ଗେଙ୍ଗ୍ ଜିଉନନି ମାଜିଡ଼ି
ରାଜିତ ତାଇୱାତାନ୍ନା ।
୧୪ ✡ହେ ମାଜି କାଜିଂ ଆପେଂ ମୁକ୍‌ଡ଼ାତାପ୍‌ନ୍ନା, ଇଚିସ୍ ମା ପାପ୍ କେମା ଆତାଡ୍‌ନ୍ନା ।

## କ୍ରିସ୍ଟ ଆରି ତା କାମାୟ୍

୧୫ କ୍ରିସ୍ଟ ହୁଡ଼୍‌ୱି ଇସ୍ୱର୍ତି ହୁଡ଼୍‌ନି ଜାତିମୁର୍ତି । ହେୱାନ୍ ପର୍ତୁମ୍ ଉବ୍‌ଜାତି ମାଜି ଆରି ୱିଜୁ ଉବ୍‌ଜାଣ୍ ଆନି ବିସ୍ରେତାଂ
ମୁଡ଼୍‌ଦାକାନ୍ ।
୧୬ ଇନାକିଦେଂକି ହୁଡ଼୍‌ନାକା ଆରି ହୁଡ଼୍‌ୱାକା, ସାର୍ଗେନି ୱିଜୁ ବିସ୍ରେ ହେୱାନ୍ ହୁକେ ଉବ୍‌ଜା ଆତାଡ୍, ଗାଦି କି ସାସନ୍
କିନାକାନ୍ କି ଆଦିକାର୍ କି ମୁଣିକା, ୱିଜାର୍ ହେୱାନ୍ ହୁକେ ଆରି ହେୱାନ୍ କାଜିଂ ଉବ୍‌ଜା ଆତାଡ୍‌ନ୍ନା ।
୧୭ ୱିଜୁ ବିସ୍ରେ ଉବ୍‌ଜାଣ୍ ଆନି ଆଗେ କ୍ରିସ୍ଟ ମାନାନ୍ ଆରି ହେୱାନ୍ ତା ଲାହାଂ ମେହାନି କାଜିଂ ୱିଜୁ ବିସ୍ରେନି ଗାଟିମୁଟି
ମାନାଡ୍ ।
୧୮ ✡ହେୱାନ୍ ତା ହେବା କିନାକାର୍ ମଣ୍ଡ୍‌ଲି ଲାକେ ଗାଗାଡ଼୍‌ନି କାପ୍‌ଡ଼ା; ହେ ଗାଗାଡ଼୍‌ନି ହେୱାନ୍ ଜିବୁନ୍ ସାକ୍ତି । ୱିଜୁ
ବିସ୍ରେ ପର୍ତୁମ୍ ବାହା ପାୟାନି କାଜିଂ ହେୱାନ୍ ହାକିତାଂ ପର୍ତୁମ୍ ଆରେ ନିଙ୍ଗ୍‌ତାନ୍ନା ।
୧୯ ଇନାକିଦେଂକି ଇସ୍ୱର୍ ଇଚା ଇସାବ୍ରେ ମାଜି ନିଜେ ଇସ୍ୱର୍‌ତି ବାତର୍ ଗୁଣ୍‌ଲାକେ କିତାନ୍‌ନା ।
୨୦ ✡ମାଜି ହୁକେ ଇସ୍ୱର୍ ୱିଜୁ ପୁତର୍ତିଂ ଜାର୍ ଲାଗାଂ ଲେଉଟାୟ୍ କିଜି ତାଇୱାନି କାଜିଂ ତିର୍ କିତାନ୍ । କ୍ରୁସ୍‌ତ ତା
ମାଜିଡ଼ି ନେଡେର୍ ହୁକେ ଇସ୍ୱର୍ ସୁସ୍ତା ରଚ୍‌ନାନ୍ ଆରି ପୁତର୍ ଆରି ସାର୍ଗେତ ମାନି ୱିଜୁ ବିସ୍ରେ ଜାର୍ ଲାଗାଂ ମେହାୟ୍‌କିଜି
ତାଇୱାତାନ୍ନା ।
୨୧ ର ସମୁତ ବାନ୍ୟା ମାନ୍ ଆରି ବାନ୍ୟା କାମାୟ୍ କିଜି ମାନି ଇସ୍ୱର୍‌ତାଂ ଏପେଙ୍ଗ୍ ଦେହା ମାଚାଦେର୍ ଆରି ହେୱାନ୍ତି ସାତ୍ରୁ
ମାଚାଦେର୍,
୨୨ ମାତର୍ ନଙ୍ଗାୟ୍ ଇସ୍ୱର୍ ମିଙ୍ଗ୍ ପୁଇପୁୟା, ବାତର୍ ଆରି ଦସିହିଲ୍‌ୱାଦାଂ ଲାକେ ତା ମୁମ୍‌ଦ ତାଇୱାନି କାଜିଂ ତା ମାଜିଂ
ଗାଗାଡ଼୍‌ନି ହାକି କାଜିଂ ମିଙ୍ଗେଙ୍ଗ୍ ଜାର୍ ଲାହାଙ୍ଗ୍ ଆରେ ମେହାୟ୍ କିତାନ୍ନା ।
୨୩ ଏପେଙ୍ଗ୍ ର ଡାଟ୍ ଆରି ହାଡ୍‌ପା କୁନାଦି ଜପି ୱିସ୍ତି ରଚ୍‌ୟାଜି ମାନାଟ୍ ଆରି ନେକ୍ରିକାବୁର୍ ୱେନି ସମୁତ ଇମ୍‌ଣି ବାସର୍
ଲାବ୍ କିଜି ମାଚାଦେର୍, ହେବେଣ୍ତାଂ ଏନେଡେନେ ଆନି କାଜିଂ ପାବ୍ ହିମାଟ୍ । ହେ ନେକ୍ରିକାବୁର୍ ନେ ଆକାସ୍‌ନି ୱିଜାର୍
ଲାଗାଂ ପର୍‌ଚାର୍ ଆନାତା ଆରି ଆନ୍ ପାଉଲ୍, ହେୱାନ୍ତି ରୱାଙ୍ଗ୍ ପାତର୍ କିନାକାଂ ହେବାକାର୍‌ୟା ।

## ମଣ୍ଡ୍‌ଲିତ ପାଉଲ୍‌ତି କାମାୟ୍

୨୪ ଆନ୍ ମି କାଜିଂ ଇମ୍‌ଣି ସବୁ ଦୁକ୍‌ବଗ୍ କିନାଙ୍ଗା, ହେବେ ନଙ୍ଗ୍ ୱାରି କିନାଙ୍ଗା, ଆରେ କ୍ରିସ୍ଟତି ଇମ୍‌ଣି ଦୁକ୍‌ବଗ୍ ବାକି
ମାନାଡ୍, ହେଦାଂ ଆନ୍ ହେୱାନ୍ତି ଗାଗାଡ଼୍‌ନି ଲାଗ୍‌ଦି ମଣ୍ଡ୍‌ଲି କାଜିଂ ନା ଗାଗାଡ଼୍‌ତ ବାତର୍ କିନାଙ୍ଗା;
୨୫ ଇସ୍ୱର୍ ନାଙ୍ଗେଙ୍ଗ୍ ଇମ୍‌ଣି ହେବାକାର୍‌ୟା ପାଦ୍ ମି କାଜିଂ ହିଡ୍‌ତାନା, ହେ ଇସାପ୍ରେ ଆନ୍ ହେ ମଣ୍ଡ୍‌ଲିନି ରୱାଙ୍ଗ୍
ହେବାକାର୍‌ୟା ଆତାଂନା, ଇନେସ୍ ଆନ୍ ଇସ୍ୱର୍ ବଚନ୍ ପୁରା ସୁଣାୟ୍‌କିଦେଂ ଆଡ଼୍‌ନାଂ ।
୨୬ ହେ ଡ଼କ୍ତାକା ଆଗେନି ସମୁ ଆରି ଆଗେନି ଆକର୍ ଦାଦିର୍‌ତାଂ ଡ଼ଗୁଜି ମାଚାଡ୍, ମାତର୍ ନଙ୍ଗ୍ ହେୱାନ୍ତି ସାଦୁର୍ ଲାଗାଂ
ହତାଡ୍‌ନ୍ନା ।
୨୭ ପାତର୍‌କିୱି ଜିହୁଦିର୍ ବିଡ୍ରେ ହେ ହାଦର୍‌କାତାନି ଜାଜ୍‌ମାଲ୍ ଲାଗ୍‌ଦି ଦାନ୍ ଜେ ଇନାକା, ହେଦାଂ ଇସ୍ୱର୍ ଜାର୍ ସାଦୁର୍
ବିଡ୍ରେ ଚଞ୍ଜ୍‌ୟା ଆଦେଂ ଇଚା କିତାନ୍; ହେ ହାଦର୍‌କାତା ଇଦାଂ, ମି ବିଡ୍ରେ କ୍ରିସ୍ଟ, ହେୱାନ୍ ଜାଜ୍‌ମାଲ୍‌ନି ବାସର୍ ଲାକେ;
୨୮ ଇଦାଂ କାଜିଂ ଆପେଂ ୱିଜାର୍ ଲାଗାଂ କ୍ରିସ୍ଟତି ପର୍‌ଚାର୍ କିନାପା । ୱିଜାର୍ କ୍ରିସ୍ଟ ଲାହାଂ ମେହାଜି ର ପୁରାବାତର୍
ମାନାୟ୍ ଲାକେ ଇସ୍ୱର୍ ମୁମ୍‌ଦ କୁଚିକିନି କାଜିଂ, ମା ୱିଜୁ ବୁଦି ଗିଆନ୍ ଚାଲାୟ୍ କିଜି, ୱିଜାରିଂ ଚେଡ୍‌ନା ଆରି ହିକ୍ୟା ହିନାପା
।
୨୯ ଇଦିଲିଂ ଜିଦ୍ କିନି କାଜିଂ ନା ତାକେ କାମାୟ୍ କିଜିମାନି କ୍ରିସ୍ଟ ହିଡ୍‌ତି ଜବର୍ ସାକ୍ତିତିଂ ବେବାର୍ କିଜି ଆନ୍ ହାଜିରିଜି
ସେସ୍ଟା ଆରି କସ୍ଟ କିନାଙ୍ଗା ।

# ୨

୧ ମି କାଜିଂ, ଲାଅଦିକିଆନିକାର୍ ଆରି ନାଂ ଜାର୍‌ତି କାଜିଂ ଚିନ୍‌କିୱାଦାଂ ମାଚିକ୍ ୱିଜାର୍ ମାନାୟାର୍ କାଜିଂ ଆନ୍ ଜେ
ଏଚେକ୍ ବେସି କସ୍ଟ କିନାଙ୍ଗା, ହେଦାଂ ଏପେଙ୍ଗ୍ ପୁନାଟ୍ ଇଞ୍ଜି ନା ଇଚା ।

---

✡ **୧:୧୪** ଏପିସିୟ ୧:୭. ✡ **୧:୧୮** ଏପିସିୟ ୧:୨୨,୨୩. ✡ **୧:୨୦** ଏପିସିୟ ୨:୧୬.

୨ ଏପେଙ୍ଗ୍ ୱିଜାଦେର୍ ଇନେସ୍ ହେୱାର୍‌ତି ୱାସ୍କି ୱାରିୟା ଆନାଦେର୍ ହାରି ଲାହାଂ ଜିଉନନିତ ରବେ ମାନାଦେର୍, ଆରି
ହାଡ୍‌ପାନେ ଗିଆନ୍ ଲାବ୍ କିଜି ହାଡ୍‌ପା ବାର୍ସ ଲାକେ ପୁରା ସମ୍ପତିନି ଆଦିକାରି ଆନାଦେର୍, ଇଦାଂ ନା ଇଟ୍‌କାଡ୍ । ଇଦାଂ
ହୁକେ ଏପ୍ ପୁନାଦେର୍ ଜେ, ଜିସୁ କ୍ରିସ୍ଟନେ ଇସ୍ୱର୍‌ତି ହେ ଡ଼କ୍ଲୁବଚନ୍ ।
୩ ଜିସୁ କ୍ରିସ୍ଟ ଆନାନା ହେ କୁଚି କାଡି, ଇନାକା ଇସ୍ୱର୍‌ତି ବୁଦି ଆରି ଗିୟାନ୍ ଲାକେ ୱିଜୁ ଡ଼କ୍ଲୁ ଦାନ୍ ସମ୍ପତିନି ଗାଦ୍ୟା ଜେସି
ହିଦ୍‌ନାନ୍ ।
୪ ଇନେର୍ ମିଂ ଇନେସ୍ ଇନି ଚାଲାକିତାଂ ବୁଲାୟ୍ କିଦ୍‌ମେର୍, ହେଦାଂ କାଜିଂ ଆନ୍ ଇଦାଂ ଇଞ୍ଜ୍‌ନାଙ୍ଗା ।
୫ ଇନାକିଦେଂକି ଆଡିସ୍‌ପା ଆନ୍ ଗାଗାଡ୍‌ତ ୱାୱାଦାଙ୍ଗ୍ ମାଚିସ୍ ପା, ଜିବୁନ୍ ବାବ୍ରେ ଆନ୍ ମି ଲାହାଂ ମାନାଙ୍ଗା । କ୍ରିସ୍ଟତି
ଜପି ଡାଟ୍ ପାର୍ତ ଇଡ଼୍‌ଜି ଏପେଙ୍ଗ୍ ଇନେସ୍ ହାର୍‌ସୁସ୍ତା ଆଟାନ୍ନା, ହେଦାଂ ହୁଡ୍‌ଜି ଆନ୍ ୱାରି ।

## କ୍ରିସ୍ଟତାକେ ଜିବୁନ୍

୬ ଇନେସ୍‌କି ଏପେଙ୍ଗ୍ କ୍ରିସ୍ଟ ଜିସୁତି ମାପ୍ରୁ ଲାକେ ଇଡ଼୍‌ତାଦେର୍ଣ୍ଣା, ତା ଲାହାଙ୍ଗ୍ ମେହାଜି ଜିବୁନ୍ ଜିପ୍‌କା କିୟାଟ୍ ।
୭ ମିଦାଂ ମୁଡ଼୍‌କୁନାଦି ତା ଜପି ଆଟ୍‌ୱା ଲାକେ ରଚ୍‌ଚି ଜିବୁନ୍ ରଚାଟ୍ ଆରି ଏପେଙ୍ଗ୍ ଗାଟାତି ହିକ୍ୟା ଇସାବ୍ରେ ପାର୍ତତ
ଆଦିକ୍ ବାଡ଼୍‌କାସ୍ ଆଡ । ମି ଜିବୁନ୍ ପାର୍ତତ ପୁରା ଆଏଡ୍ ।
୮ ଜାଗ୍ରତ୍, ଇନେର୍ ଇନେସ୍ ମିଂ ମାନାୟାର୍‌ତି ଅରଡ୍ ହିଲ୍‌ୱି ଆହାର୍ ଗିଆନ୍ ହୁକେ ତଲ୍ୟା କିଦୁଡ୍ । ହେ ସବୁ ପଲ୍ୟା
ଗିୟାନ୍ କ୍ରିସ୍ଟତି ହିକ୍ୟାତାଂ ୱାୱାଦାଂ ମାନ୍‌ଗାନାଡ୍ । ହେଦାଂ ମାନାୟ୍ କୁଟୁମ୍‌ନି ଚାଲାଆଜି ୱାଜି ମାନି ହିକ୍ୟା ଆରି ପୁର୍ତ
ଜପି କାମାୟ୍ କିଜି ମାନି ହାନ୍ଦାୟ୍‌କିନି ସାକ୍ତିନି ହିକ୍ୟାନି ପାଡ୍ ।
୯ କେବଲ୍ ନାର୍ ଲାକେ କ୍ରିସ୍ଟତି ତାକେ ଇସ୍ୱର୍‌ତି ଜାତିମୁର୍ତ ପୁରାବାର୍ତ ମାନାଡ୍ ।
୧୦ ହେୱାନ୍ ଲାହାଂ ମେହାଣ୍ ମାନି କାଜିଂ ଏପ୍ ଜିବୁନ୍ ପୁରା ଲାବ୍ କିଦେଙ୍ଗ୍ ଆଡ୍‌ନାଦେର୍ । ବିନ୍ ୱିଜୁ ସାକ୍ତି ଆରି
ଆଦିକାରି ଜପି କ୍ରିସ୍ଟତି ରାଜ୍ ନେ ମୁଡ଼୍‌ଦାକା ।
୧୧ କ୍ରିସ୍ଟତି ଲାହାଂ ମେହାତି ଜିବନ୍ ନେ ମି ସୁନ୍ନତ୍ ଲାକେ । ଇ ସୁନ୍ନତ୍ ମାନାୟ୍ କିତାକା ଆକାୟ୍, ହେଦାଂ କ୍ରିସ୍ଟତି ଲାହାଂ
ପୁରା ଆଟାକା । ହେଦାଂ ମାନାୟ୍‌ତିଂ ପାପ୍ ବାର୍ତ ୱିଜୁ ଗାଗାଡ୍ ମୁକ୍‌ଡାୟ୍ କିନାଡ୍ ।
୧୨ ✡ଇନେକିଦେଂକି ବାପ୍ତିସିମ୍‌ତ ଅନି ହୁଦାଂ ଏପେଙ୍ଗ୍ କ୍ରିସ୍ଟତି ଲାହାଂ ମୁଚିୟା ଆଜି ମାଚାଦେର୍ ଆରି ଜିସୁ କ୍ରିସ୍ଟତିଂ ଆରେ
ନିକ୍‌ନାକା ଇସ୍ୱର୍‌ତି ଜାର୍‌ତି କାମାୟ୍ ସାକ୍ତିତ ପାର୍ତ କିନି ହୁକେ କ୍ରିସ୍ଟତି ଲାହାଂ ଏପେଙ୍ଗ୍ ପା ଆରେ ନିଂତାଦେର୍ଣ୍ଣା ।
୧୩ ✡ମି ପାପ୍ ଆରି ଗାଗାଡ୍ ଆହା କାଜିଂ ଆରି ଏପେଙ୍ଗ୍ ବିଦିତ ବିନେ ଆଜି ପାର୍ତକିୱି ଜିହୁଦି ମାଚିଲେ ଦିନେକ୍ ଏପେଙ୍ଗ୍
ମାପ୍ରୁ ଗିଆନ୍‌ତ ହାଜି ମାଚାଦେର୍; ମାତର୍ ଇସ୍ୱର୍ ନଂ କ୍ରିସ୍ଟତି ଲାହାଂ ମିଂ ହାର୍ କିଜି ଇଡ଼୍‌ତାନ୍ନା । ଇସ୍ୱର୍ ମା ୱିଜୁ ପାପ୍ କେମା
କିଦ୍‌ନାନ୍ ।
୧୪ ✡ହେୱାନ୍ ମା ବିରୁଦ୍‌ତ ମାନାକା ବିଦି ଦାବାଆକି ଆରି ଇଦାଂ ବିଦିବିଦାଣିତିଂ କ୍ରୁସ୍‌ତ ନାସ୍‌କିଜି ମାଙ୍ଗ୍‌ତାଂ ଦେହା
କିତାନ୍ନା ।
୧୫ ଆରେ ହେ କ୍ରୁସ୍ ଜପି କ୍ରିସ୍ଟ ୱିଜୁ ବାନି ସାକ୍ତି ଆରି ଆଦିକାରି ଜାର୍‌ତିଂ ମୁକ୍‌ଡାୟ୍ କିତାନ୍ନା ଆରି ହେୱାରିଂ ବନ୍ଦି କିଜି
ଜାର୍ ବିସ୍ରେ ହାର୍ ହାନିତ ୱିଜାକାର୍ ମୁମ୍‌ଦ ହେୱାରିଂ ଗ୍ଡାୟ୍‌ତାନ୍ନା ।

## ମାନାୟ୍ ରଚ୍‌ଚି ନିୟମ୍‌କାଂ ମାନିକିମାଟ୍

୧୬ ✡ଲାଗିଂ, ଇନେର୍ ତିନାଉଣା କି ପୁଇପୁୟା ନାଞ୍ଜିଙ୍ଗ୍ କି ଉଆଁସ୍ ପାର୍ବୁ, କି ଜମ୍‌ନିବାର୍ ବିସ୍ରେ ଇମ୍‌ଣାକାପା ବିଚାର୍
ଜାଲ୍‌ଦି କିମେନ୍ ।
୧୭ ହେ ସବୁ କେବଲ୍ ୱାନି ଦିନ୍‌ନି ଗିଟାନି ବିସ୍ରେନି ଡ଼ିଗା ଲାକେ ମତର୍, କ୍ରିସ୍ଟନେ ୱିଜୁ ହାଡ୍‌ପାନି ୱିଜେନିକା ।
୧୮ ଆରେ ଇମ୍‌ଣାକାର୍ ଦାମ୍ର ଆରି ଦୁତ୍‌ର୍ ପୁଜାତ ହାର୍ ପାୟାଜି କ୍ଲେଞ୍ଜ୍‌କଣ୍ ହୁଡ୍‌ଜି ମାନି ବିସ୍ରେନିକିଂ ଦାସ୍ତି ଆରି
ଜାର୍ ସଁସାର୍‌ନି ମାନାୟ୍ ମାନ୍ ହୁକେ ପଲ୍ୟା ଗାର୍ବ ଆଜି କାପ୍‌ଡ଼ା ଲାକେ ଇନେନ୍ କ୍ରିସ୍ଟ, ହେୱାନିଂ ଆହ୍‌ୱାଦାଂ ଇନାମ୍‌ତାଂ
ମିଙ୍ଗେଙ୍ଗ୍ ବାଚାୟ୍ କିଦ୍‌ମେଡ୍;
୧୯ ✡ଗାଗାଡ୍‌ନି କାପ୍‌ଡ଼ା ଲାକେ କ୍ରିସ୍ଟତି ତାଂ ହେୱାର୍ ଏଡ଼ା ଆଟାର୍ଣ୍ଣା । ତା ବଲ୍‌ଦାଂ କେଇଗାଲ୍‌କୁ ହାନ୍ଦ୍‌ଣି ଆରି ଚିରାଂ
ହୁକେ ହାରି ଲାହାଂ ମିହାଜି ପୁରା ସାକ୍ତି ଆନାଡ୍ ଆରି ଗାଗାଡ୍ ଇସ୍ୱର୍‌ତି ଇଚା ଇସାପ୍ରେ ବାଡା ଆନାଡ୍ ।

## କ୍ରିସ୍ଟତି ଲାହାଂ ହାନାସ୍ ଆରି ଜିନାସ୍

୨୦ ଏପେଙ୍ଗ୍ କ୍ରିସ୍ଟତି ଲାହାଙ୍ଗ୍ ହାତାଦେର୍ଣ୍ଣା ଇ ପୁର୍ତ ଜପି ରାଜ୍‌କିନି ସାକ୍ତିତାଂ ମୁକ୍ତି ଲାବ୍ କିତାଂନା । ମାନାୟ୍ ଲାକେ
ଜିବୁନ୍ କାଟିକିନାଦେରା ? ଇନେକିଦେଂ ଏପେଙ୍ଗ୍ ଏଲେଙ୍ଗ୍‌ବାର୍ତ ନିୟମିକାଂ ମାନି କିନାଦେରା ।
୨୧ "ଇଦାଂ ଆହ୍‌ମାଟ୍, ହେଦାଂ ତିନ୍‌ମାଟ୍, ହେଦାଂ ଡୁମାଟ୍ ?"

✡ **୨:୧୨** ରମିୟ ୬:୪. ✡ **୨:୧୩** ଏପିସିୟ ୨:୧-୫. ✡ **୨:୧୪** ଏପିସିୟ ୨:୧୫. ✡ **୨:୧୬** ରମିୟ ୧୪:୧-୬. ✡ **୨:୧୯** ଏପିସିୟ ୪:୧୬.

୨୨ ଇ ସବୁ ବିସ୍ରେ ଚାନେକ୍‌ନିକା । ଇଦାଂ ବେବାର୍ ଆନି ସାଙ୍ଗେ ସାଙ୍ଗେ ମଲ୍‌ହିଲ୍‌ୱାକା ଆଜି ହ଼ାନାଡ୍ । ଇୱାଙ୍ଗ୍ କେବଲ୍
ମାନାୟ୍ ରଚ଼ିଚି ନିୟମ୍ ଆରି ହିକ୍ୟା ।
୨୩ ନିଜେ ସାର୍ଗେଦୁତ୍ ପୁଜା, ମିଚ୍ ହୁଦାର୍ ଆରି ଜାତର୍ିଂ ବାଦା ହିନାକା କାଜିଂ କିୟ୍‌କିଦେଂ ଇ ସବୁ ନିୟମ୍ ବେସି ଗିଆନ୍ତ
ରଚ଼ାକା ଇଞ୍ଜି ବାବି କିନାନ୍, ମାତର୍ ଗାଗାଡ଼୍‌ କାମାୟ୍‌ତିଂ ମେହାୟ୍ କିଦେଙ୍ଗ୍ ଆଡ଼୍‌ୱାକା ।

# ୩

୧ ଏପେଙ୍ଗ୍ ଏଚେକାଡ଼୍‌ଦ କ୍ରିସ୍ଟତି ଲାହାଙ୍ଗ୍ ହାକିତାଂ ନିଂତାଦେର୍ଣ୍ଣା । ଲାଗିଂ ସାର୍ଗେନି ବିସ୍ରେତିଂ ମାନ୍‌ଦ୍ୟାନ୍ କିୟାଟ୍,
ଇନେକିଦେଂକି କ୍ରିସ୍ଟ ସାର୍ଗେତ ଇସ୍ୱତର୍ ବୁଜ୍‌ଣି ବାଗାଙ୍ଗ୍ କୁଚ଼ାନ୍ନା ।
୨ ପୁତର୍ିନି ବିସ୍ରେ ଆହା କିୱାଦାଂ ସାର୍ଗେ ବିସ୍ରେ ଚିନ୍ତା କିୟାଟ୍ ।
୩ ଇନାକିଦେଂକି ଏପେଙ୍ଗ୍ ହାତାଦେର୍ଣ୍ଣା, କ୍ରିସ୍ଟ ଲାହାଂ ମି ଜିବୁନ୍ ଇସ୍ୱତର୍ ତାକେ କ୍ରିସ୍ଟତି ଲାହାଙ୍ଗ୍ ଡ଼କ୍କାତାଡ଼୍‌ନା ।
୪ ମା ଜିବୁନ୍ ଲାକେ ଜେ କ୍ରିସ୍ଟ, ଏଚେକାଡ଼୍‌ଦ ହେୱାନ୍ ଚଞ୍ଜ୍ୟା ଆନାନ୍, ହେ ପାଦ୍‌ନା ଏପେଙ୍ଗ୍ ପା ହେୱାନ୍ ଲାହାଙ୍ଗ୍
ଜାଜ୍‌ମାଲ୍‌ତ ଚଞ୍ଜ୍ୟା ଆନାଦେର୍ ।

## ସ୍ଥାନାକା ଆରି ପୁନି ଜିବୁନ୍

୫ ଲାଗିଂ, ମିଦାଙ୍ଗ୍ ଗାଗାଡ଼୍‌ନି କେଇଗାଲ୍‌ନି ବାନ୍ୟା ଚିନ୍ତା ଇଚିସ୍ ଦାରି, ବିଟାଡ଼୍, ପୁତର୍ିନି କାମାୟ୍, ବାନ୍ୟା ଆହା, ଆରେ
ପୁଡ଼୍‌ଡ଼ା ପୁଜାଲାକେ ଲାବ୍‌ଡ଼ି, ଇ ସବୁ କାଜିଂ ହାଡ;
୬ ଇ ସବୁ କାଜିଂ ମୁନ୍‌ଜି ମାନ୍‌ଜି ଇମ୍‌ଣାକାର୍ ଇସ୍ୱର୍‌ତି ମାନିକିଉର୍, ହେୱାର୍ ଜପି ଇସ୍ୱର୍ ରିସା ଆଚ଼୍‌ନାଡ୍ ।
୭ ଦିନେକ୍ ଏପେଙ୍ଗ୍ ଇସବୁ ବାନ୍ୟା ଆହା ମେହାଜି ଜିବୁନ୍ ଜିପ୍‌କା କିଜି ମାଚାଦେର୍ ।
୮ ମାତର୍ ନଙ୍ଗାୟ୍ ଏପେଙ୍ଗ୍ ପା ଇ ସବୁ ବିସ୍ରେ, ଇଚିସ୍ ରିସା, ମୁକର୍ିଆ, ଆକ୍ରିୟା, ନିନ୍ଦା, ୱେଇଦାଂ ବଟାୟ୍ ବଚନ୍ ଇ
ସବୁ ପିହାଟ୍ ।
୯ ✡ହାରିତିଂ ମିଚ୍ ଇନ୍‌ମାଟ୍; ଇନେକିଦେଂକି ଏପେଙ୍ଗ୍ ତ ସ୍ଥାନି ବାବ୍‌ନା ଆରି ତା ବେବାର୍ କିମାଟ୍ ।
୧୦ ✡ହେବେନି ୱିଜୁ କାମାୟ୍ ପିସ୍ତି ପୁନି ଆଚାର୍ ବେବାର୍ ଉସ୍ପାଦେର୍ଣ୍ଣା । ହେ ପୁନି ଆଚାର୍ ବେବାର୍ ଜାର୍ ଉବ୍‌ଜାୟ୍ କିତି
ମୁଣିକାତି ଜାତିମୁତର୍ ଇସାବ୍ରେ ପୁରା ଗିଆନ୍ ପାୟାନି କାଜିଂ ପୁନାକାଦେର୍ ଆନାଦେରା ।
୧୧ ଇ ଲାକେ ବାହାତ ଗ୍ରିକ୍ ଆରି ଜିହୁଦି ଆରି ପାତର୍ିକିୱି ଜିହୁଦି, ସୁନ୍ନତ୍ ଆରି ସୁନ୍ନତ୍ ଆୱାତାକାର୍, ଲେକାରାଜ୍ୟା,
ସ୍କୁଟ୍ରିୟ, ଆଡ଼ିଏନ୍, ମାନ୍‌ଇଚାଲଗୁ, ଇୱାର୍ ବିଟ୍ରେ ଅଲପ୍‌ପା ଆଲ୍‌ଗା ହିଲେଡ୍, ମତର୍ କ୍ରିସ୍ଟ ସବୁତ ସବୁ ଆନାନ୍, ଆରେ
ୱିଜାକାର୍ ତାକେ ବାହା କିନାନ୍ ।
୧୨ ✡ଏପେଙ୍ଗ୍ ଇସ୍ୱର୍‌ତି ଲକୁ । ହେୱାନ୍ ମିଙ୍ଗେଙ୍ଗ୍ ଜିଉନନାକା ନିଜାର୍ ପୁଇପୁୟା ଲକୁ କାଜିଂ ବାଚିକିୟାତାନ୍‌ନା ।
ଲାଗିଂ ଏପେଙ୍ଗ୍ ମାନ୍, ଦୟା, ହୁଦାର୍, ସୁସାର୍ ଆରି ସାସ୍ ଲାକେ ହେନ୍ଦ୍ରା ଉସ୍‌ପାଟ୍ ।
୧୩ ✡ହାରି କାଜିଂ ହୁଞ୍ଜ୍‌ନାକାଦେର୍ ଆଡ, ଆରେ ଜଦି ଇନେର୍ ଇନେର୍ ବିରୁଦ୍‌ଦ ଇମ୍‌ଣି କାତା ମାଚିସ୍, ତେବେ ରୱାନ୍
ଆରେରୱାନିଙ୍ଗ୍ କେମା କିୟାଟ୍; ମାପ୍ରୁ ଇନେସ୍ ମିଙ୍ଗେଙ୍ଗ୍ କେମା କିଡ଼୍‌ତାନ୍‌ନା, ଏପେଙ୍ଗ୍ ପା ହେ ଲାକେ କିୟାଟ୍ ।
୧୪ ଆରେ, ଇ ୱିଜୁ ଗୁଣ୍ ଲାହାଂ ଜିଉତିଂ ମେହାୟ୍ କିୟାଟ୍ । ଜିଉନନାକା ୱିଜୁ ବିସ୍ରେତିଂ ବାତର୍ କିଜି ରବେ କିନାଡ୍ ।
୧୫ ଆରେ, କ୍ରିସ୍ଟ ହିତି ଇମ୍‌ଣି ସୁସ୍ତା ବଗ୍ କିନି କାଜିଂ ଏପେଙ୍ଗ୍ ର ଗାଗାଡ଼୍‌ ଲାକେ କୁକ୍ୟା ଆତାଦେର୍ଣ୍ଣା, ହେଦାଂ ମି ୱାସ୍କିତ
ବାହା କିୟେଡ୍; ଆରେ ଏପେଙ୍ଗ୍ ସବୁନାଜିଂ ଦନ୍ୟବାଦ୍ ହିୟାଟ୍ ।
୧୬ ✡କ୍ରିସ୍ଟତି ବଚନ୍ ବେସି ବାବ୍ରେ ମି ୱାସ୍କିତ ବାହା କିଏଡ୍; ଏପେଙ୍ଗ୍ ହାରିତିଂ ପୁରା ଗିୟାନ୍ ହୁଦାଂ ହିକ୍ୟା ଆରି ଚେଡ଼୍‌ନା
ହିୟାଟ୍, ଆରେ ଇସ୍ୱର୍ କାଜିଂ କେର୍କଣ୍, ମାଣି ଆରି ଜିବୁନ୍‌ନି ନାଦ୍ ହୁଦାଂ ଜୁୱାର୍ ହୁଦାଂ କେରାଟ୍ ।
୧୭ ଆରେ, ବଚନ୍ କି କାମାୟ୍‌ତ ଏପେଙ୍ଗ୍ ଇନାକା କିୟାଟ୍, ହେୱାନ୍ ୱିଜୁ ମାପ୍ରୁ ଜିସୁ ତର୍‌ଦାଂ କିଜି ହେୱାନ୍ତି ହୁଦାଂ ଆବା
ଇସ୍ୱର୍‌ତିଂ ଦନ୍ୟବାଦ୍ କିୟାଟ୍ ।

## ପୁନି ଜିବୁନ୍ତ ଜାର୍‌ତି ଜାଣାଚିନା

୧୮ ✡ଏ କଗ୍‌ଲେକାଦେର୍, ମାପ୍ରୁତି ମେହାଣ୍‌ତ ସମାନ୍ ବେବାର୍ ଲାକେ ଜାର୍ ଜାର୍ ଆଣ୍ଡ୍ରାକାଂ ତଲ୍ୟା ଆଡୁ ।
୧୯ ✡ହେ ଆଣ୍ଡ୍ରାକାଦେର୍, ଜାର୍ ଜାର୍ କଗ୍‌ଲେକାଂ ଜିଉନୱାଟ୍, ହେୱେକ୍ ହୁଦାଂ ବାଦିକିନି ଲାକେ ଚିନ୍ତା କିମାଟ୍ ।
୨୦ ✡ଏ ହିମ୍‌ଣାଙ୍ଗ୍, ନିଟ୍ରେ ମି ଆବା ଆୟା ତଲ୍ୟା ଆଡୁ । ଇଦାଂ ମି କ୍ରିସ୍ଟିୟାନ୍ କାମାୟ୍, ଇନେକିଦେଂକି ଇବେ ଇସ୍ୱର୍
ସାରି ଆନାନ୍ ।
୨୧ ✡ଏ ଆବା ଆୟାକାଦେର୍, ଜାର୍ ଜାର୍ ହିମ୍‌ଣାକାଂ ରିସା କିମାଟ୍, ଇନେସ୍‌କି ହେୱାର୍ ୱାରିକିୟା ଆମେର୍ ।
୨୨ ✡ଏ କଡ଼୍‌କାଆଡ଼ିୟାର୍, ସବୁ ବିସ୍ରେ ମି ମାନାୟାରିଂ ବଲ୍ ମାନିକିୟାଟ୍ । କେବଲ୍ ହେୱାର୍ ମି ଜପି କାଣ୍‌କୁଇଡ଼୍‌ନି ମାନ୍ତି

✡ **୩:୯** ଏପିସିୟ ୪:୨୨. ✡ **୩:୧୦** ଏପିସିୟ ୪:୨୪. ✡ **୩:୧୨** ଏପିସିୟ ୪:୨. ✡ **୩:୧୩** ଏପିସିୟ ୪:୩୨. ✡ **୩:୧୬** ଏପିସିୟ ୫:୧୯,୨୦. ✡ **୩:୧୮** ଏପିସିୟ ୫:୨୨; ୧ ପିତର୍ ୩:୧. ✡ **୩:୧୯** ଏପିସିୟ ୫:୨୫; ୧ ପିତର୍ ୩:୭. ✡ **୩:୨୦** ଏପିସିୟ ୬:୧. ✡ **୩:୨୧** ଏପିସିୟ ୬:୪. ✡ **୩:୨୨** ଏପିସିୟ ୬:୫-୮.

ୱାଡ଼ାଲିଂ ହେୱାରିଂ ସାରି କିନି କାଜିଂ ଆକାୟ୍, ମାତର୍ ମାପ୍ରୁତି କାଜିଂ ମିଦାଂ ପାଣ୍ଡ୍ର କ୍ରାଜିଂ ହୁଦାର୍ ମାନ୍ତ ଇଦାଂ କିୟାଟ୍ ।
୨୩ ଏପେଙ୍ଗ୍ ଇନାକା କିନାଦେର୍, ହେଦାଂ ମାନାୟ୍ କାଜିଂ କିୱାଦାଂ ମାପ୍ରୁତି କାଜିଂ କିନାଦେରା ଇଞ୍ଜି ବାବି କିଜି ବାର୍ତ
ୱାସ୍କିତ କିୟାଟ୍ ।
୨୪ ମାନ୍ତ ଇଟାଟ୍, ଇସ୍ୱର୍ ତା ଲକୁ କାଜିଂ ଇନାକା ଇଟ୍‌ତାନ୍ନା, ହେଦାଂ ହେୱାନ୍ ମିଙ୍ଗେଙ୍ଗ୍ ଇନାମ୍ ଲାକେ ହିଦ୍‌ନାନ୍ ।
ଇନେକିଦେଂକି କ୍ରିସ୍ଟନେ ମି ହାତ୍‌ପା ମାପ୍ରୁ, ଇନେର୍‌ତି ହେବା ଏପ୍ କିନାଦେରା ।
୨୫ ✡ଇନାକିଦେଂକି ଇନେନ୍ ଅନ୍ୟାୟ୍ କିନାନ୍, ହେୱାନ୍ ଜାର୍ ଅନ୍ୟାୟ୍‌ନି ପ୍ରାର୍ତ ପାଡ଼୍‌ଗାଟାନାନ୍; ହେ ବିସ୍ରେ ଇନାକାପା
ଉଡ଼ାଆୱାକା ମାନାଡ୍ ।

# ୪

୧ ✡ଏ ହାଉକାର୍, ସାର୍ଗେତ ମିଦାଙ୍ଗ୍ ପା ହାଉକାର୍ ମାନାନ୍ ଇଞ୍ଜି ପୁଞ୍ଜି ଜାର୍ ଜାର୍ ଆଡ଼ିୟାର୍ କାଜିଂ ନିୟାୟ୍ ଆରି ସମାନ୍
ବେବାର୍ କିୟାଟ୍ ।

## ବିନ୍‌ବିନ୍ ହିକ୍ୟା

୨ ସବୁୱେଡ଼ାଙ୍ଗ୍ ପାର୍ତାନତ ଜିବୁନ୍ ଜିପ୍‌କା କିୟାଟ୍ ଆରି ଇସ୍ୱର୍‌ତିଂ ଦନ୍ୟବାଦ୍ କିଜି ପାର୍ତାନାତ ଜାଗ୍ରତ୍ ମାନାଟ୍ ।
୩ ମା କାଜିଂ ପା ପାର୍ତାନା କିୟାଟ୍, ଇନେସ୍ ବଚନ୍ ୱେଚ୍‌ନି କାଜିଂ ଇସ୍ୱର୍ ମା କାଜିଂ କାପାଟ୍ ଜେତ୍‌ନାନ୍ । ଆରେ, କ୍ରିସ୍ଟତି
ଇମ୍‌ଣି ବଚନ୍ କାଜିଂ ଆନ୍ ଗେହ୍ୟା ଆତାଙ୍ଗ୍‌ନା,
୪ ପାର୍ତାନା କିୟାଟ୍ ଇନେସ୍‌କି ଆନ୍ ସମାନ୍ ବାବ୍ରେ ଆରି ହାର୍ ବାବ୍ରେ ହେଦାଂ ପର୍‌ଚାର୍ କିଦେଙ୍ଗ୍ ଆଡ଼୍‌ନାଦେର୍ ।
୫ ✡ପାଗ୍‌ନି ସତ୍ ବେବାର୍ କିୟାଟ୍, ପାର୍ତ କିୱାକାର୍ ଲାଗାଂ ଗିୟାନ୍ ଲାହାଙ୍ଗ୍ ବେବାର୍ କିୟାଟ୍ ।
୬ ମି ବଚନ୍ ସବୁୱେଡ଼ାଙ୍ଗ୍ ହୱାଦ୍ ଆରେ, ହର୍‌ତ ଦୟାମେହା ଆଏତ୍, ଇନେସ୍ ଇନେରିଂ ଇନେସ୍ ଉତର୍ ହିୟାନାତ୍,
ହେଦାଂ ପୁଞ୍ଜେଙ୍ଗ୍ ଆଡ଼୍‌ନାଦେର୍ ।

## ହାରିହାରା ବନ୍ଦାଣି

୭ ✡✡ୱାରିନି ଟଣ୍ଡ୍ରେନ୍, ମାପ୍ରୁତି କାମାୟ୍‌ତ ପାର୍ତନି ହେବାକାର୍‌ୟା ଆରି ହାଙ୍ଗ୍‌ଦାକାନ୍ ଆଡ଼ିଏନ୍ ଜେ ତୁକିକ, ହେୱାନ୍
ନା ୱିଜୁ ବିସ୍ରେ ମିଙ୍ଗେଙ୍ଗ୍ ୱେଚ୍‌ଚାନାନ୍;
୮ ଆପେଂ ଇନେସ୍ ମାନାପ୍, ସବୁ ବିସ୍ରେ ଇଞ୍ଜି ମି ୱାସ୍କି ତା ହୁକେ ୱାରି କିଦେଙ୍ଗ୍ କାଜିଂ ଆନ୍ ତାଙ୍ଗେଙ୍ଗ୍ ମି ଲାଗାଂ
ପକ୍‌ତାନାଙ୍ଗା ।
୯ ✡ହେୱାନ୍ ହାଙ୍ଗ୍‌ଦାଂ ଆନ୍ ପାର୍ତ ଆରି ୱାରିନି ଟଣ୍ଡ୍ରେନ୍ ଅନିସିମ୍‌ତିଂ ପକ୍‌ତାଂ, ହେୱାନ୍ ମି ବିଡ୍ରେତାଂ ରୱାନ୍ । ହେୱାର୍
ଇ ବାହାନି ୱିଜୁ ବିସ୍ରେ ମିଙ୍ଗେଙ୍ଗ୍ ୱେଚ୍‌ଚାନାର୍ ।
୧୦ ✡ନା ଲାହାଂ ରଚେ ଗେହ୍ୟା ଆତାକାନ୍ ଆରିସ୍ତାର୍କ ଆରେ ବର୍ଣ୍ଣବା କୁଟୁମ୍‌ନି ଟଣ୍ଡ୍ରେନ୍ ମାର୍କ ଇୱାନ୍ ବିସ୍ରେ ଏପେଙ୍ଗ୍ ବଲ୍
ପାୟାତାଦେର୍ଣ୍ଣା; ହେୱାନ୍ ଜଦି ମି ଲାଗାଂ ୱାନାନ୍, ୱାଟିଙ୍ଗ୍ ତାଙ୍ଗ୍ ଇଟାଟ୍ ମିଙ୍ଗେଙ୍ଗ୍ ଜୁୱାର୍ ଜାଣାୟ୍ କିଦ୍‌ନାନା,
୧୧ ଆରେ, ଜୁସ୍ତ ତର୍‌ଦ ଡାକ୍‌ପୁଟା ଜିସୁ ମିଙ୍ଗେଙ୍ଗ୍ ଜୁୱାର୍ ଜାଣାୟ୍ କିଦ୍‌ନାନା; ସୁନ୍ନତ୍‌ରିଂ ବିଡ୍ରେତାଂ କେବଲ୍ ଇୱାର୍
ଇସ୍ୱର୍ତ ରାଜି କାଜିଂ ନା ହାଙ୍ଗ୍‌ଦାକାର୍ କାମାୟ୍‌କିନି ମାନାୟ୍, ଇୱାର୍ ନା ଦୁକ୍‌ସାର୍‌ୟ କିନାକାର୍ ଆତାର୍ଣ୍ଣା ।
୧୨ ✡ଏପାପ୍ରା, ଜେ ମି ବିଡ୍ରେତାଂ ରୱାନ୍, ମିଙ୍ଗେଙ୍ଗ୍ ଜୁୱାର୍ ଜାଣାୟ୍ କିଦ୍‌ନାନା, ଏୱାନ୍ତ କ୍ରିସ୍ଟ ଜିସୁତି ଆଡ଼ିୟା ଆରି ଜାର୍
ପାର୍ତାନାତ ମି କାଜିଂ ନିଡ୍ରେ ଜିବୁନ୍ ହିନାନା, ଇନେସ୍ ଏପେଙ୍ଗ୍ ବାର୍ତ ଆରି ଇସ୍ୱର୍ତ ୱିଜୁ ଇଚା ବିସ୍ରେ ପୁରା ପାର୍ତ ଆଜି
ଡାଟ୍ ମାନାଟ୍ ।
୧୩ ଇନାକିଦେଂକି ହେୱାନ୍ ମି କାଜିଂ ଆରେ ଲାଅଦିକିଆ ଆରି ହିଏରାପଲି ନିକାରିଂ କାଜିଂ ଇନେର୍ ଆଦିକ୍ କସ୍ଟ
ପାୟାତାର୍ଣ୍ଣା, ହେୱାନ୍ ପାକ୍ୟାତ ଆନ୍ ଇ ସାକି ହିନାଙ୍ଗା ।
୧୪ ✡ୱାରିନି ଡାକ୍ତର୍ ଲୁକ ଆରି ଦିମା ମିଙ୍ଗେଙ୍ଗ୍ ଜୁୱାର୍ ଜାଣାୟ୍ କିଦ୍‌ନାନା ।
୧୫ ଲାଅଦିକିଆତ ମାନି ଟଣ୍ଡ୍ରାର୍ ଆରି ତଣ୍‌ଦେକାଦେର୍, ନୁମ୍‌ପା ଆରି ହେୱାନ୍ ଇଞ୍ଜ ମାନି ମଣ୍ଡ୍‌ଲିତିଂ ଜୁୱାର୍ ପକାଟ୍ ।
୧୬ ଆରେ, ମି ବିଡ୍ରେ ଇ ଆକି ପଡ଼ା ଆତି ପାଚେ ଲାଅଦିକିଆ ମଣ୍ଡ୍‌ଲିତ ପା ଇନେସ୍ ପଡ଼ା ଆନାଡ୍, ଆରେ ଲାଅଦିକିଆତାଂ
ଇମ୍‌ଣି ଆକି ୱାନାଡ୍, ହେଦାଂ ଏପେଙ୍ଗ୍ ପା ଇନେସ୍ ପଡ଼ିକିନାଦେର୍, ଇଦାଂ କାଜିଂ ଜାତୁନ୍ କିୟାଟ୍ ।
୧୭ ✡ଆର୍କପ୍‌ତିଂ ୱେଚାଟ୍, ଏପେଙ୍ଗ୍ "ମାପ୍ରୁତି କାମାୟ୍‌ତ ଇମ୍‌ଣି ହେବାନି ପାଦ୍ ପାୟା ଆତାଦେର୍ଣ୍ଣା, ହେଦାଂ ପୁରା
କିଦେଙ୍ଗ୍ ଜାଗ୍ରତ୍ ଆଜି ମାନାଟ୍ ।"
୧୮ ଆନ୍ ପାଉଲ୍ ନା ନିଜେ କେଇଦ ଇ ଜୁୱାର୍ ଲେକିକିନାଙ୍ଗା । ନା ଗାଚ୍‌ୟାତାକା ଏତୁ କିୟାଟ୍ ।

---

✡ **୩:୨୫** ଏପିସିୟ ୬:୯. ✡ **୪:୧** ଏପିସିୟ ୬:୯. ✡ **୪:୫** ଏପିସିୟ ୫:୧୬. ✡ **୪:୭** ପକ୍ୟାତାକା ୨୦:୪; ୨ ତିମତି ୪:୧୨. ✡ **୪:୭** ଏପିସିୟ ୬:୨୧,୨୨.
✡ **୪:୯** ପିଲିମନ୍ ୧:୧୦-୧୨. ✡ **୪:୧୦** ପକ୍ୟାତାକା ୧୯:୨୯; ୨୭:୨; ପିଲିମନ୍ ୧:୨୪; ପକ୍ୟାତାକା ୧୨:୧୨,୨୫; ୧୩:୧୩; ୧୫:୩୭-୩୯. ✡ **୪:୧୨** କଲସିୟ
୧:୭; ପିଲିମନ୍ ୧:୨୩. ✡ **୪:୧୪** ୨ ତିମତି ୪:୧୧; ପିଲିମନ୍ ୧:୨୪; ୨ ତିମତି ୪:୧୦; ପିଲିମନ୍ ୧:୨୪. ✡ **୪:୧୭** ପିଲିମନ୍ ୧:୨.

ଇସ୍ୱର୍‌ତି ଉପ୍‌କାର୍ ମି ଲାହାଙ୍ଗ୍ ଆଏତ୍ ।

# ତେସ୍‌ଲନିକିୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କ ପ୍ରଥମ ପତ୍ର
# ତେସ୍‌ଲନିକିୟ ମଣ୍ଡ୍‌ଲି ଲାଗାଂ ପକ୍ୟାତି ପାଉଲ୍‌ତି ପର୍ତୁମ୍ ଆକି
# ୧ ତେସ୍‌ଲନିକିୟ ପତି ବିସ୍ରେ ପାଦେକ୍

ପରତୁମ୍ ତେସ୍‌ଲନିକିୟ ପକ୍ୟାତି ପାଉଲ୍‌ତି ହୁକେ ଲେକା ଆଜି ମାଚାଡ଼୍ । ଇଦାଂ ଆଜି ମାନ୍‌ଗାନାଡ଼୍ ପାଉଲ୍‌ତି ହୁଦାଂ ପରତୁମ୍ ଆକି ଲେକା ଆଜି ମାଚାଡ଼୍ ଆରି ହେଦାଂ ବାଇବଲ୍‌ନି ରଞ୍ଜାଙ୍ଗ୍ ବାଗ୍ ଆତାଡ଼୍‌ନ୍ନା । ଇଦାଂ ଜିସୁ କ୍ରିସ୍ଟତି ଜଲମ୍‌ନି ଲାଗେ ଲାଗେ ଆଜି ମାନ୍‌ଗାନାଡ଼୍ ରିକଡ଼ି ଏଗାର୍ ୫୧ ବାର୍ହୁ ପାଚେ ଲେକା ଆଜି ମାଚାଡ଼୍ । ପାଉଲ୍ ଏଚେକାଡ଼୍‌ଦ ତେସ୍‌ଲନିକିୟ ମଣ୍ଡ୍‌ଲିତିଂ ଆକି ଲେକିକିତାନ୍, ହେୱାଡ଼ାଲିଂ ହେୱାନ୍ କରନ୍ତି ମଣ୍ଡ୍‌ଲିତ ମାଚାନ୍ । ଇମ୍‌ଣି ମଣ୍ଡ୍‌ଲିତିଂ ହେୱାନ୍ ରିହା ମିସେନେରି ହାଜି ହାନିୱାଡ଼ାଲିଂ ହେ ମଣ୍ଡ୍‌ଲି ରଚ୍‌ଚି ମାଚାନ୍ ପକ୍ୟାତାକା ୧:୧-୧୦ ଇଦାଂ ପକ୍ୟାତି ପତିତ ଇନ୍ୟାତାନ୍ନା ଜେ, ଇଦାଂ ଏଚେକ୍ ଜିହୁଦି ଆରି ବେସି ଗ୍ରିକ୍ ବେରଣ୍‌ତ ଇଞ୍ଜି ମାନି ମାନାୟାର୍ ହୁଦାଂ ରଚ୍ୟା ଆଜି ମାଚାଡ଼୍ ।

ପାଉଲ୍ ମଣ୍ଡ୍‌ଲି ରଚ୍‌ଚି ପାଚେ ହେୱାନ୍ ବେସି ଦିନ୍ ତେସ୍‌ଲନିକିୟତ ମାଞ୍ଜେଙ୍ଗ୍ ଆଡ଼୍‌ୱାତାନ୍ । ଲାଗିଂ ହାରିହାରା ହେବେ ମାନି ପାର୍ତି କିନାକାରିଂ ସାସ୍ ହିଦେଂ ହେୱାନ୍ ଇ ଆକି ପକ୍‌ତାନ୍ । ରୱାନ୍ କ୍ରିସ୍ଟିୟାନ୍ ଇନେସ୍ ଜିଦେଂ ଆନାଡ଼୍, ଇ ଆକିତ ବେସି ବିସ୍ରେ ଆରି ବାରବିନି ୱେଚ୍‌ନାକା ମାନାଡ଼୍ ।

ପାଉଲ୍ କେତେଗଟାତ ରିହା ୱାନି ବିସ୍ରେ ମାନ୍ ଦିଆନ୍ ହିନାନ୍ । ଆଜି ମାନ୍‌ଗାନାଡ଼୍ ତେସ୍‌ଲନିକିୟ ମଣ୍ଡ୍‌ଲି ନି ପାର୍ତି କିୱାକାର୍ ବିନ୍ ବାବ୍ରେ ଇ ବିସ୍ରେ ତିର୍‌କାଡ଼୍ ମାଚାର୍ । ପାଉଲ୍ ରିହା ୱାନି ବିସ୍ରେ ଇଞ୍ଜି ଇନେସ୍ ଇସ୍ୱର୍‌ତିଂ ଦୁକ୍‌କିନାକା କିନି ଲାକେ ଜିବୁନ୍ ଜିଉଣା କିନି କାଜିଂ ପକ୍‌ତାନ୍ ୫:୬-୮ ।

## ୧ ତେସ୍‌ଲନିକିୟ ପତି ବିସ୍ରେନି ରାହାଣ୍

୧. ପାଉଲ୍ ମଣ୍ଡ୍‌ଲିତିଂ ବାନ୍ଦାୟ୍ କିନାନ୍ ଆରି ଇସ୍ୱର୍‌ତିଂ ଜୱାର୍ କିଜି ଇ ଆକି ଆରମ୍ କିତାନ୍‌ନ୍ନା ୧ ପାର୍ବୁ ।
୨. ପାଚେ ହେୱାନ୍ ତିମତି ତାହିୱାତି କାବୁର୍ ଆରି ହେୱାନ୍ତି କାମାୟ୍ ବିସ୍ରେ ୱେଚ୍‌ଚାନ୍ ୨ ଆରି ୩ ପାର୍ବୁ ।
୩. ପାଉଲ୍ ବଲ୍ ହିନାନ୍ ଜେ, କ୍ରିସ୍ଟିନାର୍ ଜିସୁ କ୍ରିସ୍ଟତି ରିହା ୱାନାକା ଅଜଡ଼୍‌ତ ଇନେସ୍ ଜିବୁନ୍ ଜିପ୍‌କା କିନାକା ମାନାଡ଼୍ ୪:୧-୫ ।
୪. ପାଉଲ୍ ଆରେ ରଗ ମଣ୍ଡ୍‌ଲିତ ବାନ୍ଦାୟ୍ କିନାନ୍ ଆରି ହେୱାରିଂ ହାଡ଼୍‌ପା ବାବ୍ରେ ଚିଟି ପଡ଼ିକିଦେଂ ଇଞ୍ଜି ୱିହ୍‌ନାନ୍ ୫:୧୬-୨୮ ।

୧ ପାଉଲ୍, ସିଲ୍ୱାନ୍ ଆରି ତିମତି ଆବା ଇସ୍ୱର୍ ଆରି ମାପ୍ରୁ ଜିସୁ କ୍ରିସ୍ଟତାକେ ମାନି ତେସ୍‌ଲନିକିୟ ମାନାୟାର୍ ମଣ୍ଡ୍‌ଲି ଲାଗାଂ
ଆକି ଲେକିକିନାନା । ଦୟା ଆରି ସୁସ୍ତା ମି କାଜିଂ ଆଏଡ଼୍ ।

### ତେସ୍‌ଲନିକିୟନିକାର୍‌ତି କାଜିଂ ଦନ୍ୟବାଦ୍ ଆଏଡ଼୍

୨ ମା ଇସ୍ୱର୍ ଆରି ଆବାତି ଲାଗାଂ ଆସେଙ୍ଗ୍ ମି ପାର୍ତିନି କାମାୟ୍, ଜିଉନନି କସ୍ଟ ଆରି ମା ମାପ୍ରୁ ଜିସୁ କ୍ରିସ୍ଟତି ବିସ୍ରେ ମି
ବାର୍ସିତ ପାର୍ତାନା ବିସ୍ରେ ସବୁୱେଡ଼ାଙ୍ଗ୍ ଏତୁ କିଜି,
୩ ମା ଆବା ଇସ୍ୱର୍‌ତି ଲାଗାଂ ଏତୁ କିଜି ମାନାସ୍, ଇନେସ୍ ଏପେଙ୍ଗ୍ ଜାର୍ ପାର୍ତିଂ କାମାୟ୍‌ତ ମେହାୟ୍ କିନାଦେରା,
ଜିଉନନିତ ମେହାଜି ଇନେସ୍ କସ୍ଟ କାମାୟ୍ କିନାଦେରା ଆରି ମା ମାପ୍ରୁ ଜିସୁ କ୍ରିସ୍ଟତି ତାକେ ମି ବାର୍ସି ଇନେସ୍ ଡାଟ୍ ।
୪ ଇନାକିଦେଂକି ଏ ଇସ୍ୱର୍ତି ଜିଉନନି ଟଣ୍ଡାର୍ ଆରେ ତଣ୍‌ଦେକ୍ ଆପେଂ ପୁନାପ୍ ଜେ, ଏପେଙ୍ଗ୍ ବାଚିକିୟାତି ଲକୁ,
୫ ନେକ୍ରିକାବୁର୍ କେବଲ୍ ବଚନ୍ ଆକାୟ୍, ମତର୍ ସାକ୍ତି ପୁଇପୁୟା ଜିବୁନ୍ ଆରି ଆଦିକ୍ ହାଡ଼୍‌ପା ଲାହାଙ୍ଗ୍ ମି ଲାଗାଂ
ଏକାୱାତାଡ଼୍; ମି ବିତ୍ରେ ମାନି ସମୁତ ମି କାଜିଂ ଆପେଂ ଇନେସ୍ କିଜି ଚିନ୍ତା କିଜି ମାନ୍‌ଚାପ୍, ହେଦାଂ ତ ଏପେଙ୍ଗ୍ ପୁନାଟ୍ ।
୬ ଆରେ ଏପେଙ୍ଗ୍ ବେସି କସ୍ଟ ବଗି କିନି ବିତ୍ରେ ପୁଇପୁୟା ଜିବୁନ୍‌ତାଂ ପାୟାତି ଦୁକ୍‌କିନାକା ଲାହାଙ୍ଗ୍ ହେ ନେକ୍ରିକାବୁର୍
ମାନି କିଜି ମାଙ୍ଗେଙ୍ଗ୍ ଆରି ମାପ୍ରୁତି ପାଚେହାନାକା ଆଜି ମାଚାଦେର୍,
୭ ଇ ଲାକେ କି ଏପେଙ୍ଗ୍ ମାକିଦନିଆ ଆରି ଆକାୟାତ ମାନାକାର୍ ୱିଜାର୍ ପାର୍ତି କିନାକାର୍ କାଜିଂ ହାର୍ ଲାକେ ଆଜି
ମାଚାନ୍ ।
୮ ମିତାଂ ମାପ୍ରୁତି କାତା ଜେ କେବଲ୍ ମାକିଦନିଆ ଆରି ଆକାୟାତ ସୁଣାୟ୍ କିୟାତାଡ଼୍‌ନା, ହେଦାଂ ଆକାୟ୍, ମତର୍
ଇସ୍ୱର୍ତି କାଜିଂ ମି ପାର୍ତିନି ବିସ୍ରେ ସବୁ ବାହାତ ଏପେଙ୍ଗ୍ ମେଙ୍ଗ୍‌ତାଡ଼୍‌ନା ଜେ, ହେ ବିସ୍ରେ ମାଦାଂ ଇନାକା ଇନି ଲଡ଼ା
ଆକାୟ୍ ।
୯ ଲାଗିଂ ଲକୁ ଜାର୍ ଜାର୍ ମା ବିସ୍ରେ ଇଞ୍ଜି ମାନାର୍ ଜେ, ମି ବିତ୍ରେତ ମା ୱାନାକା ସମୁତ ଇନାକା ଗିଟା ଆଜି ମାଚାଡ଼୍,
ଆରେ ଇନେସ୍ ଏପେଙ୍ଗ୍ ପୁଡ଼୍‌ଡ଼ା ପୁଜା ସବୁ ପିସ୍ତି ପୁଇପୁୟା ଜିବୁନ୍ ଆରି ହାଡ଼୍‌ପା ଇସ୍ୱର୍ତି ହେବା କିନି କାଜିଂ ୱାତାଦେର୍,

୧୦ ଆରେ, ହେୱାନ୍ ଜାର୍ ଇମ୍‌ଣି ମାଜିଙ୍ଗ୍ ହାତାକାର୍ ବିତ୍ରେତାଂ ନିକ୍‌ଚି ମାଚାନ୍, ୱାନି ରିସାତାଙ୍ଗ୍ ମାଙ୍ଗେଙ୍ଗ୍
ରାକ୍ୟାକିଦେଂ ହେ ଜିସୁତି ସାର୍ଗେତାଂ, ୱାନାକା ମାନି କାଜିଂ ଇସ୍ୱର୍ ନିପ ୱାତାଦେର୍ ।

# ୨

## ତେସ୍‌ଲନିକିୟାତ ପାଉଲ୍‌ତି କାମାୟ୍

୧ ଏ ଟଣ୍ଡାର୍, ଆରି ତଣ୍ଡେକ୍ ଏପେଙ୍ଗ୍ ତ ନିଜେ ପୁନାଦେର୍ ଜେ, ମି ଲାଗାଂ ମା ୱାନାକା ପଲ୍ୟା ଆୱାତାଡ଼ନା;
୨ ମତର୍ ଇନେସ୍ ଏପେଙ୍ଗ୍ ପୁନାଟ୍, ଆପେଂ ତା ଆଗେ ପିଲିପିପିତ ଦୁକ୍ ଆରି ଅପ୍‌ମାନ୍ କିତି ପାଚେ ମି ତାକେ ବେସି
ଜିବୁନ୍ ଜିପ୍‌କା କିଜି ଇସ୍ୱର୍‌ତି ନେକ୍ରିକାବୁର୍ ସୁଣାୟ୍ କିଦେଙ୍ଗ୍ ଇଞ୍ଜି ମା ଇସ୍ୱର୍‌ତି ହୁଦାଂ ସାସ୍ ପାୟା ଆଜି ମାଚାପ୍ ।
୩ ଇନାକିଦେଂକି ମା ଉପ୍‌ଦେସ୍ ବାଣାୟ୍‌କିନାକା ନୟେଲେ ବିଟାଡ୍‌ଲାକେ ନୟେଲେ ଚାକ୍ରାୟ୍‌କିନାକା ଆକାୟ୍,
୪ ମତର୍ ମା କେଇଦ ନେକ୍ରିକାବୁର୍ ସୁଣାୟ୍‌କିନି ବଜ୍ ହେଲାୟ୍ ଆଦ୍‌ନି କାଜିଂ ଆପେଂ ଇନେସ୍‌କି ଇସ୍ୱର୍‌ତି ହୁକେ ଜଗ୍
ଗାଣା କିୟାତାପ୍‌ନା, ହେ ଲାକେ ଆସେଙ୍ଗ୍ ସୁଣାୟ୍ କିନାସ୍; ଲାଗିଂ ମା ମାନ୍ତ ପରିକ୍ୟା କିନାକାନ୍ ଜେ ଇସ୍ୱର୍, ହେୱାନିଂ
ସାରି କିଦେଙ୍ଗ୍ କାଜିଂ ହେଦାଂ କିନାସ୍ ।
୫ ଏପେଙ୍ଗ୍ ତ ପୁନାଦେର୍ ଜେ, ଆସେଙ୍ଗ୍ ଇମ୍‌ଣି ସମୁତ ମାତି କିନାକାନ୍ ଚିନ୍ତା କିୱାତାପ୍‌ନା ନଇଲେ ଲବ୍‌ତିଂ ଡ଼କୁନି
କାଜିଂ ନାଡ଼ାୟ୍ କିୱାତାପ୍‌ନା, ଇସ୍ୱର୍ ଇବେନି ସାକି ।
୬ ଆତିସ୍‌ପା କ୍ରିସ୍ଟତି ପକ୍ୟାତି ଲାକେ ଆସେଙ୍ଗ୍ ମାନିନି ଦାବା କିଦେଙ୍ଗ୍ ଆଡ଼୍‌ତାପ୍‌ନା, ଆତିସ୍‌ପା ମିତାଙ୍ଗ୍ ଆୟେତ୍ ନଲେ
ବିନେ ଇନେର୍ ତାଙ୍ଗ୍ ଆୟେତ୍, ଇମ୍‌ଣି ମାନାୟ୍‌ତାଂ ଜାଜ୍‌ମାଲ୍ ଗାଟାଦେଂ ଉପାୟ୍ କିୱାତାପ୍‌ନା ।
୭ ଜଦି କ୍ରିସ୍ଟତି ପକ୍ୟାତାକାସ୍ ମତର୍ ଆସେଙ୍ଗ୍ ମି ବିତ୍ରେ ହୁଦାର୍ ଆଜି, ଆୟା ଇନେସ୍ ଜାର୍ ହିମ୍‌ଣାକାଂ ପହାପାଲି
କିନାତ୍,
୮ ମି କାଜିଂ ମାଦାଂ ୱାରି ମାଚିସ୍ ଆପ୍ ହେ ଲାକେ ମିଙ୍ଗେଙ୍ଗ୍ ଇସ୍ୱର୍‌ତି ନେକ୍ରିକାବୁର୍ କେବଲ୍ ଆକାୟ୍, ମତର୍ ଜାର୍ ଜାର୍
ୱାସ୍କି ପା ହିଦେଂ ମାନ୍ କିଜିମାଚାପ୍, ଇନାକିଦେଂକି ଏପେଙ୍ଗ୍ ମା ୱାରିନିକାଦେର୍ ଆଜି ମାଚାଦେର୍ ।
୯ ଏ ଟଣ୍ଡାର୍, ଆରି ତଣ୍ଡେକ୍ ମା କସ୍ଟ ଆରି ଆଟ୍‌ୱା କାମାୟ୍ ମି ଏଡ଼ତ ମାନାତ୍, ଇନେସ୍ ଆପେଂ ମି ବିତ୍ରେ ଇନେରିଂ
ବଜ୍‌ଲାକେ ଆଉପ୍, ଇଦାଂ କାଜିଂ ୱେଡ଼ାନାଣା ବେସି କସ୍ଟ କିଜି ଇସ୍ୱର୍‌ତି ନେକ୍ରିକାବୁର୍ ମି ତାକେ ସୁଣାୟ୍ କିଜି ମାଚାପ୍ ।
୧୦ ଏପେଙ୍ଗ୍ ଆରି ନିଜେ ଇସ୍ୱର୍ ମା ସାକି ମି ଲାକେ ପାତର୍ କିନାକାର୍ ଲାଗାଂ ମା ବେବାର୍ ନିର୍ମଲ୍ ନ୍ୟାୟ୍‌ନିକା ଦସ୍
ହିଲ୍‌ୱାତାତ୍ ।
୧୧ ଆରେ ଏପେଙ୍ଗ୍ ତ ପୁନାଦେର୍, ଆବା ଇନେସ୍ ଜାର୍ ମାଜିରିଂ, ହେ ଲାକେ ଆପେଂ ମି ଜାଣ୍‌କେତିଂ ବୁଜାୟ୍‌କିଜି ଆରି
ଉସ୍‌କାୟ୍ ଜିସୁ ଜବର୍ ଗୱାରି କିଜି ମାନାପ୍ ।
୧୨ ଆପ୍ ମିଙ୍ଗେଙ୍ଗ୍ ୱାରି କିଜି ମାନ୍‌ଚାପ୍, ଦୁକ୍‌ସାରାୟ୍‌ତ ଗୱାରି କିଜି ମାନ୍‌ଚାପ୍ ଇନେସ୍ ମିଙ୍ଗେଙ୍ଗ୍ କୁକ୍‌ତିତି ଇମ୍‌ଣି
ଇସ୍ୱର୍, ଜିବୁନ୍ ହେୱାନ୍ତି ରାଜି ଆରି ସବୁ ନାଜିଂ ବାଡା ଆନାର୍ ଜାଜ୍‌ମାଲ୍‌ତ ମେହାଆନି କାଜିଂ ଏପେଙ୍ଗ୍ ହେୱାନ୍ତି ହାଦର୍
ଚିନ୍ତା କିୟାଟ୍ ।
୧୩ ଆରେ, ଇନେକିଦେଂକି ଆପ୍ ପା ଲାଗିସ୍ ଇସ୍ୱର୍‌ତି ଜୱାର୍ କିନାପା ଜେ, ଏଚେକାଡ଼୍‌ଦ ଏପେଙ୍ଗ୍ ମାହୁଦାଂ
ସୁଣାୟ୍‌କିତି ଇସ୍ୱର୍‌ତି କାତା ଇଟ୍‌ତାଦେର୍, ହେ ଏଚେୱେଡ଼ାଙ୍ଗ୍ ହେଦାଂ ମାନାୟ୍‌ତି କାତାଲାକେ ଇଟ୍‌ୱାଦାଂ ନଲେ ଇସ୍ୱର୍‌ତି
କାତାଲାକେ ଇଡ଼୍‌ଜି ମାଚାଦେର୍, ଆରେ ହାଡ୍‌ପାନେ ହେଦାଂ ଇସ୍ୱର୍‌ତି କାତା ଆନାତ୍, ଆରେ ପାତର୍ କିନାକାଦେର୍ ଜେ
ଏପେଙ୍ଗ୍, ମି ୱାସ୍କିତ ହେଦାଂ ପା କାମାୟ୍ କିନାତା ।
୧୪ ଇନାକିଦେଂକି, ଏ ଟଣ୍ଡାର୍, ଆରି ତଣ୍ଡେକ୍ ଏପେଙ୍ଗ୍ କ୍ରିସ୍ଟ ଜିସୁତି ତାକେ ମାନି ଜିହୁଦା ଦେସ୍‌ନି ଇସ୍ୱର୍ ମଣ୍ଡ୍‌ଲି ସବୁନି
ହୁଡ଼୍‌ଦେଂ ଲାକେ ଆତାଦେର୍ଣ୍ଣା, ଲାଗିଂ ହେୱାର୍ ଜିହୁଦିତର୍ ହୁକେ ଇମ୍‌ଣି ସବୁ ଦୁକ୍‌ବଗ୍ କିଜି ମାଚାର୍, ଏପେଙ୍ଗ୍ ପା ଜାର୍
ଜାତିତର୍ ହୁଦାଂ ହେ ସବୁ ଦୁକ୍‌ବଗ୍ କିତାଦେର୍ଣ୍ଣା ।
୧୫ ✡ହେ ଜିହୁଦିର୍ ମାପ୍ରୁ ଜିସୁଙ୍ଗ୍, ଆରେ ଇସ୍ୱର୍‌ତି ବେଣ୍‌ବାକ୍‌ଣାୟ୍‌କିନାକାରିଂ ପା ଅଜି ମାଚାର୍, ଆରେ ମାଙ୍ଗ୍ ନିନ୍ଦା
କିଡ୍‌ତାର୍, ହେୱାର୍ ଇସ୍ୱର୍‌ତି ମାନ୍ତହାଲ୍‌ୱି ଲଗୁ ଆରି ୱିଜୁ ମାନାୟ୍ ଜାତିତି ସାତ୍ରୁ,
୧୬ ଇନାକିଦେଂକି ଇସ୍ୱର୍‌ତିଂ ପାତର୍‌କିୱି ଜିହୁଦିର୍‌ତି ମୁକ୍ତି ଆନାକା କାଜିଂ ହେୱାର୍ ଲାଗାଂ ସୁଣାୟ୍ କିଦେଙ୍ଗ୍ ହେୱାର୍
ମାଙ୍ଗେଙ୍ଗ୍ ବାଦା ହିଡ୍‌ତାର୍‌ନା; ଇ ଲାକେ ହେୱାର୍ ନିତ୍ରେ ଜାର୍ ଜାର୍‌ତିଂ ପାପ୍ ବାତର୍ କିତାର୍ଣ୍ଣା; ମତର୍ ହେୱାର୍‌ତି ଜପି
ରିସା ପୁରାବାତର୍ ଆର୍‌ତାତେ ।

## ଆରେ ହାଞ୍ଜେଙ୍ଗ୍ ଇଞ୍ଜି ପାଉଲ୍‌ତି ୱାରି

୧୭ ମତର୍, ଏ ଟଣ୍ଡାର୍, ଆରି ତଣ୍ଡେକ୍ ଆପେଂ ମାନ୍ତ ଆକାୟ୍, ମତର୍ ଗାଗାଡ଼୍‌ତ ଅଲପ୍ ସମୁ କାଜିଂ ମିଙ୍ଗେଙ୍ଗ୍‌ତାଂ ବିଗ୍‌ଡ଼ା
ଆଜି ମାଚିଲେ ମି ମୁମ୍ ହୁଡ଼୍‌ଦେଂ ବେସି ଇଚା ହୁକେ ଆଦିକ୍ ସେସ୍ଟା କିଜି ମାଚାପ୍ ।

✡ **୨:୧୫** ପକ୍ୟାତାକା ୯:୨୩,୨୯; ୧୩:୪୫,୫୦; ୧୪:୨,୫,୧୯; ୧୭:୫,୧୩; ୧୮:୧୨.

୧୮ ଇଦାଂ କାଜିଂ ଆପେଂ ମି ଲାଗାଂ ହାନି କାଜିଂ ମାନ୍ କିଜି ମାଚାପ୍, ଆନ୍ ପାଉଲ୍ ରଗ, ରିହା ମାନ୍ କିଜି ମାଚାଂ, ମତର୍
ସୟତାନ୍ ମାଙ୍ଗେଙ୍ଗ୍ ବାଦା ହିଡ୍‌ତାଡ୍ ।
୧୯ ଇନାକିଦେଂକି ମାଙ୍ଗ୍ ମାପ୍ରୁ ଜିସୁତି ୱାନି ସମୁତ ତା କଚଣ୍ଡ ମା ଆହା, ଦୁକ୍‌କିନାକା କି ଗରବ୍‌ନି ମୁକୁଟ୍ ଇନାକା ?
କି ଏପେଙ୍ଗ୍ ଆକାୟ୍ ?
୨୦ ଏପେଙ୍ଗ୍ ତ ମା ଜାଜ୍‌ମାଲ୍ ଆରି ୱାରିକିନିତ କାରଣ୍ ଆନାଦେର୍ ।

# ୩

୧ ✡ଇଦାଂ କାଜିଂ ଆପେଂ ଆରେ ହୁଞ୍ଜେଙ୍ଗ୍ ଆଡ୍‌ୱିତିଲେ ଏଡେନ୍‌ସ୍‌ତ ରୱାଙ୍ଗ୍ ମାଞ୍ଜେଙ୍ଗ୍ ଇଞ୍ଜି ତିର୍ କିତାଙ୍ଗ୍;
୨ ଆରେ, ମି ପାତର୍ଁ ବିସ୍ରେ ମିଂ ୱାରିକିୟ୍ କିଦେଂ ଆରି ମିଙ୍ଗେଙ୍ଗ୍ ସୁସ୍ତା କିଦେଂ, କ୍ରିସ୍ଟତି ନେକ୍ରିକାବୁର୍ କାମାୟ୍‌ତ ଇସ୍ୱର୍‌ତି
ହାଙ୍ଗ୍‌ଦାକାର୍ ଟଣ୍ଡେନ୍ ତିମଡିଙ୍ଗ୍ ପକ୍‌ତାତାପ୍ ।
୩ ଇନେସ୍‌କି ଇନେର୍ ଇ ୱିଜୁ କସ୍ଟ ବିଡ୍ରେ ଏନେଡେନେ ଆମାଟ୍ । ଆସେଙ୍ଗ୍ ହେଦାଂ କାଜିଂ ବାଚିକିୟାତାସ୍‌ନା ଇଞ୍ଜି
ଏପେଙ୍ଗ୍ ତ ନିଜେ ପୁନାଦେର୍ ଲାଗିଂ ଏପେଙ୍ଗ୍ ଇସ୍ୱର୍‌ତି ମାନ୍ ।
୪ ଇନାକିଦେଂକି ମାଙ୍ଗେଙ୍ଗ୍ ଜେ କସ୍ଟ ବଗି କିଦେଙ୍ଗ୍ ଆନାଡ୍, ଇଦାଂ ଆପେଂ ମି ଲାହାଂ ମାନି ସମୁତ ମିଙ୍ଗେଙ୍ଗ୍ ପୁର୍ବେତାଂ
ଚାନେକ୍‌ତିଂ ଚାନେକ୍ ୱେଚ୍‌ଚି ମାନ୍‌ଚାପ୍, ଆରେ ହେ ଲାକେ ଗିଟା ଆଡାଡ୍, ଆରେ ଏପେଙ୍ଗ୍ ହେଦାଂ ପୁନାଟ୍ ।
୫ ଇଦାଂ କାଜିଂ, ଏଚେକାଡ୍‌ଦ ସୟତାନ୍ ମିଙ୍ଗେଙ୍ଗ୍ ପରିକ୍ୟା କିଜି ମାନ୍‌ଞାନାନ୍ ଆରି ମା କାମାୟ୍ ପଲ୍ୟା ଆଜି ମାନାଡ୍,
ଇଦାଂ ପାଣ୍ଡ୍ରାଜି ଆନ୍ ପା ଆରେ ହୁଞ୍ଜେଙ୍ଗ୍ ଆଡ୍‌ୱାଦାଂ ମି ପାତର୍ଁ କିନି ବିସ୍ରେ ପୁଞ୍ଜେଙ୍ଗ୍ କାଜିଂ ମାନାୟ୍ ପକ୍‌ତାତାଂ ।
୬ ✡ଇଦାଂ ପାଚେ ମି ଲାଗାଂତାଂ ମାସ୍‌ଦି ୱାଜି ତିମତି ମି ପାତର୍ଁ ଆରି ଜିଉନନି ବିସ୍ରେ ହାର୍ ନେକ୍ରିକାବୁର୍ ତାଇୱାତାର୍ଣ୍ଣା
। ହେୱାନ୍ ମାଙ୍ଗେଙ୍ଗ୍ ୱେଚ୍‌ଚାତାନ୍ ଜେ, ଏପେଙ୍ଗ୍ ନିଡ୍ରେ ମାଦାଂ ହାର୍ କାମାୟ୍ କିନାଦେରା ଆରି ଆପ୍ ଇନେସ୍ ମିଙ୍ଗେଙ୍ଗ୍
ହୁଡ୍‌ଦେଂ ଇଚା, ଏପ୍ ପା ହେ ଲାକେ ମାଙ୍ଗେଙ୍ଗ୍ ହୁଡ୍‌ଦେଂ ଇଚା କିନାଦେରା ।
୭ ଇଦାଂ କାଜିଂ, ଏ ଟଣ୍ଡାର୍, ଆରି ତଣ୍ଡେକ୍ ମି ପାତର୍ଁ କିନି କାଜିଂ ଆପେଂ ମା ୱିଜୁ ହାବଡ୍‌ତ ଆରି କସ୍ଟ ବଗିକିନିତ ମି
ବିସ୍ରେ ଦୁକ୍‌ସାରାୟ୍ କିୟା ଆତାପ୍‌ନା;
୮ ଇନାକିଦେଂକି ଆପେଂ ନଂ ଜିତାପ୍‌ନା ଜଦି ଏପେଙ୍ଗ୍ ମାପ୍ରୁ ତାକେ ବିୱାହିଂ ଆଜି ମାନାଟ୍ ।
୯ ଆଁ, ମା ଇସ୍ୱର୍‌ତି ଲାଗେ ମି କାଜିଂ ଆପେଂ ଜେ ୱିଜୁ ୱାରିତ ୱାରି ଆନାପା । ହେବେନି ବାଦୁଲ୍ ଲାକେ ମି କାଜିଂ ନଙ୍ଗ୍
ଇସ୍ୱର୍‌ତିଂ ଜୁୱାର୍ କିଦେଙ୍ଗ୍ ଆଡ୍‌ନାନ୍ ।
୧୦ ମି ପାତର୍ଁତ ଇନାକା ଉଣା ମାନାଡ୍, ହେଦାଂ ପୁରାୟ୍ କିଦେଙ୍ଗ୍ ଇଞ୍ଜି ଆପେଂ ମି ଲାହାଂ ଇନେସ୍ ମେହାଆଦେଂ
ଆଡ୍‌ନାସ୍, ଇଦାଂ କାଜିଂ ୱେଡ଼ା ନାଣା ବେସି ପାର୍ଥନା କିନାପା ।
୧୧ ମା ଆବା ଇସ୍ୱର୍ ନିଜେ ଆରେ ମା ମାପ୍ରୁ ଜିସୁ ମି ଲାଗାଂ ମା ହାନି ହାଜି ରଚ୍‌ନାନ୍ ।
୧୨ ଆରେ, ମି କାଜିଂ ମାଦାଂ ଇନେସ୍ ଜିଉନନାକା, ହେ ଲାକେ ହାରିତିଂ ଆରି ୱିଜାର୍ କାଜିଂ ଜିଉନନିତ ମାପ୍ରୁ ମିଙ୍ଗେଙ୍ଗ୍
ଆରେ ଆଦିକ୍ ଲାକେ ବାଡାୟ୍ କିଦେନ୍ ।
୧୩ ହେୱାନ୍ ମି ୱାସ୍କି ସୁସ୍ତା କିଜି ଇଟାଟ୍, ଇନେସ୍ ମା ମାପ୍ରୁ ଜିସୁ ଜାର୍ ୱିଜୁ ଦାମର୍ଁର୍ ଲାହାଂ ୱାନାକା ସମୁତ ଏପେଙ୍ଗ୍
ମା ଇସ୍ୱର୍ ଆରି ଆବାତି ଲାଗାଂ ପୁଇପୁୟାତାଂ ଦସି ଆୱାଦାଂ ଚଞ୍ଜ୍‌ୟାନାଦେର୍ । ଆମେନ୍ ।

# ୪

## ଇସ୍ୱର୍ ମୁମ୍‌ଦ ସାରିନିକା ଜିବୁନ୍

୧ ଏ ଟଣ୍ଡାର୍, ଆରି ତଣ୍ଡେକ୍ ହାରିହାରାତ ଇନେସ୍ ଲାକେ ଚିନ୍ତା କିଜି ଇସ୍ୱର୍‌ତିଂ ସାରି କିନାକା ମାନାଡ୍, ହେ ବିସ୍ରେ
ଏପେଙ୍ଗ୍ ମା ତାଙ୍ଗ୍ ଇନେସ୍ ହିକ୍ୟା ଗାଟାତାଦେର୍ଣ୍ଣା, ଆରେ ଏପେଙ୍ଗ୍ ପା ଇନେସ୍ ଜିବୁନ୍ ଜିପ୍‌କା କିନାଦେରା, ତା ଲାକେ
ଆରେ ଆଦିକ୍ ୱାଦେଂ କାଜିଂ ଆପେଂ ମାପ୍ରୁ ଜିସୁତି ତର୍‌ଦ ମିଙ୍ଗ୍ ଗୱାରି କିଜି ୱାରି କିଦ୍‌ନାପା ।
୨ ଆପେଂ ମାପ୍ରୁ ଜିସୁତି ଆଦିକାର୍ ମିଙ୍ଗେଙ୍ଗ୍ ଇନା ଇନା ବଲ୍ ହିଜି ମାନ୍‌ଚାପ୍, ହେଦାଂ ତ ଏପେଙ୍ଗ୍ ପୁନାଦେର୍ ।
୩ ଇନାକିଦେଂକି ଏପେଙ୍ଗ୍ ଇନେସ୍ ପୁଇପୁୟା ଆନାଦେର୍, ଇଦାଂ ଇସ୍ୱତର୍ଁ ଇଚା, ଇନାକିଦେଂକି ଏପେଙ୍ଗ୍ ଇନେସ୍
ଦାରିତାଂ ଦେହା ମାନାଟ୍,
୪ ଜାଣ୍‌କେ ପୁଇପୁୟା ଆରି ହାରି ଦୁକ୍‌କିନାକା ବାବ୍ରେ ଜାର୍ ଜାର୍ କାଜିଂ କଗ୍‌ଲେ ଇଡ୍‌ଦେଂ ପୁନାଦେର୍,
୫ ଆରେ, ଇନେସ୍ ଇସ୍ୱତର୍ଁ ବିସ୍ରେ ପୁନ୍‌ୱାତାକାଦେର୍ ଇସ୍ୱର୍‌ତିଂ ପାତର୍ଁକିୱି ଜିହୁଦିର୍ ଲାକେ ବାନ୍ୟାକାମାୟ୍‌ତ
ହାଲ୍‌ୱାଦାଂ,
୬ ଆରେ, ଇନେସ୍ ଇନେର୍ ଇ ବିସ୍ରେ ହାନ୍ଦି ନାସି ଜାର୍ କ୍ରିସ୍ଟ ଟଣ୍ଡେନିଙ୍ଗ୍ ନିନ୍ଦା କିୱାତାନ୍‌ଚି, ଲାଗିଂ ମାପ୍ରୁ ଇ ୱିଜୁ ବିସ୍ରେ
ଦାଣ୍ଡ୍‌ହିଦ୍‌ନାକାନ୍, ଇନେସ୍ ଆପେଂ ପୁର୍ବେ ପା ମିଙ୍ଗେଙ୍ଗ୍ ୱେଚ୍‌ଚି ସାକି ହିଜି ମାଞ୍ଚାପ୍ ।

---

✡ **୩:୧** ପକ୍ୟାତାକା ୧୭:୧୫. ✡ **୩:୬** ପକ୍ୟାତାକା ୧୮:୫.

୭ ଇନାକିଦେଂକି ଇସ୍ୱର୍ ମାଙ୍ଗେଙ୍ଗ୍ ବିଟାଡ଼ତ ଜିବୁନ୍ ଜିପ୍‌କା କିଦେଙ୍ଗ୍ କାଜିଂ କୁକ୍‌ତାୱାଦାଂ ପୁଇପୁୟା ଆନି କାଜିଂ
କୁକ୍‌ତାତାନ୍ନା ।
୮ ଲାଗିଂ, ଇନେନ୍ ଇଦାଂ ଇଟୁୱାତାନ୍, ହେୱାନ୍ ମାନାୟ୍‌ତିଂ ଇଟ୍‌ତାନ୍, ମତର୍ ଇମ୍‌ଣି ଇସ୍ୱର୍ ମି ୱାସ୍କିତ ଜାର୍ ପୁଇପୁୟା
ଜିବୁନ୍ ହିଡ଼ତାନ୍ନା, ହେୱାନିଂ ଇଟୁନ୍ ।
୯ କ୍ରିସ୍ଟ ପାତର୍ ବିସ୍ରେ ମି ଲାଗେ ଲେକିକିନାକା ଲଡ଼ା ଆକାୟ୍, ଇନାକିଦେଂକି ଏପେଙ୍ଗ୍ ଜାଣ୍‌କେତିଂ ଜିଉନନି କାଜିଂ
ଇସ୍ୱର୍‌ତି ହୁଦାଂ ନିଜେ ହିକିଡ୍ ଆତାଦେର୍ଣ୍ଣା,
୧୦ ଆରେ, ହାଡ଼୍‌ପାନେ ୱିଜୁ ମାକିଦନିଆତ ମାନି ୱିଜାର୍ ଟଣ୍ଡେନ୍ କାଜିଂ ଏପେଙ୍ଗ୍ ହେଦାଂ କିନାଦେରା । ଆତିସ୍‌ପା ଏ
ଟଣ୍ଡାର୍, ଏପେଙ୍ଗ୍ ଇନେସ୍ ଆରି ଆଦିକ୍ ଲାକେ ହେଦାଂ କିନି କାଜିଂ ଗୱାରି କିନାଦେରା,
୧୧ ଆରେ, ମିଙ୍ଗ୍ ହିଡ଼ତି ମା ବଲ୍‌ଇସାପେ ଏପେଙ୍ଗ୍ ଇନେସ୍ ସୁସ୍ତାରେ ବାହା କିଜି ଜାର୍ ଜାର୍ କାମାୟ୍‌ତ ଲାଗାଆଦେଂ
ଆରି ଜାର୍ ଜାର୍ କେଇଦ କାମାୟ୍ କିଦେଙ୍ଗ୍ ମର୍ଜଦା ବିସ୍ରେ ବାବି କିନାଦେରା, ଇଦାଂ କାଜିଂ ଆସେଙ୍ଗ୍ ମିଙ୍ଗେଙ୍ଗ୍ ଗୱାରି
କିଦ୍‌ନାପା ।
୧୨ ଇ ବାନି କିନି ହୁକେ ଇନେସ୍ ବାର୍‌ତି ଲକୁ କାଜିଂ ଏପେଙ୍ଗ୍ ହାଦର୍ ମାନ୍ କିୟାଟ୍, ଆରେ ମିଦାଙ୍ଗ୍ ଇମ୍‌ଣାକା ଅବାବ୍
ଆଉଡ୍ ।

## ମାପ୍ରୁତି ୱାନାକା

୧୩ ଏ ଟଣ୍ଡାର୍, ଆରି ତଣ୍‌ଦେକ୍ ବାସର୍ ହିଲ୍‌ୱି ବିନ୍ ୱିଜାକାର୍ ଲାକେ ଏପେଙ୍ଗ୍ ଇନେସ୍ ଦୁକ୍ ଆମାଟ୍, ଇଦାଂ କାଜିଂ
ହାତି ଲଗାତର୍ ବିସ୍ରେ ଏପେଙ୍ଗ୍ ଜେ ପୁନ୍‌ୱାଦାଂ ମାନାଦେର୍, ଇଦାଂ ମା ଇଚା ଆକାୟ୍ ।
୧୪ ଇନାକିଦେଂକି ଜଦି ଆସେଙ୍ଗ୍ ପାତର୍ କିନାସ୍ ଜେ, ଜିସୁ ହାଜି ଆରେ ରଗ ନିଙ୍ଗ୍‌ତାନ୍‌ନା, ୱାଟିଙ୍ଗ୍ ଇସ୍ୱର୍ ଜେ ଜିସୁତି
କ୍ରିସ୍ଟ ତାକେ ପାତର୍ କିଜି ମାଚି ମାନାୟ୍ ହାତାକାର୍ ମାନାୟାରିଂ ହେ ଲାକେ ତା ଲାହାଙ୍ଗ୍ ତାନାନ୍, ଇଦାଂ ପା ପାତର୍ କିନି
ଲଡ଼ା ।
୧୫ ଲାଗିଂ ଆପେଂ ମାପ୍ରୁତି କାତା ଇସାପ୍‌ରେ ମିଙ୍ଗ୍ ଇଦାଂ ଇଞ୍ଜ୍‌ନାପା, ଆପେଂ ଏଚେକ୍ ମାନାୟ୍ ମାପ୍ରୁତି ୱାନି ପାଡେକ୍
ଜିଜି ମାନ୍‌ଞ୍ଜି ବାକି ମାନାପ୍, ଆପେଂ ଇନେସ୍‌ପା ହାତାକାର୍ ମାନାୟାତର୍ ନିପ ହାଲୁପ୍ ।
୧୬ ଇନାକିଦେଂକି ମାପ୍ରୁ ଆପେ ବଲ୍ ହିଜି ମୁଡ୍ ଦୁତତିଂ କାଟ୍ ଆରି ଇସ୍ୱତର୍ ମରି ବାଜା ହୁଦାଂ ସାର୍ଗେତାଂ ଜୁଦ୍‌ନାନ୍,
ହେବେତାଂ ଇମ୍‌ଣାକାର୍ କ୍ରିସ୍ଟତାକେ ମାନ୍‌ଞ୍ଜି ହାତାର୍ଣ୍ଣା, ହେୱାର୍ ପର୍ତୁମ୍ ନିଙ୍ଗ୍‌ନାର୍;
୧୭ ପାଚେ ଆସେଙ୍ଗ୍ ଏଚେକ୍ ମାନାୟ୍ ଜିଜି ମାନ୍‌ଞ୍ଜି ବାକି ମାନାସ୍, ମାପ୍ରୁତି ଲାହାଙ୍ଗ୍ ବେଟ୍ ଆଦେଂ କାଜିଂ ଆସେଙ୍ଗ୍
ହେୱାର୍‌ତି ହୁକେ ବାଦାଡ଼ତ ୱାରି ପୁତର୍ତ ଜୁଦ୍‌ନାସ୍; ଇ ଲାକେ ଆସେଙ୍ଗ୍ ନିତ୍ରେ ମାପ୍ରୁତି ଲାହାଙ୍ଗ୍ ମାନାସ୍ ।
୧୮ ଲାଗିଂ ଇ ୱିଜାର୍ ବଚନ୍ ହୁଦାଂ ଏପେଙ୍ଗ୍ ହାରି ଦୁକ୍‌ସାରାୟ୍ କିୟାଟ୍ ।

# ୫

## ମାପ୍ରୁତି ଆରେ ୱାନି କାଜିଂ ଜାଲ୍‌ଦି ଆଡୁ

୧ ମତର୍, ଏ ଟଣ୍ଡାର୍, ଆରି ତଣ୍‌ଦେକ୍ କାଡ଼୍ ଆରି ସମାନ୍ ୱେଡ଼ାଲିଂ ବିସ୍ରେ ଇନାୱାଡ଼ାଲିଂ ଇମ୍‌ଣି ସମୁତ ଗିଟା ଆଦ୍‌ନାତ୍
ମି ଲାଗାଂ ଲେକିକିନାକା ଲଡ଼ା ଆକାୟ୍,
୨ ✡ଇନାକିଦେଂକି ନାଣା ଚର୍ ୱାତି ଲାକେ ମାପ୍ରୁତି ଦିନ୍ ଜେ ୱାନାତ୍, ଇଦାଂ ଏପେଙ୍ଗ୍ ହାର୍‌କିଜି ପୁନାଦେର୍ ।
୩ ଏଚେକାଡ଼୍‌ଦ ଲକୁ ସୁସ୍ତା ଆରି ହାର୍ ଆକାୟ୍ ଇଞ୍ଜି ଇଞ୍ଜି ମାନାର୍, ହେ ଏଚେକାଡ଼୍‌ଦ ଏସ୍‌ପିସ୍ତି କୁଚ୍‌ନିକସ୍ଟ ଲାକେ
ହାଚାଟ୍ରେ ହେୱାର୍‌ତି ନାସ୍ ଏକାୱାନାଡ଼୍, ଆରେ ହେୱାର୍ ଇନେସ୍‌ପା ବାନି ରାକ୍ୟା ପାୟା ଆଦେଂ ଆଡୁର୍ ।
୪ ମତର୍ ଏ ଟଣ୍ଡାର୍, ଆରି ତଣ୍‌ଦେକ୍ ଏପେଙ୍ଗ୍ ମାଜ୍‌ଗାତ ଆକାୟ୍ ଜେ ହେ ଦିନ୍ ଚର୍ ଲାକେ ପୁନ୍‌ୱିଲାଡ଼େ ମି ଲାଗାଂ
ଏକାୱାନାନ୍,
୫ ଇନାକିଦେଂକି ଏପେଙ୍ଗ୍ ୱିଜାଦେର୍ ଅଜଡ଼୍ ଆରି ୱେଡ଼ାନି ହିମ୍‌ଣାଂ । ଆସେଙ୍ଗ୍ ନାଣା କି ମାଜ୍‌ଗାନି ହିମ୍‌ଣାଂ ଆକାୟ୍;
୬ ଲାଗିଂ ୱାଡୁ, ଆସେଙ୍ଗ୍ ବିନ୍‌ନିକାର୍ ଲାକେ ହୁଞ୍ଜ୍‌ୱାଦାଙ୍ଗ୍, ମତର୍ ଜାଗ୍ରତ୍ ଆଜି ଚେତ୍‌ନା ଆଜି ମାନାସ୍ ।
୭ ଲାଗିଂ ଇମ୍‌ଣାକାର୍ ହୁନ୍‌ଞ୍ଜି ହାନାର୍, ହେୱାର୍ ନାଣା ହୁଞ୍ଜି ହାନାର୍, ଆରେ ଇନେର୍ ମଦୁଆ ଆନାର୍, ହେୱାର୍ ନାଣା
ହଚ୍‌ନାର୍ ।
୮ ✡ମତର୍ ୱାଡ, ଆସେଙ୍ଗ୍ ୱେଡ଼ାନି ହିମ୍‌ଣାଂ ଆତିଲେ ପାତର୍ କିନାକାର୍ ଆରି ଜିଉନନି ଲାକେ ମୁକ୍‌ଡ଼ାନାକା ଟପ୍ରି
ଆପର୍ସ୍ ଆରି ମୁକ୍‌ଡ଼ାତି ବାସର୍ ଲାକେ କାପ୍‌ଡ଼ା ଆତିୟାର୍ କାପ୍‌ଡ଼ାତ ହିଜି ଜାଗ୍ରତ୍ ମାନାସ୍ ।
୯ ଇନାକିଦେଂକି ଇସ୍ୱର୍ ମାଙ୍ଗେଙ୍ଗ୍ କାକ୍ରିନି ବାହା ଆଦେଂ କାଜିଂ ବାଚି କିଦ୍‌ୱାଦାଂ ମତର୍ ମାଂ ମାପ୍ରୁ ଜିସୁ କ୍ରିସ୍ଟତି ହୁଦାଂ
ମୁକ୍‌ଡ଼ାନାକା ଗାଟାଆଦେଂ କାଜିଂ ବାଚି କିତାନ୍‌ନା;

---

✡ **୫:୨** ମାତିଉ ୨୪:୪୩; ଲୁକ ୧୨:୩୯; ୨ ପିତର୍ ୩:୧୦. ✡ **୫:୮** ଏପିସିୟ ୬:୧୩-୧୭.

୧୦ କ୍ରିସ୍ଟ ମା କାଜିଂ ହାତାନ୍ ଇନେସ୍ ଆସେଙ୍ଗ୍ ଜାଗ୍ରତ୍ ମାନ୍‌ଞ୍ଜି କି ହୁଞ୍ଜ୍‌ୱାଦାଙ୍ଗ୍ ମାନ୍‌ଞ୍ଜି ତା ଲାହାଙ୍ଗ୍ ଜିବୁନ୍ ମାନ୍‌ୱାଦାଂ
କି ଜିବୁନ୍ ମାନ୍‌ଗାନାପ୍ ।
୧୧ ଲାଗିଂ ଇନେସ୍ କିତାପ୍‌ନା, ହେ ଲାକେ ହାରିତିଂ ଦୁକ୍‌ସାରାୟ୍ କିୟାଟ୍, ଆରେ ହାରି ହାର୍ ଇଟାଟ୍ ।

## ହାରିହାରା ହିକ୍ୟା ଆରି ନେକ୍ରିକାବୁର୍

୧୨ ଏ ଟଣ୍ଡାର୍, ଆରି ତଣ୍‌ଦେକ୍ ଆପେଂ ମିଙ୍ଗେଙ୍ଗ୍ ଗୱାରି କିଦ୍‌ନାପା, ଇମ୍‌ଣାକାର୍ ମି ବିଡ୍ରେ କସ୍ଟ କିତାର୍ ଆରି ମାପ୍ରୁତି
ହେବାତ ମି ମୁଡ଼୍‌ଦାକାନ୍ ଲାକେ ବାଚିକିୟା ଆଜି ମିଙ୍ଗେଙ୍ଗ୍ ଚେତ୍‌ନା ହିଦ୍‌ନାନ୍, ହେୱାରିଂ ୱାରି କିୟାଟ୍,
୧୩ ଆରେ, ହେୱାର୍ କାମାୟ୍ କାଜିଂ ହେୱାରିଂ ଜିଉନନିତ ବେସି ଜିଉ ନୱାଟ୍ । ହାରି ରଚେ ସୁସ୍ତାତ ମାନାଟ୍ ।
୧୪ ଏ ଟଣ୍ଡାର୍, ଆରି ତଣ୍‌ଦେକ୍ ଆପେଂ ମିଙ୍ଗେଙ୍ଗ୍ ଗୱାରି କିଦ୍‌ନାପା; ଅରାହିଲ୍‌ୱି ଚିନ୍ତା କିନି ମାନାୟ୍‌ତିଂ ଜାଗ୍ରତ୍ କିୟାଟ୍,
ସାସ୍ ହିଲ୍‌ୱାକାରିଂ ଦୁକ୍‌ସାରାୟ୍ କିୟାଟ୍, ନାଦାର୍‌ରିଂ ଉପ୍‌କାର୍ କିୟାଟ୍, ୱିଜାର୍ କାଜିଂ ହୁଦାର୍ ଆଡୁ ।
୧୫ ଜାଗ୍ରତ୍, ଇନେର୍ ଇମ୍‌ଣାକାର୍‌ତି କାଜିଂ ଅନ୍ୟାୟ୍ ବାଦୁଲ୍ ଅନ୍ୟାୟ୍ କିମେନ୍, ଇଚିସ୍ ଏପେଙ୍ଗ୍ ନିଡ୍ରେ ହାରିତିଂ ଆରି
ୱିଜାର୍‌ତି ହାର୍ କିଦେଙ୍ଗ୍ ଜାଲ୍‌ଦି ଆଡୁ ।
୧୬ ସବୁୱେଡ଼ାଲିଂ ଦୁକ୍‌ସାରାୟ୍ କିନାକା ହାରି କିୟାଟ୍ ।
୧୭ ନିଡ୍ରେ ପାର୍ତାନା କିୟାଟ୍ ।
୧୮ ସବୁ ୱେଡ଼ାଲିଂ ଜୁୱାର୍ ହିୟାଟ୍; ଇନାକିଦେଂକି ମି ବିସ୍ରେ କ୍ରିସ୍ଟ ଜିସୁ ସୁକ୍‌ତାକେ ଇଦାଂ ଇସ୍ୱର୍ତ ଇଚା ।
୧୯ ପୁଇପୁୟା ଜିବୁନ୍ତିଙ୍ଗ୍ ପାଗି କିମାଟ୍ ।
୨୦ ନିଡ୍ରେ ମାପ୍ରୁ ତାକେ ବେଣ୍‌ବାକ୍‌ଣାୟ୍‌କିନାକା ପଲ୍ୟା ଇନ୍‌ମାଟ୍ ।
୨୧ ମତର୍ ୱିଜୁ ବିସ୍ରେ ପରିକ୍ୟା କିଜି ହୁଡ଼ାଟ୍; ଇନାକା ନେକ୍ରାକା, ହେଦାଂ ଆସ୍ତି ଇଟାଟ୍;
୨୨ ୱିଜୁ ବାନି ବାନ୍ୟାତାଙ୍ଗ୍ ବିନେ ମାନାଟ୍ ।
୨୩ ସୁସ୍ତାହିଦ୍‌ନି ଇସ୍ୱର୍ ତାୱେନ୍ ମାଙ୍ଗେଙ୍ଗ୍ ପୁରାପୁରି ପୁଇପୁୟା କିଦେନ୍, ଆରେ ମା ମାପ୍ରୁ ଜିସୁ କ୍ରିସ୍ଟତି ୱାନି କାଜିଂ ମି
ୱାସ୍କି, ପାରାଣ, ଗାଗାଡ଼୍‌ବାର୍ତ ଦସ୍‌ଆୱାଦାଂ ଇଟ୍‌ୟାୟେଡ୍ ।
୨୪ ଇନେନ୍ ମିଙ୍ଗେଙ୍ଗ୍ କୁକ୍‌ତାନାନ୍, ହେୱାନ୍ ପାର୍ତନିକାନ୍, ହେୱାନ୍ ହେଦାଂ ପା ପୁରାକିଦେଂ ଆଡ଼୍‌ନାନ୍ ।
୨୫ ଏ ଟଣ୍ଡାର୍, ଆରି ତଣ୍‌ଦେକ୍ ମା କାଜିଂ ପାର୍ତାନା କିୟାଟ୍ ।
୨୬ ୱିଜାର୍ ଟଣ୍ଡାରିଂ ପୁଇପୁୟାତ ଡନ୍‌ଞ୍ଜି ଜୁୱାର୍ କିୟାଟ୍ ।
୨୭ ୱିଜାର୍ ଟଣ୍ଡାର୍ ଆରି ତଣ୍‌ଦେକ୍ ତାକେ ଇ ଆକି ପାଟ୍ କିୟ୍‌କିନି କାଜିଂ ଆନ୍ ମାପ୍ରୁତି ଆଦିକାର୍ ମିଙ୍ଗେଙ୍ଗ୍ ହିଦ୍‌ନାଙ୍ଗା
।
୨୮ ମା ମାପ୍ରୁ ଜିସୁ କ୍ରିସ୍ଟତି ଦୟା ମି ଲାହାଙ୍ଗ୍ ଆଏଡ୍ ।

# ତେସ୍‌ଲନିକିୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କ ପତ୍ର
# ତେସ୍‌ଲନିକି ମଣ୍ଡ୍‌ଲି ଲାଗାଂ ପକ୍ୟାତି ପାଉଲ୍‌ତି ରିଣ୍ଡି ଆକି
# ପତି ବିସ୍ରେନି ପାଦେକ୍

ତେସ୍‌ଲନିକିୟ ମଣ୍ଡ୍‌ଲି ଲାଗାଂ ରି ଆକି ପକ୍ୟାତି ପାଉଲ୍‌ତି ହୁଦାଂ ଲେକା ଆଜି ମାଚାଡ୍ ୧:୧ । ପର୍ତୁମ୍ ତେସଲନିକିୟନି ଅଲପ୍ ସମୁ ପାଚେ ପାଚେ କ୍ରିସ୍ଟତି ଜଲମ୍‌ନି ରିକଡ଼ି ଏଗାର୍ ୫୧ ବାର୍ହୁ ପାଚେ ଇ ଆକି ଲେକି କିଜି ମାଚାନ୍ । ପାଉଲ୍ ଏଚେକାଡ଼୍‌ଦ ତେସ୍‌ଲନିକିୟ ମଣ୍ଡ୍‌ଲିତ ଆକି ଲେକି କିତାନ୍, ହେ ପାଦ୍‌ନା ହେୱାନ୍ କରନ୍ତିୟ ମଣ୍ଡ୍‌ଲିତ ମାଚାନ୍ । ଇମ୍‌ଣି ମଣ୍ଡ୍‌ଲି ହେୱାନ୍ ରି ମିସ୍‌ନେରି ହାନିହିଂ ରଚ୍‌ଚି ମାଚାନ୍ ପକ୍ୟାତାକା ୧୭:୧-୧୦ ।

ପକ୍ୟାତି ପତିତ ଇନ୍ୟାନାଡ୍ ଜେ, ଏଚେକ୍ ଜିହୁଦି ଆରି ବେସି ଗ୍ରିକ୍ ବେରଣ୍ ଇଞ୍ଜି ମାନି ମାନାୟାର୍ ହୁକେ ଇ ତେସ୍‌ଲନିକିୟ ମଣ୍ଡ୍‌ଲି ରଚ୍‌ଚି ମାଚାର୍ । ତେସ୍‌ଲନିକିୟ ମଣ୍ଡ୍‌ଲି ଲାଗାୟ୍ ଲେକା ଆଜି ମାଚି ଆକିତ କ୍ରିସ୍ଟତି ୱାନାକା ଆରି ହାରିହାରା ସମୁ ବିସ୍ରେ ଲେକା ଆତାଡ଼୍‌ନ୍ନା । ଇନାକିଦେଂକି ପାଉଲ୍ ହାରି ଆକିତ ତେସ୍‌ଲନିକିୟ ମଣ୍ଡ୍‌ଲି ଲାଗାୟ୍ ଇଦାଂ ରିହା ୱାନାକା ବିସ୍ରେ ବେସି ବିସ୍ରେ ଲେକି କିତାନ୍‌ନ୍ନା । ରି ତେସ୍‌ଲନିକିୟତ ଲେକାତି ବିସ୍ରେ ଆଦିକ୍ ଆତିସ୍ ହାରିହାରା ସମୁ ବିସ୍ରେ ଆନାଡ୍ । ପାଉଲ୍ ପା ଆଡ଼୍‌ସାୟ୍ ବିସ୍ରେ ଜାଲ୍‌ଦି କିୟ୍‌କିତାନ୍ । ଜାଣ୍‌କେ ମାନାୟ୍ ହେୱାର୍‌ତି କାଦି କାଜିଂ କାମାୟ୍ କିନି ଲଡ଼ା ୩:୬-୧୦

## ୨ ତେସ୍‌ଲନିକିୟ ପତି ବିସ୍ରେନି ରାହାଣ୍

୧. ପାଉଲ୍ ତା ଆକିତ ଜାର୍ ଆରି ହାଙ୍ଗ୍‌ଦାକାର୍ ଜାଣାଚିନା ହିଜି ହାଂନାନ୍ ୧:୧-୨
୨. ଆରି ତେସ୍‌ଲନିକିୟ ମଣ୍ଡ୍‌ଲି କାଜିଂ ଇସ୍ୱର୍‌ତିଂ ଜୱାର୍ ହିନାନ୍ ଆରି ପାର୍ତାନା କିନାନ୍ ୧:୩-୧୨
୩. ରି ପାର୍ବୁତ ଜଗଡ଼୍‌ନି ହାରିହାରା ସମୁ ବିସ୍ରେ ଇନାନ୍ ।
୪. ଆରି ହେୱାନ୍ ଆଡ଼୍‌ସାୟ୍ ବିରୁଡ୍‌ତ ଆରି କସ୍ଟ କିନି ବିସ୍ରେ ଇନାନ୍ ୩:୧-୧୫
୫. ପାଉଲ୍ ଆରେ ରଗ ମଣ୍ଡ୍‌ଲିନି ମାନାୟାରିଂ ବାନ୍ଦାୟ୍ କିଜି ୱିହ୍‌ନାନ୍ ୩:୧୬-୧୮

୧ ପାଉଲ୍, ସିଲ୍ୱାନ୍ ଆରି ତିମତି ଆବା ଇସ୍ୱର୍ ଆରି ମାପ୍ରୁ ଜିସୁ କ୍ରିସ୍ଟତାକେ ମାନି ତେସ୍‌ଲନିକିୟ ମାନାୟାର୍ ମଣ୍ଡ୍‌ଲି ଲାଗାଂ
ଆକି ଲେକିକିତାନ୍‌ନା । ଦୟା ଆରି ସୁସ୍ତା ମି କାଜିଂ ଆଏଡ୍ ।
୨ ଆବା ଇସ୍ୱର୍ ଆରି ମାପ୍ରୁ ଜିସୁ କ୍ରିସ୍ଟ ତାଙ୍ଗ୍ ଦୟା ଆରି ସୁସ୍ତା ମି କାଜିଂ ଆଏଡ୍ ।

### କ୍ରିସ୍ଟତି ଆରେ ୱାନାକା ବିଚାର୍

୩ ଏ ଟଣ୍ଡାର୍, ଆରି ତଣ୍‌ଦେକ୍ ମି କାଜିଂ ଇସ୍ୱର୍‌ତିଂ ସବୁୱେଡ଼ାଙ୍ଗ୍ ଜୁୱାର୍ ହିନାକା ମା ଲଡ଼ା, ଆରେ ହେଦାଂ କିନାକା,
ଆରେ ହେଦାଂ ହାର୍ଦାକା, ଇନାକିଦେଂକି ମି ପାତର୍ କିନାକା ଆଦିକ୍ ବାଡା ଆନାତା, ଆରେ ହାରି କାଜିଂ ମି ୱିଜାଡ଼୍
ଜାଣ୍‌କେତି ଜିଉନନାକା ବାଡାନାତା,
୪ ଏଲେଙ୍ଗ୍‌କି ଏପେଙ୍ଗ୍ ଇମ୍‌ଣି ୱିଜୁ ଇଣ୍ ଆରି ଦୁକ୍‌ବଗ୍ କିନାଦେରା, ହେବେ ପା ମିଂ ହୁଦାର୍ ଆରି ପାତର୍ କାଜିଂ
ଆସେଙ୍ଗ୍ ନିଜେ ଇସ୍ୱର୍‌ତି ମଣ୍ଡ୍‌ଲି ତାକେ ମି ବିସ୍ରେ ଗରବ୍ କିଜି ମାନାପ୍ ।
୫ ଇସ୍ୱତର୍ ଇମ୍‌ଣି ରାଜି କାଜିଂ ଏପେଙ୍ଗ୍ ଦୁକ୍‌ବଗ୍ କିନାଦେରା, ହେବେନି ଜଗ୍ ଇଞ୍ଜି ଗାଣାକିୟା ଆଦେଂ କାଜିଂ ଇଦାଂ
ତ ଇସ୍ୱତର୍ ସମାନ୍ ବିଚାର୍ ୱିଜୁ ପାର୍ମାଣ୍ ।
୬ ଇନାକାକି ନ୍ୟାୟ୍‌ନିକା, ଇନେକିଦେଂକି ମାପ୍ରୁ ଜିସୁ ଏଚେକାଡ଼୍‌ଦ ଜାର୍ ସାକ୍ତିକାଟି ଦୁତର୍ ଲାହାଂ ଆସ୍ତି ମାନି ନାଣି
ଲାହାଂ ସାର୍ଗେତାଂ ହଡ଼୍‌ନାଡ୍,
୭ ଇସ୍ୱର୍ ମିଙ୍ଗ୍ ଦୁକ୍ ଗିଟାଇ କିଜି ମାଙ୍ଗ୍ ପା ସାସ୍ତି କିଦ୍‌ନାନ୍ । ଇସ୍ୱର୍ ଇ କାମାୟ୍ କିନାନ୍, ଏଚେକାଡ଼୍‌ଦ ମାପ୍ରୁ ଜିସୁ
ହେୱାନ୍ତି ଗାଜା ସାକ୍ତି ଦୁଡ୍‌ର୍‌ତି ଲାହାଙ୍ଗ୍ ସାର୍ଗେତାଂ ଜୁଦ୍‌ନାନ୍ ।
୮ ଇମ୍‌ଣାକାର୍ ଇସ୍ୱର୍‌ତିଂ ପୁନୁର୍ ଆରି ମା ମାପ୍ରୁ ଜିସୁତି ନେକ୍ରିକାବୁର୍ ମାନିକିଉର୍, ହେୱାରିଂ ହେୱାନ୍ ମାପ୍ରୁ ଜିସୁ ଜାର୍
ସାକ୍ତିକାଟାକାନ୍ ଦୁତର୍ ହୁଦାଂ ନାଣି ଲାହାଂ ସାର୍ଗେତାଂ ଚଞ୍ଜ୍ୟା ଆଦ୍‌ନାନ୍; ହେ ଏଚେକାଡ଼୍‌ଦ ଡାଣ୍ଡ ହିନାନ୍,
୯ ହେ ନାଞ୍ଜିଙ୍ଗ୍ ହେୱାର୍ ଡାଣ୍ଡ ପାୟାନାର୍, ଇଚିସ୍ ମାପ୍ରୁତି ଲାଗେ ତାଙ୍ଗ୍ ଆରି ସାକ୍ତିତ ଜାଡ଼୍‌ମାଲ୍‌ତାଂ ଦେହା ଆଜି ୱିଜ୍‌ୱି
ନାସ୍ ବଗ୍ କିତାର୍ ।
୧୦ ମତର୍ ହେ ନାଞ୍ଜିଙ୍ଗ୍ ତା ମାନାୟାର୍‌ତାଂ ସମାନ୍ ଜାଡ଼୍‌ମାଲ୍ ପାୟାନାନ୍ ଇଚିସ୍ ଇମ୍‌ଣି ନାଞ୍ଜିଙ୍ଗ୍ ହେୱାନ୍ ଜାର୍ ହୁଦାର୍
ହୁଦାଂ ଜାଡ଼୍‌ମାଲ୍ ଆଦେଂ ଆରି ପାତର୍ କିଜି ମାନି ପୁଇପୁୟା ମାନାୟାର୍ ୱିଜାଡ଼୍ କାଜିଂ କାବାତାଂ ଚଞ୍ଜ୍‌ନି ଲାକେ ଆଦେଂ
ୱାନାନ୍ ଇନାକିଦେଂକି ମି ଲାଗାୟ୍ ମା ସାକି ଏପେଙ୍ଗ୍ ପାତର୍ କିତାଦେର୍ଣ୍ଣା ।

୧୧ ଲାଗିଂ ମା ଇସ୍ୱର୍ ଇନେସ୍ ମିଦି ଜାର୍ କୁକ୍ୟାତିତ ସତ୍‌ଗୁଣ୍ ଇଞ୍ଜି ଗାଣା କିନାନ୍, ଆରେ ସବୁ ସତ୍ ଇଚା ଆରି ପାତର୍ନି
କାମାୟ୍ ସାକ୍ତିତ ବାତର୍ କିନାନ୍, ହେଦାଂ କାଜିଂ ପା ଆପେଂ ନିତ୍ରେ ମି କାଜିଂ ପାର୍ତାନା କିନାପା;
୧୨ ତା ଆତିସ୍ ମା ଇସ୍ୱର୍ ଆରି ମାପ୍ରୁ ଜିସୁ କ୍ରିସ୍ଟତି ଦୟା ଲାକେ ମା ମାପ୍ରୁ ଜିସୁତି ତର୍ ମିତାକେ ଜାଜ୍‌ମାଲ୍‌ତ ଆନାତ୍
ଆରେ ଏପେଙ୍ଗ୍ ତା ତାକେ ଜାଜ୍‌ମାଲ୍ ଆନାଦେର୍ ।

# ୨

## ବାନ୍ୟା କାମାୟ୍ କିନାକାନ୍

୧ ✡ଏ ଟଣ୍ଡାର୍, ଆରି ତଣ୍‌ଦେକ୍ ମା ମାପ୍ରୁ ଜିସୁ କ୍ରିସ୍ଟତି ୱାନିଦିନ୍ ଆରି ହେୱାନ୍ତି ଲାଗାଂ ତା ତାକେ ମା ରୁଣ୍ଡାନି ବିସ୍ରେ
ମିଙ୍ଗେଙ୍ଗ୍ ଗୱାରି କିଦ୍‌ନାପା,
୨ ମାପ୍ରୁତି ଦିନ୍ ଏକା ୱାତାତେ ଇଞ୍ଜି ଏପେଙ୍ଗ୍ ଇମ୍‌ଣି ୱାସ୍କିନି କାତା କି ମାହୁଦାଂ ଲେକାତାତ୍‌ନ୍ନା ଇଞ୍ଜି ବାବି କିଜି ଇମ୍‌ଣି
ଚିଟି ହୁଦାଂ ବେଗି ଏନେତେନେ କି ଗାବ୍‌ରା ଆମାଟ୍ ।
୩ ଇନେର୍ ଇମ୍‌ଣି ବାନି ମିଦାଂ ବାମ୍‌ଣ୍ଡାନାକା ଜଲମ୍‌କିଦ୍‌ୱାଦାଂ, ଇନାକିଦେଂକି ପର୍ତୁମ୍ ହାରିହାରା ଦରମ୍ ପିହ୍‌ନାକା
ଗିଟାନାତ୍, ଆରେ ନାସ୍‌ନି ହିମ୍‌ଣା ହେ “ବାନ୍ୟା ମାନାୟ୍” ଚଞ୍ଜାନାକା ଲଡ଼ା; ଆୱିତିସ୍ ମାପ୍ରୁ ଦିନ୍ ଏକାୱାଉତ୍ ।
୪ ହେୱାନ୍ ହେ ଦାରୁମ୍ ହିଲ୍‌ୱି ମାନାୟ୍ ଜେ ଦୁକ୍‌ନିକାନ୍ ଇସ୍ୱର୍‌ତି ବେରୁ କିନାନ୍, ୱିଜାର୍‌ତାଂ ଜାର୍‌ତିଂ ଆଦିକ୍ ୱାରି
କିନାନ୍ ଇନେସ୍‌କି ଇସ୍ୱର୍‌ତି ମନ୍ଦିର୍‌ତ କୁଚ୍‌ଚି ହେୱାନ୍ ଜାର୍‌ତିଂ ଇସ୍ୱର୍ ଇଞ୍ଜି ଚଞ୍ଜ୍‌ୟା ଆନାନ୍ ।
୫ ଆନ୍ ମି ଲାହାଂ ମାନିୱେଡ଼ାଲିଂ ଇ ସବୁ ବିସ୍ରେ ଜେ ମିଙ୍ଗେଙ୍ଗ୍ ରଗତିଂ ରଗ ୱେଚ୍‌ଚି ମାନ୍‌ଞ୍ଜାଙ୍ଗ୍, ହେଦାଂ ଇନାକା ମି
ଏଡ଼୍ ହିଲୁଡ୍ ?
୬ ଆରେ ହେୱାନ୍ ଦାରୁମ୍ ହିଲ୍‌ୱି ମାନାୟ୍ ସମାନ୍ ସମୁତ ଚଞ୍ଜ୍‌ୟା ଆଦେଂ କାଜିଂ ଇନାକା ବାଦା ହିଦ୍‌ନାତା, ହେଦାଂ
ଏପେଙ୍ଗ୍ ପୁନାଦେର୍ ।
୭ ଇନାକିଦେଂକି ବାନ୍ୟା ଡ଼କ୍ରୁତି କାତା ନଙ୍ଗ୍‌ୟ୍ ପା କାମାୟ୍ କିନାତା, ବାଦା ହିନି ମାନାୟ୍ ହାଲ୍‌ୱି ପାତେକ୍ ହେଦାଂ
କାମାୟ୍ କିଜି ମାନାତ୍ ।
୮ ହେ ଏଚେକାଡ଼୍‌ଦ ହେ ଅଦାମର୍ ମାନାୟ୍ ଚଞ୍ଜ୍‌ୟାନାନ୍, ତାଙ୍ଗେଙ୍ଗ୍ ମାପ୍ରୁ ଜିସୁ ଜାର୍ ୱେଇନି ପୁଣ୍ଡା ହୁଦାଂ ଅହ୍‌ନାନ୍
ଆରି ଜାର୍ ୱାନାକା ହପ୍‌ନି ହୁଦାଂ ନାସ୍ କିନାନ୍ ।
୯ ସୟ୍‌ତାନ୍ ସାକ୍ତି ଲାକେ ୱିଜୁ ବାନି ମିଚ୍ ସାକ୍ତି, ଚିନ୍, ଆରି କାବାନି କାମାୟ୍, ଆରେ ନାସ୍ ବାହାନର୍ ଲାଗେ ୱିଜୁ ବାନିନି
ଅଦାମର୍ ଟକାୟ୍‌କିନି ହୁଦାଂ ହେ ଅଦାମର୍ ମାନାୟ୍‌ତି ୱାନାକା ଆନାତ୍,
୧୦ ଇନେକିଦେଂ ଅଦାମର୍‌ର୍ ମୁକ୍ତି ପାୟାଦେଂ ହେୱାର୍ ହାତ୍‌ପା କାଜିଂ ଜିଉନନାକା ପାୟା ଆୱାତାର୍ଣ୍ଣା ।
୧୧ ଆରେ, ଇଦାଂ କାଜିଂ ହେୱାର୍ ଇନେସ୍ ମିଚ୍‌ତ ପାତର୍ କିନାର୍, ହେଦାଂ କାଜିଂ ଇସ୍ୱର୍ ହେୱାର୍‌ତି ଲାଗାଂ
ବାମ୍‌ଡାନାକା ସାକ୍ତି ପକ୍‌ତାତାନ୍ନା,
୧୨ ଇନେସ୍‌କି ଇମ୍‌ଣାକାର୍ ହାତ୍‌ପାତିଙ୍ଗ୍ ପାତର୍ କିୱାଦାଂ ଅଦାମର୍‌ତ କାମାୟ୍‌ତ ସାରି ଆତାର୍ଣ୍ଣା, ହେୱାର୍ ୱିଜାର୍
ଡାଣ୍ଡ୍‌ନି ଲକୁ ଆନାର୍ ।

## ଏପେଙ୍ଗ୍ ମୁକ୍‌ଡ଼ାନାକା କାଜିଂ ବାଚିକିୟାତାଦେର୍ଣ୍ଣା

୧୩ ମତର୍, ଏ ମାପ୍ରୁତି ଜିଉନନି ଟଣ୍ଡାର୍, ଆରି ତଣ୍‌ଦେକ୍ ମି କାଜିଂ ସବୁୱେଡ଼ାଙ୍ଗ୍ ଇସ୍ୱର୍‌ତିଂ ଜୁୱାର୍ ହିନାକା ମା ଲଡ଼ା,
ଇନାକିଦେଂକି ଇସ୍ୱର୍ ଜିବୁନ୍‌ତିଂ ପୁଇପୁୟା ଆରି ହାତ୍‌ପାତ ପାତର୍ କିନାକା କାଜିଂ ମୁକ୍‌ଡ଼ା ଆଦେଂ କାଜିଂ ମିଙ୍ଗେଙ୍ଗ୍ ପର୍ତୁମ୍
ବାଚି କିତ୍‌ତାନ୍‌ନା;
୧୪ ହେଦାଂ କାଜିଂ ପା ହେୱାନ୍ ମା ନେକ୍ରିକାବୁର୍ ହୁକେ ମା ମାପ୍ରୁ ଜିସୁ କ୍ରିସ୍ଟତି ଜାଜ୍‌ମାଲ୍ ପାୟାନି କାଜିଂ ମିଙ୍ଗେଙ୍ଗ୍
କୁକ୍‌ତାତାଂନା ।
୧୫ ଲାଗିଂ, ଏ ଟଣ୍ଡାର୍, ଆରି ତଣ୍‌ଦେକ୍ ତିର୍ ମାନାଟ୍, ଆରେ ମା କାତା କି ଚିଟି ହୁଦାଂ ଏପେଙ୍ଗ୍ ଇମ୍‌ଣି ହିକ୍ୟା
ପାୟାତାଦେର୍ଣ୍ଣା, ହେ ସବୁ ଆସ୍ତି ମାନାଟ୍ ।
୧୬ ଆପ୍ ନିଜେ, ମାପ୍ରୁ ଜିସୁ କ୍ରିସ୍ଟ ଆରେ ମା ଇମ୍‌ଣି ଆବା ଇସ୍ୱର୍ ମାଙ୍ଗେଙ୍ଗ୍ ଜିଉନଜି ଦୟାତ ମାଙ୍ଗେଙ୍ଗ୍ ୱିଜ୍‌ୱି
ଦୁକ୍‌ସାରାୟ୍ କିଜି ଆରି ହାର୍‌ଦି ଆହା ହିତ୍‌ନ୍ନା,
୧୭ ହେୱାନ୍ ନିଜେ ମିଙ୍ଗେଙ୍ଗ୍ ମାନ୍‌ତିଂ ଦୁକ୍‌ସାରାୟ୍ କିଜି ୱିଜୁ ହାର୍‌ଦି କାମାୟ୍ ଆରି କାତାତ ଆଟ୍‌ୱା କିଦେନ୍ ।

# ୩

## ମା କାଜିଂ ପାର୍ତାନା କିୟାଟ୍

✡ **୨:୧** ୧ ତେସ୍‌ଲନିକି ୪:୧୫-୧୭.

୧ ଏ ଟଣ୍ଡାର୍, ଆରି ତଣ୍ଦେକ୍ ମା କାଜିଂ ପାର୍ତାନା କିୟାଟ୍, ଇନେସ୍ ମାପ୍ରୁତି କାତା ମି ବିଡ୍ରେ ଇନେସ୍ ଲାକେ, ହେ ଲାକେ
ନିଡ୍ରେ ବେଗି ମେଙ୍ଗ୍‌ଜି ଜାଜ୍‌ମାଲ୍ ପାୟାନାଦେର୍,
୨ ଆରେ, ଇନେସ୍ ଆସେଙ୍ଗ୍ ବାବି କିୱି ଲକୁ ଆରି ଚାସ୍କାର୍‌ତାଂ ରାକ୍ୟା ପାୟାନାସ୍, ଇନାକିଦେଂକି ୱିଜାକାତର୍ ପାତର୍
ହିଲୁଡ୍ ।
୩ ମତର୍ ମାପ୍ରୁ ପାତର୍ କିନାନ୍, ହେୱାନ୍ ମିଙ୍ଗେଙ୍ଗ୍ ତିର୍ କିଜି ସୟତାନ୍‌ତାଂ ରାକ୍ୟା କିଦ୍‌ନାନ୍ ।
୪ ଆସେଙ୍ଗ୍ ଇମ୍‌ଣି ସବୁ ବଲ୍ ହିଡ୍‌ତାନ୍, ହେ ୱିଜୁ ଜେ ଏପେଙ୍ଗ୍ କିନାଦେରା ଆରି କିନାଦେର୍, ଇଦାଂ ମି ବିଡ୍ରେ
ମାପ୍ରୁତାକେ ମା ବାସର୍ ।
୫ ଆରେ ମାପ୍ରୁ ମି ମାନ୍‌ତିଂ ଇସ୍ୱର୍‌ତି ଜିଉନନାକା ଆରି କ୍ରିସ୍ଟତି ସାସ୍‌ଲାକେ ହାଜିଡ୍ ହାଞ୍ଜେଙ୍ଗ୍ କିୟ୍‌କିଏନ୍ ।

## ୱିଜାର୍ କାମାୟ୍ କିନି ଲଡ଼ା

୬ ଏ ଟଣ୍ଡାର୍, ଆରି ତଣ୍ଦେକ୍ ମା ମାପ୍ରୁ ଜିସୁ କ୍ରିସ୍ଟତି ତର୍‌ଦ ଆପେଂ ମିଙ୍ଗେଙ୍ଗ୍ ଇ ବଲ୍ ହିଦ୍‌ନାପା, ଇମ୍‌ଣାକାର୍‌ପା ଟଣ୍ଡେନ୍
ମା ତାଙ୍ଗ୍ ପାୟାତି ହିକ୍ୟା ଇସାପ୍‌ରେ ଚିନ୍ତା କିୱାଦାଙ୍ଗ୍ ଆଡ଼୍‌ସିୟା ଚିନ୍ତା କିନାନ୍, ତା ତାକେଣ୍ଡାଂ ଜାର୍ ଜାର୍‌ତିଂ ବିନେ କିୟାଟ୍
।
୭ ଇନାକିଦେଂକି ଇନେସ୍ ମାଙ୍ଗ୍ ପାଚେହାଲ୍‌ଜି ମିଦାଂ ଆନାଡ୍, ହେଦାଂ ଏପେଙ୍ଗ୍ ନିଜେ ପୁନାଦେରା; ଲାଗିଂ ଆସେଙ୍ଗ୍ ମି
ବିଡ୍ରେ ଆଡ଼୍‌ସିୟା ଚିନ୍ତା କିୱାଦାଂ ମାଚାପ୍,
୮ କି ମଲ୍‌ହିଲ୍‌ୱାଦାଂ ଇନେର୍‌ତି ଆରାଣ୍ ତିନ୍‌ୱାଦାଂ ମାଚାପ୍ ଲାଗିଂ ମି ବିଡ୍ରେ ଇନେର୍‌ତି ବଜ୍‌ଲାକେ ଆୱିକାଜିଂ
ବେସିକସ୍ଟ ଆରି ଦୁକ୍ ହୁଦାଂ ୱେଡ଼ାନାଣା କାମାୟ୍ କିଜି ମାଚାପ୍;
୯ ମି ତାଙ୍ଗ୍ ଅଲପ୍ ଅନାକା ଜେ ମା ଆଦିକାର୍ ହିଲୁଡ୍, ହେଦାଂ ଆକାୟ୍, ମତର୍ ଇନେସ୍ ଏପେଙ୍ଗ୍ ମା ପାଚେ ୱାଡୁ; ଇଦାଂ
କାଜିଂ ଆପେଂ ମି ଲାଗେ ଜାର୍ ଜାର୍‌ତିଂ ହାର୍ କିଜି ଚର୍‌ଚେଦେଂ କାଜିଂ ହେ ଲାକେ କିତାପ୍ ।
୧୦ ଇନାକିଦେଂକି ମି ଲାହାଂ ମାନିହିଂ ନେ ଆପେଂ ମିଙ୍ଗେଙ୍ଗ୍ ଇ ବଲ୍ ହିଡ୍‌ତାପ୍, "ଇମ୍‌ଣାକାନ୍ କାମାୟ୍ କିଦେଙ୍ଗ୍ ମାନ୍
କିଉନ୍, ହେୱାନ୍ ତିଞ୍ଜେଙ୍ଗ୍ ପା କାମେନ୍ ।
୧୧ ଲାଗିଂ ମି ବିଡ୍ରେ ଇନେର୍ ଇନେର୍ ଆଡ଼୍‌ସାୟ୍ ଚିନ୍ତା କିନାରା ଆରି ଇମ୍‌ଣାକା କାମାୟ୍ ଦୁକ୍‌ହିନାକା ବିପ୍ତି ଆନାରା ଇଞ୍ଜି
ଆପେଂ ୱେନାପା ।
୧୨ ଇ ବାନି ମାନାୟାରିଂ ସୁସ୍ତା ବାବ୍ରେ କାମାୟ୍ କିଜି ଜାର୍ ଜାର୍‌ତିଂ ଆରାଣ୍ ତିଞ୍ଜେଙ୍ଗ୍ ଆପେଂ ମାପ୍ରୁ ଜିସୁ କ୍ରିସ୍ଟତି ତର୍‌ଦ
ବଲ୍ ଆରି ଗୱାରି ଚେଡ୍‌ନା ହିଦ୍‌ନାପା ।
୧୩ ଏ ଟଣ୍ଡାର୍, ଆରି ତଣ୍ଦେକ୍ ହାଡ୍‌ପା କାମାୟ୍ କିନିତାକେ ଏପେଙ୍ଗ୍ ୱାହ୍‌ମାଟ୍ ।
୧୪ ଆରେ ଏଚେକାଡ଼୍‌ଦ ଇନେର୍ ଇ ଚିଟିତ ଲେକିକିତି ମା କାବୁର୍ ମାନିକିଉନ୍, ୱାଟିଙ୍ଗ୍ ହେ ଲଗାଂ ଚିନି କିଜି ଇଟାଟ୍,
ଆରେ ହେୱାନ୍ ଇନେସ୍ ଲାଜ୍ କୁଗାନାନ୍, ଇଦାଂ କାଜିଂ ତା ଲାହାଙ୍ଗ୍ ମେହାମାଟ୍;
୧୫ ଆତିସ୍‌ପା ତାଙ୍ଗେଙ୍ଗ୍ ସାତ୍ରୁ ଇଞ୍ଜି ବାବି କିମାଟ୍, ମତର୍ ତାଙ୍ଗ୍ ଟଣ୍ଡେନ୍ ଇଞ୍ଜି ବାବି କିଜି ଚେଡ୍‌ନା ହିୟାଟ୍ ।"

## ହାରିହାରା କାତା

୧୬ ସୁସ୍ତାହିଦ୍‌ନି ମାପ୍ରୁ ନିଜେ ମିଙ୍ଗେଙ୍ଗ୍ ନିଡ୍ରେ ଆରି ସବୁ ବାନି ସୁସ୍ତା ହିଦେନ୍ । ମାପ୍ରୁ ମି ୱିଜାଦେରିଂ ଆୟେଡ୍ ।
୧୭ ଆନ୍ "ପାଉଲ୍ ନା ନିଜେ କେଇଦ ଲେକିକିଜି ଜୁୱାର୍ ଜାଣାୟ୍‌କିଦ୍‌ନାଙ୍ଗା; ୱିଜୁ ଚିଟିତ ଇଦାଂ ଚିନ୍ ଲାକେ, ଆନ୍
ଇଦାଂ ଲେକିକିତାଂନା ।
୧୮ ମା ମାପ୍ରୁ ଜିସୁ କ୍ରିସ୍ଟତି ଦୟା ମି ୱିଜାଦେର୍ ଲାହାଂ ଆଏଡ୍ ।"

# ତିମତି ନିକଟକୁ ପ୍ରେରିତ ପାଉଲଙ୍କ ପର୍ଥମ ପତ୍ର
# ତିମତି ଲାଗାଂ ପକ୍ୟାତି ପାଉଲ୍‌ତି ପର୍ତୁମ୍ ଆକି
# ପର୍ତୁମ୍ ତିମତି ପତି ବିସ୍ରେ ପାଦେକ୍

ପର୍ତୁମ୍ ତିମତି ପତି ର ଆକି, ପକ୍ୟାତି ପାଉଲ୍‌ତାଂ ତା ଚେଲା ତିମତିଂ ଲେକା ଆତାତ୍‌ନ୍ନା । ପର୍ତୁମ୍ ତିମତି ଆଜି ମାନ୍‌ଗାନାତ୍ ୬୨-୬୪ କ୍ରିସ୍ଟତି ଜଲମ୍ ପାଚେ ଲେକା ଆତାତ୍‌ନ୍ନା । ଆଜି ମାନ୍‌ଗାନାତ୍ ଇଦାଂ ଆଜି ମାନ୍‌ଗାନାତ୍ ପାଉଲ୍‌ତି ଜିବୁନ୍‌ନି ହାରିହାରା ସମୁ ଆନାତ୍ । ପାଉଲ୍‌ତି ହାଙ୍ଗ୍‌ଦାକାନ୍ ତିମତି ବେସି ମେହାଣ୍ ମାଚାତ୍, ହେୱାନ୍ ବେସି ୱେଡ଼ାଲିଂ ତିମତିଂ ମାଜି ଇଞ୍ଜି ଇଞ୍ଜି ମାଚାନ୍ ପିଲିପିୟ ୨:୨୨ ୧ ତିମତି ୧:୨୧:୧୮ । ଇଦାଂ ପାଉଲ୍‌ତି ହୁଦାଂ ଲେକାତି ଚାରି ଗଟା ନିଜାର୍ ଅଲ୍‌ଗା ପତିଂ ବିତ୍ରେ ଇଦାଂ ରଞ୍ଜାଙ୍ଗ୍ ଇମେତାକେ କି ମଣ୍ଡ୍‌ଲି ପିସ୍ତି ରୱାନ୍ ମୁଣିକାତି ଜାଣା କିନାନ୍ । ବିନ୍ ତିନ୍‌ଗଟା ପତିଂ ଜେତି ତିମତି, ତିତସ୍, ଆରି ପିଲିମନ୍ ଆନାତ୍ । ପର୍ତୁମ୍ ତିମତି ମଣ୍ଡ୍‌ଲିନି ଆଦେକ୍ ହେବା କିନି ଦାରା ବିସ୍ରେ ମାନାତ୍ ୨:୧-୫ । ଇବେ ମଣ୍ଡ୍‌ଲିନି ନେତାର୍‌ତି ସାକ୍ତି ବିସ୍ରେ ହୁଡ଼୍‌ନାସ୍ ୩:୧-୧୩ ଆରି ମିଚ୍ ଗୁରୁର୍‌ତି ବିରୁଦ୍‌ତ ଜାଗ୍ରତ୍ ଇନାକା ମନାତ୍ ୧:୩-୧୧୪:୧-୫୬:୨-୫ ମଣ୍ଡ୍‌ଲି ବିତ୍ରେ ତିମତି ଇନେସ୍ ବାନି ରୱାନ୍ ନେତା ଆନି ଲଡ଼ା ହେଦାଂ ପାଉଲ୍ ହିକ୍ୟା ହିନି ବିସ୍ରେ ଚତ୍‌ନାନ୍ । ପର୍ତୁମ୍ ତିମତିତ ନଂନି ନାଟିନି ମଣ୍ଡ୍‌ଲିନି କାମାୟ୍ ଚାଲାୟ୍‌କିନି କାଜିଂ ମା ଜୁଗ୍‌ନି ମଣ୍ଡ୍‌ଲିନି ନେତାରିଂ ଆଦିକ୍ ବେସି ମୁଡ଼୍ ହପ୍‌ନାକା ଆହ୍‌ନାତ୍ ।

## ୧ ତିମତି ପତି ବିସ୍ରେନି ରାହାଣ୍

୧ ପାଉଲ୍ ତିମତିଂ ବାନ୍ଦାୟ୍ କିଜି ଲେକା ହାଙ୍ଗ୍‌ତାନ୍ନା । ୧:୧-୨
୨ ପାଉଲ୍ ତିମତିଂ ମିଚ୍ ଗୁରୁର୍ ବିରୁଦ୍‌ତ ଜାଗ୍ରତ୍ କିନାନ୍ । ୧:୩-୧୧
୩ କ୍ରିସ୍ଟ ତାକେ ପାଉଲ୍‌ତି ୱାରିକିଜି ଆକି ଲେକି କିତାନ୍ । ୧:୧୨-୧୯
୪ ପାଉଲ୍ ମଣ୍ଡ୍‌ଲିନି ହେବାକାମାୟ୍ ଆରି ନେତାର୍‌ତି ବିସ୍ରେ ତିମତିଂ ଟାଣ୍ଡ୍‌ନାନ୍ । ୨:୩
୫ ପାଉଲ୍ ତିମତିଂ ଏଚେଗଟା ହାରିହାରା ଟାଣ୍‌ଞ୍ଜି ଲେକା ୱିସ୍ତାନ୍ । ୪:୬

୧ ଆନ୍ ପାଉଲ୍, ମାଙ୍ଗ୍ ମୁକ୍ତିକିଦ୍‌ନି ଇସ୍ୱର୍ ଆରି ବାସର୍ନି ଆହା କ୍ରିସ୍ଟ ଜିସୁଙ୍ଗ୍ ବଲ୍ ଇସାପ୍‌ରେ କ୍ରିସ୍ଟ ଜିସୁତି ରୱାନ୍ ପକ୍ୟାତାକାନ୍,
୨ ✡ପାତର୍ତ ଜାର୍ ଦରମ୍ ମାଜି ତିମତି ଲାଗାଂ ଆକି ଲେକିକିନାଙ୍ଗା, ଆବା ଇସ୍ୱର୍ ଆରି ମା ମାପ୍ରୁ କ୍ରିସ୍ଟ ଜିସୁତାଂ ଉପ୍‌କାର୍, ଦୟା, ଆରି ସୁସ୍ତା ମି କାଜିଂ ଆଏତ୍ ।

### ବୁଲ୍‌କାୟ୍‌କିନି ହିକ୍ୟା କାଜିଂ ଜାଗ୍ରତ୍

୩ ଆନ୍ ମାକିଦନିଆତ ହାନିହିଙ୍ଗ୍ ନିଙ୍ଗେଙ୍ଗ୍ ଇନେସ୍‌କି ଗୱାରି କିଜି ମାନ୍‌ଚାଙ୍ଗ୍, ହେ ଲାକେ ଏପେଙ୍ଗ୍ ଏପିସିତ ମାନାଟ୍ । ହେବେ କେତେଜାଣ୍ ବୁଲ୍ ହିକ୍ୟା ହିନାରା । ହେୱାରିଂ ବନ୍ଦ୍ କିୟାଟ୍ ଇନାଟ୍ ।
୪ କି ହାନ୍ଦାୟ୍ କାତା ଆରି ୱିଜ୍‌ୱ଼ି ଲାତ୍ରାର୍‌ତି ମାନ୍‌ଦ୍ୟାନ୍ କିଉର୍, ଇଦାଂ କାଜିଂ ହେୱାରିଂ ବଲ୍ ହିୟାଟ୍; ହେ ୱିଜୁ ପାତର୍ ବିସ୍ରେ ଇସ୍ୱର୍‌ତି କାମାୟ୍‌ନି ଉପ୍‌କାର୍ ଆୱାଦାଙ୍ଗ୍ ନଲେ ଜିକାଟାଣା ଉବ୍‌ଜାୟ୍ କିନାତ୍ ।
୫ ମାତର୍ ହାର୍‌ଦି ମାନ୍, ସକଟ୍ ବାବ୍‌ନା ଆରି କାପ୍‌ଟିୟା ପାତର୍ତାଂ ହତ୍‌ତି ଇମ୍‌ଣି ଜିଉନନାକା, ଜାଗ୍ରତ୍ କିଦେଂ ଆନ୍ ଇ ହିକ୍ୟା ହିନାଙ୍ଗା ।
୬ ହେଦାଂ ମସାତି ବିଦିନି ଇସାବ୍ ଆନାତ୍; ଇନେ ଇନେର୍ ଇସବୁ ବିସ୍ରେ କାଜିଂ ଇଟ୍‌କାଡ଼୍ ହୁଡ଼୍‌ୱାଦାଙ୍ଗ୍ ଆହାର୍ କାତାତ ଆହା ଆଜି ହାଜି ବାଣାନାରା ।
୭ ହେୱାର୍ ବିଦିତ ଗୁରୁ ଆଦେଙ୍ଗ୍ ଇଚା କିତାର୍, ମାତର୍ ଇମ୍‌ଣି ବିସ୍ରେ ଆଟ୍‌ୱା ହିକ୍ୟା ହିନାର୍, ହେଦାଂ ନିଜେ ବୁଜାଆଉର୍ ।
୮ ଆପ୍ ପୁନାପ୍ ଜେ, ବିଦି ସମାନ୍ ବାବ୍ରେ ପାଲି କିତିସ୍, ହେଦାଂ ହାର୍ ।
୯ ମାତର୍ ବିଦି ଅଦାମର୍ ଆରି ପାପିୟା, ବିଟାଡ଼୍ ଆରି ଦୟା ହିଲ୍‌ୱାକାନ୍, ଆବାଙ୍ଗ୍ ଅହ୍‌ନାକାନ୍ ଆରି ଆୟାଙ୍ଗ୍ ଅହ୍‌ନାକାନ୍, ନାର୍‌ଅହ୍‌ନାକାନ୍, ଦାରି, ମୁଟିଇଡ଼ିନାକାନ୍, ମାନାୟ୍ ଚର୍, ମିଚ୍ ଇନାକାର୍ ଆରି ମିଚ୍ ପାର୍ମାଣ୍ କିନାକାର୍ କାଜିଂ, ଆରେ ହାର୍‌ଦି ହିକ୍ୟାନି ଉଲ୍‌ଟା ଜେ ଇମ୍‌ଣାକା ବିସ୍ରେ ମାନାତ୍ ହେଦାଂ କାଜିଂ ଜେ ସମାନ୍ ଆତାନ୍ନା,
୧୦ ଇଦାଂ ପୁନ୍‌ଞ୍ଜି ଜଦି ଇନେର୍ ବିଦିନି ହାର୍‌ଦି ବେବାର୍ କିନାନ୍, ତେବେ ହେଦାଂ ଜେ ହାର୍‌ଦାକା, ଇଦାଂ ଆପ୍ ପୁନାପ୍,
୧୧ ଇଦାଂ ତ ନା ତାକେ ହେଲାୟ୍ କିୟାତାତ୍‌ନା ହାର୍‌ଦାକା ଦନ୍ୟ ଇସ୍ୱତର୍ ଜାଜ୍‌ମାଲ୍ ନେକ୍ରିକାବୁର୍ ସୁଣାୟ୍ କିନି ହିକ୍ୟା ହୁକେ ଆନାତ୍ ।

---

✡ **୧:୨** ପକ୍ୟାତାକା ୧୬:୧.

### ଇସ୍ୱର୍ତି ଦୟା କାଜିଂ ଜୁଆର୍

୧୨ ମାଦାଙ୍ଗ୍ ଇମ୍ଣି ମାପ୍ରୁ କ୍ରିସ୍ଟ ଜିସୁ ନାଙ୍ଗେଙ୍ଗ୍ ସାକ୍ତି ହିଡ୍‌ତାନ୍‌ନା, ତାଙ୍ଗେଙ୍ଗ୍ ଆନ୍ ଜୁଆର୍ କିନାଙ୍ଗା ଜେ, ହେୱାନ୍
ନାଙ୍ଗେଙ୍ଗ୍ ପାତର୍ଁ କିଜି ହେବାକାର୍‌ୟା ପାଦ୍‌ତ ବାଚି କିଡ୍‌ତାନ୍‌ନା,
୧୩ ଆତିସ୍‌ପା ଆନ୍ ଆଗେ ନିନ୍ଦାନିକାଙ୍ଗ୍, କସ୍ଟହିନାକାନ୍ ଆରି ହର୍‌ବର୍‌କିନାକାଂ ମାଚାଂ; ମାତର୍ ଆନ୍ ପାତର୍ଁ କିୱାକା
ହୁକେ ଗିଆନ୍ ହିଲ୍‌ୱି ଲାକେ ହେଦାଂ କିଜି ମାଚାଙ୍ଗ୍ ଇଞ୍ଜି ଦୟା ପାୟାତାଙ୍ଗ୍;
୧୪ ଆରେ, ମା ମାପ୍ରୁତି ଦୟା କ୍ରିସ୍ଟ ଜିସୁତି ଲାହାଙ୍ଗ୍ ପାତର୍ଁ ଆରି ଜିଉନନାକା ହୁଦାଂ ନା କାଜିଂ ବେସି ଆତାତ୍;
୧୫ ପାପିୟାରିଙ୍ଗ୍ ମୁକ୍ତି କିନି କାଜିଂ କ୍ରିସ୍ଟ ଜିସୁ ଜେ ପୁତର୍ଁତ ଜୁଡ୍‌ତାନ୍, ଇ କାତା ପାତର୍ଁ ଆରି ଇଟ୍‌ୟାନିଜଗ୍; ହେ
ପାପିୟାର୍ ବିତ୍ରେତାଂ ଆନ୍ ମୁଡ୍‌ଦାକାଂ ।
୧୬ ଆତିସ୍‌ପା ଇମ୍ଣାକାର୍ ୱାନିଦିନ୍ତ କାଡ୍‌ଦ ୱିଜ୍‌ୱି ଜିବୁନ୍ ପାୟା ଆନି କାଜିଂ ଜିସୁ କ୍ରିସ୍ଟତାକେ ପାତର୍ଁ କିତାର୍, ହେୱାର୍
ତାକେ ଉତର୍‌ମୁଡ୍ ଲାକେ ଆନି କାଜିଂ ମୁଡ୍‌ଦି ପାପିୟା ଜେ ଆନ୍, ନା ତାକେ ହେୱାନ୍ ଇନେସ୍‌କି ଜାର୍ ବାତର୍ଁ ଦୟା
କିଦ୍‌ନାନ୍, ଇଦାଂ କାଜିଂ ଆନ୍ ଦୟା ପାୟା ଆତାଂ ।
୧୭ ଜିରାୱି, ଚଞ୍ଜିୟାଆୱି, ରୱାନ୍ ମତର୍ ଇସ୍ୱର୍ ଜେ ୱିଜ୍‌ୱି କାଡ୍‌ନି ରାଜା, ତା ପାଣ୍ ଆରି ଜାଜ୍‌ମାଲ୍ ଜୁଗ୍ ଜୁଗ୍ ଆଏତ୍
। ଆମେନ୍ ।
୧୮ ଏ କାଡ୍‌ଦେ ତିମତି, ନି ବିସ୍ରେ ପୁର୍ବେ ଇ ୱିଜୁ ବେଣ୍‌ବାକ୍‌ଣାୟ୍‌କିନି ହୁଦାଂ ଆନ୍ ନିଙ୍ଗେଙ୍ଗ୍ ଇ ବଲ୍ ହିଦ୍‌ନାଙ୍ଗା,
ଇନେସ୍‌କି ଏପେଙ୍ଗ୍ ହେ ସବୁ ବେଣ୍‌ବାକ୍‌ଣାୟ୍‌କିନାକା ଉପ୍‌କାର୍‌ତାଂ ହାର୍‌ଦାଂ ଜୁଜ୍ କିଦେଙ୍ଗ୍ ଆଡ୍‌ନାଦେର୍;
୧୯ ପାତର୍ଁ ଆରି ହାର୍‌ଦି ଚିନ୍ତା ସାକ୍ତି ଆସ୍ତି ଇଟାଟ୍; ହେଦାଂ ପିସ୍ତିଲେ କେତେଜାଣ୍‌ତି ପାତର୍ଁ ବାଙ୍ଗାଆତାତ୍;
୨୦ ହେୱାର୍ ବିତ୍ରେତାଂ ହୁମନାୟ ଆରି ଆଲେକ୍‌ଜାଣ୍ତ୍ରର୍ ରିକାର୍; ଇୱାର୍ ଇନେସ୍ ସାସନ୍ ପାୟା ଆଜି ଇସ୍ୱର୍ ନିନ୍ଦା
କିଉର୍, ଇଦାଂ କାଜିଂ ଆନ୍ ଇୱାରିଙ୍ଗ୍ ସୟ୍‌ତାନ୍ କେଇଦ ହେଲାୟ୍ କିତାଂ ।

## ୨

### ମଣ୍ଡଲିତ ପାର୍ତାନା କିନି ବିଦି

୧ ଆନ୍ ପର୍ତୁମ୍ ଗୱାରି କିନାଙ୍ଗ୍, ପାର୍ତାନା କିନିୱେଡ଼ାଂ ୱିଜାର୍ କାଜିଂ ଇସ୍ୱର୍‌ତି ତାକେ ପାର୍ତାନା କିୟାଟ୍, ପାର୍ତାନା, ଗୱାରି,
ଦନ୍ୟବାଦ୍ ୱେଚାଟ୍ ।
୨ ବିନ୍‌ବିନ୍ ରାଜା ଆରି ସାସନ୍‌କାରିୟା ଆରେ ସବୁ ସାଦୁର୍ କାଜିଂ ଇସ୍ୱର୍‌ତିଂ ପାର୍ତାନା, ଗୱାରି ଆରି ଦନ୍ୟବାଦ୍ ଜାଣାୟ୍
କିନାଦେର୍, ଆପେଂ ଇନେସ୍ ଇସ୍ୱର୍ ଦିୟାନ୍ତ ପାଣ୍ଡ୍ରା ଆଉପ୍ ଆରି ବିନେନିକାର୍ କାଜିଂ ସବୁୱେଡ଼ାଙ୍ଗ୍ ସୁକ୍ ସୁସ୍ତାତ ଜିବୁନ୍
ଜିପ୍‌କା କିଦେଙ୍ଗ୍ ଆଡ୍‌ନାପ୍ ।
୩ ଇ ବାନି ପାର୍ତାନା ମା ମୁକ୍ତି କିଡ୍‌ତାକାନ୍ ଇସ୍ୱର୍ତି କାଣ୍‌କୁତ ହାର୍ ଆରି ଇଟ୍ୟାନାକା ।
୪ ୱିଜାର୍ ଇନେସ୍ ମୁକ୍ତି ଆନାର୍ ଆରି ହାଡ୍‌ପା ବିସ୍ରେ ଗିୟାନ୍ ପାୟା ଆନାର୍, ଇଦାଂ ହେୱାନ୍ ମାନ୍ କିନାନ୍ ।
୫ ଇନାକିଦେଂକି ରୱାନ୍ ମତର୍ ଇସ୍ୱର୍ ମାନାନ୍, ଆରେ ଇସ୍ୱର୍ ଆରି ମାନାୟାର୍ ବିତ୍ରେ ରୱାନ୍ ମତର୍ ମାଦ୍‌ଣାକାନ୍
ମାନାନ୍, ହେୱାନ୍ ଆନାନା ମାନାୟ୍ ଜିସୁ କ୍ରିସ୍ଟ;
୬ ଜିସୁ ୱିଜାକାତର୍ଁ ମୁକ୍‌ଡ଼ାନି ମଲ୍ ଲାକେ ଜାର୍‌ତିଙ୍ଗ୍ ଦାନ୍ କିଜି ସମାନ୍ ୱାଡ଼ାଲିଙ୍ଗ୍ ହେବେନି ସାକି ହିତାନ୍‌ନା ।
୭ ⁂ହେଦାଂ କାଜିଂ ଆନେଙ୍ଗ୍ ରୱାଙ୍ଗ୍ ସୁଣାୟ୍ କିନାକାଙ୍ଗ୍, ପକ୍ୟାତାକାନ୍, ଆରେ ପାତର୍ଁ ଆରି ସତ୍ ବିସ୍ରେ ପାତର୍ଁକିୱି
ଜିହୁଦି୍ରତ ରୱାଙ୍ଗ୍ ଗୁରୁ ଲାକେ ବାଚିକିୟା ଆତାଂନା, ଆନ୍ ହାଡ୍‌ପା ଇଞ୍ଜ୍‌ନାଙ୍ଗା, ମିଚ୍ ଇଞ୍ଜୁଙ୍ଗା ।
୮ ଆନ୍ ଇଚା କିତିସ୍ ଜେ ପାର୍ତାନାତ ପୁଇପୁୟା କେଇ ଲାମାୟ୍ କିଜି ୱିଜାର୍ ମାନାୟାର୍ ପାର୍ତାନା କିଏର୍, ମାନ୍ତ ୱିଜୁ ବାନି
କାକ୍ରି ଆରି ଡାରାନାକା ପିହାଟ୍ ।
୯ ⁂ହେ ଲାକେ ପା କଗ୍‌ଲେ ହିମ୍‌ଣାକାଂ କହାବଲିଂ ଗାଚ୍‌ମେକ୍ ଆରି ହନା କି ମୁକ୍ତା କି ଦାମ୍‌ନି ହେନ୍ଦ୍ରାତ ଜାର୍ ଜାର୍‌ତିଂ
ଗାଡ଼ିକିୱାଦାଂ ଲାଜ୍ ଆରି ହାର୍‌ଦି ବୁଦି ହୁକେ, ଜାଗ୍ରତ୍ କିଜି ଉସ୍‌ପାଟ୍
୧୦ ହାର୍‌ଦି କାମାୟ୍ କାଜିଂ ଜାର୍‌ତି ଦାମର୍ଁ କଗ୍‌ଲେକ୍‌କାଂ ଲଡ଼ାନି ହାଡ୍‌ପା କାମାୟ୍ ଲାକେ ରଞ୍ଜି ଜାର୍ ଜାର୍‌ତିଂ ରଞ୍ଜାଟ୍
।
୧୧ କଗ୍‌ଲେ ବାତର୍ଁ ତଲ୍ୟା ମାନି କିଜି ଚିମ୍‌ରାଆଜି ହିକ୍ୟା ଇଟେଡ୍ ।
୧୨ ଆନ୍ କଗ୍‌ଲେଙ୍ଗ୍ ହିକ୍ୟାହିଦେଙ୍ଗ୍ କି ଆଣ୍ତ୍ରେନ୍ ଜପି ରାଜ୍ କିଦେଙ୍ଗ୍ ଆଦିକାର୍ ହିଉଙ୍ଗା ମାତର୍ ହେଦେଲ୍ ମଦା ଆଜି
ୱେନେଡ୍ ।
୧୩ ଇନେକିଦେଂକି ପର୍ତୁମ୍ ଆଦମ୍ ଉବ୍‌ଜାତାନ୍ ତାପାଚେ ହବା ।
୧୪ ଆରେ ଆଦମ୍ ଟକ୍‌ଆଜି ମାନ୍‌ୱାଦାଂ ମାଚାନ୍, ମାତର୍ କଗ୍‌ଲେ ଟକ୍‌ତ ଆଜି ବଲ୍ ମାନିକିୱାଦାଂ ଦସ୍‌ତ ଦସି ଆତାତ୍
।

⁂ ୨:୭ ୨ ତିମତି ୧:୧୧. ⁂ ୨:୯ ୧ ପିତର୍ ୩:୩.

୧୫ ମାତର୍ କଗ୍‌ଲେକ୍ ହାର୍‌ଦିବୁଦି ଲାହାଙ୍ଗ୍ ପାତର୍ଁ, ଜିଉନନାକା ଆରି ପୁଇପୁୟାତାଂ ତିର୍ ମାଚିସ୍, ହେଦେଲ୍ ହିମ୍‌ଣା
ଜଲମ୍ କିନି ସମୁତ ମୁକ୍ତି ପାୟା ଆନାତ୍ ।

## ୩

### ମଣ୍ଡଲି ତାକେ ଚାଲାୟ୍ କିନାକା

୧ ଇ କାତା ସତ୍, ଇନେନ୍ ଜଦି ମୁଣିକା ପାଦ୍ ଦାଇତ୍ ଆଦେଙ୍ଗ୍ ଇଚା କିନାନ୍, ଲାଗିଂ ହେୱାନ୍ ହାର୍ କାମାୟ୍ ମାନ୍ କିଏନ୍
।
୨ ✡ଲାଗିଂ, ମୁଣିକାତି ଦସିଆୱାଦାଂ ମାନାକା ମାନାତ୍ ହେୱାନ୍ ଆତିସ୍ ର ଡକ୍ରିନି ଡକ୍ରା, ଜାର୍‌ତିଂ ସମାଲି କିନାକା,
ହାର୍‌ଦିବୁଦି, ସବୁୱେଡ଼ାଙ୍ଗ୍, ଏଚେକ୍ ୱାରିତ ଆରି ହିକ୍ୟାଦାନ୍‌ତ ବାତର୍ଁ ଆନାର୍,
୩ ମଦ୍‌ୱା କି କୁରୁଲିୟା ଆୱାଦାଙ୍ଗ୍ ଇଚିସ୍ ଦାମର୍ଁ ମତର୍ ସୁସ୍ତା, ହୁଦାର୍, ବେରୁଆୱାଦାଂ, ଆରି ଦନ୍ ଲବ୍ରା ଆଉନ୍ ।
୪ ଜାର୍ କୁଟୁମ୍‌ତିଙ୍ଗ୍ ହାର୍ ଲାକେ ଜାତୁନ୍ କିନାନ୍, ତା ହିମ୍‌ଣାକାଂ ହିକ୍ୟା କିଜି ମାନାନ୍ ।
୫ ଇନେନ୍ ଇନାୱାଡାଙ୍ଗ୍ ଜାର୍ କୁଟୁମ୍‌ତିଂ ଚାଲାୟ୍ କିଦେଙ୍ଗ୍ ପୁନାନ୍, ହେୱାନ୍ ଇନେସ୍ ଇସ୍ୱତର୍ଁ ମଣ୍ଡଲିତିଂ ଜାତୁନ୍
କିଦେଂ ଆଡ଼ନାନ୍ ?
୬ ହେୱାନ୍ ପାତର୍ଁତ ହେନ୍‌ଚି ମାନାକା ମାନାତ୍; ପୁନି ପାତର୍ଁ କିନାକାନ୍ ଆୱାଦାଙ୍ଗ୍ ମାନାନ୍, ଏଚେକାଡ଼ଦ ଆହାର୍
ଗାବର୍ଁ ଆଜି ସୟତାନ୍ ଲାକେ ଡାଣ୍ଡ୍ ପାୟା ଆନାନ୍ ।
୭ ହେୱାନ୍ତି ପା ବାତର୍ଁ ଲକୁ ତାଙ୍ଗ୍ ସନ୍‌ମାନ୍ ପାୟାନାକା ଲଡ଼ା, ମାନାତ୍, ଏଚେକାଡ଼ଦ ହେୱାନ୍ ନିନ୍ଦା ପାୟା ଆଜି
ସୟତାନ୍‌ନି ଡ଼କ୍ରାତ ହେଜେନାନ୍ ।

### ମଣ୍ଡଲିନି ହେବାକାର୍‌ୟା

୮ ହେ ଲାକେ ହେବାକାରିୟାର୍‌ତି, ହାଦର୍ଁ ବାବ୍‌ନାତ ପାତର୍ଁନି ଡ଼କ୍ରି ଗିୟାନ୍ ଦାସ୍ତି ସମାନ୍ ବେବାର୍ ଚକ୍‌ଲି ଆୱାଦାଙ୍ଗ୍,
ଅଙ୍ଗୁର୍ ରାସ୍ ଉଣ୍‌ୱାଦାଙ୍ଗ୍ ମାନାନ୍ ଆରି କାମାୟ୍ ଦନ୍ ଲାବ୍‌ଡ଼ି ଆମେର୍;
୯ ମା ଦାରୁମ୍ ପାତର୍ଁନି ବେରଣିଂ ହତାକା ହାଡ୍‌ପାକାଂ ହେୱାର୍ ସକଟ୍ ଚିନ୍ତା ସାକ୍ତିତାଂ ଡାଟ୍ ବାବ୍ରେ ପାତର୍ଁ କିଜି
ମାନ୍‌ଗାନାର୍ ।
୧୦ ହେୱାର୍ ପା ପର୍ତୁମ୍ ପରିକ୍ୟାକିୟା ଆୟେର୍, ଆରେ ଦସି ଆୱାଦାଂ ଚଞ୍ଜିୟା ଆତାନ୍, ହେବାକାର୍‌ୟା ପାଦ୍‌ତ
ବାଟିକିୟାୟେନ୍ ।
୧୧ ହେ ଲାକେ କଗ୍‌ଲେକ୍ ପା ଲକାର୍‌ନିନ୍ଦା ଆୱାଦାଙ୍ଗ୍ କାଲେତାଂ, ମିଚ୍ ଇନାକାଦେଲ୍ ଆରି ସବୁ ବିସ୍ରେ ପାତର୍ଁ
କିନାକାଦେଲ୍ ଆନାକା ମାନାତ୍ ।
୧୨ ହେବା କିନାକାର୍ ର ର କଗ୍‌ଲେନି ଆଣ୍ଡ୍ରା ଆୟେର୍, ଆରି ଜାର୍ ଜାର୍ ହିମ୍‌ଣାକାଙ୍ଗ୍ ଆରି କୁଟୁମ୍‌ତିଙ୍ଗ୍ ହାର୍ ଲାକେ
ଚାଲାୟ୍ କିଏନ୍ ।
୧୩ ଇନେକିଦେଂକି ଇନେର୍ ହାର୍ କିଜି ହେବାକାର୍‌ୟା କାମାୟ୍ କିତାର୍ଣ୍ଡା, ହେୱାର୍ ଜାର୍ ଜାର୍ କାଜିଂ ଡାକ୍‌ପୁଟାଆଜି
ଆରି କ୍ରିସ୍ଟ ଜିସୁତି ତାକେ ପାତର୍ଁ ହୁଦାଂ ବେସି ସାସ୍ ଲାବ୍ କିତାର୍ ।

### ପାତର୍ଁନି ହାଡ୍‌ପା

୧୪ ଇ ଆକି ଲେକିକିନିହିଂ ଆନ୍ ବେଗି ମି ତାକେ ହାନାଙ୍ଗ୍ ଇଞ୍ଜି ଆହା କିନାଙ୍ଗା;
୧୫ ମତର୍ ଏଚେକାଡ଼ଦ ନାଦାଂ ମାଲାଆନାତ୍, ତେବେ ଇସ୍ୱତର୍ଁ ଇଞ୍ଜ, ଇଚିସ୍ ହାଡ୍‌ପାନି ମୁଣ୍ଡା ଆରି ମୁଡ଼କୁନାଦି ଲାକେ
ଜିତି ଇସ୍ୱତର୍ଁ ମଣ୍ଡଲିତ, ଇନେସ୍ ବେବାର୍ କିୟାଆନାତ୍, ହେଦାଂ ଇନେସ୍ ଏପେଙ୍ଗ୍ ପୁନାଟ୍, ଇଦାଂ କାଜିଂ ଇ ୱିଜୁ ମି
ଲାଗାଂ ଲେକିକିଦ୍‌ନାଙ୍ଗା ।
୧୬ ଇସ୍ୱର୍ ହେବାକାରି ବିଡ୍ରେନି ଅରଡ୍ ଜେ ଗାଜା କାତା ଇଦାଂ ୱିଜାର୍ ମାନି କିତାର୍ । ହେଦାଂ ଇ,
କ୍ରିସ୍ଟ ମାନାୟ୍ ଗାଗାଡ଼ ଆଜି ଚଞ୍ଜିୟା ଆତାନ୍, ଜିବୁନ୍‌ତ ଦାମର୍ଁ ଇଞ୍ଜି ଡାକ୍‌ପୁଟାତାନ୍,
ଦୁତ୍‌ତକ୍ କାଜିଂ ଚଞ୍ଜିୟାତାନ୍,
ଜାତିର୍ ବିଡ୍ରେ ସୁଣାୟ୍ କିୟାତାନ୍, ପାଣ୍ଡତ ଇନ୍ୟାତାନ୍ ।
ପୁତର୍ଁତ ପାତର୍ଁ କିୟାଆଜି ଜାଜ୍‌ମାଲ୍‌ତ ରଚ୍‌ୟାତାନ୍ ।

## ୪

### ମିଚ୍ ହିକ୍ୟାହିନାକାନ୍

✡ **୩:୨** ତିତସ୍ ୧:୬-୯.

୧ ପୁଇପୁୟା ଜିବୁନ୍ ପୁଟ୍ତେ ଇଞ୍ଜିନାତା, ପାଚେନି କାଡ଼୍ଦ ଇନେ ଇନେର୍ ବାନ୍ୟାମାନ୍ ମିଚ୍ୱା ଲଗାଙ୍ଗ୍ କୁଟ୍କିନିତାକେ,
ଚାକ୍ରାୟ୍ ଜିବୁନିଂ କାଜିଂ ଆରି ପୁଦାଙ୍ଗ୍ ହିକ୍ୟା କାଜିଂ ମାନ୍ କିଜି ପାତର୍ ପିହ୍ନାର୍;
୨ ଇୱାର୍ କେଡ଼ଜାଣ୍ ଚାକ୍ରାୟ୍ ଆରି କୁଟ୍ ଆନାର୍ ହେୱାର୍ ଚିନ୍ତା ସାକ୍ତିତ ହାତାକାର୍ ।
୩ ହେ ମିଚ୍ୱାର୍ ବିବାଆନାକା ମୁନା କିତାର୍, ଆରେ ବାରବିନି କାଦି କାଜିଂ ବିନେ ମାଞ୍ଜେଙ୍ଗ୍ ହିକ୍ୟା ହିନାର୍ ।
ପାତର୍ନିକାନ୍ ଆରି ହାଡ଼ପା ପୁନ୍ଞ୍ଜି ମାନି ମାନାୟାର୍ ହୁଦାଂ ଦନ୍ୟବାଦ୍ ହୁକେ ଚିଞ୍ଜେଙ୍ଗ୍ କାଜିଂ ଇସ୍ୱର୍ ଇ ସବୁ ତ ଉବ୍ଜାଣ୍
କିତାନ୍ନା ।
୪ ଇନେକିଦେଂକି ଇସ୍ୱତର୍ ସବୁ ଉବ୍ଜାଣ୍ ଦିନିସ୍ ହାର୍ଦାକା, ଆରେ ଜୱାର୍ ହୁକେ ଅତିସ୍ ଇମ୍ଣି ବିସ୍ରେ ଇଟ୍ୟା ଆଉଡ଼୍,
୫ ଲାଗିଂ ଇସ୍ୱତର୍ କାତା ଆରି ପାର୍ତାନା ହୁଦାଂ ହେଦାଂ ପୁଇପୁୟା କିୟାଆନାଡ଼୍ ।

## କ୍ରିସ୍ଟ ଜିସୁଙ୍ଗ୍ ହାର୍ଦି ହେବାକାର୍ୟା

୬ ଇ ସବୁ ବିସ୍ରେ ଏପେଙ୍ଗ୍ ଟଣ୍ଡାରିଙ୍ଗ୍ ଆରି ତଣ୍ଦେକାଂ ହିକ୍ୟା ହିତିସ୍ କ୍ରିସ୍ଟ ଜିସୁତି ରୱାନ୍ ହାର୍ଦି ହେବା କିନାକାନ୍
ଆନାନ୍, ଆରେ ଏପେଙ୍ଗ୍ ଇମ୍ଣି ପାତର୍ ଆରି ହାର୍ଦି ହିକ୍ୟାତ ଦାସ୍ତି ୱାତାଦେର୍ଣ୍ଣା, ହେ ବଚନ୍ ହୁଦାଂ ସାକ୍ତି ଆନାଡ଼୍;
୭ ଇସ୍ୱର୍ତିଂ ଅଦାମର୍ ଅପ୍ମାନ୍ କିଜି ମାନି ମଲ୍ହିଲ୍ୱି କାତାଂ ପିସ୍ତି, ଦାରୁମ୍ ଜିବୁନ୍ତିଂ ବାଡ଼କାସ୍ କିଦେଙ୍ଗ୍ ଅବ୍ୟାସ୍
କିୟାଟ୍ ।
୮ ଇନେକିଦେଂକି ଗାଗାଡ଼ନି କ୍ରାସ୍ଜି ଅଲପ୍ ବିସ୍ରେ ଲାବ୍ଆଦ୍ନାଡ଼୍, ମାତର୍ ଇସ୍ୱର୍ତି ହେବାତ ଇ କାଡ଼୍ଦାଙ୍ଗ୍ ଆରି
ପାଚେକାଡ଼୍ଦାଙ୍ଗ୍ ପାର୍ମାଣ୍ କିୟା ଆଜି ୱିଜୁ ବିସ୍ରେ ଜିବୁନ୍ ଲାବ୍ଆଦ୍ନାଡ଼୍ ।
୯ ଇ ବେରଣ୍ ପାତର୍ ଆରି ସବୁତାକେ ଇଟ୍ୟାନିଜଗ୍;
୧୦ ଇଦାଂ କାଜିଂ ତ ଆସେଙ୍ଗ୍ କାମାୟ୍ ଆରି ମାନ୍ଦ୍ୟାନ୍ କିଜି କସ୍ଟ କିନାସା, ଇନେକିଦେଂକି ଇମ୍ଣି ଜିତି ଇସ୍ୱର୍ ୱିଜୁ
ମାନାୟ୍ତିଂ ଇଚିସ୍ ପାତର୍ କିନାକାରିଂ ମୁକ୍ତି କିନାକାନ୍ତି ହେୱାନ୍ତି ତାକେ ମା ବାସର୍ ମାନାଡ଼୍ ।
୧୧ ଏପେଙ୍ଗ୍ ଇ ସବୁ ବିସ୍ରେ ବଲ୍ ହିଜି ହେୱାରିଂ ହିକ୍ୟା ହିୟାଟ୍ ।
୧୨ ମି ବେଣ୍ଡିୟା ୱାଡ଼ାଙ୍ଗ୍ ଇନେର୍ ମିଙ୍ଗେଙ୍ଗ୍ ପଲ୍ୟା ଇଞ୍ଜ୍ମେର୍, ମାତର୍ କାତାତ, ବେବାର୍ତ, ଜିଉନନିତ, ପାତର୍ତ ଆରି
ପୁଇପୁୟାତ ପାତର୍ କିନାକା ହାର୍ ଉତର୍ମୁଡ଼୍ ଲାକେ ଆଡୁ ।
୧୩ ଆନେଙ୍ଗ୍ ମି ଲାଗାଂ ୱାନି ପାତେକ୍ ସାସ୍ତର୍ନି ପାଟ୍, ବୁଜାୟ୍କିନାକା ଆରି ହିକ୍ୟାହିନିତାକେ ମାନ୍ଦ୍ୟାନ୍ କିୟାଟ୍ ।
୧୪ ମଣ୍ଡ୍ଲି ବୁଡ଼ାଲୁର୍ ନେତାର୍ ମିଙ୍ଗେଙ୍ଗ୍ ଇସ୍ୱର୍ତି ୱେନି କିଜି ନି ଜପି କେଇ ଇଟ୍ନିହିଂ ଏପ୍ ଇମ୍ଣି ମାପ୍ରୁତି ଦାନ୍ ସାକ୍ତି
ଲାବ୍ କିଜି ମାଚାଦେର୍, ହେଦେଲିଂ ଏଲାମାଟ୍ ।
୧୫ ମି ନିଂନାକା ଇନେସ୍କି ୱିଜାର୍ ତାକେ ହନାଡ଼୍, ଇଦାଂ କାଜିଂ ଇ ସବୁ ବିସ୍ରେ ମାନ୍ତ ଇଟାଟ୍, ହେ ୱିଜୁ ତାକେ ଦିଆନ୍
ଆଡୁ ।
୧୬ ଜାର୍ ବିସ୍ରେ ଆରି ଜାର୍ ହିକ୍ୟା ବିସ୍ରେ ଜାଗ୍ରତ୍ ଆଡୁ, ଇ ସବୁ ବିସ୍ରେ ଲାଗିସ୍ ମାନାଟ୍, ଇନେକିଦେଂକି ହେଦାଂ କିତିସ୍
ଏପେଙ୍ଗ୍ ଜାର୍ ମୁକ୍ତି ଆଦେଂ ଆରି ମି ୱେନାକାର୍ତି ମୁକ୍ଡ଼ାୟ୍ କିଦେଙ୍ଗ୍ ପା ଆଡ଼୍ନାଦେର୍ ।

# ୫

## ପାତର୍ କିନାକାର୍ କାଜିଂ କାମାୟ୍ କିନାକା

୧ ଏପେଙ୍ଗ୍ ପ୍ରାଚିନାର୍ ଇନସ୍ତା କିମାଟ୍, ମାତର୍ ତାଙ୍ଗେଙ୍ଗ୍ ଆବା ଇଞ୍ଜି ବାବି ଗୱାରି କିୟାଟ୍; ବେଣ୍ଡିୟାରିଂ ଟଣ୍ଡାର୍ ଲାକେ,
୨ ପ୍ରାଚିନାର୍ କଗ୍ଲେକାଂ ଆୟା ଆରି ଜିପଲିକାଂ ପୁଇପୁୟା ବାବ୍ରେ ତଣ୍ଦେଲ୍ ଇଞ୍ଜି ଗିଆନ୍ କିଜି ହେ ଲାକେ ବେବାର୍
କିୟାଟ୍ ।
୩ ଆହ୍ର ହିଲ୍ୱି ରାଣ୍ଡିକାଂ ଜାତୁନ୍ ଅୱାଟ୍ ।
୪ ମାତର୍ ଏଚେକାଡ଼୍ଦ ଇମ୍ଣି ରାଣ୍ଡିତି କାଡ଼୍ଦେ ଗାଡ଼୍ଚେ କି ନାତିନାତିଣି ମାଚିସ୍, ବାଟିଙ୍ଗ୍ ହେୱେକ୍ ପର୍ତୁମ୍ ଜାର୍ କୁଟୁମ୍
କାଜିଂ ବକ୍ତି ଚଚ୍ଚେଙ୍ଗ୍ ଆରି ଆୟାଆବା କାଜିଂ ଉପ୍କାର୍ କିଦେଙ୍ଗ୍ ହିକ୍ୟା କିଏର୍; ଇନେକିଦେଂକି ଇଦାଂ ତ ଇସ୍ୱର୍ତି
କାଣ୍କୁତାଂ ହାର୍ଇଟ୍ୟା ଆନାର୍ ।
୫ ଇମ୍ଣି ରାଣ୍ଡି ଆହ୍ରହିଲ୍ୱାକା ଆନାଡ଼୍ ଆରି ସାକାହିଲ୍ୱାକା, ହେଦେଲ୍ ଇସ୍ୱର୍ ଜପି ବାସର୍ ଇଡ଼ଜି ୱେଡ଼ାନାଣା
ଗୱାରି ଲାହାଂ ପାର୍ତାନାତ ଲାଗିସ୍ ମାନେଡ଼୍;
୬ ମାତର୍ ଇମ୍ଣି ରାଣ୍ଡିକ୍ ସୁକ୍ବଗି କିନିକ୍ ଆହା, ହେୱେକ୍ ଜିବୁନ୍ ମାଚିସ୍ଲା ହାତିକ୍ନା ।
୭ ହେୱେକ୍ ଇନେସ୍ ଦସିଆୱାଦାଂ ଆନିକ୍, ଇଦାଂ କାଜିଂ ଇ ସବୁ ପା ହେୱେକାଂ ବଲ୍ ହିୟାଟ୍ ।
୮ ମାତର୍ ଜଦି ଇନେର୍ ଜାର୍ ୱାସ୍କିନି, ବେସିକିଜି ଜାର୍ କୁଟୁମ୍ନି ଜାତୁନ୍ ଅୱିତିସ୍, ହେୱାନ୍ ପାତର୍କିୱାକାର୍ତାଂ ପାତର୍
କିଉନ୍, ଆରେ ହେୱାନ୍ ପାତର୍କିୱାକାନ୍ତାଂ ଦରମ୍ ହିଲାକାନ୍ ଆନାନ୍ ।
୯ ଇମ୍ଣି ରାଣ୍ଡିନି ବୈସ୍ ସାଟେ ବାର୍ହୁ ତାଙ୍ଗ୍ ଉଣା ଆକାୟ୍,

୧୦ ଆରେ ଇନେଦେଲ୍ ର ଆଣ୍ତ୍ରେନ୍‌ନି କଗ୍‌ଲେ ଆରି ହାଡ୍‌ଦି ପୁଇପୁୟା କାମାୟ୍ କାଜିଂ ଡାକ୍‌ପୁଟାଆଜି, ଇଚିସ୍, ହେଦେଲ୍
ଜଦି ହିମ୍‌ଣାକାଙ୍ଗ୍ ପହାକିଜି, ୱିଜାରିଂ ସସ୍, ଚେଲାରିଂ ପାନା ନୁଜ୍‌ନାକା, ଦୁକ୍‌ଲୁଗାତର୍ ବଜ୍ ପିଣ୍ଡି କିଜି ମାନାତ୍, ଆରେ
ୱିଜୁ ହାଡ୍‌ପା କାମାୟ୍‌ତ ଡିକ୍‌ଡିକା ଆଜି ମାନାତ୍, ବାଟିଙ୍ଗ୍ ହେଦେଲ୍‌ତି ତର୍ ରାଣ୍ଡି ଇଞ୍ଜି ଲେକାଏତ୍ ।
୧୧ ମାତର୍ ଉଣା ବାର୍ଷୁନି ଜିପଲି ରାଣ୍ଡିକାଂ ପିହାଟ୍, ଇନାକିଦେଂକି ହେୱେକ୍ ବାନ୍ୟାକାମ୍ ଆହାତିଂ ମାନ୍ କିଜି କ୍ରିସ୍ଟ
ତାକେନ୍‌ଣ୍ଡାଙ୍ଗ୍ ଏଡ଼ା ଆଜି ବିବା କିଦେଙ୍ଗ୍ ଇଚା କିନିକ୍;
୧୨ ହେୱେକ୍ ହେୱେକ୍‌ତି ଆଗେ ପାର୍ମାଣ୍ ପିହିନି କାଜିଂ ଡାଣ୍ଡପାୟାନିକ୍ ।
୧୩ ଆରେ ପା ହେୱେକ୍ ଇଲ୍‌କୁ ଇଲ୍‌କୁ ବୁଲାଆଜି ଆଡ଼ସିୟା ଆଦେଙ୍ଗ୍ ହିକାଆନିକ୍, ଆରେ କେବଲ୍ ଆଡ଼ସିୟା ଆକାୟ୍,
ମତର୍ ଆହାର୍ କାତା ଆରି ଲକାର୍ ଗାଣ୍ଜୁ କିଜି ଅରାହିଲ୍‌ୱି କାତାବାର୍ତା କିନିକ୍
୧୪ ଲାଗିଂ, ନା ଇଚା, ଜିପଲି ରାଣ୍ଡିକ୍ ବିବା ଆୟେକ୍, ହିମ୍‌ଣା ଗାଟାଆୟେକ୍, ଇଲ୍‌କାମାୟ୍ ଚଲାୟ୍‌କିୟେକ୍, ନିନ୍ଦା କିନି
କାଜିଂ ସାତ୍ରୁଙ୍ଗ୍ ଇନାକାପା ଉପାୟ୍ ହିମେକ୍;
୧୫ ଇନେକିଦେଂକି ନଙ୍ଗ୍ ପା ଇନ୍ଦେକ୍ ଇନ୍ଦେକ୍ କ୍ରିସ୍ଟତାକେ ଦେହା ଆଜି ସୟତାନ୍‌ନି ପାଚେ ହାନିକା ।
୧୬ ଜଦି ଇମ୍‌ଣି ପାତର୍ନିକାଦେଲ୍ କଗ୍‌ଲେକ୍ ଇଞ୍ଜ ରାଣ୍ଡିକ୍ ମାନିକ୍, ଲାଗିଂ ହେଦେଲ୍ ହେୱେକ୍‌ତି ଦୁକ୍ ପଚିକିଏକ୍,
ଆରେ ମଣ୍ଡଲି ଜପି ବଜ୍ ଆମେଡ଼୍, ଇନେସ୍‌କି ମଣ୍ଡଲି ଆହ୍‌ର ହିଲ୍‌ୱି ରାଣ୍ଡିକାଂ ଦୁକ୍ ପଚି କିଦେଙ୍ଗ୍ ଆଡ଼୍‌ନାତ୍ ।
୧୭ ଇମ୍‌ଣି ପ୍ରାଚିନାର୍ ହାର୍ ଚାଲାୟ୍ କିତାର୍, ବେସି କିଜି ଇମ୍‌ଣାକାର୍ ବଚନ୍ ପର୍‌ଚାର୍ ଆରି ହିକ୍ୟାତ କସ୍ଟ କିତାର୍,
ହେୱାର୍ ରି ଗୁଣ୍ ୱାରି ପାୟାନି ଜଗ୍ ଇଞ୍ଜି ଗାଣା କିୟା ଆନାର୍,
୧୮ ✡ଇନେକିଦେଂକି ଦରମ୍ ସାସ୍ତ୍ରର୍ ଇନାତା, “ତାସ୍ ଟ୍ରେସ୍‌ନି ୱାଡ଼ାଂ ବଇଲା ୱେଇଦ କଡ୍ରା ଗାଟ୍‌ମାଟ୍ ।” ଆରେ କାମାୟ୍
କିନାକାନ୍ ଜାର୍ କୁଲି ଡାବୁଂ ପାୟାନି ହକ୍ ।
୧୯ ରିୟାର୍ କି ତିନ୍‌ଜାଣ୍ ସାକି ପିସ୍‌ସି ଇମ୍‌ଣି ପ୍ରାଚିନାର୍ ବିରୁଦ୍‌ତ କାତା ମାନି କିମାଟ୍ ।
୨୦ ମାତର୍ ଇନେର୍ ପାପ୍ କିଜି ମାନାର୍, ହେୱାରିଂ ୱିଜାର୍ ତାକେ କେତାଟ୍, ଇନେସ୍‌କି ଅଲ୍‌ଗା ଲଗୁ ପା ପାଣ୍ଡ୍ର ଥୁଆନାର୍
।
୨୧ ଇସ୍ୱର୍‌ତି ସାକି ଇଡ଼୍‌ଜି, କ୍ରିସ୍ଟ ଜିସୁତି ଆରି ବାଚିକିତି ଦୁତକ୍ ମୁମ୍‌ଦ ଆନ୍ ଆଟ୍‌ୱା ଲାକେ ବଲ୍ ହିଦ୍‌ନାଙ୍ଗା, ଏପେଙ୍ଗ୍
ଆଗେନି ଦାରା ମେରା ହୁକେ ଚାଲାୱାଦାଂ ଇ ୱିଜୁ ପାଲି କିୟାଟ୍, ଆରେ, ଡାରା ବାବ୍ରେ ଇମ୍‌ଣି କାମାୟ୍ ପା କିମାଟ୍ ।
୨୨ ତ୍ରିପ୍‌କୁ ଇନେର୍ ଜପି କେଇ ଇଟ୍‌ମାଟ୍, କି ଦସିନିକାର୍ ପାପ୍‌ତ ମେହାଆମାଟ୍; ଜାର୍‌ତିଂ ପୁଇପୁୟା କିଜି ଇଟାଟ୍ ।
୨୩ ଆରେ କେବଲ୍ ଏସୁଙ୍ଗ୍ ଉଣ୍‌ୱାଦାଙ୍ଗ୍ ମି ପଟନି ରଗ୍ ଆରି ନିତ୍ରେ ବେମାର୍ କାଜିଂ ଅଲପ୍ ଅଙ୍ଗୁର୍ ରାସ୍ ଉଣାଟ୍ ।
୨୪ କେତେକ୍ ଜାଣ୍ତି ବାନ୍ୟା କାମାୟ୍ ଅଲପ୍‌ତିଂ ହନାତ୍, ହେୱାର୍ ହେଦାଂ କାଜିଂ କରଟ୍‌ନି ମୁମ୍ ମାମ୍ ଆଦେଂ ଆନାତ୍,
ଆରେ କେତେକ୍ ଅପ୍‌ରାଦ୍‌ତି ବେସି ବିଲମ୍‌ତାଂ ଦାରାପଡ଼ା ଆନାର୍ ।
୨୫ ହେ ଲାକେ ପା ହାଡ୍‌ପା କାମାୟ୍ ହିଗ୍‌ଦାଙ୍ଗ୍ ହନାତ୍, ଆରେ ଇନାକା ହଉତ୍, ହେଦାଂ ଡ଼କୁଚି ଇଟ୍ୟାଜି ମାଞ୍ଜେଙ୍ଗ୍
ଆଡୁତ୍ ।

## ୬

୧ କ୍ରିସ୍ଟଙ୍ଗ୍ ପାତର୍ କିନାକାର୍ ଏଚେକ୍ ଲଗୁ ଆଡ଼ିୟା ଲାକେ ଜୁୱାଣ୍ଡନି ତାରେନ୍ ମାନାନ୍, ହେୱାର୍ ଜାର୍ ଜାର୍ ହାଉକାରିଙ୍ଗ୍
ଏଚେକ୍ ଲଡ଼ାନି ପାୟାନାକା ଜଗ୍ ଇଞ୍ଜି ପୁନାଟ୍, ଇନେସ୍‌କି ଇସ୍ୱତର୍ ତର୍ ଆରି ହିକ୍ୟାତ ନିନ୍ଦା ଆମେଡ଼୍ ।
୨ ଆରେ ଇମ୍‌ଣାକାର୍ ହାଉକାର୍ ପାତର୍ନିକାନ୍, ହେୱାର୍ ହେୱାରିଂ ଟଣ୍ଡେନ୍ ଇଞ୍ଜି ବାବି କିଜି ଲାଜ୍ କିମେର୍ ୱାଟିଂ
ଆଦିକ୍ ଜତନ୍‌ତାଂ ଉପ୍‌କାର୍‌ତାଂ ହେବା କିଏର୍, ଇନେକିଦେଂକି ଇନେର୍ ହେବା ହୁଦାଂ ଉପ୍‌କାର୍ ଅୟାନାର୍, ହେୱାର୍
ପାତର୍ କିନାର୍ ଆରି ୱାରିନିକାର୍ । ଇ ୱିଜୁ ବିସ୍ରେ ହିକ୍ୟା ଆରି ଉପ୍‌ଦେସ୍ ହିୟାଟ୍ ।

### ଚାକ୍‌ରାଇ କିନି ହିକ୍ୟା ଆରେ ହାଡ୍‌ପା ଦନ୍

୩ ଇନେର୍ ଜଦି ବିନ୍ ହିକ୍ୟା ହିଜି ମା ମାପ୍ରୁ ଜିସୁ କ୍ରିସ୍ଟତି ନେକ୍ରିବେରଣ୍ ବଚନ୍ ଆରି ଇସ୍ୱର୍‌ତି ହୁଦାଂ ହିକ୍ୟା ମାନିକିଉର୍,
୪ ବାଟିଙ୍ଗ୍ ହେୱାନ୍ ଅହାର୍‌ଗାବର୍ଆ ଆରି ଗିଆନ୍‌ହିଲ୍‌ୱି, ଆରେ କାତାବାର୍ତା ଆରି ଗଣ୍ଡଗଲିଆତ ଲାଗାନାର୍;
ହେବେତାଂ ଡାରା, କିର, ଲକାର୍ ନିନ୍ଦା, ବାନ୍ୟା ଆନ୍‌ମାନ୍,
୫ ଆରେ ଇନେର୍ ଇସ୍ୱର୍ ତାକେ ଲାବ୍ ଉପାୟ୍ ଇଞ୍ଜି ମାନେ କିତାର୍, ଏଲେଙ୍ଗ୍ କାରାପ୍‌ମାନ୍ ଆରି ସତ୍ ପିସ୍ତି ଲକାର୍‌ତି
ଦିନ୍‌କେ ବିରୁଦ୍‌ତ ଜଲମ୍ ଆତାକାର୍ ।
୬ ଦାମର୍ ଲଗୁ ଇନେକିଦେଂକି ତାଦାଂ ଏଚେକ୍ ମାନାତ୍, ହେଏଚେକ୍ ହେୱାନ୍ ସାରି;
୭ ଇନେକିଦେଂକି ଆସେଙ୍ଗ୍ ଜଗତ୍‌ତ ଇନାକା ତାୱାତାସ୍‌ନା, ଆରେ ଇବେତାଂ ଇନାକାପା ଅଦେଂ ଆଡୁସ୍;
୮ ଲାଗିଂ କାଦି ହେନ୍ଦ୍ରା ମାଚିସ୍ ମା କାଜିଂ ସାରି ।

✡ **୫:୧୮** ମାତିଉ ୧୦:୧୦; ଲୁକ ୧୦:୭.

୯ ମତର୍ ଇନେର୍ ମାଜାନ୍ ଆଦେଙ୍ଗ୍ ଇଚା କିତାର୍, ହେୱାର୍ ପରିକ୍ୟାତ ଆରି ଡ଼କ୍ଟାତ, ଆରେ କେତେକ୍ ବାନି ବାନ୍ୟାତ
ଆରି ଲାସ୍ଆବୁଡ଼ ଲ୍ଲାଲ୍ସାତାକେ ଆର୍ଣ୍ଡାର୍, ଇଦାଂ ୱିଜୁ ମାନାୟ୍ତିଂ ସବୁ ନାସ୍ ଆରି ବୁଡାନି ଲାକେ ହାମ୍ଦୁର୍ତ ମୁଚ୍ନାଡ଼୍ ।
୧୦ ଇନେକିଦେଂକି ଦାନ୍ ଲବ୍ ୱିଜୁ ନସ୍ଟନି ଦଲ୍; ଇନେ ଇନେର୍ ହେବେ ଆହା ଆଜି ପାତର୍ ପିସ୍ତି ହାଜି ବାଣାତାର୍ଣ୍ଡା,
ଆରେ ବେସି ଦୁକ୍ତାଂ ଜାର୍ ଜାର୍ ମାନ୍ତିଂ ଦୁକ୍ କିତାର୍ଣ୍ଡା ।

## ହାରିହାରାନି ବେରଣ୍

୧୧ ମାତର୍ ଏ ତିମତି ଏନ୍ ରକାୟ୍ ଜିସୁ ଲକୁ, ଏନ୍ ଇ ୱିଜୁ ଡାଙ୍ଗ୍ ହାଲ୍ଜି ଦାମର୍, ଇସ୍ୱର୍ତାକେ, ପାତର୍, ଜିଉନନିତ,
ସାସ୍ ଆରି ହୁଦାର୍ନି ପାଚେ ସିଦାସାଦା ବାତର୍ ଆଦେଂ ସେସ୍ଟା କିୟା ।
୧୨ କ୍ରିସ୍ଟ ପାତର୍ନି ହାଦର୍ ଜୁଚ୍ତାକେ ମାନ୍ପାରାଣ୍ କିୟା, ୱିଜ୍ୱି ଜିବୁନ୍ ଆସ୍ତି ଇଟା; ହେଦାଂ କାଜିଂ ତ ଏପେଙ୍ଗ୍
କୁକ୍ୟାତାଦେର୍ଣ୍ଡା ଆରି ବେସି ସାକିର୍ ମୁମ୍ଦ ହାଦର୍ ସାକି ହିତାୟ୍ନା ।
୧୩ ✡ୱିଜାର୍ତି ଜିବୁନ୍ ହିଦ୍ନି ଇସ୍ୱତର୍ ବେଟାନିତ, ଆରେ ପନ୍ତିୟ ପିଲାତତି ମୁମ୍ଦ ହାଦର୍ ସାକି ହିଦ୍ନାକାନ୍ କ୍ରିସ୍ଟ
ଜିସୁତି ବେଟାନିତ ଆନ୍ ନିଙ୍ଗେଙ୍ଗ୍ ବଲ୍ ହିଦ୍ନାଙ୍ଗା,
୧୪ ମାପ୍ରୁ ଜିସୁ କ୍ରିସ୍ଟତି ଆରେୱାନି ପାତେକ୍ ମିଙ୍ଗେଙ୍ଗ୍ ହିୟାଜି ମାନ୍ଚି ବଲ୍କୁ ପାତର୍ କିଜି ପାଲି କିୟାଟ୍ ।
୧୫ ହେୱାନ୍ ପରମ୍ ଦନ୍ୟ ରୱାନ୍ ମତର୍ ସାସନ୍ କାର୍ୟା, ହେୱାନ୍ ରାଜାର୍ ଜପି ରାଜା ଆରି ମାପ୍ରୁ ତାଙ୍ଗ୍ ମାପ୍ରୁ,
୧୬ ଇନେର୍ ରୱାନ୍ ମତର୍ ହାୱାକାନ୍ ଆରି ହାଞ୍ଜେଙ୍ଗ୍ ଅଜଡ଼ତ ବାହାକିନାକାନ୍, ଇନେନିଙ୍ଗ୍ ଇମ୍ଣି ମୟେଡ଼୍ପୁର୍
ଇନାୱାଡ଼ାଙ୍ଗ୍ ହୁଡ଼୍ୱାତାନ୍ନା, କି ହୁଡ଼୍ଦେଙ୍ଗ୍ ଆଡୁତ୍, ହେୱାନ୍ ସମାନ୍ ୱାଡ଼ାଙ୍ଗ୍ ହେଦାଂ ଚଚ୍ନାନ୍; ୱିଜ୍ୱିକାଡ଼୍ ପାତେକ୍
ହେୱାନ୍ତି ମାନିନି ଆରି ସାକ୍ତିକାଟାକାନ୍ ହୱେଡ଼୍ । ଆମେନ୍ ।
୧୭ ଇମ୍ଣାକାର୍ ଇ କାଡ଼୍ଦ ମାଜାନ୍, ହେୱାର୍ ଇନେସ୍କି ଆକ୍ରିୟା ଆମେର୍ ଆରି ୱିଜ୍ନି ଦାନ୍ ଜପି ବାସର୍ କିମେର୍,
ଇଚିସ୍ ଦୁକ୍ବଗ୍ କାଜିଂ ସବୁ ବିସ୍ରେ ବେସିତାଂ ମାଙ୍ଗ୍ ଦାନ୍ କିଦ୍ନାନ୍ ଇମ୍ଣି ଇସ୍ୱର୍, ହେୱାନ୍ତି ଜପି ବାସର୍ କିନାର୍; ତା
ପାଚେ ବଗିକିଦେଂ ମା ସବୁ ବିସ୍ରେ ହେୱାନ୍ ମାଙ୍ଗେଙ୍ଗ୍ ହିଦ୍ନାନ୍ ।
୧୮ ଆରେ ବିନ୍ ଲକାର୍ ବାଗ୍ କିଜି ୱିଜୁ ହାର୍ କାମାୟ୍ତ ମାଜାନ୍ ଆନାର୍; ଆରେ ମେଲା କେଇଦାଂ ଆରି ଉଦାର୍ ବାବ୍ରେ
ଦାନ୍ କିନାର୍, ଇଦାଂ କାଜିଂ ହେୱାରିଂ ବଲ୍ ହିୟାଟ୍;
୧୯ ତା ଆଡିସ୍, ଇ ଅବିନସର୍ ଟୁଣ୍ତି ଉବ୍ଜାୟ୍ କିଜି ଜାର୍ତି ପାଚେନି କାଜିଂ ହେୱାର୍ ଆଟ୍ୱା କୁନାଦି ରଚ୍ନାର୍ ଆରି
ହାରିହାରା ହେୱାର୍ ହାଡ଼୍ପାନି ଜିବୁନ୍ ଲାବ୍ କିତାର୍ ।
୨୦ ଏ ତିମତି, ନି ତାକେ ଇନାକା ହିୟା ଆଡ଼୍ତାଡ଼୍ନା, ହେଦାଂ ରାକ୍ୟା କିୟା; ଆହାର୍ ଜାକ୍ଡ଼ା ଆରି ବେଣ୍ ବେଣ୍ତ
"ଗିୟାନ୍ନି" ଜିକାଟାଣାତାଂ ବିନେ ଆଡୁ ।
୨୧ ଇନେ ଇନେର୍ ହେଦାଂ ପାଲି କିୱାଦାଂ ପାତର୍ ବିସ୍ରେ ହାଜିବାଣା ଆତାର୍ଣ୍ଡା ।
ଇସ୍ୱର୍ତି ଉପ୍କାର୍ ଆରି ଦୟା ମିଙ୍ଗେଙ୍ଗ୍ ସମାନ୍ବାତର୍ ଆୟେଡ଼୍ । ଆମେନ୍ ।

✡ **୬:୧୩** ଜହନ୍ ୧୮:୩୭.

# ଫିଲୀମନଙ୍କ ନିକଟକୁ ପ୍ରେରିତ ପାଉଲଙ୍କ ପତ୍ର
# ପିଲିମନ୍ ଲାଗାଂ ପକ୍ୟାତି ପାଉଲ୍ତି ଆକି
## ପିଲିମନ୍ ଆକି ବିସ୍ରେ ପାଦେକ୍

ଇଚ୍ଚୁ ପିଲିମନ୍ ଆକି ପକ୍ୟାତି ପାଉଲ୍ତି ହୁକେ ଲେକା ଆଜି ମାଚାତ୍ ୧:୧ ଏଚେକାଡ଼୍ଦ ଇଦାଂ ଲେକିକିତାନ୍ ହେୱାନ୍ ଜଇଲ୍ ଇଞ୍ଜ ଗେହ୍ୟା ଆଜି ମାଚାନ୍, ଇନାକା ଅରତ୍ ଆଜି ମାନ୍ଗାନାତ୍ ହେୱାନ୍ ରମ୍ତାଂ ଇଦାଂ ଲେକିକିତାନ୍ନା । ଜଦି ହେୱାନ୍ ରମ୍ତ ମାଚାନ୍ କ୍ରିସ୍ଟତି ଜଲମ୍ନି ଆଦିକ୍ ଆତିସ୍ ତିନ୍କଡ଼ି ଏକ୍ ୬୧ ବାର୍ହୁ ପାଚେ ଇ ଆକି ଲେକି କିଜି ମାନ୍ଗାନାନ୍ । ଇନାକା ହେ ସମାନ୍ୱେଡ଼ାଲିଂ କଲସିୟ ମଣ୍ଡଲିତିଂ ଲେକି କିଜି ମାନ୍ଗାନାନ୍ ।

ହେୱାନ୍ ଇ ଆକି ପିଲିମନ୍ ତର୍ନି ରୱାନ୍ ମାନାୟତିଂ ଲେକିକିତାନ୍ନା । ପିଲିମନ୍ ରୱାନ୍ ମଣ୍ଡଲି ମେମର୍ ଆରି ଆଡ଼ିଏନ୍ ହାଉକାର୍ ମାଚାନ୍ । ପାଉଲ୍ ଲେକିକିନାନ୍ ଜେ, ହେୱାନ୍ ଅନିସିମସତିଂ ଦାଣ୍ଡ୍ ହିମେର୍, ଇନେର୍କି ପିଲିମନ୍ ତାଂ ମ୍ଳାସି ଦେହା ହନ୍ଚି ମାଚାନ୍ । ରମ୍ନି ବିଦି ଇସାବ୍ରେ ପିଲିମନ୍ ଅନିସିମସତିଂ ହାକି ଦାଣ୍ଡ୍ ହିନି ଆଦିକାର୍ ମାଚାତ୍ ।

ଅନିସିମସତିଂ କ୍ରିସ୍ଟାନ୍ ଟଣ୍ଡେନ୍ ବାବ୍ରେ ଇଟ୍ନି କାଜିଂ ଇନେସ୍ ରାଜି ଆନାର୍ ହେଦାଂ କାଜିଂ ପିଲିମନ୍ତିଂ ପାଉଲ୍ ଗୱାରି କିତାନ୍ନା । ପାଉଲ୍ ଅନିସିମସତିଂ ତା ବାହାତ ହେବାକାମାୟ୍ କିନି କାଜିଂ ଆଦିକାର୍ ହିନି କାଜିଂ ବୁଜାୟ୍ କିତାନ୍ ୧:୧୩-୧୪

**ପିଲିମନ୍ ଆକି ବିସ୍ରେନି ରାହାଣ୍**

୧ ପାଉଲ୍ ପିଲିମନ୍ତିଂ ବାନ୍ଦାୟ୍ କିନାନ୍ ୧:୧-୩
୨ ପାଉଲ୍ ଅନିସିମସତି ତାପଣ୍ଡାଙ୍ଗ୍ ପିଲିମନ୍ତିଂ ରଞ୍ଜାଙ୍ଗ୍ କ୍ରିସ୍ଟାନ୍ ଟଣ୍ଡେନ୍ ବାବ୍ରେ ଇଟ୍ଦେଂ ଇନାନ୍ ୧:୪-୨୧
୩ ପାଉଲ୍ ହେୱାନ୍ତି ଆରେ ରଗ ହାନି ବିସ୍ରେ ମାନ୍ବାବ୍ନା ଆରି ବାନ୍ଦାୟ୍ କିଜି ୱିହ୍ନାନ୍ ୧:୨୨-୨୫

### ପିଲିମନ୍ ଲାଗାଂ ପକ୍ୟାତି ପାଉଲ୍ତି ଆକି

୧ କ୍ରିସ୍ଟ ଜିସୁତି କାଜିଂ ବନ୍ଦି ଆଜି ମାଚିଲେ ଆନ୍ ପାଉଲ୍, ଟଣ୍ଡେନ୍ ତିମତି ମା ୱାରିନିକାନ୍ ଆରି ହାଙ୍ଗ୍ଦାକାନ୍ ପିଲିମନ୍ ତାଂ ଆକି ଲେକି କିନାଙ୍ଗା,
୨ ଆରେ, ତଣ୍ଦେଲ୍ ଆପ୍ପିୟା ଆରି ମା ହୁଦାଂ ମେଲ୍ୟା ଆର୍କିପ୍ପ ଆରି ମି ଇଞ୍ଜ ନି ମଣ୍ଡଲି ଲାଗାଂ ଆକି ଲେକିକିନାଙ୍ଗା ।
୩ ମା ଆବା ଇସ୍ୱର୍ ଆରି ମାପ୍ରୁ ଜିସୁ କ୍ରିସ୍ଟତାଙ୍ଗ୍ ଦୟା ଆରି ସୁସ୍ତା ମି କାଜିଂ ଆଏତ୍ ।

### ପିଲିମନ୍ତି ଜିଉନନାକା ଆରି ପାର୍ତି

୪ ଟଣ୍ଡେନ୍ ପିଲିମନ୍ ନା ପାର୍ତାନାତ ନି ତର୍ ଲେକି କିଜି ସବୁ ୱେଡ଼ାଙ୍ଗ୍ ନା ଇସ୍ୱର୍ତିଂ ଜୱାର୍ କିନାଙ୍ଗା,
୫ ଇନାକିଦେଂକି ଆନ୍ ୱେଚାଙ୍ଗ୍ନା, ମାପ୍ରୁ ଜିସୁତାକେ ମିଦାଂ ଏଚେଜାଣ୍ ପାର୍ତି ଆରି ଇସ୍ୱର୍ତିଂ ମାନିକିନି ସାଦୁର୍ କାଜିଂ ମିଦାଂ ଏଚେକ୍ ୱାରି !
୬ ଇନେସ୍ ମି ପାର୍ତିନି ମେହାଣ୍, ମାଙ୍ଗେଙ୍ଗ୍ ହିୟାଜି ମାନି ୱିଜୁ ହାର୍ଦି ବିସ୍ରେ ମେହାତି ଗିଆନ୍ ହୁକେ କ୍ରିସ୍ଟତି ପାକ୍ୟାତ କାମାୟ୍ ଆନାଙ୍ଗା ।
୭ ଇନାକିଦେଂକି, ଏ ଟଣ୍ଡେନ୍, ପୁଇପୁୟା ସାଦୁର୍ତି ଜିବୁନ୍ତ ମି ହୁକେ ବାଡ଼୍କାସ୍ ପାୟା ଆଜି ଆନ୍ ନି ଜିଉନନାକା ବେସି ଦୁକ୍ସାରାୟ୍ ଆରି ୱାରି ଆନାଙ୍ଗ୍ ।

### ଅନିସିମଙ୍ଗ୍ତି କାଜିଂ ଗୱାରି

୮ ଲାଗିଂ ଇନାକା ହାର୍ଦାକା, ହେ ବିସ୍ରେ ମିଙ୍ଗେଙ୍ଗ୍ ବଲ୍ ହିନି କାଜିଂ କ୍ରିସ୍ଟତି ଆଡ଼ିଏନ୍ ଲାକେ ଆତିସ୍ପା ନା ବାର୍ତି ସାସ୍ ମାନାତ୍,
୯ ଆତିସ୍ପା ଆନ୍ ବୁଡ଼୍ହି ପାଉଲ୍, ଜିଉନନି କାଜିଂ ମିଙ୍ଗ୍ ଗୱାରି କିଦ୍ନାଙ୍ଗା, କ୍ରିସ୍ଟ ଜିସୁତି କାଜିଂ ନଙ୍ଗ୍ ଗେହ୍ୟା ଆତାଙ୍ଗ୍ନା ଜେ ଆନ୍,
୧୦ ✡ନାଦାଂ ଏଲେଙ୍ଗ୍ ଗାଚ୍ୟା ଆତି ଅବସ୍ତାତ ନାତାଙ୍ଗ୍ ହତ୍ତି ନା ବପା ଅନିସିମ୍ କାଜିଂ ମିଙ୍ଗ୍ ଗୱାରି କିଦ୍ନାଙ୍ଗା ।
୧୧ ହେ ଆଗେ ମି କାଜିଂ କାମାୟ୍ ଆଡ଼୍ୱାକାନ୍ ମାଚାନ୍, ମତର୍ ନଙ୍ଗ୍ୟ ମିଦାଙ୍ଗ୍ ଆରି ନାଦାଂ ହାରି ଉପ୍କାର୍ ଆନାତା ।
୧୨ ହେୱାନ୍ ତ ନା ଜିବୁନ୍ତ ଲାକେ; ଆନ୍ ତାଙ୍ଗେଙ୍ଗ୍ ମି ତାକେ ମାସ୍ତି ପକ୍ତାନାଙ୍ଗା ।
୧୩ ନେକ୍ରିକାବୁର୍ କାଜିଂ ଗାଚ୍ଚିତିହିଂ ତାଙ୍ଗେଙ୍ଗ୍ ନି ବାହାତ ନା ହେବା କିନି କାଜିଂ ଲାଗେ ଇଡ଼ିଦେଂ ନା ମାନ୍ ଆନାତା,
୧୪ ମତର୍ ମି ଦାନ୍ ଅୱାଦାଂ ଆନ୍ ଇନାକା କିଦେଙ୍ଗ୍ ମାନ୍ କିୱାତାଂ, ଇନେସ୍ ମି ହାର୍ଦି କାମାୟ୍ ବଲତ୍କାର୍ କିତି ଲାକେ ଆୱାଦାଂ ଜାର୍ମାନ୍ତାଂ ଆଏତ୍ ।

✡ **୧:୧୦** କଲସିୟ ୪:୯.

୧୫ ଇନାକିଦେଂକି ଆନାଡ଼ପା, ଇନେସ୍ ଏପେଙ୍ଗ୍ ତାଙ୍ଗେଙ୍ଗ୍ ଆରେ ଆଡ଼ିଏନ୍ ଲାକେ ଗାଟାୱାଦାଂ ନଲେ ଆଡ଼ିଏନ୍ତାଂ
ଗାଜାକାନ୍, ଇଚିସ୍, ରୱାନ୍ ୱାରିନି ଟଣ୍ଡେନ୍ ଲାକେ ୱିଜ୍ୱି କାଡ଼୍ ପାୟାଦେଂ ଆଡ଼୍ନାଦେର୍, ଇଦାଂ କାଜିଂ ଅନିସିମସ୍ ଅଲପ୍
କାଡ଼୍ କାଜିଂ ମିଂ ତାଂ ବିନେ ଆଜି ମାଚାନ୍;
୧୬ ବେସିକିଜି ଆଡ଼ିୟା ନାୱାନ୍ ରୱାନ୍ ୱାରିନି ଟଣ୍ଡେନ୍, ଲାଗିଂ, ଗାଗାଡ଼୍ତ ଆରି ପା ମାପୁତାକେ ମି କାଜିଂ ଆୱିତିସ୍
ଏଚେକ୍ ଆଦିକ୍ ଲାଡ଼୍ ଆଉଡ୍ ।
୧୭ ଲାଗିଂ ଜଦି ଏପ୍ ନାଙ୍ଗେଙ୍ଗ୍ ରୱାନ୍ ମେହାଣ୍ ଇଞ୍ଜି ବାବି କିୟା, ତା ଆତିସ୍ ନାଙ୍ଗେଙ୍ଗ୍ ଇଡ଼୍ଦିତି ଲାକେ ହେଦେଲିଂ
ଇଟାଟ୍ ।
୧୮ ଜଦି ହେୱାନ୍ ମି କାଜିଂ ଇନାକା ଅନ୍ୟାୟ୍ କିଜି ମାନାନ୍ କି ମି ତାକେ ରିଣ୍ ଆଜି ମାନାନ୍, ତେବେ ହେଦାଂ ନା ଇସାବ୍ତ
ଲେକିକିୟା;
୧୯ "ଆନ୍ ପାଉଲ୍ ଜାର୍ କେଇଦାଂ ଇଦାଂ ଲେକି କିଜି ହିଦ୍ନାଙ୍ଗା, ଆନ୍ ହେଦାଂ ହୁଜା ଆନାଙ୍ଗ୍," ଏପେଙ୍ଗ୍ ନିଜେ ଜେ ନା
ଲାଗାୟ୍ ସବୁ ଦିନ୍ନି ରିଣ୍ୟା, ଇ ବିସ୍ରେ ଆନ୍ ଇଞ୍ଜେଙ୍ଗ୍ ମାନ୍ କିଉଙ୍ଗା ମି ଜିବୁନ୍ ନା ତାକେ ରିଣ୍ ।
୨୦ ଆଁ, ଟଣ୍ଡେନ୍, ମାପୁ ଲାହାଂ ରଚେମାଞ୍ଜି ମି ହୁକେ ନା ଲାବ୍ ଆଏଡ୍, କ୍ରିସ୍ଟ ତାକେ ନା ଜିବୁନ୍ତ ସୁସ୍ତା ହିଦା ।
୨୧ ନି ବଲ୍ତାଂ ନା ପାର୍ତି ମାଚିଲେ ଆନ୍ ନିଙ୍ଗେଙ୍ଗ୍ ଲେକିକିଦ୍ନାଙ୍ଗା; ଆନ୍ ପୁନାଙ୍ଗ୍ ଜେ, ଆନ୍ ଇନାକା ଇଞ୍ଜ୍ନାଙ୍ଗା
ଏପେଙ୍ଗ୍ ତା ତାକେଣ୍ଡାଂ ଆଦିକ୍ ପା କିନାଦେର୍ ।
୨୨ ହେ ହାଙ୍ଗେ ହାଙ୍ଗେ ନା ମାନି ବାହା ପା ରଚ୍ଚି ଇଟାଟ୍, ଇନାକିଦେଂକି ମି ପାର୍ତାନା ହୁକେ ଏପେଙ୍ଗ୍ ନାଙ୍ଗେଙ୍ଗ୍ ମାସ୍ଦି
ଗାଟାନାଦେର୍, ଆନ୍ ଇଦାଂ ଆହା କିନାଙ୍ଗା ।

## ହାରିହାରା ଜୁୱାର୍

୨୩ କ୍ରିସ୍ଟ ଜିସୁତି କାଜିଂ ତାଙ୍ଗେଙ୍ଗ୍ ନା ହାଙ୍ଗ୍ଦାକାନ୍ ରଚେ ଗାଚ୍ୟା ଆତାକାନ୍ ଏପାପ୍ରା ଆରି ନା ହାଙ୍ଗ୍ଦାକାର୍
୨୪ କ୍ରିସ୍ଟ ଜିସୁ କାଜିଂ ନା ହାଙ୍ଗ୍ଦି ବନ୍ଦି ଏପାପ୍ରା ଆରି ନା ହାଙ୍ଗ୍ଦାକାର୍ ଇନେନ୍ ମାର୍କ, ଆରିସ୍ତାର୍କ, ଦିମା ଆରି ଲୁକ ନିଙ୍ଗେଙ୍ଗ୍
ଜୁୱାର୍ ଜାଣାୟ୍ କିଦ୍ନାନା ।
୨୫ ମା ମାପୁ ଜିସୁ କ୍ରିସ୍ଟତି ଉପ୍କାର୍ ମି ୱିଜାକାର୍ ଜିବୁନ୍ତ ଆଏଡ୍ ।

# ହିବ୍ରୁମାନଙ୍କୁ ଲିଖିତ ପତ୍ର
# ଏବ୍ରିରିଂ ଲେକିକିତି ଆକି ।
# ଏବ୍ରି ଆକି ବିସ୍ରେ ପାଦେକ୍

ପ୍ଲାନି ନିୟମ୍‌ନି ବାର୍‌ବିନ୍ ବେଣ୍‌ବାକ୍‌ଣାୟ୍‌କିନାକା ସବୁ ବାର୍ତ୍ତି ଆତାକା ବିସ୍ରେ ଇବେ ଗାଟାନାସ୍ । ଇବେ ଆଦିକ୍ ଅତିସ୍ ୬୦ ତାଂ ଆଦିକ୍ ପ୍ଲାନି ନିୟମ୍‌ନି ପାଟ୍ ମାନାଡ୍ । ଇନାକା ଜିସୁ କ୍ରିସ୍ଟ ଇନେସ୍ ବାବ୍ରେ ବେଣ୍‌ବାକ୍‌ଣାୟ୍‌କିତାକା ଆରି ଜିହୁଦି ମାପୁହେବାକିନାକାର୍ତ୍ତି କାମାୟ୍ ବାର୍ତ୍ତି କିତାନ୍ ଇବେ ଆସେଙ୍ଗ୍ ପାୟା ଆନାସ୍ ।

ଇ ବିସ୍ରେତାଂ ଇଦାଂ ଜିହୁଦିର୍ କ୍ରିସ୍ଟିୟାରିଂ ସାସ୍ ହିନି ପତି । ଏବ୍ରି ପତି ଜିସୁ ବିଦି ୱିହ୍‌ନି କାଜିଂ ମାପୁହେବାକିନାକାନ୍ ଆରେରଗ ଇନାୱାଡ଼ାଂ ପୁଜାକିନାକା ଲଡ଼ା ଆକାୟ୍ । ଜିସୁ କ୍ରିସ୍ଟ ଆନାନା ୱିଜୁ ପାପ୍‌ନି ପୁଜା ହିଆତାନ୍ ରଞ୍ଜେମାଡ଼ ସବୁୱେଡ଼ାଙ୍ଗ୍ କାଜିଂ । ନଙ୍ଗନି ଜୁଗ୍‌ନି କ୍ରିସ୍ଟିୟାର୍ କାଜିଂ ଏବ୍ରି ଆକିତ ସାସ୍ ହୁଡ଼୍‌ୟା ଆନାଡ୍ । କେବଲ୍ କ୍ରିସ୍ଟ ମା ଇସ୍ୱର୍‌ତିଂ ବାସର୍ତ୍ତି କିନି କାଜିଂ ଆଡ଼ନାସ୍ । ଆରେ ପା ହେୱାନ୍ ତାକେ ବାସର୍ତ୍ତି କିଜି ଚାଲାନାସ୍ ୧୨:୨ ।

ଏବ୍ରି ପତି ଇନେର୍ ଲେକିକିତାର୍ଣ୍ଣା ପୁନ୍ୟାଉତା, ମାତର୍ ପଣ୍ଡିତାର୍ ଇନାରା, ପକ୍ୟାତି ପାଉଲ୍, ଲୁକ୍, କି ବର୍ଣ୍ଣବା ଆଜି ମାନ୍‌ଗାନାର୍ । ଇବେନି ଲେକା ପା ପୁନ୍ୟାଉଡ୍ ମାତର୍ କେତେକ୍ ଜାଣ୍ ପାର୍ତ୍ତି କିତାର୍ ଜେ, ଇଦାଂ ଜିସୁ କ୍ରିସ୍ଟତି ଜଲମ୍ ପାଚେ ୭୦ ତ ଲେକା ଆତାନ୍ନା । ଜିରୁସାଲମ୍ ମନ୍ଦିର୍ ୭୦ ତ ନାସ୍ ଆତାଡ୍ ମାତର୍ ଇ ଆକିନି ଲେକିକିନାକାନ୍ ଇଦାଂ ନାସ୍ ଆୱିତି ଲାକେ ଇନାନ୍ । ଏବ୍ରି ଆକି ଆଜି ମାନ୍‌ଗାନାଡ୍ ରମିୟ୍ ଗାଡ଼୍‌ଦ ଲେକାଜି ମାଚାଡ୍ ୧୩:୨୪ ଆରି ବାର୍‌ବିନ୍ ମଣ୍ଡଳିତ ପାସ୍‌ପିସ୍ ହିତାର୍ଣ୍ଣା ।

## ଏବ୍ରି ଆକି ବିସ୍ରେନି ରାହାଣ୍

୧. ଲେକିକିନାକାନ୍ ଇନାନ୍ ଜେ, ଜିସୁ କ୍ରିସ୍ଟ ଆନାନା ଇସ୍ୱର୍‌ତି ବେଣ୍‌ବାକ୍‌ଣାୟ୍‌କିନାକାନ୍ ଆରି ଦୁତକ୍ ତାଂ ପା ଗାଜାକାନ୍ । ୧:୧–୪:୧୩
୨. ଜିରୁସାଲମ୍‌ତ ହେବା କିନି ମାପୁହେବାକିନାକାର୍ ତାଂ ପା ଜିସୁ କ୍ରିସ୍ଟ ଗାଜାକାନ୍ ଇଞ୍ଜି ଲେକିକିନାକାନ୍ ଇନାନା । ୪:୧୪–୭:୨୮
୩. ମସାତି ହୁଦାଂ ମାନାୟାରିଂ ହିୟାଜି ମାଚି ବିଦି ନି ପାନି ଗଜା ଜିସୁତି ହେବାକାମାୟ୍ ଗାଜାକାନ୍ । ୮:୧–୧୦:୩୧
୪. ଜିସୁଙ୍ଗ୍ ୱିଜୁଡ଼ାକେ ଗାଜାକାନ୍ । ୧୦:୩୨–୧୩:୧୭
୫. ଲେକିକିନାକାନ୍ ଇ ଆକିତ ଏଚେଗଟା ସାସ୍‌ନି ବୁଜାୟ୍ କିଜି ଲେକା ୱିହ୍‌ନାନ୍ । ୧୩:୧୮-୨୫

### ମାଜିଡ଼ି ଇସ୍ୱର୍ ହିଡ୍‌ତି କାବୁର୍

୧ ଇସ୍ୱର୍ ଆଗେକାଡ଼୍‌ଦ ବିନ୍‌ବିନ୍ ବାଗ୍‌ତ ଆରି ବିନେବିନେ ବାନି ବେଣ୍‌ବାକ୍‌ଣାୟ୍ କିନାକାର୍ କାଜିଂ ବୁତାରିଙ୍ଗ୍ କାତା
ଇଞ୍ଜି ମାଚାର୍
୨ ଇ ହାରିହାରା କାଡ଼୍‌ଦ ମାଜି କାଜିଂ ମାଙ୍ଗେଙ୍ଗ୍ କାତା ଇଞ୍ଜାର୍ଣ୍ଣା; ତାଙ୍ଗେଙ୍ଗ୍ ହେ ସବୁ ବିସ୍ରେନି ଆଦିକାର୍ କିଜି ବାଚି କିତାନ୍,
ତା ହୁକେ ପା ସବୁ ଜଗଡ୍ ଉବ୍‌ଜାଣ୍ କିତାନ୍;
୩ ହେୱାନ୍ ତାକେ ଇସ୍ୱର୍‌ତି ଜାକ୍‌ମାଲ୍‌ନି ଅଜଡ଼୍ ଆରି ତାଦାଂ ପୁରା, ହଲନାକା ଆତାଡ୍‌ନ୍ନା । ଆରେ ହେୱାନ୍ ଜାର୍‌ତି
ବଚନ୍ କାଜିଂ ପୁର୍ତ୍ତିନି ଜଗଡ୍‌ତିଂ ତାବେ କିତାନ୍ । ହେୱାନ୍ ମାନାୟ୍ ଜାତି କାଜିଂ ପାପ୍ ନିର୍ମଲ୍ କିଜି ସାର୍ଗେତ ସାକ୍ତିକାଟି
ଇସ୍ୱର୍ ବୁଜ୍‌ଣି ବାଗାଙ୍ଗ୍ କୁଚ୍‌ଚାନ୍ନା ।

### ଇସ୍ୱର୍‌ତି ମାଜି ମୁଡ଼୍‌ଦାକାନ୍

୪ ହେୱାନ୍ ଇମ୍‌ଣି ଇସାପ୍‌ତ ସାର୍ଗେନି ଦୁଡ୍‌କୁକାଂ କାଜିଂ ଆଦେକ୍ ନେକ୍ରି ତର୍‌ଦି ଆଦିକାର୍ ଆତାର୍ଣ୍ଣା, ହେ ଇସାପ୍‌ତ
ହେୱାନ୍ ହେୱାକ୍‌ତାଂ ଆଦିକ୍ ମୁଡ଼୍‌ଦାକାନ୍ ଆତାନ୍ନା,
୫ ଇନାକିଦେଂକି ଇସ୍ୱର୍ ଦୁଡ୍‌କୁ ବିଡ୍ରେ ଇନେରିଂ ଇନାୱାଡ଼ାଂ ଏଲେଙ୍ଗ୍ ଇନ୍‌ୱାତାନ୍ନା ।

"ଏନେଙ୍ଗ୍ ମା ମାଜି,
ନେଞ୍ଜେଙ୍ଗ୍‌ତାଂ ଆନ୍ ନିଂ ଜଲମ୍ ହିଡ୍‌ତାଙ୍ଗ୍‌ନା ?"
ଇସ୍ୱର୍ ପା ଇଚାନ୍, ଆରେ
"ଆପ୍ ମି ଆବା ଆନାପ୍,
ଆରେ ହେୱାନ୍ ମା ମାଜି ଆନାନ୍ ?"

୬ ଆରେ, ଇମ୍‌ଣି ସମୁତ ହେୱାନ୍ ପର୍ତୁମ୍ ଗାଗାଡ଼୍ ଆସ୍ତି ମାଜି ଆରେରଗ ପୁର୍ତ୍ତି ବିଡ୍ରେ ନେଚ୍‌କାନାର୍, ହେ ସମୁତିଙ୍ଗ୍
ଇଟ୍‌କାଡ଼୍ କିଜି ହେୱାନ୍ ଇନାନ୍ ।

“ଇସ୍ୱର୍‌ନିକାର୍ ୱିଜାର୍ ଦୁତ୍ ତାଙ୍ଗେଙ୍ଗ୍ ଜୱାର୍ କିଏତ୍ ।”
୭ ମାତର୍ ର ପାକ୍ୟାତ ହେୱାନ୍ ଦୁତ୍‌କୁ ବିସ୍ରେ ଇଞ୍ଜାନାନ୍,
“ହେୱାନ୍ ଜାର୍ ଦୁତରିଂ ଡ଼ଛୁଲାକେ କିନାନ୍,
ଆରେ ଜାର୍ ହେବାକାରିରିଂ ନାଣିନି ପଙ୍ଗ୍‌ନିଲାକେ କିନାନ୍,”
୮ ବିନ୍ ପାକ୍ୟାତ ହେୱାନ୍ ମାଜିଡ଼ି ବିସ୍ରେ ଇନାନ୍,
“ଏ ଇସ୍ୱର୍, ନି ଗାଦି ଜୁଗ୍ ଜୁଗ୍,
ଆରେ ନିୟାୟ୍‌ନି ଦାଣ୍ଡ୍ ମି ରାଜିନି ଦାଣ୍ଡ୍ ଆନାତ୍ ।”
୯ “ଏପ୍ ଦାମର୍ତିଂ ଜିଉନତାୟ୍‌ନା ଆରି ଅଦାମର୍ କାତାତିଂ ବାନ୍ୟା କିତାୟ୍‌ନା,
ଲାଗିଂ ହେଦାଂ ଏ ଇସ୍ୱର୍ ମି ଇସ୍ୱର୍ ମିଙ୍ଗେଙ୍ଗ୍ ବାଚିକିତ୍‌ତାନ୍ନା,
ମି ହାଙ୍ଗ୍‌ଦାକାର୍ ବାଟା ନିଙ୍ଗେଙ୍ଗ୍ ଆଦିକ୍ ୱାରି ଲାକେ ଚିକାଣ୍‌ତାଂ ସିଗ୍‌କିତାନ୍ନା ।”
୧୦ ହେୱାନ୍ ଆରେ ପା ଇଚାନ୍ନା,
“ଏ ମାପ୍ରୁ, ଏନ୍ ମୁଡ଼୍‌ଦାଂ ପୁତର୍ତ କୁନାଦି ରଚ୍‌ଚି ମାଚାୟ୍,
ଆରେ ଆକାସ୍‌କାଂ ନି କେଇଦାଂ ରଚ୍‌ଚି କାମାୟ୍ ।”
୧୧ “ହେ ସବୁ ବୁଡାନିକ୍, ମତର୍ ଏନ୍ ନିତ୍ରେତିର୍,
ଆରେ ହେ ସବୁ ଆଙ୍ଗିଙ୍ଗ୍ ଲାକେ ଜିରା ଆଜି ହ୍‌ାନିଙ୍ଗ୍ ।”
୧୨ “ଆରେ ଏନ୍ ହେନ୍ଦ୍ରା ଲାକେ, ଆଁ ଆଙ୍ଗିଙ୍ଗ୍ ଲାକେ ହେ ସବୁ ପରିକିଦ୍‌ନାତ୍, ଆରେ ହେ ସବୁ ବାଦ୍‌ଲାନାତ୍ ।
ମତର୍ ଏନ୍ ନିତ୍ରେ ସମାନ୍, ଆରେ ନି ଜିବୁନ୍ ସବୁ ଇନିୱାଡ଼ାଂ ୱିଜୁତ୍ ।”
୧୩ “ଆରେ ଆପ୍ ଏଚେକ୍ ପାତେକ୍ ମି ସାତ୍ରୁରିଂ ମି ପାନା ତାରେନ୍ ଇଡ଼୍‌ୱାତାପ୍‌ନା ।
ହେପାତେକ୍ ମା ତିନାକେଇ ନିପ କୁଚ୍‌ଚି ମାନାଟ୍,
ଇଦାଂ ହେୱାନ୍ ଦୁତ୍‌ର୍ ବିତ୍ରେ ଇନେରିଂ ଇନାୱାଡ଼ାଂ ଇନ୍‌ୱାତାନ୍ନା ।”
୧୪ ଲାଗିଂ ସାର୍ଗେଦୁତ୍ ଇନେର୍ ? ହେୱେକ୍ ଆନିକା ଇସ୍ୱର୍‌ତି ହେବାକାରି, ମୁକ୍‌ଡ଼ାନି ମାନାୟାର୍‌ତି ଉପ୍‌କାର୍ କାଜିଂ
ଇସ୍ୱର୍ ହୁକେ ପକ୍ୟାତି ଜିବୁନିଂ ।

# ୨

## ଗାଜା ମୁକ୍‌ଡ଼ାନାକା

୧ ଲାଗ୍, ୱେଚି କାତାତିଂ ଆଦିକ୍ ମାନ୍ ଦିଆନ୍ ଇଟ୍‌ନାକା ମା ଲଡ଼ା, ନଲେ ଏଚେକାଡ଼୍‌ଦ ମା ଇଟ୍‌କାଡ଼୍‌ ବାଙ୍ଗାନାତ୍ ।
୨ ଇନାକିଦେଂକି ପର୍ତୁମ୍ ଇସ୍ୱର୍ ସାର୍ଗେନି ଦୁତ୍‌ର୍ ଲାହାଂ ଇମ୍‌ଣି କାବୁର୍ ୱେଚ୍‌ଚାତାର୍ଣ୍ଣା ହେଦାଂ ହାତ୍‌ପା ଇଞ୍ଜି ପାର୍ମାଣ୍
ଇମ୍‌ଣାକାର୍ ଅମାନ୍ୟା ଆଜି ପାଲି କିଉରା ହେୱାର୍ ପାୟାନି ନିୟାଁୟ୍ ପାୟାତାର୍ଣ୍ଣା ।
୩ ୱାଟିଂ ଏଲେଙ୍ଗ୍ ଗାଜା ମୁକ୍ତି ଆନାକା ଏଲା କିତିସ୍ ଆସେଙ୍ଗ୍ ଇନେସ୍ ରାକ୍ୟା ପାୟାନାସ୍ ? ହେଦାଂ ତ ପର୍ତୁମ୍ ମାପ୍ରୁତି
ହୁଦାଂ ଇନ୍ୟା ଆଜି ୱେଚି ଲୁଗାତର୍ ହୁଦାଂ ମା ଲାଗାୟ୍ ପାର୍ମାଣ୍ ପୁରା ଆତାତ୍;
୪ ହେ ବିସ୍ରେ ଇସ୍ୱର୍ ପା ଜାର୍ ଇଚା ଇସାପ୍ରେ ବାର୍‌ବିନି ଚିନ୍ ଆରି କାବାନି କାମାୟ୍ ଆରେ ବାରବିନି ସାକ୍ତିନି କାମାୟ୍
ଆରି ପୁଇପୁୟା ଜିବୁନ୍ତି ଆଦେକ୍ ଦାନ୍ ହୁଦାଂ ସାକି ହିତ୍‌ତାନ୍ନା ।

## ଜିସୁ ବାତର୍ ଗାଗାଡ଼୍‌ ଆସ୍ତାନ୍

୫ ଇନାକିଦେଂକି ଇମ୍‌ଣି ଏତୁ ପୁତର୍ନି କାତା ଆସେଙ୍ଗ୍ ଇନାସା, ହେଦାଂ ହେୱାନ୍ ଦୁତ୍‌କତି ତଲ୍ୟା କିଦ୍‌ୱାତାନ୍ନା ।
୬ ଇନେକିଦେଂକି ଦରମ୍ ସାସ୍ତ୍ର୍‌ତ ଲେକାତାଡ଼୍‌ନା, ଇମ୍‌ଣି ବାହାତ ଇ କାତା ଇଞ୍ଜି ସାକି ହିତାନ୍ନା ମାନାୟ୍ ଇନେର୍ ।
ଜେ ଏପେଙ୍ଗ୍ ହେୱାନିଂ ଏତ୍ କିଜି ମାନାଦେର୍ ?
ମାନାୟ୍ ମାଜି ଇନେର୍ ଜେ,
ଏପେଙ୍ଗ୍ ହେୱାନ୍ତି ଜାତ୍ରୁନ୍ ଅନାଦେରା ?
୭ ଏପେଙ୍ଗ୍ ଦୁତ୍‌ର୍‌ତାଂ ତାଙ୍ଗେଙ୍ଗ୍ ଅଲପ୍ ତଲ୍ୟା କିତାଦେର୍ଣ୍ଣା ।
ଏପେଙ୍ଗ୍ ହେୱାନିଂ ଜାଜ୍‌ମାଲ୍ ଆରି ସନ୍‌ମାନ୍‌ନି ମୁକୁଟ୍ ଲାକେ ତୁଜି କିତାଦେର୍ଣ୍ଣା,
୮ “ୱିଜୁ ବିସ୍ରେ ଜପି ଏପେଙ୍ଗ୍ ହେୱାନ୍ ପାନା ତାରେନ୍ ଇଡ଼୍‌ତାଦେର୍ଣ୍ଣା ।”
ହାପ୍ରାରଚେ ହେ “ୱିଜୁ ବିସ୍ରେତିଂ ହେୱାନ୍ତି ତଲ୍ୟା କିଦେଙ୍ଗ୍ ଇମ୍‌ଣି ବିସ୍ରେ ହେୱାନ୍ତି ତଲ୍ୟା କିୱାଦାଂ ପିହ୍‌ୱାତାନ୍ନା ।”
ଆପେଂ ଇ ପାତେକ୍ ୱିଜୁ ବିସ୍ରେ ହେୱାନ୍ତି ତାରେନ୍ ଆନାକା ହୁଡ଼୍‌ୱୁତାପ୍ନା ହାତ୍‌ପା,

୯ ଆପେଂ ହୁଡ଼ନାପା ଇନେସ୍ ଜିସୁ ଦୁତ୍‌କୁତାଂ ଅଲପ୍ ତଲ୍ୟା ଆଜି ମାଚାର୍, ହେୱାନିଂ ଇଚିସ୍ ଜିସୁ ହାକିନି ଦୁକ୍‌ବଗ୍
କାଜିଂ ଜାଜ୍‌ମାଲ୍ ଆରି ମାନିନି ଲାକେ ମୁକୁଟ୍ ଉସ୍‌ପିସ୍ ମାନାକା ହୁଡ଼ନାପା, ଇନେସ୍ ଇସ୍ୱର୍‌ତି ଦୟାତ ଜାଣ୍‌କେ ମାନାୟ୍
କାଜିଂ ହେୱାନ୍ ହାକିତିଂ ହୁଡ଼ତାନ୍ନା ।
୧୦ ଇନାକିଦେଂକି ଇନେର୍‌ତି କାଜିଂ ଆରି ଇନେର୍‌ତି ହୁଦାଂ ୱିଜୁ ବିସ୍ରେ ଉବ୍‌ଜାଣ୍ ଆତାଡ଼ନ୍ନା, ଆଦେକ୍ ହିମ୍‌ଣାକାଂ
ଜାଜ୍‌ମାଲ୍‌ତାଂ ହଟ୍‌ପେଦେଂ ହେୱାର୍‌ତି ମୁକ୍‌ଡ଼ାୟ୍‌କିନି ମୁଣିକାଂ ଦୁକ୍‌ବଗ୍ ହୁଦାଂ ବାତର୍ କିନାକା ହେୱାନ୍ତି ହାର୍ ମାଚାଡ଼
। ଜିସୁ ନେ ମୁକ୍‌ଡ଼ାନି ହାଜି ଚଚ୍‌ଚାନାନ୍ ।
୧୧ ଲାଗିଂ ଜିସୁ ଆରି ଇମ୍‌ଣାକାରିଂ ପୁଇପୁୟା ଆନାର୍, ହେୱାର୍ ୱିଜାର୍ ର ଆବାର୍‌ତି ହିମ୍‌ଣାଂ; ହେଦାଂ କାଜିଂ ହେୱାନ୍
ହେୱାରିଂ ଟଣ୍ଡେନ୍ ଆରି ତଣ୍‌ଦେକ୍ ଇଞ୍ଜେଙ୍ଗ୍ ଲାଜୁ ଆଉନ୍,
୧୨ "ହେୱାନ୍ ଇସ୍ୱର୍‌ତିଂ ଇନାନ୍,"
"ଆନ୍ ଜାର୍ ଟଣ୍ଡାର୍ ଆରି ତଣ୍‌ଦେକ୍ ଲାଗାୟ୍ ନି ତର୍ ସୁଣାୟ୍ କିନାଙ୍ଗ୍,
ମଣ୍ଡ଼ଲି ବିଡ୍ରେ ନି ୱାରିକିୟ୍ କେର୍‌କଣ୍ କେର୍‌ନାଙ୍ଗ୍ ।"
୧୩ ହେୱାନ୍ ଇଦାଂ ଇଚାନ୍ନା "ଆନ୍ ଇସ୍ୱର୍‌ତାକେ ପାତର୍ ଇଡ଼ନାଙ୍ଗ୍ ।" ଆରେରଗ, ଇଦାଂ ହୁଡ଼ାଟ୍, ଆନ୍ ଆରି "ଇସ୍ୱର୍
ହିଡ଼ତି ନା ହିମ୍‌ଣାଙ୍ଗ୍ ।"
୧୪ ହେୱାନ୍ ଇମ୍‌ଣାକାରିଂ, ହିମ୍‌ଣାଙ୍ଗ୍ ଇଞ୍ଜି ଇନାରା, ନେତେର୍ ଜେଇନି ମେହାତିଲେ ହେୱାନ୍ ପା ନିଜେ ହେ ଲାକେ
ହେବେନି ମିହାତାନ୍, ଇନେସ୍ ହାକି ହୁଦାଂ ହାକିନି ଆଦିକାର୍‌ତିଂ, ଇଚିସ୍ ସୟ୍‌ତାନ୍‌ତିଂ ନାସ୍ କିନାନ୍
୧୫ ଆରେ ହାକିନି ପାଣ୍ଡ୍ରେଡ଼ିଂ ଇମ୍‌ଣାକାର୍ ସବୁୱେଡ଼ାଙ୍ଗ୍ ଆଡ଼ିଏନ୍ ମାଚାର୍, ହେୱାରିଂ ହେୱାନ୍ ଉଦାର୍ କିନାନ୍ ।
୧୬ ଇନାକିଦେଂକି ହାଡ଼ପାନେ ହେୱାନ୍‌ତ ସାର୍ଗେ ଦୁଡ଼ର୍‌ତି ଜାତୁନ୍ ଅୱାଦାଂ ଅବ୍ରାହାମ୍‌ତି ଲାଡ୍ରା ହିମ୍‌ଣାକାଂ ଉପ୍‌କାର୍
କିତାର୍ ।
୧୭ ଲାଗିଂ, ୱିଜୁ ବିସ୍ରେ ଜାର୍ ଟଣ୍ଡାର୍‌ତି ଲାକେ ଆନାକା ହେୱାନ୍ତି ଲଡ଼ା ମାଚାଡ଼, ଇନେସ୍ ହେୱାନ୍ ମାନାୟାତର୍ ପାପ୍‌ନି
କେମା କାଜିଂ ଇସ୍ୱର୍‌ତି ହେବା ବିସ୍ରେ ରୱାନ୍ ଦୟା ନିକାନ୍ ଆରି ପାତର୍‌ନି ମୁଡ଼ ମାପୁହେବାକିନାକାନ୍ ଆନାନ୍ ।
୧୮ ଇନାକିଦେଂକି ହେୱାନ୍ ନିଜେ ପରିକ୍ୟାକିୟାଜି ଦୁକ୍‌ବଗ୍ କିଜିମ୍ନାଚିଲେ ପରିକ୍ୟାକିୟା ଆଜି ମାନି ମାନାୟ୍‌ତିଂ
ଉପ୍‌କାର୍ କିନି କାଜିଂ ଆଡ଼ନାନ୍ ।

# ୩

## ଜିସୁ ମସାତାଂ ଗାଜାକାନ୍

୧ କ୍ରିସ୍ଟଙ୍ଗ୍ ପାତର୍ କିନି ଟଣ୍ଡାର୍ ଆରି ତଣ୍‌ଦେକ୍ ଲାଗିଂ, ହେୱାନ୍ ସାର୍ଗେନି କୁକ୍ୟାତିତ ମେହାଜି ପୁଇପୁୟା ଟଣ୍ଡାର୍ ଆରି
ତଣ୍‌ଦେକାଦେର୍, ମା ପାତର୍‌ନି ଇସାବ୍‌ରେ ପକ୍ୟାତାକାନ୍ ଆରି ମୁଡ଼ ମାପୁହେବାକିନାକାନ୍ ଜିସୁତି ବିସ୍ରେ ଏତୁ କିଜି ହୁଡ଼ାଟ୍;
୨ ମସା ଇନେସ୍ ଇସ୍ୱର୍‌ତି ଇଲ୍ ବିଡ୍ରେ ପାତର୍ କିନାକାନ୍ ମାଚାନ୍, ଜିସୁ ହେ ଲାକେ ଜାର୍ ବାଚିକିତି ମୁଣିକା କାଜିଂ ପାତର୍
ମାଚାନ୍ ।
ହିକ୍ୟା ଗୁରୁର୍ ବାଦୁଲ୍ ବାଟା ଆଟ୍‌ୱା ବାବ୍ରେ ବିଚାର୍ ଆନାର୍ ।
୨ ଲାଗିଂ ଆପ୍ ୱିଜାସ୍ ଆଦିକ୍ ବିସ୍ରେ ପାପ୍ କିନାସ୍ । ଜଦି ଇନେର୍ ବଚନ୍‌ତ ଇନେସ୍ ଉଜୁନ୍ ବାଟିଙ୍ଗ୍ ହେୱାନ୍ ହାର୍
ମାନାୟ୍, ୱିଜାର୍ ଗାଗାଡ଼୍‌ତିଂ ପା ଜାର୍‌ତିଂ ଇଟ୍‌ଦେଂ ଇଚା ।
୩ ଆପ୍ ଗଡ଼ାକାଂ ରବେ କିନି କାଜିଂ ହେୱେକ୍ ୱେଇଦ ବାକାର୍ ଗାଚ୍‌ଚିସ୍, ତାପାଚେ ହେୱେକ୍‌ତି ଗାଗାଡ଼୍ ପା ବୁଲାୟ୍
କିଦେଙ୍ଗ୍ ଆଡ଼୍‌ନାସ୍ ।
୪ ହୁଡ଼ାଟ୍, ଜାଜ୍ ପା ଏଚେ ଗାଜା ଆଜି ପା ଗାଜା ଡ଼ଇୁଦ ଚାଲା ଆତିସ୍‌ପା ର ଆଦିକ୍ ହିରୁ ହାଟ୍‌ୱା ଲାହାଙ୍ଗ୍ ଆକ୍‌ସା
ଦାରାନି ଇଚା ଲାହାଙ୍ଗ୍ ବୁଲାୟ୍ କିୟାଆନାଡ୍ ।
୫ ଇଦାଂ ପା ର ଉତର୍ ମୁଡ଼୍ ୱେନ୍ଦୁଲ୍ କାଜିଂ ଇନ୍ୟାନି ଜଗ୍ । ହେଦାଂ ହାରୁଟି ଆତିସ୍‌ପା ଗାଜା ଗାଜା କାତା ଇଞ୍ଜି ଗରବ୍
କିଦେଂ ଆଡ଼୍‌ନାଡ୍ । ହୁଡ଼ାଟ୍ ଏଚେକ୍ ହିରୁ ନାଣି ପିସ୍‌କି ଲାହାଂ ଏଚେ ଗାଜା ରାନ୍ତପା ନାଣି କାଚା ଆନାଡ୍ ।
୬ ୱେନ୍ଦୁଲ୍ ନାଣି ଲାକେ, ବେସି ବାନ୍ୟା ବିସ୍ରେ ଜଗତ୍‌ତ ବାତର୍; ଆରେ ହେଦାଂ ମା ଗାଗାଡ଼୍ ବିଟାଡ଼୍‌ତ ମାଚିଲେ ବାନ୍ୟା
କୁଟୁମ୍ ମେଙ୍ଗଜି ମା ୱିଜାର୍ ମାନାୟାରିଂ ବାନ୍ୟା କିନାଡ୍ । ୱେନ୍ଦୁଲ୍‌ନି ନରକ୍ ନାଣିତ ମା ସବୁ ଜିବୁନ୍‌ତିଂ କାଡି କିନାଡ୍ ।
୭ ଇନେକିଦେଂକି ୱିଜୁ ବାନି ପସୁ, ପଟିଙ୍ଗ୍ ରାଙ୍ଗାନିକିଂ ଆରି ଏଜୁକାଂ ମାନି ଜାଡ୍‌କୁକାଂ, ମାନାୟ୍ ହୁଦାଂ ନିଜ୍ ତଲ୍ୟା କିଜି
ଇଟ୍‌ୟା ଆନାଡ୍,
୮ ମାତର୍ ୱେନ୍ଦୁଲ୍‌ତିଂ ଇନେର୍ ଇଟ୍‌ଦେଂ ଆଡୁନ୍, ବାନ୍ୟା କିନାକାତାଂ ତା ଜମନାକା ଆକାୟ୍ ଜିବୁନ୍‌ନସ୍ଟ ବିସ୍‌ତ ହେଦାଂ
ବାତର୍ ।
୯ ତା ପାଚେ ଆପ୍ ମାପ୍ରୁ ଆରି ଆବାତି ଦନ୍ୟବାଦ୍ କିଜି ମାନାସ୍, ଆରେ ତା ପାଚେ ଇସ୍ୱର୍‌ତି ତା ଲାକେ ଉବ୍‌ଜାଣ୍
ମାନାୟ୍‌ତିଙ୍ଗ୍ ରାଣ୍ ହିଜି ମାନାସ୍
୧୦ ର, ୱେଇଦାଂ ଦନ୍ୟବାଦ୍ ଆରି ରାଣ୍ ହଡ଼୍‌ନାଡ୍ । ଏ ନା ଟଣ୍ଡାର୍ ଆରି ତଣ୍‌ଦେକ୍, ଇ ଲାକେ ଆନାକା ହାର୍ ଆକାୟ୍ ।
୧୧ ହୱିଜାରାଣ୍ ଇନାକା ର ହାଜି ହିଜି ହୱାଦ୍ ଆରି କେନାକା ରିବାନି ଏଜୁଙ୍ଗ୍ ହପ୍‌ନାଡ୍ ?
୧୨ ଏ ନା ଟଣ୍ଡାର୍ ଆରି ତଣ୍‌ଦେକ୍, ତଗା ମାର୍ ଇନାକା ଜିଡ୍ ପାଡ଼୍, କି ଅଙ୍ଗୁର୍ ମାର୍‌ତ ଇନାକା ତଗା ପାଡ଼୍ ଆସ୍ରେଙ୍ଗ୍
ଆଡ଼୍‌ନାଡ୍ ? ହେ ଲାକେ କାର୍‌ୟା ଜାରାଣ୍‌ତ ହୱାଦ୍ ଏଜୁଙ୍ଗ୍ ହିଦେଂ ଆଡୁଡ୍ ।

## ସାର୍ଗେତାଂ ୱାନି ଗିୟାନ୍

୧୩ ମି ବିଟ୍ରେ ଗିୟାନି ଆରି ବୁଦିକାର୍‌ୟା ଇନେର୍ ମାନାନ୍ ? ହେୱେନ୍ ଗିୟାନ୍‌ନିକାନ୍ ହୁଦାର୍ ଲାହାଙ୍ଗ୍ ଆଚାର୍ ବେବାର୍
ହୁକେ ଜାର୍ କାମାୟ୍ ହପେନ୍ ।
୧୪ ମାତର୍ ଜଦି ମି ୱାସ୍କିତ କେନାକା ବେସି ରିସା, ଜାତର୍ଂ ହୁଡ଼୍‌ନାକାନ୍ ଆରି ଗିଣ୍ ବାଡ୍‌ନା ମାନାଡ୍, ତା ଆତିସ୍ ହାଡ୍‌ପା
ବିରୁଡ଼୍‌ତ ଗରବ୍ କିମାଟ୍ ଆରି ମିଚ୍ ଇନ୍‌ମାଟ୍ ।
୧୫ ଇ ଲାକେ ଗିୟାନ୍ ସାର୍ଗେତାଂ ୱାୱାତାଡ୍‌ନା, ମତର୍ ହେଦାଂ ଜଗତ୍‌ତାଂ, ଗାଗାଡ଼୍‌ତାଂ ଆରି ପୁଦାଂତି ଆନାଡ୍;
୧୬ ଇନେକିଦେଂକି ଇମ୍‌ଣି ବାହାତ ରିସା ଆରି ଗାବର୍ ମାନାଡ୍, ହେ ବାହାତ ୱିଜୁ ବାନି ଗଣ୍ଡ୍‌ଗଲ୍ ମାନାଡ୍ ।
୧୭ ମାତର୍ ଜପିତାଙ୍ଗ୍ ୱାତି ଗିୟାନ୍ ପର୍ତୁମ୍ ପୁଇପୁୟା, ପାଚେ ସୁସ୍ତାୱାରି, ହୁଦାର୍, ପା ଦୟା ହାର୍‌ଦି ପାଡ଼୍‌ଦ ପୁରାବାତର୍,
ମୁକ୍‌ମେଟ୍ ଆରି ଗିଣ୍ ଆକାୟ୍ ।
୧୮ ଆରେ, ସୁସ୍ତାନିକାନ୍ ମାନାୟାର୍ ହୁଦାଂ ସୁସ୍ତାନି ବିୟାନ୍ ୱିତ୍ୟାନାଡ୍ ଆରି ଦାମର୍‌ନିକା ଲାକେ ପାଡ଼୍ ଡ୍ରେସ୍‌ନାର୍ ।

# ୪

## ଇସ୍ୱର୍‌ତି ଲାଗେ ଆନାସ୍

୧ ମି ବିଟ୍ରେ ଜୁଜ୍ ଆରି ଟେସ୍‌କେ ମେସ୍‌କେ ଇନେକିଦେଂ ଆନାଡ୍ ? ମି ୱାସ୍କିତ ଲାଗାଜି ମାନି ଦାର୍ଜା ନେ ଇଦାଂ ନି ମୁଡ଼୍
ବିସ୍ରେ ।
୨ ଏପେଙ୍ଗ୍ ଆହା କିଜି ମାନାଦେର୍; ମାତର୍ ପାୟା ଆଉଦେର୍; ଏପେଙ୍ଗ୍ ଅହନାକା ଆରି ଡାରା କିଜି ମାନାଦେର୍,
ମାତର୍ ପାୟାଦେଂ ଆଡୁଦେର୍; ଏପେଙ୍ଗ୍ ଟେସ୍‌କେ ମେସ୍‌କେ ଆରି ଜୁଜ୍ କିଜିମାନାଦେର୍; ଏପେଙ୍ଗ୍ ଗାଟା ଆଉଦେର୍,
ଇନେକିଦେଂକି ଏପେଙ୍ଗ୍ ଇସ୍ୱର୍‌ତିଂ ଏନୁଦେର୍;
୩ ଏପେଙ୍ଗ୍ ଏନ୍ତାନାଦେର୍, ମାତର୍ ପାୟା ଆଉଦେର୍ ଇନେକିଦେଂକି ଜାର୍ ଜାର୍ ସୁକ୍‌ଆହାତ କର୍ଚ କିନି କାଜିଂ ବାନିୟା
ଆହାତ ଏନ୍‌ନାଦେରା ।
୪ ଏ ଦାରୁଲାର୍, ଜଗତ୍‌ନି ବନ୍ଦୁ ଇସ୍ୱର୍‌ତି ସାତ୍ରୁ ଇଦାଂ ଇନାକା ପୁନୁଦେରା ? ଲାଗିଂ, ଜେ ଇନେର୍ ଜଗତ୍‌ତ ବନ୍ଦୁ ଆଦେଂ
ମାନ୍ କିନାନ୍, ହେୱାନ୍ ଜାର୍‌ତିଂ ଇସ୍ୱର୍‌ତିଂ ସାତ୍ରୁ ଇଞ୍ଜି ହନାଡ୍ ।
୫ ଏପେଙ୍ଗ୍ ଇନାକା ଦରମ୍ ସାସ୍ତର୍ ଇ ବଚନ୍‌ତିଙ୍ଗ୍ ପଲ୍ୟା ଇଞ୍ଜି ମାନେ କିନାଦେରା, “ଇମ୍‌ଣି ଜିବୁନ୍‌ତିଂ ଇସ୍ୱର୍ ମା ବିଟ୍ରେ
ବାହା କିଦେଙ୍ଗ୍ ହିଡ୍‌ତାନ୍ନା, ହେୱେନ୍ ମାଙ୍ଗେଙ୍ଗ୍ ପୁରା ଆଦିକାର୍ କିନି କାଜିଙ୍ଗ୍ ରବେ ଇଚା କିନାନ୍,”

୬ ମାତର୍ ହେୱେନ୍ ପା ଆଦିକ୍ ଉପ୍‌କାର୍ ଦାନ୍ କିଦ୍‌ନାନ୍; ଲାଗିଂ ସାସ୍ତ୍ରତ ହେଦାଂ ଲେକା ମାନାତ୍ "ଇସ୍ୱର୍ ଆକ୍ରିୟାରିଂ
ବିରୁଡ୍ କିନାନ୍ ମାତର୍ ହୁଦାର୍ ମାନାୟାରିଂ ଉପ୍‌କାର୍ ଦାନ୍ କିନାନ୍ ।"
୭ ଲାଗିଂ ଏପେଙ୍ଗ୍ ଇସ୍ୱତର୍ ଲାଗାଂ ଜାତର୍ଂ ହେଲାୟ୍ କିୟାଟ୍ । ସୟ୍‌ତାନ୍‌ତିଂ ବାହାହିମାଟ୍, ତାଆତିସ୍ ସୟ୍‌ତାନ୍ ମି
କଚଣ୍‌ତାଙ୍ଗ୍ ହାନାତ୍ ।
୮ ଇସ୍ୱତର୍ ଲାଗାଂ ଆଡ, ହେବେ ହେୱେନ୍ ମି ଲାଗାଂ ଆନାନ୍ । ଏ ପାପିୟାର୍, ମି କେଇ ସକଟ୍ କିୟାଟ୍, ଆରେ ଏ
ରିମାନ୍ୟା କାଦେର୍, ମି ମାନ୍‌ତିଂ ନିର୍‌ମଲ୍ କିୟାଟ୍ ।
୯ ବିଡ୍ରେଦୁକ୍ ଆରି ଏଡ୍‌କିଜିକ୍‌ଜି ଆଡ୍‌ବାନାର୍, ମି ଅପ୍‌ମାନ୍ ବାତର୍ ଆୟେତ୍; ମି ୱାରି ୱାରିହିଲ୍‌ୱିତ ବାତର୍ ଆୟେତ୍
।
୧୦ ମାପୁତି ମୁମ୍‌ଦ ଜାର୍ ଜାର୍‌ତିଂ ତଲ୍ୟା କିୟାଟ୍, ତାଆତିସ୍ ହେୱାନ୍ ମିଙ୍ଗେଙ୍ଗ୍ ଉଚ୍ କିଦ୍‌ନାନ୍ ।

## ଲକାର୍‌ତି ବିଚାର୍ କିମାଟ୍

୧୧ ଏ ଟଣ୍ଡାକାଦେର୍ ଆରି ତଣ୍‌ଦେକାଦେର୍, ଏପେଙ୍ଗ୍ ହାରି ବିରୁଡ୍ ଆମାଟ୍; ଇନେର୍ ଟଣ୍ଡେନିଙ୍ଗ୍ ବିରୁଡ୍ କିନାନ୍ କି
ଟଣ୍ଡେନ୍‌ତି ବିଚାର୍ କିନାନ୍, ହେୱାନ୍ ବିଦିନି ବିରୁଡ୍ କିନାନ୍ ଆରି ହେବେନି ବିଚାର୍ କିନାନ୍; ମାତର୍ ଏପେଙ୍ଗ୍ ଜଦି ବିଦିନି
ବିଚାର୍ କିନାଦେରା, ତା ଆତିସ୍ ଏପେଙ୍ଗ୍ ବିଦି ପାଲି କିନାକା ଆୱାଦାଂ ହେବେ ବିଚାର୍‌କାର୍‌ୟା ଆନାଦେର୍ ।
୧୨ ବିଦିନିକାନ୍ ଆରି ବିଚାର୍ କିନାକାନ୍ ରକାନ୍ ମତର୍ ଇସ୍ୱର୍, ହେୱେନ୍ ରାକ୍ୟା ଆରି ନସ୍ଟକିଦେଂ ଆଡ୍‌ନାନ୍; ମାତର୍
ଜାର୍ ଲକୁରିଂ ବିଚାର୍ କିନାଦେରା ଜେ ଏପେଙ୍ଗ୍, ଏପେଙ୍ଗ୍ ଇନେର୍ ?

## ଗରବ୍ କାଜିଂ ଚେତ୍‌ନା

୧୩ ନଙ୍ଗ୍ ହୁଡ଼ାଟ୍, ଇମ୍‌ଣାକାର୍ ଇନାଦେରା, "ନେଞ୍ଜେଙ୍ଗ୍ କି ୱିଗା ଆସେଙ୍ଗ୍ ଅମ୍‌କ ବସ୍ତିତ ହାନାପ୍ ଆରି ହେବେ ର ବାର୍ହୁ
ପାଟେକ୍ ମାନ୍‌ଞ୍ଜି ବେପାର୍‌ବାଟ୍ କିଜି ଲାବ୍ କିନାପ୍,"
୧୪ ମାତର୍ ୱିଗା ମି ଜିବୁନ୍‌ତ ଇନାକା ଗିଟାଆନାତ୍, ହେଦାଂ ତ ଏପ୍ ପୁନୁଦେର୍ ! ମି ଜିବୁନ୍ ଗୁକ୍‌ଟା ଲାକେ, ଦାପ୍ରେ
ଚଞ୍ଜ୍‌ୟାଜି ପାଚେ ଚାନେକ୍‌ତିଂ ଉମ୍‌ଜି ହାନାତ୍ ।
୧୫ ଲାଗିଂ ମିଦାଂ ଇନାକା ମାନାତ୍, "ମାପୁତି ଇଚା ଆତିସ୍ ଆପ୍ ଜିବୁନ୍ ମାନ୍‌ଞ୍ଜି ଇଦାଂ କିନାସ୍ କି ହେଦାଂ କିନାସ୍, ଇ
ଲାକେ ଇନାସ୍ ମି ଲଡ଼ା ।"
୧୬ ମାତର୍ ନଙ୍ଗ୍ ଏପେଙ୍ଗ୍ ଜାର୍ ଜାର୍ ଆକ୍ରିୟା ବାବ୍ରେ ଗରବ୍ କିନାଦେରା; ଇବାନି ଗରବ୍ ବାନିୟା ଆନାତ୍ ।
୧୭ ଲାଗିଂ, ଇମ୍‌ଣି ମାନାୟ୍ ଇମ୍‌ଣି ହାର୍‌ଦି କାମାୟ୍ କିନି ଲଡ଼ା ଇଞ୍ଜି ପୁନ୍‌ଞ୍ଜି ପା ହେଦାଂ କିଉନ୍, ହେୱାନ୍ ପାପ୍ କିନାନ୍ ।

# ୫

## ମାଜାନ୍ ମାନାୟାର୍ କାଜିଂ ଚେତ୍‌ନା

୧ ନଙ୍ଗ୍ ହୁଡ଼ାଟ୍, ଏ ହାଉକାରିଂ, ମି ୱାନି ଦୁକ୍ କାଜିଙ୍ଗ୍ ଆଡ୍‌ବିସ୍ ଆରି ଦୁକ୍ ଆଡ ।
୨ ✡ମି ଦାନ୍ ୱିସ୍‌ଦି ୱାତାତେ, ମି ହେନ୍ଦ୍ରା ଲିମ୍ ଚିଚାତେ,
୩ ଆରେ ମି ହନା ଆରେ ରୁପା ପ୍ରାଲ୍ ଆସ୍ତାତେ; ହେବେତାଂ ପ୍ରାଲ୍ ମି ବିରୁଡ୍‌ତ ସାକି ହିନାସ୍ ଆରି ନାଣି ଲାକେ ମି ଜେଇ
ତିଞ୍ଜ୍‌ନାତ୍ । ଇ ୱିସ୍ତି ଦିନ୍‌ତ ଏପେଙ୍ଗ୍ ଦାନ୍ ଇସ୍‌ପାତାଦେର୍ଣ୍ଣା !
୪ ୱେନାଟ୍ ମି ବାଡ୍‌ଦ ତାସ୍ ଡ୍ରେଜ୍‌ନାକାରିଂ ବୁତିତାବୁଙ୍ଗ୍ ହିୱାତାଦେର୍ଣ୍ଣା । ହେୱାର୍‌ତି ଏପ୍ ଇମ୍‌ଣି ମୁଡ୍ ହିଦ୍‌ୱାତାଙ୍ଗ୍‌ନା
ହେଦାଂ ବିଲ୍‌କିଆନାରା, ଆରେ ତାସ୍ ଡ୍ରେଜ୍‌ନାକାର୍‌ତି ରୁଣ୍ଡାୟ୍ ଦାନ୍ ୱିଜେଡ଼ିଂ ପୁନି ମାପୁ ଇସ୍ୱର୍ ୱେଚାନ୍ନା ।
୫ ଇ ଜଗତ୍‌ତ ମି ଜିବୁନ୍ ଦାର୍ଜାତ ବଗ୍ କିନାଦେରା ହାନି ଦିନ୍ତିନି ପସୁ ଲାକେ ଏପ୍ ମାନ୍ତ ଦୁମା ଆତାଦେର୍ଣ୍ଣା ।
୬ ଏପେଙ୍ଗ୍ ଦାମର୍ଙ୍ଗ୍ ଦସ୍‌ହିୱି ଲଗାଂ ଦସ୍‌ଆହି କିଜି ଟୁଟାଦେର୍ଣ୍ଣା; ହେୱାର୍ ମିଙ୍ଗେଙ୍ଗ୍ ଦସ୍ କିଦୁୱାତାର୍ଣ୍ଣା ।

## ସାସ୍ ଆସ୍ତି ପାର୍ତାନା କିୟାଟ୍

୭ ଇଚିସ୍, ଏ ଟଣ୍ଡାର୍ ଆରି ତଣ୍‌ଦେକାଦେର୍, ମାପୁତି ୱାନି ପାଟେକ୍ ସାସ୍ ଆସ୍ତି ମାନାଟ୍ । ହୁଡ଼ାଟ୍ କାମ୍‌ଲିୟା ମେଦ୍‌ନିତ
ଦାମ୍‌କିୟା ପାଡ୍ ଗାଟାଆନି କାଜିଙ୍ଗ୍ ସାସ୍ ଆଜି ଆଗେ ଆରି ୱିଜ୍‌ନି ବାର୍‌ହା ଆୱି ପାଟେକ୍ କାସି ମାନାନ୍ ।
୮ ଏପେଙ୍ଗ୍ ପା ସାସ୍ ଆଜି ଜାର୍ ଜାର୍ ୱାସ୍ନି ସୁସ୍ତା କିୟାଟ୍, ଇନେକିଦେଂକି ମାପୁତି ୱାନିଦିନ୍ ଲାଗାଂ ।
୯ ଏ ଟଣ୍ଡାର୍ ଆରେ ତଣ୍‌ଦେକାଦେର୍, ଏପେଙ୍ଗ୍ ଇନେସ୍ ଡାଣ୍ଡ ପାୟା ଆମାଟ୍, ଇଦାଂ କାଜିଙ୍ଗ୍ ହାରି ବିରୁଡ୍‌ତ ଗାଣ୍‌ଜୁ
କିମାଟ୍, ହୁଡ଼ାଟ୍ ବିଚାର୍‌କିନାକାନ୍ ଦୁୱେର୍ ଲାଗାଂ ନିଲ୍‌ତାନ୍ନା ।
୧୦ ଏ ଟଣ୍ଡାର୍ ଆରେ ତଣ୍‌ଦେକାଦେର୍ ଇମ୍‌ଣି ବେଣ୍‌ବାକ୍‌ଣାୟ୍‌କିନାକାର୍ ମାପୁତି ତର୍‌ଦାଂ କାତା ଇଞ୍ଜି ମାଚାର୍, ହେୱାରିଂ
ଏଡ୍ କିୟାଟ୍ । ଦୁକ୍ ବଗ୍ ୱେଡ଼ାଲିଂ ସାସ୍ ଆରି ହୁଦାର୍ ଆତିଲେ ହେୱାର୍ ମିଦାଂ ଉତର୍‌ମୁଡ୍ ଲାକେ ଆନାର୍ ।

✡ **୫:୨** ମାତିଉ ୬:୧୯.

୧୧ ହୁଡ଼ାଟ୍, ଇମ୍ଣାକାର୍ ଦାମର୍ ଆଜି ମାଚାର୍, ଆସେଙ୍ଗ୍ ହେୱାରିଂ ଦନ୍ୟ ଇଞ୍ଜି ଇନାସ୍ । ଏପେଙ୍ଗ୍ ଆୟୁବତି ଦାମର୍ ବିସ୍ରେ ୱେଚାଦେର୍ଣ୍ଣା । ଆରେ ମାପ୍ରୁତି ୱିସ୍ତି କାମାୟ୍ ହୁଡ଼ଜି ପୁଚାଦେର୍ଣ୍ଣା ଜେ, ହେୱେନ୍ କାର୍ମାତାଙ୍ଗ୍ ବାତର୍ ଆରି ୱାରିନିକାନ୍ ଆନାନ୍ ।

୧୨ ଲାଗିଂ, ଏ ନା ଟଣ୍ଡାର୍ ଆରି ତଣ୍‌ଦେକାଦେର୍, ପାର୍ମାଣ୍ କିମାଟ୍ ସାର୍ଗେନି ପାର୍ମାଣ୍ ଆଏଡ୍ କି ପୁତର୍ନି ପାର୍ମାଣ୍ ଆଏଡ୍, ବିନ୍ ଇମ୍ଣାକା ପା ବିସ୍ରେ ଅଜି ପାର୍ମାଣ୍ ଆଏଡ୍; ମାତର୍ ମିଦାଂ “ଆଁ” କାତା ଆଁ ଆଏଡ୍, “ଆକାୟ୍” କାତା ଆକାୟ୍ ଆଏଡ୍, ଇନେସ୍‌କି ଏପେଙ୍ଗ୍ ବିଚାର୍‌ତ ଡାଣ୍ଡ୍ ପାୟା ଆମାଟ୍ ।

୧୩ ମି ବିଡ୍ରେ ଇନାକା ଇନେର୍ କସ୍ଟ ବଗି କିନାନା ? ହେୱେନ୍ ପାର୍ତାନା କିଏନ୍ । ଇନେର୍ ଇନାକା ୱାରିନିକାନ୍ ଆନାନ୍ ? ହେୱେନ୍ ୱାରିନିକା କେର୍‌କଣ୍ କେରେନ୍ ।

୧୪ ✡ମି ବିଡ୍ରେ ଇନାକା ଇନେର୍ ବେମାର୍ ? ହେୱେନ୍ ମଣ୍ଡ୍‌ଲିନି ପ୍ରାଚିନାରିଙ୍ଗ୍ କୁକ୍‌ଚି; ହେୱାର୍ ମାପ୍ରୁତି ତର୍‌ଦାଂ ଚିକାଣ୍ କାସ୍‌ଦି ତା କାଜିଙ୍ଗ୍ ପାର୍ତାନା କିୟେର୍ ।

୧୫ ପାତର୍ମେହା ପାର୍ତାନା ହେ ବେମାର୍‌ନିକାନିଙ୍ଗ୍ ରାକ୍ୟା କିନାଡ୍, ଆରେ ମାପ୍ରୁ ତାଙ୍ଗ୍ ନିକ୍‌ନାଡ୍; ଆରେ ଜଦି ହେୱେନ୍ ପାପ୍ କିଜି ମାନାନ୍, ତା ଆଡିସ୍ ତାଙ୍ଗ୍ କେମା ହିଆନାଡ୍ ।

୧୬ ଲାଗିଂ, ହାରି ଲଗାଂ ଜାର୍ ଜାର୍‌ତି ପାପ୍ ଏତୁକିୟାଟ୍, ଆରେ ଉଜ୍ ଆନି କାଜିଙ୍ଗ୍ ହାରି କାଜିଂ ପାର୍ତାନା କିୟାଟ୍ । ଦାମର୍ ମାନାୟ୍‌ତିଂ ସାକ୍ତି ପାର୍ତାନା ଆଦିକ୍ କାମାୟ୍‌ତ ଲାଗାଦେଂ ଆଡ଼୍‌ଦାନାଡ୍ ।

୧୭ ଏଲିୟ ମା ଲାକେ ସୁକ୍ ଦୁକ୍ ମାନାୟ୍ ମାଚାନ୍; ବାର୍‌ହା ଆୱି କାଜିଙ୍ଗ୍ ହେୱାନ୍ ର ମାନ୍ତ ପାର୍ତାନା କିତାନ୍, ଆରେ ତିନି ବାର୍ହୁ ଚ ମାସ୍ ପାତେକ୍ ପୁତର୍ତ ବାର୍‌ହା ଆୱାତାଡ୍;

୧୮ ହେୱେନ୍ ଆରେରଗ ପାର୍ତାନା କିତିଲେ ବାଦାଡ଼୍‌ତାଂ ବାର୍‌ହା ଆତାଡ୍, ଆରେ ପୁତର୍ତ ଆରେରଗ ପାଡ଼୍ ଉବ୍‌ଜା ଆତାଡ୍ ।

୧୯ ଏ ନା ଟଣ୍ଡାର୍ ଆରି ତଣ୍‌ଦେକାଦେର୍, ମି ବିଡ୍ରେ ଜଦି ଇନେର୍ ହାଡ୍‌ପା ହାଜିଡ଼ାଙ୍ଗ୍ ବାଣାନାନ୍, ଆରେ ଇନେର୍ ତାଙ୍ଗେଙ୍ଗ୍ ତାହିୱାନାନ୍,

୨୦ ✡ଲାଗିଂ ଇନେର୍ ପାପିଙ୍ଗ୍ ବାନିୟା ହାଜିଦାଙ୍ଗ୍ ତାହିୱାନାନ୍, ହେୱେନ୍ ଜେ ତା ୱାସ୍କିତିଂ ହାକିତାଂ ରାକ୍ୟା କିନାନ୍ ଆରି ବେସି ପାପ୍ କେମା ଆନାଡ୍ ଇଦାଂ ପୁନାଟ୍ ।

---

✡ **୫:୧୪** ମାର୍କ ୬:୧୩. ✡ **୫:୨୦** ୧ ପିତର୍ ୪:୮.

# ପିତର୍ ଲେଖିଥିବା ପ୍ରଥମ ପତ୍ର
# ପିତର୍ ଲେକିକିତି ପର୍ତୁମ୍ ଆକି
## ପିତର୍‌ତି ପର୍ତୁମ୍ ଆକିନି ପାଦେକ୍

ପିତର୍‌ତି ପର୍ତୁମ୍ ଆକି ପକ୍ୟାତି ପିତର୍ ଲାହାଂ ଲେକାଜି ମାଚାଡ୍ । ପିତର୍ ହେୱାନ୍ ଇନେନ୍ ଆରି “ହେୱାନ୍” ଇନେରିଂ ଇ ଆକି ଲେକିକିନାନ୍ ହେ ବିସ୍ରେ ଇଞ୍ଜି ଆକି ଲେକିକିନାନ୍ । ହେୱାନ୍ ଇ ଆକିତ ସବୁ ଲଗୁ କ୍ରିସ୍ଟିନାରିଂ ୱାରି କିଜି ଆକି ଲେକିକିନାନା । ୧:୧; ୧:୧୭ ଆରି ୨:୧୧ ହେୱାନ୍ ତା ଲେକାମାନାକାରିଂ ଏଲେଂ ବାନି ୱାରି କିଜି ଲେକିକିନାନ୍, “ଇନାକିଦେଂକି ହେୱାର୍ ବିନ୍‌ବିନ୍ ଦେସ୍ତ ଜେତେକେତେ ଆଜି ମାଚାର୍ ।”

ଇନାକିଦେଂକି ଇ ଆକି ବାଗ୍‌ତ ଏପିସିୟ ମଣ୍ଡଲି ଲାଗାଙ୍ଗ୍ ପାଉଲ୍‌ତି ଆକି ଲାକେ ଆନାଡ୍ । ଏଚେଜାଣ୍ ପାର୍ତ କିତାର୍ ଜେ, ପର୍ତୁମ୍ ପିତର୍ ଜିସୁକ୍ରିସ୍ଟତି ଜଲମ୍‌ନି ୬୫ ବାର୍ହୁ ପାଚେ ଲେକାଆଜି ମାଚାଡ୍ । ପିତର୍ ଇ ଆକି ରମ୍‌ତାଂ ଇନାକା କି ଏୱାନ୍ ବାବିଲ୍ ଇଞ୍ଜି ଇନାର୍ ହେବେତାଂ ହେୱାନ୍ ଲେକିକିଜି ମାଚାନ୍ ୫:୧୩ ।

ପିତର୍ ଇ ଆକିତ ଲେକିକିତାନ୍ନା ଜେ, ଇ ଆକିନି ଇନାକା ମିଙ୍ଗେଙ୍ଗ୍ ସାସ୍ ହିନି କାଜିଂ ଆରି ଇସ୍ୱର୍‌ତି ହାଡ୍‌ପା ଉପ୍‌କାର୍ ପରିକ୍ୟା କିନାକା ୫:୧୨ । ଇବେ ବେସି ସମାନ୍ ମାନାଡ୍ ୧ ପିତର୍ ୨:୧୧; ୩:୭, ଏପିସିୟ ୫:୧୮–୬:୯ ଆରି କଲସିୟ ୩:୧୮–୪:୬ । ଇ ତିନ୍‌ଗଟା ଆକିନି ୱିଜୁ ପାଟ୍‌ତ ମେହାଣ୍ ଆରି ଆଦିକାର୍ ବିସ୍ରେ ବଲ୍ ହିନାଡ୍ । ହାରିହାରା ସମୁ ଏକାୱାତିଲେ କସ୍ଟ ସମୁ ପା ହାର୍‌କିଜି ତିର୍ ମାଞ୍ଜେଙ୍ଗ୍ କ୍ରିସ୍ଟିୟାନ୍‌ରିଂ ସାସ୍ ହିନାନା ୪:୧ ।

### ପତି ବିତ୍ରେନି ରାହାଣ୍

୧. ପିତର୍ ହେୱାନ୍ତି ପଡ଼ି କିନାକାରିଂ ଜାର୍‌ତି ଜାଣାଚିନା କିନାନ୍୧:୧-୨
୨. ପିତର୍ ଇସ୍ୱର୍‌ତିଂ ଦନ୍ୟବାଦ୍ ହିନାନ୍ ଜେ, ୱିଜାକାର୍ ଇସ୍ୱର୍‌ତି ମୁକ୍ତାନିତାକେ ମେହାଆଜି ହେୱାର୍‌ତି ଜିବୁନ୍‌ନି ର ହାଜି ୧:୩–୨:୧୦
୩. ପାଚେ ପୁର୍ତ ଇନେସ୍ ହାର୍ କିଜି ଜିଆନାଡ୍ ଆରି ଆଣ୍ଡ୍ରା ଆରି କଗ୍‌ଲେ, ମାପ୍ରୁ ଆରି ଆଡ଼ିଏନ୍ ବିତ୍ରେ ଇନେସ୍ ମେହାଣ୍ ଇଡ୍‌ଦେଂ ଆନାଡ୍ ହେଦାଂ ବଲ୍ ହିନାନା ୨:୧୧–୪:୧୧
୪. ଇଦାଂ ପାଚେ ପିତର୍ କସ୍ଟ ୱେଡ଼ାଲିଙ୍ଗ୍ ତିର୍ କିଜି ମାନ୍ୟାନାଡ୍ ହେ ବିସ୍ରେ ସାସ୍ ହିନାନା ୪:୧୨–୫:୧୧
୫. ହେୱାନ୍ତି ଲେକିକିନାକା ୱିସ୍ତାନ୍ ୫:୧୨-୧୪

୧ ଆନ୍ ପିତର୍ ଜିସୁ କ୍ରିସ୍ଟତି ରୱାନ୍ ପକ୍ୟାତାକାନ୍, ପନ୍ତ, ଗାଲାତିଆ, କାପ୍ପାଦକିଆ, ଆସିଆ ଆରି ବିତୁନିଆତ ରାଜିତ
ଜେତେକେତେ ଆଜି ବାଚିକିତି ମାନାୟ୍ ତିଙ୍ଗ୍ ଆକି ଲେକିକିନାଙ୍ଗା,
୨ ଆବା ଇସ୍ୱର୍‌ତି ପୁର୍ବେ ଗିଆନ୍ ଇସାପ୍ରେ ଜିବୁନ୍‌ତି ହୁଦାଂ ପୁଇପୁୟା କିୟା ଆଜି ମାନିକିଜି, ଆରେ ଜିସୁ କ୍ରିସ୍ଟତି
ନେତେର୍‌ତ ତିର୍‌ଆ ଆଦେଂ କାଜିଂ ବାଚି କିଆତାନ୍ନା, ମି କାଜିଂ ବେସି ଦୟା ଆରି ସୁସ୍ତା ଆୟେଡ୍ ।

### ର ଜିବୁନ୍‌ହିନି ବାସ୍ର୍

୩ ମା ମାପ୍ରୁ ଜିସୁ କ୍ରିସ୍ଟତି ଆବା ଇସ୍ୱର୍‌ତିଂ ଦନ୍ୟ ନାଦାଂ ଆଏଡ୍, ଇନାକିଦେଂକି ହେୱାନ୍ ତା ବେସି ଦୟାତ ଜିସୁ କ୍ରିସ୍ଟତି
ହାକିତ ଆରେ ନିଂନାକା ହୁକେ ଇଦାଂ ମାଙ୍ଗ୍ ଜିବୁନ୍ ବାସ୍ର୍‌ତ ପାୟାତି କାଜିଂ ।
୪ ଲାଗିଂ ଇସ୍ୱର୍ ତା ଲକୁ କାଜିଂ ଇମ୍‌ଣି ବେସି ମଲ୍ ଆସିର୍ବାଦ୍ ଇଡ଼୍‌ତାନ୍ନା ହେଦାଂ ପାୟାଦେଂ ଆପେଂ କାନାପା । ଲାଗିଂ
ହେୱାନ୍ ସାର୍ଗେତ ମି କାଜିଂ ବାର୍ତ କିଜି ଇଡ଼୍‌ତାନ୍ନା । ହେବେ ହେଦାଂ ଜିରା ଆଉଡ୍, କି ନସ୍ଟ କି ପାପ୍ ଆଉଡ୍ ।
୫ ଇମ୍‌ଣି ମୁକ୍‌ଡ଼ାନାକା ହାରିହାରା କାଡ଼୍‌ଦ ହନି କାଜିଂ ଜାଲ୍‌ଦି ଆତାନ୍ନା, ହେଦାଂ କାଜିଂ ଏପେଙ୍ଗ୍ ଇସ୍ୱର୍‌ତି ସାକ୍ତିତ ପାର୍ତ
ହୁଦାଂ ହାର୍‌ଇଟ୍ୟା ଆତାଦେର୍ଣ୍ଣା ।
୬ ଲାଗିଂ ଏପେଙ୍ଗ୍ ୱାରି କିୟାଟ୍, ଆତିସ୍‌ପା ନଂ ଅଲପ୍ ସମୁ କାଜିଂ ବାର୍‌ବିନି ପରିକ୍ୟା ହୁଦାଂ ଦୁକ୍‌ବଗ୍ କିନାକା ମି
ପାକ୍ୟାତ ଲଡ଼ା ଆନାଡ୍,
୭ ମି ପାର୍ତନି ହାର୍‌ଦାକା ପରିକ୍ୟା କିନାକା ଇ ସବୁନି ଉଦେସ୍ । ଜିରାତି ହନା ନାଣିତ ପରିକ୍ୟା କିୟାନାଡ୍ । ମି ପାର୍ତ
ହନା ବାଟା ଆଦିକ୍ ବେସିମଲ୍ ଆତିଲେ ପରିକ୍ୟା ହୁଦାଂ ହାର୍ଦାକା କୁନି ଲଡ଼ା । ହେଦାଂ ଆତିସ୍, ଜିସୁ କ୍ରିସ୍ଟ ହତି ୱାଡ଼ାଲିଂ,
ଏପେଙ୍ଗ୍ ୱାରି, ଜାଜ୍‌ମାଲ୍ ଆରି ସନ୍‌ମାନ୍ ଲାବ୍ କିନାଦେର୍ ।
୮ ଏପେଙ୍ଗ୍ ହେୱାନିଂ ହୁଡ଼୍‌ୱାଦାଂ ଜିଉନନାଦେରା, ଆରେ, ନଂ ପା ହୁଡ଼୍‌ୱିତିସ୍ପା ହେୱାନ୍‌ତାକେ ପାର୍ତ କିଜି ଇନ୍‌ୱିକାତା
ଆରି ଜାଜ୍‌ମାଲ୍ ମିହା ୱାରିତ ୱାରିୟା ଆନାଦେରା ।

୯ ୱାରି ଆଜି ମି ପାତର୍ନି ପାଡ୍ ଜେ ୱାସ୍କିନି ମୁକ୍ତି, ହେଦାଂ ପାୟାନାଦେରା । ବେଣ୍ବାକ୍ଣାୟ୍କିନାକାର୍ ମି କାଜିଂ
ବାଚିକିତି ଉପ୍କାର୍ ବିସ୍ରେ ବେଣ୍ବାକ୍ଣାୟ୍ କିୟାଟ୍ ।
୧୦ ଇ ମୁକ୍ଡ଼ାନାକା ବିସ୍ରେ ବେଣ୍ବାକ୍ଣାୟ୍କିନାକାର୍ ମାନ୍ଦିଆନ୍ ଲାକେ ଦାସ୍ସି ଆରି ଡେକ୍ଚି, ଇସ୍ୱର୍ତି ଦୟାଦାନ୍
ବିସ୍ରେ ବେଣ୍ବାକ୍ଣାୟ୍କିନାକା ହପ୍ଚି ମାଚାର୍ ।
୧୧ ହେ ଦାନ୍ ଇନାୱାଡ଼ାଙ୍ଗ୍ ଆରି ଇନେସ୍ ବାବ୍ରେ ପାୟାନାନ୍ ପୁନି କାଜିଂ ହେୱାର୍ ସେସ୍ଟା କିଜି ମାଚାର୍ ଇ ବିସ୍ରେ ପୁଇପୁୟା
ଜିବୁନ୍ତିଂ ଉପ୍କାର୍ତାଂ ହେୱାର୍ କ୍ରିସ୍ଟତି ଦୁକ୍ବଗ୍ ଆରି ପାଚେନି ଜାଜ୍ମାଲ୍ ପାୟାତି ବିସ୍ରେନି ଇଞ୍ଜି ମାଚାନ୍ ।
୧୨ ଇସ୍ୱର୍ ଲେକିକିତାକା ବେଣ୍ବାକ୍ଣାୟ୍କିନାକାର୍ ଲାଗାଂ ହପ୍ତାନ୍, ହେୱାର୍ ଜେ ଜାର୍ ଜାର୍ତି ହେବା କିୱାଦାଂ
ମିଦାଂ ହେବା କିଜି ମାଚାର୍, ଇଦାଂ ହେୱାର୍ ଲାଗାଂ ହସି ମାଚାଡ୍, ଆରେ, ହେୱିଜୁ ବିସ୍ରେ ସାର୍ଗେତାଂ ପକ୍ୟାତି ପୁଇପୁୟା
ଜିବୁନ୍ତି ସାକ୍ତିତାଂ ମି ଲାଗେ ନେକ୍ରିକାବୁର୍ ସୁଣାୟ୍କିନାକାର୍ତି ହୁଦାଂ ନଂ ମିଙ୍ଗେଙ୍ଗ୍ ଜାଣାୟ୍କିଦ୍ୟାନାତା; ହେ ସବୁ ବିସ୍ରେ
ଦୁତକ୍ ଇଟ୍କାଡ୍ କିଦେଙ୍ଗ୍ ମାନ୍କିନାର୍ ।

## ପୁଇପୁୟା ଜିବୁନ୍ କାଟିକିନି କାଜିଂ କୁକ୍ୟାନାକା

୧୩ ଲାଗିଂ, ଜାର୍ ଜାର୍ତି ମାନ୍ଲାଗ୍ଦି ମ୍ଲେଙ୍ଗ୍ ଗାଚ୍ୟା ଆଜି ଚେତ୍ନା ମାନାଟ୍, ଆରେ ଜିସୁ କ୍ରିସ୍ଟତି ହନି ୱେଡ଼ାଲିଂ ଇମ୍ଣି
ଉପ୍କାର୍ ମୁକ୍ଡ଼ାନାକା ମି କାଜିଂ ଆଏଡ୍, ହେବେ ବାତର୍ ବାସର୍ ଇଟାଟ୍ ।
୧୪ ଇସ୍ୱର୍ତି ବଲ୍ ମାନିକିନାକା ଆଡ, ମି ଆଗେ ପୁନ୍ୱି ଗିଆନ୍ ୱେଡ଼ାଲିଂ ବାନ୍ୟାଆହା ତାରେନ୍ ହାଲ୍ମାଟ୍,
୧୫ ମତର୍ ମି କୁକ୍ତାନାକାନ୍ ଇନେସ୍ ପୁଇପୁୟା, ଏପେଙ୍ଗ୍ ପା ବଲ୍ ମାନିକିନାକା ହିମ୍ଣାଙ୍ଗ୍ ଲାକେ ସବୁ ବେବାର୍ତ ହେ
ଲାକେ ପୁଇପୁୟା ଆଡୁ ।
୧୬ ଲାଗିଂ ସାସ୍ତ୍ରତ ଲେକା ମାନାଡ୍, "ଏପେଙ୍ଗ୍ ପୁଇପୁୟା ଆଡୁ, ଇନେକିଦେଂକି ଆପେଂ ପୁଇପୁୟା ।"
୧୭ ଆରେ ଇନେର୍ ମୁକ୍ମେଟ୍ କିୱାଦାଂ ଜାଣ୍କେ ଲକୁନି ପାର୍ତାନା ଇସାବ୍ରେ ବିଚାର୍ କିନାନ୍, ହେୱାନିଂ ଜଦି ଆବା ଇଞ୍ଜି
ଇନାଦେରା, ତେବେ ଜାର୍ ଜାର୍ତି ନାଣାଙ୍ଗେ ପାଣ୍ତ୍ରୁ ଆଜି ବେବାର୍ କିୟାଟ୍;
୧୮ ଏପେଙ୍ଗ୍ ପୁନାଦେର୍ ମି ଆବା ଲାଡ୍ରାର୍ ତାଙ୍ଗ୍ ପାୟାତି ରିତି ନିତିନି ପଲ୍ୟା ଜିବୁନ୍ତାଂ ମିଙ୍ଗେଙ୍ଗ୍ ମୁକ୍ଡ଼ାୟ୍ କିନି କାଜିଂ
ଏଚେକ୍ ମଲ୍ ହିଦେଂ ଲାଗ୍ଦାତାଡ୍ । ହେଦାଂ ବୁଡାଆନି ରୁପା କି ହନା ଆକାୟ୍,
୧୯ ମାତର୍ ହେଦାଂ ନିନ୍ଦାୱାଦାଂ, ପ୍ରାଲ୍ହିଲ୍ୱି ପୁଇପୁୟା ମେଣ୍ଡାହିମ୍ଣା ଲାକେ କ୍ରିସ୍ଟତି ବେସିମଲ୍ ନେତେର୍ତ
ମୁକ୍ଡ଼ାତାଦେର୍ଣ୍ଣା ।
୨୦ ହେୱାନ୍ ଜଗତ୍ନି ଉବ୍ଜାଣ୍ ଆଗେତାଂ ତିର୍ କିୟାଜି ମି କାଜିଂ ହାରିହାରା କାଡ଼୍ଦ ଚଞ୍ଜାତାନ୍ନା;
୨୧ ଇମ୍ଣି ଇସ୍ୱର୍ ହେୱାନିଂ ହାକି ବିଡ୍ରେତାଂ ନିକ୍ଚି ଜାଜ୍ମାଲ୍ କିତାନ୍ନା, ହେ ଇସ୍ୱର୍ତାଂ ଏପେଙ୍ଗ୍ ହେୱାନ୍ ହୁଦାଂ ପାତର୍
କିନାଦେରା, ହେ ଇସ୍ୱର୍ ମି ପାତର୍ ଆରି ବାସର୍ନିକାନ୍ ଆନାନ୍ ।
୨୨ ଏପେଙ୍ଗ୍ ହାଡ଼ପାନି ବଲ୍ ମାନି କିନାକା ଆଜି କାପ୍ଟିୟାୱାଦାଂ ଟଣ୍ଡେନ୍ ଜିଉନନାକା କାଜିଂ ଜାର୍ ଜାର୍ ଜିବୁନ୍ତି ସକଟ୍
କିଜିମାଚିଲେ ୱାସ୍କିନି ହୁକେ ରମାନ୍ତ ହାରି ଜିଉନୱାଟ୍;
୨୩ ଲାଗିଂ ଏପେଙ୍ଗ୍ ଜିରାନି ମାଞ୍ଜିଙ୍ଗ୍ତାଂ ଆକାୟ୍, ଆୱିଡିସ୍ ଜିରାୱି ମାଞ୍ଜିଙ୍ଗ୍ତାଂ, ଇଚିସ୍ ଇସ୍ୱର୍ତି ଜିଜି ମାନି ଆରି
ସବୁଦିନ୍ ମାନାକା ବଚନ୍ ହୁଦାଂ ଆରେ ଜଲମ୍ ଆତାଦେର୍ଣ୍ଣା ।
୨୪ ସାସ୍ତ୍ରତ ଲେକା ମାନାଡ୍,
"ମାନାୟ୍ ଜାତି କାଟ୍ରା ଲାକେ,
ହେୱାର୍ତି ୱିଜୁ ହଲ୍ନାକା ରାନ୍ତି ପୁଇ ଲାକେ,
କାଟ୍ରା ୱାଜ୍ଜି ହାନାଡ୍ ଆରେ ପୁଇ ହାଡ଼୍ଜି ହାନାଡ୍,
୨୫ ମାତର୍ ଇସ୍ୱର୍ତି ବଚନ୍ ୱିଜ୍ୱିକାଡ୍ ତିର୍ ।"
ଇଦାଂ ହେ ନେକ୍ରିକାବୁର୍ନି ବଚନ୍, ଇନାକା ମି ଲାଗାଂ ସୁଣାୟ୍ କିୟା ଆତାନ୍ନା ।

# ୨

## ଜିବୁନ୍ନି କାଲ୍ ଆରି ପୁଇପୁୟା କୁଟୁମ୍

୧ ଲାଗିଂ ମାପ୍ଲୁ ଜେ ଉପ୍କାର୍ କିନାକାନ୍, ଇଦାଂ ଜଦି ୱେଚ୍ଚାତାନ୍ନା ତାଆଡିସ୍ ସବୁ ବାନି ବାନ୍ୟା, ଚାଲାକି, କୁଟ୍, ଡାରା
ଆରି ଲକାର୍ନିନ୍ଦା ପିହାଟ୍ ।
୨ ମିଡ୍ ଆରି କୁଟ୍, ଡାରା ଆରି ଲକାର୍ ନିନ୍ଦା ଗ୍ଡାଇନାକା । ପୁନାକା ଚଞ୍ଚି ହିମ୍ଣାଲାକେ ଆଡ । ନିଡ୍ରେ ହାର୍ଦାକା ସବୁଦିନ୍
ପାଲ୍ ଉଣ୍ଡେଙ୍ଗ୍ ଏସ୍କି ଆଡ । ତା ଆଡିସ୍ ଏପେଙ୍ଗ୍ ବାଡା ଆଜି ମୁକ୍ଡ଼ାନାଦେର୍ ।
୩ ସାସ୍ତ୍ରତ ଲେକା ମାନାଡ୍, "ଇସ୍ୱର୍ ଜେ ଇନେସ୍ ଦୟା କିଦ୍ନାକାନ୍, ହେଦାଂ ଏପ୍ ଜାର୍ ବୁଦିତାଂ ପୁଚାଦେର୍ଣ୍ଣା ।"

୪ ଜିବୁନ୍‌ମାନି କାଲ୍ ଲାକେ ଜେ ହେ ମାପ୍ରୁ, ହେୱାନ୍ ମାନାୟାର୍ ହୁକେ ମୁନା କିୟାତାନ୍ ସତ୍, ମାତର୍ ଇସ୍ୱର୍‌ତି ତାକେ
ବାଚିକିୟା ଆତାନ୍ ଆରି ବେସି ମଲ୍ ଆତାନ୍ନା,
୫ ତା ଲାଗାଂ ୱାଜି ଏପେଙ୍ଗ୍ ପା ଜିସୁ କ୍ରିସ୍ଟତି ହୁଦାଂ ଇସ୍ୱର୍‌ତି ଲାହାଙ୍ଗ୍ ହାର୍‌ଇଟ୍ୟାନି ଆତ୍ମିକ୍ ପୁଜାକିନି କାଜିଂ ପୁଇପୁୟା
ମାପ୍ରୁହେବାକିନାକାର୍ ଆନି କାଜିଂ ଜିବୁନ୍‌ନି କାଲ୍ ଲାକେ ଆଜି ର ଆତ୍ମିକ୍ ଇଲ୍ ଲାକେ ରଚ୍ୟା ଆଡୁ ।
୬ ଇନେକିଦେଂକି ସାସ୍ତ୍ର୍‌ତ ଲେକା ଆତାଡ୍‌ନ୍ନା, ହୁଡ଼ାଟ୍,
“ଆପ୍ ସିୟନ୍‌ତ ରଞ୍ଜାଙ୍ଗ୍ ବାଚିକିତି ଆରି ବେସିମଲ୍ କନାନି ମୁଡ଼୍ କୁନାଦି କାଲ୍
ରଚ୍‌ଚାପ୍‌ନା, ଆରେ ଇନେନ୍ ହେୱାନ୍ତି ତାକେ ପାତର୍ କିତାର୍,
ହେୱାନ୍ ଲାଜା ଆଉନ୍ ।”
୭ ଲାଗିଂ ପାତର୍ କିନାଦେରା ଜେ ଏପେଙ୍ଗ୍, ଏପେଙ୍ଗ୍ ହେ ବେସିମଲ୍‌ନି ମିହାଣ୍ ଆନାଦେର୍, ମାତର୍ ଇମ୍‌ଣାକାର୍ ପାତର୍
କିଉର୍,
“ଇଲ୍ ରଚ୍‌ନାକାର୍ ଇମ୍‌ଣି କାଲ୍‌ଦିଂ ମୁନାକିତାର୍,
ହେଦାଂ ହେୱାର୍‌ତି ନଂ କନାନି ମୁଡ଼୍‌କାଲ୍ ଆତାଡ୍ ।”
୮ “ଆରେ, ପୁଇପୁୟା ସାସ୍ତ୍ର୍‌ତ ଆରେ ପା ଲେକାଆତାଡ୍‌ନା”
“ଇ କାଲ୍ ଜପି ଆଦିକ୍ ଉସ୍‌ନାର୍, ଇ କାଲ୍ ହେୱାର୍‌ତି ବୁଡାନି ବିସ୍ରେ ଆନାଡ୍ ।
ହେୱାର୍ ଇସ୍ୱର୍‌ତି ବଚନ୍‌ତ ପାତର୍ କିୱାତାର୍, ଲାଗିଂ ହେୱାର୍ ଅସ୍ତ୍ରାର୍ ।
ଆରେ ଇଦାଂ କାଜିଂ ପା ହେୱାର୍ ବାଚିକିୟାଜି ମାଚାର୍ ।”
୯ ମାତର୍ ଇସ୍ୱର୍ ଜେ ମିଙ୍ଗେଙ୍ଗ୍ ମାଜ୍‌ଗାତାଂ ଜାର୍ କାବାନି ଅଜଡ଼୍ ବିତ୍ରେତାଂ କୁକ୍‌ତାତାନ୍ନା, ଏପେଙ୍ଗ୍ ଇନେସ୍‌କି ତା ଗୁଣ୍
କେରାଟ୍, ଇଦାଂ କାଜିଂ ଏପେଦେର୍ ର ବାଚିକିତି ଜାତି, ରାଜାର୍‌ତି ମାପ୍ରୁହେବାକିନାକାର୍, ପୁଇପୁୟା ଜାତି ଆରେ ଇସ୍ୱର୍
ନିଜେନି ଲକୁ ଆତାଦେର୍ଣ୍ଣା ।
୧୦ “ଆଗେ ଏପେଙ୍ଗ୍ ଇସ୍ୱର୍ ଲକୁ ବାଚିକିୟାୱାଦାଂ ମାଚାଦେର୍, ମାତର୍ ନଂ ଇସ୍ୱର୍‌ତି ଲକୁ ଆତାଦେର୍ଣ୍ଣା, ଆଗେ ଏପେଙ୍ଗ୍
ଦୟା ପାୟା ଆୱାଦାଂ ମାଚାଦେର୍, ମତର୍ ନଂ ଦୟା ପାୟା ଆତାଦେର୍ଣ୍ଣା ।”

### ଇସ୍ୱର୍‌ତି କଡ଼୍‌କାଆଡ଼ିଏନ୍

୧୧ ଏ ୱାରିନିକାଦେର୍, ଏପେଙ୍ଗ୍ ଇ ସଁସାର୍‌ତ ବିଦେସ୍ୟା ଆରି ବାହା କିତାକାଦେର୍ ଲାକେ । ଲାଗିଂ ଗୱାରି କିଦ୍‌ନାଙ୍ଗା,
ଏପେଙ୍ଗ୍ ନିତ୍ରେ ଜିବୁନ୍ ବିରୁଦ୍‌ଦ ଜୁଜ୍ କିଜି ମାନି ଗାଗାଡ଼୍ ଆହା ତଲ୍ୟା ଆମାଟ୍ ।
୧୨ ଏପେଦେର୍ ପାତର୍ କିୱି ଜିହୁଦିର୍‌ତି ବିତ୍ରେ ହାର୍‌ବେବାର୍ କିୟାଟ୍, ଇନେସ୍‌କି ହେୱାର୍ ଇମ୍‌ଣି ବିସ୍ରେ ମିଙ୍ଗେଙ୍ଗ୍
ଦାରିୟା ଇଞ୍ଜି ନିଦା କିଦ୍‌ନାର୍, ମି ହାର୍ କାମାୟ୍ ହୁଡ଼୍‌ଜି ହେ ବିସ୍ରେ କ୍ରିସ୍ଟତି ୱାନି ଦିନ୍ତ ଦୟା ହୁଡ଼୍‌ନି ଦିନ୍ତ ଇସ୍ୱର୍‌ତି ଜାଜ୍‌ମାଲ୍
କିଦ୍‌ନାନ୍ ।
୧୩ ମାପ୍ରୁତି କାଜିଂ ୱିଜୁ ନାର୍‌ତି ରଚ୍‌ଚି ତଲ୍ୟା ଆଡୁ,
୧୪ ପର୍ତୁମ୍ ଗାଜା ରାଜା ନଲେ ଅନ୍ୟାୟ୍ କାମାୟ୍ କିନାକାରିଂ ସାସ୍ତି ହିନି କାଜିଂ ଆର ହାର୍ କାମାୟ୍ କିନାକାରିଂ ୱାରିକିଦେଂ
କାଜିଂ ହେୱାନ୍ତି ହୁଦାଂ ପକ୍ୟାତି ସାସନ୍‌କିନାକାର୍ ଆୟେର୍, ହେୱାର୍‌ତି ତଲ୍ୟା ଆଡୁ ।
୧୫ ଇନେକିଦେଂକି ଏପେଙ୍ଗ୍ ଜେ ହାଡ଼୍‌ପା କାମାୟ୍ କିଜି ନିର୍‌ବୁଦିୟାର୍ ପୁନ୍‌ୱି ଗିଆନ୍ତ ଇଞ୍ଜି ମାନି କାତା ବନ୍ଦ୍ କିୟାଟ୍,
ଇଦାଂ ଇସ୍ୱର୍‌ତି ମାନ୍,
୧୬ ଏପେଙ୍ଗ୍ ଜାର୍‌ତାରେନ୍ ଆତିସ୍‌ପା ମି ଜାର୍‌ତାରେନ୍ତିଙ୍ଗ୍ ଚୁଲ୍‌ଚୁଲିୟାନି ବାତର୍ ଲାକେ ବେବାର୍ କିୱାଦାଂ ନଲେ
ଇସ୍ୱର୍‌ତି ଆଡ଼ିଏନ୍ ଆଜି ହାଡ଼୍‌ପା କାମାୟ୍ କିୟାଟ୍ ।
୧୭ ୱିଜାରିଂ ସମାନ୍‌ୱାରି କିୟାଟ୍, କ୍ରିସ୍ଟଙ୍ଗ୍ ପାତର୍ କିନି ଟଣ୍ଡାରିଂ ଜିଉନୱାଟ୍, ଇସ୍ୱର୍‌ତିଂ ପାଣ୍ଡ୍ରା ଆଡୁ, ରାଜାଙ୍ଗ୍ ସମାନ୍‌ୱାରି
କିୟାଟ୍ ।

### କ୍ରିସ୍ଟତି ଦୁକ୍‌ତ ୱାରି

୧୮ ଆଡ଼ିୟାର୍, ଏପେଙ୍ଗ୍ ପାଣ୍ଡ୍ରା ଆଜି ଜାର୍ ଜାର୍ ହାଉକାର୍‌ରିଂ ତଲ୍ୟା ଆଡୁ, କେବଲ୍ ହାର୍ ଆରି ହୁଦାର୍ ହାଉକାର୍‌ରିଂ
ଆକାୟ୍, ମତର୍ ଦୟାହିଲ୍‌ୱାକାରିଂ ପା ତଲ୍ୟା ଆଡୁ ହେୱାରିଂ ସମାନ୍ ମାନି କିୟାଟ୍ ।
୧୯ ଇନେକିଦେଂକି ଇନେର୍ ଏଚେକାଡ଼୍‌ଦ ଇସ୍ୱର୍‌ତିଂ ପାତର୍ କିନି କାଜିଂ ଅନ୍ୟାୟ୍‌ତ ଦୁକ୍‌ବଗ୍ କିଜି କସ୍ଟ ହୁଞ୍ଜୁନାନ୍,
ବାଟିଙ୍ଗ୍ ହେଦାଂ ୱାରିନି ବିସ୍ରେ ।
୨୦ ଲାଗିଂ ଏପେଙ୍ଗ୍ ଜାର୍ ଜାର୍ ପାପ୍ କାଜିଂ ଜଦି ମାଡ଼୍ ହୁଞ୍ଜ୍‌ନାଦେର୍, ଲାଗିଂ ହେବେ କି ଇନାକା ଡାକ୍‌ପୁଟା ? ମାତର୍
ଜଦି ହାର୍ କାମାୟ୍ କିଜି ଦୁକ୍ ହୁଞ୍ଜ୍‌ନାଦେର୍, ଲାଗିଂ ହେଦାଂ ଇସ୍ୱର୍‌ତି ଲାଗାଂ ଆସିର୍ବାଦ୍ ବିସ୍ରେ ।
୨୧ ଇଦାଂ କାଜିଂ ନେ ଏପେଙ୍ଗ୍ ଆହ୍ୟାତାଦେର୍ଣ୍ଣା, ଇନେକିଦେଂକି ଏପେଙ୍ଗ୍ ଇନେସ୍ କ୍ରିସ୍ଟତି ପାନାଚିନା ହିଜି ହାନାଦେର୍,
ହେଦାଂ କାଜିଂ ହେୱାନ୍ ପା ମି କାଜିଂ ଦୁକ୍‌ବଗ୍ କିଜି ମିଙ୍ଗେଙ୍ଗ୍ ର ଗୁଣ୍ ଚଚ୍‌ଚିହିଜି ହାଚାନ୍ନା;

²² ହେୱାନ୍‌ ଇନାକାପା ପାପ୍‌ କିୱାତାନ୍‌, କି ହେୱାନ୍ତି ୱେଇଦାଂ ଇମ୍‌ଣାକା ପା ମିଚ୍‌ କାତା ଇନ୍‌ୱାଦାଂ ମାଚାନ୍‌ ।
²³ ହେୱାନ୍‌ ନିନ୍ଦା ପାୟାନି ୱେଡ଼ାଲିଂ ମାସ୍‌ଦି ନିନ୍ଦା କିୱାତାନ୍‌; ଦୁଗ୍‌ବଗ୍‌ କିନି ୱେଡ଼ାଲିଂ ଦୁକ୍‌ ବଗ୍‌ କିଦେଙ୍ଗ୍‌ ପାଣ୍ଡ୍ରୁ
କିୱାତାନ୍‌, ମାତର୍‌ ନିୟାୟ୍‌ ବିଚାର୍‌କିନାକାନ୍ତି କେଇଦ ୱିଜୁ ବିସ୍ରେ ହେଲାୟ୍‌ କିତାନ୍‌;
²⁴ ଆସେଙ୍ଗ୍‌ ଇନେସ୍‌ ପାପ୍‌ କାଜିଂ ହାଜି ମାନ୍‌ଞ୍ଜି ଦାମର୍ଁ କାଜିଂ ଜିବୁନ୍‌ ଜିପ୍‌କା କିନାସ୍‌, ଇଦାଂ କାଜିଂ ହେୱାନ୍‌ ଆପେ
କ୍ରୁସ୍‌ ଜପି ଜାର୍‌ ଗାଗାଡ଼୍‌ତ ମା ୱିଜୁ ପାପ୍‌ ପିଣ୍‌ତାନ୍‌; ହେୱାନ୍ତି ମାଡ଼୍‌ତ ଏପେଙ୍ଗ୍‌ ଉଜ୍‌ ଆତାଦେର୍ଣ୍ଣା ।
²⁵ ଇନେକିଦେଂକି ଏପେଙ୍ଗ୍‌ ମେଣ୍ଢା ଲାକେ ବିନ୍‌ ହାଜିଡ଼ ହାଲ୍‌ଜି ମାଚାଦେର୍‌, ମତର୍‌ ନଂ ମି ୱାସ୍କିତ ମାନି କିଦେଂ ଆରି
ମୁଣିକା ଲାଗାଂ ମାସ୍‌ଦି ୱାତାଦେର୍ଣ୍ଣା ।

# ୩

## ଆଣ୍ଡ୍ରାଙ୍ଗ୍‌ ଆରି କଗ୍‌ଲେତି ହିକ୍ୟା

¹ ହେ ଲାକେ, ଏ କଗ୍‌ଲେକ୍‌, ଏପେଙ୍ଗ୍‌ ଜାର୍‌ ଜାର୍‌ ଡକ୍ରାତର୍ଁ ତଲ୍ୟା ଆଡୁ । ଇନେସ୍‌ ହେୱାର୍‌ ବିଡ୍ରେତାଂ ଇନେର୍‌
ଇନେର୍‌ ବଚନ୍‌ନି ବଲ୍‌ ମାନିକିୱି ଆତିସ୍‌ ପା ଏପେଙ୍ଗ୍‌ ପାଣ୍ଡ୍ରା ଆୱାଦାଂ ନିଡ୍ରେବେବାର୍‌ ହୁଡ଼୍‌ଜି ବଚନ୍‌ ପିସ୍‌ସି ଜାର୍‌ ଜାର୍‌
ଟଣ୍ଡ୍ରେନ୍‌ ବେବାର୍‌ ହୁଦାଂ ବାଦ୍‌ଲା ଆନାଡ଼୍‌ ।
² ଇନେସ୍‌ ହେୱାର୍‌ ବିଡ୍ରେତାଂ ଇନେ ଇନେର୍‌ ବଚନ୍‌ନି ବଲ୍‌ମାନି କିତିସ୍‌ପା ଏପେଙ୍ଗ୍‌ ପାଣ୍ଡ୍ର ଆୱାଦାଂ ସମାନ୍‌ ବେବାର୍‌
ହୁଡ଼୍‌ଜି ବଚନ୍‌ ପିସ୍ତି ଜାର୍‌ ଜାର୍‌ ଡକ୍ରିନି ବେବାର୍‌ ହୁକେ ବାଦ୍‌ଲା ଆନାର୍‌ ।
³ ☆ଆରେ ତେମୁଲ୍‌ ବେସ୍‌, ହନା ହାସ୍‌କୁ ତୁସ୍‌ନାକା ଆରି ହାଡ଼୍‌ଦି ହେନ୍ଦ୍ରା ଉସ୍‌ପାନାକା, ଏଲେଙ୍ଗ୍‌ ଇମ୍‌ଣି ବାଡ଼୍‌ତାକା
ଆର୍ପାନାକା, ହେଦାଂ ଏପେଙ୍ଗ୍‌ ଆର୍ପାନାକା ହାର୍‌ ଆକାୟ୍‌,
⁴ ହାଡ଼୍‌ପା ହଲ୍‌ନାକା ନେ ମାନ୍ତ ଇମ୍‌ଣି କଁଆଣ୍‌ ଆରି ସୁସ୍ତାମିହା ଡ଼କ୍ତି ମାନ୍‌ବାଦ୍‌ନା ଇସ୍ୱର୍‌ତି ମୁମ୍‌ଦ ବେସିମଲ୍‌, ହେଦାଂ
ନେ ମି ଜିରାୱି ହାରାଂ ଆଏଡ଼୍‌ ।
⁵ ଇନେକିଦେଂକି ଆଗେକାଡ଼୍‌ଦ ଦାମର୍ଁନି ପୁଇପୁୟା କଗ୍‌ଲେକ୍‌ ପା ଇସ୍ୱର୍‌ତି ତାକେ ବାସର୍ଁ ଇଡ଼୍‌ଜି ଜାର୍‌ ଜାର୍‌ ଡକ୍ରାତି
ତଲ୍ୟା ଆଜି ଇ ବାନି ଜାର୍‌ ଜାର୍‌ତିଂ ତୁସ୍‌ଜି ମାଚିକ୍‌ ।
⁶ ସାରା ହେ ଲାକେ ର କଗ୍‌ଲେ ମାଚାଡ଼୍‌ । ହେଦେଲ୍‌ ଅବ୍ରାହାମ୍‌ ତଲ୍ୟା ଆଜି ହେୱାନିଂ ମାପ୍ରୁ ଇଞ୍ଜି ଇଞ୍ଜି ମାଚାଡ଼୍‌ ।
ଏପେଙ୍ଗ୍‌ ନଂ ହେୱାନ୍ତି ଗାଡ଼୍‌ଚେକ୍‌ । ଜଦି ହାର୍‌ ବେବାର୍‌ କିତିସ୍‌, ତା ଆତିସ୍‌ ଇମ୍‌ଣି ବିସ୍ରେ ମିଙ୍ଗେଙ୍ଗ୍‌ ଆରେ ପାଣ୍ଡ୍ର କ୍ରିଦେଙ୍ଗ୍‌
ଆଡ଼୍‌ଦୁର୍‌ ।
⁷ ହେ ବାନି, ଏ ଡକ୍ରାର୍‌, ମି ପାର୍ତାନାତ ଇନେସ୍‌ ବାଦା ଆମେଡ଼୍‌, ଇଦାଂ କାଜିଂ ଡକ୍ରିକାଂ ପାଚେନିଦିନ୍‌ତ ନାଦାର୍‌ ଗାଡ଼୍‌
ଆରି ଜାର୍‌ତି ଲାହାଙ୍ଗ୍‌ ଜିବୁନ୍‌ ଲାଗ୍‌ଦି ଉପ୍‌କାର୍‌ ଦାନ୍‌ନି ରଚେ ଆଦିକାର୍‌ଣ୍ଡି ପୁନ୍‌ଞ୍ଜି ହେୱେକାଂ ୱାରି କିୟାଟ୍‌ ଆରେ ଗିଆନ୍ତ
ହେୱେକ୍‌ ଲାହାଂ ମାନାଟ୍‌ ।

## ଦାମର୍ଁ କାଜିଂ ଦୁକ୍‌ବଗ୍‌

⁸ ହାରିହାରା କାତା ଇଦାଂ, ଏପେଙ୍ଗ୍‌ ୱିଜାଦେର୍‌ ରମାନ୍‌, ହାରି ସୁକ୍‌ଦୁକ୍‌ତ ସମାନ୍‌ ବଗ୍‌, ଟଣ୍ଡ୍ରେନ୍‌ଲାଡ଼୍‌ତ ଜିଉନନାକା,
କଁଆଣ୍‌ ମାନ୍‌ ଆରି ହୁଦାର୍‌ ମାନ୍‌ ଆଡୁ;
⁹ ନସ୍ଟ ବାଦୁଲ୍‌ ନସ୍ଟ କି ନିନ୍ଦା ବାଦୁଲ୍‌ ନିନ୍ଦା କିୱାଦାଂ ବିନ୍‌ ପାକ୍ୟାତ ନଲେ ଆସିର୍ବାଦ୍‌ କିୟାଟ୍‌, ଇନେକିଦେଂକି ଏପେଙ୍ଗ୍‌
ଇନେସ୍‌ ଆସିର୍ବାଦ୍‌ନି ଆଦିକାର୍‌ ଆନାଦେର୍‌, ଇଦାଂ କାଜିଂ କୁକ୍ୟାତାଦେର୍ଣ୍ଣା ।
¹⁰ ପୁଇପୁୟା ସାସ୍ତ୍ରତ ଲେକା ମାନାଡ଼୍‌,
“ଇନେର୍‌ ଜିବୁନ୍‌ନି ସୁକ୍‌ବଗ୍‌ କିଦେଙ୍ଗ୍‌
ଆରେ ଜିଉନନି ଦିନ୍‌ ହୁଡ଼୍‌ଦେଂ ଇଚା କିନାନ୍‌,
ହେୱାନ୍‌ ବାନ୍ୟା ବଚନ୍‌ତାଂ ଜାର୍‌ ୱେନ୍ଦୁଲ୍‌ତିଂ
ଆରେ ନିନ୍ଦାନି ବଚନ୍‌ତାଂ ଜାର୍‌ ଓଟିତିଂ ଚିମ୍ରା କିଏନ୍‌;
¹¹ ହେୱାନ୍‌ ବାନ୍ୟାତାଂ ମାସ୍‌ଦି ହାଡ଼୍‌ଦି କାମାୟ୍‌ କିଏନ୍‌;
ଆରି ୱାସ୍କିନିକାତା ଲାହାଂ ସୁସ୍ତାନି ଆସିର୍ବାଦ୍‌ କିନାସ୍‌ ।
¹² ଇନେକିଦେଂକି ଦାମର୍ଁ ଲଗାତର୍ଁ କାଜିଂ ମାପ୍ରୁତି ନଞ୍ଜର୍‌ ମାନାଡ଼୍‌, ହେୱାର୍‌ତି ପାର୍ତାନା କାଜିଂ ହେୱାନ୍ତି କିତୁଲ୍‌ ଜେୟା
ଆତାନ୍ରା, ମାତର୍‌ ମାପ୍ରୁତି ୱେଇ ବାନ୍ୟାଲଗାତର୍ଁ ବିରୁଦ୍‌ତ ମାନାଡ଼୍‌ ।”
¹³ ଆରେ ଏପେଙ୍ଗ୍‌ ଜଦି ହାଡ଼୍‌ଦି ବିସ୍ରେ ଆଗେ ଆଡ, ବାଟିଙ୍ଗ୍‌ ଇନେର୍‌ ମିଦାଂ ନସ୍ଟ କିଦ୍‌ନାର୍‌ ?
¹⁴ ଆରେ ଜଦି ପା ଦାମର୍ଁ କାଜିଂ ମିଂ ଦୁକ୍‌ବଗ୍‌ କିଦେଙ୍ଗ୍‌ ଲାଗ୍‌ଦାନାଡ଼୍‌, ତା ଆତିସ୍‌ ମିଙ୍ଗ୍‌ ଦନ୍ୟ । ହେୱାର୍‌ ପାଣ୍ଡ୍ର କ୍ରିଡ଼୍‌ତିସ୍‌
ପାଣ୍ଡ୍ରା ଆଜି ବିଲ୍‌କି ଆମାଟ୍‌;

☆ **୩:୩** ୧ ତିମତି ୨:୯.

୧୫ ମାତର୍ କ୍ରିସ୍ଟତିଂ ମାପ୍ରୁ ଇଞ୍ଜି ଜାର୍ ଜାର୍ ମାନ୍‌ତିଂ ପୁଇପୁୟା ଲାକେ ମାନି କିୟାଟ୍ । ମି ତାକେ ମାନି ବାସର୍ନି କାରଣ୍
ବିସ୍ରେ ଇନେର୍ ପର୍‌ସନ୍ କିତିସ୍, ହେୱାନିଂ ଉଲ୍‌ଟି ଉତର୍ ହିଦେଂ ଜାଲ୍‌ଦି ଆଜି ମାନାଟ୍,
୧୬ ମାତର୍ ହୁଦାର୍ ଆରି ହାର୍ ବାବ୍ରେ ଉତର୍ ହିୟାଟ୍, ମି ବାବ୍‌ନାତିଂ ନିର୍‌ମଲ୍ ଇଟାଟ୍ । ତା ଆତିସ୍, ଏପେଙ୍ଗ୍ କ୍ରିସ୍ଟତି
ପାଚେହାନି ଲାକେ ସମାନ୍ ସନ୍‌ମାନ୍ କିନିୱେଡ଼ାଂ, ଇମ୍‌ଣାକାର୍ ମିଙ୍ଗ୍ ମିଚ୍ ନିନ୍ଦାକିଦ୍‌ନାର୍, ହେୱାର୍ ଲାଜୁ ଆନାର୍ ।
୧୭ ଇନେକିଦେଂକି ବାନ୍ୟାକାମାୟ୍ କାଜିଂ ଦୁକ୍‌ବଗ୍ କିନି ତାଂ ନଲେ ଜଦି ଇସ୍ୱର୍‌ତି ଇଚା ଆତିସ୍, ତା ଆତିସ୍ ସତ୍‌କାମାୟ୍
କାଜିଂ ଦୁକ୍‌ବଗ୍ କିନାକା ହାର୍ ।
୧୮ ଲାଗିଂ ମା ଇସ୍ୱର୍‌ତି ଲାଗାଂ ତାନି କାଜିଂ ଜିସୁ କ୍ରିସ୍ଟ ପା ଦାମର୍ ଆଜି ଅଦାମର୍ତି କାଜିଂ ପାପ୍ ଆତିଲେ ରଗ ହାକିବଗ୍
କିତାନ୍ । ହେୱାନ୍ ଗାଗାଡ଼ତ ହାକିବଗ୍ କିନାକାନ୍ ହାଡ଼ପା, ମାତର୍ ଜିବୁନ୍ତ ଜିତାନ୍;
୧୯ ହେବେ ପା ହେୱାନ୍ ଗେହ୍ୟାତି ଜିବୁନିକାଂ ଲାଗାଂ ହାଲ୍‌ଜି ସୁଣାୟ୍ କିତାନ୍;
୨୦ ଆଗେକାଡ଼ଦ ନହତି ସମୁତ ଜାଜ୍ ରଚ୍‌ନି ୱେଡ଼ାଲିଂ, ଏଚେକାଡ଼ଦ ଇସ୍ୱର୍ ଲାମାହୁଦାର୍ ଆଜି କାସିମାଚାନ୍,
ହେଡ୍‌ୱେଡ଼ାଲିଂ ହେୱାର୍ ଅମାନ୍ୟା ଆତାର୍ । ହେ ଜାଜ୍‌ତ ହଣ୍‌ଜି ଅଲପ୍ ଲକୁ, ଇଚିସ୍ କେବଲ୍ ଆଟ୍ ଜାଣ୍, ଏଜୁଙ୍ଗ୍ ବିଡ୍ରେତାଂ
ରାକ୍ୟା ପାୟାତାର୍;
୨୧ ହେବେନି ର ଲାକେ ବାପ୍ତିସିମ୍ ଇଚିସ୍ ଗାଗାଡ଼ନି ତୁକେର୍ ହାଚ୍‌ଚେଙ୍ଗ୍ ଆକାୟ୍, ମାତର୍ ଇସ୍ୱର୍‌ତି ଲାଗାଂ ସକଟ୍
ହାର୍‌ଦି ବାବ୍‌ନା ଗାଟାଦେଂ କାଜିଂ ପାର୍ତାନା, ଜିସୁ କ୍ରିସ୍ଟତି ଆରେ ନିଂନି ହୁଦାଂ ନଂ ମିଂ ମୁକ୍ତି କିଡ଼ତାନ୍‌ନା;
୨୨ ହେ ଜିସୁ କ୍ରିସ୍ଟ ସାର୍ଗେ ଦୁମ୍‌ଜି ଇସ୍ୱର୍‌ତି ବୁଜ୍‌ଣି ବାଗାଙ୍ଗ୍ କୁଚ୍‌ଚାନ୍ନା, ଆରେ ଦୁତକ୍, ଆଦିକାର୍ ବାପୁ ଆରି ସାକ୍ତିକାଟିକିକ୍
ହେୱାନ୍ତି ତଲ୍ୟା ଆତିକ୍‌ନା ।

# ୪

## ବାଦ୍‌ଲାନି ଜିବୁନ୍

୧ କ୍ରିସ୍ଟତି ଗାଗାଡ଼ତ ଦୁକ୍‌ବଗ୍ କିତିଲେ ଏପେଙ୍ଗ୍ ପା ହେ ଲାକେ ମାନ୍ ଆଜି ଜାର୍‌ତିଂ ରଚାଟ୍, ଇନେକିଦେଂକି ଇନେନ୍
କ୍ରିସ୍ଟତି କାଜିଂ ଗାଗାଡ଼ତ ଦୁକ୍‌ବଗ୍ କିତାନ୍ନା, ହେୱାନ୍ ପାପ୍‌ତାଂ ଦେହା ଆତାନ୍ନା,
୨ ଇନେସ୍ ଏପେଙ୍ଗ୍ ଜଗତ୍‌ନି ଜିବୁନ୍ ବାକି କାଡ଼ ମାନାୟ୍‌ତିଂ ବାନ୍ୟାଆହା ଇସାପ୍ରେ କାୱାଦାଂ ଇସ୍ୱର୍‌ତି ଇଚା ଇସାପ୍ରେ
କାଡୁ ।
୩ ଲାଗିଂ ପାତର୍କିୱି ଜିହୁଦିର୍‌ତି ଇଚା ଇସାପ୍ରେ କାମାୟ୍ କିଜି ଏପେଙ୍ଗ୍ ଏଚେ କାଡ଼ ବାନ୍ୟାକାମାୟ୍, ବାନ୍ୟା ଆହା,
କାଲିଂଗହ୍‌ନାକା, ରଙ୍ଗ୍‌ରାସିକା, ହଜ୍‌ଜି ଆରି ଗିଣ୍ ପୁତ୍‌ଡ଼ା ପୁଜା କିଜି ମାଚାଦେର୍, ହେଦାଂ ଲଡ଼ା;
୪ ଏପେଙ୍ଗ୍ ନଂ ହେ ଲାକେ ଚିମ୍‌ରାଆୱାଦାଂ କାମାୟ୍‌ତ ହେୱାର୍ ଲାହାଙ୍ଗ୍ ମାନ୍‌ୱାଦାଂ ହେୱାର୍ କାବା ଆଜି ମିଙ୍ଗେଙ୍ଗ୍
ନିନ୍ଦା ହିଡ଼ତାର୍ଣ୍ଣା ।
୫ ମାତର୍ ଇମ୍‌ଣି ଇସ୍ୱର୍ ଜିତାକାନ୍ ଆରି ହାତି ଲଗାରିଂ ବିଚାର୍ କିନାନ୍, ହେୱାନ୍ତି ମୁମ୍‌ଦ ହେୱାର୍‌ତି ଇସାବ୍ ହିଦେଂ
ଆନାଡ଼ ।
୬ ଇନେକିଦେଂକି ଇ ହିସାପ୍ରେ ହାତାକାର୍ ଲାଗେ ପା ନେକ୍ରିକାବୁର୍ ସୁଣାୟ୍ କିୟାତାଡ଼, ଇନେସ୍ ହେୱାର୍ ମାନାୟ୍ ଲାକେ
ଗାଗାଡ଼ତ ବିଚାର୍ଣ୍ଣା ଆତିସ୍‌ପା ଇସ୍ୱର୍‌ତି ଲାକେ ଜିବୁନ୍ତ ଜିବୁନ୍ ଆନାନ୍ ।

## ଇସ୍ୱର୍‌ତି ଦାନ୍ ହାର୍‌ଦି କାର୍‌ନିୟା

୭ ମତର୍ ୱିଜୁ ବିସ୍ରେ ୱିସ୍ରିକାଡ଼ ଲାଗେ । ଲାଗିଂ ହାର୍‌ବୁଦି ଆଡୁ, ଆରେ ପାର୍ତାନା କିନି କାଜିଂ ଚେତ୍‌ନା ମାନାଟ୍
୮ ଇଚିସ୍ ଜବର୍ ଜିଉନତିଲେ ହାରି ଜିଉନବିସ୍ ମାନାଟ୍, ଇନେକିଦେଂକି ଜିଉନନିତ ବେସି କିଜି ପାପ୍‌ତ ଡାବାୟ୍ କିନାଡ଼
।
୯ ମଡ଼ିଆୱାଦାଂ ହାରି ଲବାୟ୍ କିୟାଟ୍;
୧୦ ଜାଣ୍‌କେ ଲକୁ ସସ୍ ଇନେସ୍ ଉପ୍‌କାର୍ ଦାନ୍ ପାୟା ତାଦେର୍ଣ୍ଣା, ହେ ଲାକେ ଇସ୍ୱର୍‌ତି ବେସି ବିଦି ଦୟାନି ହାର୍
କାର୍‌ନିୟା ଲାକେ ତାହୁଦାଂ ହାରି ହେବା କିୟାଟ୍,
୧୧ ଇନେର୍ ଜଦି ସୁଣାୟ୍ କିନାନ୍, ବାଟିଙ୍ଗ୍ ହେୱାନ୍ ଇସ୍ୱର୍‌ତି ବଚନ୍ ସୁଣାୟ୍‌କିନାକାନ୍ ଲାକେ ସୁଣାୟ୍ କିଏନ୍; ଇନେର୍
ଜଦି ହେବା କିନାନ୍, ବାଟିଙ୍ଗ୍ ହେୱାନ୍ ଇସ୍ୱର୍‌ତାଂ ସାକ୍ତିଗାଟାନି ମାନାୟ୍ ଲାକେ ହେବା କିଏନ୍, ଇନେସ୍ ଜିସୁ କ୍ରିସ୍ଟ ହୁଦାଂ
ଇସ୍ୱର୍‌ତି ଜାଜ୍‌ମାଲ୍ ଆନାଡ଼; ଜୁଗ୍ ଜୁଗ୍ ଜାଜ୍‌ମାଲ୍ ଆରି ବାପୁ ହେୱାନ୍ତି । ଆମେନ୍ ।

## କ୍ରିସ୍ଟିୟାନ୍ତି ଦୁକ୍‌ବଗ୍

୧୨ ଏ ୱାରିନିକାଦେର୍, ମି ପରିକ୍ୟା କାଜିଂ ଇମ୍‌ଣି ଦୁକ୍‌ବଗ୍‌ବାତର୍ ନାଣି ଏକାୱାତାଡ଼ନା, ହେଦାଂ ଚାନ୍ୟା ଗଟ୍‌ଣା ଇଞ୍ଜି
ବାବି କିଜି କାବା ଗିଆନ୍ ଆମାଟ୍;
୧୩ ଇଚିସ୍ ଏଚେକ୍ ଲଡ଼ା କ୍ରିସ୍ଟତି ଦୁକ୍‌ବଗ୍‌ନି ମେହା ଆନାଦେରା, ହେ ଏଚେକ୍ ୱାରି କିୟାଟ୍, ଇନେସ୍ ହେୱାନ୍ତି ଜାଜ୍‌ମାଲ୍
ଆନି ସମୁତ ପା ଏପେଙ୍ଗ୍ ବେସି ୱାରିତ ୱାର୍‌ୟା ଆନାଦେର୍ ।

୧୪ ଜଦି ଏପେଙ୍ଗ୍ କ୍ରିସ୍ଟତି ତର୍ କାଜିଂ ନିନ୍ଦା ଆନାଦେର୍, ତାଆତିସ୍ ଏପେଙ୍ଗ୍ ଦନ୍ୟ, ଇନେକିଦେଂକି ଜାଜ୍‌ମାଲ୍‌ନି ଜିବୁନ୍,
ଇଚିସ୍ ଇସ୍ୱର୍‌ତି ଜିବୁନ୍, ମି ତାକେ ବାହା କିନାତା ।
୧୫ ଲାଗିଂ ମି ବିତ୍ରେ ଇନେର୍ ଟୁଣାକାନ୍, କି ମୁଣ୍ଡକେନ୍, କି ନାସ୍ଟିଆ କୁଲର୍ଆ ଆଜି ଡ଼ାଣ୍ଡ୍ ବଗ୍ କିମେନ୍;
୧୬ ମାତର୍ ଜଦି କ୍ରିସ୍ଟିୟାନ୍ ଆତିଲେ ଡାଣ୍ଡ୍ ବଗ୍ କିନାନ୍, ତାଆତିସ୍ ହେୱାନ୍ ଲାଜ୍ କୁଇ କିମେନ୍, ନଲେ ଇ ତର୍ କାଜିଂ
ଇସ୍ୱର୍‌ତିଂ ପାର୍ତାନା କିନାସ୍ ।
୧୭ ଇନେକିଦେଂକି ଇସ୍ୱର୍‌ତି ଇଲ୍‌ତାଂ ହାଂଜି ବିଚାର୍ କିନି ସମୁ ଏକାୱାତାଡ଼ନା; ଆରେ ଜଦି ହିଗ୍‌ଦ ମା ତାଂ ହାଙ୍ଗ୍‌ତିସ୍,
ବାଟିଙ୍ଗ୍ ଇମ୍‌ଣାକାର୍ ଇସ୍ୱର୍‌ତି ନେକ୍ରିକାବୁର୍‌ତ ପାତର୍ କିଉର୍ ତା ଆତିସ୍, ହେୱାର୍‌ତି ହାରିହାରା ଦସା କି ଇନାକା ଆଉତ୍
!
୧୮ ଆରେ ଦାମର୍ ଲଗୁ
“ଜଦି କସ୍ଟତ ମୁକ୍ତି ପାୟାଆନାନ୍,
ବାଟିଙ୍ଗ୍ ଅଦାମର୍ ଆରି ପାପିର୍ ଦସା ଇନାକା ଆଉତ୍ !”
୧୯ ଲାଗିଂ, ଇମ୍‌ଣାକାର୍ ଇସ୍ୱର୍‌ତି ଇଚାତ ଦୁକ୍‌ବଗ୍ କିନାନ୍, ହେୱାର୍ ପାତର୍‌ନି ଉପ୍‌ଜାଣ୍‌କାର୍‌ୟାତି କେଇଦ ଜାର୍ ଜାର୍
ୱାସ୍କିତିଂ ହେଲାୟ୍ କିଜି ହ୍ରାର୍ କାମାୟ୍‌ନି ଦ୍ୟାନ୍ତ ମାନେର୍ ଇନେକିଦେଂକି ହେୱାନ୍ ନିତ୍ରେ ହେୱାନ୍ତି ପାର୍ମାଣ୍ ରାକ୍ୟା କିନାନ୍
।

## ୫

### ଇସ୍ୱର୍‌ତି ମେଣ୍ଡାମାନ୍ଦା

୧ ଆନ୍ ରୱାଙ୍ଗ୍ ବୁଡ଼ାଲୁ ଇସାପ୍‌ତାଂ ମି ମଣ୍ଡଲିନି ବୁଡ଼ାଲୁରିଂ ଗୱାରି କିଜି ଇନାଙ୍ଗା । ଲାଗିଂ, ରୱାନ୍ ହାଙ୍ଗ୍‌ଦି ପାର୍‌ଚିନ୍
ଆରେ କ୍ରିସ୍ଟତି ଦୁକ୍‌ବଗ୍‌ନି ସାକି ଆରି ୱାନି ଜାଜ୍‌ମାଲ୍‌ନି ମେହାଣ୍ ଆଦିକାରି ଜେ ଆନ୍, ଆନ୍ ମି ବିତ୍ରେ ମାନି ବୁଡ଼ାଲୁରିଂ
ଗୱାରି କିନାଙ୍ଗା,
୨ ✡ଇସ୍ୱର୍ ମି କେଇଦ ଇମ୍‌ଣି ମେଣ୍ଡା ମାନ୍ଦାତିଂ ହେଲାୟ୍ କିତାନ୍‌ନା, ଆନ୍ ଗୱାରି କିଦ୍‌ନାଙ୍ଗା, ଏପେଙ୍ଗ୍ ମାନ୍‌ହିଲାଦାଂ
ହେଦାଂ କିୱାଦାଂ ୱାରିତାଂ ହେୱାରିଂ ଜାତୁନ୍ କିୟାଟ୍, ଦାନ୍ ଲାବ୍‌ଡ଼ି ଆହାତାଂ ହେଦାଂ କିୱାଦାଂ ହାଡ଼୍‌ପା ହେବା ମାନ୍‌ବାବ୍‌ନା
ଲାହାଂ ମି କାମାୟ୍ ଉପାୟ୍ କିୟାଟ୍ ।
୩ ଆରେ ଇମ୍‌ଣାକାର୍ ଦାଇଡ୍ ମି କେଇଦ ହେଲାୟ୍ ଆତାଡ଼୍‌ନ୍ନା, ହେୱାର୍ ଜପି କିନିପାଣ୍ କିୱାଦାଂ ମାନ୍ଦା ୱାରିୟାତି
ଲାକେ ଆଜି ହେଦାଂ କିୟାଟ୍ ।
୪ ହେବେଣ୍ଡାଂ ମୁଡ଼୍ ପାଲକ୍ ହନି ସମୁତ ଏପେଙ୍ଗ୍ ଜାଜ୍‌ମାଲ୍‌ନି ମୁକୁଟ୍ ଗାଟାନାଦେର୍ ଆରି ତାଦି ୱିଜ୍‌ୱି ମୁକୁଟ୍
ପାୟାନାଦେର୍ ।
୫ ହେ ଲାକେ, ଏ ଦାଂଣାର୍, ଏପେଙ୍ଗ୍ ବୁଡ଼ାଲୁର୍‌ତି ତଲ୍ୟା ଆଡୁ । ୱିଜାଦେର୍ ହାରି କାଜିଂ ହୁଦାର୍ ବାତର୍ ଆଙ୍ଗି ଉସ୍ପାଟ୍,
ଇନେକିଦେଂକି “ସାସ୍ତର୍‌ତ ଲେକାମାନାଡ଼୍ ଇସ୍ୱର୍ ଆକ୍ରିୟାତର୍ ବାଦା ହିଜି ହୁଦାର୍ ଲଗାତର୍ ଦୟା କିନାନ୍ ।”
୬ ✡ଲାଗିଂ, ଇସ୍ୱର୍‌ତି ବାଡ଼୍‌କାସ୍‌ନି କେଇ ତାରେନ୍ ଜାର୍ ଜାର୍‌ତିଂ ତଲ୍ୟା କିୟାଟ୍, ଇନେସ୍ ହେୱାନ୍ ମିଂ ସମାନ୍ ୱେଡ଼ାଲିଂ
ଉଚ୍ କିଦ୍‌ନାନ୍;
୭ ମିଦାଂ ୱିଜୁ ଚିତାନି କାଉଡ଼ି ଇସ୍ୱର୍‌ତି ଜପି ତୁହିୟାଟ୍, ଇନେକିଦେଂକି ହେୱାନ୍ ମି କାଜିଂ ଚିତା କିନାନ୍ ।
୮ ଚେତ୍‌ନା ଆଜି ଜାଗ୍ରତ୍ ମାନାଟ୍ । ମି ଆଣ୍ଟିପାକ୍ୟା ସୟ୍‌ତାନ୍ ସିହଁ ଲାକେ ଗାର୍ଜାନ୍ କିଜି ଇନେରିଂ ଗୁହ୍‌ନାଡ଼୍, ଇଦାଂ
ଡେକ୍‌ଚି ବୁଲାନାତା;
୯ ପାତର୍‌ତ ତିର୍ ମାନ୍‌ଞ୍ଜି ସୟ୍‌ତାନ୍‌ତିଂ ବିରୁଦ୍ କିୟାଟ୍, ଆରେ ଇଦାଂ ପୁନାଟ୍ ଜେ, ଜଗତ୍‌ତ ମାନି ମି ପାତର୍ କିନି
ଟଣ୍ଡାତର୍ କାଜିଂ ଇ ବାନି ଦୁକ୍‌ବଗ୍ ଗିଟାନାତା ।
୧୦ କ୍ରିସ୍ଟତି ଲାହାଂ ମେହାଜି ତା ୱିଜ୍‌ୱି ୱିଜୁ ଦୟାନି ମୁଡ଼୍‌ଦାକାନ୍ ଇମ୍‌ଣି ଇସ୍ୱର୍ ଜାର୍ ୱିଜ୍‌ୱି ଜାଜ୍‌ମାଲ୍‌ତ ରଚେବାଗ୍
ଆନି କାଜିଂ କ୍ରିସ୍ଟ ଜିସୁତି ହୁଦାଂ ମିଙ୍ଗେଙ୍ଗ୍ କୁକ୍‌ତାନ୍ନା, ହେୱାନ୍ ମିଦାଂ ଚାନେକ୍ ଦୁକ୍‌ବଗ୍ ପାଚେ ମିଂ ବାତର୍, ସୁସ୍ତା, ବାଡ଼୍‌କାସ୍
ଆରି କୁଟିକିଦ୍‌ନାନ୍ ।
୧୧ ବାଡ଼୍‌କାସ୍ ଜୁଗ୍ ଜୁଗ୍ ହେୱାନ୍ତି ରାଜ୍ ଆଏଡ୍ । ଆମେନ୍ ।

### ହାରିହାରା ବନ୍ଦାୟ୍

୧୨ ✡ଇସ୍ୱର୍‌ତି ହାଡ଼୍‌ପା ଉପ୍‌କାର୍ ଜେ ଏଲେଂ ବାନି, ଇ ବିସ୍ରେ ସାକି ହିଜି ମିଂ ୱାରିକିୟ୍ କିଦ୍‌ନିଂ କାଜିଂ ସିଲ୍ୱାନ୍‌ତି ହୁଦାଂ
ଆନ୍ ଅକର୍‌ତାଂ ଆକି ଲେକିକିତାଂ; ନା ବୁଜାନିତ ହେୱାନ୍ ରୱାନ୍ ପାତର୍‌ନି ଟଣ୍ଡେନ୍ । ଏପେଙ୍ଗ୍ ଇ ଦୟାତ ସୁସ୍ତା ଆଜି
ମାନାଟ୍ ।

✡ **୫:୨** ଜହନ୍ ୨୧:୧୫-୧୭. ✡ **୫:୬** ମାତିଉ ୨୩:୧୨; ଲୁକ ୧୪:୧୧; ୧୮:୧୪. ✡ **୫:୧୨** ପକ୍ୟାତାକା ୧୫:୨୨,୪୦.

୧୩ ✡ମି ଲାହାଙ୍ଗ୍ ବାଚିକିୟାତି ବାବିଲନ୍‌ନି ମଣ୍ଡ୍ଲି ଆରି ନା ଦାମର୍ି ମାଜି ମ଼ାର୍କ ମିଙ୍ଗେଙ୍ଗ୍ ଜୁୱାର୍ ଜାଣାୟ୍ କିଡ୍ନାନା ।
୧୪ କ୍ରିସ୍ଟିୟାନ୍ ଜିଉନନିତ ବାନ୍ଦାୟ୍ କିଜି ହ଼ାରିତିଂ ଜୁଆର୍ କିୟାଟ୍ ।
କ୍ରିସ୍ଟତାକେ ମାନି ମି କାଜିଂ ସୁସ୍ତା ଆୟେଡ୍ ।

✡ **୫:୧୩** ପକ୍ୟାତାକା ୧୨:୧୨,୨୫; ୧୩:୧୩; ୧୫:୩୭-୩୯; କଲସିୟ ୪:୧୦; ପିଲିମନ୍ ୧:୨୪.

# ପିତରଙ୍କ ଦ୍ୱିତୀୟ ପତ୍ର
# ପିତର୍‌ତି ଲେକିକିତି ଜେତି ଆକି
# ପିତର୍ ଜେତି ଆକି ବିସ୍ରେନି ପାଦେକ୍

ପିତର୍‌ତି ଜେତି ଆକି ଇନାତ୍ ଜେ, ଇ ଆକି ପକ୍ୟାତି ପିତର୍‌ତି ହୁଦାଂ ଲେକା ଆତାନ୍ନା । ମତର୍ ନଂ ବେସି ପଣ୍ଡିତ୍‌କୁର୍ ଇଦାଂ ସତ୍ ଆକାୟ୍ ଇଞ୍ଜି ଇନାରା । ଆଜି ମ଼ାନ୍‌ଗାନାତ୍ ଇଦାଂ ବିନ୍ ଲଗୁ ପିତର୍‌ତି ବାଦୁଲ୍ ଲେକିକିତାର୍ଣ୍ଣା । ଲେକିକିନାକାନ୍ ଇନାନ୍ ଜେ ହେୱାନ୍ ଜିସୁ କ୍ରିସ୍ଟତି କାଣ୍‌କୁତ ସାକି । ବେସିକିଜି ଜ଼ିସୁତି ବଦ୍‌ଲାନି ବିସ୍ରେ ଇନାନ୍ ୧:୧୬-୧୮ । ପିତର୍ ଇ ଆକି ଆଜି ମ଼ାନ୍‌ଗାନାତ୍ କ୍ରିସ୍ଟତି ଜଲମ୍ ପାଚେ ୫୬-୬୯ ବିତ୍ରେ ହେୱାନ୍ ହାନି ଆଗେ ଲେକି କିତାନ୍ନା । ପିତର୍ ପା ତା ଜେତି ଆକି ଇଞ୍ଜି ଇନାନ୍ । ପିତର୍‌ତି ୧ ମ୍ ଆକି ଲେକି କିତି ପାଚେ ହେୱାନ୍ ଲେକାନି ସମୁତିଂ ବାହା ହିଜି ଇଦିଲିଂ ଜେତି ଆକି ଇଞ୍ଜି ଇନାନ୍ । ୧ ପିତର୍ ୩:୧ ।

ୱିଜାର୍ କ୍ରିସ୍ଟିୟାନ୍‌ରିଂ ଇ ଟିକ୍‌ଣା ହିତାନ୍ନା । ପିତର୍ ପାତର୍ କିନାକାରିଂ ସାସ୍ ଆରି ହାର୍ କିଜି ଜ଼ିଦେଂ ଆରି ମିଚ୍ ଗୁରୁର୍‌ତାଂ ଦେହା ମାଞ୍ଜେଙ୍ଗ୍ ଜାଗ୍ରତ୍ କିନି କାଜିଂ ଇ ଆକିତ ଲେକିକିନାନା ୨ ।

ଜିସୁ ୱାଦେଂ ଲାମା ସମୁ ମାନାତ୍ ଇନି ଲୁଗାଂ ମୁନା କିନାକାରିଂ ସାସ୍ ହିନାନା । ଇସ୍ୱର୍ କାଲେ ଆକାୟ୍ ମତର୍ ୱିଜାର୍ ଉଦାର୍ ପାୟାନାର୍ ଇଦାଂ ଇସ୍ୱର୍ ମାନ୍‌କିନାନ୍ ୨ ପିତର୍ ୩:୮-୯ ଇଦାଂ ରଞ୍ଜାଙ୍ଗ୍ ହାଦର୍ ଜିବୁନ୍‌ନିକା । ୩:୧୪

## ୨ ପିତର୍ ଆକି ବିସ୍ରେନି ରାହାଣ୍

୧. ପିତର୍ ହେୱାନ୍ତି ଜାଣା ହିନାନା ଆରି ପଡ଼ି କିନାକାରିଂ ଟିକ୍‌ଣା ହିନାନ୍ ୧:୧-୨
୨. ପାତର୍ କିନାକାରିଂ ହାଦର୍ ଜିବୁନ୍ ଜିପ୍‌କା କାଜିଂ ଏଡ୍ କିୟ୍ କିନାନ୍, ଇନେକିଦେଂକି ଇସ୍ୱର୍ ମାଂ ବାଚି କିଡ୍‌ତାନ୍‌ନା୧:୩-୨୧
୩. ହେୱାନ୍ ମିଚ୍ ଗୁରୁରିଂ ହାରିହାରା ୱେଡ଼ାଲିଂ ହେୱାର୍‌ତି ଇନେସ୍ ଗିଟାନାତ୍ ହେଦାଂ ଇନାନା ୨:୧-୨୨
୪. ପିତର୍ ଜିସୁକ୍ରିସ୍ଟତି ଜେତି ୱାନାକା କାଜିଂ ଜାଲ୍‌ଦି ଆଜି ମ଼ାନ୍‌ଞ୍ଜି ହାର୍ ଜିବୁନ୍ କାଟି ଆନାକା ସାସ୍ ହିନାନ୍ ୩:୧-୧୭

୧ ସିମନ୍ ପିତର୍, ଜିସୁ କ୍ରିସ୍ଟତି ରୱାନ୍ ଆଡ଼ିଏନ୍ ଆରି ପକ୍ୟାତାକାନ୍, ମା ଇସ୍ୱର୍ ଆର ମୁକ୍ତି କାରିୟା ଜିସୁ କ୍ରିସ୍ଟତି
ଦାମର୍ତ କାଜିଂ ଇମ୍‌ଣାକାର୍ ମା ଲାହାଙ୍ଗ୍ ସମାନ୍ ବାବ୍ରେ ଜବର୍‌ମଲ୍‌ନି ପାତର୍ ଗାଟା ଆଡ୍‌ତାଡ୍‌ନା, ହେୱାର୍‌ତି ଲାଗେ
ଆକି ଲେକିକିନାଙ୍ଗା ।
୨ ଇସ୍ୱର୍ ଆରି ମା ମାପ୍ରୁ ଜିସୁତି ବିସ୍ରେ ଗିଆନ୍ ହୁଦାଂ ମି କାଜିଂ ଉପ୍‌କାର୍ ଆରି ସୁସ୍ତା ବେସିତାଂ ଆୟେଡ୍ ।

### ଇସ୍ୱର୍‌ତି କୁକ୍‌ନାକା ଆରି ବାଚିକିନାକା

୩ ଇନେର୍ ଜାର୍ ଜାଜ୍‌ମାଲ୍ ଆରି ସତ୍‌ଗୁଣ୍‌ତ ମାଙ୍ଗ୍ କୁକ୍‌ତାତାନ୍ନା, ହେୱାନ୍ତି ବିସ୍ରେ ଗିଆନ୍ ହୁଦାଂ ତା ଇସ୍ୱର୍‌ତି ସାକ୍ତି ମା
ଜିବୁନ୍‌ତ ଆରି ଦାମର୍ତାଂ କାଜିଂ ୱିଜୁ ଲ଼ଡ଼ାନି ବିସ୍ରେ ଦାନ୍ କିଡ୍‌ତାନ୍‌ନା ।
୪ ତା ହୁଦାଂ ହେୱାନ୍ ମାଙ୍ଗେଙ୍ଗ୍ ଜବର୍‌ମଲ୍ ଆରି ବେସିମାନ୍‌ତି ପାର୍ମାଣ୍ ଦାନ୍ କିଡ୍‌ତାନ୍‌ନା, ଇନେସ୍ ହେ ସବୁ ହୁଦାଂ
ଏପେଙ୍ଗ୍ ବାନ୍ୟାଲାଲ୍‌ସା ଉପ୍‌ଜାଣ୍ ଇମ୍‌ଣି ବୁଡାନି ଜଗତ୍‌ତ ମାନାତ୍, ହେବେଣ୍ଡାଂ ରାକ୍ୟା ପାୟାଜି ଇ଼ସ୍ୱର୍‌ତି ମାନ୍ ବାବ୍‌ନାତ
ମେହାଣ୍ ଆଡୁ ।
୫ ଆଁ, ଇ କାରଣ୍‌ତାଂ ଏପେଙ୍ଗ୍ ବେସି ଜାତୁନ୍ ଲାହାଙ୍ଗ୍ ପାତର୍ ହୁଦାଂ ହାଡ୍‌ପାଗୁଣ୍, ହାଡ୍‌ପାଗୁଣ୍ ଲାହାଙ୍ଗ୍ ଗିଆନ୍ କିୟାଟ୍,
୬ ଗିଆନ୍ ଲାହାଙ୍ଗ୍ ମଦାନାକା, ମଦାନାକା ଲାହାଙ୍ଗ୍ ସାସ୍, ସାସ୍ ଲାହାଙ୍ଗ୍ ଦାରୁମ୍‌ଜିଉ,
୭ ଦାରୁମ୍‌ଜିଉ ଲାହାଙ୍ଗ୍ ଟଣ୍ଡେନ୍‌ଲାଡ୍, ଆରେ ଟଣ୍ଡେନ୍‌ଲାଡ୍ ଲାହାଙ୍ଗ୍ ଜିଉନନାକା ମେହାୟ୍ କିୟାଟ୍ ।
୮ ଇ ସବୁ ମିତାକେ ବାତାତିସ୍ ମା ମାପ୍ରୁ ଜିସୁ କ୍ରିସ୍ଟତି ବିସ୍ରେ ଗିଆନ୍ତ ବାତର୍ ଲାବ୍ କିନି କାଜିଂ ମିଂ ହିଡ୍‌ଡ଼ି ଆରି ପଲ୍ୟା
ଆଦେଂ ଆଉଡ୍ ।
୯ ମତର୍ ଇସବୁ ଇନେର୍ ତାକେ ହିଲୁଡ୍, ହେୱାନ୍ ଦେହାନଞ୍ଜର୍ ଆୱାଦାଂ କାଣା ଆତାନ୍ନା, ଆରେ ଜାର୍ ଆଗେ କିତି
ପାପ୍‌ତାଂ ନିର୍ମଲ୍ ଆନି ବିସ୍ରେ ବାଣାଆତାନ୍ ।
୧୦ ଲାଗିଂ, ଏ ଟଣ୍ଡାର୍ ଆରି ତଣ୍‌ଦେକାଦେର୍, ଏପେଙ୍ଗ୍ ଜାର୍ ଜାର୍ କୁକ୍‌ତିନି ତାକେ ଆରି ବାଚିକିନିତାକେ ତିର୍ କିନି
କାଜିଂ ଆଦିକ୍ ଜାତୁନ୍ ଆଡୁ; ଲାଗିଂ ଏଲେଂ କିତିସ୍ ଏପେଙ୍ଗ୍ ଇନାୱାଡ଼ାଂ ପା ପାପ୍ କିଉଦେର୍,
୧୧ ଆରେ ଇ ବାନି ମା ମାପ୍ରୁ ଆରି ମୁକ୍ତି କାରିୟା ଜିସୁ କ୍ରିସ୍ଟତି ୱିଜ୍‌ୱ଼ି ରାଜିତ ମାନ୍‌ତାଂ ହଣ୍ଡେଙ୍ଗ୍ ମିଙ୍ଗେଙ୍ଗ୍ ପୁରା ଆଦିକାର୍
ହିଦ୍ୟାନାତ୍ ।
୧୨ ଲାଗିଂ, ଏପେଙ୍ଗ୍ ଜଦିପା ଇ ସବୁ ୱେଡ଼ାଙ୍ଗ୍ ପୁନାଟ୍ ଆରି ଗାଟାତି ହାଡ୍‌ପାତ ତିର୍‌କିୟା ଆତାଦେର୍ଣ୍ଣା, ଆତିସ୍‌ପା ଆନ୍
ଇ ସବୁ ବିସ୍ରେ ମିଂ ଏଡୁ କିୟ୍‌କିଦେଂ ନିଡ୍ରେ ଜାଲ୍‌ଦି ଆଜି ମ଼ାନାଙ୍ଗ୍ ।

୧୩ ମା ମାପ୍ରୁ ଜିସୁ କ୍ରିସ୍ଟ ନାଙ୍ଗ୍ ଇନେସ୍ ୱେଚ୍‌ଚାତାନ୍ନା, ତାପାଚେ ସାଙ୍ଗେ ନାଙ୍ଗ୍ ଇ ଗାଗାଡ଼୍‌ଲାକେ ସମାନ୍ ତୁମ୍ ଜେ ପିହ୍‌ୟା
ଆନାତ୍,
୧୪ ମା ମାପ୍ରୁ ଜିସୁ କ୍ରିସ୍ଟ ନାଙ୍ଗେଙ୍ଗ୍ ଇନେସ୍ ୱେଚ୍‌ଚାତାନ୍ନା, ହେ ଇସାପ୍ରେ ବେଗି ନାଙ୍ଗେଙ୍ଗ୍ ଇ ଗାଗାଡ଼୍‌ଲାକେ ତୁମ୍ ଜେ
ରଚ୍‌ନାକା ଆନାତ୍
୧୫ ଆରେ ନା ହାଚିପାଚେ ଏପେଙ୍ଗ୍ ଇ ୱିଜୁ ବିସ୍ରେ ଇନେସ୍ ନିତ୍ରେ ଏତୁତ ତାହିୱାଦେଂ ଆଡ଼୍‌ନାଦେର୍, ଇଦାଂ କାଜିଂ ଆନ୍
ଜାତୁନ୍ କିନାଙ୍ଗ୍ ।

## କ୍ରିସ୍ଟତି ପାଣ୍‌ନି ସାକି

୧୬ ଇନେକିଦେଂକି ଆସେଙ୍ଗ୍ ଏଚେକାଡ଼୍‌ଦ ମା ମାପ୍ରୁ ଜିସୁ କ୍ରିସ୍ଟତି ସାକ୍ତି ଆରି ୱାନାକା କାତା ମିଙ୍ଗେଙ୍ଗ୍ ୱେଚ୍‌ଚାତାପ୍, ହେ
ଏଚେକାଡ଼୍‌ଦ ଚାତୁର୍ ଲାହାଙ୍ଗ୍ ହାନ୍ଦାୟ୍‌କିତି ଇମ୍‌ଣାକା ପା କାତା ଆହ୍‌ୱାଦାଂ ମାଚାପ୍, ମତର୍ ହେୱାନ୍ତି ପାଣ୍‌ତ କାଣ୍‌କୁତାଂ
ସାକି ଆଜି ମାଚାପ୍ ।
୧୭ ଲାଗିଂ ଏଚେକାଡ଼୍‌ଦ ବେସି ଜାକ୍‌ମାଲ୍ ବିତ୍ରେତାଂ ହେୱାନ୍ତି କାଜିଂ ଇ କାତା ଆତାତ୍, “ଏ ମା ୱାରିନି ମାଜି, ଇୱାନ୍ତି
ତାକେ ମା ରଞ୍ଜାଙ୍ଗ୍ ମତର୍ ସତକ୍, ହେ ଏଚେୱେଡ଼ାଲିଂ ହେୱାନ୍ ଆବା ଇସ୍ୱର୍‌ତାଂ ୱାରି ଆରି ଜାକ୍‌ମାଲ୍ ପାୟା ଆତାନ୍ ।”
୧୮ ଆପେଂ ତା ଲାହାଙ୍ଗ୍ ପୁଇପୁୟା ମାଡ଼ିତ ମାନିୱେଡ଼ାଲିଂ ନିଜେ ଆକାସ୍‌ତାଂ ହତ୍‌ତି ଇ କାତା ୱେଚାପ୍ ।
୧୯ ଇବେଣ୍ଡାଂ ବେଣ୍‌ବାକ୍‌ଣାୟ୍‌କିନାକାର୍‌ତି ବେଣ୍‌ବାକ୍‌ଣାୟ୍ ମା ଲାଗେ ଆଦିକ୍ ଆଟ୍‌ୱା ଆତାନ୍ନା; ଏପେଙ୍ଗ୍ ହେଦାଂ
ମାଜ୍‌ଗା ବାହାତ ଅଜଡ଼୍ ଆଜି ମାନି ବୌଟା ଲାକେ ବାବି କିଜି କୁଜୁଟ୍‌କେପା ଆୱି ପାତେକ୍ ଆରି ମି ମାନ୍ତ ଅଜଡ଼୍ ହୁକା ହତ୍‌ୱି
ପାତେକ୍ ହେଦାଂ କାଜିଂ ମାନ୍‌ଦିଆନ୍ କିତିସ୍ ହାର୍ ଆନାତ୍ ।
୨୦ ଆଗେ ଇଦାଂ ପୁନାଟ୍ ଜେ, ସାସ୍ତର୍‌ନି ଇମ୍‌ଣାକା ପା ବେଣ୍‌ବାକ୍‌ଣାୟ୍ ଇନେର୍ ଜାର୍ ବୁଦିତ ବୁଜାଦେଂ ଆତୁଦେର୍,
୨୧ ଇନେକିଦେଂକି ଇମ୍‌ଣାକା ପା ବେଣ୍‌ବାକ୍‌ଣାୟ୍ ଇନାୱେଡ଼ାଂ ପା ମାନାୟ୍ ଇଚାତାଂ ଉବ୍‌ଜାଣ୍ ଆୱାତାନ୍ନା, ମତର୍
ଇସ୍ୱର୍ ପକ୍ତିତି ମନାୟାର୍ ପୁଇପୁୟା ଜିବୁନ୍ ଲାହାଙ୍ଗ୍ ଚାଲା ଆଜି କାତା ଇଞ୍ଜି ମାଚାଦେର୍ ।

# ୨

## ବାମ୍‌ଡାୟ୍‌କିନି ଗୁରୁ

୧ ମାତର୍ ମାନାୟାର୍ ବିତ୍ରେ ଚାକ୍ରାୟ୍‌କିନି ବେଣ୍‌ବାକ୍‌ଣାୟ୍‌କିନାକାର୍ ପା ହତ୍‌ନାର୍; ହେ ଲାକେ ମି ବିତ୍ରେ ପା ଚାକ୍ରାୟ୍‌କିନି
ହିକ୍ୟାକିନାକାର୍ ହତ୍‌ନାର୍; ହେୱାର୍ ବୁଡାନିଜଗଡ଼୍‌ତ ବାନ୍ୟା ମାନ୍ତ ଡ଼କ୍ଟୁଚି ଚାଲାୟ୍ କିଜି ହେୱାରିଂ କଡ଼୍‌ନାକାନ୍ ମାପ୍ରୁଙ୍ଗ୍
ଆଁ ମାନିକିଉର୍, ଆରେ, ଜାର୍‌ତିଂ ମାନିକିୱାକା ଗିଟାନାତ୍ ।
୨ ଆରେ, ଆଦେକ୍ ହେୱାର୍‌ତି ବାନ୍ୟାକାମାୟ୍‌ତ ତଲ୍ୟା ହାନାର୍, କାତାତ ଇୱାର୍ତ କାଜିଂ ହାତ୍‌ପା ହାଜି ନିନ୍ଦା କିତାର୍
।
୩ ହେୱାର୍ ଦନ୍‌ଲବ୍‌ତ ଚାକ୍ରାୟ୍‌କାତା ହୁଦାଂ ମିତାଂ ଟାକାଂଲବ୍ କିଦେଙ୍ଗ୍ ସେସ୍ଟା କିନାର୍; ହେୱାର୍‌ତି ଡାଣ୍ଡ ବେସି କାଡ଼୍‌ଦାଂ
ଗିଟାଜି ୱାନାତା ଆରି ବେସିଦିନ୍‌ତାଂ ଇସ୍ୱର୍ ହେୱାର୍‌ତି ବିଚାର୍ କିତାନ୍ନା ଆରେ ହେୱାର୍‌ତି ହାକିନି ଦିନ୍ ୱାତାତେ ।
୪ ଇନେକିଦେଂକି ଇସ୍ୱର୍ ପାପ୍‌ତ ମୁଚ୍ୟାତି ଦୁତକ୍‌କାଂ କେମା ହିୱାଦାଂ ନରକ୍‌ତ ତୁହିଜି ବିଚାର୍ଣ୍ଣା କାଜିଂ ମାଜ୍‌ଗାନି କ୍ଡଇଦ
ହିକ୍‌ଡ଼ିଂ ତାଙ୍ଗ୍ ଗାଚ୍‌ଚି ଇଡ଼୍‌ତାନ୍ନା
୫ ଇସ୍ୱର୍ ପ୍ରୁନି ଜଗଡ଼୍‌ତିଙ୍ଗ୍ ପା ପିହ୍‌ୱାତାନ୍, ମାତର୍ କେବଲ୍ ଦାରୁମ୍ ସୁଣାୟ୍‌କିନାକାର୍ ନହତିଂ ବିନ୍ ସାତ୍ ଜାଣ୍ ଲାହାଙ୍ଗ୍
ରାକ୍ୟା କିଜି ଦାରୁମ୍‌ବାମ୍‌ଡାୟ୍ ଜଗଡ଼୍‌ତ ଏସ୍‌ଚାଲାନାକା ଗିଟାୟ୍‌କିତାନ୍;
୬ ତା ପାଚେ ଇସ୍ୱର୍ ସଦମ୍ ଆରି ଗମରା ଗାଡ଼୍‌ସବୁତିଂ ନିସ୍‌ତ ମାଜି କିଜି ବାର୍ତରଚେ ବୁଡାଦେଂ କାଜିଂ ଦାଣ୍ଡ ବଲ୍ ହିତାନ୍
ଆରି ହେୱାରିଂ ୱାନି କାଡ଼୍‌ଦ ଅଦାମ୍‌ର୍ତି ଉତର୍‌ମୁଡ଼୍ ଲାକେ କିତାନ୍,
୭ ଆରେ, ହେୱାନ୍ ବିଦିହିଲ୍‌ୱାକାରିଂ ବାନ୍ୟାକାମାୟ୍‌ତ ପୁରା ବେବାର୍ ପିସ୍ତି ଦାମ୍‌ର୍ ଲଟତିଂ ଇସ୍ୱର୍ ରାକ୍ୟା କିତାନ୍,
୮ ଲାଗିଂ ହେ ଦାମ୍‌ର୍ ଲକୁ ହେୱାର୍‌ତି ବିତ୍ରେ ବାହା କିଜି ହେୱାର୍‌ତି ବାନ୍ୟା କାମାୟ୍ ହୁଡ଼୍‌ଜି ଆରି ୱେନ୍‌ଞ୍ଜି ନିତ୍ରେ ଜାର୍
ଦାରୁମ୍‌ନିକାର୍ ପାରାଣ୍‌ତ କସ୍ଟ ବଗ୍ କିତାର୍ ।
୯ ଇବାନି ମାପ୍ରୁ ଦାରୁମ୍‌ନିକାରିଂ ପରିକ୍ୟାତାଂ ରାକ୍ୟା କିଦେଙ୍ଗ୍ ଆରେ, ଅଦାମ୍‌ର୍ରିଂ, ବେସି ଇମ୍‌ଣାକାର୍ ଗାଗାଡ଼୍‌ନି
ବାନ୍ୟା ଆହାତ ଚାଲା ଆଜି ପିସ୍ତେଙ୍ଗ୍ ମାନି କିଉର୍, ହେୱାରିଂ ବିଚାର୍ ଦିନ୍ କାଜିଂ ଡାଣ୍ଡନି ତାରେନ୍ ଇଡ଼୍‌ଦେଂ ପୁନାର୍ ।
୧୦ ହେୱାର୍ ପାଣ୍ଡ୍ରାୱାକାର୍ ଆରି ଜାର୍‌ତିଂ ବାନ୍ୟା ହୁଡ଼୍‌ନାକାର୍ ଆଜି କାବାନି ସାକ୍ତିନିକାରିଂ ଗାଗାଡ଼୍ ନିନ୍ଦା କିଦେଙ୍ଗ୍ ପାଣ୍ଡ୍ରା
ଆଉର୍,
୧୧ ଆତିସ୍‌ପା ଆଦିକ୍ ସାକ୍ତି ଆରି ବାପୁନି ଦୁତ୍‌ତର୍ ମାପ୍ରୁତି ଲାଗେ ନିନ୍ଦା କିଜି ହେୱାର୍‌ତି ବିଚାର୍ଣ୍ଣା କିଉନ୍ ।
୧୨ ଆହ୍ୟାଜି ରାସ୍ୟାଦେଂ ଇମ୍‌ଣି ପସୁଂତି ଜଲମ୍, ହେୱାଙ୍ଗ୍ ଲାକେ ଇ ଚାକ୍ରାୟ୍‌ଗୁରୁର୍ କେବଲ୍ ବାନ୍ୟା ହୁଦାଂ ଚାଲାନାର୍
। ଇମ୍‌ଣି ବିସ୍ରେ ବୁଜାଉର୍, ହେଦେଲିଂ ହେୱାର୍ ନିନ୍ଦା କିତାର୍ । ମାତର୍ ହେୱାର୍ ରାନ୍‌ତି ପସୁର୍ ଲାକେ ନାସ୍ ଆନାର୍ ।

୧୩ ଆରେ, ଅନ୍ୟାୟ୍ ବାର୍ତାନ୍ ଲାକେ ଅଦାମର୍ନି ପାଡ୍ ବଗି କିନାର୍, ହେୱାର୍ ୱେଡ଼ାଲିଂ ଆଡାରେ ମାଞ୍ଜେଙ୍ଗ୍ ସୁକ୍
ପାୟାନାର୍, ଆରେ ପ୍ରାଲ୍ ଆରି ନିନ୍ଦାନିକାନ୍ ଆଜି ମି ଲାହାଙ୍ଗ୍ ତିନାଉଣାତ ସୁକ୍ ପାୟାନି ସମୁତ ଜାତର୍ ବାମ୍ଣ୍ରାନି
ହାନ୍ଦାୟ୍‌ତ ନିଂନାର୍ ।
୧୪ ହେୱାର୍‌ତି କାଣ୍ଙ୍ଗା ଦାରି କଗ୍‌ଲେତ ବାତର୍ ଆଜି ପାପ୍‌ତାଂ ଟେବା ଆଉର୍, ହେୱାର୍ ତିର୍‌କାଡ଼ବୁଦି ଲକୁରିଂ ଦାନ୍
ଲାବ୍‌ଡ଼ି କିନାର୍, ହେୱାର୍‌ତି ମାନ୍ ଦାନ୍‌ଲାବ୍‌ତ ବିପ୍ତି, ହେୱାର୍ ସାଏପ୍‌ନି ହିମ୍‌ଣାଙ୍ଗ୍,
୧୫ ହେୱାର୍ ଆଡ଼୍‌ୱା ହାଜି ପିସ୍ତି ଅଦାମର୍‌ତ ହାଚାର୍ଣ୍ଡା । ବିୟର୍‌ନି ମାଜି ବିଲିୟାମ୍ ହାଜି ହେୱାର୍ ତା ପାଚେ ହାଚାର୍ଣ୍ଡା ।
ହେୱାନ୍ ବାନ୍ୟା କାମାୟ୍ କିଜି ଡ଼ାବୁଙ୍ଗ୍ ଲାବ୍ କିଦେଙ୍ଗ୍ ଜିଉନତାର୍;
୧୬ ମାତର୍ ହେୱାନ୍ ଜାର୍ ଅପ୍‌ରାଦ୍ କାଜିଂ ଗଡ୍ ୱେଚାନ୍, ରଞ୍ଜାଙ୍ଗ୍ ବଇରି ଗଦ ମାନାୟ୍ ସୁଆତ କାତା ଡନ୍‌ଞ୍ଜି
ବେଣ୍‌ବାକ୍‌ଣାୟ୍‌କିନାକାନ୍ତି ହଡ଼୍‌ନାକାଦ୍‌ଲିଂ ଚିମ୍‌ରା କିତାନ୍ ।
୧୭ ଇ ଚାକ୍ରାୟ୍ ଗୁରୁର୍ ୱାଚ୍‌ଚି ଜାରାଣ୍ ଲାକେ ଆରି ଡ଼ହୁଦ ଚାଲାନି ବାଦାଡ଼୍ ଲାକେ । ଇସ୍ୱର୍ ଇୱାର୍ କାଜିଂ ବେସି
ମାଜ୍‌ଗାନି କ୍ଟଇ ବାହା ରଚ୍‌ଚାନ୍‌ନା ।
୧୮ ଇନେକିଦେଂକି ହେୱାର୍ ପଲ୍ୟା ଆକାର୍ କାତା ଡନ୍‌ଞ୍ଜି ବାମ୍ଣ୍ରାନି ପଲ୍ୟା କାରାପ୍‌ତାଂ ବେଜେକ୍ ଉଦାର୍ ପାୟାତି
ଲକୁରିଂ ଗାଗାଡ଼୍‌ନି ସୁକ୍‌ଲାଲ୍‌ସାତ ବାନ୍ୟାକାମାୟ୍ ହୁଦାଂ ଲକାର୍ ଲବ୍ କିନାର୍;
୧୯ ହେୱାର୍ ହେୱାରିଂ ଜାର୍‌ତାରେନି ପାର୍ମାଣ୍ ହିନାନ୍, ମାତର୍ ନିଜେ ବୁଡାନି ଆଡ଼୍‌ୟା ଆତାନ୍ନା; ଇନେକିଦେଂକି ଇନେର୍
ଇନାକା ହୁଦାଂ ଆରାନାର୍, ହେୱାନ୍ ହେବେନି ଆଡ଼ିଏନ୍ ।
୨୦ ଲାଗିଂ ହେୱାର୍ ଜଦି ମାପ୍ରୁ ଆରି ମୁକ୍ତି କିଦ୍‌ନି ଜିସୁ କ୍ରିସ୍ଟତି ବିସ୍ରେ ଗିଆନ୍ ହୁଦାଂ ଜଗଡ୍‌ନି ବିଟାଡ଼୍‌ତାଂ ରାକ୍ୟା ପାୟାଜି
ଆରେରଗ ହେବେ ଗାଚ୍ୟାଜି ଆରା ଆତିସ୍, ତା ଆତିସ୍ ହେୱାର୍‌ତି ପର୍ତୁମ୍ ଦସା ବାଟା ହାରିହାରା ଦସା ଆଦିକ୍ ବାନ୍ୟା
ଆନାଡ଼୍ ।
୨୧ ଇନେକିଦେଂକି ଦାମର୍ ହାଜି ପୁଞ୍ଜି ଜାର୍ ଲକୁ ଲାଗାଂ ହେଲାୟ୍ ଆତି ପୁଇପୁୟା ବଲ୍‌ତାଂ ବିନ୍‌ମୁମ୍ ଆନି ବାଟା ନଲେ
ହେ ହାଜି ପୁନ୍‌ୱାକା ହେୱାର୍‌ତି ପାକ୍ୟାତ ହାରା ଆତାମ୍ନା ।
୨୨ ହେୱାର୍ କାଜିଂ ଇନାକା ଗିଟାତାଡ଼୍‌ନା ହେବେତାଂ ଇ ଉତର୍‌ମୁଡ଼୍ ଇନାକାର୍‌ତି ହାଡ଼୍‌ପା ଆନାତା । “ନିକୁଡ଼୍ ଇନାକା
କାକ୍‌ନାଡ଼୍, ହେଦେଲିଂ ଆରେ ତିନାଡ଼୍, ପାଞ୍ଜିତିଂ ନୁସ୍‌ତିସ୍‌ପା ପାଚେ ଆରେ ଚିକ୍‌ଲାତ ଚାକ୍‌ଟା ଆଗାନାଡ଼୍ ।”

# ୩

## ମାପ୍ରୁତି ୱାନାକା ପାର୍ମାଣ୍

୧ ଏ ୱାରିନିକାଦେର୍, ଆନ୍ ନଂ ମି ଲାଗେ ଇ ଜେତି ଆକି ଲେକିକିନାଙ୍ଗା, ଜେତି ଆକିତ ଇ ସବୁ ବିସ୍ରେ ଏଡୁକିଜି ମି ମାନ୍ତ
ହାର୍ଦାକା ଚିନ୍ତା କାଜିଂ ତାଇୱାନି କାଜିଂ ସେସ୍ଟା କିତାଙ୍ଗ୍‌ନା । ଇଦାଂ କାଜିଂ ଜେତି ଆକିତ ଆନ୍ ମିଙ୍ଗେଙ୍ଗ୍ ହେ ସବୁ ଏଡୁ କିଜି
ମି ସରଲ୍ ମାନ୍‌ତିଂ ରିସା କିଦେଙ୍ଗ୍ ସେସ୍ଟା କିନାଙ୍ଗା
୨ ଏପେଙ୍ଗ୍ ଇନେସ୍ ପୁଇପୁୟା ବେଣ୍‌ବାକ୍‌ଣାୟ୍‌କିନାକାତର୍ ହୁଦାଂ ଆଗେ କାଡ଼୍‌ଦ ଇଚି ବଚନ୍‌ନିଂ ଆରେ ମିଦାଂ
ପକ୍ୟାତାକାର୍ ହୁଦାଂ ଇଞ୍ଜି ମାନି ମାପ୍ରୁ ଆରି ମୁକ୍ତି କିଡ଼୍‌ତି ବଲ୍‌କୁ ଏଡୁତ ଇଟାଟ୍ ।
୩ ✡ଆକ୍‌ତୁ ଇଦାଂ ପୁନାଟ୍ ଜେ, ହାରିହାରା କାଡ଼୍‌ଦ ଜାର୍ ଜାର୍ ଲାଲ୍‌ସା ହୁଦାଂ ବେବାର୍‌କାର୍ୟା ହାଡ଼୍‌ପାତିଂ ଗ୍ଟାଇଜି କେବଲ୍
ଜାର୍ ଇଚାତି ବାନ୍ୟା କାମାୟ୍ ହୁଦାଂ ତାଙ୍ଗ୍‌ନାର୍,
୪ ଜିସୁତି ୱାନାକା ପାର୍ମାଣ୍ ଆମେଡ଼୍ ? “ଇନେକିଦେଂକି ଆବା ଲାଡ୍ରାର୍ ହାତି ସମୁତାଂ ଇ ପାତେକ୍ ସମୁ ବିସ୍ରେ ଉବ୍‌ଜାଣ୍‌ନି
ହାଙ୍ଗ୍‌ତିତାଂ ଇନେସ୍ ମାଚାଡ଼୍, ହେ ଲାକେ ମାନାଡ଼୍ ।”
୫ ହେୱାର୍ ପୁନ୍‌ଞ୍ଜି ପୁନ୍‌ଞ୍ଜି ବାଣାନାର୍ ଇନେର୍, ପର୍ତୁମ୍ ଇସ୍ୱର୍ ବଲ୍ କିତାନ୍, ଆରି ଆକାସିଂ ଆରି ପୁତର୍ ଉବ୍‌ଜାଣ୍
ଆତାଡ଼୍ । ପୁତର୍ ଏଜୁଂ ବିଡ୍ରେତାଂ ହସି ଏଜୁକାଂ ମେଙ୍ଗ୍‌ୟାଜି ମାଚାଡ଼୍ ।
୬ ଆରେ ହେୱାନ୍ ହୁଦାଂ ହେ ପ୍ଡାନି କାଡ଼୍‌ନି ଜଗଡ଼୍ ଏସ୍‌ତ ବଡ଼ା ଆଜି ନାସ୍ ଆତାଡ଼୍;
୭ ମାତର୍ ନଙ୍ଗ୍ ଇମ୍‌ଣି ଆକାସ୍ ମଣ୍ଡଲି ଆରି ପୁତର୍ ମାନାଡ଼୍, ହେଦାଂ ଇସ୍ୱର୍‌ତି ଡ଼ିଗା ବଲ୍ ହୁକେ ନାଣିତ ନାସ୍ ଆନି
କାଜିଂ ଇଟ୍ୟାତାଡ଼୍‌ନା । ଇମ୍‌ଣି ୱେଡ଼ାଲିଂ ଅଦାମର୍ ବିଚାର୍‌କିୟାଜି ନାସ୍ ଆନାର୍, ହେ ଦିନ୍ ପାତେକ୍ ହେଦାଂ ଜାତୁନ୍
ଆଜି ମାନ୍‌ଗାନାଡ଼୍ ।
୮ ମାତର୍ ଏ ୱାରିନିକାଦେର୍, ମାପ୍ରୁ ଲାଗେ ର ଦିନ୍ ଜେ ହାଜାର୍ ବାର୍ହୁ ଲାକେ ଆରି ହାଜାର୍ ବାର୍ହୁ ଜେ ର ଦିନ୍ ଲାକେ,
ଇ ବିସ୍ରେ ଏପେଙ୍ଗ୍ ପଚ୍‌ମାଟ୍ ।
୯ ମାଲାନାତା ଇଞ୍ଜି ଇନେସ୍ ଏଚେକ୍ ବାବିକିନାର୍, ମାପ୍ରୁ ଜାର୍ ପାର୍ମାଣ୍ ବିସ୍ରେ ହେ ଲାକେ ମାଲାୟ୍ କିଉନ୍; ମାତର୍
ଇନେସ୍ ଇନେର୍ ବୁଡାମେର୍, ନଲେ ୱିଜାର୍ ମାନ୍‌ବାଦ୍‌ଲାୟ୍ କିନାର୍, ଇଦାଂ ମାନି କିଜି ହେୱାନ୍ ନିଡ୍ରେ ମି କାଜିଂ
ଲାମାହୁଦାର୍ ଆନାନ୍ ।

✡ **୩:୩** ଜିହୁଦା ୧:୧୮.

୧୦ ✡ମାପ୍ରୁତି ଦିନ୍ ଚର୍ ଲାକେ ଇକାୱାନାତ୍ । ହେ ଦିନ୍ ଆକାସିଂ ବେସିଗାଜ୍ରାନାକା ଲାହାଙ୍ଗ୍ ବୁଡା ଆନାତ୍, ଆରେ ଜାର୍ତି
ଆଡ଼୍ମାଡ଼୍ ସବୁ ବେସି କେଡ୍ତିତ ରୁଗ୍ଜି ହାନାତ୍ ଆରି ପୁର୍ତିତ ମାନି ୱିଜୁ ଉବ୍ଜାଣ୍ ବୁଡା ଆନାତ୍ ।
୧୧ ଏପେଙ୍ଗ୍ ମାପ୍ରୁତି ଦିନ୍ତ କାସି ମାନି ୱେଡ଼ାଲିଂ, ହେଦାଂ ଇନେସ୍ ବେଗି ୱାନାତ୍, ଇଦାଂ କାଜିଂ ନିଜ୍ତିଂ ପୁଇପୁୟା କିଜି
ଜାଲ୍ଦି କିୟାଟ୍ । ହେ ଦିନ୍ ଆକାସିଂ ଡାହାଜି ବୁଡାନାତ୍ । ଆକାସ୍ନି ହୁକାଂ ବେସି କେଡ୍ତିତ ରୁଗ୍ଜି ହାନିକ୍ ।
୧୨ ଜଦି ଇ ଲାକେ ସବୁ ବିସ୍ରେ ବୁଡାନାତ୍, ୱାଟିଂ ବାବି କିଜି ହୁଡ଼ାଟ୍, ମିଦାଂ ଜିବୁନ୍ ଇନେସ୍ ଆନାକା ମାନାତ୍ । ହେଦାଂ
ପୁଇପୁୟା ଆରି ଇସ୍ୱର୍ ଜିଉନନି ଆନାକା ରଞ୍ଜାଙ୍ଗ୍ ମାତର୍ ଲଡ଼ା ଏପେଙ୍ଗ୍ ମାପ୍ରୁତି ଦିନ୍ତ କାସି ମାନି ୱେଡ଼ାଲିଂ, ହେଦାଂ
ଇନେସ୍ ବେଗି ୱାନାତ୍, ଇଦାଂ କାଜିଂ ନିଜ୍ତିଂ ଜାଲ୍ଦି କିୟାଟ୍ । ହେ ଦିନ୍ ଆକାସିଂ ଡାହାଜି ବୁଡାନାତ୍ । ଆକାସ୍ନି ହୁକାଂ
ବେସି କେଡ୍ତିତ ରୁଗ୍ଜି ହାନିକ୍ ।
୧୩ ଆସେଙ୍ଗ୍ ହେୱାନ୍ତି ପାର୍ମାଣ୍ ଇସାପ୍ରେ ର ପୁନି ଆକାସିଂ ଆରି ପୁନି ପୁର୍ତିନି କାନିତାକେ ମାନାପ୍, ଇନାକା ଦାର୍ମିତି
ବାହାକିନାକା ଆନାତ୍ ।
୧୪ ଲାଗିଂ, ଏ ୱାରିନିକାଦେର୍, ଏପେଙ୍ଗ୍ ଇ ୱିଜୁ ବିସ୍ରେ କାସି ମାଚିଲେ ଇସ୍ୱର୍ତି ଲାଗେ ଇନେସ୍ ପ୍ରାଲ୍ୱାଦାଂ ଆରି
ନିନ୍ଦାୱାଦାଂ ସୁସ୍ତାତ ମାନାକା ହୁଡ଼୍ୟାନାତ୍, ଇଦାଂ କାଜିଂ ଜାତୁନ୍ କିୟାଟ୍;
୧୫ ଆରେ, ମା ମାପ୍ରୁତି ଲାମାହୁଦାର୍ ମୁକ୍ତି ଇଞ୍ଜି ଗିଆନ୍ କିୟାଟ୍ । ମା ୱାରିନି ଟଣ୍ଡ୍ରେନ୍ ପାଉଲ୍ ପା ଜାର୍ତି ହିଡ୍ତି ଗିଆନ୍
ଇସାପ୍ରେ ମି ଲାହାଙ୍ଗ୍ ହେ ଲାକେ ଲେକିକିତାନ୍ନା ।
୧୬ ହେୱାନ୍ ଜାର୍ତି ୱିଜୁ ଆକିତ ପା ଇସବୁ ବିସ୍ରେ ଲେକି କିଜି ହେବାନି ଇନାନ୍; ହେ ସବୁନି ଏଲେଂ ଏଚେକ୍ ବିସ୍ରେ
ମାନିକ୍, ଇନାକାକି ବୁଜାଦେଂ କସ୍ଟ, ଆରେ ହିକାୱିତି ତିର୍କାଡ଼୍ବୁଦି ଲଗୁ ଜାର୍ ଜାର୍ ବୁଡାନି କାଜିଂ ଆଦେକ୍ ୱିଜୁ ସାସ୍ତ୍ରର୍
ଇନେସ୍, ହେ ୱିଜୁନି ପା ହେ ଲାକେ ଅରାହିଲ୍ୱି ଅରତ୍ କିନାର୍ ।
୧୭ ଲାଗିଂ, ଏ ୱାରିନିକାଦେର୍, ଏପେଙ୍ଗ୍ ପୁର୍ବେତାଂ ଇସବୁ ପୁନ୍ଞ୍ଜି ଜାଗ୍ରତ୍ ଆଜି ମାନାଟ୍, ଏଚେକାଡ଼୍ଦ
ବିଦିହିଲ୍ୱାକାର୍ତାଂ ବାମ୍ଣ୍ଡ୍ରାୟ୍ ଆର୍ଜି ଏପେଙ୍ଗ୍ ପା ଜାର୍ତି ଆଟ୍ୱାତାଂ ଲେମ୍ନାଦେର୍,
୧୮ ନଲେ ମା ମାପ୍ରୁ ଆରି ମୁକ୍ତିକିନାକାନ୍ ଜିସୁ କ୍ରିସ୍ଟତି ଉପ୍କାର୍ ଆରି ଗିଆନ୍ତ ଗାଜା ଆଡୁ । ନଂ ଆରି ୱିଜ୍ୱି କାଡ଼୍ପାତେକ୍
ହେୱାନ୍ତି ଜାଜ୍ମାଲ୍ ଆଏତ୍ । ଆମେନ୍ ।

✡ **୩:୧୦** ମାଟିଉ ୨୪:୪୩; ଲୁକ ୧୨:୩୯; ୧ ଟେସ୍ଲନିକି ୫:୨; ହଡ଼ତି ୧୬:୧୫.

# ଯୋହନଙ୍କ ପ୍ରଥମ ପତ୍ର
# ଜହନ୍‌ତି ପର୍ତୁମ୍ ଆକି
# ୧ ଜହନ୍ ଆକିନି ପାଦେକ୍

ପର୍ତୁମ୍ ଜହନ୍ ଜିସୁକ୍ରିସ୍ଟତି ଜଲମ୍ ପାଚେ ୫୦ ତାଂ ୧୦୦ ବିଡ୍ରେ ପକ୍ୟାତି ଜହନ୍‌ତି ହୁଦାଂ ଲେକା ଆତାନ୍ନା । ଜହନ୍ ଜାତର୍ିଂ ଲେକିକିନାକାନ୍ ବାବ୍ରେ ଜାଣା ହିଉନା, ମାତର୍ ପର୍ତୁମ୍ ପାଟ୍‌ତ ହେୱାନ୍ ଜିସୁକ୍ରିସ୍ଟତି ଜିବୁନ୍ ଆରି ଆରେନିଂନାକା ହେୱାନ୍ କାଣ୍‌କୁନି ସାକି ଇଞ୍ଜି ଜାଣା ହିନାନା ୧:୧-୩ । ପର୍ତୁମ୍ ଜହନ୍‌ନି ଲେକାନି ହାତୁର୍ ଜହନ୍ ଲେକିକିତି ନେକ୍ରିକାବୁର୍‌ନି ଲେକା ହାତୁର୍ ହୁଦାଂ ବେସି ଲାଗାଂ ଚଞ୍ଜାନାଡ୍ । ଇଦାଂ ପାତର୍ି କିଆନାଡ୍ ଜେ ଏଚେକାଡ଼୍‌ଦ ହେୱାନ୍ ଏପିସିତ ମାଚାନ୍ ହେ ଜହନ୍ ଲେକିକିତି ନେକ୍ରିକାବୁର୍ ଆରି ଜହନ୍‌ତି ତିନି ଗଟା ଆକିଂ ଲେକିକିଜି ମ୍ରାଚାନ୍ ୧ ଜହନ୍, ଜେତି ଜହନ୍ ଆରି ୩ ଜହନ୍ ।

ଗିଆନିର୍ ଇନ୍ୟାନି ର କୁଦା ଲକୁରିଂ ମଣ୍ଡ୍‌ଲି ଇଲ୍‌ନି ୱିଜାର୍ କ୍ରିସ୍ଟିୟାନ୍‌ରିଂ ଇ ଆକି ଲେକିକିଜି ମ୍ରାଚାନ୍ । ହେୱାର୍ ପାତର୍ି କିନାର୍ ଜେ, ଜିସୁ କ୍ରିସ୍ଟ ହାଡ୍‌ପା ବାତର୍ି ଇସ୍ୱର୍ ଆନାନ୍ ମାତର୍ ଜଗତ୍‌ତ ମାନି ୱେଡ଼ାଲିଂ ହେୱାନ୍ ବାତର୍ିରଚେ ଜେୟ୍ ଆସ୍ତି ମାନାୟ୍ ଆକାୟ୍ । ଜହନ୍ ଜିସୁ କ୍ରିସ୍ଟତି କାଣ୍‌କୁନି ସାକି ଆରି ହେୱାନ୍ତି କେଇ ହେୱାନିଂ ତୁଜି ମ୍ରାଚିଲେ ହେୱାନ୍ ଇଦାଂ ଲେକିକିନାନା ୧:୧-୩ । ଇନେକିଦେଂକି ଜହନ୍ ଇ ଆକି ଲେକିକିଦେଂ ଇଦାଂ ଜେ, ହେୱାନ୍ତି ୱାରି ବାତର୍ି କିଦେଙ୍ଗ୍ ୧ ଜହନ୍ ୧:୪ଆରି ପାତର୍ିତ ମାନାକାରିଂ ପାପ୍‌ତାଂ ଦେହା ମାଞ୍ଜେଙ୍ଗ୍ ୧ ଜହନ୍ ୨:୧ଆରି ମିଚ୍ ହିକ୍ୟାତାଂ ପାତର୍ିନିକାରିଂ ଜାଗ୍ରତ୍ ଇଡ୍‌ଦେଂ୧ ଜହନ୍ ୨:୨୬ଆରେ ପାତର୍ିନିକାରିଂ ହାଡ୍‌ପା ଜାଗ୍ରତ୍‌ରେ ଇଡ଼୍‌ନାଡ୍ ଇଞ୍ଜି ୫:୧୩

**୧ ଜହନ୍ ଆକି ବିସ୍ରେନି ରାହାଣ୍**

୧. ଜହନ୍ ହେୱାନ୍ତି ଆକିନି ଜାଣା ହିଜି ଲେକାନି ବିସ୍ରେ ଲେକିକିନାନା ୧:୧-୪
୨. ଇସ୍ୱର୍ ଇନେସ୍ ଅଜଡ୍ ବୁଜାୟ୍ କିଜି ଜିସୁତି ଲାକେ ଜିବୁନ୍ କାଟି କିଦେଙ୍ଗ୍ ଇନାନ୍ ୧:୫–୩:୧୦
୩. ମାଙ୍ଗେଙ୍ଗ୍ ହାରି ଜିଉନନି ବିସ୍ରେ ଏଡ୍ କିଜି ହିନାନ୍ ୩:୧୧–୫:୧୨
୪. ହେୱାନ୍ତି ଲେକା ୱିହ୍‌ନାନ୍ ୫:୧୩-୨୧

### ଜିବୁନ୍‌ହିନି ବଚନ୍

୧ ଆଗେତାଂ* ଇନେର୍ ମାଚାନ୍, ଇନେର୍‌ତି ବଚନ୍ ଆସେଙ୍ଗ୍ ୱେଚ୍‌ଚାସ୍‌ନା, ଇନେରିଂ ନିଜ୍ କାଣ୍‌କୁତାଙ୍ଗ୍ ହୁଡ଼୍‌ତାପ୍‌ନା,
ଇନେରିଂ ଇଟ୍‌କାଡ୍ କିତାପ୍‌ନା ଆରି ଜାର୍ କେଇଦାଙ୍ଗ୍ ତୁତାପ୍‌ନା, ହେ ଜିବୁନ୍ ଲାକେ ବଚନ୍ ବିସ୍ରେ ଜାଣାୟ୍‌କିଦ୍‌ନାପା ।
୨ ହେ ଜିବୁନ୍ ଚଞ୍ଜ୍ୟାତାନ୍, ଆରେ ଆପେଂ ହୁଡ଼୍‌ତାପ୍‌ନା ଆରି ସାକି ହିନାପା; ଇମ୍‌ଣି ୱିଜ୍‌ୱି ଜିବୁନ୍ ଆବା ଲାହାଙ୍ଗ୍ ନିଡ୍ରେ
ମାଚାନ୍ ଆରେ ମା କଚଣ୍ ହଡ୍‌ତାକା, ହେୱାନ୍ତି ବିସ୍ରେ ମିଙ୍ଗେଙ୍ଗ୍ ୱେଚ୍‌ଚାନାପା ।
୩ ଇନାକା ଆପେଂ ହୁଡ଼୍‌ତାପ୍‌ନା ଆରି ୱେଚାପ୍‌ନା, ହେଦାଂ ମିଙ୍ଗେଙ୍ଗ୍ ପା ୱେଚ୍‌ଚାନାପା, ଇନେସ୍‌କି ଏପେଙ୍ଗ୍ ପା ମା
ଲାହାଙ୍ଗ୍ ମେହାଆଦେଂ ଆଡ୍‌ଦାନାଦେର୍; ଆରେ ମା ମେହାଆନାକାନ୍ ଆବା ଇସ୍ୱର୍ ଆରି ତା ମାଜି ଜିସୁ କ୍ରିସ୍ଟ ଲାହାଙ୍ଗ୍
ମାନାଡ୍ ।
୪ ମା ୱାରି ଇନେସ୍‌କି ପୁରା ଆନାଡ୍, ଇଦାଂ କାଜିଙ୍ଗ୍ ଆପେଂ ଇ ୱିଜୁ ଲେକିକିନାପା ।

### ଇସ୍ୱର୍‌ତି ଅଜଡ୍

୫ ଆପେଂ ତା ତାକେଣ୍ଡାଙ୍ଗ୍ ଇମ୍‌ଣି ନେକ୍ରିକାବୁର୍ ୱେଚ୍‌ଚାତାପ୍‌ନା ଆରି ମିଙ୍ଗେଙ୍ଗ୍ ୱେଚ୍‌ଚାନାପା, ହେଦାଂ ଇସ୍ୱର୍‌ତି ଅଜଡ୍
ଆରେ ତା ତାକେ ମାଜ୍‌ଗା ହିଲୁଡ୍ ।
୬ ତା ଲାହାଙ୍ଗ୍ ଆସେଙ୍ଗ୍ ମେହାଆନାକା ମାନାଡ୍, ଇଦାଂ ଇଞ୍ଜି ଜଦି ଆସେଙ୍ଗ୍ ମାଜ୍‌ଗାନି ବେବାର୍ କିନାସ୍, ତା ଆତିସ୍
ଆସେଙ୍ଗ୍ କାତାତ ଆରି କାମାୟ୍‌ତ ମିଚ୍‌ୱାକାସ୍, ଆରେ ହାଡ୍‌ପା ବେବାର୍ କିଜିମ୍ନାନୁସ୍ ।
୭ ମାତର୍ ହେୱେନ୍ ଇନେସ୍‌କି ଅଜଡ୍‌ନିକାନ୍ ଆସେଙ୍ଗ୍ ଜଦି ହେ ଲାକେ ଅଜଡ୍‌ନି ବେବାର୍ କିନାସ୍, ଲାଗିଂ ମାଦାଂ ହାରି
ମେହାଣ୍ ମାନାଡ୍, ଆରେ ହେୱାନ୍ତି ମାଜି ଜିସୁତି ନେତେର୍ ୱିଜୁ ପାପ୍‌ତାଂ ମାଙ୍ଗେଙ୍ଗ୍ ସକଟ୍ କିଦ୍‌ନାଡ୍ ।
୮ ମାଦାଂ ପାପ୍ ହିଲୁଡ୍, ଇଦାଂ ଜଦି ଇନାସ୍, ତା ଆତିସ୍ ଜାର୍ ଜାର୍‌ତିଙ୍ଗ୍ ମିଚ୍ ଇନାସା, ଆରେ ମା ତାକେ ସଡ୍ ଆକାୟ୍ ।
୯ ଜଦି ଆସେଙ୍ଗ୍ ଜାର୍ ଜାର୍‌ତିଙ୍ଗ୍ ପାପ୍ ମାନି କିନାସ୍, ଲାଗିଂ ହେୱାନ୍ ମା ପାପ୍ କେମା କିଦେଙ୍ଗ୍ ଆରି ୱିଜୁ ଅଦାମର୍ିତାଂ
ମାଙ୍ଗେଙ୍ଗ୍ ସକଟ୍ କିଦେଙ୍ଗ୍ ପାତର୍ି ଆରି ନ୍ୟାୟ୍‌କାରିୟାର୍ ଆତାନ୍ନା ।
୧୦ ଆପେଂ ପାପ୍ କିୱାତାପ୍‌ନା, ଇଦାଂ ଜଦି ଇନାସ୍, ତା ଆତିସ୍ ଆସେଙ୍ଗ୍ ତାଙ୍ଗେଙ୍ଗ୍ ମିଚ୍‌ୱା ଇନାସ୍, ଆରେ ତା ବଚନ୍
ମା ତାକେ ହିଲୁଡ୍ ।

* **୧:୧** ଜହନ୍ ୧:୧.

# ୨

## ରାକ୍ୟାକାରିୟା ଜିସୁ

୧ ଏ ନା ହିମ୍ଣାଂ ଏପେଙ୍ଗ୍ ଇନେସ୍ ପାପ୍ କିମାଟ୍, ଇଦାଂ କାଜିଂ ଆନେଙ୍ଗ୍ ଇ ୱିଜୁ ମି ଲାଗାଂ ଲେକିକିନାଙ୍ଗା । ମାତର୍
ଇନେର୍ ଜଦି ପାପ୍ କିନାନ୍, ତା ଆଡିସ୍ ଆବା ଲାଗାଂ ମାଦାଂ ରକାନ୍ ଉପ୍କାର୍ ନିକାନ୍ ମାନାନ୍ ହେ ଦାର୍ମି ଜିସୁ କ୍ରିସ୍ଟ ।
୨ ଆରେ ମା ପାପ୍ କାଜିଙ୍ଗ୍, କେବଲ୍ ମା ପାପ୍ କାଜିଙ୍ଗ୍ ଆକାୟ୍, ମତର୍ ସବୁ ଜଗତ୍‌ନି ପାପ୍ କାଜିଙ୍ଗ୍ ପା ଜିବୁନ୍ ହିନାକା
ଲାକେ ଆନାନ୍ ।
୩ ଜଦି ଆସେଙ୍ଗ୍ ତା ବଲ୍ ମାନି କିନାସ୍, ତେବେ ହେବେଣ୍ଡାଂ ପୁନାସ୍ ଜେ, ଆସେଙ୍ଗ୍ ତାଙ୍ଗେଙ୍ଗ୍ ପୁଚାସ୍‌ନା ।
୪ ତା ବଲ୍ ମାନି କିୱାଦାଂ ତାଙ୍ଗେଙ୍ଗ୍ ପୁନାଙ୍ଗ୍ ଇଞ୍ଜି ଇନେନ୍ ଇନାନ୍, ହେୱେନ୍ ମିଚ୍‌ୱା ଆରି ତାତାକେ ସତ୍ ହିଲୁଡ୍;
୫ ମାତର୍ ଇନେର୍ ତା ବଚନ୍ ମାନି କିନାନ୍, ତା ତାକେ ଇସ୍ୱର୍‌ତି ଜିଉନନାକା ହାଡ୍‌ପା ଲାକେ ହାର୍ଦାକା ଆତାଡ୍‌ନ୍ନା ।
ଇଦାଂ କାଜିଙ୍ଗ୍ ଆସେଙ୍ଗ୍ ପୁନାସ୍ ଜେ, ଆସେଙ୍ଗ୍ ତା ତାକେ ମାନାସ୍ ।
୬ ଇନେର୍ ଇସ୍ୱର୍‌ତି ତାକେ ମାନାନ୍ ଇଞ୍ଜି ଇନାନ୍, ହେୱାନ୍ ଜିସୁ କ୍ରିସ୍ଟ ଲାକେ ଜିବୁନ୍ ଜିପ୍‌କା କିନି ଲଡ଼ା ।

## ପୁନି ବଲ୍

୭ ☆ଏ ୱାରିନିକାଦେର୍, ଆନେଙ୍ଗ୍ ମି ଲାଗାଂ ଇମ୍ଣାକାପା ପୁନି ବଲ୍ ଲେକିକିଉଙ୍ଗା, ମତର୍ ଆଗେଡାଂ ଇମ୍ଣି ପ୍ରାନି ବଲ୍
ଏପେଙ୍ଗ୍ ପାୟା ଆତାଦେର୍ଣ୍ଣା, ହେଦାଂ ଲେକିକିନାଙ୍ଗା; ଇମ୍ଣି ବଚନ୍ ଏପେଙ୍ଗ୍ ୱେଚାଦେର୍ଣ୍ଣା, ହେଦାଂ ନେ ହେ ପ୍ରାନି ବଲ୍ ।
୮ ମାତର୍ ଇଦିଲିଂ ର ପୁନି ବଲ୍ ଲାକେ ଇବେ ଆନ୍ ଲେକିକିନାଙ୍ଗା, ଇଦାଂ ତା ତାକେ ଆରି ମି ତାକେ ହାଡ୍‌ପା ଇଞ୍ଜି
ହନାଡ୍ । ଇନେକିଦେଂକି ମାଜ୍‌ଗା ଗୁଚାଆନାତା ଆରି ହାଡ୍‌ପା ଅଜଡ୍ ହତାତେ ।
୯ ଇନେର୍ ଜାର୍ ଟଣ୍ଡେନିଙ୍ଗ୍ ଗିଣ୍ କିଜି ଇନାନ୍ ଜେ ହେୱାନ୍ ଅଜଡ୍‌ତ ମାନାନ୍, ହେୱାନ୍ ଇ ପାତେକ୍ ପା ମାଜ୍‌ଗାତ
ମାନାନ୍ ।
୧୦ ଇନେର୍ ଜାର୍ ଟଣ୍ଡେନିଙ୍ଗ୍ ଜିଉନନାନ୍, ହେୱାନ୍ ଅଜଡ୍‌ତ ମାନ୍‌ଙ୍ଗାନାନ୍, ଆରେ ତା ତାକେ ଉଜ୍‌ନାକା ବିସ୍ରେ ହିଲୁଡ୍
।
୧୧ ମତର୍ ଇନେନ୍ ଜାର୍ ଟଣ୍ଡେନିଙ୍ଗ୍ ଗିଣ୍ କିନାନ୍, ହେୱେନ୍ ମାଜ୍‌ଗାତ ମାନାନ୍, ଆରେ ମାଜ୍‌ଗାଡ୍ ବୁଲା ଆଜି
ଇମିନିପଣ୍ଡାଂ ହାନାନା, ହେଦାଂ ପୁନୁନ୍, ଇନେକିଦେଂକି ମାଜ୍‌ଗା ତା କାଣ୍‌ଗାତିଙ୍ଗ୍ କାଣା କିତାଡ୍‌ନା ।
୧୨ ଏ ଇସ୍ୱର୍‌ତି ହିମ୍ଣାକାଦେର୍, ଆନେଙ୍ଗ୍ ମି ଲାଗାଂ ଲେକିକିନାଙ୍ଗା, ଇନେକିଦେଂକି ତା ତର୍ କାଜିଙ୍ଗ୍ ମି ପାପ୍ କେମା
ଆତାଡ୍‌ନ୍ନା ।
୧୩ ଏ ଆବାକାଦେର୍, ଆନେଙ୍ଗ୍ ମି ଲାଗାଂ ଲେକିକିନାଙ୍ଗା, ଇନେକିଦେଂକି ଇନେନ୍ ଆଗେଡାଂ ମାନାନ୍, ହେୱେନିଙ୍ଗ୍
ଏପେଙ୍ଗ୍ ପୁନାଦେରା । ଏ ବେଣ୍ଡ୍‌ୟାକାଦେର୍, ଆନେଙ୍ଗ୍ ମି ଲାଗାଂ ଲେକିକିନାଙ୍ଗା, ଇନେକିଦେଂକି ଏପେଙ୍ଗ୍ ସୟ୍‌ତାନ୍‌ତାଂ
ଜିତା ଆତାଦେର୍ଣ୍ଣା ।
୧୪ ହିମ୍ଣାକାଦେର୍, ଆନେଙ୍ଗ୍ ମି ଲାଗାଂ ଲେକିକିନାଙ୍ଗା, ଇନେକିଦେଂକି, ଏପେଙ୍ଗ୍ ଆବାଙ୍ଗ୍ ପୁଚାଦେର୍ଣ୍ଣା । ଏ
ଆବାକାଦେର୍ ଆନେଙ୍ଗ୍ ମି ଲାଗାଂ ଲେକିକିନାଙ୍ଗା, ଇନେକିଦେଂକି ଇନେନ୍ ଆଗେଡାଂ ମାନାନ୍, ହେୱେନିଙ୍ଗ୍ ଏପେଙ୍ଗ୍
ପୁଚାଦେର୍ଣ୍ଣା । ଏ ବେଣ୍ଡ୍‌ୟାକାଦେର୍, ଆନେଙ୍ଗ୍ ମି ଲାଗାଂ ଲେକିକିତାଙ୍ଗ୍, ଇନେକିଦେଂକି ଏପେଙ୍ଗ୍ ବାପୁକାଦେର୍ ଆରେ
ଇସ୍ୱର୍‌ତି ବଚନ୍ ମି ତାକେ ମାନାଡ୍ ଆରି ଏପେଙ୍ଗ୍ ସୟ୍‌ତାନ୍‌ତିଂ ଜିଣା ଆତାଦେର୍ଣ୍ଣା ।

## ଜଗତ୍‌ତିଂ ଜିଉ ନମାଟ୍

୧୫ ଜଗତ୍ କି ହେବେ ମାନି ବିସ୍ରେ ୱିଜାରିଂ ଜିଉ ନମାଟ୍ । ଇନେର୍ ଜଦି ଜଗତ୍‌ତିଙ୍ଗ୍ ଜିଉନନାନ୍, ଆବାଙ୍ଗ୍ ଜିଉନନାକା
ତା ତାକେ ହିଲୁଡ୍;
୧୬ ଇନେକିଦେଂକି ଗାଗାଡ୍‌ନି ଆହା କାଣ୍‌ଗାନି ଆହା ଦାନ୍ ଗରବ୍ ଜଗତ୍‌ତ ମାନି ଇ ୱିଜୁ ବିସ୍ରେ ଆବାତାଂ ଆକାୟ୍,
ମାତର୍ ପୁତିତାଂ ଉବ୍‌ଜାଣ୍ ଆଜି ମାନ୍‌ଙ୍ଗାନାଡ୍ ।
୧୭ ଆରେ, ଜଗତ୍‌ନିକା ଆରି ହେବେ ଆହା ହିଲ୍‌ୱିଡିସ୍, ମାତର୍ ଇନେର୍ ଇସ୍ୱର୍‌ତି ଇଚା ମାନି କିତାର୍, ହେୱେନ୍ ନିତ୍ରେ
ୱିଜ୍‌ୱିନିକାନ୍ ।

## କ୍ରିସ୍ଟତି ସାତ୍ରୁ

୧୮ ଏ କାଡ୍‌ଦେର୍, ହାରିହାରା କାଡ୍ ଏକା ୱାତାତେ, ଆରେ ଚାକ୍ରାୟ୍‌କ୍ରିସ୍ଟ ଇଞ୍ଜି ଏପେଙ୍ଗ୍ ଇନେସ୍ ୱେନ୍‌ଞ୍ଜି ମାଚାଦେର୍ ହେ
ଲାକେ ନଙ୍ଗ୍ ପା ବେସି ଚାକ୍ରାୟ୍‌କ୍ରିସ୍ଟ ନିଙ୍ଗ୍‌ତାରେ; ଇଦାଂ କାଜିଙ୍ଗ୍ ଆସେଙ୍ଗ୍ ପୁଚାପ୍‌ନା ଜେ, ହାରିହାରା କାଡ୍ ଇକାୱାତାତେ
।
୧୯ ହେୱାର୍ ମା ବିତ୍ରେତାଂ ହତାର୍, ମାତର୍ ହାଡ୍‌ପା ମା ଦଲ୍‌ନି ଲକୁ ହିଲ୍‌ୱାତାର୍; ଇନେକିଦେଂକି ଜଦି ମା ଦଲ୍‌ନି ଲକୁ
ଆଜି ମାଚିସ୍, ଆଡିସ୍ ମା ଲାହାଙ୍ଗ୍ ମାନ୍‌ଗାତାର୍‌ମା; ମାତର୍ ହେୱାର୍ ଜେ ମା ଦଲ୍‌ନି ଲକୁ ଆକାୟ୍, ଇଦାଂ ଇନେସ୍‌କି
ହଡ୍‌ନାଡ୍ ଇଦାଂ କାଜିଂ ହେୱାର୍ ହସି ହାଚାର୍ ।

☆ **୨:୭** ଜହନ୍ ୧୩:୩୪.

୨୦ ଆରେ ଏପେଙ୍ଗ୍ ହେ ପୁଇପୁୟା ମାନାୟ୍ତାଂ ସିରି ପାୟାଆତିଲେ ଏପେଙ୍ଗ୍ ୱିଜୁ ଗିଆନ୍ ପାୟା ଆତାଦେର୍ଣ୍ଣା ।
୨୧ ଏପେଙ୍ଗ୍ ସତ୍ ପୁନ୍ୱାଦାଙ୍ଗ୍ ମାଚିଲେ ଆନେଙ୍ଗ୍ ଜେ ମି ଲାଗାଂ ଲେକିକିତାଂ, ହେଦାଂ ଆକାୟ୍, ମାତର୍ ଏପେଙ୍ଗ୍
ହାଡ୍ପା ପୁନ୍ଞ୍ଜି ମାଚିଲେ ଲେକିକିନାଙ୍ଗା । ଆରି ହାଡ୍ପାତାଂ ଇନାକା ମିଚ୍ ଉବ୍ଜାଣ୍ ଆଉଡ୍ ଇଞ୍ଜି ପୁନ୍ଞ୍ଜି ମାଚିଲେ ଆନେଙ୍ଗ୍
ମି ଲାଗାଂ ଲେକିକିତାଙ୍ଗ୍ ।
୨୨ ଜିସୁ ଜେ କ୍ରିସ୍ଟ ଆନାନ୍, ଇଦାଂ ଇନେର୍ ମୁନାକିନାନ୍, ତା ଲାକେ ଆରେ ମିଚ୍ୱା ଇନେର୍ ? ଇନେର୍ ଆବା ଆରି
ମାଜିଙ୍ଗ୍ ମୁନାକିନାନ୍, ହେୱେନ୍ ତ ହେ ଚାକ୍ରାୟ୍କ୍ରିସ୍ଟ ।
୨୩ ଇନେର୍ ମାଜିଙ୍ଗ୍ ମୁନାକିନାନ୍ ହେୱେନ୍ ଆବାଙ୍ଗ୍ ଗାଟା ଆୱାତାନ୍ନା; ଇନେନ୍ ମାଜିଙ୍ଗ୍ ଏତୁ କିନାନ୍; ହେୱେନ୍ ଆବାଙ୍ଗ୍
ପା ଗାଟାଆତାନ୍ନା ।
୨୪ ଏପେଙ୍ଗ୍ ଆଗେ ତାଙ୍ଗ୍ ଇନାକା ୱେଚାଦେର୍ଣ୍ଣା. ହେଦାଂ ମି ତାକେ ମାନେଡ୍ । ଏପେଙ୍ଗ୍ ଆଗେ ତାଙ୍ଗ୍ ଇନାକା
ୱେଚାଦେର୍ଣ୍ଣା, ହେଦାଂ ଜଦି ମି ତାକେ ମାନାଡ୍, ତା ଆତିସ୍ ଏପେଙ୍ଗ୍ ପା ମାଜି ଆରି ଆବାତି ତାକେ ମାନ୍ଙ୍ଗାନାଦେର୍ ।
୨୫ ଆରେ ହେୱେନ୍ ମାଙ୍ଗେଙ୍ଗ୍ ଇନାକା ପାର୍ମାଣ୍ କିଡ୍ତାନ୍ନା, ହେଦାଂ ୱିଜ୍ଡ଼ି ଜିବୁନ୍ ।
୨୬ ଇନେର୍‌କି ମିଂ ଚାକ୍ରାୟ୍ କିଦେଙ୍ଗ୍ ସେସ୍ଟା କିତାର୍, ହେୱାର୍ ବିସ୍ରେ ଆନେଙ୍ଗ୍ ମି ଲାଗାଂ ଇ ୱିଜୁ ଲେକିକିତାଂ ।
୨୭ ମାତର୍ ଏପେଙ୍ଗ୍ ହେୱାନ୍‌ତାଙ୍ଗ୍ ଇମ୍ଣି ସିଗ୍ ଗାଟାତାଦେର୍ଣ୍ଣା, ହେଦାଂ ମି ତାକେ ମାନାଡ୍, ଆରେ ଇନେର୍ ଜେ
ମିଙ୍ଗେଙ୍ଗ୍ ହିକ୍ୟା ହିଦ୍ନାନ୍, ଇଦାଂ ମିଙ୍ଗେଙ୍ଗ୍ ଲଡ଼ା ଆକାୟ୍, ମତର୍ ହେୱାନ୍‌ତାକେଣ୍ଡାଂ ହେ ସିଗ୍ ମିଙ୍ଗେଙ୍ଗ୍ ୱିଜୁ ବିସ୍ରେ
ଇମ୍ଣି ହିକ୍ୟା ହିଦ୍ନାନ୍, ହେଦାଂ ହାଡ୍ପା ଆନାଡ୍; ମିଚ୍ ଆକାୟ୍; ଲାଗିଂ ହେ ହିକ୍ୟା ଇସାବ୍ରେ ହେୱାନ୍‌ତାକେ ମାନେଡ୍ ।
୨୮ ଲାଗିଂ, ଏ ବପାକାଦେର୍, କ୍ରିସ୍ଟତି ତାକେ ମେହାଜି ମାନାଟ୍, ଇନେସ୍‌କି ହେୱେନ୍ ଏଚେକୋଡ଼ଦ୍ ହଡ୍ନାଡ୍, ହେ ପାଦ୍ନା
ତା ୱାନି ସମୁତ ତା କଚଣ୍ତ ଆସେଙ୍ଗ୍ ଲାଜା ଆୱାଦାଙ୍ଗ୍ ସାସ୍ ପାୟାନାସ୍ ।
୨୯ ହେୱାନ୍ ଦାର୍ମିକାନ୍ ଇଦାଂ ଜିଜି ପୁନାଦେର୍ ତେବେ ଇନେର୍ ଦାରୁମ୍ ବେବାର୍ କିନାର୍, ହେୱାନ୍ ଜେ ତାତାଂ
ଜଲମ୍, ଇଦାଂ ପା ପୁନାଟ୍ ।

# ୩

## ଇସ୍ୱର୍‌ତି ମାଜି

୧ ✡ହୁଡ଼ାଟ୍, ଆବା ମାଙ୍ଗେଙ୍ଗ୍ ଇନେସ୍ ଜିଉନଦ୍ନାନା ଜେ, ଆସେଙ୍ଗ୍ ଇସ୍ୱର୍‌ତି ହିମ୍ଣାଙ୍ଗ୍ ଇଞ୍ଜି ଡାକ୍‌ପୁଟା ଆନାସ୍, ଆରେ
ଆସେଙ୍ଗ୍ ହେଦାଂ ନେ ଆନାସ୍ । ଇଦାଂ କାଜିଙ୍ଗ୍ ଜଗଡ୍ ମାଙ୍ଗେଙ୍ଗ୍ ଚିନ୍ କିଦୁତା, ଇନେକିଦେଂକି ହେଦାଂ ତାଙ୍ଗେଙ୍ଗ୍ ଚିନ୍
କିୱାଦାଙ୍ଗ୍ ମାଚାଡ୍ ।
୨ ଏ ୱାରିନିକାଦେର୍, ନଂ ଆସେଙ୍ଗ୍ ଇସ୍ୱର୍‌ତି ହିମ୍ଣା ଆତାସ୍ନା, ଆରେ ଆସେଙ୍ଗ୍ ଇନାକା ଆନାସ୍, ହେଦାଂ ନଙ୍ଗ୍
ପାତେକ୍ ହଡ୍ୱାତାଡ୍ନା । ଆସେଙ୍ଗ୍ ପୁନାସ୍ ଜେ, ହେୱାନ୍ ଏଚେକୋଡ଼ଦ୍ ହଡ୍ନାନ୍, ହେ ପାଦ୍ନା ଆସେଙ୍ଗ୍ ତା ଲାକେ
ଆନାସ୍, ଇନେକିଦେଂକି ହେୱେନ୍ ଇନେସ୍‌କି, ଆସେଙ୍ଗ୍ ହେ ଲାକେ ତାଙ୍ଗେଙ୍ଗ୍ ହୁଡ଼ନାସ୍ ।
୩ ଆରେ ଇନେର୍‌କି ଦାର୍ମି ତାବେ ଇ ବାସ୍ରି ଇଡ଼ତାନ୍ନା, ହେୱେନ୍ ଇନେସ୍‌କି ପୁଇପୁୟା ଆତାନ୍ନା, ହେୱେନ୍ ହେ
ଲାକେ ଜାର୍ ତିଙ୍ଗ୍ ପୁଇପୁୟା କିନାନ୍ ।
୪ ଇନେର୍‌କି ପାପ୍ କିନାନ୍, ହେୱେନ୍ ପା ବିଦି ବଲ୍ ମାନି କିଉନ୍, ଇନେକିଦେଂକି ବିଦି ମାନିକିୱାକା ନେ ପାପ୍ ।
୫ ✡ଇଦାଂ ଏପେଙ୍ଗ୍ ପୁନାଟ୍ ଜେ କ୍ରିସ୍ଟ ଆଗେ ପାପ୍ ପିଣ୍ଡ଼ିଜି ଅଦେଂ ୱାତାନ୍, ଆରେ ତା ତାକେ ପାପ୍ ହିଲୁଡ୍ ।
୬ ଇନେର୍‌କି ତା ତାକେ ମାନ୍ଙ୍ଗାନାନ୍, ହେୱେନ୍ ପାପ୍ କିଉନ୍; ଇନେର୍‌କି ପାପ୍ କିନାନ୍, ହେୱେନ୍ ତାଙ୍ଗେଙ୍ଗ୍
ହୁଡ଼ୱାତାନ୍ନା, କି ତାଙ୍ଗ୍ ପୁନ୍ୱାତାନ୍ନା ।
୭ ଏ କାଡ୍‌ଦେର୍, ଇନେର୍ ମିଙ୍ଗେଙ୍ଗ୍ ବୁଲ୍‌କାୟ୍ କିଦ୍‌ମେନ୍; ଇନେର୍ ଦାର୍ମି ବେବାର୍ କିନାନ୍, ହେୱେନ୍ ଇନେସ୍‌କି
ଦାର୍ମି ଆନାନ୍, ହେୱେନ୍ ହେ ଲାକେ ଦାର୍ମି ଆନାନ୍;
୮ ଇନେର୍ ପାପ୍ କିନାନ୍, ହେୱେନ୍ ସୟ୍‌ତାନ୍‌ତାଂ ହଡ୍‌ତାକାନ୍, ଇନେକିଦେଂକି ସୟ୍‌ତାନ୍ ପର୍ତୁମ୍ ପାପ୍ କିଜି ୱାନାତା ।
ସୟ୍‌ତାନ୍‌ତି କାମାୟ୍ କିନି କାଜିଙ୍ଗ୍ ଇସ୍ୱର୍‌ତି ମାଜି ଚଞ୍ଜିୟା ଆତାନ୍ ।
୯ ଇନେର୍‌କି ଇସ୍ୱର୍‌ତି ତାଂ ଉବ୍ଜାଣ୍, ହେୱେନ୍ ପାପ୍ କିଉନ୍, ଇନେକିଦେଂକି ଇସ୍ୱର୍‌ତି ମାଜି ତା ତାକେ ମାନ୍ଙ୍ଗାନାନ୍,
ଆରେ ହେୱେନ୍ ଇସ୍ୱର୍‌ତାଂ ଉବ୍ଜାଣ୍ ଆତିଲେ ପାପ୍ କିଦେଙ୍ଗ୍ ଆଡୁନ୍ ।
୧୦ ଇବେ ଇନେର୍ ଇସ୍ୱର୍‌ତି ହିମ୍ଣାଂ ଆରି ଇନେର୍ ସୟ୍‌ତାନ୍‌ତି ହିମ୍ଣା ଇଦାଂ ହଡ୍ନାଡ୍; ଇନେର୍‌କି ଦାର୍ମି ବେବାର୍
କିଉନ୍, କି ଜାର୍ ପାତର୍ କିନି ଟଣ୍ଡ୍ରେନ୍ ଆରି ତଣ୍ଦେକ୍‌କାଂ ଜିଉନଉନ୍, ହେୱେନ୍ ଇସ୍ୱର୍‌ତାଂ ଉବ୍ଜାଣ୍ ଆକାୟ୍ ।

## ରୱାନ୍ ଆରେ ରକାନିଂ କାଜିଂ ଜିଉନନାକା

୧୧ ✡ରୱାନ୍ ଆରେ ରୱାନିଂ ଜିଉନନାକା, ଇ କାତା ଏପେଙ୍ଗ୍ ଆଗେତାଂ ୱେଚାଦେର୍ଣ୍ଣା;

✡ **୩:୧** ଜହନ୍ ୧:୧୨. ✡ **୩:୫** ଜହନ୍ ୧:୨୯. ✡ **୩:୧୧** ଜହନ୍ ୧୩:୩୪.

୧୨ ସୟତାନ୍ ଜିବୁନ୍‌ନି ହିମ୍‌ଣା ଜେ କୟିନ, ତା ଲାକେ ଆମାଟ୍ ହେୱେନ୍ ଜାର୍ ଟଣ୍ଡେନିଙ୍ଗ୍ ଅସ୍ତାନ୍; ଆରେ ହେୱେନ୍
ହେୱାନିଂ ଇନେକିଦେଂ ଅସ୍ତାନ୍ ? ଇନେକିଦେଂକି ଇଦାଂ ଇନେସ୍ ତା କାମାୟ୍‌ତ ପାପ୍ ମାଚାତ୍, ଆରେ ତା ଟଣ୍ଡେନ୍ନି କାମାୟ୍
ଦାର୍ମ ମାଚାତ୍ ।
୧୩ ଏ ଟଣ୍ଡାର୍ ଆରି ତଣ୍‌ଦେକ୍ ପୁର୍ତ ମିଙ୍ଗେଙ୍ଗ୍ ଗିଣ୍ କିଡ୍‌ତିସ୍ କାବା ଆନି କାମାୟ୍ କିମାଟ୍ ।
୧୪ ✡ଜଦି ଆପେଂ କ୍ରିସ୍ଟିୟାନ୍ ଟଣ୍ଡେନ୍ ଆରି ତଣ୍‌ଦେକାଂ ଜିଉନନାପା ଆପେଂ ପୁନାପ୍ ଜେ, ଆସେଙ୍ଗ୍ ହାକିତିଂ ନାସି ହାଲ୍‌ଜି
